# ଡଗର






ଉତ୍କଳର ପ୍ରସିଦ୍ଧ କୌତୁକ ରସିକ,

**ହାସ୍ୟାମୋଦୀ**

## ଶ୍ରୀଗୋପାଳଚନ୍ଦ୍ର

ଶିଳ୍ପୀ—ଶ୍ରୀ ଗଂଗାଧର ବର୍ମା


ଜୀବନ ବୀମା ପାଇଁ

**ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲି:**

ଓଡ଼ିଶା ଅଫିସ :—ବେଲା ହାଉସ—କଟକ ।


**ବିଜ୍ଞାପନ ।**

ଆମ୍ଭେମାନେ ଏକବର୍ଷକାଳ ଓଡ଼ିଶାର ବହୁ ଗଣ୍ୟ ମାନ୍ୟ ବ୍ୟକ୍ତିଙ୍କ ପାଖକୁ ଡଗର ପଠାଇ, ତାର ବାର୍ଷିକ ଦେୟ ନିମନ୍ତେ ଅନୁରୋଧ କରିଥିଲୁଁ । ସେମାନଙ୍କ ମଧ୍ୟରୁ ଅନେକ ଡଗର ଗ୍ରହଣ କରି ମଧ୍ୟ ଅଦ୍ୟାବଧି ତାହା ଦେବାରେ ହୁଏତ କର୍ମ ବ୍ୟସ୍ତତା ହେତୁ ଅମନୋଯୋଗୀ ହୋଇଛନ୍ତି । ସେମାନଙ୍କୁ ବାରମ୍ବାର ପତ୍ର ସାହାଯ୍ୟରେ ଲେଖିବା ବ୍ୟୟ-ସାଧ... ...ନ କରି ସ୍ଥିର କରିଅଛୁଁ ଯେ ସେମାନଙ୍କର ଦୃଷ୍ଟି ଆକର୍ଷଣ ନିମନ୍ତେ ଆମ୍ଭେମାନେ ପର ସଂଖ୍ୟାଠାରୁ ସେମାନଙ୍କର ନାମ ... ପରବର୍ତ୍ତୀ ... ସ୍ତମ୍ଭରେ ପ୍ରକାଶ କରିବୁଁ ।



Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଷ୍ଟୋର











ବାଲୁବଜାର, ପୋ. ଚାନ୍ଦିନୀଚୌକ—କଟକ ।





ଟ ୨୦୧ ଙ୍କା ପୁରସ୍କାର ! ଟ ୨୦୧ ଙ୍କା ପୁରସ୍କାର !!

ଭଦ୍ରବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ ନୂଆ ପ୍ରକାର ଅଳଙ୍କାରମାନ ମନମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ଅଳ୍ପ ମୂଲ୍ୟ ମଜୁରିରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଅମ୍ଭେମାନେ କାହାରିକୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଦୁଇଥର କଷ ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଅମ୍ଭେମାନେ ଟ ୨୦୧ ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁବଜାର, ପୋ: ଚାନ୍ଦିନୀଚୌକ—କଟକ






## ଡଗର ନିୟମାବଳୀ ।

୧ । ଡଗର ମାସରେ ଦୁଇଥର ବାହାରେ ।

୨ । ଡଗର ବାର୍ଷିକ ମୂଲ୍ୟ ଟ ୨୧ ଙ୍କା ପ୍ରତି ସଂଖ୍ୟା ୦/

୩ । ଛାତ୍ରମାନଙ୍କ ପାଇଁ ଟ ୧୫ ଙ୍କା

୪ । ଯେ କୌଣସି ସଂଖ୍ୟାରୁ ଗ୍ରାହକ ହେବାର ସୁବିଧା ଅଛି ।

୫ । ସମସ୍ତ ପତ୍ର ଟଙ୍କା ଓ ଲେଖା ପ୍ରଭୃତି 'ଡଗର ଅଫିସ' ଠିକଣାକୁ ପଠାଇବାକୁ ହେବ ।

୬ । ଉତ୍ତର ପାଇବାର ଇଚ୍ଛା ଥିଲେ ଷ୍ଟାମ୍ପ ପଠାଇବାକୁ ହେବ ।

୭ । ଗ୍ରାହକ ଏଜେଣ୍ଟ ଦ୍ୱାରାରେ ବାର୍ଷିକ ଗ୍ରାହକ ହେଲେ କୌଣସି ଗୋଳମାଳ ହେଲେ ଡଗର ଅଫିସ ଦାୟୀ ନୁହନ୍ତି ।

୮ । ଲେଖା ଡଗର ଅଫିସରେ ପହଞ୍ଚିବା ଦରକାର ।

୯ । ଷ୍ଟାମ୍ପ ନ ଦେଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ ନାହିଁ ।

Digitized by srujanika@gmail.com

ଡଗର
ଜ୍ୟେଷ୍ଠ ପ୍ରଥମାର୍ଦ୍ଧ
୨ବର୍ଷ, ପ୍ରଥମସଂଖ୍ୟା
ଭଦ୍ରକ
୧।୬।୩୮




ଡଗର
ସନ୍ତ—୪୦/
କାର୍ତ୍ତିକ(ସନ୍ତାକ)୫°୮
ଛଦ୍ମନାମରେ।୬।୫୧
ରାଜସମ୍ବତ୍—୨୬

ସମ୍ବାଦ ମିଳିଛି ଯେ ସେ ଦିନ କଟକ ମୁସ୍ଲିମ ସେମିନେରୀର ଜଣେ ଶିକ୍ଷକ ଗୋଟିଏ ଛାତ୍ରକୁ ପଚାରିଲେ— ଅଲମ୍‌ଗିର୍ କିଏ ଥିଲେ ? ସେ ଉତ୍ତର ଦେଲା— ଯେ କାଜିଆ ଘର ବସାଇ ଥିଲେ । ମାଷ୍ଟ୍ରେ ରାଗିଯାଇ ପଚାରିଲେ, ଆରେ ତାଙ୍କ ନାମ କ'ଣ କହ ! ସେ ଉତ୍ତର ଦେଲା— ଜାହାଙ୍ଗିର । ଆଉ ଜଣକୁ ପଚାରିବାରୁ ସେ କହିଲା— ସାହା-ଜାହାନ—କିଏ କହିଲା ଅକବର । ଶେଷକୁ ବିରକ୍ତ ହୋଇ ମାଷ୍ଟ୍ରେ ଜଣେ ମୁସଲମାନ ଛାତ୍ରକୁ ପଚାରିଲେ । ନିଜ ଜାତିର ଇତିହାସ ବୋଲି ସେ ଭାରି ହୁଁ ହାଁ ହୋଇ ଠିଆ ହୋଇ ପଡ଼ି ଚଟ୍ ପଟ୍ କହିଦେଲା — 'ଫଜଲୁଲ ହକଙ୍କ ନାମ' । ମାଷ୍ଟ୍ରେ ତାହୁଁ ତାଙ୍କୁ ଭୀଷଣ ପ୍ରହାର କରିବାରୁ ସେ ହେଡ୍ ମାଷ୍ଟରଙ୍କ ଠାକୁ ଏ ଅନ୍ୟାୟର ପ୍ରତିବାଦ କରି ଦରଖାସ୍ତ କରିଛି । ତହିଁରେ ସେ କାରଣ ଦେଖାଇଛି ଯେ ଫଜଲୁଲହକଙ୍କୁ ସମ୍ବର୍ଦ୍ଧନା ନିମନ୍ତେ ଯେଉଁ ଅଶିର ଗେଟ୍ ତୋଳା ଯାଇଥିଲା ତା' ନାମ ଅଲମ୍‌ଗିର୍ ଦିଆଯାଇଥିବାରୁ ତାର ଉତ୍ତର କଦାପି ଭୁଲ ହୋଇନାହିଁ ଏବଂ ମାଷ୍ଟରଙ୍କ ପ୍ରହାର ବେଆଇନ ହୋଇଛି । ହେଡ୍‌ମାଷ୍ଟର ମହାଶୟ ଏହାର କି ମୀମାଂସା କରିବେ ଦେଖାଯାଉ । ··· ··· ···

ସେଦିନ କଟକ ସହରରେ ଦଳେ ଲୋକ ମୁସ୍‌ଲିମ୍ ସେମିନେରୀ ଆଡ଼କୁ ଦୌଡ଼ୁଥିଲେ । କାହିଁକି ସେ ଦୌଡ଼ୁଥିଲେ ସେ କଥା ପଚାରିବାକୁ ତର ନଥିଲା । ଭାଗ୍ୟକୁ ଜଣେ ଝୁଣ୍ଟିହୋଇ ପଡ଼ିଲା । ତାକୁ ଯିଏ ଯେତେ ପଚାରେ, କରେ ତୁ କାହିଁକି ଦଉଡ଼ୁ ଥିଲୁ ? ସେ ଖାଲି ଛାନ୍ଦିବାରେ ଲାଗିଥାଏ । ଗୋବିନ୍ଦ ଦୋକାନ ଖିର୍-ମୋହନ ଆଉ ବାହାଦୂରସିଂ ଦୋକାନ ସରବତ୍ ଆଣିଦେବାରୁ ସେ ଟିକିଏ ଥିର ହୋଇ କହିଲା— ମୁଁ ହତଭାଗା, ଯାଇ ପାରିଲି ନାହିଁ— ହାୟ ମୁଁ ବଦ୍‌ନସିବ୍, ହାୟ ମୁଁ କମ୍‌ବକ୍ତ— ହାୟ ମୁଁ ଗୁନାହଗାର —ମୋ ଭାଗ୍ୟରେ ଏତିକି ଥିଲା । 'କେଉଁଠିକି ଯାଉଥିଲୁ ?' ବୋଲି ପଚାରିବାରୁ ସେ ବହୁ କଷ୍ଟରେ ସବୁ କଥା ଖୋଲି କହିଲା । ସ୍ୱୟଂ

## ନିର୍ଦ୍ଦେଶ ।

ଉତ୍କଳର ସଂଖ୍ୟାଗରିଷ୍ଠ ହିନ୍ଦୁ ସମ୍ପ୍ରଦାୟର ହୃଦୟରେ ଅଳ୍ପ ସଂଖ୍ୟକ ମୁସଲମାନମାନଙ୍କ ପ୍ରତି ଅନାସ୍ଥା ଭାବ ଅଛି । ଏ ଭାବ ଯେବେ ସ୍ୱାଧୀନତା ଲାଭ କରିବା ପାଇଁ ଏବଂ ଅସତ୍ୟ ଅତ୍ୟାଚାରର ପ୍ରତିକାର ପାଇଁ ଯେଉଁ ସଂଗଠନ ହେବ ତାହା ଆଦୌ ଶକ୍ତିଶାଳୀ ହେବ ନାହିଁ ।

ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ

ଅଲମିଆଁ ଅସି କିୟାମତ୍ ସୋରଗୋଳ କରିଛନ୍ତି । ଯେତେ ଅପରାଧୀ ଦୋଷୀ ଯାଉଛନ୍ତି ସମସ୍ତଙ୍କ କସୁର୍, ସମସ୍ତଙ୍କ ଗୁନାହ୍ ସେ ମାଫି କରି ଦେଉଛନ୍ତି । ସ୍ୱର୍ଗରୁ ଅରଙ୍ଗଜେବ, ସାହା-ଜାହାନ, ଅକବର ପ୍ରଭୃତି ନିମନ୍ତୌଡ଼ ବାଟ ଦେଇ ଓହ୍ଲାଇ ଆସି ସେଇଠିକି ଗଲେ, ମୁଁ ବଦନସିବ୍ ଯାଇପାରିଲି ନାହିଁ ।

ପାଠକେ, କଟକର ମୁସଲମାନଙ୍କ ଉଦ୍ଧାର କରିବା ପାଇଁ ଏହି ଅଲମିଆଁ କିଏ କହି ପାରିବେ କି ?

କେପିଟାଲ୍ ଟକିଜର ଟେଣ୍ଟ ନୁହେଁ— ଏକ୍ସିବିସନ ଥିଏଟରର ହାଉସ ନୁହେଁ କି ଖାଣାପାଣି କ୍ଲବର ପେଣ୍ଡାଲ ନୁହେଁ ଅଥଚ ଫ୍ଲଡ୍‌ଲାଇଟ ( ଚେଣ୍ଟିବନ୍ୟା ? ) ହୋଇ ଥିଲା, ଲାଲ ନୀଳ ରଙ୍ଗର ଇଲେକ୍‌ଟ୍ରୀ ଡ଼ୁମ ଝୁଲା ଯାଇଥିଲା, ଟିକେଟ ବିକା ଚାଲିଥିଲା, ମଞ୍ଚ ସ୍ଥାପିତ ହୋଇଥିଲା, ମଞ୍ଚ ଭିତରୁ କଳ ଗାଉଣା ବି ବାଜୁଥିଲା, ମଞ୍ଚ ଉପରେ ନର୍ତ୍ତନ, କୁର୍ଦ୍ଦନ, ଅଭିଭାଷଣ, ଦନ୍ତପେଷଣ, ହସ୍ତସଞ୍ଚାଳନ ବି ହେଉଥିଲା । ଶୁଣିଲେ, ସ୍ୱା ନା'କାଳେ—ଉତ୍କଳ ରାଜନୈତିକ ସମ୍ମିଳନୀ ।

'ଚୋରି କରିବ ନାହିଁ' । 'ସର୍ବଦା ସତ୍ୟ କଥା କହିବ ।' 'ପିତା ମାତାଙ୍କୁ ଭକ୍ତି କର' ଇତ୍ୟାଦି ଅନେକ ମହତ୍‌ବାକ୍ୟ ପିଲାଦିନେ ଆମ୍ଭେମାନେ ଶୁଣିଥିଲୁଁ । ମୁଖସ୍ଥ, କଣ୍ଠସ୍ଥ ତଥା ଚର୍ମସ୍ଥ ମଧ୍ୟ କରିଥିଲୁଁ । ପରୀକ୍ଷାକକ୍ଷୀରୁ ଜୀବନ କ୍ଷେତ୍ରରେ ତାର ପରିଣତି ଯେ କଣ ହେଲା, ଡାକ୍ତର ଜବରାଲମାନେ ଭଲ ଭାବରେ ସେ ତତ୍ତ୍ୱର ଏନାଟମିକେଲ ବିବୃତି କରି ପାରିବେ । କିନ୍ତୁ ଆମର ବିଶ୍ୱାସ ଏହି ରାଜନୈତିକ ସମ୍ମିଳନୀର ମହତ ପ୍ରସ୍ତାବ ଗୁଡିକ ଯେପରି ତୀବ୍ର ଭାବରେ ନେତା-ବକ୍ତାମାନଙ୍କ ମୁଖରୁ ନିଃସୃତ ହୋଇଛି ତାହା ସେହି ଗତାନୁ-ଗତିକ ପନ୍ଥାର ଅନୁସରଣ କରିବ ନାହିଁ । ଭଗବାନ ସହାୟ ହୁଅନ୍ତୁ ଏହି ଅହିଂସାବାଦୀ ମାନଙ୍କୁ, ଆମର ଏତିକି କାମନା ।

ଅବଶ୍ୟ ମହତ୍ତମ ପ୍ରସ୍ତାବ ତା' ଭିତରେ ଥିଲା ଯଥା, କେତେକ ମୃତ କଂଗ୍ରେସ କର୍ମୀ ଓ ଜଣେ ମୃତ ମାଦାଦଲର ଓଡିଆ ନେତାଙ୍କ ପରଲୋକଗମନରେ ଶୋକ ପ୍ରକାଶ ଓ ଆତ୍ମାର ସଦ୍‌ଗତି କାମନା । ଏହି ପ୍ରସ୍ତାବ ଗୃହୀତ ହେଲାବେଳେ ଆମ୍ଭେମାନେ ଦେଖିଲୁଁ



Digitized by srujanika@gmail.com

ଯେ ଅନେକ କଂଗ୍ରେସ କର୍ମୀ ମୁହଁ ଓଲାଇ ବସିଥିଲେ । ତାର କାରଣ ଅନୁସନ୍ଧାନ କରିବାରୁ ଜଣାଗଲା ଯେ ସେମାନଙ୍କ ନାମ ସେଇ ଲିଷ୍ଟ ଭିତରେ ଦିଆ ନ ଯିବାରୁ ସେମାନଙ୍କର ଏହି ଦୁଃଖ ଶୋକ ବା ଅବଶୋଷ । କାରଣ ସେମାନଙ୍କ ପରଲୋକ ଗମନରେ ଏହିପରି ଶୋକ ପ୍ରସ୍ତାବ ହେବ କି ନାହିଁ ସେ ବିଷୟରେ ସେମାନେ ବଡ ସନ୍ଦିହାନ ଥିଲେ । ତେଣୁ ବଞ୍ଚି ଥାଉଁ ଥାଉଁ ସେଇଟା ହୋଇ ଯାଇ ଥିଲେ ଭାଲେ ଭଲ ହୋଇ ଥାନ୍ତା । ମାତ୍ର ବଡ ବଡ଼ ନେତାମାନେ ଯଥା, ଗୋପବନ୍ଧୁ, ଚୌଧୁରୀ, ହରେକୃଷ୍ଣ ମହତାବ, ନନ୍ଦକିଶୋର ଦାସ ଯେ ଏଭଳି ସନ୍ଦେହ କରୁଥିଲେ ଏହା କହିଲେ ଆମ୍ଭେମାନେ କଦାପି ବିଶ୍ୱାସ କରିବୁ ନାହିଁ । ଦେଶକୁ ସେମାନେ କଦାପି ଏଡ଼େ ଅକୃତଜ୍ଞଭାବ ନଥିବେ । ସନ୍ଦେହ ଥିଲେ ମଧ୍ୟ ଆମ୍ଭେମାନେ ପ୍ରତିଶ୍ରୁତି ଦେଇ ବିଶ୍ୱାସ କରାଇ ଦେବାକୁ ପ୍ରସ୍ତୁତ ଅଛୁଁ ।

× × +

ଏ ଶୋକ ପ୍ରକାଶ ଯେଉଁ ସନ୍ଧ୍ୟାରେ ହୋଇଥିଲା ସେହି ସନ୍ଧ୍ୟାରେ କୃଷକ ନେତା ଅକ୍ଷୟ ବାବୁଙ୍କ ଘରେ ପ୍ଲେଟ୍ ଅଣି ଭକ୍ତ ପ୍ରସ୍ତାବିତ ମୃତ ବା ପ୍ରେତ ନେତା ତଥା କର୍ମୀମାନଙ୍କ ମଧ୍ୟରୁ ତାହାର କାହାରକି ଉତ୍ତର ଯାଇଥିଲା ବୋଲି ଶୁଣିଲୁ । ସେମାନେ ସମସ୍ତେ କାଳେ ଏକ ମୁଖରେ ଏକ ବାକ୍ୟରେ କହିଲେ ଯେ ଏହି ଶୋକ ପ୍ରସ୍ତାବ ଦ୍ୱାରା ସେମାନେ ପ୍ରେତଲୋକରୁ ସ୍ୱର୍ଗଲୋକକୁ ଯାଇଛନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ ଜଣେ ଜଣେ ଅଦ୍ୟାପି ନର୍କରେ ଘାଣ୍ଟି ହେଉଛନ୍ତି କାରଣ ସେମାନଙ୍କ ସ୍ୱର୍ଗ ଗମନ ପ୍ରସ୍ତାବ ନେତାମାନେ ସେଦିନ ସନ୍ଧ୍ୟାରେ କରିନଥିଲେ । ସେମାନଙ୍କର ନାମ କାଳେ, ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତ ରାୟ ମହାପାତ୍ର ଓ କମଳାକାନ୍ତ ମହାପାତ୍ର । ଏ ନାମ ଶୁଣି କାଳେ ଓଡ଼ିଶାର ନେତା ତଥା କର୍ମୀମାନେ ଅସ୍ପୃଶ୍ୟ ହୋଇଯାଇ ପଚାରିଲେ ଯେ ଏଭଳି କୌଣସି ଲୋକ କ'ଣ ଓଡ଼ିଶାରେ ଥିଲେ ? ତାର ଉତ୍ତରରେ ଜଣେ ପ୍ରେତ କହିଲା,— ପ୍ରଥମ ଜଣକ ହେଉଛନ୍ତି ଭାରତର ସର୍ବପ୍ରଥମ କାଉନ୍ସିଲ ମେମ୍ବର ଯେକି ଗତ ସତ୍ୟାଗ୍ରହ ସମୟରେ କାଉନ୍ସିଲରୁ ଇସ୍ତଫା ଦେଇଥିଲେ । ମହାଶୟ ସବଣେ ସତ୍ୟାଗ୍ରହରେ ଯୋଗ ଦେଇଥିଲେ ଏବଂ ସେହି ବେଦୀ ଉପରେ ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ କନ୍ୟାକୁ ବଳି ମଧ୍ୟ ଦେଇଥିଲେ । ଏ ମହାଶୟ ଉତ୍କଳ ହରିଜନ ସେବକସଂଘର ସଭାପତି ଥିଲେ । ଏବଂ ନିଖିଳ ଭାରତ କଂଗ୍ରେସର ଉତ୍କଳ ଅଧିବେଶନ ଅଭ୍ୟର୍ଥନା ସମିତିର ଉପ ସଭାପତି ଥିଲେ । ୨ୟ ବ୍ୟକ୍ତି ଜଣକ ବି, ଏ ପାସକରି ଏମ୍ ଏ ଲ ପଢ଼ୁଥିବା ସମୟରେ ପଢ଼ା ଛାଡ଼ି ସତ୍ୟାଗ୍ରହରେ ଯୋଗ ଦେଇ ଅନେକ ଦିନ ବିଦ୍ରୋହୀ ପ୍ରଜାତନ୍ତ୍ରର ସମ୍ପାଦକ ହୋଇ କାରା ବରଣ କରିଥିଲେ । କାରାମୁକ୍ତ ପରେ ହିଁ ତାଙ୍କର ମୃତ୍ୟୁ ହେଲା । ଉକ୍ତ ଅଦ୍ଭୁତ ପ୍ରେତଠାରୁ ଏହା ମଧ୍ୟ ଶୁଣିଲୁଁ ଯେ ସେ ଦୁହେଁ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ମହତାବ ଓ ପଣ୍ଡିତ ନନ୍ଦ କିଶୋରଙ୍କ ଠାରୁ ଅବସିଜଅ ରଜା ହେଲେ—ସିଲ୍‌ସିଙ୍କ ପରାମର୍ଶ ନେଇ ନିକଟରେ ଏକ ପ୍ରାର୍ଥନା ପତ୍ର ପଠାଉଛନ୍ତି ।

× × ×

ଓଡ଼ିଶାରେ ଏଣିକି ଓଡ଼ିଆ ଭାଷା ମଧ୍ୟରେ ପତାପଡ଼ି ଅଧ ସରୁ ହେବାର ଜାଣି, କଟକରେ ମଶାମାନଙ୍କର ଗୁଣୁ ଗୁଣୁ ଭାଷା, ମାଛିମାନଙ୍କର ଭଣି ଭଣି ଭାଷା, ଘୋଡ଼ାମାନଙ୍କ ହିଁ ହିଁ ଭାଷା ଓ ମାଙ୍କଡ଼ମାନଙ୍କର ଖେଁ ଖେଁ ଭାଷା ପ୍ରତି ଘୋର ଅଶ୍ରଦ୍ଧା ପ୍ରକାଶ କରାଯାଉଥିବାର ଜାଣି ଏମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ କମିଟି କରି ମନ୍ତ୍ରୀଙ୍କଠାକୁ ପ୍ରାର୍ଥନା ପତ୍ର ପଠାଇବାର କଥା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ବେଳେ ସମସ୍ତେ କହୁଥିଲେ ଯେ ଏହା ଭାରତବର୍ଷରେ ଏକମାତ୍ର ପ୍ରଦେଶ ଯେଉଁଠାରେ କି ସଂଖ୍ୟା ନ୍ୟୁନ ସମ୍ପ୍ରଦାୟର ଅଭାବ ଅଭିଯୋଗ ପ୍ରଶ୍ନ ଉଠିବ ନାହିଁ । କିନ୍ତୁ ଦେଖା ଯାଉଛି ଭାରତ ଭିତରେ ସବୁଠାରୁ ବେଶୀ ସେ ପ୍ରଶ୍ନ ଉଠିଛି ଏହି ଓଡ଼ିଶାରେ । ତେଣୁ ଆମର ମନ୍ତ୍ରୀମଣ୍ଡଳଙ୍କୁ ପରାମର୍ଶ ଯେ ସେମାନେ ଓଡ଼ିଆ ଭାଷାକୁ ବାଜ୍ୟାପ୍ତ କରି ଏଣିକି ଗୋଟାଏ ବୃହତ୍ତର ଭାଷା (ଯଥା ହିନ୍ଦି ବଙ୍ଗଳା ପ୍ରଚାର କରନ୍ତୁ । ଆଉ ଆପତ୍ତି ରହିବ ନାହିଁ ।

---

## ବଡ଼ ମୁହଁରେ

ବଙ୍ଗ ମନ୍ତ୍ରୀ ହକ୍ ସାହେବ—"ଶହେ ଜହରଲାଲଙ୍କୁ ମୁଁ ପକେଟରେ ରଖିପାରେଁ ।"

ପକେଟଟା କେତେ ବଡ଼ କି ତାଙ୍କର ?...

ହକ୍‌ସାହେବ— "ମୁସଲିମ୍ ଲିଗ୍ ହଜାରେ କଂଗ୍ରେସ ଠାରୁ ବଳବାନ୍" ତାର ପ୍ରମାଣ କଣ ? କିମ୍ବା ନା ସତ୍ୟବ୍ରତ ଅଲି ?

ଫଜଲୁଲ ହକ୍— "ଆମେ ମୁସଲମାନ ସିଂହ ଓ ବାଘ— ତେବେ ଆମେ ଖାଲି ରକ୍ତ ଦାନ କରିବୁଁ" ରକ୍ତ ଦାନ ନା ରକ୍ତ ପାନ ? ... ... ...

ମହାତ୍ମା ଗାନ୍ଧୀ— "ଜମିଦାରଙ୍କୁ ମୂଳ ପୋଛ କରିବା ମୋର ଇଚ୍ଛାନୁହେ । ତେବେ ସେମାନେ ତାଙ୍କର ପ୍ରଭୁତ୍ୱ ତ୍ୟାଗ କରନ୍ତୁ—ନୋହିଲେ ଆପେ ଆପେ ପୋଛି ହୋଇ ଯିବେ ।

ହାତରେ ନମାରି ଭାତରେ ମାରିବା !...

ସର୍ଦ୍ଦାର ପଟେଲ— "ଜମିଦାରଙ୍କ ସାଙ୍ଗେ ବିବାଦ ନକରି ତାଙ୍କୁ ହାତକରି ନିଅ ।"

"ତାଙ୍କ ଭାତକୁ ନିଅ" ? ...

ଗୋପବନ୍ଧୁ— ମୁଁ କାହିଁକି ସଭାପତି ହେଲି ସେକଥା ମୁଁ ନିଜେ ବି ଜାଣେନାହିଁ ।

ମଣିଷ କାହିଁକି ଜନ୍ମହୁଏ ସେ କଥା କି କ'ଣ ସେ ଜାଣିଥାଏ ? ... ...

ସେହି— ସମସ୍ତେ ଅଟେଇ ଗୃହଲିଛନ୍ତି — ମୁଁ ଫାନ୍ଦରେ ପଡିଯାଇଛି ।

ମାଳଟା ଦେଇ ଟିକିଏ ଟାଣନ୍ତୁ । ନା ଦେଢ଼ସୁର ବୋଲି ଛୁଁଇବେ ନାହିଁ ?

Digitized by srujanika@gmail.com




# ଓଲଟା ବୁଝିଲେ ରାମ!

ଲେଖକ:—ଶ୍ରୀ ଅନାମ

ଭାଇଙ୍କର ମୋ ଉପରେ ସବୁଦିନେ ଅତ୍ୟାଚାର, ମୁଁ କୋଡପୋଛାପୋଛୁ ପୁଅ ବୋଲି ବାପା ବଡ଼ଙ୍କର ମୁଁ ଗେହ୍ଲା ବୋଲି କି କଣ ଭାଇ ଖାଲି ସବୁ କଥାରେ ମୋ ଉପରେ ରସ ରସ ହେଉ ଥାଆନ୍ତି ।

ମୁଁ ବି ଉଧାରକୁ ବଦଳ ଦବାକୁ ଛାଡ଼େ ନାହିଁ । ସେ ଯଉଠି ଯାହା କରନ୍ତି ବାବାଙ୍କ ଆଗରେ ଚୁଗୁଲି କରିବାକୁ ମୁଁ ଛାଡ଼େ ନାହିଁ । ଦିନେ ସେ ବିଡ଼ି ଖାଉଥିଲେ ଯେ ମୁଁ ଆସି ବାପାଙ୍କ ଆଗରେ ଦେଲି ଫୋଡ଼ି । ବାପା ଯେତେବେଳେ ଭାଇଙ୍କ କାନ ମୋଡ଼ିଲେ ମୋ ମନ ହୋଇଗଲା ଭାରି ଖୁସି ।

ମୁଁ ବଢ଼ି ଯିବାରୁ ଇସ୍କୁଲରେ ନାଁ ଲେଖାଇଲି । ଏଥର ପଡ଼ିଲି ଭାଇଙ୍କ ପାଲରେ । ଭଲରେ ମନ୍ଦରେ ଗୋଟାଏ କିଛି ବାହାନା କରି ମୋ ଉପରେ ସେ ଦାଉ ସାଧିବାକୁ ଲାଗିଲେ । କାନମୋଡ଼ା, ଗାଲ ଚିପୁଡ଼ାଟାତ ଅଠ ପହର—ଅକାଳେ ସକାଳେ ଦୁମ୍ ଦାମ୍ ବି ଚାଲେ । ଦିନେ ସେ ପଢ଼ା ଘରେ ନଥିଲା ବେଳେ ଖଣ୍ଡିଏ ବିଡ଼ିଟା ଖାଇଥିଲି ବୋଲି, ଯଉଁ ମାଡ଼ ! ପିଠିରୁ ଗଇଁ ଛାଡ଼ ନାହିଁ ଆଜଯାଏ ।

× × ×

ଭାଇ ପାଶ୍ କରି ଚାକିରି ଧରିଲେ । ଏଣିକି ସେ ଦାଲ୍‌ସେର୍ତ୍ତ କରି ବଡ଼ ସିଗ୍ରେଟ ଖାଆନ୍ତି, ଗୀତ ଗାଆନ୍ତି । ତାଙ୍କର ବାବୁ ହବା ଦେଖି ମୋ ଦେହ ଜଳି ଯାଏ । ବଡ଼ ହେଲେ ମୁଁ ବି ହେବି ଯେ, ରହୁଥା । ମନ ଇଚ୍ଛା ଗୁନ୍ଥ ଜୁଡ଼େଇବି, ଲିଟୁ ବୁଲେଇବି, ତାସ ଖେଳିବି । ଦେଖିବି ସେତେବେଳେ ମୋତେ କିଏ କଣ କହିବ ! କହିଲେ ସାଙ୍ଗେ ସାଙ୍ଗେ ଦେବି ଚଟେଇ ।

କିନ୍ତୁ ଯେତେ ମନ କଲେ ବି ବଡ଼ ହବାଟା ମୋର ଝଟ କରି ହେଲା ନାହିଁ । ବହୁ କଷ୍ଟରେ ହେଲା ମୋର ଦଶ ବର୍ଷ । ବାପା ସବୁବେଳେ କହନ୍ତି କି ମୁଁ ଭାରି ବୁଦ୍ଧିଆ । ସେଥିପାଇଁ ବି ମୋ ଉପରେ ତାଙ୍କର ଅହନ୍ତା ଥିଲା କେଜାଣି କେତେ । ଯୋଡ଼ାଏ କ୍ଲାସ ଉଠିଲି । ଆଉ କେତେ ଦିନ ? ବଡ଼ ହୋଇ ବାବୁ ପାଲଟିବା ପାଇଁ ଆଉ କେତେ ଦିନ ଲାଗିବ କେଜାଣି ! ଏଇଟା ମୋର ସବୁଠୁଁ ବଡ଼ ଚିନ୍ତା । ଭାଇଙ୍କ ଦାଉରୁ ରକ୍ଷା ପାଇବି ଆଉ ଦେବି ତାଙ୍କୁ ଥରେ ଦେଖେଇ । ଯାହା ମାରିବେ ମାରି ଯାଇ ଥାଆନ୍ତୁ ।

\+ \+ \+

"ପଢ଼ିଯା, ପଢ଼ିଯା—ଏଇକ୍ଷିଣି ପଢ଼ା ନେବି ।" ଭାଇ ତାଙ୍କର ଚୌକି ଉପରେ ବସି ଖିଉକି ଉପରକୁ ଗୋଡ଼ ଲମ୍ବେଇ ବଉଁଠାକୁ ଟାଣୁ ଟାଣୁ କହିଲେ ।

ମୁଁ ବହିକୁ ଚାହିଁ ତଳମୁହାଁ ହୋଇ ପଢ଼ୁଥାଏଁ, ଆଉ ତାଙ୍କ ଆଡ଼କୁ ଅଣେଇ ଅଣେଇ ଚାହୁଁଥାଏଁ । ସେ ଝରକା ବାଟେ ବଗିଚା ଆଡ଼କୁ ଚାହିଁ ଗୁଣୁ ଗୁଣୁ ହୋଇ ଗୀତ ଗାଉ ଥାଆନ୍ତି । ଆଉ ମଝିରେ ମଝିରେ ଗୋଟାଏ ଗୋଟାଏ ଧମକ ଦଉ ଥାଆନ୍ତି ମତେ ।

"ହଁ, ପଢ଼ା ହେଲା ?"

ମୁଁ ଅତି ଶାନ୍ତ, ଶିଷ୍ଟ ଭଲ ପିଲାଟି ପରି ଯାଉଥାଏଁ ପଢ଼ି । ହଠାତ୍ ସେ କହି ଉଠିଲେ—"ଔରଙ୍ଗଜେବ କାହା ପୁଅ କହିଲୁ ?"

"ଅକବରଙ୍କ ପୁଅ ।"

ଖତେଇ ହୋଇ ସେ କହିଲେ "ଏକ-ବାରେକୁ ପୁଅ ! ଠିକ୍ କରି କହ ।" ମୁଁ କହିଲି "ଜାହାଙ୍ଗୀରଙ୍କ ପୁଅ ।" ଏଥର ଚୌକିରୁ ଉଠି ଆସି ଧରିଲେ ମୋ କାନ ବାଁ ହାତରେ । ମୋ ଦେହରୁ ଜିହ୍ବ ଶୁଖି ଗଲା । ସେ ଦାନ୍ତ ନିକୁଟି କହିଲେ "ଔରଙ୍ଗଜେବ ଅକବରଙ୍କ ପୁଅ ନୁହେଁ—" ଆଉ ଫଟାସ କରି ଗୋଟାଏ କଷି ଦେଲେ ବାଁଆ ଗାଲରେ । ପୁଣି କହିଲେ "ଔରଙ୍ଗଜେବ ଜାହାଙ୍ଗିରଙ୍କ ପୁଅ ବି ନୁହେଁ—ପୁଣି ଫଟାସ କରି ଆଉ ଗୋଟାଏ ଅର ଗାଲରେ । "ଔରଙ୍ଗଜେବ ସାଜାହାନଙ୍କ ପୁଅ—" ଏଥର ଗୋଟାଏ ଦୁମ୍ କରି ବସିଲା ପିଠିରେ । "ଏଥର ରହିଲାଟି ମନେ—ଆଉ ଭୁଲିବୁ ନାହିଁ ।" ଏତକି କହି ସେ ପୁଣି ଯାଇ ବସିଲେ ତାଙ୍କ ଚୌକିରେ ଆଉ ବାଉ ଆଡ଼କୁ ଚାହିଁ ଗୋଡ଼ ହଲାଇ ଲଗାଇ ଦେଲେ ଗୁଣୁ ଗୁଣୁ ଗୀତ ।

ମୋ ମୁଣ୍ଡ ଭିତରେ ଖାଲି ନିଆଁ ହୁଳା ଜଳୁଥାଏ, ଔରଙ୍ଗଜେବ ଯାହାପୁଅ ହେଉ, କାହା ବୋପାର କଣ ହେଲା—ମୁଁ ଖାଇଲି ମାଡ଼ ! ଏଇକ୍ଷଣି ଯେ ଔରଙ୍ଗଜେବକୁ ପାଆନ୍ତି କି ତା ଜିଭ ଉପାଡ଼ି ପକାନ୍ତି । ପୁଣି ରାଗ ହେଲା ଇତିହାସ ବହି ଉପରେ । ଆଉ କିଛି ମିଳିଲା ନାହିଁ ଲେଖିବାକୁ ଯେ, କିଏ କାହାପୁଅ କିଏ କାହା ନାତି, ଏଇ-ଗୁଡ଼ାକ ବସି ଲେଖିଣି ଲେଖିଛି । ମନ ହେଲା

Digitized by srujanika@gmail.com

ଛୁଟେଇ ଠିକ ଠିକ କରି ଫୋପାଡ଼ି ଦିଅନ୍ତି । ଅଜା, ଭାଇ—ତାଙ୍କୁ ଯଦି ବାଗରେ ପାଆନ୍ତି ତ—ଅଜା ଭାବି ପାରିଲା ନାହିଁ । ରାଗରେ ଜର ଜର ହୋଇ, ଦାନ୍ତ କାମୁଡ଼ି ରହିଗଲା । କଣ କରିବ—ପିଲା ତ ହେଉଛି ନୋହିଲେ—

ଦେଖିଲି ଯେ ଭାଇ ବଗିଚାକୁ ଚାହିଁ ରହିଛନ୍ତି ମୋ ଅଜାକୁ ପଛ କରି । ମୋ ଉପରେ ନଜର ପଡ଼ୁନାହିଁ । କଣ କଲି ନା ଯେତେ ପାରିଲି ମୁହିଁ ବଇଁଠାକୁ ଖଟେଇ ହେଲି, ହାତ ମୁଠା ମୁଠା କରି ତାଙ୍କରି ଉପରକୁ । ଏଥର ଯାଇ ଠିକଏ ମନ ବୋଧ ହେଲା । କିନ୍ତୁ କଅଁଟା ଲଭି ନ ଥାଏ ଭିତରୁ ।

କିଛିକ୍ଷଣ ପରେ ଭାଇ ହଠାତ୍ ମୋ ଅଜାକୁ ଚାହିଁ ଦେଲେ । ଭାଗ୍ୟକୁ ମୁଁ ସେତେବେଳକୁ ଦାନ୍ତ ନେଫୁଡ଼ା, ହାତ ମୁଠା ବନ୍ଦ କରି ସାରିଥିଲି । ଧରି ପଡ଼ି ଯାଇଥିଲେ କୁଅ ଛୁଅ ଜଡ଼ି ଯାଇ ଥାଆନ୍ତା । ଭାଇ ଠିକଏ ମୃଦୁ ସ୍ୱରରେ କହିଲେ, "ଦେ, ରଖିଦେ ଇତିହାସଟା —ପଢ଼ ସେଇ, କଣ କହନ୍ତି—ଇସପ୍, ଇସପ୍ ।

ମୁଁ ଇସପ କଥା ମାଳା ଖୋଲି ପଢ଼ିଲି । "ଏକ ବନରେ ଏକ ଶୃଗାଳ ଥିଲା ।... ତାପରେ ସେ ଚୌକିରୁ ଉଠି ଅସ୍ତେ ଅସ୍ତେ ବାହାରି ଗଲେ । ଯିବା ବେଳେ କହି ଗଲେ "ପଳେଇବୁ ନାହିଁ—ପାଠ କରି ପଢ଼ୁଥିବୁ—ମୁଁ ଆସୁଛି ।"

ସେ ଯେମିତି ଗଲେ ବାହାରି, ମୁଁ ପଛେ ପଛେ ଯାଇ ଛକି ଚାହିଁଲି କୁଆଡ଼େ ଯାଉଛନ୍ତି । ସେ ବଗିଚା ଭିତରକୁ ଚାଲିଲେ । ମୋ ମନେ ହେଲା ପିଜୁଳି ଗଛରେ ପିଜୁଳି ପାଚିଥିଲା—ବୋଧହୁଏ ତାହାରି ଉପରେ ନଜର ପଡ଼ିଛି ଯେ, ଯାଉଛନ୍ତି ପାରି ଖାଇବେ । ସେତେବେଳକୁ ମୁଁ ତାଙ୍କୁ ମାଗିବି ବୋଲି ପାଞ୍ଚ କରିଥିଲି ଅଗରୁ ।"

ଭାଇଙ୍କ ଉପରେ ଅଜାର ରାଗ ହେଲା । ମାଇଲେ ତ ମାଇଲେ, ପୁଣି ଦେହ ସହିଲା ନାହିଁ ଯେ ମୋ ପିଜୁଳି ଗୁଡ଼ାକ—! ଅଜା ସହି ପାରିଲା ନାହିଁ । ମନଟା ଛାଲିବାଲି ହେଲା ଭାବି । ଚୁପ୍ ଚୁପ୍ କରି ଚାଲିଲା ସେଇଆଡ଼େ ।

ଯାଇ ଦେଖିଲା ବେଳକୁ ଭାଇ ଠିଆ ହୋଇଛନ୍ତି ପିଜୁଳି ଗଛ ମୂଳରେ ପିଠେଇ ମାଉସୀ ଘର ଆଡ଼କୁ ଚାହିଁ ।—

ପିଠେଇ ମାଉସୀ ଆମ ପଡ଼ିଶା । ଆମ ବାଡ଼ି ତାଙ୍କ ବାଡ଼ି ଲାଗିଛି । ପିଜୁଳି ଗଛ ପାଖରେ ଗୋଟାଏ ବାଟ; ଏଇ ବାଟ ଦେଇ ଆମ ଦି'ଘର ଯେଝା ଘରକୁ ଯା'ଆସ କରନ୍ତି ।

ଭାଇଙ୍କୁ ଦେଖି ମୁଁ ଛପି ଗଲି ଗୋଟାଏ ଗଛ ଉହାଡ଼ରେ । ସେଇଠୁ ଥାଇ ଦେଖିଲି କି ଅପି ନାନୀ ଛିଡ଼ା ହୋଇଛି ସେଇ ବାଟରେ, ଧଡ଼ା ଖୋଲି ଦେଇ । ମୁଁ ଭାବି ଚଳିଲି ଟୋକା ତ ! ମୋର ଅଜା ବୁଝି-ବାକୁ ଡେରି ହେଲା ନାହିଁ ଯେ ଅପିନାନୀ ଆସି ପିଜୁଳି ପାଉଥିଲା, ଭାଇ ତାକୁ ଦେଖି ପାରି ଗାଳି ଦେବାକୁ ଆସିଛନ୍ତି । ଚୋର ଧରି ପଡ଼ିଛି ଦେଖି ମୋ ମନ ଖୁସି । ମନ ହେଲା ମୁଁ ବି ବାହାରି ପଡ଼ି ଶୋଧି ଦିଅନ୍ତି ତାକୁ । ଅଜା କହନ୍ତା "ଅପି ନାନୀ, ତୁ ଟା ଏଡ଼େ ଚୋରଣୀ ! ଲୁଚେଇ କି ଆମ ପିଜୁଳି ପାରି ନଉଚୁ ।' ମାତ୍ର ଭାଇଙ୍କ ଡରେ ବାହାରି ପାରିଲି ନାହିଁ ।

ଅରେ, ଇଏ କଣ ! ଦୁହେଁ ତ ଦୁହିଁଙ୍କ ଆଖି ଠାରାଠାରି ହଉଛନ୍ତି ! କଲା କଲାଆ ଲାଗନ୍ତେ କଣ ନା, ଓଲଟି ହସା ହସି । ମୋ ଦେହ ତ ଜଳିଗଲା ।

ଏଇ ସମୟରେ ଭାଇ ସେ ଧଡ଼ାବାଟ କଡ଼କି ଚାଲି ଗଲେ । ଭାବିଲି ବୋଧହୁଏ ତା ଅଣ୍ଟିରେ ପିଜୁଳି ଅଛି ଯେ ତାକୁ ଏଥର ଛଡ଼େଇ ଆଣିବେ ।

ହଠାତ୍କୁ ସତ ହୁଇ ଯାଇ ଅପି ନାନୀର ହାତକୁ ଧରି ଚୋଇଲେ । ସେ ଠିକଏ ଭିଡ଼ି ହଉଥାଏ । ମୁଁ ମନେ ମନେ କହୁ-ଥାଏଁ "ରହ ରହ ଯିବୁ କୁଆଡ଼େ ! ପିଜୁଳି ଚୋରି କରିବୁ ପରା !"

ପିଜୁଳି ଛଡ଼େଇବେ କଣ ନା, ଭାଇ ତାଙ୍କର ଦିଆ ହାତଟା ତା କାନ୍ଧ ଉପରେ ପକେଇ ଦେଇ, ମୁଣ୍ଡଟାକୁ ଓଟେଇ ଆଣିଲେ ଅଜ—ତା ଗାଲରେ—ଛି, ଛି ଲାଜକଥା,—କହିବି ନାହିଁ । ଅପି ନାନୀ ଛାଟି ଦେଇ ପଳେଇଲା ।

ମୁଁ ଘର ଆଡ଼େ ଦେଖି,ଦେ-ଛୁ । ଆସି ପଢ଼ି-ବାରେ ଲାଗିଗଲି । "ଏକ ବନରେ ଏକ ଶୃଗାଳ ଥିଲା ।" କଣ ପଢ଼ୁଛି ସେଥିକୁ ଖିଆଲ ନାହିଁ । ଖାଲି ଘୋଷି ହେଉଛି "ଏକ ବନରେ ଏକ ଶୃଗାଳ ଥିଲା—ଏକ ବନରେ ଏକ ଶୃଗାଳ ଥିଲା ।"

ମୋ ପଛେ ପଛେ ଭାଇ ଫେରି ଆସିଲେ । ଘରେ ପଶିଲେ କି ନ ପଶିଲେ କହିଲେ "ପାଜି, ସେତେବେଳେ ବେଳୁ ହଉଛୁ, ଏକ ବନରେ ଏକ ଶୃଗାଳ ଥିଲା !—ତୋ ମୁଣ୍ଡ ଥିଲା, ତୋ ଗଣ୍ଡି ଥିଲା ।"—ଯୁଆ ହାଙ୍ଗେ ହାଙ୍ଗେ ଚଟଣେ ଠାସ୍ କରି ଗୋଟାଏ ଗୁଳ୍ପୁଡ଼ା !

ପିଲା ହେଲେ କଣ ହେଲା, ମୁଁ ଯେ ଭାରି ବୁଦ୍ଧିଆ । ମାଇପେ ଲୋକଙ୍କୁ ମରଦ ଲୋକର ଚୁକ୍ ଦବାଟା ଯେ ଗୋଟାଏ ମସ୍ତ-ବଡ଼ ଖରାପ କଥା, ତା ମୋତେ ଅଜଣା ନ ଥିଲା ତ !

ମୁଁ କି ଅଜା ସମ୍ଭାଳି ହୁଏଁ । ଧଡ଼୍ କିନା ଛିଡ଼ା ହୋଇ ପଡ଼ି ଥମ ଥମ ହୋଇ କହିଲି, "କହି ଦେଉଚି, ଫେର ମତେ ମାରିବ ନାହିଁ ଇମିତି ।"

ଭାଇଙ୍କର ତ ଚକ୍ଷୁ ଗୁମ୍ । ସେ ମୋ ମୁହଁକୁ ବଲ ବଲ କରି ଦଣ୍ଡେ ଚାହିଁଲେ,—ତାପରେ ଧଇଲେ କାନକୁ । କହିଲେ, "ପାଜି, ବଦମାସ୍, ସଇତାନ ଟୋକା,—ତୋ ମୁଣ୍ଡରେ ପିତ୍ତ ଚଢିଲାଣି—ନାହିଁ ! —ଅଛା ରହ ଦେଉଚି ଥଣ୍ଡା କରି ।"

ମୁଁ କି ଛାଡ଼ିବା ପାତ୍ର । ଏକ ଝଟକା ମାରି ବାହାରି ଆସିଲି । ସେ ମୋ ଆଡ଼କୁ ଝପଟି ଆସିବା ବେଳେ ମୁଁ ପଛକୁ ଘୂଞ୍ଚି ଯାଇ କହିଲି,"ମୋ ଦେହରେ ହାତ ଦବ ତ କହିଦେବି ସେ କଥା ବାପାଙ୍କ ଆଗରେ—ଜାଣିଥା ।"

ଭାଇ ମୋ କଥା ଶୁଣି ଥମ ହୋଇ ରହି-ଗଲେ । କହିଲେ, "କଣ କହୁଛୁ—କଉ କଥା ରେ ?"

"ପିଜୁଳି ଗଛମୂଳେ ଯଉ କଥା । ଅପି ନାନୀ—"

"ଚୁପ୍, ଚୁପ୍—ପାଟି କରନା ।—ମୁଁ ତତେ ଅଉ ମାରିବି ନାହିଁ ।"

ଏହା କହି ସେ ମୋ ହାତ ଧରି ନେଇ ପାଖରେ ବସାଇଲେ, ଅଉ ମୋ ପିଠି ମୁଣ୍ଡ ଆଉଁସି ଦେଇ କହିଲେ, "ମୋ ସୁନା ଭାଇଟା ମୁଁ ତତେ ଅଉ କେବେ ମାରିବି ନାହିଁ ଆଜଠୁଁ । ବୁଝିଲୁ ! ତୁ ଗୁଡ଼ କିଣିବୁ ପରା—ଲଡୁ କିଣିବୁ ପରା—ଏଇ ନେ, ଗୋଟାଏ ଟଙ୍କା—ଚିନାବାଦାମ ଖାଇବୁ ।"

ଅଣ୍ଟାରୁ ବାହାର କରି ଗୋଟାଏ ଟଙ୍କା ମୋ ହାତରେ ଗୁଞ୍ଜି ଦେଲେ । କହିଲେ "ମୋ ଆଖି ରାଣ ଅଛି, ତୁ ଏକଥା କାହାରି ଆଗରେ କହିବୁ ନାହିଁ । ତୋର ଯେତେ-ବେଳେ ଯାହା ଦରକାର ହବ, ମାଗିବୁ, ମୁଁ ଦେବି । ଆଁ ?"

ମୁଁ 'ହୁଁ' ମାରି ଦେଇ ଟଙ୍କାଟି ନେଇ ସିଧା ଗଲି ଲି ବଜାରକୁ । ମନଇଚ୍ଛା ମିଠେଇ ଖାଇଲି, ଖେଳନା କିଣି ଆଣିଲି ।

ସେଇଦିନୁ ସତକୁ ସତ ଭାଇ ମୋତେ ମାରିବା ଛାଡ଼ି ଦେଲେ । ମୁଁ ବି ତାଙ୍କ ଆଣି ଛାଡିଟି ପାଖରେ ରଖିଥାଏଁ ବୋଲି ଆଉ ଡ଼ରିଲି ନାହିଁ । ମଝିରେ ମଝିରେ ଚାରିଅଣା ଅଠଅଣା ଆଦାୟ ବି କରିନିଏଁ । ସେ ମତେ ଦେଖିସି ଦେଖିସି ଚାଲନ୍ତି, ମନ ନେଇ କଥା କହନ୍ତି ।

\+ \+ \+

କିଛିଦିନ ପରେ ପରେ ସମସ୍ତେ ଜାଣି ପାରିଲେ କି ଅପିନାନୀ ସାଙ୍ଗରେ ଭାଇଙ୍କର ବାହାଘର ହବ । ଗୁହୁଁ ଗୁହୁଁ ଧୁମ୍ ଧାମ୍ ହେଲା, ଶଙ୍ଖ ହୁଳହୁଳି ପଡ଼ିଲା, ବାଜଣା ବାଜିଲା, ଅପିନାନୀକୁ ଭାଇ ବାହା ହେଲେ । ଅପିନାନୀ ନୂଆବୋହୂଟିଏ ହୋଇ ଆମ ଘରକୁ ଆସିଲା ।

ଦିନେ ମୁଁ ଅଗପରି ଭାଇଙ୍କୁ ଯାଇ କହିଲି, "ଦବଟି ଅଠଅଣା ପଇସା," ସେ କହିଲେ "କଣ କରିବୁ ?"

"ଯାହା ଭଲ ଲାଗିବ କିଣିଅଛି—ଦବଟି ଅଗ ।"

"ମୋ ପାଖରେ ପଇସା ନାହିଁ ।"

"ସେକଥା ମୁଁ ଜାଣେ ନା—ଯୁଆଡୁ ହେଲେ ଆଣିଦିଅ ।"

ଭାଇ ମୋ କଥା ଶୁଣି ଆଖି ଛାଡି କହିଲେ "ଭାଗ୍ ଏଠୁ—ମୁଁ ପଇସା ଦେବି-ନାହିଁ । ଯା—"

ମୁଁ ବି ସିମିତ ରାଗିଯାଇ କହିଲି । "ହଉ, ନ ଦେଲ ତ ନାହିଁ— ପୁଣି ବୁଝିବ" । 'କଣ ବୁଝିବରେ ଚଗଲା, ପାଜି ! ଧମକଉଛୁ ମତେ ? ନିକଲ ଏଠୁ— ନୋହିଲେ ଗାଲ ଫୁଲେଇ ଦେବି । ଜାଣିଛୁ !

ନା—ଅଉ ନୁହେ । ଏତେଦିନ ସବୁ ସମ୍ଭାଳି ପେଟରେ ରଖିଥିଲି ସିନା ତମରି ମୁହଁକୁ । ଯାହା ହବାର ହଉ, ଆଜି ଦେବି ସେ କଥା କହି ବାପାଙ୍କ ଆଗରେ । ବିନା ଦୋଷରେ ଯେତେ ମାରିଛ ମୋତେ, ତା କଣ ମୁଁ ଭୁଲିଲିଣି ? ଆଜି ନେବି ସୁଝେଇ !

ଘର ଭିତରେ ବାବା ବସି ଥିଲେ । ମୁଁ ଉଆଡ଼େ ଯାଇ କହିଲି 'ଗୋଟାଏ କଥା' ବାପା କହିଲେ 'କଣ କି କଥାରେ' । 'ପିଜୁଳି ଗଛ ମୂଳେ ସେଇ ଯଉ କଥା ।

ବାପା— କି କଥାଟା କହୁନୁ— ତୋ ପହିଲି ଏବେ ବୁଝିବ କିମିତ !

ମୁଁ କହିଲି 'ପିଜୁଳି ଗଛ ମୂଳେ ଭାଇ ଚୁମା ଦେଲେ'

ବାପା— କାହାକୁ ?

ମୁଁ— ଅପିନାନୀକୁ, ଯେ ଆମ ନୂଆବୋହୂ ହେଇଛି ।

ବାପା କହି ଉଠିଲେ 'ଦୂର ଦୂର ଅଲକ୍ଷଣଟା —ଏଭଟାର କେବେ ଅକଲ ହବ ।

ବାପା ମୁହଁ ବିକଟାଳି କହିଲେ 'ବୁଡ଼ବକ୍ ବୋକା, ବେଅଦବ୍, ପଳା, ପଳା ଏଠୁ ।

ମୁଁ ଖଣ୍ଡା ଭଙ୍ଗା ହୋଇ ମୁହାଁଟି ପରି ଖସି ପଡ଼ିଲି ।

ଭାବିଥିଲି, ଯାହାହଉ ଏତେ ଦିନରେ ଭାଇଙ୍କ ଉପରେ ମନ ଅପମାନ ସାଧିନେବି । କିନ୍ତୁ ଇଏ ହେଲା କଣ ! ଫଳ ଫଳିଗଲା ବିଲକୁଲ୍ ଓଲଟା ।

ଯା ଭିତରେ ଅଡୁଆଟା ଯେ କେଉଁଠି ରହିଲା ମୁଁ ତାର କିଛି ଠଉର ପାଇଲି ନାହିଁ । ମୋ ଭଳିଆ ଚାଲାକିଆ ପିଲାଟାର ସବୁ ମଗଜରେ ଏ ଅସନାଟା କଥାଟା ମୋଟେ ପଶିଲା ନାହିଁ । ହଉ, ବଡ଼ ହେଲେ ବୁଝିବି ଅବା !

## ଅଦ୍ଭୁତ ନକ୍ଷତ୍ର

ମାନମନ୍ଦିର ମାନଙ୍କରୁ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଗୋଟିଏ କ୍ଷୁଦ୍ର ନକ୍ଷତ୍ର ଦେଖା ଯାଉଛି; ଏହାର ବର୍ଣ୍ଣ କଳା । ଏହି କଳା ନକ୍ଷତ୍ର ପୃଥିବୀ ଆଡ଼କୁ ଗତି କରୁଛି । ଗଣନା ଦ୍ୱାରା ଜଣା ଯାଇଛି ଯେ ୧୯୪୨ ମସିହା ବେଳକୁ ଏହା ଖାଲି ଆଖିରେ ଦେଖାଯିବ । ୧୯୫୩ ମସିହାରେ ଏହା ପୃଥିବୀର ଏତେ ନିକଟବର୍ତ୍ତୀ ହେବ ଯେ ଗୋଟାଏ ପୂର୍ଣ୍ଣିମା ଚନ୍ଦ୍ରର ଆକାର ଧାରଣ କରିବ । କ୍ରମେ ଆହୁରି ବଡ଼ ହୋଇ ଚନ୍ଦ୍ର ସୂର୍ଯ୍ୟର ଆଲୋକକୁ ମଳିନ କରି ଦେବ । ଏହାର ପ୍ରଭାବରେ ମହାମାରୀ, ଭୂମିକମ୍ପ, ଦୁର୍ଭିକ୍ଷ ଇତ୍ୟାଦି ଆରମ୍ଭ ହେବ । ଶେଷକୁ ସମୁଦ୍ର ଉଦ୍ବେଳିତ ହୋଇ ଭୂଭାଗକୁ ବୁଡ଼ାଇ ଦେବ । ୩୦୦ ଫୁଟ ଜଳ ଭୂଭାଗକୁ ମାଡ଼ି ଆସିବ । ଗ୍ରାମ, ନଗର, ଗଛ, ପଥର, କୋଠା, ବାଡ଼ି ଜୀବଜନ୍ତୁ ସବୁ ନଷ୍ଟ ହୋଇ ଯିବେ । କେବଳ ଯେଉଁମାନେ ଉଚ୍ଚ ପର୍ବତରେ ଆଶ୍ରୟ ନେବେ ସେହିମାନେ ବଞ୍ଚିଯିବେ । କିନ୍ତୁ ପର୍ବତ ଉପରେ ଅଧିକ କାଳ ଖାଦ୍ୟ ଦ୍ରବ୍ୟ ପାଇବା ଦୁଷ୍କର ହେବ । ୧୯୫୭ ମସିହାରେ ସମସ୍ତ ଜଳ ବରଫ ପାଲଟି ଯିବ, ଏବଂ ଏତେ ଶୀତ ବଢ଼ିବ ଯେ ପର୍ବତରେ ଥିବା ପ୍ରାଣୀମାନଙ୍କର ଜୀବନ ରକ୍ଷିବା କଠିନ ହେବ । ଏହା ଉତ୍ତାରୁ ସେହି ନକ୍ଷତ୍ର କ୍ରମେ ଦୂରକୁ ଅପସରି ଯିବ ଏବଂ ପୃଥିବୀ ପୂର୍ବାବସ୍ଥା ପ୍ରାପ୍ତ ହେବ ।

Digitized by srujanika@gmail.com



# କବିତାର ଚିନ୍ତା

ଲେଖକ:— ଶ୍ରୀ ଅବଧୂତ

—ଏକ—

'କବିତା ଲେଖେ ।'

'ସତେ ? ଭାରି ରସିକ ହୋଇଥିବ ତେବେ ?'

'ହୁଁ ।'

ସେ 'ହୁଁ' ଟା ଭାରି ଗମ୍ଭୀର । ସେଟା ଯେମିତି ନାଭି ଭିତରୁ ଉଠି ଆସିଲା । ଅଥଚ ଛାତି କମିତକା, କଲିଜା କେମିତିକା, ଓଠ କେମିତିକା, ଛାଇ, ତାଳୁ ଏସବୁ କେମିତିକା କିଛି ଜାଣେ ନାହିଁ । ଭାରି କଅଁଳ—ଭାରି ଶାନ୍ତ—ଆଉ ଭାରି ଜଣେ ଯେମିତି ।

\+ + +

'ଆଉ କିଛି କରେ ନାହିଁ ?'

'ନା'

'କବିତା ଲେଖିଲେ କ'ଣ ପେଟ ପୂରିବ ?'

'କିଜାଣି ?'

'କ'ଣ କବିତା ଲେଖିଲେ କେହି ପଇସା କଉଡ଼ି କିଛି ଦିଅନ୍ତି ?'

'କେଜାଣି ?'

'ତୋତେ କିଛି କହେ ନାହିଁ ପର ?'

'ନା'

ସେ 'ନା'ଟା ଭାରି ଗମ୍ଭୀର । ଭାରି ଅଭିମାନୀ । ସେ ନାଟା, ଯେମିତି ଏହି ଖୁବ୍ ପାଖରୁ କଣ୍ଠରୁ, ଜିଭରୁ କଣ୍ଠରୁ ଟିକେ ପୁଣି ବାହାରି ଆସିଲା । ଅଥଚ ସାରା ଦେହଟା ଯେମିତି ଚଚଳିତ ହୋଇ ଉଠିଲା ସେଥିରେ । ଭାରି ଚଞ୍ଚଳ, ଭାରି ଦୁଷ୍ଟ ଆଉ ଗୋଟେ ଶରତ ପାଣି ଯେମିତି ।

\+ + +

'ସବୁବେଳେ ସେଇ କବିତା ?'

'ସବୁବେଳେ !—ଦିନ ରାତି—ଚବିଶ ଘଣ୍ଟା ।'

'ତୋତେ ମୋଟେ ପଚାରେ ନାହିଁ ପର ?'

'ନା ।'

'ତୋ' ଭଲ ମନ୍ଦ କିଛି ବୁଝେ ନାହିଁ ?'

'ନା ।'

ସେ 'ନା'ଟା ଭାରି ଅଭିମାନୀ । ଭାରି ଅହଂକାର ଆଉ ଭାରି ହିଂସୁକ ।

\+ + +

'କାହା ନାଁରେ ଲେଖେ ?'

'କେଜାଣି ?'

'ଆଉ କେହି ଅଛନ୍ତି ପରା ?'

'ମୁଁ ଜାଣିବି କେମିତି ?'

'ତେବେ ସେଇମିତି ସନ୍ଦେହ ହୁଏ, ନାହିଁ ?'

'ହୁଁ ।'

ସେ 'ହୁଁ'ଟା ଉପରକୁ ଅନମନା, କିନ୍ତୁ ଭିତରେ ତାର କାରସାଦି ଯେମିତି ଅକଳନ୍ତ । ଭାରି ରୂପସଇତାନ୍ ।

\+ + +

—ଦୁଇ—

'ଭଲ ନାହିଁ ?'

'ନାଃ ।'

'କ'ଣ ହେଉଛି ?'

'ଦେଖ ।'

ସେ 'ଦେଖ'ରେ—ସେଇ ଦୁଇଟି ବର୍ଣ୍ଣର ଶବ୍ଦରେ ଯେମିତି ଗଢେ଼ ଅନୁରୋଧ, ହଜାରେ ଆଗ୍ରହ ସେ ଶବ୍ଦ ଯେମିତି ଭାରି ସ୍ନେହୀ, ଭାରି ଭଦ୍ର, ଭାରି ନରମ, ଭାରି ସୁନ୍ଦର ।

\+ + +

'ଭଲ ଲାଗୁଛି ?'

'ହୁଁ ।'

'ଆଉ ଦେବ ଆଉଁସି ?'

'ଦିଅ ।'

ସେ 'ଦିଅ' ଯେମିତି ନିଷ୍କାମ—ନିର୍ଲୋଭ ସେ 'ଦିଅ'ର ଯେମିତି କିଛି ଆଶା ନାହିଁ—ସେ ଯେମିତି କିଛି ଲୋଡ଼େ ନାହିଁ । ଉପରେ ଦେଖିବାକୁ ସେ ସେମିତି । କିନ୍ତୁ ଭିତରେ ?

\+ + +

'ଯିବ ?'

'କେଉଁଠିକି ?'

'ତମ ଇଚ୍ଛା ।'

ସେ ଯେମିତି କିଛି ଜାଣେ ନାହିଁ । ସଂସାରରେ ସେ ଯେମିତି କେଉଁଣସି ଜାଗା ଦେଖି ନାହିଁ—ବାଟ ଘାଟ ତାକୁ ଯେମିତି ଆଦୌ ମାଲୁମ ନାହିଁ । ଏଇଟା ବିନା ସମସ୍ତେ ଜାଣିବାକୁ କିନ୍ତୁ—

\+ + +

'ନଈଟି ଭାରି ସୁନ୍ଦର ।'

'ଭାରି ସୁନ୍ଦର ।'

'ଜହ୍ନ ?'

'ଖୁବ୍ ସୁନ୍ଦର !'

'ପବନ ?'

'ସତେ ଅତି ଚମତ୍କାର ।'

'ଆଉ,—ଆଉ—'

'ଆଉ ?'

'ତମର ରୂପ ।'

'ଯାଃ ।'

ସେ 'ଯାଃ'ଟା ଭାରି ସରଳ, ଭାରି ଚଞ୍ଚଳ, ଭାରି ଛଇଳ, ଅଥଚ ଭିତରେ ଭିତରେ, ଭାରି ଦର୍ପୀ, ଭାରି ଉତ୍ଫୁଲ୍ଲ, ବଡ଼ ଉଚ୍ଚାଶୀ ।

\+ + +

—ତିନି—

'ଓଃ ଭାରି ବଥା ।'

'କହୁ ନାହିଁ ?'

'ନାଃ ।'

'ମୋ ଟିପ ବଥା କରି ଗଲାଣି ।'

'ଥାଉ ତେବେ ।'

ସେ 'ଥାଉ'ରେ ଦୁଃଖ ଥିଲା, ବ୍ୟର୍ଥତାର ସେଠାଏ 'ଅହା' ଥିଲା ଆଉ କ'ଣ ଥିଲା ? କିଜାଣି ?

\+ + +

Digitized by srujanika@gmail.com

‘ସାନ୍ତାଣୀ ।’

‘କ’ଣ ?’

‘ବିପିନ ବାବୁ ।’

‘ବିପିନ ବାବୁ ? କହ, ଯାଉଛି ।’

ସେ ‘ଯାଉଛି’ଟା ପାଗଳ—ସେ ଯାଉଛିଟା ଚପଳ—ବିଜୁଳି ଭଳି । ସେଥିରେ ଆନନ୍ଦ ଥିଲା, ସଫଳତାର ସାବାସି ଥିଲା—ଆଉ ଥିଲା—କ’ଣ କେଜାଣି ?

× × ×

‘ଉଃ ମୁଣ୍ଡ ! ମୁଣ୍ଡ ! ମୁଣ୍ଡ ଗଲା ! ଉଃ ।’

କେହି ଶୁଣିଲେ ନାହିଁ ।

ସେ ନିସ୍ତବ୍ଧତାରେ ଭଲ ପାଇବାର ଗୋଟାଏ ପ୍ରେତାତ୍ମା ଘୁରୁଥିଲା, ଘରର ଗୃହ-ଅଙ୍ଗେ—କାନ୍ଥରେ, ଛାତରେ, ତଳେ, ସେ ଯେଉଁଠିକି ଚାହୁଁଥାଏ ସେଠି ।

× × ×

‘ପାଣି, ପାଣି ମୁନେ, ପାଣି ।’

କେହି ନାହାନ୍ତି ।

ସେ ନିର୍ଜନତା ଭାରି ଭୀଷଣ । ପ୍ରୀତି ଆଶାର ଗୋଟାଏ ଦହନଶୀଳ ମଶାଲ ତା ଛାତି ଉପରେ ନାଚ କରୁଥିଲା ଯେମିତି ।

+ + +

‘ସାଧନା—ସାଧନା—ସାଧନା !’

ସାଧନା ନଥିଲା ।

ସେ ଅନୁପସ୍ଥିତି ବଡ଼ ପ୍ରଚଣ୍ଡ—ବଡ଼ ନିଷ୍ଠୁର ଭାରି ବିଶ୍ୱାସ ଘାତକ । ତାର ଛାତି ଭିତରେ—ମରମରେ ମରମରେ ସେ ଅତି କ୍ରୁର ଭାବରେ ଗୋଟାଏ ତୀକ୍ଷ୍ଣ ଅସ୍ତ୍ର ବିଦ୍ଧ କରୁଥାଏ ଯେମିତି ।

× × ×

‘ବାବୁ, ସାଆନ୍ତାଣୀ କଥା କହୁଛନ୍ତି ବିପିନ ବାବୁଙ୍କ ସାଙ୍ଗରେ ।’

‘ବିପିନ ?’

‘ଆଜ୍ଞା ହଁ ।’

‘କେଉଁଠି ?’

‘ବାହାରେ ।’

‘ସେ ଜାଣେ ? ମୁଁ ବେରାମ, ସେ ଜାଣେ ?’

‘ଆଜ୍ଞା, ଜାଣନ୍ତି ବୋଧହୁଏ ।’

‘ଏଠିକି—ଏଠିକି—ଆସିବ ନାହିଁ ?’

‘ଡାକିବି ?’

‘ଯା ।’

ସେ ‘ଯା’, ସେ ଆଦେଶ ଭାରି ଅନ୍ୟମନସ୍କ । ତାର ମାନ ନାହିଁ, ଅପମାନ ନାହିଁ । ତାର ଆଶା ନାହିଁ ଆକାଂକ୍ଷା-ନାହିଁ—କିଛି ନାହିଁ ।

+ + +

‘ଦୁହେଁ ଯାକ ବୁଲି ଗଲେ ମଟରରେ ।’

‘ଅଚ୍ଛା ।’

ସେ ‘ଅଚ୍ଛା’ର କିଛି ଅର୍ଥହିଁ ନଥିଲା । ଖାଲି ଗୋଟାଏ ଅନାବଶ୍ୟକ ଶବ୍ଦ ଯେମିତି ।

+ + +

—ଚାରି—

‘ସେ ପଥର କଣ୍ଟା ଦୂର କରିବାକୁ ହବ ସାଧନା । ମୁଁ ତାର ଉପାସନା କରିବ ।’

ସାଧନାର ମୁହଁରେ ଭାଷା ନଥିଲା ।

ସେ ନୀରବତାର ଛାଇ ଥରି ଉଠିଲା ଯେମିତି । ସେ ଚମକି ପଡ଼ିଲା ସେଥିରେ ।

× × ×

‘ଏଇ ଔଷଧ ଦେଲେ ଭଲ ହୋଇ ଯିବ । ମୁଣ୍ଡ ବିନ୍ଧା ବନ୍ଦ ହୋଇଯିବ । ଜ୍ୱର ଛାଡ଼ିଯିବ ।’

‘ଯିବ ?’

ସେ ପ୍ରଶ୍ନରେ ସନ୍ଦେହ ଥିଲା । ସେ ପ୍ରଶ୍ନ ନିର୍ଭୀକ ନୁହେଁ—ଅଦୌ ନୁହେଁ । ସେ ପ୍ରଶ୍ନ ମଧ୍ୟ ଥରି ଉଠିଲା ।

× × ×

ଏ କଣ ଔଷଧ ? ସତ ସତ ଔଷଧ—ବିଷ ନୁହେଁ ?

ନିଜର ମନ ତାର କ’ଣ ଉତ୍ତର ଦେଲା ସେଇ ଜାଣେ । ସେ ଉତ୍ତର କିନ୍ତୁ ବଡ଼ ଏକାନ୍ତ—ବଡ଼ ରହସ୍ୟମୟ ।

+ + +

ସ୍ୱାମୀ ତାର ମୃତ । ତାର ଶବ ଉପରେ ଜଳୁଛି ପ୍ରକାଣ୍ଡ ଚିତା । ସେ ଚିତା ଲିଭୁ ନାହିଁ ।

ଏ କଣ ସ୍ୱପ୍ନ ?

ସେ ଚମକି ପଡ଼ିଲା । ସେ ସ୍ୱପ୍ନ ସତ୍ୟ କିନ୍ତୁ ସ୍ୱପ୍ନ ଭଳି ଅଳୀକ ନୁହେଁ । ସେ ସ୍ୱପ୍ନ ଯେପରି ଉତ୍ତର ଦେଲା—‘ନା—ନା—ମୁଁ ସ୍ୱପ୍ନ ନୁହେଁ—ସତ୍ୟ ।’ ସେ ଉତ୍ତରରେ ଆକାଶ ଥରି ଉଠିଲା । ତାର ଛାତି ବି ଥରି ଉଠିଲା ।

× × ×

‘ସେ କଣ କରୁଛି ?’

‘ଚିତା ଜାଳୁଛି ।’

‘ଚିତା ? କାର ?’

ମୋର କବିତାର—ମୋର ଲେଖାର ନା—ନା—ମୋର—ମୋ ପ୍ରାଣର—ମୋ ଜୀବନର ।’

ଏ କଥାର ପ୍ରତ୍ୟେକ ଶବ୍ଦ ଗୋଟାଏ ଗୋଟାଏ ତୀକ୍ଷ୍ଣ ଶର ପରି ଯାଇ ତା ହୃଦୟରେ ବାଜିଲା ।

—ପାଞ୍ଚ—

‘ସେ କଣ ପାଗଳ ?’

‘ହଁ—ପାଗଳ ।’

‘ସତ ସତ ପାଗଳ ?’

‘ହଁ, ପାଗଳ ।’

ସେ ‘ହଁ’ରେ ଗୋଟାଏ ଗଭୀର ଜ୍ୱାଳା ଥିଲା ।

× × ×

‘ସେ କବିତା କାହାଲାଗି ?’

‘କେଜାଣି ?’

ସେ ‘କେଜାଣି’ ଭାରି ମିଥ୍ୟାବାଦୀ ।

× × ×

‘ସେ କବିତାର ଚିତା ଜାଳିଲା କାହିଁକି ?’

‘କେଜାଣି ?’

ସେ ‘କେଜାଣି’ ବିଶ୍ୱାସ ଘାତକ ।

+ + +

‘ସେ ପାଗଳ ହେଲା କାହାପାଇଁ ?’

‘କେଜାଣି ?’

ସେ ‘କେଜାଣି’ ପିଶାଚ ।

—୦—

## ☞ କୁଜୁକୁଜୁ

ଜୁଲି—ମା, ଆମ ଘରକୁ ଯେଉଁ ଗୋରା ଟୋକାଟି ଦିନ୍ ଆସେ, ସେ ଆଜି ଗଲାବେଳେ ମୋତେ ଧରି ପକାଇ ଚୁମା ଦେଲା ।

ମା—ସତେ ନା ! ମୋତେ ଡାକି ପକେଇଲୁ ନାହିଁ କାହିଁକି !

ଜୁଲି—ମୁଁ କଣ ଜାଣିଚି ତୋର ବି ଚୁମା ଖାଇବାକୁ ମନ ଥିଲା ବୋଲି ।

—❋—



Digitized by srujanika@gmail.com

# ପଟା ଟେବୁଲ ମାହାତ୍ମ୍ୟ ।

( ଜଣେ ପ୍ରସିଦ୍ଧ ହାସ୍ୟରସିକଙ୍କ ଅପରନ୍ତ କୋଷରୁ )

(ପୂର୍ବ ପ୍ରକାଶିତ ଉତ୍ତରୁ)

ତା ପରେ ବଢ଼େଇ କାରିଗର ଓ ଅନ୍ୟାନ୍ୟ ଆବଶ୍ୟକ ଉପକରଣ (ରେତ, ପାଲିସ୍ ବା ବାର୍ଣ୍ଣିସ୍) ଆସି ପହଞ୍ଚିଲେ । କଟାକଟି, ହଣାହଣି, ବନ୍ଧାବନ୍ଧି, ଖୋଳାଖୋଳି, କୁନ୍ଦାକୁନ୍ଦି, ମଜାମଜି, ଘଷାଘଷି ଆଦି ହେବାପରେ ଆମ୍ଭେମାନେ ପଟାଟେବଲ ଆକାର ଧାରଣକଲୁ । ପଟାଟେବଲରେ ପରିଣତ ହେବା ପୂର୍ବରୁ ମୁଁ ଭାବିଲିଯେ ଏହିଠାରେହିଁ ଆମର ଅନୁଭବ ଶେଷହେବ । କିନ୍ତୁ ଟେବଲ ହୋଇ ସାରିବା ପରେ ଦିନାକେତେ ମୁଁ ସାହେବଙ୍କ ତମ୍ବୁରେ ଅଫିସ ଟେବଲ, ଖାନା ଟେବଲ ଓ ହାତଧୁଆ ଟେବଲ ରୂପେ ଖଟିଲି, ତାପରେ ମୋର କମନୀୟ ରୂପରେ ଦିନେ ରାଜା ସାହେବ ତମ୍ବୁକୁ ସ୍ୱୟଂ ଭିଜେ କରିଥିବା ବେଳେ ଛାମୁଙ୍କର ସଲୋଭ ଦୃଷ୍ଟି ପଡ଼ିଯିବାରୁ ମୁଁ ଯାଇ ରାଜ ନଗରରେ ପ୍ରଥମେ ରାଜାଙ୍କ କଚେରିରେ, ତତ୍‌ପରେ ଦରବାର କାମରାରେ, ତାପରେ ଛାମୁଙ୍କ ବେହରଣ ମନ୍ଦିର (ଡ୍ରଇଙ୍ଗ୍‌ରୁମ୍)ରେ ରହିଲି । ଦିନେ ରାତିରେ ବେହରଣ ମନ୍ଦିରକୁ ପାଟ ମହାଦେଈ ବିଜେ କରିଛନ୍ତି, ତାଙ୍କ ଦୃଷ୍ଟି ମୋ ଉପରେ ପଡ଼ି ଯିବାରୁ ତାଙ୍କର ମୋ ଚିକ୍କଣ କୋମଳ ପଟ୍ଟାବୃତ ଦେହରେ ଲୋଭ ହେଲା ଓ ରାଜା ସାହେବଙ୍କ ବହୁଦେଶ ( ପୋଷେଇ ପାଣି ଦୁହେଁ ) ରୁ ରାଣୀ ମହଲ (ଅନ୍ତଃପୁର)ରେ ମହାଦେବୀଙ୍କ ଶୟନାଗାରରେ ପଲଙ୍କ ପାଖେ ମୋର ଅବସ୍ଥିତି ହେଲା । ସେତେବେଳେ ମୋ ଦେହରେ, ମୋ ଆଖିରେ ଯାହାଯାହା ଘଟିଛି, ମୋ ଜାତକ ଥିଲେ ଦେଖା ଯାଇ ଥାଆନ୍ତା ଯେ ସେତେବେଳେ ମୋର ସବୁ ନବଗ୍ରହ ଯେକ "ଏକାଦଶସ୍ଥାଃ ଫଳଦାଃ" ହୋଇଥିଲେ । ମନୁଷ୍ୟର ଜୀବନରେ ଯେଉଁପରି ସୁଦଶା, ଦୁର୍ଦ୍ଦଶା ଘଟେ ସାଧାରଣଙ୍କ ଚକ୍ଷୁରେ ନିର୍ଜୀବ ବସ୍ତୁମାନଙ୍କ ଭାଗ୍ୟରେ ସେହିପରି ସୌଭାଗ୍ୟୋଦୟ, ଦୁର୍ଭାଗ୍ୟ ବିପର୍ଯ୍ୟୟ, ଦାର ପରିଗ୍ରହ, ଗୃହ ଭଙ୍ଗ, ବୈଧବ୍ୟ, ମୃତଦାରତ୍ୱ ସବୁ ଘଟେ । ଏପରି ସ୍ଥଳେ ପଟାଟେବଲ ରୂପ ଧାରଣ କରି ରାଜ ଦରବାରରେ ଥିବା ବେଳେ ମୋ ଭାଗ୍ୟରେ ବହୁତ ରାଜ୍ୟ ଶାସନ ସଂକ୍ରାନ୍ତ ପରାମର୍ଶ ଓ ଘଟଣା ଶୁଣିବାର ଓ ଦେଖିବାର ସୁଯୋଗ ଘଟିଲା ଓ ଅନ୍ତଃପୁରରେ ଥିବାବେଳେ ଅନ୍ତଃପୁରର ଅନେକ ପରାମର୍ଶ, ଅନେକ ସମ୍ବାଦ ଅନେକ ଉପାଦେୟ ବସ୍ତୁ, ସୁବାସିତ ପଦାର୍ଥ, ସୁଖାଦ୍ୟ ମୋ ଭାଗ୍ୟରେ ଘଟିଲା । ସେସବୁର ବିବୃତ୍ତି ମୁଁ କ୍ରମଶଃ ପ୍ରକାଶ କରିବି । ଦିନେ ଘଟଣା କ୍ରମେ ରାଣୀ ସାହେବଙ୍କ ଅଙ୍ଗଲଗା ଦାସୀର ଅସାବଧାନତାରୁ ମୋର ଗୋଟିଏ ଗୋଡ଼ ଛେଚା ହୋଇଗଲା ଓ ସେଥିଯୋଗୁଁ ମୁଁ ଅକାମିକା ହେବାରୁ ରାଣୀ ମହଲରୁ ମୋର ବାସ ଉଠିଲା । ରାଜ୍ୟର ନାଜରଖାନା ପାଖରେ ଥିବା ଭଙ୍ଗା ଟେବଲ ଇତ୍ୟାଦି ମଧ୍ୟରେ ମୋର ବାସହେଲା । ତତ୍‌ପରେ ସବୁ ଭଙ୍ଗା ଚଉକି ଟେବଲ ଆଦି ନିଲାମ ହେବାରୁ ମୋତେ ଛାମୁଙ୍କ ପେଷ୍କାର ଅଳ୍ପ ଦାମରେ କିଣି ପୁଣି ମୋ ସଂସ୍କାରରେ ବ୍ରତୀ ହେଲେ । କିଛି ଦିନ ପରେ ପେଷ୍କାରଙ୍କ ପୁଅ ଉଚ୍ଚ ଶିକ୍ଷା ଲାଭ ପାଇଁ ନିକଟବର୍ତ୍ତୀ ମୋଗଲବନ୍ଦୀ ସହରକୁ ଆସିଲେ ଓ ତାଙ୍କ ଗହଣରେ ମୁଁ ଆସିଲି । ଏଠାରେ କିଛି ଦିନ ରହିବା ପରେ ପେଷ୍କାର ପୁଅଙ୍କ ଉଚ୍ଚଶିକ୍ଷା ଅର୍ଦ୍ଧାଂଶ ନ ହେଉଣୁ ସାଙ୍ଗ ହେଲା ଓ ସେହି ଦିନ ଠାରୁ ମୁଁ ବସା ସ୍ୱାମୀଙ୍କ ଘରେ ପଡ଼ି ରହିଲି—ଏ ପର୍ଯ୍ୟନ୍ତ ମୁଁ Single life (ଅପରିଣିତ ଜୀବନ) ଭୋଗ କରୁଥିଲି । ଭାଗ୍ୟକୁ ତୁମ୍ଭଙ୍କୁ ( ମାର୍ବଲ ଟେବଲକୁ ) ଯେଉଁ ବ୍ୟକ୍ତି କିଣି ଥିଲେ ତାଙ୍କ ଘରେ ତୁମେ ବହୁତ ବୋଡ ମାଡ଼ ସହି ଛେଚା ହେଲ । ଛେଚା ହେବା ପରେ ନିଲାମରେ ତୁମ୍ଭଙ୍କୁ ମୋ (ପଟା ଟେବଲ)ର ଅଧିକାରୀ କିଣିଲେ । କିନ୍ତୁ ଏଠାରେ ତୁମ ଗୋଡ଼ର ଜଖମ ଭଲ କରିବା ଡାକ୍ତର ନଥିବାରୁ ତୁମ ଉପରର ତକ୍ତାକୁ ଆଣି ନିଲାମ ଖରିଦ୍‌ଦାର ମୋ ଉପରେ ଲଦିଛନ୍ତି ଓ ସେହି ଦିନ ଠାରୁ ଦମ୍ପତି ଜୀବନ ଧାରଣ କରି ଆମେ ଦୁହେଁ ବେଶ୍ ସୁଖରେ ଅଛୁଁ ।

( ତୃତୀୟ ସ୍ତମ୍ଭର ଶେଷ ଦେଖନ୍ତୁ )

## ଯାତ୍ରା

### ଶଚି ରାଉତରାୟ

—*—

ଝଡ଼ର ଏହି ସ୍ୱୟଂବରେ
ମାଲ୍ୟ ତବ ଦେଲ ଗୋ ଯେବେ
ଆନତ ମୋର ଗଳାର ପରେ……

କଣ୍ଠୁର ପଦେ ଆଏଗୋ ଗୀଲ
ପଥ ମୋ ରଚେ ସାହାରା ବାଲି;
ସେ ପଥେ ସଖି ସକଳ ଭୁଲି
ଯିବାକୁ ହେବ ଧରି ମୋ' କରେ ।

ଅନାହୂତ ଏ ପଥିକା ଜନେ
ବରିଲ ଯେବେ ଆପଣା ମନେ
ଏ ଝଡ଼ ରାତି ମଧୁ ଲଗନେ
ମୋ' ସାଥେ ଆସ ତେଆଗି ଘରେ ।

ସକଳ ଭୀରୁ ମମତା ତ୍ୟଜ
କୁସୁମ ସେତୁ; ତଡ଼ ସେ ଲାଜ ।
ଫୁଲର ଏହି ଉଛଟେ ଅଛି
ଭୁଲି ଗୋ ପ୍ରିୟା ନନ୍ଦନ ଜନେ ।

ଶୁଣ ଗୋ ଦୂରେ ଯିବାର ପଥ
ଡାକଇ ମୋତେ; ତଥିର ରଥ;
ସର୍ବନାଶା ଡାକେ ନିରତେ
ଯାହାକୁ ସେ କି ରହେ ଘରେ ?

ଯାହାର ଏ ମଧୁର ବେଳ
ଉଚ୍ଛୁଳ ହେଲେ ହେବ ସଫଳ;
ମେଘର ସାଥେ ଝଡ଼ର ଖେଳ
ଦେଖି ତୋ କିଆଁ ଡରଣ ଅରେ ?

ଦୂରେଇ ମେଘେ ବିଜୁଳି ଗାର
ଏହି ତ ବେଳ ଅଭିସାରର,
ଯିବାକୁ ହେବ ପଥ ଅପାର,
ବାଟଟି ଆମ କେବେ ନ ସରେ ?

---

( ଦ୍ୱିତୀୟ ସ୍ତମ୍ଭର ଅବଶିଷ୍ଟାଂଶ )

ଏହାଶୁଣି ମାର୍ବଲ ଟେବଲର ଭାଗ୍ୟରେ ଯେତେଯେତେ ଦୃଶ୍ୟ, ଶ୍ରାବ୍ୟ ଓ ଘଟଣାମୂଳକ କଥା ଘଟିଥିଲା ତାହା କହିବାକୁ ସେ ପ୍ରତିଶ୍ରୁତ ହେଲା ।

ଏହି ଟେବଲ ଦମ୍ପତିଙ୍କର ଦିନ ଦିନକର ଅନୁଭବ ବିଷୟକ କଥାବାର୍ତ୍ତା ଆମେ କ୍ରମଶଃ ଉତ୍କଳର ପାଠକ ପାଠିକା ଓ ନାଗରଙ୍ଗା ଓ ନାଗରଙ୍ଗୀମାନଙ୍କୁ ଉପହାର ଦେବା ।

କ୍ରମଶଃ

Digitized by srujanika@gmail.com

# ୮ମ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା

୮୫୦ଙ୍କା ପୁରସ୍କାର ! ‘ଡଗର’ ପାଠକମାନେ ପାଇ ପାରିବେ । ୮୫୦ଙ୍କା ପୁରସ୍କାର !

ଦୁଇଅଣାର ପଇସିକଅ ଡାକଟିକଟ ସହ | ଦୁଇଅଣାର ପଇସିକଅ ଡାକଟିକଟ ସହ | ପ୍ରଥମ ଦୁଇଟି ସହ ବିନାମୂଲ୍ୟରେ

| | | | | | | |
|---|---|---|---|---|---|---|
| ୧ ପ | ୨ ସ | (ଓ) | ■ | ୩ | ୪ କା | ୫ ସ |
| ୬ ଇ | | ■ | ୭ | ■ | ୮ | ର |
| | ■ | ୯ | ବ | ୧୦ କ | ■ | |
| ■ | ୧୧ | ଗ | ■ | ୧୨ | ୧୩ ଠ | ■ |
| ୧୪ | ସ | ■ | ୧୫ | ■ | ୧୬ | ୧୭ ର |
| ନୁ | ■ | ୧୮ | ଲ | ୧୯ | ■ | |
| ■ | ୨୦ | ଣା | ■ | ୨୧ ବ | | ■ |

| | | | | | | |
|---|---|---|---|---|---|---|
| ୧ ମ | ୨ ରା | (ଓ) | ■ | ୩ | ୪ କା | ୫ ସ |
| ୬ ଇ | | ■ | ୭ | ■ | ୮ | ର |
| | ■ | ୯ | ବ | ୧୦ କ | ■ | |
| ■ | ୧୧ | ଗ | ■ | ୧୨ | ୧୩ ଠ | ■ |
| ୧୪ | ରା | ■ | ୧୫ | ■ | ୧୬ | ୧୭ ର |
| ନୁ | ■ | ୧୮ | ଲ | ୧୯ | ■ | |
| ■ | ୨୦ | ଣା | ■ | ୨୧ ବ | | ■ |

| | | | | | | |
|---|---|---|---|---|---|---|
| ୧ ପ | ୨ ରା | (ଓ) | ■ | ୩ | ୪ କା | ୫ ସ |
| ୬ ଇ | | ■ | ୭ | ■ | ୮ | ର |
| | ■ | ୯ | ବ | ୧୦ କ | ■ | |
| ■ | ୧୧ | ଗ | ■ | ୧୨ | ୧୩ ଠ | ■ |
| ୧୪ | ସ | ■ | ୧୫ | ■ | ୧୬ | ୧୭ ର |
| ନୁ | ■ | ୧୮ | ଲ | ୧୯ | ■ | |
| ■ | ୨୦ | ଣା | ■ | ୨୧ ବ | | ■ |

ନାମ ____________ ଠିକଣା ____________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । ସାମନ୍ତ ପୁରସ୍କାର ପାଇବାକୁ ଚେଷ୍ଟାକରି ପ୍ରତ୍ୟେକ ପ୍ରତିଯୋଗୀ ସମ୍ପାଦକଙ୍କ ନିକଟରେ ଅଧିକାଂଶ ସମୟରେ ଯାହା ହେବାର ଦେଖାଯାଏ ।

୩ । ଏହାଠାରୁ ରକ୍ଷା ପାଇବାକୁ ଚେଷ୍ଟା କରିବ କାହିଁକି ?

୬ । ପ୍ରେମିକାଠାରୁ ପ୍ରତିଦାନ ନ ପାଇଲେ ପ୍ରେମିକର ପ୍ରୀତି ଯାହା ହୁଏ ।

୮ । ଏହା କି କେବେ ଅମର ହୋଇପାରେ?

୯ । ଏହାର ରକ୍ତଅକ୍ଷ ନୟନ ମୁଗ୍ଧକର ହେଲେ ହେଁ ଏହାର ଯେ ଦହନ କରିବାର ଶକ୍ତି ଅଛି କେହି କେହି ତାହା ବୁଝିପାରନ୍ତି ନାହିଁ

୧୧ । ସାଧାରଣତଃ ଏମାନେ ଆକାଶରେ ବିଚରଣ କରିବାର ଦେଖାଯାନ୍ତି ।

୧୨ । ଦେବ ଦେବୀଙ୍କୁ ଏହା ବଡ଼ ଶୋଭାପାଏ ।

୧୪ । ମାଧ୍ୟାକର୍ଷଣ ଶକ୍ତି ନଥିଲେ ଯାହାର ଆକାଶରେ ରହିବା ଅସମ୍ଭବ ।

୧୬ । ନାରୀର —ଗ୍ରହଣ କରି ପୁରୁଷ ବାସ୍ତବିକ ଦୁର୍ବଳ ହୋଇ ପଡ଼େ ।

୧୮ । ଏହାର ଚାଳନ କୌଶଳରେ ସମ୍ପୂର୍ଣ୍ଣ ବ୍ୟକ୍ତି ପଥରେ ଶତ୍ରୁ ଦମନ କେତେମାନ ।

୨୦ । କୌଣସି ଶବ୍ଦ ଉଚ୍ଚାରିବେ ଏହା ହୋଇ ଥିଲେ ହେଁ କାର୍ଯ୍ୟାରମ୍ଭ ପୂର୍ବରୁ ପୁନରାୟ ତାହା ଶୁଣି ଦେବା ଉଚିତ ।

୨୧ । ଏହା ସର୍ବଦା ସବୁ ପକ୍ଷୀଙ୍କର ଆଶ୍ରୟସ୍ଥଳ ହୋଇ ନଥାଏ ।

## ଉପର ତଳ ଭାବରେ ।

୧ । ଏହା ଅଭାବରେ ଉପନ୍ୟାସ କାର୍ଯ୍ୟାରମ୍ଭ କରିବା ଏକାବେଳେକେ ଅସମ୍ଭବ ।

୨ । ଅତ୍ୟାଚାରୀ ଯେଉଁ ସମୟର ସୁବିଧା ସବୁବେଳେ ଖୋଜୁଥାଏ ।

୪ । ଏହାକୁ ଅପରାଧ ବୋଲି ନନେଲେ ମନୁଷ୍ୟ ଅନେକ ସମୟରେ ଭୁଲ କରିଥାଏ ।

୫ । ଏହାକୁ ସଜାଇ ରଖିଲେ ‘ଶଯ୍ୟା’ ହେବ

୭ । ଏହି ପୂଜାକର କେହି କେହି ଅସାଧାରଣ ଶକ୍ତି ଲାଭକରିବା କଥା କେତେକ ଲୋକଙ୍କ ମୁଖରୁ ଶୁଣାଯାଏ ।

୯ । ଶୁଦ୍ଧି ନିମନ୍ତେ ଏହାର ଜଳାନୁଷ୍ଠାନ କରିବା ବିଧି ତୁଲେଇ ।

୧୦ । ଏହା ଫୁଟିଲେ ଉତ୍ତମ ।

୧୧ । ଅସ୍ୱାସ୍ଥ୍ୟାବସ୍ଥାରେ ଏହା ବେଶୀ ଖାଇଲେ ରୋଗ ବୃଦ୍ଧି ହୁଏ ।

୧୩ । ଏହା ଯାହାଠାରେ ଥାଏ ତାହା ପାଖିରୁ ବେଳେ ବେଳେ ଲାଭ ମିଳେ ।

୧୪ । ଏଥିପାଇଁ ଉତ୍ତମରୂପେ ପରୀକ୍ଷା ନକଲେ ଏହା ଧାରଣକରି ରହିବା ସମସ୍ତଙ୍କ ପକ୍ଷରେ ସବୁବେଳେ ସମ୍ଭବ ନୁହେଁ ।

୧୫ । ପ୍ରକୃତ ଯୋଦ୍ଧା ଏହା ଦେଲେ ବିଶ୍ରାମ ନେଇ କୁଶଳ ଶକ୍ତିକୁ ଫେରିଯାଇଥାଏ ।

୧୭ । ଲୁଗା ଚିରିଗଲେ ଅନେକ ଲୋକ ଏହା କରିଦଅନ୍ତି ।

୧୮ । ଏହା ହୋଇଗଲେ ବାଟୋଇଙ୍କ ବଡ଼ ଅସୁବିଧା ହୁଏ ।

୧୯ । ତଳୁ ଉପରକୁ ପଢ଼ିଲେ ‘ବମ’ ହେବ ।

**(ପ୍ରବେଶିକା ଫିସ୍ ଖଣ୍ଡକୁ ୮ଂ।) ୮ମ ଶବ୍ଦଧନ୍ଦା ପ୍ରତିଯୋଗୀତାର ନୂତନ ନିୟମ । (ଶେଷ ତାରିଖ ୧୨ । ୭ । ୩୮)**

• ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏଁ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ଦେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ । (ଅନୁଗ୍ରହ ଦେଖନ୍ତୁ)

Digitized by srujanika@gmail.com

କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ପ୍ରଶ୍ନ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ପଜଲର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ୨୦୲ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ଟ୧୦୲ ପାଇବ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ଟ୩୲ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକି ଟ୧୮୲ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଅପରପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିକିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମ ଦୁଇଟି ପୂରଣ କରି ତହିଁ ସଙ୍ଗେ ଟ୦।୦ ର ପଇସିକିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଉପରୋକ୍ତ ନିୟମାନୁଯାୟୀ ଯେତେଇଚ୍ଛା ସେତେ ଉତ୍ତର ଦେଇ ପାରନ୍ତି । ଅର୍ଥାତ୍ ଅଧିକା ଗୋଟିଏ ପାଇଁ ଟ୦⁄, ଦୁଇଟି ପାଇଁ ଟ୦। ଓ ତିନୋଟି ପାଇଁ ମଧ୍ୟ ସେହି ଟ୦।୦ ର ପଇସିକିଆ ଡାକ ଟିକଟ ପଠାଇବେ । ଉପରୋକ୍ତ ଭାବରେ ଛଟି ଉତ୍ତର ଦେଇଥିବା ଅର୍ଥାତ୍ ଟ୦।୵ ଡାକଟିକଟ ପଠାଇ ଥିବା ପ୍ରତ୍ୟେକ ପ୍ରତିଯୋଗୀ ଘରେ ବସି ଶ୍ରୀମାନ୍ ନିତ୍ୟାନନ୍ଦଙ୍କର ନବ ପ୍ରକାଶିତ 'ମରମ' ପୁସ୍ତକ ଉପହାର ପାଇବେ । ସମସ୍ତ ଉତ୍ତର ୧୯୩୮ ମସିହା ଜୁଲାଇମାସ ୧୬ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୮ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆ ଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ପ୍ରତି ଭ୍ରୂକ୍ଷେପ କରାଯିବ ନାହିଁ ।

## ସତକଥା

ଅଷ୍ଟ୍ରିୟା ଦେଶରେ ଦିନେ ଜଣକ ଘରେ ରାତିରେ ଚୋର ପଶିଲା । ଚୋରଟି ଅନ୍ଧାରରେ ଅଣ୍ଡାଳ ଅଣ୍ଡାଳି କରୁଚି, ଏହି ସମୟରେ ଘରବାଲାର ଗୋଟାଏ ପୋଷା ଶିକାରି କୁକୁର ଛକିକି ଚୋରକୁ ମାଡ଼ିବସିଲା ଓ ତାର ଲୁଗା ଫାଡ଼ି ଜଂଘର ହାପୁଲେ ମାଉଁସ ଉଠାଇ ନେଲା ।

ଚୋରମହାଶୟ ଧରା ପଡ଼ିଲା ଓ ବିଚାରରେ ତାର ଜେଲ ହୋଇଗଲା । ଜେଲରୁ ଖଲାସ ହୋଇ ସେ ସେହି ଘରବାଲା ଉପରେ ଖେସାରତ ନାଲିସ କଲା କି ଏପରି ବଦମାସ ଓ ବିପଦ ଜନକ କୁକୁର ଘରେ ରଖି ସେ କାହିଁକି ତାକୁ ଶିକୁଳିରେ ବାନ୍ଧି ରଖି ନଥିଲା ଏବଂ ଯଦି ବା ତାହା କଲା, ସାବଧାନ କରିବା ପାଇଁ ଦୁଆରରେ ନୋଟିସ ନ ଦେଲା କାହିଁକି?

ମଜାର କଥା ଯେ ଏ ମକଦମାଟି ତାର ଡିକ୍ରି ହେଲା ଓ ଘରବାଲା ଖାମୁଡ଼ା କୁକୁର ଖୋଲା ରଖିଥିଲା ବୋଲି ଦଣ୍ଡ ପାଇଲା ।

## ଅଜାଙ୍କ ପତ୍ନୀ ଭକ୍ତି । (ନଂ ୨)



ଅଜା ଓ ଆଈ

ଆରାମ ଚେଅର ଦୋଳିରେ
ଅଧୁନିକା ପ୍ରେୟସୀ,
ଝୁଲୁଥିବେ ଯେବେ ଆହା ମୋ
କିବା ସରଗ ଶଶୀ ।

ପ୍ରିୟ ମୁଖେ ଦେଇ ଚୁମ୍ବନ—
ଦେବେ ସିଗାର ନଳେ,
ଖବର କାଗଜ ଦେଖିବେ
ଆମେ ପାଖକୁ ଗଲେ ।

କର୍ତ୍ତବ୍ୟ ତହିଁ ଟି ଆମର
ଚାହା ପିଆଇ ଦେବା,
ଧର୍ମ ଅର୍ଥ କାମ ସକଳ
ତାଙ୍କ ଚରଣ ସେବା ।

Digitized by srujanika@gmail.com



# ନୂଆସ୍ୱର

## ଆଦର୍ଶ ବିବାହ

ହିନ୍ଦୁଘରର ଦାମ୍ପତ୍ୟ ଜୀବନ ଅଳ୍ପ ଲୋକଙ୍କରୁ ନବେ ବହୁ ଅସୁଖରେ କଟେ । ଏ କଥା କହିଲେ କେହି ଅସ୍ୱୀକାର କରିବେ ନାହିଁ । ଏହାର ମୁଖ୍ୟ କାରଣ ଜାତକ ! ଏହି ଜାତକ ଉପରେ ଅନ୍ଧ ବିଶ୍ୱାସ ରଖି ପିତା ମାତା ଯେଉଁ ପାଶବିକ ବନ୍ଧନରେ ଦୁଇଟି ପ୍ରାଣୀଙ୍କୁ ଅବଦ୍ଧ କରି ରଖି ଦିଅନ୍ତି ତାର ବିଷମୟ ଫଳ ପିତା ମାତା ଭୋଗନ୍ତି ନାହିଁ, ଭୋଗନ୍ତି ତାଙ୍କର ସନ୍ତାନ ସନ୍ତତିମାନେ । ତେଣୁ ଶିକ୍ଷିତା ନାରୀମାନଙ୍କ ମଧ୍ୟରୁ ଯେଉଁ ମିସି ହେବା ବା ଅବିବାହିତ ରହିବା ଆନ୍ଦୋଳନ ଚାଲିଛି ଏ ପ୍ରକାର ବିବାହ ଅପେକ୍ଷା ତାହା ବରଂ ଭଲ । ବିବାହଟାକୁ ଅଭିଭାବକମାନେ ଅତି ସାମାନ୍ୟ ବିଷୟ ମନେ କରନ୍ତି । ପିଲାମାନେ ଯେପରି କୁଣ୍ଢେଇ ବାହାଘର କରି ଆନନ୍ଦ ଉଠାନ୍ତି ଅଭିଭାବକମାନେ ମଧ୍ୟ ପୁଅ ଝିଅଙ୍କର ବିବାହକୁ ଗୋଟାଏ ଖେଳ ଘର ମନେ କରି ଥାନ୍ତି । ଫଳରେ ସ୍ତ୍ରୀ ଜାତି ହିଁ ବେଶୀ ଦୁର୍ଦ୍ଦଶା ଭୋଗ କରେ । କାରଣ କନ୍ୟା ବର ଠାରୁ ଅଳ୍ପ ବୟସ୍କ ହେବାର ଯେଉଁ ବିଧି ତା ଫଳରେ ମାତୃ ଗର୍ଭରେ ଥିବା ବେଳରୁ ମଧ୍ୟ ସେମାନଙ୍କର ବିବାହ ହୋଇଥାଏ । ଆମ ଶାସ୍ତ୍ର କହୁଛି—'ଅଷ୍ଟବର୍ଷା ଭବେତ୍ ଗୌରୀ ।' ପୁରୁଷ ଜାତି ଦ୍ୱାରା ଲିଖିତ ଏହି ଶାସ୍ତ୍ରୋକ୍ତି କେବଳ ନାରୀର ନୁହେଁ ସମଗ୍ର ଜାତିକୁ ଯେ କେତେ କ୍ଷତି ସାଧନ କରି ପକାଇଛି ତାହା ଭୀମ ଅର୍ଜ୍ଜୁନଙ୍କର ବଂଶଧର ଦୁର୍ବଳଚିତ୍ତ ପଣ୍ଡୁମାନଙ୍କର ବଂଶଧରଙ୍କୁ ବୋଧହୁଏ ଅଜ୍ଞ ବୁଝିବାକୁ ବାକି ନ ଥିବ । ୧୯୨୧ ମସିହାର ଜନ ଗଣନାରୁ ଜଣା ଯାଉଛି ଯେ ଭାରତରେ ଏକ ବର୍ଷରୁ କମ ପୁରୁଷ ୭୧୨୧୯ ଓ ସ୍ତ୍ରୀ ୯୦୭୭ ବିବାହିତ, ୧ବର୍ଷରୁ ୨ବର୍ଷ ଭିତରେ ପୁ: ୩୭୮୬ ଓ ସ୍ତ୍ରୀ ୧୧,୫୧୫, ୨ ବର୍ଷରୁ ୩ ବର୍ଷ ଭିତରେ ପୁରୁଷ ୨୭୪୮୪ ଓ ସ୍ତ୍ରୀ ୩୨୧୧୭, ୩ ବର୍ଷରୁ ୪ ବର୍ଷର ପୁରୁଷ ୨୮୧୧୫ ଓ ସ୍ତ୍ରୀ ୬୦୭୫୫ ୪ରୁ ୫ବର୍ଷ ଭିତରେ ପୁରୁଷ ୫୧୭୭୭ ଓ ସ୍ତ୍ରୀ ୧୯୪୮୫୦, ୫ ବର୍ଷରୁ ୧୦ ବର୍ଷ ଭିତରେ ପୁରୁଷ ୭୫୬୪୦୫ ଓ ସ୍ତ୍ରୀ ୨୦୧୭୭୮୭, ୧୦ରୁ ୧୫ ବର୍ଷ ଭିତରେ ପୁରୁଷ ୨୩୪୪୦୭୭ ଓ ସ୍ତ୍ରୀ ୬୩୩୦୨୦୭ ବିବାହିତ ଦେଖିବାକୁ ମିଳନ୍ତି । ଫଳରେ ଆଜି ଏ ଦେଶରେ ୧୫ବର୍ଷରୁ କମ ୩୦ ଲକ୍ଷ ବିଧବା ଅଛନ୍ତି, ଯେଉଁମାନଙ୍କର ତପ୍ତ ନିଶ୍ୱାସ ଅବିରତ ଏ ନିଷ୍ଠୁର ସମାଜକୁ ଅଭିଶପ୍ତ କରି ରଖିଛି । ପୂର୍ଣ୍ଣ ଯୌବନ ପ୍ରାପ୍ତ ମାତୃ ଗର୍ଭରୁ ପତିତ ହୋଇ ଶତ ହଜାରରେ ୨୧୨ ଏକ ବର୍ଷ ବୟସ ମଧ୍ୟରେ ଶିଶୁ ମୃତ୍ୟୁର କବଳ ମୁଖରେ ପତିତ ହୁଅନ୍ତି । ଏ ଶିଶୁ ହତ୍ୟା, ଏ ସ୍ତ୍ରୀ ହତ୍ୟା ପାପର ଦାୟୀ କିଏ ? ନିଉଜିଲେଣ୍ଡ ପ୍ରଭୃତି ଦେଶରେ ଲୋକଙ୍କର ପରମାୟୁ ହାରାହାରି ଯେଉଁଠି ଷାଠିଏ ବର୍ଷ ସେ ସ୍ଥଳରେ ଆମଦେଶରେ ହାରାହାରି ଜୀବନ କାଳ ୨୨ ବର୍ଷ । ଏ ସବୁ ଯେ ଆମ୍ଭମାନଙ୍କର ପ୍ରଚଳିତ ବିବାହିତ ଜୀବନର ବିଷମୟ ପରିଣାମ ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ ।

ସୁତରାଂ ଆମ୍ଭମାନଙ୍କର ବିବାହର ଆଦର୍ଶ କ'ଣ ହେବା ଉଚିତ ତାହା ଭାବିବା ଉଚିତ ।

କ୍ରମଶଃ—

## ଗେରେସେଇ ଘରୁ

ପୁରି ( ବଙ୍ଗଳାରେ ଲୁଚି ) ଏକ ପ୍ରକାର ଜଳଖାଦ୍ୟ । ଭାତ ପରିବର୍ତ୍ତରେ ଏହା ଖିଆଯାଏ । ଏହା ଅଟା ବା ମଇଦାରେ ତିଆରି ହୁଏ । ମଇଦା ଦେହରେ ଦୁଇ ତିନ ଚାମଚ ଘିଅ(ମମ୍) ଦେଇ ପ୍ରଥମେ କାଠ ପତିଲରେ ଦଳିବାକୁ ହୁଏ । ତା ନ କଲେ ପୁରି ବଡ଼ ଟାଣ ହୁଏ । ତାପରେ ପୁଣି ପାଣି ଦେଇ ଦଳିବାକୁ ହୁଏ । ଯେପରି ବେଶୀ ପାଣିଆ ନ ହୁଏ ଓ ବେଶୀ ଶୁଖିଲା ନ ହୁଏ । ତାପରେ ଛୋଟ ଛୋଟ ଗୋଟିଏ ଗୋଟିଏ ଗୋଟଳା କରି ଦେବାକୁ ହୁଏ । ସେହି ଗୋଟଳାକୁ ପୁଣି ହାତ ପାପୁଲିରେ ଅଳ୍ପରେ ଚାପି ଚେପଟା କରି ଦେବାକୁ ପଡ଼େ । ଏହା ଦେହରେ ବେଶୀକ୍ଷଣ ପବନ ବାଜି ଶୁଖି ନ ଗଲା ପୂର୍ବରୁ କଡ଼େଇରେ ଘିଅ ଗରମ, ଘିଅ ଖୁବ୍ ତାତି ଗଲେ, ବେଲଣା ପେଡ଼ି ଓ କାଠ ସାହାଯ୍ୟରେ ଗୋଲ ଗୋଲ ପିଠା କରି ତହିଁରେ ଛାଡ଼ି ଦେଲେ, ତାହା ଫୁଲି ଉଠେ । ତାହାକୁ ଜାଲି ଚଟୁରେ ଛାଣିଆଣିଲେ ଖାଇବାର ଉପଯୋଗୀ ହୁଏ । ପୁରି ଗରମ ଗରମ ଖାଇଲେ ଭଲ ଲାଗେ ଓ ବେଶୀ ଖାଇହୁଏ । ଲୁଚି ସହିତ ବୁଟ ଡ଼ାଲି, ମାଂସ ଝୋଳ ପ୍ରଭୃତି ଖାଇଲେ ଭଲ ଲାଗେ ।

'ଗୃହିଣୀ'

## କୁତୁକୁତୁ

( ୧ )

ମାଷ୍ଟ୍ରେ—ସୃଷ୍ଟି, ବଚନ କେତେ ପ୍ରକାର କହ ତ ?

ସୃଷ୍ଟି—ବଚନ ? ବଚନ ଦୁ-ଇ ପ୍ରକାର

ମାଷ୍ଟ୍ରେ— କଅଣ, କଅଣ ?

ସୃଷ୍ଟି—ଉଁ - ଉଁ - ଉଁ

ମାଷ୍ଟ୍ରେ—ଗୋଟିକର ନାମ ବହୁବଚନ, ଅନ୍ୟଟି ?

ସୃଷ୍ଟି—ଅନ୍ୟଟି ?…ଶାଶୁ ବଚନ ।

( ୨ )

ମୁଁ ଯାଇଥିଲି ଜଣେ ଫଟୋଗ୍ରାଫର ପାଖକୁ ବାପାଙ୍କ ସାଙ୍ଗରେ । ମୋର ଫଟୋଟା ଦେଖି ବାପା କହିଲେ "ହାତର ଅଙ୍ଗୁଳିକୁ କ'ଣ କାଟିଗଲୁ ? ସ୍ୱାଙ୍କୁ ଟିକେ ଭଜିତ କରି ଦିଅନ୍ତୁ ।" ଆମ ଗୁରୁଙ୍କ କ୍ଷିପ୍ତ—"ଆଜ୍ଞା, ଓାକ୍ତର ବାବୁଙ୍କୁ ଡାକିବି ?"

ବାଂଶୀ—

Digitized by srujanika@gmail.com




## ନବଭାରତ ୪ର୍ଥ ବର୍ଷ ୧୦ ସଂଖ୍ୟା

ନବଭାରତ ତାର ସମ୍ପାଦକୀୟ ପାଇଁ ପ୍ରସିଦ୍ଧ ଏ ଉକ୍ତିର ସତ୍ୟତା ଏ ସଂଖ୍ୟାରେ ପ୍ରମାଣିତ ହୋଇଛି । ଦାସେ ଅପର୍ଣ୍ଣେଙ୍କର ଚିନ୍ତା ପୂର୍ଣ୍ଣ ଆଲୋଚନାହିଁ ଏ ସଂଖ୍ୟାରେ କହିବାକୁ ଗଲେ ଏକମାତ୍ର ପଠିତବ୍ୟ ଏବଂ ପ୍ରଣିଧାନ ଯୋଗ୍ୟ ବସ୍ତୁ ।

ଏ ସଂଖ୍ୟାରେ ପ୍ରକାଶିତ କୌଣସି ସୁନ୍ଦର କବିତା ଦେଖିଲୁ ନାହିଁ । ଗଳ୍ପ ଭିତରେ ଗୋଟିଏ । ତେଣୁ ଏରଣ୍ଡୋଽପି ଦ୍ରୁମାୟତେ । ଲେଖକଙ୍କର ଛଦ୍ମ ବେଶର କାରଣ ଆମ୍ଭେ ବୁଝି ପାରିଲୁ ନାହିଁ ।

ନୀଳକଣ୍ଠଙ୍କର ପାଣ୍ଡିତ୍ୟ ବିଷୟ ନେଇ ଓଡ଼ିଶାରେ କେହି କେବେ ବିତର୍କ କରିଥିବାର ଆମେ ଶୁଣି ନାହୁଁ । ବରଂ ତାଙ୍କପରି ଜ୍ଞାନୀ ଲୋକ ଓଡ଼ିଶାରେ କମ୍ ଏହା କେହି ଅସ୍ୱୀକାର କରିବ ନାହିଁ । ତଥାପି ଯେ ତାଙ୍କର ସାହିତ୍ୟ ସଭାର ସଭାପତି ଅଭିଭାଷଣରେ ସେ କାହିଁକି ନିଜକୁ ଭାଷା ତତ୍ତ୍ୱବିତ୍, ଐତିହାସିକ, ବୈୟାକରଣିକ, ଲେଖକ, ଭାବୁକ ଦାର୍ଶନିକ କବି ଏକା ଥରରେ ସବୁ ପ୍ରମାଣିତ କରିବାକୁ ଗଲେ ତାହା ଆମ ଭଳି ମୂର୍ଖ ସାଧାରଣମାନଙ୍କ ବୋଧଗମ୍ୟ ନୁହେଁ । ଫଳରେ ଅଭିଭାଷଣଟି ପଢ଼ି ସାରିଲେ ପାଠକ ଯେ ପରିଶେଷରେ କେଉଁଠି ଯାଇଁ ପହଞ୍ଚେ ବା କେଉଁ ସିଦ୍ଧାନ୍ତରେ ଉପନୀତ ହୁଏ ତାହା ସେ ନିଜେ ମଧ୍ୟ ବୁଝିପାରେ ନାହିଁ । ତାହାଛଡ଼ା ପଣ୍ଡିତେ ଯେଉଁ ଲୋକଭାଷା ପ୍ରଚଳନର ପକ୍ଷପାତୀ ଆମେ ସମ୍ପୂର୍ଣ୍ଣ ରୂପେ ସଭ୍ୟ ସାହିତ୍ୟରେ ତାହାର ଅବାଧ ପ୍ରବେଶକୁ ଅନୁମୋଦନ କରିପାରୁ ନାହିଁ ।

'ମାନବ ଜଗତରେ ଧାରା' ଶୀର୍ଷକ ପ୍ରବନ୍ଧ ସମ୍ବନ୍ଧରେ ଏତିକି କହି କ୍ଷାନ୍ତ ହେଲେ ଯଥେଷ୍ଟ, ହେବ ଯେ ଗୁରୁ ବିଷୟଟିକୁ ଖୁବ୍ ସରଳରେ ପ୍ରକାଶ କରିବାହିଁ ଲେଖକର ବାହାଦୁରି । ଲେଖକ ତତ୍ପ୍ରତି ଦୃଷ୍ଟି ଦେଇଥିଲେ ପ୍ରବନ୍ଧଟି ବଡ଼ ଉପାଦେୟ ହୋଇଥାନ୍ତା ।

ଏ ସଂଖ୍ୟାର ଆଉ ଯେଉଁ ପ୍ରବନ୍ଧଟି ଉପରେ ଆଖିପଡ଼େ ତାହା ହେଉଛି ପାଣିଗ୍ରାହୀଙ୍କର ପାଣିପଟା ପ୍ରବନ୍ଧ 'ଶ୍ୟାମପାଗଳା' ପ୍ରବନ୍ଧର ପ୍ରଥମରେ ତର୍ଜନ ଗର୍ଜନଟା ସେଥିପାଇଁ ଭଲ ଲାଗିଲା ନାହିଁ । କିନ୍ତୁ ଉପସଂହାରରେ ସେ ଯେଉଁ ସତ୍ୟ ଅମ୍ଭମାନଙ୍କର ସମକ୍ଷରେ ଉପସ୍ଥାପିତ କରିଛନ୍ତି ସବୁଦିନେ ଅମ୍ଭେମାନେ ତାର ସମର୍ଥକ । ବାସ୍ତବିକ, ବଡ଼ ଲୋକଙ୍କୁ ମହାପୁରୁଷ ବୋଲି ସମ୍ମାନ କରିବା ସ୍ୱାଭାବିକ ଏବଂ ଉଚିତ ବୋଲି ତାଙ୍କ ପାଦତଳେ ବ୍ୟକ୍ତିତ୍ୱ ଭସାଇ ଦେବାଠାରୁ, ଗୋଲାମି ଆଉ ଅସାମ୍ୟତା ବା ଅପ୍ରାକୃତିକ ଆଉ କିଛି ନାହିଁ ।

## ସହକାର ୧୯ଶ ଭାଗ ୧ମ ସଂଖ୍ୟା

ନୂଆବର୍ଷର ନୂଆ ସଂଖ୍ୟା ପାଇଲୁ । ପ୍ରଚ୍ଛଦପଟର ଚିତ୍ର ଟଣ୍ଡିକି ଦେଖି ଆମକୁ ସହକାରର ଅର୍ଥ ପାଇଁ ପହରାଜଙ୍କ କୋଷ ଅନୁସନ୍ଧାନ କରିବାକୁ ପଡ଼ିଲା । ତହିଁରୁ ଯେତେ ଗୁଡ଼ିଏ ଅର୍ଥ ପାଇଲୁ ପ୍ରଚ୍ଛଦ ପଟର ନବ ପ୍ରକାଶିତ ଚିତ୍ରରେ ତାହାର ପ୍ରତୀକର କୌଣସି ଚିହ୍ନ ବର୍ତ୍ତି ମିଳିଲା ନାହିଁ । ଉପରେ ସୂର୍ଯ୍ୟୋଦୟ । ଶତ ଶତ ବର୍ଷ ପରେ ମଧ୍ୟ ସାହିତ୍ୟର ଏହି ସୂର୍ଯ୍ୟୋଦୟ କ'ଣ ଲୁଚିଥିବ ? ଅବା ଏକୋନ ୨୦ବର୍ଷ ପରେ ମଧ୍ୟ ସହକାରର ନବୋଦୟ ଚିତ୍ର ଏ ? ତଳ ଭାଗରେ ସତରଞ୍ଜୀ ଉପରେ ଗୋଟିଏ ସ୍ୱାଗତ ଲେଖା ଥିଲେ ଅନେକ ପାଠକ ପାଠିକା ଲେଖକ ଲେଖିକା ତାହା ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତେ ।

ଅଭ୍ୟନ୍ତରର ମାଲ ମସଲା ଭିତରୁ ଏକ ତୃତୀୟାଂଶ ସମ୍ପାଦକୀୟ ଚେୟାର ଅତ୍ରୁ ଆସିଛି । ବାକୀ ୫୦୧୯/୮ ପାହରୁ ତିନୋଟି ପଦ୍ୟ । ଶଚୀ ବାବୁଙ୍କ ପଦ୍ୟ ଦୁଇଟି ମନ୍ଦ ହୋଇ ନଥିଲେ ମଧ୍ୟ ଆଗ ଆଗ ପଦ୍ୟମାନଙ୍କ ପରି ଖଜାଖିଆ ପାଠକ ସେପରି ମଜା ଲାଗିଲା ନାହିଁ । ଆଶା-ମଞ୍ଜରୀଙ୍କ ପଦ୍ୟ ପଢ଼ି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ଆଶା ହୁଏ ।

ଗଳ୍ପ ଦ୍ୱୟଙ୍କ ଭିତରେ ବୈକୁଣ୍ଠ ବାବୁଙ୍କ 'ପାଷାଣ ପ୍ରତିମା'ଟି ଶେଷରେ ଥିଲେ ମଧ୍ୟ ଶୀର୍ଷ ସ୍ଥାନ ଅଧିକାର କରିବ । 'ଦୁଇଟି ଛନ୍ଦ'ର ଶେଷ ମୂର୍ଚ୍ଛନାଟି ଅତି ଚମତ୍କାର ହୋଇଛି ।

ପ୍ରବନ୍ଧ ଗୁଡ଼ିକ ଭିତରୁ ନବ ବାବୁଙ୍କର 'କଳା ଓ ଜୀବନ' ତଥା ଡାକ୍ତର ବ୍ରଜବିହାରୀଙ୍କ 'ଆକର୍ଷଣର ଅଭିବ୍ୟକ୍ତି' ଉଭୟେ ଉପାଦେୟ । ଡାକ୍ତରଙ୍କ ଲେଖା ଆଉ ଟିକିଏ ଦୃଷ୍ଟାନ୍ତ ସହ ସରଳ ହୋଇଥିଲେ ବୋଧହୁଏ ଅଧିକ ଭଲ ହୋଇଥାନ୍ତା ।

ବିନୋଦ ବାବୁଙ୍କର କମ୍ୟୁନିଷ୍ଟ ବିପ୍ଳବ ଓ କବିତା ପ୍ରବନ୍ଧ ପଢ଼ିଲୁଁ । ବିନୋଦବାବୁ ସାମ୍ୟବାଦ ପ୍ରଭାବ କବିତା ବିଶ୍ଳେଷଣକୁ ସମର୍ଥନ କରୁଥିବାର ସେପରି ସ୍ପଷ୍ଟ ମତ ଆମେ ଦେଖିଲୁ ନାହିଁ । ତଥାପି ତାଙ୍କୁ ଏତିକି କହୁଁ, ଯେ ବିଜ୍ଞାନ ଯେଉଁଦିନ ମଣିଷର ହୃଦୟର ମାୟା ମମତା ସ୍ନେହ ପ୍ରୀତିକୁ ମଧ୍ୟ ବିଶ୍ଳେଷଣ କରି ତା ଭିତରେ ଥିବା କୀଟ କୀଟାଣୁଙ୍କୁ ଅଣୁବୀକ୍ଷଣରେ ଦେଖିବାକୁ ସମର୍ଥ ହେବ କେବଳ ସେହିଦିନହିଁ କବିତାର ସରସତାର ବିଶ୍ଳେଷଣ କରିବାକୁ ସମର୍ଥ ହୋଇପାରେ ।

---

### ଯଦି—

ସୌନ୍ଦର୍ଯ୍ୟ ଯଦି ବର୍ଦ୍ଧକ ହୁଅନ୍ତା···ଫେସନ ହୁଅନ୍ତା କାବଲୁସ୍ + +

ମୁସୋଲିନୀ ଯଦି ମା କାଳୀ ହୁଅନ୍ତେ··· ମି. ଇଡ଼େନ ହୁଅନ୍ତେ ଘଣ୍ଟ ଘଣ୍ଟ । + +

ଅଷ୍ଟ୍ରିଆ ଯଦି ବେଙ୍ଗ ହୁଅନ୍ତା···ହିଟଲର ହୁଅନ୍ତେ ଅହିରାଜ । × +

ଭାଷାକୋଷ ଯଦି ମହୁବସା ହୁଅନ୍ତେ··· ପହରାଜେ ହୁଅନ୍ତେ ମହୁମାଛି । + ×

ଗାନ୍ଧିଯଦି ମୁସଲମାନ ହୁଅନ୍ତେ—ହିନ୍ଦୁ ମୁସଲମାନ ଗୋଳ ମେଣ୍ଟି ଯାଆନ୍ତା । ×

ଜିନ୍ନା ଯଦି ତବଲଚି ହୁଅନ୍ତେ ···ଗାନ୍ଧିଜୀ ବାଇଜୀ ହୋଇ ଖେମଟା ନାଚନ୍ତେ । +

ଡେନ୍ ଯଦି ଲାଟ ହୋଇଥାଆନ୍ତେ···ସତୀତ୍ୱ ରକ୍ଷା ପାଇଁ ରାଣୀମାନେ ତଲାକ୍ ଦେଇଥାନ୍ତେ ।

\+ + ×

Digitized by srujanika@gmail.com



**ସମ୍ପାଦକ ମହାଶୟ,**

ଢଥାରେ କହନ୍ତି "ଓଡ଼ିଆମାନେ ଦାନ୍ତ ନେଇ, ବିନା ମାଡ଼ରେ ଦେନ୍ତା ନାହିଁ।" କଥାଟା ବାଲକୁଲ ଠିକ । ଓଡିଆଙ୍କ ଘରେ ପଇସା ନାହିଁ—ଏ କଥାଟା କହିବା ଖାଲି ମିଛ । ଅନ୍ୟ ପାଞ୍ଚଟା ଦେଶରେ ଯେପରି, ଓଡିଶାରେ ମଧ୍ୟ ସେହିପରି, ଥୋଡ଼େ ଲୋକଙ୍କ ଅଣ୍ଟାରେ ପଇସା ଗଜଗଜ ହଉଚି, ଅଉ ବେଶୀଭାଗ ଲୋକେ ଗଣ୍ଡ ମରୁଚନ୍ତି । ଖାଲି ଏତିକି ପ୍ରଭେଦ ଯେ ଅନ୍ୟମାନେ ପଇସା ସଞ୍ଚି ଜାଣନ୍ତି, ଖର୍ଚ୍ଚ କରି ଜାଣନ୍ତି, ଆମେ ସଞ୍ଚି ଜାଣୁନାହିଁ କି ଖର୍ଚ୍ଚ କରି ଜାଣୁ ନାହିଁ । ମୁଁ ବଙ୍ଗାଳି, ବିହାରି, ମାରୱାଡି ପ୍ରଭୃତି ଜାତିର କେତେ କେତେ ଲୋକଙ୍କର ତାହା ପ୍ରତ୍ୟକ୍ଷରେ ଯୋଗ ଦେଇଛି । ସେମାନଙ୍କର ପଇଁଶିଟା ଠାରୁ ଅନ୍ତ୍ୟେଷ୍ଟିର ବେଭାର ବାଦଣି ପର୍ଯ୍ୟନ୍ତ ସବୁଥିରେ ପଇସାଟି କମିତ ରହିବ ସେଥି ଦୃଷ୍ଟିରୁ। ହଜାର ହଜାର ଲୋକ ନିମନ୍ତ୍ରଣ ପାନ୍ତି । ଯେ ଆସିଲେ ତାକୁ ଅତର ଟିକିଏ ଘଷିଦେଇ, ଗୋଟାଏ ସର୍ବତ, ଦାନାରେ ବା ଅତି ସଭ୍ୟ ହେଲେ ପ୍ଲେଟରେ ଦାଗୁରେଟ୍ ଏଣ୍ଡୁ ଡେଣ୍ଡୁ ଗୁଞ୍ଜେଇ ଦେଇ, ଗୋଟାଏ ଅଧେ ସଙ୍ଗୀତ, ଗୋଟାଏ ଅଧେ ବାଇନାଚ ଦେଖାଇ ଦେଇ କାମ ଫତେ ହୋଇଗଲା । କେହି ଯେବେ ପଦ୍ମପକାଇଲେ ତେବେ ମୁଠାଏ ପଲାଉ, ଟିକିଏ ଡାଲି, ଟିକିଏ ପନିର ତଅଣ, ଗଣ୍ଡେ ଭଜା, ଶନେ ସାଗ ଖଣ୍ଡା ଦେଇ ଗେଟ୍‌ଫେଲ ତାଙ୍କୁ ଆରମ୍ଭ କରିଦେଲେ । ସେତକ ସବୁ ଦୋଅଡ଼ ଲଗିଲା ବେଳକୁ ମଚ୍ଛଂଧାଳ, ମାଉଁସଂଧାଳ ଥରେ ଥରେ ଲଗିଗଲା । ପତରେ ବଳିବାର ନାହିଁ, ଅଥଚ ତାହାର ପେଟକୁ ନିଅଣ୍ଟ ହବାର ନାହିଁ । କେହି କେହି ଭାବିବେ ମୁଁ ବଡଦେଶୀ ଗଉଡମଲ ଚଇତଟଙ୍କ ଘରେ ଖାଇ ଏପରି ଗୋଟାଏ ନିମକହାରାମି ଧାରଣା କରି ବସିଚି । ଏଥିରେ ନିମକହାରାମି କିଛି ନାହିଁ । ମୁଁ ତାଙ୍କର ଖାଇଚି, ତାଙ୍କର ଗୁଣ ଗାଉଚି । ଲାଗିଥୋଇ ଖର୍ଚ୍ଚ କରିବା କୃପଣତା ନୁହେ ଜାଣିଲବାଲାର କାମ । ଅଉ ସେମାନେ ପଉମଲ ନୁହନ୍ତି, ତାଙ୍କ ଭିତରେ ୧୦ । ୧୫ ଲକ୍ଷ ଟଙ୍କା ଅୟର ଜମିଦାର ଠାରୁ ଆରମ୍ଭ କରି ୫୦।୬୦ ଉପର ଇନକମ ଟିକସ ଦବାବାଲା ବ୍ୟବସାୟୀ ପର୍ଯ୍ୟନ୍ତ ।

ଖାଲି କଥାଟା ହଉଚି ଯେ ସେମାନେ ଏଇ ଭୁଇଁକି ଗୁହିଁ ପାଦଗଣି ଗଣି ଚାଲନ୍ତି, ଅଉ ଆମେ ମୁଣ୍ଡଟାମାନ ସପ୍ତ ସ୍ୱର୍ଗରେ ରଖି ବାମନ ପାଦରେ ସ୍ୱର୍ଗ ପାହୁଲ ପକେଇବାକୁ ଚେଷ୍ଟା କରୁଁ । ସେମାନେ କଥାର ମରମକୁ ପାଇ ପାରନ୍ତି, ଆମେ ଖାଲି ଉପର ଚୋକୁଅ ବା ଖୋଲପାରେ ଭେଣ୍ଡିଭେଣ୍ଡି ହାଇଁ ହାଇଁ ହଉଥାଉଁ । ଅପର ସବୁ କଥାରେ ସହଜ ରାସ୍ତା ହାତ ପଡେଇଦବା । ଘରେ ଖାଇବାକୁ ନାହିଁ, ଦାଗୁରିଘର ଜାନପଡେଇ ବୁଲି ଅସିଲେ ହେଲା; ଲୋକେ ବଡ଼ି ମରୁଡି ଦୁର୍ଭିକ୍ଷରେ ମରୁଚନ୍ତି, ମାଡଓ୍ୱାଡ଼ି ଶିଳ୍ପ ଯୋଗାଇଛି, ବିବେକାନନ୍ଦ ଯୋଗାଇଛି, ମହାତ୍ମା ଗାନ୍ଧି, ଠକ୍କର ବାପ୍ପା ଭାରତ ସରକାର ସମସ୍ତଙ୍କ ଦୁଆରେ ନତମସ୍ତକ ହୋଇ ଭିକ୍ଷାଥାଳି ନେଇ ଠିଆ ହୋଇଯିବା; ବିହାରରେ ଓଡିଆଙ୍କର ନାଁ ବୁଡ଼ିଯିବା ଉପରେ, ବିହାର ରାଜେନ୍ଦ୍ର ପ୍ରସାଦଙ୍କ ପ୍ରଖରେ ଦାନ୍ତ ନିକୁଟାଇବା । କଲିକତାରେ ଓଡିଆ କୁଲି ମଜୁରିଆଙ୍କ ତୋଟି ଚପା ହଉଚି, କଲିକତିଆ ସୁଭାଷଚନ୍ଦ୍ର ବୋଷଙ୍କ ଗୋଡ଼ତଳେ ନେହୁରା ହବା । ଏ ଜାତିଟା ଦ୍ୱାରା କି ଏସବୁ କାମର କିଛି ବନ୍ଦୋବସ୍ତ ହେଇ ପାରେ ନାହିଁ ? ନିଜ ଗଡବଖାଟି ନିଜର ପ୍ରାଣଟା କି ଆପେ ଜାଳେ ବସ୍ତି ପାରିବୁ ନାହିଁ ? ଭିକମାଗିବା ଛଡା କି ପେଟ ପୋଷିବାର ଅଉ ଅନ୍ୟ ଉପାୟ ନାହିଁ? ଅଛି । ମୁଁ କହିବି । କିନ୍ତୁ ଶୁଣିବ କିଏ ? ଶୁଣିଲେ ବା କରିବ କିଏ । ଯାହା ଆମ କର୍ତ୍ତାମାନଙ୍କ ମୁଣ୍ଡରୁ ନ ବାହାରିଚି, ସେଗୁଡ଼ାକ ସବୁ ବାଜେ । ଏ ଅହଂକାରଟା ଆମର ଅଛି ପୂରା ମାତ୍ରାରେ । କିନ୍ତୁ ସେଇଟା ନିଜ ଜାତିଭାଇଙ୍କ ପାଇଁ । ଗୋଟାଏ ଓଡ଼ିଆ ଯାହା କହିବ, ତାହା ଅନ୍ୟ ଓଡ଼ିଆଙ୍କୁ ଗଲେଇବ । କିନ୍ତୁ ସେଇ କଥାଟା ତେଲଙ୍ଗା ବିଶ୍ୱସରିଆ, ବିହାରି ମନୋହର ଲାଲ, ବଙ୍ଗାଳି ପ୍ରମଥବାନର୍ଜି, କି ଇଂରେଜ ଟମ ଡିକ୍‌ହାରି କହନ୍ତୁ, ଆମେ ମୁଣ୍ଡ ପୋତି ଠାକୁରଙ୍କ ଚନ୍ଦନପରି ବେଦର ଗାରପରି ମାନିନବୁ । ବିଦେଶରେ ଆମେ ମାଇମୁହାଁ, କିନ୍ତୁ ନିଜଦେଶରେ ଆମେ ଷଣ୍ଢ । ମୁଁ ଏକଥା ବୁଝୁଚି, ତଥାପି ଗୁଡ଼ାଏ ବୋବେଇ ହେଉ ମରୁଚି କାହିଁ, ଜାଣ ? ଏଟା ମୋ ସ୍ୱଭାବ ଦୋଷ, ଦ୍ୱିତୀୟରେ ମୋର ଏତିକି ଗର୍ବ ଅଛି ଯେ ମୁଁ ବିଶ୍ୱସରିଆ, ମନୋହର ବା ପ୍ରମଥ ବାନାର୍ଜିଠାରୁ କମ ବୁଦ୍ଧିଆ ନୁହେ, କମ ପଣ୍ଡିତ ନୁହେ । ମୋର ଯାହା ଅଛି, ତାହା ଜଗନ୍ନାଥଙ୍କର ଦାନ । ତାଙ୍କୁ କମ ବୋଲି କହିବାରେ ମୁଁ ଜଗନ୍ନାଥଙ୍କୁ ଅପମାନ କରିବି । ତୁମେ ମତେ ଅହଂକାରୀ ବୋଲି କହିପାର; କିନ୍ତୁ ମୋର ଯାହାଅଛି ତାକୁ ନମାନିବା, ଜଗନ୍ନାଥଙ୍କ ଦତ୍ତ ବୁଦ୍ଧିକୁ ପର ପାଖରେ ଛୋଟ କହିବା, ସତ୍ୟର ଖାତିରି, ବିନୟ ହୋଇପାରେ, କିନ୍ତୁ ସେ ଅସତ୍ୟ, ସୁତରାଂ ପାପ । ତୁମେ କହିପାର, ତୁମକୁ ତ ଅନ୍ୟମାନେ ବଡ଼ କହୁ ନାହାନ୍ତି, ତୁମେ ନିଜେ ନିଜେ ପାଳ ପକେଇ ଉଚ୍ଚ ହେଇଯିବାଟା କଣ ପ୍ରକୃତ୍ୟ ? ତୁମର ଯେବେ ବୁଦ୍ଧି ଅଛି, ପାଣ୍ଡିତ୍ୟ ଅଛି, ତୁମକୁ ଲୋକେ ନିଶ୍ଚେ ବାଛି ନେବେ, ବିଶ୍ୱସରିଆଙ୍କ ପରି ତୁମକୁ ବଡ଼ ବୋଲି କହିବେ, ଖେତାବ ଦେବେ, ମୁଣ୍ଡରେ ମୁକୁଟ ଦେବେ । ଲୋକେ ତୁମକୁ ତା'ତ କରୁନାହାନ୍ତି, ତୁମେ ତେବେ ବଡ଼ ହେଲ କମିତ ? ଏ ସଂସାରରେ ଯେ ବଡ଼ ହେଇଚନ୍ତି, ସେ ଖାଲି ନିଜ ପାଣ୍ଡିତ୍ୟ ଜୋରରେ କି ବୁଦ୍ଧି ଜୋରରେ ବଡ଼ହୋଇ ନାହାନ୍ତି, ସେ ପାଣ୍ଡିତ୍ୟ, ସେ ବୁଦ୍ଧିକି ଦାଣ୍ଡିରେ ନପକେଇଥିଲେ, ବିଦେଶରେ

ଢବ ! ନ ବଜାଇଲେ ଲୋକେ ଜାଣିବେ କେମିତି ? ଆମ ଦେଶରେ ଯେ ବୁଦ୍ଧିଆ ଅଛନ୍ତି, ଯେ ପଣ୍ଡିତ ଅଛନ୍ତି, ସେମାନଙ୍କୁ ଆମ ଦେଶ ଲୋକେ ଚିହ୍ନି, ତାଙ୍କ ନାଁରେ ଢେଙ୍କୁରା ବଜାଇଲେ ସିନା ଅନ୍ୟ ଦେଶ ଲୋକେ ଜାଣିବେ ? ତାଙ୍କୁ ଅନ୍ୟ ଦେଶର ବୁଦ୍ଧିଆମାନଙ୍କ ସାଙ୍ଗରେ ତାଳକୁ ତାଳ ପକେଇ ନାମ କରିବାର ସୁବିଧା ଦେଲେ ସିନା ତାଙ୍କ ଗୁଣ ମହକିବ ! ଟିକିଏ ଟିକିଏ ବହପ ପାଇ ମଧୁବାବୁ, ଦାସ ଆପଣେ, ଭୁବନାନନ୍ଦ ବାବୁ, ନୀଳକଣ୍ଠ ବାବୁ ପ୍ରଭୃତି କେତେଜଣ ଓଡ଼ିଶା ବାହାରେ ନାଆଁ ଅର୍ଜି ଛନ୍ତି । ସେମାନେ ଯେବେ ଦେଶ ଗୋଟାକର ସମ୍ପୂର୍ଣ୍ଣ ବହପ ପାଇଥାନ୍ତେ, ତାହେଲେ ସେମାନେ ମଧ୍ୟ ଅଶ୍ୱିନୀ ଦତ୍ତ, ଚିତ୍ତରଞ୍ଜନ, ରାଜେନ୍ଦ୍ର ପ୍ରସାଦ ରାଜଗୋପାଳଚାରୀଙ୍କ ଭଳି ନାଆଁ ଅର୍ଜି ପାରିଥାନ୍ତେ । କିନ୍ତୁ ସେ ବହପ କିଏ ଦଉଚି ? ଦନେଇ ଉଠିଲା, ଅରେ ! ସେଉଟା ବ୍ରାହ୍ମଣଟା, ଦେ ତା ମୁଣ୍ଡରେ ଠେଙ୍ଗାଏ ଲଦି, ସେ ଏକାବେଳକେ ରସାତଳକୁ ପଶିଯାଉ । କହେଇ ଉଠିଲା, ଅରେ ! ସେଉଟା କରଣଟା । ଦେ ତା ଚୋଟି ଚିପି, ତା ସ୍ୱର ବସିଯାଉ । ଏଇ ଲୀଳା ତ ଏ ଦେଶର ଖଣ୍ଡିକରେ ବରାବର ଲାଗି ରହିଛି । ମୁଁ ଯେତେବେଳେ ମୋ ଜାତି ଭାଇଙ୍କ ଭିତରେ ଉଧେଇ ନ ପାରିଲି ଆପେ ଆପେ ଗୋଟାଏ ଗ୍ଲାନି ଭାବ ମୋ ମନକୁ ଦବାଇବାକୁ ଲାଗିଲା । ମୁଁ ଦବି ଗଲି । ଏ ଦେଶର ଟୋକା ଗୁଡାକ ପାଟଣା କଲିକତାରେ ବଙ୍ଗାଳି, ବିହାରୀ ମାନ୍ଦ୍ରାଜୀ ପିଲାମାନଙ୍କ ସାଙ୍ଗରେ ତାଳକୁ ତାଳ ଦେଇ ପହିଲି ୨ ଥାନ ପାଇ ଉତୁରି ଆସୁଛନ୍ତି । ତାଙ୍କ ମନରେ କେତେ ଆଶା, ତାଙ୍କ ଛାତିରେ କେତେ ଦମ୍ଭ, ତାଙ୍କ ମୁଣ୍ଡରେ କେତେ ଉପାୟ ଖେଳି ଯାଉଛି । କିନ୍ତୁ ଦେଶକୁ ଫେରି ଆସିଲେ ନିଜ ଭାଇ ତାଙ୍କ ଚୋଟିରେ ଛୁରି ଦେଉଚି । ତାଙ୍କର ସବୁ ଆଶା, ଦମ୍ଭ ଉପାୟ ବାଳବିଧବାର କଅଁଳ ଫୁଟନ୍ତା ମନଟି ପରି ଶୁଖି ଶୁଖି ଝଡ଼ି ଯାଉଛି ।

ଏ ଦେଶକୁ ଉଠାଇବାର ପ୍ରଥମ ଓ ପ୍ରଧାନ ଉପାୟ—ନିଜ ଲୋକଙ୍କ ଉପରେ, ହେଇ ! ନିଜର ଟୋକାମାନଙ୍କ ଉପରେ ଯଥେଷ୍ଟ । ଆସ୍ଥା ରଖିବା, "ମୁଁ ଛୋଟ, ମୁଁ ଦରିଦ୍ର, ମୁଁ ନିର୍ବୁଦ୍ଧିଆ" ଏ କଥା ଭୁଲିଯିବା, ପଡ଼ଶୀଙ୍କ ଚକ ଚକ ଠକ ମକରେ ନିଜକୁ ପାସୋରି ଦେବାଟାକୁ ବନ୍ଦ କରିବା । ଯା ଲାଗି ପଇସା ଦରକାର ନାହିଁ । ବରଂ ଯା ହୋଇ ପାରିଲେ ଦେଶରେ ପଇସା କିଛି ବଞ୍ଚିବ ।

ତା ପରେ ଏ ଦେଶଟାର ଅଭାବ କଣ ? ଦେଖି ବସିଲେ ଆମକୁ ପ୍ରଥମେ ମାଡ଼ି ବସିବ, ଏଇ ଧୋଇ ଓ ମରୁଡ଼ି । କାଳର ମା ଗଙ୍ଗା ଏଇ ମହାନଦୀ, ଅମର ପୁଣ୍ୟର ବାଟ ଜଗୁଥିଲା ଏଇ ମା ବୈତରଣୀ ପୁଣ୍ୟ ଭଣ୍ଡାର ଏଇ ସୁବର୍ଣ୍ଣରେଖା, ଏ ଦେଶକୁ ବଞ୍ଚାଇ ରଖିଥିଲା ଯେତକ, ଏବେ ମାରୁଚି ସେତକ । ଯା' ପ୍ରତିକାର କଣ କିଛି କରିଯାଇ ନ ପାରେ ? ଗୁଆଁରମାନଙ୍କର ସଭା ବସିଲା, ସେମାନେ ବଢ଼ିରୁ ଦେଶଟାକୁ ରଖିବା ପାଇଁ କେତେ ଘଣ୍ଟା ଚକଟା ପରେ କେତେ-ଗୁଡ଼ାଏ ଉପାୟ ଠିକ୍ କଲେ । ସେ ସବୁ ଡୋସ୍ ବନ୍ଦା ହୋଇ ପେଡ଼ିରେ ସାଇତା ହେଲା । ଯାହା କହିଲେ ସବୁ ଭଲ, କିନ୍ତୁ ଆଗେ ମଉସା, ଜଡ଼ ପଇସା । ପଇସା ତ ନାହିଁ କଣ କରିଯିବ । ଅତଏବ ସିମିତି ବଢ଼ି ମରୁଡ଼ି ଚାଲିଥାଉ, ଲୋକ ମରୁଥାନ୍ତୁ, ଆମେ ମୁଠି ଗୁଜୁଳି ତାଗାରି ଠିକା ବାଣ୍ଟୁଥାଉଁ । ଏ ବିଦେଶୀ ଗୁଆଁର କମିଟି ଯାହା କହିଲେ, ତା ଉପରେ ଆମ ଦେଶୀ ଲୋକଙ୍କର ଆଉ କିଛି କହିବାର ବା କରିବାର ନାହିଁ ।

ଇଞ୍ଜିନ ଏବଂ ବୁଦ୍ଧିରେ ବଢ଼ି ମରୁଡ଼ି ବନ୍ଦ କରିବାକୁ ଯେ ବହୁତ ପଇସା ଲାଗିବ, ସେ କଥାଟା ଜାଣିବା ପାଇଁ ପଇସା ଖର୍ଚ୍ଚ କରି କମିଟି ବସାଇବାର ଦରକାର ନ ଥିଲା । ସମସ୍ତେ ଜାଣନ୍ତି, ନଈ ଗୁଡ଼ାକ ପୋତି ହୋଇ ପଡ଼ିବାରୁ ବଢ଼ି ମରୁଡ଼ି ହଉଚି । ନଈ ଗୁଡ଼ାକ ପୋତିଲେ ପ୍ରାୟ ୪୦୦ ବର୍ଗ ମାଇଲ । ଏ ଚାରିଶ ବର୍ଗ ମାଇଲ କି ଯେବେ ୬ ଫୁଟ କରି ଖୋଳା ହୋଇ ଯାନ୍ତା ତା'ହେଲେ କମରେ ୪୦ ଲକ୍ଷ ମରଦଙ୍କର ଦୁଃଖ ଦୁର୍ଦ୍ଦଶା ସେ, ଗଭୀର ନଈର ପାଣିରେ ଭାସିଯାନ୍ତା । ଅର୍ଥାତ୍ ଏକ ବର୍ଗ ମାଇଲକୁ ଏକ ହଜାର ଲୋକ । କେତେଦିନ ଲାଗନ୍ତା ଖୋଳିବାକୁ ? ଯୁ ଜାତିର ଲୋକେ ଡୋଙ୍ଗାଳିର ବ୍ୟବସାୟ ବୃଦ୍ଧି ପାଇଁ ଦସ୍ୟାନଦୀଟାକୁ ଖୋଳି ପାରି-ଥିଲେ, ଯୁ ଜାତିର ଲୋକେ ତାମ୍ରଲିପ୍ତଠାରୁ କଟକ ପର୍ଯ୍ୟନ୍ତ ଗଙ୍ଗାର ଗୋଟାଏ ଧାର ଖୋଳି ଆଣିବାର ଦମ୍ଭ ରଖିଥିଲେ, ସେ ଜାତି ପକ୍ଷରେ ଏଉଟା କଣ ବଡ଼ କଥା ? କିନ୍ତୁ କରୁଚି କିଏ ? "ଟାଣ କାମଟିକୁ ପାରିବି ନାହିଁ ମୁଁ, ମୁଣ୍ଡ କୋଡ଼ୁଥାଏଁ ବସି ।" ଟାଣ କାମଟିକୁ କରିବୁଁ ନାହିଁ । ସହଜ ସରୁ, ସୂକ୍ଷ୍ମ ଉପାୟ ବତାଇ ଦେଲେ, ରେଫ ମାରି ଜାଣିବୁଁ ବେଶ୍ । ଯାହାହେଉ, ମୋଟ ଉପରେ ଧରି ନବାକୁ ହବ ଯେ ଧୋଇ ମରୁଡ଼ି ବନ୍ଦ କରିବାର ଉପାୟ ନାହିଁ । ସେ ଗୋଦର ଗୋଡ଼ କି ପେଟ ପିଳେହି ପରି ଆମ ଦେହର ଗୋଟିଏ ଭୂଷଣ ହୋଇ ରହିବ । ତା ଯଦି ହୁଏ, ତା ହେଲେ ଲୋକଙ୍କୁ ତା ମୁହଁରୁ ବଞ୍ଚାଇବାର ଉପାୟ ?

ଲୋକଙ୍କ ଅଣ୍ଟାରେ ପଇସା ଥିଲେ, ସେମାନେ ଏ ଧୋଇ ମରୁଡ଼ିକୁ ପରବାଏ କରନ୍ତେ ନାହିଁ । ଦେଶର ଧାନ ଦେଶରେ ରହିଲେ, ଆଉ ଦେଶ ଲୋକେ ଦରକାର ବେଳେ ମାମୁଲି ଦାମ ଦେଇ କିଣିବାକୁ ପାଇଲେ, ଲୋକଙ୍କ ଦେହରେ ଜୋର ଥିଲେ ଏ ଧୋଇ ମରୁଡ଼ି ପାଞ୍ଚ ବର୍ଷରେ ତିନି ବର୍ଷରେ ଥରେ ଲେଖାଏଁ ଆସି କଣ କରି ପାରନ୍ତା ? କିନ୍ତୁ ଏ ସବୁ ହବ କିପରି ! ଲୋକଙ୍କ ଅଣ୍ଟାକୁ ପଇସା ଆସିବ କୁଆଡୁ ? ଧାନ ଲୋକଙ୍କର ପଇସା । ଧାନ ଯିବ ଧୋଇ ମରୁଡ଼ିରେ ମରି, ଲୋକେ ପଇସା ପାଇବେ କାହୁଁ ?

—କ୍ରମଶଃ—

Digitized by srujanika@gmail.com



ସ୍ନେହର ନାତି ନାତୁଣୀମାନେ

ଖରାଦିନ ଛୁଟି ହୋଇଗଲା । ଯାହାଙ୍କର ପରୀକ୍ଷା ପଡ଼ିଥିବ ସେ ଖାଲି ମଜଲ କରୁଥିବେ । ଯାହାଙ୍କ ପରୀକ୍ଷା ଛୁଟିପରେ ହେବ ତାଙ୍କ ଘୁଚ ଦାଉଁ ଦାଉଁ ହେଉଥିବ । ଯେଉଁମାନଙ୍କର ପରୀକ୍ଷା ସରିନାହିଁ ତାଙ୍କୁ ମୁଁ କିଛି କହିବି ନାହିଁ । ଯାହାଙ୍କର ସରିଛି ତାଙ୍କୁ ଅଳ୍ପ ଗୋଟାଏ ହୁକୁମ କରିବି । ଅଜାତ ବୁଢ଼ା । ତା କଥା କିଏ ଶୁଣିବ ? ଯୋକାଏ ହବୁ କହନ୍ତ ପଶ, 'ବୁଢ଼ାଏ ପାଗଳ ।' ମୁଁ ପାଗଳ ହୁଏ ଭଲହୁଏ, ତମର ଅଜାତ ! ତମେ କ'ଣ ମୋ କଥା ଶୁଣିବ ନାହିଁ ? ତମ ଅବଦଳ ମୁଁ ରଖେଁ, ମୋ ଅବଦଳ ତମେ ରଖିବ ବୋଲି ଏକଥା କହୁଛି । ତମେ ଜାଣ ଓଡ଼ିଶା ଅମ ଜନମ ଭୂଇଁ । ଦିନେ ଏ ଦେଶ ଗଙ୍ଗାଠାରୁ ଗୋଦାବରୀ ଯାଏ ମାଡ଼ି ଯାଇଥିଲା । ଇଂରାଜମାନେ ଏ ରାଜ୍ୟକୁ ଖଣ୍ଡ-ଖଣ୍ଡ କରି ଜୟ କଲେ, ସବା ଶେଷରେ ଅସଲ ଓଡ଼ିଶା ଜିଏ (କଟକ, ପୁରୀ, ବାଲେଶ୍ୱର) ତାକୁ ଦଖଲ କରିଥିଲେ । ସେଥିପାଇଁ ଯେତେ-ବେଳେ ଯେଉଁ ପ୍ରଦେଶ ଜିଣିଥିଲେ, ତା ସଙ୍ଗରେ ସେଇଆଗିଆ ଖଣ୍ଡେ ଓଡ଼ିଆ ରାଇଜକୁ ଚିପି ସେଇ ପ୍ରଦେଶ ସାଙ୍ଗରେ ମିଶାଇ ଦେଇଥିଲେ । ଏମିତି କରି ଓଡ଼ିଶାକୁ ୪ ପାଖର ଚାରୋଟି ପ୍ରଦେଶ ସାଙ୍ଗରେ ଭାଗ ଭାଗ କରି ଇଂରାଜମାନେ ଶାସନ କଲେ । ବହୁତ ଦାଉ ଦୁହାଇ ପରେ ଏବେ ଓଡ଼ିଶାକୁ ସ୍ୱତନ୍ତ୍ର କରିଦେଲେ । ହେଲେ ହେବ କ'ଣ, ଅନେକ ଓଡ଼ିଆ ମୂଳକ ଅମ ପଡ଼ୋଶୀ ପାଖ ପ୍ରଦେଶରେ ପଡ଼ି ରହିଲା । ବିହାରରେ ସିଂହଭୂମ, ବଙ୍ଗଳା-ରେ ମେଦିନୀପୁର, ମାଡ୍ରାଜରେ, ମଞ୍ଜୁସାଙ୍କଲ, ମଧ୍ୟପ୍ରଦେଶର ଫୁଲଝର ପ୍ରଭୃତି ସବୁ ଓଡ଼ିଆ ରାଜ୍ୟ । କିନ୍ତୁ ସରକାର ଅବୁଝା ହୋଇ ତାଙ୍କ ଭଲ ତାଙ୍କ ପାଳଖଣ୍ଡ। ଦଶ ମନ୍ତ୍ରୀଙ୍କ ପରାମର୍ଶରେ କ ଜଣ ଏ ସବୁକୁ ଓଡ଼ିଶା ସାଙ୍ଗରେ ମିଶାଇ ନାହାନ୍ତି । ତମେ କହିବ, ତମ ଭାଇମାନେ କ'ଣ ଭିନେ ଭିନେ ପ୍ରଦେଶରେ ଏମିତି ପଡ଼ି ସଡ଼ି ମରିଯିବେ ? ଅଖି ଆଗରେ ତମେ ଦେଖୁଛ, ମେଦିନୀପୁରର ଓଡ଼ିଶା ଭାଇମାନେ ଏତେଦୂର ବଙ୍ଗ ସଭ୍ୟତାର ଗୋଲାମ୍ ହୋଇ ଗଲେଣି ଯେ ସେମାନେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ନାରାଜ । ଏହିପରି ଅଳ୍ପେ ଅଳ୍ପେ ସବୁ ଭିନ୍ନ ଅଞ୍ଚଳରେ ଲୋକେ ନିଜ ଜନ୍ମଭୂଇଁ ମାତୃଭାଷା ସବୁ ଭୁଲିଯିବେ । ତମେ କ'ଣ ଏହା ସହିବ ? ତମେ କ'ଣ ତାଙ୍କୁ ଯାଇ କୋଳ କରି ଆଣିବ ନାହିଁ । ବାଧା ଅଛି ସତ । ତମେ ଯଦି ମନ କରିବ ସେ ବାଧାକୁ ଲୁଅରେ ଫିଙ୍ଗି ଦେଇ ଚାଲି ଯିବ । ଗଜା ଟୋକା ଟୋକୀ ତମେ । ତମେ ନ ପାରିବ କ'ଣ ? ଏଇ ଛୁଟି ଭିତରେ ତମେ ସବୁ ଏକ ଜୋଟ ହୋଇ, ଲୋକଙ୍କୁ ମତାଇ, ସଭା ଡକାଇ, ସେଇ ହଜୁ ବସିଲା ଓଡ଼ିଆ ମୂଳକକୁ ପାଇଁ ତମ ଯୋରଲ, ଅଧମଲ ସରକାର ଡାକେଇ ଦିଅ—ସୃଷ୍ଟି କରି ଦିଅ । ସେମାନେ ଯେପରି ଅମ ପାଖକୁ ଆସିବା ପାଇଁ ତମର କିଛି ଠିଆ ହୁଅନ୍ତୁ । ଏତ ପୁଣିର କଥା ଯେ, କଟକ କଲେଜିଏଟ୍ ସ୍କୁଲର କେତେକ ଛାତ୍ର ଗୋଟିଏ "ବଳଭଦ୍ର ବାଳକ ଅବକାଶ ବାହିନୀ ଗଢ଼ି ଛନ୍ତି ।" ସେମାନେ ଅବସର ବା ଛୁଟି ସମୟରେ ଏହି ଦଳରେ କାମ କରିବେ । ମୋର ଆଶା ତମେ ସବୁ ସେଇ ଦଳ ସହିତ ମିଳିମିଶି ସେ ଯେପରି କାମ୍ୟ ପରେ ଏହି ସେହିପରି କାମ କରି ତମ ଦେଶକୁ ଉଦ୍ଧାର କରିବ । ତାଙ୍କଠାରୁ ଚିଠି ପତ୍ର ଲେଖି ସେମାନେ ଯେଉଁ ଧାରାରେ କାମ କରୁଛନ୍ତି ତମେ ସବୁ ବି ସେଇ ଧାରାରେ କାମ କରିବ । ଅନ୍ୟ ତଳ ଠିକଣାରେ ଚିଠି ଲେଖି ସବୁ କଥା ବୁଝ । ତେବେ ଯାଇ ଜାଣିବ ଯେ ଦେଶର ମାନ ତମେ ରଖି ପାରିବ—ଅନ୍ତତଃ ରଖିବା ପାଇଁ ତମର ବଡ଼ ଇଚ୍ଛା । ଠିକଣା, ସମ୍ପାଦକ ବଳଭଦ୍ର ବାଳକ ଅବକାଶ ବାହିନୀ, ଡୁଗର ପଡ଼ା, ପୋ: ବୁଦ୍ଧଘାଟୌକି, କଟକ ।

ତୁଗରର ବର୍ଷେ ପୂରିଗଲା । ତମ ସାଙ୍ଗରେ ତା' ମାଇଫତରେ ମୋର ଦେଖାଦେ ଅତିକ ବର୍ଷେ । ତମେ ଯଦି ଏଇ ବର୍ଷକ ଚାନ୍ଦା ଜଣାରେ ମୋତେ କିଛିଏ ଦେଲେ ଭଲ ପାଇଥାନ୍ତ ତେବେ ମୋ କଥ ଟି ରଖିବ । ଏତିକି ଆଶା ।

—•—

## ଜାଣିଛକି ?

୧ । କେବଳ ଲଣ୍ଡନ ସହରରେ ଟିକଟ ସଂଗ୍ରହ ପାଇଁ ପ୍ରାୟ ୧୦୦୦୦୦୦ ପାଉଣ୍ଡ ଖର୍ଚ୍ଚ ହୁଏ ।

୨ ।ଐତିହାସିକ ଯୁଗର ଆରମ୍ଭ ଦିନଠାରୁ ଆଜି ଯାଏ ଯୁଦ୍ଧ ଦେବତା ୧୨,୨୦୦,୦୦୦,୦୦୦ ମୁଣ୍ଡ ବଳି ଖାଇ ସାରିଲାଣି ।

୩ । ସୂର୍ଯ୍ୟଠାରୁ ୩୦୬,୦୦୦ ଗୁଣ ଅଧିକ ତେଜୋବନ୍ତ ଗ୍ରହର ନାମ ଏସ୍ ଡୋରଡ଼ସ୍

୪ । ୨୮ ବର୍ଷ ବୟସରେ ମନୁଷ୍ୟର ପୂର୍ଣ୍ଣ ବିକାଶ ହୁଏ ।

## ନୂଆ ନାତିନାତୁଣୀଙ୍କ ନାମ ।

୮୬ । ଶ୍ରୀମତୀ ଉର୍ମିଳା ବାଳା ଦାସ, ରାଜପୁର, ପୋ: ନୂଆଗାଁ, ଜଗତସିଂହପୁର । ୮୭ । ଶ୍ରୀମତୀ ପୁଷ୍ପେଶ୍ୱରୀ ମହାନ୍ତି C/o Post-master ବୁଦ୍ଧଘାଟୌକି, କଟକ । ୮୮ । ଶ୍ରୀମାନ୍ ଦୁଷ୍ମନ୍ତ କୁମାର ମହାନ୍ତି, ୫ମ ଶ୍ରେଣୀ, Ravensha Collegiate School, କଟକ । ୮୯ । ଶ୍ରୀମାନ୍ ଅନିଲ କୁମାର ଘୋଷ, Orisse Nature Cure Home, P. O. ବୁଦ୍ଧଘାଟୌକି କଟକ । ୯୦ । ଶ୍ରୀମତୀ ଲାବଣ୍ୟ ମଞ୍ଜରୀ ପାଣିଗ୍ରାହୀ C/o ଯୋଗେଶ୍ୱର ବେହେରା, ଗୋଲପୁର, ଭଦ୍ରକ ।

Digitized by srujanika@gmail.com




କାନପୁରରେ ମଜଦୁରଙ୍କ ସମ୍ବନ୍ଧରେ ଯେଉଁ ଜାଂଚ କମିଟି ବସିଥିଲା ତାର ପ୍ରସ୍ତାବ ସମୂହ ମିଲ୍ ମାଲିକ ପକ୍ଷ ଗ୍ରହଣ ନକରିବାରୁ ୩୫୦୦୦ ମୂଲିଆ ଧର୍ମଘଟ କରିଛନ୍ତି ।

ମିଲ ମାଲିକମାନେ ପୂଜା ପାଠ କରିବେ ଏଥର ।

ଜିନା ସାହେବ ଓ କଂଗ୍ରେସ ସଭାପତିଙ୍କ ଭିତରେ ମିଳାମିଶାର କଥାବାର୍ତ୍ତା ସରିନାହିଁ । ଶୁଣାଯାଏ ଜିନା ସାହେବ କଂଗ୍ରେସକୁ ନାକ କାନ ମୋଡେଇ ଗୋଟାଏ ହିନ୍ଦୁ ଅନୁଷ୍ଠାନବୋଲି ସ୍ୱୀକାର କରାଇନେବାକୁ ଚାହୁଁଛନ୍ତି ।

ଏକ ସଲାମ ନୁହେଁ—ବିଶ୍ ସଲାମ ଚାହି ।

ହିନ୍ଦୁ ପ୍ରଦେଶର ମନ୍ତ୍ରୀ ପୀର ଇଲାହି ବକସ ମସ୍ଜିମଲିଗ୍ ଛାଡ଼ି କଂଗ୍ରେସ ପ୍ରତିଜ୍ଞାପତ୍ର ସ୍ୱାକ୍ଷର କରିଛନ୍ତି ।

କାଫେର୍—କାଫେର ! !

ଲଙ୍କା ସାମ୍ରାଜ୍ୟ ଭାରତ ଠାରୁ କେତେ ଚାଉଳ କିଣିବ ଓ ଭାରତ ଲଙ୍କା ସାମ୍ରାଜ୍ୟଠାରୁ କେତେ ଲୁଗା କିଣିବ ଏ ସମ୍ବନ୍ଧରେ ଭାରତ ଓ ଲଙ୍କା ସାମ୍ରାଜ୍ୟ ପ୍ରତିନିଧିମାନଙ୍କ ମଧ୍ୟରେ ସିମଲାଠାରେ କଥାବାର୍ତ୍ତା ଚାଲିଛି ।

ଏ ସମୁଦ୍ର ମିଳନରେ ଲଙ୍କା ସାମ୍ରାଜ୍ୟ ବର ବାପ, ଆଉ ଭାରତ କନ୍ୟା ପିତା (?)

ହିନ୍ଦୁମହାସଭାର ବର୍ତ୍ତମାନ ସଭାପତି ଶ୍ରୀ ସାଭରକର ଅଜମେର ଠାରେ କହିଛନ୍ତି ଯେ ହିନ୍ଦୁ ମହାସଭା ଓ କଂଗ୍ରେସ ମଧ୍ୟରେ ଅତି ସାମାନ୍ୟ ମତଭେଦ ।

କଂଗ୍ରେସ ଲାଙ୍ଗୁଳ ନ ଧରିଲେ ଯାଆନ୍ତି କାହିଁ ?

କାକୋରି ଷଡ଼ଯନ୍ତ୍ର ମାମଲାର ଭୂତପୂର୍ବ କୈଦି ଶ୍ରୀ ଶଚୀନ୍ଦ୍ର ନାଥ ବକ୍ସୀ କଲିକତା ଠାରେ ଗିରଫ ହୋଇଛନ୍ତି ।

ବଙ୍ଗଳା ସରକାରଙ୍କ ଦୟା +

ପାର୍ଲିମେଣ୍ଟରେ ଜଣେ ସଭ୍ୟ ପ୍ରସ୍ତାବ କରିଛନ୍ତି ଯେ ମୁସୋଲିନୀ ହାଇଲିସେଲାସୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଖଣ୍ଡେ ଜାଗା ଛାଡ଼ି ଦିଅନ୍ତୁ ।

ସାବୁଲ ନେଇ ଛୁଞ୍ଚି ଦାନ ? +

ସୀମାନ୍ତ ମନ୍ତ୍ରୀ ଜଣେ ହୁସବୃସ୍ତ ଶିକ୍ଷକଙ୍କୁ ତାର କାର୍ଯ୍ୟରେ ପୁନର୍ନିଯୁକ୍ତ କରିଥିବା ସମ୍ବନ୍ଧରେ ଯାଞ୍ଚ କରିବା ପାଇଁ ଜଣେ ମୁସଲମାନ ଜଜଙ୍କ ନେତୃତ୍ୱରେ ଗୋଟାଏ କମିଟି ବସିବାର ପ୍ରସ୍ତାବ ହୋଇଛି । +

କଂଗ୍ରେସୀ ଏ ମନ୍ତ୍ରୀ ପଦ—ନୁହଇ ଶାନ୍ତି—ଆସ୍ପଦ । + +

ଅଫ୍ରିକାର ଡରବାନ ମିଉନିସିପାଲିଟି ସଫେଇ କରିବା ବାହାନାରେ ଗରିବ ଭାରତୀୟମାନଙ୍କୁ ଘରୁ ତଡ଼ି ଦେଇଛନ୍ତି ।

ଧର୍ମକୁ ଅଣ୍ଟିଠାରୁ । +

ନେଟଲେଣ୍ଡ କହିଛନ୍ତି ଯେ ଫେଡ଼ରେସନ ଅଇନର ଅଳ୍ପ ବଦଳା ବଦଳି କଥା ପଡ଼ିବ ନାହିଁ ।

ତଳ ଗଲା ବନ ଭଳି ଗଲା ମନ ଲେଉଟି ଅସେ କି ଅଉ ଗୋ । +

ଜିନ୍ନାଙ୍କ ଦଳର କେତେକ ଲୋକ ତାଙ୍କୁ ଏବେ ଛାଡ଼ି ଚାଲି ଯାଉଛନ୍ତି ।

ହାୟ, ବୁଢାକାଳେ ପୁଣି ପୁତ୍ର ଶୋକ ?

ମହାତ୍ମା ଗାନ୍ଧି କାଳେ ବଡ଼ଲାଟଙ୍କ ପଛେ ପଛେ ଲଣ୍ଡନ ଯିବେ, ଯଦି—ଜିନାଙ୍କ ସହିତ ମିଳାମିଶା ହୁଏ ।

ଅକାଶ କଇଁଆ ଚଲକା ମାଛ ! ×

## କାହିଁକି

ଫଜଲୁଲହକ ଓଡ଼ିଶା ଆସିଥିଲେ କାହିଁକି ?
ଜନଅଭାବର ବ୍ୟବସ୍ଥା କରିବାକୁ ।
କଟକରେ ସଙ୍ଘବୈଠକ ସମ୍ମିଳନୀ ହେଲା କାହିଁକି ?
ଗ୍ରାମ ଉଦ୍ୟୋଗ !
ଗୋପବନ୍ଧୁ ସଭାପତି ହେଲେ କାହିଁକି ?
ଓଡ଼ିଶା କଂଗ୍ରେସ ବସନ୍ତକ ହେବାରୁ ।
ନୀଳକଣ୍ଠ ଦାସେ ନୀରବ ହେଲେ କାହିଁକି ?
ଦ୍ରାକ୍ଷା ଫଳ ଖଟା ।
ଚୌଧୁରୀଙ୍କର ଦାନ୍ତ ପଡ଼ିଗଲା କାହିଁକି ?
ଦାନ୍ତକୁ ଅହିଂସା ରୋଗ ଧରିଲା ।
ରମାଦେବୀ ଘୋଷ ହେଲେ କାହିଁକି ?
ସାକ୍ଷାତ ଅନ୍ନପୂର୍ଣ୍ଣା ।
ନିତ୍ୟାନନ୍ଦ ରାଜସ୍ୱ ବିଭାଗ ମନ୍ତ୍ରୀହେଲେ କାହିଁକି ?
କାନଗୋଇ ଯେ !
ସେ ଏବେ ଅଲୁଅକୁ ବାହାରୁ ନାହାନ୍ତି କାହିଁକି ?
କାନଗୋଇଆଣୀଙ୍କ ପାଳି ପଡ଼ିଛି କି ?

—*—

## ଯଦି—

ଯଦି ଫେଡ଼ରେସନକୁ ନବବିଧାନର ସ୍ଥାନ ଧରାଯାଏ—
କଂଗ୍ରେସ ମନ୍ତ୍ରୀତ୍ୱ ପଙ୍ଗୁ ହୁଅନ୍ତା +
ଯଦି ଜିନା ଅଣ୍ଟି ହୁଅନ୍ତି
ସାମ୍ପ୍ରଦାୟିକତା ଚରମ ହୁଅନ୍ତା ।
ଇଟାଲି ଶାସନ ଯଦି ଠିଅ ହୁଏ—
ଅବିସିନିଆ ମାଛି ହୁଅନ୍ତା ।
ଯଦି ପୁଞ୍ଜି ଫଳ-ମୂଳ ହୁଏ
ସୋସେଲିଷ୍ଟ ମାଙ୍କଡ଼ ହୁଅନ୍ତେ ।
ଯଦି ଶାନ୍ତି ଗୋଟାଏ ଖାଲି ଶବ୍ଦ ହୁଏ
ମାର୍କିନ ସଭାପତି ଲାଉଡ୍‌ସ୍ପିକର ହୁଅନ୍ତେ
ଯଦି ବୈଧାନିକ ସଙ୍କଟ ଗୁଡ଼ ହୁଏ
ଲିନ୍‌ଲିଥଗୋ ମାଠି ହୁଅନ୍ତେ ।
ଯଦି ଅହିଂସା ଘାସ ହୁଏ—
ଗାନ୍ଧିଜୀ ଛେଳି ହୁଅ ।
ଯଦି ମାନ୍ଦା ଦଳଅ ମଶା ହୁଅନ୍ତି
କଂଗ୍ରେସର ନିଯୁମ ମହାର ହୁଅନ୍ତା ।
ଯଦି ସନ୍ଧି ସର୍ତ୍ତ କାକଭୁସ ହୁଏ
ଜିନ୍ନା ସାହେବ ବନ୍ଧୁକ ହୋଇ ଉଡ଼ାଇ ଦିଅନ୍ତେ ।

Digitized by srujanika@gmail.com

୫୦୦୦

# ଓଡ଼ିଆ ଘରେ

ଡଗର ପ୍ରବେଶ କରୁଛି

୨୫୦୦୦

ଯୁବକ, ଯୁବତୀ, ବୃଦ୍ଧ, ତରୁଣ ପ୍ରଭୃତି

**ଡଗର ପଢ଼ୁଛନ୍ତି**

ଡଗରରେ ବିଜ୍ଞାପନ ଦେଇ ଆପଣମାନଙ୍କ ବ୍ୟବସାୟ ବଢ଼ାନ୍ତୁ ।

ମେନେଜର 'ଡଗର'
ପୋ: ଭଦ୍ରକ ।
( ଓଡ଼ିଶା )

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାଯୁକ୍ତ ଧାତୁପଡ଼ିବା) ପେଟମରା, ଅଜୀର୍ଣ୍ଣ, କାଶ, ପ୍ଲୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର ଆମବାତ, ଅଣ୍ଡ ଗଣ୍ଠି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡଶୂଳ, ଦାନ୍ତମୂଳ ଫୁଲା, ପଞ୍ଜରା ଫୁଲା, କାଉଘା, କାଛୁ, କୁଣ୍ଡିଆ, ଦାଉଦ, ମଇଳା, ଚମଦଳା, ଯାଦୁ, ଛଉ, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ଉଦ୍ଭୂତ ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପଚା ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
**କବିରାଜ ଶ୍ରୀ ବିଶ୍ୱନାଥ ଦାସ**
ଏ, ବି, ଏଲ୍. ଏଚ. ଏମ୍. ଏସ୍.
ଅଲିଶା ବଜାର, ପୋଃ ବୁଧମରୀଚ କଟକ ।



# ଅସଲି ପଞ୍ଚଗୁଣା ତୈଳ

ଘା; ଘାଉଡ଼; ବଥା; ମଚକା; ବିଛା କାମୁଡ଼ା, ମେଣ୍ଢା ମୁଣ୍ଡିଆ ବାତ; ଫୋଡ଼ା ଘାଚ ଫାଟିବା ସମସ୍ତ ପ୍ରକାର ବେଦନାର ଏକ ମାତ୍ର ମହୌଷଧ:—ମୂଲ୍ୟ ୫୦ ମାତ୍ର ।
ଠିକଣା:—ଅସଲି ପଞ୍ଚଗୁଣା ତୈଳ ଅଫିସ୍—କଟକ ।

ଧ୍ୱଜଭଙ୍ଗ ଓ ଶୁକ୍ରତାରଲ୍ୟ ପାଇଁ

# ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରତିଶକ୍ତି ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ ।
ମୂଲ୍ୟ ସେରକୁ ୫୨
„ ମେଁ ୟରିକୁ ୫୲୮
„ ତୋଲା କୁ ୫୨
ଭି: ପି: ରେ ଔଷଧ ପଠାଯାଏ ।
ଠିକଣା
କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍. ଏଚ୍. ଏମ୍. ପି
**ଦରିଦ୍ର ବନ୍ଧୁ ଔଷଧାଳୟ**
ଖପର ପଦା । ପୋ : ଭେଠାର । ଜି : ବାଲେଶ୍ୱର

ଆପଣଙ୍କର ମରମ କଥା ପାଇବେ
ଶ୍ରୀମାନ୍ ନିତ୍ୟାନନ୍ଦଙ୍କର ମରମ ଦାମ୍ଭ ଅମର କବିତା

# 'ମରମ'ରେ

ମୂଲ୍ୟ—୫୦୲

# ଏସ୍. ପ୍ରସ୍ତି ଏଣ୍ଡ୍ ସନ୍ସ୍

ପଥରଦାନ୍ତ ଓ ଚଶମା ବିକ୍ରେତା
ଅଧୁନାତନ ଉପାୟରେ ସ୍ଥାପନା
**ପୋଃ ଅଃ ବୁଧମରୀଚୋକ, କଟକ ।**



# 'ବିଶଲ୍ୟ କରଣୀ ମଲମ'

କଟା ଘା, ପୋଡ଼ା ଘା, ମୁଣ୍ଡ ବଥା, ଫୋଳା ବିଛା, ଡିଙ୍କା, ବାଗି, ଗିଲଟି ଇତ୍ୟାଦି ସର୍ବ ପ୍ରକାର ବ୍ୟଥା ଯନ୍ତ୍ରଣାର ଅବ୍ୟର୍ଥ ମହୌଷଧ । ଓଡ଼ିଶା କେମିକେଲରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତ କାରକମାନଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରସ୍ତୁତ । ଦ ନ୍ୟୁଓଡ଼ିଶା କେମିକାଲ କମ୍ପାନୀ କାରଖାନାରେ ହୋଇ ବଜାରରେ ଖୁବ ଆଦର ପାଉଅଛି ।

ପ୍ରୋପ୍ରାଇଟର—**ଶ୍ରୀ ଗୋବିନ୍ଦଚନ୍ଦ୍ର ଦାସ ।**
ଦ ନ୍ୟୁ ଓଡ଼ିଶା କେମିକାଲ କମ୍ପାନୀ
କଟକ ।



Printed & published at the Gopinath Press, Bhadrak by Editor N. Mahapatra & issued from Press office Bhadrak.



Digitized by srujanika@gmail.com

REG. NO. P-441

THE DAGARO.

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସ୍ୟୁରେନ୍ସ ସୋସାଇଟି ଲି: କଲିକତା

ପାର୍ଶ୍ଵ ୩୦ ବର୍ଷ ଧରି ବୃଦ୍ଧିତ ପ୍ରତିଷ୍ଠାନ, ଭାରତୀୟ ବୀମା କମ୍ପାନୀରେ ସ୍ଥାନ ଉଚ୍ଚ ନାମର ଓ ଦେଶର ଗୌରବ ଲାଭ କରନ୍ତୁ।

ବୀମା ୪୦୦ [illegible] ଉତ୍ତୋଳିତ।

[illegible] ବୀମା ମିଳେ।

[illegible] ନୂତନ ବ୍ୟବସ୍ଥା।

[illegible] ସୁବିଧା ଜନକ

[illegible]

[illegible] ଧାରଣା ହଁଏ [illegible] ନୂତନ [illegible]

୧୯୩୬-ଆର ବାଲାନ୍ସ ସିଟ୍ର ଅନୁସାରେ
ନୂତନ ବୀମାର ପରିମାଣ ୨ କୋଟି ୮୦ଲକ୍ଷ ୬୦ହଜାରରୁ ଉର୍ଦ୍ଧ୍ୱ।
ବୀମା ଫଣ୍ଡ ୧କୋଟି ୩୮ଲକ୍ଷ ୫୭ ହଜାରରୁ ଉର୍ଦ୍ଧ୍ୱ।
ମୋଟ ସମ୍ପତ୍ତିର ପରିମାଣ ୧କୋଟି ୬୦ଲକ୍ଷ ୬୭ହଜାରରୁ ଉର୍ଦ୍ଧ୍ୱ
ବାର୍ଷିକ ଆୟ ୭୦ଲକ୍ଷ ୧୭ହଜାରରୁ ଉର୍ଦ୍ଧ୍ୱ।
ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୫ଲକ୍ଷରୁ ଉର୍ଦ୍ଧ୍ୱ
ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଉର୍ଦ୍ଧ୍ୱ।
ଅଧୁନା କେବଳ ପରିଚାଳନା ବାବଦରେ ମୋଟ ଆୟରୁ ଶତକଡ଼ା
୨୦୮୯ ଖର୍ଚ୍ଚ ହୋଇଛି। ଏବର୍ଷ ଅଧିକ ନୂତନ ବୀମା ସଂଗ୍ରହ ହୋଇଥିବା
ସତ୍ତ୍ୱେ କମାନର ଖର୍ଚ୍ଚର ହାର କମି ଶତକଡ଼ା ୨୩୧୯ ହୋଇଛି।

(ଓଡ଼ିଶାରେ, ଅଫେନ୍ସୀଅଫ ଦଣ୍ଡେଶ [illegible] ଉଚ୍ଚତମ ପ୍ରେତ ଲୋକ, ଏଜେଣ୍ଟ ଓ ଅର୍ଗାନାଇଜର ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ।)

[illegible], ଦିଲ୍ଲୀ, ବମ୍ବେ, ଲକ୍ଷ୍ନୌ ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି।

[illegible] ଠିକଣାରେ [illegible] କରନ୍ତୁ।

[illegible]
ହିନ୍ଦୁସ୍ଥାନ ବିଲ୍ଡିଂ, କଲିକତା।

ଓଡ଼ିଶା ଅଫିସ:— ସୁରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର, କଟକ।

---

## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ। ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ। ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନେତ୍ରର ପ୍ରଦାହ ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ଏହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ। ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ଅତୁଳ ଶକ୍ତି ଲାଭ କରିବେ। ଦୀର୍ଘକାଳ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୧୧୯ ମାତ୍ର।

ମିଳିବା ସ୍ଥାନ — ପୋ: ଶ୍ରୀ କୃଷ୍ଣ ଚୌକ, କଟକ।

ବୈଦ୍ୟରାଜ
କବିରାଜ — ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୱାଲ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀବାଲ୍ମିକେଶ୍ୱର ଅଗ୍ରୱାଲ ଭଣ୍ଡାର

---

## ଅବକାଶ ଉପଭୋଗ

# ପାରାଡାଇସ୍ ହୋଟେଲ

ଏକମାତ୍ର ବିଶିଷ୍ଟ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ

ଗୃହଚଣ୍ଡୀ ଗଳି [ କଟକ ]

ଏଠାରେ ସାଧାରଣ ଅତିଥିମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି। ଏପରି କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର ବୋଲିଲେ ଅତ୍ୟୁକ୍ତି ହେବନାହିଁ। ପଙ୍ଖା, ପାଇପ ପାଣି ଓ ଭାଠ ବେଞ୍ଚ, ଟେବିଲ ଚୌକି ଗୃହଜ ଇତ୍ୟାଦି ରୁଚି ଅନୁଯାଇ ଯୋଗାଇବାକୁ ହୁଏ। ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ ପଡ଼ିଯାଏ। କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନ୍‌ଗୋ

---

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**
**RANIHAT, CUTTAK.**

ମୁଦ୍ରାକର—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର।

Digitized by srujanika@gmail.com

ଜ୍ୟୈଷ୍ଠ ଦ୍ୱିତୀୟାର୍ଦ୍ଧ—

ଆନନ୍ଦାତ୍ ହି ଖଲ୍ୱିମାନି ଭୂତାନି ଜାୟନ୍ତେ—

ଦ୍ୱିତୀୟ ବର୍ଷ—୨୨ ସଂଖ୍ୟା ।



# ଡଗର

ଚନ୍ଦ୍ର ଓ ପଙ୍କଜ :—



ଅନ୍ଧାର ଦୂର କରି ଉଜ୍ଜଳ
ରଜନୀର ଗଗନ,
ବିଶ୍ୱନାଥ ନବ ଚନ୍ଦ୍ରମା
ତହିଁ ଉଦୟ-ମାନ ।

ବିଂଶ ଶତକର ତଳରେ
ଥିଲେ ଅନନ୍ଦ ଅତି,
ଜମିଦାରକୁଳ-ପଙ୍କଜ,
ହେଲେ ମ୍ଳାନ ସମ୍ପ୍ରତି ।

ଶଶିଚନ୍ଦ୍ର ବିଦ୍ୟାବାଗୀଶ


ଜୀବନ ବୀମା ପାଇଁ

## ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀଲିଃ

ଓଡ଼ିଶା ଅଫିସ :—ବେଲା ହାଉସ—କଟକ ।


### ବିଜ୍ଞାପନ ।

୧। ଉତ୍କଳର ଯେଉଁ ଗଣ୍ୟମାନ୍ୟ ବନ୍ଧୁବୃନ୍ଦ ଏକବର୍ଷ କାଳ ଡଗର ପାଇ ତାର ବାର୍ଷିକ ଦେୟ ଦେଇ ନାହାନ୍ତି କିମ୍ବା ତାହା ଫେରାଇ ଦେଇ ନାହାନ୍ତି, ସେମାନଙ୍କର ନାମ ନିମ୍ନରେ ପ୍ରକାଶ କରାଗଲା । ଆଶା ସେମାନେ ଶୀଘ୍ର ଦାମ ଦେଇ ଅତିଶୀଘ୍ର ଡଗରର ମୂଲ୍ୟ ପଠାଇ ଦେବେ । —ପରିଚାଳନା—

୧ । ଶ୍ରୀଯୁକ୍ତ ମାଧବାନନ୍ଦ ମହାନ୍ତି, କଲେକ୍ଟରେଟ୍ ବାଲେଶ୍ୱର । ୨ । ଶ୍ରୀଯୁକ୍ତ ତାରାପଦ ଦାସ କଲେକ୍ଟରେଟ୍ ବାଲେଶ୍ୱର । ୩ । ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ଦାସ କଲେକ୍ଟରେଟ୍ ବାଲେଶ୍ୱର । ୪ । ଶ୍ରୀଯୁକ୍ତ ଅନ୍ତର୍ଯାମୀ ଦାସ କଲେକ୍ଟରେଟ୍ ବାଲେଶ୍ୱର । ୫ । ଶ୍ରୀଯୁକ୍ତ କୃଷ୍ଣ ଦାସ କଲେକ୍ଟରେଟ୍ ବାଲେଶ୍ୱର ।

ସମ୍ପାଦକ, ଡଗର।

Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର





ବାଲୁବଜାର, ପୋ. ଚାନ୍ଦିନୀଚୌକ—କଟକ ।




୫୦୦ ଟଙ୍କା ପୁରସ୍କାର ! ୫୦୦ ଟଙ୍କା ପୁରସ୍କାର !!

ଭଦ୍ରବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ କମ୍ ମୂଲ୍ୟ ପଥରରେ ମନୋହର ଅଳଙ୍କାରମାନ ଅର୍ଡର ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା କିଛି ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ; ବାହାର ଗ୍ରାହକବର୍ଗରେ ଆମ୍ଭେମାନେ ତାହାଙ୍କୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ତଉଲି କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଦେଖାଇଲେ ଆମ୍ଭେମାନେ ୫୦୦୲ ଟଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଇତି

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁବଜାର, ପୋ: ଚାନ୍ଦିନୀଚୌକ—କଟକ






## ଡଗର ନିୟମାବଳୀ ।

୧ । ଡଗର ମାସରେ ଦୁଇଥର ଦେଖାଯାଏ ।

୨ । ଡଗର ବାର୍ଷିକ ଅଗ୍ରିମ ୨୲ ଟଙ୍କା ପ୍ରତିସଂଖ୍ୟା ୦/

୩ । ଛାତ୍ରମାନଙ୍କ ପାଇଁ ୧୲ ଟଙ୍କା

୪ । ଯେ କୌଣସି ସଂଖ୍ୟାରୁ ଗ୍ରାହକ ହେବାର ସୁବିଧା ଅଛି ।

୫ । ସମସ୍ତ ଚିଠି ପତ୍ର ଓ ଟଙ୍କା ପ୍ରଭୃତି 'ଡଗର ଅଫିସ' ଠିକଣାକୁ ପଠାଇବାକୁ ହେବ ।

୬ । ଉତ୍ତର ପାଇବାର ଇଚ୍ଛା ଥିଲେ ଟିକଟ ପଠାଇବାକୁ ହେବ ।

୭ । ଠିକଣା ଏତେକ ନମ୍ବରରେ ବାର୍ଷିକ ଗ୍ରାହକ ହେଲେ କୌଣସି ଗୋଳମାଳ ନିମନ୍ତେ ଡଗର ଅଫିସ ଦାୟୀ ନୁହନ୍ତି ।

୮ । ଲେଖା ଡଗର ଅଫିସରେ ପହଞ୍ଚିବା ଦରକାର ।

୯ । ଷ୍ଟାମ୍ପ ନ ଦେଲେ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।


Digitized by srujanika@gmail.com

ଡଗର
ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ
୨ବର୍ଷ, ଦ୍ୱିତୀୟ ସଂଖ୍ୟା
ବୁଧବାର
୧୬।୨।୩୮



ଡଗର
ଖଣ୍ଡ—୵୦/
ବାର୍ଷିକ(ସଡାକ)୫୨୯
ଛାତ୍ରମାନଙ୍କ ପାଇଁ ୫୧୮
ରାଜସମ୍ଭ୍ରମ—୫୬୯

ଅମ୍ଭେମାନେ ଏ କଥା ବାହାଘରେ ଶୁଣି ନାହୁଁ, ନିତନିତ ଦେଖୁଛୁଁ, ଅଙ୍ଗେ ଲିଭୁଛୁଁ ଯେ ବିଲାତ ଗଲେ ଲୋକର କଳ୍ମଷ ହରଣ ହୋଇଯାଏ। ପାଣ, ପଠାଣ, ହାଡ଼ି, ଡୋମ ଯିଏ ବିଲାତ ଛୁଇଁ ଆସିଲା ଆମ ସନାତନୀ ହିନ୍ଦୁମାନେ ତା ଢଙ୍ଗରେ ବସି ଗୁ କଟଲେଟ ଖାଇବାଟାକୁ ବଡ଼ ଗୌରବ ମନେ କରନ୍ତି। ମାତ୍ର ବଡ଼ଲାଟ୍ ଲିନ୍‌ଲିଥ୍‌ଗୋ, ଷ୍ଟେଟଲାଟ ହ୍ୱିବର୍ଡ ସାହେବ, ବଡ଼ ନେତା ଗାନ୍ଧିଜୀ, ଷ୍ଟେଟ ନେତା ଜହର ଲାଲ ପ୍ରଭୃତି ବନ୍ଧୁବାନ୍ଧବନରୁ ସେ ତୀର୍ଥ ସ୍ପର୍ଶରେ ପୁଣ୍ୟାତ୍ମା ମହାତ୍ମା, ମାନ୍ୟାତ୍ମା, ପବିତ୍ରାତ୍ମା ପ୍ରଭୃତି ହୋଇ ଯାଇଛନ୍ତି। ପୁଣି ବାହାଡ଼ୁଛନ୍ତି କିଅଁ। ଓଃ, ବୁଝିଲିଁ—ହରିଦ୍ୱାରରେ ସେ ମାସ ପୂର୍ଣ୍ଣକୁମ୍ଭ ପରେ ବିଲାତରେ ଏ ମାସ ଅର୍ଦ୍ଧ କୁମ୍ଭ ଜେବ ପରା। ତୀର୍ଥ ଯେତେବେଳେ। କିନ୍ତୁ ହରିଦ୍ୱାରରେ ଯଉଁ ଯଉଁ ବିପତ୍ତି ଭ୍ୟାପ୍ତାଣ୍ଡ ଘଟିଗଲା, ବିଲାତରେ ସେ ନ ଘଟିଲେ ରକ୍ଷା।

ଅମେ ଶୁଣୁଛୁ, ବିଲାତରେ ଭାଳେ ଅଜ ଗୋଟେ ଷ୍ଟେଟ ଗୋଲଟେବୁଲ ହବ। ପ୍ରସ୍ତାବଟା ମନ୍ଦ ନୁହେଁ। ପମ୍ଭାବଟା ଅଶାପ୍ରଦ। ଗାନ୍ଧିଜୀ ଓ ଜହର ଲାଲ ଏକା ଗୋଲ ଗୋଲ ଲଡ଼ୁ ଖାଇବା ପାଇଁ ଅଗରୁ ଉଅର ହୋଇ ଯାଅନ୍ତୁ। ଶେଷରେ ନୋହିଲେ ଅପଦସ୍ତ ହୋଇଯିବେ ଟି। × ×

କୌଣସି ଏକ ସଭାରେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ଅପଣାକୁ ଓଡିଶାର ମହାମାନବ ବା ଶ୍ରେଷ୍ଠ ନାଗରିକ ବୋଲି ପରିଚୟ ଦେଇ ଗଲେ। ପୂର୍ବରୁ ଅବଶ୍ୟ ପ୍ରଧାନ ମନ୍ତ୍ରୀମାନଙ୍କୁ ମହା ମନ୍ତ୍ରୀ ଆଖ୍ୟା ଦିଅ ଯାଉଥିଲା। କିନ୍ତୁ ତାର ଅର୍ଥ କେହି ଯଦି ମହା ପଣ୍ଡିତର ଉଦାହରଣ ଦେଇ ଅନ୍ୟ କିଛି ବୁଝେ ସେଥିପାଇଁ ଆମ ପ୍ରଧାନ ମନ୍ତ୍ରୀ ଅପଣାକୁ ମହାମନ୍ତ୍ରୀ (Prime minister) ନ କହି ପ୍ରଧାନ ମନ୍ତ୍ରୀ (Chief minister) ବୋଲିଇବାକୁ ଦେଶବାସୀଙ୍କୁ ନେହୁରା କରିଥିଲେ। ଦେଶବାସୀ ତାଙ୍କ ଅନୁରୋଧ ରକ୍ଷା କଲେ। କିନ୍ତୁ ତାଙ୍କ ବନ୍ଧୁ ମହାତାପ ସେ 'ମହା' ଶବ୍ଦଟାକୁ ତାଙ୍କ ନାମ ପୂର୍ବରୁ ଉଠାଇ ନାହାନ୍ତି ତ ଅଡିଯାକେ। ତାଙ୍କର ସ୍ୱଏତ ନିଜକୁ ମହା ପଣ୍ଡିତ ବୋଲାଇ ହେବାର ବାସନା ପ୍ରବଳ।

## ନିର୍ଦ୍ଦେଶ।

ଲୋକ ସାଧାରଣଙ୍କ ପାଇଁ କଂଗ୍ରେସର ଅବସ୍ଥିତି, ଏବଂ ଲୋକସାଧାରଣହିଁ କଂଗ୍ରେସ। ତେଣୁ ସର୍ବାଦୌ କଂଗ୍ରେସ ସେହିମାନଙ୍କ କଥା ହିଁ ବିଚାର କରିବାକୁ ବାଧ୍ୟ। ଜମିଦାରଙ୍କ ଶତ ଧମକ କଂଗ୍ରେସକୁ ହଲାଇ ପାରିବ ନାହିଁ।

—ଜହର ଲାଲ।

ଯାହାହେଉ ପ୍ରଧାନମନ୍ତ୍ରୀ ନିଜକୁ ଶ୍ରେଷ୍ଠ ନାଗରିକ ବୋଲିବା କେତେଦୂର ସମୀଚୀନ ତାହା ଜାଣିବା ପାଇଁ ଅମ୍ଭମାନଙ୍କୁ ବାତ୍‌ସାୟନଙ୍କ ଆଶ୍ରୟ ଗ୍ରହଣ କରିବାକୁ ପଡିଲା। ବାତ୍ସାୟନ ନାଗରିକଙ୍କର କର୍ତ୍ତବ୍ୟ ନିର୍ଦ୍ଦେଶ କରି କହନ୍ତି—ନାଗରିକ ପ୍ରାତଃ କାଳରୁ ଉତ୍ଥାନ କରି (ବ୍ରସ ଓ ପେଷ୍ଟ ଯୋଗେ) ଦନ୍ତ ଧାବନ ପୂର୍ବକ ସମସ୍ତ ନିତ୍ୟ କର୍ମ ସମ୍ପାଦନ କରତଃ କଞ୍ଚିତ ଅନୁଲେପନ (ସୋପ୍) ଧୂପ ସୁଗନ୍ଧ (ଏସେନ୍ସ) ଓ ମାଲ୍ୟ ଗ୍ରହଣ ପରେ ସାମାନ୍ୟ ସୋମରସ (ହୁଇସ୍କି) ପାନ କରି, ତତ୍ପରେ ଦର୍ପଣରେ ମୁଖ ଦେଖି ଅଧରୋଷ୍ଠେ ଅଲକ୍ତକ ରଙ୍ଗ (ଲିପ୍‌ଷ୍ଟିକ୍) ଯୋଜନା କରି ପରି ଶେଷରେ ମୁଖବାସ ଗୁଟିକା (ପାନ ବୋଷ) ଓ ତାମ୍ବୁଳ (ବ୍ରହ୍ମପୁଷ) ଗ୍ରହଣ କରିବେ। + + ପୂର୍ବାହ୍ନେ ଭୋଜନାନ୍ତର ଶୁକସାରି (ପୋଷିତ ପାଳିତ ପକ୍ଷୀ)ଙ୍କୁ ଶିକ୍ଷା ଦେବେ। ସନ୍ଧ୍ୟା କାଳରେ ଗୀତ ବାଦ୍ୟ କରିବେ। ରାତ୍ରିରେ ଶଯ୍ୟାରେ ଉପବେଶନ କରି ଅଭିସାରିକାର ଅଗମନ ପ୍ରତୀକ୍ଷାରେ ରହିବେ। ତାପରେ ବାତ୍ସାୟନ ଯାହା କହିଛନ୍ତି ତାହା ଅମେ ସର୍ବଜନ ପଠିତ ଓ ପ୍ରଶଂସିତ ଡଗରରେ ପ୍ରକାଶ କରିବାକୁ ଅକ୍ଷମ।

ମାତ୍ର ଯେତିକ ଗୁଡ଼ିଏ କାର୍ଯ୍ୟ ତାଲିକା ଅମ୍ଭେମାନେ ପ୍ରକାଶ କଲୁଁ ତାହା ମଧ୍ୟରୁ ଦନ୍ତ ଧାବନ, ନିଶାନିବାରଣୀ, ଭଗବଦ୍‌ଭକ୍ତ କଂଗ୍ରେସ ମନ୍ତ୍ରୀ ମାନ୍ୟବର ଦାସେ କେତୋଟି ପାଳନ କରନ୍ତି ତାହା ଜାଣିଲେ ଅମ୍ଭେମାନେ ତାହାଙ୍କୁ ମହାନାଗରିକ ଉପାଧି ଦେବାକୁ କୁଣ୍ଠିତ ହେଉନୁ ନାହିଁ। + +

ଲଙ୍କାରୁ ଯେତେକ ବାହାର—ସମସ୍ତେ ଅସୁର ଅକାର। ଅତୀତ ଲୋକ ମୁହଁରେ ଏଭଳି ପ୍ରବାଦ ଶୁଣା ଯାଉଥିଲା। କିନ୍ତୁ ଅଜକାଲି ତାହା ଏହିପରି ହୋଇଗଲାଣି—ଲଙ୍କାରୁ ଯେ ତେ କ ବା ହା ର ସମସ୍ତେ ଅପୂର ଅକାର। ପ୍ରବାଦର ଏପରି ପରିବର୍ତ୍ତନର କାରଣ ଯେ ନାହିଁ ତାହା ନୁହେଁ। ସେ ଦିନ କାଳେ ଓଡ଼ିଶା ସରକାରରୁ କୌଣସି ଜଣେ ବଶିଷ୍ଟ ଲୋକ ନିଶା ନିବାରଣ ସମ୍ପର୍କରେ ବାଲେଶ୍ୱର ଜିଲାରେ ଗସ୍ତ କରୁଥିଲେ। ମହାଶୟ ଭଦ୍ରକ ଡାକ ବଙ୍ଗଳାକୁ ଅସିଥିଲେ ବୋଲି ଗୋଟିଏ ଜୁଅ ଉଡ଼ି ଯାଇଥିଲା ଯେ

Digitized by srujanika@gmail.com

ସେ କହି ଦେଇଗଲେ । ମାତ୍ର ଆମେ କେହି ଏ ଆଖିରେ ଦେଖିନାହୁଁ ତାଙ୍କୁ । କିନ୍ତୁ ଲୋକଙ୍କ ମନରେ ଗୋଟାଏ ବଡ଼ ସନ୍ଦେହ ହେଲା ଯେ ଯେଉଁ ଭଦ୍ର ବ୍ୟକ୍ତି ବା ସରକାରୀ ଲୋକ ଆସିଥିଲେ, ସେ କଣ ନେହେରୁଙ୍କ ପଠାଣଥି ? କେତେକ ପଚାରିଲେ ସେ କ'ଣ ଜଣେ କଂଗ୍ରେସବାଲା ? ଆଉ କିଏ ପଚାରିଲା ସେ କାଳେ ନିଜରୁ ଯୁବକ ନେତା ବୋଲି କହନ୍ତି, ଏହା କ'ଣ ସତ ? ଏ ପ୍ରଶ୍ନର ଜବାବ ଜଣେ ସ୍ଥାନୀୟ କର୍ମସ୍ଥ ବେଶ୍ ଦେଲେ । ସେ କହିଲେ ଯେ—ସେ ହେଉଛନ୍ତି ବ୍ରିଟିଶ ସରକାରଙ୍କ ଦରମା ଖିଆ ଚାକର । ଆମ୍ଭେମାନେ ତାହା ଶୁଣି ଛାତିରେ ହାତ ପକାଇ ଦେଲୁ । ଅରେ ବାପ୍ ! କାଳେ ଜେଲ ଦେବେ, ଫାସି ଦେବେ ଅଉ କ'ଣ କରିବେ । କେତେବେଳେ ସିନା ସେ ଆମ ସଙ୍ଗରେ ଜଣେ ହୋଇ ଥିଲେ, ଏବେ ସେକ୍ରେଟେରିଏଟ କନକ ଲଙ୍କାକୁ ଯାଇ ସେ ସେଇ ଅସୁର ପାଲଟି ଗଲେଣି । ରଙ୍ଗ ବଦଲି ଗଲା—ଢଙ୍ଗ ବି ବଦଲି ଗଲା ।

ନିକଟରେ ହୁଏନ୍‌ସାଂଙ୍କର ପ୍ରେତାତ୍ମା ଏ ଦେଶକୁ ଭ୍ରମଣ କରି ଆସି ଯେଉଁ ଏକ ବିବୃତି ଲେଖି ଯାଇଛନ୍ତି ତାହା ଏହିପରି—ଜମ୍ବୁଦ୍ୱୀପେ, ଉତ୍କଳ ଖଣ୍ଡେ ବହୁ ଗୁଣଗ୍ରାହୀ ଲୋକ ଦେଖିବାକୁ ମିଳିଲେ । ଅନ୍ଧ ରଜା ପ୍ରଜା ମନ୍ତ୍ରୀ ସର୍ବେ ବି ଗୁଣ ଗ୍ରାହକଃ । ଏ ଦେଶରେ ଯେ ଗୁଣ୍ଡା ଉଠାଇ ଖାଇ ପାରନ୍ତି ସେ ହୁଅନ୍ତି ତ୍ୟାଗୀ । ଏ ଦେଶରେ ଉଚ୍ଚଉଚ୍ଚ ଗଡ଼ଗଡ଼ କରି ମିଛ ସତ ଯେ କହି ପାରନ୍ତି ସେ ହୁଅନ୍ତି ନେତା, ଏ ଦେଶରେ ଯେ ଗୋଡ଼ ଧୋଇ ଦେଇ ନେଇ ଖୋସାମତ କରି କହି ବୋଲି ପାରନ୍ତି ସେ ହୁଅନ୍ତି ମନ୍ତ୍ରୀ, ଏପରି ନାନା କଥା ଲେଖି ସେ ଏ ଦେଶକୁ ବଡ଼ ଗୁଣଗ୍ରାହୀ ଦେଶ ବୋଲି କହି ଯାଇଛନ୍ତି । ଲୋକ ସାଧାରଣ ଏହି ବିବୃତିର ପ୍ରତିବାଦ ସଭା କରି ଗୋଟିଏ ଜାଞ୍ଚ କମିଟି ବସାଇଲେ । ଅବଶ୍ୟ ଏ କମିଟି ବସାଇବା ଖରଚଟା ଆମର ଓଡ଼ିଶା ସରକାରଙ୍କ ଠାରୁ ଉଠି ପାରି ଥାଏ । ଏ କମିଟି ରିପୋର୍ଟରୁ ଦେଖାଗଲା ଯେ ଏହା ନିତାନ୍ତ ମିଛ ନୁହେଁ । ବିଶେଷତଃ ଆମ ମନ୍ତ୍ରୀମାନେ ବିଶେଷ ଗୁଣଗ୍ରାହୀ ଲୋକ । ତା ନୋହିଥିଲେ, ଯିଏକି ଜୀବନରେ କେବେହେଲେ 'ଜେଲ'ବାଟ ମାଡ଼ି ନାହାନ୍ତି ସେଭଳି ଲୋକଙ୍କୁ ଜେଲ ପରିଦର୍ଶକ କରିବା ଭଳି ଗୁଣ ଗ୍ରାହିତା ସେ ଦେଖାଇ ଥାନ୍ତେ କିପରି ? ଏହି ଜାଞ୍ଚ କମିଟିରେ ସରକାରଙ୍କ ତରଫରୁ ଜଣେ ସାକ୍ଷ ଦେବାର ଶୁଣିଲୁଁ । ସେ କହିଲେ କି ମନ୍ତ୍ରୀ ମହାଶୟଙ୍କର ଏ ଭଳି କରିବାର ଯଥେଷ୍ଟ କାରଣ ଅଛି । ଯଦି କୌଣସି ଜେଲ ଫେରନ୍ତା କଂଗ୍ରେସ ବାଲାକୁ ସେ ପଦରେ ନିଯୁକ୍ତ କରା ଯାଇଥାନ୍ତା ସେ ହୁଏତ ମନ୍ତ୍ରୀଙ୍କର ଜେଲ ବିଷୟରେ ଅନଭିଜ୍ଞତାର ସୁଯୋଗ ନିଅନ୍ତା । ଯଦି ପ୍ରକୃତରେ ଏହି କାରଣରୁ ଏପରି ହୋଇ ଥାଏ ତେବେ ମନ୍ତ୍ରୀଙ୍କ ସହିତ ଆମର ପୂର୍ଣ୍ଣ ସହାନୁଭୂତି । କିନ୍ତୁ ଉକ୍ତ ପରିଦର୍ଶକଙ୍କ ମଧ୍ୟରୁ କାହାରି ସହିତ ମନ୍ତ୍ରୀ ମହାରାଜଙ୍କର କୌଣସି ଭିତରି ସମ୍ପର୍କ ନାହିଁ ତ ? + +

ଆମେ ଅତି ନିକଟରେ ଏକ ସୁ ସମ୍ବାଦ ପାଇଛୁଁ ! ଏହା ଯଦି ସତ ହୋଇଥାଏ ଏଥିପାଇଁ ଓଡ଼ିଶା ସରକାରଙ୍କୁ ଆମ୍ଭେମାନେ ଆନ୍ତରିକ ଧନ୍ୟବାଦ ଦେବେ ବାଧ୍ୟ । କିଆଁ କି, ଆମେ ଶୁଣିଲୁଁ ଏ ଦେଶରେ ବଙ୍ଗଳା ଭାଷା ଓ ଉର୍ଦ୍ଦୁ ଭାଷାରେ ଶିକ୍ଷା ଦେବା ପାଇଁ ଭିତର ଆନ୍ଦୋଳନ ଉଠିଲାରୁ ସରକାର କାଳେ ଆସନ୍ତା ଗ୍ରୀଷ୍ମ କାଳୀନ ବ୍ୟବସ୍ଥା ସମ୍ବନ୍ଧରେ ଏକ ଆଇନ କରିବେ ଯେ, ତେରମେର ହେବାପାଇଁ ଗାଳି ଗୁଲଜ ଦେବାପାଇଁ ଉର୍ଦ୍ଦୁ ଭାଷାଟା ଖୁବ୍ ସୁନ୍ଦର ହୋଇ ଥିବାରୁ କଚିଆ କଳି ବେଳେ ଓ ସଭା ସମିତିରେ ଓଡ଼ିଆମାନେ ଉର୍ଦ୍ଦୁ ବା ହିନ୍ଦି ଭାଷା କହିବେ । ପ୍ରେମ ଆଳାପ, ଚୁମ୍ବନ ଆଶ୍ଳେଷ ପାଇଁ ବଙ୍ଗଳା ଭାଷାଟା ଅତି କୋମଳ ହୋଇ ଥିବାରୁ ପ୍ରେମିକ ପ୍ରେମିକା ଯୁବକ ଯୁବତୀମାନଙ୍କ ମଧ୍ୟରେ ଏବଂ ସ୍କୁଲ କଲେଜରେ ବଙ୍ଗ ଭାଷାର ପ୍ରଚଳନ ହେବ । ଜୀ ହଜୁର କରିବା ପାଇଁ କାକୁତି ମିନତି କରିବା ପାଇଁ କେହୁର ଗୁହାରି ଜଣାଇବା ପାଇଁ ଓଡ଼ିଆ ଭାଷାଟା ଅତି ଉପାଦେୟ ହୋଇ ଥିବାରୁ କୋର୍ଟ ଓ ସରକାରୀ ଅଫିସରେ ତଥା ଲାଟ ଓ ମନ୍ତ୍ରୀମାନଙ୍କ ମଧ୍ୟରେ ଏହି ଭାଷାର ପ୍ରଚଳନ ହେବ । ସାଧୁ—ସାଧୁ—।

ଚିକାଗୋ ସହରରୁ ଗୋଟିଏ ଖବର ଆସିଛି ଯେ କୌଣସି ଭଦ୍ରଲୋକ ତାଙ୍କ ଶୋଇବା ଘରେ ଦଶ ବାରଟା କୁକୁର ଓ କୁକୁଡ଼ା ପାଳିବାରୁ ତାଙ୍କ ସ୍ତ୍ରୀ ତାଙ୍କୁ ତଲାକ୍ ଦବା ପାଇଁ ତାଙ୍କ ନାଁରେ ମକଦ୍ଦମା କରିଛନ୍ତି । ଭଦ୍ରଲୋକଙ୍କ ଓକିଲ, ଜବାବରେ କହିଛନ୍ତି ଯେ ଯଦିଓ ଭଦ୍ରଲୋକ କୁକୁର ରଖୁଥିଲେ ବର୍ତ୍ତମାନ ଆଉ ସେ ସେପରି ଅନ୍ୟାୟ କାମ କରୁନାହାନ୍ତି । ମାତ୍ର ତାଙ୍କ ସ୍ତ୍ରୀର ମାନସିକ ଅବସ୍ଥା ଏପରି ବିଗିଡ଼ି ଯାଇଛି ଯେ ସବୁବେଳେ ଖାଲି କୁକୁରର ଭେଉ ଭେଉ ଶବ୍ଦ ଶୁଣୁଛନ୍ତି ।

କିନ୍ତୁ ମାନ୍ଦ୍ରାଜର ପ୍ରଧାନମନ୍ତ୍ରୀ ରାଜ ଗୋପାଳ ଆଚାରୀଙ୍କ ଏପରି ମାନସିକ ଅବସ୍ଥା ହେବାର କୌଣସି କାରଣ ଆମକୁ ଜଣା ନାହିଁ । ସେ [illegible] କେବଳ ବିଦ୍ରୋହର ଅଭି[illegible] ଚିହ୍ନ ଦେଖୁଛନ୍ତି । ଜେଲ ଦେବା ଠାରୁ ଆରମ୍ଭ କରି ଗୁଳି ଚଳାଇବା ପର୍ଯ୍ୟନ୍ତ କଉଁ କଥାଟା ବାକି ନାହିଁ ତାଙ୍କ କଂଗ୍ରେସୀ ରାଜତ୍ୱ ଅମଳରେ । × ×

ପିଟର୍ସବର୍ଗ ବିଶ୍ୱବିଦ୍ୟାଳୟର ୧୦୦୦ ବାଳିକାମାନଙ୍କ ମଧ୍ୟରେ ଭୋଟ ନିଆ ଯିବାରୁ ଜଣା ପଡ଼ିଲା ଯେ ସେମାନଙ୍କ ମଧ୍ୟରୁ ୬୦%ରୁ ଊର୍ଦ୍ଧ୍ୱ ବଡ଼ ଲୋକ ବୃଦ୍ଧ ସ୍ୱାମୀଠାରୁ ଦରିଦ୍ର ଯୁବକକୁ ପସନ୍ଦ କରିଛନ୍ତି । ମାତ୍ର ମାନ୍ଦ୍ରାଜର ଲାଟ ସାହେବ ଦରିଦ୍ର ନୁହନ୍ତି କିମ୍ବା ଯୁବକ ମଧ୍ୟ ନୁହନ୍ତି । ଅଥଚ ଉକ୍ତ ପ୍ରଦେଶର ମନ୍ତ୍ରୀବର ଯେ କିପରି ତାଙ୍କ ପ୍ରେମରେ ବିଭୋର ହୋଇଗଲେ ଏ ବିଷୟରେ ଅନୁସନ୍ଧାନ କମିଟି ବସାଇବା ଆବଶ୍ୟକ ହେଲାଣି ।

କାରଣ କଂଗ୍ରେସ ମନ୍ତ୍ରୀ ନ ଥିବା ବେଳେ ଯଉଁ ଦମନ ନୀତି ଥିଲା ଆଚାରୀଙ୍କ ସମୟରେ ସେଥିର ହିସାବ ନାହିଁ । ଲାଟଙ୍କ ପ୍ରେମରେ ପଡ଼ି ତାଙ୍କୁ ଏବେ ଜାତୀୟ ପତାକା ଚହ୍ନାଉଛି । ଲୋକେ ହିନ୍ଦି ପ୍ରଶ୍ନର ବିରୁଦ୍ଧରେ ସ୍ୱାଧୀନ ମତ ଦେଲେ ତାଙ୍କ ନାହି ହେଉଁଛି । ଏ ପ୍ରେମର ଶେଷ କେଉଁଠି ଦେଖାଯାଉ ।

ଆମ ଓଡ଼ିଶା ମନ୍ତ୍ରୀଙ୍କର ସେ ପ୍ରେମ ନହେଲେ ରକ୍ଷା । + +

Digitized by srujanika@gmail.com



# ସିଡ୍‌ଲିଟ୍ ପାଉଡର

ଲେଖକ—ଶ୍ରୀ ରାଧା କମଳ ଦାସ

ସହରର ଗୋଟିଏ ବଡ ରାସ୍ତା ଉପରେ ଗୋଟିଏ ଡ଼ାକ୍ତରଖାନା। ମୁଁ ସେଥିରେ ଡ଼ାକ୍ତର-ସାଧମତ ଯାହାକୁ କହନ୍ତି ଡ଼ାକ୍ତର। ଆଉ ସେହି ଡ଼ାକ୍ତର ଖାନାରେ ଅଛି ଆଉଜଣେ, ସେ ମୋର ସହକାରୀ, ନାମ ଫଇଜୁ। ଦୋକାନରେ ସମସ୍ତଙ୍କର ଅଭାବ ପୂରଣ କରୁଛି ସେଇ ଫଇଜୁ। ଦୋକାନର ସେ ସବୁ ଅବଶ୍ୟ ଡାକ୍ତର ନୁହେଁ ଏକରକମ ଚାଲିଥାଏ ମୋର ବ୍ୟବସା, ଏକ-ରକମ କାହିଁକନା—ମୁଁ ଶୁଣିଛି ଡାକ୍ତର ଅଉ ଉକିଲଙ୍କର ବ୍ୟବସାଟା ପ୍ରଥମେ ପ୍ରଥମେ ଟିକିଏ ଟିକିଏ ମାନ୍ଦା ଚାଲେ—ସେହି ନିୟମର ବ୍ୟତିକ୍ରମ ମୋର ହୋଇ ନଥିଲା।

ଇମିତି ଯାହାହେଉ ଦିନ ଗୁଡ଼ାକ କଟି ଯାଉଥାଏ। ଦିନେ ଗୋଟିଏ କଲ୍ ପାଇଲି, ପାଖରେ ଜଣେ ବ୍ରାହ୍ମଙ୍କ ଘରୁ। ଭଦ୍ରଲୋକ ରାୟ ବାହାଦୁର, ରିଟାୟାର୍ଡ ଅଫିସର ଜଣେ। ବ୍ରାହ୍ମ ଘର, ପୁଣି ଶିକ୍ଷିତ, ସୁତରାଂ ତଦ୍‌ବତ୍ ସ୍ଥାନକୁ ଯିବା ପୂର୍ବରୁ ନିଜକୁ ଟିକିଏ ତାଳା-କରି ସଜାଇ ଦେଲି। ପଞ୍ଜାବୀଟାକୁ ଅନର୍ଥକ ସାମାନ୍ୟ ଦୁଇ ଚାରି ଥର ଝଙ୍କାଡ଼ି ନେଇ ବାହାରି ପଡ଼ିଲି। ଗେଟ୍ ଭିତରେ ପଶି ଝରକା ଆଡ଼କୁ ଟିକିଏ ନ ଚାହିଁ ରହି ପାରିଲି ନାହିଁ। ଯାହାଙ୍କୁ ଦେଖିଁ, ରୋଗୀ ନୁହେଁ, ରୋଗିଣୀ, ପୁଣି ତରୁଣୀ, ଅବିବାହିତା ପରି ମନେ ହେଲା। ପାଖରେ ଠିଆ ହୋଇଥାନ୍ତି ଯେଉଁ ଭଦ୍ର ଲୋକଟି, ସେ ତାଙ୍କର ବାବା। ଖୁବ୍ ଅଳାପ ହେଲା—ଭାରି ଭଲ ଲୋକ ସେମାନେ। ଅଉ ସେ ଝିଅଟି ଭାରି ସ୍ମାର୍ଟ। ସେ ଦିନର ସାନ୍ଧ୍ୟ-ଭ୍ରମଣଟା ସେଠି ଯେମିତି ଲାଗିଲା ଭଲ।

ତା’ କିଛିଦିନ ପରେ ତାଙ୍କ ଘରୁ ଜଣେ ଲୋକ ହାତରେ ମୋର ଆସିଲା ଖଣ୍ଡେ ଚିଠି। ଲଫାଫାଟାକୁ ଚିରି ପଢ଼ି ଗଲି। ଖୁବ୍ ପରିଷ୍କାର ଅକ୍ଷରରେ ଲେଖା—ରବିବାର ଦିନ ସନ୍ଧ୍ୟାରେ ଚାହା ଭୋଜନର ନିମନ୍ତ୍ରଣ। ଭାବିଲି, ଏ ଖାଲି ଡାକ୍ତର ରୋଗୀର ସମ୍ବନ୍ଧ ନୁହେଁ, ଅଉ କିଛି-- ମନଟା ଯାହା ହୋଇଗଲା—ରବିବାର ଦିନ, ଦିନ ଉଚ୍ଚରତ ବେଳକୁ ଖୁବ୍ ଫିଟ୍‌ଫାଟ୍ ହୋଇ ବାହାରି ପଡ଼ିଲି। ଦୁଆରେ ଗୋଟିଏ ଗାଡ଼ି-ବାଲା ଆସି ଛିଡ଼ା ହେଲା—। ତାର ବକ୍ସିତ ଦିନର ଭାଡ଼ାଅ ପଇସାର ତାଗାଦାରେ। ପକେଟରୁ ଅଧୁଲିଟାଏ କାଢ଼ି ପକାଇ ଦେଲି—ସେ ଟିକିଏ ଥମକି ଗଲା ଅପ୍ରତ୍ୟାଶିତ ମୂଲ୍ୟ ପାଇ ଗରିବ ବିଚରା ସେଠି ଯାଇ ପାରିଲା;— ଖୁବ୍ ଗୋଟିଏ ଜମିଲା ସ୍ୱାଗତ। ଭଦ୍ରଲୋକ ଭାରି ଅମାୟିକ—କେତେବେଳେ ଆପଣ, କେତେବେଳେ ତମେ—କଣ ଯେ କହି ଯାଉ ଥାଆନ୍ତି-- ଅଉ ଝିଅଟି ବି ତଦ୍ରୂପ ଭାରି ଚପୁଳି। ତା’ପରେ ସେ ଗାଇଲେ ଗୋଟିଏ ଗୀତ। ସେ ଯେ କଣ ଗାଇଲେ ମୁଁ ତାର ପଦେ ବି ଧରି ପାରିଲି ନାହିଁ—ମୁଁ ତ ଖାଲି ଚାହିଁ ରହି ଥାଏଁ ତାଙ୍କ ମୁହଁକୁ—କଣ ଭାବ ଥିବେ କୁଏତ।

କ୍ରମେ ତାଙ୍କ ଘର ସଙ୍ଗରେ ହେଲା ମୋର ଘନିଷ୍ଠତା। ସବୁ ସୁବିଧା ଭିତରେ ଗୋଟିଏ ବଡ଼ ଅସୁବିଧା ଥାଏ କେବଳ ଆମର ଜାତ—ବୈଷମ୍ୟ। ଅଉ ସେଥିପାଇଁ ମୁଁ ବଡ଼ ଦବି ଯାଉଥାଏଁ। ଇମିତି ମୋର ସୁଖର ଦିନ ଗୁଡ଼ାକ ଭିତରେ ହଠାତ୍ ଦିନେ ଆସି ହେଉଛନ୍ତି ଶଚୀନ୍ଦ୍ର। ସିଏ ଦିନର ବନ୍ଧୁ—ଅନେକ ଦିନରୁ ଦେଖା ନଥିଲା। ସୁତରାଂ ତାକୁ ଏଡ଼ାଇ ଦେବାର ଉପାୟ ନ ଥିଲା। ସେ ରହିଲା କିଛିଦିନ ପାଇଁ ମୋ ପାଖରେ। ସ୍ୱା ଭିତରେ ଅଉ ଭଦ୍ରଲୋକଙ୍କ ଘରକୁ ଯିବାକୁ ସୁବିଧା ପଡ଼ୁ ନ ଥାଏଁ। ହଠାତ୍ ଦିନେ ଯାଇ ପହଞ୍ଚିଲି। ମିନା କହିଲେ— “ଚାଟ ଭୁଲି ନଗ୍ଲେ?”—“ନା, ନା ତା’ ନୁହେଁ, ତେବେ ମୋର ଜଣେ ବନ୍ଧୁ ଆସିଛନ୍ତି”— “ଓ ଆଶ୍ଚର୍ଯ୍ୟ” ମିନା ପାଟି କରି ଉଠିଲେ— “କାହିଁକି, ବନ୍ଧୁଙ୍କୁ ଆଣିଥିଲେ କଣ—।” ଅରେ ସତେ ତ। ଛି, ଛି, ଏଇ କଥାଟା ଖିଆଲ୍ ହେଲା ନାହିଁ—ଭାରି ଦୁଃଖିତ ହେଲି— ତହିଁ ଆରଦିନ ନିଶ୍ଚେ ସେମାନଙ୍କ ଘରକୁ ଆସିବି ବୋଲି କହି ସେଦିନ ଆସିଲି। ସେଦିନ ଦୁହେଁ ଯାଇ ଗଲୁଁ। ମନଟା ଭାରି ଖୁସି ଥାଏ—ଶଚୀନ୍ଦ୍ରକୁ ଦେଖାଇ ଦେବି ମୁଁ କେମିତିଆ ଲୋକଙ୍କ ସଙ୍ଗରେ ବସାଉଠା କରେଁ। ଶଚୀନକୁ ଦେଖି ସେମାନେ ଭାରି ଖୁସି ହେଲେ। ମୋ ଠାରୁ ଅଳ୍ପ କମ ସମୟ ଲାଗିଲା ତାକୁ ଅଳାପ ଜମାଇ ନେବାକୁ—ସେଠା ସବୁଦିନେ ଭାରି ଆଗଚାଲା। କିଛିକ୍ଷଣ ପରେ ଦେଖିଲି ମିନା ଅଉ ଶଚୀନ୍ଦ୍ର ଦୁହେଁ ଭାରି ଗପରେ ମାତିଛନ୍ତି। ଝରକା ପାଖକୁ ଚୌକିଟା ଟାଣି ନେଇ ଟିକିଏ ଅଲଗା ହୋଇ ବସିଲି ଅଭିମାନରେ। ଫେରିବା ବେଳେ ମିନା ସଙ୍ଗରେ ଆସିଲେ ଫାଟକ ପର୍ଯ୍ୟନ୍ତ ଆଗେଇ ଦେବାକୁ। ମୋତେ କହିଲେ—ଅଉଦିନେ ଆପଣଙ୍କ ବନ୍ଧୁଙ୍କୁ ସଙ୍ଗରେ ଆଣିବେ କିନ୍ତୁ—ଭାରି ଚମତ୍କାର ଲୋକ। ଅଉ ଶଚୀନ୍ଦ୍ରବାବୁ, ଆପଣ ବି ମଝିରେ ମଝିରେ ଏ ଆଡ଼େ ଟିକିଏ ବୁଲି ଆସିବେ। କଥାଟା ଶୁଣି ମନଟା ମୋର ଖଟା ହୋଇଗଲା।

ଇମିତି ଶଚୀନ୍ଦ୍ର ହେଲା ସେମାନଙ୍କ ସଙ୍ଗରେ ପରିଚିତ। ଗୋଟିଏ ଚାକିରି ପାଇ ଶଚୀନ୍ଦ୍ର ରହିଗଲା ସହରରେ ଗୋଟିଏ ବସା କରି। ଆମେ ଦୁହେଁଯାକ ସେଠାକୁ ଯାଉଁ—, ମୁଁ ଯେତେବେଳେ ଯାଏଁ ଶୁଣେ ଶଚୀନ୍ଦ୍ର ଆଗରୁ ଯାଇ ସେଠି ହାଜର—ନିଶ୍ଚୟ ହୋଇ



Digitized by srujanika@gmail.com

ଫେରୁ ଅଛେଁ—ଏମିତି କେତେ ମୋର ମିତ୍ରାଙ୍କ ଘରକୁ ଯିବା କମି ଆସିଲା ।

ଏଠାରୁ କେତେଦିନ ପରେ ଶଚୀନ୍ଦ୍ର ଆସି ମୋ ଦୋକାନରେ ହାଜର । ମୁହଁରେ ତାର ବେଦନାର ଚିହ୍ନ—ହେବନି ହୁଏତ ଖୁବ୍ ବଡ଼ ରକମର ଗୋଟାଏ ଧକ୍କା ଖାଇଛି, ଖୁବ୍ ଭଲ ହୋଇଛି—ମନେ ମନେ ଟିକିଏ ଖୁସିହେଲି । ଏଣୁ ତେଣୁ କଥାବାର୍ତ୍ତା ପରେ ଶଚୀନ୍ଦ୍ର କହିଲା ଭାଇ ତୋତେ ମୋର ଗୋଟିଏ ଅନୁରୋଧ ରଖିବାକୁ ହେବ । —କିଛି ବୁଝି ପାରିଲି ନାହିଁ । —ଭାଇ ଶଚୀନ୍ଦ୍ର ପୁଣି ଆରମ୍ଭ କଲା—'ମିତ୍ରାକୁ ନପାଇଲେ ମୁଁ ବଞ୍ଚିବି ନାହିଁ । —ଆରେ ଏଇକଥା—ଗୋଟାଏ ନିଶ୍ୱାସ ଛାଡ଼ିଲି । ଟିକିଏ ଗମ୍ଭୀର ହୋଇ ପଚାରିଲି—"ମିତ୍ରାର ଚାଲିଚଳଣ କେମିତିକା ?" ।—"ଭାଇ ତା' କଥା କିଛି ବୁଝିହେଉ ନାହିଁ, ତେବେ ଅନୁକୂଳ ଭଳି ଜଣା ପଡ଼ୁଛି ।" ଛାତିଭିତରେ ମୋର କଣ ଗୋଟାଏ ଖଟ୍‌କିବାର ଲାଗିଲା । —ଶଚୀନ୍ଦ୍ର କହିଲା—"ତେବେ ବେଳେ ବେଳେ ଏମିତି ମୋଡ଼ କରୁଛି ଯେ—"ଉଃ, ଯାହାହେଉ ଟିକିଏ ସାନ୍ତ୍ୱନା ପାଇଲି । କିନ୍ତୁ ମୁଁ ଯେ, ଏଥିରେ ତାର କଣ ସାହାଯ୍ୟ କରିପାରେ କିଛି ବୁଝିପାରିଲି ନାହିଁ । —"ତୋତେ ଟିକିଏ ମୋପାଇଁ କଷ୍ଟ କରିବାକୁ ପଡ଼ିବ"—ଶଚୀନ୍ଦ୍ର ମୋ ହାତଟାକୁ ଧରି ପକାଇଲା, କହିଲା—"ମୁଁ ଶୁଣିଛି ତମର ଏମିତି ଔଷଧ ଅଛି, ଯା' ଖାଇଲେ ଜଣେ ଜଣକ ଆଡ଼କୁ ଢ଼ଳି ପଡ଼ିବ"—ତା' କଥାରେ ହୋ ହୋ କରି ନହସି ରହି ପାରିଲି ନାହିଁ । —"ଆରେ ଏଟା କଣ କାମାଖ୍ୟା, ନା ମୁଁ ଗୁଣିଆ ଯେ ଗୁଣ କରିଦେବି—ଯାଃ, ଯାଃ, ମୂର୍ଖ ଟା । —ଯା, ଯା, ଗୋଟାଏ ଗୁଣିଆ ପାଖକୁ ଯା, ସେ ତା' କାଉଁରୀ ହାଡ଼ ଛୁଆଁଇ ଦେବ ଯେ ମିତ୍ରା ତୋ ପଛରେ କୁକୁରପରି ଗୋଡ଼ାଇବ ।" ଶଚୀନ୍ଦ୍ର ବିଚରା ଏତେ ଦୁଃଖରେ ବି ନ ହସି ରହି ପାରିଲା ନାହିଁ ।—"ନା ଭାଇ, ତୁ ଥଟ୍ଟା ବୁଝନା—ମୁଁ ଥଟ୍ଟା କରି କହୁ ନାହିଁ ।"—ଶଚୀନ ବିଚରା କାନ୍ଦ କାନ୍ଦ ହୋଇଗଲା, ତା' କରୁଣ ଦେଖି ବଡ଼ ଦୟା ଲାଗିଲା ।—ଟିକିଏ ସହାନୁଭୂତି ଦେଖାଇ କହିଲି—"ଅଚ୍ଛା ହେଉ, କହ, ମୁଁ ସବୁ ଶୁଣେଁ ତା ପରେ ସେ ଔଷଧ ଦେବି—" ଶଚୀନ୍ଦ୍ର ଟିକିଏ ଆଶ୍ୱସ୍ତ ହୋଇ ଆରମ୍ଭ କଲା—"ଭାଇ, ତୁ ତ ଜାଣୁ ମୁଁ ପ୍ରାୟ ମିତ୍ରା ଘରକୁ ଯାଏଁ, ସୁତରାଂ ଯାହା ଘଟିବାର ତାହାହିଁ ଘଟିଛି—ତାକୁ ନ ପାଇଲେ ମୁଁ ବଞ୍ଚିବି ନାହିଁ । ଆଉ ମିତ୍ରାର ବି ଇଚ୍ଛା ଥିଲାପରି ଜଣା ପଡ଼ୁଛି—ତେବେ ଭାଇ, ତା' କଥା କିଛି ଠିକ କରି କହି ହେବ ନାହିଁ—ବେଳେବେଳେ ଏମିତି ବିପରୀତ ଭଙ୍ଗୀ ଦେଖାଉଛି ଯେ—" "ଆଉ ତାଙ୍କ ବାବାଙ୍କର ?" ମୁଁ ଅଧିକ ଟିକିଏ ଗମ୍ଭୀର ହୋଇଗଲି—"ତାଙ୍କଠି ବିଶେଷ କିଛି ନାହିଁ, ସେ ହୁଏ ତ ଆପତ୍ତି କରି ପାରନ୍ତି—ଖାଲି ଏଇ ମିତ୍ରାଠି ସବୁ କଥା—ତେବେ ଆମେ ଗୋଟାଏ ଉପାୟ ପାଞ୍ଚୁଛୁଁ—ଆଜ ରାତିରେ ମିତ୍ରା ଆଉ ମୁଁ ଦୁହେଁଯାକ ଚାଲି ଆସିବୁଁ ଆମ ବସାକୁ । ସେଠି ହେବ ଆମର ବୁଝିଲୁ ନା—ତା ପରେ ବୁଢ଼ାର ଆଉ ଉଁ, ଆଁ କରିବାର ବାଟ ନ ଥିବ ଯେ—" ଭବିଷ୍ୟତର ସୁଖର କଳ୍ପନାରେ ଶଚୀନ୍ଦ୍ରର ମୁହଁରେ ହସ ଖେଳିଗଲା । ରାଗରେ କିନ୍ତୁ ମୋର ଛାତି ଜଳିଗଲା ।—କଣ ସ୍ପର୍ଦ୍ଧା, ଜନାକାଣ୍ଡ, ଭଦ୍ରଲୋକ ଘର ଝିଅକୁ ଚୋରି କରି ନେଇଯିବ ! ବଦ୍‌ମାସ ! ଧକ୍କା ଦେଇ ବସ୍ତାକୁ ତଡ଼ି ଦେବି ନା, ପୁଲିସକୁ ଧରାଇ ଦେବି ।—"ତେବେ ବି ଭାଇ ମିତ୍ରାକୁ ବିଶ୍ୱାସ ନାହିଁ ।" ମୁଁ ଟିକିଏ ଚୁପ ମାରି ବସି ରହିଲି ଶଚୀନ୍ଦ୍ର ପୁଣି ଆରମ୍ଭ କଲା—"ତେବେ ବି ଭାଇ, ମିତ୍ରାକୁ ବିଶ୍ୱାସ ନାହିଁ—ଯଦି ଠିକ୍ ଆସଲ ବେଳରେ ମୋଡ଼ ବସେ—ସେଇଥିପାଇଁ ସିନା ତୋ ପାଖକୁ ଧାଇଁ ଆସିଛି—ଭାଇ ତୁ ମୋତେ ସାହାଯ୍ୟ ନ କଲେ ଚଳିବ ନାହିଁ—ଶଚୀନ୍ଦ୍ର ଆକୁଳରେ ମୋ ହାତ ଧରି ପକାଇଲା ।—ତୋର ସେ ଔଷଧ କୌଣସିମତେ ତାକୁ ଖୁଆଇ ଦେଲେ, ବାସ୍, ସବୁ ଥଣ୍ଡା ହୋଇଯିବ—ସ୍ୱେଚ୍ଛାରେ ମୋ ସଙ୍ଗରେ ବାହାରି ଆସିବ ।" କଥା ଗୁଡ଼ାକ କହି ଶଚୀନ ମୋ ମୁହଁ ଆଡ଼କୁ ଅନାଇ ରହିଲା । ବହୁତ ଭାବ ଚାବ ଗୋଟାଏ ବାଟ ଦିଶିଲା—ହୁଁ ବଦ୍‌ମାସଟାକୁ ଠିକ୍ ଜବ୍ଦ କରିବି । କମ୍ପାଉଣ୍ଡିଂ ରୁମକୁ ଉଠି ଯାଇ ଆଲମାରି ଭିତରୁ ଥୋଡ଼ା ପାଉଡର କାଢ଼ି ଗୋଟାଏ କାଗଜରେ ମୋଡ଼ି ଆଣି ତା ହାତରେ ଦେଲି, କହିଲି—"ଦେଖ୍, ଏଇ ପାଉଡରଟା ନେଇ ଯା, କିନ୍ତୁ ଖାଇବା ଜିନିଷରେ ଗୋଳି ଦେବୁ ନିର୍ଦ୍ଦିଷ୍ଟ ସମୟର ଅନ୍ତତଃ ୨ । ୩ ଘଣ୍ଟା ପୂର୍ବରୁ । ଖବରଦାର ! ସଙ୍ଗେ ସଙ୍ଗେ ଖାଇଲେ କିଛି କାମ ଦେଖାଇବ ନାହିଁ ଟି, ଅନ୍ତତଃ ଦୁଇ ତିନି ଘଣ୍ଟା ପୂର୍ବରୁ ଖାଇବା ଦରକାର ।" ଶଚୀନ୍ଦ୍ର ଧନ୍ୟବାଦଟାଏ ଦେଇ ଛଞ୍ଚାଣ ପରି ମୋ ହାତରୁ ସେଟାକୁ ଛଡ଼ାଇ ନେଲା । ମୁହଁରେ ତାର ହସ ଉର୍ତ୍ତି ।—"ଅଚ୍ଛା ଭାଇ, ତେବେ ନମସ୍କାର ବହୁତ ବହୁତ । ଭାଇ ବହୁତ ବହୁତ ।" ଶଚୀନ ତରବର ହୋଇ ଉଠି ପଡ଼ୁଥିଲା, ମୁଁ ତା ହାତ ଯୋଡ଼ାକୁ ଧରି ପକାଇଲି—"ଭାଇ, ଖବରଦାର, କାହାରି ଠାରେ ଏ କଥା କହିବୁ ନାହିଁ ଟି—ତା'ହେଲେ ମୋ ବ୍ୟବସାୟ ଉପରେ—ବୁଝିଲୁ ନା ?" ମୁହଁଟାକୁ ଟିକିଏ ଅନର୍ଥକ ଶୁଖାଇ ପକାଇଲି । "ହଁରେ ହଁ, ଏତେ ବୋକା ପାଇଲୁ ମୋତେ, ନା ?—" ଶଚୀନ ଚାଲିଗଲା । ମୁଁ ବି ବିଦାୟ ଦେଇ ଘର ଭିତରକୁ ପଶିଗଲି । କିଛିକ୍ଷଣ ପରେ ପ୍ରାଣ ଖୋଲି ଖୁବ୍ ଗୋଟାଏ ହସି ନେଲି—ଈର୍ଷ୍ୟା ଯାଇ ନ ଥିଲା ।—ଦେଇଛି ବଦମାସକୁ ଏକେବାରେ ଫୁଲ୍ ବନେଇ । ଏମିତି ଔଷଧ ଦେଇଛି ଯେ ଯା' ସଙ୍ଗରେ ପଳାଇବ କଣ, ତାକୁ ଖାଇ ଗଣି ଗଣି ଆଠ ଘଣ୍ଟା କୁମ୍ଭକର୍ଣ୍ଣ ପରି ପଡ଼ି ରହିବ ନିଦରେ । ହୁଁଃ, ଚୋରି କରିବ ।

ତାପରେ ଉପରଓଳି ଗଣ୍ଡେ ଚିଠିରେ ସବୁ କଥା ଲେଖି ଫଇଜୁ ହାତରେ ଦେଲି ମିତ୍ରାର ବାବାଙ୍କୁ ଦେବାପାଇଁ ।—"ଖବରଦାର" ଫଇଜୁ ଛଡ଼ା ହୋଇଗଲା—"ମିତ୍ରାର ବାବା ଛଡ଼ା ଅନ୍ୟ କାହାରି ହାତରେ ଯେପରି ନ ପଡ଼େ ।" ବହୁତ ଅଣ୍ଟାଏ କହି ଫଇଜୁ

Digitized by srujanika@gmail.com

## 'ପ୍ରଗତିକା' Speaks:—

(ଲେଖିକା—ଶ୍ରୀମତୀ ଛବିଲା ଦେବୀ)

ଆମେ "ପ୍ରଗତିକା" ନାରୀ
ପ୍ରଗତି-ନଉକା ଉପରେ ବସାଇ
ଦେଶକୁ କରୁଛୁ ପାର,
ଆମେ ପ୍ରଗତିକା ନାରୀ । ୧ ।

ଆମେ "ପ୍ରଗତିକା" ବାଳୀ
ପ୍ରଗତି-ନାଆଁରେ କୁସଂସ୍କାର-ଖୋଳ
ଦେଉଅଛୁଁ ଅମେ ଜାଳି
ଅମେ ପ୍ରଗତିକା ବାଳୀ । ୨ ।

ଅମେ "ପ୍ରଗତିକା" ଯୋଷା
ଆମ ମେଣ୍ଟ ଦେଖି ପଳାନ୍ତୁ ପୁରୁଷେ
ବୋପାକୁ ଡ଼ାକି ମଉସା
ଅମେ ପ୍ରଗତିକା ଯୋଷା । ୩ ।

ଅମେ "ପ୍ରଗତିକା" ସ୍ତ୍ରିରୀ
ପୁରୁଷ ବାପୁଡ଼ା ହେବେ କାହିଁକି ରେ
ଆମ ଜୀବନ କାଣ୍ଡାରୀ ?
ଅମେ ପ୍ରଗତିକା ସ୍ତ୍ରିରୀ । ୪ ।

ସେ କାଳ ଯାଇଛୁ ଚାଲି
କବିବାଦେ ଯେବେ ଗର୍ବେ ଧରିଥିଲୁ
ପୁରୁଷଙ୍କ ପିଲପିଲି
ସେ କାଳ ଯାଇଛୁ ଚାଲି । ୫ ।

ଅସିଛୁ ନବୀନ ଯୁଗ
ପୁରୁଷଙ୍କୁ ଅମେ deny କରିବୁଁ
Hereto—ସୁଲଭ ଭୋଗ
ଅସିଛୁ ନବୀନ ଯୁଗ । ୬ ।

ନେବୁଁ ଅମେ ସ୍ୱାଧୀନତା
ପୁରୁଷ ଅଗରେ ନତ ହେବ ନାହିଁ
ଅମର ଏ ଉଚ୍ଚ ମଥା
ନେବୁ ଅମେ ସ୍ୱାଧୀନତା । ୭ ।

ଆମ youth, beauty
ଅକ୍ଳେଶରେ ହାତ ମୁଠାକୁ ଅଣିବ
କେତେ ପୁରୁଷଙ୍କ ରତି
ଆମ youth, beauty. । ୮ ।

Marriage ଗୋଟାଏ curse
ସେଇ ବାଟେ ସିନା slaveryର hand
କରଇ ଅମକୁ ପର୍ଶ
Marriage ଗୋଟାଏ curse. । ୯ ।

ବିରାଟ ଏ ବିଶ୍ୱ-କ୍ଷେତେ
graze କରିବାର ସୁବିଧା ଅମକୁ
ମିଳିଯିବ ହାତେ ହାତେ
ବିରାଟ ଏ ବିଶ୍ୱକ୍ଷେତେ । ୧୦ ।

ହେଲେ ବା Married ଭ୍ରମେ
ପତିତା-ମଣିକ ଗୋଡ଼ମୁଣ୍ଡ ଥାପି
ମକ୍ଷିବା ପ୍ରଗତି-କାମେ
ହେଲେ ବା Married ଭ୍ରମେ । ୧୧ ।

Marriage ବିନା Mother
ହେଲେ ସେ ଦାୟିତ୍ୱ ଏଡ଼ିବା ପାଇଁକି
ଅଛୁ ହଜାରେ ଉପାୟ
Marriage ବିନା Mother. । ୧୨ ।

ଅସ ଲୋ Sisters ଅସ
ପ୍ରଗତି-ନଉକା ପାଲ ମେଲିଲଣି
ପିଠା ମୁକତିର ଦେଶ
ଅସ ଲୋ Sisters ଅସ । ୧୩ ।

ଅସ ରେ ଯୁବକେ ! ଅସ,
kick ଦେଇ କରି Society ମୁଣ୍ଡେ
To join ପ୍ରଗତି-ଗ୍ରାମ
ଅମରେ ଯୁବକେ ! ଅସ । ୧୪ ।

Morality mon-ster
ମିଳି ମିଶି ତାକୁ କରିବାକି ଦୂର
Palsy ଅଟେ ସେ brainର
Morality monster. । ୧୫ ।

Scriptureକୁ ଦିଅ ପୋଡ଼ି
ଦେଶର ଗୋଡ଼େ ତା ହୋଇଅଛୁ ବେଡ଼ି
(ଅସ) ପ୍ରଗତି ପଥରେ ଉଡ଼ି
Scriptureକୁ ଦେଇ ପୋଡ଼ି । ୧୬ ।

ପ୍ରଗତିର ହେଉ ଜୟ
ପୁରୁଷ-ପତନ ନାରୀ-ଉତ୍ଥାନ—
Play ହେଉ ଅଭିନୟ
ଗାଅ ପ୍ରଗତିର ଜୟ—
ପୁରୁଷ ଜାତିର କ୍ଷୟ—।
Down with male creation
ଜୟ ପ୍ରଗତିକା ଜୟ
ଜୟ ଅଧୁନିକା ଜୟ
ପୁରୁଷ ଜାତିର କ୍ଷୟ । ୧୭ ।

---

ମଜାକଥା— ପୂର୍ବପୃଷ୍ଠା ଉତ୍ତାରୁ

ବାହାରି ପଡ଼ିଲି । ମୁଁ ବି ଉତ୍କଣ୍ଠିତ ହୋଇ ବସି ରହିଲି ଫଇଜ୍‌ର ଫେରିବାକୁ ଚାହିଁ ।

ପ୍ରାୟ ଅଧଘଣ୍ଟାଏ ପରେ ଫଇଜ୍ ଫେରିଲା । ହାତରେ ଟଙ୍କେ ଶହେ । ତରତର ହୋଇ ଖୋଲି ଏକା ନିଶ୍ୱାସକେ ପଢ଼ିନେଲି । ଔଷଧ ଠିକ ଧରିଛି—ମିହାର ବାବା ନ ଶୋଇ ରାତିରେ ଜଗି ବସିବେ, ତାପରେ ଅଧରାତିରେ ଶଚୀନ୍ଦ୍ର ଗଲେ—ପ୍ରହାରେଣ—ବାସ୍ । ଠିକ୍ ହେବ । ସେ ଦିନ ରାତିରେ ଫଇଜୁ ଚାଲିଗଲା । ଦୋକାନ ଖୋଲି ବସି ରହିଲି ମୁଁ । କେତେବେଳେ ପ୍ରହାରଟା ଖାଇ ଶଚୀନ୍ଦ୍ର ଅସିବ ମୋହର ପାଖକୁ ଫାଷ୍ଟଏଡ୍ ପାଇଁ । ରାତି ସାରା ଅଉ ଅଖି ବୁଜି ପାରିଲି ନାହିଁ—କେତେବେଳେ ଅସି ପହଞ୍ଚିବ ଅବା । କିନ୍ତୁ ନାହିଁ ଦେଖୁଁ ଦେଖୁଁ ଅସି ସକାଳ ହେଲା । ତେବେ କଣ କିଛି ଭୟଙ୍କର ଘଟିଲା କି—ଛାତିଟା ମୋର ଥରି ଉଠିଲା । ଭାବିଲି, ଯାଇ ଦେଖି ଅସିବି, କିନ୍ତୁ ନାଃ, ମୋର ଯିବାଟା ଠିକ ହେବ ନାହିଁ । ହିଁ, ଠିକ୍, ଫଇଜୁ ଦ୍ୱାରା ଘଟଣାଟା ବୁଝିବାକୁ ହେବ—ଫଇଜୁକୁ ଚାହିଁ ବସି ରହିଲି । ହଠାତ୍ ଦୋକାନ ଅଗରେ ଗୋଟାଏ ମଟର ଛିଡ଼ା ହେଲା । ଶବ୍ଦ ଶୁଣି ବାହାରୁ ଅସି ଦେଖେ ଶଚୀନ୍ଦ୍ର ଦୋକାନକୁ ଅସୁଛି, ଦେହ ଅକ୍ଷତ ଶରୀର, ମୁହଁରେ ହସ ଧରୁନାହିଁ । ମନଟା ଦବି ଗଲା—ତେବେ କଣ, ତେବେ କଣ—"ଅରେ କଣ୍ଟା ଫଟେ ।" ଶଚୀନ୍ଦ୍ର ପାଟି କରି ଉଠିଲା, ମୁଁ ପାଖ ଚୌକିଟାରେ ଧପ୍ କରି ବସି ପଡ଼ିଲି । "ଭଗବାନଙ୍କ ଦୟା । ନିହା କାଲି ଭାରି ଭଲ ମନରେ ଥିଲା, ଏକାବେଳକେ ଅପତ୍ତି ନାହିଁ—ଉଜର ନାହିଁ । ଭାରି ସୁନ୍ଦର ଫଏସଲା—ବୁଝିଲୁ ?" ଛାତିଟା ମୋର ଶୁଖି ଗଲା, ଶୁଖ ଟାଣି ଟାଣି ପଚାରିଲି,—"ଅଉ ମୋର ସେଇ ପାଉଡ଼ରଟା ?"—"ଅରେ ହିଁ, ତୋତେ ଅଶେଷ ଧନ୍ୟବାଦ । କିନ୍ତୁ ଭାଇ, ତୋର ଏତେ ବଡ଼ ଉପକାରଟା କିଛି କାମରେ ଲାଗିଲା ନାହିଁ, ରହିଲା ତ, ନିହା ଅଉ କିଛି ଦରକାର ନଥିଲା । ତେବେ ତାଙ୍କ ବାବା କାଲି ଯେ ରକମ ଠିକଣାଏ ବାହାର କଣା ନଡ଼ିଚଡ଼ି ଲାଗିଥିଲା କିଛି ଠିକ ଧରି ପାରିଲି ନାହିଁ—କେବେ ତ ଏକର ତାଙ୍କୁ ଦେଖି ନାହିଁ । ଗୋଟାଏ ବୁଦ୍ଧି ଦଶିଗଲା । ଏମିତେ ସେଅତେ ଖୁବ୍ ଚୋର, ସେଇ ଔଷଧଟାକୁ ତାଙ୍କର ଖୁଡ଼ାଙ୍କର ପିଆଇ ଦେଲି, ବୁଝିଲୁ ତା,—ହେଁ—ହେଁ—"

'ହେଁ, ଭଲ', କିଛିକ୍ଷଣ ପରେ ଶଚୀନ୍ଦ୍ର ଚମକି ପଡ଼ିଲା ପରି ଲାଗିଲା,—"ହଁ ମୁଁ ତ ଭୁଲି ଯାଉଥିଲି, ଭାଇ ତୁ କିଛି ନଗଲେ ଚଳିବ ନାହିଁ, ନିହା ଭାରି ଦୁଃଖିତ ହେବ ।—ଏ ରେ, ତୁ କମିତି ଶୁଖିଲା ଦିଶୁଛୁ ଯେ, କାଲି ରାତିରେ ନିଦ ଭଲ ହୋଇନାହିଁ କଣ୍ଠେ । ତା' ଉପରେ ପୁଣି ଏତେ ସକାଳୁ ଦୋକାନ ଖୋଲିଲୁଣି—ଯାଃ, ଯାଃ, ଶୋଇ ପଡ଼ିବୁ ଟିକିଏ । କମିତି କଲେ ସ୍ୱାସ୍ଥ୍ୟ ଭଙ୍ଗ ହୋଇ ଯିବ ଯେ—ହିଁ ଠିକ ଯିବୁ କିନ୍ତୁ, ନିରାଶ କରିବୁ ନାହିଁ । ନିହା କିନ୍ତୁ ଭାରି ଦୁଃଖିତ ହେବ ତା' ହେଲେ ।—ତେବେ ଅଜି ଯାଉଛି ଭାଇ । ମୁଁ ବଡ଼ ବ୍ୟସ୍ତ, କ୍ଷମା କରିବୁ ।" ଶଚୀନ୍ଦ୍ର ରାସ୍ତାକୁ ବାହାରି ପଡ଼ିଲା । ଦରପୋଡ଼ା ସିଗାରେଟଟା ମୋ ଅଜାଣିତ ହାତରୁ ଖସି ପଡ଼ିଲା କେତେବେଳେ ମୁଁ ଜାଣେନାହିଁ ।

(* O. Henryଙ୍କର ଗୋଟିଏ ଗଳ୍ପରୁ ।)



Digitized by srujanika@gmail.com



# ଇଦ୍‌ର ଚାନ୍ଦ

ଲେଖକ—ଶ୍ରୀ—ଅନାମ

ଆଜି ଇଦ୍‌ର ଚାନ୍ଦ । ଶହ ଶହ ହଜାର ହଜାର ଲୋକ—ବାଳ, ବୃଦ୍ଧ, ଯୁବା ଧାଇଁଛନ୍ତି ଚାନ୍ଦ ଦେଖିବାକୁ । କିଏ ନଈ କୂଳରେ, କିଏ ଖୋଲା ପଡ଼ିଆରେ, କିଏ ଛାତ ଉପରେ ଉତ୍ସୁକ ନୟନରେ ଚାହିଁ ରହିଛନ୍ତି ଆକାଶକୁ ।

କରିମ୍ ଶୋଇଛି ତାର ସେଇ ଜୀର୍ଣ୍ଣ ଖଟିଆ ଉପରେ, ଏକାକୀ । ପାଖ ପଡ଼ଶା ଘରେ ପିଲାଟିଏ କାନ୍ଦି ଉଠିଲା "ମା, ମୁଁ ଇଦ୍ ଚାନ୍ଦ ଦେଖିବି ।" ମା କହିଲା "ବେଳ ହୋଇ ନାହିଁରେ—ଚାନ୍ଦ ଉଇଁଲେ ତ ପାଇଁ ଦେଖିବୁ । ନା, ମୁଁ ଏଇକ୍ଷଣି ଦେଖିବି ।"

"ଏଇକ୍ଷଣି ଚାନ୍ଦ କେଉଁଠୁ ଆସିବ । ଆଉ ଦଣ୍ଡେ ରହ ବାପୁ ।"

"ନାଇଁ, ମୁଁ ଏଇକ୍ଷଣି·· ···

ବୃଦ୍ଧ କରିମ୍‌ର ଦୁଇ ଆଖିରୁ ଦୁଇ ଟୋପା ତପ୍ତ ଅଶ୍ରୁ ତାର ସେଇ ଲମ୍ବ ଧଳା ଦାଢି ଉପର ଦେଇ ଲୀନ ହୋଇଗଲା । ଗଡ଼ି ପଡ଼ିଲା ଟପ୍ - ଟପ୍ ।

ଅନେକ ଦିନର କଥା । କରିମ୍ ଥିଲା ଜବାନ୍ ମର୍ଦ୍ଦ । ତାର ଥିଲା ମେଓ୍ୱା ଦୋକାନ । ବିବି ଅମିନା ଓ ସେ ଦୁଇ ପ୍ରାଣୀ ଦୁଇଟି ମସ୍ତ ବୁଲ୍‌ବୁଲ ପରି ବଡ଼ ଦିଲ୍ ଖୁସିରେ ଦିନ କାଟୁଥିଲେ ।

କେତେ ବର୍ଷ ଗଲା ବିତି । ଦୁହିଙ୍କର ମନେ ହେଲା ଗୋଟିଏ ପିଲାବିନା ଜୀବନଟା ବୃଥା । ଘରଟା ଶୂନ୍ୟ । ଖୁଦାଙ୍କ ଠାରେ କେତେ ଦୁଆ ହେଲା । ପୀର କେତେ ସିରିନି ଖାଇଲେ, କିନ୍ତୁ କାହାର ମେହେରବାନି ହେଲା ନାହିଁ ଏହି ଦୁଃଖୀ ଦମ୍ପତି ପ୍ରତି ।

ଇଦ୍ ଆସିଲା । ସ୍ୱାମୀ ସ୍ତ୍ରୀ ଉଭୟେ ଅଶ୍ରୁ ମାଖି ଛାତ ଉପରେ ବସି ରହିଲେ । ଇଦ୍‌ର ପହିଲା ଚାନ୍ଦ ଦେଖିବେ ଓ ଦୁଆ କରିବେ ।

ଆସମାନରେ ଚାନ୍ଦ ଉଠିଲା କ୍ଷଣି କରିମ୍ ଓ ଅମିନା ଦୁହେଁ ନତଜାନୁ ହୋଇ ପ୍ରାର୍ଥନା କଲେ –'ବକସେ ପିଲା ।' ଦୁହିଙ୍କର ଦୁଇ ଆଖିରୁ ଧାର ଧାର ହୋଇ ଲୁହ ଭାସିଗଲା ।

ଖୁଦା ଗୁହାରି ଶୁଣିଲେ । ଆର ବରଷର ଇଦ ବେଳକୁ ଅମିନା କୋଳରେ ଗୋଟିଏ ଚାନ୍ଦ ପରି ଶିଶୁ । ପିଲାଟିର ନାମ ହେଲା ଇଦୁ ।

ବର୍ଷେ ଗଲା, ଦି ବର୍ଷ ଗଲା, ତିନି ବର୍ଷ ଗଲା । ବଡ଼ ସୁଖରେ ବଡ ଆନନ୍ଦରେ ବଡ଼ ଆରାମରେ କରିମ୍ ପରିବାରର ଦିନ ଗୁଜୁରୁ ଥାଏ । ଚତୁର୍ଥ ଇଦ୍ ଦିନ ଇଦୁ କହିଲା "ବାପା, ମୁଁ ଚାନ୍ଦ ଦେଖିବି ।" କରିମ କହିଲା "ଚାନ୍ଦ ଉଠୁ, ଦେଖିବୁ ।"

"ନା ମୁଁ ଏଇକ୍ଷଣି ଦେଖିବି ।"

କରିମ ଇଦୁକୁ କୋଳରେ ଧରି ଛାତ ଉପରକୁ ଗଲା ।

ଚାନ୍ଦ ଉଠିଲା । କରିମ୍ ଇଦୁକୁ ଟେକି ଧରି ଗଛ ଉହାଡ଼ରେ ଉଇଁ ଆସୁଥିବା ଚାନ୍ଦକୁ ଦେଖାଇ ଦେଲା ।

ଚାନ୍ଦ ଦେଖିଲା କ୍ଷଣି ଆନନ୍ଦରେ ଅଧୀର ଇଦୁ ବାପାର କୋଳରୁ ତଳକୁ ଡେଇଁ ପଡ଼ିଲା ଆଉ "ମୁଁ ଇଦର ଚାନ୍ଦ ଦେଖିଛି, ମୁଁ ଇଦ୍‌ର ଚାନ୍ଦ ଦେଖିଛି" ବୋଲି ପାଟି କରି ଚାରି ପଟେ ଡେଇଁ ଡେଇଁ ନାଚି ବାକୁ ଲାଗିଲା । ସାଇ ପିଲାଏ ବି ଆସି ଜୁଟିଲେ । ସମସ୍ତିଙ୍କୁ ଇଦୁ ତାର କ୍ଷୁଦ୍ର ଆଙ୍ଗୁଳି ନିର୍ଦ୍ଦେଶ କରି ଚାନ୍ଦ ଦେଖାଇ ଦେଲା । ଚାନ୍ଦ ଦେଖି ପିଲାମାନଙ୍କର ଆନନ୍ଦରେ ସୀମା ନାହିଁ । ଇଦୁ ସେମାନଙ୍କ ସରଦାର ହିନା ସବୁଠାରୁ ବେଶୀ ମାତୁଥିଲା ।

ହଠାତ୍ ଶବ୍ଦ ହେଲା ଧୁସ୍ । ପିଲାଏ ଚିତ୍କାର କରି ଉଠିଲେ । କରିମ ଚାହିଁଥିଲା ମୁଗ୍ଧ ନେତ୍ରରେ ଚାନ୍ଦକୁ ଭକ୍ତି, ଆନନ୍ଦ ଓ କୃତଜ୍ଞତାରେ ତନ୍ମୟ ହୋଇ । ଶବ୍ଦ ଶୁଣି ଚମକି ପଡ଼ିଲା । ଦେଖିଲା ବେଳକୁ ଇଦୁ ଛାତ ଉପରୁ ଖସି ପଡ଼ିଛି—ଏକଦମ୍ ଜମିନ୍‌ରେ । ସେ ପାଗଳ ପରି ଦୌଡ଼ି ତାର ରକ୍ତାକ୍ତ ବେହୁସ୍ ଛୋଟିକି ଶରୀରଟିକୁ କୋଳରେ ଟେକି ଧରିଲା । ସେତେବେଳକୁ ସେ......

× × ×

ତାର ଏତେ ସାଧର, ଏତେ ସ୍ନେହର ଏତେ ଆଦରର ଇଦୁକୁ ସେ ହାତ ଘେନି କବର ଦେଇ ଆସିଲା ।

ଦିନ କେତୁଟା ପରେ ପରେ ଇଦୁର ମା ଅମିନା ତାର ଜାନ୍‌ରିଜାନ୍ ଇଦୁ ପାଖରେ ଚିର ଶୟନ କଲା । କରିମ୍‌ର ଆଉ ରହିଲା କଣ ? ତାର ସୁଖର ବଗିଚା ପୋଡ଼ି ଜଳି ଖାକ୍ ହୋଇଗଲା ।

କରିମକୁ କିନ୍ତୁ ମରଣ ନାହିଁ । ସେ ମଲେ ସେଇ ଦୁଇ କବର ଉପରେ ସାଞ୍ଜ ସଞ୍ଜବେଳେ ଲୋବାନର ଧୂପ ଦେବ କିଏ ? ସେ ଯେ ତାର କଲିଜାର ଲହୁକୁ ପାଣି କରି ପ୍ରତି ଦିନ ଇଦୁ ଓ ଅମିନାର କବର ଉପରେ ଝରି ଝରି କରି ଢାଳି ଦେଇ ଆସୁଚି । ସେଇଥିପାଇଁ ସେ ବଞ୍ଚିଛି ବଞ୍ଚି ।




## ଉତ୍କଳ ସାହିତ୍ୟ—ବୈଶାଖ ୧୩୪୫

ଓଡ଼ିଶାରେ ସାହିତ୍ୟ ପତ୍ରିକାମାନଙ୍କରେ ଚିତ୍ର ସମାବେଶ ସ୍ୱପ୍ନ ପରି । ଅତି ପୁରାତନ ଉତ୍କଳ ସାହିତ୍ୟ ସେ ନିୟମରୁ ବହିର୍ଭୂତ ନ ହୋଇ ନିଜର ନାମକୁ ସାର୍ଥକ କରି-ଛନ୍ତି । ତଥାପି ଉତ୍କଳର କେତେକ ପତ୍ର ପତ୍ରିକା ପାଠକ ବା ଗ୍ରାହକମାନଙ୍କର ଚିତ୍ତାକର୍ଷଣ କରିବା ପାଇଁ ହେଉ, ବା ନିଜର ଚିତ୍ରରସ-ଗ୍ରାହିତା ଦୋଷରୁ ହେଉ କିମ୍ବା ଋଣଂକୃତ୍ୱା ସାହିତ୍ୟ ସେବା କରିବା ଗୁଣରୁ ହେଉ ବର୍ଷାରମ୍ଭରେ ଗୋଟିଏ ଗୋଟିଏ ନୂତନ ଚିତ୍ର ପୃଷ୍ଠଦେଶରେ ବହି ଥାଆନ୍ତି । ମାତ୍ର ଉତ୍କଳ ସାହିତ୍ୟ ଯେ ଖାଣ୍ଟି ଉତ୍କଳ ସାହିତ୍ୟ । ସେ ଚିରଦିନ ନୂତନ, ଚିରନ୍ତନ; ସନାତନ—ତାର ପରିବର୍ତ୍ତନ ନାହିଁ—ସମୟ ତା ନିକଟରେ ପରାଜିତ ।

ବାହାରର ରୂପସଜ୍ଜା ବିଶେଷ ଦୃଷ୍ଟି ନ ଦେଇ ଟିକିଏ ଭିତରକୁ ପ୍ରବେଶ କଲେ ଜଣାଯିବ ଯେ ଅଭ୍ୟନ୍ତରୀଣ ବିଷୟ ଦିଗରୁ ମଧ୍ୟ ଏହା ନିଜ ନାମକୁ ସାର୍ଥକ କରିଛି । ବିଷୟ ବସ୍ତୁର ବୈଚିତ୍ର ନ ଥିଲେ ମଧ୍ୟ ଉତ୍କଳ ସାହିତ୍ୟ ସମ୍ବନ୍ଧରେ ସମ୍ୟକ ସମାଲୋଚନା ଯଦି ଉତ୍କଳ-ସାହିତ୍ୟର ମୌଳିକ ଉଦ୍ଦେଶ୍ୟ ହୋଇଥାଏ ତେବେ ଏ ବର୍ଷର ପ୍ରଥମ ସଂଖ୍ୟାଟି ଆମ୍ଭମାନଙ୍କୁ ପ୍ରତାରିତ କରିନାହିଁ । ଉତ୍କଳ ସାହିତ୍ୟ ସମ୍ବନ୍ଧରେ ସମାଲୋଚନା ଏବଂ ପ୍ରସ୍ତାବନା ମୂଳକ ଯେତେ ଗୁଡ଼ିଏ ଲେଖା ପାଇଲୁ ତା' ଭିତରୁ ସାହିତ୍ୟ ସମ୍ରାଟଙ୍କର (ସାହିତ୍ୟର ସମ୍ରାଟ ବା ଜୟପୁରର ଅଧୀଶ୍ୱର ବୋଲି ନୁହେଁ—ନିରପେକ୍ଷ ଭାବରେ ଦେଖି ବାକୁ ଗଲେ) ସର୍ବୋତ୍କୃଷ୍ଟ । ଭାଷାର ରକ୍ଷଣ-ଶୀଳତା ଥିଲେ ମଧ୍ୟ ପ୍ରକାଶ ଭଙ୍ଗୀରେ ନୂତନତ୍ୱ ଅଛି ଏବଂ ଚିନ୍ତାର ମୌଳିକତା ମଧ୍ୟ ପୂର୍ଣ୍ଣ ମାତ୍ରାରେ ରହିଛି ।

ପଶ୍ଚିମରେ ଯାହାକୁ ହିଟଲରିଜମ୍ କହୁଛନ୍ତି ଆମ ଭାଷାରେ ତାହା ସୋସିଏଲିଜମ ଓ କମ୍ୟୁନିଜ୍‌ମ । ଅବଶ୍ୟ କେତେ ଗୁଡ଼ିଏ ଅଯଥା ଅସୁବିଧା ଦୂର କରିବା ପାଇଁ ଷ୍ଟାଲିନଙ୍କ ଭଳି ସମୟ ସମୟରେ ଡିକ୍ଟେଟରିଏଲ କ୍ଷମତା ଜାରି କରିବାକୁ ପଡ଼ୁଥାଏ, ରକ୍ଷଣଶୀଳ ପରିପନ୍ଥୀ ସାହିତ୍ୟକୁ ଶୂଳରେ ଚଢ଼ାଇବାକୁ ପଡ଼ୁଥାଏ କିନ୍ତୁ ତାହା କରାଯାଏ କେବଳ ସାଧାରଣଙ୍କ ଭବିଷ୍ୟତ ମଙ୍ଗଳ ପାଇଁ ।

ସୂର୍ଯ୍ୟ ନାରାୟଣ ବାବୁଙ୍କ ଭୋଗ-ସାହିତ୍ୟ ପଢ଼ି ଆମ୍ଭେମାନେ ବିବ୍ରତ ହୋଇପଡ଼ିଲୁଁ । କାରଣ ସେ ନିଜ ଯୁକ୍ତିକୁ ସ୍ଥଳ ବିଶେଷରେ ନିଜେ ହିଁ ଖଣ୍ଡନ କରି ଶେଷକୁ ତାଙ୍କୁ ଯାହା ଭଲ ଲାଗିଛି ସେଇଟାକୁ ସେ ଜବରଦସ୍ତି ପାଠକମାନଙ୍କୁ ଭଲ ଲଗାଇବାକୁ ବାଧ୍ୟ କରିଛନ୍ତି । 'Art for art's sake' ନୀତିର ବିରୋଧୀ ସେ । ସେଥିପାଇଁ ଭଞ୍ଜ ସାହିତ୍ୟର ଭୋଗ ଦିଗଟାକୁ ସେ ନିନ୍ଦା କରିଛନ୍ତି—ଅଥଚ ତାର ଭିତରେ (କୋଇଲା ଭିତରେ ହୀରା ଥିଲା ପରି) ସେ କଳାର ମନୋହର ରୂପ ଦେଖିଛନ୍ତି । ଯେପରି ଯୁବକ ଯୁବତୀଙ୍କ ପ୍ରେମର ଖୁବ୍ ଭିତରକୁ ଚାହିଁଲେ ଗୋଟିଏ ମାନବ ଶିଶୁ ଦେଖାଯାଏ ହୁଏତ ସେହିପରି ।

ରୁଚି ମନୁଷ୍ୟର ସବୁ ଯୁଗରେ ସବୁ ସମୟରେ ଏବଂ ଦେଶ ବିଶେଷରେ ବିଭିନ୍ନ । ଭଞ୍ଜ ଯୁଗରେ ସମାଜର ରୁଚି ଯେ କ'ଣ ଥିଲା ତାହା ଭଞ୍ଜ ସାହିତ୍ୟ ନିର୍ଦ୍ଦେଶ କରି ଦିଏ ସିନା ମାତ୍ର ସେ ରୁଚିକୁ ନିନ୍ଦା କରିବା ପାଇଁ ଆମ୍ଭମାନଙ୍କୁ ସୂଚନା ଦିଏ ନାହିଁ । ସମାଜ ଓ ସମୟର ଅନୁକୂଳତା ଦୃଷ୍ଟିରୁ ଯାହା ଏକ ସମୟରେ ସୃଷ୍ଟି ଥିଲା ତାହା ଅନ୍ୟ ଯୁଗରେ ପରିବର୍ତ୍ତିତ ହେବ ବୋଲି ପୂର୍ବତନ ରୁଚିକୁ ନିନ୍ଦା କରିବା ଉଚିତ ନୁହେଁ । କାରଣ ହୁଏ ତ ଏପରି ସମୟ ଆସି ପାରେ ଯେତେବେଳେ କି ପ୍ରଚଳିତ ରୁଚି ବଦଳି ଯାଇ ପୁଣି ପ୍ରାଚୀନ ଯୁଗକୁ ସମାଜ ଫେରି ଆସିବ । ଏ କଥା ସେ ନିଜେ ସ୍ୱୀକାର କରିଛନ୍ତି—'ମନୁଷ୍ୟର ପ୍ରକୃତି ଓ ରୁଚି ଅନେକାଂଶରେ ସମସାମୟିକ ସାମାଜିକ ଅବସ୍ଥାନୁସାରେ ଗଠିତ ହୁଏ ।' ସେଥିପାଇଁ ଆମେ ଭଞ୍ଜ ସାହିତ୍ୟକୁ କୁରୁଚି ପୂର୍ଣ୍ଣ ସାହିତ୍ୟ କହିବାକୁ ଗଲେ ନିଜର ଜ୍ଞାନ ଓ ଉଦାରତାକୁ ସୀମା ବଦ୍ଧ କରି ପକାଇବା । ଅବଶ୍ୟ ବର୍ତ୍ତମାନ 'ଏହି ଭୋଗ କବିତା ଓଡ଼ିଶାରେ ପୂର୍ଣ୍ଣ ମାତ୍ରାରେ ବିରାଜମାନ କରିଛି ।' ଏ ଉକ୍ତି ନିମନ୍ତେ ଲେଖକଙ୍କ ସହିତ ଆମେ ପୂର୍ଣ୍ଣ ଏକମତ ନ ହେଲେ ମଧ୍ୟ 'ଏହାର ପ୍ରଭାବ ଯେତେ କମ୍ ହେବ (ବର୍ତ୍ତମାନ ପାଇଁ). ଜାତିର ସେତେ ମଙ୍ଗଳ ।' ଏ କଥା ସ୍ୱୀକାର କରିବୁଁ ।

ବାକି କବିତା ଗୁଡ଼ିକ ସାଧାରଣ ସ୍ତରର । ମାତ୍ର ଗଳ୍ପ ତିନୋଟି ଅତି ଚମତ୍କାର । ସୁପ୍ରଭା ଦେବୀଙ୍କ କଲମର ମାଧୁରୀ ଓ ପ୍ରାଣବନ୍ଧୁ କରଙ୍କର କଥା ଚିତ୍ରଣର ପରିପାଟି ଗଳ୍ପ ଦୁଇଟିକୁ ବଡ଼ ଚିତ୍ତାକର୍ଷଣ କରି ପାରିଛି ।

## ଭଞ୍ଜ ପ୍ରଦୀପ—ପୌଷ ୧୩୪୫

ସ୍ୱଭାବ ଗତ ଦୋଷରୁ ଏଥର ମଧ୍ୟ ଆମ୍ଭ-ମାନଙ୍କୁ ବହୁ ବିଳମ୍ବରେ ଆଲୋକ ଦେଲା । ଏ ସଂଖ୍ୟାରେ ଦୁଇଟି କବିତା, ଗୋଟିଏ ପଦ୍ୟ ଓ ଗୋଟିଏ ଗଳ୍ପ ସ୍ଥାନ ପାଇଛି । ସଂପାଦକଙ୍କ ସୁନିର୍ବାଚନ ପାଇଁ ଧନ୍ୟବାଦ । ବିମ୍ବାଧର ବାବୁଙ୍କ ପ୍ରାଚୀନ ଚିତ୍ରରେ ବର୍ଣ୍ଣ ଓ ବେଶଚର୍ଯ୍ୟାରେ କେବଳ ପ୍ରାଚୀନ ଗ୍ରନ୍ଥ ପୁରାଣର କେତେକ କଥା ଶୁଣିଲୁ । ମାତ୍ର ସେ ଗୁଡ଼ିକ ଯେ ଅଧୁନିକ ଚିତ୍ର ମଧ୍ୟରେ କେତେ ଦୂର ଗ୍ରହଣୋପଯୋଗୀ ବା ତାର



Digitized by srujanika@gmail.com

## କାହିଁକି ?

'ଝଙ୍କାର'କୁ ଅନ୍ୟମାନେ ଅନୁକରଣ କରୁଅଛନ୍ତି କାହିଁକି ?—

—ଅନୁକରଣ ପ୍ରିୟ ଅଟେ ( ମର୍କଟ ନା ଓଡ଼ିଆ ? ) × ×

ଓଡ଼ିଶା ସରକାରଙ୍କର କମିଟି ବସାଇବାର ଇଚ୍ଛା ଏତେ ପ୍ରବଳ କାହିଁକି ?—।

—ଓଡ଼ିଶାର ବନ୍ୟା ପ୍ରବଳ—ଅର୍ଥ ପ୍ରବଳ—ଗର୍ତ୍ତ ପ୍ରବଳ—ଖର୍ଚ୍ଚା ବି ପ୍ରବଳ । ×

ରେଭେନ୍ସା କଲେଜ ଛାତ୍ରଙ୍କ ପାଇଁ ବୋର୍ଡ ଓ ବୋର୍ଡ ଘର ଦଖଲ କାହିଁକି ?

—ପିଲାଙ୍କର ସେମାନଙ୍କ ଲେବରେଟରୀ ଲୋଡ଼ା ଥିଲା । + +

ଉକ୍ତ ଛାତ୍ରମାନଙ୍କ ପାଇଁ ଗୋଟିଏ ସ୍ନାନ ବେଦୀ ବା ଘାଟ ତିଆରି ହେଲା କାହିଁକି ?

—ମୂର୍ଖତା ଧୋଇ ବାକୁ ଯିବେ । ×

ଓଡ଼ିଶା ସରକାରଙ୍କର ପାଗଳା କୁକୁର ଓ ପାଗଳା ବିଲୁଆଙ୍କ କାମୁଡ଼ାକୁ ଏତେ ଡର କାହିଁକି ?

—ମାନଧାତା ଓ ବୀର ବେଟହବଙ୍କ ଦାଉରୁ

---

(ବହ୍ନିପତ୍ର ୭ମ ପୃଷ୍ଠା ଉତ୍ତାରୁ)

ଉପାଦେୟତା ବା ଆବଶ୍ୟକତା କେତେ ଦୂର ଅଛି ସେ ସମ୍ବନ୍ଧରେ ସିଦ୍ଧାନ୍ତ ପାଇଲି ନାହିଁ ।

ସାହିତ୍ୟ ଓ ଜାତି ପ୍ରବନ୍ଧରେ ଲେଖକ କେତେ ଗୁଡ଼ିଏ ଇତି ପୂର୍ବେ ବହୁବାର ଆଲୋଚିତ କଥା ଉତ୍ଥାପନ କରିଛନ୍ତି ।

ଜୀବନର ଶେଷ ପାଦରେ କବିଙ୍କର 'ପୂଜା' ବଡ଼ ସ୍ୱାଭାବିକ ହେବାର କଥା ଏବଂ ହୋଇଛି । ଭବିଷ୍ୟତରେ ବହୁବର୍ଷ ଧରି ଏଭଳି ଦେବାର୍ଚ୍ଚନା କରିବାର ସୁଯୋଗ କବିବରଙ୍କୁ ଘଟୁ ଥାଉ ଅମ୍ଭେମାନେ ଭଗବାନଙ୍କ ଠାରେ ଏତିକି ମାତ୍ର ପ୍ରାର୍ଥନା କରୁଁ ।

ବୃଦ୍ଧ ଶଶିଭୂଷଣଙ୍କର ଆଧୁନିକ ସଭ୍ୟତା ସମ୍ବନ୍ଧରେ ଲେଖା ତାଙ୍କର ଯୁବ-ମନୋବୃତ୍ତି ଓ ଯୁବକ ସୁଲଭ ପ୍ରେରଣା ଏବଂ ଉତ୍ସାହର ପରିଚାୟକ ମାତ୍ର ।

ଚୌଧୁରୀ ଭଗବତଙ୍କ ନାମ ରାଜନୈତିକ ସମ୍ମିଳନୀର ଶୋକ ପ୍ରସ୍ତାବରେ ନ ରହିଲା କାହିଁକି ?

ବାଡ଼ରୁ କଣ୍ଟା ଗଲେ କିଏ କ'ଣ ଜାଣେ ?

କଟକରେ ରାଜନୈତିକ ସମ୍ମିଳନୀ ହେଲା କାହିଁକି ?—

—କଟକବାସୀଙ୍କୁ ନେତା ବନାଇବା ପାଇଁ ।

ବିଶ୍ୱନାଥ ଦାସେ ଆପଣାକୁ ଓଡ଼ିଶାର ସର୍ବଶ୍ରେଷ୍ଠ ମାନବ ବୋଲିଲେ କାହିଁକି ?—

—ପିମ୍ପୁଡ଼ି ପିଠିରେ ପର ଲାଗିଲାରୁ । ×

ନିଶାଶୂନ୍ୟ ବିହାରବର୍ଗୀ ମାନଙ୍କରେ ମଦ ବ୍ୟବହାର ନିଷେଧ ନ ହେଲା କାହିଁକି ।

ସ୍ତ୍ରୀ ଓ ମଦ ଦୁଇଟା ଭିତରୁ ଗୋଟିଏ ରହିଲେ ଯୀଶୁଙ୍କ ଧର୍ମ ପ୍ରଚାରରେ ବ୍ୟାଘାତ ଘଟନ୍ତା ଯେ ।

ଓଡ଼ିଶା ବ୍ୟୟ ସଂକୋଚ କମିଟି ପ୍ରସ୍ତାବରେ ମାନସ୍ ଫିଲଡ଼୍ ସାହେବ ଏକମତ ନହେଲେ କାହିଁକି ?

ଜୀବର ଭଲ ମନ୍ଦ ବାଣୀ
......ଜାଣେ ଜଣାଜଣି

ଓଡ଼ିଶା ସରକାରଙ୍କ ଦୋଷ ଦେଖେଇ ଦେଲେ ସମାଜଙ୍କ କୂଳକୁ ଟୁମ୍ବକୁ ଲାଜ ମାଡୁଛି କାହିଁକି ?

ନିଲାମ ଇସ୍ତାହାର ।

ନ କହିଲେ କୂଳ ଭସି ଯାଉଛି କାହିଁକି ?

ସେ ବ୍ରାହ୍ମଣ ଥିଲ କାନଗୋଇ କରଣ ଯେ !

## ଯଦି—

ସୌଖିନ ଅଲିଙ୍କ କଥା ଯଦି ମାନି ନିଆ-ଯାଏ—

—ଅବଦୁଲ କଲିମ ଅଜାଦ କାଫେର ହେବେ ।

ଯଦି ବ୍ୟଥିତ ହୃଦୟର ଔଷଧ ଥାନ୍ତା—

ଉତ୍କଳର ଉଗ୍ର କଂଗ୍ରେସ ସଭାପତିଙ୍କ ଠାରୁ ତାର ନମୁନା ବିନା ପଇସାରେ ମିଳନ୍ତା ।

ଯଦି ଯାପାନୀ ଚଢ଼ାଉକୁ ବସ୍ତ୍ର-ହରଣ ଧରାଯାଏ—

—ଚୀନ ଦ୍ରୌପଦୀ ।

ଯଦି ଖଜୁରି ଗଛ ବୁଲିବୁଲି ପାରୁଥାନ୍ତା!—

—ବିଶ୍ୱନାଥ ଦାସଙ୍କ ସହିତ ପଟି ପକାନ୍ତା ।

ଯଦି ଭଞ୍ଜ କବି କବିତା, ଚଲମ ହୁଅନ୍ତେ—

—ତେବେ ଏ ଯୁଗର ବଡ଼ ବଡ଼ ଡିଗା-ରେଟ୍ ହୁଅନ୍ତେ ।

ଯଦି ଚୀନା, ଅବିସିନିଆ, ଚେକସ୍ଲୋଭାକିଆ ତରଭୁଜ ହୁଅନ୍ତେ—

—ଯାପାନ, ଇଟାଲି, ଜର୍ମାନୀ ଛୁରୀ ହୁଅନ୍ତେ ।

ଯଦି ଇଂଲଣ୍ଡ ସ୍ଥାନରେ ଭାରତ ବର୍ଷ ଥା'ନ୍ତା—

—ଶାନ୍ତି ସ୍ଥାପନ ପାଇଁ ବୋମାପକା ଉଡ଼ା ଜାହାଜ ନ ହୋଇ ଅହିଂସା ସତ୍ୟାଗ୍ରହର ବାୟୁ ଜାନ ତିଆରି ହୁଅନ୍ତା ।

ଯଦି ହିଟଲର ଟମ୍ ଟମ୍ ହୁଅନ୍ତେ—ସାମ୍ରାଜ୍ୟ ବିସ୍ତାର ଲମ୍ବା ଘୋଡ଼ା ହୁଅନ୍ତା ।

ଯଦି ମଣିଷ ଜନ୍ମ ନ ହୁଅନ୍ତେ—ତୋପ ସର୍ଜନା ହୁଅନ୍ତା ନାହିଁ ।

## ବଡ଼ ମୁହଁରେ

ବିଜୟଲକ୍ଷ୍ମୀ ପଣ୍ଡିତ— ନୂଆ ଶାସନ ଖସଡ଼ାରେ ମନ୍ତ୍ରୀତ୍ୱ ନେଇ କିଛି କରିହେବ ନାହିଁ । ମନ୍ତ୍ରୀତ୍ୱ ଗ୍ରହଣ କରି କଂଗ୍ରେସ ସୁବିଚାର କରିଛନ୍ତି କି ନାହିଁ ସେ ବିଷୟରେ ମୋର ଯେଉଁ ସନ୍ଦେହ ଥିଲା ତାହା ଏଇ କେତେ ମାସ ଭିତରେ ଦୃଢ଼ ହୋଇ ଯାଇଛି ।

ଆମ ପ୍ରଧାନମନ୍ତ୍ରୀ କିନ୍ତୁ କହନ୍ତେ— ମିଛ କଥା—ସ୍ତ୍ରୀ ବୁଦ୍ଧିରେ ଜଗନ୍ନାଥେ ଛିଣ୍ଡିଆ ସର !

ଜହର ଲାଲ ଇଂଲେଣ୍ଡ ଯାଇଁ ଯାର୍ଜିବୀଟରେ—ଅଜ ସ୍ୱରାଜ ଆମର ଅତି ନିକଟରେ

କିନ୍ତୁ ଆପଣ ଦୂରକୁ ଚାଲି ଯାଉଛନ୍ତି ଯେ!

ଜିନ୍ନା— କଂଗ୍ରେସ, ଜାତୀୟତାର ଛଦ୍ମ ବେଶରେ ଗୋଟିଏ ମସ୍ତବଡ଼ ସାମ୍ପ୍ରଦାୟିକ ଅନୁଷ୍ଠାନ ।

ଜିନ୍ନା ସୀତା ହେଲେ ତାଙ୍କୁ ହରଣକର ନିଅନ୍ତା ପର ?

କଟକରେ ବଟ୍‌ଲିୱାଲା—ଲକ୍ଷାଭିମୁଖରେ ଅଗ୍ରଗମନର ଧାରା ଦେଖି ଗାନ୍ଧି ଓ ଆମ ଭିତରେ ପାର୍ଥକ୍ୟ ରହିଛି ।

ସେ ସୋୟାବିନ୍ ମଞ୍ଜି ହେଲେ ଏ କୁକୁଡ଼ା ଅଣ୍ଡା ।

Digitized by srujanika@gmail.com

# ୮ମ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା

**୫୦ଙ୍କା ପୁରସ୍କାର !**

ଦୁଇଅଣାର ପଇସିକଆ ଡାକଟିକଟ ସହ



**'ଡଗର' ପାଠକମାନେ ପାଇ ପାରିବେ ।**

ଦୁଇଅଣାର ପଇସିକଆ ଡାକଟିକଟ ସହ



**୮୫୦ଙ୍କା ପୁରସ୍କାର !**

ପ୍ରଥମ ଦୁଇଟି ସହ ବିନାମୂଲ୍ୟରେ



ନାମ ________________ ଠିକଣା ________________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । ସାମନ୍ତ ପୁରସ୍କାର ପାଇବାକୁ ଚେଷ୍ଟାକର ପ୍ରତ୍ୟେକ ପ୍ରତିଯୋଗୀ ସମ୍ପାଦକଙ୍କ ନିକଟରେ ଅଧିକାଂଶ ସମୟରେ ଯାହା ହେବାର ଦେଖାଯାଏ ।

୩ । ଏହାଠାରୁ ରକ୍ଷା ପାଇବାକୁ ଚେଷ୍ଟା କରିବ କାହିଁକି ?

୬ । ପ୍ରେମିକାଠାରୁ ପ୍ରତିଦାନ ନ ପାଇଲେ ପ୍ରେମିକର ପ୍ରୀତି ଯାହା ହୁଏ ।

୮ । ଏହା କି କେବେ ଅମର ହୋଇପାରେ?

୯ । ଏହାର ଲୋଭନୀୟ ନୟନ ମୁଗ୍ଧକରି ହେଲେ ହେଁ ଏହାର ଯେ ଦହନ କରିବାର ଶକ୍ତି ଅଛି କେହି କେହି ତାହା ବୁଝି ପାରନ୍ତି ନାହିଁ

୧୧ । ସାଧାରଣତଃ ଏମାନେ ଆକାଶରେ ବିଚରଣ କରିବାର ଦେଖାଯାନ୍ତି ।

୧୨ । ଦେବ ଦେବୀଙ୍କୁ ଏହା ବଡ଼ ଶୋଭାପାଏ ।

୧୪ । ମାଧ୍ୟାକର୍ଷଣ ଶକ୍ତି ନଥିଲେ ଯାହାର ଆକାଶରେ ରହିବା ଅସମ୍ଭବ ।

୧୬ । ନାଗର —ଗ୍ରହଣ କରି ପୁରୁଷ ବାସ୍ତବିକ ଦୁର୍ବଳ ହୋଇ ପଡ଼େ ।

୧୮ । ଏହାର ଚାଳନ କୌଶଳରେ ନିପୁଣ ବ୍ୟକ୍ତି ପକ୍ଷରେ ଶତ୍ରୁଦମନ କେତେମାତ୍ର ।

୨୦ । କୌଣସି ବିଷୟ ଭଲଭାବେ ଏହା ହୋଇ ଥିଲେ ହେଁ କାର୍ଯ୍ୟାରମ୍ଭ ପୂର୍ବରୁ ପୁନରାୟ ତାହା ଶୁଣି ନିବା ଉଚିତ ।

୨୧ । ଏହା ସର୍ବଦା ସବୁ ପକ୍ଷୀଙ୍କର ଆଶ୍ରୟସ୍ଥଳ ହୋଇ ନଥାଏ ।

## ଉପରୁ ତଳ ଭାବରେ ।

୧ । ଏହା ଅଭାବରେ ଉପଯୁକ୍ତ କାର୍ଯ୍ୟାରମ୍ଭ କରିବା ଏକାବେଳେକେ ଅସମ୍ଭବ ।

୨ । ଅଭିସାରିକା ଯେଉଁ ସମୟର ସୁବିଧା ସବୁବେଳେ ଖୋଜୁଥାଏ ।

୪ । ଏହାକୁ ଅସତ୍ ଆଡ଼କୁ ନନେଲେ ମନୁଷ୍ୟ ଅନେକ ସମୟରେ ଉନ୍ନତି କରିଥାଏ ।

୫ । ଏହାକୁ ସଜାଇ ରଖିଲେ 'ଶବ୍ଦର' ହେବ

୭ । ଏହି ପୂଜାଦିରେ କେହି କେହି ଅସାଧାରଣ ଶକ୍ତି ଲାଭକରିବା କଥା କେତେକ ଲୋକଙ୍କ ମୁହଁରୁ ଶୁଣାଯାଏ ।

୯ । ଶୁଦ୍ଧି ନ କଲେ ଏହାର ନବାନୁଷ୍ଠାନ କରିବା ବିଧି ବହିର୍ଭୂତ ।

୧୦ । ଏହା ଫୁଟିଲେ ଉଜ୍ଜ୍ୱଳ ।

୧୧ । ଅସୁସ୍ଥାବସ୍ଥାରେ ଏହା ବେଶୀ ଖାଇଲେ ରୋଗ ବୃଦ୍ଧିହୁଏ ।

୧୩ । ଏହା ଯାହାଠାରେ ଥାଏ ତାହା ପାଖରୁ ବେଳେ ବେଳେ ଲୋକ ଡରନ୍ତି ।

୧୪ । ଏଥିପାଇଁ ଯଥାମତେ ପରିଶ୍ରମ ନକଲେ ଏହା ଧାରଣକରି ରହିବା ସମସ୍ତଙ୍କ ପକ୍ଷରେ ସବୁବେଳେ ସମ୍ଭବ ନୁହେଁ ।

୧୫ । ପ୍ରକୃତ ଯୋଦ୍ଧା ଏହା ଉପରେ ବିଶ୍ୱାସ ରଖି କ୍ୱଚିତ ଲୋକଙ୍କୁ ଯାଇଥାଏ ।

୧୭ । ଲୁଗା ଛିଣ୍ଡିଗଲେ ଅନେକ ଲୋକ ଏହା କରିଦଅନ୍ତି ।

୧୮ । ଏହା ହୋଇଗଲେ ବାଟୋଇର ବଡ଼ ଅସୁବିଧା ହୁଏ ।

୧୯ । ତଳୁ ଉପରକୁ ପଢ଼ିଲେ 'ବମ' ହେବ ।

**(ପ୍ରବେଶିକା ଫିସ୍ ଗୋଟିଏକୁ ୮୦।)** **୮ମ ଶବ୍ଦଧନ୍ଦା ପ୍ରତିଯୋଗୀତାର ନୂତନ ନିୟମ ।** **(ଶେଷ ତାରିଖ ୧୨ । ୬ । ୩୮)**

ଉପର ନକ୍ସାରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏଁ ଅକ୍ଷର ବସି କଳା ଥିବା ଘର ଯାଏଁ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ । (ଅନ୍ୟପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଠିକ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ପ୍ରଶ୍ନ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ପ୍ରଶ୍ନର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ଗଚ୍ଛିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ, ସେ ପ୍ରଥମ ପୁରସ୍କାର ୫୨୦୲ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୧୦୲ ପାଇବ

* ପୂରଣଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୲ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକି ୫୧୮୲ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା ଦିଆ ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଏହା ପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମ ଦୁଇଟି ପୂରଣ କରି ତହିଁ ସଙ୍ଗେ ୫୦।ର ପଇସିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଉପରୋକ୍ତ ନିୟମାନୁଯାୟୀ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରନ୍ତି । ଅର୍ଥାତ୍ ଅଧିକା ଗୋଟିଏ ପାଇଁ ୫୦୵, ଦୁଇଟି ପାଇଁ ୫୦। ଓ ତିନୋଟି ପାଇଁ ମଧ୍ୟ ସେହି ୫୦।ର ପଇସିଆ ଡାକ ଟିକଟ ପଠାଇବେ । ଉପରୋକ୍ତ ଭାବରେ ଛଅଟି ଉତ୍ତର ଦେଇଥିବା ଅର୍ଥାତ୍ ୫୦।୵ ଡାକଟିକଟ ପଠାଇ ଥିବା ପ୍ରତ୍ୟେକ ପ୍ରତିଯୋଗୀ ଘରେ ବସି ଶ୍ରୀମାନ୍ ନିତ୍ୟାନନ୍ଦଙ୍କର ନବ ପ୍ରକାଶିତ 'ମରମ' ପୁସ୍ତକ ଉପହାର ପାଇବେ । ସମସ୍ତ ଉତ୍ତର ୧୯୩୮ ମସିହା ଜୁଲାଇମାସ ୧୨ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୮ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବା । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ପ୍ରତି ଭ୍ରୂକ୍ଷେପ କରାଯିବ ନାହିଁ ।

---

## ପ୍ରଧାନ ମନ୍ତ୍ରୀଙ୍କ ପ୍ରଧାନ ମନ୍ତ୍ରୀ କିଏ ?

ଠିକ୍ ଉତ୍ତର ଦାତାଙ୍କୁ ୫ ୫୦ ଟଙ୍କା ପୁରସ୍କାର

କାରଣ:—

ବର୍ତ୍ତମାନ ଉତ୍କଳର ରାଜନୀତି ଖବର ଯେଉଁମାନେ ରଖନ୍ତି ସେମାନଙ୍କ ମଧ୍ୟରେ ଏହି ପ୍ରଶ୍ନ ଉଠିଥାଏ— 'ଆମ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ମନ୍ତ୍ରୀ କିଏ ?' ଏ ସମ୍ପର୍କରେ ନା ନା ଲୋକଙ୍କର ନା ନା ମତ ଶୁଣାଯାଏ । ତେଣୁ ଯେଉଁମାନେ ସଠିକ ସମ୍ବାଦ ଦେବେ ସେମାନଙ୍କ ମଧ୍ୟରେ ୫ ୫୦ ଟଙ୍କା ପୁରସ୍କାର ବାଣ୍ଟି ଦେବା ପାଇଁ 'ଡଗର' ସ୍ଥିର କରିଛି ।

ଯେ କୌଣସି ଲୋକ ଏହି ପ୍ରତିଯୋଗିତାରେ ଯୋଗ ଦେଇ ପାରନ୍ତି । ଦୁଇଅଣାର ଡାକ ଟିକଟସହ ଖଣ୍ଡିଏ ସାଦା କାଗଜରେ ସେ ଯେଉଁ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀଙ୍କର ପ୍ରଧାନ ମନ୍ତ୍ରୀ ବୋଲି ବିବେଚନା କରୁଥିବେ ତାଙ୍କ ନାମ ପରିଷ୍କାର ଭାବରେ ଲେଖି ଖଣ୍ଡିଏ ଲଫାପା ଭିତରେ ବନ୍ଦକରି ଡଗର ଅଫିସ ଠିକଣାରେ ପଠାଇବେ । ଲଫାପା ପଛପଟେ 'ମନ୍ତ୍ରୀ' ବୋଲି ଲେଖାଥିବା ଏକାନ୍ତ ଆବଶ୍ୟକ । ଏବଂ ଲଫାପା ଉପରେ ପ୍ରେରକଙ୍କ ନାମ ଓ ଠିକଣା ଦେବା ଉଚିତ ।

### ନିୟମ—

୧ । ଜଣେ ଲୋକ କେବଳ ଗୋଟିଏ ନାମ ବା ଗୋଟିଏ ଉତ୍ତର ଦେଇ ପାରନ୍ତି ।

୨ । ଜୁଲାଇ ୨୫ ତାରିଖ ଦିନ ୪ ଟା ପୂର୍ବରୁ ସମସ୍ତ ଉତ୍ତର ଅଫିସରେ ପହଞ୍ଚିବା ଦରକାର ।

୩ । କୌଣସି ନିର୍ଦ୍ଦିଷ୍ଟ ଉତ୍ତର ସମ୍ପାଦକଙ୍କ ପାଖରେ ନାହିଁ । ଅଧିକାଂଶ ଲୋକେ ଯେଉଁ ନାମ ଲେଖିବେ ତାହାହିଁ ଠିକ୍ ଉତ୍ତର ବୋଲି ଧରାଯିବ ।

୪ । ପ୍ରବେଶିକା ଫିସ୍ ୫ ୫୦ ଟଙ୍କା ଭିତରେ ଯେତେ ଟଙ୍କା ଉଠିବ କେବଳ ସେତିକି ଟଙ୍କାକୁ ଯେଉଁମାନଙ୍କ ଉତ୍ତର ଠିକ୍ ହୋଇଥିବ ଅର୍ଥାତ ଯେଉଁ ଅଧିକସଂଖ୍ୟକ ଲୋକଙ୍କ ମତ ଅନୁସାରେ ପ୍ରଧାନ ମନ୍ତ୍ରୀଙ୍କର ମନ୍ତ୍ରୀଙ୍କ ନାମ ଠିକ୍ କରାଯିବ ସେମାନଙ୍କ ମଧ୍ୟରେ ବାଣ୍ଟି ଦିଆଯିବ ।

୫ । ପଚିଶ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହେଲେ ବାକି ଟଙ୍କା ବିଚ୍ଛିନ୍ନ ଉତ୍କଳକୁ ଏକତ୍ରିତ କରିବା ପାଇଁ ଆନ୍ଦୋଳନ ଚଳାଉଥିବା କୌଣସି ଗୋଟିଏ ସଂସ୍ଥାକୁ ଦିଆଯିବ ।

୬ । ଯେଉଁମାନେ ଏଥିରେ ଯୋଗଦେବେ ସେମାନଙ୍କର ନାମ ଡଗରରେ ଛପାହେବ, ଯଦ୍ଦ୍ୱାରା ପ୍ରକୃତ କେତେଟଙ୍କା ଆଦାୟ ହେଲା ତାହା ସର୍ବସାଧାରଣ ଜାଣି ପାରିବେ ।

Digitized by srujanika@gmail.com




# ନୂପୁର

## ଆଦର୍ଶ ବିବାହ

(ପୂର୍ବ ପ୍ରକାଶିତ ପରଠାରୁ ।)

ଯୁବକ ଯୁବତୀଙ୍କର ନିଚ୍ଛକ ପ୍ରେମ ଉପରେ ହିଁ ବିବାହର ଉଚ୍ଚତମ ଆଦର୍ଶ ପ୍ରତିଷ୍ଠିତ । ବହୁଧା ଏହା ଦେଖା ଯାଇଥାଏ ଯେ କୌଣସି ବ୍ୟକ୍ତି ବିଶେଷଙ୍କୁ ଦେଖିବା ମାତ୍ରେ ଆମ୍ଭମାନଙ୍କ ମନରେ ଘୃଣା ଉତ୍ପନ୍ନ ହୁଏ ଏବଂ କାହାରି କାହାରିକି ଦେଖିବା ମାତ୍ରେ ଆମ୍ଭେମାନେ ସ୍ୱତଃ ଆକର୍ଷିତ ହୋଇ ପଡ଼ୁଁ । ତେବେ ପ୍ରଶ୍ନ ଉଠେ, ଏହି ଆକର୍ଷଣ କ'ଣ ପ୍ରକୃତ ପ୍ରେମ ? ଶାସ୍ତ୍ର ପୁରାଣ ମଧ୍ୟ କହେ ପ୍ରଥମ ଦର୍ଶନରେ ଯେଉଁ ପ୍ରେମ ମନୁଷ୍ୟ ହୃଦୟରେ ଜନ୍ମେ ତାହାହିଁ ପବିତ୍ର ଏବଂ ପ୍ରକୃତ ପ୍ରେମ । ରାଧାକୃଷ୍ଣଙ୍କ କାହାଣୀ ଏହାର ଉଦାହରଣ । କିନ୍ତୁ ପ୍ରକୃତରେ ଏହି ପ୍ରଥମ ଆକର୍ଷଣ ପ୍ରେମର ମାପ କାଠି ନୁହେଁ । ପ୍ରଥମ ଆକର୍ଷଣକୁ ପ୍ରେମ ବୋଲି ବୁଝି ନେଲେ ଭୁଲ ହେବ । ଏବଂ ତାହାରି ଉପରେ ନିର୍ଭର କରି ବିବାହ କଲେ ହୁଏ ତ ଆମ୍ଭମାନଙ୍କୁ ପରିଶେଷରେ ଅନୁତାପ ହିଁ କରିବାକୁ ପଡିବ । କାରଣ ଆକର୍ଷଣ ବହୁ ଲୋକଙ୍କୁ ଦେଖି ହୋଇଥାଏ ମାତ୍ର ଯାହା ପ୍ରତି ଏହି ଅନୁରାଗ ଉତ୍ପନ୍ନ ହୁଏ ସବୁ ସମୟରେ, ସବୁ କ୍ଷେତ୍ରରେ ଏବଂ ପ୍ରତ୍ୟେକ ସେହିପରି ବ୍ୟକ୍ତି ବିଶେଷ ସହିତରେ ଆମ୍ଭେମାନେ ଏକତା ଅନୁଭବ କରିଥାଉଁ କି ? ନିରପେକ୍ଷ ଭାବରେ ଉତ୍ତର ଦେବାକୁ ଗଲେ ନାସ୍ତି କହିବାକୁ ହୁଏ । ସେଥିପାଇଁ ପ୍ରଥମେ ଦେଖିବା ଉଚିତ, ବିବାହ କାମୀ ଯୁବକ ଯୁବତୀଙ୍କ ମଧ୍ୟରେ କୌଣସି ଭାବରେ କୌଣସି ବିଷୟରେ ଦୂରତା ରହୁଛି କି ନାହିଁ । ଅବଶ୍ୟ ଏହା ନିଶ୍ଚୟ କରି ଜାଣିବା ପାଇଁ ଆମ୍ଭମାନଙ୍କ ସମାଜ ସୁବିଧା ଦେଇ ନଥାଏ । କିନ୍ତୁ ସମାଜ ଏହା ଦେଇ ନଥାଏ ବୋଲି ଆଜି ହିନ୍ଦୁ ଦାମ୍ପତ୍ୟ ଜୀବନ ଯେ କିପରି ବିଷମୟ ହୋଇଛି ତାହା ଦେଖିବା ପାଇଁ ସମାଜ ପଣ୍ଡା ମାନଙ୍କୁ ବାକି ନଥିବ । ଅବଶ୍ୟ ଯୁବକ ଯୁବତୀମାନଙ୍କ ମଧ୍ୟରେ ଅବାଧ ସନ୍ନିକଟତା ଅନେକ ସମୟରେ କୁଫଳ ଦେଖାଏ । ଏଥିପାଇଁ ମଧ୍ୟ ଆମ୍ଭମାନଙ୍କର ଯୁବକ ଯୁବତୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏହିପରି ମିଳାମିଶାକୁ ବାଧା ଦେବା ଉଚିତ ନୁହେଁ । କାରଣ ଏହା ନିତାନ୍ତ ସ୍ୱାଭାବିକ । ବହୁ ଦିନ ଅବଧି ବ୍ୟାଧି-ଗ୍ରସ୍ତ ରୋଗୀ ରୋଗ ମୁକ୍ତ ହେଲା ମାତ୍ରେ ଯେପରି କ୍ଷମତା-ତୀତ ଆହାର କରିବାକୁ ବ୍ୟାକୁଳ ହୁଏ— ଯୁଗ ଯୁଗ ଧରି ଦୃଢ଼ ଆବଦ୍ଧ ସମାଜକୁ ସ୍ୱାଧୀନତା ଦେବାମାତ୍ରେ ଏପରି ଉଚ୍ଛୃଙ୍ଖଳତା ବିଶେଷ ବିଶେଷ କ୍ଷେତ୍ରରେ ଘଟିବ ହିଁ ଘଟିବ । ଏହାକୁ ଅସ୍ୱୀକାର କରିବା—ବାଧା ଦେବା ମୂର୍ଖତା—କାରଣ ଅସ୍ୱାଭାବିକ । କିନ୍ତୁ ନିଃସନ୍ଦେହରେ ଏପରି ଏକ ସମୟ ଆସୁଛି ଯେତେବେଳେ କି ଏ ସମାଜର ପୁରୁଷ ନାରୀର ଏବଂ ନାରୀ ପୁରୁଷର ମର୍ଯ୍ୟାଦା ଅବଶ୍ୟ ବୁଝିବ ଏବଂ ତଦନୁସାରେ ନିଜର ଜୀବନକୁ ନିୟନ୍ତ୍ରଣ କରିବ ।

ସମାଜର ଆଜି ସୁଦ୍ଧା ବାଲ୍ୟ ବିବାହ ପ୍ରଥା ଦୂର ହୋଇନାହିଁ । ଯେଉଁମାନେ ନିଜକୁ ଶିକ୍ଷିତ ସଭ୍ୟ ବୋଲି ମନେ କରୁଛନ୍ତି ସେମାନଙ୍କ ଘରେ ମଧ୍ୟ ଆଜି ସୁଦ୍ଧା ପୂର୍ଣ୍ଣ ବୟସ୍କ ଦମ୍ପତିର ମିଳନ ହୁଏ ନାହିଁ । ପୁରୁଷ ସ୍ତ୍ରୀକୁ ଏବଂ ସ୍ତ୍ରୀ ପୁରୁଷକୁ ପୂର୍ଣ୍ଣ ଭାବରେ ଜାଣି ନ ପାରିଲେ ସନ୍ନିକଟତା ଆସିବା ଅସମ୍ଭବ । ଏବଂ ପରସ୍ପରକୁ ଏହି ପରି ଜାଣିବାର କ୍ଷମତା ୨୨ - ୨୭ ବର୍ଷ ପୂର୍ବରୁ ପୁରୁଷର ହୁଏନାହିଁ କିମ୍ବା ୧୯-୨୦ ବର୍ଷ ପୂର୍ବରୁ ନାରୀର ହୁଏ ନାହିଁ । ତେଣୁ କୌଣସି ପୁରୁଷ ଏବଂ କୌଣସି ସ୍ତ୍ରୀ ଉଲ୍ଲିଖିତ ବୟସ ପୂର୍ବରୁ ବିବାହ କରିବା ଅର୍ଥ ଅନ୍ୟାୟ, ଅତ୍ୟାଚାର କରିବା । ଏହା ବେଶ୍ୟା-ଗମନ ଠାରୁ ମଧ୍ୟ କୌଣସି ଗୁଣରେ କମ ଘୃଣ୍ୟ ନୁହେଁ ।—

କ୍ରମଶଃ

## ରୋଷେଇ ଘରୁ

**ଆଳୁଦମ**—ଲୁଚି ଏବଂ ପରଟା ସାଙ୍ଗକୁ ଆଳୁଦମ ଗୋଟାଏ ଜୁଟେ । ସେରେ ଆଳୁ ପାଇଁ ଚାରି ଛଟାଙ୍କି ଘିଅ, ଦୁଇ ଛଟାଙ୍କି ଦହି, ଛଟାଙ୍କିଏ ବଟା ମସଲା, ଆଉ ଦୁଇ ତୋଳା ଗରମ ମସଲା ଚୂର୍ଣ୍ଣ ଦରକାର । ହଳଦି, ଲଙ୍କା, ଧଣିଆ, ମରିଚ ଦେଇ ବାଟଣା ବାଟିବାକୁ ହୁଏ ଏବଂ ଡାଲଚିନି, ଲବଙ୍ଗ ଏବଂ ଛୋଟ ଅଳେଇଚ ଦେଇ ଗରମ ମସଲା ଚୂର୍ଣ୍ଣ କରିବାକୁ ପଡ଼େ ।

ବଡ ବଡ ନଇନିତାଲ ଆଳୁକୁ ଖୁବ୍ ଯଥେଷ୍ଟ ପାଣିରେ ସିଝାଇ ଚୋପା ଛଡ଼ାଇ ପକାଇବାକୁ ହୁଏ । ତାପରେ ତା ଦେହରେ ବାଟଣା ଓ ଦହି ଗୋଳାଇ ଦିଆଯାଏ ।

ତା ପରେ ଲୁହା କଡେଇରେ ଘିଅ ଗୁଣ୍ଡି ତା ଦେହରେ ୨।୩ ଟି ତେଜପତ୍ର, ପାନ-ମୌରି ଓ ଜୀରା ପକାଇ ଦିଆଯାଏ । ଏହି ମସଲା ସବୁ ଫୁଟି ଆସିବା ବେଳେ ତାହା ଦେହରେ ଆଳୁ ଗୁଣ୍ଡ଼ି ଦେଇ ପରେ ପରେ ସାମାନ୍ୟ ଜଳ ଦେବାକୁ ପଡ଼େ । ତାପରେ ଦରକାର ଅନୁସାରେ ଲୁଣ ଦିଆଯାଏ । ସେ ସବୁ ଚୁଲିରେ ବସି ସିଦ୍ଧ ହୋଇ ଆସିବା ଯାଏ ତାକୁ ଚଟୁରେ ଏପାଖ ସେପାଖ ନକଲେ ତଳି ଲାଗି ପୋଡ଼ି ଯାଇ ଥାଏ । ସିଦ୍ଧ ହୋଇ ଗଲେ ଓହ୍ଲାଇ ଆଣି ଗରମ ମସଲା ପକାଇ ଆଳୁଦମକୁ ଖାଇବାର ଉପଯୋଗୀ କରାଯାଏ । ଖାଇବା ପୂର୍ବରୁ ତାହାକୁ କିଛିସମୟ ଢାଙ୍କି ରଖି ଦେଲେ ଭଲ ।

ଶକୁନ୍ତଳା

## ଜ୍ୟୋତିଷ ପ୍ରବଚନ

ଅମ୍ଭେମାନେ ଭାରତର କେତେକ ବଡ ମଣିଷଙ୍କ ଜନ୍ମ ପତ୍ରିକା ସଂଗ୍ରହ କରି ଜଣେ ବିଜ୍ଞ ଜ୍ୟୋତିଷଙ୍କ ଦ୍ୱାରା ସେ କଥା ବିଚାର କରାଇଛୁଁ । ଭୃଗୁସଂହିତା ଶାସ୍ତ୍ରରେ ଜାତକମାନଙ୍କର ପୂର୍ବ ଜନ୍ମର ବିବରଣ ଯାହା ଜଣାଯାଇଛି ତାହା ଡଗରର ରସଜ୍ଞ ପାଠକ ବର୍ଗଙ୍କ ଆନନ୍ଦ ବର୍ଦ୍ଧନ ସକାଶେ କ୍ରମାନ୍ୱୟରେ ପ୍ରକାଶ କରିବାର ବାସନା ରଖିଲୁଁ ।

### ମହମ୍ମଦ ଅଲ୍ଲି ଜିନ୍ନା ।

ମହମ୍ମଦ ଯେତେବେଳେ ଏକେଶ୍ୱର ବାଦ ପ୍ରଚାର କରୁଥିଲେ ସେତେବେଳେ ଅରବରେ ଏହି ନାମରେ ଜଣେ ନିଷ୍ଠାପର ପୌତ୍ତଳିକ ଥିଲେ । ମହମ୍ମଦ ଯେତେବେଳେ ତାଙ୍କର ଧର୍ମ ପ୍ରଚାର କରୁଥିଲେ ସେତେବେଳେ ସେହି ବ୍ୟକ୍ତି ଜଣକ ମହମ୍ମଦଙ୍କୁ ବଡ଼ ଅସାଧାରଣ ଭାବରେ ଆଘାତ କରିଥିଲେ । ସ୍ନେହ ଦୟା ଓ ପ୍ରେମର ପ୍ରତିମୂର୍ତ୍ତି ମହମ୍ମଦ କୌଣସି କଥା ନ କହି ତାଙ୍କ କାନରେ କେବଳ ଏକେଶ୍ୱରବାଦୀତା ପ୍ରଚାର କରିବାକୁ ଲାଗିଲେ । ମାତ୍ର ତଥାପି ଉକ୍ତ ପୌତ୍ତଳିକଙ୍କର ହୃଦୟ ପରିବର୍ତ୍ତନ ଘଟିଲା ନାହିଁ । ଏହା ଦେଖି ପରିଶେଷରେ ମହମ୍ମଦଙ୍କର ଜଣେ ସହଚର, ଆତତାୟୀଙ୍କ ଠାରୁ ମହମ୍ମଦଙ୍କର ଜୀବନ ରକ୍ଷା କରିବାର ଛଳନା କରି କେତେକ ଅର୍ଥ ନେଇ ଉକ୍ତ ବ୍ୟକ୍ତିଙ୍କୁ ଅତି ଗୋପନରେ ଦାନ କଲେ ଏବଂ କହିଲେ ଯେ ସେ ଯଦି ଇସ୍‌ଲାମ ଧର୍ମ ଗ୍ରହଣ କରନ୍ତି ତେବେ ସ୍ୱର୍ଗତମତେ ଏହିପରି ଟଙ୍କା ପାଉଥିବେ । ପାଠକେ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ସେ ତତ୍‌କ୍ଷଣାତ୍ ଇସ୍‌ଲାମ ଧର୍ମଗ୍ରହଣ କଲେ ଓ ତାପରେ ପରେ ଏତେ ବେଶୀ ଗୋରୁ ଓ ଓଟ ମାଂସ ଖାଇଲେ ଯେ ମୁସଲମାନମାନେ ତାଙ୍କୁ ତାଙ୍କର ଧର୍ମ ଯାଜକ କରିଦେଲେ । ମାତ୍ର ମହମ୍ମଦଙ୍କ କାନରେ ଏସବୁ କଥା ପଡିଲା । ସେ ଭୟଙ୍କର ରାଗିଯାଇ ତାହାଙ୍କୁ ପର ଜନ୍ମରେ କୁକୁଡ଼ା ହୋଇ ଜନ୍ମ ହେବାର ଅଭିଶାପ ଦେଲେ । ସେ ତହୁଁ ଗୋଡ଼ିତଳେ ପଡ଼ି ମୁକ୍ତି ବା ଉଦ୍ଧାରର ଉପାୟ ବିଧାନ କରିବାକୁ କହିବାରୁ ମହମ୍ମଦ ଆଦେଶ ଦେଲେ କି ସେ ଜଣେ ହିନ୍ଦୁ ଘରେ କୁକୁଡ଼ୀ ହୋଇ ରହିବେ । ଗୋଟିକ ପରେ ଗୋଟିଏ ଏପରି ୧୪ଟା ଅଣ୍ଡା ଦେବେ । ଧାର୍ମିକ ହିନ୍ଦୁ ଗୃହସ୍ଥ ସେ ସବୁକୁ ଯତ୍ନ କରି ରଖି ଛୁଆ ହେବାକୁ ଦେବ । ତାପରେ ସେ ପୁଣି ୭ଟି ଅଣ୍ଡା ଦେବେ । ସେ ଅଣ୍ଡାର ଛୁଆଙ୍କୁ ରଖିବାର ସ୍ଥାନ ଗୃହସ୍ଥ ନ ପାଇ ଭୀଷଣ ରାଗ ହେବ । ତାପରେ ପୁଣି ସେ ଗୃହସ୍ଥର ବିଛଣାରେ, ଗୃହସ୍ଥ ଖାଦ୍ୟ ସାମଗ୍ରୀ ଉପରେ କ୍ରମେ କ୍ରମେ ଅଣ୍ଡା ପାଡ଼ିବାକୁ ଆରମ୍ଭ କରିବ । ଏହା ଦେଖି ଗୃହସ୍ଥ ଦିନେ ତାଙ୍କୁ ଗ୍ରାମ ଦେବୀଙ୍କ ପାଖକୁ ନେଇ ବଳି ଦେବାକୁ ବିଚାରିବ । ସେ ତହୁଁ ଦିନ ନ ହେଉଣୁ ବଡ଼ ଭୋରରୁ ଉଠି ଡାକିବ – ମା ମଙ୍ଗଳା ରଖ ଏବଂ ଦିନ ଯାଇ ସନ୍ଧ୍ୟା ହେଲେ ଭାଉଁଭାଉଁରେ ଯାଇ ପଶି କହିବ—ମା ମଙ୍ଗଳା ରକ୍ଷ । ଏହିପରି ଅକୃତଜ୍ଞ ଜୀବଟାକୁ ଦିନେ ଜଣେ ମୁସଲମାନ ଟୋକା ରାତିରେ ଭାଉଁ ଦେବାରୁ



(ଜିନ୍ନା ଓ ତାଙ୍କର ୧୪+୭ ସନ୍ତତି)

ଗ୍ରେସ୍‌ଇ ନେଇ ଜବେ କରିଦେଲେ ତାଙ୍କର ମୁକ୍ତି ହେବ ଓ ସେ ପର ଜନ୍ମରେ ଜଣେ ପ୍ରସିଦ୍ଧ ମୁସଲମାନ ନେତା ହୋଇ ଭାରତରେ ଜନ୍ମ ଗ୍ରହଣ କରିବେ । ମାତ୍ର ମନୁଷ୍ୟ ଜନ୍ମ ହେଲେ ମଧ୍ୟ ଆଗ ଜନ୍ମ ପ୍ରଭାବ ଗୁଡିକ ତାଙ୍କ ଚରିତ୍ରରେ ପଡିଥିବ ।

ଉକ୍ତ ଜନ୍ମ ପତ୍ରିକା ଭାରତର ଅବିସମ୍ବାଦୀ ମୁସଲମାନ ନେତା ଜିନା ସାହେବଙ୍କର ପ୍ରକୃତ ଜନ୍ମ ପତ୍ରିକା କି ନାହିଁ ଆମ୍ଭର ସନ୍ଦେହ ଥିବାରୁ ଅମ୍ଭେମାନେ ସେ ବିଷୟର ବିଚାର ଭାର ପାଠକ ମାନଙ୍କ ଉପରେ ନ୍ୟସ୍ତ କଲୁ ।

## ବଡ଼ ମୁହଁରେ

---

ଗୋପବନ୍ଧୁ ଚୌଧୁରୀ ଏହାର—ନାମ ରାଜନୈତିକ ସମ୍ମିଳନୀ ହେବା ଉଚିତ ନୁହେଁ—
ପ୍ରଜାନୈତିକ ସମ୍ମିଳନୀ ପରା ?

\+ + +

ପୁଣି ସେ—ସ୍ୱରାଜ୍ୟ ପ୍ରାପ୍ତି କଂଗ୍ରେସର ଏକମାତ୍ର ଉଦ୍ଦେଶ୍ୟ ନୁହେଁ ।

ତା ସଙ୍ଗେ ସଙ୍ଗେ ପର ରାଜ୍ୟ ପ୍ରାପ୍ତି ମଧ୍ୟ କ'ଣ ଅଛି ?

× × ×

ସେଇ – ଓଡ଼ିଆ କୃଷ୍ଟି ମହାଭାରତୀୟ କୃଷ୍ଟିଠାରୁ ପୃଥକ ହୋଇ ରହିବାର ଆବଶ୍ୟକତା ଅଛି କି ନାହିଁ ସେ ବିଷୟରେ ବିଚାର କରିବା ଉଚିତ ।

ସର୍ବେ ହୋଇବେ ଏକାକାର,
ନ ଥିବ ଭେଦର ବିଚାର ।

\+ + +

ମାଡ଼ ଖାଇ ଅତ୍ୟାଗ୍ରହୀର ମନ ବଦଳାଇବା ଆମର ଧ୍ୟେୟ ।

ଯେପରି ଛେଳି କଂସାଇର ମନ ବଦଳାଏ ।

× × ×

ଭଗିରଥି ମହାପାତ୍ର– ବହୁଦିନ ବିରହ ବେଦନା ପରେ ଆଜି ଗୋପବନ୍ଧୁଙ୍କୁ ଆମେ ଫେର ପାଇଛୁଁ ।

ଗୋପବନ୍ଧୁଙ୍କ ଗୋପବନ୍ଧୁ ନାମ ସାର୍ଥକ ।

\+ + +

ମାନ୍ୟବର ଦାସ—ମୁଁ ଓଡ଼ିଶାର ପ୍ରଥମ ନାଗରିକ ରୂପେ ବଙ୍ଗଳାର ଓ ଓଡ଼ିଶାର ମୁଖ୍ୟ ମୁସଲମାନ ନେତାମାନଙ୍କୁ ସ୍ୱାଗତ କରୁଛି ।

ଆମେ ଶୁଣିଥିଲୁ ଦାସଙ୍କର ନାଗରୀ ନାହାନ୍ତି ବୋଲି ।

× × ×

ଫଜଲୁଲ ହକ—ମୋର ମତ ଓଡ଼ିଶାର ମୁସଲମାନମାନେ କୌଣସି କଥାର ପ୍ରତିବାଦ ଓ ପ୍ରତିରୋଧ ନ କରି ଧୀର ଶାନ୍ତ ଭାବରେ ସେମାନଙ୍କର ନ୍ୟାୟ ସଙ୍ଗତ ଦାବୀ ମନ୍ତ୍ରୀଙ୍କ ଠାରେ ଉପସ୍ଥାପିତ କରିବେ ।

ଏହା କଣ ଭିତର କଥା ନା—
ଯେ ଦେଶେ ଯାଇ ସେ ଫଳ ଖାଇ ?

Digitized by srujanika@gmail.com



(ପୂର୍ବ ପ୍ରକାଶିତ ଉପରୁ ।)

ଧାନ ଉଦ୍ୟୋଗୀଙ୍କୁ ନ ଦେବାଲେ, ଚାଷୀ ପଇସା ପାଇବ କାହିଁ ଯେ ଜମିଦାରର ଖଜଣା ସୁଝିବ, ମହାଜନର ଦେଣା ଦେବ, ଲୁଗା, ତେଲ, ମସଲା କରିବ । ଅନ୍ୟମସ୍ତ ପିଣ୍ଡ ଧାନ ମୂଠାକ ଗଲେ ଏ ପିଣ୍ଡରେ ବା ଜୋର ଅସିବ କାହିଁ ? ଅତଏବ ଲୋକେ ମରନ୍ତୁ । ନହେଲେ ଜମିଦାର, ମହାଜନ, ଅଉ ଯେ ଯେ ବା ଏ ମଶାଣି ଭୂଇଁରେ ଚିହ୍ନେ ଚେରେଇ କରି ଅଛନ୍ତି ତାଙ୍କୁ ମାରି, ତାଙ୍କ ସମ୍ପତ୍ତି ଲୁଟି କରି । ଏତେ କଥା କରି ମଧ୍ୟ ତ ନଇବ ହୋଇ ମଙ୍ଗଳ ନାହିଁ । ବଢ଼ି ମରୁଡ଼ି ବନ୍ଦ ହବ ନାହିଁ । ଅତଏବ ଏ ମଶାଣି ଭୂଇଁଟା ଏକାବେଳକେ ମରୁଭୂମି ହୋଇଯାଉ । ଦେଖୁଛନ୍ତି ନା, ଉପାୟଟା କେତେ ସିଧା ସଳଖ ?

ମୁଁ କିନ୍ତୁ ଗୋଟାଏ ବଙ୍କା ଉପାୟ କହିବି । ଲୋକଙ୍କର ଧନ ବଢ଼ାଇବାର ଦୁଇଟି ଉପାୟ । ପ୍ରଥମ—ତାଙ୍କର ଯାହା ଅଛି, ତାର ମୂଲ୍ୟ ଓ ଉପକାରିତା ବଢ଼ାଇବା । ଦ୍ୱିତୀୟ—ତାଙ୍କର ଆୟ ଉପରୁ ବଳିକି ତାର ବ୍ୟବସ୍ଥା କରିବା ।

ପ୍ରଥମ—କୃଷି ଯାହା ପାଏ, ସେଥିରୁ ଖଜଣା ଇତ୍ୟାଦି ଯାଇ ବାକି ଯାହା ବଳେ ସେଇଥିରେ ଖାଇବା ପିନ୍ଧିବା ଲଗେଇବା ଇତ୍ୟାଦି ସବୁ ହୁଏ । ମୁଁ ଏ ବିଷୟ ପେଇଁ ନାନା ନକ୍ସା ଯେ, ଯାହାର ୫ ଟଙ୍କା ଖର୍ଚ୍ଚ କରିବାକୁ ବଳ ନାହିଁ, ସେ ବାହାପୁଅଣିରେ ଟ୫୦୲ ଖର୍ଚ୍ଚ କରିବ । ବର୍ତ୍ତମାନ ଧର ଶ୍ୟାମା ଚନ୍ଦ୍ର କଥା । ତାର ଅଛି ଚାରି ଏକରେ, ଏଣୁ ତେଣୁ ଲୋକେ ଧରନ୍ତି ଅଡ଼ ଦେଢ଼ଏକର । ଘରେ ଖାଇବାକୁ ଗୁରୁ ପ୍ରାଣୀ । ଜମିରୁ ହାରାହାରି ଏକର ପିଛା ସେ ପାଇଲା ମ ୧୬ । ତିନି ଏକରକୁ ପାଇଲା ଧର ମ ୫୦ ହଣ ଧାନ । ମୁଁ ଅଢ଼ଇଲଡ଼ପର ଜମି କଥା କହୁଛି । ତାଙ୍କ ଗୁରୁ ପ୍ରାଣୀଙ୍କର ଚଳିବା ପାଇଁ ବର୍ଷକୁ ଦରକାର ମ ୧୮ ହଣ ମୂଳକ, ଅର୍ଥାତ୍ ମ ୩୬ ହଣ ଧାନ । ବାକି ତାଙ୍କର ରହିଲା ମ ୧୪ ହଣ, ଅର୍ଥାତ୍ ଟ ୬୮୲ ମହଙ୍ଗ ବେଳ ମୂଲ । ଏକରେ ଜମିର ଖଜଣା ଟ୨୲ରୁ ଟ୮୲ ପର୍ଯ୍ୟନ୍ତ, ହିସାବ ଟ୦୫, ଜମିଦାର ଘର ଖର୍ଚ୍ଚ ଇତ୍ୟାଦି ମିଶାଇ ସେ ବା: କୁ ଗଲା ମୋଟା ମୋଟି ଟ୧୦୲ । ଗୁରୁପ୍ରାଣୀଙ୍କର ବର୍ଷରେ ୮ ଖଣ୍ଡି ଲୁଗା ଓ ଗୁରୁ ଖଣ୍ଡି ଗାମୁଛା । ସେ ବାବଦରେ ଗଲା ଟ ୧୦୲ । ତା ହେଲେ ତାର ବାକି ରହିଲା ଟ୪୮୲ । ସେ ଯଦି ଧାନ ପୁଞ୍ଜାକ ମାଘ ଫଗୁଣରେ ବିକିବାକୁ ବାଧ୍ୟ ହୁଏ ତାର କିଛି ରହିବ ନାହିଁ । ଯଦି ବରଷେ ଧୋଇ ଯାଏ, ତାହେଲେ ସେ ବର୍ଷକର ହାନି ସମ୍ଭାଳୁ, ତାକୁ ହୁଏ ତ ପୁରୁଷେ ଲାଗିଯିବ । ଏ ବାଦେ ବାହାପୁଅଣି ଖର୍ଚ୍ଚ ତ ଅଛି ? ଯାନି ଯାତ୍ରା, ଭେଦା ପକ୍ଷା, ଇତ୍ୟାଦି, ଅନେକ କଥା । ଅବଶ୍ୟ ସ୍ତ୍ରୀ ପୁଅଙ୍କୁ ତାର ଉପରି ରୋଜଗାର କିଛି ଥାଏ । ପରର ମୂଲ ପାଟ ଲାଗି ସେମାନେ କିଛି ରୋଜଗାର କରନ୍ତି । ନଡ଼ା, କୁଟା, କୁଣ୍ଡା, ତଷୁ, ଗୋବର ଇତ୍ୟାଦି ବିକି କିଛି ପାଆନ୍ତି । ସେମିତିକା ଅମେ ଖର୍ଚ୍ଚ ହିସାବରେ ଡାଲି, ତରକାରି, ତେଲ, ଲୁଣ, ପାନ ମସଲା ଇତ୍ୟାଦିର କଥା କହୁନାହିଁ । ଏ ଅମୁଙ୍କୁ ବ୍ୟୟ ସମାଯୁକ୍ତ ହୋଇଯିବ । ଏଇ ହେଲା ଜଣେ ସାଧାରଣ ଚାଷୀର ଅବସ୍ଥା । ଯାଗେ ଲୋକଙ୍କର ଅଧ ଏକରେ ବୋଲି ଜାଙ୍କର ଜମି ନଥାଏ, ଯାଙ୍କ ଗୃହ ମଧ୍ୟ ଏକରେ ଟାଣ୍ଡ୍ରେ ଥାଏ କି ନଥାଏ । ଅଉ ଏଣେ ଘରେ ଛୁଆ ପିଲା ପରଣ୍ଟଅଣିକୁ ପରଣ୍ଟଅଣି ବଢ଼ି ଚାଲିଥାନ୍ତି । ଏ ଗୋଲକ ଧନ୍ଦାରୁ ଉଦ୍ଧାର ପାଇବାର ଉପାୟ—ତାର ଏଇ ୫୦ ମହଣର ବଦଳରେ ୧୦୦ ମହଣର ଦାମ ଅଣିବ ।

ସାଧାରଣତଃ ଜଣା ଦେଖାଯାଏ—ଜମିରୁ ଧାନ କଟେଇ ପୁଞ୍ଜାକ ଖଳାକୁ ଅଣୁ ନଅଣୁ ଅସି ହାଜର ହୋଇଯାନ୍ତି । ଜମିଦାରଙ୍କ ପିଅଦା, ସୋସାଇଟି ମଣିଷ, ସରକାରି ତକାବି ଦେଉଛନ୍ତି, ଅଉ ମହାଜନମାନଙ୍କର ଠେଙ୍ଗା ଧାରୀ ଯମ ଦୂତ । ମଙ୍ଗଳୁ ଶାଗୁଣା ବେଢ଼ିଲା ପରି ଏମାନେ ସମସ୍ତେ ଚାଷୀକୁ ବେଢ଼ି ବସନ୍ତି । ମାଡ଼, ଗାଳି, ଫଜତି ଇତ୍ୟାଦି ଖାଇ ବିଚରା ଚାଷି ନସ୍ୟାନ୍ତ ହୋଇଯାଏ । ଧାନ ଗଦାକୁ ଦେଖେଇ ବେପାରୀ ଠାରୁ ଯାହା ମାଛ ନୂଆରେ ଟଙ୍କା ଉଠାଣ ନେଇ କାହାକୁ ଏକ, କାହାକୁ ତିନ, କାହାକୁ ୫ ଭଲ ବିଦାୟ କରେ । ସାଧାରଣ ବଜାର ଗ୍ରସ୍ତ ଯେତେ ହୋଇଥାଏ ୩୦ ସେର, ବେପାରୀ ନିଏ ସେ୪୦ର । କାରଣ ହାତ ପାଖରେ ପଇସା, ଅଉ ଏତେ ଜରୁରି ଦରକାର । ଅଥଚ ମାସ ପାଞ୍ଚ ଛଅଟା ଯେବେ ଅପେକ୍ଷା କରି ହୋଇ ପାରନ୍ତା, ତା ହେଲେ ଚାଷୀ ସେଇ ଟଙ୍କାରେ ସେଇ ଧାନକୁ ସେ୨୦ର କରି ବିକି ପାରିଥାନ୍ତା । ଶୁଖିଲା, ଭିଜିଲା ହୋଇ ସେରେକେ ପାଏ ବାଦ ଗଲେ ମଧ୍ୟ ତାର ଲାଭ ହୁଅନ୍ତା ଟଙ୍କାକେ ବାରଅଣା । କିନ୍ତୁ ଏ କଥା ହବ କେମିତି ? ଅଧିକାଂଶ ସମବାୟ ସମିତିର ଅଭାବ ନାହିଁ । ତା ଉପରେ ପୁଣି ସରକାର ଗୋଟାଏ ଜମି ବନ୍ଧକ ବ୍ୟାଙ୍କ ଆରମ୍ଭ କଲେଣି । ସମବାୟ ସମିତି ଅଜ ପର୍ଯ୍ୟନ୍ତ କେବଳ ଗୋଟାଏ ମହାଜନ ମାତ୍ରକର ଅଛନ୍ତି, ଲୋକଙ୍କର ପ୍ରକୃତ ଉପକାର ବିଷୟରେ ବେଶୀ କିଛି ଜାଣିବା ଶୁଣିବା ଭଳିଆ ହୋଇ ପାରି ନାହିଁ । ମୁଁ କହେଁ ଏଇ ସବୁ ସମିତି ପ୍ରତ୍ୟେକ ଚାଷୀର ଠିକଣା ମୂଲ୍ୟ ଦରକାରି ଟଙ୍କା ଦେଇ ଦେଇ ତାର ସେ ଧାନ ଡକ ନେଇ ଯାଉ । ସମସ୍ତଙ୍କ ଧାନ ଗାଁରେ ଠୁଳ ହୋଇ ଗୋଟିଏ ଅମାରରେ ରହୁ । ମହଙ୍ଗା ବେଳେ ସେଇ ଧାନ ବିକି ଚାଷୀକୁ ଯାହା ଟଙ୍କା କୋଳାଇଛି ମୂଳରେ ଦେଇଥିଲା, ସେତକ କାଟି ଯାଇ ବାକିଟା କୃଷିର ସମିତି ମୂଳଧନ ଭଳି, ନହେଲେ ସମିତିର ଦେଣା ଥିଲେ ତାର ପରିଶୋଧ ଅତଲୁ ନଥ ଯାଉ । ତା ହେଲେ ଚାଷୀର ଲାଭ, ତାର ଟଙ୍କାକ ଦଶଟା ହୋଇ ପାରିଲା; ଅଉ ଯୋଗ ମରୁଡ଼ି ବେଳେ ଲୋକେ ସ୍ତ୍ରୀ ତା ଦୁଆରେ ନତମସ୍ତକ ହୋଇ ଟଙ୍କାଟାକୁ ସେ୧୦ର ସେ ୧୫ ର ଧାନ ନନେଇ, ନିଜ ଧାନ ନିଜ ଗାଁ ଅମାରରୁ ଶସ୍ତା ଦରରେ ପାଇ ପାରିଲେ । ଏ ଅଚିନ୍ମ ଖୋଜ ତା ଗୁଲ ଖୋଜିବ

Digitized by srujanika@gmail.com

ଅଳୀକ ସ୍ୱପ୍ନ ନୁହେଁ । ବହୁବର୍ଷରେ ବାହାର ସରକାର ଜେତେ ଜାଗାରେ ଏହିପରି ଧାନ ଅମାର ଆରମ୍ଭ କରିଛନ୍ତି । ଅଧିକନ୍ତୁ ପ୍ରାୟ ବର୍ଷେ ତଳେ ବାଲେଶ୍ୱର କେନ୍ଦ୍ର ବ୍ୟାଙ୍କର ଉନ୍ନତି ନିମନ୍ତେ ଡେଭେଲେପମେଣ୍ଟ ଅଫିସରଙ୍କ ପାଇଁ ମୁଁ ଯେଉଁ କାର୍ଯ୍ୟ ପ୍ରଣାଳି ଲେଖିଥିଲି, ସେଥିରେ ମଧ୍ୟ ଏହିକଥା କହିଥିଲି । ଏଥିରେ ସରକାରଙ୍କର ବା ବ୍ୟାଙ୍କର ବେଶୀ କିଛି ପଇସା ସରିଯିବ ନାହିଁ। ଖାଲି ବନ୍ଦୋବସ୍ତ କଥା ମାତ୍ର ।

ମୋଟ ଉପରେ କଥା ହେଉଛି ବଡ଼ ବଣା ଉତ୍ପନ୍ନ ଦରରେ ମଫିରେ ଯେ କଲଲ ପାଉଥିଲ ଲୋକ ପଞ୍ଚେ ରହି ଚାଷୀ ଠାରୁ ପୁଲାଏ ଓ ଅସଲ ବେପାରୀ ଠାରୁ ପୁଲାଏ ମାରି ନେଉଛନ୍ତି, ସେମାନଙ୍କ ହାତରୁ ଚାଷୀକୁ ବଞ୍ଚାଇ ସେହି ଧୋବଲା ଠକଙ୍କ ପ୍ରଳାପ ଚାଷୀ ମୁହଁରେ ଦଅଉଦବା ଲୁଗା ଖଣ୍ଡିକ ଅସଲ ବେପାରୀ ଠାରୁ କିଣିଲେ ଚାଷୀ ପାଉନ୍ତା ଟଙ୍କା ଟାଙ୍କରେ, ତାକୁ ସେ ଗାଁ ହାଟ କି ପାଖ ବଜାରରୁ କିଣିଲା ବେଳକୁ ଦଉଚ ଟ୧। କି ଟ୧।୦ । ସବୁ ଜିନିଷରେ ଇମିତିକା । ଏ ସବୁଥିରୁ ତାକୁ ବଞ୍ଚାଇଲେ ତାର ପରୂଶ ଟଙ୍କାର ଅସ୍ତୁ ଶହେ ଟଙ୍କା ହେଇ ପାରିବ । ପଶ୍ଚିମ ଦେଶରେ Co-operation Buying ଓ Selling ପ୍ରଥା ଖୁବ୍ ଚଳେ । ଏ ଦେଶରେ ଚଳିବ କିଆଁ ? ଭାରତର ଅନ୍ୟ ଠାରେ ନାହିଁ, ତାର କାରଣ ଅନ୍ୟ ଦେଶରେ ଅମ ଭଳି ଧୋଇ ମରୁଡ଼ ସମସ୍ୟା ନାହିଁ । ଆମ ଦେଶରେ ଏହା କରିବା ଦରକାର । ପଇସା କଉଡ଼ିର ମାମଲା ନୁହେଁ, ଖାଲି ବନ୍ଦୋବସ୍ତ Organisation. କେହି ହୁଏ ତ ନାକ ଟେକି ବସିବେ କହିବେ ହେଁ, ଖାଲି ବୈଠକି ଖାନା ଗପ । ସେ ଡେନ୍ମାର୍କରେ ଇମିତି ହୋଇଥିଲେ, ସିମିତି ହେଲା । ଖୋର୍ଦ୍ଧାରେ ସିମିତି ହେଇଥିଲା, ଇମିତି ହେଲା । ଅମେ ଜାଣିନାହୁଁ ଯେ ଅମକୁ ସୁଡ଼ାଏ କହିବେ ଯେ । ଡେନ୍ମାର୍କରେ ହେଇଥିଲା, ଖୋର୍ଦ୍ଧାରେ ହେଇଥିଲା । ସେ ସବୁ ଯେ ନହେଲା ତା ଲାଗି କର୍ମ କର୍ତ୍ତାମାନେ କେତେଦୂର ଦାୟୀ, ତଳସ୍ଥ ଚାକରିଆମାନେ କେତେଦୂର ଦାୟୀ, ଅଉ ତା ମୂଳରେ ବଡ଼ ବଡ଼ କଥାର ପରୀକ୍ଷା କେତେଦୂର ଥିଲା ଓ ବ୍ୟବସାୟ ବୁଦ୍ଧି କେତେ ଦୂର ଥିଲା—ଏ ସବୁର ବର୍ଣ୍ଣନ କରି ବସିଲେ ଦେଖିବାକୁ ହୁଏତ ମିଳିବ ଯେ ସେ ସବୁ ଜାଗାରେ ଯେ ବିଫଳ ହେଉଚି, ତାହା ବିଷୟର ଦୁର୍ବଳତାରୁ ନୁହେଁ, ଅନ୍ୟାନ୍ୟ ଅନେକ ବାଜେ କାରଣରୁ ।

ତାପରେ ଏଇ ଦେଖନ୍ତୁ, ଚାଷୀର କେତେ ପଇସା ମାଲିମକଦ୍ଦମାରେ ଉଡ଼ିଯାଏ । ଜମିଦାର ପାଞ୍ଚଟଙ୍କା ଖଜଣା ପାଇଁ ନାଲିଶ କରଚ, ଗରିବ ଚାଷିବାପୁଡ଼ା ଯାଇ ଅପତ୍ତି କରିବ, ଓ, ତାର ସେଥିଲାଗି ହୁଏତ ଅନ୍ତର ଟ୭୦ ଉଡ଼ିଗଲା । ମୋ ଜମିର ହତ ଖଣ୍ଡେ ଅମୁକ ହାଣି ନେଲା, ତାଲାଗି ମକଦ୍ଦମା ହେଲାତ ଖର୍ଚ୍ଚ ହେଇଗଲା ଶହେ ପଚାଶେ । ଅବଶ୍ୟ ଏ ଯେଉଁ ପଇସା ତାର ଖର୍ଚ୍ଚ ହୁଏ, ସେ ଏଇ ଦେଶର ଅଉ ପାଞ୍ଚଜଣ, ଯିମିତିକା କି, ଓକିଲ, ମୁକ୍ତାର ଟିଣ୍ଟି, ଟାଉଟର, ମୋହରର ଇତ୍ୟାଦି ପାନ୍ତି, ଅଉ କୋଟଫି ଇତ୍ୟାଦି ହୋଇ କିଛି ସରକାର ଘରକୁ ଯାଏ । ଦେଶର ଟଙ୍କା ଦେଶରେ ରହେ । ସେଥିରୁ କଥା ହତ । ଇଂରେଜିରେ ଗୋଟାଏ କଥାଅଛି । The more there is of the more, the less there is of the less । ଅର୍ଥାତ୍ ଥିଲାବାଲା ଯେତିକି ବଢେ, ନଥିଲାବାଲା ସେତିକି ଛିଣ୍ଡେ । ଓକିଲ ମୁକ୍ତାର ଟାଉଟର ଟିଣ୍ଟିଙ୍କ ଘଡ଼ା ଭର୍ତ୍ତି ହେଲେ, ଗରିବ ଗାଉଁଲି ଲୋକର ଘଡ଼ା ଖାଲି ଯାଉଚି । ଏ ଠିକ୍ ଝିଣ୍ଟିକା ମାରି ବଣି ପୋଷିବା ନ୍ୟାୟ । ଓକିଲ ମୁକ୍ତାରଙ୍କର ମାସକୁ ପାଞ୍ଚଶ ହଜାରରୁ ଯେତିକି କମିବ ଗରିବ ଗାଉଁଲି ଲୋକଙ୍କର ପାଞ୍ଚ ପଇସା ବି ସେତିକି ବଢିବ । କିନ୍ତୁ ଏ କଥାଟା ଆମର ବଡ଼ବୁଢ଼ା ବଡ଼ ଚାଲିଙ୍କ ମନକୁ ପାଇବ ନାହିଁ । ଯେଉଁମାନେ ସରକାର ଚାକିରିଅଙ୍କ ୫୦୦ରୁ କମାଇ ୫୦ କରିବାକୁ ଅଣ୍ଟାଭିଡ଼ ବାହାରି ପଡ଼ନ୍ତି; ସେଇମାନଙ୍କୁ ଓକିଲମାନଙ୍କର ହଜାରକୁ କମାଇ ୧୫୦ କରିବାକୁ କହିଲେ ସେମାନେ ନାକ ଟେକି କଥାଟାକୁ ଏକାବେଳକେ ନାପସନ୍ଦ କରି ଉଡ଼ାଇ ଦେବେ । ଅଥଚ ଯଦି ହିସାବ କରି ଦେଖାଯାଏ, ତା'ହେଲେ ଦେଖିବେ ଶହରୁ ବେଶୀ ପାଉଥିବା ସରକାର ଚାକରିଅ ଯେତେ ସାଧାରଣ ଧନରୁ ପାନ୍ତି, ଶହରୁ ବେଶୀ ପାଉଥିବା ଓକିଲ ମୁକ୍ତାର ତାର ୩ଗୁଣ ଅନ୍ତତଃ ଲୋକଙ୍କ ଠାରୁ ନିଅନ୍ତି ।

ଗରିବ ଗାଉଁଲି ଲୋକଙ୍କୁ ଏ ବାବଦରେ ରକ୍ଷା କରିବାକୁ ହେଲେ ସହରର ଏ ମେଳନ ଯାହା ଭାଙ୍ଗି, ପ୍ରତି ଗାଁରେ ପଞ୍ଚାଏତ ଇଉନିୟନ କମିଟି, ଥାନା କମିଟି ଇତ୍ୟାଦିଙ୍କ ଦ୍ୱାରା ମାଲି-ମକଦ୍ଦମା ହାର ଖୁହାର ଇତ୍ୟାଦି ବିଚାର କରାଇବାର ବ୍ୟବସ୍ଥା କରିବା ଉଚିତ । ହାକିମମାନେ ସହରରେ ନ ରହି, ଯେବେ ଜଣେ ୨ ଗୋଟିଏ ୨ ଥାନା ଅବୁରି ରହନ୍ତି, ଓ ଅଉ ସେଇମାନେ ଫୌଜଦାରି, ଦେଓ୍ୱାନି ସରକାରୀ ଖଜଣା ଇତ୍ୟାଦି ଯାବତୀୟ ବିଭାଗର କାମ କରନ୍ତି, ତା' ହେଲେ ଲୋକଙ୍କର ଗୁଡ଼ାଏ ପଇସା ଲୋକଙ୍କ ହାତରେ ରହିଯିବ, ଅଉ ଏଣେ ସରକାରଙ୍କର ମଧ୍ୟ କମ ଲାଭ ହବ ନାହିଁ । ପ୍ରତି ଜିଲ୍ଲାରେ ସାକ୍ଷୀମାନଙ୍କ ଖର୍ଚ୍ଚ, ହାଜତ ଅସାମିମାନଙ୍କର ନେବା ଅଣିବା ଓ ଖାଇବା ଖର୍ଚ୍ଚ, ନୋଟିସ ଜାରି କରିବାର ଖର୍ଚ୍ଚ ଇତ୍ୟାଦି ହୋଇ କମ ଟଙ୍କା ସରେ ନାହିଁ । ସେ ସବୁ ଟଙ୍କାରୁ ପ୍ରାୟ ବାର ଅଣା ସରକାରଙ୍କର ରହିଯିବ । ଅଉ ଏଣେ ସବୁ ଦୋଷରେ ଦୋଷୀ ଏଇ ହାକିମ ହୁକୁମା ଓ କଚେରି ମହଲ ମଧ୍ୟ ଟିକିଏ ସୁଖ ଶାନ୍ତିରେ ରହି ପାରିବେ । ସହର ଭିତରେ ବଡ଼ବଡ଼ଅଙ୍କ ସଙ୍ଗରେ ଚଳିବାକୁ ଯାଇ ବିଚରା ହାକିମ ହୁକୁମା ଗୁଡ଼ାକ ଟ ୫୦୦ ପାଇଲେ ଟ ୭୦୦ ଖର୍ଚ୍ଚ କରି ବସନ୍ତି । ମଫସଲ ଗାଁରେ ଟ୩୦୦ ପାଇଲେ ମଧ୍ୟ ସେମାନେ କିଛି ବଞ୍ଚାଇ ପାରିବେ । ସବୁ ଠାରୁ ବେଶୀ ଲାଭ ହବ, ଶିକ୍ଷିତ ପଞ୍ଚାଏ ଗାଁ ଗହଳରେ ରହିଲେ, ଗାଁର ଆକାର ପ୍ରକାର ମତ ଗତି ଅନେକ ବଦଳ ଯିବ । ଗାଁର ଅନ୍ଧାର କୋଣ ଲୋକଙ୍କ ଅଖିରେ ପଡ଼ିବ,

Digitized by srujanika@gmail.com



ସ୍ନେହର ନାତି ନାତୁଣୀଏ ।

ଅଜା ଗୋଟେ ମଜାକଥା କହିବ । ଆମ ଦେଶରେ ଯେମିତି ବଡ଼ଲାଟ ନାହାନ୍ତି ?— ଆମେରିକା ଦେଶରେ ସେମିତି ସବାବଡ଼ ଯିଏ ସେ ହୋଇଛନ୍ତି ସେଠିକା ଆଇନ ସଭା ବା ଶାସନ ସଭାର ସଭାପତି । ଦେଶଟା ଚଳେଇବା ଭାର ତାଙ୍କ ଉପରେ । ଭୋଟ ଦେଇ ପ୍ରତି ୪ବର୍ଷରେ ଏ ସଭାପତିମାନେ ବଛା ହୁଅନ୍ତି । ସ୍ତ୍ରୀଲୋକଯାକ ସମସ୍ତେ ଏଇ ସଭାପତି ବଛାରେ ଭୋଟ ବା ମତ ଦିଅନ୍ତି । ସେଥିପାଇଁ ସଭାପତି ପଦ ଯେମିତି ବଡ଼ ଆସନ, ତାକୁ ପାଇବା ବି ସେମିତି ବଡ଼ ମୁସ୍କିଲ । କେତେଣ ଲୋକ ଥରେ ଏଇ ସଭାପତି ହେବାପାଇଁ ବହୁତ ଚେଷ୍ଟା କରି ଆଉ ହୋଇ ପାରିଲା ନାହିଁ । ସେଠୁ ସେ ନିତାନ୍ତ ବ୍ୟସ୍ତହୋଇ ଗୋଟିଏ ବୁଢ଼ା ଲୋକ ପାଖକୁ ଗଲା । ସେ ବୁଢ଼ା ଆଗରୁ କେତେ ଥରେ ସଭାପତି ହୋଇଥିଲେ । ଜଣେ ତାଙ୍କ ଗୋଡ଼ତଳେ ପଡ଼ିଯାଇ କହିଲା—'ତମେ କି ଉପାୟ କଲ ସଭାପତି ହେଲ, କହିଦିଅ ।' ସେ ନ କହିବା ଯାଏ ଆଉ ଛାଡ଼ିଲା ନାହିଁ । ତହୁଁ ସେ ବୃଦ୍ଧ ରୁଜଭେଲ୍ଟ କହିଲେ, 'ତମେ ଗୋଟିଏ କଥାକର, ସଭାପତି ହୋଇ ପାରିବ । ଦେଶର ସବୁ ପିଲା ଛୁଆଙ୍କୁ ଗେଲକର ଆଉ ସବୁ ସ୍ତ୍ରୀ-ଲୋକମାନଙ୍କୁ ଭଲପାଅ ।' ସେ ତହୁଁ ମହା ଆନନ୍ଦରେ ସେଠୁ ଗଲା । ମନେମନେ ଶ୍ଳୋକ ମୁଖସ୍ଥ କଲାପରି କହୁଥାଏ—'ସବୁ ଛୁଆଙ୍କୁ ଗେଲକର, ସବୁ ସ୍ତ୍ରୀଙ୍କୁ ଭଲ ପାଅ ।' ଯେମିତି ସେ ସହର ଭିତରକୁ ବାହାରି ଆସିଛି, ସେମିତି ତାଙ୍କ କଥା ଅନୁସାରେ କାମ କରିବାକୁ ବସିଲା । କିନ୍ତୁ ଏଡ଼େ ଫଟା କପାଳ ଯେ ତାର, ସେ କଥାଟାକୁ ପଛୁଁ ପରହୁଁ ଓଲଟା ହୋଇଗଲା । ତା ମୁହଁରୁ ବାହାରି ଗଲା—'ସବୁ ଛୁଆଙ୍କୁ ଭଲପାଅ, ସବୁ ସ୍ତ୍ରୀଙ୍କୁ ଗେଲକର ।' ସେ ଯେତେ ଛୁଆ ଦେଖିଲା, ସମସ୍ତଙ୍କୁ ଭଲ ପାଇ-ବାକୁ ଚେଷ୍ଟାକଲା ଆଉ ତାପରେ ଯେଉଁ ସ୍ତ୍ରୀ-ଲୋକଙ୍କୁ ଦେଖିଲା ତାଙ୍କୁ ଯାଇ କୁଣ୍ଢାଇ ପକାଇ ଗେଲକଲା । ଏହା ଦେଖି ଲୋକେ ତାକୁ ଏମିତି ମାଡ଼ ଦେଲେ ଯେ ସେ ଛଟପଟି ହୋଇ ପଳାଇ ତା ଗୁରୁଙ୍କ ପାଖରେ ଦୁଃଖ ଜଣାଇଲା । ଗୁରୁ କହିଲେ—ମୁଁ ଯାହା କହିଲି, ତୁ ତାର ଓଲଟା କାମକଲୁ, ମୁଁ ଏବେ କ'ଣ କରିବି କହ ।' ସେ ତହୁଁ ଏଥର ଭଲକରି ମୁଖସ୍ଥ କରିନେଲା-'ସବୁ ଛୁଆଙ୍କୁ ଗେଲ କରିବ ଓ ସବୁ ସ୍ତ୍ରୀଙ୍କୁ ଭଲ ପାଇବ ।' ଫଳକୁ ସତ ଏହା କରିବାଦ୍ୱାରା ଭୋଟବେଳେ ଆମେରିକାର ସ୍ତ୍ରୀଲୋକମାନେ ସେମାନଙ୍କ ପୁରୁଷମାନଙ୍କୁ ଏହି ଲୋକଙ୍କ ପକ୍ଷରେ ଭୋଟଦେବାକୁ ବାଧ କଲେ । ସେ ସଭାପତି ହେଲା । ଅଛି ପିଲାଏ କହିଲ, ଏଟା ଗପ ନା—ସତକଥା ।

—(*)—

## ଅଜାଙ୍କ ଜବାବ ।

(ଯେଉଁ ନାଗବଗ୍ସ ଅଜାଙ୍କ ଠାକୁ କୌଣସି କଥା ପଚାରି ପଠାଇବେ ବା କୌଣସି ବିଷୟରେ ଚିଠି ଲେଖିବେ ଅଜା ଏଠିକି ତାର ଜବାବ ତଳରେ ଦେବେ । ନାଗବଗ୍ସମାନେ ଚିଠିପତ୍ର ଦେବାବେଳେ ସେମାନଙ୍କର ନାଗବଗ୍ସ ନମ୍ବର ଦେବାକୁ ଯେପରି ନ ଭୁଲନ୍ତି ।)

କାମଦେବପୁରର ଜଣେ ନାତି—ସେ ଭଦ୍ର-ଲୋକଙ୍କୁ କହିଦିଅ ଅଜାଙ୍କ ବହୁନାମ ଭିତରୁ ଶ୍ରୀ ଅଜା, ଶ୍ରୀ ଅଭିମୋହନ, ଶ୍ରୀ ନାତି ନାତୁଣୀ ଇତ୍ୟାଦି ପ୍ରଭୃତି ପ୍ରସିଦ୍ଧ ।

ନାଗବଗ୍ସ ୧୦୬—ଭାରତରେ ବାହାରୁ-ଥିବା କଳିକତା ଚିଠି କେତେ ନାଗଙ୍କ ଆଖିରେ ପଡ଼ୁଥିବ ମୁଁ ଜାଣେ ନାହିଁ । କେବଳ ତାଙ୍କ ପାଇଁ ନୁହେଁ ବିଶେଷତଃ ଆମର ଛୋଟ ଓଡ଼ିଆ ଅଞ୍ଚଳରେ ଓଡ଼ିଆ ପ୍ରଚାର ନିମନ୍ତେ କାମ ପାଇଁ ତମେ ଯେଉଁ ପ୍ରସ୍ତାବ କରିଛ ତାହା ସୁନ୍ଦର । ନାଗବଗ୍ସ ଯଦି ଏକମତ ହୁଅନ୍ତି ତେବେ ମୁଁ ସେଥିରେ ସାହାଯ୍ୟ କରିବି । ସମସ୍ତେ ମିଶି ଗୋଟିଏ ନାଗବଗ୍ସ ପାଣ୍ଠି ସଞ୍ଚୟ କରିବା । ମୋ ଉପରେ ଯଦି ବିଶ୍ୱାସ ଥାଏ ତେବେ ସେ ପାଣ୍ଠିର ଜମାଦାର ମୁଁ ହେବାକୁ ରାଜି ଅଛି । ଯେଉଁମାନେ ଯାହା ଟଙ୍କା ଦେବେ, ତଳରେ ସେମାନଙ୍କ ନାମ ଓ ଟଙ୍କାର ପରିମାଣ ଛପାଇ ଦେବି । ଏକା-ବେଳେ ପଚିଶ ପଇସା ହୋଇଗଲେ, ସେ ଟଙ୍କାକୁ କଟକ ଉତ୍କଳ ଦୀପିକାର ସମ୍ପାଦକଙ୍କ ଠାକୁ କିମ୍ବା ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଙ୍କ ଠାକୁ ପଠାଇ ଦିଆଯିବ । ଏ ବିଷୟରେ ନାଗବଗ୍ସମାନଙ୍କ ମତ ଜାଣିଲେ ଖୁସି ହେବି ।

ସ୍ନେହର—ଅଜା

ଛଠାଭ—୧୪ ପୃଷ୍ଠା ଉତ୍ତାରୁ

ଗୋବର ଗୀତ ଲୋକଙ୍କ କାନରେ ବାଜିବ । ମୁଁ ଯାହା କହିଲି, ଏ ମଧ୍ୟ ମୋର ମନ ଗଢ଼ା କଥା ନୁହେଁ । ବିଲାତରେ ଏଇ ନୀତିରେ ସାଧାରଣ ଶାସନ କାମ ଚଳେ । ମାନ୍ଦ୍ରାଜରେ କେତେକ ଏହି ନୀତିରେ କାର୍ଯ୍ୟ ହୁଏ । ବଙ୍ଗଳା ସରକାର ମଧ୍ୟ ଜଣେ ଜଣେ ସବ-ଡେପୁଟି ଗୋଟିଏ ଗୋଟିଏ ଥାନାର ସର୍କଲ ଅଫିସର କରିବାର ବ୍ୟବସ୍ଥା କରିଛନ୍ତି । ଯାହା ବିଲାତ, ବଙ୍ଗଳା ଓ ମାନ୍ଦ୍ରାଜ ପ୍ରଭୃତି ଚଳିବାଯୋଗ୍ୟ ଦେଶରେ ହେଉଛି, ତା ଆମର ଏ ହତଭାଗା ଦରିଦ୍ର ଓଡ଼ିଆ ଦେଶରେ ଅବଶ୍ୟ ହେବା ଉଚିତ । କିନ୍ତୁ ହେବ ନାହିଁ । ବରଂ ମୁଁ ଏହା କହିଲି ବୋଲି ମୋ ମୁଣ୍ଡରେ ଠେଙ୍ଗା ବାଡ଼ି ହୁଏତ ପଡ଼ିବ । ଅଥଚ ଏଥିରେ ସରକାରଙ୍କ ବେଶୀ ଖର୍ଚ୍ଚ ପଡ଼ିବ ନାହିଁ, କି ବେଶୀ କିଛି ନୂଆ ଆଇନ କାନୁନ ବଦଳାଇବା ଦରକାର ପଡ଼ିବ ନାହିଁ ।

ଆଜି ଏତିକି । ପୁଣି କେତେବେଳେ ଜୀବ ଲେଖନୀ ହେଲେ ଦୃଷ୍ଟିର ଅଗ୍ନି କପଟ ବନା ଖର୍ଚ୍ଚରେ ବଢ଼ିବ, ସେ ବିଷୟରେ ପଦେ ଅଧେ ଲେଖିବି ।

ଶ୍ରୀ ଗୋବିନ୍ଦ ତିଆଡ଼ି

Digitized by srujanika@gmail.com




ବିଲ୍ଲୀଠାରେ ମହିଳା ସଭାରେ ପ୍ରସ୍ତାବ ହୋଇଛି ଯେ ସ୍ତ୍ରୀଲୋକଙ୍କୁ ଉଦ୍ଦେଶ୍ୟକରି ଯେଉଁ ସବୁ ଅଶ୍ଳୀଳ ସାହିତ୍ୟ ଓ ବିଜ୍ଞାପନ ଛପା ହେଉଛି ତାହା ସବୁ ସରକାର ବାଜ୍ୟାପ୍ତ କରିବେ ।

ଓଡ଼ିଶାରେ ଏ ସ୍ଥିତି ଅଛମ୍ ହେଲେ ଉପେନ୍ଦ୍ର ଭଞ୍ଜଙ୍କୁ ଜବାବ ଦେବାପାଇଁ ସ୍ୱର୍ଗରୁ ଆସିବାକୁ ପଡ଼ିବ ।.. ...

ପ୍ରଚଳିତ ତ୍ରୈବାର୍ଷିକ ପ୍ରଥା ବଦଳାଇବା ପାଇଁ ଓଡ଼ିଶା ସରକାର ଗୋଟିଏ କମିଟି ବସାଇଛନ୍ତି ।

ନିଦ ଭାଙ୍ଗିଲା ପରା ?......

ଛୋଟନାଗପୁର ବିହାର ଠାରୁ ସ୍ୱତନ୍ତ୍ର ହୋଇ ରହିବ ବୋଲି ଦାବି କରି ପୁରୁଲିଆରେ ଗୋଟିଏ ବିରାଟ ସଭା ହୋଇଥିଲା ।

ବଙ୍ଗାଳି ଭାଇମାନେ ତା'ନା ଏଣିକି ସିଧା ନାଗପୁର ରଖିନ୍ତୁ ।......

ଛଟକ ଆଇନ ସମିତିର ପ୍ରଥମ ଅଧିବେଶନ ଅଡ଼ଭୋକେଟ ଜେନେରେଲ୍ଙ୍କ ସଭାପତିତ୍ୱରେ ହୋଇ ଯାଇଛି ।......

ସ୍କୁଲ କଲେଜରୁ ଉଇବେଟିଂକ୍ଲବ ଉଠିଯିବ ଏଥର ।......

ବିହାର ସରକାର ମଫସଲମାନଙ୍କରେ ବିଜୁଳିବତୀ ବସାଇବାର ବ୍ୟବସ୍ଥା କରୁଛନ୍ତି ।

ଅନ୍ଧାର ଘୁଞ୍ଚିଲା ।......

ବଙ୍ଗଳା ପ୍ରଜାସତ୍ତ୍ୱ ଆଇନକୁ ବଡ଼ଲାଟ ମଞ୍ଜୁର କରିବା ବାଳ ମଧ୍ୟରେ, ସେଠା ମନ୍ତ୍ରୀ ଏକ ଅଡ଼ିନାନ୍ସ ଜାରି କରିଛନ୍ତି ।

ଯୋଗ୍ୟ ଉତ୍ତରାଧିକାରୀ......

ମୟୂରଭଞ୍ଜରେ ଷ୍ଟେଟ କାଉନ୍ସିଲ ଗଠନ ହେବାପାଇଁ ଆସନ୍ତା ଜୁଲାଇରେ ଭୋଟ ହେବବୋଲି ଶୁଣୁଛୁଁ ।

ଅନ୍ଧାର ମୁଲକରେ ଜଳିଲା ଆଲୁଅ ?

ଅଯୋଧ୍ୟାରେ ଜମିଦାରମାନେ ଏକ ବିରାଟ ସଭାକରି ପ୍ରଜାଙ୍କ ମଙ୍ଗଳ କରିବା ପାଇଁ ପ୍ରସ୍ତାବ କରିଛନ୍ତି ।

ରାମରାଜ୍ୟ ଫେରିଲା ରେ ।...

ମୁସ୍ଲିମ ଲିଗକୁ ମୁସଲମାନ-ମାନଙ୍କର ଏକମାତ୍ର ଦଳରୂପେ କଂଗ୍ରେସ ସ୍ୱୀକାର କରନ୍ତୁ ବୋଲି ଲିଗ ଦାବି କରିଛି ।

ଏକ ଈଶ୍ୱର ଏବଂ ଏକ ଲିଗ, ଦ୍ୱିତୀୟୋ, ନାସ୍ତି ।

'ମାଦ୍ରାଜ ଲାଟସଭା ସଭାପତି ସକାଳୁ ଦୁଇ ଘଣ୍ଟା କାଳ ମଉନକର ପାଠ ପଢ଼ୁଛନ୍ତି ।

ଆମ ମନ୍ତ୍ରୀମାନେ ତାଙ୍କୁ ଗୁରୁକଲେ ଅନେକ ଅସଙ୍ଗତ କଥା ଲୋକେ ଶୁଣନ୍ତେ ନାହିଁ ।

ମାନ୍ଦ୍ରାଜ ସରକାର ସ୍କୁଲ ପାଠ୍ୟପୁସ୍ତକ ମାନଙ୍କରେ ଜାତୀୟ ନେତାମାନଙ୍କ ଜୀବନୀ ରଖାଯାଉ ବୋଲି ସର୍କୁଲର କରିଛନ୍ତି ।

ଓଡ଼ିଶା ସରକାର କ'ଣ ସେ ଜାତୀୟ ନେତାଙ୍କୁ ଉଦ୍ଧାର କରିବେ ନାହିଁ ?

ନୟନ ଦେଈ ଓ ଉତ୍ତରପାର୍ଶ୍ୱ ମହନ୍ତଙ୍କ ମକଦମା ବିଗୁର ବେଳେ କନ୍ୟା ଗୋଦାବରୀ ମହନ୍ତଙ୍କୁ ବାଳେ ବାପାବୋଲି ଡ଼ାକିପକାଇଲା ।

ଆହା, ବାପା ଡ଼ାକଟା ଏଡ଼େ ଶସ୍ତା ?

ତଲଚେର ରାଜାସାହେବ ଶ୍ରୀ ଶ୍ରୀ ବରଦ ରାଜେଶ୍ୱରୀ ହରଚନ୍ଦନ ଦେଓ ପରଲୋକ ଗମନ କରିଛନ୍ତି ।

ଓଡ଼ିଆ ରାଜାଙ୍କର ମୃତ୍ୟୁରେ ଆମ୍ଭେମାନେ ଦୁଃଖିତ ।

ପୁରୀରେ ନିଖିଳ ଉତ୍କଳ ଛାତ୍ର ସଂଘର ଆସନ୍ତା ଅଧିବେଶନ ଜୁଲାଇ ମାସରେ ବସିବାର ଠିକ୍ ହୋଇଛି ।

ଛାତ୍ର ସଂଘର ମାହାଙ୍କି ଜଣାଥିବ ଏଥର ବଳେ ବଳେ ପୁରିଯିବ ।

କାଲଚିର ରାଜ୍ୟରେ ଚୋରାଯାତ୍ରା କରିବା ଅପରାଧରେ କେତେକ କର୍ମୀ ଗିରଫ ହୋଇଛନ୍ତି ଓ ସେମାନଙ୍କ ପ୍ରତି ଜେଲରେ ଦୁର୍ବ୍ୟବହାର ହେଉ ଥିବାରୁ ସେମାନେ ଅନଶନ କରିଛନ୍ତି ।

ନୀଳଗିରି ମାଙ୍କଡ଼ା ପଥର କ'ଣ ଉଠିଲାବ ସେଥିରେ ?

ଶୁଣାଯାଏ ସ୍ପେନର ବିପ୍ଳବୀମାନେ ଫ୍ରାନ୍ସର ସୀମାନ୍ତ ରାଜ୍ୟ ଉପରେ ବୋମା ବର୍ଷଣ ଆରମ୍ଭ କରି ଦେଲେଣି—

ଅଙ୍ଗୁଳି ପ୍ରବେଶାତ୍—ବାହୁ ପ୍ରବେଶ ।

ସୁବିଖ୍ୟାତ୍ ଭାରତୀ ପ୍ରଫେସର ମନମୋହନ ସାବଡ଼୍କର ୭ ବର୍ଷର ଶିଶୁକନ୍ୟା ନିଖିଳ ବଙ୍ଗ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛି

ବାପ୍ ସେ ବେଟୀ ଜ୍ୟାଦା......

ସିଂହଭୂମ ରାଜନୈତିକ ସମ୍ମିଳନୀରେ ପ୍ରସ୍ତାବ ହୋଇଛି ଯେ ବଙ୍ଗଳା ସହିତ ଓଡ଼ିଆ ମଧ୍ୟ ସ୍କୁଲମାନଙ୍କରେ ପଢ଼ା ହେଉ ।

ବଙ୍ଗଳାକୁ ସାଙ୍ଗରେ ନନେଇ ଓଡ଼ିଆର ମୁକ୍ତି ନାହିଁ ?......

ପୁରୀ ରାଜନୈତିକ ସମ୍ମିଳନୀ ପଣ୍ଡିତ ଗୋଦାବରୀଶଙ୍କ ପତିତ୍ୱରେ ଭୁବନେଶ୍ୱର ଠାରେ ହୋଇ ଯାଇଛି ।

ବାଲେଶ୍ୱର ଅଫିମ ଖାଇ ଟଳିଉଛନ୍ତି କି ?

ଆମ ଛୋଟ ଲାଟ ବଡ଼ ଲାଟଙ୍କ ସହିତ କଥା ବାର୍ତ୍ତା କରିବାକୁ ସିମିଲା ଯାତ୍ରା କରିଥିଲେ ।

କୈଳାସଶିଖରେ ରମ୍ୟେ ଗୌରୀ ପୁଚ୍ଛନ୍ତି—

ଶ୍ରୀମାନ୍ ଶ୍ରୀରାମ ଚନ୍ଦ୍ର ଦାସ ଆଇ ଏ ପରୀକ୍ଷାରେ ପାଟନା ବିଶ୍ୱ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ଓଡ଼ିଆଙ୍କ ନାବାଳକୀ ଫିଟିଲା ? ......

କେନ୍ଦ୍ରାପଡ଼ା ଡାଇମଣ୍ଡ ଜୁବିଲି ପବ୍ଲିକ ଲାଇବ୍ରେରୀରେ ଗୋଟିଏ ସାହିତ୍ୟ ସଭା ହୋଇ ଯାଇଛି

ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ଚକ୍ଷୁରୁନ୍ମୀଲିତ ଯେନ ତସ୍ମୈ ସାହିତ୍ୟ ସଭାୟୈ ନମଃ ।

ବର କନ୍ୟା ଯୁଟାଯୁଟି ପାଇଁ ପୁରୀରେ ପ୍ରଜାପତି ସଂଘ ବା ଏକ ଘଟକ ସମିତି ସ୍ଥାପିତ ହୋଇଛି ।

ବିଶ୍ୱନାଥ ଦାସେ ଆଗ ଦରଖାସ୍ତ କରନ୍ତୁ ।

## ୫୦୦୦

# ଓଡ଼ିଆ ଘରେ

## ଡଗର ପ୍ରବେଶ କରୁଛି

## ୨୫୦୦୦

ଯୁବକ, ଯୁବତୀ, ବୃଦ୍ଧ, ତରୁଣ ପ୍ରଭୃତି

## ଡଗର ପଢ଼ୁଛନ୍ତି

ଡଗରରେ ବିଜ୍ଞାପନ ଦେଇ ଆପଣମାନଙ୍କ ବ୍ୟବସାୟ ବଢ଼ାନ୍ତୁ ।

ମେନେଜର 'ଡଗର'
ପୋ: ଭଦ୍ରକ ।
( ଓଡ଼ିଶା )

---

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ମୂତ୍ରାଶୟଜନିତ ଧାତୁପଡ଼ିବା), ଶୋଥ, ଅଜୀର୍ଣ୍ଣ, କାସ, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର, ଆମବାତ, ଅଣ୍ଡବୃଦ୍ଧି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ମୂତ୍ରଶୂଳ, ଦାନ୍ତମୂଳ ଫୁଲା, ଗଣ୍ଡମାଳ, ଦାଉଦ, କାଛୁ, କୁଷ୍ଠ, ବିଷ ,ମଲା, ଚମଡ଼ା, ଘାଆ, ଛଞ୍ଚ, ଜଠାଘା, ଶ୍ଳେଷ୍ମା, ପୋଡ଼ାଘା, ସର୍ପ ଦଂଶନ, ବିଛା, ବଳଡ଼ାକୁଣ୍ଡ, ଦୁଷ୍ଟ ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପଚ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
**କବିରାଜ ଶ୍ରୀ ବିଶ୍ୱନାଥ ଦାସ**
ଏ, ବି, ଏଲ୍. ଏଚ. ଏମ୍. ଏସ୍.
ଅଲିଶା ବଜାର, ପୋ: ଚାନ୍ଦିନୀଚୌକ କଟକ ।

---



## ଅସଲ ପଞ୍ଚଗୁଣା ତୈଳ

ଘା; ଘାଉଡ଼; ବଥା; ମଚକା; ଛେଚି କାମୁଡ଼ା, ମେଣ୍ଡା ମୁଣ୍ଡିଆ ବତ; ପଶୁ ଘାତ ପ୍ରଭୃତି ସମସ୍ତ ପ୍ରକାର ବେଦନାର ଏକ ମାତ୍ର ମହୌଷଧ:—ମୂଲ୍ୟ ୫୦ ମାତ୍ର ।
ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।

---

ଆପଣଙ୍କର ମରମ କଥା ପାଇବେ
ଶ୍ରୀମାନ୍ କାତ୍ୟାନନ୍ଦଙ୍କର ମରମ ଦାହ୍ଯ ଅମର କବିତା

## 'ମରମ'ରେ

ମୂଲ୍ୟ—୫୦

---

## 'ବିଶଲ୍ୟ କରଣୀ ମଲମ'

କଟା ଘା, ପୋଡ଼ା ଘା, ମୁଣ୍ଡ ବଥା, ଫୋଲା ବଥା, ଗଜା, ବାଗି, ଗିଲଟି ଇତ୍ୟାଦି ସବୁ ପ୍ରକାର ବ୍ୟଥା ନିବାରଣର ଅବ୍ୟର୍ଥ ମହୌଷଧ । ଓଡ଼ିଶା କେମିକେଲରେ "ବିଶଲ୍ୟ କରଣୀ" ର ପ୍ରସ୍ତୁତ କାରକମାନଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରସ୍ତୁତ । ଦି କଟକ ଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ କାରଖାନାରେ ହୋଇ ବଜାରରେ ଖୁବ ଆଦର ପାଉଅଛି ।

ପ୍ରୋପ୍ରାଇଟର—**ଶ୍ରୀ ଗୋବିନ୍ଦଚନ୍ଦ୍ର ଦାସ ।**
ଦି କଟକ ଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ
କଟକ ।

---

ଧ୍ୱଜଭଙ୍ଗ ଓ ଧାତୁଦୌର୍ବଲ୍ୟ ପାଇଁ

## ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ଶୀଘ୍ର ପତନ, ସ୍ୱପ୍ନଦୋଷ ପ୍ରଭୃତି ଅତି ଶୀଘ୍ର ଦୂର କରାଇ ଦିଏ ।

| | | |
|---|---|---|
| ମୂଲ୍ୟ | ୧ ପୋଷ୍ଟଙ୍କୁ | ୫ ୬ ୯ |
| ,, | ୧୦୫ କୁ | ୫ ୫ |
| ,, | ପେଠା କୁ | ୫ ୨ ୯ |

ଭି: ପି: ରେ ଔଷଧ ପଠାଯାଏ ।

**ଠିକଣା**
କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍. ଏମ୍. ଏସ୍. ପି
**ଦରିଦ୍ର ବନ୍ଧୁ ଔଷଧାଳୟ**
ଶହର ପଦା । ପୋ : କେପାର । ଜି : ବାଲେଶ୍ୱର

---

## ଏ: ପ୍ରୁଷ୍ଟି ଏଣ୍ଡ୍ ସନ୍ସ୍

ପଥରଦାନ୍ତ ଓ ଚଷମା ବିକ୍ରେତା
ଅଦାଲତ କଚେରୀ ସାମନା
**ପୋ: ଅ: ଚାନ୍ଦିନୀଚୌକ, କଟକ ।**



Printed & published at the Gopinath Press, Bhadrak by Editor N. Mahapatra & issued from Dagar office, Bhadrak. 1938.

Digitized by srujanika@gmail.com

REG. NO. P—441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍‌ସୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁବୃହତ୍ ସୁଦୃଢ଼, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ନୀତିର ସର୍ତ୍ତ ସର୍ବୋତ୍କୃଷ୍ଟ ।

ଆକସ୍ମିକ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହୋଇଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ଶିଶୁଙ୍କର ବୀମା, ସ୍ୱଳ୍ପ ବୀମାପ୍ରଭୃତି ନାନା ପ୍ରକାର ସୁବିଧା ଜନକ ସ୍କିମର ଉତ୍କୃଷ୍ଟ ବ୍ୟବସ୍ଥା ।

ବୀମା ଅଟଣା ହୁଏଁ ଚଳିବାର ସୁନ୍ଦର ବ୍ୟବସ୍ଥା ଅଛି ଅଛ

୧୯୩୬-୩୭ ସାଲର ଚୁମ୍ବକ ବିବରଣୀ

ନୂତନ ବୀମାର ପରିମାଣ ୨କୋଟି ୮୩ଲକ୍ଷ ୭୩ହଜାରରୁ ଉର୍ଦ୍ଧ୍ୱ ।

ବୀମା ପାଣ୍ଠି କୋ୨ଟି ୩୧ଲକ୍ଷ ୯୭ ହଜାରରୁ ଉର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ୨କୋଟି ୭୦ଲକ୍ଷ ୭୭ହଜାରରୁ ଉର୍ଦ୍ଧ୍ୱ

ବାର୍ଷିକ ଆୟ ୭୪ଲକ୍ଷ ୫୫ହଜାରରୁ ଉର୍ଦ୍ଧ୍ୱ ।

ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୪ଲକ୍ଷରୁ ଉର୍ଦ୍ଧ୍ୱ

ମୋଟ ଦାବୀ ଦିଆଇଛି ୧କୋଟି ୪୦ଲକ୍ଷରୁ ଉର୍ଦ୍ଧ୍ୱ ।

ଅଥଚ କେବଳ ସରକାରୀ କାଗଜାଦିରେ ମୋଟ ସମ୍ପତ୍ତିର ଶତକରା ୪୦୯ କଟା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକରା ୪୩୧୯ ହୋଇଛି ।

(ଓଡ଼ିଶାରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚବଂଶର ଶିକ୍ଷିତ ଲୋକ, ଏଜେଣ୍ଟ ଓ ସ୍ପେଶଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମା, ପୂର୍ବଅଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ. ସେକ୍ରେଟାରୀ
ହିନ୍ଦୁସ୍ଥାନ ବିଲଡିଂସ, କଲିକତା ।

ଓଡିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର, କଟକ ।

---

## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ କାର୍ଯ୍ୟରେ ଅମନୋଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରଃଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଳବୃଦ୍ଧି ଶକ୍ତି ହୋଇଲେ । ଦିଂ୫ନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୪୧୯ ମାତ୍ର ।

ମିଳିବା ସ୍ଥାନ
ପୋ: ଅ: ଚାନ୍ଦିନୀଚୌକ,
କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀକାଳୀକେଶ୍ୱରଆଚାର୍ଯ୍ୟ ଭିଷଗ୍‌ରତ୍ନ

---

## ଅବକାଶ ଉପଭୋଗ

# ପାରାଡାଇସ୍ ହଲ୍

ଏକମାତ୍ର ବିଶିଷ୍ଟ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ

ଗୃହଜଳଅ ଗଞ୍ଜ [ କଟକ ]

ଏଠାରେ ସାଧାରଣ ଆଗନ୍ତୁକମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ପଙ୍ଖା, ପାଇପ ପାଣି ଓ କାଠ ଚେୟାର, ଡେକ୍ସିକୁଠା ଗୃହଜଳ ଇତ୍ୟାଦି ବରାଦ ଅନୁଯାୟୀ ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ ପଡ଼ିଯାଏ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ ଜ୍ଞାନନ୍ଦୋ

---

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**
**RANIHAT. CUTTAK.**


---

ପ୍ରକାଶକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

ଅଷ୍ଟ'ଚ ପ୍ରଥମାର୍ଦ୍ଧ—

ଆନନ୍ଦାଦ୍ ହି ଖଲୁ ଇମାନିଭୂୟନ୍ତେ—

ଦ୍ୱିତୀୟ ବର୍ଷ—ସପ୍ତ ସଂଖ୍ୟା




"ମୁଁ ଜଣେ ଉତ୍କଳ ସନ୍ତାନ ।"

ଶ୍ରୀ ସୁଭାଷ ଚନ୍ଦ୍ର ବୋଷ


ଜୀବନ ବୀମା ପାଇଁ

## ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲିଃ

ଓଡ଼ିଶା ଅଫିସ :– ବେଲା ହାଉସ–କଟକ ।


### ବିଜ୍ଞାପନ ।

ଉତ୍କଳର ଯେଉଁ ଗଣ୍ୟମାନ୍ୟ ବନ୍ଧୁବୃନ୍ଦ ଏକବର୍ଷ କାଳ ଡଗର ପାଇ ତାର ବାର୍ଷିକ ଦେୟ ଦେଇ ନାହାନ୍ତି କିମ୍ବା ତାହା ଫେରାଇ ଦେଇ ନାହାନ୍ତି, ସେମାନଙ୍କର ନାମ କ୍ରମରେ ପ୍ରକାଶ କରାଗଲା । ଯେମାନେ ନିଜ ନାମ ଦେଖି ଅତିଶୀଘ୍ର ଡଗରର ମୂଲ୍ୟ ପଠାଇ ଦେବେ । —ପରତାଲିକା—

୬ । ଶ୍ରୀଯୁକ୍ତ ତ୍ରୋପଣି ଦାସ, ମୁନକ୍ଷଟ, ବାଲେଶ୍ୱର । ୭ । ଶ୍ରୀଯୁକ୍ତ ଅଭିମନ୍ୟୁ ପଣ୍ଡିତ, ଶ୍ରୀ ଜିଲ୍ଲା ସ୍କୁଲ ବାଲେଶ୍ୱର । ୮ । ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଶତପଥି, କଲେକ୍ଟରେଟ୍ ବାଲେଶ୍ୱର । ୯ । ଶ୍ରୀଯୁକ୍ତ ଧରଣୀ ମୋହନ ନନ୍ଦ, ପ୍ଳୁକରେଜ ବାଲେଶ୍ୱର । ୧୦ । ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମହାନ୍ତି, କଲେକ୍ଟରେଟ୍ ବାଲେଶ୍ୱର ।

କ୍ରମାନୁସାରେ ବାହାରିବ ।

Digitized by srujanika@gmail.com





# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର









## ବାଲୁବଜାର, ପୋ. ଗୁଡ଼ିକାଗୌଡ଼—କଟକ ।





ଟ ୨୦୯ ଙ୍କା ପୁରସ୍କାର !                ଟ ୨୦୯ ଙ୍କା ପୁରସ୍କାର !!

ବନ୍ଧୁବର୍ଗମାନଙ୍କର ପରାମର୍ଶ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁ ମୂଲ୍ୟ ପଥରେ ନୂତନ ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଦ୍ରବ୍ୟ ବାବଦ ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେହି କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରଣାଳୀ କରିଥିବାରୁ ବଜାରର ଦର ଠାରୁ ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାରଗ୍ରାହକମାନଙ୍କରେ ଅମ୍ଭେମାନେ କାହାକୁ ଜୁଲମ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ଅର୍ଡ଼ରକୁ ଉତ୍ତମ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ଜଣାଇ ମିଶା ଦେଖାଇଲେ ଅମ୍ଭେମାନେ ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁବଜାର, ପୋ: ଗୁଡ଼ିକାଗୌଡ଼—କଟକ



---

## ପତ୍ରର ନିୟମାବଳୀ ।

୧ । ପତ୍ରେ ମାସକେ ଥରେ ପ୍ରକାଶିତ ହେବ ।

୨ । ପତ୍ରର ବାର୍ଷିକ ମୂଲ୍ୟ ଟ ୨୧ ଙ୍କା ଡାକମାଶୁଲ ୫୦ ।

୩ । ଛାତ୍ରମାନଙ୍କ ପାଇଁ ଟ ୧୯ ଙ୍କା

୪ । ଯେ କୌଣସି ମାସରୁ ଗ୍ରାହକ ହେବାର ସୁବିଧା ଅଛି ।

୫ । ନମୁନା ପାଇଁ ଆଠ ଅଣା ଷ୍ଟାମ୍ପ 'ଉତ୍କଳ ସାହିତ୍ୟ' ଠିକଣାକୁ ପଠାଇବାକୁ ହୁଏ ।

୬ । ଉତ୍ତର ପାଇବାର ଥିଲେ ଷ୍ଟାମ୍ପ ପଠାଇବାକୁ ହୁଏ ।

୭ । ଟଙ୍କା ଏକେଇ ନମ୍ବରରେ ଗ୍ରାହକ ଗ୍ରାହକ ହେଲେ କୌଣସି ଗୋଳମାଳ ନ ହୋଇ ପତ୍ର ଅଧିକ ଦାୟୀ ନୁହନ୍ତି ।

୮ । ଲେଖା ପତ୍ରରେ ଅଧିକରେ ଫେରସ୍ତ ହୁଏନାହିଁ ।

୯ । ଷ୍ଟାମ୍ପ ନ ଦେଲେ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।

Digitized by srujanika@gmail.com

ଡଗର
ଅଷାଢ଼ ପ୍ରଥମାର୍ଦ୍ଧ
୨ବର୍ଷ, ତୃତୀୟ ସଂ।
ଭଦ୍ରକ
୧।୭।୩୮



ଡଗର
ଦର—୫୦/
ବାର୍ଷିକ(ସଡ଼ାକ)୫୨୯
ଛାତ୍ରମାନଙ୍କପାଇଁ୫୧୪
ରାଜସଂସ୍କରଣ—୫୨

ଶ୍ରୀକୃଷ୍ଣ ଚନ୍ଦ୍ରସେଣୋଙ୍କ ଭ୍ରଦ୍ୟା ସାଙ୍ଗରେ ପଞ୍ଚକାପ୍ୟା ପ୍ରୀତି କାନ୍ଦଦେନଠୁଁ ଅଜ ଭିତରେ ଯେ ପାଲ କେତେ ଯେ ଅଭିନୀତ ହୋଇ ଗଲଣି ତାର ଠିକ ନାହିଁ। ଆମ ଅଞ୍ଚଳରେ ତ ହେଉଛି ମୋହନ ଗୋସ୍ୱାମୀ, ଲକ୍ଷ୍ମୀକାନ୍ତ କାଳଚରଣ ପ୍ରଭୃତି କୃଷ୍ଣଲୀଳା ନାଟ୍ୟାଭିନୟ ଦେଖାଇ ସେ ରସ ଜଙ୍ଗଲୀସ୍ଥମାନଙ୍କୁ ଚଖାଇ ଚଖାଇ ଚଟା କରି ଦେଇ ସାରିଲେଣି। ତଥାପି ମଧ୍ୟ ମଝିରେ ମଝିରେ ସହରର ଗଳି ଗଳିରେ ଦିନେ ଦିନେ ଛାପା ମରା ହେବାର ଦେଖାଯାଏ—"ରାମଚନ୍ଦ୍ର ଭବନରେ ମାନଭଞ୍ଜନ" ସନ୍ଧ୍ୟା ୯ଘଟିକା ସମୟରେ—ଆସନ୍ତୁ—ଦେଖନ୍ତୁ— ଇତ୍ୟାଦି ଇତ୍ୟାଦି। ରାମଚନ୍ଦ୍ର ଭବନରେ ପାଟଣା ମହାରାଜାଙ୍କର ମାନଭଞ୍ଜନ କି ପଣ୍ଡିତ ନୀଳକଣ୍ଠଙ୍କର ମାନ-ଭଞ୍ଜନ—ସେ ଲୀଳା ଆମ୍ଭେମାନେ ସ୍ୱଚକ୍ଷୁରେ କିମ୍ବା ପ୍ରଚକ୍ଷୁରେ କେବେ ହେଲେ ଦେଖି ନାହୁଁ। ଯାହା କେବଳ ଏହି ନୋଟିସ ବା ପୋଷ୍ଟର ଦେଖି କର୍ଣ୍ଣ ଓ ଚକ୍ଷୁର (ମାନନ୍ତୁହେଁ) ବିବାଦ ଭଞ୍ଜନ କରୁଛୁଁ।

ସେହିପରି ଓଡ଼ିଶା ସରକାରଙ୍କର ଜଣା ନିବାରଣ, ଗ୍ରାମ ସଂଗଠନ, କୃଷି ଉଦ୍ୟମ, ଶିଳ୍ପ ଉନ୍ନତି ପ୍ରଭୃତିର ବିଜ୍ଞାପନ ଆମ୍ଭେମାନେ ବାହୁବାର ଅମୃତ ବଜାର, ସମାଜ, କୃଷକ ପ୍ରଭୃତି କାଗଜ ମାନଙ୍କରେ ଦେଖି ଦେଖି ଥକି ପଡ଼ିଲୁଣି। ଆଜିସରୁ କଂଗ୍ରେସ ପ୍ରଦେଶରେ ଯାହା ଗଲା ଅପ୍ରବଦନ ଶୁଣି-ଥିଲୁ, ଏ ପ୍ରଦେଶରେ ତାହା ଅସନ୍ତା ପହର ଦିନ ଶୁଣିବାକୁ ଅପେକ୍ଷା କରୁଁ। ସମୟ ଆସିଲେ ତାହା ଉକ୍ତ ଖବର କାଗଜମାନଙ୍କରେ ଦେଖୁଁ ମଧ୍ୟ। କିନ୍ତୁ କଥା ହେଉଛି ହେବ ପ୍ରକୃତ କୃଷ୍ଣଲୀଳା ସୁଅଙ୍ଗରେ କେତେଦିନ ଆଉ ମୂର୍ଖ ଓଡ଼ିଆଙ୍କୁ ଭୁଲେଇ ରଖାଯିବ? ଏଥର ମନ୍ତ୍ରୀ ମଣ୍ଡଳ ଟିକିଏ ମାଦ୍ଧ୍ୱାବ ଛାଡ଼ି ହାତ ଗୋଡ଼ ହଲାନ୍ତୁ। ପଦ୍ମଚରଣ କିମ୍ବା ରାଧାଶ୍ୟାମ ପ୍ରଭୃତି ଜଙ୍ଗଲର ଭୀମ ଅର୍ଜୁନଙ୍କଠୁ କୁସ୍ତି କସରତ ଶିଖନ୍ତୁ। ଯେତେ ଥିଏଟର ବିଜ୍ଞାପନ ବଣ୍ଟା ଯାଉ ପଛେ ଆମ୍ଭେମାନେ ଯେଉଁ ତିମିରେ—ସେଇ ତିମିରେ। ଏକଟା ନୂତନ୍ କିଛୁ କର!

## ନିର୍ଦ୍ଦେଶ

ଇସ୍ଲାମ୍ର ବିପଦ ଅସମ୍ଭବ। ଅଲ୍ଲା ନିଜେ ଇସ୍ଲାମର ରକ୍ଷାକର୍ତ୍ତା। ବରଂ ଯେଉଁମାନେ ଇସ୍ଲାମର ଅର୍ଥ ନବୁଝି, ଇସ୍ଲାମ୍ର ନୀତି ନବୁଝି ନିଜକୁ ନ'ଭୋଟି ମୁସଲମାନଙ୍କର ନେତା ବୋଲି ବୋଲାଉଛନ୍ତି ସେଇ ମାନଙ୍କର ନେତୃତ୍ୱହିଁ ଆଜି ବିପଦଗ୍ରସ୍ତ।

—ଡାକ୍ତର **ଅବଦୁଲ୍ ଅଜିଜ୍ ଖାଁ**
ସେକ୍ରେଟେରୀ, ଅଞ୍ଜୁମନ ନାସିରଉଲ୍
ମୁସଲମିନ୍
ଲାହୋର

ବ୍ରିଟିଶ ସରକାରଙ୍କର ଏ ଦେଶ ପାଇଁ ଏକ ଅଲୌକିକ ଢଙ୍ଗର ପାଞ୍ଜିଥାଏ। ସେଥିରେ ପହିଲା ଜାନୁଆରୀରେ ଯିବାକ ବର୍ଷଣର ଅର୍ଦ୍ଧୋଦୟ ଯୋଗପଡେ। ତାଙ୍କ ହିସାବରେ ତାର ୬ମାସ ପରେ ପୂର୍ଣ୍ଣୋଦୟ ଯୋଗ। ତେଣୁ ବ୍ରିଟିଶ ଜାତି ତାଙ୍କ ସମ୍ରାଟଙ୍କୁ ବି ବାଧ୍ୟକରି ଠିକ୍ ସେଇ ଦିନରେ ଜନ୍ମ କରାଇଥିଲେ। ଅବଶ୍ୟ ଠିକ ପହିଲା ଜାନୁଆରୀର ୬ମାସ ପରେ ସେ ଜନ୍ମ ହୋଇଥିଲେ କି ନା ଆମେ କହି ପାରୁ ନାହୁଁ। ଯଦି ଆଗରୁ ଜନ୍ମ ହୋଇଥାନ୍ତି ତେବେ ବିଲାତରୁ ଜମ୍ବୁଦ୍ୱୀପକୁ ଉତ୍ତମାଶାନ୍ତରୀପ ବାଟେ ଅସି ଅସିଁ ଜନ୍ମ ଦିନକୁ ଯେତେ ମାସ ଯେତେ ଦିନ ଯେତେ ଘଣ୍ଟା ଲାଗିବ ସେତିକି ତ ପୁଣି ପାଞ୍ଜି ଗଣନାକାର ମିଶାଇବାର କଥା।

ଯାହା ହେଉ ଏଥର ସମ୍ରାଟଙ୍କ ଜନ୍ମ ଦିନରେ ଯେଉଁ ପୂର୍ଣ୍ଣୋଦୟ ଯୋଗ ପଡ଼ିଲା ସେଥିରେ ଭାରତର ବହୁ ଜନମାନେ ଅବ-ଗାହନ ଅବଲେହନ କରି ଧନ୍ୟ ଧନ୍ୟ କୃତକୃତ୍ୟ ହେଲେ। କେବଳ ସେମାନେ ନୁହଁନ୍ତି ସେମାନଙ୍କ ଚଉଦ ପୁରୁଷ ବି ହୁଏତ ମୁକ୍ତ ହୋଇ ଯାଇଥିବେ। ଓଡ଼ିଆଙ୍କ ଭାଗ୍ୟରେ ଅଙ୍ଗୁଠାକଟା। ଯାହା ପଡ଼ୁ ପଛେ ଓଡ଼ିଆ ଭାଗ୍ୟରେ କିଛି କିଛି ଯେ ପଡୁଛି ଏଥିରେ ସନ୍ଦେହ ନାହିଁ।

ପହିଲା ନମ୍ବର ଖେତାବ ମିଳୁଛି ଲାଟ ପଦାରୁ ବର୍ଣ୍ଣିତ ମିଷ୍ଟର ଜେ ଅର୍ ଡେନଙ୍କୁ। ଓଡ଼ିଶା ପ୍ରଜାସତ୍ୱ ଆଇନ ବିରୁଦ୍ଧରେ ଫାଇଟ୍ କରି କରି ଶେଷକୁ ନାଇଟ୍ (night ନୁହେ knight,) ହୋଇ ଗଲଗଲେ * ନିମକ୍ ହାରାମ୍ କଲାମୁଣ୍ଡିଆଗୁଡ଼ା ତାଙ୍କ ମେରିଟ୍ ବୁଝି ନ ପାରି ସିନା ଭୁଛାଟାରେ ହଲ୍ଲା ବଢାଇ ଦେଲେ କିନ୍ତୁ ଗୁଣଗ୍ରାହୀ ବ୍ରିଟିଶ ସରକାର ତାଙ୍କୁ ତାଙ୍କର ଉପଯୁକ୍ତ ପଦ ଦେବାକୁ ଛାଡ଼ି ନାହାନ୍ତି। ସେ ଯଦି ଆଜି ଓଡ଼ିଶାରେ ଥାଆନ୍ତେ ତେବେ ହୁଏତ ମନ୍ତ୍ରୀମାନେ ତାଙ୍କୁ ସାର୍ ସାର୍ ଡାକୁ ଥାଆନ୍ତେ। ଆଉ ଶତ୍ରେ ଛାଟ ଦେଇ ଆସି ତରିଟି ଆମ ମନ୍ତ୍ରୀ ନଭସ ଛାନ ତନୋଟିକି ପାଠ ପଢ଼ାଉ ଥାନ୍ତେ। ଯାହାହେଉ ଏତିକି ହେଲେ ସାନ୍ତ୍ୱନା ଦେଇ ସେ ଘରକୁ ଫେରିଥାନ୍ତୁ।



Digitized by srujanika@gmail.com

ମନ୍ତ୍ରୀମାନଙ୍କର ମନଦୁଃଖ କରିବାର କିଛି କାରଣ ନାହିଁ । ତା' ତଳ ପାହ୍ୟାରେ ବସିଛନ୍ତି କୃଷିବିଭାଗର ଡେପୁଟି ଡ଼ାଇରେକ୍ଟର ମିଷ୍ଟର ଏଚ ଏଲ ଦତ୍ତ । ଦତ୍ତ ଉପାଧିଟା କେବଳ ବଙ୍ଗଳା ଉପାଧି ନୁହେଁ—ବିହାରର ଏକଜାତୀୟ ନିମ୍ନ ଶ୍ରେଣୀସ୍ଥ ବ୍ରାହ୍ମଣଙ୍କର ମଧ୍ୟ ଏହି ଉପାଧି ଥିବାର ଦେଖାଯାଏ । ଓଡ଼ିଶାର ଉତ୍ତର ଅଞ୍ଚଳର ବ୍ରହ୍ମଜାତି ମଧ୍ୟରେ ମଧ୍ୟ ଏହି ଦତ୍ତ ଉପାଧି ପ୍ରଚୁର । ସୁତରାଂ ଓଡ଼ିଆମାନେ ଏଥିପାଇଁ ମନଦୁଃଖ କରିବାର କୌଣସି କାରଣ ନାହିଁ । ଦତ୍ତ ସାହେବ ପରେ ଯାହା ହେବାର ହୁଅନ୍ତୁ ପଛେ ବାହାରେ ନିଜକୁ ବ୍ରହ୍ମବୋଲି ପରିଚୟ ଦେଲେ ଓଡ଼ିଆମାନେ ବଡ଼ ଗୌରବ ଅନୁଭବ କରନ୍ତେ । ହଁ ତେବେ ଗୋଟାଏ ଡ଼ର ଅଛି । ତଦ୍ଦ୍ୱାରା ଭବିଷ୍ୟତରେ ବିହାରୀ ବଙ୍ଗାଳି ଓ ଓଡ଼ିଆ ଐତିହାସିକ ମାନଙ୍କ ମଧ୍ୟରେ ଅଯଥା କଳି ଲାଗିପାରେ । ବର୍ତ୍ତମାନ ଜୟଦେବ, ଚୈତନ୍ୟ, ବିଦ୍ୟାପତି, ଚଣ୍ଡିଦାସ ଏପରିକି ତୁଳସୀ ଦାସ, ଜଗନ୍ନାଥ ଦାସ ପୁରୀ ମନ୍ଦିରର ପ୍ରତିଷ୍ଠାତା, ତାଜମହଲର ନିର୍ମାତା ପ୍ରଭୃତି ଓଡ଼ିଆ । ବିହାରୀ ଓ ବଙ୍ଗାଳି ଏ ବିଷୟରେ ଯେପରି ତର୍କ ଲଗେଇଛନ୍ତି, ଭବିଷ୍ୟତରେ ଏଭଳି ଆଶଙ୍କା ଆମ୍ଭମାନଙ୍କର ଅନ୍ୟାୟ ନୁହେଁ । ତେବେ ଓଡ଼ିଶାରେ ଅନ୍ୟାନ୍ୟ ଅନେକ ବିଭାଗ ଥାଉଁ ଥାଉଁ ହଠାତ୍ ଏଇ କୃଷି ଉପରେ ସେମାନଙ୍କ ଦୃଷ୍ଟି ପଡ଼ିବାର କାରଣ କ'ଣ ? ମନ୍ତ୍ରୀମାନେ ତ ଏ ଉପାଧି ବିତରଣରେ ନୀରବ । ତେଣୁ ଲାଟଙ୍କର ନିଷ୍ପତ୍ତି ଏହି ସବୁ ନାମ ଦେବାକୁ ପାଇଁ ଗୋଟାଏ ସ୍ୱତନ୍ତ୍ର ବନ୍ଦୋବସ୍ତ ଥିବ । ଯେଉଁମାନେ ସେ ବନ୍ଦୋବସ୍ତ କରି ଲାଟଙ୍କର କେଶରୀ ବେଶ ଉଆଁ ରଖିଲେ ତାଙ୍କ ମୁଣ୍ଡ ନିଖୁଣ ରହିଲା ଅଜ ମହିଷରୁ ଫାଉ ମାରିଲେ ଏହି ନିଗ୍ରହ କୃଷି ବିଭାଗ । ବୋଧହୁଏ ବଡ଼ଲାଟ ଦିନାକେତେ ଆଗରୁ କୃଷି ଅନୁସନ୍ଧାନ କମିଟିରେ ଏ ଦେଶକୁ ଆସିଥିବା ବେଳେ ତାଙ୍କ ମୁନିବରେ ମହାଶୟ ପଡ଼ିଯାଇ ଥିବେ । କୃଷି ସଙ୍ଗେ ସଙ୍ଗେ ତାଙ୍କର ଷଣ୍ଢ ପ୍ରୀତି ହେବାରୁ ଏବଂ ଦୁଇଟି ଅଚ୍ଛେଦ୍ୟ ବସ୍ତୁ ମନେକରି କୃଷି ବିଭାଗ ମାନଙ୍କୁ ସେ M. B. E (Minor Bull Expert) ଉପାଧି ଦେଇଛନ୍ତି ।

ତା ପରେ ଆଶୀର୍ବାଦ ବର୍ଷଣ ହୋଇଛି ଯୋଡ଼ାଏ ଅଭିନ୍ନ ଲଙ୍ଗର ବୈଦେଶୀୟ ମନୁଷ୍ୟ ପ୍ରାଣୀଙ୍କୁ—ତାଙ୍କ ଭିତରୁ ଜଣେ ମିଷ୍ଟର (ଶ୍ରୀଯୁକ୍ତ) ଆମେ କହିପାରୁଁ ନାହୁଁ । ଦୁହିଁଙ୍କି ଦୁଇଟି କାଇଜାର—ଇ—ହିନ୍ଦ (୨ୟ ଶ୍ରେଣୀ) ପଦକ ମିଳିଛି । ଦୁହେଁ ଏକ ସ୍ଥାନରେ ରହନ୍ତି । ଯଦି ଭୁଲରେ ଯାହା ପଦକ ତା' ପାଖରେ ତା' ପଦକ ଯାହା ପାଖରେ ହାଜର ହୋଇଯାଏ ତେବେ ଅନେକ ଲୋକ ଅନେକ କଥା ଆଶଙ୍କା କରି ପାରନ୍ତି କିନ୍ତୁ ଆମ୍ଭେମାନେ ତାହା ପୂର୍ବରୁ ପାଠକମାନଙ୍କୁ କହି ରଖି ଥାଉଁ:—ସେ ସେ ଭଳି ଆଶଙ୍କାର କୌଣସି କାରଣ ନାହିଁ ଯେତେତୁ ତାହା କେବଳ ମୁଦି (ring) ର ଅଦଳ ବଦଳଦ୍ୱାରା ହୋଇଥାଏ ପଦକଦ୍ୱାରା ନୁହେଁ ।

ଏହି ପଦକ ଧାରୀ ଏବଂ ଧାରିଣୀ ଉଭୟେ ପିଲାଙ୍କୁ ତାଲିମ କରନ୍ତି । ପିଲାମାନଙ୍କୁ ଯେପରି ଭଲ ରଚନା ଲେଖିଲେ, ଭଲ ଉଟବଠିଂ କଲେ ଭଲ ଡ୍ରଇଂ କାଟିଲେ ଓ ଭଲ ପାଶ୍ କଲେ ପଦକ ମିଳେ ସରକାର ଏ ଯୁଗଳ, ନା, ନା— ବେଜନଙ୍କୁ ମଧ୍ୟ ସେହିପରି ପଦକ ଦେଇ ଭୂଷିତ କରିଛନ୍ତି ।

ତାପରେ ଭୂତପୂର୍ବ (ବର୍ତ୍ତମାନ ମନୁଷ୍ୟ ବୋଲି ଆମ୍ଭେମାନେ ଦେଖିବାକୁ ପାଇଁ) ଆସିଷ୍ଟାଣ୍ଟ ଲ' ସେକ୍ରେଟେରୀ ନରେଶ ରାୟ ପାଇଛନ୍ତି ରାୟ ବାହାଦୁର । ରାୟ ଟା ତ ତାଙ୍କର ଥିଲା । ଖାଲି ବାହାଦୁରଟା ଅଧିକା । ଓଡ଼ିଶାରୁ ଯାଇ ବଙ୍ଗାଳିମାନଙ୍କୁ ସେ ସେଇ ବାହାଦୁରୀଟା ଦେଖାଇବେ ।

ଶେଷରେ ପାଞ୍ଚ ପାଣ୍ଡବ ଭଳି ଓଡ଼ିଆ ବୀର ପାଞ୍ଚ ଜଣଙ୍କୁ ମିଳିଛି ନିଉଛୁଣା ରାୟ ସାହେବ ପଦ । ହଁ, ହଁ, ତାଙ୍କ ସାଙ୍ଗକୁ ଜଣେ ମୁସଲମାନ ଓଡ଼ିଆ ଭାଇ ମଧ୍ୟ ଖାଁ ସାହେବ ହୋଇଛନ୍ତି । ସେ ଯଦି ଜଣେ ଭୂତ୍ତଙ୍କର ପୁଅ ବୋଲି ଦାବି କରନ୍ତି ତେବେ ତାଙ୍କୁ କଣ୍ଟ ବୋଲି କହିବା । ଏମାନେ ଯେ ଖାଣ୍ଟି ଓଡ଼ିଆ । ମିଶାମିଶି କିଛି ନାହିଁ । ଓଡ଼ିଆ ଯେପରି ନିଛୁଣା ଜାତି, ଓଡ଼ିଶା ଯେପରି ନିଉଛୁଣା ପ୍ରଦେଶ (ଅବଶ୍ୟ କେତେକ ପତ୍ର ପତ୍ରିକା କହୁଛନ୍ତି ଯେ ନିଉଛୁଣା ମନ୍ତ୍ରୀ, ନିଉଛୁଣା ଅଫିସ୍ ଲାଟ୍ ମାନ ଆମେ ତା କହି ପାରୁ ନାହିଁ, କାରଣ ଆମର ତ ପ୍ରାଣ ସେ ଭୟ ଅଛି । ସେଇପରି ଉପାଧିଟା ବି ନିଉଛୁଣା । ସ୍ୱର୍ଗରେ ଯେତେବେଳେ ସାପ ମାନଙ୍କ ଭିତରେ ବିଷ ବଣ୍ଟା ହେଉଥିଲା, ସେତେବେଳେ ଡେମଣା ଯାଇ ଟିକିଏ ପଛରେ ପହଞ୍ଚିଲା ବୋଲି ତା' ଭାଗରେ ଆଉ କିଛି ପଡ଼ିଲା ନାହିଁ । ଶେଷକୁ ସବୁ ସାପ ମିଶି ତାକୁ ଦୟାକରି ଟିକିଏ ଟିକିଏ ବିଷ ଦେବାରୁ ସପ୍ତାହରେ ଥରେ ଗୁରୁବାର ଦିନ ତାର ଜିଭକୁ ବିଷ ଆସେ । ଆମ ଏହି ପଞ୍ଚ ନୂଆ ରାୟସାହେବ ମାନଙ୍କର ସେଇ ଡେମଣା ଅବସ୍ଥା ଦେଖି ତାଙ୍କ ଦୁଃଖରେ ଆମେ ବିଚଳିତ ଏବଂ ଚଞ୍ଚଳିତ ହେବେ ଇଂରାଜୀ ଗୁଡ଼ାଏ ସେମାନେ—। ଇଂରାଜର ଗୋଟିଏ କଥା ଅଛି wait & see. ଘର କାନ୍ଥରେ ଥିବା ମଟ୍ଠା ଟା ଜୀବଦ୍ଦଶାର ଶେଷ ନାଏଁ ଯେଉଁଠି ନିତ ହଖାଲେ ଥରେ ଲେଖାଏଁ ଗୃହି ଥିଲେ ମନ୍ଦ ହୁଅନ୍ତା ନାହିଁ ।

ଇତିହାସ ଯୁଗରେ ଶୁଣାଯାଉଥିଲା, କୌଣସି ରଜା ରଜାଙ୍କ କଳି ଝଗଡ଼ା ଲାଗିଗଲେ ଜଣକର ଝିଅ ଆଉ ଜଣକର ପୁଅ ଥିଲେ, ଦୁହିଁଙ୍କୁ ବାହା କରେଇ ଗୋଟାଏ ପକ୍କା ସମ୍ବନ୍ଧ ବା ବନ୍ଧୁତ୍ୱ କରି ନେଉଥିଲେ । ସେ ସୁବିଧା ନ ଥିଲେ ଯାହାର ଭଉଣୀ ଥାଏ ସେ ଅନ୍ୟ ରଜାକୁ ବାହା ଦିଏ । ଉଦାହରଣ ଖୋଜିଲେ ଜାତି ଧର୍ମ ନିର୍ବିଶେଷରେ ଆକବର ମାନସିଂହଙ୍କ ଭଳି ଆଉରି କେତେ କେତେ ଖାଁ ମିଶ୍ର କର ମିଳନ । କିନ୍ତୁ ସନ୍ଧି ନୀତି ଏବେ ଯୁଗରେ ବଦଳି ଗଲା । ଶୁଣାଯାଏ ଅଫଗାନସ୍ଥାନରେ ପ୍ରଧାନ ମନ୍ତ୍ରୀ ଆମ ଦିଲ୍ଲୀଶ୍ୱର ଜଗଦୀଶ୍ୱର ଲର୍ଡ ଲିନ୍ ଲିଥଗୋଙ୍କ ଗାଈ ପାଇଁ ଗୋଟାଏ ଜବରଦସ୍ତ ଡାବୁଲି ଷଣ୍ଢ ଦେଇ ତାଙ୍କ ସାଙ୍ଗରେ ସନ୍ଧି ସଙ୍ଗାତ ବସାଇବେ । ଶୁଭ ହେଉ ।

✕ ✕ ✕

Digitized by srujanika@gmail.com




**ପୋ**ଷ୍ଟମେନ କହିଲା "ବାବୁ ମନିଅର୍ଡ଼ର ଅଛି ।" ମୁଁ ତା ଆଡ଼କୁ ବଲ ବଲ କରି ଚାହିଁ ରହିଲି । କଣ କହୁଛି ଏ ! ମନିଅର୍ଡ଼ର ? ମୋର ପୁଣି ମନିଅର୍ଡ଼ର କେଉଁଠୁ ଆସିବ ? ହଁ, ମନିଅର୍ଡ଼ର କହିଲା ତ !

ମୋର ଏ ଅବସ୍ଥା ଦେଖି ପୋଷ୍ଟମେନ ଟିକିଏ ଆଗେଇ ଆସି କହିଲା, "ଆପଣଙ୍କର ଗୋଟାଏ ମନିଅର୍ଡ଼ର ଅଛି ।"

"ଅଁ, ମନିଅର୍ଡ଼ର ! କାହା ନାଁରେ ?"

"ଆପଣଙ୍କ ନାଁରେ ଆଜ୍ଞା ।"

"ମୋ ନାଁରେ ? ଦେଖେଁ ।"

ଏହା କହି ମନିଅର୍ଡ଼ର ଫାରମଟା ତା ହାତରୁ ନେଇ ଦେଖିଲି, ମୋରି ନାଁରେ ଠିକ୍ । ଆସିଛି— ପତ୍ରିକାର ସମ୍ପାଦକଙ୍କ ଠାରୁ । କୁପନଟା ପଢ଼ିଲି । ତହିଁରେ ଲେଖା ଅଛି—"ପ୍ରିୟ ମହାଶୟ, ଆପଣଙ୍କ ପଠାଇଥିବା କାହାଣୀଟି ଅତି ସୁନ୍ଦର ହୋଇଛି । ଆସନ୍ତା ସଂଖ୍ୟାରେ ପ୍ରକାଶ କରିବୁଁ । ଏହି ମନୋରମ ଲେଖାଟି ପାଇଁ ଯତ୍ ସାମାନ୍ୟ ପୁରସ୍କାର ଟ ୧୦୲ ପଠାଇଲୁଁ । ଅନୁରୋଧ, ଆପଣଙ୍କ ସିଦ୍ଧ ଲେଖନୀ ପ୍ରସୂତ ନୂଆ ନୂଆ କାହାଣୀ ଶୀଘ୍ର ପଠାଇବେ । ଇତି !

ସମ୍ପାଦକ......

କୁପନଟି ପଢ଼ୁ ପଢ଼ୁ ବିସ୍ମୟ ଓ ଆନନ୍ଦରେ ମୁଁ ଅସ୍ତ ବ୍ୟସ୍ତ ହୋଇ ପଡ଼ିଲି । କେତେ ଥର ଯେ ସେଇ କେତେ ଧାଡ଼ିକୁ ପଢ଼ିଲି ତାର ଠିକଣା ନାହିଁ । ମୋ ପଢ଼ା ଆଉ ସରି-ବାର ନୁହେଁ ଦେଖି ପୋଷ୍ଟମେନ ବଡ଼ ବ୍ୟସ୍ତ ହୋଇ କହିଲା "ବାବୁ ଦସ୍ତଖତଟା କରନ୍ତୁ— କାମ ଅଛି ଢେର ।"

ହସ୍ ଦଶି ଗଲା । ଆରେ ହଁ, ଅକ୍-ନଲେଜମେଣ୍ଟ ରସିଦଟା ତ ଦସ୍ତଖତ କରି-ନାହିଁ । ଦସ୍ତଖତ ନେଇ ଟଙ୍କା ଦେଇ ଡାକ-ବାଲା ବାହାରି ଗଲା । ମୁଁ ପୁଣି କୁପନ ପାଠରେ ମନ ଲଗାଇଲି । ସେଇ କେତୋଟି ଧାଡ଼ିର ସ୍ୱାଦ ଆଉ ସୁଧା ରସ ଯେପରି ସରିବାକୁ ନାହିଁ ।

\+ + +

ଶାଗୁଣା ବା ଶିଆଳକୁ ମଢ଼ ଯେପରି ବାସେ, ମାଇପି ଜାତିର ସେଇପରି ଗୋଟାଏ ସ୍ୱଭାବଗତ ଶକ୍ତି ଅଛି ଯାହା ଦ୍ୱାରା ଟଙ୍କା ପଇସାର ବାସନାଟା ତାଙ୍କୁ ମାଲୁମ ହୋଇଯାଏ ।

## ଘଟ !

ଲ

ଲେଖକ—ଶ୍ରୀ—ଅନାମ

ଘରଣୀ ମଳକୁର ଖୋଦ ଆସି ହାଜର ହୋଇଗଲେ । ପ୍ରଥମ ପ୍ରଶ୍ନ ହେଲା "ଡାକ-ବାଲା କଣ ଆଣି ଥିଲା କି ?" ନ କହିବାର ଉପାୟ ନାହିଁ । କହିଲି "ଗୋଟାଏ ମନିଅର୍ଡ଼ର ।"

"କେଉଁଠୁ ଆସିଛି, କେତେ ଟଙ୍କା ?"

"ଏଇ, ଦଶଟା, ଯିଏ ଜଣେ ଦେଇଛି ।"

ଇତି ମଧ୍ୟେ ଟେବୁଲ ଉପରେ ଥୁଆ ହୋଇଥିବା ଟଙ୍କା ଥାକଟି ଉଠେଇ ନେଇ ଗଣୁଁ ଗଣୁଁ ହାଇ ସେ କହିଲେ, "କିଏ ଦେଇଛି ନା—"

ଯିଏ...ଅମୁକ କାଗଜର ସମ୍ପାଦକ ।"

"କାହିଁପେଇଁ ଦେଇଛି ନା ?"

ନିରୁପାୟ ଏଥର । ସବୁକଥା ବୁଝେଇ କହିବାକୁ ପଡ଼ିଲା । ଶୁଣି ସାରି ପ୍ରିୟା ଏପରି ଗଦ୍ ଗଦ ହୋଇ ପଡ଼ିଲେ ଯେ—ତା ଆଉ କଣ କହିବି ।

ସେ ଦିନଟା ଯାକ ତାଙ୍କ ମିଜାଜ ଖୁସ୍ ରହିଲା । କଳି ନାହିଁ ବିରକ୍ତି ନାହିଁ, ଗେଲବ ଗେଲବ ନାହିଁ—ବେଶ୍ ଶାନ୍ତିରେ, ହସ ଖୁସିରେ, ଅସୀମ ଆନନ୍ଦରେ କଟିଲା । ଆଦର ଯତ୍ନ, ସୁଆଗ, ଶରଧାଟା ବି ଢେର ଅଧିକ ଜଣା ପଡ଼ିଲା ସେ ଦିନ । ଭାବିଲି, କି ଯୋଗରେ ଘଡ଼ି ପାହିଥିଲା କେଜାଣି ।

ମୁଁ ଚାକିରି କରୁଥିଲି ସଦର ପୁଲିସ ଅଫିସରେ । ନାମଟା କିରାଣି ଓ ଦରମା ଚାଳିଶଟି ଟଙ୍କା ହେଲେ କଣ ହେବ, ତଳଟା ଯାକର ପୁଲିସବାଲା ଆମ ହାତରେ ସମସ୍ତିଙ୍କ ସାଙ୍ଗରେ ଥିଲା ଭାବ ଦୋସ୍ତି ।

ଅଫିସରୁ ଆସି ମୋର ଅଭ୍ୟାସ ଥିଲା ଟିକିଏ ବୁଲିଯିବା ବାହାରକୁ । ସାରା ଦିନର ପରିଶ୍ରମ ଖଟଣି ପରେ ପଦେ ଅଧେ ଗପ ସପ ବା କଉଡ଼ି ବାଜିଏ ଯେବା ତାସ ନ ହେଲେ ହାଡ଼ ଦିହରେ ମାଉଁସ ରହିବ ନାହିଁ ଯେ ।

ପାଠାବସ୍ଥାରେ ଅଳ୍ପ ବହୁତ ଲେଖାଲେଖି କରିବାର ସଉକଟା ଥିଲା । ସମସ୍ତିଙ୍କର ଯେପରି ଥାଏ । ମାତ୍ର ଦଶଟା ଠାରୁ ପାଞ୍ଚଟା ଯାକେ କଲମ ପେଷି ପେଷି ଘରେ ଆସି କଲମ ଛୁଇଁବାକୁ ବି ଜାଡ଼ ମାଡ଼େ—ଆଉ ପୁଣି ଅଫିସ ବଡ଼ ବାବୁଙ୍କ ତାଡ଼ନାରେ ବୁକୁ ଭିତରୁ ସାହିତ୍ୟ ରସଟା ବି ନାଇଥିଲା ଶୁଖି ଧୀରେ ଧୀରେ । ପୁରୁଣା ହେଲେ ଯେ ସେଉଟା ଶୁଖି ଠକ ଠକ ମାରିଯିବ ଏହା ନିଶ୍ଚୟ—କିନ୍ତୁ ମୁଁ ପୁରୁଣା ହୋଇ ନଥାଏଁ ବୋଲି ହେବ ଅବା, ମନଟା ବେଳେ ୨ ସଳ ସଳ ହୁଏ ।

ଥରେ ଗୋଟାଏ ପୁଲିସ କେସର ସତ ଘଟଣାଟା ଏପରି ମନକୁ ପାଇଲା ଯେ, ଭାବିଲି ଏଥିରୁ ଗୋଟାଏ ଭଲ ଗପ ହୋଇ ପାରିବ । ସେଇଟାକୁ ଆସି ଲେଖି ପକାଇ ଥିଲି ଓ କାହାକୁ କିଛି ନକହି ଦେଇଥିଲି ପତ୍ରିକାକୁ ଅମନ ମନରେ । ସ୍ୱପ୍ନରେ ସୁଦ୍ଧା ଭାବି ନାହିଁ ଯେ ସେଟା—ଭଲ କାଗଜର ସମ୍ପାଦକଙ୍କ ଠାରୁ ପ୍ରଶଂସା ପାଇବ,—ତା ଉପରେ ପୁଣି ପୁରସ୍କାର !



Digitized by srujanika@gmail.com

ମୋ ମନଟା ଯେତିକି ଆନନ୍ଦ ସେତିକି ଉତ୍ସାହରେ ଭରି ଉଠିଲା । ମନଟା ଟାଣିଲା ଲାଳୁବାଳୁ ହେଉଥାଏ ଗପ ଲେଖିବା ପାଇଁ । କିନ୍ତୁ ପ୍ଲଟ୍ ପାଇବି କେଉଁଠୁ ? ସବୁବେଳେ ତ ଗପ ଲେଖି ହେବା ଭଳି ପ୍ଲଟ୍ କେଉଁ ଜୁଟୁ ନାହିଁ ! ମାସରେ ଏଇପରିକା ଦଶ ପନ୍ଦରଟା ଟଙ୍କା ମିଳିଗଲେ, ଉଃ, କେତେ କଥା !

ମୁଁ ତ କାହାରିଠେଇଁ କିଛି କହି ନାହିଁ, କିନ୍ତୁ ଯେ ଦେଖିଲା ସେ ପତ୍ରିକା ଅଭିନନ୍ଦନ କଲା, ଉତ୍ସାହ ବି ଦେଲା । ଅଫିସର ବନ୍ଧୁ-ମାନେ କହିଲେ, "ଆରେ, ଏ ଗୁଣ ତୁମର ଅଛି, ଆମେ ତ ଜାଣି ନାହୁଁ ।"

ବୁଝିଲି ଯେ, ଏ ସବୁ ଆମ ଘରଣୀଙ୍କ କରାମତି । ସେଇ ଦିନ ଭିତରେ ସେ ଯାଇ ସାହି ପଡ଼ିଶାଙ୍କୁ ଆରମ୍ଭ କରି ବାବୁ ଭାଇ ସମସ୍ତଙ୍କ ଘରଆଡ଼େ ବୁଲି ଦେଇ ଆସିଛନ୍ତି । "ଜାଣିଛ ନା, ସେ ଜଣେ ଭଲ ଲେଖକ । ମୁଁ ତ ଉତ୍ତଣୀ ସ୍ୱୀ ଜାଣି ନଥିଲି ।" କେଉଁଠି କହିଛନ୍ତି "ବୁଝିଲ, ଲେଖକ ମହଲରେ ତାଙ୍କର ଏଡ଼ିକି ନାଁ କି ! ସମ୍ପାଦକ, ପ୍ରକାଶକ-ମାନେ ତ ରହି ଥୋଇ ଦଉ ନାହାନ୍ତି । ଗୋଟାଏ ମଣିଷ, ଏତେ କରିବ କଣ । ଚାକିରି କରିବ ନା ଲେଖିବ ।" ଆଉ କେଉଁଠି କହି-ଛନ୍ତି, "ମୁଁ ତାଙ୍କୁ କହୁଛି କି ଏ ଚାକିରୀଟା ଛାଡ଼ି ଦିଅ । ଟଙ୍କା ଗୁଡ଼ାକଟା ତ ! ମୁଣ୍ଡ ଖଟେଇଲେ ଗୋଡ଼ ଉପରେ—ନାହିଁହୋ ଖାଇ ପିଇ ଗଣ୍ଡାକର ତ ଚିନ୍ତା ହବ ନାହିଁ ।"

ଏ ସବୁ କଥା ଶୁଣି ହସ ମାଡ଼ିଲା ଅବଶ୍ୟ, କିନ୍ତୁ ମନ ଭିତରେ ଯେ ଗୋଟାଏ କିଛି ନ ହେଲା ମୋର, ତାହା ନୁହେଁ । ସତ ଏକା, ପର ଗୋଲାମି କରି ୨ ଜୀବନଟା ଯାଉ ବସେ, ମଣିଷ ଜନ୍ମର ଆଉ ସାର୍ଥକତା କଣ ? ମଣିଷ ନା ବଳଦ !

ନ ହେବ ବା କାହିଁକି ? ବିଲାତ ଆମେ-ରିକା କଥା ଛାଡ଼ିଦିଅ—ଏଇ ତ ବଙ୍ଗଳାରେ ବି କେତେ ଲୋକ କଲମ ବେଉସା କରି ଚଳୁଛନ୍ତି—କେହି କେହି ପୁଣି ମଟର ମହୁଲିପିରେ ! ଆମେ କାହିଁକି ହେଇ ନ ପାରିବା ? ବେଶ ଜାଣିଛି, ତାହା ଭିତରେ କଣ ଥାଏ—ମେଧା, ମେଧା ! ସ୍ନେହ ପାଇଲେ, ପ୍ରସାଦ ପାଇଲେ ଯେ ଶକ୍ତି ଖୋଲି ଯିବା ଅସମ୍ଭବ କଣ !

ସଞ୍ଜବେଳେ ବୁଲି ବାହାରିଲା ବେଳକୁ ପ୍ରିୟା ଆସି କହିଲେ, "ନିତ ନିତ ବୁଲି ନ ଗଲେ ଚଳୁ ନାହିଁ ନା ? ବୁଲିଟାରେ ସମସ୍ତ ନଷ୍ଟ । ସେଇ ସମୟରେ ମନ କଲେ ତ ଗୋଟାଏ ଅଧେ ଗପ ଲେଖି ପାରନ୍ତ ।"

"ଅସ୍ତୁ କାଲି ଠୁଁ ।"

ଏହା କହି ଖଲାସ ପାଇଗଲି । ପୁଣି ତହିଁ ଆରଦିନ ସେଇ କଥା । ସେଦିନ କହିଲି, "ଆଜି ମନଟା ଭଲ ନାହିଁ ବୁଝିଲ, ମଥା ଠିକ ନଥିଲେ ଏସବୁ ହୁଏ ନା ।"

ଏମିତିରେ ସେଦିନ ବି ପାର ହୋଇଗଲା ।

ପୁଣି ତହିଁ ଆରଦିନ ବେଳକୁ ମାଷ୍ଟରେ ହାଜର । ଆଉ ଉପାୟ ନାହିଁ । କାଗଜ କଲମ ଧେନି ବସିଲି ।

କଣ ଲେଖିବ । କେତେ ଯେ କଣ ଭାବି ଗଲି ତାର ଠିକଣା ନାହିଁ । କିନ୍ତୁ ଖିଅ ଟାଏ କେଉଁଠୁ ମିଳିଲା ନାହିଁ ।

ମଝିରେ ମଝିରେ ମାଷ୍ଟର ମହୋଦୟା ଆସି ଆଡ଼ବାଟରେ ନଜର ବି ପକେଇ ଯାଉ ଥାଆନ୍ତି ।

ଭଲ କଥା ହେଲା । ଖଣ୍ଡେ କାଗଜରେ ଗୋଟାଏ କିଛି ଆରମ୍ଭ କରେଁ, ପୁଣି ସେ ଗୋଳେଇ ଯାଏ । ତାକୁ ଥୋଇ ଦେଇ ଆଉ ଖଣ୍ଡେ ଧରେଁ । ଦୁଇ ଚାରି ପଦ ଲେଖି ତାର ଅନ୍ତ କୂଳ ମିଳେ ନାହିଁ, ପୁଣି ତାକୁ ଥୁଏଁ । ଏହିପରି ପାଞ୍ଚ ସାତ ଖଣ୍ଡ କାଗଜରେ ପାଞ୍ଚ ସାତୁଟା ଆରମ୍ଭ କରି ଦେଲି, କିନ୍ତୁ ସବୁ ଖଣ୍ଡିଆ—ପାଞ୍ଚ ସାତ ପଦ ଲେଖାଏଁ । ଶେଷକୁ ବିରକ୍ତ ହୋଇ ଡାକ ମାରିଲି, "ଭାତ ହେଲାଣି ?" ଉତ୍ତର ମିଳିଲା, "ଆଜି ଛୁଟି କରିଚ । ଲେଖୁ ୨ ଘଡ଼ି ହବ ତ ପାହାନ୍ତ ହବ, ସେଥିଲାଗି—"

ମୁଁ କହିଲି, "ଲେଖିବ ବୋଲି କଣ ଭୋକ ବି—"

"ହଁ, ଖାଇ ସାରି ତ ପୁଣି ଲେଖିବ ? ଭାତ ଖାଇ ଉଜାଗର ହେଲେ ପେଟରେ ଭାତ ଜଡ଼ିତ ଯେ ! ମୁଁ କଣ ଜାଣି ନାହିଁ !"

ଉଃ, ବାପ୍‌ରେ ବାପ୍ । ଭଲ ବଳାମତରେ ତ ପଡ଼ିଲି ! କି କୁକ୍ଷଣରେ ଲେଖିଥିଲି ସେ ଗପଟା !—ଯାହାହେଉ ନ ଲେଖି ଗତି ନାହିଁ । ମରେଁ ପଡ଼େଁ ଯିମିତି ହେଲେ ଲେଖିବାକୁ ହବ । କିନ୍ତୁ ଲେଖିବ କଣ ? ପ୍ଲଟ ଆସିବ କୁଆଡୁ ? ସେଇଠି ତ ଅଡୁଆ !

× × ×

ଏହିପରି ଦୁଇ ତିନି ଦିନ ବୃଥା ପରିଶ୍ରମ କରି ଯେତେ ଗୋଟାଏ ବି ଗପ ହୋଇ ନ ପାରିଲା, ମନରେ ଆସିଲା ଗୋଟାଏ ବିରକ୍ତି, ଆଉ ହତାଶା ।

ଏଣେ ପ୍ରିୟାଙ୍କର ତାଗିଦର ଅନ୍ତ ନାହିଁ । ସକାଳୁ ଉଠିଲା କ୍ଷଣି କହିଲେ ସେ "ଆଜି ଡାକରେ ଦବଟି ?"

"କଣ ହୋ ?"

"ଗପ,-- ଯାହା ଲେଖିଚ !"

"ଲେଖିଚତ ଢେର—କିନ୍ତୁ ଗୋଟାଏ ବି ସରୁ ନାହିଁ ।"

ଟିକିଏ ମୁହଁ ଶୁଖେଇ କହିଲେ "କେବେ ସରିବ ?"

"କେବେ ସରିବ ତା ତ କହିପାରୁନାହିଁ ପୁଣି ମୂଳରୁ ସରିବ କି ନାହିଁ ତାହା ବି ଜାଣି ପାରୁ ନାହିଁ ।"

ଏଥର ମୁହଁ ଥମ ଥମ କରି ସେ କହିଲେ "ତମ କଥା, ମୁଁ କିଛି ବୁଝି ପାରୁ ନାହିଁ ।"

ମୁଁ ଦାନ୍ତ ନେଫୁଡ଼ା ରକମର ପୁରକ ହସା ଦେଇ କହିଲି "ତମେତ ଭାରି ଜାଣ, କାହୁଁ ଜାଣିବ । ଗପ କଣ ଘରେ ବସିବସି ହୁଏ । ପାଞ୍ଚ ଆଡ଼େ ଯିବ ଆସିବ, ପାଞ୍ଚ ଯାଗାରେ ବୁଲିବ, ପାଞ୍ଚ ଜଣଙ୍କ ସାଙ୍ଗରେ ମିଶିବ, ତେବେ ଯାଇ ସିନା—ଗପ କଣ ଏମିତ ସିମିତ ହୁଏ । ମନ ଲାଖି ଗପ ବନିବା ଭଳି ମୂଳ ନ ପାଇଲେ ମନ ଭିତରୁ ଗଢ଼ିବ କେତେ ? ଆଉ ସେପରି କଲେ ବି ସେ ପସନ୍ଦ ହବ ନାହିଁକି ଟଙ୍କା ମିଳିବ ନାହିଁ ।"

"ତୁମେ କଣ ବୁଲୁ ନାହିଁ । କାହାରି ସଙ୍ଗରେ ମିଶୁନାହିଁ ?'

Digitized by srujanika@gmail.com

"ଏଇମିତିକା ବୁଲା ଓ ବିଶ୍ରାମରେ ପ୍ଲଟ୍ ମିଳେ! କଟକରୁ ଘର ପାଖ କଟକ—ନୋହିଲେ ବେଳେ ଅଧେ ଜାହା ବସା। ଏଥିରେ—"

"ଅଜ୍ ବି ଭଲଅ ବୁଲିଲେ ହବ, ତା କରୁନା"

"ତା କରିବା ପାଇଁ ବେଳ ଦରକାର ଅଉ ପଇସା ବି ଲୋଡ଼ା।"

"ଅଳ୍ପ ଭିତରେ ଯାହା ହୋଇ ପାରିବ ତା କର—ମୁଁ ଦେବି ଖରଚ।"

ଦେଖିଲି ନସ୍ଲେଟ୍ ବନ୍ଦ। କଥା ହେଲା ଆସନ୍ତା ପୂଜା ଛୁଟିରେ ବୁଲିଯିବେ ହେଲେ ଯିବି।

× × ×

[ପୂଜାଛୁଟି ଆଜି ଅଳ୍ପ ଦିନ ଥିଲା। ପ୍ରିୟା କିନ୍ତୁ ଦିନ ଗଣୁ ଥିଲେ। ପଞ୍ଚଦିନ ଛୁଟି ହେଲା ସେ ମୋ ହାତରେ ପଚାଶଟି ଟଙ୍କା (ବୋଧ-ହୁଏ ସେଇ ଟଙ୍କାଟା ମୂଳଧନରେ ଖଟାଇଥିଲେ) ଦେଇ ମୋର ଲୁଗା ପଟା ବାନ୍ଧି ଦେଲେ।

ବାହାରି ପଡ଼ିଲି। ପ୍ରଥମେ ଭାବିଲି, ଗ୍ରାମ୍ୟ ଜୀବନ ଦେଖିବି କି ଆଧୁନିକ ସହର ଜୀବନ ଦେଖିବି? କିନ୍ତୁ ଗ୍ରାମ୍ୟ ଜୀବନର ଭିତରକୁ ପଶିବାକୁ ଗଲେ ସମୟ ଲୋଡ଼ା, ପୁଣି ସୁବିଧା ନାହିଁ। ଅନେକ ଭାବିଚିନ୍ତି ସ୍ଥିର କଲି ଗଲି ଯିବି ପୁରୀ। ପୁରୀଟା ବଡ଼ ଭଲ ସହର, କେତେ ନୂଆ ନୂଆ ଲୋକ ଯା ଆସ କରୁଛନ୍ତି ନିତି ନିତି। ବେଳାଭୂମି ସମୁଦ୍ରକୂଳେ ଓ ସକାଳେ ସଞ୍ଜରେ ହୋଟେଲରେ ବସି ନଜର ଲଗାଇଲେ ଅବଶ୍ୟ ପାଞ୍ଚ ଦଶଟା ପ୍ଲଟର ଯୋଗାଡ଼ ହୋଇ ଯିବ, ତା' ପରେ ଯାହା ହେଉ।

ଷ୍ଟେସନରେ ପହଞ୍ଚିଲା ବେଳକୁ ଗାଡ଼ି ଛାଡ଼ ଛାଡ଼। ତରବର କି ଟିକେଟ କାଟି ଗାଡ଼ି ଖାଲିରେ ହୋଇଥାନ୍ତି ନାହିଁ, ଛାଡ଼ିଦେଲା। ସାମନାରେ ଯେଉଁ ଡବାଟା ପଡ଼ିଗଲା ସେଇଥିରେ ଚଢ଼ି ବସିଲି।

ଲାଲୁବାବୁ ସବ୍-ଇନ୍‌ସପେକ୍ଟର୍ ପୁରୀ ସଦର ଥାନା ଗୃହରେ। ସେ ଅନେକ ଦିନରୁ କହୁଛନ୍ତି ଥରେ ତାଙ୍କର ଅତିଥି ହବାପାଇଁ। ନ ଯିବାରୁ ମନ ଦୁଃଖ ବି କଲେଣି। ଭାବିଲି ତାଙ୍କର ବସାରେ ଯେଉଁ ଅନ୍ନ ପଡ଼ାଇବ—ଖରଚ ହେବ ନାହିଁ।

ଯେଉଁ କାମରାରେ ଉଠିଲି ତହିଁରେ ଜଣେ ତେଲଙ୍ଗି ସ୍ତ୍ରୀଲୋକ ହୋଡ଼ ପିଲାଟିଏ ନେଇ ବସିଥିଲା। ଆଉ ଅପେକ୍ଷା ଭିତରେ ଗୋଟିଏ ଯୁବତୀ। ଡବାଟା ଏତେ ଖାଲି ଦେଖି ମନଟା ଭାରି ଖୁସି ହେଲା। ଭାବିଲି ଯାତ୍ରାଟା ସୁଫଳ।

କିଛିକ୍ଷଣ ବସି ଦମ୍ ନେଲା ପରେ ଆଖିଟା ଅପେ ଅପେ ଗଲା ସେଇ ଯୁବତୀ ଆଡ଼କୁ ଉଃ—କେଡ଼େ ସୁନ୍ଦରୀ ସେ! କାହାର କନ୍ୟା କାହାର ସ୍ତ୍ରୀ! କେଡ଼େ ଭାଗ୍ୟବାନ ସେ! ଆପଣା କଥା ଭାବି ନିଜ ଉପରେ ଧିକ୍କାର ଆସିଲା।

ଡବାରେ ପୁରୁଷ ବ୍ୟକ୍ତି କେହି ନଥିଲେ। ମୋର ଚାହିଁବାକୁ ହେଲା ସୁବିଧା। ସୁନ୍ଦରୀ ତ ଅନେକ ଦେଖିଛି—କିନ୍ତୁ ମଣିଷ ଯେ ଏତେ ସୁନ୍ଦର ହୋଇପାରେ ତାହା ମୁଁ ଜାଣି ନଥିଲି। ମୁହଁଟା ଯେପରି ମହମରେ ତିଆରି, ତା ଉପରେ ଅଳତାର ରଙ୍ଗ। ଆଖି ଯୋଡ଼ାକ—ଦୂର୍—ମୁଁ କବି ନୁହେଁ। ଭଦ୍ରଘରର, ଝିଅ ବହୂ ନିଶ୍ଚୟ।

କବି ନ ହେଲେ ବି ଗଳ୍ପ ଲେଖକର କଳ୍ପନା କିଛି କମ ନୁହେଁ—ତହିଁରେ ପୁଣି ପୁରସ୍କାର ପ୍ରାପ୍ତ ଭଲ ଲେଖକର! ଭାବିଲି ଏ ଭଳିଆ ସୁନ୍ଦରୀ ଯୁବତୀ ଏକାକିନୀ କାହିଁକି! ନିଶ୍ଚୟ ଏହା ଭିତରେ କିଛି ରହସ୍ୟ ଅଛି। ଏ ରହସ୍ୟଟା ଭେଦ କରି ପାରିଲେ, ଆଉ ଭାବନା କଣ! ବଢ଼ିଆ ଗଳ୍ପ ବନିବ। ଉପାଦାନ ନ ହେଲେ କି ହୁଏ!

ଅସହାୟା, ସୁନ୍ଦରୀ, ଯୁବତୀ ରେଳ ଗାଡ଼ିରେ—ନିଶ୍ଚୟ କିଛି ବିପଦରେ ପଡ଼ିଥିବ—ନୋହିଲେ—। ଅଚ୍ଛା ମୁଁ ଯେପରି ତା କଥା ଭାବୁଛି, ସେ ବି ଜଣେ ପୁରୁଷ ବନ୍ଧୁର ସହାୟତା ସାହାଯ୍ୟ ଲୋଡ଼ୁଥିବ। ଯେତେ ହେଲେ ନାରୀ ତ!

ଚାହିଁ ଦେଖିଲି ମୋହର ଆଡ଼କୁ ସେ ବକ୍ର ଦୃଷ୍ଟିରେ ଚାହିଁଛି। ଠିକ୍, ସେ ସନ୍ଦେହ କରୁଛି କି ଏ ବ୍ୟକ୍ତି ବନ୍ଧୁ କି ଶତ୍ରୁ! ଏହାକୁ ବିଶ୍ୱାସ କରାଯାଇ ପାରେ କି ନାହିଁ, ଅଚ୍ଛା।

ଗୋଟାଏ ଷ୍ଟେସନ ପାର ହୋଇଗଲା। ମୁଁ ଥିବା ବେଞ୍ଚର ସେ ସୁନ୍ଦରୀ ଯେଉଁ ବେଞ୍ଚରେ ବସିଥିଲା, ତାହା ପାଖରେ ବସିଗଲି। ମୋତେ ଦେଖି ସେ ସଙ୍କୁଚିତା ହୋଇ ତେଣିକି ଘୁଞ୍ଚି ବସିଲା।

ବସି ବସି ଭାବିବାକୁ ଲାଗିଲି "କୌଣସି ଭଦ୍ର ଘରର ଝିଅ—କାହାର ପ୍ରେମରେ ପଡ଼ି ଘରୁ … … ଯା ବି ହୋଇପାରେ—କାହାର କନ୍ୟା ବା ସ୍ତ୍ରୀ, ଗୁଣ୍ଡାଙ୍କ ଦ୍ୱାରା ଅପହୃତା ହୋଇଛି। ଗୁଣ୍ଡାମାନେ ଧରା ପଡ଼ିବା ଭୟରେ ଛାଡ଼ି ଦେଇଛନ୍ତି। ଯାହାହେଉ ଏଥର ଗୋଟାଏ କିଛି ନ ହୋଇ ହେଉ, ପାରେ ନା। ଖାସା ପ୍ଲଟ୍ ଜନ୍ମୁ!

ସାହସ ଧରି ଅତି କୋମଳ ସ୍ୱରରେ ପଚାରିଲି—"ଆପଣ କେଉଁଠିକି ଯିବେ"?

ଉତ୍ତର ନାହିଁ।

"ଆପଣଙ୍କ ସାଙ୍ଗ ଲୋକ କେଉଁଠି ଅଛନ୍ତି"

ପୁଣି ନିରୁତ୍ତର।

"ଆପଣଙ୍କ ଘର କେଉଁଠି"?

ଏଇଥର ସେ ପାଟି ଫିଟାଇଲା। ଆହା କେଡ଼େ ମିଠା! କୋକିଳ କି ବୀଣା କି ସେଇ ପରି ଗୋଟାଏ କିଛି ହବ। ସେ କହିଲା, "ଆପଣ କିଏ ମ! ମୋ ସାଙ୍ଗରେ କାହିଁକି ଫଟେଇ ହଉଛନ୍ତି?"

ଦେଖନ୍ତୁ ମୋତେ ସନ୍ଦେହ କରନ୍ତୁ ନାହିଁ। ଆପଣଙ୍କ ବନ୍ଧୁ ବୋଲି ଜାଣିବେ। ଖୋଲି କହନ୍ତୁ ମୋ ଆଗରେ, ଆପଣଙ୍କର ବିପଦଟା କଣ; ମୁଁ ବୁଝି ପାରୁଛି … …

"ଚୁପ୍ କରନ୍ତୁ। ଆପଣଙ୍କୁ ଏଠିକି କିଏ ଡାକିଲା?"

"ଯଦି ସହାୟତା ଲୋଡ଼ାନ୍ତି କାହାର; ମୁଁ ଏ—ଏ ପ୍ରାଣ … … …

ଏତିକିରେ ମୁଁ ଧ ବୁଲିଲି ଗାଡ଼ିର ଝରକା ବାହାରକୁ ମୁହଁ ବଢ଼ାଇ ଦେଲା।

ଡାକିଲା—"ଓହୋ, ପର ପଡ଼ିଗଲା ଜାଣି ଝିଅଟାଏ ଡାଳକା ରେଳ ଗାଡ଼ିକୁ ଡେଇଁ



Digitized by srujanika@gmail.com

ପଢ଼ିବାକୁ ଯାଉଛି ନିଶ୍ଚୟ । ଅଜ ମୁହୂର୍ତ୍ତେ— ତେଣିକେ ଆତ୍ମହତ୍ୟା କରିବ, ମୁଁ ଥାଉଁ ଥାଉଁ—" ।

ହୁଅଁ ଥରେ ମାରି ତାକୁ ଧରି ପକାଇଲି । କହିଲି, "ଆପଣ ଭାବିଛନ୍ତି ମୋତେ ଫାଙ୍କି ଦେବେ ! ସେ ଆଶା ଛାଡ଼ନ୍ତୁ । ଯେତେହେଲେ ମୁଁ ଜଣେ ପୁଲିସ ଲୋକ— ଅନ୍ତତଃ ପୁଲିସ ସମ୍ପର୍କ ତ ! ମୋ ଆଗରେ ଆତ୍ମହତ୍ୟା—"

ଯୁବତୀଟି କାନ୍ଦିବାକୁ ଲାଗିଲା ।

ଅଜ ସନ୍ଦେହ କଣ ! ଚଳନ୍ତା ଗାଡ଼ିରୁ ଡେଇଁ ଆତ୍ମହତ୍ୟା କରି ନପାରି ନିରୁପାୟ ହୋଇ କାନ୍ଦୁଛି ତେବେ !

କହିଲି "ଏବେବି କହୁଛି— ଆପଣଙ୍କର କିଛି ଭୟ ନାହିଁ— ସବୁ ଖୋଲି କହନ୍ତୁ ମୋତେ ।"

ସେ କେବଳ ଧଁ ସଁ ହୋଇ କାନ୍ଦିବାକୁ ଲାଗିଲା । ଅହା, ସୁନ୍ଦରୀ ହେଲେ ତାହାର ଖୁବ୍ ସୁନ୍ଦର । ହସ ଯେପରି, କାନ୍ଦଟା ବି ତ ଛୁଣା ନୁହେଁ !

ମୁଁ ଭାବିଲି କି ଯଦି ମୁଁ ଏଠାରୁ ଚାଲିଯାଏଁ ତେବେ ଏ ସୁନ୍ଦରୀ ନିଶ୍ଚୟ ତେଣିକି ଡେଇଁବ । ସେଥିପାଇଁ ଜୀବନ ତ ଯିବ, ତା ସାଙ୍ଗରେ ମୋର ଏତେ ସୁନ୍ଦର ଚାକିରିଟା ବି ମାଟି ହେବ ।

ନା ମୁଁ ତାକୁ ମରିବାକୁ ଦେଇ ପାରେ ନା ପୁଣି ଆଖି ଆଗରେ । ତାହାର ପାଖକୁ ଲାଗି ଜଗିରହି ଛିଡ଼ା ହୋଇ ରହିଲି ସେହିପରି । କଟକଣି ଷ୍ଟେସନରେ ଗାଡ଼ି ଛିଡ଼ା ହେଲା । ଏ ଅବସ୍ଥାରେ ତାର ଆତ୍ମହତ୍ୟା କରିବାର ଉପାୟ ନାହିଁ ଜାଣି ମୁଁ ଗଲି ପାଣି ପିଇବାକୁ । ଫେରି ଆସି ଦେଖେଁ ଜଣେ ଯୁବକଟି ଭଦ୍ର ଯୁବକ ସେହି ଗାଡ଼ିରୁ ବାହାରି ଯାଉଛି । ଦୁହେଁ ଭେଟା ଭେଟି ହେଲୁଁ ତାର ଦରଜାରେ । ସେ ହଠାଏ ମୋତେ ଚାହିଁଲା କିନ୍ତୁ କିଛି କହିଲା ନାହିଁ ।

ମୁଁ ଗାଡ଼ି ଭିତରେ ବସିଲି । ପ୍ରାୟ ଦଶ ମିନିଟ ପରେ ସେହି ଯୁବକ ପୁଣି ଆସିଲା, ସାଙ୍ଗରେ ତାର ଷ୍ଟେସନ ମାଷ୍ଟର, ଜଣେ ପୁଲିସ କର୍ମଚାରୀ ଓ ଦୁଇଜଣ କନଷ୍ଟେବଲ ।

ଯୁବକ ମୋତେ ଦେଖାଇଦେଇ କହିଲେ "ଏଇ ଦେଖନ୍ତୁ, ଏ ବଦମାସଟା ସ୍ତ୍ରୀଲୋକଙ୍କ ଡବାରେ ପ୍ରବେଶକରି ମୋ ସ୍ତ୍ରୀଙ୍କ ସହିତ ଗୁଣ୍ଡାମି, ବେଇଜ୍ଜତ କରୁଥିଲା । କି ଭୟଙ୍କର ଅନ୍ୟାୟ !"

ସେ ଯୁବତୀ କହି ଉଠିଲା "ମୁଁ ପର୍ଦ୍ଦା ନସିନ ଭଦ୍ର ମହିଳା— ମୋ ସାଙ୍ଗରେ ଜବର ଦସ୍ତି—" ଏତିକି କହି କାନ୍ଦିପକାଇଲା । ପୁଣି ଆଖି ପୋଛି କହିଲା "ମୁଁ ପାନପିକ ପକାଇବା ପାଇଁ ଝରକାରେ ମୁହଁ ବଢ଼ାଇଲା ବେଳକୁ, ମୋତେ ଧରପଗ ..." ପୁଣି କାନ୍ଦିଲା ।

ତେଲଙ୍ଗାଣୀଟି ମଧ୍ୟ ସେଇକଥା କହିଲା । ଯୁବକ ରାଗରେ ଥରିବାକୁ ଲାଗିଲା । ମୋର ଏ ସବୁ ଦେଖି ଅକ୍କେଲ ଗୁଡ଼ୁମ୍ ।

ପୁଲିସ ଅଫିସର ମୋ ଆଡ଼କୁ ଚାହିଁ କହିଲେ, "କି ହେ, ରସିକ ବନୁଥିଲ?"

ମୋର ମୁଣ୍ଡ ସେତେବେଳକୁ ବିଲକୁଲ ଫାଙ୍କା । ପାଟିରୁ ବାକ୍ୟ ବାହାରିଲା ନାହିଁ ।

ସେ କହିଲେ, "ଶଳା, ବୋକା ସାଜୁଛି ଦେଖ ! ଏମିତି ଜେଣ୍ଟଲମେନ ବହୁତ୍ ଲଗେଇଛି କି ତ ।"

ସିପେଇଙ୍କୁ ଚାହିଁ କହିଲେ, "ଦେଖୁଛ କଣ, ଲଗା କଡ଼ି ।"

ଜଣେ ସିପେଇ ହାତକଡ଼ି ଲଗାଇ ଦେଲା ଓ ଆଉ ଜଣକ ମୋ କମରରେ ଦଉଡ଼ି ବାନ୍ଧି ଘୋଷାଇଲା । ସୁଟକେସଟି ଧରି ମୁଁ ନିସ୍ତବ୍ଧରେ ଚାଲିଲି ।

× × ×

ଥାନାରେ ପହଞ୍ଚିଲାକ୍ଷଣି ଦେଖିଲି ସେଠି ନାନୁବାବୁ । ମୁଁ ତ ଲାଜରେ ଥରିଗଲି । ନାନୁବାବୁ ମୋତେ ଦେଖି ପ୍ରଥମେ ଅବାକ୍ ହୋଇଗଲେ, ତା ପରେ ଉଠି ପଡ଼ି ମୋ ବନ୍ଧନ ଯୋଗ ମେଣ୍ଟାଇଲେ । ତାଙ୍କ ଇଙ୍ଗିତରେ ମୁଁ ବସିଲି ।

କଥାଟା ଶୁଣିସାରି ଜଦବଥ ହସୁଥାଏ ହସି ମୋତେ କହିଲେ "କହୋ କଥା କଣ ?" ମୁଁ ସବୁ କଥା କହିଲି । ତାଙ୍କ ହସ ଆଉ ସରେ ନାହିଁ । ମୁଁ ବି ବାଲ୍ୟ ନେଫଡ଼ା ହସଟା ମାନ ହସୁଥାଏ ।

ନାନୁବାବୁ କହିଲେ, "ବେସ୍ ହୋଇଛି । ମୁଁ ଯେତେ ଡାକିଛି ଆସିଲ ନାହିଁ— ଏବେ ଠିକ୍ ହୋଇଛି ।"

ମୁଁ କହିଲି "ତମେ ଏଠି କମିତି ହେ"?

"ତମର ଲାଗି ! ନୋହିଲେ ମୋ ପାଲରେ ପଡ଼ନ୍ତି କମିତି ?"

"ନାହିଁ, ମୁଁ ଯାଉଥିଲି ପୁରୀ—ତମର ବସାରେ ଅଡ୍ଡା ମାରିଥାନ୍ତି ।"

"ମୁଁ ଏଠା ବଦଳି ନେଇ ଆସିଛି— ମୋଟେ ଚାରି ଦିନ ହେଲା ।"

ନାନୁବାବୁ ଥିଲେ ବୋଲି ହଇରାଣ ଓ ଅପମାନରୁ ରକ୍ଷା ପାଇଗଲି ଓ ତାଙ୍କର ଏ ଉପକାରର ପ୍ରତିଦାନ ସ୍ୱରୂପ ମୋତେ ତାଙ୍କ ଅତିଥି ହୋଇ ଗୃହ ପାଞ୍ଚ ଦିନ ରହିବାକୁ ପଡ଼ିଲା ।

ପୁରୀ ଯିବା ଓ ଗପର ଉପାଦାନ ସଂଗ୍ରହ କରିବା ମୋର ଏଇଠିରେ ସରିଲା । ନାନୁବାବୁ ଠାରୁ ବିଦାୟ ନେଇ ଭଲ ପିଲାଟି ପରି ଘରକୁ ଫେରିଲି ।

ଯାହା ହୋଇଗଲା ତା ତ ଗଲା; କିନ୍ତୁ ଏ ଖବର ଯଦି କଟକରେ ବାଜିଥିବ, ଅଫିସରେ ସବୁ କଣ କହିବେ । ସେଠି ତ ରକ୍ଷା ଅଛି, କିନ୍ତୁ ଘରେ କଣ ଜବାବ ଦେବି ।

ଯାହା ଭାବୁଥିଲି ସେଇଆ । ସେ ଆସିବାର ବହୁ ପୂର୍ବରୁ ସୁଖବରଟା ଆସି ପହଞ୍ଚି ଯାଇଥିଲା ।

ଗୃହିଣୀଙ୍କର ପ୍ରଥମ ସମ୍ଭାଷଣ ହେଲା "ଇମିତି ନା'କହା ମରଦ ନା !"

ଭୁଣ୍ଡ ଗଳା ବାଜିଲେ ଯାହା ହୁଏ, ସେଇପରି ମୁଁ କଣ ଗୁଡ଼ାଏ କହିଲି ।

ସେ କହିଲେ, "ଏଇ ମରଦ ଭିତରେ ଏତେ ଗୁଣ ଥିଲା ବୋଲି କିଏ ଜାଣିଛି ଲୋ ମା !"

Digitized by srujanika@gmail.com



ଅନ୍ଧ ? ହଁ, ଅନ୍ଧ । ସେ ଜନ୍ମାନ୍ଧ କି ନା ସେ କଥା କେହି ଜାଣେ ନା । ଏ ଆକାଶ, ଏ ସୂର୍ଯ୍ୟ, ଏ ତାରା, ଏ ଚନ୍ଦ୍ର, ଏ ପବନ ଓ ବର୍ଷା ଏ ସବୁ ବିଷୟରେ ତାର ଯେ କି ଧାରଣା ସେ କଥା ବି କେହି ଜାଣେ ନା—ଜାଣିବାକୁ ଚାହେଁ ନାହିଁ ।

ଶବ୍ଦ କରେ, ଗୁରୁକ କରେ, ଅଭଙ୍ଗ ଲୋକେ କହନ୍ତି, ମଣିଷ ଅଶ୍ରୁ ବିନା କହି ପାରେ ନାହିଁ । ଅଶ୍ରୁ ନୁହେଁ, ମରମର ଅବ୍ୟକ୍ତ ଭାଷା କହିବା ପାଇଁ ଗୋଟାଏ ପ୍ରତିମାର ଲୋଡ଼ା ହୁଏ । ସେ ପ୍ରତିମା ମୂକ ହେଉ, ବାତୁଳ ହେଉ, ସେଥିରେ କିଛି ଯାଏ ଆସେ ନାହିଁ । ଅନ୍ଧର ସେଇ ଅଶ୍ରୁ, ସେଇ ସମ୍ବଳ—ସେଇ ପ୍ରତିମା ଥିଲା ଗୋଟିଏ ଆଠ ବର୍ଷର ଶିଶୁ ।

## ଅନ୍ଧ

ଶ୍ରୀ ଅବଧୂତ

ଏମିତିବେଳେ ଅନ୍ଧ ଯାଏ ଭିକମାଗି—ସେ ଘରେ ଲଉଡ଼ି । ସଞ୍ଜହେଲେ ସେ ଗାଏ ଗୀତ । ଏ ଘରେ ପାଳ । ଅନ୍ଧ ଗୀତ ଗାଏ, ଏ ଶୁଏ ଚାହିଁକି ଗାଳ ପେଲି ।

ଦୁହେଁ ଦୁହିଙ୍କ ଜୀବନର ମହତ୍ତ୍ୱ ବୁଝୁଥିଲେ । ଦୁହିଙ୍କ ଭିତରେ ଅଭେଦ୍ୟ ଅଚ୍ଛେଦ୍ୟ ଅକାଟ୍ୟ ସ୍ନେହ ।

ଝଡ଼, ବର୍ଷା, ବିଜୁଳି ଘଡ଼ଘଡ଼ି ସବୁ ଯୋଗ ଯେଉଁଦିନ ବୁଢ଼ାକୁ ଏକୁଟିଆ ଅନ୍ଧାର ଘରରେ ଛଟପଟ କରୁଥିଲେ ସେଇଦିନ ସେ ତାକୁ ସାନ୍ତ୍ୱନା ଦେଉଥିଲା—

ଆଜି ଯେଉଁ ଦିନ ସେ ବର୍ଷା ଯାଇ ଆକାଶ ନିର୍ମଳ ହେଲା, ସେଠି ଚାନ୍ଦ ଉଠିଲା—ଝଡ଼ଯାଇ ବସନ୍ତ ବହିଲା—କୋଇଲି ଡାକିଲା—ବଉଳକୁ ମନ୍ତ୍ର ଝରିଲା—ସେ ଆଜି କୋଟେ ଦିନ ।

ଅନ୍ଧ ସେ ଦିନ ବି ଭୁଲି ନାହିଁ ଏ ଦିନ ବି ଭୁଲିବ ନାହିଁ ।

ଅନ୍ଧକୁ ଭଲ ହୋଇଥିଲା । ସେ ଘର ଛାଡ଼ି ମାଗି—ଏକୁଟିଆ । ଫେରିବା ପାଇଁ ଡେରି ହେଲାବେ । ଅନ୍ଧ ସେତେବେଳକୁ ପ୍ରାଣାନ୍ତକ ହେଲାଣି । କେତେ ଘରରେ ସେ ଦେଲା ତା' ମୁହଁରେ ମୁଠେ ଖାଣି ।

କିନ୍ତୁ ଅନ୍ଧ ସେଦିନ ବୁଝି ହୋଇ ଗଲା ତାର ଅଭାବ ପାଇଁ ଜାଗା ନଥିଲା ହୃଦୟରେ । ଏତେ ଦିନ ସେ ଭିକ ମାଗିଛି, ଏମିତ ଦୟା ତ କେହି କେବେ କରିନାହାନ୍ତି ! ଏକା ଥରକେ ଗୋଟାଏ ଟଙ୍କା ! ଅଥଚ ଟଙ୍କାଟାରେ ଏମିତି ଗୁଡ଼ାଏ ଫଳମୂଳ କିଣି ରଖିଦେଇ ଥିଲେ ଭଣ କାମରେ ଆସି ନଥାନ୍ତା ସେ ? ଛୁଆଟା ଉପରେ ଟିକିଏ ଭକ୍ତି ହେଲା ଏଥି ପାଇଁ ।

କିନ୍ତୁ ସେଇ ଟଙ୍କା ହେଲା ତାର ଶତ୍ରୁ । ସେ କଥା ସେ ବୁଝି ପାରି ନଥିଲା ।

ସେ ଦିନ ଖାଲି ନୁହେଁ—ତାପରେ ତାପରେ ଅନେକ ଥର ଜଣେ ଲୋକ ତାର ସେଇ କୋମଳ ଶିଶୁ ହାତରେ ଟଙ୍କା ଦିଏ—ପଇସା ଦିଏ—ଲୁଗା ଦିଏ—ଏମିତ କେତେ କଣ ।

ଦିନେ ସେ ଶିଶୁ ଥିଲା । ସେଦିନ ସେ ତାକୁ କୋଳରେ ଧରି ନେଇ ଆସି ଥିଲା । ଆଜି ୧୪ ବର୍ଷପରେ ଅନ୍ଧଭାବେ ସେ ଯେମିତି ଠିକ୍ ସେଇମିତି ଅଛି ।

କିନ୍ତୁ ପୃଥିବୀ ତାକୁ ଦେ ଆଖିରେ ଦେଖୁ ନଥିଲା । ଆକାଶର ଚାନ୍ଦ ଦେଖି ଭ୍ରୂକୁଟୀ କରୁଥିଲା । ବାଟ ଘାଟର ଅପରିଚିତା ତା ଆଖିକୁ ଚାହିଁ ରହୁଥିଲା । ପଙ୍କଜ ମଉଳି, ପଡ଼ି ପଡ଼ି ପୁଣି ପଙ୍କ ଦେହରେ ମିଶି ଯିବାକୁ ମନ କରୁଥିଲା । ମଳୟ ତାକୁ ଛୁଇଁବା ପାଇଁ ଲୋଭ କରୁଥିଲା । ନଈର ପାଣି ତାର ଯୌବନକୁ ଧୋଇ ଦେବାକୁ ପାଇଁ ଚୋରି ଚୋରି ପ୍ରସ୍ତୁତ ହେଉଥିଲା । ସେ କଥା ଅନ୍ଧ ବୁଝିବ କେମିତି ?

ସାଇପଡ଼ିଶା ସମସ୍ତେ କହିଲେ, ବୁଢ଼ା, ଝିଅ ତ ଘରେ ବହିଲା— ବାହା କରିଦେ ଏଥର —କେତେ ବଦଦ—ଅଛି, ଭୂତ ଅନ୍ଧ ଲୋକ। ଅନ୍ଧ ଚମକି ପଡ଼ିଲା ।

ରାତିହେଲେ ଝୋପିଆ ଆସି ଅନ୍ଧ ସଙ୍ଗରେ ଗପକରେ । ତା ଭଲ ମନ ପଚାରେ । ଦୁଃଖ ସୁଖ ବୁଝେ । ଅଭାବ ଅସୁବିଧା ବି ଦେଖେ । ଝୋପି ଆସିଲେ ଅନ୍ଧ ବୁକୁରେ ଯେମିତ

## ମଜାକଥା

ମୁଁ ଏଥର କଥାଟା ବୁଝେଇ କହିବାକୁ ଚେଷ୍ଟା କଲି । କିନ୍ତୁ ବୃଥା । ସେ ବୁଝାଇ ଦେଲେ ନାହିଁ । "ହଁ, ହୋ ତମ ନିଶିପଙ୍କ କଥା ମୁଁ ଜାଣିଚ ।"

ଏତକ କହି ଚାଲିଗଲେ ।

ରାତିରେ ଶୋଇଲା ବେଳକୁ ପ୍ରିୟା କହିଲେ, "ଯାହା ତ ଭଲ କଲ—ଗପପାଇଁ କଣ କଲ ଭଲା ।"

"ଆଉ ଗପ ! ମସଲା ତ ମୂଳରୁ ଗଲା ହୋଇଛି !"

ଏହା କହି ଅଗରୁ ମୂଳଯାକେ ବୁଝେଇ ବଖାଣିଲି । ସବୁ ଶୁଣିସାରି ସେ ଖଡ଼ଖଡ଼ା ହସି ଉଠିଲେ । କହିଲେ "ଏଇ ତ ! ଏଇ କଥାଟା କଣ ଗୋଟାଏ ଗପର ମସଲା ନୁହେଁ ? ଆଲୁଅ ଲେଖିନ :—ଖାସା ଗପଟା ହେବ ।"

ମୁଁ କହିଲି "ସତେତ !"

ଆଜି କ ଭାଷା ଅଛି ! ସେଇ ରାତିରେ ଲେଖି ପକାଇଲି ଓ ତହିଁ ଆର ଦିନ ଡାକରେ ଦେଲି ପକାଇ ।

ଦେଖାଯାଉ ସମ୍ପାଦକ ଆପଣଙ୍କ ମନକୁ ଆସୁଚ କି ନାହିଁ । ସେ କଥା ଯାହାହଉ, ମନ-ଅଡ଼ଗଡ଼ା ଯଦି ଆସେ, ତେବେ ପିନା—



Digitized by srujanika@gmail.com



## ଉତ୍କଳ ପ୍ରଦୀପ

ବାଲେଶ୍ୱରରୁ ଗୋଟିଏ ସାପ୍ତାହିକ ସାହିତ୍ୟ ପତ୍ରିକା । ଓଡ଼ିଶାରେ ମାସିକ ସାହିତ୍ୟ ପତ୍ରିକା ମାନଙ୍କର ଦୁର୍ଦ୍ଦଶା ଆମ୍ଭେମାନେ ଉପର ପ୍ରକାଶର ଆରମ୍ଭ ଦିନରୁ ପାଠକମାନଙ୍କୁ ଦେଖାଇ ଆସୁଛୁଁ । ଉପାଦେୟ ରଚନାର ଅଭାବ ସ୍ୱଭାବ ଅଟେ । ତାର କାରଣ, ଦେଶର ସାହିତ୍ୟ ଆଜି ଆଉ ସୌଖିନ୍ ସାହିତ୍ୟ ହୋଇ ନାହିଁ । କେତେକ ରାଜା ଜମିଦାର ମହାଜନ ବା ବଡ଼ ଲୋକ ଯେଉଁ ମାନଙ୍କର ପେଟ ପୋଷିବାର ଚିନ୍ତା ନାହିଁ ସେମାନଙ୍କର ଅବସର ବିନୋଦନ ବା ସୁନାମ ଅର୍ଜ୍ଜନର ହତିଆର ହୋଇ ସାହିତ୍ୟ ଆଉ ରହିବାକୁ ଚାହେଁନା । ସାହିତ୍ୟ ବୁଭୁକ୍ଷିତ ସମାଜର ପ୍ରତି ଅଙ୍ଗ ସନ୍ଧିରେ ପଶି ନିଜର ଅନୁଭୂତ ପ୍ରକାଶ କରିବାକୁ ଚାହେଁ । ଅଳସ ସାହିତ୍ୟର ଯୁଗ ଚାଲିଯାଇଛି; କର୍ମଶୀଳ ସାହିତ୍ୟର ଯୁଗ ଏ । ଯେଉଁ ସାହିତ୍ୟ ଜୀବନର କେବଳ ସୁଖ, ସମ୍ଭୋଗ ଦିଗ ଟାକୁ ଦେଖି ଅନ୍ୟାନ୍ୟ ଅନେକ ଅଂଶ ବାଦ କରିଦିଏ, ସେ ସାହିତ୍ୟକୁ ଦେଶ ଫିଙ୍ଗି ଦେଇଛି । ସେଥିପାଇଁ ଏଦେଶ ଧନୀକ ମାନଙ୍କର ଆମୋଦ ସାହିତ୍ୟ ଆଜି ଚାହୁଁ ନାହିଁ । ଏ ଦେଶର ସାହିତ୍ୟିକ ଆଜି ଗରିବ ଦୁଃଖୀ ଅନୁଭବୀ ହେବାକୁ ବାଧ୍ୟ । ଦେଶ ପାଇଁ ସାହିତ୍ୟ ଲେଖିବାକୁ ହେଲେ ଦେଶ ସାହିତ୍ୟକକୁ ଖାଇବାକୁ ନଦେଲେ ଚଳିବ କିପରି ? ଓଡ଼ିଶାର କୌଣସି ସାହିତ୍ୟ ପତ୍ରିକାର ଆର୍ଥିକ ଅବସ୍ଥା ଭଲ ନୁହେଁ । ସମ୍ପାଦକମାନେ ଲେଖକମାନଙ୍କୁ ପାରିଶ୍ରମିକ ଦେଇ ନାହାନ୍ତି ବା ଦେଇପାରୁ ନାହାନ୍ତି । ଏପରି କ୍ଷେତ୍ରରେ ଭଲ ଲେଖା ଆଶା କରିବା ଅନ୍ୟାୟ ନୁହେଁକି ? ଯେ ଯାହା ହେଉ, ଏଭଳି ପରିସ୍ଥିତିରେ ଗୋଟିକ ପରେ ଗୋଟିଏ ପତ୍ରିକା ବାହାରୁଛି । ଏହା ଅବଶ୍ୟ ଜାଗରଣର ସୂଚନା; କିନ୍ତୁ ଆମର ମନେ ହୁଏ ଏହା ଗୋଟିଏ ମାସିକ ହୋଇ ଥିଲେ ଭଲ ହୋଇଥାନ୍ତା । ମୁଦ୍ରଣ ପରିପାଟି ଆଉ ଟିକିଏ ସୁନ୍ଦର ହେବା ଉଚିତ ଥିଲା ।

ପର ପର ଦୁଇଗୋଟି ସଂଖ୍ୟା ପାଇଁ ଆମ୍ଭେମାନେ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଉଛୁଁ ।

## ଗୁଣଦର୍ପଣ

ଚୈତ୍ର ଓ ବୈଶାଖର ଯୁଗ୍ମ ସଂଖ୍ୟା ହାତକୁ ଆସିଛି । କାଳିଆ ପାଣିଗ୍ରାହୀଙ୍କର ପାର୍ବତୀ କାବ୍ୟର ସମାଲୋଚନା ବଡ଼ ସମୟୋପଯୋଗୀ ଓ ସୁନ୍ଦର ହୋଇଛି । ଆମର ମନେହୁଏ ପ୍ରବନ୍ଧଟି ଅନ୍ୟ କୌଣସି ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକାରେ ସ୍ଥାନ ପାଇ ଥିଲେ ଅପେକ୍ଷାକୃତ ଅଧିକ ଭାବରେ ଲୋକ ଚକ୍ଷୁର ଗୋଚର ହୋଇ ଥାନ୍ତା । ସାହିତ୍ୟ ପତ୍ରିକା ମାନଙ୍କରେ ଯେପରି ଗଳ୍ପ ଉପନ୍ୟାସ ପଦ୍ୟ ପ୍ରବନ୍ଧ ଥାଏ ଏଥିରେ ମଧ୍ୟ ସେହିପରି ଦେଖିବାକୁ ମିଳିଲା ।

---

କାହାଣୀ ।

ପାହାଡ଼ ପ୍ରମାଣରେ ବଳ ଆସେ— ତା' ଛାତି ହେଟିତ କ୍ରମେ ମୋଟ ହୋଇଯାଏ ।

ଗୋପିଆ ଦଫାଦାର ଚାକିରି କରେ । ହଳଦିଆ ପୋଷାକ ହୁଦା ପିନ୍ଧେ । ମାସକୁ ୧୨ ଟଙ୍କା ବେତନ ପାଏ । ଗୋପିଆ କେତେବେଳେ ଚୋର ଧରେ, ଓ ଡକାଇତ ଧରେ କେତେ କଥା ଅନ୍ଧ ଆଗରେ କହେ । ଅନ୍ଧ ଖାଲି ବଲ ବଲ କରି ତାକୁ ଚାହିଁ ରହେ ।

ଅପି ନ ଥିବା ବେଳେକରେ ସେ ଗାଁର ନଥୁ ଦାସ ଅନ୍ଧକୁ ଦିନେ କହିଲେ, ଗୋପିଆ ସାଙ୍ଗରେ ଅପିକୁ ବାହାଦବା ପାଇଁ । ଗୋପିଆ ଦ'କୋଡ଼ି ଟଙ୍କା ଦବ ।

ଅନ୍ଧ ମନାକଲା ।

କିନ୍ତୁ କେତେ ଦିନ ରଖିବ । ଅନ୍ଧ କାନରେ କେତେ କଥା ବାଜିଲା । ଦିନେ ଜମିଦାରଙ୍କ ପୁଅ ଅନ୍ଧ ପାଖକୁ ଲୋକ ପଠାଇଲେ—ଟଙ୍କା ଦେଇ— ଅପି କିଛିଏ ଯାଇ କେତେ ବେଳେ କମିଛ ବନ୍ଧୁ ସାଆନ୍ତାଣିଙ୍କ ଡାକ ହାକ ଶୁଣିବ । ଅନ୍ଧ ସେ କଥାର ଅର୍ଥ ବୁଝିଲା । ଡରରେ ଛାତି ତାର ଥରି ଉଠିଲା ।

ତହୁଁ ଆରଦିନ ଗୋପିଆକୁ ଡାକି ଅନ୍ଧ ସବୁକଥା କହିଲା ।—

ଫଗୁଣମାସ । ଆକାଶରେ ସତସତ ଚାନ୍ଦ ଉଠିଥାଏ— ସତସତ ମଳୟ ବହୁଥାଏ । ଝଡ଼ ନଥାଏ— ବର୍ଷା ନଥାଏ— ସେଦିନ ପରି ।

ଅପି ଚାଲିଗଲା ଗୋପିଆ ସାଙ୍ଗରେ ।

ଗୋପିଆ— ସେ କେତେ ଟଙ୍କା ଦେଇଛି —କେତେ ଭରସ ଦେଇଛି— ସେଦିନ ଜର ହୋଇଥିଲା— ତା'ର ପଇସାରେ ଔଷଧ କିଣି ସେ ଭଲ ହେଲା— ଭାରି ଭଲ ମଣିଷଟିଏ ସେ— ଅପି ତା ପାଖରେ ସୁଖରେ ରହିବ ଯେ—

ଆଉ ସେ— କିଏ ?

ମଳୟ ଠାରୁ ସ୍ୱତନ୍ତ୍ର ଗୋଟାଏ ପବନ ତା' ଛାତିର କେଉଁ ଗହ୍ୱରରୁ ବାହାରି କୁଆଡ଼େ ଚାଲିଗଲା— ହୁଏତ ଅପି ଯେଉଁଆଡ଼େ ଗଲା ସେଇ ଆଡ଼େ । ... ...

ଆଜି ବି ସେ ଅନ୍ଧ ଅଛି । ବାଟ ଅନ୍ତାଳି ଚାଲେ— ଭିକମାଗେ— ଖାଏ ।

ବର୍ଷା ଆସେ, ଝଡ଼ ଆସେ— ବିଜୁଳି ଚମକେ, ଘଡ଼ଘଡ଼ି ମାରେ ଅନ୍ଧ କାନ୍ଦେ— ତାର ଛାତି ଫାଟି ଯାଏ ଯେମିତି ।

ବସନ୍ତ ଆସେ—ମଳୟ ବହେ—କୋଇଲି ଗାଏ—ବଉଳ ଧରେ - କେତେ ବାହାଘରର ବାଇଦ ଅନ୍ଧ କାନରେ ବାଜେ— ସେତେବେଳେ ବି ଅନ୍ଧ କାନ୍ଦେ— ସେତେବେଳେ ତା ଛାତି ଫାଟିଗଲା ପରି ଲାଗେ ।

ସେ ଏବେ ବି ବଞ୍ଚିଛି— ଖାଲି ଏହି ଦୁଃଖର ଅନୁଭୂତି— ହୃଦୟର ପରିସ୍ଥିତିକୁ ସେ ଆଉ କାହାରିକି ଦେଇ ପାରୁନାହିଁ ବୋଲି ।

---

## କୁଟୁ କୁଟୁ

ବାପା:—ମୁଁ ତୋତେ ଯେଉଁ ପ୍ରଶ୍ନ ଗୁଡ଼ିକ କହିଦେଇଥିଲି ପରୀକ୍ଷାରେ ଠିକ ସେହି ଗୁଡ଼ିକ ପ୍ରଶ୍ନ ହୋଇଥିଲା । ନିଶ୍ଚୟ ପରୀକ୍ଷାରେ position ରଖିଥିବୁ । ପୁଅ: – ହଁ ମୁଁ ଆମ classର ୧୫ ଜଣ ପିଲାଙ୍କ ଉପରେ ପନ୍ଦରଶ ସ୍ଥାନଟି ଅଧିକାର କରିଅଛି ।

Digitized by srujanika@gmail.com

# ୮ମ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା

ଟ୫୦ଙ୍କା ପୁରସ୍କାର !

ଦୁଇଅଣାର ପଇସିକାଅ ଡାକଟିକଟ ସହ



'ଡଗର' ପାଠକମାନେ ପାଇ ପାରିବେ ।

ଦୁଇଅଣାର ପଇସିକାଅ ଡାକଟିକଟ ସହ



ଟ୫୦ଙ୍କା ପୁରସ୍କାର !

ପ୍ରଥମ ଦୁଇଟି ସନ୍ଧ ବିନାମୂଲ୍ୟରେ



ନାମ ________________ ଠିକଣା ________________ ଢେଢୋଟି ଉତ୍ତର ________

---

## ସିଧା ଭାବରେ ।

୧ । ସାମନ୍ତ ପୁରସ୍କାର ପାଇବାକୁ ଚେଷ୍ଟାକର ପ୍ରତ୍ୟେକ ପ୍ରତିଯୋଗୀ ସମ୍ପାଦକଙ୍କ ନିକଟରେ ଅଧିକାଂଶ ସମୟରେ ଯାହା ହେବାର ଦେଖାଯାଏ ।

୩ । ଏହାଠାରୁ ରକ୍ଷା ପାଇବାକୁ ଚେଷ୍ଟା କରିବ କାହିଁକି ?

୬ । ପ୍ରେମିକାଠାରୁ ପ୍ରତିଦାନ ନ ପାଇଲେ ପ୍ରେମିକର ପ୍ରୀତି ଯାହା ହୁଏ ।

୮ । ଏହା କି କେବେ ଅମର ହୋଇପାରେ?

୯ । ଏହାର ରକ୍ତଆଭ ନୟନ ମୁଗ୍ଧକର ହେଲେ ହେଁ ଏହାର ଯେ ଦହନ କରିବାର ଶକ୍ତି ଅଛି କେହି କେହି ତାହା ବୁଝି ପାରନ୍ତି ନାହିଁ

୧୧ । ସାଧାରଣତଃ ଏମାନେ ଆକାଶରେ ବିଚରଣ କରିବାର ଦେଖାଯାନ୍ତି ।

୧୨ । ଦେଖି ଦେଖିକୁ ଏହା ବଡ଼ ଶୋଭାପାଏ ।

୧୪ । ମାଧ୍ୟାକର୍ଷଣ ଶକ୍ତି ନଥିଲେ ଯାହାର ଆକାଶରେ ରହିବା ଅସମ୍ଭବ ।

୧୬ । ନାଗର —ଗ୍ରହଣ କରି ପୁରୁଷ ବାସ୍ତବିକ ଦୁର୍ବଳ ହୋଇ ପଡ଼େ ।

୧୮ । ଏହାର ଚାଳନ କୌଶଳରେ ନିପୁଣ ବ୍ୟକ୍ତି ପକ୍ଷରେ ଶତ୍ରୁ ଦମନ କେତେମାତ୍ର ।

୨୦ । କୌଣସି ବିଷୟ ଭଲଭାବେ ଏହା ହୋଇ ଥିଲେ ହେଁ କାର୍ଯ୍ୟାରମ୍ଭ ପୂର୍ବରୁ ପୁନରାୟ ତାହା ଶୁଣି ନିବା ଉଚିତ ।

୨୧ । ଏହା ସର୍ବଦା ସବୁ ପକ୍ଷୀଙ୍କର ଆଶ୍ରୟସ୍ଥଳ ହୋଇ ନଥାଏ ।

## ଉପରୁ ତଳ ଭାବରେ ।

୧ । ଏହା ଅଭାବରେ ଉପନୟନ କାର୍ଯ୍ୟାରମ୍ଭ କରିବା ଏକାବେଳେକେ ଅସମ୍ଭବ ।

୨ । ଅଭିସାରିକା ଯେଉଁ ସମୟର ସୁବିଧା ସବୁବେଳେ ଖୋଜୁଥାଏ ।

୪ । ଏହାକୁ ଅସତ୍ ଆଚରୁ ନନେଲେ ମନୁଷ୍ୟ ଅନେକ ସମୟରେ ଉନ୍ନତି କରିଥାଏ ।

୫ । ଏହାକୁ ସଜାଇ ରଖିଲେ 'ଶରୀର' ରହିବ

୭ । ଏହି ପୂଜାକର କେହି କେହି ଅସାଧାରଣ ଶକ୍ତି ଲାଭକରିବା କଥା କେତେକ ଲୋକଙ୍କ ମୁହଁରୁ ଶୁଣାଯାଏ ।

୯ । ଶୁଦ୍ଧି ନିମନ୍ତେ ଏହାର ନବାନୁଷ୍ଠାନ କରିବା ବିଧି ପ୍ରଚଳିତ ।

୧୦ । ଏହା ଫୁଟିଲେ ଉଜ୍ଜ୍ୱଳ ।

୧୧ । ଅସୁସ୍ଥାବସ୍ଥାରେ ଏହା ବେଶୀ ଖାଇଲେ ରୋଗ ବୃଦ୍ଧିହୁଏ ।

୧୩ । ଏହା ଯାହାଠାରେ ଥାଏ ତାହା ପାଖରୁ ବେଳେ ବେଳେ ଲାଭ ମିଳେ ।

୧୪ । ଏଥିପାଇଁ ସୁଶୃଙ୍ଖଳିତ ପରିଶ୍ରମ ନକଲେ ଏହା ଧାରଣକରି ରହିବା ସମସ୍ତଙ୍କ ପକ୍ଷରେ ସବୁବେଳେ ସମ୍ଭବ ନୁହେଁ ।

୧୫ । ପ୍ରକୃତ ଯୋଦ୍ଧା ଏହା ଉପରେ ବିଶ୍ୱାସ ରଖି କ୍ୱଚିତ ଶୋଚନୀୟ ଯାଇଥାଏ ।

୧୭ । ଲୁଗା ଚିରିଗଲେ ଅନେକ ଲୋକ ଏହା କରିଥାନ୍ତି ।

୧୮ । ଏହା ହୋଇଗଲେ ବାଟୋଇର ବଡ଼ ଅସୁବିଧା ହୁଏ ।

୧୯ । ଜନ୍ତୁ ଜଗତକୁ ପଚାରିଲେ 'ବିମ' କହିବ ।

---

**(ପ୍ରବେଶିକା ଫିସ୍ ଗଣ୍ଡାକୁ ଟ୦।)  ୮ମ ଶବ୍ଦଧନ୍ଦା ପ୍ରତିଯୋଗୀତାର ନୂତନ ନିୟମ ।  (ଶେଷ ତାରିଖ ୧୨ । ୬ । ୩୮)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପରେ ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ପାଖେ ଗୋଟିଏ ଗୋଟିଏ ଶବ୍ଦ ଦେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ ।
( ପ୍ରତିଯୋଗୀ ଦେଖନ୍ତୁ )

Digitized by srujanika@gmail.com

କିନ୍ତୁ ଗୋଟାଏ ଚମ୍ପରରେ ଯୋଡ଼ାଏ, 'ଚଳଟା ବା ତହିଁରୁ ଅଧିକ ଦୂର ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ପଦଟି ପ୍ରସ୍ତ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ପ୍ରଶ୍ନର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ଗଚ୍ଛିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୨୦୯ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗ୍ୟ **ସାମନ୍ତ ପୁରସ୍କାର** ୫୧୦୯ ପାଇବ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୯ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବ. ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକି ୫୧୮୯ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଅନ୍ୟପାର୍ଶ୍ୱରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କାରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମ ଦୁଇଟି ପୂରଣ କରି ତହିଁ ସଙ୍ଗେ ୫୦।ର ପଇସିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଉପରୋକ୍ତ ନିୟମାନୁଯାୟୀ ଯେତେଇଚ୍ଛା ସେତେ ଉତ୍ତର ଦେଇ ପାରନ୍ତି । ଅର୍ଥାତ୍ ଅଧିକା ଗୋଟିଏ ପାଇଁ ୫୦/, ଦୁଇଟି ପାଇଁ ୫୦। ଓ ତିନୋଟି ପାଇଁ ମଧ୍ୟ ସେହି ୫୦।ର ପଇସିଆ ଡାକ ଟିକଟ ପଠାଇବେ । ଉପରୋକ୍ତ ଭାବରେ ଛଅଟି ଉତ୍ତର ଦେଇଥିବା ଅର୍ଥାତ୍ ୫୦।/ ଡାକଟିକଟ ପଠାଇ ଥିବା ପ୍ରତ୍ୟେକ ପ୍ରତିଯୋଗୀ ଘରେ ବସି ଶ୍ରୀମାନ୍ ନିତ୍ୟାନନ୍ଦଙ୍କର ନବ ପ୍ରକାଶିତ 'ମରମ' ପୁସ୍ତକ ଉପହାର ପାଇବେ । ସମସ୍ତ ଉତ୍ତର ୧୯୩୮ ମସିହା ଜୁଲାଇମାସ ୧୬ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୮ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାକୁ ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ପ୍ରତି ଦୃକ୍ଷେପ କରାଯିବ ନାହିଁ ।

---

**କିନ୍ତୁ—**

ରାଜଗୋପାଳଚାରୀ— ମୁଁ ଦେଖି ଖୁସି ହେଲି ଯେ ମଦ୍ୟ ନିଷେଧ କରିବା ଦ୍ୱାରା ଲୋକସାଧାରଣ ବଡ଼ ପ୍ରସନ୍ନ ।

କିନ୍ତୁ—ମଦୁଆ ଯେ କହୁଛନ୍ତି—ଯମର ଯେ ଖେଳ, ଅମର ସେ କାଳ ।

ବଟଲିୱାଲା—ଭାରତ ହେଉଛି ଲକ୍ଷ୍ମୀଙ୍କ ଭଣ୍ଡାର ।

କିନ୍ତୁ—ଇଂଲଣ୍ଡ ଯେ ଷଣ୍ଢ । ( John bull )

ଜଣେ ଜାପାନ ଫେରନ୍ତ ବ୍ୟକ୍ତି—ଜାପାନୀମାନେ ଅହିଂସା ସମର କଥା ଶୁଣିଲେ ହସୁଛନ୍ତି ।

—ବୁଦ୍ଧଦେବଙ୍କ ପକ୍କା ଭକ୍ତ ।

ଲର୍ଡ ଉଇଲିଂଡନ୍—ଯଦି ଓ ମୁଁ ଅନେକ ସମୟରେ କଡ଼ କଡ଼ା ଆଖିରେ ଦେଖିଛି, ତଥାପି ଭାରତର ଜାତୀୟବାଦୀ ଖବର କାଗଜମାନଙ୍କ ଉପରେ ମୋର ସବୁବେଳେ ସହାନୁଭୂତି ଥାଏ ।

—ପଙ୍କେ କୁମ୍ଭ ବିଷ ମୁଖ ।

ସୁଭାଷ ବୋଷ—କଂଗ୍ରେସ ଶାସନ ହିଁ ବ୍ରିଟିସ ଶାସନର ଏକମାତ୍ର ପର୍ଯ୍ୟାୟ ।

କିନ୍ତୁ ସୋସେଲିଷ୍ଟ ନା ଗାନ୍ଧି ଅଇନ୍ ?

ବିଶ୍ୱନାଥ ଦାସ—ପରସ୍ପର ମଧ୍ୟରେ ବିଶ୍ୱାସ ହିଁ ଐକ୍ୟ ଓ ସହଯୋଗର ମୂଳ ମନ୍ତ୍ର ।

କିନ୍ତୁ ମନ୍ତ୍ରୀତ୍ୱର ନୁହେଁ ?

ମିଶରର ଜନୈକ ନେତା ନହସପାଶା—ସାମ୍ପ୍ରଦାୟିକ ବିଚାର ବଡ଼ କଦର୍ଯ୍ୟ କଥା ।

କିନ୍ତୁ ଜିନା କହନ୍ତି—ମାଙ୍କଡ଼ ଅଦାର ସୁଆଦ ଜାଣିବ କାହୁଁ ?

ଘୃଷ୍ଟପତି ବୋଷ—ହିଂସା ନୀତି ଅବଲମ୍ବନକାରୀ କଂଗ୍ରେସ କାର୍ଯ୍ୟକର୍ତ୍ତାମାନଙ୍କ ପ୍ରତି କଠିନ ଦଣ୍ଡ ବିଧାନ ହେବ ।

କିନ୍ତୁ—'ଦଣ୍ଡିବା ଶକ୍ତି ଯାର ଥାଇ
ସେ ପୁଣି କ୍ଷମା ଆଚରଇ ।'

ସତ୍ୟମୂର୍ତ୍ତି— ଭାରତର ସମସ୍ତ ସେନା ଭାରତୀୟ ହେଉନ୍ତୁ ଏବଂ ଇଂରେଜ ସେନାମାନଙ୍କର ଖର୍ଚ୍ଚା ଇଂଲଣ୍ଡ ଦେଉ ।

କିନ୍ତୁ ଇଂରେଜ କହନ୍ତି—ଛୋଟ ମୁହଁରେ ବଡ଼ କଥା ।

ରାଜଗୋପାଳଚାରୀ— ପଶୁମାନଙ୍କ ପ୍ରତି ପୂର୍ଣ୍ଣ ଭାବେ ଦୃଷ୍ଟି ନ ଦେଲେ ଆମ୍ଭମାନଙ୍କ ପାରିବାରିକ ଦୁର୍ଦ୍ଦଶା ଘୁଞ୍ଚିବ ନାହିଁ ।

ଆମ୍ଭେମାନେ—ପଶୁ ମୋହିଁ କିନ୍ତୁ ।

---

ମୁଦ୍ରଣ ଶିଳ୍ପ ବିଦ୍ୟାଳୟ ପାଇଁ .
**ବିଦ୍ୟାର୍ଥୀ ଆବଶ୍ୟକ**
ନିମ୍ନ ଠିକଣାରେ ଅନୁସନ୍ଧାନ ବା ଆବେଦନ କରନ୍ତୁ ।
ଶିକ୍ଷକ—ଶ୍ରୀ ବ୍ରଜସୁନ୍ଦର ଶତପଥି
ଟାଉନ ହଲ ରୋଡ଼, ପୋ: କଟକ

Digitized by srujanika@gmail.com

# ପ୍ରଧାନ ମନ୍ତ୍ରୀଙ୍କ ପ୍ରଧାନ ମନ୍ତ୍ରୀ କିଏ ?

୫୦ ଟଙ୍କା ପୁରସ୍କାର !

**ଆଗ ନିୟମ ବଦଳି ଗଲା !**

୫୦ ଟଙ୍କା ପୁରସ୍କାର !

**ସାବଧାନରେ ପଢ଼ନ୍ତୁ !**

## ଉଦ୍ଦେଶ୍ୟ

ଆମ ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ପ୍ରଧାନ ମନ୍ତ୍ରଣାଦାତା କିଏ ? ଏ ବିଷୟରେ ଅନେକ ଲୋକ ଅନେକ ପ୍ରକାର କହୁଅଛନ୍ତି । ତେଣୁ ଓଡ଼ିଶାର ଜନସାଧାରଣଙ୍କର ଭୋଟ ବା ମତ ନ ନେଇ ଏହା ସ୍ଥିର କରିବା ଉଦ୍ଦେଶ୍ୟରେ ଡଗର ଏହି ପୁରସ୍କାର ଘୋଷଣା କରୁଛି ।

## ଭୋଟ ଦେବା ନିୟମ

୧ । ଯେ କୌଣସି ଲୋକ ତାଙ୍କର ନିଜ ମତ ଏଥିରେ ଦେଇ ପାରନ୍ତି ।

୨ । ଜଣେ ଲୋକ କେବଳ ଗୋଟିଏ ମତ ଦେଇ ପାରିବେ । ଅର୍ଥାତ୍ କେବଳ ଜଣଙ୍କୁ ଭୋଟ ଦେବେ ବା ଜଣଙ୍କ ନାମ ଲେଖିବେ ।

୩ । ନିମ୍ନ ପ୍ରକାଶିତ କୁପନକୁ କାଟି ସ୍ୱଚ୍ଛ ମନରେ ସେ ଯେଉଁ ବ୍ୟକ୍ତିଙ୍କୁ ପ୍ରଧାନ ମନ୍ତ୍ରୀଙ୍କର ପ୍ରଧାନ ମନ୍ତ୍ରଣାଦାତା ବୋଲି ଭାବୁ ଥିବେ ତାଙ୍କ ନାମ ତହିଁରେ ଲେଖି ଦୁଇ ଅଣାର ପଇସିକିଆ ଡାକ ଟିକଟ ସହ ଡଗର ଅଫିସକୁ ପଠାଇବେ ଓ କୁପନର ନମ୍ବର ଏବଂ ପଠାଇଥିବା ନାମକୁ ଟିପି ରଖିବେ ।

୪ । ଲଫାପା ପଛ ପଟରେ 'ମନ୍ତ୍ରୀ' ବୋଲି ଲେଖିବା ବାଧ୍ୟତା ମୂଳକ ।

୫ । କୁପନରେ କିମ୍ବା ଲଫାପାର କୌଣସି ସ୍ଥାନରେ ପ୍ରେରକଙ୍କ ନିଜ ନାମ ଲେଖିବା ଅନାବଶ୍ୟକ ଓ ଆପତ୍ତିଜନକ ।

୬ । ୨୫ ଜୁଲାଇ ଦିନ ଦ୍ୱିପ୍ରହର ପୂର୍ବରୁ ସମସ୍ତ ଉତ୍ତର ଡଗର ଅଫିସରେ ପହଞ୍ଚିବା ଦରକାର । ପ୍ରକାଶ ଥାଉ ଯେ ଭଦ୍ରକରେ ସକାଳ ୮ଟାରେ ଡାକ ମିଳେ । ଜୁଲାଇ ୫ ତାରିଖ ମଧ୍ୟରେ ୨ବର୍ଷ ୨ୟ ସଂଖ୍ୟା ଡଗରରେ ପ୍ରକାଶିତ ପୂର୍ବ ନିୟମାନୁସାରେ ଭୋଟ ନିଆଯାଇ ପାରେ । ତା ପରେ ପୁରୁଣା ନିୟମରେ ଭୋଟ ନିଆଯିବ ନାହିଁ । ନୂଆ ନିୟମରେ ସବୁ ସମୟରେ ଭୋଟ ନିଆଯିବ ।

## ପୁରସ୍କାର ଦେବାର ନିୟମ ।

୧ । ଜୁଲାଇ ୨୬ ତାରିଖ ଦିନ ଭୋଟ ଗଣା ହେବ । ଯେଉଁ ନାମ ସପକ୍ଷରେ ବେଶୀ ଭୋଟ ମିଳିବ ଅର୍ଥାତ ବେଶୀ ଲୋକ ଯାହାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ମନ୍ତ୍ରଣାଦାତା ବୋଲି କହିବେ ଡଗର ତାଙ୍କୁ **"ପ୍ରପ୍ରଧାନ ମନ୍ତ୍ରୀ"** ଉପାଧି ଦେବେ ।

୨ । ପ୍ରପ୍ରଧାନ ମନ୍ତ୍ରୀଙ୍କ ନାମ ପ୍ରକାଶ ହେବା ପରେ ଯେଉଁମାନେ ତାଙ୍କୁ ଭୋଟ ଦେଇଥିବେ ସେମାନେ ସେମାନଙ୍କର କୁପନ ନମ୍ବର ସହ ନାମ ଓ ଠିକଣା ଡଗର ଅଫିସକୁ ପଠାଇବେ । କାରଣ କେବଳ ସେହିମାନଙ୍କ ମଧ୍ୟରେ ଉକ୍ତ ପୁରସ୍କାର ବଣ୍ଟା ହେବ ।

୩ । ଭୋଟ ଦାତାମାନେ ଯେଉଁ ଟିକଟ ପଠାଇଥିବେ ସେ ସମସ୍ତର ମୂଲ୍ୟ ଯାହା ହେବ କେବଳ ସେତିକି ଟଙ୍କା ପୁରସ୍କାର ଦିଆଯିବ । ୫୦ ଟଙ୍କା ମୂଲ୍ୟରୁ ବେଶୀ ଟିକଟ ଆଦାୟ ହେଲେ ସେ ଟଙ୍କା ବିଚ୍ଛିନ୍ନ ଉତ୍କଳକୁ ଏକତ୍ରିତ କରିବା ପାଇଁ ଆନ୍ଦୋଳନ ଚଳାଉ ଥିବା କୌଣସି ସଂସ୍ଥାକୁ ଚାନ୍ଦା ଦିଆଯିବ ।

୪ । ଯେଉଁ ନମ୍ବର ଭୋଟ ଅଫିସକୁ ଆସିଥିବ ସେସବୁ ନମ୍ବର ଡଗରରେ ପ୍ରକାଶ ପାଇବ । ତଦ୍ୱାରା କେତେ ଟଙ୍କା ଆଦାୟ ହୋଇଛି ତାହା ସମସ୍ତେ ଜାଣି ପାରିବେ । ଏବଂ କାହାର ଭୋଟ ଆମକୁ ନ ମିଳିଲେ ଭୋଟଦାତା ପୋଷ୍ଟ ଅଫିସରେ ସନ୍ଧାନ କରି ପାରିବେ ।

୫ । କୌଣସି ଉତ୍ତର ବାଟରେ ହଜି ଗଲେ ସେଥିପାଇଁ ଅଫିସ ଦାୟୀ ହେବେ ନାହିଁ ।

---

## ଯଦି

ଡଗରର ତଥାକଥିତ ନାବାଳକ ଅଜାତଶ୍ମଶ୍ରୁ ସମ୍ପାଦକ ଯଦି ଜଅଁଳିଆ ଡକ୍ଟୁଅତ ହୁଅନ୍ତି—

—ଉତ୍କଳର ସ୍ୱକଥିତ ନେତା ଓ ପଣ୍ଡିତବର୍ଗ ସେଠି ହାତ ଘଷୁଛନ୍ତି ବୋଲି ବୋଲିବାକୁ ହେବ ?

ସୁଭାଷ ବୋଷ ଯଦି ନିଜକୁ ସତସତ ଓଡ଼ିଆ ବୋଲି ପରିଚୟ ଦିଅନ୍ତେ—

—ଖାଲି ମେଦିନୀପୁର ନୁହେଁ— ଟିକିଲି ମଞ୍ଜୁଷା ମଧ୍ୟ ଗ୍ରେଟରବାଂଲା ଚାଲେ ଯିବ ।

ଓଡ଼ିଶା ଯଦି ଚାଇନାକୁ ଗୋଟିଏ ଏମ୍ବୁଲେନ୍ସ ପଠାନ୍ତା—

—ଡାକ୍ତର ଅଟଳ (ଅଗ୍ରଗଣ୍ୟ) ତାର ନେତା ହୁଅନ୍ତେ ।

ମଡ଼ ଯେଉଁଠି, ଶାଗୁଣା ଓ ଶିଆଳ ଯଦି ସେଠି ଦେଖା ନ ଯାନ୍ତେ — ଅଭିନନ୍ଦନ ଓ ଫୁଲମାଳ ପାଇଁକୁ ବିଶ୍ୱନାଥ ଦାସେ ବି ଯାଇ ନଥାନ୍ତେ ।

'ଡଗର'କୁ ଯଦି ଓଲଟାଇ ପଢ଼ାଯାନ୍ତା—

—'ରଗଡ଼' ହେବ ।

ଓଡ଼ିଶା ଆସେମ୍ବ୍ଲିର ସଭ୍ୟପଦଟି ଯଦି ଦୁର୍ବଳକୁ ହୁଏ —

— ଖବ ହୁଏ କହିଲ ପାଠକେ ?

ଗୋପବାବୁ ଯଦି ଶ୍ରୀକୃଷ୍ଣ ହୁଅନ୍ତେ—

— [illegible] ନାମ ବୋଦମ୍ ହୁଅନ୍ତା ।

କୁପନ—

1[illegible]2

ସରକାରର ଅର୍ଥ ଯଦି ଆମ ଚିଜ ହୁଏ—

—ସରକାର ସମ୍ପାଦକଙ୍କ ନାମ କୋଡ଼ିଏ ହୁଅନ୍ତା ।

ସମାଜ କାଗଜ ଯଦି 'ସମାଜ' ହୁଏ ଲିଙ୍ଗରାଜ ମିଶ୍ରେ ସମ୍ପାଦକ ହୁଅନ୍ତେ ।

ବାଉଁଶବାଲା ଯଦି ବୋତଲ ବାଲା ହୁଅନ୍ତେ—

—ଗଞ୍ଜିବାଲା ତାଡ଼ି ଠେକ ।

Digitized by srujanika@gmail.com

# କୋଷ୍ଟିର ବିଚାର



**ମହାତ୍ମା ଗାନ୍ଧୀ**

ଦ୍ୱାପର ଶେଷ ଭାଗରେ ଏ ଚନ୍ଦ୍ରବଂଶୀ କ୍ଷତ୍ରିୟ କୁଳରେ ପାଣ୍ଡୁ ନାମକ ରାଜାଙ୍କର ପୁତ୍ର ଥିଲେ । ଏହାଙ୍କ ନାମ ଯୁଧିଷ୍ଠିର ଥିଲା । ଯେତେବେଳେ ସେ ଭ୍ରାତାମାନଙ୍କ ସହ ଛଦ୍ମ ବେଶରେ ଭ୍ରମଣ କରୁଥିଲେ, ଏକ ଦିନରେ ସମସ୍ତେ କ୍ଷୁଧାତୁର ହୋଇ ଏକ ଗ୍ରାମ ନିକଟରେ ଉପନୀତ ହେଲେ ଓ ଉକ୍ତ ଗ୍ରାମରେ ଏକ ବଣିଆ ସେମାନଙ୍କୁ ଖାଦ୍ୟ ଯୋଗାଇ ଥିଲା । ସେ କାଳରେ ତାଙ୍କ ନିକଟରେ କଉଡ଼ି ନ ଥିବାରୁ ଖାଦ୍ୟର ମୂଲ୍ୟ ଦେଇ ନପାରି ପରେ ସୁଝିବେ ବୋଲି ଜବାବ ଦେଲେ ।

ଯୁଧିଷ୍ଠିରଙ୍କର ରକ୍ତଚାପ (blood pressure) ରୋଗ ଅଚମ୍ଭ ହେବାରୁ ଉକ୍ତ ବଣିଆ ତାଙ୍କୁ ଔଷଧ ଖୁଆଇ ଆରୋଗ୍ୟ କଲା । ତାର ପୁରସ୍କାର ଦେବେ ବୋଲି ମଧ୍ୟ ବାକ୍ୟ ଦେଲେ । ପରେ ରାଜା ହୋଇ ସେ କଥା ସେ ପାଶୋରି ଦେଲେ । ବଣିଆ ମଧ୍ୟ ବୁଢ଼ା ହୋଇ ମରିଗଲା । ମରିବା-ବେଳେ ତାର ଉକ୍ତ କଥା ମନେ ପଡ଼ିବାରୁ ସେ ଅଭିଶାପ ଦେଲା କି "ମୋର ଯେ ଧାରୁଆ ହୋଇଛନ୍ତି ସେ ପରର ଜନ୍ମରେ ମୋତେ ସୁଝିବ ।"

ଏଣେ ବହୁତ ପୁଣ୍ୟ କାର୍ଯ୍ୟ କରିବାରୁ ଯୁଧିଷ୍ଠିର ସଶରୀରରେ ସ୍ୱର୍ଗକୁ ଗଲେ । ମାତ୍ର ବଣିଆର ଅଭିଶାପ ବ୍ୟର୍ଥ ହେବାର ନୋହିବାରୁ ତାଙ୍କୁ ପୁନରାଏ ଭୂତଳେ ଜନ୍ମ ନେବାକୁ ପଡ଼ିଲା । କାଳକ୍ରମେ ଧର୍ମର ଗ୍ଲାନି ହେବାରୁ ଭଗବାନ ଯୁଧିଷ୍ଠିରଙ୍କୁ ଧର୍ମ ସଂସ୍ଥାପନର କ୍ଷମତା ଦେଇ-ଧରାକୁ ଡେପୁଟେସନରେ ପଠାଇଲେ । ସେ ତହୁଁ ଶାକ୍ୟମୁନି ବା ବୁଦ୍ଧଦେବ ହୋଇ ଅବତୀର୍ଣ୍ଣ ହେଲେ ।

ବଟ ମୂଳରେ ତପସ୍ୟା କାଳରେ ଥରେ ବୁଦ୍ଧଦେବ ଅନଶନରେ ମୃତ ପ୍ରାୟ ହୋଇ ପଡ଼ିଥିଲେ । ସେ କାଳରେ ଏକ ଛାଗୀ ତାଙ୍କ ମୁଖରେ ଦୁଗ୍ଧ ପ୍ରଦାନ କରି ତାଙ୍କ ଜୀବନ ରକ୍ଷା କରିଥିଲା । ପ୍ରତିଦାନ କାରଣ ସେ ତାକୁ ବର ଦେଲେ କି ପର ଜନ୍ମରେ ସେ ଛାଗୀର ଗର୍ଭରେ ଜନ୍ମ ନେବେ । ଭକ୍ତ ଗଣ ବୁଦ୍ଧଦେବଙ୍କ ମୃତ ଦେହରୁ କେତୋଟି ଦାନ୍ତ ଖଣ୍ଡନ କରି ପୂଜା ଭାବରେ ନାନା ସ୍ଥାନରେ ରଖାଇଲେ ।

ଏ ଉତ୍ତାରୁ ତୃତୀୟ ଜନ୍ମରେ ସେ ଛାଗୀ ଗର୍ଭରେ ଜାତ ହେଲେ । ଜନ୍ମ କାଳରୁ ଅତି ଶାନ୍ତ, କରୁଣାମୟ, ଶାନ୍ତି ପ୍ରିୟ, ଅହିଂସୁକ ଜଣା ପଡ଼ିଲା । ସେ ବଡ଼ ମାତୃ ଭକ୍ତ ଓ ମାତୃ ପ୍ରେମଶୀଳ ଥିଲା ।

ଏକଦା ମାତା ଛାଗୀକୁ ତାର ଖାମିନ୍ଦ ବିନା ଦୋଷରେ ପ୍ରହାର କରି ଥିବାରୁ ଛାଗ ଶିଶୁ ଏକବିଂଶ ଦିନ ଅହାର ତ୍ୟାଗ କରି ଅନଶନ ବ୍ରତ ପାଳନ କରିଥିଲା । ଏହା ଦେଖି ଖାମିନ୍ଦର ହୃଦୟ Change ହେଲା ଓ ସେ ଅନୁତାପ କରିବାରୁ ମୃଗ ଶିଶୁ ଅନଶନ ତ୍ୟାଗ କଲା ।

ତତ୍ପରେ ଏହି ଛାଗର ସହୋଦର ଭ୍ରାତା ଏକ ଖାସୀକୁ ଜଣେ ସୀମାନ୍ତ ବାସୀ ପଠାଣ ଚୋରିବା ସକାଶେ ଖରିଦ କରି-ନେଲା । ଏହା ଦେଖି ଏ ଛାଗ ଶିଶୁ ପ୍ରଥମେ ଅସହଯୋଗ, ତତ୍ପରେ ନିଷ୍କ୍ରିୟ ପ୍ରତିରୋଧ, ତଦନ୍ତେ ସତ୍ୟାଗ୍ରହ କଲେ । ମାତ୍ର ସବୁ ନିଷ୍ଫଳ ହେବାରୁ ଶେଷେ ଭ୍ରାତା ପ୍ରାଣ ରକ୍ଷା ନିମନ୍ତେ ଜବେହ କାଳରେ ଆପଣାର କଣ୍ଠ ଅର୍ପଣ କଲେ । ନିଜର ଜୀବନ ବିନିମୟରେ ଭାଇର ପ୍ରାଣ ରକ୍ଷା ହେଲା । ଏହି ପୁଣ୍ୟ ବଳରେ ସେ ପର ଜନ୍ମରେ ମାନବ ପିଣ୍ଡ ଧାରଣ କଲେ ଓ ବଣିଆର ଅଭିଶାପ କାରଣରୁ ଏମନ୍ତେ ଚତୁର୍ଥ ଜନ୍ମରେ ବଣିଆ ଋଣ ପରିଶୋଧାର୍ଥେ ବଣିଆ ଘରେ ଜନ୍ମ ଲଭି ଯୁଧିଷ୍ଠି ଦେବ ଗାନ୍ଧି ନାମ ଧାରଣ କଲେ ଓ ଭୂମଣ୍ଡଳରେ ନବଯୁଗଧର୍ମ ପ୍ରଚାର କଲେ । ଦ୍ୱିତୀୟ ଜନ୍ମ ବୁଦ୍ଧଦେବଙ୍କର ଦାନ୍ତ ଖଣ୍ଡିତ ହୋଇ ଅଙ୍ଗହାନି ହୋଇ-ଥିବାରୁ ଓ ସେ ଦନ୍ତ ଏପର୍ଯ୍ୟନ୍ତ ସିଂହଳ ଶ୍ରୀକ୍ଷେତ୍ରାଦି ସ୍ଥାନରେ ସୁରକ୍ଷିତ ହୋଇ ଥିବାରୁ ସେହିଠାରୁ ଏହାଙ୍କ ଉକ୍ତ ଦାନ୍ତମାନ ଅପୂର୍ଣ୍ଣ ରହିଅଛି, ରହୁଅଛି ଓ ରହୁଥିବ ।

---

## କାହିଁକି ?

ମନ୍ତ୍ରୀଙ୍କ ବଲେଇ ଗଳକମ୍ବ ପାଇ ଯାଉଛନ୍ତି ବୋଲି ସୋର୍ ଉଠୁଛି, କାହିଁକି ?—

—ଦକ୍ଷିଣୀ ମୂଷାଏ ହରୁତ ଯାଉଛନ୍ତି ବୋଲି । + +

ଗୋଦାବରୀଶ ପଣ୍ଡିତେ ଦେବୋତ୍ତର ବିଲ୍ ଉଠାଇ ନେଉଛନ୍ତି କାହିଁକି ?

ପୁରୁଣା ଅଭ୍ୟାସ ।

ଅଟଳ ଡ଼ାକ୍ତର ଏତେ ଧୀର ହେଲେ କାହିଁକି ?—

—ଅଟଳ ଯେ !

ମାଳତୀ ଦେବୀ ସାମ୍ୟବାଦିନୀ ହେଲେ କାହିଁକି ?—

—କାହାର କାହାରଠୁଁ ଗାଳି ତାଙ୍କୁ ଶୁଣିବା ପାଇଁ । + +

—ଓଡ଼ିଶା କଂଗ୍ରେସ ଆସେମ୍ବ୍ଲି ଦଳ ଜଣେ ବେତନ-ଭୋଗୀ ସମ୍ପାଦକ ରଖିବେ କାହିଁକି ?—

ଏତେ ତ୍ୟାଗୀଙ୍କ ଭିତରେ ଜଣେ ଭୋଗୀ ନ ରହିଲେ ବାଟ ଦେଖାଇବ କିଏ ? +

ସୁଭାଷ ବୋଷ ଏତେ ଦିନକେ ନିଜକୁ ଓଡ଼ିଆ ବୋଲିଲେ କାହିଁକି ?

ପିଟିରେ ହାତ ବୁଲାଇ –

ଶ୍ରୀଯୁକ୍ତ ବୀର ବେହେରା 'ଯମାଜ' ବିରୁଦ୍ଧରେ ମକଦ୍ଦମା କଲେ କାହିଁକି ?

ସମାଜ-ଦ୍ରୋହୀ ।

ହାରି ଭିନ ଟପଟେନ ଜେନେରା ସ୍ୱୋଗ୍ରକଙ୍କୁ ଖାନ୍ଦିର ଶତ୍ରୁ ବୋଲି କହିଲେ କାହିଁକି ?

ଗଣ୍ଡଳର ଶ୍ରୀ ଯମୁନାଙ୍କର ଶା—

ଜହରଲାଲ ଇଉରୋପ ବୁଲୁଛନ୍ତି କାହିଁକି

—ଡ଼ଗର × ×

Digitized by srujanika@gmail.com



# ରୂପଘର

## ଆଦର୍ଶ ବିବାହ

( ପୂର୍ବ ପ୍ରକାଶିତ ଉତ୍ତାରୁ )

ବରକନ୍ୟାଙ୍କର ମିଳନ ପୂର୍ବରୁ ଯୁବକ ଯୁବତୀଙ୍କର ପିତା ମାତା ବା ଅଭିଭାବକମାନେ ନିମ୍ନ ଲିଖିତ କେତେକ ବିଷୟ ଉପରେ ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ ।

୧ । ଉଭୟଙ୍କର ସ୍ୱାସ୍ଥ୍ୟ ଠିକ୍ ରହିଛି କି ନାହିଁ ।

୨ । ଉଭୟେ ବିବାହ ଯୋଗ୍ୟ ହୋଇଛନ୍ତି କି ନାହିଁ ।

୩ । ଉଭୟେ ଶରୀର ବିଜ୍ଞାନ ତଥା ସ୍ତ୍ରୀ ପୁରୁଷଙ୍କର ଶାରୀରିକ, ମାନସିକ ତଥା ନୈସର୍ଗିକ ଆବଶ୍ୟକତା ଏବଂ ବିଶେଷତା ସହିତ ପରିଚିତ କି ନାହିଁ ।

୪ । ଉଭୟଙ୍କ ମଧ୍ୟରେ ପରସ୍ପର ଭଲ ପାଇବା ଅଛି କି ନାହିଁ । ଯଦି ଏହା ଜଣା ନଯାଏ ତେବେ ଅନ୍ତତଃ ଦୁହିଁଙ୍କ ମଧ୍ୟରେ ଘୃଣା ଭାବ ଯେପରି ନଥାଏ ତାହା ଦେଖିବା ଉଚିତ ।

୫ । ଉଭୟଙ୍କର ପ୍ରକୃତିରେ ବିଶେଷତଃ କାମୁକତାରେ ବିଶେଷ ଅନ୍ତର ଅଛି କି ନାହିଁ । ଯଦି କୌଣସି ବିଶେଷ କାମୁକ ସ୍ତ୍ରୀ ସହିତ କ୍ଷୀଣ କାମୀ ପୁରୁଷ କିମ୍ବା ତାର ବିପରୀତ ଅତି-କାମୀ ପୁରୁଷ ସହିତ ଏପରି ଯୁବତୀର ବିବାହ ହୋଇ ଯାଏ ଯାହାର କି କମ୍ କାମ ସଞ୍ଚାର ହୁଏ ତେବେ ଦମ୍ପତି ସୁଖୀ ହୋଇ ପାରିବେ ନାହିଁ ।

୬ । ସେମାନଙ୍କର ରୁଚି— ଖାନାହାର, ବେଶବାସ, ଶିଳ୍ପ କଳା, ଧର୍ମ ତଥା ମନୋ-ବୃତ୍ତିରୁ ମଧ୍ୟ ଯେତେଦୂର ସମ୍ଭବ ସମାନତା ରହିବା ଆବଶ୍ୟକ । କିନ୍ତୁ ସମସ୍ତ ବିଷୟରେ ସମାନତା ଦେଖିବାକୁ ଚେଷ୍ଟା କରିବା ଅସମ୍ଭବ । ଏତିକି ଦେଖିବା ଉଚିତ ଯେ ଯେପରି ଉଭୟଙ୍କ ପ୍ରକୃତିରେ ଏପରି ବିଶେଷ ଅସମାନତା ନାହିଁ ଯଦ୍ଦ୍ୱାରା କି ଉଭୟଙ୍କ ମଧ୍ୟରେ କଳହ ଜନ୍ମି ପାରେ । ସାଧାରଣ ଅସମାନତା ବା କଳହ ଦ୍ୱାରା ବରଂ ପ୍ରେମରେ ତରଙ୍ଗ ସୃଷ୍ଟି ହୁଏ, ଉତ୍ତେଜନା ମିଳେ, ଏବଂ ଦୀର୍ଘକାଳୀନ ସମୀପତା ହେତୁ ଯେଉଁ ଶୀଥିଳତା ଆସିଥାଏ ତାହା ଦୂର ହୋଇଯାଏ ।

---

### ବୋଷେଇ ଘରୁ

ଡାଲପୁରି ।

ଆବଶ୍ୟକୀୟ ପଦାର୍ଥ—ଅଟା—୧ ସେର, ବୁଟ ଡାଲି—ଅଧସେର, ଘିଅ ଅଧ ସେର ଶୋରିଷ ତେଲ—୨ ତୋଳା ଏବଂ ମରିଚ କବାବ ଚିନି, ପାନମୌରି, ଜିରା, ଏବଂ ହେଙ୍ଗୁ ପ୍ରଭୃତି ମସଲା ଆବଶ୍ୟକ ।

ବୁଟ ଡାଲି ଛ ସାତ ଘଣ୍ଟା ପାଣିରେ ପକାଇ ଦେବ । ଡାଲି ଚୋପା ମିଶା ଥିଲେ ଚାରି ପାଞ୍ଚ ଥର ଧୋଇ ଦେଇ ଚୋପା ବାହାର କରି ଦେବ । ତାପରେ ସାମାନ୍ୟ ପାଣି ଦେଇ ତାହାକୁ ବାଟି ଦେବ । ତା ଦେହରେ ମସଲା ଗୋଳେଇ ଆବଶ୍ୟକ ମତେ ଲୁଣ ଏବଂ ହେଙ୍ଗୁ ପାଣି ଟିକିଏ ଦେଇ ଶୋରିଷ ତେଲରେ ସିଝାଇ ଦେବ । ତାହା କାଠିଆ ହୋଇ ଆସିଲେ ୫୦ । ୬୦ଟି ଛୋଟ ଛୋଟ ଗୁଳି କରି ଦେବ ।

ଇତି ମଧ୍ୟରେ ଲୁଚି ତିଆରି କଲାବେଳେ ଯେପରି ମଇଦା ଦଳନ୍ତି ସେହିପରି ଦଳି ଅଟାକୁ ୫୦ । ୬୦ଟି ଅଣ୍ଡାକାର ଗୁଳା ତିଆରି କର । ସେଥିରୁ ଗୋଟିଏ ନେଇ ତାର ମଝିରେ ଅଙ୍ଗୁଳି ଚାପା ଦ୍ୱାରା ଗୋଟିଏ ଛୋଟ ଚାପ୍ ଭଳି ତିଆରି କରି ତା ଭିତରେ ଅଗରୁ ରଖା ଯାଇ ଥିବା ସିଝା ବୁଟରୁ ଗୋଟିଏ ଗୁଳି ଦେଇ ବନ୍ଦ କରି ଦିଅ । ତା ପରେ ତାହାକୁ ଲୁଚି ବେଲଣାରେ ବେଲି ଦେବ । ଭିତରେ ଥିବା ପୁର ଯେପରି ବାହାରି ନ ଆସେ ସେଥିପ୍ରତି ଦୃଷ୍ଟି ରଖି ଯେତେ ପରୁ କରିଯାଇପାରେ କରିବା ଉଚିତ । ବେଲଣା ପେଡ଼ି ଓ କାଠ ଉଭୟକୁ ପୂର୍ବରୁ ଘିଅ ଦେଇ ତେଲିଆ କରିଦେଇ ଥିଲେ ଅଟା ଲାଗିଯାଏ ନାହିଁ । ତାହା ପରେ ତାହାକୁ ଲୁଚି ଭଳି ଭାଜିଦିଅ । ଡାଲପୁରି ଖୁବ ଶୀଘ୍ର ତିଆରି କରିବାକୁ ହେଲେ ବୁଟକୁ ବେଶୀ ସମୟ ପାଣିରେ ନପକାଇ ବାଟିବା ଅଗରୁ ସିଝାଇ ନେଲେ ମଧ୍ୟ ଚଳିବ ।

### କୁତୁକୁତୁ

ଶିକ୍ଷକ:—କହିଲ କବିରାଜ କାହାକୁ କହନ୍ତି? ଜଣେ କବିରାଜଙ୍କର ନାମ କହ ?

ଛାତ୍ର:—(ଟିକିଏ ବିଚାରି) 'କବି+ରାଜ'= କବିରାଜ । ରାଜ ଅର୍ଥ ଶ୍ରେଷ୍ଠ । କବିରାଜ ମାନେ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଆମ ଓଡ଼ିଶାରେ କାଳିନ୍ଦୀ ପାଣିଗ୍ରାହୀ ଜଣେ କବିରାଜ ।

ରାମ ପାଇଖାନାରେ ଝାଡ଼ାଫେରି ବସିଥାଏ । ଜଣେଲୋକ 'ରାମବାବୁ' 'ରାମବାବୁ' ବୋଲି ବହୁତ ଡାକିଲା । ଶେଷରେ ରାମ ବିରକ୍ତହୋଇ ପାଇଖାନାରେ ବସି ବସି ପାଟିକରି କହିଲା କିହେ ! ତମେ କଣ ଜାଣନାହିଁ ଯେ ମୁଁ ପାଇ-ଖାନାରେ ବସିଥିଲେ କାହାକୁ କଥା କହେ ନାହିଁ ? ମୁଁ ତୁମ ସାଙ୍ଗରେ କିପରି କଥା କହନ୍ତି ?

ଗୁରୁ :— "ତୁ ଗୋଟିଏ ଆଖିରେ ଦେଖିଲୁ କେତୋଟା ତାଳଗଛ ଦିଶୁଛି ?"

ଶିଷ୍ୟ:— 'ଅଣ୍ଟା ତିନୋଟା' ।

ଗୁରୁ:— "( ଚାଲାକି କରି )" ଦୁଇଟା ଆଖିରେ ଦେଖିଲେ କେତୋଟା ଦିଶିବ ?

ଶିଷ୍ୟ:— ( ଟିକିଏ ଭାବିକରି ) ଅଣ୍ଟା ଛଅ ସତୁରଟା ।

—ଦେବେନ୍ଦ୍ର

Digitized by srujanika@gmail.com

# ଚିଠି

ପ୍ରିୟ ଡଗର ସଂପାଦକେ,

ଅଟଙ୍ଗର ବ୍ରାହ୍ମଣର ଅଶିର୍ବାଦଃ ନେବ-ନ୍ତି । ହଁ, ବହୁଦିନରୁ ଗୋଟିଏ କଥା କହିବ କହିବ ହୋଇ କହିପାରି ନଥିଲି । କେଉଁ ଜାଗାଠି ଯେ କହିବି— ଭାବିଲି ? ଅଳ ଝାଡ଼ି ଝାଡ଼ି ତ ସତ ପାଇଲି । ବହୁଦିନ ଆଗରୁ ଉତ୍କଳର ଗୋଟିଏ ସାହିତ୍ୟ ପତ୍ରିକାରେ ଦେଖିଥିଲି ଏକ ସମାଲୋଚନା । ଏକ କାପ୍ତା ବାଦୀ, ଦୈର୍ଘ୍ୟ ଖୋଲକବାଦୀ, ପକ୍ୱକେଶ, ଲୋଳଚର୍ମ, କମ୍ପିତଦନ୍ତ, ସ୍ଖଳିତଧର୍ମ, ଗନ୍ଧର୍ବ ଧର୍ମ, ଧୃତସଙ୍କାବ୍ୟ ରସାମୋଦଟିଏ, ଉତ୍କଳର ଜଣେ ଛାତ୍ରାବାସ ତରୁଣ ବୁଲାଉଗାସି ନାମଜାଦା ଗଞ୍ଜବ କବିଟିକୁ ନଜର ଦେଖି ଠୋଠା କରି ବୁଢ଼େ ଝାଡ଼ ଦେଇଛନ୍ତି ଶ୍ୱେତ ଗେ'ଲକର ଝନତ୍କାର ବଳରେ ।

କଥାଟି ଦେଖନ୍ତୁ କଣ କି, ଆମ ତରୁଣ କବିଟି ଯାଉଥିଲେ ଏକ ଅନ୍ଧାର ରାଇଜକୁ ପ୍ରାକୃତିକ ଶୋଭା ଉପଭୋଗ କରିବାପାଇଁ । ସେ ଯେବେ ଭଦ୍ରସ୍ୱରରେ ଓ ଭକ୍ତି ସହକାରେ ଏହି ବୁଢ଼ା କବିଟିଙ୍କୁ ଦର୍ଶନ କରିବାକୁ ଗଲେ । ମାତ୍ର ତରୁଣ କବିଟିକୁ ଦେଖି ପାକୁଆବୁଢ଼ା କଣ କଲେ କି, ଅତି ଅଧୁନିକ ତରୁଣ କବିଗୁଡ଼ିକୁ ବୁଢ଼େ ଶୋଧିଲେ । ତା ପରେ ଅଫିମିଆଙ୍କପରି ନାଲି ଆଖି ଦେଖାଇ ପଚାରିଲେ ତମର କଣ ଲୋଡ଼ା ? ଆମ ତରୁଣ କବିଟି କହିଲେ— ଆଜ୍ଞା, ମୁଁ ପ୍ରକୃତି ଶୋଭ-ବାକୁ ଆସିନାହିଁ । ସେଇଠୁ କି ଦେଖିବି ବୁଢ଼ାଙ୍କ ରାଗ, କହିଲେତ ନସରେ । ବୁଢ଼ାବାବୁ ରାଗରେ ଜରଜର ହୋଇ କବିଙ୍କର ଗୋଟିଏ କବିତାକୁ ଟେର ଲେଖି ବ୍ରଜଗଲେ ତାଙ୍କ ଦାନାଦିଅ କଲମରେ ଏକ ଘୋର ସମାଲୋଚନା— ନାଁ ଛଳା ତାହା— ଛାଡ଼ ।

ଏହି କଥାଟି ନେଇ ମୁଁ ଯେବେ ସ୍ୱପ୍ନ ଦେଖିଲି— ଆମ ବୁଢ଼ା ପୁରାଣଧାରୀ କବିଟି ଏକାବେଳେକେ ଉଡ଼ ଗ୍ଲାଇଗଲେ ବାଦଲ ରାଇଜକୁ, ସେ ସବୁ ବାଇଜତ ଖାଲି ସଂସ୍କୃତ ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ପରିପୂର୍ଣ୍ଣ । ତେଣୁ ସେହି ବାଦଲରାଇ ବା ଜଳରୁ ଥୋଡ଼ା ନଜ ଥଳରେ ଭର୍ତ୍ତି କଲେ । ତା ପରେ ଗ୍ଲଲେ ବ୍ରହ୍ମାଙ୍କ ବାହାନ ମରାଳର ଲୁଢ଼ଥିଲ । ସେଠୁ ଥୋଡ଼ା ଚୋରି କଲେ । ବାକି ଯାଉ-ଛନ୍ତି କୁଆଡ଼େ— ପଡ଼ିଲେ ତ ବ୍ରହ୍ମାପୁତ୍ର ନାରଦଙ୍କ ହାତୁଡ଼େ । ତାଙ୍କ ଦୁଃଖ କହିଲେ ନସରେ । ସେଇଠି ସାଥେ ସାଥେ ବର୍ତ୍ତି ବୈଷ୍ଣବ ପାଲଟି ନାରାୟଣଙ୍କ ଗନ୍ଧର୍ବ ନାମଟା କୁ ହଜାରେ ଥର ଜଳାପକରି ଗ୍ଲାଇଗଲେ । କିନ୍ତୁ ତେବେବି—ନାରଦ ନଛୋଡ଼ ବନ୍ଧା । ତାଙ୍କ ଅଭିଶାପରେ ବୁଢ଼ା ଏକାବେଳେକେ ପୂଣ୍ୟ ଶ୍ଲୋକ ଗୋଲାମ୍ ଖାଁ ସାଜ ଏକାଥରେ ଖସି ପଡ଼ିଲେ ବୈଦୁମା ପାହାଡ଼ ଉପରେ— ଧୁପ୍— । ସେଇଠୁ ମୁଣ୍ଡରୁ ବାଜୁଳଟସିଲା । ଯାହାକୁ ଦେଖିଲେ— ଜାବୁଡ଼ାଏ କରି ଦେବାକୁ ବସିଲେ— କିନ୍ତୁ ଏତ ଓଡ଼ିଆ ତରୁଣ ପୁଣି ସ୍ୱାଧୀନ ପ୍ରାଣ— ସହୁଛନ୍ତି କାହିଁ ?

ସମ୍ପାଦକେ, ତମ ଡଗର ଜରିଆରେ ପଚାରୁଛି ସେ ପାକୁଆ ଅଜୀର୍ଣ୍ଣ ଗ୍ରସ୍ତ ବୁଢ଼ା ସତ୍ୟର ଆଶ୍ରୟ ନେଇଛନ୍ତି ନା, ମିଥ୍ୟା, ଈର୍ଷା ଓ— କାଳେ ବିପରୀତ ବୁଦ୍ଧିର ଆଶ୍ରୟ ନେଇ ଗ୍ଲାଡ଼ାଏ ବାନ୍ତି କରିଛନ୍ତି ?

ତୁମର
**ଉମାନନ୍ଦ ।**

"ଡଗର" ଭାଇ,

ଜାମସେଦଙ୍କ ଜଜଭାଇ Free ଏବଂ Public library ରେ ବସି ଏ ଚିଠି ଲେଖୁଛି । ସ୍ଥାନ ବଲମୋର । ତାରିଖ ୧୩ । ୬ । ୩୮ । ବଲମୋରରୁ ଯେଉଁମାନେ ଯାଇଛନ୍ତି ବଲମୋରିଆ । କଟକରେ ବଲମୋରିଆଙ୍କୁ ଚଢ଼ିଥିବ । ବରୋଦା ରାଜ୍ୟ ପୁଣି ଗୁଜରାଟରେ ବୁଲୁଛ । ନବସାରି ତାଳରେ ବାରଦୋଲି । ଟିକସ ଦେବୁ କାହିଁ ଆନ୍ଦୋଳନ ଏଇଠି ହୋଇଥିଲା । ସ୍ୱଳ୍ପୀୟ ବଂଶ ଏଇଠି ସଙ୍ଗ୍ରହ କରୁଥିଲେ । ୫୦୦୦ ବର୍ଷ ପୂର୍ବର ଗୁଜରାଟ ଇତିହାସ ଏବେ ଜଣେ ଲେଖିଛନ୍ତି । ଗୁଜରାଟୀ-ମାନେ ଖୁସି ହେବେ ଯେ ଗାନ୍ଧିଜୀଅତ ଗୁଜରାଟ ଥିଲେ—ଗଭୀର । ଗାନ୍ଧି କେବଳ ଅର୍ଥାତ୍ ଜବାହରଲାଲ ଗାନ୍ଧିଜୀଅତ୍ ହୋଇଛି । ଏଠି ଆମେ ଓଡ଼ିଆ କେଇ ଜଣ ଓଡ଼ିଶା— ସରକାରର ଲୋକ ହୋଇ ଲାଇବ୍ରେରୀମାନ ଏବଂ ପ୍ରାଥମିକ ସ୍କୁଲ ମାନ ଏହି ବର୍ଷରେ ବୁଲି ବୁଲୁଛୁ । ଶ୍ରୀ ଶ୍ରୀ ରାମଚନ୍ଦ୍ର ମହାପାତ୍ର ଓ କଟକ ଟ୍ରେନିଂ କଲେଜର ଏମ୍. ଏ. ବି. ଏଲ. ଡି. ଇ. ଡି. ଏଲେଟ୍. ଡି.ପି. ଆଇ. ଏଡ଼୍, ଟି.ସି.ଡି କେତେ କଣ ନେବ ନିଅ । ମୁଁ ତ ବାରବୁଲା ଭାଇ ଜାଣ । ଆମେ ଦୁଇ ଜଣ ବୁଲାଦାସ ଏସିଷ୍ଟେଣ୍ଟ ଡ୍ୟୁରେକ୍ଟର ମିଷ୍ଟର ରତ୍ନାକର ଏବଂ ଏଠା ଡିଷ୍ଟ୍ରିକ୍ଟ ଇନସ୍ପେକ୍ଟର ମିଷ୍ଟର ମହତାଙ୍କୁ ଘେନି ବୁଲୁଛୁ । ମାଙ୍କଡ଼ ଏଅଡ଼େଇ ଅଛନ୍ତି । ବଡ଼ କୋଠାଘରେ-- ସ୍କୁଲ ଘରେ— ଝାଡ଼ାଫେରି ହେଉଛନ୍ତି । ଝିଅ ପୁଅ ମିଶି ସ୍କୁଲ— ବଡ଼ ସ୍କୁଲରେ ପଢ଼ୁଛନ୍ତି । ଦାଦା ଭାଇ ନୌରଜୀ, ଏହି ନବସାରିରେ ଜନ୍ମ ଗ୍ରହଣ କରିଥିଲେ । ସୁରତ ଏଇଠି ପାଖ ପାଖ । ଆମେ ଓଡ଼ିଆ ହଡ଼ା ମଡ଼ା ହାଡ଼ ପାଣ— ଘର ନାହିଁ, ଦୁଆର ନାହିଁ, ହାମ୍‌ବଡ଼ା, ଈର୍ଷ୍ୟା, ଦ୍ୱେଷରେ ବୁଡ଼ିଛୁ । ଏଠି କେତେ ଦାନ, କେତେ ମାନ । ଜଣେ ସ୍କୁଲ ଲାଇବ୍ରେରୀ ପାଇଁ ପ୍ରାଥମିକ ବିଦ୍ୟାଳୟ ପାଇଁ ୩୦ । ୪୦ । ୫୦ ହଜାର ଟଙ୍କା ଦାନ କରୁଛନ୍ତି । ଥାଉ ଆଜି ଏତିକି । ଭାଇପରି ଆମେ ଅଜ ନାଗରିକ ନୋହୁଁ ବା ସେମାନଙ୍କର ବାପା ନୋହୁଁ । ଆମେ ଆଜି ସରକାରର ଓଡ଼ିଶା ସରକାର ପ୍ର-ଚ-ନ-ଧି ସବ ।

**ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ**
ଭାରତ ସେବକ ସମିତି ।

## କୁତୁକୁତୁ ।

ସାନଭାଇ—ମା କହିଛନ୍ତି ଏଥର ତୁମେ ମୋତେ ମାରିଲେ ସେ ତୁମକୁ ଜୋର କରି ଶୁଆଇ ପକାଇବେ ।

ବଡ଼ଭାଇ—ତେବେ ଦିନରେ ନ ମାରି ରାତିରେ ମାରିବି ।

Digitized by srujanika@gmail.com




ସ୍ନେହର ନାତନାତୁଣୀମାନେ,

ତମେ ସବୁ ମୋର ଯେଉଁ ରୂପ ବର୍ଣ୍ଣନା କରି ଦେଇ ଥିଲ, ସତ କହୁଛି, ସବୁ ଯାକ ମୋତେ ଏତେ ଭଲ ଲାଗିଲା ଯେ ମୁଁ ଏକା-ବେଳକେ ସରଗରେ ଯାଇଁ ବସିଗଲି ସତେ । ସତ କହୁଚି ମୁଁ ତମ ସମସ୍ତଙ୍କୁ ବଡ ଭଲ ପାଏଁ । ତମେ ଓଡ଼ିଆ, ମୋ ଦେଶ ତମକୁ ଚାହିଁ ବସିଛି—ତମେ ମୋର, ମୋ ଦେଶର ଆଶା ଭରସା—ତମକୁ ଭଲ ନ ପାଇ ଆଉ ଭଲ ପାଇବି କାହାକୁ ? ମୋ କଳ୍ପନା ସବୁ ତ ଚୁଙ୍କି ଗଲାଣି । ସେଥିପାଇଁ ତମ କଳ୍ପନା ମୋତେ ଏତେ ଭଲ ଲାଗିଲା । ତମ ଭିତରୁ କାହାର ବର୍ଣ୍ଣନା ଭଲ ମୁଁ ଆଦୌ ବୁଝି ପାରିଲି ନାହିଁ । ସବୁ ମୋତେ ଏକା ପରି ଲାଗିଲା । ମୁଁ ଅଡୁଆରେ ପଡ଼ି ଉତ୍କଳର ଜଣେ ପ୍ରବୀଣ ସାହିତ୍ୟିକ, ଭଦ୍ରକ ହାଇ ସ୍କୁଲର ସହକାରୀ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଉପେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଉପରେ ଭଲ ଲେଖା ବାଛିବାର ଭାର ଦେଲି । ପିଲାଙ୍କୁ ତାଲିମ କରି କରି ତାଙ୍କ ମୁଣ୍ଡରେ ଚନ୍ଦା ପଡି ଗଲାଣି । ସେ ତମ ଭିତରୁ ଯାହାର କଳ୍ପନା ସବୁଠାରୁ ବଢ଼ିଆ, ତାକୁଇ ପଦକ ପୁରସ୍କାର ଓ ତା ତଳକୁ ତା ତଳକୁ ଏମିତ ଆଉ ତିନି ଜଣକୁ ଅନ୍ୟାନ୍ୟ ପୁରସ୍କାର ଦେବା ପାଇଁ ସୁପାରସ କଲେ । ମୁଁ ସେମାନଙ୍କର ନାମ ତଳେ ଦେଲି ।

ପ୍ରଥମ ପୁରସ୍କାର—( ପଦକ )— କୁମାରୀ ଶୈଳବାଳା, ୯୯ ବର୍ମା ରୋଡ ଟାଟା ।

୨ୟ ପୁରସ୍କାର—(ପୁସ୍ତକ)—ରଜନୀକାନ୍ତ ଦାସ, ଭବାନୀପାଟନା, କଳାହାଣ୍ଡି ।

୩ୟ ପୁରସ୍କାର—(ପୁସ୍ତକ) ଲକ୍ଷ୍ମୀନାରାୟଣ ମହାନ୍ତି, କଲେଜ, ଓ୍ୱାୟାରଲେସ ଏଣ୍ଡ କମର୍ସ କଲିକତା ।

୪ର୍ଥ ପୁରସ୍କାର (ପୁସ୍ତକ)—ଅନ୍ନପୂର୍ଣ୍ଣା ଦେଈ, କ୍ରେନ୍‌କ୍ରେନ୍ନା ବାଳିକା ବିଦ୍ୟାଳୟ, କଟକ ।

## "ଆମ ଅଜା"

ପ୍ରିୟ ନାଗବନ୍ଧୁ ଓ ନାଗବନ୍ଧମାନେ,

"ଯେଉଁ ଫୁଲ ଲାଗି ମୋ ଘରେ କାନ୍ଦ,
ସେଇ ଫୁଲ ଆଣି ଦେଇଛି ମାନ୍ଦ ।"

ଯଉଥିପାଇଁ ଏତେ ହୁରି ହାଟ, ଏତେ ଗୋଳ ଘାଣ୍ଟ ଯଉଁ କଥା ଲାଗି ନାଗବନ୍ଧୁ, ବନ୍ଧୁଙ୍କ ଭିତରେ ଗୋଟାଏ ଗୃହଯୁଦ୍ଧ ଖେଳିଗଲା, ତେତେ ବଡ଼ କଥାଟାକୁ, ଅଜାଙ୍କୁ ଆଉ ବାଟ ଦିଶିଲାନି ଯେ, ଠୋକା ଠାକରାଙ୍କ ଭଳି, କହିଲେ, 'ତୁମେମାନେ ତୁମ ଅଜା ଯେପରି ବୋଲି ଭାବୁଛ, ଲେଖ !' ଏ ତ ବଡ଼ ମୁସ୍କିଲ କଥା । ପହିଲେ ମୁଁ ଅଜାଙ୍କୁ ତାଙ୍କ ଫଟ ଦେବାକୁ ଜୋରରେ ଅନୁରୋଧ କରିଥିଲି, ତା ଫଳରେ ଅନ୍ତ ଏତେଯାଏଁ କଥା ଗଡ଼ିଲାଣି, ନଚେତ ଅଜାଙ୍କୁ ଏ ବୁଦ୍ଧି ପଶିଟି ଆନ୍ତା କି ନାହିଁ ସନ୍ଦେହ ।

ତେବେ ଦୂର ବିଦେଶରେ ଥାଇ, ଟାଟା କାରଖାନାର ଘୋ, ଘୋ ଶବ୍ଦ ଭିତରେ କେବେ ତ Peace (ଶାନ୍ତି) ମିଳେନି । ତା ପରେ ବୋଉର, କିଛି କଥା ନଥିବ, ସଦାବେଳେ ଡାଗିଦା—ଏ କଥା କର—ସେ କଥା କର—ଏହାରି ଭିତରେ ଅଜାଙ୍କ ରୂପଟା ଭାବି ଯାହା ଲେଖୁଛି, ଏକଥା ନଗ୍ନ ସତ୍ୟ । ଅଜା ଆମର ବଡ଼ ଡେଙ୍ଗା ଓ ନହନହକା । ଏହି ଛୋଟିଆ ଓଡ଼ିଆ ମୁଲକରୁ ଯେତେ, Magazine (ମାସିକ ବା ପକ୍ଷିକ ପତ୍ରିକା) ବାହାରେ, ତା ଭିତରେ ଯେଉଁ କାଗଜରେ ଆମ ଅଜା ଦେଖା ଦିଅନ୍ତି, ତାହା ଲମ୍ବା ଚଉଡ଼ାରେ ସବୁଠାରୁ ବଡ଼ ଆଉ ପାତଳା । ତା ପରେ ଆମ ଅଜା ନିଶ୍ଚୟ ଠୋକା, ଏକଥା କିଆଁ କହୁଛି କି ମଜ୍ଜା, ମଜଲିସ, ରଙ୍ଗରସ, କୌତୁକ, ଥଟ୍ଟା, ନକଲ ବୁଢ଼ାଙ୍କୁ ଭଲ ଲାଗେନି, କିନ୍ତୁ ଠୋକାଙ୍କୁ ଏ ସବୁ ଶୀତ ଦିନରେ ତୁଳି ମୁଣ୍ଡ ପରି ଲାଗେ । ଡଗର କାଗଜଟି ମୂଳରୁ ଶେଷ ଯାଏ ଏ ସବୁରେ, ଭରପୁର, ତେଣୁ ଏ କାଗଜକୁ ଅଜା ଆମର ଭାରି ଚଟିଛନ୍ତି ।

ଅଜା ଆମର ବୁଢ଼ିଆ କ୍ଲାସ, ବା ବୁଢ଼ା ଖୋସା ମଣ୍ଡିଆ (Oiling Classର) ଲୋକ ନୁହନ୍ତି । କାରଣ ଯେଉଁ ଡଗର ଅନ୍ଧ ମନ୍ତ୍ରୀଙ୍କୁ ଗୋପୀ କରି ନଗୃହଛି, radical ଦଳଙ୍କ ପରି ମୁହେଁ ମୁହେଁ ରହସ୍ୟ କହି ଦେଉଛି, ଓଡ଼ିଶାର ସୁଯୋଗ୍ୟ ସନ୍ତାନ, ବି, ଦାସଙ୍କୁ ସ୍ତ୍ରୀ ବନାଉଛି; ଅଧୁନିକ ସଂସ୍କାରକ ନ ହୋଇ-ଥିଲେ, ଏସବୁ କଥାକୁ କିଆଁ ଭଲ ପାଅନ୍ତେ, ବା ଡଗର ସହିତ ସମ୍ପର୍କ ରଖନ୍ତେ ?

ମୁଁ ଭାବୁଛି, ଅଜା ଆମର ନାହାଡ କଳା, ଗଣେଶ ପେଟା, ବଗ ଗୋଡଆ, ବାଘ ଦାନ୍ତିଆ, ହଂସ ଅଣ୍ଟିଆ-ମଠ ମଠିଆ, କଳା ମୁଣ୍ଡିଆ ଲମ୍ବା ଓଠିଆ ।

ଆମ ଅଜା ଯଦି ଏତେ ସୁନ୍ଦର ନ ହୁଅନ୍ତେ, ତାଙ୍କ ରୂପ ଦେଖାଇବାକୁ ଡରନ୍ତେ କିଆଁ ? ଆଉଙ୍କ ଠାରୁ ଯେ ଅଜା ଆମର ମିଠା ଖଜୁ-ମୁଷା ଖାଉଥିବେ ଏଥିରେ ସନ୍ଦେହ ନାହିଁ । ହରର ଭୂଆସୁଣୀଟା, ନୋଥ, ଫୁଲଗୁଣା ହାତେ ଓଢ଼ଣା ମୁଣ୍ଡରେ ଦେଇ ଝୁଣ୍ଟି ୨ ଆସି ପଦାରେ । ଅଜା ଯଦି ତାଙ୍କ ଫଟ କାଗଜରେ ଦେଇଥାନ୍ତେ, ଆଜିଙ୍କୁ ଦେଖିବାକୁ କିଏ କାହିଁକି ଏଇନା ଅଳି କରନ୍ତା ବା ଅଜାଙ୍କ ଭାଗ୍ୟରେ କିଆଁ ଖଜୁମୁଷା ବା ଛାଞ୍ଚୁଣି ଯୁଟନ୍ତା ?

ଦେଖାଯାଉ ଅଜା ଏଥର କଣ କରୁଛନ୍ତି ।

ପ୍ରଣାମ, ତୁମମାନଙ୍କର
କୁମାରୀ ଶୈଳବାଳା

## ଅଜାଙ୍କ ଜବାବ

ନାଗବନ୍ଧୁ ନଂ ୨୮—ତମର ଚିଠି ଅସନ୍ତା ସଂଖ୍ୟାର ଚଟାଉ ବିଭାଗରେ ପ୍ରକାଶ ପାଇବ ।

ନାଗବନ୍ଧୁ ନଂ ୭୩—ନାଗବନ୍ଧୁ ଦଳର ଉଦ୍ଦେଶ୍ୟର ୨ୟ ସର୍ତ୍ତ ଅନୁସାରେ ପ୍ରକୃତରେ ଏପର୍ଯ୍ୟନ୍ତ କିଛି କରାଯାଇ ନାହିଁ । ଅଧିକ ସଂଖ୍ୟାରେ ନାଗ ନିରସ୍ତ ନହେଲେ ମୁଁ ଯେଉଁ ଉପାୟ ଭାବିଛି ସେ ଉପାୟରେ ଦୂର ଦୂରରେ ଥିବା ନାଗମାନଙ୍କ ମଧ୍ୟରେ ସେ ସୌହାର୍ଦ୍ଦ୍ୟ, ସ୍ନେହ ବା ପ୍ରୀତି ଆଣିବା ସୁବିଧା ନୁହେଁ ।

ନାଗବନ୍ଧୁ ନଂ ୬୦—ବଡ ଦୁଃଖର ସହିତ ଜଣାଉଛି ଯେ ବର୍ତ୍ତମାନ ତମର ଅନୁରୋଧ ରକ୍ଷା କରିପାରୁନାହିଁ । ବୁଢ଼ାକୁ କ୍ଷମା ଦେବ ।

ସାର୍ଟିଫିକେଟ ଦେବା ପ୍ରସ୍ତାବ ବର୍ତ୍ତମାନ ପାଇଁ ବନ୍ଦ କରି ଯାଇଛି । ପରେ ତାହା ବିଚାର କରାଯିବ ।

## ନୂଆ ନାଗବନ୍ଧୁଙ୍କ ନାମ ।

୯୧ । ହରମୋହନ ସିଂହ ସାମନ୍ତ, ପୁରୀ ଜିଲ୍ଲା ସ୍କୁଲ ୮ମ ଶ୍ରେଣୀ । ୯୨ । ଚନ୍ଦ୍ର ମୋହନ ଜେନା, ବାଲେଶ୍ୱର ସ୍କୁଲ, ୮ମ ଶ୍ରେଣୀ (ଖ) ୯୩ । ଶରତକାନ୍ତ ଭୂୟାଁ, ନବଭାରତ ଅଫିସ କଟକ । ୯୪ । ଶ୍ୟାମସୁନ୍ଦର ଆଢ଼୍ୟ, ବାଙ୍କପଦା ମୟୁରଭଞ୍ଜ । (କ୍ରମାନ୍ୱୟରେ ବାହାରିବ)

Digitized by srujanika@gmail.com




# ଖବର ଅନ୍ତର

ତାଙ୍କ କଥା କେହି ନ ମାନିବାରୁ ଶ୍ରୀଯୁକ୍ତ ସୁଭାଷଚନ୍ଦ୍ର ବୋଷ କଲିକତା କର୍ପୋରେସନର କଂଗ୍ରେସ ଦଳ ନେତୃତ୍ୱ ପଦରୁ ଇସ୍ତଫା ଦେଇ ଅଛନ୍ତି ।—

—ଖାଁ କନଅ ଫିଧାଣୀ ନାକୀ ।

ଜାପାନ ସମସ୍ତ ପୂର୍ବ ଏସିଆକୁ ଗ୍ରାସ କରିବା ପାଇଁ ଜଣାଇ ଦେଇଛି—

—କ୍ଷୁଦ୍ର ସର୍ପର ବିଷ ଉତ୍କଟତର ।

ଓଡ଼ିଶା କରଦ ରାଜ୍ୟ ପ୍ରଜା ମାନଙ୍କର ଅବସ୍ଥା ପର୍ଯ୍ୟବେକ୍ଷଣ କରିବାପାଇଁ ଗୋଟିଏ କମିଟି ବସିଛି ।—

ଫଳରେ ସେ ସବୁ କରଦ ରାଜ୍ୟ ପାଇଟ ଯିବେ ।

ଜର୍ମାନରେ ପାଞ୍ଚଦିନ ମଧ୍ୟରେ ୧୫୦୦ ୟିହୁଦି ଗିରଫ ହୋଇଛନ୍ତି ।

ଜୁ – ବଦ୍‌ରୁ ହିଟ୍‌ଲରଙ୍କ ନାକରୁ ଅଛଯାଏ ଛାଡନାହିଁ ।

ଏଲାହାବାଦରେ ଶିଆମାନେ କହୁଛନ୍ତି ଯେ ଶିଆ ରାଜନୈତିକ ସମ୍ମିଳନୀହିଁ ଶିଆ ସମ୍ପ୍ରଦାୟର ଏକମାତ୍ର ପ୍ରତିନିଧି ମୂଳକ ସଂସ୍ଥା- ମୁସ୍ଲିମ ଲିଗ ସେମାନଙ୍କର ପ୍ରତିନିଧି ବୋଲି ଦାବି କରି ନ ପାରେ ।—

—ଜିନାଙ୍କ ଭଣ୍ଡାରୁ ଶିଆ ମିଳିଲା ନାହିଁ ?

ବାର୍ଦ୍ଧା ପଦ୍ଧତିରେ ଶିକ୍ଷା ଦେବାପାଇଁ ଓଡ଼ିଶାରେ ପ୍ରଥମେ ଗୋଟିଏ ସ୍କୁଲ ବସିବ ।

quantity ନୁହେଁ quality.

ହାଇଦ୍ରାବାଦରେ ବିଧବା ବିବାହ ଆଇନ ପାଶ୍ ହୋଇ ଯାଇଛି ।

ଆମ ଖାସ୍ତରେ ଧାନ ଲୁଟିବ କିଏ ?

ସମଗ୍ର ଉତ୍କଳରେ ସ୍ୱଇଚା ଦିବସ ପାଳିତ ହୋଇ ଯାଇଛି ।

ବଡନେ କା-ଦରିଦ୍ରତା ?

ଅନ୍ଧମାନେ ସହଜରେ କପଡ଼ ସୁଲଭ ଦାମରେ ଓଡ଼ିଶାରେ ପାଇବେ ସେଥିପାଇଁ ପ୍ରଧାନ ମନ୍ତ୍ରୀଙ୍କ ଠାକୁ ଏକ ଡେପୁଟେସନ ପଠାଇ ଥିଲେ ।

ସୁଡେଟେନ ଜର୍ମାନଙ୍କ ଭଳି ଖଣ୍ଡେ ଅଲଗା ରାଜ୍ୟ ଦାବି କରି ନାହାନ୍ତି ତ ?

ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖଙ୍କୁ ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷା ଓ ପୁସ୍ତକାଳୟର ଆନ୍ଦୋଳନ ବିଷୟରେ ବୁଝା ସୁଝା କରିବାକୁ କସେଦା ପଠାଇଛନ୍ତି ।

ତାଛଡ଼ା ଆଜିକାଲି ଭଲକଥା ଦେଖିଲେ ସରକାର ଗସ୍ତଖର୍ଚ୍ଚା କାଟିବେ ନାହିଁତ ?

ଓଡ଼ିଶା ମନ୍ତ୍ରୀମାନେ ଡାକଘର ଓ ଆବାସ ମାନଙ୍କରୁ ପୁଲିସ ପହରା ଉଠାଇ ଦେବାକୁ ଇଚ୍ଛା କରୁଛନ୍ତି ।

ଯାହାକୁ ରଖିବେ ଅନନ୍ତ ··· ···

ମାନ୍ଦ୍ରାଜର ଜଣେ ରାୟ ବାହାଦୁର ତାଙ୍କ ଖିତାବ ପଦକ ଫେରାଇ ଦେଇଛନ୍ତି ।

ଯେଣେ ବର୍ଷା ତେଣେ ଛତା ।

ବର୍ମାର ବର୍ତ୍ତମାନ ସରକାର କର୍ମଚାରୀ- ମାନଙ୍କୁ ଖଦଡ଼ ପୋଷାକ ଦେବାକୁ ଠିକ କରି ଅଛନ୍ତି—

କିସ ସହିବେ ତ ?

ଭାଇ ପରମାନନ୍ଦ ଓ ସାଭରକାର ଦୁଇ ହିନ୍ଦୁ ନେତା ଲାହୋରରେ ଯାଉଥିବା ବେଳେ କେତେକ ଜାତୀୟତାବାଦୀ ହିନ୍ଦୁ ଯୁବକ ଗୋଳମାଳ କଲେ ଏବଂ ଶୋଭାଯାତ୍ରା କରାଇ ଦେଲେ ନାହିଁ ।

ଜିନ୍ନା ଏଥର ଏକ ହିନ୍ଦୁ ବିରୋଧୀ ସଙ୍ଘ କରନ୍ତୁ ।

ଦଶ ତାରିଖ ଜୁଲାଇ ଠାରୁ ଖଦଡ଼ର ଦାମ୍ ଶତକଡ଼ା ୪୫୦୧ ବଢ଼ିଯିବ ।

ଖଦଡ଼ଧାରୀଙ୍କ ପ୍ରାୟଶ୍ଚିତ ବିଧାନ ।

ବିହାରରେ ସୋନପୁର ଠାରେ ଏକ ସାମ୍ୟ- ବାଦ ଶିକ୍ଷା କେନ୍ଦ୍ର ଖୋଲା ଯାଇଥିଲା ଏବଂ ମାନ୍ଦ୍ରାଜରେ ଗୁଣ୍ଟୁର ଜିଲ୍ଲାରେ ଆଉ ଏକ ଶିବିର କେନ୍ଦ୍ର ଖୋଲା ଯାଇଛି ।

ସେଠୁଁ ଫେରିଲେ ଲୋକେ କାଳେ ସ୍ତ୍ରୀ ପୁରୁଷ ଭେଦ ଭାବ ଭୁଲିଯିବେ ।

ବିହାର ଜେଲ ମାନଙ୍କରେ ସରକାର ସଲାମ ଉଠିଗଲା ।

ଓଡ଼ିଶାରେ ଆଜି ବି ସଲାମ ନ ପାଇଲେ ମନ୍ତ୍ରୀଙ୍କ ଆଖି ନେଣ୍ଟିବ ଉପରୁ ।

କଲିକତା ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡର ସମ୍ପାଦକଙ୍କୁ କାରାବାସ ଦଣ୍ଡ ହୋଇଛି ।

ପରମାର୍ଥୀ ହୋଇ ଫେରିବେ ।

କଲିକତା ମାଟ୍ରିକ୍ ସନେଶ ବିଦ୍ୟାଳୟର ନାମ ଭାସ୍କର ଚନ୍ଦ୍ର ବୈଷ ବିଦ୍ୟାଳୟ ଉଠିଯିବ ।

ଶେଷରେ ପୁଣି ଭାସ୍କର ?—ନା ନା— ସାଙ୍ଗରେ ଚନ୍ଦ୍ର ଅଛନ୍ତି ସିନା । ଆଉ ଅସ୍ତ ହେବେ ନାହିଁ ।

ପୁରୀ ମନ୍ଦିରର ସୁଶ୍ରୀ ଶୃଙ୍ଖଳା ପାଇଁ ଶ୍ରୀଯୁକ୍ତ ଗୌରଶ୍ୟାମ ମହାନ୍ତିଙ୍କୁ ନୂଆ କରି ରଖା ଯାଇଛି ।

ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ସାଙ୍ଗକୁ ଗୌର ଆଜି ଶ୍ୟାମ ଆଜି ଯୋଡ଼ିଏ ବଗଦ ।

ପୁରୀର ଗଙ୍ଗାମଠ ମହନ୍ତଙ୍କୁ ଉତ୍ତମ ମଧ୍ୟମ ହୋଇଛି ବୋଲି ଶୁଣାଯାଏ ।

ଭାଗ୍ୟ ଖଡମ୍‌ଟା ରହିଗଲା ।

ଓଡ଼ିଶା ସରକାରଙ୍କ ବନ୍ୟା ସାହାଯ୍ୟ କମିଟି ବ୍ରହ୍ମଗିରି ଅଞ୍ଚଳର ୪ହଜାର ଟଙ୍କା ଖର୍ଚ୍ଚକରି ସୂତାକଟା ଓ ଧାନକୁଟା କେନ୍ଦ୍ର ଖୋଲୁଛନ୍ତି ।

ମନ୍ଥସ୍ଥ ଖଣ୍ଡର ସୁଖ ଦୁଖ କରିବେଯେ ।

ମହୀଶୂରରୁ ଜଣେ କୃଷି ବିଶେଷଜ୍ଞ ଓଡ଼ିଶା କୃଷି ବିଭାଗର ଡାଇରେକ୍ଟର ହୋଇ ଆସିବେ ବୋଲି ଶୁଣାଯାଏ ।

ଦୂର ପର୍ବତ ଅତି ସୁନ୍ଦର ।

ବଙ୍ଗଳାର ହକ ମନ୍ତ୍ରୀତ୍ୱ ଥରେ ମରି ପୁଣି ଥରେ ପ୍ରତିଷ୍ଠିତ ହୋଇ ଯାଇଛି ।

ବ୍ରହ୍ମା ରୁଚି ଲାଟ ବ୍ରେବୋର୍ଣ୍ଣଙ୍କର ମାଛ ଯୋଟିଏ ସଭା ।

Digitized by srujanika@gmail.com

# ୫୦୦୦
# ଓଡ଼ିଆ ଘରେ
## ଡଗର ପ୍ରବେଶ କରୁଛି
# ୨୫୦୦୦
ଯୁବକ, ଯୁବତୀ, ବୃଦ୍ଧ, ତରୁଣ ପ୍ରଭୃତି
## ଡଗର ପଢ଼ୁଛନ୍ତି
ଡଗରରେ ବିଜ୍ଞାପନ ଦେଇ ଆପଣମାନଙ୍କ ବ୍ୟବସାୟ ବଢ଼ାନ୍ତୁ ।

**ମେନେଜର 'ଡଗର'**
ପୋ: ଭଦ୍ରକ ।
( ଓଡ଼ିଶା )

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର
# ଜଗନ୍ନାଥ ତୈଳ
ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ଧଉଳା, ତରକଣ୍ଟିଆ, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାଯୁକ୍ତ ଧାତୁପଡ଼ିବା) ଉପଦଂଶ, ଅଗ୍ନିମାନ୍ଦ୍ୟ, କାଶ, ପ୍ଳୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର ଆମବାତ, ଅର୍ଦ୍ଧାଙ୍ଗବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡଝିମ୍ପା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ପଞ୍ଜରାଫୁଲା, କଉଡ଼ିଆ, କାଛୁ, କୁଷ୍ଠ, ଦଦ୍ରୁ, ମରଳା, ଚମଦଳା, ଯାଦୁ, ଛିଡ଼ା, କଟାଘା, ଛେଚାଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ଉନ୍ମତ୍ତ ଜୀବଜନ୍ତୁ ମାନଙ୍କର ଦଂଶନ, କାନପୂଜ, କାନଫୁଟା ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
**କବିରାଜ ଶ୍ରୀ ବିଶ୍ୱନାଥ ଦାସ**
ଏ, ବି, ଏଲ୍. ଏର. ଏମ୍. ଏମ୍.
ଅଲିଶା ବଜାର, ପୋ: ଗୁଣ୍ଡିଚାଘାଇ କଟକ ।



# ଅସଲ ପଞ୍ଚଗୁଣ ତୈଳ
ଘା; ଦାଉଦ; କଛୁ; ମଚକା; ଛେଚି କାମୁଡ଼ା, ମେଣ୍ଢମୁଣ୍ଡିଆ ବାତ; ଦାନ୍ତ ବିନ୍ଧା ପ୍ରଭୃତି ସମସ୍ତ ପ୍ରକାର ବେଦନାର ଏକ ମାତ୍ର ମହୌଷଧ:—ମୂଲ୍ୟ ୫୦ା ମାତ୍ର ।
ଠିକଣା:—ଅସଲ ପଞ୍ଚଗୁଣ ତୈଳ ଅଫିସ୍—କଟକ ।

## ଅଫିମଖିଆଙ୍କର ଆଉ ଭୟ ନାହିଁ ।
ଓଡ଼ିଶା ସରକାର ଅଫିମ ଉଠାଇ ଦେଉଥିବା ବେଳେ ଅଫିମଖିଆମାନେ ବଡ଼ ଭୟ ପାଇ ଯାଉଛନ୍ତି । କିନ୍ତୁ ଆମର **ସ୍କୁଇଟୋ** ଔଷଧ ସେବନ କଲେ ଅଫିମଖିଆମାନେ ବିନା କଷ୍ଟରେ ଅଳ୍ପଦିନ ଭିତରେ ଅଫିମ ଛାଡ଼ି ପାରିବେ ଏବଂ ଉକ୍ତ ରୋଗରୁ ମୁକ୍ତ ହୋଇ ଦୀର୍ଘ ସ୍ୱାସ୍ଥ୍ୟ ଲାଭ କରିବେ । କିଏ କେତେ ପରିମାଣରେ ଅଫିମ ଖାଉଛନ୍ତି ଲେଖିଲେ ଔଷଧ ଭି: ପି:ରେ ପଠାଯାଏ ।

## ବାର୍ଥ କଣ୍ଟ୍ରୋଲ ।
ଜନ୍ମ ନିରୋଧ ଏବଂ ସୁଖ ଦ୍ରବ୍ୟ ଔଷଧ ପାଇଁ ଆମମାନଙ୍କ ସହିତ ପତ୍ରାଳାପ କରନ୍ତୁ । ଅଭିଜ୍ଞ ଡାକ୍ତର ଚିକିତ୍ସାରେ ବହୁ ପରୀକ୍ଷା କରିଥାଉଁ । ସକଳ ପ୍ରକାର ନୂତନ ଓ ପୁରାତନ ସ୍ତ୍ରୀରୋଗ ଚିକିତ୍ସା ବହୁତ ଅଳ୍ପ ଖର୍ଚ୍ଚରେ ରୋଗୀମାନଙ୍କର ଚିଠିପତ୍ର ଗୁପ୍ତ ଭାବରେ ରଖାଯାଏ ।

ଠିକଣା—ଓଡ଼ିଶା ମେଡ଼ିକାଲ ଫାର୍ମାସୀ, ନୟାସଡ଼କ—କଟକ

ସ୍ନାୟୁଦୌର୍ବଲ୍ୟ ଓ ଧ୍ୱଜଭଙ୍ଗ ପାଇଁ
# ବୃହତ୍ କନ୍ଦର୍ପ ମୋଦକ
ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ବୀର୍ଯ୍ୟ, ରତିଶକ୍ତି ସ୍ମରଣଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ ।

| | | |
|---|---|---|
| ମୂଲ୍ୟ | ୧୦ ବଟିକା | ୫ ୭ ୯ |
| ,, | ୧୫୦ ବଟିକା | ୫ ୩ ୨ |
| ,, | ୫୦ ବଟିକା | ୫ ୨ ୯ |

ଭି: ପି:ରେ ଔଷଧ ପଠାଯାଏ ।
ଠିକଣା
କବିରାଜ ଶ୍ରୀ ରାମଚନ୍ଦ୍ର ମିଶ୍ର ଏଲ୍. ଏ. ଏମ୍. ପି
**ଦରିଦ୍ର ବନ୍ଧୁ ଔଷଧାଳୟ**
ଖଟର ପଦା । ପୋ : ଜଳେଶ୍ୱର । ଜି : ବାଲେଶ୍ୱର

# ପି: ପ୍ରଷ୍ଟି ଏଣ୍ଡ୍ ସନ୍ସ୍
ଦାନ୍ତ ଓ ଚଷମା ବିକ୍ରେତା
ଅଦାଲତ ଜଜେସ୍ ବାସିନୀ
**ପୋଃ ଅଃ ଗୁଣ୍ଡିଚାଘାଇ, କଟକ ।**




Printed & published at the [illegible] Press, Bhadrak by [illegible] & issued from Dag[illegible] office, Bhadrak, 1938.

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍‌ସୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁପ୍ରତିଷ୍ଠିତ ସୁଦୃଢ଼, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପତ୍ରର ସର୍ତ୍ତ ସର୍ବୋତ୍କୃଷ୍ଟ ।

ଅକସ୍ମିକ ମୃତ୍ୟୁରେ ଦ୍ୱିଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ପିଲାଙ୍କର ବୀମା, ଯୁଗ୍ମ ବୀମାପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ଉତ୍କୃଷ୍ଟ ବ୍ୟବସ୍ଥା ।

ବୀମା ଅପଣା ଓ ଚଳିବାର ସୁନ୍ଦର ବ୍ୟବସ୍ଥା ଅଛି ଅଛି

୧୯୩୬-୩୭ ସାଲର ସଂକ୍ଷିପ୍ତ ବିବରଣୀ

ନୂତନ ବୀମାର ପରିମାଣ ୨କୋଟି ୮୩ଲକ୍ଷ ୭୩ହଜାରରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି କୋଟି ୩୧ଲକ୍ଷ ୧୭ ହଜାରରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୭୭ହଜାରରୁ ଊର୍ଦ୍ଧ୍ୱ

ବାର୍ଷିକ ଆୟ ୭୪ଲକ୍ଷ ୫୫ହଜାରରୁ ଊର୍ଦ୍ଧ୍ୱ ।

ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୫ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଊର୍ଦ୍ଧ୍ୱ ।

ଅଧୁନା କେବଳ ସରକାରୀ କାଗଜପତ୍ରରେ ମୋଟ ସମ୍ପତ୍ତିର ଶତକଡ଼ା ୫୪·୦୯ କଟା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୫୩·୧୯ ହୋଇଛି ।

(ଉତ୍କଳରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚବଂଶର ଶିକ୍ଷିତ ଲୋକ, ଏଜେଣ୍ଟ ଓ ସ୍ପେଶଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମ୍ମା, ପୂର୍ବଆଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟରୀ
ହିନ୍ଦୁସ୍ଥାନ ବିଲଡିଂସ, କଲିକତା ।

ଓଡ଼ିଶା ଅଫିସ:— ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର, କଟକ ।



### ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଅନ୍ୟ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ କର୍ମରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା-ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଳ୍‌କ ପରି ଶକ୍ତି ଖେଳେ । ୨୧ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

ନମୁନା ସହିତ
ପୋ: ଅ: ଗୁଡ଼ଗୁଡ଼ିଚୌକି,
କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀବାଲୁକେଶ୍ୱରଆଚାର୍ଯ୍ୟ ଭିଷଗ୍‌ରତ୍ନ



### ଅବକାଶ ଉପଭୋଗ

# ପାରାଡାଇସ୍ ହଲ୍

ଏକମାତ୍ର ବରିଷ୍ଠ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ

ଗୁଡ଼ଗୁଡ଼ିଆ ଗଳି [ କଟକ ]

ଏଠାରେ ସାଧାରଣ ଅଭ୍ୟାଗତମାନଙ୍କଠାରୁ ଆରମ୍ଭ କରି ଅତି ଉଚ୍ଚ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ପଙ୍ଖା, ପାଇପ ପାଣି ଓ ଖାଟ ବିଛଣା, ଡେସିଂରୁମ ଗୁସୁଲ ଇତ୍ୟାଦି ରୁଚିର ଅନୁଯାୟୀ ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ କରାଯାଏ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନ୍‌ଗୋ



FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**
**RANIHAT, CUTTACK.**




Digitized by srujanika@gmail.com

ଅସାଡ଼ ଦ୍ଵିତୀୟାର୍ଦ୍ଧ—

ଆନନ୍ଦାତ୍ ହି ଖଲୁ ଇମାନି ଭୂତାନି—

ଦ୍ଵିତୀୟ ବର୍ଷ—୯ମ ସଂଖ୍ୟା



# ଡଗର



ଲର୍ଡ ଲୋଦିଆନ୍—ସମଗ୍ର ଭାରତବର୍ଷର ଶାନ୍ତି ଏବଂ ସର୍ବାଙ୍ଗୀଣ ଉନ୍ନତି ପାଇଁ ଫେଡେରେସନ ପ୍ରକୃତ 'ଜୀବନ ଦାୟକ' ଅଟେ ।

ଜୀବନ ବୀମା ପାଇଁ

## ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲିଃ

ଓଡ଼ିଶା ଅଫିସ : - ବେଲା ହାଉସ—କଟକ ।

### ବିଜ୍ଞାପନ ।

ଉତ୍କଳର ଯେଉଁ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଏକବର୍ଷ କାଳ ଡଗର ପାଇ ତାର ବାର୍ଷିକ ମୂଲ୍ୟ ଦେଇ ନାହାନ୍ତି କିମ୍ବା ତାହା ଫେରାଇ ଦେଇ ନାହାନ୍ତି, ସେମାନଙ୍କର ନାମ କ୍ରମରେ ପ୍ରକାଶ କରାଗଲା । ଆଶା ସେମାନେ ନିଜ ନାମ ଦେଖି ଅତିଶୀଘ୍ର ଡଗରର ମୂଲ୍ୟ ପଠାଇ ଦେବେ । —ପୂର୍ବତାଲିକା—

୧୧ । ମାନ୍ୟବର ବୈଦ୍ୟନାଥ ଦାସ—କଟକ । ୧୨ । ମାନ୍ୟବର ବୋଧରାମ ଦୁବେ—କଟକ । ୧୩ । ଶଙ୍କର ପ୍ରସାଦ ମିଶ୍ର—ସମ୍ବଲପୁର । ୧୪ । ଲୋକନାଥ ଦାସ—କଣ୍ଟାପାଡ଼ (ଭଦ୍ରକ) । ୧୫ । ଅଭିମନ୍ୟୁ ପଣ୍ଡା—କୋର୍ଟ ସବ୍‌ଇନ୍‌ସ୍‌ପେକ୍ଟର, ବାଲେଶ୍ୱର । ୧୬ । ଦୁର୍ଯ୍ୟୋଧନ ମହାନ୍ତି—ପୋଷ୍ଟେଲ ଏସ୍, ପି, ଅଫିସ, କଟକ । ୧୭ । ଅନନ୍ତ ଚରଣ ମହାନ୍ତି—ପୋଷ୍ଟ ଅଫିସ, ପୁରୀ ।

ଭବଦୀୟ—ମ୍ୟାନେଜର




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର






## ବାଲୁବଜାର, ପୋ. ଚାନ୍ଦିନୀଚୌକ—କଟକ ।




୫୨୦୦ ଙ୍କା ପୁରସ୍କାର !  ୫୨୦୦ ଙ୍କା ପୁରସ୍କାର !

ଜନସାଧାରଣଙ୍କର ଫରମାଇସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ ଚମତ୍କାର ଅଳଙ୍କାରମାନ ନୂଆ ନମୁନାରେ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଗ୍ରାହକ ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ [illegible] କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରରେ ଦର [illegible] ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ଯାହାର [illegible] ଆମ୍ଭେମାନେ କାହାରିକୁ ଠକାଇ ଦେବାକୁ ଇଚ୍ଛାନାହିଁ । ପ୍ରତ୍ୟେକ ପଦାର୍ଥକୁ [illegible] ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ଦେଖାଇ ପାରିଲେ ଆମ୍ଭେମାନେ ୨୦୦ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଇତି

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁବଜାର, ପୋ: ଚାନ୍ଦିନୀଚୌକ—କଟକ




## ଅର୍ଡର ନିୟମାବଳୀ ।

୧ । ଅର୍ଡର ସହିତ [illegible] ।

୨ । ଅର୍ଡର [illegible] ।

୩ । [illegible] ।

୪ । [illegible] ।

୫ । [illegible] ‘ଅର୍ଡର ଅଟିଏ’ [illegible] ପଠାଇବାକୁ ହେବ ।

୬ । ଉତ୍ତର ପାଇବାର ଇଚ୍ଛା ଥିଲେ ଟିକଟ ପଠାଇବାକୁ ହେବ ।

୭ । ଡାକଘର [illegible] ବାଟରେ [illegible] ହେଲେ କୌଣସି [illegible] ଦାୟୀ ହେବୁ ।

୮ । ଲେଖା [illegible] ଠିକଣାରେ ପଠାଇବା ଦରକାର ।

୯ । ଟିକଟ ନ ଦେଲେ [illegible] ଲେଖା ଫେରନ୍ତ ପଠାଯିବ ନାହିଁ ।


Digitized by srujanika@gmail.com

ଡଗର
ଅଷାଢ଼ ଦ୍ୱିତୀୟାର୍ଦ୍ଧ
୨ବର୍ଷ, ଚତୁର୍ଥ ସଂଖ୍ୟା
କଟକ
୧୬।୭।୩୮



ଡଗର
୯୭—୫୦/
ବାର୍ଷିକ(ସଡାକ)୫୲୦
ଛାତ୍ରମାନଙ୍କପାଇଁ
ଖଣ୍ଡସମ୍ବନ୍ଧ—୫୨

ମାଡ୍ରାସ ମନ୍ତ୍ରୀ ଶ୍ରୀଯୁକ୍ତ ସୁବାରାୟାନ୍ଙ୍କ ଏକମାତ୍ର ପତ୍ନୀ ଶ୍ରୀମତୀ ରାଧାବାଈ ଭାରତ ବ୍ୟବସ୍ଥାପକ ସଭାର ସଭ୍ୟା ହୋଇ ଏକ ଆଇନ ପେଶ୍ କରିଛନ୍ତି କି କୌଣସି ହିନ୍ଦୁଙ୍କର ଏକ ପତ୍ନୀ ଥାଉଁ ଥାଉଁ ଦ୍ୱିତୀୟ ପତ୍ନୀ ଗ୍ରହଣ କରି ପାରିବେ ନାହିଁ । କୌଣସି ସପତ୍ନୀକା ସହୋଦରାଙ୍କ ଦୁର୍ଦ୍ଦଶାରେ ବ୍ୟଥିତ ହୋଇ ସେ ଏଭଳି ଆଇନର ଉପଯୋଗିତା ଅନୁଭବ କରିଥିବେ ଅବଶ୍ୟ । ମାତ୍ର ଏ ନାମର୍ଦ୍ଦା ଓ ବେକାର ଯୁଗରେ ଲୋକେ ତ ଏକ ପତ୍ନୀର ଭୋଷଣ ବା ପୋଷଣ କରିବାକୁ ଅକ୍ଷମ— ବୋଝ ଉପରେ ନଳିତା ବିଡ଼ାକୁ କିଏ ମନ ବଳାଉଛି ? ବରଂ ମାଡ଼ ଦାଉରେ ଅବିବାହିତ ହୋଇ ରହିବାକୁ ସ୍ତ୍ରୀ ପୁରୁଷ ଅନେକ ମନ କଲେଣି । ଏପରି ଅବସ୍ଥାରେ ଏଭଳି ଆଇନ ଖାଲି ଆଲମାରିରେ ଥୁଆ ହୋଇ ଅସରପା, ଝିଙ୍ଗିଅଙ୍କ ଖାଦ୍ୟ ହେବ ସିନା !

ବିବାହ ବିଷୟକ ଆଇନ ପ୍ରଣୟନ କରିବାରେ ପୁରୁଷଙ୍କ ଠାରୁ ନାରୀଗଣ ଏବେ ଅଧିକ ତତ୍ପରତା ଦେଖାଉଛନ୍ତି । ଏବେ ପଞ୍ଜାବର ଜଣେ ମହିଳା ସଭ୍ୟା ଶ୍ରୀମତୀ ଦୁଲିଚନ୍ଦ, ସେଠି ଏକ ଆଇନ ପେଶ୍ କରିଛନ୍ତି କି ହିନ୍ଦୁ ପତ୍ନୀମାନେ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ପାରିବେ । ଖ୍ରୀଷ୍ଟିଆନଙ୍କର 'ଡାଇଭୋର୍ସ' ଓ ମୁସଲମାନମାନଙ୍କ 'ତଲାକ୍' ଥିଲା । ଏବେ ହିନ୍ଦୁଙ୍କର ବି ହୋଇଗଲେ, ନାରୀ ଜାତିର ପୂର୍ଣ୍ଣ ସ୍ୱରାଜ !

ଏଭଳି କୌଣସି ଆଇନ ହୋଇପାରେ-ନାହିଁକି, ଯାହା ବଳରେ ନାରୀ ପ୍ରସବ ବେଦନାରୁ ରକ୍ଷା ପାଇବେ ? ସରଳା ଦେବୀ ମୁଣ୍ଡ ଖେଳାନ୍ତୁ ।

ମାଇପି ଜାତିର ଚୋର ଜୋଡ଼ ଦେଖି ବେହ୍ୱପୋ ମିଣିପ କ ଉର ହଲତ ଶିଖିଲେଣି । କରାଚିରେ ଗୋଟାଏ "ସ୍ତ୍ରୀ ମଣ୍ଡଳୀ" ଗଢ଼ା ହୋଇଛି ଯେ ସେଥିରେ ପଞ୍ଜାକୁ ପଞ୍ଜା ମାଇପେ ଆସି ମିଶୁଛନ୍ତି । ସେ ମଣ୍ଡଳିର ଜଣେ ଗୁରୁ ବି ଅଛନ୍ତି କିଏ । ଏଥିର ମେମ୍ବର ମାନେ ତାଙ୍କଠାରୁ ଦୀକ୍ଷା ନେଉଛନ୍ତି ଯେ ବ୍ରହ୍ମଚର୍ଯ୍ୟ ରଖିବେ । ଯେଉଁ ସ୍ତ୍ରୀମାନେ ଯୋଗ ଦେଇ ସାରିଛନ୍ତି, ସେମାନେ ତାଙ୍କ ସ୍ୱାମୀ ବିରୁଦ୍ଧମାନଙ୍କୁ ଓକିଲ ନୋଟିସ ଦେଲେଣି କି ତାଙ୍କ ଭିତରେ ଆଉ ଯୌନ ସମ୍ବନ୍ଧ ରହି ପାରିବ ନାହିଁ । ସେ ଯଦି ଇଚ୍ଛା କରନ୍ତି ଅନ୍ୟ ସ୍ତ୍ରୀ ଗ୍ରହଣ କରନ୍ତୁ ।

ଏ ମହିଳାମାନେ ବୋଧହୁଏ ପୂର୍ବ ଜନ୍ମରେ ବ୍ରଜ ଗୋପୀ ଥିଲେ ଯେ, ଏବେ କାମଗନ୍ଧହୀନ ଅପ୍ରାକୃତିକ ପ୍ରେମରେ ଲିପ୍ତ ହୋଇ ରାସଲୀଳା ଭିଆଇବେ । ମାତ୍ର ଚନ୍ଦ୍ରସେଣୀ ଗୁଣ୍ଡିଙ୍କର କି ଦଶା ହେବ ? ମିଣିପେ ସାବଧାନ !

ଆମ ଲୋକ ପ୍ରତିନିଧି ମନ୍ତ୍ରୀମଣ୍ଡଳକୁ କେତେ ଅବହଣି ଲୋକ ଦୋଷ ଦେଉଛନ୍ତି କି ଓଡ଼ିଆଙ୍କ ପ୍ରଧାନ ଅପତ୍ତି, ଦେଶମିଶ୍ରଣ ବିଷୟରେ ସେମାନେ କିଛି କରୁ ନାହାନ୍ତି । ଏହାର ଉତ୍ତର ସ୍ୱୟଂ ଦାସ ମହୋଦୟ ଜଣେ ବୈଦେଶିକ ପତ୍ରିକା ପ୍ରତିନିଧିଙ୍କ ମାରଫତରେ ଓଡ଼ିଆଙ୍କୁ ଜଣାଇ ଦେଇଛନ୍ତି । ସେ କହିଛନ୍ତି କି ଯେଉଁ ଯେଉଁ ଓଡ଼ିଆଭାଷୀ ଅଞ୍ଚଳମାନ ଓଡ଼ିଶା ବାହାରେ ରହିଯାଇଛି, ସେ ସବୁ ଓଡ଼ିଶାକୁ ଆସୁ । ଏକଥା ସେ କାୟମନୋବାକ୍ୟରେ ଚାହାନ୍ତି । ମାତ୍ର ସେ ସବୁ ସ୍ଥାନକୁ ଯାଇ ପ୍ରଚାର ଓ ପ୍ରୋପାଗାଣ୍ଡା କରିବାର ମନ୍ତ୍ରୀଙ୍କର କାମ ନୁହେଁ । ସତ-କଥା, ଏତେବଡ଼ ଦାୟିତ୍ୱ ଓ ସମ୍ମାନ ମଣ୍ଡିତ ସେମାନେ ବାଟେ ଲୋକ କାମ କରିବାକୁ ଗଲେ ଅଁମକୁ ଅପମାନ ହେବ ନାହିଁକି ? ପୁଣି ଯାହାଙ୍କର ଫାଇଲ ଘାଣ୍ଟିବାକୁ ସମୟ ନାହିଁ, ଏ କାମକୁ ସମୟ ବା ପାଇବେ କାହିଁ ? ଅବିଚାରକ ଲୋକେ ମିଛେ ତାଙ୍କ ଦୋଷ ଦେଉଛନ୍ତି ।···

ଆମ ମନ୍ତ୍ରୀଗଣ ଅତି ଅଳ୍ପ ମାସକୁ ୫୦୦୲ ମାତ୍ର ଦରମା ନେଇ କାମ କରୁଛନ୍ତି । କାରଣ ସେମାନେ ଗରିବ ଓଡ଼ିଆଙ୍କ ପ୍ରତିନିଧି—ଗାନ୍ଧିଜୀଙ୍କ ଆଦର୍ଶରେ ଦାରିଦ୍ର୍ୟ ବ୍ରତ ଗ୍ରହଣ କରିଛନ୍ତି । ସାଧାରଣ ଓଡ଼ିଆ ମାସକୁ ୫୲ ପାଏ କି ନାହିଁ— ଏଥିପାଇଁ ମନ୍ତ୍ରୀମାନେ ପାଞ୍ଚରେ ମାତ୍ର ଦୁଇ ଶୂନ ଲଗାଇଛନ୍ତି । ଶୂନର ତ ମୂଲ୍ୟ ନାହିଁ ! ଏଠେ କରସ୍ଥିତା ନିନ୍ଦୁକ ଲୋକେ କହୁଛନ୍ତି ସେମାନେ ଦରମା ଛଡ଼ା ସଫରଖର୍ଚ୍ଚ ବାବଦରେ ଢେର ଢେର ମାରି ନେଉଛନ୍ତି । ଏ ଦୁର୍ଣ୍ଣାମର ଉତ୍ତର ଏବେ ଦେଇଛନ୍ତି ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ରେ, ପାର୍ଲିମେଣ୍ଟରି ସେକ୍ରେଟେରି । ତାଙ୍କ କଥାରୁ ଜଣା ପଡ଼ୁଛି ପ୍ରଧାନ ମନ୍ତ୍ରୀ ଓ ଦୁବେ ସାହେବ ଦୁହେଁ କିଛି ବେଶୀ ୫୨୦୦୲ ଲେଖାଏ ଓ କାନ-ଗୋଇ ସାହେବ ପ୍ରାୟ ୫୬୦୦୲ ମାତ୍ର ସଫର ଖର୍ଚ୍ଚ ନେଇଛନ୍ତି । ଏଥିର ଖରୁଆ, ଚୁଗୁଲିଆ ଦୋଷଦିଆଙ୍କ ଥଣ୍ଡା ହୋଇଯିବ । ଯେ ଯାହାକୁ ଦେଖି ନପାରେ—ରାତି ଅଧରେ ହକୁଣୀ ମାରେ !

କାଳିଦାସେ ଯେତେବେଳେ ଦରିଦ୍ରାବସ୍ଥା ନାଗିଲେ, ମା ସରସ୍ୱତୀ ତାଙ୍କୁ ସେଇ ଦେଇ-



Digitized by srujanika@gmail.com

ତେ ସେ ବର ଦେଇ ପାରିବେ ନାହିଁ ବୋଲି ଭାବି ତାଙ୍କୁ ୭ ଥର ଗିଳି ୭ ଥର ଜନ୍ମ ଦେଇ ତାଙ୍କର ସେ ପୂର୍ବ ଜନ୍ମର ଦୋଷ କଟାଇ ଦେଇଥିଲେ । ଏବେ କଂଗ୍ରେସ ମନ୍ତ୍ରୀମାନେ ତାଙ୍କ ତଳିଆ ଅଇସିଏସ୍ ମାନେ ସେହି ଦୋଷ ଧରି ତାଙ୍କ ଉପରେ ଲାଟ ଗାଦି ମାଡ଼ିବସି ପାରିବେ ନାହିଁ ବୋଲି ଜାଣିଲାରୁ ବ୍ରିଟିଶ ସରକାର ଆଉ ଗୋଟେ ବାଟ ଧରିଛନ୍ତି । ଅଇସିଏସ ଅଫିସର ମାନଙ୍କୁ ଆଗରୁ ଛୁଟି ଦେଇ ତାଙ୍କର ଗୃହରଥ ପାତକକୁ ଧୋଇ ଦେଉଛନ୍ତି । ତା ପରେ ତାଙ୍କୁ ଲାଟ କରିଦେଲେ ସେ ଶ ଖୁସ୍ ମା ସରସ୍ୱତୀ ବି ଧନ୍ୟ ଧନ୍ୟ । ତାଙ୍କର ପାପଥର ଜନ୍ମ କରିବା ସାଙ୍ଗରେ ଇଂରେଜ ସରକାରଙ୍କ ଗୋଟାଏ ଛୁଟି ସମାନ । ସେଇ ନିୟମରେ ମାନ୍ଦ୍ରାଜ ସରକାରଙ୍କର ଭୂତପୂର୍ବ ସେକ୍ରେଟେରୀ ଜ: ଟି: ବୋଗ ଓଡ଼ିଶାର ଲାଟଗାଦି ଭୋଗ କରିବାକୁ ଆସୁଛନ୍ତି ।

୧୬ ତାରିଖ ପେ ରେ ଗଣନା ହୋଇଛି ଯେ ଇଂଲଣ୍ଡରେ ବର୍ତ୍ତମାନ ୧୭୭୯୦୦୦ ଜଣ ବେକାର ଅଛନ୍ତି । ସେମାନେ ସବୁ ଲଣ୍ଡ୍ରିଅ ନାମକ ଜାହାଜରେ ଆରୋହଣ କରି ପ୍ରୟାଗ ମିଳନ ତୀର୍ଥରେ ତାଙ୍କ ବେକାର ପାତକ ଧୋଇ ଦେବେ । ଅନୁସନ୍ଧାନ କରି ଜାଣିଲୁ ଯେ ତେଜବାହାଦୂର ସାପ୍ରୁ ପୁରୋହିତ ରାଜଗୁରୁ ହେବାପାଇଁ ପୂର୍ବରୁ ବରଣି ଗୁଆ ପାଇଛନ୍ତି । କାରଣ ତାଙ୍କଭଳି ବେକାର ପୁରୋହିତ ପ୍ରାଶ୍ଚାତ୍ୟ ଖଣ୍ଡରେ ମିଳିବେ ନାହିଁ । .. ...

ଓଡ଼ିଶା ସରକାର ଗୋଟାଏ ନୂତନ ବିଦ୍ୟାଳୟ ବା ଲୁଗାବୁଣା କାରଖାନା ଖୋଲିଥିବା କଥା ଆମେ ତେର ଦିନୁ ଶୁଣି ଆସୁଛୁଁ । କ୍ଲୁଅଡ଼େ ମାନଙ୍କୁ ୫୧୬୦୯ ଟଙ୍କାରେ ଘର ନିଆ ହୋଇ ରହିଛି । ମାଷ୍ଟର ବାମିସ୍ତ୍ରି ମୁତାଏନ ହୋଇ ଦରମା ନେଇ ରହିଛନ୍ତି । କିନ୍ତୁ ଘର ବା ଲୁଗାର ଦେଖା ମିଳୁନାହିଁ । ଏହିଭଳି ଲେଖା ଖଣ୍ଡିଏ ଆମେ କୌଣସି କଟକିଆ ଡଗର ପାଠକଙ୍କ ଠାରୁ ପାଇଲୁଁ । ସେ ମାଷ୍ଟର ତ କାମ କରୁଛନ୍ତି କିବା ସେ ଘରେ କେହି ରହୁଛନ୍ତି କି ନାହିଁ ତାହା ଖବର ନେଇ ଲେଖକଙ୍କର ଏତେ ବ୍ୟସ୍ତ ହେବାର ଜରୁର ନଥିଲା । ସବୁରକା ଝାଡ଼ମେ ମେଓ୍ୱା ଫଲତା ହାୟ । ଆଉ କିଛିଦିନ ଅପେକ୍ଷା କରନ୍ତୁ ନା— ଅପେ ଅପେ ନୂତନ କାର୍ଯ୍ୟ ହୋଇଯିବ । ଲକ୍ଷ ଲକ୍ଷ, ବୁଢ଼ିଆଣୀ ବସା ବାନ୍ଧି ହଜାର ହଜାର ମିହି ବସ୍ତ୍ର ବୁଣିବେ ଏବଂ ତାହା ମାଷ୍ଟରମାନେ ପିନ୍ଧିବେ ଆଉ ତୋଳିବେ । ଏହାଠାରୁ ସୁବିଧା ଓ ବିନା ଖର୍ଚ୍ଚର କାମ ଅଉ କଣ ହୋଇପାରେ ?

## ନିର୍ଦ୍ଦେଶ

ଅସ୍ଥାୟୀ ଲାଟ ନିଯୁକ୍ତିର ସରକାର ଯେଉଁ ନୀତି ଧରିଛନ୍ତି ତହିଁରେ ତାହା କେବଳ ନୀତିଗତ ନୁହେଁ— ଜାତିଗତ ଭୁଲ ମଧ୍ୟ ରହିଛି । ଏଣିକି ଭାରତବାସୀ ସେ ପଦ ମାନଙ୍କରେ ନିଯୁକ୍ତ ହୁଅନ୍ତୁ; ଗୋଟିଏ ପ୍ରଦେଶର ମନ୍ତ୍ରୀଙ୍କ ଅଧସ୍ତନ କର୍ମଚାରୀ ଅନ୍ୟ ଏକ ପ୍ରଦେଶର ଲାଟ ନହୁଅନ୍ତୁ ଓ ଲାଟ ନିଯୁକ୍ତିରେ ମନ୍ତ୍ରୀମାନଙ୍କ ପରାମର୍ଶ ନିଆ ଯାଉ ।

**ରାଷ୍ଟ୍ରପତି ସୁଭାଷ**

ଦୁନିଆରେ ଦୁଇଟା କଥା—ଅଇନ ଆଉ ବେଅଇନ । ଅଇନ ସଭାରେ ଯାହା ପାସ ହୁଏ ସେଟା ଅଇନ—ତା'ର ଖିଲାପ୍ ବେଅଇନ । ଆଉ ସୁଅଇନ ବା ନ୍ୟାଯ୍ୟ ଅଇନ ଅବା ସହି ଅଇନ କମ୍ବା ଉଚିତ ଅଇନ ଏମିତି ପଦ ପାଣିନୀ, ନେସଫିଲ୍ଡ କି ଚନ୍ଦ୍ର ମୋହନ କେହିତ କାହିଁ ଲେଖି ନାହାନ୍ତି । ସୁତରାଂ ନ୍ୟାୟତଃ ଓଡ଼ିଶା ବ୍ୟବସ୍ଥା ସଭା ଯାହା ପାଶ କରେ ଆମ ଓଡ଼ିଶା ପାଇଁ ତାହା ଅଇନ—ତାର ଅନ୍ୟଥା ବେଅଇନ । ଅର୍ଥାତ୍ ଓଡ଼ିଶା ବ୍ୟବସ୍ଥା ସଭାର ଅଧିକ ସଂଖ୍ୟକ ଦଳ ଯାହା ଭଲବୋଲିବେ ତାହା ଅଇନ ଆଉ ତାର ଓଲଟା ବେଅଇନ । ଏବେ ଓଡ଼ିଶା କଂଗ୍ରେସ ଦଳ ବୈଠକରେ ସାବ୍ୟସ୍ତ ହୋଇଛି କି ଏଣିକି କେହି କଂଗ୍ରେସ ମେମ୍ବର ମନ୍ତ୍ରୀମାନଙ୍କୁ ବଇଧଣିଆ ପ୍ରଶ୍ନ ପଚାରିବେ ନାହିଁ । 'ବଇଧଣିଆ' କଥାଟାର ସଙ୍ଗା କ'ଣ, ତାହା କେତେଦୂର ନିର୍ଦ୍ଦେଶ କରା ଯାଇଛି ସେ ବିଷୟରେ ଆମ୍ଭେ ଅଜ୍ଞ—ପାଠକୋଷ ମଧ୍ୟ ନୀରବ ତେଣୁ ପଦାର୍ଥକେ ମଧ୍ୟ ଅଜ୍ଞ । ତେବେ ସଭ୍ୟମାନଙ୍କୁ ତାଙ୍କର ନ୍ୟାଯ୍ୟ ଦାବି ବା କ୍ଷମତାରୁ ବଞ୍ଚିତ କରିବାର ଅଇନ୍ ସୁଅଇନ୍ ତ ? ନାଁ-ନାଁ—ଭୁଲ ହେଉଥିଲା—ସୁଅଇନ ବୋଲି ଶବ୍ଦ ନାହିଁ ପରା । ତେବେ ଲୋକେ ଯଦି ଏ କଥା କହନ୍ତି—'ଚୌର ନନ୍ଦନ୍ତି ଚନ୍ଦ୍ରମା ମନ୍ତ୍ରୀ ନନ୍ଦନ୍ତି କ୍ଷେଷ୍ଠନାଃ' । ତେବେ ଦୋଷକାର ?

ସେଦିନ ଓଡ଼ିଶା ଆସେମ୍ବ୍ଲିରେ ଥିବା କଂଗ୍ରେସ ଦଳର party meeting ହୋଇଗଲା । ପ୍ରଧାନ କାମ ଭିତରେ ମନ୍ତ୍ରୀଙ୍କ ଉପରେ Confidence motion ପାସ ହେଲା । ଯେଉଁଠି ଫଟାଫଟି, ଟଣାଭିଡ଼ା ଲାଗେ, ସେଠି Confidence ବା no-confidenceର ପ୍ରଶ୍ନ ଉଠେ । ଏବେ କି ଦରକାର ଥିଲା ଏ ପ୍ରସ୍ତାବ ଉଠାଇବାର ? ସେପରି କିଛି ସନ୍ଦେହର କାରଣ ମିଳିଥିଲା କି ଆଗରୁ ? "ମୋତେ ଲକ୍ଷ୍ମୀମନ୍ତ କହ କହ" ବୋଲି ସାଇ ସାଇ ବୁଲି ପଚାରିଲେ ହୁଅନ୍ତି କାହିଁ ମାଇପେ ?

ବଙ୍ଗ ଆସେମ୍ବ୍ଲିର ଦୁଇ ଜଣ ହରିଜନ ମେମ୍ବର କଂଗ୍ରେସ ଶାସିତ ପ୍ରଦେଶମାନଙ୍କରେ ହରିଜନମାନଙ୍କ ଅବସ୍ଥା ପରିଦର୍ଶନ କରିବା ନିମନ୍ତେ ଗସ୍ତରେ ବାହାରିଛନ୍ତି । ସେମାନେ ପ୍ରଥମେ ପତିତପାବନଙ୍କ ଦେଶ କ୍ଷେତ୍ରରାଜ ଉତ୍କଳରେ ପଦାର୍ପଣ କରି ଯାହା ଦେଖିଲେ ତହିଁରେ ଚକିତ ଓ ମୁଗ୍ଧ ହୋଇ ଯାଇଛନ୍ତି । ତାଙ୍କ ବଙ୍ଗଦେଶ ସହିତ ତୁଳନା କରି ଓଡ଼ିଶାକୁ ସେମାନେ ସ୍ୱର୍ଗ ( paradise ) ବୋଲି କହିଗଲେ ଏବଂ ଉତ୍କଳର କର୍ତ୍ତା ବିଶ୍ୱନାଥଙ୍କୁ କହିଗଲେ ଅବତାର ମହାତ୍ମା ଓ ଋଷି,(saint). ସ୍ୱର୍ଗରେ ଇନ୍ଦ୍ର ପରା ଥାଆନ୍ତି ? ବରଂ ତାଙ୍କୁ ସହସ୍ର ଲୋଚନ କହୁଥିଲେ ଶାପ ଶାଇ ଥାଆନ୍ତା । ଆଉ ପୁଣି ଅତ୍ପରିକର ଅଭାବ ନାହିଁତ ଏ ଦେଶରେ । +

୧୬ ପୃଷ୍ଠା ଦେଖନ୍ତୁ ।

Digitized by srujanika@gmail.com



ସୁବୁ ଭାବିଥିଲା ଇଣ୍ଟରଭ୍ୟୁ ପାସ କରି ପାରିଲେ ତାର ଦୁଃଖ ଯିବ । ସେଥିପାଇଁ ସେ ଜମି ବାଡ଼ି ବିକି, ଧାର ଉଧାର କରି, ଦେହ କଷ୍ଟ ସହି, ଜୀବନ ମୃତ୍ୟୁ କରି ପଢ଼ିଲା ପାଠ ।

ହେଲା ପାସ୍ । ପାସ କରିବାର ନିଶାଟା ଦୁଇ ଚାରି ଦିନ ଭିତରେ ସିମିତି କଟିଗଲା, ତାପରେ ପଡ଼ିଲା ଘୋର ଚିନ୍ତା । ବେକାରୀ, ଚାକିରି । ଆଜିକାଲିକାର ବଜାରରେ ଚାକିରି ଯାହା ଦର ! ଭାବିଥିଲା, ପାସ କଲା କ୍ଷଣି ଚାକିରି ଆପେ ଆପେ ତା ଗୋଡ଼ତଳେ ପଡ଼ି ଲୋଟିବ । ସେ ସେଥିରୁ କେତେ ଗୁଡ଼ାକୁ ଗୋଇଠା ମାରି ଦେବ ଫୋପାଡ଼ି, ଆଉ ଯାହାକୁ ମନ ମାନିବ ସେହିଟାକୁ ସେ ଦୟା କରି ବରଣ କରିବ ।

କିନ୍ତୁ ଯାଇ କଥାକୁ ସେହି କଥା । ଖାଲି ଯା କେତେ ବନ୍ଧୁ ବାନ୍ଧବଙ୍କ ଠାରୁ ଅଭିନନ୍ଦନ ପତ୍ର ଆସିଲା, ତଥା ପଡ଼ିଶା କେତେଜଣ ଖୁସି ହୋଇ ସାବାସି ଦେଲେ— ଏତିକି, —ଅଦୃଷ୍ଟଟା ବେଳକୁ, ଛେନା ।

ତାପରେ ଆରମ୍ଭ ହେଲା ଉମେଦବାରି । ଯାପାଖ, ତାପାଖ, ଯା ଦୁଆର ତା ଦୁଆର ଘୂରି ଘୂରି ସୁବୁ ହେଲା ନାକେଦମ୍ । ଖବରକାଗଜର ବିଜ୍ଞାପନ ଦେଖି ଦରଖାସ୍ତ ଲେଖିବା ହେଲା ତାର ପ୍ରଧାନ ଚାକିରି । ଶେଷକୁ ଯାହା କିଛି ଥିଲା ହାତରେ, ସହରରେ ପଡ଼ି ପଢ଼ ମେସ୍ ଖରଚ୍ ଆଉ ଦରଖାସ୍ତର ଟେଲିଗ୍ରାମ ଖରଚ୍ରେ ତା ବି ହେଲା ଶେଷ । ଧାର ଉଧାର, ଜାଲି ବାସିରେ ଚଳିଗଲା କେତେ-ଦିନ । ଦିନେ ଦେଖିଲା ବେଳକୁ ଶୂନ୍ସାନ୍ । ତାକୁ ଟଙ୍କିଏ କରଜ କରିବାକୁ ବି ନଦାରଦ ।

ଚଳଣିଆ ବନ୍ଦ । ଭୁଲ ଭୁଲ ଥକା । ମନର ଅଶାନ୍ତି । ସବୁ ମିଶି, ସୁବୁ ଏକାବେଳକେ ନଇଁପଡ଼ିଲା ।

ଚିନ୍ତାରେ ପଡ଼ି ଆକାଶ ପାତାଳ ଭାବୁଁ ଭାବୁଁ ତାର ମିଜାଜ ପାଗଳ ହୋଇ ଉଠିଲା । "ଏସ୍ ପାର ନ ହେଲେ ଉସ୍ ପାର !" ଏହା କହି ସେ ଧଡ଼୍ପଡ଼େଇ ଉଠି ବସିଲା । ପକେଟ୍ ଅଣ୍ଡାଳି ପାଇଲା ଗୋଟାଏ ଏକଅଣି । ସେତିକି ତାର ଶେଷ ସମ୍ବଳ ।

ଅଣିଟିକୁ ହାତରେ ଧରିଲା । ଗୁହାଳ—ଚମ୍ପନ କଲା । ଯେପରି ସେହିଟି ତାର

# ମଙ୍ଗଳିଆ

ଲେଖକ—ଶ୍ରୀ ଅନାମ

ଦୁନିଆରେ ଏକମାତ୍ର ବନ୍ଧୁ, ଆଶା, ଭରସା ଆଶ୍ରୟ ।

ମନେ ମନେ କହିଲା, "ହେଡ୍ସ" ହେଡ୍ସ—ଟଙ୍କାଏଟି, ଲୁଟ୍ ଅଥବା ଆତ୍ମହତ୍ୟା । ଏହା ଛଡ଼ା ଆଉ ଉପାୟ ନାହିଁ, ଅଚ୍ଛା ! ଦେଖାଯାଉ ।"

"ରଜା ମୁଣ୍ଡ ପଡ଼ିଲେ ହେଡ୍ସ— ପଛ ପଡ଼ିଲେ ଆତ୍ମହତ୍ୟା ।" ଅଣିଟିକୁ ଟିଙ୍କା ମାରି ଉପରକୁ ଦେଲା ଫୋପାଡ଼ି । ଏହି ନିର୍ଭର-ତାରେ ସେ ପାଇଲା ଆଶ୍ୱାସନା ।

ଅଣିଟା ଶୂନ୍ୟରେ ଘୂରି ଘୂରି ତଳେ ପଡ଼ିଲା । ସୁବୁ ଯାଇ ଦେଖିଲା ଉପରକୁ ପଡ଼ିଛି ରଜା ମୁଣ୍ଡ । ତେବେ ହେଡ୍ସହିଁ ସାର । ନିଶ୍ଚିନ୍ତ ହୋଇ ତାର ଛାତିରେ ଆସିଲା ଦମ୍, ମୁହଁରେ ଉଜ୍ଜ୍ୱଳତା ।

ସେହିକ୍ଷଣି, ସେହି ସଡ଼କ ଅଧରେ ଯେ ଚାହାଁର ପଡ଼ିଲା ସହ୍ରାକୁ । ଛକରେ ପୁଲିସ ବାଲା ପଚାରିଲା "କୋଉ ହେ !" ସେ ଉତ୍ତର ଦେଲା ନାହିଁ । ପୁଲିସବାଲା ବି ନିଜର ଆରାମ ଛାଡ଼ି ତା ପଛରେ ଧାଇଁବାର ଚେଷ୍ଟା କଲା ନାହିଁ ।

ଏକ ଭଙ୍ଗା କୋଠା । ଫାଟକ ବନ୍ଦ । ଅନ୍ଧାର । ସୁବୁ ଟିକିଏ ଛିଡ଼ା ହୋଇ ପାଚେରି ଡେଇଁ ପଡ଼ିଲା । ଭିତରେ ପଶି ଦେଖିଲା, ନିର୍ଜନ, ନିସ୍ତବ୍ଧ । ସେ ଗୋଟାଏ ଝରକା ପାଖରେ ପହଞ୍ଚି ଧକ୍କା ମାରିଲା । ଝରକା ଖୋଲିଗଲା । ଝରକା ବାଟେ ସେ ଘର ଭିତରକୁ ପଶିଲା । ଟର୍ଚ୍ଚ ଟିପି ଦେଖିଲା ଘର ଭିତରେ କିଛି ନାହିଁ । ସେତେବେଳେ ତା ମନରେ ଦବକ୍ ଆସିଲା; ହତାଶାରେ ସେ ବସି ପଡ଼ିଲା । କିଛିକ୍ଷଣ ପରେ ଗୋଟାଏ କୁଁ-କୁଁ ଶବ୍ଦ ତା କାନରେ ବାଜିଲା । ଏପରି ନିର୍ଜନ ଅନ୍ଧାର ଭିତରେ ଏ ଭୌତିକ ଶବ୍ଦ ଶୁଣି ତାର ଲହୁ ପାଣି ହୋଇଗଲା । ତାପରେ ସେ ସାହସ ବାନ୍ଧି ସେଇ ଆଡ଼କୁ ଗଲା । ଟର୍ଚ୍ଚ ଆଲୁଅରେ ଦେଖିଲା ଗୋଟାଏ କୁକୁର ଛୁଆ ବନ୍ଧା ହୋଇଛି । କୁକୁର ଛୁଆଟିର କାତରତା ଦେଖି ହୃଦୟ ସହାନୁଭୂତି ଓ କରୁଣାରେ ଦ୍ରବି ଗଲା ! କୁକୁର ଛୁଆଟିକୁ ଫିଟାଇ କୋଳରେ ନେଲା ଟେକି । ଛୁଆଟି ଆଶ୍ରୟ ପାଇ ତାର କାଖ ତଳେ ମୁହଁ ଗୁଞ୍ଜି ଦେଇ ଶୁଙ୍ଘି ପକା-ଇଲା । ସୁବୁ ତାର ଅମୂଲ୍ୟ ଚେଷ୍ଟାର ମାଲଟି ନେଇ ନିର୍ବାଧରେ ଘରକୁ ଫେରି ଆସିଲା ।

ଭାଗ୍ୟ ଯେତେବେଳେ ଏଇ ପଦାର୍ଥଟି ଦେଇଛି—ଏହି ମୋର ମଙ୍ଗଳ ଆଣିବ । ଏହା ଭାବି ସେ ତାର ନାମ ରଖିଲା "ମଙ୍ଗଳିଆ ।" ମଙ୍ଗଳିଆକୁ ସେ କୋଳରେ ଧରି ଚୁମ୍ବନ କଲା, ଟେକି କଲା, ଆଉଁସି ଦେଲା । ଦୁହେଁ ଯାକ ଯେ ଏକାଭଳି ନିରାଶ୍ରୟ, ସହାୟ ହୀନ !

ରାତି ପାହିଲା କ୍ଷଣି ସେ ଚାଲିଲା ଚା ଦୋକାନକୁ । ଦୁଇ ପଇସାର କପେ ଚା ଓ ଦୁ ପଇସାର ବିସ୍କୁଟ କିଣି, ମଙ୍ଗଳିଆ ଓ ସେ ଅଧେ ଅଧେ ଭାଗ କରି ଖାଇଲେ । ମଙ୍ଗଳିଆ ଚଞ୍ଚଳ ହୋଇ ତା ଭାଗ ଗିଳି ପକାଇଲା । ଦୁହିଁଙ୍କର ଜୀବନ ରକ୍ଷା ହେଲାବୋଲି ସୁବୁ ଭାବିଲା:

"ଏଣିକି ଉପାୟ କଣ ?" ସେ ବସାକୁ ଯାଇ ତାର ପୁରୁଣା ପତ୍ରୀ ବହି ଗୁଡ଼ ଜାଗରେ ଜାବଳି ଓ ବଜାରରେ ବିକି କରିବା ପାଇଁ ଚାଲିଲା । ମଙ୍ଗଳିଆ ସାଙ୍ଗେ ୨ ଗୋଡ଼ାଇଲା ।

ବାଟରେ ଯାଉଁ ଯାଉଁ ସେ ଅଟକି ପଡ଼ିଲା । ତହୁଁ ସେ ବହି ଗୁଡ଼ିକୁ ଭୁଇଁରେ ଥୋଇ ହଠାତ ଛିଡ଼ା ହେଲା । ଏହି ସମୟରେ ମଙ୍ଗଳିଆ ତେଇଁ ତେଇଁ ରାସ୍ତା ମଝିକୁ ଚାଲିଗଲା । ଯୁବକ ନଜର ପଡ଼ିଗଲା ତେଣିକୁ । ତେଣୁ ପବନ ବେଗରେ ଧାଇଁ ଆସୁଛି । (ଗୋଟାଏ ମଟରଗାଡ଼ି) ଆଉ ତିଳକ୍ଷଣ ପରେ ମଙ୍ଗଳିଆକୁ ପେଷି ଦେଇ ଚାଲିଯିବ । ଯୁବକ କିଛି ନ ଭାବି ନ ଚିନ୍ତି ସ୍ୱାଭାବିକ ଆବେଗରେ ଏକ ଡିଆଁ ମାରି ମଙ୍ଗଳିଆକୁ ଧରି ଟାଣି ଆଣିଲା । ମଟରଟା ଧପ୍ କରି ରହିଗଲା । ତା ନୋହିଥିଲେ ଯୁବକ ସହିତେ ମଟର ଚକାତଳେ ଶେଷ ହୋଇ ଯାଇ ଥାଆନ୍ତେ ।

ମଟରରେ ଥିବା ଏକ ଯୁବତୀ ପାଟି କରି କହି ଉଠିଲେ, "କି ବୋକା ବୁଦ୍ଧୁ ଲୋକ ମ ! ନିଜର ଜୀବନକୁ ଭରସା ନାହିଁ—କଣ ହୋଇ ଥାଆନ୍ତା ଏଇକ୍ଷଣି !"

ଏତିକି କହୁଁ କହୁଁ ସେ କାରରୁ ଓହ୍ଲାଇ ଆସିଲେ ଓ ଯୁବକ ନିକଟକୁ ଆସି କୋମଳ ସ୍ୱରରେ କହିଲେ "କେଉଁଠି ଚୋଟ୍ ଲାଗିଛି କି ?"

"ନାହିଁ—"

"ନାହିଁ କଣ ! ଏଇତ ହାତରୁ ରକ୍ତ ବାହାରୁଛି ।" ଏତିକି କହି ସେ ରୂପସୀ ତାର ରୁମାଲ ବାହାର କରି ଯୁବକର ରକ୍ତାକ୍ତ ହାତରେ ବାନ୍ଧି ଦେଲେ ।

ହାତରେ ଚୋଟ୍ ଲାଗି ଥିବାର ଯୁବକର ହୁସ୍ ନାହିଁ । ସେ ବି ଦେଖି ଚମକି ପଡ଼ିଲା ଓ କହିଲା "ସାମାନ୍ୟ ଆଘାତ—କିଛି ଚିନ୍ତା ନାହିଁ ।"

ଯୁବତୀ ହସି କହିଲେ "ବେକୁବ ଯୁବକ, ଚାଲ ଚାଲ ତମକୁ ଡାକ୍ତରଖାନାକୁ ନେଇ ଡ୍ରେସ କରାଇ ଆଣେ । ମୋର କର୍ତ୍ତବ୍ୟ ।"

ଏତିକି କହି ତାର ବାଁ ହାତ ଧରି ମଟରକୁ ଟାଣି ନେଇଗଲେ । ସେ ମନ୍ତ୍ରମୁଗ୍ଧ ପରି ଯାଇ ବସିଲା ।

ଦୁହେଁ ପାଖାପାଖି ହୋଇ ବସିଲେ । ଯୁବତୀ ଡ୍ରାଇଭରକୁ କହିଲେ "ହସପିଟାଲ୍ ।"

ମଙ୍ଗଳିଆ ସୁବିଧା ଦେଖି ଯୁବତୀର କୋଳକୁ ଡେଇଁ ପଡ଼ିଲା । ଯୁବତୀ ହସି କହିଲେ "ତମର ଏଇଟି ବଡ଼ ପ୍ରିୟ—ନିଜର ଜୀବନ ତୁଚ୍ଛ କରି—"

ବାଧା ଦେଇ ଯୁବକ କହିଲା "ଆପଣ ଏଇଟି ନିଅନ୍ତୁ—ଉପକାରର ପ୍ରତିଦାନ ସ୍ୱରୂପ—।"

"ଓଃ, ବଡ଼ ସ୍ୱାର୍ଥତ୍ୟାଗ !" ଯୁବତୀ ହସି କହିଲେ ଯୁବକ ଲଜ୍ଜିତ ହେଲା । ଯୁବତୀ କହିଲେ "ଅଚ୍ଛା, ପରେ ।"

ହସପିଟାଲରେ ଡ୍ରେସ କରି ଦୁହେଁ ପୁଣି କାରରେ ବସିଲେ । ଯୁବତୀ ହୁକୁମ ଦେଲେ "କୋଠିପର ।"

ଏକ ବଡ଼ ଅଟ୍ଟାଳିକା । ସୁସଜ୍ଜିତ କକ୍ଷ । ଯୁବକ ଓ ଯୁବତୀ ଟେବୁଲ ପାଖରେ ବସିଲେ । ଚା' ଆସିଲା । ଚା' ଖାଉଁ ଖାଉଁ ଯୁବକ ତାହାର ଜୀବନର ଇତିହାସ ସବୁ ଖୋଲି କହିଲା । ଯୁବତୀ କହିଲେ "ମୁଁ ସେଠ୍ ରାମଜୀଙ୍କ କନ୍ୟା । ଦେଖେଁ ଆପଣଙ୍କ ପାଇଁ କିଛି କରି ପାରେଁ କି ନା ।"

ସେଠ ରାମଜୀ ମସ୍ତ ବଡ଼ କଣ୍ଟ୍ରାକ୍ଟର—କୋଟିପତି । ମୀନା ତାଙ୍କର ଏକ ମାତ୍ର ଆଦରିଣୀ ସୁଶିକ୍ଷିତା କନ୍ୟା ।

ମୀନା ଯାଇ ପିତାଙ୍କ ପାଖରେ ସବୁକଥା କହିଲେ । ରାମଜୀ ଯୁବକକୁ ଡକାଇଲେ । ସବୁ ଶୁଣି କହିଲେ "ଠିକ୍, ତୁମର ଭଳି ଲୋକ ମୁଁ ଚାହେଁ । ଇଞ୍ଜିନିଅରିଂ ପାସ କରିଛ, ନା ?"

"ଅଜ୍ଞା ହଁ ।"

"ତେବେ କାଲିଠାରୁ କାମରେ ଯୋଗ ଦିଅ । ଯେଉଁ ଲୋକ ସାମାନ୍ୟ କୁକୁର ଛୁଆ ପାଇଁ ନିଜର ଜୀବନ ବିପନ୍ନ କରିପାରେ, ସେ ତାର ମୁନିବ ପାଇଁ ନିଶ୍ଚୟ—ଅଚ୍ଛା, ନମସ୍କାର ।"

ଯୁବକ ରାମଜୀଙ୍କ କାମରେ ମୁତାଏନ ହୋଇଗଲା ଇଞ୍ଜିନିଅର ରୂପେ ।

ମଙ୍ଗଳିଆର ଶୁଭ ପଦସ୍ପର୍ଶରୁ ତାର ଏ ଉନ୍ନତି । ଏ କଥା ସେ ଭୁଲି ନାହିଁ ।

× × ×

ଏବେ ଏକ ସୁନ୍ଦର କୋଠିର ଏକାଧି-ବର୍ତ୍ତୀ ମାଲିକ ଯୁବକ ଓ ମୀନାଙ୍କର ଶାନ୍ତିମୟ ସଂସାରରେ ମଙ୍ଗଳିଆ ହୋଇ ରହିଛି ସବୁଠାରୁ ପ୍ରିୟ ଓ ମୂଲ୍ୟବାନ ବନ୍ଧୁ ।

—†—

## କାହିଁକି

'ବଗ' ସାହେବ ଓଡ଼ିଶା ଲାଟ ହେବା ପାଇଁ ମାଡ୍ରାସରୁ ଆସିଲେ କାହିଁକି ?

ପ୍ରଧାନ ମନ୍ତ୍ରି ସେଇଠୁ ଆସିଥିବାରୁ ତାଙ୍କ ସଙ୍ଗରେ ପଡ଼ିବ ବୋଲି । ×

ସରକାର ଦେଇ ସରକାର ହେଲେ କାହିଁକି ?

ଅର ପଟର ଓଲଟା ? + +

ଲଡ଼ବା ସରକାଙ୍କ ଆଶ୍ରୟ ନେଲେ କାହିଁକି ?

...ବନାଶ୍ରିତା ହି ନ ବର୍ତ୍ତନ୍ତେ ବଦତା ବନିତା ଲତା । ×

ଓଡ଼ିଶା ଗଡ଼ଜାତ ଉପରେ କଂଗ୍ରେସ ଇନ-କୁଅର କମିଟି ବସିଛି କାହିଁକି ?

...ନ ଥିଲି ବର୍ଷିଆ କି କରେ ଚଷି ! ×

ଖଦଡ଼ର ଦାମ ବେଢ଼ା ହଠାତ୍ ହୋଇଗଲା କାହିଁକି ?

...ପ୍ରତ୍ତିବର ସୁବିଧା, ନା ସ୍ୱରାଜର ନମୁନା ! +

ଗାନ୍ଧି—ଜିନ୍ନା ଭେଟ ଦ୍ୱାରା ହିନ୍ଦୁ ମୁସଲମାନ ମିଳନ ଚେଷ୍ଟା ପଣ୍ଡ ଗଲା କାହିଁକି ?

...ଗାନ୍ଧିଜୀ କଲମା ପଢିଲେ ନାହିଁ କି ଜିନ୍ନା ସାହେବ ଚୁଟି ରଖିଲେ ନାହିଁ ବୋଲି ।

\+ + +

ଶ୍ରୀ ନବକୃଷ୍ଣ ହାରୁଡ଼ି ଧଇଲେ କାହିଁକି ?

ଭଉଣୀ ମାଳତୀଙ୍କ ହାତରେ ଦାଆ ଦେଖି ।

\+ + +

'ସମାଜ'ରେ ଚକଣିଆର ଅଭାବ କାହିଁକି ?

ତେଲ ତକ ହନ୍ ୨ ସରି ଯାଉଛି ଯେ !

\+ + +

ବିଶ୍ୱନାଥ ଦାସେ ଏବେ ପୁରୀ ଯାଉଥିଲେ କାହିଁକି ?

ରଥ ବି ଦେଖିବେ, କଦଳୀ ବି ବିକିବେ ।

\+ + +

ଜଗନ୍ନାଥ ଦାସେ ଲମ୍ବା ହୋଇଛନ୍ତି କାହିଁକି ?

ଗାନ୍ଧି ପାଲଟିବେ ପରା !

Digitized by srujanika@gmail.com



# କଳଘର ରେଜା

ଲେଖକ—ଶ୍ରୀ ଯୁଗଳ ଚରଣ ଦାସ ।

ଝୁପୁରୁ ଝୁପୁରୁ ବର୍ଷା, ତା ସାଥିରେ ବିଜୁଳିର ମନୋହର ଗତି, ମନ ଭୁଲାଣିଆଁ ଝିମିକିର ସଙ୍ଗୀତରେ ମୁଁ ବେଳେବେଳେ ତନ୍ମୟ ହୋଇ ଉଠେଁ । କିନ୍ତୁ ମୋର ଅତୀତ କଥା ମନେ ପଡ଼ିଲେ ସବୁ ସୁଖ, ସବୁ କଳ୍ପନା ପୋଡ଼ି ଭସ୍ମ ହୋଇଯାଏ ।

ମୋର ପରିଚୟ ବୋଲି କିଛି ନାହିଁ । କେବଳ କଳଘର "ରେଜା" କହିଲେ ଯଥେଷ୍ଟ । ମୋତେ କେହି ସଂସାରରେ ଜାଣେ ନା, ଚିହ୍ନେନା । ଦିନେ ଥିଲା ମୋର-ସ୍ୱାମୀ ଥିଲେ, ସ୍ନେହ କରୁଥିଲେ, ଅଳିଅଳରେ ଥିଲି । ମୋର ସେତେବେଳେ ସବୁ ଥିଲା, କିନ୍ତୁ ଆଜ କିଛି ନାହିଁ । ସବୁ କେବଳ, କଳ୍ପନା । ଅଭ୍ର ସ୍ୱପ୍ନ ।

ସବୁ ତ ଗଲା, ବେଶ୍ ହେଲା । ଏ ତ ସଂସାରର ନିୟମ । ଏ ପୋଡ଼ା ରୂପଟା ଯାହା ତା ସାଥିରେ ନ ଗଲା ! ସେଇଟା ଲାଗି ମୁଁ ଆଜ ଶାନ୍ତିରେ ବି ରହି ପାରୁନି । ଆତ୍ମହତ୍ୟା କରିବାକୁ ଯାଉଛି କିନ୍ତୁ କିଏ ଯେପରି ବାଧା ଦେଉଛି । କହୁଛି, "ରହ, ସଂସାରରେ କେତେ ବିଧବା ଅଛନ୍ତି, ଦୁଃଖ ସୁଖରେ ବଞ୍ଚି ରହିବା ଭଗବାନଙ୍କର ଉଦ୍ଦେଶ୍ୟ । ଆତ୍ମହତ୍ୟା ମହାପାପ ।"

ଛାଡ଼ ସେକଥା—କଳଘରେ ମୁଁ ରେଜା—ଘରଅଡ଼ ନରୁଜ ତ୍ୱବା ଭିତରୁ ମୋତେ କୋଇଲି ଖଳାସ କରିବାକୁ ହୁଏ, ଆଠ ଘଣ୍ଟା କାମ ଭିତରୁ, ଏଥିରେ ଛ ଘଣ୍ଟା କଟେ, ପେଟ, ପାଟି, ନାକ କୋଇଲା ଗୁଣ୍ଡିରେ ଭରପୂର ହୋଇଯାଏ—ବଡ଼ କାଟେ, ତା ପରେ ବି ମାଟି ଟଣ୍ଡାଏଁ, ଝାଡ଼ୁ ଦିଏଁ, ଯାମ ସଫା କରେଁ ଆଉ କେତେ କାମ ... ... ଯାହାକି ତୁମେ କଳ୍ପନା ବି କରିପାରିବ ନି । ମାରବରେ ଏଇ ଦେହ ସବୁ ସହି ଯାଉଛି । ମୁଁ ଯେ ରେଜା ।

ମଜୁରି ଦିନକୁ ଟ୦।୵୬ । ଯାହାହେଉ କିନ୍ତୁ ଏତିକି କହି ରଖୁଛି, କୁଲି ରେଜାଙ୍କ ଠାରୁ କଳଘରେ କେହି ବେଶୀ କାମ କରନ୍ତି ନାହିଁ ।—ଅଥଚ ବେଶୀତ ମିଳେନି ।—ତୋଡ଼ ମାଡ଼ କମ ନୁହେଁ, କିନ୍ତୁ—ଏହି ଯୋଡ଼ା ପେଟଟା ଲାଗି ପାଟିରୁ କଥା ଭାବେନି ଏହା ଛଡ଼ା ରେଜାର ଅଭିକଣ ?

ମୋ ଜୀବନର ଇତିହାସ କହିଲେ ଗୋଟେ ବଡ଼ ଉପନ୍ୟାସ ହେବ । ତେଣୁ ସବୁ କଥା କହିବାକୁ ଇଚ୍ଛା ନାହିଁ । ଦିନକର କଥାରୁ ମୋ ଜୀବନର ସମସ୍ତ କାହାଣୀ ଫୁଟି ଉଠିବ । କହୁଚି—

ମୁଁ କୁଅଡ଼େ ବଡ଼ ସୁନ୍ଦରୀ—ନଜେ ତ କହି ପାରିବ ନି—ଲୋକେ କହନ୍ତି । କିନ୍ତୁ ମୋ ମନ ନେବାକୁ ଯେଉଁମାନେ ସଦାବେଳେ ବ୍ୟାକୁଳ, ପାଗଳ ହୋଇ ଉଠନ୍ତି, କହନ୍ତି—ତୁମକୁ ବିଧାତା ନୀଚ କୁଳରେ ଜନ୍ମ ଦେଇ ବଡ଼ ଭୁଲ କରିଛନ୍ତି···ତୁମେ ରାଣୀ ହେବା ଯୋଗ୍ୟା—

ସେନ୍ ବାବୁ ଆମର ବଡ଼ ଫୋରମ୍ୟାନ (General fore man) । ଦରମା ଦିନକୁ ଟ୧୬୪ଙ୍କା । ପଢ଼ାପଢ଼ି ସେମିତି କିଛି ନାହିଁ । ସ୍କୁଲ କଲେଜର ଦୁଆର ମାଡ଼ି ନାହାନ୍ତି କେବେ । ସେଇଜରେ ଖଲାସିରେ ଭର୍ତ୍ତି ହୋଇଥିଲେ । କମ୍ପାନିର ଦଲାଲ ତନି, ୧୦ ଲୋକ ଯେଉଁଠାରେ ୫ ଲୋକରେ କାମ ଚଳାଇ, ଆଜ ହୋଇଛନ୍ତି ଫୋରମେନ ।

ସତ କହୁଛି, ମୁଁ ତାଙ୍କୁ ବଡ ଡରେଁ । ସେ କେଡ଼େ ଲୋକ ! କେଜାଣି ଏହି ରୂପଟା ଲାଗି ସେ ମୋତେ ବଡ଼ ଆଦର କରନ୍ତି, ପାଖକୁ ଡ଼ାକନ୍ତି, କିଛି କଥା ନ ଥିବ ଏଣୁ ତେଣୁ କହି ମୋ ମନ ନେବାକୁ ପ୍ରାଣପଣେ ଚେଷ୍ଟା କରନ୍ତି । "ଦୁଲାରି" "ଦୁଲାରି" ବୋଲି ତାଙ୍କର ଡାକ ଶୋଷ ବନ୍ଦ ବି ହୋଇ ଯାଏ । ଏଥିଲାଗି ମୁଁ ସାଥିଙ୍କ ପାଖରେ ଅପ୍ରସ୍ତୁ ହୋଇ ଉଠେଁ । କିନ୍ତୁ ମୋର ଦୋଷ କଣ ? ସେ ଯେ ଆମର ବଡ଼ ହାକିମ ।

ଦିନକର କଥା । ୫ ଟା ବାଜିବାକୁ ୧୫, ୨୦ ମିନିଟ ବାକି ଥାଏ, ସାଥି ଯାକ ହାଜର କରିବାକୁ ଆଗରୁ ଚାଲି ଯାଇଥାନ୍ତି । ସେନ୍ ବାବୁଙ୍କ ହୋଟେଲରୁ ମୁଁ ଫେରିବା ଅଳ୍ପ ଅଳ୍ପ ବିଳମ୍ବ ହେଲା । ଦେଖିଲି ଅଫିସରେ କେହି ନାହାନ୍ତି । ଝିମିକି ଘୁଡ଼ିକି ଇଞ୍ଜିନ ପରି ଖଟ୍‌-ଖାଟେ ଲାଗିଛନ୍ତି । ସେନ ବାବୁ ଚଉକିଉପରେ ଝୁଲି ଝୁଲି ମୋ ଆଡେ ଏକ ଲୟରେ ଅନାଇ ରହିଛନ୍ତି । ମୋତେ ବଡ଼ ଲାଜ ଲାଗିଲା:—କିପରି ତାଙ୍କଠାରୁ ମୁକ୍ତି ପାଇବି ଏହିକଥା ଚିନ୍ତା କଲି ।

ଗୁହା ରଖି ମୋ ହାତଟା ସେନ ବାବୁ ହଠାତ୍ ଧରି ପକାଇଲେ,—କହିଲେ "ଦୁଲାରି, ସବୁଦିନେ କଣ ଏମିତି ନିଷ୍ଠୁର ହୋଇଥିବୁ—ନାଶ ହୋଇ, ହୃଦୟ ବେଦନା ବୁଝୁନୁ । ମୁଁ କଣ ... ..."

ଏଇପରି ଆଉ କେତେ କଦର୍ଯ୍ୟ, ଜଘନ୍ୟ କଥା ...... । ସାଙ୍ଗେ ସାଙ୍ଗେ ମୋ ହାତରେ ଦୁଇ ଖଣ୍ଡ ନୋଟ ଗୁଞ୍ଜିଦେଲେ ।

ଭାରି ରାଗ ହେଲା, ନୋଟ ଦୁଇ ଖଣ୍ଡକୁ ଚିରି ଚିରି କରି ଫିଙ୍ଗି ପକାଇବାକୁ ଯାଉଥିଲି, କିନ୍ତୁ କାହିଁକି କେଜାଣି ରହିଗଲି । ମୋ ଭିତରୁ କିଏ ଯେପରି ମୋତେ କଣ କହିଦେଲା ।

କଳଘର ସ୍ତ୍ରୀ କୁଲିଙ୍କୁ "ରେଜା" କୁହାଯାଏ ।

ହସି କହିଲା, "ଆଜି ... ରାତି ୨ଟା ବେଳକୁ ସୁବର୍ଣ୍ଣରେଖାର Pump house ପମ୍ପ ହାଉସ ପାଖକୁ ଯିବ...... ।"

"ନା-ନା-ଭୁଲ୍ ମୋର" କହି ପାଗଳ ହୋଇ ଉଠିଲା ସେନ୍,—ଝଟପଟ ଧରିବାକୁ ହାତ ବଢ଼ାଇ ଥିଲା—କହିଲା "କଣ ପାଗଳ ହେଲ, ଭଏ ପରି ଚଳଚଳ । ଏତେ ଲୋକଙ୍କ ଆଗରେ—"ସେ ଥମିପଡ଼ି ରହିଗଲା ।

ସନ୍ଧ୍ୟା ହେଲା, ଜଙ୍ଗଲ ପଡ଼ାଟିର କୁଡ଼ିଆ ଘରେ ଦୀପ ଜଳିଲା । ଉପର ଘଟଣାଟା ପ୍ରାଣରେ ବଡ଼ ଆଘାତ ଦେଇଥିଲା । ଭାବିଲି କାଲିକୁ ସବୁ କଥା କହି ନଷ୍ଟ କୁଳକୁ ବାହାରିଲି । ଦେଖିଲି ସେନ୍ ଆମର ପଡ଼ାଟି ଅଡ଼କୁ ବଡ଼ ଆଗ୍ରହରେ ଚାହିଁ ରହିଛି । ମୋତେ ଦେଖି ସେ କୋଟି ନିଧି ପାଇଲା ପରି ଦୁଇ ହାତ ମେଲାଇ ଧାଇଁ ଆସିଲା । ତା ଆଖିରୁ ଦେଖି ଜାଣିଲି—ସେ ମାତାଲ ।

ହଠାଏ ପଛକୁ ଘୁଞ୍ଚିଯାଇ କହିଲି "ଚୁପ୍ କର୍, ସଇତାନ—କୁକୁର ! ତୁ କଣ ମୋତେ ବେଶ୍ୟା ମନେ କରୁଛୁ ! କୋଡ଼ିଏଟଙ୍କା ଦେଇ ମୋର ଇଜ୍ଜତ ନେବାକୁ ସଜ ହୋଇ ଆସିଛୁ ! ସ୍ଲେଟଜାତ ବୋଲି ନା ? ରେଜା ବୋଲି ନା ? ଆମ ଜାତିଅଣର ଜଣେ ଯଦି ୫୧୦୦୧ ଦିଏ ତୁ ତୋର ସ୍ତ୍ରୀର ଇଜ୍ଜତ ଦେଇ ଦେବୁଟିକି ? ବଡ଼ ଲୋକର, ବଡ଼ ଜାତିର ଗର୍ବ କରୁଛୁ ଏଇଥିପାଇଁ !"

ମୋ ପାଟିରୁ କଥା ସରିନାହିଁ—ପଛଅଡ଼ୁ ପଡ଼ିଲା—ଦୁମ୍ ଦାମ୍, ଧୁସ୍ ଧାସ୍ ।

ଇତମି ଭାଇ ଅଜିତ୍ ମାରିବାକୁ ଯାଉଥିଲା,—କହିଲି, "ଆଉ ମାରନା ଛାଡ଼ ଦିଅ, ଉଚିତ ଶିକ୍ଷା ହୋଇଛି ।"

ସେନ୍ ସେଇଠି ଅଚେତନ ହୋଇ ପଡ଼ି ରହିଲା । ଆମେ ଚାଲିଗଲୁଁ ।

ଦୁଇ ମାସ କାଳ ଡାକ୍ତର ଖାନାରେ ପଡ଼ି ସେନ୍ ଯେତେବେଳେ ଗାମକୁ ଆସେ, ମୁଣ୍ଡ ଓ ଆଖିର ଘା' ଚିହ୍ନ ଦେଖି ସମସ୍ତେ ପ୍ରଶ୍ନ ପଚାରିଲେ ।

ପ୍ରଥମ ସ୍ତମ୍ଭ ଉତ୍ତାରୁ

ସେନ୍ କହିଲା "ସାଇକଲରୁ ପଡ଼ିଗଲି ।" ଗୋଟାଏ ସିନା ଥଣ୍ଡା ହେଲା । ଏଇପରି ସେନ୍ କେତେ ଅଛନ୍ତି, କିଏ କହିବ ! ତାଙ୍କ ହାତରୁ ରକ୍ଷା କରିବାକୁ ଇକମି ଭାଇ ଯେ ସବୁବେଳେ ଥିବ, ତାହା ବା କିଏ କହିବ ? ଅତଏବ କର୍ମ ଆଦର ଏସବୁ ବି ସହିବାକୁ ହେବ । କାରଣ—ମୁଁ ଯେ ରେଜା !

## କୋଷ୍ଠି ବିଚାର



### ଶ୍ରୀ ରାଜେନ୍ଦ୍ର ପ୍ରସାଦ—

( ପ୍ରକୃତ )

ଜାତକ ଧୀର, ପ୍ରଶାନ୍ତ, ଉଦାର, ତୃଣାଦପି ସୁନୀଚ, ତରୋରିବ ସହିଷ୍ଣୁ । ତ୍ୟାଗ ଓ ସେବା ଦ୍ୱାରା ଜନତାର ହୃଦୟ ଜୟ କରି ପାରନ୍ତି ଓ ସମାଜର ପ୍ରେମ ଭକ୍ତି ଆକର୍ଷଣ କରନ୍ତି । ଉଜ୍ଜ୍ୱଳ ଭାବୁକତା ବା ପ୍ରଦୀପ୍ତ ପ୍ରତିଭାର ଜ୍ୱାଳାମୟ କିରଣର ଅଭାବ ହେଲେ ମଧ୍ୟ ସ୍ୱଭାବର ସ୍ନିଗ୍ଧ ମଧୁରିମା ଦ୍ୱାରା ଜନମନ ଜୟ କରନ୍ତି । ଦୋଷ ମଧ୍ୟରେ ହୃଦୟର ପରିସର କ୍ଷୁଦ୍ର ଅର୍ଥାତ୍ ସ୍ୱକୀୟତାରୂପ ଗଣ୍ଡି ମଧ୍ୟରେ ସୀମାବଦ୍ଧ ।

(ପୂର୍ବ ଜନ୍ମ)

ରାମଚନ୍ଦ୍ର ଯେତେବେଳେ ଲଙ୍କାକୁ ସେତୁ ବନ୍ଧ ବାନ୍ଧିଲେ ତହିଁରେ ଗୋଟିଏ ଗୁଣ୍ଡୁଚି ମୂଷା ବନ୍ଧ ବାନ୍ଧିବାରେ ସ୍ୱଶକ୍ତି ଅନୁଯାୟୀ ସହାୟତା କରିଥିଲା । ଏ ବ୍ୟକ୍ତି ସେହି ଗୁଣ୍ଡୁଚି ମୂଷା । ପୁରସ୍କାର ସ୍ୱରୂପ ସ୍ୱୟଂ ରାମଚନ୍ଦ୍ର ଏହି ମୂଷା ପିଠିରେ ସାନ୍ତ୍ୱନା ଦେଇ ହାତ ଅଉଁସି ଦେଇଥିବା କଥା ପୁରାଣ ପ୍ରସିଦ୍ଧ ।

ସୁଗ୍ରୀବ କିଷ୍କିନ୍ଧ୍ୟା ପାଇଲେ, ବିଭୀଷଣ ଲଙ୍କାରାଜ୍ୟ ପାଇଲେ, ରାମ ସୀତା ଲଭିଲେ, ବପୁରା ଗୁଣ୍ଡୁଚି ମୂଷାକୁ କେହି ପଚାରିଲେ ନାହିଁ । ଲାଭ ମଧ୍ୟରେ ପିଠିରେ କଳା ଦାଗ ରହିଲା । ଏ ହେତୁ ସେ ଅପଶୋଷ କରି ଥିବାର ପାପରୁ ଦ୍ୱାପରରେ ବିଦୁର ରୂପେ ଜନ୍ମ ଗ୍ରହଣ କଲେ । ସେ ଜନ୍ମରେ ସେ ଭକ୍ତ ହୋଇ ଶ୍ରୀକୃଷ୍ଣଙ୍କୁ ସ୍ୱଗୃହରେ ଅତିଥି ରୂପେ ଲାଭ କଲେ । ତଥାପି କୁରୁକ୍ଷେତ୍ର ରଣ ଉତ୍ତାରୁ ତାଙ୍କୁ ବି କେହି ପୁଛିଲେ ନାହିଁ ନା ତାଙ୍କ ଅବସ୍ଥାର ପରିବର୍ତ୍ତନ ହେଲା । ମନ ଦୁଃଖରେ ସେ ପ୍ରାଣତ୍ୟାଗ କଲେ ।

ଏ ଜନ୍ମେ ସେ ଜନ୍ମିଲେ ଏକ ଶ୍ୱେତକାୟଙ୍କ ଗୃହରେ ଗ୍ରେ ହାଉଣ୍ଡ (ଡାହାଳ) ରୂପେ । ତାଙ୍କ ଘରେ ଏକ ଉତ୍ର ଦେଶୀୟ ଗାଈ ଥିଲା । ତାଙ୍କ ଘରେ ଏକ ମାଡ଼ିଆରେ ଘାସ ରଖା ହୋଇଥିଲା । ଉକ୍ତ ଘାସକୁ ସେ ଗାଈ ଖାଇବାକୁ ଯାଆନ୍ତେ ଉକ୍ତ ଶ୍ୱାନ ତହିଁ ମଧ୍ୟରେ ପଶି ବିକଟ ଚିତ୍କାର ଦ୍ୱାରା ଗାଈକୁ ବାଧା ପ୍ରଦାନ କଲା । ଗୃହସ୍ୱାମୀ ସମସ୍ତ କଥା ନ ବୁଝି ରାଗାନ୍ୱିତ ହେଲେ ଓ ସେ ଶ୍ୱାନକୁ ଗୋଟିଏ ବାୟୁଶୂନ୍ୟ ପେଟିକାରେ ନିବଦ୍ଧ କରି ଦଣ୍ଡ ଦେଲେ । ସେ ଶ୍ୱାନ ତହିଁ ଶ୍ୱାସ କଷ୍ଟରେ ଓ ଅନଶନରେ କୃଶତା ଲଭିଲା ଓ ପ୍ରାଣ ତ୍ୟାଗ କଲା ।

ଏ ଘଟଣା ଇସପସ୍ ଫେବଲ୍ସ ନାମକ କଥା ପୁସ୍ତକରେ Dog in the manger ନାମକ କାହାଣୀରେ ବିବୃତ ଥିବାର ଦେଖା ଯାଏ ।

ଏହି ସ୍ୱାର୍ଥରକ୍ଷଣ, ସ୍ୱାମୀଭକ୍ତି ରୂପ ପୁଣ୍ୟ ପ୍ରଭାବରେ ସେ ଶ୍ୱାନ ମାନବ ଯୋନି ଗ୍ରହଣ କରି ବିହାର ପ୍ରଦେଶରେ ଜନ୍ମ ଲଭିଲେ ଓ ଗାନ୍ଧୀ ପ୍ରଦର୍ଶିତ ଅହିଂସା ଧର୍ମରେ ଦୀକ୍ଷିତ ହୋଇ ଦେଶ ସେବା ବ୍ରତ ଧାରଣ କଲେ ।

Digitized by srujanika@gmail.com




## ନିଖିଳ ଭାରତ ଗ୍ରାମ୍ୟ ଶିଳ୍ପ ସଙ୍ଘର ବାର୍ଷିକ ରିପୋର୍ଟ ।

ମାନ୍ୟବର ସଂପାଦକଙ୍କ ଠାରୁ ପ୍ରାପ୍ତ ହୋଇ ଧନ୍ୟବାଦ ଦେଉଅଛୁଁ । ଏହି ସଂଘ ଅତି ଉଚ୍ଚ ଆଦର୍ଶ ରଖି କାର୍ଯ୍ୟ କରୁଛନ୍ତି । ଏବଂ କୁଟୀର ଶିଳ୍ପ ସମୂହର ଉନ୍ନତି ଦ୍ୱାରା ଦରିଦ୍ର ମୁଖରେ ପୂର୍ଣ୍ଣଗ୍ରାସର ବ୍ୟବସ୍ଥା କରୁ ଅଛନ୍ତି । ଆମ୍ଭେମାନେ ବହୁତ ପଦାର୍ଥ ବେଦରକାର ବୋଲି ଫୋପାଡ଼ି ଦେଉଁ, ଯାହାପରୁ ଅର୍ଥକର ଶିଳ୍ପରେ ପରିଣତ ହୋଇପାରେ । ଏହାଛଡ଼ା ଖଜୁରି ଗୁଡ଼, ଘଣାତେଲ, ଢେଙ୍କି ଚାଉଳ, ଚକି ଅଟା ମଣ୍ଡ ପ୍ରଭୃତି ଖାଦ୍ୟ ଦ୍ରବ୍ୟର ପ୍ରସାର ଓ ପ୍ରଚାର କରିବା ଏ ସଂଘର ଉଦ୍ଦେଶ୍ୟ । ସସ୍ତା ଓ ସୁବି-ଧାରେ ଗରିବ ଲୋକ କିପରି ପୁଷ୍ଟିକାରକ ଖାଦ୍ୟ ପାଇବ ଏଥିପାଇଁ ସଂଘ ତରଫରୁ ନାନା ପ୍ରଚେଷ୍ଟା ଚାଲିଛି ।

ଭାରତର ସବୁଆଡ଼େ ଏକା ବେଳେକେ ଗ୍ରାମେ ଗ୍ରାମେ କାର୍ଯ୍ୟ ଚଳାଇବା ସାଧ୍ୟ ନୁହେଁ ତେବେ ମହାତ୍ମା ଗାନ୍ଧିଙ୍କ ବଳରେ ଜାତି, ସାଧୁ ଶେଠ ମାନଙ୍କ ଦ୍ୱାରା ଭୂତ ହୋଇ ଘର ଆଡ଼େ କଂଗ୍ରେସ ସରକାରମାନଙ୍କ ସାହାଯ୍ୟ ଓ ଲୋକଙ୍କ ଆର୍ଥିକ ଦୁରବସ୍ଥାର ସୁବିଧା ପାଇ ଏ ସଂଘ ଭବିଷ୍ୟତରେ ଭାରତର ଭାଗ୍ୟ ଫେରାଇ ଦେଉ ଏତିକି ଆମର ଆଶା ।

## ଉତ୍କଳ ସାହିତ୍ୟ— ଜ୍ୟୈଷ୍ଠ ଆଷାଢ

ଯୁଗ୍ମ ସଂଖ୍ୟା ଏକାଠାଙ୍ଗରେ ବାହାରିଛି । ନୂଆ ପଚ୍ଛଦ ପଟର କଳାକୁଶଳତା ଓ ଚତୁର ପରିକଳ୍ପନାରେ ଶିଳ୍ପୀଙ୍କର ବାହାଦୁରି ଅଛି । ମଝିରେ ୮ ବିଶ୍ୱନାଥ କରଙ୍କ ହାଫ୍‌ଟୋନ ଚିତ୍ର ଶୋଭନୀୟ ।

ଅଧୁନିକ ଓଡ଼ିଆ ସାହିତ୍ୟର ଅଭାବ ଓ ତାହାର ନିରାକରଣର ଉପାୟ ଶୀର୍ଷକ ପ୍ରବନ୍ଧରେ ଶ୍ରୀଯୁକ୍ତ ଅନନ୍ତ ପ୍ରସାଦ ପଣ୍ଡା କେତେଗୁଡ଼ିଏ ସୁଚିନ୍ତିତ ଯୁକ୍ତି ଦେଖାଇ ଅଛନ୍ତି । ସତ୍ୟବାଦୀ ସାହିତ୍ୟ କମ୍ପାନୀ ଓ ପ୍ରତି ସବ୍-ଡିଭିଜନରେ ଶାଖା ସାହିତ୍ୟ ସମାଜମାନ ଗଠିତ ହେଲେ ସାହିତ୍ୟର ପ୍ରସାର ଓ ଶ୍ରୀ ବୃଦ୍ଧି ହୋଇ ପାରିବ ବୋଲି ତାଙ୍କର ମତ । ଆମ୍ଭେମାନେ ତାଙ୍କ ମତକୁ ପୂର୍ଣ୍ଣଭାବରେ ସମର୍ଥନ କରୁଁ । ଏକା,ଏ କଥାମାନ କରିବାକୁ ପ୍ରବୃତ୍ତି ଏ କାଳ-ରେ ? ପଣ୍ଡା ମହାଶୟ ଆଜି ନିର୍ବାଚନରେ ହାକିମ ହୋଇ ସେଠାରେ ସମଗ୍ର ଲେଖକଙ୍କୁ 'ଜୀର୍ଣ୍ଣ ଶୀର୍ଣ୍ଣ ଅସ୍ଥିକଙ୍କାଳସାର, ଦେଖିଥିଲେ ଓ ସେଇଥିରୁ ତାଙ୍କର ମନେ ହୋଇଛି ଯେ ବଳବୀର୍ଯ୍ୟ-ହୀନ ଦୁର୍ବଳ ଦେହ ଭିତରେ ସାହିତ୍ୟର ଗଙ୍ଗା ବାହାରିବା ସମ୍ଭବ ନୁହେଁ । ଅତଏବ ଆଗେ ନଅଙ୍କିଆ ଓଡ଼ିଆ ପୁଅଙ୍କୁ ଏହି ଲେଖକଙ୍କ ଗ୍ରୁପରେ ଢାଳି ନେଇ ପାରନ୍ତେ ସାହିତ୍ୟ ସମସ୍ୟା ରୂପ ଛୋଟା ସମସ୍ୟା ଦୂର ହୋଇ ଯାଆନ୍ତା ।

ବଙ୍ଗଳା ବିଶ୍ୱକୋଷ ପାଇଁ ଲିଖିତ ଶ୍ରୀଯୁକ୍ତ କେଦାର ନାଥ ମହାପାତ୍ରଙ୍କର ଉତ୍କଳ ମନ୍ଦ ହୋଇ ନାହିଁ । ତେବେ ବୋଧହୁଏ ସ୍ଥାନାଭାବରୁ ବଡ଼ ଲୁପ୍ତ । ପୂର୍ଣ୍ଣ ଗଳ୍ପ ଭିତରେ ଏକମାନ ହେବା ଓ ଖାଲି ରୂପ, ରସ, ଗନ୍ଧ ସ୍ପର୍ଶ ହୀନ — କେବଳ ଅଛି ଶବ୍ଦ ।

ପ୍ରେମମୟୀ କବିତାଟି ପୁରୁଣା ଛନ୍ଦରେ ଲେଖା, ହେଲେ ବେଶ ମାର୍ଜିତ ଓ ଭାବବ୍ୟଞ୍ଜକ । ଶ୍ରୀଯୁକ୍ତ ହରିଚନ୍ଦନଙ୍କୁ ଏଥିପାଇଁ ଅଭିନନ୍ଦନ କରୁଁ ।

ଶ୍ରୀ ଯୁକ୍ତ ରଘୁନାଥ ମହାପାତ୍ରଙ୍କର 'ଗାଁ କଥା' କବିତା ପ୍ରଶଂସନୀୟ ।

'ବୁଦ୍ଧ ଓ ଆନନ୍ଦ' କବିତାଟି ପ୍ରୋଢ଼ୀଭୂତ ହୋଇଛି—ଠାଏ ଠାଏ ଯତିଭଙ୍ଗ ବି ଘଟିଛି ।




## ନବ ଭାରତ— ଚତୁର୍ଥ ବର୍ଷ ଏକାଦଶ ସଂଖ୍ୟା

ଶ୍ରୀଯୁକ୍ତ ଗୋବିନ୍ଦ ତ୍ରିପାଠିଙ୍କ "ଆକାଶ କଇଁଆ' ଏଥର ଶେଷ ହୋଇଛି । ଜଗତର ସବୁ ବଡ଼ କଥା ଓ ଭଲ କଥା ପାଇଲୁ ଆକାଶ କଇଁଆ ଥାଏ—ମାତ୍ର ସେମାନେ ତାହା ବାଡ଼ କଇଁଆରେ ପରିଣତ ହୁଏ । ତଥାପି ଯେଉଁ କଇଁଅ ବାଚିଛନ୍ତି ତା ସାଙ୍ଗରେ ତିକିଏ ମାଛ ପକାଇ ରନ୍ଧାବାର ପ୍ରଣାଳୀ ସୁନ୍ଦର ହେଲେ ଅତି ଉପାଦେୟ ଅମ୍ବିଳ, ଶାକର, ଝୋଳପାଣି ହୋଇ ପାରିବ ।

ଅଧ୍ୟାପକ ଗିରିଜା ଶଙ୍କରଙ୍କର "ଓଡ଼ିଆ ବ୍ୟାକରଣର ଏକ ଅଧ୍ୟାୟ ସୁଚିନ୍ତିତ ପ୍ରବନ୍ଧ । ତାଙ୍କ ଭଳି ପ୍ରତିଭାଶାଳୀ, ରସଜ୍ଞ ବ୍ୟକ୍ତିଙ୍କ ପକ୍ଷରେ ଏହା ଏଭଳି ଲେଖା ସମ୍ଭବ । ମାତ୍ର ଏଭଳିଆ ଦିନ ଅଧିକଥ, ଖାମଖା ମନ୍ଦ ପ୍ରବନ୍ଧ ଲେଖିଲେ କି ଫଳ ହେବ ? ଗୌରୀ ଶଙ୍କର, ଗମଶଙ୍କରଙ୍କ ବଂଶଧର ସେ—ଯାହାର ହକ ଭାବେ ଓଡ଼ିଆ ବ୍ୟାକରଣର ଏହିପରି ଗବେଷଣା ମୟ ଆଲୋଚନା କରି ଚିରସ୍ଥାୟୀ କୀର୍ତ୍ତି ରଖି-ଯାଆନ୍ତୁ । ବିଦ୍ୟା, ବୁଦ୍ଧି, ପ୍ରବୃତ୍ତି, ଅର୍ଥ ସୁବିଧା ସବୁ ତାଙ୍କ ଠାରେ ଅଛି ।

'ଦୋକାନଦାର' ଗଳ୍ପଟି ବଡ଼ କରୁଣ । ରଚୟିତାଙ୍କ ଯୁଟସଂ ହୃଦୟସ୍ପର୍ଶୀ ।




Digitized by srujanika@gmail.com

# ୮ମ ଶବ୍ଦଧନ୍ଦାର ଉତ୍ତର ।

| | | | | | | |
|---|---|---|---|---|---|---|
| ୧ ପ | ୨ ର | (ତ୍ର) | ■ | ୩ ତ | ୪ କା | ୫ ସ |
| ୬ ଇ | ଢ | ■ | ୭ ଗି | ■ | ଯ | ର |
| ଡ଼ | ■ | ୯ ପା | ବ | ୧୦ କ | ■ | ଣ |
| ■ | ୧୧ ଖ | ଗ | ■ | ୧୨ ଥା | ୧୩ ଠ | ■ |
| ୧୪ ତ | ସ | ■ | ୧୫ ଜୀ | ■ | ୧୬ ଜ | ୧୭ ର |
| ନୁ | ■ | ୧୮ ବ | ଲ | ୧୯ ମ | ■ | ଧ |
| ■ | ୨୦ ଣୁ | ଣା | ■ | ୨୧ ବ | ସା | ■ |

## ପ୍ରତିଯୋଗୀମାନେ ୪୦ ଟଙ୍କା ପୁରସ୍କାର ପାଇଲେ

ସମ୍ପାଦକଙ୍କର ପ୍ରନବ୍ଦୟ ବଜୟ ହେଲା ।
ସାମନ୍ତ ପୁରସ୍କାର କେହି ପାଇ ପାରିଲେ ନାହିଁ । ନିର୍ଭୁଲ ଉତ୍ତର ଅଭାବରେ
୪ ଟି ଭୁଲ ପାଇଁ ପ୍ରଥମ ପୁରସ୍କାର

### ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ନାମ

ପ୍ରଥମ ପୁରସ୍କାର ୪ ଟି ଭୁଲ:— ପ୍ରତ୍ୟେକ ୫ ୬ୟ କରି (୫ ୨୦ ।) ୧ । ଶ୍ରୀ ନଟବର ମହାନ୍ତୋ, ଛୋଟଲାଲ ସାହେବ ଭବନ, ବାରିପଦା, ମୟୂରଭଞ୍ଜ । ୨ । ଶ୍ରୀ ରତନାରପୂର୍ଣ ମହାପାତ୍ର ୮ ମ ଶ୍ରେଣୀ ଭଦ୍ରକ ହାଇସ୍କୁଲ । ୩ । ଶ୍ରୀ ଦେବେନ୍ଦ୍ର କୁମାର ଦାସ, ଶତପଥିଲଙ୍ଗ କଟକ । ୨ୟ ପୁରସ୍କାର :— ୫ଟି ଭୁଲ ପ୍ରତ୍ୟେକ ୫ ୨୯ଙ୍କା କରି (୫ ୧୨ ଙ୍କା) ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଓଡ଼ିଶା ମେଡ଼ିକେଲ ସ୍କୁଲ କଟକ । ୨ । ଶ୍ରୀ କୃଷ୍ଣଚନ୍ଦ୍ର ଦାସ ବ୍ରହ୍ମପୁର ଉ: ପ୍ରା: ସ୍କୁଲ ପୋ. ରାଇ କାଲଗିରି, କାଲଗିରି ଷ୍ଟେଟ । ୩ । ଶ୍ରୀ ରଘୁନାଥ ପଟ୍ଟନାୟକ, ଗୁହାରିଅହାହି ପୋ: ଅ: ସୋର । ୪ । ଶ୍ରୀ ଗୋପାଳ ଜଉ ଠାକୁର C/o ଶ୍ରୀ ବୈଷ୍ଣବ ଚରଣ ନାୟକ, ୯ବମ ଶ୍ରେଣୀ ହାଇସ୍କୁଲ ଭଦ୍ରକ । ୫ । ଶ୍ରୀ କ୍ଷୀରୋଦ ଚନ୍ଦ୍ର କାନନ୍‌ଗୋ C/o ଡ଼ ଚାନନ୍‌ଗୋ ପେନସନ୍‌ଲେନ୍ କଟକ । ୬ । ଶ୍ରୀ ଭଗବାନ ପ୍ରସାଦ ଦାସ C/o ବାବୁ ବସନ୍ତ ମହାନ୍ତି ଅସିଷ୍ଟେଣ୍ଟ ରେଜିଷ୍ଟ୍ରାର କୋ: ଅପରେଟିଭ ସୋସାଇଟି ଅଫିସ, ସେକ୍ରେଟେରିଏଟ କଟକ । ୩ୟ ପୁରସ୍କାର ୬ଟି ଭୁଲ ପ୍ରତ୍ୟେକ ୫୧୯ଙ୍କା କରି ( ୫୫୯ଙ୍କା ) ୧ । ସେକ ମହମଦ୍ ଲଡିଫ୍ ଗୃଭଲ ମାର୍ଚେଣ୍ଟ ପୁରୁଣାବଜାର, ଭଦ୍ରକ । ୨ । ଶ୍ରୀ ଭିକାରି ଚରଣ ସାମନ୍ତ ନ ୧୬୨ ଏମ ଟାଇପ, ଟାଟାନଗର । ୩ । ଶ୍ରୀ କୃଷ୍ଣଚନ୍ଦ୍ର ସାହୁ, ନୟା ବଜାର ଭଦ୍ରକ । ୪ । ଶ୍ରୀ ଗୋପାଳଚନ୍ଦ୍ର ବୋଷ C/o R. D. Bose. ବାରିପଦା । ୫ । ଶ୍ରୀ ଉଦୟ ଚରଣ ଦାସ ସାହାପୁର ଭଦ୍ରକ

## ଆପତ୍ତି

ଯଦି କୌଣସି ପ୍ରତିଯୋଗୀ ତାଙ୍କର ପଠାଇଥିବା ଉତ୍ତର ସମ୍ବନ୍ଧରେ କୌଣସି ଆପତ୍ତି କରିବାକୁ ଚାହାନ୍ତି କିମ୍ବା ନିଜର ଭୁଲ ଦେଖିବାକୁ ଚାହାନ୍ତି ତେବେ ୫୦/୮ ର ଡାକ ଟିକଟ ପଠାଇଲେ, ଅଫିସ ତାଙ୍କର ଭୁଲ ନିର୍ଦ୍ଦେଶ କରି ତାଙ୍କ ପଠାଇଥିବା କୁପନ ତାଙ୍କୁ ଫେରାଇ ଦେବେ ।

[ସବୁଠାରୁ ବେଶୀ ସଠିକ ଉତ୍ତର ପାଇଁ ପୁରସ୍କାର ୫ ୩୯ ଙ୍କା:— ଶ୍ରୀମତି ମହାବିଦ୍ୟା ଦେବୀ ୯ମ ଶ୍ରେଣୀ ମିସନ ବାଳିକାସ୍କୁଲ ( ୧୭ ଟି ଉତ୍ତର )]

# ୮ମ ତଗର ଶବ୍ଦଧନ୍ଦା ସମ୍ବନ୍ଧରେ

## ସଂପାଦକଙ୍କ କଲମରୁ

ପଇତ୍ର, ପଇତା, ପଇସା— ଉପନୟନରେ ପଇତାର ଆବଶ୍ୟକତା ନ ଥାଏ, ସୂତାର ଆବଶ୍ୟକତା ଥାଏ । ସୂତାକୁ ମନ୍ତ୍ର କରି ଦେଇଲେ ପଇତା ହୁଏ । ପଇସା ନ ହେଲେ କୌଣସି କାର୍ଯ୍ୟ କରା ହୁଏ ନାହିଁ । ଉପନୟନ କାର୍ଯ୍ୟାରମ୍ଭ ହେବା ଦ୍ୱାରା ପଇତ୍ରକୁହିଁ ବୁଝାଉଛି । ପୁଣି ପଇତା ଉପନୟନ କାର୍ଯ୍ୟର ଆରମ୍ଭରେ ଖୋଜାହୁଏ ନାହିଁ ।

ଭିକାରି, ଶିକାରି— ଶିକାରିଠାରୁ ରକ୍ଷା ପାଇବାକୁ ଚେଷ୍ଟା କରିବା ଉଚିତ କିନ୍ତୁ ଭିକାରି ଯେ କି ମୁଠିଏ ଚାଉଳ ଦେଲେ ଚାଲିଯାଏ ତା ଠାରୁ ରକ୍ଷା ପାଇବାକୁ ଚେଷ୍ଟା କରିବ କାହିଁକି ?

ମର, ନର— ନର ଯଦି ସତ୍‌କାର୍ଯ୍ୟ କରେ ମଲେ ମଧ ଅମର ହୋଇ ରହେ ବୋଲି କଥା ଅଛି କିନ୍ତୁ ମର କ'ଣ କେବେ ଅମର ହୋଇ ଯାଏରେ ? 'ମର' ଶବ୍ଦ ବିଶେଷଣ ପଦହେଲେ ମଧ ଅନେକ ସମୟରେ ବିଶେଷ୍ୟ ରୂପେ, ବ୍ୟବହାର ହୋଇଥାଏ ।

କାନ, କାମ:— କାନରେ ଅସତ କଥା ଶୁଣି ଯଦି ଜଣେ କାମରେ ଅସତ୍ ଆଚରଣ ନ କରେ ତେବେ ଉନ୍ନତି ପଥରେ ବାଧା ଆସେ ନାହିଁ । କିନ୍ତୁ ଯଦି କାମ (କାମନା) କୁ ଅସତ ଆଡ଼କୁ ମନୁଷ୍ୟ ନିଏ ତେବେ ଉନ୍ନତି କରି ନ ପାରିବା ସ୍ୱାଭାବିକ ।

ଶିବ, ଶବ, ଭବ, ଗାବ, ନାବ, କାବ, ଦେବ— ଏ ଗୁଡ଼ିକ ମଧ୍ୟରୁ ଠିକଏ ବିବେଚନା ପରେ ଦେବ ଓ ଶବ ଏଇ ଦୁଇଟି ଉପାଦେୟ ମନେ ହେବ । ଶିବ ପୂଜାକରି ମନୁଷ୍ୟ ଅସାଧାରଣ କ୍ଷମତା ଲାଭ କରିବାର ଶୁଣାଯାଏ । ମାତ୍ର ଶବକୁ କେହି ପୂଜା କରେ ନାହିଁ । କେତେକ ପୂଜାର ଉପଚାର ସ୍ୱରୂପ ଶବ ଲୋଡ଼ା ହୋଇ ଥାନ୍ତି ମାତ୍ର । ଦେବ ପୂଜା ଲୋକ ପାରମାର୍ଥିକ ଉଦ୍ଦେଶ୍ୟରେ କରିଥାଏ, ବିଶେଷ କ୍ଷମତା ଲାଭ ପାଇଁ ନୁହେଁ ।

ଯାଗ, ପାଗ— ଶୁଦ୍ଧି ନିମନ୍ତେ ନୂଆ ପାଗ [ପାଗ] କରିଥାନ୍ତି, ଯାଗ ଅନ୍ୟ ଉଦ୍ଦେଶ ରେ ଅନୁଷ୍ଠିତ ହୋଇଥାଏ ।

ପାବକ, ଯାବକ— ପାବକ (ନିଆଁ) ର ହିଁ ପ୍ରକୃତ ଦହନ କରିବାର ଶକ୍ତି ଥାଏ, ଯାବକ [ଅଲତା] ଯଦି ରମଣୀ ପାଦରେ ଥାଏ ତେବେ ତାହା ହୃଦୟ ଦହନ କରିପାରେ ।

ତନୁ, ଧନୁ— ଧନୁ ଧାରଣ କରିବାପାଇଁ ସିନେମତ ପରିଶ୍ରମ ଦରକାର ହୁଏ ନାହିଁ । ଧନୁ ବ୍ୟବହାର କରିବା ପାଇଁ ଶିକ୍ଷା ଆବଶ୍ୟକ ହୋଇଥାଏ । ମାତ୍ର ତନୁ (ଦେହ) ଧାରଣ କରି ରହିବା ପାଇଁ ଶାରୀରିକ ତଥା ମାନସିକ ଉଭୟ ପରିଶ୍ରମର ଲୋଡ଼ା ହୁଏ । ଅବଶ୍ୟ କେତେକ ଲୋକ ଜନ୍ମରୁ ଖୁବ୍ ସୁସ୍ଥ ଥାନ୍ତି କିଏ ବା ବଡ଼ ଲୋକ ଘରେ ଜନ୍ମ ହୋଇଥାଏ ସେଥିପାଇଁ ତାଙ୍କୁ ଜୀବନ ଧାରଣ ପାଇଁ ପରିଶ୍ରମର ଆବଶ୍ୟକ ହୁଏ ନାହିଁ । ମାତ୍ର ସମସ୍ତଙ୍କ ପକ୍ଷରେ ତାହା ସମ୍ଭବ ନୁହେଁ ।

ଖଗ, ବଗ:— ବଗମାନଙ୍କର ଅବଶ୍ୟ ଉଡ଼ିବାର ଶକ୍ତି ଅଛି ସତ କିନ୍ତୁ ସେମାନେ ସେପରି ଆକାଶରେ ଉଡ଼ିବାରେ ଦେଖାଯାନ୍ତି

Digitized by srujanika@gmail.com

# ତୁମେ କିପରି ଶୁଅ ?

କୋଷ୍ଠି, ହାତ ଓ କପାଳ ରେଖା ଦେଖି ମଣିଷର ଭୂତ ଭବିଷ୍ୟତ ଜାଣି ପାରିବାର ଶାସ୍ତ୍ର ଅଛି । ତା ପରେ ଆଖି, ନାକ, ଓଠ, ସ୍ୱଳ୍ପ ପରିଚିତ ଏପରିକି ଦସ୍ତଖତ, ଖାଇବା ପଦାର୍ଥରୁ ମଧ୍ୟ ଲୋକର ସ୍ୱଭାବ ଚରିତ୍ର ଜାଣିପାରି ହୁଏ ବୋଲି ବୈଜ୍ଞାନିକ ମାନେ କହିଲେଣି ଓ ପ୍ରମାଣ କରି ଦେଖାଇଲେଣି । ଏବେ ପୁଣି ଜଣେ ବାହାରିଛନ୍ତି ଯେ ମଣିଷର ଶୋଇବା ଢଙ୍ଗରୁ ତାର ଭଲ ମନ୍ଦ, ଇଚ୍ଛା ଅନିଚ୍ଛା ସ୍ୱଭାବ ଚରିତ୍ର ଜାଣି ପାରୁଛନ୍ତି । ସେ ବିଷୟରେ ସେ ଅନେକ ଗବେଷଣା ଲଗାଇଛନ୍ତି ଏବଂ ସେ କହନ୍ତି କି ଶୋଇଲା ବେଳେ ମନୁଷ୍ୟ ଏକଦମ ନିଷ୍କ୍ରିୟ ବେ-ଅକ୍ତିଆର (passive) ଥିବାରୁ ତାର ଭିତରର ଭାବ ଉଜ୍ଜ୍ୱଳ ଭାବରେ ପ୍ରକାଶିତ ହୋଇପଡେ । ଏ ସମ୍ବନ୍ଧେ ସେ ଏକ ବିରାଟ ପୁସ୍ତକ ଲେଖିଛନ୍ତି: ଆମ୍ଭେମାନେ ସେଥିରୁ ସଂକ୍ଷିପ୍ତ ଅଂଶ ଝଙ୍କାରର ରସିକ ପାଠକମାନଙ୍କୁ ଉପହାର ଦେଉଛୁଁ । ଏହା ସାହାଯ୍ୟରେ ସେମାନେ ନିଜନିଜର ଏବଂ ଅପରର ଭିତର କଥା ମାନଙ୍କର କିଛି ୨ ସୂଚକ ପାଇପାରିଲେ ଉପକାର ଓ କୌତୁହଳ ନିବୃତ୍ତି ଉଭୟ ହୋଇ ପାରିବ ।

ଶୋଇବା ସମୟରେ ଲୋକ ଅନେକ ପ୍ରକାର ଅଙ୍ଗ ବିନ୍ୟାସ କରିଥାଏ । କେହି ଚିତ ହୋଇ ଶୁଏ, କେହି ଓଲଟି ଶୁଏ, କେହି ହାତ ଗୋଡ଼ ସମେଟି, କେହି ହାତ ଗୋଡ଼ ମେଲାଇ କେହି ଛାତି ଉପରେ ହାତ ଛନ୍ଦି, କେହି ହାତକୁ ତଳେ ପକାଏ, କେହି ମୁଣ୍ଡ ଉପରେ ଥୁଏ ଇତ୍ୟାଦି । କେହି ଅଣ୍ଟୁକୁ ପେଟରେ ଲଗାଇ ଦିଏ କେହି ଗୋଡ଼ ଟେକି ଥାଏ, କେହି ଗୋଡ଼ ହଲାଉ ଥାଏ, କେହି ଘଣ୍ଟି ବା ଘଙ୍ଗୁଡ଼ି ମାରେ, ତାହାର ମଧ୍ୟ ପ୍ରକାର ଭେଦ ଅଛି । ଯେଉଁମାନେ ଅତି ସୂକ୍ଷ୍ମ ଭାବରେ ଜାଣିବାକୁ ଇଚ୍ଛା କରନ୍ତି, ସେମାନେ ଅଳ୍ପ କିଛି ଧନ ଅପେକ୍ଷା କରି ଆମ୍ଭମାନଙ୍କ ଠାରେ ଅନୁସନ୍ଧାନ କଲେ ଜାଣିପାରିବେ ।

ନିମ୍ନରେ କେତେ ଗୁଡ଼ିଏ ଉଦାହରଣ ମାତ୍ର ଦିଆଗଲା ।

ଚିତ୍ ହୋଇ ଶୋଇ ଛାତି ଉପରେ ଦୁଇ ହାତ ଛନ୍ଦି ପକାଇଲେ—

ଶଯ୍ୟନକାରୀ ସଙ୍ଗିନ ଅଡୁଆରେ ପଡ଼ିଛି, କଣ କରିବ ଠିକ କରି ପାରୁନାହିଁ, ତଥାପି ସେ ଧୈର୍ଯ୍ୟ ନ ହରାଇ ସାହସର ସହିତ ଲଢ଼ିବାକୁ ପ୍ରସ୍ତୁତ ।

ଗୋଟିଏ ହାତ କପାଳ ବା ଆଖି ଉପରେ ପକାଇଲେ—

ଲୋକ ବିପନ୍ନ ।—ମାତ୍ର ବିପଦ ଏଡ଼ାଇବାର ବାଟ ନପାଇ ଚରମ ଅଧୀର ହେଉଛି ।

ଶୋଇ ୨ ଅଙ୍ଗୁଳି ଚୁଚିଁଲେ—

ଲୋକ ବଡ଼ କଞ୍ଜୁସ । ମନଟା ହାଲୁକା । କେବଳ ପେଟ ଚିନ୍ତା ଛଡ଼ା ଅନ୍ୟ ଜ୍ଞାନ ନାହିଁ ।

ଚିତେଇ ଘାଙ୍ଗୁଡ଼ି ମାରିଲେ—

ଘାଙ୍ଗୁଡ଼ି ଶବ୍ଦ ଭିତରେ ବହୁ ପ୍ରକାର ଭେଦ ରହିଛି । ଫିଁ—ଫିଁ ଶବ୍ଦ କରୁଥିବା ବ୍ୟକ୍ତି ଫସାଦ ସମୟରେ ପଳାତକ ବୋଲି ମନେକରିବେ । ସିଁ—ସିଁ—ଶବ୍ଦକାରୀ ଭିତରେ ଶେଷ ହେଉଛି । ଘଡ଼ ଘଡ଼ ଶବ୍ଦକାରୀଙ୍କ ଦେହ ରୁଗ୍ଣ ଅଛି । ଫିଁ—ଫୁଁ—ସିଁ ଶବ୍ଦକାରୀ ଡୋଳଚଳ ଅବସ୍ଥାରେ ରହିଛି ଇତ୍ୟାଦି ।

କରେଇ ଶୋଇ ଦୁଇ ଅଣ୍ଟୁକୁ ପେଟରେ ଲଗାଇଲେ—ଜାଣିବ ଏ ବ୍ୟକ୍ତି ଅତି କରୁଣା । ହୃଦୟ ତାର ଦବି ଯାଇଛି ଏବଂ ସେ ପରର ଅନୁଗ୍ରହ ପ୍ରାର୍ଥୀ ।

ଯେତେବେଳେ ଶୋଇ ହାତ ଗୋଡ଼ କୁଣ୍ଢେଇ ଥିଲେ—ଜାଣିବ ଯେ ସମସ୍ତିଙ୍କୁ ଡରି ରହିଛି । ନିଜକୁ ବଳ ନାହିଁ ।

ଯେତେବେଳେ ଶୋଇ ହାତ ଗୋଡ଼ ବିସ୍ତାରିଲେ—ଠିକ ତାର ଓଲଟା ପ୍ରାୟ । ଅର୍ଥାତ୍ କାହାରିକୁ କେୟାର ନାହିଁ—ରାଜାର ପ୍ରଜା ନୁହେଁ କି ସାହୁର ଖାତକ ନୁହେଁ । ଅହଂକାରରେ ବଢ଼ିଛି ।

ଓଲଟେଇ ଶୋଇ ଦୁଇ ଗୋଡ଼ ଅଣ୍ଟୁ ପାଖରୁ ଭାଙ୍ଗି ଉପରକୁ ଟେକିଲେ । ଭିତରେ ଗୋଟାଏ ରୋଗ ବା ଅନ୍ୟ ମାନସିକ ଯନ୍ତ୍ରଣାରେ ପଡ଼ିଛି । ସର୍ବଦା ବିପନ୍ନ ଓ ଚିନ୍ତାଗ୍ରସ୍ତ ।

ଚିତେଇ ଶୋଇ ଦୁଇ ଜଙ୍ଘ ଉପରକୁ ଟେକି ଥିବା—ଅସ୍ଥିରଚିତ୍ତର ପରିଚାୟକ । ମନ ଚଞ୍ଚଳ ଚିତ୍ତ ଉଦ୍‌ବିଗ୍ନ ।

ଶୋଇ ଶୋଇ ନିଦରେ ଗୋଡ଼ ହଲାଉଥିଲେ — ବୁଝିବେ ଯେ ନାନା କଥା ଭାବୁଛି । କିନ୍ତୁ କାର୍ଯ୍ୟରେ ବାଟ ପାଉ ନାହିଁ । ସେଥିପାଇଁ ଯନ୍ତ୍ରଣା ଅନୁଭବ କରୁଛି ଏବଂ ନାନା କୌଶଳ ଚିନ୍ତା କରୁଛି ।

ତକିଆ କୁଣ୍ଢାଇ କରେଇ ଶୋଇଲେ— ସେ ବ୍ୟକ୍ତି ବିଳାସ ପ୍ରିୟ ଓ କାମୁକ ବୋଲି ଜାଣିବ ।

ଆଖି ଅଧମେଲା କରି ଶୋଇଥିବା ବ୍ୟକ୍ତି ଖୁବ ଅଶିଷ୍ଟ ଧରଣର ଲୋକ । ଅର୍ଥାତ ଏକ ସମୟରେ ଅନେକ ଗୁଡ଼ିଏ କଥା ପ୍ରତି ତାର ନଜର ଥାଏ ।

ପାଟି ଆଁ କରି ଶୋଇଲେ ଜାଣିବ ସେ ବ୍ୟକ୍ତି ସବଜାନ୍ତା ଲୋକ ଅଥଚ ଅଳସ ପ୍ରକୃତିର ।

ଦୁଇ ହାତ ମୁଣ୍ଡ ତଳେ ଦେଇ ଶୋଇବା ବ୍ୟକ୍ତି ଶାନ୍ତ; ଧୀର, ସହିଷ୍ଣୁ, ପରୋପକାରୀ ଚରିତ୍ର-ବାନ, ନିଷ୍କପଟ ଓ ସ୍ନେହ ପ୍ରବଣ ।

---

### ଶବ୍ଦଧନ୍ଦା ସମ୍ବନ୍ଧରେ

ସେହିପରି ସ୍ଥଳରେ (ନଦୀକୂଳ ପ୍ରଭୃତିରେ) ବିଚରଣ କରିବାର ମଧ୍ୟ ଦେଖାଯାଏ । ତେଣୁ ସାଧାରଣତଃ ଖଗ (ପକ୍ଷୀ) ଆକାଶରେ ବିଚରଣ କରନ୍ତି କହିବା ଅଧିକ ଶୋଭନୀୟ ।

ଆଠ, ପାଠ— ପାଠ ପିନ୍ଧିଲେ ସମସ୍ତଙ୍କୁ ଶୋଭାପାଏ ମାତ୍ର ଆଠ (ମେଢ଼) ଦେବ ଦେବୀଙ୍କୁ ହିଁ ଶୋଭାପାଏ ।

ରଦ, ରଫୁ— ଲୁଗା ଚିରିଗଲେ ଅନେକ ଲୋକ (ସମସ୍ତେନୁହେଁ) ରଦ କରନ୍ତି, ରଫୁ ମଧ୍ୟ କରନ୍ତି । କିନ୍ତୁ 'କରଦଅନ୍ତି' ଏହିପରି ଧାତୁ ବ୍ୟବହାର ଦ୍ୱାରା ରଦ୍ଦିକୁ ହିଁ ବେଶୀ ଭାବରେ ବୁଝାଉ ନାହିଁକି ? କାରଣ 'ରଫୁ କରିବା' ଓ 'ରଦକରିଦେବା' ସାଧାରଣ ଭାଷାରେ ବ୍ୟବହୃତ ହୁଏ ।

### ନିବେଦନ

ପ୍ରକାଶିତ ଉତ୍ତରର ସପକ୍ଷରେ ଏବଂ ବିପକ୍ଷରେ କାହାର କିଛି କହିବାର ଥିଲେ ସଂକ୍ଷିପ୍ତ ସହ ଯଥା ସମ୍ଭବ ଅଳ୍ପକରି ଲେଖିଲେ ଆମ୍ଭେମାନେ ପ୍ରକାଶ କରିବୁଁ—ଏବଂ ଉକ୍ତ ଯୁକ୍ତିର ସମ୍ମୁଖୀନ ହେବାକୁ ଚେଷ୍ଟା ଯଥାସାଧ୍ୟ କରିବୁଁ । ସମ୍ପାଦକ

Digitized by srujanika@gmail.com



# ଅନ୍ତଃପୁର

## କ୍ଷଣଜନ୍ମା

ଲେଖିକା—**ପାଷାଣୀ**

ଲୋକ ଅନେକ ସମୟରେ ହୁଏତ ମନ ପୀଡ଼ାରେ ଜଣକ ସମ୍ବନ୍ଧରେ କେତେପ୍ରକାର ବାଜେ କଥା ଭାବି ବସେ । ସେଥିରୁ ନିବୃତ୍ତି ପାଇବା ସାଧ୍ୟର ଅତୀତ ।

ବଟର ଛତ୍ର ଅଲୋକ, ବାପା ବୋଉଙ୍କର ସ୍ନେହ ମିଶା ମଧୁର ଭର୍ତ୍ସନା ଅନ୍ତରାଳରେ ଅଗଣା ଆମ୍ବଗଛ ମୂଳରେ ସପ ବିଛାଇ ଶୋଇଲି ମାତ୍ର ଅନ୍ତରଙ୍ଗ ହୋଇ ପାରିଲି ନାହିଁ କେବଳ ସେଇ ଭାବନାର । ତାହା ମସ୍ତିଷ୍କର ତୀବ୍ର ଉତ୍ତେଜନା ହୋଇପାରେ—ଗୋଟାଏ ଅସମାପ୍ତ କଳ୍ପନା ହୋଇପାରେ—ଉନ୍ମାଦନା ହୋଇ ପାରେ—କିନ୍ତୁ ସେଇ ଉତ୍ତେଜନା, କଳ୍ପନା ବା ଉନ୍ମାଦନାରେ ମୁଁ ଭାସିଗଲି ।

ରସିକ ମନରେ କ୍ଲେଶ ଦେଇ ପୁଷ୍ପ ମହଳ ଯାଏ—ପ୍ରେମିକର ହୃଦୟ ଦଗ୍ଧିଭୂତ କରି ମାନସୀ ଦୂରକୁ ଦୂରକୁ ଚାଲିଯାଏ—ମଧୁମିଳନର ଆଶା ଅବେଗରେ ବିଚ୍ଛେଦ କଷ୍ଟକୁ ବରଣ କରିନିଅ ହୁଏ—ସୁଖ ପଛରେ ଦୁଃଖ, ଦୁଃଖ ପଛରେ ସୁଖ ସଦାକାଳେ ବିଦ୍ୟମାନ—ସବୁବେଳେ ପରିବର୍ତ୍ତନର ବାତ୍ୟା ବହି ଚାଲିଛି—ସୃଷ୍ଟିରେ ଯୁଗର ପରିବର୍ତ୍ତନ ହୋଇ ଯେପରି ଉପଯୁଗ ଆସେ ସେହିପରି ମାନବ ମଧ୍ୟ ଅତି ମାନବ ହୋଇ ଜନ୍ମ ନିଏ—ସୃଷ୍ଟିର ରହସ୍ୟ ଭେଦ କରିବା ପାଇଁ ।

ବେଦର ସତ୍ୟ ପୁରାଣରେ ବିକୃତ, ବିଜ୍ଞାନର ସତ୍ୟ ଅଜ୍ଞାନରେ ଆବୃତ, ବିକାଶର ସତ୍ୟ ଯୁଗମାନବ ସମ୍ମୁଖରେ ଅବର୍ଜନା ମାତ୍ର । କେତେ ଗୁଣୀ ଯୁଗର ଅମର୍ଯ୍ୟାଦାରେ ଅନନ୍ତ ସ୍ରୋତରେ ଆତ୍ମା ମିଳାଇଛନ୍ତି । କେତେ ପୁଷ୍ପ ବିଷାଦର କାରାମଧ୍ୟରେ ଫୁଟି ଅନାଦରରେ ଝଡ଼ି ପଡ଼ୁଛନ୍ତି । କିଏ ତାହାର ଆଦର କରି ନେଉଛି ଯେତ୍ୟ ଭୁଲୁ ଯୁଗ ତ ତାହା ଅଡ଼କୁ ଚାହିଁ ଦେଖୁଛି ? ଏହି ଶତ ସହସ୍ର ମହିମାବୃତ ମଧ୍ୟରୁ ଯେ ଗୋଟିଏ ଦୁଇଟି ଯୁଗର ଅନୁରାଗ ନୟନରେ ପଡ଼େ, ସେହି ହିଁ '**କ୍ଷଣଜନ୍ମା**'—

କ୍ଷଣର ଶୁଭଗୁଣରେ ତାହାର ଆଦର । ତାହାର ମହିମା ଗୁଣରେ ନୁହେଁ କାହିଁକି ନା ତାହାର ପରି ବା ତାଠାରୁ ବେଶୀ ମହିମାବୃତ ଗାଇ ପସାରରେ ଜନ୍ମ ନେଇଛନ୍ତି । ତାଙ୍କ ଭାଗ୍ୟରେ ତ କାହିଁ ଏହି ଶୁଭମୁହୂର୍ତ୍ତର ଶୁଭଦୃଷ୍ଟି ପଡ଼େନା ।

କେତେ ଶତ ସୁକୋମଳ ସୁଗନ୍ଧ ଫୁଲ ରାଶି କଠୋର ପଦାଘାତରେ ପ୍ରତିଦିନ ଦଳିତ ହେଉଛି—କିନ୍ତୁ ମୁଁ ଦେଖେଁ ଗୋଟିଏ ଗନ୍ଧହୀନ ଶୁଷ୍କ ସ୍ଖଳିତ-ପାଖୁଡ଼ା ପୁଷ୍ପଟିଏ ଅତି ଯତ୍ନରେ ବିଭିନ୍ନ ରୂପରେ ସଜ୍ଜିତ ହୁଏ, ହେଉଛି ମଧ୍ୟ...... ।

ଭାବେଁ, ଏତେ ସୌରଭମୟୀ ମଣି, ଜାଇ ଚମ୍ପାର ବିଜନମହଲରେ ଏ ସୁବାସହୀନ ବିଦେଶୀ ଗୋଲାପ କାଗଜଟି ଆମ ଆଧୁନିକ ଯୁଗକୁ ଉପହାର ବୋଧେ । କ୍ଷଣଜନ୍ମା—କ୍ଷଣଜନ୍ମା ସେ । ସମସ୍ତେ ଯାକୁ କ୍ଷଣଜନ୍ମା ବୋଲି କହି ଆଦର କରନ୍ତି—ତା' ଭଳି କୋଟିଏଙ୍କରେ ଗୋଟିଏ ମିଳିବେ ନାହିଁ ବୋଲି ପୂଜା କରନ୍ତି । ମୁଁ ତାକୁ ଘୃଣା କରେଁ । କାରଣ ମୁଁ ଜାଣେ । ଦେଶ କାଳ ପାତ୍ର ବା ବାତାବରଣର ସୁବିଧା ନେଇ ସେ ହୋଇଛି କ୍ଷଣଜନ୍ମା । ଅନ୍ୟଥା ସେ ସାଧାରଣ ମାନବ । ତା' ମୋ ଭିତରେ ତଫାତ୍ ନାହିଁ । ସମୟର ସୁବିଧା ନେଇ ଥିବାରୁ ବରଂ ମୁଁ କହିବି ଲିଚୁ ।

ଭାବନା ରାଜ୍ୟରୁ ଫେରି ବୋଉର କର-ସ୍ପର୍ଶ ଲଭିଲି—ବୋଉ ପିଠି ଆଉଁସି ଆଉଁସି କହୁଛି କଣ ଏତେ ଭାବୁ ? ମୁଣ୍ଡ ଖରାପ ହୋଇ ପାଗଳ ହୋଇ ଯିବୁ ଯେ । ଛି, ଆ ଖାଇବୁ ।

ତାହା ଉଦ୍ଦେଶ୍ୟରେ ପ୍ରଣାମ କରି କହିଲି "ଚିରଦିନ ମୁଁ ମାଙ୍କ ସ୍ନେହରେ ମଣ୍ଡିତ ହୋଇଥାଏଁ ।"

## ରୋଷେଇ ଘରୁ

ରାଧା ବଲ୍ଲଭୀ ।

ମଇଦା—ସେ° ୪, ବିରି ଡାଲି ପୋ°୧୮ର, ଲଙ୍କା ମରିଚ, ଜିରା, କଳାଜିରା, ଅଦା, ହେଙ୍ଗୁ ଲୁଣ, ଘିଅ, ବୁଟ, ବେସନ, ସୋଡ଼ା (Soda bicarb)

ଡାଲିବିରି ୭ । ୮ ଘଣ୍ଟା ଜଳରେ ପକାଇ ତାହା ବତୁରି ଗଲେ, ବିରି ନାଳଅରେ ଭଲ କରି ଘଷି ଧୋଇ ଚୋପା ବାହାର କରି ଦିଅ । ତାପରେ ବିରିକୁ ଚିକ୍କଣ କରି ବାଟି ରଖ । ତହିଁରେ ମସଲା ଗୁଣ୍ଡ ଓ ଲୁଣ ମିଶାଅ । (ହେଙ୍ଗୁ ପାଣି, ଅଦା ରସ, ଗୁଣ୍ଡ ଲଙ୍କା) ଏହା ସହିତ ବେସନ ମିଶାଅ ଯେପରିକି ଏହା ଖୁବ୍ ଘନ ହୋଇଯିବ । ଟିକିଏ ସୋଡ଼ା ଦେଇ ପୁଣି ଚକଟିବ । ଶେଷେ ଘିଅ ମୟେନ ଦେଇ ଭଲ କରି ଦଳିବ ଓ ଚେପଟା ଟେଳା ଟେଳା କରି ଥୋଇବ ।

ଏଥି ଉତ୍ତାରୁ ମଇଦାରେ ଜଳ ଦେଇ ଦଳିବ । କଞ୍ଚା ଘିଅରେ ଲୁଣ ଓ ଅଳ୍ପ ଜଳ ମିଶାଇ ତାକୁ ଏହି ମଇଦା ଟେଳାରେ ମିଶାଇ ପୁଣି ଦଳିବ । ଏହାଦ୍ୱାରା ମଇଦାରେ ତଥି ଧରେ ଓ ପରେ ଏହା ଫୁରଫୁରିଆ ହୁଏ । ମଇଦାକୁ ଛୋଟ ଛୋଟ ଟେଳାମାନ ଗଢ଼ି ଅଲଗା ରଖ ।

ଏହାପରେ ଗୋଟିଏ ମଇଦା ଟେଳା ସାଙ୍ଗରେ ଗୋଟିଏ ବିରିଟେଳା ଯୋଖି ବେଲଣା ପେଡ଼ିରେ ବେଲି ଗୋଲାକାର କର । (ଯେପରି ପୁରି ବା ଲୁଚିକୁ ବେଲନ୍ତି, ମାତ୍ର ସେତେ ପତଳା ନୁହେଁ ।)

କଡ଼େଇରେ ଘିଅ ଗରମ କରି ପୁଣି ତଳକୁ ଓହ୍ଲାଇ ଆଣ । ତଳେରଖି ଏହି ବେଲା ହୋଇ ଥିବା ପର୍ଦ୍ଦମାନଙ୍କୁ ଗୋଟିଗୋଟି କରି ଘିଅରେ ଛାଡ଼ । ତାପରେ କଡ଼ାକୁ ଚୁଲିରେ ଚଢ଼ାଇ ଧିଅ ଦେଖିବ ଏସବୁ ଭାଜିଯିବେ । ଜଡ଼ ୨ ହୋଇ ଫୁଲି ଉଠିଲେ ଜାଲିଚାଟୁରେ ଛାଣି ଆଣିବ ଓ ଉଷୁମ ଥାଉଁ ୨ ତରକାରି ସହିତ ଖାଇବାକୁ ଦେବ ।

ସ୍ନେହଣୀ

# ଚିଠିାର

ପ୍ରିୟ ଡଗର ସମ୍ପାଦକ ମହାଶୟ,

ଆମେ ଯେଉଁବେଳେ ଉମର ଡଗର କରଅରେ ସଭ୍ୟ, ସେବା, ସାହସ ଓ ଅହିଂସାର ବ୍ରତ ଗ୍ରହଣ କରିବୁଁ, ସେତେବେଳେ ଆମର କର୍ତ୍ତବ୍ୟ—ଅପ୍ରିୟ ହେଲେ ମଧ୍ୟ ସତ୍ୟଟି ନିଶ୍ଚୟ କହିବୁଁ । ଅବଶ୍ୟ ମାତୃସାହିତ୍ୟର ସେବା ତଥା ଦେଶର ସେବା କରିବୁଁ । ତାହାର ଭୁଲ ତ୍ରୁଟି ଦେଖି ପଛଘୁଞ୍ଚିବୁ ନାହିଁ । ସାହସରେ ଦ'ପଦ ସତ କହିବାକୁ ବାଧ୍ୟ ହେବୁଁ କିନ୍ତୁ ହିଂସା ଏ ଜୀବନରେ ନ ଥିବ ।

ହଁ, ଡଗର ପ୍ରଥମ ବର୍ଷ ଏକବିଂଶ ସଂଖ୍ୟା ଯେମିତ ପାଇଛୁ, ତତ୍‌କ୍ଷଣାତ୍ ମୂଳରୁ ଶେଷ ଯାଏ ପଢ଼ିଗଲି । ମୋତେ ସବୁଠୁ ଭଲ ଲାଗିଲା, 'ସ୍କୁଲ ମାଷ୍ଟର ।' ଲେଖାଟି—କେତେଣି ତାହାଁକ ଥରେ ପଢ଼ିଲି, ଦୁଇଥର ପଢ଼ିଲି—ଏପରି ପଢ଼ି ପଢ଼ି ଧରିଲି ଅଜାଣ୍ଟେ—ହେଲି ଉଦ୍‌ଗ୍ରସ୍ତ । ଛୁଟି ନେଇ ଗାଁକୁ ଗଲି—ଦେଶରେ ଔଷଧ ଖୋଜିଲି, ହଠାତ୍ ଦିନେ ଏକ ବଙ୍ଗଳା କାଗଜ 'ଦେଶ' ୨ୟ ବର୍ଷ, ୩୨ ଶ୍ରାବଣ, ଶନିବାର ୧୩୪୨ ସାଲ, August 17. 1935. ୩୯ ସଂଖ୍ୟା ୫୦ ପୃଷ୍ଠାରେ ପାଇଲି ଔଷଧ । ସେଠାରେ ମଧ୍ୟ 'ସ୍କୁଲ ମାଷ୍ଟାର' ବୋଲି ଖଣ୍ଡିଏ ଲେଖା ଦେଖିବାକୁ ପାଇଲି । ଲେଖକ—ତେବେ 'ଡଗର'ର ସ୍କୁଲ ମାଷ୍ଟରର ଲେଖକ ନୂତନ ନିଶ୍ଚୟ । ଯାହା-ହେଉ ସେ ଦୁଇଟିର ତର୍ଜମା ତୁମର ଓ ପାଠକମାନଙ୍କ ଚିତ୍ତ ବିନୋଦନ ନିମନ୍ତେ ଉଲ୍ଲେଖ କଲି—

ବଙ୍ଗଳା—

ଅର୍ଥ ଉପାର୍ଜନ୍
ଛେଲେ ବେଲାୟ କେ ଜାନତ
କଷ୍ଟ ଯେ ଏମନ ?
ଇସ୍କୁଲେତେ ଶିକ୍ଷକତା କରି
ଭେଙ୍ଗେଗେଲ୍ ଗଢର ଜୀବନ-କୁଞ୍ଜ
ଏଖନ ଦେଖି 'କି ଏକରକମ
ହୟେ ଗେଛେ ମନ ।
କେ ଜାନତ କଷ୍ଟ ଅତ
ଅର୍ଥ ଉପାର୍ଜନ !

ଓଡ଼ିଆ— (୧)

ଅର୍ଥ ଉପାର୍ଜନ
ଜାଣି ନ ଥିଲି କଷ୍ଟେ ହୁଏ,
ଗଣି ସାରି ଦିନ,
ସ୍କୁଲରେ ମାଷ୍ଟରୀ ଗ୍ରହଣ କରି,
ଅଧା ବୟସ ଗଲାଣି ପୁର
ଦେଖେ ମୁଁ ଏବେ କି' ରକମ
ହେଇ ଯାଇଛି ମନ ।
କିଏ ବା ଜାଣେ ଏତେ କଷ୍ଟ
ଅର୍ଥ ଉପାର୍ଜନ ।—ପୂର୍ଣ୍ଣି—

ବଙ୍ଗଳା—

ସକାଲ୍ ବେଲା ଉଠି
ତାଡ଼ା ତାଡ଼ି ଗୃହେର ସାଥେ
ବସ୍ତୁଟେ କ ରୁଟି—
ଯା' ପାଇ ଅଲ୍ପ ଦୁ'ଟି—
ହୟତ—ମୁଖ ନା ଧୁଏଇ ମୁଖେ ପୁରେ
ଟିଉସନ୍ତେ ଛୁଟି ।
ଦୁ' ଘଣ୍ଟା ବାଦ ଉଠି,
ଭୋଜନ ମତେ ଏଗାରୋଟାର କିଛୁ ଅଗେ
ବାଡ଼ି ଅସାର ଛୁଟି ।

ଓଡ଼ିଆ— (୨)

ସକାଳ ହେଲେ ଉଠେଁ,
ଚଟ୍ କରି ଗୃ'ର ସଙ୍ଗେ
ବସ୍ତୁଟେ ଗୋଟେ ଦ'ଟେ—
(କେତେ ଜଣ ଓଡ଼ିଆ ମାଷ୍ଟର ଏ ଅର୍ଥ ସଙ୍କଟ ଯୁଗରେ ସକାଳୁ ଉଠି ଆଗେ ଗୃ ବସ୍ତୁଟର ସଦ୍‌ବ୍ୟବହାର କରନ୍ତି ?)
ଅବା ଫାଳେ ରୁଟିକୁ ଧରି—
ଅଧୁଆ ମୁହେଁ ହୁଏ ତ ବରି—
ପଞ୍ଚାବାଟା ଗଡ଼ଲିଇ ଦେଇ
ଟିଉସନକୁ ଛୁଟେ,
ଘଣ୍ଟା ପୂର୍ବରୁ ମଝର ପଡ଼ି
ଧାଇଁ ଘରେ କୁଟେ ।—ପୂର୍ଣ୍ଣି—

ବଙ୍ଗଳା—

ବାଡ଼ି ଏସେ ପରେ—
ସଟି ଖାନେକ କ୍ଷୁଧା ଥେକେ
ତାଲ୍ ମାଥାର ପରେ—
ଦୁ' ହାତ ଦୟେ ଗରମ ଗରମ
ଦିୟେ ନାକେ ମୁଖେ—
ଘଡ଼ା ମାଥାୟ ଚଲ ଅବାର
ଇସ୍କୁଲେତେ ରୁଖେ ।

ଓଡ଼ିଆ— (୩)

ପହଞ୍ଚି ବେଗେ ଘରେ
ଢାଳେ ଦ' ଢାଳ କୂଅ ପାଣି
ମଥାରେ ଅଣି ଢାଳେଁ
ଗରମ ଗରମ ଭାତ ଡାଲି
ଦ' ହାତରେ ଦଅଇ ଠେଲି
ଚପମା ପିନ୍ଧି ଛତାଟି ଧରି
ଇସ୍କୁଲକୁ ଚଳେ,
ତିରିଶ ଦିନ ଗଣି ଗଣି
ଟଙ୍କା ଗୁଳାଏ ମିଳେ ।—ଫେର୍—

ବଙ୍ଗଳା—

ଘଣ୍ଟା ପାଞ୍ଚେକ ପରିଶ୍ରମେର ପର
ଗୃହଟେ ବେଜେ ଗେଲେ ପଖନ
ଫିରେ ଅସି ଘର—
ତଖନ ଓ ନାଇ ଛୁଟି,
ଘଡ଼ା ରେଖେ ଲଠି ନିୟେ ତଖନ ଫେର
ଟିଉସନିତେ ଉଠି ।

ଓଡ଼ିଆ— (୪)

ପାଞ୍ଚଟି ଘଣ୍ଟା ପରେ,
ଗୃହଟା ବାଜି ଗଲେ ମୁହଁ
ଘରକୁ ପୁଣି ଫେରେଁ,
ତଥାପି ମଧ୍ୟ ନମିଳେ ଛୁଟି—
ଜଳ ଖିଆକୁ ଖାଇ ଦୁଇଟି
ଛତାଟି ଧରି, ବେତ ବାଡ଼ିଟି
ଧରି ଦଣ୍ଡକ ପରେ—
କୁହ ବାଲଟା ପକେଟେ ଖୋସି
ଟିଉସନେ ବାହାରେ ।—

(ଲେଖକ ମହାଶୟ ଲଟିର ଅନୁବାଦ ଠେଙ୍ଗା କରିଥିଲେ ସାଜନ୍ତା)—ଅଦ୍ଭୁତ—

(ଅପରପୃଷ୍ଠା ଦେଖନ୍ତୁ ।)

Digitized by srujanika@gmail.com

ବଙ୍ଗଳା—
ରାତି ଏଗାରଟା,
ବାଜେ ଏବେ ଏଖନ ଅବାର
ଡାକା ଡାକିର ଘଟା ।
ଅତି କଷ୍ଟେ ଉଠି ଯଖନ
ଘୁମେର ଝୋଁକେ ଢୁଲି—
ଗୃହିଣୀ ମୋର ଦରଜା ଦେୟ ଖୁଲି'
ଦକ୍ଷିଣ ହସ୍ତେର ବ୍ୟାପାରେ ତେଇ
ବେରକ୍ତ ହୟ ତଖନ,
ତାର ପରେ ଯେ ଘୁମିୟେ ପଡ଼ି କଖନ—
ଠିକ୍ କରୁ ନାଇ ତାର—
ଛୁଟିର ଦିନେ ରବିବାରେ 'ସାପ୍ତାହିକେ'ର
କାଗଜ ଦେଖାର ଭାର;
ସାରା ବଛର ଧରେ'
ଛୁଟି ଆମାର ନାଇକୋ ମୋଟେଇ
ଏକ୍‌ଟି ଦିନେର ତରେ,
ଗରମେର ଆର ପୂଜୋର ଛୁଟି
ଇସ୍କୁଲେଇ ନାଇ ବଟେ,
କିନ୍ତୁ—ଆମାର ଭାଗ୍ୟ ପଟେ—
ଛେଲେ ପଡ଼ାନ ଲିଖ୍‌ଛେ ବିଧି
ଚାରଦିନେର ତରେ,—
ଗୁଣ କେମନ କରେ !

ଓଡ଼ିଆ— (୫, ୬, ୭)
ଟୋକେ ରାତି ଦଶଟା
ଦୁଆରେ ଅସି ଡାକ ଡାକ
ମଣିଷ ହଟହଟା ।—
ଗୃହିଣୀ କହେ ଚଳ ଚଳ—
ଚଗରେ ଦିଏ କବାଟ ଖୋଲି,
ଭାତ ଥାଳରେ ଦିଏ ଚଳେଇ
ହସ୍ତ ମେସିନ୍‌ଟା,
ତନ୍ଦ୍ରା ବଶେ ଢୁଳେଇ ପଡ଼େ
ମନଟି କରି ଖଟା ।
ରବିବାରର ଛୁଟି
ସାପ୍ତାହିକ କାଗଜ ଖଣ୍ଡେ
ମିଳିଲେ ଯାଏ କଟି,
ବରଷ ସାରା ଖଟି ଖଟି
ଛୁଟି ମୋଟେ ମିଳେ କେଉଁଟି
ଦଶହରା ଆଉ ଗରମ ଛୁଟି ବନ୍ଦ ଇସ୍କୁଲଟି
ମାତ୍ର ଧାଇଁ ଟିଉସନକୁ
ଯାଏ ସେ ଛୁଟି କଟି ।
ହାୟରେ ଭାଗ୍ୟ ମୋର

ପର ଦୁଆରେ ମୁଣ୍ଡ ବିକି କଟିଗଲା ଉମର,
ଜୀବନ ସାରା ମାଷ୍ଟର କରି—
ମୁଣ୍ଡର ବାଳ ଗଲେଣି ଝଡ଼ି
କୋଷ୍ଠି ମୋର କାଟିଛି ବିଧି
ସ୍କୁଲ୍ ମାଷ୍ଟର କରି,
ସେଇଥିରେ ମୁଁ ରହିବି ଜୀଇ—
ମରିବି ଡାକୁଇ ଧନ୍ଦ ।—

ସତ କଥାଟି ସାହସରେ 'ଡଗର'ର ସେବା ନିମନ୍ତେ ଜଣାଇଲି । ଏବେ ସମ୍ପାଦକ ମହାଶୟେ, ତୁମରି ଓ ପାଠକମାନଙ୍କ ବିଗୃତ ।

ଶେଷରେ ଯଦି ଲେଖକମହାଶୟ ତାଙ୍କର କୌଣସି ଭୁଲ୍ ମାନି ନିଅନ୍ତି ତେବେ ତାଙ୍କୁ ସଭକ୍ତି ନମସ୍କାର ମିତ ଏଥର ଡ଼ଗର ସାଙ୍ଗରେ ଏତିକି ।

ଅପଣଙ୍କର ଜଣେ ନାଗରିକ

## ମହମ୍ମଦ ଆଲି ଜିନାଙ୍କ ଜନ୍ମ ପତ୍ରିକା

୧୬ । ୭ ଡଗରରେ ମହମ୍ମଦ ଅଲି ଜିନାଙ୍କର ଯେଉଁ ପୂର୍ବ ଜନ୍ମର ବିବରଣ ଦିଆ ହୋଇ ଅଛି, ତାହା କୌତୁକ ମାତ୍ର । ଉକ୍ତ ଘଟଣାର କୌଣସି ଭିତ୍ତି ନାହିଁ । ଏହା ପାଠକ ମାନେ ଅନୁଭବ କରିଥିବେ । ମୁସଲମାନ-ମାନେ ମଧ୍ୟ ନିର୍ବିବାଦେ ଏହାର ରସ ଆସ୍ୱାଦନ କରି ତୃପ୍ତି ଲଭି ଥାନ୍ତେ ଯଦି ହଜରତ ମହମ୍ମଦଙ୍କର ନାମ ସେଥି ସଙ୍ଗେ ସଂଶ୍ଳିଷ୍ଟ ନ ଥାନ୍ତା । କୌତୁକ କରିବାକୁ ଯାଇ ଗୋଟିଏ ଭିତ୍ତିହୀନ ଘଟଣା ସଙ୍ଗେ ହଜରତ ମହମ୍ମଦଙ୍କର ନାମ ଉଲ୍ଲେଖ କରି ଡଗରର ସମ୍ପାଦକ ମହୋଦୟ ବଡ଼ ଭୁଲ କରି ଅଛନ୍ତି । ଏପରି କଲେ ମୁସଲମାନମାନଙ୍କ ମଧ୍ୟରେ ଅସନ୍ତୋଷ ଜାତ ହୋଇ ପାରେ । ଭବିଷ୍ୟତରେ ଏ ବିଷୟରେ ସାବଧାନ ହେବା ଉଚିତ । ହାସ୍ୟ ମୂଳକ ଲେଖାର ଯେତିକି ଗଣ୍ଡି ତାହାର ମଧ୍ୟରେ ବିଚରଣ କଲେ ସୁନ୍ଦର । ସୀମା ଅତିକ୍ରମ କରି ଗଲେ ତାହାର ମନୋହାରିତା ଅକ୍ଷୁର୍ଣ୍ଣ ରହି ନପାରେ । ଏଠାରେ ତାହାହିଁ ଘଟି ଅଛି । କାହିଁ ହଜରତ ମହମ୍ମଦଙ୍କର ମହାନ ଓ ପୂତ ଜୀବନୀ, କାହିଁ ହାସ୍ୟ ରସ-ରଙ୍ଗ ଓ କୌତୁକ । ହଜରତଙ୍କ ସମ୍ବନ୍ଧରେ ଯେ କୌଣସି ବିଷୟ ହେଉ ମୁସଲମାନ ତାହାକୁ ଧର୍ମ ଚକ୍ଷୁରେ ଦେଖିବେ । ତାହାକୁ ଦେଖିବା ପାଇଁ ତାହାଙ୍କ ପାଖରେ ଅନ୍ୟ ଦୃଷ୍ଟି ନାହିଁ । ସୁତରାଂ ଡଗରର ଉକ୍ତ ପ୍ରବନ୍ଧ ମୁସଲମାନ-ମାନଙ୍କ ପକ୍ଷରେ ଆପତ୍ତି ଜନକ । ଏପରି ଆପତ୍ତି ଜନକ ପ୍ରବନ୍ଧ ପ୍ରକାଶ କରି ସମ୍ପାଦକ ଯେଉଁ ଭୁଲ କରି ଅଛନ୍ତି ସେଥିପାଇଁ ତାହାଙ୍କ ତ୍ରୁଟି ସ୍ୱୀକାର କରିବା ଉଚିତ ।

ମ: ଅବଦୁସ୍ ସମଦ (ରସିଦ୍)
ବାଲେଶ୍ୱର

ମହମ୍ମଦ ଅଲି ଜିନ୍ନାଙ୍କ ଜନ୍ମ ପତ୍ରିକା ଶୀର୍ଷକ କୌତୁକ ପୂର୍ଣ୍ଣ ପ୍ରବନ୍ଧରେ ଲେଖକ ହଜରତ୍ ମହମ୍ମଦଙ୍କର ପୂଣ୍ୟମୟ ନାମ ଉତ୍ଥାପନ କରିବାରେ ମୁସଲମାନ ଭାଇମାନଙ୍କର ଦୁଃଖ ହୋଇଥିବାର ଜାଣି ଅମ୍ଭେମାନେ ପ୍ରକୃତରେ ମର୍ମାହତ । ମୁସଲମାନ ଧର୍ମ ସମ୍ବନ୍ଧରେ ଅନଭିଜ୍ଞତା ଯୋଗୁ ପ୍ରବନ୍ଧ ପ୍ରକାଶ ଦ୍ୱାରା ଅମ୍ଭମାନଙ୍କର ଯେଉଁ ତ୍ରୁଟି ଘଟିଛି ସେଥିପାଇଁ ଅମ୍ଭେମାନେ କେବଳ ମୁସଲମାନ ଭାଇଙ୍କ ଠାରେ ନୁହେଁ, ଯେଉଁ ସମସ୍ତ ଉଦାର ଧର୍ମପନ୍ଥୀ ମହମ୍ମଦଙ୍କ ଭଳି ମହାମାନବମାନଙ୍କୁ ଭକ୍ତି ଓ ଶ୍ରଦ୍ଧା କରନ୍ତି ତାଙ୍କଠାରେ ମଧ୍ୟ କ୍ଷମା ଯୋଗ୍ୟ ହୋଇଛୁଁ ।

ସମ୍ପାଦକ

### ଲୁଡ଼୍‌ଲୁଡ଼୍

ଜଣେ ସହରିଆ ବାବୁ ବୁଲି ବୁଲି ଗୋଟାଏ ଗାଁରେ ପହଞ୍ଚିଲେ । ମାଙ୍କଡ଼ ହୁଡୁଡ଼ାଇବା ପାଇଁ ଗୋଟାଏ 'ଭୂତ' ତିଆରି କରି ଗୋଟାଏ ବାଇଗଣ ବାଡ଼ିରେ ଛିଡ଼ା କରି ହୋଇଥିଲା; ବାବୁଟି ଭୂତ ଆଡ଼କୁ ଠାରି ଜଣୁଆଳକୁ ପଚାରିଲି, "ହଇରେ, ଏଇଟା କଣ ଏଇ ଗାଁର ଲୋକ ?"

ସେ କହିଲା—"ଆଜ୍ଞା ନାହିଁ ଅପଣଙ୍କ ଭଳିଆ ମୁସାଫିର ଲୋକ ।"

\+ + +

Digitized by srujanika@gmail.com

# —ଛାତ୍ର—

ଶ୍ରୀ—କୁବେର ଦଳାଇ

ପରୀକ୍ଷାଟା ଆସି ବସିଲାଣି ବାଟେ
ମନ ପଡ଼ିଲାଣି ଫିକା
ମୋର୍ ଧନ ପଡ଼ିଲାଣି ଫିକା;
ଟେବୁଲ ଉପରୁ ଗୁଣି ଗୁଣି ଉଠେ
ମୋଟ ମୋଟ ବହି ଥାକ,
ସେ ଯେ 'ଅଲ୍‌ଜେବ୍ରା'ର ଡାକ ।

ସାଥିମାନେ ତେଣେ ମେଳଇ ଦେଲେଣି
'ନେସ୍‌ଫିଲ୍ଡ୍'ର ବାଧି
ମୋର ହଜିଯାଏ ଏଣେ ବୁଦ୍ଧି ।
ନିତି ଘଣ୍ଟା ଘଣ୍ଟା ବେଳ ଟାଣି ନିଏ
'ମେନସୁରେସନ୍' ବହି
ତାର 'ଫର୍ମୁଲା' ଶିଖିବା ପାଇଁ ।

ଗଲା ବରଷର ପରୀକ୍ଷା ଫଳଟା
ଶୂଳ ପରି ଆସି ବାଜେ
ତେଣୁ ଆଶାଟା ଏଥର ଭାଙ୍ଗେ ।
ଏତେ ଭଲ ପିଲା ବ୍ରଜଟା ତ ବାହିଁ
ନ ପାରିଲା ବାଡ଼ ଡେଇଁ,
'ଟ୍ରାଏଲ୍'ରେ ସିନା ମନ୍ତ୍ର ଗଲା ଖସି
ପଛେ ଆଶା ଥିଲା ନାହିଁ;
ତୁଚ୍ଛ ଆଶାକୁ ବିଶ୍ୱାସ କାହିଁ ?

\+ + +

ଦିସ୍ତା ଦିସ୍ତା କରି କାଗଜ ଉଡ଼ିଲା
କଲମ ପଡ଼ିଲା ଥୁଣ୍ଟା,
ଘଣ୍ଟା ଘଣ୍ଟା ଧରି ବହି ପାଖେ ବସି
ବାତ ଧରିଲାଣି ଅଣ୍ଟା
ଛିଙ୍କ ଅକ୍ଷର ତ ଦିଶୁନାଇ ଆଉ
ଚଷମା ହେଲାଣି ଲୋଡ଼ା,
ଧଳା ରଙ୍ଗ ଧରି କଳା ବାଳ ଗୁଡ଼ା
ଅକାଳେ ହେଲେଣି ବୁଢ଼ା ।
ଖାଇ ହୁରୁ ନାଇ ଦିନକେ ଦିଥର
ପେଟ ରହିଲାଣି ଲାଗି,
ଭୁଣି ମୁହଁଟା ଗଲାଣି ଶୁଖି ।

\+ + +

ମାସେ ହେଲା ଏବେ କିଏ ନାହି ଖାଲି
'ଢ଼େ ହାପ କଥା ଲାଗି,

ଘର ନିଦ ବେଳେ ବାଉଳା ଗୃହଳ
ଯାଉଛି ଭୀଷଣ ରବ;
ଏ ବରଷ ପୁଣି ନୂଆ ପରୀକ୍ଷକ
ନିରେଖି ଦେଖିବେ ଖାତା,
ସେ ତ କପାଳର ନିରମାଳା ।

× × ×

ସକାଳୁ ଦେଖିଲେ ଲୁଟିନ୍‌ଟା ଥରେ
ଗ୍ଲାଉ ଭରେ ଦାଉ ଦାଉ
ନାହିଁକି ବେଙ୍କିଟି କରଟା ଭାଙ୍ଗି ତ
ଖୋଜିଲେ ମାଡ଼ନ୍ତି ପାଖ ।
ବହି ପାଖେ ବସୁଁ ବେଳ ଯାଏ ଉଡ଼ି
ଘଣ୍ଟା ବାଜେ ଟଣ ଟଣ
ଚୂଲ୍ ଗୂଲ୍ ପାଦ ପଛକୁ ଟଡ଼ଇ
ଛନଭାବେ ଥରେ ମନ,
ଅଉ ଦହ ଥରେ ଘନ ଘନ ।

× × ×

ଅଠ ଦନ ହେଲା ଦୁଃଖ କରିଥିବ
ସ୍ନୋ, ପାଉଡ଼ର ଉବା
ଉଧାର ଟଙ୍କାରେ କଣା ହେଲା ଥରେ
ହୋଇ ପାରିଲାନି ସେବା
ବୁଢ଼ା ପଣ୍ଡିତଟା ଗ୍ଲୁଗ୍ଲେଇ ହୁଏ
ସ୍ନୋ-ଷ୍ଟୁର ଗାଲେ ଦେଖି,
ପୁଣି ଚକେଇ ପଢାଏ ଅଖି ।
ସତରେ ମିଛରେ ଜାଣି ଜାଣି ତେଣେ
ଶୁଖିଲରେ ଯାଏ ଗଡ଼ି,
ଟାଣି ବାନଟାକୁ ଧରେ ଭଡ଼ି ।

× × ×

ଢଳ 'ଫିଲ୍ମ'ଟା 'ହଲମ୍ବୁରେ' ଅଳ
ବଜାରେ ପଡ଼ନ୍ତି କଥା
ଭଲ ମତେ ମୋର କି ଅଛି ଦୁଃଖରେ
କି ଲାଗି ଚୋରିବ ମଥା ?
ଚନେଇ ପାଖରୁ ଚିଠିଟା ଆସିଲା
ଉତ୍ତର ନ ପାରେ ଦେଇ
ମୋ ଭେଳ ଦେବ ଅଛି କାହିଁ ?

× × ×

ବଡ଼ବାବୁ ଲେଖା-ଜାମ ସବୁ ନାହିଁ
'ଭେଟେନ୍' ରଖିବ ଧରି
ସେ ମାଷ୍ଟରଟା ଭାରି କଡ଼ା ।
ଧମକ କି ହେବ ଜରିମାନା ଅଜ
ଜଣା ପଡ଼ୁ ନାଇ କିଛି
ପଢ଼ା ହେଲା ନାଇ ଜ୍ୟାମିତିରୁ ଯାହା
ପ୍ରାଣ ବାବୁ ଥିଲା ବାଛି,
ଅଢ଼ କି ଦଶା ହେଲାଣି ଅଛି ?

\+ + +

'କୃଷକ-ସଙ୍ଘ'ର ସଂପାଦକ ଅସି
ଭଣିଯାଏ କେତେ କଥା,
'ସ୍ୱଦେ-ଅନ୍ଦୋଳନ' ନଥେଇ କହୁଛି
'ଧର ଧର ନୂଆ ପନ୍ଥା'
ଏଣେ ତେଣେ ଶୁଣି ଏତେ ସେତେ କହ,
ଭୁଲିବି କାହାର କଥା
ତେଣୁ ଭରିଗଲ ଯାଉଛି ମଥା ।
ଗୃହସ୍ଥ ତ ନାଇ ପାସ୍‌ରେ ପୁଣି
ପାସ୍‌ଟା ହେତ ବଣ
ଖାଲି ହରଗଣ ! ହରକ୍ଷଣ !

---

## ଅର୍ଥାତ୍

ଜାଲଖିଛୁ ଗ୍ରନ୍ଥରେ ଖଣ୍ଡ ଗୋଟ ମାଳ ଲାଗିଛି…

…ଜଣା ଯିବାଉଣଟା ନହେଲେ ରକ୍ଷା ! ×

ଓଡ଼ିଆ ଚିଏ ସଙ୍ଗୀତ ଅତେ ସୁର ମନ ଦେଲେଣି ।

…ଓଡ଼ିଶା ଜଳାର ଦେଶ ! ×

ଏକ ବର୍ଷ ସଦାଶ ଅଦାଲତରେ ଫାଶୀ ନିଲାମ ବନ୍ଦହେଲା ।

…ଗଲେ ଟୋଟକ୍କ ଶିକ୍ଷା ? ×

ଜନତା ଦଙ୍ଗତ ଦଳ୍ ଗଡ଼ପୁରେ ଯଜେ କରୁଛନ୍ତି ।

ଯୁବକଙ୍କ ଉର୍ଦ୍ଧ୍ୱ ସୁଆ ଟେକ ଦେବେ !×

ଭାଷ୍ଟେନ ଶଦକୁ ଭାଷ୍ୟ ଦୁଇକୋଟି ଟଙ୍କା ଯୁଦ୍ଧ ଅଯୋଜନରେ ଖରଚ କରୁଛନ୍ତି ।

…ବିଲୁକ୍ର ଘଉ ବଡ଼ତ । + +

Digitized by srujanika@gmail.com

# ପ୍ରଗତିକା ପ୍ରତି

ଲେଖକ— **ଶ୍ରୀ ଛବିଲ ଦାସ ।**

ଆଗୋ ପ୍ରଗତିକା ନାରୀ,
ତୁମ ଅଗ୍ରଗତି— ନଜିରା ଉପରେ
; ବସି ହୋଇବାକୁ ପାରି;
ଅଗୋ ପ୍ରଗତିକା ନାରୀ । ୧ ।

ଅଛି ମୋର ମନ ବଳ,
ନଦୀଅ ଭସାଇ ନାଅରେ ବସାଇ
(ତମ) ମନ-ଜଳ ନୁହେଁ କଳ
ଅଛି ମୋର ମନ ବଳ । ୨ ।

ଅଗୋ ପ୍ରଗତିକା ଯୋଷା,
ତମ ମେଣ୍ଟ ଦେଖି ମୋ ହୃଦ ପିପାସା
ହୋଇବ ପୂରଣ, ଅଶା
ଅଗୋ ପ୍ରଗତିକା ଯୋଷା । ୩ ।

ଅଗୋ ପ୍ରଗତିକା ସ୍ତ୍ରିଗ୍ଧ,
ତମର ପାଇଁକି ମୋ ମନ କାହିଁକି
ଦବାନଳି ହୁଏ ଘାର
ଅଗୋ ପ୍ରଗତିକା ସ୍ତ୍ରିଗ୍ଧ । ୪ ।

ଅସ ପ୍ରଗତିକା ଅସ,
'ପ୍ରଗତିକ' ଅଉ 'ପ୍ରଗତିକା' ମିଶି
କରିବା ଉତ୍କଟ ରସ
ଅସ ପ୍ରଗତିକା ଅସ । ୫ ।

ସେ କାଳ ଗଲାଣି ଯାଉ,
ତୁମର ଅଦର Friendship ପାଇଁ
Park ଓ ପଡିଅ ଥାଉ
ସେ କାଳ ଗଲାଣି ଯାଉ । ୬ ।

ଏ ଯେଉଁ ନବୀନ ଯୁଗ,
ତୁମ denial ଫଳରେ vanity—
Bag କେ କରିବ ଭୋଗ
ଏ ଯେଉଁ ନବୀନ ଯୁଗ । ୭ ।

ତମ ସ୍ୱାଧୀନତା ଫଳେ,
variety taste କରିବା ସୁଯୋଗ
ଘୁଟିବ ଆମ କପାଳେ
ତମ ସ୍ୱାଧୀନତା ଫଳେ । ୮ ।

(ତେବେ) ତମ youth beauty,
cheap ହୋଇଯିବ Love marketରେ
Restriction ଯିବ ଉଠି
। ତମ youth, beauty । ୯ ।

Marriage ନହେବା କଥା
second କରୁଛି shakehandକରିବା
ନ ମାନି ସକଳ ପ୍ରଥା
Marriage ନ ହେବା କଥା । ୧୦ ।

Marriage ଗୋଟାଏ curse
ଠିକ କହୁ ଅଛ ମନକୁ ପାଇଲା
ଘୁଟିବ କଷ୍ଟ ମୋ ପର୍ଶ,
Marriage ଗୋଟାଏ curse । ୧୧ ।

ହେଲେ ବା Married ତୁମେ,
ଗୋଟେ ଘଇତାକୁ ତୋଟିଏ ବନ୍ଧୁତା
ଅଣିଦିଅ Love ଛାମେ
ହେଲେ ବା Married ତୁମେ । ୧୨ ।

Mother ନ ହୁଅ ସହୁ,
ଅଉ ବିପଦକୁ Prophyactic measure
ଅଛି ଗୋ ଆମର ପାଇଁ
Mother ନ ହୁଅ ସହୁ । ୧୩ ।

ନହେଲେ ତୁମେ Mother
ପୋଷିବା ଦାଉରୁ ଫୁଟିସକୁ rather
ରକ୍ଷା ମିଳିବ ଏଥର
ନହେଲେ ତୁମେ Mother । ୧୪ ।

ସକଳ Sisters ମିଶି,
Conspiracy କରି brotherମାନଙ୍କୁ
Attack କର ଦବାନିଶି । ୧୫ ।

ପାଇ ତୁମ inspiration
ସାର୍ଥକ ହେଉ ଉତ୍କଳ ଦେଶ
ଧନ୍ୟ ହେଉ ଗୋ nation
ପାଇ ତୁମ inspiration । ୧୬ ।

(କିନ୍ତୁ) ପଶୁରେ ତୁମକୁ ସଙ୍ଗ
ରୂପ ଯଉବନ ସବୁଦିନ ପାଇଁ
ପାରିବ କି ତୁମେ ରଖି ?
ପଶୁରେ ତୁମକୁ ସଖି । ୧୭ ।

ରୂପ ସରିଗଲେ ସହୁ,
ଗଳ୍ପ କଥା ଭୁଲ ଅଖି ମଳ ମଳ
ନ ହେବ କି ତୁମେ ଦହୁ ?
ରୂପ ସରିଗଲେ ସହୁ । ୧୮ ।

ଜାଣ ଗୋ ନିଶ୍ଚୟ ତୁମେ,
ମଧୁ ଅବଶେଷେ ଫୁଲରାଣୀ ପାଶେ
ନ ଅସେ ମଧୁପ ଭ୍ରମେ,
ଜାଣ ଗୋ ନିଶ୍ଚୟ ତୁମେ । ୧୯ ।

(ତେଣୁ) ପ୍ରଗତିର ଜୟ ଗୀତେ,
ଉତ୍କଳ farm ରେ Grazingକାଳରେ
(ମାଗ) Stud-man ଲିନ୍‌ଲିଥେ
ପ୍ରଗତିର ଜୟ ଗୀତେ । ୨୦ ।

ପ୍ରେମ ବଖାଣିଲି ସହୁ
Love ଦିଅ ଅବା Snub ଦିଅ ମୋତେ
ମଥା ପାତି ନେବି ମୁହିଁ
ପ୍ରେମ ବଖାଣିଲି ସହୁ । ୨୧ ।

(ତେବେ) ମନେ ରହିଗଲା ବ୍ୟଥା
କବିତା ସଙ୍ଗରେ ତମର ଗାଲରେ
(ପାଉଡର ବୋଳା କଅଁଳ ଗାଲରେ)
(ଗୋଟିଏ) ଦିଅନ୍ତି କଅଁଳ ମୁଥା,
ମନେ ରହିଗଲା ବ୍ୟଥା । ୨୨ ।

Digitized by srujanika@gmail.com



ପ୍ରିୟ ନାଗ ଭାଇ ଭଉଣୀ ମାନେ,

ତୁମ ମାନଙ୍କ ସାହସରେ ମନ୍ତ୍ରୀ ଅପାଙ୍କ କଥା ଉପରେ କଥା କହୁଛି । ନହେଲେ ଯେଉଁ ମଣିଷ ଗୋଟାଏ ରାଜ୍ୟ ମଧ୍ୟରେ ପ୍ରଧାନ ମନ୍ତ୍ରଣା ଦାତା ହୋଇ ଯାଇଥିଲେ ତାଙ୍କ ମୁହଁ ଉପରେ କଥା କହିବାକୁ ମୁଁ କିଏ ? ତାପରେ ଅଜାଙ୍କ ଅନ୍ତରଙ୍ଗ ହେବାଟା ତାଙ୍କ ପକ୍ଷରେ ସମ୍ଭବ । କାହିଁକିନା ଗସ୍ତ ଅସିଲ ବେଳେ ମୁହଁ ଚୂହିଁ—ଚୂହିଁ ସଙ୍ଗେ ସଙ୍ଗେ ଅଜା-ନାତୁଣୀ ଭିତରେ ଥଟ୍ଟା-ତାମସା, ମଜଳ ମଜଲିସ୍ ରଙ୍ଗ ରସର ଜୁଆର ଖେଳିବା ଗୋଟେ ବଡ କଥା ନୁହେଁ । ଅମ ଭାଗ୍ୟରେ ସେ ବା ଜୁଟୁଚ କହୁଁ ? ଅମେ ଚୁହିଁଥିବୁ କେବେ ଅଜାଙ୍କ ପଦ୍ମତୋଳା ପାଳି ଅସିବ, ଅମ୍ଭେ ମାନେ ଫଗା ଠେକିବୁଁ । ସେଥିରେ ଲଙ୍ଗୁଳ ଖେଞ୍ଚା 'ବି ତେର ।

ଅପା ଦିଲ୍ଲୀରୁ ରିପୋର୍ଟର ପର୍ଯ୍ୟନ୍ତ ଟେଲିଗ୍ରାମ ପିଟିଲେଣି ଯେ, ଅମ ଅଜା ରସିକ, ଟୋକା, ଅଧୁନିକ । ମୋ' ଭାଇ ଭଉଣୀଙ୍କୁ କଣ ଲାଗୁଛି କେଜାଣି ମୋତେ ତ ଭଲ ଲାଗୁ ନାହିଁ । ମୁଁ ଭାବୁଛି ଅଜା ଯଦି ଅଧୁନିକ ଟୋକା ହୋଇଥାନ୍ତେ ନୋଥ ଫୁଲଗୁଣା-ଧାଗି ଅଣିକି ବସିଥାନ୍ତେ-କମିତ ? ତାପରେ ଅପା କହିଛନ୍ତି, ସେ "ତେଙ୍ଗା ନହି ନହକା, ମଠ, ମଡ଼ିଅ ଗଣେଷ ପେଟା" । ତେଙ୍ଗା ନହି ନହକା ମଣିଷ ଗଣେଷ ପେଟା ହେବାଟା ମୋତେ ନୂଆପରି ଲାଗୁଛି । ଯଦି ଏ କଥାଟା ନିରାଟ ସତ, ଅମ ଅଜା ତେବେ ବୃଦ୍ଧ ଅଲମ୍ବୁଅ ହୋଇଥିବେ । ଅଭ ଖଡ଼ମ୍ବା ଝୁଅଁଟ୍ରି ସମ୍ବନ୍ଧେ ଅପା, ଅଜାଙ୍କ ତରଫ ନେଇ ଯେଉଁ (ଧାରଣା) କରିଛନ୍ତି ସେଇଟା ପୁରା ପୁରି ସତ ହୋଇଥିବ ଏବା ।

ଯାହାହେଉ ଅଜାଙ୍କ ଜବାବଟାକୁ ଅମେ ଚାହିଁ ରହିଲୁଁ । ୭ନମ୍ବର ନାତି

ପ୍ରିୟ ଅଜା !

ଅପଣ ଛୁଟି ପୂର୍ବରୁ ହଗଢରେ ଲେଖି ଥିଲେ ଯେ ତୁମ୍ଭେମାନେ ଛୁଟିରେ ଗଲେ ପ୍ରତ୍ୟେକ ଗ୍ରାମରେ କିଛି ନା କିଛି ଶିକ୍ଷା ଦେବ, ସେଥିପାଇଁ ଅମ୍ଭେମାନେ କେତେକ ନାତି ଓ ନାତୁଣି ଏକଜୁଟ ହୋଇ ସାଇରଙ୍ଗ ପୁର ନାମକ ଗୋଟିଏ ଗ୍ରାମରେ ଗୋଟିଏ ଏସୋସିଏସନ ଗଢି ସେଥିରେ ନାନା ବିଷୟରେ ଶିକ୍ଷା ଦେବାର ବନ୍ଦୋବସ୍ତ କରି ଥିଲୁଁ । ସେଥିରେ ଅନେକଙ୍କର କିଛି ନା କିଛି ଉପକାର ହୋଇଛି ବୋଲି ପ୍ରକାଶ ପାଏ । ସେହି ଏସୋସିଏସନ ପକ୍ଷରୁ ଗୋଟିଏ ନାଟକ ଅଭିନୟ କରାଯାଇ ଥିଲା । ସେଥିରେ ଅପଣଙ୍କ ନାତି ମାନଙ୍କ ମଧ୍ୟରୁ କେତେକ ନାତୁଣୀ ସାଜି ଥିଲେ ଓ ସେମାନେ ଭଲ ଭାବରେ ଅଭିନୟ କରି ଲୋକମାନଙ୍କ ମନକୁ ମୋହିତ କରିଥିଲେ । ସେହି ଅପଣଙ୍କର ନାତିମାନେ ନାତୁଣୀ ସାଜି ରୌପ୍ୟ ପଦକ ପ୍ରାପ୍ତ ହୋଇଛନ୍ତି ଅଜା ! ସେ ନାତୁଣୀ ଗୁଡ଼ିକ ଯେପରି ସ୍ୱର୍ଗର ଅପସରା । ମୁଁ ଜଣେ ଅପଣଙ୍କର ନାତି ମଧ୍ୟରୁ ଗୋଟିଏ ସୁନ୍ଦରୀ ନାତୁଣୀ ସାଜିଥିଲି ।

ସ୍ନେହର—୪୫ନମ୍ବର ନାତି

ଭାଇମାନେ,

ଅମର ଏବଣି ଅଲଗା ପ୍ରଦେଶ ହୋଇଛି ସେଥିପାଇଁ ଅମର ଭାରି ଗର୍ବ ଓ ଅନନ୍ଦ । ସେ ଗର୍ବ ତୁଚ୍ଛିତ ଗର୍ବ ନୁହେଁ—ସେଥିରେ ଅଛି ସ୍ୱାର୍ଥପରତା । ଯଉଁ ଅଞ୍ଚଳ (ସିଂହଭୂମି, ମଞ୍ଜୁଷା, ଭଟଲା, ଟିକିଲି, ମେଦନୀପୁର ଫୁଲଝର ଇତ୍ୟାଦି) ଅମ ଓଡ଼ିଶା ଭିତରେ ନ ମିଶିବ ସେଠିକା ଲୋକଙ୍କର କଷ୍ଟ କହି-ଲେ ନ ସରେ । ସେମାନେ ଅମର ଭାଇ ହୋଇ କଷ୍ଟରେ ଦୁଃଖରେ, ଓଡ଼ିଆ ବୋଲି ପଡି ରହିଛନ୍ତି, ଅମେ ଖାଇ ପିଇ ଏବେ ମଜା କରୁଛୁଁ ! ଏଇଟା ଜଣ ଭ୍ରାତୃତ୍ୱ ? ସେଥିପାଇଁ ଅମ ଅଜା ପ୍ରସ୍ତାବ କରିଛନ୍ତି ଯେ ସମସ୍ତେ ମିଶି ଗୋଟିଏ ପାଣ୍ଠି ସଂଗ୍ରହ କରିବା ବେଶୀ ଟଙ୍କା ହୋଇଗଲେ ସେହି ବିଚ୍ଛିନ୍ନ ଅଞ୍ଚଳର କର୍ମୀ ମାନଙ୍କ ପାଖକୁ ପଠାଇ-ଦେବା । ଏଥିପାଇଁ ସମସ୍ତଙ୍କ ପ୍ରାଣ କାନ୍ଦିବା ଦରକାର ଓ ବିଚ୍ଛିନ୍ନ ଅଞ୍ଚଳ ମାନ ନ ଅସିବା ଯାଏ ମନ ପ୍ରାଣ ଦେଇ ଏ କାମରେ ଲାଗି ପଡ଼ିବା ଦରକାର । ଏତିକି ମୋର ସମସ୍ତଙ୍କୁ ଅନୁରୋଧ । ସ୍ନେହର ନାଗବନ୍ଧୁ ୬୩ନମ୍ବର

## ନୂଆ ନାଗବର୍ଗଙ୍କ ନାମ ।

୯୫ । ଉମା ଦେବୀ :– C/o ଭବତରେନ୍ଦ୍ର ନାୟକ ଡେପୁଟି ମାଜିଷ୍ଟ୍ରେଟ କଟକ
୯୬ । ସୁରମା ଦେବୀ :— "
୯୭ । ନୀଳମା ଦେବୀ :— "
୯୮ । କୁମାର ନିମାଇଚନ୍ଦ୍ର ଭଞ୍ଜ ଦେଓ—ଷ୍ଟେଟ ଲଜ ସାହେବ - ବାରିପଦା । ୯୯ । ନରହରି ମାହାତୋ—ଷ୍ଟେଟ ଲଜ ସାହେବ କୋଠୀ, ବାରିପଦା । ୧୦୦ । ଦେବେନ୍ଦ୍ରକୁମାର ପଣ୍ଡା, ଗ୍ରାଃ ବଇଡେଙ୍ଗା—ମୟୂରଭଞ୍ଜ । ୧୦୧ । କାଦମ୍ବିନୀ ମହାପାତ୍ର—C/o ଜୁଡ଼ିଷ୍ଟେଫ୍ ମହାପାତ୍ର M.2.139.R.K. Slope. ଜାମସେଦପୁର । ୧୦୨ ! କୃଷ୍ଣଦେବୀ ମହାପାତ୍ର, C/o ବ୍ରଜେନ୍ଦ୍ର ନାଥ ମହାପାତ୍ର ଷ୍ଟେସନ ମାଷ୍ଟର, ଗୋକୁଳପୁର, ପୋ: ଶାଳବଙ୍ଗଲ ମେଦନୀପୁର ।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ବର୍ଷରୁ କମ୍ । ମୁଁ ସତ୍ୟ ସେବା ସାହସ ଓ ଅହିଂସା ବ୍ରତ ପାଳନ କରିବି । ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖେଇ ଦେବେ । ମୁଁ ଏଥି ସହ ୨୦/ର ଡାକ ଟିକଟ ପଠାଇଲି ।

ଅପଣଙ୍କ ସ୍ନେହର ନାତିନାତୁଣୀ

ଶ୍ରୀ ________________

ଠିକଣା ________________

ତାରିଖ

ଆମେ Saint of saburmati ନା'ଟା ଶୁଣିଥିଲୁଁ । ଏ ପୁଣି saint of ... କାହିଁ ନଅରର ହେବେ ? ମୁନି ଋଷି ହବାକୁ ଗଲେତ ଜଟା, ଦାଢ଼ି ଦରକାର । ମାତ୍ର ସେ ଅପଣଙ୍କର ତ ସେ ସବୁ ନାହିଁ । ତେବେ ସେ ବଇଷ୍ଣବ saint ହେବେ ପର ! ×

ସେଦିନ ବଙ୍ଗଳାର ପ୍ରଧାନ ମନ୍ତ୍ରୀ ହକ୍ ସାହେବ କଟକ ଆସି ଆମ ପ୍ରଧାନଙ୍କ ସହିତ ପ୍ରେମାଳାପ କରି ଏତେ ମୁଗ୍ଧ ହୋଇଗଲେ ଯେ ଆଉ ସମ୍ଭାଳି ନ ପାରି କହି ପକାଇଲେ "ଓଡ଼ିଶାର ପ୍ରଧାନ ଜଣେ "ଅତି ମନମୋହନ ମଧୁର ବ୍ୟକ୍ତି" ( most charming personality ) ଏ କଥା ସମସ୍ତଙ୍କର ମନେ ଥିବ । ଦାଢ଼ି ଜଟ ଶୂନ୍ୟ ଓ ଗୋପୀ-ଭାବାପନ୍ନ ଦାସଙ୍କୁ ଦେଖି ଦାଢିଅ ମିଆଁଙ୍କର କି ଭ୍ରମ ହେଲା କି ? × ×

ବଙ୍ଗାଳିମାନେ ଅବତାର ଅବତାରଣା [illegible]ନ୍ତି । ବିଦ୍ୟାପତି, ଚଣ୍ଡିଦାସ ଜୟଦେବ ଚୈତନ୍ୟଙ୍କଠୁଁ ଆରମ୍ଭ କରି ରାମକୃଷ୍ଣ ବିବେକାନନ୍ଦଙ୍କୁ ଲଗାଏତ ଫଜଲୁଲ ହକ ନାସିର ଅଲ୍ଲିଙ୍କ ପର୍ଯ୍ୟନ୍ତ ସମସ୍ତେ ଅବତାର । ସୁତରାଂ ଆମ ପ୍ରଧାନ ମନ୍ତ୍ରୀ ତାଙ୍କଠୁଁ କେଉଁ ଗୁଣରେ କମ ଯେ ତାଙ୍କୁ ଅବତାର କହିଲେ ଗୋଟାଏ ଭାରି କଥା ହୋଇଯିବ ? +

ନିନ୍ଦୁକ ଲୋକ ଗୁଡ଼ାକ ଖାଲି ମିଛୁଟାରେ ଆମ ବିଶ୍ୱନାଥଙ୍କୁ 'ମହାଜନ' 'ମହାଜନ' ବୋଲି କହୁଛନ୍ତି । କିନ୍ତୁ ତାଙ୍କ ମନ୍ତ୍ରୀତ୍ୱ କାଳର ଗଲା ଦଶ ମାସ ଦଶ ଦିନ ଭିତରେ କେବେ ମହାଜନୀ କରିବାର ଆମେ ଦେଖି ନାହୁଁ ତ । ତେବେ ହଁ, ମହାଜନର ଭିନ୍ନେ ଅର୍ଥ ବି ଲୋକେ କରନ୍ତି । ସେଇ ଅନୁସାରେ ଦାସେ ନିଜକୁ ମହାଜନ ବୋଲି ଭାବି ମୂର୍ଖ ଓଡ଼ିଆମାନଙ୍କୁ ଯଦି ନୀତିଶିକ୍ଷା ଦେଉଥିବେ —ମହାଜନୋ ଯେନ ଗତଃ ସ ପନ୍ଥା— ତେବେ ତାଙ୍କ ଯୋଗ୍ୟ କାମ କରୁଛନ୍ତି ବୋଲି ଆମେ କହିବୁଁ । କିନ୍ତୁ ଆମର ଅନୁରୋଧ ଦାସେ ଟିକିଏ ମହାଜନିଆ ବୁଦ୍ଧି ଛାଡ଼ି ପକ୍କା ଖାତକ ଯଦି ଥରକ ପାଇଁ ବନି ଯାନ୍ତେ ତେବେ ଓଡ଼ିଆ ଅଜ୍ଞ ଓଡ଼ିଶା'ର ବଡ଼ ଉପକାର ହୁଅନ୍ତା ।

ଓଡ଼ିଶା ସମବାୟ ବେଙ୍କ ସମ୍ବନ୍ଧରେ ମୁଦାଲିଅର ଯେଉଁ ରିପୋର୍ଟ ଦେଇଛନ୍ତି ସେଥିରୁ ଜଣା ପଡ଼ୁଛି ଯେ ବେହାର ସରକାରଙ୍କ ଅଧୀନରେ ରହି ଆମ ବେଙ୍କର ଏ ଅବସ୍ଥା ଘଟୁଛି । ଆମେ ତେବେ ବିହାର ପାଦେଶିକ ବେଙ୍କରୁ ଅଣି-ଥିବା ଋଣ ତକ ଉଡ଼ାଇ ନ ଦେବା କାହିଁକି ? ଦାସେ, ଏତେବଡ଼ ହୁଣ୍ଡାଟାଏ ମିଳିଛି—ଏ ଦାଉ ଛାଡ଼ ନାହିଁ ଟି !

ମୁଦାଲିଅରଙ୍କ ସୁପାରିସ ଅନୁସାରେ ଓଡ଼ିଆ ସରକାର କାମ କରିବେ କି ନାହିଁ ଏ କଥା ଅନେକ ଲୋକ କୁହା କୁହି ହେଉଛନ୍ତି । ଆମର ମନେ ହୁଏ ଚୁଡ଼ାରୁ ପଟେ—ଗୁଡ଼ରୁ ପଟେ—ସେ କଥା ପଟେ କି ନ ପଟେ । ତେବେ ଏତେ ବଡ଼ ହୈଚୈର କି ଦରକାର ଥିଲା ବାବା ବିଶ୍ୱନାଥ ! ନା ଲୋକଙ୍କ ଆଖି ଅଞ୍ଜନ ଲୋଡ଼ୁଥିଲା ? +

ସୀତାଙ୍କ ବନବାସ ସମୟରେ ରାମଚନ୍ଦ୍ର ଅପାତତଃ ଗୋଟିଏ ସ୍ୱର୍ଣ୍ଣ ପ୍ରତିମା ସ୍ଥାପନା କରି ଥିଲେ । ଆମ କଂଗ୍ରେସ ସଭାପତି ସୁଭାଷବୋଷ ସୁନା ପ୍ରତିମା ତ ଦୂରର କଥା, ମାଟି ପ୍ରତିମା ବୋଲି ବି କଂଗ୍ରେସର ଯେଉଁମାନେ ପ୍ରକୃତ କର୍ତ୍ତା ସେମାନେ ମାନୁ ନାହାନ୍ତି । ରାଷ୍ଟ୍ରପତି ବୋଲି ଖାଲି ନାଁଟା । ତା ବି ସୁଧେ କଲିକତିଆ କାଗଜ ଛଡ଼ା ଆଉ କେହି କେବେ ଭୁଲରେ ଥରେ ଅଧେ ଲେଖି ପକାଇ ଥିଲେ ଚେର । ଏବେ ଫେଡ଼େରେସନ ନେଇ ଯେତେ କଥା ଉଠୁଛି ସେଥିରେ ସୁଭାଷଙ୍କୁ କେହି ପଚାରୁ ନାହାନ୍ତି । ସେ ଏବେ ରାଗିମାଗି ଏକ ଇସ୍ତାହାର ଦେଇଛନ୍ତି ଯେ କଂଗ୍ରେସ ଫେଡ଼େ-ରେସନ ମାନି ନେଲେ ସେ ଇସ୍ତଫା ଦେବେ । ହକକଥା, ଗୋରୁମୁଣ୍ଡ କରି କଂଗ୍ରେସ ଗାଦିରେ ଆଣି ଦେବାଟା ଖାଲି ଲୋକହସା କଥା ସିନା ।

ସେ ଯାହା ହେଲା ହେଲା, ମାନ୍ଦ୍ରାସର ନେତାଙ୍କ ସତ୍ୟମୂର୍ତ୍ତିଟା ବାହାରି ପଡ଼ିଲା ଏକା । ମୂର୍ତ୍ତିଏ, ସତ୍ୟାଗ୍ରହ ଯୁଦ୍ଧ ବେଳେ ତମ ମୂର୍ତ୍ତିଙ୍କ କେଉଁ ସବୁ ଗ୍ରାସିଥିଲା କି ? ଫେଡ଼େରେସନର ମନ୍ତ୍ରୀ ହେବା ଲାଗି ଏତେ ବେଳକୁ ବଡ ଟଅର ପଅର । + +

ଜୟପୁର ଦରବାର ସହିତ ଅଧୀନସ୍ଥ ଶିକାର ରାଜ୍ୟର ରାଜ ଅନୁଗତ ପ୍ରଜାମାନଙ୍କର ଭୀଷଣ ଦଙ୍ଗା ଲାଗିଛି । ମାତ୍ର ଗୋଲ ଯେଉଁ ୨ ଗୁଳି ଗୋଳା ଚାଲି ଗଲାଣି । ଏତେ କଥାରେ ଏକା ବ୍ରିଟିଶ ସରକାର ଧୀର ସ୍ଥିର ବସିଛନ୍ତି । ବ୍ରିଟିଶ ଏ ଦେଶରୁ ବାହାରି ଗଲେ ଦେଶର ଅବସ୍ଥା କଣ ହେବ ତାର ନମୁନା ଦେଖାଇବା ପାଇଁ ତାଙ୍କର ଏ ଭାବ କି ? କିନ୍ତୁ ସେତେବେଳକୁ ସବୁ ବଦଳି ଯିବ ଯେ ! × ×

ଆମ ଘର ପାଖ ନୀଳଗିରିରେ ରଜାପ୍ରଜାଙ୍କ ଭିତରେ ଖୁବ ଟଣା ଓଟରା କେତେଦିନ ହେଲା ଲାଗି ରହିଛି । କେହି ହଟିବାକୁ ନାହାନ୍ତି । ପ୍ରଜାଙ୍କ ତରଫର ଅହିଂସା ସତ୍ୟାଗ୍ରହ ସମର ହେଉଛି । ଯାହାହେଉ ଆମ ଓଡ଼ିଶାର ନାଁଟା ଏଥର ଖୁବ ବାହାରିବାର ସୁବିଧା ପଡ଼ୁଛି । ମହୀଶୂର ନା ମାଇଦେଲା । ନୀଳଗିରି ପଛେଇବ କାହିଁକି ? ଏ ହୁସିଆର ଟି ! ଭୁଲ ଚୁକରେ ଟୋ'—ଠୋ' ଯିମିତି ନ ହୁଏ ! ତୁମ୍ଭେ ଓଡ଼ିଆ ହାମ୍ଭ ଓଡ଼ିଆ । × ×

ଭାରତୀୟ ଜାତୀୟତାର ପ୍ରତିନିଧି ଭାବରେ ପଂଡ଼ିତ ଜହରଲାଲ ବିଲାତରେ ଏଥର ଯଥେଷ୍ଟ ମାନ ଖାତିର ପାଉଛନ୍ତି ଓ ବିଲାତର ବଡ଼ ବଡ଼ କଳିଙ୍ଗା ଷଣ୍ଢଗଣ ତାଙ୍କ ସହିତ ଯେପରି ଘରୋଇ ଭାବରେ ମିଳା ମିଶା କରୁଛନ୍ତି, ସେଥିରୁ ମନେ ହୁଏ—ଭାରତକୁ ଆଉ ବୋକା ବୁଦ୍ଧା କରି ବିଲାତ ଲୋକେ ଦେଖୁ ନାହାନ୍ତି । କିନ୍ତୁ ତଥାପି —ମନେ ପଡ଼ୁଛି ବୁଢ଼ା ଚାଣକ୍ୟଙ୍କର ସେଇ ଶ୍ଲୋକଟା— ବିଶ୍ୱାସ ନୈବ କର୍ତ୍ତବ୍ୟ ସ୍ତ୍ରୀଷୁ ————ଚ × ×

ପାଲେଷ୍ଟାଇନରେ ଇହୁଦି ଆଉ ଆରବ ମାନଙ୍କ ମଧ୍ୟରେ ଯେଉଁ ବିବାଦ ତାହା ଭୀଷଣ ଆକାର ଧାରଣ କରିଛି । ହାଣ କାଟର ତାଣ୍ଡବ ଲୀଳା ଲାଗି ଗଲାଣି । ବୋମା, ଛୁରୀ, ଗୋଳିର ସୀମା ନାହିଁ । ଅହିଂସା ପ୍ରଚାର ପାଇଁ କଂଗ୍ରେସ ଦଳ ସେଠିକି କେହି ଏଥିବେଳେ ଗଲେ ଭଲ ହୁଅନ୍ତା ଏକା ! +

Digitized by srujanika@gmail.com

## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର
# ନୂତନ ଆବିଷ୍କାର
ବ
## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ କାର୍ଯ୍ୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନାଡ଼ୀର ପ୍ରକୃତ ଏବଂ ଅକାଳ, ଅଗ୍ନିମାନ୍ଦ୍ୟ, ଉତ୍ସାହହୀନତା, କୋଷ୍ଠବଦ୍ଧତା, ଅନିଦ୍ରା, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଧାର ବେଗ କମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ଅତୁଳ ପଦ୍ମ ଶକ୍ତି ଖେଳେ । ୨୧ ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫।୯ ମାତ୍ର ।

ନୟା ସଡ଼କ
ପୋ: ଅ: ବୁଢ଼ଣୀଚୌକ,
କଟକ ।

ବୈଦ୍ୟରାଜ
କବିରାଜ — ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀବାଲୁକେଶ୍ୱର ଆଚାର୍ଯ୍ୟ ଭିଷଗ୍‌ରତ୍ନ



### ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର
# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାଯୁକ୍ତ ଧାତୁପଡ଼ିବା) ପେଟକସା, ଅଜୀର୍ଣ୍ଣ, କାଶ, ମୂର୍ଚ୍ଛା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର ଅମବାତ, ଅସ୍ଥିଗଣ୍ଠିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୂତ୍ରବ୍ୟଥା, ମୂତ୍ରବନ୍ଧ, ମୂତ୍ରଶୂଳ, ଦାନ୍ତମୂଳ ଫୁଲା, ଗଣ୍ଡିକାଫୁଲା, ଜଳଘା, ଦାଦ୍ର, କୁଣ୍ଡିଆ, ଖଉଜି, ମଉଳା, ଚମଦଳା, ଯାଦୁ, ଛଙ୍କ, ବଥାଘା, ଛେଦଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ବିଷୁତ ଜୀବଜନ୍ତୁ ମାନଙ୍କର ଦଂଶନ, କାନପିଟା, କାନପଗୁ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
**କବିରାଜ ଶ୍ରୀ ବିଶ୍ୱନାଥ ଦାସ**
ଏ. ବି, ଏଲ୍. ଏଚ. ଏମ୍. ଏସ୍.
ଅଲିଶା ବଜାର, ପୋଃ ବୁଢ଼ଣୀଚୌକ କଟକ ।





# ଅସଲ ପ୍ରୁଶା ତୈଳ

ଘା; ଦାଉଦ୍; ଖଥା; ମକୋ; ଚିଛ କାମୁଡ଼ା, ମେଣ୍ଡ ମୁଣ୍ଡ, ଅ ବ ତ; ଝୋ ଗାଉ ହେଉଛି ସମସ୍ତ ପ୍ରକାର ବେଦନାର ଏକ ମାତ୍ର ମହୌଷଧ:—ମୂଲ୍ୟ ୧୦ ମାତ୍ର ।
ଠିକଣା:—ଅସଲ ପ୍ରୁଶା ତୈଳ ଅଫିସ୍—କଟକ ।



### ଚୁଳେଡ଼ାବଳ୍ୟ ଓ ଧୂଳଡ଼ଙ୍ଗ ପାଇଁ
# ବହୁତ କାଯ୍ୟ ଲୋମୋଦକ

ଏହା ଡାଇଲେ ଘଷିଲେ ଚୁଟି ବଢ଼ାଏ ଏବଂ କଳା, ପାଂଶ, କେଶକୁ ଚିକ୍କଣ କରି ଅତି ଶୀଘ୍ର ବଢ଼ାଇ ଦିଏ ।

| | | |
|---|---|---|
| ମୂଲ୍ୟ | ଛୋଟରୁ | ୫ ୬ ୯ . |
| ,, | ମଧ୍ୟମକୁ | ୨୧ ୨ |
| ,, | ବଡ଼ କୁ | ୫ ୬ ୯ |

ଭି: ପି: ରେ ଔଷଧ ପଠାଯାଏ ।
ଠିକଣା
କବିରାଜ ଶ୍ରୀ ଗୋପେନ୍ଦ୍ର ମିଶ୍ର ଏଲ୍. ଚି. ଏମ୍. ପି
**ଦରିଦ୍ର ବନ୍ଧୁ ଔଷଧାଳୟ**
ଖଇରେ ପଦା । ପୋ : କେଠାର । ଜି : ବାଲେଶ୍ୱର



## ଅଫିମାଙ୍କର ଆଉ ଭୟ ନାହିଁ ।

ଓଡ଼ିଶା ସରକାର ଅଫିମ ଉଠାଇ ଦେଇଥିବା ହେତୁ ଅଫିମାମାନେ ବଡ଼ ବିପଦ ପାଇ ପାଉଛନ୍ତି । କିନ୍ତୁ ଆମର **ସୁଇଟୋ** ଔଷଧ ସେବନ କଲେ ଅଫିମାମାନେ ବିନା କଷ୍ଟରେ ଅଲ୍ପ ଦିନରେ ଅଫିମ ଛାଡ଼ି ପାରିବେ ଏବଂ ସକଳ ରୋଗରୁ ମୁକ୍ତ ହୋଇ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ପାଇବେ । ଦିନ କେତେ ପରିମାଣରେ ଅଫିମ ଖାଉଛନ୍ତି ଲେଖିଲେ ଔଷଧ ଭି: ପିରେ ପଠାଯାଏ ।

### ବାର୍ଥ କଣ୍ଟ୍ରୋଲ ।

ଜନ୍ମ ନିରୋଧ ଏବଂ ସୁଖ ପ୍ରସବ ଔଷଧ ପାଇଁ ଆମମାନଙ୍କ ସହିତ ଯୋଗାଯୋଗ କରନ୍ତୁ । ଅନ୍ୟାନ୍ୟ ରୋଗ ବିଷୟରେ ମଧ୍ୟ ପରାମର୍ଶ ଦିଆଯାଏ । ସକଳ ପ୍ରକାର ନୂତନ ଓ ପୁରାତନ ହୋମିଓ ବହି ସହିତ ଅନ୍ତ ଶରୀର ରୋଗୀମାନଙ୍କର ଚିକିତ୍ସା ପତ୍ର ଦ୍ୱାରା ବି କରାଯାଏ ।

ଠିକଣା— ଉତ୍କଳ ହୋମିଓପାଥିକ ଫାର୍ମାସି, ବକ୍‌ସିବଜାର—କଟକ



# ପି: ପ୍ରୁଷ୍ଟି ଏଣ୍ଡ୍ ସନ୍ସ୍
## ପଥରଦାନ୍ତ ଓ ଚଶମା ବିକ୍ରେତା
ଅଦାଲତ କଚେରୀ ସାମନା
**ପୋଃ ଅଃ ବୁଢ଼ଣୀଚୋକ, କଟକ ।**




Printed & published at the Utkal Sahitya Press, Cuttack by ... 1938.

Digitized by srujanika@gmail.com

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍‌ସୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁବିଖ୍ୟାତ ସୁଦୃଢ଼, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପଲିସି ସର୍ବୋତ୍କୃଷ୍ଟ ।

ଅବଶ୍ୟ ମୃତ୍ୟୁରେ ଦ୍ୱିଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ମିଳିତ ବୀମା, ଯୌତୁକ ବୀମାପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ବ୍ୟବସ୍ଥା ।

ବୀମା ପଲିସି ଉପରେ ଋଣ ନେବାର ସୁନ୍ଦର ବ୍ୟବସ୍ଥା ଅଛି ।

୧୯୩୬-୩୭ ସାଲର ସଂକ୍ଷିପ୍ତ ବିବରଣ

ନୂତନ ବୀମାର ପରିମାଣ ୨କୋଟି ୮୩ଲକ୍ଷ ୬୩ହଜାରରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି କୋଟିଏ ୩୧ଲକ୍ଷ ୯୭ ହଜାରରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୭୭ହଜାରରୁ ଊର୍ଦ୍ଧ୍ୱ ।

ବାର୍ଷିକ ଆୟ ୭୪ଲକ୍ଷ ୫୫ହଜାରରୁ ଊର୍ଦ୍ଧ୍ୱ ।

ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୫ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଊର୍ଦ୍ଧ୍ୱ ।

ଅଧୁନା କେବଳ ସରକାରୀ କାଗଜାଦିରେ ମୋଟ ସମ୍ପତ୍ତିର ଶତକଡ଼ା ୫୪.୦୯ ଟଙ୍କା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୫.୩୧୯ ହୋଇଛି ।

(ଓଡ଼ିଶାରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚ କମିଶନରେ ବେତନଭୋଗୀ, ଏଜେଣ୍ଟ ଓ ସ୍ପେସିଆଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମା, ପୂର୍ବଆଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟାରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର, କଟକ ।

# ରାଜସ୍ଥାନ ଇନ୍‌ସୁରେନ୍ସ କୋମ୍ପାନୀ, ଲିମିଟେଡ୍

### ହେଡ଼ ଅଫିସ ନଂ ୧୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

**ବିମା କରିବେ ? ଦେଖନ୍ତୁ, — ଏହାର ବିଶେଷତ୍ୱ କଅଣ ?**

୧ । ଅନ୍ଧ ହେଲେ ବୀମାକାରୀ ଆର୍ଥିକ ସାହାଯ୍ୟ ପାଏ ।

୨ । ବୀମାକାରୀ ଇଚ୍ଛା କଲେ କୋମ୍ପାନୀ ସାହାଯ୍ୟରେ କୋଠା କରି ପାରନ୍ତି ।

୩ । ଅକର୍ମଣ୍ୟ ହୋଇଗଲେ ବୀମାକାରୀ ପରେ ବସି ପ୍ରିମିୟମ୍ ନ ଦେଇ ମଧ୍ୟ ସମସ୍ତ ଟଙ୍କା ପାଇ ପାରିବେ ।

୪ । ପ୍ରଥମ ତିନିବର୍ଷ ପ୍ରିମିୟମ ଦେଇ ତେଣିକି ଟଙ୍କା ନ ଦେଇ ପାରିଲେ "ସାରେଣ୍ଡର" ଭେଲ୍ୟୁ ଦେ ଦିଆଯାଏ ।

୫ । ସାରେଣ୍ଡର ଭେଲ୍ୟୁ ହେଲେ ଖୁବ୍ କମ୍ ସୁଧରେ ଶତକଡ଼ା ୫ ଟଙ୍କା ଋଣ ନେବାକୁ ବୀମାକାରୀଙ୍କୁ ସୁବିଧା ଦିଆଯାଏ ।

ତୃତୀୟ ପ୍ରିମିୟମ ଦେବା ମାସେକ ପରେ ବୀମାକାରୀ ଆତ୍ମହତ୍ୟା କଲେ ବୀମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ ।

୬ । ଅନ୍ୟାନ୍ୟ ଇନ୍‌ସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।

୮ । "ପଡ଼ିବାଦୀମ" ଅନୁସାରେ ପ୍ରତ୍ୟେକ କିଛି କିଛି ସମ୍ପତ୍ତି ଦେବା ପାଇଁ ଆମମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଲେଖା ଭଲ ସମୟ ରଖିଥିବା ନୂତନ ଘଡ଼ି ଦେବାର ବନ୍ଦୋବସ୍ତ କରିଅଛନ୍ତି ।

୯ । ଆପଣ ଲକ୍ଷ୍ମୀ ଗୃହୀଣୀ ? ଶୀଘ୍ର ଏଥିରେ ବୀମା କରନ୍ତୁ । ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଅବାଳ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ । ସବିଶେଷ ବିବରଣ ଜାଣିବା ପାଇଁ ଶୀଘ୍ର ହେଡ଼ ଅଫିସକୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସବୁଠାରେ ଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

ଅବକାଶ ଉପଭୋଗ

# ପାରାଡାଇସ୍ ହଲ

ଏକମାତ୍ର ବିଶିଷ୍ଟ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ
ଚାନ୍ଦିନୀଚୌକ ଛକ [ କଟକ ]

ଏଠାରେ ସାଧାରଣ ଅନୁଷ୍ଠାନମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏହିର କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଗଙ୍ଗା, ପାଇପ ପାଣି ଓ କାଠ ଚୁଲାର, ଟେବିଲ୍ଚୌକି ବିଜୁଳି ଇତ୍ୟାଦି ବଡ଼ାଦ ଅନୁଯାୟୀ ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ କରାଯାଏ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ ଭାନନ୍ଦୋ

FOR ALL SORTS OF
# MEDICINES
PLEASE COME TO
**CROWN MEDICAL HALL,
RANIHAT, CUTTAK.**


ପ୍ରକାଶକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

ଶ୍ରାବଣ ପ୍ରଥମାର୍ଦ୍ଧ—

ଆନନ୍ଦାତ୍ ହି ଖଲୁ ଇମାନି ଭୂୟନ୍ତେ—

ଦ୍ୱିତୀୟ ବର୍ଷ—୫ମ ସଂଖ୍ୟା

# ଡଗର





ଶ୍ରୀ ଜିନା—ବୋଷ, ବିଶ୍ୱାସଙ୍କର ମୁସ୍ଲିମ୍ ଲିଗ୍ହିଁ ଭାରତୀୟ ମୁସଲମାନଙ୍କର ଏକମାତ୍ର ପ୍ରତିନିଧି ।


ଜୀବନ ବୀମା ପାଇଁ

## ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲିଃ

ଓଡ଼ିଶା ଅଫିସ :—ବେଲା ହାଉସ—କଟକ ।


### ବିଜ୍ଞାପନ ।

କେତେକ ଭଦ୍ରବ୍ୟକ୍ତି ଅଦେୟ ଗ୍ରାହକମାନଙ୍କ ନାମ ପ୍ରକାଶ କରିବାଟା ତାଙ୍କର ବ୍ୟକ୍ତିତ୍ୱ ପ୍ରତି ଅପମାନ ସୂଚକ ବୋଲି ଅପତ୍ତି ଜଣାଇଛନ୍ତି । ଅମ୍ଭେମାନେ ତାହାର ମନରେ କଷ୍ଟ ଦେବାପାଇଁ ତାହା କରି ନଥିଲୁଁ । ଡଗରର ପକ ପତ୍ରିକାର ଅକାଳ ମୃତ୍ୟୁ ପାଇଁ ଏହି ଅଦେୟ ଭଦ୍ରବ୍ୟକ୍ତିମାନେ ମୁଖ୍ୟତଃ ଦାୟୀ ହେଲେ ଜାଣିଲେ, ଡଗର ସୃଷ୍ଟି ପାଇଁ ଅଳ୍ପ 'କରିଥିଲୁ' ମାତ୍ର । ଆଶାକରୁଁ ହୃଦୟ ଗ୍ରାହକମାନେ କ୍ଷମା କରିବେ ।

ପରିଚାଳକ ।

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ସ୍ୱର୍ଣ୍ଣମନ୍ଦିର







ବାଲୁବଜାର, ପୋ. ଚାନ୍ଦିନୀଚୌକ—କଟକ ।





୧୦୦୲ ଟଙ୍କା ପୁରସ୍କାର ! ୧୦୦୲ ଟଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁମୂଲ୍ୟ ପଥରରେ ମନୋହର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାଘର ସମୟରେ ଆମ୍ଭେମାନେ କାହାରିକୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ତଲମ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଆମ୍ଭେମାନେ ୧୦୦୲ ଟଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ନିବେଦକ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁବଜାର, ପୋ: ଚାନ୍ଦିନୀଚୌକ—କଟକ






## ଡାକର ନିୟମାବଳୀ ।

୧ । ପତ୍ରେ ମାସରେ ଦୁଇଥର ପ୍ରକାଶ ହୋଇଥାଏ ।

୨ । ପତ୍ରର ବାର୍ଷିକ ମୂଲ୍ୟ ୨୲ ଟଙ୍କା (ଡାକମାଶୁଲ ସହ) ।

୩ । ଛାତ୍ରମାନଙ୍କ ପାଇଁ ୧୲ ଟଙ୍କା ।

୪ । ଯେ କୌଣସି ସପ୍ତାହରୁ ଗ୍ରାହକ ହେବାର ସୁବିଧା ଅଛି ।

୫ । ମନିଅର୍ଡର କିମ୍ବା ଟଙ୍କା 'ପତ୍ର ଅଫିସ' ଠିକଣାରେ ପଠାଇବାକୁ ହେବ ।

୬ । ଉତ୍ତର ପାଇବାର ଇଚ୍ଛା ଥିଲେ ଟିକଟ ପଠାଇବାକୁ ହେବ ।

୭ । ଗ୍ରାହକ ଏକାଧିକ ଥରରେ କାଗଜ ନ ପାଇଲେ କୌଣସି ଡାକଘରରେ ପଚାରିଲେ ପରେ ଅଫିସ ଦାୟୀ ନୁହନ୍ତି ।

୮ । ଲେଖା ସହିତ ଅଫିସରେ ଠିକଣା ଦରକାର ।

୯ । ଟିକଟ ନ ଦେଲେ ଅମନୋନୀତ ଲେଖା ଫେରସ୍ତ ପଠାଯିବ ନାହିଁ ।

ଡଗର
ଖଣ୍ଡ—ଟ୦/
ବାର୍ଷିକ(ସଡାକ)ଟ୨୯
ଛାତ୍ରମାନଙ୍କପାଇଁଟ୧୲
ରାଜସଂସ୍କରଣ—ଟ୫୯



ଡଗର
ଶ୍ରାବଣ ପ୍ରଥମାଙ୍କ
୨ବର୍ଷ, ୫ମ ସଂଖ୍ୟା
ଶୁକ୍ର
୧।୮।୩୮

ଯେ ଦିନ ଦିବାକର ହଠାତ୍ ପଶ୍ଚିମ ଦିଗରୁ ଉଦୟ ହେଲେ ବୋଲି ଗୋଟାଏ ଗୁଜବ ଚହଳ ପଡ଼ିଗଲା ଓଡ଼ିଶାରେ । କିନ୍ତୁ ଗୋଳମାଳ ପରେ ଜଣାଗଲା ଯେ ନାଃ— ଦିବାକର କେବେ ପଶ୍ଚିମରୁ ଉଦୟ ହୋଇ ନପାରନ୍ତି । କେତେକ ଲୋକ ଧମକ ଚମକ ଦେଖାଇ ଦିବାକରଙ୍କୁ ପଶ୍ଚିମକୁ ଟାଣିଥିଲେ ସତ କିନ୍ତୁ ସେ ଯିମିତି କୋହଳ ପାଇଛନ୍ତି ସେମିତି ଦେ—ଛୁ କରି ଯାଇଁ ଉଠିଲେ ପୂରୁବରେ । ସୂର୍ଯ୍ୟ ଭକ୍ତ ଅଲେଖ ମାନଙ୍କର କି ଆନନ୍ଦ ଦେଖିବ ! ସତେ ଯେମିତି ପୃଥିବୀ ଗୋଟାଏ ପ୍ରଳୟ ମୁହଁରୁ ବଞ୍ଚିଗଲା । କିନ୍ତୁ ପ୍ରକୃତରେ ପୃଥିବୀ ପ୍ରଳୟ ମୁହଁରୁ ବଞ୍ଚିଲା ନାହିଁ ଯେ, ଓଡ଼ିଶା କଂଗ୍ରେସର ଗୋଟାଏ ବଶିଷ୍ଟ ଦଳ ପ୍ରଳୟରୁ ଉଦ୍ଧରି ଗଲା । ମଟୁସୂଦନ— ମଧୁସୂଦନ !

ଆମ ଓଡ଼ିଶାରେ ସୁଅଙ୍ଗ ଗୋଟାଏ ମୌଳିକ କଳା । ପ୍ରଧାନମନ୍ତ୍ରୀ ଯେଉଁଦିନ ଓଡ଼ିଶାର ଯାଲ୍ଲା ସଂଗୀତ ପୁନରୁଦ୍ଧାର କରିବାକୁ ବସିଲେ ସେ ଦିନ ତାଙ୍କ କଂଗ୍ରେସ ପାର୍ଟିର ଆଉ ଗୋଟାଏ ଦଳ ନକଲ ହେବାଲାଗି ଏହି ସୁଅଙ୍ଗର ପୁନରଭିନୟ କରିବାକୁ ପଣ କଲେ । କିନ୍ତୁ ଅଭାବ ଦେଖାଥିଲା ଗୋଟାଏ ଦୁଅଣୀର । କାରଣ ଦୁଅଣୀ କାମଟା ସବୁଠୁଁ କଷ୍ଟ । ଗୋଟିଏ ଦୁଅଣୀ ସେ ରାବଣର ଦୂତ ବି ହେବ, ରାମଚନ୍ଦ୍ରଙ୍କ ଦୂତ ବି ହେବ । ଏବେ କଥାମତ କା'ର ଯେ ସେ ଦୁଅଣୀ ପାର୍ଟ ପ୍ଲେ କରିବ ? କିନ୍ତୁ ବହୁଦିନ ପରେ ଖବର ମିଳିଛି ଯେ ବାବୁ ଦିବାକର ପଟ୍ଟନାୟକ ସେହି ଅଂଶରେ ଅବତୀର୍ଣ୍ଣ ହୋଇ ନାନାଦି ହାସ୍ୟୋଦ୍ଦୀପକ ଅଭିନୟ ଦ୍ୱାରା ଦର୍ଶକ ମଣ୍ଡଳୀଙ୍କୁ ଚମତ୍କୃତ କରିବେ । ସାଧୁ — ସାଧୁ—

ଦିବାକର ବାବୁ ଗୋଳଅ ଟୋପି ପିନ୍ଧି ଦିନାକେତେ କେସରକାରୀ କଂଗ୍ରେସ କମିଟିର ନାୟକ ହୋଇ ପଟେ ନାଚଥିଲେ ଓ ସେ ଦଳର ମୁଖପତ୍ର ଲୋକମତର ଛାଆଁଳା ସମ୍ପାଦକ ଥିଲେ । ହଠାତ୍ ଦିନେ ସେ ସାଧାରଣଙ୍କୁ ଜଣାଇ ଦେଲେ ଯେ କଂଗ୍ରେସ ବିରୋଧୀ ଲୋକମତରେ ସେ କେବେ ହେଲେ ବୁଢା ବି ବସାଇ ନାହାନ୍ତି । ଆମ୍ଭମାନଙ୍କର ଧୋକା ରହିଗଲା— ଯେ ତାଙ୍କୁ କେହି ଲେଖିବାକୁ ଦେଲେ ନାହିଁ, ନା ତାଙ୍କ ଲେଖା ଆସିଲା ନାହିଁ ? ଦୁଇଟି ଭିତରୁ କେଉଁଟି ସତ ?

## ନିର୍ଦ୍ଦେଶ

ନି: ଭା: କଂ: କାର୍ଯ୍ୟକାରୀ କମିଟିପ୍ରତି ଆମ୍ଭମାନଙ୍କର ଯଥେଷ୍ଟ ଭକ୍ତି ଥିଲେ ମଧ୍ୟ, ମଧ୍ୟପ୍ରଦେଶ ଦ୍ୱନ୍ଦର ମୀମାଂସାରେ ସେ ଯେପରି ଭାବରେ, ଅସମତାମୂଳକ ଓ ଅପ୍ରତ୍ୟାଶିତ ପ୍ରଣାଳୀ-ଜାତ ଆତ୍ମଶ୍ଲାଘା ଏବଂ ନୀଚତ୍ୱ-ବୋଧ ( inferiority Complex )- ସମ୍ପନ୍ନ ବ୍ୟକ୍ତି ସୁଲଭ ଅଯଥା-ସମ୍ମାନ (false prestige )- ଜ୍ଞାନ ଦ୍ୱାରା ସମ୍ଭବତଃ ପରିଚାଳିତ ହୋଇଛନ୍ତି, ତଦ୍ୱାରା ଖରେ ଭୁଷ୍କାକୁ ଦଣ୍ଡ ଦେବାକୁ ଯାଇ ନିଜର ବିଚାର-ଭ୍ରମ ପ୍ରମାଣିତ କରିଛନ୍ତି ଏବଂ କଂଗ୍ରେସକୁ ଲୋକ ନିନ୍ଦାରୁ ବଞ୍ଚାଇବାକୁ ଯାଇ ଅଧିକତର ହାସ୍ୟାସ୍ପଦ କରିଛନ୍ତି ବୋଲି ଆମର ମତ ।— ସଂପାଦକ

ତା ପରେ ପରେ ପୁଣି ଅଭିଏକ ଇସ୍ତାହାର ମିଳିଲା ଯେ ଆଉ କଥାଟାରେ ତାଙ୍କର ଥିଲୁଲା ପଡ଼ିଲା, ସେଇଟା ମିଛ । ତାଙ୍କୁ ସାକ୍ଷୀରି ବୁଝାଇ ହାତୀ ଦେଇ ଘୋଡ଼ା ଦେଇ କହି ଜୋର ଜବରଦସ୍ତି କରି କାଲେ କେତେକ ଲୋକ ତାହା ଲେଖାଇ ନେଇଥିଲେ । ଅତଏବ ସେଇଟା ଧର୍ତ୍ତବ୍ୟ ନୁହେଁ । ସାବାସ— ସାବାସ — କେପିଟାଲ— ଇସ୍ତାହାରର ତ ବଡ଼ ସ୍ତମ୍ଭ ଦାର । ପ୍ରାଚର ଇସ୍ତାହାରକୁ ଟାଣି ରହିଲୁଁ । କାରଣ କଥାରେ ଅଛି ପର— ଚଞ୍ଚଳରୁ ପରିବର୍ତ୍ତିନେ— ନେତାଙ୍କର ମତାନ୍ତର ... ...

କୌଣସି ଗଞ୍ଜାମୀ ସମ୍ପାଦକ ପାଠକର ଗର ଅଛନ୍ତି କି ଆମ ପାଠମନ୍ତ୍ରୀ ଯେ କି ଅଟରୁ ଭଜମା ନେଶାଏ ବି କାହାରିକୁ ଦେଇ ନ ଥିଲେ, ଏବେ ସେ ଗଣ୍ଡା ଗଣ୍ଡା ଗୁଣ୍ଡା କ୍ଲୋକ ହେବାରେ ଲାଗିଛନ୍ତି । ମନେହୁଏ ସେ ପଡ଼ୋଶୀ ଓ ବନ୍ଧୁଙ୍କୁ କେବେହେଲେ ନିମନ୍ତ୍ରଣ କରିନାହାନ୍ତି ଅଥଚ ବିଦେଶରୁ ହାଡ଼ ଚୋମ ଆସି ଖାଇଗଲେ ।

ସମ୍ପାଦକ ମହାଶୟଙ୍କର ବୋଧହୁଏ ଖିଆଲ ନାହିଁ ଯେ ସରକାର ଅଢ଼ାଳିଲ କରିଅଛି ଚା (Indian Tea) ର ପ୍ରଚାର କାର୍ଯ୍ୟରେ ଭାର ନେଇଛନ୍ତି । ମନ୍ତ୍ରୀ ମହାଶୟ ସେହି ଉଦ୍ଦେଶ୍ୟରେ ପ୍ରୋପାଗଣ୍ଡା ହିସାବରେ ଏତେ ଚା ଭକ୍ତ ହୋଇ ପଡ଼ିଛନ୍ତି । ଏହାଛଡ଼ା, କଂଗ୍ରେସ ସରକାର ଯେତେବେଳେ ନିଶା ନିବାରଣ କାମରେ ବଦ୍ଧପରିକର, ନିର୍ଦ୍ଦୋଷ, ବଳକାରକ ସ୍ୱାସ୍ଥ୍ୟ ପ୍ରଦାୟକ ସ୍ୱଦେଶୀ ଚା'କୁ ପ୍ରଚାର କରି ଜନପ୍ରିୟ ନ କଲେ ଚଳିବ କିମିତି ? ......

କୌଣସି ରାଜଦ୍ୱାର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଦିନେ ଦୁଃଖ କରି କହୁଥିଲେ କି ରାଜାମାନେ ଯେଉଁମାନଙ୍କୁ ନିଜର ଜଣାଇ ଖରଚ କରି ପାଠ ପଢ଼ାନ୍ତି ଓ ଯୋଗ୍ୟ କରାନ୍ତି, ଦିନେ ସେହିମାନେ ରାଜାଙ୍କୁ ଶତ୍ରୁ ହୁଅନ୍ତି । ଉଦାହରଣ ସ୍ୱରୂପ କେନ୍ଦୁଝରର ଭୂୟାଁ ମେଳର ଧରଣୀଧର, ଇତ୍ୟାଦି କେତେଗୁଡ଼ିଏ 'ଧର'ଙ୍କ ନା ବତାଇ ଗଲେ । ଆମେ ତାଙ୍କୁ ବୁଝାଇ ଦେଲୁଁ କି ପୁଅ ସାବାଳକ ଓ ଯୋଗ୍ୟ ହୋଇ ଯଦି ବାପକୁ ଚଟା କାଟେ, ବାପର ଚନ୍ଦ୍ରହେ ଖୁସି ହେବାର କଥା, ଦୁଃଖ କରିବାର ନୁହେଁ ।

ଗଡ଼ଜାତ ଅତ୍ୟାଚାର ଅନୁସନ୍ଧାନ କମିଟି ଯଦି ଜଣେ କେହି 'ଧର' ସେପରି କରୁଥାଆନ୍ତି ତେବେ ଏକା ଆମର ନୁହେଁ, ରାଜାମାନଙ୍କର



Digitized by srujanika@gmail.com

ବ ଖୁସ୍ ହେବାର କଥା । କିନ୍ତୁ ଦୁଃଖର କଥା ଯେ ସେମାନେ ଜଙ୍ଗଲ ଭଳି— ରାମଚନ୍ଦ୍ର, କାଳୀ ନାମକ କମ୍ପିତ୍ୟାର ବଂଶର ବଳାଳୁ ଯେତେବେଳେ କାଣ୍ଡ ମାରନ୍ତି ସେ ମଣିଷ ହୋଇଥିଲେ ବୁଝି ଥାଆନ୍ତା, ତ ତାହାର ମଙ୍ଗଳ ପ୍ରକାଶେ ତାହା ଭଲ ହୋଇଥାନ୍ତା । କିନ୍ତୁ ସାରଙ୍ଗଧର ରାମଚନ୍ଦ୍ର ଏହା କରି ପାରି ଥିଲେ ତାଙ୍କର ଦପ୍ତରର ଭେଦବାଦ ଜନମତ ଥିଲା ବୋଲି । ଏବେ ଲୋକେ ସାରଙ୍ଗଧରଙ୍କର ସେ ଶକ୍ତି ଥିଲେତ ମଙ୍ଗଳ, ନୋହିଲେ ଜଙ୍ଗଲ ଜନ୍ତୁଙ୍କ ଗୁହାର ବଡ ବିଷମ ହିଁ ! ......

କଂଗ୍ରେସ ମନ୍ତ୍ରୀଙ୍କୁ ନେବାକୁ, ଅଟାମସ୍ ଅସନ୍ତୋଷୀ ଲୋକ ଅନେକ ରହିଗଲେ । କାରଣ ଏତେ ଗୁଡିଏ ବା ଇନାମଦାର ତ ନାହିଁ । ଏଥିପାଇଁ ମଧ୍ୟପ୍ରଦେଶରେ ଯଦି କାଣ୍ଡ ତା'ର ସମସ୍ତେ ଜାଣନ୍ତି । ବମ୍ବେର, ସୀମାନ୍ତରେ ମଧ୍ୟ ଗୋଳ ଶୁଣା ଯାଉଛି । ଏଣେ ଆମ ଘର ଭିତରେ ଲୁଚିତେ ଜଣେ ଅସନ୍ତୁଷ୍ଟ ବ୍ୟକ୍ତିଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଗୋଟାଏ ଚତୁର୍ଥ ମନ୍ତ୍ରୀତ୍ୱ ଖୋଲା ହେବାର କଥା । ପାଃମନ୍ତ୍ରୀ କେ. ଳ ପାତ୍ରଙ୍କ ଉନ୍ନ ଉତ୍ସବ କାରଣେ (Ceremonial purpose)ରହିବେ-- ଦଳ ନାହାକ ପଃନାହାକ ହୋଇ । କୋମ୍ପାନୀ ପାଇ ବନ୍ଧୁଅନେ ତାଳ !

କିନ୍ତୁ ଏଇପରି ଭାବରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଇସପ୍ ଫେବଲର ଗଧ ନେଇ ଯାଉଥିବା ବାପ—ପୁଅଙ୍କ ଦଶା ଯଦି ନ ହୁଏ ! ବାଲ୍ ପର ପୁଣି କେଜନେ 'ଲର୍ଡ଼' ତାହାର ପର୍ଚ୍ଚନେ ! କେବେ ବେଳକୁ ? ... ... ...

ଥରେ ଲର୍ଡ଼ ଜମିଦାର ପାଗ ଚାନ୍ଦ୍ ଚାନ୍ଦ୍ ଜନେରଲ ଚରଖାସ୍ତ ନେବାର ପାଇଥିଲା ବୋଲି ଅଜାପାଏଁ ତାଙ୍କ ନାମ ପଡୁଛି ।

ବିଶ୍ୱନାଥ ମନ୍ତ୍ରୀଙ୍କର ନାମ କେଉ କେଉନେ କାଳକୁ କହିଁବ ନା ଗଣନାକର ହୁଏ କହନ୍ତ ! କମିଟି ଉପରେ କମିଟି ତା ଉପରେ କମିଟି— ତା ଉପରେ କମିଟି, କମିଟି ମୁକ୍ତ କମିଟି, କମିଟି ଗୁଣନ କମିଟି, ଖଇରକାଟ କମିଟି, ବନ୍ଧୁପାଠ କମିଟି, ଗୁଡ଼ଚନ୍ଧି କମିଟି, କାଢ଼ ଟକା କମିଟି ଏମିତ କେତେ କମିଟି ରଚି ପାଉଛି । ଛଇଁବା ଖାଉଳ ଯଉଁ କଥା ହେଲା— ଖାଲି ଭମିଟିସସ୍ଥ । କିନ୍ତୁ ନାମ ହେଲା ବେଳକୁ — ଅଷ୍ଟରମ୍ଭା । ଆମ କଂଗ୍ରେସ ପୁଣି ସରକାରଙ୍କର ଏଇ କମିଟି ବହାଇ ପାଗ ବାନ୍ଧିବା କଥାକୁ ଛ ଛଦା'ର କହୁଥିଲେ । କଂଗ୍ରେସ ଏବେ ନିଜେ ସରକାର ହୋଇ କଣ କରୁଛନ୍ତି ? ଖାଲି ଋପୋର୍ଟମାନ ଗାଦା ଗାଦା ହୋଇ ଅଫିସ ଜମାଇବା ହେଉଛି ସାର । ଶୁଣିଲୁ ଆଉ ପୁଣି ଗୋଟାଏ ବନ୍ୟା କମିଟି ବସୁଛି ଗୋଟାକରେ ପଥ ମେଣ୍ଟିଲା ନାହିଁ ? ଦଶ ବାସ୍ଥାନିଷ୍ଠ ଥିଲେ ଗାଇଥାନ୍ତେ—

ଟେଙ୍କାକାଢ଼, ବଢ଼ି ଗୁଡ଼ କେତେ ଯେ କମିଟି ନଡ଼, ଦିନ ଦିନ ବଢି ଯାଉଛି— ...

ସାଁବାଳର୍ଭ ଭୋଟାଧିକାର ବୋଲି ଗୋଟେ କଥା ଅନେକ ଦିନ ଆଗରୁ ଆମ କଂଗ୍ରେସ ନେତୃମନ୍ୟମାନଙ୍କ ଶ୍ରୀମୁଖ ନିଃସୃତ ବାଣୀ ଶୁଣୁ ଥିଲୁଁ । ଅଜକାଲି ସେ ପାପ କଥା ଗୁଡ଼ାକ ମୁହଁରେ ଧରୁ ନାହାନ୍ତି କେହି । ଲୋକାଲବୋର୍ଡ ନିର୍ବାଚନରେ ଭୋଟର ତାଲିକା ଏଥର କେମିତ ହେଉଛି ସେ କଥା ଆମ କଂଗ୍ରେସ ମନ୍ତ୍ରୀଏ ଜାଣିଥିବେ । ତାଙ୍କ ଘର ଅଡ଼ୁଆ କଥାରେ— କହିବାକୁ ଥାଏ ପରକୁ ବୁଝି ନ ଆସଇ ଘରକୁ । ... ... ...

ଥରେ ଓଡ଼ିଶା ବ୍ୟବସ୍ଥାପକ ସଭାରେ ଆମ ପାଃମନ୍ତ୍ରୀ ବିଶ୍ୱନାଥ ଦାସେ ସ୍ପୀଚ ଭାଷଣରେ କହିଥିଲେ—ଅମ୍ଭେମାନେ ଓଡ଼ିଶା ସରକାର । ଉତ୍ତମ । ମାନିନେଲୁଁ । ସରକାରଙ୍କ ଭର ଚନ୍ଧୁ ସାଇ ପଡ଼ଣା ଭୋଳ ଅମର ଓ ତ ବେଳେ ଅଧେ ଲିଦ୍ଧାନ୍ତି ରହିଲା । କେହି କମିଲଲେ ନିଜ ଲୁହକୀ ଅଗରେ ତ ଜିଣ ମୋଡ଼ଦେବୁଁ । କିନ୍ତୁ ଲଏ ହେଲା କ'ଣ ? କଲିକତା ଇଂରେଜ ଖବର କାଗଜ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ ମନ୍ତ୍ରୀମାନେ ହାଇକୋର୍ଟ ଯାହା ଲେଖିଲେ ସେଥିରେତ ଆମମୁହଁ ନେଡ଼ିନ କାଳ ଲାଗିଲା । ସରକାର ଅର୍ଥ କାଳେ ଲାଟ ନାହାର ଆଉ ତାଙ୍କ ଡଳିଆ କର୍ମଚାରୀ— ମନ୍ତ୍ରୀମାନେ କେହି ନୁହନ୍ତି । ସେମାନେ କାଳେ ଲୋକ ପ୍ରତିନିଧି ହିସାବରେ ଲାଟଙ୍କୁ ପରାମର୍ଶ ଦେବେ । ଲାଟଙ୍କ କର୍ମଚାରୀମାନେ ମନ୍ତ୍ରୀଙ୍କର ସ୍ୱକର ନୁହନ୍ତି । ତାଂକ କଥା ଲାଟ ରଖିଲେ, ରଖିବେ ନରଖିଲେ ନାହିଁ । ସେମାନେ ଘରର କେହି ନହୋଇ ପିଢ଼ାରେ ଲାଜ ବସାଇ ନ ହେବା କାମରେ ମୁକାବିଲା ରହିବେ । ହାଇ-କୋର୍ଟର ଏ ରାୟ ପରେ ତାଙ୍କ ଅସ୍ଥିରତା ପାଇଁ ଆମେ ଗୋଟିଏ ଶ୍ଳୋକ କହିଦେଉଁ । ଏତକ କହିଦେଲେ ସେ ପାର ପାଇଯିବେ । 'ମୁନୀନାଂ ଚ ମତି———"

କିନ୍ତୁ କଥା ହେଉଛି ଏହିଭଳି ଅଣ୍ଟିଟା ଚଟା କାମ ପାଇଁ କଂଗ୍ରେସର ସାଜ ହେବାଟା ଉଚିତ ହୋଇଛି କି ? × ×

ଇଂରାଜି ଅଭିଧାନକୁ ମାଡ ବସିଲା— ମୂର୍ଖବାଦ । ଯାହାର ଗୁରୁତ୍ୱକୁ ସାତ ମଣ୍ଡ ପକାଇଲା—ନଦାବାଦ । କିନ୍ତୁ କଂଗ୍ରେସ କାର୍ଯ୍ୟକାରୀ କମିଟି ମଧ୍ୟପ୍ରଦେଶ ଗୋଳମାଳ ନେଇ ଭୁଲାଭାଇଙ୍କ ପ୍ରଧାନ ମନ୍ତ୍ରୀ ଓ ତାଙ୍କ ଦଳ ପ୍ରତି ଯେଉଁ ବ୍ୟବହାର ଦେଖାଇଲା—ସେ ନଦାବାଦ । ଶାରେ ତାଙ୍କ ଭୁଲ ନିଜେ ସ୍ୱୀକାର କଲେ ତଥାପି ନିର୍ବାସନ । କିନ୍ତୁ ତାଙ୍କ ଦଳ ଯେମାନେ ଇସ୍ତଫା ଦେଲେ ନାହିଁ ତାଙ୍କୁ ପ୍ରଶଂସା ମିଳିଲା । ଅଭିଯୋଗ ହେଉ ଖରେଙ୍କର ହେଲା ବୁଦ୍ଧି ଭ୍ରମ ଆଉ କାର୍ଯ୍ୟକାରୀ କମିଟି ଓ ତାଙ୍କ ଉପଦେଷ୍ଟା ଗାନ୍ଧିଙ୍କର ହେଲା ସୁବିଚାର । ଇଂରାଜି ଓ ମାତ୍ରାର ସେପରି ମହତ୍ତ୍ୱ ଉଦ୍ଦେଶ୍ୟରେ ଅଭିଧାନ ଓ ଗୁରୁତା ଦଖଲ କଲେ, ସେହିପରି ମଧ୍ୟପ୍ରଦେଶ ଏସେମ୍ବ୍ଲି କଂଗ୍ରେସ ପାର୍ଟି ମିଟିଂ-ଠାରେ କେତେକ ଅଫିସି କମିଟି ସଭ୍ୟ ଓ ନିଜେ ପଦ୍ମୀପତି ଯାଇଁ ଗାଦି ମାଡ଼ ବସିଲେ ସେହିପରି ଏକ ମହତ୍ତ୍ୱ ଉଦ୍ଦେଶ୍ୟରେ । ସେମାନେ କାହାର ଗଣରେ ଭଲ ଚହିଲେ ନାହିଁ । ଖାଲି ଜଣକ ମୁହଁରୁ ବାହାରି ପଡ଼ିଥିଲା, ଲାଟ ଯେଉଁ ମନ୍ତ୍ରୀଙ୍କୁ କାଢ଼ି ଦେଉଛି ଆମେ ତାଙ୍କୁ ନେଇ ପ୍ରଧାନ ମନ୍ତ୍ରୀ ଗାଦିରେ ବସାଇବୁଁ । ସାଧୁ— ସାଧୁ । ସ୍ୱାଙ୍କ କାର୍ଯ୍ୟକଳାପ ଠିକ୍ ଇଂଲ-ଶୁଣି ଆମ କାନ ଲୁଗବତ ଏହା କେଉଁଥିଲା।—

ଭୁ ନାଥ ପରମ ଦୟାଳୁ
ବୁଝିବାକୁ ତ ଠାକୁରଙ୍କୁ

Digitized by srujanika@gmail.com



# ଭୁଲର ପୁରସ୍କାର

ଲେଖକ—ଶ୍ରୀ ଅନାମ

ଜନ୍ କାମ କରୁଥିଲା ଲେଡ୍‌ଲ କମ୍ପାନିରେ। କମ୍ପାନିର ବାର୍ଷିକ ଉତ୍ସବ ଉପଲକ୍ଷେ ମାଲିକ ହୁକୁମ ଦେଲେ କି କର୍ମଚାରୀମାନେ ପୋଲରେ ପଚାଶ ଟଙ୍କାର ଜିନିଷ ଇଚ୍ଛା ମତେ ନେଇ ପାରିବେ।

ଏକଥା ଶୁଣିଲା ମାତ୍ରେ ଜନ୍‌ର ସ୍ତ୍ରୀ ଲିଲି ଆସି କହିଲା, "ଦରମା ଯାହା ପାଉଛ ସେଥିରେ ଘର ଭଡ଼ା, ପେଟ ଖୋରାକ କି ଅଣ୍ଟୁ ନାହିଁ—ମୋର ଗୋଟାଏ ଯୋଡାଏ ଦରକାର ଜିନିଷ ଏତେ କହି କହି ହୋଇ ପାରୁନାହିଁ। ଏବେ ଫାଉରେ ମିଳୁଛି ଯେତେ-ବେଳେ, ମୋପାଇଁ ଏଇ ଗୁଡ଼ାକ ଆଣିବଟି?"

ଜନ୍‌ର ମୁଣ୍ଡ ଘୂରିଗଲା। ସେ ଭାବିଥିଲା ଆପଣା ପାଇଁ ତିନିଟା କମିଜ୍, ତିନି ହଳ ମୋଜା, ତିନିଟା ଟାଇ, ଗୋଟାଏ ହାଟ୍ ଆଉ ଗୋଟାଏ ସୁଟ୍ ଆଣିବ—ବାକି ଯାହା ରହିବ ଲିଲି ପାଇଁ ଗୋଟାଏ ଅଧେ କିଛି—କିନ୍ତୁ ଲିଲିର କଥାତ ଶୁଣି ତାର ଚକ୍ଷୁ ଘୂରିମ୍।

ଲିଲି କହିଲା, "ବୁଝିଲ, ଗୋଟାଏ ସିଲ୍କ ଛତା, ଖଣ୍ଡେ ଭଲ ସିଲ୍କ ଶାଢ଼ୀ, ଓ ବ୍ଲାଉଜ, ହଳେ ସାବୁନ, ତିନିହଳ ମୋଜା—ଆଉ ହେଣ୍ଡ ଗୋଟାଏ, ମୁଣ୍ଡବଥା ପାଇଁ ଇଉଡ଼ି କଲୋନ ଶିଶିଏ—ଆଉ ଫେସ୍ ପାଉଡର ସରି ଯାଇଛି।"

ବାପ୍ ରେ ବାପ୍!—ପଚାଶଟା ଟଙ୍କାରେ ଏତେ ଗୁଡ଼ାଏ ଏକେବାରେ! ଧନ୍ୟରେ ମାଇପି ଜାତ! ଗୋଟାଏ ବଜାରୁ ବାହା ହୋଇଥିଲେ କଣ କରନ୍ତି କେଜାଣି!

ଏହା ଭାବି ଜନ୍ ହୁଁ ଟିଏ ମାରି ଦେଇ ଗଲା ବାହାର ଦୋକାନକୁ। ସେଠି ଦେଖା ଦେଲା ତାର ଜଣେ ସାଙ୍ଗ ଭାଇ ଡ଼ିକ୍ ସାଙ୍ଗରେ। ଡିକ୍ ବି ଜିନିଷ ନେବା ଉଦ୍ଦେଶ୍ୟରେ ଆସିଛି।

ଡିକ୍ କହିଲା "ଭାଇ ଜନ୍, ତମକୁ ଏକା ଖୋଜୁଥିଲି। ଯେତେବେଳେ ପୁରୁଣା ଲୋକ ତମେ—କହିଲ କଣ କଣ ନେବି?"

'କାହା ପାଇଁ?'

'ବୁଝିପାରୁ ନାହିଁ ନା? ଆଉ କାହା ପାଇଁ ତାହାର ପାଇଁ—ମୋର ପ୍ରେମିକା ସୁଣୀ ପାଇଁ। କଣ ଉପହାର ଦେଲେ ସେ ଖୁସି ହବ କହିଲୁ—ମୁଁ ତ ଏ ବଗରେ ଏପ୍ରେଣ୍ଟିସ୍, ଯେତେବେଳେ—ମାଇକିନାଙ୍କ ମନ ମାନିବା—

'ବୁଝିଲି ଯେ, ଏବେ ଥାଉ।'

ଏହା କହି ଜନ ଟିକିଏ ଭାବିଲା। ମାଇକିନା କଣ ଭଲ ପାଆନ୍ତି—କଣ ଚାହାନ୍ତି? ଶାଢ଼ୀ, ବ୍ଲାଉଜ, ହେଣ୍ଡ, ମୋଜା, ପାଉଡର ସାବୁନ, ଲିପଷ୍ଟିକ୍ କଲୋନ—ଟିକ୍ ଏଇତ! ନା ଆଉ କିଛି?

ସେ ଏଇ ଗୁଡ଼ାକ ଡିକ୍‌କୁ ତାଲିକା କରି ଦେଲା ଗୋଟି ଗୋଟି କରି। ପଚାଶ ଟଙ୍କା ଭିତରେ ଯେପରି ସବୁ ହୋଇ ପାରିବ। ଅନ୍ଦାଜ କରି ଡିକ୍ ସେଇ ଗୁଡ଼ିକ ବାଛି ନେଲା।

ଅସମାନ ରଙ୍ଗର ଶାଢ଼ୀଟା—ଆଃ—ବେଶ୍ ହୋଇଛି। କିନ୍ତୁ, ତା ସାଙ୍ଗକୁ ବ୍ଲାଉଜ—ମାନିଚ ବ ଟିକ୍।

ଜନ୍‌ର ମନ ହେଲା ସେଇପରି ଖଣ୍ଡେ ଅନ୍ତତଃ ନିଅନ୍ତା କିନ୍ତୁ ତାର ନିଜର ଯେ ଖୁବ୍ ଦରକାର—ନ ହେଲେ ନ ଚଳେ। ସାର୍ଟ! ମୋଜା ଗଲାଣି ଛିଣ୍ଡି। ଭଲ ମନ ଯେପରିକୁ ଯିବା ପାଇଁ ନାହିଁ ଖଣ୍ଡେ ସୁଟ୍। ଟେପିଟା ହେଲାଣି ଜୋତରୁ। ଅତଏବ—ଯାଃ—

ଜନ ଯାଇ ସେଗୁଡ଼ିକ ନିଜ ପାଇଁ ପସନ୍ଦ କରି ନେଲା। କାରଣ ସେ ସବୁ ତାର ଜରୁରୀ ଦରକାର। ଆଉ ଲିଲିର ତଗିଡ଼ ଦରବ ଗୁଡ଼ାକ ଯେ ଖାଲି ସଉକିନ ପାଇଁ।

ଦରକାର ଭିତରେ ଛତା ଖଣ୍ଡିକ—କାରଣ ଖରା ବା ବର୍ଷାରେ ଛତା ଖଣ୍ଡିକର ଖୁବ କାମ। ଆଉ ଲିଲିର ମୁଣ୍ଡ ବଥା ବେମାରିଟା—କିନ୍ତୁ ଇଉଡ଼ିକଲୋନଠୁଁ ଏସ୍ପିରିନ୍ ଟାବଲେଟ୍ ଭଲ କାମ ଦିଏ—ଦାମ ବି କମ୍।

ଜିନିଷ ଗୁଡ଼ିକ ସବୁ ଗୋଟେଇ ତପରିପି ବାଣ୍ଡିଲ ବାନ୍ଧି ଦେଲା। ସେଇଠୁ ଜନ୍ ଓ ଡିକ୍ ଯେଝା ବାଣ୍ଡିଲମାନ ଧରି ବାହାରିଲେ। ଦୁହେଁ ସାଙ୍ଗ ହୋଇ ଟ୍ରାମରେ ବସିଲେ। ଡିକ୍‌ର ମନ ଭାରି ଆନନ୍ଦ। ଏଭଳିଆ ବସ୍ତୁ ବସ୍ତୁ ଚିଜ ଦେଖିଲେ ସୁଣୀ କେତେ ଖୁସି ହବ। ଆଃ ତାର ହସଟାତ ଲକ୍ଷେ ଟଙ୍କା! ବଡ଼ ସସ୍ତାରେ କାମଟା ହୋଇଗଲା ଏକା। ...ସୁଣୀ ଏସବୁ ଦେଖି ଏତେ ଆନନ୍ଦ ହେଇ-ଯିବ ଯେ 'ନାଇଁ ଡିଅର' ବୋଲି କହି ପାଖକୁ ଧାଇଁ ଆସି, କଣ୍ଠେଇ ପକେଇ······ଆଃ—ଏ ମଧୁର ସେ...

ଜନ୍ ଏଣେ ଭାବୁଛି "ଏ ଜିନିଷମାନ ଦେଖିଲେ ଲିଲି ହବ କଣ? କେଜାଣି ଚଉ ନିଶ ଫୋପାଡ଼ ଦବ—କେଜାଣି ତାଟୁ ଧରି ଦାନ୍ତ ନିଚିଡ଼ ଉଡ଼ି ଆସିବ। ଗାଳିଟା ତ ଅଛି କପାଳରେ ଲେଖା। ସେ ପୁଣି ଏ ଅବର୍ଜିଆ! ହାଃ ନୂଆ କଥାଟେ ଆଉ କଣ!

ଟ୍ରାମରୁ ଓହ୍ଲାଇ ଡ଼ିକ୍ ଜନ୍‌କୁ ଗୋଟାଏ ଧନ୍ୟବାଦ (thanks) ଦେଇ ତାର ସୁପରାମର୍ଶ ପାଇଁ ଓ ଖୁସ୍ ମିଜାଜ୍‌ରେ ସିଧା ଚାଲିଲା ସୁଣୀ ଘର ଆଡ଼େ।

Digitized by srujanika@gmail.com

ଜନ୍ ଡଟର ଝୁଣୀ ଅସାମୀ ଭଳି ମୁହଁ କୁଣ୍ଡ୍ରା କରି ଡରୁ ଡରୁ ଚାଲିଲା ଆପଣା ଘରକୁ ।

ଘରେ ପହଞ୍ଚିଲା କ୍ଷଣି ଲିଲି ବସିଥିଲା ବାଟ ଜଗି । ବଡ଼ ଖୁସି ହୋଇ ଆଗେଇ ଆସିଲା ଓ ଜନ୍‌ର ହାତରୁ ପାର୍ଶଲଟି ଟାଣି ନେଇ ଚାଲି ଗଲା ।

ପାର୍ଶଲ ଖୋଲିଲା ମାତ୍ରକେ ତା ଭିତରେ ମାଲ ଦେଖି କି ଝଡ଼ ତୁଫାନ ଉଠିବ ତାହା ଅନୁମାନ କରି ଜନ୍‌ର ଛାତି ଥରି ଉଠିଲା । ବଜ୍ର ବୃଷ୍ଟିର ପ୍ରଥମ ବେଗଟାରୁ ଅବ୍ୟାହତି ପାଇବା ପାଇଁ ସେ କହିଲା "ଲିଲି, ଡ଼ିଅର, ମୋର ଗୋଟାଏ ଜରୁରି କାମ ଅଛି ବାହାରେ—ମୁଁ ଆସେଁ ।" ଏତକି କହି ସେ ଚୋର ପରି ଖସି ପଳାଇଲା ସେଠୁ ।

କିଛି ସମୟ ଏଣେ ତେଣେ ବୁଲି ଯେତେବେଳେ ସେ ଭାବିଲା କି 'ଝଡ଼ର ପହିଲୁ ଝାପଟ୍ଟାଟା ବାହାରି ଯିବଣି, ଓ ଏବେ ଗଲେ ସମାଳି ହେବ—ସେ ଡରେ ଡରେ ଘରକୁ ଲେଉଟିଲା ।

ବସିବା ଘର ଭିତରକୁ ପଶିଲା ଗୋଡ଼ ଚିପି ଚିପି । କିନ୍ତୁ ଇଏ କିଏ ! ଲିଲି ନା ? ଅଁ— ଲିଲି ଅଛି ଏତେ ସୁନ୍ଦର । ତାର ନବ ଯୌବନର ମିଠା ସୌରଭ ଫେରି ଆସିଛି ପରା । ଅସମାନ ଶାଢ଼ୀରେ ସେ କେଡ଼େ ସୁନ୍ଦର ଦିଶୁଛି ମ ! ଆଜି ପାଉଡ଼ରର ତାର ମୁହଁଟିକୁ— ପୁଣି ଶତ କୁସୁମର ମଧୁର ଆମୋଦରେ ଘରଟା ଭରପୁର ! ସତେ ଯେପରି ସ୍ୱଚ୍ଛ ସରୋବରର ସଦ୍ୟ ପ୍ରସ୍ଫୁଟିତା ଲିଲି !

ଲିଲି ଆରସି ଆଗରେ ଛିଡ଼ା ହୋଇ ନିଜର ଚେହେରା ନିଜେ ଦେଖୁଥିଲା ଓ ମୁଗ୍ଧ ହେଉଥିଲା । ମନର ଭାବଟା ତାର ମୁଚକି ହସରେ ଫୁଟି ପଡୁଥିଲା ।

ଜନ୍‌କୁ ଦେଖିଲାକ୍ଷଣି ସେ ଧାଇଁ ଆସି ନବ ପ୍ରଣୟିନୀର ଆବେଗରେ କୁଣ୍ଢାଇ ପକାଇଲା ଓ ମାଇଁ ଡାର୍ଲିଂ (my darling) ବୋଲି ଅଧେ କହି ଜନର ଥୁଣ୍ଟଧୂସର ଗଣ୍ଡ ସ୍ଥଳରେ—

ଜନ୍ ଆଜି ଲିଲି ଚକ୍ଷୁରେ ପ୍ରିୟତମ ଦେବତା ! କି ସୌଭାଗ୍ୟ ତାର । କାହିଁ ଗଲା ନିଛୁଟା ଅଗ୍ନି ଉଦ୍‌ଗାର—ଆଜି କାହୁଁ ଫୁରୁଫୁରିଆ ମଧୁର ବସନ୍ତ !

ଜନ୍ କିନ୍ତୁ କଥାଟା ମନେ ମନେ ବୁଝି ପାରିଥିଲା— ବିଶେଷତଃ ସେଇ ଅସମାନ ଶାଢ଼ୀଟା ଦେଖି । କିନ୍ତୁ ବିଚରା ଡିକ୍‌ର ଅବସ୍ଥା କଣ ହୋଇଥିବ ସେ କଥା ଭାବି ତାର ଛାତିଟା ଧାଉଁ ଧାଉଁ ହୋଇ ଉଠିଲା ।

ଏହି ସମୟରେ ସେ ଦେଖିଲା ଡ଼ିକ୍ ରାସ୍ତାରେ ଅଣନିଶ୍ୱାସ ହୋଇ ଯାଉଛି । ଲିଲି ଆଗକୁ ଆସିଲେ କଥାଟା ଜଣା ପଡ଼ିଯିବ ଭାବି ସେ ତରବର ହୋଇ ବାହାରି ଗଲା । ଫାଟକ ପାଖରେ ଡ଼ିକ୍ ସହିତ ଭେଟ । ଡିକ୍ କହିଲା, "ଭାଇ ଜନ୍ ବଡ଼ ମୁସ୍କିଲ ବ୍ୟାପାରଟା—"

ଜନ୍—ଚୁପ୍, ଚୁପ୍ ପାଟି କରନା ଯାହା ହବାର ହେଇ ଗଲାଣି—ଏହିକ୍ଷଣି…

ଡିକ୍—ଭାଇ, ମୋର ପ୍ରେମିକା ସୁଶୀ ଯେ ବାଣ୍ଡିଲ ଖୋଲି ତ ଏକେବାରେ… ଏଇ ଦେଖ ମୋ ମୁଣ୍ଡ !—

କପାଳରେ ହାତ ମାରି ଦେଖାଇ ଦେଲା ଯେ ଗୋଟାଏ ଗିଲପଣ୍ଡ ଫୁଲି ଯାଇଛି ।

ଜନ୍—ଏ କିମିତି ହେଲା ?—

ଡିକ୍—ଏହ୍‌ପିରନ୍ ଶିଶିଟାକୁ ଫୋପାଡ଼ିଲା ରାଗରେ—କହିଲା— ଟାପସ କରିବାକୁ ଲୋକ ନ ଥିଲେ !—ମୁଁ ତ କାବୁ ।

ଜନ୍—ଚୁପ୍, ଚୁପ୍— ଶୁଭବକ୍ଷ— ତୋର ଦୋଷ ସେ—ଟ୍ରାମରୁ ଉଠିବା ବେଳେ ଭୁଲ ତ ଆଗେ ଉଠିଲା ।

ଡିକ୍—ମୋ ମିଛାଟା ତ ସେତେବେଳେ— ଆଜି ଯୋଡ଼ାକ ଯାକ ବାଣ୍ଡିଲ ତ ଦେଖିବାକୁ ଏକା ରକମ—ଏବେ ଯିବ ପ୍ରତିକାର—

ଜନ—ପ୍ରତିକାର କଣ ? ଜିନିଷ ଗୁଡ଼ାକ ଫେରି—ବଦଳ କରିବା କଥା ?

ଡିକ୍—ହିଁ—ଆଉ କଣ ?

ଜନ—ତାର ଉପାୟ ନାହିଁ । ଜାଣିଲେ ମୋର ଆଉ ଚୁଟି ମୁଠି ରହିବ ନାହିଁ । ଏ ଭୁଲ ଭିତରେ ମୁଁ ଆଜ ନୂଆ ସୌଭାଗ୍ୟର ସନ୍ଧାନ ପାଇଛି । ସବୁ ହେଇଯିବ ଉଲଟା—

ଡିକ୍—ଆଉ ମୁଁ ! ମୋର ଆଶା ଭରସା ସବୁ ଗଲା ଚୁଲିକି ।

ଜନ୍—ଚିନ୍ତା କର ନା ମୁଁ ନିଜେ ଯାଇ ସୁଶୀକୁ ସବୁ କଥା ବୁଝେଇ କହିବି— ସେ ଜାଣିଲେ ହସି ହସି ଗଡ଼ିବ ।

ଡିକ୍—ତା ଆଗରୁ ଜିନିଷ ଗୁଡ଼ାକ…

ଜନ୍—ନିଶ୍ଚୟ, ସେ ଗୁଡ଼ାକ ମୋତେ ପଠେଇ ଦିଅ ଏକରକମ……କିନ୍ତୁ ଗୋଟାଏ କଥା ଡ଼ିକ୍—ଏ କଥା ତୁ, ମୁଁ ସୁଶୀ ଏଇ ତିନି ଜଣ ଜାଣିଲେ—ଆଉ ଯିମିତି ଚତୁର୍ଥ ବ୍ୟକ୍ତି ନ ଜାଣେ— ଖବରଦାର !

---

## କାହିଁକି ?

ସ୍ୱାମୀ ବିଚକ୍ଷଣାନନ୍ଦ ଦୁନିଆରେ ସ୍ୱାମୀ ବୋଲାଇଲେ କାହିଁକି ?

ଘରେ ସ୍ୱାମୀ ହେବାର ସାଧଟା ମେଣ୍ଟି ନ ଥିଲା ଯେ ! + +

ରମା ଦେବୀଙ୍କ ନା' ଏବେ ପଦାକୁ ବାହାରୁ ନାହିଁ କାହିଁକି ?

ଗୋପବାବୁ ବାହାରି ପଡ଼ିଲେ ଯେ ! ଘର ସମ୍ଭାଳନ୍ତା କିଏ ? + + ×

ପ୍ରଧାନ ମନ୍ତ୍ରୀ ଦାନ୍ତ ବାନ୍ଧୁ ନାହାନ୍ତି କାହିଁକି ?

କଥା ଗୁଡ଼ାକ ସଫା ଜଣା ପଡ଼ିଯିବ ଯେ ।+

ଡ଼ାକ୍ତର ପଟ୍ଟନାୟକେ 'ଲୋକ ମତରୁ' ଅମତ ହେଲେ କାହିଁକି ?

ସେ ତ ଆଉ 'ଲୋକ' ନୁହନ୍ତି ! + ×

ଜଗନ୍ନାଥ ଦାସ ସୁନା ଦାନ୍ତ ବାନ୍ଧିଛନ୍ତି କାହିଁକି ?

…କଥା ଗୁଡ଼ାକ ଦାମିକା ଓ ଖାଣ୍ଟି ଜଣା ଯିବ ବୋଲି ! + + ×

ଖଲିକୋଟ ଏତେ ମୋଟା ହୋଇଛନ୍ତି କାହିଁକି ?

…ବିଶ୍ୱନାଥଙ୍କୁ ଶୋଷଣ କରି ! ×

ନୀଳଗିରି ରାଜ୍ୟରେ ସତ୍ୟାଗ୍ରହ ହେଲା କାହିଁକି ?

ଅନ୍ତରୁ ଅବମ୍ବ କରିବା ଲାଗିରେ ! × +

Digitized by srujanika@gmail.com



ଶଙ୍କର ଶୀଘ୍ର ଆସି ପହଞ୍ଚିଗଲେ ପଦ୍ମନାଭ ବୈଠକ ଖାନାରେ । ମୁଖରେ ବିଷାଦର ମଳିନ ଛାୟା, କେଶ ଗୁଚ୍ଛର ବିଦ୍ରୋହ ମଧ୍ୟରେ ମାନସିକ ଉଗ୍ରତାର ଯଥେଷ୍ଟ ପରିଚୟ । ଶଙ୍କରଙ୍କ ଏପରି ଭାବ ଦେଖି ପଦ୍ମନାଭ ଆତଙ୍କିତ ଅଥଚ ଶ୍ଳେଷପୂର୍ଣ୍ଣ ସ୍ୱରରେ ପଚାରିଲେ, କି ଶଙ୍କର ବାବୁ ଆଜି କଣ ଭର୍ତ୍ତୃହରିଙ୍କର ବୈରାଗ୍ୟ ଶତକ ପଢ଼ୁଥିଲେ ନା ଗୃହିଣୀଙ୍କର ବକ୍ତୃତା ଶୁଣିବାକୁ ପଡ଼ିଲା ? ଏପରି ମ୍ରିୟମାଣ ଭାବ ଯେ !

ଶଙ୍କର ହୁଁ କି ହାଇଁ କିଛି ନକହି ନୀରବ ରହିଲେ ।

ପଦ୍ମନାଭ ବାଦଲ ଆକାଶ ଆଡ଼େ ନଜର କରିବାର ଅଭିନୟ କରି କହିଲେ 'ମେଘ ଟିକିଏ କଟିଗଲା ପରି ଜଣା ପଡ଼ୁଛି, ବୋଧହୁଏ ଖୁବ୍ ଶୀତ ଏଥର ପଡ଼ିବ' ।

ତଥାପି ଶଙ୍କରଙ୍କ ସେହି ନୀରବ ଭାବ ।

ଇତି ମଧ୍ୟରେ ରାଜ କିଶୋର, ହରେକୃଷ୍ଣଙ୍କର ଆବିର୍ଭାବ ହେଲା ବୈଠକରେ । ପଦ୍ମନାଭ ସେ ସାଦର ସ୍ୱାଗତ ଜଣାଇ ଚାକରକୁ ଡାକିଲେ ଚା ଆଣିବାକୁ । ପଦ୍ମନାଭଙ୍କ ଘରେ ପ୍ରତି ସନ୍ଧ୍ୟାରେ ଗୋଟିଏ ବୈଠକ ଜମେ—ଚା ପିଆଲାର ଆକର୍ଷଣ ସଙ୍ଗେ ପଦ୍ମନାଭଙ୍କ ରସିକତାପୂର୍ଣ୍ଣ କଥା ତାର କାରଣ । ବୈଠକକୁ ଆଉ କେହି ଆସୁ ବା ନଆସୁ, ଆସନ୍ତି ପ୍ରତିଦିନ ଶଙ୍କର, ରାଜ କିଶୋର ହରେକୃଷ୍ଣ ।

ଶଙ୍କରଙ୍କୁ ନୀରବରେ ବସିଥିବାର ଦେଖି ପଚାରିଲେ; ରାଜକିଶୋର ଶୀତର ପ୍ରାଦୁର୍ଭାବରେ କୋକିଳର କୁହୁ ତାନ ବନ୍ଦ ନା କଣ ?

ହରେକୃଷ୍ଣ ବ୍ୟଙ୍ଗ କରି କହିଲେ, 'ତାଙ୍କ ଉପରେ ୧୦୪ ଧାରା ଜାରି କରିବାକୁ ଶକ୍ତି କାହାର ଏତେ ?'

ପଦ୍ମନାଭ ଚନ୍ଦ୍ରାସ୍ମିତ ଚକ୍ଷୁଯୁଗଳ ଉନ୍ମୀଳନ କରି କହିଲେ, 'ଅନୁମାନ କରନ୍ତୁ ।'

ରାଜ କିଶୋର ହସ ହସ ମୁହଁରେ ଉତ୍ତର ଦେଲେ, ଅନୁମାନ କରିବାରେ କିଛି କଷ୍ଟ ନାହିଁ । ଅତି ସରଳ, ଅତି ସହଜ । ଗୃହିଣୀଙ୍କର— କଣ କହନ୍ତି ହରେକୃଷ୍ଣ ବାବୁ !

ହରେକୃଷ୍ଣ କଥାର ପ୍ରତିଧ୍ୱନି କଲାପରି କହିଲେ, ଗୃହିଣୀଙ୍କର ! ସେ ତ ପରମ ସୌଭାଗ୍ୟ ଶଙ୍କର ବାବୁଙ୍କର । ଶୁଣିଛି ଶଙ୍କର ବାବୁ ସ୍ତ୍ରୀଙ୍କର କଣ୍ଠକୁ ବୀଣା ବି ଜିଣି ପାରିବ ନାହିଁ । ଏପରି କଣ୍ଠ ଯାହାର, ତା ଠାରୁ ବକ୍ତୃତା ଝଙ୍କାର ଶୁଣିବା କଣ ସମସ୍ତଙ୍କ ଭାଗ୍ୟରେ ଜୁଟେ ?

## ଆଶ୍ୱାସନା

ଲେଖକ—ଶ୍ରୀ ଦିଗମ୍ବର ଗୁପ୍ତ ।

ଶଙ୍କର ହରେକୃଷ୍ଣଙ୍କ ଆଡ଼େ ବକ୍ର ଦୃଷ୍ଟି ପକାଇ ବିଦ୍ରୂପ-ପୂର୍ଣ୍ଣ ସ୍ୱରରେ କହିଲେ, 'ସତ-କଥା, ବୃଷଭ-ନନ୍ଦିତ କଣ୍ଠରେ ପ୍ରେୟସୀଙ୍କର ପ୍ରେମ ସମ୍ଭାଷଣ ଶୁଣିବା ଭାଗ୍ୟ ମଧ୍ୟ ଲୋକଙ୍କୁ ଅର୍ଜନ କରିବାକୁ ପଡ଼େ ।'

ଶଙ୍କରଙ୍କ ପକ୍ଷ ସମର୍ଥନ କଲାପରି ରାଜ କିଶୋର କହିଲେ, ବାସ୍ତବିକ, ଶଙ୍କର ବାବୁଙ୍କ କଥା ଗୁଡ଼ିକ ଅକ୍ଷରେ ଅକ୍ଷରେ ସତ । ମୋର ଦୁର୍ଭାଗ୍ୟ କଥା କଣ କହିବି ! ଏମିତି ସ୍ତ୍ରୀଟିଏ ବାହାହେଲି ଯେ ତା ଠାରୁ ବକ୍ତୃତା ଝଙ୍କାର ଶୁଣିବାର ଭାଗ୍ୟ ମୋର ନାହିଁ, ପ୍ରେମ ସମ୍ଭାଷଣ ତ ଦୂରର କଥା । ସବୁଆଡ଼ୁ ମୁଁ ଅତ୍ୟନ୍ତ ଦୁର୍ଭାଗା ।

ଇତି ମଧ୍ୟରେ ଚାକର ଚା ଆଣି ପହଞ୍ଚାଇଲା । ଟୋକେ ଗରମ ଚା ପିଇଲା ପରେ ପଦ୍ମନାଭ ଟିକିଏ ପ୍ରେରଣା ପାଇଲା ପରି କହିଲେ, ମୋର ସୌଭାଗ୍ୟ ବା ଦୁର୍ଭାଗ୍ୟ ଏପର୍ଯ୍ୟନ୍ତ ସ୍ଥିର କରି ପାରିଲି ନାହିଁ । ଗୃହିଣୀଙ୍କର ଅମର ବକ୍ତୃତା ଦେଲାବେଳେ ଯେଉଁ ସ୍ୱର—ସ୍ନେହ ସମ୍ଭାଷଣ କଲାବେଳେ ମଧ୍ୟ ତାଙ୍କର ସେହି ସ୍ୱର । ପୁନଶ୍ଚ ସେ କୌଣସି ଗୋପନ ଆଳାପ କରିବାକୁ ଗଲାବେଳେ ମୋର ଛାତି ଧଡ଼ ଧଡ଼ ହୋଇ ଉଠେ; ଆଉ ବକ୍ତୃତା କରିବାକୁ ଗଲାବେଳେ ଶ୍ରୀମୁଖରୁ ଅଗ୍ନିଧାରା ନିର୍ଗତ ହେବ ବୋଲି ଭାବି ଛାତି ମୋର ଆନନ୍ଦରେ କୁମ୍ଭେ ମୋଟ ହୋଇଯାଏ ।

ରାଜ କିଶୋର, ହରେକୃଷ୍ଣ ପଦ୍ମନାଭଙ୍କର କଥା ଶୁଣି ହାସ୍ୟ ରୋଳରେ ଯେ କୋଠରୀ ଏପରି ମୁଖରିତ କରିଦେଲେ ଯେ ସେ ରୋଳ ଆଉ ଅଳ୍ପକ୍ଷଣ ସ୍ଥାୟୀ ହୋଇଥିଲେ ବୋଧହୁଏ ଛାତ ଭାଙ୍ଗି ତଳେ ପଡ଼ି ଯାଇଥାନ୍ତା । ବିଷଣ୍ଣ ବଦନରେ ଆଉ ଅଧିକକ୍ଷଣ ବସିବା ଶଙ୍କରଙ୍କ ପକ୍ଷରେ କଷ୍ଟକର ହୋଇ ପଡ଼ିଲା । ତାଙ୍କ ମୁହଁରେ ହସ ଦେଖାଗଲା । ସେ କହି ଉଠିଲେ, ପଦ୍ମନାଭ ବାବୁଙ୍କ କଥା ଆଉ ହବ ନାହିଁ ।

ପଦ୍ମନାଭ ବାହାଦୁରୀ କରି କହିଲେ, ବାପା, ଆପଣମାନେ ହେଲେ ପିଲା ଲୋକ, ଏ ଚତୁରୀ କଥା ଶିଖି ରଖିଥାଆନ୍ତୁ, କାର୍ଯ୍ୟରେ ଲାଗିବ । ଶଙ୍କରବାବୁ, ବିଶେଷତଃ ଆପଣଙ୍କର ବେଶୀ କାମରେ ଲାଗିବ । ଦରକାର ପଡ଼ିଲେ ଯେଉଁ ସବୁ ଗପ ଲେଖୁଛନ୍ତି, ତା ଭିତରେ ଭର୍ତ୍ତି କରିଦେବେ ।'

କିନ୍ତୁ ଶଙ୍କର ତିକ୍ତ ସ୍ୱରରେ କହିଲେ, 'ଚୁଲିକି ଯାଉ ସେ ଗପ ଲେଖା ।'

ହରେକୃଷ୍ଣ ଅତ୍ୟନ୍ତ ଆଗ୍ରହ ସହକାରେ ପଚାରିଲେ, 'କାହିଁ ଶଙ୍କର ବାବୁ, ଗପ ଲେଖା ପ୍ରତି ଆପଣଙ୍କର ଆଜି ଏପରି ଅଶ୍ରଦ୍ଧା କାହିଁକି ? କଣ ହେଲା କି ?'

ରାଜ କିଶୋର ସନ୍ଧାନ୍ ଭଳି ଦେଖାଇ କହିଲେ, କାହିଁକି ଆପଣ ତ ବେଶ ଗପ ଲେଖନ୍ତି । ସେଦିନ ଯେଉଁ ଗପଟି ପଢ଼ି ଆପଣ ଶୁଣାଇଥିଲେ, ସେଇଟି ଖୁବ ଚମତ୍କାର ହୋଇଥିଲା । ମୁଁ ଗପ ଉପର ବିଶେଷ କିଛି



Digitized by srujanika@gmail.com

ଲୁଚୁନଥିଲା, ତେବେ ବି ମୋତେ ଖୁବ ଭଲ ଲାଗିଲା । ଆପଣ ସେଟି ଛାପିଲେଣି କି ନାହିଁ ?

ଶଙ୍କର ହଠାତ୍ ଗମ୍ଭୀର ସ୍ୱରରେ କହିଲେ, ମୁଁ ତ ଛାପିବା ସକାଶେ ଲେଖେନା । ନିଜେ ଆମୋଦ ପାଇବା ପାଇଁ ବେଳେ ବେଳେ ବସି ଆଉ ହିଜିବିଜି ଗାରେଇ ଦିଏ ।

ପଦ୍ମନାଭ କହିଲେ, ସେ କିପରି କଥା ? ପାଞ୍ଚଶ ଲୋକଙ୍କୁ ଆମୋଦ ଦେଲେ ସିନା ନିଜେ ଖୁବ୍ ଆମୋଦ ପାଇ ପାରିବେ—ତେବେ ଯାଇ ଗପ ଲେଖା ହେବ ସାର୍ଥକ ।

ହରେକୃଷ୍ଣ ପଦ୍ମନାଭଙ୍କ କଥା ସମର୍ଥନ କରି କହିଲେ, ଠିକ୍ କହିଛନ୍ତି ପଦ୍ମନାଭ ବାବୁ । ଆହେ ଶଙ୍କର ବାବୁ, ଆପଣଙ୍କ ଗପ ଲେଖା ଖାତାଟି ଦିଅନ୍ତୁ ତ, ମୁଁ ଛାପିବାକୁ ଦେଇଦିଏ । ଆଉ ଯଦି ଆପଣ ଲଜ୍ଜା ବିନୟ ଯୋଗୁଁ ଆପଣଙ୍କ ନାମରେ ଛାପିବାକୁ ନାରାଜ, ମୁଁ ମୋ ନାମରେ ଛାପି ଦେବି । ଆପଣ ଯେଉଁ ମଜ୍ଜା ଟିକକ ପାଇବାର କଥା ତାହା ତ ପାଇ ସାରିଲେଣି, ଏଥର ଅନ୍ୟ ଲୋକେ ମଜ୍ଜା ପାଆନ୍ତୁ ।

ରାଜ କିଶୋର ଅଟ୍ଟହାସ କରି କହିଲେ, ଆଉ ଆପଣ ନାଁ ଟି ମାତ୍ର ଦିଅନ୍ତୁ । କାହିଁକି ଶଙ୍କର ବାବୁଙ୍କ ନାମରେ କଣ ଛପାହେବ ନାହିଁ ଯେ !

ଚୋକେ ୨ ଚା ପିଇବା ଭିତରେ ଏସବୁ କଥାବାର୍ତ୍ତା ଚାଲିଥାଏ । ଚା ପିଆ ଶେଷହେଲା । ଚାକର ଶୂନ୍ୟ ପାଞ୍ଚ ଗିଲାସ ଉଠାଇ ନେଇଗଲା । ଅଲୋଚନା ଗଡ଼ି ୨ ଆସି ପଡ଼ିଲା ଆଧୁନିକ ଲେଖକ ମାନଙ୍କ ବିଷୟରେ । ସେମାନଙ୍କ ନାମ ପଡ଼ିଲାକ୍ଷଣି ଶଙ୍କର ଉତ୍ତେଜିତ ହୋଇ କହିଲେ, ଆଜିକାଲି ପତ୍ର ପତ୍ରିକାରେ ଯେଉଁସବୁ ଲେଖା ବାହାରୁଛି, ସେ ସବୁ ଥାର୍ଡ଼କ୍ଲାସ । ଫକିର ମୋହନ ବାବୁଙ୍କର ଲେଖା ଯେ ପଢ଼ିଛି, ସେ ଏସବୁ ଲେଖାକୁ କେବେ ହେଲେ ପସନ୍ଦ କରିବ ନାହିଁ ।

ହରେକୃଷ୍ଣ ହୁଙ୍କାଧରି କହିଲେ, ଫକିର ମୋହନ ବାବୁଙ୍କର ପ୍ରତିଭା କେତେ ଜଣଙ୍କର ଅଛି

ପଦ୍ମନାଭ ପ୍ରତିବାଦ କରି କହିଲେ, ବାଃ, ଅଧୁନାତନ କାଳିକା ଲେଖକ ମାନଙ୍କ ଲେଖା ଆପଣଙ୍କୁ ଭଲ ଲାଗେନା ! ମଇଳା ଫୁଲ ସଜ୍ଜବେଳେ ଗୋଲାପୀ ଅଞ୍ଚଳର ରେଶମୀ ହାଓ୍ୱାର ସ୍ପର୍ଶ କି ମଧୁର ! ବେଙ୍ଗଲ କେମିକାଲର ଫ୍ରୁଟ ସିରପ ସଙ୍ଗେ ଜଳ ମିଶାଇ ବା ଗୁଣ୍ଡ ଗୁଣ୍ଡା ବରଫ ଚୂନାକରି ସେଥିରେ ଭର୍ତ୍ତିକରି କାଗଜ ନଳବାଟେ ପିଇଲେ ଯେପରି ମଧୁର ଲାଗେ ଅଥବା ଲାଗେ ଠିକ ସେହିପରି । ଫକିରମୋହନ ବାବୁଙ୍କ ଅମଳରେ ଗୋଲାପୀ ଅଞ୍ଚଳ ନଥିଲା, ମୋଟା ସୂତାବୁଣା ଶାଢ଼ୀରୁ କି କେବେ ରେଶମୀ ହାଓ୍ୱା ଆସିପାରେ ! ତାପରେ ବେଙ୍ଗଲ କେମିକାଲ ନଥିଲା କି ବରଫ ବି ନଥିଲା, କାଗଜ ନଳତ ଦୂରର କଥା । ଦହି ଚିନି ଗାଗିଜିଲେମ୍ବୁ ସରବତ୍—ପୁଣି କାଳିଆ ପଥର ଗିଲାସ ବା କଂସା ପିତଳ ଗିଲାସରେ ପିଇବାକୁ ପଡୁଥିଲା କାଚ ଗିଲାସ ତ ଦୂରର କଥା ।

ରାଜ କିଶୋର କହିଲେ, ଲୋକେତ ପୁଣି ଫକିର ମୋହନଙ୍କୁ ଚିରନ୍ତନ, ବଡ ଲେଖକ ବୋଲି କହନ୍ତି ।

ପଦ୍ମନାଭ ଉତ୍ତର ଦେଲେ, 'କିଛି ନ ପଢ଼ି ମଧ୍ୟ ମନ୍ତବ୍ୟ ଦେବାଟା ଏ ଯୁଗର ଧର୍ମ' ।

ଶଙ୍କର ଆକ୍ରମଣ ଆରମ୍ଭ କଲେ—'ବେଙ୍ଗଲ କେମିକାଲ ସିରପ ପରି ଆଜିକାଲି ଅଧିକାଂଶ ଲେଖାର ଭାଷା ବଙ୍ଗ ଦେଶରୁ ଆମଦାନୀ' । ପଦ୍ମନାଭ କହିଲେ, ଓଡ଼ିଶା କେମିକାଲ୍ସ ସିରପ ତିଆରି କରିନାହିଁ, ତିଆରି କଲା ପରେ ଯଦି ସେପରି ସୁମିଷ୍ଟ ସ୍ୱାଦଯୁକ୍ତ ନହୁଏ ବେଙ୍ଗଲ କେମିକାଲରୁ ଆମଦାନୀ ବନ୍ଦ ହେବ କିପରି ?

ହରେକୃଷ୍ଣ କହିଲେ, 'ଆପଣଙ୍କ ତୁଳନାରେ ସାମଞ୍ଜସ୍ୟ ଦେଖିବା ବଡ଼ କଷ୍ଟକର ।'

ପଦ୍ମନାଭ ବ୍ୟଙ୍ଗ ନୁହେଁ, ରସିକତା କରି କହିଲେ, 'ସୂକ୍ଷ୍ମବୁଦ୍ଧି ସେଥିପାଇଁ ଲୋଡ଼ା ।'

ଶଙ୍କର ପଚାରି ବସିଲେ, ଅନ୍ୟ ଦେଶରୁ ଭାଷା ଆଣି ଆମ ସାହିତ୍ୟ ଗଢିବାର ଆପଣ ପକ୍ଷପାତୀ ?

ପଦ୍ମନାଭ କହିଲେ, ଅଭାବ ପଡ଼ିଲେ ତାହା କରିବାରେ କ୍ଷତି କଣ ?

ଶଙ୍କର କଥାଟା କଣ୍ଠସ୍ଥ ହୋଇଛି ଭଳି ଚଟା ଗଳାରେ କହିଲେ, ଅଭାବ ଅପେକ୍ଷା ଅଭାବ ବୋଧଟା ବେଶୀ ମାରାତ୍ମକ । ନିଜ ଦେଶ ଜିନିଷ କାମରେ ଲଗାଇ ନପାରି ପର ମୁଖା ପେକ୍ଷୀ ହେବା ଅତ୍ୟନ୍ତ ଦୋଷାବହ ।

ପଦ୍ମନାଭ ଶେଷ ଯୁକ୍ତିର ଆଂଶିକ ଜବାବ ଦେଇ କହିଲେ, 'ସେଥିପାଇଁ ଶକ୍ତି ଆବଶ୍ୟକ ।'

ଏତେବେଳେ ଆଉ ତିନିଜଣ ଯାକ ସମ ସ୍ୱରରେ କହିଉଠିଲେ, ଆମେତ ସେହି ଶକ୍ତିର ଅଭାବ କଥା କହୁଛୁଁ ।

ପଦ୍ମନାଭ ହଟି ନଯାଇ କହିଲେ, ପ୍ରୟୋଜନ ଯେ ଅଛି, ଏକଥାତ ଅସ୍ୱୀକାର କରି ନାହାନ୍ତି !

ଶଙ୍କର ପଚାରିଲେ, 'କିପରି' ?

'କୋଠା ତିଆରି କରିବା ପୂର୍ବରୁ ମ୍ୟୁନିସିପାଲିଟି ଗାଡ଼ି ଅଳିଆ ଝାଡ଼ୁଆ ନେଇ ଗାତ ପୋତିଲାପରି' ।

ରାଜ କିଶୋର କହିଲେ, ଅଳିଆ, ଝାଡ଼ୁଆ, ପଚା ସଢା ମାଲତ !

ପଦ୍ମନାଭ ଉତ୍ତର ଦେଲେ, ସେ ସବୁର ମଧ୍ୟ ପ୍ରୟୋଜନ ଅଛି । ସୁତରାଂ—ସେ ସବୁ ଘୃଣ୍ୟ, ହେୟ ନୁହେଁ । ମାଟି ସାଙ୍ଗେ ମିଶି ଭିତ୍ତି ଦୃଢ଼ କରିବା ପାଇଁ ସେ ସବୁ ମଧ୍ୟ ବେଶୀ ସମର୍ଥ ନିଏନା ।'

ଶଙ୍କର ପଦ୍ମନାଭଙ୍କର ଏ ଯୁକ୍ତି ଖଣ୍ଡନ କରି ନ ପାରି କଥାଟାର ଢଙ୍ଗ ପରିବର୍ତ୍ତନ କରି କହିଲେ, 'ସମ୍ପୂର୍ଣ୍ଣ ସ୍ୱୈରତ ନିଶ୍ଚୟ ଦୋଷାବହ ।'

ପଦ୍ମନାଭ, 'ସେ ଯଦି ଗୁପ୍ତଭାବରେ ହୁଏ । ତାପରେ ଦେଖନ୍ତୁ ଦୁନିଆରେ କୌଣସି ଜିନିଷ କାହାରି ଏକଚାଟିଆ ଅଧିକାର ନୁହେଁ । ସାହିତ୍ୟ ଜଗତରେ ମଧ୍ୟ ସେହିପରି । ସମସ୍ତଙ୍କଠାରୁ ଭାବଗତ ମୌଳିକତା ଆଶା କରିବା ବିଡ଼ମ୍ବନା । ଅନ୍ୟଠାରୁ ଭାବନେଇ ନୂଆ ଛାଞ୍ଚରେ ଢ଼ାଳି କେହି ଯଦି ନୂଆ ପଦାର୍ଥଟିଏ ଗଢ଼ିପାରେ, ତାହାର ନିଶ୍ଚୟ ଯଥେଷ୍ଟ ବାହାଦୁରି ଅଛି । ସୁନା ମୁଣ୍ଡାଏ ସ୍ୱୈରିକରି ସେଥିରେ କେତେ ଭଳିକର ଅଳଂକାର ତିଆରି କରାଯାଇ ପାରେ ତ ।'

ଶଂକର ଯୁକ୍ତି ଦେଖାଇଲେ, 'କିନ୍ତୁ କେତେକ ଅବିକୃତ ଚୋରି କରୁଛନ୍ତି ।'

ପଦ୍ମନାଭ, 'ସେମାନଙ୍କ କାର୍ଯ୍ୟର ନିନ୍ଦାବାଦ କରିବା ଅବାଧେୟ ନୁହେଁ ।'

Digitized by srujanika@gmail.com

କଥା କଣ୍ଟାକଣ୍ଟରେ ମାନସିକ କ୍ଳାନ୍ତ, ବିଶେଷତଃ ବିଷୟର ନୀରସତା ଯୋଗୁଁ, ସମସ୍ତେ କିଛିକ୍ଷଣ ନୀରବ ରହିଲା ପରେ ବ୍ରଜକିଶୋର ପଚାରିଲେ, 'ଶଙ୍କର ବାବୁଙ୍କ ଲେଖା କେବେ ପ୍ରକାଶ ପାଇବ, ସେଥିପାଇଁ ଆମେ ଉଦ୍‌ଗ୍ରୀବ ହୋଇ ରହିଁ ରହିଲୁ ।'

ଶଂକର ବ୍ୟଙ୍ଗକରି କହିଲେ, 'ସାହିତ୍ୟରେ ଗୋଟାଏ ବିପ୍ଳବ ଆସିବ ଯେଉଁ ଦିନ ମୋ ଲେଖା ପ୍ରକାଶିତ ହେବ ସେହିଦିନ, ଏକ ନବ ଯୁଗର ଅଗ୍ରଦୂତ ରୂପେ ।'

ହରେ କୃଷ୍ଣ କହିଲେ, 'ଟିକିଏ ପରିଷ୍କାର କରି କଥାଟା କୁହନ୍ତୁ ।'

ଶଂକର ଉତ୍ତରରେ କହିଲେ, 'ଅର୍ଥାତ୍ ଏ ଜୀବନରେ ନୁହେଁ ।'

ବ୍ରଜକିଶୋର ପଚାରିଲେ, 'କାରଣ ?' ପଦ୍ମନାଭ ଶଙ୍କରଙ୍କୁ ଟିକିଏ ଉତ୍ୟକ୍ତ କରିବା ପାଇଁ କହିଲେ, 'କାରଣ ଆଉ କଣ, ସମ୍ପାଦକ ମାନେ ବୋଧହୁଏ ଛାପିବାକୁ ନାରାଜ ହେଉଥିବେ ।'

ପଦ୍ମନାଭଙ୍କୁ ଜଣାନଥିଲା ଯେ ଶଂକର ସେହିଦିନ ସନ୍ଧ୍ୟାରେ ଜଣେ ସମ୍ପାଦକଙ୍କ ଠାରୁ ତାଂକ ଲେଖା ସମ୍ବନ୍ଧରେ ପ୍ରତିକୂଳ ମତ ଶୁଣି ଉତ୍ତେଜନାରେ ତାଂକ ଘରେ ଆସି ପହଞ୍ଚି ଥିଲେ। କଥାପ୍ରସଙ୍ଗରେ କଥାଟା ବାହାରି ପଡ଼ିଲା । କିନ୍ତୁ କଥାଟା ଶଂକରଙ୍କ ହୃଦୟରେ ବଳବତ୍ ଆଘାତ କଲା । ତାଂକର ମନେହେଲା ସାରା ଜଗତ ତାଂକ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ତାଂକ ମହତ୍ତ୍ୱ ସ୍ୱୀକାର କରିବାପାଇଁ ନାରାଜ, ଅଉ ତାଙ୍କୁ ଉପହାସ କରିବା ପାଇଁ ସଚେଷ୍ଟ । ସେ ଅହଂକାଭିମାନପୂର୍ଣ୍ଣ ସ୍ୱରରେ କହିଲେ, "ଏ ପତ୍ରପତ୍ରିକାର ସମ୍ପାଦକ ଗୁଡ଼ାକ ମହାମୂର୍ଖ । ତାଂକର କି ଶକ୍ତି ଅଛି ମୋ ଲେଖାର ମୂଲ୍ୟ ବୁଝିବାକୁ । ବ୍ୟବସାୟୀ ସେମାନେ, ତାଂକ ଠାରେ କଳାଜ୍ଞାନ ଆଶା କରିବା ମଧ୍ୟ ମୂର୍ଖତା । ସେମାନଙ୍କ ସଙ୍ଗେ ପରିଚୟ ନଥିଲେ, ସେମାନେ ସହଜେ କାହାରି ଲେଖା ଛାପନ୍ତି ନାହିଁ ।"



ପଦ୍ମନାଭ ଆଶା କରି ନଥିଲେ ତାଂକ କଥାରେ ଶଙ୍କର ଏତେଦୂର ବିଚଳିତ ହୋଇ ପଡ଼ିବେ । ସେ ତାଙ୍କୁ ଶାନ୍ତ କରିବା ପାଇଁ ତାଙ୍କ କଥା ସମର୍ଥନ କରି କହିଲେ, "ଆପଣ ଠିକ କହିଛନ୍ତି, ଏ ସଂପାଦକ ଗୁଡ଼ାକ ମହାମୂର୍ଖ । ସେମାନଙ୍କର କୌଣସି ଲେଖା ବୁଝିବାର ଶକ୍ତି ନାହିଁ । ହେଇ ଦେଖନ୍ତୁ, ମୋର ଜଣେ ବନ୍ଧୁ ଥରେ ଲେଖାଟିଏ ଜଣେ ପତ୍ରିକାର ସଂପାଦକଙ୍କ ପାଖକୁ ନେଇ ଯାଇଥିଲେ । ସେ ସେହି ଲେଖାଟି ଚାରିମାସ ପକାଇ ରଖିଲା ପରେ ବନ୍ଧୁଟି ଆଉ ଅପେକ୍ଷା କରି ନପାରି ଯେତେବେଳେ ସଂପାଦକଙ୍କ ପାଖରେ ତାଙ୍କ ଲେଖାଟି ଫେରାଇ ଦେବାପାଇଁ ଦାବୀ କଲେ ସେତେବେଳେ ସଂପାଦକ ମହାଶୟ ପୁରୁଣା ଫାଇଲ ଯାକ ଘାଣ୍ଟି ଘାଣ୍ଟି ସେ ଲେଖାଟି ବାହାର କରି ତାଙ୍କୁ ଫେରାଇ ଦେଇ କହିଲେ ଆପଣଙ୍କ ଲେଖାରେ ପ୍ରକାଶ କରିବା ଭଳି କିଛି ନାହିଁ । ସେ ଅତ୍ୟନ୍ତ କ୍ଷୁଣ୍ଣ ହୋଇ ଆସି ମୋତେ କହିଲେ । ମୁଁ କିଛି ଦିନ ଛାଡ଼ି ସେହି ଲେଖାଟି ଅନ୍ୟ ସଂପାଦକଙ୍କ ପାଖକୁ ଯାଇ ତାର ଖୁବ ଗୁଡ଼ାଏ ପ୍ରଶଂସା ଗାଇଗଲି —"

ଶଙ୍କର ଅତ୍ୟନ୍ତ ପ୍ରକୁଳ୍ଳିତ ହୋଇ ପଚାରିଲେ 'ତା' ପରେ, 'ତା' ପରେ ।

ପଦ୍ମନାଭ ହୋ ହୋ ହସି କହିଲେ, "ତା' ପରେ ଆଉ କଣ ! ଲେଖାଟି ପରବର୍ତ୍ତୀ ସଂଖ୍ୟାରେ ବାହାରିଲା ।"

ଶଙ୍କରର ଇଚ୍ଛା ତାଙ୍କ ଲେଖା ଛପେଇବାରେ ପଦ୍ମନାଭ କପରି ସହାୟତା କରନ୍ତେ । କିନ୍ତୁ ସେ ଇଚ୍ଛା ସେ ପ୍ରକାଶ କରୁଛନ୍ତି କପରି ? ଯାହାହେଉ ବ୍ରଜ କିଶୋର ତାଙ୍କୁ ସାହାଯ୍ୟ କଲେ; — ଶଙ୍କର ବାବୁ, ଆପଣ ସେ ଗପ ଗୁଡ଼ିକ ଅଣନ୍ତୁ, ନଛାପିଲେ ପଛକେ ନାହିଁ, ଆମେ ସମସ୍ତେ ପଢ଼ି ଶୁଣିବା ତେଣିକି ଯାହା କରିବାର କଥା କରାଯିବ ।

ଶଙ୍କର ଶ୍ୱସ୍ତି ନିଶ୍ୱାସ ତ୍ୟାଗକରି କହିଲେ । ଅଛା ହେଉ ।'

୯ ପ୍ରାୟ ୧୦ ଟା ବାଜି ଥିବ । ମେଲଣି ନେଇ ଯେଝା ବାସକୁ ବାହୁଡ଼ିଲେ ।




ଅର୍ଶ ଓ ସ୍ୱପ୍ନ ଦୋଷର
ସନ୍ନ୍ୟାସୀ ଦତ୍ତ
ମହୌଷଧ

ଅର୍ଶପାଇଁ — ଅର୍ଶବଜ୍ର
ସ୍ୱପ୍ନଦୋଷ ପାଇଁ — ମଧୁସଞ୍ଜିବନୀ

ଏକମାତ୍ର ଶିଶିଦ୍ୱାରେ ରୋଗ ଆରୋଗ୍ୟ ନହେଲେ ମୂଲ୍ୟ ଫେରସ୍ତ ଦିଆଯିବ ।

ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।

ତିବ୍ବତ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, ଚିକିତ୍ସକ
ଶ୍ରୀ ଜଗନ୍ନାଥ ମିଶ୍ର B. A. M. S.
ସାହିତ୍ୟ ଉପାଧ୍ୟାୟ
ଶାରଦା ଔଷଧାଳୟ
ଚୌଧୁରୀବଜାର
କଟକ

# କଳଙ୍କ ଭଞ୍ଜନ ।

ଲେଖକ—ଶ୍ରୀ ସାମନ୍ତ ସିଂହାର

କାବ୍ୟ

କହନ୍ତି ଶ୍ରୀମତୀ ସଖୀ ବିଶାଖାଙ୍କୁ ଗୁହାରି,
“ମିଛିଟାପ ମ ଉପେ ମୋଟେ ରଖିଦେଲେ ନାହିଁ
କିଏ କହେ ଶ୍ରୀମତୀଟା ଏତେ ଦୋଷରୁଣୀ,
ଆଜି ଯେବେ ଜଣେ, କାଲି ଆଉ ଜଣେ ପୁଣି
କିଏ କହେ ମୁହିଁ ତାର ଗୃହିଁବାଟା ପାପ
କିଏ କହେ ତା ପିଠିରେ, ଲାଗିଅଛି ଛାପ ।
ଏଣୁ ମୁହିଁ ଏ ଜୀବନ କେମନ୍ତେ ରଖିବି,
ବଡ଼ ବୁରୁଜରୁ ଲମ୍ଫେ ଡେଇଁ ମୁଁ ପଡ଼ିବି ।”
ଏତେ କହୁ ରାଧା ସତୀ କାନ୍ଦନ୍ତେ କୁନ୍ଥାଇ,
ଲଳିତା ବିଶାଖା ଦୁହେଁ ମାରିଦେଲେ ହାଇ
ଏକାଳେ ମିଳିଲେ ତହିଁ ଜଟିଳା ଯେ ବୁଢ଼ୀ,
ଥୋଡ଼ିକୁ ହଲାଇ ଦାନ୍ତ କାମୁଡି କାମୁଡି ।
ତାଙ୍କୁ ଦେଖି ତିନି ସଖି ଅଇଲେ ସମଟି,
ଜଣାଗଲା ଲାଗିବେକ ସତେ କଳିମୁଠି !
ଜଟିଳା ବୋଲଇ ଶୁଣ “ଶୁଣ ଅଲେ ବୋହୂ,
ଖେଳଡ଼ୀ ଟୋକାଙ୍କ ସାଙ୍ଗେ କଥା ତୁ କହୁ ?
ତେଣେ ଯେ ବାଜୁଛି ବାଜା ବରଜ ଦାଣ୍ଡରେ
ସେ କଥା କି ଛଳେ ହେଲେ ପଶୁଚି ମୁଣ୍ଡରେ
‘ଲୋକମତ’କୁ ତ ବେଳେ ନ କଲୁ ଖାତିର,
ଏବେ ଲୋ ପହଁରି ଖାଇ ଅପେ ଅପେ ମର୍
ଏତକରେ ବିଶାଖା ଯେ ହୋଇ ଭଣି ଭଣି,
ଧାଇଁଲେ ବୁଢ଼ୀକୁ ସତେ ପକାଇବେ ଚୂର୍ଣ୍ଣି ।
ବୁଢ଼ୀ ତେଣେ ଅଣ୍ଟି କାଢ଼ି ଗୃହେଁ ଭଟ ମଟ,
ଥୋଡ଼ରେ, ଜଙ୍ଘରେ ହାତ ମାରେ ପଟାପଟ
ବିଶାଖା ଲାଞ୍ଛଣୀ ଭଣ୍ଡ ଅସିଲେଟି ତଡ଼ି,
ଏଣେ ନାଶ, ତେଣେ ଦାଢ଼ୀ,
ଗଲେ ଦୁହେଁ ଲଢ଼ି ।
ଏମନ୍ତ କାଳରେ ତାହିଁ କୁଟିଳା ଯେ ଥିଲେ,
ନାଦ ଶୁଣି ତଡ଼ାବଡ଼ ପହଞ୍ଚି ଗଲେ ।
ହାତେ ଧରି ‘ଲାଅଁଖୁଣ୍ଟା’ ହଲାଇ ହଲାଇ,
କେମନ୍ତେ ପାହାରେ ସେତୁ ଗଲେ ଯେ ପଳାଇ
ତହୁଁ ଲାଅଁ ଖୁଣ୍ଟା ଧରି ଟେକିଲେ ରାଧାକୁ,
ଲଳିତା ଖାଇଲେ ଟେକା ଦଅନ୍ତେ ବାଧାକୁ
ଜଟିଳା କୁଟିଳା ଦୁହେଁ ଜୟ ନାଦ କରି,
ସେଠାରୁ ଚଳିଲେ ଚଉ ଜଙ୍ଘାସରେ ଭରି ।

ତିନି ସଖି ବସି ତହୁଁ ପାଞ୍ଚିଲେ ବିଚାର,
କେମନ୍ତେ କରିବା କହ ଏହା ପ୍ରତିକାର ।
ଲଳିତା ବୋଇଲେ ସଖି ବେଗେ ଚାଲିଯାଅ,
ଦୁସର ସଖିମାନଙ୍କୁ ଏଠାକୁ ବୋଲାଅ ।
ଆଜ ସବୁ ସଖି ମିଳି କରିବା ମିଟିଂ
ଏ ଦୁଇ ବୁଢ଼ୀଙ୍କୁ ଦେବା ଜବାବ ଫିଟିଂ ।
ବିଶାଖା ତୁରନ୍ତ ସବୁ ସଖିଙ୍କୁ ଡାକିଲେ,
ଶୁଣି ସଖିବୃନ୍ଦ ବେଗେ ସେଠାକୁ ଧାଇଁଲେ ।
ବସିଲା ପାର୍ଟି ମିଟିଂ, ଭାଷିଲେ ଭାଷଣ,
ଶ୍ରୀମତୀ ଗ୍ରହଣି ସଭାପତୀର ଆସନ ।

ନୋହିଲେ ଦେବ ଇସ୍ତଫା,
ମିନିସ୍ତ୍ରୀ ନକର ଦଫାକୁ ଦଫା ଗୋ,
ଧକ୍କା ଦେଇ କାଢ଼ିଦିଅ ସଫା ସଜନି ଗୋ ।
ବାଟେ ବାଟେ ମିଛ ଗୁଲି,
(ମୋ) ନାଆଁ ନଧରିବ ଶ୍ରୀମତୀ ବୋଲି ଗୋ
ଯେ ଅସିବ ଅସୁ ଥାଉ ଫେଲି ସଜନି ଗୋ ।
ଏତେ କହି ଆସନରେ ବସନ୍ତେ ରାଧିକା,
କାହାରି କାହାରି ମୁଖେ ଉଠଇ ଯେ ହସ୍ତା ।
କେ କାନରେ ଶମ୍ଭଟେ, କେହୁ ମୁଖେ ଦିଏ ବାସ
ଅଣ୍ଟି ମଳି ମଳି କେହୁ କାନ୍ଦେ ବାଘି ବାସ ।



ଭାଷଣ:—
ଶୁଣଗୋ ପରାଣ ସହି,
ଏ କଳଙ୍କ ଆଉ ନପାରେଁ ସହି ଗୋ,
ଖାଲି କଲଙ୍କ ପକାଏ ଦହି, ସଜନି ଗୋ
ବାହାର ଲୋକଙ୍କ କଥା,
ଘର ଲୋକେ ତହିଁ ଯୋଡ଼ନ୍ତି ନଥା ଗୋ,
ଭାଷି ଯାଉଛି ମରମେ ବ୍ୟଥା ସଜନି ଗୋ ।
ତୁମ୍ଭଙ୍କୁ କହିଲି ଯାଇ,
ଭଲ ବାଟଟିଏ ଦିଅ ବତାଇ ଗୋ,
ଅବାଂମରିବ ମୁଁ ବିଷ ଖାଇ ସଜନି ଗୋ ।
କିଛି ଗୁଣ ନାହିଁ ମୋର,
ତୁମେ ତ କରିଛ ପାର୍ଟି ଲିଡ଼ର ଗୋ,
ତୁମ୍ଭ ମାନ ତୁମ୍ଭେ ରକ୍ଷା କର ସଜନି ଗୋ ।

ଏକାଳେ ସ୍ୱଚିତାଙ୍କର ପଡିଗଲା ପାଳି,
ଉଠନ୍ତେ ସେ ଗୃହ ଅଡ଼ୁ ପଡ଼େ କରତାଳି ।
ସୁଚେତା—
ସବୁ କଥା ଯାକ ଶୁଣି,
ମନେ ମନେ ମୁହିଁ ହେଉଛି ଗୁଣି ଗୋ,
ଅଗ୍ନି ପରୀକ୍ଷାଟେ ହେଉ ପୁଣି ସଜନି ଗୋ ।
କିଏ ସତୀ, କେ ଅସତୀ,
ଜଣା ପଡିଯିବ ବଳେ ଝଟତି ଗୋ,
ସଫା ହୋଇବେ ସଖୀ ଶ୍ରୀମତୀ ସଜନି ଗୋ ।
ତୁଙ୍ଗବିଦ୍ୟା—
ଅଗ୍ନି କଥା ତୁ ତ କହୁ,
ପୋଡି ମରିବାର ବାଟ ବତାଉ ଗୋ,
୯୦ ପୃଷ୍ଠା ଶେଷ ଦେଖନ୍ତୁ ।

Digitized by srujanika@gmail.com

# ୯ମ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

**ଟ୨୫ଙ୍କା ପୁରସ୍କାର !**    **'ଡଗର' ପାଠକମାନେ ପାଇ ପାରିବେ ।**    **ଟ୨୫ଙ୍କା ପୁରସ୍କାର !**

ଦୁଇଅଣାର ପଇସିକିଅ ଡାକଟିକଟ ଦେଇ    ପ୍ରଥମଟି ସହ ଏକଅଣାର ପଇସିକିଅ ଡାକଟିକଟ ଦେଇ    ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ










ନାମ ____________ ଠିକଣା ____________ କେତୋଟି ଉତ୍ତର ________

---

## ସିଧା ଭାବରେ

୧ । ଡଗର ଶବ୍ଦଧନ୍ଦା ପ୍ରତି ଯୋଗୀତାରେ ସାମନ୍ତ ପୁରସ୍କାର ପାଇବା ପାଇଁ ଯାହା ଏକାନ୍ତ ଲୋଡ଼ା ।

୩ । ଚଉଡ଼ ଅମେରିକାକୁ ବଡ଼ ଠାକୁରଙ୍କ ପାଇଁ ଅମଣିଅ କମନ୍ତେ ଯେଉଁ ଶସ୍ୟ ନହେଲେ ନଚଳେ ।

୬ । ଏହା ଯେତେ ମାରିଲେ ମଧ୍ୟ କେତେକ ଜୀବ ଅଛନ୍ତି ଯେଉଁମାନେ କି ତାକୁ ଅଦୌ ଖାତିର ନକରି ଯେପରି ହେଉ ଭିତରୁ ପଦାକୁ ବାହାରି ଆସନ୍ତି ।

୭ । ସ୍ୱାସ୍ଥ୍ୟରକ୍ଷା କମନ୍ତେ କିୟମିତ ଭାବରେ ଏହା କରିବା ପାଇଁ ଚିକିତ୍ସକ ମାନେ ମତ ଦେଇଥାନ୍ତି ।

୮ । ଏହା ନଧୋଇ କେବଳ ହସ୍ତ ମୁଖ ଧୌତ କରି ଆହାରରେ ବସିଲେ ବହୁ ଶତ୍ରୁ କ୍ରୀଟାଣୁ ଅଜ୍ଞାତ ଭାବରେ ଶରୀରରେ ପ୍ରବେଶ କରିବାର ସୁବିଧା ପାଇଯାଆନ୍ତି ।

୧୨ । ମୁଣ୍ଡକୁ ଖରାରୁ ବଞ୍ଚାଇବା ପାଇଁ ଏହାର ଆବଶ୍ୟକତା ସମସ୍ତ ସମୟରେ ଉପଲବ୍ଧ ହୋଇଥାଏ ।

୧୩ । ଏହା ସାଙ୍ଗରେ ନଥିଲେ ଅସୁସ୍ଥ ଲୋକ ପକ୍ଷରେ ବିଦେଶରେ ଚଳିବା କଷ୍ଟକର ।

୧୫ । ଏହା ଦୋଷରୁ ମଧ୍ୟ ଅନେକ ସମୟରେ ଜନ୍ମ ଜାଗା ଛାଡ଼ି ଚଳି ହୁଏନାହିଁ ।

୧୬ । ଏହାକୁ ସକାଳ ଦେଖିଲେ ଯାହା ହେବ ତାହା କେବଳ କ୍ଷୁଧାର୍ତ୍ତକୁ ଦେବାରେ ହିଁ ପୁଣ୍ୟ ।

୧୭ । ଏହାର ନଗ୍ନ ସୌନ୍ଦର୍ଯ୍ୟକୁ ରସିକ କଳାବନ୍ତ ଛଡ଼ା ସାଧାରଣ ଚକ୍ଷୁରେ ଉପଲବ୍ଧ କରି ହୁଏନାହିଁ ।

## ଉପର ତଳ ଭାବରେ

୧ । କେତେକ ଓଡ଼ିଆ ସାହିତ୍ୟିକ ଅନ୍ୟ ସାହିତ୍ୟର—ଅନୁକରଣ କରି ସସ୍ତା ନାମ ମାରି ନେବାକୁ ଲଜ୍ଜା ବୋଧ କରନ୍ତି ନାହିଁ ।

୨ । ବେଶୀଦିନ କାମ ନକଲେ ସମସ୍ତେ ଏହା ଚଳାଇବାରେ ପଟୁ ହୋଇ ପାରନ୍ତି ନାହିଁ ।

୩ । ପାଣି କଖାରୁ ସମସ୍ତ ସମୟରେ ଯାହା ସହିତ ପାଣି ପରି ମିଶି ଯାଏ ।

୪ । ଅଧବାଟରେ ଏହା ପାଇଲେ ଏକୁଟିଆ ପଥିକର ଆନନ୍ଦ ହେବାର ସମ୍ଭାବନା ।

୫ । ତଳରୁ ଉପରକୁ ପଢ଼ିଲେ 'ମଳ' ବାହାରିବ ।

୭ । କେତେକ ଅପରିଚିତ ଲୋକଙ୍କୁ ଦୂରରୁ ଆଣି ଘରର ଚଳିବାରେ ଏହା ଅନେକ ସମୟରେ ବଡ଼ ସୁବିଧା ଦିଏ ।

୮ । କଂଗ୍ରେସର ଅନେକ ନେତା ଆପଣାକୁ ତ୍ୟାଗୀ ବୋଲି କୋଲିର ସତ୍ୟ ଓ ଅପରିଗ୍ରହ ବ୍ରତ ପାଳନ କରୁଛୁ ବୋଲି ଓଣ୍ଡ଼ିମ ବଜାଇ ମଧ୍ୟ ନିଜର ଏହାକୁ ଲୁଲଗୁବାର ଅଧିକାଂଶ ସ୍ଥଳରେ ଦେଖାଯାଏ ।

୯ । ରାଜନୈତିକମାନେ ଆଜିକାଲି ଯାହା ଦ୍ୱାରା ଶତ୍ରୁ ଦମନ କରିବାକୁ ବସିଛନ୍ତି ।

୧୦ । କୁଲିଟଏ ପିଅନ ପ୍ରାୟ ଏହି କାଗଜାତ୍ ଯେତେ ଯାଆ ଆସ କରେ ।

୧୧ । ଅନେକ ଲୋକ ଏପରି ବସ୍ତ୍ର ବ୍ୟବହାର କରିବାକୁ ସୁଖ ପାଆନ୍ତି ।

୧୨ । ଏହାର ସଂଖ୍ୟା ନିର୍ଣ୍ଣୟ କରିବା ସହଜ ନୁହେଁ ।

୧୩ । ଅନ୍ୟକୁ ଆପଣାର ନଜଣାଲେ ଯାହା ହେବ ।

୧୪ । ଏହା ସଦ୍ୟ ହୋଇଥିଲେ କେତେକଙ୍କ ଦେହ ଓ ମନରେ ସ୍ଫୁର୍ତ୍ତି ଆଣିଦିଏ ।

୧୫ । ଗର୍ଭାବସ୍ଥାରେ ଏହାଠାରୁ ମଧ୍ୟ ଦୂରରେ ରହିବା ପ୍ରତ୍ୟେକ ସ୍ତ୍ରୀର କର୍ତ୍ତବ୍ୟ ।

Digitized by srujanika@gmail.com

**ନୂତନ ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୫୦/ ଓ ପରବର୍ତ୍ତୀ ପ୍ରତି ଖଣ୍ଡକୁ ୫୦/ ଲେଖାଏ **(ଶେଷ ତା ୨୬।୮।୩୮)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାକେ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା। ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ। ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ତଳରେ ଦିଆ ଯାଇଛି। ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ। ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରକ୍ଷିତ ଅଛି। ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୮ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୩୯ ପାଇବ

ସର୍ବାପେକ୍ଷା ଅଧିକ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୨୯ ବିଶିଷ୍ଟ ପୁରସ୍କାର ପାଇବେ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକି ୫୮୯ ବାଣ୍ଟି ଦିଆଯିବ। ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ। କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ। ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି। ଅପରପାଖରେ ତିନୋଟି କୁପନ ଦିଆ ଯାଇଛି। ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକାଠିରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଦିଆ ଡାକଟିକଟ ପଠାଇବେ। ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/ ଓ ୨ୟ ଟି ପାଇଁ ୫୦/ର ପଇସିଦିଆ ଡାକ ଟିକଟ ପଠାଇବେ। କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି। ଯଦି କେହି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛା କଲେ ଉପର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା, ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ' ୬ଷ୍ଠ )ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ତିନିଟି ଉତ୍ତର ଦେଲେ ସେ ଟିଏ ଲେଖାଏ ଫ୍ରି ପାଇଥିବେ। ସମସ୍ତ ଉତ୍ତର ୧୯୩୮ ମସିହା ଅଗଷ୍ଟ ୨୬ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ 'ଉତ୍କଳ, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର। ଲଫାପା ପଛ ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୯ ଅଙ୍କ ଦିଆଯିବା ଆବଶ୍ୟକ। ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ଖଗେନ) ମଧ୍ୟ ଦିଆଯିବ। ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ। ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ। ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ। କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ। ସମ୍ପାଦକଙ୍କ ଠାକୁ ପଠା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ।

---

୮ ପୃଷ୍ଠା ଉତ୍ତରରୁ

ସେ କି ଅଛି ଏ ଯୁଗରେ ଅଉ ଅଳ୍ପଗି ଲୋ
ଛିଦ୍ର କଳସିଟେ ଅଣି,
ତା ମଧ୍ୟେ ପୂରାଇ ଯମୁନା ପାଣିଗୋ,
ଦେଲେ କୃଷ୍ଣ ରାଧାରାଣୀ ସଜନି ଗୋ।
ସତୀ ଯେବେ ହୋଇଥିବେ,
ଟୋପାଏ ପାଣି ନ ପଡ଼ିବ ଭେଟିବେ ଗୋ,
ଅପେ ମହାସତୀ ବନି ଯିବେ ସଜନି ଗୋ।
ଏକଥା ଶୁଣନ୍ତେ ତହିଁ ଯେତେ ଗୋପବାଳୀ
'ହୁଅର ହୁଅର' ରବ ଦେଲେ କରତାଳି।
ତହୁଁ ରାଧାଙ୍କର ମୁଖ ପଡ଼ିଗଲା ଶୁଖି,
ଗାଳିଦେଇ ବିଶାଖା ଯେ ଉଠିଲେ ବୋବାଳି
ବିଶାଖା—
କଣା କଳସିରୁ ପାଣି,
ବୋହିବା ସେହିବ କେ ଅଛି ଜାଣି ଲୋ,
ସବେ ହେଲଣି କି ବାଇଅଣୀ ସଜନି ଗୋ।
କେବେ ନୋହିବ ଅନ୍ୟଥା,
ଧରା ପଡ଼ିଯିବ ସବୁରି କଥା ଗୋ,
ସତୀ କିଏ, କହ ତୁହିଁ ମଥା ସଜନି ଗୋ।
ସ୍ମରିଦିଅ ଏ ବିଚାର,
ଅସଲ କଥାକୁ କରିଛି ସାର ଗୋ,
ଯଉଁଥିରେ ହେବ ପ୍ରତିକାର ସଜନି ଗୋ।
ସବେ ଅଣ୍ଟା ଭିଡ଼ି ଉଠ,
ଡିଫେମେସନ୍ ସଙ୍ଗେ ଡ୍ୟାମେଜ ସୁଟ ଗୋ,
କରି ଅଣ୍ଡାକର ଭେଟ ଝଟେ ସଜନି ଗୋ।
ଅବା ପ୍ରେସ—ଲ ଯୋଗି,
ବେହିପୋଙ୍କୁ ଥରେ ଲଗାଅଛି ଦେଖି ଗୋ,
ଚାହିଁ ଯିବେ ବଳେ ବଳେ ଚାଂଖି ସଜନିଗୋ
ଶ୍ରୀମତୀ—
ଶୁଣ ସବ ସହଚରି,

**ଭ୍ରମ ସଂଶୋଧନ**

୮ମ ଶବ୍ଦଧନ୍ଦାରେ ୩ୟ ପୁରସ୍କାର ପ୍ରାପ୍ତ ଶ୍ରୀ ନେପାଳ ଚରଣ ଘୋଷ ( ବାରିପଦା ) ଙ୍କ ନାମସ୍ଥଳେ ଭୁଲରେ, ଶ୍ରୀ ଉଦୟ ଚରଣ ଦାସ ଭଦ୍ରକ ହୋଇ ଯାଇଛି (ଶବ୍ଦଧନ୍ଦା ସଂପାଦକ)

କରୁଛି ଗୁହାରି କରକୁ ଧରି ଗୋ,
ମୋତେ ଏବିପଦୁ କର ପାର ସଜନୀ ଗୋ।
କହ ଛାଡ଼ି ପରିହାସ,
ମୋ ପ୍ରତି ଅଛି କି ନାହିଁ ବିଶ୍ୱାସ,
ରଣ ଏତିକରେ ମୋ ନିଶ୍ୱାସ ସଜନୀ ଗୋ।
ସବ ସଖିଗଣ ତହୁଁ ଦେଲେ ହାତ ଟେକି,
କରତାଳି ନାଦେ ସର୍ବ ପଡ଼ିଲା ଚମକି।
ଗୁରିଅଡ଼ୁ ଧ୍ୱନି ହେଲା ସାବାସ ସାବାସ,
'ଅଙ୍ଗାର ପ୍ରସ୍ତାବ' ଯେଣୁ ହୋଇଗଲା ପାସ୍।




## ଭଞ୍ଜ ପ୍ରଦୀପ—ଚୈତ୍ର ପର୍ବ ସଂଖ୍ୟା

ଛାପ ବୈଭବରେ ଏ ସଂଖ୍ୟାଟି ଉଚ୍ଚ-ସ୍ତର । ତହିଁ ମଧ୍ୟରେ ଛତ୍ରନାଟ୍ୟର କେତେ ଖଣ୍ଡି ଚିତ୍ର ଓ ମୟୂରଭଞ୍ଜ ମହାରାଜାଙ୍କର ଖଣ୍ଡିଏ ହାଫଟୋନ ମନୋହର ।

ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନର ସଭାପତି ଶ୍ରୀଯୁକ୍ତ ବିନାୟକ ମହାଶୟ ତାଙ୍କ ସଂକ୍ଷିପ୍ତ ଅଭି-ଭାଷଣରେ ଅନେକ ଗୁରୁତ୍ୱ ଭଲ କଥା କହି ଅଛନ୍ତି, ତହିଁ ମଧ୍ୟରେ ସବୁଠାରୁ ଜୋର ଦେଇ ବାର ବାର କହିଅଛନ୍ତି ଗୋଟିଏ କଥା ଯେ ବଂଶପରମ୍ପରା କ୍ରମେ ସାହିତ୍ୟ-ପ୍ରେମିକ ଓ ଦାନଶୀଳ ଭଞ୍ଜ ଭୂପତିଙ୍କ ଅନୁକମ୍ପାରେ ସମାଜର ଅର୍ଥିକ ସମସ୍ୟା ଦୂର ହେବ । ସତେ ହେଉଛି କି ?

ଶ୍ରୀଯୁକ୍ତ ଜଗତମୋହନ ସେନଙ୍କର ସାହିତ୍ୟରେ ଜାକଜ୍ଞ ଓ ପରମ୍ପରା ଖୁବ୍ ଚିନ୍ତା-ଶୀଳ ଲେଖା; ଲେଖକଙ୍କ ମୌଳିକତା ଓ ଜ୍ଞାନର ପରିଚୟ ଦେଉଛି ।

ଶ୍ରୀଯୁକ୍ତ ହରିଶ ଚନ୍ଦ୍ର ବଡ଼ାଲଙ୍କ 'ଛୁଟି ଦିନର ଓଳିଏ' ସୁନ୍ଦର ଚିତ୍ରଟିଏ; ଲେଖକଙ୍କ ରସିକତା ଓ ନିରୀକ୍ଷଣ-ପଟୁତା ଦେଖାଇ ଦିଏ ।

ଶ୍ରୀଯୁକ୍ତ ରାମକୃଷ୍ଣ ନନ୍ଦଙ୍କର ସାହିତ୍ୟ ରୂପରେ ବାଡ଼ା ବାନ୍ଧିବା ଭଳି ଅନେକ ଖାଣ୍ଟି ମାଲ ଅଛି ।

## ସହକାର—ଆଷାଢ଼, ୧୩୪୫

ସହକାର ପ୍ରଚ୍ଛଦପଟର ବାଲରବି ପଶ୍ଚିମ ଦିଗରୁ ଉଦୟ ହୋଇଛନ୍ତି । ଏ ପ୍ରଗତିଶୀଳ ଯୁଗରେ ସବୁ ସମ୍ଭବ ।

ଶ୍ରୀଯୁକ୍ତ ଅନନ୍ତ ପ୍ରସାଦ ପଣ୍ଡା ମହାଶୟ ସାହିତ୍ୟର ସ୍ୱରୂପ କଳିବା ପାଇଁ ଭଲ କରି ଲଢ଼ିଛନ୍ତି ପଟେ । ପ୍ରବନ୍ଧଟି ସୁଖପାଠ୍ୟ ।

ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କର "ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ" ପ୍ରତ୍ୟେକ ଓଡ଼ିଆର ପଢ଼ିବା ଉଚିତ । କିନ୍ତୁ ଦୁଃଖ ହୁଏ ବୁଢ଼ାବାଳେ ଏଥିପାଇଁ ସେ ଯେତେ ଅନୁଭବ କରୁଛନ୍ତି ଓଡ଼ିଆ ଦେଶହିତୈଷୀ ଯୁବକେ ଯଦି ତାର ଶତାଂଶରୁ ଅଂଶେ କରୁ ଥାଆନ୍ତେ !

ଶ୍ରୀଯୁକ୍ତ ଭଗବାନ ପତିଙ୍କର ଚିନ୍ତାଶୀଳ ପ୍ରବନ୍ଧ ଧର୍ମ ଓ ସାହିତ୍ୟରେ ଅନେକ ଜାଣିବାର ଓ ଭାବିବାର ବସ୍ତୁ ଅଛି । ଆଜି-କାଲିକାର ନବୀନ ସାହିତ୍ୟିକମାନଙ୍କୁ ଏହା ଥରେ ମନ ଦେଇ ପଢ଼ିବାକୁ ଅନୁରୋଧ କରୁଁ ।

ସାହିତ୍ୟରେ ସହଜିଆ ମନୋବୃତ୍ତିର ବିକାଶ ଦେଖି ଲେଖକ ମହାଶୟ ବିପ୍ଳବର ଆଶଙ୍କା କରୁଛନ୍ତି । ମାତ୍ର ଆମେ କହୁଁ ସେଗୁଡ଼ାକର ଚିରନ୍ତନ ଶକ୍ତି ନାହିଁ । କେବଳ ଦମ୍କା ହାଉଆ ମାତ୍ର । ଅସାରତା ବେଶୀ ଦିନ ଟେକି ରହେ ନାହିଁ କେବେ । କିନ୍ତୁ ତାହା ବୋଲି ତାର ଯେ ପ୍ରତ୍ୟୋଜନ ନାହିଁ ଏହା କୁହା ଯାଇ ନପାରେ । ଏଟା ପ୍ରକୃତି ଦେବୀଙ୍କର ସାମୟିକ ଲୀଳା ବିଳାସ !

ହୋ' ବାଲିକା—ପଦ୍ୟ—ଶ୍ରୀ ନବ କିଶୋର ଦାସ । ଏଟା 'କଳା-ଚିକଣ', ହୋ' କିଶୋରୀର ହସରେ 'ଓଡ଼ିଆ କବିର' ଚିତ୍ତ ବିମୋହିତ ହେବାରୁ ସେ ଆବେଗରେ ଗାଇଛନ୍ତି—

ଅତି ଶୃଙ୍ଖଳ ତା ଦନ୍ତ ପନ୍ତି
   ହସିଲେ ବିଶ୍ୱ ଜାଗି...

ଶେଷରେ କବି ଗାଇଛନ୍ତି—

ଆବେଗ ମୁହିଁ ସ୍ମୃତିରେ ସେହି
   ବହିଲି, ତାର ବନେ,
ନିଜତେ ବସି ଭାବିବ ତବ
   ଦୂର ଗାଆଁରେ ଦିନେ ।

ମୁଗ୍ଧ କରି ଅତି ଅଳ୍ପ ଯେତିକି ଦେଇ ଥାଆନ୍ତୁ ପଛେ—ତାଙ୍କ ସମ୍ବନ୍ଧ ସ୍ୱର ମିଳାଇ ଭାବିବା ପାଇଁ ପାଠକଙ୍କୁ ସୁବିଧା ଦେଇ ନାହାନ୍ତି କିନ୍ତୁ ।

## ନବଭାରତ—ବୃଷ—୧୩୪୬

ଅଧ୍ୟାପକ ଗିରିଜାଶଙ୍କରଙ୍କ ଓଡ଼ିଆରେ ଧ୍ୱନ୍ୟନୁକରଣ ଅତି ସ୍ୱତନ୍ତ୍ର ଓ ଗବେଷଣା ମୂଳକ ପ୍ରବନ୍ଧ । ଏହି ପ୍ରକାର ଲେଖାରେ ଅଧ୍ୟାପକ ମହାଶୟଙ୍କର ହାତଯଶ ଓଡ଼ିଆଙ୍କ ପକ୍ଷେ ଆଶାର କଥା ।

ଶ୍ରୀ ପ୍ରାଣବନ୍ଧୁ କରଙ୍କର 'କାଗଣୀ' ଗଳ୍ପ ଅସ୍ୱାଭାବିକତାରେ ପୂର୍ଣ୍ଣ । ବିଦେଶୀ କଲମ ଗୁଡ଼ା ଓଡ଼ିଶୀ ମାଟିରେ ସଲଫେଟ ଆମୋ-ନିଆ ଦେଇ ଥୁଆ ହେଲା ପରି ଲାଗୁଛି ।

'ବର୍ଷା ପ୍ରଣତି'—ପଦ୍ୟ ଶ୍ରୀ ରାଜକିଶୋର ରାୟ । ବର୍ଷା-ପ୍ରଗତି ନୁହେଁ ତ ?

"ଆସ ଗୋ ବର୍ଷା ଧରି ମଙ୍ଗଳ
   ଅରୂପ ଅମୃତ ଭରି ସମ୍ବଳ ।"

ପଦଟି ଭଲ ହୋଇଛି ।

ଶ୍ରୀ ଜୟକୃଷ୍ଣ ମହାପାତ୍ରଙ୍କୁ 'ଓଡ଼ିଆ' ଶବ୍ଦ ଅପମାନ ବା ତାଚ୍ଛଲ୍ୟ ସୂଚକ ଲାଗିବାରୁ ବଡ଼ ବ୍ୟଥିତ ହୋଇଛନ୍ତି—ମାଧିଆ, ହରିଆ, ନିଧିଆ ଭଳି ! ଇଂଲିସ ପରି ଓଡ଼ିଶୀ ବା ବେଙ୍ଗଲ ପରି 'ଓଡ଼ି' ଅଥବା ଜର୍ମାନ ପରି ଓଡ଼ିମେନ୍ କରନ୍ତୁ । ଜାପ୍ ଆଦର୍ଶରେ ଓଡ଼୍ କଲେ ହୁଅନ୍ତା ନାହିଁକି ? ଏଠା ତ ଆମର ଅଛି । ନାଟ ବା ରାଗ ପରି 'ଓଡ଼ଣୀ'ଟା ବି ମାନନ୍ତା ଭଲ ।

ଦ୍ୱିଧାରା—ଶ୍ରୀ ବଙ୍କିମ ଭୂଷଣ ତ୍ରିପାଠୀ । ଅତି ସାଧାରଣ ଅଠପହରିଆ ଚିତ୍ରଟି । କିନ୍ତୁ ଲେଖିବା ଠାଣିରେ ଏତେ ସୁନ୍ଦର ଏତେ ସ୍ୱାଭାବିକ ହୋଇଛି ଯେ ପଢ଼ି ଆନନ୍ଦ ହୁଏ । ଚିତ୍ରଟିରେ ଆସଲ ଅର୍ଟର ଧାରା ବିଦ୍ୟ-ମାନ । Art lies in concealing art. ଏଣିକି ଏଇ ଭଳିଆ ଚିତ୍ର ଅଙ୍କି-ବାରେ ଲେଖକଙ୍କୁ ବେଶୀ ସୁବିଧା ମିଳିଲେ ସୁଖୀ ହେବୁଁ ।

(ଅର ପୃଷ୍ଠାର ୧ମ ସ୍ତମ୍ଭ ଶେଷ ଦେଖନ୍ତୁ)

Digitized by srujanika@gmail.com

# ଚିଠିପତ୍ର

'ଡଗର' ସମ୍ପାଦକ ମହାଶୟ,

ଆଜି ଗୋଟିଏ ଜରୁରୀ ଖବର ବୋହି ନେବା ପାଇଁ ଆପଣଙ୍କ 'ଡଗର'ର ସାହାଯ୍ୟ ଲୋଡ଼ୁଛି । ଆଶା କରେଁ 'ଡଗର' ଏଥିରେ ନାରାଜ ହେବ ନାହିଁ ।

ସେଦିନ 'ଦୈନିକ ସମାଜ'ରେ ଦେଖିଲି ଯେ କଟକରେ 'ବଙ୍ଗୀୟ-ସାହିତ୍ୟ-ସମିତି' ତରଫରୁ ବଙ୍ଗୀୟ ଲେଖକ ସାହିତ୍ୟ ସମ୍ରାଟ ବଙ୍କିମଚନ୍ଦ୍ରଙ୍କ ଶତ ବାର୍ଷିକ ଜନ୍ମୋତ୍ସବ ଉପଲକ୍ଷରେ ଗୋଟିଏ ବିରାଟ ସଭାର ଆୟୋଜନ କରା ହୋଇଥିଲା । ସେଥିରେ କେତେକ ଓଡ଼ିଶାର ବିଶିଷ୍ଟ ଭଦ୍ରଲୋକ ଓ ଭଦ୍ର ମହିଳାମାନେ ଯୋଗଦାନ କରି ସ୍ୱର୍ଗତ କବିଙ୍କୁ ଯଥେଷ୍ଟ ସମ୍ମାନ ଦେଖାଇ ଥିଲେ ମଧ୍ୟ କେହି କେହି ଭାବାବେଶରେ କହି ପକାଇ ଥିଲେ ଯେ ବଙ୍କିମ ଚନ୍ଦ୍ର ଓଡ଼ିଆମାନଙ୍କୁ ଖୁବ୍ ସ୍ନେହ ଚକ୍ଷୁରେ ଦେଖୁଥିଲେ । ବଡ଼ ଲୋକର ବୋଇଦା ମାଡ଼ ସୁଆଦିଆ ଲାଗେ ସିନା !!

ବଙ୍କିମ ଚନ୍ଦ୍ରଙ୍କ 'ସୀତାରାମ'ରେ ଓଡ଼ିଆମାନଙ୍କର ଯେଉଁ କଦର୍ଯ୍ୟ ଚିତ୍ରଣ କରାଯାଇଛି ଓ ଓଡ଼ିଆଙ୍କୁ କୁକୁର କରି ପ୍ରତିପାଦନ ଶହ ଶହ ହଜାର ହଜାର ଓଡ଼ିଆଙ୍କ ସମ୍ମୁଖରେ ଆସି ବଙ୍କିମ ଚନ୍ଦ୍ର ଓଡ଼ିଆ ଭାଷାକୁ ଯେପରି କଦର୍ଯ୍ୟ ଆକାରରେ ଚିତ୍ର କରି ଯାଇଛନ୍ତି ତାହା ବୋଧହୁଏ ବକ୍ତା ମହାଶୟଙ୍କୁ ଜଣା ନାହିଁ । କିଂବା ଜଣା ଥିଲେ ମଧ୍ୟ ସେ ସେଇଠାକୁ ବୋଧହୁଏ ସ୍ନେହର ଉପହାର ବୋଲି ଧରି ନେଇଛନ୍ତି । ବକ୍ତା ମହାଶୟ ବୋଧହୁଏ ନିଶ୍ଚୟ ଗୌଡ଼ୀୟ ପନ୍ଥୀ ହୋଇଥିବେ । ତା' ନ ହୋଇଥିଲେ ଗୋଟିଏ ଗାଲରେ ଚାପୁଡ଼ା ବସିଲା ପରେ ଭାବରେ ଗଦ୍‌ଗଦ୍ ହୋଇ ଅନ୍ୟ ଗାଲଟି ଦେଖାଇ ଦେଇ ନ ଥାନ୍ତେ ! କିନ୍ତୁ ହାୟ, "ଯମଦୂତ ପ୍ରାୟ ଚଣ୍ଡୀବାଡ଼ା ଉଡ଼େ"ର ମହାନୁଭବତାଟାକୁ ଯା କେହି ବୁଝିଲେ ନାହିଁ ଏତିକି କେବଳ ଦୁଃଖ !

ଓଡ଼ିଶାର ଭବିଷ୍ୟତ ସୁପୁରୁଷମାନଙ୍କର ଏ ମହାନୁଭବତା ଦେଖି ସ୍ୱର୍ଗ ରାଜ୍ୟରେ ହେଉ ବା ପ୍ରେତ ରାଜ୍ୟରେ ହେଉ ଆଧୁନିକ ଓଡ଼ିଶାର ଆଦି କବି, ଓଡ଼ିଆ ଉପନ୍ୟାସର ଜନ୍ମଦାତା ଓଡ଼ିଆ ଭାଷାକୁ ଅକାଳ ମୃତ୍ୟୁରୁ ରକ୍ଷାକର୍ତ୍ତା ବୁଢ଼ା ଧଡ଼ିଆ ଫକୀର ମୋହନ ବୋଧହୁଏ ନୀରବ ଅଶ୍ରୁ ବର୍ଷଣରେ କରୁଥିବେ । ସେ ନିଶ୍ଚୟ ଅଭିମାନରେ କହୁଥିବେ "ହାୟରେ କୃତଘ୍ନ ଜାତି ! ତୋ ପାଇଁ ଏତେ କରିଗଲି ମୁଁ, ମୋର ସ୍ମୃତି ରକ୍ଷା କରିବା ଦୂରେ ଥାଉ, ମୋର ଗ୍ରନ୍ଥାବଳୀ ପ୍ରକାଶ କରିବା ଦୂରେ ଥାଉ, ମୋର ଜୀବନୀ ପ୍ରକାଶ କରିବା ଦୂରେ ଥାଉ, ମୋର ଜନ୍ମ ଦିବସ ପାଳନ କରିବା ଦୂରେ ଥାଉ ମୋର ମୃତ୍ୟୁ ଦିବସରେ ସୁଦ୍ଧା ମୋତେ ଟିକିଏ କେହି ମନେ ପକାଇଲେ ନାହିଁ ?" ଫକୀର ମୋହନ ପରା ଜୁନ୍ ମାସରେ ଇହଲୀଳା ସାଙ୍ଗ କରିଥିଲେ ? କାହିଁ ସବୁ ପତ୍ରିକାରେ, ସଭା ସମିତିରେ କୌଣସି ଆଡ଼େ ତ ତାର ନାମ ଗନ୍ଧ ସୁଦ୍ଧା ଦିଶା ଗଲା ନାହିଁ ?

ଆମର 'ଉତ୍କଳ ସାହିତ୍ୟ ସମାଜ' ପରା ଗଲା 'ସାହିତ୍ୟିକ ସମ୍ମିଳନୀ'ରେ ଏତେ ଆସ୍ଫାଳନ ଦେଖାଇଥିଲେ ? କାହିଁ ଉକ୍ତ ସମାଜ ତରଫରୁ ତ ଆଧୁନିକ ଓଡ଼ିଶାର ଆଦିକବି ଫକୀର ମୋହନଙ୍କର ସ୍ମୃତିଶ୍ରାଦ୍ଧ ସଭାଟିଏ ଆହୂତ ହେଲା ନାହିଁ ? ତେବେ 'ଉତ୍କଳ ସାହିତ୍ୟ ସମାଜ' ନାମରେ ଗୋଟାଏ ମୁମୂର୍ଷୁ ଅନୁଷ୍ଠାନ ବହିବାର ଦରକାର କଣ ? ରଜା ମହାରାଜାଙ୍କ ଠାରୁ ନେହୁରା ହୋଇ ହାତ ପତାଇ ଭିକ ମାଗି ଯେ ଏଡ଼େ ବଡ଼ କୋଠାଟା ତିଆରି ହୋଇଛି ସେଇଟା କଣ ଖାଲି ମାସରେ ଗୋଟାଏ ଦି'ଟା ଉଡ଼ାଟିଆ ନାଟକ ଅଭିନୟ ପାଇଁ ରଙ୍ଗମଞ୍ଚର କାର୍ଯ୍ୟ କରିବାକୁ ହୋଇଥିଲା ? ନା ବର୍ତ୍ତମାନର districtism ଯୁଗରେ କଟକର କର୍ତ୍ତାମାନେ ବାଲେଶ୍ୱରିଆ ବୁଢ଼ା ଧଡ଼ିଆ କବିଟାର ସ୍ମୃତିଟାକୁ ଏକବାରେ ମୂଳପୋଛ କରିଦେଲେ ? ସେହିପରି ସମ୍ବଲପୁରିଆ ଗଙ୍ଗାଧର ମେହେରଙ୍କର ଜନ୍ମ ମୃତ୍ୟୁର ଖବର ଓଡ଼ିଶାର ଅନ୍ୟ ଅଞ୍ଚଳର ଲୋକମାନେ ବୋଧହୁଏ ରଖିବାକୁ ଚାହାନ୍ତି ନାହିଁ । ଅଥଚ ଆମ ଦେଶର ହର୍ତ୍ତା, କର୍ତ୍ତା, ବିଧାତାମାନେ ପାର୍ସୀ କବି ଇକ୍‌ବାଲ୍‌ଙ୍କର ଶ୍ରାଦ୍ଧ ସଭା କରିବାକୁ ଖୁବ୍ ବ୍ୟସ୍ତ ହୋଇ ବାହାରି ପଡ଼ନ୍ତି ! 'Broad mindedness' ଓ "ବସୁଧୈବକୁଟୁମ୍ବକଂ" ନୀତିର ଜ୍ୱଳନ୍ତ ଉଦାହରଣ ଏହା ! ସାବାସ୍ ଓଡ଼ିଶା !! ସାବାସ୍ ଓଡ଼ିଆ !!—'ଜଣେ ସଙ୍କୀର୍ଣ୍ଣମନା'

(ଚିଠିପତ୍ର – ପୂର୍ବ ପୃଷ୍ଠା ପରଠାରୁ ।)

## ପ୍ରଗତି—ସପ୍ତଦଶ ସଂଖ୍ୟା

ଶ୍ରୀ କୁବେର ଦଳାଇଙ୍କର 'ଅନ୍ଧ ଭଗବାନ' ପଦ୍ୟଟି ଭଲ ହୋଇଛି । ସର୍ବହରା ଦରିଦ୍ରର ଦୁଃଖ ଦେଖି କବି ଭଗବାନଙ୍କ ପ୍ରତି ଅଭିମାନ କରିଛନ୍ତି ।

ଚିଜ—ଗଳ୍ପ—ଶ୍ରୀ ଚନ୍ଦ୍ରମଣି ଦାସ । ସରଳ, ତରଳ ଭାଷା ବନାଇ ବାରେ ଚନ୍ଦ୍ରମଣି ବାବୁଙ୍କର ହାତସଫେଇ ଅଛି । ଏହି ଗଳ୍ପରେ ସେ ସମାଜର ଗୋଟିଏ ସାଧାରଣ ଘଟଣା ନିର୍ଭୀକ ଭାବରେ ଦେଖାଇ ଦେଇଛନ୍ତି । ନିର୍ଯାତିତା ପତିତା ପାଇଁ ଲେଖକଙ୍କର ସମବେଦନା ପ୍ରତି ଛତ୍ରରେ ଫୁଟି ଉଠିଛି ।

ବାକି କବିତା 'ପ୍ରଗତିଶୀଳ'— ଏଣୁ ସମାଲୋଚନାର ବାହାରେ ।

## କୁତ୍‌କୁତ୍

ଜଣେ ଲୋକ ତାର ବନ୍ଧୁଠାକୁ ଆପଣାର ଦେହ ଅସୁଖ କଥା ଲେଖୁ ଲେଖୁ ଲେଖିଲା, "ଅସ୍ଥ କହୁଲ, ଏକା ସାଙ୍ଗରେ ଦାନ୍ତ ଦରଜ ଓ କାନ ଟଣାଠୁ ବଳି ଅଉ କ କଷ୍ଟ ଆଇପାରେ ।'

ତେଣୁ ଉତ୍ତର ଆସିଲା, "ଏକାବେଳକେ ନାଚିବା, ଗାଇବା ଓ ପାଟିକରିବା ଏହାଠୁ ବଳି କଷ୍ଟ ।"

Digitized by srujanika@gmail.com



## ନାଗବନ୍ଧୁଙ୍କ ଚିଠି

ପ୍ରିୟ ଅଜା

ମୁଁ ଜଣେ ବୁଢ଼ା । ଲୋକେ ଦେଖିଲେ କଦାପି ବିଶ୍ୱାସ କରିବେ ନାହିଁ । କାରଣ ଚପଯା ହଳକ ଖଣ୍ଡ ଦେଲେ, ବାକି ବୁଢ଼ାଙ୍କ ସହିତ ତୁଳନା କରିବାର ସାମଗ୍ରୀ ମୋଠାରେ କିଛି ନାହିଁ । କିନ୍ତୁ ଆମ ଘରେ ସମସ୍ତେ ଡାକନ୍ତି "ବୁଢ଼ା" ବୋଲି ।

ବିଶେଷତଃ ଆମ ଦେଶରେ ଜଣକ ନାଁ ସହିତ ଅନ୍ୟ ଜଣକ ନାଁ ମିଳିଗଲେ ସଙ୍ଗାତ ବସନ୍ତି । ଏହି ସଡ଼ିରୁ ବଜାୟ ରଖି ମୁଁ ମଧ୍ୟ ସବୁ ବୁଢ଼ାଙ୍କ ସଙ୍ଗେ ସଙ୍ଗାତ ବସିଗଲି । ଖାଲିତ ସଙ୍ଗାତ ବସିଲେ ଚଳିବ ନାହିଁ, ବେଳ ପଡ଼ିଲେ ତାଙ୍କୁ ସାହାଯ୍ୟ କରିବାକୁ ହେବ । ନୋହିଲେ ଯେବେ ବନ୍ଧୁ କାଟି ଦଅନ୍ତି ତେବେ ନାଗିର । ଯାହାହେଉ ସାହାଯ୍ୟ କରିବା-ପାଇଁ ଗୋଟାଏ ସାମଗ୍ରୀ ଆସି ପହଞ୍ଚି ଗଲା । ଦେଖିଲି, ତା ୧ । ୭ । ୩୮ ସଂଖ୍ୟାର ଡଗରରେ "ଆମ ଅଜା" (ନାଗବନ୍ଧୁ ବିଭାଗ) ନାମକ Articleରେ ଲେଖା ହୋଇଛି, "ମସ୍ତା, ମଜଲିସ୍, ରଂଗରସ, କୌତୁକ, ଥଟ୍ଟା, ନକଲ ବୁଢ଼ାଙ୍କୁ ଭଲ ଲାଗେନା——।"

ଏହା ଯେ ସଙ୍ଗାତମାନଙ୍କ ପକ୍ଷରେ ଘୋର ଅପମାନ । ଭୟ ହେଲା, କାଳେ ଯଦି କେହି, ଏହା ସହ୍ୟ କରି ନପାରି ଦୁବ ଗଛରେ ଦଉଡ଼ି ଦିଅନ୍ତି, ତେବେ ମୋ ସଙ୍ଗାତ ସଂଖ୍ୟା କିଲ୍‌କିଲ୍ କମିଯିବ । ଆଉ ଡେରି ନୁହେଁ । ଏଥର ସଙ୍ଗାତ ପ୍ରେମ ଉଛୁଳି ପଡ଼ିଲା, କଲମ ମଧ୍ୟ ସହାନୁଭୂତି ଦେଖାଇ ଧାଇଁଲା ।

ଜଣା ପଡୁଛି "ଆମ ଅଜା" Articleରୁ ଯେ ଲେଖିଛନ୍ତି ସେ କୌଣସି ବୁଢ଼ାଙ୍କ ସହିତ କେବେ ହେଲେ ମିଳା ମିଶା କରି ନାହାନ୍ତି । ସାଧାରଣତଃ ଅଜାମାନେ ନାତି, ନାତୁଣୀ-ମାନଙ୍କ ସହ ପ୍ରଥମେ ଥଟ୍ଟା ତାମସା ଆରମ୍ଭ କରନ୍ତି ଏବଂ ଛୋଟ ଛୋଟ ନାତି ନାତୁଣୀ-ମାନଙ୍କୁ କିପରି ଥଟ୍ଟା ତାମସା କରିବାକୁ ହୁଏ ସେ ସମ୍ବନ୍ଧରେ ତାଲିମ୍ କରନ୍ତି । ଏହି ସୁଖକୁ ଅଧିକ ବୃଦ୍ଧି କରିବା ପାଇଁ କେହି କେହି ସାହି ଭାଇରୁ ଅନେକଙ୍କୁ ନାତି, ନାତୁଣୀ ହିସାବ କରି ନେଇଥାନ୍ତି ।

ସଂସାରରେ ରଂଗରସ ପ୍ରିୟ ବୁଢ଼ା ଅନେକ ଦେଖିବାକୁ ମିଳିବେ । ଯଦି ହିସାବ ଦେବାକୁ ପାଏଁ ତେବେ ଏହା "ଡଗର" ଅଫିସ ପାହାଚ ଠାରୁ ଆରମ୍ଭ କରି ଏକା ଥରକେ "ଝାଝା"ର ଲୁହା କାରଖାନା ପର୍ଯ୍ୟନ୍ତ ଲମ୍ବି-ଯିବ । ତେବେ ଠିକେ, ଠିକେ, ଗୋଟାଏ ଅଧେପ୍ରସିଦ୍ଧ ବୁଢ଼ାଙ୍କ ନାଁ ଦେବା ଦରକାର ।

ପୁରୁଣା ଯୁଗ ଆଡ଼ୁ ଆରମ୍ଭ କରି ଆସିଲେ ଉପେନ୍ଦ୍ରଭଞ୍ଜ ଓ ଯଦୁ ମଣିଙ୍କ ଉପରେ ହଠାତ୍ ନଜର ପଡ଼ିଯିବ । ତା'ପରେ ନୂଆ ଯୁଗରେ, ପହଞ୍ଚିବାକୁ ଭାଷାକୋଷ ଲେନର 'ପାଲକୋଷ' ଲେଖକ ବୁଢ଼ା ପ୍ରହରାଜଙ୍କ ଦୁଆରେ । ସେଠି ମନ ନ ମାନିଲେ ନାକ ସିଧା ବାଟ କଟେଇ-ବାକୁ ପଡ଼ିବ ବୁଢ଼ା ଯଦୁମଣି ମଙ୍ଗରାଜଙ୍କ ନିକଟକୁ । ଉଦାହରଣ ସ୍ୱରୂପ ଦେଖିବାକୁ ଗଲେ ଏହାଙ୍କ ଲେକ୍‌ଚରରେ ସମସ୍ତେ ପ୍ରାୟ ହସନ୍ତି । ଏଠିବି ଯଦି କେହି ନାକ ଟେକିଆଡ଼ନ୍ତି ତେବେ ଶ୍ରୀକ୍ଷେତ୍ର ଉପଲକ୍ଷେ ଜଗନ୍ନାଥ ରୋଡ଼ ଧରିବାକୁ ହେବ । ଏଠାରେ ଭେଟ ପଡ଼ିବେ ବୁଢ଼ା ମୋହନ ଗୋସ୍ୱାମୀ । ମସ୍ତା ଠୁ, ମଜଲିସ ଠୁ, ରଂଗରସ ଠାରୁ ଆରମ୍ଭ କରି ଥଟ୍ଟା, ନକଲ ପର୍ଯ୍ୟନ୍ତ ଏହାଙ୍କଠାରେ କେଉଁଟି ଅଭାବ?

ଏହି ରଥୀମାନେ ଥାଉଁ ଥାଉଁ ମୋର ସଙ୍ଗାତମାନଙ୍କୁ ଭଲରୂପେ ପରୀକ୍ଷା ନ କରି ଏପରି ଅଯଥା ଅପମାନ ଦେବା ଆଦୌ ଉଚିତ ନୁହେଁ । ସେମାନେ ଲଜ୍ଜାକୁ ଭୟ କରି ତାଙ୍କର ପାଳିଆ ପାଟି ଖୋଲନ୍ତୁ ବା ନ ଖୋଲନ୍ତୁ କିନ୍ତୁ ଏ ବହିଂଶ-ଦନ୍ତ-ବିଶିଷ୍ଟ ସଙ୍ଗାତ ତ ସେମାନଙ୍କ ପାଇଁ ପଦେ ଅଧେ କହିବ ? ଇତି ।

ବିନୋଦ ଓରଫ 'ବୁଢ଼ା' (୦୧୭ ନମ୍ବର)

ପ୍ରିୟ ଅଜା, 'ପ୍ରଗତିବାଦୀ' Speaks ପଦାଂଶର ।ଲେଖିକା ଶ୍ରୀମତୀ ଛବିଳା ଦେବୀ କିଏ ? ଏବଂ ସେ ବିବାହିତା କି ନା ? ତାଙ୍କର ପିଲା ଛୁଆ ହେଲେଣି କି ନା ? ଛବିଳା ଦେବୀଙ୍କ address ଟା ମୋତେ ଅନୁଗ୍ରହ କରି ଦେଇ ପାରିବେ କି ? ଲକ୍ଷ୍ମୀନାରାୟଣ (ନଂ୨୩)

ପ୍ରିୟ ଅଜା,

ଆପଣଙ୍କର କେତେ ନାତି ଆପଣଙ୍କୁ ଜଣାଇଛନ୍ତି ଯେ ସେମାନେ ଏସୋସିଏସନ୍ ଗଢ଼ି ଥିଏଟର କରିଥିଲେ ଇତ୍ୟାଦି । କିନ୍ତୁ ଆମେ କେତେଜଣ ଏଠାରେ 'କିଶଳୟ ସମିତି' ନାମରେ ଗୋଟାଏ ସମିତି ଗଢ଼ି ଅଛୁଁ । ସେଥିରେ ସାହିତ୍ୟ ସାଧନା, ଓଡ଼ିଶାର ଓ ଭାରତର ବଡ଼ ବଡ଼ ଲୋକମାନଙ୍କର ଜନ୍ମ ଓ ମୃତ୍ୟୁ ଦିବସ ପାଳନ, ବିଚ୍ଛିନ୍ନ ଉତ୍କଳକୁ ନୂତନ ଓଡ଼ିଶା ପ୍ରଦେଶରେ ମିଶାଇବାର ଆନ୍ଦୋଳନ ଇତ୍ୟାଦିର କାର୍ଯ୍ୟ ହୁଏ । ଗତ ଗ୍ରୀଷ୍ମ ଛୁଟିରେ ଆମ୍ଭମାନଙ୍କ ମଧ୍ୟରୁ କେତେକ ଓଡ଼ିଶାର ପ୍ରାକୃତିକ ଦୃଶ୍ୟ ଓ ଅନ୍ୟ ଦେଶର ଲୋକ ଦେଖିବା ପାଇଁ ବଣାଇ, ବାମଣ୍ଡା, ସମ୍ବଲ-ପୁର ପ୍ରଭୃତି ଅଞ୍ଚଳ ଯାଇଥିଲେ । ଆଉ କେତେ ଜଣ ମେଦିନୀପୁର ଯାଇ ସେଠାକାର ଓଡ଼ିଆ ମାନଙ୍କୁ ଏ ଓଡ଼ିଶାରେ ମିଶିବା ପାଇଁ ଆନ୍ଦୋଳନ ଚଳାଇବା ଓ ଓଡ଼ିଆ ଶିଖିବା ବିଷୟରେ ଅନେକ ବିଷୟ ବୁଝାଇ ଆସି ଅଛନ୍ତି ଓ ସେମାନଙ୍କର ଅବସ୍ଥା ଦେଖି ଆସିଅଛନ୍ତି । ଭଗବାନଙ୍କର ଦୟାରୁ ଆମର ଏ ସମିତିର ଉନ୍ନତି ହେଉ । ଏତିକି ଆମମାନଙ୍କର ପ୍ରାର୍ଥନା । ଆପଣ ଆଶୀର୍ବାଦ କରନ୍ତୁ ଯେପରି ଆମର ସମିତି ତାର ଉଦ୍ଦେଶ୍ୟ ସାଧନ କରୁ । ସମସ୍ତ ନାଗ-ବନ୍ଧୁ ଭାଇ ଭଉଣୀଙ୍କର ସହାନୁଭୂତି ଦେଖିଲେ ଖୁସୀ ହେବୁଁ । ସ୍ନେହର ନାତି 'ଗୁରୁ' ୬-ନଂ

ପ୍ରିୟ ଅଜା,

ପ୍ରଣାମ । ଗତ ୩ୟ ସଂଖ୍ୟା 'ଡଗର'ରେ ଆମ ମଂହୀ ଅପା ଆମକୁ ଜଣାଇ ଦେଲେ । "ଯେଉଁ ଫୁଲ ପାଇଁ ମୋ ଘରେ କଳି, ସେହି ଫୁଲ ଆଣି ଦେଇଛ ମାଳି ।" କିନ୍ତୁ ସେ ଫୁଲରେ ମୋର ମନ ମାନିଲା ନାହିଁ ।

ହଁ, ମାଳତି ଫୁଲ ଦେଇଗଲେ ଅଦୃଶ୍ୟରେ । ପୁରସ୍କାର ମଧ୍ୟ ନେଇଗଲେ ଅଦୃଶ୍ୟରେ । ଆମେ ଟିକିଏ ବୋଲି ଦେଖା ପାଇଲୁ ନାହିଁ ।

Digitized by srujanika@gmail.com

ପୁଣି କେବେ କେମିତି ଫୁଲ ମାଳ ଆଣି ଆମକୁ ଦେବେ ? ସୁତରାଂ ମାଳି ସଙ୍ଗରେ ଦେଖା ସାକ୍ଷାତ, ଚିହ୍ନା ପରିଚୟ ହେବା ନିହାତି ଦରକାର । ଯଦି ନିହାତି ଦେଖା ନ ହେଲେ ଖଣ୍ଡେ ଫଟୋରେ ଆପଣଙ୍କ ଜରିଆରେ ଦେଖା-ଦେଲେ ବୋଧହୁଏ ମାଳିଙ୍କର ଆପତ୍ତି ନଥିବ । କେଜାଣି ଥରେ ଯଦି ନାହିଁ କରିଦେବେ ତ ଆମର ଗୁହାରି ନାହିଁ ।

"ବଡ଼ ଲୋକକୁ ଉତ୍ତର ନାହିଁ ସ୍ୱର୍ଗକୁ ନିଶୁଣି ନାହିଁ ।" ଦେଖାଯାଉ ମନ୍ତ୍ରୀ ଅପା ଅନୁରୋଧଟା କେତେ ଦୂର ରଖୁଛନ୍ତି ? ମୋର ବିଶ୍ୱାସ ଏଥିରେ ଅନ୍ୟାନ୍ୟ ଭାଇ ଭଉଣୀ ଓ ଆପଣଙ୍କର ଆପତ୍ତି ନାହିଁ । ସମସ୍ତଙ୍କୁ ଏ ବିଷୟ-ରେ ଜଣାଇଲେ ଖୁସି ହେବି । ଆଜି ଏତିକି ।

ତମର ପ୍ରିୟ ନାତି 'ଦେବେନ୍ଦ୍ର' ( ୨ନଂ )

ପୂଜ୍ୟପାଦ ଅଜା,

ଡଗରରେ ପ୍ରକାଶିତ ହୋଇଥିବା ଆପଣଙ୍କ ଚିଠି ବାସ୍ତବିକ ମନରେ ଅପୂର୍ବ ଉତ୍ସାହ ଓ ଅସୀମ ପ୍ରେରଣା ଦେଲା । ସେଇ କଳିକତା ଓଡ଼ିଆ ପତ୍ର ପ୍ରେରକଙ୍କ ଭାଷାରେ ଓଡ଼ିଆ ଭାଇମାନେ ଯେ ଆମର କେତେ ଆଡେ ଛିଂଚୁଡ଼ି ହୋଇ ପଡ଼ିଛନ୍ତି ତାର ଠିକଣା ନାହିଁ । ଏଇ କଥା ଭାବିଲେ ମନକୁ କି ଦୁଃଖ ନ ଆସେ କି ! ବାସ୍ତବରେ ଆମର ଓଡ଼ିଆ ଭାଇ-ମାନେ ଓଡ଼ିଶା ବାହାରେ ବିଚ୍ଛିନ୍ନ ହୋଇ ଆମଠାରୁ ଦୂର, ଏଆଡ଼େ ବଙ୍ଗାଳିମାନଙ୍କ ଠାରୁ, ସେଆଡ଼େ ବିହାରୀଙ୍କ ଠାରୁ, ଅନ୍ୟ ଆଡେ ତେଲୁଗୁମାନଙ୍କ ଠାରୁ କିପରି ଯନ୍ତ୍ରଣା, ଅପମାନ ଓ ଲାଞ୍ଛନା ଭୋଗ କରୁଛନ୍ତି ତାହା ଶୁଣି ଶୁଣି, ପଢ଼ି ପଢ଼ି, କାନ ବଧିର ହୋଇ ଗଲାଣି । ଓଡ଼ିଶାରୁ ଚେନାଏ ଚେନାଏ ହୋଇ ଏ ଦେଶ ସେ ଦେଶରେ ଥିବାରୁ ଓଡ଼ିଆମାନେ କିପରି ଅକଥନୀୟ ଦୁଃଖ ଯନ୍ତ୍ରଣାରେ ପଚି ସଢ଼ି ମରୁଛନ୍ତି, ତାହା ଭାବିଲେ କେଉଁ ଓଡ଼ିଆ ମନରେ ଦୁଃଖ ଜାତ ନହୁଏ ?

ସେଇ ବିଚ୍ଛିନ୍ନ ଓଡ଼ିଆ ଅଂଚଳର ଓଡ଼ିଆ-ମାନଙ୍କୁ ଦୁଃଖ ଦୁର୍ଦ୍ଦଶା ଦୂର କରିବାରେ ସାହାଯ୍ୟ କରିବାକୁ ପ୍ରିୟ ନଂ୨ ନାଗବନ୍ଧୁ ଯେଉଁ ପ୍ରସ୍ତାବ କରିଛନ୍ତି ତାହା ବାସ୍ତବିକ ଏକ ସାଧୁ ଉଦ୍ୟମ ଓ ସେଥିପାଇଁ ସେ ପ୍ରଶଂସନୀୟ । ସେ ବିଷୟରେ ଆପଣଙ୍କ ମତ ସହିତ ମୁଁ ଏକମତ ନିଶ୍ଚୟ । ଆଶା କରେ ଅନ୍ୟ ନାଗ-ବନ୍ଧୁ ଭାଇମାନେ ଏ ପ୍ରସ୍ତାବରେ ଏକମତ ହୋଇ ସହଯୋଗ କରିବେ ଓ ଯଥାଶକ୍ତି ସାହାଯ୍ୟ କରିବେ । ଶୀଘ୍ର କାମ ଆରମ୍ଭ କରିବା ଉଚିତ । ମୋର ପ୍ରଣାମ ଗ୍ରହଣ କରିବେ ।

ଆପଣଙ୍କ ସ୍ନେହର ନାତି
ସୂର୍ଯ୍ୟକାନ୍ତ ଦାସ । ନଂ ୧ ନାଗବନ୍ଧୁ

ପ୍ରିୟ ଅଜା,

ଗତ ସଂଖ୍ୟା 'ଡଗର' ମାନଙ୍କରେ ପ୍ରକାଶିତ କଲିକତା ପ୍ରବାସୀ ଓଡ଼ିଆର ଚିଠି ଆଉ ବିଚ୍ଛିନ୍ନ ଉତ୍କଳର ଜଣାଣୀ ଆଦି ପଢ଼ିଛି । ତାପରେ ନାଗବନ୍ଧୁ ସ୍ତମ୍ଭରେ ଆପଣଙ୍କର ମନ୍ତବ୍ୟ ଇତ୍ୟାଦି ପଢ଼ିଛି । ଆପଣ ବିଚ୍ଛିନ୍ନ ଉତ୍କଳ ପାଇଁ ଓ କଲି-କତା ପ୍ରବାସୀ ଉତ୍କଳୀୟ ଭାଇମାନଙ୍କ ପାଇଁ ଗୋଟିଏ " ନାଗବନ୍ଧୁ ପାଣ୍ଠି " ସଂଗ୍ରହ କରିବା ପାଇଁ ଆମମାନଙ୍କୁ ଆଦେଶ ପ୍ରଦାନ କରିଛନ୍ତି, ଭଲ କଥା । ମାତ୍ର ଆମେମାନେ ତାହା କିପରି ଭାବରେ ସଂଗ୍ରହ କରିବୁ ତାହାର ବିଶଦ ବିବ-ରଣ ଅନୁଗ୍ରହ ପୂର୍ବକ ଡଗରରେ ଛାପିଲେ ବିଶେଷ ଉପକୃତ ହେବୁଁ । ଇତି ।

ସ୍ନେହର ନାଗବନ୍ଧୁ ୧୨ ନମ୍ବର

## ଅଜାଙ୍କ ଜବାବ୍ ।

୫୭ ନମ୍ବର—ମନ୍ତ୍ରୀ ଅପା ଯେମିତି ବର୍ଣ୍ଣନା କରିଛନ୍ତି ଅଜା ତମର ଠିକ୍ ସେମିତି । ନହି ନହିକା ହେଲେ କ'ଣ ହବ ବାଲେଶ୍ୱର ଜିଲ୍ଲାର ମେଲେରିଆ ହାଉଆରେ ଅଜା ଦେଖି-ବାକୁ ୫ ମାସର ଗର୍ଭିଣୀ ଛେଳି ପରି । ଆଉ ଆଧୁନିକ ଅଜା ମରହଟ୍ଟୀ ବୁଢ଼ୀ ଆଣିକି ରସି-ବାର କାରଣ ହେଉଛି—ଆମ ଦୁହିଁଙ୍କ ପ୍ରେମଟାହିଁ ଆଧୁନିକ ଓ ପୁରାତନ ଏଇ ଦୁଇ ବିରୋଧି ବସ୍ତୁ ଭିତରେ ଏକମାତ୍ର ସଂଲଗ୍ନ ସୂତ୍ର ।

୫ ନଂ ନାତି—ମୋ କଥା ଅନୁସାରେ କାମ କରିଛ ଶୁଣି ରସଗୋଲା ଖିଆ ଠାରୁ ସୁଖ ମୋର ଅଧିକ ବଳିଗଲା । ଏଣିକି ସବୁ ଚିଠିରେ ସେମିତି କରିବ । ତମେ ସ୍ୱଦେଶୀ ନାଉରୀ ସାଜିଥିଲ ଶୁଣି ଖୁସି ହେଲି । ସାମ୍ୟବାଦ ଯୁଗରେ ଲିଙ୍ଗ ବଚନ ସବୁ ଉଠି ଯାଉଛି ଯେ ?

୧, ୨, ୩ ୧୦ ଓ ୧୨—ବିଚ୍ଛିନ୍ନ ଓଡ଼ିଶାର ଓଡ଼ିଆଙ୍କ ପାଇଁ ତମ ଓଡ଼ିଆ ପ୍ରାଣ କାନ୍ଦିଛି—ଏହା କମ୍ କଥା ନୁହେଁ । କିନ୍ତୁ କାନ୍ଦିଲେ ଲାଭ ନାହିଁ । କାମ କଲେ ମୁଁ ଆହୁରି ଖୁସି ହେବି । ଓଡ଼ିଆ ନାଗ ଛୁଆଙ୍କ ରକ୍ତ କେଡ଼େ ତେଜ ଥରେ ଦେଖାଇ ଦିଅ ଭଲା ! ପାଣ୍ଠି ସଂଗ୍ରହ କଥା ଆରଥର କହିବି ।

୧୧୭ ନଂ ନାତି—ତମ ପାଠ ବହି ଖୋଲି ଦେଖ, ଲେଖାଥିବ—ନୁହେଁ ବୃଦ୍ଧ ସେହି ଜନ ଶୁକ୍ଳ କେଶ ଅଛେ ଯାର ଶିର—ଯୌବନେ ଯେ ଜ୍ଞାନେରତ ହେବେ ତାକୁ ବୋଲନ୍ତି ସ୍ଥବିର । ତମ ଅଜା ଟୋକା ସତ, କିନ୍ତୁ ଭାରି ଜ୍ଞାନୀ । ତାଙ୍କ ଜ୍ଞାନକୁ କାତି ପାଇବ ନାହିଁ—ଅଥଳ । ସେଥିପାଇଁ ସେ ଟୋକା ହୋଇ ବି ବୁଢ଼ା । ତେଣୁ ଟୋକାଙ୍କ ସାଙ୍ଗରେ ଟୋକା—ପିଲାଙ୍କ ସାଙ୍ଗରେ ପିଲା । ଆଉ ତମ ସାଙ୍ଗରେ ବୁଢ଼ା ।

ବୁଢ଼ାମାନେ ରଙ୍ଗ ରସକୁ ଭଲ ନପାଇବା କହିବା ମନ୍ତ୍ରୀ ଅପାଙ୍କର ଭୁଲ ବୋଲି ମୁଁ ବି ମାନିବି । ସେ ଯାହା ହେଉ ମୁଁ ଯେ ଟୋକା ଆଉ ତା ସାଙ୍ଗେ ସାଙ୍ଗେ ବୁଢ଼ା ବି ତଥା ପିଲା ମଧ୍ୟ ସେଥିରେ ସନ୍ଦେହ ନାହିଁ ।

୭୩ ନଂ ନାତି—ଛବିଲା ଦାସଙ୍କର ପତ୍ନୀ ଛବିଲା ଦେଈ । ଘର ଆକାଶ-ନଗର, ପିଲା-ଙ୍କର ନାମ ମେଘ, ବିଜୁଳି, ପବନ, ସୂର୍ଯ୍ୟ, ଚନ୍ଦ୍ର, ତାରା ପ୍ରଭୃତି । ଯେହେତୁ ସେ ବିବାହିତା ତମ ପରି ଅବିବାହିତ ଯୁବକର ଆଉ ତାଙ୍କ ବିଷୟରେ ତତ୍ତ୍ୱ ନେବା କି ଦରକାର ?

୬୮ ନଂ ନାତି—ତମ ଚିଠିଟି ପଢ଼ି ମୋର ଏତେ ଆନନ୍ଦ ହେଲା ଯେ ସତ କହୁଛି, ମୁଁ ଆନନ୍ଦରେ କାନ୍ଦି ପକାଇଲି । ମୋର ଏଇ ଦୁର୍ବଳ ଦେହରେ, କ୍ଷୀଣ କଣ୍ଠରେ ଯେଉଁ ପଦ୍ମ-ତୋଳା, ସେ ଏତେ କାମ କରିଛି ଜାଣି ଗର୍ବ ବି ହେଲା । ଆଶୀର୍ବାଦ ଭଗବାନ କରିବେ—ସ୍ୱର୍ଗତ ଗୋପବନ୍ଧୁ ମଧୁସୂଦନ କରିବେ—ତମେ ଆଗେଇ ଯାଅ—ପଛକୁ ଚାହଁ ନାହିଁ—ସାଙ୍ଗକୁ ଅପେକ୍ଷା କର ନାହିଁ । ଏ ଓଡ଼ିଶାର ଡାକ—ତମ ମାଆର ଡାକ ।

୨ ନମ୍ବର ନାତି—ଅପାଙ୍କ ଛବି ନିକଟରେ ଡଗରରେ ବାହାରିବ । ଧୈର୍ଯ୍ୟ ଧର ।

## ନୂଆ ନାଗବନ୍ଧୁଙ୍କ ନାମ ।

୧୦୨ । କାଙ୍ଗାଳି ଚରଣ ପଣ୍ଡା, ନାରାୟଣ ପୁର ସାହି, ପୋ: କେଉଁଝର ଗଡ଼ । ୧୦୩ । ଶ୍ରୀ ଗୁରୁ ଚରଣ ପରିଜା, ତେନ୍ତୁଳିପଦା, ପୋ: ଛରତୋଲ କଟକ । ୧୦୪ । ବନ୍ଦନା ଦେବୀ, C/o ତ୍ରିପାଠୀ ଗାର୍ଡ଼, ଟାଟା ନଗର । ୧୦୫ । ଭୂପତିଭୂଷଣ ଦାସ, କମର୍ଦ୍ଦା ଉ: ପ୍ରା: ସ୍କୁଲ, ପୋ: କମର୍ଦ୍ଦା, ବାଲେଶ୍ୱର । ୧୦୬ । କୁମାରୀ ଶଶିମଣି ଦେବୀ, C/o ଜଗଦୀଶ ଭଞ୍ଜ, ବାରିପଦା । ୧୦୭ । ସୁରେନ୍ଦ୍ର ମୋହନ ପଣ୍ଡା, ନବମ ଶ୍ରେଣୀ ହାଇ-ସ୍କୁଲ, ବାରିପଦା । (କ୍ରମାନ୍ୱୟେ ବାହାରିବ)

Digitized by srujanika@gmail.com

# ଓଡ଼ିଶାର
# ପ୍ର-ପ୍ରଧାନ ମଂତ୍ରୀ

**ଶ୍ରୀଯୁକ୍ତ ଲାଲମୋହନ ପଟ୍ଟନାୟକ ନିର୍ବାଚିତ ହେଲେ ।**

**୪ ଗୋଟି ଭୋଟ ପାଇଁ ଶ୍ରୀଯୁକ୍ତ ରାଧାନାଥ ରଥ ଚିତ୍‌ପଟାଙ୍ଗ୍**

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଓ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କ ଅମାନତ ଜବତ ଗଲା ।

ଭଦ୍ରକ ତା ୨୬-୭-୩୮

ଆଜ ଦିବା ୨ଘଣ୍ଟା ସମୟରେ ଭଦ୍ରକ ଡଗର ଅଫିସରେ ଓଡ଼ିଶା ପ୍ର-ପ୍ରଧାନ ମନ୍ତ୍ରୀ ନିର୍ବାଚନର ଭୋଟ ବା ମତ ଗଣା ହୋଇ ନିମ୍ନଲିଖିତ ଫଳ ଜଣା ପଡ଼ିଛି ।

| | |
|---|---|
| ଶ୍ରୀଯୁକ୍ତ ଲାଲମୋହନ ପଟ୍ଟନାୟକ— | ୫୮ |
| ଶ୍ରୀଯୁକ୍ତ ରାଧାନାଥ ରଥ— | ୫୪ |
| ଶ୍ରୀଯୁକ୍ତ ଭଗିରଥୀ ମହାପାତ୍ର— | ୨୯ |
| ଶ୍ରୀଯୁକ୍ତ ଲିଙ୍ଗରାଜ ମିଶ୍ର— | ୧୬ |
| ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ— | ୫ |
| ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ— | ୨ |
| ମୋଟ | ୧୫୫ |

## କୁପନ ନମ୍ବର

(ନିମ୍ନଲିଖିତ ନମ୍ବରମାନ ମିଳିଥିଲା)

୨୬, ୩୪, ୩୯, ୨୦୭, ୨୦୮, ୩୦୩, ୩୦୯, ୩୧୫, ୩୧୬, ୩୨୫, ୪୫୪, ୪୫୫, ୪୫୬, ୪୫୭, ୪୫୮, ୪୭୨, ୪୭୨, ୪୭୮, ୫୧୭, ୫୩୦, ୮୭୬, ୮୭୭, ୧୦୫୦, ୧୦୫୯, ୧୨୩୭, ୧୪୧୨, ୧୪୬୯, ୧୫୨୭, ୧୫୨୯, ୧୫୪୭, ୧୫୪୮, ୧୫୪୯, ୧୫୫୦, ୧୫୬୫, ୧୫୭୭, ୧୫୯୧, ୧୫୯୨, ୧୫୯୫, ୧୫୯୬, ୧୬୦୪, ୧୭୫୬, ୧୭୭୯, ୧୮୬୩, ୨୦୩୨, ୨୧୫୭, ୨୩୨୯, ୨୪୧୬, ୨୪୧୮, ୨୫୧୫, ୨୫୧୬, ୨୫୧୭, ୨୫୨୮, ୨୫୨୯, ୨୫୩୦, ୨୫୩୧, ୨୫୩୨, ୨୫୩୩, ୨୫୩୪, ୨୫୩୫, ୨୫୪୦, ୨୫୪୩, ୨୫୮୯, ୨୫୯୦, ୨୬୩୬, ୨୬୬୩, ୨୭୧୫, ୨୭୪୬, ୨୭୮୭, ୨୮୧୧, ୨୮୫୯, ୨୮୬୨, ୨୮୬୫, ୨୮୬୯, ୨୮୭୨, ୨୮୭୩, ୨୮୭୪, ୨୮୮୧, ୨୯୦୦, ୨୯୦୧, ୨୯୩୪, ୨୯୫୮, ୨୯୭୮, ୨୯୯୧, ୩୦୦୧, ୩୧୭୫, ୩୧୮୧, ୩୨୯୬, ୩୩୦୦, ୩୩୦୧, ୩୩୦୨, ୩୩୦୪, ୩୩୪୨, ୩୩୪୫, ୩୩୪୮, ୩୩୬୯, ୩୩୬୪, ୩୩୬୫, ୩୩୬୬, ୩୩୬୭, ୩୩୮୩, ୩୩୯୧, ୩୩୯୯, ୩୪୦୦, ୩୪୧୦, ୩୪୩୫, ୩୪୪୧, ୩୪୪୩, ୩୪୪୪, ୩୪୪୮, ୩୫୪୬, ୩୫୫୨, ୩୫୫୩, ୩୫୫୪, ୩୫୫୫, ୩୫୫୬, ୩୫୫୭, ୩୫୫୮, ୩୫୫୯, ୩୫୬୦, ୩୫୬୧, ୩୫୬୨, ୩୫୬୩, ୩୫୭୨, ୩୬୩୩, ୩୬୩୮, ୩୬୫୬, ୩୬୬୬, ୩୬୭୨, ୩୬୭୩, ୩୮୦୬, ୩୮୧୧, ୩୮୧୯, ୩୮୭୭, ୩୮୯୬, ୪୦୨୩, ୪୦୩୬, ୪୦୪୦, ୪୦୪୮, ୪୦୪୯, ୪୩୧୪, ୪୪୫୨, ୪୪୫୩, ୪୪୮୪, ୪୪୮୫, ୪୪୯୨, ୪୪୯୬, ୪୪୯୭, ୪୪୯୮, ୪୫୦୧ ।

( ଅନ୍ୟାନ୍ୟ ଛ ଜଣ ନାମ ପଠାଇଛନ୍ତି । ସେମାନଙ୍କ ଅନୁମତି ପାଇଲେ ତାହା ପ୍ରକାଶ କରିପାରୁଁ )

ଯେଉଁ ୫୮ ଜଣଙ୍କର କୁପନରେ ଲାଲମୋହନ ପଟ୍ଟନାୟକ ଲେଖାଥିବ ସେମାନେ ଦସ୍ତଖତ କୁପନ ନମ୍ବର ସହ ନାମ ଓ ଠିକଣା ପଠାଇଲେ ଆମ୍ଭେମାନେ ସେମାନଙ୍କ ପାଖକୁ ପୁରସ୍କାର ପଠାଇ ଦେବୁଁ । ମୋଟରେ ଆମ୍ଭେମାନେ ଟ ୩୮୍ୟ ଅଛୁଁ । ତାହାକୁ ୫୮ ଜଣଙ୍କ ଭିତରେ ବାଣ୍ଟି ଦିଆଯିବ । ପ୍ରତ୍ୟେକ ଟ ୦୍ୟ୬ ଲେଖାଏ ପାଇବେ ।

# ବିଜ୍ଞାପନ

**ଅତି ଜରୁରି ! ଅତି ଜରୁରି !!**

ଜଣେ ମୃତଦାର, ଅତ୍ୟୁଚ୍ଚପଦସ୍ଥ, ରାଜକର୍ମଚାରୀଙ୍କ ପାଇଁ ସହବାସିନୀ, ସହଯୋଗିନୀ ସେବିକା ଆବଶ୍ୟକ । ଆବେଦନ କାରିଣୀ, ପରଦା ବାରିଣୀ ଓ ଖଦଡ଼ ଧାରିଣୀ ହୋଇଥିବେ ।

ଅସବର୍ଣ୍ଣା ବା ମୃତ-ପତିକା ହେଲେ ବାଧା ନାହିଁ । (ଗୃହ ଓ ଗୃହୀ କର୍ମ ଜାଣିଥିବେ ) ଯୋଗ୍ୟତାନୁଯାୟୀ ବେତନ ଓ ଭତ୍ତା । (ବର୍ତ୍ତମାନ ପ୍ରୋବେସନ କରିବେ) ପ୍ରକାଶ ଥାଉକି—

କର୍ତ୍ତା କୃଶ, ଶିଥିଳ ଓ ଦନ୍ତହୀନ ହେଲେ ମଧ୍ୟ, **କାୟା କଳ୍ପଯୋଗ** କରୁଥିବାରୁ ଅତି ଶୀଘ୍ର ନବଯୌବନ ଲଭିବା ନିଶ୍ଚିତ ।

ସତ୍ୱରରେ ଦରଖାସ୍ତ କରନ୍ତୁ

ଠିକଣା—ଦାନଦଣ୍ଡା ନର୍ସିଂ ହୋମ୍

# ପ୍ରାଇଭେଟ୍

(ଖବରଦାର ! ଓଲଗାଙ୍କ ପାଠକେ ଏହାକୁ ପଢ଼ିବେ ନାହିଁ— କାରଣ ଏ ଗୁପ୍ତ କଥାମାନ ପ୍ରକାଶ ହୋଇପଡ଼ିବା ଉଚିତ ନୁହେଁ । ଯାହାଙ୍କ ପେଟରେ କଥା ଲୁଚେ ନା, ତାଙ୍କୁ ସାବଧାନ କରି ଦେଉଛୁଁ । କେବଳ ଘୁମା ଶ୍ରେଣୀ ଲୋକେ ପଢ଼ି ପାରନ୍ତି ।)

ମି: ଜିନ୍ନାଙ୍କୁ ମହାତ୍ମା ଗାନ୍ଧି ଶ୍ରୀ ଜିନ୍ନା ବୋଲି ଲେଖିଥିବାରୁ ତାର ପ୍ରତିଶୋଧ ନେବାପାଇଁ ଜିନ୍ନା ସାହେବ ଗାନ୍ଧୀଙ୍କୁ ମୌଲନା ଗାନ୍ଧି ବୋଲି ସମ୍ବୋଧନ କରିବାର ସ୍ଥିର କରିଛନ୍ତି ।

\+ × +

ପଣ୍ଡିତ ଜହରଲାଲ ୫୦ ବର୍ଷ ବୟସରେ ଭାରତୀୟ ଯୁବାଦଳର ପ୍ରତିନିଧି ବୋଲି ନିଜକୁ ବୋଲାଉଥିବାରୁ, ୪୦ ବର୍ଷୀୟା କେତେକ ଦଳିତ ଯୁବତୀ ତାଙ୍କଠାକୁ ବିବାହ ପ୍ରସ୍ତାବ ପଠାଇ ଅଛନ୍ତି ।

× + +

ଲଟ ହୁଟକ ସାହେବ ଲେଡିଙ୍କରେ କନ୍ୟାଙ୍କୁ ଗୃହ ଟେଙ୍କିବାର ଗୁଜବ ଶୁଣି ପାଗଳା ଖଣ୍ଡେ ନୈଧୁରାମ ଉଡ଼ାଜାହାଜର ଅର୍ଡର ଦେଲେଣି ।

\+ + +

ମନ୍ତ୍ରୀତ୍ୱ ପରେ ବିଶ୍ୱନାଥ ଦାସ ମହାଶୟ ଭେକ ଭେକନ ଶ୍ରୀକ୍ଷେତ୍ର ବାସ କରିବେ ଓ ସେକ୍ରେଟେରିଏଟ୍‌ରୁ ମଠ ଆଇନ ପାସ୍ ହୋଇ ସାରିଥିଲେ, ସେ ଇମାର ବା ଜଉର ପାର୍ଶ୍ୱର ମହନ୍ତ ହୋଇ ରହିବାର ଗୁଜବ ।

\+ + +

ସୁଭାଷ ବୋଷ ନିଜକୁ ଓଡ଼ିଆ ବୋଲି କହିବା ଦିନଠୁଁ, କେତେଜଣ ଓଡ଼ିଆ କନ୍ୟାପିତା ତାଙ୍କଠାରୁ ଦରଖାସ୍ତ କଲେଣି ତାହାର ସଂଖ୍ୟା କହିବାକୁ ସେ ନାରାଜ ।

\+ + ×

ଜୀବନ ଯାଉ କଥା ଭୁହା ବେଉସା କରି ସ୍ତ୍ରିକର ( କଥକ ) ମୁକୁନ୍ଦ ଚାରୁ ଏଣିକି ମୌନବ୍ରତ ଅବଲମ୍ବନ କରି ଅଶ୍ରମରେ ତପସ୍ୟା କରିବାର ସ୍ଥିର କରିଛନ୍ତି ।

Digitized by srujanika@gmail.com




# ଖବର ଅନ୍ତର

ନୀଳଗିରି ରାଜ୍ୟର ପାଣ୍ଡନା ଗ୍ରାମ ଠାରେ ୫୦୦ ପ୍ରଜା ପଲିଟିକେଲ ଏଜେଣ୍ଟଙ୍କ ସାମନାରେ ନୀଳଗିରି ବନ୍ଦନା ଗାଉଥିଲେ ।—

ଅହେ ନୀଳଗିରି
ତମ ଶ୍ରୀଭୁଜ ଦମ୍ପୁଣା କେଉଁ କେଉଁ ।

ଓଡ଼ିଶା ବ୍ୟବସ୍ଥାପକ ସଭା ଅଗଷ୍ଟ ୨୯ ରେ ବସିବାର କଥା । ଯାଉ ଶ୍ରାବଣ ଅନ୍ତେ ରେଭେନ୍ସା କଲେଜ ହଲରେ ମେଘ ଗର୍ଜିବ ସତ —କିନ୍ତୁ ବର୍ଷିବ ନା ?

କଟକ ରେଭେନ୍ସା କଲେଜର ଅଙ୍କ ଅଧ୍ୟାପକ ଶ୍ରୀଯୁକ୍ତ ଏନ୍ ମିଶ୍ର ଓ ବାବୁ ଏଇଚ, ମହାପାତ୍ର ନିଯୁକ୍ତ ହେଲେ ।...

ଦେଶ୍ ମହାଦେବଙ୍କର, ଗାନ୍ଧି ସଦ୍‌ଦେବଙ୍କର ନନ୍ଦୀରେ ଯଦି ବଳଦ ପର କାହାରି ହେଲ ନାହିଁ ।...

କେଉଁଝର ରାଜ୍ୟରେ କେତେକ କର୍ମୀଙ୍କୁ ଗିରଫ କରି ଯାଇଛି ।

ନୀଳଗିରିଙ୍କ ରେଗ ଉଡ଼ିଲା ।...

ଓଡ଼ିଶା ସରକାର ପୁଲିସ ନ ଦେବାରୁ ନୀଳଗିରି ରାଜନ ମୟୂର ଭଞ୍ଜ ଫଉଜ ମଗାଇଛନ୍ତି ।

ସେହି ତ ସ୍ୱଭାବ ଯାହିଁ ଭାଇ ୨ ଅଦର ।...

ବାବୁ ଦିବ୍ୟସିଂହ ପାଣିଗ୍ରାହୀ ତାଙ୍କର ୪୦ ବର୍ଷିୟା ବିଧବା ଶାଳୀର ପାଣି ଗ୍ରହଣ କରିଅଛନ୍ତି ବୋଲି ଶୁଣାଯାଏ ।

ହେଲେ ଅତୀତକଣ ? ପାଣିଗ୍ରାହୀ ଯେ !...

୨୭ ତାରିଖ ଦିନ ଓଡ଼ିଶାର ସ୍ୱରଅଟେ ଏବଂ କଲିକତାରେ ମଧ୍ୟ ନୀଳଗିରି ରାଜାଙ୍କର ଅତ୍ୟାଚାରର ପ୍ରତିବାଦ ସ୍ୱରୂପ ନୀଳଗିରି ଦିବସ ପାଳିତ ହୋଇଛି ଓ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ ବୈଠକ ତାହାର ନୀଳଗିରିର ପ୍ରଜାମାନଙ୍କ ଅହିଂସା ଆନ୍ଦୋଳନପ୍ରତି ସହାନୁଭୂତି ଜଣାଇଛନ୍ତି ।

କିଏ ଦେଇଲ ତୋଳାଇ ନାମ କରେ ତ ଅଜି କିଏ କଣ କରୁ ଛି ?

ପ୍ରଧାନ ମନ୍ତ୍ରୀ ସାମୟିକ ଅବସର ନେବା ନର୍ସିଙ୍ଗ ପ୍ରତିଜ୍ଞା ଦ୍ୱାରା ତଦ୍ବିସ୍ତୃତ ତାଙ୍କ କରୁଛନ୍ତି । କାହିଁ କଲ୍ପ ନୁହେଁ ? ଦାନ୍ତ ଉଠିବ ଟି ?

ବମ୍ବେ ସରକାରଙ୍କର ନିଶା ନିବାରଣ ଅହମଦାବାଦରେ ଆରମ୍ଭ ହୋଇଛି ।

ବର୍ଷା ଦିନଟାରେ ମଦୁଆ ଗୁଡ଼ାକ ନିର୍ଜଳା ରହିବେ ?

ଜୟପୁର ଦରବାର ଓ ଶିକାର ପ୍ରଜାଙ୍କ ଭିତରେ ଗୋଲମାଲ ଚୁଟି ଯାଇଛି ।

ରାଜା ଅଜି ପ୍ରଜାଙ୍କୁ ଶିକାର କରିବେ ନାହିଁ ଓ ପ୍ରଜା ରାଜାଙ୍କୁ ସ୍ୱୀକାର କରିବେ ।

ସୀମାନ୍ତ ପ୍ରଦେଶରେ ଦମନ ଆଇନ ନିରୋଧ ବିଲକୁ ଲାଟ ସାହେବ ତାଙ୍କ ବିଶେଷ କ୍ଷମତାରେ ନାମଞ୍ଜୁର କରିଛନ୍ତି ।

ଶାସନ ହାତରେ ଦଣ୍ଡ ନ ରହିଲେ ବାପୁଙ୍କ ମନ୍ତ୍ରୀ ଭାର ବହିବ କିପରି !

ସୀମାନ୍ତ କଂଗ୍ରେସମନ୍ତ୍ରୀ ପ୍ରତ୍ୟେକ ଭୋଟରକୁ ଗୋଟାଏ ଗୋଟାଏ ରାଇଫ଼ଲ ବନ୍ଧୁକ ଦେବେ ।

ତା ଭିତରେ ଅହିଂସା ଗୁଳି କିପରି ଫୁଟିବ ସୀମାନ୍ତ ଗାନ୍ଧି ତାର ଆବିଷ୍କାରରେ ଲାଗିଛନ୍ତି ପରା ?

ଲାଟ ସଭାର ସଭ୍ୟପତିମାନେ ସଭା ଘରୁ ବାହାରି ଆସିବା ପରେ ପକ୍ଷପାତୀ ହେଲେ ଆପତ୍ତି ନାହିଁ ବୋଲି ଗାନ୍ଧିଜୀ କହିଛନ୍ତି ।

ନପୁଂସକ ( neutral ) ହେବା ନୀତିଟା ବଡ଼ ଖରାପ !

ତାଙ୍କ ସମୁଦି ରାଜଗୋପାଳଚାରୀ ତାଙ୍କ ଦେଖାଦେଖି କହିଲେ—ବିଚାରକ ( ଜଜ୍ ) ମାନଙ୍କର ନିରପେକ୍ଷ ହେବାର ପ୍ରୟୋଜନୀୟତା ନାହିଁ ।

ଓ ରେଜ୍ ସୁଜର୍ ଇସ୍ପା ।

ମହାତ୍ମାଜୀ କହିଛନ୍ତି ଯେ ଅହିଂସା ଦ୍ୱାରା ସବୁ ଅନ୍ଧାର ଦୂର ହୋଇଯିବ ।

କେବଳ ଅନ୍ଧାର ପକ୍ଷରେ ଅହିଂସା ବ୍ରତ କଲେ ତ ଚଳନ୍ତା ?

କଂଗ୍ରେସ ବିଷ୍ଣୁ ଫଣ ଗ୍ରହଣ କରିବ ବୋଲି ସେ ବଳାତରେ କାହାକୁ କହିନାହାନ୍ତି ବୋଲି ବୁଲାଭାଇ ଦେଶାଇ ସୁଭାଷଙ୍କୁ ଚିଠି ଦେଇ ଅଛନ୍ତି ।

ମା—ମା—ମୁଁ ମାଛ ଖାଇ ନାହିଁ ।

ମଧ୍ୟ ପ୍ରଦେଶରେ ଶୁକ୍ଳ ମନ୍ତ୍ରୀତ୍ୱ ସ୍ଥାପିତ ହୋଇଛି ।

ଅଜି କେଉଁଠି କୃଷ୍ଣ ରହିବ ନାହିଁ ।

ଇଂଲଣ୍ଡର ରାଜା ଫ୍ରାନ୍ସରେ ବୁଲି ଆସିଛନ୍ତି ଓ ଫ୍ରାନ୍ସ ସଭାପତି ଆସନ୍ତା ବର୍ଷ ଆରମ୍ଭରେ ଇଂଲଣ୍ଡ ବୁଲି ଆସିବେ ।

ଜର୍ମାନୀର ଦେଖି ଇଟାଲିର ଦେଖି
ଫରକ ଉଠିଲା ଡ଼ାହାଣ ଆଖି ।

ସ୍ୱଡ଼େଟେନ ଜର୍ମାନ ଓ ଚେକୋସ୍ଲୋଭାକିଆର ମଧ୍ୟସ୍ଥ କରି ଇଂଲଣ୍ଡ ରୁନ୍‌ସିମେନଙ୍କୁ ପଠାଇ ଅଛନ୍ତି ।

ବଲେଇଙ୍କ ପିଠା ଭାଗରେ ମାଙ୍କଡ଼ର ମଧ୍ୟସ୍ଥତା କଥା ମନେ ଅଛି ନା ?

ଯୋଉ ଏଣ୍ଟ ସୈନ୍ୟମାନେ ମାଞ୍ଚୁକୋ ଅଡ଼କୁ ଗତି କରୁଛନ୍ତି ।

ପ୍ରଗତି ।

ଜହରଲାଲ ଫ୍ରାନ୍ସରୁ ଚେକୋସ୍ଲୋଭାକିଆ ଗସ୍ତ କରିବେ ।

ପିଠିରେ ପର ଲାଗିଛି କି ?

---

## ଯଦି

ସ୍ୱରାଜ ଯଦି କାଲି ହୁଅନ୍ତା...
ଏତେ ରାଜ୍ୟ କାହିଁ ମିଳନ୍ତା । ×

ଯଦି ହିନ୍ଦୁ ମୁସଲମାନ ମିଳନ ହୁଏ...
ହିନ୍ଦୁ କେବଳ ଦାଢ଼ୀ ରଖିବେ ଓ ମୁସଲମାନ କେବଳ ନିଶ ରଖିବେ । ×

'ସମାଜ' ଯଦି ବାସୁଅ ବଳଦ ହୁଅନ୍ତା...
ଖଣ୍ଡନାଏ ଗଡ଼ି ମୂଲକ ଫେର କରନ୍ତେ ।

ଢେଙ୍କାନାଳ ଗୁଡ଼ାକ ଯଦି ଶୁଖି ଯାଆନ୍ତା...
ଢେଙ୍କାନାଳମନ୍ତ୍ରୀ କାନନଗୋଇଁଙ୍କ ମଥା ଉପରେ ରହନ୍ତା । × ×

ମଠ ବାଡ଼ି ଗୁଡ଼ାକ ଯଦି ସୁନା ଆତ (Goldenapple) ହୁଅନ୍ତା...ମାନଯାତା ଓ ଗୋଦାବରୀଶ ପଣ୍ଡିତ ଲଢ଼ନ୍ତେ ।

## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଅନ୍ୟ ଆବିଷ୍କୃତ ହୋଇ-ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, କଷ୍ଟେନ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, କ୍ଷୁଧାହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରଃଘୂର୍ଣ୍ଣନ, ଏବଂ ମଳ ମୂତ୍ରାଧାର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା-ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ନୂତନ ଶକ୍ତି ଖେଳେ । ଦଶଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୯ ମାତ୍ର ।

ନିମ୍ନ ସଡ଼କ
ପୋ: ଅ: ଗୃହଣୀଚୌକ,
କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରଣୀ
ଆୟୁର୍ବେଦାଗ୍ରଣୀ
C/o ଶ୍ରୀବାଲୁକେଶ୍ୱରଅଗ୍ରଣୀ ଭିଷଗ୍ରତ୍ନ

---

## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ବାତଜ ମୂର୍ଚ୍ଛା, ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାବଦ୍ଧ ଧାତୁପଡ଼ିବା) ପେଟମରା, ଅଜୀର୍ଣ୍ଣ, କାଶ, ଶ୍ୱାସ, ଅର୍ଶ, ଚକ୍ଷୁପୀଡ଼ା, ରକ୍ତଅତିସାର ଅମ୍ଳବାତ, ଅଣ୍ଡବୃଦ୍ଧି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡଚକ୍କା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ସର୍ଦ୍ଦି କାଶ, କଫଜ, କାଛୁ, କୁଣ୍ଡିଆ, ଦାଉଦ, ଖଣ୍ଡିଆ, ଚମଡ଼ା, ଯାଦୁ, ଛଳ, କଣ୍ଠଶା, ଛେଳୁଆ, ପୋଡ଼ାଘା, ସର୍ପ ଦଂଶନ, ବିଛା, କାନକୁଣ୍ଡି, ତୁଳ ଜୀବଜନ୍ତୁ ମାନଙ୍କର ଦଂଶନ, କାନକଟା, କାନପାଚିବା ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
**କବିରାଜ ଶ୍ରୀ ବିଶ୍ୱନାଥ ଦାସ**
ଏ, ବି, ଏଲ୍, ଏଚ୍. ଏମ୍. ଏସ୍.
ଝଲଣା ବଜାର, ପୋଃ ଗୃହଣୀଚୌକ କଟକ ।

---



# ଅସଲ ପଞ୍ଚଗୁଣା ତୈଳ

ଘା; ଘାଉଜ; ବଥା; ନଳୀଘା; ଛଳ କାମୁଡ଼ା, ମେଣ୍ଢ ମୁଣ୍ଡିଆ ବାତ; ଝୋଲା ବାତ ପ୍ରଭୃତି ସମସ୍ତ ପ୍ରକାର ବେଦନାର ଏକ ମାତ୍ର ମହୌଷଧ:—ମୂଲ୍ୟ ୫୦ ମାତ୍ର ।
ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।

---

## ଚୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

# ବହୁତ୍ କାମଦ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ବଢ଼ାଇବା ନିମନ୍ତେ ଅତି ଶୀଘ୍ର ହୋଇ ଦିଏ ।

| | | |
|---|---|---|
| ମୂଲ୍ୟ | ୨୦ ଡୋଜ | ୫ ୭ ୯ |
| ,, | ୧୦ ଡୋଜ | ୬୦ ୮ |
| ,, | ୫ ଡୋଜ | ୫ ୨ ୯ |

ଭି: ପି: ରେ ଔଷଧ ପଠାଯାଏ ।
ଠିକଣା
କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍. ଏ. ଏମ୍. ପି
**ଦରିଦ୍ର ବନ୍ଧୁ ଔଷଧାଳୟ**
ଶଗଡ଼ ପଦା । ପୋ : ଭୋଗରାଇ । ଜି : ବାଲେଶ୍ୱର

---

# ଅଫିମାଙ୍କର ଆଉ ଭୟ ନାହିଁ ।

ଓଡ଼ିଶା ସରକାର ଅଫିମ ଉଠାଇ ଦେଉଥିବା ହେତୁରେ ଅଫିମମାନେ ବଡ଼ ଭୟ ପାଇ ଯାଉଛନ୍ତି । କିନ୍ତୁ ଅମର **ସୁଇଟୋ** ଔଷଧ ସେବନ କଲେ ଅଫିମମାନେ ବିନା କଷ୍ଟରେ ଅଳ୍ପଦିନ ଭିତରେ ଅଫିମ ଛାଡ଼ି ପାରିବେ ଏବଂ ଉକ୍ତ ରୋଗରୁ ମୁକ୍ତ ହୋଇ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ପାଇବେ । କିଏ କେତେ ପରିମାଣରେ ଅଫିମ ଖାଉଛନ୍ତି ଲେଖିଲେ ଔଷଧ ଭିପିରେ ପଠାଯାଏ ।

## ବାର୍ଥ କଣ୍ଟ୍ରୋଲ ।

ଜନ୍ମ ନିରୋଧ ଏବଂ ଦୃଢ଼ ପ୍ରସବ ଔଷଧ ପାଇଁ ଆମମାନଙ୍କ ସହିତ ପତ୍ରବ୍ୟବହାର କରନ୍ତୁ । ଅନ୍ୟାନ୍ୟ ରୋଗ ବିଷୟରେ ମଧ୍ୟ ପରାମର୍ଶ କରିପାରନ୍ତି । ସକଳ ପ୍ରକାର ନୂତନ ଓ ପୁରାତନ ସ୍ତ୍ରୀରୋଗ ଚିକିତ୍ସା ସହିତ ଅତି ସନ୍ତୋଷ । ରୋଗୀମାନଙ୍କର ଚିଠିପତ୍ର ଗୁପ୍ତ ଭାବରେ ରଖାଯାଏ ।

ଠିକଣା—ଉତ୍କଳ ହୋମିଓପ୍ୟାଥିକ ଫାର୍ମାସୀ, ବାଲୁବଜାର—କଟକ

---

# ଜି: ପ୍ରଷ୍ଟି ଏଣ୍ଡ୍ ସନ୍ସ୍

## ପଥରଦାନ୍ତ ଓ ଚଶମା ବିକ୍ରେତା

ଅଦାଲତ ଉଚ୍ଚରେ ସାମନା
**ପୋଃ ଅଃ ଗୃହଣୀଚୌକ, କଟକ ।**



Printed & published at the Cuttack Press, Cuttack by ... Cuttack, 1938.

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁବୃହତ୍ ସୁଦୃଢ଼, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା କରିବାର ସର୍ତ୍ତ ସର୍ବୋତ୍କୃଷ୍ଟ ।

ମେଆଦି ପୂରଣରେ ଦ୍ୱିଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ଶିକ୍ଷା ବୀମା, ଯୁଗ୍ମ ବୀମାପ୍ରଭୃତି ନାନା ପ୍ରକାର ସୁବିଧା ଜନକ ସର୍ତ୍ତ ଗ୍ରହଣର ବ୍ୟବସ୍ଥା ।

ବୀମା ଅବସ୍ଥା ଋଣ ନେବାର ସୁନ୍ଦର ବ୍ୟବସ୍ଥା ଅଛି ଅଛି

୧୯୩୬-୩୭ ସାଲର ସଂକ୍ଷିପ୍ତ ବିବରଣ
ନୂତନ ବୀମାର ପରିମାଣ ୨କୋଟି ୮୦ଲକ୍ଷ ୭୩ହଜାରରୁ ଊର୍ଦ୍ଧ୍ୱ ।
ବୀମା ପାଣ୍ଠି କୋଟିଏ ୩୧ଲକ୍ଷ ୯୭ ହଜାରରୁ ଊର୍ଦ୍ଧ୍ୱ ।
ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୭୭ହଜାରରୁ ଊର୍ଦ୍ଧ୍ୱ
ବାର୍ଷିକ ଆୟ ୭୪ଲକ୍ଷ ୫୧ହଜାରରୁ ଊର୍ଦ୍ଧ୍ୱ ।
ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୫ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଊର୍ଦ୍ଧ୍ୱ ।
ଅଧୁନା କେବଳ ସରକାରୀ କାଗଜାଦିରେ ମୋଟ ସମ୍ପତ୍ତିର ଶତକରା ୮୪.୦୯ ଜମା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକରା ୮୩୧୯ ହୋଇଛି ।

(ଅନୁଗୋଳରେ, ଗଡ଼ଜାତରେ ଦକ୍ଷିଣ ଓଡ଼ିଶାରେ ଉଚ୍ଚ କମିଶନରେ ଶିକ୍ଷିତ ଲୋକ, ଏଜେଣ୍ଟ ଓ ସ୍ପେଶାଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମା, ପୂର୍ବଆଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ. ସେକ୍ରେଟାରୀ
ହିନ୍ଦୁସ୍ଥାନ ବିଲଡିଂସ, କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର, କଟକ ।

# ରାଜସ୍ଥାନ ଇନସୁରେନ୍ସ କୋମ୍ପାନୀ, ଲିମିଟେଡ୍

ହେଡ଼ ଅଫିସ ନଂ ୧୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

**ବିମା କରିବେ ? ଦେଖନ୍ତୁ — ଏହାର ବିଶେଷତ୍ୱ କଅଣ ?**

୧ । ଅକ୍ଷମ ହେଲେ ବୀମାକାରୀ ଆର୍ଥିକ ସାହାଯ୍ୟ ପାଏ ।
୨ । ବୀମାକାରୀ ଇଚ୍ଛାକଲେ କୋମ୍ପାନୀ ସାହାଯ୍ୟରେ କୋଠା କରି ପାରନ୍ତି ।
୩ । ଅକର୍ମଣ୍ୟ ହୋଇଗଲେ ବୀମାକାରୀ ଘରେ ବସି ପ୍ରିମିୟମ୍ ନ ଦେଇ ମଧ୍ୟ ସମସ୍ତ ଟଙ୍କା ପାଇ ପାରିବେ ।
୪ । ପ୍ରଥମ ଦୁଇବର୍ଷ ପ୍ରିମିୟମ ଦେଇ ତେଣିକି ଟଙ୍କା ନ ଦେଇ ପାରିଲେ "ସାରେଣ୍ଡର" ଭେଲୁ ହୋଇଯାଏ ।
୫ । ସାରେଣ୍ଡର ଭେଲୁ ହେଲେ ଖୁବ୍ କମ୍ ସୁଧରେ ଶତକରା ୫ ୯୫ଟଙ୍କା ଋଣ ନେବାକୁ ବୀମାକାରୀକୁ ସୁବିଧା ଦିଆଯାଏ ।
୬ । ପ୍ରଥମ ପ୍ରିମିୟମ ଦେବା ମାସେ ପରେ ବୀମାକାରୀ ଆତ୍ମହତ୍ୟା କଲେ ଜମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ ।
୭ । ଅନ୍ୟାନ୍ୟ ଇନସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।
୮ । "ଭଞ୍ଜନସୂତ୍ର" ଅନୁସାରେ ପ୍ରତ୍ୟେକ କିଛି କିଛି ସମ୍ପର୍କ କରିବା ପାଇଁ ଆମ୍ଭମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଲେଖା ଭଲ ସମୟ ରହିଥିବା ନୂତନ ପତ୍ର ଦେବାର ବନ୍ଦୋବସ୍ତ କରିଅଛନ୍ତି ।
୯ । ଆପଣ ଚିନ୍ତା କରୁଛନ୍ତି ? ଶୀଘ୍ର ଏଥିରେ ବୀମା କରନ୍ତୁ । ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଅବାଳ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ । ସବିଶେଷ ବିବରଣ ଜାଣିବା ପାଇଁ ଶୀଘ୍ର ହେଡ଼ ଅଫିସକୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସ୍ୱତନ୍ତ୍ର ଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

### ଅବକାଶ ଉପଭୋଗ

# ପାରାଡାଇଜ୍ ହଲ୍

ଏକମାତ୍ର ବିଶିଷ୍ଟ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ
ଗୃହଳଅ ଗଞ୍ଜ [ କଟକ ]

ଏଠାରେ ସାଧାରଣ ଅତିଥିମାନଙ୍କଠାରୁ ଅଲଗା କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଚହା, ପାଉଁରୁଟି ଓ କାଠ ବେଷାଇ, ଚେକୁଳି, ଗୃହଳ ଇତ୍ୟାଦି ବହୁତ ଅନୁଚର ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ କରାଯାଏ, ।ୟ କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁଟଚନ୍ଦ୍ରନାଥ କାନନ୍‌ଗୋ

FOR ALL SORTS OF
# MEDICINES
PLEASE COME TO
**CROWN MEDICAL HALL,
RANIHAT, CUTTAK.**


ପ୍ରକାଶକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

ଶ୍ରାବଣ ଦ୍ୱିତୀୟାର୍ଦ୍ଧ—

ଆନନ୍ଦାତ୍ ହିଂଖଲୁ ଇମାନି ଭୂୟନ୍ତେ—

ଦ୍ୱିତୀୟ ବର୍ଷ—୨ ୟ ସଂଖ୍ୟା

# ଡଗର




ଜାଣତ, କେବଳ ହ୍ଳାର (wreck) କରିବା ପାଇଁ ଆମେ ଏ ବୋଟ୍ କାନ୍ଧେଇଛୁଁ । କିନ୍ତୁ ଉତ୍କଳୀୟ ଅଙ୍ଗାଭୂତ ହୋଇଥିବାରୁ ଆଉ ଜଣେ କାନ୍ଧୁଆ ଲୋଡ଼ା ।

ଜୀବନ ବୀମା ପାଇଁ

## ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀକି

ଓଡ଼ିଶା ଅଫିସ :—ବେଲା ହାଉସ—କଟକ ।

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର











ବାଲୁବଜାର, ପୋ. ଚାନ୍ଦିନୀଚୌକ—କଟକ।





ଟ ୨୦୦ ଙ୍କା ପୁରସ୍କାର ! ଟ ୨୦୦ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁମୂଲ୍ୟ ପଥରରେ ଚମତ୍କାର ଅଳଙ୍କାରମାନ ମନୋମୁଗ୍ଧକର ପ୍ରସ୍ତୁତ କରିଥାଉଁ। ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ରବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି। ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁତ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାରଗ୍ରାହକଙ୍କଠାରେ ଆମ୍ଭେମାନେ କାହାକୁ ଭୁଲାଇ ଦେବାକୁ ଚାହୁଁନାହିଁ। ପ୍ରତ୍ୟେକ ପଦାର୍ଥକୁ ଟଞ୍ଚ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ। କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଆମ୍ଭେମାନେ ଟ ୨୦୦ ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ। ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —



ବଶମ୍ବଦ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁବଜାର, ପୋ: ଚାନ୍ଦିନୀଚୌକ—କଟକ



## ଡଗର ନିୟମାବଳୀ।

୧। ଡଗର ମାସରେ ଦୁଇଥର ଦେଖାଯାଏ।

୨। ଡଗରର ବାର୍ଷିକ ଅଗ୍ରିମ ଟ ୨୲ ଙ୍କା ପ୍ରତିସଂଖ୍ୟା ୵/

୩। ଛାତ୍ରମାନଙ୍କ ପାଇଁ ଟ ୧୲ ଙ୍କା

୪ ଯେ କୌଣସି ମାସରୁ ଗ୍ରାହକ ହେବାର ସୁବିଧା ଅଛି।

୫। ସମସ୍ତ ପତ୍ର ପତ୍ରାଦି ଓ ଟଙ୍କା ପ୍ରଭୃତି 'ଡଗର ଅଫିସ' ଭଦ୍ରକକୁ ପଠାଇବାକୁ ହେବ।

୬। ଉତ୍ତର ପାଇବାର ଇଚ୍ଛା ଥିଲେ ଟିକଟ ପଠାଇବାକୁ ହେବ।

୭। ସ୍ଥାନୀୟ ଏଜେଣ୍ଟଙ୍କ ହାତରେ ବାର୍ଷିକ ଗ୍ରାହକ ହେଲେ କୌଣସି ଗୋଳମାଳ ସମ୍ବନ୍ଧେ ଡଗର ଅଫିସ ଦାୟୀ ନୁହନ୍ତି।

୮। ଲେଖା ଡଗର ଅଫିସରେ ପହଞ୍ଚିବା ଦରକାର।

୯। ଟିକଟ ନ ଦେଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ ନାହିଁ।

Digitized by srujanika@gmail.com

ଡଗର
ଖଣ୍ଡ—୦/
ବାର୍ଷିକ(ସଡାକ)୧୲୯
ଛାତ୍ରମାନଙ୍କପାଇଁ୧୲୪
ରାଜ ସଂସ୍କରଣ—୧୫୯



ଡଗର
ଶ୍ରାବଣ ପ୍ରଥମାର୍ଦ୍ଧ
୨ବର୍ଷ, ୫ମ ସଂଖ୍ୟା
ଭଦ୍ରକ
୧୫।୮।୩୮

ମଣିଷଙ୍କ ଯିଏ ଯେତେ ବେଶୀ ଭଲଭାବରେ ଚଟାକାଟି ପାରେ ସେ ସେତେ ବଡ଼ ସାଧୁ । ଆଉ ମଣିଷ ଆଖିରେ ଯିଏ ଯେତେ ବେଶୀ ଧୂଳି ଦେଇପାରେ ସେ ସେତେ ବଡ ରାଜନୀତିଜ୍ଞ । ପାଣିନୀ ନୁହନ୍ତି, ପାଣିନୀଙ୍କ ବାପା, ତାଙ୍କ ବାପା, ତାଙ୍କ ବାପା ଏକଥା କହିଛନ୍ତି । ସେହି ସୂତ୍ରରେ ପକାଇଲେ ବେଳକୁ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ଶରୀର (body)ଟା ଯେ ପୂରାପୂରି ପକ୍କା ରାଜନୀତିଜ୍ଞଙ୍କ ଶ୍ରେଣୀରେ ପଡ଼ ଯାଉଛି । ତାହା ଜମାକ ଆମ ଚଉଦ ପୁରୁଷର ବ ବୁଝିବ ନାହିଁ ।······

ବ୍ରାହ୍ମଣ ଘର କନ୍ୟାଙ୍କ ଯଉଁ ଟଙ୍କା ଦେଇ କିଣାଯାଏ ତା' ନା' କନ୍ୟାଶୁଳ୍କ । କୁଳଟା ସ୍ତ୍ରୀ ଆଉ କଂଗ୍ରେସ କମିଟିକୁ ଯେଉଁ ଟଙ୍କା ଦେଇ କିଣାଯାଏ ତା ନା' କ'ଣ 'ସୁନା' ଆମେ ଅମରକୋଷଠାରୁ ଆରମ୍ଭକରି ବର୍ଣ୍ଣକୋଷ ଗୋପାଳକୋଷ ପର୍ଯ୍ୟନ୍ତ ଖୋଜି ମଧ୍ୟ ପାଇଲୁ ନାହିଁ । ଟଙ୍କା ଦେଲେ ବୁଢ଼ା ବ୍ରାହ୍ମଣକୁ କନ୍ୟା ମିଳେ, ଟଙ୍କା ଦେଲେ କୋଟି କୋଷ୍ଠୀଙ୍କୁ ବ ମାଉଁକନା ମିଳନ୍ତି; କିନ୍ତୁ ତେଲ ମାଲିସ କରିବ ଗାଲି ଟଙ୍କା ଦେଲେ ଓଡ଼ିଶା କଂଗ୍ରେସ ମୁଣ୍ଡିଅଙ୍କୁ ବ କିଣିବା ସହଜ ନୁହେଁ । ୫୦ ଟଙ୍କା ଡିପୋଜିଟ ତ ଅନେକ ଲୋକ କରିଥିଲେ କିନ୍ତୁ ଓଡ଼ିଶା କଂଗ୍ରେସ କ'ଣ ସମସ୍ତଙ୍କୁ ଲ୍ୟାଟପଞ୍ଜିକୁ ପଠାଇଲା? ଆମେ ମନେକରୁଁ ଯେଉଁମାନଙ୍କୁ ତଡ ଦିଆଗଲା ସେମାନଙ୍କ ଟଙ୍କା ଫେରି ଆସିବ—କିନ୍ତୁ ଯତ୍ର ଅର୍ଦ୍ଧଂତତ୍ର ଗୁରବେ ନିବେଦୟେତ୍ ।······

ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଏଥିକୁ ସାବଧାନ ହୋଇ ଲୋକଙ୍କଦାରୁ ବଞ୍ଚିଯିବାପାଇଁ ଏଥର ଭଲ ଗୋଟିଏ ପନ୍ଥ ଚଢ଼ାଇବା ବାଟ ଧରିଛନ୍ତି । ସେଥିର ସମସ୍ତେ କହିଲେ ଯେ

## ଦାରୁଣ ଶୋକ ସମ୍ବାଦ

ଡଗରର ପ୍ରାଣ ପ୍ରତିଷ୍ଠାତା ଆଉ ଇହ ଧାମରେ ନାହାନ୍ତି ।



**ମାନ୍ୟବର ସୀତାକାନ୍ତ ମହାପାତ୍ର ।**

ଡ଼ଗରର ନିତାନ୍ତ ଶିଶୁ ଅବସ୍ଥାରେ ଡ଼ଗରର ପ୍ରାଣ ପ୍ରତିଷ୍ଠାତା ମାନ୍ୟବର ସୀତାକାନ୍ତ ମହାପାତ୍ର ଡ଼ଗରକୁ ଅନାଥ କରି ଚାଲି ଯାଇଛନ୍ତି । ଡ଼ଗରର ନିର୍ଭୀକତା, ଡ଼ଗରର ସତ୍ୟ ଏବଂ ନ୍ୟାଯ୍ୟ ପ୍ରତିଷ୍ଠା ତାଙ୍କର ଉତ୍ସାହ ଏବଂ ତାଙ୍କର ପ୍ରେରଣାର ଫଳ । ତାଙ୍କର ପବିତ୍ର ନାମରେ ଆଜି ଦେଶବାସୀଙ୍କୁ ଆମେ ଅନୁରୋଧ କରୁଛୁ—ଦେଶବାସୀ ଯେପରି ତାଙ୍କର ଏହି ଅସହାୟ ଶିଶୁଟିକୁ ଆପଣାର କରିନିଅନ୍ତି । ବର୍ତ୍ତମାନ ପଦ୍ଧତିରେ ପାଠକ ସାଧାରଣଙ୍କର ସହାନୁଭୂତି ହିଁ ଡ଼ଗରର ଏକମାତ୍ର ଆଶା ଏବଂ ଭରସାର ସ୍ଥଳ ।——————ସମ୍ପାଦକ——

ନଗଦ ୨୫୦୯ ଲେଖାଏଁ ଦେବାକୁ ପଡ଼ିଲାରୁ ଅନେକ ଗରିବ କଂଗ୍ରେସକର୍ମୀ ଏଥର ମେମ୍ବରରୁ ବଞ୍ଚିତ ହେଲେ । ତେଣୁ ଗରିବ କଂଗ୍ରେସକର୍ମୀଙ୍କ ପାଇଁ ଡା:ର:ଙ୍କ କମିଟି କର୍ତ୍ତାଙ୍କ ଆଖିରୁ ଲେମ୍ବୁ ରସ ଗଡ଼ୁଥିଲା । ଆମେ ମାନୁଛୁ ବର୍ତ୍ତମାନ ମେଲେରିଆ କାଳରେ ମଲ୍ଲିକର ଢେର ଉପକାର ହେବ କିନ୍ତୁ ଯାହାଙ୍କପାଇଁ ଲୁହ ଗଡ଼ିଲା ତାଙ୍କର କ'ଣ ହେବ ? ମହାତ୍ମାମାନେ ତ ଅଉନ ପାସ୍ କଲେ ଯେ ୪୦୦ କଂଗ୍ରେସ ମେମ୍ବର ନକଲେ କେହି ଜିଲାବୋର୍ଡ଼କୁ ଯାଇ ପାରିବେ ନାହିଁ । ତା ଅର୍ଥ ଜିଲାବୋର୍ଡ଼ର ଉଚ୍ଚପାହାଚକୁ ଚଢ଼ିବା ପାଇଁ ପର୍ବତ ଯାହାରେ ଶହେ ଟଙ୍କା ଲୋଡ଼ା । ଗରିବ କଂଗ୍ରେସକର୍ମୀମାନଙ୍କ ଭିତରୁ ଅଧିକାଂଶତ ସତ୍ୟାଗ୍ରହ ପରେ ସର୍ବସ୍ୱାନ୍ତ । ସେମାନଙ୍କ ଦୁଇ ଚିନ୍ତା ଏକା ସାଙ୍ଗରେ—ଘର ଚିନ୍ତା ପରଚିନ୍ତା ବା ଦେଶଚିନ୍ତା । ଘର କାମ ଶାରି କେତେବେଳେ ଯାଇଁ ୪୦୦ ସଭ୍ୟ ସଂଗ୍ରହ କରିବେ ? ହଁ, ନା ଗୁଡ଼ାଏ ଲୋକେ ଅଣିବା ୨।୪ ଦିନର କାମ । କିନ୍ତୁ ପଇସା ଅଦାସୂତ ଜମିଦାରୀ ଗଜଣା ଅସୁଲ ନୁହେଁ । ସତ୍ୟାଗ୍ରହ ପରେ ଯେଉଁ ଜମିଦାର ମହାଜନ ବଡ଼ଲୋକମାନଙ୍କୁ ଘରଚିନ୍ତା କରିବାକୁ ପଡ଼ିଲା ନାହିଁ, ସେଇମାନେ ଆଜି ଓଡ଼ିଶା କଂଗ୍ରେସର ଦର୍ତ୍ତା-କର୍ତ୍ତା । ସେମାନେ ଗରିବ କର୍ମୀଙ୍କ ଅବସ୍ଥା ବୁଝିବେ କିପରି ?··········

ତେବେ ହିଁ, ସେମାନେ ଯେ ଏହି ସୁଯୋଗରେ ନିଜକୁ ଦାନୀ, ଉଦାର ହୃଦୟ ପ୍ରମାଣ କରିପାରିବେ ଏହା ଆମେ ମୁକ୍ତ କଣ୍ଠରେ ସ୍ୱୀକାର କରିବୁଁ ! ଆମେ ଶୁଣୁଛୁ, କେତେକ ନେତାରଗ୍ରାଣ୍ଡି ବଡ଼ଲୋକ କେତେକ କଂଗ୍ରେସ କର୍ମୀଙ୍କୁ ନିଜ ହାତରୁ ଟଙ୍କା ଦେଇ ଗୁଡ଼ାଏ ନାମ

ଦେଖାଇ ଦେବାରେ ଲାଗି ପଡ଼ିଛନ୍ତି । ତେଣୁ ଏଣୁ କଂଗ୍ରେସ କର୍ମୀମାନେ ଡାକ୍ତର ନେତାଙ୍କ ଠାରେ କୃତଜ୍ଞ ରହିବେ । ନେତା ଉଠିବାକୁ କହିଲେ ଉଠିବେ ଓ ବସିବାକୁ କହିଲେ ବସିବେ । ଫଳରେ ସେ ଯାହାକୁ ମନକରିବେ ତାକୁ ଜିଲ୍ଲାବୋର୍ଡର ରଜା କରି, ଯେପରି ଭରତ ଚାହୁଁଥିଲେ ବସନ୍ତ ରଜା, ଚାଣକ୍ୟ ଚାହୁଁଥିଲେ ଚନ୍ଦ୍ରଗୁପ୍ତ ରଜା, ଗାନ୍ଧି ଚାହୁଁଥିଲେ ଜହରଲାଲ, ଭଗିରଥି ଚାହୁଁଥିଲେ ହରେକୃଷ୍ଣ, ଶଙ୍କର ଚାହୁଁଥିଲେ ନୀଳକଣ୍ଠ, ରାଧାନାଥ ଚାହୁଁଥିଲେ ବିଶ୍ୱନାଥ ମହାନ୍ତି ଚାହୁଁଥିଲେ ଗୋପବନ୍ଧୁ ସେହିପରି ଜଣେ ଜଣେ King maker ହୋଇ ବସିବେ । ସାଧୁ—ସାଧୁ—

ମଧ୍ୟପ୍ରଦେଶ ଗୋଳମାଳ ବିଷୟରେ ଗାନ୍ଧିଜୀ ଯେଉଁ ଜବାବ ଦେଇଛନ୍ତି, ପଢ଼ିଲେ ଗାନ୍ଧିଜୀଙ୍କୁ ଅଜା ବୋଲି ଡାକିବାକୁ ମନ ବଳାଏ । ଅଜାଙ୍କୁ ଭକ୍ତି କରନ୍ତି ସମସ୍ତେ । କିନ୍ତୁ ତାଙ୍କ କଥା ଗୁଡ଼ାକ ସବୁ ନାତିଙ୍କୁ ଭାରି ମଜା ଲାଗେ । ଦ୍ରୋଣାଚାର୍ଯ୍ୟ ପୁଣି ତ ଦରକାର ବେଳେ ଏକଲବ୍ୟର ଅଙ୍ଗୁଳି କାଟି ନେଇଥିଲେ, ଗାନ୍ଧି ସେହିପରି ଖାରେଙ୍କୁ ସତର୍କିତ କ ଜୀବନଟିକୁ ବଳିଦେଇ ମଧ୍ୟପ୍ରଦେଶ ଯୁଦ୍ଧର ବଳିବେଦୀର ଉପର ଥାପି ଦେବାରେ ସେପରି ଗୋଟାଏ ଅନ୍ୟାୟ କ'ଣ ହେଲା ? ...

ନିରାକାର ଭଗବାନଙ୍କୁ ବୁଝିବା ଯେପରି କଷ୍ଟ, ଗାନ୍ଧିଙ୍କର ଅହିଂସାକୁ ସେପରି ବୁଝିବା ମଧ୍ୟ ଆମ ପକ୍ଷରେ ଅନେକ ସମୟରେ ବଡ଼ କଷ୍ଟ ହେଉଥିଲା । ତାଠାରୁ ଅଧିକ କଷ୍ଟ ହେଲା ଗାନ୍ଧିଜୀ Fascism ର ଯେଉଁ ବ୍ୟାଖ୍ୟାନ କରିଛନ୍ତି । ତାକୁ ବୁଝିବା ପାଇଁ । ଫେସିଜିମ୍ ଅର୍ଥ କାଳେ ନଗ୍ନ କୃପାଣ । ଗାନ୍ଧିଜିଙ୍କ ଅର୍ଥ ଭାବ ଓଲଟା । ବୃଥା ବଳ ଯୋଗ୍ୟ ହେଲେ ହୋଇ ପାରେ । କିନ୍ତୁ ଖାରେଙ୍କ ପ୍ରତି ଯେ କୃପାଣରେ ହାଣିବା ଠାରୁ ଅଧିକ ଅତ୍ୟାଚାର ହୋଇଛି ଏକଥା ଗାନ୍ଧି କ'ଣ ଅସ୍ୱୀକାର କରିବେ ?

ଜଣେ ନଅଙ୍କିଆ ଥରେ ମାଡ଼ ଖାଇ କହିଲା—ହଉ ହଉ, ଏଥର ମାରି ଯାହି ପାଇଗଲୁ—ମୁଁ କିଛି କହିଲି ନାହିଁ କାହିଁକିନା ମୋ ବାପା ମୋତେ ମନା କରିଛି କାହାରିକି ମାରିବ ନାହିଁ ବୋଲି ତା ନୋହିଥିଲେ ଦେଖି ଥାନ୍ତୁ———— ।

କଂଗ୍ରେସ କାର୍ଯ୍ୟକାରୀ କମିଟି ସେହିପରି ଖାରେଙ୍କୁ ଓ ତାଙ୍କ ପକ୍ଷନେଇଥିବା ନାଗପୁରର ଜନତା ଓ ଛାତ୍ର ମାନଙ୍କୁ ଡ଼ରାଇଛନ୍ତି— କଂଗ୍ରେସର ଅହିଂସାବ୍ରତ ହୋଇଥିଲେ ମୁଣ୍ଡ-କାଟ ହୋଇଯାଇଥାନ୍ତା ।

କିନ୍ତୁ ଅହିଂସା ଛଡ଼ା ଇଣ୍ଡିଆନ ପେନେଲ କୋର୍ଡ଼ ଟା ସେଥିରେ ବାଧାଦେଇ ନାହିଁ ତ ?

ଶୁଣାଯାଏ ଜାଞ୍ଜିବାର ପ୍ରଜାଙ୍କ ଉପରେ ଗୁଳି ଚାଲିଛି । ଗୁଳି ଅନେକ ପ୍ରକାର । କବିରାଜ ହାକିମମାନେ ମଦନାନନ୍ଦ ଗୁଳି ପରି ଅନେକ ପ୍ରକାର ଗୁଳି ଦେଇଥାନ୍ତି । ଓଡ଼ିଶା ସରକାର (କଂଗ୍ରେସ ସରକାର ନୁହେଁ ) ବି ଗୁଡ଼ୁ ଗୁଡ଼ୁ ଠୁକ୍ କରିବାପାଇଁ ଏକପ୍ରକାର ଗୁଳିର ବ୍ୟବସ୍ଥା ନିମନ୍ତେ ଅବକାଶ ଭିତର ରଖିଛନ୍ତି ଆଉ ଏକ ପ୍ରକାର ପ୍ରାଣଘାତକ ଗୁଳି ଅଛି । ଜାଞ୍ଜିବାରର ରଜା ସାହେବ ଏଥର ଚରମକୁ ଗୁଳିଗଲେ । ତାଙ୍କୁ ଏଥର ଗୁଳିବିଶାରଦ ଉପାଧି ଦିଆ-ଗଲେ ତାଙ୍କର କିଛି ଆପତ୍ତି ଅଛି କି ନାହିଁ ଆମ୍ଭେମାନେ ଜାଣିପାରିବୁକି ?

କୋଡ଼ିଏ ଲକ୍ଷ ଟଙ୍କା ମୂଳ ଧନରେ ଗୋଟାଏ ବଙ୍ଗାଳି କୋମ୍ପାନି ରୂପ୍ସାଠାରେ ଏକ ରସାୟନିକ କାରଖାନା (Chemical works) ଖୋଲୁଛି । ଏ କାରଖାନାର ପୃଷ୍ଠପୋଷକତା କରିବେ ବୋଲି ଓଡ଼ିଶା ସରକାର କୁଆଡ଼େ ଜବାବ ଦେଇଛନ୍ତି । ଏଥିପାଇଁ କୌଣସି ଓଡ଼ିଶା ଖବରକାଗଜ ଆମ ସରକାରଙ୍କ ଉପରେ ଖପ୍ପା ହୋଇ ଗଲେଣି । ତାଙ୍କ ଆପତ୍ତି ଯେ ଓଡ଼ିଆଙ୍କର ନିଜ କେମିକାଲ କାରଖାନା ଗୋଟିଏ ବଡ଼ କରି ଥାଉଁ ଥାଉଁ କାହିଁକି ବିଦେଶୀ କାରଖାନାକୁ ସାହାଯ୍ୟ କରାଯିବ ।

ମାତ୍ର ସମ୍ପାଦକଙ୍କର ବୁଝିବା ଉଚିତ ଯେ ତାଙ୍କ ଭଳିଆ କ୍ଷୁଦ୍ର ଓ ସଙ୍କୀର୍ଣ୍ଣ-ମନା ତ ସରକାର ନୁହନ୍ତି । ସେ ଯେ ଖୋଦ ସରକାର— ଗୋଟିଏ ଓଡ଼ିଆଙ୍କ ଇଜ୍ଜତ ମହତ ତାଙ୍କ ମୁଣ୍ଡରେ ! ତହିଁରେ ପୁଣି ବନ୍ଧୁ—ଯେତେବେଳେ, ପ୍ରେମଟା ବନ୍ଧୁକୋଡ଼ା ନହେଲେ ଓଡ଼ିଆ ଜାତିର ଉଦାରତାରେ କଳଙ୍କ ହେବ ନାହିଁକି !

ଗଞ୍ଜାମର କଂଗ୍ରେସ ଜିଲ୍ଲାବୋର୍ଡ ଭିତରେ କଣ ଗଳ୍ତି ରହିଛି ଅଛି ତାହା ସନ୍ଧାନ କରିବା ପାଇଁ ଦୁଇଜଣ ଖାଣ୍ଟି ଗାନ୍ଧୀ ସେବାସଙ୍ଘୀ ଶ୍ରୀଯୁକ୍ତ ନନ୍ଦକିଶୋର ଦାସ ଓ ଶ୍ରୀଯୁକ୍ତ ଗୋକୁଳା ନନ୍ଦ ମହାନ୍ତି ନିଯୁକ୍ତ ହୋଇଛନ୍ତି । ଦୁଇ 'ନନ୍ଦ' ଏକା ସାଙ୍ଗରେ ଥିବାରୁ ସେଠା ଛନ୍ଦାମନ୍ଦ ସବୁ ବନ୍ଦ ହେଇଯିବ ଏଥର !

ଗୋଟାଏ ତାର ଖବରରୁ ପ୍ରକାଶ ଯେ ଓଡ଼ିଶା କଂଗ୍ରେସ ସରକାରର ବିରୁଦ୍ଧରେ ଏକ ଶକ୍ତ ଦଳ ଗଢ଼ା ହେଲାଣି । ମାନଧାତା ସାହେବ ଏଥର ଅଗ୍ରଣୀ ହୋଇ ଦେଶର ସମସ୍ତ ଅକଂଗ୍ରେସିଆଙ୍କୁ ଆମନ୍ତ୍ରଣ କରିଛନ୍ତି ଏବଂ ଖଲ୍ଲି-କୋଟ, ପ୍ରଭୃତିଙ୍କୁ ନେଇ ପ୍ରଥମ ମିଟିଂ ହୋଇ ଗଲାଣି । ଏ ଦଳ ତ ନୂଆ ନୁହେ । ଅନେକ ଦିନରୁ ଚାଲିଲାଣି । ବୋଧହୁଏ ମଝିରେ ମଝିରେ ମଶାଣି ଚେଇଁଛି । ମାତ୍ର ମରିବା ବେଳେ କାମୁଡ଼ ହେଲେ ଫଳ କଣ ? ମନ୍ତ୍ରିଦଳ ତ ଲଢିବାକୁ ଜାଗ୍ରତଥିବ ଅଛନ୍ତି । ଖାଲି କାଠି ଘଷିଲେ ଲାଗିଲା । ଦୁଃଖ ଏତିକି ଯେ ଷଣ୍ଢ ଷଣ୍ଢ ଲଢ଼େଇ ମୌଜଟା ମିଳିବ ନାହିଁ । କାରଣ ତେଲକାଳ ଯେମିତି ଏକପକ୍ଷ ନିହାତି ନାପଟ ।

× × ×

## WANTED.

A Tahasildar for the Nayananda-Birso and Chandbali Government Estates on a salary of Rs. 70/- month.

Qualification required:—
He must have passed the Matric Examination and have knowledge in Survey work and must be able to furnish a cash security of Rs. 1200/- and a bond with two personal sureties. He must also be a Oriya or domiciled in Orissa.

Preference will be given to graduates who have knowledge in Survey work.

Application will be received up to 21st August 1938.

S. Solomon
Collector of Balasore.

Digitized by srujanika@gmail.com




# ଆତ୍ମହତ୍ୟା

ଲେଖକ—ଶ୍ରୀଅନାମ

ଦିବାକର ଶେଷେ ଠିକ୍ କଲା ଯେ ସେ ଆତ୍ମହତ୍ୟା କରି ମରିବ। ଜୀବନଟା ଯାକ ସେ କେତେ ଦଗା ପାଇଲାଣି ସତ, କିନ୍ତୁ ପ୍ରେମରେ ଦଗା ପାଇବାଟା ଏକଦମ୍ ଅସହ୍ୟ।

ଦିବାକର ମେଟ୍ରିକ ପାସ କରି ଯାଇଥିଲା ସଂହେଣ୍ଡ୍ର ପଢିବାକୁ କଲିକତା। କଲିକତାରେ ସବୁଠାରୁ ପସନ୍ଦ ହୋଇଥିଲା ତାର ସିନେମା। ସିନେମା ଭିତରେ ସବୁଠାରୁ ପସନ୍ଦ ହୋଇ-ଥିଲା—ଲୀଳା। ଲୀଳା ନାମଜାଦା ଷ୍ଟାର— ଯିମିତି ଚେହେରା, ସିମିତି ଭଙ୍ଗି, ତହୁଁ ବଳି ଗୀତ। ଆଃ—ସ୍ୱର୍ଗର ପରୀ ଯିମିତି।

ଦିବାକର ପଡ଼ିଗଲା ଲୀଳାର ପ୍ରେମରେ। ବହୁତ ଖୋଜି ଲୋଡ଼ି ଛବିରେ ଦେଖି ଥିବା ଲୀଳାର ଠିକଣା ପାଇଲା। ଦେଖା କରିବାକୁ ଚେଷ୍ଟା କଲା। କିନ୍ତୁ ସେ ହେଲା ବିଫଳ। ଶେଷ ଉପାୟ—ଚିଠି। ଗତ ଉଜାଗର ହୋଇ ଲେଖିଲା ପ୍ରେମପତ୍ର। ଜଣାଇଲା ବିକଳରେ ଆହତ ହୃଦୟର କରୁଣ ବେଦନା।

"ଉତ୍ତର ଆସିଲା। ସେଥିରେ ଲେଖା ଥିଲା

"ହେ ନବୀନ ପ୍ରେମିକ,

ମୁଁ ତୁମ୍ଭ ପାଇଁ ବ୍ୟଥିତା। ମାତ୍ର ମୋର ସ୍ୱାମୀ ଅଛନ୍ତି। ତାଙ୍କଠାରେ ମୁଁ ଅତି ଅନୁରକ୍ତା। ଏଣୁ ତୁମ୍ଭର ଏ ଜୀବନରେ କୌଣସି ଆଶା ନାହିଁ। ଏ ଶୂନ୍ୟ ଧରିବା ଖେଳରୁ ନିବୃତ୍ତ ହୁଅ।

ତୁମ୍ଭର ଶୁଭକାଂକ୍ଷିଣୀ

ଲୀଳା

ଏ ଚିଠି ପରେ ଆଉ କଣ? ଏ ଜୀବନରେ ନୁହେ। ତେବେ ଆନ ଜୀବନରେ ବା ହେଲେ··· ଅତଏବ ଏ ତୁଚ୍ଛା ଜୀବନଟାରେ କି ଲୋଡ଼ା?

ମରିବାର ଯଦି ହେଲା ତ,—ଉପାୟ? ଉପାୟ ଭିତରେ ସସ୍ତା ଉପାୟ—ଗଙ୍ଗାରେ ବୁଡ଼ି ମରିବା, ଅଫିମ ଖାଇବା, ଦଉଡ଼ି ଦେବା। କିନ୍ତୁ ଗଙ୍ଗା ଭିତରେ ଯଦି ଗଡ଼ିଲା ଚହଲ, ଧରା ପଡ଼ିବାର କଥା। ଅଫିମ ଖାଇଲେ ତ ବସା ଲୋକ ଜାଣିବେ ଆଉ ଡାକ୍ତର ଡ଼ାକି ଆଣିବେ। ସେଇ ଦଉଡ଼ି ଦିଆ ସବୁଠୁଁ ଭଲ। ଭୟ ନାହିଁ, ଭ୍ରାନ୍ତି ନାହିଁ—ଧରା ପଡ଼ିଲା ବେଳକୁ—ସବୁ ଶେଷ।

ସ୍ଥାନ କେଉଁଠି? ଯେଉଁ କଲିକତା ସହର, ପିମ୍ପୁଡ଼ିଟିଏ ଲୁଚିବାକୁ ଜାଗା ନାହିଁ। ଗୃହ-ଅଡ଼େ ଗହଳି ଡ଼ାକ୍ତରୀ। ଫାଶି ଦବା ତ ଦୂରର କଥା, ନିରୋଳାରେ ବସି ଟିକିଏ ଭାବିବାକୁ ହେଲେ ଗୃହଖଣ୍ଡେ ଥାଆନ୍ତା।

କିନ୍ତୁ ଯିମିତି ହଉ ଦଉଡ଼ି ଦବାକୁ ହବ। ତା ଆଗରୁ ସେ ଖଣ୍ଡେ ବିଦାୟ ଚିଠି ଲେଖି ପକେଟରେ ରଖିଲା। ବଜାରରୁ ନଗଦ ଚାରି ପଇସା ଦେଇ ପାଟଳ ଦଉଡ଼ି ଖଣ୍ଡେ କିଣିଲା। ତାପରେ ସଜବାଜ ହୋଇ ପଡ଼ିଲା ବାହାରି।

ଏକ ମୁହାଁ ହୋଇ ଚାଲିଛି। ସହର ପାରି ହୋଇଗଲା। ପଡ଼ିଲା ପଡ଼ାଗାଁ। ସନ୍ଧ୍ୟା ହେଲା। ଅନ୍ଧାର ମାଡ଼ିଆସିଲା। ହଠାତ୍ ରାସ୍ତା ପାଖରେ ଦେଖିଲା ଗୋଟାଏ ଭଙ୍ଗା କୋଠା।

ଠିକ୍! ଏଇଠି ଠିକ୍ ହବ। ନିର୍ଜନ ଭଙ୍ଗା ଘର ଭିତରେ ଦଉଡ଼ି ଦେଲେ କେହି ଦେଖି ପାରିବ ନାହିଁ—ଦୁଇ ଚାରି ଦିନ ଯାଏଁ ବି କେହି ଜାଣିବ ନାହିଁ।

ଏହା ଭାବି ମନେ ସାହସ କରି ସେ ଘର ଭିତରକୁ ପଶିଲା। ଘଟଘଟିଆ ଅନ୍ଧାର। କିନ୍ତୁ ଯେ ମରିବାକୁ ବସିଛି ତାର ଡର କଣ? ବାରଣ୍ଡା ପାରି ହୋଇ ଗୋଟିଏ କୋଠରି ଭିତରେ ପଶିଲା ସେ। କିଛି ଦିଶୁ ନାହିଁ। ଦଉଡ଼ିଟା ଲଟକାଇବ କେଉଁଠିରେ? ଏଇପରି ଦରାଣ୍ଡି ହଉଛି—କଣ ଗୋଟାଏ ଦେହରେ ଦିବାକର ଗଲା ହାବୁଡ଼ି ଖାଇ। ମାଲୁମ ହେଲା ଯେପରି ଗୋଟାଏ ମଣିଷ—

ଦିବାକରର ଲହୁମାଂସ ପାଣି ହୋଇଗଲା। ପାଟି ଆଁ ମାରିଲା। ଭୂତ ନା କଣ!

ତା ପରେ ସେ ହାତ ବାଢ଼ି ପକେଟରେ ହାତ ଦେଇ ଦେଖିଲା ଯେ ଗୋଟାଏ ଦିଆସିଲି ଅଛି। ଥରଥର ହାତରେ ଦିଆସିଲି ଜାଳିଲା। ଯାହା ଦେଖିଲା ସେଥିରେ ଏକାବେଳେ ତାର ଚଳକ ଶୁଖିଗଲା। ସତକୁ ସତ ଗୋଟାଏ ଲମ୍ବା ଚଉଡ଼ା ପୁରୁଷ ମଣିଷ, ବେକରେ ଫାଶି ଲଟକେଇ ଝୁଲୁଛି!

ପାଗଳ ପରି ହୋଇ ଦିବାକର ପକେଟରୁ ଛୁରୀ କାଢ଼ି ବାହାର କରି ଅନ୍ଧାରରେ ଦଉଡ଼ିଟା ଅନ୍ଦାଜ କାଟି ଦେଲା ଓ ମଣିଷଟାକୁ ଧରି ତଳେ ଶୋଇଲା। ତରବର ହୋଇ ବେକରୁ ଦଉଡ଼ିଟା ଫିଟାଇ ଗଳାଇଲା ଓ କମିଜର କଲର ଫାଡ଼ ଦେଲା।

ଲୋକଟାର ହଲଚଲ ନାହିଁ। ବୋଧହୁଏ ମରି ଗଲାଣି। କଣ କରିବ କିଛି ଠିକ୍ କରି ନ ପାରି ଦିବାକର ଇତସ୍ତତ ହେଉଛି, ଏହି ସମୟରେ ଶବ୍ଦ ହେଲା—ଗଁ—ଗଁ—।

ଦିବାକର କହିଲା—"ଭୟ ନାହିଁ—ତୁମେ ବଞ୍ଚିଗଲ।"

ପୁଣି ହେଲା ଗଁ—ଗଁ। ତା ପରେ ସେ କହିଲା—"ମୁଁ କ-ଉଁ-ଠି—"

"ତୁମେ ଯେ ଫାଶି ଦେଇ ମରୁଥିଲ। ଈଶ୍ୱରଙ୍କ ଦୟାରୁ ମୁଁ ଆସି ଠିକ ବେଳରେ ପହଞ୍ଚି ଯିବାରୁ, ବଞ୍ଚିଗଲ, ମହାଶୟ।"

"ଓଃ, ତୁମେ ଆସି ମୋତେ ବଞ୍ଚେଇଲ?" ପଚାରି କରି ଗୋଟାଏ ଚାପୁଡ଼ା ବସିଲା ଦିବା-କର ଗାଲରେ।



Digitized by srujanika@gmail.com

ଦିବାକର ବହୁଗ୍ଣ—ଭଃ—

"କି ଗାଳଟା ମ ! ଗୋଟାଏ ମର୍ଦ୍ଦ ହୋଇ ଗୋଟାଏ ମୂର୍ଖ ଲୋକର ଗୁପ୍ପଡ଼ା ସହି ପାରୁ ନାହିଁ ।—...ଅଚ୍ଛା ତୁମକୁ କଏ କହିଲା ଏଠିକି ଆସିବାପାଇଁ ?" ଲୋକଟା କହିଲା ।

"ମହାଶୟ, ତୁମର ନିଜାଙ୍କ ଦୁରସ୍ତ ନାହିଁ ଏଇଫଣି—କିନ୍ତୁ ପରେ ବୁଝିବି ମୁଁ ତମର କଣ କରିଛି—ଆଉ ସେତେବେଳେ କୃତଜ୍ଞ ହେବ" ଦିବାକର ଉତ୍ତର ଦେଲା ।

"କୃତଜ୍ଞ ହେବ ନା ତୋ ମୁଣ୍ଡ ନିପାତ କରିବି ! ସଇତାନ୍, ପାଜି, ପରର ବ୍ୟାପାରରେ ହାତ ଦବାକୁ ତୋର କି ଅଧିକାର ? ମୁଁ ତ ମୋର ସ୍ୱେଚ୍ଛାରେ ମରୁଥିଲି—ତୋର କାହିଁକି ହାତ ଗଲା ଦେଲୁ ସେ..."

"ମୁଁ ଏଠିକି ହଠାତ୍ ଆସି ପଡ଼ିଲି ବୋଲି କଣ ଦୋଷ ହେଲା ମୋର ?"

"ହଠାତ୍ ଆସିଲୁ ! – ତୋର ଏ ଅନଧି-କାର ପ୍ରବେଶ ପାଇଁ ତୋତେ ପୁଲିସରେ ଦେବି କି ଶିଖୁ !"

"ଅଚ୍ଛା, ଆଜ ଯଦି ମୋ ଲାଗି ତମର ମରିବା ହୋଇ ନ ପାରିଲା—ଆଉ ଦିନେ ହେଲେ—"

"ଆଁ—ଅଉ ଦିନେ ! ବଢ଼ିଆ ହେଉ ମରିବାଟା ଭାରି ସହଜ ପଡୁଛି ପରା—ଅଉ ଦିନେ ହେଲେ, ଯେତେବେଳେ ଇଚ୍ଛା କରି-ହବ ? ମୁଁ କି ଦୁଃଖରେ ଭଲା ଥରକୁ ଥର ଏ ବିଷୟରେ ପଡ଼ିବ !—ଆରେ ଯା—ମୋର ନୂଆ ପାଇଁଟା ବ ନଷ୍ଟ କରି ଦେଇଛୁ ! ଅଡ଼େଇ ଟଙ୍କା ଖରଚ ହେଇଥିଲା । ଓଃ, କି ଅନ୍ଧାରଟା ମ ! ଦେଖ, ଗୋଟାଏ ବଡ ଫଡ ଅଛି ତ ଜଳେଇଲୁ ।"

"ମୁଁ କଣ ପକେଟରେ ବତି ଧରି ଆସିଥିଲି ଏଠିକି ?"

"ଅଚ୍ଛା ଦେଖିଲୁ ସେଇ ପଣାରେ ମହମ୍ ବତି ଅଛି କି ନାହିଁ ।"

ଦିବାକର ଅନ୍ଧାରରେ ହସଣ୍ଟି ୨ ଖଣ୍ଡିଆ ବତିଟାଏ ପାଇଲା ଓ ଦିଅସିଲ ମାରି ତାକୁ ଜଳେଇଲା ।

ଆଲୁଅରେ ଦେଖାଗଲା ଯେ ସେ ଲୋକଟା ଗୋଟାଏ ସୁନ୍ଦର ଓ ବଳିଷ୍ଠ ଯୁବକ । ପୋଷାକ ପତ୍ର ବ ଦାମିକା ।

ସେ ଦିବାକରକୁ ପୁଣି କହିଲା "ହଇରେ ଟୋକା, ତୋ ହାତରେ ପୁଣି ସେଇଟା କଣ ? ଦଉଡ଼ ନା ?"

"ହିଁ-- ମୋର ।"

"ତୋର୍ ତ ସତ—କିନ୍ତୁ ହାତରେ ଦଉଡ଼ି-ଟା ଧରି, ଏ ନିସ୍ତବ୍ଧ ଘର ଭିତରକୁ ଅନ୍ଧାରରେ ଆସିଥିଲୁ କାହିଁକି କହିଲୁ ?"

"ମୁଁ—ମୁଁ—ଏଇ—ମୁଁ ବଡ ହତଭାଗ୍ୟ ମହାଶୟ ।"

ଅରେ ହତଭାଗା ତ ଠିକ୍—କିନ୍ତୁ ଆସି-ଥିଲୁ କାହିଁକି ? ଫାଶି ଦବୁ ବୋଲି ତ ?"

"ଠିକ କହୁଛ "

"କି ଦୁଃଖରେ ?—କୌଣସି ମାଇକିନା କଥା ନିଶ୍ଚୟ ।"

"ହିଁ, ପ୍ରେମ୍ବା ।"

"ଅଚ୍ଛା, ତୁ ତା ପାଲରୁ ଉଦ୍ଧାର ପାଇ ପାରୁନାହୁଁ ? ପଳଉ ନାହୁଁ କୁଆଡ଼େ ?"

"ପଳେଇବ ! ମୁଁ ଯେ ତାକୁ ଗୁହେଁ—ପ୍ରିୟତମା କରି, ହୃଦୟେଶ୍ୱରୀ କରି, ଅଙ୍କ ଶାୟିନୀ କରି ।"

"ଓଃ—ତେବେ ପ୍ରେମରେ ପଡ଼ିଛୁ ପରା ! ମୁଁ ଭାବିଥିଲି ତୁ ବାହା ହେଇ ସାରିଛୁ—ଆଉ ତାର ଦାଉ ସହି ନ ପାରି ଆତ୍ମହତ୍ୟା କରି-ବାକୁ ଆସିଛୁ ।"

"ନା, ଠିକ ତାର ଓଲଟା ।

"ବେଶ୍ ବେଶ୍, ମୁଁ କାହିକି ମରୁଥିଲି ଜାଣୁ ?"

"ନାହିଁ ।"

"ମୁଁ ମୋ ପ୍ରଣୟିନୀ ହାତରୁ ଖସିବି ବୋଲି ଦଉଡ଼ି ଦେଉଥିଲି ।"

"ସତେ !"

"ହିଁ—। ଅଛା ତୋ ପ୍ରେମିକା ଯେ ତୋତେ ପ୍ରତ୍ୟାଖ୍ୟାନ କରୁଛି, ତାର କାରଣ କଣ ? ତୁ ତ ବେଶ୍ ରଙ୍ଗା ଟୋକା ଦିଶୁଚୁ ।"

"ସେ କହେ ତ ତାର ଜଣେ ଜଣେ 'ସ୍ୱାମୀ ଅଛି,—ତା ମନରେ ଦୁଃଖଦେଇ ସେ ମୋତେ ଅଙ୍ଗୀକାର ପାରିବ ନାହିଁ ।"

"ଟୋକାଟାର ବୟସ ?"

"ବାଇଶ, ତେଇଶ ।"

"ସୁନ୍ଦରୀ ?"

"ଖୁବ୍ ସୁନ୍ଦରୀ,—ଯେପରି କି ଅପ୍ସରୀ—ଗାଲରେ ଗୋଟାଏ ତିଳ ଚିହ୍ନ ଅଛି ।"

"ତିଳ ଫିଳର ରସିକ ମୁଁ ନୁହେଁ । ନାଁଟା କଣ କହି ପାରିବୁ ?"!

"ହିଁ, ଲୀଳା—ମିସ୍ ଲୀଳା—ସିନେମା ଷ୍ଟାର !"

"ଓଃ, ଷ୍ଟାର ଲୀଳା—ହଉ, ହଉ !"

ଲୋକଟା ଏହା କହି ଫଁ କରି ଦୀର୍ଘଶ୍ୱାସଟା ପକେଇଲା ଓ କାନ୍ଥକୁ ଆଉଜି ପଡ଼ିଲା ।

ଦିବାକର ପଚାରିଲା "କ, କଣ ହେଲା କ ତମର ?"

"ସେହି ମୋର ସ୍ତ୍ରୀ—ଲୀଳା ।"

"ଆଁ—ଅସମ୍ଭବ—ତମର ସ୍ତ୍ରୀ !"

"ଏକଦମ୍ ଠିକ୍—ସେ ପ୍ରକୃତରେ ଚଢେ କି ମୋତେ କାହାରିକି ଭଲ ପାଏ ନାହିଁ । ମୁଁ ନିଜେ ଆଖିରେ ଦେଖିଛି କେତେଥର କେତେ ଲୋକଙ୍କୁ—

ଯାହାହେଉ ମୁଁ ତାକୁ ଛାଡ଼ିବାକୁ ଗୁହେଁ, ମାତ୍ର ସେ ମୋତେ ଛାଡ଼ିବ ନାହିଁ । ବାଟ ନପାଇ! ମୁଁ ଆଜ—"

ତା ଭୁଣ୍ଡ କଥା ଭୁଣ୍ଡରେ ରହିଗଲା । ଦିବା-କର ଦେ—ଛୁ—

---

**କୁତୁକୁତୁ**

ବାବୁ—କିରେ ମାଧିଆ, ଅଲମାରିର ଗୁଡ଼ାଟା କାହିଁ ?

ମାଧିଆ—ହଜି ଯାଇଛି ବାବୁ ।

ବାବୁ—ତୋତେ ପରା ଦୁଇଟା ଗୁଡ଼ ଦେଇଥିଲି ?

ମାଧିଆ—ହଁ ବାବୁ, ସେଟାକୁ ସାଇତ ରଖିଛି ।

ବାବୁ—କେଉଁ ଠାରେ ?

ମାଧିଆ—ସେ ଅଲମାରୀ ଭିତରେ ।

[ଭଦ୍ରନାଥ]



## ଆର୍ଟ୍ଟର ସେବା

ଶ୍ରୀମତୀ କୃଷ୍ଣକାମିନୀ ଦେବୀ ।

ମନକଥା ଖୋଲି କହିବାକୁ ଯେତେବେଳେ କେହି ବନ୍ଧୁ ନ ମିଳନ୍ତି, ମୋତେ ସେତେବେଳେ ଲେଖନୀର ଆଶ୍ରୟ ନେବାକୁ ହୁଏ । ସୁତରାଂ, ଆଜ ଏହି ସୁଦୂର ବିଦେଶରେ ବନ୍ଧୁର ଅଭାବ ବଶତଃ, କାଗଜ, କଲମକୁ ବନ୍ଧୁ ପଦରେ ବରଣ କଲି । ମୋର ଜୀବନରେ ଗୋଟିଏ କଥା ଏପରି ସତ୍ୟ—ଏପରି ପ୍ରଚୁର ହୋଇ ଛିଡ଼ା ହୋଇଛି ଯେ ତାକୁ ପ୍ରକାଶ ନ କଲେ ମୋର ନିସ୍ତାର ନାହିଁ । ଜୀବନ କାହାଣୀ ଲେଖିବାକୁ ରୁଚି ନାହିଁ,—ଜୀବନର ଅଶ୍ରଦ୍ଧା ହୋଇଯାଇଛି । କେବଳ ଯେଉଁ ସତ୍ୟଟି ଜୀବନ—ମରଣରେ ମୋର ସମ୍ବଳ ହୋଇ ରହିଛି । ସେହି ସତ୍ୟଟିକୁ ବାରମ୍ବାର ନମସ୍କାର କରୁଛି ।

ମନେ ହୁଏ ଯେପରି ଜନ୍ମ ଜନ୍ମ ଧରି, ଅବିଶ୍ରାନ୍ତ ମୁଁ ଗୋଟାଏ ଝଡ଼ର ଭିତର ଦେଇ ଛୁଟି ଥିଲି । ଗୋଟାଏ ଅନ୍ୟାୟ—ଅବିବେଚନା ଓ ବ୍ୟସ୍ତତା ସଙ୍ଗରେ ଯାଇଁ ? ଯେଉଁ ଦିନ ମୁଁ ପ୍ରଥମ ସ୍ତବ୍ଧ ହୋଇ ଛିଡ଼ା ହେଲି, ଠିକ ସେହି ଦିନଟିରେ ମୁଁ ମୋର ଅତୀତ ଆଡ଼କୁ ଚାହିଁ ବିଚାର କରିପାରିଥିଲି । ଠିକ ଆମ ପାଖ କୋଠାର ରୁଗ୍ଣ ଲୋକଟି ତାର କଳା ଚକ୍ଷୁର କ୍ଲାନ୍ତ ଦୃଷ୍ଟିରେ ମୋର ଆଜୀବନ-ଅନ୍ଧ କାରଛନ୍ନ ଅନ୍ତରରେ ଯେପରି ମଙ୍ଗଳ ଦୀପ ଜାଳି ଦେଇଥିଲା ।

ଅଫିସର ସବୁ କାର୍ଯ୍ୟ ସଙ୍ଗରେ ରୋଷେଇ କାର୍ଯ୍ୟଟି ମଧ୍ୟ ମୋତେ କରିବାକୁ ହୁଏ । ଆମ ରୋଷେଇ ଘର ଝରକାର ଠିକ ସାମନାରେ ଥିଲା ସେଇ ଘରର ଝରକା । ମୁଁ ଯେତେବେଳେ ରୋଷାଇବାସର ଯୋଗାଡ଼ରେ ବ୍ୟସ୍ତ ଥାଏଁ, ସେ ସେତେବେଳେ ତା' ଝରକା ସାମନାର ଗୋଟିଏ ପାଖରେ ଖଣ୍ଡିଏ ଭଙ୍ଗା ପୁରୁଣା ଚୌକିରେ ବସି ବି.ଏ. କ୍ଲାସର ବଡ଼ ବଡ଼ ବହି ନେଇ ମଗ୍ନ ହୋଇ ରହିଥାଏ । ଆମେ ଦୁଇଜଣ ସେ ପର୍ଯ୍ୟନ୍ତ କେହି କାହାକୁ ଲକ୍ଷ କରୁ ନ ଥିଲୁ । ଆମ ଦୁଇଜଣଙ୍କର ଦୃଷ୍ଟି ପଥକୁ ଆମ ଝରକାର ଲୁହା ଜାଲିଟା ରାଧା ଚଣ ପରି ରୁନ୍ଧ କରି ରହିଥାଏ ! ହଠାତ୍ ଦିନକରେ ତାର ସେହି ଏକନିଷ୍ଠ ଭାବ ଭାଙ୍ଗିଗଲା । ଝରକା ପାଖରେ ନଇଁପଡ଼ି ମୁଁ ସେଦିନ ଖଣ୍ଡେ ଥାଳିରେ କେତେ ଗୁଡ଼ିଏ ଡାଲି ବାଛି ନେଉଥିଲି,—ବୋଧହୁଏ ଦୋକାନି ଉପରେ ବିରକ୍ତ ହୋଇ ପଦେ ଅଧେ ମିଠା କଡ଼ା ମନେ ମନେ କହୁଥିଲି । ଅକସ୍ମାତ ସାମନା ଝରକାରୁ ପଢ଼ାର ଗୁଣୁ ଗୁଣୁ ଭଙ୍ଗା ସ୍ୱରଟି ବନ୍ଦ ହୋଇଗଲା । ଅନାଇଁ ଦେଖେଁ ଯେ, ତାର ବଡ଼ ବଡ଼ ଦୁଇଟି କଳା ଚକ୍ଷୁର ଉଜ୍ଜ୍ୱଳ କୌତୁକ ଦୃଷ୍ଟି ଲୁହା ଜାଲିଟାର ଫାଙ୍କ ଦେଇ ମୋ' ମୁହଁ ଉପରେ ଆସି ପଡ଼ିଛି । ମୁଁ ଟିକିଏ ହସି ମଥା ନୁଆଇଁ ପୁଣି ଡାଲି ବାଛିବାକୁ ଲାଗିଲି । ଲଜ୍ଜାଶୀଳା ମୁହଁ, ସେଠାରୁ ଖସିଯିବା କଥାଟା ମୋ ମନରେ ଆଦୌ ପଡ଼ିଲାନାହିଁ ।

ସେହିଦିନଠାରୁ ସେ ଲୋକଟି ଫାଙ୍କରେ ପ୍ରାୟ କେତେବେଳେ କେମିତି ଦୃଷ୍ଟି ବିନିମୟ ହୁଏ । ଭାବ ଭଙ୍ଗୀ ଦେଖି ମନରେ ହୁଏ, ସେ ତାହା ପଢ଼ିବା ଫାଙ୍କରେ ଚାହିଁବାଟାକୁ ମଧ୍ୟ ବେଶ ମିଶାଇ ନେଇଛି ।

ପିଲା ଦିନରୁ ଅଯାଚିତ ଭାବେ ମୋର ହୃଦୟଟା! ବଡ଼ କଠିଣ ହୋଇଥିଲା ।—ହାସ୍ୟ ରସର କେତେ ମଜା ମଜା କଥା ମୋର କଡ଼ା ମିଜାଜରେ ବାଜି ବିଫଳ ହୋଇଯାଏ । କିନ୍ତୁ ସେ ଦିନ ଲୋକଟିର ଚକିତ ଚାହାଣି ଦେଖି ବଡ଼ ହସ ମାଡ଼ୁଥିଲା । ମୁଁ ଟିକିଏ ଜୋର କରି ବଡ଼ ପାଟିରେ ଆମ ଚାକରଟାକୁ କହିଲି, "ଅରେ ଦେଖ, ଆମ ରୋଷେଇଘର ଝରକାର ଜାଲିଟା ଖୋଲି ଦେ ତ; ନ ହେଲେ ବଡ଼ ଅସୁବିଧା ହେଉଛି ।" ଏହା କହି ଚିଁକି ମାରି ଦେଖିଲି ଯେ ସେ ତଳକୁ ମୁହଁ କରି ବହିକୁ ଅନାଇଛି । ତାର ଗୋରା ମୁହଁରେ ମୁଁ ଦେଖିବାକୁ ପାଉଥିଲି—ତାହାର କାନମୂଳ ପର୍ଯ୍ୟନ୍ତ ଲାଲ ହୋଇ ଉଠିଛି । ମନରେ ଟିକିଏ ମୋର ଅନୁତାପ ହେବାକୁ ଲାଗିଲା । ଏହାପରଠୁଁ ସେ ବୋଧହୁଏ ଆଉ ଚାହିଁନାହିଁ । କିନ୍ତୁ ସେ ଚାହୁଁଛି କି ନାହିଁ ଏହା ଦେଖିବା ପାଇଁ, ମୋତେ ଅନେକ ଥର ଚାହିଁବାକୁ ପଡ଼ିଥିଲା । ଦିନେ ଏହିପରି ଚାହିଁବା ଅବସ୍ଥାରେ ନୂଆବୋଉ ରୋଷେଇ ଘରକୁ ଆସି ଦେଖି ବିସ୍ମିତ ହୋଇ କହିଲେ, "ଭିଏ କଣ କରୁଛ ରେବ ?" ମୁଁ ଚମକି ମୁହଁ ଫେରାଇ କହିଲି, "ଏହି ଲୋକଟା ଭିତରେ ନାକରେ ଘଣ ଘଣ ହୋଇ ପଢ଼ୁଛି, ସେଇଆକୁ ଶୁଣୁଥିଲି ।"

ଜୀବନରେ ବୋଧହୁଏ ସେହି ପ୍ରଥମ ମିଛ କଥା କହିଥିଲି । କାହାର ଆଗରେ ମିଛ କହିଲେ ମନ ଭିତରେ ତାହା ପାଖରେ ଛୋଟ ହେବାକୁ ପଡ଼େ ବୋଲି, ମୁଁ କେବେହେଲେ ମିଛକଥା କହିବାକୁ ଯାଏଁ ନାହିଁ । ନୂଆବୋଉ ନାକ ଟେକି କହିଲେ, "ଯିଏ ଯାହା କରୁଛି କରୁ, ତମେ ବିଧବା ନଣନ୍ଦ ଏ ସବୁ ଦିଗକୁ ନଜର କାହିଁକି ?" ମୁଁ ଏପରି କଥା ମୋତେ ସହିପାରେ ନାହିଁ, ଯାହାର ଯାହା ରୁଚି ସେ



Digitized by srujanika@gmail.com

ତାହା କର ପାରବ,—କନ୍ତୁ ମୁଁ ବଧବା ବୋଲ ମୋ ଜୀବନର ସ୍ଥାନମାନରେ ଶୋକର ଲମ୍ବା ଚଉଡ଼ା ପରଦା ରଖିବାକୁ ହେବ । ମୁଁ ମଧ କଡ଼ା କଡ଼ା କଥା ଦୁଇ ଶବ୍ଦ ଦେ ଶୁଣାଇ ଦେଲ । ନୂଆବୋଉ ମୋ' ସହତ କଥାରେ ପରାସ୍ତ ହୋଇ ଗୁଲଗଲେ । ଅପରାଧ ମୁଁ ବଧବା, ସେହଥିପାଇଁ ମୋର ଗୃହ ପାଖରେ କେବଳ 'ନା' । ଅଉ ଯେଉଁମାନେ ଏହ 'ନା'ର ସୃଷ୍ଟି କର୍ତ୍ତା, ସେମାନଙ୍କ ଗୃହ ଦ୍ୱାରରେ କେବଳ 'ହଁ' ।

ଘୃଣା ! ଘୃଣା ! ମୂହୂର୍ତ୍ତେ—ମୂହୂର୍ତ୍ତେ ମନ ବଦ୍ରୋହୀ ହୋଇ ଉଠେ; ଏବଂ ଅନ୍ୟ କୌଣସି ପଥ ଅବଲମ୍ବନ ନ କର, ସେ ତାହାର ନଜ ଗଢ଼ା ପଥରେ ଗୁଲବାକୁ ଇଚ୍ଛା କରେ ।

ମନେ ପଡ଼ୁଛ; ନାରୀ-ମଙ୍ଗଳ ସମିତ ଉପରେ ମୋର ଗାଢ଼ଭକ୍ତି ଦେଖି, ନୂଆବୋଉ ଦନେ ଥଟ୍ଟାରେ ବଭାପର ଇଙ୍ଗିତ କରଥିଲେ । ମୁଁ ସେଥିପାଇଁ ଜବାବ ଦେଇଥିଲ, "ତାହାପର କରବାକୁ ମୋର ଆପତ୍ତି ନାହିଁ; କନ୍ତୁ ବର କେଉଁଠାରେ ମିଳବ ? ଦେଶରେ କଣ ମଣିଷ ଅଛନ୍ତି !" ଏତେବଡ଼ ତେଜ କଥା ଶୁଣି, ଆମ ନୂଆବୋଉଙ୍କର ଆଉ ମୁହଁରୁ କଥା ବାହାରଲା ନାହିଁ ।

ଆଶ୍ଚର୍ଯ୍ୟ, ଯେ, ନାରୀମଙ୍ଗଳ ସମିତ ଉପରେ କ ସମାନଙ୍କର ଚକ୍ଷୁରେ ଏପର ବକୃତ ବକୃତ ହୋଇ ଦେଖା ଦେଇ ଥିଲ; ଯେପର କ ନାରୀ ମଙ୍ଗଳ ସମିତ ବଧବା ବବାହ ଭନ୍ନ ନାରୀମାନଙ୍କର ଆଉ କୌଣସି ଦଗରେ ଉପକାର କରେନାହିଁ ।

ଆମ ସେ ଦନକାର କଳ କଳଅର କଳରବ, ସେହ ଯୁବକଙ୍କର କାନରେ ଯାଇ ପହଞ୍ଚ ଥିଲ, ସେ ସମ୍ବନ୍ଧେ କୌଣସି ଭୁଲ ନାହିଁ; କନ୍ତୁ ତାହାର ମନରେ ଯାଇଁ ପହଞ୍ଚ ପାର ଥିଲ କ ନାହିଁ ମୁଁ ଠିକ କହ ପାରବ ନାହିଁ । ସେହ ଦନ ଠାରୁ ତେଇଶଦନ ପର୍ଯ୍ୟନ୍ତ ମୁଁ ଜ୍ୱରରେ ବେହୋସ ହୋଇ ପଡ଼ ରହଲ । ନୂଆବୋଉ ବହୁ ବରକ୍ତ ହେଲେ, ଶେଷରେ ସେବାଇ ପାଇଁ ଜଣେ ବ୍ରାହ୍ମଣ ଅଣାଇଲେ; ଏବଂ ଅଉ ସେବାଇ ଘରକୁ ଯିବାର ଉପାୟ ନ ଦେଖି, ବାରମ୍ବାର ଅବାକ ହୋଇ ମଧ ବାକ୍‌ଶକ୍ତି ହରାଇଲ ନାହିଁ ।

ଦନେ ଦୁଇଦନ ପରେ ଯେତେବେଳେ ଜ୍ୱର ଛାଡ଼ଲା, ବଛଣାରୁ ଉଠି ବସି ଦେଖେଁ, ଦେହ ଓ ମନ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଅଛ । ମନେ ହେଲା, ଯେପର ଏ ଚର ଅଭାଗିନୀ ଭାଗ୍ୟରେ ସେ ସବୁ କାହିଁ ? ମୁଁ କାହାଠାରୁ ସ୍ନେହ ଟିକଏ ପାଇବ ଏପର କେହତ ନଥିଲେ,—କେବେ ମଧ ଥିଲେ କ ନାହିଁ ସନ୍ଦେହ !

ଅଭି ମୁଗ୍ଧ ମା' ବାପାଙ୍କର ଚେହେରାକୁ ମନରେ ଆଙ୍କିବାକୁ ଚେଷ୍ଟା କଲ; କନ୍ତୁ ସେ ଚେହେରା ଯେ କପର ଥିଲ ମନରେ ହେଲ ନାହିଁ । ସ୍ୱାମୀଙ୍କ ଅନାଦ୍ୟ ମୁଖଟି ମନରେ ପଡ଼େ,—ଦଶ ବର୍ଷ ପୂର୍ବେ ସେ ରୂପଟି ଦେଖି ଥିଲ, କନ୍ତୁ ଭୁଲନାହିଁ । ପାଚଲା ପାଚଲା ଦାଢ଼ୀ ନଶ ସବ ଛନ୍ନ, ଦନ୍ତହୀନ ମୁଖ ମଣ୍ଡଳ ଦେଖି ମନରେ ହେଉଥିଲା, ସତେ ଯେପର ପିତାମହ ଦୁଲାଡଛ ଦୃଢ଼ଂ ମୋତେ କୌମାର୍ଯ୍ୟ କୂପରୁ ଉଦ୍ଧାର କରବାକୁ ଆସିଛନ୍ତେ । ସେ ରୂପ ଦେଖି ସେତେବେଳେ ଭୟରେ ଶିହର ଉଠିଥିଲ, ଆଜ ପୁଣି ତାହାର ଠାରୁ ସ୍ନେହ ମମତା ଦାବ କରବାକୁ ମୋତେ ହସ ମାଡ଼ଲ,—ମୁଁ ପାଗଳ ହୋଇଗଲ ନା କଣ ? ତେବେ ଗୋଟାଏ କଥା ମନ ଭତରେ ଉଠେ ଯେ, ଷାଠିଏ ବର୍ଷରେ ମଧ ଯେଉଁମାନେ ଦଶ ବର୍ଷର କୁମାରୀ ସଙ୍ଗରେ ପ୍ରେମାଳାପ କରବାକୁ ସାହସ କରନ୍ତି, ସେମାନେ ଆଉ କଛ ନ ହେଲେ ଜଲେ, ଆଦର୍ଶ ପ୍ରେମିକ କନ୍ତୁ !

ଅନ୍ତରର ଏହ ସବୁ ଦୁର୍ବଳତା ଏଡ଼େଇବା ପାଇଁ ଧୀରେ ଧୀରେ ଉଠି ଦୋତାଲା ବାରଣ୍ଡାରେ ଆସି ଛଡ଼ା ହେଲ । ବାହାରର ଲୋକ ଚଳାଚଳ ଦେଖୁଁ ଦେଖୁଁ ଅନ୍ୟ ମନସ୍କ ହୋଇ ଯାଇଥିଲ । ଏତକ ବେଳେ ପାଖ ଘରର ସେହ ଲୋକଟି ତାଙ୍କ ଘର ଭତରୁ ବାହାର ଆସିଲା । ଦେଖିଲ, ତାହା କୋଳରେ ଆମ ପୁଅ ବୁଲୁ । ଆମ ଝରକା ଭତର ଦେଇ କେବଳ ତାହାର ମୁଖଟିକୁ ଦେଖିଥିଲ;—ସର୍ବାଙ୍ଗ ଦେଖିବାର ସୁଯୋଗ ପାଇ ନ ଥିଲ, ଆଜ ପୁଣି ଦେଖିଲ, କ ସେଶ । ଲମ୍ବା ଚେହେରା, ରଙ୍ଗ ଖୁବ ସଫା, ଯେପର ରକ୍ତ ହୀନ । ମୁହଁଟି ଅତ ଶୁଷ୍କ, ଚକ୍ଷୁର ଦୃଷ୍ଟି ଯେପର କ୍ଳାନ୍ତିରେ ଭରା । ବୁଲୁ ସଙ୍ଗରେ ସେ ଲୋକଟି ଆଳାପ କରୁଥିଲା,—ହଠାତ୍ ଗୋଟାଏ କଥା ମୋ' କାନକୁ ଆସିବାରୁ ମୁଁ ଚମକ ଉଠିଲ,—ଏତ ମୋହର କଥା ! ମୁଁ ବସ୍ମିତ ହୋଇ ଛଡ଼ାହୋଇ ରହଲ, ଏ କ କଥା ! ବୁଲୁ ତାହାର ଛୋଟ ମୁଣ୍ଡଟି ହଲାଇ ଜବାବ ଦେଉଁ ଦେଉଁ ଅକସ୍ମାତ ପଚାରି ବସିଲ, "ତେମେ ଲୋକଅପାକୁ ଭଲ ପା, ନା ? ମୁଁ ଭଲପାଏଁ ।" ଲୋକଟିର ଧଳା ଗାଲ ଦୁଇ ମୁହଁ ରେ ଏକ ମୂହୂର୍ତ୍ତରେ ଲାଲ ହୋଇ ଉଠିଲା । ସେ ବୁଲୁର ଗଣ୍ଡକୁ ଚୁମ୍ବନ କର, ଘର ଆଡ଼କୁ ମୁହଁ ଦେଖିବା ବେଳେ ଉପର ବାରଣ୍ଡାରେ ମୋ' ଉପରେ ଦୃଷ୍ଟି ପଡ଼ଗଲା । ମୋତେ ଦେଖି ସେ ଅତ୍ୟନ୍ତ ଚମକ ଉଠିଲା । ଆଉ ମୁଁ,—ମୁଁ ଯେପର ପଥର ପାଲଟି ଯାଇଥିଲ । ତାର କଳା ଚକ୍ଷୁର ଉଜ୍ଜ୍ୱଳ ଦୃଷ୍ଟି ସହ୍ୟକର ନପାର ମୁଁ ମୁହଁ ଫେରାଇ ନେଲ । ସେ ତାହା ଘର ଭତରକୁ ଗୁଲଗଲା । ମୁଁ ମଧ କଛକ୍ଷଣ ପରେ ସ୍ୱପ୍ନାବଷ୍ଟ ପର ଘର ଭତରକୁ ଗୁଲ ଆସିଲ । ଏ କଣ ଶୁଣିଲ । ମୋର କ୍ଳାନ୍ତ ମନ ସେହ ଗୋଟିଏ ମାତ୍ର କଥାର ଭାରରେ ଧୂଳରେ ଲୋଟି ପଡ଼ିଲା । ଛି-ଛି ! କ ଦୁର୍ବଳ ମୁଁ ! ମୋର ସେ ଦୃଢ଼ତା କାହିଁ ଗଲା ?

ଦୁର୍ବଳ ମନ ଭତରେ ସେହ ସତ୍ୟ ନାଶିଆ କଥାଟାହିଁ ବାରମ୍ବାର ଉଠିବାକୁ ଲାଗିଲା । ପୁଣି କଛଦନ ପରେ ମୁଁ ଆମ ସେବାଇଘରର ଶୂନ୍ୟ ସିଂହାସନ ଦଖଲ କର ବସିଲ ।

ମୋର ସେହ କଠୋର, ଉଗ୍ର ସ୍ୱଭାବ ଏପର ହେବାକୁ ଲାଗିଲା ଯେ, ଆମ ଘରେ ସମସ୍ତେ ଅସ୍ଥିର୍ଯ୍ୟ ହୋଇଥିଲେ । ବର୍ତ୍ତମାନ

Digitized by srujanika@gmail.com

ଅଉ କାହାର କଥାରେ ପ୍ରତିବାଦ କରିବାକୁ ଇଚ୍ଛା ହୁଏନାହିଁ; ମନରେ ହୁଏ, ଯେପରି ଜଗତର ଅବସାଦରେ ମନ ପର୍ଯ୍ୟନ୍ତ ଅଶାନ୍ତ ହୋଇ ପଡୁଛି। ମୋର ଏହି ସ୍ତବ୍ଧତାରେ ସାମନା ଝରକାର ଲୋକଟି ବୋଧହୁଏ ଉତ୍କଣ୍ଠିତ ହୋଇଥିବ। ମୋର ବୋଧହୁଏ, ଯେପରିକି ସେ ପରିଚିତ ସ୍ୱର ଶୁଣିବା ପାଇଁ ଶ୍ୱାସବନ୍ଦ କରି ଅପେକ୍ଷା କରୁଛି। ମଝିରେ ୨ ଯେତେବେଳେ ତାହାର ଶାନ୍ତ କୋମଳ ଦୃଷ୍ଟି ଏ ଘର ଭିତରେ ଆସି ପଡେ, ସେତେବେଳେ ମୁଁ ଯେପରି ଜାଣିପାରେ ନାହିଁ, ଏହିପରି ଭାବରେ ଅନ୍ୟ ଆଡ଼କୁ ମୁହଁ କାର୍ଯ୍ୟ କରିବାକୁ ଲାଗିଯାଏଁ। ମୁଁ ଜାଣେ ମୋର ଚକ୍ଷୁ ପଡ଼ିବା ମାତ୍ରେ ସେ ଅନ୍ତରାଳକୁ ଚାଲିଯିବ,—କିନ୍ତୁ ମୁଁ ତାହାର ଏହି ଭିକ୍ଷାକୁ 'ନା', କରିବାକୁ ମୋର ଯେପରି ମାୟା ହୁଏ।

ତାଙ୍କ ଘରର ଗୃହିଣୀଙ୍କ ସଙ୍ଗରେ ଆମ ବଂଶଙ୍କର ଟିକିଏ ଅଧେ ଆଳାପ ଥିଲା। ଦିନେ ସେ କଥାରେ ୨ କହିଲେ, ତାଙ୍କର ଗୋଟିଏ ଗରିବ ଦେଢ଼ଶୁର ପୁଅ ତାଙ୍କ ଘରେ ରହି ଲେଖା ପଢ଼ା ଶିଖେ, କିନ୍ତୁ ତାର ଯକ୍ଷ୍ମା କାଶ ଅଛି ବୋଲି, ସେମାନେ ବଡ଼ ଦୁଷିଅରରେ ଚଳନ୍ତି। କଣ କରିବେ, ମୁହଁ ଖୋଲି ତ କିଛି କହି ପାରିବେ ନାହିଁ। ମୁଁ ବୁଝିନେଲି ଏହି ଦେଢ଼ଶୁର ପୁଅଟି କିଏ। ଏହିପରି ଗୋଟାଏ ସାଂଘାତିକ ରୋଗ ବୋଲି ଶୁଣି, ସେ ହତଭାଗ୍ୟ ପାଇଁ ସହାନୁଭୂତିରେ ମୋର ହୃଦୟ ପୂରି ଉଠିଲା। ସେ ମଧ୍ୟ ମୋହରି ପରି ଅନାଦୃତ ଲାଞ୍ଛିତ,—ଦୁନିଆରେ ତାକୁ ସ୍ନେହ ଶରଧା ଦେବାକୁ କେହି ନାହାନ୍ତି। ସେତେବେଳେ ମନେ ହେଲା ମୁଁ ପୃଥିବୀ ବୁକୁରେ କେବଳ ଗୋଟାଏ ଉଦ୍ଦେଶ୍ୟ ହୀନ, ତାଣ୍ଡବ ନୃତ୍ୟ କରିବାକୁ ଜନ୍ମ।

ସେତେବେଳେ ଜାଣି ନ ଥିଲି, ବୁଝି ନ ଥିଲି ଯେ, ଏହି ସଂସାରରୁ କେହି କେବେ ଶୂନ୍ୟ ହାତରେ ଫେରି ଯାଇନାହିଁ,—ଗୋଟାଏ ଚିନ୍ତା, ଗୋଟାଏ ବେଦନା ତାକୁ ଗ୍ରହଣ କରିବାକୁଇ ହେବ। ସେଥିପାଇଁ କ୍ରମାଗତ କେତେଦିନ ଧରି ତାର ରୁଦ୍ଧ ଝରକା ଆଡ଼କୁ ଚାହିଁ ୨ ଯେତେବେଳେ ମୋର ପ୍ରାଣ ହୃଦୟ ପିଞ୍ଜରରେ ଛଟପଟ ହେଉଥାଏ ସେତେବେଳେ ଥରେ ହେଲେ ମୁଁ ଭାବୁ ନ ଥିଲି,—ଏ ମୋର କଣ !

ଯେଉଁଦିନ ସକାଳେ ସେ ଝରକାଟା ଖୋଲି ସେ ଭଙ୍ଗା ରେଲିଂ ଖଣ୍ଡିକୁ ଟାଣି ବସିଲା,—ମୋର ମନରେ ପଡ଼େ, ମୁଁ ତୃଷିତପରି ମୋର ସର୍ବ ଶକ୍ତି ଚକ୍ଷୁକୁ ଟାଣି ଆଣି, ତାହା ଆଡ଼କୁ ଚାହିଁ ରହିଥିଲି। ଖଣ୍ଡିଏ ଚେୟାରରେ ସର୍ବାଙ୍ଗ ଢାଙ୍କି ହୋଇ ବସି, କ୍ରମାଗତ କାଶିବାକୁ ଲାଗିଲା। ସେ କି ଭୀଷଣ କାଶ ! ବେଦନାରେ ତାର ଫିକା ମୁହଁ ଖଣ୍ଡି ନାଲ ହୋଇ ଯିବାକୁ ଲାଗିଲା। ସହାନୁଭୂତିରେ ମୋର ଆଖି ଛଳ ୨ କରି ଉଠିଲା। ହଠାତ୍ ସେ ଚକ୍ଷୁ ଟେକି, ବିସ୍ମିତ ପରି ମୋ ମୁହଁକୁ ଚାହିଁ ରହିଲା,—ମୁଁ ମଧ୍ୟ ଅଶ୍ରୁ-ଅନ୍ଧ ଦୃଷ୍ଟିର ବାଧା ଅଗ୍ରାହ୍ୟ କରି ଚାହିଁ ରହିଲି।

ସେହି ଗୋଟିଏ ଦିନ, ତାହାପରେ ତାର ସେହି ଝରକା ଆଉ ଖୋଲିଲା ନାହିଁ। ମୋର ମନ ତାହାର ସେହି ରୁଦ୍ଧ ଝରକାର ନିଷ୍ଫଳ ଆଘାତ କରି ୨ ଅବସନ୍ନ ହୋଇ ପଡ଼ିଲା। କାନପାରି ମୁଁ ଶୁଣି ପାରୁଥିଲି, ଘର ଭିତରେ—କାଶର ପ୍ରବଳ ଧମକରେ ନେତରି ତାହାର ଦମ୍ ବନ୍ଦ ହୋଇ ଆସୁଛି। ମୋର ମନଟା ସେହି—ଅସହାୟ ରୁଗ୍ଣ ନିମିତ୍ତ ରହି ୨ କାନ୍ଦି ଉଠିଲା;—କିନ୍ତୁ ଉପାୟ କଣ ? ଥରେ ଥରେ ହୃଦୟର ଅଶାନ୍ତ ଉଚ୍ଛ୍ୱାସରେ ବିସ୍ମିତ ହୋଇ ଭାବେଁ, "ମୋର ହେଲା କଣ ?"

କେତେଦିନ ପରେ ଦିନେ ଦେଖିଲି ତାଙ୍କ ଘରର ସମସ୍ତେ ଉଡ଼ା ରୋଗର ଭୟରେ ଗାଡି ଚଢ଼ି ଅନ୍ୟତ୍ର ଚାଲିଗଲେ। କେବଳ କିଏ ଜଣେମାତ୍ର ଲୋକ ସେ ରୋଗୀକୁ ଓ ଘର ବାଡ଼ିକୁ ଜଗିବା ପାଇଁ ରହିଲା। ତାଙ୍କ ଘର ମଧ୍ୟ ଜନ ମାନବ ଶୂନ୍ୟ, ଭୟାନକ ହୋଇ ଉଠିଲା।

ସେହିଦିନ ସନ୍ଧ୍ୟାବେଳେ ବନ୍ଧାବନ୍ଧା ଶୀଘ୍ର ଶୀଘ୍ର ସାରିଦେଇ, ଲୁଗା ପାଲଟି, ମୁଁ ସିଧା ଆମ ନୂଆବୋଉଙ୍କ ପାଖରେ ଉପସ୍ଥିତ ହେଲି, "ମୁଁ ଯାଉଛି।" ନୂଆବୋଉ ଅତି ଆଶ୍ଚର୍ଯ୍ୟ ହୋଇ କହିଲେ, "କୁଆଡେ ଗୋ ?" ଅମ୍ଳାନ ମୁଖରେ କହି ପକାଇଲି, ଏହି ଆମ ପାଖ ଘରକୁ,--ଜାଣିଚ ସେମାନେ ସମସ୍ତେ ବିଚାରି ସେ ରୋଗୀଟିକୁ ଏକଲା ପକାଇ ଦେଇ ଚାଲି ଯାଇଛନ୍ତି।" ନୂଆବୋଉ ଖୁବ୍ ଭୟରେ ଚିତ୍କାର କରି କହିଲେ, "କି ଗୋ ଏ-କି କଥା ଗୋ ? ସେ ଯେଉଁ ସର୍ବନାଶିଆ ରୋଗ,—ମୋର ପୁଣି ଛୁଆ ପିଲାର ଘର—" ମୁଁ ଏ କଥାରେ ଭ୍ରୂକ୍ଷେପ ମାତ୍ର ନ କରି ଚାଲିଯିବାର ଉପକ୍ରମ କଲି। ନୂଆବୋଉ ଦୌଡ଼ି ଆସି ମୋ' ହାତଟାକୁ ଧରି ପକାଇ କହିଲେ, "ତୁମେ କଣ ପାଗଳୀ ହେଲ କି ରେବ ? ସେହି ଜୁଆନ ଟୋକାଟାର ସେବା କରିବାକୁ ଗଲେ ଲୋକ କଣ କହିବେ ?" ଲୋକ ନିନ୍ଦା !—ନୂଆବୋଉଙ୍କର ଏହି ତୁଚ୍ଛ କଥାଟାର ଜବାବ ଦେବାକୁ ମୋର ପ୍ରବୃତ୍ତି ହେଲା ନାହିଁ। ନୂଆବୋଉ ମଧ୍ୟ ଆଗରୁ ଜାଣିଥିଲେ, ଅନ୍ୟାନ୍ୟ ଅନେକ ଜିନିଷ ପରି ଲୋକ ନିନ୍ଦାଟାକୁ ମଧ୍ୟ ମୁଁ ଗୋଡ଼ରେ ମାଡ଼ି ଚାଲୁଥିଲି,—ସେଥିପାଇଁ ସେ ମୋର ଏହି ଉପେକ୍ଷା ଦେଖି ଏକାବେଳେ ରାଗରେ ଜର ୨ ହୋଇ ଯାହା ଇଚ୍ଛା ତାହା ବକିବାକୁ ଲାଗିଲେ। ମୁଁ ଟିକିଏ ହସି, ନୂଆବୋଉଙ୍କ ହାତ ଧରି କହିଲି, "ତମ ସମାଜକୁ ମୁଁ କଣ କେବେ ଭୟ କରିଥିଲି ଯେ ଆଜି ମୋର ଏହି ସେବାର ଇଚ୍ଛା, ସେହି ନିଷ୍ଠୁର ସମାଜ ଭୟରେ ବନ୍ଦ କରିଦେବି ?" ନୂଆବୋଉ ଆଉ କଣ କହିବାକୁ ଯାଉଥିଲେ; କିନ୍ତୁ ମୁଁ ଚଞ୍ଚଳ ତାଙ୍କ ହାତ ଛାଡି ଦେଇ ତଳକୁ ଚାଲି ଆସିଲି। ସଦର ଦରଜାର କବାଟ ଖୋଲି ରାସ୍ତାକୁ ବାହାରି ଆସି, ପୁଣି ସେଟାକୁ ବାହାରୁ ବନ୍ଦ କରିଦେଲି। ମୁଁ ଜାଣେ, ହୁଏତ ଏହି ଦରଜା ଚିରଦିନ ନିମିତ୍ତ ମୋ' ପାଇଁ ବନ୍ଦ ହୋଇଗଲା,—କିନ୍ତୁ ଉପାୟ କଣ ? ପାଖ ଘରର ଦରଜାଟା ଠେଲି ଦେବା ମାତ୍ରେ ଖୋଲିଗଲା,—ଭିତରକୁ ଯାଇଁ ସେଟାକୁ ମଧ୍ୟ ବନ୍ଦ କରିଦେଲି। ଉଃ ! ଘର ଭିତରଟା କି

Digitized by srujanika@gmail.com

ଅନ୍ଧକାର ! ଏହି ଅଚହ୍ନା ଘରର ଡାକ୍ତରଙ୍କୁ ଧରି ଆସ୍ତେ ୨ ଆଗେଇ ଗଲି,—ଗୋଟାଏ ସନ୍ତସନ୍ତିଆ କଦର୍ଯ୍ୟ ଗନ୍ଧ ଆସୁଥାଏ । ନିକଟରେ ତାହାର ଘର,— କବାଟ ଫାଙ୍କ ଦେଇ ଟିକିଏ ମାତ୍ର ମ୍ଳାନ ଆଲୋକ ବାହାରର ଗାଢ଼ ଅନ୍ଧକାର ଉପରେ ଆସି ପଡ଼ୁଛି । ମୁଁ ସେହି-ଠାରେ ଟିକିଏ ଥକ୍କା ମାରି ଛିଡ଼ା ହେଲି,— ମୋର ସାରା ଦେହ ଛନଛନ ହୋଇ ଉଠିଲା । ଭିତରର ଅସ୍ପଷ୍ଟ ଆଲୋକରେ ଦେଖିବାକୁ ପାଇଲି, ସାମନା ଚୌକି ଉପରେ ସେ ଶୋଇ ରହିଛି,—ତାର ମୁହଁ ଖଣ୍ଡି ବିଛଣା ଚଦର ପରି ଧଳା । ପାଖରେ ବସି ଜଣେ କିଏ ହାତରେ କଣ ମାଲିସ କରୁଛି । ମୁଁ ଆସ୍ତେ ୨ ଦରଜାଟି ଖୋଲିଦେଲି । ଲୋକଟି ଚମକି ପଡ଼ି କହି ଉଠିଲା, "କିଏ ?" ଆସ୍ତେ ଉତ୍ତର ଦେଲି, "ମୁଁ ।" ଲୋକଟି ଆଶ୍ଚର୍ଯ୍ୟ ଭାବରେ ଚାହିଁ ରହିଲା । ହଠାତ୍ ବିଛଣାରୁ ରୋଗୀ ମୁଣ୍ଡ ଟେକି ବ୍ୟାକୁଳ ସ୍ୱରରେ କହି ଉଠିଲା, "କିଏ-କିଏ ?" ତାର ନତ୍ତ କଣ୍ଠ—ଧ୍ୱନିରେ ଘର ଖଣ୍ଡି ପ୍ରତିଧ୍ୱନିତ ହୋଇ ଉଠିଲା । ବୁଝିଲି, ମୋର ଆସିବା ବୃଥା ହୋଇନାହିଁ । ନିକଟକୁ ଯାଇଁ ଛିଡ଼ା ହେବାରୁ, ସେ ଉନ୍ମାଦ ପରି ଚାହିଁ ରହିଲା । ତାର ସେହି ଅଦ୍ଭୁତ ଦୃଷ୍ଟି ସମ୍ମୁଖରେ ମୁଁ ଏକାବେଳେକେ ସଢ଼ି ପଡ଼ିଲି । ସେ ଚାହାଣିରେ କାହିଁ ରୋଗର କ୍ଳାନ୍ତି, ଅବା କାହିଁ ଅସହାୟର ନିର୍ଭରତା ! ସେ ଯେ କଣ, ମୁଁ ତାହା ଲେଖନୀରେ ପ୍ରକାଶ କରି ପାରିବି ନାହିଁ ।

ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ, ସେ ତାର କଙ୍କାଳ-ସାର ହାତ ଖଣ୍ଡି ବଢ଼ାଇ କହିଲା, "ଏତେବେଳେ ତୁମେ ଆସିଲ,—ମୁଁ ମଧ ଏହି କଥା ଭାବୁଥିଲି ।" ମୁଁ ତାର ତପ୍ତ ହାତ ଟି ମୋର ହାତରେ ନେଇ ଗୋଟାଏ ପାଖରେ ବସି ପଡ଼ିଲି ।

ଧୀରେ ଧୀରେ ଲୋକଟି ବାହାରି ଗଲା;— କେବଳ ଆମେ ଦଇଟି ପ୍ରାଣୀ—ସ୍ତବ୍ଧ—ବାକ୍ୟ ଶୂନ୍ୟ ହୋଇ ପଲକଶୂନ୍ୟ ଦୃଷ୍ଟିରେ ପରସ୍ପର ପ୍ରତି ଚାହିଁ ରହିଲୁଁ । ସେହି—ଅର୍ଦ୍ଧ-ଅନ୍ଧକାର ଘର ଖଣ୍ଡିକ ଛଡ଼ା ସମସ୍ତ ବିଶ୍ୱ ସଂସାର ଆମ ଜ୍ଞାନରୁ ପ୍ରାୟ ଲୁପ୍ତ ହୋଇ ଯାଇଥିଲା ।

ସେହି ସ୍ତବ୍ଧତାର ମଝିରେ ଯେତେବେଳେ କ୍ଷୀଣ ପ୍ରଦୀପଟି ଲିଭିଗଲା, ସେତେବେଳେ ମୋର ଚୈତନ୍ୟ ହେଲା ଯେ, ହତଭାଗ୍ୟର ଯେଉଁ ଜୀବନ-ଦୀପଟି ମୋ ସାମନାରେ ମିଟିମିଟି ହୋଇ ଜଳୁଛି, ସେ ମଧ ନିର୍ବାଣୋନ୍ମୁଖ ! ଏହି ଅସହ୍ୟ ବୋଝଟି ଯେପରି ମୋର ବୁକୁକୁ ଚାପି ଧରିବାକୁ ଲାଗିଲା । ମୁଁ ଉଠି ଗୋଟାଏ ଝରକା ଖୋଲି ଦେଲି । ରାତି କାଳର ଥଣ୍ଡା ପବନ ସୂ—ସୂ କରି ଘରକୁ ପଶି ଆସିଲା । ସେ ଗୋଟାଏ ଆରାମର ନିଃଶ୍ୱାସ ପକାଇ କହିଲା, "ଆଃ !" ଅଳ୍ପକ୍ଷଣକୁ ଟିକିଏ ତେଜେଇ ହୋଇ ଆସି ବସିଲାରୁ, ଘରକୋଣ ଟେବୁଲ ଉପରର ସୁପରିଚିତ ଚିତ୍ରକୁ ଚାହିଁ ସେ କହିଲା, "ତୁମକୁ ଯେତେବେଳେ ଦେଖି ନଥିଲି, ଏହି ଚିତ୍ର ସ୍ମୃତି ମୋର ଥିଲା ସର୍ବସ୍ୱ,—କିନ୍ତୁ ବର୍ତ୍ତମାନ—" କଥାଟା ଅସମାପ୍ତ ରଖି ସେ ମୃଦୁ ହସି ମୋତେ ଚାହିଁ ରହିଲା । ତାର ଅବାଧ ଜୀବନରେ ଏତେ ପରିବର୍ତ୍ତନ କିଏ ଘଟାଇଛି ? ସେ—ମୁହିଁ ! ଅବାକ ହୋଇ ଭାବିବାକୁ ଲାଗିଲି, ମୁହିଁ ! ମୋର ଏତେ ଶକ୍ତି କିପରି ହେଲା ଯେ, ଗୋଟାଏ ମନୁଷ୍ୟ ଜୀବନର ସ୍ୱଚ୍ଛନ୍ଦ ଗତିକୁ ଏପରି ଭାବରେ ବଦଳାଇ ଦେଇ ପାରିଲି ! ଆଶ୍ଚର୍ଯ୍ୟ !! ତାର ରୁକ୍ଷ କେଶରେ ଅଙ୍ଗୁଳି ସଞ୍ଚାଳନ କରୁଁ କରୁଁ ବରାବର ଏହି କଥାକୁ ଭାବୁଥିଲି । ଧୀରେ ଧୀରେ ସେ ମୋର ହାତକୁ ନେଇ ତାର ବୁକୁରେ ଚାପି ଧରି, ଅସ୍ପଷ୍ଟ ଭଗ୍ନ ସ୍ୱରରେ କହିଲା, "ଓଃ, ଭ-ଗ-ବା-ନ ! ଯଦି ଆ-ଉ କି-ଛି-ଦିନ- ମୁଁ ବଁ-ଞ୍ଚି ର-ହି-ଥା-ନ୍ତି !" ସେପରି କଣ୍ଠ ମୁଁ ଜୀବନରେ କେବେ ଶୁଣିନାହିଁ ! ଚମକି ମୁହଁକୁ ତଳକୁ କରି ଦେଖିଲି, ତାହାର ନିଷ୍ପ୍ରଭ ଦୁଇ ଚକ୍ଷୁର କୋଣ ଦେଇ ଅଶ୍ରୁ ଗଡ଼ି ପଡ଼ୁଛି । ମୋର ସମସ୍ତ ହୃଦୟ ଉଚ୍ଛ୍ୱସିତ ହୋଇ, ଚକ୍ଷୁରୁ ଝର ଝର କରି ଲୁହ ଝରିବାକୁ ଲାଗିଲା । ହା ଭଗବାନ ! ଆଉ କିଛିଦିନ ରଖି ପାରିବାର କି କୌଣସି ଉପାୟ ନାହିଁ !

ମୋର କ୍ରନ୍ଦନ ଅନୁଭବ କରି, ସେ ମୁହଁ ଫେରାଇ ବ୍ୟାକୁଳ ହୋଇ କହି ଉଠିଲା, "ମୋତେ—ମୋତେ ଟିକିଏ ବସାଇ ଦିଅ ।" ଆସ୍ତେ ଆସ୍ତେ ତାକୁ ବସାଇ ଦେଲି । ସେ ସେହି ଉଠି ବସିବାର ପରିଶ୍ରମ ଟିକକରେ ଏକାବେଳେ ଦମ ବନ୍ଦ ହୋଇଯିବା ପରି ହେଲା,—କେବଳ ବାଧାହୀନ ଚକ୍ଷୁର ଜଳ ଟପ ଟପ କରି ଝରି ପଡ଼ିବାକୁ ଲାଗିଲା ।

ଅକସ୍ମାତ ସ-ବେଗରେ ଫେରି ପଡ଼ି, ସେ ମୋ ମୁଣ୍ଡଟାକୁ ପ୍ରାଣପଣେ ଆକର୍ଷଣକରି ତାହା ବୁକୁରେ ଚାପି ଧରିଲା । ତା'ପରେ ଧୀରେ ଧୀରେ—ସବୁ ଶେଷ !

କେବଳ ତାହାରି ପାଇଁ ସମାଜ-ହୀନ ଗୃହ ହୀନ ହୋଇ, ମୁଁ ଆଜି ଏହି ଆଶ୍ରମରେ ଆସି ପଡ଼ିଛି; କିନ୍ତୁ ତଥାପି ସେ ଯେ ମୋତେ ଟିକିଏ ମାତ୍ର ତାର ସେବା କରିବାର ସୁଯୋଗ ଦେଇ-ଥିଲା, ସେଥିକରେ ମଧ ମୁଁ କୃତାର୍ଥ । ସେ-ହି କେବଳ ମୋର ପ୍ରାଣରେ ପ୍ରେରଣା ଦେଇ ଯାଇଛି—ଆର୍ତ୍ତର ସେବାହିଁ ପରମ ଏବଂ ପ୍ରଧାନ ଧର୍ମ ! ମୂର୍ଖ ସମାଜ ତାହା ମାନିବାକୁ ଚାହେଁନ ବୋଲି ମୁଁ ଆଜି କୁଳତ୍ୟାଗିନୀ ! କିନ୍ତୁ ଯିଏ ଆର୍ତ୍ତର ବନ୍ଧୁ, ସେ ଜାଣନ୍ତି—ମୁଁ ସତୀ, ମୁଁ ଆକୁଳ ହୃଦୟରେ ମରଣାହତ ଆର୍ତ୍ତର ସେବା କରିବାକୁ ଯାଇଥିଲି—କୁ-ପ୍ରବୃତ୍ତିର ତାଡ଼ନାରେ ନୁହେଁ ।

## କୁତୁ କୁତୁ

ପ୍ରଶ୍ନ—ତୁମେ ବୁଲି ବୁଲି ସଞ୍ଜବେଳେ ଘରକୁ ଫେରି ଦେଖିଲ ଯେ ଲଣ୍ଠନ ଲାଗି ନାହିଁ ଏଣେ ତୁମର ଷ୍ଟୋଭ୍ ଲଗେଇ ଚା ଖାଇବା ଦରକାର । ସିଗାରେଟ ଖାଇବାକୁ ଭାରି ମନ ହେଉଛି ଅଥଚ କହିଲ ତୁମେ ପହିଲୁ କଣ ଜଳେଇବ ?

୧ମ ଉତ୍ତର—ସିଗାରେଟ

୨ୟ „ —ଲଣ୍ଠନ

୩ୟ „ —ତେବେ ଷ୍ଟୋଭ୍ ।

ପ୍ରଶ୍ନ କର୍ତ୍ତା—ନାହିଁ—କିଛି ଠିକ୍ ହେଲା ନାହିଁ । ପହିଲେ ଦିଆସିଲି ଜଳେଇବା ଦରକାର

Digitized by srujanika@gmail.com

# ଭୁଲ କଥା

[ ଅନେକ ଲୋକଙ୍କ ମନରେ ଅନେକ ଭୁଲ ଧାରଣା ରହିଥାଏ । ସେ ସବୁ ନିରାକରଣ ନିମନ୍ତେ ହଗର ବହୁ ଯତ୍ନ କରି କେତେ ଗୁଡ଼ିଏ ସତ କଥା ସଂଗ୍ରହ କରିଛନ୍ତି । ]

ଅନେକେ ଭାଗିରଥୀ ମହାପାତ୍ରଙ୍କୁ ନାରୀ ବୋଲି ଜାଣନ୍ତି । ମାତ୍ର ତାଙ୍କ ନାଁଟା ସ୍ତ୍ରୀଲିଙ୍ଗାତ୍ମକ ଓ ସେ ନିଜେ ଗୋପୀଭାବାପନ୍ନ ହେଲେ ମଧ୍ୟ, ସେ ପକ୍ୱ ସରଳାଙ୍କ··· !

ମାଳତୀ ଚୌଧୁରୀଙ୍କୁ ଯେ ନ ଦେଖିଛନ୍ତି ସେମାନେ ତାଙ୍କ କାର୍ଯ୍ୟକଳାପ ଓ ନାମରୁ ତାଙ୍କୁ ଜଣେ ବିଶାଳକାୟ ପେଟୁଆ ପୁରୁଷ ବୋଲି କଳ୍ପନା କରି ଥାଆନ୍ତି । ମାତ୍ର ସେ ଭାଇ ନୁହନ୍ତି—ଭଉଣୀ ଏବଂ ଜଣେ କ୍ଷୀଣକାୟା ମହିଳା । ... ... ...

ପଂଡ଼ିତ ନୀଳକଣ୍ଠଙ୍କୁ କେହି କେହି ସ—ହେ—ମି—ରା ର ଭାଇ ବୋଲି ମନେ କରନ୍ତି, ମାତ୍ର ସେ ତାହା ନୁହେଁ, ହସ୍ତ ପଦ ବିଶିଷ୍ଟ ପ୍ରତିଭାଶାଳୀ ପଂ—ଡି—ତ । ......

ମହତାପଙ୍କୁ ନ ଦେଖିଲା ଲୋକେ ତାଙ୍କୁ ଜଣେ ପ୍ରତାପି ଓ ଦ୍ୟମବାଜ ବ୍ୟକ୍ତି ବୋଲି ଭାବି ପାରନ୍ତି । ହରେକୃଷ୍ଣ, ହରେକୃଷ୍ଣ! ବିଶାଳକାୟ ହେଲେ ମଧ୍ୟ ସେ ବଡ଼ କୋମଳ ପ୍ରକୃତିର । ... ... ......

'ସାମ୍ୟବାଦ'କୁ ଅନେକେ 'ଅଲ୍ଲାହାବାଦ', 'ଅହମଦାବାଦ' ଭଳିଆ ଗୋଟାଏ କିଛି ମନେ କରନ୍ତି । ମାତ୍ର ତାହା ନୁହେ—ସେଇଟା ଗୃହୀ ମୁଲିଆଙ୍କର ନିର୍ଜଳା ଖଦଡ଼ ।

'ମଜ୍‌ଦୁର' ବୋଲି ଗୋଟାଏ ନୂଆ ଶବ୍ଦ ଓଡ଼ିଆ ଭାଷାରେ ପଶିଛି ଯାହାର ଅର୍ଥ ଲୋକେ ବୁଝୁଛନ୍ତି—"ମୂଲିଆ" । କିନ୍ତୁ ମଜଦୁର ଶୁଖୁଆ ପଖାଳଖିଆ, ହଳିଆ ଓଡ଼ିଆ ନୁହେ — ରୋଟି, ଚଣାଖିଆ ବିକର୍ମୀ ଇଞ୍ଜିନ୍ ।··· ··· ··· ···

'ଝଣ୍ଡା' ଶବ୍ଦ ଅନେକଙ୍କ ମନରେ ଷଣ୍ଢା, ଫଣ୍ଡା, ହେଣ୍ଡା, ଏହିପରି ଗୋଟାଏ ଭାବ ଆଣିଦିଏ । ମାତ୍ର ତାହା ଅସଲରେ ଜନା ଖଣ୍ଡିଏ ମାତ୍ର । ଡରିବାର କିଛି ନାହିଁ ।

• ଅନେକ ମନେ କରନ୍ତି ଯେ ସ୍ୱାମୀ ବିଚବାନନ୍ଦଙ୍କୁ ସମସ୍ତେ 'ସ୍ୱାମୀ' ବୋଲି ଡାକନ୍ତି । କିନ୍ତୁ ଆମେ ଭଲକରି ବୁଝିଛୁ ଯେ କେହି କେହି ତାଙ୍କୁ 'ଭାଇ' ବୋଲି ବି ଡାକନ୍ତି । ··· ··· ··· ···

## ଆମେ କିଏହୁଁ !

ସଚ୍ଚିଦାନନ୍ଦ ରାଉତରାୟ ।

ଅମେ ଯଦିଓ ପ୍ରିୟେ ଆସିଛେଁ ଏ ପଥେ
ଝଡ଼ର କେତନ ଧରି,
ତୁମେ ଆସିଅଛ ମଧୁ ଫାଲ୍‌ଗୁନେ
ଭସାଇ ଫୁଲର ତରୀ ।
ମୁହିଁ ଆସିଅଛି ବର୍ଷା-ତୁଷାର-
ଧୌତ ଦୃଷ୍ଟି-ରଥେ
ପଡ ମୋର ବାଜେ ଝଡ଼-ଉତ୍ସବେ
ଦୁର୍ଗମ ଗିରି ପଥେ ।
ବିପ୍ଳବର ଏ ବେଦୀ ପରେ ଆଜ
ତୁମେ ଯଦି ଆସ ବଧୂ ବେଶେ ସାଜ,
ମୁହିଁ ଦେବି ଢାଳ 'ଅକ୍ଷତ' ରଜ,
ମଙ୍ଗଳ ଘଟ ଭରି······
ମୃତ୍ୟୁ ଝଟିକା ମନ୍ତ୍ର ପଢ଼ିବ
ଆଜ ପୁରୋହିତ ପରି ! ! !
ଆସିନାହୁଁ ଆମେ ରଚିବାକୁ ଏଥି
ମଧୁର ବାସର ରାତି,
ସପନଶରର ଫୁଲ—ଉତ୍ସବେ
ନାଚେନା ତ ବେନି ଛାତି ! ! !
ମନେ ରଖ ସଖି ଆସିଅଛେଁ ଏଥି
ଆମେ ବହ୍ନିର ଦୂତ···
ଧ୍ୱଂସ ବାରତା ଆଣିଛେଁ ତ ବହି
ଧରଣୀରେ ଅନାହୂତ !
ତୁମେ ଆଣିଅଛ ଗୁରୁ ଓଠ ପୁଟେ
ମରଣ ବାଞ୍ଛା ଭରି ସମ୍ପୁଟେ ।
ନିଶ୍ୱାସ ମୋର ଫଣୀ ସମ ଛୁଟେ
ଉଗ୍ର ଅଘାତେ ମାତି ।
ଅଭିସାର ନୁହେ—ଅଭିଯାନ ଆମ
ଚିର ଯେ ବଜ୍ରଘାତି ! ! !
ତୁମେ ସଖୀ ଆଜି ପଶ୍ଚାତେ ମୋର
ନିର୍ଭୟେ ହୁଅ ଠିଆ,
ତୁମ ଅଙ୍ଗେ ଶେ ଛୁଟୁ ବିଦ୍ୟୁତ
ଭରି ମୋର ଝୀର୍ଣ୍ଣ ହିୟା !
ତୁମେ ଦିଅ ଆଜି ତୂଣୀରେ ମୋହର
ତୀକ୍ଷ୍ଣ ଶଳାକା ରଖି...
ମୁହିଁ ଦିଏ ତାରେ ଅନ୍ୟାୟ ବୁକେ
ନିଷ୍ଠୁର ହାତେ ଯୋଖି ।
କପାଳେ ମୋହର ଦିଅ ଜୟଟିକା
ଉଦାସୁର ଚେତେ ସଜାଅ ବାଳିକା,
ପରଚନ୍ଦ୍ରେ ଯେବେ ମୁହିଁ ପଡ଼େ ଫିକା
ଜୟ ଗୀତ ଗାଅ ପ୍ରିୟା...
ଆମ ବଦ୍ଧନର ଜୟ ହେଉ ଚିର
ଏହି ବର ମାଗେ ହିୟା ! ! !





ଅର୍ଶ ଓ ସ୍ୱପ୍ନ ଦୋଷର

ସନ୍ନ୍ୟାସୀ ଦତ୍ତ

ମହୌଷଧ

**ଅର୍ଶପାଇଁ — ଅର୍ଶବଜ୍ର**

**ସ୍ୱପ୍ନଦୋଷ ପାଇଁ — ମଧୁସଞ୍ଜିବନୀ**

ଏକମାସ ନିୟମିତରେ ରୋଗ ଆରୋଗ୍ୟ ନହେଲେ ମୂଲ୍ୟ ଫେରସ୍ତ ଦିଆଯିବ ।

ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।

ତିବତ୍ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, କବିରାଜ

ଶ୍ରୀ ଜଗନ୍ନାଥ ମିଶ୍ର B. A. M. S.

ସାହିତ୍ୟ ଉପାଧ୍ୟାୟ

ଶାରଦା ଔଷଧାଳୟ

ଚୌଧୁରୀବଜାର

କଟକ




Digitized by srujanika@gmail.com

# ୯ମ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

ଟ୨୫ଙ୍କା ପୁରସ୍କାର ! | 'ଡଗର' ପାଠକମାନେ ପାଇ ପାରିବେ । | ଟ୨୫ଙ୍କା ପୁରସ୍କାର !

ଦୁଇଅଣାର ପଇସିକିଅ ଡାକଟିକଟ ଦେଇ

| | | | | | | |
|---|---|---|---|---|---|---|
| ୧ ଅ | ୨ କ | (ଲ) | ■ | ୩ | ୪ ଅ | ୫ |
| ୬ ବ | | ■ | ୭ ପ | ର | | ମ |
| | ■ | ୮ ପା | | ■ | | ■ |
| ଲ | ■ | | ■ | ୯ | ■ | ୧୦ |
| ■ | ୧୧ | ■ | ୧୨ | ଲ | ■ | ର |
| ୧୩ ପ | ର | ୧୪ | ର | ■ | ୧୫ | କା |
| ୧୬ | ଅ | ହା | ■ | ୧୭ | ବ | ସ୍ତ |

ପ୍ରଥମଟି ସହ ଏକଅଣାର ପଇସିକିଅ ଡାକଟିକଟ ଦେଇ

| | | | | | | |
|---|---|---|---|---|---|---|
| ୧ ଅ | ୨ କ | (ଲ) | ■ | ୩ | ୪ ଅ | ୫ |
| ୬ ବ | | ■ | ୭ ପ | ର | | ମ |
| | ■ | ୮ ପା | | ■ | | ■ |
| ଲ | ■ | | ■ | ୯ | ■ | ୧୦ |
| ■ | ୧୧ | ■ | ୧୨ | ଲ | ■ | ର |
| ୧୩ ପ | ଚ | ୧୪ | ର | ■ | ୧୫ | କା |
| ୧୬ | ଅ | ହା | ■ | ୧୭ | ବ | ସ୍ତ |

ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ

| | | | | | | |
|---|---|---|---|---|---|---|
| ୧ ଅ | ୨ କ | (ଲ) | ■ | ୩ | ୪ ଅ | ୫ |
| ୬ ବ | | ■ | ୭ ପ | ର | | ମ |
| | ■ | ୮ ପା | | ■ | | ■ |
| ଲ | ■ | | ■ | ୯ | ■ | ୧୦ |
| ■ | ୧୧ | ■ | ୧୨ | ଲ | ■ | ର |
| ୧୩ ପ | ର | ୧୪ | ର | ■ | ୧୫ | କ୍ଷ |
| ୧୬ | ଅ | ହା | ■ | ୧୭ | ବ | ସ୍ତ |

ନାମ ________________ ଠିକଣା ________________ ଦେଉଛୋଟି ଉତ୍ତର ________

## ସିଧା ଭାବରେ

୧ । ଡଗର ଶବ୍ଦଧନ୍ଦା ପ୍ରତି ଯୋଗୀତାରେ ସାମନ୍ତ ପୁରସ୍କାର ପାଇବା ପାଇଁ ଯାହା ଏକାନ୍ତ ଲୋଡ଼ା ।

୩ । ଚଉଡ଼ ଅମେରିକାରୁ ବଡ଼ ଠାକୁରଙ୍କ ପାଇଁ ଅମଣିଅ ନମନ୍ତେ ଯେଉଁ ଶସ୍ୟ ନହେଲେ ନଚଳେ ।

୬ । ଏହା ଯେତେ ମାଂଶଳେ ମଧ କେତେକ ଜୀବ ଅଛନ୍ତି ଯେଉଁମାନେ କି ତାକୁ ଅଦୌ ଖାତିର ନକରି ଯେପରି ହେଉ ଭିତରୁ ପଦାକୁ ବାହାରି ଆସନ୍ତି ।

୭ । ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ନିୟମିତ ଭାବରେ ଏହା କରିବା ପାଇଁ ଚିକିତ୍ସକ ମାନେ ମତ ଦେଇଥାନ୍ତି ।

୮ । ଏହା ନଧୋଇ କେବଳ ହସ୍ତ ମୁଖ ଧୌତ କରି ଆହାରରେ ବସିଲେ ବହୁ ଜନ୍ତୁ କୀଟାଣୁ ଅଜ୍ଞାତ ଭାବରେ ଶରୀରରେ ପ୍ରବେଶ କରିବାର ସୁବିଧା ପାଇଯାଆନ୍ତି ।

୧୨ । ମୁଣ୍ଡକୁ ଖରାରୁ ବଞ୍ଚାଇବା ପାଇଁ ଏହାର ଆବଶ୍ୟକତା ସମୟ ସମୟରେ ଉପଲବ୍ଧ ହୋଇଥାଏ ।

୧୩ । ଏହା ସାଙ୍ଗରେ ନଥିଲେ ଅସ୍ପୃଶ୍ୟ ଲୋକ ପକ୍ଷରେ ବିଦେଶରେ ଚଳିବା କଷ୍ଟକର ।

୧୫ । ଏହା ଦୋଷରୁ ମଧ ଅନେକ ସମୟରେ ଜଙ୍ଗମ ଜାଗା ହଳଚଳ କରି ହୁଏନାହିଁ ।

୧୬ । ଏହାକୁ ସଜାଇ ରଖିଲେ ଯାହା ହେବ ତାହା କେବଳ କ୍ଷୁଧାର୍ତ୍ତିକୁ ଦେବାରେ ହିଁ ପୁଣ୍ୟ ।

୧୭ । ଏହାର ନଗ୍ନ ସୌନ୍ଦର୍ଯ୍ୟକୁ ରସିକ କଳାବିତ୍ ବିନା ସାଧାରଣ ଚକ୍ଷୁରେ ଉପଲବ୍ଧ କରି ହୁଏନାହିଁ ।

## ଉପର ତଳ ଭାବରେ

୧ । କେତେକ ଓଡ଼ିଆ ସାହିତ୍ୟିକ ଅନ୍ୟ ସାହିତ୍ୟର—ଅନୁକରଣ କରି ସସ୍ତା ନାମ ମାରି ନେବାକୁ ଲଜ୍ଜା ବୋଧ କରନ୍ତି ନାହିଁ ।

୨ । ବେଶୀଦିନ କାମ ନକଲେ ସମସ୍ତେ ଏହା ଚଳାଇବାରେ ପଟୁ ହୋଇ ପାରନ୍ତି ନାହିଁ ।

୩ । ପାଣି କଖାରୁ ସମୟ ସମୟରେ ଯାହା ସହିତ ପାଣି ପରି ମିଶି ଯାଏ ।

୪ । ଅଧବାଟରେ ଏହା ପାଇଲେ ଏକୁଟିଆ ପଥିକର ଆନନ୍ଦ ହେବାର ସମ୍ଭାବନା ।

୫ । ଡଳ ଉପରକୁ ପଢ଼ିଲେ 'ମଳ' ବାହାରିବ ।

୭ । କେତେକ ଅପରିଚିତ ଲୋକଙ୍କୁ ଦୂରରୁ ଥାଇଁ କି ସ୍ୱୀକାର କରିବାରେ ଏହା ଅନେକ ସମୟରେ ବଡ ସୁବିଧା ଦିଏ ।

୮ । କଂଗ୍ରେସର ଅନେକ ନେତା ଆପଣାକୁ ତ୍ୟାଗୀ ବୋଲି ବୋଲାଇ ସତ୍ୟ ଓ ଅପରିଗ୍ରହ ବ୍ରତ ପାଳନ କରୁଛନ୍ତି ବୋଲି ଡିଣ୍ଡିମ ବଜାଇ ମଧ ନିଜର ଏହାକୁ ଲୁଚାଇବାର ଅଧିକାଂଶ ସ୍ଥଳରେ ଦେଖାଯାନ୍ତି ।

୯ । ରାଜନୈତିକମାନେ ଆଜିକାଲି ଯାହା ଦ୍ୱାରା ଶତ୍ରୁ ଦମନ କରିବାକୁ ବସିଛନ୍ତି ।

୧୦ । କଲିଟିଶି ପିଅନ ପ୍ରାୟ ଏହି କାଗଜାତ୍ ନେଇ ଯାଏ ଆସ କରେ ।

୧୧ । ଅନେକ ଲୋକ ଏପରି ବସ୍ତୁ ବ୍ୟବହାର କରିବାକୁ ଘୃଣା ପାଆନ୍ତି ।

୧୨ । ଏହାର ସଂଖ୍ୟା ନିର୍ଣ୍ଣୟ କରିବା ସହଜ ନୁହେଁ ।

୧୩ । ଅନ୍ୟକୁ ଆପଣାର ନଭାବିଲେ ଯାହା ହେବ ।

୧୪ । ଏହା ସଦ୍ୟ ହୋଇଥିଲେ କେତେକଙ୍କ ଦେହ ଓ ମନରେ ଫୂର୍ତ୍ତି ଆଣିଦିଏ ।

୧୫ । ଗର୍ଭାବସ୍ଥାରେ ଏହାଠାରୁ ମଧ ଦୂରରେ ରହିବା ପ୍ରତ୍ୟେକ ସ୍ତ୍ରୀର କର୍ତ୍ତବ୍ୟ ।

Digitized by srujanika@gmail.com

**ନୂତନ ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ଟ୦/ ଓ ପରବର୍ତ୍ତୀ ପ୍ରତିଖଣ୍ଡକୁ ଟ୦/ ଲେଖାଏ **(ଶେଷ ତା ୨୫ । ୮ । ୩୮)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଠାରୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ତଳରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ପ୍ରକୃତ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ପ୍ରଶ୍ନର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ୧୨ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗ୍ୟ **ସାମନ୍ତ ପୁରସ୍କାର** ଟ୩୯ ପାଇବ

ସବୁଠାରୁ ଟିକଣୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ଟ୧୨ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକୀ ଟ୨୯ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଅନ୍ୟ ପାଖରେ ତିନୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିକିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ଟ୦/ ଓ ୨ୟ ଟି ପାଇଁ ଟ୦/ର ପଇସିକିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯେକୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଉପର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା, ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ( ୬ଷ୍ଠ )ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= **ଅର୍ଥାତ** ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୮ ମସିହା ଅଗଷ୍ଟ ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ତଗର,·ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ଖଗନା) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କ ଠାକୁ ଯିବା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

ପ୍ରତିଯୋଗୀଙ୍କ କଲମରୁ ।

୧ । "ଏହା ଅଭାବରେ ଉପନୟନ କାର୍ଯ୍ୟାରମ୍ଭ ହେବା **ଏକାବେଳକେ ଅସମ୍ଭବ ।**" ଏହି ବ୍ୟାଖ୍ୟାର ଉତ୍ତର ଆପଣ 'ପଇଡ଼' ବୋଲି ନିର୍ଦ୍ଦେଶ କରି ଅଛନ୍ତି । ଉପନୟନରେ 'ପଇତା' ଗୋଟିଏ ଅତ୍ୟାବଶ୍ୟକୀୟ ପ୍ରଧାନ ଉପାଦାନ ବୋଲି ସମସ୍ତେ ସ୍ୱୀକାର କରିବେ । ପଇତା ପ୍ରସ୍ତୁତ ପାଇଁ ନୂତନ ସୂତା ଆବଶ୍ୟକ ଓ ତାହା ପାଗ ଦିଆହୋଇ ପଇତା ଆକାରରେ ପ୍ରସ୍ତୁତ ହୋଇ ରହିଥିବା ମଧ୍ୟ ଆବଶ୍ୟକ । ନୂତନ ସୂତା ମଧ୍ୟ ସର୍ବଦା ସମସ୍ତଙ୍କ ଘରେ ନଥାଏ । ତାହା ଅନ୍ୟଠାରୁ ସଂଗ୍ରହ କରି ଆଣିବାର ଦରକାର ପଡ଼େ । ଏହି ଅତ୍ୟାବଶ୍ୟକୀୟ ଦ୍ରବ୍ୟଟି (ପଇତା) ସଂଗ୍ରହ କରି ନରଖି କେହି କେବେ ଉପନୟନ କାର୍ଯ୍ୟ ଆରମ୍ଭ କରେ ନାହିଁ ।

ଏପରି ଅନେକ ସ୍ଥାନ ଅଛି (ବିଶେଷତଃ ଏହି ମୟୂରଭଞ୍ଜରେ) ଯାହାର ୫୦ । ୬୦ ମାଇଲ ମଧ୍ୟରେ ପଇଡ଼ ଆଦୌ ମିଳେନାହିଁ ସେହି ସବୁ ସ୍ଥାନରେ କି ପଇଡ଼ ଅଭାବରୁ ଉପନୟନ କାର୍ଯ୍ୟ ହୁଏ ନାହିଁ ? ପଇଡ଼ ଅଭାବରେ ମୁଆ କିମ୍ବା ବଜାରରେ ମିଳୁଥିବା ଶୃଙ୍ଖଳ କଟାଛଡ଼ା ନଡ଼ିଆ ଘଟ ଉପରେ ଦେଇ କାର୍ଯ୍ୟ ନିର୍ବାହ କରିବାର ବିଧି ପଇଡ଼ ଦୁଷ୍ପ୍ରାପ୍ୟ ସ୍ଥାନମାନଙ୍କରେ ପ୍ରଚଳିତ ଅଛି । କିନ୍ତୁ 'ପଇତା' ଅଭାବରେ ଅନ୍ୟ କୌଣସି ଦ୍ରବ୍ୟ ପ୍ରତିବଦଳ ଦେଇ କାର୍ଯ୍ୟ ନିର୍ବାହ କରିବାର ବିଧି କୌଣସିଠାରେ ପ୍ରଚଳିତ ଅଛିକି ? "ଏକାବେଳକେ ଅସମ୍ଭବ" ଏହି ଦୁଇଟି ଶବ୍ଦକୁ ଲକ୍ଷ୍ୟକରି ବ୍ୟାଖ୍ୟାର ପ୍ରକୃତ ଉତ୍ତର ଠିକ କରିବାକୁ ଗଲେ 'ପଇସା' ବା 'ପଇଡ଼' ନହୋଇ 'ପଇତା' ଥିବାର ବିଶେଷ ସମିଚୀନ ଓ ଉପଯୁକ୍ତ ବୋଧହୁଏ ।

ବ୍ୟାଖ୍ୟାଟିରେ "କେତେକ ସ୍ଥାନରେ" ଏହି କେଉଁଠିକି ଥିଲେ 'ପଇଡ଼' ଠିକ ଉତ୍ତର ବୋଲି ବିବେଚିତ ହୋଇ ପାରନ୍ତା ।

୨ । ୭ମ ଧେୟଦାରେ "ସୌନ୍ଦର୍ଯ୍ୟ ନିମନ୍ତେ ପ୍ରସିଦ୍ଧ ଦେବୀ" ଏହି ବ୍ୟାଖ୍ୟାର ଠିକ ଉତ୍ତର 'ରମ୍ଭା' ବୋଲି ସମ୍ପାଦକ ମହାଶୟ ନିର୍ଦ୍ଦେଶ କରି ଅଛନ୍ତି । 'ରମ୍ଭା' ଗୋଟିଏ ଅପ୍ସରା (ସ୍ୱର୍ଗ ବେଶ୍ୟା) । ସ୍ୱର୍ଗ ବେଶ୍ୟାକୁ ଦେବୀ ଆଖ୍ୟା ଦେଇ ସୌନ୍ଦର୍ଯ୍ୟ ନିମନ୍ତେ ପ୍ରସିଦ୍ଧ ଦେବୀ "'ରତି' ବା 'ରମା'" ସ୍ଥାନରେ 'ରମ୍ଭା' ନିର୍ଦ୍ଦେଶ କରିବା ସମ୍ପାଦକଙ୍କ ମସ୍ତିଷ୍କରେ କିପରି ସ୍ଥାନ ପାଇଲା ?

ବାଃମୁନ
ଶ୍ରୀ ନେପାଳ ଚନ୍ଦ୍ର ଘୋଷ

ସମ୍ପାଦକଙ୍କ କଲମରୁ ।

ପଇଡ଼, ପଇତା, ପଇସା,—ଏହି ବ୍ୟାଖ୍ୟାରେ କେତେକ ସ୍ଥାନରେ ଟା ହବୁ

Digitized by srujanika@gmail.com




କେହି ନୁହେଁ—ଲେଖକ ନିଜେ।

କ୍ଷୁଦ୍ର ଉପନ୍ୟାସଟି ପ୍ରଗତି ସାହିତ୍ୟ ମନ୍ଦିରର ପ୍ରଥମ ଅବଦାନ, ମୂଲ୍ୟ ଛ'ଅଣା। ବିଚିତ୍ରତା ନାହିଁ; ରୋମାନ୍ସ ନାହିଁ—ଦୈନନ୍ଦିନ ଜୀବନର ଗୋଟିଏ ସାଧାରଣ ଚିତ୍ର; କିନ୍ତୁ ଚିତ୍ରଟି ହାଓ୍ୱା ପରି ମଧୁର, ଆକାଶ ପରି ସ୍ୱଚ୍ଛ ଅଥଚ ଅନେକ ପରି ସତେଜ। ଭଗ୍ନହୃଦୟା, ଅଭାଗିନୀ ପ୍ରଭା ପ୍ରତି ଲେଖକଙ୍କ କରୁଣା ଓ ସହାନୁଭୂତି ପଢ଼ିବ ପଦେ ପଦେ ପରିସ୍ଫୁଟ।

'ଜରୁଡ଼ୁରୁ', 'ହଭେମ୍ବ' ଭଳି ସ୍ଥାନେ ୨ ଶବ୍ଦରେ ଦୂଷିତ ହେଲେ ମଧ୍ୟ ଭାଷାର ଗତି ସରଳ ଓ ସ୍ୱଚ୍ଛନ୍ଦ। ଭଲକରି ପ୍ରୁଫ କଟା ହୋଇ ନଥିବାରୁ ମୁଦ୍ରା-ଭୂତ ଅନେକ ସ୍ଥଳରେ ଉଙ୍କି ମାରୁଛି। .. ...

କିଏ ? କଣ ? କାହିଁକି ?—ନାମକ ଖଣ୍ଡିଏ ଉପାଦେୟ ପୁସ୍ତକ ବ୍ରହ୍ମପୁର ଷ୍ଟୁଡେଣ୍ଟସଷ୍ଟୋରଙ୍କ ଠାରୁ ଉପହାର ପାଇ ଧନ୍ୟବାଦ ଜଣାଉଛୁଁ। କ୍ଷୁଦ୍ର ବହି ଖଣ୍ଡିକ ନାନା ପ୍ରୟୋଜନୀୟ ଜ୍ଞାତବ୍ୟ ବିଷୟରେ ପୂର୍ଣ୍ଣ। ଏହା ଆପଦେଶର ନବୀନ ଶିକ୍ଷାର୍ଥୀମାନଙ୍କର ବିଶେଷ କର୍ମରେ ଲାଗିବ ବୋଲି ଆମର ଧାରଣା। ... ...

ହୀରାଖଣ୍ଡ—ସାପ୍ତାହିକ ପତ୍ରିକା। ସମ୍ବଲପୁର ସାଧନା ପ୍ରେସରେ ମୁଦ୍ରିତ। ସମ୍ପାଦକ ପଣ୍ଡିତ ସ୍ୱପ୍ନେଶ୍ୱର ଦାସ ଜଣେ ପ୍ରବୀଣ ସାହିତ୍ୟିକ ଓ ସମ୍ବାଦିକ। ଆଶାକରୁଁ ନବୀନ ସହଯୋଗୀ ଚିରଜୀବୀ ହୋଇ ଦେଶର କଲ୍ୟାଣ ସାଧନ କରିବେ। ସମ୍ବାଦପତ୍ର ହେଲେ ମଧ୍ୟ ହୀରାଖଣ୍ଡର ଭାଷା ହୀରାର ଖଣ୍ଡ ପରି କଠିନ।

ଆଲୋକ—ପ୍ରଥମଭାଗ, ପ୍ରଥମସଂଖ୍ୟା ପାଇ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଉଛୁ। ଯୁଗ୍ମ ସମ୍ପାଦିକା ଦ୍ୱୟଙ୍କୁ ଭିନ୍ନ ଭିନ୍ନ ସ୍ଥାନରୁ ଆଣି ଏକତ୍ରିତ କରିବାପାଇଁ ଜଣେ ପ୍ରଯୋଜକଙ୍କର ଆବଶ୍ୟକତା ମଧ୍ୟ ହୋଇଛି। ଯାହାହେଉ ଏହି ବିଷୟ ପ୍ରସଙ୍ଗରେ ଉନହେଁପାକ ମହାପାତ୍ର ସମ୍ପାଦିକା ଶ୍ରୀମତୀ ସରଳା ମହାପାତ୍ରଙ୍କ ନାମ ପ୍ରଥମରେ। ସହକାରୀ, ସହକାରୀରୁ ପ୍ରଗତି ତହିଁରୁ ପୁଣି ଆଲୋକ। ତାଙ୍କ ଲେଖନୀ ପୁଣି କାଳେ କେଉଁଠିବେଳେ ସ୍ୱର୍ଗ ଲୋକକୁ ଗୁଳିପିବ ଏଥିପାଇଁ ଆମେ ବଡ଼ ଚିନ୍ତିତ। ଆଲୋକର ଜନ୍ମପତ୍ରିକାରୁ ଦେଖିଲୁଁ ଏହା ପ୍ରତି ପୂର୍ଣ୍ଣିମାରେ ବାହାରେ କିନ୍ତୁ ଆମ ପାଖକୁ ଯେଉଁ ସଂଖ୍ୟା ଆସିଛି ତାହା ରଥଯାତ୍ରା ସଂସ୍କରଣ। ଏଥର ରଥଯାତ୍ରା ଦିନ କେଉଁ ପୂର୍ଣ୍ଣିମା ପଡ଼ିଥିଲା ତାହା ଅରୁଣୋଦୟ ପାଞ୍ଜି କହିବ ନା କୋହିନୂର ପାଞ୍ଜି କହିବ ? ଅଳ୍ପ କଥାରେ ଆଲୋକ, ଅନ୍ୟାନ୍ୟ ପତ୍ର ପତ୍ରିକାମାନଙ୍କୁ ଜ୍ୟୋତିଷ୍କ କହି ନିଜକୁ ଖଦ୍ୟୋତ ସଙ୍ଗେ ତୁଳନା କରି ନିଜର ମହତ୍ତ୍ୱ ଦେଖାଇଥିବା ସ୍ଥଳେ ଆମ୍ଭମାନଙ୍କର ଆଉ ବିଶେଷ କିଛି କହିବାର ନାହିଁ। କିନ୍ତୁ ବିଷୟ ମନୋନୟନ ଉତ୍ତମ ହୋଇଛି। କେତେଗୁଡ଼ିଏ ଭଲ ୨ ପ୍ରବନ୍ଧ ଓ ମାମୁଲି କବିତାରେ ପରିପୂର୍ଣ୍ଣ। ଆଲୋକ ତାର ଆଲୋକ ବିକୀରଣ କଲେ ଯେପରି ଏହାଠାରୁ ଜ୍ୟୋତିହୀନ ନହେଉ ଏତିକି ଆମର ପ୍ରାର୍ଥନା।

---

(୧୧ ପୃଷ୍ଠା ଶେଷ ସ୍ତମ୍ଭ ଉତ୍ତାରୁ)

ସ୍ଥାନରେ ଏପରି କିଛି ନିର୍ଦ୍ଦେଶ କରାଯାଇ ନାହିଁ। ତେଣୁ ଏହା ସାଧାରଣତଃ ହୋଇଥାଏ ବୋଲି ଧରିବାକୁ ହେବ। କେଉଁଠି ବିଶେଷ ଅସୁବିଧା ବଶତଃ ନହୋଇ ପାରେ। ସ୍ୱଭାବରେ ସୁନ୍ଦର ଲେଖା ହୁଏ ବୋଲି କେହି ଦୃଢ଼ା ପରି କାଲ କଠାଏ ନାହିଁ। ଏହି ବ୍ୟାଖ୍ୟାରେ ମଧ୍ୟ ଏକାବେଳେକେ 'ଅନନ୍ତର' ଏକଥା ଉପରେ ଜୋର ଦିଆଯାଇ ନପାରେ। କାରଣ ଏହା ଉପରେ ଜୋର ଦେଲେ ପଢ଼ିବା, ପଢ଼ିଲା, ପଢ଼ିବ ସବୁ ବୁଝାଇବ। ତେଣୁ 'କାର୍ଯ୍ୟାରମ୍ଭ' ଏ ବ୍ୟାଖ୍ୟା ଏଠି ଦେଇ ନିର୍ଦ୍ଦେଶ। କାରଣ ଉପନୟନ କାର୍ଯ୍ୟର ଆରମ୍ଭରେ ଏହା ଅବଶ୍ୟ ଲୋଡ଼ା।

ରମ୍ଭା, ଉମା, ଇତି—ଆମ୍ଭେମାନେ ପ୍ରତିଯୋଗୀଙ୍କୁ ଦୁଃଖର ସହିତ ଜଣାଉଛୁ ଯେ ଆମ୍ଭମାନଙ୍କର ଏହି ଭୁଲ ପାଇଁ ମୁଖ୍ୟତଃ ଓଡ଼ିଆ ଏବଂ ସଂସ୍କୃତ ଅଭିଧାନ ବା ଭାଷା ଦାୟୀ—ଆମ୍ଭେମାନେ ନୋହୁଁ। କାରଣ ସେମାନେ କହନ୍ତି—ରମ୍ଭା ଅର୍ଥ ପାର୍ବତୀ, ଦୁର୍ଗା।

---

ପ୍ରିୟ ଡଗର ସମ୍ପାଦକ ମହୋଦୟ,

ଆପଣଙ୍କର ଚତୁର୍ଥ ସଂଖ୍ୟା ଡଗରରେ ପ୍ରକାଶିତ ପତ୍ରଖଣ୍ଡି ପାଠ କଲି। ତିନି ବର୍ଷ ତଳେ ମୁଁ ବଙ୍ଗଳା ପତ୍ରିକା 'ଦେଶ'ରେ ସ୍କୁଲମାଷ୍ଟର ନାମରେ ଗୋଟିଏ କବିତା ପଢ଼ିଥିଲି। କବିତାଟି ଭଲ ଲାଗିବାରୁ ମୁଁ ସେତିକିବେଳେ ତାହା ଓଡ଼ିଆରେ ଅନୁବାଦ କରିଥିଲି। ମାତ୍ର ଲେଖକଙ୍କର ନାମ ପ୍ରକାଶ ପାଇ ନଥିବାରୁ ମୁଁ ତାଙ୍କର ନାମ ଉଲ୍ଲେଖ କରି ପାରି ନଥିଲି। ତିନିବର୍ଷ ପରେ ଯେତେବେଳେ ଆପଣଙ୍କ ଡଗରରେ ପ୍ରକାଶ କରିବା ନିମିତ୍ତ ସେହି ପଦ୍ୟଟି ପଠାଇଲି ସେତେବେଳେ ମୋର ଖିଆଲ ନଥିଲା ଯେ ମୁଁ ପଦ୍ୟଟି ଅନୁବାଦ କରିଛି। ତେଣୁ ମୁଁ ଅତି ମର୍ମାହତ, ମୋର ଦୃଢ଼ ବିଶ୍ୱାସ ଯେ ଭବିଷ୍ୟତରେ ଆଉ ଏପରି ଭୁଲ ହେବ ନାହିଁ ମୋର। ଆପଣଙ୍କର ପତ୍ର ପ୍ରେରକ ମହାଶୟ ମୋର ଏହି ଭୁଲଟି ଦେଖାଇ ଦେଇ ଥିବାରୁ ତାଙ୍କୁ ମୋର ଧନ୍ୟବାଦ। ଇତି।

ଆପଣଙ୍କର
ଶ୍ରୀ ରସାନନ୍ଦ ସାହୁ।

ପ୍ରିୟ ସମ୍ପାଦକ ମହାଶୟ,

ଏଥର ଡଗରରେ (୧୬-୭-୩୮) ଶ୍ରୀ ଛବିଲ ଦାସ ତାଙ୍କ ଅନାବିଳ କବିତା ('ପ୍ରଗତିକା ପ୍ରତି')ରେ ତ ପ୍ରଗତିକାମାନଙ୍କୁ ବେଶ୍ ଚାଣୁଆ ମୁଠା ଦେଇଛନ୍ତି, ଫେର୍ ମୁଠେ କଅଁଳ ମୁଠା ଦେବାପାଇଁ ଅଫ୍‌ସୋସ୍ କରୁଛନ୍ତି କାହିଁକି ? କଅଁଳ ମୁଠା କହିଲେ ଅଉଁସି ଦେବା ବୁଝାଏ। ଅଉଁସି ଦେଲେ ପାଉଡ଼ର ବୋଳା କଅଁଳ ଗାଲରୁ ନିଶ୍ଚୟ ପାଉଡ଼ର ଝଡ଼ି ପଡ଼ିବ ଓ ଫଳରେ ଦାସ ଛବିଲଙ୍କର ମୁଣ୍ଡ ବାଳ ଉଡ଼ିଯିବ। ଅତଏବ ଏଠାରେ କଅଁଳ ମୁଠା ଦେବା ପରିବର୍ତ୍ତେ ଦାସଙ୍କର ଆଉ କିଛି କୋମଳତର ବସ୍ତୁ ଦାନ କରିବାର ଆଶା ରଖିବା ଉଚିତ।

ଶ୍ରୀ ବିନୋଦବିହାରୀ ପଟ୍ଟନାୟକ (ନାଗବଲ୍ଲୁ)

Digitized by srujanika@gmail.com

# ହଜମୀ ଗୋଲି

(ବିଜ୍ଞାପନ ପଢ଼ୁ ପଢ଼ୁ ଏହାର ଗୁଣ ମାଲୁମ ହୋଇ ଯିବ)

## ହତାଶର ଆଶା !

ଅମ୍ଭେ ପ୍ରାଚ୍ୟ ଓ ପ୍ରାଶ୍ଚାତ୍ୟ ଶାସ୍ତ୍ରମାନ ମନ୍ଥନ ଓ ଭୂଗର୍ଭ ଖୋଦନ କରି ଗବେଷଣା ଦ୍ୱାରା ଏହି ଅଭିନବ-କାମ୍ଯ ଅମୃତ ଉଦ୍ଭାବନ କରିଅଛୁଁ । ଏହି ଗୋଲି ମଦନ୍ଦ ଅଡ୍ଡାର ଗୋଲି ଠାରୁ ମଉଜ ଦାୟକ, ବନ୍ଧୁକର ଗୋଲି ଠାରୁ ଜୀବନ ଦାୟକ, ଓ ପିଲାଙ୍କ ଖେଳିବା ଗୋଲି ଠାରୁ ଆନନ୍ଦ ଦାୟକ ।

ଏହି ଗୋଲି ଖାଇ ମୁସୋଲିନୀ ଆବିସିନିଆ ହଜମ କରି ଅଛନ୍ତି, ଓ ହିଟଲର ଅଷ୍ଟ୍ରିଆ ହଜମ କରି ଅଛନ୍ତି । ପ୍ରଧାନ ମନ୍ତ୍ରୀ ଚେମ୍ବର ଲେନ ଏହା ଖାଇ ଥିବାରୁ ଇଟାଲିର ମୁଥା, ଜର୍ମାନୀର କୋତା, ଓ ଜାପାନର ଗୁଁତା ହଜମ କରି ପାରୁଛନ୍ତି ।

ଫ୍ରାଙ୍କୋ ଏହା ବର୍ତ୍ତମାନ ବ୍ୟବହାର କରି ସ୍ପେନ ହଜମ କରିବାକୁ ବସି ଥିବାର ଦେଖି ଜାପାନ ଏଥିରୁ ଏକ୍ ଟନ ଚୀନ ହଜମ କରିବା ସକାଶେ ଅର୍ଡର ଦେଇ ମଗାଇ ଅଛନ୍ତି ।

### ଏହାର ଗୁଣ

କହିଲେ ନ ସରେ, ଲେଖିଲେ ନ ଧରେ ।

ନିମ୍ନରେ କେତେ ଗୋଟିଏ ଅଯାଚିତ ପ୍ରଶଂସା ପତ୍ରରୁ ଜଣା ପଡ଼ିବ ।

ହଜମକାଦା—ଶ୍ରୀ ବଲକେଶ୍ୱର ଭଟ୍ଟାଚାର୍ଯ୍ୟ
ଡବଲ୍ ଏଲ, ଏମ୍, ଏଫ୍, ସି ।

ପ୍ରିୟ ହଜମ ସାହେବ,

ଆପଣଙ୍କ ଜଗତ୍ ବିଖ୍ୟାତ ହଜମି ଗୋଲି ସ୍ଥଳ ଓ ସୁରା ଅନୁପାନରେ ବ୍ୟବହାର କରିବାରୁ ଆମର ହଜମ ଶକ୍ତି ଏତେ ବଢ଼ିଛି ଯେ ଆମ୍ଭେ ଖିଲିକୋଟର ଏକ ମସ୍ତ ଚାନ୍ଦୁଅରକୁ ହଜମ କରି ପାରୁଛୁଁ ଏବଂ ତଡ଼ୁବଡ଼ ବଣାଲକାୟ ଏମାର ପ୍ରଭୃତଙ୍କୁ ହଜମ କରିବାକୁ ବସିଛୁଁ । ନିକଟରେ ମାନ୍ଦ୍ରାସ ଭୂସତ୍ତ୍ୱ ଓ ଓଡ଼ିଶା ପ୍ରଜାସଭାକୁ ଯଦି ଲାଟ୍ ମଞ୍ଜୁର ନ କରନ୍ତି, ତେବେ ସେହି ଅପମାନ ହଜମ କରିବା ସକାଶେ ଆଉ କିଛି ପ୍ରୟୋଜନ ହୋଇ ପାରେ ।

## ବଡ଼ାସର ଭାଷା !

ଅତଏବ ଦୁଇ ଡଜନ ବେତାର ଟେଲିଗ୍ରାମ ଦ୍ୱାରା ପଠାଇ ବାଧିତ କରିବେ । ବିଲ ପାଇଲେ ଟଙ୍କା ଦେବୁଁ । ଇତି ।

ଆପଣଙ୍କର
BI DI, P. M.

ପ୍ରିୟ କବିରାଜ ମହାଶୟ,

ଆପଣଙ୍କ ଗୋଲି ଖାଇ ଅମ୍ଭେ ବହୁତ ଉପକାର ପାଇଛୁଁ । ମାତ୍ର ବର୍ତ୍ତମାନ ଏକ ନୂଆ ଅଖାଦ୍ୟ ଗିଳିବାକୁ ପଡ଼ୁଥିବାରୁ ପେଟ ମଧ୍ୟରେ ବାଉ ଓ ହାଲୁ ହାଲୁ ହେଉଛି । ତାହା ଏହିକି ଗୋଟାଏ କାଗଜ ଡାଲି ଅମ୍ଭକୁ ଅଭଦ୍ର ଭାବରେ ଶୋଧନ କରିବାରେ ଲାଗି ପଡ଼ିଛନ୍ତି । ମାତ୍ର ଅମ୍ଭେ ତାର ଉପଯୁକ୍ତ ପ୍ରତିକ୍ରିୟାରେ ପାରଙ୍ଗମ ନ ଥିବାରୁ ସେ ସବୁ ହଜମ କରି ନେବା ଟା ସମୀଚୀନ ମନେ କରୁଛୁଁ । ତେଣୁ ଆପଣଙ୍କର ଗୋଲିରୁ ଅମ୍ଭପାଇଁ ଦୁଇ ଡଜନ ଓ ଅମ୍ଭ ସାଙ୍ଗ ଭାଇ ଦୁଇଙ୍କ ପାଇଁ ଦୁଇ ଡଜନ ଅତିଶୀଘ୍ର ପଠାଇବେ ।

ଆପଣଙ୍କର
ଶ୍ରୀ ପାଃ—

ପ୍ରିୟ ଡାକ୍ତର ସାହେବ,

ପ୍ରଣାମ—

ଶ୍ରେଷ୍ଠ ଲୋକଙ୍କ ଶ୍ରେଷ୍ଠ କଥା ନିମକହାରାମଙ୍କ ନିମକହାରାମୀ ଓ ଦଗାବାଜଙ୍କ ଦଗାବାଜି ଦ୍ୱାରା ମୋର ଅଜୀର୍ଣ୍ଣ ଆରମ୍ଭ ହେବାରୁ ସ୍ୱାସ୍ଥ୍ୟ ଲାଭ ସକାଶେ ଅମ୍ଭେ ଏ ଦେଶରେ ଝରଣା ପାଣି ବ୍ୟବହାର କରିଥିଲୁଁ । ଏଠାକାର ଜଣେ ଫରାସୀ ବନ୍ଧୁ ଦୁଇ ଗୋଟି ବଡ଼ି ପରୀକ୍ଷା ପାଇଁ ଦେଇଥିଲେ । ତାହା ବ୍ୟବହାର କରି ଅମ୍ଭେ ପ୍ରଭୂତ ଉପକାର ପାଇଅଛୁଁ । ଏତେ ଫଳପ୍ରଦ ଔଷଧ ଆପଣା ଦେଶରେ ଥାଉଁ ଥାଉଁ ଅମ୍ଭେ ଯେ ବେକୁବ କରି ଏତେ ବାଟ ଆସିଲୁଁ ଏଥିପାଇଁ ଅନୁତାପ ହେଉଛି । ଅତିଶୀଘ୍ର ଫେରନ୍ତା ହାଉସ୍ ଡାକରେ ଏକ ଡୋଜ ପଠାଇ ବାଧିତ କରନ୍ତୁ ।

ଆପଣଙ୍କର
R. K.

---

### ବିଚିତ୍ର ଘଟଣା !

ଦକ୍ଷିଣ ଅମେରିକାର ଚିଲ୍ଲୀ ଦେଶରେ ସେଙ୍ଗୋରେଟ ନାମକ ଗୋଟିଏ ବଡ଼ ହ୍ରଦ ଥିଲା । ଏହା ଲମ୍ବରେ ଦଶ ମାଇଲ ଓ ଓସାରରେ ପାଞ୍ଚ ମାଇଲ । ହଠାତ୍ ଦିନେ ଘଣ୍ଟାଏ ହ୍ରଦଟି ଶୁଖି ଗଲା । ହଜାର ହଜାର ଲୋକ ମାଛ ଧରା କାରବାର କରି ସେହି ହ୍ରଦ କୂଳରେ ବସ୍ତି ବାନ୍ଧି ରହି ଥିଲେ । ବଡ଼ ବଡ଼ କୋଠା ବାଡ଼ି କରି ଲୋକେ ହୋଟେଲ ଓ ସ୍ୱାସ୍ଥ୍ୟ ନିବାସମାନ କରି ମଧ୍ୟ ବସବାସ କରିଥିଲେ । ଏବେ ତାଙ୍କ ଦଶା କଣ ହେବ ? ଭଗବାନଙ୍କ ରାଜ୍ୟରେ ସବୁ ସମ୍ଭବ !

### କୁତ୍‌କୁତ୍

ଶିକ୍ଷକ—କହିଲୁ ଗଡ଼ଜାତର ରାଜା କିଏ ?

ଛାତ୍ର—ଗଜପତି ।

ଶିକ୍ଷକ—କପରି ?

ଛାତ୍ର—ଆଜ୍ଞା, ଗଡ଼ଜାତ + ପତି = ଗଜପତି ।

### କୁତୁ କୁତୁ

ଶିକ୍ଷକ—ମେଲେରିଆ ଜ୍ୱର ହେଲେ ରୋଗୀକୁ କୁଇନାଇନ ଖାଇବାକୁ ଦେବ, ତା ହେଲେ ରୋଗୀ ଭଲ ହୋଇଯିବ ।

ଛାତ୍ର—ସାର ! କୁଇନାଇନ୍ ଖାଇବାକୁ ପିତା ଲାଗେ । ରୋଗୀକୁ କୁଇନାଇନ୍ ଖୋଇବା ବଦଳରେ ଯଦି ମଶାକୁ ଖୁଆଯାଏ, ତାହାହେଲେ ତ ସେମାନଙ୍କର ପେଟରେ ଥିବା ଜୀବାଣୁ ମରିଯିବ । [ ଜଗଦୀଶ ଦାସ ]

Digitized by srujanika@gmail.com

# ଗୁପ୍ତ ଖବର

( ଭିତରର ସମ୍ବାଦ ଦାତାଙ୍କ ଠାରୁ ପ୍ରାପ୍ତ )

ଜମିଦାର ସଂରକ୍ଷିଣୀ ସଭାର ଏକ ବିଶିଷ୍ଟ ଅଧିବେଶନ ଏବେ ହୋଇଥିଲା ଶ୍ରୀଡେନରେ । ନାନା କଥା ମଧ୍ୟରେ ଜଣେ ବିଶିଷ୍ଟ ସଭ୍ୟ କହିଲେ କି "ଆମ୍ଭେମାନେ ମୂଳରୁ ଭୁଲ କରି ଆସିଛୁ । ଓଡ଼ିଶାର ଜମିଦାରମାନେ ଯେ କେତେ ଗରିବ ତାର ପ୍ରମାଣ, ପ୍ରଚାର ଓ ପ୍ରୋପାଗାଣ୍ଡା ହୋଇନାହିଁ—ବରଂ ଯାହା ହୋଇଛି ତାହା ଆମ ବିରୁଦ୍ଧରେ ।

ଓଡ଼ିଶାର ପ୍ରଜା ସାଧାରଣ ଯେ ଦାରିଦ୍ର୍ୟ କ୍ଲିଷ୍ଟ ଓ ଦୁର୍ଭିକ୍ଷ ପିଷ୍ଟ ତାହା ପ୍ରମାଣ କରିବା ନିମନ୍ତେ ଚଳନ୍ତା କଂଗ୍ରେସ ବାଲାମାନେ ଆଗକୁ ଦେଖାଇଛନ୍ତି ନ-ଅଙ୍କିଆ ବିଶ୍ୱନାଥ ଦାସଙ୍କୁ । ଯହିଁ ଦେଶର ସର୍ବ ପ୍ରଧାନ ଓ ସର୍ବ ପ୍ରଥମ ବ୍ୟକ୍ତିର ଦେହର ଏପରି, ସେ ଦେଶର ପ୍ରଜା କଣ ହୋଇ ନ ଥିବେ, ଏହା ବାହାରର ଲୋକେ ଜାଣୁଛନ୍ତି ଓ ତଦ୍ୱାରା କଂଗ୍ରେସିଆ-ଙ୍କର ଜମିଦାର ବିରୁଦ୍ଧରେ ପ୍ରଚାର କରିବାର ସୁବିଧା ହେଉଛି ।

ଏଣେ ଆମ ତରଫରୁ ଆସେମ୍ବ୍ଲିକୁ ଯେ ଗଲେ, ପ୍ରଥମେ କନିକା, ସେ ତିନି ମହଣରୁ ବେଶି । ତାଙ୍କ ପରେ ପୁଣି ଗଲେ ବ୍ରଜସୁନ୍ଦର ବାବୁ ଯେ, ତାଙ୍କ ବପୁ ତ ଦେଖୁଛନ୍ତି ଆପଣେ । ଏଥିରେ, ଆମେ ଜମିଦାରଯାକ ଯେ ଖାଇବାକୁ ନ ପାଇ ମରିବାକୁ ବସିଛୁ, ଏକଥା କିଏ ବିଶ୍ୱାସ କରିବ ?"

ଆଉ ଜଣେ ବାଧା ଦେଇ କହିଲେ; "କଂଗ୍ରେସ ଭିତରେ କଣ ଭୁଣ୍ଡା ଲୋକ ନାହାନ୍ତି ?" ବକ୍ତା—"ଅଛନ୍ତି; ମହତାବ, ଜଗନ୍ନାଥ ଦାସ ଆଦି । କିନ୍ତୁ ଦୁର୍ଭାଗ୍ୟ ବଶତଃ ସେମାନେ ବି ଜମିଦାର । ଜାଣି ଶୁଣି ତାଙ୍କୁ ପଛକୁ ରଖା ହୋଇଛି—ଆଉ ଆଗକୁ ଦେଇ ଥିଲେ ବି, ଏ ଦୁର୍ଚ୍ଛନା ଦେଇ ଆମର ଅଧିକ ଅନିଷ୍ଟ କରନ୍ତେ ।

ବର୍ତ୍ତମାନ ଏ ଅବସ୍ଥାରେ କଣ କର୍ତ୍ତବ୍ୟ ତାହା ସ୍ଥିର କରାଯାଉ ।" ଏତିକି କହି ସେ ବସିଲେ । ନାନା ଯୁକ୍ତି ତର୍କ ପରେ ସ୍ଥିର ହେଲା କି ଗୋଟିଏ ସବ୍ କମିଟି କରାଯାଉ, ସେମାନେ ଏହାର ପ୍ରତିକାରର ବ୍ୟବସ୍ଥା କରିବେ ଓ ଜମିଦାର ଜାତିରୁ ଏ ବ୍ୟାଧି ଶୀଘ୍ର ହଟାଇବେ ।

ସବ୍ କମିଟିରେ ନିମ୍ନଲିଖିତ ସଭ୍ୟମାନେ ରହିଲେ ।—

ଗଞ୍ଜାମରୁ— ରାଜା ବାହାଦୁର ଖଲିକୋଟ
ସଭାପତି ।

ପୁରୀରୁ—ଏମାର ମଠର ମହାନ୍ତମହାରାଜ ।
ଶ୍ରୀ ଶଚନ୍ଦ୍ର ଘୋଷ

କଟକ ପଟ୍ଟି ମାହାଲର ପ୍ରତିନିଧି ରାଜା ବାହାଦୁର ମଧୁପୁର ।

କଟକ କଛି ମାହାଲ—ଶ୍ରୀ ବ୍ରଜସୁନ୍ଦର ଦାସ, ସେକ୍ରେଟରୀ ।

ବାଲେଶ୍ୱର କଛି ମାହାଲ—ଶ୍ରୀମନ୍ତ ରାଧା ପ୍ରସନ୍ନ ଦାସ ।

ଡକ ମାହାଲ ପ୍ରୋପ୍ରାଇଟର ଅନୁପସ୍ଥିତିରୁ ତାଙ୍କ ପ୍ରତିନିଧି ଜିଲ୍ଲାବୋର୍ଡ ଚେୟାରମ୍ୟାନ ଶ୍ରୀ ଗୋପାଳ ପ୍ରସାଦ ଦାସ ।

ପ୍ରାୟୋପବେଶନ, ବ୍ୟାୟାମ, ଇଲେକ୍ଟ୍ରିକ୍ ଚିକିତ୍ସା, ଔଷଧ ସେବନ, ବହୁ ବିବାହ ଇତ୍ୟାଦି କେଉଁ ଉପାୟ ସବୁଠାରୁ ଫଳପ୍ରଦ ତାହା ନିର୍ଣ୍ଣୟ କରିବା ସକାଶେ ବଡ଼ ବଡ଼ ଡାକ୍ତର, କବିରାଜ, ହାକିମ୍ ଓ ସ୍ୱାସ୍ଥ୍ୟବୀରମାନଙ୍କର ପରାମର୍ଶ ଲୋଡ଼ା ହୋଇଛି ।

---

## ସତେ ?

ଆମ ଖାସ ସମ୍ବାଦ ଦାତା ନିମ୍ନଲିଖିତ ଜରୁରି ଖବର ବେତାର ଯନ୍ତ୍ର ଦ୍ୱାରା ପ୍ରେରଣ କରି ଅଛନ୍ତି ।

ଇଟାଲିର ବୈଜ୍ଞାନିକ ଇଞ୍ଜିନିୟର ଫ୍ରାଉଡ଼ ଓଡ଼ିଶାର ବନ୍ୟା ସମସ୍ୟା ନିବାରଣର ଏକ ନୂଆ ଯୋଜନା ପ୍ରସ୍ତୁତ କରି ଅଛନ୍ତି ।

ସେ କହନ୍ତି କି ତାଙ୍କ ଯୋଜନାଟି ପ୍ରାକୃତିକ ନିୟମର ଅନୁଯାୟୀ, ସୁତରାଂ ବ୍ୟୟ ମଧ୍ୟ ଅଳ୍ପ । ତାହା ଏହି—

"ଓଡ଼ିଶାର ଯେତେ ନଦୀ ସେ ସବୁର ମୁହାଁଣରେ ଆନିକୋଟ ପକାଇ ବନ୍ଦ କରି ଦିଆଯାଉ । ଏତିକି ପରେ ଆଉ ଯାହା ଯାହା ସବୁ ଆପେ ଆପେ ହୋଇଯିବ । ଅର୍ଥାତ୍ ଓଡ଼ିଶାଟା ଏକା ବର୍ଷକେ ଗୋଟିଏ ବଡ଼ ହ୍ରଦରେ ପରିଣତ ହେବ । ଲୋକମାନେ ଜଳଯାନରେ ଘର କରି ରହିବେ । ରାସ୍ତା ତିଆରି ଓ ଜଳକର ଖରଚ ହେବ ନାହିଁ । ସେ ଟଙ୍କା ଖରଚ ହେବ ଫିସେରିରେ । ମାଛ ଚାଷ କରି ଲୋକେ ଏବଂ ସରକାର ବହୁତ ଲାଭବାନ ହେବେ । ହ୍ରଦଯାକ ପଦ୍ମ ଫୁଲ ଫୁଟିବ । ପଦ୍ମରୁ ଲାଭ ହେବ ବହୁତ । ପ୍ରଥମେ—ପଦ୍ମର ଏସେନ୍ସ ଓ ତେଲ । ତାପରେ ଲୋକେ ଧାନ, ଆଳୁ, ପୋଟଳ, ମୁଗ, ବିରି, କଖାରୁ ଆଦି ଚାଷରୁ ଅବ୍ୟାହତି ପାଇ ଅନେକ ସମୟ ପାଇବେ ଓ ସ୍ୱଚ୍ଛଜାତ ପଦ୍ମ କେଶରକୁ ଭାତ ଓ ଅସରନ୍ତି ମାଛକୁ ତରକାରି କରିବେ । ଭିଟାମିନ ଅଧିକ ପାଇବେ । ଲୁଗା ପିନ୍ଧିବାର ଝଞ୍ଜାଳ ଓ କପା ଚାଷ, ସୂତା କଟାର ପରିଶ୍ରମ ରହିବ ନାହିଁ । ପଦ୍ମ ନାଡ଼ରୁ ଅତି ସୂକ୍ଷ୍ମ ସୂତା ବାହାରିବ ତାହା ବୁଣି ପିନ୍ଧିବେ ଓ ଜାଲ ବୁଣିବେ । ମେଣ୍ଡି ପୋକ ନାମକ ପଦ୍ମପତ୍ର ଭେଙ୍ଗି ଗୋଟି ପୋକ ଚାଷ କରି ତହିଁରୁ ସିଲ୍କ ସୂତା ପାଇବେ । ଇଚ୍ଛା କଲେ ପାଣିସାରୁ, କଳମ ଶାଗ, ହିଡ଼-ମିଚ୍ଚ ଚାଷ ହୋଇପାରେ । ଏମାନ ଅତ୍ୟନ୍ତ ଭିଟାମିନ ଦାୟୀ ।

ପଦ୍ମ ବନରେ ମହୁ ଚାଷ ହୋଇ ବହୁତ ପଦ୍ମ ମଧୁ ଆମଦାନି ହେବ । ଏହା ଲୋକମାନଙ୍କ ଖାଦ୍ୟ ଓ ଔଷଧ ହେବ ତ ବିଦେଶକୁ ରପ୍ତାନି ହେବ । ସଙ୍ଗାଲିଭର ଅଏଲ ମଧ୍ୟ ହେବ ।

ନାନାପ୍ରକାର ପକ୍ଷୀ ହ୍ରଦରେ ରହିବେ । ସେମାନଙ୍କର ଡିମ୍ବ ଓ ମାଂସ ଉପାଦେୟ ଖାଦ୍ୟ ହେବ ।

ସ୍ୱାସ୍ଥ୍ୟ ଲାଭ ସକାଶେ ପୃଥିବୀର ଚାରିଆଡୁ ଲୋକେ ଏଠାରେ ଆସି ରହିବେ । ତଦ୍ୱାରା ଟିକସରୁ ସରକାରର ଆୟ ବଢ଼ିବ ।

ହିନ୍ଦୁମାନଙ୍କର କଳା ଓ ବିଦ୍ୟାର ଦେବତା ସରସ୍ୱତୀ ଆଜିକାଲି ସ୍ଥାନ ନ ପାଇ ଛନବାଉଳ ହୋଇ ବୁଲୁଥିବାରୁ ସେ ଆସି ଏହି କମଳ କାନନରେ ବାସ କରିବେ । ତଦ୍ୱାରା କଳା, ସଙ୍ଗୀତ ଓ ଜ୍ଞାନର ଭଣ୍ଡାର ଏହି ଦେଶରେ ଖୋଲିବ । ଅତି ଜ୍ଞାନୀ ଯେଉଁମାନେ ବାହାରରେ ସେମାନେ ପରମ ହଂସ ପାଲଟି ଯିବେ ଓ ମୃଣାଳ ଭୋଜନ କରି ଆନନ୍ଦରେ ରହିବେ ।

ଓଡ଼ିଶା ହୋଇଯିବ ଭୂ-ସ୍ୱର୍ଗ, ଅଥଚ ଅସୁର ଶତ୍ରୁମାନେ ଆକ୍ରମଣ କରିବାକୁ ବି ସାହସ କରିବେ ନାହିଁ । କାରଣ ଲୋକମାନେ ହୋଇଥିବେ ସତ୍ୟାଗ୍ରହୀ ।

କେବଳ ସ୍ଥାନେ ସ୍ଥାନେ ଯେଉଁ ମୁଣ୍ଡିଆମାନ ରହିଯିବ ସେ ସମସ୍ତ ଟାପୁ ରୂପରେ ବ୍ୟବହୃତ ହେବ ଓ ସେଠାରେ ଛତାପାଣ୍ଡୁ ଓ ନିର୍ବା-କାଉନ୍ସିଲର ଚାଷ ହୋଇ ପାରିବ ।

Digitized by srujanika@gmail.com




ପ୍ରିୟ ନାଗ ନାଗୁଣୀମାନେ,

ପ୍ରଥମେ ମୁଁ ତମଠାରୁ କ୍ଷମା ଚାହେଁ । କାରଣ ମୋର ଶାରୀରିକ ଓ ମାନସିକ ଅବସ୍ଥା ଏପରି ଯେ ମୁଁ ଏଥର ତମ ଚିଠି ସବୁର ଉତ୍ତର ଦେଇ ପାରିଲି ନାହିଁ । ପ୍ରତିଦିନ ଗୁଡାଏ ଗୁଡ଼ାଏ ଚିଠି ଆସି ଅଫିସ ଅଳିଆ ହୋଇ ଗଲଣି । ସେ ସବୁ ପଢ଼ିଲେ ମୋର ଭାରି ଆନନ୍ଦ ହୁଏ । କିନ୍ତୁ ବର୍ତ୍ତମାନ ମୁଁ କାହାରିକି କିଛି ଉତ୍ତର ଦେଇ ପାରୁ ନାହିଁ । ମୋର ଛୋଟ ଛୋଟ ଭାଇ ଭଉଣୀମାନେ, ତମେ ସବୁ ମୋତେ ଯେମିତି ଭଲ ପାଅ, ମୋର ବିଶ୍ୱାସ ମୋତେ କ୍ଷମା ଦେବ ।

ନାଗବନ୍ଧୁ ପାଣ୍ଠି ସମ୍ବନ୍ଧରେ ମୋର ମତ ବା ଉପଦେଶ ଜାଣିବା ପାଇଁ ତମ ଭିତରୁ ଅଧିକାଂଶ ନାଗ ନାଗୁଣୀ ଲେଖିଚ । ସେ ବିଷୟରେ ନ କହିଲେ ତମେ ନିରୁତ୍ସାହ ହେବ ବୋଲି, ଏଥର କେବଳ ସେତକ ଲେଖୁଛି ।

ଏହି ପାଣ୍ଠିର ନାମ **"ନାଗବନ୍ଧୁ ପାଣ୍ଠି"** ରଖିଲି । ଏହା ଗୋଟିଏ ସ୍ଥାୟୀ ପାଣ୍ଠି ହୋଇ ରହିବ । ଏ ପାଣ୍ଠିକୁ ପ୍ରଥମେ ମୁଁ ମୋ ପାଇଁ ଓ ତମ ଆଈ ପାଇଁ ଦଶ ଟଙ୍କା ଦାନ କଲି । ଏଣିକି ତମେ ସବୁ ଯିଏ ଯାହା ଦେବ ମୁଁ ଉଗରରେ ତାହା ଛପାଇ ଦେଇ ସମସ୍ତଙ୍କୁ ଜଣାଇବି । ମୋର ଇଚ୍ଛା, ଏ ଟଙ୍କାକୁ କେବଳ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ ଆନ୍ଦୋଳନରେ ଖରଚ ନକରି ଯେତେବେଳେ ଦେଶ ଯାହା ଦରକାର କରିବ ସେଥିପାଇଁ ଦାନ କରାଯିବ । ଏହି ପାଣ୍ଠିର ପରିଚାଳନା ପାଇଁ ମୁଁ ବର୍ତ୍ତମାନ ତମମାନଙ୍କ ଭିତରୁ କେତେଜଣଙ୍କୁ ସଭ୍ୟ ମନୋନୀତ କରି ଗୋଟିଏ କମିଟି ଗଢ଼ୁଛି । ସେମାନଙ୍କ ମତ ନନେଇ ମୁଁ ଏ ପାଣ୍ଠିରୁ କିଛି ଖରଚ କରି ପାରିବି ନାହିଁ । ପରେ ଯେତେବେଳେ ବହୁ ସଂଖ୍ୟାରେ ନାଗବନ୍ଧୁ ହେବେ ସେତେବେଳେ ମୁଁ ଗୋଟିଏ ଗୋଟିଏ ନିର୍ବାଚନ ମଣ୍ଡଳୀ (constituency) କରି ସେଥିରୁ ସଭ୍ୟ ନିର୍ବାଚିତ କରାଇ କମିଟି ଗଢ଼ିବି । ବର୍ତ୍ତମାନ ଅସ୍ଥାୟୀ ଭାବରେ ଏ କମିଟି ଗଢ଼ାଗଲା । ନିମ୍ନଲିଖିତ ଭାଇ ଭଉଣୀମାନେ ଏଥିର ସଭ୍ୟ ରହିଲେ ।—

କଳାହାଣ୍ଡି— ଶ୍ରୀମାନ୍ ରଜନୀକାନ୍ତ ଦାସ
ମୟୂରଭଞ୍ଜ— ,, ଦେବେନ୍ଦ୍ରକୁମାର ପଟ୍ଟନାୟକ
ବଣାଇ— ଶ୍ରୀମତୀ ବିନୋଦିନୀ ଦେଇ
କେନ୍ଦୁଝର— ଶ୍ରୀମାନ୍ କାଙ୍ଗାଳଚରଣ ପଣ୍ଡା
ଖଲ୍ଲିକୋଟ— ,, ଉପେନ୍ଦ୍ର ମହାପାତ୍ର
କଲିକତା— ,, ଭଗୀରଥି ପଣ୍ଡା
ଜାମସେଦପୁର ,, ଗୋଲକ ଚନ୍ଦ୍ର ମହାନ୍ତି
ଖଡ଼୍ଗପୁର— ଶ୍ରୀମତୀ ଶୈଳବାଳା ଦାସ
ବାଲେଶ୍ୱର—ଶ୍ରୀମାନ୍ ଚନ୍ଦ୍ରମୋହନ ଜେନା
ଭଦ୍ରକ— ,, ରଘୁନାଥ ପ୍ରସାଦ ଦାସ
କଟକ— ,, ବସନ୍ତ କୁମାର ବେହେରା
ପୁରୀ— ,, ହରମୋହନ ସିଂ ସାମନ୍ତ
କେନ୍ଦ୍ରାପଡ଼ା ,, ସିଦ୍ଧେଶ୍ୱର ଧଳ
ମେଦିନୀପୁର—ଶ୍ରୀମତୀ କୁମୁଦିନୀ ମହାପାତ୍ର
ଜାଜପୁର—ଶ୍ରୀମାନ୍ ବିନୋଦବିହାରୀ ପଟ୍ଟନାୟକ
ସମ୍ବଲପୁର— ,, ବିଷ୍ଣୁ ପ୍ରସାଦ ମିଶ୍ର

(ମୟୂରଭଞ୍ଜ, କଳାହାଣ୍ଡି, ଜାମସେଦପୁର, ବାଲେଶ୍ୱର ଓ କଟକରୁ ଅଧିକ ସଂଖ୍ୟକ ନାଗବନ୍ଧୁ ହୋଇଥିବାରୁ ସେ ସବୁ ସ୍ଥାନରୁ ଅନ୍ୟ ଜଣେ ଜଣେ ସଭ୍ୟ ମନୋନୀତ ହେବେ । ଉକ୍ତ ସ୍ଥାନ ମାନଙ୍କର ମନୋନୀତ ହୋଇଥିବା ନାଗବନ୍ଧୁମାନେ ଯେଉଁ ନାମ ସୁପାରିସ୍ କରିବେ ମୁଁ ତାକୁହିଁ ସଭ୍ୟ ମନୋନୀତ କରି ସେମାନଙ୍କ ନାମ ପରେ ପ୍ରକାଶ କରିବି ।)

ତମର—ଅଜା

## ନାଗବନ୍ଧୁଙ୍କ ଚିଠି ।

ପ୍ରିୟ ଅଜା !

ଦେଖୁଛି ପ୍ରାଇଜ ଦିଅ ସରିବା ପରେ ମଧ୍ୟ ମୋର ନାଗବନ୍ଧୁ ଭାଇ ଭଉଣୀମାନେ ଆପଣଙ୍କ ରୂପ ବର୍ଣ୍ଣନା କରିବାରୁ ବିରତ ହୋଇ ନାହାନ୍ତି । କିଏ ଯେବେ ଲେଖୁଛି ଅଜା "ଡେଙ୍ଗା, ନହନହକା, ଗଣେଶ ପେଟା," ଅନ୍ୟ ଜଣେ ଓକିଲଙ୍କ ପରି ଯୁକ୍ତି ଦେଖାଇ କହିଲେଣି "ଡେଙ୍ଗା, ନହନହକା, ମଣିଷ ଗଣେଶ ପେଟା ହେବାଟା ମୋତେ ନୁଆପରି ଲାଗୁଛି ।"

କିରେ ବାବୁ ! ଏତେ ଚିଣ୍ଟା ଓଠରା କାହିଁକି ? ସଫାଟା ପାଲ କୋଷରେ ସିଧା ବାଟ ପଡ଼ିଛି, **ଅଜା—ଅର୍ଥ—ମାଈ ପୋଇଲି ।** ଅତଏବ ମାଈ ପିଲାର ରୂପ ଗୁଣ ଯେପରି ଆମ୍ଭମାନଙ୍କର ଅଜାଙ୍କର ରୂପଗୁଣ ଠିକ୍ ସେହିପରି । ଯଦି ବହୁତ ଦିନରୁ ପୁରୁଣା ବୁଢ଼ୀ ପିଲା ହୋଇଥିବେ ତେବେ ବିଶେଷତ୍ୱ ମଧ୍ୟରେ ଏତିକି, ଥୋମଣି ତଳେ ଲୁଗାଏ ଦାଢ଼ି ଥିବ ।

ନମସ୍କାର ଅଜା ତମ ଗୃହ ଖୁସିରହୁ ।

ନୂଆ, ଚପଲ ନାଗ (୧୧୬)

ନାଗବନ୍ଧୁରେ

ପ୍ରଥମ ପଦକ ପ୍ରାପ୍ତ ନାଗବନ୍ଧୁ

**କୁମାରୀ ଅନ୍ନପୂର୍ଣ୍ଣା**



ତୁମ୍ଭମାନଙ୍କୁ ମୋ କଳ୍ପନା ଆଦୌ ମନକୁ ଆସିଲା ନାହିଁ । କେହି ୨ ଯୁକ୍ତି ଦେଖାଇଛନ୍ତି ଯେ ଡେଙ୍ଗା, ନହନହକା, ହୋଇ ଗଣେଷ ପେଟା ହେବା ଅସମ୍ଭବ । କିନ୍ତୁ ଆମେ ଗଣେଷଙ୍କୁ ପାଠର ଦେବତା ବୋଲି ପୂଜା କରୁଁ; ତାଙ୍କ ପେଟକୁ ଶବ୍ଦକର ବଡ଼ କରିଲେ କିଆଁ ? ପେଟ ଭିତରେ ବେଶୀ ପାଠ ଅଛି ବୋଲିତ ? ଅଜା ଯଦି ପ୍ରକୃତ ଟୋକା ଡେଙ୍ଗା ନହନହକା ହୋଇ ଅଳ୍ପ ବୟସରେ ନାନା ବହି ପଢ଼ି ଜ୍ଞାନ ଅର୍ଜ୍ଜନ କରି ସାରିଥାନ୍ତି, ତାଙ୍କୁ ଗଣେଷ ପେଟା କହିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏ ଦେଶରେ ବାର ବର୍ଷର ଟୋକା ପୁଣି କୋଣାର୍କ ପରି ଦେଉଳର ମୁଣ୍ଡି ମାରିଥିଲା ତ । ତେବେ ଅଜା ତ ତାଙ୍କ ବଂଶ ଧର ।

ସ୍ନେହର—ଶୈଳ

—ନମ୍ବର ନାଗୁଣୀ

Digitized by srujanika@gmail.com




ଶୁଣାଯାଉଥିଲା କାଚର ସୂତାରେ ଏଣିକି ଭଲ ଚିଲ୍କି ଲୁଗା ବୁଣା ହେବ । ଏବେ ବାହାରିଛି ଏଲୁମିନିଅମ ଧାତୁର ସୂତା ହୋଇ ମହିଳାମାନଙ୍କ ପାଇଁ ନାନା ରଙ୍ଗର ପୋଷାକ ହୋଇ ପାରିବ ବୋଲି ।

ହାଡ଼ଗୁଡ଼ାରୁ ସୂତା ବାହାରିବ କେବେ ?

× × ×

କଂଗ୍ରେସ ମନ୍ତ୍ରିଅଳିମାନେ ମଧ୍ୟପ୍ରଦେଶ ମନ୍ତ୍ରୀ ଖାରେଙ୍କ ପ୍ରତି ଘୋର ଅବିଚାର କଲେ ବୋଲି ଭାରତବର୍ଷଯାକର ବଡ଼ ବଡ଼ ଖବର କାଗଜର ମତ ।

ପଥ ଚାଲୁଛି— କୁକୁର ଭୁକୁଛି !

+ + +

ଗୋଷ୍ଠୀ ମରହଟ୍ଟା ଜାତି ଖାରେଙ୍କ କଥାରେ ମର୍ମାହତ ହୋଇଥିବାର ଖବର ମିଳୁଛି ଓ ସେମାନେ ଆନ୍ଦୋଳନ ଲଗାଇଛନ୍ତି ।

ଏ ପ୍ରଗତିର ଯୁଗରେ ମରହଟି କଥାକୁ କିଏ ପଚାରେ !

× + +

ବୋମ୍ବେଇ ସରକାର ଆଇନ କରିଛନ୍ତି ଯେ ହୋଟେଲମାନଙ୍କରେ ହରିଜନ ଅବାଧରେ ପ୍ରବେଶ କରି ପାରିବେ । ଏଥିପାଇଁ ସେଠାର ହୋଟେଲବାଲାମାନେ ମେଳି ବାନ୍ଧିଛନ୍ତି ।

ହୋଟେଲ ହରି ମନ୍ଦିର ନୁହେଁ ।

+ × +

ଗୋଟାଏ ନିଖିଳ ଭାରତୀୟ ଜମିଦାର ସଂଘ କଲିକତାରେ ଗଢ଼ା ହେବାର ସ୍ଥିର ହୋଇଛି । ଏମାନେ ଜମିଦାରଙ୍କୁ ଅକାଳ ମୃତ୍ୟୁରୁ ରକ୍ଷା କରିବେ ।

ଡ଼ାକ୍ତର ଅଛନ୍ତି ତ !

+ × +

ବଙ୍ଗଦେଶରେ ଜଳବଢ଼ି ହୋଇ ଶସ୍ୟ ଓ ଘରଦ୍ୱାର ଭୀଷଣ କ୍ଷତି କରିବାର ପ୍ରକାଶ । ଗୃହଁ ଓଡ଼ିଶାର ମାମୁଲିଟା ଗଲା କୁଆଡ଼େ ଏଥର ?

ପାଲେଷ୍ଟାଇନର ଆରବ— ଯିହୁଦୀ ହାଣ କାଟ ଦିନକୁ ଦିନ ବଢ଼ି ଚାଲିଛି ।

ଇଂରେଜ ମଜା ଦେଖନ୍ତୁ ।

× + ×

—ପୁରୀ ଉତ୍ତରପାର୍ଶ୍ୱ ମହନ୍ତଙ୍କ ନାମରେ ଲୋକ ମୁଖରୁ ଶୁଣାଯାଉଥିବା ତାଙ୍କ ରକ୍ଷିତା ନୟନୀ ଦେଈ ଯେଉଁ ଫୌଜଦାରୀ ମୋକଦ୍ଦମା କରିଥିଲା, ତହିଁରେ ମହନ୍ତମହାରାଜଙ୍କୁ ଟ ୫୦୦୯ ଙ୍କା ଜରିମାନା ହୋଇଛି । ନ ଦେଲେ ଦୁଇମାସ ଜେଲ ।

ଧର୍ମରେ ହସ୍ତକ୍ଷେପ !

— ବିହାର ପ୍ରଜାସତ୍ତ୍ୱ ଆଇନ ସାଲିସ ମୁତାବକ ସେଠା ଆସେମ୍ବ୍ଲିରେ ପଢ଼ି ପାସ ହୋଇଗଲା ।

କାହାର ଜୟ ?

— ବଙ୍ଗ ପ୍ରଜାସତ୍ତ୍ୱ ଆଇନ ବଡ଼ଲାଟଙ୍କ ଠାରୁ ଲେଉଟି ପୁଣି ସେଠା ଆସେମ୍ବ୍ଲିରେ ପଡ଼ିଛି ।

କର୍ମର ଫେର !

+ × ×

— ଶୁଣାଯାଏ ରୁପ୍‌ସାଠାରେ ଗୋଟିଏ ବଙ୍ଗାଳି କୋମ୍ପାନୀ ବୃହତ ଏକ କେମିକାଲ୍ କାରଖାନା ଖୋଲୁଛନ୍ତି ।

ଓଡ଼ିଶାର ଭାଗ୍ୟ ।

—ଜଣେ ଭାରତୀୟ ମୁସଲମାନ ବୁଦ୍ଧଦେବଙ୍କୁ ନିନ୍ଦା କରି ବହି ଲେଖିଥିବା ଫଳରେ ବର୍ମା ଦେଶରେ ଭୀଷଣ ହାଣକାଟ ଲାଗିଛି । ଭାରତୀୟ ମାନେ ଦେଖିଲେ ହିନ୍ଦୁ ବା ମୁସଲମାନ ନ ବାଛି ବର୍ମୀମାନେ ମାରି ପକାଉଛନ୍ତି ।

ଷଣ୍ଢ ଧାନ ଖାଇଲା— ଉନ୍ତ ପଡ଼ିଲା ଗଦା !

× + ×

ଅଗଷ୍ଟ ତା ୧୧ ରିଖ ଗୁରୁବାର ଦିନ ଓଡ଼ିଶାର ନୂଆଲାଟ ବଗ ସାହେବ ଗଦି ନସିନ ହେଲେ ।

ଲାଲ୍ ହେଉ ବା ବଗ ହେଉ, ଆମର କଣ

× + +

'କାନ୍ଦ କାନ୍ଦ ପିବ— ହସି ହସି ଫେରିବ

କୌଣସି ଔଷଧର ବିଜ୍ଞାପନ ଗୋଟିଏ ପତ୍ରିକାରେ ଦେଖିବାକୁ ମିଳିଲା । କିନ୍ତୁ ଗାନ୍ଧିଜୀ ଜିନାଙ୍କ ପାଖକୁ ହସି ହସି ଯାଇ ଥିଲେ— ଫେରିଛନ୍ତି ଆଖି ମଳି ମଳି ।

× + ×

ଜିନା ମୁସ୍‌ଲିମ ଲିଗ୍‌ର ଦ୍ୱାର ବନ୍ଦକରି ଦେଇ କଂଗ୍ରେସକୁ ମିଳାମିଶା ଦରଜା ଖୋଲି ରଖିବା ପାଇଁ ଅନୁରୋଧ କରିଛନ୍ତି ।

ମୁଁ ଯାହା କରୁଛି, ତାହା କରନାହିଁ— ମୁଁ ଯାହା କହୁଛି ତାହା କର ।

× + ×

ବ୍ରିଟିଷ୍ଟାଧିପତି ଏବେ ଆଇନ କରିଛନ୍ତି ଯେ ୫୦୦୦ ପାଉଣ୍ଡ ଡିପୋଜିଟ ନ କଲେ କୌଣସି କାଗଜ ବାହାରି ପାରିବ ନାହିଁ ।

ନିମାଲି ତୁନେ କମାଲ୍ କିଆ ।

+ + +

ବଙ୍ଗଳାର ହକ ମନ୍ତ୍ରୀ ମଣ୍ଡଳଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପାସ ନୋହିଲା ।

ହକ ଦାବିକୁ ପୁଣି ନାହକ କରିବ କିଏ ?

× + ×

ଜାପାନ ଆଉ ରୁସିଅର ମିଳା ମିଶା ହୋଇଗଲା ।

ବୃଥା ଅସ୍ଫାଳନ ।

---

## କୁତୁକୁତୁ

ସ୍ତ୍ରୀ—ମୁଁ ରାନ୍ଧୁଛି, ବାଢ଼ୁଛି, ଖୋଉଛି, ପେଉଛି ବାସନ ମାଜୁଛି, ଲୁଗାପଟା ହକାଉଛି, ସବୁ କରୁଛି ତ ! ତା ପାଇଁ କିଛି କଣ ଦେଉଛ ?

ସ୍ୱାମୀ—ତୁମର ଭାଗ୍ୟ ଭଲ । ମୋତେ ଯେ ମିଳୁଛି "ଅକାଣ୍ଡି !"

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରିଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ସ୍ନାୟବିକ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ଅତୁଳ ବଳ ଶକ୍ତି ଖେଳେ । ଦୀର୍ଘଦିନ ବ୍ୟବହାର କରନ୍ତେ । ଶିଶିର ମୂଲ୍ୟ ୫୧୯ ମାତ୍ର ।

ନୟା ସଡ଼କ
ପୋ: ଅ: ଚାନ୍ଦନୀଚୌକ,
କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀବାଲୁକେଶ୍ୱରଆଚାର୍ଯ୍ୟ ଭଣ୍ଡାରରୁ

ଚକ୍ରଚିହ୍ନ ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ବେଦନା ମୁଣ୍ଡୋପରି ଶିରୋରୋଗ, ହଇଜା, ତଳକଣ୍ଠା, ବସନ୍ତ, ପ୍ରମେହ (ଫୁଲାପଣ, ଶୋଥ ପ୍ରଭୃତି) ପେଟମରା, ଅଜୀର୍ଣ୍ଣ, କାଶ, ପ୍ଲୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର, ଆମବାତ, ଅଣ୍ଡ ଗଣ୍ଡିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୂତ୍ରକୃଚ୍ଛ୍ର, ଦାନ୍ତମୂଳ ଫୁଲା, ପଶ୍ମ ଝଡ଼ିବା, ଖଉଜା, କାଛୁ, କୁଷ୍ଠ, ଦାଉଦ, ମରଲା, ଚମଦଳା, ଯାଦୁ, ଛଇ, କଟାଘା, ଛେଚଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, ବାତଝଣା, ବାଳରୋଗ ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
**କବିରାଜ ଶ୍ରୀ ବିଶ୍ୱନାଥ ଦାସ**
ଏ, ବି, ଏଲ୍. ଏଚ. ଏମ୍. ଏସ୍.
ଅଲିଶା ବଜାର, ପୋଃ ଚାନ୍ଦନୀଚୌକ କଟକ ।



# ଅସଲ ପଞ୍ଚଗୁଣା ତୈଳ

ଘା; ଖାଉଜ; ବଥା; ମଚକା; ବିଛା କାମୁଡ଼ା, ମେଣ୍ଡା ମୁଣ୍ଡିଆ ବାତ; ପକ୍ଷା ଘାତ ପ୍ରଭୃତି ସମସ୍ତ ପ୍ରକାର ବେଦନାର ଏକ ମାତ୍ର ମହୌଷଧ:—ମୂଲ୍ୟ ୫୦ ମାତ୍ର ।
ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

# ଅଦ୍ଭୁତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରତିଶକ୍ତି ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ ।

ମୂଲ୍ୟ ସେରକୁ ୫ ୬ ୯
,, ସେ୦ ୫ରକୁ ୬ ୩ ୧
,, ସେ୦ ୧ କୁ ୫ ୨ ୯

ଭିଃ ପିଃ ରେ ଔଷଧ ପଠାଯାଏ ।

ଠିକଣା
କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍. ଏଚ୍. ଏମ୍. ପି
**ଦରିଦ୍ର ବନ୍ଧୁ ଔଷଧାଳୟ**
ଖପରପଡ଼ା । ପୋ : ଭେଟାର । ଜି : ବାଲେଶ୍ୱର

## ଅଫିମାଙ୍କର ଆଉ ଭୟ ନାହିଁ ।

ଓଡ଼ିଶା ସରକାର ଅଫିମ ଉଠାଇ ଦେଉଥିବା ବେଳେ ଅଫିମାମାନେ ବଡ଼ ଭୟ ପାଇ ଯାଇଛନ୍ତି । କିନ୍ତୁ ଆମର **ସୁଇଟୋ** ଔଷଧ ସେବନ କଲେ ଅଫିମାମାନେ ବିନା କଷ୍ଟରେ ଅଳ୍ପଦିନ ଭିତରେ ଅଫିମ ଛାଡ଼ି ପାରିବେ ଏବଂ ଉକ୍ତ ରୋଗରୁ ମୁକ୍ତ ହୋଇ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ପାଇବେ । କିଏ କେତେ ପରିମାଣରେ ଅଫିମ ଖାଉଛନ୍ତି ଲେଖିଲେ ଔଷଧ ଭିଃ ପିଃରେ ପଠାଯାଏ ।

## ବାର୍ଥ କଣ୍ଟ୍ରୋଲ ।

ଜନ୍ମ ନିରୋଧ ଏବଂ ପୁଂ ଦ୍ରବକ ଔଷଧ ପାଇଁ ଆମ୍ଭମାନଙ୍କ ସହିତ ପରାମର୍ଶ କରନ୍ତୁ । ଅନ୍ୟାନ୍ୟ ରୋଗ ବିଷୟରେ ମଧ୍ୟ ପରାମର୍ଶ କରିପାରନ୍ତି । ସକଳ ପ୍ରକାର ନୂତନ ଓ ପୁରାତନ ସ୍ତ୍ରୀରୋଗ ଚିକିତ୍ସା ସହିତ କରାଯାଏ । ରୋଗୀମାନଙ୍କର ଚିଠିପତ୍ର ଗୁପ୍ତ ଭାବରେ ରଖାଯାଏ ।

ଠିକଣା—ଉତ୍କଳ ହୋମିଓପାଥିକ ଫାର୍ମାସୀ, ବଡ଼ୋ ବଜାର—କଟକ

# ପି: ପୃଷ୍ଟି ଏଣ୍ଡ୍ ସନ୍ସ୍

ପଥରଦାନ୍ତ ଓ ଚଶମା ବିକ୍ରେତା
ଅଦାଲତ କଚେରୀ ସାମନା
**ପୋଃ ଅଃ ଚାନ୍ଦନୀଚୋକ, କଟକ ।**





Printed & published at the Jagannath Press, Bhadrak by [illegible]

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍‌ସୁରେନ୍ସ ସୋସାଇଟି ଲି: କଲିକତା

[illegible] ବର୍ଷ ଧରି [illegible] ବୃହତ୍ତମ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା [illegible] ସର୍ବୋତ୍କୃଷ୍ଟ ।

ଅକସ୍ମିକ [illegible] ବୀମା [illegible] ମିଳିବ ।

[illegible] ବୀମା [illegible] ମିଳିବାର ସୁନ୍ଦର ବ୍ୟବସ୍ଥା ।

[illegible] ବୀମା, [illegible] ସୁବିଧା ଜନକ

ବୀମାର [illegible] ବ୍ୟବସ୍ଥା ।

ବୀମା [illegible] ସୁନ୍ଦର ବ୍ୟବସ୍ଥା [illegible]

୧୯୩୬-୩୭ ସାଲର କାର୍ଯ୍ୟ ବିବରଣ
ନୂତନ ବୀମାର ପରିମାଣ ୨କୋଟି [illegible]ଲକ୍ଷ ୭୩ହଜାରରୁ ଉର୍ଦ୍ଧ୍ୱ ।
ବୀମା ପାଣ୍ଠି [illegible]କୋଟି ୩୧ଲକ୍ଷ ୧୭ ହଜାରରୁ ଉର୍ଦ୍ଧ୍ୱ ।
ମୋଟ ସମ୍ପତ୍ତିର ପରିମାଣ ୨କୋଟି ୭୦ଲକ୍ଷ ୭୭ହଜାରରୁ ଉର୍ଦ୍ଧ୍ୱ
ବାର୍ଷିକ ଆୟ ୭୯ଲକ୍ଷ ୫୫ହଜାରରୁ ଉର୍ଦ୍ଧ୍ୱ ।
ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି [illegible]ଲକ୍ଷରୁ ଉର୍ଦ୍ଧ୍ୱ
ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଉର୍ଦ୍ଧ୍ୱ ।
ଅଧିକନ୍ତୁ କେବଳ ସରକାରୀ କାଗଜପତ୍ରରେ ମୋଟ ସମ୍ପତ୍ତିର ଶତକରା ୨୪·୦୯ କିମ୍ବା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକରା ୨୩·୧୯ ହୋଇଛି ।

([illegible], [illegible] ଏଜେଣ୍ଟ ଓ ସ୍ପେଶାଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)
[illegible], [illegible], ବମ୍ବେ, [illegible] ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।
[illegible] ଠିକଣାରେ ଅନୁସନ୍ଧାନ କରନ୍ତୁ ।

[illegible], ସେକ୍ରେଟେରୀ
[illegible], କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର, କଟକ ।



# ଓରିଏଣ୍ଟାଲ ଇନ୍‌ସୁରେନ୍ସ କୋମ୍ପାନୀ, ଲିମିଟେଡ୍

ହେଡ଼ ଅଫିସ ନଂ ୧୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

**ବୀମା କରିବେ ? ଦେଖନ୍ତୁ — ଏହାର ବିଶେଷତ୍ୱ କଅଣ ?**

[illegible] ଆର୍ଥିକ ସାହାଯ୍ୟ ପାଏ ।
[illegible] ସାହାଯ୍ୟରେ [illegible] କରି ପାରନ୍ତି ।
[illegible] ପ୍ରିମିୟମ୍ ନ ଦେଇ [illegible] ।
ପ୍ରଥମ [illegible] ପ୍ରିମିୟମ ଦେଇ [illegible] ନ ଦେଇ ପାରିଲେ "[illegible]" [illegible] ହୋଇଯାଏ ।
[illegible] କମ୍ ସୁଧରେ ଶତକଡ଼ା ୫ ଟଙ୍କା [illegible] ସୁବିଧା ଦିଆଯାଏ ।
୬ । [illegible] ପ୍ରିମିୟମ ଦେବା [illegible] ପରେ ବୀମାକାରୀ ଆତ୍ମହତ୍ୟା କଲେ ବୀମା [illegible] ଉତ୍ତରାଧିକାରୀ ପାଇ ପାରେ ।

୭ । ଅନ୍ୟାନ୍ୟ ଇନ୍‌ସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।
୮ । "ଇନ୍‌ସ୍ୟୁରେନ୍ସ" ଅନୁସାରେ ପ୍ରତ୍ୟେକ କିଛି କିଛି ସମ୍ପତ୍ତି କରିବା ପାଇଁ ଆମ୍ଭମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଲେଖା ହେଲ ସମସ୍ତ ରଖିଥିବା ନୂତନ ଘଡ଼ି ଦେବାର ବନ୍ଦୋବସ୍ତ କରିଅଛନ୍ତି ।
୯ । ଆପଣ କଣ ଗୃହସ୍ଥ ? ଶୀଘ୍ର ଏଥିରେ ବୀମା କରନ୍ତୁ । ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ । ସବିଶେଷ ବିବରଣ ଜାଣିବା ପାଇଁ ଶୀଘ୍ର ହେଡ଼୍ ଅଫିସକୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସର୍ବତ୍ର ଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।



ଅବକାଶ ଉପଭୋଗ

# ପାରାଡାଇସ୍ ହୋଟେଲ

ଏକମାତ୍ର ବିଶିଷ୍ଟ ଓ ବୃହତ୍ ଓଡ଼ିଆ ହିନ୍ଦୁ ହୋଟେଲ
ବକ୍ସିବଜାର [ କଟକ ]

ଏଠାରେ ସାଧାରଣ ଅଭ୍ୟାଗତମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ପଙ୍ଖା, ପାଇପ ପାଣି ଓ ଲାଇଟ ଲେଖାଇ, ଟେବୁଲ ଚୌକି ଗୃହର ଇତ୍ୟାଦି ବିଶେଷ ଅଛି ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ ହେବ ଯିବ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନଗୋ



FOR ALL SORTS OF
# MEDICINES
PLEASE COME TO
**CROWN MEDICAL HALL,**
**RANIHAT, CUTTAK.**


ପ୍ରକାଶକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ସାହାଯ୍ୟକାରୀ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

ଭାଦ୍ର ପ୍ରଥମାର୍ଦ୍ଧ—

ଆନନ୍ଦାତ୍ ହି ଖଲୁ ଇମାନି ଭୂୟନ୍ତେ—

ଦ୍ୱିତୀୟ ବର୍ଷ—୭ମ ସଂଖ୍ୟା

# ଡଗର





ବିରୋଧୀ ଦଳପତି—ଛୁଟା ମଡ଼ୀ ଘୁକୁଟୀ ଟାଏ

କଂଗ୍ରେସ ଦଳପତି—ଦେଖିବା ଭଲା କିଏ ଜିତେ ?

ଜୀବନ ବୀମା ପାଇଁ
ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀକି
ଓଡ଼ିଶା ଅଫିସ :—ବେଲା ହାଉସ—କଟକ ।

Digitized by srujanika@gmail.com


GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା, ସୁଲଭ
ଓଡ଼ିଶାର ସହର ମଫସଲ
ସବୁଠାରେ
ମିଳେ
TABLETS
B.P.
1000 TABLETS
5 GRAINS EACH
ଏଜେଣ୍ଟସ:-
ଗୈଥୁରୀ ଏଣ୍ଡ କୋଂ ନଂ ୪ ବାଙ୍କସାଲ ଷ୍ଟ୍ରୀଟ୍
ସାଓ୍ୱାଲେସ ଷ୍ଟ୍ରିଣ୍ଡ କୋଂ ପୋଃ ବକ୍ସ ନ ୭୦ ମ୍ବର
କଲିକତା

ଡଗର
ଖଣ୍ଡ—୫୦/
ବାର୍ଷିକ(ଡାକ)୫୨୯
ଛାତ୍ରମାନଙ୍କପାଇଁ୫୧୪
ରାଜସଂସ୍କରଣ—୫୫୯




ଡଗର
ଷଷ୍ଠ ପ୍ରଥମାର୍ଦ୍ଧ
୨ବର୍ଷ, ୭ମ ସଂଖ୍ୟା
କଟକ
୧ । ୯ । ୪୮

ଓଡ଼ିଶାର ବନ୍ୟା ସମସ୍ୟାଟା ଆମ କଥାନାଳ ପତି କାନୁନଗୋଇଙ୍କ କରଣ କୁଳର କନ୍ୟା ସମସ୍ୟାଠାରୁ ତେର ବେଶୀ । କନ୍ୟାକୁ ମୁଣ୍ଡ ନ ଲଗାଇଲେ ସିନା କୁଳ ଭାସିଯାଏ କିନ୍ତୁ ଏ ବନ୍ୟାକୁ ମୁଣ୍ଡ ନ ଲଗାଇଲେ ସାରା ଓଡ଼ିଶା ଯେ ଭାସି ଯାଉଛି । ସେଥିପାଇଁ ବିଶ୍ୱେଶ୍ୱରସ୍ୱାମୀ ଅଙ୍ଗାସ୍ୱାମୀ, ଠେଙ୍ଗାସ୍ୱାମୀଙ୍କ ଠାରୁ ଆରମ୍ଭ କରି, ଇଂଲଣ୍ଡ୍ ଫରାସି ଜର୍ମାନୀ ପର୍ଯ୍ୟନ୍ତ ସ୍ୱୟଂବରରେ ଯୋଗ ଦେଇ ବାହୁଡ଼ା ବଜେ କଲେଣି । କିନ୍ତୁ ଫଳଭିତରେ ସାର ହେଲା ଏତିକି ଯେ କାନ-ଗୋଇଙ୍କ ମୁଣ୍ଡ ଗରମ ହୋଇ ତାଙ୍କ ମଥା କେନାଲଟା ଲିଭିଗଲା । ମାତ୍ର ଅସଲ ବନ୍ୟାର କିଛି ନୋହିଲା ।

ଅବଶ୍ୟ ଇଂରେଜମାନେ ଏ ଦେଶକୁ ଶୋଷଣ କରିଯାଇଛନ୍ତି, କରୁଅଛନ୍ତି ଏବଂ କେହି କହିପାରିବେ ନାହିଁ କେତେଦିନ କରିବେ । ତେଣୁ ଆମ୍ଭମାନଙ୍କର ଆଶା ଯେ ଇଞ୍ଜିନିୟର ଇଂଲିଶ୍ ହେଲେ ସେହିପରି ଓଡ଼ିଶା ବନ୍ୟାଟାକୁ ଶୋଷଣ କରନ୍ତୁ ! ନୋହିଲେ ଓଡ଼ିଶାରେ ଏମିତି ପୁଅ ଆଉ କିଏ ଅଛି ଯେ କି ଏତେବଡ଼ ବନ୍ୟାଟାକୁ ଅଗସ୍ତି ମୁନିଙ୍କ ଭଳି ଚଟ୍ଟ କରିଦେବ ।

\+ + +

ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି ଯେ ଭାରତ ସରକାର ନିକଟରେ ଗୋଟାଏ ବଡ଼ ପ୍ରାସାଦ ଗଢ଼ିବେ ବୋଲି ଭାରତ ବ୍ୟବସ୍ଥା ସଭା ଏବେ ମଞ୍ଜୁର କରିଛନ୍ତି । ତାହା ମହାଭାରତର ଚକ୍ର ବ୍ୟୂହ ପଦ୍ମବ୍ୟୂହ ପ୍ରଭୃତିଠାରୁ ଆଉ ଏକ ବିଷମ-ତମ ବ୍ୟୂହ ହେବ । ଚକ୍ରବ୍ୟୂହ ଓ ପଦ୍ମବ୍ୟୂହକୁ ଭେଦ କଲାବାଲା ବୀର ତ ସେ ଯୁଗରେ ଜଣେ ଅଧେ ଯେମିତି କେଉଁଠି ମିଳୁଥିଲେ କିନ୍ତୁ ଏ ବ୍ୟୂହକୁ ଯେ ଭେଦ କରିବ ସେ କେବଳ ଅଭି-ମନ୍ୟୁ ପରି ମା ପେଟରେ ଥାଇ ଶୁଣିଲେ ଚଳିବ ତ ନାହିଁ, ବାପ ରକ୍ତରେ ଥିବାବେଳେ ଶୁଣିଲେ ବି ଯାଇବ କି ନାହିଁ ସେ ବିଷୟରେ ସ୍ୱୟଂ ବ୍ରହ୍ମାଙ୍କର ସନ୍ଦେହ । ଏ ବ୍ୟୂହର ଦୁଇଟି ପ୍ରଧାନ ତୋରଣ ହେବ । ଗୋଟିଏ ତୋରଣର ରକ୍ଷୀ ହେବେ ନିଜେ ଜଙ୍ଗିଲାଟ ଆଉ ଅନ୍ୟ ତୋରଣର ରକ୍ଷୀ ପଦରେ ବରଣ ହେବେ, ଶୁଣାଯାଏ ମୁସ୍ଲିମ୍ ଲିଗର ସଭାପତି ଜିନା ସାହେବ । ରକ୍ଷୀ ପଦରେ ବରଣି ହେବାକୁ ହେଲେ ରଥୀମାନଙ୍କ ଶିରୋପା ବା ପାଟ ଶାଢ଼ୀ ବନ୍ଧା ଯିବାର ପ୍ରଥା ଭାରତରେ ପ୍ରଚଳିତ । କିନ୍ତୁ ଶୁଣାଯାଏ ଜିନା ସାହେବ ଆପତ୍ତି କଲାରୁ ସରକାର ଟର୍କିସ୍ କେପ୍ ଅଭାବରେ ଇଂଲିଶ୍ ହେଟ୍ ତାଙ୍କ ମୁଣ୍ଡରେ ଲଗାଇବେ ବୋଲି ଜବାବ୍ ଦେଇଛନ୍ତି । ଗୋଟିଏ ତୋରଣରେ ଲେଖାଥିବ "ସାଧାରଣ ପ୍ରବେଶ ନିଷେଧ" ଆଉ ଅନ୍ୟ ତୋରଣରେ ଲେଖାଥିବ ଯିଏ ସ୍ୱା ଭିତରକୁ ପଶିବ ତାକୁ ୨ବର୍ଷ ସଶ୍ରମ କାରାବାସ । ଜିନା ୨ସ୍ୱ ତୋରଣ-ରେ ରହିବେ ବୋଲି ଗୁଜବ୍ । ପ୍ରାସାଦର ବ୍ୟୟ-ଭାର ବହନ କରିବେ ପାଲେଷ୍ଟାଇନର ମୁସଲମାନ ଭାଇମାନେ ।……

## ନିର୍ଦ୍ଦେଶ

ଭାରତ ସରକାର ଯେତେ ସାମରିକ ଆଇନ ପାଶ୍ କରନ୍ତୁ ପଛେ ଏକଥା ମନେ ରଖିବା ଉଚିତ ଯେ କେତେକ ବିଶ୍ୱାସ-ଘାତକଙ୍କୁ ଛାଡ଼ିଦେଲେ, ପ୍ରତ୍ୟେକ ଭାରତ-ବାସୀ, କି ହିନ୍ଦୁ କି ମୁସଲମାନ କେହି ନିଜର ଦେଶମାତୃକାକୁ ଚିର ଶୃଙ୍ଖଳିତ କରିବାପାଇଁ ଆସନ୍ନ ପୃଥିବୀବ୍ୟାପୀ ସଂଗ୍ରାମରେ ଇଂରେଜ ସପକ୍ଷରେ କଦାପି ଅସ୍ତ୍ର ଧାରଣ କରିବ ନାହିଁ—ବରଂ ସ୍ୱଦେଶରେ କାରା ଏପରିକି ମୃତ୍ୟୁ ମଧ୍ୟ ବରଣ କରିପାରେ ।

ତିବ୍ବତର ଧର୍ମ ଗୁରୁ ଦଲାଇ ଲାମାଙ୍କର ମୃତ୍ୟୁ ହେଲେ ସେ ପୁଣି ଆଉ ଏକ ସ୍ଥାନରେ ଜନ୍ମ-ଗ୍ରହଣ କରନ୍ତି । କୌଣସି ଧର୍ମପରାୟଣ ଲୋକକୁ ସ୍ୱପ୍ନାଦେଶ ହେଲେ ସେ ସେଇ ଲାମାଙ୍କୁ ଆବିଷ୍କାର କରେ । ସେହିପରି ଭାରତର ମିର୍ଜାଫରଙ୍କ ମୃତ୍ୟୁ ଶତାଧିକ ବର୍ଷ ହେବ ହୋଇଗଲା । ତାଙ୍କର ମଧ୍ୟ ସେହି ସୂତ୍ରରେ ଜନ୍ମ ହେବାର କଥା । ଏବେ ଭାରତ ବ୍ୟବସ୍ଥା ସଭାର ଜଣେ ସଭ୍ୟଙ୍କୁ ସ୍ୱପ୍ନାଦେଶ ହୋଇଛି ଯେ ମିର୍ଜାଫର ବହୁଦିନ ପୂର୍ବରୁ ଜନ୍ମ ହେଲେଣି କିନ୍ତୁ ଧର୍ମ ଚକ୍ଷୁରେ ସେମାନେ ତାଙ୍କୁ ଚିହ୍ନି ପାରୁ ନାହାନ୍ତି । ବ୍ରିଟିଶ ସରକାରଙ୍କ ଠାରୁ କିଛି ଲକ୍ଷ ଗାଇ ଭାରତ ସେପରି ଚରିବା ପାଇଁ ବ୍ରିଟିଶ ହାତରେ ଦେବ ତାର ଚେଷ୍ଟା କଲେ ଯାଇଁ ସେ ମିର୍ଜାଫରଙ୍କୁ ଚିହ୍ନି ପାରିବେ । ସେ ସଭ୍ୟ ମହୋଦୟ ସେଥିରେ ରାଜି ନ ହେବାରୁ ସ୍ୱପ୍ନ ଦେବତା ତାଙ୍କୁ କହିଲେ ଯେ ନିକଟରେ ଭାରତ ସରକାର ଯେଉଁ ସାମରିକ ଆଇନ କରିବେ ତଦ୍ୱାରା ଭାରତ ଗୋଡ଼ରେ ଆଉ ଏକ ବେଡ଼ି ପଡ଼ିବ । ସେଇ ଆଇନ ସପକ୍ଷରେ ଯେଉଁ ଭାରତୀୟ ଠିଆ ହୋଇ ଇଂରେଜ ସରକାରଙ୍କ ପାଳିତ ପୁତ୍ର ପରି ଲଢ଼ିବ ସେଇ ଏ ଯୁଗର ମିର୍ଜାଫର ସେଇ ଏ ଯୁଗରେ ବୀର—Hero of the day ଏବେ ତାଙ୍କୁ ଖାଲି ଚିହ୍ନିବା କଥା ।

× × ×

ନୂଆ ହୋଇ ଓଡ଼ିଶା ପ୍ରଦେଶ ଯେତେବେଳେ ଗଢ଼ାହେଲା ସେତେବେଳେ ଯେଉଁ-ମାନେ ଭାରି ଭାବିଲେ ଚିଲ୍କା ଲେକ, ସେମାନେ କହିଲେ କି ଅଚ୍ଛା ସବୁଜ ହେବ, ଏତେ ବଡ଼ ପ୍ରଦେଶଟା ପାଇଁ ହ୍ରଦଟାକୁ ହ୍ରଦ ଲେଖେଁଟିଏ

ବାହାର ପାରବତ ? ବାହାରଲେ ତା ବପୁ ପୁଣି ମଣ୍ଡିତ ହେବ କପରି ?

ସେମାନେ ଯେତେ ବୁଦ୍ଧିଆ ଲୋକ ହୋଇଥାନ୍ତୁ ପଛେ ଅମ୍ଭେମାନେ କିନ୍ତୁ ତାଂକୁ ବୁଦ୍ଧିଆ ବୋଲି କହିବୁଁ ନାହିଁ । କାରଣ ସେତେବେଳେ ସେମାନେ ଅନୁମାନ କରି ପାରି ନଥିଲେ ଯେ କଂଗ୍ରେସ ମନ୍ତ୍ରୀ ଏ ରାଜ୍ୟରେ ୧୯୩୭ ସମ୍ବତ୍ସରଠାରୁ ରାଜୁତି କରିବେ । ଏମାନଙ୍କ ରାଜତ୍ୱ କାଳରେ କେତେକ ଛପରକୁ କେତେ ଏକ୍‌ସ୍‌ଟ୍ରା ଅଡ଼ିନେରି, ସୁପର ଅଡନେରି ଗେଜେଟ ବାହାରିବ । ବପୁ ପୂରଣ ନହେଲେ କର୍ମଗ୍ରାମମାନଙ୍କୁ ଏଠୁ ନେଇ ସେଠି, ସେଠୁ ନେଇ ଏଠି ରଖିଦେଲେ କାମ ସରିବ । କର୍ମଗ୍ରାମମାନେ ପଛେ ଟି. ଏ. ପାଉଥାନ୍ତୁ ଅମ ଗେଜେଟ ବପୁ ପୂରଣ ହେଲେ ଭଲ । କିନ୍ତୁ ଅମେ ପ୍ରସ୍ତାବ କରୁଁ, ଗେଜେଟ ନା ଓଡ଼ିଶା ଗେଜେଟ ନ ରଖି ଟ୍ରାନ୍ସଫର ଗେଜେଟ ଦେଲେତ ଗାନ୍ଧୀବାଦୀ କଂଗ୍ରେସବାଲାମାନଙ୍କର ସତ୍ୟବ୍ରତ ପାଳିତ ହୁଅନ୍ତା ।

× + ×

ଥରେ ଦୁଇ ସଙ୍ଗାତ ଗଲେ ଦୁନିଆର ଜ୍ଞାନଶାସ୍ତ୍ର ଶିଖିବା ପାଇଁ ଗୁରୁ ଗୃହକୁ । ପ୍ରଥମେ ପାଠ ଆରମ୍ଭରେ ଗୁରୁ ଜଣକୁ ଦେଲେ କୁକୁର ଲାଙ୍ଗୁଳକୁ ସିଧା କରିବା ପାଇଁ, ଅନ୍ୟ ଜଣକୁ କହିଲେ ଟଙ୍କା ମୁହଁକୁ ସିଧା କରିବା ପାଇଁ । କୁକୁର ଲାଙ୍ଗୁଳ ସିଧା ହେଲା କିନ୍ତୁ ଟଙ୍କା ମୁହଁ ଯାହିଁ ବଙ୍କା ସେହି ବଙ୍କା । ତହୁଁ ସେ ହିତୋପଦେଶ ଭାଷିଲେ ଯେ ଏ ବଙ୍କା ମୁହାଁ ଟଙ୍କା ପାଖରେ ସତ୍ୟ, ନ୍ୟାୟ, ତ୍ୟାଗ ଏ ସବୁ କହିଲେ ସେ ଶୁଣେ ନାହିଁ । ଗାନ୍ଧି ଗୁଡ଼ ମହାଗାନ୍ଧି ଆସିଲେ ବି ଟଙ୍କାର ବଙ୍କା ଅଙ୍ଗ ସିଧା ନହୁଏ । ସୁଭାଷ ତ କାଲିକା ଟୋକା ସେ ବା ଟଙ୍କା ମୁହଁକୁ ସିଧା କରିବେ କାହୁଁ ? ସ୍ୱର୍ଗତ ଭଠଲ ଭାଇ ଦେଶ ସେବା କରିବା ପାଇଁ ସୁଭାଷଙ୍କୁ ଯେଉଁ ଲକ୍ଷେ ଟଙ୍କା ଦେଇଯାଇଥିଲେ ସେ ଏବେ ମୁହଁ ବଙ୍କା କରି ଭଠଲଙ୍କ ଭାଇ ସର୍ଦ୍ଦାର ବଲ୍ଲଭଙ୍କ ଅଡ଼କୁ ଗୁହଁଲେଣି । ସର୍ଦ୍ଦାରଜୀ ତାଙ୍କ ଓକିଲ ବନ୍ଧୁ କଂଗ୍ରେସନେତା ଦେଶାଇଙ୍କ ପରାମର୍ଶ ନେଇ କାଲେ ଜଣେ ଏଟର୍ଣ୍ଣିଙ୍କ ଦ୍ୱାରା ସୁଭାଷଙ୍କୁ ଜଣାଇ ଦେଇଛନ୍ତି ଯେ ଆଇନଅନୁସାରେ ସେ ଟଙ୍କା ଭଠଲଙ୍କ ଓ୍ୟାରିସ ( ଯଥା ବଲ୍ଲଭ ଭାଇ ) ମାନଙ୍କର— ସୁଭାଷଙ୍କର ତହିଁରେ କିଛି ଦାବି ନାହିଁ । ଏହା ଯଦି ସତ୍ୟ ହୋଇଥାଏ, ତେବେ ଗାନ୍ଧିଜୀ ତମ ସତ୍ୟ, ନ୍ୟାୟ ତ୍ୟାଗକୁ ଥରେ ଡାକ ପକାର—ସର୍ଦ୍ଦାରଜୀ କାହାର ଭକ୍ତ ।

## ଶୋକ ସମ୍ବାଦ ।

ଉତ୍କଳର ସର୍ବ ପ୍ରଧାନ ମହିଳା କବି ଓ ଉପନ୍ୟାସ ଲେଖିକା ଡା: କୁନ୍ତଳା କୁମାରୀ ଆଜି ଇହ ଜଗତରେ ନାହାନ୍ତି । ଉତ୍କଳର ଗୌରବ ବିଦେଶରେ ପ୍ରଖ୍ୟାତ କରିବା ତାଙ୍କ ଜୀବନର ବ୍ରତ ଥିଲା । ତାଙ୍କର ଅକାଳ ମହାପ୍ରୟାଣ ଦ୍ୱାରା ଦେଶ ଯେ କେବଳ ଜଣେ ସ୍ୱଦେଶପ୍ରାଣା, ଗୁଣବତୀ ସାହିତ୍ୟ ସେବିକା ହରାଇଲା, ତାହା ନୁହେ, ଅମ୍ଭେମାନେ ଜଣେ ସ୍ନେହମୟୀ କନିଷ୍ଠାସ୍ନିଗ୍ଧା ଭଗିନୀ ହରାଇଲୁଁ । ଉତ୍କଳ ପ୍ରତି ଏ କି ଅଭିଶାପ ! ଭଗବାନ !

## ସଭା-ଶୋଧନା

ଲେଖକ—ଶ୍ରୀ ଚୂଟିଆ ମୂଷା ।

### ବେଙ୍ଗଲା ଚରଣ

ନମସ୍ତେ ନମସ୍ତେ ମାଗୋ ଓଡ଼ିଶା Assembly
ବିରାଜିକୁ କଟକରେ ଏଡ଼େ ହାଁ ମେଲି
ଧନ୍ୟ ଧନ୍ୟ ଜନନୀଗୋ ଧନ୍ୟ ତୁହି ମାତ
କେତେ ନେତା କେତେ ଦେବତା କରୁ ଅତି ଜାତ
କାଳ କଲିକାଳୀ ମାଗୋ ଅଟୁ ସର୍ବ-ଖାଇ
ଚଣ୍ଡାଳ ବ୍ରାହ୍ମଣ କିଛି ଭେଦା ଭେଦ ନାହିଁ ।
ଚଣ୍ଡାଳକୁ ଦେଉ ତୁହି ବୁଦ୍ଧି ବିଦ୍ୟାଙ୍କିତ
ବ୍ରାହ୍ମଣକୁ କରୁ ପୁଣି ହରିଜନ ପ୍ରାଣ ।
ରଜାକୁ ତୁ ମନ୍ତ୍ରୀ କରୁ ପୁଣି ଦେଉ ଛଡ଼,
ଅକାଶକୁ ନେଇ ଦେଉ ପାତାଳେ କଚୁଡ଼ି ।
କଂଗ୍ରେସବାଲାଙ୍କୁ ପୁଣି ଦେଉ ରାଜ ଗାଦି
ତୋହ କ୍ଷମତାର ମାଗୋ ନାହିଁ ଅନ୍ତ ଆଦି ।
ଶୁକ୍ଳପକ୍ଷେ ଷଷ୍ଠି ତିଥୌ **ସୋମ ବାସରେ**
ଉନ୍ନେଇଶ ଶହ ଅଣତିରିଶ ଭାଦ୍ରବ ମାସରେ
ତୋହ ଗୁଣ ଗାଥା ମୁହିଁ ଶୋଧିବି ଯେସନେ
ସୁଦୟା କରିମା ଏହି ଦାସ୍ ବଡ଼ା ଜନେ ।

### ଶୋଧନା

ପ୍ରଥମେ ଶୋଧଇ ମା ଗୋ ଅତି ବଡ଼ ମଣ୍ଡ,
Presi ding diety ଯେହ୍ନ ନାମ ବାଚସ୍ପତି ।
ମୋଟରୁ ଓହ୍ଲାଇ ଗୃହେ ପ୍ରବେଶିବା ବେଳେ,
ସଜୋରରେ କବାଟ ବାଜି ଗଲା କଣ ମୁଳେ ।
ଉପୁଡ଼ି ପଡିଲା ସବୁ ଗୋଟି ଗୋଟି ହୋଇ,
ନ ମିଳିଲା ଗୋଟେ ହେଲେ ଯେତେ ଖୋଜି ଖୋଜି
ଠାଏ ଠାଏ ଗୋଟେ ୨ ଖୁଣ୍ଟା ଖାଲି ଦିଶେ,
ବରଷା ଜଳରେ ପୁଣି ଗଜାଇବା ଆଶେ ।
ଦ୍ୱିତୀୟେ ଶୋଧଇ ମା ଗୋ ତୋହର ଉଦରେ,
ସଂସାରର ନାଥ ବୋଲି ଯେହ୍ନ ନାମ ଧରେ ।
ଯୁବକ ହୋଇ ସେ ପୁଣି ଦିଶୁଛନ୍ତି ବୃଦ୍ଧ,
ଶାନ୍ତ ହୋଇ ପୁଣି ବେଳେ ୨ ତାପୀ କ୍ରୁଦ୍ଧ ।
ଦନ୍ତ ହୀନ ହୋଇ ପୁଣି ଯୁକ୍ତ ମାୟା ଦନ୍ତ,
ଦୁର୍ବଳ ହୋଇ ସେ ପର ବଳେ ବଳବନ୍ତ ।
ରୁଗ୍ଣ ହୋଇ ସୁସ୍ଥ ଯେଣୁ କଲେ କାୟା କଳ୍ପ,
ଯଦି ଓ ବକନ୍ତି ବେଶୀ ଜ୍ଞାନ ନୁହେଁ ଅଳ୍ପ ।
ତୃତୀୟେ ବନ୍ଦଇ ମା ଗୋ ଜୟ ମାନଧାରୀ,
ଅପାର ମହିମା ଆମି କି ବଲିତେ ପାରି ।
ଦକ୍ଷିଣ ଦିଗରୁ ସେହି ଆସିବାର ବେଳେ
କମା ଛିଆଣେଇ କରିଥିଲେ ଗୃହୁ ଡ଼ାଲେ
ଖୁମ୍ପି ନେଇ ପଗାଡ଼ିଟା ଗଲା ସେ ପଳାଇ
ଛିଆଣ ଗଲାତ ଗୃହ ବାହୁଡିଲା ନାହିଁ (ରେଛିଆଣ)
ଏ ଅବସ୍ଥା ଦେଖି ତାଙ୍କୁ ସୁଦୟା ବହିଣ,
ମହିତ ଘରଣୀ କେହି ଥିଲେ ଏକ ଜଣ ।
ଦୁଇ ଜୋତା ଦେଲେ ତାଙ୍କ ମନ ଜାଣି କରି;
ପାଦେ ଶୋଭା କରୁଛି ତା ପଦ୍ମ ପୁଷ୍ପ ପରି ।
ଚତୁର୍ଥେ ଶୋଧଇ ମାଗୋ କାନ ଗୁହା ଦ୍ୱାର,
ବନ୍ଦ ଅଟେ ଖୁଆ କଥା ଶୁଣିବାକୁ ଯାର ।
ମହାଦେବ ନୁହନ୍ତି ସେ ଆଖି ଡଳ ଡଳ,
ଗଙ୍ଗା ନୁହେଁ ଶିର ପରେ ଶୋହେ କେରନାଳ
ସୁଠାମ ସୁନ୍ଦର ରୂପ ଶ୍ୱେତ ଅଙ୍ଗ ରଙ୍ଗ,
ବେଣୀ ଭାଷିବାକୁ ପୁଣି ସର୍ବଦା ନାମଙ୍ଗ ।
ତାପରେ ଶୋଧଇ ମାଗୋ ତାଙ୍କ ସମକକ୍ଷ,
ବ୍ୟାକରଣ ଦେଖିବାକୁ ସଦା ଯେହ୍ନ ପକ୍ଷ ।
ମଉଲବୀ ଥିଲେ ଏବେ ହେଲେ ଶ୍ରୀଯୁକ୍ତ,
ଯେଣୁ ସେ ବୋଲନ୍ତି ବଡ଼ ଜିନାଙ୍କର ଭକ୍ତ ।
ତାପରେ ବନ୍ଦଇ ମା ଗୋ ଶ୍ରୀଶ୍ରେଷ୍ଠ ସୁନ୍ଦର,
ପାନ ଖାଇ ନାଲି ଦିଶେ ଯା ବିମ୍ବ ଅଧର ।
ବଡ ଧୂଆ ଭୁତ ମା ଗୋ ହେଉ ଶଡ ଚଡ଼,
ପାନ ଖିଆ ଆସିଲେ କି ସ୍ୱରଗରୁ ଛଡ଼ ।
କେତେ ମୁଁ ଶୋଧିବି ମାଗୋ Variety ନାନା
ଧନ୍ୟ ଧନ୍ୟ ଓଡିଶାର ଏ ଚିଡିଆଖାନା ।
ଦିଅ ମା ଗୋ ବୁଦ୍ଧି ମୋତେ ଦିଅ ମାଗୋ ବଳ
କଳି ମୁଁ ପାରିବି ଯେହ୍ନେ ଏ ସଭାର ଜଳ ।
ଅନ୍ତରେ ଏତିକି ମା ଗୋ ଦେଉଛି ମେଲାଣି,
ଶ୍ରୀ-ଚୂଟିଆ ମୂଷା ଏହି କାବ୍ୟ ରସେ ଭଣି ।

Digitized by srujanika@gmail.com



# ଉତ୍କଟ ପ୍ରେମ

ଲେଖକ:— ଶ୍ରୀ ଅନାମ

ରମଣୀମୋହନ ଥିଲେ ଭାରି ବଡ଼ଲୋକର ଏକ ମାତ୍ର ଉତ୍ତରାଧିକାରୀ । ବି. ଏ, କ୍ଲାସରେ ଥିଲା ବେଳେ ହେଲା ତାଙ୍କ ପିତାଙ୍କର ମୃତ୍ୟୁ । ବିଶାଳ ଜମିଦାରୀ, ନଗଦା କାରବାର, କଣ୍ଟ୍ରାକ୍ଟରିଅ ବହୁତ କାମ । ଅତଏବ ରମଣୀ ମୋହନଙ୍କୁ ଅଗତ୍ୟା କଲେଜରୁ ବିଦାୟ ନବାକୁ ହେଲା ଅକାଳରେ । କିନ୍ତୁ ଏ ବୟସରେ ସେ ଏସବୁ କାମରେ ମନ ଲାଗିଲା ନାହିଁ ତାଙ୍କର ମୋଟେ । ମେନେଜରଙ୍କ ଉପରେ ସବୁ ଭାର ଦେଇ ସେ ଯୌବନଟାକୁ ଷୋଳଅଣା ଉପଭୋଗ କରି ନେବାକୁ ବାହାରି ପଡ଼ିଲେ ।

ବୟସ ଓ ପଇସା ଥିଲେ କମିକି କଣ ! ନିତ୍ୟ ନିତ୍ୟ ନୂତନ ଆମୋଦ ପ୍ରମୋଦରେ ମାତି, ନୂତନତାର ନିଶାଟା ରମଣୀଙ୍କୁ ମାଡ଼ି ବସିଲା । କଟକ, କଲିକତା ପ୍ରଭୃତି ପାଖଆଖିଆ ପୁରୁଣା ସହରମାନ ତାଙ୍କ ମଉଜର ଖୋରାକ ଯୋଗାଇବାକୁ ଯେତେବେଳେ ଅକ୍ଷମ ହୋଇ ପଡ଼ିଲେ, ସେ ସେତେବେଳେ ଦୂର ଦୂର ସ୍ଥାନକୁ ଗଲେ ମୃଗୟା କରି ।

ରମଣୀମୋହନର ଗୋଟାଏ ଆଦତ ଥିଲା, ସେ ଭିତର ମଉଜରେ କାହାରିକୁ ସାଙ୍ଗ କରୁ ନଥିଲା । କୃପଣତା ହେତୁ ହେଉ ବା ଏକଚର ଦୋଷରୁ ହେଉ ଏଇଟା ଥିଲା ତାର ପ୍ରକୃତି ।

ଆଜି ପୁରୀ, କାଲି ୱାଲଟିଅର, ଆଜି ଓଟାକାମଣ୍ଡ, କାଲି ନଇନିତାଲ, ଆଜି ସିଲୋନ କାଲି କାଶ୍ମୀର, ଏହିପରି ସଜ ସଜ ଫୁର୍ତ୍ତିରେ ଦିନ କଟିବାକୁ ଲାଗିଲା । ଏକେ ଶିକ୍ଷିତ, ତା ପରେ ପଇସାବାଲା । ତାର ଗୋଟାଏ ଝୁଙ୍କ ଥିଲା ବେଶ ବଦଳାଇବାରେ । ଆଜି ଦେଖୁଛ ଧୋତି ପଞ୍ଜାବୀ ତ ଆଉ ଘଡ଼ିକେ ପାଇଜାମା ଆଚକନ, ଏଇକ୍ଷଣି ଦେଖୁଛ ତେଲଙ୍ଗା ବେଶରେ ତ ଆଉ ଘଡ଼ିକେ ପୁରା ସାହେବ । କେତେବେଳେ ମାରୁଆଡ଼ି ତ କେତେବେଳେ ମରହଟ୍ଟି । ଏଇପରି ।

ରମଣୀର ମତ ଯେ ଏହିପରି କଲେ ଅଭିଜ୍ଞତା ବହୁତ ହୁଏ । ନାନା ଲୋକ, ନାନା ସମାଜ, ନାନା ପ୍ରକାର ଜୀବନର ସହିତ ମିଶି ନାନା କଥା ଶିଖିବାର ସୁବିଧା ହୁଏ ଏଇଥିରେ । କଥାଟା ଯେ ମିଛ ତାହା ନୁହେଁ । ଦୁନିଆଦାରୀ ପାଠରେ ତାଲିମ ହେବାକୁ ଏହାଠାରୁ ସହଜ ଓ ସୁଗମ ଉପାୟ ଆଉ କଣ ଅଛି !

ଥରେ ମଣୋଶ୍ୱର ପାଳି ପଡ଼ିଲା । ପାହାଡ଼ ଉପରେ ଛୋଟ ଓ ନିକ ସହର । ରମଣୀମୋହନ ସେଠି ଯାଇ ଏଥରକାର ଶୀତ ଦିନଟା କଟେଇବାର ମନସ୍ଥ କଲେ । ଗୋଟାଏ ହୋଟେଲରେ ବସା ନିଆହେଲା । କିନ୍ତୁ ମାସେ ଖଣ୍ଡେ ରହି ରହି ମଧ୍ୟ ନୂଆ କିଛିର ସନ୍ଧାନ ମିଳିଲା ନାହିଁ । ଏକଘାଟିଆ ଜୀବନଟା କଟାଇ କଟାଇ କ୍ରମେ ଚିଟା ଲାଗିଲା । ଭାବିଲା, ଏଠୁ ଯିବ ଚାଲି ।

ସେଦିନ ସିନେମାରେ ଶେଷ ଦେଖା ଦେଖି ଯିବାର ମନକରି ସେ ଗଲା ସେଇଆଡ଼େ । ଗେଟ ପାଖରେ ହଠାତ୍ ଦେଖିଲା ଗୋଟିଏ ଯୁବତୀ, ସୁନ୍ଦରୀ ଅବଶ୍ୟ; ଖୁବ ଗୋରୀ ଓ ଆଧୁନିକା । ଶାଢ଼ୀ ବ୍ଲାଉଜ ପିନ୍ଧା— ହୁଏ ଯୁରୋପୀୟ କି ବା ପାରସୀ । ସେ ଯାହାହେଉ ଏକାକିନୀ ଯେତେବେଳେ, ବାଣ୍ଟୁଅ ପକ୍ଷରେ ଉପଯୁକ୍ତ ଶିକାର ।

ରୂପସୀ ପ୍ରଥମେ ନୋଟିସଟା ପଢ଼ିଲା । ଆପେ ଆପେ କହିଲା; "ଓଃ, ଭଲ ପ୍ଲେ ଅଛି ।" ଯେତେ ବେଳକୁ ରମଣୀମୋହନ ତା ପଛରେ ।

ସେ ଫେରି ପଡ଼ିଲା ବେଳକୁ ରମଣୀ ମୋହନ ସସମ୍ଭ୍ରମେ ଅଳ୍ପ ହସି କହିଲା "ଭଲ ପ୍ଲେ ଏଟା ?" ଯୁବତୀ ମୁଣ୍ଡ ହଲାଇ ଦେଇ ଚାଲିଗଲା ।

ତା ପରେ ରମଣୀ ନିଘାକରି ଦେଖିଲା ସେ ସ୍ତ୍ରୀ ଯାଇ ଟିକଟ କିଣିଲା ଫାଷ୍ଟ କ୍ଲାସର ଓ ଭିତରକୁ ଗଲା ପଶି । ପଛେ ପଛେ ରମଣୀର ଖଣ୍ଡେ ଫାଷ୍ଟ କ୍ଲାସ କିଣି ସିନେମା ଭିତରକୁ ପଶିଲା । ଯୁବତୀ ଯେଉଁ ଧାଡ଼ିରେ ବସିଥିଲା ତାର ପଛଧାଡ଼ିରେ ଠିକ ତାହାରି ପଛରେ ବସି ପଡ଼ିଲା ରମଣୀମୋହନ ।

ଖେଳ ଆରମ୍ଭ ହେବାକୁ ଡେରି ଅଛି । ସେ ଲଗାଇଲା ସିଗାରେଟ । ଯେତେଦୂର ସମ୍ଭବ ଧୂଆଁ ଗୁଡ଼ାକ ଛାଡ଼ିଲା ସେ ଯୁବତୀ ଆଡ଼କୁ । ଆଶାଟା ଯେ ଧୂଆଁ ଖୋର ହୋଇ ନ ଥିଲେ ସେ ନିଶ୍ଚେ ଭୁଲପଡ଼ି କିଛି କହିବ ବିରକ୍ତ ହୋଇ । ତାହାହେଲେ ସେ ତରବରରେ ଉଠି କ୍ଷମାଭିକ୍ଷା କରିବ ଓ ସେହି ସୂତ୍ରରେ ଆଳାପ ଜମେଇନେବ । ଆଉ ଯଦି ସେ ନିଜେ ଧୂଆଁ-ଖିଆ ହୋଇଥିବ, ତେବେ ସିଗାରେଟ ଗନ୍ଧ ପାଇ ନିଶ୍ଚେ ତା ପାଟିରୁ ଲାଳ ବହିବ, ଏବଂ ସେହି ସୁଯୋଗରେ ସେ ତାକୁ ସିଗାରେଟ ଯାଚି ଆଳାପ ଆରମ୍ଭ କରିବ ।'

କିନ୍ତୁ ସିଗାରେଟ ପରେ ସିଗାରେଟ ଭସ୍ମ ହୋଇ ଚାଲିଲା— ସୁନ୍ଦରୀ ସେ ଆଡ଼କୁ ଦୃଷ୍ଟି-ପାତ ବି କଲା ନାହିଁ । ଅଧୀର ହୋଇ ଥରେ ସେ ଫୁ କରି ଜୋରରେ ପାଟିଏ ଧୂଆଁ ଛାଡ଼ି ଦେଲା ତା ମୁଣ୍ଡ ପଛରେ । ଏଥର ଯୁବତୀ ରୁମାଲ ବାହାର କରି ମୁହଁରେ ଦେଲା ।

ସୁବିଧା ପାଇ ଏଥର ରମଣୀ ପଛଆଡ଼ୁ କହି ଉଠିଲା, Excuse me please"

"କ୍ଷମା କରନ୍ତୁ—ଆପଣଙ୍କର କିଛି ଅସୁବିଧା ହେଲାକି ?"

"ନା"—

ତେବେ ଗୋଟିଏ ସିଗାରେଟ ଆପଣଙ୍କୁ ଦେବାର ସମ୍ମାନ ମୁଁ ଆଶା କରି ପାରେଁ କି ?"



Digitized by srujanika@gmail.com

ଯୁବତୀ ମୁହଁ ଫେରାଇ ଅଳ୍ପହସି କହିଲା "ଧନ୍ୟବାଦ୍, ମୁଁ ଧୂଆଁ ଖାଏ ନାହିଁ ।"

ପୁଣି କିଛିକ୍ଷଣ ଗଲା । ଚୁପ୍‌ଚାପ୍ । ଖେଳ ଆରମ୍ଭ ହୋଇନାହିଁ ।

ରମଣୀ କହିଲା "ଆପଣ ବୋଧହୁଏ, ଏକାକିନୀ ଥିବାରୁ ଅସୁବିଧା ହେଉଥିବ । ଅନୁମତି ହେଲେ ମୁଁ ଆଗ ଧାଡ଼ିକୁ ଯାଇପାରେଁ ।"

"ଆପତ୍ତି ନାହିଁ"

ଆଉ ରମଣୀକୁ ପାଏ କିଏ ! ଗଡ଼ି ଜଡିଲା ପରି ଆଗେଇ ଯାଇ ଯୁବତୀର ପାଖ ଚେୟାରରେ ଯାପୁ ଲଗାଲଗି ହୋଇ ବସି ପଡ଼ିଲା ।

"ମନୋରଞ୍ଜ ବେଶ୍ ଯେଗା"

"ହୁଁ"

"ମୁଁ ମନୋରଞ୍ଜକୁ ଖୁବ ଲାଇକ୍ କରେଁ"

"ଭଲ କଥା"

"ଏ ସିନେମାଟି ଖୁବ୍‌ଗ୍ରେଟ୍"

"ହୁଁ"

"କିନ୍ତୁ ବେଶ୍ ଆସମ ଦାୟକ" ।

"ମନ୍ଦନୁହେ" ।

ଖେଳ ହେଲା ଆରମ୍ଭ । ହଲ ହୋଇଗଲା ଝଟକିଆ ଅନ୍ଧାର । ସେହି ଅନ୍ଧାର ଭିତରେ ରମଣୀ ମୋହନ ଯୁବତୀ ଆଡ଼କୁ ଅଳ୍ପେ ଅଳ୍ପେ ଘୁଷୁରୁଘୁଷୁରୁ ଯେତେଦୂର ସମ୍ଭବ ଭିଡ଼ିହୋଇ ବସିଲା । ବେଳେ ବେଳେ କୁଣ୍ଡାଇ ହେବା ବା କଚେଇ ହେବା ବାହାନାରେ ତାର ଏତେ ନିକଟକୁ ମୁଣ୍ଡ ନେଇ ଆସିଲା ଯେ ସୁନ୍ଦରୀର ମୁଖ ପାଉଡରର ଗନ୍ଧ ତା ନାକରେ ବାଜିଲା । ଯୁବତୀ କିନ୍ତୁ ନିଶ୍ଚଳ ।

ମଝିରେ ମଝିରେ ଯେତେବେଳେ ଖେଳର ଅବସର ହୁଏ, ସେତେବେଳେ ହୋଇ ଯାଇଥିବା ଦୃଶ୍ୟ ସମ୍ବନ୍ଧରେ ରମଣୀ ଅନର୍ଗଳ ଆଲୋଚନା କରେ । ରମଣୀ ଶୁଣେ ଓ ମଝିରେ ମଝିରେ ପଦେ ଅଧେ କହେ ମଧ୍ୟ ।

ରମଣୀ ମୋହନର କ୍ରମେ ଉତ୍ସାହ ବଢ଼ିଲା । ଏଥରେ ସେ କହି ଉଠିଲା "ମୁଁ ଟିକିଏ ଚା ଖାଇବ । ମୋର ଅଜ୍ଞାତିହୁକର ନିମନ୍ତ୍ରଣ ଗ୍ରହଣରେ ଯଦି କିଛି ବାଧା ନଥାଏ, ତେବେ ମୁଁ ବଡ଼ ଅନୁଗୃହୀତ ମନେ କରିବ ।"

ଯୁବତୀ ପ୍ରଥମେ ଆପତ୍ତି କଲା । ମାତ୍ର ରମଣୀର ଅନୁନୟ ବିନୟ ଏଡ଼ି ନପାରି ଶେଷେ ରାଜିହେଲା । ଦୁହେଁ ବାହାରକୁ ଯାଇ ଷ୍ଟଲ୍‌ରେ ଚା ଖାଇ ଆସିଲେ । ଘଣ୍ଟାଏ ଅନ୍ଧର ଗଲା ଜମି ।

ଖେଳ ସରିଲା ବେଳକୁ ଦୋସ୍ତିଟା ପକ୍କା ହୋଇ ଗଲାଣି । ରମଣୀର ଫୁର୍ତ୍ତି ଦେଖେ କିଏ! ସେ ଯୁବତୀର ହାତ ଧରି ବାହାରକୁ ନେଇଗଲା । ହାତଧରି ରିକ୍‌ସାରେ ଚଢ଼ାଇ ଦେଇ ରିକ୍‌ସାବାଲାକୁ କହିଲା "ସେଭୟ ହୋଟେଲ" ଏତିକି କହି ଆପେ ସେହି ରିକସାରେ ଚଢ଼ି ବସିଲା ।

ବାଟରେ ଚାଲିଲା ଖୁସ୍‌ଗପ୍ । ହୋଟେଲରେ ଭଲଭଲ ଡିସ୍ ଅର୍ଡ଼ର ହଅଗଲା । ଏକ ଟେବୁଲରେ ଦୁହେଁ ଖାଇଲେ । ଦାମିକା କ୍ଲାରେଟ ଦୁହେଁ ପାନକଲେ । ଉଠିଲା ବେଳକୁ ଯୁବତୀ ତାର ପର୍ସ ଖୋଲନ୍ତେ, ରମଣୀ ମୋହନ ତାର ହାତ ଧରି ପକାଇ କହିଲା "ଏ ସ୍ଥାନ ପ୍ରତି ଏତେ ନିଷ୍ଠୁର କାହିଁକି ? ଏ ସାମାନ୍ୟ ପଇସା ଦେବାର ସମ୍ମାନ ମୁଁ ଭିକ୍ଷା କରୁଛି ।"

ସୁନ୍ଦରୀ ମୁରୁକି ହସି ଚୁପ ରହିଲା । ରମଣୀ ମୋହନ ମନଖୋଲି ହୋଟେଲର ପାଉଣା ଦେଇଦେଲା । ତାପରେ ପାଖକୁ ଘୁଞ୍ଚି-ଆସି କହିଲା "ମୋର ସ୍ଥାନ ପ୍ରସ୍ତାବ ଯେ ରାତି ବହୁତ ହେଲାଣି—ଏଇ ସୁନ୍ଦର ହୋଟେଲରେ ଆଜି ରାତିଟା କଟାଇଲେ ମନ୍ଦ ହୁଅନ୍ତା ନାହିଁ ।"

ଯୁବତୀ ହସି କହିଲା, "ନା, ମନ୍ଦ ହୁଅନ୍ତା ନାହିଁ ଅବଶ୍ୟ । କିନ୍ତୁ ଦରକାର କଣ ? ମୋର ନିଜର ବସା ଅଛି ଓ ସେଠି ମୁଁ ଏକୁଟିଆ ଥାଏଁ । ଆପଣ ସେଇଠି ଆଜି ରାତିଟା—"

ସ୍ୱର୍ଗର ଚାନ୍ଦ ହାତରେ ପଡ଼ିଗଲା ଯିମିତି ; ରମଣୀ ମୋହନ ଯୁବତୀର ହାତ ଧରିପକାଇ ଗଦଗଦ ସ୍ୱରରେ କହିଲା, "ଏ ଦାସ ପ୍ରତି ଦେବୀଙ୍କର ଅପାର ଅନୁଗ୍ରହ ।"

ଯୁବତୀ କହିଲା "ଏଠାରୁ ଅଳ୍ପଦୂର । ଚାଲି ଚାଲି ଗଲେ ବେଶ୍ ଆନନ୍ଦ ହେବ ।"

"ଖୁବ୍ ଖୁବ୍"

ଦୁହେଁ ହାତ ଧରାଧରି ହୋଇ ଚାଲିଲେ । ସ୍ୱର୍ଗଟା ଯେପରି ଆସି ରମଣୀ ମୋହନର ହାତ ପାଆନ୍ତାରେ ପହଞ୍ଚି ଗଲାଣି ।

ଗୋଟିଏ ସୁନ୍ଦର ପକ୍କାଘର । ଦୁଆର ପାଖରେ ପହଞ୍ଚି ଯୁବତୀ କଡ଼ା ହଲାଇଲା । ଭିତରୁ ଚାକର ଦୁଆର ଖୋଲି ଦେଲା । ଯୁବତୀ ରମଣୀ-ମୋହନର ହାତଧରି ବୈଠକଖାନାକୁ ନେଇ-ଗଲା । କହିଲା, "ଏଠାରେ ଟିକିଏ ଅପେକ୍ଷା କରନ୍ତୁ—ମୁଁ ଲୁଗାପଟା ବଦଳେଇ ଆସେଁ ।"

"ଖୁବ୍ ଶୀଘ୍ର କିନ୍ତୁ—"

"ନିଶ୍ଚୟ, ନିଶ୍ଚୟ, ଏଇ ପାଞ୍ଚ ମିନିଟ—" ଏହା କହି ଯୁବତୀ ଦ୍ରୁତ ପଦରେ ବାହାରି ଗଲା । ସେ ଗୋଟିଏ ଗଦିଦିଆ କାଉଚ ଉପରେ ବସି ସବୁ ଦେଖିବାକୁ ଲାଗିଲା । ଘରଟି ହାଲ ଫେସନରେ ସୁନ୍ଦର ଭାବରେ ସଜା ହୋଇଛି । ଟେବୁଲ ଉପରେ ଗୋଟିଏ ପ୍ଲେଟରେ କିଛି ଖାଦ୍ୟ ପଦାର୍ଥ ବି ରହିଛି । ରମଣୀର ଆଉ ତର ସହୁ ନାହିଁ । ପାଞ୍ଚ ମିନିଟ—ଦଶ ମିନିଟ, ପନ୍ଦର ମିନିଟ—କାହିଁ ସୁନ୍ଦରୀ ଗଲା କୁଆଡ଼େ ! ସେ ଅଧୀର ହୋଇ ପଡ଼ିଲା । ହେଉଁ ହେଉଁ ସେଇ କାଉଚ ଉପରେ ଆଖିବୁଜି ଶୋଇ ପଡିଲା । ଭାବିଲା, ସୁନ୍ଦରୀ ଆସି ଦେଖିବ ଯେ ଶୋଇ ପଡ଼ିଛି । ବଡ଼ ମଜା ହେବ । ମିଛ ଅଭିମାନ କରି ସେ ତାକୁ—ହଠାତ୍ କିଏ ତାକୁ ମାଡ଼ିବସିଲା । ଚମକି ପଡ଼ି ଚାହିଁ ଦେଲା ବେଳକୁ ଦୁଇଟା ମଜବୁତ୍ ଲୋକ । ଜଣେ ଧରିଲା ଦୁଇ ହାତ, ଆଉ ଜଣେ ଦୁଇ ଗୋଡ଼ । ଅଲ-ଗଛିଆ କରି ଟେକି ତଳେ ପକାଇ ଦେଲେ । ଆଉ ଜଣେ ଲୋକ ଆସି, ଦେ ଦମାଦମ୍ ! ତାପରେ ତିନିହେଁ ମିଶି ହାତ ଗୋଡ଼ ସବୁ ଚଳାଇବାକୁ ଲାଗିଲେ । ଯନ୍ତ୍ରଣାରେ ରମଣୀ ଚିତ୍କାର କରି ଉଠିଲା । ସେଥିରୁ ଜଣେ ତାର ତଣ୍ଟି ଚପି ଧରିଲା ।

ଏହି ସମୟରେ ସେହି ଯୁବତୀ ଆସି ପହଞ୍ଚି କହିଲା, "ପ୍ରେମଟା ବଡ଼ ଉତ୍କଟ ହୋଇଗଲା, ନାଇଁ ? ଅଚ୍ଛା, ମଦ ଖାଇବାରେ ତାଙ୍କର ସଉକ ଅଛି । ଏହା କହି ସେ ଗୋଟାଏ ବୋତଲ ନେଇ ଆସିଲା । ଗୋଟାଏ ଲୋକ ଜବର କରି ତଣ୍ଟି ଚପି କହିଲା "ଆଁ କର" ଯୁବତୀ ତା ପାଟିରେ ଗୁଡ଼ାଏ ତରଳ ପଦାର୍ଥ ଢ଼ାଳିଦେଇ କହିଲା "ଗିଳ" । ନଗିଳିବାର

Digitized by srujanika@gmail.com



—ଏକ—

ରକ୍ଷଣଶୀଳା ଅଶିକ୍ଷିତା ଶାଶୁ ନିକଟରେ ଆଧୁନିକା ପାଶ୍ଚାତ୍ୟ-ପନ୍ଥୀ ଶିକ୍ଷିତା ବଧୂ ପରି—ଗୋଟିଏ ନାୟିକା ପାଇଲେ ତାର ଚରିତ୍ରରେ ନାନା କ୍ଲିଷ୍ଟତା କଦର୍ଯ୍ୟତା ଦର୍ଶାଇବା ବିଷୟରେ ସିଦ୍ଧହସ୍ତ ହୋଇ ଉତ୍କଳ କଥା-ଶିଳ୍ପୀମାନେ ତାକୁ ଯେମିତ ବିଭତ୍ସ ଭାବରେ ରୂପଦାନ କରନ୍ତି, ସୁରେଶର ଭୂମିକା ଯେ ସେପରି କଦର୍ଯ୍ୟ ଚିତ୍ରଣରୁ ପୂର୍ଣ୍ଣ ଦୂରରେ ଥିଲା ତା' ନୁହେଁ—ତଥାପି ସେ ଜନୈ ଉପେକ୍ଷିତା ଅବହେଳିତା ଜନନୀ କାନରେ କେତୁଟା ନିର୍ଭିକ କଥା ଶୁଣାଇ ଉଚ୍ଛିତ-ବିପ୍ଳବ ଯୁଗର ଆଗମନୀ ଶଂଖ ବଜାଇ-ଥିଲା ଯୁଗପ୍ରବର୍ତ୍ତନ ମହାକାଳ ରୂପରେ ! !

ତାର ଲେଖନୀ ଥିଲା ଜ୍ୱାଳାମୟୀ ବଜ୍ରଖଣ୍ଡର ଏକ ଅପର୍ଯ୍ୟସ୍ତ—ବିକ୍ଷିପ୍ତ ଫଳକ—ଟସୀପାଣ୍ଡ ଥିଲା ହଳାହଳର ଏକ ଶାଶ୍ୱତ ନିର୍ଝର ! ! ଦୁଃଖୀର ମର୍ମ କ୍ରନ୍ଦନରେ ସେ ବ୍ୟଥାତୁର ହୋଇ—ପୁଞ୍ଜିବାଦର ନିର୍ମମ ନିଷ୍ପେଷଣରେ ସେ ଅଧୀର ହୋଇ…ଆପଣାକୁ ସଜାଗ ରଖି… ନିଜ ଭିତରେ ପ୍ରଳୟର ପ୍ରେରଣାକୁ ଜାଗରୁକ କରି ଧ୍ୱଂସର ଉନ୍ମାଦନାରେ ସେ ଗାଉଥିଲା, ବିପ୍ଳବର ଅଗ୍ନିମୟୀ ମନ୍ତ୍ର ! !—ରୁଷିୟା ଲେଖକ ମାକ୍ସିମ୍, ଗର୍କୀଙ୍କ ଅଗ୍ନି ଲେଖନୀ ପ୍ରସୂତ— "Let the storm rage with greater force and fury"—'ଝଂଜାର ଫୁତ୍କାର ପ୍ରବଳତର ହେଉ'—ର ସତ୍ୟତା ପ୍ରମାଣିତ ହୋଇ ଥିଲା ତା'ଅରି ଲେଖାବଳୀରେ ।

# ଝଡର ଶିଖା !

ଲେଖକ—ଶ୍ରୀରଞ୍ଜନକାନ୍ତ ଦାସ ।

—ଦୁଇ—

କି କୁଲଗ୍ନରେ କେଜାଣି ସେ "ପ୍ରେସିଡେନ୍ସି କଲେଜ"ରେ Admission ନେଲା, କଲେଜର ସୁନାମ ଧନ୍ୟ ଇଂରାଜୀ ପ୍ରଫେସର Mr. Dasଙ୍କର ସେ ରହିଲା ଚିରଦିନ ଚକ୍ଷୁଶୂଳ ହୋଇ । ମି. ଦାସ ଜାତିରେ ଉତ୍କଳୀୟ !—ଖାଲି ଉଚ୍ଚ ଶିକ୍ଷିତ ଭାବରେ ଉତ୍କଳ ସମାଜରେ ସେ ସମାଦୃତ ନୁହନ୍ତି—ଉତ୍କଳ ସାହିତ୍ୟର ସୁଲେଖକ ଓ ସୁସେବକ ଭାବରେ ବି ତାଙ୍କର ସୁଚିନ୍ତିତ କାବ୍ୟ କବିତାବଳୀ ସେ-କାଳରେ ଉତ୍କଳ ଭାରତୀଙ୍କର ହୃଦୟ ମୋହିତ କରି ପାଇଥିଲା, କବିତ୍ୱର ଶ୍ରେଷ୍ଠ ପୁରସ୍କାର ! ଉତ୍କଳ ପତ୍ରପତ୍ରିକାର ପୃଷ୍ଠା ଲେଉଟାଉ ଥିଲେ ସାହିତ୍ୟ ସେବୀମାନେ ଆଗ ଖୋଜି ବୁଲୁଥିଲେ, ମି. ଦାସଙ୍କ ଲେଖା ।

ଦାସ ସୁପରିଚିତ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ କି ଇଂରାଜୀରେ କି ଓଡ଼ିଆରେ । ଏଥିର ଫଳରେ ସୁରେଶର ସହଜାତ କବିପ୍ରତିଭାର ବିକାଶପାଇଁ ତାଙ୍କର ପ୍ରଚେଷ୍ଟା କରିବାରଥିଲା ସର୍ବ ପ୍ରଥମେ । ସୁରେଶର ଭାଷାରେ—"ଯାହାର ଜୀବନ ଘଟିଛି, ଜୀବନରେ ବହୁବାର ପତନ ଅଭ୍ୟୁତ୍ଥାନ ସଙ୍ଗ ସଙ୍ଗ ଯାହାର ଝଣା ସବଳ ହୋଇଯାଇଛି; ଉଦ୍ଦେଶ୍ୟ ସିଦ୍ଧି ଲାଭପରେ ତା'ର ପ୍ରଥମ କର୍ତ୍ତବ୍ୟ ହେଉଛି ତଳକୁ ଚାହିଁବା—ନିରୀକ୍ଷଣ କରି ଦେଖିବା ଅନ୍ୟକେହି ଦୁର୍ବଳ ଜୀବନର କ୍ଷୁଦ୍ର ଅଭିଜ୍ଞତା ସ୍ଥାନ ପଥିକ ସେହି ପତନ ସୁନିଶ୍ଚିତ ଚିକ୍କଣ ପଥର ବର୍ତ୍ତିରେ ଉଠି ଉପରର ସମତଳ ପ୍ରଦେଶରେ ଆସି ତା' ସହିତ ମିଶିବାକୁ ଚାହାନ୍ତି କି ନାହିଁ ? ଯଦି କେହି ଚେଷ୍ଟାକରେ ତେବେ ସେ ତାକୁ ଉପଦେଶଦେବ ନିଜର ପୂର୍ଣ୍ଣ ଅଭିଜ୍ଞତା ଦ୍ୱାରା ଉତ୍ଥାନର ଉପାୟ ଜଣାଇବ ଅଥବା ସୁବିଧା ସୁଯୋଗ ମିଳିଲେ ତା'ର ହାତଧରି ଉପରକୁ ଉଠାଇ ଆଣିବାକୁ ଚେଷ୍ଟା କରିବ । ଯଦି ସେ ଏହା ନକରେ ବିଶ୍ୱ ପିତା ଭଗବାନ ଯେଉଁ ବର୍ତ୍ତମାନ ତାଙ୍କର ସମସ୍ତ ପୁତ୍ରକନ୍ୟାଂଙ୍କୁ ଏକ ସମତଳ ଉପରେ ଦେଖି-ବାକୁ ଚାହାନ୍ତି, ତାଂକ ନିକଟରେ ସେ ବିଶେଷ କୃତଘ୍ନ ?—ଏହି ବିଷୟରେ ଦେଖିବାକୁ ଗଲେ ମି. ଦାସ ତୁଳନା ସମ୍ମୁଖରେ ନିହାତି ହେୟ । ମାତ୍ର ତଥାପି ସେ ଯେ ଗୋଟିଏ ବିକାଶୋନ୍ମୁଖୀ ତରୁଣ ପ୍ରାଣକୁ ଚିରଦିନ ଅମାନ୍ଧକାର ମଧ୍ୟରେ ଲୁଚାଇରଖି ପ୍ରକୃତ—କ୍ଷେତ୍ରରେ ନିଜର ଉଚ୍ଚଶ୍ରେ ସୁନାମସକଳକୁ ଅକ୍ଷୁର୍ଣ୍ଣ, ଅପ୍ରତିହତ, ଅପ୍ରତିଦ୍ୱନ୍ଦ୍ୱୀ ରଖିବାକୁ ଚେଷ୍ଟା କରୁଥିଲେ, ଏକଥା ଲଜ୍ୟା-ଭୟରେ ସେ ସଦାକୁ ଆଦୌ ଜାଣିବାକୁ ଦେଉ ନଥିଲେ ।

ତଥାପି ଭସ୍ମତଳେର ଲୁକ୍କାୟିତ ଅଗ୍ନିକଣା ପରି ସୁରେଶର ପ୍ରଶଂସ୍ୟ କୀର୍ତ୍ତିତ୍ୱ—ଦୁର୍ବାର କବି ପ୍ରତିଭା ତୁଳନା ସମ୍ମୁଖରେ ପୂର୍ଣ୍ଣମହାସ୍ତିତ୍ୱରେ ବିକଶିତ ହୋଇ ଉଠିଲା । ଗୋଟିଏ ସାମାନ୍ୟ ସମସାମୟିକ ପତ୍ରିକାରେ ତା'ର ଗୋଟିଏ କ୍ଷୁଦ୍ର ପ୍ରବନ୍ଧ ପ୍ରକାଶିତ ହେଲା ପରେ ସାହିତ୍ୟକାରୀର ସାରସ୍ୱତ ଋଷିଭାଳ ନକ୍ଷତ୍ରମାନେ ଏ ନବୋ-

( ମଜାକଥା ୪ପୃଷ୍ଠା ପରୁ )

ବୁଝନାହିଁ । ମୋ ତଣ୍ଟି ଜଳଗଲା, ଛାତି ପୋଡ଼ି ହୋଇ ଗଲା । ତାପରେ ପୁଣି ଧୁମ୍‌ଧାମ୍ । ଅଉ କଣ ହେଲା ତେଣିକି, ତାର ଜ୍ଞାନ ନାହିଁ । ଯେତେବେଳେ ଚେତା ହେଲା, ସେ ଚାହିଁ ଦେଖିଲା ଭୂଇଁରେ ଶୋଇଛି । ଜାଣି ପାରିଲା ଥାନା ଗାରଦ । ତାକୁ ଉଠି ବସିବାର ଦେଖି ଅଦୁରରେ ବସିଥିବା ପୁଲିସ ଅଫିସର କହିଲା "କହେ, ମିଷ୍ଟର, ନିଶା ଛାଡ଼ିଲା ?"—ଏହା କହି ପାଖରେ ବସିଥିବା ଆଉଜଣେ ଭଦ୍ର-ଲୋକଙ୍କୁ ସେ କହିଲା "ଏ ଲୋକଟା ମାତାଲ ହୋଇ କାଲି ରାତିରେ ପଶିଥିଲା ମିଷ୍ଟର ଫ୍ରେମଜୀଙ୍କ କୋଠିରେ—ସେମାନେ ତାକୁ ଧରି ରାସ୍ତାରେ ଫୋପାଡି ଦେଇଥିଲେ ।"

ରମଣୀ ମୋହନ ଅବାକ ।

ସେତ ଉଜ୍ଜ୍ୱଳ ତାରକାଟିଏ ମହୋଜ୍ଜ୍ୱଳ ଜ୍ୟୋତି ନଭଃରେ ନିଷ୍ପ୍ରଭ ହୋଇ ପଡ଼ିଲେ । ସମସ୍ତଙ୍କ ମୁଖରେ ତାହାର ପ୍ରଶଂସା । ମି. ଦାସଙ୍କ ମୁଖର ଜ୍ୟୋତି ମଳିନ ପଡ଼ିଲା ।

—ତିନି—

"Rebellion" ନାମକ ବେଙ୍ଗଲର ଏକ ଇଂରାଜୀ ପତ୍ରିକାଟିର ଗୋଟିଏ କ୍ଷୁଦ୍ର ପ୍ରବନ୍ଧ ପଢ଼ି ନିଜର ତରୁଣୀ ସ୍ତ୍ରୀଙ୍କୁ ତାର ସାରମର୍ମ ବୁଝାଇ ଦେଉ ୨ ବୃଦ୍ଧ ପ୍ରଫେସର ଦାସ କାହିଁକି କୁତୁହଳ ଚିନ୍ତିତ ହୋଇ ପଡ଼ିଲେ । ଦୈନିକ ମୁଣ୍ଡ ଖଟେଣି ପରେ ସନ୍ଧ୍ୟାଳାପ କାଳରେ ଯେତେବେଳେ ପତି ପତ୍ନୀ ଉଭୟେ ବସି ନାନା ଯୁକ୍ତି ତର୍କ କରୁ ୨ ପତ୍ନୀ ସୁରମା ବଡ଼ ଅନୁରୋଧ କରି କହିଲେ ସେ ପ୍ରବନ୍ଧଟି ପଢ଼ି ତାଂକୁ ଓଡ଼ିଆରେ ଶୁଣାଇ ଦେବାକୁ । ଇଂରାଜୀରେ ଜ୍ଞାନଶୂନ୍ୟ ପତ୍ନୀଟିର ଗୋଟାଏ ବିଶେଷ ଇଂରାଜୀ ପ୍ରବନ୍ଧ ପଢ଼ି ବୁଝିବାରେ ଏତେ ଝୁଙ୍କ କାହିଁକି, ଏ ବିଷୟରେ କୌଣସି ସନ୍ଦେହର ଅବକାଶ ସୁଦ୍ଧା ହୃଦୟରେ ନରଖି ପ୍ରଫେସର ନିଜର ପ୍ରିୟାଙ୍କୁ ବୁଝାଇ ବସିଲେ ଲେଖାଟିର ସାର ମର୍ମ ପ୍ରାଂଜଳ ଭାଷାରେ । ବିଷୟଟିର ନାଁ— "Why literature should be the monopoly of the capitalist ?

ସାହିତ୍ୟ ଧନୀକ ବା ଆର୍ଥିକ କ୍ଷମତାପନ୍ନ ବ୍ୟକ୍ତିର ଏକଚାଟିଆ ବଜାର ହେବ କାହିଁକି ? ପ୍ରଥମ ପଦଟି ପଢ଼ି ସେ ସାଗ୍ରହରେ କହିଲେ-- "ଅବାଳବୃଦ୍ଧ—ସର୍ବସାଧାରଣର ପ୍ରାଣର ଅନୁଭୂତି ସୁଖ ଦୁଃଖର ସ୍ପନ୍ଦନ ସକଳକୁ ବକ୍ର-ଭୂଙ୍କି ନିର୍ବିଶେଷରେ ଦୁନିଆ କାନରେ ବ୍ୟକ୍ତ କରିବା ପାଇଁ ଯେଉଁ କଳା ଉଦ୍ଦିଷ୍ଟ, ସେଥିରେ ଏକା କାହିଁକି ରୂପ ପାଇବ ମୁଷ୍ଟିମେୟ ଆର୍ଥିକ କ୍ଷମତାଶାଳୀ ବାବୁଙ୍କର ଅନୁଭୂତି ଇତିବୃତ୍ତି ଲିପିବଦ୍ଧ ହେବ ଏକା କାହିଁକି ଧନୀକ ମୁଦ୍ରାର ବିଳାସର କାହାଣୀ ?

ସେ' ତ ଧନୀକ ମୁଲିଆ ଉଭୟ ଶ୍ରେଣୀର ସମ୍ପତ୍ତି !! ଉଭୟଙ୍କୁ ସେ କ୍ଷେତ୍ରରେ ସମ ଅଧିକାର ନଦିଆ ଗଲେ ସେ କଳାର ଶରୀର ପୂର୍ଣ୍ଣାଙ୍ଗ ହେବ କିପରି ? ଧନୀକର ବିଳାସ ଗାଥା ରଖି— ନିସ୍ୱ ନିଷ୍ପେଷିତର ବିକଳ କ୍ରନ୍ଦନକୁ ଯଦି ସେଥିରୁ ବାଦ କରି ଦିଆଯାଏ, ତେବେ ସେ ସାହିତ୍ୟ ସର୍ବାଙ୍ଗ ସୁନ୍ଦର ହେବକି ? ମୂଳତଃ ସେଭଳି ପତ୍ର ପତ୍ରିକାକୁ ଶୋଷକ ସମ୍ପ୍ରଦାୟର ସ୍ୱପକ୍ଷ ପତ୍ରିକା କୁହାଯାଇ ପାରେ ! ଦାରିଦ୍ର୍ୟର ପ୍ରତୀତିକୁ ଅନୁଭବୀ କବିକୁ ସେଥିରେ ସ୍ୱେଚ୍ଛା ଲେଖନର ଅଧିକାର ନଦେଲେ ଦୁଃଖୀର ଆର୍ତ୍ତ ହାହାକାର ସେଥିରେ ଚିତ୍ରିତ ହୋଇ ପାରିବନା ! ଶୋଷକ କି ଶୋଷିତର ମର୍ମ ବ୍ୟଥା ଗାଇ ପାରେ ?— ପୀଡ଼କ କି ପୀଡ଼ିତର ହୃଦୟ ବେଦନା ଜାଣିପାରେ ?—ଖାଦକ— ହିଂସ୍ରକ କି— ଖାଦ୍ୟର ଅତୁଳ କଷ୍ଟ କହିପାରେ ?— ଅନୁଭବୀ ନ ହେଲେ କି କେହି ଅନୁଭୂତିର ନଗ୍ନଚିତ୍ର ଆଙ୍କି ପାରେ ?

ଆଜି ଓଡ଼ିଆ ସାହିତ୍ୟ ହିଁ ସେହି ଦଶାରେ ଉପନୀତ ! କେତେ ଜଣ ସମ୍ଭ୍ରାନ୍ତ ବାବୁଙ୍କର ହସ୍ତ ମୁଦ୍ର ମାହାଳ ହୋଇ ଏ ସାହିତ୍ୟ ଦରିଦ୍ର ଓଡ଼ିଆର ଜୀର୍ଣ୍ଣ କୁଟିରରେ ବୁଭୁକ୍ଷିତ ନିର୍ଯ୍ୟାତିତର ଦୁଃଖ ସନ୍ତପ୍ତ କ୍ଷତାକ୍ତ ଅନ୍ତରର ଉକ୍ତି ହାହାକାର ସ୍ଥଳରେ ତୋଳୁଛି ପ୍ରବଞ୍ଚନାର ସ୍ୱଳ୍ପଜାତ ଉଚ୍ଛ୍ୱାସ !!

—ଚାରି—

ସୁରମା ଆଜି ସୁରେଶ ବାବୁଙ୍କର ଦେଖା ହୁଏ ବ୍ରିଟିସମିଉଜିୟମରେ ଉଜ୍ଜ୍ୱଳ କାରୁକଳା ପରିଦର୍ଶନ ବେଳେ । ଦୁହେଁ ଲେଖକ— ସମାଜର ଅନ୍ଧାର କୋଣରେ ନିର୍ଯ୍ୟାତିତା ନାରୀର ବୁକୁ ଭାଷାକୁ ନିଜର କାନ୍ତ-ବୀଣାର ଅଗ୍ନି-ତନ୍ତ୍ରୀରେ ବ୍ୟକ୍ତ କରି ତା'ର ନ୍ୟାୟ୍ୟଯୁକ୍ତ ଦାବୀକୁ ଶୋଷକ ସମାଜ ପାଖରୁ ଫେରାଇ ଆଣିବା ତାର ଅଳ୍ପ ଜୀବନର ବ୍ରତ—ଆଉ ସୁରେଶ ତ ତରଳ ଲୌହ କଣା ଗର୍ଭ ଅଗ୍ନେୟ ଗିରି !!

ପ୍ରଶ୍ନ ସ୍ୱତଃ ଉଠିପାରେ ; ଏପରି ଗୋଟିଏ ତେଜସ୍ୱିନୀ ଲଳନା ନିଜକୁ ଜଣେ ବୃଦ୍ଧ ଅନନୁରୂପର ହାତରେ କିପରି ସମର୍ପିତ ହେବାକୁ ପ୍ରସ୍ତୁତ ହେଲା ନିଜର ହୃଦୟ ସମ୍ମତିର ପ୍ରତି ପ୍ରତିକୂଳରେ । ଏହା ବଡ଼ ଜଟିଳ ପ୍ରଶ୍ନ ଅନ୍ତତଃ ସୁରମା ପାଖରେ ! ସେ ବାରବାର ଏ ପ୍ରଶ୍ନର ଯେତିକି ସମାଧାନ ନିଜ ଭିତରେ, ମାଗି ପାଇନି—ପାଇନି ତା'ର ମନୋମତ ଉତ୍ତର । ଖାଲି ଏତିକି ଜାଣିଛି, ବର୍ମାର ନ୧୭ମ୍ବର ଗଳିର ତା'ର ମା' ଥିଲା ଜଣେ ରୂପାଜୀବା ବେଶ୍ୟା । ନିହାତି ଶିଶୁ ଅବସ୍ଥାରେ ମା' ମରିଛନ୍ତି......ଖାଲି ଏତିକି ମନେ ଅଛି ଠିକ୍ ପ୍ରଫେସର ଦାସଙ୍କ ପରି ଜଣେ ଲୋକ...ହୁଏତ ସେ ହୋଇ ପାରନ୍ତି ନିଜ ଯୁବକ ସମୟରେ...ତା'ର ମା'ର ଥିଲେ ପ୍ରିୟତମ ଗରାଖ ! ହୁଏତ ତାଂକରି ଔରସରୁ ଜାତ ହୋଇ ଆଜି ସେ ତାଂକରି ବନିତା ! ଏପରି ସନ୍ଦେହ କରିବାର ତା'ର କାରଣ—ସେ ଆବାଲ୍ୟରୁ ତାଂକରି ବକ୍ଷ ପୁଟରେ ବଢ଼ି ୨ ଆଜି ତରୁଣୀ ! ବିଗତ ଅଜ୍ଞାନ ଜୀବନର ଛବିଟା ତା' ପକ୍ଷେ ଅସ୍ପଷ୍ଟ— ଝାପ୍ସା ହୋଇଉଠେ । ନିଜର କୁଳଶୀଳ ପିତା-ମାତଙ୍କ ବିଷୟରେ ଅନ୍ତରକୁ ଶତବାର ପଚାରି ଶେଷେ ହୁଏ ସେ ନିରସ୍ତ । ତଥାପି ସେ ଭଲ କରି ଜାଣେ ଯେ, ଲାଳନ କର୍ତ୍ତା—ପିତା ତୁଲ୍ୟ, ତାଂକୁ କଦାପି ପ୍ରଣୟ ବେଦୀକାରେ ଆସନ ଦିଆଯାଇ ପ୍ରୀତିର ଅଞ୍ଜଳି ପୁଷ୍ପମାଳ ଦେଇ ପୂଜା କରାଯାଇ ନପାରେ, ବିଶେଷତଃ ଏହି ସୁଶିକ୍ଷିତ ମନୁଷ୍ୟ ସମାଜରେ !!

ସେ ନିଜକୁ ଏହି ନରକ ମନ୍ଥନରୁ ମୁକ୍ତ କରିବା ପାଇଁ ଉପାୟ ଖୋଜେ—

—ପାଞ୍ଚ—

ବିଜୟର "ପ୍ରଳୟ-ପ୍ରେରଣା" ଶୀର୍ଷକ କବିତାର ରୁଚି ସମାଲୋଚନା କରି ସେଥିରେ ରାଜନୈତିକ ଆକ୍ଷେପ ପୂର୍ଣ୍ଣ ନାନା ଅଯଥା ମିଥ୍ୟା ମନ୍ତବ୍ୟ ଦର୍ଶାଇ ମି: ଦାସ ଯେଉଁଦିନ କଳିକତାର ସହସ୍ର ୨ C I Dଙ୍କ କ୍ରୂର କୁଟିଳ ଦୃଷ୍ଟିର ସୂକ୍ଷ୍ମ ଅନୁସନ୍ଧାନ ଶକ୍ତିକୁ ସୁରେଶ ବିପକ୍ଷରେ ଆକର୍ଷିତ କଲେ—ସେହି-ଦିନ ସୁରମାର ହୃଦୟରେ ତାଂକ ପାଇଁ ଘୃଣା ଉଠିଲା ପୂର୍ଣ୍ଣ ବହ୍ନି ହାର ହଳାହଳ । ହାୟରେ, ନିର୍ଦ୍ଦୋଷ ଗରିବ ପ୍ରତି ଏତେ ନିଷ୍ଠୁରତା

Digitized by srujanika@gmail.com

କାହିଁକି ? ସେ କ'ଣ ମନୁଷ୍ୟ ? ମନୁଷ୍ୟର ବସ୍ତ୍ର-ଭୂଷାକୁ ଜୀବନ ଦାନ କରିଛି ସେ ତାର ତୁଳିକାର ସ୍ପନ୍ଦନରେ କେବଳ । କ'ଣ ବା ଅପରାଧ ତା'ର ? ଲେଖୁ ୨ ଆବେଗରେ ଗାଇଛି—

ଉଠରେ ଜାଗି ଦଳିତ ମଡ଼ା—
ହୃଦୟେ ଜଗାଇ ପ୍ରେତ ବଳ !
ଛିନ୍ନ କର ତବ ହସ୍ତ ଶୃଙ୍ଖଳ
ଧ୍ୱସ୍ତ କର ଶୋଷକର ବଳ
ପୀଡ଼କ ରକ୍ତେ ରଞ୍ଜାଇ କେଳି-
କେତନ କର କୋଳାହଳ !!
ଏହି ସେ ଧ୍ୱଂସର ଯୁଗ !
ପ୍ରଳୟ ଭେରୀ ମନ୍ଦ୍ର ଉଠୁଛି,
କମ୍ପୁଛି ଦଶ ଦିଗ !!

ସୁରମା ଭାବି ପାରିଲାନି ! ତାର ତାରୁଣ୍ୟ ଉଜ୍ଜ୍ୱଳ ଆଖି ଯୋଡ଼ାକ କାହିଁକି ସଜଳ ହୋଇ ଉଠିଲା ଅତ୍ୟାଗ୍ରହୀ ସ୍ୱାମୀ-ଦେବତାଙ୍କ ବିରୁଦ୍ଧରେ ! ଦୁର୍ବଳା ଅବଳା ସେ ! ବଳହୀନ ପ୍ରାଣ ପର ଅନ୍ୟ ଉପରେ ଝୁଙ୍କ କୁପିତ ହେଲେ ଉତ୍ତରରେ ତାର ଲୁହ ଝାଳିଲା କେବଳ ! ସୁରମାର ହୃଦୟ କ'ଣ ତେବେ ସେହି ଧରଣର ?

ଭାବିଲା, ଚେଷ୍ଟା କରିବା—ବୁକୁର ଶେଷ ରକ୍ତ ବିନ୍ଦୁଟି ଶେଷ ନହେବା ପର୍ଯ୍ୟନ୍ତ ଗମ୍ଭୀର ମିଥ୍ୟାକୁ ସତ୍ୟ ହେବାକୁ ଦେବନି । ପ୍ରଦୀପ୍ତ ଅଗ୍ନି ସ୍ଫୁଲିଙ୍ଗ ପରି ତେଜମାଳା ଭୂଷିତ ଲେଖକଙ୍କ ଓଜସ୍ୱିନୀ ଭାଷାର ଏକ ମୃଦୁ ଆଲୋଡ଼ନ ଆସିଲା ତାର—ସବଳ ଭାବ ରାଜ୍ୟରେ—

‘He will not drown truth in seas of blood”

—ଛଅ—

"ସ୍ନେହ ଅନୁରାଗର ମାଧୁରୀ ଯେତେଦିନ ପର୍ଯ୍ୟନ୍ତ ତୃପ୍ତ ଇନ୍ଦ୍ରିୟ ସମ୍ଭୋଗ ଜନିତ ଅପବିତ୍ରତାରେ ପରିବର୍ତ୍ତିତ ହୋଇ ନାହିଁ, ସେହିଦିନ ପର୍ଯ୍ୟନ୍ତ ତାହା କାମ୍ୟ ଓ ତାହାର ମହାର୍ଘ ଅନବଦ୍ୟ ! ସକାଳ ପ୍ରସ୍ଫୁଟିତ କମଳ ଯେଉଁ ପୁଷ୍ପ ତା'ର ହୃଦୟର ମଧୁ ଭଣ୍ଡାରକୁ ଭ୍ରମରକୁ ସ୍ପର୍ଶ କରିବାକୁ ଦେଉନ—ଅଥଚ ଭ୍ରମର ତା' ପାଖରେ ଆସି ଗୁଣ୍ ୨ ଶବ୍ଦ କରି ବୁଲୁଛି କେବଳ 'ତା'ର ଶରୀରକୁ ଅକ୍ଷତ ଓ ଅସ୍ପୃଶ୍ୟ ରଖି, ସେ ପୁଷ୍ପର ସୌନ୍ଦର୍ଯ୍ୟ ସେ ପୁଷ୍ପର ସୁଗନ୍ଧ ଭ୍ରମର ଦ୍ୱାରା କ୍ଲିଷ୍ଟ ଦଂଶ ପୁଷ୍ପ ସଂସ୍ପର୍ଶରେ ନଥାଏ ! ରକ୍ତ-ମାଂସ-ମେଦ ଯୁକ୍ତ ଘୃଣ୍ୟ ଇନ୍ଦ୍ରିୟ ପରିତୃପ୍ତି ନାମକ ଲଘୁ କ୍ରିୟାରେ ପ୍ରେମ ପ୍ରକାଶିତ ହେଲେ—ତାହା ଅସ୍ପୃଶ୍ୟ ! ସ୍ୱାର୍ଥଭାବ ବିରହିତ—ହୀନ ସୁଖ ସମ୍ଭୋଗ ଲିପ୍ସା ବିମୁକ୍ତ ପ୍ରେମ ଆଦର୍ଶ, ମାତ୍ର ତାହା ଆଦାନ ପ୍ରଦାନର ଅନ୍ୟ ରୂପ ସେହି ବିଳାସ ବ୍ୟସନ ବା ଇନ୍ଦ୍ରିୟ ସଂସର୍ଗରେ ପରିଣତ ହେଲେ ପଣ୍ୟ-ବ୍ୟବସାୟର ନାମାନ୍ତର ହୋଇଥାଏ । ବାସ୍ତବ ପ୍ରଣୟ ପାଖରେ ଇନ୍ଦ୍ରିୟ ବୁଭୁକ୍ଷାର ବିବଶତା ନାହିଁ—ପ୍ରକୃତ ପ୍ରେମ ପାଖରେ ଉପଭୋଗର ପ୍ରଶ୍ନ ଉଠି ପାରେନା !! ଗୋଲାପର ସରଳ ମାଧୁରୀ ଯଦି ବାସ୍ତବରେ ତୁମ ଚକ୍ଷୁକୁ ମୁଗ୍ଧ କରିଛି, ତେବେ ତାକୁ ସେହି ସବୁଜ ବୁଦା ଭିତରେ ସରସ ସଦ୍ୟ ପ୍ରଫୁଲ୍ଲ ଭାବରେ ବଞ୍ଚିବାକୁ ଦିଅ, ଶାଖା ଚ୍ୟୁତ କରି ତାକୁ ହାତରେ ଧରିବାର ଲାଭ କ'ଣ ?—

ଲେଖାଟି ପଢ଼ି ୨ ମି: ଦାସ ଅତ୍ୟନ୍ତ ଉତ୍ତେଜିତ ହୋଇ ଉଠିଲେ । ଏତେ ପାଷାଣ୍ଡ ଅଭଦ୍ର ଇତର ଟୋକାଟାଏ ! ଅଗୁଆଁର ମୂର୍ଖ ସହସ୍ର ସୃଷ୍ଟାଙ୍କ ପରି ନାନା କୁତ୍ସିତ କଥା ଗୁଡ଼ାକ ସ୍ଥାନ ଦେଉଛି ଆଣି ପବିତ୍ର ସାହିତ୍ୟରେ ଆଉ ତାକୁ ପୁଣି ସାଦରେ ଗ୍ରହଣ କରୁଛନ୍ତି ଆଧୁନିକ ପ୍ରଗତିପନ୍ଥୀ ଓଡ଼ିଆ ସମ୍ପାଦକମାନେ ! ଓ ହୋ ! ପ୍ରଗତିଶୀଳ ନା ଦୁର୍ଗତିପୂଜକ !! ଆମ ଭଳି ପକ୍କା ସୁପଣ୍ଡିତ ବିଶ୍ୱବିଦ୍ୟାଳୟର ଉଚ୍ଚଡିଗ୍ରୀଧାରୀ ସାହିତ୍ୟିକଙ୍କର ସୁଚିନ୍ତିତ ପ୍ରବନ୍ଧର ପତ୍ରିକାରେ ସ୍ଥାନ ନାହିଁ, ଅଥଚ ମୂଲ୍ୟ ଅଛି ସେହି ବଜାର ମୂର୍ଖ ଟୋକା ଗୁଡ଼ାକଙ୍କର ଭଣ୍ଡାମି ଲେଖାଗୁଡ଼ାକରେ ? ଏ ଟୋକାଟାର ଶୀଘ୍ର ଅନ୍ଧକୂପ ବ୍ୟବସ୍ଥା ନକରି ଦେଲେ, ଦେଶର ସାହିତ୍ୟ ଅଳ୍ପ ଦିନେ ରସାତଳ ଗାମୀ ହେବ ଆଉ ଓଡ଼ିଆ ପତ୍ରିକା ଗୁଡ଼ାକ ଆମ ଭଳି ସୁଲେଖକଙ୍କର ସୁରଚନା ଗୁଡ଼ାକ ଆଉ ଆଦୌ ଗ୍ରହଣ କରିବେନି । ସୁରେଶ ରଚିତ 'ପ୍ରକୃତ ପ୍ରଣୟ' ବିଷୟକ ପ୍ରବନ୍ଧଟି ପଢ଼ି ୨ ମି: ଦାସଙ୍କ ମୁଣ୍ଡ ଗରମ ହୋଇ ଉଠିଲା । କେତେ ଯଥା ଅଯଥା ନାନା ସନ୍ଦେହରେ ତାଙ୍କ ବୁଦ୍ଧି ବିଭ୍ରମ ଘଟିଲା । ପତ୍ନୀ ସୁରମା ତ ସେଦିନ କାହିଁକି ଏହି ମତଟାକୁ ଦୃଢ଼ ଭାବରେ ସମର୍ଥନ କରି ସୁରେଶ ଲେଖାକୁ ସାହିତ୍ୟ ରାଜ୍ୟର ଯୁଗାନ୍ତକାରୀ ଅବଦାନ କହି ବଡ଼ ପ୍ରଶଂସା କରୁଥିଲେ । ସର୍ବନାଶ ! The Worst thing is knocking at the door !

ତଥାପି ବିପଦ ସମ୍ମୁଖରେ ପଡ଼ିଲେ ପ୍ରତ୍ୟୁତ୍ପନ୍ନମତି ଅଧୀର ନହୋଇ ଉପାୟ ଚିନ୍ତା କରେ । ରଙ୍ଗୀନ ମନୋହର Letter Padରୁ ଖଣ୍ଡେ ଗୋଲାପୀ କାଗଜ ଟାଣି ଆଣି ସେ ଆପଣାର ଜଣେ ପ୍ରିୟତମ C. I. D.ଙ୍କ ପାଖକୁ ଲେଖି ବସିଲେ କ'ଣ ହ'ପଦ ଗୋପନ କଥା—

—ସାତ—

"ନିଖିଳ ବଙ୍ଗ ସ୍ୱାଧୀନତା ଦିବସ"ରେ ସଭାପତି ଆସନରେ ବସି ନିଜର ତେଜସ୍ୱୀ ଅଭିଭାଷଣଟି ଉତ୍କଣ୍ଠ ଜନତା ସମ୍ମୁଖରେ ପାଠ କରୁ ୨ ସୁରେଶର ହାତରେ ଲୁହା କଡ଼ି ପିନ୍ଧାଇ ଦିଆଯାଇଛି । ଏ ସମସ୍ତ କୂଟ ଚକ୍ରାନ୍ତ ମୂଳରେ ତମର ସ୍ୱାମୀ ପୁଟବଧା କାର୍ଯ୍ୟ କରୁଛନ୍ତି—ସୁରମା ସୁରେଶର "ପ୍ରକୃତ ପ୍ରଣୟ" ଶୀର୍ଷକ ପ୍ରବନ୍ଧଟି ଏକ ସମର୍ଥନ ସୂଚକ ଅଭିମତ ଲେଖୁ ୨ ଗୁରୁବର ଠାରୁ ଏହି ଚିଠିଟି ପାଇଲା । ଚିଠିର ଆର ପାଖରେ ଛପା ଅକ୍ଷରରେ ଲେଖା ଅଛି—"ହେ ସମଗ୍ର ବଙ୍ଗର ତରୁଣ ତରୁଣୀ ଗଣ ! ଦେଶ-ବେଦିକାରେ ଆଜି ତମର ବୁକୁ ରକ୍ତର ପ୍ରବଳ ଭାବରେ ଲୋଡ଼ା ପଡ଼ିଛି । ଆଜି ଆସ ହସ୍ତରେ ଶୃଙ୍ଖଳ ପିନ୍ଧ । ନିଜକୁ ବିଳାସ ବ୍ୟସନରେ ରତ ହେବାକୁ ଦିଅ ନାହିଁ—ଏ ମୁକ୍ତିର ଶତାବ୍ଦି ! ଏ ସଂଗ୍ରାମର ଯୁଗ ! ଏ ଯୁଗରେ ବୀର ତେଜରେ ଦଣ୍ଡାୟ-ମାନ ହୋଇ ପଦପଦେ ଅନ୍ୟାୟୀ ରାଜ ଶକ୍ତି ହାତରୁ ନିଜ ନିଜର ବ୍ୟକ୍ତିଗତ ଦାବୀ କାଢ଼ି ନେବାକୁ ଆଗଭର ହୋଇ ଆସ ! ଜାଣି ଥାଅ—ନିଜକୁ ପର-ପଦ-ସେବିତ ହେବାକୁ

( ପର ପୃଷ୍ଠା ଶେଷ ଦେଖନ୍ତୁ )



Digitized by srujanika@gmail.com

| | | | | | | |
|---|---|---|---|---|---|---|
| ୧ ଅ | ୨ କ | (ଲ) | ■ | ୩ ବ | ୪ ଅ | ୫ ଳ |
| ୬ ବ | ଣ୍ଡା | ■ | ୭ ପ | ର | ଣ୍ଣ | ମ |
| ର | ■ | ୮ ପା | ଢ | ■ | ମ | ■ |
| ଲ | ■ | ଣ୍ଡି | ■ | ୯ ଦ | ■ | ୧୦ ଦ |
| ■ | ୧୧ ତୋ | ■ | ୧୨ ବା | ଲ | ■ | ର |
| ୧୩ ପ | ର | ୧୪ ବା | ର | ■ | ୧୫ ଧ | କା |
| ୧୬ ର | ଅ | ହା | ■ | ୧୭ ଣ | ବ | ଘ |

# ୯ମ ଶବ୍ଦଧନ୍ଦାର ଉତ୍ତର ।

## ସମ୍ପାଦକ ଅଜେୟ ହେଲେ ।

## ସାମନ୍ତ ପୁରସ୍କାର କେହି ପାଇଲେ ନାହିଁ ।

୭ଟି ଭୁଲ ପାଇଁ ମଧ୍ୟ ପୁରସ୍କାର ମିଳିଲା ।

### ପୁରସ୍କାର ପ୍ରାପ୍ତ ବ୍ୟକ୍ତି—

( ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ ଗୃତେଟି ଭୁଲ କରି ପ୍ରଥମ ପୁରସ୍କାର ପାଇବାର ଯୋଗ୍ୟ ହୋଇଥିଲେ ମଧ୍ୟ ଉଗର କାର୍ଯ୍ୟାଳୟରେ କର୍ମ କରୁଥିବାରୁ ପୁରସ୍କାରରୁ ବଞ୍ଚିତ ହେଲେ ।)

ପ୍ରଥମ ପୁରସ୍କାର ୫ଟି ଭୁଲ—ପ୍ରତ୍ୟେକ ୫୬୯ କରି (୧୨) ୧ । ଶ୍ରୀ ନାରାୟଣ ଚନ୍ଦ୍ର ସେନ, ରାଜକନିକା ମି. ଇ. ସ୍କୁଲ, ପୋ: ରାଜକନିକା । ୨ । କୁମାର ଲକ୍ଷ୍ମୀନାରାୟଣ ମହାନ୍ତି, କଲେଜ ଓ୍ୱାର୍ଡ଼ରଲେସ ଏଣ୍ଡ କମର୍ସ, ୨୧୨, ବହୁବଜାର କଲିକତା ।

୨ୟ ପୁରସ୍କାର ୬ଟି ଭୁଲ—ପ୍ରତ୍ୟେକ ୫।୨୯ କରି ( ୫୪୯ ) ୧ । ଶ୍ରୀ ଗୋପାଳକୃଷ୍ଣ ଠାକୁର, C/o ବୈଷ୍ଣବ ଚରଣ ନାୟକ, ଭଦ୍ରକ । ୨ ଶ୍ରୀ ବ୍ରଜମୋହନ ଦାସ, ଅଗରପଡା ମି: ଇ:'ସ୍କୁଲ, ପୋ: ବଡ଼ହାଟ ନିଲେଚନ ପୁର ।

୩ୟ ପୁରସ୍କାର ୭ଟି ଭୁଲ—ପ୍ରତ୍ୟେକ ୫୦୯ କରି ( ୫୪୯ ) ୧ । ଶ୍ରୀମତୀ ଶୈଳବାଳା ଦାସ C/o ଶ୍ରୀ ମହେନ୍ଦ୍ର ପ୍ରସାଦ ଦାସ, ଷ୍ଟେସନ ମାଷ୍ଟରସ୍ ଅଫିସ, ଖଡ୍ଗପୁର । ୨ । ଶ୍ରୀ ଅରୁଣ କୁମାର ଗଡ଼ଜଳ, ନଂ ୧୦ ବସ୍ତି ପୋ: ଗୋଲମୁରି, ପଦ ରୋଡ଼—ଟାଟା ନଗର । ୩ । ମେର୍ଜା ମହମ୍ମଦ ଅବଦୁଲ୍ ଜବର—କାଜି ମହଲ୍ଲା, ଭଦ୍ରକ । ୪ । ଶ୍ରୀ ଜଗଦୀଶ ଚନ୍ଦ୍ର ମହାପାତ୍ର, ଦେଉଳ ସାହି, ପୋ: ବାରିପଦା । ୫ । ଶ୍ରୀ ଗୋପାଳ ଚନ୍ଦ୍ର ବୋସ, C/o ଶ୍ରୀ ରାଜେନ୍ଦ୍ର ଲାଲ ବୋଷ, ପୋ: ବାରିପଦା । ୬ । ଶ୍ରୀ ସଖୀଲ ମୋହନ ମହାନ୍ତି, କାଠଗଡ଼ା ସାହି, କଟକ । ୭ । ଶ୍ରୀ ରମାକାନ୍ତ ଶାସ୍ତ୍ରୀ, ଗ୍ରା: ସନ୍ତ ମହାଦେବ, ପୋ: ଜାଜପୁର । ୮ । ଶ୍ରୀ କଶୋର ଚନ୍ଦ ଭଞ୍ଜଦେବ, ଫ୍ରେଜର ହଷ୍ଟେଲ, ବାରିପଦା । ୯ । ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ, C/o ମି: ଆର୍: କେ. ପଟ୍ଟନାୟକ, ଇନସ୍‌ପେକ୍ଟର, ପୋଲିସ—ପୋ: ବାରିପଦା ।

ସବୁଠାରୁ ବେଶୀ ଉତ୍ତର ପାଇଁ—୫।୨୯—ଶ୍ରୀମତୀ ମହାଶ୍ୱେତା ଦେବୀ ୯ମ ଶ୍ରେଣୀ, ମିସନ ବାଳିକା ସ୍କୁଲ, ବାଲେଶ୍ୱର—(୨୭ ଉତ୍ତର)

---

।(କାହାଣୀ ୭ମ ପୃଷ୍ଠା ଉତ୍ତାରୁ)

ଦେବା ଠାରୁ ବଳି ଭୀଷଣ ପାପ ଅଉ ଦୁନିଆରେ ନାହିଁ କେଉଁଠି ? ଆଶା, ପୋଲିସର ଲାଠି ପ୍ରହାର—କାରାଗାରର ଲକ୍ଷ ଭୀଷଣତା ତମ ଭିତର ପ୍ରଜ୍ୱଳିତ ଦୁର୍ବାର ଅଗ୍ନି ପାଖରେ କେବଳ ଇନ୍ଧନର କାର୍ଯ୍ୟ କରିବ ! !—"

ବୋଧହୁଏ କାଗଜଅଲ୍ମିରରୁ ଉଦ୍‌ବୋଧନ ପତ୍ରିକା-ଟିକୁ ଖୋଲି ପାଖଟିରେ ଚଠି ଲେଖି ନାଳମା ତାକୁ ଅତି ଚଞ୍ଚଳ ଜାଣିଛି । ଢ଼'ଟି ଧାଡ଼ି ପଢ଼ି ପଢ଼ୁ ତା'ର ଅନ୍ତର କଣ ହୋଇଗଲା କେଜାଣି ପାଗଳୀକି ପରି ହଠାତ୍ ଉଠି ନଜର ଚମଡ଼ା ସୁଟ୍‌କେଶଟିରେ ଦରକାରୀ ଖଦଡ଼ ଶାଢ଼ୀ ଓ କେତେକ କାଗଜ ପତ୍ର ବନ୍ଦ କରି ଘର ଚାବିଟାକୁ ପୁଷ୍ପାସ ପାଖକୁ ଫିଙ୍ଗି ଦେଇ ବ୍ୟଗ୍ର ଚିତ୍ତରେ ବାହାରି ପଡ଼ିଲା ରାଜ-ପଥକୁ—ଉଦ୍ଦେଶ୍ୟ ସଭା-ପିଠରେ ତାର ମର୍ମର ଭାଷା ଢ଼'ପଦ ଶୁଣାଇ ସୁରେଶ ଅନୁସୃତର ପୁରସ୍କାର ରୂପେ ଲଭିବାକୁ ।

ହଠାତ୍ ଆଗକୁ ଗୃହିଁ ଦେଖିଲା, ତାର ସ୍ୱାମୀ ଫେରୁଛନ୍ତି ଚଂଚଳ ପଦରେ—ହୃଷ୍ଟାସ ଚିତ୍ତରେ । ସତେ ଯିମିତି ବିଜୟୀ କାଳାପାହାଡ ଫେରୁଛି ଓଡ଼ିଶାର ଶେଷ ରାଜା ମୁକୁନ୍ଦ ଦେବଙ୍କୁ ନୃଶଂସ ଭାବେ ହତ୍ୟା କରି… ଉତ୍କଳର ରାଜନୈତିକ ଆକାଶକୁ ଚିର ଅନ୍ଧ-କାର ମଧ୍ୟରେ ବୁଡ଼ାଇ ରଖି…ନିଜର ଅବ-ମାନିତ ଅହଂକାର ନିଷ୍ଠୁର ପ୍ରତିଶୋଧ ସାଧନ କରି ! ସୁରମାଙ୍କୁ ଏପରି ଅପ୍ରତ୍ୟାଶିତ ଭାବରେ ଦେଖି ଆଶ୍ଚର୍ଯ୍ୟ ହୋଇ ସେ ତାର ଗମନର ଉଦ୍ଦେଶ୍ୟ ପଚାରି ଯାହା ବୁଝିଲେ, ସେଥିରେ ତାଙ୍କର ମର୍ମେ ୨ ଯିମିତି ଶତ ଶେଳ ବିଦ୍ଧ ହୋଇଗଲା । ସେ ବଡ଼ ନିର୍ମମ ନିଷ୍ଠୁରତା ବ୍ୟଞ୍ଜିତ କଣ୍ଠରେ କହିଲେ—"ସୁରମା ! ତୁମେ ହିନ୍ଦୁ ପତ୍ନୀ ! ହିନ୍ଦୁ ଶାସ୍ତ୍ର ଅନୁଯାୟୀ ପତିର ଦୁଃଖ ସୁଖ ବିଜୟ ପରା-ଭବରେ ତମକୁ ପ୍ରାଣ ଛାଡ଼ି ଚଳିବାକୁ ପଡ଼ିବ ! ତୁମେ ମୋର ଅର୍ଦ୍ଧାଙ୍ଗିନୀ ! ନିହାତି ଗୋଟାଏ ବାଉଳି ଅଜ୍ଞାତ କୁଳ ଶୀଳର ଦୁଃଖ ବିପଦରେ ତମର ମର୍ମାହତ ହେବାର କି ଲୋଡ଼ା ?"

ସୁରମାର ଚକ୍ଷୁ ଦୀପ୍ତି ପ୍ରଜ୍ୱଳିତ ହେଲା ଯେମିତି…ଧୂମକେତୁର ଲାଞ୍ଜ ! ସେ ଷ୍ଟାନ କାଳପାହ ପ୍ରତି ଅପମାନ ଦେଖାଇ କହିଲା, "ବାସ୍ତବିକ ମୁଁ ହିନ୍ଦୁ ନାରୀ—ସାଦ୍ଧ୍ୱୀ ! ହୃଦୟର ମିଳନ ଯେଉଁଠି ସେ ଉଲଙ୍ଘ ସାଗର ମଧ୍ୟରେ ଥାଇପାରେ ବା ପ୍ରଜ୍ୱଳିତ ଅଗ୍ନେୟ-ଗିରି ଗର୍ଭରେ ହୋଇପାରେ, ହିନ୍ଦୁ କାମିନୀ ସେହିଠାକୁହିଁ ଉନ୍ମାଦିନୀ ପରି ଧାଇଁ ଯିବ । ମୋର ଜୀବନ ଯେଉଁଠି—କାୟା ମଧ୍ୟ ସେଇଠି ! ମୋତେ ନିବାରିତ କରିବାକୁ ଅଛି ହିମାଦ୍ରିର ସୁଦ୍ଧା ଶକ୍ତି ନାହିଁ !"

"ତେବେ ତୁମର ତା ସହିତ ଇନ୍ଦ୍ରିୟ-ସୁଖ-ସମ୍ପର୍କ ରହିଛି ! କୁଳଟା !…ବ୍ୟଙ୍ଗ କରୁ ୨ ମି. ଦାସଙ୍କର ସ୍ୱର କ୍ଷିଣତର ହୋଇ ଆସିଲା ।"

"କ'ଣ କହୁଥାଅ ରାକ୍ଷସ ! ପବିତ୍ର—ବିମଳ ସେ ! ତାଂକୁ ଏ' ପାପିଷ୍ଠର କୁତ୍ସିତ ହାଥ ସ୍ପର୍ଶ କରିବାକୁ ଦିଅ ନାହିଁ । ତୁମର ପିଶାଚଙ୍କର ସ୍ପର୍ଶରେ ଏ ଶରୀର ଅପବିତ୍ର, ତାହାଙ୍କର ପୂଜା ଅଯୋଗ୍ୟ, ମାତ୍ର ଏ' ହୃଦୟ ଅଦ୍ୟାପି ପବିତ୍ର ଅଛି; ସୌମ୍ୟ ସ୍ୱର୍ଣ୍ଣର ଝଣତ୍କାର କୋହିତ୍ୱ ନିଫଳସି……ବିଳାସ ବ୍ୟସନର ବିଭିସତାରେ ନିର୍ଲିପ୍ତ ରହି ଏ ହୃଦୟ ଏବେ ସୁଦ୍ଧା ସୌମ୍ୟ ! ତମର ରାକ୍ଷସ ହସ୍ତ ମୋର ସଂଗ୍ରଶରୀରକୁ ଲୁଣ୍ଠନ କରିଛି, ମାତ୍ର ହୃଦୟକୁ ଏପର୍ଯ୍ୟନ୍ତ ସୁଦ୍ଧା ସ୍ପର୍ଶ କରିନ—ମୁଁ ତାହାକୁ ତୁମର ଅତି ଅଜ୍ଞାତରେ ଗୋପନ କରି ରଖିଛି..! ତାଂକର କଥାରେ, 'ପ୍ରଣୟ ହୃଦୟର—ଇନ୍ଦ୍ରିୟର ନୁହେଁ' ! !

ଦାସଙ୍କର ଆଖିଆଗରେ ମାଳମାଳ ହୋଇ ପ୍ରଦୀପ୍ତ ଉଲ୍କାରାଜି ଆକାଶରେ ଉଡ଼ି ବୁଲିଲେ ଯିମିତି । ଆଖିଆଗରେ ତାଙ୍କର ଅଗ୍ନେୟ ଗିରିର ପ୍ରଳୟ ଅଗ୍ନିତରଙ୍ଗ ଉପରେ ନାଚି ଉଠିଲା ସତେଅବା ଗୋଟାଏ ବହ୍ନିଶିଖାମୟୀ ଚଣ୍ଡିକାର ରୁଦ୍ରରୂପ !! ସେ ମୂର୍ଚ୍ଛିତ ହୋଇ ଭୂଲୁଣ୍ଠିତ ହେଲେ । କାନ ପଥଦେଇ ଭୈରବ ତାନରେ ଗାଇଗଲା ପ୍ରଳୟର ବାର୍ତ୍ତା…ଝଡ଼ର ମନ୍ଦ୍ରଭାଷା!

ପ୍ରଳୟର ଉଦଧୀ ଗର୍ଜନକୁ ବଳି ମହା-କାଳଙ୍କର ଦୁନ୍ଦୁଭିଙ୍ଗା ଗର୍ଜି ଉଠିଲା—

ଧ୍ୱଂସ—ଧ୍ୱଂସ—ଧ୍ୱଂସ !!!

Digitized by srujanika@gmail.com




# ନୂପୁର

## ନାରୀ ପ୍ରଗତି

( ପ୍ରବନ୍ଧ )

ସୃଷ୍ଟି ସ୍ଥିତି ବିନାଶାନାଂ, ଶକ୍ତିଭୂତେ ସନାତନି
ଗୁଣାଶ୍ରୟେ ଗୁଣମୟେ, ନାରାୟଣୀ ନମସ୍ତୁତେ ।

ବିଶ୍ୱ ସୃଷ୍ଟିରେ ସଭ୍ୟତାଲୋକର ପ୍ରାକାଳରୁ ନାରୀ ଜାତି ତଥା ଶକ୍ତି ରୂପିଣୀ ଙ୍କର ପ୍ରାଧାନ୍ୟ ଅବଲମ୍ବନ କରି ମାର୍କଣ୍ଡେୟ ମୁନି ଉପରୋକ୍ତ ଶ୍ଳୋକ ଗାଇ ଥିଲେ, ଜଗତର ନାନା ଦର୍ଶନ ଶାସ୍ତ୍ରର ସମାଲୋଚକମାନେ ସବୁବେଳେ ସବୁକାଳରେ ଏକ ମୁଖରେ ଏହି ଶକ୍ତି ଦେବୀଙ୍କର ପ୍ରାଧାନ୍ୟ ଘୋଷଣା କରି ଆସିଛନ୍ତି, ଏପରିକି ଭାରତର ତଥା ଜଗତର ସର୍ବ ପ୍ରଧାନ ବୈଦାନ୍ତିକ ଅଦ୍ୱୈତ ବାଦୀ ଶଙ୍କରାଚାର୍ଯ୍ୟ ନିଜେ ପ୍ରଥମେ କେବଳ ବ୍ରହ୍ମବାଦୀ ଥାଇ ସୁଦ୍ଧା ପରିଶେଷରେ ଶକ୍ତିର ପ୍ରାଧାନ୍ୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ପ୍ରକୃତରେ ଶକ୍ତି ବିହୀନ ବସ୍ତୁ ଏକାବେଳକେ ବସ୍ତୁ ପଦବାଚ୍ୟ ହୋଇ ନପାରେ କେବଳ ଶକ୍ତିହିଁ ବସ୍ତୁର ବସ୍ତୁତ୍ୱ ସମ୍ପାଦନ କରେ । ସେଇଥିପାଇଁ ଶଙ୍କର ସାକ୍ଷାତ ଶଙ୍କରାଚାର୍ଯ୍ୟ ଶକ୍ତି ବିହୀନ ଶିବଙ୍କୁ ଶବ ବୋଲି ବର୍ଣ୍ଣନା କରିଛନ୍ତି । ବିଜ୍ଞାନ ପ୍ରଣାଳି ନେଇ ଆଲୋଚନା କଲେ ଶକ୍ତି ବିହୀନ ବସ୍ତୁ ଓ ବିଶ୍ୱ ବ୍ରହ୍ମାଣ୍ଡରେ ନାହିଁ ବୋଲି କୁହିଲେ ଚଳେ । ଉଦାହରଣ ସ୍ୱରୂପ ଦେଖାଯାଉ ଦାହିକା ଶକ୍ତି ବ୍ୟତୀତ ଅଗ୍ନିର ଅସ୍ତିତ୍ୱ ହୋଇ ପାରିବ କି ? ଏହିପରି ଭାବରେ ବିଶ୍ୱ ବ୍ରହ୍ମାଣ୍ଡର ପ୍ରତ୍ୟେକ ପଦାର୍ଥ ଗୁଡ଼ିକୁ ସଂଶ୍ଳେଷଣ ଓ ବିଶ୍ଳେଷଣ କରି ଦେଖିଲି ପ୍ରତ୍ୟେକ ସ୍ଥାନରେ ଆମ୍ଭେମାନେ ଶକ୍ତିର ପ୍ରାଧାନ୍ୟ ଅନୁଭବ କରି ପାରିବା, କିନ୍ତୁ ତାହା ସଙ୍ଗେ ସଙ୍ଗେ ଆମ୍ଭମାନଙ୍କୁ ମାର୍କଣ୍ଡେୟ ମୁନିଙ୍କର ଉପରୋକ୍ତ ଶ୍ଳୋକରେ ଥିବା ଗୁଣାଶ୍ରୟେ, ଗୁଣମୟେ ଏହି ପଦକୁ ପ୍ରତି ପଦେ ପଦେ ସ୍ୱୀକାର କରିବାକୁ ପଡିବ କାରଣ ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ଶକ୍ତିର ଆସନ ସର୍ବୋଚ୍ଚ ହୋଇଥିଲେ ସୁଦ୍ଧା ତାହା ଜଡ଼ ବସ୍ତୁର ଅବଲମ୍ବନ ବ୍ୟତୀତ ସାଧାରଣ ଦୃଷ୍ଟିର ଅନୁଭୂତ ହୋଇ ନ ପାରେ ।

ଉପରୋକ୍ତ ଉଦାହରଣରେ ଦାହିକା ଶକ୍ତି ଅସମ୍ଭବ ଏବଂ ଅନନୁଭୂତ, ଅଗ୍ନିର ଅବଲମ୍ବନ ଗ୍ରହଣ ନ କଲେ ଅଗ୍ନି ଆମ୍ଭମାନଙ୍କର ଦୃଷ୍ଟି ଗୋଚର ହୋଇ ପାରନ୍ତା ନାହିଁ । ତେଣୁ ଦାହିକା ଶକ୍ତିକୁ ମଧ୍ୟ ଆମ୍ଭେମାନେ ଅନୁଭବ କରି ପାରନ୍ତୁ ନାହିଁ । ସେଇଥିପାଇଁ କବି ଗାଇଛନ୍ତି "ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା, ବନିତା, ଲତା"—ଅର୍ଥାତ୍ ଶକ୍ତି ତଥା ନାରୀ ଜାତି ସଚରାଚର ସତ୍ତ୍ୱ, ରଜ ଓ ତମ ଏହି ତିନି ଗୁଣକୁ ଅବଲମ୍ବନ କରି ଗୁଣମୟୀ ଭାବରେ ଏ ଜଗତରେ ବିକସିତା ହୁଅନ୍ତି । ଦର୍ଶନର ବିଶ୍ୱବ୍ରହ୍ମାଣ୍ଡରୁ ଦର୍ଶନ ଶାସ୍ତ୍ରର ଏହି ଚୂଡ଼ାନ୍ତ ମିମାଂସାକୁ ବର୍ତ୍ତମାନ ଆମ୍ଭେମାନେ ନର ସମାଜରେ ପ୍ରତିପାଦନ କରିବାକୁ ଚେଷ୍ଟା କରିବା ଉଚିତ, ଜଗତରେ ଯେତେବେଳେ ଯେଉଁ ଜାତି ବା ଦେଶ ଯେତିକି ପରିମାଣରେ ଉନ୍ନତ ସୋପାନାରୋହଣ କରିଛି ତାହାର ମୂଳରେ ନାରୀ ଜାତିର ବିକାଶ ଯେତିକି ପରିମାଣରେ ଦେଦୀପ୍ୟମାନ ରହିଅଛି । ପୃଥିବୀର ଇତିହାସ ତନ୍ନ ତନ୍ନ କରି ସମାଲୋଚନା କରିବାର ଅବକାଶ ଆମ୍ଭମାନଙ୍କୁ ମିଳିବା ସମ୍ଭବପର ନୁହେଁ ! ତେବେ ଆମ୍ଭମାନଙ୍କର ଜନ୍ମଭୂମି ଭାରତବର୍ଷର ଇତିହାସ ସମାଲୋଚନା କଲେ ଏଠାରେ ଯଥେଷ୍ଟ ହେବ । ପାଠକେ ଅନୁମାନ କରି ପାରନ୍ତି ଯେ ଲେଖିକା ଭାରତବର୍ଷବାସିନୀ ହୋଇଥିବା ହେତୁ କେବଳ ସ୍ୱାର୍ଥ ପ୍ରଣୋଦିତା ହୋଇ ଏପରି ଲେଖିଅଛି କିନ୍ତୁ ବାସ୍ତବରେ ତାହା ନୁହେଁ । ଭାରତ ପରି ପ୍ରାଚୀନତମ ଦେଶ ଏ ଜଗତରେ ନାହିଁ । ଭାରତବର୍ଷର ଇତିହାସରେ ଉନ୍ନତ ଅବନତିର ଯେତେ ଜୟ ବିଜୟର ଡଙ୍କା ବାଜିଛି, ଅନୁମାନ କରେଁ ପୃଥିବୀର କୌଣସି ଇତିହାସରେ ସେପରି ବାଜି ନଥିବ । ତେଣୁ ଯେ କୌଣସି ଐତିହାସିକ ତତ୍ତ୍ୱ ସମାଲୋଚନା କରିବାକୁ ଗଲେ ଭାରତର ଇତିହାସ ସର୍ବାଦୌ ଆଲୋଚ୍ୟ । ଭାରତର ଆଦିମ ଆର୍ଯ୍ୟ ଋଷି ମାନଙ୍କଠାରୁ ଆରମ୍ଭ କରି ଆଧୁନିକ ଦେଶ ସେବୀ ମହାପୁରୁଷ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏକ ମୁଖରେ ସ୍ୱୀକାର କରି ଅଛନ୍ତି ଯେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା" ପ୍ରକୃତରେ ପୌରାଣିକ ଯୁଗ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯେତେ ଯେତେ ଅତ୍ୟାଚାର ଓ ଅନାଚାରର ତାଡ଼ନାରେ ଏ ଦେଶ ଅବନତ ହୋଇଅଛି ସେ ସମସ୍ତ ସମୟରେ କେବଳ ନାରୀ ଜାତି ହିଁ ପୁରୁଷକୁ ଶକ୍ତି ପ୍ରଦାନ କରି ଉନ୍ନତିର ପଥ ଦେଖାଇ ଆସିଛନ୍ତି ।

ମଧୁକୈଟଭ, ମହିଷାସୁର, ଶୁମ୍ଭ, ନିଶୁମ୍ଭ ପ୍ରଭୃତିଙ୍କ ଅତ୍ୟାଚାରରେ ଏ ଜଗତ ଅସ୍ଥିର ପ୍ଲାବିତ ହୋଇଥିବାବେଳେ ସ୍ୱୟଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରାଦି ଦେବତାମାନେ ଏକତ୍ରିତ ହୋଇ ମଧ୍ୟ କିଛି କରିପାରି ନଥିଲେ କିନ୍ତୁ ଯେତେବେଳେ ସେମାନେ ଶକ୍ତିର ଆଶ୍ରୟ ଗ୍ରହଣ କଲେ ଅର୍ଥାତ ସ୍ୱ ସ୍ୱ ଶକ୍ତି ଅବଲମ୍ବନ କଲେ ସେତେବେଳେ ସେହି ଶକ୍ତି ଦେବୀହିଁ ଅଭୟ ପ୍ରଦାନ କରି ପୁନର୍ବାର ଉନ୍ନତିର ମାର୍ଗ ଅନ୍ୱେଷଣ କରିଥିଲେ । ପାଠକମାନେ ରାମାୟଣ, ମହାଭାରତ ପ୍ରଭୃତି ଯେତେ ... କରିବେ ... ପାରିବେ ... ଦମୟନ୍ତୀ

ପ୍ରତାରଣା ଏବଂ ଶକ୍ତି ବଳରେ ଏ ଜଗତରୁ ପାପ ଓ ଅତ୍ୟାଚାର ତିରୋହିତ ହୋଇ ଧର୍ମର ପୁନରୁତ୍ଥାନ ହୋଇଥିଲା ପ୍ରଣି ଅତୀତର ନିକଟକୁ ଅପିଲେ ଜଣାପଡ଼ିବ ଯେ ବଇଦୁଷୀ ଲୀଳାବତୀଙ୍କ ଠାରୁ ଆରମ୍ଭ କରି ବୀରାଙ୍ଗନା ପଦ୍ମାବତୀ, ଦୁର୍ଗାବତୀ, ଅହଲ୍ୟାବାଈ ଓ ଝାନ୍ସୀରାଣୀ ଲକ୍ଷ୍ମୀବାଈ ପର୍ଯ୍ୟନ୍ତ ସମସ୍ତ ସ୍ତ୍ରୀ ଜାତି ସବୁ ଯୁଗରେ ଏବଂ ସବୁ ସ୍ଥାନରେ ଅଧର୍ମ ଓ ଅତ୍ୟାଚାରର ବିରୁଦ୍ଧରେ ଦଣ୍ଡାୟମାନା ହୋଇ ପୁରୁଷ ଜାତିକୁ ଉନ୍ନତ ଓ ସତ୍‌ମାର୍ଗ ଦେଖାଇ ଆସି ଅଛନ୍ତି । ଦୁଃଖ ଓ ପରିତାପର ବିଷୟ ଏହି ଯେ ଯେତେବେଳେ ଭାରତୀୟମାନେ ପରପଦ ଦଳିତ ଦାସ ଜାତି ରୂପେ ସହସ୍ରାଧିକ ବର୍ଷକାଳ ମ୍ରିୟମାଣ ହୋଇଗଲେ ସେତେବେଳେ ସେମାନେ ସ୍ୱଭାବତଃ ଶକ୍ତିଜାତିର ଉପାସନା ଏକାବେଳକେ ପାଶୋରି ପକାଇଲେ । ପରିଣାମରେ ଦେଶ ଏ ଭୟଙ୍କର ବିପଦର ସମ୍ମୁଖୀନ ହେଲା । ତେବେ ମଧ୍ୟ ପୁରୁଷଜାତି ନାରୀର ଆଦର କରି ଜାଣିଲା ନାହିଁ । ଗୃହିଣୀ ଓ ସହଧର୍ମିଣୀର ଅର୍ଥ ବୁଝି ପାରିଲା ନାହିଁ । ନିଜେ ଗୃହସ୍ଥ, ଗୃହସ୍ଥ ଶବ୍ଦର ଅର୍ଥ ନ ବୁଝି ନିଜକୁ ସମସ୍ତ ଜଗତର କର୍ତ୍ତା ମନେକରି ନାରୀ ଜାତିକୁ ନିଜର କ୍ରୀଡ଼ା-ପୁତ୍ତଳିକା ଭାବରେ ବ୍ୟବହାର କରିବାକୁ ଲାଗିଲା । ଫଳରେ ଦେଶ ପର ପଦାନତ, ନିର୍ବୀର୍ଯ୍ୟ, ଦୀନ ହୀନ ଓ କାଙ୍ଗାଳ ବେଶ ଧାରଣ କଲା । କ୍ରମେ ସାଧାରଣ ପ୍ରଗତିଶୀଳ ପାଶ୍ଚାତ୍ୟାଲୋକ ଏହି ଦେଶ ଉପରେ ନିପତିତ ହେଲା । କୁଇନ ଏଲିଜାବେଥ୍ ଏବଂ ମହାରାଣୀ ଭିକ୍ଟୋରିଆ ପ୍ରଭୃତିଙ୍କର ଶୁଭ୍ରାଲୋକ ଦେଶବାସୀଙ୍କର ଦୃଷ୍ଟିପଥାରୂଢ଼ ହେଲା । ତାହା ଦେଖି ଏ ଦେଶବାସୀ ପୁରୁଷଜାତି ବିପଦରେ ପଡ଼ି ବିକଳରେ ନାରୀଶିକ୍ଷା-ନାରୀ ସ୍ୱାଧୀନତା ବୋଲି ଚିତ୍କାର … ଚିନ୍ତ- … ଉପକାର … ପର୍ଯ୍ୟନ୍ତ … ହୋଇ ପାରିବ ନାହିଁ ବୋଲି ଲେଖିକାର ଦୃଢ଼ବିଶ୍ୱାସ । ଘର କୋଣର ଅତି ସାମାନ୍ୟ କାର୍ଯ୍ୟଠାରୁ ଆରମ୍ଭ କରି ସମାଜର ଓ ଦେଶର ଶିକ୍ଷା-ଦୀକ୍ଷା ଆଚାର ବ୍ୟବହାର, ଧର୍ମନୀତି ଓ ରାଜନୀତି ପର୍ଯ୍ୟନ୍ତ ସକଳ ସ୍ଥାନରେ ନାରୀଜାତିର କର୍ତ୍ତୃତ୍ୱ ପ୍ରତି-ପାଳିତ ନହେବା ଯାଏଁ, ଦେଶ କଦାପି ନିଜ ଗୋଡ଼ରେ ଠିଆ ହୋଇ ପାରିବ ନାହିଁ ।

ଅଧୁନିକ ଯୁଗରେ ଲୋକେ କେବଳ ପାଶ୍ଚାତ୍ୟ ସଭ୍ୟତାପ୍ରତି ଆକୃଷ୍ଟ ହୋଇ ନାରୀ ଜାତିର କର୍ତ୍ତୃତ୍ୱ ସ୍ୱୀକାର କରୁଛନ୍ତି । ଏବଂ କ୍ରମେ ନାରୀ ଜାତିର ଶିକ୍ଷା ପ୍ରଣାଳୀର ଅଗ୍ରଗମନ କରାଉ ଅଛନ୍ତି ସତ ମାତ୍ର ସେହି ପ୍ରଣାଳୀ ଭାରତୀୟ ରୀତି ନୀତି ଅନୁସାରେ ପରିବର୍ତ୍ତିତ ନହେବା ଯାଏ ଦେଶ ସତ୍‌ପଥରେ ଚାଲିବ ନାହିଁ । ଏହିଠାରେ କେବଳ ନାରୀ ସ୍ୱାଧୀନତା ବୋଲି ଚିତ୍କାର କଲେ ଚଳିବ ନାହିଁ । ପ୍ରଥମରେ ଲିଖିତ ହୋଇଥିବା ମାର୍କଣ୍ଡେୟ ମୁନିଙ୍କର ଗୁଣାଶ୍ରୟେ ଗୁଣମୟେ ଏହି ପଦ ଦୁଇଟି ପ୍ରତି ତୀକ୍ଷ୍ଣଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ । ବର୍ତ୍ତମାନ ଆମ୍ଭମାନଙ୍କ ଦେଶର ଶିକ୍ଷାପଦ୍ଧତି ଅନୁପଯୁକ୍ତ ବୋଲି ସମସ୍ତେ ସ୍ୱୀକାର କରିବାକୁ ଲାଗିଲେଣି । ତହିଁ ସଙ୍ଗେ ସଙ୍ଗେ ତାହାର ପରିବର୍ତ୍ତନ ପାଇଁ ତୁମୁଳ ଆନ୍ଦୋଳନ ଚାଲିଅଛି । ତଥାପି ଏହି ପ୍ରଚଳିତ ଶିକ୍ଷା ପଦ୍ଧତି ପୁରୁଷ ଜାତି ଅପେକ୍ଷା ନାରୀଜାତିକୁ ବହୁ ପରିମାଣରେ ବିପଥଗାମିନୀ କରାଇ ଦେଉଅଛି । ନାରୀ ସ୍ୱାଧୀନତା ବଦଳରେ ଯେତେବେଳେ ନାରୀ ପ୍ରାଧାନ୍ୟତା ଶବ୍ଦ ଉଦ୍‌ଘୋଷିତ ହେବ ସେତେବେଳେ ଯାଇଁ ଭାରତୀୟ ନାରୀ ଶିକ୍ଷାର ପ୍ରାରମ୍ଭ ହେବ । ନାରୀଜାତିର ପ୍ରାଧାନ୍ୟ ପ୍ରତି ପଦେ ପଦେ ଅକ୍ଷରେ ଅକ୍ଷରେ ସତ୍ୟ ବୋଲି ପ୍ରତିପାଦିତ ହେଉଥିଲେ ମଧ୍ୟ ନାରୀ ସ୍ୱାଧୀନତା ଶବ୍ଦଟି ନାରୀ ସମାଜ ପକ୍ଷରେ ଏକାବେଳକେ ବିଡ଼ମ୍ବନା ବୋଲି କହିଲେ ଚଳେ । କାରଣ ନାରୀଜାତି ସ୍ୱଭାବତଃ ଗୁଣାଶ୍ରୟ ଗୁଣକୁ ଅବଲମ୍ବନ କରି ଚଳି ଥାନ୍ତି । ଅବଲମ୍ବନ ବ୍ୟତୀତ ତିଷ୍ଠି ରହିବା ସେମାନଙ୍କ ପକ୍ଷେ ଅସମ୍ଭବ । ନାରୀଜାତି ସ୍ୱଭାବତଃ ତରଳ ଓ ସ୍ନିଗ୍ଧା ଯେପରି କୌଣସି ତରଳ ପଦାର୍ଥ ଆଧାର ବ୍ୟତୀତ ରହି ପାରିବ ନାହିଁ । ସେହିପରି ନାରୀ ପୁରୁଷକୁ ଅବଲମ୍ବନ ନକରି ରହିପାରିବ ନାହିଁ । ଏହି ସ୍ଥାନରେହିଁ ସବୁ କାଳରେ ଓ ସବୁ ସ୍ଥାନରେ ପୁରୁଷ ନାରୀର ସଂଘର୍ଷ ହୋଇଥାଏ । ନାରୀଜାତିର ପ୍ରାଧାନ୍ୟ ସ୍ୱୀକାର ବ୍ୟତୀତ ପୁରୁଷ ଜାତି ମ୍ରିୟମାଣ ଓ ଜଡ଼ ବସ୍ତୁ କହିଲେ ଚଳେ ପକ୍ଷାନ୍ତରେ ସେହି ଜଡ଼ ବସ୍ତୁ ବା ପୁରୁଷ ଜାତିକୁ ଅବଲମ୍ବନ ନ କରି ନାରୀଜାତିର ସ୍ଥିତି ଅସମ୍ଭବ । ଏଣୁ ଉଭୟ ଜାତି ପରସ୍ପରକୁ ପ୍ରେମାଲିଙ୍ଗନ ନ କରିବା ଯାଏ ସମାଜର କୌଣସି କାର୍ଯ୍ୟ ଚଳିବ ନାହିଁ । ଉଦାହରଣ ସ୍ୱରୂପ ଲତାର ସ୍ୱାଧୀନ ବିକାଶ ଅଛି—ତାହାର ସୌନ୍ଦର୍ଯ୍ୟ ମଧ୍ୟ ଅଛି—ପ୍ରାଧାନ୍ୟ ମଧ୍ୟ ଅବଶ୍ୟମ୍ଭାବୀ ତଥାପି ତାର ବିକାଶର ଆରମ୍ଭ ବେଳେ ତାହା ପାଖରେ ସଜୀବ ବା ନିର୍ଜୀବ କୌଣସି ଗୋଟିଏ ଉପଯୁକ୍ତ ଅବଲମ୍ବନ ଯୋଗାଇ ଦେବାକୁ ହେବ । ନଚେତ ସେହି ଲତାର ପୂର୍ଣ୍ଣ ବିକାଶ ଅସମ୍ଭବ ହୋଇ ପଡ଼ିବ ।

ଅବଲମ୍ବନଟି ଯେତିକି ପରିମାଣରେ ସୁସୌନ୍ଦର୍ଯ୍ୟପୂର୍ଣ୍ଣ ହୋଇଥିବ ଲତାଟିର ବିକାଶ ସେତିକି ସୌଷ୍ଠବାନ୍ୱିତା ହେବ, ଏଥିରେ ସନ୍ଦେହ ନାହିଁ । ଲତାକୁ ସ୍ୱାଧୀନ ଭାବରେ ଛାଡ଼ିଦେବା ମଧ୍ୟ ବିଡ଼ମ୍ବନା । ଲତାର ସ୍ୱାଭାବିକଗୁଣ ସେପାଖରେ ଯାହାକୁ ପାଇବ ତାକୁଇ ଅବଲମ୍ବନ କରି ବିକସିତ ହେବାକୁ ଲାଗିବ । ସେହିପରି ଜଗତରେ ନାରୀକୁ ଏକାବେଳକେ ସ୍ୱାଧୀନା କରି ଛାଡ଼ିଦେଲେ ଘୋର ଅନିଷ୍ଟ ଅବଶ୍ୟମ୍ଭାବୀ କାରଣ ସେ ହୁଏତ ଅବଲମ୍ବନ ନ ପାଇ ଏକାବେଳକେ ବିକସିତ ହୋଇ ପାରିବ ନାହିଁ । ନଚେତ ଅନୁପଯୁକ୍ତ ଅବଲମ୍ବନ ସାହାଯ୍ୟରେ ବିକୃତ ଅଙ୍ଗ ବିଶିଷ୍ଟା ହୋଇଯିବ । ତେଣୁ ସମାଜ ରକ୍ଷକମାନେ ଏହି ଭାବକୁ ତୀକ୍ଷ୍ଣଦୃଷ୍ଟି ଦେଇ ନାରୀଶିକ୍ଷା ପଦ୍ଧତି ଗଢ଼ିବା ଆବଶ୍ୟକ ।

(କ୍ରମଶଃ)

Digitized by srujanika@gmail.com




ଅସ୍ୱାଭାବିକ ନୁହେଁ । କିନ୍ତୁ ଘଟଣାର ପରିକ୍ରମଣ ବଡ଼ ଅସ୍ୱାଭାବିକ ହୋଇ ପଡ଼ିଛି, ସେଥିକୁ ଗ୍ରହଣ କଲେ ବି ଏମ ନିଗ୍ରହ ନାମ୍ନୀ ଗଳ୍ପଟିରେ ସବ୍‌ହକାର ଯେପରି ଅକସ୍ମାତ ପରିସମାପ୍ତି ହୋଇଛି ଆପଣାର ମଧ୍ୟ ସେଇପରି ।

'ସକାଳ ଧୂଅ' ଗପଟି ଭଲ ଲାଗିଲା କିନ୍ତୁ 'ଏଇ ନେଇ' କଥାଟା କେଉଁଠୁ ଧାର୍ ଆଣିଛନ୍ତି ଲେଖକ ?

ଏ ସଂଖ୍ୟାରେ ପଣ୍ଡିତ କୃଷ୍ଣଚନ୍ଦ୍ର ଓଡ଼ିଆଙ୍କ ପଇଁ ପୃଣି ମଧ୍ୟ ଖେଳାଇଛନ୍ତି । ବୁଢ଼ା କାଳରେ ବାଳ ପ୍ରେସର ନହେଲେ ରକ୍ଷା

ପ୍ରବନ୍ଧଗୁଡିକ ମଧ୍ୟରେ ପ୍ରଁଭମା' 'ଇଂରୀୟ-ଭାବାଦ' ଓ ଓଡ଼ିଆ ଝିଅ ' ବିଶେଷ ପ୍ରଣିଧାନ ଯୋଗ୍ୟ ।

## ନବଭାରତ ପଞ୍ଚମବର୍ଷ ପ୍ରଥମସଂଖ୍ୟା

ନୂଆବର୍ଷରେ ପ୍ରଚ୍ଛଦ ପଟର ପରିକଳ୍ପନାଟି ଚମତ୍କାର ହୋଇଛି । ଶିଳ୍ପୀଙ୍କର କଳାକୁଶଳତା ତଥା ସଂପାଦକଙ୍କର କଳାରୁଚି ଉଭୟ ପ୍ରଶଂସାଯୋଗ୍ୟ ,କିନ୍ତୁ ମଝିରେ ମେଡ଼ିଙ୍ଗ୍ ରେଙ୍କ ବର୍ଡ଼ର ଦିଆ ଯାଇଛି ତାହା ବଡ଼ ଅସୁନ୍ଦର । ନବଭାରତର ସେଥିରେ ଯଦି ଛଙ୍କା ନେଣ ଦେଣର ସୁବିଧା ହେଉଥାଏ ତେବେ ତାହାରି ଆପତ୍ତି କରିବାର ନାହିଁ ।

ସଂଖ୍ୟାରେ ପ୍ରଥମ ସ୍ଥାନ ଦିଆ ଯାଇଛି କାଳିନ୍ଦୀବାବୁଙ୍କର ଯାଦୁଘର । ଆଜିକାଲି ଧର୍ମକୁ ପୋଡ଼, ଭଗବାନଙ୍କୁ କାଟ, ସର୍ବହରା ଉଠ, ଧନୀଙ୍କର ରକ୍ତ ପିଅ ଯୁଗରେ ଏ କବିତାକୁ ଆଗରେ ନଦେଲେ ମାନନ୍ତା କିପରି ? ତା ପରେ ପୁଣି କାଳିନ୍ଦୀବାବୁଙ୍କ ଲେଖା !

ଅଧ୍ୟାପକ ଗିରିଜାଶଙ୍କର ଓଡ଼ିଆରେ ଅନୁନାସିକ ଗୋଟିଏ ଗବେଷଣାପୂର୍ଣ୍ଣ ପ୍ରବନ୍ଧ । ନିଜେ କିମ୍ବା ନିଜର ଘରଅଡ଼େ କେହି ଅନୁନାସିକ କଥା କହୁନଥିଲେ ଏ ସବୁ ତଥ୍ୟ ବାହାର କରିବା ବଡ଼ ସହଜ ନୁହେଁ । ଅବଶ୍ୟ ଅଧ୍ୟାପକ ମହାଶୟଙ୍କର ସେପରି ସୁବିଧା ନହୋଇଥିଲେ ମଙ୍ଗଳ । କିନ୍ତୁ ଅଧ୍ୟାପକଙ୍କର ଏଭଳି ଦାନ ନିମନ୍ତେ ଓଡ଼ିଆସାହିତ୍ୟ ତାଙ୍କ ନିକଟରେ ଅବଶ୍ୟ ଋଣୀ ।.

ଇନ୍‌କ୍ଲାଇଲବ୍ ଜିନାବାଦ ପ୍ରବନ୍ଧ ଅସରନ୍ତି —ନା ଭୁଲ ହେଲା— ସରନାହିଁ । ସୁତରାଂ ସେ ବିଷୟରେ ବେଶୀ କିଛି କହିବା ଉଚିତ ନୁହେଁ । 'କିନ୍ତୁ ପଡ଼ୋଶୀ ଘରର ଶ୍ରୀ ଦେଖି ତାପରି ବଡ଼ ହେବାକୁ ଚେଷ୍ଟା କରିବା ମୋର ଜନ୍ମଗତ ଅଧିକାର ।' ଲେଖକଙ୍କର ଏ ବାକ୍ୟକୁ ମାନିନେଲେ ଲେଖକ ଏ ସୀମିତ ପୃଥିବୀଟାକୁ ଆଉ ଟିକିଏ ବଢ଼ାଇ ଦେବାର ଚେଷ୍ଟା କରିବେକି ?

ରାଜକିଶୋରରାୟଙ୍କ ସତୀ ସ୍ୱନ୍ଦମ୍ମ କବିତା ଆମ୍ଭେମାନେ ପଢ଼ିଲୁଁ । ଭାଷାଟି ସରଳ ଏବଂ ସୁନ୍ଦର । କିନ୍ତୁ ଅନୁପ୍ରାସ ଦୋଷ ଯଥେଷ୍ଟରୁ ବେଶୀ । ଭାବ ପ୍ରକାଶ ମଧ୍ୟ ସେପରି ସ୍ୱଚ୍ଛନ୍ଦ ନୁହେଁ ।

ଅବଧୂତଙ୍କ ସ୍ମୃତି ଗଳ୍ପଟି ଗୋଟିଏ ନୂଆ ଦୃଷ୍ଟି କୋଣରୁ ଲେଖା ।

'ଗୋଟିଏ ଘଟଣା' ବାଲେ ଗୋଟିଏ ସଳ୍ପ ଗଳ୍ପଟିର ତାତ୍ପର୍ଯ୍ୟ ବୁଝି ହେଲା ନାହିଁ ।

## ସହକାର ୧୯ଶ ଭାଗ ୪ର୍ଥ ସଂଖ୍ୟା

ନବଭାରତ ସଙ୍ଗରେ କମର କଷିଛି । ତାର ଓ୍ୱାର୍ଦ୍ଧା ଶିକ୍ଷା ପଦ୍ଧତି ଓ ସ୍ୱାର ବ ଓ୍ୱାର୍ଦ୍ଧା ଶିକ୍ଷା ପଦ୍ଧତି । ତାର ସୁଏଜ କେନାଲ୍ ହେଲା ତ ସ୍ୱାର ପାନାମା କେନାଲ, ତାର ଚଉପାର କଭରକୁ ସ୍ୱାର ସତରଞ୍ଜି କଭର । ତାର 'ଲେଉବ ପଚଣ ତୋର ଦେବତା ପରଶମଣି'କୁ ସ୍ୱାର' ଶ୍ରାବଣ ଝମିର କୋଳେ ତେଣୁ ମରଣ ଶୀତଳ ପରବେଶ ।'ସାବାସ !

ଯାହାହେଉ ଏସଂଖ୍ୟାର ସହକାର ଅନେକ ଗୁଡ଼ିଏ ସୁଚିନ୍ତିତ ପ୍ରବନ୍ଧରେ ପୂର୍ଣ୍ଣ । ପଦ୍ୟମାନଙ୍କ ମଧ୍ୟରୁ ଝଡ଼ ଓ ଯାହା ଲାଗେ ଦୁଇଟି ଉଚ୍ଚ କୋଟିର ପଦ୍ୟ ।

'ତୋଫାନ' ଗଳ୍ପର ଲେଖକ ରତାକଣ୍ଠା ପ.ଠକଙ୍କୁ ରତା କାଟିଦେଇଛନ୍ତି ବେଶ । କ୍ଷୁଦ୍ର ଗଳ୍ପରେ ଗୋଟାଏ ଉଦ୍ଦେଶ୍ୟ ରଖି ସମ୍ପୂର୍ଣ୍ଣ ଭିନ୍ନ ପରିସ୍ଥିତିରେ କଥା ବସ୍ତୁ ଆରମ୍ଭ କରିବା ଆଦୌ ସୁନ୍ଦର ନୁହେଁ ।

ଆଜିକାଲି ସର୍ବହରାର ଯୁଗ ଆସୁଛି ତେଣୁ କବିଚନ୍ଦ୍ରଙ୍କର ସର୍ବହରାର କାହାଣୀ ଲେଖିବା ହବି (hobby) ହେବାଟା ଅସ୍ୱାଭାବିକ ନୁହେଁ ।

ପ୍ରତୀକ୍ଷା— ଶ୍ରୀ କାହ୍ନୁଚରଣ ମହାନ୍ତିଙ୍କ ଦ୍ୱାରା ଲିଖିତ, ପ୍ରଗତି ସାହିତ୍ୟ ମନ୍ଦିରର ଦ୍ୱିତୀୟ ଅର୍ଘ୍ୟ; ମୂଲ୍ୟ ଅଠଅଣା ଗଳ୍ପର ବିଷୟ ବସ୍ତୁ ପୁରୁଣା କାଳିଆ, ଅର୍ଥାତ ଐତିହାସିକତାର ଗନ୍ଧ ଅଛି— ମାତ୍ର ଠିକ ଐତିହାସିକ ନୁହେଁ । ଲେଖକ ଯେ ଏଥିରେ କଣ ଫୁଟାଇବାକୁ ଯାଇଛନ୍ତି ତାହା ଧରିବା କଠିନ । ଜୟନ୍ତୀର ତ୍ୟାଗ ନା ଜୟନ୍ତୀର ଯୌନ କ୍ଷୁଧା— ଅର୍ଜୁନର ବୈରାଗ୍ୟ ନା ଅର୍ଜୁନର ପ୍ରେମ – ବିଜୟର ମହତ୍ତ୍ୱ ନା ବିଜୟର ଲମ୍ପଟ୍ୟ ? ବିଷୟରେ ଯେପରି ସ୍ୱାଭାବିକତାର ମଲୁଡ଼ି, ଭାଷାରେ ସେହିପରି ସ୍ୱାଚ୍ଛନ୍ଦ୍ୟର ମହରଗ । ପୁଅ ଆଗରେ ମା' ନିଜର ଟେଲିଫୋନଗ ଗେ.ତଖସା ( slips ) ତଳ ହିଙ୍କି ଜାଣି କରି କହାଣିଟା ଢେକାଳ ଅସ୍ୱାଭାବିକ, ଅସମ୍ଭବ ଅମାର୍ଜିତ ନୁହେଁ— କୁତ୍ସିତ ଜଘନ୍ୟ ଓ କିଭତ୍ସ କହିଲେ ଚଳେ । କେଉଁ ସୌନ୍ଦର୍ଯ୍ୟ ଏହି ଦେଖି, କେଉଁ ମଧୁର ରସ ଚାଖି ପାଠକ ମୁଗ୍ଧ ହେବେ, ତୃପ୍ତି ଲଭିବେ ? ଏ କଣ ଆର୍ଟର ପ୍ରଗତି ନା ପତନ ?

Digitized by srujanika@gmail.com

# କୋଷ୍ଠୀ ବିଚାର ।

## ପଣ୍ଡିତ ଜବାହାର ଲାଲ

(ପ୍ରକୃତ)

ଏ ଜାତକଙ୍କ ପ୍ରକୃତ ନୋଟରେ ଅଗ୍ନି ଗର୍ଭ । ଅଗ୍ନେୟଗିରି ତୁଲ୍ୟ ଧୀର ପ୍ରକାଶ ଓ ଅନ୍ତର ଉତ୍ତେଜନାପୂର୍ଣ । ପ୍ରେମିକ, ଭାବପ୍ରବଣ, ତଡ଼ିତ ଚମକବତ୍‍ କ୍ଷିପ୍ର ଓ ତେଜୋମୟ । ଚଞ୍ଚଳ ସାଗର ସଦୃଶ ଚଞ୍ଚଳ ହୋଇପାରେ । କ୍ଷଣକେ ପ୍ରଶାନ୍ତ ମାତ୍ର ଅଳ୍ପ ବାୟୁ ପ୍ରବାହ ସଂଘାତରେ ଊର୍ମିମାଳା ବିକ୍ଷୁବ୍ଧ ହେବାର ସମ୍ଭାବନା । ଏବ୍ୟକ୍ତି ସାମାନ୍ୟ କାରଣରେ ହର୍ଷ ବା ବିଷାଦର ବଶବର୍ତ୍ତୀ ହୁଅନ୍ତି ଓ ଅପଣା ମନକୁ ଅପଣାର ସ୍ୱର୍ଗ ବା ନରକ ସୃଷ୍ଟି କରନ୍ତି । ଭାବାବେଗରେ ଏମାନେ ଜୀବନ ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ ।

ପୂର୍ବ ଜନ୍ମ ବିବରଣ ।

ତ୍ରେତା ଯୁଗରେ ବାଳୀପୁତ୍ର କିଷ୍କିନ୍ଧ୍ୟାର ଯୁବରାଜ ଅଙ୍ଗଦ ନାମରେ ଏ ପ୍ରସିଦ୍ଧ ଥିଲେ ଓ ବୀରତ୍ୱ, ନିର୍ଭୀକତା, ରାମଭକ୍ତି ଆଦି ସଦ୍‌ଗୁଣ-



ମାନ ଏହାଙ୍କଠାରେ ବିରାଜମାନ ଥିଲା । ଭଗ-ବାନ ରାମଚନ୍ଦ୍ରଙ୍କ ଚରଣରେ ଅକପଟ ଆତ୍ମସମର୍ପଣ କରିଥିଲେ ମଧ ରାମଙ୍କୁ ପିତୃହନ୍ତା ବୋଲି ଭୁଲି ପାରି ନଥିଲେ ଏବଂ ସର୍ବଦା ପ୍ରତିଶୋଧର ଝର ଅକାଂକ୍ଷା ତାଙ୍କ ହୃଦୟରେ ଜାଗରୁକ ଥିଲି ।

ଏହି କାରଣରୁ ସେ ଦ୍ୱାପରରେ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରି ଅଶ୍ୱତ୍ଥାମା ନାମରେ ପ୍ରସିଦ୍ଧି ଲାଭକଲେ । ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରିୟତମ ଭଗିନେୟ ଅଭିମନ୍ୟୁଙ୍କୁ ସପ୍ତରଥୀ ମେଳରେ ଏ ବିନାଶ କରି ପୂର୍ବଜନ୍ମ ବାସନା ପୂରଣ କଲେ । ପୁଣି ରାତ୍ରକାଳରେ ଦ୍ରୌପଦୀଙ୍କ ନିଦ୍ରିତ ପଞ୍ଚପୁତ୍ରଙ୍କୁ ବିନାଶ କରନ୍ତେ ଧର୍ମପୁତ୍ର ଯୁଧିଷ୍ଠିର ତାଙ୍କୁ ବରଦେଲେ କି ତୁମ୍ଭେ ଅହିଂସୁକ ହୋଇ ଯାଅ । ତଦନନ୍ତର ସେ ରୁଷ ଦେଶର ତୁଷାରାବୃତ ଉତ୍ତରାଞ୍ଚଳ ମେରୁ ପ୍ରଦେଶରେ ଶ୍ୱେତ ଭଲ୍ଲୁକ ଦେହ ଧାରଣ କରି ଜନ୍ମଗ୍ରହଣ କଲେ । ଯୁବାବସ୍ଥାରେ ତହିଁ ସେ ଏକ ଶ୍ୱେତ ଭଲ୍ଲୁକୀକୁ ସଙ୍ଗିନୀରୂପେ ପାଇ ସୁଖ—ବିହାର କରୁଥିଲେ । ଏମନ୍ତ କାଳରେ ଇଂଲଣ୍ଡ ନିବାସୀ ଏକ ଜମିଦାର (ଲର୍ଡ) ସେ ସ୍ଥାନକୁ ଶିକାର ନିମନ୍ତେ ଅସିଲେ । ଏହି ଭଲ୍ଲୁକ ଦମ୍ପତିଙ୍କୁ ଦେଖିପାରି ସେ ଅଗ୍ନେୟାସ୍ତ୍ର ନିକ୍ଷେପ କଲାରୁ ସେ ଗୋଲି ଜାଗ୍ର ଭଲ୍ଲୁକୀକାରେ ବାଜି ସେ ପ୍ରାଣତ୍ୟାଗ କଲା । ତହୁଁ ନର ଭଲ୍ଲୁକ ସେପି ଶିକାରୀ ଇଂରେଜଙ୍କୁ ଆକ୍ରମଣ କରନ୍ତେ ସେ ବର୍ଚ୍ଛାଦ୍ୱାରା ଭଲ୍ଲୁକକୁ ଅଘାତ କଲେ । ଯୁଧିଷ୍ଠିରଙ୍କ ବର ପ୍ରଭାବରୁ ସେ ଭଲ୍ଲୁ ଅହିଂସ ଅସହଯୋଗ ଏବଂ ନିଷ୍କ୍ରିୟ ପ୍ରତିରୋଧ ଦ୍ୱାରା ଆତତାୟୀର ହୃଦୟ ପରିବର୍ତ୍ତନ କରିବାକୁ ଯତ୍ନକଲେ । ମାତ୍ର ତାହା ସଫଳ ନହେବାରୁ ସେ ବିରକ୍ତ ହୋଇ ଅନଶନ ବ୍ରତ ଧାରଣ କଲେ ଏବଂ ମୃତ୍ୟୁ କାଳରେ ସେ ହିଂସାଭାବ ପୋଷଣ କରି ଦେହତ୍ୟାଗ କଲେ । ଏହି ଅନ୍ତିମ ଚିନ୍ତା ଓ ସ୍ୱଦେଶ ରୁଷ ପ୍ରୀତି ତାଙ୍କ ହୃଦୟକୁ ଆଲୋଡ଼ିତ କରୁଥିଲା । ମାତ୍ର ଶକ୍ତି ଥାଉଁ ଥାଉଁ ହିଂସାବାଦୀ ଶତ୍ରୁକୁ ଅଘାତ ନକରିବା ପୁଣ୍ୟରେ ସେ ପବିତ୍ର ଆର୍ଯ୍ୟାବର୍ତ୍ତର ଗଙ୍ଗା କୂଳରେ ବ୍ରାହ୍ମଣ ବଂଶରେ ଜନ୍ମଗ୍ରହଣ କଲେ ଏବଂ ଯୁଧିଷ୍ଠିରଙ୍କ ଅବତାର ଗାନ୍ଧୀଜୀଙ୍କୁ ଗୁରୁ ରୂପେ ଗ୍ରହଣ କଲେ । ଗୁରୁ-ଦେବଙ୍କ ପ୍ରଭାବରେ ହିଂସାଭାବ ତୁଷାରାବୃତ୍ତ ବହ୍ନି ବତ୍ ତାଙ୍କ ଅନ୍ତରରେ ପ୍ରଚ୍ଛନ୍ନ ହୋଇ ରହିଲା । ଭାରତକୁ ରୁଷ ରୂପରେ ପରିଣତ କରିବା ଏହାଙ୍କ ଅନ୍ତରର ବାସନା ।

## ଜରୁରି ଆବଶ୍ୟକ

ନୂଆ ଗୁଜବ                ବେକାର ବଞ୍ଚିଲେ

## WANTED.

କୋଠାଏ urgent ବୋଝ ବୋହିବା ପାଇଁ ଜଣେ କାନ୍ଧୁଅ ଦରକାର । ଖୁବ୍ ବେ ବେହେସ କାନ୍ଧେଇବାର ବୋଝକୁ ତିନିଜଣ କାନ୍ଧେଇ ଗ୍ଳାନିଥିବାରୁ ଅଙ୍ଗାଭିର ପଡ଼ୁଛି ଓ ଏବଂ ତଦ୍ୱାରା ଜାତିକୁ ଚପଟ ହେଉଛି ଅଧିକ । ଗ୍ଳାନି ବ ହୋଇ ପାରୁ ନାହିଁ । ମାସକୁଅରା ୫୦୦ ମୁଦ୍ରା ଛଡ଼ା ଖୋରାକ ମିଳିବ ଓ ନେଇ-ଅଣି ଥୋଇ ପାରିଲେ ଲାଭ ଅଛି ହେବ । ମାନ ଖାତର ଅଧିକାରେ ଅଧିକା ।

ଅବେଦନକାରୀଙ୍କର ନିମ୍ନଲିଖିତ ଯୋଗ୍ୟତା ବା ମାତୃତ୍ୱର ଥିବା ଅବଶ୍ୟକ ।

୧ । ନାଳିକତେଟ ମାରିବାରେ ପଟୁତା ।

୨ । ବୋଲକୁଲ ନିପୁଣତା (କାରଣ ବାକି ତିନିଜଣଙ୍କର ଅରୁଢ଼ ଆରୁଢ ଦୋଷ ଓ 'ମୂଳଂ ବାଧତି' ଦୋଷ ଅଛି ।)

୩ । ଖେଞ୍ଚା ଗାଳି ଓ ଖୁଣ୍ଟାମାରି ଜାଣିବା ।

୪ । ଚଉଷଠି କଳାରେ ପାଂଡ଼ିତ୍ୟ

୫ । ନବରତ୍ନ ମଣ୍ଡଳୀର ସଭ୍ୟ ।

୬ । ବାଇଗଣ ପଡ଼ିବାନ୍ଧୁ ।

୭ । ଯୋଗ ଦୁରସ୍ତି ।    ୮ । ମିଶା ବର୍ଣ୍ଣିଜ୍ଞ ।

୯ । ନିଶ୍ୱାଥିଲେ ଚଳପାରେ ମାତ୍ର ଦାଡ଼ି ବର୍ଜନୀୟ

୧୦ । ଭବିଷ୍ୟତ କାଳର ଚିନ୍ତା ଛଡ଼ା ଅତୀତ ଓ ବର୍ତ୍ତମାନ ଜାଣି ନଥିବେ ।

ଅସ୍ଥାନ—କଲେଜ ରଙ୍ଗମଞ୍ଚ
ଗଡ଼ମିଅଗଞ୍ଜ, ଶ୍ରୀନଗର

---

### ଢ଼ମାଳି *

ମୂଳ ନେଇ କରେ ଯେହୁ ମୁନିବର କାମ,
ମୁନିବ ହୋଇ 'ଗୁଜର' ଅଟେ ତାର ନାମ,
ମୂଳ ନେଇ ଖଟେ ପୁଣି ନୁହଇ ଗୁଜର,
ଏ ଭଳି କିଏ ସେ ତାହା କହିବ ମୁକର,
+        ×        ×
ଜମିଦାର କରି ଏଣେ ଜୀବିକା ଅରଜେ,
କୃଷକ ସଭାରେ ପୁଣି ବିକଟ ଗରଜେ,
କେତେ ଜଣ ଛନ୍ଦ କରି ଦେଶ ହିତ କାର୍ଯ୍ୟ,
ଗଣି ଯେ କହିବ ତାରେ ଯାଉଁ ବଳିହାର ।

---

* ଉତ୍ତର ସମସ୍ତେ ଠିକ୍ କରି ରଖିବେ । ପର ସଂଖ୍ୟା ଢ଼ଗରରେ ଠିକ୍ ହେଲେ ମେଳାଇ ବନେ଼ବେ ।—          ସଂପାଦକ

Digitized by srujanika@gmail.com




ଡଗର ସମ୍ପାଦକ ମହୋଦୟ ସମୀପେଷୁ—

ମହାଶୟ !

ଗଲ ବର୍ଷ ଓଡ଼ିଶାର ହଜାର ହଜାର ଗୁବ ଅଣିଆ କଂଗ୍ରେସ ମେମ୍ବରଙ୍କ କୌଶଳରେ କର ହୋଇଥିଲେ ତାହା ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି । ନେତାମାନଙ୍କର ଏହି ସତ୍ୟ ଓ ନ୍ୟାୟ ମାର୍ଗ ମହାତ୍ମାଜୀଙ୍କ କାନରେ ବି ପଡ଼ୁଛି ଏବଂ ସେ ବିରକ୍ତ ହୋଇ ଯାହା କହୁଛନ୍ତି ତାହା ବି ସମସ୍ତେ ଜାଣନ୍ତି । ସେ କହିଥିଲେ "ବରଂ ଅତି ଅଳ୍ପ ସଂଖ୍ୟାରେ କଂଗ୍ରେସ ମେମ୍ବର ହୁଅନ୍ତୁ କ୍ଷତି ନାହିଁ; ସେମାନେ ଖାଣ୍ଟି ସତ୍ୟବ୍ରତ ଧାରୀ ହୋଇଥିଲେ ତାଙ୍କର ଦ୍ୱାରା ଅମର କାମ ହେବ । ମାତ୍ର ଜାଲ, ଜୁଆଚୁରି, ଛଳନା କରି ଗୁଡ଼ାଏ ମେମ୍ବର କରିବାରେ କଂଗ୍ରେସର ସମୂହ ହାନି ।"

ଏହା ସତ୍ତ୍ୱେ ପୁଣି ଏ ବର୍ଷର ମେମ୍ବର କରିବା ପାଇଁ ଅଗ କୌଶଳର ଜାଲ ମେଲ ସ୍ଥାନେ ସ୍ଥାନେ ଆରମ୍ଭ ହୋଇ ଗଲଣି । କେହି କେହି ଯାହାଠାରୁ ପାରି ତାହାଠାରୁ ମେମ୍ବର ବହିରେ ଦସ୍ତଖତ୍ କରାଇ ନିଅନ୍ତି ଓ ୫ ଟଙ୍କାଟା ହାତରୁ ଦାଖଲ କରି ଦେଇ ବାକି ୫ ର ଗୋଟାଏ ମନଗଢ଼ା ଖରଚ ଦେଖାଇ ଦିଅନ୍ତି । ଏଥିରେ ଯାହାହେଉ ରକ୍ଷା ଅଛି । ମାତ୍ର ଦ୍ୱିତୀୟ ଉପାୟଟା ଅଧିକ ନୀଚ ଓ ଜୁଆଚୁରି ପୂର୍ଣ୍ଣ । ସେଥିରେ ଦୁଇ ଗୁବ ନେତା ମିଳି ଗୋଟାଏ ଗ୍ରାମ ସମ୍ମିଳନୀ, ଥାନା ସମ୍ମିଳନୀ ବା ପ୍ରଗନା ସମ୍ମିଳନୀ ଅଥବା ଚାଷୀ ସମ୍ମିଳନୀ ନାମରେ ଡାଲି ଚାଉଳ, ପରିବା, ପଇସା ଚାନ୍ଦା ଉଠାନ୍ତି । ଏଥିରୁ ଅତି ଅଳ୍ପ ମାତ୍ର ଖରଚ କରନ୍ତି ଓ ବେଶି ମାଲ ଆତ୍ମସାତ୍ କରନ୍ତି । ଆଉ କିଛି ବଳକା ଟଙ୍କା ଜିଲ୍ଲାସମିତିରେ ଦାଖଲ କରି ଦେଇ ଏତେ ଶହ ବା ଏତେ ହଜାର ମେମ୍ବର ଆମେ କରୁଛୁଁ ବୋଲି ତାଲିକା ଦିଅନ୍ତି । ସେ ତାଲିକାରେ ନାମ ଥିବା ଲୋକଙ୍କୁ ପଚାରିଲେ ସେଥିରୁ ଶତକଡ଼ା ୯୦ ଲୋକ କିଛି ଜାଣି ନାହାନ୍ତି ବୋଲି କହିବେ ।

ଏହି ଦୁର୍ନୀତି ଦ୍ୱାରା ମେମ୍ବର ସଂଖ୍ୟା ବଢ଼ାଇ ଲାଭ କଣ ? ଏଥିରେ ଗାନ୍ଧିଙ୍କ କଂଗ୍ରେସ ଦୁର୍ବଳ ହେଉ ନାହିଁ କି ? ଏହି ସବୁ ନିବାରଣ ପାଇଁ ତ ଗାନ୍ଧିଜୀ ଏଥର ଅପଣା ବିଶ୍ୱାସୀ ଲୋକ ଗୋପବନ୍ଧୁ ଚୌଧୁରୀଙ୍କୁ ସଭାପତି କରାଇଛନ୍ତି । ତାଙ୍କର ସେବାସଂଘ ଲୋକେ ଯେ ଏହିକଥା କରୁଛନ୍ତି ତାହା ତାଙ୍କୁ ମାଲୁମ ଅଛି ନା ? ନା ସେମାନେ ସେବାସଂଘରେ ନାମ ଲେଖାଇ ଥିବା ହେତୁ ନିର୍ମଳ ଗଙ୍ଗାଜଳ ପାଲଟି ଗଲେଣି ? ଯାହା କରିବେ ପାପ ଛୁଇଁବ ନାହିଁ ? ଏହାର ପ୍ରତିକାର ଅଛି, ନା କଂଗ୍ରେସ ଏବେ ଏହି ନୀତି ଧରିଲାଣି ବୋଲି ବୁଝିବାକୁ ହେବ ? କେହି ଉତ୍ତର ଦେବ କି ?

ଆପଣଙ୍କର
ଜଣେ ପୁରୁଣା ଗ୍ଲେଟିଅ କଂଗ୍ରେସବାଲା ।

ପତ୍ର ପ୍ରେରକ ବୋଧହୁଏ ଭୁଲି ଯାଉଛନ୍ତି ଯେ ଯିମିତି ହେଲେ ଏଥର ଲକ୍ଷ ଲକ୍ଷ କରିବା ଦରକାର । କର୍ଜଂ କୂଳ ରଖିବାକୁ ହେବ । ଡ: ସ:

ପ୍ରିୟ ଡଗର ସମ୍ପାଦକ ମହାଶୟ !

ସର୍ବାଗ୍ରେ ଏହି ଅପରିଚିତ ବନ୍ଧୁର ଅଭିବାଦନ ଗ୍ରହଣ କରନ୍ତୁ । ଦ୍ୱିତୀୟ ବର୍ଷ ଆଷାଢ଼ ପ୍ରଥମାର୍ଦ୍ଧ ତୃତୀୟ ସଂଖ୍ୟା ଡଗରରେ ଆପଣଙ୍କ ଉମା ନନାଙ୍କ ଶଠାଉରେ ଆମ ଅନ୍ଧାରି ମୁଲକ କଥା ଲେଖା ଥିବାରୁ ସେ ସମ୍ବନ୍ଧରେ ପଦେ ଅଧେ କହିବାକୁ ବାଧ୍ୟ ହେଲି ।

ସ୍ତ୍ରୀୟାଶ୍ଚରିତ୍ରଂ ପୁରୁଷସ୍ୟ ଭାଗ୍ୟଂ
ଦେବା ନ ଜାନନ୍ତି କୁତୋ ମନୁଷ୍ୟାଃ ।

ଆମ ଛାୟାବାଦୀଙ୍କ ଛାୟାରୁ ଗନ୍ଧିଅଧର୍ମ ବାହାରୁଥିବା କଥା ଆପଣଙ୍କ ଉମା ନନା କାହୁଁ ଜାଣିଲେ ? ଧର୍ମର [illegible] ବସ୍ତୁ କି ? ଏଥିରୁ ଜଣାଯାଏ ଆପଣଙ୍କ ଉମା ନନା କୌଣସି ପ୍ରକାରେ ସେମାନଙ୍କ ଗନ୍ଧିଅ ଧର୍ମକୁ ନିକୃଷ୍ଟ ନାସା ମୂଷ୍ଟରେ ଅପମାନ କରି ଅଛନ୍ତି ।

ଭୂତର ଛାୟା ନ ଥାଇ, ଛାୟା ଥାଏ । ତେଣୁ ଆମ ଅନ୍ଧାରି ମୁଲକରେ ଛାୟାବାଦୀଙ୍କୁ ଆମ୍ଭେମାନେ ଭୂତବାଦୀ (ପ୍ରେତୋପାସକ) କହୁଁ । ଆପଣଙ୍କ ମୁଲକ ଭୂତବାଦୀ ଯେଉଁ ଅପୂର୍ବ ବେଶ ଧରି ଠିକ୍ ରାତିରାତିଅ ସନ୍ଧ୍ୟାବେଳେ ଆମ ଛାୟାବାଦୀଙ୍କୁ ଆସି ଡାକିଲେ, ସେହିବେଳେ ତାଙ୍କର (ଛାୟାବାଦୀଙ୍କର) ଭୟ ଜନ୍ମିବା ସ୍ୱାଭାବିକ କାରଣ—ଜନ୍ମନାଂ ମରଣଂ ଭୟଂ । ତେଣୁ ତାଙ୍କୁ ଦେଖି ଆମ ଛାୟାବାଦୀ ପଚାରିଥିଲେ "ତୁମ୍ଭର କଅଣ ଲୋଡ଼ା ?" ଅନ୍ଧରି ମଧ୍ୟ ସେପରି ରୂପ ଆମ ଛାୟାବାଦୀ ଆମ ମୁଲକରେ କେବେ ଦେଖି ନଥିଲେ ।

ଆପଣଙ୍କ ଉମାନନା କହନ୍ତି—ଆପଣଙ୍କ ଭୂତବାଦୀ କବି ଜଣେ "ବୁଲା ଭିକାରି" । ଏପରି ସ୍ଥଳେ ସେ ପ୍ରକୃତ ପ୍ରକୃତିର ଶୋଭା ଦେଖିବାକୁ ଏ ଅନ୍ଧାରି ରାଇଜକୁ ଆସିଥିଲେ କି ତାଙ୍କ "ବୁଲା ଭିକାରି" ପଦ ସ୍ପର୍ଶ କରିବାକୁ ଆସିଥିଲେ, ଆପଣ ଟିକିଏ ବିଶ୍ୱସ୍ତ ସୂତ୍ରେ ଏକଥା ବୁଝିବେ କି ? ତାଙ୍କର ସ୍ୱାର୍ଥ ସିଦ୍ଧି ନହେଲା ବୋଲି କଣ ଛାୟାବାଦୀ ଦାୟୀ ?

ଆପଣଙ୍କ ଉମା ନନା କହନ୍ତି ଧଡଶ୍ରୀ କାବ୍ୟ, ନାରସୁଣଙ୍କ ଗନ୍ଧିଅ ନାମ । ରସ ଅବଲମ୍ବନ କରି କାବ୍ୟ ଲେଖନ୍ତି କବିମାନେ । କେଉଁ ରସର କାବ୍ୟକୁ ଧଡଶ୍ରୀ କାବ୍ୟ କହନ୍ତି ଆପଣଙ୍କ ଉମା ନନାଙ୍କ ଠାରୁ ଟିକିଏ ବୁଝି ଜଣାଇବେ କି ?

ଆପଣଙ୍କ ଉମା ନନା ନିଶ୍ଚୟ ଆପଣଙ୍କ ରାଇଜ ଭୂତବାଦୀଙ୍କ ସଙ୍ଗେ ଏଠାକୁ ଆସି ନଥିଲେ । ସେ କାହୁଁ ଛାୟାବାଦୀ ଓ ଭୂତବାଦୀଙ୍କର ପ୍ରସଙ୍ଗର ସତ୍ୟାସତ୍ୟ ଜାଣିଲେ ? ଆପଣ ଟିକିଏ ତାଙ୍କୁ ନିମ୍ନୋକ୍ତ ମହନ୍ତିଆ ବାକ୍ୟରେ ପରିବେଢ—

( ଶେଷାଂଶ ୧[illegible] ପୃଷ୍ଠା ଦେଖନ୍ତୁ । )

Digitized by srujanika@gmail.com



ପ୍ରିୟ ନାଗ ଭାଇ ଭଉଣୀମାନେ,

କିଛିଦିନ ତଳେ ଇଂରାଜି ଷ୍ଟେଟ୍ସ୍‌ମେନ ପତ୍ରିକାରେ ଗୋଟିଏ ଖବର ପ୍ରକାଶିତ ହୋଇଥିଲା । ସେ ଘଟଣାଟି ତଳେ ଲେଖୁଛି ।

ଉତ୍ତର ମେରୁ ନିକଟରେ ପୋଲାଣ୍ଡ ନାମରେ ଗୋଟିଏ ଦେଶ ଅଛି । ସେଠି ଏତେ ଥଣ୍ଡା ଯେ ପାଣି ଜମାଟ ବାନ୍ଧି ଯାଏ । ସେ ଦେଶର କୌଣସି ଏକ ଗ୍ରାମରେ ଗୋଟିଏ ପିଲା ଥାଏ । ଯେଉଁ ବେଳର ଘଟଣା ଲେଖୁଛି ସେତେବେଳେ ତାକୁ ମୋଟେ ଛଅବର୍ଷ । ଦିନେ ସାଗ ଭଲ ଥାଏ । ସେଥିପାଇଁ ପିଲାଟିର ମା ନିକଟସ୍ଥ ନଦୀ କୂଳକୁ ତାକୁ ସଙ୍ଗରେ ନେଇ ଲୁଗା କାଚିବାକୁ ଗଲା । କିନ୍ତୁ ନଦୀକୂଳ ପାଣି ତ ବରଫ ପାଲଟି ଯାଇଛି । ମଝିରେ କିନ୍ତୁ ବେଶୀ ପାଣି, ସେଥିଯୋଗୁଁ ସେ ଟିକେ ପାଣି ବାହାର କରିବା ପାଇଁ ବରଫରେ ଗୋଟିଏ ଗାତ ଖୋଳିଲା । କିନ୍ତୁ ଦୁର୍ଯୋଗକୁ ତା ଗୋଡ଼ତଳେ ଥିବା ବରଫ ତା' ଓଜନରେ ଦବିଗଲା । ସେ ପାଣି ଭିତରେ ବୁଡିଗଲା । ସେ ଝଣ୍ଟେ ବରଫ ଖଣ୍ଡକୁ ମୁଠାଇ ଧରିବାକୁ ଚେଷ୍ଟା କଲା । କିନ୍ତୁ ପାରିଲା ନାହିଁ । ପିଲାଟି ତା ମା ଜୀବନ ରକ୍ଷା କରିବା ପାଇଁ ଭୀଷଣ ଚେଷ୍ଟା କରୁଥିବାର ଦେଖିପାରିଲା । କେଜାଣି କାଳେ ପଡିଯିବ ଏଥିପାଇଁ ସେ ଗୁରୁଣ୍ଡି ଗୁରୁଣ୍ଡି ଯାଇ ତାର ମା ପିନ୍ଧିଥିବା ପୋଷାକରେ ହାତ ପାଖଟାକୁ ଖୁବ୍ ଜୋରରେ ଭିଡ ଧରିଲା—ତତ୍ପରେ ସେ ବଡ ପାଟିକରି କାନ୍ଦିବାକୁ ଲାଗିଲା । ତାର କାନ୍ଦୁଣା ଚିତ୍କାର ଶୁଣି ଲୋକେ ଦଉଡି ଆସି ଦେଖିଲେ ତ ପିଲାଟି ଲମ୍ବ ଭାବରେ ଶୋଇ ତାହାର ସମସ୍ତ ଜୋର ଖରଚ କରି ମା'କୁ ଭିଡ଼ି ଧରିଛି । ଲୋକମାନେ ତା ମାକୁ ରକ୍ଷା କଲେ । ବର୍ତ୍ତମାନ ପିଲାଟିର ମା ତା ପୁଅ ପାଇଁ ଗର୍ବ କରେ ।

ଭାଇ ଭଉଣୀମାନେ, ଆମ୍ଭେମାନେ ମଧ୍ୟ ଏଇଠାରୁ ଚେଷ୍ଟା କରିବା ଯେପରି ଆମର ପିତା ମାତା ଓ ଦେଶ ଆମପାଇଁ ଦିନେ ଗର୍ବ କରିପାରିବ— ଇତି ।

ନାଗବନ୍ଧୁ— ଶ୍ରୀ ବସନ୍ତ କୁମାର ବେହେରା

ପ୍ରିୟ ଅଜା !

କଲମ ଧରିଛି ଗୋଟାଏ ପ୍ରସ୍ତାବ ଆଣିବି ବୋଲି କିନ୍ତୁ ମୋର ବଡ ଭୟ ହୁଏ । କାଳେ ଯଦି ଅନ୍ୟ ଭାଇ ଭଉଣୀମାନେ ଏଥିରେ ମତ ନ ଦିଅନ୍ତି । କିନ୍ତୁ ଯେତେ ହେଲେ ବି ନାଗରକ୍ତ ଯେତେବେଳେ ପ୍ରତି ଧମନୀରେ ଖେଳୁଛି ସେଥିରେ ପଛଘୁଞ୍ଚା କ'ଣ ସୁନ୍ଦର ?

ଆପଣ ନିଜେ ଓ ଅନ୍ୟାନ୍ୟ ଭାଇ ଭଉଣୀମାନେ ଅଳ୍ପ ଅଧିକେ ଜାଣିଥିବେ ବର୍ତ୍ତମାନ ନୀଳଗିରିର ଅବସ୍ଥା କ'ଣ ? ସେଠା କର୍ମୀମାନଙ୍କର ଅବସ୍ଥା ବଡ ଶୋଚନୀୟ ଏବଂ ନୀଳଗିରି ପ୍ରଜାମଣ୍ଡଳଙ୍କର ଦୁଃଖ ଦୁର୍ଦ୍ଦଶାର କାହାଣୀ ଶୁଣିଲେ କେଉଁ ନାଗବନ୍ଧୁ ଆଖିରୁ ଲୁହ ନ ଝରିବ ? ତାଙ୍କର ଟଙ୍କା ପଇସାର ନିହାତି ଦରକାର ଏବଂ ଏ ସାଧୁ ଉଦ୍ୟମରେ ସେମାନଙ୍କୁ ସମସ୍ତ ନାଗଭାଇ ଭଉଣୀମାନେ ଟଙ୍କା ପଇସା ତଥା ପୂର୍ଣ୍ଣ ସହାନୁଭୂତି ପ୍ରଦାନ କରିବା ନିତାନ୍ତ ଦରକାର । କେହି କେହି ଖବର କାଗଜରେ ପଢିଥିବେ ନୀଳଗିରି ପ୍ରଜାମଣ୍ଡଳର ସଭାପତି ଓ ଓଡିଶା ଛାତ୍ର ସମାଜର ସମ୍ପାଦକ ଯାହା କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଆଶାକରେଁ ସାହାଯ୍ୟ ପାଇଁ ସମସ୍ତଙ୍କର ମତଥିବ । ଆପଣ ମଧ୍ୟ ସମ୍ମତି ପ୍ରଦାନ କରିବେ । ଏହା ଯେତେ ଶୀଘ୍ର ହୋଇପାରେ ସେତେ ଭଲ । ପ୍ରତ୍ୟେକ ପାରୁପର୍ଯ୍ୟନ୍ତ ଆପଣଙ୍କ ନିକଟକୁ କିଛି ପଇସା ଯଥାଶୀଘ୍ର ପଠାଇବାକୁ କୁଣ୍ଠିତ ହେବେ ନାହିଁ ବୋଲି ମୋର ପୁର୍ଣ୍ଣ ବିଶ୍ୱାସ । ଆପଣ ତାହା ସେଠାକାର ପ୍ରଜାମଣ୍ଡଳ ସମ୍ପାଦକଙ୍କ ନିକଟକୁ ପଠାଇ ଦେବେ । ପ୍ରଣାମ । ଇତି । ସ୍ନେହର

"ଜଣେ ଗଡଜାତ ନାଗବନ୍ଧୁ"

—ଏ ସମ୍ବନ୍ଧରେ ମୁଁ ନାଗବନ୍ଧୁ ପାଣ୍ଠିରକ୍ଷୀ ସମିତିର ସଭ୍ୟମାନଙ୍କର ମତ ଅହ୍ୱାନ କରୁଛି

—ଅଜା

ପ୍ରିୟ ଅଜା ।

ଲର୍ଡ ଉଇଲିଂଡନ୍ ରୟେଲ ଏସିଅନ୍ ସୋସାଇଟିର ବାର୍ଷିକ ଭୋଜି ସଭାରେ କହିଅଛନ୍ତି, "ଜହର ଲାଲ ଇଂଲଣ୍ଡରେ ଯାହା କହୁଛନ୍ତି ତାହା ଭାରତର 90 percent ଙ୍କର ଇଚ୍ଛା ନୁହେଁ ।"

ମୁଁ ଭାବୁଛି ଭୋଜିରେ ସେ ବୋଧ ହୁଏ କୌଣସି କାରଣ ବଶତଃ ଚଞ୍ଚଳ ଖାଇପାରି ନଥିଲେ । ସମସ୍ତଙ୍କ ଖିଆ ସରିଲା ବେଳକୁ ସେ ମୋଟେ 10 percent ଖାଇଥିଲେ । ସମସ୍ତେ ଉଠିଲେ ସେ ମଧ୍ୟ ବାଧ୍ୟ ହୋଇ ଉଠିଲେ, କିନ୍ତୁ ବାକି 90 percent କୁ ଛାଡିବାକୁ ତାଙ୍କର ଆଦୌ ଇଚ୍ଛା ନଥିଲା । ତେଣୁ ସେ କଥା ଛଳରେ 90 percent ଇଚ୍ଛା ନୁହେଁ (ନଥିଲା) ବୋଲି କହି ଦେଇଛନ୍ତି । ଯେପରି—

"ଲୋଭୀ ଭୋଜେ ଯଥା ସ୍ୱମର୍ଯ୍ୟାଦା ତ୍ୟାଗ
ପ୍ରତିବାସୀ-ପନେ କହେ ଦେବା ଲାଗି,
କେହି ଅବା ନିଜ ଦୁଃଖକୁ ଘୋଡାଇ
ପ୍ରତିବାସି-ଦୁଃଖ ଗାଇ ହେଉ ଥାଇ"

ଆପଣଙ୍କର ମତ କଣ ?

୧୧୬ ନମ୍ବର ନାତି

ମୋର ମତ 'ସମାନୁଜା' —ଅଜା

ଆଦରର ନାଗଭାଇ ଭଉଣୀମାନେ;

ତୁମରି ସାଙ୍ଗଭାଇ, ଭିତରୁ ମୁଁ ବି ଜଣେ । କିନ୍ତୁ ଦୈବ ଦୁର୍ବିପାକରୁ ତୁମ ସହିତ ଘନିଷ୍ଠ ଭାବରେ ମିଶିବା ମୋ ଭାଗ୍ୟରେ ଘଟି ପାରିନି । ଏବେ ମୁଁ ମରୁ ମରୁ ବଞ୍ଚି ଉଠିଛି । ତୁମରି ସ୍ନେହ ଆଦର ଯେ ମୋର ମୁମୂର୍ଷୁ ପ୍ରାଣରେ ସଞ୍ଜୀବନୀ ମନ୍ତ୍ର ଢାଳିଛି, ଏଥିରେ ସନ୍ଦେହ ନାହିଁ । ତେଣୁ ତୁମମାନଙ୍କୁ ସ୍ନେହ ଅପୂର୍ବ ଅନୁଭୂତିର ଉପହାର ଦେବା ପାଇଁ ଏ ଚିଠିଖଣ୍ଡି ଲେଖିବସିଲି ।

ଚିଠିଟି ସତ କଥା— ନିଜ ଅଙ୍ଗେ ନିଭେଇଛି । ବେଳେ ବେଳେ ତା ର ଅଗ୍ନି ହୃଦୟରେ ଦାଉ ଦାଉ ହୋଇ ଜଳି ଉଠେ । ଏହି ଭାରାକ୍ରାନ୍ତ ହୃଦୟରେ ଟିକିଏ ଶାନ୍ତି ପାଇବି ବୋଲି ସେ କଥାଟା ତୁମ ଆଗରେ ମେଲି ବସିଛି । ଶୁଣିବନି ? ତେବେ ତୁମକୁ ମୋର ସୁଖ ଦୁଃଖ ନ କହିବିତ କହିବି କାହାକୁ, କହିଲ ?

ଇତି ମଧ୍ୟରେ ମୁଁ ଭୟଙ୍କର ଭାବରେ ବେମାର ପଡିଥିଲି । ନିମୁନିଆ ହୋଇଥିଲା । ସମସ୍ତେ ଆଶା ଛାଡ଼ି ଦେଇଥିଲେ ମୋ ଜୀବନର ।

Digitized by srujanika@gmail.com

ମୁଁ ଆଖିବୁଜି ପଡ଼ିଥାଏଁ । ମୋର ଅତୀତ ଭବିଷ୍ୟତର କେତେ ସୁଖର ଛବି ଚଳଚିତ୍ର ପରି ନାଚି ଉଠି ଉଭେଇ ଯାଉଥାଏ । ମୃତ୍ୟୁର ଏହି ଛାୟା ସ୍ତରରେ ହଠାତ୍ ଗୋଟାଏ ଛବି ସେହି ମୁମୂର୍ଷୁ ଅବସ୍ଥାରେ ମଧ୍ୟ ବଡ଼ ପ୍ରୀତିକର ବୋଧହେଲା—ଅଜା ଆଉ ମୋର ନାଗଭାଇ ଭଉଣୀମାନେ । ସେହି ଚିନ୍ତାର ଧାରା ହୃଦୟରେ ଏତେ ପ୍ରବଳ ହେଲା ଯେ ଆଉ କୌଣସି ଛବି ଦେଖିଲିନି । ସେହି ଚିନ୍ତାର ଅମିୟ ସ୍ରୋତ ମଧ୍ୟରେ ଶୁଣିଲି—ଅଜାଙ୍କର ସେହି ସୁଦୂର ଅତୀତର ପ୍ରାଣଭରା, ମନୋମୁଗ୍ଧକର ପଦ୍ମ-ତୋଲା । ଜମ୍ବୁରୁ ଓ ପଦ୍ମତୋଲାର ଅପୂର୍ବ ତାନ ଓ ସ୍ୱରରେ ହୃଦୟ ମୋର ଅଭିଭୂତ ହେଲା ।

ହଠାତ୍ ଆଖିରେ ପଡ଼ିଲା ତୁମର ଅପୂର୍ବ ସମ୍ମିଳନ—ମୋର ବିଦାୟ ସଭା । ତୁମମାନଙ୍କୁ ଏକ ସ୍ଥାନରେ ସ୍ୱଚକ୍ଷୁରେ ଦେଖିବାର ଭାଗ୍ୟ ମୋର କେବେ ଘଟିନି ସତ କିନ୍ତୁ ସେଦିନ ସେହି ମୁମୂର୍ଷୁ ଅବସ୍ଥାରେ ସ୍ୱପ୍ନ ଓ କଳ୍ପନା ରାଜ୍ୟରେ ମୋର ବିଦାୟ ସଭାରେ ତୁମ-ମାନଙ୍କର ଯେଉଁ ସ୍ନେହ ସହାନୁଭୂତି ଓ ଆକର୍ଷଣ ପାଇଛି ତାହା ଏ ଜୀବନରେ ଭୁଲି ପାରିବିନି । ପୁଣି ଅଜାଙ୍କର ସେହି ମଧୁର ସଙ୍ଗୀତରେ ଆମେ ସମସ୍ତେ ଆତ୍ମହରା ହୋଇ ପଡ଼ିଲୁଁ । ଆନନ୍ଦର ଏ ଅନନ୍ତ ପ୍ରବାହ ଓ ସ୍ନେହର ନିବିଡ଼ ବନ୍ଧନ ଏଡ଼ି ସେ ପୁରକୁ ଯିବାକୁ-ମୋର ମୋଟେ ଇଚ୍ଛା ହେଲାନି । କ୍ଷଣକ ପୂର୍ବେ ଯେଉଁ ଯମଦୂତର ଛବି ଅହରହ ଆଖି ଆଗରେ ନାଚୁଥିଲା ଆଉ ତାହା ଦେଖିବାକୁ ପାଇଲିନି । ମୋର ମନେ-ହେଲା ଅଜାଙ୍କର ସେହି ସରସ ସୁନ୍ଦର ପଦ୍ମ-ତୋଲା ଓ ତୁମମାନଙ୍କର ଏ ଅନନ୍ତ ପ୍ରୀତିହିଁ ତାଙ୍କୁ ମୁଗ୍ଧ କରିଛି ଓ ସେମାନେ ଆନନ୍ଦ ବିଭୋର ପ୍ରାଣରେ ଭୁଲରେ ମୋତେ ଛାଡ଼ି ଯାଇଛନ୍ତି— ମୁଁ ପୁନର୍ଜୀବନ ଫେରି ପାଇଛି । ଏଣୁ ଶ୍ରୀଅଜା ଓ ତୁମମାନଙ୍କ ପାଖରେ ଯେ ମୁଁ ଚିରଋଣୀ ଏହା ବେଶ୍ ବୁଝି ପାରୁଛି । କିନ୍ତୁ ହୃଦୟର ଗଭୀର କୃତଜ୍ଞତା ଜଣାଇବାର ଉପାୟ ଏ ଚୁଙ୍ଗ୍ନ ମସ୍ତିଷ୍କରେ ପଶୁନି । କେହି ଭାଇ କି ଭଉଣୀ ଗୋଟାଏ ସିଧା ଉପାୟ ବତାଇ ଦେଇ ପାରିବେ କି ? ଦୟାକରି ସେ ଉପାୟ କେହି ଦେଲେ ସେ ଯାହା ମାଗିବେ ମୁଁ ତାହା ଅନ୍ତରରେ ଦେଇପାରେ ।

ବର୍ତ୍ତମାନ ମୁଁ ଆରୋଗ୍ୟ ହୋଇ ଆସିଲିଣି । ମୋ ଜୀବନ ଯେଉଁମାନେ ରଖିଛନ୍ତି ତାଙ୍କୁ ସନ୍ତୋଷିବା ପାଇଁ ଏ ଭଙ୍ଗା ଦେହ ଓ ଦରଭଙ୍ଗା ମନରେ ବି କଲମ ଧରି ବସିଛି ।

କିନ୍ତୁ ମୋର ବଡ଼ ଭୟହୁଏ—କାଳେ ଯଦି କେହି ମୋତେ ଅପରିଚିତ, ମରଣ ଅଇଣ୍ଠା କି ଅନାହୂତ କହି ମୁହଁ ବାଗୁଳନ୍ତି, ତେବେ ମୁଁ—

ଇମିତି ପ୍ରିୟ ଅଜା ଓ ସ୍ନେହୀ ଭାଇ ଭଉଣୀ କି କେବେ କଉଁଠି ମିଳିପାରେ ? ଭଗବାନ କରନ୍ତୁ ଯୁଗେ ଯୁଗେ ମୋତେ ଇମିତି ଅଜା ଆଉ ଭାଇ ଭଉଣୀ ମିଳୁ କିନ୍ତୁ ମୋପରି ହିନ-ମାନିଆ ଭାଇ ତୁମକୁ ନମିଳୁ । ଇତି ।

"ସ୍ନେହର ଚନ୍ଦ୍ରମୋହନନନ୍ଦମ୍ବର ନାଗଭାଇ"

---

ଭଗବାନଙ୍କ ଦୟାରୁ ତମେ ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭକରି ପୁଣି କାମରେ ଲାଗିଉଠ ଏଇତ ମୋର ଅନ୍ତରର କାମନା । —ଅଜା

କୁମାରୀ ଶୈଳବାଳା—ନାଗବଗୃ ବିନୋଦଙ୍କ ଠିକଣା—ଜାଜପୁର ହାଇସ୍କୁଲ ୯ମ ଶ୍ରେଣୀ । ତମେ ତାଙ୍କଠାରୁ ପତ୍ର ଲେଖିପାର ।

ଶ୍ରୀମାନ୍ ବୀରେଶ୍ୱର—ତମ ମାଷ୍ଟରଙ୍କୁ ଅଜା କହିବାପାଇଁ ତମ ଆଣ୍ଡ ନାସ୍ତିକ ।

## ନୂଆ ନାଗବଗୃଙ୍କ ନାମ ।

୧୦୮ । ଶ୍ରୀ ବୃନ୍ଦନାଥ ଓଡା—ପି, ଏମ୍. ଏକା-ଡେମି, ୮ମ ଶ୍ରେଣୀ, କଟକ । ୧୦୯ । ଶ୍ରୀ ବସନ୍ତ କୁମାର ମହାନ୍ତି, ମେଟ୍ରିକୁଲେସନ କ୍ଲାସ, ଓଲ-ସିଂହ ହାଇସ୍କୁଲ । ୧୧୦ । ଶ୍ରୀ ସିଦ୍ଧେଶ୍ୱର ଧଳ, ଅଣ୍ଡିଆ ଏଲ୍.ପି. ସ୍କୁଲ, ପୋ: କେନ୍ଦୁଆପଦା । ୧୧୧ । ବୀର ଶ୍ରୀ ବାବାଜୀ ଚରଣ ନାୟକ, ଗ୍ରାମ ଅସୁରାଳି, ପୋ: କୋଠାର । ୧୧୨ । କାଙ୍ଗାଳି ଚରଣ ପଣ୍ଡା, ଶିବନାରାୟଣପୁର ସାହି, କେଉଁଝରଗଡ଼ । ୧୧୩ । ଶ୍ରୀ ଚକ୍ରଧର ନାୟକ, ଜିଲ୍ଲାସ୍କୁଲ, ୮ମ ଶ୍ରେଣୀ(ଖ) ବାଲେଶ୍ୱର । ୧୧୪ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, କୋଷ୍ଠା ଉ: ପ୍ରା: ସ୍କୁଲ ପୋ: ଗଡ଼ିଆ, ମୟୂରଭଞ୍ଜ ।(କ୍ରମାନ୍ୱୟେବାହାରିବ)

—(ଝ)—

☞ ବିଶେଷ ଦ୍ରଷ୍ଟବ୍ୟ:—

୧ । ନଂ ୧୨ନମ୍ବର ନାଗବଗୃଙ୍କ ନାମ ଭୁଲରେ ୫ମ ସଂଖ୍ୟାରେ ୧୦୨ ହୋଇଯାଇଅଛି ।

୨ । କୁମାରୀ ଶଶୀମଣି ଦେବୀ, C/o ଜଗଦୀଶ ଭଞ୍ଜଙ୍କ ନାମ ନାଗବଗୃ ରେଜେଷ୍ଟ୍ରିରୁ କଟାଗଲା ।

୩ । ଶ୍ରୀ ଅଧିକାରୀ ଗୁରୁଚନ୍ଦ୍ର ଦାସ ମୟୂରଭଞ୍ଜର କେତେକ ନାଗବଗୃଙ୍କ ମତାନୁଯାୟୀ ସେଠା-କାର ୨ୟ ସର୍ଦ୍ଦାର ରୂପେ ନିର୍ବାଚିତ ହେଲେ ।

(ଶେଷାଂଶ ୧୩ ପୃଷ୍ଠା ଉତ୍ତାରୁ)

ଗୃହେ ବସସି କୌମାରୀ
ଅନ୍ଧାର ରାଜ୍ୟ ନ ଚଳୁସି
ଭାୟାବାଣୀ ଭୂତବାଣୀ ପ୍ରସଙ୍ଗ
କଥଂ ଜାନାସି ସୁନ୍ଦରି !

ମହାଶୟ ! ନିଶ୍ଚେ ସାବଧାନ ହୋଇ ପଢ଼ିବେ । କାରଣ ଉମାନନା ମାନେ ଅଳ୍ପକେ ରାଗନ୍ତି । ଶେଷରେ ଯେପରି ଆପଣଙ୍କ ମାନଭଞ୍ଜନ ଗାଥା ପଢ଼ିବାକୁ ନପଡ଼େ ! କିବା ଆପଣ ମନେ ନକରନ୍ତୁ— 'ପର ବୁଦ୍ଧି ପ୍ରଳୟ' ।

ଯେବେ ଏହି [illegible]କୁ ସୁବିଧାନୁଯାୟୀ ଚଳାଇ ନପାରିବେ, ତେବେ କହିଲେ ମୁଁ ଟିକିଏ "ଦିବ୍ୟାଞ୍ଜନ" ପଠାଇ ଦେବି । ଆପଣ ସେହି ଅଞ୍ଜନକୁ ରୁପେଇ ଶଳାକାରେ (ଖଡ଼ିକାଠି—ହାତ ଅଙ୍ଗୁଠିରେ ନୁହେଁ) ଆପଣଙ୍କ ଉମାନନାଙ୍କ ଖେଳାଳୀଳ ଖଞ୍ଜନ ଗଞ୍ଜନ ନୟନରେ ରଞ୍ଜନ କଲେ ସେ ସବୁ କଥା ଆପେ ଆପେ ବୁଝି ପାରିବେ । ଆପଣ ମଧ୍ୟ ଅଞ୍ଜନ ରଞ୍ଜିବା ଫଳରେ ସ୍ନେହାଲିଙ୍ଗନ ପାଇପାରିବେ । ସେତେବେଳେ ଟିକିଏ ମୋ ଉପକାର ମନେ କରିବେ ।

ଆଉ ଗୋଟିଏ ବଡ଼ ଗୁରୁତର କଥା । ଆପଣଙ୍କ ଉମାନନା ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ସ୍ୱପ୍ନାଧ୍ୟାୟ ବର୍ଣ୍ଣନାନୁଯାୟୀ ବିଚାର କଲେ ଅତୀବ ଅମଙ୍ଗଳ ଜନକ । ଅମ ପାଠ ଡାକୁଛି:—

ଦୁର୍ଗନ୍ଧା ଘ୍ରାଣମେବାନ ସଦ୍ୟୋ ଦୁଃସ୍ୱପ୍ନ ନାଶନଂ ।

ଏପରିସ୍ଥଳେ ଦୁର୍ଗନ୍ଧ ପଦାର୍ଥ ଶୁଙ୍ଘିବା ଯୋଗ୍ୟ । ଯେତେବେଳେ ତାଙ୍କ ଦେହରେ ଚାଲି ବୋଲି ସେ ପୂର୍ବରୁ ସ୍ପଷ୍ଟଭାବେ ଜଣାଇ ଦେଇଛନ୍ତି, ତେଣୁ ଆପଣ ସେହିପରି କୌଣସି ଦ୍ରବ୍ୟରେ ନିଶ୍ଚୟ ଶୀଘ୍ର ଚେଷ୍ଟା କରିବେ ତାଙ୍କ ନିମନ୍ତେ । ଏଥିରେ ଅଣୁମାତ୍ର ହେଳା କରିବେ ନାହିଁ । ଇତି । ବହୁନାମ୍ନୀ

ଚିରନ୍ତନ
ଉମାପତି—

Digitized by srujanika@gmail.com




କଲିକତା କରପୋରେସନ ବ୍ୟବସ୍ଥା କରୁଛନ୍ତି କି ସହରର ଭିଖାରୀମାନଙ୍କୁ ଧରି ନେଇ ଗୋଟାଏ ସ୍ଥାନରେ ରଖାଇ ଖାଇବାକୁ ଦେବେ ।......

ଭଦ୍ରଭିଖାରି ଯାଇ କଲିକତା ଟିକଟ କାଟନ୍ତୁ ।

—ସୀମାନ୍ତର କଂଗ୍ରେସ ସରକାର ଶେଠୋ-କାର ବଡ଼ ବଡ଼ ସାମ୍ୟବାଦୀ ନେତାଙ୍କୁ ଗିରଫ କରିଛନ୍ତି । ଦଶ ହଜାର କୃଷକ ଓ ମଜୁର ଏଥିର ପ୍ରତିବାଦ କରିଛନ୍ତି ।......

କଂଗ୍ରେସର ଏହିଟା କେଉଁ 'ବାଦ' ?

—ମାନ୍ଦ୍ରାଜରେ ଦୁଇଟି ଚଳନ୍ତି ରେଲଗାଡ଼ି ଧକ୍କାରେ ପଡ଼ିଯିବାରୁ ଶହ ଶହ ପାସେଞ୍ଜର ହତାହତ ହୋଇଛନ୍ତି ।... ...

ମହାକାଳର ତାଣ୍ଡବ ନୃତ୍ୟ !

—ଚୀନର ଗୋଟିଏ ଉଡ଼ାଜାହାଜ ପାସେଞ୍ଜର ନେଇ ଯାଉଥିବା ବେଳେ ଜାପାନମାନେ ଚଢ଼ାଉ କରି ତଳକୁ ଖସାଇଲେ । ପୁଣି ଆରୋହୀମାନଙ୍କୁ ଗୁଳି କରି ମାରିଦେଲେ ।...

ବୌଦ୍ଧ ଧର୍ମର ନା ସଭ୍ୟତାର ଜୟ ?

—ହିଟଲର ନାଜିମୁଦ୍ରନ ଅତି ଆନନ୍ଦରେ ଜଣାଇଛନ୍ତି କି ତାଙ୍କ ଦେଶରେ ଆଉ ରାଜ-ବନ୍ଦୀ ନାହାନ୍ତି ।......

ଧନ୍ୟ ସ୍ୱରାଜ୍ୟର ଜୟ !

—ମହୀଶୂରରୁ ରାଜାଜୀ, ବମ୍ବେଇରୁ ଇଂଲିସ ଓ ଓଡ଼ିଶାର ସାଉ ଏହି ତିନିଙ୍କୁ ମିଳି ବନ୍ୟା ନିବାରଣ ଅନୁସନ୍ଧାନ କରିଛନ୍ତି । ବିଶେଷଜ୍ଞମାନଙ୍କ ସହ ପରାମର୍ଶ ଓ ଡିସେମ୍ବର ମାସରେ ପୁଣି ପରିଦର୍ଶନ ଧରିଲେ ଯାହା ହେବାର ହେବ । ଖରଚ ତିନିକୋଟି ।......

ଅତଏବ "ମା—ଭୈଃ" ।

—କେତେକ କଂଗ୍ରେସ କର୍ମୀଙ୍କର ଚରିତ୍ର ହୀନତା ହେତୁ ମହାତ୍ମାଜୀ ପୁଣି ପ୍ରାୟୋପ-ବେଶନ କରିବେ ଓ ସମଷ୍ଟି-ଅହିଂସା ଯୋଗ ପ୍ରକଟ କରିବେ ବୋଲି ଶୁଣା ଯାଉଛି ।......

ପାପ ବିଧୌତ କରିବା ସକାଶେ ?

—ପୁରୁଖା କଂଗ୍ରେସ ନେତା ଡା: ସତ୍ୟପାଲ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ।......

କେତେ ନମ୍ବରରେ ପଡ଼ିଲା ?

—ବିଲାତର ବିଖ୍ୟାତ ସାହିତ୍ୟିକ ଓ୍ୱେଲସ୍ ସାହେବ ତାଙ୍କ ଜଗତର ଇତିହାସରେ ମୁସଲ-ମାନ ଧର୍ମ ଓ ମହମ୍ମଦଙ୍କ ପ୍ରତି ଆକ୍ଷେପ କରି-ଥିବାରୁ ବିଲାତସ୍ଥ ମୁସଲମାନମାନେ କ୍ଷେପି ଉଠିଛନ୍ତି ।.........

ବିଲାତ କଣ୍ଟୁ ବଡ ଝାଣ୍ଟୁଆ ଜେଗା ।

—କଲିକତାରେ ସୁଭାଷ ବାବୁଙ୍କ ଦ୍ୱାରା ଯେଉଁ କଂଗ୍ରେସ ଭବନ ହେବାର ଅଛି, ମହାତ୍ମା ଗାନ୍ଧି ଅଥବା ରବି ଠାକୁର ତାର ଶୁଭ ଦେବେ ।......

ବଡ଼ ଲୋକଙ୍କ ହାତର କରାମତି !

—ବିହାରର ବଙ୍ଗାଳି ଓ ବିହାରୀଙ୍କ ମଧ୍ୟରେ କେତେଦିନ ହେଲା ସ୍ୱାର୍ଥଗତ ଅମେଳ ଘଟିଛି । ବାବୁ ରାଜେନ୍ଦ୍ର ପ୍ରସାଦ ମୀମାଂସା କରୁଛନ୍ତି ।......

ବିଲେଇ କଳରେ ମାଙ୍କଡ଼ ମଧ୍ୟସ୍ଥ ?

—ଜର୍ମାନୀରେ ବିପୁଳ ଜଣସଙ୍ଖ୍ୟା ଲାଗି ଥିବାରୁ ସମସ୍ତେ ଅବଧାର ।......

...ଲାଗିଲା ପରା !

—ତାମିଲ ନାଡ଼ୁ କଂଗ୍ରେସ କମିଟି ସମସ୍ତ କଂଗ୍ରେସୀ ପାଠ ମନ୍ତ୍ରୀମାନଙ୍କୁ ଡକାଇଛନ୍ତି କି ସେମାନେ ଛ ବର୍ଷ ଧାତକର କାର୍ଯ୍ୟ କଲେଣି, ତାର ତାଲିକା ଦେବେ ।......

ଭୀଷଣ ପରୀକ୍ଷା !

—ମହାତ୍ମାଙ୍କ ରକ୍ତ ଚାପ ବଢ଼ି ଥିବାର ଜଣାଯାଏ । କେତେକ କର୍ମୀ-ଙ୍କର କଳେବରରେ ମୃତ୍ୟୁ ଯୋଗୁଁ ମନ କଷ୍ଟରେ ଏହା ହୋଇଥିବା ସମ୍ଭବ...

ମହାତ୍ମାମାନଙ୍କର ବି ମାୟା ଥାଏ ପରା !

—ଯୁକ୍ତ ପ୍ରଦେଶ ସରକାର ହୁକୁମ ଦେଇଛନ୍ତି କି ପୁଲିସ ଏଣିକି କଂଗ୍ରେସବାଲା ମାନଙ୍କ ବାଟରେ ଫେସାଦରେ କର୍ଣ୍ଣପାତ କରିବେ ନାହିଁ ।......

ସେମାନେ ତେବେ କଣ କରିବେ ?

—ଅଡ଼ଭୋକେଟ ସେନାପତି ସାର ବାବୁ ହାଇକୋର୍ଟ ଜଜ୍ ଉଅଟ୍ ସାହେବଙ୍କୁ ଗୁଡ଼୍ବାଇ ଦେଇ ଅପ୍ୟାୟିତ କରି ଅଛନ୍ତି ।......

ଅତଏବ ସତ୍କାର ?

—ମାନ୍ଦ୍ରାଜ ସରକାର ଏକ କାନୁନ ଦ୍ୱାରା ଖବର କାଗଜ ମାନଙ୍କରେ ଅଶ୍ଳୀଳ ବିଜ୍ଞାପନ ବନ୍ଦ କରି ଦେଇଛନ୍ତି ।......

ରାଜଗୋପାଳ ଗୁରୁ ବୁଢ଼ା ହେବାରୁ ବୈରାଗିକ ହୋଇଗଲେଣି ।

—ନୀଳଗିରି ଗୋଳମାଳରେ ଶାନ୍ତି ଆଣିବା ପାଇଁ ଶ୍ରୀଯୁକ୍ତ ମହତାବ ଲାଗି ପଡ଼ିଛନ୍ତି ।......

"ଡାହାଣୀ ଶକ୍ତି ଯାର ଥାଇ,
ସେ ବଡ଼ ଗୁଣିଆ ବୋଲାଇ ।"

—ଶୁଣାଯାଏ ବିଲାତର ପ୍ରଧାନ ମନ୍ତ୍ରୀ ଚେମ୍ବର ଲେନ ସାହେବ ସ୍ୱାସ୍ଥ୍ୟଭଙ୍ଗ ହେତୁ ଇସ୍ତଫା ଦେବେ ଓ ତାଙ୍କ ସ୍ଥାନରେ ସାଇମନ ସାହେବ ପ୍ର: ମନ୍ତ୍ରୀ ହେବେ ।......

ଆମର ସେଇ ଚିହ୍ନା ସାଇମନ ତ !

—ଏଥର ଆସେମ୍ବ୍ଲିରେ ପ୍ରଧାନ ମନ୍ତ୍ରୀ ବିଶ୍ୱ-ନାଥ ଦାସେ ମହାଜନ ବିଲ ଆଣି ଗରିବ ପ୍ରଜା କୁଳଙ୍କୁ ରକ୍ଷା କରିବେ ।......

'ଆପଣା ହସ୍ତେ ଜିହ୍ୱା ଛେଦ' ।

—ଓଡ଼ିଶା କଂଗ୍ରେସ ସରକାର ଏଣିକି ଜେଲ ନିୟମର ନାନାଦି ପରିବର୍ତ୍ତନ ଓ ପରିମାର୍ଜନ କରିଛନ୍ତି ।......

ଅଗରୁ ବାଟ ସଫା କର ।

—ଓଡ଼ିଶା କଂଗ୍ରେସ ସରକାର ମଠ ମନ୍ଦିର ଆଇନ କରି ମହନ୍ତଙ୍କ ଦର୍ପ ଭାଙ୍ଗିବାରେ ସ୍ଥିର କରିଛନ୍ତି ।......

କିନ୍ତୁ ପେଟ ଭାଙ୍ଗିବ ନା ?

—ଜମିଦାରଙ୍କୁ ଜମିଦାର କହିବା ଅପ-ରାଧରେ କଟକର କୃଷକ କର୍ମୀମାନଙ୍କୁ ଜେଲ ଦଣ୍ଡ ହୋଇଛି ।......

ଅନ୍ୟ କିଦାର (ଯଥା, ଝାଡୁଦାର ପ୍ରଭୃତି) କହିଲେ ଚଳିବ ଜମିଦାରମାନେ ବଡ଼ା ଭଲ ।

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରିଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ମହୌଷଧ ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦାସୀନତା, ନୈରାଶ୍ୟ, କଟିଶୂଳ ପୃଷ୍ଠ ଏବଂ ଅଙ୍ଗଶୂଳ, ଅଗ୍ନିମାନ୍ଦ୍ୟ, ଚକ୍ଷୁହୀନତା, କୋଷ୍ଠବଦ୍ଧତା, ଅନିଦ୍ରା, ଶିରଘୂର୍ଣ୍ଣନ, ଏବଂ ମଳ ମୂତ୍ରାଧାର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ଏହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଳ ଓ ଶକ୍ତି ବଢ଼େ । ଦୀର୍ଘଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

ନୟା ସଡ଼କ, ପୋ: ଅ: ଚୌଧୁରୀବଜାର, କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀବାଲୁକେଶ୍ୱରଆଚାର୍ଯ୍ୟ ଋଷିରାଜ



ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ବାତଜ ମୃଗୀରୋଗ, ପକ୍ଷାଘାତ, ଧନୁଷ୍ଟଙ୍କାର, ଝାଡ଼ା, ତରଳଝାଡ଼ା, ବସନ୍ତ, ପ୍ରମେହ (ମୂତ୍ରାଶୟ ସମ୍ବନ୍ଧି ପୀଡ଼ା), ପେଟ୍ରମବ, ଅଜୀର୍ଣ୍ଣ, କାଶ, ମୁଣ୍ଡ ବିନ୍ଧା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର, ଆମବାତ, ଅଣ୍ଡବୃଦ୍ଧି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବିନ୍ଧା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ଘାଣ୍ଡି ବାତ, କାଉଁଛ, କାଛୁ, କୁଣ୍ଡିଆ, [illegible], ମରଳା, ଚମଡ଼ା, ଯାଦୁ, ଛିଡ଼ା, କଟାଘା, ଛେଚୁଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, ବିଷଦାନ୍ତ ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଫୁଲା, କାନପାଚୁ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବ ହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
କବିରାଜ ଶ୍ରୀ ବିଶ୍ୱନାଥ ଦାସ
ଏ. ବି, ଏଲ୍. ଏଚ. ଏମ୍. ଏମ୍.
ଆଲିଶା ବଜାର, ପୋ: ଚୌଧୁରୀବଜାର କଟକ ।



ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

## ବଢ଼ିଆ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ଉତ୍ତେଜନା ଓ ସ୍ମରଣଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ଶିଶିରକୁ ୫୬୯, ପୋଷ୍ଟେଜ୍ ଅନ୍ୟ ଯୋଗ କୁ ୫୬୯ ଭି: ପି:ରେ ଔଷଧ ପଠାଯାଏ

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍., ପି,
ଦରିଦ୍ର ବନ୍ଧୁ ଔଷଧାଳୟ
ଖପର ପଦା । ପୋ : କୋଠାର । ଜି : ବାଲେଶ୍ୱର





## ଅସଲି ପଞ୍ଚଗୁଣୀ ତୈଳ

ଏହି ଔଷଧ ମୁଣ୍ଡ ବାତ ଗୋଡ଼ଫୁଲା, ଅଙ୍ଗଶୂଳ, କାନ ଝଣା, ମୁଣ୍ଡବିନ୍ଧା କୁଣ୍ଡିଆ, କାଛୁ, ମରଳା, ଫୋଡ଼ା ଘା, ଛିଡ଼ା ଦଉଡ଼ି, [illegible] ପ୍ରଭୃତି ବ୍ୟାଧିର ଏକମାତ୍ର ମହୌଷଧଅଟେ । [illegible]
ଠିକଣା:—ଅସଲି ପଞ୍ଚଗୁଣୀ ତୈଳ ଅଫିସ୍—କଟକ ।





ପାଣି ଦରରେ
[illegible] ଯେଉଁମାନେ ୫୧। [illegible] ଆମର ସୁବାସିତ ତୋଲ୍ପ [illegible] ବୋତଲ କିଣିବେ ସେମାନେ ବିନା ମୂଲ୍ୟରେ ନିମ୍ନଲିଖିତ ଦ୍ରବ୍ୟ ପାଇପାରିବେ । ରୋଲ୍ଡ ଗୋଲ୍ଡ ଡମି ରିଷ୍ଟ ୱାଚ ଗୋଟିଏ, ଟେବୁଲ ଡମି ପକେଟ ୱାଚ ଗୋଟିଏ, ସେଫ୍ଟି ରେଜର (କ୍ଷୁର) ୧, ବ୍ରସ୍ ଗୋଟିଏ, ଦର୍ପଣ ୧, ସାବୁନ ୧, ପାନିଆ ୧ଟା, ପାଉଡର ଏକ ପେକେଟ, କ୍ଲିପ୍ ସହ ଫାଉଣ୍ଟେନପେନ ଗୋଟିଏ, ସିଗାରେଟବାକ୍ସ ୧, ସିଗାରେଟ ଲାଇଟର (ଲଗାଇବା ପାଇଁ) ଗୋଟିଏ, ଉଆଲିଲ ବାକ୍ସ ଗୋଟିଏ, ରୁମାଲ ଗୋଟିଏ, ଭ୍ରୁବିଲ୍ଡ୍ ଗୋଟିଏ, ପେନସିଲ ସ୍କୁ ଗୋଟିଏ, ୫୫୫ ଫୁଟ ଦୂର ଯାଏ ଆଲୁଅ ଦେଉଥିବା ଟର୍ଚ୍ଚଲାଇଟ ଗୋଟା କିମ୍ବା ଗୋଟିଏ ଜର୍ମାନୀ ବା ଡାଇମଣ୍ଡ ପିସ୍ ପାଞ୍ଚ ବର୍ଷ ପାଇଁ [illegible] ଗୋଟା ପ୍ୟାକିଙ୍ଗ ପୋଷ୍ଟେଜ ପ୍ୟାକିଙ୍ଗ [illegible] (S.C.E. 30)
ଠିକଣା [illegible] କଲିକତା ।



## ଅଫିମାଙ୍କର ଆଉ ଭୟ ନାହିଁ ।

ଓଡ଼ିଶା ସରକାର ଅଫିମ ଉଠାଇ ଦେଉଥିବା ବେଳେ ଅଫିମାମାନେ ବଡ଼ କଷ୍ଟ ପାଇ ଯାଇଛନ୍ତି । କିନ୍ତୁ ଆମର **ସୁଇଟୋ** ଔଷଧ ସେବନ କଲେ ଅଫିମାମାନେ ବିନା କଷ୍ଟରେ ଅଳ୍ପଦିନ ଭିତରେ ଅଫିମ ଛାଡ଼ି ପାରିବେ ଏବଂ ଉକ୍ତ ରୋଗରୁ ମୁକ୍ତ ହୋଇ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ପାଇବେ । କିଏ କେତେ ପରିମାଣରେ ଅଫିମ ଖାଉଛନ୍ତି ଲେଖିଲେ ଔଷଧ ଭି: ପି:ରେ ପଠାଯାଏ ।

## ବାର୍ଥ କଣ୍ଟ୍ରୋଲ୍

ଜନ୍ମ ନିରୋଧ ଏବଂ ସୁଖ ପ୍ରସବ ଔଷଧ ପାଇଁ ଆମ୍ଭମାନଙ୍କ ସହିତ ପରାମର୍ଶ କରନ୍ତୁ । ଅନ୍ୟାନ୍ୟ ରୋଗ ବିଷୟରେ ମଧ୍ୟ ପରାମର୍ଶ କରିପାରନ୍ତି । ସକଳ ପ୍ରକାର ନୂତନ ଓ ପୁରାତନ ସ୍ତ୍ରୀରୋଗ ଚିକିତ୍ସା ସହିତ ଆରମ୍ଭ କରାଯାଏ । ରୋଗୀମାନଙ୍କର ଚିଠିପତ୍ର ଗୁପ୍ତ ଭାବରେ ରଖାଯାଏ ।

ଠିକଣା—ଉତ୍କଳ ହୋମିଓପାଥିକ ଫାର୍ମାସି [illegible] ବଜାର—କଟକ


Printed & published at the Gopinath Press [illegible] by Editor [illegible], 1935.

Digitized by srujanika@gmail.com

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସ୍ୟୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁବ୍ୟବହାର ସୁଦୃଢ଼, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ଉପର ଲାଭ ସର୍ବୋତ୍କୃଷ୍ଟ ।

ଆକସ୍ମିକ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ ।

ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ପିଲାଙ୍କର ବୀମା, ନାନା ପ୍ରକାର ସୁବିଧା ଜନକ

ବେଶ ଉତ୍କୃଷ୍ଟ ବ୍ୟବସ୍ଥା ।

ଏ ଅଗ୍ରଣୀ ଋଣ ନେବାର ସୁନ୍ଦର ବ୍ୟବସ୍ଥା ଅଛି

୧୯୩୬-୩୭ ସାଲର ଚୁମ୍ବକ ବିବରଣୀ

ନୂତନ ବୀମାର ପରିମାଣ ୨କୋଟି ୮୩ଲକ୍ଷ ୬୩ହଜାରରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ୮କୋଟି ୩୧ଲକ୍ଷ ୧୭ ହଜାରରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୬୭ହଜାରରୁ ଊର୍ଦ୍ଧ୍ୱ

ବାର୍ଷିକ ଆୟ ୭୦ଲକ୍ଷ ୪୬ହଜାରରୁ ଊର୍ଦ୍ଧ୍ୱ ।

ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୫ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ଦାବୀ ଦିଆଇଛି ୧କୋଟି ୪୦ଲକ୍ଷରୁ ଊର୍ଦ୍ଧ୍ୱ ।

ଅଧିକା କେବଳ ସରକାରୀ କାଗଜାଦିରେ ମୋଟ ସମ୍ପତ୍ତିର ଶତକଡ଼ା ୪୮.୦୮ କଟା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୨୩.୧୮ ହୋଇଛି ।

(ଉତ୍କଳରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚବଂଶର ଶିକ୍ଷିତ ଲୋକ, ଏଜେଣ୍ଟ ଓ ସ୍ପେଶାଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମା, ପୂର୍ବଆଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟାରୀ
ହିନ୍ଦୁସ୍ଥାନ ବିଲ୍ଡିଂସ, କଲିକତା ।

ଓଡ଼ିଶା ଅଫିସ:— ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର, କଟକ ।

---

# ରାଜସ୍ଥାନ ଇନସ୍ୟୁରେନ୍ସ କୋମ୍ପାନୀ, ଲିମିଟେଡ୍

ହେଡ୍ ଅଫିସ୍, ନଂ ୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

ଓଡ଼ିଶା ପାଇଁ ସ୍ପେଶାଲ ଏଜେଣ୍ଟ——ଦଲଏଲ୍ ଏଜେନ୍ସି ଏଣ୍ଡ୍ କୋଃ କଟକ ।

**ବିମା କରିବେ ? ଦେଖନ୍ତୁ — ଏହାର ବିଶେଷତ୍ୱ କଅଣ ?**

୧ । ଅସୁସ୍ଥ ହେଲେ ବୀମାକାରୀ ଆର୍ଥିକ ସାହାଯ୍ୟ ପାଏ ।
୨ । ବୀମାକାରୀ ଚାହିଁଲେ କୋମ୍ପାନୀ ସାହାଯ୍ୟରେ କୋଠା କରି ପାରନ୍ତି ।
୩ । ଅକର୍ମଣ୍ୟ ହୋଇଗଲେ ବୀମାକାରୀ ଘରେ ବସି ପ୍ରିମିୟମ୍ ନ ଦେଇ ମଧ୍ୟ ସମସ୍ତ ଟଙ୍କା ପାଇ ପାରିବେ ।
୪ । ପ୍ରଥମ ଦୁଇବର୍ଷ ପ୍ରିମିୟମ ଦେଇ ଦୈନିକ ଟଙ୍କା ନ ଦେଇ ପାରିଲେ "ସାରେଣ୍ଡର" ହେଲ୍ଡ ହୋଇପାରେ ।
୫ । ସାରେଣ୍ଡର ହେଲ୍ଡ ହେଲେ ଖୁବ୍ କମ୍ ସୁଧରେ ଶତକଡ଼ା ୫ ଟଙ୍କା ଋଣ ନେବାକୁ ବୀମାକାରୀଙ୍କୁ ସୁବିଧା ଦିଆଯାଏ ।
୬ । ପ୍ରଥମ ପ୍ରିମିୟମ ଦେବା ମାସେ ପରେ ବୀମାକାରୀ ଅପମୃତ୍ୟୁ କଲେ ବୀମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ ।
୭ । ଅନ୍ୟାନ୍ୟ ଇନ୍ସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।
୮ । "ଉପଜନସୂତ୍ର" ଅନୁସାରେ ପ୍ରତ୍ୟହ କିଛି କିଛି ସଞ୍ଚୟ କରିବା ପାଇଁ ଆମ୍ଭମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ କ୍ଲୋଷ୍ଟା-ଢାଳ ସମୟ ରଖୁଥିବା ନୂତନ ଯନ୍ତ୍ର ଦେବାର ବନ୍ଦୋବସ୍ତ କରିଅଛନ୍ତି ।
୯ । ଆପଣ ଜଣେ ଗୃହୀ କି ? ଶୀଘ୍ର ଏହାରେ ବୀମା କରନ୍ତୁ । ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ । ସବିଶେଷ ବିବରଣୀ ଜାଣିବା ପାଇଁ ଶୀଘ୍ର ହେଡ୍ ଅଫିସକୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସର୍ବତ୍ର ଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

---

ଅର୍ଶ ଓ ସ୍ୱପ୍ନ ଦୋଷର

# ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁସଞ୍ଜିବନୀ**

ଏକମାସ ବ୍ୟବହାରରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ବେଲ୍ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ

ଠିକଣା:— ଶାରଦା ଔଷଧାଳୟ—ଚୌଧୁରୀ ବଜାର, **କଟକ ।**


---

ପ୍ରଯୋଜକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**     ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

Digitized by srujanika@gmail.com

ସତ୍ର ଦ୍ୱିତୀୟାର୍ଦ୍ଧ—

ଆନନ୍ଦାଦ୍ ହି ଖଲୁ ଇମାନି ଭୂୟ୍ୟନ୍ତେ—

ଦ୍ୱିତୀୟ ବର୍ଷ—୮ମ ସଂଖ୍ୟା

# ଡଗର




ବିଶ୍ୱନାଥଙ୍କ ବର (blessings)

ଜୀବନ ବୀମା ପାଇଁ

ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲି:

ଓଡ଼ିଶା ଅଫିସ :- ବେଲା ହାଉସ—କଟକ ।

Digitized by srujanika@gmail.com




Digitized by srujanika@gmail.com

ଡଗର
ଏଣ୍ତ—୦/
ବାର୍ଷିକ(ସଡାକ)୨।୦
ଛାତ୍ରମାନଙ୍କପାଇଁ୧।୦
ରାଜସଂସ୍କରଣ—୨।୦



ଡଗର
ଗୋପ୍ୟ ବିଜ୍ଞାନ ବର୍ଷ
୨ବର୍ଷ, ..ମ ସଂଖ୍ୟା
କଟକ
୧୫।୯।୩୮

ଆମ କଂଗ୍ରେସ ସରକାର ନିଖିଳଭାରତ ଗ୍ରାମ ଉଦ୍ୟୋଗ ସଂଘକୁ କିଛି ଟଙ୍କା ମଞ୍ଜୁର କରିଛନ୍ତି। ସେ ସେହି ଟଙ୍କା ନେଇ ଏ ଦେଶର ଲୋକମାନଙ୍କୁ କୁଟୀର ଶିଳ୍ପ ଶିଖାଇବେ। ଲୋକଙ୍କର ଅର୍ଜନ କରିବାର କ୍ଷମତା ବଢ଼ିବ। କିନ୍ତୁ ଏ କଥାଟା କଂଗ୍ରେସ ବିରୋଧି ଦଳଙ୍କୁ ବଡ଼ ପିତା ଲାଗିଲା। ଖଦଡ଼-ଧ୍ୱଂସୀ ମାନଧାତା କହିଲେ ଯେ ଆଜି କାଲି ଏହି କଳକାରଖାନା ଯୁଗରେ କୁଟୀର ଶିଳ୍ପ ଶିଖାଇବା ଯାହା ପଇସା ପାଣିକି ଫିଙ୍ଗି ଦେବା ସେଇଆ। କଳ ସଙ୍ଗରେ ହାତ ଲଢେଇ କରିପାରିବ ନାହିଁ। କଳର ଆମଦାନୀ ଆଗରେ ବ୍ୟକ୍ତିଗତ ଉଦ୍ୟୋଗ ବା ଶିଳ୍ପ ଟେକିବନାହିଁ। ସାଧୁ ମାନଧାତା! ଆମେ କହୁଁ, ଆପଣ ଏଥର ବ୍ରହ୍ମାଙ୍କଠାରେ ଏକ ଦରଖାସ୍ତ ପେଶ୍ କରନ୍ତୁ। ସେ କିଆଁ ବ୍ୟକ୍ତିଗତ ଉଦ୍ୟୋଗ ଦ୍ୱାରା ପ୍ରଜାସୃଷ୍ଟି କରିବାର ଆଦେଶ ଦେଲେ? ବ୍ୟବସାୟୀଟା ପୋଷେଇ ନାହିଁ ସେଥିପାଇଁ। ଜଣେ ପୁରୁଷ ଜଣେ ସ୍ତ୍ରୀ ଜୁଟିଲେ ଥରକରେ ସିନା ଗୋଟିଏ ସନ୍ତାନର ଜନ୍ମଦାତା ହେବେ। ସେ ପ୍ରଥା ବନ୍ଦ କରି ଯଦି ବ୍ରହ୍ମା କୌଣସି ପାୱାର ପରିଚାଳିତ ଜନନ ଯନ୍ତ୍ର ଆବିଷ୍କାର କରି ଆମଦେଶକୁ ପଠାଇ ଦିଅନ୍ତି ଦେବେ ଏକାଥରେ ବହୁ ପରିମାଣରେ ମଣିଷ ଆମଦାନୀ ହୁଅନ୍ତେ। ଆମର ମନେ ହୁଏ ମାନଧାତା ଯଦି ଏଭଳି ଡେପୁଟେସନ ପଠାନ୍ତି ତେବେ ଜର୍ମାନୀ, ଇଟାଲି, ଜାପାନ ତାଙ୍କୁ ବେଶ୍ ସାହାଯ୍ୟ କରିବେ।

× × × ×

ଅତି ସବଳ ..ଧ୍ୟତ, ଅତି ଲେମ୍ବୁ ଚପୁଡିଲେ ପିତା ..ଣେ ଅତି ଭକ୍ତି ଚୋରର ଲକ୍ଷଣ। ମାତ୍ର ଅତି ଦେଶଭକ୍ତ ହେଲେ କେଉଁ ଲକ୍ଷଣ ପ୍ରକାଶ ପାଏ ସେ ବିଷୟରେ ଶାସ୍ତ୍ରକାରମାନେ ନୀରବ। ତେଣୁ ଅପାତତଃ ଓଡ଼ିଶା ଆସେମ୍ବ୍ଲିର କଂଗ୍ରେସ ବିରୋଧୀ ଦଳପତିମାନଙ୍କୁ ଆମ୍ଭେମାନେ କୌଣସି ଉପାଧି ଦେଇ ପାରୁ ନାହିଁ।

କଂଗ୍ରେସ ସରକାର ଯେତେବେଳେ ପ୍ରସ୍ତାବ କଲେ ଯେ ଭାରତର ସମସ୍ତ ଔଷଧ ନିର୍ମାଣ ପ୍ରଣାଳୀକୁ ନିୟନ୍ତ୍ରଣ କରିବା ନିମନ୍ତେ ଭାରତ ସରକାରଙ୍କର ଏକ ଆଇନ ପ୍ରଣୟନ କରିବା ଉଚିତ ସେତେବେଳେ ବିରୋଧି ଦଳର ଲୋକେ ଯୁକ୍ତି କଲେ ଯେ ଏହା ଦ୍ୱାରା ଓଡ଼ିଶାର ଔଷଧ ଶିଳ୍ପ ଧ୍ୱଂସ ହୋଇଯିବ। ଦେଶଭକ୍ତ ବା ଦେଶ ସେବକମାନେ ନିଜ ଦେଶ ତିଅର ବିଷଖାଇ ମରିବେ ପଛେ ପର ଦେଶରୁ ଅମୃତ ମିଳିଲେ ବି ଖତଗଡ଼ିଆରେ ଢାଳି ଦେଇ ଆସିବେ। କିନ୍ତୁ ଲଢଫର ସାହେବ ସେ ନେକଟାଇଟା ଫୋପାଡି ଦେଇ ଆସି ନାହାନ୍ତି ତ? ଆସେମ୍ବ୍ଲି ଭିତରକୁ ବିଦେଶୀ ଇଂରାଜୀ କଥାଟାକୁ ତୁଣ୍ଡରେ ଲଗାଇ ଯେ ଆସନ୍ତି ସେଥିରୁ କି ସୁଆଦ ମିଳେ?

× × × ×

ମରିବା ଆଗରୁ କଂସାସୁର ଅତି ଭୟରେ ଗୁରୁଅଡ଼େ କୃଷ୍ଣମୂର୍ତ୍ତି ଦେଖିଲା। ଶ୍ରୀରାଧା ମଧ୍ୟ ଅତି ପ୍ରେମରେ ଶୟନେ ସ୍ୱପନେ ଜାଗରଣେ ସେଇ କୃଷ୍ଣ ମୂର୍ତ୍ତି ଦେଖୁଥିଲେ। କିନ୍ତୁ ଆମ ବିଶ୍ୱନାଥେ ଯେ ସବୁବେଳେ ଖବରକାଗଜବାଲାଙ୍କ ରୂପ ଦେଖୁଛନ୍ତି ସେ ଅତି ପ୍ରେମରେ ନା ଅତି ଭୟରେ? ଆମର ମନେହୁଏ ଅତି ପ୍ରେମରେ। କାରଣ ଏକେଶ ପ୍ରେମଭକ୍ତ ଦୀକ୍ଷାଧାରୀ ବଇଷ୍ଣବ ତେଣେ ସତ୍ୟ ଅହିଂସାବାଦୀ ଗାନ୍ଧିବାଲା। ଘରେ ବାହାରେ ଆସେମ୍ବ୍ଲିରେ ଆସେମ୍ବ୍ଲି ଦାଣ୍ଡରେ ଗୁରୁଅଡ଼େ ଖବର କାଗଜବାଲାଙ୍କର ନିନ୍ଦା ଗାନ। ଶ୍ରୀରାଧା ଦିନେ ଅଭିମାନରେ ଗାଇଥିଲେ—'କୃଷ୍ଣନାମ ଅକ୍ଷର ମୋ ଶ୍ରବଣେ ନ ଶୁଣାଇବଟି କେହି ଗୋ? ବିଶ୍ୱନାଥ ତେବେ ଗାଇବେ—'ଖବର କାଗଜ ନାମ ଏ ଶ୍ରବଣେ ନଶୁଣାଇବଟି କେହି ଗୋ'।...

ଦାସେ କହୁଛନ୍ତି ଯେ ଖବର କାଗଜବାଲାମାନେ ତାଙ୍କୁ ଖାଲି ଅନର୍ଥକ 'ଗାଳି କରୁଛନ୍ତି।' 'ଗାଳି କରିବା' କଥାଟାକୁ ବ୍ୟାକରଣ କାରମାନେ କିଭଳି ବାକ୍ୟ ବୋଲି କହୁଛନ୍ତି ବା କହିବେ ଆମକୁ ଜଣାନାହିଁ। କିନ୍ତୁ ଦାସଙ୍କ ଭଳି ଜଣେ ଇଂରାଜୀ ବିଶାରଦ ତାର ଏହିପରି ଇଂରାଜି ତର୍ଜମା କଲେ—"Khabar kagaj-walas are working abuses." କିନ୍ତୁ ଆମେ ପଚାରୁଁ, ଯେଉଁ ମନ୍ତ୍ରୀମାନେ କଦର୍ଯ୍ୟ ଭାରତ ଆଇନକୁ କାର୍ଯ୍ୟକାରୀ କରୁଛନ୍ତି ଓ ଯେଉଁ କାଗଜବାଲାମାନେ ତାଙ୍କୁ ଏଭଳି କାର୍ଯ୍ୟ କରିବା ଅନ୍ୟାୟ ବୋଲି ଦର୍ଶାଇ ଦେଉଛନ୍ତି ତାଙ୍କ ଭିତରେ ପ୍ରକୃତରେ କିଏ abuses କୁ work କରୁଛନ୍ତି ଦାସେ ତାର ନିରପେକ୍ଷ ଜବାବ ଦେବେକି?

ଏ ବର୍ଷ ଓଡ଼ିଶାରେ ବାରି ବର୍ଷଣର ବଡ଼ ଅଭାବ ଥିଲା। କିନ୍ତୁ ସୁଖର ବିଷୟ ଏହି ଯେ ସେ ଅଭାବଟା ଆମ କଂଗ୍ରେସ ମନ୍ତ୍ରୀମାନେ ପୂରଣ କରି ଦେଇଛନ୍ତି ତାଙ୍କ ଆଶିଷ (blessings) ବର୍ଷଣକରି। ମାତ୍ର ଦୁଃଖହୁଏ ଯେ ଏହି ବର୍ଷଣର ୧୬ ଭାଗରୁ ସାଢ଼େ ପନ୍ଦର ଭାଗ ବିଦେଶରେ। ମୋହନ



Digitized by srujanika@gmail.com

କୋମ୍ପାନୀ, ଏସୋସିଏଟେଡ଼ ପ୍ରେସ ଓ ଇଉନାଇଟେଡ଼ ପ୍ରେସମାନଙ୍କୁ ଆମ୍ଭେମାନେ ବଡ଼ ଭାଗ୍ୟବାନ ମନେକରୁଛୁଁ । ସେମାନେ ଓଡ଼ିଶାର ଜୟଦେବଙ୍କର ଆଶୀର୍ବାଦ ପାଇଛନ୍ତି। ଏଥର ନିର୍ବାଣପଦରେ ସ୍ୱର୍ଗକୁ ଉଠିବେ।

ଅପେ ଶୁଣୁଛୁଁ ମୋହନ କମ୍ପାନୀ ଯେଉଁ କାରଖାନା କରିବେ ସେଥିରେ ଡାକ୍ତରଙ୍କ ଚିକିତ୍ସାର ଔଷଧ ମଧ୍ୟ ତିଆରି ହେବ । ତାହାହେଲେ ଯେଉଁ ବୟୋବୃଦ୍ଧ ବ୍ୟକ୍ତିମାନେ ଶାସ୍ତ୍ରର ଅକ୍ଷମତା ଯୋଗୁଁ ବିବାହ କରି ନପାରୁଛନ୍ତି ସେମାନେ ଅନାୟାସରେ ପୂର୍ବକାଳର ରାଜାମାନଙ୍କ ପରି ଏକାଧିକ ବିବାହ କରି ଆନନ୍ଦରେ ପୃଥିବୀ ଭୋଗକରି ପାରିବେ । ଏହି ସବୁ ଗୁଣ ଦେଖି ଓଡ଼ିଶା ମନ୍ତ୍ରୀ ଯଦି ମୋହନ କୋମ୍ପାନୀଙ୍କ ପ୍ରେମରେ ପଡ଼ନ୍ତି ତେବେ ଅନ୍ୟାୟ ନୁହେଁ ।......

କିନ୍ତୁ ଏସୋସିଏଟେଡ ପ୍ରେସ ଓ ଇଉନାଇଟେଡ ପ୍ରେସକୁ ଠିକା ଯେ କେଉଁ କାରଣରୁ ଦିଆଗଲା ଆମ୍ଭେମାନେ ବୁଝିପାରୁ ନାହୁଁ । ଏ ଠିକା ନଦେଇ ଆଗରୁ ତ ବାହାର କାଗଜରେ ମନ୍ତ୍ରୀଦ୍ୱୟର ଜୟଜୟକାର କମ ପଡ଼ୁନଥିଲା । ତାଠାରୁ କଣ ବେଶୀ ଦରକାର ହେଉଛି କି ? ବଙ୍ଗ, ମାନ୍ଦ୍ରାଜ, ବମ୍ବେ, ଯୁକ୍ତ ପ୍ରଦେଶର ସରକାରମାନେ ଏପରି ଆଶୀର୍ବାଦ ଦେଉଛନ୍ତି କି ନାହିଁ ସରକାର ଟିକିଏ ଭଲକରି ବୁଝିବେ କି ?

\+ + + +

ଏକଦା କୌଣସିଲୋକ ବିଷ୍ଣୁଙ୍କ ଠାରେ ବର ମାଗିଲା—'ମୋତେ ମିଛ କହିବାକୁ ସାହସ ଦିଅ ।' ବିଷ୍ଣୁ କହିଲେ 'ତଥାସ୍ତୁ' । ପୁଣି କହିଲା—"ମୋତେ ଅଭଦ୍ର ହେବାକୁ ବଳ ଦିଅ ।" ବିଷ୍ଣୁ କହିଲେ, "ତଥାସ୍ତୁ ।" ଆହୁରି ମାଗିଲା—'ମୋତେ ଭାତ ଡିଆ ଲୁଚି ଡ଼ାଲି ମାନ ଅପମାନ ମାଡ଼ ଗାଳି ଠିକା ପଇସା ଏସବୁ ହଜମ କରିବାର କ୍ଷମତା ଦିଅ ।' ବିଷ୍ଣୁ ଏଥରବି କହିଲେ—'ତଥାସ୍ତୁ' ଶେଷରେ ସେ କହିଲା—"ମହାପ୍ରଭୁ, ସବୁ ତ ଦେଲ, ଏଥର ମୋତେ ଭାରତର କୌଣସି ପ୍ରଦେଶରେ ମନ୍ତ୍ରୀ କରିଦିଅ ।" ମହାପ୍ରଭୁ ଏଥିରେ ନାରାଜ ହେଲେ । କହିଲେ— "ତା' ତ ମୁଁ କରିପାରିବି ନାହିଁ । ମୋ ଚେଲା ଗାନ୍ଧି ବି କରିପାରିବ ନାହିଁ । ମୋ ମତ ନେଇ ସେ ଏବେ ମଧ୍ୟ ପ୍ରଦେଶର ହରିଜନ ମାନଙ୍କୁ କହି ଦେଉଛି, ସବୁ କଥା କରିପାରିବ କିନ୍ତୁ ମନ୍ତ୍ରୀ କରିପାରିବ ନାହିଁ ।" ତହୁଁ ଲୋକଟି କରଯୋଡ଼ କରି କହିଲା—'ହଜୁର ମିଛୁଆ ହେବେ ତେବେ ।' ବିଷ୍ଣୁ ପଚାରିଲେ—'କାହିଁକି ?' ଲୋକଟି ଉତ୍ତର କଲା—'ମନ୍ତ୍ରୀ ନହେଲେ କି ଏତେ ଗୁଡ଼ାଏ ସଦ୍‌ଗୁଣ ଆମ ଭଳି ବାଜେ ଲୋକ ହଜମ କରି ପାରିବେ ? ରାମା ଶାମା ଭୀମାଙ୍କର ଏତେ ଗୁଣ ହବ କେଉଁଠୁ ? ମୋତେ ଯଦି ମନ୍ତ୍ରୀ ନକରିବେ ତ ଆପଣଙ୍କ ବର ବିଫଳ ହେଇଯିବ—ଆପଣ ମିଛୁଆ ହେବେ — ଆପଣଙ୍କ ନାମରେ ଅପବାଦ ବାଇଦ ବାଜିବ ।" ବିଷ୍ଣୁ ତହୁଁ ବହୁ ବିଚାରି ପୁଣି 'ତଥାସ୍ତୁ' କହି ଚାଲିଗଲେ ।.........

ବିଚ୍ଛିନ୍ନ ଉତ୍କଳ ଅବକାଶ ବାହିନୀର ଅଭିନନ୍ଦନ ଉତ୍ତରରେ ଆମ ପ୍ରଧାନମନ୍ତ୍ରୀ ଯେଉଁ ଭାଷଣ ଦେଲେ ତାକୁ ଅନେକ ବଡ଼ କଦର୍ଯ୍ୟ ସମାଲୋଚନା କରୁଛନ୍ତି । ସେମାନଙ୍କୁ ବୋଧହୁଏ ଉପରୋକ୍ତ ଘଟଣାଟି ଜଣା ନାହିଁ । ଜାଣିଥିଲେ ସେମାନେ ମନ୍ତ୍ରୀଙ୍କୁ 'ଗାଳି ନକରି' ନିଶ୍ଚୟ ବଳିହାରି ଦେଇ ଥାନ୍ତେ ।.............

ଖବର କାଗଜବାଲାମାନେ ( କଂଗ୍ରେସ ବେକଂଗ୍ରେସ ନିର୍ବିଶେଷରେ ) ଠିକା ଖାଇ ତାଙ୍କୁ ଗାଳିଦେବା ଓ ମଞ୍ଜୁଷା ତରଳା ଟେକାଳିରେ ଶଢକଡ଼ା ଦଶ ଜଣ ଓଡ଼ିଆ ଥିବା ପ୍ରଭୃତି ସତକଥା, ନ୍ୟାୟ କଥାମାନ କଂଗ୍ରେସ ମନ୍ତ୍ରୀଙ୍କ ତୁଣ୍ଡରେ ଶୋଭା ପାଇ ନପାରେ କିନ୍ତୁ ମନ୍ତ୍ରୀ ବିଶ୍ୱନାଥଙ୍କ ସ୍ୱତୁଣ୍ଡରେ ଶୋଭା ପାଇବା ବିଶେଷ ଆଶ୍ଚର୍ଯ୍ୟ କଥା ନୁହେଁ ।........

ଥରେ ଗୋଟିଏ ଶୃଗାଳ ରଙ୍ଗକର ନୀଳ ଭାଣ୍ଡରେ ଜୁବୁଡ଼ୁନ କରି ନିଜକୁ ନୀଳବର୍ଣ୍ଣ ହେବାର ଦେଖି ଅତି ଆନନ୍ଦିତ ହେଲା । ଅରଣ୍ୟର ସିଂହ, ବ୍ୟାଘ୍ର, ଭଲ୍ଲୁକ, ହସ୍ତୀ ପ୍ରଭୃତିଙ୍କୁ କହିଲା—ଭଗବାନ ମୋ ତେ ତୁମ୍ଭମାନଙ୍କର ରାଜା କରି ପଠାଇଛନ୍ତି । ସମସ୍ତେ ତାର ଆଶ୍ଚର୍ଯ୍ୟ ରୂପ ଦେଖି ନିର୍ବିବାଦରେ ଅଭିଷିକ୍ତ କରିଦେଲେ । କିନ୍ତୁ ସନ୍ଧ୍ୟା ହେବାକ୍ଷଣି ଅନ୍ୟାନ୍ୟ ଶୃଗାଳଙ୍କ ସହିତ ସେ ମଧ୍ୟ ହୁକା ହୁକା ହୁଆ କରିବାକୁ ଲାଗିଲା । ଏହି ନୀଳବର୍ଣ୍ଣ ଶୃଗାଳପରି କେତେକ ଲୋକ ସୁବିଧା ଦେଖି ଖଦଡ଼ ପୋଷାକରେ ଆଜି ସିଂହ ବାଘଙ୍କ ଉପରେ ରଜା ହୋଇ ସେହି ସିଂହ ବାଘଙ୍କୁ ନିନ୍ଦା କରିବାରେ ଲାଗିଛନ୍ତି । କାଲି ଯେ ପୂଜାଆ ଥିଲା ଆଜି ସେ ପୂର୍ଣ୍ଣାନନ୍ଦ ହେଲେ କ'ଣ ତାର ସ୍ୱଭାବ ବଦଳିବ ? ବିଷ୍ଣୁ ଶର୍ମାଙ୍କ ନୀତିଶିକ୍ଷାକୁ ଚନ୍ଦ୍ରମୋହନ ତେଣୁ ଏହିପରି ଲେଖିଥିଲେ—

...କୁ କର ଯଦି ରାଜ୍ୟ ଅଧୀଶ୍ୱର,<br>
ସିଂହାସନେ ଅଭିଷେକ ହେଉଁ ହେଉଁ ତାର,<br>
ଗ୍ରେବାଇବ ଉପାନହ ଆପେ ଆପଣାର ।

ବିଶ୍ୱନାଥ ବାବୁ ଯେ ସେଦିନ ସବୁ ଖବରକାଗଜବାଲା ପଇସା ଖାଇ ଗାଳି କରୁଛନ୍ତି ବୋଲି କହିଲେ ତାଙ୍କର ସେଟା ସ୍ୱଭାବଗତ ଦୋଷ ହୋଇ ପାରେ ତେଣୁ କ୍ଷମାଯୋଗ୍ୟ । ମାତ୍ର ବିଶ୍ୱନାଥ ବାବୁଙ୍କର ଟିକିଏ ଭାବିବା ଉଚିତ ଥିଲା ଯେ ଖବରକାଗଜବାଲାଙ୍କ ଭିତରୁ ଅନେକ ତାଙ୍କଠାରୁ ଭଲ ବା ନିସ୍ପାପର କଂଗ୍ରେସବାଲା ଅଛନ୍ତି । ସେମାନେ ସୁବିଧା ଦେଖି ମନ୍ତ୍ରୀ ହେବାକୁ ଲାଳାୟିତ ନ ହେଲେ ମଧ୍ୟ ଯୁଦ୍ଧ ବେଳେ ଦେଶ ପାଇଁ ପ୍ରାଣ ଦେବାକୁ ତତ୍ପର ହୋଇ ଥାନ୍ତି । ଏତକ ସେ ଯଦି ଜାଣି ନ ଥାନ୍ତି ତେବେ ଦୟା କରି ସମାଜ ଅଫିସକୁ ଗଲେ ସେଠାରେ ଭଲ କୋଚିଂ ପାଇ ପାରିବେ।

ଆମକୁ କେତେକ ଅସେମ୍ବ୍ଲି ଦର୍ଶକ ପଚାରି ପଠାଇ ଛନ୍ତି ଯେ କବି କୁନ୍ତଳା କୁମାରୀ ଓ ମାନ୍ୟବର ସୀତାକାନ୍ତ ବହୁଦିନରୁ ମହା ପ୍ରୟାଣ କଲେଣି । ଯଦି ତାଙ୍କ ମୃତ୍ୟୁରେ

( ୮ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



# ଶିକାରୀ

ଲେଖକ—ଶ୍ରୀ ଅନାମ

ସକାଳୁ ଗୁଡ଼ାଏ ରୋଗୀଙ୍କ ଦୁଆର ବୁଲି ବୁଲି ଶୂନ୍ୟ ପକେଟରେ ଯେତେବେଳେ ଡ଼ାକ୍ତର ଖାନାକୁ ଫେରିଲି, ଭାବିଲି ଅଜ ଦିନଟା ନଷ୍ଟ ହେଲା । କାହା ମୁହଁ ଚାହିଁଥିଲି କେଜାଣି ? ଯାହାହଉ ପରେ ନଗେନ୍ଦ୍ର ଘରେ ବୁଲି ପଡ଼ ଯାଏଁ । ଅନ୍ତତଃ ସେଠି ଗପ ସପ କରି ମନଟା ହେଲେ ବହଲି ଯିବ ।

ନଗେନ୍ଦ୍ର ମୋର ପିଲା ବେଳର ଦୋସ୍ତ । ଜମିଦାର ପିଲା । ପେଟ ଚିନ୍ତା ତ ନାହିଁ— କେବଳ ଖେଳ, ଗାଣ ବଜାଣ, ଅଡ୍ଡା ସିନେମା, ସର୍ବୋପରି ଅଉ ମଝିରେ ମଝିରେ ଶିକାର ।

ଏଥର ଯାଇ ବୈଠକ ଖାନାର ଦୁଆରଟା ପେଲି ଦେଇ ପଶି ଗଲି ଭିତରକୁ—ଅରେ ବାପରେ ! ମୋ ହଂସା ଉଡ଼ିଗଲା !—ଏକଦମ୍ ମୋ ଛାତିକୁ ନିଶାଣ କରି ନଗେନ ଛିଡ଼ା ହୋଇଛି ବନ୍ଧୁକ ଧରି । ବୁଦ୍ଧି ଏକାବେଳେ ଲୋପ । ହାତରୁ ବେଗଟା ପଡ଼ିଲା ଖସି । ଛୁରି, କଇଞ୍ଚି, କରତ ଫରସେପରର ବ୍ୟବହାର କରୁଥିଲେ ମଧ ଗାଅନ୍ତ୍ରା,ନଳୀ ବନ୍ଧୁକ ଆଗରେ ଛାତି ପତାଇ ଛିଡ଼ା ହବାର ସାହସଟା କେତେ ଜଣର ଅଛି !

ମୋର ଡଟସ୍ଥ ଅବସ୍ଥା ଦେଖି ନଗେନ ହୋ-ହୋ କରି ହସି ଉଠିଲା । ତାପରେ ମୁଁ ଟିକିଏ ଅଶ୍ୱସ୍ଥ ହୋଇ ଗୋଟାଏ ଚେୟାରରେ ବସି ପଡ଼ି ଫଁ କରି ନିଶ୍ୱାସଟା ମାରିଲି । ନଗେନ କହିଲା, "ଏଡ଼େ ଡରୁଅଛ !"

ନେଫଡ଼ା ହସଟାଏ ହସି କହିଲି—"ତୁ ଛିଡ଼ା ହେଲୁ ବନ୍ଧୁକ ଅଗରେ ।"

"ଦେଖ ଦେଖ" କହି ସେ ବନ୍ଧୁକ ମୋ ଆଡ଼କୁ ବଢ଼େଇ ଦେଲା ।

"ଥାଉ, ଥାଉ ବାହାଦୁରିର ଦରକାର ନାହିଁ—କିନ୍ତୁ ସମ୍ପ୍ରତି, ବନ୍ଧୁକରେ କାରତୁସ୍ ଥିଲାକି ?"

ସେ ହସି କହିଲା "ବୋକୁଡ !"

ତାପରେ ବସି ଆରମ୍ଭ କଲା—"ଆମେ ଶିକାରକୁ ବାହାରୁଛୁଁ । ଚାଲ ବୁଲି ଆସିବା । ଭାରି ମଉଜ ।"

"ହଁ—ବଡ଼ ଲୋକଙ୍କ ପାଇଁ ମଉଜ ଅବଶ୍ୟ—ଅଉ ଆମେ ତ ବେକାର ନୋହୁଁ ।

ଢେର ଜିଦ୍ କଲା ସେ, କିନ୍ତୁ ମୋର କାମ ଥିଲା ବୋଲି ମଙ୍ଗିଲି ନାହିଁ । ତା ପରେ ବାଘ, ଭାଲୁ, ଅଉ ବନ୍ଧୁକ ଗୋଳିର କାରବାରରେ ପ୍ରିୟ ଜୀବନଟାକୁ ପାଣି ଛଡ଼େଇ ଏକମାତ୍ର ସ୍ତ୍ରୀ ଓ ବହୁ ପିଲାମାନଙ୍କୁ ଭସେଇ ଦବାର ପ୍ରବୃତ୍ତିଟା ବି ନ ଥିଲା ମୋର । ତାହିଁକି ଲାଇଫ ଇନସିଓର ବି କରି ନ ଥିଲି ।

× × ×

ଶୁଣିଲି ସେହିଦିନ ନଗେନ ବାହାରି ଗଲା ଶିକାରକୁ । ଖୁବ ସହର । କାହାର ଘରେ କିଛି ଟିକିଏ ହେଲେ ସମସ୍ତେ ଜାଣନ୍ତି । ସମସ୍ତେ କୁହାକୁହି ହେଲେ ନଗେନ ଏଥର କେତେ ବାଘ, ଭାଲୁ, ମିରିଗ ମାରି ଆଣିବ । ଅନ୍ତତଃ ମିରିଗ ମାଂସଟା ଖାଇବାର ସ.ଧ ଯେ ମୋର ନ ହେଲା, ତାହା ନୁହେ ।

ଧୂଳି ଉଡ଼ାଇ ଦିନ ଅଉ କିଛି ଖବର ନାହିଁ । ହଠାତ୍ ନଗେନ୍ଦ୍ରର ନିମନ୍ତ୍ରଣ ପାଇଲି, "ଆଜି ରାତିରେ ଖାଇବାକୁ ଆସିବୁ ନିଶ୍ଚୟ ।"

ଲୋଭଟା ହେଲା ଖୁବ୍ । ଯିବ ବୋଲି ଉତ୍ତର ଦେଲି । ପରୋକ୍ଷରେ ଶୁଣିଲି ମସ୍ତବଡ଼ ସମ୍ବରଟାଏ ନଗେନ୍ଦ୍ର ଶିକାର କରି ଆଣିଛି ।

ମସ୍ତବଡ଼ ସମ୍ବର । ବୋଡା ବୋଡା ମାଉଁସ । ଅନେକ ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ ହେଲା, କିନ୍ତୁ ବି ଦୁର୍ଭାଗ୍ୟ ସେଇଦିନ ସନ୍ଧ୍ୟାବେଳକୁ ଦୂରରେ ଗୋଟାଏ କଲ ( Call ) ଆସିଗଲା—ସେ ପୁଣି କଲେଜ କେସ୍ । ନଗଲେ ନଚଳେ । ଟଙ୍କାର ଲୋଭଟାବି ଅଛି । ତାପରେ କାମ ସାରି ଆସି ନିମନ୍ତ୍ରଣ ଖାଇ ଯିବା ଅସମ୍ଭବ ହୋଇ ପଡ଼ିଲା । ରାତି ବାରଟା ସମୟ ଘରକୁ ଫେରି ମନ ମାରି ଶୋଇ ପଡ଼ିଲି ।

× × ×

ଠିକ୍ ରାତି ଦୁଇଟାରେ କିଏ ଆସି କବାଟ ପେଲିଲା । ସ୍ୱରରୁ ଜାଣିଲି ନଗେନ୍ଦ୍ରର ଚାକର । ସେ କହିଲା, "ବାବୁଙ୍କର ପେଟ କଣ ହଉଚି ।"

"ଅଉ କଣ ?"

"ନା, ଅଉ କିଛି ନା ।"

"ଦସ୍ତ ?"

"ହଁ ଆଜ୍ଞା, ଦସ୍ତ ବି ।"

"ଅଉ କଣ ?"

"ଅଉ କିଛି ନା ।"

"ବାନ୍ତି ଛାନ୍ତି ?"

"ହଁ, ହଁ, ବାନ୍ତି କରିଛନ୍ତି ଦିଥର ।"

"ରୁଡ଼ବକ୍ !—"

କାଳ ବିଳମ୍ବ ନକରି—ଟେଗାଟାଏ ମିକ୍ସଚରୁ ତିଆରି କରି ଦେଲି । ସେ ଚାଲିଗଲା ।

ଦିଚଣା ଯାଉଚି କି ନାହିଁ, ପୁଣି ଯଡ଼ ଯଡ଼ । ଏଥର ଆଉ ଜଣେ । ସେହି ଏକା କଥା । ପେଟ ଝଣା, ବାନ୍ତି, ଝାଡ଼ା । ଔଷଧ ଦେଇ ବିଦା କଲି ।

ସାଙ୍ଗେ ୨ ପୁଣି ଜଣେ । ଏହି ରାତି ଭିତରେ ଅନ୍ଦାଜ ଦଶ ଜଣ ପହଞ୍ଚିଲେ । ସବୁ ଏକା କେମାସ । ରାତି ସାରା ଆଖି କଣା କରି ପାରିଲି ନା



Digitized by srujanika@gmail.com

ବୁଝିଲି ଯେ ଯେତୋଟି ଶ୍ରେଣୀ ସମସ୍ତେ ହୋଇଥିଲେ ନଗେନ୍ଦ୍ରର ଅତିଥି ଓ ଶମ୍ବର ମାଂସ ଖାଇଛନ୍ତି । ଭଗବାନ ମୋତେ ରକ୍ଷା କଲେ ଏବା । ଡାକ୍ତର ପଢ଼ୁଥିଲେ ସ୍ୱାଙ୍କୁ ଦେଖନ୍ତା କବ !

× × ×

ସତ ସାହାଲାଙ୍କ, ଦୈତ୍ୟକର୍ମ ସାର ସବେର ସବେର ବାହାର ପଡ଼ିଲି । ମନ, ସମସ୍ତିଙ୍କୁ ଥରେ ଥରେ ଦେଖି ଅସିବ ।

ପ୍ରଥମେ ନଗେନ୍ଦ୍ର ଘରକୁ ଗଲି । ସେ ଯେଉଁ ଲୁହ୍ନେର ପଡ଼ିଚ । ଦେଖା ଦେଖି କର ଔଷଧ ଓ ପଥ୍ୟର ବ୍ୟବସ୍ଥା କରିଦେଇ ଅସିଲି ।

ମନରେ କିନ୍ତୁ ସନ୍ଦେହ ଥାଏ ଯେ ଶମ୍ବର ମାଂସ ଖାଇ ଏକାବେଳକେ ଏତେ ଗୁଡ଼ାଏ ଲୋକଙ୍କୁ ଡାଇରିଅ ଧରିଲା କାହିଁକି !

ନଗେନ୍ଦ୍ର ଘରୁ ବାହାରି ରାସ୍ତା ଉପରେ ଦେଖିଲି ଗୋଟାଏ ମଫସଲିଅ ଲୋକ । ମୋତେ ଦେଖି ସେ ପଚାରିଲା "ଏଇଟା ନଗେନ୍ଦ୍ର ବାବୁଙ୍କ ଘର ?"

"ହଁ—କ ଦରକାର ?"

"କାଲି ସେ ସତୁ ଟଙ୍କା ପାଞ୍ଚଟା ଦେଇଥିଲେ ସେଥିରୁ ଗୋଟାଏ ଅଚଳ ।"

"ତୋ ଘର କେଉଁଠି ?"

"ଅଜ୍ଞା—ଗାଁରେ ।"

"ସେଇ ବାଟ ଦେଇ ସେ ଜଙ୍ଗଲକୁ ଯାଇଥିଲେ ସବୁ ଶିକାର କରି ?"

"ଜଙ୍ଗଲକୁତ ନୁହେ—ଅମର ଗାଁ ଯାକେ"

"ଅଁ—ତମର ଗାଁ ଯାକେ ? କେଉଁଠି କଣ ଶିକାର ମିଳେ ?"

ମୋ ନାଡ଼ଚର ଗଛ ଉପରେ ଗୋଟାଏ ଚଢ଼େଇକୁ ମାରୁମାରୁ ମୋ ପାଳଗଦାରୁ ଖଣ୍ଡ ପୋଡ଼ି ।"

"ଓଃ, ସେଇଥି ପାଇଁ ସଗ୍ ପାଞ୍ଚ ଟଙ୍କା ନେଲୁ ।"

"ଅଜ୍ଞା ନା, ଅଉର ମଇଁଷିଟା ସେ ।"

ଧିଆ । ବ ... ଶେଷରେ ନେଷି କଣ ?"

ଦେଲି, ... ନଙ୍କର ମଲ ମଇଁଷିଟାକୁ ସେ ଅଣିଲେ ।

... ମାଟରେ ପାଞ୍ଚ ଟଙ୍କା ନା ।"

ମୁଁ ଅବାକ ହୋଇ ତା ମୁହଁକୁ ଚାହିଁଲି ।

ତେବେ ଏ ଶିକାର ଶମ୍ବର ନୁହେ—ମଲ ମଇଁଷି !

ପଚାରିଲି "ଅଜ୍ଞ, ତୋ ମଇଁଷିଟା କ ରୋଗରେ ମରିଥିଲା ?"

"ଅଜ୍ଞା ଛେର ହୋଇ"

ବନ୍ଧୁବରଙ୍କର ଶିକାର ଓ ହଠାତ୍ ପୀଡ଼ା ଜଣା ପଡ଼ିଗଲା ଏବେ । କିନ୍ତୁ କେଉଁ ଅକଲରେ ମଲା ମଇଁଷିର ମାଉଁସ ନିଜେ ଖାଇଲେ ଅଉ ଏତେ ଗୁଡ଼ାଏ ଲୋକଙ୍କୁ ଭଣ୍ଡି ଖୁଆଇଲେ ? ଲୋକଟାକୁ କହିଲି "ବାବୁଙ୍କର ଦେହ ଖରାପ ରୁ ଏଇ ଟଙ୍କା ନେଇ ଫେରିଯା ।"

ଏହା କହି ପକେଟରୁ ଟଙ୍କାଟାଏ ବାହାର କରି ତା ହାତରେ ଦେଲି ଓ ତାର ଅଚଳ ଟଙ୍କାଟା ରଖିଲି ।

ବନ୍ଧୁଙ୍କୁ ବେ-ଇଜ୍ଜତରୁ ରକ୍ଷା କରିବା ପାଇଁ ଏତକ ମୋର କର୍ତ୍ତବ୍ୟ ନୁହେଁ କି ?

ତାପରେ ସିଧା ସିଧା ଲେଉଟି ଅସିଲି ଘରକୁ । ସେଉଁ ବେମାରରେ ହଗି ହୋଇ ମରିଥିବା ମଇଁଷି ମାଉଁସର ଗିଷ୍ଟି ସେ ଖାଇଥିଲେ ତାଙ୍କୁ ଡ଼ାକ୍ତର ଖଟିବା ଉଚିତ ନୁହେଁ ।

---

## ସତକଥା ।

ଶ୍ରୀଯୁକ୍ତ ଯଦୁମଣି ମଙ୍ଗରାଜଙ୍କ କବିତା ଓ କଥା ପ୍ରଭୃତି ଶୁଣି କେତେକ ଭାବିଥାନ୍ତି ଯେ ସେ ଜଣେ ଭଣ୍ଡ ଗୋପାଳ ।

କିନ୍ତୁ ପ୍ରକୃତରେ ସେ ଓଡ଼ିଶାର ଚତୁର **ଯଦୁମଣି** ।

ଅମୃତ ବଜାରର ପାଠକ ମାନଙ୍କର ଗୋଟାଏ ଧାରଣା ହୋଇଥାଏ ଯେ ଓଡ଼ିଶା ଅସେମ୍ବ୍ଲିରେ ରାଜକୃଷ୍ଣ ଓ ପ୍ୟାରୀଶଙ୍କରଙ୍କ ଛଡ଼ା ଅଉ କେହି ସଭ୍ୟ ନାହାନ୍ତି ।

କିନ୍ତୁ ପ୍ରକୃତରେ ନିଧି ଦାସ ଓ ଶଶିଭୂଷଣଙ୍କ ପରି ଅନ୍ୟୂନ ୬୦ ଜଣ ସଭ୍ୟ ସେଠାରେ ବସିବା ଉଠିବା ଓ ଶୋଇବାର ଦେଖାଯାନ୍ତି ।

କଲିକତା + ଲୁପ୍ପାର ମୋହନ କମ୍ପାନୀକୁ କେତେକ ଲୋକ ଲାଲ ମୋହନ ଗୋଲ ମୋହନ ଖୀରମୋହନ ପ୍ରଭୃତିର ସଂକ୍ଷିପ୍ତ (abbreviated) ନାମ ବୋଲି ମନେ କରୁଛନ୍ତି ।

କିନ୍ତୁ ଶୁଣାଯାଏ [illegible] ଭାଳେ ବିଶ୍ୱମୋହନର ଉପନାମ ।

କ[illegible]କୁ ସମସ୍ତେ ବେବିଲ ଓଡ଼ିଶାର ରାଜଧାନୀ ବୋଲି ଜାଣନ୍ତି ।

ସେ ମନ୍ତ୍ରୀଦାନୀ ମଧ୍ୟ ।

ଡଗରକୁ ସମସ୍ତେ ଅବନା ଛନୋଟି ଅକ୍ଷରର ବଡ଼ ସହଜ ଅଉ ସରଳ ଶବ୍ଦ ମନେ କରନ୍ତି ।

କିନ୍ତୁ ଯେଉଁମାନଙ୍କ ଭିତରେ ଗଳିଅଛୁ ସେମାନେ ତାକୁ ଭାରି ଓଲଟା ( ରଗଡ଼ ) ବି କହୁଥାନ୍ତି ।

## ମଶାର ଉପକାରିତା ।

ମଶା ଯେ ମଣିଷର ଶତ୍ରୁ, ଏକଥା ସମସ୍ତେ ଜାଣନ୍ତି । କିନ୍ତୁ ସେହି ମଶା ପେ ପୁଣି ମଣିଷର ବଡ଼ ହିତକାରୀ ବନ୍ଧୁ, ଏ କଥା ଏବେ ବୈଜ୍ଞାନିକମାନେ ଜାଣି ପାରିଛନ୍ତି । ଏଥିପାଇଁ ଲଣ୍ଡନର ଗ୍ରୈବାସ୍ତୁ ମଧ୍ୟରେ ପାଣି ରଖି ମଶା ଜନ୍ମକରା ହେଉଛି ଏବ ସେହି ମଶାଙ୍କୁ ପାଳି ପୋଷି ପାଗଳା ଲୋକଙ୍କୁ ଅରୋଗ୍ୟ କରିବାରେ ଲଗା ହେଉଛି । ମଶା କାମୁଡ଼ାରେ ମେଲେରିଅ ହେଲେ ପାଗଳ ମାନଙ୍କର ବହୁତ ଉପକାର ହେବାର ପ୍ରମାଣିତ ହେଲାଣି । ଏଥିପାଇଁ ମଶାର ଦେଶ ବଦେଶକୁ ଅମଦାନି ରପ୍ତାନି କାରବାର ମଧ୍ୟ ଚାଲିବା ଅରମ୍ଭ ହେଲାଣି । ଅମ ଭାରତବର୍ଷର ମଶାମାନଙ୍କୁ ଧରିନେଇ ଜାପାନ ବା ୟୁରୋପକୁ ପଠାଗଲେ ସଂସାରର ବହୁତ ଲାଭ ହୁଅନ୍ତା ନାହିଁକି ? ଅଉ ପୁଣି ଅମ ଦେଶର ଯେଉଁ ସୀମାନ୍ତ ରାଜନୈତିକ ମାନଙ୍କର ମୁଣ୍ଡ ବିଗିଡ଼ି ଯାଉଛି ସେମାନେ ଏହି ମଶା ଚିକିତ୍ସାରେ ମନ ବଳାନ୍ତୁ ବୋଲି ଅମର ପରାମର୍ଶ ।

Digitized by srujanika@gmail.com



# ତାପରେ—

ଲେଖକ—ଶ୍ରୀ ଅବଧୂତ

ସମସ୍ତଙ୍କ ଜୀବନରେ ଏଇଆ ଘଟେ, ଘଟୁଚି, ଆଉ ଘଟିବ । ମୋର ଆଉ ବିଚିତ୍ରତା କିଛି ନାହିଁ । ଯେ ନମାନେ ସେ ମିଛ କଥା କହେ ।

ଯୌବନର ପ୍ରଥମ ଝଲସତେ ମଣିଷ ଯେତେବେଳେ ଗୋଟାଏ ଅଭୂତପୂର୍ବ ଚେତନା ପାଏ ସେତେବେଳେ ସେ ଗୃହେଁ ଦୁନିଆଟା ଯାକର ସବୁ ସୌନ୍ଦର୍ଯ୍ୟକୁ ଚିପୁଡ଼ି ତାର ରସଟାକୁ ମଜୁଆର ହୋଇ ପିଇଯିବା ପାଇଁ । ରସାଳ ପଦାର୍ଥକୁ ସେ ଗିଳିଦେବାକୁ ଉତ୍ସୁକ ରହେ ନାହିଁ—ପଣସ ପରି ତହିଁରେ ଯେତେ କଣ୍ଟା ଥାଉ ପଛେ—ଖାତିର ନଥାଏ ତାର ତହିଁକି । କିନ୍ତୁ ସେଉଟା ସବୁଦିନେ ରହେ ନାହିଁ ।

କମଳାକୁ ମୁଁ ଦେଖି ଭଲ ପାଇଲି । ତମେ କହି ତାକୁ ଭଲ ପାଇବା—ମୁଁ ବି ସେଦିନ ତମରି ଭାଷାରେ ତାକୁ ଭଲ ପାଇବା ବୋଲି କହୁଥିଲି । କିନ୍ତୁ ଆଜି କହିବି ଅଉ ଗୋଟାଏ କ'ଣ ଯାହାର କି ଭାଷା ଖୋଜି ପାଉନାହିଁ । ପାଗଳାମି ହୋଇପାରେ ।

ସେ ପାଗଳାମି ଠିକ୍ କେଉଁ ଧରଣର ଜାଣନ୍ତି ? କମଳା ବାହାହୋଇଗଲା ଦିନ ମୁଁ ଯେମିତି ପାଗଳ ହେଉଥିଲି, ସେ ବି ସେଇମିତି ଗୋଟାଏ ଧରଣର ପାଗଳାମି । ଯେ ପାଗଳାମି ରହେ ନାହିଁ—ଛାଡ଼ିଯାଏ । ଛାତି ଭିତରୁ ସବୁ ଅଳିଆ ଚକ୍ ଲିପି ପୋଛି ମନ ତାର ନିର୍ମଳ ନିସ୍ତେଜ ହୋଇ ବସିଯାଏ ।

କିନ୍ତୁ ସେ ଅବସ୍ଥାବି ବେଶୀଦିନ ରହେନାହିଁ । ମୋର ବି ରହି ନଥିଲା । ମୁଁ କୁନ୍ତଳାକୁ ବାହା ହେଲି ଆଖିରେ ଅନ୍ଧପଟଳୀ ବାନ୍ଧି । କୁନ୍ତଳା ସୁନ୍ଦର ଥିଲା କି ଅସୁନ୍ଦର ଥିଲା ମୁଁ ଠିକ୍ କହି ପାରିବି ନାହିଁ । କେତେ ଲୋକ କେତେ କଥା କହନ୍ତି ମୋ ପଛଆଡ଼େ । କାହା ମତରେ ଅଖିଟା ସୁନ୍ଦର କିନ୍ତୁ ନାକଟା ସେଗୁଡ଼ାକ । ଅଉ କାହା ମତରେ ତାର ଠିକ୍ ଓଲଟା । ମୁଁ ବଡ଼ ଅଡ଼ୁଆରେ ପଡ଼ିଯାଏଁ ଭାବିଲାବେଳେ । ତେବେ କିଛି ଦିନ ପରେ ମୁଁ ଗୋଟାଏ କିମିତି ବାନ୍ଧିହୋଇ ପଡ଼ିଥିଲି ତା ଦିହରେ । ଦିହରେ କି ଛାତିରେ, ପ୍ରାଣରେ କି ମନରେ ଏମିତି ଗୋଟାଏ ନିର୍ଦ୍ଦିଷ୍ଟ ସ୍ଥାନ ମୁଁ କହି ପାରିବି ନାହିଁ । ମୋଟା ମୋଟି ମୁଁ ତାର ନିକଟ ହୋଇ ପଡ଼ିଥିଲି ; ଗୋଟାଏ ଜିନିଷ ଖରାପ ହେଉ ଭଲ ହେଉ ଅପଣାର ବୋଲି ମନେହେଲା ପରେ ଠିଉଁ ମଣିଷ ଅଖି ଏମିତି ଅନ୍ଧ ହୋଇଯାଏ ଯେ ସ୍ୱାର୍ଥରେ, ସେ ଅଉ ଜିନିଷ ସାଙ୍ଗରେ ତାକୁ ତୁଳନା କରି ଦେଖି ପାରେ ନାହିଁ । ମୁଁ ବି ସେଇମିତି କୁନ୍ତଳାକୁ ଅତୁଳନୀୟ ମନେ କଲି । କିନ୍ତୁ ବହୁ ଚେଷ୍ଟା କରି ନିଜକୁ ମନାଇ ପାରିଲି ନାହିଁ ଯେ ତାଠାରୁ ଭଲ ଜିନିଷ କିଛି ଦୁନିଆରେ ଅଛି ଯଉଟାକୁ ମୋତେ ପାଇବାକୁ ହେବ, ଏକଥା ମିଛ ।

ବହୁତ ଗୁଡ଼ାଏ ମିଠା ଖାଇଲେ ଯେମିତି ମୁହଁ ବାନ୍ଧି ପକାଏ ମୋତେ କେତେଦିନ ପରେ, ସେଇମିତି ଲାଗିଲା ।

ଏ ବି ମଣିଷର ଗୋଟାଏ ପ୍ରକୃତି । ନିଜର ଜିନିଷକୁ ନିଃଶେଷ କରି ଉପଭୋଗ କରିନେବା ପରେ ଭଲ ହେଉ ଖରାପ ହେଉ ଯାହା ଅପଣାର ନାହିଁ—ପରରେ, ତା' ଉପରେ ସହଜରେ ଅଖି ପଡ଼େ । କିନ୍ତୁ ମୋର ଯାହା ଉପରେ ଅଖି ପଡ଼ିଲା ସେ ମୋତେ ମୋ କୁନ୍ତଳାଠାରୁ ବେଶୀ ଭଲ ଲାଗିଲା ।

ଲଳିତା ବିଧବା । ବାଳ ବିଧବା ହୋଇଥାଇ ପାରେ । କିନ୍ତୁ ସେକଥା ମୁଁ ତାକୁ କେବେ ହେଲେ ପଚାରିନାହିଁ । ହୃଦୟ ଯେଉଁଠି ପୂର୍ଣ୍ଣ-ଥାଏ ସେଠି ପ୍ରଶ୍ନର ଉଠେନାହିଁ । ଲଳିତାର ଗୁଲ୍ ଚଳନ କଥା ବାର୍ତ୍ତା ସ୍ୱଭାବ ଚରିତ ମୋତେ ଗୋଟିମଟେ ବୁଡ଼ାଇ ପକାଇଲା ଯେମିତି ।

ଅଗରେ ପଥର ପରି ବାଡ଼ ଅକାଶ ଉପର—ଲୋକନିନ୍ଦା । ସେଇଟା ଡିଗିଲା ଖେଳଘର ପରି । ମୁଁ ଲଳିତାକୁ ନେଇ ପଳାଇଲି । ଘରର ସୁଖ ଶଯ୍ୟା ଛାଡ଼ି, ପଡ଼ିଲି ଠାଠା କମାଣ୍ଡର କାରଖାନା ଭିତରେ,—ହାଡ଼ ଭଙ୍ଗା ଖଟଣୀ ଖଟିବାକୁ । ପହିଲୁ କେତେଦିନ ବଡ଼ ଭଲ ଲାଗିଲା । ମୂଲଧଣି ଲଳିତାର ବେଶ ସଜାଇବାରେ ଖରଚ କରିବାଟା ମୋର ସ୍ୱର୍ଗର ଆନନ୍ଦ ଥିଲା । ଶେଷକୁ ଖଟି ଖଟି ବଳ ଭାଙ୍ଗି ପଡ଼ିଲା । ବୟସ ବି ଢଳି ଗଲା । କିନ୍ତୁ ଦିନକ ପାଇଁ ଲଳିତାର ଗୋଟାଏ କିଛି ପରିବର୍ତ୍ତନ ଦେଖିଲି ନାହିଁ । ଯେଉଁ ଲଳିତା ମୋ ସାଙ୍ଗରେ ଅସିଥିଲା, ଏତେଦିନ ପରେ ସେ ସେଇ ଲଳିତା । ମୋ ସାଙ୍ଗରେ ପାଦ ପକାଇ ସେ ଯେପରି ଗୁଲ୍ ପାରିଲା ନାହିଁ ; ଏତେ ପଛରେ ପଡ଼ିଲା ଯେ ମୋର ମନେହେଲା ସେ ଯେପରି ଗୁଲ୍-ନାହିଁ । ବିରକ୍ତ ଲାଗିଲା ।

ଦିନେ ରାତିରେ ତାକୁ ଏକୁଟିଆ ଛାଡ଼ି ଦେଇ ଯୁଅହେଇଛା ସିଆଡ଼େ ପଳେଇବାକୁ ବାହାରିଲି ।

ଅଛି ମୁଁ ଅପଣଙ୍କୁ ପ୍ରଶ୍ନ ପଚାରେ—ତାପରେ ———— ?

ପ୍ରଥମ ବର୍ଷକ ଭିତରେ କମଳା ଅହିଥିଲା ଟାଥକିରି । ମୁଁ ବାବାଜି । ଦାଢ଼ୀ ବଢ଼ିଛି । ମୋତେ ଚିହ୍ନି ପାରିଲା ନାହିଁ । ହାତ ଦେଖାଇଲା । ମୁଁ ପଚାରିଲି, ମନେପଡ଼େ, ପିଲାଦିନର ଝୁରି ଜଣେ ସାଙ୍ଗକୁ ତୋର ?

ସେ କହିଲା—ପଡ଼େ ।

ସେ ତୋତେ ପଚାରେ ?

(୧୧ ପୃଷ୍ଠା ଦେଖନ୍ତୁ)



**ନବଭାରତ-ଦ୍ୱିତୀୟ ସଂଖ୍ୟା-ପଞ୍ଚମବର୍ଷ**

ଏସଂଖ୍ୟା ନବଭାରତର ପ୍ରଥମ ପ୍ରବନ୍ଧଟି ଦେଖି ବଡ଼ ଆନନ୍ଦିତ ହେଲୁଁ । ଗିରିଜା ବାବୁ ଆମ୍ଭମାନଙ୍କର ଅନୁରୋଧରେ ହେଉ ବା ଦେଶର ସମୂହ କଲ୍ୟାଣ କଳ୍ପେ ହେଉ ଓଡ଼ିଶା ସାହିତ୍ୟର କେତେକ ବିଶିଷ୍ଟ ଦିଗରେ ଚର୍ଚ୍ଚାକରି ସେ ବିଷୟରେ ଅନୁଲେଖମାନ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଯେଉଁ ଅମୂଲ୍ୟ ସଂକେତ ଦେଇ ଯାଉଛନ୍ତି ତାହା ଦେଶ ପକ୍ଷରେ ଅତୁଳ ସଂପଦ । ଓଡ଼ିଆ ଶବ୍ଦର ବ୍ୟୁତ୍ପତ୍ତି ଆବିଷ୍କାର କରିବାକୁ ଗଲାବେଳେ ଆମ୍ଭମାନଙ୍କୁ ଯେଉଁ ଯେଉଁ ବିଷୟ ବିଚାର କରିବା ଉଚିତ ଲେଖକ ଉଦାହରଣ ସହ ତହିଁରୁ କେତେକ ଦର୍ଶାଇ ଦେଇଛନ୍ତି । ଓଡ଼ିଆ ଭାଷାର ଶବ୍ଦମାନ ଯେଉଁ ଗୋଷ୍ଠିରୁ ଆସିଥାନ୍ତୁ ପଛେ, ସେ ସବୁ ବର୍ତ୍ତମାନ ଖାଣ୍ଟି ଓଡ଼ିଆ ବୋଲି ଗିରିଜାବାବୁ ଯେଉଁ ମତ ଦେଇଛନ୍ତି ଆମ୍ଭେମାନେ ତାର ସମର୍ଥକ । ଗିରିଜାବାବୁ ନିଜେ ଯେଉଁ ଗୋଷ୍ଠିରୁ ଆସନ୍ତୁ ପଛେ ବର୍ତ୍ତମାନ ଯେ ସେ ଜଣେ ଖାଣ୍ଟି ଓଡ଼ିଆ ଏଥିରେ ଯେପରି ସନ୍ଦେହ କରିବାର କିଛି ନାହିଁ ସେଇପରି ।

ଅଉ ଗୋଟିଏ ବିଶିଷ୍ଟ ପ୍ରବନ୍ଧ ସମ୍ବନ୍ଧରେ ଟିପ୍ପଣୀ ଦେଇ ଆମ୍ଭେମାନେ ଏସଂଖ୍ୟାର ପ୍ରବନ୍ଧ ଦଶଟାକୁ ଉପେକ୍ଷା କରିବୁ । ଭାରତର ରାଷ୍ଟ୍ରଭାଷା ସମ୍ବନ୍ଧରେ ଶ୍ରୀଯୁକ୍ତ ବିନାୟକ ଦାସ ଯେଉଁଠି ହିନ୍ଦୀର ଦାବୀକୁ ଯଥାର୍ଥ ବୋଲି ମାନି ନାହାନ୍ତି ଆମ୍ଭେମାନେ ସେଇଠି ତାଙ୍କୁ ଅଭିନନ୍ଦନ କରୁଛୁଁ । କିନ୍ତୁ ମଲା ସଂସ୍କୃତ ଭାଷାକୁ ପୁଣି ରାଷ୍ଟ୍ରଭାଷା ରୂପେ ଗ୍ରହଣ କରି ହଜାର ହଜାର ବର୍ଷ ପଛକୁ ଘୁଞ୍ଚି ଯିବାକୁ ଅର୍ଥାତ୍ ଆମ୍ଭମାନଙ୍କର ପୂର୍ବ ପୁରୁଷଙ୍କର ଗାତ ଭିତରକୁ ଯିବାର ପ୍ରବୃତ୍ତି ଆମ୍ଭମାନଙ୍କର ନାହିଁ । ପ୍ରବନ୍ଧରେ ଅଉ ଗୋଟିଏ ବିଷୟ ଆମ୍ଭେମାନେ ଲକ୍ଷକଲୁଁ । ବୋଧହୁଏ ହିନ୍ଦି ଭାଷା ସମ୍ବନ୍ଧରେ ଲେଖକଙ୍କର ଅଧିକ ବ୍ୟକ୍ତିଗତ ଅନୁଭୂତି ନାହିଁ । ଉଡ଼ା ଶୁଣା ଦଗୁରିକଥା ଶୁଣି ଯୁକ୍ତି ବାଢ଼ିଲେ ହାସ୍ୟାସ୍ପଦ ହେବାହିଁ ସାର । ହିନ୍ଦି ଭାଷାରେ କ୍ରିୟାର ଲିଙ୍ଗ ଭେଦ କେବଳ କର୍ତ୍ତା ଦୃଷ୍ଟିରେ ହୁଏ ନାହିଁ କର୍ମର ଲିଙ୍ଗାନୁଯାୟୀ କ୍ରିୟାର ଲିଙ୍ଗ ପରିବର୍ତ୍ତନ ମଧ୍ୟ ହୋଇଥାଏ । ପୁଣି ଦେବନାଗରି ଅକ୍ଷର ଯେପରି ଛପାରେ ଥାଏ ଲେଖିଲା ବେଳେ ଅବିକଳ ସେପରି ଲେଖାଯାଏ ନାହିଁ । ଲେଖିବାପାଇଁ ଗୋଟିଏ ଅକ୍ଷରର ତ୍ରୁଟି ଆସି ତା ପର ଅକ୍ଷରର ଲଙ୍ଗଡ଼ ସାଙ୍ଗରେ ମିଶି ଗଲାରେ କୌଣସି ବାଧା ନଥାଏ । ଲେଖକ ତାଙ୍କର ଯୁକ୍ତି ଦୃଢ଼ କରିବା ପାଇଁ ହିନ୍ଦ ଭାଷାର ବିଜ୍ଞାନ ଭଲ ରୂପେ ଜାଣିବା ଉଚିତ ।

ଏ ସଂଖ୍ୟାର କବିତା ଗୁଡ଼ିକ ଭିତରେ ଶ୍ରୀ ବିନୋଦଚନ୍ଦ୍ର ନାୟକଙ୍କ 'ଭଙ୍ଗା ଦେଉଳ' କବିତାଟି ବଡ଼ ଭଲ ଲାଗିଲା । ଭାଷା ଓ ଭାବ ସମ୍ପଦରେ କବିତାଟି ପୂର୍ଣ୍ଣ । କିନ୍ତୁ ଆମର ମନେ ହୁଏ 'ଅକରୁଣ ଶେଷ ପରିଣତି' ଲେଖିବା ଦ୍ୱାରା ଲେଖକ ଭାବ ଓ ଭାଷା ଉଭୟର ଗୌରବ ଖର୍ବ କରିଛନ୍ତି । 'ଅକରୁଣ' ସ୍ଥାନରେ 'ନିର୍ମମ' କରିଥିଲେ ଭଲ ହୋଇଥାନ୍ତା ବୋଧହୁଏ ।

ମାୟାଧରଙ୍କର 'ବାସନ୍ତି' କବିତା ବଡ଼ କ୍ଲିଷ୍ଟ । ଚିନ୍ତାର ସରସତା ବା ନୂତନତ୍ୱ ନାହିଁ । ଏ ସଂଖ୍ୟାର ଗଳ୍ପଟି ଭାଷାରେ ରୁଚିରେ ଅତି ନିକୃଷ୍ଟ । ଲେଖକ ନୂତନ ଶୈଳୀକୁ ହଜମ କରି ନପାରି ଲେଖି ବସିଛନ୍ତି । ସେଥିପାଇଁ ଏହା ପଦ୍ୟଗଳ୍ପ କି ଗଦ୍ୟଗଳ୍ପ କିଛି ବୁଝି ହେଉନାହିଁ । "ମାଡ଼ି ବସିଥାଏ ଜମି ସେ ଗଛ, ବହୁଥାଏ ଫୁଲ୍‌ଫୁଲିଆ ବାଆ, ପୁଣି ଡ଼ାକିଲା ମାଳି, ପଠାଇଲା ଫର୍ ନିକଟକୁ ଚୋର, ନାଚିଲା ଅଖି କୋଣରେ, ପଡ଼ିଗଲା ହୃଦୟରେ," ପ୍ରଭୃତି କବିଳଭାଷା ବଡ଼ ଶ୍ରୁତିକଟୁ ହୋଇଛି । ଠାଏ ଠାଏ ଏହା ଯେ ସୁନ୍ଦର ନହୋଇଛି ତାହା ନୁହେଁ—ଯଥା—ଦୂର ଘାସରେ ଗୁନ୍ଦୁଅ ଟାଣିଛି ଝାଙ୍କର; 'ଶୋଇ ରହିଥାଏ ସୁନ୍ଦଅପା କୋଳରେ ।' ଲେଖକଙ୍କର ମନେ ରଖିବା ଉଚିତ ଯେ କର୍ତ୍ତା କ୍ରିୟା ଓ କର୍ମ ପ୍ରଭୃତିକୁ ଯେଉଁଠି ସେଉଠି ରଖିଦେଇ ବ୍ୟାକରଣର ନିୟମ ଲଙ୍ଘନ କରି ପକାଇଲେ କିଣି ଭାଷା ସୁନ୍ଦର ହୁଏନାହିଁ । ସ୍ଥାନେ ସ୍ଥାନେ ବଡ଼ ଅସଙ୍ଗତ ଅଭିବ୍ୟକ୍ତି ମଧ୍ୟ ଦେଖାଯାଏ, ଯଥା—ଡ଼ାକି ଦେଇଛି, ଗ୍ରସ୍ତ, ଅଶ୍ଳୀଳତା, ଏହା ବ୍ୟାକରଣ ନୁହେଁ ପ୍ରକରଣ ଅନୁମୋଦିତ ହୋଇ ଥାଇ ପାରେ ।

(ପରପୃଷ୍ଠା ଦେଖନ୍ତୁ)

---

(କାହାଣୀ—ପରପୃଷ୍ଠା ଉତ୍ତାରୁ)

'ନା' ବୋଲି କହିଲା ଏମିତି ରୁକ୍ଷ ସ୍ୱରରେ ଯେ ମୋ ଛାତି ଭିତରେ ଆଘାତ ଲାଗିଲା ।

ଦ୍ୱିତୀୟ ବର୍ଷର ଭିତରେ ଆସିଲା କୁନ୍ତଳା । ପ୍ରଶ୍ନକଲା, ତାର ସ୍ୱାମୀ ତାକୁ ଛାଡ଼ି ଯାଇଛନ୍ତି । ସେ କ'ଣ ତାକୁ ପର କରିଦେଲେ ଚିରଦିନ ପାଇଁ ? ଆଉ ଫେରିବେ ନାହିଁ ?

ମୁଁ କହିଲି—ନା ।

ସେ କାନ୍ଦି ପକାଇଲା ।

ମୁଁ ପଥର ପରି ରହି ରହିଲି ।

ଶେଷରେ ଆସିଲା ଲଳିତା । ସେ ପଚାରିଲା, ମୋତେ ଯେ ଭସାଇ ଦେଇଗଲା ମୁଁ କ'ଣ ତା'ପାଇଁ କିଛି ତ୍ୟାଗ କରି ନାହିଁ ?

ମୁଁ କହିଲି—ସେ ହୁଏତ ସ୍ୱୀକାର କରୁ ନାହିଁ । ସେ ଉଠି ଚାଲିଗଲା ।

ମୁଁ ଅଳସ ନୟନକୁ ପଚାରିଲି—ତାପରେ ?

ସବୁ ଅନ୍ଧାର ଦିଶେ । ଯା' ହୋଇ ଯାଇଛି ସେ ସବୁ କ'ଣ ମିଛ ଯେ ମୁଁ ତାପରେ କ'ଣ ହେବ ପଚାରୁଛି ?

କିନ୍ତୁ ବୁଝିପାରେ ସେଇ କ୍ଷୁଦ୍ର ମୁହୂର୍ତ୍ତ ଗୁଡ଼ିକ ମଧ୍ୟ ମିଛ ନୁହେଁ । ମୋ ପ୍ରାଣରେ ସେ ଏବେ ବି ସତ୍ୟ ହୋଇଛନ୍ତି । କିନ୍ତୁ ତଥାପି ମନରେ ପ୍ରଶ୍ନ ଉଠେ———ତାପରେ ?

'ମରମର ଗୋପନରେ ଶୈଶବନ୍ତୁ ଅସନ ପାଡ ବସିବା' ଅମେ ପ୍ରଥମେ ଲେଖକଙ୍କ କଲମ ମୁନରୁହିଁ ପ୍ରମାଣ ପାଇଲୁଁ । ଶୈଶବ ଅର୍ଥ ଯଦା ବାଲ୍ୟାବସ୍ଥା ହୋଇଥାଏ ତେବେ ସେପରି ସମୟରେ ମନୁଷ୍ୟର ଅକର୍ଷଣ ଥାଇପାରେ ମରମ ଥାଇପାରେ କିନ୍ତୁ ଗୋପନୀୟତା ତାଠେଇଁ ସେପରି ପ୍ରକାଶ ପାଇ ପାରେ କି ?

'ପାଗଳ ଜାତର ବାହାରେ' ଗୋଟିଏ ଚମତ୍କାର ଲେଖା । କେତେକ ଶିକ୍ଷିତ ଲୋକ ନିଜକୁ କେତେକ ଶ୍ରେଣୀୟ ଲୋକଙ୍କ ଠାରୁ ଉଫାତ୍ ଭାବି ନିଜ ସୌଖୀନପାଇଁ ସାହିତ୍ୟ ରଚଥାନ୍ତି । କିନ୍ତୁ ସେ ଶ୍ରେଣୀୟ ଲୋକର କଥାରେ କାର୍ଯ୍ୟରେ, ପ୍ରାଣରେ ମନରେ ଯେ ପ୍ରକୃତର ସେଇ ସୌନ୍ଦର୍ଯ୍ୟବୋଧ, ସେଇ ଅକର୍ଷଣ ସମ୍ପୂର୍ଣ୍ଣ ଭାବରେ ବଦ୍ୟମାନ ଲେଖକ ତାହା ଦର୍ଶାଇବାକୁ ଯାଇ ଭାଷାର ଛଟା, ଭାବର ଅଭିବ୍ୟକ୍ତି, ଦୃଶ୍ୟର ଚମତ୍କାରିତା, ଚରିତର ଚିତ୍ରଣ ସବୁ ଦିଗରୁ କୃତକାର୍ଯ୍ୟ ହୋଇଛନ୍ତି । ଗୋଟାଏ ଗୋଟାଏ ସ୍ଥାନରେ ଅତି ସ୍ୱାଭାବିକ କଥା ଅସାମାନ୍ୟ ଓ ଅସାଧାରଣ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ହୋଇଛି ।

'ତୁ ଯୁଅଁନେ ବେଣ୍ଡାଟା ଅସି ମୋଧିଅକୁ ନାଗି ବଜରୁ—କହୁବାନି?' କମଳ ଏକଥା କହୁବା କ୍ଷଣି ଗୋଟାଏ ଚଡ଼ଚଢ଼ ମାରିଲା । କମଳ ଲକ୍ଷିଣିଅକୁ କୁଣ୍ଢାଇ ପକାଇ ରଡ଼ି ଛାଡ଼ିଲା—"ମୋ ବଉଲେ ?" ଲକ୍ଷିଣିଅ ତାକୁ ଛାତରେ ଯାକିଧରି ପଚାରିଲା, 'ଡରିଲୁ ?'

ଏପରି ଅନେକ ସୁନ୍ଦର ଚିତ୍ରଅଛି । ଲେଖକଙ୍କୁ ଏଥିପାଇଁ ଅମ୍ଭେମାନେ ଅଭିନନ୍ଦିତ କରୁଛୁଁ ।

## ଉତ୍କଳ ସାହିତ୍ୟ-ଶ୍ରାବଣ ୪ର୍ଥ ସଂଖ୍ୟା

କଲ୍ୟାଣଦାନ (କଥା କବିତା)—କଥା କବିତାର ଗତି ଯେପରି ଅବଲୀଳ ଓ ସହଜ ହେବାର କଥା ତାହା ହୋଇପାରି ନଥିଲେ ହେଁ କବିତା ହିସାବରେ ମନ୍ଦ ହୋଇନାହିଁ ।




ନିଖିଳ ଭାରତ କଂଗ୍ରେସ କମିଟି ଅସନ୍ତା ୨୪ ତାରିଖ ଦିଲ୍ଲୀଠାରେ ବସିବ ।

—କଂଗ୍ରେସର କ୍ଷମତାପ୍ରାପ୍ତ କର୍ତ୍ତାମାନେ ଏଥର ପୂର୍ବପୁର ଦିଲ୍ଲୀଶ୍ୱରୋବା ଜଗଦୀଶ୍ୱରୋବା ବନିଯିବେ ।

\+ + +

ଓଡ଼ିଶା ସରକାର ଜେଲ୍ ମିଷା ଜନିସ ଜବଦ୍ କରିବା ପାଇଁ ଅଇନ ପାସ କରିଛନ୍ତି ।

—ଅଗେ ମନ୍ତ୍ରୀମାନେ ଦଣ୍ଡ ପାଇବା ଉଚିତ ।'

\+ × +

ଓଡ଼ିଶାର ବିଖ୍ୟାତ ଡ଼ାକୁ ବହାଗି ନାଏକ ବହୁଦିନ ପରେ ଜେଲରୁ ଖଲାସ ହୋଇ ଅସିଛି । ତାଙ୍କୁ ଦେଖିବା ପାଇଁ ଶହ ଶହ ଲୋକ ତାର ପିଛା ଧରିଥିଲେ ।

—ଓଡ଼ିଶା ମନ୍ତ୍ରୀଙ୍କ ପଛରେ ଏତେ ଲୋକ ଗୋଡ଼ାନ୍ତି ନା ?

\+ + +

ମାନ୍ୟବର ସୀତାକାନ୍ତଙ୍କ ସ୍ଥାନରେ ଶ୍ରୀଯୁକ୍ତ ନିକୁଞ୍ଜ କିଶୋର ନିର୍ବନ୍ଧରେ କାଉନ୍ସିଲ ଅଫ୍ ଷ୍ଟେଟକୁ ନିର୍ବାଚିତ ହେଲେ ।

—ଖାଲି ଶୂନ୍ୟ ବିଦ୍ୟୁତି ।

\+ + +

ଢେଙ୍କାନାଳରେ ଲୁଟିମାଡ଼ ଓ ଗୁଳି ହେବାରୁ ୪ଜଣ ଲୋକ ମରିଛନ୍ତି ଓ ଶତାଧିକ ଅଘାତ ହୋଇଛନ୍ତି ବୋଲି ପ୍ରକାଶ । ଦରବାର କିନ୍ତୁ ତାହା ଅସ୍ୱୀକାର କରି

(ଆରପୃଷ୍ଠା ଦେଖନ୍ତୁ)

'ରୁଚି ଓ ସୌନ୍ଦର୍ଯ୍ୟ' ନାମକ ପ୍ରବନ୍ଧରେ ଲେଖକ ମହାଶୟ ରୁଚି ଓ ସୌନ୍ଦର୍ଯ୍ୟର ସମ୍ପର୍କ ଦେଖାଉଁ ଦେଖାଉଁ ନାରୀ ଓ ପୁରୁଷ ସୌନ୍ଦର୍ଯ୍ୟର ତୁଳନା ମୂଳକ ଅଲୋଚନା କରି ପକାଇ ଅବାଟରେ ବଣା ହୋଇ ପଡ଼ିଛନ୍ତି । ତଥାପି ଚେଷ୍ଟା ଟା ରୁଚିକର ।

'ମୁକ୍ତ ଏ ଅନ୍ତର ଅଜ'—କବିତାଟିର ଭିତରେ ଅନ୍ତରର ଭାବ ପରିସ୍ଫୁଟ ହୋଇ ଥିବାରୁ ସୁଖପାଠ୍ୟ ହୋଇଛି ।

'ମନୁଷ୍ୟତାର ଅତ୍ମହତ୍ୟା' (ଗଳ୍ପ)—ଶ୍ରୀମତୀ ସରସ୍ୱତୀ ପାଣିଗ୍ରାହୀ । ଲେଖା ଓ ଶୈଳୀ ଖୁବସୁନ୍ଦର ମାତ୍ର ଉପସଂହାରରୁ ଯେପରି ଜଣାଯାଏ, ଏ ଗଳ୍ପଟିର ନାମ "ମନୁଷ୍ୟତାର ଅତ୍ମ ହତ୍ୟା" ନ ହୋଇ 'ଅମନୁଷ୍ୟର ଜୀବନଲାଭ' ହୋଇଥିଲେ ଭଲ ହୋଇଥାନ୍ତା । ଯାହାହେଉ ଶ୍ରୀମତୀ ପାଣିଗ୍ରାହୀଙ୍କ ଉଦ୍ୟମକୁ ପ୍ରଶଂସା ନକରି ରହି ପାରୁନାହିଁ ।

'ଏ ଦେହକୁ ଭଲ ପାଏ ମୁହିଁ'—(କବିତା)—ସ୍ୱପ୍ନମୟୀ କବିତା ରାଜ୍ୟରେ ବହୁ ଦିନ ପରେ ଦେଖା ଦେଇଛନ୍ତି । ଅପଲ୍ କବିଙ୍କୁ ଧରି ଛଥା ଶୋଭାପାଏ । ପ୍ରଥମ ପ୍ରକୃତି କିଛି ଉଠେ । ତାଙ୍କର ଏ ନୂତନ ଅଭିଯାନରେ ଅମ୍ଭେମାନେ କବିଙ୍କୁ ଅଭିନନ୍ଦନ ଜଣାଉଛୁଁ ।

Digitized by srujanika@gmail.com

# କଲେଜ ରଙ୍ଗ ।

**ଶ୍ରୀ ଚୂଡ଼ିଆ ମୂଷା ।**

ସତ୍ୟବାଦୀ ଛାପାଖାନାର ସମାଜ କାଗଜ ଗଦା ଫାଙ୍କେ ଫାଙ୍କେ ପାଖିରେ ବସି ଗୋଟାଏ ମୋର ଖନ୍ ଖନ୍ ଲାଗିଲା । ଚାହିଁ ଦେଖିଲି ସତ୍ୟବାଦୀ, ସମାଜ କହୁଛନ୍ତି କି କଟକ କଲେଜ ପିଲାମାନେ ତାଙ୍କ ଅବଧାନଙ୍କ ଦରମା ବଢ଼ାଇବା ପାଇଁ ମେଳ କରିଛନ୍ତି । ତହୁଁ ବାହାରି ପଡ଼ିଲି ସିଧା କଲେଜ ଦୁଆରେ । ସେଠିଯାଇ ଦେଖିଲି ସମାଜ ସମ୍ବାଦକେ ଗୋଟିଏ କଲେଜ ପିଲାଙ୍କୁ ପାଉନ୍ତି କି ନପାଉନ୍ତି ଏପରି ଅବସ୍ଥା । ଘଟଣା କ'ଣ ପଚାରିବାରୁ କଲେଜ ପିଲା କହିଲେ ଯେ ସମାଜର ସମ୍ବାଦ ମିଥ୍ୟା ବୋଲି କହିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା । ତେଣୁ ଏହି ପ୍ରଥମ ଥରକ ପାଇଁ ବୁଝିଲି ଯେ ସମାଜ କେବଳ ସମ୍ବାଦ ପତ୍ର ନୁହେଁ ବାଦ ବିସମ୍ବାଦ ପତ୍ରମଧ୍ୟ । କେତେକ ଛାତ୍ର ମଧ୍ୟ ବ୍ୟକ୍ତିଗତ ମତ ଦେଲେ ଯେ ଦେଶରେ ଥିବା ନାମ୍ନୀ ସମ୍ବାଦପତ୍ର ଅପ୍ରିୟ ସତ୍ୟ କହେ ମାତ୍ର ସମାଜ ପ୍ରିୟ ଅସତ୍ୟ କହେ । କିନ୍ତୁ ଏପରି ଅଟେପର କୌଣସି ଭିତ୍ତି ନପାଇ ଆମେ ସେଠାରୁ ପଳାଇ ଆସିଲୁଁ । ବାହାରେ ଦେଖିଲୁଁ ଯେ ପିଲାମାନେ ରଡ଼ ଛାଡ଼ୁଛନ୍ତି 'ଡାଉନ୍ ଉଇଥ୍ ଇନଜଷ୍ଟିସ୍'— 'ସ୍ତୁଡେଣ୍ଟସ୍ ୟୁନାଇଟ୍' । ମୁଁ ତ ମୂଷା ଲୋକ ଅଜ୍ଞ । ଇନ୍ ଜଷ୍ଟିସ୍—ଅଜଷ୍ଟ ଜଷ୍ଟିସ୍ କିଛି ବୁଝି ପାରିଲି ନାହିଁ । ଦେଖୁ ଦେଖୁ ଦିନ ଗୋଟାଏ ଦିଟାରେ ମହା ତ ହୁଲମାଲୁଲ ହୋଇ ଉଠିଲା । ମନେହେଲା କଲେଜ ଘର ଭାଙ୍ଗି ଧୂଳିସାତ ହୋଇଯିବ । ପିଲାମାନେ 'ପାଠ ପଢ଼ିବୁନାହିଁ— ପଢ଼ୁଆ ବାଡ଼ିକି ଡାକିବୁଁ' କହି ଆଜ କଲେଜ ଗଲେ ନାହିଁ । ସରକାର ମଧ୍ୟ କହିଲେ ଯେ ପିଲା ପାଠ ନପଢ଼ିଲେ ଭଲ । କଲେଜ ଉଠାଇଦେଇ ଓୟାର୍ଦ୍ଧା ଶିକ୍ଷାପଦ୍ଧତି ଆରମ୍ଭ କରିଦେବା । ପିଲାଗୁଡ଼ାକ ପାଠ ପଢ଼ିଲେ ଆମ ଇସ୍ତମ୍ବରସ୍ତ ମନ୍ତ୍ରୀତ୍ୱଟାକୁ ଦିନେ କାଳେ ଛଡାଇ ନେବେ । ସେ ଯାହାହେଉ ବାପ ପୁଅଙ୍କର କଜିଆ । ଆମେ ଆଗରୁ ବୁଝିଥିଲୁ ଯେ ସରକାର 'ବାପରେ' ବୋଲି କହିଦେଲେ ପିଲାଏ ବହଲି ଯିବେ । ତାହାହିଁ ହେଲା । ମଝିରେ ଫୁର୍ତ୍ତିଟା ବି ହୋଇଗଲା । ସମାଜ କୁଆଡ଼େ ନମାଜ ପଢ଼ିଗଲେ । ଅଉ ଶେଷରେ କେବଳ ଅବଶୋଷ ରହିଗଲା ଏଇ ଚୂଡ଼ିଆ ମୂଷିଅଟିର । କାରଣ ପରେ ଶୁଣିଲି ଯେ ବାଳକମାନେ ଯେତେବେଳେ ତାଙ୍କ ସଙ୍ଗୀମାନଙ୍କୁ କଲେଜ ନଯିବାକୁ ମନାଉ ଥାନ୍ତି ସେତେବେଳେ କେତେକ ବାଳିକା ଛାତ୍ରୀ ବା ସ୍ତ୍ରୀ ଛାତ୍ରୀ ତାଙ୍କ ଅନୁକୂଳ ମିନତି ନଘେନି କଲେଜ ଭିତରକୁ ଯିବାକୁ ବସିଲେ । ପିଲାଏ ତହୁଁ ତାଙ୍କ ଆଗରେ ଶୋଇଗଲେ । ସେମାନେ ଧୀରେ ଧୀରେ ପଦପଲ୍ଲବ ମୃଦାରଂ ତାଙ୍କ ଉପରେ ଥାପି ସ୍ୱୟଂ ଜଣେ ଜଣେ ରାଣୀ ବା ଭାରତୀ ( ଯଥା ଉତ୍କଳ ଭାରତୀ, ଲଣ୍ଡନ ଭାରତୀ ) ପଦ ପାଇବା ଆଶାରେ ପାଠ ପଢ଼ିବାକୁ ଚାଲିଗଲେ । ମୋର ଦୁଃଖ ହେଲା, ହାୟରେ ମୁଁ ଯଦି ଜାଣିପାରି ଥାନ୍ତି ତେବେ ସେଇ ପିଲାଙ୍କ ସାଙ୍ଗରେ ଜଣେ ହୋଇ ମୁଁ ବି ଟିକିଏ ଶୋଇ ନପଡ଼ନ୍ତି ଛାଡ଼ ନଥାନ୍ତା । ତାହେଲେ ସେ ପଦରଜ ପଡ଼ି ମୁଁ ନିଷ୍ଟସ୍ତୁ ନିଷ୍ଟସ୍ତୁ—ଅହା—କଅଣ ହୋଇଥାନ୍ତା ଯେ ମୋର—କଳ୍ପନା ବି କରିପାରୁ ନାହିଁ— ଭାଷା ବି ବାହାରୁ ନାହିଁ । ସ୍ୱର୍ଗ ନୁହେଁ— ଆଉର ଗୋଟାଏ ବଡ଼କି କ'ଣ ଲାଭ ହୋଇଥାନ୍ତା ପରା—

ମେଳତ ଭାଙ୍ଗିଲା । କିନ୍ତୁ ପିଲାଙ୍କୁ ଅଛା ପଟିଏ ଚଢ଼େଇଲେ ସରକାର । ପିଲାଏ ଅଙ୍ଗୁଠି ଧରିଲେ ଲଡ଼ୁଦେବ ବୋଲି କହି ଭଣ୍ଡେଇ ଦେଲାପରେ ଭଣ୍ଡେଇ ଦେଲେ । ତମ କଥା ବିଚାର କରିବୁଁ ବୋଲି କହି ଶେଷରେ ନାକ ଘସାଇ କାନ ମୋଡ଼ାଇ ଛାଡିଦେଲେ । ଏଣିକି ଖାଉଥା ଲଡ଼ୁ । ଦିଲ୍ଲୀକା ଲଡୁ ବଡ଼େ ମଜେଦାର ।—

---

(ଖବର ଅନ୍ତର ପରପୃଷ୍ଠା ଉତ୍ତାରୁ)

ପ୍ରଜାମାନଙ୍କ ସହିତ ମେଳାମିଶା ପାଇଁ ବଡ଼ ଆକୁଳତା ପ୍ରକାଶ କରିଛନ୍ତି ।

—ଯାହା ନେଲୁ ନେଲୁ, ଏବେ ଆମ ମୁଣ୍ଡ ରଖ ମା !...

ବ୍ରିଟିଶ ପ୍ରଧାନମନ୍ତ୍ରୀ ଉଡ଼ିଯାଇ ହିଟଲରଙ୍କୁ ସାକ୍ଷାତକରି ପୁଣି ଫେରିଛନ୍ତି ।

—ବାହୁ ମାଂ ପ୍ରତ୍ରିବକାଷଃ ।...

ଇଟାଲିର ଭାଗ୍ୟ ବିଧାତା ମୁସୋଲିନୀ 'ଜୁ'ମାନଙ୍କୁ ଅବହିଷ୍କାରରେ ଆଶ୍ରା ଦେବେ ।

—ଜୀବ ମାରଣ ଜୀବ ପୋଷେ,
ଯେ ଜୀବ ବୈକୁଣ୍ଠରେ ବସେ ।...

ମିଶରର ଟୋକା ରଜା ଫାରୁକଙ୍କ ଉପରେ କିଏ ଜଣେ ଗୁଳି ଚଳାଇଛି । ରଜାଙ୍କ ଦେହରେ ବାଜିନାହିଁ କିନ୍ତୁ ।

—ରଜା ଯେ !...

ରେଭେନ୍ସା କଲେଜର ଛାତ୍ରମାନେ ଗଣେଶ ଘଟ ଛାଡ଼ି ଯେଉଁ ଧର୍ମଘଟ କରିଥିଲେ ତାହା ଏବେ ଉଠାଇ ଦେଇଛନ୍ତି ।

—କଂଗ୍ରେସ ମନ୍ତ୍ରୀ ଦେବତା ବାନାର୍ଜିଙ୍କୁ ବିସର୍ଜନ ଦେଲେ ବୋଲି କି ?...

କଲିକତା ବିଶ୍ୱବିଦ୍ୟାଳୟର ଭୂତପୂର୍ବ ଭାଇସଚ୍ୟାନସେଲରଙ୍କୁ D. Lt. ଉପାଧି ଦେବେ ।!

—ଗୋରୁମାର ଜୋତା ଦାନ ।...

ଆହାମରେ କଂଗ୍ରେସ ରାଜତ୍ୱ ପ୍ରତିଷ୍ଠିତ ହେଉଛି ।

—ଜିନା ଏଥର ତାକ୍ ଧିନାଧିନ୍ କରିବେ ।

ଶୁଣାଯାଏ ଗାନ୍ଧିଜୀ କାବୁ କଲବ ଅଣ୍ଡାସୁ ନେବେ ।

—ତାହାର ଭୟ କରିବା ଉଚିତ ନୁହେଁ କାରଣ ସେ ଜଣେ ବ୍ରହ୍ମଗୃହସ୍ଥ ।...

---

(ବିଲୁଆ ବଗୁଁର ୨ୟ ପୃଷ୍ଠା ଉତ୍ତାରୁ)

ପାଟମନ୍ତ୍ରୀଙ୍କ ଏତେ ଶୋକ ହେଲା, ସଭା ବସିବାର ଦୁଇଦିନ ପରେ ପ୍ରସ୍ତାବ ଆଣିବାର ତାତ୍ପର୍ଯ୍ୟ କ'ଣ ? ଆମ୍ଭେମାନେ କିନ୍ତୁ ଏହାର ଜବାବ ଖୋଜି ପାଇଲୁଁ ନାହିଁ । ତେବେ ଏତିକି କହିପାରୁଁ ଯେ ସାଧାରଣ ଲୋକଙ୍କ ଦୁଃଖକୁ ସମସ୍ତେ ଭୁଲାଇ ଦିଏ କିନ୍ତୁ ବଡ଼ ଲୋକଙ୍କର ଯାହୁଁ ଯାହୁଁ ଦିନ ଗଡ଼ି ଯାଉଥାଏ ତାହୁଁ ତାହୁଁ ଶୋକ ମାଡ଼ି ବସୁଥାଏ । ଭାଗବତ କହୁଛି—ଏବଡ଼ ଲୋକଙ୍କର ମତ

ଅଳପ ଜନେ ବିପରୀତ ।

Digitized by srujanika@gmail.com

# ଡଗର ୧୦ ମ ଶବ୍ଦଧନ୍ଦା ପ୍ରତିଯୋଗୀତା

ଟ୨୫ଙ୍କା ପୁରସ୍କାର ! — ଦୁଇଅଣାର ପଇସିକିଅ ଡାକଟିକଟ ଦେଇ



'ଡଗର' ପାଠକମାନେ ପାଇ ପାରବେ । — ପ୍ରଥମଟି ସହ ଏକଅଣାର ପଇସିକିଅ ଡାକଟିକଟ ଦେଇ



ଟ୨୫ଙ୍କା ପୁରସ୍କାର ! — ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ



ନାମ ______________________ ଠିକଣା ______________________ କେତୋଟି ଉତ୍ତର __________

## ସିଧା ଭାବରେ ।

୧ । କେବଳ ଯାହା କଥାରେ ଚଳିଲେ ଡଗର ଶବ୍ଦଧନ୍ଦା ଭେଦ କର ହେବ ।

୩ । ପ୍ରଣୟିନୀର ପ୍ରଥମ ପଦରେହିଁ ଏହା ପ୍ରାୟ ପ୍ରକାଶ ପାଇବାର ଦେଖାଯାଇ ଥାଏ ।

୬ । ବ୍ରାହ୍ମଣ ବୃଦ୍ଧ ବଗୁର ଯାର ନାହିଁ ।

୮ । ଏହା ଉଡ଼ିଗଲେ ଦୁନିଆ ଅନ୍ଧାର ।

୯ । ଏହା ଅଧିକ କଲେ ଝାଳ ବହେ ।

୧୧ । କେତେକ ଖାଦ୍ୟ ପଦାର୍ଥ ଏହା ନହେଲେ ସୁଆଦ ଲାଗେ ନାହିଁ ।

୧୨ । କୌଣସି ଏକ ଭିକ୍ଷାଜୀବୀ ଜଙ୍ଗଲୀ ଜାତି ହାତରେ ସଚରାଚର ଏହା ଦେଖିବାକୁ ମିଳିଥାଏ ।

୧୪ । ସେ ଯଦି ବାମ ହେଲେ ଆଉ ଗୁହାରି କା'ଆଗେ ?

୧୬ । ଯନ୍ତ୍ରରେ ଅବଶ୍ୟକ ।

୧୮ । ଏହା ଅନେକ ସ୍ଥଳରେ ଶୁଭ ଫଳ ଦିଏନାହିଁ ।

୨୦ । ବହୁତ ଅଭାବରେ ପଡ଼ିଲେ ଲୋକ ଏହାକୁହିଁ ବଡ଼ କରି ବସେ ।

୨୧ । ଏହାକୁ ସଜାଇ ରଖିଲେ 'ହରଣ'ହେବ ।

## ଉପର ତଳ ଭାବରେ ।

୧ । ବିଷୟମାନଙ୍କ ସହିତ ଇନ୍ଦ୍ରିୟର ସମ୍ପର୍ଶ ଦ୍ୱାରା ବୁଦ୍ଧିର ଏହା ହୋଇଥାଏ ।

୨ । ସମୟ ।

୪ । ଓଲଟାଇ ପଢ଼ିଲେ 'ବାର' ବାହାରୁଛି ।

୫ । ସ୍ଥଳ ଏବଂ ସମୟ ବିଶେଷରେ କବିମାନଙ୍କ ଚକ୍ଷୁରେ ଏହା ଅତି ମନୋରମ ହୋଇ ଉଠେ ।

୬ । ଅନେକ—, ତାଙ୍କ ଦେହରେ ହାତ ଦେଲେ ଚିଡ଼ନ୍ତି ।

୯ । ଏହା ନଥିଲେ ସଙ୍ଗୀତ ମଧୁର ହୁଏ ନାହିଁ ।

୧୦ । ଏହା ଖରାପ ହେଲେ କୌଣସି କାମ କରି ହୁଏ ନାହିଁ ।

୧୧ । ଏହା ଦହି ଛଡ଼ା ଅଉ କିଛି ନୁହେ ।

୧୩ । ତଳୁ ଉପରକୁ ପଢ଼ିଲେ 'ହଲ' ହେବ ।

୧୪ । ଏହା ଦ୍ୱାରା ଅନେକ ସମୟରେ ଲୋକର ଅପମାନ ହୁଏ ।

୧୫ । ଏହା ଲୋକରେ ଅନେକ ଅସୁବିଧା କନ୍ୟାକୁ ବିବାହ କରିଥାନ୍ତି ।

୧୭ । ଯାହା ଶରୀରକୁ ଏକାବେଳେକେ ଘାରି ଦିଏ ।

୧୮ । ଏହା ଅନ୍ଧକାର ଶ୍ମଶାନ ସ୍ଥାନମାନଙ୍କରେ କେବେ କେବେ ଦେଖାଯାଏ ।

୧୯ । ବାନର ଯାହାଙ୍କର ପୂର୍ବ ପୁରୁଷ ।

**ନୂତନ ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୫୦ ଓ ଦ୍ୱିତୀୟ ପ୍ରତିଖଣ୍ଡକୁ ୫୦ ଲେଖାଏ **(ଶେଷ ତା ୧୦।୧୦।୩୮)**

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି କଳା ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ଗଚ୍ଛିତଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୮ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗ୍ୟ **ସାମନ୍ତ ପୁରସ୍କାର** ୫୩୮ ପାଇବ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୨୮ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକୀ ୫୮୮ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରିବେ । ପାର୍ଶ୍ୱରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତାହିଁ ସଙ୍ଗେ ଦୁଇଅଣାର ପଇସିଟିଏ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/୦ ଓ ୨ୟ ଟି ପାଇଁ ୫୦/୨ର ପଇସିଟିଏ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରିବେ । କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକ ଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ( ୬ଷ୍ଠ )ଉତ୍ତରଟି ବିନାମୂଲ୍ୟେ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୮ ମସିହା ଅକ୍ଟୋବର ୧୦ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ‘ଡଗର, ପୋ: ଅ: ଭଦ୍ରକ’ ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧୦ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହିତ ହେବ ନାହିଁ ।

---

### ଯଦି—

ମହନ୍ତ ଯଦି ଶୁଖୁଆ ହୁଅନ୍ତେ—
—ମନ୍ତ୍ରୀ ମଣ୍ଡଳୀ ବିଲେଇ ।
ବିଶ୍ୱନାଥ ଦାସ ଯଦି ସାପ ହୁଅନ୍ତେ—
—ସୁଭାଷ ବୋଷ ନେଉଳ ।
ମନ୍ତ୍ରୀମାନେ ଯଦି ପାଲ୍‌ବାଲ୍ ହୁଅନ୍ତେ—
—ମୁକୁନ୍ଦ ବାବୁ ସତ୍ୟପୀର ।
ବିଶ୍ୱନାଥ ଗାଈ ହେଲେ—
—ମହତାବ ଦାଉଡ଼ି ।
ଓଡ଼ିଶା ସରକାର ୱେଷ୍ଟ ପେପର ବାସ୍କେଟ ହେଲେ—
—କଂଗ୍ରେସ ନୀତି ଖବରି କାଗଜ ।
ଜିନା ଯଦି ଡାକ୍ତର ହୁଅନ୍ତେ—
—ସୁଭାଷ ବୋଷ ଗୋଦର ଗୋଡ ।

(ପ୍ରାପ୍ତ)

### କିନ୍ତୁ—

ଗାନ୍ଧିଜୀ—ବର୍ତ୍ତମାନ ଶିକ୍ଷା ପାଇଁ ଖର୍ଚ୍ଚ କରିବା ପାପ ।

କଂଗ୍ରେସ ମନ୍ତ୍ରୀ ଏ ପାପମୁକ୍ତ ହେବେ କିପରି ?

ସେଇ—କଂଗ୍ରେସ ବାଲାମାନେ ତାଙ୍କର ଗଲିତ ଗୁଳିକ ପରିଷ୍କାର କରିଦିଅନ୍ତୁ ନଚେତ୍ କଂଗ୍ରେସ ଛାଡ଼ି ଚାଲିଯାଆନ୍ତୁ ?

ବିଶ୍ୱନାଥ ଦାସତ ନରସିଂହୋମରୁ ଚାଲି ଆସିଲେଣି, ଜୁଲାବ୍ ନବ କିଏ ?

ଶ୍ରୀପ୍ରକାଶ—ଇଂଲଣ୍ଡ ନୁହେଁ, ବ୍ରିଟିଶ ସାମ୍ରାଜ୍ୟ ବାଦକୁ ଆମେ ଘୃଣାକରୁଁ ।

ମାଂସ ଝୋଳ ନୁହେଁ ମାଂସ ଟାକୁ ।

ବିଶ୍ୱନାଥ—ଟିକାଲି ପାରିଲାରେ ଶତକରା ଦଶଜଣ ଓଡ଼ିଆ ।

ଆସେମ୍ବ୍ଲି କଂଗ୍ରେସ ଦଳରେ ତାଙ୍କ ପକ୍ଷ ଲୋକଙ୍କ ହାର ହିସାବ କରିଛନ୍ତି ନା ?

### କାହିଁକି

ମୋହନ ଜମାଦାରଙ୍କୁ କଂଗ୍ରେସ ସରକାରୁ ଏତେ (blessing) ଆଶୀର୍ବାଦ ମିଳୁଛନ୍ତି କାହିଁକି ?

ସୁଭାଷ ବୋଷଙ୍କ ମୋହନ୍ଙ୍କ ମୂର୍ତ୍ତି ଯୋଗୁଁ ।

ଇକବାଲଙ୍କ ମୃତ୍ୟୁଠାରୁ କୁନ୍ତଳାଙ୍କ ମୃତ୍ୟୁ ଅମ ବ୍ୟବସ୍ଥା ସଭାକୁ ଅଳ୍ପ ବାଧିଲା କାହିଁକି ?

ସ୍ୱାର୍ଥତ୍ୟାଗିମାନେ ପର କଥାକୁ ଜୋର ଦିଅନ୍ତି ନାହିଁ ।

ପଣ୍ଡିତ ଗୋଦାବରୀଶ ଆସେମ୍ବ୍ଲି କଂଗ୍ରେସ ପାର୍ଟିରେ ବାର ବାର ଅପଦସ୍ତ ହେଉଛନ୍ତି କାହିଁକି ?

ଜୁଲାବ ଦେଇ ତାଙ୍କ ଦସ୍ତ ଖୋଲାସା କରି ନ ପାରିବାରୁ ।

ବିଶ୍ୱନାଥ ସରକାର ପ୍ରେସବାଲାଙ୍କୁ ଟଙ୍କା ମଞ୍ଜୁର କଲେ କାହିଁକି ?

ଏଠାକୁ ଜଗନ୍ନାଥ ଦେଶ ନ କହି ଲୋକେ ବିଶ୍ୱନାଥ ଦେଶ କହିବେ ବୋଲି ।

Digitized by srujanika@gmail.com



# ଅନ୍ତଃପୁର

## ନାରୀ ପ୍ରଗତି

(ପ୍ରବନ୍ଧ) (ପୂର୍ବ ପ୍ରକାଶିତ ପରେ)

ଆଧୁନିକ ଯୁଗରେ ଜଗତର ଅନ୍ୟାନ୍ୟ ପ୍ରାନ୍ତରେ ଯାହାହେଉ ଆମ୍ଭମାନଙ୍କର ବିଶାଳ ଭାରତବର୍ଷରେ ଯଥାସମ୍ଭବ ପରିମାଣରେ ନାରୀ ଶିକ୍ଷାର ଅଗ୍ରଗମନ ହେଲାଣି ସତ୍ୟ, ମାତ୍ର ତାହାର ଉପକାରିତା ସମାଜ ଅଦ୍ୟାପି ଉପଲବ୍ଧି କରିପାରୁନାହିଁ । ଏହିଠାରେ ସମାଜର ଘୋର ସଂଘର୍ଷ ଲାଗିଛି । ଥୋଡାଏ ରକ୍ଷଣଶୀଳ ଲୋକ ନାରୀ ଶିକ୍ଷା ଓ ପରଦାନଶୀନତାକୁ କଟୁ ସମାଲୋଚନା କରୁଛନ୍ତି । ଆଉ ଥୋକେ ପ୍ରଗତିଶୀଳ ଲୋକ ନାରୀଶିକ୍ଷାର ପ୍ରକୃତ ବିପ୍ଳବ ସୃଷ୍ଟି କରୁଅଛନ୍ତି । ଉଭୟ ଦଳ ସମାଜର ଉପକାର କରିପାରୁ ନାହାନ୍ତି । ପନ୍ଦରାଏ ଲୋକ ନାରୀମାନଙ୍କୁ ଘର କୋଣରେ ପଶୁଭଳି ପୂରାଇ ମାରୁଛନ୍ତି । ଆଉ ପନ୍ଦରାଏ ଯାତ୍ରା, ମେଳଣ, ହାଟକୁ ଛାଡି ଦେଉଥିଲେ ସୁଦ୍ଧା ବିଦ୍ୟାଳୟ ସଭା ସମିତିକୁ ଛାଡ଼ିବାପାଇଁ ନାରାଜ । ତୃତୀୟ ପନ୍ଥା ନାରୀଶିକ୍ଷା ନାରୀ ପ୍ରାଧାନ୍ୟର ପ୍ରକୃତ ତଥ୍ୟ ଅନୁଭବ ନକରି ଯେପରି ଭାବରେ ସେମାନଙ୍କୁ ଶିକ୍ଷା ଦେଉଅଛନ୍ତି ତାହା ବର୍ତ୍ତମାନ ପାଇଁ ଟିକିଏ ଆଲୋକ ପ୍ରଦାନ କଲେ ସୁଦ୍ଧା ସମାଜର କୌଣସି ମଙ୍ଗଳ ସାଧନ କରି ପାରିବ ନାହିଁ । ପ୍ରଥମ ଦୁଇଟି ଦଳ ଯେ କି ଭୁଲ କରୁଛନ୍ତି, ସେ ବିଷୟ ଭାବି ହେବ ନାହିଁ । ପରଦାନଶୀନତା ଏକା ବେଳେକେ ଉଠାଇଦେବା ଉଚିତ, ତାହା ନଉଠିବାଯାଏ ସମାଜର ମଙ୍ଗଳ ହେବନି । ବର୍ତ୍ତମାନ ପାଇଁ ତୃତୀୟ ପନ୍ଥାହିଁ ଆମ୍ଭମାନଙ୍କର ଅବଲମ୍ବନୀୟ, ଏଥିପାଇଁ ଏତା ବେଳେ ସେହି ସ୍ରୋତରେ ଭାସିଗଲେ ବିନାଶ ଅବଶ୍ୟମ୍ଭାବୀ, ତେଣୁ ଏହି ଶୁଭ ମୁହୂର୍ତ୍ତରେ ଆମ୍ଭମାନଙ୍କୁ ଘୋର ସାବଧାନତାର ସହିତ ଚାଲିବାକୁ ହେବ ।——

ନାରୀ ଶିକ୍ଷାର ଉପଯୁକ୍ତ ପ୍ରଣାଳୀ ଉଦ୍ଭାବନ କରିବା ଆଗରୁ ପରଦାନଶୀନ ପ୍ରଥା ଉଠାଇ ଦେଲେ ଘୋର ଅନିଷ୍ଟର ଆଶଙ୍କା ପଦ ସ୍ତରେ ସ୍ତରେ ରହିଅଛି ।

ଗୋଟିଏ କୋମଳ ଗୁଳ୍ମର ଚାରିପାଖରୁ ବାଡ଼ ଉଠାଇଦେଲେ ତାହା ଗୋରୁ ଛେଳି ଖାଇ ନଷ୍ଟ କରିଦେବେ ସହଜରେ କିନ୍ତୁ ସେହି ଗୁଳ୍ମଟି ସୁଦୃଢ଼ବୃକ୍ଷରେ ପରିଣତହେବା ପରେ ବାଡ଼ର ଆବଶ୍ୟକତା ନାହିଁ । ଗୋରୁ ଛେଳି ଛଡ଼ା ହାତୀ ଘୋଡ଼ା ମଧ୍ୟ ବନ୍ଧା ହୋଇ ରହିପାରିବେ । ବର୍ତ୍ତମାନ ଆମ୍ଭମାନଙ୍କର ସମାଜ ସମ୍ପୂର୍ଣ୍ଣ ଶିକ୍ଷା ଲାଭ କରିପାରି ନାହିଁ । ବହୁ ପ୍ରକାର ପାଶବିକ ପ୍ରବୃତ୍ତି ସମାଜରେ ବିଦ୍ୟମାନ ରହିଅଛି । ଆମ୍ଭମାନଙ୍କୁ ଅତି ସାବଧାନତାର ସହିତ ପ୍ରଗତି ପଥରେ ଚାଲିବାକୁ ପଡ଼ିବ ଯେପରି ଭାରତୀୟ ନାରୀ ପୁନେ ଗୃହିଣୀ ସହଧର୍ମିଣୀ ଅର୍ଦ୍ଧାଙ୍ଗିନୀର ସ୍ଥାନ ଅଧିକାର କରି ଦେଶରେ ଦୁର୍ଗତି ନାଶିନୀ ଦୁର୍ଗାରୂପେ ସମାଜର ଜଡ଼ତା ରିପୁସକଳ ସମୂଳେ ବିନାଶ କରିବାକୁ ସମର୍ଥ ହୋଇ ପାରିବ ।!! ଲେଖିକା—ପାଷାଣି

### ହୋଟେଲରୁ ଘରୁ

କଦମ୍ବା

ଉପକରଣ:—ଅଟା ସେ୧। ନଡ଼ିଆ ଦୁଇଗୋଟା, ଦୁଧଛେନା [ସେ°୮, ଚିନି ସେ°୩, ଘିଅ ପୋ°, ଗୁଜୁରାଟ ଲୁ୧୨ ।

ପ୍ରଣାଳୀ:—ପ୍ରଥମେ ନଡ଼ିଆକୁ କୋରି ରଖ । ତା'ପରେ ଅଟାରେ ସେହି କୋ'ର ନଡ଼ିଆ ଦେଇ ଭଲ କରି ଦଳ ଛେନା ପକାଅ । ଏ ସବୁ ଦେଇ ଭଲ କରି ଦଳ ତାକୁ ଦେଖି ଦରକାର ଅନୁଯାୟୀ ପାଣି ଦେଇ ମଯଲ୍ପ ସବାର ରସଗୋଲା ପରି ହାତରେ ବେଶ ଭଲ କରି ଗୋଲ ଗୋଲ କରି ତାଳରଖ, ଯେପରି ସେଥିରେ ଫଟା ଚଲୁ ନ ରହେ । ତାପରେ କଡେଇରେ ଘିଅ ଦେଇ ଚୁଲି ଧୀରେ ଧୀରେ ଜାଳ ତାକୁ କଛ କଛ ପକାଇ ଲାଲ ଲାଲ କରି ଭାଜି ରଖ, ସବୁ ଭଜା ସାରି ଆଉ ଗୋଟିଏ ପାତ୍ରରେ ପାଣିଦେଇ ଚିନି ଗୁଡକ ପକାଇ ଶିରା କର । ସେ ମୋଟା ମୋଟା ହୋଇ ଆସିଲା ବେଳକୁ ଏହା ଭଜା ଥିବା ଜିନିଷକୁ ପକାଇ ଚୁଲି ଉପରୁ ଓହ୍ଲାଇ ଆଣ, ତାପରେ ତାକୁ ଭଲ କରି ଘାଣ୍ଟ ଯେପରି ଚିନି ଗୁଡ଼ିକ ତା ଉପରେ ଲାଗି ରହିବ । ଏବଂ ଜିନିଷଟା ଶୁଖିଲା ଦଶିବ । ଏହାକୁ ୪।୫ ଦିନ ପର୍ଯ୍ୟନ୍ତ ରଖାଯାଇ ପାରେ, ଏହି ଜିନିଷଟା ଖାଇବାକୁ ବଡ଼ ଭଲ ଲାଗେ ।

ଶ୍ରୀମତୀ ମଣିମଣି ମହାନ୍ତି

### * ପହେଲି

(କିଏ କହିବ ?)

୩ । ପ୍ରଥମ ଜଣକ ମାଗୁନା ମୁହାଁ,
ଦ୍ୱିତୀୟ ପାଳୁଅ, ଫୁଟାଣି କୁହା ।
ତୃତୀୟ ଜଣକୁ ନିଶୁଆ ତେଲ,
ତିନିହେଁ ମିଳିଲେ ପଦାନ୍ତ ଫେଲ ।
ସିଏ କହିଦେବ ଏ ତିନି କିଏ ?
ପାଲିବଣ୍ଡା ମନ୍ତ୍ରୀ ହୋଇବ ସିଏ ।

\+ \+ \+

୪ । ମାଗୁର ନିଶୁଆ, ମୁହିଁ ଶାଣ ଦିଅ
ଜଗତ ଉପରେ ବସେ,
ତେଙ୍ଗା ତାଳଗଛ ଗୃଲେ ମଚ ମଚ
ଅଳପ ଅଳପ ହସେ,
ଗଙ୍ଗା ବାଳ ଧରି, ମାଟିରେ ଗୋଦାବରୀ
ରୁଦ୍ର ବଟେ ବଳୀଆନ
ଏଭଳି କିଏ ଯେ ପ୍ରତ୍ୟକ୍ଷ ବାଦବ
ଉତ୍ତର କିଏ ଜାଣେ !

* ୧ ନମ୍ବର ତମାଳ ଉତ୍ତର—ମନ୍ତ୍ରୀ
୨ ନମ୍ବର ତମାଳ ଉତ୍ତର—କୃଷକ ନେତାଙ୍କ ମଧ୍ୟରୁ ଅଧିକାଂଶ ।
୩ ଓ ୪ର ଉତ୍ତର ପାଇଁ ପର ସଂଖ୍ୟା ଦେଖିବେ ।

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର









ବାଲୁ ବଜାର, ପୋ. ଚାନ୍ଦନୀଚୌକ—କଟକ ।





ଟ ୨୦୯ କା ପୁରସ୍କାର !    ଟ ୨୦୯ କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଆମ୍ଭେମାନେ କାହାରିକୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଟଚ୍ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଆମ୍ଭେମାନେ ଟ୨୦୯କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁ ବଜାର, ପୋ:—କଟକ ।






---

# କଟକରେ

ନିମ୍ନଲିଖିତ ସ୍ଥାନମାନଙ୍କରୁ **ଡଗର** ପାଇ ପାରିବେ ।

୧— ଶ୍ରୀଯୁକ୍ତ ଘନଶ୍ୟାମ ନାୟକ, କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ—ଟିପ୍ ଏଜେଣ୍ଟ, କଟକ ।
୨- କଟକ ଟ୍ରେଡିଂ କୋମ୍ପାନୀ—ପୋ: ଚାନ୍ଦନୀଚୌକ—କଟକ ।
୩—ଉତ୍କଳ ବୁକ୍ ଏଜେନ୍ସି—ବଣୀହାଟ, ପୋ: ଗୁଡ଼ଲିଆଗଞ୍ଜ—କଟକ ।

Digitized by srujanika@gmail.com

# ଚିଠି

## ମୋହନ କେମିକେଲସ୍ ଆଉ ଓଡ଼ିଶା ସରକାର ।

ସମ୍ପାଦକ ମହାଶୟ,

ଆମ୍ଭମାନଙ୍କର ବର୍ତ୍ତମାନ ଓଡ଼ିଶା ସରକାର ଓଡ଼ିଆମାନଙ୍କ ପ୍ରତି ଯେଉଁ ଅବିଗ୍ଭର କରୁଅଛନ୍ତି, ସେମାନଙ୍କର ଜୀବନ ମରଣ ସମସ୍ୟାକୁ ଯେଉଁପରି ଅବହେଳା କରୁଅଛନ୍ତି ସେହି ବିଷୟ ଆଲୋଚନା କରିବା ପୂର୍ବରୁ ମି: ଏଲ୍: ରହମନ୍ ବ୍ୟବସ୍ଥାପକ ସଭାରେ ସରକାରଙ୍କର ଅବିଗ୍ଭରର ଯେଉଁ ସମୟୋପଯୋଗୀ ପ୍ରତିବାଦ କରି ଅଛନ୍ତି ସେଥିପାଇଁ ତାଙ୍କୁ ଆମ୍ଭେମାନେ ଅନ୍ତରିକ ଧନ୍ୟବାଦ ଜଣାଉ ଅଛୁଁ । ଶାସନ କାର୍ଯ୍ୟ ପରିଚାଳନ କରିବା ଶକ୍ତି ନଥିଲେ ବି ଘଟଣା ଚକ୍ରରେ ବର୍ତ୍ତମାନ ଯେଉଁମାନେ ଏହି ନବ ସୃଷ୍ଟ ପ୍ରଦେଶର କର୍ଣ୍ଣଧାର ରୂପରେ ବିରାଜ କରୁଅଛନ୍ତି ସେମାନଙ୍କର ଅତି ନିର୍ବୋଧ ପରି କାମର ପ୍ରତିରୋଧ କରିବା ପାଇଁ ମି: ରହମାନଙ୍କର ସଙ୍ଗରେ ଯେ କୌଣସି ବୁଦ୍ଧିମାନ ଓଡ଼ିଆ ଏକ ଯୋଗ ହେବ ବୋଲି ଆମ୍ଭେମାନେ ଆଶା କରୁଁ ଏବଂ ପ୍ରତି ସ୍ୱଦେଶ ପ୍ରେମୀ ଓଡ଼ିଆଙ୍କୁ ମନ୍ତ୍ରିମଣ୍ଡଳର କାମର ସଂବାଦ ଜଣାଇ ଦେବାପାଇଁ ଆମ୍ଭେମାନେ ଏହି ପ୍ରବନ୍ଧର ଅବତାରଣା କରୁଅଛୁଁ । ଏଥି ସଙ୍ଗେ ଅମ୍ଭମାନଙ୍କର କଂଗ୍ରେସ ନିର୍ବାଚିତ ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କୁ ମଧ୍ୟ ଅନୁରୋଧ କରୁଅଛୁଁ ଯେପରି ସେମାନେ କଂଗ୍ରେସ ମନ୍ତ୍ରୀମାନଙ୍କର ଓଡ଼ିଆ ଜାତି ପ୍ରତି ଅବିଗ୍ଭରର ପ୍ରତିବାଦ କରି ଏବଂ ଜାତିର ଭବିଷ୍ୟତ ସଂଗଠନ ପାଇଁ ପ୍ରୟୋଜନ ହେଲେ ବେକଂଗ୍ରେସ ଦଳରେ ଯୋଗ ଦେବାକୁ କୁଣ୍ଠିତ ନହୁଅନ୍ତି । ପ୍ରକୃତ ଜାତିପ୍ରୀତି ପାଇଁ ଯେତେ ନହେଉ ପଛକେ ନିଜ ସ୍ୱାର୍ଥପାଇଁ ପରି ବର୍ତ୍ତମାନ ମନ୍ତ୍ରିମଣ୍ଡଳଙ୍କ ମୁହଁରୁ ବହୁତ ବଡ଼ ବଡ଼ କଥା ବାହାରିବ । ସେମାନେ ମୁହଁରେ କହିବେ, ଭାରତୀୟ ମହା ଜାତୀୟତା ସେମାନଙ୍କର ଆଦର୍ଶ । ସେହି ଜାତୀୟତା-ବାଦ ଆଦର୍ଶରେ ଆଘାତ ପଡ଼ିବା ଭୟରେ ସେମାନେ ଓଡ଼ିଆଙ୍କର ଉନ୍ନତି ପାଇଁ କୌଣସି କିଛି କରିବାକୁ ନାରାଜ । ଏହା ସେମାନଙ୍କର ପକ୍ଷରେ ସ୍ୱାଭାବିକ, ସ୍ୱାର୍ଥ—ପ୍ରଣୋଦିତ ନହେଲେ ଦେଶର ଭାଗ୍ୟ ବିଧାତା ହେବା ଯେ ଦୁଷ୍କର—! କିନ୍ତୁ ଆମ୍ଭେମାନେ କହୁଁ, ଆଗେ ଓଡ଼ିଆ—ତା'ପରେ ଭାରତର ଜାତୀୟତା । ଆମ୍ଭେମାନେ ଧନ ବିଦ୍ୟା ବୁଦ୍ଧିରେ ଅନ୍ୟ ପ୍ରଦେଶର ଲୋକଙ୍କ ସମକକ୍ଷ ନହୋଇ ପାରିବା ପର୍ଯ୍ୟନ୍ତ ସେମାନଙ୍କ ସହଯୋଗୀ ହୋଇ ପାରିବା ନାହିଁ । ଏକଥା ସତ୍ୟ ଯେ ଯେଉଁମାନଙ୍କର ନିଜସ୍ୱ ବ୍ୟକ୍ତିତ୍ୱ ନାହିଁ, ସ୍ୱାର୍ଥପାଇଁ ସବୁ ପ୍ରଦେଶର ଲୋକମାନଙ୍କୁ ଯେଉଁମାନେ ଅନବରତ ଖୋସାମତି କରୁଥାନ୍ତି ବନ୍ୟା ପ୍ରପୀଡ଼ିତ, ଦୁଃଖୀ ଓଡ଼ିଆମାନଙ୍କର ଭଲମନ୍ଦ ଚିନ୍ତା କରିବା ସେମାନଙ୍କ ବୁଦ୍ଧିର ଅଗୋଚର ।

ମାନନୀୟ ବିଶ୍ୱନାଥ ଦାସ ମହାଶୟ ଓଡ଼ିଶାର ଶିଳ୍ପ ବାଣିଜ୍ୟ ଉନ୍ନତି କଳ୍ପେ ଯେତେବେଳେ ଖୁବ୍ ବଡ଼ ବଡ଼ କଥା କହି ଗୋଟାଏ କିଛି ନୂଆ କଥା କହିଲି ବୋଲି ଆତ୍ମପ୍ରସାଦ ଲାଭ କରନ୍ତି ସେଥିରେ ତାଙ୍କର ଆତ୍ମପ୍ରସାଦଲାଭ ଥିଲେ ଥାଉଥାବେ; କିନ୍ତୁ ତାଙ୍କର ଦୀର୍ଘ ବକ୍ତୃତାରେ ମୌଳିକତା କିଛି ଅଛି ବୋଲି ଜଣା ଯାଏ ନାହିଁ । ତାଙ୍କ ପୂର୍ବରୁ ଏହା ହଜାର ହଜାର ଲୋକ ଭାବିଛନ୍ତି, କହିଛନ୍ତି, ଏବଂ ବର୍ତ୍ତମାନ ସୁଦ୍ଧା ବହୁ ଓଡ଼ିଆ ସେହି ଚିନ୍ତାରେ ବିବ୍ରତ । କିନ୍ତୁ ପାର୍ଥକ୍ୟ ଏତିକି ଯେ ମହାମାନ୍ୟବର ଦାସଙ୍କ ପରି ସେମାନେ ଉବି ଉବି କରି ଆତ୍ମ ଉଙ୍ଗୁଳି ପିଟି ନାହାନ୍ତି, କି ପିଟିବା ପରି ସାହାଯ୍ୟ କାହାରି ଠାରୁ ପାଇ ନାହାନ୍ତି । ମାନନୀୟ ନାୟକଙ୍କର ଓଡ଼ିଶାର ଶିଳ୍ପ ଉନ୍ନତି କଳ୍ପନା ଯେ କେତେ ଅସାର ତାହା ଗୋଟିଏ ବିଷୟ ଆଲୋଚନା କଲେ ଜଣାପଡ଼ିବ । ତାଙ୍କ ବୁଦ୍ଧିରେ ବିଦେଶୀ ଧନ ଆସି ଓଡ଼ିଶାରେ କାମ କଲେ ଓଡ଼ିଶାର କଞ୍ଚା ମାଲ ପ୍ରକୃତ ଭାବରେ କାମରେ ଲାଗିପାରିବ । ଏବଂ ସେଥିପାଇଁ ବୋଧହୁଏ 'ମୋହନ କେମିକେଲ କମ୍ପାନି' ନାମକ ଗୋଟିଏ ବଙ୍ଗାଳି କମ୍ପାନିକୁ ସାହାଯ୍ୟ ଦେଇ ଓଡ଼ିଶାରେ କାରବାର କରିବାକୁ ଆହ୍ୱାନ କରୁଅଛନ୍ତି । ଏହାର ନାମ ପରି ବୁଦ୍ଧି—, ଓଡ଼ିଶାର କଞ୍ଚା ମାଲକୁ କାମରେ ଲଗା ହେଉଛି—! କାମରେ ଲଗା ହେଉଛି ସତ—କିନ୍ତୁ କା ପାଇଁ—? ସେଥିରେ ଲାଭବାନ ହେବ କିଏ ?

'ଓଡ଼ିଆମାନଙ୍କର ଧନ ନାହିଁ କି ମସ୍ତିଷ୍କରେ ବୁଦ୍ଧି ନାହିଁ' ବୋଲି ନିନ୍ଦାକରି ଏବଂ ବୁଦ୍ଧି ଓ ଧନ ପାଇଁ ବଙ୍ଗାଳିମାନଙ୍କୁ ଅକାରଣ ପ୍ରଶଂସା କରି ମାନନୀୟ ଦାସ ବୋଧହୁଏ ନିଜର ଖୁବ୍ ସୂକ୍ଷ୍ମ ବୁଦ୍ଧିର ପରିଚୟ ଦେଇ ନାହାନ୍ତି । ସେ ବୋଧହୁଏ ଜାଣନ୍ତି ନାହିଁ ବଙ୍ଗାଳିମାନେ ଆଜି ପର୍ଯ୍ୟନ୍ତ ବି ସେମାନଙ୍କର ନିଜ ପ୍ରଦେଶରେ ନିଜର ବିଦ୍ୟା ବୁଦ୍ଧି ବଳରେ ବଡ଼ ବଡ଼ କମ୍ପାନି ମାନଙ୍କରେ କିରାଣି କାମ ବ୍ୟତୀତ ଆଉ କିଛି କାମ କରି ପାରି ନାହାନ୍ତି । ଏପରି ଓଡ଼ିଆ ପୁଅମାନେ ମଧ୍ୟ ଅଛନ୍ତି, ଯେଉଁମାନେ ବିଦ୍ୟା ଓ ବୁଦ୍ଧି ବଳରେ ଓଡ଼ିଶା ବାହାରେ ଅନ୍ୟାନ୍ୟ ପ୍ରଦେଶ ମାନଙ୍କରେ ବହୁତ ବଡ଼ ବଡ଼ କମ୍ପାନିର ବୁଦ୍ଧିଦାତା ଭାବରେ ନିୟୋଜିତ ହୋଇ ଅଛନ୍ତି । ଏହି ଗୁଡ଼ିକ ବାଦ ଦେଲେ ବି ଆଜି ଓଡ଼ିଶା ସରକାର 'ମୋହନ କେମିକେଲ୍ କମ୍ପାନି' କୁ ଯେଉଁ ଦୁଇଟି ସୁବିଧା ଦେଇ ସେମାନଙ୍କୁ ଓଡ଼ିଶାରେ କାରବାର କରିବାକୁ ଡାକୁ ଅଛନ୍ତି ତାହା ମଧ୍ୟ ଭାବିବାର ବିଷୟ । ପ୍ରଥମତଃ ସେମାନଙ୍କୁ ସୁଯୋଗ ଦିଆ ଯାଉଛି ଯେମିତି ସେମାନେ ଓଡ଼ିଶାର କଞ୍ଚା ମାଲ କିଣିବାର ଏକଚାଟିଆ ଅଧିକାର ପାଇ ପାରିବେ । ଏହି ସତ୍ତ୍ୱହୀନ ଓଡ଼ିଆ ଜାତିର ଯେ କେତେ ବଡ଼

Digitized by srujanika@gmail.com

ଅନ୍ୟାୟ କରି ହେଉଛି ତାହା ସରକାରଙ୍କର ହୁଙ୍କାର କଣ କ୍ଷମତା ନାହିଁ କି ସେମାନେ ସ୍ୱାର୍ଥରେ ଅନ୍ଧ ହୋଇ ନିଜ ଜନ୍ମଭୂମି ଏବଂ ନିଜ ଭାଇ ଭଉଣୀଙ୍କ ଭବିଷ୍ୟତକୁ ଅନ୍ୟ ପକ୍ଷରେ ବିକୁ ଅଛନ୍ତି ? କଞ୍ଚାମାଲ୍ କିଣିବା ପାଇଁ ଏକଚାଟିଆ ଅଧିକାର ଦେବା ମାନେ ଭବିଷ୍ୟତରେ ଆଉ କୌଣସି ଓଡ଼ିଆର ଏହି କାରବାର କରିବାର କ୍ଷମତା ରହିବ ନାହିଁ । ନିଜର ଘର ଜମିସ ତ ନିଜର କିଣିବାର ଅଧିକାର ନାହିଁ, ସେ କାରବାର କରିବ କେଉଁ ପରି ?

ଦ୍ୱିତୀୟରେ ଯେଉଁ ଗରିବ ଓଡ଼ିଆ-ମାନେ ଛୋଟ ଛୋଟ କାରବାର କରି କୁଟୁମ୍ବ ପୋଷୁ ଅଛନ୍ତି ସେମାନଙ୍କ ସେହି କାର-ବାର ଚର୍ମ ଶୋଧନ ପାଇଁ ବନ୍ଦ ହୋଇ-ଯିବ । କେବଳ ଏତିକିରେ ଶେଷ ନୁହେଁ, ପୁଣି ଏହି ବିଦେଶୀ କମ୍ପାନୀ ତାହାର ପ୍ରସ୍ତୁତ ଜିନିଷ ଯେପରି ଏକଚାଟିଆ ଭାବରେ ଓଡ଼ିଶା ସରକାରଙ୍କୁ ବିକି ପାରେ ତାପାଇଁ ନୂଆ ଓଡ଼ିଆ ସରକାର ସାହାଯ୍ୟ କରିବେ ! ସାବାସ୍ ! ଏହା ନହେଲେ ପୁଣି କଂଗ୍ରେସ ସରକାରଙ୍କର ନାଁ ରହନ୍ତା କିପରି ? 'ଥାନ ବେଥାନ ହୁଅନ୍ତୁ' ପଛକେ ନାଗାଙ୍କୁ ଜାଗା ଗୁଡ଼—ଏଠା କେଉଁ ନୀତିରେ ଅଛି ସରକାର କହି ପାରିବେ ନା ?

ମାନନୀୟ ଦାସ ଯଦି ପ୍ରକୃତରେ ଓଡ଼ିଆ ଜାତିର ମଙ୍ଗଳ ଚେଷ୍ଟା କରୁଥାନ୍ତେ ଉପାୟର ଅଭାବ ହୁଅନ୍ତା ନାହିଁ । ଓଡ଼ିଶାରେ ଯେଉଁ ନେତା ଏବଂ ନେତୃସ୍ଥାନୀୟ ଲୋକମାନଙ୍କର ଧନ, ଦରିଦ୍ରର ବୁକୁର ରକ୍ତ ଶୋଷଣ ପାଇଁ କେଉଁ ଆକାରରେ ନିୟୋଜିତ ହେଉଛି, ସେହି ଧନର କିୟତ ଅଂଶ ଯଦି ଦେଶର ଶିଳ୍ପ ଉନ୍ନତି ପାଇଁ ନିୟୋଜିତ ହୁଅନ୍ତା ତାହାହେଲେ ଆମ ଦେଶରେ ଭିନ୍ନ ଭିନ୍ନ ଶିଳ୍ପ ଅନୁଷ୍ଠାନ କଣ ଗଠିତ ହୋଇ ପାରନ୍ତା ନାହିଁ ? ଓଡ଼ିଶା ସରକାର ଯଦି ଅଗ୍ରସର ହୋଇ ନିଜର ...ର୍ମ୍ମିତ ସଞ୍ଚିତ ଧନ ସଂଗ୍ରହ କରି ଶିଳ୍ପ ଉନ୍ନତି ପାଇଁ ଚେଷ୍ଟା କରନ୍ତେ କେବେ ନିଶ୍ଚୟ ଯେ ଯାହାର ଶକ୍ତି ଅନୁଯାୟୀ ଅର୍ଥ ସାହାଯ୍ୟ ଦେବାକୁ କୁଣ୍ଠିତ ହୁଅନ୍ତେ ନାହିଁ । ଏହା ନ କରି ଆମ୍ଭମାନଙ୍କର ପ୍ରଧାନ ମନ୍ତ୍ରୀ ସାହେବ ଆଜି ଗୋଟାଏ ଭ୍ରାନ୍ତ ଧାରଣା ପଛରେ ଧାଉଁଛନ୍ତି । ତାଙ୍କର ଆଶା ଯେ 'ମୋହନକେମିକେଲ କମ୍ପାନୀ' ଓଡ଼ିଆ-ମାନଙ୍କୁ କାମରେ ନିଯୁକ୍ତ କରି ସେମାନଙ୍କୁ ଶିଳ୍ପ ସମ୍ବନ୍ଧରେ ଖୁବ୍ ଉଚ୍ଚ ଶିକ୍ଷା ଦେଇ ଦେବେ । ଅମ୍ଭେମାନେ କହୁଁ ହେ ପ୍ରଧାନ ମହାଶୟ ! ଆମ୍ଭମାନଙ୍କ ପାଇଁ ଆପଣ ଯେତିକି ଚିନ୍ତା କରିବାର କରି ସାରିଲେଣି ଏଣିକି ଦୟା କରି ସେଥିରୁ ବିରତ ହୁଅନ୍ତୁ । ଅମ୍ଭେମାନେ ଆପଣଙ୍କୁ ହୃଦୟର କୃତଜ୍ଞତା ଜଣାଉଅଛୁଁ—କିନ୍ତୁ ନମସ୍ତେ ! ଆମ୍ଭମାନଙ୍କ ବୁକୁ ରକ୍ତରେ ଅନ୍ୟମାନଙ୍କୁ ଖୁଆଇବାର ବନ୍ଦୋବସ୍ତ କରି ଆମ୍ଭମାନଙ୍କ ଜୀବନ ପ୍ରାରମ୍ଭରେ ଆମ୍ଭମାନଙ୍କୁ ଆଉ ହତ୍ୟା କରିବାର ଯୋଗାଡ଼ କରନ୍ତୁ ନାହିଁ ।

ବଙ୍ଗାଳିମାନେ ଆମ୍ଭମାନଙ୍କୁ "ଉଡ଼େ" ଆଖ୍ୟା ଦିଅନ୍ତି ତାହା ଅମ୍ଭେମାନେ ଅମ୍ଳାନ ବଦନରେ ସହିବାକୁ ରାଜି ଅଛୁଁ—ସହି ସହି ତ ପିଠି ଓ ପେଟର ଚମଡ଼ା ମଧ୍ୟ ମୋଟ ହୋଇ ଗଲାଣି । କିନ୍ତୁ ଆମର ଘର ଭିତରେ ପଶି ଆମର ରକ୍ତ ଶୋଷଣ କରି ଆମର ବଦାନ୍ୟ ବଙ୍ଗାଳି ଭାଇମାନେ ଆମ୍ଭଙ୍କୁ ଯେ ନାକ ଫୁଲାଇ ମୁହଁ ବଙ୍କା କରି "ଉଡ଼େ" କହି ଘୃଣା କରିବେ ତାହା ଅମ୍ଭେମାନେ ସହିବୁ ନାହିଁ । ଆଜି ଯେଉଁ ସରକାର ସେମାନଙ୍କୁ ସାହାଯ୍ୟ କରିବାକୁ ଉଦ୍ୟତ ସେହି ସରକାରଙ୍କୁ ଅମ୍ଭେମାନେ ସାବଧାନ କରାଇ ଦେଉଅଛୁଁ ଏବଂ ସେଥି ସଙ୍ଗେ ସଙ୍ଗେ ଓଡ଼ିଶାର ଭାଇ ଭଉଣୀ ମାନଙ୍କୁ ଆନ୍ତରିକ ଅନୁରୋଧ କରୁଛୁ—ସାବଧାନ୍ ଭାଇ ସାବଧାନ୍ ! ତମର ଘର ଭିତରେ, ତମର ଗଳାରେ ଛୁରି ଦେବାର ବନ୍ଦୋବସ୍ତ ହେଉଛି ।

ଆପଣଙ୍କର

ସେକ୍ରେଟାରୀ, 'ଓଡ଼ିଶାହୋମ'
୯୫ । ଏ, ଚିତ୍ତରଞ୍ଜନ ଏଭେନ୍ୟୁ,
କଲିକତା ।

## ନୂଆ ନାଗରଙ୍କ ନାମ ।

। ୧୧୫ । ଶ୍ରୀ ଅନନ୍ତ ନାରାୟଣ ମହାନ୍ତି ଖ୍ରୀଷ୍ଟିଆନ ସ୍କୁଲ, ୯ମଶ୍ରେଣୀ ବାଲେଶ୍ୱର, । ୧୧୬ । ଶ୍ରୀ ବିନୋଦ ବିହାରୀ ପଟ୍ଟନାୟକ ଯାଜପୁର ହାଇସ୍କୁଲ, ୧୧ଶଶ୍ରେଣୀ, । ୧୧୭ । ରମାକାନ୍ତ ମିଶ୍ର, C/O ରାୟବାହାଦୁର ଏଲ୍ ଏନ୍ ମିଶ୍ର ପୁରୀ । ୧୧୮ । ବିଭୂତି ଭୂଷଣ ଦାସ, ରାୟରଙ୍ଗପୁର ଏମ୍ ଇ ସ୍କୁଲ ୭ମ ଶ୍ରେଣୀ । ୧୧୯ । ଭୋଳ ନାଥ ନାୟକ, ଉତ୍କଳ ବାନ୍ଧବ ନାଟ୍ୟସମିତି, N. One Type. ଜାମସେଦପୁର, ।୧୨୦ ଗଦାଧର ପାଢ଼ୀ ବାରିପଦା ହାଇ ସ୍କୁଲ ୮ମଶ୍ରେଣୀ (ଗ) ୧୨୧ । ଗୌରାଙ୍ଗ ଚରଣ ମହାନ୍ତି, ରାଇରଙ୍ଗ-ପୁର ଏମ୍, ଇ, ସ୍କୁଲ, ୭ମ ଶ୍ରେଣୀ । ୧୨୨ । ଶ୍ରୀମତୀ ଶାନ୍ତିବାଳା ସାମନ୍ତ C/O କ୍ଷୀରୋଦଚନ୍ଦ୍ର ସାମନ୍ତ, 162 'S' Type Burma mines, Tatanagar, । ୧୨୩ । ହରେକୃଷ୍ଣ ମହାପାତ୍ର, ସେକେଣ୍ଡେରି ଖୋର୍ଦ୍ଧା ଛାତ୍ରସଙ୍ଘ, ଖୋର୍ଦ୍ଧା ହାଇସ୍କୁଲ । ୧୨୪ । କୃଷ୍ଣଚନ୍ଦ୍ର ଦାସ, ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ, ୬ ନ. ଗାରିଷ୍ଟିନ ପ୍ଲେସ୍ କଲିକତା । ୧୨୫ । ରାମ ପ୍ରସାଦ ଦାସ C/O ବାବୁ ଆନନ୍ଦ ଦାସ, Organiser All Oriss Zamindari Association, ସୁରଡ଼ା । ୧୨୬ । ଗୋବିନ୍ଦ ଚନ୍ଦ୍ର ଭଞ୍ଜ Tisco Black Smith Shop ଜାମସେଦପୁର । ୧୨୭ । ଧନେଶ୍ୱର ପଣ୍ଡା ହାଇସ୍କୁଲ ୯ମ ଶ୍ରେଣୀ ପୋ: ଭବାନୀପାଟଣା । ୧୨୮ । ଲଲମୋହନ ଦେ, ହାଇସ୍କୁଲ ପୋ: ବାରିପଦା । ୧୨୯ । ଗଙ୍ଗାଧର ସାହୁ, ନୂତନ ଛାତ୍ରାବାସ ବାରିପଦା । ୧୩୦ । ବୀର ଶ୍ରୀ କୈଳାସ ଚନ୍ଦ୍ର ଦେଓ, ପୋ: ବଣେଇଗଡ଼ ବଣେଇ ଷ୍ଟେଟ । ୧୩୧ । ରବି-ନାରାୟଣ ପଟ୍ଟନାୟକ, ନୂତନ ଛାତ୍ରାବାସ ବାରି-ପଦା । ୧୩୨ । ଗୋପାଳ ଚନ୍ଦ୍ର ଦେ ହାଇସ୍କୁଲ ପୋ: ନୟାବସାନ ଜି: ମେଦନୀପୁର । ୧୩୩ । କିଶୋର ଚନ୍ଦ୍ର ଦାସ, C/O ହରିଶଚନ୍ଦ୍ର ମହା-ପାତ୍ର ଲଲବଜାର, ବାରିପଦା । ୧୩୪ । କାମ-ପାଳ ମହାନ୍ତି, ହାଇସ୍କୁଲ, ୯ମ ଶ୍ରେଣୀ ବାରିପଦା ୧୩୫ । କୃପାନନ୍ଦ ଶତପଥୀ, ହାଇସ୍କୁଲ ୯ମ ଶ୍ରେଣୀ ବାରିପଦା । ୧୩୬ । ବୈକୁଣ୍ଠନାଥ ସାହୁ ହାଇସ୍କୁଲ ୯ମ ଶ୍ରେଣୀ, ବାରିପଦା । ୧୩୭ । ଗୌରହରି ବେହେରା ନୀଳଗିରି ମି: ଇ: ସ୍କୁଲ ୭ମ ଶ୍ରେଣୀ, ପୋ: ରାଜନୀଳଗିରି ।

(କ୍ରମାନ୍ୱୟେ ବାହାରିବ)

Digitized by srujanika@gmail.com



ସ୍ନେହର ନାଗ ବନ୍ଧୁମାନେ,

ତମ ତମ ଭିତରେ କମିତ ଚିଠି ପତ୍ରରେ ଅଳାପ ହେବ, କମିତ ନାନା କଥା ଭିତରେ ସଇ ସଙ୍ଗାତ ବସିବ, ମୋତେ ତମ ଭିତରୁ ଅନେକ ଏକଥା ପଚାରିଲେଣି । ତମ ଦଳର ଲୋକଙ୍କୁ ତ ଆଙ୍ଗୁଳ ଅଗରେ ଗଣି ହେଉଛି । ଏଥିରେ ବା କ ସଇ ସଙ୍ଗାତ ବସିବ ? କେଉଁଠା ଲୋକ ବା ତମେ ! ଇସ୍ୱା ଭାବ ମୁଁ ଚୁପ୍ ରହିଯାଇ-ଥିଲି । କିନ୍ତୁ ତମ ଫିଁକୁ ଆଉ ସମାଳି ପାରୁନାହିଁ । ଏଣିକି ତମ ଭିତରୁ କଏ କଉଁ କଥାକୁ ଭଲ ପାଅ, ଲେଖିବ । ତମ ଭିତରୁ କାହାକୁ ଚିତ୍ର-କରିବା ଭଲ ଲାଗେ, କାହାକୁ ଫଟ ଉଠେଇବା ଭଲ ଲାଗେ, ଆଉ କାହାକୁ ଗୀତ ଗାଇବାକୁ କାହାକୁ ବା କବିତା ଲେଖିବାକୁ ଭଲଲାଗେ । ଯାହାକୁ ଯଉଁ କଥାଟି ଭଲଲାଗେ ତା'ମନଟି ଥାଏ, ସେ ଯଉଁ କଥାକୁ ଭଲପାଏ ସେଇଟାକୁ ଯିଏ ଭଲ ପାଉଥିବ, ତାରି ସାଙ୍ଗରେ ସାଙ୍ଗ ହେବାକୁ । ସେଇଥି ଯୋଗୁ ତମ ଭିତରୁ କାହାର କଉଁ କଥାରେ ମନ ଲେଖି, ତମ ମନ ମୁତାବକ ମିତ ଲୋଡ଼ା ବୋଲି ମୋତେ ଜଣାଇଲେ ମୁଁ ତା' ଉପରରେ ବାହାର କରିଦେବ । କେହି ଯଦି ଉପରରେ ବାହାର ଥିବା ନୂଆ ବା ପୁରୁଣା କୌଣସି ନାଗବନ୍ଧୁ ସାଙ୍ଗରେ ସାଙ୍ଗ ହେବାକୁ ଚାହେଁ ତା ଲେଖିଲେ ବି ମୁଁ ଉପରରେ ବାହାର କରିଦେବ । ତମ ତମ ଭିତରେ ଡେଣିକି ଚିଠିରେ ଅଳାପ ଚାଲିବ । ସାଙ୍ଗ ଦୁଇ ରକମର ଥାନ୍ତି—ଦେଖା ସାଙ୍ଗ ଆଉ ଲେଖା ସାଙ୍ଗ । ଆଜିକାଲି ଯୁଗରେ ଆମ ନଜର ବଢ଼ି ଗଲଣି । ଆମ ଆଖି ଯଉଁଠିକି ନପାଏ ତାର ଢେର ଢେର ଦୂରରୁ ଆମେ ଖବର ପାଉଁ ଆଉ ଆମ ଖବର ସେଠିକି ଯାଏ । ସେଥିପାଇଁ ଲେଖା ସାଙ୍ଗ ଦରକାର ହୁଅନ୍ତି । ସାଙ୍ଗ ସୁଖଠାରୁ ସୁଖ ନାହିଁ । ମୁଁ ଆଶା କରେଁ ଏଣିକି ତମ ତମ ଭିତରେ ସାଙ୍ଗ ହେବ । ତମରି ସୁବିଧା ପାଇଁ ମୁଁ ମୂଳରୁ ଏଯାଏ ଯେତେ ବନ୍ଧୁ ବରି ମୋ ପେଡ଼ିରେ ପଶିଲେଣି ତାଙ୍କ ନାମ ଗୋଟାଏ ଫର୍ଦ୍ଦରେ ଛପାଇ ଦେବ । ଯିଏ ୪୦/୮ର ଡାକ ଟିକଟ ପଠାଇବ ତା' ପାଖକୁ ପଠାଇ ଦେବ । ——— ଅଜା

## ନାଗବନ୍ଧୁଙ୍କ ଚିଠିର ମର୍ମ

ଦାମୋଦର—ନାଗବନ୍ଧୁ ନାଟବେଶମାନେ ଅଜ୍ଞଙ୍କ ରୂପ ବର୍ଣ୍ଣନା କରନ୍ତୁ । ଶୈଳ ଅପାଙ୍କ ଠିକଣାଟା ଦେବେ ।

ଚନ୍ଦ୍ର ( ନ ୬ ମ୍ବର ନାଗ )—'ଉପର'ରେ ନାଗବନ୍ଧୁଙ୍କ ପାଇଁ ଗୋଟାଏ ସ୍ୱତନ୍ତ୍ର ବିଭାଗ କରାଯାଉ ସେଉଁଥିରେ କି କେବଳ ସେଇ-ମାନଙ୍କର ଲେଖା ପ୍ରକାଶ ପାଇବ ।

କଶୋର—(ନଂ୩୩ମ୍ବର) ତମକୁ ମୁଁ ସନେ ଦେଖି ପକାଇଛି । ମୁଣ୍ଡଟି ଘାସ ବହୀନ ସମତଳ ଭୂମି । ବୁଢ଼ାଙ୍କ ପରି ଅସ୍ଥି ଚର୍ମ ଦେହରେ ରହିଛି । କ'ଣ କହିବ ଅଜା, ଡେଡେବେଳେ ମନହେଲା ତମ ନଣ୍ଡା ମୁଣ୍ଡରେ ଯାଇ—। ବୋଧହୁଏ ନାତି ନାତୁଣୀଙ୍କ କଥା ଭାବି ଭାବି ଏପରି ଅବସ୍ଥା ହୋଇଛି ।

କୁମୁଦନୀ—(ନଂ୧୦୨ମ୍ବର) ପ୍ରାୟ ୬।୭ ମାସ ହେବ ମେଦିନୀପୁର ଜିଲ୍ଲାରେ ମୋର ବିବାହ ହୋଇଛି । ଏମାନେ ଓଡ଼ିଆ ହେଲେ ବି ଓଡ଼ିଆ ପ୍ରାୟ ଭୁଲି ଗଲେଣି । ମୁଁ ସେମାନଙ୍କୁ ଓଡ଼ିଆ ଶିକ୍ଷା ଦେବାପାଇଁ ଚେଷ୍ଟା କରୁଛି । ମୋତେ 'ନାଗବନ୍ଧୁ ପାର୍ଟି'ର ସଭ୍ୟ କରିଛନ୍ତି ଶୁଣି ସୁଖୀ ହେଲି । କିନ୍ତୁ ଏ ବିବାହିତା ସ୍ତ୍ରୀ ଲୋକ ପକ୍ଷରେ ବିଶେଷ କିଛି କାମ କରିପାରିବା ସହଜ ହେବକି? ତଥାପି ମୁଁ ଯଥାସାଧ୍ୟ ଚେଷ୍ଟା କରିବ ।

ଦେବେନ୍ଦ୍ର ତ୍ରିପାଠୀ—(ନ ୬୦ ମ୍ବର) ମୋର ଇଚ୍ଛାକୁଏ ଅଜାଙ୍କୁ leader କରି ଆମେ ସବୁ ନାଗବନ୍ଧୁ ଭାଇ ଭଉଣୀମାନେ ଭାରତର ସ୍ୱାଧୀ-ନତା ପାଇଁ ଅନ୍ଦୋଳନ କରନ୍ତୁ ।

ଅଜ୍ଞଙ୍କି କହିବ ମୋପାଇଁ ଖଣ୍ଡେ ଫଟ ଭାଙ୍ଗି ପଠାଇ ଦେବେ ।

ବିନୋଦ—(ନାଂ୧୬ମ୍ବର) ମୋ ଠିକଣାରେ ଏକାଦଶ ଶ୍ରେଣୀ ସ୍ଥାନରେ ୯ମ ଶ୍ରେଣୀ ହୋଇ ଯାଇଛି ।

ବାରେଶ୍ୱର—( ନାଂ୫୪ ମ୍ବର ) ମୁଁ ଓଲଙ୍କିହି ହାଇସ୍କୁଲ ଛାତ୍ର ଶ୍ରୀ ବସନ୍ତ କୁମାର ମହାନ୍ତିଙ୍କ ସହିତ ଚିଠିପତ୍ରରେ ଅଳାପ କରିବା ପାଇଁ ଅନୁମତି ଚାହୁଁଛି । ସେ କେଉଁ କ୍ଲାସରେ ପଢ଼ନ୍ତି । ଜଣାଇବେ କି ?

ଗୁରୁଚନ୍ଦ୍ର-(୬୮ନଂ) ଓ ଦେବେନ୍ଦ୍ର-(୦ନଂ) ଅପଣଙ୍କର ୬ନଂ ନାତିଙ୍କୁ କହିବେ ଯେ ସେ ଯଦି ଦେଶପାଇଁ ଓ ନାଗବନ୍ଧୁଙ୍କ କିଛି କାମ କରନ୍ତି ତାହାହିଁ ଅମ୍ଭମାନଙ୍କର ଶ୍ରେଷ୍ଠ କୃତଜ୍ଞତା ପ୍ରାପ୍ତି । କୃତଜ୍ଞତା ଜ୍ଞାପନର ଏହି ଉତ୍କୃଷ୍ଟ ଉପାୟ କହିଦେବା ପ୍ରତିବଦଳରେ ତାଙ୍କର ସ୍ନେହ ଟିକିଏ ଉପହାର ରୂପେ ଆଶା କରୁଁ ।

ବାରେଶ୍ୱର—( ନଂ ୫୪ ) ନାଗବନ୍ଧୁ ସଙ୍ଗ ସଂଗ୍ରହ ପାଇଁ ବାରିପଦା ସ୍କୁଲ ହାଲରେ ଏଠାକାର ନାଗବନ୍ଧୁଙ୍କୁ ନେଇ ଗୋଟିଏ ମିଟିଂ କରିବୁଁ । ଏ ମିଟିଂରେ ଆଉ କି ବିଷୟ ଅଲୋଚିତ ହେବ ଜଣାଇବେ ।

## ଅଜାଙ୍କ ଜବାବ୍ ।

—(ଦାମୋଦର) (୧) ଅଜ୍ଞଙ୍କ ଇଜତ୍ ପଦାରେ ପଡ଼ିଯିବ ଯେ । (୨) କୁମାରୀ ଶୈଳବାଲା ପଟ୍ଟ-ନାୟକ,୯୧ ବର୍ମ୍ମିରୋଡ଼, ଶାନ୍ତାନଗର(ପୋ:)ଅଜା

ନ୬—ପ୍ରସ୍ତାବଟି ସୁନ୍ଦର । ମୁଁ ସେଇ ଦଗରେ ଚେଷ୍ଟା କରୁଛି । ——— ଅଜା

୧୩୩—ବର୍ଷାପାଣି ପଡ଼ି ପୁଣି ଘାସ କଅଁଳି ଉଠିଲାଣି । ଠେଙ୍ଗା ମାଡ଼ରେ ମୁଣ୍ଡ ଫାଟିବ ନାହିଁ । ବଡ଼ ଶକ୍ତ ସେ । ——— ଅଜା

୧୦୨—ତମର କାର୍ଯ୍ୟକୁ ମୁଁ ପ୍ରଶଂସା ନକରି ରହିପାରୁ ନାହିଁ । ମେଦିନୀ ପୁରରେ ତମର ବିବାହ ହୋଇଛି । ସେଥିରେ ଭଗବାନଙ୍କର ନିର୍ଦ୍ଦେଶ ଅଛି ବୋଲି ମୋର ମଧ୍ୟ ବିଶ୍ୱାସ । ମନ ଲଗାଇ ଯେତେ ଦୂର ପାର ଦେଶର ସେବା କର । ——— ଅଜା

ନ୬୦—ତମେ ସତର୍କ ହୋଇଥାଅ । ଛୋଟ ମାଛ ପରି ଫଗ ଫଗ ହୁଅନାହିଁ ସବୁ ଉତ୍ସାହକୁ ଜମେଇ ରଖ । ବେଳ ପଡ଼ିଲେ ଅଜା lead ଦେବେ ।

ଅଜ୍ଞ ଉପର ପାନରୁଁ ତମ ନାତେ ପାଣି ଛଡ଼େଇ ଦେଇଥିଲେ । ପାଇଁବି— ଅଜା

ନ୧୧୬—ଠିକଣା ସଂଶୋଧନ କରି ଦେଲି ।

ନ୫୪—ସେ ତାଙ୍କରି class ନାମ ଦେଇ ନାହାନ୍ତି । କେବଳ Matriculatin class ଲେଖାଯାଇଛି । ତମେ ତାଙ୍କ ପାଖକୁ ପଚାରି ଚିଠି ଦେଇପାର । —ଅଜା

Digitized by srujanika@gmail.com

୬୮। ୨—ମୁଁ ତମ ସହିତ ଏକମତ । ଆଶା-କରେଁ ୬ନମ୍ବର ନାଡ଼ ତମକଥା ମାନିବେ ।

୨୪—ବର୍ତ୍ତମାନ ନାଗବଗ୍ଧ ପାର୍ଟି ଅଦାୟ କରିବା ବିଷୟରେ ଓ କପର ନାଗବଗ୍ଧ ବେଶୀ ସଂଖ୍ୟାରେ ହେବେ ଏଥିର କର କର୍ମପନ୍ଥା ସ୍ଥିର କର । ପରେ ଅନ୍ୟାନ୍ୟ ମିଟିଂରେ ଅନ୍ୟ ବିଷୟ ଆଲୋଚନା କରିବ ।——ଅଜା

—ଐ—

## ଅଜାଙ୍କ ହୁକୁମ ନାମା ।

ଜାଲଗିରିରେ ଶାନ୍ତି ସ୍ଥାପିତ ହୋଇଥିବା କାରଣରୁ ନାଗବଗ୍ଧ ପାର୍ଟିର ଅଧିକାଂଶ ସଭ୍ୟ ବର୍ତ୍ତମାନ ପରିସ୍ଥିତିରେ ସାହାଯ୍ୟଦାନ କରୁଥି ନାହାନ୍ତି ବୋଲି ମତ ଦେଇଛନ୍ତି । ଏଣୁ ସେ ପ୍ରସ୍ତାବ ରଦ୍ଦ କରାଗଲା ।

କଟାଇ ବଙ୍ଗୀୟର ନାଗବଗ୍ଧ ପାର୍ଟି ସର୍ବ ଅଳ୍ପ ବୟସ୍କ ହୋଇ ଥିବାରୁ ତାଙ୍କ ସ୍ଥାନରେ ଶଯୁକ୍ତ କୈଳାସ ଚନ୍ଦ୍ର ଦେଙ୍କୁ ସର୍ବସମ୍ମତିରେ ଗ୍ରହଣ କରାଗଲା ।

## ଅଜାଙ୍କ ରୂପ ବର୍ଣ୍ଣନା ।

(୨ୟ ପୁରସ୍କାର ପ୍ରାପ୍ତ ରଚନା)

ବୁଢ଼ା ଅଜା,

ଏଣେ ଦୁଇ ଲୋକର ସପନ ଦେଖିବାକୁ କେତେ କପ୍ କଠୋର ତପସ୍ୟା କରିବାକୁ ହୋଇନାହିଁ । ତିନି ଦିନର ନିର୍ଜଳା ଉପାସ ପୁଣି ଏକ ମନ ଏକ ଧ୍ୟାନ ଓ କଷ୍ଟ-ତପସ୍ୟାରେ ତମେ ସନ୍ତୋଷ ହୋଇ ମତେ ଯିମିତି ରୂପରେ ଦର୍ଶନ ଦେଲ, ଖାଲି ସେଇ କଥା ଗୁଡ଼ା ଲେଖୁଛି ।

ଦେଖିଲି, ଗୃହ ଅନ୍ତରେ ବୁଦା ବୁଦା କଣ୍ଟା ଓ ନଣ୍ଡା ଘେରା ଏକ ପାହାଡ଼ିଆ ଜଙ୍ଗଲରେ ତମେ ଏକୁଟିଆ ନାଉ ହୁମ୍ବାରେ ପଦ୍ଦୁଡୋଳା ଡାକ ଛାଡ଼ି ଗୃହଛ । ଦେହ ତମର ବୁଢ଼ାର ଦେହ, ମାତ୍ର ମନଟା ଯୁଆନ ଟୋକାର । ସେହି ଚମ ଧୁଡ଼ୁ ଧୁଡ଼ୁ ଶୁଖିଲା ହାତ ଗୋଡ଼ ଭିତରେ ଯୁବକର ନିର୍ଭୀକ ସାହସ ଓ ତେଜ ବିକ୍ରମ ଦେଖି ମୁଁ ଅବାକ୍ ହୋଇଗଲି । ପିଠିରେ ତମର ସାତଖଣ୍ଡ ଛିଡ଼ା କନାରେ ଶିଆଁ ଏକ ଝୋଲି ମୁଣ୍ଡି ଜାଗମହୁଦ ଓ ନାନା ଗଦ ଔଷଧରେ ଭର୍ତ୍ତି...ପିନ୍ଧିଛ ମୋଟା ମଳିଆ କନ୍ଥା...ମୁଣ୍ଡରେ ଜଟ ଦେକା...ଏକ ହାତରେ ଶକ୍ତ ବାଉଁଶ ଠେଙ୍ଗା ଓ ଆର ହାତରେ ସାପ ପେଡ଼ି... ବାହୁରେ ତେଉଁରିଆ ମାଳ...ଗଳାରେ ରୁଦ୍ରାକ୍ଷ ମାଳୀ । ଛିଣ୍ଡା ଆବରଣ ଓ ତମର ବେପରୱା କାର୍ଯ୍ୟ ସବୁରୁ ଜାଣିଲି ବୋଧହୁଏ 'ହା ଅନ୍ନ'ର ଗ୍ରାହୁଗ୍ରସ୍ତବରୁ ତମ ଯୌବନକୁ ବାର୍ଦ୍ଧକ୍ୟ ଗିଳିଛି ମାତ୍ର ବାସ୍ତବରେ ତମର ମନ ଆଜକାଲିର ଯୁଆନ ଟୋକା ଠାରୁ ମଧ୍ୟ ଅଧିକ ତରୁଣ ଓ ସାହସୀ ।— ରଜନୀକାନ୍ତ ଦାସ ।

# ମୋହନ ସରାଗ ।



(ଶ୍ରୀରାଧାଙ୍କର ମୁରଲୀ ଅଭିମାନ ଠାଣିରେ)

(ଅରେ ମୁରଲୀ ତୋରେ ଶରଣ ଗଲି ବୃତ୍ତରେ)

ଅରେ ମୋହନ,
ତୁହି ଏଡ଼େ ଗହନ ରେ ମୋହନ ।
ଛାଡ଼ି ତୋର ବଙ୍ଗ ମଧୁର ରଙ୍ଗ
କପଟ ଲଭିଲୁ ମୋ ଅଙ୍ଗ ସଙ୍ଗ ରେ ।
ନର୍ସିଂ ହୋମରେ ମୁଁ ଥିଲି ଲୁଚି
ଟେକିଦେଇ ନେଲୁ କାହାକୁ ପୁଛି ରେ ।
ମୋହନରେ ତୋର ଏଡ଼େ ବଡ଼ାଇ
ସତ୍ୟାଗ୍ରହ ବ୍ରତ ଦେଉ ଛଡ଼ାଇ ରେ ।
ପାଆନ୍ତି ଯଦି ମୁଁ ତୋ କଖ ହସ୍ତ
କରି ଦଅନ୍ତି ମୋ ପକେଟ-ଗ୍ରସ୍ତ ରେ
ସପନରେ ଥରେ ଦେଲୁ ତୁ ଦେଖା
ବଳେଟେ ତୋ କଥା ହେଲାଣି ଲେଖା ରେ ।
ମୋ ନାମ ଘୋଷି ତୁ ସାଧିଲୁ ବାଦ
ତୋ ଲାଗି ସହିଲି ଏ ଅପବାଦ ରେ ।
ଯାହା କରିବାର କର ତୋ ଇଚ୍ଛା
ଅଉ ନ ଧରିବୁ ମୋହର ପିଛା ରେ ।
ପର ପଇଁ ତୋତେ ପାଇଲି ଭଲ
ସେଥିଲାଗି ହେଲି ଏ କଳବଲ ରେ ।
ଦେଶ ଲାଗି ତୋତେ ଆଣିଲି ଡାକ
ଦୁର୍ଚ୍ଛନାର ଆଉ ନାହିଁ-ତ ବାକି ରେ ।

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

କ

## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ଆପଣେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ। ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଅନ୍ୟ ଆବିଷ୍କୃତ ହୋଇ ନାହିଁ। ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦ୍ୟମହୀନତା, ନୈରାଶ୍ୟ, କଟିତ୍ରଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା ଦ୍ୱାରା ସମୂଳେ ଆରୋଗ୍ୟ ହୁଏ। ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ଅତୁଳ ବଳ ଶକ୍ତି ଖେଳେ। ଦଂଶନ ବ୍ୟବହାର କମକ୍ରେ ଶୀଘ୍ର ମୂଲ୍ୟ ୫୧୯ ମାତ୍ର।

ମାତ୍ରା ସତ୍ତ୍ୱକ
ପୋ: ଅ: ବୃନ୍ଦାବନଚୌକ,
କଟକ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀବାଲ୍ମିକେଶ୍ୱରଆଚାର୍ଯ୍ୟ ଭଣ୍ଡାରରେ

---

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ବେଦନା ମୁଳୋଫୁଟ଼କୋଷ୍ଠ, ଦାଉଦ, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା) ପେଟେମରା, ଅଜୀର୍ଣ୍ଣ, କାଶ, ପ୍ଲିହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର, ଆମବାତ, ଅଣ୍ଡଗଣ୍ଠିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡଶୂଳ, ଦାନ୍ତମୂଳ ଫୁଲା, ସନ୍ଧିକମ୍ପ, ଚିଡ଼ୁଆ, କାଛୁ, କୁଣ୍ଡିଆ, ଘାଉ, ମଚଳା, ଚମଦଳା, ଯାଦୁ, ଛିଦ୍ର, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଫୁଟା, କାନପୂଜ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହେଉଅଛି।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
କବିରାଜ ଶ୍ରୀ ବିଶ୍ୱନାଥ ଦାସ
ଏ, ବି, ଏଲ୍, ଏସ୍, ଏମ୍, ଏମ୍,
ଅଲିଶା ବଜାର, ପୋଃ ବୃନ୍ଦାବନଚୌକ କଟକ।

---



# ଅସଲି ପଞ୍ଚଗୁଣୀ ତୈଳ

ଏହି ଔଷଧ ମୁଣ୍ଡଠାରୁ ଗୋଡ଼ପର୍ଯ୍ୟନ୍ତ ଆଣ୍ଠୁଧରା, ନାଳ ଫେଣା ମୁଣ୍ଡବନ୍ଧା କୁଣ୍ଡିଆ, କାଛୁ, ମଚଳା, ପୋଡ଼ା ଘା, ଛିଡ଼ ଦରଜ, ଖଇରାଦିରେ ଇତ୍ୟାଦି ୫୨ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧଅଟେ। ଶୀଘ୍ର ପ୍ରାର୍ଥନୀୟ।
ଠିକଣା:—ଅସଲି ପଞ୍ଚଗୁଣୀ ତୈଳ ଅଫିସ୍—କଟକ।

---

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

# ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରକ୍ତଶକ୍ତି ହଜମଶକ୍ତି ଆଦି ଶୀଘ୍ର ବଢ଼ାଇ ଦିଏ। ମୂଲ୍ୟ ତୋଳକରୁ ୫୨, ସେଂଏରକୁ ୫୩୫ ସେଂ କୁ ୫୨୯ ଭିଃ ପିଃରେ ଔଷଧ ପଠାଯାଏ।
ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏସ୍, ଏମ୍, ପି.
ଦରିଦ୍ର ବନ୍ଧୁ ଔଷଧାଳୟ,
ଖପର ପଡ଼ା। ପୋ : ଢୋଡାର। ଜି : ବାଲେଶ୍ୱର

---

# ଅଫିମାଙ୍କର ଆଉ ଭୟ ନାହିଁ।

ଓଡ଼ିଶା ସରକାର ଅଫିମ ଉଠାଇ ଦେଉଥିବା ବେଳେ ଅଫିମାମାନେ ବଡ଼ ବ୍ୟସ୍ତ ହୋଇ ଯାଇଛନ୍ତି। କିନ୍ତୁ ଆମର **ସୁଇଟୋ** ଔଷଧ ସେବନ କଲେ ଅଫିମାମାନେ ବିନା କଷ୍ଟରେ ଅଳ୍ପଦିନ ଭିତରେ ଅଫିମ ଛାଡ଼ି ପାରିବେ ଏବଂ ଉକ୍ତ ରୋଗରୁ ମୁକ୍ତ ହୋଇ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେର ପାଇବେ। କଣ କେତେ ପରିମାଣରେ ଅଫିମ ଖାଉଛନ୍ତି ଲେଖିଲେ ଔଷଧ ଭିଃ ପିଃରେ ପଠାଯାଏ।

## ବାର୍ଥ କଣ୍ଟ୍ରୋଲ୍

ଜନ୍ମ ନିରୋଧ ଏବଂ ସୁଖ ପ୍ରସବ ଔଷଧ ପାଇଁ ଆମମାନଙ୍କ ସହିତ ପରାମର୍ଶକରନ୍ତୁ। ଅନ୍ୟାନ୍ୟ ରୋଗ ବିଷୟରେ ମଧ୍ୟ ପରାମର୍ଶ କରିପାରନ୍ତି। ସକଳ ପ୍ରକାର ନୂତନ ଓ ପୁରାତନ ସ୍ତ୍ରୀରୋଗ ଚିକିତ୍ସା ସହିତ ଆରୋଗ୍ୟ କରାଯାଏ। ରୋଗୀମାନଙ୍କର ଚିଠିକୁ ଗୁପ୍ତ ଭାବରେ ରଖାଯାଏ।

ଠିକଣା—ଉତ୍କଳ ହୋମିଓପାଥିକ ଫାର୍ମାସୀ, ଚାନ୍ଦନୀ ବଜାର—କଟକ

---

ଟ ୨୨ ର ଦଶଟି ଔଷଧ ଓ ୧୦୦ଟି ସୁନ୍ଦର ଜିନିଷ



୫୨ ମୂଲ୍ୟରେ ୧୦୫ଟି ଦ୍ରବ୍ୟ ଗୋଟିଏ ଥରେ ଏକାଠି କିଣିଲେ କମ୍ପାନୀଙ୍କଠାରୁ ବିନା ମୂଲ୍ୟରେ ପାଇଥିବ। ୧ଗୋଟା ଗୋଲ୍ଡ ଫିନିଶ ରିଷ୍ଟୱାଚ, ଗୋଟିଏ ଦର୍ପଣ, ଗୋଟିଏ ପାନିଆଁ, ଖଣ୍ଡିଏ ରୁମାଲ, ଗୋଟିଏ ରୋଲ୍ଡ ଗୋଲ୍ଡ ରିଙ୍ଗ, ୧୨ଟିର ଗୋଟିଏ ପକେଟ ଡାଏରୀ ଏବଂ ଅନ୍ୟାନ୍ୟ ଦରକାରୀ ଜିନିଷ, ୧୦୦ ଫୋଟୋ ଫୋକସ୍ କରୁଥିବା ଗୋଟିଏ ଫୋଟୋ ଲେନ୍ସ କିମ୍ବା ଗୋଟିଏ 'B' ଗ୍ରାନ୍ଟିର ୫ବର୍ଷ ଗ୍ୟାରେଣ୍ଟି। ପ୍ୟାକିଂ ଓ ଡାକମାଶୁଲ ୬୯ ଅଲଗା।

Eastern Trading Co. Post Box 12204, Calcutta (S. C. E. 30)

Printed & published at the Gopinath Press, Bhadrak by Editor [illegible]

Digitized by srujanika@gmail.com

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁପ୍ରତିଷ୍ଠିତ ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପଲିସି ସର୍ବୋତ୍କୃଷ୍ଟ ।

ଅକସ୍ମିକ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ଶିଶୁଙ୍କର ବୀମା, ଯୁଗ୍ମ ବୀମା ପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ଉତ୍କୃଷ୍ଟ ବ୍ୟବସ୍ଥା ।

ବୀମା ଅପଣା ଘରେ ଚଳିବାର ସୁନ୍ଦର ବ୍ୟବସ୍ଥା ଅଛି ।

୧୯୩୬-୩୭ ସାଲର ସଂକ୍ଷିପ୍ତ ବିବରଣ
ନୂତନ ବୀମାର ପରିମାଣ ୨କୋଟି ୮୩ଲକ୍ଷ ୬୩ହଜାରରୁ ଉର୍ଦ୍ଧ୍ୱ ।
ବୀମା ପାଣ୍ଠି ୧କୋଟି ୩୧ଲକ୍ଷ ୯୭ ହଜାରରୁ ଉର୍ଦ୍ଧ୍ୱ ।
ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୬୬ହଜାରରୁ ଉର୍ଦ୍ଧ୍ୱ
ବାର୍ଷିକ ଆୟ ୭୪ଲକ୍ଷ ୫୫ହଜାରରୁ ଉର୍ଦ୍ଧ୍ୱ ।
ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୫ଲକ୍ଷରୁ ଉର୍ଦ୍ଧ୍ୱ
ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଉର୍ଦ୍ଧ୍ୱ ।
ଅଧୁନା କେବଳ ସରକାରୀ କାଗଜାଦିରେ ମୋଟ ସମ୍ପତ୍ତିର ଶତକଡ଼ା ୫୪.୦୯ କଟା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୫୩.୧୮ ହୋଇଛି ।

(ଓଡ଼ିଶାରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚବଂଶର ଶିକ୍ଷିତ ଲୋକ, ଏଜେଣ୍ଟ ଓ ସ୍ପେଶାଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମ୍ମା, ପୂର୍ବଆଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ୨ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ, କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର, କଟକ ।

---

# ରାଜସ୍ଥାନ ଇନସିଓରେନ୍ସ କୋମ୍ପାନୀ, ଲିମିଟେଡ୍

ହେଡ଼ ଅଫିସ ନଂ ୧୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

ଓଡ଼ିଶା ପାଇଁ ସ୍ପେସେଲ ଏଜେଣ୍ଟ——ଓଲଏର୍ ଏଜେନ୍ସି ଏଣ୍ଡ୍ କୋଃ ଭଦ୍ରକ ।

**କିଏ ବୀମା କରିବେ ? ଦେଖନ୍ତୁ — ଏହାର ବିଶେଷତ୍ୱ କ'ଣ ?**

୧ । ଅସୁସ୍ଥ ହେଲେ ବୀମାକାରୀ ଆର୍ଥିକ ସାହାଯ୍ୟ ପାଏ ।
୨ । ବୀମାକାରୀ ଇଚ୍ଛାକଲେ କୋମ୍ପାନୀ ସାହାଯ୍ୟରେ କୋଠା କରି ପାରନ୍ତି ।
୩ । ଅକର୍ମଣ୍ୟ ହେଲେ ବୀମାକାରୀ ଘରେ ବସି ପ୍ରିମିୟମ୍ ନ ଦେଇ ମଧ୍ୟ ସମସ୍ତ ଟଙ୍କା ପାଇ ପାରିବେ ।
୪ । ପ୍ରଥମ ତୃତୀୟବର୍ଷ ପ୍ରିମିୟମ ଦେଇ ତେଣିକି ଟଙ୍କା ନ ଦେଇ ପାରିଲେ "ସାରେଣ୍ଡର" ଭେଲ୍ୟୁ ହୋଇପାରେ ।
୫ । ସାରେଣ୍ଡର ଭେଲ୍ୟୁ ହେଲେ ଶତକଡ଼ା ୫ ଟଙ୍କା ସୁଧରେ ଋଣ ନେବାକୁ ବୀମାକାରୀକୁ ସୁବିଧା ମିଳିପାଏ ।
୬ । ପ୍ରଥମ ପ୍ରିମିୟମ ଦେବା ମାସ ୧୩ ପରେ ବୀମାକାରୀ ଆତ୍ମହତ୍ୟା କଲେ ବୀମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ ।
୭ । ଅନ୍ୟାନ୍ୟ ଇନସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।
୮ । "ଯଡ଼ନସ୍ତ୍ର" ଅନୁସାରେ ପ୍ରତ୍ୟହ କିଛି କିଛି ସଞ୍ଚୟ କରିବା ପାଇଁ ଆମ୍ଭମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଲେଖା ଭଲ ସମୟ ରଖୁଥିବା ନୂତନ ଘଣ୍ଟା ଦେବାର ବନ୍ଦୋବସ୍ତ କରିଅଛନ୍ତି ।
୯ । ଆପଣ ଜଣେ ଗୃହସ୍ଥ କି ? ଶୀଘ୍ର ଏଥିରେ ବୀମା କରନ୍ତୁ । ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ । ସବିଶେଷ ବିବରଣ ଜାଣିବା ପାଇଁ ଶୀଘ୍ର ହେଡ୍ ଅଫିସକୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସର୍ବତ୍ର ଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

---

### ଅର୍ଶ ଓ ସ୍ୱପ୍ନ ଦୋଷର

# ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁସଞ୍ଜିବନୀ**

ଏକମାସ ଚିକିତ୍ସାରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ତିବ୍ବତ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା:— ଶାରଦା ଔଷଧାଳୟ—ଚୌଧୁରୀ ବଜାର, କଟକ ।


---

ପ୍ରକାଶକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

Digitized by srujanika@gmail.com

ଅଶ୍ୱିନ ପ୍ରଥମାର୍ଦ୍ଧ—

ଆନନ୍ଦାଦ୍ ହି ଖଲୁ ଇମାନି ଭୂୟନ୍ତେ —

ଦ୍ୱିତୀୟ ବର୍ଷ—୧୪ ସଂଖ୍ୟା

# ଡଗର



## ବସ୍ତ୍ର ହରଣ ।



ଗୋପିମାନଙ୍କର ପ୍ରେମ ଓ ଭକ୍ତି ପରୀକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଯେପରି ବସ୍ତ୍ର-ହରଣ ଲୀଳା ଲଗାଇ ଥିଲେ ଦେଶ ପ୍ରତି ନେତାମାନଙ୍କର ପ୍ରୀତି ପରୀକ୍ଷା ପାଇଁ ଗାନ୍ଧି ଜୀ ସେହି ଲୀଳା ଆରମ୍ଭ କରିଛନ୍ତି ।

---

ଜୀବନ ବୀମା ପାଇଁ

**ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲି:**

ଓଡ଼ିଶା ଅଫିସ :— ବେଲା ହାଉସ—କଟକ ।

Digitized by srujanika@gmail.com



GOVERNMENT PRODUCTS
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲ୍
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା, ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
TABLETS
B.P.
5 GRAINS EACH
ଏଜେଣ୍ଟସ:-
ଶ୍ମିଥ୍ଗା ଏଣ୍ଡ କୋଂ ନ୪ ବାଙ୍କସାଲ ଷ୍ଟ୍ରୀଟ୍
ସାଓ୍ୟାଲେସ୍ ଏଣ୍ଡ କୋଂ ପୋଃ ବକ୍ସ ନ୭୦ମ୍ବର
କଲିକତା

ଡଗର
ଖଣ୍ଡ—୫୦/
ବାର୍ଷିକ(ସଡାକ)୫୨୯
ଛାତ୍ରମାନଙ୍କପାଇଁ ୨୦
ବଡ଼ ସମ୍ବରଣ—୫୫୯



ଡଗର
ଅଶ୍ୱିନୀ ପ୍ରଥମାର୍ଦ୍ଧ
୨ବର୍ଷ, ୯ମ ସଂଖ୍ୟା
କଟକ
୧।୧୦।୩୮

ଗୋଟିଏ ଖଣ୍ଡ ବୁଢ଼ୀ ଥାଏ ଯେ, ନପାହିଲା ଦେଖି ତା' ଦାଣ୍ଡ ଦୁଆରେ ସମସ୍ତେ ହଗନ୍ତି। ସେଥିପାଇଁ ତାର ନୀତି କଳିଆ। ଶେଷକୁ ବୁଢ଼ୀ ଖଣ୍ଡେ ଠେଙ୍ଗା ଧରି ଦିନରାତି ଜଗି ବସିଲା। ଡ଼ରେ ଆଉ କେହି ତା' ଆଗକୁ ଗଲେ ନାହିଁ। ଦିନେ ସେ ବାଡ଼ ଧରି ବସିଛି ତା'ର ଅଗୁହାରେ କି କିଏ ଜଣେ ଧଡ଼ ଧଡ଼ କରି ହଗି ବସିଲା। ବୁଢ଼ୀ ତହୁଁ ଠେଙ୍ଗାଟା ଧରି ତା ପାଖକୁ ଦୌଡ଼ଯାଇ ଦେଖିଲା ଯେ ସେ ଥୋଉଦାର ଲଣ୍ଡାମୁଣ୍ଡିଆ ଲୁଙ୍ଗିପିନ୍ଧା ମଣିଷ। ତହୁଁ ସେ କହିଲା— 'ଅଚ୍ଛା, ମିଆଁ ପୁଅଛୁ—ହଗ ହଗ।'

ଆମ ବ୍ରିଟିଶ ସରକାର ଜର୍ମାନୀକୁ ମଧ୍ୟ ସେହିପରି 'ହଗ ହଗ' କହି ନିଜର ମାନ ମହତ ଜଗି ରହୁଛନ୍ତି,ଜର୍ମାନୀ ଆଜି ଚେକୋ-ସ୍ଲୋଭାକିଆ ଖାଇ ଯଦିକାଲି···ଅଲିଭଦିନଙ୍କ ପରି ଆଉ କିଛି ମାଗନ୍ତି ତେବେ ଇଂଲଣ୍ଡ ବୋଧ ହୁଏ ତା ର ନାଃସ୍ତି କରିବ ନାହିଁ।

ଖାଲି ଇଂଲଣ୍ଡ ତାହାଁକି ଆମ ଏ ଦେଶରେ ବି ସେହି ଦଶା। ନିରିମାଳି ଅଜ ଖାଟରେ ହଗିଲେ ମୁଣ୍ଡରେ ଠେଙ୍ଗା, ଆଉ ସର୍ଦ୍ଦାର କି ରାଜା ହଗିଲେ—ମିଆଁ ପୁଅ କି?

× + + +

ଗୋଟାଏ ଶ୍ରେଣୀର ଲୋକ ଥାନ୍ତି ଯେ କି ଆଉ କେତେକ ଉପରପାହିଆ ଲୋକଙ୍କୁ କହୁଥାନ୍ତି, ହଜୁର ଆପଣଙ୍କ ଭୁଅ ପରି ସୁନ୍ଦର ପୃଥିବୀରେ କିଛି ନାହିଁ। ସେମାନେ ଯଦି ମିଛ କହିବା ଅପରାଧରେ ଯୋଡ଼ା ମଧ୍ୟ ମାରନ୍ତି ତେବେ ତାଙ୍କୁ କହିବାର ଦେଖା-ଯାଏ,-ହଜୁରଙ୍କ ଯୋଡ଼ା ପରି ଆଉ ନାହିଁ ନଥିବ! ତାହାର ମାଡ଼ ଏମିତି ମିଠା ଯେ ସେ କଥା ଆଉ କହିବୁଁ କ'ଣ। ଏହି ଶ୍ରେଣୀର ଲୋକଙ୍କର ବିଶେଷଣ ଆମକୁ ଜଣାନାହିଁ। ଜାଣିଥିଲେ ଅମ୍ଭେମାନେ ଦିଲ୍ଲୀ ପଥରେ ଓଡ଼ିଶାର ପ୍ରଧାନ ମନ୍ତ୍ରୀଙ୍କ ଠାକୁ ତେତାର ବାର୍ତ୍ତା ଯୋଗେ ପଠାଇ ଥାନ୍ତୁ।···

ଶ୍ରୀ ଯୁକ୍ତ ମାନବେନ୍ଦ୍ର ଏବେ ନିଖିଳ ଭାରତ କଂଗ୍ରେସ କମିଟିରେ କଂଗ୍ରେସ ପାର୍ଲିଆମେଣ୍ଟେରି ସବ କମିଟିର ଅନା-ବଶ୍ୟକତା ସମ୍ବନ୍ଧରେ ପ୍ରସ୍ତାବ କରିବା ଶୁଣି ଆମ ପ୍ରଧାନେ ବଡ଼ ଘବଡ଼େଇ ଯାଇ କମିଟି ସପକ୍ଷରେ ଏକ ବକ୍ତୃତା ଦେଇଛନ୍ତି। ଭକ୍ତିଟା କମ୍ ନୁହେଁ। ବୈଷ୍ଣବଙ୍କର ଆମିଷ ଭକ୍ତିଠାରୁ ଅଧିକ ବେଶୀ।

+ + + ×

ଓଡ଼ିଆରେ ଗୋଟାଏ ପ୍ରବାଦ ଅଛି "ତେଲିଆ ମୁଣ୍ଡରେ ତେଲ।" ସେଥିପାଇଁ ଓଡ଼ିଶା କଂଗ୍ରେସ ଦଳର ନେତୃମନ୍ୟମାନେ ଭାବନ୍ତି କି ସେ ଯେଉଁଠି ନାହାନ୍ତି ସେଠି କିଛିକାମ ହୋଇ ପାରିବ ନାହିଁ। ଯାହା-ଙ୍କର ବି. ଏ, ଏମ୍ ଏ ଅଛି, ପଇସା ଅଛି କି ପଦ ଅଛି। ସେହି ଲୋକ କେବେ ହୋଇଗଲେ "ନେତା"। ଆଉ ଯେ ଛଳିଆ, ମଳିଆ, ନୁଖୁରି ମୁଣ୍ଡିଆମାନେ ଧନ ପ୍ରାଣ ଦେଇ, ଖରା କାକର ସହି, ଉପାସ ରହି, ମାଡ଼ଖାଇ ଦେଶ ସେବା କଲେ, ସେ ପଛ ରହିଲେ ପଛରେ।

ପ୍ରାଦେଶିକ କଂଗ୍ରେସ ପ୍ରସ୍ତାବ କରିଛି ଯେ ଯେଉଁମାନେ ଆସେମ୍ବ୍ଲିରେ ବା ଡବ୍ରିବୃ ପଦ-ମାନଙ୍କରେ ଅଛନ୍ତି ସେ ଜିଲ୍ଲାବୋର୍ଡକୁ ଛିଡ଼ା ହୋଇ ପାରିବେ ନାହିଁ। କିନ୍ତୁ କେତେକ ତେଲିଆ ଏ ପ୍ରସ୍ତାବକୁ ନାକଚ କରିବାରେ ଲାଗି ପଡ଼ିଲେଣି। ଟେଣ୍ଟିଧୁରି ସାହେବଙ୍କ ହାତରେ ରହିଛି କଥା। ଦେଖା-ଯାଉ ଟେଣ୍ଟିଧୁରିଏ ନିଜର ଓଡ଼ିଆତ୍ୱ ରଖୁ-ଛନ୍ତି କି ନାହିଁ।

× × ×

ଓଡ଼ିଶା ସରକାର ହୁକୁମ ଦେଇଛନ୍ତି କି ଜେଲଖାନା ଭିତରକୁ ଚାରି ଖଣ୍ଡ ମାତ୍ର ଖବର କାଗଜ ଯାଇପାରିବ। ତହିଁ ମଧ୍ୟରୁ ... ଇଂରେଜୀ କାଗଜ ଓ ଓଡ଼ିଆ ଭିତରେ ଖଣ୍ଡିଏ ମାତ୍ର ତେଲିଆ "ସମାଜ"। ଏଥିରୁ ଜଣାଯାଏ ଓଡ଼ିଶାର ଜେଲ କଏଦି ମାନଙ୍କ ମଧ୍ୟରେ ବାରଜଣ ଇଂରେଜୀ ପାଠୁଆ ଓ ଚାରିଜଣ ଓଡ଼ିଆ ପଢ଼ା ଲୋକ ଅଛନ୍ତି।

ଯେଉଁ ଦେଶର ଜେଲଖାନାରେ ସୁଦ୍ଧା ଇଂରାଜୀ ଶିକ୍ଷିତଙ୍କ ସଂଖ୍ୟା ଏତେ—ଧନ୍ୟ ସେ ଦେଶ, ଧନ୍ୟ ସେ ଜାତି।

ସ୍ୱାଧୀନତା ଶିଖାଇବା ପାଇଁ ଏତେ ଚେଷ୍ଟା ପ୍ରଚୋଦନା ହେଲେହେଁ ଏମାନେ ଶିଖିବେ ନାହିଁ ଛାଡ଼ିଲେ!

+ + + +

ଶିଳ ଶିଳପୁଅ ଘଷାଘଷି ହେଲା, ଶିମ୍ବିଳି ଭୁଲା ବୋଇଲା—ମୋତେ ରଖ। ମହୀଶୂର ତ୍ରିବାଙ୍କୁଡ଼ ପାଖେ ପାଖେ ଓଡ଼ିଶା ଗଡ଼-ଜାତ ମାନଙ୍କୁ ବି ଶନିଦଶା ପଡ଼ିଲା! ନୀଳଗିରି ପରେ ପରେ ଢେଙ୍କାନାଳ, କେନ୍ଦୁଝର, ତାଳଚେର, ରଣପୁର, ବଡ଼ମ୍ବା ଇତ୍ୟାଦି ସମସ୍ତଙ୍କର ଥରନ ଟଳିଲାଣି।

ରେ ମନ ମୋର ବୋଲ କର।
ବୋଲନ୍ତୁ ଗୋବିନ୍ଦ ସୁମର॥



Digitized by srujanika@gmail.com

କଣା ପଡ଼ୁଛି କି ଅବକାରୀ ନିଷେଧ କିମ୍ବା ଆସନ୍ତା ଅପ୍ରେଲ ମାସରେ ବାଲେଶ୍ୱର ଜିଲ୍ଲାରେ ଆରମ୍ଭ ହେବ । ଏକଥା ଶୁଣିଲେ ମାନେ ଚଲାଖ ବାଲେଶ୍ୱରିଆ ପାଞ୍ଚବର୍ଷର ଖୋରାକ ଅଫିମ୍ କିଣିନେଇ ରଖିଦେବାର ଯୋଗାଡ଼ କଲେଣି । ଏହାଦ୍ୱାରା ସରକାରର ଆୟ ବହୁତ ବଢ଼ିଯିବ, ଏପରିକି ଷଡଟା ବାଧି ବି ନପାରେ । ଅଜ ଯଦି ଷଡ ହୁଏ,— କମ ତ ନୁହେଁ, ପାଞ୍ଚଲକ୍ଷ ଟଙ୍କା !—ତେବେ ଆମର ପରାମର୍ଶ ଏହିକି ସରକାର ଏଥି ସଙ୍ଗେ ସଙ୍ଗେ ଖଜୁରି ଗୁଡ଼ ଓ ଖଜୁରି ରସ ଶିଳ୍ପର ପ୍ରବର୍ତ୍ତନ କରନ୍ତୁ । ଅନେକ ଲୋକ ବଞ୍ଚିଯିବେ, ଜାତୀୟ ସମ୍ପଦ ବି ବଢ଼ିବ । ଲୋକେ ସସ୍ତା ସୁଖାଦ୍ୟ ପାଇ ସୁସ୍ଥ ସବଳ ହେବେ । ସ୍ୱାସ୍ଥ୍ୟ ଓ ଶିକ୍ଷାର ଖରଚ ଊଣା ପଡ଼ିବ । ଏହି ଖାଣ୍ଟି ଖଦଡ଼ ଖଜୁରି ରସରେ ଗୁରୁପାଣି ବନାଇ ଗରିବ ବା[illegible] ଆସ୍ୱାଦନ କରି ଅମରତ୍ୱ ଲାଭ କରିବେ । ଗ୍ରୈଷ୍ମୁରିଏ ଅଣ୍ଟା ଭିଡ଼ି ଲାଗି ପଡ଼ନ୍ତୁ ଏବେ ।

\+ \+ \+

ମହାତ୍ମା ଗାନ୍ଧୀ ଏବେ କହୁଛନ୍ତି କି ବ୍ରିଟିଶ ସରକାର ଓ ଆମ ମଧ୍ୟରେ ଏକ 'ରାଜିନାମା' ହୋଇଛି, ଯାହାକି କାଗଜ କଲମରେ ନହେଲେ ମଧ୍ୟ ମହତ୍ ବାକ୍ୟ ଓ ଆତ୍ମସମ୍ମାନ ଉପରେ ପ୍ରତିଷ୍ଠିତ । ଆମେ ଶୁଣିଛୁ ଏପରି ରାଜିନାମା ସବୁ ଫ୍ରାନ୍ସ— ଇଂଲଣ୍ଡ, ଇଟାଲି—ଜର୍ମାନି ଭିତରେ ବି ହୋଇଛି । ରାଜନୈତିକ ରାଜିନାମାର ଫଳରେ ଯେ କୌଣସି ପକ୍ଷ ଅନ୍ୟ ପକ୍ଷର ସ୍ୱାର୍ଥରେ ହାତ ଦେବେ ନାହିଁ, ଅର୍ଥାତ ପେଟପାଟଣା ମାରିବେ ନାହିଁ । ଏଥିରୁ କଣ ବୁଝିବାକୁ ହେବ ଯେ କଂଗ୍ରେସ, ବ୍ରିଟିଶ ସାମ୍ରାଜ୍ୟ- ବାଦକୁ ସହିଯିବ ଓ ବ୍ରିଟିଶ, କଂଗ୍ରେସ ଜାତୀୟବାଦକୁ ଅଖି ବୁଜି ଦେବ? ଯାହାହେଉ ଏତେ ବଡ଼ ଚୁକ୍ତି ପତ୍ରଟା ଯାହା ଅମଭଳି ବେମହତିଆ ମଳାମୁଣ୍ଡିଆଙ୍କ ଅଗୋଚରରେ ରହିଲା ।

\+ \+ \+

ଉତ୍ତର ଓଡ଼ିଶାର ସମବାୟ ବେଙ୍କବୃନ୍ଦ ଓ ଡ଼ିପୋଜିଟରଗଣ ଏକ ଯୋଗରେ ଓଡ଼ିଶାର ବଡ଼ ଠାକୁରଙ୍କ ବେଢ଼ା ଭିତରେ ଗୁହାରିଆ ହୋଇ ଧାରଣା ପଡିଛନ୍ତି । ସେମାନେ କହନ୍ତି କି ଆମର ସବୁ ସମ୍ବଳ— ଏବେ ବାବା ଗଭର୍ଣ୍ଣମେଣ୍ଟ ହାକିମଙ୍କର; ତାଙ୍କର ପ୍ରଧାନ ଯୁକ୍ତି ଯେ ସରକାରୀ କର୍ମଚାରୀ- ମାନେ ମୁଣ୍ଡ ଉପରେ ବସି ଏ ବେଙ୍କ ପରିଚାଳନା କରୁଥିବାରୁ, ସରକାର ଏପାଇଁ ଦାୟୀ । ଏଣେ ସରକାର କହନ୍ତି କି ବେଙ୍କ ଗୁଡ଼ାକର ପ୍ରକୃତ ପରିଚାଳନା ଲୋକଙ୍କ ହାତରେ ଦିଆ ଯାଇଥିଲା—(ସ୍ୱାୟତ୍ତ ଶାସନ)

ଏବେ କିମୁପାୟ ମତଃପରଂ ? ଆମ ବିଚାରରେ, ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ । ଅତଏବ ଡ଼ିପୋଜିଟର ଅଧେ ସତ୍ତ୍ୱ ଓ ଦାୟିତ୍ୱରେ ଥିବା ସରକାର, ବେସରକାରୀ କର୍ମଚାରୀ ତଥା ଡାଇରେକ୍ଟର- ଗଣ ଅଧେ ଦିଅନ୍ତୁ । ଏଇଟା ହେଲା ଭୋଜପୁରିଆ ନିଆଁ । ଗଭର୍ଣ୍ଣମେଣ୍ଟ ଠାରୁ ଚୁକୁଲା ପାଇବା ଆଶା ଆକାଶ କୁସୁମ । ଦରାକୁ, ମରିବାକୁ କିଏ ସୁଖପାଏ ? ତହିଁକି ଓଡ଼ିଆ—ଦାତା ସରକାର !

× × ×

ବ୍ରିଟେନର ପ୍ରଧାନମନ୍ତ୍ରୀ ଚେମ୍ବରଲେନ ସାହେବ ସେଦିନ କହିଲେ କି "ଆମେ ଶାନ୍ତି ଚାହୁଁଲେ ସୁଦ୍ଧା, ବ୍ରିଟିଶ ସମ୍ମାନ ଓ ସ୍ୱାର୍ଥ ଉପରେ ଯଉଁଠି ପଡ଼ିବ, ସେଠି ଆମେ ଛାଡ଼ି ପାରିବୁଁ ନାହିଁ ।

ବ୍ରିଟିଶଙ୍କ ସମ୍ମାନଟା ଯେ କିଭଳିଆ ଜିନିଷ ତାହା ଆମ ବାଲୁଅ ଜାତିଙ୍କ ମୁଣ୍ଡରେ ପଶୁନାହିଁ । କାନମୋଡ଼ା, ଗାଲଚାପୁଡ଼ା, ମୁଥା ବା ଗୋଇଠାରେ ଯାହା ନଯାଏ— ସେ କେତେ ଟାଣୁଆ, ମୋ ସଙ୍ଗରେ !

× × ×

ଭାରଜାଟୋପତ୍ତନ ଜିଲ୍ଲାରେ ବହୁତ ଗୁଡ଼ାଏ ଓଡ଼ିଆଭାଷୀ ଅଞ୍ଚଳ ରହିଯାଇଛି ଏକଥା ବା କିଏ ନଜାଣେ । କିନ୍ତୁ କଂଗ୍ରେସର ବଡ଼ ପଣ୍ଡା ସ୍ୱୟଂ ରାଜଗୋପାଳଚାରୀଙ୍କ ସରକାର ସେ ଜିଲ୍ଲାର ଭାଷା ତାଲିକାରୁ ଓଡ଼ିଆ ଭାଷା- ଟାକୁ ମୂଳପୋଛ କାଟି ଦେଇଛନ୍ତି । ଟାମିଲ, ତେଲଗୁ, କାନାଡ଼, ମାଲ୍ୟାଲମ ପ୍ରଭୃତି ଦ୍ରାବିଡ଼ ଭାଷା ସଂଯୋଗରେ ସାଂସ୍କୃତିକ ଓଡ଼ିଆ ରହିଲେ ଜାତୀୟ ବିଶୁଦ୍ଧତା ନଷ୍ଟ ହୋଇ ଯିବାର ଭୟ ଥିବାରୁ ଏପରି କଷ୍ଟ- ହୋଇଛି ବୋଲି କେହି କେହି କହୁଛନ୍ତି । କିନ୍ତୁ ହିନ୍ଦିଟା ବୋଧହୁଏ ଭଲ ପ୍ରଜନକ ଷଣ୍ଢରୂପେ କାର୍ଯ୍ୟ କରିବ ସେଠି ?

× × ×

ଗାନ୍ଧିଜୀଙ୍କ ଟୀକାରେ ବାହାଦୁର ଅଛି ବୋଲି ମାନିବାକୁ ହେବ—କାରଣ ସେ ଖାଣ୍ଟି ଗୀତାଭକ୍ତ ।

ଭାରଦା-ସ୍କିମର ପ୍ରବର୍ତ୍ତନ ସବୁ କଂଗ୍ରେସୀ ପ୍ରଦେଶରେ ଅତିଶୀଘ୍ର ହେବ ଏଥିରେ ସନ୍ଦେହ ନାହିଁ । ଓଡ଼ିଶାରେ ପ୍ରଥମେ କଥା ହୋଇଥିଲା କି ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏ ଆଦର୍ଶ ସ୍କୁଲ ଖୋଲାଯିବ । ପୁଣି ଏଥର ହେଲାଣି ଗୋଟାଏ ପ୍ରଦେଶରେ ଗୋଟିଏ ମାତ୍ର ସ୍କୁଲ ଖୋଲାହେବ । ଇତି ମଧ୍ୟରେ ଏଠାରୁ ମାଷ୍ଟରମାନଙ୍କୁ ଟ୍ରେନ କରାଇ ଅଣାହେବ ଓ ସେମାନେ ଫେରି- ଆସି ଅନ୍ୟମାନଙ୍କୁ ତାଲିମ କରିବେ । ଏହି- ରୂପେ କ୍ରମେ ସବୁ ସ୍କୁଲ ଭାରଦା ଆଦର୍ଶରେ ଗଢ଼ା ହୋଇଯିବ ।

ଶାରଳା ଦାସ ଭାରଦା ନିକାଳଙ୍କ ଥିଲେ । ଆମର ପିଲାଏ ଏ ସ୍କିମରେ ପଢିଲେ ନିକାଳଙ୍କ ପାଲଟି ଯିବେ ପରା !

× + +

ଉତ୍ତର ଓଡ଼ିଶା ଜିଲ୍ଲାବୋର୍ଡ଼ ମାନଙ୍କର ନୂଆ ନିର୍ବାଚନ ଆସନ୍ତା ନଭେମ୍ବରରେ ହେବାର ସ୍ଥିର ହେଲାଣି । ଅସେମ୍ବ୍ଲି ଭୋଟର ଲିଷ୍ଟର ଅନୁକରଣରେ ଅର୍ଥାତ୍ ଚୌକିଦାରି ଟିକସକୁ ଭିତ୍ତିକରି ଲିଷ୍ଟ ତିଆରି ହେଉଛି । ଏଣେ ପୁଣି ଚୌକିଦାରି ଟିକସ ଉଠାଇବା ପାଇଁ ଇନ୍‌କ୍ୱାୟାରି କମିଟି ବସୁଛି । ଏକା ମୁହଁରୁ ଉଷୁମ—ଥଣ୍ଡା ବାହାରି କରିବା ସାଧାରଣ ଲୋକ ତ ପାରନ୍ତି ନାହିଁ—ପାରନ୍ତି ବଡ଼ ବଡ଼ ଲୋକେ !

(୧୬ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



ଗଗନ କଟକ ରେଭେନ୍ସା କଲେଜରେ ବି.ଏ. ପଢ଼େ। ଟୋକାଟା ଯେମିତ ଗ୍ଳକ ଚତୁର ସେମିତ ଫୂର୍ତ୍ତିବାଜ୍। ଭଲପଢ଼େ, ଭଲଖେଳେ ଅଉ ଭଲ ମିଳମିଶି ପାରେ। ତା' ସାଙ୍ଗରେ ଥରେ ଯାଏ ଦେଖାହେବ ସେ ତାର ବନ୍ଧୁ।

ଗ୍ରୀଷ୍ମ ଛୁଟିବ ସେ ଘରକୁ ବାହାରଛି। ଗା'ଡ ଛାଡ଼ଦେବା ବେଳେ ସେ ଅସି ପହଞ୍ଚିଲା ଷ୍ଟେସନରେ। ଡଗର ହକରଟା ଡାକିଡାରେ ଲଗିଥାଏ—'ଜନାଙ୍କ ଜନ୍ମ ପତ୍ରିକା, ଡଗରର ବଶିଷ୍ଟ ଅକର୍ଷଣ।' ଖଣ୍ଡେ ଡଗର ତା' ହାତରୁ ଟାଣିନେଲା। ଟିକେଟ ପଇସା ମାଗିବାରୁ ପକେ-ଟରୁ କାଢ଼ି ଡଗରର ଦାମ ଦେଇଦେଲା। ସେତବେଳକୁ ଗାଡ଼ ଛାଡ଼ ଦେଲଣି।

ସେକେଣ୍ଡ କ୍ଳାସ୍ ଗୋଟାଏ। ଭିଡ଼ର କ୍ଳାସ। ସେ ଥକାହୋଇ ବସିପଡ଼ିଲା ଗୋଟାଏ ବେଞ୍ଚରେ। ଅରପାଖ ବେଞ୍ଚରେ ଜଣେ ମହିଳା—ଶିକ୍ଷିତା—ସମ୍ଭବତଃ କୁମାରୀ।

କ୍ଷମା କରବେ। ମୁଁ ତ ଭୁଲ କରନାହିଁ—ଏଟା କ'ଣ ladies—?

'ନା—ନା—ବହନ୍ତୁ। Ladies'Com-partment ବଡ଼ ଭିଡ଼। ସେଥିପାଇଁ—'

"Thank you, Does not matter."

ଏତିକିରେ ଅପାତତଃ ଦୁହିଁଙ୍କର ଅଳାପରେ ଗୋଟାଏ ବ୍ୟବଧାନ ଘଟିଲା।

ଗଗନ ଡଗର ଖୋଲି ପକାଇ ଅଗ ଶବ୍ଦ-ଧନ୍ଦା ପୃଷ୍ଠାଟି ଲେଖି ପେନ୍ସିଲ ଖଣ୍ଡେ ଅଣି ଧନ୍ଦା ଭେଦ କରିବାରେ ଲାଗିଗଲା।

କିଛି ସମୟ ପରେ ସେ କଣେଇଁ ଅଡ଼କୁ ଚାହିଁଦେଇ ଦେଖିଲା ସେମଧ ହାତରେ ଖଣ୍ଡେ ପେନ୍ସିଲ ଧରି ଡଗର ଅଡ଼କୁ ଏକଦୃଷ୍ଟିରେ ଚାହିଁଛି। ଅନେକ ବେଳ ସେ ତାକୁ ଅନାଇ ରହିଲା—କିନ୍ତୁ ଅଳକ ପାଇଁ ସେ ବାଳିକା ତାକୁ ଚାହିଁଲା ନାହିଁ।

ତାର ସେ ଧ୍ୟାନ ଭାଙ୍ଗିବା ପାଇଁ ଗଗନ ପଚାରିଲା—'ଅପଣଙ୍କ ହାତରେ ସେଟା କ'ଣ ଡଗର?'

'ଅଜ୍ଞା, ହିଁ,।'

'ଅପଣ ଶବ୍ଦଧନ୍ଦା ଭେଦ କରୁଛନ୍ତି ବୋଧେ?'

'ଅଜ୍ଞା, ହିଁ,।'

'ଅଚ୍ଛା ଏଇଟା କ'ଣ ହେବ କହି ପାରିବେ?'

'କେଉଁଟା?'

## ୮ମ ଡଗର ଶବ୍ଦଧନ୍ଦା।

ଲେଖକ—ଶ୍ରୀ ଧନ୍ଦା ଭେଦୀ

'୨ତଳ ବାଗରେ—ଅଭିସାରିକା ଯେଉଁ ସମୟର ସୁବିଧା ସବୁବେଳେ ଖୋଜୁଥାଏ। 'ଗ' ଅଛି। ଅଉ ଗୋଟିଏ ଅକ୍ଷର ହେବ। ଏଟା ଅପଣଙ୍କ ଜାତର କଥା—ଅପଣଙ୍କୁ ବୋଧହୁଏ ହଠାତ୍ strike କରିବ।'

'ମୁଁ ସେଟାକୁ କରନାହିଁ, ମୁଁ କରୁଛି ୬ସିଧା ବାଗରେ। 'ଇ' ଅଛି ଅଉ ଗୋଟାଏ ଅକ୍ଷର। ଅର୍ଥ ସୂଚକ ସଙ୍କେତ ଦିଆଅଛି—'ପ୍ରେମିକାଠାରୁ ପ୍ରତିଦାନ ନପାଇଲେ ପ୍ରେମିକର ପ୍ରୀତି ଯାହା-ହୁଏ'। ଏଇଟା ହେଇଗଲେ ୨ଉପର ତଳ ବଳେ ବଳେ ହେଇଯିବ। ସେଥିପାଇଁ ସେଟାକୁ ଚେଷ୍ଟା କରନାହିଁ। କହିପାରିବେ ଏଟା କ'ଣ ହେବ? ଏଟା ତ ଅପଣଙ୍କ ଜାତର କଥା!'

"ସେଟା ବୋଧେ 'ଇତି' ହେଉଛି।".

"ଠିକ୍, ଠିକ୍, ତେବେ ୨ଉପର ତଳ ଭାବରେ 'ଗତି' ହେବ। ଠିକ୍ ହୋଇଛି—Correct—exactly—that's it. ଅଚ୍ଛା, ପ୍ରେମିକାଠାରୁ ପ୍ରତିଦାନ ନପାଇଲେ—"

'ଅଚ୍ଛା, ମୁଁ ପଚାରେଁ, ସ୍ତ୍ରୀ କ'ଣ ସତ? ଅଭିସାରିକା 'ଗତି'ର ସୁବିଧା ସବୁବେଳେ ଖୋଜୁଥାଏ?'

'ଅପଣ ଅଗେ ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ।'

'ନାଇଁ, ନାଇଁ, ଅପଣ ଅଗ କହନ୍ତୁ।'।

'ନାଇ, ଅପଣ ଅଗ କହନ୍ତୁ।'

'ଅଚ୍ଛା, ତେବେ ଗୋଟେ କଥା କରାଯାଉ। ଅପଣ ଖଣ୍ଡେ slipରେ ଅପଣଙ୍କର ଉତ୍ତର 'ହିଁ କି ନା' ଲେଖି ରଖନ୍ତୁ। ମୁଁ ମୋ ଉତ୍ତର ଲେଖି ରଖେଁ। ଏକା ସାଙ୍ଗରେ ଅପଣଙ୍କ ଉତ୍ତର ମୁଁ ନେବି ଓ ମୋ ଉତ୍ତର ଅପଣ ନେବେ।'

'ଅଚ୍ଛା—ବେଶ୍—'

ସେଇଆ ହେଲା। ଦୁହେଁ ଦୁହିଁଙ୍କ ଉତ୍ତର ହାତକୁ ନେଇ ଏକା ସାଙ୍ଗରେ ହସି ଉଠିଲେ। ଦୁହେଁ ଏକ ସମୟରେ ଦୁହିଁଙ୍କି ପଚାରିଲେ—Is it?

ଏଇ ସମୟରେ ଷ୍ଟେସନ ପହଞ୍ଚିଲା। ଯୁବକ କହିଲା—'ନମସ୍କାର ଏଇଠି ମୋତେ ଯିବାକୁ ହେବ।'

'ଏଁ—ଗ୍ଳଲିଯିବେ?—ଏତେ ଚଞ୍ଚଳ?'

'ହଁ ଏଇ ଷ୍ଟେସନରୁ ଅମ ଘରକୁ ଯିବାକୁ ହେବ।'

'ଅପଣଙ୍କୁ ଅଉ ଗୋଟାଏ କଥା ପଚାରି-ବାର ଥିଲା। ଏଟା କେବଳ ଅପଣଙ୍କ ଜାତ କଥା। ଅମ ଜାତର ଫରକ ନାହିଁ।'

'କେଉଁଟା?'

'ସୋହଳ ସିଧା ଭାବରେ।'

'ଏଠି ଏକ୍ସପ୍ରେସ ଅଳ୍ପ ସମୟ ରହେ, ବେଳ ହୋଇଯିବ। ମୁଁ ଯାଉଛି କ୍ଷମା କରି-ବେ।' ଯଦି ନିହାତ ନପାରନ୍ତି ତେବେ ମୋତେ——।"

ଚିଠି ଦେଲେ ଉତ୍ତର ଦେବେ? ଧନ୍ୟବାଦ—many many thanks.

ଆପଣଙ୍କ ଠିକଣାଟା ? କ୍ଷମା କରିବେ । ଏତେ ଅଳ୍ପ ସମୟ ମଧ୍ୟରେ ଯାହା ଘଟିଛି ଏତେ ଆଳାପ ଏତେ ଘନିଷ୍ଠତା, ମୁଁ ଏଡ଼େ ଅଭଦ୍ର ଯେ ତାର ନାମଟି ପର୍ଯ୍ୟନ୍ତ ପଚାରି ପାରିଲି ନାହିଁ ।'

'ମୋ ନାମ ସୁଖଲତା ।'

'ସୁଖଲତା———?'

'ମହାନ୍ତି ।'

'Address ?'

'C/o ବସ୍ତୁମୋହନ ମହାନ୍ତି, ଭୁବନେଶ୍ୱର ଆଉ ଆପଣଙ୍କ ନାମ ?'

'ଗଗନ ବିହାରୀ ଦାସ, କ୍ଲର୍କ ହେଲ୍ଥ ଘାଘୀପୁର, ଅଚ୍ଛା ନମସ୍କାର ।——

ଗାଡ଼ି ଛାଡ଼ି ଦେଲା ।

ଗଗନ ପକେଟରୁ ଉଡ଼ିପାରି ନିଜ ଟିକେଟ କାଟିବାକୁ ଯାଇ ପକେଟରେ ହାତ ପୁରାଇ ଦେଖିଲା, ଟିକେଟ ଖଣ୍ଡି ସେ ଯେଉଁ ବେଳା ନ'ଅଣା ପଇସା— ନୋଟଟିଏ ଥିଲା ଆଉ ନୋଟିଏ ଅଣି ରଖି ଥିଲା ତହିଁରୁ ସେ ଉପରର ଦାମ ବାବଦକୁ ଅଣିଥିଏ ଦବାକୁ ଯାଇଁ ଅଧୁଲିଟା ଦେଇ ଦେଇଛି

"It is worth it———

କୁଛ ପରବାୟ ନେହିଁ" କହି ସେ ବେପରୁଆ ହୋଇ ବସି ପଡ଼ିଲା । ବସି ପୁଣି ଭାବିଲା— ଅଠ'ଣା ବଦଳରେ ମୁଁ ଲକ୍ଷ ଲକ୍ଷ ଅଠ'ଣା ପାଇଛି—ଏ ଖଣ୍ଡିକ ଭଗବାନ୍ରୁ ।

ତା ପ୍ରାଣ ନାଚି ଉଠୁଥିଲା—ଫୁଟବଲ ପରି ।

୧୬ପୃଷ୍ଠା ଦେଖନ୍ତୁ

---

## କୁତୁକୁତୁ

ଦାମ— ମୁଁ ଘୋଡ଼ାଏ ଅଡ଼େ ଯିବାକୁ ଚାହୁଁ ଥିଲି ତ ମୋ ଘୋଡ଼ା ଅନ୍ୟ ଘୋଡ଼ାଏ ଅଡ଼େ ଯିବାକୁ ଚାହୁଁଲା ।

ଶ୍ୟାମ—ପୁଣି ହେଲା କଣ ?

ଦାମ—ଶେଷ ଦୁହିଁଙ୍କ ଭିତରେ ରଫା ହୋଇଗଲା।

ଶ୍ୟାମ—କିମିତି ?

ଦାମ—ମୋତେ ସେ ଫୋପାଡ଼ି ଦେଲା ଯେ ।

\+ + +

# ଗାନ୍ଧୀ ଜୟନ୍ତୀ ।

ଲେଖକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଜୟ ଜୟ ଗାନ୍ଧିଜୀ
ତୁମର ଧର୍ମ ଗତି ଅଛି ଆଜି କେତେ ପାକ ଦଗା ବାଜି

ଦହିଁ ଗଡ଼ୁ ଗଡ଼ୁ ମର୍କଟ ହେଲେ ତୁମେ ନ ପାରିଲ ଜାଣି,
ଗୀତା ପଢ଼ୁ ପଢ଼ୁ ଗଜାଇଲା କେତେ କୁଆଗେୃହ ସଇତାନୀ ।

ଶୋଷଣ ମୂଳରେ ଖଣ୍ଡା ଦେବାରେ ଫିଟିଲା ଶୋଷଣ ପୁଅ,
ନେତା ନାମେ କେତେ ଶୋଷକ ଜନମି (ବୋଇଲେ)'ଆମେ ଗାନ୍ଧିଙ୍କ ପୁଅ

ପଂଡ଼ିତ ପୁଅ ସାତଖୁଣି ମାଫି ସତ୍ୟର ଅବତାର
ଧର୍ମବକ ସେ କଲେ ଅହିଂସା-ଆମିଷର କାରବାର ।

ଖ୍ରୀଷ୍ଟ ଧରମ ବହୁଯୁଗ ପରେ ଆଜି ଯା' ରହିଲା ବାକୀ,
ଜର୍ମାନୀ ଆଉ ଇଟାଲି ହଲକ ଜୀଅନ୍ତା ତାର ସାକ୍ଷୀ ।

ବୁଦ୍ଧ ଧରମ ଅସିଆ ଖଣ୍ଡେ ରହିଲା ଯେ ନୀତି ବଡ଼,
ଆଦର୍ଶେ ତାର ଜାପାନ ଗ୍ରେବାଏ ଚୀନାର ହାଡ଼ ଗୋଡ଼ ।

ଚଇତନ ଯେଉଁ ପ୍ରେମର ସାକ୍ଷା ଦେଇ ଗଲେ ଏହି ଦେଶେ,
ଅଛି ବାଟେ ଘାଟେ ମଠ ମନ୍ଦିରେ ଭଣ୍ଡ ତାପସୀ ବେଶେ ।

ତୁମେ କହିଗଲ ସ୍ୱଦେଶ ସେବାର ତ୍ୟାଗହିଁ ମହତ ନୀତି,
ସ୍ୱାର୍ଥ-ସାଧନ ବାଟ ବତାଇ ସେ ଆଣିଲା ଆତ୍ମ–ପ୍ରୀତି ।

ତୁମେ କହିଗଲ ରାଜନୀତି ଅଟେ ସତ୍ୟ ଉପରେ ଉଭା,
ବଞ୍ଚକ ହେଲେ ତୁମରି ଦଳର ଅଧିକ ବୃଦ୍ଧ ଯୁବା ।

ତୁମେ କହିଗଲ ଅହିଂସା ଅଟେ ଆତ୍ମବଳୀର ବଳ,
ତାହାରି ତଳରେ ଗଢ଼ି ଉଠେ ଆଜି ଭୀରୁ କାପୁରୁଷ ଦଳ ।

ତୁମେ କହିଗଲ ସିନ୍ଧି କରିଆ, ସମାନ ସରବେ ଆଜି,
ଆଜି ଏକ ବାବୁଦଳ ଗଢ଼ିଲା ସେ ଫାଶନ୍ ଖଦଡ଼େ ସାଜି ।

ଯୁଗ ଯୁଗ ନୁହେଁ, ଶତଶତ ନୁହେଁ, କେଇଟା ବରଷ ପରେ,
ଦେଖ ଆଜି ପୂତ ଧର୍ମ ତୁମରି (କପଟ) ପ୍ରେତର ମୂର୍ତ୍ତି ଧରେ ।

ହେ ଗୁଣିଆ ଆଜି ଶୁଣିବାକୁ ଚାହେଁ ଏ ଦେଶ ପବନ ମାଟି
ତୁମରି ଗାରଡ଼, ଏ ବିଷକୁ ଦେଉ କ୍ରମେକ୍ରମେ ତାହା କାଟି ।

ଶତ ସପ୍ତତିତମ ଯୁଗ ରହୁ, ତୁମ ଆଦର୍ଶ ରାଜି,
ଆଜି କୋଟି କୋଟି କଣ୍ଠେ ଶୁଭୁ ହେ— 'ଜୟ ଜୟ ଗାନ୍ଧିଜୀ ।

Digitized by srujanika@gmail.com



ଚିତ୍ରକର ଶଚୀବାବୁ ମଜଳ ମଜ୍‌ଲିସ୍‌ରେ ଓ ପ୍ରକୃତିରେ ସୁନ୍ଦର ଦିନ ଗୁଡ଼ାକ କଟାଇବା ପାଇଁ ଗାଁକୁ ଆସି ଗୋଟିଏ ବିଧବା ସ୍ତ୍ରୀ ଘରେ ଥାଆନ୍ତି । ଘରେ ତାଙ୍କର କେହି ନାହିଁ— ଛୁଟି ବୋଲି ସ୍କୁଲ ଆସିଥିଲେ ବୁଲି । ଦିନ ଶେଷ ହୋଇ ଆସୁଛି । ଶଚୀବାବୁ ତାଙ୍କ ବାରଣ୍ଡାରେ ବସି ଗ୍ଲେଜ୍ ଝରକାଟି ଭିତର ଦେଇ ବାହାରର ବିଷର୍ଣ୍ଣ-ରୂପ ଦେଖୁଥାନ୍ତି । ଗାଢ଼ କଳା ମେଘ ଆକାଶରେ ଘୋଟି ହୋଇ ଯାଇଛି । ଥଣ୍ଡା ପବନରେ ଦେହ ବରଫ ପାଲଟି ଯିବା ଭଳି ବୋଧ ହେଉଛି । ଗଛ ଗୁଡ଼ାକ ଯେମିତି ଏଇ ଝଡ଼ର ନିର୍ଯାତନ ସହି ନ ପାରି କାନ୍ଦି କାନ୍ଦି ଭୂଇଁରେ ଲୋଟି ଯାଉଛନ୍ତି । ଗଛର ହଳଦିଆ ପତ୍ର ଗୁଡ଼ା ପବନରେ ଆକାଶ ଓ ପୃଥିବୀର ଚାରିଆଡ଼େ ବିଞ୍ଛୁଡ଼ି ହୋଇ ପଡ଼ୁଛନ୍ତି ।

ବିଦାୟ ଗ୍ରୀଷ୍ମ, ବିଦାୟ । ଶିଳ୍ପୀଙ୍କ ଆଖିରେ ଏ ଦୃଶ୍ୟ କାବ୍ୟ-ରୂପ ନେଇ ଫୁଟି ଉଠିବାର ଆଶା କରାଯାଏ । କିନ୍ତୁ ଶଚୀବାବୁଙ୍କର ଏ ଦୃଶ୍ୟ ଉପଭୋଗ କରିବା ପରି ମନର ଅବସ୍ଥା ଟିକିଏ ହେଲେ ନାହିଁ । ବେକାର ହୋଇ ବସି ବସି ସେ କ୍ଲାନ୍ତ ହୋଇ ପଡ଼ିଛନ୍ତି । ତେବେ ବି ସେ ମନକୁ ପ୍ରବୋଧ ଦେଇ କହିଲେ—"ଯାଃ କାଲି ତ ଏଠୁ ଚାଲିଯିବି । ଆଜି କଣ ?"

ଘରର ଚାରିଆଡ଼େ ଟେବୁଲ, କ୍ୟାନ୍‌ଭାସ୍, ବାକ୍ସ, ବିଛଣା ପ୍ରଭୃତି ଓ ଅନ୍ୟାନ୍ୟ ଅସବାବ ଗୁଡ଼ାକ ସବୁ ଏଣେ ତେଣେ ବିଞ୍ଛୁଡ଼ି ହୋଇ ପଡ଼ିଛି । ଝରକାଠାରୁ ପର୍ଦ୍ଦା ଖୋଲା ହୋଇଛି । ଘରଟା କେତେବେଳୁଁ ଖରକା ଖାଲି ହୋଇ ସଫା ସୁତୁରା ହେଲଣି । କାଲି ଶଚୀବାବୁ ସହରକୁ ଫେରିଯିବେ । ବିଧବା ବୁଢ଼ୀଟି ବାହାରି ଯାଇଛି କାଲିକା ପାଇଁ ଗାଡ଼ି ଭଡ଼ା କରି ଆଣିବା ଲାଗି । ମାତ୍ର ଅନୁପସ୍ଥିତିଟାକୁ ଗୋଟିଏ ମହା ସୁଯୋଗ ମନେ କରି ବିଂଶ ବର୍ଷୀୟା ଯୁବତୀ ପ୍ରତିମା ଡେର ସମୟ ହେଲା ଆସି ଶଚୀ ବାବୁଙ୍କ ଘରେ ବସିଛି । କାଲି ଶିଳ୍ପୀ ଚାଲିଯିବେ । ତାଙ୍କୁ କହିବାର ତାର ଅନେକ କଥା ଅଛି । ସେ କଥା କହି ଯାଉଛି—ପାଟିରେ ବାଠୁଳି ବାଛୁନାହିଁ । କିନ୍ତୁ ମନେ ହେଉଛି, ସେ ଯେପରି କିଛି କହୁ ନାହିଁ । ବାରଂବାର ସେ ଶଚୀବାବୁଙ୍କର

# ✿ ଶିଳ୍ପୀ ।

ପ

କୁମାର ଲକ୍ଷ୍ମୀନାରାୟଣ ମହାନ୍ତି ।

ମୁଣ୍ଡର ଲମ୍ବା ଲମ୍ବା ବାଳ ଗୁଡ଼ାକ ଆଡ଼କୁ ଛଳଛଳ ନୟନରେ ଚାହୁଁଛି । ଶଚୀବାବୁ ଅନ୍ୟମନସ୍କ ଭାବରେ ପ୍ରତିମାର କଥା ଶୁଣି ଯାଉଛନ୍ତି । ସେ ଶାନ୍ତ, କ୍ଲାନ୍ତ ଓ ଅବସନ୍ନ । ପ୍ରତିମା ଯେତେବେଳେ ଛୋଟ ପିଲାଟି ପରି କାନ୍ଦି ପକାଇଲା, ସେ ଭାରି ବିରକ୍ତ ହୋଇ ତୀକ୍ଷ୍ଣ ଦୃଷ୍ଟିରେ ତା ଆଡ଼କୁ ଚାହିଁ ତାଙ୍କ ସ୍ୱାଭାବିକ କର୍କଶ ଗଳାରେ କହିଲେ, "ମୁଁ ତାହା ହୋଇ ପାରିବି ନାହିଁ ।"

"କାହିଁକି ପାରିବେ ନାହିଁ ?" ପଚାରିଲା ପ୍ରତିମା ।

"ଯେ ଶିଳ୍ପୀ ଏବଂ ଯେଉଁ ଲୋକ କେବଳ ଶିଳ୍ପ ପାଇଁ ବଞ୍ଚି ରହିଥାଏ, ସେ କେବେହେଁ ବିବାହ କରି ପାରେ ନାହିଁ । ଶିଳ୍ପୀର କୌଣସି ପ୍ରକାର ବନ୍ଧନ ରହିଲେ ଚଳେ ନାହିଁ । ତାକୁ ନୀଳ ଆକାଶର ପକ୍ଷୀ ପରି ମୁକ୍ତ, ବନର ବାଘ ପରି ସ୍ୱାଧୀନ ହେବାକୁ ହୁଏ ।"

"କିନ୍ତୁ ମୁଁ କଣ ତୁମ ଉପରେ ଗୋଟିଏ ଭାରି ବୋଝ ପରି ଚାପି ବସିବି ବା ତୁମ ଉନ୍ନତି-ପଥରେ କୌଣସି ବାଧା କିଂବା ବିଘ୍ନ ଘଟାଇବି ବୋଲି ମନେ କରୁଛ ?"

"ମୁଁ ନିଜ ପାଇଁ କୌଣସି କଥା କହୁ ନାହିଁ । ମୁଁ କହୁଥିଲି ସମସ୍ତ ଶିଳ୍ପୀ ଜାତିଟାର କଥା । ବିଖ୍ୟାତ ଶିଳ୍ପୀମାନଙ୍କ ଭିତରେ କେହି କେବେ ବିବାହ କରି ନାହିଁ ।"

"ତୁମେ ଯେ ବିଖ୍ୟାତ ହେବ ମୁଁ ତା ଠିକ୍ ଜାଣେ । କିନ୍ତୁ ତୁମେ ମୋ ଅବସ୍ଥା ଟିକିଏ ଭାବି ଦେଖନ୍ତ ! ମୁଁ ମା'କୁ ଡର ତରେ । ସେ ଭାରି ରାଗୀ । ମା ଯଦି ଜାଣି ପାରନ୍ତି ଯେ ତୁମେ ମୋତେ ବାହା ହେବ ନାହିଁ, ସବୁ ଦୋଷ ମୋରି ଉପରେ ପଡ଼ିବ । ଓଃ, ମୁଁ କି ହତଭାଗିନୀ । ତାପରେ, ତୁମେ ଘରଭଡ଼ା ପାଇଁ ପଇସାଟିଏ ହେଲେ ତ ଦେଇ ନାହିଁ ଏଯାଏଁ ।"

"ଯାଃ !—ମୁଁ ଆଜି ଭଡ଼ା ଚୁକ୍ତି କରି ଦେବି ।" ହଠାତ୍ ଉଠି ପଡ଼ି ଶଚୀ ବାବୁ ଘର ମଧ୍ୟରେ ପଦଚାରଣ କରିବାକୁ ଲାଗିଲେ ।

"ମୋର ବିଦେଶ ଯିବା ଉଚିତ ।" ସେ କହିଲେ । ତାପରେ ପ୍ରତିମାକୁ ବୁଝେଇ ସୁଝେଇ କହିଲେ ଯେ ତାଙ୍କର ବିଦେଶ ଯିବା ଛଡ଼ା ଅନ୍ୟ ଗତି ନାହିଁ । ଏବେ ଯଦି ଖଣ୍ଡେ ଛବି ବିକ୍ରୀ କରି ପାରନ୍ତି......"

"ହିଁ ତା ଠିକ୍ ।" ପ୍ରତିମା କହିଲା ନମ୍ର ସ୍ୱରରେ । "କିନ୍ତୁ ତୁମେ ଏହି ଗରମ ଦିନ ଭିତରେ ଗୋଟିଏ ଛବି ଆଙ୍କିଲ ନାହିଁ କାହିଁକି ?"

"ତୁ କଣ ଭାବୁ ଏଇମିତି ଜାଗାରେ ବସି ମୁଁ କାମ କରି ପାରିବି ?" ଶିଳ୍ପୀ କହିଲେ । 'ତାପରେ ମୁଁ ମଡେଲ ବା କେଉଁଠୁ ପାଇବି ?'

—ଟିକେ କେହି ଯେପରି ଜୋରରେ ଧକ୍କା ମାରି ଦରଜା ଖୋଲି ଘରେ ପ୍ରବେଶ କଲା । ପ୍ରତିମା ମନରେ ସନ୍ଦେହ କଲେ ଡିର

✿ ଏ ଗଳ୍ପଟି ରୁଷିଆର ଜଣେ ବିଖ୍ୟାତ ସାହିତ୍ୟିକଙ୍କର Anton Chehorଙ୍କ ଛୋଟ ଗଳ୍ପ ଛାୟାରେ ଲିଖିତ ।

ଥାଏ କାଳେ କେତେବେଳେ ତା ମା ଆସି ପହଞ୍ଚିବ । ସେ ଶୀଘ୍ର ଦୌଡ଼ି ସେ ଘରୁ ପଳେଇଲା । ଶଚୀବାବୁ ରହିଲେ ଏକା ।

ଅନେକ ବେଳ ଯାଏ ସେ ଘର ଭିତରେ ଏପାଖ ସେପାଖ ବୁଲିଲେ । ସେ ଶୁଣିବାକୁ ପାଇଲେ ବୁଢ଼ୀ ପାଖରୁ ଅନ୍ୟାୟ ଭାବରେ ବେଶୀ ପଇସା ନେବା ପାଇଁ କହିବାରୁ, ତା ମନେ ମନେ ସେ ଗାଡ଼ୋୟାନକୁ ଗାଳି ଦେଉଛି । ଶଚୀବାବୁ ବିରକ୍ତ ହୋଇ ଟେବୁଲ ପାଖରେ ଯାଇ ଛିଡ଼ା ହେଲେ ଏବଂ ବହୁତ ବେଳଯାଏ ଭ୍ରୂକୁ କୁଞ୍ଚିତ କରି ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଲେ ଝରକା ଦେଇ ସେହି ଶୂନ୍ୟ ନୀଳଗଗନକୁ ।

“ତତେ ଯା ମରଣ ନ ହେଲା—” ସେ ଶୁଣିଲେ ବୁଢ଼ୀ ପ୍ରତିମାକୁ ଗାଳି ଦେଉଛି । “କି ପାପରେ ଯେ ତତେ ଗର୍ଭରେ ଧରିଥିଲି ! ହେ ଭଗବାନ୍ ….. ।”

ମନ ଇଚ୍ଛା ଥଣ୍ଡା ପାଣି ଗିଲାସେ ପିଇ ଆରାମ୍ ଚେୟାର ଉପରେ ଯାଇ ପଡ଼ିଗଲେ । ତାଙ୍କ ମନ ଭିତରୁ ନିବିଡ଼ କଳା ବଉଦଟା ଅସ୍ତେ ଅସ୍ତେ ଅଦୃଶ୍ୟ ହୋଇଗଲା । ତାଙ୍କ ଅନ୍ତର ହସି ଉଠିଲା । ସେ ରଙ୍ଗୀନ୍ ସ୍ୱପ୍ନ ଦେଖିବାକୁ ଲାଗିଲେ ।

କଳ୍ପନାରେ ଭାବିଲେ ମନେ ମନେ ସେ କେତେ ବଡ଼ ହେବେ । ଭବିଷ୍ୟତର କାର୍ଯ୍ୟ-ପନ୍ଥା ବିଷୟରେ କିଛି ଭାବି ପାରିଲେ ନାହିଁ, କିନ୍ତୁ ସ୍ପଷ୍ଟ ଦେଖିବାକୁ ପାଇଲେ ପତ୍ରିକା ଗୁଡ଼ିକ ଏକ ମୁଖରେ ତାଙ୍କର ପ୍ରଶଂସା ଗାଇବାରେ ବ୍ୟସ୍ତ । ପ୍ରତି ଦୋକାନରେ ତାଙ୍କ ଛବି ବିକ୍ରୀ ହେଉଛି ।

ତାଙ୍କ ବନ୍ଧୁମାନଙ୍କର ତେଣୁ ଖୁବ୍ ହିଂସା ହେବା ବଡ଼ ସ୍ୱାଭାବିକ । ସେ ଭାବିବାକୁ ଲାଗିଲେ—ସେ ଗୋଟିଏ ସୁନ୍ଦର ‘ଡ୍ରଇଂ ରୁମ୍’ ରେ ବସିଛନ୍ତି, ଆଉ ତାଙ୍କୁ ଘେରି ବସିଛନ୍ତି ପ୍ରଜାପତି ପରି ସୁନ୍ଦରୀ ସ୍ତ୍ରୀମାନେ । କିନ୍ତୁ ଏ କଳ୍ପନାଟା ତାଙ୍କ ନିକଟରେ ଗୋଟିଏ ଛବି ପରି ମନେ ହେଲା । ସେ ତାଙ୍କ ଜୀବନରେ କେବେ ହେଲେ ଡ୍ରଇଂ ରୁମ୍ ଦେଖି ନାହାନ୍ତି, କି ପ୍ରତିମା ଛଡ଼ା ପ୍ରାୟ ଅନ୍ୟ କୌଣସି ସ୍ତ୍ରୀକି ସେ ଭଲ କରି ଚିହ୍ନି ନାହାନ୍ତି । ଜୀବନ ସମ୍ବନ୍ଧରେ ଯେଉଁ ମାନଙ୍କର କୌଣସି ଜ୍ଞାନ ନାହିଁ, ସାଧାରଣତଃ ସେମାନେ ବହି ସାହାଯ୍ୟ-ରେ ଜୀବନର ଛବି ଅଙ୍କିବାକୁ ଚେଷ୍ଟା କରନ୍ତି । ଶଚୀବାବୁ କିନ୍ତୁ କେବେହେଲେ ବହି ପଢ଼ନ୍ତି ନାହିଁ । କେତେଥର ସେ ‘ରାଧାନାଥ ଗ୍ରନ୍ଥାବଳୀ’ ପଢ଼ିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ଦ୍ୱିତୀୟ ପୃଷ୍ଠାରେ ପହଞ୍ଚିବା କ୍ଷଣି ଦଶାବଥ ନିଦ ତାଙ୍କୁ କେଉଁଠୁ ଆସି ମାଡ଼ି ବସେ ।

“ ଏ ପାଜିଁଷ ଅଛ ନଅଁ ଯିବବ ନାହିଁ ,, —ତଳେ ବୁଢ଼ୀର ପାଟି ଶୁଭିଲା ।“ ପ୍ରତିମା, କାଠ ହୋଇଲୁ ଥୋଡ଼ା ଆଣ ମ !”

ଶଚୀବାବୁ ତଳକୁ ଓହ୍ଲାଇ ରୋଷେଇ ଘର ଆଡ଼କୁ ଗଲେ । ସେଠି ସେ ଖାଇବାକୁ ବସି କହିବାକୁ ଲାଗିଲେ —“ ଅଟିଷ୍ଟ ହେବା କି ଚମତ୍କାର ! ମୋର ଯେଉଁଠିକି ଖୁସି ସେଠିକି ଯାଇ ପାରେ, ମୋ କାମରେ ବାଧା ଦେବାର ପାଇଁ ମୋ ଉପରେ କେହି ନାହିଁ । ନିଜେ ମୁଁ ମୋର ଗୁରୁ ।” ଖାଇବା ଶେଷ ହେଲାରୁ ସେ ତାଙ୍କ ଘରକୁ ଯାଇ ବିଛଣାରେ ପଡ଼ିଗଲେ । ସେ ପ୍ରାୟ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଶୁଅନ୍ତି । କିନ୍ତୁ ଆଜି ଆଖି ପତା ଦିଟା ବୁଜି ଆସୁଛି , ଏଇ ସମୟରେ ମନେ ହେଲା କିଏ ଯେପରି ଖୁବ୍ ବଡ଼ ପାଟିରେ ତାଙ୍କ ନାଁ ଧରି ଡାକୁଛି । ଆଖି ଖୋଲି ଦେଖନ୍ତି ତ ତାଙ୍କର ବନ୍ଧୁ ଅଟିଷ୍ଟ ବିପିନ ବାବୁ । ବିପିନବାବୁ ପୁରୀକୁ ଯାଇଥିଲେ ଖରଦିନଟା କଟେଇ ଦେବାଲାଗି ।

“ବାଃ!” ଶଚୀବାବୁ ହଠାତ୍ କହି ପକାଇ-ଲେ ।“ ମୁଁ ତୋତେ ସତରେ ଦେଖୁଛି ନା —ସ୍ୱପ୍ନରେ ? ” ତାପରେ ନିଜ ନିଜ ଭିତରେ ପରସ୍ପର ପଚାରି ହେଲେ ଭଲ ମନ୍ଦ ହାଲ ଘର ଓ ବର୍ତ୍ତମାନ ଦେଶର ଖବର ଅନ୍ତର ।

“ତୁ ଏଥର ଅନେକ ଛବି ଅଙ୍କିଛୁ, ନା?” ଶଚୀବାବୁ ପଚାରିଲେ ।

“ହଁ , କିଛି ଅଙ୍କିଛି । ତୁ କଣ କରୁଛୁ?” —ଶଚୀବାବୁ ଖଟତଳୁ ଖଣ୍ଡେ ଧୂଳି ଅଡ଼ା ମାଗଜ଼-ଝା ଜାଲରେ ଛପା ହୋଇଥିବା ‘କ୍ୟାନଭାସ’ ବାହାର କରି ଲଜ୍ଜାରେ ବିପିନବାବୁଙ୍କ ସାମନାରେ ଧରିଲେ ।

“ଏଇ ଦେଖ…ଗୋଟିଏ ଉପେକ୍ଷିତା ସ୍ତ୍ରୀ ଝରକା ପାଖରେ ବସିଛି । ଏତିକି ମାତ୍ର ହୋଇଛି । ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ ।”

ଛବି ଖଣ୍ଡିକ ପ୍ରତିମାର । ଗୋଟିଏ ଝରକା ପାଖରେ ସେ ବସିଛି । ଟିକିଏ ଦୂରରେ ଗୋଟିଏ ବଗିଚାର କିଛି ଅଂଶ ଦେଖା ଯାଉଛି । ବିପିନ ବାବୁଙ୍କୁ କିନ୍ତୁ ଭଲ ଲାଗିଲା ନାହିଁ ଚାହିଁକି ସେଟା !

“ହୁଁ ! ଭାବ ଅଛି, ଦୂରତ୍ୱ ବୁଝାଯାଉଛି—କିନ୍ତୁ, ମାନେ ?”

× × ×

ସନ୍ଧ୍ୟାବେଳକୁ ବର୍ତ୍ତମାନ ଉତ୍କଳର ଉଦୀୟ-ମାନ ଐତିହାସିକ ଶରତ ବାବୁ ଆସିଲେ ସେଠାକୁ, ଚିତ୍ରକର ଶଚୀବାବୁଙ୍କ ସଙ୍ଗରେ ଦେଖା ସାକ୍ଷାତ କରିବାକୁ । ସେଇ ନିକଟରେ ଥାଆନ୍ତି ସେ, ବୟସ ୩୫ ପାଖାପାଖି ହେବ ।

‘ମୁଁ ଗୋଟିଏ ନୂଆ ଚିତ୍ର ଅଙ୍କିବ ବୁଝିଲେ ?’ କହିଲେ ସେ ।

ତଳେ ବୁଢ଼ୀଟି ପାଟି କରି ଉଠିଲା—“ପ୍ରତିମା—ଏ ପ୍ରତିମା ! ଜଲଦି ଯା’ନା ମଧୁଆ ପାଖରୁ ଦୁଧ ସେରେ ନେଇ ଆସିବୁ ।”

ତିନି ବନ୍ଧୁ ଘରର ଏ ପାଖରୁ ସେ ପାଖ ଯାଏଁ ପଦ ଭ୍ରମଣ କରିବାକୁ ଲାଗିଲେ । ଅନବରତ ସେମାନେ କେବଳ ବକୁ ଥାନ୍ତି । ଭବିଷ୍ୟତର ଉନ୍ନତି, ନାମ, ଅର୍ଥ ଓ ଯଶ ଛଡ଼ା ତାଙ୍କ କଥାରେ ଆଉ କିଛି ନ ଥାଏ । ସେମାନେ ଭାବୁ ନାହାନ୍ତି ଯେ ସମୟ ଚାଲି ଯାଉଛି—ପ୍ରତିଦିନ ଜୀବନ ଅବସାନର ପଥ ଆଡ଼କୁ ଆଗେଇ ଚାଲିଛି, ଅଥଚ ଏତେଦିନ ହେଲା ସେମାନେ କିଛି ନକରି କେବଳ ଅନ୍ୟ ଉପରେ ନିର୍ଭର କରି ସଂସାର ପଥରେ ଚାଲି ଆସୁଛନ୍ତି । ଆନନ୍ଦରେ ସେମାନେ ଆଜି ଉଚ୍ଛ୍ୱସିତ । ଭବିଷ୍ୟତର ଉଜ୍ଜ୍ୱଳ ଛବି ସେମାନଙ୍କ ଚକ୍ଷୁ ସମକ୍ଷରେ ଉଦ୍ଭାସିତ ।

(ପର ପୃଷ୍ଠା ଦେଖନ୍ତୁ ।)

Digitized by srujanika@gmail.com

ଉଡାର

# ସର୍ବ ସାଧାରଣଙ୍କ ପାଇଁ ଅଦ୍‌ଭୁତ ସୁଯୋଗ

**ସମ୍ପୂର୍ଣ୍ଣ ବିନା ମୂଲ୍ୟେ !** FREE **ସମ୍ପୂର୍ଣ୍ଣ ବିନା ମୂଲ୍ୟେ !!**

# ର-ଗ-ଡ଼ ଶିକ୍ଷା ପଦ୍ଧତି

ଡାକ ଯୋଗେ ଶିକ୍ଷା ( Correspondnse course )

ମୂର୍ଖ, ମହାତ୍ମା, ମ୍ଲେଚ୍ଛ, ଚଣ୍ଡାଳ, ରଜା, ଧନୀ, ପ୍ରଜା, ଦରିଦ୍ର, ବୃଦ୍ଧ, ବାଳକ, ଯୁବକ, ଯୁବତୀ ଯେ କେହି ଇଚ୍ଛା କରିବେ, ଘରେ ବସି ବିନା ଖର୍ଚ୍ଚରେ ଏ ଶିକ୍ଷା ( training ) ପାଇ ପାରିବେ ।

ଏ ସୁବିଧା ଛାଡ଼ ନାହିଁ !—— ଛାଡ଼ିଲେ ପସ୍ତାଇବେ !!

ଆବେଦନ ପ୍ରାପ୍ତିର ସପ୍ତାହକ ମଧ୍ୟରେ ଡାକ ଦ୍ୱାରା ପ୍ରଥମ ପାଠ ଓ ଅନୁଶୀଳନୀ ପଠାଯିବ । ପ୍ରତି ପକ୍ଷରେ ଏହିପରି ନୂତନ ନୂତନ ପାଠ ମାନ ପାଉଥିବେ ଓ ସବୁ ସରିଲେ ପାଠାର୍ଥୀ ଜଣେ "ନେତା" ପାଲଟି ଯିବ । କ୍ଷମତା (power) ପ୍ରତିପତ୍ତି (prestige) ବଢ଼ାଇବାର ଏବଂ ବେକାରି ( unememployment ) ଦାରିଦ୍ର୍ୟ ( poverty ) ବିନାଶ କରିବାର ଏହାଠାରୁ ସୁଗମ, ସହଜ ଉପାୟ ଆଉ ନାହିଁ ବା ନ ଥିବ ।

ଏହା ଏପରି ବୈଜ୍ଞାନିକ ( scientific ) ଓ କୌଳିକ ( artistic ) ବିଧାନରେ ରଚିତ ଓ ଏପରି ସରଳ ତରଳ ଯେ ଗିଳିବାକୁ କଷ୍ଟ ହୁଏ ନାହିଁ ବା ହଜମ କରିବାରେ ସମୟ ଲାଗେ ନାହିଁ । ମେଧା, ବୁଦ୍ଧି ବା ମସ୍ତିଷ୍କର ଆବଶ୍ୟକତା ନାହିଁ । ଏଣେ ଗୁରୁଦକ୍ଷିଣା ନଦାରଦ ! ଆଜି ପତ୍ର ଲେଖନ୍ତୁ ।

ଆମ୍ଭମାନଙ୍କଠାରୁ ଶିକ୍ଷା ପାଇ ଯେଉଁ ସହସ୍ର ୨ ବ୍ୟକ୍ତି ସିଦ୍ଧି ଲାଭ କରି ଅଛନ୍ତି ସେମାନଙ୍କର ଅସଂଖ୍ୟ ଅଯାଚିତ ପ୍ରଶଂସାପତ୍ରରୁ କେତେକ ନିମ୍ନରେ ଦିଆଗଲା—

( ୧ )

ପ୍ରିୟ ମହାଶୟ,

ଅମ୍ଭେ ରଙ୍ଗ କାମ କରୁଥିବା ବେଳେ ଆପଣଙ୍କ 'ପଦ୍ଧତି'ର ସନ୍ଧାନ ପାଇ ଅନେକ ବର୍ଷ ପରେ ଜଣେ ବନ୍ଧୁଙ୍କ ଠାରୁ ପାଇ-ଥିଲୁଁ । ତାହା ପଢ଼ି ବର୍ତ୍ତମାନ ଜର୍ମାନୀର କର୍ତ୍ତା ହୋଇ ପାରିଛୁଁ ଏବଂ ମୁଁହିଁ ଉଦ୍ଭୁତରେ ଆପଣାର କାମ ହାସଲ କରି ନେଇଛୁଁ । ଆପଣଙ୍କୁ ଶତ ଧନ୍ୟବାଦ । ଇତି ।

ପୁ: ଆପଣ ବୋଧହୁଏ ରୁଷିଅର ଷ୍ଟାଲିନ୍‌ଙ୍କୁ ଛାତ୍ର ଶ୍ରେଣୀଭୁକ୍ତ କରି ଅଛନ୍ତି । ନୋହିଲେ ସେ ଏପରି କାହିଁ ହୁଅନ୍ତେ ? ଯଦି କରି ଥାନ୍ତି ତେବେ ୨୦୦୦୦ ମାର୍କ କ୍ଷତି ପୂରଣ ନେଇ ତାହା ବନ୍ଦ କରିବେ ।

ଏ, ହିଟଲର୍—ବର୍ଲିନ୍

( ୨ )

ପ୍ରିୟ ମହାଶୟ,

ଅମ୍ଭେ ଆପଣଙ୍କ ଶିକ୍ଷା ପ୍ରଣାଳୀର ଛାତ୍ର ହୋଇ ସାମାନ୍ୟ କମାରଶାଳ ଓ ହଳ ଲଙ୍ଗଳରୁ କେତେ ଦୂର ଉଠି ପାରିଛୁଁ, ତାହା ଆପଣ ଓ ଆପଣଙ୍କ ଭଳି ଗମାରମାନେ ଜାଣି ପାରୁ-ଥିବେ । ଆମ୍ଭର ସିଦ୍ଧିଲାଭ ପରେ ତାହା ଆମ୍ଭର ବନ୍ଧୁ ହିଟଲରଙ୍କୁ ଧାର ଦେଇଥିଲୁଁ । ସେ ମଧ୍ୟ କୃତକାର୍ଯ୍ୟ ହୋଇ ଅଛନ୍ତି । ତାଙ୍କ-ଠାରୁ ଫେରାଇ ଆଣି ଷ୍ପେନର ଫ୍ରେଙ୍କୋଙ୍କଠାକୁ ପଠାଇ ଅଛି । ମୋର ଅଶେଷ ଧନ୍ୟବାଦ ଗ୍ରହଣ କରିବେ ।

ବି. ମୁସୋଲିନୀ—ରୋମ୍

( ୩ )

ନମସ୍କାର !

ଭାଇ,

ଆପଣଙ୍କର ରଗଡ଼ ପଦ୍ଧତିର ମୁଁ ଜଣେ ଛାତ୍ର । ଲେନିନ୍‌ଙ୍କ ପରେ ରୁଷିଅର ଭାର ମୋ କାନ୍ଧରେ ପଡ଼ିଲା ମାତ୍ରେ ଟ୍ରଟସ୍କି ପ୍ରମୁଖ କେତେକ ଶତ୍ରୁ ମୋ ପଛରେ ଲାଗିବାରୁ ମୁଁ ବାଟ ନ ପାଇ ଆପଣଙ୍କ ପାଠ ମଗାଇଲି ଏବଂ ତାହା ଅଭ୍ୟାସ କରି ସେମାନଙ୍କୁ ନିପାତ କରି ପାରିଛି । ଗୋଟିଏ ପ୍ରାର୍ଥନା ଯେ ଏ ପଦ୍ଧତି ଆପଣ ପୃଥିବୀର ସବୁଆଡ଼େ ପ୍ରଚାର କରନ୍ତୁ ପଛକେ ଜର୍ମାନୀକୁ କଦାଚ ପଠାଇବେ ନାହିଁ । କ୍ଷତି ପୂରଣ ସକାଶେ ଆମ୍ଭେ ଦାୟୀ ରହିଲୁଁ । ଇତି ।

ଆପଣଙ୍କର

କମ୍ରେଡ଼ ଷ୍ଟାଲିନ୍

ମସ୍କୋ

( ୪ )

ମହାଶୟ !

ଆମ୍ଭେ ଏତଦ୍ୱାରା କାୟମନୋବାକ୍ୟେ ସର୍ବ ସାଧାରଣରେ ଘୋଷଣା କରୁଅଛୁଁ ଯେ 'ରଗଡ଼' ଶିକ୍ଷା ପଦ୍ଧତି ଠାରୁ ମୌଳିକ ଓ ଉତ୍କୃଷ୍ଟ ନେତା ହେବାର ଉପାୟ ପୃଥିବୀରେ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ଅମ୍ଭେ ଏହା ଆଗରୁ ଜାଣିବାର ନଥିବାରୁ ଅମ୍ଭର ପ୍ରଧାନ ମନ୍ତ୍ରୀ ହେବାର ଅକାରଣ ବିଳମ୍ବ ଘଟିଲା । ମୁଁ ଏହା ମୁକ୍ତ କଣ୍ଠରେ କହିପାରେ ଯେ ମୋତେ ଆଜି ଏହି ଉଚ୍ଚ ଆସନରେ ବସାଇବା ପାଇଁ ରଗଡ଼ ଶିକ୍ଷା ପଦ୍ଧତି ହିଁ



Digitized by srujanika@gmail.com

ଏକମାତ୍ର ଦାୟୀ । ମୋତେ ଏହି ସମ୍ମାନ ଦେଇ ଥିବାରୁ ମୁଁ ମୋର ମହାକୌଶଳୀ ବନ୍ଧୁ ଓ କଂଗ୍ରେସ ପାର୍ଲିଅମେଣ୍ଟାରୀ କମିଟି ତଥା ଓ୍ୟାର୍କିଂ କମିଟିଠାରେ କୃତଜ୍ଞ ।

ଶ୍ରୀ ରବିଶଙ୍କର ଶୁକ୍ଳ
ଭୂତପୂର୍ବ

ମହାଶୟ,

ଅତି ଦୁଃଖର ସହିତ ଜଣାଉ ଅଛି ଯେ ଆପଣଙ୍କ ପାଠ ଅଧ୍ୟୟନ ଅବସ୍ଥା ମଧ୍ୟରେ ମନ୍ତ୍ରୀତ୍ୱ ପ୍ରାପ୍ତି ହୋଇଥିଲେ ମଧ୍ୟ ଦୁର୍ଭାଗ୍ୟ ବଶତଃ ମନ୍ତ୍ରୀତ୍ୱର ଗୁରୁ ଦାୟିତ୍ୱ ମୁଣ୍ଡରେ ବହି ତାହା ନିୟମିତ ରୂପେ ଅନୁଶୀଳନ ନ କରି ବାରୁ ମୋର ଏହି ପତନ ହେଲା । ଦୟା କରି ବାକି ପାଠ ଗୁଡ଼ିକ ପଠାଇ ଦେଲେ, ଦେଖି ନେବି—

ଆପଣଙ୍କର
ଏନ୍, ବି, ଖାରେ, ନାଗପୁର।

ମହାଶୟ !

ଏକଦା ଏହି ଭାରତ ଖଣ୍ଡରେ ବହୁ ଗଣ୍ୟ ମାନ୍ୟ ବ୍ୟକ୍ତିଙ୍କ ସଙ୍ଗରେ ମୋର ଆସନ ଥିଲା । ମାତ୍ର କେତେକ ମାର ପେଞ୍ଚ ଦଗାବାଜି ପ୍ରଭୃତି ଜାଣି ନଥିବାରୁ ହଠାତ୍ ମୋତେ ପାତାଳକୁ ଗୁପି ଦିଆ ଯାଇଛି । ମୁଁ ମୋର ପୂର୍ବ ସମ୍ମାନ ଫେରି ପାଇବାକୁ ବଡ଼ ବ୍ୟାକୁଳ । ମୋର ସମଦଶାପନ୍ନ ବନ୍ଧୁ ଖାରେଙ୍କଠାରୁ ସମ୍ବାଦ ପାଇ ଆପଣଙ୍କୁ ଅନୁରୋଧ କରୁଛି ଯେ ଆପଣ ଦୟା କରି ଯଥା ସମ୍ଭବ ତ୍ୱରିତ ଗତିରେ ଆପଣଙ୍କ ଅନୁଶୀଳନୀ ପଠାଇ ବାଧିତ କରିବେ ।

ଶ୍ରୀ ନରିମ୍ୟାନ
ବମ୍ବେ

ଓଡ଼ିଶାରୁ କେତେକ ନେତା ଓ ମନ୍ତ୍ରୀଙ୍କ ଠାରୁ ଆମ୍ଭେମାନେ ନିମ୍ନଲିଖିତ ପ୍ରଶଂସାପତ୍ର ପାଇଅଛୁଁ । ମାତ୍ର ସେମାନଙ୍କର ନାମ ପ୍ରକାଶରେ ଅନୁମତି ନ ଥିବାରୁ ତାହା ପ୍ରକାଶ କରି ପାରିଲୁଁ ନାହିଁ ।— ପ୍ରିନ୍ସିପାଲ ।

ମହାଶୟ

ଦୁଇଜଣ କଟକିଆ ଲଗିଥିଲା ବେଳେ ତୃତୀୟ ଜଣ କପରି ଦାଉ ମାରିନିଏ ସେ ବୁଦ୍ଧିଟା ଆପଣଙ୍କ ଶିକ୍ଷା ପଦ୍ଧତିରୁ ଯାହା ମୋପରି ଅଯୋଗ୍ୟ ଯେଉଁ ଆସନ ଗ୍ରହଣ କରିଛି ତାହା ଅଦ୍ୱିତୀୟ । କୋଟି କୋଟି ଧନ୍ୟବାଦ ।

ଆପଣଙ୍କର ଚିରନୁଗତ
ନିମଚୌଧୁରୀ

ମହାଶୟ,

ଖୋଇ ପେଇ ବସେଇ ଉଠେଇ ଘରେ ରଖି ବଡ଼ ମଣିଷଙ୍କୁ ବଶ କରି କାମ ହାସଲ କରି ନେବା ନିତାନ୍ତ ସାମାନ୍ୟ ଲୋକ ପକ୍ଷରେ କିପରି ସମ୍ଭବ ତାହା ଆପଣଙ୍କର ଶିକ୍ଷା ପଦ୍ଧତି ହିଁ ପ୍ରଥମ ମୋତେ କହେ । ସବିନୟ ପୁନଃଶ୍ଚ ନିବେଦନ ଯେ ଆପଣ ମୋର ନାମ ପ୍ରକାଶ କରିବେ ନାହିଁ ।— ଆପଣଙ୍କର

ବାଙ୍ଗ୍ରବାଦ

ମହାଶୟ,

ଆପଣଙ୍କ ଶିକ୍ଷା ପଦ୍ଧତି ପଢ଼ିଲେ devil ମଧ୍ୟ Scripture ପାଠ କରି ପାରେ— ଜମିଦାର ମଧ୍ୟ ନିଜକୁ କୃଷକ ବୋଲାଇ ନେତା ସାଜି ପାରେ । ମୁଁ ଆପଣଙ୍କ ପଦ୍ଧତି ଅନୁସାରେ ଅଧ୍ୟୟନ କରି ଅସୀମ ଉପକାର ପାଇଛି । ଧନ୍ୟବାଦ— ଆପଣଙ୍କର

ଜାନକୀ ଭବନ

ମହାଶୟ,

ଆପଣଙ୍କ ପଦ୍ଧତି ଅନୁସାରେ ଶିକ୍ଷା ନେବା ପାଇଁ ଇଚ୍ଛା କରିବା ମାତ୍ରେ ଆମେ ତିନିଜଣ ଜଙ୍ଗଲର ରଜା ହୋଇଗଲୁଁ । ମାତ୍ର ରଜା ହୋଇ ସାରି ଆପଣଙ୍କ କଥା ଏକା-ବେଳକେ ଭୁଲି ଯିବାରୁ ଆଜି ଆମ୍ଭମାନଙ୍କର ଏ ଅବସ୍ଥା । ଦୟା କରି ଆପଣ ଆମ୍ଭମାନଙ୍କୁ ଛାତ୍ର ରୂପେ ଗ୍ରହଣ କଲେ ବାଧିତ ହେବୁଁ ।

ଆପଣଙ୍କର
୧—— ପୁରୀ
୨ —— ବ୍ରହ୍ମପୁର
୩—— ଖେମୁଣ୍ଡି

ମହାଶୟ,

ନିଜକୁ ଜଣେ ମହା ଜ୍ଞାନୀ ଓ ପଂଡିତ ମନେ କରି ଆପଣଂକ ପଦ୍ଧତିକୁ ଉପେକ୍ଷା କରିବାର ପରିଣତି ଟେର ପାଇ ସାରିଲିଣି । ଉତ୍କଳ ରାଜନୈତିକ ରଂଗ ମଂଚରେ ନେପଥ୍ୟ ବହି କଥା କହିବାର ଅଧିକାର ମଧ୍ୟ ମୋର ବର୍ତ୍ତ-ମାନ ନାହିଁ । ଥରେ ମାତ୍ର ମୃତ ସୈନିକ ସଜି ସାଜିଥିଲି । ମୂର୍ଚ୍ଛା ଓ ପତନ ପରେ ଆଜି କୌଣସି ଦର୍ଶକ ମୋତେ ଦେଖି ନାହାନ୍ତି । ବର୍ତ୍ତମାନ ପ୍ରେକ୍ଷା ଗୃହରେହିଁ ବାସ କରୁଛି । ତେଣୁ ଅନୁରୋଧ କରେଁ ଆପଣ ମୋତେ ଏଣିକି ସ୍ୱତନ୍ତ୍ର ମତେ ପାଠ ପଢ଼ାଇ ତାଲିମ୍ କରନ୍ତୁ ।— ଆପଣଙ୍କର

ସିମ୍ଲା ।

ମହାଶୟ,

ଆପଣ ଯଦି ମୋତେ ଶିକ୍ଷା ନ ଦେଇ ଥାନ୍ତେ ତେବେ ଶିଖଣ୍ଡିକୁ ଆଗରେ ରଖି ଭୀଷ୍ମଙ୍କୁ ପରାସ୍ତ କରିବାର କୌଶଳ ମୁଁ ଜାଣି ଥାନ୍ତି କିପରି ନା ଆଜି ଶ୍ରେଷ୍ଠ ନାଗରିକ ହୋଇଥାନ୍ତି କିପରି ? ସେଥିପାଇଁ ଧନ୍ୟବାଦ ଦେଉଛି—

——ଙ୍କ ପତି
ତେଲଙ୍ଗା ବଜାର ।

ମହାଶୟ,

ନିଜେ ବହୁ ଶିକ୍ଷା ସଂକ୍ରାନ୍ତୀୟ ପୁସ୍ତକ ଲେଖିଛି । କିନ୍ତୁ ଆପଣଙ୍କ ଅଦ୍ଭୁତ ଶିକ୍ଷା ପଦ୍ଧତି ଯେ ସମ୍ଭବ ହୋଇପାରେ ଏହା ମୁଁ କଳ୍ପନା ମଧ୍ୟ କରିପାରି ନ ଥିଲି । ଅନୁଗ୍ରହ କରି ଆପଣଙ୍କର ଅନୁଶୀଳନୀ ପଠାଇବେ । ବିଶେଷତଃ ଶତ୍ରୁ ଦଳନ ବିଦ୍ୟାଟି ମୋର ଅତି ଦରକାର ବୋଲି ଜାଣିବେ । ଆପଣଙ୍କର

———

ଲକ୍ଷ୍ମୀ ଇନ୍‌ଷ୍ଟିଚ୍ୟୁଟ୍ ।

ମହାଶୟ,

ମୁଁ ବିଦେଶରୁ ଆପଣଙ୍କର ବହୁ ପ୍ରଶଂସା ଶୁଣି ଅଛି । ବର୍ତ୍ତମାନ ମୋର ଅବସ୍ଥା ବଡ଼ ଖରାପ ହେଲା । ସବୁ କୂଳରୁ ମୁଁ ଛାଡ଼ିଗଲି । ମଣି ହରା ଫଣି ପରି ଏଣେ ତେଣେ ବୁଲୁଛି । ଦୟା କରି ଆପଣଙ୍କର ଶିକ୍ଷା ପଦ୍ଧତିର ନିୟମ ପଠାଇବେ । ଆପଣଙ୍କର

———

ରାଜନଗର

ପୁଃ ଆପଣଙ୍କର ଶିକ୍ଷା ପଦ୍ଧତି ପିତା ଓ ପୁତ୍ର ଉଭୟଙ୍କ ପାଇଁ ଏକ କମ୍ବା ପୃଥକ ପୃଥକ ତାହା ଖୋଲି ଲେଖିଲେ ସୁଖୀ ହେବି ।

Digitized by srujanika@gmail.com

# ଡଗର ୧୦ ମ ଶବ୍ଦଧନ୍ଦା ପ୍ରତିଯୋଗୀତା

| ଟ୨୫ଙ୍କା ପୁରସ୍କାର ! | 'ଡଗର' ପାଠକମାନେ ପାଇ ପାରିବେ । | ଟ୨୫ଙ୍କା ପୁରସ୍କାର ! |
|---|---|---|
| ଦୁଇଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୁଲ୍ୟରେ |

| | | | | | | |
|---|---|---|---|---|---|---|
| ୧ ବ | ୨ ବେ | (କ) | ■ | ୩ | ୪ ର | ୫ ମ |
| ୬ କା | | ■ | ୭ | ■ | ୮ | ଯୁ |
| | ■ | ୯ | ର | ୧୦ ମ | ■ | |
| ■ | ୧୧ | ଲା | ■ | ୧୨ | ୧୩ ଳ | ■ |
| ୧୪ | ହ | ■ | ୧୫ | ■ | ୧୬ ବ | ୧୭ |
| | ■ | ୧୮ | ମ | ୧୯ ନ | ■ | |
| ୨୦ ଦ | | ବ | ■ | ୨୧ | ଣ | ହ |

| | | | | | | |
|---|---|---|---|---|---|---|
| ୧ ବ | ୨ ବେ | (କ) | ■ | ୩ | ୪ ର | ୫ ମ |
| ୬ କା | | ■ | ୭ | ■ | ୮ | ଯୁ |
| | ■ | ୯ | ର | ୧୦ ମ | ■ | |
| ■ | ୧୧ | ଲା | ■ | ୧୨ | ୧୩ ଳ | ■ |
| ୧୪ | ହ | ■ | ୧୫ | ■ | ୧୬ ବ | ୧୭ |
| | ■ | ୧୮ | ମ | ୧୯ ନ | ■ | |
| ୨୦ ଦ | | ବ | ■ | ୨୧ | ଣ | ହ |

| | | | | | | |
|---|---|---|---|---|---|---|
| ୧ ବ | ୨ ବେ | (କ) | ■ | ୩ | ୪ ର | ୫ ମ |
| ୬ କା | | ■ | ୭ | ■ | ୮ | ଯୁ |
| | ■ | ୯ | ର | ୧୦ ମ | ■ | |
| ■ | ୧୧ | ଲା | ■ | ୧୨ | ୧୩ ଳ | ■ |
| ୧୪ | ହ | ■ | ୧୫ | ■ | ୧୬ ବ | ୧୭ |
| | ■ | ୧୮ | ମ | ୧୯ ନ | ■ | |
| ୨୦ ଦ | | ବ | ■ | ୨୧ | ଣ | ହ |

ନାମ ____________________ ଠିକଣା ____________________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । କେବଳ ଯାହା କଥାରେ ଚଳିଲେ ଡଗର ଶବ୍ଦଧନ୍ଦା ଭେଦ କରି ହେବ ।

୩ । ପ୍ରଣୟିନୀର ପ୍ରଥମ ପତ୍ରରେହିଁ ଏହା ପ୍ରାୟ ପ୍ରକାଶ ପାଇବାର ଦେଖାଯାଇ ଥାଏ ।

୬ । ବାସ୍ତବ ବୃକ୍ଷ ବଗିଚାର ଯାର ନାହିଁ ।

୮ । ଏହା ଉଡ଼ିଗଲେ ଦୁନିଆ ଅନ୍ଧାର ।

୯ । ଏହା ଅଧିକ କଲେ ଝାଳ ବହେ ।

୧୧ । କେତେକ ଖାଦ୍ୟ ପଦାର୍ଥ ଏହା ନହେଲେ ସୁଆଦ ଲାଗେ ନାହିଁ ।

୧୨ । କୌଣସି ଏକ ଭିକ୍ଷାଜୀବୀ ଇଙ୍ଗଲି ଜାତି ହାତରେ ସଚରାଚର ଏହା ଦେଖିବାକୁ ମିଳିଥାଏ ।

୧୪ । ସେ ଯଦି ବାମ ହେଲେ ଆଉ ଗୁହାରି କା'ଆଗେ ?

୧୬ । ଯନ୍ତ୍ରରେ ଆବଶ୍ୟକ ।

୧୮ । ଏହା ଅନେକ ସ୍ଥଳରେ ଶୁଭ ଫଳ ଦିଏନାହିଁ ।

୨୦ । ବହୁତ ଅଭାବରେ ପଡ଼ିଲେ ଲୋକ ଏହାକୁହିଁ ବଡ଼ କରି ବସେ ।

୨୧ । ଏହାକୁ ସଜାଇ ରଖିଲେ 'ହରଣ'ହେବ ।

## ଉପର ତଳ ଭାବରେ ।

୧ । ବିଷୟମାନଙ୍କ ସହିତ ଇନ୍ଦ୍ରିୟର ସମ୍ପର୍ଣ ଦ୍ୱାରା ବୁଦ୍ଧିର ଏହା ହୋଇଥାଏ ।

୨ । ସମୟ ।

୪ । ଓଲଟାଇ ପଢ଼ିଲେ 'ବାର' ବାହାରୁଛି ।

୫ । ସ୍ଥଳ ଏବଂ ସମୟ ବିଶେଷରେ କବି-ମାନଙ୍କ ଚକ୍ଷୁରେ ଏହା ଅତି ମନୋରମ ହୋଇ ଉଠେ ।

୭ । ଅନେକ—, ତାଙ୍କ ଦେହରେ ହାତ ଦେଲେ ଚିଡ଼ନ୍ତି ।

୯ । ଏହା ନଥିଲେ ସଙ୍ଗୀତ ମଧୁର ହୁଏ ନାହିଁ ।

୧୦ । ଏହା ଖରାପ ହେଲେ କୌଣସି କାମ କରି ହୁଏ ନାହିଁ ।

୧୧ । ଏହା ଦହି ଛଡ଼ା ଆଉ କିଛି ନୁହେ ।

୧୩ । ଚକ୍ର ଜ[illegible]ରକୁ ପଢ଼ିଲେ 'ହଳ' ହେବ ।

୧୪ । ଏହା ଦ୍ୱାରା ଅନେକ ସମୟରେ ଲୋକର ଆୟୁ ହାନି ହୁଏ ।

୧୫ । ଏହା ଲୋଭରେ ଅନେକ ଅସୁନ୍ଦରୀ କନ୍ୟାକୁ ବିବାହ କରିଥାନ୍ତି ।

୧୭ । ଯାହା ଶରୀରକୁ ଏକାବେଳେକେ ଘାରି ଦିଏ ।

୧୮ । ଏହା ଅନ୍ଧକାର ଶ୍ମଶାନ ସ୍ଥାନମାନଙ୍କରେ କେବେ କେବେ ଦେଖାଯାଏ ।

୧୯ । ବାନର ଯାହାଙ୍କର ପୂର୍ବ ପୁରୁଷ ।

**ନୂତନ ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦୦/୦ ଓ ଦ୍ୱିତୀୟ ପ୍ରତିଖଣ୍ଡକୁ ୦୦/୦ ଲେଖାଏ **(ଶେଷ ତା ୨୫।୧୦।୩୮)**

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ଦେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନିଟା ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ [illegible]ସ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ଗଚ୍ଛିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୮ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମାନ୍ୟ ପୁରସ୍କାର** ୫୩୮ ପାଇବ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୨୮ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକୀ ୫୮୮ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମାନ୍ୟ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଏହାପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତାହାଁ ସଙ୍ଗେ ଦୁଇଅଣାର ପଇସିଭିଅ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/ ଓ ୨ୟ ଟି ପାଇଁ ୫୦/ର ପଇସିଭିଅ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯେଉଁମାନେ ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ( ୬ଷ୍ଠ )ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେବେ ଗୋଟିଏ ଲେଖାଏଁ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୮ ମସିହା ଅକ୍ଟୋବର ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( ✕ ) ଚିହ୍ନ ଓ ୧୦ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

କାହାଣୀ— ୬ପୃଷ୍ଠା ପରରୁ

ରାତି ଦଶଟା ବେଳେ ଶରତବାବୁ ବିଦାୟ ଗ୍ରହଣକରି ବସାକୁ ଗଲେ । ବିପିନ ବାବୁ ରାତିଟା ଶଚୀବାବୁଙ୍କ ସାଙ୍ଗରେ କଟେଇ ଦେବେ ବୋଲି ଅଟକି ଗଲେ । ଶୋଇବା ଆଗରୁ ଶଚୀବାବୁ ଝରକାର ଅର୍ଗଳି ଖୋଲିଲେ । ଯାଉଁ ଯାଉଁ ଅନ୍ଧାରରେ ସେ ଦେଖିବାକୁ ପାଇଲେ ପ୍ରତିମାକୁ । ପ୍ରତିମା ଗୋଟେ ବେଞ୍ଚ ଉପରେ ବସି ଅଣ୍ଟୁ ଉପରେ ହାତ ରଖି, ଶୂନ୍ୟ ନକ୍ଷତ୍ରଖଚିତ ନୀଳ ଆକାଶକୁ ଅନାଇ ରହିଛି । ତାର ମଳିନ, ନିର୍ଜୀବ ମୁଖ ଉପରେ ତୃପ୍ତିର ଛାୟା । ଆନନ୍ଦରେ ତାର ନୟନ ଦ୍ୱୟ ଉଜ୍ଜ୍ୱଳ ହୋଇ ଉଠୁଛି ।

"କିଏ,—ପ୍ରତିମା ? ତୁ କ'ଣ ଭାବୁଛୁ ?" ଶଚୀବାବୁ ପଚାରିଲେ !

"ମୁଁ ଭାବୁଚି, କପରି ତୁମେ ଏ ସଂସାରରେ ବିଖ୍ୟାତ ହେବ," ଅତି ଧୀର ନରମ ସ୍ୱରରେ କହିଲା ସେ— "କଳ୍ପନାର ଚକ୍ଷୁରେ ଦେଖୁଚି ମୁଁ, ତୁମେ କିପରି ବିଖ୍ୟାତ ହେବ—ମୁଁ ତମର ସବୁ କଥା ଶୁଣିଚି—ଭାବୁଚି—ଆଉ ଭାବୁଚି··· ···।" ଆଉ ପଦେ ବି କଥା କହି ପାରିଲା ନାହିଁ ।

ପ୍ରତିମା ଆନନ୍ଦରେ ହସି ଉଠିଲା, ତାପରେ କାନ୍ଦିଲା । ଗଭୀର ଶ୍ରଦ୍ଧାରେ ତା ହାତ ଦୁଇଟି ସେ କେତେବେଳେ ସେ ଶଚୀବାବୁଙ୍କ କାନ୍ଧ ଉପରେ ଥୋଇଲାଣି ତାକୁ ମାଲୁମ ନାହିଁ । ତା ପରେ ସେ ଶଚୀବାବୁଙ୍କ ବାହୁଯୁଗଳରେ ଆବଦ୍ଧ— । ସେ ଅନୁଭବ କଲା, ଯେତେବେଳେ ଶଚୀବାବୁ ତା କୋମଳ ଗାଲରେ ଗୋଟିଏ ଚୁମ୍ବନ ଦେଲେ ।

## ଜରୁରୀ ଜଣାଣି

ଦଶହରା ଛୁଟି ଯୋଗୁଁ ୧ । ୧୦ । ୩୮ ରୁ ଡଗର ବହୁ ବିଳମ୍ବରେ ପ୍ରକାଶ ପାଇଛି । ସମ୍ପାଦକୀୟ ମଣ୍ଡଳୀର କୌଣସି ତ୍ରୁଟି ନଥିଲା । ଏଥିପାଇଁ ପରିଚାଳନା ବିଭାଗହିଁ ଦାୟୀ ।

ଏହି ସବୁ କାରଣରୁ ୧୦ମ ଶବ୍ଦଧନ୍ଦାର ଶେଷ ତାରିଖ ୧୦ । ୧୦ । ୩୮ ରୁ ୨୫ । ୧୦, ୩୮ ତାରିଖ ପର୍ଯ୍ୟନ୍ତ ଘୁଞ୍ଚିଗଲା ।

ପରିଚାଳନା—

## କୁତ୍‌କୁତ୍

ପୁଅ—ବାପା 'ବୃଷ୍ଟିବିନ୍ଦୁ' ଆଉ 'ବୃଷ୍ଟି ଧାର' ଭିତରେ ପ୍ରଭେଦ କଣ ?

ବାପା--(ହସି) ଏଇ ଧର, ମୁ ଯେତେବେଳେ ପଦେ ୨ କଥା କହେ ଆଉ ତୋ ମା ଯେତେବେଳେ ଅନର୍ଗଳ ବକେ ।

Digitized by srujanika@gmail.com




**ସହକାର — ଭାଦ୍ର ପଞ୍ଚମ ସଂଖ୍ୟା**

ଏଥର ସହକାର ନାନା ଗଳ୍ପ ସମନ୍ୱିତ ହୋଇ ପଦାକୁ ବାହାରିଛି । ସହଜ ହଜମ ସାହିତ୍ୟ ( light literature ) ଦିଗରେ ସହକାର ବେଶ ପ୍ରୟାସ କରୁଛନ୍ତି ।

ଅମ୍ଭେମାନେ ସହକାରର ସମ୍ପାଦକୀୟ ପ୍ରତି ଏଥର ବିଶେଷ ଦୃଷ୍ଟି ଦେଇଥିଲୁଁ । ସମ୍ପାଦକୀୟ ମତ ବ୍ୟକ୍ତ କରିବାରେ ଦୃଢ଼ତାର ଅଭାବ ଦେଖାଗଲା । କେବଳ କେତେକ ପ୍ରଶ୍ନ କଲେ ବା କେଉଁ ପାଣି କୁଆଡ଼େ ଯାଉଛି ଦେଖାଯାଉ ବୋଲି କହିଲେ ସମ୍ପାଦକୀୟ କର୍ତ୍ତବ୍ୟ ଶେଷ ହୋଇ ଯାଏ ନାହିଁ । ପ୍ରତ୍ୟେକ ପତ୍ର ଦେଶର କୌଣସି ନା କୌଣସି ମତକୁ ପରିଚାଳନା କରୁଥାଏ ବୋଲି ଧରିନିଆ ଯାଏ । ସେଥିପାଇଁ ପତ୍ର ପତ୍ରିକାମାନଙ୍କର ସମ୍ମାନ, ସ୍ୱାଧୀନ ଦେଶରେ ପରିଚାଳକ ମାନଙ୍କଠାରୁ ମଧ୍ୟ ଉଚ୍ଚରେ । ତେଣୁ ସମ୍ପାଦକମାନେ ଗୋଟାଏ ବିଷୟ ଉପରେ ନିଜର ମତ ଦେବା ସଙ୍ଗେ ସଙ୍ଗେ ନିଜଙ୍କ ଇଙ୍ଗିତ ମଧ୍ୟ ଦେବା ଉଚିତ । ଏହି ଦୃଷ୍ଟିରୁ 'ନବଭାରତ'ର ସମ୍ପାଦକୀୟ ବଳିଷ୍ଠତର । ସେ ଯେଉଁ ଶ୍ରେଣୀର ମତ ହେଉ ପଛେ— ତାହାକୁ ଅମ୍ଭେମାନେ ସମର୍ଥନ କରୁଁ ବା ନକରୁଁ ତାହା ଯେ ସ୍ପଷ୍ଟ ଏବଂ ନିର୍ଭୀକ ଏହା ଯେ କୌଣସି ଶୁଦ୍ଧ ଚିନ୍ତାଶୀଳ ବ୍ୟକ୍ତି ସ୍ୱୀକାର କରିବ ।

'ପଦେଅଧେ'ରେ ସମ୍ପାଦକେ ଯେଉଁ ପ୍ରଶ୍ନ କରିଛନ୍ତି —'ଏ ଦେଶରେ ସରକାରର ଶତ୍ରୁ ହାତରେ ଅଧିକାଂଶ ପତ୍ର ପତ୍ରିକା— ନା, ସେମାନେ ସରକାରର ଶତ୍ରୁ ? ଦୁଇ କଥାର ତାରତମ୍ୟ ଅମ୍ଭେମାନେ ବୁଝିନପାରି ଦୁଃଖିତ ହେଲୁଁ । ତେବେ କଥା ହେଉଛି ଏ ଦେଶର ସରକାର ଏ ଦେଶର କାଗଜମାନଙ୍କୁ ସାହାଯ୍ୟ ନ ଦେଇ ବୈଦେଶିକ ସଂବାଦବାହୀମାନଙ୍କୁ ପଇସା ଦେବାର ମୂଳରେ ଯେଉଁ କାରଣ ତାହା ସହକାର ସମ୍ପାଦକ ଯାହା କହୁଛନ୍ତି ତାହା ହୋଇ ପାରେ । ମୋହନ କୋମ୍ପାନୀ ସମ୍ବନ୍ଧରେ ସଂପାଦକଙ୍କ ମତକୁ ଅମ୍ଭେମାନେ ସମର୍ଥନ କରୁଁ ।

ଏ ସଂଖ୍ୟାର ଅଦ୍ୟ ଲେଖା, ଶ୍ରାବଣଧାରାର ମୋହ । ଲେଖକ ନିଜେ ଯେପରି ମୁଗ୍ଧ ହୋଇ ଆପେ ଆପେ ଭିଜି ଥାଆନ୍ତୁ ପଛେ ପାଠକମାନେ ନିହାତ ଶୁଖିଲା ରହିବାର ଭୟ ଅଛି । ଶ୍ରାବଣର ଧାରା ପଛକୁ ଚୀନ ଜାପାନ ଯୁଦ୍ଧର ଗୋଳାଗୁଳି ବରଷି ଯାଇଛି ଅଧିକ ।

ଶ୍ରୀଯୁକ୍ତ ଗୋପିନାଥ ମହାନ୍ତି ଶିଳ୍ପୀ ଓ ମଣିଷରେ ବହୁତ ଦୂର ଆଗେଇ ଯାଇଛନ୍ତି । ତାଙ୍କର ଅତି ମୌଳିକ ଚିନ୍ତାଧାରା ଭେଦ କରିବା କଠିନ ।

'ଗାଁ ଗୋଟାକର ଗାଥା' ଗଳ୍ପଟି ସୁନ୍ଦର ହୋଇଛି । ଗୋଦାବରୀଶବାବୁଙ୍କ ଲେଖାରୁ ରସ ସହଜରେ ମିଳେ ।

ସଚ୍ଚି ରାଉତରାୟଙ୍କ 'ଯାତ୍ରୀ' କବିତାରେ ସେ ନିଜତ୍ୱ ବଜାୟ ରଖିଛନ୍ତି । ଏ ଶ୍ରେଣୀର କବିତାରେ ତାଙ୍କ ହାତ ଖୋଲେ ।

ଶ୍ରୀଯୁକ୍ତ ମନମୋହନ ମିଶ୍ର 'ଯାଉଁଳି କବାଟ' ଭେଦକରି ଯେତେ ଗୁଡାଏ କଥା କହିଗଲେ, ସେହିପରି ଭେଦିଆ ନୋହିଲେ କେହି ପାରନ୍ତା ନାହିଁ । କିନ୍ତୁ ଲେଖାରୁ ଜଣା ପଡ଼ୁଛି ଯେ ଲେଖକ ଚକ୍ରବ୍ୟୂହ ଭେଦ କରି ଜାଣିଛନ୍ତି ମାତ୍ର ଫେରି ଜାଣନ୍ତି ନାହିଁ । ଓଡ଼ିଶାର କେତେକ ଲେଖକଙ୍କ ସମ୍ବନ୍ଧରେ ନିଜର ମତାମତ (openion) ଏପରି ଭାବରେ ବ୍ୟକ୍ତ କରିବାର ଉଦ୍ଦେଶ୍ୟ-ଟା ଗ୍ରହଣ ପାରିଲୁ ନାହିଁ । ସମାଲୋଚନା ତ ଅବଶ୍ୟକୀୟ ତେଣୁ ଅପ୍ରାସଙ୍ଗିକ କିନ୍ତୁ ଲେଖକ ଯେଉଁ ଭାଷାରେ ତାକୁ ଉପସ୍ଥାପିତ କରିଛନ୍ତି ଏବଂ ଯେଉଁ ଶୈଳୀରେ ତାହାର ବାଙ୍କନ୍ତି ଦେଇଛନ୍ତି ସେଥିରୁ ଚିନ୍ତାର ଅପରିପକ୍ୱତା ଆଉ କଲମର ଦୁର୍ବଳତା ବେଶ୍ ପ୍ରକାଶ ପାଇଛି । ଲେଖକ ସାହିତ୍ୟର ସମାଲୋଚନା କରିବାକୁ ଯାଇ ସାହିତ୍ୟର ସଜ୍ଞା ଯାହା ମୁଖସ୍ଥ କରି ଘରୁ ଅସିଥିଲେ ପରୀକ୍ଷା ବେଳେ ତାହା ଭୁଲି ଗଲେକି ? 'ସାହିତ୍ୟର ଆଦର୍ଶ' ସମ୍ବନ୍ଧରେ ତାଙ୍କ ସ୍ୱମତଟା ଦେଇଥିଲେ ଭଲ ହୋଇଥାନ୍ତା । 'ଲକ୍ଷ୍ମୀକାନ୍ତ'ଙ୍କୁ ନୂଆ ଲେଖକଙ୍କ ଶ୍ରେଣୀକୁ degrade କରି ଲେଖକ ଅଦ୍ଭୁତ ବାହାଦୁରୀ କରିଛନ୍ତି ମଧ୍ୟ ।

'ବରଷା ଅକୁଳ . ହେଲା ଇତ୍ୟାଦି' କବିତାରେ ତନ୍ମୟ ହୋଇ କବି ନିଜକୁ ହରାଇ ଦେଇଛନ୍ତି ।

'ପ୍ରତୀକ୍ଷା' ଗଳ୍ପଟିର ବିଷୟ ବସ୍ତୁଟି ସୁନ୍ଦର ହେଲେହେଁ ଲେଖାଟି କଞ୍ଚା । ଲେଖକଙ୍କଠାରୁ ଭବିଷ୍ୟତରେ ଖାଣ୍ଟି ମାଲର ଆଶା ରଖୁଁ ।

ଚଉଧୁରୀଙ୍କର 'ଭଗବତୀ ମନ୍ଦିର' ନିହାତ ବାଜେ ଧରଣର ଲେଖା—ଅର୍ଥ ଅଛି ନା ମରେଲ୍ ଅଛି !—ଆନନ୍ଦ ଅଛି ନା କୌତୁକ ଅଛି ।

'ଏକ ଓ ଅନେକ' କ୍ଷୁଦ୍ର ଗଳ୍ପଟି ପଢି ଲେଖିକା ଶ୍ରୀମତୀ ରାଜରାଣୀ ଦେବୀଙ୍କୁ ଧନ୍ୟବାଦ ନଦେଇ ରହି ପାରୁନାହୁଁ । ଜଣେ ନାରୀଙ୍କ କଲମରୁ ଏଭଳି ଅନ୍ତର୍ଦୃଷ୍ଟିକ ଲେଖା ହୃଦୟରେ ଯୁଗପତ୍ ଆନନ୍ଦ ଓ ଗର୍ବ ଆଣିଦିଏ । ଏ ସମୟରେ ଉତ୍କଳ ଭାରତୀର ମୁଖ ଉଜ୍ଜ୍ୱଳ କରିବେ ବୋଲି ଆଶା କରୁଁ ।

'ସାହିତ୍ୟ ଜୀବନ' ଶିରୋନାମା ଦେଖି ଯାହା ଆଶା କରିଥିଲୁଁ ତାହା ଏଥିରେ ନାହିଁ । ଅଛି କେତେକ ଜଟିଳ ଭାବଧାରାର କୁଟିଳ ଶବ୍ଦବିନ୍ୟାସ । ଲେଖାରେ ବିଦ୍‌ବତ୍ତା (pedantry) ଅଛି ସତ୍ୟ, କିନ୍ତୁ ଯାହା ଥିଲେ ପ୍ରାଣକୁ ସ୍ପର୍ଶ କରେ ତାହା ନାହିଁ ।

(୧୬ ପୃଷ୍ଠା ଦେଖନ୍ତୁ)

(ମଜା କଥା ୪ର୍ଥ ପୃଷ୍ଠା ଉତ୍ତରୁ ।)

ଘରେ ଅଧି ପହଞ୍ଚିଛି କି ନାହିଁ ଗଗନ ତର ତର କରି ଆଉ ଚିଠି ଲେଖି ବସିଲା—

ଶ୍ରୀମତୀ ସୁଖଲତା ମହାନ୍ତି,

ପ୍ରଥମେ କ୍ଷମା କରିବ । କାରଣ ସମ୍ବୋଧନଟା ଯେ କଣ କରିବ, ଭାବି ଭାବି ଘଣ୍ଟା ଗୁଡ଼ିଗଲା, ଠିକ୍ କରି ପାରିଲି ନାହିଁ । ତେଣୁ କେବଳ ନାମଟି ଲେଖି ନିବୃତ୍ତ ହେଲି । ଏଟା ଅବଶ୍ୟ ଅଭଦ୍ରତା । କିନ୍ତୁ ପ୍ରିୟ ବା ବନ୍ଧୁର ସ୍ତ୍ରୀଲିଙ୍ଗରେ ଯାହା ହେବ ସେ ସମ୍ବୋଧନଟା କାଳେ ଆହୁରି ବେଶୀ ଅପମାନ ସୂଚକ ହେବ ସେଇ ଡରରେ ଲେଖିଲି ନାହିଁ । ମାତ୍ର ତାହା ଯେ କାହିଁକି ଲୋକେ ଅନ୍ୟ ଅର୍ଥରେ ନିଅନ୍ତି ମୁଁ ବୁଝିପାରେ ନାହିଁ । ରାମର ସ୍ତ୍ରୀଲିଙ୍ଗ ସୀତା ବା କୃଷ୍ଣର ସ୍ତ୍ରୀଲିଙ୍ଗ ରାଧା ପରି ପ୍ରିୟର ସ୍ତ୍ରୀଲିଙ୍ଗ ପ୍ରିୟା, ପ୍ରେୟସୀ ବା ବନ୍ଧୁର ସ୍ତ୍ରୀଲିଙ୍ଗ ବାନ୍ଧବୀ ତ ନୁହେଁ କିମ୍ବା ଲତର ସ୍ତ୍ରୀଲିଙ୍ଗ ଲତା, ନରର ସ୍ତ୍ରୀଲିଙ୍ଗ ମତ ପରି ମଧ ନୁହେଁ—ତାହା କେବଳ ସ୍ତ୍ରୀଲିଙ୍ଗ ନିଷ୍ପନ୍ନ ପଦ ନିରପେକ୍ଷ, ପଦବ । ତେଣୁ ବାନ୍ଧବୀ ବା ପ୍ରେୟସୀ ହେବାରେ କି ବ୍ୟାକରଣ ସମ୍ମତ ଥିବା ସ୍ଥଳେ ଆପତ୍ତିଟା କେଉଁଠି ମୁଁ ବୁଝି ପାରୁନାହିଁ ।

ସେ ଯାହାହେଉ, ଚିଠି ମୋ ଏ ପତ୍ରର ଉଦ୍ଦେଶ୍ୟଟା କହେଁ । ୧୭ ନମ୍ବର ସିଧା ଭାବରେ କଥା ହେଉ ସେଦିନ ମୁଁ ତମକୁ ପଚାରିଥିଲି । ବାସ୍ତ ଥାଇ କହି ନ ପାରିବାରୁ ଚିଠି ଦେବା ପାଇଁ ଅନୁମତି ଦେଇଥିଲ । ସେଥିପାଇଁ ଲେଖୁଛି । ୧୭ ନମ୍ବର ସିଧା ଭାବରେ ଦିଆ ଯାଇଥିବା ଅନୁସାରେ ଦୁଇଟି ଶବ୍ଦ ବାହାରୁଛି । କର ଓ ଭର । ନାରୀର କର ଗ୍ରହଣ କରି ପୁରୁଷ ଦୁର୍ବଳ ହୋଇପଡ଼େ ନା—ଭର ଗ୍ରହଣ କରି ବାସ୍ତବିକ ଦୁର୍ବଳ ହୋଇ ପଡ଼େ । ଏଇଠି ଗୋଲମାଳରେ ପଡ଼ିଛି ଏଟା ଆପଣଙ୍କ ଜାତିର କଥା ତେଣୁ ଆପଣ ଯେଉଁ ମତ ଦେବେ ତାହାହିଁ କରିବା । ଆଶା କରେ ଶୀଘ୍ର ଉତ୍ତର ଦେବେ ।

ପତ୍ର ଅଶାରେ, ତମର ସ୍ନେହର ଗଗନ

ତାର ଉତ୍ତର ଆସିଲା—

ପ୍ରିୟ ଗଗନ ବାବୁ,

ପ୍ରଥମେ ମୁଁ କହି ଦିଏଁ ଅପଣଙ୍କୁ ଯେ, ଅପଣ ଯେଉଁ ସମ୍ବୋଧନ ଭୁଲ ବିବେଚନା କରୁଥିବେ ତାହା କଲେ ମୋର କିଛି ଆପତ୍ତି ନାହିଁ ।

ତାପରେ କର ଓ ଭର ମଧ୍ୟରେ କେଉଁଟି ବ୍ୟାଖ୍ୟା ସହିତ ଅଧିକ ମିଳୁଛି ତାହା ସ୍ଥିର କରିବା ପାଇଁ ମୋତେ ଅନୁରୋଧ କରିଛନ୍ତି । କାରଣ ଏହା ଅମ ଜାତିର କଥା । ମାତ୍ର ଅପଣ ବୁଝିଛନ୍ତି ଭୁଲ୍ । ଏହା ପୁରୁଷ ପୁରୁଷଙ୍କ କଥା । ପୁରୁଷଇ କେବଳ କହି ପାରିବ, ନାରୀର କର ଗ୍ରହଣ କଲେ ସେ ଦୁର୍ବଳ ହୁଏ କି, ଭର ଗ୍ରହଣ କଲେ ଦୁର୍ବଳ ହୁଏ ।

ଏ ବିଷୟରେ ଅପଣଙ୍କର ସିଦ୍ଧାନ୍ତ ଶୁଣିବା ଆଶାରେ ରହିଲି । ଅପଣଙ୍କର

ସ୍ନେହର ସୁଲୋଚନା ।

ସ୍ନେହର ଶ୍ରୀମତୀ (କୁମାରୀ ?) ସୁଖଲତା ମହାନ୍ତି

ତମର ଚିଠି ପାଇଲି । ତମ ଚିଠି ଶେଷରେ ସ୍ନେହର ଲେଖା ଥିବାରୁ ତାହାହିଁ ସମ୍ବୋଧନ କଲି । ମୋ ମତରେ ସେଠାରେ କର ନ ହୋଇ ଭର ହେବ । କାରଣ ସ୍ତ୍ରୀ ଲୋକର କର ଗ୍ରହଣ (ବିବାହ) କଲାମାତ୍ରେ ପୁରୁଷ ଯେ ଦୁର୍ବଳ ହେବ ଏପରି କିଛି କଥା ନାହିଁ । ତମପରି ଶିକ୍ଷିତା ସ୍ତ୍ରୀ ପାଇଲେ ବରଂ ସେ ସବଳ ହୋଇଥାଏ । ଶିକ୍ଷିତା ସ୍ତ୍ରୀର ଭର ପୁରୁଷ ଗ୍ରହଣ କରିବାକୁ ପଡ଼େ ନାହିଁ । ଅନୁପଯୁକ୍ତ ସ୍ତ୍ରୀର ଭର ହିଁ ତାକୁ ଗ୍ରହଣ କରିବାକୁ ପଡ଼େ ତେଣୁ ଭର ଗ୍ରହଣ କଲେ ସେ ଦୁର୍ବଳ ହୁଏ । ତମେ ଏ ଯୁକ୍ତି ସମ୍ବନ୍ଧରେ ଯାହା ଭାବୁଛ, ଦୟାକରି ଲେଖିବ । ସ୍ନେହର— ଗଗନ (କୁମର)

ତାର ଉତ୍ତର ଏହିପରି ମିଳିଲା ।

ପ୍ରିୟ ଗଗନ ବାବୁ,

ଅପଣଙ୍କ ପତ୍ର ପାଇଲି । ମୋର ବ୍ୟକ୍ତିଗତ ମତ ( ଜଣେ ନାରୀ ହିସାବରେ ନୁହେଁ ) ଯେ ସମ୍ପାଦକ ଏଠାରେ ଭୁଲ କରିଛନ୍ତି, କାରଣ କୌଣସି ନାରୀର କର ବା ଭର ଗ୍ରହଣ କଲେ ପୁରୁଷ ଦୁର୍ବଳ ହୁଏ ନାହିଁ । ନାରୀ ମାତା, ବନ୍ଧୁ, ପତ୍ନୀ ରୂପେ ପୁରୁଷକୁ ତା'ର ଜୀବନ ଯାତ୍ରାରେ ବଳ ଦେଇ ଥାଏ । ତେବେ ଅପଣଙ୍କ କଥା ଅନୁସାରେ ମୁଁ 'ଭର' କରି ପଠାଉଛି ।

ଅପଣଙ୍କର ସ୍ନେହର—କୁମାରୀ ସୁଖଲତା

ଗଗନ ତାର ଉତ୍ତର ଦେଲା—

ପ୍ରାଣର କୁମାରୀ ସୁଖଲତା,

ତମର ଚିଠିରୁ ମୁଁ ଯେଉଁ ଅପୂର୍ବ ଜିନିଷ ପାଇଛି ତା' କହି ପାରୁ ନାହିଁ । ସେଥିପାଇଁ ଅତି ଆନନ୍ଦରେ ଏପରି ସମ୍ବୋଧନ କରୁଛି, କ୍ଷମା କରିବ । ମୁଁ ଅଜୀବନ ବିବାହ କରିବି ନାହିଁ ବୋଲି ସ୍ଥିର କରିଥିଲି । ମାତ୍ର ତମର ଚିଠି ଖଣ୍ଡିକ ମୋ' ଭ୍ରମ ଘୁଞ୍ଚାଇ ଦେଇଛି । ଯଦି ବିବାହ କରିବାକୁ ମୋର ଆଉ ଆପତ୍ତି ନାହିଁ । ମୁଁ ତମଠାରେ ବଡ଼ ଋଣୀ, ତାହା ଯେ କିପରି ପରିଶୋଧ କରିବି, ସେଇ ଚିନ୍ତାରେ ହିଁ ରହିଲି । ତମର

ସ୍ନେହର ସେଇ ଗଗନ

ଗଗନ ତାର ଉତ୍ତର ପାଇଲା,

ହୃଦୟେଶ୍ୱର—

ଆଜି ଆପଣଙ୍କୁ କଣ ବୋଲି ଡାକିବି ଭାବି ପାରୁ ନାହିଁ । କଣ ଲେଖିବି ଭାବି ପାରୁ ନାହିଁ । କିନ୍ତୁ ନ ଲେଖି ରହି ପାରିଲି ନାହିଁ । ମୋଠାରେ ସତେ କଣ ଆପଣ ଋଣୀ ? କିନ୍ତୁ ମୁଁ ସେପରି କିଛି ଉପକାର କରି ପାରିଛି ବୋଲି ଭାବି ପାରୁ ନାହିଁ ତ । ଯଦି କରିଥାଏ ତେବେ ତାହା ମୋହର ନୁହେଁ ଆମ ଜାତିର ଗୌରବ । ଜୀବନଯାକ ଭଗବାନ ଆପଣଙ୍କର ଭଳି ମହତ୍ ଲୋକର ଉପକାର କରିବାର ସୁଯୋଗ ଦିଅନ୍ତୁ । ଏତିକି ପ୍ରାର୍ଥନା— ଆପଣଙ୍କର

ଅର୍ଦ୍ଧାଙ୍ଗିନୀ—

ସେଇ ଜ୍ୟେଷ୍ଠ ମାସରେ ଗଗନର ବନ୍ଧୁ ନିମନ୍ତ୍ରଣ ଚିଠି ପାଇଲେ—ଆସନ୍ତା, ଜ୍ୟେଷ୍ଠ ୨୨ ଦିନେ ସୁଖଲତା ସହିତ ମୋର ବାହାଘର ହେବ । ଆସିବୁ । ତୋର ସହାୟତା ଲୋଡ଼ା ହେବ ସେ ସୁଖ ଦିନରେ— ତୋର – ଗଗନ

ପ୍ରଥମ ରାତିର ଦେଖା । ଗଗନ କହିଲା, ୮ମ ଶବ୍ଦ ପଦାରେ ଉତ୍ତର ବାହାରିଛି ।

'ବାହାରିଛି ?' ସୁଖଲତା ପଚାରିଲା— 'ଭର ହୋଇଛି ନା କର ହୋଇଛି ?'

ଭର ହେଉ କର ହେଉ ତାହା ମୋତେ କଦାପି ଦୁର୍ବଳ କରି ପାରିବ ନାହିଁ ।

ସୁଖଲତା ହସିଲା । କହିଲା—'ତେବେ କଣ ହୋଇଛି ?'

'ଭରର ହୋଇଛି ।'

'ତେବେ ପ୍ରାଇଜ ମିଳିବ ?'

'ମିଳି ସରିଛି ।'

'କି ପାଇଲ ?'

'ତମେ ।'

Digitized by srujanika@gmail.com




# ନୂପୁର

## ସାହିତ୍ୟରେ କଳଙ୍କ

ଲେଖିକା— ଶ୍ରୀମତୀ ସତ୍ୟବତୀ ଦେବୀ ।

ସାହିତ୍ୟିକ ହେବା କମ୍ ସୌଭାଗ୍ୟର କଥା ନୁହେଁ । ଯେଉଁମାନେ ପ୍ରକୃତରେ ସାହିତ୍ୟିକ, ସେମାନଙ୍କ ଦ୍ୱାରା ଦେଶର, ସମଗ୍ର ଜାତିର କେତେ ଉପକାର ହୁଏ ।

ସାହିତ୍ୟର ସୁଧା ଧାରରେ ସ୍ନାନ କଲେ, ପାଠକଙ୍କର ମନପ୍ରାଣ ଆନନ୍ଦରେ ଭରିଉଠେ, ହୃଦୟ ପବିତ୍ର ହୁଏ । ଶୋକ ଦୁଃଖ ଜ୍ୱାଳା ଦୂର ହୁଏ, ସାହିତ୍ୟିକ ହବାର ବାସନା ଜାଗିଉଠେ । ସୁସାହିତ୍ୟର ଏପରି ଗୁଣ ।

କିନ୍ତୁ ଆଜିକାଲି ପୂର୍ଣ୍ଣ ଚନ୍ଦ୍ରରେ କଳଙ୍କ ଲାଗିଲା ପରି କେତେକଙ୍କର ଲେଖାରେ କଳଙ୍କ ଲାଗିଲାଣି ।

ସେମାନେ ବୋଧହୁଏ ଭୁଲିଗଲେଣି ଯେ, କେବଳ ପଇସା ଉପାର୍ଜନ କରିବା ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ଏବଂ ଗାଳିମନ୍ଦ, କନ୍ଦାକଟା ନିମିତ୍ତ ମଧ୍ୟ ନୁହେଁ । ମାତ୍ର ଏହିପରି ଲେଖା ଆଧୁନିକ ମାସିକ, ସାପ୍ତାହିକ ପତ୍ରିକାରେ ପଢ଼ି ବଡ଼ ଦୁଃଖିତ ହୁଏ । ପରର ଦୋଷାଦୋଷ ନେଇ ବିଦ୍ରୂପ, ଥଟ୍ଟା, ବିଦ୍ରୂପ ଉପହାସ ଆଧୁନିକ ସାହିତ୍ୟରେ ସ୍ଥାନ ପାଇ ସାହିତ୍ୟକୁ କଳୁଷିତ କରୁଛି ।

ତାପରେ ଗଳ୍ପ, ଉପନ୍ୟାସ, କବିତାରେ ଯାହା ଦେଖୁଥାଏ, ନରନାରୀଙ୍କର ହୃଦରେ ତାହା କ୍ଷଣିକ ଆନନ୍ଦ ଦିଏ; କିନ୍ତୁ ପରମୁହୂର୍ତ୍ତରେ ଅଶେଷ ବିଷାଦ । ଭିନ୍ନଭିନ୍ନ ନାରୀର ଜୀବନୀ ଭିନ୍ନଭିନ୍ନ ଢଙ୍ଗରେ ବର୍ଣ୍ଣିତ ହୋଇଥାଏ । ସେ ସବୁ ଯଦି ନାରୀ ପଢ଼େ, ତେବେ ତାହାର ହୃଦୟ ଶୋକାଚ୍ଛନ୍ନ ହୁଏ, ନୟନ ଅଶ୍ରୁଜଳରେ ଛଳ ଛଳ ହୋଇ ଉଠେ । ଯେତେବେଳେ ଭାବେ ଯେ ତା'ର ବିଷୟ ନେଇ ତାର ପିତା, ଭ୍ରାତା ସ୍ୱାମୀ ପୁତ୍ରଙ୍କ କଲମରୁ ତା' ପ୍ରତି ନାନାଦି ବିଦ୍ରୂପ ଉପହାସ ଅବାଧରେ ବାହାରି ଆସୁଛି ସେତେବେଳେ ହୁଏତ ସେ କହେ, "ଧରଣୀ ଦ୍ୱିଧା ହ, ମୁଁ ତୋ ଭିତରେ ଅଶ୍ରୟ ନିଏଁ— ଯେପରି ସତୀ ସୀତାଙ୍କର ଲଜ୍ଜାନିବାରଣ ପାଇଁ ନିଜର ବୁକୁ ଭିତରକୁ ଟାଣି ନେଇଥିଲୁ, ସେହିପରି ମୋର ଲଜ୍ଜା ନିବାରଣ କର !" ଏହି ସବୁ ଲେଖା ଲୋକେ ଅଗ୍ରହ ସହକାରେ ପଢ଼ନ୍ତି ପଇସା ଖରଚ କରି କିଣନ୍ତି । ଏ ଶ୍ରେଣୀସ୍ଥ ଲେଖକଙ୍କୁ ପ୍ରଶ୍ରୟ ଦେବାପାଇଁ ଅସଭ୍ୟ, ଅଶ୍ଳୀଳ ବହି ବେଶୀ ବିକ୍ରୀହୁଏ ବୋଲି ଶୁଣେଁ । ଏଟା ଯେ କେଡ଼େ ବଡ଼ ଜାତୀୟ କଳଙ୍କ ସେ କଥା ମନେକଲେ ଲଜ୍ଜାରେ ସଙ୍କୁଚିତ ହେବାକୁ ହୁଏ ।

ଅଧିକାଂଶ ଲେଖକଙ୍କର ଏହିଭଳି କଦର୍ଯ୍ୟ ମନୋବୃତ୍ତି । ପଇସା ଲୋଭରେ ମଧ୍ୟ ଲେଖକମାନେ ଏଭଳି ଲେଖା ଲେଖନ୍ତି । ତାହାର ଆପତ୍ତି ଅଭିଯୋଗ ଶୁଣନ୍ତି ନାହିଁ ।

ଯଦି ସେମାନଙ୍କୁ ପଚରା ଯାଏ 'ଏଭଳି ଲେଖା ଲେଖନ୍ତି କାହିଁକି ?' ତା'ର ଉତ୍ତର ମିଳିଥାଏ—"ଯାହା ଦେଖୁଛୁଁ, ତାହାହିଁ ଲେଖୁଛୁ ?" ହୋଇପାରେ; ସେମାନେ ଦୁଇ ଚାରୋଟି ଅଧମ ନାରୀଙ୍କର ଏ ଅବସ୍ଥା ଦେଖିବାର ସୁଯୋଗ ଲାଭକରି ଥାଇ ପାରନ୍ତି । ତା'ବୋଲି ଢ଼ୋଳଢ଼ୋଳ ବଜାଇ, ସମଗ୍ର ନାରୀ ଜାତିର ଯେଉଁଟା କଳଙ୍କ ତାହା ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କରି ଜାତୀୟ ଉନ୍ନତି ବୃକ୍ଷ ମୂଳରେ କୁଠାରାଘାତ କରିବା ଉଚିତ କି ? ଦୁଇ ଚାରିଜଣଙ୍କ ଦୋଷପାଇଁ ସମଗ୍ର ନାରୀଜାତି ସେଥିରେ ଅପମାନିତ, ଲଜ୍ଜିତ ହୁଏ ତାହା ଚିନ୍ତା କରି କି ଲାଭ ହେବ ?

ପ୍ରକୃତ ସାହିତ୍ୟ ଆଲୋଚନା କଲେ ଏବଂ ପଢ଼ିଲେ ମନୁଷ୍ୟର ମନ ଉନ୍ନତ ହୁଏ, ପବିତ୍ର ଏବଂ ଆନନ୍ଦିତ ହୁଏ । କିନ୍ତୁ ଏପରି କଦର୍ଯ୍ୟ ସାହିତ୍ୟ ପଢ଼ି ମନ ହୁଏ ନୀଚ, ହୃଦୟ ହୁଏ ସଙ୍କୁଚିତ, ପ୍ରାଣ ଦୁଃଖିତ, ବ୍ୟଥିତ, ଏବଂ ଅନୁତପ୍ତ । ମୁଁ ପଚାରେଁ, ଯାହାର କଲମରୁ ଏସବୁ ଲେଖା ବାହାରେ, ତାଙ୍କ ଘରେ କ'ଣ ମା, ଭଉଣୀ, ସ୍ତ୍ରୀ, କନ୍ୟା ନାହାନ୍ତି ? ଏହାର ପ୍ରତିକ୍ରିୟା କଅଣ ସେଠି ହେଉନାହିଁ ? ସେ ଯାହାହେଉ, ଏହି କଳଙ୍କ ଦୂର କରିବାର ଭାର ଯେ ଆମ୍ଭମାନଙ୍କ ଉପରେ, ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ଦେଶର ପ୍ରତ୍ୟେକ ନାରୀର ଗୁରୁ ଦାୟିତ୍ୱ ଅଛି । ଏଭଳି ସାହିତ୍ୟ ପ୍ରଚାର ବିରୁଦ୍ଧରେ ଆମ ବ୍ୟବସ୍ଥା ସତ୍ତ୍ୱରେ ଅବଲମ୍ବନ ହେବା ଉଚିତ ।

## ମେଷେଇ ଘରୁ ।

### ଅଠ କ୍ଷୀରି

ସେରେ ଦୁଧରେ ୪ଟା ଖଣ୍ଡେ ଝୁରୁ ବଡ଼ ବଡ଼ ପାଚିଲା ଅତ ଅଣି ତା'ର ଗ୍ରେପା ଛଡ଼ାଇ ଦେଇ ଚକଟି ଦେବ । ମଞ୍ଜି ତାହାର କାଢ଼ିଦେଇ ଛଟାଙ୍କିଏ ଖଣ୍ଡେ ମଇଦା ଗୋଳାଇ ଦେବ । ପାଏ ପାଣି ଗୋଟାଏ ନଡ଼ିଆ ରସ ଓ ପାଏ ଚିନି ପକାଇ ଚୁଲିରେ ଫୁଟାଇବ । ଏହା ଫୁଟି ଆସିଲେ ଗୁଜୁରାତି ଡାଲଚିନି ପ୍ରଭୃତି ସାମାନ୍ୟ କ୍ଷୀରି ମସଲା ଦେଇ ଓହ୍ଲାଇ ପକାଇବ । ଏହି କ୍ଷୀରି ଖାଇବାକୁ ବଡ଼ ସୁସ୍ୱାଦୁ ହୁଏ— ଗୃହିଣୀ

### * ପହେଲି

୫ । ଘରଣୀ ଗୁଣରେ ହୋଇଲେ ଗୁଣୀ,
ଘରଣୀ ପଣତ ନଷ୍ଟ ଚଢ଼ି ପୁଣି,
ନାରୀପ ନାଆଁରେ ମିଶାଅ ବଢ଼,
ମାଇପ ବଳରେ ଜିତଇ ଗଢ଼,
ଏଭଳି କେବଣ ନେତା,
କହ ଦବ ଯେବେ ନାଆଁଟି ତାହାର
ହୋଇବ ଜଗତ ଜିତା ।

---

*ଏ ପହେଲିର ଉତ୍ତର ଦେବା ପାଇଁ ଆମେ ଉତ୍କଳର ରସିକ ପାଠକବର୍ଗଙ୍କୁ ଆମନ୍ତ୍ରଣ କରୁଛୁଁ । ପରବର୍ତ୍ତୀ ସଂଖ୍ୟାରେ ଫଳ ପ୍ରକାଶ କରିବୁଁ ।

୩ନମ୍ବର ପହେଲି--ଓଡ଼ିଶାର ମନ୍ତ୍ରୀ ଚନ୍ଦ୍ରେଇ ।

୪ନମ୍ବର ପହେଲି ଉତ୍ତର—ମୁକୁନ୍ଦ ବାବୁ

Digitized by srujanika@gmail.com



## ନାଗବଂଶୀ

ସ୍ନେହର ନାତି ନାତୁଣୀମାନେ,

ନମସ୍ତେ—ଗାନ୍ଧି ଜୟନ୍ତୀରେ ତମ ସମସ୍ତଙ୍କି ମୋର ଶୁଭ କଲ୍ୟାଣ । ତମକୁ ଖାଲି ଗୋଟିଏ ଅନୁରୋଧ କରି ଅଜକା ଲେଖା ସାରିବି । ସମସ୍ତେ ଆସନ୍ତା ୨ ତାରିଖ ଅକ୍ଟୋବର ଦିନ ଯେ ଯେଉଁଠି ଥାଅ, ଗାଧୋଇ ପାଧୋଇ ପବିତ୍ର ଭାବରେ ଦଣ୍ଡେ ବସି ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରିବ—ଗାନ୍ଧିଜୀଙ୍କି ଯେପରି ସେ କୋଟି ପରମାୟୁ ଦିଅନ୍ତି । ଗାନ୍ଧିଜୀଙ୍କି ନଜାଣେ କିଏ, ତାଙ୍କ କଥା କାହାକୁ ଅଜଣା ? ଦେବତା ସ୍ୱର୍ଗରେ ଥାନ୍ତି ନାହିଁ । ମଣିଷଇ ଦେବତା ହୁଏ । ମଣିଷର ମହାନ୍ ଗୁଣ ତାକୁ ଦେବତା କରିଦିଏ । ଗାନ୍ଧିଜୀ ସେଇଥିପାଇଁ ଆଜି ଦେବତା । ଭଗବାନ କରନ୍ତୁ ତମେ ସବୁ ଗୋଟି ଗୋଟି ହୋଇ ସେଇ ଦେବତାଙ୍କ ଆଦର୍ଶ ପଥରେ ଚାଲ । ୩୫ କୋଟି ଭାରତର ଅଧିବାସୀ ୩୫ କୋଟି ଦେବତା ହୁଅନ୍ତୁ । ମର୍ତ୍ତ୍ୟ ସ୍ୱର୍ଗ ହୋଇଯାଉ ।

—ପ୍ରିୟ ଅଜା

### ଅଜାଙ୍କ ଆଜ୍ଞା ।

୧ । ଏଣିକି ୨୧ ବର୍ଷରୁ ଊଣା ଯେ କେହି ନାଗବଂଶୀ ହୋଇ ପାରିବେ ।

୨ । ନାଗବଂଶୀ ମାନଙ୍କୁ ପ୍ରତିବର୍ଷ ୫୦/ କରି ଚାନ୍ଦା ଦେବାକୁ ହେବ ।

୩ । ଯେଉଁ ସଂଖ୍ୟାରେ ଯେଉଁ ନାଗବଂଶୀର ନାମ ପ୍ରକାଶ ପାଇବ, ସେହି ସଂଖ୍ୟାଠାରୁ ସେହି ନାଗବଂଶୀର ବର୍ଷ ଆରମ୍ଭ ହେବ ।

୪ । ଏକାଥରେ ଅଠଅଣା ପଇସା ଦେଇଥିବା ନାଗବଂଶୀକୁ ଆଉ ବାର୍ଷିକ ଚାନ୍ଦା ଦେବାକୁ ପଡ଼ିବ ନାହିଁ ।

୫ । ଯେତେବେଳେ ଯେଉଁ ନାଗବଂଶୀର ବାର୍ଷିକ ଚାନ୍ଦା ଦେବାର ସମୟ ହେବ ତାର ଗୋଟିଏ ମାସ ପୂର୍ବରୁ ଆମ୍ଭେମାନେ 'ଡଗର' ସାହାଯ୍ୟରେ ତାହାକୁ ଜଣାଇ ଦେବୁ ।

୬ । ଏଣିକି ପ୍ରତ୍ୟେକ ସଂଖ୍ୟାର ନାଗବଂଶୀ ବିଭାଗରେ ନାଗବଚା ଲିଖିତ ସର୍ବୋତ୍କୃଷ୍ଟ ଗୋଟିଏ ଗଳ୍ପ ( ୩୦ ଧାଡ଼ିରୁ ବେଶୀ ନୁହେଁ ) ଗୋଟିଏ କବିତା (୧୦ ଧାଡ଼ିରୁ ବେଶୀ ନୁହେଁ ) ଓ ଗୋଟିଏ ଚିଠି (୧୦ ଧାଡ଼ିରୁ ବେଶୀ ନୁହେଁ ) ବାହାର କରିବାକୁ ଚେଷ୍ଟା କରାଯିବ ।

୭ । ଅନ୍ୟାନ୍ୟ ସାଧାରଣ ଚିଠି ଗୁଡ଼ିକର ସାରାଂଶ ଦିଆଯାଇ ତାହା ତଳେ ଉତ୍ତର ଦିଆଯିବ ।

୮ । କୌଣସି ନାଗବଚା ଅନ୍ୟାନ୍ୟ ନାଗବଚା ଭାଇ ଭଉଣୀଙ୍କଠୁଁ କୌଣସି ବିଷୟ ଜାଣିବାକୁ ଇଚ୍ଛାକଲେ ଡଗର ଜରିଆରେ ପଚାରି ପାରନ୍ତି ।

୯ । କୌଣସି ନାଗବଚା ଅନ୍ୟ କୌଣସି ନାଗବଚା ସହିତ 'ଲେଖା-ସାଙ୍ଗ' କରିବାକୁ ଡଗର ଜରିଆରେ ପଚାରି ପାରନ୍ତି ।

୧୦ । କୌଣସି ନାଗବଚା ତାର ରୁଚି ଅନୁଯାୟୀ 'ଲେଖା-ସାଙ୍ଗ' ଲୋଡ଼ିଲେ ଡଗର ଜରିଅରେ ସନ୍ଧାନ ନେଇ ପାରନ୍ତି ।

### ଅଜାଙ୍କ ରୂପ ବର୍ଣ୍ଣନା ।

(ଆଗ୍ୟ ପୁରସ୍କାର ପ୍ରାପ୍ତ ରଚନା)

× × ଯୋଡ଼ ହାତ ଯୋଡ଼ି, ଆସନ ପକେଇ ବସିଗଲି ଅଜାଙ୍କ ନାମ ଜପିବାରେ । ଘରେ କିନ୍ତୁ ମୋର ଏ ପାଗଳାମି ସହିତରେ ସମସ୍ତେ ଚାହାଁନ୍ତି । ଆଖିବୁଜି ନାମ ନେଉଥାଏଁ, ଏଣେ ଡର ଥାଏ କାଳେ ବାପା ଏଇକ୍ଷଣି ଅଫିସରୁ ଆସି ପହଞ୍ଚିଯିବେ । ୧୦୮ ଥର ଜପ ସରିଲାକ୍ଷଣି ଆଗରେ ହଠାତ୍ ଗୋଟେ ବଡ଼ ଆଲୁଅ ଦେଖାଗଲା । ଆଖି ମୋର ଝଲସିଗଲା । ଦେଖିଲି—ସେଇ ଆଲୁଅ ଭିତରେ ଅଜା ଅନନ୍ତ ଶୟନ କରିଛନ୍ତି, ଆଉ ଆଈ ତାଙ୍କ ପାଦ ଚାପୁଛନ୍ତି । ସେଇ ଆଲୁଅରେ ସ୍ପଷ୍ଟ ମାଲୁମ୍ ହେଉଥାଏ ଅଜା ଆମର ଯେମିତି ଜାହ୍ନି ମଞ୍ଜିଠାରୁ ଗୋରା, କିନ୍ତୁ ଆଈ—ଠିକ୍ ତାର ଓଲଟା । ନହେଲେ ଯୁଗଳ ମୂରତି ସାଜିବ କପରି ? ଅଜା ପିନ୍ଧିଛନ୍ତି, ହାତବୁଣା ମୁଠୁଣିକିଆ କରିଆ ଖଣ୍ଡେ, ଆଈ—ମାନଚେଷ୍ଟରର ସରୁ 'ଗଲ୍‌ଭଟ୍' ପାଡ଼୍ ଶାଢ଼ୀ । ଭାବିଲି, ଗାନ୍ଧିଜୀ ଯା ଦେଲେଙ୍କରୁ ଆସିଥିଲେ, ବୋଧହୁଏ ଅଜାଙ୍କୁ ଆମର ଏ ଦୀକ୍ଷା ଦେଇଗଲେ । ମୁହଁଟି ଠିକ୍ ଯେମିତି ବଳେଇ ମୁହଁ । ଡମା ଡମା ଆଖି ଦିଟା ଜଳ ଜଳ ଦେଖା ଯାଉଥାଏ । ବାପରେ କି ଭୟଙ୍କର ରୂପ ! ଦେଖିଲେ ମଣିଷକୁ ଡର ମାଡ଼ିବ । ଦେହରେ ଖଣ୍ଡେ ଗୁଦର ଛଡ଼ା ଆଉ କିଛି ନଥାଏ । ଯୁଆମାଳିଆ ବୋଇତ କଖାରୁ ପରି ପେଟଟି, ଆଉ ଦେହଟା ଖାଲି ହାଡ଼ ଦିଶୁଣ୍ଡି । ଭାବିଲି, ନଅଙ୍କ ଦୁର୍ଭିକ୍ଷ ଅମଳର ଲୋକ ବୋଧହୁଏ ଅଜା । ଠକର ବୁଢ଼ା ପରି ମୁଣ୍ଡଟା ନଣ୍ଡା । ଆଉ ଆଈଙ୍କ ଚେହେରା ସାକ୍ଷାତ୍ ରୂପରେ ରମ୍ଭା । ସବୁବେଳେ ହସ ହସ ମୁହଁ । କିନ୍ତୁ ଅଜାଙ୍କର ଆମର ସବୁବେଳେ ଲୁହୁଣ୍ଡା-ମୁହଁ । ଯିମିତି ଗହେ କି ଚାଠିଏ କେହି ଖାଇଛନ୍ତି । ସାମନାରେ ଅଜା ଓ ଆଈଙ୍କୁ ଦେଖି ଜୁହାର ହେଲି । ଆଈ ସାତେ ୨ ଉଠିଆସି ମୋତେ କୋଳକୁ ଟାଣି ନେଉଛନ୍ତି—ଏହିସମୟରେ ବାପା ଅଫିସରୁ ଆସି ହୁଡ଼ ଛଡ଼ିକେ ପଢ଼ିବା ପାଇଁ । ସେତେବେଳକୁ ରାତି ୮ଟା ହେଲାଣି । ତାଙ୍କ ଡରରେ ଆଖି ଖୋଲି ଦେଖେଁ ତ ସବୁ ମିଛ ।

—ଲକ୍ଷ୍ମୀନାରାୟଣ (ନାଗବଂଶୀ ନଂ ୨୩)

### "ଡଗର"

(ପଦ୍ୟ)

କିଏ ତୁମେ ଆହା ଦୂତ ସୁନ୍ଦର ଡଗର
କେଉଁ ଦେଶେ ତୁମ୍ଭ ଘର ଅବା କେଉଁ ନଗର ।
କି ବାରତା ଦେନ ଆସି ସଙ୍ଗରେ
ମନ କିଣି ନିଅ କେଉଁ ରଂଗରେ ।
ଚିର ପରିଚିତ ପରି ତମେ ଲାଗ ମୋର ହେ
କିଏ ତୁମେ କାର ଦୂତ ସମ୍ବାଦ-ଚର ହେ ।
ଆଦରର ମା' ବାପ ସୁନାଭାଇ ଭଉଣୀ,
ପରବାସେ ଛାଡ଼ିଆସି ଦୂରଦେଶେ ମଉନ,
ଡେଇଁ କେତେ ଗାଁ ବଣ ପ୍ରାନ୍ତର,
ଘରେ ଘରେ ବୁଲ ତୁମେ ଭ୍ରମର—
କାନେ କାନେ ସତକଥା କହ ତୁମେ ପୁଣିହେ,
ଓଡ଼ିଆର ସେବା ଲାଗି କେତେ ସହ ପୁଣିହେ ।
ତମେ ପରି ଅଜାଘର ଆଗ ଦେଇ ଆସିଲ,
କିସ କହୁଥିଲେ ଅଜା ତୁମ ପାଖେ ଭାଷିଲ !
ଅଜାର ମୋ ମନ ଭୁଲା ମନ୍ତ୍ରର,
କହ, ଶୁଣି ପୂରୁ ମୋର ଅନ୍ତର ।

Digitized by srujanika@gmail.com

ନାଚିବ ମୁଁ ଫୁଲେ ଫୁଲେ ଶୁଣିତାଙ୍କ ବୋଲହେ
କସ କହୁଥିଲେ ଅଜା ତୁମ ପାଖେ, ବୋଲହେ,
ଧନ୍ୟ ଜୀବନ ତୁମ୍ଭ ଧନ୍ୟହେ ଡଗର
କସ ଦେଇ ପୂଜିବି ମୁଁ ତମର ଅନ୍ତର
ପ୍ରାଣେ ପ୍ରାଣେ ନବ ଯୁବ ସ୍ପନ୍ଦନ
ଦିଅ ଆଣି ମୋର ଏହି ବନ୍ଦନ' ।
ତେଣୁ ତୁମ ପାଦ ତଳେ ବନ୍ଦଇ ମୋରହେ
ତୁମପୁଣ୍ୟ ସେବାବ୍ରତ (ମୋର) ଅନ୍ତରେ
ଭରହେ ।

—ଚନ୍ଦ୍ରମୋହନ—
୭ନମ୍ବର ନାଗବନ୍ଧୁ ।

ପ୍ରିୟ ନାଗ ଭାଇ ଭଉଣୀମାନେ,

ମଜଲ—ମଜଲିସ୍ ଥଟ୍ଟା—ତାମସା ମୋର ସବୁଦିନେ ସାଙ୍ଗ । ସେଥିପାଇଁ ଅଜାଙ୍କ କାଗଜକୁ ମୋର ଏତେ ଶରଧା । ଖୁବ୍ ସରାଗରେ ୧ । ୮ । ୧୯୩୮ ତାରିଖର "ଡଗର"ଟି ନେଇ ମଜଲିସିଆ ଗପ ଗୁଡ଼ିକରେ ଆଖି ପକେଇ ଚାହିଁଛି—ନାଗବନ୍ଧୁ ସଭାଗରେ ଦେଖିଲି ବଡ଼ ସାଂଘାତିକ ବିଜ୍ଞପ୍ତି । ଅଜାଙ୍କୁ ବିଚାରପତି କରି ଦୁଇ ଧାରରେ ବାଦୀ ଓ ବିବାଦୀ ଜଣକର ମତ ମଜଲ-ମଜଲିସ ଥଟ୍ଟା-ତାମସା ରଂଗ-ରସ ବୁଢ଼ାଙ୍କୁ ଭଲ ଲାଗେନି—ଅନ୍ୟ ଜଣକର ମତ ଠିକ୍ ଓଲଟା ।—ଅରେ ବାବୁ ଜଣେ ଉଚିତ ବା ଅନୁଚିତ ଯାହା କହୁ ବଳ କାଳ ଭିତରେ ତମାସା ନକରି ଅଜାଙ୍କ ପାଖକୁ ଟିକଟ କାଟିବାର କି ଦରକାର ଥିଲା ? ଏ ବୁଢ଼ା ବୟସରେ ତାଙ୍କୁ ବେଶୀ ହଇରାଣ କରିବା ତୁମ୍ଭମାନଙ୍କର ଉଚିତ ନୁହେଁ ? ପୁଣି କିଏ ଯେ ତାଙ୍କୁ ବୁଢ଼ୀ ଛେଳି ବନାଇ ଦେଇଛି । ଯାହା ହେଉ, ଅଜାଙ୍କ କପାଳଟା ଖୁବ୍ ଟାଣ—ନ ହେଲେ ଏ ରକ୍ତ ବୁହା ଯୁଗରେ ଯଦି ବୋଦା ହୋଇଥାନ୍ତେ ତାଙ୍କର ରଂଗ-ରସର ଝରଣା ଏଇଠି ମରୁଭୂମି ପାଲଟି ଯାନ୍ତା । ଏଇଯେ ମକଦ୍ଦମା ଚାଲିଛି ମୁଁ ଏଥିରେ ମନ୍ତ୍ରୀ-ଅପାଙ୍କ ପାଖରେ ଠିଆ ହେବି । ଯଦି ତୁମେ ବୁଝି ନ ପାରୁଛ—ବୁଝିବା ପାଇଁ ମୋ ପାଖକୁ ଆସିବା ଆଗରୁ ତା ୧ । ୯ । ୩୮ ରିଖ 'ଡଗର'ରେ ଆଖି ପକାଇ ଯାଅ—ଦେଖିବ ରଂଗ ରସ (ଲୁଭୁଲୁଭୁ) ବଢ଼ୁଛି କି କମୁଛି । ସମସ୍ତ ଥିଲା ବୁଢ଼ାମାନେ ନାତି-ନାତୁଣୀ ମାନଙ୍କୁ ଥଟ୍ଟା ତାମସାରେ ତାଲିମ କରୁଥିଲେ । କିନ୍ତୁ ଆଜିକାଲି ବୁଢ଼ାମାନେ ବେଶୀ ଶିଖାଉଛନ୍ତି ଦେଶ ପ୍ରେମିକ ଓ ସାହସୀ ହେବାକୁ । ଏହାର ପ୍ରମାଣ ପଦ ଚାହିଁବ—ଅଜାଙ୍କ ନାଗବନ୍ଧୁ ପାଣ୍ଠି କଥା ମନେ କର । ଇତି ।

ତୁମମାନଙ୍କର ଓକିଲ ଭାଇ—

## ନାଗବନ୍ଧୁଙ୍କ ଚିଠିର ମର୍ମ

ଦିବାକର ( ୭୧ )—ଅଜାଙ୍କୁ ଓ ଆଈଙ୍କୁ ନାଗବନ୍ଧୁ କରି ଗୁଡ଼ାକ ସଲସଲ ହୋଇ କାନ୍ଦି କାନ୍ଦି କଇଁକଲ କଲେ ବୋଲି ଆଉ ନାଗବନ୍ଧୁ ଲୁପନ କାହାକୁ ନାହିଁକି ?

ନାଗବନ୍ଧୁ ପାଣ୍ଠିରେ କେତେ ଟୋପା ଗରଳ ପଡ଼ିଲା ?—ନାଁ କେବଳ ଫଁ—ଫଁ—?

ଦେବେନ୍ଦ୍ର ତ୍ରିପାଠୀ (୭୦)—

(୧) ଶରୀର ଖାଦ୍ୟ ଓ ସ୍ୱାଧୀନତା ଏହି ତିନୋଟି ମଣିଷର ଜନ୍ମଗତ ଅଧିକାର । ମଣିଷ ସ୍ୱାଧୀନ ନହେଲେ ତାର ଖାଦ୍ୟ ଆଉ ଶରୀରରେ କି ଲୋଡ଼ା । ସେଥିପାଇଁ ସ୍ୱାଧୀନତା ଆନ୍ଦୋଳନ ଠାରୁ ଭାରତକୁ ସ୍ୱାଧୀନ କରିବା ମୋର ବେଶୀ ଇଚ୍ଛା । ମୁଁ ସ୍ୱା ଧୀ ନ ତା ସମ୍ବନ୍ଧରେ ତମର ମତ ଚାହେଁ ।

(୨) ତମ ନାମ କ'ଣ ? ଶୁଣୁଛି ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ବୋଲି । ଏହା କଣ ସତ ?

(୩) ଦେବେନ୍ଦ୍ର ଭାଇ ଓ ବୀରେଶ୍ୱରଭାଇ-ମାନେ ଯେଉଁ ନାଗବନ୍ଧୁ ପାଣ୍ଠି ସଂଗ୍ରହ କରୁଛନ୍ତି ତାହା କ'ଣ ହେଲା ?

(୪) ଭୁଲ ହୋଇଥିବା ଲୁପନ ପଠାଇ ଦେବେ କି ?

ସାବିତ୍ରୀ ( ୧୪୦ )—

(୧) ନାଗବନ୍ଧୁ ଦଳର ନିୟମ କ'ଣ ?

(୨) ଧର୍ମ ଘଟର ଅର୍ଥ କଣ ଓ ଏହା ଆପଣଙ୍କ ସମୟରେ ଘଟୁଥିଲା କି ?

ଅନନ୍ତ (୧୧୫)—ଅଙ୍କ ଓ ଇଂରାଜୀରେ କିପରି ଭଲ ପାରିବି ? ଆଈଙ୍କୁ କହିବ—ପୂଜାରେ କିଛି ଆରିସା ଆଉ ହଳଦିଆ ପାଚିଆ ଲଡୁ ପଠାଇବେ ।

### ଉତ୍ତର

୧୧୫—( ୧ ) ପ୍ରତିଦିନ ଅଭ୍ୟାସ କରି ୫ନମ୍ବର ଅଙ୍କ କରିବ । ଇଂରାଜୀ ପୁସ୍ତକ ପାଟି କରି ପଢ଼ିବ ଓ ସନ୍ଦେହ ସ୍ଥଳରେ ଅଭିଧାନ ଦେଖିବାର ଅଭ୍ୟାସ ରଖିବ ।

ପୂଜାରେ ଆଈ ନିଜେ ଦୁର୍ଗା ସାଜନ୍ତି । ସେ ଖାଲି ବଳି ଖୋଜୁଛନ୍ତି । ତମ କଥା କହିବାକୁ ଡର ଲାଗିଲା ।

## ଅଜାଙ୍କ ଜବାବ ।

୭୧—(୧) ଅଜା ଆଈ ନାଗବନ୍ଧୁଙ୍କ ପାଇଁ ସବୁବେଳେ ହାଇଁ ପାଇଁ । କିନ୍ତୁ ଅଳପ ଅଧାକୁ ଡଗରର ପେଟ ଫାଟି ପଡ଼ୁଛି—କାଗଜ ରହୁ ନାହିଁ ବୋଲି ଏ ଦଶା ।

(୨) ଗରଳ ତ ଦୂରର କଥା ଫଁ ର ବି ଆଉ ଦେଖା ନାହିଁ ।

୭୦—(୧) ସ୍ୱାଧୀନତାକୁ ତ ବଡ଼ ବଡ଼ ଲୋକେ ତିନି ରକମର କହୁଥାନ୍ତି । ଯଥା:— ଆଧିଭୌତିକ, ଆଧିଦୈବିକ ଓ ଆଧାତ୍ମିକ । ତମେ ଯେଉଁ ସ୍ୱାଧୀନତା କଥା କହୁଛ ତାହା ପ୍ରଥମ ଶ୍ରେଣୀର । ଖାଦ୍ୟ ଓ ଶରୀରର ସ୍ୱାଧୀନତା ସେହି ସ୍ୱାଧୀନତା ଭିତରେ । ସ୍ୱାଧୀନ ହେଲେ ଲୋକ ତାର ଶରୀର ଓ ଖାଦ୍ୟ ପ୍ରତି ଯଥାଯଥ ଯତ୍ନ ନେଇ ପାରିବ । ତେଣୁ ଆମ ଦେଶର ଅର୍ଥାତ୍ ଆମର ସ୍ୱାଧୀନତା ପ୍ରଥମେ ଲୋଡ଼ା । ମାତ୍ର ଏହା ଯୁଦ୍ଧ ବା ଆନ୍ଦୋଳନ ବିନା ହାସଲ କରି ହେବ ନାହିଁ । ସେ ଯୁଦ୍ଧ ପାଇଁ ତମେ ସବୁ ସୈନିକ ତିଆରି ହୋଇ ରହ । ବେଳ ଆସୁଛି । ବର୍ତ୍ତମାନ ତମର ଶିଖିବା ବେଳ । ସେଥିପାଇଁ କହୁଛି କି ବ୍ୟସ୍ତ ହୁଅ ନାହିଁ—ବେଳ ଆସିଲେ ତମେ ବଳେ ଡେଇଁ ପଡ଼ିବ । ଏତେବେଳୁଁ, କଞ୍ଚା ଅବସ୍ଥାରୁ ଫୁରୁରୁ ଫୁରୁରୁ ହେଲେ ବଗ ଖୁମ୍ପି ନେବଟି ! ସାବଧାନ !

କିନ୍ତୁ ସ୍ୱାଧୀନତାର ଅର୍ଥ ଆଉ ଯିଏ ଯାହା ବୁଝୁ ମୋ ଆଖି ଆଗରେ ଗୋଟିଏ ସ୍ୱାଧୀନତା ଛଡ଼ା ଦୁଇଟା ନାହିଁ । ସେ ହଉଛି ତମ ଆଈଙ୍କ ସ୍ୱାଧୀନତା । ସେଥିପାଇଁ ସବୁବେଳେ ତାଙ୍କର ଆନ୍ଦୋଳନ । ବେଳେ ବେଳେ ମନେ ହୁଏ — ଢେଙ୍କାନାଳ ତାଳଚେର ପରି ଗୁଳି ଚଳାଇ ଦିଅନ୍ତି । କିନ୍ତୁ ତମେ ସବୁ କାଳେ କାନ୍ଦିବ ।

(୨) ତମର ପିଠା ଖାଇବା କଥା । ବନ୍ଦ ଗଣି କି ଲାଭ ? ଅଜା ତ ପାଇଛି ପୁଣି ନିତ୍ୟା-ନନ୍ଦ, ପ୍ରେମାନନ୍ଦ, ସଦାନନ୍ଦ ମହାନନ୍ଦର କି ଲୋଡ଼ା ?

(୩) ମୁଁ ଏପର୍ଯ୍ୟନ୍ତ ସେ ପାଣ୍ଠିର ସମ୍ବାଦ ପାଇନାହିଁ ।

(୪) ୨ନମ୍ବର ନାତିଙ୍କ ଠାରୁ ପାଇବ ।

୧୪୦—(୧) ନିୟମ ପାଇଁ ଲୁପନ ଦେଖ ।

(୨) ଆମ ସମୟରେ ସ୍ତ୍ରୀ ନାଁ ପାପ ଘଟୁଥିଲା । ସେଥିପାଇଁ ମାଡ଼, ଜରିମାନା, ରସଟିକେଟ ଆଦି ଚାଲୁଥିଲା । ଏବେ ତାହା ଘଟ ନ ହେବାରୁ ତା' ନା ଧର୍ମଘଟ ହେଉଛି । ଏ ଶବ୍ଦର ଅର୍ଥ strike ବା ମେଳ ? ଏହା ବୈଶାଖ ମାସର ଘଟ ନୁହେଁ । କେଉଁଆ ବି ଛୁଏ—କଟକ କଲେଜରେ ମଧ୍ୟ ହୋଇଥିଲା ।

Digitized by srujanika@gmail.com

(ବାଲୁଆ ବଗୁର ୨ୟ ପୃଷ୍ଠା ଉତ୍ତାରୁ)

କଂଗ୍ରେସର ଗୋଟାଏ ପ୍ରଧାନ ନୀତି ସାବାଳକ ଭୋଟାଧିକାର ( adult franchise ) କରିବାର ଏ ସୁଯୋଗଟା କଂଗ୍ରେସ ସରକାର କଇଁ ନୀତରେ ଛାଡିଲେ? ନା—କଥା ଓ କାମରେ ତଫାତ୍ ରଖିବା ମହତପଣିଅର ଚହ୍ନ ?

× × ×

ମଧ୍ୟ ପ୍ରଦେଶର ଭୂତପୂର୍ବ ମନ୍ତ୍ରୀ ଖାରେଙ୍କୁ ପୁଣି କଂଗ୍ରେସ ପାର୍ଟିର ଲିଡର ହେବାକୁ ଜବରଦସ୍ତି ଅଟକାଇବାଟା ଯେ ଅନ୍ୟାୟ ହୋଇଛି, ତାହା ମହାତ୍ମାଜୀ ଏକପ୍ରକାର ସ୍ୱୀକାର କରିଗଲେଣି । ସେ କହୁଛନ୍ତି "ଖାରେଙ୍କୁ" ପୁଣି ଛିଡ଼ା ହବାକୁ କିଏ ମନା କଲାକ ? ଓ୍ୱାର୍କିଂ କମିଟି ଯାହା କହିଥିଲେ ସେ କେବଳ ସୁପାରିସ ଭାବରେ । ତାଙ୍କ ଚଲଅ ଖାଣ୍ଟି କୁହା ବ୍ୟକ୍ତ ପକ୍ଷରେ କଥାଟାକୁ ଏପରି ଭାବରେ ଗୋଳେଇବାଟା ସୁନ୍ଦର ଦିଶୁଛକ ? ଅଜି କମିତି ମନାକରି ଯାଆନ୍ତା? ମନା କରିବା ତ ମ ନା କରିବା—ତା ଉପରେ ସୁଭାଷ ବାବୁ ସ୍ୱୟଂ ପେଲ୍ ପଣି ସଭାପତି ହେଲେ ମଧ୍ୟ । ଅଜ ଗାନ୍ଧିଜୀ ଏହା କହୁଛନ୍ତି ସତ, କିନ୍ତୁ ଖାରେ ଜୋର କରି ଛିଡ଼ା ହୋଇଥିଲେ ପୁଣି ହୁକୁମ ଅମାନ୍ୟ ଅପରାଧରେ ତାଙ୍କୁ ଦୋଷୀ କରି ହୋଇଥାନ୍ତା ନାହିଁକି ? ତାଙ୍କର ଯେତକ ଦୁର୍ଦ୍ଦଶା, ସବୁତ ଓ୍ୱାର୍କିଂ କମିଟିର ହୁକୁମ ଓ ସୁପାରିସ ନମାନି ।

+ + +

ବଙ୍ଗଳାର ପ୍ରଧାନମନ୍ତ୍ରୀ ହକ୍ ସାହେବ, ମନ୍ତ୍ରୀ ନହୋଇ ସିନେମା ଷ୍ଟାର ବା ଥିଏଟର ଅକ୍ଟର ହୋଇଥିଲେ କଂସ ବା ଭୀମର ପାର୍ଟ ଭଲ କରି ପାରିଥାନ୍ତେ ବୋଲି ଏକ୍ସ୍‌ପାର୍ଟମାନଙ୍କ ମତ । କାରଣ ସେଦିନ ବଙ୍ଗ ସଭାରେ ସେ କହି ଉଠିଲେ "ମୋ ଠାରୁ ଅଜ କିଏ କଣ ଅଧିକ କରୁଛ ?" ଏହା ଶୁଣି ସଭାପତି ଘେ-ଘା କରି ଉଠିଲେ । ତେଡ଼େ ବଡ଼ ଗୋଳ ଭିତରେ ହକ ସାହେବ ଅଙ୍ଗୁଳି ଟିପରେ ଛିଡ଼ା ହୋଇ ଦୁଇ ହାତ ଟେକି ଦୁହି ପକାଇଲେ "ସ୍ପିକର ସବୁ ଲୋକଙ୍କୁ ମିଶେଇ ଦେଇ ଅଣ—ମୁଁ ତାଙ୍କଠୁଁ ବେଶି କରୁଛି ।" ପାର୍ଟିଟା କ୍ୟଅତେ଼ ଶହ ଶହ ଲୋକଙ୍କ ପାର୍ଟିକୁ ଗୁଡ଼େଇଦେଲା । ଧନ୍ୟ, ଧନ୍ୟ !

ହକ ସାହେବଙ୍କ ଧରମ ଭାଇ ଅମ ନା-ହକ ସାହବ ଦିନେ ଏପରି କଛି ଗୋଟାଏ ବାହାଦୁରି ଦେଖାଇ ଓଡ଼ିଆଙ୍କ ନାକ-କାଣ ରଖନ୍ତେ ହେଲେ ! ହକଙ୍କ ବପୁ ଇଥାରି ପଛରେ କଣ୍ଠତ ଅଛି !

+ + +

ସିନ୍ଧୁ ପ୍ରଦେଶରେ ନବଗଠିତ ମରଦ—କୁଳ—ମର୍ଦ୍ଦନ ଓ ମଣ୍ଡଳର ପ୍ରେସିଡେଣ୍ଟ ଓ ସ୍ୱଧେ ମହାତ୍ମା ଗାନ୍ଧୀ, କବିନ୍ଦ୍ର ରବିଠାକୁର ଓ ସିନ୍ଧୁଲାଟଙ୍କୁ ଓ ମଣ୍ଡଳର ମେମ୍ବର ହେବାପାଇଁ ଅମନ୍ତ୍ରଣ କରିଛନ୍ତି । ଓ ମଣ୍ଡଳରେ ଯୋଗଦେଲେ ର ବି ଠାକୁରଙ୍କ କବିତ୍ୱ ବଢିବ ଓ ସେ ମୁକ୍ତ ହୋଇଯିବେ । ସିନ୍ଧୁଲାଟ ଯୋଗଦେଲେ ଭାରତରେ ଇଂରଜ ଶାସନ ଦୃଢ଼ ହୋଇ ରହିବ ଓ ସେ ନିଜେ ସ୍ୱର୍ଗ ପ୍ରାପ୍ତ ହେବେ । ମହାତ୍ମା ଗାନ୍ଧି ଯଦି ଯୋଗ ଦିଅନ୍ତି ଭାରତବର୍ଷ ସ୍ୱାଧୀନତା ପାଇବ ଓ ସେ ନିଜେ ଟୋକା ହେବେ ।

ଆତ୍ମ ଶୁଦ୍ଧି ଓ ଆତ୍ମ ସିଦ୍ଧିର ଏଡ଼େ ସହଜ ଉପାୟ ଥାଉଁ ଅମେ କହୁଁ ହେ ଭାଇ ଭଉଣୀମାନେ, ଏ ପାହୁ ଛାଡ଼ ନାହିଁ ।

× × ×

ବଙ୍ଗଳା ଅସେମ୍ବ୍ଲି ଏହି ପ୍ରସ୍ତାବ ପାସ୍ କରିଛନ୍ତି କ ସରକାରି ଚାକରିର ଶତକଡ଼ା ୬୦ ଭାଗ ପାଇବେ ମୁସଲମାନ, ୨୦ ଭାଗ ପାଇବେ ଅସବର୍ଣ୍ଣ । ବାକି ଯାହା ରହିଲା ତାହା ମିଳବ ବାକି ଯେ ରହିଲେ ତାଙ୍କୁ । ଏ ଭଲଅ ଭାଗବାଣ୍ଟ ଥରେ କରିଥିଲେ ରାବଣ-କାଲନେମୀ ତ୍ରେତା ଯୁଗରେ । ତାପରେ ଅଉ ଶୁଣା ନଥିଲା । ଅତଏବ ହକ ସାହେବଙ୍କ ପ୍ରିୟଶିଷ୍ୟ ଓ ସାନଭାଇ ନା-ହକ ସାହେବ ଏଥର ଗୋଟାଏ ବିଲ ଅଣନ୍ତୁ ଓଡ଼ିଶା ଦରବାରରେ, ଯହିଁଥିରେ—ବ୍ରାହ୍ମଣ ପାଇବେ ଶତକଡ଼ା ୬୬, କରଣ ପାଇବେ ଶତକଡ଼ା ୩୩, ଅଉ ବାଦ ବାକି ଯାହା ରହିଲା ତାହା ପାଇବେ ବାକିସବୁ ।

× × ×

(ବହୁପଦ ୧୧ ପୃଷ୍ଠା ଉତ୍ତାରୁ)

ଶବ୍ଦାଡମ୍ବର ଦ୍ୱାରା ଭାବର ସ୍ୱଚ୍ଛତା ଯୋଡ଼ାଇବା ଯଦି ସାହିତ୍ୟର ଆଦର୍ଶ ହୁଏ ତେବେ ଏହା 'ସାହିତ୍ୟ'—କିନ୍ତୁ 'ଜୀବନ' ବୋଇଲେ ଯାହା ବୁଝାଏ ତାର କୌଣସି ସ୍ପର୍ଶ ଏଥିରେ ମିଳିଲା ନାହିଁ । ଏଭଳି ଦାର୍ଶନିକ ସୂତ୍ର ଗୁଡ଼ିଏ ଥୋଇ ଦେଇ ବେଦାନ୍ତ ରଚନା କରିବା ଦ୍ୱାରା କାଗଜର କଳେବର ଓ ପାଠକଙ୍କ ସମୟ ଅପବ୍ୟୟ କରିବାରେ କେଉଁ ଲାଭ ?

'କାଶକୋଳେ' ପଦ୍ୟଟି ବେଶ୍ ସୁଖପାଠ୍ୟ ହୋଇଛି । ଶ୍ରୀଯୁକ୍ତ କୁବେରଙ୍କ ଦଳେଇଙ୍କର ଭାଷା ମନୋହର । ସମୟରେ ଏହାଙ୍କ ଲେଖା ଜଗତରେ ସୁଖ୍ୟାତ ଲାଭ କରି ପାରିବ ବୋଲି ଆଶା କରାଯାଏ ।

'ଝଂସ୍ରଫୁଲ'—ଷୁଦ୍ର ଗଳ୍ପ । ଷୁଦ୍ର ଗଳ୍ପର ଅର୍ଥ ନାହିଁ । ସାଧାସିଧା କାହାଣି । ଏହି କାହାଣିକୁ ଏପରି ନା ଟେ ଳ—ନ କ ର ରୋମାଣ୍ଟିକ ବି କରି ହୋଇ ଥାଆନ୍ତା ତେବେ ଏସବୁ ନାଲୁଆ ସଫା କରି ଅଉ କି ଲାଭ ?

## ନୂଆ ନାଗବଗୁଙ୍କ ନାମ ।

୧୩୮ । ଶ୍ରୀ ବେଦଚନ୍ଦ୍ର ମଣ୍ଡଳ, ଗ୍ରାଃ ଭରଣା ପୋଃ ବହଲଦା ରୋଡ଼, ମୟୂରଭଞ୍ଜ । ୧୩୯, ହରିହର ମିଶ୍ର, ୧୦ମ ଶ୍ରେଣୀ, ସାଲେପୁର ହାଇସ୍କୁଲ ପୋଃ ସାଲେପୁର-କଟକ । ୧୪୦ ଶ୍ରୀମତୀ ସାବିତ୍ରୀ ସେନାପତି, ୯ମଶ୍ରେଣୀ ଗ୍ଲୁଡୀ ମେରିଅବକାର, କଟକ । ୧୪୧ । ଶ୍ରୀ ରାମଚନ୍ଦ୍ର ଦାସ, ଗ୍ରାଃ ରମେଶ୍ୱର, ପୋଃ ନୂଅଗାଁ, କଟକ । ୧୪୨ । ଜ୍ଞାନରଞ୍ଜନ ଭୋଳ, ନେସନେଲମେସ୍, ବାରିପଦା ।

ପ୍ରିୟ ଅଜା,

ମୁଁ ଜଣେ ନାତନାତୁଣୀ ହେବାକୁ ଚାହେଁ । ମୋର ବୟସ ୨୧ବର୍ଷରୁ କମ୍ । ମୁଁ ସତ୍ୟ ସେବା ସାହସ ଓ ଅହିଂସା ବ୍ରତ ପାଳନକରିବି । ଦୟାକରି ନାଗବଗୁଦଳରେ ମୋ ନାମ ଲେଖେଇ ଦେବେ । ମୁଁ ଏଥି ସହ ୫୦/ର ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତନାତୁଣୀ

ଶ୍ରୀ ____________

ଠିକଣା ____________

ତାରିଖ

Digitized by srujanika@gmail.com

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, କୋଷ୍ଠବଦ୍ଧ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଧାର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଳବୀର୍ଯ୍ୟ ଶକ୍ତି ଖେଳେ । ଦୀର୍ଘ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୧୲୦ ମାତ୍ର ।

| | |
|---|---|
| ନୟା ସଡ଼କ | ବୈଦ୍ୟରାଜ |
| ପୋ: ଅ: ବୃନ୍ଦାବନଚୌକ, | କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ |
| | ଆୟୁର୍ବେଦାଚାର୍ଯ୍ୟ |
| କଟକ । | C/o ଶ୍ରୀବାଲ୍ମୀକେଶ୍ୱରଆଚାର୍ଯ୍ୟ ଭିଷଗ୍ରତ୍ନ |

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ବାୟୁଜନିତ ମୃଗୀ ଓ ଶିରୋରୋଗ, ପକ୍ଷାଘାତ, ପାଗଳାମି, ବସନ୍ତ, ପ୍ରମେହ (ଆତସକ ଜନିତ ବାତପ୍ରକୋପ) ଉପଦଂଶ, ଅଜୀର୍ଣ୍ଣ, କାସ, ଶ୍ଳୀପଦ, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର, ଆମବାତ, ଅଣ୍ଡବୃଦ୍ଧି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡଘୂରା, ମୁଣ୍ଡଶୂଳ, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, କାଉଁରିଆ, କାଛୁ, କୁଣ୍ଡିଆ, ଦଦୁ, ମହଲା, ରମହଲା, ଯାଦୁ, ଛଉ, ଝୋଲା, ଛେଉଁଘା, ଫୋଡ଼ାଘା, ଚର୍ମ ଦଂଶନ, ବିଛା, କଙ୍କଡ଼ାବିଛା, ବୁଢ଼ିଆଣୀ ଆଦି ବିଷଧର ଦଂଶନ, କାନପୂଜ, କାନପାକ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତ ପ୍ରଦର, ପ୍ରସବବେଦନା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

**କବିରାଜ ଶ୍ରୀ ବିଶ୍ୱନାଥ ଦାସ**

ଏ, ବି, ଏଲ୍. ଏଚ. ଏମ୍. ଏସ୍.

ଅଲିଶା ବଜାର, ପୋ: ବୃନ୍ଦାବନଚୌକ କଟକ ।



# ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡଠାରୁ ଗୋଡ଼ପର୍ଯ୍ୟନ୍ତ ଅଭିଘାତ, ନାନ ଚଣା ମୁଣ୍ଡଫୋଟା କୁଣ୍ଡିଆ, କାଛୁ, ମହଲା, ପୋଡ଼ାଘା, ଛଉ ଦଉଦ, ଅଣ୍ଡାଦିକେ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧଅଟେ । ମୋଟା ପ୍ରାର୍ଥନୀୟ ।

ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

# ବହୁଲ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରେତଶକ୍ତି ବୃଦ୍ଧିମନଙ୍କୁ ଅତି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ସେରକୁ ୫୲୦, ସେଁପ୍ରତିକୁ ୬ଅଣା ସେଠା କୁ ୧୲୦ ଭି: ପି:ରେ ଔଷଧ ପଠାଯାଏ

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍., ପି,

**ଦରିଦ୍ର ବନ୍ଧୁ ଔଷଧାଳୟ**

ଶମର ପଦା । ପୋ : ରେମୁଣା । ଜି : ବାଲେଶ୍ୱର

# ଅଫିମାଙ୍କର ଆଉ ଭୟ ନାହିଁ ।

ଓଡ଼ିଶା ସରକାର ଅଫିମ ଉଠାଇ ଦେଉଥିବା ବେଳେ ଅଫିମାମାନେ ବଡ଼ ଭୟ ପାଇ ଯାଉଛନ୍ତି । କିନ୍ତୁ ଆମର **ସୁଇଟୋ** ଔଷଧ ସେବନ କଲେ ଅଫିମାମାନେ ବିନା କଷ୍ଟରେ ଅଳ୍ପଦିନ ଭିତରେ ଅଫିମ ଛାଡ଼ି ପାରିବେ ଏବଂ ଉକ୍ତ ରୋଗରୁ ମୁକ୍ତ ହୋଇ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ପାଇବେ । କିଏ କେତେ ପରିମାଣରେ ଅଫିମ ଖାଉଛନ୍ତି ଲେଖିଲେ ଔଷଧ ଭି: ପି:ରେ ପଠାଯାଏ ।

# ବାର୍ଥ କଣ୍ଟ୍ରୋଲ୍

ଜନ୍ମ ନିରୋଧ ଏବଂ ସୁଖ ପ୍ରସବ ଔଷଧ ପାଇଁ ଆମମାନଙ୍କ ସହିତ ପରାମର୍ଶ କରନ୍ତୁ । ଅନ୍ୟାନ୍ୟ ରୋଗ ବିଷୟରେ ମଧ୍ୟ ପରାମର୍ଶ କରାଯାଉଛି । ସକଳ ପ୍ରକାର ନୂତନ ଓ ପୁରାତନ ସ୍ତ୍ରୀରୋଗ ଚିକିତ୍ସା ସହିତ ଅବଗତ କରାଯାଏ । ରୋଗୀମାନଙ୍କର ଚିଠିକୁ ଗୁପ୍ତ ଭାବରେ ରକ୍ଷାଯାଏ ।

ଠିକଣା—ଉତ୍କଳ ହୋମିଓପାଥିକ ଫାର୍ମାସୀ, ବଡ଼ଗଡ଼ ବଜାର—କଟକ

## ଟ ୨୲ ର ଦାମୀ ଘଡ଼ି ଓ ୧୦୦ଟି ସୁନ୍ଦର ଜିନିଷ



୨୲୦ ମୂଲ୍ୟରେ ୧୦ଶିଶି ସୁଗନ୍ଧ ତୋଳଫ ଅଡର ଏକାଥ କିଣିଲେ କମ୍ପାନୀଙ୍କ ଜିନିଷ ବିନା ମୂଲ୍ୟରେ ଦିଆଯିବ । ୧ଗୋଟା ରୋଲ୍ଡଗୋଲ୍ଡ ରିଷ୍ଟଓ୍ୱାଚ, ଗୋଟିଏ ଦର୍ପଣ, ଗୋଟିଏ ଚାକୁଁ, ଗୋଟିଏ ରୁମାଲ, ଗୋଟିଏ ରୋଲ୍ଡ ଗୋଲ୍ଡ ରିଙ୍ଗ୍, ୧ବର୍ଷରେ ଗୋଟିଏ ପକେଟ ଡାଏରୀ ଏବଂ ଅନ୍ୟାନ୍ୟ ୯୬ଟି ସୁନ୍ଦର ଜିନିଷ, ଫ୍ରି ଫୋରସ କରୁଥିବା ଗୋଟିଏ ଫାଉଣ୍ଟେନ କିମ୍ବା ଗୋଟିଏ 'B' କ୍ଲାସ୍ ମଡେଲ ବର୍ଷ ପାଇଁ ଗ୍ୟାରେଣ୍ଟି । ପ୍ୟାକିଂ ଓ ପୋଷ୍ଟେଜ ୧ ଟଙ୍କା ସ୍ୱତନ୍ତ୍ର ।

Eastern Trading Co. Post Box 12204, Calcutta (S. C. E. 30)

Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak. 1938.

Digitized by srujanika@gmail.com

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସ୍ୟୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁବିଖ୍ୟାତ ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପତ୍ରର ସର୍ତ୍ତ ସର୍ବୋତ୍କୃଷ୍ଟ ।

ଅକସ୍ମିକ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ ।

ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ଜିଲ୍ଲାର ବୀମା, ନାନା ପ୍ରକାର ସୁବିଧା ଜନକ

ଟେଷ୍ଟ ଉତ୍କୃଷ୍ଟ ବ୍ୟବସ୍ଥା ।

ଋଣ ଅଦଣା ଦେବା ନେବାର ସୁନ୍ଦର ବ୍ୟବସ୍ଥା ଅଛି

୧୯୩୬-୩୭ ସାଲର ସଂକ୍ଷିପ୍ତ ବିବରଣୀ

ନୂତନ ବୀମାର ପରିମାଣ ୨କୋଟି ୮୩ଲକ୍ଷ ୬୩ହଜାରରୁ ଉର୍ଦ୍ଧ୍ୱ ।

ବୀମା ପାଣ୍ଠି ୧କୋଟି ୩୧ଲକ୍ଷ ୧୭ ହଜାରରୁ ଉର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୬୭ହଜାରରୁ ଉର୍ଦ୍ଧ୍ୱ

ବାର୍ଷିକ ଆୟ ୭୧ଲକ୍ଷ ୪୬ହଜାରରୁ ଉର୍ଦ୍ଧ୍ୱ ।

ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୯ଲକ୍ଷରୁ ଉର୍ଦ୍ଧ୍ୱ

ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଉର୍ଦ୍ଧ୍ୱ ।

ଅଧୁନା କେବଳ ସରକାରୀ କାଗଜପତ୍ରରେ ମୋଟ ସମ୍ପତ୍ତିର ଶତକଡ଼ା ୪୪.୦୮ ଜମା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୨୩.୧୮ ହୋଇଛି ।

(ଓଡ଼ିଶାରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚବଂଶର ଶିକ୍ଷିତ ଲୋକ, ଏଜେଣ୍ଟ ଓ ସ୍ପେଶଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମା, ପୂର୍ବଅଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟାରୀ
ହିନ୍ଦୁସ୍ଥାନ ବି ଲ୍ଡିଂସ, କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର, କଟକ ।

---

# ରାଜସ୍ଥାନ ଇନସ୍ୟୁରେନ୍ସ କୋମ୍ପାନୀ, ଲିମିଟେଡ୍

ହେଡ଼ ଅଫିସ୍, ନଂ ୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

ଓଡ଼ିଶା ପାଇଁ ସ୍ପେଶଲ ଏଜେଣ୍ଟ——ରଲଏଲ୍ ଏଜେନ୍ସି ଏଣ୍ଡ୍ କୋଃ କଟକ ।

**ବିମା କରିବେ ? ଦେଖନ୍ତୁ — ଏହାର ବିଶେଷତ୍ୱ କଅଣ ?**

୧ । ଅସୁସ୍ଥ ହେଲେ ବୀମାକାରୀ ଆର୍ଥିକ ସାହାଯ୍ୟ ପାଏ ।
୨ । ବୀମାକାରୀ ଇଚ୍ଛାକଲେ କୋମ୍ପାନୀ ସାହାଯ୍ୟରେ କୋଠା କରି ପାରନ୍ତି ।
୩ । ଅକର୍ମଣ୍ୟ ହୋଇଗଲେ ବୀମାକାରୀ ପରେ ବର୍ଷ ପ୍ରିମିୟମ୍ ନ ଦେଇ ମଧ୍ୟ ସମସ୍ତ ଟଙ୍କା ପାଇ ପାରିବେ ।
୪ । ପ୍ରଥମ ତିନିବର୍ଷ ପ୍ରିମିୟମ ଦେଇ ପରେ ଟଙ୍କା ନ ଦେଇ ପାରିଲେ "ସାରେଣ୍ଡର" ଭେଲ୍ୟୁ ହୋଇପାରେ ।
୫ । ସାରେଣ୍ଡର ଭେଲ୍ୟୁ ହେଲେ ଖୁବ୍ କମ୍ ସୁଧରେ ଶତକଡ଼ା ୫ ଟଙ୍କା ଋଣ ନେବାକୁ ବୀମାକାରୀଙ୍କୁ ସୁବିଧା ଦିଆଯାଏ ।
୬ । ପ୍ରଥମ ପ୍ରିମିୟମ ଦେବା ମାସ ପରେ ବୀମାକାରୀ ଅପମୃତ୍ୟୁ କଲେ ବୀମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ ।
୭ । ଅନ୍ୟାନ୍ୟ ଇନସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।
୮ । "ରକ୍ଷକସୂତ୍ର" ଅନୁସାରେ ଦ୍ୱିତୀୟ ବାଛ କରି ସମ୍ପତ୍ତି କରିବା ପାଇଁ ଆମ୍ଭମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଡ୍ରେସିଂ ଭଳି ସମୟ ରଖୁଥିବା ନୂତନ ଯନ୍ତ୍ର ଦେବାର ବନ୍ଦୋବସ୍ତ କରିଅଛନ୍ତି ।
୯ । ଆପଣ ଭାବୁଛନ୍ତି କି ? ଶୀଘ୍ର ଏଥିରେ ବୀମା କରନ୍ତୁ । ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ । ସବିଶେଷ ବିବରଣୀ ଜାଣିବା ପାଇଁ ଶୀଘ୍ର ହେଡ୍ ଅଫିସକୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସବୁଠି ଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

---

ଅର୍ଶ ଓ ସ୍ୱପ୍ନ ଦୋଷର

# ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁସଞ୍ଜିବନୀ**

ଏକମାସ ବ୍ୟବହାରରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ଜେଇପୁର ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା:— ଶାରଦା ଔଷଧାଳୟ—ଚୌଧୁରୀ ବଜାର, **କଟକ ।**


---

ପ୍ରଯୋଜକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**    ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

Digitized by srujanika@gmail.com

ଅର୍ଦ୍ଧେନ ଦ୍ଵିତୀୟାର୍ଦ୍ଧ—

ଆନନ୍ଦାଦ୍ଧି ଖଲ୍ୱିମାନି ଭୂତାନି ଜାୟନ୍ତେ—

ଦ୍ଵିତୀୟ ବର୍ଷ—୧୦ମ ସଂଖ୍ୟା




ହିଟଲର—ଏଥର ଆଫ୍ରିକାର ଉପନିବେଶ ଏବଂ ଫ୍ରାନ୍ସର ଆଲସେସ ଓ ଲରେନ ପଣ ରହୁ ।

ଜୀବନ ବୀମା ପାଇଁ
ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲି:
ଓଡ଼ିଶା ଅଫିସ :— ବେଲା ହାଉସ—କଟକ ।

Digitized by srujanika@gmail.com



GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ଓ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ୍
ଟେବ୍ଲେଟ, ସୁଲଭ
ଓଡ଼ିଶାର ସମସ୍ତ ଡାକଘର
ମିଳେ
GOVERNMENT OF BENGAL
TABLETS
QUININE SULPHAT
B.P.
1000 TABLETS
5 GRAINS EACH
ଏଜେଣ୍ଟସ୍:
ଏଣ୍ଡ କୋଂ ନଂ୪ବାଙ୍କସାଲ ଷ୍ଟ୍ରିଟ୍
ଏଣ୍ଡ କୋଂ ପୋଃ ବକ୍ସ ନ୭୦ମ୍ବର
କଲିକତା

ଡଗର
ଖଣ୍ଡ—୵୦/
ବାର୍ଷିକ(ସଡାକ) ୨୯
ଛାତ୍ରମାନଙ୍କପାଇଁ ୧୲
ରାଜସଂସ୍କରଣ—୫୯




ଡଗର
ଅଶ୍ୱିନ ଦ୍ୱିତୀୟାର୍ଦ୍ଧ
୨ବର୍ଷ, ୧୦ମ ସଂଖ୍ୟା
ଭଦ୍ରକ
୧୫।୧୦।୩୮

ଆଗେ ବାଲେଶ୍ୱର ଜିଲ୍ଲାର ଅନେକ ବିଷୟରେ ଠେକ ଥିଲା, ଏବେଳୁ ସବୁ ଯାଇ ଯାଇ ନାମଟା ଖାଲି ରହିଥିଲା ଅଫିମରେ । ଦେଶ ଭିତରେ ସବୁଠୁଁ ଅଫିମଖୋର ଜିଲ୍ଲା ବୋଲି ବାଲେଶ୍ୱରିଆ ଗର୍ବ କରୁଥିଲେ । ଆମ ଅନ୍ୟ ଜିଲ୍ଲାବାସୀ ମନ୍ତ୍ରୀଙ୍କର ଏତିକି ବି ସହିଲା ନାହିଁ । ବାଲେଶ୍ୱରର ଏହି ଗୌରବ ଟିକକ କାଢ଼ି ନେବାକୁ ସେମାନେ ପାଣି ପିଇ ଲାଗି ପଡ଼ିଲେ, ଫଳରେ ଆସନ୍ତା ଏପ୍ରିଲ ଠାରୁ ବାଲେଶ୍ୱରିଆର ନିଜକୁ ବଡ଼ ବୋଲି କହିବାର, ବାହାଦୁରି କରିବାର ଆଉ କିଛି ରହିବ ନାହିଁ । ହାୟ ! ଦୁର୍ଭାଗ୍ୟ ବାଲେଶ୍ୱରିଆ ଜଣେ ମନ୍ତ୍ରୀ ହୋଇଥିଲେ ଏହା କଣ ହୁଅନ୍ତା !

× × ×

ବର୍ତ୍ତମାନ ହିନ୍ଦୁସ୍ଥାନରେ ଗୋଟାଏ ପ୍ରବଳ ଗୋଳ ଉଠିଛି ଯେ ମହମ୍ମଦଙ୍କ ପରେ ଆଉ ଜଣେ ପୟଗମ୍ବର ଭାରତକୁ ଆସିଛନ୍ତି । ଏହା କୋରାନ ଧର୍ମ ବିରୁଦ୍ଧ । ତେଣୁ ଅସଲ ମୁସଲମାନମାନେ ଏହାକୁ ମାନିବାକୁ ପ୍ରସ୍ତୁତ ହେଉ ନାହାନ୍ତି । ଯେଉଁମାନଙ୍କ ଭିତରେ ପୀର ପୟଗମ୍ବର ସାଜିବାରେ ଇଚ୍ଛା ଅଛି ସେମାନେ ଏହି ପୟଗମ୍ବରଙ୍କ ପିଚ୍ଛା ଧରିଛନ୍ତି । କାରଣ ଥରେ ଗୋଟାଏ ବାଟ ଫିଟିଗଲେ ଆଉ ବନ୍ଦ କରିବ କା'ହା ବୁପାର ଗୃସ ? ଏ ପୟଗମ୍ବର କିଏ ଆମ୍ଭମାନଙ୍କୁ ବୁଝାଇ କହିବାକୁ ହେବନାହିଁ । ଭାରତର ସବୁ ମୁସଲମାନଙ୍କର ହର୍ତ୍ତାକର୍ତ୍ତା ବୋଲି ଯିଏ ଦାବି କରୁଛନ୍ତି—ଯାହାଙ୍କ ଜମାଏତ ଭାରତର ସବୁ ମୁସଲମାନଙ୍କ ପ୍ରତିନିଧି ବୋଲି ରଡ଼ି ଛାଡ଼ୁଛନ୍ତି—ଭାରତର ମୁସଲମାନ ଧର୍ମର ଏକମାତ୍ର ତ୍ରାଣକର୍ତ୍ତା ରକ୍ଷାକର୍ତ୍ତା ବୋଲି ଯେ ମନେ ମନେ ଲଡ଼ୁ ଖାଉଛନ୍ତି ଏ ପୟଗମ୍ବର ସେଇ ନହୋଇ ଆଉ କିଏ ହେବ ? + + +

ମାଇପେ କହନ୍ତି, ଘୁଷୁରୀକୁ ଶ୍ରୀମତୀ ବୋଲି କହିଲେ, ସେ ଗୋଡ଼ ବୁଲାଇ ବୁଲାଇ ପକାଏ—ମିଶିପେ ସେଇ କଥାଟାକୁ ସେମିତି ନରହି କହନ୍ତି—ଗୋଟାଏ ଜାତି ଜୀବ ଅଛନ୍ତି, ତାଙ୍କୁ ମୁହଁ ଦେଲେ ସେ ଉପରେ ଆସି ଚଢ଼ିବେ ।

## ନିର୍ଦ୍ଦେଶ ।

ଓଡ଼ିଶାର କଂଗ୍ରେସ ସରକାରଙ୍କ ଏକବର୍ଷାଧିକ କାର୍ଯ୍ୟକାଳ ମଧ୍ୟରେ ଯେଉଁ କେତୋଟି ଲୋକ ହିତକର କାର୍ଯ୍ୟରେ ହସ୍ତକ୍ଷେପ କରାଯାଇଛି ତଦ୍ୱାରା ଲୋକ ସାଧାରଣ କଂଗ୍ରେସ ସରକାରଙ୍କ ଅସ୍ତିତ୍ୱ ପର୍ଯ୍ୟନ୍ତ ଅନୁଭବ କରିପାରି ନାହାନ୍ତି । କିନ୍ତୁ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଗଲାତ ଅକ୍ଟୋବର ୧୫ ତାରିଖ ଠାରୁ ଓଡ଼ିଶା ସରକାର ନିଶାନିବାରଣ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହାଦ୍ୱାରା ଦେଶ ଯେ ସ୍ୱାଧୀନତା ଦିଗରେ ଅଗ୍ରସର ହେବ ଏଥିରେ କୌଣସି ସନ୍ଦେହ ନାହିଁ । ସରକାରଙ୍କର ଏହି ପ୍ରଯୋଜନାରେ ସର୍ବସାଧାରଣ ସାହାଯ୍ୟ କରିବା ଉଚିତ ।— ସଂପାଦକ

ଆମେ ମହମ୍ମଦ ଅଲି ଜିନାଙ୍କୁ ଏ ଦୁଇ ଶ୍ରେଣୀରୁ କେଉଁ ଶ୍ରେଣୀ ତଳେ ପିଟିବେ ତାର ମୀମାଂସା କରିପାରିଲୁ ନାହିଁ । କଂଗ୍ରେସ ଯେତେ ତାଙ୍କୁ ବାପରେ ଧନରେ କରୁଛି ସେ କହୁଛନ୍ତି—ବାପ ନୁହେଁ—ମୋତେ ଗୋସେଇଁ ବାପ ବୋଲି ଡାକ । କଂଗ୍ରେସ ଥରେ ଅଦାପ କଲା ବେଳକୁ ସେ କହୁଛନ୍ତି ଏକ ସଲାମ ନୁହେଁ ବଡ଼୍ ସଲାମ୍ । ତାପେ ଗୋଟାଏ ଦଳ ମୁସଲମାନଙ୍କର ନେତା ବୋଲି କଂଗ୍ରେସ କହିବା ବେଳକୁ ସେ କହୁଛନ୍ତି—ନା, ଭାରତର ସମସ୍ତ ମୁସଲମାନ ଜାତି, ମୁସଲମାନ ଧର୍ମର ପ୍ରତୀକ ମୁଁ ଏଉ ମୋ ଲୀଗ୍‌ବୋଲି ମାନ । କଂଗ୍ରେସ ଏହା ମାନିଲେ ଜିନାଙ୍କ ପରଦିନ ପୁଣି କହିବେ—ମୁଁ ସମଗ୍ର ଭାରତର ହର୍ତ୍ତାକର୍ତ୍ତା ବିଧାତା ବୋଲି କଂଗ୍ରେସ ମୋତେ ପୂଜା ନକଲେ ଚଳିବ ନାହିଁ । ତାପରେ ଆଉ ଗୋଟାଏ ପାଦ ଉପରକୁ ଚଢ଼ି କହନ୍ତେ, ସବୁ ହିନ୍ଦୁଯାକ ମୁସଲମାନ ହୁଅ ନୋହିଲେ—ଲଢ଼ାଇ କର । ତାପରେ କ'ଣ କହନ୍ତେ ଆମ ମଥାରେ ପଶୁନାହିଁ, ଜିନାଙ୍କ ସାଡଭାଇମାନ ହିଁ ହୁଅନ୍ତୁ ବା ବେହଇ ହୁଅନ୍ତୁ କେହି ଜଣେ ଭାବିଲେ କହିପାରିବେ ବୋଲି ଆମର ବିଶ୍ୱାସ ।

+ + +

ଜଣେ ପଗୁରିଲେ ବଇସିମ ତାହାକୁ କହନ୍ତି—ଆଉ ଜଣେ ତାର ଉତ୍ତର ଦେଲେ ଯେଉଁ ଲୋକ ଆମିଷ ଭୋଜନ ପାପ ବୋଲି କହି ଶୁଖୁଆ ମୁଣ୍ଡନ୍ତି ତାଙ୍କୁ ହିଁ ବଇସିମ କୁହାଯାଏ ।

ସେ ପୁଣି ପ୍ରଶ୍ନ କଲେ, ନିଖିଳ ଭାରତ କଂଗ୍ରେସ ଓଆର୍କିଂ କମିଟି କାହାକୁ କହନ୍ତି? —ତାର ଉତ୍ତର ମିଳିଲା—ହିନ୍ଦୁ ମୁସଲମାନ, ବୌଦ୍ଧ ଖ୍ରୀଷ୍ଟାନ ଏମିତି ସାମ୍ପ୍ରଦାୟିକ ଭାବ ଖରାପ ବୋଲି କହି ଯେଉଁ ଦମିତ ଜନତା ସାମ୍ପ୍ରଦାୟିକ ପ୍ରତିଷ୍ଠାନ ଲୀଗ୍ ଜିନାଙ୍କ ସହିତ ମିଳାମିଶା ପାଇଁ ଧାଇଁ ପାଇଁ ହୁଅନ୍ତି । ଏ ଉତ୍ତର

ତାଙ୍କର କେତେଦୂର ଠିକ ଆମ୍ଭେମାନେ କହି ପାରିବୁଁ ନାହିଁ କିନ୍ତୁ ସବୁଜାତି ସବୁ ଧର୍ମର ପ୍ରତିନିଧି କଂଗ୍ରେସ ଓ୍ୱାର୍କିଂ କମିଟି ଯେ ନିଜର ମହତ୍ତ୍ୱ ଅଉ—ଉଦାରତା ଦେଖାଇବା ପାଇଁ ନିତାନ୍ତ କ୍ଷୁଦ୍ର କୀଟ ସଙ୍କୀର୍ଣ୍ଣ ଲୋକଙ୍କ କାନ୍ଧରେ ହାତ ପକାଉଛି ଏଥିରେ ସନ୍ଦେହ ନାହିଁ

× + ×

ଜିନାଙ୍କ ଭେକ ବାନା ଆମକୁ ଜଣାନାହିଁ। କିନ୍ତୁ ତାଙ୍କ ଦୁରୁଦ୍ଧିଂଟା ହାଟରେ ପଣ୍ଡ ଦାଣ୍ଡରେ ଗଡିଲାଣି । ସେ ଏ ବେ ଗୃହିଁଲେଣି କି ଭାରତକୁ ଦଖଣ୍ଡ କରି ମୁସଲମାନ ଖଣ୍ଡକୁ ଆଖପାଖ ଅଉ ମୁସଲମାନ ଦେଶସାଙ୍ଗରେ ମିଶାଇ ଦେବାପାଇଁ । ସାବାଶ୍‌ଭାଇ, ତୁନେ କମାଲ୍ କିଆ । ଦେଖ୍ ଦେଖ୍ ଆଖି ଆଗରେ ଦୁଇ ଦୁଇଟା ପ୍ରଦେଶ ହାତରୁ ଖସିଗଲା । ପୁଣି ବଙ୍ଗଲାଅଉ ସିନ୍ଧୁ ଯିବା ଉପରୋ ଏପରି ଅବସ୍ଥାରେ ବଣ୍ଟୁଆରା କରି ନ ନେଲେ ହାନ୍ତି ନାହିଁ । ତେଣିକି ଜିନା ସାହେବ ଭାରତୀୟ ମୁସଲମାନ ଖଣ୍ଡର ବାଦସା ହୋଇ ବସିଯିବେ —କିଆ ମଜେଦାର ! ତାପରେ ଅସିଦ୍ଧ ସାକୀ ଅଉ ସରାବ୍ । ଚମନ୍ ଅଉ ବୁଲ୍ ବୁଲ୍ । ସେତେବେଳେ ମମତାଜ ଗଡା ହେବ କାହାପାଇଁ ? ତବ୍ ତୋ ଭାରତ ବେହସ୍ତ ବନ୍‌ଯାଏଗା ! ଯୃାନେ ଭାରତ ପାକ୍‌ସ୍ଥାନ ଯ୍ୱା ଜିନାସ୍ଥାନ ବନ୍ ଯାଏଗା ।

+ + +

ଚଳନ୍ତି ପ୍ରତିମା ପ୍ରଥା ଓଡ଼ିଶାରେ ଗୃହ-ଅଡ଼େ ଅଛି । ଜଗନ୍ନାଥଙ୍କଠୁ ଏ ରୋଗ ଉଡି ପୁଣି ବିଶ୍ୱନାଥ ଯାଏଁ ଅଇଲାଣି । ବିଶ୍ୱନାଥ ଉତ୍କଳ ଦେଶ ମିଶ୍ରଣ ସମ୍ବନ୍ଧରେ ଯେଉଁ ବଳ ବଳାଇଥିଲେ ତାକୁ ଲୋକେ ଖୁଣ୍ଟା ଦେଲାକୁ ସେ ନିଜେ ନ ବାହାରି ତାଙ୍କର ଗୋଟିଏ ଚଳନ୍ତି ପ୍ରତିମା ଗଢି ଏବେ ତାଙ୍କ ମୁହଁରେ କୁହାଇଛନ୍ତି ଯେ ତାଙ୍କର କିଛି ଦୋଷ ନାହିଁ । କିନ୍ତୁ ବିଶ୍ୱ-ନାଥେ ସେ ଦିନ ଯାହା ଭାଷିଲେ ଆମେ ତାହା ନିଜ କାନରେ ଶୁଣିଛୁଁ କାରଣ ଓଡ଼ିଶୀ ମନ୍ତ୍ରୀଙ୍କ ଭଳି ଆଖିରେ ଶୁଣିବାର ଅଭ୍ୟାସ ଆମର ନାହିଁ । ସେ କଥାଶୁଣି ଅନେକ କାନରେ ଅଙ୍ଗୁଳିଦେଲେ । ଆମେ କିନ୍ତୁ ନୀରବ ଭାବରେ ଥାଉଁ । ତାଙ୍କ ପ୍ରାଣରେ ଯେ କଂଗ୍ରେସ ଓ୍ୱାର୍କିଂ କମିଟିର ଏ କିଲୁଆ ଭୟ ବଡ଼ ବେଶୀ ରହିଛି ଅଉ ସେମାନଙ୍କ ପାଖରେ ନାହିଲି ଟାକୁଯେ ସେ ନିଜର ଅବସ୍ଥା ଦୃଷ୍ଟେ ଏକାନ୍ତ ଉଚିତ ମନେ କରୁଛନ୍ତି । ଏକଥାର ପ୍ରମାଣ ସେ ନିଜେ ଦକ୍ଷୀ ପଥରେ ଦେଇ ସାରିଛନ୍ତି । ମିଛ କହିବା ମହାପାପ—କିନ୍ତୁ ପଣ୍ଡିତପୁଅର ପରି ପାପ ନାହିଁ ? ସତ୍ୟାଗ୍ରହଟା ସିନା ଗୋଟ ଗୋଟ କଂଗ୍ରେସ ବାଲାଙ୍କ ପାଇଁ ବଡ଼ ବଡ଼ଅ ଓ ସେ ଅବସ୍ଥା ପାର ହୋଇ-ଗଲାଣି । ଯଥା ସ୍ତ୍ରୀଲୋକଙ୍କ ସଂସ୍ପର୍ଶରେ ଆସି ମଧ୍ୟ ଯତେନ୍ଦ୍ରିୟର କୌଣସି ବିକାର ହୁଏ ନାହିଁ ସେଇପରି । କିନ୍ତୁ ଆମ୍ଭେମାନେ ବିଶ୍ୱନାଥଙ୍କ ନିଜ ମୁଖ ନିସୃତ ବାଣୀ ଶୁଣି-ବାକୁ ବଡ଼ ଲାଳାୟିତ । ତାହା ଚଳନ୍ତି ପ୍ରତିମାଙ୍କ ବକ୍ତୃତା ଠାରୁ ଅଉ କେତେ ଡିଗ୍ରୀ ସତ ଏତିକ ଦେଖିଲେ ଆମ୍ଭେମାନେ ଆଶ୍ୱସ୍ତ ହେବୁଁ ।

+ × +

ସମସ୍ତେ ଶୁଣି ସୁଖୀ ହେବେ ଯେ ଆଗରୁ ଦିନକୁ ୨୪ ଘଣ୍ଟା ଥିଲା । ମାତ୍ର ସମୟ ଦେଇପାରୁ ନାହିଁ ବୋଲି କହି ଉତ୍କଳ କଂଗ୍ରେସ ସଭାପତି ଆସନରୁ ଉଠିଆସି ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରି ପୁଣି ସଭାପତିତ୍ୱ ବରଣ କଲା ଦିନରୁ ଦିନକୁ ୩୨ ଘଣ୍ଟା ହୋଇଯାଇଛି । ଖବର ମିଳୁଛି ।

ଗୋପ ବାବୁ ଇସ୍ତଫା ଦେବା ପୁଣି ମୁସ୍ତଫା ହେବା ଭିତରେ ଗୋଟା ଭିତର ରହସ୍ୟ ଯେ ଅଛି ଏଥିରେ ସନ୍ଦେହ ନାହିଁ । ତା ଭିତରୁ କଂଗ୍ରେସ ମନ୍ତ୍ରୀମଣ୍ଡଳର କାର୍ଯ୍ୟ କଳାପରେ ଅସନ୍ତୋଷ ବୋଧ ଗୋଟିଏ ବୋଲି ଅନେକ କହୁଛନ୍ତି । ଗୋପବାବୁଙ୍କ ଭଳି ସତ୍ୟନିଷ୍ଠ ଲୋକ ପ୍ରକୃତରେ ଏହା ଅନୁଭବ କରିଥିଲେ ସେ ଇସ୍ତଫା ପତ୍ର ପୁଣି ଓଟାଇ ନେଇ ନଥାନ୍ତେ ।

ଗୋପବନ୍ଧୁ ମନ୍ତ୍ରୀବନ୍ଧୁ ନହୋଇ ଦେଶ ବନ୍ଧୁ ଭାବରେ ଏହାର ଭିତର କଥା ପ୍ରକାଶ କଲେ ଭଲ ହୁଅନ୍ତା । × ×

ଆମ୍ଭେମାନେ ଶୁଣି ସୁଖୀ ହେଲୁଁ ଯେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିରେ ଏମ୍ ଏଲ୍ ଏ ମାନଙ୍କୁ ଜିଲ୍ଲାବୋର୍ଡ଼ ପ୍ରଭୃତିରେ ଠିଆ ହେବାର କ୍ଷମତା ଦେବା-ପାଇଁ ଯେଉଁ ପ୍ରସ୍ତାବ ଆସିଥିଲା ତାହା ନାକଚ ହୋଇଗଲା । ବାବ ଜଣେ ଦୁଇଜଣ ଲୋକ କେତେ ଲୋକଙ୍କର ପେଟପାଟଣା କାହିଁକି ମାରିବେ ? ସେଇଟା ପୁଞ୍ଜିବାଦୀ ହୁଅନ୍ତା । ଏ ସାମ୍ୟବାଦୀ ଯୁଗଟି—ସାବଧାନ ! କିନ୍ତୁ କ୍ଷମତାଭିଳାଷୀ ସୁବିଧାବାଦୀ କେତେକ କଂଗ୍ରେସ ନେତାଙ୍କ ଦୁଃଖରେ ଆମ୍ଭେମାନେ ସମବେଦନା ପ୍ରକାଶ କରୁଛୁଁ । × ×

କେହି କେହି ପଚାରୁଛନ୍ତି କି ଗୋଟିଏ ତିର ଜିରିବ ଏକାଥରକେ ଏତେଗୁଡ଼ାଏ ଗଡଜାତରେ ଗୋଳ ଲଗାଇଦେବା ନେତା-ମାନଙ୍କର ସୁବୁଦ୍ଧି ଓ ସୁକୌଶଳର ପରିଚୟ ଦେଉଛି କି ? ଆମେ କହୁଁ କି ରାମଚନ୍ଦ୍ରଙ୍କର ହାତ ସଫେଇ ପରଖ କରିବା ପାଇଁ ତାଙ୍କୁ ସପ୍ତତାଳ ଭେଦ କରିବାକୁ ଦିଆ ହୋଇ-ଥିଲା । ସେ ମଧ୍ୟ ସାରଙ୍ଗ ଧରି ଏକା ବାଣକେ ତାହା ଭେଦ କରିଥିଲେ । ସେହି-ପରି ଏଯୁଗର ସାରଙ୍ଗଧର ତାଙ୍କର ହାତୋଟି ପଣିଆ ଦେଖାଇବା ପାଇଁ ଏକାଥରକେ ସପ୍ତତାଳ ଭେଦ କରୁଛନ୍ତି ପରା । ଏ ପରୀକ୍ଷାରେ ପାସ୍ କଲେ ସେ ଯାଇ ବାଳୀ ମାରିବାକୁ କ୍ଷମ ହେବେ ! + ×

ମଧ୍ୟ ପ୍ରଦେଶର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଖାରେଙ୍କୁ ବଡ଼ୁର ବୈକଲ୍ୟ ଅପରାଧରେ ଗୃହରୁ ଖାରଜ କରାହୋଇଥିଲା । ତାପରେ ସେ ପୁନାପୁଅ ହୋଇ ନରହି ବଡ଼ବଡ଼ଙ୍କ ଭିତରି କଥାମାନ ପଦାରେ ପକାଇ ଦେଲେ ଏହି ଘୋର ଅପମାନିଆ ଅପରାଧରେ ନିଖିଳ ଭାରତ କଂଗ୍ରେସ କମିଟି ତାଙ୍କୁ ଏକାବେଳକେ ଦେଉଳ ବାସନ୍ଦ ଦଣ୍ଡ ଦେଇଅଛନ୍ତି । ମଣିଷ ସବୁ ସହେ କିନ୍ତୁ ମରମ କଥା କହି ଇଜତ ଖିଲାପ କଲେ ଦେବତା ବି ସହି ପାରନ୍ତି ନାହିଁ । × ×

Digitized by srujanika@gmail.com




ନବକିଶୋର ବାବୁ ଜଣେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ତରୁଣ କବି, ସମାଲୋଚକ ଓ ଗଳ୍ପ ଲେଖକ । ଓଡ଼ିଆ ସାହିତ୍ୟ ବଜାରରେ କବିଂଙ୍କର ପ୍ରତିପତ୍ତି ବେଶ । 'ସହକାର' ଓ 'ନବ-ଭାରତ' ଠାରୁ ଆରମ୍ଭ କରି 'ଡଗର' 'ପ୍ରଗତି' ପର୍ଯ୍ୟନ୍ତ ଯେତେ ପତ୍ର ପତ୍ରିକା ଦେଖ୍ର ସବୁଥିରେ ତାଂଙ୍କର ଲେଖା । ସବୁ ସାହିତ୍ୟ ପତ୍ର ପ୍ରଶଂସା କରେ ନବବାବୁଂଙ୍କ ଲେଖାକୁ । ସହକାର ଲେଖେ, "ନବ-କିଶୋର ବାବୁ ଓଡ଼ିଆ ସାହିତ୍ୟରେ 'ନବ-ଯୁଗ' ସୃଷ୍ଟି କରିଛନ୍ତି ।" ନବ-ଭାରତ କହେ "ନବବାବୁଂଙ୍କ କବିତା ଅତି ଉଚ୍ଚ ଧରଣର ଗଳ୍ପ ଯେ ଥରେ ପଢ଼ିଛି ସେ ତାଂଙ୍କର ଆଉ ଗୋଟିଏ ଗଳ୍ପ ବାହାରିବା ଯାଏଁ ଗୁହିଁ ରହିଥାଏ ।..." ଏହିପରି ଏହିପରି କେତେ ପରଶଂସା । ନବବାବୁ କିନ୍ତୁ ଏସବୁଥିରେ ନିଜକୁ ଭୁଲିଯାନ୍ତି । ଆନନ୍ଦରେ ବିଭୋଳହୋଇ କେତେବେଳେ ଯେ କ'ଣ ଲେଖି ପକାନ୍ତି ତା' ତାଂଙ୍କୁହିଁ ଜଣା ।

ଦିନପରେ ଦିନ ଗ୍ଭଲିଯାଏ । ନବବାବୁଂଙ୍କ ଲେଖା ମଧ୍ୟ ଖଣ୍ଡିକ ପରେ ଖଣ୍ଡିଏ ବାହାରିବାରେ ଲଗିଥାଏ । + +

ନବବାବୁ ସକାଳର ସମସ୍ତ କାର୍ଯ୍ୟ ସମାପନ କରି ଗୋଟେ ଗଳ୍ପର ପ୍ଲଟ ବସି ଭାବୁଛନ୍ତି । ଦାଣ୍ଡରେ ଡାକପିଅନ ଆସି ଡାକିଲା, 'ବାବୁ ବାବୁ ଅଛନ୍ତି...' ନିତାନ୍ତ ବିରକ୍ତିରେ କବିଂଙ୍କ ପାଟିରୁ ବାହାରି ପଡ଼ିଲା, "ଧେତ୍, ଏ ଲୋକଗୁଡ଼ା ସବୁବେଳେ ଆସି ଗୋଳମାଳ କଲେ ।" ଦାଣ୍ଡକୁ ଆସି ଦେଖନ୍ତି ଡାକପିଅନ ! ଚିଠି ଖଣ୍ଡେ ସେ ଦେଇ ଗ୍ଭଲି-ଗଲା । ନବବାବୁଂଙ୍କ ଅଧରରେ ହସରେଖା ଦେଖାଦେଲା ।

ଗୋଲାପି ରଙ୍ଗର ଲଫାପା ଉପରେ ଜଣେ ତରୁଣୀର କୋମଳ କରର ଲେଖା । ତନ୍ମୟ ହୋଇ କିଛିକ୍ଷଣ ସେ କେବଳ ନିଜ ଠିକଣା ଟାକୁ ପଢ଼ିବାରେ ଲଗିଲେ, ତା'ପରେ କୋଠରୀ ଭିତରକୁ ଆସି ଯତ୍ନ ସହିତ ଲଫାପାଟିକୁ ଖୋଲି ଦେଖନ୍ତି ସେଥିରେ ଖଣ୍ଡେ ରଙ୍ଗଡ଼ା ନେଳିଆ କାଗଜ । ସେଥିରେ ଲେଖି ଥିଲା—

## ( କବି )

ଲେଖକ—ଶ୍ରୀ ବସନ୍ତ କୁମାର ବେହୁରା

C/o କୃପାସିନ୍ଧୁ ମହାନ୍ତି
୧୪, ଡେ଼ଲହାଉସି ଷ୍ଟ୍ରିଟ୍
କଲିକତା

ମାନନୀୟେଷୁ,

ଆପଣଙ୍କ ପାଖରେ ନିତାନ୍ତ ଅପରିଚିତା ହେଲେହେଁ ଆପଣଂଙ୍କର ଲେଖା ସହିତ ଖୁବ୍ ପରିଚିତା । ଆପଣଂଙ୍କର ଲେଖା ମୋତେ ଭାରି ଭଲଲାଗେ । ପତ୍ରିକା ଖଣ୍ଡେ ପାଇଲେ ଆପଣଂଙ୍କ ଲେଖା ପ୍ରଥମେ ଖୋଜିବୁଲେ ମୁଁ ପଢ଼େଁ । 'ନବ-ଭାରତ'ର ନୂତନ ସଂଖ୍ୟାରେ ଆପଣଂଙ୍କ କବିତାଟି ପଢ଼ି ମୁଁ ଏକାବାରେ ନିଜକୁ ଭୁଲିଗଲି । ଆସନ୍ତା ସଂଖ୍ୟାରେ ଆପଣଂଙ୍କ ଲେଖାକୁ ଅନାଇ ରହିଲି । ଇତି

ଆପଣଂଙ୍କର
ଅପରିଚିତା
ଅନ୍ନପୂର୍ଣ୍ଣା ଦେଈ

ଚିଠିଟା ପଢ଼ି ନବବାବୁ ଏକଦମ୍ ବିଭୋଳ ହୋଇଗଲେ । ଜଣେ ତରୁଣୀ ପାଖରୁ ନିଜ ଲେଖାର ପ୍ରଶଂସା । ସ୍ୱାଠୁ ଅଉ ବେଶୀ ମୂଲ୍ୟବାନ ଜିନିଷ କ'ଣ ହୋଇପାରେ ? ଚିଠିଟାକୁ ଦଶ ବାର ଥର ମୂଳରୁ ଅଗ ପର୍ଯ୍ୟନ୍ତ ପଢ଼ି ସାରିଲା ପରେ ସେହିଦିନ ଡାକରେ ଚିଠିର ଉତ୍ତର ଦେଲେ "କ'ଣ ଯେ ଆପଣଙ୍କୁ ସମ୍ବୋଧନ କରିବି ଠିକ୍ କରିପାରୁ ନାହିଁ । ଆପଣ ଯେ ମୋ ଲେଖା ପ୍ରତି ଏତେ ଅନୁରକ୍ତ ସେଥିପାଇଁ ମୁଁ ଆପଣଂଙ୍କୁ ମୋର ଅନ୍ତରର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଜଣାଉଅଛି । ଶୀଘ୍ର ପତ୍ରଦେବେ ।

ଇତି
ଆପଣଂଙ୍କର
ନବକିଶୋର

ତା'ପରେ ନବବାବୁ ଗଳ୍ପର ପ୍ଲଟ ଭାବି ବସିଲେ । କେତେ ପ୍ଲଟ ଭାବିଗଲେ । କେଉଁଟା ହେଲେ ମନକୁ ଆସୁନଥାଏ । ପ୍ରାୟ ଦୁଇଦିନ ଗଲାପରେ ଗୋଟେ ପ୍ଲଟଅନୁସାରେ ଗଳ୍ପଲେଖା ଆରମ୍ଭକଲେ । ଗୋଟାଏ ପୃଷ୍ଠା ଲେଖନ୍ତି ତା'ପରେ ପୁଣି ତାକୁ ପଢନ୍ତି । କିନ୍ତୁ ସେଥିରେ ମନ ମାନେନାହିଁ । ପୁଣି ଥରେ ଲେଖନ୍ତି । ସେଥିରେ ମନ ମାନେନି । ଏପରି ହେଉଁ ହେଉଁ ହୋଇଗଲା ମାସର ୧୪ ତାରିଖ । ପରଦିନ ସକାଳେ ମେଲିହେଲେ ଲେଖା ପ୍ରେସରେ ଦେଇ ଆସିବା ଦରକାର । କବି ଠିକ୍ କଲେ, "ନାଁ, ଆଜି ରାତିଟା ଗୁଡ଼ାଇ ଗଳ୍ପଟା ଲେଖି ଦେବାକୁ ହେବ ।" କୌଣସିମତେ ରାତିଟା ସାରା ଲାଗି ଗଳ୍ପଟା ଲେଖି ଶେଷ କଲେ ।—

ପତ୍ରିକାରେ ଲେଖା ଯଥା ସମୟରେ ବାହାରିଲା । ଏଥର ତରୁଣୀଂଙ୍କଠାରୁ ଆହୁରି ବେଶୀ ମିଳିଲା ପ୍ରଶଂସା ।

\+ + +

ତା'ପରେ ଗ୍ଭଲିଲା ନିୟମିତ ଚିଠିପତ୍ର ଲେଖା—ପୁଣି ନବବାବୁ ତାଙ୍କ ପତ୍ନୀ ପର୍ଯ୍ୟନ୍ତ ଲଗି 'ନବଭାରତ'ର ପ୍ରତି ପତ୍ରେ ପତ୍ରେ କବିତାବ ଫୁଟାଇବାକୁ କଲେ ଚେଷ୍ଟା । ଏହିପରି କେତେଦିନ ବିତିଗଲା । ଦିନେ ତରୁଣୀଂଙ୍କ ଠାରୁ ଚିଠି ପାଇଲେ—

କଲିକତା—

ଅତି ଆଦରର ନବବାବୁ,

ଏଥର 'ନବ-ଭାରତ'ରେ ଆପଣଂକର ସମାଲୋଚନା ପଢ଼ି ବିଶେଷ ଆନନ୍ଦିତ ହେଲି । ଲେଖାଟି ପ୍ରକୃତରେ ବଡ଼ ଚମତ୍କାର ହୋଇଛି ।

ଆପଣଂକର ବହୁତ ଲେଖା ପଢ଼ିଛି । କିନ୍ତୁ ଆପଣଙ୍କୁ କେବେ ଦେଖି ପାରିଲି ନାହିଁ । ସେଥିପାଇଁ ମନ ମୋର ବଡ଼ ବ୍ୟାକୁଳ । କଲିକତାରେ ଥିଲେ ସୁଦ୍ଧା ଯେତେହେଲେ ମୁଁ ଜଣେ ଓଡ଼ିଆ ଝିଅ—ତେଣୁ ମୋ ପକ୍ଷରେ କଲେଜ ଯାଇ ଆପଣଂକୁ ଦେଖି ଆସିବା ଅସମ୍ଭବ । ଆପଣ ଯଦି ଦୟାକରି ଏଠିକି ଥରେ ନିକଟରେ ଆସନ୍ତେ ତେବେ କୃତାର୍ଥ ହୁଅନ୍ତି । ଇତି ।

ଆପଣଂକର
ସ୍ନେହର
ଅନୁ ।

ନବ ସେହିଦିନ ଜବାବ ଲେଖି ଦେଇ ଦେଲେ,—ଆଦରର ଅନୁ, ମୁଁ ଆସନ୍ତା ସୋମବାର ଦିନ କଲିକତାରେ ଯାଇ ପହଞ୍ଚିବି । ଆଉ ସବୁ ଦେଖାହେଲେ—"

ତା ପରେ—ନବବାବୁଂକର ମନ ଟିକିଏ ଲାଗେନା । ଦିନଟାଏ ବର୍ଷ ପରି ଲାଗିଲା—ସବୁବେଳେ ଚିନ୍ତା ରବିବାରଟା କେମିତି ଆସିଲେ ସେ ଯିବେ କଲିକତା ।

ରବିବାର ଆସି ପହଞ୍ଚିଲା । ନବବାବୁ ଦିନଯାକ ଲାଗି ଜିନିଷପତ୍ର ସଜାଡ଼ି ବାନ୍ଧି-ବୁନ୍ଧି ଦେଲେ । ରାତି ଦଶଟାରେ ଗାଡ଼ି । ସଂଧ୍ୟାବେଳେ ହାଉଆ ଖାଇବାକୁ ଜୋତା-ଯୋଡ଼ା ଆଡ଼େ ବାହାରି ପଡ଼ିଲେ ।

ହଠାତ୍ କଲିକତାରେ ପଢ଼ୁଥିବା ବନ୍ଧୁ ସଚ୍ଚି ଆସି ପହଞ୍ଚିଗଲେ ସେଠି ।

"କିରେ ତୁ କୁଆଡ଼େ ? କେତେବେଳେ ଆସିଲୁ ? ତମର କଲେଜ କ'ଣ ବନ୍ଦ ?"

ଏକାଥରକେ ଏତେଗୁଡ଼ାଏ ପ୍ରଶ୍ନ—ଏଇ ଏକ୍ସପ୍ରେସ୍‌ରେ । ଆସିଛୁ, ବୁଲି ଏଆଡ଼େ । ତୁ କୁଆଡ଼େ ଯାଉଛୁ କିରେ ? ଜିନିଷପତ୍ର ସବୁ ବାନ୍ଧିବୁନ୍ଧି ଥୋଇ ଆସିଛୁ ତ !"

ତାପରେ ନବବାବୁ ପ୍ରିୟତମ ବନ୍ଧୁଂକ ଆଗରେ ସବୁ କଥା ତାଙ୍କୁ ବଖାଣି ଗଲେ । ସଚ୍ଚି ସବୁ ଶୁଣିସାରି ଠୋଠୋ କରି ହସି ଉଠିଲା, "ଆଉ କାହିଁକି କରି ଏତେଗୁଡ଼ାଏ ଖର୍ଚ୍ଚ କରି କଲିକତା ଯିବୁ । ଆଉ ହଇରାଣ କରିବାକୁ ଆମର ଇଚ୍ଛାନାହିଁ । ଆମେହିଁ ଏମିତି କରିଥିଲୁ । ତମକୁ ଅଳ୍ପ ଖର୍ଚ୍ଚାନ୍ତରେ ପକାଇବାକୁ ମନ ହେଉଥିଲା ନାହିଁ । ସେଥି-ପାଇଁ ଅନୁ ବୋଲି ଆସିଲା ପତ୍ର—ଏଡ଼େ ଓଲୁ ତମେ ? କଲିକତାରେ ପୁଣି ଓଡ଼ିଆଣୀ କିଏ ତମ ଲେଖା ପସନ୍ଦ କରିବାକୁ ଅଛି ?

ନବବାବୁ ପାଟି ଆଁ କରି ତାଟକା ହୋଇ ଅନାଇ ରହିଲେ—କିଛିକ୍ଷଣ ପାଇଁ ତାଙ୍କ ପାଟିରୁ କଥା ସ୍ଫୁରିଲା ନାହିଁ ।

# ବିଡ଼ି

ଶ୍ରୀ କୁବେର ଦଳାଇ

ବଡ଼ ବଡ଼ ବଡ଼
ମୁରବୀ ପରି ଓଠରେ ଯାଉ ଘଡ଼ିକ ଘଡ଼ି ଜଡ଼ି
ସକାଳୁ ଉଠି ଖଣ୍ଡେ ଦି'ଖଣ୍ଡ
ଟାଣି ନଦେଲେ ଗନ୍ଧାଏ ତୁଣ୍ଡ
ଟେଗିଡ଼ି ଯାଏ ମୁଣ୍ଡ, ପିଣ୍ଡରୁ ପରାଣ ଯାଏ ଉଡ଼ି ।
ବଡ଼ ବଡ଼ ବଡ଼ ।

—୧—

ବଡ଼ ବଡ଼ ବଡ଼
ତୋ'ପରି ସାଥି ପାଇଲେ କିଏ ପାରିବ କାହିଁ ଛାଡ଼ି?
ଚମିନି ପରି ଧୂଆଁ-ବଉଦ
ଉଗାରି ଦେବା କେଡ଼େ ମଉଜ
ପୁଲାଏ ଟାଣି ଧୂଆଁକୁ ଦେବା ସିଧା ସଳଖେ ଛାଡ଼ି
ବଡ଼ ବଡ଼ ବଡ଼ ।

—୨—

ବଡ଼ ବଡ଼ ବଡ଼
ପାଇ ନପାଇ ସବୁରି ଘର ବସିଛୁ ତୁହି ମାଡ଼ି ।
କେନ୍ଦୁ ଗଛର ପତର ପେଣ୍ଡା
ଧୂଆଁ ପତର ଲମ୍ବାକୁ ଲମ୍ବା
ବଡ଼ ସରାଗେ ବାନ୍ଧନ୍ତି ତୋର ସୁଢଳ ଦେହ ଗଢ଼ି
ବଡ଼ ବଡ଼ ବଡ଼

—୩—

ବଡ଼ ବଡ଼ ବଡ଼
ନଥିଲେ, ଖୋଜେ ଦଳଉ ଯହିଁ ଖଣ୍ଡିଏ ଥିବ ପଡ଼ି ।
ଦଳବେ ଯେବେ ମିଳଇ ଖଣ୍ଡେ
ପରାଣ ଆସେ ପଶଇ ପିଣ୍ଡେ
ଆନନ୍ଦ ଆଉ କହିବ କିଏ ଭାବନା ଯାଏ ଉଡ଼ି ।
ବଡ଼ ବଡ଼ ବଡ଼

—୪—

ବଡ଼ ବଡ଼ ବଡ଼
ଦାରୁଣ ତୋର ଦୟାରୁ ଯାଏ ହୃତ୍ ପିଣ୍ଡଟା ସଢ଼ି
ଧରିଲେ ନିତି ତୋହରି ସଙ୍ଗ
ଓଠ ଧରଇ କାଳିଆ ରଙ୍ଗ
ଆଖିରୁ ତେଜ ସରଇ, ଯାଏ ଟଙ୍କା ପଇସା ପୋଡ଼ି
ବଡ଼ ବଡ଼ ବଡ଼

—୫—

ବଡ଼ ବଡ଼ ବଡ଼
ରଙ୍ଗ ଢଙ୍ଗିଆ ଚହକ ପଣେ ବହୁଛୁ ତୁହି ବୁଡ଼ି
ଟିପ-ଟିକିରୁ ଗୃହଖଣ୍ଡ ପରି
ଦେଉଛୁ ହାଟ ଦୋକାନ ଭରି
ଉପାସେ ପଡ଼େ ଶିଶୁ ପେଟଟା
ତୋତେ କେ ପାରେ ଛାଡ଼ି ?
ବଡ଼ ବଡ଼ ବଡ଼ ।

—୬—

ବଡ଼ ବଡ଼ ବଡ଼
ପରାଣ ଥିବାଯାଏ ତୋ ହାତ ଛାଡ଼ିବ କିଏ ହୁଡ଼ି?
ସେବାରେ ଯେତେ ମିଳିଛି ଫଳ
କହି ନେବାକୁ କାହାର ବଳ ?
ଚୁମିବ ନାଇ ଆଉ ତୋ ମୁଖ
ଦେଉଛି କାନ ମୋଡ଼ି
ବଡ଼ ବଡ଼ ବଡ଼

Digitized by srujanika@gmail.com



# ବର୍ଲିନ ଅବରୋଧ

ଶ୍ରୀ ଅଲଫାଁସ ଦୋଦେ (ଫରାସୀ)

(ଫରାସୀର ଶ୍ରେଷ୍ଠ କାହାଣୀ ମଧ୍ୟରୁ ଗୋଟିଏ)

"ଶାଜ୍ ଏଲିଜ" ନାମକ ବସ୍ତି ଲଗ୍ନ ପ୍ରାଚୀର ଦେହରେ ତୋପର ଗୁଳି ବହିଛି । ପକ୍କା ରାସ୍ତା ବନ୍ଧୁକ ଗୁଳିରେ ଫାଟି ଯାଇଛି । ଡାକ୍ତର ବ—ଙ୍କ ସହିତ ଜର୍ମନ ଅବରୁଦ୍ଧ ପ୍ୟାରିସ ସହରର ଇତିହାସ ପରିଚୟ କରୁଥିଲୁଁ । ପ୍ଲେସ ଲେତ୍ବାଏଲ ନାମ୍ନୀ ରାସ୍ତା ପଡ଼ିବା ମାତ୍ରେ ଡକ୍ତର ଅମ୍ଭମାନଙ୍କୁ ଅଟକାଇ ଦେଲେ । "ଅର୍କ ଦତ୍ରିୟୋ" ନାମକ ବିଜୟ ତୋରଣର ଚତୁଃପାର୍ଶ୍ୱରେ ଏବଂ କୋଣରେ ଯେଉଁ ଜୀର୍ଣ୍ଣ ଗୃହ ଗୁଡିକ ପରସ୍ପର ଲଗାଲଗି ହୋଇ ରହିଥିଲା ତା ଭିତରୁ ଗୋଟିକୁ ସେ ଅଙ୍ଗୁଳି ଠାରି କହିଲେ—

"ସେ ଉପର ବାରଣ୍ଡାରେ ଗୁଡ଼ାଏଟି ବନ୍ଦ ଝରକା ଦେଖୁଛ ? ଅଗଷ୍ଟ ମାସର ଆରମ୍ଭରେ, ସେଇ ବିପଦ ସଙ୍କୁଳ ୧୮୭୦ ଅବ୍ଦର ଅଗଷ୍ଟ ମାସରେ ଗୋଟିଏ ପକ୍ଷାଘାତ ରୋଗୀକୁ ଦେଖିବା ପାଇଁ ମୋତେ ଡକା ହୋଇଥିଲା । ରୋଗୀ କର୍ଣ୍ଣଲ ଜୁଭ ପ୍ରଥମ ନେପୋଲିଅନଙ୍କ ସମୟର ଜଣେ ଅଶ୍ୱାରୋହୀ ସୈନ୍ୟ ଥିଲେ । ଯଶ ଏବଂ ମାତୃଭୂମି ପାଇଁ ସେ ଏକାବେଳକେ ପାଗଳ । ଜର୍ମାନୀ ସହିତ ଯୁଦ୍ଧ ଆରମ୍ଭ ସମୟରେ ସେ ଏହି ସାଁଜ ଏଲିଜେ ବସ୍ତିରେ ଗୋଟିଏ ଘରର ପଡ଼ିଆ ଆଡ଼କୁ ଝରକା ଥିବା କେତୋଟି କୋଠରି ନେଇ ରହିଥିଲେ—କାହିଁକି ଜାଣ ? ନିଜ ସୈନ୍ୟ ବାହିନୀର ବିଜୟ ପ୍ରବେଶ ଉତ୍ସବ ସେଇଠାରେ ବସି ଦେଖିବା ପାଇଁ । ବିଚରା ଯେତେବେଳେ ଭୋଜନକରି ଟେବୁଲରୁ ଉଠୁଛି ସେତିକିବେଳେ ଉଇସେମ ବର୍ଗର ଯୁଦ୍ଧ ଖବର ଆସି ପହଞ୍ଚିଲା । ଖବର କାଗଜ ତଳେ ସମ୍ରାଟ ଲୁଇ ନେପୋଲିଅନଙ୍କ ଦସ୍ତଖତରେ ପରାଜୟ ଖବର ପଢ଼ିବା ମାତ୍ରେ ବୃଦ୍ଧ ସୈନିକ ବେହୋଶ ହୋଇ ଗଲେ ।

ମୁଁ ଯାଇ ଦେଖିଲି ସେ ମାଟିରେ ଚିତ୍ ହୋଇ ପଡ଼ିଛି । ମୁହଁରୁ ଲହୁ ବାହାରୁଛି, ନିଷ୍ପନ୍ଦ—ଯେପରି ଲଉଡ଼ି ଆଘାତ ହୋଇଛି । ଠିଆହେଲେ ସେ ବଡ଼ ଲମ୍ବା ଦେଖାଯାଉଥିବ—କାରଣ ଶୋଇକରି ମଧ୍ୟ ତାର ଶରୀର ଖୁବ୍ ବିଶାଳ ମନେହେଲା ।

ସୁନ୍ଦର ଗଠନ—ସୁନ୍ଦର ଦାନ୍ତ ଆଉ ସୁନ୍ଦର ଧଳ ଧଳା ବାଳ । ବୟସ ଅଶୀ ବର୍ଷ ହେବ କିନ୍ତୁ ୬୦ ରୁ ବେଶୀ କେହି କହିବ ନାହିଁ । ପାଖରେ ତାର ନାତୁଣୀ ବସିଥିଲା । ତାର ଆଖିପତା ଲୁହରେ ଭିଜି ଯାଇ ଥିଲା । ପିତାମହର ଚେହେରା ସହିତ ତାର ଚେହେରାରେ ଅନେକ ସାମଞ୍ଜସ୍ୟ ଥିଲା । ପାର୍ଥକ୍ୟ ଏତିକି; ଜଣକ ଚେହେରା ବାର୍ଦ୍ଧକ୍ୟ ହେତୁ ମ୍ଳାନ ଏବଂ ମଳିନ ଦେଖା ଯାଉଥିଲା, ଅନ୍ୟଟିର ଚେହେରା ନବୀନତା ଆଉ ଉଜ୍ଜ୍ୱଳତାରେ ପୂର୍ଣ୍ଣ ।

ସେହି ଝିଅଟିକୁ ଦେଖି ମୋର ବଡ଼ ଦୁଃଖ ହେଲା । ସେ ସୈନିକର ଝିଅ ଆଉ ସୈନିକର ନାତୁଣୀ । ତାର ପିତା ମେକ୍ ମେହନ ନିଜ ସାହାଯ୍ୟ କାରୀ ସୈନିକ ମଧ୍ୟରୁ ଜଣେ । ବୁଢ଼ା ସେଇ ସେଇ ଝିଅଟିର ସମ୍ମୁଖରେ ବେହୋଶ ହୋଇ ପଡ଼ିଥାଏ । ଝିଅଟି ମନରେ ଆଶଙ୍କା ଜାଗ୍ରତ ହୋଇ ଉଠିଥିଲା ।

ମୁଁ ତାକୁ ଆଶ୍ୱାସନା ଦେବାକୁ ଚେଷ୍ଟା କଲି—କିନ୍ତୁ ପ୍ରକୃତରେ ମୋର କୌଣସି ଆଶା ନ ଥିଲା । କଲିଜାରୁ ରକ୍ତ ପ୍ରବାହ ବନ୍ଦ କରିବା ପାଇଁ ଅମ୍ଭେମାନେ ଚେଷ୍ଟା କରୁଥିଲୁଁ । ଅଶୀ ବର୍ଷ ବୟସରେ ଏପରି ରକ୍ତ ନିର୍ଗତ ହେଲେ ବଞ୍ଚିବାର ଆଶା ଥାଏ ନାହିଁ ।

ତିନି ଦିନ ପର୍ଯ୍ୟନ୍ତ ରୋଗୀ ସେହିପରି ଗୋଟିଏ ଅବସ୍ଥାରେ ପଡ଼ି ରହିଲା—ନିଶ୍ଚଳ ଆଉ ନିଷ୍ପନ୍ଦ । ତା'ର ଭିତରେ 'ରାଇଫ ଶୋଫେନ'ରୁ ଖବର ଆସିଲା—ମନେ ଅଛି ତମର ?—କି ଅଦ୍ଭୁତ ସେ ଖବର !—ସନ୍ଧ୍ୟା ପର୍ଯ୍ୟନ୍ତ ଅମ୍ଭମାନଙ୍କର ଧାରଣା ଥିଲା ଯେ ଅମ୍ଭମାନଙ୍କର ଭାରି ଗୋଟାଏ ବିଜୟ ହୋଇଛି—୨୦ ହଜାର ଜର୍ମାନ ଆଘାତ ଓ ଜର୍ମାନ ଯୁବରାଜ ବନ୍ଦୀ ହୋଇଛନ୍ତି ।

କେଉଁଠି ଆଶ୍ଚର୍ଯ୍ୟ—ବାହାରର ଘଟଣା ପ୍ରତି ସେ ଏକାବେଳକେ ବଧିର—କାରଣ ନାହିଁ କେଉଁ ଚୁମ୍ବକ ଶକ୍ତିର ପ୍ରଭାବରେ ସେହି ଜାତୀୟ ଆନନ୍ଦର ପ୍ରତିଧ୍ୱନି ତା' କାନରେ ପହଞ୍ଚିଲା । କିନ୍ତୁ ସେଇ ରାତିରେ ମୁଁ ତାକୁ ଦେଖିଲି ସେ ଯେପରି ଆଉ ଜଣେ କେହି । ଆଖିର ରଙ୍ଗ ପ୍ରାୟ ପରିଷ୍କାର ହୋଇ ଯାଇଥିଲା । କଥା କହିବାକୁ ତାଙ୍କୁ ବିଶେଷ କଷ୍ଟ ହେଉ ନ ଥିଲା । ମୁଖ ମଣ୍ଡଳରେ ଗୋଟାଏ ଆନନ୍ଦର ଆଭାସ ମିଳୁଥିଲା ଆଉ ଖାଲି ଭଳି କହୁଥିଲା— ବିଜୟ—ବିଜୟ ।

"ହିଁ କର୍ଣ୍ଣଲ ଗୋଟାଏ ମସ୍ତ ବଡ଼ ବିଜୟ ହୋଇଛି ।" ପୁଣି ଯେବେ ମୁଁ ସୈନ୍ୟାଧକ୍ଷ, ମେକମେହନଙ୍କ ବିଜୟ ବିଷୟରେ ସବିସ୍ତାର ବର୍ଣ୍ଣନ କଲି, ତାହାର ଦେହ ଶିଥିଳ ହୋଇ ଆସିଲା ଆଉ ତାର ଚେହେରା ଉଜ୍ଜ୍ୱଳ ହୋଇଗଲା ।

ମୁଁ ଯେତେବେଳେ କୋଠରିରୁ ବାହାରି ଆସିଲି, ରୋଗୀର ନାତୁଣୀ ମୋତେ ଅପେକ୍ଷା କରି ରହିଥିଲା । ତାର ଚେହେରା ସିଠା ପଡ଼ି ଯାଇଥିଲା— ସେ ନିଃଶବ୍ଦ ଭାବରେ କାନ୍ଦିବାରେ ଲାଗିଥିଲା । ମୁଁ ତାର ଦୁଇ ହାତ ଧରି ପକାଇ କହିଲି—କର୍ଣ୍ଣଲ ଏଥର ବଞ୍ଚିଗଲେ ।



Digitized by srujanika@gmail.com

ମୋର କଥାର ଉତ୍ତର ଦେବାପାଇଁ କଣୋଷର ସାହସ ହେଲା ନାହିଁ । ତାର ଅବ୍ୟବହିତ ପୂର୍ବରୁ ଯୁଦ୍ଧର ପ୍ରକୃତ ସମ୍ବାଦ ମିଳି ଯାଇଥିଲା । ମେକ୍-ମୋହନ ତଡ଼ା ଖାଇଥିଲେ ଏବଂ ସମଗ୍ର ଫରାସୀସେନା ଅତି ଭୟଙ୍କର ଭାବରେ ଧ୍ୱଂସ ପ୍ରାପ୍ତ ହୋଇଥିଲେ । ଗୋଟାଏ ଅଚଳ ଦୃଷ୍ଟିରେ ଆମେ ଦୁହେଁ ପରସ୍ପରକୁ ଚାହିଁ ରହିଲୁ । କଣୋଷଟି ତାର ପିତାମହ ପାଇଁ ବଡ଼ ଉତ୍କଣ୍ଠିତ ଥିଲା । ସେ ଗୋଟପଣେ ଥରୁଥିଲା ।

ମୁଁ କହିଲି—ସେ ଏ ଧକ୍କାକୁ କେବେହେଁ ସମ୍ଭାଳି ପାରିବେ ନାହିଁ । କିନ୍ତୁ ବର୍ତ୍ତମାନ ଉପାୟ କ'ଣ ଅଛି ? ଯେଉଁ ଖବର ତାଙ୍କୁ ଜୀବନ ଦେଇଛି ସେ ଖବରର ଭ୍ରମ ସେ କାଳେ ବୁଝି ପାରିବେ—ସେଥିପାଇଁ ତାଙ୍କୁ ପ୍ରତାରଣା କରିବାକୁ ହେବ ।

ସାହସୀ କଣୋଷ କହିଲା—ଅଚ୍ଛା ମୁଁ ତାଙ୍କୁ ପ୍ରତାରଣା କରିବି । ଏହା କହି ସେ ତରତର କରି ଲୁହ ପୋଛି ଦେଇ ହସ ହସ ମୁହଁ କରି ତାର ପିତାମହର କୋଠରୀ ମଧ୍ୟରେ ପ୍ରବେଶ କଲା ।

କଣୋଷ ଏହି କଠିନ କାର୍ଯ୍ୟର ଭାର ନିଜେ ନେଲା । ପ୍ରଥମ କେତେଦିନ ପାଇଁ ତା ବଡ଼ ସହଜ ହୋଇଥିଲା—କାରଣ ବୁଢ଼ାର ମନ ସେତେବେଳେ ଦୁର୍ବଳ ଥିଲା, ଛୋଟ ପିଲାଙ୍କ ପରି ସେ ଯା' ତା' ବିଶ୍ୱାସ କରି ଯାଉଥିଲା । କିନ୍ତୁ ସ୍ୱାସ୍ଥ୍ୟ ଉନ୍ନତିର ସଙ୍ଗେ ସଙ୍ଗେ ତାର ମନ ମଧ୍ୟ ସବଳ ହୋଇ ଆସିଲା । ତାକୁ ଦୈନିକ ସମ୍ବାଦ ଶୁଣାଇବାକୁ ହେଉଥିଲା । ନୂଆ ନୂଆ ଖବର ତା ଆଗରେ କହିବାକୁ ପଡ଼ୁଥିଲା । ମୋର ଦୁଃଖ ହେଲା—ସୁନ୍ଦରୀ କଣୋଷଟି ଦିନ ରାତି ଗୋଟିଏ ଜର୍ମାନ ଦେଶର ମାନଚିତ୍ର ଉପରେ ଦୃଷ୍ଟି ରଖିଥାଏ । ଛୋଟ ଛୋଟ ପତାକା ସାହାଯ୍ୟରେ ସେ ସେଇ ମାନଚିତ୍ରକୁ ଚିହ୍ନିତ କରି ଦେଖାଏ—ବିଜୟ ଯାତ୍ରା ପଥରେ ସେନାଧ୍ୟକ୍ଷ ବାଜେନ ବର୍ଲିନ ଉପରେ ଅଗ୍ରସର ହେଉଛନ୍ତି, ସେନାଧ୍ୟକ୍ଷ ଫ୍ରସର୍ଡ ବେଭେରିଆରେ ଅଛନ୍ତି, ସୈନ୍ୟାଧ୍ୟକ୍ଷ ମେକମୋହନ ବେଲ୍ଟିକ ସାଗରରେ ଅବସ୍ଥାନ କରୁଛନ୍ତି ଇତ୍ୟାଦି । ସେ ସବୁ ବିଷୟରେ ସେ ମୋର ପରାମର୍ଶ ନେଉଥିଲା । ମୋର ସାଧ୍ୟାନୁସାରେ ମୁଁ ତାକୁ ସାହାଯ୍ୟ କରୁଥାଏଁ କିନ୍ତୁ ଏହି କାଳ୍ପନିକ ଯୁଦ୍ଧ ବିଷୟରେ ଆମ୍ଭେମାନେ ତାର ପିତାମହ ଠାରୁ ହିଁ ଅଧିକ ସହାୟତା ପାଉଥିଲୁଁ । ପ୍ରଥମ ନେପୋଲିୟନଙ୍କ ଫରାସୀମାନେ କେତେଥର ଜର୍ମାନକୁ ଜୟ କରିଥିଲେ । ସେଥିପାଇଁ ବୁଢ଼ାର ପ୍ରଥମରୁ ଯୁଦ୍ଧର ପରିଚାଳନା ବିଷୟରେ ଜ୍ଞାନ ଥିଲା । 'ବର୍ତ୍ତମାନ ତାଙ୍କର ଅମୁକ କାମ କରିବା ଉଚିତ ।' ନିଜର ଭବିଷ୍ୟତ ବାଣୀ ସଫଳ ହେବାର ଦେଖି ସେ ନିଜ ମନରେ ବଡ଼ ଗର୍ବ ଅନୁଭବ କରୁଥିଲା । ଦୁର୍ଭାଗ୍ୟରୁ ଆମ୍ଭେମାନେ ଯେତେ ସହର ଦଖଲ କରୁଁ ବା ଯେତେ ଯୁଦ୍ଧରେ ଜୟୀ ହେଉଁ—ତାର ସେଥିରେ ସନ୍ତୋଷ ଆସେ ନାହିଁ । ଆମେ ପଛରେ ପଡ଼ି ଯାଉଁ । ସେ ଆଗେଇ ଚାଲିଥାଏ — କୌଣସି ପ୍ରକାରରେ ସେ ସନ୍ତୁଷ୍ଟ ହେଉ ନଥିଲା । ପ୍ରତିଦିନ ସେ କଣୋଷ ମୋତେ ନୂଆ ନୂଆ ବିଜୟ ସମ୍ବାଦ ଶୁଣାଇ ଅଭିବାଦନ କରୁଥାଏ । ସେ ମୋ ପାଖକୁ ଆସେ—ମୁହଁରେ ଗୋଟାଏ ଏମିତି ହସ ଥାଏ—ସେଥିରେ ହୃଦୟ ଭାଙ୍ଗି ଚୂରମାର ହୋଇଯିବ । ଦରଜା ଭିତରୁ ମୋତେ ଶୁଭେ—ଗୋଟାଏ ହର୍ଷଭରା ସ୍ୱର କହୁଛି—ଆମ୍ଭେମାନେ ନବପଦରେ ଆଗେଇ ଚାଲିଛୁଁ । ଆଉ ଗୋଟିଏ ସପ୍ତାହରେ ବର୍ଲିନ ପହଞ୍ଚି ଯିବୁଁ ।

ସେତେବେଳେ ଜର୍ମାନ ସେନା ବେଶୀ ଦୂରରେ ନ ଥିଲେ । ସପ୍ତାହକ ମଧ୍ୟରେ ପ୍ୟାରିରେ ପହଞ୍ଚିବାର କଥା । ପ୍ରଥମ ଆମ୍ଭେମାନେ ଭାବିଲୁ ସେ ବୁଢ଼ାକୁ ଗାଁ ଆଡ଼କୁ ନେଇଯିବା । ମାତ୍ର ଭୟ ହେଲା ଏଠାରୁ ବାହାର ଗାଁର ଅବସ୍ଥା ଦେଖିବା କ୍ଷଣି ସବୁ କଥା ମାଲୁମ ହୋଇଯିବ । କାରଣ ସେ ପର୍ଯ୍ୟନ୍ତ ମଧ୍ୟ ବୁଢ଼ା ଏତେ ଦୁର୍ବଳ ଥିଲା ଯେ ପ୍ରକୃତ କଥା ଜାଣିଥିଲେ ହୁଏତ ସହ୍ୟ କରି ପାରି ନଥାନ୍ତା । ତେଣୁ ଠିକ୍ ହେଲା ଯେ ସେ ସେଇଠି ରହିବ ।

ପ୍ୟାରିସ ଅବରୋଧର ପ୍ରଥମ ଦିନ । ମୁଁ ରୋଗୀକୁ ଦେଖିବାକୁ ଗଲି । ମୋର ଭଲ ମନେ ଅଛି । ମୁଁ ସେତେବେଳେ ବଡ଼ ଚିନ୍ତିତ ଥିଲି । ପ୍ୟାରିସର ଫାଟକ ବନ୍ଦ ହୋଇ ଯାଇ ଥିଲା । ସହରର ଚତୁଃପାର୍ଶ୍ୱରେ ପ୍ରାଚୀରର ଅପର ଦିଗରେ ଯୁଦ୍ଧ ଚାଲିଥାଏ । ଆମର ବପ୍ରିଟ ଆମର ସୀମା ରୂପରେ ପରିଣତ ହୋଇ ଯାଇଥାଏ । ସେଥିପାଇଁ ମୋ ମନ ବଡ଼ ବ୍ୟଥିତ ଥିଲା ।

ଯେଉଁଦିନଠାରୁ ଆମ୍ଭମାନଙ୍କର ଯୁଦ୍ଧ ବିଷୟକ ଆଲୋଚନା ସହଜ ହୋଇ ଆସିଲା । ବର୍ତ୍ତମାନ କେବଳ ବର୍ଲିନ ଦଖଲ କରିବା ଯାଏଁ ଧୈର୍ଯ୍ୟ ଲୋଡ଼ା । ଯେତେବେଳେ ପ୍ରତୀକ୍ଷା କରି କରି ଥକି ପଡ଼ନ୍ତି ସେତେବେଳେ ତାଙ୍କ ପୁଅର ପତ୍ର ପଢ଼ାଇ ତାଙ୍କୁ ଶୁଣାଇ ଦିଆଯାଏ । ସେ ଚିଠି ସବୁ ମଧ୍ୟ କାଳ୍ପନିକ । କାରଣ ସେତେବେଳେ ପ୍ୟାରିସରେ କିଛି ପ୍ରବେଶ ମଧ୍ୟ କରି ପାରୁ ନଥିଲା ଏବଂ 'ସେଡାନ' ଯୁଦ୍ଧରେ ବନ୍ଦୀ ହେବା ପରେ ବୃଦ୍ଧର ପୁତ୍ର ମେକମୋହନଙ୍କ ସହାୟକ ସୈନ୍ୟାଧ୍ୟକ୍ଷଙ୍କୁ ଗୋଟିଏ ଜର୍ମାନ କିଲ୍ଲାକୁ ପଠାଇ ଦିଆଯାଇ ଥିଲା । ତାର ବନ୍ଦୀ ପିତା ପାଇଁ ସେଇ କଣୋଷର ମନରେ କି ନିରାଶା ଅଉ କି ଆଶଙ୍କା ଯେ ଜାଗ୍ରତ ହୋଇଥିଲା—ତାହା ତମେ ଭଲ କରି କଳ୍ପନା କରି ପାରୁଥିବ । ବାପର କୌଣସି ଖବର ମିଳୁ ନାହିଁ—ସେ ବନ୍ଦୀ—ସୁଖ ଏବଂ ସ୍ୱାଚ୍ଛନ୍ଦ୍ୟର ସମସ୍ତ ସୂତ୍ରରୁ ବଞ୍ଚିତ—କଦାଚିତ୍ ପୀଡ଼ିତ ମଧ୍ୟ । ପୁଣି ତାହାର ମୁହଁର, ଛୋଟ ପୁଅ ଆକାରରେ, ମିଛ କଥା କହିବାକୁ ପଡ଼ୁଛି କି ସେ ବିଜିତ ରାଜ୍ୟରେ କ୍ରମେ କ୍ରମେ ଜୟ କରି କରି ଆଗେଇ ଚାଲିଛନ୍ତି । ସମୟ ସମୟରେ ଯେତେବେଳେ ରୋଗୀ ଅଧିକ ଦୁର୍ବଳ ହୋଇ ପଡ଼ୁଥାଏ ସେତେବେଳେ ନୂଆ ଖବର ଆସିବାକୁ କେତେ ବିଳମ୍ବ ଘଟେ । ପୁଣି ଯେତେବେଳେ ସେ ଅତ୍ୟନ୍ତ ଉତ୍କଣ୍ଠିତ ହୋଇ ଉଠେ—ନିଦ ହୁଏ ନାହିଁ—ସେତେବେଳେ ଜର୍ମାନୀରୁ ପୁଅ ନିକଟରୁ ଖଣ୍ଡେ ଚିଠି ଆସିଯାଏ । କଣୋଷ ବୃଦ୍ଧ ପିତାମହର ଶଯ୍ୟା ନିକଟରେ ବସି ଅତି

Digitized by srujanika@gmail.com

କଷ୍ଟରେ ଅଶ୍ରୁ ସମ୍ବରଣ କରି ହର୍ଷ ଓ ପ୍ରଫୁଲ୍ଲ ହୋଇ ସେ ଚିଠି ପଢ଼ି ଶୁଣାଏ । କର୍ଣ୍ଣେଲ ବଡ଼ ଶ୍ରଦ୍ଧାରେ ଧ୍ୟାନ ଦେଇ ଶୁଣେ । ତାର ଚେହେରାରେ ଗୋଟାଏ ଗର୍ବର ଆନନ୍ଦ ଫୁଟି ଉଠେ । କେତେବେଳେ ପତ୍ରର କୌଣସି ବିଷୟକୁ ଅନୁମୋଦନ କରେ କେତେବେଳେ କୌଣସି ବିଷୟର ଭୁଲ ଦେଖାଇ ଦିଏ । ଆଉ କେତେବେଳେ କେଉଁ ବିଷୟର ସମାଲୋଚନା କରି ବସେ । ଯେତେବେଳେ ସେ ତାର ପୁଅ ଠାରୁ ଚିଠି ଲେଖେ ସେତେବେଳେ ତାର ଗୁଣର ପ୍ରକାଶ ଖୁବ୍ ବେଶୀ ଭାବରେ ହୋଇଥାଏ । ସେ ଲେଖେ—'ତୁ ଜଣେ ଫରାସୀ—ଏକଥା ଯେପରି କେବେ ନ ଭୁଲୁ । ଅଭାଗା ଜର୍ମାନମାନଙ୍କ ପ୍ରତି ସବୁବେଳେ ଉଦାର ବ୍ୟବହାର କରିବୁ । ଏ ଆକ୍ରମଣ ଯେପରି ଖୁବ୍ କଷ୍ଟକର ନ ହୁଏ ।' ପରାମର୍ଶର ଅଭାବ ହୁଏ ନାହିଁ । ଏମିତି ପ୍ରତି ସମ୍ମାନ ପ୍ରଦର୍ଶନ, ମହିଳାଙ୍କ ପ୍ରତି ଶିଷ୍ଟାଚାର ପ୍ରକାଶ ସମ୍ବନ୍ଧରେ କେତେ ଉପଦେଶ ସେଥିରେ ରହେ । ଗୋଟିଏ କଥାରେ କହିବାକୁ ଗଲେ ବୃଦ୍ଧ ଜଣେ ବିଜୟୀର କର୍ତ୍ତବ୍ୟ ସମ୍ବନ୍ଧରେ ଖଣ୍ଡେ ଧର୍ମ ସଂହିତା ରଚନା କରେ । ତା ଭିତରେ ରାଜନୀତି କଥା ବି ରହିଥିଲେ । ବିଜିତ ଉପରେ ଯେଉଁ ସର୍ତ୍ତ କିପରି ଭାବରେ ପ୍ରୟୋଗ କରିବା ଉଚିତ, ସେ ସବୁ କଥା ରହେ । ଏହା ମାନିବାକୁ ହେବ ଯେ ବୁଢ଼ା ବିଜିତ ଠାରେ କୌଣସି ଅଧିକ ଦାବି କରେ ନାହିଁ । ସେ ଲେଖେ, ଅର୍ଥଦଣ୍ଡହିଁ ଯୁଦ୍ଧର ଶର୍ତ୍ତ ବ୍ୟତୀତ ଅନ୍ୟ କିଛି ନୁହେଁ । ଦେଶ ଅଧିକାର କରି କୌଣସି ଲାଭ ନାହିଁ । କାରଣ ଜର୍ମାନୀକୁ କେବେ ହେଲେ ଫ୍ରାନ୍ସ କରି ପାରିବୁ ନାହିଁ ।" ସେ ଉତ୍ତର ଲେଖାଇଲା ବେଳେ ଏହିପରି ଦୃଢ଼ ସ୍ୱରରେ, ଏପରି ଦେଶ ଭକ୍ତି ଜନିତ ପୂର୍ଣ୍ଣ ବିଶ୍ୱାସ ସହିତ କଥା କହେ ଯେ, ଯେ କୌଣସି ଲୋକ ପକ୍ଷରେ ଅବିଚଳିତ ଭାବରେ ସେ ସବୁ ଶୁଣିବା ଅସମ୍ଭବ ।—

ଇତି ମଧ୍ୟରେ ଅବରୋଧ କାର୍ଯ୍ୟ ଚାଲିଲା—ତାହା ବର୍ଲିନ ଅବରୋଧ ନୁହେଁ । ହାୟ ! ସେ ସମୟରେ ଶୀତ, ତୋପର ବର୍ଷଣ, ମହାମାରୀ ଏବଂ ଦୁର୍ଭିକ୍ଷ ଶିର ଉପରେ ଝୁଲୁଥାଏ । ପ୍ୟାରିସର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇ ଥିଲା । ଆମ୍ଭମାନଙ୍କର ଯତ୍ନ ଏବଂ ଘରର ଲୋକମାନଙ୍କର ସେବା କ୍ଷଣକ ପାଇଁ ବୃଦ୍ଧର ଶାନ୍ତି ବିଚଳିତ କରିବାକୁ ଦେଇ ନଥିଲା । ଶେଷ ପର୍ଯ୍ୟନ୍ତ ମୁଁ ତାହା ପାଇଁ—କେବଳ ତାହାରି ପାଇଁ ପରିଷ୍କାର ଅଟାର ଉତ୍ତମ ରୋଟି ଏବଂ ଟାଟକା ମାଂସ ଅଣାଇ ଦେଉଥିଲି । ବୃଦ୍ଧର ସକାଳ ଭୋଜନ ବଡ଼ ହୃଦୟସ୍ପର୍ଶୀ ହେଉଥିଲା । ବୃଦ୍ଧ ଶାନ୍ତି ଗର୍ବରେ ଗର୍ବିତ ରହୁଥିଲା । ତାହାର ଚେହେରାରେ ତାଜା ଭାବ ଓ ଆନନ୍ଦ ଖେଳି ଉଠେ । ସେ ବିଛଣା ଉପରେ ଉଠି ବସିଛି । ଦାଢ଼ି ତଳେ ଗୋଟିଏ ବଡ଼ ରୁମାଲ ବନ୍ଧା ହୋଇଛି, (ଖାଦ୍ୟ ପଦାର୍ଥ ପଡ଼ି ଲୁଗା ଖରାପ ନହେବା ପାଇଁ ।) ବିଛଣା ନିକଟରେ ତାହାର ନାତୁଣୀ—ଅଭାବ ଏବଂ କ୍ଷୁଧାରେ ମଳିନ—ବୁଢ଼ାର ହାତକୁ ଧରି ତାହାର ମୁହଁ ପର୍ଯ୍ୟନ୍ତ ଉଠାଇ ଦେଉଥାଏ ଏବଂ ସବୁ ପ୍ରକାର ରୁଚିକର ନିଷିଦ୍ଧ ଖାଦ୍ୟ ଖାଇବାରେ ସାହାଯ୍ୟ କରୁଥାଏ । ବୁଢ଼ା ଖାଇ ପିଇ ସୁସ୍ଥ ହୋଇ ନିଜର ଗରମ କୋଠରୀ ମଧ୍ୟରେ ଆରାମ ଉପଭୋଗ କରୁଥିଲା । କୋଠରୀ ଭିତରକୁ ଥଣ୍ଡା ହାଓ୍ୟା ପ୍ରବେଶ କରି ପାରୁ ନଥିଲା—ବାହାରେ ବରଫର ତୋଫାନ ଚାଲି-ଥିଲା । ସେହି ଅଣ୍ଟାଭଙ୍ଗା ବୃଦ୍ଧ ସୈନିକ ସେତେବେଳେ ଉତ୍ତର ଇଉରୋପର ଯୁଦ୍ଧ ଗଳ୍ପ କହିବାକୁ ପସନ୍ଦ କରେ, ରୁଷ ବିରୁଦ୍ଧ ଯୁଦ୍ଧରେ ଫରାସୀମାନଙ୍କର ପଶ୍ଚାତଗାମୀ ପ୍ରତ୍ୟାଗମନ ବିଷୟ ବର୍ଣ୍ଣନା କରେ ରୁଷ ଯିବା ରାସ୍ତାରେ ବରଫରେ ମେଞ୍ଚା ହୋଇ ଯାଇଥିବା ବିସ୍କୁଟ୍ ଏବଂ ଘୋଡ଼ା ମାଂସ ଛଡ଼ା ଆଉ କିଛି ମିଳେ ନାହିଁ ।

" ବୁଝିଲୁ ମା ଆମେ ଘୋଡ଼ାର ମାଂସ ଖାଉଥିଲୁ ।"

କଣେଇ ଖୁବ୍ ଭଲ ଭାବରେ ବୁଝି ପାରୁ-ଥିଲା । କାରଣ ସେ ଗତ ଦୁଇମାସ ହେଲା ଘୋଡ଼ା ମାଂସ ଛଡ଼ା ଆଉ କିଛି ଖାଇବାକୁ ପାଇନାହିଁ । ସେ ଯେତେ ସୁସ୍ଥ ହୋଇ ଉଠୁଥାଏ ଆମ୍ଭମାନଙ୍କର କାର୍ଯ୍ୟ ସମ୍ପାଦନ ସେହି ପରିମାଣରେ କଠିନ ହୋଇ ଉଠୁଥାଏ । ସେତେବେଳେ କର୍ଣ୍ଣେଲର ସମସ୍ତ ଇନ୍ଦ୍ରିୟ ଓ ଅଙ୍ଗ ସଙ୍କୁଚନ (ଯେଉଁ କାରଣରୁ ଆମ୍ଭମାନଙ୍କୁ କେତେକ ସୁବିଧା ମଧ୍ୟ ହୋଇ ଉଠିଥିଲା)—କ୍ରମଶଃ ଲୋପ ହେବାକୁ ଆରମ୍ଭ କରୁଥାଏ । ଇତି ମଧ୍ୟରେ ଦାବାର ଫେର୍ଟ ମେଲୋଟରୁ ତୋପର ଭୟାନକ ଶବ୍ଦରେ ସେ ଚମକି ପଡ଼ୁଥିଲେ ଏବଂ ଯୁଦ୍ଧର ଘୋଡ଼ା ପରି କାନକୁ ଠିଆ କରି ଦେଇଥିଲେ । ସେଥିପାଇଁ ବାଧ୍ୟ ହୋଇ, ଆମ୍ଭମାନଙ୍କୁ ଗୋଟିଏ କଥା ସଜାଇ କହିବାକୁ ପଡ଼ିଥିଲା । ଆମ୍ଭେମାନେ କହିଲୁ ଯେ ବର୍ଲିନ ସମ୍ମୁଖରେ ଆମ୍ଭମାନଙ୍କର ବିଜୟ ହୋଇଛି । ସେହି ବିଜୟ ସମ୍ମାନ ପାଇଁ "ଏଁବାଲିଡରୁ" ତୋପ ଫୁଟା ହେଉଛି । ଆଉ ଦିନେ ତାଙ୍କର ପଲଙ୍କକୁ ଝିରକା ନିକଟକୁ ଉଠାଇ ନିଆ ଯାଇଥିଲା । ସେ ସମୟରେ ନେସନେଲ ଗାର୍ଡ଼ର ଏକ ସେନା ଦଳ ସମ୍ମୁଖସ୍ଥ ମଇଦାନରେ ଏକତ୍ରିତ ହୋଇଥିଲେ । ଦେଖାଗଲା ଯେ ସେ ଏହି ସୈନ୍ୟଙ୍କୁ ଦେଖି ଥରି ଉଠୁଥାଏ । ସେ ପଚାରିଲା, ଏ ସେନାଦଳ କାହାର ? ଏମାନଙ୍କର ଡ୍ରିଲ ଶିକ୍ଷା ଆଦୌ ଭଲ ନୁହେଁ—ନିତାନ୍ତ ଖରାପ ଶିକ୍ଷା—ଅତି କଦର୍ଯ୍ୟ ଶିକ୍ଷା—

ତାହାର କୌଣସି ପରିଣାମ ହୋଇ ନ ଥିଲା । କିନ୍ତୁ ଆମ୍ଭେମାନେ ବୁଝି ପାରିଲୁଁ ଯେ ବର୍ତ୍ତମାନ ଅଧିକ ସାବଧାନ ହେବା ଆବଶ୍ୟକ । କିନ୍ତୁ ଦୁର୍ଭାଗ୍ୟରୁ ଆମ୍ଭେମାନେ ତାହା ହୋଇ ପାରିଲୁଁ ନାହିଁ ।

"ଦିନେ ରାତିରେ ଦେଖିଲି ଯେ କଣେଇ ଭାରି ଚିନ୍ତିତ । ସେ କହିଲା କାଲି ଜର୍ମାନ ସେନା ଆମ୍ଭମାନଙ୍କ ସହରରେ ପ୍ରବେଶ କରିବେ ।"

ବୃଦ୍ଧର କୋଠରୀ ଦ୍ୱାର ବନ୍ଦ ଖୋଲା ଥିଲା ? ମୋର ମନେ ହେଲା ଯେପରି ବଡ଼ ମୁଁ ତାହାର ଚେହେରାରେ ଏକ ଅଦ୍ଭୁତ ଭାବ ଦେଖିଥିଲି । ଆମ୍ଭମାନଙ୍କର କଥା ବୋଧହୁଏ ସେ ଶୁଣି ପାରିଥିଲା । ଆମ୍ଭେମାନେ ଜର୍ମାନୀର କଥା



Digitized by srujanika@gmail.com

—ଡାହାଣୀ

କହୁଥାଅଁ କିନ୍ତୁ ସେ ମନେକରୁଥିଲା ଯେ ଆମ୍ଭେମାନେ ଫରାସିସ୍‌ମାନଙ୍କ କଥା କହୁଛୁଁ । ଏତେବେଳକୁ ସେ ଆଶାକରୁ ବସିଛି ଯେ ପ୍ରଧାନ ସେନାପତି "ମେକ୍‌ମୋହନ" ପ୍ର ଷ୍ଟ ବୃ ଷ୍ଟି ମଧ୍ୟରେ ବିଜିତ ଶତ୍ରୁ ସହିତ ସହରରେ ପ୍ରବେଶ କରୁଛନ୍ତି ଏବଂ ପ୍ରଧାନ ସେନାପତିଙ୍କ ସହାୟକ ସେନାପତି ତାହାର ପୁଅ ପ୍ରଧାନ ସେନାପତିଙ୍କ ପାର୍ଶ୍ୱରେ ଅଶ୍ୱପୃଷ୍ଠରେ ଅବସ୍ଥାନ କରି ଆସୁଛି । ଏସବୁ ସେ ଭାଲ ଦେଖିବବୋଲି ନିଜର ଜୀର୍ଣ୍ଣ ପୋଷାକ ପିନ୍ଧି ବାରୁଦ ଧୂଆଁ ମଧ୍ୟରେ ଅସ୍ପଷ୍ଟ ଯୁଦ୍ଧପତାକାକୁ ଅଭିବାଦନ କରିବା ଉଦ୍ଦେଶ୍ୟରେ ସେ ସେହି ବାରଣ୍ଡାରେ ବସି ରହିବାକୁ ନିଶ୍ଚୟ କରିଥିଲା

ବେଚାରା କର୍ଣ୍ଣେଲ ଜୁଭ୍ ! ବୃଦ୍ଧ ନିଶ୍ଚୟ ମନେ କରିଥିଲା ଯେ କାଳେ ତାହାର ହୃଦୟର ଆବେଗ ଅସହ୍ୟ ହୋଇପଡ଼ିବ ସେଥିପାଇଁ ଆମ୍ଭେମାନେ ନିବର୍ତ୍ତିଲୁଁ । ତେଣୁ ସେ ମନର ଇଚ୍ଛା ଆମ୍ଭମାନଙ୍କ ନିକଟରେ ପ୍ରକାଶ କରି ନଥିଲା । କିନ୍ତୁ ତା ପରଦିନ 'ଫୋର୍ଟମିଲରୁ' 'ଟୁଲର୍' ପର୍ଯ୍ୟନ୍ତ ଯେଉଁ ଲମ୍ବା ସଡ଼କ ପଡ଼ିଛି ସେହି ସଡ଼କ ଉପରେ ଯେତେବେଳେ ଜର୍ମାନ ସେନା ଖୁବ୍ ସାବଧାନରେ ଆସୁଥିଲେ ଠିକ ସେହି ସମୟରେ ଦେଖିଲୁଁ ଯେ ବାରଣ୍ଡାର ଦ୍ୱାର ଧୀରେ ଖୋଲିଗଲା—ଏବଂ ମୁଣ୍ଡରେ ଟୋପି ପିନ୍ଧି, କମରରେ ତରବାରି ଝୁଲାଇ ସେ ଆସି ବାରଣ୍ଡାରେ ଠିଆହେଲା । ଅନେକ ଥର ମୁଁ ମନରେ ଭାବିଛି ଯେ ଏପରି ସାମରିକ ପୋଷାକ ପିନ୍ଧି ଠିଆ ହେବାପାଇଁ ତାକୁ କେଉଁଣି କେତେଇଚ୍ଛା ଶକ୍ତି ପ୍ରୟୋଗ କରିବାକୁ ପଡ଼ିଥିବ । ତାର ଏପରି ଦୁର୍ବଳ ଅବସ୍ଥାରେ କେଉଁଣି କେତେ ଉତ୍ଥାନର ଆକସ୍ମିକ ଆବେଗ ଦ୍ୱାରା ପରିଚାଳିତ ହେବାକୁ ହୋଇଥିବ । କିନ୍ତୁ ବାହାରେ ରାସ୍ତା ଏପରି ନିଶବ୍ଦ, ନିର୍ଜନ ଘରଦ୍ୱାର ଝରକା ସବୁ ବାହାରେ ଏପରି ବନ୍ଦ, ସ୍ୟାଶ୍ ସେଗର କୋଠିମାନଙ୍କର ହସପାତାଲ ହୋଇ ପଡ଼ିଛି, ଘରଅଡ଼େ ପତାକା ଝୁଲୁଛି—କିନ୍ତୁ ସେସବୁ ଅପରିଚିତ ବିଦେଶୀ ପତାକା, ଲାଲ କ୍ରସ ଅଙ୍କିତ ଧଳା ରଙ୍ଗର ପତାକା—ଏସବୁ ତାହାକୁ ଅଶ୍ଚର୍ଯ୍ୟାନ୍ୱିତ କରୁଥିଲା । ଆମର ସୈନ୍ୟଙ୍କୁ ଦେଖିବାକୁ କେହିତ ଆସୁ ନାହାନ୍ତି ।

କ୍ଷଣକ ପାଇଁ ତାହାର ମନେହେଲା ଯେ ତାହାର ଭ୍ରମ ହୋଇଛି ।

କିନ୍ତୁ ନା ! ସେଠାରେ ବିଜୟ ତୋରଣର ପଶ୍ଚାତ୍ ଦେଶରେ ଗୋଟାଏ ଭୁମୁଲ ଶବ୍ଦ ଉଠିଲା । ଦିବସର ଆଲୋକ ବୃଦ୍ଧି ସଙ୍ଗେ ଗୋଟାଏ ମଳିନ ରେଖା ଦେଖାଦେଲା—ତାର ଟୋପି ଚମକି ଉଠିଲା, ତଲବାର ଝନ୍‌ଝନ୍ କରିଉଠିଲା । ତେଣେ ପୁଣି, 'ଶୁବେର୍ଟଙ୍କ' ରଚିତ ଜର୍ମାନ ବିଜୟ ଗୀତ ଆକାଶର ବକ୍ଷ ସ୍ପନ୍ଦିତ କରି ବାଜି ଉଠିଲା ।

ରାସ୍ତାର ସେହି ମୃତତୁଲ୍ୟ ନିସ୍ତବ୍ଧତା ମଧ୍ୟରେ ଗୋଟିଏ ଚିତ୍କାର ଶୁଭିଲା:—

"ସାଜ, ସାଜ ,ସମସ୍ତେ ହତିଆର ଧର । ଜର୍ମାନମାନେ ଆସିଗଲେ ।"

ଅଗ୍ରଗାମୀ ସେନାବାହିନୀର ଚାରିଜଣ ଅଶ୍ୱାରୋହୀ ବୋଧହୁଏ ଦେଖିଥିବେ—ସେହି ଉପର ବାରଣ୍ଡାରୁ ଦୀର୍ଘକାୟ ଗୋଟିଏ ବୃଦ୍ଧ ହାତ ହଲାଇ ହଲାଇ ଝୁଲି ଝୁଲି ହାତ ଝୁଲାଇ ତଳେ ଖସିପଡ଼ିଲା । କର୍ଣ୍ଣେଲ ଜୁଭ୍ ଆଉ ଜୀବିତ ନଥିଲେ ।

→ଠ←

# ପ୍ରାଇଭେଟ

(ଡଗର ପାର୍ଶ୍ୱଚର ରକ୍ଷିତ)

(ଅନ୍ୟ କୌଣସି ପତ୍ରରେ ପ୍ରକାଶ ନିଷିଦ୍ଧ)

ଚେମ୍ବରଲେନ ଗାନ୍ଧିଙ୍କ ସହିତ ଦେଖାକରି ତାଙ୍କୁ ଭାରତରେ ସ୍ୱାଧୀନ ଶାସନ ଦେବାକୁ ସ୍ଥିର କରିଛନ୍ତି ।

ଗାନ୍ଧିଜୀ ତା' ପରବର୍ତ୍ତିରେ ଗାନ୍ଧିମାର୍କା ବିଡ଼ିରୁ ବାଣ୍ଡିଲେ ଆଉ ତାଲଚେର ପ୍ରସ୍ତୁତ ଭିଆସିଲରୁ ଗୋଟେ ଉପହାର ଦେବେ ବୋଲି ଉକ୍ତ ବିଡ଼ି ଓ ଡିଆସିଲ କମ୍ପାନିକୁ ସ୍ପେଶାଲ ବରାଦ ଦିଆଯାଇଛି ।

\+ \+ \+ \+

ଶ୍ରୀମତୀ ବିଜୟ ଲକ୍ଷ୍ମୀ ମୁଣ୍ଡ ତଳକୁ ଓ ଗୋଡ଼ ଉପରକୁ କରି କଣ୍ଠା ଡାହାଣୀ ସାଧନା କରିବାରୁ ଯୁକ୍ତ ପ୍ରଦେଶର ମନ୍ତ୍ରୀ ହୋଇ ପାରିଛନ୍ତି ବୋଲି ଖବର ପାଇ ଭୂତପୂର୍ବ ମନ୍ତ୍ରୀ ଇଡ଼େନ ଓ କୁପରଙ୍କ ପତ୍ନୀ ଦ୍ୱୟ ନିଜ ନିଜ ସ୍ୱାମୀଙ୍କର ଲୁପ୍ତ ଗୌରବକୁ ଫେରାଇଆଣିବା ଉଦ୍ଦେଶ୍ୟରେ ସେହି ସାଧନା ଶିକ୍ଷା କରିବା ନିମନ୍ତେ ଶ୍ରୀମତୀ ବିଜୟ ଲକ୍ଷ୍ମୀଙ୍କୁ ପ୍ରାଇଭେଟ ଇଣ୍ଟରଭ୍ୟୁ କରୁଛନ୍ତି ।

\+ \+ \+

ହିଟଲର ଗୁଳା ବାରୁଦକୁ ଖାତିର କରନ୍ତି ନାହିଁ । କିନ୍ତୁ ଉପହାର ଓ ଅଭିନନ୍ଦନ ନିମନ୍ତେ ପୁଷ୍ପ ବୃଷ୍ଟି ରେ ସେ ଅଘାତ ପାଇବାରୁ ରୁସିଆ ଗୋଟିଏ ସ୍କୀବାହିନୀ ସୃଷ୍ଟି କରୁଛି । ସେମାନେ ପ୍ରବଣ କଣ୍ଟିତ ରତ ମାନଙ୍କ ପରି ଫୁଲଶର ମାରି ହିଟଲରଙ୍କୁ ବ୍ରତଭ୍ରଷ୍ଟ କରିବେ

\+ \+ \+

ଶୁଣାଯାଏ ଅଫଗାନସ୍ଥାନର ପ୍ରଧାନ ମନ୍ତ୍ରୀ ଭାରତରେ ମୁସଲମାନ ଅଞ୍ଚଳ ସହିତ ମିଶାଇ ଗୋଟାଏ ଜିନାସ୍ଥାନ ଗଢ଼ିବେ ବୋଲି ଶ୍ରୀଯୁକ୍ତ ଜିନାଙ୍କୁ କାବୁଲଠାକୁ ନିମନ୍ତ୍ରଣ କରିବେ । ଜିନା ସାହେବ ଏହି ଫେଡ଼ରେସନ (ସମ୍ମିଳିତ ଶାସନ ତନ୍ତ୍ର)ରେ ପ୍ରଧାନ ମନ୍ତ୍ରୀ ହେବାର ଆଶା ପୋଷଣ କରୁଛନ୍ତି ।

\+ \+ ×

ଶୁଣାଯାଏ ବାଲେଶ୍ୱରର ଅଫିମ ଓ ଗଞ୍ଜେଇ ଖୋରମାନେ ନିକଟରେ ମହାଦେବଙ୍କଠାକୁ ଏକ ଡେପୁଟେସନ ପଠାଇବେ । ମହାଦେବ ଉଭୟନାଥଙ୍କ ଜୈନ ହୋଇ ଥିବାରୁ ଗୋଟାଏ ମିଳାମିଶାର ଆଶା ପୋଷଣ କରାଯାଉଛି ।

\+ \+ \+

## * ପହେଳି ।

୭ । ଗୃହସ୍ଥ ମୁଣ୍ଡିଆ     ପାକଲା ଗୋଷ୍ଟ,  
ମୁଖଳଥ ନିଶ     ଦଶର ତୋଷ ।  
ରସିକ ପଣକୁ     ପାରଡ଼ା ପୋକ,  
ପଛରେ ଲଗିଛି     ଚକର ଲୋକ ।  
ମ୍ୟାକୁ କହିଦବ ଯିଏ,  
କଦଳୀ ଚକଟା,     ଘୀ-ସକ୍କ ସର  
କାଳିଙ୍ଗା ଖାଇବ ସିଏ ।

⇝✻⇜

* ୬ ନମ୍ବର ପହେଳିର ଯେଉଁ ସବୁ ଉତ୍ତର ମିଳିଛି ତାହା ନିମ୍ନରେ ଦେଲୁଁ ।

୧ । ଶ୍ରୀ ଭଗିରଥୀ ମହାପାତ୍ର ୨୦ ଜଣଙ୍କର ଉତ୍ତର  
୨ । ଶ୍ରୀ ନବକୃଷ୍ଣ ମହାନ୍ତି ୧୮ ,, ,,  
୩ । ଶ୍ରୀ ମୁକୁନ୍ଦ ପ୍ରସାଦ ଦାସ ୧୪ ,, ,,  
୪ । ଶ୍ରୀ ଗୋପବନ୍ଧୁ ମହାନ୍ତି ୯ ,, ,,

Digitized by srujanika@gmail.com

# ଡଗର ୧୦ ମ ଶବ୍ଦଧନ୍ଦା ପ୍ରତିଯୋଗୀତା

୮୨୫ଙ୍କା ପୁରସ୍କାର ! | 'ଡଗର' ପାଠକମାନେ ପାଇ ପାରିବେ । | ୮୨୫ଙ୍କା ପୁରସ୍କାର !

ଦୁଇଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସମ ଦେ ା ମୂଲ୍ୟରେ







ନାମ ______________ ଠିକଣା ______________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । କେବଳ ଯାହା କଥାରେ ଚଳିଲେ ଡଗର ଶବ୍ଦଧନ୍ଦା ଭେଦ କରି ହେବ ।

୩ । ପ୍ରଣୟିନୀର ପ୍ରଥମ ପତ୍ରରେହିଁ ଏହା ପ୍ରାୟ ପ୍ରକାଶ ପାଇବାର ଦେଖାଯାଇ ଥାଏ ।

୬ । ବାତ୍ୟାତ ବୃକ୍ଷ ବଗୁର ଯାର ନାହିଁ ।

୮ । ଏହା ଉଡ଼ିଗଲେ ଦୁନିଆ ଅନ୍ଧାର ।

୯ । ଏହା ଅଧିକ କଲେ ଝାଳ ବହେ ।

୧୧ । କେତେକ ଖାଦ୍ୟ ପଦାର୍ଥ ଏହା ନହେଲେ ସୁଆଦ ଲାଗେ ନାହିଁ ।

୧୨ । କୌଣସି ଏକ ଭଗ୍ନାଶୀବୀ ଇଂଗଲି ଜାତି ହାତରେ ସଚରାଚର ଏହା ଦେଖିବାକୁ ମିଳିଥାଏ ।

୧୪ । ସେ ଯଦି ବାମ ହେଲେ ଆଉ ଗୁହାରି କା'ଆଗେ ?

୧୬ । ଯନ୍ତ୍ରରେ ଅବଶ୍ୟକ ।

୧୮ । ଏହା ଅନେକ ସ୍ଥଳରେ ଶୁଭ ଫଳ ଦିଏନାହିଁ ।

୨୦ । ବନ୍ଧୁତ ଅଭାବରେ ପଡ଼ିଲେ ଲୋକ ଏହାକୁହିଁ ବଡ଼ କରି ବସେ ।

୨୧ । ଏହାକୁ ସଜାଇ ରଖିଲେ 'ହରଣ'ହେବ ।

## ଉପର ତଳ ଭାବରେ ।

୧ । ବନ୍ଧୁମାନଙ୍କ ସହିତ ଇନ୍ଦ୍ରିୟର ସମ୍ପର୍କ ଦ୍ୱାରା ବୁଦ୍ଧିର ଏହା ହୋଇଥାଏ ।

୨ । ସମୟ ।

୪ । ଓଲଟାଇ ପଢ଼ିଲେ 'ବାର' ବାହାରୁଛି ।

୫ । ସ୍ଥଳ ଏବଂ ସମୟ ବିଶେଷରେ କବିମାନଙ୍କ ଚକ୍ଷୁରେ ଏହା ଅତି ମନୋରମ ହୋଇ ଉଠେ ।

୭ । ଅନେକ—, ତାଙ୍କ ଦେହରେ ହାତ ଦେଲେ ଚିଡ଼ନ୍ତି ।

୯ । ଏହା ନଥିଲେ ସଙ୍ଗୀତ ମଧୁର ହୁଏ ନାହିଁ ।

୧୦ । ଏହା ଖରାପ ହେଲେ କୌଣସି କାମ କରି ହୁଏ ନାହିଁ ।

୧୧ । ଏହା ଦହି ଛଡ଼ା ଆଉ କିଛି ନୁହେ ।

୧୩ । ତଳୁ ଉପରକୁ ପଢ଼ିଲେ 'ହଳ' ହେବ ।

୧୪ । ଏହା ଦ୍ୱାରା ଅନେକ ସମୟରେ ଲୋକର ଅମୂଲ୍ୟ ହାନି ହୁଏ ।

୧୫ । ଏହା ଲୋକରେ ଅନେକ ଅସୁବିଧା ଜନୀଙ୍କୁ ବିବାହ କରିଥାନ୍ତି ।

୧୭ । ପାହା ଶ ଟ୍ରରୁ ଏବେବେଳେ ବାହାରେ ଦଏ ।

୧୮ । ଏହା ଅନୁର୍ବର ଶ୍ମଶାନ ସ୍ଥାନମାନଙ୍କରେ କେବେ କେବେ ଦେଖାଯାଏ ।

୧୯ । ବାନର ଯାହାଙ୍କର ପୂର୍ବ ପୁରୁଷ ।

**ନୂତନ ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦୧୦ ଓ ଶ୍ରେଣିକ ପ୍ରତିଖଣ୍ଡକୁ ୦୦୬ ଲେଖାଏ **(ଶେଷ ତା ୨୫।୧୦।୩୮)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

୧୦—ଧନ୍ଧା

ଏହି ଧନ୍ଧାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ପ୍ରେସିଡେଣ୍ଟଙ୍କ ଠାରେ ରକ୍ଷିତଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୵ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପରସ୍ପର** ୫୩୵ ପାଇବ

**ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୨୵ ବିଶିଷ୍ଟ ପୁରସ୍କାର ପାଇବେ ।**

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକୀ ୫୮୵ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଆରପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତାହା ସଙ୍ଗେ ଦୁଇଅଣାର ପଇସିଏଥ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/ ଓ ୨ୟ ଟି ପାଇଁ ୫୦/ର ପଇସିଏଥ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯଦି କେହି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟେ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏଁ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୮ ମସିହା ଅକ୍ଟୋବର ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧୦ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

## କାହିଁକି ?

—ଓଡ଼ିଶାର ଅଧିକାଂଶ ପତ୍ର ପତ୍ରିକା ମନ୍ତ୍ରୀ-ବିରୋଧୀ କାହିଁକି ?

··ମନ ମୋହିବାର ବଳ ଦସ୍ତୁର ନାହିଁ ବୋଲି ।

—ମହତାପ ବାବୁ ଢେଙ୍କାନାଳ ଯାଇଥିଲେ କାହିଁକି ?

…ବଡ଼ଘର ମାଉସୀ, କନ୍ୟା ଘର ପିଉସୀ ।

—ଖାରେଙ୍କୁ ଖାର ଦିଆଗଲା କାହିଁକି ?

···ପେଟବିକଳିଆ ପୋଷା କୁଉ ନ ହୋଇଲେ ।

## ଯଦି—

—ଖଦଡ଼ ସ୍ତ୍ରୀ ହୋଇ ଯାଆନ୍ତା… ତମେ ଆମେ ବି ନେତା ପାଲଟନ୍ତୁ ।

—ସବୁ କଂଗ୍ରେସବାଲା ସତ୍ୟ ଅହିଂସା ପାଳନ୍ତେ…ବିଲେଇ ଶୁଖୁଆ ଛାଡ଼ିଦିଅନ୍ତେ ।

—ମହନ୍ତଙ୍କ ଦେହରେ ଚନ୍ଦଣା ମାଳ ନ ଥାନ୍ତା ··ତାଙ୍କୁ ଚିହ୍ନିବାପାଇଁ ଜମଣାପାପ ମନ କରନ୍ତେ ନାହିଁ ।

—ଗଡ଼ଜାତ ରାଜାଙ୍କ ଦେହରେ ପଦ ଝିଙ୍କଡ଼ ପରି କଣ୍ଟା ନ ଥାନ୍ତା…ଅଜଗର ସାପମାନେ ତାଙ୍କୁ ଚର ଗିଳି ପକାନ୍ତେ ।

—ନାରୀ ମନ୍ତ୍ରୀ ହୁଅନ୍ତେ···ଜନ୍ମ ନିରୋଧ ଆଇନ ପାଶ୍ ହୁଅନ୍ତା ।

—ବିଚିତ୍ରାନନ୍ଦ ଦାସେ ଯଦି ବାହା ହୁଅନ୍ତେ···ତାଙ୍କୁ 'ସ୍ୱାମୀ' ବୋଲି ଡାକିବାକୁ କାହାର ବିବାଦ ନ ହୁଅନ୍ତା !

—ମୁଣ୍ଡିଆଙ୍କ ଠେଇଁ ରସ ଥାଆନ୍ତା ···ମହାମନ୍ତ୍ରୀଙ୍କ ମନମୋହନ କରିପାରନ୍ତେ ।

## କିନ୍ତୁ—

ମହାତ୍ମାଜୀ—କେବଳ ସେବା ଭାବରେ ହିଁ କଂଗ୍ରେସରେ ପଦ ଗ୍ରହଣ କରିବା ଉଚିତ ।

କିନ୍ତୁ ଦୁନିଆ ଯେ ମେଓ୍ୱା ଖାଇବା ଲୋଭରେ ସେବା କରୁଛି ।

ପଣ୍ଡିତ ଶୁକ୍ଳ ଗାନ୍ଧୀଜୀଙ୍କୁ ମିଷ୍ଟର ନ ଲେଖି ମହାତ୍ମା ଲେଖିବା ଉଚିତ ।

କିନ୍ତୁ ସିକନ୍ଦର କିମ୍ବା ହକ୍ ଜିନାଙ୍କୁ ମିଷ୍ଟର ନ କହି ମୌଲନା କହୁଛନ୍ତି ନା ?

ବିଲାତରେ ଶ୍ରୀମତୀ ପଣ୍ଡିତ—ଭାରତ ଚାହେଁ ସ୍ୱାଧୀନତା ଆଉ ପେଟପୂରା ଗଣ୍ଡେ ଦାନା ।

କିନ୍ତୁ ଉପକାରୀ ଇଂରେଜମାନେ ଭାଳେ ଆମକୁ ପେଟ ଖରାପ ହେବ ସେଥିପାଇଁ ଡରୁଛନ୍ତି ପରା ?

ସେଇ—ଲଣ୍ଡନର ପତ୍ରପତ୍ରିକାମାନଙ୍କରେ ବାହାରି ଯାଇଛି ଯେ ମୁଁ ଯୋଗ ବଳରେ କାର୍ଯ୍ୟ କରୁଛି ଆଉ ମୁଣ୍ଡଉପରେ ଠିଆ ହେଉଛି ।

କିନ୍ତୁ କଅଁଡାହାଣୀ ବୋଲି କେହି ଛପାଇ ନାହାନ୍ତି ତ ?

ଫଜଲୁଲ୍ହକ—ମୁଁ ବଙ୍ଗଳାର ସିଂହ ।

ରଏଲ ବେଙ୍ଗଲ ଟାଇଗର ନୁହେଁ —ଆଫ୍ରିକାରୁ ଆମଦାନୀ ।

Digitized by srujanika@gmail.com



**ଭଞ୍ଜପ୍ରଦୀପ – ଆଷାଢ଼ ରଥଯାତ୍ରାସଂଖ୍ୟା**

ସଙ୍ଗୀତର ଉକ୍ତିରେ ପ୍ରବୀଣ ସାହିତ୍ୟିକ ଶଶିବାବୁ ସଙ୍ଗୀତ-ଓ କବିତା ଭିତରେ କଜିଆ ଲଗେଇ ଦେଇ ଶେଷରେ ଦୁହିଙ୍କୁ ମେଳଚୂକ୍ତି କରାଇ ଦେଇଛନ୍ତି । ଏ ଦୁହିଙ୍କ ଭିତରେ ଏପରି ଗୋଟାଏ ଭାଇ ଭଉଣୀ ସମ୍ବନ୍ଧ ଓ ଅଗ୍ର ଅଛି ଥିବାର ଆମକୁ ଆଗରୁ ଜଣା ନ ଥିଲା । ଫୁଲ ସହିତ ରଙ୍ଗର, ପାଣି ସହିତ ଶୀତଳତାର ଚିନି ସହିତ ମିଠାର ସମ୍ପର୍କ ପରି ଆମେ କବିତା ସହିତ ସଙ୍ଗୀତର ସମ୍ପର୍କ ବୋଲି ଜାଣିଥିଲୁ । ଏଥର ଅଳ୍ପ ବାକ୍ୟରେ ଆମର ସେ ଭ୍ରମ ଭାଙ୍ଗିଲା ।

ଯାତ୍ରା ସଙ୍ଗୀତ —ଶ୍ରୀବୈକୁଣ୍ଠନାଥ ପଟ୍ଟନାୟକ । ଶିରୋନାମା ଦେଖି ଆମର ମନେ ହୋଇଥିଲା କି ବୈକୁଣ୍ଠବାବୁଙ୍କ ଭଳି ନାମଜ୍ୟାଦା କବି ଯେତେବେଳେ ଯାତ୍ରା ସଙ୍ଗୀତ ଲେଖିଲେଣି ଏଣିକି ବାଳକୃଷ୍ଣ ବୈଷ୍ଣବପାଣି ପ୍ରଭୃତି ରକ୍ଷା ପାଇଯିବେ, ଏପରିକି ଅଶ୍ୱିନୀ ବାବୁଙ୍କ ଥିଏଟର ସଙ୍ଗୀତ ବନ୍ଦ ହୋଇଯାଇପାରେ । କିନ୍ତୁ ପଢ଼ିଲା ବେଳକୁ—ହରି—ହରି,—ଏ ସେ ଖାଲି "ଜୀବନର ଜୈବବାଣୀ ..."

ଅନ୍ନ ସମସ୍ୟା ସୁଚନ୍ଦ୍ରିତ ଲେଖା ମାତ୍ରେ ପେଟ ପୂରିବ ନାହିଁ ।

ଓଡ଼ିଶାର ଯୁବଜୀବନରେ ଯୁବକର୍ମୀ ଲକ୍ଷ୍ମୀନାରାୟଣସାହୁ ମହାଶୟ ଓଡ଼ିଶାର କେତେ ଗୁଡ଼ାଏ ସମସ୍ୟାର ଉଲ୍ଲେଖ କରିଛନ୍ତି କିନ୍ତୁ ତାହା ଅତି ସଂକ୍ଷିପ୍ତ ଓ ତରବରିଆ ଲେଖା ।

ଶ୍ରୀଯୁକ୍ତ କ୍ଷୀରୋଦ ପଣ୍ଡାଙ୍କର ଉମାରଖୈୟାମ୍ ତର୍ଜମାରେ 'ତ'ର ତାଣ୍ଡବ ଆମ ତୃଷାକୁ ଟଙ୍କା ତୋରାଣୀରେ ତୃପ୍ତ କରାଇଲା ।

"ରହସ୍ୟବାଦ" —ପ୍ରବନ୍ଧ —ଶ୍ରୀ ଦିବ୍ୟକିଶୋରଦାସ । କବି ନବ କିଶୋରଙ୍କୁ ଦାର୍ଶନିକ ହୋଇଯିବାର ଦେଖି ଆନନ୍ଦିତ ହେଲୁଁ । ତାଙ୍କ କବି ପ୍ରାଣରେ ବିରାଟକୁ ଉପଲବ୍ଧି କରିବାର ବ୍ୟାକୁଳତା କପରି ଆସିଲା ଓ ପୁଣି ଉପଲବ୍ଧି କରିବାରୁ କପରି ତୃପ୍ତିମାନ ହେଲା ତାହା, କବି ବାସନ୍ତୀ ଙ୍କ ନିଜର ପ୍ରକାଶିତ ରଚନା ମଞ୍ଜରୀ' ଓ ଅପ୍ରକାଶିତ 'ମୁକୁଳ'ର ପରିଚୟ ଦେଇ ପାଠକଙ୍କୁ ଅଧିକତର ଆନନ୍ଦ ଦେଇ ଅଛନ୍ତି

ଶ୍ରୀଯୁକ୍ତ ନିତ୍ୟାନନ୍ଦଙ୍କର 'ତୀର୍ଥ' ଗଳ୍ପଟି ସୁନ୍ଦର ହୋଇଅଛି । ପ୍ଲଟ୍ କଳ୍ପନା—ଅଥଚ ଲେଖାର କୌଶଳ ଗୁଣରେ ଗୋଟିଏ ଛବି ଅନ୍ତୋଳନ ଜାଗ୍ରତ କରାଇ ଦିଏ ।

ଶ୍ରୀରାଧାମୋହନ ଗଡ଼ନାୟକଙ୍କ କବି 'ବୀରର ଗୌରବ' କବିତା ସୁମଧୁର ଓ ସୁଖପାଠ୍ୟ । କେବଳ 'ନବ, 'ଲବ, ବଇଭବ' ପାଙ୍ଗରେ ବାରଂବାର ଗଉରବକୁ ପାଦ ମିଳାଇବାଦ୍ୱାରା ଟିକିଏ ତ୍ରୁଟି ଘଟି ଯାଇଛି ।

## ଘୋଷଣା—

ପାଟଣା ରାଜସରକାରଙ୍କ ତରଫରୁ ଖଣ୍ଡିଏ ଘୋଷଣା ଆମ୍ଭମାନଙ୍କୁ ମିଳିଛି । ସେ ସମ୍ବନ୍ଧରେ ଟିପ୍ପଣୀ ଦେବା ପାଇଁ ଏ କ୍ଷେତ୍ର ପ୍ରଶସ୍ତ ନହେଲେ ମଧ୍ୟ ବର୍ତ୍ତମାନ ଓଡ଼ିଶା ଗଡ଼ଜାତ ମାନଙ୍କର ଅବସ୍ଥା ଦୃଷ୍ଟିରୁ ପଦେ ଦୁଇପଦ କହିଲେ ନିତାନ୍ତ ଅବାନ୍ତର ହେବ ନାହିଁ । ମୟୂରଭଞ୍ଜ ପରି ପାଟଣା ଗୋଟିଏ ଉନ୍ନତିଶୀଳ ରାଜ୍ୟ । ସେଠାକାର ତରୁଣ ନରପତି ଜଣେ ଆଦର୍ଶ ଶାସକ । ଏହା ତାଙ୍କର ନାନାଦି କାର୍ଯ୍ୟ କ୍ଷମତାରୁ ସେପରି ଜଣାଯାଏ, ଘୋଷଣାରୁ ମଧ୍ୟ ତାର ଯଥେଷ୍ଟ ଆଭାସ ମିଳେ । ସେଠାକାର ପ୍ରଜାମାନଙ୍କର ଦାବି ରାଜା ସାହେବ କେତେକାଂଶରେ ପୂରଣ କରିଛନ୍ତି ଏବଂ ଆଉ କେତେକ ବିଷୟରେ ବିଚାର ମଧ୍ୟ କରୁଛନ୍ତି । ଆମ୍ଭେମାନେ ପ୍ରକୃତରେ ବିଶ୍ୱାସ କରୁ ଯେ ପ୍ରଜା ମଣ୍ଡଳୀ ନ୍ୟାଯ୍ୟ ଏବଂ ଶାନ୍ତିପୂର୍ଣ୍ଣ ଭାବରେ ରାଜାଙ୍କ ଠାରେ ସେମାନଙ୍କର ଦାବୀ ଉପସ୍ଥାପିତ କଲେ ବଦାନ୍ୟ ମହାରାଜ ସେ ସବୁକୁ ଅସ୍ୱୀକାର କରିବେ ନାହିଁ । ପ୍ରତିନିଧି ମୂଳକ ଶାସନ ସମ୍ବନ୍ଧରେ କିନ୍ତୁ ଘୋଷଣା ପତ୍ରରେ ଆମ୍ଭେମାନେ ରାଜା ବାହାଦୂରଙ୍କର ଯେଉଁ ମତ ଦେଖିଲୁ ତାହା ସମର୍ଥନ କରି ପାରିଲୁ ନାହିଁ । ପ୍ରଜା ପୁତ୍ରମାନେ ଷୋଡ଼ଶ ବର୍ଷ ପ୍ରାପ୍ତରୁ ସେମାନଙ୍କୁ ରାଜ୍ୟ ଶାସନ ଏବଂ ପରିଚାଳନାର କୌଣସି ପ୍ରକାର କ୍ଷମତା ଦେଲେ ରାଜା ବର୍ତ୍ତମାନ ଯେପରି ପ୍ରଜାପ୍ରିୟ ହୋଇଛନ୍ତି ତାହାଠାରୁ ସହସ୍ର ଗୁଣରେ ଅଧିକ ପ୍ରିୟ ଏବଂ ଭକ୍ତି ଓ ସମ୍ମାନ ଭାଜନ ହେବେ । କାରଣ କ୍ଷମତା ଲୋଭ ଏବଂ ସମ୍ମାନ ଦୁଇଟା ଭିନ୍ନ ପଦାର୍ଥ । ଇଂଲଣ୍ଡର ରାଜାଙ୍କର କ୍ଷମତା ନଥାଇ ପାରେ କିନ୍ତୁ ତାଙ୍କ ସମ୍ମାନ ପୃଥିବୀରେ ଅଦ୍ୱିତୀୟ । ଆଶାକରୁଁ ଉଦାର ମହାରାଜ ସାହେବ ଏ ବିଷୟରେ ପୁନର୍ବିଚାର କରି ପ୍ରଜାମଣ୍ଡଳୀଙ୍କୁ ଖୁସୀ କରାଇବେ ।

**ଉତ୍କଳସାହିତ୍ୟ ଭାଦ୍ର ଓ ଆଶ୍ୱିନ ୧୩୪୬**

ଉତ୍କଳ ସାହିତ୍ୟ ଗୋଟିଏ ଯୁଗ୍ମ ଖଣ୍ଡ ତେଣୁ ବିଶେଷ ସମୟରେ ଯେ ଯୁଗ୍ମ ରୂପ ଦେଖାଏ— ଏଥର ମଧ୍ୟ ଦେଖାଇଛି । ମୋଟରେ ୨୨ଟି ପ୍ରବନ୍ଧରୁ ୧୨ଟି କବିତା । 'ଗୋଟିଏ ଗଦ୍ୟ ପରେ ଗୋଟିଏ ପଦ୍ୟ' ପ୍ରାୟ ଏହି ପର୍ଯ୍ୟାୟରେ ସଙ୍କଳିତ ହୋଇଛି । ଶ୍ରୀମତୀ ମେନକା କୁମାରୀଙ୍କ ପଦ୍ୟ ପ୍ରଥମ ସ୍ଥାନ ପାଇଛି । ସାହିତ୍ୟ ଦର୍ପଣରେ ଏହାଙ୍କ ଛବି ପ୍ରଥମେ ଦେଖିଲୁଁ । ଆମ୍ଭେମାନେ ପୁନଃ ପୁନଃ ଅଧିକ ସ୍ୱଚ୍ଛ ଆଉ ସୁନ୍ଦର ରୂପ ଦେଖିବା ଆଶାରେ ରହିଲୁଁ । ଏ ସଂଖ୍ୟାର କବିତା ଗୁଡ଼ିକ ପ୍ରାୟ ମାମୁଲି ଧରଣର । ମୀମାଂସାରେ ଅଚ୍ଛିତ ବାବୁଙ୍କର ବାହାଦୁରୀ ଅଛି । 'ଅନ୍ତର ଡାକ' ଅନ୍ତରରେ ପ୍ରବେଶ କରୁଛି ମଧ୍ୟ । ପଣ୍ଡିତବାବୁଙ୍କର ସନ୍ଧ୍ୟା ଆସେ ନଇଁ ବଙ୍ଗଳାର ମୋହ ଥିବାର ବୁଝାପଡ଼େ । ଏହାଛଡ଼ା ଗୋଟିଏ ଗପ ଅଛି— ଯୋଉଁଏ ମାସ ପାଇଁ । ତହିଁ ଭିତରୁ ଶେଷ ପାଖ ଗଳ୍ପଟି ଟିକିଏ ପଢ଼ିବା ଭଳି । ଏହି ଯୁଗ୍ମ ସଂଖ୍ୟାରେ କେତେ ଗୁଡ଼ିଏ ଚିନ୍ତାପୂର୍ଣ୍ଣ ପ୍ରବନ୍ଧ ବାହାରି ଉତ୍କଳ ସାହିତ୍ୟକୁ ଗୌରବାନ୍ୱିତ କରିଛି । ମହାରାଜ ବିକ୍ରମ ଦେବ ଜଣେ

(୧୨ ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com




ଢେଙ୍କାନାଳ ଦେଖା ଦେଖି ତାଳଚେରରେ ବି ସତ୍ୟାଗ୍ରହ ହେଉଛି ।

ଢେଙ୍କାନାଳରୁ ଢେଙ୍କିଶାଳ ?

ହିଟଲର ସୁଦେତେନ୍ ଜର୍ମାନ ଦେଶ ଅଧିକାର କରି ନେଲେଣି ।

ଚେମ୍ବରଲେନ କାଳେ ସିହପା ବାନ୍ଧିଲେ ।

ପଞ୍ଜାବ ମନ୍ତ୍ରୀ ସିକନ୍ଦର ହାୟାତଙ୍କ ଚେଲାମାନେ ସେଠଜ ଠାରେ ଜାତୀୟ ପତାକା ପୋଡ଼ି ପକାଇଛନ୍ତି ।

ବନ୍—ଜାଡ ?

ଲଣ୍ଡନ ନଗରାଧିପତି ଲର୍ଡ ମେୟର ସାର ହେରି ଟୁଇଫୋର୍ଡ ସୁଦେତେନ ଜର୍ମାନ ଦେଶରୁ ଚାଲିଆସିଥିବା ଗୃହଶୂନ୍ୟ ଚେକୋସ୍ଲୋଭାକିଆମାନଙ୍କୁ ସାହାଯ୍ୟ ଦେବାପାଇଁ ଗୋଟିଏ ପାଣ୍ଠି ସଂଗ୍ରହ କରୁଛନ୍ତି । ସେ ନିଜେ ମଧ୍ୟ ପ୍ରେଗ୍‌କୁ ଯାଇ ଅବସ୍ଥା ଦେଖି ଆସିବେ ।

ଜୀବେ—ଦୟା ।

ମହାତ୍ମା ଗାନ୍ଧୀ ପୁନରାୟ ସୀମାନ୍ତ ଗସ୍ତରେ ଯାଇଛନ୍ତି ।

ଗୋଟିଏ ଗାନ୍ଧିକଥ ଅସମାଳ ପୁଣି ଦୁଇଗାନ୍ଧି ମିଳିଲେ—?

ବାଲେଶ୍ୱର ଜିଲ୍ଲାରେ ନିଶା ନିବାରଣ କାର୍ଯ୍ୟ ଅଜିଠାରୁ ଆରମ୍ଭ ହୋଇଛି ।

ନିଶାଖୋରଙ୍କ ମୁଖିଆଣୀ ପାହୁଲା ।

କଂଗ୍ରେସକୁ ଗାଳିଦେବା ପାଇଁ ପୁଣି କରାଚିଠାରେ ସିନ୍ଧ ମୁସ୍ଲିମଲିଗ କନଫରେନ୍ସ ବସିଥିଲା ।

ଯାହାର ଯେମନ୍ତ ସ୍ୱଭାବ ।

କଂଗ୍ରେସ ସଭାପତି ଆଦେଶ ଦେଇଥିଲେ ମଧ୍ୟ ଡାକ୍ତର ଖାରେ କୌଣସି କଂଗ୍ରେସ ବିରୋଧି କାର୍ଯ୍ୟ କରିନାହିଁ ବୋଲି କହି ଏସେମ୍ବ୍ଲି ସଭ୍ୟ ପଦରୁ ଇସ୍ତଫା ଦେଲେ ନାହିଁ ।

ମାନିଲେ ଠାକୁର ନମାନିଲେ—

ବ୍ରିଟିଶ ପ୍ରଧାନମନ୍ତ୍ରୀ ଚେମ୍ବରଲେନ ଓ ହିଟଲଙ୍କ ମଧ୍ୟରେ ରାଜିନାମା ହୋଇଛି ଯେ ଆଉ କେହି କାହା ସଙ୍ଗରେ ଲଢେଇ କରିବେ ନାହିଁ ।

ଅଜ କାଳର କଳେଜା ?

ହିଟଲଙ୍କ ଉପରେ ନାଗରିକମାନେ ପୁଷ୍ପବୃଷ୍ଟି କରୁଥିବା ବେଳେ ସେ ଆଘାତ ପାଇଛନ୍ତି ।

ଫୁଲଶରର କାରାମତି ଯେ କମାଣ ଗୁଳିଠାରୁ ବେଶୀ ତାହା ପ୍ରମାଣିତ ହେଲା ।

ଚେକୋସ୍ଲୋଭାକିଆ ପରିବର୍ତ୍ତରେ ମାତୃଦ୍ରୋହୀ ହିଟଲର ଚେମ୍ବରଲେନଙ୍କୁ ଖଣ୍ଡେ ସିଗାରେଟ ବଢ଼ାଇ ଦେଲେ ।

ଉପଯୁକ୍ତ ପୁରସ୍କାର ।

ଜିନାଙ୍କୁ ଭାରତୀୟ ମୁସଲମାନଙ୍କର ଏକଚ୍ଛତ୍ରାଧିପ ବୋଲି ନମାନିଲେ ତାଙ୍କ ଲିଗ୍ କଂଗ୍ରେସ ସହିତ ମିଳାମିଶା ପାଇଁ କଥାଭାଷା କରିବେନାହିଁ ବୋଲି ପୁଣି ଜଣାଇଛନ୍ତି ।

ମୋତେ ଯେତେ ମାଠିରୁ ମାଠ,<br>
ମୁଁ ସେଇ ଦାଉପୋଡ଼ା କାଠ ।

ଦିଲ୍ଲୀଠାରେ ଗୋଟିଏ ଶିବମନ୍ଦିର ପାଇଁ ହିନ୍ଦୁମାନେ ସତ୍ୟାଗ୍ରହ ଆରମ୍ଭକରି ଜେଲ ଯାଇଛନ୍ତି ।

ଶିବଙ୍କ ତାଣ୍ଡବ ।

ଜାପାନୀ ସୈନ୍ୟମାନେ ଚୀନାର ରାଜଧାନୀ ହାଂକୋ ଆଡ଼କୁ ଆସୁଛନ୍ତି ।

ଗୃହନା ଗ୍ରେବାଇବାକୁ କି ହାଂକହାଂକ

ଚେକୋସ୍ଲୋଭାକିଆର ସଭାପତି ଡାକ୍ତର ବେନ୍ ଇସ୍ତଫା ଦେଇଛନ୍ତି ।

ବେନ୍ ବେନ୍‌ସ୍‌ରେ କାମ ଚଳିବତ ?

ମାନ୍ଦ୍ରାଜର ମନ୍ତ୍ରୀ ସୁବାରାୟନ୍‌ଙ୍କ ପତ୍ନୀ ଛଅଟି ପଥଦେଇ ଯାଇଥିଲେ । ତାଙ୍କୁ ପ୍ରଧାନମନ୍ତ୍ରୀ ଗୋଟିଏ ଗୃ ଭୋଜି ଦେଇଥିଲେ ।

କଂଗ୍ରେସୀ ଗୃ ହୋଇଥିବ ।

ଶୁଣାଯାଏ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚେମ୍ବରଲେନ୍ ନିକଟରେ ଗାନ୍ଧିଙ୍କୁ ଭେଟିବେ ।

ଗାନ୍ଧିଜୀ, ହିଟଲର ବନୋ ଏଥର ।

ଜାତୀୟ ଶିଳ୍ପ ଗଠନ ପାଇଁ କେତେକ ବିଶିଷ୍ଟ ଶିଳ୍ପ ତତ୍ତ୍ୱବିତ୍‌ଙ୍କ ପରାମର୍ଶରେ ସୁଭାଷ ବୋଷ ଗୋଟିଏ ୧୦ବର୍ଷିଆ କାର୍ଯ୍ୟ ପନ୍ଥା ଗଢ଼ୁଛନ୍ତି ।

ଦଶବର୍ଷ ଭିତରେ ବିଦେଶୀ ଶିଳ୍ପର ଦଶନ୍ଦାସ୍ଥା ହୋଇଯିବ ।

ଢେଙ୍କାନାଳର ପ୍ରଜାଙ୍କ ଉପରେ ପୁଣି ଗୁଳି ଚାଲିଛି ।

ମରଣ କାମୁଡ଼ା ।

ଜର୍ମାନୀର ନାଜୀ ଦଳର କେତେକ ଲୋକ ଅଷ୍ଟ୍ରିୟା ରାଜଧାନୀ ଭିଏନାଠାରେ କେଥଲିକ ମାନଙ୍କୁ ଆକ୍ରମଣ କରିଛନ୍ତି ଓ ତାଙ୍କର ଧର୍ମଯାଜକଙ୍କୁ ବନ୍ଦୀ କରିଛନ୍ତି ।

ସେତ ହାଁଜି ନୁହନ୍ତି 'ନାଁଜି'

ଶୁଣାଯାଏ ବିଲାତରେ ପୁଣି ଏକ ଗୋଲ୍‌ଟେବୁଲ ବସିବ । ଜିନା ଅଉ ଅମ୍ବେଦକାର ମଧ୍ୟ ସେଠାକୁ ଯିବେ ।

ଦେଖାଯାଉ କି ଗୋଲ ବାହାରୁଛି ।

---

( ବହୁପଦ ପଦ୍ମପୁଷ୍ପ ଭିତରୁ )

ମରହଟ୍ଟୀ ଲୋକ ବୋଲି ଆମକୁ ଜଣାଥିଲା—ଯୁଗ ସାହିତ୍ୟର ଅଗ୍ରଗମନ ସହିତ ପାଦ ମିଶାଇ ଚାଲି ନ ପାରିବାର ଭୟ କରୁଥିଲୁ । କିନ୍ତୁ 'ତଙ୍ଗର ଦେଇଙ୍କ ଚନ୍ଦ୍ରା' ସେ ଧାରଣା ଦୂର କରିଛି । ଏହା ନୂଆ ଢଙ୍ଗରେ ନୂଆ କଥାର ଅବତାରଣା । କବି ଦୁର୍ଯ୍ୟଙ୍କ କାବ୍ୟ ପ୍ରତିଭାରେ କୁଳମଣି ପଣ୍ଡିତେ କବିଙ୍କ କାବ୍ୟରେ ତାଙ୍କର ଯଥାର୍ଥ ପ୍ରବେଶ ପ୍ରଦର୍ଶାଇଛନ୍ତି । ଏହା ଛଡ଼ା ଶଶି ଭୂଷଣଙ୍କର ଦେଶର ସେବା ଅତି ଉତ୍କୃଷ୍ଟ ଧରଣର ନିବନ୍ଧ ।

Digitized by srujanika@gmail.com





# ନୂପୁର

## ପାଷାଣର ଆତ୍ମକଥା ।

ଲେଖିକା—ପାଷାଣୀ

ଗିରିବର ନନ୍ଦିନୀ ମୁଁ—ତରଳ ତଟିନୀ ନୁହେଁ—ନସ୍ତବଡ଼ ଶିଳାଖଣ୍ଡେ । ମୋର ପୁଣି ଅତୁଳ ସୌନ୍ଦର୍ଯ୍ୟ । କେତେ ବୃକ୍ଷଲତା ମୋ ଉପରେ ବିରାଜମାନ କରିଛନ୍ତି—କେତେ ଫଳ ପୁଷ୍ପ ମୋ ଉପରେ ଝଡ଼ିପଡ଼େ—କେତେ ବିହଗକଣ୍ଠନିସୃତ ସୁଲଳିତ ସଙ୍ଗୀତର ମୂର୍ଚ୍ଛନା ସୁରଭିତ ମଳୟ ସହିତରେ ମୋର ଦେହ ଛୁଇଁଯାଏ—କେତେ ସୁକୋମଳ ମୃଗଶିଶୁ—ଅଲ୍ୟେଲ କରି ମୋ'ର ବକ୍ଷ ଦେଶରେ ବିଶ୍ରାମ ନିଅନ୍ତି । କିନ୍ତୁ ମୋତେ କିଛି ଭଲ ଲାଗେନା । ମୁଁ ନିସ୍ପନ୍ଦ—ନିସ୍ପୃହ । ଏହି ଝରଣାର ଜଳ କେତେ ଦେବ ପାଦ ସ୍ପର୍ଶ କରି ପବିତ୍ର ହୁଅନ୍ତି—ଏହି ସୁବାସିତ ଫୁଲ କେତେ ପ୍ରେମମତ୍ତ ନବଦମ୍ପତିଙ୍କ ହୃଦୟ,ମଣ୍ଡନ କରି ସାର୍ଥକ ହୁଅନ୍ତି—ଏହି ଲଳିତ ଛବି କେତେ କବି-ପ୍ରାଣ ଅଲୋଡ଼ିତ କରି କାବ୍ୟ କବିତାରେ ଫୁଟନ୍ତି—କିନ୍ତୁ ମୋ ପାଖରେ ସେସବୁ ଅତି ନିରର୍ଥକ—ବ୍ୟର୍ଥ ! କାହାରି କରୁଣ କାହାଣୀ ମୋର ହୃଦୟ ତରଳାଇ ପାରେ ନାହିଁ—କାରଣ ମୁଁ ପାଷାଣ । ମୁଁ ବୁଝିପାରେ—ମୋର ଏହି ସ୍ଥାଣୁତ୍ୱ ପ୍ରତି ମୋର ବଡ଼ ଅଶ୍ରଦ୍ଧା ହୁଏ । ମୁଁ ଅଣନିଶ୍ୱାସୀ ହୋଇପଡେ଼ । ପ୍ରତି ସନ୍ଧ୍ୟାରେ ପ୍ରତି ସକାଳେ ଏହି ଅବିର ବୋଳା ସୂର୍ଯ୍ୟ ତାର ଲାଲ ଅଧରରେ କ'ଣ ଅସ୍ପଷ୍ଟ ଭାଷା କହି ଚାଲିଯାଏ—ପ୍ରଳାପ ପରି । ମୁଁ କେବଳ ଏତିକି ବୁଝେ ଯେ ଅଜ ସମସ୍ତଙ୍କ ପରି ସେ ମଧ୍ୟ ପାଗଳ ।

ରାଗ ହୁଏ ମୋର ଏହି ସୃଷ୍ଟିକର୍ତ୍ତା ପ୍ରତି—ଠିକ ତାଙ୍କୁ ନୁହେଁ—ତାର ଏଇ ପାଗଳାମୀ ପ୍ରତି । କେଉଁ ଇଙ୍ଗିତ୍ ନିଶାରେ ବିଭୋର ହୋଇ ସେ ଏହି ସୃଷ୍ଟି ସର୍ଜନା କଲା । କିନ୍ତୁ ଥରକ ପାଇଁତ ସେ ବିଶ୍ୱର ଅନନ୍ତ ଦୁଃଖ ଅସୀମ ଯନ୍ତ୍ରଣା ପ୍ରତି ଦୃଷ୍ଟି ପାତ୍ କଲାନାହିଁ । ଅଭିମାନରେ ମୋର ଛାତି ଫୁଲିଉଠେ ।

ମୋ'ର ପାଖଦେଇ ପଥିକ ନିଜ ପଥରେ ଚାଲିଯାନ୍ତି—ସେଇ ପାଗଳ ସ୍ରଷ୍ଟାର ଗୁଣ କୀର୍ତ୍ତନ କରି । କହନ୍ତି, ଭଗବାନ୍ ଯାହାକୁ ଯେତେ ଭଲପା'ନ୍ତି ତାଙ୍କୁ ତେତେ କଷ୍ଟ ଦିଅନ୍ତି । ମୁଁ ହସେଁ—ମୋତେ ହସମାଡ଼େ । ପାଷାଣ ତେବେ ଭଗବାନଙ୍କର ସବୁଠାରୁ ପ୍ରିୟ । ଯେଥିପାଇଁ ସେ ପାଷାଣ ପ୍ରତିମାରେ ଅବତୀର୍ଣ୍ଣ ହୁଅନ୍ତି ତେବେ ? ମାତ୍ର ଏଇ ଯେଉଁ ଦୁଃଖ ଏଇ ଯେଉଁ ଯନ୍ତ୍ରଣା—ଅନୁଭବ ଶକ୍ତିର ଅଭାବରେ ଯେଉଁ ଉତ୍ପାତ ତାର କ'ଣ ଅନ୍ତ ନାହିଁ—ଅବସାନ ନାହିଁ ?

ମୋର ଜନନୀ ଗିରିଶିଳା ମୋତେ ନିର୍ଦ୍ଦେଶ କରେ—ଅନୁତାପ କରନାହିଁ—ସବୁ ସହିଯାଅ—ସହିବାରେ ହିଁ ତୋର ମୁକ୍ତି । ମୁଁ କେବଳ ସହିସହି ଏତେ ବଡ଼ ହୋଇଛି । ଖାଲି ସହିବା ପାଇଁ ତୋର ଜନ୍ମ । ସେଇ ସହିବା ଭିତରେ ଯେଉଁ ପ୍ରାଣ ଅଛି ଯେଉଁ ଅନୁଭୂତି ଅଛି ସଜୀବ କୌଣସି ହୃଦୟ ତାହା ବୁଝିପାରିବ ନାହିଁ । ତୋର ପରିବେଶ ହୃଦୟ ନିକଟରେ ତଥାକଥିତ ସଜୀବ ହୃଦୟ କେବଳ ନିର୍ଜୀବ—ନିର୍ମମ—ପାଷାଣ ।

ତା'ପରେ ପୁଣି ସେହି ଇତିହାସ । ସେଇ ଝରଣା—କିନ୍ତୁ ସେ ଏଥର ମୋତେ ଯେପରି ପେଷି ଦେବାକୁ ଚାହୁଁଛି—ସେହି କୁସୁମ, ମୋତେ ଯେପରି ବଜ୍ରମୁଷ୍ଟିରେ ଆଘାତ କରୁଛି—ସେହି ବିହଙ୍ଗମ ସଙ୍ଗୀତ, ଓଃ କି କର୍କଶ ତାର ସ୍ୱର—ମୃଗଶିଶୁ ଗୁଡ଼ାକ ମୋତେ ମାଡ଼ିଦେଇ ଚାଲି ଯାଉଥାନ୍ତି—କିନ୍ତୁ ମୁଁ କେବଳ ପଡ଼ିରହିଥାଏଁ ସହିବାକୁ । ମୋର ଅସମତଳ ଶରୀର ମସୃଣ ହୋଇଗଲା—ତଥାପି ମୁଁ ଯେପରି ସେପରି ।

ମନୁଷ୍ୟଦେଖୁ, ଯୌବନ ସ୍ନିଗ୍ଧ ତାହାର ଅକ୍ଷି ଦିନେ ମୋ ଉପରେ ପଡ଼ିଲା । ହୃଦସ୍ତରେ ତାର ପୁଞ୍ଜିଭୂତ ବେଦନା ଯେପରି ମୋର ଭଳି ନିର୍ଜୀବ ପାଲଟି ଗଲାଣି—ଖାଲି ସହି ସହି । ବିଶ୍ରାମ ନେବା ପାଇଁ ମୋର ମସୃଣ ଶରୀର ଉପରେ ସେ ଅଙ୍ଗ ଥାପନା କରିବାକୁ ଉଦ୍ୟତ ହେଲା—କିନ୍ତୁ ଗୋଡ଼ ତାର ଖସିଗଲା । ସେ ପଡ଼ିଲା ତଳେ । ତା'ଠାରୁ ମୁଁ ଯେପରି କ ଗୋଟାଏ ସମସ୍ୱରର ସଙ୍ଗୀତ ଶୁଣିବାର ଆଶା କରି ତାଙ୍କୁ ଆଦରରେ ସ୍ଥାନ ଦେଇଥିଲି ମୋ ବୁକୁ ଉପରେ । କିନ୍ତୁ ସେ ଖସିଲା ନିଜର ଅସାବଧାନତାରୁ । ମୁଁ ଚାହିଁଥିଲି ମୋ ଜୀବନର ଗାଥା ତାଙ୍କୁ କହି ତା ଜୀବନର କାହାଣୀ ମୁଁ ଶୁଣି ବାକି ଦିନଗୁଡ଼ା ବିତାଇ ଦେବାଲାଗି । କିନ୍ତୁ ସେ ବୁଝିଲା ଭୁଲ ।

ସେ ଅଜବ ତାର ପତନ ପାଇଁ ମୋ'ର ଦୋଷ ଦିଏ । ତାଙ୍କୁ ବି ମୁଁ ସହେଁ—କାରଣ ସହିବା ପାଇଁ ମୋର ଜନ୍ମ—ମୁଁ ପାଷାଣ ।

## ରୋଷାଇ ଘରୁ ।

(ଗୋକୁଳ ପିଠା)

ଉପକରଣ:—

ଖୁଅ ସେ୦।, ଛେନା ସେ୦।୵, ମଇଦା ସେ୦।, ଗୁଜସତ ପଇସାକର, ଘିଅ ସେ୦ ।୵, ଚିନି ସେ୦।୵ ।

ପ୍ରଣାଳୀ:—

ପ୍ରଥମେ ଖୁଅକୁ ଦଳି ତହିଁରେ ଗୁଜସତ ଗୁଣ୍ଡ ପକାଇ ରଖିବ । ତାହାପରେ ଛେନାକୁ ଭଲକରି ଦଳିଦେବ । ମଇଦାକୁ ପାଣିରେ ଗୋଳାଇ ଗାଢ଼କରି ରଖିବ ଓ ଚିନିରେ ଅଳ୍ପ ଗାଢ଼କରି ରସ ତିଆରି କରିବ । ଛେନାକୁ ଗୋଲ ଗୋଲ କରି ତାହା ଭିତରେ ଖୁଅଦେଇ ବଡ଼ ରସଗୋଲା ପରି କରିଦେବ । ତାହା ପରେ ଗୋଳା ହୋଇଥିବା ମଇଦାରେ ତାକୁ ପକାଇ ଘିଅରେ ନାଲିକରି ଭାଜି ନେବା ପରେ ରସରେ ଛାଡ଼ିଦେବ । ଏହି ଜଳଖିଆ ଦୁଇଦିନ ଯାଏ ନଷ୍ଟ ନହୋଇ ରହିପାରେ । ଏହା ଖାଇବାକୁ ବଡ଼ ସୁସ୍ୱାଦୁ ।—

ରନ୍ଧୁଣୀ

Digitized by srujanika@gmail.com

# ପତ୍ର ଦ୍ୱାରା ସନ୍ତାନ ଲାଭ ।

**ଅମ୍ଭେ** ସ୍ତ୍ରୀ ଏବଂ ପୁରୁଷଙ୍କର ରକ୍ତ ଓ ବୀର୍ଯ୍ୟକୁ ପୁଷ୍ଟ ସବଳ କରିବା ପାଇଁ ପ୍ରଧାନ ପ୍ରଧାନ ଔଷଧ ଉଦ୍ଭାବନ କରିଅଛୁଁ । ସ୍ତ୍ରୀ ବନ୍ଧ୍ୟା ହେବାର ପ୍ରଧାନ କାରଣ ଜରାୟୁ ଓ ଅଣ୍ଡକୋଷର ଦୋଷ । ସ୍ତ୍ରୀ ଜରାୟୁ ଓ ଅଣ୍ଡକୋଷ ବହୁ କାରଣରୁ ରୋଗଗ୍ରସ୍ତ ହୋଇ ଥାଏ । ସେଥି ମଧ୍ୟରୁ ଅଜିକାଲି ଗର୍ମି ଓ ମେହ ପ୍ରଧାନ । ପୁରୁଷର ଶୁକ୍ରକୀଟ ମଧ୍ୟ ଉକ୍ତ ବିବିଧ କାରଣରୁ ଜୀବନୀଶକ୍ତି ରହିତ ହୋଇ ଗର୍ଭୋତ୍ପତ୍ତିର କ୍ଷମତା ଶୂନ୍ୟ ହୋଇଥାଏ । ତତ୍ପରେ ଅତିରିକ୍ତ ହସ୍ତମୈଥୁନ, ପୁଂମୈଥୁନ ପ୍ରଭୃତି ଅସ୍ୱାଭାବିକ ମୈଥୁନ ଜନିତ ଇନ୍ଦ୍ରିୟ ଶୈଥିଲ୍ୟ ମଧ୍ୟ ସନ୍ତାନ ଉତ୍ପାଦନର ଅନ୍ତରାୟ ହୋଇଥାଏ । କେତେକଙ୍କର ମଧ୍ୟ ଉପରୋକ୍ତ କାରଣ ଥିବା ସତ୍ତ୍ୱେ ସନ୍ତାନ ଉତ୍ପାଦନ ହୁଏ । ସେ ସନ୍ତାନ ଦୀର୍ଘଜୀବୀ ନ ହୋଇ ଜନ୍ମ ମାତ୍ରେ କିମ୍ବା ଜନ୍ମର କିଛି ଦିନ ବା ମାସ ବା ବର୍ଷ ପରେ ମୃତ୍ୟୁ ମୁଖରେ ପତିତ ହୁଏ । ଯଦି କେହି ବଞ୍ଚି ରହେ ଅତି ରୁଗ୍ଣ ହୋଇଥାଏ ।

ଏହି ସମସ୍ତ କାରଣ ଦୃଷ୍ଟେ **ଅମ୍ଭେ** ବହୁ ପ୍ରକାର ଗବେଷଣା ଦ୍ୱାରା ବିଭିନ୍ନ ଔଷଧ ଉଦ୍ଭାବନ କରିଅଛୁଁ; ଯଦ୍ଦ୍ୱାରା ବନ୍ଧ୍ୟାମାନେ ଅଚିରେ ସୁସ୍ଥ ସବଳ ସନ୍ତାନ ଲାଭ କରିବେ ଏବଂ ମୃତବତ୍ସା, ଗର୍ଭସ୍ରାବ ପ୍ରଭୃତି ଦୂର ହେବ । ପ୍ରନଷ୍ଟ ଦୁର୍ବଳ, କ୍ଷୀଣକାୟ, ରୁଗ୍ଣ ସନ୍ତାନ ମାନଙ୍କର କ୍ରମଶଃ ଶରୀର ହୃଷ୍ଟପୁଷ୍ଟ ହେବା ପାଇଁ ବହୁବିଧ ଔଷଧ ଉଦ୍ଭାବନ କରାଯାଇ ଅଛି । ଯେଉଁମାନଙ୍କର କେବଳ ପୁତ୍ର ସନ୍ତାନ କିମ୍ବା କନ୍ୟା ସନ୍ତାନ ହେଉଅଛି ସେମାନେ **ଅମ୍ଭର** ବ୍ୟବସ୍ଥାନୁଯାୟୀ ଚଳିଲେ ଏବଂ ଔଷଧ ସେବନ କଲେ ଯଥା କ୍ରମେ କନ୍ୟା ଓ ପୁତ୍ର ସନ୍ତାନ ଲାଭ କରି ପାରିବେ ।

ଉପରୋକ୍ତ ସମସ୍ତ ବିଷୟର ବ୍ୟବସ୍ଥା ନେବାକୁ ହେଲେ ପ୍ରଥମେ ଦଶ ପଇସାର ଡାକ ଟିକଟ ପଠାଇବାକୁ ହେବ । ତତ୍ପରେ **ଅମ୍ଭେ** କେତେଗୁଡ଼ିଏ ପ୍ରଶ୍ନ ପଚାରିବୁଁ, ସେହି ପ୍ରଶ୍ନ ଗୁଡିକର ଯଥାର୍ଥ ଉତ୍ତର ଦେଲେ ଅମ୍ଭେ ବ୍ୟବସ୍ଥା ଦେବୁଁ । ସେହି ବ୍ୟବସ୍ଥାନୁସାରେ ଔଷଧ ସେବନ କଲେ ନିଶ୍ଚୟ ସଫଳ ମନୋରଥ ହେବ ।

**ଅମ୍ଭ** ବ୍ୟବସ୍ଥାନୁସାରେ ଅନେକ ଲୋକଙ୍କର ଜରାୟୁ ଓ ଶୁକ୍ର ସମ୍ବନ୍ଧୀୟ ସମସ୍ତ ଦୋଷ ଦୂର ହୋଇ ସନ୍ତାନ ହୋଇଥିବାରୁ ସେମାନେ ଅଯାଚିତ ଭାବରେ ଅସଂଖ୍ୟ ଅସଂଖ୍ୟ ପ୍ରଶଂସାପତ୍ର ଦେଇ ଅଛନ୍ତି । ସେଥିମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା ।

କବିରାଜ ଶ୍ରୀ ଗୋବର୍ଦ୍ଧନ ନାଏକ, ଠାମ୍ପରସର—ଅତାବିରା—ସମ୍ବଲପୁର ଲେଖିଛନ୍ତି—"**ଆପଣଙ୍କ** ବ୍ୟବସ୍ଥାନୁସାରେ ଔଷଧ ବ୍ୟବହାର କରି ନିମ୍ନଲିଖିତ ରୋଗୀଙ୍କର ଫଳ ମିଳିଅଛି:—

୧ । "ବାର ବର୍ଷ ପରେ ଯେଉଁ ସ୍ତ୍ରୀଙ୍କର ଗର୍ଭ ହୋଇଥିଲା ତାଙ୍କର ଗୋଟିଏ ବାଳିକା ଜନ୍ମ ହେଲା । **ଅଜିକୁ** ଦେଢ ମାସରୁ ବେଶୀ ହେବ ।" ୨୨ । ୩ । ୩୮ ତାରିଖରେ ପତ୍ର ମିଳିଲା ।

୨ । ଗୋଟିଏ ସ୍ତ୍ରୀର ତୃତୀୟ ମାସରେ ଜ୍ୱର ହୋଇ ଗର୍ଭସ୍ରାବ ହେଉଥିଲା, ମାତ୍ର **ଆପଣଙ୍କ** ପ୍ରସ୍ତୁତ ଫଳ କଲ୍ୟାଣ ଘୃତ ସେବନରେ ତାଙ୍କର ଗର୍ଭସ୍ରାବ ବନ୍ଦ ହୋଇ ଗର୍ଭ ଉତ୍ପାଦନ ହୋଇ ଗର୍ଭଟି ଭଲ ଭାବରେ ୫ ମାସ ହେଲା ରକ୍ଷା ପାଇଅଛି ।"

୩ । ଫକୀରାର ଯେଉଁ ବାଳିକାର ଗର୍ଭ ସଞ୍ଚାର ହୋଇଥିଲା ତାଙ୍କର ଗୋଟିଏ ସୁନ୍ଦର ବାଳକ ଜନ୍ମ ଲାଭ କରି ପିତା ମାତା ତଥା ବନ୍ଧୁ ବାନ୍ଧବଙ୍କ ମୁଖ ଉଜ୍ଜ୍ୱଳ କରି ଦେଇ ଅଛି । ଏବଂ ଚତୁର୍ଦ୍ଦିଗରେ ଲୋକେ **ଆପଣଙ୍କ** ଯଶଗୁଣର ଏକ ସ୍ୱରରେ ପ୍ରଶଂସାଗାନ କରୁଅଛନ୍ତି ।"

୪ । "ବନ୍ଦର ପାଲି—ଏଠାକାର ଯେଉଁ ସ୍ତ୍ରୀ ୮ । ୧୦ ବର୍ଷ ପରେ **ଆପଣଙ୍କ** ପ୍ରସ୍ତୁତ କେତେକ ଔଷଧ ଯୋଗେ ବର୍ତ୍ତମାନ ଗର୍ଭ ସଞ୍ଚାର ସ୍ପଷ୍ଟ ଭାବରେ ଜଣାପଡ଼ିଲାଣି ।"

୫ । "ଡାଲିମ୍ବୀର ସ୍ତ୍ରୀଙ୍କର ଭଲ ଭାବରେ ଗୋଟିଏ ସୁନ୍ଦରୀ ବାଳିକା ଜନ୍ମ ଲାଭ କରିଛି ।"

ବୈକୁଣ୍ଠ ନାଥ ମିଶ୍ର—ଘାଟଶିଲା—ସିଂହଭୂମ ଲେଖିଛନ୍ତି—

ମହାଶୟ,

**ଆପଣଙ୍କଠାରୁ** ଯେଉଁ ସ୍ତ୍ରୀ ଲୋକ ପାଇଁ ଜରାୟୁ ଔଷଧ ମଗାଇଥିଲି ସେ ସ୍ତ୍ରୀ ଲୋକ ବର୍ତ୍ତମାନ ରୋଗମୁକ୍ତ ହୋଇଅଛି । **ଅନନ୍ତର** ବିଷୟ ସେ ସ୍ତ୍ରୀ ବହୁଦିନରୁ ସନ୍ତାନ **ଆଶା** ତ୍ୟାଗ କରିଥିବା ସତ୍ତ୍ୱେ **ଆପଣଙ୍କ** ଔଷଧ ବ୍ୟବହାର ଦ୍ୱାରା ତାଙ୍କର ଗର୍ଭ ସଞ୍ଚାର ହୋଇଅଛି ।

ପତ୍ର ପଠାଇବାର ଠିକଣା ।

**କବିରାଜ—ଶ୍ରୀ ଶ୍ରୀଧର ଗରବନ୍ଧୁ ଭିଷଗାଚାର୍ଯ୍ୟ**

ଆୟୁର୍ବେଦିକ—ଫାର୍ମାସୀ

ଭୁବନେଶ୍ୱର—ପୁରୀ

Digitized by srujanika@gmail.com




ସ୍ନେହର ନାତି ନାତୁଣୀମାନେ ।

ତମେ ସବୁ ଶୁଣିଲେ ହସିବ ଯେ ତମ ବୁଢା ଅଜା ଅଖାଡୁଆ ବଖତରେ ବେଳେ ବେଳେ ମିଛ କହିଦିଏ । ମୋର ବିଶ୍ୱାସ, ତମେ ସବୁ କେବେ ମିଛ କହୁ ନଥିବ । ଅନ୍ତତଃ ନାଗବନ୍ଧୁ ହୋଇ ପଣ କଲ ଦିନଠାରୁ ସବୁବେଳେ ସତ କହିବାକୁ ଚେଷ୍ଟା କରୁଥିବ । ସତ କହିବା ଗୋଟେ ସାଧନା । ସାଧନା କଲାବେଳେ ଅନେକ ଅସୁବିଧା ହୁଏ । ବ୍ରତ ଭଙ୍ଗି ଯାଏ । ମୁଁ ତମ ସାଙ୍ଗରେ ତମର ସଖା ହୋଇ ସେ ସାଧନା ଆରମ୍ଭ କରିଛି । ମୋର ବିଶ୍ୱାସ ତମେ ସବୁ ମନଦେଇ ସାଧନା କରିବ । ଯାର ଯେଉଁଠି ଅସୁବିଧା ହେବ ମୋତେ ଲେଖିବ । ସତ୍ୟବାଦୀ ଠାରୁ ସାହସୀ କେହି ନାହିଁ କି ମିଥ୍ୟାବାଦୀଠାରୁ ଭୀରୁ ଆଉ ପାପୀ କେହି ନାହିଁ । ତମେ ସବୁ ସାହସୀ ହୁଅ । ଏହି ବୁଢ଼ା ବଅସରେ ମୁଁ ବି ତମ ସଙ୍ଗରେ ପାଦ ପକାଇ ଚାଲିଛି । ତମର ସୁବିଧା ଅସୁବିଧା ମୋତେ କହିବ । ମୋର ସୁବିଧା ଅସୁବିଧା ତମକୁ ଜଣାଇବି । ଯେଉଁଠି ଭୁଲ୍ ରେ ମିଛ କଥା କହିପକାଇବ ତାପରେ ଅନୁତାପ କରିବ ଓ ସମସ୍ତଙ୍କି କହିଦେବ । ତା ହେଲେ ମିଛ କହିବା ଅଭ୍ୟାସ ଛାଡି ଯିବ । ଆଗ ସତ କଥା କହିଶିଖ । ତାପରେ କପଟ ମନରେ କାର୍ଯ୍ୟରେ ସତ୍ୟ ସାଧନା କରିବ ସେ କଥା କହିବି ।

ତମର ପ୍ରିୟ ଅଜା

## ଅଜାଙ୍କ ରୂପ ବର୍ଣ୍ଣନା

### ୪ର୍ଥ ସ୍ଥାନ ପ୍ରାପ୍ତ ରଚନା

ପୂଜ୍ୟପାଦ ଅଜା,

ମାସେକାଳ ଆପଣଙ୍କ ନାମ ଜପି ଜପି ଏତେ ଦିନେ ସିଦ୍ଧିଲାଭ କଲି । ଆପଣଙ୍କର ମୋହନ ରୂପ ମୋ ଆଖି ଆଗରେ ନାଚି ଯାଉଛି । ସ୍ନେହର ନାଗବନ୍ଧୁ ଭାଇ ଭଉଣୀ ମାନେ ଯେ ରୂପର ବର୍ଣ୍ଣନା ଶୁଣିଲେ ଏତେ ମୁଗ୍ଧ ହେବେ ସେ ଆନନ୍ଦରେ ହସି ହସି ପେଟ ଫାଟି ଯିବ ।

ଅଜା ୧୯ଶତାବ୍ଦୀର ଲୋକ ହେଲେ କଅଣ ହେବ ତାଙ୍କ କୋମଳ ପାଦରେ ବାଟା କୋମ୍ପାନୀ ତିଆରି କନା ଜୋତା ଝଟକେ । ପାଦ ଦୁଇଟି କଚେଇରୁ ଦଉଡ଼ ଦଉଡ଼ ଏତେ ନରମ ହୋଇଛନ୍ତି ଯେ ଯୋତାର ଦାଉ ସହି ନ ପାରି ଆଙ୍ଗୁଳି ଗୁଡ଼ିକ ଗୁଳ ପରି ପଦାକୁ ବାହାରିଲେଣି । ତାହାହେଉ ଅଜାଙ୍କ ରୂପଟା ଜାହ୍ନିମଞ୍ଜିଠାରୁ ଚିକ୍କଣ । ନବ୍ୟ ଫେସନର ସରୁ ଧୋତି ଖଣ୍ଡିକ ଆପାଦ ଲମ୍ବିତ । ବିଚରା ବୁଢା ଆଗରୁ ଅଣ୍ଟୁ ଉପରକୁ ଲୁଗା ପିନ୍ଧୁଥିଲେ । ଆମମାନଙ୍କ ପାଖରୁ ଦେଖି ଶିଖି ଲମ୍ବା ଧୋତି ପିନ୍ଧି ବୁଢା ବାଟରେ କେତେଥର ମାଙ୍କଡ଼ ଛାଟ ମାରିଛନ୍ତି ଓ ଅପଦସ୍ଥ ହୋଇଛନ୍ତି । ତାପରେ ଏ ଦରଜୀ ଗୁଡ଼ା ସହି ନପାରି ଏପରି କମିଜ କରୁଛନ୍ତି ଯେ ଯାହାକି ଅଜାଙ୍କର କୋଟଠାରୁ ଦେଢ଼ଗୁଣ ବଡ଼ । ଯାହା ହେଉ ଅଜା ଆମର କୁଳଧର୍ମ ନ ଛାଡ଼ି ଅଧ ଆଙ୍ଗୁଳି ମୋଟର ତୁଳସୀମାଳଟିଏ କୋଟ ଉପ- ରକୁ ପକାଇଛନ୍ତି । ବିଧିମତେ କାନରେ କୁଣ୍ଡଳ ଫୋଡ଼ ଓ ଦେହଯାକ ଶ୍ରୀମାନନ୍ଦୀଚିତା ମଧ ଅଛି । ଅଜାଙ୍କୁ ଚିହ୍ନିବାର ବିଶେଷ ଚିହ୍ନ ହେଉଛି ମୁହଁ ଖଣ୍ଡିକ । ଅଜାଙ୍କ ଓଠ ଦୁଇଟି ତାମ୍ବୁଲର ରକ୍ତ ରାଗରେ ରଞ୍ଜିତ । ତଦୁପରି ଜାହ୍ନିମଞ୍ଜିଆ ଦାନ୍ତ କେତୋଟିର ମୁରୁକି ହସ । ଦାନ୍ତ ଗୁଡ଼ିକ ଅଜା- ଙ୍କ ପାଖରେ ରହିବାକୁ ନାରାଜ । ସେମାନଙ୍କର ସବୁବେଳେ ପଳାଇଯିବାକୁ ଚେଷ୍ଟା । ଏ ଅଡ଼େ ଅଜା ଛାଡ଼ିବାକୁ ନାରାଜ । ଯଦି ଛାଡ଼ିଦେବେ ତାହାହେଲେ ଅଧା ଡାକ୍ତରରେ ପାହାରେ ଦେବେ । ମୁହଁଟି ଏକାଥରେ ପାଚିଲା ତରଭୁଜ । ତାପରେ ଧାନୀ ଦୋଷରୁ ବୋଧହୁଏ ନାକଟା ଟିକିଏ ଚେପ୍ଟା । ତା ଦୁଇ ପାଖରୁ କୋଟର ଗତ ଅଖି ଦୁଇଟା । ଓଠରେ ନୂଆଗଜା ଧଳା ବାଳ ଅଛି । ଯାହାହେଉ ଅଜା ଏଥର ବ୍ୟଙ୍ଗକୁ ଫେରି ସୁରୁଣା ଫେସନ ବାଲେଶ୍ୱରୀ କାଟି ପକାଇଛନ୍ତି ସତ । ତଥାପି ସମ୍ପୂର୍ଣ୍ଣ ତ୍ୟାଗ କରିବାକୁ ସାହସୀ ହୋଇ ନାହାନ୍ତି । ମୁଣ୍ଡମାଝ ଗୋଲହୋଇ କଟାହୋଇଛି । ସାକ୍ଷାତ୍ ଯାମୀ ଦଳର ରାଜକନ୍ୟା । ଗଲଥର ଜାମ୍ବଳକୁ ଦେଖିଲି ଯେ ଅଜାଙ୍କର ଦାଢ଼ିନିଶ ନାହିଁ । କିନ୍ତୁ ଗଲ ଆଠଥର କାଗଜରେ ଦେଖିଲି ଦାଢ଼ିନିଶ ଗୁଡ଼ା କଟା ହୋଇଛି । ପାଚିଲା ଦାଢ଼ି ଗୁଡ଼ା ଜଳେଇ ଜଳରେ ପଦ୍ମଫୁଲ ଫୁଟିଲା ପରି ଦିଶୁଛି । ମୁଣ୍ଡ ବାଳ ଗୁଡ଼ିକ କଟାହେବାବେଳେ ଅସାବଧାନତା ଥିଲା ନାହିଁ । କାନ୍ଧରେ ଛତା- ଟିଏ ଓ ହାତରେ ବାଉଁଶିଆ ବାଡ଼ିଟିଏ ସବୁ- ବେଳେ ଥାଏ । ଏହିପରି ଆମମାନଙ୍କର ଅଜା ମହୋଦୟଙ୍କର ରୂପବୋଲି ମୁଁ ଦେଖିଲି । କିଏ ବା ଛବି ? କାହାକାହରେ ହାଡ଼ିଅଛି ?

ଆଜି ଏଠିକରେ ରହିଲି । ମୋର ପୂରା ନମସ୍କାର ଗ୍ରହଣକର ସେଥିରୁ ଅଧେ ଆନ୍ଟି- ଙ୍କୁ ଦେବେ । ଇତି,

ଆପଣଙ୍କର ନାତୁଣୀ

ଶ୍ରୀମତୀ ଅନ୍ନପୂର୍ଣ୍ଣାଦେଈ ।

ରେଭେନ୍ସା ବାଳିକା ବିଦ୍ୟାଳୟ

୯-୬-୪୮

## ନାତି ନାତୁଣୀଙ୍କ ଖବର

ବାରିପଦାରେ ନାଗବନ୍ଧୁମାନଙ୍କର ଗୋଟିଏ ସଙ୍ଘ ହୋଇଛି— ତା' ନାମ ବିଶ୍ୱବନ୍ଧୁ ସୋସାଇଟି ।

ନାଗ୍ ନେତ୍ରୀ ଓ ଲେଖିକା ୰ କୁନ୍ତଳା କୁମାରୀଙ୍କ ମୃତ୍ୟୁରେ ଏ ସୋସାଇଟି ପଟରୁ ଗୋଟିଏ ଶୋକ ସଭା ହୋଇଥିଲା । ସଭାଭଙ୍ଗ ପରେ ତାଙ୍କ ଆତ୍ମାର ସଦ୍ଗତି ପାଇଁ ପ୍ରାର୍ଥନା କରା ଯାଇଥିଲା ଓ ବାରିପଦା ନାଗ ଭାଇ ମାନଙ୍କ ତରଫରୁ ସ୍ୱର୍ଗତ ଲେଖିକାଙ୍କ କନ୍ୟା ଦ୍ୱୟ ( ୪୮ ଓ ୪୯ ନମ୍ବର ଭଉଣୀ ) ଙ୍କର ଦୁଃଖରେ ସମବେଦନା ଓ ସହାନୁଭୂତି ପ୍ରକାଶ କରା ଯାଇଥିଲା ।

୨ ନମ୍ବର ଓ ୬୮ ନମ୍ବର ନାଗଭାଇ ଉତ୍ତରାଞ୍ଚଳ ବଙ୍ଗ ଓଡ଼ିଶାରେ ଅବକାଶ ଭ୍ରମଣ ଉଦ୍ଦେଶ୍ୟରେ ଯାଇଛନ୍ତି । ସେଠାରେ ଲୋକ- ମାନଙ୍କ ମଧ୍ୟରେ ଓଡ଼ିଆ ଭାବ ଜଗାଇବେ ବୋଲି ଆଶା କରାଯାଏ ।

Digitized by srujanika@gmail.com

## ନାଗ ନାଗୁଣୀଙ୍କ ଚିଠି

**ସ୍ନେହର ଭାଇ ଭଉଣୀମାନେ—**

ତୁମ୍ଭମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତଙ୍କୁ ଓଡ଼ିଶା ଗଡ଼ଜାତ ମାନଙ୍କର ଶୋଚନୀୟ ଅବସ୍ଥା ଜଣା ଥିବ । ସେଥିପାଇଁ ୨୬ । ୯ । ୪୮ ତାରିଖର କୃଷକ ପତ୍ରିକାରେ ଓଡ଼ିଶା ଛାତ୍ର ସମାଜର ସମ୍ପାଦକ ମହାଶୟ ଏମନ୍ତ ପରିସ୍ଥିତିରେ ଛାତ୍ର ଓ ଯୁବକ ମାନଙ୍କର ସେମାନଙ୍କ ପ୍ରତି କର୍ତ୍ତବ୍ୟ କ'ଣ ବୁଝାଇ ଲେଖିଛନ୍ତି । ମୋର ଅନୁରୋଧ ତୁମ୍ଭେମାନେ ନିଜ ନିଜର କର୍ତ୍ତବ୍ୟ ବାଛି ନେବ ।

ଜଣେ ଗଡ଼ଜାତ ନାଗଭାଇ

୧୧୫ ଅନନ୍ତ—ମୋର 'ସର୍ପୀ' କବିତା ପ୍ରକାଶ ପାଇବ କି ?

୭ ଚନ୍ଦ୍ର—ମୋର ଜଣେ ବନ୍ଧୁ କହନ୍ତି—ନାଗବନ୍ଧୁର ପ୍ରକୃତି ଅନ୍ୟକୁ ଦଂଶନ କରିବା । ତେଣୁ ନାଗବନ୍ଧୁଦଳ ନାମ ରଖିବା ଦ୍ୱାରା ଏ ଦଳର ମହତ୍ତ୍ୱ ଉପଲବ୍ଧି କରି ହେଉ ନାହିଁ । ପୁଣି ନାଗବନ୍ଧୁ କି କେବେ ସେବା ଓ ଅହିଂସା ବ୍ରତ ପାଳନ କରି ପାରେ ? ତେଣୁ ଅନ୍ୟ ନାମ ଦେଲେ ଏହି ଦଳର ମହତ୍ତ୍ୱ ବଢ଼ନ୍ତା । ଏ ସମ୍ବନ୍ଧରେ ଆପଣଙ୍କର ଉତ୍ତର ଦେବେକି ?

୧୨୩ ହରେକୃଷ୍ଣ— ଆମ ନାଗ ଭାଇ ଭଉଣୀ ସବୁ ବର୍ତ୍ତମାନ ଉଚ୍ଛୃଙ୍ଖଳ ହୋଇ ପଡ଼ିଛନ୍ତି । ତମ ଅନୁମତି ପାଇଲେ ଓଡ଼ିଆ ରାଇଜରେ ନୂଆ ଚିନ୍ତାର ଧାର ଖେଳାଇବୁଁ । ଅଜା ସାବଧାନ, 'ନାଗଛୁଆଙ୍କୁ ଦୁଧ ଦେଇ ପୋଷୁଛ, ଭଲ ନାଗେଶ୍ୱର ବଞ୍ଚାଇ ନପାରିଲେ ଠକି ଯିବଟି ?

୧୪୨ **ଛକନ**—ଅଣ୍ଡା ଅମର ଡାଳୀ କି ଗୋଛି, ନେଙ୍ଗୀ କି ବାଙ୍ଗରି, ଦେଖିବାକୁ ଭାରି ମନ ହଉଛି ଯଦି ଫଟ ଛପିବାଟା ବେଲଜ୍ୟା କଥା ତେବେ ତାଙ୍କୁ ଜଣ ଜଣକ ପାଖକୁ ଥରେ ଥରେ କରି ଭି: ପି: ରେ ପଠାନ୍ତୁ । ଦେଖି ଦଣ୍ଡବତ୍ କରି ଚରଣ ଧୂଳି ନେଇ ପୁଣି ରେଜେଷ୍ଟ୍ରୀ ପାର୍ସଲରେ ଫେରାଇ ଦେବୁଁ ।

୧୧୭ ରମାକାନ୍ତ—କୁମାର ପୁନେଇ ଦିନ ଏଠାକୁ ଆସି ଆମ ସଙ୍ଗରେ ଖେଳିବେ ?

## ଅଜାଙ୍କ ଉତ୍ତର

୧୧୫—ସର୍ପୀ କବିତା ମନୋନୀତ ହୋଇନାହିଁ ।

୭—ତମର ବନ୍ଧୁଙ୍କୁ କହିବ, ଖାଣ୍ଟି ନାଗଛୁଆ କାହାରିକୁ ଅକାରଣରେ ଦଂଶନ କରେ ନାହିଁ । ସେ ଆଘାତ ପାଇଲେ ପ୍ରାଣରକ୍ଷା ପାଇଁ ମରଣ କାମୁଡ଼ା ଦଏ । ନାଗବନ୍ଧୁ ଅର୍ଥ ଦଂଶନ ପ୍ରିୟ ନୁହନ୍ତି ନୁହେଁ—ତେଜସ୍ୱୀନ ଯୁବକ । ତୁମ୍ଭେମାନେ ନାଗ ପରି ତେଜସ୍ୱୀନ ହେବ । ସେଇ ତେଜକୁ ସମାଜ ରକ୍ଷି ଭଲ କାମରେ ଲଗାଇଲେ ଦୁନିଆର ମଙ୍ଗଳ ହେବ । ସତ୍ୟ ଓ ଅହିଂସା ପାଳନ କଲେ ତମର ଭିତରର ଶକ୍ତି ଅତୁଳ ବଢ଼ିବ । ନାଗ ସାହାଯ୍ୟରେ ସମୁଦ୍ର ମନ୍ଥନ କରାଯାଇ ବେଦ ଉଦ୍ଧାର ହୋଇଥିଲା । ତମ ସାହାଯ୍ୟରେ ଆମ ଦେଶ ଉଦ୍ଧାର ହେଉ ଏତିକି ଆଶା ।

୧୨୩—ମୋର ଅନୁମତି ଦେବାରେ ଆପତ୍ତି ନାହିଁ । ତମେ ଓଡ଼ିଶାରେ ନୂଆ ନୂଆ କଥା କର—ନୂଆ ଚିନ୍ତା ଧାରା ଖେଳାଅ । ଭଗବାନ ସହାୟ ହୁଅନ୍ତୁ ।

ନାଗଛୁଆଙ୍କୁ ମୁଁ ଏତେ ଭଲପାଏ ଯେ ତାଙ୍କ ଦଂଶନରେ ମୋର କିଛି ହେବ ନାହିଁ । ସେଥିପାଇଁ ତାଙ୍କୁ ଦୁଧ ଦେଇ ପୋଷୁଛି ।

୧୪୨—ଭଦ୍ରକ ପୋଷ୍ଟମାଷ୍ଟର ହାତୀ ଓଜନ ଭି: ପି: ନେବାକୁ ନାରାଜ ହେଉଛନ୍ତି ।

୧୧୭—ଜହ୍ନମାମୁ ପାଇଁ ଯେଉଁ ଘର ତୋଳି ଥିଲେ ଝୁଏ, ମୁଁ ତାହାର ଭିତରୁ ବାହାରି ତମ ସାଙ୍ଗରେ ଖେଳିଲି । ତମେ ମୋତେ ଚିହ୍ନି ପାରିଲ ନାହିଁ ।

## ଲେଖା ସାଙ୍ଗ

୧୧୫ ଅନନ୍ତ ନାରାୟଣ ମହାନ୍ତି—କବିତା ଓ ଡ୍ରଇଂ କରିବାକୁ ଭଲ ପାଉଥିବା ଲେଖା ସାଙ୍ଗ ଖୋଜୁଛନ୍ତି ।

୧୨୩ ହରେକୃଷ୍ଣ ମହାପାତ୍ର—ମହାପୁରୁଷଙ୍କ ଜୀବନୀ ଓ ଖଣ୍ଡ କବିତା ଲେଖିବାକୁ ଭଲ ପାଆନ୍ତି । ଓ ଛାତ୍ର ଜାଗରଣ ପାଇଁ କାର୍ଯ୍ୟ କରିବାକୁ ପ୍ରବଳ ବାସନା । ଏହିଭଳି ରୁଚିର ସାଙ୍ଗ ସେ ଚାହାନ୍ତି ।

୧୪୮ ସୁଶୀଳାବାଳା ଦାସୀ—ଅବିବାହିତା ନାଗ ଭଉଣୀଙ୍କ ସଙ୍ଗରେ ସାଙ୍ଗ ହେବାକୁ ଇଚ୍ଛା କରନ୍ତି । ସେ ନିଜେ ବିବାହିତା ।

୧୧୦ ସିଦ୍ଧେଶ୍ୱର ବଳ—ଗୀତ ବୋଲିବାକୁ ଭଲ ଲାଗେ ଓ ଭଲ ଗୀତ ବୋଲି ପାରନ୍ତି । ସେ ଏକ ବା ଏକାଧିକ ସଙ୍ଗୀତଜ୍ଞ ସାଙ୍ଗ ଚାହାନ୍ତି ।

୧୧୬ ରମାକାନ୍ତ ମିଶ୍ର—ଫଟ ଉଠାଇବାକୁ ଓ ଚିତ୍ର ଆଙ୍କିବାକୁ ଭଲ ଲାଗେ । ସେହି ବିଷୟ ଯାହାକୁ ଭଲ ଲାଗୁଥିବ ସେ ସେହିପରି ଲେଖା ସାଙ୍ଗ ଚାହାନ୍ତି ।

## ନୂଆ ନାଗବନ୍ଧୁଙ୍କ ନାମ ।

୧୦୩ । ଦୟାନିଧି ରାଉତ, ୭ମ ଶ୍ରେଣୀ, ଜାମସେଦପୁର ମି: ଇ: ସ୍କୁଲ, ଜାମସେଦପୁର । । ୧୪୪ । ଧନେଶ୍ୱର ବେହେରା ମଣ୍ଡଳବେରା ଉ: ପ୍ରା: ସ୍କୁଲ, ଝାଟାନଗର । ୧୪୫ । ବଂଶୀଧର ଭୂୟାଁ, ୭ମ ଶ୍ରେଣୀ ଜାମସେଦପୁର ମି: ଇ: ସ୍କୁଲ, ଜାମସେଦପୁର । ୧୪୬ । ବାସୁଦେବ ଦାସ, ଉତ୍କଳ ଫ୍ରେଣ୍ଡସ୍ ଡ୍ରାମାଟିକ କ୍ଲବ, N 1—Type, ଜାମସେଦପୁର । ୧୪୭ । ସିଦ୍ଧେଶ୍ୱର ବେହେରା, ୧୦ମ ଶ୍ରେଣୀ ଭବାନୀ ପାଟଣା ହାଇସ୍କୁଲ, ଭବାନୀପାଟଣା । ୧୪୮ । ସୁଶୀଳାବାଳା ଦେବୀ, C/o ଭୁବନାନନ୍ଦ ମହାପାତ୍ର ଧରମଣି, ପୋ: ବନ୍ତ ଜି: ବାଲେଶ୍ୱର । ୧୪୯ । ନରେନ୍ଦ୍ର ନାରାୟଣ ନାୟକ, କଣ୍ଟି, ପୋ: କୋଠାର, ଜି: ବାଲେଶ୍ୱର । ୧୫୦ । ପ୍ରଫୁଲ୍ଲ ଚନ୍ଦ୍ର ନାଏକ, କଣ୍ଟି ନି: ପ୍ରା: ସ୍କୁଲ, ପୋ: କୋଠାର, ଜି: ବାଲେଶ୍ୱର ।

## ନାଗବନ୍ଧୁ ଦଳର ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତ-ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଡଗରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ, ସେବା ଓ ଅହିଂସା ବ୍ରତ ସାଧନରେ ସେମାନଙ୍କୁ ଉଦ୍‌ବୁଦ୍ଧ କରାଇବା ।

---

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୨୧ବର୍ଷରୁ କମ୍ । ମୁଁ ସତ୍ୟ ସେବା ସାହସ ଓ ଅହିଂସା ବ୍ରତ ପାଳନକରିବି । ଦୟାକରି ନାଗବନ୍ଧୁଦଳରେ ମୋ ନାମ ଲେଖିଦେବେ । ମୁଁ ଏଥି ସହ ୦/୨ ଡାକ ଟିକଟ ପଠାଇଲି ।
୦/୧

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ________________

ଠିକଣା ________________

ଡାକ

## ଉତ୍କଳରେ ଆୟୁର୍ବେଦ ଶିକ୍ଷାକର

# ନୂତନ ଆବିଷ୍କାର

## ଯୋଗଶକ୍ତି

ଏଯାବତ୍ ଶ୍ରୀଶ ସେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ସ୍ୱୀକୃତ ଏବଂ ନାଚନା ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦାସୀନତା, ନୈରାଶ୍ୟ, କାର୍ଯ୍ୟରେ [illegible] ଏବଂ ଅଶାନ୍ତି, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅଜୀର୍ଣ୍ଣ, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ଆଶ୍ଚର୍ଯ୍ୟ ଭାବରେ ଆରୋଗ୍ୟ ହୁଏ । ମୃତ୍ୟୁ ଲୋକ ବ୍ୟବହାର କଲେ ନ [illegible] ଶକ୍ତି ପାଆନ୍ତି । [illegible]

ଟ୧୯ ମାତ୍ର ।

ନମ୍ବା ସଚ୍ଚିକ

ପୋ:

[illegible]

କବିରାଜ — [illegible]

C/o [illegible]



[illegible]

ବନ୍ଧରେ ଏକମାତ୍ର ମର୍ଦ୍ଦନୀୟ ଔଷଧ । [illegible]

ଠିକଣା:—[illegible] ତୈଳ [illegible]

# ଅଫିମାଙ୍କର ଆଉ ଭୟ ନାହିଁ ।

ଓଡ଼ିଶା ସରକାର ଅଫିମ ଉଠାଇ ଦେଉଥିବା ବେଳେ ଅଫିମାମାନେ ବଡ଼ ବିପଦ ପାଇ ଯାଉଛନ୍ତି । କିନ୍ତୁ ଆମର **ସୁଇଟୋ** ଔଷଧ ସେବନ କଲେ ଅଫିମାମାନେ ବିନା କଷ୍ଟରେ ଅଳ୍ପ ଦିନ ଭିତରେ ଅଫିମ ଛାଡ଼ି ପାରିବେ ଏବଂ ଉକ୍ତ ରୋଗରୁ ମୁକ୍ତ ହୋଇ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ପାଇବେ । ଯିଏ ଯେତେ ପରିମାଣରେ ଅଫିମ ଖାଉଛନ୍ତି ଲେଖିଲେ ଔଷଧ ଭି: ପି:ରେ ପଠାଯାଏ ।

## କାର୍ଯ୍ୟ କଣ୍ଟ୍ରୋଲ

ଜନ୍ମ ନିରୋଧ ଏବଂ ଭ୍ରୂଣ ଦ୍ରାବକ ଔଷଧ ପାଇଁ ଆମ୍ଭମାନଙ୍କ ସହିତ ପରାମର୍ଶ କରନ୍ତୁ । ଅନ୍ୟାନ୍ୟ ରୋଗ ବିଷୟରେ ମଧ୍ୟ ପରାମର୍ଶ କରିପାରନ୍ତି । ସକଳ ପ୍ରକାର ନୂତନ ଓ ପୁରାତନ ସ୍ତ୍ରୀରୋଗ ଚିକିତ୍ସା ସନ୍ତୋଷ ଜନକ କରାଯାଏ । ରୋଗୀମାନଙ୍କର ଉଚିତ ଗୁପ୍ତ ଭାବରେ ରଖାଯାଏ ।

ଠିକଣା—ଉତ୍କଳ ହୋମିଓପାଥିକ ଫାର୍ମାସି, ଚରଣ ବଜାର—କଟକ

## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ଦଉଡ଼ା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା) ମେହମଗ, ଅଜୀର୍ଣ୍ଣ, କାଶ, ମୁର୍ଚ୍ଛା, ଶ୍ୱାସ, ଅର୍ଶ, ବକ୍ରପିତ୍ତ, ରକ୍ତଅପହଣ୍ଟାର ଅନ୍ନବାତ, ଅଣ୍ଡ ଗଣ୍ଡି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୂତ୍ରବ୍ୟଥା, ମୂତ୍ରଜଳା, ମୂତ୍ରଶୂଳ, ତାଳୁମୂଳ ଫୁଲା, ପଣ୍ଡିକା ଫୁଲା, [illegible], କାଛୁ, [illegible], [illegible], ମେଲା, ଚମଦଲା, ଘାଉ, ଛଉ, କଠାଘା, ଛେଙ୍ଗୁଘା, ପୋଡ଼ାଘା, ସର୍ପ ଦଂଶନ, ଧଣ୍ଡା, [illegible], ଦନ୍ତର ଜୀବଜନ୍ତୁ ବାନ୍ଦରର ଦଂଶନ, କାନପୂଜ, [illegible], ସ୍ତ୍ରୀମାନଙ୍କର ମାସିକ ନିବୃତ୍ତି ନୋଳବାର [illegible], [illegible] ପ୍ରଭୃତି ଆଶ୍ଚର୍ଯ୍ୟ ରୂପେ ଅଳ୍ପଦିନରେ ଆରୋଗ୍ୟ ହେଉଅଛି ।

[illegible]—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

କବିରାଜ ଶ୍ରୀ ବିଶ୍ୱନାଥ ଦାସ

ଏ. ବି. ଏଲ୍. ଏଚ. ଏମ୍. ଏସ୍.

ପ୍ର [illegible], [illegible] ବିଶ୍ୱନାଥ [illegible] ।

ବୁକ୍ ଫିଜିକଲ୍ ଓ ଧ୍ୱଜଭଙ୍ଗ ପାଇଁ

# [illegible] ମୋଦକ

[illegible]

ଠିକଣା:—[illegible]

ଦରିଦ୍ର ବନ୍ଧୁ ଔଷଧାଳୟ

[illegible] । [illegible] । [illegible]

## ଟ ୨୩ ର ଦରିଦ୍ର ଓ [illegible] ଓ ୧୦୦ଟି [illegible]



[illegible]

Eastern Trading Co. Post Box 12204, Calcutta (S. C. E. 30)

Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak. 1938

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସ୍ୟୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁବୃହତ୍ ସୁଦୃଢ଼, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପତ୍ରର ସର୍ତ୍ତ ସର୍ବୋତ୍କୃଷ୍ଟ ।

ଆକସ୍ମିକ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ପିଲାଙ୍କର ବୀମା, ସ୍ତ୍ରୀ ବୀମା ପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ଉତ୍କୃଷ୍ଟ ବ୍ୟବସ୍ଥା ।

ବୀମା ଅପଣା ଛଡ଼ାଇ ନେବାର ସୁନ୍ଦର ବ୍ୟବସ୍ଥା ଅଛି ଅଛି

୧୯୩୬-୩୭ ସାଲର ସଂକ୍ଷିପ୍ତ ବିବରଣ
ନୂତନ ବୀମାର ପରିମାଣ ୨କୋଟି ୮୩ଲକ୍ଷ ୭୩ହଜାରରୁ ଊର୍ଦ୍ଧ୍ୱ ।
ବୀମା ପାଣ୍ଠି କୋଟି ୩୧ଲକ୍ଷ ୯୭ ହଜାରରୁ ଊର୍ଦ୍ଧ୍ୱ ।
ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୬୭ହଜାରରୁ ଊର୍ଦ୍ଧ୍ୱ
ବାର୍ଷିକ ଆୟ ୭୪ଲକ୍ଷ ୫୫ହଜାରରୁ ଊର୍ଦ୍ଧ୍ୱ ।
ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୫ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ଦାବୀ ଦିଆଇଛି ୧କୋଟି ୪୦ଲକ୍ଷରୁ ଊର୍ଦ୍ଧ୍ୱ ।
ଅଧୁନା କେବଳ ସରକାରୀ କାଗଜାଦିରେ ମୋଟ ସମ୍ପତ୍ତିର ଶତକଡ଼ା ୫୪.୦୯ କଟା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୫୩.୧୯ ହୋଇଛି ।

(ଓଡ଼ିଶାରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚବେତନରେ ଫିଲ୍ଡ ଲୋକ, ଏଜେଣ୍ଟ ଓ ସ୍ପେସିଆଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମ୍ମା, ପୂର୍ବଆଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ, କଲିକତା ।

ଓଡ଼ିଶା ଅଫିସ:— ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର, କଟକ ।

---

# ରାଜସ୍ଥାନ ଇନସ୍ୟୁରେନ୍ସ କୋମ୍ପାନୀ, ଲିମିଟେଡ୍

ହେଡ୍ ଅଫିସ ନଂ ୧୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

ଓଡ଼ିଶା ପାଇଁ ସ୍ପେସେଲ ଏଜେଣ୍ଟ—ବିଲଏଲ୍ ଏଜେନ୍ସି ଏଣ୍ଡ୍ କୋଂ ଭଦ୍ରକ ।

**ବିମା କରିବେ ? ଦେଖନ୍ତୁ — ଏହାର ବିଶେଷତ୍ୱ କଅଣ ?**

୧ । ଅସୁସ୍ଥ ହେଲେ ମେମ୍ବର ଆର୍ଥିକ ସାହାଯ୍ୟ ପାଏ ।
୨ । ବୀମାକାରୀ ଇଚ୍ଛାକଲେ କୋମ୍ପାନୀ ସାହାଯ୍ୟରେ କୋଠା କରି ପାରନ୍ତି ।
୩ । ଅକର୍ମଣ୍ୟ ହୋଇଗଲେ ବୀମାକାରୀ ଘରେ ବସି ପ୍ରିମିୟମ୍ ନ ଦେଇ ମଧ୍ୟ ସମସ୍ତ ଟଙ୍କା ପାଇ ପାରିବେ ।
୪ । ପ୍ରଥମ ଦୁଇବର୍ଷ ପ୍ରିମିୟମ ଦେଇ ତେଣିକି ଟଙ୍କା ନ ଦେଇ ପାରିଲେ "ସାରେଣ୍ଡର" ଭେଲ୍ୟୁ ହୋଇପାରେ ।
୫ । ସାରେଣ୍ଡର ଭେଲ୍ୟୁ ହେଲେ ଖୁବ୍ କମ୍ ସୁଧରେ ଶତକଡ଼ା ୫ ୯୫ଟଙ୍କା ଋଣ ନେବାକୁ ବୀମାକାରୀଙ୍କୁ ସୁବିଧା ଦିଆଯାଏ ।
୬ । ପ୍ରଥମ ପ୍ରିମିୟମ ଦେବା ମାସେକ ପରେ ବୀମାକାରୀ ଆତ୍ମହତ୍ୟା କଲେ ବୀମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ ।
୭ । ଅନ୍ୟାନ୍ୟ ଇନସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।
୮ । "ଘଡ଼ିଯନ୍ତ୍ର" ଅନୁସାରେ ପ୍ରତ୍ୟେକ କାର୍ଯ୍ୟ କରି ସଞ୍ଚୟ କରିବା ପାଇଁ ଆମ୍ଭମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଲେଖା ଭଲ ସମୟ ରଖୁଥିବା ନୂତନ ଘଡ଼ି ଦେବାର ବନ୍ଦୋବସ୍ତ କରିଅଛନ୍ତି ।
୯ । ଆପଣ ଲକ୍ଷ୍ମୀ ଗୃହୀଣୀ ? ଶୀଘ୍ର ଏଥିରେ ବୀମା କରନ୍ତୁ । ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଆବାଲ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ । ସବିଶେଷ ବିବରଣ ଜାଣିବା ପାଇଁ ଶୀଘ୍ର ହେଡ୍ ଅଫିସକୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସବଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

---

**ଅର୍ଶ ଓ ସ୍ୱପ୍ନ ଦୋଷର**

# ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ—ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ—ମଧୁସଞ୍ଜିବନୀ**

ଏକମାସ ବ୍ୟବହାରରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ହିମାଚଳ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା:—ଶାରଦା ଔଷଧାଳୟ—ଚୌଧୁରୀ ବଜାର, କଟକ ।


---

ପ୍ରକାଶକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର     ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

ବାର୍ଷିକ ପ୍ରଥମାର୍ଦ୍ଧ— ଆନନ୍ଦାଦ୍ ହି ଖଲୁ ଇମାନି ଭୂୟନ୍ତେ— ଦ୍ୱିତୀୟ ବର୍ଷ—୦୧୨ ସଂଖ୍ୟା

# ଡଗର





ଡାକ୍ତର ଚେମ୍ବରଲେନ—ଦେଖେଁ ଆମ ସନ୍ତାନଟା କେତେ ଡିଗ୍ରୀ ଜ୍ୱରକୁ ଗଢ଼ିଲା।


ଜୀବନ ବୀମା ପାଇଁ

**ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲି:**

ଓଡ଼ିଶା ଅଫିସ : - ବେଲା ହାଉସ—କଟକ।


Digitized by srujanika@gmail.com

# ପତ୍ର ଦ୍ୱାରା ସନ୍ତାନ ଲାଭ ।

ଆମ୍ଭେ ସ୍ତ୍ରୀ ଏବଂ ପୁରୁଷଙ୍କର ରଜ ଓ ବୀର୍ଯ୍ୟକୁ ସୁସ୍ଥ ସବଳ କରିବା ପାଇଁ ପ୍ରଧାନ ପ୍ରଧାନ ଔଷଧ ଉଦ୍ଭାବନ କରିଅଛୁଁ । ସ୍ତ୍ରୀ ବନ୍ଧ୍ୟା ହେବାର ପ୍ରଧାନ କାରଣ ଜରାୟୁ ଓ ଅଣ୍ଡକୋଷର ଦୋଷ । ସ୍ତ୍ରୀ ଜରାୟୁ ଓ ଅଣ୍ଡକୋଷ ବହୁ କାରଣରୁ ରୋଗଗ୍ରସ୍ତ ହୋଇ ଥାଏ । ସେଥି ମଧ୍ୟରୁ ଅଲକୋଲ୍ ଗର୍ମି ଓ ମେଦ ପ୍ରଧାନ । ପୁରୁଷର ଶୁକ୍ରକୀଟ ମଧ୍ୟ ଉକ୍ତ ବିବିଧ କାରଣରୁ ଜୀବନୀଶକ୍ତି ରହିତ ହୋଇ ଗର୍ଭୋତ୍ପତ୍ତିର କ୍ଷମତା ଶୂନ୍ୟ ହୋଇଥାଏ । ତତ୍ପରେ ଅନେକଙ୍କ ହସ୍ତମୈଥୁନ, ପୁଂମୈଥୁନ ପ୍ରଭୃତି ଅସ୍ୱାଭାବିକ ମୈଥୁନ ଜନିତ ଇନ୍ଦ୍ରିୟ ଶୈଥିଲ୍ୟ ମଧ୍ୟ ସନ୍ତାନ ଉତ୍ପାଦନର ଅନ୍ତରାୟ ହୋଇଥାଏ । କେତେକଙ୍କର ମଧ୍ୟ ଉପରୋକ୍ତ କାରଣ ଥିବା ସତ୍ତ୍ୱେ ସନ୍ତାନ ଉତ୍ପାଦନ ହୁଏ । ସେ ସନ୍ତାନ ଦୀର୍ଘଜୀବୀ ନ ହୋଇ ଜନ୍ମ ମାତ୍ରେ କିମ୍ବା ଜନ୍ମର କିଛି ଦିନ ବା ମାସ ବା ବର୍ଷ ପରେ ମୃତ୍ୟୁମୁଖରେ ପତିତ ହୁଏ । ଯଦି କେହି ବଞ୍ଚି ରହେ ଅତି ରୁଗ୍ଣ ହୋଇଥାଏ ।

ଏହି ସମସ୍ତ କାରଣ ଦୃଷ୍ଟେ ଆମ୍ଭେ ବହୁ ପ୍ରକାର ଗବେଷଣା ଦ୍ୱାରା ବିଭିନ୍ନ ଔଷଧ ଉଦ୍ଭାବନ କରିଅଛୁଁ; ଯଦ୍ଦ୍ୱାରା ବନ୍ଧ୍ୟାମାନେ ଅଚିରେ ସୁସ୍ଥ ସବଳ ସନ୍ତାନ ଲାଭ କରିବେ ଏବଂ ମୃତବତ୍ସା, ଗର୍ଭସ୍ରାବ ପ୍ରଭୃତି ଦୂର ହେବ । ପ୍ରସୂତ ଦୁର୍ବଳ, କ୍ଷୀଣକାୟ, ରୁଗ୍ଣ ସନ୍ତାନମାନଙ୍କର ଶୀଘ୍ର ଶରୀର ହୃଷ୍ଟପୁଷ୍ଟ ହେବା ପାଇଁ ବହୁବିଧ ଔଷଧ ଉଦ୍ଭାବନ କରାଯାଇ ଅଛି । ଯେଉଁମାନଙ୍କର କେବଳ ପୁତ୍ର ସନ୍ତାନ କିମ୍ବା କନ୍ୟା ସନ୍ତାନ ହୋଇଅଛି ସେମାନେ ଆମ୍ଭର ବ୍ୟବସ୍ଥାନୁଯାୟୀ ଚଳିଲେ ଏବଂ ଔଷଧ ସେବନ କଲେ ଯଥା କ୍ରମେ କନ୍ୟା ଓ ପୁତ୍ର ସନ୍ତାନ ଲାଭ କରି ପାରିବେ ।

ଉପରୋକ୍ତ ସମସ୍ତ ବିଷୟର ବ୍ୟବସ୍ଥା ନେବାକୁ ହେଲେ ପ୍ରଥମେ ଦଶ ପଇସାର ଡାକ ଟିକଟ ପଠାଇବାକୁ ହେବ । ତତ୍ପରେ ଆମ୍ଭେ କେତେଗୁଡ଼ିଏ ପ୍ରଶ୍ନ ପଠାଇବୁଁ, ସେହି ପ୍ରଶ୍ନ ଗୁଡ଼ିକର ଯଥାର୍ଥ ଉତ୍ତର ଦେଲେ ଆମ୍ଭେ ବ୍ୟବସ୍ଥା ଦେବୁଁ । ସେହି ବ୍ୟବସ୍ଥାନୁସାରେ ଔଷଧ ସେବନ କଲେ ନିଶ୍ଚୟ ସଫଳ ମନୋରଥ ହେବ ।

ଆମ୍ଭ ବ୍ୟବସ୍ଥାନୁସାରେ ଅନେକ ଲୋକଙ୍କର ଜରାୟୁ ଓ ଶୁକ୍ର ସମ୍ବନ୍ଧୀୟ ସମସ୍ତ ଦୋଷ ଦୂର ହୋଇ ସନ୍ତାନ ହୋଇଥିବାରୁ ସେମାନେ ଅଯାଚିତ ଭାବରେ ଅସଂଖ୍ୟ ଅସଂଖ୍ୟ ପ୍ରଶଂସାପତ୍ର ଦେଇ ଅଛନ୍ତି । ସେଥିମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା ।

କବିରାଜ ଶ୍ରୀ ଗୋବର୍ଦ୍ଧନ ନାଏକ, ଠାମ୍ପରସର—ଅତାବିରା—ସମ୍ବଲପୁର ଲେଖିଛନ୍ତି—"ଆପଣଙ୍କ ବ୍ୟବସ୍ଥାନୁସାରେ ଔଷଧ ବ୍ୟବହାର କରି ନିମ୍ନଲିଖିତ ରୋଗୀଙ୍କର ଫଳ ମିଳିଅଛି:—

୧ । "ବାର ବର୍ଷ ପରେ ଯେଉଁ ସ୍ତ୍ରୀଙ୍କର ଗର୍ଭ ହୋଇଥିଲା ତାଙ୍କର ଗୋଟିଏ ବାଳକ ଜନ୍ମ ହେଲା । ଓଜନକୁ ଦେଢ଼ ମାହଁରୁ ବେଶୀ ହେବ ।" ୨୬ । ୩ । ୩୮ ତାରିଖରେ ପତ୍ର ମିଳିଲା ।

୨ । ଗୋଟିଏ ସ୍ତ୍ରୀର ତୃତୀୟ ମାସରେ ଜ୍ୱର ହୋଇ ଗର୍ଭସ୍ରାବ ହେଉଥିଲା, ମାତ୍ର ଆପଣଙ୍କ ପ୍ରସ୍ତୁତ ଫଳ କଲ୍ୟାଣ ଘୃତ ସେବନରେ ତାଙ୍କର ଗର୍ଭସ୍ରାବ ବନ୍ଦ ହୋଇ ଗର୍ଭ ଉତ୍ପାଦନ ହୋଇ ଗର୍ଭଟି ଭଲ ଭାବରେ ୫ ମାସ ହେଲା ରକ୍ଷା ପାଇଅଛି ।"

୩ । ଯକ୍ଷୀଡ଼ାର ଯେଉଁ ବାଳିକାର ଗର୍ଭ ସଞ୍ଚାର ହୋଇଥିଲା ତାଙ୍କର ଗୋଟିଏ ସୁନ୍ଦର ବାଳକ ଜନ୍ମ ଲାଭ କରି ପିତା ମାତା ତଥା ବନ୍ଧୁ ବାନ୍ଧବଙ୍କ ମୁଖ ଉଜ୍ଜ୍ୱଳ କରି ଦେଇ ଅଛି । ଏବେ ଚତୁର୍ଦ୍ଦିଗରେ ଲୋକେ ଆପଣଙ୍କ ଯଶଗୁଣର ଏକ ସ୍ୱରରେ ପ୍ରଶଂସାଗାନ କରୁଅଛନ୍ତି ।"

୪ । "ଚନ୍ଦର ପାଲି—ଏଠାକାର ଯେଉଁ ସ୍ତ୍ରୀ ୮ । ୧୦ ବର୍ଷ ପରେ ଆପଣଙ୍କ ପ୍ରସ୍ତୁତ କେତେକ ଔଷଧ ଯୋଗେ ବର୍ତ୍ତମାନ ଗର୍ଭ ସଞ୍ଚାର ସ୍ପଷ୍ଟ ଭାବରେ ଜଣାପଡ଼ିଲାଣି ।"

୫ । "ତାଳବାନ ସ୍ତ୍ରୀଙ୍କର ଭଲ ଭାବରେ ଗୋଟିଏ ସୁନ୍ଦର ବାଳିକା ଜନ୍ମ ଲାଭ କରିଛି ।"

ବୈକୁଣ୍ଠ ନାଥ ମିଶ୍ର—ଘାଟଶିଲା—ସିଂହଭୂମ ଲେଖିଛନ୍ତି—

ମହାଶୟ,

ଆପଣଙ୍କଠାରୁ ଯେଉଁ ସ୍ତ୍ରୀ ଲୋକ ପାଇଁ ଜରାୟୁ ଔଷଧ ମଗାଇଥିଲି ସେ ସ୍ତ୍ରୀ ଲୋକ ବର୍ତ୍ତମାନ ରୋଗମୁକ୍ତ ହୋଇଅଛି । ଅନନ୍ତର ବିଷୟ ସେ ସ୍ତ୍ରୀ ବହୁଦିନରୁ ସନ୍ତାନ ଆଶା ତ୍ୟାଗ କରିଥିବା ସତ୍ତ୍ୱେ ଅଳ୍ପକେ ଔଷଧ ବ୍ୟବହାର ଦ୍ୱାରା ତାଙ୍କର ଗର୍ଭ ସଞ୍ଚାର ହୋଇଅଛି ।

ପତ୍ର ପଠାଇବାର ଠିକଣା ।

ବୈଦ୍ୟରାଜ- ଶ୍ରୀ ଶ୍ରୀଧର ଗନ୍ଧବନ୍ଧୁ ଭିଷଗାଚାର୍ଯ୍ୟ
ଆୟୁର୍ବେଦିକ—ଫାର୍ମାସୀ
ଭୁବନେଶ୍ୱର—ପୁରୀ

Digitized by srujanika@gmail.com

ଡଗର
୯ମ—୬୮/
ବାର୍ଷିକ(ସଡାକ) ୫୨୯
ଛାତ୍ରମାନଙ୍କ ପାଇଁ ୧।୯
ଖୁଚୁରାସ୍ତବକ—୬୯




ଡଗର
କାର୍ତ୍ତିକ ପ୍ରଥମାର୍ଦ୍ଧ
୨ବର୍ଷ, ୧୧ଶ ସଂଖ୍ୟା
ଏକତ୍ର
୧।୧୧।୫୮

ଗୃହଅଡ଼େ ବସ୍ତୁର ପଡ଼ନ୍ତି କ ଏଥର ବଖ୍ୟାତ ନୋବେଲ—ଶାନ୍ତି-ପୁରସ୍କାର କଏ ପାଇବ—ହିଟଲର ନା ଚେମ୍ବରଲେନ ? ଏଡ଼େବଡ଼ ଲଢେଇ ନାଅଁଟା ଲଗ ଲଗ ହୋଇଥିଲା । ତାକୁ ନିବେଇଲା କଏ ? ବାହାଦୁରିଟା କାହାର ? କେହି କହନ୍ତି କି ଚେମ୍ବରଲେନ ଗୋଡ଼ ଧରି ନିବେଇଲେ, କେହି କହନ୍ତି ହିଟଲର ଚୁଟି ଧରି ନିବେଇଲେ । ଶାନ୍ତି ଅଣିବାର ଦୁଇଟା ଉପାୟ ଦେଖାଗଲା । ଦନ୍ତେ ତୃଣ, ଗଳବସ୍ତ୍ର ହୋଇ ଅଶାନ୍ତିକୁ ନିବାରଣ କରି ହୁଏ, କମ୍ବା ଅଖି ତାଡ଼ି, ଭୃକୁଟି ଦେଖାଇ ମଧ୍ୟ ନିବାରଣ କରି ହୁଏ । ତେବେ ଦେଖିବାର କଥା, କେଉଁଟା ବେଶି ବାହାଦୁରି ଓ ଫଳପ୍ରଦ । ଗାନ୍ଧିଜୀଙ୍କ ମାଡ ଥଗରେ ପିଠି ପଢାଇବା ନୀତିଟା ଭଲ, କି ମୁଲିସର ଠେଙ୍ଗା ଉଞ୍ଚାଇ ଶାନ୍ତି ରଖିବା ନୀତି ଭଲ ସେଇଟା ବିଚାରର କଥା । ଆଦର୍ଶ ହିସାବରେ ହଉ, ବା ନିପାରିଲର ବାହାନା ହିସାବରେ ହଉ 'ମାରୁ ମାଂ' ଠାରୁ 'ଖବରଦାର !'ର କାଟଣି ଅଖି ଅଗରେ ବେଶି ଜଣା ପଡ଼ୁଛି । ଏଣୁ ହିଟଲର ଶାନ୍ତିର ନୋବେଲ ପ୍ରାଇଜ ପାଇବାକୁ ଅଧିକ ଯୋଗ୍ୟ ବୋଲି କହିବାକୁ ହେବ—ଯଦି ନ ଲୁହ, ତେବେ ଜାଣିଥା—!

× × ×

ମହାଭାରତ ଯୁଦ୍ଧ ବେଳେ ଅର୍ଜୁନ ସ୍ୱଜନ ମାନଙ୍କୁ ହତ କରିବେ ନାହିଁ ବୋଲି କହିବାରୁ ଭଗବାନ ଶ୍ରୀକୃଷ୍ଣ କହିଲେ,

ମୟୈବୈତେ ନିହତାଃ ପୂର୍ବମେବ
ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।

ଅର୍ଥାତ୍, ହେ ସବ୍ୟସାଚି, ତୁମ୍ଭେ ଏ ଯୁଦ୍ଧରେ ନିମିତ୍ତ ମାତ୍ର—କାରଣ ଏମାନେ ମୋ ଭିତରେ ଥିବାରୁ ଏହାଙ୍କ ଚୁଟି ମୋ ହାତରେ । ମୁଁ ଏମାନଙ୍କୁ ପୂର୍ବରୁ ମାରି ରଖି ସାରିଛି ।

ଶୁଣିଲୁଁ ବାଲେଶ୍ୱର ଜିଲା ବୋର୍ଡ଼ ପାଇଁ କଂଗ୍ରେସ ପ୍ରାର୍ଥୀ ମନୋନୟନ ରଣରେ କେତେକ ଲୋକ ଶ୍ରୀଯୁକ୍ତ ମହତାବଙ୍କୁ ତାହାହିଁ ମନେ କରି କହୁଛନ୍ତି—

ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ,
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ,
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ,
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ।

\+ + ×

ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ
ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁଂ ।

ଏହା ଯଦି ସତ୍ୟ ହୋଇଥାଏ ତେବେ ହରେକୃଷ୍ଣଙ୍କୁ ଏ ଯୁଗରେ ଶ୍ରୀକୃଷ୍ଣ ଅଖ୍ୟା ଦେଲେ ଅନ୍ୟାୟ ହେବ କି ?

\+ + +

ମାଛ କି କଣ୍ଟା ଯେପରି ମିଷ୍ଟ, ମଣିଷକୁ କପଟାଟା ସେପରି ଇଷ୍ଟ । ବରଂ ମାଛର ପେଟ ପୁଛିଗଲେ ଘୁଅରୁ ଉଡଯାଏ, କିନ୍ତୁ ମଣିଷ ଯାହୁଁ ଯାହୁଁ କ୍ଷମତା ପାଉଥାଏ, ତାହୁଁ ତାହୁଁ ତାର କ୍ଷମତା ଲୋଭ ବଢ଼ି ଚାଲିଥାଏ । ସେଥିପାଇଁ କଂଗ୍ରେସ ମହଲରେ ରାଜା ହେବାକୁ ଯେପରି ଥୋକେ ଲୋକ ବ୍ୟସ୍ତ, ରାଜା ବନାଇବାକୁ ଆଉ ଥୋକେ ଲୋକ ସେଇପରି ବ୍ୟସ୍ତ । କାରଣ ବାଲେଶ୍ୱରଅଙ୍କ ଅଫିମ ନିଶାଠାରୁ ଏ କ୍ଷମତା ନିଶା ଅଧିକ ଗହିରି । ଅଫିମ ଛାଡ଼ିବାକୁ ଔଷଧ ଅଛି କିନ୍ତୁ କ୍ଷମତା ନିଶା ଛଡ଼ାଇବାକୁ ଔଷଧ ନାହିଁ । ଅଫିମ ଛଡ଼ାଇବାକୁ ଅଇନ ତିଆରି ହୋଇପାରେ କିନ୍ତୁ କ୍ଷମତା ଲୋଭ ଘୁଞ୍ଚିବାକୁ ଚତୁର୍ମୁଖ ବି ଅଇନ କରି ପାରିବେ କି ନାହିଁ ସନ୍ଦେହ । ସେଥିପାଇଁ ବାଲେଶ୍ୱର ଜିଲା ବୋର୍ଡ଼ର ରାଜା ହେବା ପାଇଁ କଂଗ୍ରେସବାଲାଙ୍କ ଭିତରେ ମେଣ୍ଢାକି ଗୃହଯୁଦ୍ଧ ରାଜାଙ୍କ ମୁଣ୍ଡରେ ଶିରୋପା ବାନ୍ଧିବାକୁ ମଧ୍ୟ କେହି କେହି ସେହିପରି ବ୍ୟାକୁଳ । ସେଥିପାଇଁ ଏ ଜିଲା ବୋର୍ଡ଼କୁ ପ୍ରକୃତ କଂଗ୍ରେସକର୍ମୀ ଛାଡି କଂଗ୍ରେସ ବେକଂଗ୍ରେସ ବା ଅକଂଗ୍ରେସ ଯେ ହେଉନ୍ତୁ ପଛେ କେବଳ ଭଣକର ବିଷ୍ଣୁରୂପ ଯିଏ ଦର୍ଶନ କରୁଥିବ ସେ ନିଶ୍ଚୟ ଏ ଥର ବୈତରଣୀ ପାରି ହୋଇଯିବ ।

× × ×

ଭୂତପୂର୍ବ ଜର୍ମାନ-ବିଜୟୀ ଇଂରେଜ ପ୍ରଧାନ ମନ୍ତ୍ରୀ ବୃଦ୍ଧ ଲଏଡ଼ ଜର୍ଜଙ୍କର ସ୍ୱଦେଶର ମାନହାନିରେ ମଶାଣି ତେଜି ଉଠିଛି । ସେ କହୁଛନ୍ତି "ଆମ ସମ୍ମାନ ଡ଼ୁବି, ଡୁବି କରି ତଳକୁ ଖସି ଖସି ଆଉ କେତେ ବାଟ ଯିବ ? ମାନ ଖୁଆଇ ଯଦି ଯୁଦ୍ଧ ବନ୍ଦ କରି ହୁଅନ୍ତା, ତେବେ ବା ଗୋଟାଏ କଥା । କିନ୍ତୁ ଏପରି ଦିନ ଅସିବ ଯେଉଁଦିନ ଯୁଦ୍ଧ କରିବା ଛଡ଼ା ଗତ୍ୟନ୍ତର ରହିବ ନାହିଁ । ଏପରି ସ୍ଥଳେ ଜୁଛ୍ଛାଟାରେ ଆମ ବନ୍ଧୁ, ମିତ୍ରମାନଙ୍କୁ ହାତ ଛଡ଼ା କରି ହଉଛ କାହିଁକି ? ଆମର ଏହି ହୀନମାନ୍ୟ ନୀତିରେ ସବୁ ମିତ୍ର ଛାଡ଼ି ଅଲଗା ହୋଇ ଚାଲିଲେଣି । ୫୮ ଭିତରୁ ଏବେ ୨୫ଟା ଅଛନ୍ତି ।



Digitized by srujanika@gmail.com

ଅଉ କେତେଦିନ ପରେ ଆମକୁ ଏକା ହୋଇ ଲଢିବାକୁ ହେବ ।”

ଏଣେ ଲର୍ଡ଼ ହାଲିଫାକ୍ସ କହନ୍ତି କି ଡେମୋକ୍ରାସିକୁ ରକ୍ଷା କରିବାର ଉପାୟ ଆମର ନ ଥିଲା । ଏପରିକି ଲଢ଼େଇ ଲାଗିଥିଲେ ନିଜ ରକ୍ଷଣ ବି ଅସମ୍ଭବ ହୋଇ ପଡ଼ନ୍ତା ।

ଏପରି ଅବସ୍ଥାରେ ଇଂଲଣ୍ଡ ନିଜକୁ ‘ନାଜି’ ବୋଲି ଘୋଷଣା କରି “ହେଲ ହିଟ୍‌ଲର” ରଡ଼ି ଛାଡ଼ିବା ଉଚିତ ।

× × ×

ଜଗତରେ ଏପରି ହାଉଆ ବହୁତ ଯହିଁରେ ସମସ୍ତେ ସ୍ୱଜାତିକ ପାଲଟି ଯାଉଛନ୍ତି । ଏପରିକି ବିଶ୍ୱ କବିମାନେ ବି ଚନ୍ଦ୍ର, ତାରା, ମଳୟ, କୋକିଳ, ବସନ୍ତ, ଫୁଲ ନୟନ, ଜୀବନ ଆଦି ଛାଡ଼ି ଗୋଲି, ଗୋଳା ଢାଲ, ତରବାରି, ପେଞ୍ଚ, ପ୍ରୋପାଗାଣ୍ଡାରେ ମାତିବାକୁ ବଡ ସୁଖ ପାଉଛନ୍ତି । ସେ ଦିନ ଜାପାନର ବିଶ୍ୱ କବି ନାଗୁଚି ଆମ ବିଶ୍ୱକବି ରବୀନ୍ଦ୍ରଙ୍କ ଠାକୁ ଚୀନରେ ଜାପାନୀ ଆକ୍ର-ମଣର ସଫେଇ କରି ଏକ ଚିଠି ଲେଖିଥିଲେ । ରବୀନ୍ଦ୍ରନାଥ ତାର ଜବାବ ଦେଲେ ଉଲ୍‌ଟା । ଏଥିରେ ସେ ରାଗିଯାଇ କଷି କରି ଝାଡ଼ ଦେଇଛନ୍ତି ଗୁରୁଦେବ । ଯାହାହେଉ ଏଇ ବଡ଼ ବଡ଼ ଗାଆଣଙ୍କ ପଟାକ ଉତାର ଶୁଣି-ବାକୁ ଇଚ୍ଛୁକ ବେଶ୍ ।

× × ×

ଜଣେ କଂଗ୍ରେସୀ ବନ୍ଧୁ ଦୁଃଖ କରି କହୁଥିଲେ କି “ଆସନ୍ତା ଜିଲ୍ଲା ବୋର୍ଡ଼ ନିର୍ବାଚନଟା ଶାନ୍ତିପୂର୍ଣ୍ଣ ଧରଣରେ ହୋଇ-ଯିବ । କାରଣ କଂଗ୍ରେସ ପ୍ରାର୍ଥୀଙ୍କ ବିରୁଦ୍ଧ-ରେ ଅନ୍ୟ କେହି ଛିଡ଼ା ହେବାକୁ ସାହସ କରିବେ ନାହିଁ । ଲଢ଼େଇ ଭିତରେ ନ ଲାଗିଲେ ମୁଣ୍ଡରେ ଛତୁ ଫୁଟିବ ତ ତୁଣ୍ଡ ବି ନୁଖୁରା ରହିବ । ଅଉ, ଭୋଟ ଲଢ଼େଇର ସେଇ କେତୁଟା ଦିନରେ ଯେଉଁ ଲୋକ-ଶିକ୍ଷା ହୁଏ ତାହା ଦଶ ବର୍ଷକେ ହବ ନାହିଁ । ଲିଫ୍‌ଲେଟ ଇସ୍ତାହାର, ଖବର କାଗଜ, ପ୍ଲାକାର୍ଡ଼, ପୋଷ୍ଟର, ସଭା, ବକ୍ତୃତା, କାନାକୁହା, ଇତ୍ୟାଦି ଇତ୍ୟାଦି । ଆହା, କି ମଜାଟା ମାଟି ହେଲା !” ଆମେ ତାଙ୍କୁ ଏହି ଉତ୍ତର ଦେଲୁ କି “ଯଦି ବିପକ୍ଷ କେହି ଛିଡ଼ା ନ ହୁଅନ୍ତି ତେବେ ଆପଣା ଭିତରୁ ଆଉ ଜଣେ ଛିଡ଼ା କରାଇ ଲଢ଼େଇ ଲଗେଇ ଦିଅ । ସବୁ କୂଳ ରକ୍ଷା ହେବ ।” ସେ ଖୁବ ଖୁସି ହୋଇ ଚାଲିଗଲେ— ବୋଧହୁଏ ସେଇ ଚେଷ୍ଟାଟା କରିବାକୁ ।

× × ×

ଗତ କେତେଦିନ ହେଲା ଆମ ଗଡ଼ଜାତ ଜଙ୍ଗଲରେ ଦାବାନଳ ନିଆଁ ଲାଗିଛି । ବେଶି କରି ଜଳୁଛି ଢେଙ୍କାନାଳରେ । ମହାକାଳ ସେଇଠି କପିଳାସ ପାହାଡ଼ରେ ପ୍ରଳୟ ତାଣ୍ଡବ ଆରମ୍ଭ କରିଦେଲେ ପରା ! ମାତ୍ର ଆମର ତହିଁରେ କି ଯାଏ ଆସେ ? ଆମେ ଯେ କଂଗ୍ରେସ ବାହୁଛାୟା ତଳେ ଘଣ୍ଟ ଘୋଡ଼େଇ ବସିଛୁଁ । ଆମର ତୁଷ କୁହୁଳା ଯଦି କେବେ ଜଳି ଉଠେ, ତେବେ ତାହା ପଣ୍ଡିତଜୀ ବା ରାଜଗୋପାଳାଚାରୀଙ୍କ ଚୁଲି ପରି ଥଣ୍ଡା ମୁଲାଏମ, ହେବ ନାହିଁକି ? ସେ ପରା ଅହିଂସାର ଚୁଲି ।

× × ×

ତେବେ ଗୋଟାଏ କଥା କହିବାକୁ ପାଟି ଠାକୁ ଠାକୁ ହଉଚି । ସେଠି ବଲେଇ କୁଜି ଅସରପା ଉପରକୁ ବାଇ । ଅସରପା ସମାନ ମୋଗଲବନ୍ଦୀ ଜମିଦାରଙ୍କୁ ଅହିଂସା ମନ୍ତ୍ରରେ ନିର୍ବାଧରେ ତ ଉଦ୍ଧାର କରୁଥିଲ । ତାହାଙ୍କ ଭଳି ସେ ଅଝାଉଆ ଭୂମ ଲାଞ୍ଜ ମୋଡ଼ିବାକୁ ଗଲ ? ପଇସା କରିବା ବା ନାମ କରିବାର ଲୋଭରୁ ଠାଉ ଠାଉ କରି ଯେ ତତଲା ଜାଉ ଖାଇବାକୁ ଲାଗିଲ ଦେଲ ଏଥିରେ ତୁଣ୍ଡ ପୋଡିଲା କାହାର ?

\+ + +

ମହମ୍ମଦ ଇବନ କାସିମ ୧୫ ବର୍ଷ ବୟସରେ ମାତ୍ର ୮ ଜଣ ସୈନ୍ୟ ନେଇ ସିନ୍ଧୁ ଅଧିକାର କରିଥିଲେ । ସୁତରାଂ ବଙ୍ଗଳାର ପ୍ରଧାନ ମନ୍ତ୍ରୀଙ୍କୁ ସମଗ୍ର ଭାରତକୁ ଜୟ କରିବା ପାଇଁ କେତେ ସୈନ୍ୟ ଓ କେତେ ଦିନ ଲୋଡ଼ା ?

ଏ ବର୍ଷ ରାଜନୀତି ତୀର୍ଥ ଉପାଧି ପରୀକ୍ଷା-ରେ ଏହିପରି ଏକ ପ୍ରଶ୍ନ ଆସିଥିଲା । ଆମ୍ଭେ-ମାନେ ଭବିଷ୍ୟତ ଉପାଧି ପ୍ରାର୍ଥୀମାନଙ୍କ ସୁବିଧା ନିମନ୍ତେ ତାହାର ଉତ୍ତର ନିମ୍ନରେ ଦେଉଛୁଁ ।

କାସିମଙ୍କୁ ପନ୍ଦର ବର୍ଷ ବୟସରେ ସିନ୍ଧୁ ଅଧିକାର କରିବା ପାଇଁ ୮ ଜଣ ସୈନ୍ୟ ଲୋଡ଼ା ହୋଇଥିଲା । ହକ୍‌ଙ୍କୁ ୬୦ ବର୍ଷ ବୟସରେ କେତେ ସୈନ୍ୟ ସିନ୍ଧୁ ଅଧିକାର ପାଇଁ ଲୋଡ଼ା ହେବ ?

$$\frac{୮ \times ୧୫}{୬୦} = \frac{୮}{୪} = \frac{୧}{୨}$$ ସୈନ୍ୟ ଲୋଡ଼ା ହେବ ।

ଭାରତର ୧୧ଟି ପ୍ରଦେଶରୁ ସିନ୍ଧୁ ଗୋଟିଏ । ତେଣୁ ଗୋଟିଏ ପ୍ରଦେଶ ଅଧି-କାର କରିବା ପାଇଁ ଯଦି $\frac{୧}{୨}$ ସୈନ୍ୟ ଲୋଡ଼ା ହୁଅନ୍ତି ତେବେ ୧୧ଟି ପ୍ରଦେଶ ଅଧିକାର ପାଇଁ କେତେ ସୈନ୍ୟ ଲୋଡ଼ା ହେବେ ?

$$\frac{୧}{୨} \times \frac{୧୧}{୧} = \frac{୧୧}{୨} = ୫\frac{୧}{୨} ।$$

ଏହି ସାଢ଼େ ପାଞ୍ଚ ସୈନ୍ୟଙ୍କ ଭିତରେ ନିଜେ ହକ୍, ଜନାବ ସିକନ୍ଦର ହାୟାତ୍ ଓ ମୌଲନା ସୌକତ ଅଲି ମିଶି ହେଲେ ତିନି (୩) । ବାକି ଦେଢ଼ ଯେଉଁ ଦିନ ମିଳି ଯିବେ ସେଦିନ ଭାରତର ନାମ ଭାରତବର୍ଷ (ଭରତଙ୍କ ନାମରୁ) ନ ହୋଇ ଫାଜୁଲବର୍ଷ (ଫଜଲୁଲଙ୍କ ନାମରୁ) ହୋଇଯିବ । ହକ୍ ସାହେବଙ୍କୁ ଯଦି ଲୋକ ମିଳୁ ନ ଥାନ୍ତି ତେବେ ଆମେ ଏକ ପ୍ରସ୍ତାବ ଆଗତ କରୁଛୁଁ; ସେ ତାହା ଗ୍ରହଣ କରିନେଲେ ସୁଗମ ହେବ । ପଞ୍ଚମ ସ୍ଥାନ ହଜ୍ ହାଇନେସ ଆଗା ଖାଁ ପୂରଣ କରିବେ । ବାକି ଅଧକ କେହି ଅର୍ଦ୍ଧାଙ୍ଗିନୀ ପୂରଣ କଲେ ତାଙ୍କ ହିସାବ ଛିଡ଼ିଯିବ ।

Digitized by srujanika@gmail.com



## ( କବି )

ଲେଖକ—ଶ୍ରୀ—

ସେଥର ଛୁଟିରେ ନବବାବୁ ଆଉ ଘର ଗଲେ ନାହିଁ । କଲେଜ ହଷ୍ଟେଲର ଠାକୁରଟାକୁ ଡାକି ଗୋଟାଏ ଖୋଲା ମଗାଇ ଆଣି, ସେତିକ ଗଣ୍ଡା ପାଇଁ ଉଦରପୂର୍ତ୍ତି କରିଦେଲେ । ଉଦ୍ଦେଶ୍ୟ, ବାଇ ଲାଗିଗଲେ ଭଲ କବିତା ହେବ । ଭଲ କବିତା ହେଲେ—ଦୁଃଖଟା ପାସୋରି ଯିବ । କିନ୍ତୁ ସେ କବିତାକୁ ତାଙ୍କ ମୁହଁ ମୁହଁ, କବିତା ଆଜି ଦୟା କଲା ନାହିଁ । କି ଲାଜର କଥା ! ଆତ୍ମହତ୍ୟା କରିଦେବାକୁ ତାଙ୍କ ପକ୍ଷରେ ମଙ୍ଗଳ ଥିଲା । କାଠଯୋଡ଼ି ବନ୍ଧ ଉପରୁ ଡେଇଁ ପଡ଼ିଥିଲେ ସବୁ ସରି ଯାଇ ଥାନ୍ତା । ସେଇ କୂଳରେ ଥିବା ସମାଧି ଗୁଡ଼ିକର ଗୋଟାଏ ସଂଖ୍ୟା ବଢ଼ିଥାନ୍ତା; କେତେ ରମଣୀ, କେତେ ଯୁବତୀ, କେତେ ପ୍ରେମିକା, ଯେଉଁ ସବୁ ସବୁ ନବବାବୁଙ୍କ କବିତା ପଢ଼ି ଅନୁଭବ ହୋଇଛନ୍ତି, ସେଇ ବାଟ ଦେଇ ଯିବେ ; ସମସ୍ତଙ୍କ ମୁହଁରୁ ବାହାରି ଆସିବ--ଆହା ! ସମସ୍ତଙ୍କ ଆଖିରୁ ଝରି ପଡ଼ିବ ତପ୍ତ ଅଶ୍ରୁ । ସେ ଅଶ୍ରୁରେ ତାର ନିର୍ଜ୍ଜୀବ ସମାଧି ଚମକି ଉଠିବ । ସେ 'ଆହା'ରେ ସମାଧି ମନ୍ଦିରରୁ ପ୍ରତିଧ୍ୱନି ଛୁଟିବ । ସମସ୍ତେ କହିବେ, କାଳି କଲମ ଆଉ କାଗଜର ନିର୍ଜ୍ଜୀବତା ଦେହରେ ଯିଏ ପ୍ରାଣ ଖେଳାଇ ଥିଲା, ତାର ସମାଧି ଯେ ଜୀବନ୍ତ ହେବ ଏଥିରେ ସନ୍ଦେହ କ'ଣ ? ସମାଧି ଜୀବନ୍ତ ନ ହେଲେ, ତାର ଦୁଃଖରେ ଏତେ ଲୋକ କାନ୍ଦନ୍ତେ କାହିଁ ? ପଥରର ଦୁଃଖରେ ଏତେ ଲୋକ କେହି କେବେ କାନ୍ଦେ ନାହିଁ—ସମାଧିର ଦୁଃଖ କେହି କେବେ ବୁଝନ୍ତା ନାହିଁ ଯଦି ନବବାବୁ ସେଠି ଚିରନିଦ୍ରା ଭଜି ନ ଥାନ୍ତେ ।

ସକାଳ ହୋଇଗଲା—ଏଇମିତି ନାନା ଅବୁଲ ତାବୁଲ ଭାବୁଁ ଭାବୁଁ ଗୋକୁଳବାବୁ ଆସି ଡାକିଲେ ବାହାରୁ "କିରେ ନବ, ଉଠିବୁ ନାହିଁ କି ଆଜି ? କଲିକତାରୁ ଫେରି ରାତି ଅନିଦ୍ରା ହେଉଛୁ କିରେ ?"

ଓଃ ! ଏ ଅପମାନ, କି ଲଜ୍ଜା, ଏହାଠାରୁ ମରିବାଇ ଭଲ ଥିଲା । କିନ୍ତୁ କ'ଣ କରିବେ ? ମରି ନାହାନ୍ତି ଯେତେବେଳେ, ସବୁ ସହିବାକୁ ପଡ଼ିବ । ଦାନ୍ତକୁ ଦାମୁଡ଼ି ସେ ସବୁ ସହିଲେ । ସେ ଦିନଟା ଯାକ ଆଉ ସେ ଘରୁ ବାହାରିଲେ ନାହିଁ । କଲେଜ ଗଲେ ନାହିଁ । ବୋଧେ ସଚ୍ଚିଟା ଗୁରୁଅଡ଼େ ହେଙ୍ଗୁର ବାହେଇ କହି ଦେଇ ସାରିବେଣି । ସେ ମୁହଁ ଦେଖାଇବେ କେମିତି ? ତାଙ୍କର ଲ' ପଢ଼ିବା ଇଚ୍ଛା ହେଉଛି ସେ କେମିତି ହଷ୍ଟେଲ ଛାଡ଼ି ପଳାଇବେ ଏହି ଚିନ୍ତାରେ ବ୍ୟାକୁଳ ହୋଇ ପଡ଼ିଲେ । ତହିଁ ଆର ଦିନ ସକାଳୁ ସେ ବିଛଣା ପତ୍ର ବାନ୍ଧି ଘରକୁ ବାହାରୁଛନ୍ତି, ପିଅନ ଆସି ଡାକିଲା—ବାବୁ ଚିଠି ହେ । ସେ ପିଅନଟାକୁ ଦେଖିଲା କ୍ଷଣି ତାଙ୍କ ଦେହ ଜଳି ଉଠିଲା—ଦାନ୍ତ କଡ଼ କଡ଼ ହୋଇ ଗଲା-- ମନ ହେଲା, ଏଇ ଥାପୁଡ଼ାକେ ତା' ମୁଣ୍ଡ ଅଲଗା କରି ଦିଅନ୍ତେ । କାହିଁକି ସେ ମିଛ ଚିଠିଟା ଆଣି ଦେଲା !

କିନ୍ତୁ ଉତ୍ସୁକତା ଶେଷରେ ତାଙ୍କୁ ଛାଡ଼ି କହି ପାରିଲେ ନାହିଁ । ତା' ହାତରୁ ଚିଠି ଖଣ୍ଡିକ ନେଇ ଦେଖିଲେ ସେଇ ହସ୍ତାକ୍ଷର—ଠିକଣା କଲିକତା ମୋହର । ଚିଠିଟାକୁ ତର ତର ହୋଇ ଖଣ୍ଡ କରି ସେ ଫୋପାଡ଼ି ଦେଲେ । ପୁଣି ସେଇ ହତାଶା, ପୁଣି ସେଇ ବେଦନା । ଏ କେବଳ ଗପରେ ଶୁଣାଯାଇ ଥିଲା, ମଣିଷ ସତ ସତ ମଣିଷକୁ ଏମିତି ଠକାନ୍ତି ପୁଣି !

ବିଛଣା ପତ୍ର ରିକ୍ସାରେ ବୋହି ବାହାରିବା ବେଳକୁ ମନଟା ବାନ୍ଧି ଗୁନ୍ଥେଇ ହେଲା । ନବବାବୁ ଚିଠିଟାକୁ ପଢ଼ି ନାହାନ୍ତି—ଯାକିଟ୍ ରେ ପୂରେଇ ଦେଇ ସିଧା ଗଲେ ଷ୍ଟେସନ ।

ଗାଡ଼ି ଛାଡ଼ିଦେଲା । ସବୁବେଳେ ମନ ହଉଥାଏ ଚିଠିଟାକୁ କାଢ଼ି ପଢ଼ିବେ ବୋଲି, କିନ୍ତୁ ଅଭିମାନରେ ସେ ଆଉ ପଢ଼ି ପାରିଲେ ନାହିଁ । ଭିତର—ହୃଦୟ ସେଥିପାଇଁ ଏତେ ଅଭିମାନ ।

ଘରକୁ ଯିବାପାଇଁ ଆଉ ଗୋଟିଏ ଷ୍ଟେସନ ଅଛି, ସେ ନିହାତି ଚିଠିଟାକୁ କାଢ଼ି ପଢ଼ିଲେ । ସେଥିରେ ଲେଖାଥିଲା—

ହୃଦୟର ଅଧିକାରୀ ନବବାବୁ,

ଆପଣ ଲେଖିଥିଲେ ରବିବାର ଦିନ ଆସିବେ ବୋଲି । କିନ୍ତୁ ଆପଣଙ୍କ ପଥ ସରଣୀକି ଚାହିଁ ଚାହିଁ ମୋର ଆଖିପାଣି ଆଖିରେ ମଲା । କିନ୍ତୁ ଆପଣ ଆସିଲେ ନାହିଁ । ବୋଧହୁଏ ଆପଣ ମୋ ଉପରେ କୌଣସି କାରଣରୁ ରାଗିଛନ୍ତି । ଆପଣ ଯେତେ ରାଗିବାର ରାଗନ୍ତୁ ପଛେ, ମୁଁ କିନ୍ତୁ ଆପଣଙ୍କ ଉପରେ ରାଗି ପାରିବି ନାହିଁ । ଖାଲି ଆପଣଙ୍କ ଲେଖାନୁଭବେ ଆପଣଙ୍କୁ ନଦେଖି ମଧ୍ୟ ଆପଣ ନିଜେ ମୋ ହୃଦୟକୁ ଅଧିକାର କରି ବସିଛନ୍ତି । ଆପଣଙ୍କୁ ନ ଦେଖିଲେ ମୁଁ ବଞ୍ଚି ପାରିବି ନାହିଁ । ଆପଣ ଏ ପତ୍ର ପାଇଲା ମାତ୍ରେ କଲିକତା ଚାଲି ଆସିବେ । ନୋହିଲେ ମୁଁ ବଞ୍ଚିବି ନାହିଁ ବୋଲି ଜାଣନ୍ତୁ । ହୁଏତ ଆପଣ ଏହା ବିଶ୍ୱାସ କରିବେ ନାହିଁ । କିନ୍ତୁ ପ୍ରକୃତରେ ସେହିପରି ପରିସ୍ଥିତି ହୋଇଛି ।

ଆପଣ ସଚ୍ଚିବାବୁଙ୍କୁ ଜାଣିଥିବେ । ସେ କଲିକତାରେ ପଢ଼ନ୍ତି । ଆମ ଘରକୁ ଅନେକ ସମୟରେ ଆସନ୍ତି । ବିଦେଶରେ ରହିବା ହେତୁରୁ ଆମମାନଙ୍କ ଘର ସହିତ ତାଙ୍କର ବଡ଼ ଘନିଷ୍ଠତା ହୋଇଗଲା । କିନ୍ତୁ ତାଙ୍କ ଭିତରେ'



Digitized by srujanika@gmail.com

ଏପରି ଉଦ୍ଦେଶ୍ୟ ଥିଲା ବୋଲି ମୁଁ ଜାଣିପାରି ନଥିଲି । ସେ ତାଙ୍କର ଲେଖା ବାହାରିଥିବା ନାନାଦି ପତ୍ରପତ୍ରିକା ମୋତେ ପଢ଼ିବାକୁ ଦେଇ ଯାନ୍ତି । ପଢ଼ି ସାରିଲେ ପଚାରନ୍ତି ଅଣି— କେମିତିକା ଲାଗିଲା ; ମୁଁ ସଙ୍କୋଚରେ କହେଁ, ଭଲ ଲାଗିଲା । କିନ୍ତୁ ପ୍ରକୃତରେ ଆପଣଙ୍କ ଲେଖା ସାଙ୍ଗରେ ତାଙ୍କ ଲେଖା ତୁଳନା ହିଁ ହେବ ନାହିଁ । ମୋତେ ତାଙ୍କ ଲେଖା ପଢ଼ିବାକୁ ଆଦୌ ଭଲ ଲାଗେନାହିଁ । ଖାଲି ବାଧ୍ୟହୋଇ ପଢ଼େ । ଅନେକ ସମୟରେ ମିଛ କଥା ବି କହେଁ । ସେଇଥିରୁ ସେ ବୁଝନ୍ତି ଯେ ମୁଁ ତାଙ୍କୁ ଭାରି ଭଲପାଏଁ । କିନ୍ତୁ ସତ କହୁଛି, ମୁଁ ତାଙ୍କୁ ଘୃଣାକରେ । ଆପଣଙ୍କର ନାମଟି କେବଳ ମନେ ପଡ଼ିଲେ ସଛିବାବୁଙ୍କ ମୁହଁକୁ ଛେପ ପକାଇ ଦେବାକୁ ମନହୁଏ ।

ମୁଁ ଯେତେ ଘୃଣାକରେ, କିନ୍ତୁ ବାବା ବୋଉ ତାଙ୍କୁ ବଡ଼ ଭଲପାଆନ୍ତି । ...ଙ୍କର ଇଚ୍ଛା, ମୋତେ ସଛିବାବୁଙ୍କ କାଖେଇ ହାତରେ ଦେଇ ଦେବା ପାଇଁ । ଆପଣ ମୋତେ ଏ ବିପଦରୁ ରକ୍ଷାକରନ୍ତୁ । ମୋର ବିଶ୍ୱାସ ଆପଣଙ୍କ ଭଳି ଉପଯୁକ୍ତ ଲୋକ ପାଇଲେ ସେ ସଛିବାବୁଙ୍କ କଥା ଭୁଲିଯିବେ ।

ଆପଣ ମୋ ବିଷୟରେ ସଛିବାବୁଙ୍କୁ କିଛି କହିବେ ନାହିଁ । ସେ ଆପଣଙ୍କୁ ଚିହ୍ନନ୍ତି ଓ ଜାଣନ୍ତି । ଦେଖାହେଲେ ଯେପରି ମୋ ବିଷୟରେ କୌଣସି କଥା ନ କହନ୍ତି । କାରଣ ତହିଁରେ ବିପଦ ଅଛି । ସଛିବାବୁ ବଡ଼ ଖରାପ ଲୋକ । ସୁଲୋଚନା ବୋଲି ଗୋଟିଏ ବଙ୍ଗାଳି ଘର ଝିଅ ଆମଘର ପାଖ ଘରେ ରହେ । ସଛିବାବୁ ସେଠିକି ବରାବର ଯାଆନ୍ତି । ସେ ସଛିବାବୁଙ୍କୁ ଭାରି ଭଲ ପାଏ । ମୋର ତା' ସହିତ ଭାରି ସାଙ୍ଗ । ମୁଁ ଦିନେ କଥାରେ ୨ ଆମ ଓଡ଼ିଆ ଲେଖକଙ୍କ କଥା କହୁଁ କହୁଁ ମୋ ଅଜାଣତରେ ଅନେକ ଥର ଧରି ଆପଣଙ୍କ କଥା କହିଲି । ମୁଁ ଆପଣଙ୍କୁ ଭଲପାଏଁ ବୋଲି ସେ କିପରି ବୁଝି ପାରିଲା । ସଛିବାବୁ ମୋତେ ଭଲ ପାଉଥିବାରୁ ତାର ମୋ ଉପରେ ଭାରି ଈର୍ଷା । ସେଥିପାଇଁ ସେ ସଛିବାବୁଙ୍କୁ ମୋ କଥା ଆପଣଙ୍କ କଥା କହିଦେଲା । ସଛିବାବୁ ସେଦିନ ଭାରି ରାଗି ତରଳ ମୋତେ ଆସି ପଚାରିଲେ— ମୁଁ ତାଙ୍କୁ ଭଲପାଏଁ କି ଆପଣଙ୍କୁ ଭଲପାଏଁ । ମୁଁ କହିଛି ନବକୃଷ୍ଣବାବୁ । ସେ ରାଗିକରି ଚାଲିଗଲେ, ଆଉ କହିଗଲେ ଯେ ସେ ତାର ପ୍ରତିଶୋଧ ନେବେ । ତେଣୁ ଅନୁରୋଧ ସଛିବାବୁ ଆପଣଙ୍କର ଯେତେ ବିଶ୍ୱାସୀ ହେଉନ୍ତୁ ପଛେ ମୋ ବିଷୟରେ କିମ୍ବା ମୋ ଚିଠି ବିଷୟରେ କିମ୍ବା ଆପଣ ଏଠାକୁ ଆସିବା ବିଷୟରେ କିଛି କହିବେ ନାହିଁ । ଶୀଘ୍ର ଆସିବେ କିନ୍ତୁ । ନୋହିଲେ ମୋର ଭୟ ହୁଏ, ଏଇ ମାର୍ଗଶିରରେ ବାବା ହୁଏତ ସଛିବାବୁଙ୍କ ପାଖରେ ମୋତେ ବଳି ଦେଇ ପକାଇବେ । ଇତି ।

ଆପଣଙ୍କର
ଅଭାଗିନୀ
ଅନୁ

ନବବାବୁଙ୍କର ଆନନ୍ଦର ଆଜି ସୀମା ନାହିଁ । ଟ୍ରେନ୍ ଯାଇ ହାୱଡ଼ାରେ ପହଞ୍ଚିଲା । ଗାଡ଼ିରେ ଜଣେ ହନୁମାନ ଚଢ଼ିଥିଲେ । ଦୁଇ ତିନିଥର ତାଙ୍କ ଦେହରେ ହାତ ବାଜିବାରୁ ସେ ବିରକ୍ତ ହୋଇ କହୁଥିଲେ—କ୍ୟା ବାବୁ ପାଗଲ ହୋଗୟେ କ୍ୟା ? ବଙ୍ଗାଳି ଭଦ୍ରଲୋକ ଜଣେ କାବା ହୋଇ ପଚାରିଲେ—ଆପନାର କି ହୋଲୋ ମଶାୟ !

ନବବାବୁ—ନାଇଁ ଆଜ୍ଞା କିଛି ନୁହେଁ— ମୋର କଲିକତା ଯିବାକଥା—କିନ୍ତୁ ଟିକେଟ ଅଛି ଯାଜପୁର ରୋଡ଼ଯାଏଁ—ଏଟାକୁ extend କରାଇବାକୁ ହେବ—କାରଣ ଷ୍ଟେସନ ପହଞ୍ଚିଗଲା—ନହେଲେ penalty ଦେବାକୁ ହେବ—ସେଥିପାଇଁ T. T. I. ଖୋଜୁଛି—ପାଉନାହିଁ ।

ସମସ୍ତେ ହୋ ହୋ କରି ହସି ଉଠିଲେ, ଏତେ ସାମାନ୍ୟ କଥାପାଇଁ ଏତେ ଚିନ୍ତା ?

ହାଉଡ଼ାରେ ପହଞ୍ଚି ନବବାବୁ ଗୋଟିଏ ମଟର ଭଡ଼ାକରି କହିଲେ—twenty five Dalhausie street.

'ବହୁତ ଅଚ୍ଛା' କହି ଠିକ ଡ୍ରାଇଭର ଯଥା ସ୍ଥାନରେ ପହଞ୍ଚାଇ ଦେଲା । ମଟର ପହଞ୍ଚିବା ମାତ୍ରେ ଗୋଟିଏ ଓଡ଼ିଆ ଚାକର ଆସି କହିଲା— ଆପଣ କଟକରୁ ଆସିଛନ୍ତି ?

ନବ—ହଁ

ଚାକର—ଆପଣ—

ନବ—ମୋ ନାମ ନବକିଶୋର ଦାସ ।

ଚାକର—ଆଜ୍ଞା ଆସନ୍ତୁ । ବାବୁମାନେ ଉପରେ ଅଛନ୍ତି ।

ନବବାବୁ ଆଉ କିଛି ବୁଝିପାରିଲେ ନାହିଁ । ବାବୁମାନେ ପୁଣି କିଏ ? ସେ ଚାକରକୁ ପୁଣି ଥରେ ପଚାରିଲେ—କୃପାସିନ୍ଧୁବାବୁ ଉପରେ ଅଛନ୍ତି ?

'ଆଜ୍ଞା ହଁ' ବୋଲି କହି ଚାକର ସୁଟକେଶ ଓ ବେଡ଼୍‌ଂଧରି ଚାଲିଲା । ନବବାବୁ ଡ୍ରାଇଭରକୁ ଏକମୁଦ୍ରା ଦେଇ ତା ପଛେ ପଛେ ଚାଲିଲେ ।

ଏକତାଲା ଗଲା, ଦୋତାଲା ଗଲା—ତେବେ ବି ଚାକର ସିଡ଼ି (ପାହାଚ) ଉପରେ ଉଠିବାରେ ଲାଗିଛି । ନବବାବୁଙ୍କ ମନ ଅସ୍ଥିର ହେଲା । ଶେଷରେ ଗୋଟିଏ ଘରେ ନେଇ ପହଞ୍ଚାଇଲା । ନବବାବୁ ଦୁଆର ମୁହଁରୁ ଦେଖିଲେ, ଘରଟିରେ ୪ଟି ଚଉକି । ତିନୋଟି ଖଟରେ ତିନିଜଣ ଭଦ୍ରଲୋକ ସମ୍ଭବତଃ ଯୁବକ, ବସିଛନ୍ତି ଆଉ ଗୋଟିଏ ଖଟ ଖାଲି । ସେମାନଙ୍କ ମଧ୍ୟରୁ ଜଣେ ଆସି କହିଲା—ଆସନ୍ତୁ—ଆପଣଙ୍କ ନାମ ନବକିଶୋର ଦାସ ? ନମସ୍କାର । ଆପଣଙ୍କ ଆସିବା କଥା ଆମ୍ଭମାନଙ୍କୁ ସଛିବାବୁ ଆଗରୁ କହିଥିଲେ, ଅନୁମାନ ତାର ପାଇଁ ।

ନବବାବୁ ଏକାବେଳେକେ 'ହତଭମ୍ବ' ହୋଇ ଚାହିଁ ରହିଲେ ।

କିନ୍ତୁ କୌଣସି ଆଶ୍ଚର୍ଯ୍ୟ ଭାବ ପ୍ରକାଶ ନକରି ସେ ପଚାରିଲେ—ଆପଣଙ୍କ ନାମ ?

ଉତ୍ତର ମିଳିଲା—କୃପାସିନ୍ଧୁ ମହାନ୍ତି । ସଛି ମୋର Class friend. ସେ ବିନୋଦ ବାବୁ arts ପଢ଼ନ୍ତି—2nd year. ସେ ହେଉଛନ୍ତି ରମେଶବାବୁ Law finalର ଛାତ୍ର ।

ନବବାବୁ ହାତ ଟେକି ଜଣଜଣଙ୍କୁ ନମସ୍କାର କଲେ । ତାଙ୍କର ମନେହେଲା—ଏ ଗୋଟିଏ ମନୁଷ୍ୟ ନା ଜନ୍ତୁ ?

---

୧୦ମ ସଂଖ୍ୟା ଉତ୍କଳରେ ବାହାରିଥିବା ଗଳ୍ପର ଏହା ଦ୍ୱିତୀୟ ସ୍ତର । ତୃତୀୟ ସ୍ତର ଲେଖିବା ପାଇଁ ଓଡ଼ିଶାର ଲେଖକ ଲେଖିକାମାନଙ୍କୁ ଅନୁରୋଧ କରୁଁ । [ସମ୍ପାଦକ]

Digitized by srujanika@gmail.com



# ବାଜିକର

ଲେଖକ—ଏନାତୋଲେ (ଫ୍ରାନ୍ସ)

(ଫରାସୀର ଶ୍ରେଷ୍ଠ କାହାଣୀ ମଧ୍ୟରୁ ଗୋଟିଏ)

ରାଜା ଲୁଇଙ୍କ ସମୟରେ ଫ୍ରାନ୍ସର କଁପେନ୍ସ ସହରରେ ବରନବୀ ନାମକ ଗୋଟିଏ ବାଜିକର ଥିଲା । ସେ ସହରର ଏଠି ସେଠି ଘୂରିଫେରି ନାନା ପ୍ରକାରର ଅଦ୍ଭୁତ ଅଦ୍ଭୁତ ବାଜି ଦେଖାଇ ବୁଲେ ।

ଆକାଶ ପରିଷ୍କାର ଥିଲେ ସେ କୌଣସି ଗୋଟିଏ ସର୍ବସାଧାରଣ ବଗିଚା (Park)ରେ ଛିଣ୍ଡା ଗାଲିଚା ଖଣ୍ଡେ ପାରି ବସେ । କହିଁ ଗୋଟାଏ ବୁଢ଼ା ବାଜିକରଠାରୁ ସେ ଗୋଟିଏ ବଡ଼ ମଜାର କଥା ଶିଖିଥିଲା । ଛୁଆ ଆଉ କେତେକ ନିଷ୍କର୍ମା ଲୋକଙ୍କୁ ଠୁଳକରି ତାଙ୍କ ଆଗରେ ତାଳୁରି ବସି ବଖାଣିବାରେ ଲାଗିଥାଏ । ତାପରେ ଅଦ୍ଭୁତ ଭାବରେ ନାକ ଉପରେ ଗୋଟିଏ ଟିଣର ଥାଳୀ ରଖିଦିଏ । ଏତିକି ଦେଖି ଲୋକେ ପହିଲୁ ସେମିତି ବେଶୀ କିଛି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ ।

କିନ୍ତୁ ତାପରେ ପରେ ଯେତେବେଳେ ହାତ ଉପରେ ଗୋଟା ଦେହଟାର ଭରାଦେଇ ମୁଁହକୁ ତଳକୁ କରି ଛ'ଟା ପେଣ୍ଡୁ ଆକାଶକୁ ଫିଙ୍ଗିଦିଏ, ଆଉ ଖରାରେ ଝକଝକ ମାରି ସେ ପେଣ୍ଡୁ ଅଧି ତଳେ ପଡ଼ିବା ଆଗରୁ ଗୋଡ଼ ତଳପାରେ ଧରିନିଏ, କିମ୍ବା ଯେତେବେଳେ ଦୁଇ ଗୋଡ଼କୁ କାନ୍ଧର ପଛକୁ ଆଣି ଦେହଟାକୁ ପୁରାପୁରି ଗୋଟାଏ ଚକଭଳି କରି ବାରଟା ଛୁରୀ ଧରି ଖେଳିବାକୁ ଆରମ୍ଭକରେ, ସେତେବେଳେ ଦର୍ଶକମାନଙ୍କ ଭିତରୁ ସେମାନେ ଆଶ୍ଚର୍ଯ୍ୟ ହେଲାପରି ଗୋଟାଏ ଅସ୍ଫୁଟ ଶବ୍ଦ ବାହାରେ ଆଉ ଗାଲିଚା ଉପରେ ଝଣ୍‌ଝଣ୍ ପଇସା ପଡ଼େ ।

ତଥାପି ଅନ୍ୟାନ୍ୟ ଲୋକମାନଙ୍କ ପରି କଁପେନ୍ସ ସହରରେ ଜୀବନନିର୍ବାହ କରିବାପାଇଁ ବରନବୀକୁ ବହୁତ କଷ୍ଟ ସହିବାକୁ ପଡ଼େ ।

କଠିନ ପରିଶ୍ରମ କରି ଦାନାର ଯୋଗାଡ଼ କରିବାକୁ ହୁଏ । ସେଥିପାଇଁ ମନୁଷ୍ୟର ଆଦିମପିତା ଆଦମର କୁକାର୍ଯ୍ୟ ଜନିତ ଯେତିକି ଦଣ୍ଡ, ସବୁ ତାକୁ ବଡ଼ ବେଶୀ ଭାବରେ ମୁଣ୍ଡେଇବାକୁ ପଡ଼ୁଥିଲା ।

ମନ ଥିଲେ ବି ସବୁବେଳେ ସେ କାମ କରିପାରୁ ନଥିଲା । ଗଛରୁ ଫଳ ଆଉ ଫୁଲ ପାଇବା ପାଇଁ ତେଜ ଆଉ ଆଲୋକର ଯେତିକି ଲୋଡ଼ା, ତାକୁ ସେଇ ଅଦ୍ଭୁତ କସରତ ଦେଖାଇବା ପାଇଁ ମଧ ସେଇ ଦୁଇ ପଦାର୍ଥର ସେତିକି ଆବଶ୍ୟକତା ହେଉଥିଲା । ଶୀତ ଦିନରେ ପତ୍ର ଦୁଷ୍ଟ ହୀନ ଲଣ୍ଡା ଗଛର ଗୋଟାଏ ଶୁଖିଲା ଶାଖା ପରି ତାର ଅବସ୍ଥା ହୋଇଯାଏ । ବରଫ-ଜମା ଜମି ଉପରେ ଖେଳ ଦେଖାଇବାକୁ ସୁବିଧା ହୁଏ ନାହିଁ । ଶୀତ ଦିନରେ ସେଥିପାଇଁ ଥଣ୍ଡା ଆଉ ଭୋକରେ ତାକୁ କି କଷ୍ଟ ହେଉ ନଥିଲା ! କିନ୍ତୁ ସେ ବଡ଼ ସାଧାସିଧା ଲୋକ ଥିଲା—ବିଧାତାର ସବୁ ଦଣ୍ଡ ସେ ନୀରବରେ ସହ୍ୟକରି ନେଉଥିଲା ।

ଧନ ଦଉଲତର ଉତ୍ପତ୍ତି କିମ୍ବା ମନୁଷ୍ୟ ଭାଗ୍ୟର ଅସମ ଓ ଅସଦୃଶ ପରିସ୍ଥିତି ବିଷୟରେ ସେ କେବେ ଚିନ୍ତା କରେନାହିଁ । ଜୀବନ ଅସହନୀୟ ହେଲେ ମଧ, ନିଃସଙ୍ଗ ଜୀବନ ତାର ଏହି ଅବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ପୂର୍ଣ୍ଣ କରିଦେବ କେବଳ ଏଇ ଆଶାରେ ସେ ସାହସ ବାନ୍ଧେ । ଆଉ ମଣିଷ ଯେପରି ଲୋଭ ଏବଂ ଦୁଷ୍କର୍ମଜନକ ଘୃଣ୍ୟ ଦାନବୀୟ ଶକ୍ତିକୁ ପୂଜା କରେ, ସେ ସେପରି ନଥିଲା । ଭଗବାନଙ୍କୁ ସେ କେବେ ଗାଳି ଦେଉ ନଥିଲା । ସତ୍ପଥରେ ସେ ଚାଲୁଥିଲା, ଈଶ୍ୱରଙ୍କୁ ସେ ଡରୁଥିଲା । ଯୀଶୁଙ୍କର ମାତା ମେରୀଙ୍କ ପ୍ରତି ତାର ବଡ଼ ବେଶୀ ଭକ୍ତି ଥିଲା ।

ଗିର୍ଜା ଘରେ ବସି ସେ ମେରୀଙ୍କୁ ପ୍ରାର୍ଥନା କରୁଥିଲା—ମା, ଈଶ୍ୱରଙ୍କ ଇଚ୍ଛାରେ ଯେତେବେଳଯାଏ ମୋର ମୃତ୍ୟୁ ନହୋଇଛି, ସେତେବେଳ ପର୍ଯ୍ୟନ୍ତ ମୋତେ ରକ୍ଷା କରିବ—ମରିଗଲେ, ସ୍ୱର୍ଗର ଆନନ୍ଦରୁ ମୋତେ ବଞ୍ଚିତ କରିବ ନାହିଁ ଦେବି !

୨

ଘୋର ବର୍ଷାର ଗୋଟିଏ ସନ୍ଧ୍ୟା । ବରନବୀ ଦୁଃଖଭରା ହୃଦୟରେ ସଡ଼କ ଉପରେ ଯାଉଥିଲା । ପେଣ୍ଡୁ ଆଉ ଛୁରୀଗୁଡ଼ା ସେଇ ପୁରୁଣା ଗାଲିଚାରେ ଗୁଡ଼ାଇ ନେଉଥିଲା । ତା' ଭାରରେ ସେ ଟିକିଏ କୁଞ୍ଚି ପଡ଼ୁଥିଲା । ସେ ଯାଉଥିଲା ଗୋଟିଏ ଆଶ୍ରୟର ଅନ୍ୱେଷଣରେ ।—ସେଠି ସେ ଖାଇବାକୁ ନପାଉ ପଛେ କୌଣସି ପ୍ରକାରେ ରାତିଟାକୁ କଟେଇ ପାରିବ । ହଠାତ୍ ଦେଖିଲା ତା' ଆଗରେ ଜଣେ ମଠାଧୀଶ ଚାଲି ଯାଉଛନ୍ତି । ବରନବୀ ତାଙ୍କୁ ଅଭିବାଦନ କଲା । ଦୁଇଜଣ ଏକା ପଥରେ ଚାଲୁଥିଲେ ସେଥିପାଇଁ ଦୁଇଜଣଙ୍କ ଭିତରେ ଗପସପ ଚାଲିଲା ।

ମଠାଧୀଶ ପଚାରିଲେ—ଭାଇ ପଥିକ, ସବୁଜ ରଙ୍ଗର ପୋଷାକ ପିନ୍ଧିଛ କାହିଁକି ? କୌଣସି ପ୍ରହସନରେ ବିଦୂଷକ ଅଭିନୟ କରୁଛ ?

"ନାଇଁ ଆଜ୍ଞା, ମୋ ନାମ ବରନବୀ—ମୁଁ ବାଜି ଦେଖାଇ ପେଟ ପୋଷେ । ମୋର ଦାନା ଗଣ୍ଡିକ ଅର୍ଜନ କରିବା ପାଇଁ ଏହାଠାରୁ ଭଲ ପେଶା ଆଉ ନାହିଁ ।"

"ଭାଇ ବରନବୀ, ଯାହା କହୁଛ, ତା' ଭୁଲ କଥା । ସନ୍ୟାସ ଜୀବନଠାରୁ ଭଲ ଜୀବନ ଆଉ ନାହିଁ । ସନ୍ୟାସ ଆଶ୍ରମରେ ଯେଉଁମାନେ ରହନ୍ତି ସେମାନେ କେବଳ ଭଗବାନ ଈଶ୍ୱର, ମାତା ମେରୀ ଆଉ ସାଧୁମାନଙ୍କର ମାହାତ୍ମ୍ୟ ସ୍ତୁତିକରି ସମୟ ଅତିବାହିତ କରନ୍ତି । ତାଙ୍କର

ଧର୍ମ ଜୀବନରୁ ଗୋଟାଏ ମହାନତାର ଅବଗମ ସୂଚ ।

ବରନବା ଉତ୍ତର ଦେଲା—ସାଧୁବାବା, ମୁଁ ଦର୍ଶନର କଥା କହୁଛି । ତା' ମୁଁ ଭଲଭାବରେ ବୁଝି ପାରୁଛି । ଆପଣଙ୍କ ଜୀବନ ସହିତ ମୋ ଜୀବନର ତୁଳନା ହୋଇ ନପାରେ । ନାକ ଉପରେ ଗୋଟାଏ ଲଟି ବନ୍ଧି, ତା' ଉପରେ ଗୋଟାଏ ପଞ୍ଜୁରୀ ରଖି ନାଚିବାରେ ପୁଣ୍ୟ ନାହିଁ । ଆପଣଙ୍କ ପରି ପରମାତ୍ମାଙ୍କର ସ୍ତୁତି ଗାନ କରି ଜୀବନ ଯାପନ କରିବା ପାଇଁ ମୋର ପ୍ରବଳ ଇଚ୍ଛା । ଏଥାରୁ ଜୋରୁ ନିବିତ୍ରେ ସହର ପର୍ଯ୍ୟନ୍ତ ପ୍ରାପ୍ତ ହଶନ୍ତି ଗାଁ ଓ ସହରରେ ମୋର କାରସାଦର ଯେଉଁ ପ୍ରଶଂସା ଅଛି ତାହା ମୁଁ ଅନାୟାସରେ ତ୍ୟାଗକରି ମଠର ଧାର୍ମିକ ଜୀବନ ଯାପନ କରିବାକୁ ପ୍ରସ୍ତୁତ ।

ବାଳକରର ଏହି ସରଳ ଅଉ ଅକପଟ କଥାରେ ମଠାଧୀଶର ଚିତ୍ତ ବହୁ କୋମଳ ହୋଇଗଲା । ସେ ବଡ଼ ବୁଦ୍ଧିମାନ ଲୋକଥିଲେ । ସେଥିପାଇଁ ସେ ବରନବା ଭିତରେ ଇଶ୍ବରଙ୍କର ସେହିବାଣୀ ଶୁଣି ପାରିଲେ—"ଦୁନିଆରେ କେବଳ ସ୍ୱାର୍ଥତ୍ୟାଗୀ ଲୋକମାନେହିଁ ଶାନ୍ତି ପାଆନ୍ତି ।" ସେଥିପାଇଁ ସେ କହିଲେ—'ଭାଇ ବରନବା, ମୋ ସହିତ ଅସ, ମୁଁ ତୁମକୁ ମୋର ନିଜ ମଠରେ ରଖିନେବି । ମନୁଷ୍ୟଙ୍କୁ ମରୁଭୂମି-ରେ ଯିଏ ପଥ ଦେଖାଇ ଦିଅନ୍ତି ମୁଁ ତୁମକୁ ସେହି ପରମାତ୍ମାଙ୍କର ଦର୍ଶନ କରାଇବି ।

ଏହିପରି ଭାବରେ ବରନବା ସନ୍ୟାସୀ ହୋଇ-ଗଲା । ଯେଉଁ ମଠରେ ସେ ପ୍ରବେଶ କଲା ସେଠାରେ ସମସ୍ତେ ମାତା ମେରୀଙ୍କ ପୂଜାରେ ନିଜକୁ ନିୟୋଜିତ କରିଥିଲେ । ମଠାଧୀଶ ଈଶ୍ବର ପ୍ରଦତ୍ତ ଜ୍ଞାନ ଅଉ ଶକ୍ତି ଦେଇ ସମସ୍ତେ ତାଙ୍କର ସେବାରେ ଲାଗିଥିଲେ ।'

ଧର୍ମୋପଦେଶକ ମାତା ମେରୀଙ୍କ ଗୁଣ କୀର୍ତ୍ତନକରି ବହୁସ୍ତୁତି-ପୂର୍ଣ୍ଣ କେତେ ଗୋଟିଏ ପୁସ୍ତକ ଲେଖିଥିଲେ ।

ମାରିଅ ସେହି ପୋଥିମାନ ବଡ଼ ସୁନ୍ଦର ଅକ୍ଷରରେ, ଚମଡ଼ାର କାଗଜ ଉପରେ ନକଲ କରୁଥାନ୍ତି ।

ଅଲେକଜାଣ୍ଡର ସେହି କାଗଜ ପୃଷ୍ଠା ଉପରେ ସୁନ୍ଦର କଳାପୂର୍ଣ୍ଣ ନାନା ପ୍ରକାର ଚିତ୍ର ବଡ଼ିକ ଛୋଟ ଛୋଟ ଛବି ଅଙ୍କନ କରୁଥିଲେ । ସଲୋମନଙ୍କ ସିଂହାସନ ଉପରେ ସ୍ୱର୍ଗର ରାଣୀ ବସିଛନ୍ତି, ତାଙ୍କ ପାଦତଳେ ୪ଟି ସିଂହ, ରାଣୀ-ଙ୍କର ମୁଖର ଚତୁଃପାର୍ଶ୍ୱରେ ଜ୍ୟୋତିର୍ମଣ୍ଡଳ, ତାଙ୍କର ଗୁରୁପାର୍ଶ୍ୱରେ ଶାନ୍ତି ସୂଚକ ୭ଟି ଦେବତା—ଭକ୍ତ, କରୁଣା, ବୁଦ୍ଧି, ଭକ୍ତି, ଉପ-ଦେଶ, ଜ୍ଞାନ ଓ ବିବେକ; ତାଙ୍କ ସଙ୍ଗରେ ସୂନାର ସଖୀ ଅଛନ୍ତି, ବିନମ୍ର, ବିବେଚନା, ଅକପଟତା ନିର୍ମୋହ, ସେବା, କୌମାର୍ଯ୍ୟ, ଏବଂ ଅଜ୍ଞାକାରିତା; ରାଣୀଙ୍କର ପାଦ ନିକଟରେ ନଗ୍ନ ଶରୀରରେ ୨ଟି ଶ୍ୱେତ ସୁନ୍ଦର ମୂର୍ତ୍ତି ପ୍ରାର୍ଥନା କଲା ଭଳି ଭଙ୍ଗିରେ ବସିଛନ୍ତି—ସେମାନେ ସ୍ୱ ସ୍ୱ ଆତ୍ମାର ମଙ୍ଗଳ ନିମନ୍ତେ ଦେବୀଙ୍କ ନିକଟ-ରେ ପ୍ରାର୍ଥନା କରୁଥିଲେ । ଅଉ ଏକ ପୃଷ୍ଠାରେ ଅଦମ ମାତା ଇଭଙ୍କର ଚିତ୍ର,—ପତ୍ନୀ ଇଭ-ଙ୍କର ପତନ ଏବଂ ମାତା ମେରୀଙ୍କର ବିଜୟ ଗୋଟିଏ ପୃଷ୍ଠାରେ ଅଙ୍କିତ । ଏହା ଛଡ଼ା ଅନ୍ୟା-ନ୍ୟ ଅନେକ ବସ୍ତୁ ଜନକ ଚିତ୍ରଥିଲା—କୂପ, ନିର୍ଝର, ପଦ୍ମ, ଚନ୍ଦ୍ରମା, ସୂର୍ଯ୍ୟ ଏବଂ ସ୍ୱର୍ଗର ପ୍ରମୋଦ କାନନ । ମାରବଦ୍ ମଧ୍ୟ ମାତା ମେରୀ-ଙ୍କର ବଡ଼ ଭକ୍ତ ଥିଲା । ପ୍ରସ୍ତର ମୂର୍ତ୍ତି ଖନନରେ ତାହାର ସମସ୍ତ ଦିନ କଟିଯାଉଥିଲା । ସେଥିପାଇଁ ତାହାର ଦାଢ଼ି, ବାଳ, ନଖ ପ୍ରଭୃତି ପଥର ଧୂଳିରେ ଧଧା ଦିଶୁଥିଲା । ତାହାର ଆଖି ସେପରି କାନ୍ଦଲା ଭଳି ଓ ସାମାନ୍ୟ ଫୁଲିଲା ଭଳି ମନେ ହେଉଥିଲା । କିନ୍ତୁ ତାହାର ଆନନ୍ଦ ଏବଂ ତାହାର ଶକ୍ତିର କିଞ୍ଚିତ୍ ହ୍ରାସ ହୋଇ ନଥିଲା । ଅଧିକ ବୟସ ହେଲେ ମଧ୍ୟ ସ୍ୱର୍ଗର ରାଣୀ ତାହା ପ୍ରତି ଯେଉଁ କୃପାକରୁଥିଲେ ତାହା ତାର ମୁଖ ମଣ୍ଡଳରୁ ସ୍ପଷ୍ଟ ପ୍ରକଟିତ ହେଉଥିଲା । ସିଂହାସନ ଉପରେ ଉପବିଷ୍ଟା ଜ୍ୟୋତିର୍ମଣ୍ଡଳ ଦ୍ୱାରା ଆବୃତା ମାତା ମେରୀଙ୍କର ମୂର୍ତ୍ତି ସେହି ନିର୍ମାଣ କରି-ଥିଲା । ସେ ପାଦ ନିକଟସ୍ଥ ବସ୍ତ୍ରର ଅଞ୍ଚଳରେ ଦେବୀଙ୍କର ଦୁଇ ଚରଣକୁ ଆବୃତ କରି ରଖୁ-ଥିଲା । କାରଣ ତାଙ୍କ ବିଷୟରେ ଇଞ୍ଜିଲରେ ଜଣେ ସାଧୁ କହିଛନ୍ତି ମୋର ସବୁଠାରୁ ପ୍ରିୟ ହେ ଯେ ପ୍ରାଚୀର ବେଷ୍ଟିତ କାନନ ସଦୃଶ ନିର୍ମଳ । କେତେବେଳେ ସେ ଦେବୀଙ୍କୁ ସୁନ୍ଦର ଶିଶୁ ରୂପରେ ସଜାଇ ଦେଉଥିଲା । ସତେ ଯେପରି ସେ ମୂର୍ତ୍ତି କହିବାକୁ ଯାଉଁଥାଏ —"ମୁଁ ଗର୍ଭସ୍ଥଥିବା ସମୟରୁ ତୁମେ ମୋର ଈଶ୍ବର"

ମଠରେ ଅନେକ କବି ମଧ୍ୟ ଥିଲେ । ସେମାନେ ଲାଟିନ୍ ଭାଷାରେ ଗଦ୍ୟ ଓ ପଦ୍ୟରେ ମେରୀଙ୍କର ସ୍ତୁତି ଗୀତ ରଚନା କରୁଥିଲେ । ପିକାର୍ଡ଼ିରୁ ଅଉ ଜଣେ ସାଧୁ ଆସିଥିଲେ । ସେ ମଧ୍ୟ ମିଶ୍ରାକ୍ଷରରେ ଏବଂ ଲୋକ ପ୍ରଚଳିତ ଭାଷା-ରେ ଦେବୀଙ୍କର ମାହାତ୍ମ୍ୟ କୀର୍ତ୍ତନ କରୁଥିଲେ ।

୩

ସମସ୍ତେ ଦେବୀଙ୍କର ସେବାରେ ଏତାଦୃଶ ପ୍ରତିଦ୍ୱନ୍ଦିତା କରୁଥିବାର ଦେଖି ବର୍ଣ୍ଣବାର ନିଜର ଅଜ୍ଞତା ନିମନ୍ତେ ଅତି ଦୁଃଖ ହେଉ-ଥିଲା । ମଠର ନିର୍ଜନ ଉପବନରେ ଅନ୍ୟ ମନସ୍କଭାବରେ ପଦଚାରଣ କରୁଁ କରୁଁ ସେ ଶୀତଳ ଶ୍ୱାସ ନେଇ କହୁଥିଲା, ହାୟ ! ମୋର କି ଦୁର୍ଭାଗ୍ୟ । ସହଯୋଗୀ ଭାଇମାନଙ୍କ ପରି ମୁଁ କାହିଁକି ଦେବୀଙ୍କର ସେବା କରିପାରୁ ନାହିଁ । ହାୟ ! ମୁଁ ଯେ ଏକାବେଳେକେ ମୂର୍ଖ, ପଢି ଲେଖି ଜାଣେନାହିଁ—ମୁଁ ପ୍ରଭାବଶାଳୀ ବକ୍ତୃତା ଦେବାରେ ଅକ୍ଷମ, ଧର୍ମକାର୍ଯ୍ୟର ନିୟମ ଲେଖିବାରେ, ଚିତ୍ର ଅଙ୍କନ କରିବାରେ, ମୂର୍ତ୍ତି-ନିର୍ମାଣ କରିବାରେ ମୁଁ ଏକାବେଳେକେ ଅକ୍ଷମ ! ତାଙ୍କର ସେବା କରିବା ପାଇଁ କୌଣସି ଗୁଣ ମୋ ନିକଟରେ ନାହିଁ ।—

ଏହିପରି ଭାବରେ ସେ ସବୁବେଳେ ଦୁଃଖିତ ରହୁଥିଲା । ଦିନେ ସନ୍ଧ୍ୟା ସମୟରେ ମଠର ସନ୍ୟାସୀମାନେ ଛୁଟି ପାଇ ନିଜ ନିଜ ଭିତରେ ଗଳ୍ପ ସ୍ୱଳ୍ପ କରୁଥିଲେ । ଜଣେ ସନ୍ୟାସୀ କୌଣସି ମୂର୍ଖ ଧାର୍ମିକର ଇତିହାସ ବର୍ଣ୍ଣନା କରିବାର ସେ ଶୁଣିଲା । ସେ ଜିସୁଦେବଙ୍କର ସ୍ତୁତି ବ୍ୟତୀତ ଅନ୍ୟ କୌଣସି ଭାଷା ଜାଣି ନ ଥିଲା । ସେହି ଗରିବଟିକୁ ସମସ୍ତେ ଘୃଣା କରୁଥିଲେ । କିନ୍ତୁ ସେ ପାଞ୍ଚଟି ପବିତ୍ର ଅକ୍ଷର ଉଚ୍ଚାରଣ କରୁଥିବାରୁ ମୃତ୍ୟୁ ପରେ ତାହାର ମୁଖରୁ ପାଞ୍ଚଟି ପଦ୍ମଫୁଲ ବାହାରିଥିଲା ।

ସେହି ଗଳ୍ପଟିରେ ସେ ଦେବୀ ମେରୀଙ୍କ ପ୍ରତି ପୂର୍ଣ୍ଣକରୁଣା ସମ୍ବାଦ ଶୁଣି ଆଶ୍ଚର୍ଯ୍ୟାନ୍ୱିତ

Digitized by srujanika@gmail.com

ହୋଇଗଲା    ସେହି ପୁଣ୍ୟ ମୁକ୍ତ ଗଳ୍ପରୁ ତାହାକୁ ତଳେ ମାତ୍ର ସନ୍ତ୍ୱନା ମିଳିଲା ନାହିଁ । ତାହାର ହୃଦୟରେ ଏପରି ଏକ ଉତ୍ସାହର ସ୍ରୁଅର ଖେଳିଲା ଯେ ସେ ସ୍ୱର୍ଗୀୟ ଦେବୀଙ୍କର ମହତ୍ତ୍ୱ ପ୍ରସ୍ତୁତ ନିମନ୍ତେ ଅଧୀର ହୋଇ ତାହା ଉପରି କାର୍ଯ୍ୟରେ ପରିଣତ ହେବ ତାହାହିଁ ଚିନ୍ତା କରିବାକୁ ଲାଗିଲା । ଦିନକୁ ଦିନ ତାହାର ହୃଦୟ ଭାଙ୍ଗି ଯିବାକୁ ଲାଗିଲା । ସେ ଦିନେ ସକାଳେ ଅନନ୍ତ ଚତ୍ରରେ ପ୍ରାର୍ଥନା ଗୃହକୁ ଯାଇ ଦେବୀଙ୍କର ବେଦୀ ନିକଟରେ ପ୍ରାୟ ଏକ ଘଣ୍ଟା କଟାଇଲା । ଦ୍ୱିପ୍ରହର ଭୋଜନାନ୍ତେ ପୁଣି ସେ ସେଠାକୁ ଗଲା ।

ସେହିଦିନଠାରୁ ଯେତେବେଳେ ପ୍ରାର୍ଥନା ଗୃହରେ କେହି ନ ଥାନ୍ତି ସେତିକିବେଳେ ସେ ସେଠାକୁ ଯିବାକୁ ଆରମ୍ଭ କଲା । ସନ୍ୟାସୀମାନେ ଯେତେବେଳେ ସ୍ୱ ସ୍ୱ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ ସେତେବେଳେ ସେ ମଧ୍ୟ କୌଣସି ନା କୌଣସି କାର୍ଯ୍ୟରେ ଲାଗି ରହୁଥିଲା । ପରିଶେଷରେ ତାହାର ଦୁଃଖଭାବ ଘୁଞ୍ଚିଗଲା । ପଶ୍ଚାତାପ ଏବଂ ବେଦନା ଦୂର ହୋଇଗଲା ।

ତାହାର ସେପରି ଭାବ ଦେଖି ସନ୍ୟାସୀ ମାନଙ୍କର କୌତୁହଳ ହେଲା । ସେ ନିଜ ନିଜ ମଧ୍ୟରେ ପ୍ରଶ୍ନ କରିବାକୁ ଲାଗିଲେ—ବର୍ଣ୍ଣିବ ଆଜକାଲି ନିତ୍ୟମିତ ସ୍ୱଭବେ ଏକାନ୍ତରେ ବସି କ'ଣ କରେ ?—

ସମସ୍ତଙ୍କର କାର୍ଯ୍ୟ ଏବଂ ସ୍ୱଭାବ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବା ମଠାଧ୍ୟକ୍ଷଙ୍କର କାର୍ଯ୍ୟ । ସେ ମଧ୍ୟ ବର୍ଣ୍ଣିବା କ'ଣ କରେ ତାହା ଜାଣିବା ପାଇଁ ଉତ୍ସୁକ ହୋଇ ଉଠିଲେ । ଦିନେ ବର୍ଣ୍ଣିବା ପ୍ରତିଦିନ ପରି ପ୍ରାର୍ଥନା ଗୃହରେ ବସିଥିଲା ବେଳେ ସେମାନେ ସମସ୍ତ ବ୍ୟାପାର ବୁଝିବା ନିମନ୍ତେ ଏକତ୍ରିତ ହେଲେ ।

ସେମାନେ ଦେଖିଲେ, ବର୍ଣ୍ଣିବା ଦେବୀ ମେରୀଙ୍କ ସମ୍ମୁଖରେ ଶିର ନୁଆଁଇ ଦୁଇ ପାଦକୁ ଉପରକୁ ଉଠାଇ ୭ଟି ପେଖୁ ଓ ୧୨ଟି ଝୁଲରେ ବାଜି ଦେଖାଇବା ଆରମ୍ଭ କରି ଦେଇଛି । ସେ ଯେଉଁ ଖେଳରେ ପ୍ରଶଂସା ପାଇଛି ସେଇ ଖେଳକୁ ସେ ଈଶ୍ୱରଙ୍କ ମାତାଙ୍କୁ ଦେଖାଉଥିଲା । ସେ ଯେଉଁ ଗୁଣ ଟିକିକ ହାସଲ କରିଥିଲା, ପୂର୍ଣ୍ଣ ଭାବରେ ତାହା ଦେବୀଙ୍କ ସମୀପରେ ନିବେଦନ କରୁଥିଲା । କିନ୍ତୁ ଦୁଇଜଣ ସନ୍ୟାସୀ ତାର ଅର୍ଥ ନ ବୁଝି ପାରି ଗର୍ଜନ କରି ଉଠିଲେ— କ'ଣ ଈଶ୍ୱରଙ୍କ ଗୃହରେ ବ୍ୟଭିଚାର ?'

ମଠାଧ୍ୟକ୍ଷ ବର୍ଣ୍ଣିବର ନିଷ୍କଳଙ୍କ ହୃଦୟର କଥା ଜାଣିଥିଲେ । ସେ ମଧ୍ୟ ଲୋକଟା ପାଗଳ ହୋଇଗଲା ବୋଲି ମନେ କଲେ । ସେ ତିନିହେଁ ଯାଇ ବର୍ଣ୍ଣିବାକୁ ପ୍ରାର୍ଥନା ଗୃହରୁ ବାହାର କରିଦେବାକୁ ଯାଉଛନ୍ତି, ଏପରି ସମୟରେ ସେମାନେ ଦେଖିଲେ, ଈଶ୍ୱରଙ୍କର ମାତା ବେଦୀର ସିଡ଼ି ଉପରୁ ଓହ୍ଲାଇ ଆସି ପରିଶ୍ରାନ୍ତ ବାଜିକରର ଝାଳରେ ଓଦା ହୋଇଥିବା ମଥାଟିକୁ ନିଜର ପବିତ୍ର ନୀଳ ଅଞ୍ଚଳରେ ପୋଛି ଦେଉଛନ୍ତି ।

ମଠାଧ୍ୟକ୍ଷ ଭୂମି ଉପରେ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲେ—'ସରଳ ଯେ ସେ ଧନ୍ୟ କାରଣ କେବଳ ସେହି ପରମାତ୍ମାଙ୍କର ଦର୍ଶନ ପାଏ ।'

'ତଥାସ୍ତୁ' କହି ବୃଦ୍ଧ ସନ୍ୟାସୀଗଣ ଭୂମିକୁ ଚୁମ୍ବନ କଲେ ।

—*—

## କୁଡ଼୍‌କୁଡ଼୍

ବାବୁଙ୍କୁ ଶୋଷ ଲାଗିଲା । ସେ ଚାକରକୁ ଡାକି କହିଲେ, "କାଚ ଗିଲାସରେ ତୋକେ ପାଣି ଆଣିଲୁ ।" ଚାକର ପାଣି ଆଣିଲା । ବାବୁ ପାଣି ଟିକେ ପିଇ ସାରି କହିଲେ, "ଏତିକି ଆଣିଲୁ ଯେ—ଅଉ କଣ ପାଣି ନାହିଁ ?"

ଚାକର—ଆଜ୍ଞା, ଆପଣ ପରା ତୋକେ ପାଣି ଆଣିବାକୁ କହିଲେ ! ମୁଁ ମୋ ପାଟିରେ ପୂରେଇ ଟିକେ ମାପି କରି ତୋକେ ଆଣିଛି ।

# ପ୍ରାଇଭେଟ

## (ହାଓ୍ୱାଇ ଖବର)

(ଏ ଗୁପ୍ତଖବର କେହି କାହାରିକୁ କହିବନାହିଁ)

୧ । ଗଡ଼ଜାତ ରଜାମାନେ ଏକ ଫାସିଷ୍ଟଦଳ ଗଢ଼ୁଛନ୍ତି । ସେଥିରେ ମୋଗଲବନ୍ଦୀ ଜମିଦାର, ମହାଜନ, ମହନ୍ତ ଓ ଅଫିମା ମାନେ ମଧ୍ୟ ମିଶିବେ । ଏଦଳ ସହିତ ସାମ୍ୟବାଦୀ କଂଗ୍ରେସ ବାଲାଙ୍କର ଲଢ଼େଇ ଲାଗିଲା ବେଳେ ସେମାନେ ଥାଇ ନାରଦ ମୁନି କାଠି ଘଷିବେ ।

୨ । ଗାନ୍ଧିଜୀ ସୀମାନ୍ତ ପ୍ରଦେଶକୁ ଯାଇ ସେଠି ବୋମା ପଡ଼ିବା ନିକେ ଦେଖି ଆସିଛନ୍ତି । କଥା ଶୁଭୁଛି ସେଠି ଯୁଦ୍ଧ ଏଣିକି ବାଷ୍ପ-ବୋମା ବଦଳରେ ନଦା ରସଗୋଲା ପକା ହେବ ତେବେ ସେ ଫେଡ୍ରେରେସନ ଚୁକ୍ତି ଗ୍ରହଣ କରିବେ ।

୩ । ଢେଙ୍କାନାଳ ପ୍ରଜାମାନେ ଏକ ଗୁପ୍ତ ମିଟିଂରେ ସ୍ଥିର କରିଛନ୍ତି ଯେ ରଜାଙ୍କୁ ଛାଡ଼ିଦେଇ ଯଦି ମହାରାଣୀ ପୁତ୍ର ସାରଙ୍ଗ ଧରଙ୍କୁ ରଜା କରା ହେବ, ତେବେ ସେମାନେ ବିଦ୍ରୋହ କରିବେ ନାହିଁ । ରାଣୀ କେହି ନଥିବାରୁ ଅମେରିକାକୁ ଖବର ଦିଆଯିବାର ପ୍ରସ୍ତାବ ଅଛି । ଏହାଙ୍କ ରାଜତ୍ୱରେ 'Marriage to India' ନାମ୍ନୀ ପୁସ୍ତିକା ପ୍ରକାଶ ହୋଇ ପଢ଼ା ହେବ ବୋଲି ମଧ୍ୟ ଶୁଣାଯାଏ ।

୪ । ଉତ୍କଳ ସାହିତ୍ୟ ସମାଜର ଭିତରି ମିଟିଂରେ ପ୍ରସ୍ତାବ ହୋଇଛି ଯେ ପାଠ୍ୟ-ମନ୍ତ୍ରୀ ବିଶ୍ୱନାଥଙ୍କୁ ଅସଲ୍ଲା ଟାଣିକି ଉତ୍ସବ ବେଳେ "ବ୍ୟାକରଣ ବାରିଧି" ଉପାଧି ଦିଆଯିବ ଏବଂ ଓଡ଼ିଆ ଶବ୍ଦମାନଙ୍କର ନୂଆ ଅର୍ଥ ଆବିଷ୍କାର କରିବା ନିମନ୍ତେ ଅନୁରୋଧ କରାଯିବ । ଏହା କରି ପାରିଲେ ସେ "ବୋଧଯନ୍ତ" ଉପାଧି ପାଇବେ ।



Digitized by srujanika@gmail.com

# ଡଗର ୧୧ ଶ ଶବ୍ଦଧନ୍ଦାପ୍ରତିଯୋଗିତା

ଟ୨୫ଙ୍କା ପୁରସ୍କାର ।
ଦୁଇଅଣାର ପଇସିକଅ ଡାକଟିକଟ ଦେଇ

'ଡଗର' ପାଠକମାନେ ପାଇ ପାରିବେ ।
ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ

ଟ୨୫ଙ୍କା ପୁରସ୍କାର
ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free)

| | | | | | | |
|---|---|---|---|---|---|---|
| ୧ ବ | ୨ (ଗ୍ରୀ) | ର | | ୩ ସୁ | ୪ | ୫ ର |
| ୬ | ର | | ୭ | | ୮ ମ | |
| ଉ | | ୯ | ଲ | ୧୦ ଅ | | ନ |
| | ୧୧ | ଳ | | ୧୨ | ୧୩ ଲୀ | |
| ୧୪ | ଡ଼ା | | ୧୫ | | ୧୬ | ୧୭ ମ |
| — | | ୧୮ | ମ | ୧୯ ତା | | |
| ୨୦ ହ | | ତ | | ୨୧ | ଥ | ର |

| | | | | | | |
|---|---|---|---|---|---|---|
| ୧ ବ | ୨ (ଗ୍ରୀ) | ର | | ୩ ସୁ | ୪ | ୫ ର |
| ୬ | ର | | ୭ | | ୮ ମ | |
| ର | | ୯ | ଲ | ୧୦ ଅ | | ନ |
| | ୧୧ | ଳ | | ୧୨ | ୧୩ ଲୀ | |
| ୧୪ | ଡ଼ା | | ୧୫ | | ୧୬ | ମ ୧୭ |
| | | ୧୮ | ମ | ୧୯ ତା | | |
| ୨୦ ହ | | ତ | | ୨୧ | ଥ | ର |

| | | | | | | |
|---|---|---|---|---|---|---|
| ୧ ବ | ୨ (ଗ୍ରୀ) | ର | | ୩ ସୁ | ୪ | ୫ ର |
| ୬ | ର | | ୭ | | ୮ ମ | |
| ର | | ୯ | ଲ | ୧୦ ଅ | | ନ |
| | ୧୧ | ଳ | | ୧୨ | ଲୀ ୧୩ | |
| ୧୪ | ଡ଼ା | | ୧୫ | | ୧୬ | ମ ୧୭ |
| | | ୧୮ | ମ | ୧୯ ତା | | |
| ୨୦ ହ | | ତ | | ୨୧ | ଥ | ର |

ନାମ ______________ ଠିକଣା ______________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । ଡଗର ଶବ୍ଦଧନ୍ଦା ଭେଦ କରିବାକୁ ହେଲେ ଯାହା ଅତ୍ୟନ୍ତ ସୂକ୍ଷ୍ମ ହେବା ଆବଶ୍ୟକ ।

୩ । ମୁନିଙ୍କର କ୍ରୋଧର ଏହା ହେଲେ ମଧ୍ୟ ଚିରସ୍ଥାୟୀ ନୁହେଁ ।

୬ । ଲେଉଟାଇ ଦେଲେ ଯାହା ହେବ ତାକୁ ଦେଖି କନିଆ ଛନିଅନ୍ତୁଏ ବୋଲି କଥା ଅଛି ।

୮ । ନାନା ମୁନିର ନାନା— ।

୯ । ଏହିଲି ଲୋକର ସାଙ୍ଗ ହେବାକୁ ଚୋକାଟାକାଙ୍କ ମୁଖ ପାଅନ୍ତି ନାହିଁ ।

୧୧ । ପର ଦରବ ମାଗିଅଣି ତୁଣ୍ଡାରେ ଏହା ଲଗାଇବାକୁ କେହି କେହି ସୁଖ ପାଅନ୍ତି ।

୧୨ । ଏହି ନାରୀପକ୍ଷ ପୁରୁଷର ମଧୁର ସମ୍ପର୍କ ।

୧୪ । ପାଣ୍ଡି———ଧର ନାହାକ ଗୃହେ ।

୧୬ । ଯେଉଁ ରିପୁ ସମସ୍ତ ପ୍ରକାର ଚିତ୍ତ ବିଭ୍ରମର ମୂଳ କାରଣ ।

୧୮ । ଏହା ନଥିଲେ ଅଳ୍ପକାଳ ବନ୍ଧୁତ୍ୱ ସ୍ଥାୟୀ ହେବାର ଦେଖାଯାଏ ନାହିଁ ।

୨୦ । ଦୁବାଦଳ ପ୍ରଥମେ ଯେଉଁ ବର୍ଣ୍ଣଧର ପରେ ଶ୍ୟାମଳ ହୁଏ ।

୨୧ । ସ୍ୱଧାର ଭିତରେ ଘର କରିଥିଲେ ଏହା ପଡ଼ିଲେ ସହି ।

## ଉପର ତଳ ଭାବରେ ।

୧ । ଏହା ମଧ୍ୟଦେଇ ଜତୁଗୃହରୁ ପାଣ୍ଡବମାନେ ପଳାୟନ କରିଥିଲେ ।

୨ । ଦୌତ୍ୟ କର୍ମରେ ଏହାଙ୍କର ଲୋଡା ହୁଏ

୪ । ଓଲଟାଇ ପଢିଲେ 'ଜିଲା'ର ଓଲଟା

୫ । ଯତନ କଲେ ଅନେକ ସ୍ଥଳରେ ଏହା ମିଳିଥାଏ ।

୭ । ବୁଦ୍ଧିଆ ଲୋକେ ବଖତ ବେଳରେ ଏହାଙ୍କୁ ଚତା କାଟିଦିଅନ୍ତି ।

୯ । ଏହା ଖାଉଥିବା ସତ୍ତ୍ୱେ ବେହିଆ ଲୋକ ପୁଣି ଧାଏଁ ।

୧୦ । ଜାଇଥିବା ଯାକେ ଏହା ମଣିଷକୁ ଛାଡେ ନାହିଁ ।

୧୧ । ମଣିଷ ଏହା ହେଲେ ସମସ୍ତେ ସହଜରେ ପାଖ ପଶିବାକୁ ଗୃହାନ୍ତି ନାହିଁ ।

୧୩ । ତଳୁ ଉପରକୁ ପଢ଼ିଲେ 'କାଳୀ' ବାହାରିବ ।

୧୪ । ଏହାର ଆରମ୍ଭ ସମୟରେ ପ୍ରେମାଶକ୍ତ ଯୁବକ ଯୁବତୀ ଉନ୍ମତ୍ତ ସଦୃଶ ହୋଇଥାନ୍ତି

୧୫ । ଭୋଟ ପ୍ରାର୍ଥୀମାନଙ୍କର ଏଥିରେ ବଶୀଭୂତ ଭୋଟରଗଣ ଭୁଲି ଯାଆନ୍ତି ।

୧୭ । ମଦାଳସା ନାରୀର ଏହି ଗତିରେ କବି ମାନେ ମୋହିତ ହୁଅନ୍ତି ।

୧୮ । ଏହା ବଳବାନ ହେଲେ ସହଜରେ ଲୋପ ପାଏ ନାହିଁ ।

୧୯ । ଏହା ପ୍ରଖର ହେଲେ ସହି ହୁଏ ନାହିଁ

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦/୩ ଓ ଅଧିକ ପ୍ରତିଖଣ୍ଡକୁ ୦/୨ ଲେଖାଏ **(ଶେଷ ତା ୧୦।୧୨।୩୮)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାକେ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ

Digitized by srujanika@gmail.com

ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟେରୀଙ୍କ ଠାରେ ରକ୍ଷିତଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ୧୨୮ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ଟ୩୮ ପାଇବ <u>ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ଟ୨୮ ବଶିଷ୍ଟ ପୁରସ୍କାର ପାଇବେ ।</u> ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକୀ ଟ୮୮ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ପାର୍ଶ୍ୱରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିକିଅ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ଟ୦/୨ ଓ ୨ୟ ଟି ପାଇଁ ଟ୦/୧ର ପଇସିକିଅ ଡ଼ାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କେହିଁ ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଉଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ତେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଁଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୮ ମସିହା ଡ଼ିସେମ୍ବର ୧୦ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଉଗର, ପୋ: ଅ: ଭଦ୍ରକ' -ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୧୧ ଅଙ୍କ ଦିଆଯିବା ଅବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

| | | | | | | |
|---|---|---|---|---|---|---|
| ୧ ବ | ୨ ବେ | (କ) | | ୩ ସ | ୪ ର | ୫ ମ |
| ୬ କା | ଲ | | ୭ ଖ | | ୮ ବା | ଯୁ |
| ର | | ୯ ଗ | ର | ୧୦ ମ | | ଖ |
| | ୧୧ ମ | ଳା | | ୧୨ ନ | ୧୩ ଳ | |
| ୧୪ ବ | ହୁ | | ୧୫ ହେ | | ୧୬ ହ | ୧୭ ଶ |
| ଶ୍ରୀ | | ୧୮ ଗ | ମ | ୧୯ ନ | | ଦେ |
| ୨୦ ଦ | ଇ | ବ | | ୨୧ ର | ଣ | ହ |

# ୧୦ମ ଶବ୍ଦଧନ୍ଦାର ଉତ୍ତର

**ସମ୍ପାଦକଙ୍କର ପୁନର୍ବ୍ୟ ବିଜୟ ହେଲା**

ସାମନ୍ତ ପୁରସ୍କାର କେହି ପାଇପାରିଲେ ନାହିଁ ।

**ନିର୍ଭୁଲ ଉତ୍ତର ଅଭାବରେ ୩ଟି ଭୁଲ ପାଇଁ ପ୍ରଥମ ପୁରସ୍କାର ।**

ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ନାମ ।

ପ୍ରଥମ ପୁରସ୍କାର ୩ଟି ଭୁଲ:—(ଟ୧୨ଙ୍କା) ଶ୍ରୀ ଗୋପାଳ ଚନ୍ଦ୍ର ବୋଷ C/o ସ୍ୱର୍ଗେନ୍ଦ୍ର ଲାଲ ବୋଷ, ପୋଲିସ ଇନ୍ସପେକ୍ଟର, ବାରିପଦା ।

୨ୟ ପୁରସ୍କାର:—୪ଟି ଭୁଲ । (ଟ୪ଙ୍କା) ଶ୍ରୀ ଅଚ୍ୟୁତ ପ୍ରସାଦ କମିଲା, ମେଡ଼ିକେଲସ୍କୁଲ କଟକ ।

୩ୟ ପୁରସ୍କାର, ୫ଟି ଭୁଲ:—ପ୍ରତ୍ୟେକ ଟ୦୧ କରି (ଟଙ୍କା)

୧ । ଶ୍ରୀ ଶରତ୍ କୁମାର ଦାସ C/o Ch. K. Das. କଣ୍ଟ୍ରାକ୍ଟର, କଟକ । ୨ । ଶ୍ରୀ ପିତାମ୍ବର ମିଶ୍ର, ଜିଲ୍ଲାସ୍କୁଲ, ୭ମ ଶ୍ରେଣୀ, ପୁରୀ । ୩ । ବସନ୍ତ କୁମାର ବେହେରା, ରେଭେନ୍ସା କଲେଜ, ପଶ୍ଚିମ ଛାତ୍ରାବାସ, ଚୁନ୍ନିଲାଲଗଞ୍ଜ, କଟକ । ୪ । ଶ୍ରୀ ଉଦୟ ନାରାୟଣ ଦାସ, ସାହାପୁର, ଭଦ୍ରକ । ୫ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ରଣା, ଏମ୍, ଇ, ସ୍କୁଲ, ପୋ: ରେମୁଣା, ବାଲେଶ୍ୱର । ୬ । ଶ୍ରୀ ନବୀନ ଦାସ, ମେଡ଼ିକେଲ ସ୍କୁଲ, କଟକ । ୭ । ଶ୍ରୀ ଲୋକନାଥ ମିଶ୍ର, ବାଲୁକେଶ୍ୱର, ପୋ: ବାଣପୁର, ପୁରୀ । ୮ । କେ, ମହାପାତ୍ର, ପୋ: ଚୁନ୍ନିଲାଲଗଞ୍ଜ, କଟକ ।

(ସବୁଠାରୁ ବେଶି ସଂଖ୍ୟକ ଉତ୍ତରପାଇଁ ପୁରସ୍କାର ଟ୨୮ । କୁମାର ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି; College Wireless & Commerce କଲିକତା)

Digitized by srujanika@gmail.com




ଶୁଣାଯାଏ ବ୍ରିଟିଶ ସରକାର ପାଲେଷ୍ଟାଇନରେ ଜୁମାନଙ୍କୁ ଅଉ ଜମି ବିକ୍ରୀ କରିବେନାହିଁ କି ପାଲେଷ୍ଟାଇନକୁ ଅଉ ଦେଶାନ୍ତରିବେ ନାହିଁ ।

ଜର୍ମାନୀ ତାର ଅଫ୍ରିକାସ୍ଥ ଉପନିବେଶ ଦାବି କରୁଛି ।

ନଜାତୁ କାମକାମନା ଉପଭୋଗେଣ ସାମ୍ୟତ ।

ଜର୍ମାନୀ ଚ୍ୟାନ୍ସେଲର ସମ୍ପ୍ରତି ଜର୍ମାନର ଭବିଷ୍ୟତ୍ ଉପନିବେଶରେ କାଗଜ ମୁଦ୍ରା ପ୍ରଚଳିତ ହେବ ତାର ଗବେଷଣା କରୁଅଛନ୍ତି ।

ମୂଳରୁ ମାଇପ ନାହିଁ—ପୁଅ ନା ଗୋପାଳିଆ ।

ଜେକୋସ୍ଲୋଭାକିଆ ଜର୍ମାନୀକୁ ସବୁ କଥାରେ ମାନି ଚଳିବ ବୋଲି ଜେକୋସ୍ଲୋଭାକିଆ ପରରାଷ୍ଟ୍ର ସଚିବ ହିଟଲରଙ୍କୁ ଜବାବ ଦେଇଛନ୍ତି ।

ଏମନ ଚନ୍ଦୁଆଇ ଯାହା,
କାଲେ ପ୍ରାପତ ହୁଏ ତାହା ।

ବୋମ୍ବଇ ସହରରେ ଧର୍ମଘଟକାରୀ ସାମ୍ୟବାଦୀ ମୂଲିଆମାନଙ୍କୁ ପୁଲିସ ଗୁଳି କରିଛି ।

କଂଗ୍ରେସ ଗୁଳି—ଦୋଷ କଣ ?

ମିଷ୍ଟର ଡି ଭେଲେରା ଅଲ୍ଷ୍ଟରର ବାସିନ୍ଦାଙ୍କୁ ଏବେ (ଅୟାରଲଣ୍ଡ) ସହିତ ଏକତ୍ରିତ ନକଲେ ଅୟାରଲଣ୍ଡ ଆସନ୍ନ ସମରରେ ବ୍ରିଟିଶ ସରକାରଙ୍କୁ ସାହାଯ୍ୟ କରି ପାରିବ ନାହିଁ ବୋଲି ଧମକ ଦେଇଅଛନ୍ତି ।

ନାଁ ଚନ୍ଦ୍ରଥିବ ଚେଇତ ବେହେଲ
ବିଧାଚିନ ଦେବୁ—— ।

ଜେକୋସ୍ଲୋଭାକିଆର ଭୂତପୂର୍ବ ସଭାପତି ଡାକ୍ତର ବେନେସ୍ ଚିକାଗୋ ବିଶ୍ୱବିଦ୍ୟାଳୟର ସାମୟିକ ଅଧ୍ୟାପକ ହେବେ ।

ମା ଲକ୍ଷ୍ମୀ ବିମୁଖ ହେବାରୁ ମାସ୍ତରସ୍ତ୍ରୀ ଅଖା ଦେଲା ।

ଅରବଙ୍କର ସ୍ପଷ୍ଟ ମାସ,
ଜୁଙ୍କର ସର୍ବ ନାଶ ।

ମାର୍କିନ ଦେଶ ପୃଥିବୀର ସର୍ବ ଶ୍ରେଷ୍ଠ ସୈନ୍ୟ ବାହିନୀ ଗଢ଼ିବାର ଉଦ୍ୟମ କରୁଅଛନ୍ତି ।

ଜର୍ମାନ ସମାଲ୍—ସମାଲ୍—ସମାଲ୍ !

ଢେଙ୍କାନାଳରେ ପୁଣି ଗୁଳି ହୋଇଛି ।

ମରଣକାଳେ ବିପରୀତ ବୁଦ୍ଧି ।

ତାଳଚେରରେ ବନ୍ଦୀ ସତ୍ୟାଗ୍ରହୀମାନଙ୍କୁ ଦୁଇଓଳି ବେତ ଓ ବନ୍ଧୁଅଡରେ ପ୍ରହାର ହେଉଛି ବୋଲି ଜଣେ ଖଲାସ ହୋଇଥିବା ସତ୍ୟାଗ୍ରହୀଙ୍କ ମୁହଁରୁ ଶୁଣାଯାଏ ।

ଉପରେ ତୁଳସୀ, ଭିତରେ—

—ମହାତ୍ମା ଗାନ୍ଧି ସୀମାନ୍ତ ଗାନ୍ଧିଙ୍କ ଗାଁକୁ କୁଣିଆ ହୋଇ ଯାଇଥିଲେ ।

ଛେଳିଦୁଧ ନା ମେଣ୍ଢାଦୁଧ ଖାଇଲେ ?

—ଜହରଲାଲ ବିଲାତରୁ ଫେରିଲା ମାତ୍ରେ ଗଡ଼ଜାତ ପ୍ରଜା ସମ୍ମିଳନୀର ସଭାପତି ହୋଇ ସ୍ୱୟଂ ତଅଁର ଧରିବେ ।

ଧାଙ୍ଗପର ଗର୍ଜିଉଠିଲେ ସତ୍ୟନାରାୟଣ ।

—ବଡ଼ ବଡ଼ ଗଡ଼ଜାତ ମଧ୍ୟରେ ମହୀଶୂର, ତ୍ରିବାଙ୍କୁଡ଼ ଓ ତାପରେ କାଶ୍ମୀର, ଜୟପୁର ହୋଇ ନିଆଁ ଏଇକ୍ଷଣି ହାଇଦ୍ରାବାଦରେ ପହଞ୍ଚିଲାଣି ।

ହାଇଦ୍ରାବାଦଟରେ କର୍ଣ୍ଣ ପଠାଣ ବଜୁଡ !

—ଓଡ଼ିଶାର ଖୁଦରଆ ଗଡ଼ଜାତ ଭିତରେ ନୀଳଗିରି, ତାଳଚେର, ଢେଙ୍କାନାଳ ମଧ୍ୟ ତେଇ ଏକ୍ଷଣି ଦାବାନଳ ପହଞ୍ଚିଛି ଅଠଗଡ଼ରେ ଓ ତାର ଧାସ ଲାଗିଲାଣି ପାଲଲହଡ଼ା ଉଗିଦ୍ୟା ଠେଇଁ ।

ଅଗ୍ନି ଜେଲିଟିଙ୍କ ଧାଉଁଛି ଦେଖାଯାଉ ।

—ସ୍ୱା ଭିତରେ ଅଠମଲ୍ଲିକ ବଡ଼ ହୁସିଆର ପଡ଼ିଗଲେ । ସେ ଅଗତ୍ତୁରୁ ପ୍ରଜାମାନଙ୍କୁ କେତେ ଗୁଡ଼ାଏ ଘୁଡ଼ ଦେଇ ପକାଇଛନ୍ତି ।

ସାବଧାନର ବିନାଶ ନାହିଁ ।

—ଆସନ୍ତା ଆସେମ୍ବ୍ଲି ବୈଠକରେ ମଠବାଡ଼ ଆଇନ ଓ ମହାଜନ ଆଇନ ବିଗୃର ହେବ ।

ଛଳ ବିଡ଼ାର ଦାନ କାଳ କେବେ ଅସ୍ତ ?

—ସବୁ ଜମିଦାରୀ ସରକାର ଖାସ କରି ନେଇ ଜମିଦାରଙ୍କୁ ମୂଧ ବାବଦ କିଛି କିଛି ଦେବାର ଗୋଟାଏ ଆଇନ ବିହାରରେ ଆଗତ କରା ହେଉଛି ।

କଂସେଇ ହାତରୁ ବର୍ତ୍ତିଲେ—ଗୋଶାଳା !

—ଇଟାଲି, ଜର୍ମାନ ମିଶି ସୁଏଜ କେନାଲ ଇଜମାଲି ଦଖଲର ଯୋଗାଡ଼ କଲେଣି ।

କାହାର ଅଂଶ କେତେ ?

—ଚୀନର ଶେଷ ନଗର ଦଖଲ କରି ଯାପାନ ତାକୁ ଅଣ୍ଟୁ ମାଡ଼ି ବସାଇ ଦେଲାଣି —ତଥାପି ଚୀନ ଅମାନିଆ ହୋଇ ଲୁଟିପିଟି ହେଉଛି ।

ମଇଁଷିଆଳ ଗଉଡ଼ ଭଳି ।

—ପୁରୀ, କଟକ, ବାଲେଶ୍ୱର ତିନି ଜିଲ୍ଲା ଯାକରେ ଜିଲ୍ଲା ବୋର୍ଡ଼ ନିର୍ବାଚନ ପାଇଁ କଂଗ୍ରେସ ବିପକ୍ଷରେ କେହି ଛିଡ଼ା ନ ହେବାରୁ ପ୍ରାର୍ଥୀମାନେ ନିର୍ଦ୍ଦ୍ୱନ୍ଦରେ ଗୁଳି ଯାଉଛନ୍ତି ।

ନିଶୁଆ ତେଲ—— ।

—ପୁରୀ ଜଗନ୍ନାଥ ଦେଉଳ ପାଇଁ ଅଲଗା ଆଇନ ଓ କର ମଠ ବାନ୍ଧ ଆଇନ ବଳରେ ତାକୁ ହାତେଇବାର କଥା ଗୁଳିଚି ।

ନହୁରୁଣୀରେ ଯେ ମିବ, ତା ପାଇଁ କୁରୁଡ଼ୀ କି ଲୋଡ଼ା ?

—ପାଲେଷ୍ଟାଇନରେ ଇଂରେଜ ସରକାର ବିଦ୍ରୋହୀ ଆରବମାନଙ୍କୁ କଠୋର ଭାବରେ ଜବଦ କରୁଥିବାରୁ ସେଠି ଭାରି ଧୂମଧଡ଼ି ଲାଗିଛି ।

ଅମ ଏଠି କିନ୍ତୁ ମୂଳିମାନ ସୁନପ୍ରିଅ ।

Digitized by srujanika@gmail.com



## ନବଭାରତ—ସିଂହ, ତୃତୀୟ ସଂଖ୍ୟା

ସମ୍ପାଦକଙ୍କ ପ୍ରବନ୍ଧ 'ଜମିଦାରୀ, ମଠ ଓ ଭବିଷ୍ୟତ୍' 'ଆଲୋଚନା'ରେ ଦେଇଥିଲେ ଭଲ ହୋଇ ଥାନ୍ତା। ପାନ ଭଙ୍ଗୁ ଭଙ୍ଗୁ ତରବରି ଥତଙ୍ଗରେ କେତେ ଗୁଡ଼ାଏ ମାମୁଲି କଥା କହିପକାଇଛନ୍ତି। ଗିରିଜାଶଙ୍କରଙ୍କର ଆଲୋଚନା "ଓଡ଼ିଆରେ 'ନା'" ଦେଖିଲୁ। ଅଧ୍ୟାପକଙ୍କ ଏ ଦିଗରେ ଅଧ୍ୟବସାୟକୁ ପ୍ରଶଂସା ନକରି ରହି ପାରୁ ନାହୁଁ। ଏଣିକି "ହିଁ" ଦେଖିବାର ଆଶା ରହିଲା।

ବିଶ୍ୱର ଦୁଃଖ ଦୁର୍ଦ୍ଦଶାରେ ନବକିଶୋରଙ୍କ କବି ପ୍ରାଣ ବ୍ୟଥିତ ହେବାରୁ ସେ ନିଜର ବକ୍ଷ ଚିରି କରି ରକ୍ତ ଦାନ କରିବାକୁ ଉତ୍କଣ୍ଠିତ ହୋଇଛନ୍ତି। ବହୁତ ଅଚ୍ଛା।

ଛଅଡ଼ ପୁଅଙ୍କ 'ନାକବାନ୍ଧଣା'ରେ ଆମେ ବି ଆଖି ମଳି ମଳି କାନ୍ଦୁଛୁଁ। ବାଲେଶ୍ୱର ଜିଲ୍ଲାରେ 'ପଗଡ଼' ଶବ୍ଦର ବ୍ୟବହାର ଅଛି।

"ଭଲପାଇବାର ଶେଷ କଥା" କଣ, ତାହା ଦରଣ୍ଡି ଦରଣ୍ଡି ପ୍ରେମ ପାଗଳ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କୁ ଭୁଆଁ ବୁଲାଇଛି, ଆମେ କହୁଁ ଭଲ ପାଇବାର ଯେ ଶେଷ ନାହିଁ— ଏହି ଅନନ୍ତ ଭୁଆଁ ବୁଲାହିଁ ତାର ଶେଷ! ଶ୍ରୀ ରାଜକିଶୋର ରାୟଙ୍କ 'ଦଶହରା ଭେଟି' ଗଳ୍ପଟି ସୁନ୍ଦର ହୋଇଛି।

ଅବଧୂତଙ୍କ ଗଳ୍ପ "ଜୀବନ୍ତ ପାଷାଣ" ଗଳ୍ପ ନା କବିତା?

ଓଡ଼ିଆ ସାହିତ୍ୟରେ ଆଧୁନିକତା ପ୍ରବନ୍ଧ ସାଧାରଣ ସ୍କୁଲ ଡିବେଟିଂ କ୍ଲବ ଯୋଗ୍ୟ।

## ବିଚ୍ଛିନ୍ନା—୨ୟ ବର୍ଷ, ପ୍ରଥମ ସଂଖ୍ୟା

କବି ମାନସିଂହଙ୍କର କବିତା ବିଶୃଙ୍ଖଳ ସୃଷ୍ଟି ପ୍ରଥମ ସ୍ଥାନ ଅଧିକାର କରିଛି। ପ୍ରେମିକ କବି, ଏଥର ହେମ ଲେଖନ ଛାଡ଼, ହାତ ଓ ହାତୁଡ଼ି ଧରି ଚୂରମାର, ଧ୍ୱଂସ କରିବାକୁ ବାହାରିଛନ୍ତି ପ୍ରଚଣ୍ଡ ବିପ୍ଳବୀ ବେଶରେ। କାହିଁକି ମ?

ଏକା "ଅଗ ପଛ ନ ଭାବି" ଗଳ୍ପଟି କଣ ଲେଖା। "ସସୀମ ହୋଇଛି ଅସୀମ" କବିତା ମନ୍ଦ ହୋଇନାହିଁ। ଶ୍ରୀମତୀ ହେମଲତା ମାନସିଂହଙ୍କ ରଚିତ "ବିପ୍ଳବ" ପଢ଼ି ମନେ ହେଲା ମାନସିଂହଙ୍କ କବିତାର ଉତ୍ତର ଏଇଟା କି? "ଦୋଷ କାହାର?"—ଘରେ ପଢ଼ିବନ୍ତୁ। "ସେହିଦିନ" କବିତାଟି ବଡ଼ ଭଲ ଲାଗିଲା। ଏପାଇଁ କବିଙ୍କୁ ସାବାସି ଦେଉଛୁଁ।

କବିଚନ୍ଦ୍ର କାଳି ପ୍ରସନ୍ନଙ୍କ 'ମା' ବୋଧହୁଏ ସିଂହଭୂମି ଭାଷାରେ ଲେଖା। ଏ ଥଇଡ଼ଥଟି ଖୁବ୍ ମୌଳିକ ଏବଂ ଲେଖା ମଧ୍ୟ ସରସ ଲାଗୁଛି। ବିଚ୍ଛିନ୍ନାର ପ୍ରୟୋଜନୀୟତା ଆମ୍ଭେମାନେ ବହୁତ ଉପଲବ୍ଧି କରୁଁ। କିଛିଦିନ ହେଲା ଛପା ହେବାରୁ ଆମେ ଦୁଃଖିତ ହୋଇଥିଲୁଁ। ବର୍ତ୍ତମାନ ସାପ୍ତାହିକ ହୋଇ ବାହାରିବା ଦେଖି ପରିଚାଳକମାନଙ୍କୁ ଧନ୍ୟବାଦ।

## ସହକାର—ଷଷ୍ଠ ସଂଖ୍ୟା—ଆଶ୍ୱିନ।

'ବାଦ' ଉପରେ ବାଦ—ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଳ ଲେଖିଛନ୍ତି। ଲେଖାଟି ସରସ ଓ ସୁଖପାଠ୍ୟ ହୋଇଛି। ଜନାବାଦ!

ଶ୍ରୀ ଶ୍ରୀହର୍ଷ ମିଶ୍ର 'ଶାନ୍ତିର ସନ୍ଦେଶ ବାହକ ପୁଞ୍ଜିବାଦ ନା ସାମ୍ୟବାଦ'—ବିଚାର କରି ଶେଷରେ ସାମ୍ୟବାଦକୁହିଁ ସାର୍ଟିଫିକେଟ ଦେଇଛନ୍ତି। ମାତ୍ର ଗତରୁ ଦେଖାଯାଉଛି ଯେ କେହି ହେଲେ ତାହା ନୁହନ୍ତି। ସାମ୍ୟବାଦୀ କହୁଛି 'peace for peace' ଆଉ ପୁଞ୍ଜିବାଦୀ କହୁଛି "war to end war"। ଦୁହିଁଙ୍କର ଉଦ୍ଦେଶ୍ୟ ଏକ ହେଲେ ମଧ୍ୟ ଯୋଡ଼କ ଯାକ ମତବାଦ, କେବଳ ଛଳନା। ତାର ସଂଘର୍ଷ ପ୍ରକୃତିର ନିୟମ ବୋଲି ଆମର ବିଶ୍ୱାସ।

"ଯାତ୍ରାପଥେ" ପଦ୍ୟଟିରେ କବି ସଚ୍ଚିଦାନନ୍ଦଙ୍କର ବ୍ୟକ୍ତିତ୍ୱ ପ୍ରକାଶ ପାଇଛି ତେଣୁ ହୃଦୟସ୍ପର୍ଶୀ ହୋଇଛି।

'ପରୀକ୍ଷା' ଏକାଙ୍କିକା ନାଟିକା। ବିଶେଷତ୍ୱ ନାହିଁ।

ପରିବର୍ତ୍ତନ ଗଳ୍ପଟି ଗଳ୍ପ ନୁହେଁ—ବରଂ ପ୍ରବନ୍ଧ। ଶ୍ରୀ ଅନନ୍ତ ପଣ୍ଡାଙ୍କ କଲମର ଅନନ୍ତ ଗତି ଦେଖି ଆମେ ଖୁସି। କବିତା, ଗଳ୍ପ ପ୍ରଭୃତି ଲଳିତ ସାହିତ୍ୟରୁ ଏବେ ସେ ଗ୍ରାମୋନ୍ନତି ଅନ୍ନସମସ୍ୟା, ଅର୍ଥନୀତି ଆଡ଼କୁ ଗତି କଲେଣି। ଜାପାନ ଆଦର୍ଶରେ ଗଢ଼ିଲେ ଭାରତୀୟ ଶିଳ୍ପର ମୁକ୍ତି ହେବ ବୋଲି ତାଙ୍କର ମତ।

ମଣିଷତ ଶିଳ୍ପୀ—ପ୍ରବନ୍ଧଟି ଯେପରି ଚିନ୍ତାଶୀଳ ଲେଖକର ଉପଯୁକ୍ତ। ଭାଷାର ଅନୁରୂପ ହୋଇଛି।

ବି, ଏ ପଢ଼ୁଛୁ ଏମ୍, ଏ ପଦ୍ୟ ଆମୋଦଜନକ।

'ମହାମିଳନ' ଗଳ୍ପରେ କ୍ଷୁଦ୍ର ଗଳ୍ପର ଅର୍ଥ ନାହିଁ—ତଥାପି ସାଧାରଣ ଶିକ୍ଷାପ୍ରଦ କାହାଣୀ। ଅନେକ ଦିନ ପରେ ଶିଳ୍ପୀ ଗୋପାଳ କାନନଗୋଇଙ୍କର ଯାହା ବାହକ ପ୍ରତିଭା ଓ ପ୍ରଣୟ ବାହାରିଛି। ଏହିପରି ଲେଖା ସାହିତ୍ୟର ଅଙ୍ଗ ପରି ପୁଷ୍ଟି କରିବ।

## କାହିଁକି?

—ବାଲେଶ୍ୱରରୁ ଅଗ କରି ଅହିମ ଉଠିଲା କାହିଁକି?

...ବାଲେଶ୍ୱର ବେଶୀ କୃଷ୍ଣ ପ୍ରେମରେ ମାତିଲେ ବୋଲି।

—ଜବାହାରଲାଲ ବିଲାତ ଯାଇଥିଲେ କାହିଁକି?

...ଫେଡ଼େରେସନ ଉପାଧାନ ଶୋଧନ କରି ଆଣିବାକୁ।

—ହର୍ଷାଦିନେ ଗଡ଼ଜାତ ଜଙ୍ଗଲରେ ନିଆଁ ଲାଗିଲା କାହିଁକି?

...ବାହାରୁ ଫୁଙ୍କ ପାଇ।

—ଜେକୋସ୍ଲୋଭେକିଆ ମଲା କାହିଁକି?

...ଅବହନ୍ନଥ ଯଉଥିପାଇଁ।

—ବିହାର ଓ ଯୁ: ପି: ର ଜମିଦାର କଂଗ୍ରେସ ସାଲିସି ହେଲା, ଅଥଚ ଓଡ଼ିଶାରେ ନ ହେଲା କାହିଁକି?

...ଏଠା ଜମିଦାରଙ୍କୁ ଦ୍ରାକ୍ଷା ଫଳ ଖଟା।

Digitized by srujanika@gmail.com



GOVERNMENT PRODUCTS
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
GOVERNMENT OF BENGAL
TABLETS
QUININE SULPHAT
B.P.
1000 TABLETS
5 GRAINS EACH
ଏଜେଣ୍ଟସ:
ଚୌଧୁରୀ ଏଣ୍ଡ କୋଂ ୩୪ ବାଙ୍କସାଲ ଷ୍ଟ୍ରିଟ୍
ସାଓ୍ୱାଲେସ୍ ଏଣ୍ଡ କୋଂ ପୋଃ ବକ୍ସ ନ୭୦ମ୍ବର
କଲକତା

ଶ୍ରୀ (୩) ରାଜା ଶଙ୍କର ପ୍ରତାପ ସିଂହ ଦେଓ
ମହୀନ୍ଦ୍ର ବାହାଦୁର ରୁଲର, ଢେଙ୍କାନାଳ ।

ପ୍ରିୟ ରାଜନ୍,

ଶ୍ରୀଛାମୁଙ୍କର କୀର୍ତ୍ତି ଆଜି ଭାରତର ଗଗନ ପବନରେ ନିନାଦିତ ହେଉଛି । ଶ୍ରୀଛାମୁ ପ୍ରଳୟଙ୍କର ଦେବ ଦେବ ମହାଦେବଙ୍କ ଶଙ୍କର ନାମକୁ ସାର୍ଥକ କରିଛନ୍ତି । ଶଙ୍କର କୈଳାସାଧିପତି, ଆପଣ କପିଳାସାଧିପତି । ତେବେ ଶଙ୍କରଙ୍କର ନନ୍ଦୀ ଭୃଙ୍ଗୀ ଥିଲେ, ଆପଣଙ୍କର ତାହା ଅଛନ୍ତି କି ? ଶଙ୍କରଙ୍କର ଭୂତ ପ୍ରେତ ବାହିନୀ ଥିଲା । ଶ୍ରୀଛାମୁ କୈଳାସ (ସଂପଲ ?) ସ୍ଥଳରୁ କପିଳାସ ସ୍ଥଳକୁ କିଛି ତହିଁରୁ ଆମଦାନୀ କରିଛନ୍ତି କି ? ତାହା ନ କଲେ ଆପଣ ପକ୍କା ଶଙ୍କର ବନି ପାରିବେ ନାହିଁ । ଶଙ୍କରଙ୍କର ଗଞ୍ଜା ପିଅ ଅଭ୍ୟାସଟା କିନ୍ତୁ ଖରାପ । ତାଠାରୁ ଉନ୍ନତ ଏ ଯୁଗରେ କିଛି—ଛାମୁ ଜାଣନ୍ତି ସେ କଥା । ଶ୍ରୀଛାମୁ ବଡ଼ ପ୍ରଜା ଭକ୍ତ । ପ୍ରଜାମାନେ ଶ୍ରୀଛାମୁଙ୍କ ପାଇଁ ପ୍ରାଣ ଦେଇ ଦେଉଛନ୍ତି । ଏହା କମ୍ ଗୌରବର କଥା ନୁହେଁ । ଯୁଗଯୁଗକୁ ଆପଣଙ୍କର ନାମ ଅମରାକ୍ଷରରେ ଖୋଦିତ ହୋଇ ରହିବ ।

ମହମ୍ମଦ ଶ୍ରୀକୃଷ୍ଣ ସିଂହ ସାଇମନ ଶ୍ରୀଛାମୁଙ୍କ ପଦ କମଳ ନିକଟରେ ଗୁହାରି ଜଣାଉଛି । ମଣିମା ସାବଧାନ ହୋଇ ଶୁଣିମା ହେଉନ୍ତୁ ।

କେଉଁଠି କୁଆଡ଼େ ଏକ ରାଜ୍ୟ ଅଛି ଯହିଁ ଘିଅ ସେର ଟଙ୍କାଏ ତ ପାଣି ସେର ଟଙ୍କାଏ—ସୁନା ଭରି ଟଙ୍କାଏ ତ ପିତଳ ଭରି ଟଙ୍କାଏ—ଯେଉଁଠି ବ୍ରାହ୍ମଣ ହାଡି ସମାନ, ଯହିଁ ଚୋର ଦଣ୍ଡ ନ ପାଇ ସାଧୁ ଦଣ୍ଡ ପାଏ ଇତ୍ୟାଦି । ସେ ଦେଶର ଭେଦାଭେଦ ନ ଥିବାର 'ସାମ୍ୟବାଦ' ଚଳେ ବୋଲି କହନ୍ତି ।

ମୋର ଅନୁରୋଧ ଶ୍ରୀଛାମୁ ସେହି ରାଜ୍ୟରେ ରାଜା ହୋଇଗଲେ ଶ୍ରୀଛାମୁଙ୍କର ସୁଶାସନରେ ପ୍ରଜାମାନେ ଚିରକାଳ ସୁଖ ଶାନ୍ତିରେ ରହନ୍ତେ ।

ଆପଣଙ୍କର [illegible]
ମହମ୍ମଦ ଶ୍ରୀକୃଷ୍ଣ ସିଂ ସାଇମନ

ରାଜା ଶ୍ରୀ × ଶ୍ରୀ କିଶୋର ଚନ୍ଦ୍ର ମର୍ଦ୍ଦରାଜ
ହରିଚନ୍ଦନ ରୁଲର, ନୀଳଗିରି ଷ୍ଟେଟ ।

ରାଜା ସାହେବ,

ଉତ୍କଳର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଯେଉଁ ନିଆଁ ଲାଗିଛି, ତତ୍ ତତ୍ ରାଜ୍ୟର ରାଜନ୍ୟ ମଣ୍ଡଳୀ ଶ୍ରୀଛାମୁଙ୍କୁ ସେଥିପାଇଁ ଅନ୍ୟାୟରେ ଦାୟୀ କରୁଛନ୍ତି । ଶୁଣିଲି କେତେକ ଶ୍ରୀଛାମୁଙ୍କୁ ସେଥିପାଇଁ 'ନିଆଁଲଗା' ବୋଲି ଅଯଥା ଗାଳିଗୁଲଜ କରୁଛନ୍ତି ।

କିନ୍ତୁ ମୁଁ ଜାଣେ ଶ୍ରୀଛାମୁ ଜଣେ ଆଦର୍ଶ ଶିକାରୀ ରାଜା । ଶ୍ରୀଛାମୁ ବଂଶର ଗୌରବ ଚିରଦିନ ରକ୍ଷା କରି ଆସୁଛନ୍ତି । ଶ୍ରୀଛାମୁ ମହାରାଜା କୃଷ୍ଣଚନ୍ଦ୍ର ରାମଚନ୍ଦ୍ର ପୂର୍ଣ୍ଣଚନ୍ଦ୍ର ତଥା ପ୍ରତାପ ଚନ୍ଦ୍ର ପ୍ରଭୃତି ନରପତିମାନଙ୍କୁ ଆଦର୍ଶ ସ୍ୱରୂପ ପୂଜା କରନ୍ତି । ବର୍ତ୍ତମାନ ମୟୂରଭଞ୍ଜାଧିପତିଙ୍କର କେତୋଟା ମଟର ଗାଡ଼ି ଅଛି ତାହାର ହିସାବ ଶ୍ରୀଛାମୁ ଭଲ ରୂପେ ରଖିଥିବେ, ଆଶା କରେଁ । ସେହି ତୁଳନାରେ ଶ୍ରୀଛାମୁଙ୍କର କେତୋଟା ମଟର ହେଲା ତାହା ଆପଣଙ୍କର ଭକ୍ତ ପ୍ରଜାମାନେ ଜାଣି ପାରିବେ କି ? ବାରିପଦା ରାଜବାଟୀରେ ଏବେ ଗୋଟାଏ 'ବାଥ୍' ପୂଲ୍ ନା କ'ଣ କେତେ ଲକ୍ଷ ଟଙ୍କା ଦେଇ ଗଢ଼ା ହୋଇଛି ଶ୍ରୀଛାମୁ ସେଥିରୁ ଗୋଟାଏ ନ କଲେ ଶ୍ରୀଛାମୁ ଭଞ୍ଜ ବଂଶର ଉପଯୁକ୍ତ ବଂଶଧର ହୋଇ ପାରିବେ ନାହିଁ ବୋଲି ମୋର ବ୍ୟକ୍ତିଗତ ମତ । ମୟୂରଭଞ୍ଜରେ ଉଡ଼ାଜାହାଜ ଦେଖି ଆପଣଙ୍କ ମନ ଯାହା ହେଉଥିବ ତା ମୁଁ ବୁଝି ପାରୁଛି । ଆପଣ ଯେତେ ଶୀଘ୍ର ପାରନ୍ତି ସେଥିରୁ ଅନ୍ତତଃ ଗୋଟାଏ ହେଲେ ଖରିଦ କରନ୍ତୁ ।

ମୁଁ ଶୁଣିଲି, ଶ୍ରୀଛାମୁ ଶଙ୍କରାଚାର୍ଯ୍ୟଙ୍କର ବଡ଼ ଭକ୍ତ । ପ୍ରତିଦିନ ସକାଳୁ ଆପଣ ମୋହମୁଦ୍ଗର ପାଠ କରନ୍ତି—'ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ—ତଦପି ନ ମୁଞ୍ଚତି ଆଶା ଭାଣ୍ଡଂ' ପ୍ରଭୃତି ଗାନ କରି ଆପଣ ସଂସାରର ଅର୍ଥ ଅନର୍ଥର ଚିନ୍ତାରୁ ସବୁବେଳେ ନିଜକୁ ତଫାତ୍ ରଖିବାକୁ ଚେଷ୍ଟା କରନ୍ତି । ଟଙ୍କାକୁ ଆପଣ ଲୋଷ୍ଟ୍ରବତ୍ ଜ୍ଞାନ କରି ଫିଙ୍ଗି ଦିଅନ୍ତି । ମୟୂରଭଞ୍ଜର ମହାରାଜା ସାହେବ ଟିକେ ସଂସାରୀ । ସେ ଅର୍ଥ ଉପାର୍ଜନ ପାଇଁ ତାଙ୍କ ରାଜ୍ୟର ଆର୍ଥିକ ଉନ୍ନତି ନିମନ୍ତେ କୁଟୀର ଶିଳ୍ପ ଠାରୁ ଆରମ୍ଭ କରି, କୃଷି ଗୋରକ୍ଷା ପ୍ରଭୃତି ନାନାଦି ଅର୍ଥକାରୀ କାର୍ଯ୍ୟରେ ମନ ଦେଇ ନିଜକୁ ସଂସାର ମାୟାରେ ଜଡ଼ିତ କରୁଛନ୍ତି । ଆପଣ କିନ୍ତୁ ଭଞ୍ଜ ବଂଶୀୟ ହେଲେ ମଧ୍ୟ ସେ ସବୁ ଅନାବଶ୍ୟ କାର୍ଯ୍ୟରେ ମନ ନ ଦେଇ ସେ ସବୁ ଲୋଷ୍ଟ୍ରବତ୍ ତ୍ୟାଗ କରିଛନ୍ତି ।

ମୟୂରଭଞ୍ଜର ବର୍ତ୍ତମାନ ନରାଧିପଙ୍କର ଦୂରଦୃଷ୍ଟି ନାହିଁ ବୋଲି କେତେକ ଲୋକ ଯାହା କହନ୍ତି ଆପଣ ବୋଧହୁଏ ତାଙ୍କ ସହିତ ଏକମତ ଥିବେ । ଭଞ୍ଜ ନରପତିମାନଙ୍କର ରକ୍ତ ଯାହା ଦେହରେ ପ୍ରବାହିତ ସେ ଥାଉଁ ଥାଉଁ ରାଜ୍ୟର କୋଲ, ଭିଲ ସନ୍ତାଳମାନେ ଶାସନ ତନ୍ତ୍ର ହାତକୁ ନେବେ, ରାଜ୍ୟ ପରିଚାଳନାରେ ରାଜାଙ୍କୁ ଉପଦେଶ ଦେବେ ଏପରି ଅପମାନ କେବଳ ପ୍ରତାପଚନ୍ଦ୍ରହିଁ ସହ୍ୟ କରି ପାରନ୍ତି । ଏ ଦୁର୍ବଳଚିତ୍ତତା କେବଳ ତାଙ୍କରି ଗାଲରେ ଶୋଭା ପାଇ ପାରେ, ମାତ୍ର ଆପଣଙ୍କ ଭଳି ଧୀର ବୀର ପୁଙ୍ଗବ କଦାଚ ଏପରି କାପୁରୁଷତାର ପ୍ରଶ୍ରୟ ଦେଇ ଲୋକ ସମାଜରେ ହୀନମାନ୍ୟ ହେବେ ନାହିଁ ଟି ।

ଆପଣଙ୍କର ସମମତବାଦୀ
ମହମ୍ମଦ ଶ୍ରୀକୃଷ୍ଣ ସିଂ ସାଇମନ

Digitized by srujanika@gmail.com

ରାଜା କେ: ସି: ବି: ହରିଚନ୍ଦନ
ଜଗଦ୍ଦେବ, ତାଳଚେର,

ରାଜାସାହେବ,

ଶୁଣିପାଏ ଆପଣଙ୍କ ପୂର୍ବ ପୁରୁଷମାନେ ଓଡ଼ିଶା ରାଜାମାନଙ୍କର ବଶ୍ୟତା ସ୍ୱୀକାର ନ କରି ଚିରଦିନ ସ୍ୱାଧୀନ ଭାବରେ ରହି ଆସିଥିଲେ। ଆପଣ ଆଜି ଓଡ଼ିଆ ପ୍ରଜାଙ୍କର ବଶ୍ୟତା ସ୍ୱୀକାର କରିବେ କିପରି ? ଆପଣଙ୍କ ରଣଗୋବିନ୍ଦ ପାଳଙ୍କ ସଙ୍ଗରେ ପ୍ରବଳ ପରାକ୍ରାନ୍ତ ବୀରାଧିବୀରବର ବ୍ରିଟିଶ ସମ୍ରାଟ ସନ୍ଧି ସ୍ଥାପନ କରିଥିଲେ, ଆପଣ କିପରି ସେହି ମୁଣ୍ଡିଆ ଓଡ଼ିଆ ପ୍ରଜାଙ୍କ ସହିତ ସନ୍ଧି ସ୍ଥାପନ କରିବେ ? ଆପଣଙ୍କର ପୂର୍ବ ପୁରୁଷ ଅନୁଗୁଳ ବିଦ୍ରୋହ ଦମନ ପାଇଁ ଇଂରାଜ ମାନଙ୍କୁ ସାହାଯ୍ୟ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଆପଣଙ୍କୁ ସାହାଯ୍ୟ ନ କରି ବ୍ରିଟିଶ ସରକାର ବେଶି ଭାଗରେ ଢେଙ୍କାନାଳକୁ ସାହାଯ୍ୟ କରୁଥିବାର ଦେଖି ଆପଣ ଚୁପ୍ ରହିଛନ୍ତି କିପରି ? ଆପଣ ଗତ ମହାଯୁଦ୍ଧ ସମୟରେ ଆପଣ ଧନ ଜନ ମନ ସମସ୍ତ ବ୍ରିଟିଶ ସରକାରଙ୍କ ପଦରେ ନିଛାବର କରି ଦେଇଥିଲେ। କିନ୍ତୁ ଘୋର ଦୁଃଖ ହୁଏ, ଆପଣଙ୍କ ବିପଦ ବେଳେ ବ୍ରିଟିଶ ସରକାର ତାର ପ୍ରତିଦାନ ଦେଉ ନାହାନ୍ତି। ସୈନ୍ୟ ପଠାଇଲେ ମଧ୍ୟ ସେଥିପାଇଁ ରସଦ ଦେବାକୁ ହେଉଛି। ବ୍ରିଟିଶ ସରକାରଙ୍କର ଏ କୃତଘ୍ନତାକୁ ଆପଣ ସହିଷ୍ଣୁ, ସ୍ଥିତ-ପ୍ରଜ୍ଞ ଲୋକ ବୋଲି ସହ୍ୟ କରିପାରିଲେ ସିନା, ସାମାନ୍ୟ ଲୋକ ତାହା ପାରି ନ ଥାନ୍ତା।

ଶ୍ରୀମନ୍ତଙ୍କ ରାଜ୍ୟ ବଡ଼ ସମୃଦ୍ଧି-ଶାଳୀ। ଶ୍ରୀମନ୍ତଙ୍କର କୋଇଲା ଖଣି ଉତ୍କଳର ଗୌରବ ବଢ଼ାଉଛି। ଏ ଦେଶରେ ଭଲ ରାଜତ୍ୱ ମଧ୍ୟ ଦେଶର ଗୌରବ ବଢ଼ାଏ। ଆପଣଙ୍କ ରାଜ୍ୟରେ ଗୁଳି ଗୁଳେଇଲେ ମଧ୍ୟ ରାଜବଂଶର ଯେ ଗୌରବ ବଢ଼ାଇବ ଏଥିରେ ଆଶ୍ଚର୍ଯ୍ୟ କ'ଣ ?

ଆପଣଙ୍କ ରାଜ୍ୟରେ ଦିଆସିଲି କାରଖାନା ଥିବାର ମଧ୍ୟ ଶୁଣିଲି। ଏହା ଶୀଘ୍ର ଉଠାଇ ଦେବାର ବ୍ୟବସ୍ଥା କରନ୍ତୁ। ମୋର ଅନୁମାନ ଖେଳଥିପାଇଁ ଆପଣଙ୍କ ରାଜ୍ୟରେ ଏତେ ନିଆଁ ଲାଗୁଛି।

ଶ୍ରୀମନ୍ତଙ୍କର ଶୁଭାକାଂକ୍ଷୀ
ମହମ୍ମଦ ଶ୍ରୀକୃଷ୍ଣ ସାଇମନ

ରାଜାସାହେବ, ଅଠଗଡ଼

ରାଜନ୍,

ଶିଳ ଶିଳପୁଅ ଗଗନେ ଉଡ଼ିଲେଣି, ଶିମୁଳି ତୁଳା ମୋତେ ରଖ ବୋଲି ବଡ଼ ଡାକିଲେ ରହିବ କି ? କିନ୍ତୁ ଆପଣ ଆପଣଙ୍କର କର୍ତ୍ତବ୍ୟ କରିପାରନ୍ତୁ। ନିର୍ଭୀକ—ନିଷ୍ପଭାବରେ ଗାଦି ମାଡ଼ି ବସିଯାନ୍ତୁ। ବେୟୋନେଟ ଗୁଳି ହେଉ। ଲାଠିମାଡ଼ ହେଉ, ପ୍ରଜାଙ୍କର ମୁଣ୍ଡ ଫାଟିବ ସିନା, ପ୍ରଜାଏ ମରିବେ ସିନା ଆପଣଙ୍କର କ'ଣ ସେଥିରେ ? ଆପଣ ଅଷ୍ଟ ଦୁର୍ଗ ମଧ୍ୟରେ ଘଣ୍ଟ ଘୋଡ଼େଇ ବସିରହନ୍ତୁ।

ଶ୍ରୀମନ୍ତଙ୍କର ହିତୋପଦେଶୀ
ମହମ୍ମଦ ଶ୍ରୀକୃଷ୍ଣ ସିଂହ ସାଇମନ

ମହାରାଜା ସାର୍ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ
କେ ସି ଆଇ, ମହାରାଜା, ମୟୂରଭଞ୍ଜ,

ଢେଙ୍କାନାଳ, ତାଳଚେର, ନୀଳଗିରି, ଅଠଗଡ଼ ପ୍ରଭୃତିରୁ ଭବିଷ୍ୟତ ବାଣୀ ହୋଇଛି କି, ଆପଣଙ୍କ ରାଜ୍ୟରେ ଅତି ଅଳ୍ପଦିନ ମଧ୍ୟରେ ଅରାଜକତା ହେବ। ପ୍ରଜାମାନେ ଆଉ କିଛିଦିନ ପରେ ଆପଣଙ୍କୁ ମହାରାଜା ବୋଲି ମାନିବେ ନାହିଁ। ଆପଣ ରାଜସରକାରଙ୍କ ବିନାନୁମତିରେ ପ୍ରଜାମାନଙ୍କୁ ସଭାସମିତି କରିବାର ଅଧିକାର ଦେଇ ଥିବାରୁ ବଡ଼ ଅଶାନ୍ତି ଘଟିବ। ଢେଙ୍କାନାଳ ନୀଳଗିରିରେ ଯେପରି ଶାନ୍ତି ବିରାଜମାନ କରୁଛି ଶ୍ରୀମନ୍ତଙ୍କ ରାଜ୍ୟରେ ତାହା ସ୍ୱପ୍ନବତ୍ ହେବ। ତଦୁପରି ଶ୍ରୀମନ୍ତ ଲୋକ ପ୍ରତିନିଧି ମୂଳକ ଶାସନ ତନ୍ତ୍ର ଗଢ଼ିବେ ବୋଲି ଘୋଷଣା କରି ସେହି ଦିନରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେଥିପାଇଁ ଉତ୍କଳର ଅନ୍ୟ କେତେକ ନରପତି ବଡ଼ ଆନନ୍ଦ ଲାଭ କରୁଛନ୍ତି। କାରଣ ସେମାନଙ୍କର ଆଶା ଯେ ନିକଟ ଭବିଷ୍ୟତରେ ଆପଣଙ୍କର ରାଜ୍ୟ ଧ୍ୱସ୍ତ ବିଧ୍ୱସ୍ତ ହୋଇ ସେମାନଙ୍କ ରାଜ୍ୟ ସହିତ ମିଶିଯିବ। ଯେଉଁ ନରାଧିପ ପୂର୍ବ-ରାଜନ୍ୟ-ମଣ୍ଡଳୀରେ ଶ୍ରେଷ୍ଠ ବୋଲି ପରିଗଣିତ ହେଉଛନ୍ତି ତାଙ୍କର ନାମ ଗନ୍ଧ ମଧ୍ୟ ରହିବ ନାହିଁ। ତା' ଫଳରେ ଏରଣ୍ଡମାନେ ଦ୍ରୁମ ବୋଲି କଥିତ ହେବେ।

ଆପଣଙ୍କ ରାଜ୍ୟରେ କେତେକ ଲୋକ ଗୋଳ ସୃଷ୍ଟି କରିବା ପାଇଁ କୌଣସି ସଭା କରିଥିଲେ। ପ୍ରଜାମାନେ କିନ୍ତୁ ଶ୍ରୀମନ୍ତଙ୍କ ଉପରେ ସନ୍ତୁଷ୍ଟ ଥିବାରୁ ଉକ୍ତ ସଭା ଆପେ ଆପେ ଭାଙ୍ଗି ଯାଇଥିଲା। ଏହା ଅନ୍ୟାନ୍ୟ ରାଜାମାନେ ଶୁଣିଲେ ଆପଣଙ୍କୁ କାପୁରୁଷ ବୋଲି କହି ପାରନ୍ତି। କାରଣ ସଭା ସମିତି ଭାଙ୍ଗିବାକୁ ହେଲେ ବନ୍ଧୁକ, ବେୟୋନେଟ୍ ଲାଠି ଏପରିକି ଗୁଳିର ମଧ୍ୟ ଆବଶ୍ୟକତା ଥାଏ। ଆପଣ ଯଦି ସେ ସବୁର ବ୍ୟବହାର-ପଟୁତା ନ ଦେଖାଇ ପାରିଲେ ଆପଣ କି ରାଜା—ବା କି କ୍ଷତ୍ରିୟ !

ଶ୍ରୀମନ୍ତଙ୍କର ଗୁଣଗ୍ରାହୀ
ମହମ୍ମଦ ଶ୍ରୀକୃଷ୍ଣ ପ୍ରଭୃତି।

## କୁତ୍‌କୁତ୍

ଜଣେ ଗରିବ ଲୋକର ପୁଅ ଡେପୁଟି ହୋଇଥିଲେ। ଦିନେ ଡେପୁଟିଙ୍କ ମଫସଲରେ ବାପ ପୁଅକୁ ଦେଖିବା ଲାଗି ଆସି ତାଙ୍କ କୋଠିରେ ପହଞ୍ଚିଲେ ଓ ବୈଠକଖାନାରେ ବସିଗଲେ। ଡେପୁଟିବାବୁ ଘରେ ନଥାନ୍ତି। ସଞ୍ଜବେଳେ ସେ ଜଣେ ବନ୍ଧୁଙ୍କ ସହିତ ଘରକୁ ଆସି ଦେଖନ୍ତି ତ ବାପ ବସିଛନ୍ତି। ହଠାତ୍ ବନ୍ଧୁ ପଚାରିଲେ, "ଏ ଲୋକଟା ଏଠି କିଏ ?" ଡେପୁଟି ବଡ଼ ଅଡୁଆରେ ପଡ଼ିଗଲେ। ଏଭଳି ମଳପୁଣ୍ଡିଆ ଲୋକଟାକୁ ବାପ ବୋଲି କହିବାକୁ ଲାଜ ମାଡ଼ୁଛି। ଭାବି ଚିନ୍ତି କହିଲେ, "ଆମ ଗାଁର ଚୌକିଦାର।" ବାପ ଏ କଥାରେ ରାଗିଯାଇ କହି ଉଠିଲା, "ନାହିଁ ହେ ବାବୁ, ମୁଁ ତା ମା'ର ଚୌକିଦାର।"

Digitized by srujanika@gmail.com




ସ୍ନେହର ନାଗ ଭୁଅମାନେ,

ତମେ ସବୁ ଅଜାଙ୍କ ରୂପ ଡଗରରେ ଦେଖି ଦେଖି ଥକିଗଲଣି । ସେଥିପାଇଁ ଅଜାଙ୍କ ରୂପ ଦେଖିବାକୁ ଏତେ ମନ । ଭଲ କଥା । ତମେ ସବୁ ନିଜ ମନରୁ ଅଜାଙ୍କ ରୂପ ବର୍ଣ୍ଣନା କରି ମୋ ପାଖକୁ ପଠାଅ । ସବୁଠାରୁ ଭଲ ଯାର ହେବ ସେ ପଦକ ପାଇବ । ଅଜାଙ୍କ ନାମକୁ ୧୦୮ ଥର ଜପକରି ତାଙ୍କ ରୂପ ଦେଖି ପାରିଥିଲି । କିନ୍ତୁ ଅଜାଙ୍କୁ ସେମିତି ଦେଖି ପାରିବ ନାହିଁ । ଅମେଇସା ରାତିରେ—କଣା ଗରକୁ-ଥିବା ବେଳେ ମଶାଣିକି ଯାଇଁ ମା-ମା-ମା ଅଇମା—ଅଇମା—ବୋଲି ରଡ଼ି ଛାଡ଼ିଲେ ସେ ତମକୁ ସାକ୍ଷାତେ ଦେଖା ଦେବେ । ତାଙ୍କ ରୂପ ସେଠି ଯେପରି ଦେଖିବ ସେଇପରି ଲେଖିବ ।

ଇତି । ତମର ଅଜା

## ନାଗବନ୍ଧୁଙ୍କ ସମ୍ବାଦ ।

ଅନେକ ନାଗବନ୍ଧୁ ମୂଲରୁ ଶେଷଯାଏ ନାଗବନ୍ଧୁଙ୍କ ଲିଷ୍ଟ ପାଇବାକୁ ପଇସା ପଠାଇଛନ୍ତି । ବର୍ତ୍ତମାନ ପ୍ରେସ ବଡ଼ ବ୍ୟସ୍ତ ଥିବାରୁ ଲିଷ୍ଟ ଛପା ହୋଇ ପାରୁନାହିଁ । ମାସ ଖଣ୍ଡିକ ଭିତରେ ସମସ୍ତେ ତାହା ପାଇ ପାରିବେ ।

ଶ୍ରୀମାନ୍ ବୀରେଶ୍ୱର ଦେ ଗତ ପୂଜା ଛୁଟି ମଧ୍ୟରେ ମେଦିନୀପୁର ଜିଲ୍ଲାର କେତେକ ପଲ୍ଲୀ ଗ୍ରାମରେ ବୁଲି, ଓଡ଼ିଆ ପ୍ରଚାର ଦିଗରେ ଚେଷ୍ଟା-କରିଥିଲେ । ସେଠା ପାଠଶାଳାମାନଙ୍କରେ ଓଡ଼ିଆ ଶିକ୍ଷା ଦେବାରେ ଶିକ୍ଷକମାନଙ୍କର ଆଗ୍ରହ ଦେଖାଯାଉଥିଲା । ସେ ଗୋଟିଏ ଦୁଇଟି ଗ୍ରାମରେ କ୍ଲବ ସ୍ଥାପିତ କରାଇଛନ୍ତି ଓ ବାଲିଆ ନାମକ ଗ୍ରାମରେ ଯୁବକ ସଂଘ ଓ ମହିଳା ସଂଘ ଗଢ଼ିଛନ୍ତି । ଅମ୍ବି ନାମକ ଗ୍ରାମରେ ଗୋଟିଏ ସଭା ହୋଇଥିଲା । ୯୦୦ ସରିକି ଲୋକ ଯୋଗ ଦେଇଥିଲେ ।

## ନାଗବନ୍ଧୁଙ୍କ ଚିଠିର ମର୍ମ ।

ଚନ୍ଦ୍ର—(୬) ଡଗର ୧୫ ଦିନରୁ ୧୫ ଦିନ ଛିଣ୍ଡାମୁଣ୍ଡ ଗୋଲକ ବୁଲି ନିୟମରୁ ବଳି ନିଷ୍ଚୟ ଥରେ ଆସିବ ବୋଲି କହି, ୧୫ରୁ ୧୬, ୧୬ରୁ ୧୭, ୧୮, ୧୯ ପୁଣି ୨୩ ଦିନ ପର୍ଯ୍ୟନ୍ତ ଡେରି କରି ଆସିବାର ଦେଖାଯାଉଛି । ଏହାଦ୍ୱାରା ମନରେ ଭୟ ହେଉଛି କାଳେ କେତେବେଳେ ଆଉ ଦେଖା ନଦିଏ ।

ଛଳ—(୧୪୨) ମୋ'ଲେଖା ପାଉଛନ୍ତି କି? ତାହା ପ୍ରକାଶିତ ହେବ କି ? ଲେଖା ପଠାଇବାର ନିୟମ କଣ ?

ଦେବେନ୍ଦ୍ର—(୬୦) ତମେ ଏପ୍ରିଲ ମାସରେ ବାଣପଦା ଆସିଥିଲ—ମୁଁ ଦେଖିଛି ।

ତମର ପଗୃଣ ଶାଠିଏ ଅଇଙ୍କ ଭିତରୁ କେଉଁ ଅଇ ମୋ ନାମରେ ଯାଣି ଛଡ଼ାଇଲା ?

'ବରହେ' କବିତାର ହନୁକରଣରେ ମୁଁ ଅଜାଙ୍କ ନାଁରେ କବିତା କରିଛି—

କଅଁଳ ଦାଢ଼ୀ ପରେ
କାକର କଣାଦେଖି
ଚମକି ଅଜା କହେ—
ନାଗର ଫଣା ସେ କି ?

ଏଟା କେମିତି ହେଇଛି ?

ମାନ୍ୟବର ମନ୍ତ୍ରୀ କାନନଗୋ ଆପଣଙ୍କ ସଙ୍ଗାତ ହେଲେ କେମିତି ହୁଅନ୍ତା ?

ଶ୍ରୀଧର—(୧୫୨) ଅପଣଙ୍କ ଦାଲ ପାଚିଲାଣିକି ?

ମୁଢ଼ିଙ୍କ ନ ଡ ଅ କେମିତି ମଜା ଅଇ ଲେଖିବେ ।

ନିରୂପମା—(୮୨) ଅଇଙ୍କ ଫଟୋ ଯଦି ପଠାନ୍ତି ଖୁସି ହୁଅନ୍ତି । ତାଙ୍କ ନାଁ କ'ଣ ମିସେସ୍ ନିତ୍ୟାନନ୍ଦ ବାବୁଆଣୀ ?

ଅଜା ତମକୁ ମୁ ସ୍ୱପ୍ନରେ ଦିନେ ଦିନେ ଦେଖେଁ । ତମେ ସ୍ୱପ୍ନରେ ନାଚ, ଅଇ_ଟାଅନ୍ତି ଅଇ କବିଙ୍କ ଲୋକ ଜାଣିଲେ ମୁଁ ତାଙ୍କ ଦୀକ୍ଷା ଗ୍ରହଣ କରନ୍ତି ।

ଦୁର୍ଗାଚରଣ (ଟସାବେ) ନାଗବନ୍ଧୁ ହେଲେ କି କି ନିୟମରେ ଅବାଦ ହେବାକୁ ହୁଏ ?

ମୋତେ କଥାଯାଇ ପାରିବ କି ?

ପ୍ରଭାକର—(୧୬୨) ନାଗବନ୍ଧୁର ନିୟମାବଳୀ କ'ଣ ? କୌତୁକ ପ୍ରଶ୍ନ ଦେଲେ ଗୃହୀତ ହେବ କି ?

## ନୂଆ ନାଗଚନ୍ଧୁ ।

ସେଥର ଡଗରରେ ନୂଆ ହୋଇ ନାଗବନ୍ଧୁ କୁପନ ବାହାରିଥାଏ । ମୋର ଭାରି ମନହେଲା ନାଗବନ୍ଧୁ ଦଳରେ ନାମଟା ଲେଖାଇବାକୁ । ସେ ଦିନ ସନ୍ଧ୍ୟାବେଳେ ମୋ ସାଙ୍ଗ ଆମ ଘରକୁ ବୁଲିବାକୁ ଆସିଥିଲେ । ସେ ମଧ୍ୟ ଅମ ଘରକୁ ଆସିବା ପୂର୍ବରୁ ଡଗରରେ ସେ କୁପନ ଦେଖି ଆସିଥିଲେ । ତାଙ୍କର ମଧ୍ୟ ନାଗବନ୍ଧୁ ହେବା ପାଇଁ ମନ ଥିଲା । ଉଭୟେ ପୂରଣ କରି ବସିଲୁ ନାଗବନ୍ଧୁ କୁପନ । ମନଟା ବେଶ୍ ଫୂର୍ତ୍ତି ଲାଗିଲା ଗୋଟାଏ ନୂଆ ଜିନିଷ ଜାଣିବା ପାଇଁ । ମୋ ସାଙ୍ଗ କୁପନ ପଢ଼ୁଁ ପଢ଼ୁଁ ହସି ପକାଇଲେ । ମୁଁ ପଚାରିଲି "ହସିଲ କାହିଁକି ?" ସେ କହିଲେ, "ଏଥିରେ ଅଜା ବୋଲି କେହି ନାହିଁରେ ସବୁ ମିଛ ସେ । ଜଣେ ଏପରି ପ୍ରତିଷ୍ଠାପକ ଲେଖା କରନ୍ତା ନା ? କେଜାଣି ଅଜା ହେବ ବୋଲି ଚେଷ୍ଟା କରୁଛି ନା କଣ ?" ଏହା କହି ସେ ମୋତେ କୁପନର ପ୍ରଥମ ଧାଡ଼ି ଦେଖାଇ ଦେଲେ 'ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ' ସେ କହିଲେ "ଆମେ ଜଣକୁ ଅଜା କଲେ ତାର ଆମେ ନିଶ୍ଚୟ ନାତି ହେବା । ପୁଣି ନାତୁଣୀ ହେବାକୁ ଆମେ କାହିଁକି ଇଚ୍ଛା କରିବୁଁ ସେ ପ୍ରତିଷ୍ଠା ପଦକୁ ଆଗରେ ଅଡ଼ରେ ପାଳିବୁଁ ? ତୋର କଣ ନାତୁଣୀ ହେବାକୁ ଇଚ୍ଛା କିରେ ? ମୁଁ ତ ଚମକି ପଡ଼ିଲି । କଥାଟା ଜାଣେ ସତ । ଭାବିଲି ଏହା କେହି ବଦମାସ୍ ଲୋକର କାମ । ମୁଁ କହିଲି "ଆଚ୍ଛା ଯାହା ହେବାର ହେଉ ପଛକେ ଚାଲନା ଦୁଇ ଅଣା ପଇସା ଖର୍ଚ୍ଚକରି ନାଗବଟା ହେବା । ତେଣିକି ସେ ଅଜାବୁଢ଼ା କଣ କରୁଛି ଦେଖିବା ।" ଏହିପରି ଭାବରେ ଆମେ ନାଗବଟା ହେଲୁ । କିନ୍ତୁ ମଝିରେ ମଝିରେ ମୋ ସାଙ୍ଗ ଆସି ପଚାରୁଥିଲେ "ମୋତେ ନାତି ଭିତରେ କି ନାତୁଣୀ ଭିତରେ ଅଜା ନେଲେ ।" ସାଙ୍ଗଙ୍କର ଭୟ ଭାଙ୍ଗି ଗଲା, ଯେଉଁଦିନ ଅଜା ଆମର ନାଁକିଲେ "ସ୍ନେହର ବଟକାନ୍ତଗଣ ।"

ଶ୍ରୀ ଦେବେନ୍ଦ୍ରନାଥ ପଟ୍ଟନାୟକ (୨ନଂ ନାଗବଟା)

Digitized by srujanika@gmail.com

## ଅଜାଙ୍କ ଜବାବ

(୬) ଡଗର ଯଦି ମରିଯାଏ, ତେବେ ତାକୁ ତମେ ସବୁ ହରିବୋଲ ଦେଇ ସତ୍କାର କରିବ କି ? 'ଡଗର' ବଞ୍ଚିଛି ତମରି ଲାଗି । ଯଦି ମରେ ତେବେ ସେ ମରିବ ବି ତମରି ଲାଗି । 'ଦେଶ' ଯଦି 'ଡଗର'କୁ ନ ଚାହେଁ ତେବେ ତାର ବଞ୍ଚି କି ଲାଭ ? ଡଗରକୁ ବଞ୍ଚାଇବାକୁ ହେଲେ, ସମ୍ପାଦକଙ୍କର ଲେଖିବା ଯେତିକି ଦରକାର ପାଠକଙ୍କର କିଣିବା ଓ ବନ୍ଧୁ ବାନ୍ଧବଙ୍କ ଦ୍ୱାରା କିଣାଇବା ପାଇଁ ଚେଷ୍ଟା କରିବା ସେତିକି ଦରକାର । ଆମ ଦେଶରେ ଖଣ୍ଡିଏ ବହି ପାଇଲେ, ଶହେ ଜଣ ମାଗିନେଇ ପଢ଼ନ୍ତି । ସେଥିପାଇଁ ବହି ବିକ୍ରୀ ହୁଏ ନାହିଁ । ଏ ଭଳି ମାଗିଆଣି ପଢ଼ିବାର ଶ୍ରେଷ୍ଠ ପ୍ରବୃତ୍ତି ଆଉ କେଉଁ ଦେଶରେ ନାହିଁ । ଯେଉଁ ନାଗବଚ୍ଛା ନିଜେ ଗ୍ରାହକ ନ ହୋଇ ଅନ୍ୟ ନାଗବଚ୍ଛା ଠାରୁ ମାଗି ଆଣି ପଢ଼େ, ସେ ଅସତ୍ୟ ଆଚରଣ କରେ କାରଣ, ତାରି ଚିଠିରୁ, ତାର ପ୍ରତିଜ୍ଞା ପତ୍ରରୁ ଏତିକି ବୁଝାଯାଏ ଯେ ସେ ନିଜେ ଖଣ୍ଡିଏ ଡଗର କିଣେ । ଯଦି ପ୍ରତ୍ୟେକ ନାଗବଚ୍ଛା ଡଗର କିଣୁଥାନ୍ତେ, ତେବେ ଡଗର ୧୫୦୦ରୁ ଉପର ଅଧିକା ବିକ୍ରୀ ହେଉଥାନ୍ତା । ଡଗରକୁ କପିଏ ଅଧିକ ଲୋକେ, ଅଧିକ ପିଲାଏ କିଣନ୍ତୁ ତାହା ଯଦି ପ୍ରତ୍ୟେକ ନାଗବଚ୍ଛା ଚେଷ୍ଟା କରୁଥାନ୍ତି ତେବେ ତମରି କଥା ମୁତାବକ ଜହ୍ନମାମୁଁର ଗୋଲକ-ବୁଲା ନିୟମ ବି ତା ନିୟମ ନିକଟରେ ହାର ମାନି ଯାନ୍ତା ।

(୧୪୭) ପାଇଛି—ଅନ୍ୟ ବଡ ହେବାରୁ ପ୍ରକାଶିତ ହେଲାନାହିଁ । ମୁଁ କହୁଛି ନାଗବଚ୍ଛାଙ୍କ ଚିଠି ଓ କବିତା ଯେତେଦୂର ସମ୍ଭବ ଛୋଟ ହେବା ଉଚିତ ।

ନାଗବଚ୍ଛା ମାନେ ଲେଖା ପଠାଇବା ବେଳେ ସମ୍ପାଦକ, କିମ୍ବା ସାଧାରଣ ସମ୍ପାଦକଙ୍କ ନାମରେ ପଠାଇବେ ନାହିଁ । ଅଜା C/o ଡଗର, ଡଗର ଅଫିସ, ଭଦ୍ରକ ଠିକଣାରେ ଦେବେ । ଯଦି ଅମନୋନୀତ ଲେଖା କାହାର ଫେରି ପାଇବାର ଇଚ୍ଛାଥାଏ ତେବେ ସେ ଟିକଟ ପଠାଇବା ଉଚିତ ।

(୬୦) ମୁଁ କେବେ ବାହାଘରା ଯାଇ ନାହିଁ । ତମେ ଅଉ କାହାରିକୁ ଭୁଲରେ ଅଜା ଡାକିଛ । ତାଙ୍କୁ ତମେ ଅଜା ଡାକିଲେ ଡାକି ପାର, କିନ୍ତୁ ସେ ତମ ଅଜାଙ୍କ ସ୍ୱାମୀ ହୋଇ ନପାରନ୍ତି ।

(ଖ) ମୁଁ ବଡ଼ ପତ୍ନୀ ଭକ୍ତ । ତେଣୁ ଏଇ ଛଡ଼ା ଅଜାଙ୍କରଦ୍ୱିତୀୟ ନାସ୍ତି । ଈଶ୍ୱର ଏକ ଅଜାଙ୍କର—(ତମ ଅଈ) ବି ଏକ ।

(ଗ) କବିତାଟି ମନକୁ ପାଇଲା । ତମେ କବିତା ଲେଖି ଶିଖ—ଭଲ ହେବ ।

(ଘ) ମାନ୍ୟବର ମନ୍ତ୍ରୀ ମହାଜନ, ଜମି-ଦାର, ମୁଁ ଜଣେ ନିତାନ୍ତ ଗରିବ ଲୋକ, ସଙ୍ଗାତ ବସିବା ସମ୍ଭବ ନୁହେଁ ।

[୧୫୭] [କ]ମୁଁ ସେ କଥା କହିବି ନାହିଁ । ଲାଜ ଲାଗିବ । ତେବେ ଏତିକି କହୁଛି ଯେ, ତମେ ମୋତେ ଦେଖିଲେ ବୁଝିପାରିବ ଯେ ମୋ ବାଳ କଳା, ଦାନ୍ତ ଗୋରୁ ହେଡ଼ା ପରି ଧଳା—୩୬ ଦାନ୍ତ । ଆଉ ଓକିଲାଣୀ ବ୍ୟବହାର କରି ଚମ ଧୁଡ଼ୁ ଧୁଡ଼ୁଆ କରିଛି । ପୁଣି ମଦନ ମୋହନ ମାଲବ୍ୟଙ୍କଠୁ କାୟାକଳ୍ପ ଯୋଗର 'ନିୟମ ମାଗି ପଠାଇଛି । ଏଣେ ପୁଣି ବମ୍ବେରୁ ସ୍ୱାଇଟ୍ସ୍ କମ୍ପାନୀର ବଲ୍, କାଣ୍ଟର ପିପୁଲି ଦାନ୍ତ ବାଳର ବଲ୍ ଚୁକ୍ତି ହୋଇ ନାହିଁ । ଖବରଦାର, ଏସବୁ ଅଈଙ୍କି କେହି କହିବ ନାହିଁଟି । ସେ ଶୁଣିଲେ ସାଙ୍ଗେ ସାଙ୍ଗେ ମୋତେ ତଲ୍ଲାକ୍ ଦେଇ ଦେବେ ।

(ଖ) ବୁଢ଼ା ଅଜାର ଜବାନୀ ଅଈ ଯେମିତି ମୁଡ଼ିକି ନଡଆ ସେମିତି ।

(୮୨) (କ) ତାଙ୍କ ନା ମିସେସ ନିତ୍ୟାନନ୍ଦ ବାବୁଆଣୀ ନୁହେଁକି ମିସେସ ମହାପାତ୍ର କି ନିଯୋଗୀ କିଛି ନୁହେଁ ।

(ଖ) ଫଟୋ ନଦେଖି ତାଙ୍କ ରୂପ ବର୍ଣ୍ଣନା କରି ପଠାଅ ।

(ଗ) ମୁଁ ବେଳେ ବେଳେ ତୁମ୍ଭମାନଙ୍କୁ ସପନାଇଁ ଥାଏଁ ।

[ଘ] ତମେ ପିଲା ଲୋକ । ଅଈଙ୍କ ଦୀକ୍ଷା ଗ୍ରହଣ କରିପାରିବ ନାହିଁ । ସେ ବଡ଼ କଠିଣ ସାଧନା ।

[୧୬୨ ଓ ଦୁର୍ଗା] ନାଗବଚ୍ଛା ପ୍ରତିଜ୍ଞାପତ୍ର ସ୍ୱାକ୍ଷର କରି ତଦନୁସାରେ କାର୍ଯ୍ୟ କରିବା ହିଁ ନାଗବଚ୍ଛା ହେବା ପାଇଁ ଯଥେଷ୍ଟ । ତା ଛଡ଼ା ଆଉ ଅନ୍ୟ କିଛି ନିୟମ ନାହିଁ ।

(୧୬୨)-ଉପଯୁକ୍ତ ବିବେଚିତ ହେଲେ କୌତୁକ ପ୍ରଶ୍ନ ଦିଅପିବାର କୌଣସି ଆପତ୍ତି ନାହିଁ ।

### ଭ୍ରମ ସଂଶୋଧନ

୧୩୧ ନମ୍ବର ନାତି ରୁଦ୍ରନାରାୟଣ ପଟ୍ଟ-ନାୟକଙ୍କ ନାମ ଭୁଲରେ ବଦନାରାୟଣ ହୋଇ ଯାଇଛି ।

### ଲେଖା ସଙ୍ଗ

ଦେବେନ୍ଦ୍ରନାଥ ପଟ୍ଟନାୟକ (୨)—କବିତା ଗଳ୍ପ ଲେଖିବା ଫଟୋ ଉଠାଇବା, କ୍ୟାରମ ଖେଳିବାକୁ, ଦେଶ ଭ୍ରମଣ କରିବାକୁ, ଗୀତ ଗାଇବାକୁ ଓ ଅଦେଖା ସାଙ୍ଗ କରି-ବାକୁ ଭଲ ଲାଗେ । ଉପର ଲିଖିତ ରୁଚିର ସାଙ୍ଗ ଲୋଡ଼ା ।

### "ଆହ୍ୱାନ"

ଏଇ ଯେ ଶୁଭୁଛି 'ଝଙ୍କର ଶିଙ୍ଗା'
ଦୂର ଗିରିବନ ପଦେ
ସୁପ୍ତ ଧମନୀ ଚେଇଁ ଉଠେ ଯାର
ଗୁରୁ ଗମ୍ଭୀର ନାଦେ ।.... ....
"ଶୋଷକର ହେୟ ବୁକୁପରେ ଅବ
ଶୋଷିତର ମରୁପଥେ
ଦୈନ୍ୟ ଜଡ଼ତା ନିକ୍ଷେପି ଦୂରେ
ନବୀନ-ଜୀବନ-ସାଥେ ।"........
ଚାଲରେ, ଚାଲରେ, ଗର୍ବେ ଚାଲରେ
ମଙ୍ଗଳ ଅଭିଯାନେ
ମରୁପ୍ରାନ୍ତରେ ନନ୍ଦନ ସୃଜ
"ଜୟ ହୁଙ୍କ"ର ଗାନେ ।

ଚନ୍ଦ୍ରମୋହନ ଷଡ଼ଙ୍ଗୀ ।
ନଂମ୍ବର "ନାଗବଚ୍ଛା"

### ନୂଆ ନାଗବଚ୍ଛା ନାମ ।

୧୫୧ । ଅତନୁ ହରଣ ପାଣ୍ଡି, କଣ୍ଟିଛି, ପୋଃ ଭୋଗରାଇ, ବାଲେଶ୍ୱର । ୧୫୨ । କୃଷ୍ଣଚନ୍ଦ୍ର ପଣ୍ଡା, କଣ୍ଟିଛି ନି: ପ୍ରା: ସ୍କୁଲ, ପୋ: ଭୋଗରାଇ ଜି: ବାଲେଶ୍ୱର । ୧୫୩ । ବସ୍ତୁ ପ୍ରସାଦ ମିଶ୍ର, ଝାଡ଼ୁପଡ଼ା ସମ୍ବଲପୁର । । ୧୫୪ । କମଳ ଚରଣ ମହାନ୍ତି ହାଇସ୍କୁଲ, କାମଚନ୍ଦ୍ରପୁର । (କ୍ରମାନ୍ୱୟେ ବାହାରିବ)

Digitized by srujanika@gmail.com

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

କ

## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଅନ୍ୟ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ କାର୍ଯ୍ୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନପୁଂସକ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, କୋଷ୍ଠକାଠିନ୍ୟ, କୋଷ୍ଠବଦ୍ଧତା, ଅଙ୍ଗଦାହ, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ଏହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସ୍ତ୍ରୀ ଲୋକ ବ୍ୟବହାର କଲେ ଶରୀରରେ ଅତୁଳ ପରି ଶକ୍ତି ହେଲେ । ଦୁଇମାସ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫।୯ ମାତ୍ର ।

| | |
|---|---|
| ନୟା ସଡ଼କ | ବୈଦ୍ୟରାଜ |
| ପୋ: ଅ: ବୁଦ୍ଧମଗରୈକ, | କବିରାଜ — ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୀଫ ଆୟୁର୍ବେଦାଚାର୍ଯ୍ୟ |
| କଟକ । | C/o ଶ୍ରୀବାଲୁକେଶ୍ୱରଅଗ୍ରୀଫ ଭଣ୍ଡାର |

ଚିକିତ୍ସା ଜଗତରେ ଅଦ୍‌ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରଳଝାଡ଼ା, ବସନ୍ତ,ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା) ଟାଇଫଏଡ, ଅଜୀର୍ଣ୍ଣ,କାଶ,ଅନିଦ୍ରା, ଶ୍ୱାସ,ଅର୍ଶ,ରକ୍ତପିତ୍ତ, ରକ୍ତଅତିସାର ଆମବାତ, ଅଷ୍ଟଗଣ୍ଠିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡଶୂଳ, ଦାନ୍ତମୂଳ ଫୁଲା, ଘଣ୍ଟିଫୁଲା, କାଉଡ଼ିଆ, କାଛୁ, କୁଣ୍ଡିଆ, ଦାଉଦ ,ମରଳା, ଚମଦକା, ଯାଦୁ, ଛିଦ୍ର, କଟାଘା, ଛେଚାଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ା ବିଛା, ଦୁଷ୍ଟ ଜୀବଜନ୍ତୁ ମାନଙ୍କର ଦଂଶନ, କାନପାଚିଲା, କାନଫୁଲା ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣ ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗର ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହୋଇଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

**କବିରାଜ ଶ୍ରୀ ବିଶ୍ୱନାଥ ଦାସ**

ଏ, ବି, ଏଲ୍. ଏଚ. ଏମ୍. ଏସ୍.

ଅଲଣା ବଜାର, ପୋଃ ବୁଦ୍ଧମଗରୈକ କଟକ ।



# ଅମୃତାଞ୍ଜନ ତୈଳ

ଏହା ଲିଭ୍ୟ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଙ୍ଗପ୍ରତ୍ୟଙ୍ଗ,ବାତ ଟଣା ମୁଣ୍ଡବିନ୍ଧା କୁଣ୍ଡିଆ, କାଛୁ, ଦଦ୍ରୁ, ଗୋଡ଼ଫଟା ଛିଡ଼ ଧରିବା. ... ... ପ୍ରକାର ବାଧାର ଏକମାତ୍ର ମହୌଷଧି ଅଟେ । ... ପ୍ରାର୍ଥନୀୟ

ଠିକଣା:—ଅସଲି ଅମୃତାଞ୍ଜନ ତୈଳ ଅଫିସ୍—କଟକ ।

# ଆପଣ ଉଗର ପଢନ୍ତି ?

## ମାଗି ଆଣି ତିଆରି କରନ୍ତୁ

ଆଜି ପତ୍ର ଲେଖି ଗ୍ରାହକ ହୁଅନ୍ତୁ

# ଅଥବା

ଗୁଟିଏ ପଇସା ଦେଇ ଏଜେଣ୍ଟ ଠାରୁ କିଣନ୍ତୁ

ନିଜେ ଆନନ୍ଦ ପାଇବେ ଓ ଘରର

ପିଲାପିଲିଙ୍କୁ ଆନନ୍ଦ ଦେବେ ।

ଠିକଣା—"ଡଗର"

**ପୋ: ଭଦ୍ରକ ।**

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

# ଅଦ୍ଭୁତ୍ କନ୍ଦର୍ପ ମୋଦକ

ଏହା ତରଳ ଶୁକ୍ରକୁ ଗାଢ଼ କରାଏ ଏବଂ ବଳ, ... ... ମନୁଷ୍ୟଙ୍କୁ ଅତି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ପ୍ରତି ଶିଶି ୫।୯, ... ... ଡାକମାଶୁଲ ଅଲଗା ।

ଠିକଣା :—କବିରାଜ ଶ୍ରୀ ... ଏଲ୍. ଏଚ୍. ଏମ୍., ଭି,

**ଦରିଦ୍ର ବନ୍ଧୁ ଔଷଧାଳୟ**

... । ପୋ : ... । ଜି : ବାଲେଶ୍ୱର

# ଅଫିମଖୋରମାନଙ୍କର ଆଉ ଭୟ ନାହିଁ ।

ଓଡ଼ିଶା ସରକାର ଅଫିମ ଉଠାଇ ଦେଉଥିବା ବେଳେ ଅଫିମଖୋରମାନେ ବଡ଼ ଧନ୍ଦା ପାଇ ଯାଇଛନ୍ତି । କିନ୍ତୁ ଆମର **ସ୍ୱଇଟୋ** ଔଷଧ ସେବନ କଲେ ଅଫିମଖୋରମାନେ ବିନା କଷ୍ଟରେ ଅଳ୍ପଦିନ ଭିତରେ ଅଫିମ ଛାଡ଼ି ପାରିବେ ଏବଂ ଉକ୍ତ ରୋଗରୁ ମୁକ୍ତ ହୋଇ ଦୀର୍ଘ ସ୍ୱାସ୍ଥ୍ୟ ଲାଭ ପାଇବେ । ... ପରିମାଣରେ ଅଫିମ ... ଔଷଧ ... ପଠାଯାଏ ।

## ବାଥ କଷ୍ଟୁରୋଲ୍

... ଏବଂ ... ଔଷଧ ... ଅମ୍ଭମାନଙ୍କ ସହିତ ... । ... ବୋତଲ ... କରିପାରିବ । ... ନୂତନ ଓ ପୁରାତନ ... ... ସହିତ ... କରାଏ । ... ରୋଗୀମାନଙ୍କର ... ... ।

ଠିକଣା—ଉତ୍କଳ ମେଡିକେଲ ଫାର୍ମାସି, ବଡ଼ୋ ରୋଡ—କଟକ

Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak. 1938

Digitized by srujanika@gmail.com

REG. NO. P-441

THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁପ୍ରତିଷ୍ଠିତ ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପତ୍ରର ସର୍ତ୍ତ ସର୍ବୋତ୍କୃଷ୍ଟ ।

ଦୁର୍ଘଟଣାଜନିତ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ପିଲାଙ୍କର ବୀମା, ସ୍ତ୍ରୀ ବୀମା ପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ଉତ୍କୃଷ୍ଟ ବନ୍ଦୋବସ୍ତ ।

ବୀମା ଅପଣା ଛାଡ଼ି ନେବାର ସୁନ୍ଦର ବ୍ୟବସ୍ଥା ଅଛି ।

୧୯୩୬-୩୭ ସାଲର ନୂତନ କାର୍ଯ୍ୟ
ନୂତନ ବୀମାର ପରିମାଣ ୨କୋଟି ... ଲକ୍ଷ ... ହଜାରରୁ ଉର୍ଦ୍ଧ୍ୱ ।
ବୀମା ଫଣ୍ଡ ... କୋଟି ୩୧ଲକ୍ଷ ୧୭ ହଜାରରୁ ଉର୍ଦ୍ଧ୍ୱ ।
ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୬୭ହଜାରରୁ ଉର୍ଦ୍ଧ୍ୱ ।
ବାର୍ଷିକ ଆୟ ୭୪ଲକ୍ଷ ୫୫ହଜାରରୁ ଉର୍ଦ୍ଧ୍ୱ ।
ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ... ଲକ୍ଷରୁ ଉର୍ଦ୍ଧ୍ୱ ।
ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଉର୍ଦ୍ଧ୍ୱ ।
ଅଧୁନା କେବଳ ସରକାରୀ କାଗଜାଦିରେ ମୋଟ ସମ୍ପତ୍ତିର ଶତକଡ଼ା ୫୪୦୯ କରା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୫୩୧୯ ହୋଇଛି ।

(ଓଡ଼ିଶାରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚବଂଶର ଶିକ୍ଷିତ ଲୋକ, ଏଜେଣ୍ଟ ଓ ସ୍ପେଶାଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମ୍ମା, ପୂର୍ବଅଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟାରୀ
ହିନ୍ଦୁସ୍ଥାନ ବିଲଡିଂସ, କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର, କଟକ ।

# ରାଜସ୍ଥାନ ଇନସିଓରେନ୍ସ କୋମ୍ପାନୀ, ଲିମିଟେଡ୍

ହେଡ୍ ଅଫିସ ନଂ ୧୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

ଓଡ଼ିଶା ପାଇଁ ସ୍ପେସେଲ ଏଜେଣ୍ଟ——ଭଲଏବଲ୍ ଏଜେନ୍ସି ଏଣ୍ଡ୍ ଚୋଃ ଭଦ୍ରକ ।

**ବିମା କରିବେ ? ଦେଖନ୍ତୁ — ଏହାର ବିଶେଷତ୍ୱ କଅଣ ?**

୧ । ଅସୁସ୍ଥ ହେଲେ ବୀମାକାରୀ ଆର୍ଥିକ ସାହାଯ୍ୟ ପାଏ ।
୨ । ବୀମାକାରୀ ଇଚ୍ଛାକଲେ କୋମ୍ପାନୀ ସାହାଯ୍ୟରେ କୋଠା କରି ପାରିବେ ।
୩ । ଅକର୍ମଣ୍ୟ ହୋଇଗଲେ ବୀମାକାରୀ ଘରେ ବସି ପ୍ରିମିୟମ୍ ନ ଦେଇ ମଧ୍ୟ ସମସ୍ତ ଟଙ୍କା ପାଇ ପାରିବେ ।
୪ । ପ୍ରଥମ ଦୁଇବର୍ଷ ପ୍ରିମିୟମ ଦେଇ ଦେଣିକି ଟଙ୍କା ନ ଦେଇ ପାରିଲେ "ସାରେଣ୍ଡର" ଭେଲ୍ୟୁ ହୋଇପାରେ ।
୫ । ସାରେଣ୍ଡର ଭେଲ୍ୟୁ ହେଲେ ଖୁବ୍ କମ୍ ସୁଧରେ ଶତକଡ଼ା ୫ ୯୦ଟଙ୍କା ଋଣ ନେବାକୁ ବୀମାକାରୀଙ୍କୁ ସୁବିଧା ଦିଆଯାଏ ।
୬ । ପ୍ରଥମ ପ୍ରିମିୟମ ଦେବା ମାସେକ ପରେ, ବୀମାକାରୀ ଆତ୍ମହତ୍ୟା କଲେ ବୀମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ ।
୭ । ଅନ୍ୟାନ୍ୟ ଇନସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।
୮ । "ଘଡ଼ିବନ୍ଧୁ" ଅନୁସାରେ ପ୍ରତ୍ୟେକ କିଛି କିଛି ସଞ୍ଚୟ କରିବା ପାଇଁ ଆମ୍ଭମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଲେଖାଏଁ ଭଲ ସମୟ ରଖୁଥିବା ନୂତନ ଘଡ଼ି ଦେବାର ବନ୍ଦୋବସ୍ତ କରିଅଛନ୍ତି ।
୯ । ଆପଣ ଲକ୍ଷ୍ମୀ ସ୍ଥିର ରଖିବା ପାଇଁ ଶୀଘ୍ର ଏଥିରେ ବୀମା କରନ୍ତୁ । ଭାରତରେ ଏହି ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷେ ଏହା ସୁବିଧା ଜନକ । ସବିଶେଷ ବିବରଣୀ ଜାଣିବା ପାଇଁ ଶୀଘ୍ର ହୋଇ ଅପ ସଲୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସବୁଠି ଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

**ଅର୍ଶ ଓ ସ୍ୱପ୍ନ ଦୋଷର**

# ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁସଞ୍ଜିବନୀ**

ଏକମାତ୍ର ବ୍ୟବହାରରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣାପଡ଼ିବ ।
ଦେଉଳ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, କବିରାଜ ଶ୍ରୀ ଜଗନ୍ନାଥ ମିଶ୍ର B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା:- ଶାରଦା ଔଷଧାଳୟ —ଚୌଧୁରୀ ବଜାର, କଟକ ।


ପ୍ରଯୋଜକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

କାର୍ତ୍ତିକ ପୂର୍ଣ୍ଣିମା—          ଆନନ୍ଦାତ୍ ହି ଖଲୁ ଇମାନି ଭୂତାନି ଜାୟନ୍ତେ—          ଦ୍ୱିତୀୟ ବର୍ଷ—୧୨ ସଂଖ୍ୟା

# ଡଗର



ସିଂହ ନା ବଳଦ?




ହିଟ୍‌ଲର—ତ୍‌-ତ୍‌-ତ୍‌-ତ୍‌—ବୁଲ୍ ଦଶାଦିଅ ବୁଲ୍ !

---

ଜୀବନ ବୀମା ପାଇଁ

## ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲି:

ଓଡ଼ିଶା ଅଫିସ :- ବେଲା ହାଉସ—କଟକ ।

Digitized by srujanika@gmail.com


GOVERNMENT PRODUCTS.
ଆଉ ଚିନ୍ତା କିସ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲେ
ସ୍ୱୟଂ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟ୍‌କା ଓ ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
TABLETS
1000 TABLETS
5 GRAINS EACH
ଏଜେଣ୍ଟସ:
ଗ୍ରେଥୁରୀ ଏଣ୍ଡ କୋଂ ନ ୪ ବାଙ୍କସାଲ ଷ୍ଟ୍ରୀଟ୍
ପାଓ୍ୱାଲେଷ୍ଟ୍ ଏଣ୍ଡ କୋଂ ପୋଃ ବକ୍ସ ନ ୭୦ ମ୍ବର
କଲିକତା

ଡଗର
ଖଣ୍ଡ—୵୦/
ବାର୍ଷିକ(ସଡାକ)୫୨୯
ଛାତ୍ରମାନଙ୍କପାଇଁ୫୧୰
ଷାଳଷସ୍ମରଣ—୫୫୯



ଡଗର
କାର୍ତ୍ତିକ ଦ୍ୱିତୀୟାର୍ଦ୍ଧ
୨ବର୍ଷ, ୧୨ଶ ସଂଖ୍ୟା
କଟକ
୧୫।୧୧।୩୮

ଆଗ ଯୁଗରେ କୁଆଡ଼େ ଜଣେ ପୁଣ୍ୟ ଅର୍ଜନ କରି ଆଉ ଜଣକୁ ଟେକା ଦେଇ ପାରୁଥିଲା—ଜଣଙ୍କର ଯୌବନ ବା ଆୟୁଷ ଆଉ ଜଣଙ୍କ ମୁଣ୍ଡରେ ମନଇଚ୍ଛା ଲଦି ଦେଇ ପାରୁଥିଲା । ଆମେ ମନେ କରୁଥିଲୁଁ ଯଯାତିଙ୍କ ପରଠାରୁ ସେ ଯୁଗଟା କୁଆଡ଼େ ଉଭେଇ ଗଲା ବୋଲି । କିନ୍ତୁ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ଜିଲ୍ଲାବୋର୍ଡ଼ ପ୍ରାର୍ଥୀ ମନୋନୟନର ବହର ଦେଖି ଆମର ସେ ଭ୍ରାନ୍ତ ଧାରଣା ବଦୂରିତ ହୋଇଅଛି । ଆମେ ତାଙ୍କର ବହରରୁ ପ୍ରଥମ ଜାଣିଲୁଁ ଯେ ଜଣଙ୍କର ପୁଣ୍ୟ ବଳରେ ଆଉ ଜଣେ ସ୍ୱର୍ଗକୁ ଯାଇପାରେ, ଜଣଙ୍କର ଯୌବନ ନେଇ ଆଉଜଣେ ଯୁବା ହୋଇପାରେ, ଆଉ ଅନ୍ୟ ଲୋକର ଆୟୁଷ ପାଇ ମଲାଲୋକ ବି ବଞ୍ଚିପାରେ, ଏବେ ବି । ଖାଲି ଏତିକି ନୁହେଁ; ଜଣଙ୍କର ବୁଦ୍ଧିନେଇ ଆଉଜଣେ ରଜା ହୋଇପାରେ, ଜଣଙ୍କର ତ୍ୟାଗ ବଳରେ ଆଉ ଜଣେ ନେତା ବି ବନିପାରେ । ଏପରି କି ଜଣଙ୍କର ସ୍ୱାମୀ ଥିଲେ ଆଉ ଜଣେ ଅସ୍ୱାମିନୀ ବି ସସ୍ୱାମିନୀ ହୋଇ-ପାରେ । ତା'ଛଡ଼ା ଜଣେ ୪୦୦ କଂଗ୍ରେସ ମେମ୍ବର କରି ଯେଉଁ ପୁଣ୍ୟ ଅର୍ଜନ କରେ ତାକୁ ଅନ୍ୟଜଣେ ଗୁଆ ଟେକି ନେଇ ଜିଲ୍ଲାବୋର୍ଡ଼ ସ୍ୱର୍ଗକୁ ମଧ୍ୟ ଗମନ କରିପାରେ । ଧନ୍ୟରେ ଯୁଗ ! ଯୁଗା' ସ-ତ୍ୟା-ଗ୍ର-ହ ।

× × ×

ଦି ବା କ ର ଯେ ଉଁ ଭୂ ଖ ଣ୍ଡ (hemisphere)ରେ ଉଦିତ ହୋଇଥାନ୍ତି ତାର ଅପର ପାର୍ଶ୍ୱ ଅନ୍ଧକାର ଥାଏ ବୋଲି ଏହି ଭୌଗୋଳିକ ତଥ୍ୟ ମାତ୍ର କେତେ ଶତ ବର୍ଷ ତଳେ ଆବିଷ୍କୃତ ହୋଇଥିଲା । କିନ୍ତୁ ଗଞ୍ଜାମ ଜିଲ୍ଲାବୋର୍ଡ଼ର ଦିବାକରଙ୍କ ପଶ୍ଚାତ୍‌ରେ ଓ ସମ୍ମୁଖରେ କୁଆଡ଼େ ଯେ ସେହିଭଳି ଅନ୍ଧକାର, ଏକଥା ସେଦିନ ନନ୍ଦକିଶୋର, ଗୋକୁଳାନନ୍ଦ ପ୍ରଭୃତି ପଣ୍ଡିତମାନେ ଆବିଷ୍କାର କରିଛନ୍ତି । କିନ୍ତୁ ପ୍ରଶ୍ନ ଉଠେ, ସେ ତେଜଟା ଆସିଲା କେଉଁଠୁ ? ତେବେ ସେ କ'ଣ ଦିବାକର ନୁହନ୍ତି କି ? ବୋଧହୁଏ ନୀଳକଣ୍ଠ ମହାଦେବଙ୍କ ମୂର୍ଦ୍ଧା-ସ୍ଥିତ ଜାହ୍ନବୀ ଫେନଲେଖାଇବ ନିଶାକର ଚନ୍ଦ୍ରକଳା କି ?

× × ×

ବମ୍ବେ କଂଗ୍ରେସ ସରକାର ମୂଲିଆ-ମାନଙ୍କ ଭଲ ପାଇଁ ଗୋଟିଏ ଆଇନ ପାସ କଲେ । କିନ୍ତୁ ମୂଲିଆମାନଙ୍କୁ ସେ ଭଲ ଲାଗିଲା ନାହିଁ । ସରକାର କହିଲେ କି ରୋଗୀକୁ ଔଷଧ ପିତା ଲାଗୁଛି । ସେଥିପାଇଁ ସେ ଜବରଦସ୍ତି ଗିଳେଇବେ । ଫଳରେ ମୂଲିଆମାନେ କଲେ ହରତାଳ । ଅହିଂସା-ବାଦୀ କଂଗ୍ରେସ ସରକାର ତହୁଁ ସୁଅଦଅ, ଅହିଂସା ଗୁଳି ଚଳାଇଲେ । ରାମଚନ୍ଦ୍ରଙ୍କ ବାଣରେ ଯିଏ ସବୁ ମଲେ ସେ ସବୁ ସରଗକୁ ଯାଇଥିଲେ ବୋଲି ତୁଳସୀ ଦାସ କହିଛନ୍ତି ବା ବାଲ୍ମିକୀ ମୁନି କହିଛନ୍ତି । ଏବେ କଂଗ୍ରେସୀ ଗୁଳିରେ ମୂଲିଆମାନେ କେଉଁ ପୁରକୁ ଯିବେ ସେ କଥା ବଲ୍ଲଭଦାସେ କି ଗାନ୍ଧିମୁନି ଭାଷନ୍ତୁ । ତ୍ରିବାଙ୍କୋର, ମଇ-ସୁର, ଢେଙ୍କାନାଳକୁ ଆମେ ନିନ୍ଦା କରୁ-ଥିଲୁଁ । ଏବେ ଆମ ଲୋକେ ତ ସେଇପଥ ଧରିଲେ । ତେବେ କଥା ହେଉଛି, ସେମାନେ ଦାଗୀ । ସେମାନେ ଗୁଳିକଲେ ତାଙ୍କୁ ବି:କ୍ଲାସ ଗୁଳି କୁହାଯିବ । ତେବେ ଯିଏ ଗୁଳି କରିବା ମହାପାପ ବୋଲି କହି ନିଜକୁ ସବୁଆ ଶ୍ରେଣୀରେ ଗଣେଇ ହୁଅନ୍ତି, ସେ ଗୁଳିକଲେ ତାଙ୍କୁ ଫର୍ଷ୍ଟ କ୍ଲାସ ଗୁଳି କୁହାଯାଏ, ବୋମ୍ବେ ପ୍ରଧାନ ମନ୍ତ୍ରୀ ଖେର୍ କହିବେ କି ?

× × ×

ଆଜିକାଲି ବଙ୍ଗାଳରେ ଓଡ଼ିଆଙ୍କ ଅବସ୍ଥା ଯାହା ହେଲାଣି, ତାହା ଗୁଳିର ଚଣ୍ଡାଳକୁ ବଳି । ମାତ୍ର ଏହି ପେଟ ବିକଳିଆ, ମହୁରିଆ ଗୁଡ଼ିଙ୍କ କଥା କେହି ହେଲେ ବୁଝିବାକୁ ନାହିଁ । ବିହାରର କଂଗ୍ରେସ ସରକାର ଏହି ଦୀନ ଦୁଃଖୀ ଜୀବଙ୍କ ପାଇଁ ଗୋଟାଏ ସୁବ୍ୟବସ୍ଥା କରୁଛନ୍ତି ।

ସେଠା ପ୍ରଜାଙ୍କ ଖଜଣା କମାଇବା ପାଇଁ ଗୋଟିଏ ନୂଆ କର୍ମଚାରୀ ନିଯୁକ୍ତ ହେବାର କଥା । ସେ କାମରେ ବିହାର ସରକାର ଏହି ଖଡ଼ାଖିଆ ଓଡ଼ିଆଙ୍କୁ ପୂରାଇବେ ।

ଆମ ଓଡ଼ିଶା ମନ୍ତ୍ରୀ ତିନିହେଁ ଯା କି ଓଡ଼ିଆଙ୍କ ଜାତି ଭାଇ ଥିବାରୁ ତାଙ୍କ ଅବସ୍ଥା ଅଙ୍ଗେ ନିଭେଇଥିବେ । ଆମ ଏଠି ଖଜଣା କମାଇବା କଥାତ ନାହିଁ; ତେବେ ଅଫିମ କମାଇବା କାମରେ ଏଇ ଗରୁମୂଲିଆମାନଙ୍କୁ ଭରଣି କରିଦେଲେ ଦେଶର ଅନ୍ନାଭାବ ଓ ବେକାର ସମସ୍ୟା କିଅଂଶିତ୍ ନିବାରଣ କରିବା ସାଙ୍ଗେ ସାଙ୍ଗେ ମନ୍ତ୍ରିଗଣ ସ୍ୱଜନ ପ୍ରୀତିର ପରିଚୟ ଦେଇପାରନ୍ତେ ନାହିଁକି ?

× × ×

ପୂର୍ବ ରାଜନ୍ୟମଣ୍ଡଳୀର ସଭାପତି ପଟିଆଳାଧୀଶ ବଢ଼େଇ କରି କହୁଁ କହୁଁ, ଓଡ଼ିଶା କଂଗ୍ରେସ ସରକାରଙ୍କ ଉପରେ ଗୁଡ଼ାଏ ଦୋଷ ଚଢ଼େଇ ଦେଇଗଲେ । ସେ କାଳେ ରାଜାମାନଙ୍କୁ ସାହାଯ୍ୟ କରୁ-ନାହାନ୍ତି । ତାଙ୍କ ବାକ୍ୟରେ ସେ ଆମ

ଦ୍ୱିତୀୟ ପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com




# ଖବର ଅନ୍ତର

—ଢେଙ୍କାନାଳ ପ୍ରଜାନେତା ହରମୋହନ ବାବୁଙ୍କୁ ଓଡ଼ିଶା ସରକାର ଧରି ଢେଙ୍କାନାଳ ସରକାରଙ୍କୁ ସମର୍ପଣ କଲାବେଳେ, ସେ ହାଇକୋର୍ଟରେ ଆପତ୍ତି କରିଥିଲେ । ହାଇକୋର୍ଟ ତାହା ଶୁଣିଲେ ନାହିଁ ।

—ଜବାହାରଲାଲ ଓ ତାଙ୍କ ଭଉଣୀ ଶ୍ରୀମତୀ ବିଜୟ ଲକ୍ଷ୍ମୀ ୟୁରୋପ ପରିଭ୍ରମଣରୁ ବାହୁଡ଼ିଛନ୍ତି ।

...ଇନ୍‌କ୍ଲାବ ଜିନ୍ଦାବାଦ୍ !

—ଜଣେ କଂଗ୍ରେସର ବଡ଼ ନେତା ପ୍ରସ୍ତାବ କରିଛନ୍ତି କି ଓଡ଼ିଶାକୁ ପୁଣି ଭାଙ୍ଗି ଆନ୍ଧ୍ର, ବିହାର, ବଙ୍ଗକୁ ବାଣ୍ଟି ଦିଆଯାଉ ।

...ମହାଭାରତୀୟ ଜାତୀୟତାକୁ ଓଡ଼ିଶାର ଆତ୍ମ ତ୍ୟାଗ !

—ଯୁକ୍ତ ପ୍ରଦେଶର ତାଲୁକଦାରଗଣ ଠିକ କଲେଣି ଯେ ସେଠା ନୂଆ ପ୍ରଜାସତ୍ୱ ଆଇନ ବିରୁଦ୍ଧରେ ସତ୍ୟାଗ୍ରହ କରିବେ ।

...କି ମନ୍ତ୍ର ଦେଲ ହେ ମୋହନ ଗାନ୍ଧୀ !

—ନବ ତୁର୍କିର ଜନ୍ମଦାତା କେମାଲ ପାଶା ଇହଲୋକ ତ୍ୟାଗ କଲେ ।

...ଇଂରେଜ ନିଶ୍ୱାସ ଛାଡ଼ିଲେ ।

—ଫରାସି ଦେଶରେ ଗୋଟାଏ ୟିହୁଦୀ ଟୋକା ଜଣେ ଜର୍ମାନ କର୍ମଚାରୀକୁ ମାରି ପକାଇ ଥିବାରୁ, ପ୍ରତିଶୋଧ ହିସାବରେ ଜର୍ମାନ ଦେଶରେ ଥିବା ସମସ୍ତ ୟିହୁଦୀଙ୍କ ଉପରେ ଘୋର ଦାଉ ସଧା ହେଉଛି । ଗରିବ ମାଇଲ ସମସ୍ତିଙ୍କର—

—ଚୀନ ବର୍ତ୍ତମାନ ଜାପାନର ବିଜୟୀ ସେନାକୁ ଓଲଟା ମାଡ଼ ଚଲେଇଛି ।

...ମଣିଷ କ୍ଷଣି କ୍ଷଣକେ ଆନ !

—ସୁଭାଷ ବାବୁ ପୁଣି ବର୍ଷେ କଂଗ୍ରେସ ପ୍ରେସିଡେଣ୍ଟ ହୁଅନ୍ତୁ ବୋଲି ଓଡ଼ିଆ ନେତାମାନେ ମତ ଦେଉଛନ୍ତି ।

...ହେଲେ ଓଡ଼ିଆଙ୍କ ନାଁଅପାଣି କହନ୍ତା ।

...ଗଛକୁ ଚଢାଇ ଯେ ଦେବ,
ଉତାରି କିଆଁ ନ ପାରବ ?

—ଫ୍ରାନ୍ସର ଭୂତପୂର୍ବ ପ୍ରଧାନ ମନ୍ତ୍ରୀ ଫ୍ଲେଣ୍ଡିନ୍ ହିଟଲରଙ୍କ ପକ୍ଷ ସମର୍ଥନ କରି ଥିବାରୁ ଜଣେ ଫରାସୀ ବାରିଷ୍ଟର ତାଙ୍କ ଗାଲରେ ବ୍ରହ୍ମଚାପୁଡ଼ା ବସାଇ ଦେଇଛନ୍ତି ।

...ଅକଲ ସଲାମି ।

—ଚେଲ୍‌ସି ଲର୍ଡ ଲିନ୍‌ଲିଥଗୋ ଆସନ୍ତା ଡିସେମ୍ବରରେ ରବିଠାକୁରଙ୍କ ଶାନ୍ତି ନିକେତନ ଦେଖିବାକୁ ଯିବେ ।

...ଶାନ୍ତି ଆଣିବାକୁ ନା ଫଣ୍ଡ କିଣିବାକୁ ?

—ଜହରଲାଲ ଭାରତବାସୀଙ୍କ ଠାରୁ ଚାନ୍ଦା ଉଠାଇ ସ୍ପେନ ବାସୀଙ୍କୁ ପଠାଇବାର ଯୋଗାଡ଼ କରୁଛନ୍ତି ।

...ଭାରତବାସୀଙ୍କ ପେଟରୁ ବଳିଲା କି ?

—ଢେଙ୍କାନାଳରେ ତୃତୀୟବାର ଗୁଳି ଫାୟର ହୋଇଛି ।

...ରବର୍ଟ ବ୍ରୁସ ସପ୍ତମବାରରେ କୃତକାର୍ଯ୍ୟ ହୋଇଥିଲେ ପରା ?

—ଅସିଆବାସୀ ଜାତିମାନଙ୍କୁ ନେଇ ଗୋଟାଏ ସଂଘ ଗଢ଼ିବାର ଯତ୍ନ ଜାପାନ କରୁଛନ୍ତି ।

...ଗୁରୁ ହବ କିଏ ?

—ଜର୍ମାନ ଆରବମାନଙ୍କୁ ଅସ୍ତ୍ର ଶସ୍ତ୍ର ଯୋଗାଉଛନ୍ତି ।

...ଚାଣକ୍ୟ ନୀତି ।

—ଶୁଣାଯାଏ ପ୍ୟାରି ପରିବର୍ତ୍ତେ ବର୍ଲିନ୍ ଏଣିକି ପୃଥିବୀର ଫେସନ କେନ୍ଦ୍ର ହେବ ।

...ହିଟଲର ପିସ୍ (ନା ମାଷ୍ଟର ?) ଇଉରୋପ ହେବେ ?

—ମୁସୋଲିନୀ ଫ୍ରାଙ୍କୋଙ୍କୁ ସାହାଯ୍ୟ କରିବାକୁ ଜବାବ ଦେଇଛନ୍ତି ।

...ଏକା ଗୋଷ୍ଠି ।

—ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ କୋରାପୁଟରେ ବର୍ମୀ କେନ୍ଦ୍ର ଖୋଲିଛନ୍ତି ।

...କି ଫର୍ମ ହେବ ?

—ବ୍ରିଟିଶ ଖବର କାଗଜବାଲେ ଜୁମାନଙ୍କ ଉପରେ ଜର୍ମାନର ଅତ୍ୟାଚାରକୁ ନିନ୍ଦା କରିବାରୁ ଜର୍ମାନ ଖବରକାଗଜବାଲାମାନେ ବ୍ରିଟିଶମାନଙ୍କର ପାଲେଷ୍ଟାଇନ, ଓ୍ୟାଜିରସ୍ଥାନ ଓ ଟ୍ରାନସ୍‌ଭାଲ ଅତ୍ୟାଚାରକୁ ଖୁଣ୍ଟା ଦେଉଛନ୍ତି ।

...ଚାଲୁଣୀ ବୋଲେ ଛୁଞ୍ଚୁଣୀ ଲୋ !...

ଇଂରେଜ ସରକାର ଏତେଦିନ ଯାଏ ଇଟାଲିକୁ ଅବସିନିଆ ସମ୍ରାଟ ବୋଲି ସ୍ୱୀକାର କରି ନ ଥିଲେ । ଏବେ ସମ୍ଭାଳି ନ ପାରି ମାନି ନେଲେଣି ।

...ସିଂହଦ୍ୱାରେ ସେଇ—କରନ୍ତି, ବଅସ ବୁଢ଼େଇ ଦିଅନ୍ତି ।

---

( ବାଲ୍ୟ ବର୍ଗୁର )

ସରକାରଙ୍କୁ ଚୋଷର କର୍ତ୍ତା କରିଥିଲେ ହେଁ କ୍ରିୟା, କର୍ମ, କରଣ, ସମ୍ପ୍ରଦାନ ବା ଅପାଦାନର ଦୃଷ୍ଟାନ୍ତ ଦର୍ଶାଇ ନାହାନ୍ତି । ତାର ଜବାବରେ ଆମ ପ୍ରଧାନ ମନ୍ତ୍ରୀ ଯାହା କହିଛନ୍ତି ତହିଁରେ ଆମର ଅନୁମାନ ହୁଏ ସରେଇକଲା ନୃପ ଏଣିକି ମୁହଁରେ ଛଉ (ମୁଖା) ଦେଇ ମୁକ୍ତ ନୃତ୍ୟ କରିବେ । ତାହା କଳାଶୂନ୍ୟ ଇଉରୋପରେ ପ୍ରଶଂସା ପାଇପାରେ କିନ୍ତୁ ଏ କଳାପୂର୍ଣ୍ଣ ଦେଶରେ କେହି ମୋହିତ ହେବେ ନାହିଁ । ତାହା ନିତାନ୍ତ ପୁରୁଣା ବୋଧ ହେବ । ଯଉଁ କାମରେ ଭଲ ମଣିଷ ଭଲ ମଣିଷକୁ ସାହାଯ୍ୟ କରନ୍ତି ସେ କାମରେ ଓଡ଼ିଶା ସରକାର ସାହାଯ୍ୟ ମାଗିଲେ, ଗଡ଼ଜାତ ରଜାଙ୍କ ସ୍ୱାମୀ ଇନ୍‌କାର୍ କଲେ । ଏବେ ନିରୀହ ପ୍ରଜାଙ୍କ ଉପରେ ଗୁଳି ଚଳାଇବା ପାଇଁ ଯଉଁ ଫୌଜ ଦରକାର, ସେତିକି କଂଗ୍ରେସ ସରକାର ନଦେଲେ ତାଙ୍କର ଅପରାଧ ହେବ କିମିତି ? ଆମର ମନେ ହୁଏ, ସରେଇକଲା ରାଜନ୍ କଛୁଦିନ ପାଟନା ଯାଇ ଟ୍ରେନିଂ ପାଇ ଆସିଥିଲେ ଏପରି କହିବାକୁ ଠିକଏ କୁଣ୍ଠିତ ହୋଇ ଥାନ୍ତେ ପରା !

Digitized by srujanika@gmail.com

# କଲେଜ ଗାର୍ଲ

ଲେଖକ—ଶ୍ରୀ ବସନ୍ତ କିଶୋର ବଳ



ସୌଦାମିନୀ ପଢୁଥିଲା ପ୍ରଥମ ବାର୍ଷିକ କଳାରେ । ଦୁଇ ବେଣୀଟା ମଧ୍ୟରେ ସେ କଲେଜକୁ ଆସି ତା'ର ନିଜର ଫୁଟାଇ ପାରି ଥିଲା । ନାମ ସଙ୍ଗେ ଚେହେରାଟା ବେଶ୍ ଖାପ ଖାଉଥିଲା । ସେଥିପାଇଁ ଯୋଗୁଁ ମୁହଁର ଚଞ୍ଚଳତା ଅତ୍ୟନ୍ତ ବଢୁଥିଲା । ଯେତେବେଳେ କ୍ଲାସର ସମସ୍ତ ଛାତ୍ରଙ୍କର ଦୃଷ୍ଟି ପ୍ରଫେସରଙ୍କ ପ୍ରତି ଥାଏ ସେ ସେତେବେଳେ ଚଷମାଟାକୁ ସଜାଡ଼ି ଦେଇ ସମସ୍ତଙ୍କ ଅଟେନ୍‌ସନ୍ (ନଜର) ତା ଆଡ଼କୁ ଫେରାଏ । କଲେଜ ପିଲାଙ୍କ ମୁହଁରୁ ଶୁଣିବାକୁ, ସେ ଥିଲା ସମସ୍ତ ଲେଡ଼ି ଷ୍ଟୁଡେଣ୍ଟଙ୍କ ମଧ୍ୟରେ ଶ୍ରେଣୀ ସୁନ୍ଦରୀ—ତାର ମୁହଁର କଟ୍ (ଗଠଣ)ଟି ପାଇଁ ।

ସୌଦାମିନୀ ପ୍ରଥମେ କଲେଜକୁ ଆସି ତାର୍ 'ସୌଦାମିନୀ' ନାମର ସଦ୍‌ବ୍ୟବହାର କରିବାକୁ ଲାଗିଲା । ଠିକ୍ ବିଜୁଳିପରି ଚଞ୍ଚଳା ଉପର ମହଲାରୁ ତଳ କ୍ଲାସକୁ ଆସିବାରେ ମେଲ୍ ଷ୍ଟୁଡେଣ୍ଟମାନେ ମଧ୍ୟ ତା ସହିତ ସମାନ ଗତିରେ ଆସି ପାରନ୍ତି ନାହିଁ । କ୍ଲାସରେ ଦେଖିବ ସୌଦାମିନୀ ସ୍ୱସ୍ଥାନ ଅଧିକାର କରି ଥାଏ ଆଗେ । ଡ଼ିବେଟିଂ କ୍ଲବରେ ସୌଦାମିନୀ ଲେକ୍‌ଚରର ଦେବ । ଫରୱାର୍ଡ଼ ଛାତ୍ରୀ କହିଲେ କେବଳ ସୌଦାମିନୀ ନାମ ଉଲ୍ଲେଖ ଯୋଗ୍ୟ । ତାର ଏପରି ପ୍ରଗତିଶୀଳତା ସମସ୍ତ ପ୍ରଫେସର ଏପରିକି ପ୍ରିନ୍ସିପାଲ୍ ମଧ୍ୟ ଶୁଣିବାକୁ ପାଇଲେ ଭଲରୂପେ । କଥାବାର୍ତ୍ତାରେ ତାର ଦୁଇଟି ଗୁଣ ଥିଲା ପ୍ରୋମିନେଣ୍ଟ (ଅତି ଦୃଷ୍ଟିଣୀୟ):—ଫ୍ରି ଏକ୍ସପ୍ରେସନ୍ (ଅବାଧ ଅଭିବ୍ୟକ୍ତି) ଏବଂ ଜେଣ୍ଟଲ୍‌ନେସ୍ (ନମ୍ରତା) । କ୍ଲାସ ପିଲାଙ୍କ ମଧ୍ୟରେ ତା ସଙ୍ଗେ କଥାବାର୍ତ୍ତା ପାଇଁ ଲାଗିଲା ପ୍ରତିଯୋଗିତା । ସମସ୍ତେ ଅବାଧରେ ଭଲନର୍ (ଭକ୍ତ୍ବୃନ୍ଦ) ହେଲେ । ପ୍ରତ୍ୟେକ ନିଜକୁ ଭାଗ୍ୟ-ବାନ୍ ମନେକଲେ । ପ୍ରତ୍ୟେକ ମନେକଲେ ସୌଦାମିନୀ ସହ ପ୍ରେମ ପ୍ରତିଷ୍ଠିତ ହେଲା । ଘରକୁ ଆସି ଭାବିଲେ କେଉଁ ପାର୍ଟିଟା ପିକ୍‌ନିକ କାଲି ପାଇଁ ଫିକ୍ସ୍ ହେବ । ଏହିପରି ରୂପ ପ୍ରତିଯୋଗିତା ଆରମ୍ଭ ହେବାରେ ବିଳମ୍ବ ଘଟିଲା ନାହିଁ । କ୍ଲାସରେ ଫ୍ରଣ୍ଟବେଞ୍ଚ ଅକୁପାଏ (ଅଧିକାର) କରିବା ପାଇଁ ବାଦ-ବିସମ୍ବାଦର ସୂତ୍ରପାତ ହେଲା । ସୌଦାମିନୀ ମଧ୍ୟ ସ୍ପେକ୍ ଟିକ୍ସ କାହାର ପ୍ରତି ତରଳ ଦୃଷ୍ଟି ଛାଡ଼ିବାକୁ କୁଣ୍ଠିତ କରୁ ନଥାଏ । ଏପରିକି କହାତ ମଫସଲ ଗୋବନ, ଯାର ମୁଣ୍ଡରେ ପାନିଅର ଗନ୍ଧ କେବେ ବାଜି ନ ଥିଲା ସେ ମଧ୍ୟ ଅଇନାରେ ୨-୩ ଥର ଫେରେଇଟା ସଜାଡ଼ିବାରେ ଲାଗିଥିବାର ଦେଖାଗଲା ।

ସେ ବର୍ଷ କଲେଜରେ 'ସାହାଜାହାନ' ନାଟକର ଅଭିନୟ ହେଲା । କଲେଜ ପିଲା-ମାନେ ଗୋଟାଏ ଗତାନୁଗତିକତା ରହିତ କରାଇ ଫିମେଲ୍‌ପାର୍ଟ ଜଣେ ଲେଡ଼ି ଷ୍ଟୁଡେଣ୍ଟ ଅଭିନୟ କରିବାକୁ ପ୍ରିନ୍ସିପାଲଙ୍କ ନିକଟରେ ଆବେଦନ କଲେ । ପ୍ରାର୍ଥନା ମଞ୍ଜୁର ହେଲା । ସୌଦାମିନୀ 'ଜାହାନାରା' ପାର୍ଟ ଅଭିନୟ କରିବାକୁ ଆନନ୍ଦରେ ସ୍ୱୀକୃତା ହେଲା । କଲେଜର ସମସ୍ତ ଛାତ୍ର ବିଶେଷତଃ ଫାଷ୍ଟଇଅର କ୍ଲାସର ଛାତ୍ରମାନଙ୍କ ମଧ୍ୟରେ ଗୋଟାଏ ଆନନ୍ଦର ଢେଉ ଖେଳିଗଲା । ଏହା ଗୋଟିଏ ସୁବର୍ଣ୍ଣ ସୁଯୋଗ । ସ୍କୁଲ ଲାଗିଲେ ସୌଦାମିନୀ ସହ ପ୍ରକୃତ ବନ୍ଧୁତା କରିବାର ସୁବିଧା ଆଉ ମିଳିବ ନାହିଁ । ଅଧିକାଂଶ ଛାତ୍ର ନିଜର ବ୍ୟକ୍ତିତ୍ୱ ଓ ରୂପ ସମ୍ଭାରରେ ଅକ୍‌ଟର ଓ ଭଲେଣ୍ଟିଅର ଶ୍ରେଣୀରେ ନାମ ଲେଖାଇଲେ ।

ଥିଏଟର ଦୁଇ ଘଣ୍ଟରେ ଜଣେ ଭଲେଣ୍ଟିଅର ସୌଦାମିନୀଙ୍କ ଆବଶ୍ୟକ କମିଶ୍ ଦରକାର ହେଲା । ଗଣ୍ଡଗୋଳ ଦୃଷ୍ଟିରୁ ବ୍ୟାଲଟ୍ (ଗୁଳି) ଉଠାଇବାର ସ୍ଥିର ହେଲା । ସମସ୍ତେ ଅତି ବେଗରେ ନିଜ ନିଜ ନାମ ଦେଇ ପ୍ରଫେସରଙ୍କ ହାତକୁ ଅଞ୍ଜଳି ନେତ୍ରରେ ଚାହିଁଥାନ୍ତି ତାହାର ନାମ ଉଠିବ ଦେଖିବେ ବୋଲି । ସୌଭାଗ୍ୟକୁ ହେଉ ବା ଦୁର୍ଭାଗ୍ୟକୁ ହେଉ ପ୍ରଥମ ବାର୍ଷିକ ଶ୍ରେଣୀରୁ ଉଧବର ନାମ ଉଠିଲା । ବାକି ସମସ୍ତଙ୍କ ମନଫିକା ପଡ଼ିଗଲା । ସେହି ମୁହୂର୍ତ୍ତରେ ସମସ୍ତ ଫାଷ୍ଟଇଅର କ୍ଲାସ ଛାତ୍ରଙ୍କର ଦୃଷ୍ଟି ଉପରେ ପଡ଼ିଲା କୋଟିଦୃଷ୍ଟି । ଯେତେ ଅପରିଚିତ ହେଲେ ମଧ୍ୟ ପ୍ରଗତିଶୀଳା ସୌଦାମିନୀ ସହ ପ୍ରେମରେ ପଡ଼ିବାକୁ କେତେ ସମୟ । ଥିଏଟର ହେଲା । ନିଜର ଦକ୍ଷତା ବଳରେ ସୌଦାମିନୀ ଗୋଟିଏ ମେଡେଲ ପ୍ରାପ୍ତ ହେଲା । କଲେଜ ସାରା ସୌଦାମିନୀ ଭିଳି ଗୋଟାଏ ଗୁଞ୍ଜନ ଚେଲିଗଲା ।

ଥିଏଟର ପରଦିନଠାରୁ ସୌଦାମିନୀ ତାର 'ସୌଦାମିନୀ' ନାମର ଅପବ୍ୟବହାର କରିବାକୁ ଲାଗିଲା । ବିଜୁଳିପରି ଚଞ୍ଚଳତା ପରିବର୍ତ୍ତେ ଠିକ୍ କଳାହ ଶ୍ରାବଣ ମେଘପରି ସେ ଗମ୍ଭୀର ଦିଶିଲା । କ୍ଲାସରେ ସବୁବେଳେ ତଳକୁ ମୁହଁ ପୋତି ବସିବାର ଦେଖାଗଲା । କଥାବାର୍ତ୍ତା ଦୂରର କଥା, କାହା ପ୍ରତି ଦୃଷ୍ଟିପାତ ମଧ୍ୟ କଲାନାହିଁ । ହସର ତିରୋଧାନ ହେଲା ସେହିଦିନୁ । ଡ଼ିବେଟିଂ ସେଇଁମାନେ ବନ୍ଧୁଭାବରେ ତା ସହିତ ଅନ୍ୟାନ୍ୟମାନଙ୍କ ତୁଳନାରେ ବେଶୀ-ଦୂର ଅଗ୍ରସର ହୋଇଥିଲେ ସେମାନେ ମଧ୍ୟ ସେଥିରୁ ଏକବାର ବଞ୍ଚିତ ହେଲେ । କାରଣଟା ଜାଣିବାରେ ବିଳମ୍ବ ହେଉ ହେଲା ନାହିଁ । ଯେଉଁ ଦିନ ଉଧବ ଓ ସୌଦାମିନୀ କଲେଜ ଲାଇବ୍ରେରୀରେ କଥାବାର୍ତ୍ତା ହେଉଥିଲେ ସେଦିନ କଥାଟା ଏକବାର ସଦାକୁ ବାହାରି ପଡ଼ିଲା । ତବେ

ବନ୍ଧୁ ଲେଡ଼ିଜ୍ କମନ୍‌ରୁମ୍ ପାଖେ ସୌଦାମିନୀଙ୍କୁ କଣ ଗୋଟାଏ ଚିଠି ଦେଉଥିବେଳେ ଫାଷ୍ଟ-ଇୟର ପିଲାମାନେ ଦେଖିଲେ । ପରେ ଶନିବାର କଲେଜ ଛୁଟି ପରେ ସମସ୍ତ ଫାଷ୍ଟଇୟର ପିଲାଙ୍କ ମଧ୍ୟରେ ଗୋଟାଏ ମିଟିଂ ଡକା ହେଲା । ଜଣେ ପ୍ରଥମେ ଗୋଟିଏ ରେଜୋଲ୍ୟୁସନ (ପ୍ରସ୍ତାବ) ଆଣିଲା ଯେ ସୌଦାମିନୀ ଫାଷ୍ଟଇୟର ପିଲା ହୋଇ ଜଣେ ଥାର୍ଡ଼ଇୟର ଛାତ୍ର ସହ ଅବୈଧ ପ୍ରେମ କରୁଛି, ଏହା ସମଗ୍ର ଫାଷ୍ଟଇୟର ଛାତ୍ରୀଙ୍କୁ ଘୋରତର ଅପମାନ । ତେଣୁ ଏହାର ଉପଯୁକ୍ତ ପ୍ରତୀକାର କରିବାକୁ ହେବ । ଜଣେ ଏହାକୁ ସମର୍ଥନ କରି କହିଲା ଯେ "କୌଣସି ପ୍ରକାରେ ସେ ଦୁହିଁଙ୍କୁ ପ୍ରିନ୍ସିପାଲଙ୍କ ନିକଟରେ ଏକ୍ସପୋଜ କରିବାକୁ ହେବ । ତାହାର ଉପାୟ ଗୋଟିଏ ଗୁପ୍ତ କମିଟି ହସ୍ତେ ରହୁ ।" ସମସ୍ତେ ଏଥିରେ ରାଜି ହେଲେ । ଗୋଟାଏ ଦପ୍ତରୀକୁ ଟଙ୍କା ପଇସା ଦେଇ ବଶ କରାହେଲା ଚିଠି ପତ୍ର ଆଦାନ ପ୍ରଦାନ ପାଇଁ । ତହିଁ ଆରଦିନ ସୌଦାମିନୀ ପାଖକୁ ବନ୍ଧୁର ପତ୍ର ପ୍ରେରିତ ହେଲା ।

କଲେଜ୍ ହଷ୍ଟେଲ ରୁମ୍ ନ. ୧୭

ସ୍ନେହର ସୌଦାମିନୀ,

ସ୍ତ୍ରୀ ଜାତି ଅତି ଦୁର୍ବଳ, ତେଣୁ ଏ ପତ୍ର ଲେଖିଲି । ତମେ ଜାଣିଥିବ କଲେଜ ପିଲା ବିଶେଷତଃ ତମ ଫାଷ୍ଟଇୟର ଛାତ୍ରମାନେ ତମ ଓ ମୋ ବିପକ୍ଷରେ ଯାଉଛନ୍ତି । ସେଥିପାଇଁ ବିଚଳିତ ନ ହେବାକୁ ମୋର ଅନୁରୋଧ । ଉତ୍ତର ଆଶାରେ ରହିଲି ।

ତମର— ସେହି ବନ୍ଧୁ

ତହିଁ ଆରଦିନ ଗୁପ୍ତ କମିଟି ପାଖେ ଚିଠି ଆସି ପହଞ୍ଚିଲା ।

ମାନନୀୟ ବନ୍ଧୁବର,

ପତ୍ରପାଇ ଆଶ୍ଚର୍ଯ୍ୟ ହେଲି । ମୁଁ କଣ ମଫସଲର ଅଶିକ୍ଷିତା ହୋଇଛି ଯେ ଏହି ସାମାନ୍ୟ ଆନ୍ଦୋଳନରେ ଡରି ଯିବି ବା ବିଚଳିତ ହେବି । ଆଶାକରେ ମୋର ପ୍ରେମର ରେସିପ୍ରୋକେସନ୍ (ପ୍ରତିଦାନ) କରିବେ ।

ଆପଣଙ୍କର ପ୍ରେମାର୍ଥିନୀ—ସୌଦାମିନୀ ।

ସମସ୍ତଙ୍କ ମଧ୍ୟରେ ହସର ଲହରୀ ଖେଳିଗଲା । ସମସ୍ତଙ୍କ ପ୍ରସ୍ତାବମତେ ପତ୍ରଟି ପ୍ରିନ୍ସିପାଲଙ୍କର ହସ୍ତଗତ କରାଗଲା । ତହିଁ ଆରଦିନ ବନ୍ଧୁ ପାଖକୁ ଗୋଟିଏ ସୌଦାମିନୀର ପତ୍ର ଦେଇ ତାହାର ଉତ୍ତର ହାସଲ କରି ପ୍ରିନ୍ସିପାଲଙ୍କୁ ଦିଆଗଲା ।

ଦିନକୁ ଦିନ ବନ୍ଧୁ ସୌଦାମିନୀର ପ୍ରେମ ବଢ଼ିବାକୁ ଲାଗିଲା । ପ୍ରଫେସରମାନେ ମଧ୍ୟ ଦେଖି-ବାକୁ ଶୁଣିବାକୁ ପାଇଲେ । ପ୍ରିନ୍ସିପାଲ ଆଗରୁ ୨ । ୪ ଖଣ୍ଡ ପ୍ରେମ ପତ୍ର ପାଇଥିଲେ । ବର୍ତ୍ତମାନ କଲେଜ ମଧ୍ୟରେ ଏପରି ଅବୈଧ ପ୍ରେମର ଘନ ଘନ ସମ୍ବାଦ ପାଇଲେ । ତହିଁ ଆରଦିନ ନୋଟିସ ବୋର୍ଡ଼ରେ ବାହାରିଲା ।

"The case of illigal love between one Ist year lady student & one 3rd year student is postponed till the final examination is over."

କଲେଜରେ ଗୋଟାଏ ଚହଳ ପଡ଼ିଗଲା । ପରୀକ୍ଷା ପାଇଁ କଥା ଆଉ ବେଶି ଆଗେଇ ପାରିଲା ନାହିଁ ।

ଗ୍ରୀଷ୍ମ ଛୁଟିରେ ବନ୍ଧୁ ଘରକୁ ଯାଇ ଶୁଣିଲା ତାର ବାପା ତାଙ୍କର କୌଣସି ପୂର୍ବ ପ୍ରତିଶ୍ରୁତି ଅନୁସାରେ ତାଙ୍କର ଜଣେକ ବନ୍ଧୁଙ୍କର ଉଚ୍ଚ ଶିକ୍ଷା ପ୍ରାପ୍ତା କନ୍ୟା ସହ ତାର ବିବାହର ସମସ୍ତ ଆୟୋଜନ କରିଛନ୍ତି । ତତ୍‌କ୍ଷଣାତ ବନ୍ଧୁ ସୌଦାମିନୀ ପାଖକୁ ପତ୍ର ଲେଖିଲା ।

ପ୍ରାଣର ସୌଦାମିନୀ,

ମୋର ଅମତରେ ମୋର ବାପା ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ମୋର ବିବାହ କରାଉଛନ୍ତି । ବର୍ତ୍ତମାନ ମୁଁ ଏଥିରେ କୌଣସି ଆପତ୍ତି କରୁନାହିଁ । ତାଙ୍କର ଏହି ଗୁରୁତର ଅପରାଧ ପାଇଁ ବିବାହ ପରେ ମୁଁ ମୋର ସ୍ତ୍ରୀକୁ ପ୍ରତ୍ୟାଖ୍ୟାନ କରିବି । ଯେଉଁଥି ପାଇଁ କଲେଜ ସାରା ଅଯଥା ଗଣ୍ଡଗୋଳ ଓ ମୋର ରଷ୍ଟିକେଟ୍‌ର ସମ୍ଭାବନା, ତାହା ଯେପରି କାର୍ଯ୍ୟରେ ପରିଣତ ହୁଏ । ଶୀଘ୍ର ଉତ୍ତର ଦେବ ।

ତମର ବନ୍ଧୁ ।

ଛଅଦିନ ପରେ ବନ୍ଧୁ ଉତ୍ତର ପାଇଲା—

ପ୍ରିୟ ହେ,

ତମ ବ୍ୟତୀତ ମୋର ସ୍ଥାନ ଅନ୍ୟ କେଉଁଠି ନାହିଁ । ମୁଁ ମଧ୍ୟ ଶୁଣୁଛି ବାପା ମୋର ତାଙ୍କର କୌଣସି ବନ୍ଧୁଙ୍କର କଲେଜ ପଢ଼ୁଆ ପୁଅ ସହ ମୋତେ ବାହା ଦେଉ-ଛନ୍ତି । ଏପରି ମ୍ୟାରେଜ ବାଇକୋଟ୍‌ର ପ୍ରତିଶୋଧ ସ୍ୱରୂପ ବିବାହ ପରଦିନ ମୁଁ ଏଠାରୁ କଟକ ଯାତ୍ରା କରିବି ।

ତମର ସୌଦାମିନୀ...

ବେଦୀରେ ହସ୍ତଗଣ୍ଠି ପଡ଼ି ମନ୍ତ୍ର ଉଚ୍ଚାରଣ ବେଳେ ସୌଦାମିନୀ ନାମଶୁଣି ଚମକି ପଡ଼ିଲା । ସୌଦାମିନୀର ମଧ୍ୟ ବନ୍ଧୁନାମ ଶୁଣି ଭାବାନ୍ତର ଉପସ୍ଥିତହେଲା । ପରେ ଉଭୟଙ୍କ ସାକ୍ଷାତରେ ଉଭୟ ହେଲେ ଆଶ୍ଚର୍ଯ୍ୟ, ନୀରବ, ବିହ୍ୱଳ । ଛଅ ମାସ ଛୁଟି ଦେଖୁ ୨ ପ୍ରେମାଳାପ, ରହସ୍ୟ ଭେଦରେ କଟିଗଲା । ପିଲାମାନଙ୍କର ଫୋର୍ଜ୍‌ଡ଼ ଲେଟର (ଜାଲ ଚିଠି) ସେମାନଙ୍କ ପ୍ରେମକୁ ଦୃଢ଼ତର କରି ଥିବାରୁ ସେମାନେ କୃତଜ୍ଞତା ପ୍ରକାଶ କଲେ ସେମାନଙ୍କ ପ୍ରତି ।...

କଲେଜ ଫିଟିଲା । ପିଲାମାନେ ଏଥର ବନ୍ଧୁ ସୌଦାମିନୀ ପ୍ରେମର ଶେଷାଭିନୟ ପରି-ବର୍ତ୍ତେ ଦେଖିଲେ କଲେଜକୁ ସେମାନଙ୍କ 'ହ୍ୟାଲୋନ' ଭାବେ । ମିଶିବାରେ କଥା କହିବାରେ ଆଉ କିଛି ବ୍ୟବଧାନ ରହିଲା ନାହିଁ । ପ୍ରିନ୍ସିପାଲ ବାଧ୍ୟ ହୋଇ କଲେଜ ହଲରେ ପ୍ରକାଶ୍ୟ ଅନୁସନ୍ଧାନ (open enquiry) ଆରମ୍ଭ କଲେ । ପ୍ରିନ୍ସିପାଲ, ପ୍ରଫେସର, କଲେଜ ଷ୍ଟୁଡେଣ୍ଟ ସମସ୍ତେ ରୁଣ୍ଡ ହେଲେ । ପ୍ରିନ୍ସିପାଲ ବନ୍ଧୁ ଓ ସୌଦାମିନୀଙ୍କୁ ସମ୍ମୁଖକୁ ଡକାଇ ଆଣି କହିଲେ "ତମ ଦୁହିଁଙ୍କର" ଅବୈଧ ପ୍ରେମ ଜାତ ସମସ୍ତ ପତ୍ର ମୁଁ ପାଇଛି । ବର୍ତ୍ତମାନ ତୁମ୍ଭେ ଦୁହେଁ କଲେଜ ନିୟମର ବିରୁଦ୍ଧରେ ଦିନକୁଦିନ ଅଗ୍ରସର ହେଉଥିବାରୁ ମୋର ଆଦେଶମତେ ତମେ ଦୁହେଁ କଲେଜ ଛାଡ଼ି ଅନ୍ୟତ୍ର ଚାଲିଯାଅ ନଚେତ୍ ନିୟମାନୁଯାୟୀ ରଷ୍ଟିକେଟ୍ ହେବ । ଏହାର ଉତ୍ତରରେ ତମର କଣ କହିବାର ଅଛି ?"

ସୌଦାମିନୀ ଉତ୍ତର କଲା—'ମହାଶୟ, ଏ କଲେଜରେ ପ୍ରିନ୍ସିପାଲ ଓ ତାଙ୍କର ସ୍ତ୍ରୀ ଉଭୟ ମଧ୍ୟରେ ଯେଉଁ ଅବୈଧ ପ୍ରେମର ପ୍ରମାଣ ମିଳେ ସେଥିପାଇଁ ପ୍ରିନ୍ସିପାଲ ଯଦି କଲେଜରୁ ବାହାରି ଯାଆନ୍ତି ଆମେ ମଧ୍ୟ ବାହାରି ଯିବାକୁ ପ୍ରସ୍ତୁତ ଅଛୁଁ ।'

ପ୍ରିନ୍ସିପାଲ ସାହେବ ଯେ ତାର ଉତ୍ତର କଣ ଦେଲେ କେହି ଶୁଣି ପାରିଲେ ନାହିଁ ।

Digitized by srujanika@gmail.com



ଜୋସେଫ୍ କବାଟ ଫିଟେଇ ଘର ଭିତରକୁ ଗଲା । ସେ ଖବର ଦବାକୁ ଅସିଥିଲା ଯେ ଗାଡ଼ି ଠିକ୍ ହେଲାଣି । ମୋର ମା ଓ ଭଉଣୀ ମୋତେ କୁଣ୍ଢେଇ ଧରିଲେ । ସେମାନେ କହୁଥାନ୍ତି, "ଏବେ ବି ବେଳ ଅଛି, ତୋର ମତ ବଦଳା । ଆମ ପାଖରେ ଥା', ଏତେ ଦୂରକୁ ଯିବାର ଦରକାର ନାହିଁ ।"

ମୁଁ କହିଲି, "ମା, ମୁଁ ଭଦ୍ରଲୋକ ଘର ପିଲା । ମୋର ୨୦ ବର୍ଷ ବୟସ ହେଲାଣି, ଦେଶ ମୋତେ ଡାକ ଦେଲାଣି । ମୋତେ ଯଶ ଅର୍ଜନ କରିବାକୁ ହେବ, ଯେ ସାମରିକ ବିଭାଗରେ ହେଉ, ବା ରାଜ ସଭାରେ ହେଉ । ଲୋକଙ୍କ ମୁହଁରେ ମୋର ନାମ ମୁଁ ଶୁଣିବାକୁ ଚାହେଁ, ଟିକେ ଖ୍ୟାତି ଚାହେଁ ।"

"ଅଉ ତୁ ଯେତେବେଳେ ଦୂରକୁ ଚାଲି ଯିବୁ, ବାରନାର୍ଡ, ମୁଁ, ତୋର ବୁଢ଼ୀ ମା, ମୋର ସେତେବେଳେ ଦଶା କଣ ହେବ ?" ମୁଁ କହିଲି, "ତୋ ପୁଅର ସଫଳତା ଲାଭର ଖବର ଶୁଣି ତୁ ଆନନ୍ଦରେ ଏବଂ ଗର୍ବରେ ଉତ୍‌ଫୁଲ୍ଲ ହୋଇ ଉଠିବୁ ।"

"ଆଉ ତୁ ଯଦି କେଉଁ ଯୁଦ୍ଧରେ ମରି ଯାଉ ?"

"ଯଦି ମରିଯାଏ, ତାହେଲେ କ୍ଷତି କଣ ? ଜୀବନ ଗୋଟାଏ ସ୍ୱପ୍ନ ଛଡ଼ା ଆଉ କିଛି ନୁହେଁ । ୨୦ ବର୍ଷ ବୟସର ଭଦ୍ରଲୋକ ଘର ପିଲା କେବଳ ଯଶର ସ୍ୱପ୍ନ ଦେଖେ । କିନ୍ତୁ ଭୟ କରନା ମା, ମୋର କିଛି ଅନିଷ୍ଟ ହେବ ନାହିଁ । କେତେ ବର୍ଷ ପରେ ଦେଖିବୁ ମୁଁ ଜଣେ କର୍ଣ୍ଣେଲ ବା ଜେନାରେଲ ହୋଇ ଫେରି ଆସିବି, ଏମିତିକି ରାଜ ଦରବାରରେ ଖୁବ୍ ଭଲ କାମ ବି ମିଳିଯିବା ବିଚିତ୍ର ନୁହେଁ ।"

ମା କହିଲେ "ସତେ ନା ? କେତେ ଶେଠା ହେବ ?" ମୁଁ କହିଲି, "ସବୁର କର, ଦେଖିବୁ । ସମସ୍ତେ ସେତେବେଳେ ମତେ କେମିତି ସମ୍ମାନ କରିବେ, ମନେ ୨ କେତେ ହିଂସା କରିବେ ସମସ୍ତେ ମୋତେ ଟୋପି ଉଠେଇ ଅଭିବାଦନ କରିବେ । ତା ପରେ ଭଉଣୀମାନଙ୍କୁ ବଡ଼ଘରେ ବାହାଦେବି, ନଚେତ ହେନ୍‌ରିଏଟ୍‌କୁ ବାହାହେବି । ତା ପରେ ସୁଖ ସ୍ୱଚ୍ଛନ୍ଦେ ସମସ୍ତେ ମିଳି ଆମର ବ୍ରିଟାନର ଜମିଦାରୀରେ ରହିବା ।"

## ଜୀବନର ମୂଲ୍ୟ

(ଫରାସୀର ଶ୍ରେଷ୍ଠ କାହାଣୀ ମଧ୍ୟରୁ ଗୋଟିଏ)
(ଅଗଷ୍ଟିନ ୟୁଜିନ ସ୍କ୍ରାଇବ)

ମା କହିଲେ, "ସେ କଥା ଏଇକ୍ଷଣି କରନା ବାବା ! ତୋ ବାବାତ ତୋ ପାଇଁ ଯଥେଷ୍ଟ ସମ୍ପତ୍ତି ରଖିଛନ୍ତି । ଆଖ ପାଖ କୋଉଠି ଏମିତି ଭଲ ଜମିବାଡ଼ି ବା ସୁନ୍ଦର ଘର କାହାର ଅଛି ? ତୋ ପ୍ରଜାମାନେ କେମିତି ଅନୁଗତ । ତୁ ଯେତେବେଳେ ଗାଁ ଭିତର ଦେଇ ଯାଉ, ସେତେବେଳେ ଏମିତି ଗୋଟାଏ ଲୋକ ବି ଦେଖା ଯାଏନାହିଁ, ଯେ କି ତୋତେ ଟୋପି ଉଠେଇ ଅଭିବାଦନ ନ କରେ । ମତେ ଛାଡ଼ି ଯା ନା, ବାବା, ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନଙ୍କୁ ନେଇ ରହ । କି ହେଲେ ଫେରି ଆସି ମତେ ଆଉ ଦେଖିବାକୁ ପାଇବୁ ନାହିଁ । ମଣିଷ ଜୀବନ ବଡ଼ ଶୀଘ୍ର ଶେଷ ହୋଇଯାଏ । ବୃଥା ଯଶ ପଛରେ ଦୌଡ଼ି, ଧନ ନଷ୍ଟ କରନା । ନାନା ରକମ ଚିନ୍ତା, ଜ୍ୱାଳା, ଯନ୍ତ୍ରଣାରେ ଜୀବନକୁ ଭାରାକ୍ରାନ୍ତ କର ନା । ଜୀବନ ବଡ଼ ମଧୁର, ବାବା, ଆଉ ବ୍ରିଟାନର ଦୃଶ୍ୟାବଳୀ ଅତି ଉଜ୍ଜ୍ୱଳ ।"

ଏଇଆ କହି ମୋ ମା ମୋତେ ଝରକା ପାଖକୁ ନେଇଗଲେ । ସେ ବଗିଚା ଗଛ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଲେ । ଗଛ ଗୁଡ଼ିକ ଫୁଲ ଫଳରେ ଭରି ଉଠିଛି; ପବନ ଫୁଲ ଗନ୍ଧରେ ଭରପୁର ।

ଚାକର ବାକର ପାଖ ଘରେ ଅପେକ୍ଷା କରିଥିଲେ । ସେମାନେ ଗମ୍ଭୀର ଓ ବିଷର୍ଣ୍ଣ । ସେମାନଙ୍କ ନୀରବତା ଯେମିତି କହୁଥିଲା "ପ୍ରଭୁ ଆମ୍ଭମାନଙ୍କୁ ତ୍ୟାଗ କର ନା ।" ମୋର ବଡ଼ ଭଉଣୀ ହର୍ଟେନ୍‌ସ ମୋତେ କୁଣ୍ଢେଇ ଧରି ଅଦର କଲା । ଛୋଟ ଭଉଣୀ ଏମେଲି ଘରର ଗୋଟାଏ କଣରେ ବସି ଛବି ବହି ଖଣ୍ଡେ ପଢୁଥିଲା । ସେଇ ମୋ ପାଖକୁ ଆସି ବହି ଖଣ୍ଡ ମୋ ହାତକୁ ଦେଇ କହିଲା "ଭାଇ ପଢ଼ି ଦେଖ ।"

କିନ୍ତୁ ମୁଁ ସମସ୍ତଙ୍କୁ ଠେଲି ଘୁରେଇ ଦେଲି, "କହିଲି ମୁଁ କୋଡ଼ିଏ ବର୍ଷର ହେଲିଣି । ମୁଁ ଭଦ୍ରଲୋକ ଘର ପିଲା । ମୋତେ ଖ୍ୟାତି ଏବଂ ଯଶ ଅର୍ଜନ କରିବା ପାଇଁ ଯିବାକୁ ହେବ । ତମେମାନେ ବାଧା ଦିଅନାହିଁ ।"

ମୁଁ ତଳକୁ ଓହ୍ଲାଇଁ ଗାଡ଼ିରେ ବସିଲି । ଠିକ୍ ସେତିକି ବେଳେ ସିଡ଼ି ଉପରେ ଗୋଟିଏ ରମଣୀ ମୂର୍ତ୍ତି ଦେଖିଲି । ସେ ମୋର ଭାବୀ ପତ୍ନୀ ! ସେ କାନ୍ଦିଲା ନାହିଁ, କି କିଛି କହିଲା ନାହିଁ; କିନ୍ତୁ ଦେଖିଲି ତାର ଦେହ କମ୍ପିତ ଓ ମୁଖ ବିବର୍ଣ୍ଣ । ସେ ମୋତେ ଧଳା ରୁମାଲ ହଲାଇ ବିଦାୟ ଦେଲା, ତାପରେ ଅଜ୍ଞାନ ହୋଇ ପଡ଼ି ଗଲା । ମୁଁ ଗାଡ଼ିରୁ ଓହ୍ଲେଇ ତା ପାଖକୁ ଦୌଡ଼ି ଗଲି । ତାକୁ ଛାତି ଉପରେ ରଖି ଏଇ ଜୀବନ ତାର ପ୍ରେମର ଦାସ ହୋଇ ରହିବ ବୋଲି ପ୍ରତିଜ୍ଞା କଲି । ଯେମିତି ତାର ଜ୍ଞାନ ହେଲା ତାକୁ ମା କୋଳରେ ରଖିଦେଇ ମୁଁ ଏକାବେଳେକେ ଯାଇଁ ଗାଡ଼ିରେ ବସି ପଡ଼ିଲି ଆଉ ପଛକୁ ଫେରି ଚାହିଁଲି ନାହିଁ ।

ହୁଏତ ପଛକୁ ଫେରି ଚାହିଁଥିଲେ ସେଇ ବିଷାଦ କ୍ଲିଷ୍ଟା ତରୁଣୀକୁ ଦେଖି ମୋର ସଙ୍କଳ୍ପ ଚ୍ୟୁତ ହୋଇ ଥାନ୍ତା । କେତେ ମିନିଟ୍



Digitized by srujanika@gmail.com

ପରେ ଆମେ ଗଳି ରାସ୍ତାରେ ଆସି ପହଞ୍ଚିଲୁଁ । ସେଠୁ ହେଇ ରାସ୍ତାରେ ଚାଲିଲୁଁ ।

ଅନେକକ୍ଷଣ ପର୍ଯ୍ୟନ୍ତ ମୁଁ ମୋର ମା, ଭଉଣୀ ଏବଂ ତରୁଣୀ ପ୍ରଣୟିନୀର କଥା ଛଡ଼ା ଆଉ କିଛି ଭାବି ପାରିଲି ନାହିଁ । କିନ୍ତୁ ଯେତେ ପରିଚିତ ଦୃଶ୍ୟାବଳି ଚକ୍ଷୁର ଅଗୋଚର ହୋଇ ଯିବାକୁ ଲାଗିଲା, ସେତେ ଏଇ ସକଳ ଚିନ୍ତା ଦୂର ହୋଇ ଯଶ ଓ ଖ୍ୟାତିର ସ୍ୱପ୍ନ ଦେଖିବାକୁ ଲାଗିଲି । କେତେ କଳ୍ପନା ଜଳ୍ପନା ବା ନ କଲି । ଆକାଶ କୁସୁମ ତୋଳି ମନର ଫୁଲଦାନ ସଜାଇ ଦେଲି । ମନେ ମନେ କେତେ କୀର୍ତ୍ତି କଲି, ଖ୍ୟାତି ଯଶ ଅର୍ଜନ କଲି । ଭାଗ୍ୟ ଅଜସ୍ର ଧନ ରତ୍ନ ବର୍ଷଣ କରିବାକୁ ଲାଗିଲା । ମୁଁ ସେ ସମସ୍ତ ଗ୍ରହଣ କଲି । ମୁଁ ଉଜିର୍ ହେଲି, ଦେଶର ଶାସନ କର୍ତ୍ତା ହେଲି । ଅବଶେଷରେ ମୁଁ ଯେତେବେଳେ ମୋର ଗନ୍ତବ୍ୟ ସ୍ଥାନରେ ଉପସ୍ଥିତ ହେଲି, ସେତେବେଳକୁ ମୁଁ ପାରସି ସାମ୍ରାଜ୍ୟର ପ୍ରଧାନ ସେନାପତି ହୋଇ ଗଲିଣି । ତାପରେ ମୋର ଭୃତ୍ୟ ମୋତେ କେବଳ ଗୋଟିଏ ନିରଡ଼ମ୍ବର 'ମହାଶୟ' ସମ୍ବୋଧନରେ ମୋର ସୁଖ ସ୍ୱପ୍ନ ଭାଙ୍ଗିଦେଲା । ଏବଂ ମୁଁ ମାଟିର ପୃଥିବୀକୁ ପୁଣି ଖସିପଡ଼ିଲି ।

ତହିଁ ଆରଦିନ ସକାଳୁ ପୁଣି ବାହାରିଲି । ପୁଣି ସେହି ସ୍ୱପ୍ନରେ ନିଜକୁ ହଜାଇ ଦେଲି, କାରଣ ସେତେବେଳକୁ ପଥ ଶେଷ ହେବାକୁ ବହୁତ ଦୂର ଥାଏ ।

ଅବଶେଷରେ ସେନାରେ ଆସି ଉପସ୍ଥିତ ହେଲି । ମୋର ପିତୃ ବନ୍ଧୁ ସି—ରହ୍ମ ଉଜିରଙ୍କ ସହିତ ଦେଖା କରିବା ଉଦ୍ଦେଶ୍ୟରେ ମୋର ଏଠାକୁ ଆଗମନ । ସମ୍ଭବତଃ ସେମାସ ମଧ୍ୟରେ ରାଜଧାନୀକୁ ଯିବେ ବୋଲି ମୁଁ ଆଶା କରିଥିଲି —ସେ ମୋତେ ସାଙ୍ଗରେ ନେଇ ଯାଇ ଥାନ୍ତେ । ରାଜଦରବାରରେ ମୋତେ ପରିଚିତ କରି ଦେଇଥାନ୍ତେ । ଅନ୍ତତଃ ପକ୍ଷେ ସୈନ୍ୟଦଳରେ ମୋତେ କୌଣସି କାର୍ଯ୍ୟରେ ନିଯୁକ୍ତ କରି ଦେଇଥାନ୍ତେ ।

ମୁଁ ମେନାରେ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇ ଯାଇଥିଲା । ଉଜିର ନଗରର ବାହାରେ ତାଙ୍କ ପ୍ରାସାଦରେ ବାସ କରୁଥିଲେ । ତେଣୁ ସେତେବେଳକୁ ଆଉ ତାଙ୍କ ନିକଟକୁ ଯିବାର ସମୟ ନ ଥିଲା । ମୁଁ ତହୁଁ ଆର ଦିନ ତାଙ୍କ ଠାକୁ ଯିବାପାଇଁ ସ୍ଥିର କରି ନଗରର ସର୍ବଶ୍ରେଷ୍ଠ ହୋଟେଲରେ ଯାଇ ରହିଲି ।

ଖାଇ ପିଇ ସାରି ଉଜିରଙ୍କ ପ୍ରାସାଦର ରାସ୍ତା ମୁଁ ବୁଝିଲି । ମୋର ନିକଟରେ ଜଣେ ଯୁବକ ସୈନ୍ୟ ବସିଥିଲା ସେ କହିଲା, 'ଓ, ଆପଣଙ୍କୁ ଯେ କେହି ଲୋକ ସେ ପ୍ରାସାଦ ଦେଖାଇ ଦେଇ ପାରିବ । ଯେଉଁଠାରେ ଅଧର ବିଖ୍ୟାତ ଯୋଦ୍ଧା ପ୍ରଧାନ ସେନାପତି, ଫଟେହ୍ୟାର ଦେହ ତ୍ୟାଗ କରିଥିଲେ ।"

ସେନାପତି ଫଟେହ୍ୟାର ଜଣେ ସାମାନ୍ୟ ସୈନିକରୁ ଏତେ ଉନ୍ନତି କରିବା ମୂଳରେ କୌଣସି ଅଲୌକିକ ଶକ୍ତି ଥିଲା ବୋଲି 'ମୂର୍ଖ ଲୋକେ ବିଶ୍ୱାସ କରନ୍ତି । ସଇତାନ ସହିତରେ କାଳେ ସନ୍ଧି କରିଥିଲେ । ଅମ୍ଭମାନଙ୍କ ଆଶ୍ରୟ (ହୋଟେଲ) ର ଗୋଟିଏ ମୂର୍ଖ ଚଷା, ସେ କହିଲା, ଉଜିରଙ୍କର ଯେଉଁ ପ୍ରାସାଦରେ, ପ୍ରଧାନ ସେନାପତି ମରିଥିଲେ, ସେଠି ଗୋଟିଏ କୃଷ୍ଣବର୍ଣ୍ଣ ଅଚିହ୍ନା ଲୋକକୁ ସମସ୍ତେ ଦେଖୁଥିଲେ, ସେ କାଳେ ପ୍ରଧାନ ସେନାପତିଙ୍କ ଘରେ ପଶି ତାଙ୍କ ଆତ୍ମାକୁ ନେଇ ଅଦୃଶ୍ୟ ହୋଇଯିବାର ଲୋକେ ଦେଖିଛନ୍ତି । ଆଜିକାଲି ମଧ୍ୟ ପ୍ରଧାନ ସେନାପତି ଯେଉଁଦିନ ମରିଥିଲେ ସେ ସେହିଦିନ ଗୋଟିଏ ଜ୍ୱଳନ୍ତ ମଶାଲ ଯେନ ସେହିଘରେ ଦେଖାଯାଏ । ସେଇ ମଶାଲଟା ପ୍ରଧାନ ସେନାପତିଙ୍କ ଆତ୍ମା । ବୃଦ୍ଧର ଗଳ୍ପ ମତେ ଭଲ ଲାଗିଲା । ଆମେ ସମସ୍ତେ ମୂଲ୍ୟବାନ ମଦ କିଣି ଫଟେହ୍ୟାରଙ୍କର ସେହି କୃଷ୍ଣବର୍ଣ୍ଣ ବନ୍ଧୁଙ୍କୁ ଉତ୍ସର୍ଗ କରି ପାନ କଲୁଁ । ମୋର ଯେପରି ଫଟେହ୍ୟାଙ୍କ ଭଳି ଯୁଦ୍ଧରେ ଜୟ ଓ ପଦୋନ୍ନତି ହେବ ସେଥିପାଇଁ ମନେ ମନେ ତାହାର ସାହାଯ୍ୟ ପ୍ରାର୍ଥନା କରି ରହିଲି ।

ପରଦିନ ସକାଳେ ଉଜିରଙ୍କ ଦୁର୍ଗାଭିମୁଖରେ ଯାତ୍ରା କଲି । ଜଣେ ବୃଦ୍ଧ ଦ୍ୱାର ମୁକ୍ତ କରିଦେଲେ, ମୁଁ ତା ହାତରେ ଖଣ୍ଡିଏ କାର୍ଡ ଦେଲି । ସେ ମୋତେ ଗୋଟିଏ ଅର୍ଦ୍ଧ ଅନ୍ଧକାରମୟ ଗୃହରେ ବସାଇ ଦେଇ ଚାଲିଗଲା । ଘରଟି ପୁରାତନ ତୈଳଚିତ୍ର, ଶିକାର ଚିହ୍ନରେ ସମଣ୍ଡିତ ହୋଇ ଥିଲା । ମୁଁ ଅନେକକ୍ଷଣ ଅପେକ୍ଷା କଲି । ଭୃତ୍ୟଟି ତଥାପି ଫେରିଲା ନାହିଁ । ଚତୁର୍ଦ୍ଦିଗର ନୀରବତାରେ ମୋର ଧୈର୍ଯ୍ୟଚ୍ୟୁତି ହେବାକୁ ଲାଗିଲା । ବସି ବସି ଘରର ଛାତ ଓ ଭିତର କାଠ ଗୁଡ଼ାକ ଦୁଇ ତିନଥର ଗଣି ଶେଷ କରି ସାରିବା ପରେ ଦ୍ୱାର ଦେଶରେ ଗୋଟାଏ ଶବ୍ଦ ହେଲା ।

ପବନରେ ଦରଜା ଖୋଲି ଯାଇଥିଲା । ତାର ଅପର ପାର୍ଶ୍ୱରେ ଗୋଟିଏ ସୁସଜ୍ଜିତ ଘର । ତହିଁରେ ବଡ଼ ବଡ଼ ଦୁଇଟି ଝିଡ଼କି ଓ ଗୋଟିଏ ବଡ଼ ଦରଜା । ଦରଜା ବାହାରେ ପ୍ରକାଣ୍ଡ ଉଦ୍ୟାନ । ମୁଁ ଘରଭିତରେ କେତେକ ପାଦ ଅଗ୍ରସର ହେବାକ୍ଷଣି ହଠାତ୍ ଗୋଟିଏ ଦୃଶ୍ୟ ଦେଖି ରହିଗଲି । ମୋ ଆଡ଼କୁ ପଛକରି ଘର ମଝି କାଉଚ ଉପରେ ଜଣେ ଲୋକ ଶୋଇ ଥିଲେ । ସେ ଉଠିବସି ମୋ ଆଡ଼କୁ ନ ଚାହିଁ ଦରଜା ନିକଟକୁ ଦୌଡ଼ି ଆସିଲେ । ମୁଖ ତାଙ୍କର ଗଭୀର ବୈବର୍ଣ୍ଣ୍ୟରେ ଅନ୍ଧକାର । ଦ୍ୱାର ସମ୍ମୁଖରେ ସେ କିଛି ସମୟ ମୁହଁରେ ହାତ ଦେଇ ଠିଆ ହେଲେ, ତାପରେ ଦୀର୍ଘ ପଦକ୍ଷେପ କରି ସେ ଗୃହରୁ ଏକ ପାର୍ଶ୍ୱରୁ ଅପର ପାର୍ଶ୍ୱ ଯାଏଁ ବୁଲିବାକୁ ଲାଗିଲେ । ମୋତେ ଦେଖି ସେ ସହସା ଚମକିପଡ଼ି ଠିଆହେଲେ । ତାଙ୍କର ସମସ୍ତ ଦେହ କମ୍ପିବାକୁ ଲାଗିଲା । ମୁଁ ମଧ୍ୟ ଏପରି ନକହି ନପୁଛି ହଠାତ ଘର ଭିତରକୁ ପଶିଥିବା ହେତୁ ଭୀତ ଓ ଅପ୍ରସ୍ତୁତ ହୋଇ ଠିଆ ହୋଇଗଲି । ଚାଲିଯିବାକୁ ସ୍ଥିର କରି ସେହି ଲୋକଟିକୁ କୌଣସି ପ୍ରକାରେ କ୍ଷମା ମାଗିଲି ।

ସେ ପାଖକୁ ଆସି ଝଟ୍‌କରି ମୋ ହାତକୁ ଧରି ପକାଇ ଗମ୍ଭୀର ସ୍ୱରରେ ପଚାରିଲେ—କିଏ ତମେ ?—କ'ଣ ଚାହଁ'

ମୁଁ ବଡ଼ ଡରି ଯାଇଥିଲି । ତଥାପି ନିଜର ପରିଚୟ ଦେଇ କହିଲି—ବର୍ତ୍ତମାନ, ବ୍ରଟାଣୀରୁ ଆସି ପହଞ୍ଚିଛି ।'

'ହଁ, 'ହଁ, ଜାଣେ ।' କହି, ସେ ମୋତେ ଆଲିଙ୍ଗନ କଲେ ଏବଂ ମୋତେ ତାଙ୍କର କୌଚ ଉପରେ ବସାଇ, ମୋର ପିତା ଓ ମୋ

Digitized by srujanika@gmail.com

ପରିବାରର ସମସ୍ତଙ୍କ କଥା କହିବାକୁ ଲାଗିଲେ । ସେ ସମସ୍ତଙ୍କୁ ଭଲ କରି ଜାଣିଥିବାର ଦେଖି ମୋର ମନେ ହେଲା, ସେଇ ବୋଧ ହୁଏ ଦୁର୍ଗର ମାଲିକ୍ ।

ମୁଁ ପଚାରିଲି—ଆପଣ ଜଣେ ଶ୍ରୀଯୁକ୍ତ—ସେ ମୋ ଆଡ଼କୁ ଅଦ୍ଭୁତ ଦୃଷ୍ଟି ପାତ କରି କହିଲେ—‘ଏକେତ ଥିଲି, କିନ୍ତୁ ବର୍ତ୍ତମାନ ମୁଁ କେହି ନୁହେଁ।’ ମୁଁ ବଡ଼ ବିସ୍ମିତ ହେବାର ଦେଖି ସେ କହିଲେ, ‘ଯୁବକ, ମୋତେ କୌଣସି ପ୍ରଶ୍ନ କରନାହିଁ ।’

ମୁଁ ଲଜ୍ଜିତ ଭାବରେ କହିଲି—ମୋର ଅନିଚ୍ଛା ସତ୍ତ୍ୱେ ଆପଣଙ୍କର କଷ୍ଟ ମୁଁ ଦେଖି ପାରୁଛି । ମୋର ବନ୍ଧୁତା ଏବଂ ସହାୟତା ଆପଣଙ୍କର କଷ୍ଟ ଲାଘବ କରିପାରେ କି ? ସେ କହିଲେ—‘ହଁ, ପ୍ରକୃତରେ, ଯଦିଓ ତମେ ମୋର ବର୍ତ୍ତମାନ ଅବସ୍ଥାର କୌଣସି ପରିବର୍ତ୍ତନ କରିବା ଅସମ୍ଭବ ତଥାପି ମୋର ଅନ୍ତିମ ସଂକଳ୍ପ ଓ ଇଚ୍ଛା ତୁମକୁ କହିଯାଇ ପାରିବି । ଯାହାଛଡ଼ା ମୁଁ ତମଠାରୁ ଆଉ କିଛି ଚାହେଁ ନାହିଁ ।’

ସେ ଉଠିଯାଇଁ ଦ୍ୱାର ବନ୍ଦ କରି ଆସିଲେ । ମୁଁ କମ୍ପିତ ଶରୀରରେ ତାଙ୍କ କଥାର ପ୍ରତୀକ୍ଷାରେ ରହିଥାଏଁ । ତାଙ୍କ ମୁଖ ମଣ୍ଡଳରେ ଏପରି ଏକ ଭାବ ପ୍ରକାଶ ପାଉଥିଲା, ଯାହା ମୁଁ ଏଥି ପୂର୍ବରୁ ଆଉ କେଉଁଠି ଦେଖି ନ ଥିଲି । ତାଙ୍କର ଲଲାଟ ଉପରେ ଯେପରି ଦୁର୍ଭାଗ୍ୟର ଟୀକା ଅଙ୍କିତ ହୋଇଥିଲା । ତାଙ୍କର ମୁଖ ମଣ୍ଡଳର ବର୍ଣ୍ଣ ଏକାବେଳେକେ ମଳିନ ଏବଂ ଚକ୍ଷୁ ଉଜ୍ଜ୍ୱଳ ଓ ତୀକ୍ଷ୍ଣ, ଓଠ ଉପରେ ମଧ୍ୟ-ମଧ୍ୟରେ ଦାନବୀୟ ହସ ଫୁଟି ବାହାରୁ ଥିଲା ।

ତା ପରେ ସେ କହିବାକୁ ଆରମ୍ଭ କଲେ—ମୁଁ ତୁମକୁ ଯାହା କହିବି ହୁଏତ ତମେ ତା’ ବିଶ୍ୱାସ କରିବ ନାହିଁ । ମୁଁ ନିଜେ ବି ସମସ୍ତ ସମୟରେ ବିଶ୍ୱାସ କରିପାରେ ନାହିଁ । ମୁଁ ନିଜକୁ ବୁଝାଇବାକୁ ଚେଷ୍ଟା କରେଁ ଯେ—ଏ ଭଳି କେବେଁ ଘଟି ନ ପାରେ, କିନ୍ତୁ ତାର ଏପରି ଜ୍ୱଳନ୍ତ ପ୍ରମାଣ ରହିଛି ଯେ ବିଶ୍ୱାସ ନ କରି ଉପାୟ ନାହିଁ । ଆମ୍ଭମାନଙ୍କ ପାରିପାର୍ଶ୍ୱିକ ଏପରି ଅନେକ ବସ୍ତୁ ଅଛି ଯା’ର ଅର୍ଥ ବୁଝି-ବାର ସାମର୍ଥ୍ୟ ଆମର ନାହିଁ କିନ୍ତୁ ସେ ସବୁକୁ ବିଶ୍ୱାସ କରିବାକୁ ଆମ୍ଭେମାନେ ବାଧ୍ୟ ।

ନିଜର କପାଳ ଉପରେ ଥରେ ହାତ ବୁଲାଇ ସେ ପୁଣି କହିବାକୁ ଆରମ୍ଭ କଲେ—ଏହି ଦୁର୍ଗରେ ମୋର ଜନ୍ମ । ମୋର ଆଉ ଯୋଡ଼ିଏ ବଡ଼ଭାଇ ଥିଲେ । ତାଙ୍କର ଭାଗ୍ୟରେ ପରିବାରର ଧନ ସମ୍ପତ୍ତି, ମାନ ସମ୍ଭ୍ରମ ସବୁ ସମ୍ଭବ ହୋଇଥିଲା । ପୁରୋହିତ କାମ କରିବା ଛଡ଼ା ମୋର ଆଉ କିଛି ଆଶା ନ ଥିଲା କିନ୍ତୁ ସବୁବେଳେ ମୁଁ ଯଶ ଓ ଖ୍ୟାତି ପାଇଁ ଚିନ୍ତା କରୁଥିଲି—ଆଶା ଆଉ ଆକାଙ୍କ୍ଷାରେ ମୋର ହୃଦୟ ସ୍ପନ୍ଦିତ ହେଉଥିଲା । ମୋର ନଗଣ୍ୟ ଅବସ୍ଥା ମୋତେ ଯନ୍ତ୍ରଣା ଦେଉଥିଲା ।

ମୋର ଭବିଷ୍ୟତ ଅନ୍ଧକାରମୟ ଦେଖା ଯାଉଥିଲା । କାରଣ ମୋର ସେତେବେଳକୁ ପ୍ରାୟ ୩୦ ବର୍ଷ ଚାଲିଗଲାଣି । ମୁଁ ସେତେବେଳ ଯାଏ କିଛି କରି ପାରି ନ ଥିଲି । ସେହି ସମୟରେ ଆମ ରାଜଧାନୀରେ କେତେ ଜଣ ସାହିତ୍ୟିକଙ୍କର ଉଦୟ ହେଲା । ସେମାନଙ୍କ ଖ୍ୟାତି ଆମର ଏହି ସଫପଲ ଗାଁରେ ମଧ୍ୟ ଆସି ପହଞ୍ଚିଥିଲା । ମୋର ମନ ହେଲା, ମୁଁ ଯଦି ସାହିତ୍ୟିକର ପ୍ରସିଦ୍ଧି ଲାଭ କରି ପାରନ୍ତି ତେବେ ମୋର ଜୀବନ ବଡ଼ ସୁଖମୟ ହୁଅନ୍ତା । ମୋର ଦୁଃଖର ସାଥୀ ଥିଲା ଜଣେ ବୃଦ୍ଧ କାଫ୍ରି ଭୃତ୍ୟ । ସେ ମୋର ଜନ୍ମ ପୂର୍ବରୁ ଆମ ଘରେ ଚାକର କରୁ-ଥିଲା । ନିକଟରେ ତା ଭଳି ବୁଢ଼ା ଆଉ କେହି ନ ଥିଲେ । ସେ ଯେ କେବେ ପ୍ରଥମେ ଆମ ଘରକୁ ଆସିଥିଲା ତା’ କେହି କହି ପାରନ୍ତି ନାହିଁ । ଗାଁର ଲୋକେ କହନ୍ତି ସେ କାଳେ ସେନାପତି ଫବେଅରଙ୍କୁ ଜାଣିଥିଲା । ତାଙ୍କ ମୃତ୍ୟୁ ବେଳେ ସେ ଉପସ୍ଥିତ ଥିଲା । ଅନେକଙ୍କର ଧାରଣା ଥିଲା, ସେ ମନୁଷ୍ୟ ନୁହେଁ, ସଇତାନର ଅନୁଚର ।

ସେନାପତିଙ୍କର ନାମ ଶୁଣି ମୁଁ ଚମକି ପଡ଼ିଲି । ବିଦ୍ରୋହୀଙ୍କ ମୋର ବିଚଳିତ ହେବାର କାରଣ ପଚାରିଲେ । ମୁଁ ଆଦୌ ବିଚଳିତ ହୋଇ ନାହିଁ ବୋଲି ତାଙ୍କ କଥାକୁ ଉଡ଼ାଇ ଦେଲି । କିନ୍ତୁ ମୁଁ ମନକୁ ମନ ବୁଝିଲି ସେ ହୋଟେଲର ବୃଦ୍ଧ ମାଲିକ ବୋଧହୁଏ ଏହି କାଫ୍ରି ଭୃତ୍ୟ କଥା କହୁଥିଲା ।

ଦୁର୍ଗାଧିପତି ପୁଣି କହିଲେ—ଏହି ବୃଦ୍ଧର ନାମ ସ୍ୟାଗୋ । ଦିନେ ତା’ ନିକଟରେ ମୋର ବ୍ୟର୍ଥ ଜୀବନର ଦୁଃଖ କାହାଣୀ ଶୁଣାଇ ବହୁତ କାନ୍ଦିଲି । ମୁଁ କହିଲି, ଯଦି ମୋତେ କେହି ପ୍ରଥମ କୋଟିର ଲେଖକଙ୍କ ମଧ୍ୟରେ ସ୍ଥାନ ଦେବ ମୁଁ ତାକୁ ମୋ ପରମାୟୁରୁ ୧୦ ବର୍ଷ ଦାନ କରି ଦେବାକୁ ପ୍ରସ୍ତୁତ ଅଛି ।

ସ୍ୟାଗୋ କହିଲା—ଦଶ ବର୍ଷ କିଛି କମ ନୁହେଁ । ତମେ ଅଳ୍ପ ମୂଲ୍ୟର ଦ୍ରବ୍ୟ ପାଇଁ ଅଧିକ ଦେବାକୁ ଯାଉଛ । ଯାହା’ହେଉ ତମର ପ୍ରସ୍ତାବ ଗ୍ରହଣ କରୁଛି । ନିଜର ପ୍ରତିଜ୍ଞା ମନେ ରଖ । ମୋ କଥା ମୁଁ ମନେ ରଖିବି ।

ତାର ଏ କଥା ଶୁଣି ଯେ ମୁଁ କିଭଳି ଚକିତ ହେଲି ତା କହିବାର ନୁହେଁ । ପ୍ରଥମେ ମନେ-କଲି, ବାର୍ଦ୍ଧକ୍ୟ ହେତୁ ତାର ବୁଦ୍ଧି ବୃତ୍ତି ଲୋପ ପାଇଛି । ସୁତରାଂ ମୁଁ ତାକୁ ଅଗ୍ରାହ୍ୟ କରି ହସି ଚାଲିଗଲି । କେତେଦିନ ପରେ ମୁଁ ରାଜ-ଧାନୀ ଯାତ୍ରା କଲି । ସେଠାରେ ବିଖ୍ୟାତ ସାହି-ତ୍ୟିକଙ୍କ ସହିତ ମିଶିବାର ସୁଯୋଗ ମିଳିଲା । ସେମାନଙ୍କର ଦୃଷ୍ଟାନ୍ତ ଦେଖି ମୋର ଭୋଃଏ ଅଦ୍ଭୁତ ଉତ୍ସାହ ଓ ପ୍ରେରଣା ହେଲା । ମୁଁ ଅନେକ ପୁସ୍ତକ ପ୍ରକାଶ କଲି ଏବଂ ସମସ୍ତ ଖୁବ ସଫଳତା ଲାଭ କଲା । ସବୁ ପତ୍ର ପତ୍ରିକାରେ ମୋର ପ୍ରଶଂସା ପ୍ରକାଶ ପାଇଲା । ମୋତେ ଦେଖା କରିବା ପାଇଁ ଲୋକାରଣ୍ୟ ହୋଇ-ଗଲା । ମୁଁ ଯେଉଁ ନୂତନ ନାମରେ ଲେଖୁଥିଲି ତାହା ସାରା ଦେଶରେ ଖେଳିଗଲା । ତମେ ମଧ୍ୟ ମୋର ପୁସ୍ତକ ଓ ଆଲେଖ୍ୟ ପଢ଼ି ବହୁତ ମୋହିତ ହୋଇଥିବ ।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି—ତେବେ ଆପଣ ଦୁର୍ଗାଧିପତି ନୁହନ୍ତି ?

ସେ ଗମ୍ଭୀର ଭାବରେ କହିଲେ—ନା— ମୁଁ ଭାବିଲି ଏ ଜଣେ ବିଖ୍ୟାତ ଲେଖକ । ସେ କଣ ଭଲ୍‌ଟିଅର ? ନା— ମାରମୋନ-ଟେଲ ?

୧୦ ପୃଷ୍ଠାରେ ଶେଷ ଦେଖନ୍ତୁ



Digitized by srujanika@gmail.com



**ଅଭିଭାଷଣ**— ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କର ବାଲେଶ୍ୱର ଜିଲ୍ଲା ପ୍ରାଇମେରି ଶିକ୍ଷକ ସମ୍ମିଳନୀରେ ଅଭିଭାଷଣ ଖଣ୍ଡିଏ ପାଇ ପ୍ରାପ୍ତି ସ୍ୱୀକାର କରୁଛୁଁ । ଗୋବିନ୍ଦ ବାବୁ ବଡ଼ ପ୍ରାଞ୍ଜଳ ଭାଷାରେ ଶିକ୍ଷକମାନଙ୍କୁ ବହୁ ଉପଦେଶ ଗୁଡ଼ିଏ ଦେଇ ଶିକ୍ଷାର ଆଦର୍ଶ ସୁନ୍ଦର ଭାବରେ ଦେଖାଇ ଦେଇଛନ୍ତି ।

× × ×

**ଯାମସେଦପୁର ଏସୋସିଏସନର ବାର୍ଷିକ ବିବରଣୀ**—ଖଣ୍ଡିଏ ସମ୍ପାଦକଙ୍କ ଠାରୁ ପ୍ରାପ୍ତ ହୋଇଅଛୁଁ । ସେଥିରୁ ଦେଖିଲୁଁ ଯେ ଏସୋସିଏସନଟି ନାନା ଦେଶ ହିତକର କାର୍ଯ୍ୟମାନ କରିବା ସଙ୍ଗେ ୨ ଆତ୍ମୋନ୍ନତି ଦିଗରେ ଯତ୍ନବାନ । ଅମ୍ଭେମାନେ ଏ ସଭାର ଉତ୍ତରୋତ୍ତର ଉନ୍ନତି କାମନା କରୁଁ ।

**କବିତା କୁସୁମ**—ଶ୍ରୀ ସୋମନାଥ ହୋତୃଶର୍ମା । ଗୋ ୨୪ ଟି କ୍ଷୁଦ୍ର କବିତା ସମ୍ବଳିତ ପୁସ୍ତିକା । ମୂଲ୍ୟ ତିନିଅଣା । କବିତା ଗୁଡ଼ିକର ଭାଷା ଓ ଭାବ ସରଳ । 'ପ୍ରିୟା' ଓ 'ବାଳ ବିଧବା' କବିତାରେ ଯଥେଷ୍ଟ କବିତ୍ୱ ଫୁଟି ଉଠିଛି ।

**ସୌଦାମିନୀ**—ଶ୍ରୀ ସୋମନାଥ ହୋତୃଶର୍ମା । ଏ କ୍ଷୁଦ୍ର ପୁସ୍ତିକାରେ ଗୋ ୨୧ ଟି ଚତୁର୍ଦ୍ଦଶ ପଦୀ କବିତା ସନ୍ନିବେଶିତ । କବିତା ଗୁଡ଼ିକ ଭାବୁକତାର ପରିଚୟ ଦେଉଛି । ପ୍ରତ୍ୟେକ କବିତା ଜାତୀୟତା ଭାବରେ ଅନୁପ୍ରାଣିତ ।

**ଦେବାରଣ୍ୟ**—ଶ୍ରୀ ସୋମନାଥ ହୋତୃଶର୍ମା । ଚୌଦ ଅକ୍ଷର ଅମିତ୍ରାକ୍ଷରରେ ଲେଖା କ୍ଷୁଦ୍ର ପୁସ୍ତିକା । କବି ଏଥିରେ ବର୍ଣ୍ଣନାର ବାହାଦୁରି ଦେଖାଇଛନ୍ତି ଓ ବହୁଳ ପରିମାଣରେ ନୈ[illegible]କ ଉପମାର ବ୍ୟବହାର କରିଛନ୍ତି । ଭାଷା ସ୍ରୋତସ୍ୱତୀ ଓ ମଧୁର । କେବଳ ମୁଦ୍ରାଦୋଷ ଓ ସ୍ଥାନେ ଅଧେ ଯତି ଦୋଷ ରହି ଯାଇଛି ।

**ଭାରତ**—ଶ୍ରୀ ସୋମନାଥ ହୋତୃଶର୍ମା । ଏ ଖଣ୍ଡି ମଧ୍ୟ ଅମିତ୍ରାକ୍ଷରରେ ଲେଖା । କବିଙ୍କ ଭାଷାର ସହଜ ଗତି ଓ ତାଙ୍କର ସ୍ୱଦେଶ ପ୍ରୀତି ଛନ୍ଦେ ଛନ୍ଦେ ବିଦ୍ୟମାନ । ପ୍ରାଚୀନ ଭାରତ ଓ ଆଧୁନିକ ଭାରତର ତୁଳନା ମୂଳକ ପରିକଳ୍ପନା । କବିଙ୍କର ସାହିତ୍ୟ ସାଧନାକୁ ଅମ୍ଭେମାନେ ଭୂୟସି ପ୍ରଶଂସା କରୁଛୁଁ ।

**ମର୍ମବାଣୀ**—ଶ୍ରୀ ଗୋପୀନାଥ ହୋତା । ଗୋ ୨୫ ଟି ଖଣ୍ଡ କବିତା ପରିଶୋଭିତ ଏହି ପୁସ୍ତିକାଟି ସୁନ୍ଦର ଭାବରେ ମୁଦ୍ରିତ । ମୂଲ୍ୟ ୫°।/ । କବିତା ଗୁଡ଼ିକ ସଙ୍ଗୀତମୟୀ ଭାଷାର ମଧୁର ସିଞ୍ଜନରେ ମୁଖରିତ । କବିଙ୍କର ଲୀଳାୟିତ କଳ୍ପନା ଯାଇ ପାଠକର ଚିତ୍ତ ମୁଗ୍ଧକରେ । ଗୋପୀନାଥ ବାବୁ ଯେ ଜଣେ ସ୍ୱଭାବ କବି ଏଥିରେ ସନ୍ଦେହ ନାହିଁ । ଯେଉଁସବୁ କବିତାରେ ତାଙ୍କର ବ୍ୟକ୍ତିଗତ ସ୍ପର୍ଶ ରହିଛି, ସେଥିରେ କବିଙ୍କର ପ୍ରତିଭା ଓ ଭାବ ପ୍ରବଣତା ଅଧିକତର ଫୁଟି ଉଠିଛି । କୌଣସି କବିତାରେ ଆଧୁନିକ ଛାୟାବାଦର ଗନ୍ଧ ନ ଥିବାରୁ କବିତା ଗୁଡ଼ିକ ସମଧିକ ସରସ ଓ ସୁପାଠ୍ୟ ହୋଇଛି ।

ତାଜମହଲ, ସାନ୍ତ୍ୱନା, କଲ୍ୟାଣୀ କବିତାମାନ ଉଚ୍ଚ ଧରଣର । କବି ସାହିତ୍ୟ ସାଧନାରେ ନିଷ୍ଠାପର ବ୍ରତୀ ହେଲେ ଉତ୍କଳ ଭାଷାର ଶ୍ରୀବୃଦ୍ଧି କରି ଯଶସ୍ୱୀ ହୋଇ ପାରିବେ ବୋଲି ଆମର ଆଶା ।

Up from Misery by Co-operation—Sj. Kshetra mohan Mahanty.

ଏହି ଇଂରାଜୀ ପୁସ୍ତିକା ଖଣ୍ଡି ଉପହାର ପାଇ ଲେଖକଙ୍କ ଠାରେ କୃତଜ୍ଞତା ପ୍ରକାଶ କରୁଛୁଁ । ଏଥିରେ ସେ ସହଯୋଗ ଦ୍ୱାରା ଦେଶର ଦୁର୍ଗତି ମୋଚନ କରିବାର ପନ୍ଥା ନିର୍ଦ୍ଦେଶ କରିଛନ୍ତି । ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ମନୋମାଳିନ୍ୟର ଯେଉଁ କାରଣ ସେ ଦେଖାଇଛନ୍ତି ତାହା ସତ୍ୟ, ମାତ୍ର ଏହା ଛଡ଼ା ଅନ୍ୟରି ଗୁଡ଼ିଏ ମଧ୍ୟ ରହିଛି ବୋଲି ଆମର ବିଶ୍ୱାସ । ତାହା ହେଉଛି ଦାୟିତ୍ୱ ଶୂନ୍ୟ ଓ ଭ୍ରାନ୍ତ ମୂଳକ ପ୍ରଚାର ।

ପୁରୁଣା କଥା ପାଶୋରି ଦେଇ ସଙ୍ଗଠନ ମୂଳକ କାର୍ଯ୍ୟରେ ଜମିଦାର ଓ ପ୍ରଜା ମିଳି ପାରିଲେ ବହୁତ ଉପକାର ହୋଇପାରେ । ମାତ୍ର ବର୍ତ୍ତମାନ କ୍ଷେତ୍ରରେ ତାହା କେତେଦୂର ସମ୍ଭବ ତାହା ବୁଝାଯାଇ ପାରୁନାହିଁ । ବରଂ ଏ ପରିସ୍ଥିତିରେ ସବୁ ଜମିଦାରୀ ପରିଚାଳନା ନିଜ ହାତକୁ ନେଇ ଏ ଦିଗରେ ଯତ୍ନବାନ ହେବା ସହଜ ସମୀଚୀନ ଓ ଶ୍ରେୟସ୍କର ନୁହେଁକି ?

The Goti system in jeypore Agency—.

ଜୟପୁରର ଉତ୍ସାହୀ କର୍ମୀ କୁମାର ବିଦ୍ୟାଧର ସିଂହ ଦେଓଙ୍କ ଦ୍ୱାରା ଜୟପୁରର ଉତ୍କଳ ପାଠାଗାରଙ୍କ ଅନୁକୂଲ୍ୟରେ ଏଠିଁ ଖଣ୍ଡିଏ ଭାଷଣ ଅମ୍ଭେମାନେ ପାଇଛୁଁ । ଅନୁନ୍ନତ ଜୟପୁରର ବା ଜୟପୁରର ଅନୁନ୍ନତ ଅଧିବାସୀଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥାର ଗବେଷଣା ତଥା ତାର ଉନ୍ନତି କଳ୍ପେ ଯଥାସମ୍ଭବ ଉପାୟ ମାନଙ୍କର ଉଦ୍ଭାବନ ନିମନ୍ତେ କୁମାର ସାହେବଙ୍କ ନିକଟରେ ଓଡ଼ିଶା କୃତଜ୍ଞ । ଜୟପୁରର ଗୋତି ପ୍ରଥା (ଯାହାକୁ କି କଥାନ୍ତରରେ କ୍ରୀତଦାସ ପ୍ରଥା ବୁଝାଯାଇ ପାରେ) ସମ୍ବନ୍ଧରେ ତୁଳନାତ୍ମକ ବିବରଣୀ ସହ ଯେଉଁ କରୁଣକାହାଣୀ ଶୁଣାଇଛନ୍ତି ତାହା ବିଂଶ ଶତାବ୍ଦୀରେ ଯେ ସମ୍ଭବ—ସଭ୍ୟ ଇଂରାଜ ରାଜତ୍ୱରେ ଯେ ସମ୍ଭବ ପୁଣି ଦେଶ ହିତୈଷୀ ଓ ଲୋକପ୍ରିୟ କଂଗ୍ରେସ ସରକାରଙ୍କର ତତ୍ପ୍ରତି ଦୃଷ୍ଟିକ୍ଷେପ ନ କରିବା ମଧ୍ୟ ଯେ ସମ୍ଭବ ଏହାଠାରୁ ବଳି ଲଜ୍ୟାର ବିଷୟ ଅଧିକ କ'ଣ ହୋଇପାରେ ? ଓଡ଼ିଶା ମହାଜାତି ଅଇନର ଜାଞ୍ଚ କମିଟି ବସିଥିବାବେଳେ କୁମାର ବିଦ୍ୟାଧରଙ୍କ ଏହି ଭାଷଣ ବଡ଼ ଅବଶ୍ୟମ୍ଭାବୀ ଏବଂ ବିଚାରଣୀୟ ବୋଲି ଆମର ମନେହୁଏ ।

Digitized by srujanika@gmail.com

# ଡଗର ୧୧ ଶ ଶବ୍ଦଧନ୍ଦାପ୍ରତିଯୋଗିତା

ଟ୨୫ଙ୍କା ପୁରସ୍କାର ! ‘ଡଗର’ ପାଠକମାନେ ପାଇ ପାରିବେ । ଟ୨୫ଙ୍କା ପୁରସ୍କାର !

ଦୁଇଅଣାର ପଇସିକିଆ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକିଆ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free)





ନାମ ________ ଠିକଣା ________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । ଡଗର ଶବ୍ଦଧନ୍ଦା ଭେଦ କରିବାକୁ ହେଲେ ଯାହା ଅତ୍ୟନ୍ତ ସୂକ୍ଷ୍ମ ହେବା ଆବଶ୍ୟକ ।

୩ । ଯୁବତୀର ରକ୍ତାଧର ଏହା ହେଲେ ମଧ ଚିରସ୍ଥାୟୀ ନୁହେଁ ।

୭ । ଯାହାକୁ ଦେଖି କନିଅ ଛନିଅ ହୁଏ ବୋଲି କଥା ଅଛି । (ସଂଶୋଧିତ)

୮ । ନ ନା ମୁନର ନାନା— ।

୯ । ଏଭଳି ଲୋକର ସାଙ୍ଗ ହେବାକୁ ଠୋକାଠାକରି ବୁଝି ପାଆନ୍ତି ନାହିଁ ।

୧୧ । ପର ଦରବ ମାଗିଆଣି ଭୁଛଠାରେ ଏହା ଲଗାଇବାକୁ କେହି କେହି ସୁଖ ପାଆନ୍ତି ।

୧୨ । ଏହି ନାରୀସହ ପୁରୁଷର ମଧୁର ସମ୍ପର୍କ ।

୧୪ । ପାଞ୍ଜି——ଧରି ନାହାକ ଗୃଳେ ।

୧୬ । ଯେଉଁ ବସ୍ତୁ ସମସ୍ତ ପ୍ରକାର ଚିତ୍ତ ବିଭ୍ରମର ମୂଳ କାରଣ ।

୧୮ । ଏହା ନଥିଲେ ଆଜିକାଲି ବନ୍ଧୁତ୍ୱ ସ୍ଥାୟୀ ହେବାର ଦେଖାଯାଏ ନାହିଁ ।

୨୦ । ଦୁର୍ବାଦଳ ପ୍ରଥମେ ଯେଉଁ ବର୍ଣ୍ଣଧରି ପରେ ଶ୍ୟାମଳ ହୁଏ ।

୨୧ । ସଂସାର ଭିତରେ ଘର କରିଥିଲେ ଏହା ପଡ଼ିଲେ ସହ ।

## ଉପର ତଳ ଭାବରେ ।

୧ । ଏହା ମଧ୍ୟଦେଇ ଜତୁଗୃହରୁ ପାଣ୍ଡବମାନେ ପଳାୟନ କରିଥିଲେ ।

୨ । ଦୌତ୍ୟ କର୍ମରେ ଏହାଙ୍କର ଲୋଡ଼ା ହୁଏ

୪ । ଓଲଟାଇ ପଢ଼ିଲେ ‘ଭଲ’ର ଓଲଟା

୫ । ଯତନ କଲେ ଅନେକ ସ୍ଥଳରେ ଏହା ମିଳିଥାଏ ।

୬ । ବୁଦ୍ଧିଆ ଲୋକେ ବଖତ ବେଳରେ ଏହାଙ୍କୁ ଶିଡ଼ା କାନ୍ଧିଦିଅନ୍ତି ।

୯ । ଏହା ଖାଉଥିବା ସତ୍ତ୍ୱେ ବେହିଅ ଲୋକ ପୁଣି ଧାଏଁ !

୧୦ । ଜାଇଥିବା ଯାକେ ଏହା ମଣିଷକୁ ଛାଡ଼େ ନାହିଁ ।

୧୧ । ମଣିଷ ଏହାହେଲେ ସମସ୍ତେ ସହଜରେ ପାଖ ପଶିବାକୁ ଗୃହାନ୍ତି ନାହିଁ ।

୧୩ । ତଳୁ ଉପରକୁ ପଢ଼ିଲେ ‘କାଲି’ ବାହାରିବ ।

୧୪ । ଏହାର ଆରମ୍ଭ ସମୟରେ ପ୍ରେମାଶକ୍ତ ଯୁବକ ଯୁବତୀ ଉନ୍ମତ୍ତ ସଦୃଶ ହୋଇଥାନ୍ତି

୧୫ । ଭୋଟ ପ୍ରାର୍ଥୀମାନଙ୍କର ଏଥିରେ ବିଗୁଡ଼ି ଭୋଟରଗଣ ଭୁଲି ଯାଆନ୍ତି ।

୧୭ । ମଦାଳସା ନାରୀର ଏହି ଗତିରେ କବିମାନେ ମୋହିତ ହୁଅନ୍ତି ।

୧୮ । ମଣିଷର ଏହା ବଢ଼ିଲେ ସହଜରେ ଲୋପ ପାଏ ନାହିଁ । (ସଂଶୋଧିତ)

୧୯ । ଏହା ପ୍ରଖର ହେଲେ ସହି ହୁଏ ନାହିଁ ।

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦୨ ଓ ଶେଷିକ ପ୍ରତିଖଣ୍ଡକୁ ୦୧ ଲେଖାଏ **(ଶେଷ ତା ୧୦।୯।୩୮)**

ଉପର ବକ୍ସରେ ଯେଉଁ ଘରେ ନମ୍ବର ଅଛି ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାକେ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ

Digitized by srujanika@gmail.com

ଯାଇଛି । ଏହି ଶବ୍ଦ ସୂଚକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଇ ଶବ୍ଦର କିଛି ଖାଲି ଘର ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯାଇ ପାରୁ ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ପ୍ରଶ୍ନର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟେରୀଙ୍କ ଠାରେ ଚଚ୍ଛିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୯ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଲୋକ **ସାମନ୍ତ ପୁରସ୍କାର** ୬୩୯ ପାଇବ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୨୯ ଅତିରିକ୍ତ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକୀ ୬୮୯ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ତଳଭାଗରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ଚନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଭଳି ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୦/୨ ଓ ୨ୟ ଟି ପାଇଁ ୦/୨ର ପଇସିଭଳି ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କାହିଁଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଉତର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକ ଅଣା, ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟେ— ଏହିପରି ହିସାବରେ ଯେତେ ଇଚ୍ଛା ତେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୮ ମସିହା ଫେବ୍ରୁୟାରୀ ୧୦ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଉତର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧୧ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

୭ ପୃଷ୍ଠା ଉତ୍ତରୁ

ଅପରିଚିତ ଭଦ୍ରଲୋକ ଗୋଟିଏ ଗମ୍ଭୀର ଦୀର୍ଘ ଶ୍ୱାସ ଛାଡ଼ି ଘୃଣାର ହସ ହସି କହିଲେ— କିନ୍ତୁ ସାହିତ୍ୟିକ ଖ୍ୟାତି ମୋତେ ଆଉ ମନକୁ ତୃପ୍ତ କରି ରଖି ପାରିଲା ନାହିଁ । ମୁଁ ଅନ୍ତର ବିପ୍ଳବରେ ଯଶର ପ୍ରତ୍ୟାଶୀ ହେଲି । ମ୍ୟାଗୋ ମୋ ସଙ୍ଗରେ ଦ୍ୟାସ ଆସିଥିଲା । ସେ ସବୁବେଳେ ମୋ ଉପରେ ଖାସ୍ ଦୃଷ୍ଟି ରଖି ଚାଲୁଥିଲା । ମୁଁ ତାକୁ ଦିନେ କହିଲି—ଏ ଯଶ ପ୍ରକୃତ ଯଶ ନୁହେଁ । ଯୁଦ୍ଧରେ ଯଶ ଲାଭ କରିବାଠାରୁ ବଳି ଯଶ ଆଉ ନାହିଁ । ଲେଖକ ବା କବି ହୋଇ କି ଲାଭ ? ବଡ଼ ଜଣେ ସେନାପତି ହୋଇପାରିଲେ ମୁଁ ନିଜ ଜୀବନର ଦଶ ବର୍ଷ ଦେବାକୁ ପ୍ରସ୍ତୁତ ଅଛି ।

ମ୍ୟାଗୋ କହିଲା, 'ଅଚ୍ଛା ମୁଁ ମଧ୍ୟ ରଜି—ମନେ ରଖିବ କିନ୍ତୁ ।'

——କ୍ରମଶଃ

## କୁଡ଼୍‌କୁଡ଼ି

ଡାକ୍ତର—କିରେ ତୋର ପାଇଖାନା ସଫା ହେଉ ନାହିଁ କି ?

ରୋଗୀ—ଅଜ୍ଞା ମେହେନ୍ତର ତ ଦିନ୍ ଅସୁଛି ପାଇଖାନା କାହିଁକି ସଫା ହେଉନାହିଁ କହି ପାରିବି ନାହିଁ । × ×

ପୁଅ—ବାପା ମୁଁ ତମ ମା'କୁ ବାହା ହେବି ।

ବାପା—କାହିଁକି ?

ପୁଅ—ତୁମେ ଯେ ମୋ ମା'କୁ ବାହା ହୋଇଛ । + + ×

ଜମିଦାର—(ଚାକରକୁ ଡାକି) ନେଲୁ ଏହି ନିମନ୍ତ୍ରଣ ପତ୍ରଟି Mr. R C Das ଙ୍କୁ ଦେଇ ଆସିବୁ (ଚାକର ନେଇ ଚାଲିଗଲା । )

(କିଛି ସମୟ ପରେ ଫେରି ଆସି)

ଚାକର—ଅଜ୍ଞା ଆର ସି ଦାସଙ୍କୁ ନ ପାଇ ଫାନଥ ଦାସଙ୍କୁ ଦେଇ ଆସି ଅଛି ।

\+ + +

ସିନେମା ହଲରେ କେତେଜଣ ଭଦ୍ର ମହିଳାଙ୍କ ଆଗରେ ୨ ଜଣ ଭଦ୍ରଲୋକ କଥାବାର୍ତ୍ତା ହେଉଥିଲେ । ସେଥିପାଇଁ ଏକ୍ଟ ଶୁଣା ଗଲା ନାହିଁ । ତହୁଁ ଜଣେ ଭଦ୍ର ମହିଳା ସେହି ଭଦ୍ରଲୋକଙ୍କୁ କହିଲେ, ଆପଣ କଥାବାର୍ତ୍ତା ହେଉଛନ୍ତି ଆମ୍ଭେମାନେ କିଛି ଶୁଣିପାରୁନାହୁଁ ।

ଭଦ୍ରଲୋକ—ଆପଣଙ୍କର ଶୁଣିବାର କୌଣସି ଦରକାର ନାହିଁ । ଆମ୍ଭେ ଘରୋଇ କଥା କହୁଅଛୁଁ । + + +

ରାମ—ଭାଇ ହରି ! ମୁଁ ଗୋଟିଏ ଲେଖକ ହେବାକୁ ଇଚ୍ଛା କରୁଛି । କିପରି ହେବ କହନ୍ତୁ ?

ହରି—ଗୀତାର ମୂଳରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଲେଖିଯିବୁ

Digitized by srujanika@gmail.com




ଜେମସେଦପୁର
ତା ୧୦ । ୧୧ । ୩୮ ଇଂ

ସମ୍ପାଦକ ମହାଶୟ,

ସେଦିନ ଉତ୍କଳ ଏସୋସିଏସନର ବାର୍ଷିକ ଉତ୍ସବରେ ଡାକ୍ତର ହରିହର କରଣ କାହାକୁ କମେଣ୍ଟର ଚୋଟ ଦେଲେ ଯେ ରୋଗ ତିନ ଗୁଣ ବଢିଗଲା । ଏଥିରେ ଦରଖାସ୍ତ ( ରିକ୍ୟୁଜିସନ୍ ) କରିଛନ୍ତି ଯେ "ଡାକ୍ତର ହରିହରଙ୍କୁ ଅସ୍ତ କରନ୍ତୁ ନ ହେଲେ ଆମେ ଡ୍ରାମାଟିକ୍ ଦଳ ଏସୋସିଏସନରେ ପାଦ ପକାଇବୁଁ ନାହିଁ ।" ଦେଖାଯାଉ ଡାକ୍ତର ବରଖାସ୍ତ ହେବେ କି ଚାକିରୀଧୀନ ଲୋକେ ହେବେ ?

ଡାକ୍ତର ବାବୁ କହିଲେ "ଜିହ୍ଵଭୂମୀ ମିଶ୍ରଣ ଓଡ଼ିଆଙ୍କର ଜୀବନ-ମରଣ ସମସ୍ୟା । କେତେ ଜଣ ବୀର ଓଡ଼ିଆଙ୍କୁ ଏ ଜନ୍ମ ସକାଶେ ପ୍ରାଣ ଦେବାକୁ ପଡ଼ିବ । ଏପରି ଅବସ୍ଥିତରେ କଲିକତା ନଗରୀରୁ ଆଗତ ଚକ୍‌ମକ୍‌କିର କାର୍ଯ୍ୟ ଖଚିତ ବେଶଭୂଷା ପରିଧାନ ପୃଷ୍ଠ ଏ ରଙ୍ଗ ମଞ୍ଚରେ ନାରୀ ପିଲା ପରି ବେଷ୍ଟିତ କେତେ ଯୁବକ ବାହସାହା ବେଗମ୍ ଭୂମିକାରେ ଛିଡ଼ା ହୋଇ ଚିତ୍କାର କଲେ "ଜିହ୍ଵଭୂମୀ ଅମର ହୋଇ ପାରିବ ନାହିଁ ।" ଏ କଥାଟି ସତ, କାରଣ ସେ ସ୍ୱର୍ଗୀୟ ଗୋପବନ୍ଧୁଙ୍କ ଶିଷ୍ୟ ହନେ ଥିଲେ । ଖା, ପିଇ, ଭୁଞ୍ଜ, ଏ ତିନ ମୂର୍ତ୍ତି ବ୍ରହ୍ମା, ବିଷ୍ଣୁ, ମହେଶ୍ଵରଙ୍କ ପରି । ତଥାପି ଅବୁଝା ଲୋକଙ୍କୁ ବେଦ କହିଲେ 'ଦ' ବଦଳରେ 'ଧ' ବୁଝେ ।

ରାୟ ବାହାଦୁର ପ୍ରତସନ-ଅନୁଯାୟୀ ମିଶ୍ରଙ୍କ ରାୟ ଅନୁଯାୟୀ ଜେମସେଦ୍‌ପୁର ଓଡ଼ିଆଙ୍କ ମଧ୍ୟରେ ତଥା ଗୋଲୁକ, ଅଦ୍ୱୈତ ମିଳାମିଶା ହେବା ସକାଶେ ୩୦-୧୦-୩୮ରେ ବାର୍ଷିକ ସଭା କରାଯାଇ ତେରଣା ଚଉଦଅଣା ମିଳାମିଶା ହେଲା । କିନ୍ତୁ ଦୁଃଖର ବିଷୟ, ସେହି ସଭାରେ ଦେଶ ପ୍ରେମିକ ଡାକ୍ତର ଓ ଦେଶ ପ୍ରେମିକ ଧର୍ମାନନ୍ଦଙ୍କ ମଧ୍ୟରେ ଭିଡ଼ା ଭିଡ଼ି ହୋଇ ଶେଷରେ ତେରଣା ନୋଅଣା ମିଳା ମିଳ ଛଅ ଅଣା ତେରଣା ଦଳାଦଳିରେ ପରିଣତ ହେଲା । ଏ ନୂତନ କଳି ନିଷ୍ପତ୍ତି କରିବାକୁ ଏଥର ବୋଧହୁଏ ଜଣେ ସାହେବ ଆସିବେ । ହାୟରେ ଓଡ଼ିଆ ! ହାୟରେ ଜିହ୍ଵଭୂମ୍ । ଯେ ଜମିରେ ସେ ଜମିରେ ।

ଅପଣଙ୍କର
ଜଣେ ଜିହ୍ଵଭୂମୀ ଉଦାସୀ

ପୂଜ୍ୟପାଦ ଡଗର ସମ୍ପାଦକ ମହୋଦୟ !

ମୁଁ ଗଳତ ବର୍ଷ ଆଶ୍ୱିନ ମାସର ପ୍ରଥମାଙ୍କ ଡଗରଟି ପାଇ ଆଗେ ପଢି ବସିଲି, ହଂସ ପୁରରେ ବାହାରିଥିବା 'ସାହିତ୍ୟରେ କଳଙ୍କ' ବିଷୟଟି, ଖୁବ୍ ଭଲ ଲାଗିଲା ମୋତେ । ଜଣେ ଓଡ଼ିଆ ନାରୀଙ୍କ ହୃଦୟରେ ଯେ, ଏପରି ଭାବନା ପଶିଛି, ଆନନ୍ଦ ହେଲି ଖୁବ୍ ସେଥିପାଇଁ ।

କିନ୍ତୁ କାହିଁକି, ସେ ଆନନ୍ଦ, ମୋ ହୃଦୟରେ ବେଶିକ୍ଷଣ ସ୍ଥାନ ପାଇଲା ନାହିଁ । କାରଣ ହଠାତ୍ 'ହସାନ୍ତି' ୧୩୪୩ ସାଲ 'ଶାରଦୀୟ' ସଂଖ୍ୟାଟି ପଢ଼ୁ ପଢ଼ୁ ୩୩ ପୃଷ୍ଠାରେ ପାଇଲି— "ସାହିତ୍ୟ—କଲଙ୍କ"! ତେବେ ସାହିତ୍ୟରେ କଳଙ୍କର ଲେଖିକା,—ସେ ନୁହନ୍ତି । ମନରେ ଗୋଟାଏ ବିଷାଦଭାବ ଜାଗ୍ରତ ହେଲା । କାରଣ ଲେଖିକା କେବଳ ବଙ୍ଗଳାର ଉଚ୍ଛିଷ୍ଟ ଖାଇ ଉଦ୍ଗାରିଛନ୍ତି ମାତ୍ର ।

ତଳେ ମୁଁ ବଙ୍ଗଳା ଓ ଓଡ଼ିଆ ଉଭୟ ଲେଖାରୁ କିୟଦଂଶ ଉଦ୍ଧାର କଲି, ସେଥିରୁ ଆପଣ ବୁଝିପାରିବେ ।

**ବଙ୍ଗଳା—**

ସାହିତ୍ୟିକ୍ ହତେ ପାର୍ ଜନ୍ ସୌଭାଗ୍ୟେର କଥା ନୟ । ଯାଁରା ସତ୍ୟଇ ସାହିତ୍ୟିକ୍ ତାଁଦେର ଦ୍ୱାରା ଦେଶେର ଦଶେର ସମଗ୍ର ନର ନାରୀର ଧର୍ମ୍ମଲୋକେର ଜତ ଉପକାର ହୟ ।

ସାହିତ୍ୟେର ପୁଣ୍ୟ ସୁଧା-ଧାରାୟ ସ୍ନାନ କ'ରେ, ତାଁଦେର ମନ୍ ପ୍ରାଣ ଆନନ୍ଦେ ଭରେ ଉଠେ, ହୃଦୟେ ହୟ ପବିତ୍ର ।

ଶୋକ୍-ଦୁଃଖ-ଜ୍ୱାଲା ଦୂରେ ସରେ ଯାୟ, ସାହିତ୍ୟିକ ହବାର ବାସନା ଜେଗେ ଉଠେ-ପ୍ରାଣେ । ସୁ ସାହିତ୍ୟେର ଏମନ ଗୁଣ୍ ।

**ଓଡ଼ିଆ**

ସାହିତ୍ୟିକ ହବା ଜନ୍ମ ସୌଭାଗ୍ୟର କଥା ନୁହେଁ । ଯେଉଁମାନେ ପ୍ରକୃତରେ ସାହିତ୍ୟିକ, ସେମାନଙ୍କ ଦ୍ୱାରା ଦେଶର ସମଗ୍ର ଜାତିର କେତେ ଉପକାର ହୁଏ ।

ସାହିତ୍ୟର ସୁଧା ଧାରରେ ସ୍ନାନ କଲେ, ପାଠକଙ୍କର ମନ ପ୍ରାଣ ଆନନ୍ଦରେ ଭରିଉଠେ, ହୃଦୟ ପବିତ୍ର ହୁଏ । ଶୋକ ଦୁଃଖ ଜ୍ୱାଳା ଦୂର ହୁଏ, ସାହିତ୍ୟିକ ହେବାର ବାସନା ଜାଗି ଉଠେ । ସୁ ସାହିତ୍ୟର ଏପରି ଗୁଣ ।

**ବଙ୍ଗଳା—**

କିନ୍ତୁ ଆଜ୍ କାଲ୍ ଏଇ ସାହିତ୍ୟ-ରୂପ୍ ପୂର୍ଣ୍ଣଚନ୍ଦ୍ରେଓ ସୁନ୍ଦେର୍ ମତୋଇ କଲଙ୍କେର ରେଖା ଦେଖା ଦିଏଛେ, ଅନେକ ଲେଖକେର୍ କଲମେର୍ ମଧ୍ୟ ଦିଏ ।

ତାଁରା ବୋଧହୟ ଭୁଲେ ଗେଛେନ, ଯେ ସାହିତ୍ୟ ସୁଧୁ ପଏସା ଉପାର୍ଜନ କରାର ମୁଖ୍ୟ ଉଦ୍ଦେଶ୍ୟ ନୟ, ଏବଂ ଝଗଡ଼ା—ଝାଣ୍ଟି, ଗାଲମନ୍ଦ ଦେଓଆର୍ ଜନ୍ୟେଓ ନୟ, ଅର୍ ଯା, ତା, ଲେଖ୍‌ବାର୍ ଜନ୍ୟେଓ ନୟ ।

**ଓଡ଼ିଆ—**

କିନ୍ତୁ ଆଜି କାଲି ପୂର୍ଣ୍ଣ ଚନ୍ଦ୍ରରେ କଳଙ୍କ ଲାଗିଲା ପରି କେତେକଙ୍କର ଲେଖାରେ କଳଙ୍କ ଲାଗିଲଣି ।

ସେମାନେ ବୋଧହୁଏ ଭୁଲି ଗଲେଣି, ଯେ କେବଳ ପଇସା ଉପାର୍ଜନ କରିବା ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ଏବଂ ଗାଳି ମନ୍ଦ କରି କଳିଅ ଜମିଭ ମଧ୍ୟ ନୁହେଁ ।

ଇତ୍ୟାଦ, ଇତ୍ୟାଦ, ସମ୍ପୂର୍ଣ୍ଣ ପ୍ରବନ୍ଧଟି ଅନୁବାଦ । ଏପରି ଚୋର ପ୍ରବୃତ୍ତି ସାହିତ୍ୟରେ ପ୍ରକୃତ ପକ୍ଷେ ଘୋରତର କଳଙ୍କ ।

ଅପଣଙ୍କର
ଜଣେ, ନାଗରିକ

Digitized by srujanika@gmail.com

## ଟେନାଟୁର ଘଣ୍ଟୁର ଦାନାଙ୍କ ଠାରୁ ପାଇବେ ଶ୍ରୀ—

ସମ୍ପାଦକ, ନିଖିଳ ଉତ୍କଳ ଉପନିବେଶୀ
କାୟସ୍ଥ ସଭା,—ଭଦ୍ରକ

ମହାଶୟ,

ଏକଥରେ କି ପ୍ରଣୟ କଲେ କାୟସ୍ଥ ଜନ୍ମ ଲଭ କରିବି ଆପଣ ଫେରନ୍ତା ଡାକରେ ପଠାଇଲେ ବଡ଼ ବାଧିତ ହୁଅନ୍ତି । କାୟସ୍ଥ ଶବ୍ଦର ଅର୍ଥ ମୁଁ କୌଣସି କୋଷ ଅଭିଧାନରେ ପାଇଛି । କାୟା ଅର୍ଥାତ୍ ଶରୀର, ତହିଁରେ ସ୍ଥ କି ଥାନ୍ତି ଯିଏ । ଅର୍ଥାତ୍ ମଳ ମୂତ୍ର ଠାରୁ ଆରମ୍ଭ କରି ପଞ୍ଚ ଇନ୍ଦ୍ରିୟ ମନ ପ୍ରାଣ ବିବେକ ଆତ୍ମା ପ୍ରଭୃତି ଲଗାଯାଏ । ମୋର ସେଥି କାରଣରୁ ଆପଣଙ୍କ ମହତ ଅନୁଷ୍ଠାନରେ ସଭ୍ୟ ହେବାକୁ ବଡ଼ ଇଚ୍ଛା । ତେବେ ସେଟା ଏ ଜନ୍ମରେ ତ ସମ୍ଭବ ନୁହେଁ—ପର ଜନ୍ମ ପାଇଁ ରିଜର୍ଭ କରି ରଖିଥାନ୍ତୁ ।

ଗୋଟାଏ କଥାକୁ ବଡ଼ ଡର ହେଉଛି ଏଡା ? ଆମେ ଶୁଣିଥିଲୁ ବଡିଶ ଉପନିବେଶ ଥିଲା ବୋଲି ଇଟାଲି ଅବସିନିଆକୁ ଜାପାନ ଚୀନାକୁ ଉପନିବେଶ କଲା । ଆପଣ ମାନଙ୍କର ଉପନିବେଶ କେବଳ ଭଦ୍ରକର ଗୋଟିଏ କ୍ଷୁଦ୍ର ପଲ୍ଲୀ ନା ସମଗ୍ର ଉତ୍କଳ ? ଏଥିରେ ଅବସିନିଆ ବା ଚୀନାର ଯୁଦ୍ଧ ଭଳି ହାଣ କାଟ ଶଶାନ ବାସ୍ପ ଗୁଳା ଗୁଳି କଥା ନାହିଁତ ? ତା' ନହ ଥାଏ ତ ମୋର ଇସ୍ତଫା in—advance.

ଆପଣଙ୍କର କାୟସ୍ଥୀ
ଟେନାଟୁର·····ଦାନା

ଶ୍ରୀଯୁକ୍ତ ରମାନାଥ—(ଦାସ କୁହନ୍ତି ତ ?)
ବୃହାଦିଅ ସାହୁ ଇନ୍ କୋର୍
ଷୋରେ

ଓଡ଼ିଶା, ସାହେବ,

ଦିନେ ଯେ ଆପଣଙ୍କ ଭଳି ଜଣେ ଓକିଲ ଥିଲେ ବୋଲି ସେ ଦିନ ଆପଣ କେଉଁ ସାହାସରେ ବୀରଧିସାରବରର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱରଙ୍କୁ ନିଜର ବନ୍ଧୁ ବୋଲି ସମ୍ବୋଧନ କଲେ ? କେଉଁ ଅଧିକାରବଳରେ ଯେ ଆପଣଙ୍କର ସହପାଠୀ ବନ୍ଧୁ ଥିଲେ ବୋଲି କେଉଁ ସ୍ପର୍ଦ୍ଧାରେ ତାଙ୍କ ହାତ ଧରି ପକାଇଲେ ? ଗୁହକ ପ୍ରତି ରାମଙ୍କ ବ୍ୟବହାର ବା ସୁଦାମା ପ୍ରତି ଶ୍ରୀକୃଷ୍ଣଙ୍କ ବ୍ୟବହାର ପୁରାଣ କର୍ତ୍ତାଙ୍କ ନଭେଲ ବା ଉପନ୍ୟାସ ଛଡ଼ା ଆଉ କିଛି ନୁହେଁ । ତଥାପି ଆମ ପ୍ରଧାନ ମନ୍ତ୍ରୀ ତାଙ୍କ ଆଦର୍ଶ ଅନୁପ୍ରାଣିତ ହୋଇଥିବାରୁ ଶ୍ରୀ ଶ୍ରୀ ବିଶ୍ୱନାଥ ରମାନାଥଙ୍କ ଶୀତଳ ଗୃ—ଚୁମ୍ବନ କଲେ । ସେହି ତେର । କିନ୍ତୁ ଆପଣଙ୍କର ଜାଣି ରଖିବା ଉଚିତ ଥିଲା ଯେ ଏ ମଦନ ମୋହନ, ମୁରଲୀ ବଦନ କାହ୍ନୁ ନୁହନ୍ତି କି ନବ ଦୁର୍ବାଦଳ ନୟନ କମଳ ସାକ୍ଷାତ ରାମ ବି ନୁହନ୍ତି । ଏ ଯେ ପ୍ରଜ୍ୱଳ ଜଟାଧାରୀ, ତାଣ୍ଡବ ନୃତ୍ୟକାରୀ ଜ୍ୱଳନ୍ତ ଅନଳୋଦ୍ଗାରୀ ସ୍ୱୟଂ··········· କାହିଁ ରମାନାଥ ଆଉ କାହିଁ ବିଶ୍ୱ——! କାହିଁ କାଣିଆ କାହିଁ କପିଳା !

ଆପଣ ହିତୋପଦେଶର ଗୋଟିଏ କଥା ଶିକ୍ଷାକଲେ ଯେ ରାଜଦ୍ୱାରେ "ଯଃ ତିଷ୍ଠତି ସ ବାନ୍ଧବଃ" କିନ୍ତୁ ଆଉ ଗୋଟିଏ କଥାକୁ ଦୃଷ୍ଟିପାତ କଲେ ନାହିଁ—ବିଶ୍ୱାସ ନୈବ କର୍ତ୍ତବ୍ୟ ସ୍ତ୍ରୀଷୁ ରାଜକୁଳେଷୁ । ଅବଶ୍ୟ ଓଡ଼ିଶାର ମନ୍ତ୍ରୀ ଆଉ ଆପଣଙ୍କ ସ୍ତ୍ରୀଙ୍କୁ ଏକ ଚକ୍ଷୁରେ ଦେଖିବା ଅସଭ୍ୟତା ତଥା ଅଭଦ୍ରତା ଓ ଅଶିଷ୍ଟାଚାରିତା ।

ଆପଣଙ୍କର
ସହାନୁଭୂତିରେ
ଟେନାଟୁର—

# ପ୍ରାଇଭେଟ

ଶୁଣାଯାଏ ଶ୍ରୀଯୁକ୍ତ ମହତାବ ଢେଙ୍କାନାଳରୁ ଫେରିବା ପରେ ଗୋଟାଏ ଶକ୍ତିଶାଳୀ ଦୈନିକ ସମ୍ବାଦ ପତ୍ର ପରିଚାଳନାର ବଡ଼ ପକ୍ଷପାତୀ ହୋଇ ପଡ଼ିଛନ୍ତି । ଏହି ପତ୍ରର ନାମ ପ୍ରଜାତନ୍ତ୍ର ହେବ କି ରଜାତନ୍ତ୍ର ହେବ ଏ ବିଷୟରେ ରାଜା ମହତାବ୍ କୌଣସି ସିଦ୍ଧାନ୍ତରେ ପହୁଞ୍ଚି ପାରୁ ନଥିବାରୁ ସାମ୍ୟବାଦୀଙ୍କର ପରାମର୍ଶ ଲୋଡ଼ି ପାରନ୍ତି ।

ଶ୍ରୀଯୁକ୍ତ ମହତାବଙ୍କ ନାମ ହରି ଓ ଢେଙ୍କାନାଳ ରଜାଙ୍କ ନାମ ଶଙ୍କର ହୋଇ ଥିବାରୁ ରାଜ୍ୟରେ କେବଳ 'ସ୍ଥିତି' ଓ 'ପ୍ରଳୟ' ସମ୍ଭବ ହେଉଛି ସିନା, ମାତ୍ର ଜଣେ ବ୍ରହ୍ମାଙ୍କର ଅଭାବ ଥିବାରୁ ସୃଷ୍ଟି ହୋଇ ନପାରିବା କାରଣ ଶ୍ରୀଯୁକ୍ତ ଲିନଲିଥ୍‌ଗୋଙ୍କ ଠାକୁ ସମ୍ବାଦ ପଠାଯାଉଛି ଯେ ସେ ଶୀଘ୍ର ଏକ ଦ୍ରୁତଗାମୀ ଉଡ଼ାଜାହାଜ ଯୋଗେ ଗୋଟାଏ ପ୍ରଜନକ ଷଣ୍ଢ ପଠାଇବେ । ···

ଢେଙ୍କାନାଳ ଅଧୀଶ ଓ ଆମ ପ୍ରଧାନମନ୍ତ୍ରୀଙ୍କ ନାମର ମୈତ୍ରୀ ଥିବାରୁ ଷ୍ଟେଟମାନଙ୍କରେ ଆନ୍ଦୋଳନ ଦବାଇବା ଉଦ୍ଦେଶ୍ୟରେ ଗୋଟାଏ ସନ୍ଧି ପ୍ରସ୍ତାବରେ ସ୍ୱାକ୍ଷରିତ ହେବାର ଗୁଜବ । ··· ···

## ଜାଣିଛକି ?

ଧର୍ମଘଟ ଶବ୍ଦକୁ ଅଭିଧାନରେ ନପାଇ ଅନେକ ଲୋକ ତାହାକୁ ଜୀବର ଘଟ (ଶରୀର) ଗଣେଶ ଘଟ, ଘଣ୍ଟ ପାଟୁଆ ଘଟ, ପ୍ରଭୃତି ପରି ଗୋଟାଏ ଘଟ ବୋଲି ମନେକରି ଥାନ୍ତି ।

କିନ୍ତୁ ତାହା ରେଭେନ୍ସା କଲେଜର ଅଇନ ଅଧ୍ୟାପକଙ୍କ ଘଟ ଓ ବମ୍ବେର ଶ୍ରମିକଙ୍କ ଘଟ ମଧ୍ୟ ।

ସତ୍ୟାଗ୍ରହକୁ ଲୋକେ ଶନିଗ୍ରହ, ରାହୁଗ୍ରହ ପ୍ରଭୃତି ଗୋଟାଏ କି କୁଗ୍ରହ କି ସୁଗ୍ରହ ବୋଲି ଡରିଥାନ୍ତି ।

କିନ୍ତୁ ସୁବଳାରେ ତାହା ଡାକ୍ତରଖାନା ଗ୍ରହ ଓ ଦବାଖାନା-ଗ୍ରହ ରୂପେ ଆଖ୍ୟାତ ହେଉଛି ତ ସମାଜରେ ତାହା ବିଶ୍ୱନାଥଙ୍କ ଅନୁଗ୍ରହ ନାମରେ ବଦିତ ।

## କୁତୁକୁତୁ

ବାବୁ— ( ଚାକରକୁ ଡ଼ାକ ନେଲି ଦୁଇଟା ଅଣି ଅଣାକର ଘି ଓ ଅଣାକର ଚିନି ଅଣିବୁ ।'
ଚାକର—( ବଜାରରୁ ଫେରି ଆସି ) ଆଜ୍ଞା କେଉଁ ଅଣାଟାରେ ଘି ଓ କେଉଁ ଅଣା ଟାରେ ଚିନି ଅଣିବି ।

Digitized by srujanika@gmail.com

# କୋଷ୍ଠି ବିଚାର

## ସୀମାନ୍ତ ଗାନ୍ଧି-ଖାଁ ଅବଦୁଲ ଗଫୁର ଖାଁ

**ଚରିତ୍ର**—ଉଦାର, ସତ୍ୟସନ୍ଧ, ସରଳ ବଳଶାଳୀ, ଶାନ୍ତସ୍ୱଭାବ, ବହୁଜନପ୍ରିୟ, ମାନ୍ୟବାନ, ଧର୍ମନିଷ୍ଠ, ସହଷ୍ଣୁ ଜନନେତା ।

**ପୂର୍ବଜନ୍ମ**—ସତ୍ୟ ଯୁଗରେ ଏ ଥିଲେ ପ୍ରହ୍ଲାଦ । ଅଯୁତ ଯୁଗ ରାଜ୍ୟ ଭୋଗ କରି ଇନ୍ଦ୍ର ପଦ ପ୍ରାପ୍ତ ହେଲେ । ତ୍ରେତାରେ ରାମାବତାର ହେବାରୁ ସେ ସ୍ୱେଚ୍ଛାରେ ଗୁହକ ନାମକ ଚଣ୍ଡାଳ ପତି ହୋଇ ଜନ୍ମ ଗ୍ରହଣ କଲେ । ଭଗବାନ ରାମଚନ୍ଦ୍ରଙ୍କ ସେବା କରି ଥିବାରୁ ପୁଣ୍ୟ ବଳରେ ସେ ଦ୍ୱାପର ଯୁଗରେ ବ୍ରାହ୍ମଣ କୁଳରେ ଜାତ ହୋଇ ସୁଦାମା ନାମ ଧାରଣ କରି ଶ୍ରୀକୃଷ୍ଣଙ୍କର ବାଲ୍ୟ ସଖା ହେଲେ ।

ସୁଦାମା ଅତ୍ୟନ୍ତ ଦରିଦ୍ର ଥିଲେ । ସେ ଶୁଣିଲେ ଯେ ତାଙ୍କ ସଖା ଶ୍ରୀକୃଷ୍ଣ ଦ୍ୱାରକାରେ ରାଜା ହୋଇ ଅଛନ୍ତି । ଏଣୁ ସେ ସଖାଙ୍କୁ ଭେଟିବା ପାଇଁ ଖୁଦ ମୁଠିଏ କାନିରେ ବାନ୍ଧି ଦ୍ୱାରକାରେ ଉପନୀତ ହେଲେ । ଶ୍ରୀକୃଷ୍ଣ ତାଙ୍କୁ ଚିହ୍ନିପାରି ତାଙ୍କର ଖୁଦ ଖାଇଲେ ଓ ଅତି ଆଦରରେ ହସ୍ତ ଧରି ହସ୍ତୀଦନ୍ତ ପଲଙ୍କରେ ବସାଇଲେ ଓ ନିଜେ ପାଦ ଧୌତ କରି ଦେଲେ । ତାଙ୍କ ଆଜ୍ଞାରେ ଅଷ୍ଟପାଟ ବଂଶୀ ମହର୍ଷୀମାନେ ନାନା ଉପଚାରରେ ସୁଦାମାଙ୍କର ସେବା କଲେ । ଏ ଅନ୍ତେ ସେ ସ୍ୱଗୃହକୁ ଲେଉଟି ଆସି ଦେଖିଲେ ଭଗବାନଙ୍କ କୃପାରୁ ତାଙ୍କର କୁଟୀର ସ୍ୱର୍ଣ୍ଣ ପ୍ରାସାଦରେ ପରିଣତ ଓ ଭଣ୍ଡାର ଅସରନ୍ତି ଧନ ରତ୍ନରେ ପରିପୂର୍ଣ୍ଣ ହୋଇଛି । ଗୋ, ଅଶ୍ୱ, ହସ୍ତୀ, ଦାସ, ଦାସୀ, ପାଇକ, କୋଠିଆ ଭୃତ୍ୟମାନେ ଖଟଣି ରହିଛନ୍ତି । ବାହାର ଉଦ୍ୟାନ ନାନା ଫଳ ପୁଷ୍ପ ଲତାଦିରେ ପରିଶୋଭିତ । ଏହା ଦେଖି ସେ ଚକିତ ହେଲେ ଓ ଶ୍ରୀକୃଷ୍ଣଙ୍କ କୃପାରୁ ଏହା ହୋଇଛି ବୋଲି ଜାଣି ପାରିଲେ ।

ବହୁକାଳ ଏ ସମ୍ପଦ ଭୋଗ କରୁଁ କରୁଁ କ୍ରମେ ସୁଦାମାଙ୍କର ଧନ ମଦରେ ମତି ଭ୍ରମ ହେଲା । ତାଙ୍କର ସଖା ଜଣେ ଅନୁଗ୍ରହ କରି ତାଙ୍କୁ ଏଡ଼େ ବଡ଼ କରିଦେଲା ବୋଲି ଚିନ୍ତି ସେ ଅପମାନ ବୋଧ କଲେ । ତେଣୁ ତାଙ୍କ ମନରେ କୃଷ୍ଣଙ୍କ ପ୍ରତି ହିଂସା ଭାବର ଉଦୟ ହେଲା । ମାତ୍ର ଲୋକନିନ୍ଦା ଭୟରୁ ଏକଥା ସେ କାହାକୁ ନକହି ଆପଣା ମନରେ ରଖିଲେ ।



ଏହି ପାପରୁ ପର ଜନ୍ମରେ ସେ ପଶୁଯୋନି ପ୍ରାପ୍ତ ହୋଇ ଦଣ୍ଡକାରଣ୍ୟରେ ବ୍ୟାଘ୍ର ହୋଇ ଜନ୍ମିଲେ । ବହୁ ଜୀବହତ୍ୟା କଲେ ମଧ୍ୟ ପୂର୍ବ ଜନ୍ମର ସଂସ୍କାର ତାଙ୍କର ଯାଇ ନ ଥିଲା । ସେଥିପାଇଁ ସେ ଦାନ, ଧ୍ୟାନ, ବ୍ରତ, ଉପବାସାଦି ମଧ୍ୟ କରୁଥିଲେ । କ୍ରମେ ଅତି ବୃଦ୍ଧ ହେବାରୁ ଶିଥିଳିତ ଚର୍ମ, ଗଳିତ କେଶ, ଗଳିତ ଦନ୍ତ, ଦୁର୍ବଳ ପାଦ ହୋଇ ଶିକାର କରିବାରେ ଅକ୍ଷମ ହେଲେ । ଏଣୁ ସେ ଏକ ଫନ୍ଦି ପାଞ୍ଚିଲେ । ଏକ ପଙ୍କମୟ ତଡ଼ାଗ ମଧ୍ୟରେ ଛିଡ଼ା ହୋଇ ଓ ଏକ ସୁବର୍ଣ୍ଣ କଙ୍କଣ ଧରି ଡକା ପକାଇବାକୁ ଲାଗିଲେ, "ହେ, ପଥିକ, କେହି ଅଛ, କେହି ଆସି ଏହି ସ୍ୱର୍ଣ୍ଣ କଙ୍କଣ ନିଅ । ଆମେ ଜଳ ମଧ୍ୟରେ ଛିଡ଼ା ହୋଇ ଚାନ୍ଦ୍ରାୟଣ କରୁଛୁ । ଆମେ ନଖ ଦନ୍ତ ହୀନ ଅକ୍ଷମ ଥିବାରୁ ତୁମର ପ୍ରାଣ ହାନିର ଭୟ ନାହିଁ । ମୋ ପାଖକୁ ଆସ ।"

ଏହା ଶ୍ରବଣ କରି ଜଣେ ଲୋଭୀ ପଥିକ ବ୍ୟାଘ୍ର ନିକଟକୁ ଗଲା ସେ ପଙ୍କରେ ଲଟକି ମୃତ ହୁଅନ୍ତେ ବ୍ୟାଘ୍ର ତାକୁ ଆସି ଭକ୍ଷଣ କରେ । ଏଥିରେ ବ୍ୟାଘ୍ରକୁ ହିଂସା ବା ଜୀବ-ହତ୍ୟା ପାପରେ ପଡ଼ିବାକୁ ହୁଏ ନାହିଁ । ଉଦର ଭରଣ ପାଇଁ ସେ ଯାହା କରେ ନିଦ୍ରାରେ ପାପ ଲାଗି ନାହିଁ ଅସିବ ? କାରଣ, ତହିଁରେ ହିଂସା ଭାବ ନଥାଏ ପରା !

ଏ ରୂପେ ଦିନ ଯାଉଥାଏ । ଏକ ଦିନକରେ ଭଗବାନ ବୁଦ୍ଧଦେବ, ଯେ କି ଏ ଜନ୍ମରେ ମହାତ୍ମା ଗାନ୍ଧୀ ହୋଇଅଛନ୍ତି—(ଗାନ୍ଧୀ କୋଷ୍ଠି ଦେଖ) ସେ ବାଟରେ ଯାଉଁ ଯାଉଁ ପୂର୍ବ ସଖା ବ୍ୟାଘ୍ରର ଅବସ୍ଥା ଦେଖି ସବୁ କଥା ଜାଣି ପାରିଲେ । ବ୍ୟାଘ୍ର ତାଙ୍କୁ ଦେଖି, ଆନନ୍ଦରେ ଡକା ପକାଇଲା । ବୁଦ୍ଧଦେବ ତାହା ନିକଟକୁ ଯାଇ ତାକୁ କୋଳ କରନ୍ତେ, ବ୍ୟାଘ୍ରର ଦିବ୍ୟ ଜ୍ଞାନ ଉଦୟ ହେଲା । ସେ ପଦତଳେ ପଡ଼ି ଉଦ୍ଧାର ପ୍ରାର୍ଥନା କରନ୍ତେ ଦୟାମୟ ବୁଦ୍ଧ ତାକୁ କହିଲେ କି "ତୋ ପୂର୍ବ ଦ୍ୱାରା ତୋର ପାପ କ୍ଷୟ ହୋଇଅଛି । ବର୍ତ୍ତମାନ ତୁ ସ୍ୱର୍ଗରେ ବାସ କରିବୁ । ମାତ୍ର ଆମ୍ଭର ଗାନ୍ଧି ଅବତାର କାଳରେ ତୁ ପବିତ୍ର ଯବନ କୁଳ ସଦ୍‌ବଂଶରେ ଜାତ ହୋଇ ଆମ୍ଭ ଯୁଗଧର୍ମ ପ୍ରଚାର କାର୍ଯ୍ୟରେ ସହାୟତା କରିବୁ । ଭକ୍ତି ଓ ନିଷ୍ଠା ସହିତ ଏ କାର୍ଯ୍ୟ କରି ଆମ୍ଭେ ଯେବେ ଧର୍ମ ସଂସ୍ଥାପନ କରି ସ୍ୱ ଧାମକୁ ଫେରିବୁ—ତୁ ତେବେ ପୂର୍ଣ୍ଣ ସାଯୁଜ୍ୟ ମୁକ୍ତି ଲାଭ କରି ନିତ୍ୟ ବୈକୁଣ୍ଠ-ରେ ସ୍ଥାନ ପାଇବୁ ।

---

## କୁଡ୍‌କୁଡ୍

ଶୁକୁଟା—ଥରେ ମୋର କୋଷ୍ଠିଏ ଗଣି ଦେ
କହିବେ ?

ଜ୍ୟୋତିଷ—ନିଶ୍ଚୟ ! ଆଗ ଜୋଡ଼ିଏ ମୁଦ୍ରାର
ନାମ କହ ।

ଶୁକୁଟା—ଟୋଲପ ।

ଜ୍ୟୋତିଷ—(ଗଣନା କରି) କାର୍ଯ୍ୟଟି ନିଶ୍ଚୟ
ସଫଳ ହେବ ।

ଶୁକୁଟା—ଆଉ ତେବେ କଣ ! ଶଶୁରେ...

ଜ୍ୟୋତିଷ – ଅଭଦ୍ର, ଅସଭ୍ୟ—

ଶୁକୁଟା—ବାଃ, ମୁଁ ପ୍ରଶ୍ନ କରିଥିଲି କି ତମ
ଝିଅକୁ ବିଭା ହେବି କି ନାହିଁ ।
ଏବେ ମୁଁ ଅସଭ୍ୟ ନା ତମେ
ଅସଭ୍ୟ ?

Digitized by srujanika@gmail.com



ସ୍ନେହର ନାଗବନ୍ଧୁ ଓ ଭଉଣୀ ବନ୍ଧୁମାନେ,

ତମ ଭିତରୁ ଅନେକ ମୋତେ ନାଗବନ୍ଧୁ ବିଭାଗ ପାଇଁ ପୁଣି ଦୁଇରୁ ତିନି ପୃଷ୍ଠା ଛାଡ଼ି ଦେବାକୁ ଅନୁରୋଧ କରୁଛନ୍ତି। ମୁଁ ନିଜେ ତମ ସହିତ ଏକ ମତ। କାରଣ ତମର ଲେଖା ଗୁଡ଼ିକ ଏତେ ବଢ଼ୁଛି ଯେ ୨ ପୃଷ୍ଠାରେ ମୁଁ ତାକୁ ଭରି ଦେବା ବେଳକୁ ପେଟ ଫାଟି ପଡ଼ୁଛି। ୩ ପୃଷ୍ଠା ନ ହେଲେ ଚଳୁ ନାହିଁ। ଏ ବିଷୟରେ ସମ୍ପାଦକ କିନ୍ତୁ ଅମତ। ସେ କହନ୍ତି ନାଗବନ୍ଧୁ ସଂଖ୍ୟା ପ୍ରାୟ ୨୦୦ ହୋଇଗଲା, କିନ୍ତୁ ୨୦୦ର ଶୂନ ଛାଡ଼ି କୋଡ଼ିଏ ଜଣ ବି ଗ୍ରାହକ ଥିବାର ଜଣା ପଡ଼ୁନାହାନ୍ତି। ଯଦି ୨୦୦ ଜଣ ଯାକ ପ୍ରତ୍ୟେକ ଗ୍ରାହକ ହୋଇ ୫୦୪ କରି ଉଗର ଅଫିସକୁ ପଠାଇ ଦିଅନ୍ତି ତେବେ ସେ ୩ ପୃଷ୍ଠା ଛାଡ଼ି ଦେବେ ଓ ଉଗରର ଚିତ୍ର ମଧ୍ୟ ବଢ଼ାଇ ଦେବେ। ମୋର ଆଶା ତମେ ଏଥିରେ ଏକମତ ହେବ।

ସ୍ନେହର ଅଜା (ଦୁଇ ବଚନ)

## ପିଲା ବିବେକାନନ୍ଦ।

ତମେମାନେ ସ୍ୱାମୀ ବିବେକାନନ୍ଦଙ୍କ ନାମ ଶୁଣିଥିବ। ସେ ଜଣେ ବଡ଼ ପ୍ରତିଭାଶାଳୀ ଲୋକ ଥିଲେ। ତାଙ୍କୁ ପିଲାଦିନେ 'ନରେନ୍ଦ୍ର' ବୋଲି ସମସ୍ତେ ଡାକୁଥିଲେ। ପରେ ଶ୍ରୀ ରାମକୃଷ୍ଣ ପରମହଂସ ତାଙ୍କର 'ବିବେକାନନ୍ଦ' ନାମ ଦେଲେ। ସେ ତାଙ୍କର ଶିଷ୍ୟ। ବିବେକାନନ୍ଦ ପିଲାଦିନୁ ଅତ୍ୟନ୍ତ ବୁଦ୍ଧିମାନ ଥିଲେ।

ପିଲାଦିନେ ସେ ଥରେ ଚଡ଼କ ମେଳା ଦେଖିବାକୁ ଯାଇଥିଲେ। ସେତେବେଳେ ତାଙ୍କୁ ଜମା ଛ' ବର୍ଷ ବୟସ ହୋଇଥିଲା। ମେଳାରୁ ସେ ଗୋଟିଏ ମହାଦେବ ମୂର୍ତ୍ତି କିଣି ଘରକୁ ଫେରୁଥିଲେ। ତାଙ୍କ ସାଥିରେ ତାଙ୍କର କେତେ ଜଣ ସାଥି ପିଲା ମଧ୍ୟ ଥିଲେ। ବାଟରେ ହଠାତ୍ ସେ ଦେଖିବାକୁ ପାଇଲେ ଯେ ଗୋଟିଏ ଛୋଟ ବାଳକ ଗୋଟେ ଘୋଡ଼ାଗାଡ଼ି ଆଗରେ ପଡ଼ିଛି। ଆଉ ଟିକିଏ ପରେ ଗାଡ଼ିଟି ପିଲାଟିକୁ ମାଡ଼ିଦେବ। ସମସ୍ତେ ହାଁ ହାଁ କରୁଥାନ୍ତି କେହି ସାହସ କରି ପିଲାଟିକୁ ହଠାତ୍ ଗାଡ଼ି ଆଗରୁ ନେଇ ଆସୁ ନ ଥାନ୍ତି। ପିଲା ବିବେକାନନ୍ଦ ଏତେବେଳେ ଆଉ ତାଙ୍କର ପ୍ରିୟ ମୂର୍ତ୍ତିଟି ପ୍ରତି ଭ୍ରୂକ୍ଷେପ କଲେ ନାହିଁ। ସେ ସେଇଟିକୁ ଦୂରକୁ ଫିଙ୍ଗି ଦେଲେ ଏବଂ ଧାଇଁ ଯାଇ ଗାଡ଼ି ଆଗରୁ ବାଳକଟିକୁ ଟାଣି ଆଣିଲେ। ବାଳକଟି କେବଳ ବିବେକାନନ୍ଦଙ୍କ ଯୋଗୁଁ ରକ୍ଷା ପାଇଲା। ନ ହେଲେ ହୁଏତ ତା'ର ପ୍ରାଣ ଚାଲି ଯାଇ ଥାଆନ୍ତା କିମ୍ବା ସେ ସାଂଘାତିକ ଭାବେ ଆହତ ହୋଇଥାନ୍ତା। ବିବେକାନନ୍ଦଙ୍କର ଏପରି ପରୋପକାରିତା ଯୋଗୁଁ ସମସ୍ତେ ତାଙ୍କୁ ଧନ୍ୟ ଧନ୍ୟ କଲେ।

ସେ ପିଲାଦିନୁ ଏହିପରି ଗୋଟିଏ ଗୋଟିଏ ଭଲ କାମ କରି ପରେ ଖୁବ୍ ବଡ଼ ବଡ଼ ଭଲ କାମ କରି ଜଣେ ମହାପୁରୁଷ ହୋଇ ପାରିଥିଲେ। ବିବେକାନନ୍ଦ ମରି ଗଲେଣି। କିନ୍ତୁ ଆଜିଯାଏଁ ଲୋକେ ତାଙ୍କ ମୂର୍ତ୍ତିକୁ ପୂଜା କରନ୍ତି। କାହିଁକି ଜାଣ? ସେ ଅନେକ ବଡ଼ ବଡ଼ କାମ କରିଥିଲେ ବୋଲି ତାଙ୍କୁ ଲୋକମାନେ ଆଜିଯାଏଁ ମନେ ରଖି ପାରିଛନ୍ତି। ଟିକିଏ ଟିକିଏ ପାଣି ମିଶି ମହାସାଗର ହେଉଛି। ଟିକିଏ ଟିକିଏ ଛୋଟ ଛୋଟ କାମ କରି ପାରିଲେ ଲୋକ ପୁଣି ବଡ଼ ବଡ଼ ଭଲ କାମ କରିପାରେ।—ଶ୍ରୀ ବସନ୍ତକୁମାର ବେହେରା

ସ୍ନେହର ନାଗ ଭାଇମାନେ,

ଜଗତରେ ସବୁ ପ୍ରାଣୀଙ୍କର ଚେତନା ଅଛି ଓ ସେମାନେ ନିଜକୁ ବଳବାନ କରିବା ପାଇଁ ସଂଗଠିତ ହୁଅନ୍ତି। ସବୁ ସଂଗଠନ ଏକ ଦିଗରେ ଏକ ମୁଖୀ ହୋଇ ଧାଏଁନି। ପ୍ରତ୍ୟେକର ଗୋଟାଏ ଲେଖାଏଁ ସ୍ୱତନ୍ତ୍ର ବାଟ ଥାଏ। ସେପରି ଆମର ଗୋଟାଏ ସ୍ୱତନ୍ତ୍ର ବାଟ ହେବ। ୬୦ ନମ୍ବର ନାଗ କହନ୍ତି ଦେଶ ସେବା କରିବା। ସମସ୍ତଙ୍କ ମୁଖ ସେଇଆଡ଼େ। ଏଇଟା ସମସ୍ତେ ତ କରିବେ ଓ ଏହା ସେମାନଙ୍କର କର୍ତ୍ତବ୍ୟ। ତେବେ ଏଇଟା ଗୋଟାଏ ନୂତନ ପ୍ରସ୍ତାବ ହେଲାନି।

ଆମର ଦେଶ ସେବା ସହିତ ଗୋଟାଏ ଅନ୍ୟ ତମ କର୍ତ୍ତବ୍ୟ ହେବ କଅଣ, ତାହା ବୁଝିବା ଦରକାର। ଆମର ଛୋଟ ସଂଗଠନ ଅଛି। ଆମେ ନିହାତି ଦେଶ ସେବା କାୟିକ ଭାବରେ କରି ପାରୁଛୁଁ। କିନ୍ତୁ କେଉଁ ଭାବରେ ଦେଶ ସେବା କରିବା ଦରକାର ସେହି କଥା ଭାବିବା ଆବଶ୍ୟକ। ପ୍ରଥମେ ସମସ୍ତ ନାଗ ଭାଇଙ୍କୁ ଗୋଟାଏ ଯାଗାରେ ଏକତ୍ର କରି ସ୍ୱତନ୍ତ୍ର କାର୍ଯ୍ୟକାରୀ କମିଟି ଗଢ଼ି ତହିଁରେ ଯଥାର୍ଥ କାର୍ଯ୍ୟରେ ହସ୍ତକ୍ଷେପ କରିବା ବାଞ୍ଛନୀୟ। ଅଜାଙ୍କୁ ଏଥିପାଇଁ ଅନୁରୋଧ କରିବା। ସେ ଏ ବିଷୟରେ lead ନେବା ଦରକାର। ଗୋଟାଏ ନାଗ ବୈଠକ ହେବା ପାଇଁ ଯାହା ଅର୍ଥ ବା ଧନ ଦରକାର ସେଥିପାଇଁ ଗୁହାରି ଅଜା ଠିକ କରିବେ ଏବଂ ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ପଠାଇବ। ତେବେ ଆମର ଏହି ଆନ୍ଦୋଳନ ଦେଶ ସେବାରେ ଲଗାଇ ନିଜକୁ ଧନ୍ୟ ମନେ କରିବା।

ଆଉ ଅଜା ପାଖରେ ଅଳି କରୁଛି ଯେ ସେ ଆମ ପାଇଁ ଦୁଇ ପୃଷ୍ଠା ଛାଡ଼ି ଦେବେ। ଅଜା କଣ ନାତିଙ୍କ କଥା ଶୁଣିବେ ନା! ଏଇ କମିଟି ବିଷୟ ଅଜା ତାଙ୍କ ପର୍ଚ୍ଛାରେ ସମସ୍ତଙ୍କୁ ବି ଜଣାଇ ଦେବେ। ଏତିକିରେ ବିଦାୟ।—ତମର ଜଣେ ସାନ ନାଗଭାଇ

ହରେକୃଷ୍ଣ

—ଆଈ—

ଯେଉଁଦିନ ଅମେ ଆଈଙ୍କୁ ଦେଖିଲୁ
ନବୀନ ଗୃହସ୍ଥ ବେଶରେ,
ହାତେ ଅଛି ବାଙ୍କୁ ମୁଣ୍ଡରେ ଠାକୁଅ
ଗଭି ଶୁଭ୍ର କେଶ ପରେ ।
ସୁନ୍ଦର ଶଙ୍କୁଣ ପାନଖିଆ ଓଠ
ଦନ୍ତହୀନ ଚାନ୍ଦ ମୁଖ,
ଭୁଅ ବହଳିଆ ଜଣି ଅଖି ଦୁଇ
ଦିଶୁ ଅଛି ଜକ ଜକ ।
—ସେହିଦିନୁ ମନେ ଶରଧା ରହିଲା
ଆଈଙ୍କୁ ପୁଛିବୁ ଥରେ,
ଜବ ରସିକା ସେ କେଉଁ ଭାବେ ଦିନ
କାଟନ୍ତି ଅଜାଙ୍କ ଘରେ ?
ଛେଡେ ଛେଡେ କଥା ମନେ ଯେବେ ଥିଲା
ପୁଛିବାକୁ ଠିକ ନାଇ,
ଥରକ ଏ ରୂପ ଦେଖିଲା ମାତ୍ରକେ
ଛନକା ପଶିଲା ଛାତି ।
ତହୁଁ ମନେ ଏବେ ପଶିଲା ଚେତନା
ଅଜା ଅମ ବଡ ଜ୍ଞାନୀ,
ସନ୍ଦେହ ଯିବ ତ ସବୁ କଥା ତାଙ୍କ
ପାକୁଆ ପାଟିରୁ ଶୁଣି ।

—ନାଗବଗ୍ର—

ଏକ—ହରେକୃଷ୍ଣ ମହାପାତ୍ର
ଦୁଇ—ଜାନକୀବଲ୍ଲଭ ମହାନ୍ତି

## ନାଗବଗ୍ରବରିଙ୍କ 'ଫଁ'ର ଅଜାଙ୍କ ଗାରଡ଼ି

ହରେକୃଷ୍ଣ ଓ ଜାନକୀ ( ୧୨୩, ୧୮୬ ) ମୁଁ କେଉଁ ଗଡ଼ଜାତର ରଜା ନୁହେଁ । ମୋ' ଅନଧୀରେ ଯିଏ ରହେ ମୁଁ ତାକୁ ଗୁଲା କରିବା ତ ଦୂରର କଥା ଓଲଟି ସେମାନେ ମୋ ନ୍ନପାରିଲା ପଣ ଦେଖି ମୋ ଉପରେ ଘୋଡ଼ା ଚଢ଼ନ୍ତି । ମୁଁ ତମକୁ ଅଧୀନ କରି ରଖୁ ନାହିଁ । ତମକୁ ଏକାଠି କରି ଦେଇଲେ ମୋତେ ସୁଖ ଲାଗେ । ତମେ ମୋ କଟ୍ଟମତର ଅଧୀନ ନୁହଁ—ମୋ ସ୍ନେହର ଅଧୀନ ହୋଇ ପାର ।

ନାଗବାହିନୀ ଓ ନାଗବଗ୍ର ଦଳ ଭିତରେ ସ୍ୱଭାବତ କିଛି ତଫାତ ନାହିଁ । ଯାର ଅଦର୍ଶ-ବାଳକ ବା ଯୁବକ ହେବାର ମନ ଥିବ ତାକୁ ଯେଉଁ ନାମ ଦେଲେ ବି କିଛି କ୍ଷତି ହେବ ନାହିଁ । ତା' ଛଡ଼ା ମୁଁ ତ ତମର ସେନାପତି ନୁହେଁ—ମୁଁ ତମର ଅଜା ।

ବଣୁଆ ନାଗଙ୍କୁ ମୋ ପେଡରେ ପୂରାଇଲେ ତମକୁ ଖୋରଦାଠୁଁ ଭଦ୍ରଖ ଯାଏ ଲମ୍ବ ପାନଖିଲେ ଦେବ ।

ବିନୋଦ—( ୧୧୬ )—ତମ ସହିତ ମୁଁ ଏକମତ । ତମର ଓଡ଼ଲ ଭାଇ ଯେ କହୁଛନ୍ତି ଝଗଡରେ ରଙ୍ଗରସ କମିଗଲା ବୋଲି ତା ନୁହେଁ । ହୁରିହୁରୁ ବେଶୀ ନ ହେଲେ କ'ଣ ହେବ, ନୂଆ ନୂଆ ବ୍ୟଙ୍ଗ ଚିତ୍ର, ଖାଲୁଆବଗ୍ରର, ଖବର ଅନ୍ତର, ପହେଲୀ, କିନ୍ତୁ, କାହିଁକି, ପ୍ରାଇଭେଟ ପ୍ରଭୃତି ନାନାଦି ରଙ୍ଗ ରସରେ ଝଗଡ଼ା ଭରି ରହିଛି ।

ପୁରୁଷ ଓଡ଼ିଆ ନହେଲେ ଓଡ଼ିଶାର ମନ୍ତ୍ରୀ ଯିନା ହେଇ ପାରିବେ ନାହିଁ କିନ୍ତୁ ତମ ମନ୍ତ୍ରୀ ଅପା ତ ପୁରୁଷ ନୁହନ୍ତି ।

ଶ୍ରୀରାମ—( ୧୪୧ )—" ସାମ୍ୟବାଦୀମାନେ କେଉଁ ଗଡ଼ଜାତ ଲୋକଙ୍କୁ ହିଂସା ଅନ୍ଦୋ-ଳନରେ ମତାଇଲେ ତାହା ତମକୁ ଜଣା ଥିବ । ମୁଁ ଜାଣେ ନାହିଁ । ହେଲେ ବି ମୋର ନାଗଜୁଆମାନେ ସେଥିରୁ କିଛି ଶିକ୍ଷା କରୁ ନାହାନ୍ତି । ମୋର ବିଶ୍ୱାସ ସେମାନେ ଅହିଂସା ପାଳନ କରିବାକୁ ଚେଷ୍ଟା କରୁ ଥିବେ । ସତ୍ୟ ସମର୍ଥିତ କଲେ ସତ୍ୟ ଅହିଂସା ବଢ଼େ ନାହିଁ । ସତ୍ୟ ଅହିଂସା ସାଧନ କେବଳ ନିଜର ଚେଷ୍ଟା ଦ୍ୱାରା, ଆତ୍ମ ଉନ୍ନତି ଦ୍ୱାରା ହୁଏ ।

ବସନ୍ତ—( ୫୩ ) ତମେ ପୂଜା ଛୁଟିରେ ମାଛଧରା ଶିଖି କେତୁଟା ମାଛ ଧରିଥିବ । ସେଥିରେ ଆଈଙ୍କି ଖାଇବାରେ ସାଙ୍ଗ କରି-ଥିଲେ ବଡ଼ ହଇରାଣରେ ପଡଥାନ୍ତ । ଭାଗ୍ୟେ ତାଙ୍କୁ ନ ଡାକି ମନେ ମନେ ପାଞ୍ଚିଥିଲ ! ପେଟ ଠା ଭଲ ରହିଥିଲା ତ ?

ନରେନ୍ଦ୍ର (୧୪୯)—ମୋ ରୂପ ପଚରା ପଡ଼ ଗଲାଣି । ଏଣିକି ଆଈ ରୂପ ବର୍ଣ୍ଣନା କର । ଆଈ ଡେଙ୍ଗୀ କି ବାଙ୍ଗରା, ମୋଟି କି ପାତଳୀ କଲେ ବୁଝି ପାରିବ ।

ପ୍ରଫୁଲ୍ଲ—( ୧୫୦ )—ଆଈଙ୍କ ଇଚ୍ଛାକୁ ପଦାରେ ପଡ଼ିବାକୁ ନ ଦେଇ ଗଣ୍ଠି ପକାଇ ରଖିବାର ସାହସ ଦେଉଛ ଯେତେବେଳେ ତାଙ୍କ ରୂପ ବର୍ଣ୍ଣନା କରିବାରେ ମୋର ଆପତ୍ତି ନାହିଁ । କିନ୍ତୁ ଚୁଟିଆ ମୂଷାକୁ ସାବଧାନ ଥିବଟି ।

ଚନ୍ଦ୍ରମୋହନ ( ୯୨ ) ତମକୁ ଯଦି କେହି ସଙ୍ଗୀ ନ ମିଳୁଛନ୍ତି ତେବେ ଲେଖା ସାଙ୍ଗ କର । ଯେତେ ପାର ଚିଠି ଲେଖ । ତଦ୍ୱାରା ଲେଖିବାର ଶକ୍ତି ବଢ଼ିବ । ଆଈଙ୍କୁ ୧୨ ଅଣା ନମସ୍କାର ଦେଲ ଅଇ ତେବେ ବି ନାହିଁକ । ମୋ ଚିଠି ରୁ କିଛି ଗୃହାନ୍ତି ।

ବିଧୁ—ତମର ପରୀକ୍ଷାରେ ପାସ୍ ହେବା ପାଇଁ ତମ କଥା ମାନି ତମ ଆଈ ମହାଦେବଙ୍କ ପୂଜା କରୁଛନ୍ତି କିନ୍ତୁ ବାଲେଶ୍ୱରରେ ଗଞ୍ଜା ଅଫିସ ବନ୍ଦ ହୋଇ ଯିବାରୁ ମହାଦେବ ତା' ପାଇ ପାରୁ ନାହାନ୍ତି । ବୋଲି ତାଙ୍କର ବଡ଼ ରାଗ ।

( ଖୁଣ୍ଟି ଗପ, ବଡ଼ ପଣ୍ଡିତଙ୍କ ବୁଦ୍ଧି, ହିତଭଣ୍ଡାର ପର ଅନୁମୋଦିତ ହୋଇନାହିଁ ।)

## ଲେଖାସାଙ୍ଗ

ବଳ୍ପ୍ତ (୧୧୮)—ସ୍ୱାଧୀନତା ଅନ୍ଦୋଳନ କରିବାକୁ ଭଲ ପାନ୍ତି । ଯାହାର ଦେଶର ସ୍ୱାଧୀନତା ପାଇଁ ହୃଦୟ କାନ୍ଦେ ସେ ତାଙ୍କର ସାଙ୍ଗ ଲୋଡ଼ନ୍ତି ।

ବସନ୍ତ (୩)—ଡାକ ଟିକଟ, ପୋଷ୍ଟ କାର୍ଡ଼, ଲଫାପା, ମୁଦ୍ରା, ନାଗବଗ୍ର ଓ ବଡଙ୍କ ଫଟୋ, ଡଅସିଲ ଖୋଳର ଉପର ଚିତ୍ର, ତ ସ ଢୋଙ୍କର ଓ ଖିଅର ହେବା ବ୍ଲେଡର ଖୋଳ ସଂଗ୍ରହ କରନ୍ତି । ଏ ସବୁରେ ସାହାଯ୍ୟ କରିବା ଭଳି ଲେଖା ସାଙ୍ଗ ସେ ଖୋଜୁଛନ୍ତି ।

୧୪୦ ନମ୍ବର ନାଗୁଣୀଙ୍କୁ ସେ ଲେଖାସାଙ୍ଗ କରିବାକୁ ଚାହାନ୍ତି । ଯେତେ ନାଗବଗ୍ର ବଡ ତାଙ୍କୁ ଚିଠି ଦେବେ ସେ ନିଶ୍ଚୟ ତାର ଉତ୍ତର ଦେବେ ।

ମଳୟ ( ୧୧୬ ) ୧୪୮ ନମ୍ବର ନାଗୁଣୀଙ୍କ ସହ ସେ ଲେଖାସାଙ୍ଗ କରିବାକୁ ଚାହାନ୍ତି ।

ଚନ୍ଦ୍ରମୋହନ—( ୯୨ ) ଗପିବାକୁ ଓ ବୁଲିବାକୁ ଭଲ ପାଆନ୍ତି । କେହି ଲେଖାସାଙ୍ଗ ହେବ କି ?

## ନୂଆ ନାଗବଗ୍ରଙ୍କ ନାମ

୧୫୫ ଶ୍ରୀଧର ଦାସ—ଧରମଶାଳା ଏମ୍, ଇ, ସ୍କୁଲ,୭ମଶ୍ରେଣୀ,କଟକ । ୧୫୬—ଜୟନ୍ତକୁମାର ପାଲ—ଗଡ଼ିଆ ଏମ୍, ଇ, ସ୍କୁଲ, ମୟୂରଭଞ୍ଜ । ୧୫୭ ବିଷ୍ଣୁମୋହନ ଦାସ—ଗଡ଼ିଆ ଏମ, ଇ, ସ୍କୁଲ, ୭ମଶ୍ରେଣୀ—ମୟୂରଭଞ୍ଜ । ୧୫୮ ଅନାଦି ଚରଣ ଧଳ—ଗଡ଼ିଆ ଏମ୍, ଇ, ସ୍କୁଲ ୭ମ ଶ୍ରେଣୀ—ମୟୂରଭଞ୍ଜ । ୧୫୯ ଘନବନ୍ଧୁ ମହାନ୍ତି ଗଡ଼ିଆ,ଏମ୍,ଇ,ସ୍କୁଲ, ୭ମଶ୍ରେଣୀ—ମୟୂରଭଞ୍ଜ । ୧୬୦ ମୁକୁନ୍ଦ ମଣ୍ଡଳ—ଗଡ଼ିଆ, ଏମ୍,ଇ,ସ୍କୁଲ, ୭ମ ଶ୍ରେଣୀ—ମୟୂରଭଞ୍ଜ । ୧୬୧ କୁମାରୀ ବନ-ଫୁଲ ଦେ—ମହୁଲାଡ଼ିଆ ପୋ: ଗୋପୀବଲ୍ଲଭ ପୁର, ମେଦନପୁର । ୧୬୨ ପ୍ରଭାକର ନନ୍ଦ—ଗୟାଳବଣ୍ଟା ଏଲ୍, ପି, ସ୍କୁଲ, ପୋ: ବଡ଼ଲଦା ଭାୟା ଡାଳଚଟନଗର । (କ୍ରମଶଃ)

Digitized by srujanika@gmail.com

# କିରାତାଦି ପାଚନ

ସମସ୍ତ ପ୍ରକାର ନୂତନ ଓ ପୁରାତନ ଜ୍ୱରର ପ୍ରଧାନ ଔଷଧ । ଏହି ଔଷଧକୁ ସେବନ କଲେ ଗୋଡ଼, ହାତ, ମୁଣ୍ଡ, ଅଣ୍ଟା, ପିଠି, ଘୋଳାଘଣ୍ଟା, ଦୈନିକ ନିର୍ଦ୍ଦିଷ୍ଟ ସମୟରେ ହେଉଥିବା ଜର, କମ୍ପଜ୍ୱର, ପାଳିଜ୍ୱର, ଅର୍ଥାତ୍ ଦିନେ ଛାଡ଼, ଦୁଇଦିନ ଛାଡ଼, ତିନିଦିନ ଛାଡ଼ ଆସୁଥିବା ଜ୍ୱର, ଏକ ସପ୍ତାହ, ଏକ ପକ୍ଷ, ଏକ ମାସ ଅନ୍ତରରେ ନିର୍ଦ୍ଦିଷ୍ଟ ବାର ଅର୍ଥାତ୍ ଯେଉଁ ବାରରେ ଜ୍ୱର ହୋଇଅଛି, ମାସେ ହେଲେ ପକ୍ଷେ ହେଉ ଛାଡ଼ି ଯାଇ ପୁନର୍ବାର ସେହି ବାରରେ ଜ୍ୱର ଆସିଲେ ଆମ୍ଭର ଏହି କିରାତାଦି ପାଚନକୁ ପାଳିର ପୂର୍ବଦିନ ଠାରୁ ସେବନ କଲେ ଆଉ ଜ୍ୱର ହେବାର ଆଶଙ୍କା ନ ଥାଏ । ବହୁଦିନ ଜ୍ୱର ଭୋଗ କରି କରି ପେଟର ପ୍ଲୀହା ଯକୃତ ବୃଦ୍ଧି ହେଲେ ଶରୀରର ରକ୍ତ ଶୋଷଣ ପୂର୍ବକ ପାଣ୍ଡୁ, ରକ୍ତସ୍ୱଳ୍ପତା, ଶୋଥ ଇତ୍ୟାଦି ଉପସ୍ଥିତ ହୋଇ ଉଦର ବୃଦ୍ଧି ହେଲେ ଏହି କିରାତାଦି ପାଚନ ନିୟମିତ ବ୍ୟବହାର କରିବା ଦ୍ୱାରା ଶତ ଶତ ଲୋକ ରୋଗମୁକ୍ତ ହୋଇ ପୁନଃ ସ୍ୱାସ୍ଥ୍ୟ ଲାଭ କରୁ ଅଛନ୍ତି । ଏହି ପରମୋପକାରୀ ଔଷଧର ମୂଲ୍ୟ ଉପକାର ତୁଳନାରେ ଅତି ସାମାନ୍ୟ କରାଯାଇ ଅଛି । ପ୍ରାୟ ୪ । ୫ ଜଣଙ୍କର ଜ୍ୱର ଛାଡ଼ିବା ଭଳି ଶିଶିର ମୂଲ୍ୟ ବାରଅଣା ମାତ୍ର । ଡାକଖର୍ଚ୍ଚ ଅଲଗା ଦେବାକୁ ପଡ଼ିବ ।

---

ଆମ୍ଭର ଏହି କିରାତାଦି ପାଚନ ବ୍ୟବହାର କରି ଅସଂଖ୍ୟ ଲୋକ ଉପକାର ପାଇଥିବାର ପ୍ରଶଂସା ପତ୍ର ଦେଇ ଅଛନ୍ତି—ସେଥିରୁ ଗୋଟିଏ ନିମ୍ନରେ ଦିଆଗଲା—

ଶ୍ରୀଯୁକ୍ତ ବାବୁ ମଦନମୋହନ ପଟ୍ଟନାୟକ ବି: ଏ: ଲେଖିଛନ୍ତି—

(ଇଂରାଜୀରୁ ଅନୁବାଦ)

ମୁଁ ଆଜକୁ ପ୍ରାୟ ବର୍ଷେ ହେବ ମ୍ୟାଲେରିଆରେ ପୀଡ଼ିତ ହୋଇ ଡାକ୍ତରୀ ଓ କବିରାଜୀ ଅନେକ ଔଷଧ ବ୍ୟବହାର କରି ମଧ୍ୟ ରୋଗମୁକ୍ତ ହେଲିନାହିଁ । ଏମଧ୍ୟରେ ବିଶିଷ୍ଟ ଡାକ୍ତରଙ୍କ ପରାମର୍ଶମତେ ୧୨ ଗୋଟା କୁଇନାଇନ ଇଞ୍ଜେକସନ ନେଲି ତଥାପି ରୋଗରୁ ମୁକ୍ତ ହେଲିନାହିଁ । ବରଂ ପେଟରେ ପ୍ଲୀହା ବୃଦ୍ଧି ହେବାକୁ ଲାଗିଲା । ମୋର ଜ୍ୱରର ଗୋଟିଏ ଆଶ୍ଚର୍ଯ୍ୟ ନିୟମ, ଯେତେବେଳେ ଜ୍ୱର ହେବ ଠିକ ଶନିବାରରେ ହେବ କିନ୍ତୁ କିରାତାଦି ପାଚନ ଶିଶି ତୁମ୍ଭଠାରୁ ଆଣି ବ୍ୟବହାର କରିବା ଦିନଠାରୁ ଆଉ ଜ୍ୱର ହୋଇନାହିଁ । କ୍ରମେ କ୍ରମେ ମୁଁ ପୂର୍ବ ସ୍ୱାସ୍ଥ୍ୟ ପ୍ରାପ୍ତ ହୋଇ ଆସୁଅଛି । ପେଟର ପ୍ଲୀହା ଆଉ ନାହିଁ । ଆଶାକରେ ଏହି ଔଷଧ ଗରିବ ଉତ୍କଳବାସୀଙ୍କର ବିପଦର ବନ୍ଧୁହେବ ।

ତୁମ୍ଭର—ଶ୍ରୀ ମଦନମୋହନ ପଟ୍ଟନାୟକ
H. R. E. Board
ବ୍ରହ୍ମପୁର—ଗଞ୍ଜାମ

---

# ସ୍ୱର୍ଣ୍ଣଘଟିତ

## ସାରିବାଦ୍ୟରିଷ୍ଟ ।

ଏହା ଗୋଟିଏ ସାଲସା । ଆୟୁର୍ବେଦୋକ୍ତ ଚେରମୂଳ ଦ୍ୱାରା ପ୍ରସ୍ତୁତ କରାଯାଇ ଅଛି । ଆଜକୁ ପ୍ରାୟ ଦଶବର୍ଷ ହେବ ଆମ୍ଭେ ଜନସାଧାରଣରେ ଏହାକୁ ପ୍ରୟୋଗ କରି ଯେଉଁ ଫଳ ପାଇଅଛୁ, ତାହା ପୁଙ୍ଖାନୁପୁଙ୍ଖ ରୂପେ ବର୍ଣ୍ଣନା କଲେ ଗୋଟିଏ କ୍ଷୁଦ୍ର ପୁସ୍ତକ ହେବ । ତଥାପି ନିମ୍ନରେ କେତେକ ବିଷୟ ବିବୃତ କରାଗଲା । ସଂକ୍ଷେପରେ କହିବାକୁ ଗଲେ ଦୂଷିତ ରକ୍ତ ପରିଷ୍କାର, ପାରଦୋଷ ସମ୍ପୂର୍ଣ୍ଣରେ ବିନାଶ, ଉପଦଂଶ ବିଷ ଏବଂ ଯଦି ପ୍ରମେହ ଜନିତ ଶୁକ୍ର ଓ ରକ୍ତ ଦୂଷିତ ହୋଇଥାଏ ତେବେ ସାରିବାଦ୍ୟରିଷ୍ଟ ବ୍ୟବହାର ଦ୍ୱାରା ସମସ୍ତ ଅତିଶୀଘ୍ର ଦୂରହୋଇ ଶରୀରରେ ନୂତନ ରକ୍ତ ସଞ୍ଚାର ଓ ବଳବୀର୍ଯ୍ୟ ଲାବଣ୍ୟ ଉତ୍ପାଦନ କରିଥାଏ । ଏହାକୁ ନିୟମିତ ବ୍ୟବହାର କଲେ ସମସ୍ତ ପ୍ରକାର ଆମବାତ, ସ୍ତ୍ରୀମାନଙ୍କର ବାଧକ, ପ୍ରଦର ଜନିତ ରକ୍ତ ବିକୃତ, ବନ୍ଧ୍ୟାଦୋଷ, ଶିଶୁମାନଙ୍କର ଶରୀରର ପାରଦାଗ, କଣ୍ଡୁ, ଘାକୁ ଓ ବଣ ପ୍ରଭୃତି ଦୂର ହୋଇ ଶରୀର ହୃଷ୍ଟ ପୁଷ୍ଟ ହୁଏ । ଏହାକୁ ସେବନ କଲେ କ୍ଷୁଧା ବୃଦ୍ଧି ହୁଏ । କୋଷ୍ଠ ପରିଷ୍କାର ହୁଏ । ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଧାତୁ ଦୌର୍ବଲ୍ୟ ପ୍ରଭୃତି ଶରୀରର ସମସ୍ତ ବ୍ୟାଧି ଦୂରୀଭୂତ ହୁଏ । ଆମ୍ଭେ ଗର୍ବର ସହିତ କହିପାରୁ, ଯେଉଁମାନେ ଆମ୍ଭର ସାରିବାଦ୍ୟରିଷ୍ଟ ନିୟମିତ ସେବନ କରି ଆସୁଅଛନ୍ତି, ସେମାନଙ୍କର ଦିନକୁ ଦିନ ରକ୍ତାଣୁ ବୃଦ୍ଧି ସଙ୍ଗେ ସଙ୍ଗେ ଶରୀର ହୃଷ୍ଟପୁଷ୍ଟ ହୋଇ ସୁଶ୍ରୀ ଓ ଅଲୌକିକ ଲାବଣ୍ୟଯୁକ୍ତ ହେଉଅଛି । ଶରୀରକୁ ଓଜନ କରି ଏହି ସାଲସାକୁ ବ୍ୟବହାର କଲେ ଦେଖିବ ମାସେ ମଧ୍ୟରେ ସମସ୍ତ ଦୂଷିତ ରକ୍ତ ପରିଷ୍କାର ହୋଇ ଅର୍ଦ୍ଧସେର ରକ୍ତ ବୃଦ୍ଧି ପାଇ ଅଛି । ସାରିବାଦ୍ୟରିଷ୍ଟ ସେବନ କଲେ ଗର୍ମିଦୋଷ ଜନିତ ଆମବାତ, ପୀନସ, ଅସ୍ଥିପ୍ରକାର ବାତ, କୁନିଷ, ଶ୍ଳୀପଦ, ବାତରକ୍ତ, ଛଉ, ଯାଦୁ, ମାଛଆଖି, ଗୋଡ଼ଫାଟ, ଭୁଣ୍ଡଘା, ଦୁଷ୍ଟବ୍ରଣ, ସ୍ତ୍ରୀମାନଙ୍କର ବିଳମ୍ବରେ ଋତୁ, ବାଧକ, ଅତିରଜ, ତଳପେଟ ଦରଜ, ବନ୍ଧ୍ୟାଦୋଷ, ଦେହ ଶୁଖିଶୁଖି ଯିବା, ବାରମ୍ବାର ସନ୍ତାନ ନଷ୍ଟହେବା, କାକବନ୍ଧ୍ୟା ଏବଂ ପିଲାମାନଙ୍କର ପାରଦୋଷ ଜନିତ ଶରୀରରେ ଲାଲ ଲାଲ ଛଉପରି ଦାଗ, ଗର୍ମିଦୋଷ ଜନିତ ଘା, ସିଉଳଥ, ଘିମିରି, ଦୁଧବାନ୍ତି, ବହୁଦିନ ଧରି ଜ୍ୱର, ଶୁଖିଶୁଖି ଯିବା, ଅଳତ, ଦାଇଝି, ବିଚର୍ଚ୍ଚିକା, କୁଣ୍ଡିଆ, ବାଛୁ, କାନ ପାଚିବା ପ୍ରଭୃତି ସମସ୍ତ ପ୍ରକାର ଦୋଷ ଦୂରହୋଇ ଶରୀରରେ ନୂତନ ପରିଷ୍କାର ରକ୍ତ ସଞ୍ଚାର ହୋଇଥାଏ । ଅନ୍ୟାନ୍ୟ ସାଲସା ପରି ଆମ୍ଭର ଏହି ସାଲସାକୁ ଜୀବନବ୍ୟାପୀ ବ୍ୟବହାର କରିବାକୁ ପଡ଼େନାହିଁ । ନୂତନ ରୋଗରେ ଶି୧।୨ଟି ଏବଂ ପୁରାତନ ରୋଗରେ ଶି୩।୪ଟି ବ୍ୟବହାର

Digitized by srujanika@gmail.com

ଏବେ ତାହା ମୋ ନିଜ ଠାରେ ଜଣେ ନିଜ ବ୍ୟକ୍ତି ବସ୍ତୁ ଅବଶ୍ୟ ମିଳିବ । ଏଥିରେ ସନ୍ଦେହ କରିବେ ନାହିଁ । ପ୍ରତ୍ୟେକ ୧୬ ମାତ୍ରା ଶିଶି ମୂଲ୍ୟ ୧୧ ଏକ ଟଙ୍କା ମାତ୍ର । ଡାକ ଖର୍ଚ୍ଚ ୬୦ ଦୁଇ ଟଙ୍କା ଆଠଅଣା, ଏବଂ ଏକ ଡଜନକୁ ୧୦ ଆଠ ଟଙ୍କା ଆଠଅଣା ।

ଡାକଖର୍ଚ୍ଚ ଏହାବାଦ ଅଧିକ ପଡ଼ିବ ।

**ସାବଧାନ**—କୌଣସି ଲୋକ ଏହି ଜଡ଼ିରେ "କବିରାଜ ଶ୍ରୀଧର ଗଗ୍ରବର୍ତ୍ତୀ, ଭିଷଗାଗ୍ରଗଣ୍ୟ"ଙ୍କ ନାମ ଦେଖି କିଣିବେ । ଅନ୍ୟ କେତେକ ନକଲ ପ୍ରକାର ଔଷଧ ଉପଯୁକ୍ତ ଔଷଧ ବୋଲି ବିକ୍ରୀତ ଅଛି । ଯେଉଁମାନଙ୍କର ଆବଶ୍ୟକ ହେବ ସେମାନେ ଭି: ପି: ଡାକ ଯୋଗେ ଆଣାଇ ଥାନ୍ତୁ ।

ଯଦି କୌଣସି ଲୋକ ତା'ର ରୋଗର ସମସ୍ତ ବିଷୟ ଭଲରୂପେ ବର୍ଣ୍ଣନା କରି ଆମ୍ଭ ନିକଟକୁ ଦଶ ପଇସାର ଡାକଟିକଟ ସହ ପଠାନ୍ତି, ତେବେ ଆମ୍ଭେ ବିନା ମୂଲ୍ୟରେ ବ୍ୟବସ୍ଥା ଦେଇଥାଉ । ପରେ ବ୍ୟବସ୍ଥା ମନୋନୀତ ହୋଇ ଔଷଧର ଅର୍ଡ଼ର ଦେଲେ ଆମ୍ଭେ ଭି: ପି: ଡାକରେ ପଠାଇ ଥାଉଁ ।

ପତ୍ରଦେବାର ଠିକଣା ।

**କବିରାଜ ଶ୍ରୀଧର ଗଗ୍ରବର୍ତ୍ତୀ, ଭିଷଗାଗ୍ରଗଣ୍ୟ**

**ଆୟୁର୍ବେଦିକ ଫାର୍ମାସୀ**

ଭୁବନେଶ୍ୱର—ପୁରୀ ।

---

## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦାସୀନତା, ନୈରାଶ୍ୟ, ଚଞ୍ଚଳ ପ୍ରକୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଚକ୍ଷୁହୀନତା, କୋଷ୍ଠବଦ୍ଧତା, ଅନାହାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଧାର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସ୍ତ୍ରୀ ଲୋକ ବ୍ୟବହାର କଲେ ନିଶ୍ଚୟରେ ଉତ୍ତମ ଫଳ ଲାଭ କରିବେ । ପଂଚଦିନ ବ୍ୟବହାର କରିବା ଶିଶିର ମୂଲ୍ୟ ୧୧ ମାତ୍ର ।

| | |
|---|---|
| ନୟା ସଡ଼କ<br>ପୋ: ଅ: ଚୌଧୁରୀବଜାର,<br>କଟକ । | ବୈଦ୍ୟରାଜ<br>କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ<br>ଆୟୁର୍ବେଦାଚାର୍ଯ୍ୟ<br>C/o ଶ୍ରୀବାଳକୃଷ୍ଣ ଆଚାର୍ଯ୍ୟ କବିରାଜ |

---

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମହୌଷଧ ଯଥା, ଦୁର୍ବଳତା, ତଳପେଟ ଯନ୍ତ୍ରଣା, ବାତ (ଜ୍ୱାଳା ଓ ଶୋଥ ବା ଫୁଲା), ପକ୍ଷାଘାତ, ଅର୍ଦ୍ଧାଙ୍ଗ, ଶିରଃପୀଡ଼ା, ଅର୍ଶ, ଗେଣ୍ଟିବାତ, ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, କୋଷ୍ଠବଦ୍ଧ ଉଦରାମୟ, ମୂର୍ଚ୍ଛା, ମୂତ୍ରକଷ୍ଟ, ମୂତ୍ରବନ୍ଧ, ମୂତ୍ରକୃଚ୍ଛ୍ର, ଦାନ୍ତ ପୀଡ଼ା, କର୍ଣ୍ଣ ପୀଡ଼ା, ... [illegible] ... ସ୍ତ୍ରୀମାନଙ୍କର ମାସିକ ରୁଦ୍ଧ ... [illegible] ... ଅସାଧ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଅଳ୍ପଦିନରେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

**କବିରାଜ ଶ୍ରୀ ବିଶ୍ୱନାଥ ଦାସ**

ଏ. ବି. ଏଲ୍., ଏଚ. ଏମ୍. ଏସ୍.

[illegible] କଟକ ।

---



# ଅସଲି [illegible]

ଏହି ଔଷଧ [illegible] ... ଠିକଣା:—[illegible]

---

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

# ଅଦ୍ଭୁତ କନ୍ଦର୍ପ ମୋଦକ

ଏହା ଉପରେ ଆଉ କିଛି କହିବା [illegible] ... ହଜାର, ... [illegible]

ଠିକଣା:—କବିରାଜ ଶ୍ରୀ [illegible]

**ଦରିଦ୍ର ବନ୍ଧୁ ଔଷଧାଳୟ**

[illegible] । ପୋ: କେନ୍ଦ୍ରାପଡ଼ା । ଜି: [illegible]

Printed & published at the Utkal Press, Bhadrak by [illegible] N. Mahapatra ... [illegible]

Digitized by srujanika@gmail.com

REG. NO. P-441

THE DAGARO.

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଓ ନ ସ୍ ରେ ନ — ସୋ ସା ଇ ଟି ହେ

## ହେଡ଼ ଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା।

ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ପତ୍ର ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ

ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ

ହିନ୍ଦୁସ୍ଥାନ ଦିନୁ ଦିନୁ ପ୍ରସାର ଲାଭ କରି ପାରିଛି।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ।

ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି।

ଗତ ୫ ବର୍ଷରେ ବୃଦ୍ଧି ପ୍ରାପ୍ତି ବୀମାରେ ହଜାର ପ୍ରତି ୫୧୦ ଓ ଅଜୀବନ ବୀମାରେ ୫ ୨୫୯ ଲାଭ ଦିଆ ହୋଇଛି।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି।

ଓଡ଼ିଶା ଅଫିସ:—ବାଲିବଜାର, କଟକ। ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ।

---

# ରାଜସ୍ଥାନ ଇନ୍‌ସୁରେନ୍‌ସ କୋମ୍ପାନୀ, ଲିମିଟେଡ୍

ହେଡ଼ ଅଫିସ ନଂ ୧୨ ମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା।

ଓଡ଼ିଶା ପାଇଁ ସ୍ପେସେଲ ଏଜେଣ୍ଟ——ବଲଦେବ ଏଜେନ୍‌ସି ଏଣ୍ଡ କୋଃ ଭଦ୍ରକ।

**ବିମା କରିବେ? ଦେଖନ୍ତୁ — ଏହାର ବିଶେଷତ୍ୱ କଅଣ?**

୧। ଅସୁସ୍ଥ ହେଲେ କୋମ୍ପାନୀ ଅର୍ଥିକ ସାହାଯ୍ୟ ପାଏ।

୨। ବୀମାକାରୀ ଇଚ୍ଛାକଲେ କୋମ୍ପାନୀ ସାହାଯ୍ୟରେ କୋଠା କରି ପାରନ୍ତି।

୩। ଦୈବଘଟଣା ଘଟିଲେ ବୀମାକାରୀ ଉପରେ ବର୍ଷେ ପ୍ରିମିୟମ୍ ନ ଦେଇ ମଧ୍ୟ ସମସ୍ତ ଟଙ୍କା ପାଇ ପାରିବେ।

୪। ପ୍ରଥମ ଦୁଇବର୍ଷ ପ୍ରିମିୟମ ଦେଇ ତେଣିକି ଟଙ୍କା ନ ଦେଇ ପାରିଲେ "ସାରେଣ୍ଡର" ଭେଲ୍ୟୁ ହୋଇଯାଏ।

୫। ସାରେଣ୍ଡର ଭେଲ୍ୟୁ ହେଲେ ଖୁବ୍ କମ୍ ସୁଧରେ ଶତକାର ୫ ୯୫ ଟଙ୍କା ଋଣ ନେବାକୁ ବୀମାକାରୀଙ୍କୁ ସୁବିଧା ଦିଆଯାଏ।

୬। ପ୍ରଥମ ପ୍ରିମିୟମ ଦେବା ମାସକ ପରେ ବୀମାକାରୀ ଅତ୍ମହତ୍ୟା କଲେ ବୀମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ।

୭। ଅନ୍ୟାନ୍ୟ ଇନ୍‌ସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ।

୮। "ଘଡ଼ିନସ୍ୟମ" ଅନୁସାରେ ପ୍ରତ୍ୟହ କିଛି କିଛି ସଞ୍ଚୟ କରିବା ପାଇଁ ଅମ୍ଭମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଲେଖା ଭଲ ସମୟ ରଖୁଥିବା ନୂତନ ଘଡ଼ି ଦେବାର ବନ୍ଦୋବସ୍ତ କରିଅଛନ୍ତି।

୯। ଆପଣ ଲକ୍ଷ୍ୟ କରୁଛନ୍ତି? ଶୀଘ୍ର ଏଥିରେ ବୀମା କରନ୍ତୁ। ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ। ଅବାଲ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ। ସବିଶେଷ ବିବରଣ ଜାଣିବା ପାଇଁ ଶୀଘ୍ର ହେଡ୍ ଅଫିସକୁ ପତ୍ର ଲେଖନ୍ତୁ। ଓଡ଼ିଶାରେ ସବ୍‌ନ ଏଜେଣ୍ଟ ଅବଶ୍ୟକ। ପଢ଼ାଲେଖା ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ।

---

**ଅର୍ଶ ଓ ସ୍ୱପ୍ନ ଦୋଷର**

# ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁସଞ୍ଜିବନୀ**

ଏକମାସ ଚିକିତ୍ସାରେ ରୋଗ ଅରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ। ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ।

ଉତ୍ତର ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ।

ବୈଦ୍ୟ ଚିରଞ୍ଜିତ, କବିରାଜ ଶ୍ରୀ ଜଗନ୍ନାଥ ମିଶ୍ର B. A. M. S. ସାହିତ୍ୟ ଉପାଧ୍ୟାୟ

ଠିକଣା:—ଶାରଦା ଔଷଧାଳୟ—ଚୌଧୁରୀ ବଜାର, କଟକ।

---

ପ୍ରଯୋଜକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର।

Digitized by srujanika@gmail.com

ଆନନ୍ଦାତ୍ ହିଁ ଖଲୁ ଇମାନି ଭୂୟନ୍ତେ—

ଦ୍ୱିତୀୟ ବର୍ଷ—୧୬ଶ ସଂଖ୍ୟା

# ଡଗର



କପିଳାଶେଶ୍ୱର ନଟରାଜ ଶଙ୍କରଙ୍କ



ତାଣ୍ଡବ ନୃତ୍ୟ

Digitized by srujanika@gmail.com




Digitized by srujanika@gmail.com

# ଡଗର ୧୧ ଶ ଶବ୍ଦଧନ୍ଦାପ୍ରତିଯୋଗିତା

‘ଡଗର’ ପାଠକମାନେ ପାଇ ପାରିବେ ।

| ଟ ୨୫ଙ୍କା ପୁରସ୍କାର ! | ଟ ୨୫ଙ୍କା ପୁରସ୍କାର |
|---|---|
| ଦୁଇଅଣାର ପଇସିକିଆ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକିଆ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free) |

| | | | | | | |
|---|---|---|---|---|---|---|
| ୧ ବ | ୨ (ଗ୍ରୀ) | ର | ■ | ୩ ସୁ | ୪ | ୫ ର |
| ୬ | ର | ■ | ୭ | ■ | ୮ ମ | |
| ର | ■ | ୯ | ଲ | ୧୦ ଅ | ■ | ନ |
| ■ | ୧୧ | ଳ | ■ | ୧୨ | ୧୩ ଳୀ | ■ |
| ୧୪ | ତା | ■ | ୧୫ | ■ | ୧୬ | ୧୭ ମ |
| | ■ | ୧୮ | ମ | ୧୯ ତା | ■ | |
| ୨୦ ସ୍ୱ | | ତ | ■ | ୨୧ | ଥ | ର |


| | | | | | | |
|---|---|---|---|---|---|---|
| ୧ ବ | ୨ (ଗ୍ରୀ) | ର | ■ | ୩ ସୁ | ୪ | ୫ ର |
| ୬ | ର | ■ | ୭ | ■ | ୮ ମ | |
| ର | ■ | ୯ | ଲ | ୧୦ ଅ | ■ | ନ |
| ■ | ୧୧ | ଳ | ■ | ୧୨ | ୧୩ ଳୀ | ■ |
| ୧୪ | ତା | ■ | ୧୫ | ■ | ୧୬ | ୧୭ ମ |
| | ■ | ୧୮ | ମ | ୧୯ ତା | ■ | |
| ୨୦ ସ୍ୱ | | ତ | ■ | ୨୧ | ଥ | ର |

| | | | | | | |
|---|---|---|---|---|---|---|
| ୧ ବ | ୨ (ଗ୍ରୀ) | ର | ■ | ୩ ସୁ | ୪ | ୫ ର |
| ୬ | ର | ■ | ୭ | ■ | ୮ ମ | |
| ର | ■ | ୯ | ଲ | ୧୦ ଅ | ■ | ନ |
| ■ | ୧୧ | ଳ | ■ | ୧୨ | ୧୩ ଳୀ | ■ |
| ୧୪ | ତା | ■ | ୧୫ | ■ | ୧୬ | ୧୭ ମ |
| | ■ | ୧୮ | ମ | ୧୯ ତା | ■ | |
| ୨୦ ସ୍ୱ | | ତ | ■ | ୨୧ | ଥ | ର |


ନାମ ______________ ଠିକଣା ______________ କେଉଁ ଓଡ଼ି ସଂଖ୍ୟା ______

## ଶୋଇଥିବା ଭାବରେ ।

୧ । ଉଗର ଶବ୍ଦଧନ୍ଦା ଭେଦ କରିବାକୁ ହେଲେ ଯାହା ଅତ୍ୟନ୍ତ ସୂକ୍ଷ୍ମ ହେବା ଆବଶ୍ୟକ ।

୩ । ଯୁବତୀର ଇଚ୍ଛାଧୀନ ଏହା ହେଲେ ମଧ୍ୟ ଚିରସ୍ଥାୟୀ ନୁହେଁ ।

୬ । ଯାହାକୁ ଦେଖି କହିଅ ଛକିଅ ହୁଏ ବୋଲି କଥା ଅଛି । (ଅଶୋଧିତ)

୮ । ନାନା ମୁନିଙ୍କ ନାନା— ।

୯ । ଏଭଳି ଲୋକର ସାଙ୍ଗ ହେବାକୁ ଠୋକାଠାକରି ସୁଖ ପାଆନ୍ତି ନାହିଁ ।

୧୧ । ପର ଦରବ ମାଗିଆଣି ଭୁଗଣ୍ଠାରେ ଏହା ଲଗାଇବାକୁ କେହି କେହି ସୁଖ ପାଆନ୍ତି ।

୧୨ । ଏହି ନାରୀସହ ପୁରୁଷର ମଧୁର ସମ୍ପର୍କ ।

୧୪ । ପାଞ୍ଜି——ଧରି ନାହାକ ବୁଲେ ।

୧୬ । ଯେଉଁ ବସ୍ତୁ ସମସ୍ତ ପ୍ରକାର ଶତ୍ରୁ ଭ୍ରମର ମୂଳ କାରଣ ।

୧୮ । ଏହା ନଥିଲେ ଆଜିକାଲି ବନ୍ଧୁତ୍ୱ ସ୍ଥାୟୀ ହେବାର ଦେଖାଯାଏ ନାହିଁ ।

୨୦ । ଦୁବାଦଳ ପ୍ରଥମେ ଯେଉଁ ବର୍ଣ୍ଣଧର ପରେ ଶ୍ୟାମଳ ହୁଏ ।

୨୧ । ସଂସାର ଭିତରେ ଘର କରିଥିଲେ ଏହା ପଡ଼ିଲେ ସହି ।

## ଉପର ତଳ ଭାବରେ ।

୧ । ଏହା ମଧ୍ୟଦେଇ ଜତୁଗୃହରୁ ପାଣ୍ଡବମାନେ ପଳାୟନ କରିଥିଲେ ।

୨ । ଦୌତ୍ୟ କର୍ମରେ ଏହାଙ୍କର ଶ୍ରେଷ୍ଠତା ହୁଏ

୪ । ଓଲଟାଇ ପଢ଼ିଲେ ‘ହଲ’ର ଲେଖା

୫ । ଯତନ କଲେ ଅନେକ ସ୍ଥଳରେ ଏହା ମିଳିଥାଏ ।

୭ । ବୁଦ୍ଧିଆ ଲୋକେ ବଜାର ବେଳରେ ଏହାଙ୍କୁ ଶ୍ରଦ୍ଧା ଜାହିର କରନ୍ତି ।

୯ । ଏହା ଖାଇଥିବା ସତ୍ତ୍ୱେ ଦେଖୁଁ ଲୋକ ପୁଣି ଧାଏଁ !

୧୦ । ଜାଲଥିବା ଯାକେ ଏହା ମଣିଷକୁ ଛାଡ଼େ ନାହିଁ ।

୧୧ । ମଣିଷ ଏହା ହେଲେ ସମସ୍ତେ ସହଜରେ ପାଖ ପଶିବାକୁ ଯାହାନ୍ତି ନାହିଁ ।

୧୩ । ଡଳ ଓଲଟେଇ ପଢ଼ିଲେ ‘କାଳି’ ବାହାରିବ ।

୧୫ । ଏହାର ଆରମ୍ଭ ସମୟରେ ପ୍ରେମାନ୍ଧ ଯୁବକ ଯୁବତୀ ଉନ୍ମତ୍ତ ସଦୃଶ ହୋଇଥାନ୍ତି

୧୫ । ଶ୍ରେଷ୍ଠ ପ୍ରାର୍ଥୀମାନଙ୍କର ଏଥିରେ ବହୁତ ଶ୍ରେଷ୍ଠରଗଣ ଭୁଲି ଯାଆନ୍ତି ।

୧୬ । ମଦାଳସା ଭାଷାର ଏହି ଗଢରେ କବିମାନେ ମୋହିତ ହୁଅନ୍ତି ।

୧୮ । ମଣିଷର ଏହା ବଢ଼ିଲେ ସର୍ବତ୍ରରେ ଲୋଡ଼ା ପାଏ ନାହିଁ । (ଅଶୋଧିତ)

୧୯ । ଏହା ପ୍ରଖର ହେଲେ ସହୁ ହୁଏ ନାହିଁ ।

**ନିୟମ**—ପ୍ରତିଯୋଗିତା ଫିସ୍ ପ୍ରଥମ ଖଣ୍ଡକୁ ୦୨ ଓ ଦ୍ୱିତୀୟ ପ୍ରତିଖଣ୍ଡକୁ ୦୧ ଲେଖାଏ (ଶେଷ ତା ୩୦।୬।୩୮)

ଉପର ଚିତ୍ରରେ ଦୁଇଧାଡ଼ି ଖାଲି ଚିହ୍ନ ଥିବା ସ୍ଥାନ ଗୁଡ଼ିକରେ ଗୋଟିଏ ଗୋଟିଏ ଅକ୍ଷର ବସାଇ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ଶୋଇଥିବା ଭାବରେ ଓ ଉପରୁ ତଳ ଭାବରେ ପଢ଼ାଯିବ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ତଳେ ଦିଆଗଲା

Digitized by srujanika@gmail.com

ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟେରୀଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୮ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୩୮ ପାଇବ

<u>ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୨୮ ବିଶିଷ୍ଟ ପୁରସ୍କାର ପାଇବେ ।</u>

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକୀ ୫୮୮ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ପାର୍ଶ୍ୱରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ଡିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକାସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଦିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/ ଓ ୨ୟ ଟି ପାଇଁ ୫୦/ର ପଇସିଦିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯେକୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟେ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୮ ମସିହା ଡିସେମ୍ବର ୧୪ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧୧ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

## କବି ଛାତ୍ର

**ଶ୍ରୀ ବିନୋଦଚନ୍ଦ୍ର ନାୟକ**

କଲେଜ ଛାତ୍ର କବିତା ଲେଖେ ମୁଁ
ହଷ୍ଟେଲେ,
କବି ହେବା ରୋଗ ଧରି ବସେ ଯେବେ
ବେଳେ ବେଳେ ।
ବନ୍ଧୁ ମହଲେ ରଟାଇବା ପାଇଁ
କବି ଖ୍ୟାତି
ଲ୍ୟାମ୍ପ୍ ଜାଳି ବସେ ଫାଉଣ୍ଟେନ ନେଇ
ଅଧ ରାତି ।
ଶେଲି, କିଟ୍ସ୍ ଆଉ ବାଇରନ୍ ଶେଲି
ଆଣେ ମୁଁ ମୋ
କଳ୍ପନାରେ ଦେଖି ପଦଟିଏ ହେଲେ
ନାହିଁ ଫୁଟେ ।
ଡେସ୍କ କିଣି ରଖେ ଟେବୁଲ ପାପାଲ
ଭେରାଇଟି
କବିତା ଲେଖାରେ ଗ୍ରେଟ ହୁଏ ଯେଣୁ
ରାତି ଜାଗି ।
ଫୋସିଏଲିଜମ୍‌ରେ ଏଣିକି ମଜାକ
ଲୁଣ୍ଠିତ,
କିଛି ନହେଲେ ବି, ଦାଅ ହାତୁଡ଼ିରେ
ଦୋସ୍ତି ନ !
ଜଅହ୍ଲାର୍‌ଲାଲ— ଖଦଡ଼, କାସିଁ,
ପେଶାରେ
କବି ବେଦେଶ୍ରୀ ବାଗେଇ ଦେବାରେ
କିଏ ପାରେ ?
କଲେଜ କ୍ଲାସରେ ସପନ ଦେଖେ ମୁଁ
ଅଫଳିଙ୍କ
ମତ୍‌ଲବ ନୁହେଁ ଭଲ ବୋଲି କହେ
ବନ୍ଧୁଲୋକ,
ତଥାପି ଲେଖେ ମୁଁ କବିତା ମୋହର
ଉଦ୍ଧାରେ
ଫ୍ୟାସନ ବଦ୍‌ନାମ ! ନୂଆ ମନର
କୁହା ଏ… !
ହାୟରେ କିସ୍‌ମତ୍ ! ଦେଶ ନ କହିବ'
ମୋତେ କବି
କବିତା ଗ୍ରେଟର ବ୍ୟଥା କି ଜାଣେ ମୁଁ
ଅନୁଭବୀ ।

Digitized by srujanika@gmail.com

ଡଗର
ମାର୍ଗଶିର ପ୍ରଥମାର୍ଦ୍ଧ
୨ବର୍ଷ, ୧୬ଶ ସଂଖ୍ୟା
କଟକ
୧।୧୨।୩୮



ଡଗର
ମୂଲ୍ୟ —୬୦/
ବାର୍ଷିକ(ସଡାକ) ୬୬୯
ପ୍ରତିସଂଖ୍ୟା
ଦେଶୀୟ ରାଜ୍ୟ—୬୬୯

ଗଣେଶ ଅଉ କାର୍ତ୍ତିକଙ୍କ ଭିତରେ କିଏ ବଡ଼ ଏଇ କଥାନେଇ ଦିନକରେ କଜିଆ ଲାଗିଲା । କଜିଆଟା ଏତେ ବଡ଼ ହେଲା ଯେ ସେ ଯାଇ ମହାଦେବଙ୍କ କାନରେ ବାଜିଲା । ମହାଦେବ ତହିଁ ଏକ ଉପାୟ କଲେ । କହିଲେ, ଯିଏ ଆଗ ଯାଇ ପୃଥିବୀ ଚାରିପଟେ ବୁଲିଆସି ମୋତେ ଛୁଇଁବ ସେ ବଡ଼ ହେବ । କାର୍ତ୍ତିକେଶ୍ବର ମନେ ମନେ ଖୁସ୍ । ଭାବିଲେ, ବାପା ମୋତେ ବଡ଼ କରିବା ପାଇଁ ଏ ସର୍ତ୍ତ ରଖିଛନ୍ତି । କହି ସେ ମୟୂର ଉପରେ ଚଢ଼ି ପୃଥିବୀ ବୁଲି ବୁଲି ଆସିବା ବେଳକୁ ମୂଷା ବାହନ ଗଣେଶ ମହାଦେବଙ୍କ ଚାରିପଟେ ଥରେ ବୁଲିଆସି କହିଲେ—ମୁଁ ବଡ଼ । କାରଣ ମହାଦେବଙ୍କ ଭିତରେ ତ ପୃଥିବୀ । ତାଙ୍କ ଚାରିପଟେ ବୁଲି ଅସିଲେ ପୃଥିବୀ ଚାରିପଟେ ବୁଲି ଅସିବା ହେଲା । ତହିଁ ଗଣେଶ ବଡ଼ ହେଲେ ।

ଆମ ବାଲେଶ୍ବର ଜିଲ୍ଲା କଂଗ୍ରେସ କମିଟି ଜିଲ୍ଲାବୋର୍ଡ ସଭ୍ୟପଦ ପାଇଁ ମନୋନୟନ କଲା ବେଳେ କଂଗ୍ରେସବାଲାଙ୍କ ଭିତରୁ କିଏ ବଡ଼ କିଏ ସାନ ତାହା ନିର୍ଣ୍ଣୟ କରିବା ପାଇଁ ସେହିପରି ଏକ ସର୍ତ୍ତ ରଖାଗଲା ଯେ ଯିଏ ୪୦୦ ସଭ୍ୟ କରିବ ସେ ହେବ ବଡ଼ । କିନ୍ତୁ ଶେଷରେ ଦେଖାଗଲା ଯେ ମହାଦେବଙ୍କ ଗଣେଶ ପରି କେତେକ ପ୍ରିୟଲୋକ ୪୦୦ କଂଗ୍ରେସ ସଭ୍ୟ ନ କରି ପାରି ବାଦ୍ ପଡ଼ିଗଲେ । ତହିଁ କେତେକ ଲୋକ ଅନ୍ୟ ଲୋକ ଠାରୁ ୪୦୦ କଂଗ୍ରେସ ସଭ୍ୟ ତାଲିକା ମାଗିଆଣି ନିଜ ଲାବଦକୁ ନେଇ ପୃଥିବୀ ଚାରିପଟେ ବୁଲି ଅସିଲେ । ଏଥିରେ ଅନ୍ୟାନ୍ୟ କେଉଁଠି ରହିଲା, କହିଲେ ଗୋପବାବୁ, କହିଲେ ମହାଜାବ ? ଯୁଆଡ଼ ସଭ୍ୟ ଅଗ୍ରହ କି ସଭ୍ୟବାରହ ଦ୍ବାରା ସଭ୍ୟମଗ୍ରହ କମନ୍ତୁ ହେଲେ ।

+ + +

ଟୋପୁଆ ଡେଙ୍ଗିଳ ତା' ମାକୁ ବୋଇଲା—ମା ଲୋ ମା—ମୁଁ ଯେଉଁ ଡ଼ାଳରେ ବସୁଛି ସେଇ ଡ଼ାଳ ଭାଙ୍ଗି ପଡ଼ୁଛି । ମା ବୋଇଲା, ହିଁ ରେ ପୁତ, ତୋ' ହାତ ଗୋଡ଼ରୁ ଜଣା ପଡ଼ୁଛି ।

ଓଡ଼ିଶା କଂଗ୍ରେସକର୍ମୀଗଣ ଭାରି ଦର୍ପ କରିଥିଲେ ଆଗର ଏଥର ଢ଼େର କଂଗ୍ରେସ ସଭ୍ୟ ହୋଇଛନ୍ତି । କିନ୍ତୁ ମହାତ୍ମା ଗାନ୍ଧୀ ତାଙ୍କ ହାତ ଗୋଡ଼ ଦେଖି ସବୁ ବୁଝି-ନେଲେ । ନିଜ ନିଜ ଭିତରେ କଜିଆକରି କିଏ ପ୍ରାଦେଶିକ କଂଗ୍ରେସ କମିଟିକୁ ଅଧି-କାର କରିବ ଏଇ ଜିଦ୍‌ରେ ଅଉ ନ୍ୟାୟ ଅନ୍ୟାୟର କିଛି ତଫାତ ଦେଖିଲେ ନାହିଁ । ସଭ୍ୟ ଅହିଂସା ଏଗୁଡ଼ାକ ମହାନଦୀକୁ ଗାଧୋଇ ଯାଇଁ ବୁଡ଼ିମଲା । ଦୁଇ ଦଳଙ୍କ ଭିତରେ ଅବସ୍ଥା କାହିଁପାଇଁ ଗୁଲୁଛି । ସେ କହେ—ତୁ ଦାଣ୍ଡରେ ହଗିଛୁ—ଅରଜଣ କହେ—ତୁ ଦାଣ୍ଡରେ ହଗିଛୁ । କିନ୍ତୁ ଖବର ମିଳୁଛି ଯେ ଏଟା ଝୁଣ୍ଟି ଗୁଲୁଣୀଙ୍କ ଦାପୁଡ଼ିକା ମାଡ଼ । ତେବେ କିଏ ଝୁଣ୍ଟି କିଏ ଗୁଲୁଣୀ ସେକଥା ଫଳେନ ପରିନୟତେ ।

+ + +

ସାନଲୋକ କହିଲେ ଯାଜପୁର ଯୋଏ, ବଡ଼ ମଣିଷଙ୍କ ତୁଣ୍ଡରୁ ସେଟା ବାହାରିଲେ ପରି ବାସେ । ସାନଙ୍କ ପ୍ରସାଦୀ ଅଇଁଠା ଅଉ ବଡ଼ଙ୍କ ପ୍ରସାଦୀ ଅଧରାମୃତ ।

ଆମ ଇଂରେଜ ମନ୍ତ୍ରୀତ୍ବ ଅସମ୍ଭବ ବୋଲି ଯାହା କହି ଆସୁଥିଲେ ସେକଥା ଏବେ ସ୍ବୀକାର କରିଛନ୍ତି । କଂଗ୍ରେସ ବାହାର-ଥିଲା ନୂଆ ଶାସନସଂସ୍କାରକୁ ସଂସ୍କାର କରିବା ପାଇଁ କିନ୍ତୁ ମନ୍ତ୍ରୀଗଣ ଏବେ ତାକୁ ସେ-ଲେଣି ଜୀବଦାନ ଦେଇ । ଅମଗା ନିଶା ଠାରୁ ବଳି ନିଶା ଅଉ କଣ ଅଛି ଦୁନିଆରେ! କଂଗ୍ରେସ ମନ୍ତ୍ରୀମାନେ ପଦ ଅଳିଖୋଲି ଦେଖନ୍ତୁ ତେବେ ଜାଣି ହୁଅନ୍ତି ପାରିବେ ଯେ ସେ ଅଉ ସେଦିନର ଖେର୍, ପଣ୍ଡା, ହିଂକା', ଫିହ କି ଦାସ ନାହାନ୍ତି । ଅଜକାଲି ଅନରେବଲ୍ ପଦ ତାଙ୍କ ପୁଚ୍ଛରେ ଲାଗିଲାଣି । ଏଣିକି ଦୁନିଆକୁ ସେ ବିପରୀତ ଦେଖୁଛନ୍ତି । ... ... ... ...

ଆମ ବଲ୍ଲଭ ପ୍ରଭୁ ଲିଡ଼ ଜେଟଲେଣ୍ଡ ମଧ ସେଇଥା ଭାଷିଛନ୍ତି । କାଲି ଯେଉଁମାନେ ବଣିଆ ଗେଣ୍ଡା ଥାଇ ଜେଲ ଭିତରେ ଘାଣି ଟାଣୁଥିଲେ ଅଜି ସେମାନେ ମନ୍ତ୍ରୀତ୍ବ ପାଇ କୃତକୃତ୍ୟ ହୋଇ ଯାଉଛନ୍ତି । ଏକଥା ଶୁଣିବା ଅଗରୁ ମାଳୀମାଳିଚ ବୁଡ଼ିମରିବା ପାଇଁ ଭଣ୍ଡାରୀ ଟିନା ଖୋଜୁଥାନ୍ତା—ମନ୍ତ୍ରୀ କୋଡ଼ି ହେବାପାଇଁ ତୁଳାପଟ ଖୋଜୁଥାନ୍ତା କମ୍ପ' ବେଙ୍କରେ ଦଉଡ଼ି ଦେବାପାଇଁ ଦୃବ ଧାପ କେବଏ ଲୋଡ଼ୁଥାନ୍ତା । କିନ୍ତୁ ବେହୁଅଙ୍କର କ'ଣ ହେଲେ ବେହୁଅ ବୋଲନ୍ତି ଗ୍ଲାନି ହେଉଛି ? ଆମ ମନ୍ତ୍ରୀଙ୍କର ବା କଂଗ୍ରେସର ପାର୍ଲିଅମେଣ୍ଟ ମନୋବୃତ୍ତି-ବାଲାଙ୍କର ସେଇଥିପା ହେଉଛି ।

+ + +

ଅଉ ସବୁ ଜାଲକା ଛାଡ଼ାକୁ ପଛି ତଳେର ମୟୂରଭଞ୍ଜ ଏଥର ମହାରାଣୀଙ୍କ ବଳି ନାମ



Digitized by srujanika@gmail.com

ମାଡ଼ିନେଇଗଲା । ସମସ୍ତେ ଏବେ କାହିଁକି ମୟୂରଭଞ୍ଜ ଉପରେ ଦୋଷ ଢାଳି ଦେଉଛନ୍ତି ଯେ ସେ ଏମିତି ପ୍ରଜାଙ୍କୁ ମୁଣ୍ଡ ଦେଇଛନ୍ତି ପ୍ରଜାମାନେ ଆସି ମୁଣ୍ଡ ଉପରେ ବସୁଛନ୍ତି । କିନ୍ତୁ ଆମେ ମହାରାଜା ସାହେବଙ୍କୁ ପିଲା ରାଜକୁମାରଙ୍କ ବୋଲି ନମାନି ରହିପାରୁ ନାହୁଁ । ଶନୈଃ ପନ୍ଥା—ଶନୈଃ କନ୍ଥା—ଶନୈଃ ପର୍ବତ ଲଙ୍ଘନଂ । ପ୍ରଜାମାନଙ୍କୁ ଟିକିଏ ଜାଉକୁ ପାଖରୁ ପାଖରୁ ଖାଇବାକୁ ଦେବେ । ଝାଉଁକରି ଗିଳିଦେଲେ ଗୁଣ୍ଡିଏ କରି ତୋଡ଼ିରେ ଲାଗିଯିବନି । ତେବେ କଥା ହେଉଛି ପ୍ରଜାମାନଙ୍କୁ ଯେ ମହାରାଜା ବାହାଦୁର ପ୍ରକାଶ୍ୟ ରୂପେ ମିଷ୍ଟାନ୍ନ ଦେଲେ—ଏଥି ଭିତରେ ନିଦା କିଛି ଅଛି, ନା—କେବଳ ଫମ୍ପା ସ୍ପଞ୍ଜ ରସଗୋଲା ଦେଇ ଭୁଲାଇ ଦେଉଛନ୍ତି । ଶେଷରେ ପ୍ରଜାଏ ନିଜ ନିଜ ଭିତରେ ଗୋଳମାଳ କରି ପିଟାପିଟି ହୋଇ ନମରନ୍ତୁ ।

× × ×

ଏଥରକାର ଜିଲ୍ଲାବୋର୍ଡ଼ ନିର୍ବାଚନ ମଉକାଟା ଫସରଫାଟି ଗଲା । ନିର୍ବାଚନ ଜ୍ୱରଟା (election fever) ଘମାଘୋଟ ମାଡ଼ି ଆସିଲା କ୍ଷଣି କାହିଁକି ନାଗଡ଼ା ଯଉଁ ମେଲେରିଆ ଜରଟା ଦେଶସାରା ଘୋଟିଛି, ତାହା କୁଆଡେ ଘୁଞ୍ଚି ପଳାଇ ଥାନ୍ତା । ଏଥି ପାଇଁ ଅଘରଦୁଆର ସମସ୍ତେ ଦୁଃଖିତ । ଅଫିସରମାନେ ଦୁଃଖିତ ଯେ ତାଙ୍କର ଟି, ଏ, ପାଣି ଫାଟିଲା, ନେତାମାନେ ଦୁଃଖିତ ଯେ କଂଗ୍ରେସ ନାଁରେ ଘର ଘର ପ୍ରଚାରର ସୁବିଧାଟାଏ ଚାଲିଗଲା—ପ୍ରାର୍ଥୀମାନେ ଦୁଃଖିତ ଯେ ଖଇଣା ଉଠାଇ ଟିକସ କମାଇ ସ୍କୁଲ ଆଣି ଦେବୁଁ ବୋଲି କେତେ ଅଗଣନ୍ତା କଥାଗୁଡ଼ାକ କହିପାରିଲେ ନାହିଁ—ମଟରବାଲା ଦୁଃଖିତ ଯେ ତାଙ୍କର ଭଡ଼ାଟଙ୍କା କେତେ ଉଡ଼ିଗଲା—, ଛାପାଖାନାବାଲା ଦୁଃଖିତ ଯେ ପୋଷ୍ଟର, ଲିଫଲେଟ, ଇସ୍ତାହାରଗୁଡ଼ାକ ଛପା ହେଲାନାହିଁ—ଜଳଖିଆବାଲା,ସରବତବାଲା, ଗୁଆବାଲା, ପାନବିଡ଼ିବାଲା ଦୁଃଖିତ ଯେ କେତେ ଲାଭ ଅକାରଣେ ଗଲା—ବଙ୍ଗାଳ ଟୋକାଏ ଦୁଃଖିତ ଯେ 'ଜୟ ମହାତ୍ମା ଗାନ୍ଧିଙ୍କ ଜୟ', ହଲ୍ଲା କରି ପାରିଲେ ନାହିଁ—ଭୋଟର ବାପୁଡ଼ା ଦୁଃଖିତ ଯେ ମଟର ଚଢ଼ା, ଜଳପାନଖିଆ ବିଗିଡ଼ି ଗଲା—ଆଉ ସବୁଠାରୁ ଦୁଃଖିତ ଜଗନ୍ନାଥ ମହାପ୍ରଭୁ ଯେ ତାଙ୍କ ମହାର୍ଘ ବିକି ହୋଇ ପାରିଲା ନାହିଁ । ଆମେ ସମସ୍ତଙ୍କୁ ସମ ବେଦନା ଜଣାଉଛୁଁ ।

× × ×

ବାଲେଶ୍ୱର ଜିଲ୍ଲାରେ ନିଶା ନିବାରଣ ଫଳରେ ଶିବଙ୍କ କୈଳାସ (ନା କପିଳାସ) ପୁରୀ ଥରହର । ଅଫିମ ଗଲା ଗଲା ଗଞ୍ଜାଟା ଚାଲିଗଲେ ହିନ୍ଦୁ ଧର୍ମ ଯେ ଲୋପ ପାଇଯିବ । ଶିବଙ୍କ ଭକ୍ତ ଶୈବମାନେ ଯେ ଆଉ ଶିବପୂଜା କରି ପାରିବେ ନାହିଁ । ତେଣେ ବିଶ୍ୱନାଥ ଗୋଟେଇଁ ଅମର କଲିକତିଆ ଓଡ଼ିଆ ଭାଇଙ୍କୁ ଯାଇଁ ସ୍ୱପ୍ନାଦେଶ ଦେଲେଣି ଯେ ତମେ ଆଉ ଗାନ୍ଧିଦେଶ ଓଡ଼ିଶାକୁ ଫେର ନାହିଁ । ମୁଁ ଏଠାରେ ଜନାଦେଶ ସ୍ଥାପନ କରି ଭକ୍ତମାନଙ୍କୁ ଗଞ୍ଜା, ଗୁଲି ଯୋଗାଇ ପାଳନ କରିବି । ସେଥିପାଇଁ ସେ ଫଜଲୁଲ୍ ହକ୍‌ଙ୍କ ପୀର ଅସ୍ଥାନ ଆବାଦ କରି ରଖିବେ । ଏଣେ ଓଡ଼ିଶାର ବିଶ୍ୱନାଥ ଗୋସାଇଁ ମନ୍ତ୍ରୀବର୍ଯ୍ୟ ବିଶ୍ୱନାଥେଶ୍ୱର ମହାଦେବଙ୍କ ସହିତ ଲଢିବା ପାଇଁ ହାତ ହତିଆର ତିଆରି କରି ରଖୁଛନ୍ତି ଦେଖାଯାଉ । କା ଚନ୍ଦ୍ରା ମରଣେ' ବଣେ ।

× × ×

ରାମଲୀଳା ପ୍ରସଙ୍ଗରେ ଯେବେ ଗଦାଯୁଦ୍ଧ, ବାହୁଯୁଦ୍ଧ ଲାଗିଥାଏ, ଶଙ୍କର ଦୁଆର ଏଣେ ଲଗାଇଦିଏ ଠେଙ୍ଗଣି ଯୁଦ୍ଧ, ଫୁଟ୍‌କା ଯୁଦ୍ଧ, ଅମୁଡ଼ା ଅମୁଡ଼ି ଯୁଦ୍ଧ, ଶେଷକୁ ଦାନ୍ତ ନିକୁଟା ନିକୁଟି ଯୁଦ୍ଧ । ଏକଥା ସମସ୍ତେ ଦେଖିଥିବେ ।

ଜର୍ମାନୀର ହିଟଲର ଷଣ୍ଢ ସ୍ନି ହୁଦା ବଳଦଙ୍କ ଉପରେ ଯେଉଁ ମୁଣ୍ଡିଆ ମାଡ଼ି ଚଲେଇଛନ୍ତି ସେଥିରେ ଆମ ଗାନ୍ଧି ବୁଢ଼ା ରାଗିଯାଇ କହିଲେଣି "ଜର୍ମାନ ନାହିଁତ ଏଥିପାଇଁ ଯୁଦ୍ଧ କରିବା ଅନୁମତ ହେବ ନାହିଁ" କିନ୍ତୁ ଆମେ ପଚାରୁଛୁଁ "କି ଯୁଦ୍ଧ" ?

ଭାରତର ସବୁ ପ୍ରଦେଶର କଂଗ୍ରେସ ଭିତରେ କପଟ ଅନାଚାର, ଅବିଚାର, ବ୍ୟଭିଚାର ଆଦି ଚାଲିଛି ଏ ବିଷୟରେ ମହାତ୍ମା ଗାନ୍ଧି ବହୁତ ୨ ଶଠି ପାଇ ବଡ଼ ବ୍ୟଥିତ ହୋଇ ଲେଖିଛନ୍ତି କି "ଏ ସବୁର ବିଲକୁଲ ଦମନ ବା ନିର୍ବାସ ନ କଲେ କଂଗ୍ରେସ ଶକ୍ତିର ଅପଚୟ ହେବା ନିଶ୍ଚୟ । ତାଙ୍କ କଥାରେ ଓଡ଼ିଶାରେ କୁଆଡ଼େ ମିଥ୍ୟାଚାର'ର ପ୍ରତାପ ବେଶି । କିନ୍ତୁ ଅମ୍ବଆଚାର, ଅମ୍ବଡ଼ାଆଚାର ଠାରୁ ଆରମ୍ଭ କରି ଚଣାପାଣ୍ଡୁ-ଆଚାର ଲେମ୍ବୁ ଆଚାର ଯାକେ ଓଡ଼ିଶା ମୂଲକରେ କେଉଁଟା ଯେ ନାହିଁ ତାହା କଏ କହିପାରିବ ? ତେବେ ଗାନ୍ଧିବୁଢ଼ାଏ ଅପରେ ଯଦି ଦାରୁଭୂତ ହୋଇ ରହିବା ଚଳେଇ ଭଳି ଅଖିବୁଜା—ସତ୍ୟାଗ୍ରହ ଚଳାଇ ଥାଆନ୍ତି ତେବେ ଏସବୁ ମଜେଦାର ଆଚାରର ସ୍ୱାଦ ପାନ୍ତେ କୁଆଡ଼ୁ !

+ + +

## କୁଡ଼୍‌କୁଡ଼୍

ଚତୁର୍ଥ ଶ୍ରେଣୀରେ ଥରେ ପରୀକ୍ଷାରେ ଗୋଟିଏ ପ୍ରଶ୍ନ ପଡ଼ିଥିଲା—'ତୁମଘର ବିଷୟରେ ଗୋଟିଏ ପ୍ରବନ୍ଧ ଲେଖ ।'

ଜଣେ ପିଲା ଉତ୍ତର ଖାତାରେ ଲେଖି ଦେଇ ଆସିଲା—'ସାର୍, ମୁଁ ଆପଣଙ୍କ ଚାଲକି ବୁଝି ପାରିଲି । ଆମ ଘର ବିଷୟରେ ପ୍ରବନ୍ଧ ଲେଖିଲେ ଆପଣ ଆମ ଘରେ କି କି ଜିନିଷ ଅଛି ଏବଂ କେଉଁଠି ଅଛି ସବୁ ଜାଣି ପାରିବେ । ତେଣୁ ଚୋରି କରିବାକୁ ଆପଣଙ୍କୁ ସୁବିଧା ହେବ । ସାର୍, ନମ୍ବର ନ ଦେଉନ୍ତୁ ପଛକେ, କ୍ଷମା କରିବେ ମୁଁ ଲେଖି ପାରିବି ନାହିଁ ।'

× × ×

ବାପା—ପାଞ୍ଚ ବର୍ଷର ଏଡ଼େ ଟୋକାଟାଏ ହେଲୁଣି—ଏକୁଟିଆ ଶୋଇବାକୁ ମାଡ଼ୁଛ !

ପିଲା— ତିରିଶ ବର୍ଷର ଏଡ଼େ ମରଦଟାଏ ହେଲଣି— ଆପେ କେମିତି…

Digitized by srujanika@gmail.com



# ମାଙ୍କଡ଼ ଭୂତ

ଲେଖକ—ଶ୍ରୀ ପ୍ରବୋଧ ଦାସ ।

ଏ ଅଦ୍ଭୁତ ପ୍ରଥମ ଦେଖର କଥା ନୁହେଁ; ନିର୍ଜ୍ଜନ ଜେଣାଗର ଫୁଟିଲା ଧ୍ୱଂସର ମାହାତ୍ମ୍ୟ । ଏ ହିଂସ୍ରଭୂତ ମେଘଦୂତ ଭବମାନଙ୍କର କପୋଳକଳ୍ପିତ ସୁମଧୁର ଲଳିତ ପଦ୍ୟାବଳି ନୁହେଁ—ସାଷ୍ଟାଙ୍ଗ ସ୍ୱୟଂ ଶ୍ରୀ ଶ୍ରୀର ସତ୍ୟ କୁଳନ୍ତି ମୁହଁ ଧକା ( ଅଛ ମିଠା ଯୋଗୁଁ ) ପଥର ଭଙ୍ଗା ପ୍ରେମ କାହାଣୀ । ଏ ବୈଜ୍ଞାନିକ ଯୁଗ ବିଂଶ ଶତାବ୍ଦୀର ଟେଲି, ମଟର, ତାର, ବେତାର, ରେଡ଼ିଓ ପ୍ରଭୃତିରୁ କୌଣସି ବାର୍ତ୍ତାବହର କସରତ ନୁହେଁ, ଅତି ସରଳ, ସୁନ୍ଦର, ସୁଲଭ ଗୋଟିଏ ସାମାନ୍ୟ ମାଙ୍କଡ଼ ଭୂତର, ଅସ୍ୱାଭାବିକ ଦୌତ୍ୟର ଫଳ ।

ଭଜେପୁ ନଗ୍ରମ୍ ଷ୍ଟେସନରୁ ଯେ ଟ୍ରେନଟେ ଦେଖିଲା, ମୁଁ ତାଙ୍କୁ ଦେଖିଲି । କିନ୍ତୁ ପ୍ଲେଟ ଫଷ୍ଟକ୍ଲାସ ଲେଡ଼ିଜକମ୍ପାର୍ଟମେଣ୍ଟର ଅତି ନିକଟଲଗ୍ନ ଜେଣ୍ଟସ୍ କମ୍ପାର୍ଟମେଣ୍ଟ ମଧ୍ୟରେ ଲେଟ୍ରିନ୍ ( ପାଇଖାନା )- ସମ୍ବଳିତ ଅସ୍ଥିତ ଦାରୁଣ ଶୁଷ୍କ ମେହଗାନ କଷ୍ଟର ଅଟଳ ପ୍ରାଚୀର ଆମ୍ଭମାନଙ୍କୁ ଖୋର୍ଦ୍ଧା ରୋଡ଼ ଯାଏଁ ନିତାନ୍ତ ନିଷ୍ଠୁର ଭାବରେ ତଫାତ୍‌କରି ରଖିଲା । ସେତେବେଳେ ଜ୍ଞାନଟା ମଧ୍ୟ ମୋର ଏପରି ଅଜାଣାରେ ଥିଲା ଯେ ମୁଁ ଯେତେଥର ତା' ଢ଼ବା ଅଡ଼କୁ ଚାହୁଁଛି ସେତେଥର କୋଇଲା ଗୁଣ୍ଡିରେ ମୋ ଆଖି ଭରି ଯାଉଛି । କଥା ବାର୍ତ୍ତାରୁ ବୁଝିଲି ଯେ ସେମାନେ ପୁରୀ ଯାତ୍ରୀ । ପୁରୀ ମାନ୍ଦ୍ରାଜ ପାସେଞ୍ଜରଟା ସିଧା ତାଙ୍କୁ ନେଇ ପୁରୀ ପହଞ୍ଚାଇବାର କଥା । ଖୋର୍ଦ୍ଧାଠି ମୋତେ ଅନ୍ୟ ଗାଡ଼ି ଦେଖିବାକୁ ହେବ । ମୋ ପାଖରେ ସେହି ବାଳିକାର ପିତା ବସିଥିଲେ । ତାଙ୍କ ସହିତ ସାମାନ୍ୟ ଆଳାପ ହେଲାମଧ୍ୟ । ବୋକା ମୁଁ, ତାଙ୍କୁ ଅଟେଇ କହିଦେଲି ଯେ ମୁଁ କଟକ ଯିବି । ଇଚ୍ଛା ହେଉଥିଲା ମିଛଟାରେ ଶୋଇ-ପଡ଼ି ଭୁଲ୍‌ରେ ପୁରୀ ଚାଲିଯିବି । କିନ୍ତୁ ଖୋର୍ଦ୍ଧା ଅତି ଗୋଟାଏ ଷ୍ଟେସନ ଅଛି, ସେ ଭଦ୍ରଲୋକ ଦୟାବର (ନା, ନିଷ୍ଠୁର ଭାବରେ ?) ମୋତେ ଉଠାଇ ଦେଲେ । ମୁଁ ଉଠିଲି ବାଧ୍ୟହୋଇ । କିନ୍ତୁ କପାଳରେ ହାତ ମାରିଲି । ଦୈବକୁ ଡାକି ଛାଡ଼ିଲି ।

ଦୈବ କିନ୍ତୁ ଶୁଣିଲା । ମୁଁ ଖୋର୍ଦ୍ଧାରେ ଅସି ପହଞ୍ଚିବା ବେଳକୁ କରେସପଣ୍ଡିଂ ଟ୍ରେନଟା ଛାଡ଼ି ଦେଇଥିଲା; ଆଉ ଗାଡ଼ିଟା ଡେରି ଥିଲା ବୋଲି । ଭଦ୍ରଲୋକ ପଚାରିଲେ 'କ'ଣ କରିବେ ?' ମୁଁ କହିଲି, ଏଠି ଆଉ ସାରା ରାତିଟା ବସିବ କାହିଁକି, ପୁରୀ ଯାଇଁ ସଞ୍ଜ ଗାଡ଼ିରେ ପୁଣି ଫେରି ଆସିବି । ମୋର ଆଶା-ଥିଲା, ସେ ସେଥିରେ ଆନନ୍ଦ ପ୍ରକାଶ କରିବେ । କିନ୍ତୁ ଖୁବ୍ ଲକ୍ଷ୍ୟ କରି ଦେଖିଲି, ତାଙ୍କ ମୁହଁର ଭାବରେ କୌଣସି ପରିବର୍ତ୍ତନ ନଥିଲା ।

ନାନା ଦୁଃଖରେ ମୁଁ ପୁରୀ ପଥରେ ମୁହାଁଇଲି । ସେ ଘୋଡ଼ା ଗାଡ଼ିରେ ଚଢ଼ିଲେ । ମୋତେ କିନ୍ତୁ ଡାକିବା ପାଇଁ ଭଦ୍ରତା ବି ତାଙ୍କର ହେଲାନାହିଁ । ମୁଁ ଅଲଗା ଗୋଟେ ଗାଡ଼ି କରି ଗଲି । ସେ ଯେଉଁ ଧର୍ମଶାଳା ଗଲେ ମୁଁ ଗାଡ଼ିବାଲାକୁ ସେଇ ଧର୍ମଶାଳାକୁ ନେବା ପାଇଁ କହିଲି । ସେ ୭୩ ନମ୍ବର ରୁମ୍‌ରେ ରହିଲେ, ମୁଁ ୭୨ କିମ୍ବା ୭୪ ନମ୍ବର ରୁମ୍ ( କୋଠରି ) ମାଗିଲି । କିନ୍ତୁ ହାୟ ଭାଗ୍ୟ, ସେ ଦୁଇଟ ଅବାଦ୍ ହୋଇ ଯାଇଥିଲା । ତାଙ୍କ ବଖିଅ ଯ'କରେ ପଡ଼ିଲା ତେଣେ ତାଳ ଉପରେ—ମୋର ପଡ଼ିଲା ଏକାବେଳେ ଯାଉଁ ତଳେ—'

ସେ ଲୋକ ପହଞ୍ଚିବା ଷଣି ତାଙ୍କର ସମସ୍ତେ ଗଲେ ସମୁଦ୍ର ହିନାନ କରି କିନ୍ତୁ ସେ—ମୋର ଅସୁଧା ଅଳ ଖଲା ନାହିଁ । ତାର ଦେହ ଖରାପ ଥିଲା । ଗୋଟାଏ ବୁଢ଼ୀ ଚାକର ଝୋକାକୁ ଜଗାଇ ଦେଇ ସେହିଳ କନ୍ୟା ବନ୍ଦୀକୁ ଏକା ଛାଡ଼ି ଚାଲିଗଲେ । ମୋର ଦୁଃଖ ହେଲା, ୧୮ ଘଣ୍ଟାର ଶଙ୍କଷ୍ଟ ପରିଶ୍ରମ ଫଳରେ ମୋତେ ହେଲେ ଟିକିଏ ବିଶ୍ରାମ କଲେ ନାହିଁ !

ସମସ୍ତେ ଚାଲିଗଲେ । ମୁଁ ତେତାଲା ଉପରକୁ ସନ୍ତୃପ୍ତ ନୟନରେ ଚାତକ ଚାହାଣୀ-ରେ ଚାହିଁଥାଏଁ—କେମିତି ତାଙ୍କୁ ଦେଖିବି । ଥରକୁ ଦୁଇଥର ତାର ଦୁଇ ଗୁଣ, ସେ ଯେତେ ହେଲା ତାର ପୁଣି ସେତିକି ଗୁଣ ଥର ତାଙ୍କୁ ଦେଖିଲି । ଖାଲି ଦେଖିବାରେ ବା ଚାହିଁବାରେ ଆଉ ସ୍ୱାର୍ଥଟା ପର୍ଯ୍ୟବସିତ ହୋଇ ରହି ପାରିଲା ନାହିଁ । କ'ଣ କରିବ, କେମିତି ତା ସହିତ ଆଳାପ ହେବ – ଭାବି ଭାବି ଶେଷରେ ମଥାରେ ଗୋଟାଏ ବୁଦ୍ଧି ପଶିଲା । ଅଧାରଅଧିକ ଗୋଟାଏ ଟେକା ଗୁଡ଼ିଏ ଦେଖାଯାଉ ।

ଗୋଟାଏ ପାଚିଲା ମାଙ୍କଡ଼ ବସିଥିଲା ଏକତାଲା କାଣିସ ଉପରେ । ତା'ର ଉଦ୍ଦେଶ୍ୟରେ ମୋର ଡାହିଣା ହିଲ୍‌ବାକ୍ ଚପଲ ଖଣ୍ଡ ଏମିତି ଭାବରେ ବାରନ୍ଦାରେ ରଖିଦେଲି ଯେଉଁଟାର ଅର୍ଥ ଫିଙ୍ଗି-ଦବା ହବ ନାହିଁ କି ରଖିଦେବା ହବନାହିଁ, କେହି ରଖି ଯାଇଛି ବୋଲି ମନେ ହେବ ନାହିଁ କି କେହି ଛାଡ଼ି ଯାଇଛି ବୋଲି ମନେ ହେବ ନାହିଁ ।

ମାଙ୍କଡ଼ଟା ତାକୁ ଯେତେବେଳେ ଚାହିଁଲା ମୋ ମନଟା ଏମିତି ଖୁସି ହେଲା ଯେ କହି-ହେବ ନାହିଁ ସେ କଥା । ଚାହୁଁ ଚାହୁଁ ମାଙ୍କଡ଼ଟା ଆସି ଏଣିକି ତେଣିକି ଚାହିଁ ଚପଲଟା ନେଇ ଗଲା । ମୁଁ ସେତେବେଳକୁ ଖାଲି ଉଦ୍‌ଗ୍ରୀବ ହୋଇ ଚାହିଁ ଥାଏଁ ।—ଟେକାଟାତ ମସ ହୋଇଛି ଠିକ୍, ବାକୁଛି କି ନାହିଁ ଦେଖା-ଯାଉ ।

ମାଙ୍କଡ଼ଟା ଏଣେ ତେଣେ ବୁଲି ଠିକ୍ ତାର ଘର ଦୁଆରକୁ ଗଲା । ମୁଁ ସେଇଠୁ ଚିତ୍କାର କଲି—ହାଁ ହାଁ ମୋ ଗୁଡ଼ାକ ନେଇ ଗଲା । ବୁଦ୍ଧିମତୀ ବାଳିକା ସେ, ତା' ଦେଖିପାରି ଖଣ୍ଡେ ରଙ୍ଗିନ ଗାମୁଛା ମାଙ୍କଡ଼ ଆଗରେ ବିଛିଦେଇ ଖୁଲିଗଲା । ମୁଁ ତାର ଅର୍ଥ ପ୍ରଥମେ ବୁଝି ପାରିଲି ନାହିଁ । ଉତ୍ସୁକ ହୋଇ ଚାହିଁଥାଏଁ । ମାଙ୍କଡ଼ଟା ଛଡ଼ି ଛଟେ ଯାଇ ସେ ରଙ୍ଗିନ ଗାମୁଛାକୁ ଧରି ପକାଇ ଆସିଲା । କିନ୍ତୁ ଭୁଲରେ ସିଲ୍କ ଗୁଡ଼ାକଟା ଛାଡ଼ିଦେଇ ଚାଲି ଆସିଲା ସେଠି । ଆନନ୍ଦରେ ମୋ ଛାତିଟା ଉଚ୍ଚ ଉଠିଲା । ଫାଟି ନ ଗଲେ ରକ୍ଷା । ମାଙ୍କଡ଼ଟା ମୋ ପାଖକୁ ଆସିଲା । ଉପରରେ ବାଳିକା ସେହିପରି ଚାହିଁ ଥାଏ ଏବଂ ମଧୁର ମଧୁର ହସୁଥାଏ । ସେ ହସରୁ ଅମୃତ ନିଗିଡ଼ ପଡ଼ି ମୋତେ ଯେମିତି ଗୋଟିମତେ କରି ଦେଲାଣି ସେତେବେଳକୁ । କଳଅଙ୍ଗ ଗୁଡ଼ିକ ଏଇଟା ଖାଲି ଠିକ୍ କରିପାରୁ ନ ଥାଏଁ ।

ଖଣ୍ଡେ ଖୁବ୍ ନାଲି କାଗଜ ମୋ ପାଖରେ ଥିଲା । ସେଇଟାକୁ ଆଣି ତହିଁରେ ଲେଖିଲି,

ଅପରିଚିତାସୁ,

ମୋର ପବିତ୍ର ନମସ୍କାର ସଙ୍ଗେ ସଙ୍ଗେ ଅସୀମ ଆନ୍ତରିକତା ତଥା କୃତଜ୍ଞତା ସଦୟ ହୃଦୟରେ ଗ୍ରହଣ କଲେ କୃତାର୍ଥ ହେବି ।

ଶ୍ରୀ—ପଣ୍ଡା

ଲେଖି ମାଙ୍କଡ଼ ଆଗକୁ ପକାଇ ଦେଲି । ସେ ସେଖଣ୍ଡକୁ ନେଇ ମୋତେ ମେଣ୍ଟାଏ ଦାନ୍ତ ଦେଖାଇ ଗାମୁଛା ଖଣ୍ଡ ପକାଇ ପଳାଇ ଯାଇ ପୁଣି ଉପରେ ଉଠିଲା ।

ପ୍ରେମମୟୀ, ସୁରୁଚିଶୀଳା, କୋମଳାଙ୍ଗୀ ତନୁକୃଶା,—ଆହୁରି କେତେ ବିଶେଷଣ ଲଗାନ୍ତି ମନ ହେଉଛି, କିନ୍ତୁ ଆଉ ନାହିଁ—ସେ, ମୋର ପ୍ରିୟତମା ଏହା ଦେଖି ଆନନ୍ଦରେ ଘର ଭିତରକୁ ଯାଇ ଗୋଟିଏ କଦଳୀ ନେଇଆସି ମାଙ୍କଡ଼ ଆଗରେ ଥୋଇଦେଲା, ମାଙ୍କଡ଼ ସେଠି କାଗଜ ଖଣ୍ଡ ପକାଇ ଦେଇକଦଳୀଟି ନେଇ କୁଆଡ଼େ ଯେ ପଳାଇଲା ତାର ଆଉ ପତ୍ତା ମିଳିଲାନାହିଁ । ସେତେବେଳକୁ ମୋର ଚେତା-ଥିଲା କି ନାହିଁ କେହି କହିପାରିବ କି ?

ହିଁ, ଚେତା ଥିଲା । ସେ ସେହି କାଗଜ ଖଣ୍ଡ ପଢ଼ି ଘରକୁ ଚାଲିଗଲା । ମୁଁ ଚାହିଁ ଥାଏଁ ତା ଫେରିବାକୁ । ସେ ଖଣ୍ଡେ ସୁନ୍ଦର ଲଫାପା ଉପରୁ ତଳକୁ, ମୋର ପାଖକୁ ପକାଇଦେଲା । ଲଫାପା ଉପରେ ମୋ ନାମ । ଆହା, ଏଡ଼େ ସୁନ୍ଦର ଅକ୍ଷର ମୋ ଜୀବନରେ ମୁଁ ଦେଖି ନାହିଁ । ଲଫାପାଟା ଖୋଲି ପଢ଼ିଲି,

ସୁନ୍ଦରଚରଣେଷୁ,

ପତ୍ରପାଇ ଅଶେଷ ଋଣୀ ହେଲି । ଆପଣଙ୍କର ମୁଁ ଅପରିଚିତା ହୋଇପାରେ କିନ୍ତୁ ଘଣ୍ଟାକର ଦେଖାରେ ମଧ୍ୟ ଆପଣ ଯେ ମୋ ହୃଦୟର କେଡ଼େ ପରିଚିତ ହୋଇଛନ୍ତି ତା ମୋ ଛଡ଼ା ଆଉ କେହି ଜାଣି ନଥିବ । (ମୁଁ ମନେ ମନେ ଭାବୁଥାଏଁ—ଆଉ ସେଇମାଙ୍କଡ଼ ବି ଜାଣିଥିବ ।)

ଦୟା କରି ଉପରକୁ ଆସି ଶୀଘ୍ର ଚଦର ଖଣ୍ଡି ନେଇଯିବେ ।

ଆପଣଙ୍କର
ବିଭୂଷିତା ପାଣିଗ୍ରାହୀ,

ମନଟା ଉନ୍ମାଦ ହେଲା କି ଉଚ୍ଛାଟ ହେଲା କି ଛଟପଟ ହେଲା—ଠିକ ଶବ୍ଦଟା ଖୋଜି ପାଉ ନାହିଁ - ଯାହେଉ ଗୋଟାଏ ଅସ୍ୱାଭାବିକ କିଛି ରକମର ହେଲା । ମୁଁ ଏକା ଏକା ଥରେ ତଳ ତଳଟା ପାହାଚ ଡେଇଁ ସ୍ୱପ୍ନପରି ଛୁଟି ସେଠି ହାଜର ହେଲି । ମୋ ଆସିବା ଦେଖି ପାରି ସେ ଚାକରଟାକୁ କହିଲା—ଆରେ ଯିବୁଟି, ଟିକିଏ ଦେଖି ଆସିବୁ, ବାପା ହେଉକା ଏତେ ବେଳ ଯାଏ କୁଆଡ଼େ ଗଲେ ।'

ଚାକର ଚାଲିଗଲାରୁ ଆମେ ଦୁହେଁ ଯାଇଁ ଘର ଭିତରେ ବସିଲୁଁ ।

ପରିଶେଷରେ ଦୁହିଁଙ୍କର ଦୁଇହାତ ଯେ ଏକେ ଛନ୍ଦିହେଲା ଏ କଥା ପାଠକଙ୍କୁ ଅଯଥା କହି ଲାଭ ନାହିଁ ।

ତେବେ ସେ ମାଙ୍କଡ଼ ଦୂତଟାକୁ ଆଉ ପାଇଲୁ ନାହିଁ । ଯେତେଥର ପୁଣି ଗଲୁ, ଅନେକ ମାଙ୍କଡ଼ ଦେଖିଲୁଁ କିନ୍ତୁ ତାର ଦର୍ଶନ ମିଳିଲା ନାହିଁ । କେବଳ କଦଳୀଟିଏ ନେଇ ସେ ବୋଧ । ତା' ନାକରେ ଗୋଟେ ଦାଗ ଥିଲା । କେହି ଦେଖିଥିଲେ କହିବେ କି ?

—*—

## କୁତୁକୁତୁ

ମାଷ୍ଟର କ୍ଲାସରେ ଏକ୍ସେର ସାଇଜ ଖାତା କରେକସନ କରୁଥିଲେ । ଯଦୁ ପଚାରିଲା "ସାର, ମୋ ଖାତା ତଳେ ଆପଣ କ'ଣ ଲେଖିଛନ୍ତି ମୁଁ ପଢ଼ି ପାରୁ ନାହିଁ ।"

ମା—ଆଉ କାହାରଠୁ ପଢ଼େଇ ନେ ।

ଯଦୁ—କେହି ପଢ଼ି ପାରିଲେ ନାହିଁ ସାର୍—

ମା—ଆଣିଲୁ ତେବେ ।

ମାଷ୍ଟରେ କଷ୍ଟକଷ୍ଟରେ ନିଜର ହାତ ଲେଖା ପଢ଼ି କହିଲେ "ଆରେ ଓଲୁ, ମୁଁ ଲେଖିଛି କି ହସ୍ତାକ୍ଷର ପରିଷ୍କାର କରି ଲେଖ ।"

+ + +

ବସ୍ତୁବିଷୟରେ ୫୦୦ ଶବ୍ଦ ସମ୍ବଳିତ ଗୋଟିଏ ପ୍ରବନ୍ଧ ଲେଖିବା ପାଇଁ ଦିଆ ହୋଇ-ଥିଲା । ଅପର୍ଣ୍ଣା ଲେଖିଲା—

"ମୋ ବାପା ବଉ ପାଇଁ ଖଣ୍ଡେ ଭଲ ଶାଢ଼ୀ ଆଣିଥିଲେ । ବଉର କିନ୍ତୁ ପସନ୍ଦ ହେଲା ନାହିଁ । ତହିଁ ସେ ତାକୁ ଚିରି ପକାଇଲା । ବାପାରାଗି ଆଉ ସାଢ଼ୀ ଦୁଇଖଣ୍ଡ ଚିରି ଦେଲେ ।

ଏହା ପ୍ରାୟ ତିରିଶଟା ଶବ୍ଦ ହୋଇଗଲା । ବଉ ସେ ଧନ ଯାକକୁ ବାପାଙ୍କୁ ଯେତେ ଗାଳି ଦେଲା ତାହା ବାକି ୪୭୦ ଶବ୍ଦରୁ ବେଶି ହୋଇ ଯିବ । କିନ୍ତୁ ମୁଁ ସେ ଗୁଡ଼ାକ ଲେଖି ପାରିବି ନାହିଁ ।

× ×

ଜଣେ ହିନ୍ଦୁ (ଜଣେ ଖ୍ରୀଷ୍ଟିୟାନଙ୍କୁ ପଚାରିଲେ)-ଅଚ୍ଛା ଆପଣଙ୍କ ଭଗବାନ ବଡ଼ ନା ଆମ ଭଗବାନ ବଡ଼ ?

ଖ୍ରୀଷ୍ଟିୟାନ—ଆମ ଭଗବାନ ବଡ଼, କାରଣ ଆମ ଭଗବାନ ଯୀଶୁ କ୍ରିଷ୍ଟ, ଆଉ ତୁମ ଭଗବାନ କ୍ରିଷ୍ଣ । କ୍ରିଷ୍ଣକୁ କ୍ରିଷ୍ଟ କଟିଗଲା, ବାକି ଅମର ରହିଲା ଯୀଶୁ । ତେଣୁ ଆମ ଭଗବାନ ବଡ଼ ।

+ + +

ଦେବେନ୍ଦ୍ର—କହିଲ ବେଣୁ, ପରଦା ପ୍ରଥା କେଉଁଠାରେ ବେଶିଅଛି ?

ବେଣୁ—ସହର ମାନଙ୍କରେ ।

ଦେବେନ୍ଦ୍ର—କିପରି ?

ବେଣୁ—ସାଧାରଣତଃ ସହର ମାନଙ୍କରେ ବଡ଼ ବଡ଼ କର୍ମଚାରୀ ମାନେ ଥାଆନ୍ତି ଓ ସେମାନେ ସବୁବେଳେ (ଅଫିସରେ) ପରଦା ତଳେ ରହନ୍ତି ।

Digitized by srujanika@gmail.com



( ପୂର୍ବାନୁବୃତ୍ତି )

**ମୋର** ମୁଖ ମଣ୍ଡଳରେ ବୋଧହୁଏ ଅବିଶ୍ୱାସ ଓ ବିସ୍ମୟର ଚିହ୍ନ ପ୍ରକାଶ ପାଇଥିଲା। କାରଣ ବକ୍ତା ହସିଯାଇ କହିଲେ, ଯୁବକ, ମୁଁ ତୁମକୁ ପୂର୍ବରୁ କହିଥିଲି ଯେ, ତମେ ମୋର କଥା ବିଶ୍ୱାସ କରିବ ନାହିଁ। ଏହା ମୋତେ ମଧ୍ୟ ଗୋଟାଏ ଦୁଃସ୍ୱପ୍ନ ପରି ମନେ ହୁଏ କିନ୍ତୁ ମୁଁ ଯେଉଁ ସଫଳତା ଓ ଯଶ ପ୍ରାପ୍ତ ହୋଇଛି, ତାହା ସ୍ୱପ୍ନ ନୁହେଁ। ଭୀଷଣ ଯୁଦ୍ଧରେ ମୁଁ ହଜାର ହଜାର ସୈନ୍ୟଙ୍କର ନେତୃତ୍ୱ କରିଛି, କେତେ ଶତ୍ରୁ ସୈନ୍ୟ ବିଧ୍ୱସ୍ତ କରି, ସେମାନଙ୍କର ପତାକା ଛଡ଼ାଇ ନେଇଛି। ସମସ୍ତ ଫ୍ରାନ୍ସ ମୋର ବିଜୟ କାହାଣୀ ଶୁଣିଛି।

ଭଦ୍ରଲୋକ, ଗୃହର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ପଦ ଚାରଣ କରୁଁ କରୁଁ ଏ ସବୁ କଥା କହି ଯାଉଥିଲେ। ଭୟ ଏବଂ ବିସ୍ମୟରେ ମୁଁ ସମ୍ପୂର୍ଣ୍ଣ ବିଚଳିତ ହୋଇ ପଡ଼ିଥିଲି। ମୁଁ ଭାବିବାକୁ ଲାଗିଲି, ଏ କିଏ? ଏ କ'ଣ ଜାଲିଆ? ନା—ଉଣ୍ମାଦ?

ଭଦ୍ରବ୍ୟକ୍ତି ମୋ ନିକଟକୁ ଆସି ଠିଆ ହୋଇ କହିଲେ— ସ୍ନାଗୋ ତାର କଥା ରଖିଥିଲା। କିଛିଦିନ ପରେ ଏହି ଶୁଷ୍କ ପ୍ରସିଦ୍ଧି ମୋତେ ଭଲ ଲାଗିଲା ନାହିଁ। ମୁଁ ସାରବାନ କୌଣସି ପଦାର୍ଥ ପାଇଁ ବ୍ୟସ୍ତ ହେଲି। ଜୀବନର ପାଞ୍ଚ ଛଅ ବର୍ଷର ପରିବର୍ତ୍ତରେ ମୁଁ ଅତୁଳ ସମ୍ପତ୍ତି ପ୍ରାର୍ଥନା କଲି। ସ୍ନାଗୋ ଆନନ୍ଦରେ ରାଜିହେଲା। ଯୁବକ, ତମେ ଆଶ୍ଚର୍ଯ୍ୟ ମନେ କରୁଛ କିନ୍ତୁ ଦିନେ ମୁଁ ପ୍ରଭୂତ ଧନ ସମ୍ପତ୍ତିର ଅଧିକାରୀ ଥିଲି। ପ୍ରାସାଦ, ଅଟ୍ଟାଳିକା, ଜମିଦାରୀ ଯେଉଁ ବିଷୟରେ ମୋର ଅଭାବ ଥିଲା ନାହିଁ। ଆଜି ମଧ୍ୟ ଏସବୁ ମୋର। ଯଦି ତମର ମୋ କଥାରେ ଅବିଶ୍ୱାସ ଓ ସ୍ନାଗୋର ଅସ୍ତିତ୍ୱ ସମ୍ବନ୍ଧରେ ସନ୍ଦେହ ହେଉଥାଏ ତେବେ କିଛି ସମୟ ଅପେକ୍ଷା କର। ସ୍ନାଗୋ ଏଠାକୁ ଆସିବ, ତମେ ତାଠାରେ ଏପରି କିଛି ଦେଖିବାକୁ ପାଇବ ଯାହାକି କଳ୍ପନାର ଅତୀତ କିନ୍ତୁ ମୋର ଦୁର୍ଭାଗ୍ୟ କ୍ରମେ ତାହା ବଡ଼ ସତ୍ୟ ହୋଇ ପଡ଼ିଛି।

ଭଦ୍ରବ୍ୟକ୍ତି ହଠାତ୍ ଘଡ଼ି ଦେଖିଲେ; ଏବଂ ପୁଣି ହତାଶ ଲୋକର ଅଙ୍ଗ ଭଙ୍ଗୀ କଲେ ଓ କହିଲେ, ଆଜି ସକାଳେ ମୁଁ ନିଦରୁ ଉଠି ଦେଖିଲି, ମୋ ଦେହ ଏତେ ଦୁର୍ବଳ ଯେ ଉଠି କରି ବସି-

## ଜୀବନର ମୂଲ୍ୟ

(ଫ୍ରାନ୍ସର ଶ୍ରେଷ୍ଠ କାହାଣୀ ମଧ୍ୟରୁ ଗୋଟିଏ)
(ଅଗଷ୍ଟିନ ଫିଲନ ପ୍ରାଣୀତ)

ବାର ଶକ୍ତି ମଧ୍ୟ ମୋର ନାହିଁ। ଘଣ୍ଟା ଦେବାରୁ ସ୍ନାଗୋ ଆସିଲା। ମୁଁ ପଚାରିଲି—'ମୋ ଦେହ ଏମିତି ଲାଗୁଛି କାହିଁକି?'

ସେ କହିଲା—ଏପରି ହେବା ନିତାନ୍ତ ସ୍ୱାଭାବିକ। ଆପଣଙ୍କ କାଳ ପୂରି ଆସିଲା।

ମୁଁ ପଚାରିଲି—ତାର ଅର୍ଥ?

'ଅର୍ଥ କ'ଣ ଆପଣ ବୁଝି ପାରୁ ନାହାନ୍ତି। ଭଗବାନ ଆପଣଙ୍କୁ ମୋଟେ ୭୦ ବର୍ଷ ପରମାୟୁ ଦେଇଥିଲେ, ଆପଣଙ୍କର ତିରିଶ ବର୍ଷ ବୟସ ବେଳେ ମୁଁ ଆପଣଙ୍କ ସହିତ ବ୍ୟବସାୟ ଆରମ୍ଭ କଲି।'

ମୁଁ ବଡ଼ ଭୟ ପାଇକହିଲି—ତମେ କ'ଣ ପାଗଳ ହୋଇଛ ସ୍ନାଗୋ?'

'ଆଜ୍ଞା, ହଜୁର। ଆପଣ ପାଞ୍ଚ ବର୍ଷ ଧନ, ମାନ ଓ ପ୍ରସିଦ୍ଧି ବଦଳରେ ଜୀବନ ବିକ୍ରୟ କରିଛନ୍ତି। ସେଥିପାଇଁ ଆପଣ ୨୫ ବର୍ଷ ପରମାୟୁ ମୂଲ୍ୟ ସ୍ୱରୂପ ଦେଇଛନ୍ତି। ମୁଁ ତାହା ଜମା କରି ନେଇଛି। ଆପଣଙ୍କ ଜୀବନରୁ ପଚିଶ ବର୍ଷ ବର୍ତ୍ତମାନ ମୋ ଜୀବନ ସହିତ ଯୋଗ କରାଯିବ।

ମୁଁ କହିଲି—ଅଚ୍ଛା, ଏଇ କ'ଣ ତୋର ସହାୟତାର ମୂଲ୍ୟ?

ସ୍ନାଗୋ ଉତ୍ତର ଦେଲା—ହଁ, କେବଳ ଆପଣଙ୍କର ନୁହେଁ, ଏପରି ବହୁ ଲୋକଙ୍କର ଜୀବନର ମୂଲ୍ୟ ନେଇ ମୁଁ ସେମାନଙ୍କୁ ସାହାଯ୍ୟ କରିଥିଲି। ପରବର୍ତ୍ତୀଙ୍କ ନାମ ଶୁଣିଛନ୍ତି? ସେ ମଧ୍ୟ ମୋର ମହକିଲ ଥିଲେ।

ମୁଁ ଚିତ୍କାର କରି କହିଲି—ଚୁପ୍, ଚୁପ୍, କଦାପି ହୋଇ ପାରେ ନା।'

ସ୍ନାଗୋ କହିଲା—ଯାହା ଭାବନ୍ତୁ ପଛକୁ କିନ୍ତୁ ପ୍ରସ୍ତୁତ ହୋଇଯାନ୍ତୁ—ଆଉ ମାତ୍ର ଅଧ ଘଣ୍ଟା ଆପଣଙ୍କର ଆୟୁ ବାକି ଅଛି।

'ମୋ ସାଙ୍ଗରେ କଣ ଥଟ୍ଟା କରୁଛ?'

'ନା ନିଜେ ହିସାବ କରି ଦେଖିନିଅନ୍ତୁ। ଆପଣଙ୍କର ବର୍ତ୍ତମାନ ବୟସ ୭୫। ମୋତେ ଆପଣ ଦେଇଛନ୍ତି ୨୫ ବର୍ଷ। ସମସ୍ତ ମିଶାଇଲେ ୭୦ ବର୍ଷ ହେଉ ନାହିଁ? ଏ ପ୍ରସ୍ତାବ ଆପଣ ନିଜେ କରିଥିଲେ। ଆପଣ ଆପଣଙ୍କର ପ୍ରାପ୍ୟ ପାଇ ଯାଇଛନ୍ତି ବର୍ତ୍ତମାନ ମୋ ପ୍ରାପ୍ୟ ମୁଁ ନେବି।' ଏହା କହି ସେ ଚାଲିଯିବାକୁ ବସିଲା। ମୋର ମନେ ହେଲା, ମୋର ସମସ୍ତ ଶକ୍ତି ଶୂନ୍ୟ ହୋଇ ଯିବାକୁ ଆରମ୍ଭ କରୁଛି—ଅଳ୍ପ ସମୟ ପରେ ଦେହର ଜୀବନ ବାହାରି ଯିବ।

ମୁଁ ଦୁର୍ବଳ ସ୍ୱରରେ କହି ପକାଇଲି—'ସ୍ନାଗୋ, ସ୍ନାଗୋ, ମୋତେ ଆଉ କେତେ ଘଣ୍ଟା ବଞ୍ଚିବାକୁ ଦିଅ।'

ସେ କହିଲା—ନା ନା, ଆପଣଙ୍କୁ ତା'ହେଲେ ମୋ ନିକଟରୁ ଅଧିକ ଦାମ ଦେବ, ଜୀବନର ଯେଉଁ ମୂଲ୍ୟ ମୁଁ ତୁମଠାରୁ ତା' ଅଧିକ ବୁଝିଛି। ଦୁଇଘଣ୍ଟା ଜୀବନ ଦେବାର ସାମର୍ଥ୍ୟ ଆଉ କ'ଣ ଅଛି?'

ବାକ୍‌ଶକ୍ତି ମୋର ରହିତ ହୋଇଗଲା ଯେପରି, ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଆସିଲା, ଶିରାରେ ରକ୍ତ ସଞ୍ଚାର ସ୍ଥଗିତ ହୋଇ ଆସିଲା । ବହୁ କଷ୍ଟରେ ମୁଁ କହିଲି, "ଅଚ୍ଛା ତୋର ଦାମ ତୁ ଫେରାଇ ନେ, ଏହାର ଲାଗି ମୁଁ ସର୍ବସ୍ୱାନ୍ତ ହେଲି । ମୋତେ ଚବିଶ ଘଣ୍ଟା ପରମାୟୁ ଦେ, ମୁଁ ମୋର ସମସ୍ତ ଧନ ସମ୍ପତ୍ତି ତ୍ୟାଗ କରୁଛି ।"

ସ୍ମାଗୋ କହିଲା, "ଅଚ୍ଛା ଆପଣ ମୋ ସହିତ ସର୍ବଦା ଭଲ ବ୍ୟବହାର କରିଛନ୍ତି । ପ୍ରତିଦାନ ସ୍ୱରୂପ ମୋର କିଛି କରିବା ଉଚିତ । ହଉ ମୁଁ ରାଜିହେଲି ।"

ମୋ ଦେହରେ ପୁଣି ଟିକେ ଶକ୍ତି ଫେରି ଆସିଲା । ମୁଁ କହିଲି, "ସ୍ମାଗୋ, ଚବିଶଘଣ୍ଟା ବଡ କମ୍ । ଅନ୍ତତଃ ଚବିଶଘଣ୍ଟା ମୋତେ ଦେ, ମୁଁ ମୋର ପାଣ୍ଡିତ୍ୟର ଖ୍ୟାତି ପ୍ରତିପତ୍ତି ସବୁ ତ୍ୟାଗ କରୁଛି ।"

କାଫ୍ରି ଭୃତ୍ୟ ଅବଜ୍ଞାର ସ୍ୱରରେ କହିଲା, "ଏହାର ପାଇଁ ଚବିଶଘଣ୍ଟା ପରମାୟୁ ? ବଡ ବେଶୀ ଦାବୀ କରୁଛନ୍ତି । ଯାହାହେଉ ମୁଁ ରାଜି ହେଲି । ଆପଣଙ୍କର ଶେଷ ଅନୁରୋଧ ଉପେକ୍ଷା କରିପାରୁ ନାହିଁ ।"

ମୁଁ କାତର ହୋଇ ହାତ ଯୋଡ଼ି କହିଲି, ନା, ନା, ସ୍ମାଗୋ ! ଏଇଟା ଶେଷ ଅନୁରୋଧ ନୁହେଁ । ଅନ୍ତତଃ ଅଛି, ମୋତେ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ ଦେ । ଦିନଟା ସାରା ଦେ, ତା'ହେଲେ ମୋର ସାମରିକ ଯଶ, ଖ୍ୟାତି ସମସ୍ତ ବିସର୍ଜନ ଦେବି । ଏଗୁଡ଼ିକର ସ୍ମୃତି ଲୋକ ମନରୁ ହଠାତ ପୋଛି ହୋଇ ଯାଉ,ମୁଁ ଗ୍ରାହ୍ୟ କରେ ନା । ସ୍ମାଗୋ । ଏହି ଅନୁରୋଧଟି ରଖ—ମୁଁ ଆଉ କିଛି ମାଗିବି ନାହିଁ ।"

ସ୍ମାଗୋ କହିଲା, "ଆପଣ ମୋ ଠେଇଁ ବଡ ଅନ୍ୟାୟ ଅଳି କରୁଛନ୍ତି । ହଉ ଆଜକାର ଦିନଟା ମୁଁ ଆପଣଙ୍କୁ ଦେଲି—ସୂର୍ଯ୍ୟାସ୍ତ ପରେ ଆସିବି ।"

ଏହି କଥା କହି ସେ ଚାଲିଗଲା । ଯୁବକ, ଆଜି ଦିନଟା ମୋର ସେଇ ଦିନ । ସେ ବଗିଚାର ଅଢ଼ର ଦୁଆର ନିକଟକୁ ଯାଇ ଚିତ୍କାର କରି କହିଲେ, "ହାୟ ! ମୁଁ ଆଉ ଏହି ସୁନ୍ଦର ଆକାଶ, ଏହି ଶ୍ୟାମଳ ପ୍ରାନ୍ତର, ଏହି କଳ କଳ ନିର୍ଝରଣୀ, କିଛି ଦେଖିବାକୁ ପାଇବି ନାହିଁ । ବସନ୍ତର ସୁଗନ୍ଧ ପବନ ଆଉ ମୋ ନାକରେ ବାଜିବ ନାହିଁ । ହାୟ ମୁଁ କି ନିର୍ବୋଧ ! ଭଗବାନ ଏପରି ସବୁ ଉପହାର ଆମକୁ ଦେଇଛନ୍ତି, କିନ୍ତୁ ମୁଁ ଏ ସମ୍ବନ୍ଧରେ କି ଅଜ୍ଞାନ ଥିଲି । ଏବେ ଯାଇ ବୁଝି ପାରୁଛି, କିନ୍ତୁ ବୁଝି ଲାଭ କଣ ? ମୁଁ ଅଧିକର ପଚାଶ ବର୍ଷ ଏହାକୁ ଉପଭୋଗ କରି ପାରି ଥାନ୍ତି । ମାତ୍ର ମୋ ଜୀବନ ଶେଷ ହୋଇ ଆସିଲାଣି । ମୁଁ କାହିଁ ପାଇଁ ନିଜର ଅମୂଲ୍ୟ ଜୀବନ ନଷ୍ଟ କଲି ? ମିଥ୍ୟା, ଖ୍ୟାତି ଓ ଯଶ ପାଇଁ ନୁହେଁ କି ? କିନ୍ତୁ ଏ ସବୁ ମୋ ଜୀବନ ସଙ୍ଗରେହିଁ ଶେଷ ହୋଇଯିବ । ଥାଉ ମଧ୍ୟ ଏଥିଦ୍ୱାରା ମୁଁ ସୁଖୀ ହୋଇ ପାରିବି ନାହିଁ ।

କେତେ ଗୁଡ଼ିଏ କୃଷକ ଗୀତ ଗାଇ ଗାଇ ସେପାଖର ରାସ୍ତା ଉପରେ ଚାଲି ଯାଉଥିଲେ । ତାଙ୍କ ଆଡ଼କୁ ଆଙ୍ଗୁଳି ଦେଖାଇ କହିଲେ, "ତାଙ୍କର ଦରିଦ୍ର ଜୀବନର ଟିକିଏ ଅଂଶ ପାଇଁ ମୁଁ କଣ ଦେଇ ନ ପାରେ । କିନ୍ତୁ ଏକ୍ଷଣି ମୋର ଦେବାର କିଛି ନାହିଁ । ପୃଥିବୀରେ ମୋର ସବୁ ଆଶା ସରି ଯାଇଛି ।"

ତାଙ୍କ ବିବର୍ଣ୍ଣ ମୁଖ ଉପରେ ସୂର୍ଯ୍ୟ କିରଣ ପଡ଼ିଲା । ସେ କହି ଉଠିଲେ, "ଦେଖ, ଦେଖ, କି ସୁନ୍ଦର, କି ଉଜ୍ଜ୍ୱଳ, ମୋତେ ଏ ସବୁ ଛାଡ଼ି ଚାଲି ଯିବାକୁ ହେବ । ଏକ୍ଷଣି ମୁଁ ବଞ୍ଚି ରହିଛି । ଦିନ ଗୋଟାକ ମୋ ଆଗରେ ପଡ଼ିଛି । ଦିନଟା କି ସୁନ୍ଦର, କି ମନୋହର । ଏହି ମୋର ଶେଷ ଦିନ—ଆଉ ନାହିଁ ।"

ସେ ପିଢ଼ା ବାଟେ ଦୌଡ଼ି ବଗିଚା ଭିତରକୁ ଓହ୍ଲାଇ ପଡ଼ିଲେ ଏବଂ ଅଳ୍ପକ୍ଷଣ ଭିତରେ ମୋ ଦୃଷ୍ଟିରୁ ଅନ୍ତର୍ହିତ ହୋଇ ଗଲେ, ତାଙ୍କୁ ଫେରାଇ ଆଣିବାକୁ ଇଚ୍ଛା ଥିଲେ ବି, ମୋର ଶକ୍ତି ଥିଲା କି ନା ସନ୍ଦେହ । ମୁଁ ବିସ୍ମିତ ଏବଂ ଅଭିଭୂତ ହୋଇ ସେଇ କାଉଚ ଉପରେ ବସି ପଡ଼ିଲି ।

କିଛିକ୍ଷଣ ପରେ ଉଠି ଘର ଚାରିପଟେ ବୁଲିବାକୁ ଲାଗିଲି । ନିଜକୁ ବୁଝାଇବାକୁ ଚେଷ୍ଟା କଲି । ମୁଁ ସ୍ୱପ୍ନ ଦେଖୁଛି ନା ଚେଇଁଛି ! ସେଇ ସମୟରେ ଆଉ ଗୋଟେ ଦୁଆର ଖୋଲିଗଲା । ଏବଂ ଜଣେ ଭୃତ୍ୟ କହିଲା, "ତୁମର ଖାଉନ୍ଦ ଡଉକ୍ ଆସୁଛନ୍ତି ।"

ଜଣେ ସୌମ୍ୟ ମୂର୍ତ୍ତି ବୃଦ୍ଧ ପ୍ରବେଶ କଲେ । ମୋ ହାତଧରି ସମ୍ଭାଷଣ କଲେ ଏବଂ ମୋତେ ଏତେ ଅଧିକ କ୍ଷଣ ଅପେକ୍ଷା କରିବାକୁ ପଡିଲା ବୋଲି କ୍ଷମାମଧ୍ୟ ମାଗିଲେ ।

ସେ କହିଲେ, ମୁଁ ଦୁର୍ଗରେ ଥିଲିନାହିଁ । ମୋର ପୀଡିତ ସାନଭାଇ ସୀ—ର କାଉଣ୍ଟଙ୍କୁ ଖୋଜିବାକୁ ଯାଇଥିଲି । ମୁଁ ପଚାରିଲି, "ତାଙ୍କ ପୀଡ଼ା କଣ ଖୁବ୍ ବେଶି" ? ଡଉକ୍ କହିଲେ, "ନା ଈଶ୍ୱରଙ୍କ ଇଚ୍ଛାରୁ ପୀଡ଼ା ସେପରିସାଂଘାତିକ ନୁହେଁ । କିନ୍ତୁ ଯୌବନରେ ଯଶ ଓ ଖ୍ୟାତିର ସ୍ୱପ୍ନ ତାଙ୍କର ମସ୍ତିଷ୍କକୁ ବଡ଼ ଉତ୍ତେଜିତ କରିଦେଇଥିଲା । ଏବେ ରୋଗରେ ପଡ଼ି ମସ୍ତିଷ୍କ ବିକୃତ ହୋଇ ଯାଇଛି । ତା'ର ଧାରଣା ହୋଇଛି, ଯେ ସେ ଆଉ ଗୋଟିଏ ଦିନମାତ୍ର ବଞ୍ଚିବ । ଏଇଟା ପାଗଳାମି ଛଡ଼ା ଆଉ କିଛି ନୁହେଁ ।"

ଏତେବେଳେ ମୁଁ ସବୁକଥା ବୁଝିପାରିଲି । ଡଉକ୍ କହିଲେ, "ଅଚ୍ଛା, ବର୍ତ୍ତମାନ ତୁମପାଇଁ କଣ କରାଯାଇ ପାରେ ତାହା ଦେଖିବାକୁ ପଡ଼ିବ । ଏହିମାସ ଶେଷ ଆଡ଼କୁ ତୁମ୍ଭଙ୍କୁ ରାଜଧାନୀକୁ ନେଇଯାଇ ରାଜସଭାରେ ପରିଚୟ କରାଇ ଦେବି ।"

ମୁଁ ଥମ ଥମ ହୋଇ କହିଲି, ଆପଣଙ୍କ ଅନୁଗ୍ରହ ପାଇଁ ଶତ ସହସ୍ର ଧନ୍ୟବାଦ । ମୁଁ ରାଜସଭାକୁ ଯିବା ପାଇଁ ଚାହେଁ ନାହିଁ ।

ଡଉକ୍ କହିଲେ, "ସେ[redacted]ଥା । ରାଜସଭାକୁ ଯିବନାହିଁ ? ତୁ[redacted]କଣ ବୁଝି ପାରୁନାହିଁ ଯେ ରାଜସଭାକୁ ନଗଲେ ଆପଣାର ସବୁ ରକମ ଉନ୍ନତି ପଥରେ ଅପେ କଣ୍ଟା ଦେବ ?" ମୁଁ କହିଲି—"ଆଜ୍ଞା, ସବୁ ଜାଣି ଶୁଣି ଏ କଥା କହୁଛି ।"

ଡଉକ୍ କହିଲେ, "କିନ୍ତୁ ତମେ ବୁଝିପାରୁ ନାହିଁ ଯେ ମୋର ସହାୟତାରେ ତୁମର ଖୁବ୍ ଦ୍ରୁତ ପଦୋନ୍ନତି ହୋଇଯିବ । ଦଶ ବର୍ଷ ଭିତରେ ତୁମ୍ଭେ ଜଣେ ବିଖ୍ୟାତ ଲୋକ ହୋଇ ପାରିବ । ମୁଁ କହି ଉଠିଲି," ଦଶବରଷ !"

Digitized by srujanika@gmail.com

ଡାକ୍ତର୍ ଅବାକ୍ ହୋଇ କହିଲେ, "ଆଉ କଣ ଯଶ, ମାନ, ଖ୍ୟାତି ଏ ସବୁ ଅର୍ଜନ କରିବା ପାଇଁ ଦଶଟା ବରଷ ବେଶି ହୋଇ ଗଲା ? ଚାଲ ଚାଲ, ମୋ ସଙ୍ଗରେ ରାଜପ୍ରାସାଦକୁ ଚାଲ ।

ମୁଁ କହିଲି, "ନା ମହାଶୟ । ମୁଁ ଗାଁକୁ ଫେରିଯିବାକୁ ସ୍ଥିର କରିଛି । ମୋର ନଜର ଏବଂ ଆମ ପରିବାରସ୍ଥ ସମସ୍ତଙ୍କର ଗଭୀର କୃତଜ୍ଞତା ଆପଣଙ୍କୁ ଜଣାଇଲି ।

ଡାକ୍ତର୍ କହିଲେ, " କି ବୋକାମି । "

ମୁଁ ଯାଗୋ ଏବଂ ତା'ର ପତ୍ନୀଙ୍କ କଥା ସ୍ମରଣ କରି ମନେ ମନେ କହିଲି, "ବୋକାମି ନୁହେଁ, ଠିକ୍ ସୁବିବେଚନା ।"

ତହିଁ ପରଦିନ ଘରକୁ ଫେରି ଆସିଲି । ନିଜର ଗୃହ, ପରିବାର ପରିଜନ ମାନଙ୍କୁ ଦେଖି କି ଆନନ୍ଦ ଯେ ହେଲା ତାହା କହିପାରିବି ନାହିଁ । ଏକ ସପ୍ତାହ ପରେ ହେନେରିଏଟ୍ଙ୍କୁ ବିବାହ କଲି ।

———※———

## କୁଡ଼ୁକୁଡ଼ୁ

ଯୁବକ—ମୁଁ ତୁମକୁ ମୋହନ ଭଳି ଧନ, ମଟର ଗାଡ଼ି, ସୁନ୍ଦର ଶାଢ଼ୀ ପ୍ରଭୃତି ଦେଇ ପାରିବି ନାହିଁ, ମାତ୍ର ଅନ୍ତର ସହିତ ପ୍ରେମ କରିବି ।

ଯୁବତୀ—ବାସ୍ତବିକ, ପ୍ରେମ-ଠାରୁ ବଡ଼ ଜିନିଷ କିଛି ନାହିଁ । ଆଛା ମୋହନ କେଉଁଠାରେ ରହନ୍ତି ? ×

× × ×

ନନ୍ଦକିଶୋର ବିଜୟ ଉଲ୍ଲାସରେ କହିଲା—"ମୁଁ ଆଜି ପୋଷ୍ଟ ଅଫିସକୁ ଠକି ଦେଇଛି ।"

ଇନ୍ଦୁମଣି ଚମକି ପଡ଼ି ପଚାରିଲା— "କପରି ରେ ?"

ନନ୍ଦକିଶୋର—ଆଜି ଚାରି ପଇସିକିଆ ଖଣ୍ଡେ ଲଫାପା କିଣିଲି । ତା ଭିତରେ କିଛି ନ ପୂରାଇ ଉପରେ ଠିକଣା ଲେଖି ପୋଷ୍ଟ ବକ୍ସରେ ପକାଇ ଦେଲି । —ରୂପାନନ୍ଦ ।

# ଅଫିମ ଛଡ଼ାର ଏପାଖ ସେପାଖ

ଲେଖକ—ମଦଭକ୍ତଖୋର ।

ମାନ୍ୟବର ବିଶ୍ୱନାଥ ଅଫିମ ଛଡ଼ା ସଭାରେ—ଏପ୍ରିଲ ମାସଠାରୁ ପୂର୍ଣ୍ଣ ନିଶା ନିବାରଣ ହେବ ।'

ବର୍ତ୍ତମାନ ଶ୍ରୀ ଗଣେଶାୟ ନମଃ ।

× × ×

ନିଶା ନିବାରଣୀ ରେଜିଷ୍ଟରରେ ଅଫିମାଙ୍କ ନାମ ଲେଖାଇବା ବେଳେ—

ପ୍ରଶ୍ନ—ତୁମ୍ଭର ନାମ ?

ଉତ୍ତର—ନିଶାଖୋର ।

ପ୍ରଶ୍ନ—ଘର ?

ଉତ୍ତର—ବିଶ୍ୱନାଥଙ୍କ ରାଜ୍ୟରେ ।

ପ୍ରଶ୍ନ—ବୟସ ?

ଉତ୍ତର—ଜାଣେନାହିଁ । ତେବେ—ମୁଁ ପେଟରେ ଥିବାବେଳେ ମୋ ମା ଅଫିମ ଖାଉଥିଲା ରତିଏ କରି । ମୁଁ ବର୍ଷକର ହେବାରୁ ମୋତେ ସେ ୨ରତି ଖୁଆଇଲା । ତାପରେ ପ୍ରତିବର୍ଷ ସେ ମୋତେ ରତିଏ ରତିଏ ଅଧିକା ଖୁଆଏ । ବର୍ତ୍ତମାନ ମୁଁ ସୁକ ଓଜନର ଖାଏଁ । ଆପଣ ଏବେ ହିସାବ କରନ୍ତୁ ।

ପ୍ରଶ୍ନ—ବ୍ୟବସାୟ ?

ଉତ୍ତର—ନିଶା ଖାଇବା ଆଦି—

ପ୍ରଶ୍ନ—କେତେ ନେବ ?

ଉତ୍ତର—ଯାହା ଖାଏଁ ତାର ସତିଅ ।

ପ୍ରଶ୍ନ—କାରଣ ?

ଉତ୍ତର—ମୋ ପୁଅର ବୟସ ବର୍ତ୍ତମାନ ମୋ ବୟସର ଏକଚତୁର୍ଥାଂଶ । ଅର୍ଥାତ୍ ମୋର ପାଞ୍ଚ ବର୍ଷ ହେଲେ ତାର ବର୍ଷେ ଚାରିମାସ । ତେଣୁ ମୁଁ ଯେତେ ଖାଏଁ ମୋ ପୁଅ ତାର ପାଏ ଖାଏ ।

ଡାକ୍ତର—ଅନ୍ୟ ଲୋକ ପାଇଁ ଦିଆ ଯାଏ ନାହିଁ ।

ନିଶାଖୋର—ସେ ତ ଆପଣଙ୍କ ପୁଅ ନୁହେଁ—ସେ ମୋ ପୁଅ ।

\+ \+ \+

ନିଶାଖୋରମାନେ କଂଗ୍ରେସ ବାଲାଙ୍କୁ ଡାକୁଣୀ ଖାଉ ବୋଲି ଗାଳି ଦେଉଛନ୍ତି ।

—କଂଗ୍ରେସବାଲାମାନେ ଏଥର ଠାକୁରାଣୀ ମାର୍ଜନା କରନ୍ତୁ ।

× × ×

ନିଶାଖୋରଙ୍କ ସ୍ତ୍ରୀମାନେ କଂଗ୍ରେସ ସରକାରଙ୍କୁ ସାଧୁବାଦ ଦେଉଛନ୍ତି—

କାରଣ ତାଙ୍କ ସ୍ୱାମୀମାନେ ଚୋର ?

\+ \+ \+

ନିଶାଖୋର—ମୁଁ ଆଗରୁ ଯେତେ ଅଫିମ କିଣି ରଖିଛି, କଂଗ୍ରେସ ସରକାରଙ୍କ ଅମଳ ବିତିଯିବ ।

—ନିଶାଖୋରଙ୍କ ଅମଳ କାହିଁର ।

× × ×

ପଚାରିବା—ତୁମମାନେ, ନିଶା ଗୋଟାଏ ରାକ୍ଷସୀ ।

ନିଶାଖୋର—ଆମେ ପରା ରାମଚନ୍ଦ୍ର !

× × ×

କଂଗ୍ରେସବାଲା—ତୁମ୍ଭେମାନେ ଅଫିମ କାହିଁକି ଖାଉଛ ?

ଅଫିମା—ଯେତେଦିନ ଯାଏ ଏ ପୃଥିବୀରୁ ଅଫିମ ଶେଷ ନ ହୋଇଛି ସେତେଦିନ ଯାଏ ଆମ୍ଭେମାନେ ଏହିପରି ତାହାର ଧ୍ୱଂସ ସାଧନ କରୁଥିବୁଁ ।

× × ×

ଅଫିମା ଗୁଣିଆ—ଛାଡ଼ ଅଫିମ ଛାଡ଼—ଛାଡ଼ ଛାଡ଼ ବୋଲି କାହାର ଆଜ୍ଞା, କଂଗ୍ରେସ ମନ୍ତ୍ରୀଙ୍କର କୋଟି କୋଟି ଆଜ୍ଞା ।

\+ \+ \+

ଅଫିମା ବାଳକ—ଛାଡ଼ ଅଫିମ ଛାଡ଼, କଂଗ୍ରେସ ମନ୍ତ୍ରରେ ଅଣୀଗଣ୍ଡା—

× × ×

ଅଫିମା ବୈଷ୍ଣବ—କଳାକୃଷ୍ଣ ମନ ନୟନ ହରେ ।

\+ \+ \+

ଅଫିମା ବୈଦ୍ୟ—ଏହା ସର୍ବ ପ୍ରକାର ରୋଗର ଅମର ଧନ୍ୱନ୍ତରୀ ।

\+ \+ \+

ଅଫିମା କବିରାଜ—ଅଫିମ କାଦମ୍ବିନୀ ଖାନା ।

Digitized by srujanika@gmail.com

# ଜଗତ୍ ବିଖ୍ୟାତ

# ର-ଗ-ଡ ଶିକ୍ଷା ପଦ୍ଧତି

**କେବଳ ଆବେଦନକାରିଙ୍କ ପାଇଁ**

ଗୋପନୀୟ !  ପ୍ରାଇଭେଟ !

ଅଶ୍ୱିନ ମାସ ପ୍ରଥମାର୍ଦ୍ଧ  ଦ୍ୱିତୀୟ ବର୍ଷ ୯ମ ସଂଖ୍ୟା ଡଗରରେ

ନିବେଦନ:—

ନେତା ହେବା ସକାଶେ ର-ଗ-ଡ଼ ଶିକ୍ଷା ପଦ୍ଧତିର ( correspendence course ) ବିଜ୍ଞାପନ ଦିଆ ହୋଇଥିଲା । ଏହା ଶିଖିବାର ପ୍ରବେଶିକା ଫିସ ବା ବେତନ ନଥିବାରୁ ବହୁ ସଂଖ୍ୟାରେ ଛାତ୍ର ଏନିମନ୍ତେ ଅବେଦନମାନ ପଠାଇଛନ୍ତି । ମୋଟ ଅବେଦନକାରୀଙ୍କ ସଂଖ୍ୟା ୪୮୫—ଅର୍ଥାତ ଏଥି ମଧ୍ୟରୁ ପୁରୁଷ ୪୪୨ ଓ ସ୍ତ୍ରୀ ୪୩ ଜଣ । ସ୍ତ୍ରୀମାନଙ୍କୁ ୦·୫ ହିସାବରେ ଧରିବାରୁ ହେଲେ ୨୧·୫ । ଏଣୁ ମୋଟ ଛାତ୍ର ପ୍ରାର୍ଥୀ ହେଲେ ୪୬୩·୫ । ଏତେ ଛାତ୍ରଙ୍କଠାରୁ ପୃଥକ ପୃଥକ ଭାବରେ ଡାକଦ୍ୱାରା ବାରଂବାର ପାଠ (lesson) ପଠାଇବା ବ୍ୟୟ ଓ ପରିଶ୍ରମ ସାଧ୍ୟ ଜାଣି, ଅଧ୍ୟାପକମାନେ ଡଗରର ପୃଷ୍ଠାରେ ତାହା ପ୍ରକାଶ କରିବାର ସ୍ଥିର କରିଅଛନ୍ତି । ପ୍ରଥମ ସୋପାନ ପାଠ ଅଳ୍ପ ନିମ୍ନରେ ଦିଆଗଲା ।

(ଅମ୍ଭମାନଙ୍କର ବିଶେଷ ଅନୁରୋଧ ଯେ ଯେଉଁମାନେ ଛାତ୍ର ହେବା ସକାଶେ ଅବେଦନ କରି ନାହାନ୍ତି ସେମାନେ ଯେପରି ଭୁଲରେ ଏହା ପଢ଼ି ନପକାନ୍ତି ।)

## ପ୍ରଥମ ସୋପାନ ପାଠ ।

୧ । ଯେ ନେତା ହେବାକୁ ମନ କରିବେ ସେ ସନ୍ଧ୍ୟା ରାତିରେ ଶୋଇବା ବେଳେ 'ନେତା—ନେତା— ନେତା' ଶବ୍ଦଟିକୁ ଏହିପରି ୧୦୮ ଥର ଜପ କରିବେ ଓ ସକାଳୁ ଉଠିଲାମାତ୍ରେ ବିଛଣାରେ ଥାଇ ଉକ୍ତ ମନ୍ତ୍ର ୨୧ ଥର ଉଚ୍ଚେ ଉଚ୍ଚାରଣ କରିବେ ।

୨ । ଏହିରୂପ ତିନି ଦିନ, ତିନି ସପ୍ତାହ, ତିନି ପକ୍ଷ ବା ତିନି ମାସ ଅଭ୍ୟାସ କଲା ପରେ ଯେତେବେଳେ ହୃଦ୍‌ପଦ୍ମ ମଧ୍ୟରେ 'ନେତା-ନେତା' ଅନାହତ ଧ୍ୱନି ଉତ୍ପନ୍ନ ହେବ, ସେତେବେଳେ ଜାଣିବ ଯେ ତୁମେ ଅଧିକାରୀ ହୋଇ ସାରିଛ । ଠିକ୍ କଲେ ଲଜ୍ଜା, ନ କଲେ ଲଜ୍ଜା । ସେତେବେଳେ ମଧ୍ୟେ ମଧ୍ୟେ ମନ୍ତ୍ରାଭ୍ୟାସ ଜାଗ୍ରତ ରଖିଥିବ ।

୩ । ନିଶ, ଦାଢ଼ୀ ଥିବା ହେବା ଭଲ । ଅଷ୍ଟ ସିଦ୍ଧି ଉତ୍ତାରୁ ଯାଇ ଟାଙ୍ଗିଙ୍କ ନିଶ ବା ରବୁଠାକୁରଙ୍କ ଦାଢ଼ୀ ରଖିଲେ ଚଳେ— ଯାନ ପଛକୁ ନହୋଇ ମହିମହିକା ବେଳରେ ତାହା ରଖିଲେ ଅନିଷ୍ଟର ସମ୍ଭାବନା । (ଉଦାହରଣ ସ୍ୱରୂପ, ଏ ଭ୍ରମ ବୁଦ୍ଧି-ପାଇଁ ପଟେଲଜୀ, ଗୋପବାବୁ, ମହତାବ ପ୍ରଭୃତି ଉଠିଲା ନିଶ କାଟି ପକାଇଲେ ଏବଂ ଦାଢ଼ି ଛାଡ଼ିବାର ମୂର୍ଖତା ଯୋଗୁଁ ଅମ ନଂ-ଡ଼ି-ତଙ୍କର ଅଧା ସ୍ୱର୍ଗରୁ ପତନ ହେଲା ।)

୪ । ମୁଣ୍ଡ ବାଳ ସାଧାରଣଙ୍କ ଭଳି କେବେ ରଖିବ ନାହିଁ । ଅର୍ଥାତ୍ ଯେଉଁଟା ଯେତେବେଳର ଫେସନ ହୋଇଥିବ ତାର ଓଲଟା କରି ରଖିବ, ଯଥା ଆଜିକାଲି ସମସ୍ତେ ଟେରି କାଟନ୍ତି; ସୁତରାଂ ମନ୍ତ୍ରିବାଳୀ ଏତେ ଷ୍ଟୋରକର କରୁଛନ୍ତି ଯେପରି ଟେରି ହୋଇ ନ ଯିବ । ବିଲକୁଲ ଲମ୍ବା ବା ବାବୁରି ବାଳ କେବଳ ଗାନ୍ଧି ବା କୃପାଳାନୀଙ୍କୁ ଖାପେ । ଟିକିଲି ନାଳଗାଇବା ଭଲ । ପର ତଳ ପାରେ ମାରି ପାର ।

୫ । ମାଳ ବା ପଇତା ଏପରି ଭାବରେ ରଖିଥିବ (adjustable) ଯାହା ଦରକାର ପଡ଼ିଲେ ଅଙ୍ଗ ପିନ୍ଧିବାବେଳେ ବାହାରି କରିଯାଇ ପାରେ ବା ଦେଖା ଯାଇ ପାରେ ।

୬ । ସାଧନ କାଳରେ ପଦ୍ମାସନ ପଦ୍ମାସନ ନଗ୍ନପାଦ ହୋଇ ରହିବା ଭଲ । ଦେଶିକି ନାମ ବାହାରିଲେ ଚପଲ ପର୍ଯ୍ୟନ୍ତ ବ୍ୟବହାର କରିଯାଇ ପାରେ ।

୭ । ପରିଧାନରେ ନେତାମାନଙ୍କର ବହୁତ ଭ୍ରମ ହୋଇଥାଏ । ସେଥିପାଇଁ ଏହି ପ୍ରଧାନ ଭେକ ବିଷୟରେ ଛାତ୍ରଙ୍କର ବିଶେଷ ସାବଧାନ ହେବା ଉଚିତ । ପଦ୍ମାସନ ଯେ ଗାନ୍ଧି ବା ଜହର-ଲାଲ ହେବାକୁ ବସିବ ସେ ଲୋକହସା ହେବ ।

ହାତରେ ଖଣ୍ଡେ ଡାଙ୍ଗ ସବୁବେଳେ ଧରିଥିବ ଏବଂ ଚଳାଉଥିବ । ସେହି ସ୍ୱଭାବରୁ ଲୁଗା ବୁଣାଇ ପିନ୍ଧୁଛ ବୋଲି ଗୁରୁଅତେ କହୁଥିବ । ପ୍ରଥମ ଠାରୁ ଦେଢ଼ହାତ ଗଜଡ଼ା, ୩ହାତ ଲମ୍ବ ଲୁଗା ପିନ୍ଧିବ ନାହିଁ । ଅନ୍ତତଃ ୭।୮ ହାତ ପିନ୍ଧିବ । ଯେତେ ଯେତେ ନେତାପଣ ବଢ଼ୁଥିବ ସେତିକି ଲୁଗାର ଓସାର ଓ ଲମ୍ବ ବଢ଼ାଉ ଥିବ । ଜାମା, ମିରଜାଇ, ଗେଞ୍ଜି, ଫତେଇ, ପଞ୍ଜାବୀ— ଯାହା ସୁବିଧା ବ୍ୟବହାର କରିପାର । କିନ୍ତୁ ଏସବୁ କିଛୁ ବ୍ୟବହାର ନକରି ଖଣ୍ଡେ ବଡ଼ ଚଦରରେ ଦେହ ଘୋଡ଼ାଇବା ସବୁଠାରୁ ଭଲ । ବାଁ କାଖତଳେ ଖଣ୍ଡେ ମୁଣି ଝୁଲାଇ ରଖିବ । ଥାଉ ବା ନଥାଉ କିଛିହେଲେ କାଗଜ ପତ୍ର, ଚେକ ଓ ଖଣ୍ଡେ ଖବର କାଗଜ ରଖିଥିବ । କମେ ଏସବୁର ଲୋଡ଼ା ପଡ଼ିବ ନାହିଁ ପରେ । ଟୋପି ଖଣ୍ଡିଏ ବେଗରେ ଥିବ, ଦରକାର ବେଳକୁ । ନାରୀମାନଙ୍କ ପାଇଁ ଟସର, ଏଣ୍ଡି, ମୁଗା ଲୁଗା ଭଲ । କହିବ ଏଥିରେ ସାବୁନ ଖରଚ କମ, ଓ ଟେକଇ ଥିବାରୁ ଖରଚ ଅଳ୍ପ । ହାତବନ୍ଧା ଘଣ୍ଟାଏ ସମସ୍ତଙ୍କର ଦରକାର, ମାତ୍ର ନାରୀ ହେଲେ ନିତାନ୍ତ ।

ଏହେଲା ସାଧାରଣ କଥା । ମାତ୍ର ଭଲ ଖଦଡ଼ ଲୁଗା, ପଞ୍ଜାବୀ, ଜହରଫତୁଆ, ଚପଲ, ବେଗ, ଟୋପି ଏଗୁଡ଼ିକ ସଜାଇ ଘରେ ଏକାଗୁଞ୍ଜ ରଖିଥିବ । ବେଳେବେଳେ ବଡ଼ ଦରକାରରେ ଆସିଯାଏ । ସେ ବେଳଟା ଆପେ ମାଲୁମ ହୋଇଯିବ ।

Digitized by srujanika@gmail.com



## ନବଭାରତ—କନ୍ୟା ୪ର୍ଥ ସଂଖ୍ୟା

ପହିଲା ଲେଖାଟିର ଶିରୋନାମା ଦେଖି ମନ ସଭ ସକ ହେଲା । ପଢ଼ି ଦେଖିଲା ବେଳକୁ—"ଏ କି ବିଡ଼ମ୍ବନା !"

ଗିରିଜା ଶଙ୍କରଙ୍କ "ଓଡ଼ିଆରେ ପୁନରାବୃତ୍ତ ଶବ୍ଦ" ଗଭୀର ଚିନ୍ତାଶୀଳତା ଓ ଗବେଷଣାର ପରିଚୟ ଦେଉଛି । ଅଧ୍ୟାପକେ ଆପଣେ ଏହିପରିକା ଖାଲି 'ସୂଚନା' ଦେଇ ରହିବେ, ନା ଓଡ଼ିଆ ଭାଷାର ବିଶେଷତ୍ୱ ସମ୍ବନ୍ଧରେ ସ୍ଥାୟୀ ଗଛ କିଛି ରଖିଯିବାର ଉଦ୍ୟମ କରିବେ ? ସେପାଇଁ ତାଙ୍କ ଠାରେ ଆମେ ବହୁତ ବହୁତ ଭରସା ରଖିଛୁଁ ଏକା ।

କବି ନବକିଶୋର "ଲୀଳାମୟୀ"ର ବିଚିତ୍ରତାରେ ତନ୍ମୟ ହୋଇ କବି ପ୍ରାଣରେ ଦାର୍ଶନିକର "ବୃହତ୍ତର" ସତ୍ତା ଅନୁଭବ କରିଛନ୍ତି । କ୍ଷୁଦ୍ରରୁ ବୃହତ୍ତର ପ୍ରାକୃତିକ କ୍ରମ ବିକାଶ ।

ବିଗତ ସଂଖ୍ୟା ନବଭାରତରେ ଗୋପିନାଥଙ୍କ "ଭଲ ପାଇବାର ଶେଷ" ପ୍ରଶ୍ନର ଉତ୍ତର ଦେବାକୁ ଏଥର ଦୁଇଜଣ 'ସଜ୍ଜ' ବାହାରି ପଡ଼ିଛନ୍ତି । ପ୍ରଥମ ସଜ୍ଜ ଗୁରୁ ପାଲଟି ଦେଇଛନ୍ତି ଧର୍ମୋପଦେଶ ଆଉ ଦ୍ୱିତୀୟ ସଜ୍ଜ ବନ୍ଧୁ ଭାବରେ ସମବେଦନା ପ୍ରକାଶ କରି ମଧ୍ୟ ତାଙ୍କୁ ଗୁଡ଼ିଏ ଦେଇଛନ୍ତି ମନ୍ତ୍ର ଦରିଆରେ—ଯାହାକୁ କହନ୍ତି "କର୍ମଅଦର ପଣ୍ଡିଆ" । ଏ ଦୁଇ ଉତ୍ତର ମଧ୍ୟରୁ କୌଣସି ଗୋଟାଏ ହେଲେ ଗୋପିନାଥଙ୍କୁ ଶାନ୍ତି ଦେଇ ପାରିବ ବୋଲି ଆମ ମନେ ହୁଏ ନାହିଁ । ଏଣୁ ଆମର ପରାମର୍ଶ, ସେ 'ଶେଷ'ଟା ନ ଖୋଜି ସେଇଥିରେ ଶିର ଲିପ୍ତ ରହିଥାନ୍ତୁ । ସେହିଥିରେ ଶାନ୍ତି ।

ଅଜିତ କୁମାରଙ୍କ 'ଅଳିଆ ମୁଣି'ରେ ଖାଣ୍ଟି ମାଲ ଗୁଡାଏ ରହିଛି । କିନ୍ତୁ ଏ ଭେଲ ପ୍ରଗରେ ଅସଲକୁ ଅଦର କରୁଛନ୍ତି କିଏ ?

ଶ୍ରୀ ଗୁରୁଚରଣ ପଟ୍ଟନାୟକଙ୍କର "ଓଡ଼ିଆ ଝିଅ" କବିତା ମନ୍ଦ ହୋଇ ନାହିଁ । ସେଥିଲୁ ସେଇ ଭଳିଆ 'ଓଡ଼ିଆ ମୁଁଅ' ବାହାରିଲେ ଝିଅଙ୍କର ଏ ଦୁଃଖ ରହନ୍ତା ନାହିଁ ସିନା ?

ଶ୍ରୀ ଅନିରୁଦ୍ଧ ମହାନ୍ତିଙ୍କ କ୍ଷୁଦ୍ର ଗଳ୍ପ "ଏଗାରଟା" ଚମତ୍କାର ହୋଇଛି । ଗୋଟାଏ ଫରାସୀ ଗଳ୍ପର ଛାୟା ଏଥିରେ ଥିଲା ପରି ଲାଗୁଥିଲେ ମଧ୍ୟ ଲେଖକଙ୍କ କଳ୍ପନା ଓ କୌଶଳକୁ ପ୍ରଶଂସା ନକରି ରହିପାରୁ ନାହୁଁ । ବର୍ତ୍ତମାନ କାଳରେ ଏଭଳି ସୁନ୍ଦର କ୍ଷୁଦ୍ରଗଳ୍ପର ପ୍ରୟୋଜନୀୟତା ବଡ଼ ଜରୁରି ହୋଇ ପଡ଼ିଛି । ଏଦିଗରେ କଲମ ଚଳାଇବା ପାଇଁ ଲେଖକଙ୍କୁ ଅନୁରୋଧ କରୁଁ ।

## ସହକାର—କାର୍ତ୍ତିକ, ସପ୍ତମ ସଂଖ୍ୟା

କବି ନବକିଶୋର ପେଲବ କବିତା ନିର୍ଝରିଣୀ ଗୁଡ଼ିଏ କଠୋର ଧର୍ମତତ୍ତ୍ୱର ଗଭୀର ସମୁଦ୍ରରେ ଡଙ୍ଗା ଚଳାଇଛନ୍ତି । ତାଙ୍କର ବହୁମୁଖିନୀ ପ୍ରତିଭାକୁ ଧନ୍ୟବାଦ ।

"ଅଧର୍ମ ବିତ୍ତ" ନାମକ କ୍ଷୁଦ୍ର ଗଳ୍ପ ଗୁରୁ ପାଣିଙ୍କ ଲେଖା । ଭାଷାରେ କେବଳ କୌତୁକର ଛଟା ଥିଲେ ମଧ୍ୟ, ଗଳ୍ପ ହିସାବରେ ନିହାତି— ।

ଶ୍ରୀଯୁକ୍ତ ରାଧାମୋହନ ଗଡ଼ନାୟକଙ୍କ ପଦ୍ୟ "ବହୁଦିନ ପରେ" ଚଳନୀୟ ।

ବଡ଼ାଲ ମହାଶୟଙ୍କ କ୍ଷୁଦ୍ର ଗଳ୍ପ "ବାଘ" ସୁନ୍ଦର ହୋଇଛି । ଗଳ୍ପର serio comic ଅଂଶଟି ବଡ଼ ହୃଦୟସ୍ପର୍ଶୀ ।

ଶ୍ରୀଯୁକ୍ତ କୁବେର ଦଳାଇଙ୍କ କବିତା "ଗୃହଭିବଂଶୀ"ର ଭାଷା ବେଶ୍ ଘରୋଇ । ଏ ବଂଶର ମୋହନ ସ୍ୱର ଘରେ ଘରେ ତ ନିତି ବାଜୁଛି । କବି ତୁଣ୍ଡରୁ ଶୁଣିଲା କ୍ଷଣି ମରମରେ ବି ବାଜିଲା ।

"ବିଦ୍ରୂପିନ କବି ... ର ... କିନ୍ତୁ ଦୁଃଖର କଥା ... ପାରି ନାହିଁ ତାହା ।

"ଜୀବନ ଓ ମରଣର ... ",—ଗଳ୍ପ ଲେଖକ ଶ୍ରୀ ... ନାଥ ଦାସ । ଗଳ୍ପ ନୁହେଁ, ବରଂ ଗୋଟିଏ ବ୍ୟଥିତ ଜୀବନର କରୁଣ ଇତିହାସ । ଲେଖକ ଯଥେଷ୍ଟ ହୃଦୟପୂର୍ଣ୍ଣ ଆବେଗ ଦେଇ ଚିତ୍ରଟିକୁ ଫୁଟାଇଛନ୍ତି । ଭାଷାରେ କିନ୍ତୁ ବଙ୍ଗଳା ଶୈଳୀର 'ହୁବହୁ' ଛାପ ରହି ଯାଇଛି ।

ଶ୍ରୀଗୁଣନିଧି ପଣ୍ଡାଙ୍କର କବିତା "ମୋର ରୁଦ୍ଧ ନୟନ ମୁକ୍ତ କରହେ ଅଧର ପରଶ ଦେଇ" । ଭାବ ଗର୍ଭକ ଲେଖା, ଭାଷା ମଧ୍ୟ ଆବେଗମୟୀ । ଅଭ୍ୟାସ ରଖିଲେ ଆହୁରି ମାର୍ଜିତ ହେବ ।

ସହକାରର ଏହି ସଂଖ୍ୟାଟି ଅନେକ ଗୁଡ଼ିଏ ହାଫଟୋନ ଚିତ୍ରରେ ପରିଶୋଭିତ ।

**ସଚିତ୍ର A.B.C.**—ଶ୍ରୀରତ୍ନାକର କର । ପ୍ରକାଶକ—ନୀଳାଚଳ ପୁସ୍ତକ ଭଣ୍ଡାର । ମୂଲ୍ୟ—୬୦ । । ଓଡ଼ିଆ ପିଲାଙ୍କ ଇଂରାଜୀପାଠ ପଢିବାପାଇଁ ଏ ଖଣ୍ଡିଏ ପହିଲି ପୋଥି । ଛପା ଆଉ ଟିକିଏ ସୁନ୍ଦର ଏବଂ ପରିଷ୍କାର ହୋଇଥିଲେ ଭଲ ହୋଇଥାନ୍ତା । ଚିତ୍ର ଗୁଡ଼ିକ ଟିକିଏ ଅସ୍ପଷ୍ଟ କିନ୍ତୁ ଯୋଜନାରେ ବାହାଦୁରି ଅଛି । ପିଲାଏ ଏ ବହି ଖଣ୍ଡିକ ସାହାଯ୍ୟରେ ସହଜରେ ଇଂରାଜୀ ଶିକ୍ଷାର ପ୍ରଥମ ସୋପାନ ଅତିକ୍ରମଣ କରି ପାରିବେ ।

## ବିଚ୍ଛିନ୍ନା, ୨ୟ ସଂଖ୍ୟା

ମାନସିଂହଙ୍କ 'ଗାଈ' କବିତା ନୂଆ ଢଙ୍ଗରେ ଲେଖା । ସମ୍ପାଦକଙ୍କ 'ନମସ୍କାର' ମଧ୍ୟ ଭଲ ହୋଇଛି । ଶ୍ରୀ ବସନ୍ତକୁମାରଙ୍କ 'ଅପରାହ୍ଣୀ' ଗଳ୍ପଟି ଭଲ ଲାଗିଲା । କେବଳ ଶେଷରେ ଏତେଗୁଡ଼ାଏ ପ୍ରଶ୍ନ ନ ପଚାରି ପାଠକଙ୍କ ଉପରେ ଛାଡ଼ି ଦେଇଥିଲେ ହୋଇଥାନ୍ତା ।

## ୩ୟ ଓ ୪ର୍ଥ ସଂଖ୍ୟା

ମାନସିଂହଙ୍କ 'ପ୍ରଣୟ ପାଗଳାମି' ଏତେ ଅଳ୍ପରେ 'ଶାନ୍ତ' ହୋଇଗଲା ନା ?

ବିଚ୍ଛିନ୍ନା ସିଂହଭୂମି ସମ୍ବନ୍ଧରେ ତେଜସ୍ୱୀ ଆନ୍ଦୋଳନ ଚଳାଇଛି । ଜୟ ହେଉ ।

Digitized by srujanika@gmail.com



ସ୍ନେହର ନାଗଭାଇ ଭଉଣି ମୋର,

ମୋଠିଁ ଅନେକ ଅଳି ପହଞ୍ଚୁଛି ଯେ ସବୁ ନାଗ ନାଗୁଣୀ ଗୋଟିଏ ଯାଗାରେ ରୁଣ୍ଡ ହୁଅନ୍ତୁ । ଲୁଣ୍ଡ ଗଳ୍ପ ମାରନ୍ତୁ, କର୍ମ ପନ୍ଥା ଠିକ କରନ୍ତୁ, କାର୍ଯ୍ୟକାରୀ କମିଟି ଗଢ଼ନ୍ତୁ ଇତ୍ୟାଦି ଇତ୍ୟାଦି । କଥାଟା ଭଲ । ମୁଁ ନାପସନ୍ଦ କରୁ-ନାହିଁ । କିନ୍ତୁ ସେଠା ସମ୍ଭବ ହେଲ ପରି ମୋତେ ଲାଗୁ ନାହିଁ । ଛୋଟ ଷଦର ସହରକୁ ତ ସମସ୍ତେ ଆସି ପାରୁ ନାହିଁ, ନାଗବନ୍ଧୁ ସହରକୁ ବା କିଏ ଯିବ ? ବାବୁ, ଏତେ ବଡ଼ ବଡ଼ କଥାରେ ମଥା ଘୂରାଅ ନାହିଁ । ଅଗ ମୋ ବୋଲଟି କର । ତମ ପାଇଁ ସେତକ ଢେର ହେବ । ପ୍ରତିଦିନ ତମେ ଗୋଟିଏ ନା ଗୋଟିଏ ଜୀବର ଉପକାର କରିବାକୁ ଚେଷ୍ଟା କରିବ । ଆଉ ସତ କହିବାକୁ ଚେଷ୍ଟା କରିବ । ମିଛ କହିଲେ ତାକୁ ଲେଖି ରଖିବ । କାହିଁକି ମିଛ କହିଲ ମୋତେ ଜଣାଇବ । ମୁଁ ପ୍ରତିକାର ବତାଇ ଦେବି । ମୁଁ କେତେ ମିଛ କହିଥିଲେ ତମକୁ ଜଣାଇବି । ଏପରି କଲେ ତମେ କ୍ରମେ କ୍ରମେ ସତ୍ୟ ଓ ସେବା ବ୍ରତରେ ଅଭ୍ୟସ୍ତ ହୋଇ ପଡ଼ିବ । ଦୁନିଅାରେ ତମ ଜୀବନ ସାର୍ଥକ ହେବ ।

ତମର ଅଜା

## ନାଡି ନାଗୁଣୀଙ୍କ କଲମରୁ

(ଗପ)

ଥରେ ଜଣେ ବାଳକ ଗୋଟିଏ ସ୍କୁଲରେ ଲେଖିରେ ପଢୁଥାଏ । ସେ ଜଣେ ବୈଜ୍ଞାନିକ ହେବାକୁ ଇଚ୍ଛା କରିଥିଲା । ଦିନେ ସେ ତାର laboratory ରେ ବସିଥିଲା ଏବଂ acid ଦ୍ୱାରା କାମ କରୁଥିଲା । ଟେବୁଲ ତଳେ ଖୁଣ୍ଟିରେ ତାର ଦେଶର ଓଅର ଖ ସ୍ତ୍ରୀ ବନ୍ଧା ଥିଲା । ଯେତେବେଳେ ସେ acid ଟି ଢାଳିଲା ସେତେବେଳେ ଗୁଡ଼ାଏ ଠୋପା acid ତଳେ ପଡ଼ିଗଲା । ପିଲାଟି ଭାବିଲା ଯେ acid ଟି ବହିରେ ପଡ଼ିଲେ ବହିଟି ପୋଡିଯିବ । ଏହାଭିତରେ ସେ ଦେଖିଲା ଯେ ବହିଟି ଘୁଞ୍ଚାଇବାକୁ ତାର ସମୟ ଆଉ ନାହିଁ । ସେଥିପାଇଁ ସେ ନିଜ ଗୋଡ଼ଟି ବହି ଉପରେ ଏପରି ଭାବରେ ରଖିଲା ଯେପରି acid ପଡ଼ିଲେ ତା ଗୋଡ଼ରେ ପଡ଼ିବ ମାତ୍ର ବହିଟିରେ ପଡ଼ିବ ନାହିଁ । ପିଲାଟିର ଗୋଡ଼ରେ acid ପଡ଼ି ପୋଡିଗଲା । କିନ୍ତୁ ପିଲାଟି ଭାରି ଖୁସି ହେଲା ଯେ ତାର ବହିଟା ନଷ୍ଟ ହେଲା ନାହିଁ ।

ଦେଖ ନାଗବନ୍ଧୁମାନେ ! ପିଲାଟି କିପରି ନିଜ ଦେଶର ଜିନିଷ ରକ୍ଷା କରିବା ପାଇଁ ଚେଷ୍ଟା କଲା ଓ ଗୋଡ଼ ପୋଡ଼ି ନିଜର ଦେହର କ୍ଷତି କଲା । କିନ୍ତୁ ଦୁଃଖୀ କଲା ନାହିଁ ।

ଶ୍ରୀମତୀ ନିରୁପମା ଦେବୀ

(ପଦ୍ୟ)

## "ଆମେଇଁ ଗଢ଼ିବା ଦେଶ"

ଆମେ ଏ ଦେଶର ଭବିଷ୍ୟତ ପରି
ଗଢ଼ିବା ଦେଶକୁ କରି ନୂତନ,
ମୃତ୍ୟୁ ଦୁନ୍ଦୁଭି ବାଜୁଥାଉ ପଛେ
ଅଗେଇ ଚାଲିବା ଦେଇ ପରାଣ ।
ନବୀନ ଜୀବନ ଭରୁ ଅମ ମାତ
ଜଗତର (ମଙ୍ଗଳ) ଅଭିଯାନେ,
ଛେଇଁବୁ କି ଅମେ ସତ୍ୟର ପଥୁଁ
ଡର ସଙ୍ଗିନ ମୁନେ ?
ଅହିଂସା ଯାହାର ଧରମ ଏ ଦେଶେ
ପରାଣ ଦେଇଛୁ (ଦେଶର) ମୁକତି ପାଇଁ,
ତାହାକୁ କି କେହି ପାରିବ ଜଗତେ
ଡର ଦେଖାଇ ଯାହାର ଦେଇ ?

ଶ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକ ।

## ଲେଖା ସାଙ୍ଗ

ଦିବାକର—(୭୧) କବିତା ଲେଖିବାକୁ ଓ ନଣ ମାହାଡ଼ରେ ବୁଲିବାକୁ, ନୂଆ ନୂଆ ଜିନିଷ୍ ଓ ଖେଳ ଶିଖିବାକୁ ଭଲ ପାଅନ୍ତି । ଅନ୍ୟ ସମାଜର ଉନ୍ନତି କରିବାକୁ ସେ ପ୍ରସ୍ତୁତ । ଏହାପରି ଗୁଣ ବିଶିଷ୍ଟ ଲେଖାସାଙ୍ଗ ତାଙ୍କର ଲୋଡ଼ା ।

ଚନ୍ଦ୍ରମୋହନ—(୬) କବିତା ଲେଖିବାକୁ, ବ୍ୟାଡ଼ମିଣ୍ଟନ ଓ ସ୍ୱଦେଶୀ indoor games ଖେଳିବାକୁ ଏବଂ ଡ୍ରିଲ୍ କରିବାକୁ ଭଲ ପାନ୍ତି । ଏ ସବୁକୁ ଭଲ ପାଉଥିବା ଅପରିଚିତ ଲେଖା ସାଙ୍ଗ ଦରକାର ।

ନରହରି—(୯୯) ବ୍ୟାଡ଼ମିଣ୍ଟନ, ଭଲିବଲ, କେରମ, ତାସ, ମନପଲ ଖେଳିବା, ସାଇକ୍ଲିଂ, ଡ୍ରିଲ୍, ସଙ୍ଗୀତ, ଗଳ୍ପ ପଢ଼ିବା ଓ ଲେଖିବା, ଖବର କାଗଜ ପଢ଼ିବା, ଜ୍ଞାନ ଲାଭ ଇଚ୍ଛା, ହିନ୍ଦୁସ୍ଥାନୀ ଶିକ୍ଷା, ଓ ଶବ୍ଦଧନ୍ଦା ଭେଦ କରିବା ପ୍ରଭୃତିରୁ ଅନ୍ତତଃ ଗୋଟିକରେ ରୁଚି ଥିବା ସାଙ୍ଗ ଲୋଡ଼ାନ୍ତି ।

(ଏହାଟି ସେହିଦେଶ, କଳିଙ୍ଗ ଗଡ଼ଜାତ ପ୍ରଜା ସଙ୍ଗୀତ ସମ୍ମିଳନୀ, ଜାଗ୍ରତ ବେଣୁ ପ୍ରଭୃତି ଲେଖା ଅମନୋନୀତ ହୋଇଛି ।

## ଅଜାଙ୍କ ହୁକୁମ ନାମା

କୌଣସି ନାଗବନ୍ଧୁ ତଗରରେ ଉତ୍ତର ପାଇବା ପାଇଁ ଅଜାଙ୍କୁ ପ୍ରଶ୍ନ କଲେ ତାହା ୩ ଧାଡ଼ିରୁ ଅଧିକ ହେବା ଅନୁଚିତ । ଗୋଟିଏ ନାଗବନ୍ଧୁ ଗୋଟିଏ ସଂଖ୍ୟା ପାଇଁ ଗୋଟିଏ ପ୍ରଶ୍ନ ପଚାରିବେ

ଅଜାଙ୍କୁ ଚିଠି ଲେଖି ଡାକଯୋଗେ ଉତ୍ତର ପାଇବା ଆଶା ଥିଲେ ଟିକଟ ପଠାଇବା ଉଚିତ ।

ଅଜାଙ୍କ ରୂପ ବର୍ଣ୍ଣନା ପ୍ରତିଯୋଗିତାର ଶେଷ ତାରିଖ— ୨୦ । ୧୨ । ୩୮ ଧାର୍ଯ୍ୟ ହେଲା ।

## ଅଜାଙ୍କ ଗାରଡି

ଦିବାକର—(୭୧) ଯିଏ ଶ୍ମଶାନକୁ ଯିବାକୁ ଡରିବ ସେ ଅଜାଙ୍କି ପାଇବ ନାହିଁ । ଅଜାଙ୍କି ପାର୍ସଲ କଲେ ଯେତେ ଖର୍ଚ୍ଚ ହେବ ତା ପୃଥିବୀର ସବୁଠୁଁ ବଡ଼ ଧନୀ ଫୋର୍ଡ ସାହେବ ବି ଦେଇ ପାରିବେ କି ନା ସନ୍ଦେହ ।

ଦେବେନ୍ଦ୍ର—(୨) ଶୀତ ଦିନରେ ମୁଁ କାଠ ଛନ୍ଦେଁ । ନାଗନୁଆଙ୍କ ଅଜା ଯେତେବେଳେ ! ସେଥିପାଇଁ ବହୁ କଷ୍ଟ ହୁଏ । ଭଲ ଲାଗିବ କମିତି ?

ମୁଁ ତ ଗପ ଜାଣେ ନାହିଁ । ଅଜାଙ୍କି ଅନୁରୋଧ ଦିଅ ।

Digitized by srujanika@gmail.com

ଅଇ ଏତେ ବଡ଼ ଶ୍ୱେତରୁ କାର୍ତ୍ତିକ ସିନାକ କରନ୍ତି ଯେ ତାଙ୍କ ଗାଧୁଆ ଦିନେ ହେଲେ କେହି ଦେଖି ପାରନ୍ତି ନାହିଁ । ଦିହଟା କନ୍ତୁ ମାତୃଅଳ ମାଇପଙ୍କ ଭଳି—ଇଂ ହୁଁ ! । ପେଟର ବଳ ତଳେ ତମ ଭଳି ଛୋଟ ଛୋଟ ଟାଉ ସାପ, ଡେଙ୍ଗୁଳିଆ ବାଛ ବି ରହିଯାନ୍ତି ।

ଅନନ୍ତ—(୧୧୫) ତମେ ନାଗବନ୍ଧୁ ବର୍ଗ ପାଇଁ ଛୋଟ ଛୋଟ ପଦ୍ୟ ଲେଖି ପଠାଅ । ସେଥିରେ ସମ୍ପାଦକଙ୍କର ହାତ ନାହିଁ ।

ରମାକାନ୍ତ—(୧୧୭) ମୋ ରୂପ ଏପର୍ଯ୍ୟନ୍ତ କେହି ଆଙ୍କି ପାରୁ ନାହାନ୍ତି । ଫଟ ଉଠାଇଲେ ସବୁ କଳା ହୋଇ ଯାଉଛି । ତେଣୁ ଫଟ ଛପାଇବା ଅସମ୍ଭବ ।

ଦିଗମ୍ବର—(୪୯) ନାଗପେଡିଙ୍କ ଆଉ ରଖନ୍ତି ନାହିଁ ମୁଁ ନିଜେ ରଖେଁ । ଅଇଙ୍କ ଦାନ୍ତ ଜହ୍ନିମଞ୍ଜି ପରି ଗୋଟି ଗୋଟି ଅଛି—କହିବନି ।

## ଭ୍ରମ ସଂଶୋଧନ

୭୮ ନମ୍ବର ନାଗବନ୍ଧୁଙ୍କ ନାମ ହେବ—ବୀର ଶ୍ରୀମତୀ ଜୟନ୍ତୀ କୁମାରୀ ଦେଇ C/o ଶ୍ରୀ କମଳଲୋଚନ ଦାସ ଅଧିକାରୀ ପୋ: ରଗୁଆ, ମୟୂରଭଞ୍ଜ ।

## ନୂଆ ନାଗବନ୍ଧୁଙ୍କ ନାମ

୧୬୩ । ଦୁର୍ଗାଚରଣ ମହାନ୍ତି, ୬ମ ଶ୍ରେଣୀ, ସୋର, ମି: ଇ: ସ୍କୁଲ ସୋରେ । ୧୬୪ । ଗୋପିନାଥ ରାୟ, ମାରଚେଣ୍ଟ, ଖୁର୍ଦ୍ଧା । ୧୬୫ । ବିଧୁଭୂଷଣ ଦାସ, C/o ବ୍ରହ୍ମାନନ୍ଦ, ଦାସ, ଫରେଷ୍ଟ ଇନସ୍ପେକ୍ଟର, ରାଇରଙ୍ଗପୁର, ମୟୂରଭଞ୍ଜ । ୧୬୬ । ଶ୍ରୀମତୀ ମଳୟ କୁମାରୀ ଦେବୀ, C/o ବ୍ରହ୍ମାନନ୍ଦ ଦାସ, ରାଇରଙ୍ଗପୁର, ମୟୂରଭଞ୍ଜ । ୧୬୭ । ବିଚିତ୍ରାନନ୍ଦ ବିଶ୍ୱାଳ, C/o ଏସ୍. ଏସ୍. ବିଶ୍ୱାଳ, ମୁକ୍ତାର, ବାଲେଶ୍ୱର । ୧୬୮ । କିଶୋରଚନ୍ଦ୍ର ରାଉତରାୟ, ଇଞ୍ଜିନିୟରିଂ ସ୍କୁଲ, କଟକ । ୧୬୯ । ଅଟଳ ବିହାରୀ ଦାସ, ଇଞ୍ଜିନିୟରିଂ ସ୍କୁଲ କଟକ । ୧୭୦ । ବେଣୁଚରଣ ଖୁଣ୍ଟିଆ, ଯାଦବ, C/o ଯାଦବ ଯୁବକ ସଂଘ, ୨୫ ପୁଲକ ଷ୍ଟ୍ରିଟ୍, କଲିକତା ୧୭୧ । ଗଙ୍ଗାଧର ଦାସ, ଇଞ୍ଜିନିୟରିଂ ସ୍କୁଲ, କଟକ । ୧୭୨ । ନରେନ୍ଦ୍ର ମୋହନ ନାଏକ, ଫ୍ରେଜର ହଷ୍ଟେଲ, ବାରିପଦା । ୧୭୩ । ବୃନ୍ଦାବନ ଚନ୍ଦ୍ର ବେହେରା, ଯାଦବ, ଯାଦବ ଯୁବକ ସଙ୍ଘ, ପୋଷ୍ଟବକ୍ସ ୨୩୦୮, କଲିକତା । ୧୭୪ । ଚତୁର୍ଭୁଜ ମହାପାତ୍ର, ନେସନେଲ ମେସ୍, ବାରିପଦା । ୧୭୫ । ଗୌରଚନ୍ଦ୍ର ପଟ୍ଟନାୟକ, ୨ ଅରୁଣ ଷ୍ଟ୍ରିଟ L Town, ଜାମସେଦପୁର । ୧୭୬ । ମୟୂଖଭୂଷଣ ଦାସ, ଫରେଷ୍ଟ ଇନସ୍ପେକ୍ଟର, ରାଇରଙ୍ଗପୁର । ୧୭୭ । ଜାନକୀ ବଲ୍ଲଭ ମହାନ୍ତି, ୯ ମ ଶ୍ରେଣୀ, ଖୁର୍ଦ୍ଧା ହାଇସ୍କୁଲ । ୧୭୮ । ପ୍ରମିଳା ଦେଈ, କସଫ ନି: ପ୍ରା: ସ୍କୁଲ, ପୋ: କୋଠାର ବାଲେଶ୍ୱର । ୧୭୯ । କୃଷ୍ଣ ଚନ୍ଦ୍ର ପରିଡ଼ା, କସଫ ନି: ପ୍ରା: ସ୍କୁଲ, ପୋ: କୋଠାର ବାଲେଶ୍ୱର । ୧୮୦ । ଧ୍ରୁବ ଚରଣ ନାଏକ, କସଫ ନି: ପ୍ରା: ସ୍କୁଲ, ପୋ: କୋଠାର ବାଲେଶ୍ୱର । ୧୮୧ । ବିଦ୍ୟାଧର ନାଏକ, କସଫ, ନି: ପ୍ରା: ସ୍କୁଲ, ପୋ: କୋଠାର ବାଲେଶ୍ୱର । ୧୮୨ । ମେନକା ଦେଈ, କସଫ ନି: ପ୍ରା: ସ୍କୁଲ, ପୋ: କୋଠାର ବାଲେଶ୍ୱର । ୧୮୩ । ବୃନ୍ଦାବନ ପଣ୍ଡା, ପି: ଆର୍: ହାଇସ୍କୁଲ, ବଲାଙ୍ଗିର । ୧୮୪ । ସ୍ୱପ୍ନ ନନ୍ଦ ପାଣିଗ୍ରାହୀ, ପି: ଆର୍: ହାଇସ୍କୁଲ ବଲାଙ୍ଗିର । ୧୮୫ । ଗୋକୁଳାନନ୍ଦ ନାଏକ, ଗେଲପୁର, ଭଦ୍ରକ । ୧୮୬ । ବଳଭଦ୍ରଭୂଷଣ ମିଶ୍ର. C/o ବିଧୁପ୍ରସାଦ ମିଶ୍ର, ସାନ ଅଡ଼ଙ୍ଗା, ପୋ: ରୁଦ୍ର ନଗରୀ, କଟକ । ୧୮୭ । ପଦ୍ମଚରଣ ପଲାଇ No 7 Block No $\frac{1}{19}$ old Settlement, ଖଡ୍ଗପୁର । ୧୮୮ । ସୁରେନ୍ଦ୍ର କୁମାର ମହାନ୍ତି, ସାଲେପୁର, ହାଇସ୍କୁଲ, ସାଲେପୁର, କଟକ । ୧୮୯ । ବୀର ଶ୍ରୀ ବ୍ରଜକିଶୋର ଦତ୍ତ, ଢେଲସେଡ଼, ବଣାଇଗଡ଼ ।

---

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୨୧ ବର୍ଷରୁ କମ୍ । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ବ୍ରତ ପାଳନ କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ $\frac{\text{୦/୧}}{\text{୦/୧}}$ ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ______________________

ଠିକଣା ______________________

ତାରିଖ

---

## ଅଜାଙ୍କ ଦଶା

ପ୍ରିୟ ଜହ୍ନମାମୁଁ ଅଣିଲ୍ଲ ଦିନେ ବିଷାଦ ବୋଲା ବାର୍ତ୍ତା,
ଶୁଣି ମୁଁ ତାହା କ୍ଷଣିକ ଲାଗି ହରାଇ ଥିଲି ଚେତା ।
ବାରଣ୍ଡାରେ ଲଗିଛି ଧୁମ କୋରଞ୍ଜିଅନ ଖେଲ,
ଅଜା ଆମର ଦେଖିବାଲାଗି ଯାଇଥିଲେ ଚଢ଼ି ରେଲ ।
ଦଇବ ଯୋଗେ ବଳ ଆସି ବାଜିଲା ଅଜାଙ୍କ ପେଟେ,—
ଭବର ଖେଳ ସାରିଣ ଅଜା ଗଲେ ଦୂର ବାଟେ !
ମନରେ ବଡ଼ ଦୁଃଖ ହେଲା, କାନ୍ଦିଲି ସଂନାଦ,
ଭାବିଲି—ଆଉ ମଜଳ କଥା କହିବ କିଏ କହ?

× × ×

କେତୋଟି ଦିନ କଟିଲା, ଆମେ ଭୁଲିଲୁ ଅଜା କଥା,
ଏକଦା ଦେଖୁ ଜହ୍ନରେ ପୁଣି ମିଳିଛି ଅଜାଙ୍କ ପତ୍ର !
ପୁନର୍ଜନ୍ମ ଲଭିଣ ଅଜା ଆସିଛନ୍ତି ସେ ପୂରୁ;—
ମହାତ୍ମା ରୂପ ଧରିଛନ୍ତି ସେ, ଦେଖିଲୁଁ ଥାଇ ଦୂରୁ ।
କଥାଟା କିଛି ନବୁଝି ପାରି କହିଲୁ—ଅଜା ଏ କି ?
'ମହାତ୍ମା ରୂପ ଧରିଛି ଓଲୁ' କହିଲେ ଅଜା ହସି ।
ଅଇ ଆମର ଡେଙ୍କି ବେଳେ ପହଁଚିଥିଲେ କୁଆଡ଼,
ଅଜାଙ୍କୁ ଦେଖି ବଡ଼ ଆଦରେ ଚଳେଇଦେଲେ ଚର୍ଖାର ।
ସେହିଦିନଠୁଁ ଅଜା ଆମର କଲେ ଅଇଙ୍କ ସେବା,
ସରମ କଥା କା ଆଗେ ଆଉ କହିବେ ତାହା ଅବା ?
ସେହିଦିନଠୁଁ ସେବଲେ ବସି ଅଇଙ୍କ ପଦ ଚରଣ,
ନାତିଏ ଆମେ ତାଙ୍କ ଖାଲି, ବୁଝି ପାରୁନୁ କାରଣ ।

ଶ୍ରୀ ରସାନନ୍ଦ ସାହୁ ।
ନୂଆ ନାତି ।

Digitized by srujanika@gmail.com




ଏଠା ଅବସ୍ଥା ବିପଦଜନକ—
ବିଷାଦ, ଅଶାନ୍ତି, ଉପବାସ —
.. ଜହରଲାଲ ଶୀଘ୍ର ଆସ !

—ବନ୍ଦୀଭାଇ ମୌଲାନା ସନ୍ଦିକତ ଅଲ୍ ପାଣ-ତ୍ୟାଗ କରିଛନ୍ତି ।

…ରୋଜାହଇ ମୌଲାନା ଗାନ୍ଧି କାହା ପାଖରେ ରହିବେ ? …

—ଅମେରିକାର ରାଜଦୂତମାନେ ବର୍ଲିନରୁ ଚାଲି ଆସିବା ପରେ ଜର୍ମାନୀ ତାର ରାଜଦୂତମାନଙ୍କୁ ନ୍ୟୁୟର୍କରୁ ଡକାଇ ଆଣିଛନ୍ତି ।

…ଯେଝାକୁ ସେଝା । …

—ଶ୍ରୀଯୁକ୍ତ ସୁଭାଷ ବୋଷ ପୁଣି କଂଗ୍ରେସ ସଭାପତି ହେବାର ପ୍ରସ୍ତାବ ଚାଲିଛି ।

.. ଗାନ୍ଧିବାଦ ଓ ସାମ୍ୟବାଦୀଙ୍କ ହାତଗଣ୍ଠି ଦୃଢ଼ ହେବ । … …

—ମାନ୍ଦ୍ରାଜ ସରକାର ପ୍ରତିଷ୍ଠାନଙ୍କ ଶିକ୍ଷା ପାଇଁ ନାରୀ ନର୍ସ ପରିବର୍ତ୍ତିରେ ପୁରୁଷ ନର୍ସର ବ୍ୟବସ୍ଥା କରୁଛନ୍ତି ।

…ମାନ୍ଦ୍ରାଜରେ ତେବେ ଘର ଭିତରେ ସେବା ଶୁଶ୍ରୂଷା କରିବାପାଇଁ ପ୍ରତିଷ୍ଠାନେ ପୁରୁଷ ବାହା ହେବେ ତ ?

—ଶ୍ରୀଯୁକ୍ତ ସରୋଜିନୀ ନାଇଡୁ ଓଡ଼ିଶାର ତୀର୍ଥ ଦର୍ଶନ କରିଗଲେ ।

…ଚିରକାଳଅସ୍ଥାନୀ, ନୂତନପଥଗାମୀ ଭକ୍ତେମେ ।

—ଲକ୍ଷ୍ମୌର ହିନ୍ଦୀ ସମ୍ପାଦକ ଶ୍ରୀଯୁକ୍ତ ବୋଷଙ୍କୁ ଅଭିନନ୍ଦନ ପତ୍ର ଦେଇ କଂଗ୍ରେସ ସହ ସହଯୋଗ କରିବାକୁ କହୁଛନ୍ତି ।

…କାଫେର—କାଫେର—।

—ଜର୍ମାନମାନେ ଇହୁଦୀମାନଙ୍କ ଉପରେ ଅତ୍ୟାଚାର କରୁଥିବାରୁ ଗାନ୍ଧିଜୀ ଅତି ବିରକ୍ତ ହୋଇ କହିଛନ୍ତି ଯେ ସେ ଯୁଦ୍ଧର ପକ୍ଷପାତୀ ନ ହେଲେ ମଧ୍ୟ ଜର୍ମାନର ବିରୁଦ୍ଧରେ ଯୁଦ୍ଧ କରିବା ନ୍ୟାଯ୍ୟ ଏବଂ ଯୁକ୍ତିସଙ୍ଗତ ହେବ ।

…ଏ ଯୁଦ୍ଧରେ ଗୁଳି ନାମ ଅହିଂସା ଗୁଳି ହେବ ତେବେ ?

—ଶ୍ରୀଯୁକ୍ତ ସୁଭାଷଚନ୍ଦ୍ର ବୋଷ କଂଗ୍ରେସକୁ ଭାରତର ଏକମାତ୍ର ପ୍ରତିନିଧି ମୂଳକ ସଭା ବୋଲି ଭାଷଣ ଦେଇଛନ୍ତି ।

…ଅଜି ଭାଇ ତମେମାନଙ୍କ ହିନ୍ଦୁସଭା ଓ ଜିନାଙ୍କ ମୁସ୍‌ଲିମ ଲିଗ୍ କ'ଣ ଘାସ କାଟିବାକୁ ଯିବେ ?

—ଜର୍ମାନୀକୁ ଇଉରୋପୀୟ ଜାତିମାନେ ସାହାଯ୍ୟ କରୁଥିବାରୁ ହିନ୍ଦୁ ମହାସଭା ନିନ୍ଦାବାଦ କରୁଛି ।

…ଲଙ୍କାକାଣ୍ଡର ଶୃଗାଳ ?

—ଜର୍ମାନ ଅଣ୍ଡ ଫରାସୀଙ୍କ ଭିତରେ ଯେଉଁ ନୂଆ ସନ୍ଧି ସର୍ତ୍ତ ହୋଇଛି ଫ୍ରାନ୍ସର ମୂଲିଆମାନଙ୍କ ସ୍ୱାର୍ଥ ବିରୁଦ୍ଧରେ ତାହା ହୋଇଥିବାରୁ ସେମାନେ ଧର୍ମଘଟ କରିଥିଲେ । ଫ୍ରାନ୍ସ ସରକାର ଏହା ଯଥାସମ୍ଭବ ଦମନ କରିବାରେ ଲାଗିଥିଲେ ।

…ଇଂରେଜର ଶିକ୍ଷା, ଜର୍ମାନର ଦୀକ୍ଷା ।

—ଅସାମର କଂଗ୍ରେସ ମନ୍ତ୍ରୀଙ୍କ ବିରୁଦ୍ଧରେ ନିନ୍ଦାବାଦ ପ୍ରସ୍ତାବ ଅଗତକାରୀମାନେ ପଠାଇଛନ୍ତି ।

…ମାନେ—ମାନେ ।

—ଜବାହାର ଲାଲଙ୍କୁ ଓଡ଼ିଶା ଆସିବାପାଇଁ ଡକାଯାଇଛି ।

…ପ୍ରଜାମଣ୍ଡଳ ଜିନ୍ଦାବାଦ !
ଗଡ଼ଜାତ ମୁର୍ଦ୍ଦାବାଦ ?

—ରାଜେନ୍ଦ୍ର ପ୍ରସାଦ ବି କୁଆଡ଼େ ଓଡ଼ିଶା ଆସୁଛନ୍ତି ।

…ନାଲି ଯାକୀ "ଜଗନ୍ନାଥ ଭୈଯା" ଗାଇଯାଇବା ?

—ହାଇଦ୍ରାବାଦ ରାଜ୍ୟରେ ମାଇକାନାଥ ପୁଲିସ ଫୌଜ ତିଆରି ହେଲେଣି ।

…ଲାଠି ଧରିବେ, ନା ଛୁଞ୍ଚି ?

—ବମ୍ବେଇଆଡେ ପୁଣି ଗୋଟାଏ ରେଲଗାଡ଼ି ଓଲଟି ପଡ଼ିଛି ।

…ଗାନ୍ଧି ଅମଳରେ ଟ୍ରେନଗୁଡ଼ା ମାରିବାଟା ଫେସନ୍ ହୋଇ ପଡ଼ିଛି ।

—ରାଷ୍ଟ୍ରପତି ସୁଭାଷ ବାଗ୍‌ବଜାରରେ ବାହାର ପସ୍ତାବରେ 'ଭୀଷଣ' ସମ୍ମାନ ପାଉଛନ୍ତି ।

…ଓଡ଼ିଆଙ୍କ ପାଳି କେବେ ପଡ଼ିବ ?

—ମୁସଲମାନ୍ ଦଳବାଳା ସେ ରାଜ୍ୟରେ ଉନ୍ନତିଶୀଳ ନୂତନ ଶାସନର ଅଭିଷ ମଞ୍ଜୁର କରି ଅଛନ୍ତି ।

'ଯୋଗଃ କର୍ମସୁ କୌଶଳମ୍'

—ନବ ଓଡ଼ିଶାର ସମ୍ପାଦକ ରଥଙ୍କ ନାମରେ ଭୂତ ଭିଲ୍ଲ କଲେକ୍ଟର ରଥ ସାହେବ ଯେଉଁ ଫୌଜଦାରୀ ମାନହାନି ମକଦ୍ଦମା କରିଥିଲେ ତହିଁରୁ ଅଟ ରଥେ ବେକସୁର ଖଲାସ ହୋଇଛନ୍ତି । ଏ ମକଦ୍ଦମାରେ କଂଗ୍ରେସ ସରକାରଙ୍କ ବହୁତ ଭିତର କଥା ପଦାରେ ପଡ଼ି ଯାଇଛି ।

…ଲୁଚିଛି—ନା—ଗୋଡ ଦଉଡ଼ି ଉଣ୍ଡ !

ଚୀନ ଦେଶର ଜଣେ ପ୍ରତିନିଧି ଗାନ୍ଧିଙ୍କ ସଙ୍ଗରେ ମୁଲାକାତ କରି ତାଙ୍କ ଦୁଃଖ ବଖାଣିଛନ୍ତି ।……କାଲି ଅଟବେ ମଳା !

ଫରାସୀ ଦେଶରେ ମୂଲିଆଙ୍କର ଯେଉଁ ଭୟଙ୍କର ଧର୍ମଘଟ ହୋଇଥିଲା ତାକୁ ସେଠାର ସରକାର ବଜ୍ରମୁଷ୍ଟିରେ ଦବାଇ ଦେଇଛନ୍ତି ।

…ମାଡ ଆଗରେ ଦେବତା ଛାଡ଼ି ପଳାଏ ।

ଅମେରିକାରେ ମଧ୍ୟ ଜର୍ମାନ ନାଜିମାନଙ୍କର ଭିତରି ଆନ୍ଦୋଳନ ଚାଲିବାରୁ ସେଠା ଲୋକେ ଆତଙ୍କିତ ହୋଇ ଅଛନ୍ତି ।

…ସବୁ କାଳ ଚହଳ ଯା'ଏଟା ?

ସମାଜବାଦୀ ବୀର ନବବାବୁ ତାଙ୍କର ପ୍ରଥମ ମୋଗଲବନ୍ଦୀ ଫୌଜ ଦେଇ ଢେଙ୍କାନାଳରେ ସତ୍ୟାଗ୍ରହ କରିବାକୁ ଯାଇ ସଦଳବଳେ ବନ୍ଦୀ ହୋଇଛନ୍ତି ।

…ତାପରେ କାହାର ପାଳି—
—ବୀରନର ନା ବୀରନାରୀ ?

× × ×





# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଷ୍ଟୋର




ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।




୫୨୦୯ ଙ୍କା ପୁରସ୍କାର !     ୫୨୦୯ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସ୍ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁ ମୂଲ୍ୟ ପଥରେ ସେମାନଙ୍କ ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଦ୍ରବ୍ୟ କ୍ରେତା ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ ତାହାଙ୍କୁ ଠକାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ତଲ୍ଲୀ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଅମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ,**
ଦରଘା ବଜାର, ପୋ:—କଟକ ।





---

# କଟକରେ

ନିମ୍ନଲିଖିତ ସ୍ଥାନମାନଙ୍କରୁ ଡଗର ପାଇ ପାରିବେ ।

**୧—ଶ୍ରୀଯୁକ୍ତ ଘନଶ୍ୟାମ ନାୟକ, କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ—ଚିଫ୍ ଏଜେଣ୍ଟ, କଟକ ।**
**୨- କଟକ ଟ୍ରେଡିଂ କୋମ୍ପାନୀ—ପୋ: ଚାନ୍ଦନୀଚୌକ—କଟକ ।**
**୩—ଉତ୍କଳ ବୁକ୍ ଏଜେନ୍ସି—ରାଣୀହାଟ, ପୋ: ଗୁଡ଼ଲିଆଗଞ୍ଜ—କଟକ ।**

Digitized by srujanika@gmail.com

# କିରାତାଦି ପାଚନ

ସମସ୍ତ ପ୍ରକାର ନୂତନ ଓ ପୁରାତନ ଜ୍ୱରର ପ୍ରଧାନ ଔଷଧ । ଏହି ଔଷଧକୁ ସେବନ କଲେ ଗୋଡ଼, ହାତ, ମୁଣ୍ଡ, ଅଣ୍ଟା, ପିଠି, ଢୋଲାବନ୍ଧା, ଦୈନିକ ନିର୍ଦ୍ଦିଷ୍ଟ ସମୟରେ ହେଉଥିବା ଜର, କମ୍ପଜ୍ୱର, ପାଳିଜ୍ୱର, ଅର୍ଥାତ୍ ଦିନେ ଛାଡ଼, ଦୁଇଦିନ ଛାଡ଼, ତିନିଦିନ ଛାଡ଼ ଆସୁଥିବା ଜ୍ୱର, ଏକ ସପ୍ତାହ, ଏକ ପକ୍ଷ, ଏକ ମାସ ଅନ୍ତରରେ ନିର୍ଦ୍ଦିଷ୍ଟ ବାର ଅର୍ଥାତ୍ ଆଜ ଯେଉଁ ବାରରେ ଜ୍ୱର ହୋଇଅଛି, ମାସେ ହେଉ ପକ୍ଷେ ହେଉ ଛାଡ଼ି ଯାଇ ପୁନର୍ବାର ସେହି ବାରରେ ଜ୍ୱର ଆସିଲେ ଆମ୍ଭର ଏହି କିରାତାଦି ପାଚନକୁ ପାଳିର ପନ୍ଦର ଦିନ ଠାରୁ ସେବନ କଲେ ଆଉ ଜ୍ୱର ହେବାର ଆଶଙ୍କା ନ ଥାଏ । ବହୁଦିନ ଜ୍ୱର ଭୋଗ କରି କରି ପେଟର ପ୍ଳୀହା ଯକୃତ ବୃଦ୍ଧି ହେଲେ ଶରୀରର ରକ୍ତ ଶୋଷଣ ପୂର୍ବକ ପାଣ୍ଡୁ, ରକ୍ତାଳ୍ପତା, ଶୋଥ ଇତ୍ୟାଦି ଉପସ୍ଥିତ ହୋଇ ଉଦର ବୃଦ୍ଧି ହେଲେ ଏହି କିରାତାଦି ପାଚନ ନିୟମିତ ବ୍ୟବହାର କରିବା ଦ୍ୱାରା ଶତ ଶତ ଲୋକ ରୋଗମୁକ୍ତ ହୋଇ ପୁନଃ ସ୍ୱାସ୍ଥ୍ୟ ଲାଭ କରୁ ଅଛନ୍ତି । ଏହି ପରମୋପକାରୀ ଔଷଧର ମୂଲ୍ୟ ଉପକାର ତୁଳନାରେ ଯଥ ସାମାନ୍ୟ କରାଯାଇ ଅଛି । ପ୍ରାୟ ୪ । ୫ ଜଣଙ୍କର ଜ୍ୱର ଛାଡ଼ିବା ଭଳି ଶିଶିର ମୂଲ୍ୟ ବାରଅଣା ମାତ୍ର । ଡାକଖର୍ଚ୍ଚ ଅଲଗା ଦେବାକୁ ପଡ଼ିବ ।

---

ଆମ୍ଭର ଏହି କିରାତାଦି ପାଚନ ବ୍ୟବହାର କରି ଅସଂଖ୍ୟ ଲୋକ ଉପକାର ପାଇଥିବାର ପ୍ରଶଂସା ପତ୍ର ଦେଇ ଅଛନ୍ତି—ସେଥିରୁ ଗୋଟିଏ ନିମ୍ନରେ ଦିଆଗଲା—

ଶ୍ରୀଯୁକ୍ତ ବାବୁ ମନମୋହନ ପଟ୍ଟନାୟକ ବି: ଏ: ଲେଖିଛନ୍ତି—

(ଇଂରାଜୀରୁ ଅନୁବାଦ)

ମୁଁ ଆଜକୁ ପ୍ରାୟ ବର୍ଷେ ହେବ ମ୍ୟାଲେରିଆରେ ପୀଡ଼ିତ ରହି ଡାକ୍ତରୀ ଓ କବିରାଜୀ ଅନେକ ଔଷଧ ବ୍ୟବହାର କରି ସୁଦ୍ଧା ରୋଗମୁକ୍ତ ହେଲିନାହିଁ । ଏମଧ୍ୟରେ ବିଶିଷ୍ଟ ଡାକ୍ତରଙ୍କ ପରାମର୍ଶମତେ ୧୨ ଗୋଟା କୁଇନାଇନ ଇଞ୍ଜେକସନ ନେଲି ତଥାପି ରୋଗରୁ ମୁକ୍ତ ହେଲିନାହିଁ । ବରଂ ପେଟରେ ପ୍ଳୀହା ବୃଦ୍ଧି ହେବାକୁ ଲାଗିଲା । ମୋର ଜ୍ୱରର ଗୋଟିଏ ଆଶ୍ଚର୍ଯ୍ୟ ନିୟମ, ଯେତେବେଳେ ଜ୍ୱର ହେବ ଠିକ ଶନିବାରରେ ହେବ । ମୁଁ କିରାତାଦି ପାଚନ ଶିଶି ତୁମ୍ଭଠାରୁ ଆଣି ବ୍ୟବହାର କରିବା ଦିନଠାରୁ ଆଉ ଜ୍ୱର ହୋଇନାହିଁ । କ୍ରମେ କ୍ରମେ ମୁଁ ପୂର୍ବ ସ୍ୱାସ୍ଥ୍ୟ ପ୍ରାପ୍ତ ହୋଇ ଆସୁଅଛି । ପେଟର ପ୍ଳୀହା ଆଉ ନାହିଁ । ଆଶାକରେ ଏହି ଔଷଧ ଗରିବ ଉତ୍କଳବାସୀଙ୍କର ବିପଦର ବନ୍ଧୁହେବ ।

ତୁମ୍ଭର—ଶ୍ରୀ ମନମୋହନ ପଟ୍ଟନାୟକ
H. R. E. Board
ବ୍ରହ୍ମପୁର—ଗଞ୍ଜାମ

---

# ସ୍ୱର୍ଣ୍ଣଘଟିତ

## ସାରିବାଦ୍ୟରିଷ୍ଟ ।

ଏହା ଗୋଟିଏ ସାଲସା । ଆୟୁର୍ବେଦୀୟ ଚିକିତ୍ସକ ଦ୍ୱାରା ପ୍ରସ୍ତୁତ କରାଯାଇ ଅଛି ! ଆଜକୁ ପ୍ରାୟ ଦଶବର୍ଷ ହେବ ଆମ୍ଭେ ଜନସାଧାରଣରେ ଏହାକୁ ପ୍ରୟୋଗ କରି ଯେଉଁ ଫଳ ପାଇଅଛୁ, ତାହା ପୁଙ୍ଖାନୁପୁଙ୍ଖ ରୂପେ ବର୍ଣ୍ଣନା କଲେ ଗୋଟିଏ କ୍ଷୁଦ୍ର ପୁସ୍ତକ ହେବ । ତଥାପି ନିମ୍ନରେ କେତେକ ବିଷୟ ବର୍ଣ୍ଣନ କରୁଅଛୁ । ସଂକ୍ଷେପରେ କହିବାକୁ ଗଲେ ଦୂଷିତ ରକ୍ତ ପରିଷ୍କାର, ପାରଦଦୋଷ ଚର୍ମରୋଗ ବିନାଶ, ଉପଦଂଶ ବିଷ ଏବଂ ଯଦି ପ୍ରମେହ ଜନିତ ଶୁକ୍ର ଓ ରକ୍ତ ଦୂଷିତ ହୋଇଥାଏ ତେବେ ସାରିବାଦ୍ୟରିଷ୍ଟ ବ୍ୟବହାର ଦ୍ୱାରା ସମସ୍ତ ଅତିଶୀଘ୍ର ଦୂରହୋଇ ଶରୀରରେ ନୂତନ ରକ୍ତ ସଞ୍ଚାର ଓ ଚିରସ୍ଥାୟୀ ଲାବଣ୍ୟ ଉତ୍ପାଦନ କରିଥାଏ । ଏହାକୁ ନିୟମିତ ବ୍ୟବହାର କଲେ ସମସ୍ତ ପ୍ରକାର ଆମବାତ, ସ୍ତ୍ରୀମାନଙ୍କର ବାଧକ, ପ୍ରଦର ଜନିତ ରକ୍ତ ବିକୃତ, ବନ୍ଧ୍ୟାଦୋଷ, ଶିଶୁମାନଙ୍କର ଶରୀରର ପାରଦଦାଗ, କଣ୍ଡୁ, ପାଦୁ ଓ ବଣ ପ୍ରଭୃତି ଦୂର ହୋଇ ଶରୀର ହୃଷ୍ଟ ପୁଷ୍ଟ ହୁଏ । ଏହାକୁ ସେବନ କଲେ କ୍ଷୁଧା ବୃଦ୍ଧି ହୁଏ । କୋଷ୍ଠ ପରିଷ୍କାର ହୁଏ । ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଧାତୁ ଦୌର୍ବଲ୍ୟ ପ୍ରଭୃତି ଶରୀରର ସମସ୍ତ ବ୍ୟାଧି ଦୂରୀଭୂତ ହୁଏ । ଆମ୍ଭେ ଗର୍ବର ସହିତ କହିପାରୁ, ଯେଉଁମାନେ ଆମ୍ଭର ସାରିବାଦ୍ୟରିଷ୍ଟ ନିୟମିତ ସେବନ କରି ଆସୁଅଛନ୍ତି ସେମାନଙ୍କର ଦିନକୁ ଦିନ ରକ୍ତାଣୁ ବୃଦ୍ଧି ସଙ୍ଗେ ସଙ୍ଗେ ଶରୀର ହୃଷ୍ଟପୁଷ୍ଟ ହୋଇ ସୁଶ୍ରୀ ଓ ଅଲୌକିକ ଲାବଣ୍ୟଯୁକ୍ତ ହୋଇଅଛି । ଶରୀରକୁ ଓଜନ କରି ଏହି ସାଲସାକୁ ବ୍ୟବହାର କଲେ ଦେଖିବ ମାସେ ମଧ୍ୟରେ ସମସ୍ତ ଦୂଷିତ ରକ୍ତ ପରିଷ୍କାର ହୋଇ ଅର୍ଦ୍ଧସେର ରକ୍ତ ବୃଦ୍ଧିପାଇ ଅଛି । ସାରିବାଦ୍ୟରିଷ୍ଟ ସେବନ କଲେ ଗର୍ମିଦୋଷ ଜନିତ ଆମବାତ, ପୀନସ, ଅଣ୍ଡପକାର ବାତ, କୁଷ୍ଠ, ଶ୍ଳୀପଦ, ବାତରକ୍ତ, ଛିଦ, ଦାଦ୍ରୁ, ମାଛଅଖି, ଫୋଡ଼ଫାର, ଭଗ୍ନଘା, ଦୁଷ୍ଟବ୍ରଣ, ସ୍ତ୍ରୀମାନଙ୍କର ଜରାୟୁରେ ଘା, ବାଧକ, ଅତିରଜ, ତଳପେଟ ଦରଜ, ବନ୍ଧ୍ୟାଦୋଷ, ଗର୍ଭ ଶୁଖିଯିବା, ବାରମ୍ବାର ସନ୍ତାନ ନଷ୍ଟହେବା, କାକବନ୍ଧ୍ୟା ଏବଂ ପିଲାମାନଙ୍କର ପାରଦଦୋଷ ଜନିତ ଶରୀରରେ ଲାଲ ଲାଲ ଛୁଉପର ଓ ଗର୍ମିଦୋଷ ଜନିତ ଘା, ପିତୁଳିଆ, ଫିମିର, ଭୁଂବାଜି, ବହୁଦିନ ଧରି ଜ୍ୱର, ଝୁଣିଝୁଣି ଯିବା, ଅନିଦ୍ରା, ବଳହୀନ, ଦରଗିଡ଼ା, କୁଣ୍ଡିଆ, ବାତୁ, କାନ ପାଚିବା ପ୍ରଭୃତି ସମସ୍ତ ପ୍ରକାର ଦୋଷ ଦୂରହୋଇ ଶରୀରରେ ନୂତନ ପରିଷ୍କାର ରକ୍ତ ସଞ୍ଚାର ହୋଇଥାଏ । ଅନ୍ୟାନ୍ୟ ସାଲସା ପରି ଆମ୍ଭର ଏହି ସାଲସାକୁ ଚିରଦିନ ପାଇଁ ବ୍ୟବହାର କରିବାକୁ ପଡ଼େନାହିଁ । ନୂତନ ରୋଗରେ ୧।୨ ଶିଶି ଏବଂ ପୁରାତନ ରୋଗରେ ୩।୪ ଶିଶି ବ୍ୟବହାର

କଲେ ପାରା ଓ ଉପଦଂଶ ଜନିତ ରକ୍ତ ଦୂଷିତ ନିଶ୍ଚୟ ଆରୋଗ୍ୟ ହୋଇଥାଏ । ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ପ୍ରତ୍ୟେକ ୧୬ ମାତ୍ରା ପୂର୍ଣ୍ଣ ଶିଶିର ମୂଲ୍ୟ ୧୲ ଏକ ଟଙ୍କା ମାତ୍ର । ତିନି ଶିଶିକୁ ୨।୰ ଦୁଇ ଟଙ୍କା ଅଠଅଣା, ଏବଂ ଏକ ଡଜନକୁ ୮।୰ ଆଠ ଟଙ୍କା ଅଠଅଣା ।

ଡାକଖର୍ଚ୍ଚ ଏହା ବାଦ ଅଧିକ ପଡ଼ିବ ।

**ସାବଧାନ**—କିଣିଲାବେଳେ ଶିଶି ଉପରେ "କବିରାଜ ଶ୍ରୀଧର ରଥବଡ଼୍, ଭିଷଗାଗ୍ରାର୍ଯ୍ୟ"ଙ୍କ ନାମ ଦେଖି କିଣିବେ । ଆମ୍ଭ ଠାରେ ସମସ୍ତ ପ୍ରକାର ରୋଗର ଉପଯୁକ୍ତ ଔଷଧ ତୟାର ହୋଇ ରହିଛି ଅଛି । ଯେଉଁମାନଙ୍କର ଆବଶ୍ୟକ ହେବ ପତ୍ର ଦେଲେ ଭି: ପି: ଡାକ ଯୋଗେ ପଠାଇ ଥାଉ ।

ଯଦି କୌଣସି ଲୋକ ତା'ର ରୋଗର ସମସ୍ତ ବିଷୟ ଉତ୍ତମରୂପେ ବର୍ଣ୍ଣନା କରି ଆମ୍ଭ ନିକଟକୁ ଦଶ ପଇସାର ଡାକଟିକଟ ସହ ପଠାନ୍ତି, ତେବେ ଆମ୍ଭେ ବିନା ମୂଲ୍ୟରେ ବ୍ୟବସ୍ଥା ଦେଇଥାଉ । ପରେ ବ୍ୟବସ୍ଥା ମନୋନୀତ ହୋଇ ଔଷଧର ଅର୍ଡର ଦେଲେ ଆମ୍ଭେ ଭି: ପି: ଡାକରେ ପଠାଇ ଥାଉଁ ।

ପତ୍ର ଦେବାର ଠିକଣା ।

**କବିରାଜ ଶ୍ରୀଧର ରଥବଡ଼୍, ଭିଷଗାଗ୍ରାର୍ଯ୍ୟ**

**ଆୟୁର୍ବେଦିକ ଫାର୍ମାସୀ**

ଭୁବନେଶ୍ୱର—ପୁରୀ ।

---


## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନୋଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନିଦ୍ରାର ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅନିଦ୍ରା, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ଏହା ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଳବୀର୍ଯ୍ୟ ପଦ୍ମ ଶକ୍ତି ଖେଳେ । ୧୫ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୧୲ ମାତ୍ର ।

ନୟା ସଡ଼କ

ପୋ: ଅ: ଗୃହନଗଚୌକ,

କଟକ ।

ବୈଦ୍ୟରାଜ

କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ

ଆୟୁର୍ବେଦାଚାର୍ଯ୍ୟ

C/o ଶ୍ରୀବାଲକେଶ୍ୱରଆଚାର୍ଯ୍ୟ ଭିଷଗ୍ରତ୍ନ



## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ବାତର ମୂଳୋତ୍ପାଟନକାରୀ, ହଇଜା, ତରକଣ୍ଡାଭ୍ରା, ଅଗ୍ନିପ୍ରମେହ (ଜ୍ୱାଳାଯନ୍ତ୍ରଣାବହି ଧାତୁପତନ) ଟାଇଫଏଡ଼, ଅଜୀର୍ଣ୍ଣ, ଅନିଦ୍ରା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର, ଅମ୍ଳବାତ, ଅଶ୍ମରୀ ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୂତ୍ରବ୍ୟଥା, ମୂତ୍ରରକ୍ଷା, ମୂତ୍ରକୃଚ୍ଛ୍ର, ଦାନ୍ତମୂଳ ଫୁଲା, ଘଣ୍ଟିକାଟନ୍ତି, ଶିଷ୍ଟା, କାଛୁ, କୁଷ୍ଠ, ଇତ୍ୟାଦି, ନଳିଘା, ଗମଦଳା, ଯାଦୁ, ଛିଦ୍ର, କଟାଘା, ଛେଚୁଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, ବଳହାଡ଼ି, ଦୂଷିତ ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପୂଜ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବ ହେବା, ଇତ୍ୟାଦି ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

**କବିରାଜ ଶ୍ରୀ ବିଶ୍ୱନାଥ ଦାସ**

ଏ. ବି. ଏଲ୍. ଏଚ. ଏମ୍. ଏମ୍.

ଅନ୍ଧରୀ ବଜାର, ପୋ: ବ୍ରହ୍ମଚୌକ କଟକ ।





# ଅସଲି ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡଠାରୁ ଗୋଡ଼ପର୍ଯ୍ୟନ୍ତ ଅଙ୍ଗପ୍ରତ୍ୟଙ୍ଗର ଟଣା ମୁଣ୍ଡବିନ୍ଧା ଜୁଣ୍ଡିଆ, କାଛୁ, ମଚକା, ପୋଡ଼ା ଘା, ଛିଦ୍ର ଦରଜ, ଅଣ୍ଡାବଢ଼ିବା ଇତ୍ୟାଦି ନାନା ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ । [illegible]

ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।



## ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

# ଅଦ୍ଭୁତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ [illegible] ନଷ୍ଟ ଯୌବନଙ୍କୁ ଆଉ ଶୀଘ୍ର [illegible] [illegible] ଟଙ୍କା [illegible]

ଠିକଣା:—କବିରାଜ ଶ୍ରୀ [illegible]

**ଦରିଦ୍ର ବନ୍ଧୁ ଔଷଧାଳୟ**

ଖଗର ମଦା । ପୋ : [illegible] । ଜି : [illegible]



Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak. [illegible]

REG. NO. P—441 THE DAGARO.

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇନସ୍ୟୁରେନ ସୋସାଇଟି ଲିଃ

## ହେଡ଼ଅଫିସ—ହିନ୍ଦୁସ୍ଥାନ ବିଲଡିଂସ୍, କଲିକତା ।

ଉକ୍ତ କାରବାରେ ଲଭ୍ୟ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ

ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ

ହିନ୍ଦୁସ୍ଥାନ ଦିନୁଁ ଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ହଜାର ପ୍ରତି ମିଆଦି ବୀମାରେ ହଜାର ପ୍ରତି ୫୯୦ ଓ ଆଜୀବନ ବୀମାରେ ୫ ୭୫୯ ଲଭ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ—ଚାନ୍ଦିଚୌକ, କଟକ । ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ ।

---

## ରାଜସ୍ଥାନ ଇନ୍‌ସ୍ୟୁରେନ୍ସ କୋମ୍ପାନୀ, ଲିମିଟେଡ୍

ହେଡ଼ ଅଫିସ ନଂ ୨ନମ୍ବର, କ୍ଲାଇଭ ଷ୍ଟ୍ରିଟ, କଲିକତା ।

ଓଡ଼ିଶା ପାଇଁ ସ୍ପେସେଲ୍ ଏଜେଣ୍ଟସ୍——ରୟଏରୁ ଏଜେନ୍‌ସି ଏଣ୍ଡ୍ କୋଃ ଭଦ୍ରକ ।

**ବିମା କରିବେ ? ଦେଖନ୍ତୁ — ଏହାର ବିଶେଷତ୍ତ୍ୱ କଅଣ ?**

୧ । ଅଳ୍ପ ଟଙ୍କାରେ କମ୍ପାନୀ ଅଧିକ ସାହାଯ୍ୟ ପାଏ ।

୨ । ବୀମା [illegible] କମ୍ପାନୀ ସାହାଯ୍ୟରେ କୋଠା କରି ପାରନ୍ତି ।

୩ । [illegible] ହେଲେ ବୀମାକାରୀ ଦଶବର୍ଷ ପ୍ରିମିୟମ୍ ନ ଦେଇ [illegible] ।

୪ । ପ୍ରଥମ ଦୁଇ [illegible] ପ୍ରିମିୟମ ଦେଇ [illegible] ନ ଦେଇ ପାରିଲେ "ସାରେଣ୍ଡର" ଭେଲ୍ୟୁ ମିଳିଥାଏ ।

୫ । ସାରେଣ୍ଡର ଭେଲ୍ୟୁ ହେଲେ ଖୁବ୍ କମ୍ ସୁଧରେ ଶତକଡ଼ା ୫ ଟଙ୍କା ଋଣ ନେବାକୁ ବୀମାକାରୀଙ୍କୁ ସୁବିଧା ଦିଆଯାଏ ।

୬ । ପ୍ରଥମ ପ୍ରିମିୟମ ଦେବା ମାତ୍ରେସ ପରେ ବୀମାକାରୀ ଅପମୃତ୍ୟୁ କଲେ ଜମା ହୋଇଥିବା ସମସ୍ତ ଟଙ୍କା ବୀମାକାରୀର ଉତ୍ତରାଧିକାରୀ ପାଇ ପାରେ ।

୭ । ଅନ୍ୟାନ୍ୟ ଇନସିଓର କୋମ୍ପାନୀମାନଙ୍କ ଠାରୁ ଉକ୍ତ କୋମ୍ପାନୀର ପ୍ରିମିୟମ କମ ଓ ଅନ୍ୟାନ୍ୟ ସୁବିଧା ଅଧିକ ।

୮ । "ପଦ୍ଧତିଯୁକ୍ତ" ଅନୁସାରେ ପ୍ରତ୍ୟହ କିଛି କିଛି ସଞ୍ଚୟ କରିବା ପାଇଁ ଅସ୍ମମାନଙ୍କର କୋମ୍ପାନୀ ବିନାମୂଲ୍ୟରେ ବୀମାକାରୀଙ୍କୁ ଗୋଟିଏ ଲେଖା ତାଲ ସମ୍ପୂ ରଖିଥିବା ନୂତନ ପଦ୍ଧତି ଦେବାର ବନ୍ଦୋବସ୍ତ କରିଅଛନ୍ତି ।

୯ । ଆପଣ ଲଭ ବୁଝିଲେ ? ଶୀଘ୍ର ଏଥିରେ ବୀମା କରନ୍ତୁ । ଭାରତରେ ଏହା ସର୍ବୋତ୍କୃଷ୍ଟ ବୀମା କୋମ୍ପାନୀ । ଆବାଲ ବୃଦ୍ଧ ବନିତା ସମସ୍ତଙ୍କ ପକ୍ଷରେ ଏହା ସୁବିଧା ଜନକ । ସବିଶେଷ ବିବରଣ ଜାଣିବା ପାଇଁ ଶୀଘ୍ର ହେଡ୍ ଅଫିସକୁ ପତ୍ର ଲେଖନ୍ତୁ । ଓଡ଼ିଶାରେ ସବୁସ୍ଥାନ ଏଜେଣ୍ଟ ଆବଶ୍ୟକ । ପତ୍ର ଲେଖି ଏଜେଣ୍ଟ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

---

ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁସଞ୍ଜୀବନୀ**

ଏକମାସ ବ୍ୟବହାରରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ । ହିମାଳୟ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ

ଠିକଣା:—ଶାରଦା ଔଷଧାଳୟ—ଚୌଧୁରୀ ବଜାର, କଟକ ।

---

ପ୍ରତିଷ୍ଠାତା—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର** ।

Digitized by srujanika@gmail.com

ମାର୍ଗଶିର ଦ୍ୱିତୀୟାର୍ଦ୍ଧ—

ଆନନ୍ଦାତ୍ ହି ଖଲୁ ଇମାନି ଭୂୟନ୍ତେ—

ଦ୍ୱିତୀୟ ବର୍ଷ—୧୪ଶ ସଂଖ୍ୟା

# ଡଗର



## ଲକ୍ଷେ ଟଙ୍କା ପୁରସ୍କାର




## LOST! ହଜିଯାଇଛନ୍ତି

ଉପରେ ଯାହାଙ୍କର ଛବି ଦେଖୁଛନ୍ତି ସେ ମହାଶୟ ଉତ୍କଳ ରାଜନୀତି ସଂସାରରୁ ହଠାତ୍ ହଜିଯାଇଛନ୍ତି । ଗତ ତେଲଙ୍ଗ ସଭାରେ ତାଙ୍କୁ କେହି ଖୋଜି ପାଇ ନ ଥିଲେ । ଏବେ ଜଣାଯାଉଛି ଯେ ସମ୍ଭବତଃ ସେ ନଷ୍ଟ ବା ଅଦୃଷ୍ଟ । ଗଲା ଉତ୍କଳସାହିତ୍ୟ ସଭା ଅଧିବେଶନରେ ତାଙ୍କର ପ୍ରେରଣା, ଦ୍ୟୋତନା ଏବଂ ବେଦନା ସଂବଳିତ ଜ୍ୱାଳାମୟୀ ତେଜସ୍ୱର ଭାଷଣ ଶୁଣାଯାଇଥିଲା । ଏହାଙ୍କୁ ଯେ ଅବିଷ୍କାର କରିଦେବ ସେ ଟ ୧୦୦୦୦୯ ମୁଦ୍ରା ପୁରସ୍କାର ପାଇବ ।

ରାଜସଂସ୍କରଣ

ମୂଲ୍ୟ ୪ ୦ ।

Digitized by srujanika@gmail.com



GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ଓ ମିଲିଟାରୀ
ସ୍ୱୟଂ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟେବ୍‌ଲେଟ ସୁଲଭ
ଓଡ଼ିଶାର ସହରର ମଫସଲ
ସବୁଠାରେ
ମିଳେ
TABLETS
B.P.
5 GRAINS EACH
ଏଜେଣ୍ଟସ୍‌:-
ଟୈଥୁନା ଏଣ୍ଡ୍ କୋଂ ନଂ୪ଜାକାପାଲ ଷ୍ଟ୍ରୀଟ୍
ପାର୍ଓ୍ୱାଲେଟ୍ ଏଣ୍ଡ୍ କୋଂ ପୋଃ ବକ୍ସ ନ୭୦ମ୍ବର
କଲିକତା

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର୍ ।




ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।




ଟ ୨୦୯ କା ପୁରସ୍କାର ! ଟ ୨୦୯ କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରରେ ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ ତାହାଙ୍କୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଉତ୍ତମ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । ଯେବେ କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଅମ୍ଭେମାନେ ଟ ୨୦୯କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ ।

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।




---

# କଟକରେ

ନିମ୍ନଲିଖିତ ସ୍ଥାନମାନଙ୍କରୁ **ଡଗର** ପାଇ ପାରିବେ ।

୧—ଶ୍ରୀଯୁକ୍ତ ଘନଶ୍ୟାମ ନାୟକ, କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ—ଚିଫ୍ ଏଜେଣ୍ଟ, କଟକ ।

୨- କଟକ ଟ୍ରେଡିଂ କୋମ୍ପାନୀ—ପୋ: ଚାନ୍ଦନୀଚୌକ—କଟକ ।

୩—ଉତ୍କଳ ବୁକ୍ ଏଜେନ୍ସି—ରାଣୀହାଟ, ପୋ: ଗୁଡ଼ଲିଆଗଞ୍ଜ—କଟକ ।


Digitized by srujanika@gmail.com

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବିପୁଳ ପରି ଶକ୍ତି ଖେଳେ । ଦୀର୍ଘ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୧୦ ମାତ୍ର ।

ନମୁନା ପତ୍ରିକ

ପୋ: ଅ: ବୃନ୍ଦାବନଚୌକ,

କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀବାଲୁକେଶ୍ୱରଆଚାର୍ଯ୍ୟ ଉପରରହି



ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା) ପେଟମରା, ଅଜୀର୍ଣ୍ଣ, କାଶ, ପ୍ଳୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅପରସ୍ମାର ଆମବାତ, ଅଣ୍ଡୁ ଗଣ୍ଠିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, କଉଡ଼ି, କାଛୁ, କୁଣ୍ଡିଆ, ବଇଁଶି, ମଚଳା, ଚମଦଳା, ଯାଦୁ, ଛଉ, କଟାଘା, ଛେଚାଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଚିଣା, କାନପୂଜ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

କବିରାଜ ଶ୍ରୀ ବିଶ୍ୱନାଥ ଦାସ

ଏ, ବି, ଏଲ୍. ଏଚ. ଏମ୍. ଏସ୍.

ଅଲିଶା ବଜାର, ପୋଃ ବୃନ୍ଦାବନଚୌକ କଟକ ।





## ଅସଲ ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅର୍ଦ୍ଧଧରା, କାନଚିଣା ମୁଣ୍ଡବନ୍ଧା କୁଣ୍ଡିଆ, କାଛୁ, ମଚଳା, ପୋଡ଼ା ଘା, ଛଉ ଦଉଦ, ଅଣ୍ଡାଦରଜ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧଅଟେ । ପରୀକ୍ଷା ପ୍ରାର୍ଥନୀୟ ।
ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।



ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

## ବହୁତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରତିଶକ୍ତି ହଜମଶକ୍ତି ଆଦି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ସେରକୁ ୧୬୯, ସେ°୪ରକୁ ୭୩୪ ସେ°। କୁ ୭୨୯ ଭି: ପି:ରେ ଔଷଧ ପଠାଯାଏ
ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍,, ପି,

ଦରିଦ୍ର ବନ୍ଧୁ ଔଷଧାଳୟ

ଖପର ପଦା । ପୋ : କୋଠାର । ଜି : ବାଲେଶ୍ୱର



## 'ଶିଶୁ ମହଲ୍'

( ପିଲାମାନଙ୍କର ସଚିତ୍ର ମାସିକ ପତ୍ରିକା )

ଛବି, ଗଳ୍ପ, କବିତା, ହାସ୍ୟରସ, ସାଧାରଣ ଜ୍ଞାନର ଅଫୁରନ୍ତ ଭଣ୍ଡାର

ସମ୍ପାଦକ-ଶ୍ରୀ ରାମ ପ୍ରସାଦ ସିଂ

ବାର୍ଷିକ ମୂଲ୍ୟ— ଦୁଇ ଟଙ୍କା

ଅଫିସ—ବାଙ୍କା ବଜାର, କଟକ ।



ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

## 'ବର୍ମା ଓଡ଼ିଆ ପତ୍ରିକା'

(ସାପ୍ତାହିକ) (ରୟେଲ ୧୬ ପୃଷ୍ଠା)

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମନୋଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ରୀତି ନୀତି ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।
ବାର୍ଷିକମୂଲ୍ୟ ୭୨୪, ଷାଣ୍ମାସିକ ୭୨୯, ଭାରତବର୍ଷରକୋଣେ ଦେୟ ୭୪୯
ଠିକଣା—ନ ୧୫୭—୬୧ ମୁର୍ ଗଲି—ରେଙ୍ଗୁନ (ବର୍ମା)


Digitized by srujanika@gmail.com

ଡଗର
ମାର୍ଗଶିର ଦ୍ୱିତୀୟାଙ୍କ
୨ବର୍ଷ, ୧୪ଶ ସଂଖ୍ୟା
ଭଦ୍ରକ
୧୫।୧୨।୩୮



ଡଗର
ଖଣ୍ଡ—୫୦/
କାର୍ତ୍ତିକ(ପତାକା)୫୬୯
ଛାତ୍ରମାନଙ୍କପାଇଁ୫୬୧
ବ୍ରଜସମ୍ବରଣ—୫୬୯

ଆମ ମହାନେତା ଶ୍ରୀ ହରେକୃଷ୍ଣ ମହ-ତାପ ଆପଣେ ତାଳଚେର ଗଡ଼ଜାତ ଗୋଳରେ ଦୃଷ୍ଟି ପକାଇ ନ କରୁଥିବାର ଦେଖି ସମସ୍ତେ ଖୁସି । ପହିଲୁ ଢେଙ୍କାନାଳ ପାଇଁ ସେ ମିଳା-ମିଶାର ଚେଷ୍ଟା କରିଥିଲେ । କିନ୍ତୁ ତହିଁରେ ତାଙ୍କର ଠିକ ହସ୍ତିନାକୁ ଦୂତ ପଠାଇବାରେ ଶ୍ରୀକୃଷ୍ଣଙ୍କ ଅବସ୍ଥା ହେଲା । କୁରୁକ୍ଷେତ୍ର ରଣ ବନ୍ଦ କରିବାକୁ ଯାଇ କୃଷ୍ଣଚନ୍ଦ୍ର ରଣକୁ ଆହୁରି ଘନେଇ ଦେଇଥିଲେ ।

ଏଇକ୍ଷଣି ସେ ପୁଣି ତାଳଚେର ଗୋଳ ମେଣ୍ଟାଇବା ଲାଗି ସେଠା ରଜାଙ୍କୁ ଭେଟିଥିବାର ପ୍ରକାଶ । ଶୁଣା ଯାଉଛି ସେଠି ସେ ସବୁ ହାଲଚାଲ ସମଝି କୁଆଡ଼େ କହିଲେ ଯେ "ମୁଁ ଦେଖୁଚି, ତାଳଚେର ପ୍ରଜାଙ୍କ ଅବସ୍ଥା ଅନୁଗୁଳ ପ୍ରଜାଙ୍କ ଠାରୁ ଢେର ଭଲ ।" ଏହା ଯଦି ସତ ହୋଇଥାଏ ତେବେ ଆମର ବିଶ୍ୱାସ ଅନୁଗୋଳରେ ଆଗ ମହା-ଗୋଳ ଲଗାଇବା ପାଇଁ ସେ ତାଙ୍କ ବନ୍ଧୁ-ବାନ୍ଧବୀମାନଙ୍କୁ ପରାମର୍ଶ ଦେବେ । ମାତ୍ର କଥା ହେଉଚି, ଅନୁଗୁଳଟା ତ ଗଡ଼ଜାତ ନୁହେଁ—ସେଠି ଯେ ଇଂରେଜ ଦାୟୀ ! ସାପ ଗାତରେ ହାତ ଦବାକୁ କେହି ଭରସିବେ-ଟିକି ?  +  +  +

କେତେକ ଦେଶୀ ବିଦେଶୀ ଖବର କାଗଜରେ ପ୍ରକାଶ ଯେ ତାଳଚେରର କୋଡ଼ିଏ ହଜାର ସରକ ବାଳ-ବୃଦ୍ଧ-ଯୁବା-ବାଳି ପ୍ରଜା ରାଜ୍ୟ ଛାଡି ପଳାଇ ଆସି ଅନୁ-ଗୁଳ ଗଛ ମୂଳ ଛାୟାରେ ଅଡ୍ଡା ନେଇ ଛନ୍ତି । ଆରତରଫରୁ ପ୍ରକାଶ ପାଉଛି କି କେତେକ ଲୋକ ଦୁଇହଜାର ସରକ ତାଳଚେର ପ୍ରଜାଙ୍କୁ ଶିଖାଇ ଅନୁଗୁଳ ନେଇଯାଇଛନ୍ତି କି ସେଠାକୁ ବଡ଼ଲାଟ ସାହେବ ଓ ଜହରଲାଲ ଆସିବେ—ତମେ ଚାଲ ତାଙ୍କ ଆଗେ ଗୁହାରି କରିବ । ଏ ଲୋକଙ୍କ ଭିତର ଅଧିକାଂଶ ଘରକୁ ଫେରି ଆସିଲେଣି । ଏ ଦୁଇ କଥା ଭିତର ଯେଉଁଟା ସତ ତାହା ଅଳ୍ପ ଦିନକେ ଜଣା ପଡ଼ିବ । କାରଣ କୋଡ଼ିଏ ହଜାର ଲୋକ ଘର ଦୁଆର, ଜମି ବାଡ଼ିର ମାୟା ଛାଡ଼ି ଯଦି ଚାଲିଆସି ଥାଆନ୍ତି ତେବେ ଆଉ

## ନିର୍ଦ୍ଦେଶ

ଦେଶୀୟ ରାଜ୍ୟର ଅତ୍ୟାଚାରୀ ରାଜା ମାନଙ୍କୁ ଯଦି ଭାରତ ସରକାର ନିଃସଙ୍କୋଚ-ରେ ସାହାଯ୍ୟ କରି ପାରନ୍ତି, ତେବେ ସେ ରାଜ୍ୟର ନିଷ୍ପେଷିତ ପ୍ରଜା ମାନଙ୍କ ପାଇଁ ଯୁଦ୍ଧ କରିବା ପ୍ରତ୍ୟେକ ଭାରତ ବାସୀର କର୍ତ୍ତବ୍ୟ ।

—ସଂପାଦକ

ସେ ପୁଣି ଅତ୍ୟାଚାରର ସହିବାକୁ ଫେରି ଯିବେ ନାହିଁ । ଏଥିରେ ଆମ ଓଡ଼ିଶା ସର-କାରଙ୍କର ଲାଭ ଛଡ଼ା କ୍ଷତି ନାହିଁ । କାରଣ ଅନୁଗୋଳର ପଡ଼ିଆ ଅନାବାଦି ଜମି ଗୁଡ଼ାକ ସହଜରେ ଲଗାଣ ହୋଇ ଯିବ ଓ ସେଠା-କାର ଜନ ସଂଖ୍ୟା ବି ବଢ଼ି ଯିବ ।

ଏତେ ବଡ଼ ସୁବିଧା ଥାଉଁ ଅକାରଣେ ଗଡ଼ଜାତରେ ଗୋଳ ନ ଲଗାଇ, ଲୋକଙ୍କୁ ଏହି ଅହିଂସ ଓ ନିରୁପଦ୍ରବ ଉପାୟରେ ମୋଗଲ ବନ୍ଦିକୁ ଉଠାଇ ଅଣିବା ଉଚିତ । ମାଳ ଅଞ୍ଚଳ ଓ ସମୁଦ୍ର କୂଳିଆ ପନ୍ତାରେ ବହୁତ ଥାନ ଅଛି । ଓ ତଦ୍ଦ୍ୱାରା ପ୍ରଜାରକ୍ଷା ପାଇବେ, ରଜା ଜବଦ ହେବେ, ଓଡ଼ିଶାର ଆୟ ବଢ଼ିବ । ଆଉ ସବୁଠାରୁ ଲାଭ ହେବ—ପୁଣ୍ୟ ।  +  +  +

କଥାରେ ଅଛି "ଯେ ଯାହାର ସେ ତାହାର—ଭଣ୍ଡା ପଡ଼ିଲା ମଝିରୁ ବାହାର ।" ଫରାସୀ ଇଂଲଣ୍ଡର ମିତ୍ର; ରୁଷିଆ ଫରାସୀର ମିତ୍ର । ଏଣେ ଜର୍ମାନୀ ରୁଷିଆର ଶତ୍ରୁ ଓ ଇଟାଲି ଜର୍ମାନର ମିତ୍ର । ହିଟଲର ଇତି ମଧ୍ୟରେ ସ୍ଥିର କରି ଇଂଲଣ୍ଡ ଓ ଫରାସୀ ସହିତ ମୈତ୍ରୀ ବସାଇ ନେଇଛି । ଏଥିରେ ଜର୍ମାନ ରୁଷିଆ ଭିତରେ କଳି ଲାଗିଲେ ଫରାସୀ ବା ଇଂଲଣ୍ଡ ତୁନି ହୋଇ ରହିବେ । ତଥାପି, କାଳେ ଫରାସୀ ଜରଜରୁ ଖସିପାଏ, ସେଥିପାଇଁ ଜର୍ମାନ ଇଟାଲିକୁ ଲଗାଇ ଫରାସୀ ସାଙ୍ଗରେ ଗୋଟାଏ ମନଫଟାଫଟି କରାଇ ଦେଲାଣି । ଇଟାଲି ହଠାତ୍ ଦାବି କରି ବସିଲାଣି ଫରାସୀ ଅଧିକୃତ କର୍ଷିକା ଓ ଟିଉନିସ୍ । ସମ୍ଭବତ ଏ ଗୋଳ ଲାଗି ଥାଉଁ ଜର୍ମାନୀ ରୁଷିଆର ୟୁକ୍ରେନ ରାଜ୍ୟ ଝାମ୍ପି ନେବାର ଚେଷ୍ଟା କରିବ । ତେଣେ ଜାପାନ, ଏଣେ ଜର୍ମାନ—ପୁଣି ମିତ୍ରଶୂନ୍ୟ ରୁଷିଆ କରିବ କଣ ! ଟାଣୁଆର ପଡ଼ିଛି ପାଳି ।  +  +  +

ଭାରତ ସାମ୍ରାଜ୍ୟର ଉପମନ୍ତ୍ରୀ ମୂରହେଡ଼ ସାହେବ ଇତି ମଧ୍ୟେ ଜଗନ୍ନାଥ ଦର୍ଶନକୁ ଶ୍ରୀକ୍ଷେତ୍ର ଆସିଥିଲେ । ଦେଉଳ ଦର୍ଶନ, ବେଢ଼ା ପରିକ୍ରମା ପ୍ରଭୃତି କରି ସାରି ଏମାର ମଠର ପୁସ୍ତକାଳୟ ଦେଖିଲେ ଓ ମହନ୍ତ ମହା-ରାଜଙ୍କ ଗଢ଼ଣିରେ ମଣୋହି ବାଢ଼ିଲେ । ମହାରାଜଙ୍କ ଅତିଥି ସତ୍କାର ଚିର ପ୍ରସିଦ୍ଧ ଓ ବିଶେଷତଃ ମଠ ଅଇନ ତଳ ହେଉଥିବା ବେଳରେ ଏ ଭଳିଆ ଅତିଥିସତ୍କାରର ମୂଲ୍ୟ ବି କମ ନୁହେଁ । ତେବେ ସାହେବ ମଜକୁରଙ୍କ ମଣୋହିକୁ ବି, ଏନ୍, ଆରରୁ ରସୁଗରୁଆ ମାଲ କି ଦେଉଳରୁ ପଚାପଚିଆ ମାଲର ଆମଦାନି ହୋଇଥିଲା ସେକଥା



Digitized by srujanika@gmail.com

ଖାଲି ଜାଳିବା ପାଇଁ ପାଣି ଟିକୁ ଝାଙ୍କୁ ଦେଉଛନ୍ତି ।　+　+　+

ଦୈନିକ ଖବରରୁ ଜଣାଯାଏ ଯେପରି କଂଗ୍ରେସ ମନ୍ତ୍ରୀ ପ୍ରଭାବ ବ୍ୟାପି ଯାଉଛି । ଖାଲି ବାବୁ ସୁଭାଷ ଓ ମୁହିଁ ଶୁଦ୍ଧିକର କେତେକ ଯାହା ହାସଲ କରି ନେଉଛନ୍ତି, ଭମାଟଘାଟ ଲଢ଼େଇରେ ଭାଙ୍ଗା ହୋଇ ପାରନ୍ତା କି ନା ସନ୍ଦେହ । ଜବରଦସ୍ତିର କରାମତି ଦେଖି ଗଣ ସ୍ୱାଧୀନତାର ଜନ୍ମଭୂମି ଫରାସି ଦେଶରେ ବି ଜବରଦସ୍ତି ଶାସନର ଜୟ ହୋଇଗଲା । ସେଠିକାର ଦେଶବ୍ୟାପୀ ମୂଲିଆ ଧର୍ମଘଟଟା କେବଳ ସଇନ୍ୟ ମାନ ଦେଖାଇ ସେଠିକା ଗଣତନ୍ତ୍ର ସରକାର ବାଲିଜୁଲି ଦବେଇ ଦେଲେ । ଏ ମହାକୁ ସଠ ଅମ କଂଗ୍ରେସ ମନ୍ତ୍ରୀଗଣ ; ପଇଟି ଶିଖନ୍ତୁ ଓ ଭିତର ଦେଖ ନ ମାରି 'ଦଶଂ ଦେହି' ନାଦରେ ସାମନା ସାମନି ଛୁଡ଼ା ହୋଇ ଯାଆନ୍ତୁ ।　×　×

ଦେଶୀୟ ରାଜ୍ୟମାନଙ୍କରେ ଯେଉଁ ପ୍ରଜା ଆନ୍ଦୋଳନ ଲାଗିଛି, ସେଥିକୁ ମହାତ୍ମାଗାନ୍ଧିଙ୍କ ଆଶ୍ୱାସନା ବା ଆଶୀର୍ବାଦ (ପ୍ରରୋଚନା ବା ପ୍ରରୋଦନା ଶବ୍ଦ ପ୍ରୟୋଗ କରି ହେଉ ନାହିଁ) ବାଣୀ ଶୁଣି କର୍ତ୍ତା ଜାଲା ସାହେବ ଚଅଁକି ଉଠିଛନ୍ତି । ସେ ଇଂରାଜ ସରକାରଙ୍କୁ ନାଲି ଆଖି ଦେଖାଇ ବଡ଼ ଗ୍ଲାନି ଉଠିଛନ୍ତି କି "ଖବରଦାର ଇଂରେଜ,—ତମେ ଏ କଂଗ୍ରେସ ବାଲାଙ୍କ ଧମକକୁ ଡରି ବଡ଼ ମୁହିଁ ଦଉଚ ଓ ପିଠି ଶାଉଁଳୁଚ,—ହେଲେ ହାମେ ଯା ସହି ପାରିବୁଁ ନାହିଁ ଜାଣିଥା ।"

ଏହା ଦେଖି ବିଚରା ଇଂରାଜଙ୍କ ଲାଗି ବଡ଼ ଦୁଃଖ ହଉଛି । ଅହା ! ଯେ ଯେତେ ଶରଧା କଲେ ବି କନିଆ ମାଇପର ମନ ଘିନିବା ଭାଟିକର ପାଠ ଯେ !　×

କଂଗ୍ରେସର ଜୟଜୟ କାର ! ସବୁ ଲୋକାଲ ବୋର୍ଡ଼ ଏଥର କଂଗ୍ରେସ ପୂରାଦମ୍ ଅଧିକାର କରିଛି—ନିର୍ଦ୍ଦ୍ୱନ୍ଦରେ, ନିର୍ବାଧରେ । ଜଣେ ନୂଆ ମେମ୍ବରଙ୍କୁ ପଚାରିଲି କି 'ତମର ନୂଆ ପ୍ରୋଗ୍ରାମ କଣ ?' ସେ କହିଲେ ଅମେ ତ ଅନ୍ଧାର ଦେଶ ର, ଟାହାଙ୍କର କଥର କାଢ଼ି ପାରିବୁଁ" । କଥାଟା କଣ ଗମ୍ ନହେବାରୁ ସେ ପ୍ରତି ବ୍ୟକ୍ତି ଦେଲେ କି "ଏସେମ୍ବ୍ଲିର ଜଣ ଥାନ କଣ୍ଟା ଟଳେ ଖ୍ୟାଲ ; ତେଣୁ ଯା । ହୁକୁମ୍ ପଢ଼ିବ, ଟେକିବ ହାତ । ବସ୍ । ସ୍କୁଲ ପିଲାଙ୍କ ଡ୍ରିଲ୍ ଦେଖିଛ ଟି ? ଆଉ ପ୍ରତିଯୋଗୀ ଦଳ କେହି ନାହାନ୍ତି ତଥାପି ଅମର ଚେୟାରମେନ ନିର୍ବାଚିତ ବି ହୋଇ ସିବ ଅନ୍ଧାର କୋଠରୀରେ । ଅମେ ଭୁଙ୍ଗା ଗ୍ରାମୋଫୋନ । ବୁଝିଲି" ଏ କଥାଶୁଣି ଅମେ କହିଲୁ "ଏଇଟା ପଞ୍ଚ ଉନ୍ନୋଫେଇ ।"

"ନାହିଁହେ, ଉମ୍ନ-ଫେସି"　×　×

ପାର୍ବତୀ ଥରେ ଜଣେ ଗରିବ ଲୋକ ପ୍ରତି ବଡ଼ ଦୟା ପରବଶ ହୋଇ ତାକୁ କିଛି ସାହାଯ୍ୟ ଦେବା ପାଇଁ ହରଙ୍କୁ ଅନୁରୋଧ କଲେ । ହର କିନ୍ତୁ ନାରାଜ ହେଲେ । ପାର୍ବତୀ କାରଣ ପଚାରିବାରୁ ହର ବୋଇଲେ ଯେ ଅକର୍ମା ଅଭ ହତଭାଗାକୁ ସାହାଯ୍ୟ ସେ କରିବେ ନାହିଁ । କିନ୍ତୁ କହିଲେ କଣ ହେବ, ସ୍ତ୍ରୀ ପାଖରେ ତ ସବୁଦିନେ ପୁରୁଷର ମୁଖ ବନ୍ଦ । ତେଣୁ ବାଧ୍ୟହୋଇ ପାର୍ବତୀଙ୍କ କଥାରେ ରାଜିହେଲେ । କିନ୍ତୁ ପାର୍ବତୀଙ୍କୁ କହି ରଖିଲେ ଯେ ଏ ସାହାଯ୍ୟ ତାକୁ କିନ୍ତୁ ଭୋଗ ହେବ ନାହିଁ । ପାର୍ବତୀ ହରଙ୍କର ଏ କଥାକୁ ହସି ଉଡ଼ାଇ ଦେଲେ ।

ରାସ୍ତାରେ ଦିନେ ସେ ଲୋକଟି ବାଟରେ ଯାଉଛି, ହର ପାର୍ବତୀ ଦୁହେଁଯାକ ତା' ଆଗରେ କିଛି ଦୂରରେ ନେଇ ସୁନା ମୋହର ଥାଳୀଏ ଅଜାଡ଼ି ଦେଇ ଅସିଲେ ।

ହତଭାଗା ବାଟରେ ଯାଉ ଯାଉଁ ଯେତେବେଳେ ସୁନା ମୋହର ପଡ଼ିଥିବା ଯାଗାରେ ଅସି ପହଞ୍ଚିଲା, ସେତେବେଳେ ସେ ଭାବିଲା ଅନ୍ଧ ଅନ୍ଧକୁ ବାଟ ଦେଖା ଯାଏ ନାହିଁ, ସେ କେମିତି ଚାଲେ ଥରେ ଦେଖିବା । ଏହା କହି ସେ ଆଖି ବୁଜି ବୁଜି ଖଣ୍ଡେ ଦୂର ଚାଲିଗଲା । ତା' ପଛରେ ଜଣେ ଲୋକ ଅସି ସେତକ ମାରି ନେଇ ଚାଲିଗଲେ । ପାର୍ବତୀଙ୍କ ମୁହିଁ ତା' ଦେଖି ଏତିକିଟିଏ ହୋଇଗଲା ।

କିନ୍ତୁ ଅମ ଓଡ଼ିଶା ସରକାରଙ୍କ ଭାଗ୍ୟ ଦେଖି ପାର୍ବତୀ ଯେ ମନେ ମନେ କ'ଣ ଭାବୁଥିବେ ସେ କଥା କିଏ କହିବ ? ଭାରତ ସରକାର ରାସ୍ତା ତିଆରି ପାଇଁ ଯେଉଁ ଟଙ୍କା ଦେଇଥିଲେ ସେ ଢିଅ ଢାଳେ ଅମ ଓଡ଼ିଶା ପେଟରେ ପଶିଲା (ହଜମ ହେଲା) ନାହିଁ । ଅମ କର୍ମନିପୁଣ କଂଗ୍ରେସ ମନ୍ତ୍ରୀ ସେତକ ଖରଚ କରି ନପାରିବାରୁ ସେ ପୁଣି ଚାଲେ ଲୋଭୀଙ୍କ ଗ୍ରେଟିକୁ ଫେରି ଯାଉଛି ।

ଓଡ଼ିଶା ଧନ୍ୟ—ଓଡ଼ିଶା ମନ୍ତ୍ରୀ ବି ଧନ୍ୟ ! !　+　+　+

ଯଦୁମଣି କେବେ ଅଛାକର କହି ଯାଇଥିଲେ—ଅନ୍ଧ ଦେଶକୁ ଗଲି ଦର୍ପଣ ବିକି ।

କିନ୍ତୁ ସତକୁ ସତ ଏବେ କଳି କାଳରେ ସବୁ ଓଲଟା ଦେଖା ଯାଉଛି । ଏବେ ଅନ୍ଧ ରାଜ୍ୟରେ ଲୋକେ ଦର୍ପଣରେ ମୁହିଁ ଦେଖୁଛନ୍ତି । କିନ୍ତୁ ଆଖି ଥାଉଁ ଥାଉଁ ଜଳକା ହେଲା ପରି, ତାଳଚେର ଢେଙ୍କାନାଳଙ୍କୁ ନିଜ ରୂପଟା ଆଉ ଦେଖାଯାଉ ନାହିଁ । ଅନ୍ଧ ରାଜ୍ୟର ମହାରାଜା ଏବେ ବଡ଼ ବଡ଼ କଂଗ୍ରେସ ନେତାଙ୍କ ପରାମର୍ଶରେ ତାଙ୍କ ପ୍ରଜାମାନଙ୍କୁ ସ୍ୱାୟତ୍ତ ଶାସନ ଦେଉଛନ୍ତି । ନାଁ ଅଡ ହେଲେ କ'ଣ ହେବ, କାମରେ କିନ୍ତୁ ହିଁ ନେହି ଧାରା—ନଚ ଶୂଳପାଣି ଶଙ୍କର ।

×　×　×

କୌଣସି ଲୋକ କାହାରିକୁ ଥରେ ସଲାମ୍ ନଦେଇ ଅପମାନ କରି ଚାଲି ଯାଇଥିଲେ । କିନ୍ତୁ ଏମିତି ବିଖିତ ପଡ଼ିଲାଯେ ସେଇ ତାକୁପୁଣି ଏକ ଯାଗାରେ ଶହେ ସଲାମ କଲା । ଇଂରାଜ ସରକାରଙ୍କ ଯେତେ ଗୋରା ଚାକରିଆ ସମସ୍ତେ ମହାତ୍ମାଜୀଙ୍କୁ ମିଷ୍ଟର ଗାନ୍ଧି ଛଡ଼ା ଗାନ୍ଧିଜୀ ବି କହିବାକୁ ନାକ ଟେକୁଥିଲେ । କିନ୍ତୁ ଏବେ ଏକ ସଲାମ ଯାଗାରେ ସେମାନେ ଶହେ ସଲାମ୍ କରିବାକୁ ବାଧ୍ୟ ହେଲେଣି । କେନ୍ଦ୍ରୀୟ ବ୍ୟବସ୍ଥା ସଭାରେ ଜଣେ ଇଂରେଜ ସଭ୍ୟ ଏବେ ମହାତ୍ମାଜୀ ବୋଲି କହୁଛନ୍ତି । ଗାନ୍ଧି ବୁଢାଙ୍କ ଜୟ !

Digitized by srujanika@gmail.com




## କବି (ଡେଜାଟ କୁଇନ୍)

୩

ଲେଖକ— ଶ୍ରୀ ବସନ୍ତ କିଶୋର ବଳ

(୧୧ଶ ସଂଖ୍ୟା ଉତ୍ତାରୁ)

କିନ୍ତୁ କବିଙ୍କର ଶେଷ ନମସ୍କାରଟି ନ ସରୁଣୁ ତାଙ୍କର ଆଖି ଦୁଇଟି କାହାର କର-ପଲ୍ଲବରେ ଅବରୁଦ୍ଧ ହେଲା । ଲଘୁ କୁସୁମର ସୁବାସରେ ଘରଟା ହଠାତ୍ ମହକି ଉଠିଲା ପରି ଜଣାଗଲା । ନବବାବୁ ହାତ ଦୁଇଟିକୁ ଅଣ୍ଡାଳି ଅଣ୍ଡାଳି ମନେକଲେ କୋଉଠି ଏ କବିତାର ଜମାଟରେ ଯେପରି ତିଆରି ଏ ହାତ ।

—ମୁଁ କିଏ ?

—ତମେ, ଏଁ,—ନା—(ସ୍ୱଗତ) ମାନସୀ!!!

ନବବାବୁଙ୍କର କବିପ୍ରାଣଟା ଏକଦମ୍ ବିହ୍ୱଳ ହୋଇ ପଡ଼ିଲା । ଭଦ୍ରଲୋକଙ୍କ ପତ ଝିଅଟି ଭିତର ଆସିଥିବା ହେତୁ ମନରେ ହଠାତ୍ ଗ୍ଲାନି ଜାତ ହେଲା । ଏହି ସମୟରେ ନବବାବୁ ଭଦ୍ରଲୋକଙ୍କ ଚଟ୍ଟ ଶବ୍ଦରୁ ଜାଣି ପାରିଲେ ସେମାନେ ଯେପରି ସ୍ଥାନାନ୍ତରକୁ ଚାଲିଯାଉଛନ୍ତି ଯାହାର ଦେଇ । କବି କହି ଉଠିଲେ— ଅନୁ ମାନସୀ— ମୁକ୍ତ କର ମୋତେ କହିଲଣି ! ବନ୍ଧନୀ ଫିଟିଲା । ନବବାବୁ ଦେଖିଲେ ଆଖି ଆଗରେ ଗୋଟିଏ କିଶୋରୀ । ଅନୁ ହାତଧରି ନବବାବୁଙ୍କୁ ଆଉ ଗୋଟିଏ ଫ୍ଲାଟ୍‌କୁ ନେଇଗଲା —ଫ୍ଲାଟ୍‌ର ଦୃଶ୍ୟରୁ ଜଣାପଡ଼ୁଥାଏ ତାହା ଯେପରି କବିଙ୍କର ଚିରବାଞ୍ଛିତ କଳାକୁଞ୍ଜ । ଡ୍ରଇଂ ରୁମ୍‌ରେ ବସି ପିଅଲାରେ ଚା' ଢାଳୁ ଢାଳୁ ଅନୁ କହିଲା, ଆପଣଙ୍କୁ ପାଇ ଆଜି ମୁଁ ବଡ଼ ଧନ୍ୟା । ଭାଷା ପାଉ ନାହିଁ ଆପଣଙ୍କୁ ଧନ୍ୟବାଦ ଦେବାକୁ । ବାପା ଓ ବୋଉ କାଲି କାଶୀ ଯାଇଛନ୍ତି ପୁଣ୍ୟ ଅର୍ଜନ ପାଇଁ ! ଆପଣଙ୍କ ଆସିବା କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲି ମୁଁ; ତେଣୁ ତାଙ୍କ ସହ ମୋର ଯିବାର ସମସ୍ତ ଆୟୋଜନ ହୋଇଥିଲା । ହଠାତ୍ କାଲି ଆପଣଙ୍କ ଆସିବା କଥା ମନେ ପଡ଼ିଗଲା । ଦେହର ଅସୁସ୍ଥତା ଛଳରେ ରହିଛି । କେବଳ ଆପଣଙ୍କ ପାଇଁ । ଦାସୀ ଓ ଚାକର ଅଛନ୍ତି । ବାପା ବୋଉ କ'ଣ ଭାବୁଥିବେ କେଜାଣି ! ଯାହାହେଉ ବଡ଼ ଶୁଭ ମୁହୂର୍ତ୍ତରେ ଆପଣଙ୍କର ଆଗମନ— ଅତି ସୌଭାଗ୍ୟର କଥା । ଆପଣ ଯେଉଁ ଷ୍ଟୁଡେଣ୍ଟମାନଙ୍କୁ ଦେଖିଲେ ସେମାନେ ଏଠି ରହନ୍ତି ନାହିଁ । ଜାତ ଭାଇ ବୋଲି ଅନେକ ସମୟରେ ଆସି ମଜଲିସ୍ କରନ୍ତି । ଆଜି ଭିନ୍ନ ବାପାଙ୍କୁ ନପାଇ ହତାଶ ହୋଇଥିଲେ— ଆପଣଙ୍କର ଆସିବା କଥା ଜାଣି ଅନେକଟା ଖୁସି ଅଛନ୍ତି । ଆପଣଙ୍କର ମୋର ଏକାଠି ହେବା ଦେଖି ସେମାନେ ନିଜ ନିଜର ବାଟ ଧରିଛନ୍ତି— କିନ୍ତୁ ଏତେଟା ଅଧିକ ବଢ଼ିବା ହେବା ସତରେ ମୋର ଉଚିତ ହୋଇ ନାହିଁ ଏକା ! ବାପା ଶୁଣିଲେ କ'ଣ ଭାବିବେ ।

କ'ଣ ଅଦ୍ଭୁତ ଅନୁ ! ଚନ୍ଦ୍ର ସହିତ ଜ୍ୟୋତ୍ସ୍ନାର ମିଳନ, ଭାବନାର ସହ ଅନୁଭୂତିର ଐକ୍ୟ —ଅନ୍ୟର ସ୍ଥାନ କାହିଁ ଏଠି ଲକ୍ଷ୍ମି ! ବାପା ମା ଙ୍କର ଅଧିକାର ତ ଆମ୍ଭେମାନେ ନଷ୍ଟ କରି ନାହୁଁ । ଆମର ଅଧିକାରରେ ସେମାନେ ବାଧା ହେବେ କାହିଁକି ?

ଏହାପରେ ଅନେକ ସମୟ ମଜଳ ମଜଲିସରେ କଟିଲା । ଅନୁ ନବବାବୁଙ୍କ ଠାରୁ ଗୋଟିଏ ଫାଉଣ୍ଟେନ୍ ଉପହାର ସ୍ୱରୂପ ପାଇଥିବା କଥା କହିଲା । ସେ କଥା ଶୁଣି ନବବାବୁଙ୍କର ଦେହ ଶିହରି ଉଠିଲା । କଥା ହେଲା ସନ୍ଧ୍ୟା ଛ'ଟାରେ ସିନେମା ଯିବାପାଇଁ । ନବବାବୁଙ୍କ ରହିବା ପାଇଁ ତଳ ଫ୍ଲାଟ୍‌ର ଗୋଟିଏ ରୁମ ନିର୍ଦ୍ଦିଷ୍ଟ ଥିଲା । କବି ଯେତେବେଳେ ପ୍ରକୋଷ୍ଠ ଭିତରେ ପଶନ୍ତି— ଦେଖିଲେ, ଗୃହଅନ୍ତେ ତାଙ୍କ କବିତାର ଫଟୋ ଝୁଲି ହୋଇଛି । ଟେବୁଲ ଉପରେ ତାଙ୍କର 'ବଂଶୀ-ଛାୟା' ଇତ୍ୟାଦି ବହି । ମନଟା ଅତି ମାଦକରେ ଅନୁପ୍ରାଣିତ ଅନୁରାଗିତ ହୋଇ ଉଠିଲା ତାଙ୍କର । ଅନୁକୁ ନ ପାଇଲେ ଜୀବନ ଯେପରି ବୃଥା । ନିଶ୍ଚୟ ଯେପରି ପାଷଣ୍ଡ ସବୁ ହାତରୁ ରକ୍ଷା କରିବାକୁ ହେବ । ନ ହେଲେ ଶେଷକୁ ସତ୍ୟାଗ୍ରହ— ଠିକ୍ ୫ଟା ବେଳେ ଘଣ୍ଟାରେ ୫ଟା ଢୁଂ ଢୁଂ ବାଜିଲା । ସିନେମା ଯିବା ପୂର୍ବରୁ ଅନୁକୁ ଉପହାର ଦେବାପାଇଁ ରଚନା କରିଥିବା କବିତାଟିକୁ ଆଉ ଥରେ ଆବୃତ୍ତି କରିଗଲେ । ଅନୁ ହସି ହସି କବିଙ୍କ ହସ୍ତରୁ କବିତାଟି ନେଇ ପକେଟରେ ରଖିଲା । ତାପରେ କବି ନିଜର ସହଜ ସରଳ ସ୍ୱାଭାବିକ ବେଶରେ ରୁମ୍‌ରୁ ଅନୁର ହାତଧରି ତଳ ମହଲାକୁ ଆସିଲେ । ଆସିଲା ବେଳେ ଅନୁ ଦର୍ପଣରେ ନିଜର ରୂପଟା ଦେଖି ନେଇ କବିଙ୍କ ଅସଜଡ଼ କେଶଗୁଚ୍ଛକୁ ସଜ୍ଜିତ କରିବାକୁ ଇଙ୍ଗିତ କଲା । କିନ୍ତୁ କବିଙ୍କର ସେଥିପ୍ରତି ଖିଆଲ ନ ଥିବାରୁ ସେ ନାହିଁ କଲେ । ମଟର ଠିକ୍ ହୋଇ ରହିଥିଲା । ନବବାବୁ ଅନ୍ନପୂର୍ଣ୍ଣାର ହାତ ଧରି ମଟରର ବ୍ୟାକ୍ ସିଟ୍‌ରେ ଯାଇ ବସିଲେ ପ୍ରେମ-ମଦଗର୍ବରେ ଭୋଳ ହୋଇ ।

ମଟର ଚାଲିଲା 'ପାରାଡାଇଜ୍' ଅଭିମୁଖେ । ନବବାବୁ ଆରମ୍ଭ କଲେ, 'ଦେଖ ଅନୁ, ତମେଇ କେବଳ ମୋର କବିତାର ସମ୍ବଳ, କବିତାର ଧ୍ରୁବତାରା । ସ୍ୱଦେଶର ସହସ୍ର ଲୋକ ନାସିକା କୁଞ୍ଚନ କରୁଥିବା ସ୍ଥଳେ ତମେ କେବଳ ପ୍ରକୃତ ଜିନିଷ ଧରି ପାରିଛ । ମୁଁ ଜାଣୁଛି, ତମେ ମୋର କବିତାର ପ୍ରକୃତ ମୂଲ୍ୟ ବୁଝି ତାହାର ଯଥାର୍ଥ ସମ୍ମାନ ଦେଖାଇଛ । ତମକୁ ନ ପାଇଲେ ମୋର ବଞ୍ଚିବା ଅସମ୍ଭବ । ଆଜି ସ୍ପଷ୍ଟ ମନେ ପଡ଼ୁଛି, ମୁଁ ଗ୍ରାମସଙ୍ଗଠନ କାର୍ଯ୍ୟ ବେଳେ ଆଉଜଣେ କାହାରର ମୋହରେ ପଡ଼ିଥିଲି । କୌଣସି କାରଣରୁ



Digitized by srujanika@gmail.com

ବିବାହଟା ହୋଇ ପାରିଲା ନାହିଁ । ଦେଖୁଚ ଭଗବାନ ମୋ ପ୍ରତି ଯଥେଷ୍ଟ ଦୟା କରିଛନ୍ତି । ଆଜି ସେ ସବୁ ମୋତେ ଅତି ତୁଚ୍ଛ ଲାଗୁଛି । ତମର ପ୍ରେମ ଅତି ଉଚ୍ଚ ଧରଣର । ଭାବୁଛି, ତମେହିଁ ମୋର ସହକର୍ମୀ ହୋଇ ମୋତେ ଦେଶ କାର୍ଯ୍ୟରେ ସାହାଯ୍ୟ କରିବ । ସୁଦୂର ପଲ୍ଲୀ ଗ୍ରାମର ଏକ ବକୁଳ ମୂଳେ ମୁଁ କୁଟୀର ରଚନା କରିବି, ତମକୁ କରିବି ତାର ରାଣୀ । ଅନୁ କେବଳ ଅଧୋମୁଖରେ ଉତ୍ଫୁଲ୍ଲ ହୃଦୟରେ ସବୁ ଶୁଣୁଥାଏ । କବିଙ୍କ କଥା ସରିଲା ବେଳକୁ ସେ କହିଲା—ମୁଁ ଅନେକ ଦିନୁ ଆପଣଙ୍କୁ ମୋର ହୃଦୟ ଦେବତା ରୂପେ ବରି ନେଇଚି । କେବଳ ଆପଣଙ୍କ ପ୍ରେମ-ପୂଜାରିଣୀ ହୋଇ ଜୀବନକୁ ସାର୍ଥକ କରିବି ଏହାହିଁ ମୋର କାମନା । ମୁଁ କହେଁ, ଆପଣ ନିଜେ ପ୍ରସ୍ତାବଟା ପକାଇବା ଉଚିତ । ବାପା ମୋର ଅତ୍ୟନ୍ତ ସ୍ୱଦେଶ ବତ୍ସଳ । ସେ ଦୂର କଲିକତାରେ ରହି ମଧ୍ୟ ଦେଶର ଖବର ସର୍ବଦା ରଖନ୍ତି । ଯେଉଁମାନେ ଦେଶ ପାଇଁ ପ୍ରାଣ ମନ ଢାଳି ଦେଇଛନ୍ତି ସେମାନଙ୍କୁ ସେ କୋଟି ନମସ୍କାର କରନ୍ତି । ନିଜେ ଦେଶର କୌଣସି ସାହାଯ୍ୟ କରି ନପାରୁ ଥିବାରୁ ବଡ଼ ଦୁଃଖ ଅନୁଭବ କରନ୍ତି । ଆପଣଙ୍କ କଥା ସେ ଅନେକବାର କହିବାର ମୁଁ ଶୁଣିଛି । କହନ୍ତି ନବବାବୁ ଛାତ୍ର ବୟସରୁ ଦେଶ କାର୍ଯ୍ୟରେ ମଧ୍ୟ ସାହିତ୍ୟ ସେବାରେ ଲାଗିଛନ୍ତି—ଏହା ଓଡ଼ିଶା ପକ୍ଷେ ଅତି ସୌଭାଗ୍ୟର କଥା । ଆପଣ ଏକାଧାରରେ କବିର କବିତା ଲେଖକ, ଗଳ୍ପ ଲେଖକ, ସମାଲୋଚକ ସେ ତାହା କହନ୍ତି । ମୁଁ ଯେତେଦୂର ଜାଣେ ଆପଣଙ୍କ ଉପରେ ସେ ଅତ୍ୟନ୍ତ ସନ୍ତୁଷ୍ଟ । ତେଣୁ ଆପଣ ପ୍ରସ୍ତାବଟା ପକାଇଲେ ସେ ଆନନ୍ଦରେ ଗ୍ରହଣ କରିବେ । ଆପଣଙ୍କ ଠାରୁ ଅଧିକ ସୁଖ୍ୟାତି ଅର୍ଜନ କରିଥିବା ଓଡ଼ିଆ ଯୁବକ ଅଛନ୍ତି କାହାନ୍ତି ? ସତବାବୁ ଭାବୁଛନ୍ତି ସେ ବାପାଙ୍କୁ ସନ୍ତୁଷ୍ଟ କରି ମୋତେ ବିବାହ କରିବେ । ମୁଁ ତାଙ୍କୁ କେତେ ଘୃଣା କରେ, ସେ କଥା ସେ ଜାଣିବେ କେଉଁଠୁ ? ସେ କଲିକତାରେ ଥିବା-ବେଳେ ଗୋଟାଏ କ ସଙ୍ଘ ଗଢ଼ି ମୋତେ ସେଥିରେ ସଭ୍ୟ ଶ୍ରେଣୀରେ ଭୁକ୍ତ କରିବା ପାଇଁ ଆମ ଘରକୁ ଆସିଥିଲେ । ବାପାଙ୍କର ଏଥିରେ ମତ ଥିଲେ ବି ମୁଁ ଘର ମଧ୍ୟରୁ ନାହିଁ କରି ପଠାଇଲି । ବାପାଙ୍କର ତାଙ୍କ ଉପରେ ସ୍ନେହ ଦିନରୁ ଗୋଟାଏ ଉପର ଖରାପ ଧାରଣା ଅଛି । ସେ କହନ୍ତି ପଟ ଦାଦାକୁ ଯେତେ ବଡ଼ ବୋଲି ଦେଖାଏ ଭିତରେ ସେ ସେତେ ନୁହଁ । ନବବାବୁ ଆନନ୍ଦରେ ବିହ୍ୱଳ ହୋଇଗଲେ । ସେ ସଜୋରରେ ଅନୁର ହାତଟିକୁ ମୁଠାଇ ଧରି କହିଲେ, 'ଧନ୍ୟ କଲି ମୋତେ କବି ଲକ୍ଷ୍ମୀ ! ଏତିକିବେଳେ ମଟର ଆସି ପାରାଡାଇଜ୍ ପାଖେ ପହଞ୍ଚିଗଲା ।

ନବବାବୁ ଅନୁର ହାତ ଧରି ଭିତରକୁ ନେଇଗଲେ । ଦେଖିଲେ, ତାଙ୍କ ପରି ଅସଂଖ୍ୟ ପ୍ରେମିକ ପ୍ରେମିକାଙ୍କୁ । କିନ୍ତୁ କବି ନିଜକୁ ସମସ୍ତଙ୍କ ଉପରେ ବୋଲି ମନେ କଲେ । ଗୋଟିଏ ବକ୍ସ ରିଜର୍ଭ ହୋଇଥିଲା । ସେଦିନ-ବାର ଖେଳଥିଲା—"ଡେଜାର୍ଟ କୁଇନ୍ ।" ( Desert Queen ) ଅତି ଚମତ୍କାର ପ୍ରେମ ଦୃଶ୍ୟ । ପ୍ଲେ ଆରମ୍ଭ ହେଲା—ଦେଖିଲେ ଜଣେ ପୁରୁଷ ସ୍ତ୍ରୀ ପାର୍ଟ ଦେଉଚି । ଅବିକଳ ଗୋଟିଏ ସୁନ୍ଦରୀ ଯୁବତୀ । କାହାର ସାଧ୍ୟ ନାହିଁ ଚିହ୍ନିବ ସେ ପୁରୁଷ ବୋଲି । ପ୍ରେମାଭିନୟରେ ଜଣେ ସ୍ତ୍ରୀଠାରୁ ବେଶୀ ମନ ଭୁଲାଇଥି କରଚି । ଅନୁ ପଚାରିଲା "ପ୍ରକୃତରେ ପୁରୁଷ ସ୍ତ୍ରୀ ରୂପରେ ଅନ୍ୟ ଏକ ପୁରୁଷର କଣ ମନ ଭୁଲାଇ ପାରେ ?" କବି କହିଲେ, "ମୁଁ ମଧ୍ୟ ସେଇଆ ଭାବୁଚି ।"

ସିନେମା ସରିଲା; ନବବାବୁ ଅନୁର ହାତ ଧରି ଯାଇ ମଟରରେ ବସିଲେ । ବାଟ ଯାକରେ ଭାବୁଥାନ୍ତି ପୁରୁଷ ଯଦି ସ୍ତ୍ରୀ ରୂପରେ ପୁରୁଷର ମନ ଭୁଲାଇଲା ତେବେ ସ୍ତ୍ରୀ ଲୋକର ସାର୍ଥକତା କାହିଁ ? ପୁରୁଷ ମଧ୍ୟ ଏପରି ପୁରୁଷର ରୂପ ଛଳନାରେ ଭୁଲିପାରେ !" କବିଙ୍କର ହୃଦୟ ବିଷାଦାନ୍ତ ଦେଖି ଅନୁ ତାଙ୍କ ଉପରେ ଆଉଜି ପଡ଼ିଲା । ମଟର ଯାଇ ଅନ୍ନପୂର୍ଣ୍ଣାଙ୍କର କୋଠା ସାମନାରେ ପହଞ୍ଚିଲା । ଅନୁ କବିଙ୍କର ହାତ ଧରି ଉପରକୁ ଉଠିଲା । ନବବାବୁ ଦେଖିଲେ ଯେଉଁ ଷ୍ଟୁଡେଣ୍ଟ ଗୁଡ଼ା କେତେ-କେତେ ବସିଥିଲେ ପୁଣି ସେମାନେ ଆସି ତାସ ଅଡ୍ଡା ଲଗେଇଛନ୍ତି । ଜଣେ ସେମାନଙ୍କ ମଧ୍ୟରୁ କହିଲା, 'କବି ହେ— ।' ଅନ୍ୟ ଜଣେ ବୋଲି ଉଠିଲା, "ତୁମ୍ ଯେ ମୁଝ୍‌କୋ ପ୍ରେମ ଶିଖାୟା !" କବି ଅଟା କାବା ହୋଇ ଅନ୍ୟ ଗୋଟିଏ ଘରକୁ ପଶିଯାଇ ଦେଖିଲେ ତାଙ୍କ କବିତା ମଟା ଗୁଡ଼ିକ ଭାଙ୍ଗି ଚୂର ହୋଇ ମନ ଦୁଃଖରେ ତଳେ ଗଡ଼ୁଛନ୍ତି । ଅନ୍ୟ ଏକ ଘରେ ଯାଇ ଦେଖିଲେ, 'ବଂଶୀ' ଛିନ୍ନପୃଷ୍ଠ ହୋଇ ପଡ଼ିଛି । ନବବାବୁ କିଛି ବୁଝି ପାରିଲେ ନାହିଁ । ସେ ଯନ୍ତ୍ରଚାଳିତ ବତ୍ ଅନ୍ନ-ପୂର୍ଣ୍ଣାର ଘରକୁ ଯାଇ ଦେଖିଲେ, ତାଙ୍କର କଳ୍ପଲକ୍ଷ୍ମୀ ଯେ କି ତାଙ୍କ ଜୀବନ କବିତାର ଏକମାତ୍ର ଆଶ୍ରୟ ସେଇ—ସେଇ ତାଙ୍କର କବି ପ୍ରେୟସୀ, ସ୍ତ୍ରୀ ପୋଷାକ ଓହ୍ଲାଇବାରେ ବ୍ୟସ୍ତ— ସାକ୍ଷାତ୍ ପୁରୁଷ ଦେହରେ । ଡ୍ରେସିଂ ଟେବୁଲ ଉପରେ ଫଲସ୍ ହେୟାର ପ୍ରଭୃତି ଓହ୍ଲାଇ ରଖା ଯାଇଛି । ଅନ୍ନପୂର୍ଣ୍ଣା ଅଇନାକୁ ଅନାଇ ଇୟରିଂ ଖୋଲୁଛନ୍ତି । ହଠାତ୍ ନିରବରେ ନବବାବୁଙ୍କର ଛାୟା ପଡ଼ି-ବାରୁ ଅନ୍ନପୂର୍ଣ୍ଣା ଚମକି ଦେଖିଲା, ସ୍ତ୍ରିନଥଡ଼େଇ ନବବାବୁ । ଛଳ ସଙ୍କୋଚରେ ଓଢ଼ଣି ମୁଣ୍ଡ ଉପରେ ପକାଇ ଦେଲେ ସୁଦ୍ଧା ଅନୁ ତାର ନାରୀ ସୁଲଭ ସୌନ୍ଦର୍ଯ୍ୟ ଆଉ ଆଣି ପାରିଲା ନାହିଁ । କ୍ଷଣେ ରହି ମୋହିନୀ ହସି ହସି କହିଲା, "ଆସ ମମ ହୃଦୟ ଦେବତା !" ନବବାବୁ ଭାବିଲେ ଦୁନିଆଟା କଣ ସିନେମା ? ସେ "ପାରାଡ଼ାଇଜରେ" ଅଛନ୍ତି ବୋଲି ଭ୍ରମ ହେଲା । ଲକ୍ଷଶୀଳାଭ୍ରଷ୍ଟାନ୍ତ ମସ୍ତିଷ୍କସହ ସେ ତଳକୁ ଆସିଲେ । ପୁଣି ସେହି ଷ୍ଟୁଡେଣ୍ଟ ଗୁଡ଼ାକୁ ଦେଖିଲେ । ନବବାବୁ ଶୁଣିଲେ—"ଅସନ୍ତୁ ତରୁଣ କବି, ଅସନ୍ତୁ ତରୁଣ କବି !" ନବବାବୁ ଶତବୃଶ୍ଚିକର ଦଂଶନ ଅନୁଭବ କଲେ । ଠିକ୍ ନିଶାଖୋରଙ୍କ ଭଳି ଛୁଟିଲେ ଷ୍ଟେସନକୁ । ପଛରୁ ଶୁଭୁଥାଏ "କବି, କବି, କବି——"

---

ଏହା ୧୦ ମ ସଂଖ୍ୟାରେ ପ୍ରକାଶିତ 'କବି' ଗଳ୍ପର ୩ୟ ସ୍ତର । ୪ର୍ଥ ସ୍ତର ପାଇଁ ଲେଖକ-ବର୍ଗଙ୍କୁ ସ୍ୱାଗତ ଅବେଦନ । —ସମ୍ପାଦକ

Digitized by srujanika@gmail.com



ସନ୍ଧ୍ୟା—ପୁରୀ ବି. ଏନ୍. ଆର୍. ହୋଟେଲ ସାମନା ସମୁଦ୍ର କୂଳ। ରବି ଆଉ କମଳା। ରବି ଅଧେ ଶୋଇଛି ଅଧେ ବସିଛି—କମଳା ରବି ପାଖରେ, ସମୁଦ୍ର ମୁହାଁ ଦୁଇଜଣ ଯାକ। ସମୁଦ୍ର ଠିକ୍ ତାଙ୍କ ସାମନାରେ ଢେଉ ନେଇ ସେମାନଙ୍କ ଗୋଡ଼ ଛୁଇଁବାକୁ ଆସୁଛି, ପାରୁ-ନାହିଁ—ଦୁଃଖରେ ବିମର୍ଷ ହୋଇ ଫେରି ଯାଉଛି କିନ୍ତୁ ତାର ଚେଷ୍ଟାର ବିରାମ ନାହିଁ। କମଳା ବସି ବସି କହି ଉଠିଲା—"ଚମତ୍-କାର, ନା ?"

'ହୁଁ'—ରବି କଣ ଭାବୁଥିଲା ବୋଧ ହୁଏ। କମଳାର ବାଳ ଉଡ଼ି ଆସି ତାର ପାଟି ଭିତରେ ପଶି ଯାଉଥାଏ। କମଳା ରବିକୁ ହଲାଇ ଦେଇ କହିଲା—'ଏଇ।'

"ଉଁ"

"କଣ ଭାବୁଛ ?"

"କିଛି ନା।"

'ନା, ସତ କୁହ ?' (ଅଦର ସୁରରେ)

"ଶୁଣିବ ?" (ହସି, କମଳାକୁ ଅନେଇ)

"ହୁଁ।"

'ଗୋଟେ ଭାରି ମଜାର କଥା।'

'କଣ କଥାଟା କୁହ।' (ଟିକିଏ ଉତ୍କଣ୍ଠା ଦେଖାଇ)

"ଦୁଇଜଣ ସେମାନେ—ନା' ତାଙ୍କର ରବି ଆଉ କମଳା।"

'ଯେତ୍।' (ଲାଜରେ)

'ନା ସତ, କଥାଟା ଶୁଣ !'

"ଯାଅ ଫାଜଲାମି କର ନାହିଁ।" (ମୁହଁ ବୁଲେଇ ସମୁଦ୍ରକୁ ଚାହିଁ)

"ତାହେଲେ ମୋର ଚିନ୍ତାରେ ବ୍ୟାଘାତ ଦେଲ କାହିଁକି ?"

"ଉଁ ଭାରି ତ ଚିନ୍ତା।" (ଜଘଟ ତାଚ୍ଛଲ୍ୟ)

"କଣ ହେଲା—" (ଉଠି ବସି)

'ତମେ ଫାଜଲାମି କରୁଛ ବୋଲି କିଏ ଜାଣିଥିଲା ?' (ଟିକିଏ ଉଗ୍ର)

"ନା ସତ, ଫାଜଲାମି ନୁହେଁ, ସତ କଥା। ତମେ କମଳା ଆଉ ମୁଁ ରବି ଛଡ଼ା ଆଉ କଣ ଦୁନିଆରେ କେହି ରବି ଆଉ କମଳା ନାହାନ୍ତି ?"

'ଉଁ ହୁଁ' (ହସି ରବିର ଖୁବ୍ ପାଖକୁ ଘୁଞ୍ଚି ଆସି)

'ଗୋଟେ ଭାରି ମଜାର କଥା।'

"କଣ ଶୁଣେ।" (ଲଜ୍ୟା ଓ ଉତ୍ସୁକତା)

# ପୂର୍ବରାଗ

ଲେଖକ—ଧୂର୍ଜଟି

"କମଳାଟି ଭାରି ସୁନ୍ଦର—ତାର ଓଠ ଦିଓଟି ଠିକ୍ ଯେମିତି ଦିଓଟି ଗୋଲାପର ପାଖୁଡ଼ା।"

'ଚୁପ୍, ତମେ ଭାରି ଦୁଷ୍ଟ।' (ରବି ପାଟିକୁ ହାତରେ ବନ୍ଦ କରି)

'ତା ହେଲେ, ମୁଁ ମିଛଟାରେ କହିବି କାହିଁକି ?'

'ତମେ କଣ ଏଇଆ କହିବ ବୋଲି, ମୁଁ ଶୁଣିବାକୁ ଚାହୁଁଥିଲି ?'

'ତେବେ ?'

'ଅନ୍ୟ କଥା।'

"କି କଥା ?"

୨

"ମୁଁ ଆଉ ପାରିବି ନି ତମ ସାଙ୍ଗରେ। ଏ କଥା ଛଡ଼ା ଆଉ କଣ ଦୁନିଆରେ କିଛି କଥା ନାହିଁ ? ଏଇ ଧର ପ୍ରେମ କଥା, କବିତା ଆଦି—"

"ଆହା ତମେ ଜାଣେଇଲେ ଚଳିବ ନି କମ ! ତମ ମନ କଥା ମୁହଁରେ ଫୁଟି ଦିଶୁଛି।" (ଅଭିମାନ)

'କଣ ଫୁଟି ଦିଶୁଛି ?' (ମୁହଁକୁ ଯଥା ସମ୍ଭବ ଗମ୍ଭୀର କରି)

'ବାଃ, ଚମତ୍କାର, ତମେ ମୁହଁ ଗମ୍ଭୀର କଲେ ଏତେ ସୁନ୍ଦର ଦିଶେ ନା—?'

"ଫେର,—ମୁଁ ପାରିବି ନି; ତମେ ଚୁପ କର !"

'କେତେ ଯାଏ ?'

କମଳା କଥା କହିଲେଇ ସମ୍ମତି ଜଣାଇଲା।

କିଛିକ୍ଷଣ ଚୁପ୍। କିନ୍ତୁ ଯେ ଚୁପ୍ କରିବାକୁ କହିଥିଲା ତାର ଏ ନୀରବତା ସହ୍ୟ ହେଲାନି।

"ମତେ ଭାରି ଭୋକ କଲାଣି—ତମେ ଯିବ ନି ?"

"ସତେ ମୁଁ ଭାରି ସ୍ୱାର୍ଥପର। କିନ୍ତୁ ମୋର ଭୋକ ଶୋଷ ସବୁ ଚାଲିଗଲାଣି।"

'କୁଆଡ଼େ ଗଲା ?'

"କହିବି ?"

'କହୁନାହିଁ।'

"ତମ ପାଖକୁ।"

"ଓଃ ସେଇଥି ପାଇଁ ମୋତେ ଭୋକ କରୁଛି। ଏକାବେଳକେ ତିନି ଗୁଣ। ତମେ ଭାରି ପେଟୁ।"

'କେମିତି ?'

'ମୋର ଭୋକ, ଆଉ ତମର ଭୋକ ମୋ ଭୋକର ଦୁଇ ଗୁଣ, ସବୁ ମିଶି ତିନିଗୁଣ।'

ରବି ହୋ ହୋ କରି ହସି ଉଠିଲା।

"ଅଭଦ୍ରତା ମାଫ୍ କରିବ କମଳା—କିନ୍ତୁ ତମେ ଭାରି ହସାଇ ପାର।"

"ଆଉ ମୋର ପ୍ରଶଂସା ଦରକାର ନାହିଁ—ତମେ ହୋଟେଲକୁ ଚାଲିଲ !"

"ହିଁ ଚାଲ କିନ୍ତୁ ମୋତେ ଭୋକ ଲାଗୁନି।"

'କାହିଁକି ?'

"ସମୁଦ୍ର କୂଳ, ସନ୍ଧ୍ୟା ବେଳ, ତମ ପରି ସଙ୍ଗିନୀ ଯାର ତାର କଣ ଭୋକ ଶୋଷ ଥାଏ ପାରେ !—" (କମଳାର କଣ୍ଠରେ ଧୀରେ ଗୋଟିଏ ସ୍ୱପ୍ନାଳୁ ସଙ୍ଗୀତ)



Digitized by srujanika@gmail.com

ଲଜ୍ଜାରେ ଚମକି ଉଠି—"ଏଇ, ତମେ ଭାରି ଦୁଷ୍ଟ । କିଏ ଦେଖି ପକାଇବ ଯେ ।"

"ବୋହୂଗଲି ! ତମ ଉପରେ ମୋର ଦାବି ଅଛି, ଜାଣ ?'

"ହଁ, ଦାବି ନା ଆଉ କଛି !" (ହସି)

ଉଭୟେ ଆସି ହୋଟେଲ ପାଖରେ ପହଞ୍ଚିଲେ । ରବୀନ୍ଦ୍ର 'ବୟ୍'ଙ୍କୁ ଜଳଖିଆ ଦେବାକୁ କହି କମଳାକୁ ନେଇ ଉପରକୁ ଗ୍ଲିଗଲା । ସେମାନେ ଜଳଖିଆ ଖାନ୍ତୁ—ଇତ୍ୟବସରରେ ଆମେ ସେମାନଙ୍କର ପରିଚୟ ନେଇଦେବା ।

କମଳାର ବାପା ଗଜେନ୍ଦ୍ର ବାବୁ ଓ ରବୀନ୍ଦ୍ରର ବାପା ହରିଜୀ ବାବୁ ଥିଲେ ବନ୍ଧୁ । ଦୁହେଁ ଏକାସଙ୍ଗରେ କଲେଜରେ ପଢ଼ୁଥିଲେ । କମଳାର ବାପା B. E. ପାଶ କରି ଜାର୍ମାନୀ ଗଲେ ପଢ଼ିବାକୁ—ରବୀନ୍ଦ୍ରର ବାପା କଟକରେ ଇଞ୍ଜିନିଅର ହେଲେ । ତାପରେ କମଳାର ବାପା ଫେରି ଆସି ପଞ୍ଜାବରେ ଚାକିରି କଲେ । ଉଭୟଙ୍କର ବନ୍ଧୁତା ରହିଲା—କିନ୍ତୁ ଶିଥିଳତା ଆସିଲା । ରବୀନ୍ଦ୍ରର ବାପା ଓ ମା ହଠାତ୍ କଲେରାରେ ମାରି ଗଲେ । ତାପରେ ରବୀନ୍ଦ୍ର କଟକରୁ ଏମ୍. ଏ. ପାସ୍ କରି ବିଲାତ ଗଲା, ଫେରି ପ୍ରଫେସର ହେଲା—ଇଆ ଭିତରେ ଗଜେନ୍ଦ୍ରବାବୁଙ୍କୁ କିଛି ଖବର ଜଣା ନାହିଁ ।

ହଠାତ୍ ପୁରୀରେ ପୁନଃପରିଚୟ । ପରିଚୟରୁ ଘନିଷ୍ଠତା—ଏବଂ ତାପରେ କମଳା ସାଙ୍ଗରେ ରବୀନ୍ଦ୍ରର ବିବାହ ଠିକ୍ ଠାକ୍ । ଗଜେନ୍ଦ୍ର ବାବୁ ଦେଖିଲେ, ସୁନ୍ଦର ଯୁବକ ରବୀନ୍ଦ୍ର—ଶିକ୍ଷିତ, ଭଦ୍ର, ବଡ଼ଲୋକ । ଏହାଠାରୁ ଆଉ ଭଲ କଣ ପାଇପାରେ । କମଳା ମଧ୍ୟ ରବୀନ୍ଦ୍ରର ସବୁ ଅତ୍ୟ ବାଞ୍ଛିତା—ସୁନ୍ଦରୀ, ଶିକ୍ଷିତା ବଡ଼ଲୋକର ଝିଅ—ଏମିତି ଯେ କମଳାକୁ ସ୍ତ୍ରୀ କରି ପାଇବା ରବୀନ୍ଦ୍ରର ପରମ ସୌଭାଗ୍ୟ । ତେଣୁ ବେଶ ଆନନ୍ଦରେ ରାଜି ହେଲା । ଆଗାମୀ ମାର୍ଗଶୀରରେ ବିବାହ ଠିକ୍ ।

ହଠାତ୍ ସେଦିନ ଖଣ୍ଡିକୋଟ ରାଜାଙ୍କ ସଙ୍ଗରେ ଗଜେନ୍ଦ୍ରବାବୁ ଖଣ୍ଡିକୋଟ ଚାଲିଗଲେ କେତେ ଦିନ ପାଇଁ— କମଳାକୁ ରବୀନ୍ଦ୍ରର ଜିମାରେ ଛାଡ଼ି ।

ଜଳଖିଆ ଟେବୁଲ । ଦୁଇଟା ପ୍ଲେଟରେ ନାନା ରକମର ଜଳଖିଆ । ଦିଟା ଗ୍ଲାସରେ ଝଲ୍ମଲ ସ୍ୱଚ୍ଛ ପିଇବା ପାଣି । କମଳା ଗୋଟେ ଚେୟାରରେ ବସି ରବୀନ୍ଦ୍ରର ପ୍ରତୀକ୍ଷା କରୁଥିଲା—

"ହଇଲା ?"

ରବୀନ୍ଦ୍ର ଘର ଭିତରୁ—ବାଳ ବାସ କରୁ'— 'ନା, ଟିକିଏ ଡେରି ।'

'ଜଲଦି ସାର, ଭାରି ଭୋକ କଲାଣି ମତେ ।'

ବାହାରି ଆସି ଚେୟାରରେ ବସି—"ଲୋକ ବୋଧ ପଡ଼ ନାହିଁ ତ ?"

"ହଁ ମୁଁ କଣ ଏମିତି ଠକଣା ହେଉଛି ?" (ରବୀନ୍ଦ୍ରକୁ ଗୂଢ଼ ଦୃଷ୍ଟିରେ ଅନାଇ)

ଟିକିଏ ହସି—"କଣ ଦେଖୁଛ ?"

"କିଛି ନା ।" (ଲଜ୍ଜାରେ ମୁହଁକୁ ତଳକୁ କରି)

କିଛିକ୍ଷଣ ଦୁହେଁଯାକ ଚୁପ ।

"ଥାଉ ଏଥର ପାଟି ଚାଲୁ ଶ୍ରୀମତୀଙ୍କର ।"

"ତମର ଆଗେ ।"

"ଉହୁଁ, ତମର ଆଗେ ।"

'ନା, ସେ କଥା ହେବନି ।'

"ଅଲବତ୍ ହବ, ଲେଡ଼ିଜ୍ ଫାଷ୍ଟ ।"

"କିନ୍ତୁ ଏ କ୍ଷେତ୍ରରେ ନୁହେଁ ।"

"ସବୁ କ୍ଷେତ୍ରରେ ।"

"ନା ସତ, ଖାଅନା, ତମର କଣ ଦୟା ମାୟା ନାହିଁ ?" (ମୁହଁ ଶୁଖେଇ)

"କାହାର ଦୟା ମାୟା ନାହିଁ କମଳା ?" (କ୍ଷଣେ ଗମ୍ଭୀର ହୋଇ)

( ଢୋକ ଗିଳି ଭୟରେ )—"ନା, ସତ ରାଗିଲ ?"

ରବୀନ୍ଦ୍ର ନିରୁତ୍ତର ।

'ଛି—ଏତିକି କଥାରେ ରାଗନ୍ତି—ସୁନାଟି ପରା !' ( ଉଠି ରବି ପାଖକୁ ଯାଇ ତାର କାନ୍ଧରେ ହାତ ରଖି )

'ଖାଅନା, ଅଚ୍ଛା ମୁଁ ଆଗେ ଖାଉଛି ।'

'କିନ୍ତୁ, ମୁଁ ଯେମିତି କହିବି ।' (ହସି)

'ତାହାରେ, ମୁଁ ତ ଖାଇବି ତମେ ଗୋଟାଏ କହିବ କଣ?'

'ମୁଁ ତମକୁ ଖୋଇ ଦେବି ।'

'ନା ଛି, ଟିକିଏ ଲାଜ ସରମ ବ ନାହିଁ ନା ?' (ଲଜ୍ଜାରେ ଲାଲ ହୋଇ)

'ତା ହେଲେ ମୁଁ ଖାଇବନି ।' ( ପୁଣି ଗମ୍ଭୀର ହେବା )

'ଅଚ୍ଛା ହେଲା—ଆଉ ରାଗନା ବାବୁ । ମୋର ମଧ୍ୟ ସେହି ସର୍ତ୍ତ, ରାଜିତ ?'

'ରାଜି ।' (ହସି)

ରବୀନ୍ଦ୍ର ଆଗେ ଗୋଟାଏ ସିଂଗଡ଼ା ଉଠାଇ କମଳାକୁ ଖୋଇ ଦେଲା । କମଳା ମଧ୍ୟ ଗୋଟାଏ ରସଗୋଲା ଉଠାଇ ଯେମିତି ରବି ପାଟି ଭିତରକୁ ଦେଇଛି—ରବୀନ୍ଦ୍ର ଦେଲା କମଳାର ଅଙ୍ଗୁଳିକୁ କାମୁଡ଼ି ।

କମଳା 'ଉଃ' କହି ହାତଟା ଛାଡ଼ି ଆଣି ଦେଖି—

'କି ଦୁଷ୍ଟ ।'

'କେମିତି ମଜା ।' (ହସି ଉଠେଇବା ପାଇଁ ଚେଷ୍ଟା କରିବା)

'ଓଃ କି ଷଡ଼ଯନ୍ତ୍ରକାରୀ, ବିଶ୍ୱାସ ଘାତକ ତମେ ? ରୁହ ମୁଁ ପ୍ରତିଶୋଧ ନେବି ।'

'ରକ୍ଷାକର କମଳା—ତମ ଗୋଡ଼ ତଳେ—'

'ଚୁପ୍' କମଳା ଉଠି ପଳାଇଲା ଦୌଡ଼ି ।

ରାତି ଦଶଟା । ଖାଇବାର ଘଣ୍ଟା ପଡ଼ିଲା । ରବି ଖଣ୍ଡେ ଚିଠି ଲେଖୁଥିଲା, ତା ରୁମ୍‌ରେ । —କମଳା ଖଣ୍ଡେ ଉପନ୍ୟାସ ପଢ଼ୁଥିଲା ତା 'ରୁମ'ରେ । ଘଣ୍ଟାଶୁଣି କମଳା ଉଠି ବସିଲା । ତାପରେ ରବି ରୁମକୁ ଯାଇ

'ଏଇ, ଶୁଣୁଛ ?"

'କାହାକୁ ?'

"ତମକୁ ।"

'ମୋତେ ?' (ଆଶ୍ଚର୍ଯ୍ୟରେ)

'ଆଜ୍ଞା ହିଁ ।'

"ନାହିଁକି ମୁଁ ତ କାଲ ନୁହେଁ ।'

ଜିଭ କାମୁଡ଼ି—"ଛି, ଛି- ମୁଁ ଯେ କଥା କହିଲି ? ଦେଖୁଛି କି—'

"କଉଁ କଥା ?'

"ଖାଇବା ଘଣ୍ଟି ପଡ଼ିଲାଣି—ଖାଇବ ତ ?'

"ଅଚ୍ଛା, ମୁଁ ଭୁଲିଲି ଅମାନୁଷୀ ପୁଣି ଅପ-

Digitized by srujanika@gmail.com

ଗାନ୍ଧୀଜୀ ଅମୀର ହୋଇ ଫେରିଲେ ।'

'ନା, ଅମାନୁଷ୍ଠା ନୁହେ—ଅସ୍ପୃଶ୍ୟ ପ୍ରବେଶ ଦିନ ।'

'କେଉଁଠିକା ଅମୀର ହୋଇ ?' (ହସି)

'ପୁରୀ ହୋଟେଲର ୮୨ ନମ୍ବର ରୁମର ରଜା ହୋଇ ।'

'ଭୁଲ କଲ କମଳା ।'

'କି ଭୁଲ ?'

'ନମ୍ବର—୮୨ ନମ୍ବର ନୁହେଁ—୮୩ ନମ୍ବର ରୁମର । ରାଣୀ ଶ୍ରୀମତୀ କମଳା ଦେବୀ ରାଜ୍ୟ ଚଳାଇବାକୁ ଅସମର୍ଥା — ତେଣୁ ରଜାଙ୍କୁ ଡକରା ପଡ଼ିଲା ।'

'ଯେତ୍ତ—ଭାରି ଦୁଷ୍ଟ ତମେ ।'

'ମୁଁ ନୁହେଁ ତମେ ?'

'ହଉ ମୁଁ—ଉଠିଲି ତମେ ।'

'ଆଉ ଟିକିଏ—ଚିଠିଟି ପଢ଼ି ସାରିଦିଏଁ ।'

'କେଉଁଠିକି ଚିଠି ଲେଖୁଛ ?'

'କେମ୍ବ୍ରିଜକୁ ।'

'ପ୍ରେୟସୀ ପାଖକୁ ?' (ହସି ମୁହଁରେ ଲଜ୍ଜା ନେଇ)

'ଉହୁଁ—କେମ୍ବ୍ରିଜରେ ମୋର ପ୍ରେୟସୀ ନାହିଁ ।'

'ତେବେ ?'

'ପୁରୀରେ ମୋର ପାଖରେ ଠିଆ ।'

'ଦୁଷ୍ଟ' କହି ରବୀନ୍ଦ୍ର କାନକୁ ଅଳ୍ପେ ଟିକିଏ ମୋଡ଼ି କମଳା ଦୌଡ଼ି ଗଲା—ଡାକି ଗଲା 'ଚାଲି ଆସ ।'

ଚିଠି ଲେଖା ସାରି ରବୀନ୍ଦ୍ର ଗଲା ବେଳକୁ କମଳା ଭଲ ଭଲ ତରକାରି ଓଳି ତା ଭିତରୁ କାଢି ରବୀନ୍ଦ୍ର ତାଟିଆରେ ଭରୁଛି ।

'ଇଏ କଣ କରୁଛ ?'

'ଇଛା ନା ।' (ହସି)

'ମୋତେ ମାରି ପକାଇବ ନା କଣ ?'

'କାହିଁକି ?'

'ଏତେ ଗୁଡ଼ା ମୋର କିଏ ଖାଇବ ?'

'ତମେ—ଠିକ୍ ପାରିବ ।'

'ବାବା ଆଁ ! ଏତେ ଟାଣ ?' (ହସି)

କମଳା ରବି ମୁହଁକୁ ଆଗ୍ରହରେ ଅନେଇ ହସି ତଳକୁ ମୁହଁ କଲା । ଖିଆ ବେଳେ ଶାନ୍ତ ପିଲାଟି ପରି ରବୀନ୍ଦ୍ର ଖାଇଗଲା । ଖାଇ ସାରି ରୁମକୁ ଗଲାବେଳେ ରବି କହିଗଲା— 'ଗୁଡ଼ ନାଇଟ୍ ମିସ୍ ଦାସ ।'

କିଛିକ୍ଷଣ ପରେ କମଳା ବାହାରୁ ଆସି ରବି ରୁମରେ ପଶି କହିଲା—'ଭାରି ଡର ମାଡ଼ୁଛି ମୋତେ ।'

ଜୋରରେ ହସି ଉଠି ରବୀନ୍ଦ୍ର କହିଲା— 'ଏତେ କେବେ ଭିତରେ ?'

'ନା ସତ ।' (ରବୀନ୍ଦ୍ର ଖଟରେ ବସି)

'ତେବେ ଉପାୟ ?' (ରବୀନ୍ଦ୍ରର ଛାତି ଧଡ଼ ଧଡ଼—ପୁଲକରେ)

'ଗୋଟିଏ କଥା କଲେ ହବ ।'

'କଣ ?'

'ମୁଁ ଶୋଇ ପଡ଼ିବା ଯାଏ ମଝିରେ ତମେ ମୋତେ ଡାକିବ—ମୁଁ ଉତ୍ତର ଦେବି ।'

'ନା—ତା ହେଲେ ଅନ୍ୟମାନଙ୍କର ଅସୁବିଧା ହବ । ସେ କଥା ହବନି— ତମେ ଶୁଅ ଯାଅ—ମୁଁ ପିଣ୍ଡାରେ ବୁଲୁଛି— ମୋର ଯୋତାର ଶବ୍ଦ ପାଇବ ।'

'ଅଚ୍ଛା ।'

କମଳା ଶୋଇବାକୁ ଗଲା । ରବି ବାହାରେ ପାଇଚାରି କରି ବୁଲିଲା । ଘଣ୍ଟାଏ ପରେ କମଳା ବାହାରି ଆସି—

'ତମେ ବୁଲୁଚ ?'

'ହଁ, କଣ କରିବି, ତମେ ଶୋଇନାହଁ ?'

'ନା, ତମେ ଯାଅ ଶୋଇବ ।'

'ତମକୁ ଡର ଲାଗିବ ନାହିଁ ?'

'ନା ।'

'ସତ ତ ?'

'ହଁ ।'

'ବେଶ, ତେବେ ମୁଁ ଯାଉଛି ।'

ରବୀନ୍ଦ୍ର ଆସି ରୁମରେ ଶୋଇଲା । କିନ୍ତୁ କାହିଁତ ତାର ନିଦ ହେଲାନାହିଁ । ରାତି ସମସ୍ତ ଏପଟ ସେପଟ କରି ଶେଷରେ ଅଳ୍ପ ରାତି ସମୟରେ ବାହାରେ ବୁଲି ଆସିବାକୁ ବାହାରି ଆସି ଦେଖିଲା—ସାରା ସମୁଦ୍ର କୂଳ ଜୋଛନାରେ ପ୍ଲାବିତ । ତାର ମଧ୍ୟରେ ବାରଣ୍ଡାରେ ରେଲିଂ ଧରି ଗୋଟିଏ ନାରୀ ମୂର୍ତ୍ତି ସମୁଦ୍ରମୁଖୀ ହୋଇ ଠିଆ । ରବୀନ୍ଦ୍ର ସ୍ତବ୍ଧ ହୋଇ କମଳାକୁ ଅନେଇଲା । ତାପରେ ଧୀରେ ଧୀରେ ପାଖକୁ ଯାଇ ଡାକିଲା—

'କମ ।'

"ଊଁ"

'ଶୋଇଲ ନି ଯେ ?'

'ନା ।'

'ନିଦ ମାଡୁ ନି ?'

'ଉହୁଁ ।'

ଆବେଗରେ ରବୀନ୍ଦ୍ର କମଳାର ହାତ ଦୁଇଟି ଧରିଲା । କମଳା ବାଧା ଦେଲାନି । ଆଜି ତାର ପ୍ରାଣରେ ଫଗୁଣର ହୋଲି ଲାଗିଛି । ରବୀନ୍ଦ୍ର ଧୀରେ ତାକୁ ଛାତି ଉପରକୁ ଅନ୍ତରଙ୍ଗ ଆଣି ଡାକିଲା— "କମଳା-ରାଣି-ଲକ୍ଷ୍ମୀ !" କମଳା ରବିର ଛାତି ଉପରେ ମୁହଁ ରଖି କହିଲା—'ପ୍ରିୟତମ !' ରବୀନ୍ଦ୍ର ଜୋରରେ ତାକୁ ଛାତିରେ ଭିଡ଼ି ନେଇ ଚୁମ ପରେ ଚୁମ ଖାଇ ତାର ମୁହଁକୁ ଅସ୍ଥିର କରି ଦେଲା ।

ଦୂରରେ ସମୁଦ୍ର ଗର୍ଜନ ଭିତରେ ଶୁଭିଲା— ଢଂ—ଢଂ—

---

## କୁଡ଼୍‌କୁଡ଼୍

ଶ୍ୟାମ—ଅଜକାଲି ଉଡ଼ାଯେଲି ଗୁଡ଼ା ଖୁବ୍ ନକଲି ।

ଗୋବିନ୍ଦ—ସେକଥା କାହିଁକି କହୁଛ । ସେ ଗୁଡ଼ାକ ଏତେ ନକଲି ହେଲାଣି ଯେ ଲଣ୍ଡନ୍ ଗୁଡ଼ାକ ଲଭି ଯାଉଛି ।

\+ +

ଦିନେ ଥମ ଅଜା ଟିକେଟ କାଟିବାକୁ ଷ୍ଟେସନ ଗଲେ । ସେ ଷ୍ଟେସନ ମାଷ୍ଟରଙ୍କୁ କହିଲେ, ଖଣ୍ଡେ ଟିକେଟ ଦେଲ ।

ଷ୍ଟେସନ ମାଷ୍ଟର—କେଉଁଠାକୁ ଯିବ ?

ଅଜା—ତୁମ୍ଭର କଣ ଅଛି ମୁଁ ଯେଉଁଠାକୁ ଗଲି ?

ଷ୍ଟେସନମାଷ୍ଟରେ—କେଉଁଠାକୁ ଯିବ ନ କହିଲେ ଦେବି କିପରି ?

ଅଜା—( ଖୁବ୍ ବିରକ୍ତ ହୋଇ ) ମୁଁ ମୋ ସ୍ତ୍ରୀ ପାଖକୁ ଯିବି ଚଳାଳ ଟିକେଟ ଦିଅ ।

ଶ୍ରୀଧର

Digitized by srujanika@gmail.com



## ଟେନାଗୁରୁ ଘୁଙ୍ଗୁରଦାନାଙ୍କଠାରୁ

ଯାଜପୁରେ ଶ୍ରୀ——

ଭାରତର ଜଙ୍ଗଲାଟ ସ ହେବେ
ମହାମହା ମାନ୍ୟ ମାନ୍ୟ ବରେବରେଷୁ ।
ଆପଣଙ୍କର ଚମତ୍କାର Excellancy
କୁ ଶତକୋଟି......।

ଅପଣଙ୍କ ଦୁଃଖରେ ଚହଟ ଟେନାଗୁରୁ ଖବର ବଡ଼ ଦୁଃଖିତ । ଆପଣ ଯେପରି ଦେଶୀ ମଣଷ ଗୁଡ଼ାକୁ ଘୃଣା କରନ୍ତି ମୁଁ ମଧ ସେହିପରି ଘୃଣା କରେଁ । ସେଗୁଡ଼ା ନାଚ ନାଚ ବାଇସ୍କୋପ୍, ସିନେମା, ଥିଏଟର ଫୁଟବଲ ଖେଳ ଚଳୁଛି ସ୍ଥାନରେ ମୋତେ ଦେଖି ଡଲପୁ । କରନ୍ତି ତା କେବଳ ମୁଁ ଜାଣେ । ଅପଣଙ୍କୁ ସେନା ବଡ଼ଲାଟ ସଭାରେ କଳା ସଭ୍ୟଗୁଡ଼ାକ ସେଦିନ ଭଲ ମନ ଦପଦ ଶୁଣାଇ ଦେଲେ ବୋଲି ଅପଣ ଦୁଃଖିତ ହେଲେ, ମୁଁ କିନ୍ତୁ ତାକୁ ସ୍ପୋର୍ଟସମେନ୍‌ସିପ୍ ହିସାବ୍‌ରେ ନେଇଥାନ୍ତି । ସଭ୍ୟଗୁଡ଼ା ଅପଣଙ୍କୁ ଅସଭ୍ୟ ପରି ତୁଚ୍ଛା ଦୋଷ ଦେଇ ଗୋଟାଏ ମୁଲତବୀ ପ୍ରସ୍ତାବ ପାସ୍ କରାଇ ନେଲେ । ଅଚ୍ଛା ଅପଣ ତାହିଁକି ବଳ ସେ ସରାଇପିପଲ-ଥାଳ ଶିଙ୍କୁ ଯାଇ ଆପଣଙ୍କ ଗୋରା ସୈନ୍ୟଙ୍କର ସ୍ମୃତି ସ୍ତମ୍ଭ ତୋଳି ଅସିଲେ ! ଏ କଳା-ଗୁଡ଼ା ଭାରି ଦୁଷ୍ଟ । ମୋତେ ସେ ଯେତେ ଯାହା କହନ୍ତି କରନ୍ତି ମୁଁ କିଛି କହେ ନାହିଁ । ମୋ ମା ବୁଢ଼ୀଗଛ ମୋତେ ମନା କରିଛି । ମୋ ମା କହେ ଯେ ତାର ଗୋଟେ ଓଳଗଛ ସାଙ୍ଗ ଥିଲା । ଗୋଟେ ମାଙ୍କଡ଼ର ପିଠି ଛୁଇଁଗଲା ଯେ ସେ ଅସି ତାର ମୂଳରେ ତାକୁ ଖସିଦେଇ ଯର୍ଜ୍ଜ ନାରାଣ ହେଇଛି କହନ୍ତୁ ନାହିଁ । ଏ କଳା ଅଦ୍‌ମି ଗୁଡା ଓଲ ଗଛ । ତାଙ୍କ ସଙ୍ଗରେ ଲାଗିବେ ନାହିଁଟି ! ସେମାନେ ତ ହକ ଇଂରାଜ ପଲ୍‌ଟନ ସାଙ୍ଗରେ ଦେଶକୁ ଅଜାଦ୍ କରିବା ପାଇଁ ଲଢ଼େଇ କଲେ—ତାଙ୍କୁ ତମେ ବିଦ୍ରୋହୀ ବୋଲି ନ କହୁ-ଥିଲେ ତମର କଣ ଖସି ଯାଇଥାନ୍ତା ? ସମ ସମ । ଅବ ଐସା ମତ୍ କରନା । ତେଣେ ପୁଣି ସରକାରଙ୍କ ଗାଣ୍ଡିରେ ଗୋଟେ ମଙ୍କଡ଼ପା ପୋଡ଼ା ହେଇ ସାରି-ଲାଣି । ସମାଳ ବାବା— ଅପଣଙ୍କର

ଓଲଗାଳିଆ ଟେନାଗୁରୁ

ରାଜାସାହେବ ଅଠମଲ୍ଲିକ,

ଅପଣଙ୍କର ଉଚ୍ଚ Highnessକୁ ଶତକୋଟି......

ଆପଣମାନେ ସ୍ୱାମୀଙ୍କ ଭୂରି ଭୂରି ପ୍ରଶଂସା କରିବ ରଖି ମାଗୁନାହାନ୍ତି । ବର୍ତ୍ତମାନ ମର୍ତ୍ତ୍ୟ ସ୍ୱର୍ଗ ଗୁରିଅଡେ ସ୍ୱାମୀଙ୍କର ଗୁଣ କୀର୍ତ୍ତନ ହେଉଛି । ଡେଙ୍କାନାଳ ତାଳଚେରରେ ଅତ୍ୟାଗୁର ହେଉଥିବା ବେଳେ ସ୍ୱାମୀଙ୍କ ରାଜ୍ୟର ଭିତରେ ତାହାରେ ଗୁରିଆଡ଼େ ଶାନ୍ତି ! ସ୍ୱାମୀ ପ୍ରଜାପ୍ରତିମାନଙ୍କୁ କି କନ-ସେସନ ଦେଲେ କିକାଣି ସମସ୍ତଙ୍କ ମୁହଁ ବନ୍ଦ । ତେଣେ ପ୍ରଜାମାତାବତ୍ସଳ ହଂସ-ପୁରରେ ମଧ ଶାନ୍ତି । ଧନ୍ୟ କହୁବା ସ୍ୱାମୀଙ୍କୁ । ଏହି କନସେସନ ଯୋଗୁଁ ସ୍ୱାମୀଙ୍କର ସ୍ୱର୍ଗତ ଅର୍ଦ୍ଧାଙ୍ଗିନୀମାନେ ସ୍ୱର୍ଗରୁ ଅଶୀର୍ବାଦ ଢାଳୁଥିବେ । ସ୍ୱାମୀଙ୍କର କନ-ସେସନରୁ ହଂସପୁର ଅଡ଼କୁ କେତେ ଭାଗ ପାଇଛି ତାହା ଜାଣିବା ପାଇଁ ଟେନାଗୁରୁ ଘୁଙ୍ଗୁର ଦାନାର ପାଟି ଠାକୁ ଠାକୁ କରୁଛି ।

ସ୍ୱାମୀଙ୍କର
ଠକଠକିଆ ଘୁଙ୍ଗୁରଦାନା

## ଅଯୋଧ୍ୟା

ଶ୍ରୀ କୁବେର ଦଲାଇ

ସେତେବେଳେ ଥିଲା    ଗୋଟିଏ ଅଯୋଧ୍ୟା    ରାମ ଥିଲେ ତହିଁ ଜଣେ,
ଅଯୋଧ୍ୟା ଗୁଡ଼ାକ    ବଢ଼ିଗଲା ଏବେ    ରାମ ଉଠିଲେଣି ଘଣେ ।
ରାମ ଭାଙ୍ଗିଥିଲେ    ଗୋଟିଏ ମାତର    ପୋକଖିଆ ଶିବଧନୁ,
ଗୋଲାମାନେ ଏତ    ଭାଙ୍ଗି ସାରିଲେଣି    କୋଡିଏ ଯୁବାଙ୍କ ଜାନୁ ।
ଯୋଦ୍ଧା ହୋଇ ସିନା    ରାମ ଧରିଥିଲେ    ଗୋଟିଏ ସୀତାଙ୍କ ହାତ,
ପନ୍ଦର କୋଡ଼ିଏ    ସୀତାଙ୍କୁ ପୋଷଇ    ଯୁବାଙ୍କ ଉଆସର ଭାତ ।
ରାମ କରିଥିଲେ    ବନବାସ ସିନା    ଖାଇ ଖାଇ ଫଳ ମୂଳ,
'ସିମିଲା' 'ମଶୁରୀ'    ହେଲାଣି ଯୁବାଙ୍କର    ବନ ବିହାରର ଥଳ ।
ଖଣ୍ଡିଆ ପତର    କୁଡଆ ଖଣ୍ଡରେ    ରାମ କାଟୁଥିଲେ କାଳ,
କୁଡ଼ଅ ଯୁବାଙ୍କର    ପାଞ୍ଚ ମହଲିଆ    ବଇଗଣ ହୋଟେଲ ମାଲ ।
ରାମ ବାନ୍ଧିଥିଲେ    ଅଲ୍‌ବାଲ୍ ଜଟା    ମୁଣ୍ଡକୁ ଗୋଟାଏ ବୋଝ,
'ରେଶମୀ ପଗଡ଼'    'ସାହେବ ଟୋପର'    ମୁଣ୍ଡରେ ଯୁବାଙ୍କର ସଜ ।
ରାମ ଯାଇଥିଲେ    ଲଙ୍କା ରାଇଜକୁ    ରାବଣ ମାରିବା ପାଇଁ,
ପଲ୍ଲୀରେ ଯୁବାଙ୍କର    ରାବଣ, ସେଠିକି    ଗଡ଼ରୁ ଯାଆନ୍ତି ଧାଇଁ ।
ରାମଙ୍କର ଥିଲେ    କପି ସେନା, ସବୁ    ବଣ ଜଙ୍ଗଲରୁ ଧରା,
ଅଛନ୍ତି ଯୁବାଙ୍କର    ପଠ ପୋଷ ହୋଇ    କଳା ପାଠ କେତେ ପରା ।
ରାମ କରିଥିଲେ    ଘୋଡ଼ା ହାଣି ସିନା    ସେ କାଳେ ଗୋଟାଏ ଯାଗ,
ଶହେ କି ପାଟିଏ    ନର ହଣା ଯାଗ    ଛୁଇଁବାକୁ ଏ ବାଘ ।

× × × ×

ଅଲ୍‌ଅରେ ରହି    ରାମ ରାଜତ୍ୱରେ    ଲୋକେ ପାଉଥିଲେ ଦୁଃଖ,
କେତେ କେତେ ବଡ଼    ଝୁର ହେଉଥିଲେ    ନଦେଖି ଅନ୍ଧାର-ମୁଖ ।
ମହା ଘୋର ଏବେ    ଅଛି ଅନ୍ଧାର    ଆଲୁଅ ଗରବ ଦଳି,
କାଉଳ ବାଉଳ    ହୋଇ ଲୋକଗୁଡ଼ା    ସୁଖରେ ଗଲେଣି ଜଳି ।

Digitized by srujanika@gmail.com




## ଶିଶୁ ମହଲ—ପ୍ରଥମ ଖଣ୍ଡ ।

ଏହି ମାସିକ ପତ୍ରଟି କଟକରୁ ନୂଆ କରି ବାହାରିଛି. ପିଲାଙ୍କ ପାଇଁ । ସମ୍ପାଦକ ସୁପରିଚିତ ସାହିତ୍ୟିକ, ଶ୍ରୀ ରାମପ୍ରସାଦ ସିଂହ । ଗୁରୁଦାସ ବର୍ଷକୁ ତୁଇଟଙ୍କା ।

ଶିଶୁମହଲର ଆଦର୍ଶ ଯେପରି ଉଚ୍ଚ, କାମରେ ମଧ୍ୟ ଦେଖା ଯାଉଛି ସେହିପରି ଉନ୍ନତ । ମଲାଟ ଉପରେ ରଙ୍ଗିନ ଚିତ୍ର । ଭିତରେ ଭିତରେ ଛବି, ପିଲାଙ୍କର ମନ ଲାଖିବା ଭଳି ବିଷୟ ଗଦ୍ୟ, ପଦ୍ୟ ସବୁ ଅଛି । ଏହି ସୁନ୍ଦର ଓ ମଙ୍ଗଳକର ଉଦ୍ୟମ ପାଇଁ ଉଦ୍‌ଯୋକ୍ତାମାନଙ୍କୁ ଅଭିନନ୍ଦନ କରୁଛୁଁ ।

"ଏସ୍‌ପି-ରାଇଜ" ବିଭାଗରେ ଉପଦେଶାତ୍ମକ ଓ ଆମୋଦ କାରୁକ ଗଳ୍ପ ଗୁଡିଏ ରହିଛି । "ସନ୍ଧ୍ୟା ଅଡ୍ ସକାଳ" ନାମକ ଆଖ୍ୟାୟିକାଟିର ମର୍ମ ପିଲାଙ୍କ ମୁଣ୍ଡକୁ ବଳି ଗଲା ପରି ଲାଗିଲା ।

"ଫେଁକାଳ" ବିଭାଗର ପଦ୍ୟ ଗୁଡ଼ିକ ସୁଖପାଠ୍ୟ ।

"ମଣିମାଣିକ୍ୟ"ରେ ସମ୍ପାଦକ ବାଛି ୨ ଚକଚକିଆ ମଣିମାଣିକ ଗୁଡ଼ିଏ ପିଲାଙ୍କୁ ଉପହାର ଦେଇଛନ୍ତି ।

ସମ୍ପାଦକଙ୍କ "କଥାଭରସା" ରୁ ଜଣାଗଲା, ପିଲାଙ୍କ ମନରୁ ସବୁ ପ୍ରକାର ଭୟ ଛଡ଼ାଇ ତାଙ୍କୁ ମଣିଷ କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ । ଭୂତ ପ୍ରେତ ଭୟ, ବାଘ ଭୟ, ଚୋର ଭୟ, ରାଜ ଭୟ ଇତ୍ୟାଦି ତୁଚ୍ଛିଆ ଭୟ ଆମ ପିଲାଙ୍କୁ ଯେପରି ଦାଲି ପେଷି ଅମଣିଷ କରି ଦେଉଛି, ସେଥିରେ ଏହା ଛଡ଼ାଇବାର ଚେଷ୍ଟା ଖୁବ୍ ମହତ୍ । କିନ୍ତୁ ତା ସାଙ୍ଗରେ ଧର୍ମ ଭୟ, ଭଗବାନଙ୍କୁ ଭୟ ସୁଦ୍ଧା ଉଡ଼ାଇ ଦିଆଯାଏ । ସେହିଟା ପିଲାର ଜୀବନରେ କି ଫଳ ଫଳାଇବ ? ଅନ୍ୟାୟ, ଅନୀତି, ବ୍ୟଭିଚାର, ବିଶୃଙ୍ଖଳା ପ୍ରଭୃତିକି ଭୟ କରିବାର ଅର୍ଥ ଧର୍ମ ବା ଭଗବାନଙ୍କୁ ଭୟ ବୋଲି ଆମେ କ୍ଷୁଦ୍ର ବୁଦ୍ଧିରେ ବୁଝିଥାଉଁ ପରା !

## ଶିଶୁ ମହଲ—ଦ୍ୱିତୀୟ ଖଣ୍ଡ ।

ଦ୍ୱିତୀୟ ଖଣ୍ଡ ମଧ୍ୟ ପ୍ରଥମ ପରି ସୁନ୍ଦର ଓ ସରସ ହୋଇଛି । ବରଂ ପ୍ରଥମ ଠାରୁ ଭଲ ହୋଇଛି ବୋଲି କହି ହେବ ।

ଶିଳ୍ପୀ ଗୋପାଳ କାନଗୋଇଙ୍କର "ସତ-କଥା"ଟିରେ ଯଥେଷ୍ଟ କଳା କୌଶଳ ଥିଲେ ମଧ୍ୟ ମହଲ ବାସୀଏ ସେ କଳାରୁ ବୁଢାଏ ହେଲେ ଛୁଇଁ ପାରିବେ ବୋଲି ଆମର ମନେ ହେଉ ନାହିଁ । ଏଭଳି ଲେଖା ବଡ଼ ବଡ଼ ମହଲରେ ଉପଯୋଗୀ ।

ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କର "ଆଗୁଆ ଆମେ ଆଗୁଆ" ପଦ୍ୟ ଓଡ଼ିଆ ପିଲାଙ୍କୁ ଅନେକ ଆଗେଇ ନେଇ ଗୁଲିଯିବ ବୋଲି ଆମର ଆଶା । କିନ୍ତୁ ଯେତେବେଳେ ଯାଇ

"ମୁରବୀ ଯେତେ, ସେ ବୁଢ଼ା ହାଡ଼ା
ଧମକ ଦେଲେ ଆମକୁ କଡ଼ା
ମାନିବା ନାହିଁ ତାଙ୍କ କଥା + +"

ରେ ପହଞ୍ଚିବେ, ସେଠି old fool ମୁରବୀ ବାପୁଡ଼ା କଣ ବିଗୁଡ଼ିବେ କେଜାଣି ! ଓଲଟି ଡରିବେ ତ ପିଲାଙ୍କୁ ?

ଶିଶୁ ମହଲରେ ଯଦି ଏହିସ୍ୱୀ ଆଦର୍ଶ ରହେ ଓ ଏଇଭଳିଆ ଶିକ୍ଷା ଦିଲେ, ତେବେ ବିଚରା ମୁରବୀ ବାପୁଡ଼ାଙ୍କ ···

## ନିବେଦନ

ଲେଖକ— ଶ୍ରୀ କେଶବ ଚନ୍ଦ୍ର ମିଶ୍ର । ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡି ଆମ୍ଭେମାନେ ଉପହାର ପାଇଅଛୁଁ । ଲେଖକ ଜଣେ ପ୍ରବୀଣ ସାହିତ୍ୟିକ ଓ ଢେଙ୍କାନାଳ ବାସୀ । ଅପଣା ରାଜ୍ୟରେ କିଛିଆ ଗୋଳ ଲାଗି ଥିବାରୁ ବ୍ୟସ୍ତ ହୋଇ ସେ ଢେଙ୍କାନାଳବାସୀ ଭାଇମାନଙ୍କୁ ଗୀତରେ ବୁଝାଇଛନ୍ତି ଯେ ତୁମେ ବସ୍ତିଆ, ବାହାଣିଆ, ଚେକାଟାକରାଙ୍କ କଥାରେ ନ ଭୁଲି ରଜା-ପ୍ରଜା ବାପ ପୁଅ ପରି ମେଳ ହୋଇ ରହ । ମାତ୍ର ଏ ନିବେଦନ ଶୁଣୁଛି କିଏ ? ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

## "ପାରିଜାତ"

ଏହି ପତ୍ରିକା ଖଣ୍ଡିକ ଆମ୍ଭେମାନେ ଆଲୋଚନା ସକାଶେ ପାଇଛୁଁ । ଏ ଖଣ୍ଡି ବଲାଙ୍ଗିର ଉଚ୍ଚ ଇଂରାଜୀ ବିଦ୍ୟାଳୟର ମୁଖ ପତ୍ର । ଏଥିରେ କେତେଗୁଡ଼ିଏ ପଦ୍ୟ, ପ୍ରବନ୍ଧ ଓ ଗଳ୍ପ ରହିଛି । ପଦ୍ୟ ମଧ୍ୟରେ ଶ୍ରୀମାନ୍ ବିଧୁଭୂଷଣ ଗୁରୁ ଶର୍ମାଙ୍କ 'ମାନଭଞ୍ଜନ' ମୁଖ୍ୟ ସ୍ଥାନ ପାଇବାର ଯୋଗ୍ୟ ।

ଶ୍ରୀଯୁତ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ 'ଚନ୍ଦ୍ରଭାଗାରେ ସନ୍ଧ୍ୟା' ସୁଲଳିତ ବର୍ଣ୍ଣନାତ୍ମକ କବିତା, କେବଳ ଉପସଂହାରଟା ଛିଡ଼ ପଡ଼ିଲା ପରି ହୋଇ ତାର ପୂର୍ଣ୍ଣାଙ୍ଗତା ନଷ୍ଟ କରି ଦେଇଛି ।

ଅନ୍ୟାନ୍ୟ କବିତା ପିଲାଙ୍କ ପକ୍ଷେ ମନ୍ଦ ନୁହେଁ । ସାମନ୍ତ ଗିରିଧାରୀ ବକ୍‌ସିଙ୍କର ଗଳ୍ପ "ଭଲ ନାଚ ବେଳେ ମାଦଳ ଫାଟେ" ପଢ଼ି ବଡ଼ ସୁଖ ଲାଗିଲା । ଭାଷା ଖୁବ୍ ଗାଢ଼ିଲା । ତେବେ ସ୍ଥାନେ ୨ ପିଲାଳିଆ ଅତି ମାତ୍ରାକୁ ଚଳି ଯାଇଛି । ଏହାଙ୍କର ଲେଖିବାର ଶକ୍ତି ଯଥେଷ୍ଟ ଅଛି ବୋଲି ଜଣା ପଡ଼େ । 'ମଲ୍ ଲୋ ବୋପା' କାହାଣୀର ଲିଖନ ଭଙ୍ଗୀ ମନ୍ଦ ନୁହେଁ ।

ଶ୍ରୀମାନ୍ ସ୍ୱପ୍ନାନନ୍ଦ ପାଣିଗ୍ରାହିଙ୍କର ଗଳ୍ପ "ଗରିବର ବିଦ୍ରୋହ" ରେ ପ୍ରାଣ ଓ କଳା ଉଭୟ ଅଛି ।

ଶ୍ରୀମାନ୍ ଅଦ୍ୱୈତ ଚରଣ ପଟ୍ଟନାୟକଙ୍କ 'ଗାଆନ୍ତାଣୀଙ୍କ ଦାଉ' ସବୁଠାରୁ ସରସ ଗଳ୍ପ । ଲେଖାର ଚତୁର ପ୍ରତି ଧାଡ଼ିରେ ବିଦ୍ୟମାନ । ବିଶେଷତଃ ଉପସଂହାରଟି ଖୁବ୍ ସ୍ୱାଭାବିକ ଓ ହୃଦୟସ୍ପର୍ଶୀ ।

ସନାତନ ହିନ୍ଦୁଧର୍ମ ପ୍ରବନ୍ଧଟି ଚିନ୍ତାଶୀଳ । ଭାଷା ମଧ୍ୟ ସ୍ୱଚ୍ଛନ୍ଦ । ଏତେ ବଡ଼ ବିଷୟକୁ ଏତେ ଅଳ୍ପରେ ଲେଖି ହୁଏ କଣ ? ମୋଟ ଉପରେ ପତ୍ରିକାଟି ଯତ୍ନ ସହକାରେ ସମ୍ପାଦିତ ହୋଇଥିବାର ଯଥେଷ୍ଟ ପରିଚୟ ଦିଏ ।

Digitized by srujanika@gmail.com




ସ୍ନେହର ନାଡି ନାତୁଣିଏ,

କେତେ ଦିନ ତଳେ ଜଣେ ପ୍ରସିଦ୍ଧ ଲୋକ ଏ ସଂସାରରୁ ଚାଲିଗଲେ । ସେ ଜଣେ ଲୋକ ବାଳ ଜାଣିବାବାଲା କେଲା ନଥିଲେ କିନ୍ତୁ କାଣ୍ଡିମ୍ନାକ୍ତ ବୁଲାଇ ଦେଇ କଉଡ଼ିକୁ ସୁନା କଲାଭଳି ଗୋଟାଏ ପଡଆ ଦେଶକୁ ଦିନ କେତୁଟାରେ ଉଠିଆ କରି ଦେଇଥିଲେ । କେବଳ ଇସଲମ୍ ନୁହେଁ, ସମଗ୍ର ପୃଥିବୀରେ ସେ ଜଣେ ଶ୍ରେଷ୍ଠ ବୀର ଓ ବିପ୍ଳବୀ ।

ତାଙ୍କୁ ତମେ ଚହ୍ନିଚ ? ସେ ହେଉଛନ୍ତି— ନବତୁର୍କିର ଜନ୍ମଦାତା, ଓ ଭାଗ୍ୟ ବିଧାତା କାମାଲପାଶା । ସେ ନିଜକୁ କାମାଲ ଅତା ତୁର୍କି ବୋଲି କହିବାକୁ ସୁଖ ପାଉଥିଲେ । ସେ ସାଧାରଣ ମୁସଲମାନଙ୍କ ଭଳି ସନାତନୀ ନ ଥିଲେ । ଯାହା ଭଲ ବିବେଚନା କରୁଥିଲେ ତାହା ସେ ହିଁ ହିଁ ବଳ ନେଇ କରିଯାଉଥିଲେ । ଆରବୀ ଲିପି ବଡ଼ କଠିନ ଥିବାରୁ ସେ ତାଙ୍କ ଭାଷା ପାଇଁ ରୋମୀୟ ଲିପି ( ଯେଉଁଥିରେ ଇଂରାଜୀ ଲେଖାଯାଏ ) ଚଳାଇଥିଲେ । ସେ ସ୍ତ୍ରୀ ପୁରୁଷ ଉଭୟ ଜାତିକୁ ସମାନ ଅଧିକାର ଦେବାପାଇଁ ଯତ୍ନ କରିଥିଲେ ଏବଂ ସ୍ତ୍ରୀମାନଙ୍କର ପର୍ଦ୍ଦା ପ୍ରଥାକୁ ଉଠାଇ ଦେଇ ଥିଲେ । ଦେଶର ପୋଷାକ ପରିଚ୍ଛଦତା, ଦେଶର ଆଚାର ବ୍ୟବହାର, ସମାଜ ରାଜନୀତି ଏ ସବୁ ଓଲଟ ପାଲଟ କରି ସେ ପାଶ୍ଚାତ୍ୟ ସଭ୍ୟତା ଉପରେ ତାଙ୍କ ଦେଶକୁ ନୂଆ କରି ଗଢ଼ି ଆଉ କରି ଦେଇ ଯାଇ ଥିଲେ ।

ଫିଲିଏ, ବଡ଼ ନ ହେବା ଯାଏ ବଡ଼କୁ ପୂଜା କରିବା ଭଲ । ଅତାତୁର୍କ ସେଥିପାଇଁ ଆଜି ଆମ ସମସ୍ତଙ୍କର ପୂଜ୍ୟ ।

ତମ ଭିତରୁ ଏ ଦେଶର ଅତାତୁର୍କ ବାହାରନ୍ତୁ ଏତିକି ମୋର ଭଗବାନଙ୍କ ଠାରେ ପ୍ରାର୍ଥନା ।

ତମର ଅଜା

## ନାଗଙ୍କ କଲମରୁ

### ବୈଶାଖ ମଧ୍ୟାହ୍ନେ

ମୁଁ ବସିଥିଲି ଆମ ଦାଣ୍ଡ ପିଣ୍ଡାରେ ନୀଳାକାଶକୁ ଚାହିଁ । ଏମନ୍ତ ସମୟରେ ଅଦୂରରେ ଏକ ବିଶାଳ ମୂର୍ତ୍ତି ଦେଖିଲି, ସେ କୁହିଛନ୍ତି ପ୍ରାଏ ମୋର ଅଙ୍କୁ, ସେ କଥା ମୁଁ କିପରି ବଖାଣିବି, କିଣ ମୁଁ ଲେଖିବି ! ଉକ୍ତ ବିଶାଳ ମୂର୍ତ୍ତିଟି ମୋ ନିକଟରୁ ନିକଟତର ହେଲା । ସେ ଗୋଟିଏ ବୃଦ୍ଧ । ଦେହ ଧିକ୍କି ଧିକ୍କି ହୋଇ ଓହଳି ପଡ଼ୁଛି । ଟିକେ ଟାଣିନେଲେ ଗୁଖଣ୍ଡେ ଲମ୍ବିଯିବ । ଦେହରେ ଅଛି ଛ ଖଣ୍ଡି ହାଡ଼; ସେ ବୃଦ୍ଧ ସତ କିନ୍ତୁ ତାଙ୍କଠାରେ ଅଛି ହିଁ ହିଁ ବଳ । ତାଙ୍କର ଠାଣିରୁ ଜଣାପଡ଼ୁଛି ସେ ପ୍ରକୃତ ବୃଦ୍ଧ ପଦ ବାଚ୍ୟ ନୁହନ୍ତି, ଜଣେ ଗଜା ଠୋକା । ମୁଖରୁ ଅନର୍ଗଳ ପଦ୍ମ ଡୋଳା ତାକ ଫୁଟୁଛି । ପାଚିଲା ଦାଢ଼ୀ ଗୁଡ଼ିକ କଳଠାରୁ ବହିଆସି ଓଠ ନିକଟରେ ଜଳପ୍ରପାତପରି ନିମ୍ନକୁ ଧାବମାନ୍ । ମୁଁ ଭାବିଲି, ଡଅସିଲି ଖଣ୍ଡିକରେ ଜଫାରଫା ହୋଇ ଯାଆନ୍ତା । ମସ୍ତକ ଉପର ଭାଗରେ ଯେଉଁ କେଶ ଗୁଚ୍ଛ ଦେଖିଲି ତାହା କଳାକଇ ଝୋଟ ପରି, ତା ଉପରେ ଖଣ୍ଡେ ନାଲି ପଗିଡ଼, ପଗିଡ଼ର ପଛ ପଟରେ ଖଣ୍ଡେ କନା । ପଗିଡ଼ ବାହାରି ପିଠି ଉପରେ ପଡ଼ୁଛି । ପଗିଡ଼ ଉପରେ ମୟୂର ପୁଚ୍ଛ ତିନୋଟି ରହି ଶୋଭା ବର୍ଦ୍ଧନ କରୁଛି । ପଗିଡ଼ ତଳକୁ ଝୁଲିକି ଚିତା । ପାଟି ଖଣ୍ଡିକତ ପାକୁଆ । ଅଜ୍ଞ ପାନ ଗରଦା ସବୁ ପଦାକୁ ବାହାରି ପଡ଼ୁଛି । ଗ୍ରୀବା ଦେଶରୁ ନାଭି ପର୍ଯ୍ୟନ୍ତ ତୁଳସୀମାଳା ପଡ଼ିଅଛି । ଫୁଲହାର ସେମାନଙ୍କୁ ଢାଙ୍କି ପକାଉଛି । ନାଭି ଦେଶର ପାଦ ଦେଶରେ ଏକ ଶୁକ୍ଳ କୌପୀନ, ତଦ୍ଭିନ୍ନ ଜଙ୍ଘ କିମ୍ବା ଅଣ୍ଟୁ ଲୁଗା ନାହିଁ । ଗୋଡ଼ରେ ହଳେ ପାଢ଼ ସିଅଁ ଚପଲ । କାନ୍ଧରେ ଏକ ରଙ୍ଗିଣୀ ଝୁଲି । ସେଥିରୁ ପୁଣି ଫୁଲେ ଫୁଲେ ନାହିଁ । କେଉଁଠାରେ ବା ମୂଳେ ଫୁଲେ ଶର ଯାଇଁ ଓହଳି ପଡ଼ୁଛି । ବାମ ହସ୍ତରେ ଏକ ପେଡ଼ି । ତା ଭିତରେ କଣ ଗୁଡ଼ାଏ ଫଁ ଫଁ ହେଉଛନ୍ତି । ପଛରେ ଅଛନ୍ତି ପତିବ୍ରତା, ପାର୍ବତୀ ରୂପିଣୀ, ଧବଳ ବର୍ଣ୍ଣରେ ରଞ୍ଜିତା, ତାଙ୍କର ପ୍ରିୟତମା ସହଚରୀ । ଆଗରେ ଅଛନ୍ତି ଶୁକ୍ଳ କୌପୀନ ଧାରୀ, ଶୁକ୍ଳକେଶ, ଶୁକ୍ଳ ଚନ୍ଦନାନୁଲିପ୍ତ, କୃଷ୍ଣ ବର୍ଣ୍ଣରେ ରଞ୍ଜିତ କଳେବର ମହାତେଜା ଶିବ । ତାଙ୍କୁ ଦେଖି ମୋତେ ଭାରି ହସ ମାଡ଼ିଲା । ଜଣେ ଏତେ କଳାକୁ ଆଉ ଜଣେ ଏତେ ଧଳା । ହେଉ କଳା ଧଳାତ ସଂସାରରେ ଲାଗିଛି । କିନ୍ତୁ ସେ ଶିବଙ୍କଠାରୁ ଯେଉଁ ପଦ୍ମ ଢୋଳା ଅନର୍ଗଳ ଫୁଟୁଥିଲା ତହିଁରେ ମୋମନ ଲାଗି ରହିଲା । ମୁଁ ବୋକା ପରି ଚାହିଁଛି । ସେ କେତେବେଳେ ମୋତେ ତାଙ୍କ ପେଡ଼ିରେ ପୂରାଇଦେଲେ । ମୁଁ ତା ଭିତରେ ଫଁ ଫଁ ହେଉଛି । ଆଉକି ସେମାନେ ମୋତେ ଛାଡ଼ୁଛନ୍ତି । ନେଇ ଚାଲି । ବାଟରେ ଯାଉଁ ଯାଉଁ ପୁରୁଷ ସ୍ତ୍ରୀ କେତେ କଥାବାର୍ତ୍ତା କେତେ ଗୀତ ବୋଲାବୋଲି ହୋଇ ଯାଉଥାନ୍ତି । ସେ ଗୀତରୁ ମୋର କିଛି ମନେ ନାହିଁ । ତେବେ ପୁରୁଷଟି ସ୍ତ୍ରୀକୁ ଦେଖାଇ ଗୋଟିଏ ମଜା ଗୀତ ଗାଇଥିଲା । ସେଟା ବି ମୋ ମନେ ରହିଲା ନାହିଁ ।

ତାପରେ ମୁଁ ବହୁତ ଭାବି ଠିକ୍ କଲି ଯେ ଏହି ଶିବ ବେଶଧାରୀ ଲୋକଟି ହେଉଛି ଆମ ଡଗର ଅଜା । ପାର୍ବତୀରୂପିଣୀ ସ୍ତ୍ରୀଟି ହେଉଛି ତାଗରି ଆଈ ।

—ଶ୍ରୀଧର ଦାସ

## ଅଜାଙ୍କ ଗାରଡ଼ି

ଅନନ୍ତ (୧୧୫) ତମର ଏକା ଢେଲାରେ ଯୋଡ଼ାଏ ଆମ୍ବ ଖସାଇବାର ବୁଦ୍ଧିଟାକୁ ପସନ୍ଦ କଲି । ଖଣ୍ଡିଏ ଚିଠିରେ, ଅଜା, ସମ୍ପାଦକଙ୍କ ପରିଚାଳକ ସମସ୍ତେ ତମର ଶୋଧନ ବୋଧନ ପାଇ ଅପ୍ୟାୟିତ । ନାଗବର୍ଗ ଲିଷ୍ଟ ପାଇଁ ପଠାଇଥିବା ତମର ପଇସାକୁ ଗର୍ଭସ୍ଥ କଲି ଭଳି ବଡ଼ ଉଦର ଆମଭିତରୁ କାହାରି ନାହିଁ । ଅମେ ସବୁ ଚଢ଼େଇ ଅହାରୀ । ଅର୍ଥାତ ଚଢ଼ାଇ ଭଳି ସାମାନ୍ୟ ଆହାର କରୁଁ । କଥା ହେଉଚି,ପୂଜାଛୁଟି ଯୋଗୁଁ ଡଗର ଟିକିଏ ଅନିୟମିତ ହୋଇ ଯାଇଛି । ତାକୁ ନିୟମିତ କରିବା ପାଇଁ ଚେଷ୍ଟା ଚାଲି ଥିବାରୁ ନାଗବର୍ଗ ଲିଷ୍ଟ ଛପା ହୋଇ ପାରୁନାହିଁ । ଯଥାଶୀଘ୍ର ଛପାଇବୁଁ ।

ଡଗର ଯିମ୍ବ ହେବାର ଲକ୍ଷଣ ଜୟ ତମରୁ ହେବାର ଶୁଣି ଅମେ ମଧ୍ୟ ଭାବି ଓ ବ୍ୟସ୍ତ ।

ଦେଶ ଯେତେ ଗରିବ ହେଉ ଯଦି ସେ ଉଗର କୁ ଗ୍ଭହେଁ ତେବେ ପଇସା ଦେବା ଉଚିତ। ଦେଶ ଯଦି ନଗ୍ଭହେଁ ତେବେ ଅଧପ୍ରାଣ ହୋଇ ବଞ୍ଚିବାଠାରୁ ମରିବା ଭଲ। ସେଥିପାଇଁ ପ୍ରତ୍ୟେକ ନାଗବଗ୍ନଙ୍କୁ ଗ୍ରାହକ ହେବାପାଇଁ ଅନୁରୋଧ କରାଯାଉଛି।

୧୪୦ ନମ୍ବର ନାଗଙ୍କ ଠିକଣା—ସାବିତ୍ରୀ ସେନାପତି, ମେରିଆ ବଜାର, କଟକ। ତମେ ତାଙ୍କୁ ଲେଖି ସମସ୍ତ ବିଷୟ ବୁଝି ପାରିବ।

କୈଳାସ (୧୩୬)—ନାଗବଗ୍ନ ଲଷ୍ଟର ମୂଲ୍ୟ ୧୦୬। ତମେ ଅନ୍ୟ ନାଗବଗ୍ନଙ୍କୁ ଗୋଟାଇ ମୋ ପେଡ଼ରେ ଭରି ପାରିଲେ ସୁଖୀ ହେବି। କାର୍ତ୍ତିକ ପ୍ରଥମାର୍ଦ୍ଧ ଉଗରରେ ମୋର ଓ ନାଗବଗ୍ନଙ୍କ ଆଳାପ ଶୁଣି ତମେ ଲଜ୍ଜିତ କାହିଁକି ହେଲ ବୁଝି ପାରିଲି ନାହିଁ।

ଶଙ୍କର (୧୫୪)—ଅଙ୍କ ଅନୁମତି ନନେଇ ମୁଁ ତମକୁ ସବୁ ତାଙ୍କ ରୂପ ବର୍ଣ୍ଣନା କରିବାକୁ କହୁନାହିଁ। ସେ ମୋ ଠୋଙ୍ଗରି ମୁଣ୍ଡରେ ଝଡ଼ୁ ପ୍ରହାର କରିବେ କିଅଁ? କଲେ ମଧ ତମ ଆଗେ ମୁଁ ତା କହିବ ନା?

ରସାନନ୍ଦ (୧୯୭)—ନାତି ନାତୁଣୀ ଯେତେ କାନ୍ଦିବେ, ଯେତେ ମୋତେ କାଉଳ ବାଉଳ କରିବେ ମୁଁ ସେତେ ଖୁସି ହେବି। ଚିଡ଼ିବି କିଅଁ? ଉଗରକୁ ଟିକିଏ ବଡ଼ କରିବାର ଚେଷ୍ଟା ସମ୍ପାଦକ କରୁଥିଲେ। କିନ୍ତୁ ଆମ ଓଡ଼ିଆ ଗ୍ରାହକ ଓ ଏଜେଣ୍ଟ ମାନଙ୍କ ଦୟାରେ ତାଙ୍କ ଉତ୍ସାହ ଭାଙ୍ଗି ଯାଇଛି। ମୁଁ କହିବି କ'ଣ ସେ କଥା?

ନରହରି (୯୮)—ସମ୍ବାଦ ପତ୍ର ଏବଂ ଅନ୍ୟାନ୍ୟ ସାମୟିକ ପ୍ରଭୃତି ଉଦ୍ଦେଶ୍ୟରେ ନାନାଦି ବିଷୟ ଲେଖି ଯୋଗାଇ ବାର ବ୍ୟବସାୟ ବୃତ୍ତିକୁ Journalism କୁହାଯାଇ ପାରେ। ମୁଦ୍ରାଯନ୍ତ୍ରର ଅବିଷ୍କାର ଦିନରୁ ଏହା ଅଛି। ଊନବିଂଶ ଶତାବ୍ଦିରେ ଯେତେବେଳେ ସାଧାରଣ ଲୋକେ ଲେଖି ପଢ଼ି ଶିଖିଲେ ସେତେବେଳେ ଏହା ପ୍ରସିଦ୍ଧି ଲାଭ କଲା। କିନ୍ତୁ Robinson crusoe ର ପ୍ରସିଦ୍ଧ ଲେଖକ Defoe ଙ୍କୁ ପ୍ରଥମ Journalist ବୋଲି କୁହାଯାଏ। ସେ ୧୬୮୮ ର ବିପ୍ଳବ ପରେ ଲେଖିବା ଆରମ୍ଭ କରିଥିଲେ। The shortest way with desenters ନାମକ ବହି ଲେଖି ସେ କାରା ବରଣ ମଧ କରିଥିଲେ। ଜେଲରେ ଥିବା ସମୟରେ ସେ Review ନାମକ ସାପ୍ତାହିକ ପ୍ରକାଶ କଲେ।

Journalism ସମ୍ବନ୍ଧରେ ଶିକ୍ଷା କରିବାର ଇଚ୍ଛାଥିଲେ ନିମ୍ନଲିଖିତ ସଂସ୍ଥାମାନଙ୍କ ମଧ୍ୟରୁ ଗୋଟିକର ସଭ୍ୟ ହେବା ସୁବିଧାଜନକ।

(1) The National Union of Journalism 7 John street, London W. C. 1 (2) The Institution of Journalists 2 & 4 Tudor street London E. C.4.

ଲଣ୍ଡନ ଏବଂ ବ୍ରିଷ୍ଟଲ ବିଶ୍ୱ ବିଦ୍ୟାଳୟରେ Journalism ଶିକ୍ଷା ଦିଆହୁଏ। ନିଉୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ମଧ ଏହି ଶିକ୍ଷା-ନିମନ୍ତେ ସ୍କୁଲ ଅଛି।

## ଦେଶର ଡାକ।

ଢେଙ୍କାନାଳରେ ସତ୍ୟାଗ୍ରହ ଚାଲିଛି। ତମେ ସବୁ ତା' ଜାଣ। ବର୍ତ୍ତମାନ ତମର କର୍ତ୍ତବ୍ୟ ଠିକ୍ କର। ମୁଁ ମୋର ନିଜର କର୍ତ୍ତବ୍ୟ ଠିକ କରି ସାରିଛି। ନାଗବଗ୍ନ ପାଣ୍ଠିରୁ ବର୍ତ୍ତମାନ ୫୯ ଉକ୍ତ ସତ୍ୟାଗ୍ରହକୁ ସାହାଯ୍ୟ ସ୍ୱରୂପ ପଠାଉଛି। ଯଦି ତମ ଭିତରୁ ଦେଶର ଡାକ ଶୁଣି ମଧ ନାଗବଗ୍ନ ପାଣ୍ଠିକୁ ଆଉ କେହି କିଛି ନ ପଠାଅ ତେବେ ଅବଶିଷ୍ଟ ୫୯ ପଠାଇ ଦେଇ ହିସାବ ନିକାଶ କରିଦେବି। ମୋ ମତରେ ଯେଉଁମାନେ ଏ ସତ୍ୟାଗ୍ରହରେ ନିଜେ ଯୋଗ-ଦେଇ ନପାରୁଛନ୍ତି ସେମାନଙ୍କର ସତ୍ୟାଗ୍ରହ ଜୟ ଯୁକ୍ତ ନହେବା ଯାଏଁ ଅନ୍ତତଃ ଆର୍ଥିକ ସାହାଯ୍ୟ କରିବା ଉଚିତ।

ଅଜା

## ନୂଆ ନାଗବଗ୍ନ।

୧୯୦। ଲକ୍ଷ୍ମୀଧର ଦାସ ଜଗଦେବ, ଉତ୍କଳ ଯାଦବ ଯୁବକ ସଂଘ, ୨୮ ପୋଲକ ଷ୍ଟ୍ରୀଟ କଲିକତା। ୧୯୧। ନରେନ୍ଦ୍ର ଗୁଟାର୍ଯୀ ସାଲେପୁର ହାଇସ୍କୁଲ, ସାଲେପୁର, କଟକ। ୧୯୨। ରାଧାମୋହନ ପ୍ରୁଷ୍ଟି ସାଲେପୁର ହାଇସ୍କୁଲ, ସାଲେପୁର, କଟକ। ୧୯୩। ନଗେନ୍ଦ୍ରନାଥ ଦାସ, ଭବାନୀ ପାଟନା ହାଇସ୍କୁଲ, ଭବାନୀ ପାଟନା, କଳାହାଣ୍ଡି। ୧୯୪। କାଶୀନାଥ ଅଇଚ, ଅଗରପଡ଼ା ବିଦ୍ୟାମନ୍ଦିର ୮ମ ଶ୍ରେଣୀ ପୋ: ବଡ଼ହାଟ ଜିଲ୍ଲେ ନେପୁର ବାଲେଶ୍ୱର। ୧୯୫। ଇନ୍ଦୁମଣି ଓଝା, P. M. ହାଇସ୍କୁଲ, ଜାମସେଦପୁର। ୧୯୬। ସୁଦନନ୍ଦ ସାହୁ C/o ରସାନନ୍ଦ ସାହୁ ନଂ ୫୮ M Road, ଜାମସେଦପୁର। ୧୯୭। ରସାନନ୍ଦ ସାହୁ P. M. High School, ଜାମସେଦପୁର। ୧୯୮। ଇନ୍ଦୁମଣି ଦଳାଇ P. M. High School ଜାମସେଦପୁର। ୧୯୯। ରାଧାକୃଷ୍ଣ ମହାନ୍ତି P. M. High School ଜାମସେଦପୁର ୨୦୦। ସ୍ୱରୂପ ଅଲଙ୍ଗୀ P. M. High School ଜାମସେଦପୁର। ୨୦୧। ନନ୍ଦକିଶୋର ସିଂହ P. M. High Sctool ଜାମସେଦପୁର।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଗ୍ଭହେଁ ମୋର ବୟସ ୨୧ ବର୍ଷରୁ କମ୍। ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି। ଦୟାକରି ନାଗବଗ୍ନ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ $\frac{୧୦/ର}{୫୦୨}$ ଡାକ ଟିକଟ ପଠାଇଲି।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ________________

ଠିକଣା________________

ତାରିଖ

## କୁଡ଼ୁକୁଡ଼ୁ

ସଂସ୍କୃତ ପଣ୍ଡିତ—ରେ ଗୋପୀନାଥ! "ରକ୍ଷଣୀୟ ସଦାଗ୍ଭର" ର ମାନେ କହିଲୁ?

ଗୋପୀ—ସବୁବେଳେ ଭଲ ଆମ୍ବ କମ୍ଳା ଲେମ୍ବୁ ଅଙ୍ଗୁର ରଖିବା ଉଚିତ।

ନରେନ୍ଦ୍ର

× × ×

ବାବୁ—(ଭାତ ବେଶୀ ଗରମ ହୋଇ ଥିବାରୁ ପୂଝାରୀକୁ ରାଗିଯାଇ କହିଲେ) ହଇରେ ଗୋବିନ୍ଦ, ଆଜି ଭାତ ଏତେ ଗରମ ହୋଇଛି କିଅଁ?

ପୂଝାରୀ—ବାବୁ, ଗ୍ଭଉଳ ଆଜି ଧୂଆ ହୋଇ ରନ୍ଧା ହୋଇ ନଥିଲା। (ଞ୍ଜନ)

\+ \+ \+

Digitized by srujanika@gmail.com




—ଢେଙ୍କାନାଳ ରଜା କହନ୍ତିଅ ଦାୟିତ୍ୱମୂଳକ ଶାସନ ମଞ୍ଜୁର କଲେଣ୍ଟ ବଜାଣି ସେଠା ସମସ୍ତଙ୍କୁ ଚଳାଉଛି। ତେଣୁ ସତ୍ୟାଗ୍ରହ ବନ୍ଦ ହୋଇନାହିଁ। ଏଇଥିରେ ମୁଗଲ-ବନ୍ଦଅଙ୍କ ପାଳା।

—କଂଗ୍ରେସ ପ୍ରେସିଡେଣ୍ଟଙ୍କ ପଛାଣେ ଡେକନଙ୍କ ପ୍ରସ୍ତାବ ବିମାନ ବଳଅ ଗୋଟାଏ ଉଡ଼ାଜାହାଜ କରିବାର ବ୍ୟବସ୍ଥା ହେଉଛି।

... ତା ନୋହିଲେ ପଛ ପଛର କରିବ !

—ରାଷ୍ଟ୍ରପତି ସୁଭାଷ ବଙ୍ଗଲାଟ ଓ ବାଲଡ଼-ର ଉପପତ୍ନୀଙ୍କ ସହିତ ଲାଟ ଭବନରେ କଥାଭାଷା ହୋଇ ବଙ୍ଗମନ୍ତ୍ରୀ ତାଙ୍କର ପ୍ରଚ୍ଛଣା ବନ୍ଧୁ ନଳିନୀରଞ୍ଜନଙ୍କ ସହିତ ମୁଲା-କାତ କରିଥିଲେ।

...—ଦେବା ନ ଜାଣନ୍ତି କୁତୋ ମନୁଷ୍ୟାଃ !

—ଇଟାଲି ହଠାତ୍ ଫରାସୀ ଅଧିକୃତ କର୍ସେଟି, କର୍ସିକା ଓ ଟିଜିନିସ ଦାବୀ କରି ବସିଛି।

...ଲଗିବ ଏଥର, ନା ଫାଙ୍କା ଭୁରୁଡ଼ି ?

—ଲିଥୁଆନିଆର ମେମେଲ ନାମକ ଭୂଖଣ୍ଡ ଜର୍ମାନି ଗ୍ରାସ କରୁଛି।

...Nothing succeeds like success !

—ଜାପାନ ଚୀନ ମୁଣ୍ଡରେ ଶେଷ ପାହାର ଦେବାକୁ ପ୍ରସ୍ତୁତ ହେଉଛି !

...ଅଭ ବେଳେ ସହନ୍ତା !

—ରାଜକୋଟ ରାଜ୍ୟରେ ବିଷମ ରଜା ପ୍ରଜା ଲଢ଼େଇ ଲଗିଛି। ପଟେଲଙ୍କ କନ୍ୟା ମଣି ଓ ଅଳକଣେ ଶେଠ କନ୍ୟା ମୃଦୁଲା ସତ୍ୟାଗ୍ରହ କରି ଜେଲ ଗଲେଣି। ଲାଠି ମାଡ଼ ବି ଚାଲିଛି।

...ଅନ୍ଧ ଦୀପ—

...ଯୁଦ୍ଧ ଯଦି କରି ଜାଣିବ, ସଙ୍ଗେ ଥିବ ଖାଇବ,

ଦୁଧ ଯଦି ଖାଇ ଜାଣିବ, ଘରେ ଥିବ ଗାଈ।

—ଶ୍ରୀଯୁକ୍ତ ମହତାବ ଉଦ୍ଦିତାର ଦେଉଛନ୍ତି କି ତାଳଚେର ଶାସନକୁ ସେ ଅନୁଗୁଳ ଠାରୁ ଭଲ ବୋଲି କହି ନାହାନ୍ତି। ତାଳ-ଚେର ଦରବାର ତାଙ୍କ ନାଁରେ ମିଛ କହୁଛି।

...ମହତାବ ଅଣି ତୁଲଇବେ ନା ?

—ନିଭାଙ୍କର ରାଜ୍ୟରେ ଗୁଳି ଚାଲିବା ପରେ ସବୁ ଅଣ୍ଡା ପଡ଼ିଥିଲା। ଏବେ ପୁଣି ଲକ୍ଷେ ଲୋକ ସଭା କରିବେ ବୋଲି କଥା ହେବାରୁ, ଦରବାର ତାହା ବନ୍ଦ କରି ଦେଇଛନ୍ତି। ତାଙ୍କଣେ ବଡ଼ଲାଟ ସେଠିକି ସେଇକବେଳେ ଆସିବେ।

...ହାତୀ ମରି କୁନ୍ଦ ଡାକୁଣି ପଡ଼ୁଛି।

—ତୋଡ଼ଏ ହଜାର ତାଳଚେର ପ୍ରଜା ପଳେଇ ଆସି ଅନୁଗୁଳରେ ଅଶ୍ରା ନେଇ-ଛନ୍ତି। ତାଙ୍କ ଖୋରାକ ପୋଷାକ ପାଇଁ ଗୁହାରି ଉଠୁଛି।

...ଓଡ଼ିଶା ସରକାର ସେଠି ଚଟକଲ ବସାଉ ନାହାନ୍ତି !

—ବାଲେଶ୍ୱର ଜିଲାରେ ଅଠ ହଜାରରୁ ଉପର ଅଫିମା ଲାଇସେନ୍ସ ନେଲେଣି। ଅଜବ ଦେଶଗୁଣ ଅଛନ୍ତି।

...ଚଳନ୍ତନଅ ଶୀତଟାରେ ବଡ଼ ବଇ-ରାଗି ହଉଥିବେ ଏଥା।

—କଟକ ସ୍ୱରାଜ୍ୟାଶ୍ରମ ମଠ ବାସୀ ଜଣେ ବୈଷ୍ଣବ ସେଠ 'ଦେଶ କଥା' ଙ୍କର

କାଗଜ ଉପରେ ମାନହାନି ମକଦ୍ଦମା କରି-ଛନ୍ତି।

...ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା ଅମାନିନା ମାନଦେନ...।

—କଟକ 'ସମାଜ' ଉପରେ ଶ୍ରୀ ବୀର ବେହେରାଙ୍କ ମାନହାନି ମକଦ୍ଦମା ଚାଲିଛି।

...ବେହେରା ପୁଅ ସମାଜରୁ ବାହାର ପରା!

—ଓଡ଼ିଶା ବ୍ୟବସ୍ଥା ସଭାର କର୍ତ୍ତା ଓ ଗୋପବାବୁ ଉଆର୍ଦ୍ଧା ଗମନ କରିଥିଲେ।

...ଓଡ଼ିଶା ଉଆର୍ଦ୍ଧା ଚଉକରେ ମନ ମାନିଲା ନାହିଁ।

—ପୁରୁଣା ଓଡ଼ିଆ ପୋଥି ଉଦ୍ଧାର କରିବା ପଛାଣେ ଓଡ଼ିଆ ସରକାର ଦୁଇ-ଜଣ ପଣ୍ଡିତ ନିଯୁକ୍ତ କରିଛନ୍ତି।

...ମନ୍ତ୍ରୀଙ୍କର ପ୍ରଚ୍ଛଣା ପ୍ରୀତିଟା ତ ମନ୍ଦ ନୁହେଁ !

—ରାଷ୍ଟ୍ରପତି ସୁଭାଷ ଭାବିଛନ୍ତି ଯେ ଆସନ୍ତା ବର୍ଷ ବଙ୍ଗର ହକ୍ ମନ୍ତ୍ରୀ ମଣ୍ଡଳର ପତନ ଅନିବାର୍ଯ୍ୟ।

...ହକ୍ ନୁହେଁ—ନାହକ୍ !,

—ଆସାମରେ କଂଗ୍ରେସ ମନ୍ତ୍ରୀ ମଣ୍ଡଳଙ୍କ ତଡ଼ ଦେବା ପାଇଁ ବିରୁଦ୍ଧ ଦଳ ଯେଉଁ କଟକଣା କରିଥିଲେ ତାହା ଫସରଫାଟି ଗଲା।

...କଂଗ୍ରେସ ତୁଫାନ ଆଗରେ କିଏ ରହିବ ?

—ଅସତ୍ୟଆମାନଙ୍କୁ ବାଛି ବାହାର କରି ଦେଇ କଂଗ୍ରେସକୁ ଖାଣ୍ଟି ମାଲ କରାଇବା ପଛାଣେ ଗାନ୍ଧିଜୀ ଏକ କାନୁନ କରୁଛନ୍ତି।

...ତମଲ ଯାକ ନିର୍ମଳ ହେବ ନାହିଁ ତ ?

—ବଡ଼ଲାଟ ସାହେବ ତାଙ୍କ ମାମୁଲି ବଡ଼ ଦିନ ମଉଜ ପଛାଣେ କଲିକତା ଆଇଲେଣି। ଘୋଡ଼ ଦୌଡ଼, ଭୋଜି ଆଦି ଲୋଟିବେ ଓ ଶାନ୍ତି ନିକେତନ ଦେଖିବେ।

...ବଳ ଷଣ୍ଢଟାଏ ନେଉଛନ୍ତି କି ରବୀନ୍ଦ୍ରଙ୍କୁ ବଡ଼ଦିନ ଉପହାର ଦେବାପାଇଁ !

Digitized by srujanika@gmail.com

# ଡଗର ୧୨ ଶ ଶବ୍ଦଧନ୍ଦାପ୍ରତିଯୋଗିତା

ଟ୨୫ଙ୍କା ପୁରସ୍କାର !    'ଡଗର' ପାଠକମାନେ ପାଇ ପାରିବେ ।    ଟ୨୫ଙ୍କା ପୁରସ୍କାର

ଦୁଇଅଣାର ପଇସିକଅ ଡାକଟିକଟ ଦେଇ    ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ    ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free

| | | | | | | |
|---|---|---|---|---|---|---|
| ୧ ମ | (ଉ) | ୨ ଲ | ■ | ୩ ଚ | | ୪ ମ |
| | ■ | ୫ | ୬ ଲ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲା | ■ |
| ୧୨ | ର | ■ | ୧୩ | ■ | ୧୪ | ୧୫ ଲା |
| | ■ | ୧୬ | ଭ | ୧୭ | ■ | |
| ୧୮ ର | | ଭ | ■ | ୧୯ ର | | ଶୀ |


| | | | | | | |
|---|---|---|---|---|---|---|
| ୧ ମ | (ଉ) | ୨ ଲ | ■ | ୩ ଚ | | ୪ ମ |
| | ■ | ୫ | ୬ ଲ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲା | ■ |
| ୧୨ | ର | ■ | ୧୩ | ■ | ୧୪ | ୧୫ ଲା |
| | ■ | ୧୬ | ଭ | ୧୭ | ■ | |
| ୧୮ ର | | ଭ | ■ | ୧୯ ର | | ଶୀ |

| | | | | | | |
|---|---|---|---|---|---|---|
| ୧ ମ | (ଉ) | ୨ ଲ | ■ | ୩ ଚ | | ୪ ମ |
| | ■ | ୫ | ୬ ଲ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲା | ■ |
| ୧୨ | ର | ■ | ୧୩ | ■ | ୧୪ | ୧୫ ଲା |
| | ■ | ୧୬ | ଭ | ୧୭ | ■ | |
| ୧୮ ର | | ଭ | ■ | ୧୯ ର | | ଶୀ |


ନାମ ____________    ଠିକଣା ____________    କେତୋଟି ଉତ୍ତର ______

## ସିଧା ଭାବେ

୧ । ଡଗର ଧନ୍ଦା ଭେଦ କରି ପାରିଲେ ଏହା ବହୁତ ମିଳେ ।

୩ । ଧୂଳିଆ ବାବାଜୀମାନେ ପ୍ରାୟ ଏହାର ମଧୁର ଭକ୍ତ ।

୫ । '—' ରେ ଅକଲ ନାହିଁ ।

୭ । '—' ନାଗର କଦମ୍ବ ମୂଳେ ଠିଆ

୯ । ଏହି କଲମରେ ଲେଖିବାକୁ ଅନେକେ ପସନ୍ଦ କରନ୍ତି ।

୧୦ । ଯାହା ବଖାଣି ଜାଣିଲେ ଅଜକାଲି ନେତା ହେବାର ସୁବିଧା ହୁଏ ।

୧୧ । ବଡ଼ଲୋକଙ୍କ ଠେଇଁ ଯାହା ମାରି କେତେ ଲୋକ ନିଜ ହାତ ଚକଚକ କରନ୍ତି ।

୧୨ । ଅକାଶ ନିର୍ମଳ ଥିଲେ ଯାହା ସଫା ଦେଖା ଯାଏ ।

୧୪ । ଖୁଦୁଡାକୁ କେହି କେହି ଯାହା ଡାକନ୍ତି ।

୧୬ । ଏବକାର ଯୁବକର ଅଙ୍ଗ ସଙ୍ଗ ଏବେ ଅଧୁନିକାଂଶ ରମଣୀ ପସନ୍ଦ କରନ୍ତି ନାହିଁ ।

୧୮ । 'ଡଗର'କୁ ଓଲଟା ପଢ଼ିଲେ—

୧୯ । ପ୍ରୌଢ଼ାବସ୍ଥାରେ ଅନେକ ପୁରୁଷ ଏହାର ଅଧିକ ବଶବର୍ତ୍ତୀ ହୁଅନ୍ତି ।

## ଉପର-ତଳ ଭାବେ

୧ । ଦହି ବୁଲେଇ ଯାହା ବାହାରେ

୨ । '—' ଗହଳକୁ କେହି କେହି ସୁଖ ପାଆନ୍ତି ନାହିଁ

୩ । ଶିକାରୀ ପକ୍ଷୀ

୪ । ଜିଲାଙ୍କରୁ ବିଶେଷ

୬ । ଅଯଥା ଏହା ବଢ଼ାଇଲେ ଅନେକ ଭୁଲିକୁ ଯାଏ ।

୮ । ଏକାଳିଆ ଲୋକର ସାଙ୍ଗ ହେବାକୁ କାମିକା ଲୋକ ଭଲ ପାଏ ନାହିଁ

୯ । ମୃତ ବ୍ୟକ୍ତିର ଚକ୍ଷୁରେ ଏହା ଥାଏକି ?

୧୨ । ବଇରିର ଯାଏ ବୋଲି ଅନେକେ ଅଧିକ ମୂଲ୍ୟ ଦେଇମଧ ଏହି ଲୁଗା କିଣନ୍ତି

୧୩ । ଖୋଳଲା ବେଳେ ମାହାଦେବ ବାହାର ବାର ଦେଖାଯାଏ ।

୧୫ । କୌଣସି ସ୍ତ୍ରୀଲୋକକୁ ଏପରି ଦେଖିଲେ ପିଲାଏ ଗଡ଼ ଦବାକୁ ବଡ଼ ସୁଖ ପାଆନ୍ତି ।

୧୬ । ଏହା ଭିତରକୁ ପଶିବା ସବୁବେଳେ ଭଲ ନୁହେଁ ।

୧୭ । ଅନ୍ୟ

**ନିୟମ—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦୦/ ଓ ଦ୍ୱିତୀୟ ପ୍ରତଖଣ୍ଡକୁ ୦୦/ ଲେଖାଏ (ଶେଷ ତା୧୨୫।୧।୩୯)**

ଉପରି ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି କଳା ହୋଇଥିବା ଘର ଯାଏଁ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ ବନ୍ଧୁ ଗୋଟିଏ ନମ୍ବରରେ ଯୋଡ଼ାଏ, ଜଣେ ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ପରି ଜଣାଯିବ । ମାତ୍ର ଧୀର ଭାବରେ ବିଚାର କରି ଯେଉଁ ଶବ୍ଦଟି ପ୍ରକୃତ ମନେହୁଏ ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ଗଚ୍ଛିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିବ ସେ ପ୍ରଥମ ପୁରସ୍କାର ୫୧୨ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗ୍ୟ **ସାମନ୍ତ ପୁରସ୍କାର** ୫୨ ପାଇବ ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩ ବଶିଷ୍ଟ ପୁରସ୍କାର ପାଇବେ ।

୪ଟି ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକୀ ୫୪ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଆରପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ନ କରି ଏକସଙ୍ଗରେ ପଠାଇ ଦେବେ ଓ ତାହା ସଙ୍ଗେ ଦୁଇଅଣାର ପଇସିଦିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/୧ ଓ ୨ୟ ଟି ପାଇଁ ୫୦/୧ର ପଇସିଦିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା, ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ— ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ଜାନୁଆରୀ ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧୨ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

## ଧନ୍ଦା ବିଚାର ( ୧୧ଶ ଶବ୍ଦଧନ୍ଦା )

୯ ( ସିଧାଭାବରେ )—ଏ ଭଳି ଲୋକର ସାଙ୍ଗ ହେବାକୁ ଟୋକା ଟାକର ସୁଖ ପାଆନ୍ତି ନାହିଁ । ଏଥିରୁ ଦୁଇଟି ଶବ୍ଦ ବାହାରୁଛି—କାଲୁଆ ଓ ଗାଲୁଆ । ବିଚାର କରି ଦେଖିଲେ ଜଣାପଡ଼ିବ ଯେ ଏ ଦୁଇ ପ୍ରକାର ଲୋକଙ୍କ ସାଙ୍ଗ କାହାର ସୁଖକର ନୁହେଁ । କିନ୍ତୁ ଟୋକା ଟାକରା ଅର୍ଥାତ୍ ଚଗଲ ଧରଣର ଅଳ୍ପ ବୟସ୍କ ଲୋକେ ଗାଲୁଆ ଲୋକଠାରୁ ଗାଲ୍ କଥା ଶୁଣିବାକୁ ପ୍ରାୟ ସୁଖ ପାଆନ୍ତି । ମାତ୍ର କାଲୁଆ ଅର୍ଥାତ୍ ଧୀମା, ଅଳସୁଆ ପ୍ରକୃତିର ଲୋକଙ୍କୁ ଟୋକାଟାକର ସୁଖ ପାଇବା ସମ୍ଭବ ନୁହେଁ । ଏଣୁ କାଲୁଆ ଶବ୍ଦଟି ଠିକ୍ ବୋଲି ମନେ ହୁଏ ।

୯ ( ଉପର ତଳ )—ଏହା ଖାଉଥିବା ସତ୍ତ୍ୱେ ବେହିଆ ଲୋକ ପୁଣି ଯାଏଁ । ଯେତେ ବଡ଼ ବେହିଆ ହେଉ ଗାଳି ଖାଇବା ସ୍ଥାନକୁ ଜାଣୁ ଜାଣୁ ଥରକୁ ଥର ଯିବାକୁ କେହି ଇଚ୍ଛା କରେ ନାହିଁ । କାରଣ ସେଠି ଲାଭ ଭିତରେ—ଗାଳି । ଅଉ କାଳ ମିଳୁଥିଲେ ବେହିଆ ଲୋକ ଲଜ୍ଜା ତ୍ୟାଗ କରି ସ୍ୱାର୍ଥ ପାଇଁ ପୁଣି କାଳ ଖାଇବାକୁ ଯାଏ ।

୧୧ (ସିଧା)—ପର ଦରବ ମାଗି ଆଣି ଏହା ଲଗାଇବାକୁ କେହି କେହି ସୁଖ ପାଆନ୍ତି । ( କଳ, ମଳ ) ପର ଦରବ ମାଗି ଆଣି ସୁଖରେ କେହି ମଳ ଲଗାଏ କି ? ଅଜାଣତରେ ଲାଗି ଯାଇ ପାରେ । କିନ୍ତୁ ଏପରି କେହି କେହି ନୀଚ ଲୋକ ଅଛନ୍ତି ଯେ ପର ଦରବ ମାଗି ଆଣିଥାନ୍ତି ମାତ୍ର ତାହା ଫେରାଇ ନ ଦେଇ ରହନ୍ତି ଓ ମାଗିଲେ ନାନା ବାହାନା ଧରି କଳି ଲଗାନ୍ତି । ଏଣୁ 'କଳି' ଏଠାରେ ହେବା ଶ୍ରେୟସ୍କର । (କ୍ରମଶଃ)

## ୧୧ଶ ଶବ୍ଦଧନ୍ଦାର ଉତ୍ତର

| | | | | | | |
|---|---|---|---|---|---|---|
| ୧ ବ | ୨ ଗୃ | ର | ■ | ୩ ସୁ | ୪ ଦ | ୫ ର |
| ୬ ବ | ର | ■ | ୭ ଗା | ■ | ୮ ମ | ତ |
| ର | ■ | ୯ କା | ଲୁ | ୧୦ ଅ | ■ | ନ |
| ■ | ୧୧ କ | ଳି | ■ | ୧୨ ଶା | ୧୩ ଳୀ | ■ |
| ୧୪ ବ | ଡା | ■ | ୧୫ ତ | ■ | ୧୬ କା | ୧୭ ମ |
| ବା | ■ | ୧୮ ଯ | ମ | ୧୯ ତା | ■ | ଳୁ |
| ୨୦ ହ | ର | ତ | ■ | ୨୧ ପ | ଥ | ର |

( ୧୧ଶ ଶବ୍ଦଧନ୍ଦାର 'ପୁରସ୍କାର ପର ସଂଖ୍ୟାରେ ଘୋଷିତ ହେବ ।)

Digitized by srujanika@gmail.com

# କୈଟାଡି ପାଚନ

ସମସ୍ତ ପ୍ରକାର ନୂତନ ଓ ପୁରାତନ ଜ୍ୱରର ପ୍ରଧାନ ଔଷଧ । ଏହି ଔଷଧକୁ ସେବନ କଲେ ଗୋଡ଼, ହାତ, ମୁଣ୍ଡ, ଅଣ୍ଟା, ପିଠି, ଘୋଳାବନ୍ଧା, ଦୈନିକ ନିର୍ଦ୍ଦିଷ୍ଟ ସମୟରେ ହେଉଥିବା ଜର, କମ୍ପଜ୍ୱର, ପାଳିଜ୍ୱର, ଅର୍ଥାତ୍ ଦିନେ ଛାଡ଼, ଦୁଇଦିନ ଛାଡ଼, ତିନିଦିନ ଛାଡ଼ ଆସୁଥିବା ଜ୍ୱର, ଏକ ସପ୍ତାହ, ଏକ ପକ୍ଷ, ଏକ ମାସ ଅନ୍ତରରେ ନିର୍ଦ୍ଦିଷ୍ଟ ବାର ଅର୍ଥାତ୍ ଆଜ ଯେଉଁ ବାରରେ ଜ୍ୱର ହୋଇଅଛି, ମାସେ ବା ପକ୍ଷେ ହୋଇ ଛାଡ଼ି ଯାଇ ପୁନର୍ବାର ସେହି ବାରରେ ଜ୍ୱର ଆସିଲେ ଆମ୍ଭର ଏହି କୈଟାଡି ପାଚନକୁ ପାଳିର ପୂର୍ବଦିନ ଠାରୁ ସେବନ କଲେ ଆଉ ଜ୍ୱର ହେବାର ଆଶଙ୍କା ନ ଥାଏ । ବହୁଦିନ ଜ୍ୱର ଭୋଗ କରି କରି ପେଟର ପ୍ଳୀହା ଯକୃତ ବୃଦ୍ଧି ହେଲେ ଶରୀରର ରକ୍ତ ଶୋଷଣ ପୂର୍ବକ ପାଣ୍ଡୁ, ରକ୍ତସ୍ୱଳ୍ପତା, ଶୋଥ ଇତ୍ୟାଦି ଉପସ୍ଥିତ ହୋଇ ଉଦର ବୃଦ୍ଧି ହେଲେ ଏହି କୈଟାଡି ପାଚନ ନିୟମିତ ବ୍ୟବହାର କରିବା ଦ୍ୱାରା ଶତ ଶତ ଲୋକ ରୋଗମୁକ୍ତ ହୋଇ ପୁନଃ ସ୍ୱାସ୍ଥ୍ୟ ଲାଭ କରୁ ଅଛନ୍ତି । ଏହି ପରମୋପକାରୀ ଔଷଧର ମୂଲ୍ୟ ଉପକାର ତୁଳନାରେ ଅତି ସାମାନ୍ୟ କରାଯାଇ ଅଛି । ପ୍ରାୟ ୪ । ୫ ଜଣଙ୍କର ଜ୍ୱର ଛଡ଼ାଇବାଭଳି ଶିଶିର ମୂଲ୍ୟ ବାରଅଣା ମାତ୍ର । ଡାକଖର୍ଚ୍ଚ ଅଲଗା ଦେବାକୁ ପଡ଼ିବ ।

---

ଆମ୍ଭର ଏହି କୈଟାଡି ପାଚନ ବ୍ୟବହାର କରି ଅସଂଖ୍ୟ ଲୋକ ଉପକାର ପାଇଥିବାର ପ୍ରଶଂସା ପତ୍ର ଦେଇ ଅଛନ୍ତି—ସେଥିରୁ ଗୋଟିଏ ନମୁନାରେ ଦିଆଗଲା—

ଶ୍ରୀ ଯୁକ୍ତ ବାବୁ ମଦନମୋହନ ପଟ୍ଟନାୟକ ବି: ଏ: ଲେଖିଛନ୍ତି—

(ଇଂରାଜୀରୁ ଅନୁବାଦ)

ମୁଁ ଅନେକ ପ୍ରାୟ ବର୍ଷେ ହେବ ମ୍ୟାଲେରିଆରେ ପୀଡ଼ିତ ରହି ଡାକ୍ତରୀ ଓ କବିରାଜୀ ଅନେକ ଔଷଧ ବ୍ୟବହାର କରି ମଧ୍ୟ ରୋଗମୁକ୍ତ ହେଲିନାହିଁ । ଏମଧ୍ୟରେ ବିଶିଷ୍ଟ ଡାକ୍ତରଙ୍କ ପରାମର୍ଶମତେ ୧୨ ଗୋଟା କୁଇନାଇନ ଇଞ୍ଜେକସନ ନେଲି ତଥାପି ରୋଗରୁ ମୁକ୍ତ ହେଲିନାହିଁ । ବରଂ ପେଟରେ ପ୍ଳୀହା ବୃଦ୍ଧି ହେବାକୁ ଲାଗିଲା । ମୋର ଜ୍ୱରର ଗୋଟିଏ ଆଶ୍ଚର୍ଯ୍ୟ ନିୟମ, ଯେତେବେଳେ ଜ୍ୱର ହେବ ଠିକ ଗଣ୍ଡାକରେ ହେବ କିନ୍ତୁ କୈଟାଡି ପାଚନ ଶିଶି ତୁମଠାରୁ ଆଣି ବ୍ୟବହାର କରିବା ଦିନଠାରୁ ଆଉ ଜ୍ୱର ହୋଇନାହିଁ । କ୍ରମେ କ୍ରମେ ମୁଁ ପୂର୍ବ ସ୍ୱାସ୍ଥ୍ୟ ପ୍ରାପ୍ତ ହୋଇ ଆସୁଅଛି । ପେଟର ପ୍ଳୀହା ଆଉ ନାହିଁ । ଆଶାକରେ ଏହି ଔଷଧ ଗରିବ ଜଙ୍ଗଲବାସୀଙ୍କର ବିପଦର ବନ୍ଧୁହେବ ।

ଭୂମିକ—ଶ୍ରୀ ମଦନମୋହନ ପଟ୍ଟନାୟକ
H. R. E. Board
ଚନ୍ଦମ୍ବା—ଡଙ୍ଗାପ

---

# ସ୍ୱର୍ଣ୍ଣଘଟିତ

## ସାରିବାଦ୍ୟରିଷ୍ଟ ।

ଏହା ଗୋଟିଏ ସାଲସା । ଆୟୁର୍ବେଦୀୟ ଚିକିତ୍ସକ ଦ୍ୱାରା ପ୍ରସ୍ତୁତ କରାଯାଇ ଅଛି । ଅନେକ ପ୍ରାୟ ଦଶବର୍ଷ ହେବ ଆମ୍ଭେ ଜନସାଧାରଣରେ ଏହାକୁ ପ୍ରୟୋଗ କରି ଯେଉଁ ଫଳ ପାଇଅଛୁ, ତାହା ସଂକ୍ଷେପରେ ବର୍ଣ୍ଣନା କଲେ ଗୋଟିଏ କ୍ଷୁଦ୍ର ପୁସ୍ତକ ହେବ । ତଥାପି ନମୁନାରେ କେତେକ ବିଷୟ ବିବୃତ କରାଗଲା । ସଂକ୍ଷେପରେ କହିବାକୁ ଗଲେ ଦୂଷିତ ରକ୍ତ ପରିଷ୍କାର, ପାରଦୋଷ ସମ୍ପୂର୍ଣ୍ଣରେ ବିନାଶ, ଉପଦଂଶ ବିଷ ଏବଂ ଯେଉଁ ପ୍ରମେହ ଜନିତ ଶୁକ୍ର ଓ ରକ୍ତ ଦୂଷିତ ହୋଇଥାଏ ସେଥିରେ ସାରିବାଦ୍ୟରିଷ୍ଟ ବ୍ୟବହାର ଦ୍ୱାରା ସମସ୍ତ ଅପକାର ଦୂରହୋଇ ଶରୀରରେ ନୂତନ ରକ୍ତ ସଂଚାର ଓ ବଳବୀର୍ଯ୍ୟ ଲାବଣ୍ୟ ଉତ୍ପାଦନ କରିଥାଏ । ଏହାକୁ ନିୟମିତ ବ୍ୟବହାର କଲେ ସମସ୍ତ ପ୍ରକାର ଆମବାତ, ସ୍ତ୍ରୀମାନଙ୍କର ବାଧକ, ପ୍ରଦର ଜନିତ ରକ୍ତ ବହୁତେ, ବନ୍ଧ୍ୟାଦୋଷ, ଶିଶୁମାନଙ୍କର ଶରୀରର ପାରଦାଗ, କଣ୍ଡୁ, ଯାଦୁ ଓ ବିଷ ଫୋଟକ ଦୂର ହୋଇ ଶରୀର ହୃଷ୍ଟ ପୁଷ୍ଟ ହୁଏ । ଏହାକୁ ସେବନ କଲେ କ୍ଷୁଧା ବୃଦ୍ଧି ହୁଏ । କୋଷ୍ଠ ପରିଷ୍କାର ହୁଏ । ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଧାତୁ ଦୌର୍ବଲ୍ୟ ପ୍ରଭୃତି ଶରୀରର ସମସ୍ତ ବ୍ୟାଧି ଦୂରୀଭୂତ ହୁଏ । ଆମ୍ଭେ ଜୋର ଦେଇ କହିପାରୁ, ଯେଉଁମାନେ ଆମ୍ଭର ସାରିବାଦ୍ୟରିଷ୍ଟ ନିୟମିତ ସେବନ କରି ଆସୁଅଛନ୍ତି, ସେମାନଙ୍କର ଦିନକୁ ଦିନ ରକ୍ତାଂଶ ବୃଦ୍ଧି ସଙ୍ଗେ ସଙ୍ଗେ ଶରୀର ହୃଷ୍ଟପୁଷ୍ଟ ହୋଇ ଶ୍ରୀ ଓ ଅଲୌକିକ ଲାବଣ୍ୟ ହେଉଅଛି । ଶରୀରକୁ ଓଜନ କରି ଏହି ସାଲସାକୁ ବ୍ୟବହାର କଲେ ଦେଖିବ ମାସେ ମଧ୍ୟରେ ସମସ୍ତ ଦୂଷିତ ରକ୍ତ ପରିଷ୍କାର ହୋଇ ଅର୍ଦ୍ଧସେର ରକ୍ତ ବୃଦ୍ଧିପାଇ ଅଛି । ସାରିବାଦ୍ୟରିଷ୍ଟ ସେବନ କଲେ ଗର୍ମିଦୋଷ ଜନିତ ଆମବାତ, ପୀନସ, ଅସ୍ଥିଗତ ବାତ, କୁଷ୍ଠ, ଶ୍ଳୀପଦ, [illegible], ଛଉ, ଯାଦୁ, ମାଛଆଖି, ଗୋଡ଼ଫଟା, ଭୁଣ୍ଡଘା, ଦୁଷ୍ଟବ୍ରଣ, ସ୍ତ୍ରୀମାନଙ୍କର ବିଳମ୍ବରେ ଋତୁ, ବାଧକ, ଅତିରଜ, [illegible], ଦେହ ଶୁଖିଶୁଖି ଯିବା, ବାରମ୍ବାର ସନ୍ତାନ ନଷ୍ଟହେବା, କାକବନ୍ଧ୍ୟା ଏବଂ ପିଲାମାନଙ୍କର ପାରଦୋଷ ଜନିତ ଶରୀରରେ [illegible], ଗର୍ମିଦୋଷ ଜନିତ ଘା, ସିଉଳଥ, ତିମିର, ଦୁଧବାନ୍ତି, ବହୁଦିନ ଧରି ଜ୍ୱର, ଶୁଖିଶୁଖି ଯିବା, ଅଳନ୍ତ, [illegible], ପାଚିବା ପ୍ରଭୃତି ସମସ୍ତ ପ୍ରକାର ଦୋଷ ଦୂରହୋଇ ଶରୀରରେ ନୂତନ ପରିଷ୍କାର ରକ୍ତ ସଂଚାର ହୋଇଥାଏ । [illegible] ଏହି ସାଲସାକୁ ଜୀବନବ୍ୟାପୀ ବ୍ୟବହାର କରିବାକୁ ପଡ଼ିନାହିଁ । ନୂତନ ରୋଗରେ [illegible] ପୁରାତନ ରୋଗରେ [illegible]

Printed & published at the Gopinath Press, Bhadrak by Editor N. Mahapatra & issued from [illegible] office, [illegible]

Digitized by srujanika@gmail.com

REG. NO. P-441. THE DAGARC.

କଲେ ପାରା ଓ ଉପଦଂଶ ଜନିତ ରକ୍ତ ବିକୃତ ନିଶ୍ଚୟ ଆରୋଗ୍ୟ ହୋଇଥାଏ । ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ପ୍ରତ୍ୟେକ ୧୬ ମାତ୍ରା ଦେଢ଼ ଟିଣିର ମୂଲ୍ୟ ୧।୯ ଏକ ଟଙ୍କା ମାତ୍ର । ତିନ ଶିଶିକୁ ୨।୮ ଦୁଇ ଟଙ୍କା ଅଠଅଣା, ଏବଂ ଏକ ଡ଼ଜନକୁ ୮।୮ ଅଠ ଟଙ୍କା ଅଠଅଣା ।
ଡାକଖର୍ଚ୍ଚ ଏତଦ୍ବ୍ୟତୀତ ଅଧିକ ପଡ଼ିବ ।

**ସାବଧାନ**—କିଣିଲାବେଳେ ଶିଶି ଉପରେ "କବିରାଜ ଶ୍ରୀଧର ରଥବଡ଼୍, ଭିଷଗାଗ୍ରର୍ଯ୍ୟ"ଙ୍କ ନାମ ଦେଖି କିଣିବେ । ଆମ୍ଭ ନିକଟରେ ସମସ୍ତ ପ୍ରକାର ରୋଗର ଉପଯୁକ୍ତ ଔଷଧ ତିଆର ହୋଇ ରହିଛି ଅଛି । ଯେଉଁମାନଙ୍କର ଆବଶ୍ୟକ ହେବ ପତ୍ର ଦେଲେ ଭି: ପି: ଡାକ ଯୋଗେ ପଠାଇ ଥାଉ ।

ଯଦି କୌଣସି ଲୋକ ତା'ର ରୋଗର ସମସ୍ତ ଅବସ୍ଥା ଭଲ ରୂପେ ବର୍ଣ୍ଣନା କରି ଆମ୍ଭ ନିକଟକୁ ଦଶ ପଇସାର ଡାକଟିକଟ ସହ ପଠାନ୍ତି, ତେବେ ଆମ୍ଭେ ବିନା ମୂଲ୍ୟରେ ବ୍ୟବସ୍ଥା ଦେଇଥାଉ । ପରେ ବ୍ୟବସ୍ଥା ମନୋନୀତ ହୋଇ ଔଷଧର ଅର୍ଡ଼ର ଦେଲେ, ଆମ୍ଭେ ଭି: ପି: ଡାକରେ ପଠାଇ ଥାଉଁ ।

ପତ୍ରଦେବାର ଠିକଣା ।
କବିରାଜ ଶ୍ରୀଧର ରଥବଡ଼୍, ଭିଷଗାଗ୍ରର୍ଯ୍ୟ
ଆୟୁର୍ବେଦିକ ଫାର୍ମାସି
ଭୁବନେଶ୍ୱର—ପୁରୀ ।

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇ | ନ | ସୁ | ରେ | ନ — କୋ | ମ୍ପା | ନି | ଟି | ଲି:

## ହେଡ଼ଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା ।

ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁ ଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩'କୋଟି ୮ ଲକ୍ଷର ଉର୍ଦ୍ଧ୍ୱ ।

ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ସ୍ୱଚ୍ଛଂ ପ୍ରାପ୍ତି ବୀମାରେ ହଜାର ପ୍ରତି ୧୨୦ ଓ ଆଜୀବନ ବୀମାରେ ୧ ୬।୯ ଲଭ ଦିଅ ହୋଇଛୁ ।
ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।
ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।
ଓଡ଼ିଶା ଅଫିସ:—କାଳୀଗଳି, କଟକ । ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ ।**

---

**ଅର୍ଶ ଓ ସ୍ୱପ୍ନ ଦୋଷର**

# ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁସଞ୍ଜ ବଟୀ**

ଏକମାସ ଚିକିତ୍ସାରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ତିବ୍ବତ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।
ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା:—ଶାରଦା ଔଷଧାଳୟ—ଚୌଧୁରୀ ବଜାର, **କଟକ ।**

---

ପ୍ରକାଶକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

Digitized by srujanika@gmail.com

ପୌଷ ପ୍ରଥମାର୍ଦ୍ଧ—
ଆନନ୍ଦାତ୍ ହି ଖଲୁ ଇମାନି ଭୂତାନି ଜାୟନ୍ତେ—
ଦ୍ୱିତୀୟ ବର୍ଷ—୧୬ଶ ସଂଖ୍ୟା

# ଡଗର




## ବଡଦିନ ଅଭିବାଦନ



ମୁସୋଲିନୀ—ତମେ ଜେକୋସ୍ଲୋଭାକିଆ ନେଲ, ମୁଁ ଏଥର
ଟିଉନିସ୍ ଦାବି କରୁଛି ।

ହିଟଲର୍—ଆମେ ପରା ଏକା ଜାତି—ଆମ ପୂର୍ବ ପୁରୁଷ
ଯେ ଏକା !



Digitized by srujanika@gmail.com



GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
GOVERNMENT OF BENGAL
TABLETS
QUININE SULPHAT
B.P.
1000 TABLETS
5 GRAINS EACH
ଏଜେଣ୍ଟସ:
ଏଣ୍ଡ କୋଂ ନଂ୪ ବାଙ୍କସାଲ ଷ୍ଟ୍ରିଟ୍
ଏଣ୍ଡ କୋଂ ପୋଃ ବକ୍ସ ନଂ୭୦ମ୍ବର
କଲିକତା

ଡଗର
ପୌଷ ପ୍ରଥମାଙ୍କ
୨ବର୍ଷ, ୧୬ଶ ସଂଖ୍ୟା
ଭଦ୍ରକ
୧।୧।୩୯



ଡଗର
ଖଣ୍ଡ—୪୦/
ବାର୍ଷିକ(ସଡାକ)୪୲୯
ଛାତ୍ରମାନଙ୍କପାଇଁ୪୲୧
ରାଜସଂସ୍କରଣ—୪୬୯

ସେଦିନ ଓଡ଼ିଶା ଆସେମ୍ବ୍ଲିର ସଭାପତି ବୃଦ୍ଧ ମୁକୁନ୍ଦବାବୁଙ୍କ କଣ୍ଠରେ ହୋଇଥିବା ସଙ୍ଗୀତ ସମ୍ମିଳନୀରେ ସେ ସଭାପତି ବରି ହୋଇଥିଲେ ବୋଲି ଜଣା ପଡ଼ୁଛି। ସଙ୍ଗୀତ ବୋଇଲେ ତ ଗାନ, ବାଦ୍ୟ ଓ ନୃତ୍ୟ- ଏ ତିନୋଟିକୁ ବୁଝାଏ ? ମୁକୁନ୍ଦ ବାବୁ ଏକ କାଳରେ ଗ୍ରାମୋଫୋନ ବଜାଉଥିଲେ ଓ ତବଲା ବଜାଇ ଶିଖୁଥିଲେ ବୋଲି ଶୁଣି- ଥିଲୁଁ। ସଙ୍ଗୀତର ବାକି ଅଂଶ 'ନାଚ'ଟା କେବେ ପୁଣି ହାସଲ କଲେ କେଜାଣି ? ଓରିଏଣ୍ଟେଲ, ଝୁମୁରୁ, ଛଉ, କଥାକାଳୀ ପ୍ରଭୃତି ବୋଧହୁଏ ଚର୍ଚ୍ଚା ଓ ସାଧନ ଆସେମ୍ବ୍ଲି ନାମକ ରଙ୍ଗମଞ୍ଚରେ ପୂରା ଦସ୍ତୁର ହେଉଥିବାରୁ ଏବଂ ସେ ତାର ଓସ୍ତାଦ ହୋଇ ଚଳାଉ ଥିବାରୁ ଏବେ ଷୋଳ କଳା ସାଧି ନେଲେଣି। + +

ଏଇଟା ତ ଗୋଟାଏ ଜଣା କଥା ଯେ ନାଲି କନାକୁ ଷଣ୍ଢ ଡରେ। ଆମେ ତ ଆଖିରେ ଦେଖିଛୁ ଆମ ବ୍ରିଟିସ ଷଣ୍ଢ (John Bull)ର ଋଷିଆର ନାଲି ସେନାକୁ ଦେଖି କମ୍ପରୁ ପିଳେହି ପାଣି ହେଉଥିଲା। ତାପରେ ଭାରତରେ ସମାଜ ବାଦୀଙ୍କ ନାଲି ଝଣ୍ଡା ଉଡ଼ିଲା ବେଳକୁ ଦଦାକେତେ କଂଗ୍ରେସ ବି ଡରି ତାହା ବନ୍ଦ କରାଇଲା। ଏବେ ସ୍ୱୟଂ ମହାତ୍ମା ଗାନ୍ଧି ବି ଏଇ ନାଲିକୁ ଡରିଲେଣି। ସେ ଏବେ କହୁଛନ୍ତି କି "ନାଲି ଫିତାକୁ ପୋଡ଼ି ଦିଅ।" କହେଇଙ୍କ ଠେଇଁ ଅଭିମାନ କରି ଶ୍ରୀମତୀ କହୁଥିଲେ "ସଖି, ଆଉ ସେ କଳା ରଙ୍ଗ ମୁଁ ଦେଖିବି ନାହିଁ—ଯେତିକି ଯାହା କଳା ଅଛି ସବୁ ନିର୍ବାସ କରିଦେ।"

ନାଲି ଫିତା (Red Tapism)ର ଦଉଡ଼- ବଉଡ଼ିଆ, ଦୋନାବୁଡ଼ିଆ ଗନ୍ଧରେ ବିରକ୍ତ ହୋଇ ମହାତ୍ମା ବି ସେଇ କଥା କହିଲେ। ନାଲି ଫିତା ବା ଦପ୍ତର-ସାହି ଶାସନ ଉଠାଇ ଦେଲେ, ହେବ କଣ—ମେଇଷପୁ ଶାସନ ତ (Dictatorship)? +

ଗୋଟାଏ ଲୋକର ଦୁଇଟା ଭାରିଯା ଥିଲେ। କୌଣସି କଥାରେ କନିଆ ଉପରେ ଗମ ହୋଇ ଦିନେ ସେ କନିଆକୁ ଧଂଗୁଡ଼ି ବାଧା ଖଆଇ ଦେଲା। ତତ୍‌କ୍ଷଣାତ ତାର ମନେ ପଡ଼ିଲା କି କନିଆ ତ ଦୋଷ ଦବ ଏଇଟିଣି 'ତୋର-ମୋର' କଲି ବୋଲି। ସେଇଠୁ ଦୌଡ଼ି ଯାଇ ବେଢ଼ ମାଇପ ଉପରେ ବି ଅଚ୍ଛା କରି ଦଗଣ୍ଡା ଲଦିଲା। ସେ ପଚାରିଲା 'କହୋ, ବିନା ଦୋଷରେ ମୋତେ ମାଇଲ କଅଁ ?" ଲୋକଟା ଉତ୍ତର ଦେଲା, "କାଲି ବୁଝନ୍ତୁ, ମୁଁ ପରା ତୁମ୍ଭଙ୍କୁ ଏମାନ ବ୍ୟବହାର କରିବି? ତାକୁ ମାରି ତୋତେ ନ ମାଇଲେ ଲୋକେ କହନ୍ତେ ପକ୍ଷପାତ କଲି ବୋଲି। ବଡ଼ଂ ତୋ ଉପରେ ସେଇଥିପାଇଁ ଅଧିକା ଗଣ୍ଡାଏ ଥୋଇଲି।

ସେଇପରି ଆମ କଂଗ୍ରେସ ମୁସଲିମ ଲିଗକୁ ଏକଘରିଆ ବା ବାସନ୍ଦ କରିବାର ହୁକୁମ ଦେଲା ସାଙ୍ଗେ ସାଙ୍ଗେ ହିନ୍ଦୁମହା- ସଭାକୁ ବି ବାସନ୍ଦ ହୁକୁମ ଦେଇଦେଲେ। ହିନ୍ଦୁମହାସଭାର ଆଦର୍ଶ ଓ ନାଆ କଂଗ୍ରେସ ସାଙ୍ଗରେ ସମାନ (Joint elec- torate) ହେଲେ ମଧ୍ୟ ଅପଣାର ଅତି ଭଲେଇ ଦେଖାଇବା ପାଇଁ କଂଗ୍ରେସ ଯାହା କଲେ ଏଥିରେ ପ୍ରକାଶ୍ୟ ବିରୁଦ୍ଧା- ଗୁଣ୍ଡା ମୁସଲିମ ଲିଗର ଅଙ୍ଗୁଳି ଟେକା ହେବ ନାହିଁ, ମାତ୍ର ହିନ୍ଦୁ ମହାସଭା ମୁଣ୍ଡରେ ଚଡ଼କ ପଡ଼ିଲା। କଂଗ୍ରେସର ଏ ଦ୍ୱୈଧିଟାକୁ ଅଜକାଲିକାର ମନସ୍ତତ୍ତ୍ୱ ବିଶ୍ଳେଷକମାନେ Self-righteousness Complex ବୋଲି କହିବେ ଠିକ ? + +

ଆମେରିକା ଯୁକ୍ତ ରାଜ୍ୟର ଜଣେ ମନ୍ତ୍ରୀ ପ୍ରକାଶ୍ୟରେ ଜର୍ମାନିକୁ ହୁଣ୍ଡା, ଗୁଣ୍ଡା, ଅସଭ୍ୟ, ବର୍ବର ବୋଲି କହିବାରୁ ଜର୍ମାନ ସରକାର ଆମେରିକା ସରକାର ଠାରୁ ତାର କୈଫିୟତ ମାଗି କ୍ଷମା ପ୍ରାର୍ଥନା ଦାବି କରି ପଠାଇଛି। ଏଥିରେ ଆମେରିକା ସରକାର ଜବାବ ଦେଇଛି କି "ଯା, ଆମେ କହିଲୁ ତ ଅଚ୍ଛା କଲୁଁ, ଖୁବ୍ କଲୁଁ, ବେଶ କଲୁଁ।" ଏ କଥାରେ ହିତୋପଦେଶର କୁମ୍ଭୀର, ଓ ଜାମୁକୋଳିଗିଆ ମାଙ୍କଡ଼ କଥା ମନେ ପଡ଼ୁଛି। ଆମେରିକା ବହୁତ ଦୂରରେ ଓ ନିରାପଦ ସ୍ଥାନରେ ରହିଛି ବୋଲି ସିନା ଏ ବହପ କରି ପାରିଲା।

ଆମ ଚରଣ ଚୁଟିଆ ଗୋଟେଇଁ ହୋଇ ଥିଲେ ଏତେବେଳକୁ 'ଢୋବା ଢୋବା' ବୋଲି ସାତଥର ନାକ ଘଷନ୍ତେଣି।

+ + +

କି ଜହ୍ନଟା ପାଣି ଫାଟି ଗଲାରେ—ହାୟ, ହାୟ! ଢେଙ୍କାନାଳ ଲଢ଼େଇଟା ସିମିଗଲା କମି ଆସୁଥିଲା ଆମ ଖବର କାଗଜବାଲାଙ୍କୁ ବହୁତ ମାଲ ମସଲା ଦିଅ ଅଧାର ମିଳିଯିବ ବୋଲି ଆଶା କରିଥିଲେ। ମଝିଁଠାରୁ ବଦ- ରଫିକା ଗାନ୍ଧିବୁଢ଼ା ସବୁ ମାଟିଂଟକାଇ ! ଛେଳି ଦୁଧ ଖାଇ, ତାଙ୍କ କଲିଜା ଥଣ୍ଡା ହୋଇ ଗଲାଣି; ପୁଣି ବୁଢ଼ା ହେବାରୁ କହୁ



Digitized by srujanika@gmail.com

ଦିଅ ଗଲଣି । ସେଥିପାଇଁ ସେ ମୋଗଲ୍‌ବନ୍ଦିଅ କଂଗ୍ରେସବାଲାଙ୍କୁ ନାହିଁ କହିଛନ୍ତି ଅଟକାର ମୁଲକ ଭିତରେ ପଶି ସତ୍ୟାଗ୍ରହ କରିବାକୁ । କିନ୍ତୁ ଅମ ମହତାପେ ଇଙ୍ଗୀ ଜଟୋନ ଷେତୀ ବଗୁ ହୋଇ ଏଡ଼େ ହ୍ନାନତାପ ହୋଇଗଲେ ଯେ ଏ ଭଳିଅ କଥାଟା କହି ସବୁ ବନ୍ଦ କରି ଦେଲେ । ଏ ଲଢ଼େଇଟା କେତେ ଲୋକଙ୍କୁ କେତେ ପ୍ରକାର ସୁଯୋଗର ବାଟ ଫିଟେଇ ଦେଇଥିଲା । କେତେ ଚକ୍ଷୁଅ ଅଗକୁ ଝପକବାର ସୁବିଧା ପାଇଯାଇ ଥାନ୍ତେ ! ଓଡ଼ିଶାର ନାଁଟା ଭୃଇଅଡ଼େ ପଡ଼ି ଥାଅନ୍ତା ଓ ଓଡ଼ିଶା ପୂର୍ବେ ବୀର ଜାତି ଥିବାର ପ୍ରମାଣ ଦେଇ ସେଣ୍ଡା ନାଁଟା ଲୁଚାଇ ଦେଇ ପାରନ୍ତେ ଏଇଥର । × × ×

ଅମ ଦେଶରେ ଅଜକାଲ୍ ଅଲମିନିୟମ୍‌ର ବାସନ କୁସନ ଘରେ ଘରେ ହେଲେ କାରବାର ହେଉଛି ଏବଂ ହାଟ ବଜାରରେ କାଣ୍ଡି ମରି ହେଉଛି । ମହାତ୍ମା ଗାନ୍ଧିଙ୍କ ପ୍ରତିଷ୍ଠିତ ଗ୍ରାମୋଦ୍ୟୋଗ ପତ୍ରିକାରେ ଏ ବିଷୟରେ ଗୋଟିଏ ଲେଖା ବାହାରିଛି ଯେ ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଲେଣି କି ଅଲ୍‌ମିନିଅମ ଗୋଟାଏ ମାରାତ୍ମକ ବିଷ ଏବଂ ଯଥେଷ୍ଟ ହେଲେ ମଣିଷର ଜୀବନ ନାଶ କରିପାରେ । ଏ ବାସନରେ ରାନ୍ଧିଲେ ବା ଏଥିରେ କୌଣସି ପଦାର୍ଥ ରଖିଲେ ସେ ବିଷ ତହିଁରେ ମିଶି ପେଟକୁ ଯାଏ । ଏକାଥରକେ ଏହାର ଗୁଣ ଜଣା ନ ପଡ଼ିଲେ ମଧ୍ୟ ଧୀରେ ଧୀରେ ଲୋକର ସ୍ୱାସ୍ଥ୍ୟ ନଷ୍ଟ କରି ନାନା ବ୍ୟାଧି ଉପଜାତ କରାଏ ଓ ଶେଷରେ ପ୍ରାଣ ନାଶ କରେ । ଏଟା ପ୍ରକୃତ କଥା ହେଲେ, ଖାଲି ପାଣି ରଖିଲେ ବି ବିପଦର ସମ୍ଭାବନା ।

ହାୟ ହାୟ, କେଡ଼େ ବଡ଼ ସର୍ବନାଶିଆ କଥା, ଓ ହାଲୁକା ପଦାର୍ଥଟା ନଷ୍ଟ ହୋଇଗଲା ! ପାନ, ସିଗେରେଟର ଡବା ଅଉ କେଉଁଥିରେ କରିବା ? ଦେଖା ଯାଉଛି ଶିଘ୍ର ଚୂଡ଼ା ଅମକୁ ଚୂଡ଼ା ମାଟି ହାଣ୍ଡିରେ ରୋଷେଇବା ଓ ମାଟି ଗିନାରେ ଖାଇବାର ମତଲବ କଲଣି । କୌଣସି ପ୍ରକାର ସଉକ କରିବାରେ କେତେ ବାଧା ପଡ଼ିଲା । ଅଧୁନିକା ଶିକ୍ଷିତା ଝିଅ ବହୂମାନେ ଚେୟାରରେ ବସି ଟେବୁଲ ଉପରେ ଷ୍ଟୋଭ ଥୋଇ କଣ ମାଟି ଡସଲି, ମାଟି କଡ଼େଇ, ଲୁହା ଚଟୁ, ଖଡ଼ିକାରେ ରାନ୍ଧି ହାତ ଓ ଲୁଗାପଟା ମଳି କରିବେ ? + +

କଂଗ୍ରେସବାଲା ଦେଶହିତୈଷୀଗଣ ଯେଉଁ ଉପାୟରେ ଦେଶ ସେବା କରିବା ପାଇଁ ତଅର ହେଉଛନ୍ତି ତେଣେ ବଣିଆ ବୁଢ଼ା ତାଙ୍କ ମୁଣ୍ଡରେ ତେଡ଼କ ତେଡ଼କ ଗୋଟା ଗୋଟା ଅଙ୍କାଳ ବାଡ଼ିକ ଘୁଞ୍ଚି ଦେଉଛି । ଜିଲ୍ଲା ବୋର୍ଡ଼ର ମେମ୍ବର ହେବା ପାଇଁ କର୍ମୀମାନଙ୍କ ମଧ୍ୟରେ ଯେତେ କଳି, ଯେତେ ଅଭିମାନ, ଯେତେ ମୁହଁ ମୋଡ଼ା, ଯେତେ ମନଉଣା—ରୋଦନ, ଶୋଧନ, ବୋଧନ, ତାହାତ ସେଦିନ ଦେଖାଯାଇଛି । ଗୋଟାଏ ପଦ ଓ କ୍ଷମତା ପାଇବାର ଆଶାରେ ସମସ୍ତେ ଧାଇଁଥିଲେ । ଅଉ ଯାହାଙ୍କ କରମରେ ତାହା ନ ଜୁଟିବ ଅନ୍ତତଃ ମାସକୁ କିଛି କିଛି ହେଲେ ରାସ୍ତା ଖର୍ଚ୍ଚ ଓ ଖୋରାକ ।

କିନ୍ତୁ ଗାନ୍ଧି ତେଣେ ସେ ଗୁଡ଼ାରେ ବାଲି ପକାଇ ଦେଇ ତାର ମିଠାଟା ନଷ୍ଟ କରି ଦେବାକୁ ବସିଲେଣି । ସେ ସଫା କହୁଛନ୍ତି କି "ଫୁରସତ-ଦେଶ ସେବା କରି ଅଉ ଦେଶକୁ ଠକାଅ ନାହିଁ । ଏଣିକି ଜିଲ୍ଲା-ବୋର୍ଡ଼ ମେମ୍ବର ସବୁ ଅପଣା ହାତରେ ମାଟି ଖୋଳି ସିଡ଼ା ମୁଣ୍ଡାଇ ସଡ଼କ ବାନ୍ଧ ଓ ପହିଁର ଧରି ସଫା କର । ଏହା ଉପରେ ଗାଁ ଗାଁ ବୁଲି ସୂତା କାଟ, ଚାଷ କର, ପାଠ ପଢ଼ା ପ୍ରଭୃତିରେ ଲାଗ ।" ଏତେ ଦଣ୍ଡ ଏତେ ଝଙ୍କମାର ଅଗରୁ ଜଣାଥିଲେ କିଏ—ଏଥିରେ ମୁଣ୍ଡ ପୂରାଇବାକୁ ଯାଇଥାଅନ୍ତା ?

ମ୍ୟୁନିସିପାଲିଟି ଓ ଜିଲା ବୋର୍ଡ଼ରୁ କୁଲି ଓ ବମେହନ୍ତର ଉଠାଇ ଦେଇ ମେମ୍ବର ସଂଖ୍ୟା ବଢ଼ାଇ ଦେଲେ କାମ ଭଲ ହବା ସାଙ୍ଗରେ ଖରଚ ବି କମ ପଡ଼ିବ ନାହିଁକି ? × × ×

ସବୁ ପ୍ରଦେଶର କଂଗ୍ରେସ ସରକାରମାନେ ଯେଉଁ ହିସାବରେ ନିଶା-ନିବାରଣ କାମ ଚଳାଉଛନ୍ତି, ସେଥିରେ ପ୍ରକୃତ ନିଶା ରୋଧ ଯେ କେଉଁ କାଳରେ ହେବ ତାହା ସ୍ୱୟଂ ମହାଦେବ ବି କହି ପାରିବେ ନାହିଁ । ପ୍ରତି ଦିନ ଗଞ୍ଜେଇ କରୁଥିବା ଗଞ୍ଜେଇଙ୍କୁ ସପ୍ତାହରେ ଥରେ, ମାସରେ ଥରେ, ବର୍ଷରେ ଥରେ ଏହିପରି ହିସାବରେ ଗଞ୍ଜେଇ କରିବାକୁ ଶିକ୍ଷା ଦେଇ କେବେ ଗଞ୍ଜେଇ ଛଡ଼ାଇ ହୁଏ କି ? ଯେଉଁ କଥାଟା ମନ୍ଦ, ତାକୁ ସାଙ୍ଗେ ସାଙ୍ଗେ ପୂରାଦମ୍ ନିକାଶ କର । ଧୀରେ ସୁସ୍ଥେ, ଛେଳି ଛେଳି କରି କଲେ ତାର ମୂଳ ଯାଏ ନାହିଁ । ଏଥିପାଇଁ ଗାନ୍ଧିଜୀ କହୁଛନ୍ତି କି ପଇସାର ଲୋଭ ଲୋକମାନ ଅଡ଼କୁ ନଜର ଦେଇ ମନ୍ତ୍ରୀମାନେ ନିଶା ଉତ୍ପାଟନ କାମ ଠିକ୍ ବାଟରେ କରୁ ନାହାନ୍ତି । ତାଙ୍କ ମତରେ ଏକାଦିନେ କଠିନ ଆଇନ କରି ସବୁ ନିଶା ବନ୍ଦ କରିଦେବା ଉଚିତ । ଆୟ ଊଣା ହୋଇଗଲେ ବି ସରକାର ଅଚଳ ହୋଇ ଯିବ ନାହିଁ । ଦରକାର ପଡ଼ିଲେ ନୂଆ ଟିକସ ବସୁ, କିମ୍ବା ଭାରତ ସରକାରରୁ କରଜ ଅସୁ ।

ମାତ୍ର ଏହା କରିବାକୁ ଯେଉଁ ଗୁଡ଼ ଦରକାର ସେଇଟା ମନ୍ତ୍ରୀମାନଙ୍କର ଅଛି କି ନାହିଁ, ମହାତ୍ମା ଥରେ ଷ୍ଟେଥସ୍କୋପ ନେଇ ପରୀକ୍ଷା କଲେ ଜାଣି ପାରନ୍ତେ । ଗାନ୍ଧିଙ୍କ ମନକୁ ନିଶା ଉଠାଇବାଟା ଯେତେବଡ଼ କାମ ବୋଲି ଲାଗୁଚି—ଏଣୁ ତେଣୁ ପାଞ୍ଚଟା ଅଣି-ଦରଣା ଭିତର ଫମ୍ପା କାମ କରି-ଦେଇ ଲୋକଙ୍କ ମନ ଜଗିବାଟା ଯେ ମନ୍ତ୍ରୀ-ମାନଙ୍କର ତହିଁରୁ ଢେର ବଡ଼ କର୍ତ୍ତବ୍ୟ ବୋଲି ମନେ ହେଉଛି । ଭେଟ ଜଗି ଅପଣାର ମୁଣ୍ଡ ରଖିବେ, ନା ବୃଦ୍ଧର ବଚନ ଶୁଣି ଖେଏ ଟୋ ଛୁଣ୍ଡା ଦାନାଟାକୁ କାଣ୍ଡ କାଣ୍ଡ ହାଙ୍କିବେ ? ହରେ ରାମଃ !

Digitized by srujanika@gmail.com



## ୧୨×୧୨ ଶ ଉପର ଶବ୍ଦଧନ୍ଦା

ଲେଖକ—ଧନ୍ଦାଖେଳ।

**ବାର** ଗୁଣନ ବାର, ସେ ସମାନ—ଶହେ ଚଉରାଳିଶ। ଉପରରେ ଯେତେବେଳେ ଶହେଚଉରାଳିଶ ନମ୍ବର ଶବ୍ଦଧନ୍ଦା ବାହାରିବ ସେତେବେଳକୁ ତାର କେତେ ବର୍ଷ କେତେ ମାସ ହୋଇଥିବ ? ଆଜି ତାର ବର୍ଷେ ପୂରି ଅଠମାସ ଗଲାଣି—ଏପର୍ଯ୍ୟନ୍ତ ବାହାରିଛି ଚଉଦଟା ଶବ୍ଦଧନ୍ଦା। ଯେବେ ୧୨×୧୨=୧୪୪ ଶବ୍ଦଧନ୍ଦା ବାହାରିବ ସେତେବେଳେ ଉପରକୁ କେତେ ବର୍ଷ ହୋଇଥିବ ? ବୀଜଗଣିତ ହେଉ ତୈରାଶିକ ହେଉ ଗୋଟାଏ କିଛି ସୂତ୍ର ପକାଇ ଫଳ ବାହାର କରନ୍ତୁ ପାଠକେ !

ସେଟା ଗ୍ରୀଷ୍ମ ହେବ କି ବର୍ଷା ହେବ କି ଶୀତ ହେବ ଏକଥା ଧାର୍ଯ୍ୟ କରିବାକୁ ହେଲେ ପଠାଣି ସାମନ୍ତଙ୍କୁ ପ୍ଲେଞ୍ଚେଟ ଯୋଗେ ନ ଡକାଇଲେ କହିବ କିଏ ?

ସେତେବେଳେ ପୁରୁଷ ନାରୀକୁ ବାହା ହେବାର କଥା କି ନାରୀ ପୁରୁଷକୁ ବାହା ହେବାର କଥା ସେ କଥା ବି ଠିକ୍ କରି ହେବ ନାହିଁ।

ପୁରୁଷ ମଲେ ସ୍ତ୍ରୀ ସେତେବେଳେ ରାଣ୍ଡ ହେବେ କି ନାରୀ ମଲେ ପୁରୁଷ ରାଣ୍ଡ ହେବେ ଏଇଟା ବି କେହି ଥୟ କରି କହି ପାରିବ ନାହିଁ।

ତେବେ ନାରୀ ପାଇଁ ପୁରୁଷ ଯେ ସେତେବେଳକୁ ବୈଜ୍ଞାନିକ ପ୍ରଣାଳୀରେ ସନ୍ତାନ ଜନ୍ମ କରୁ ନଥିବ ଏଟା ନିଶ୍ଚିତ କଥା। କାରଣ ସମୟଟା ଖୁବ୍ ଦୂର ଭବିଷ୍ୟତ ପରି ମନେ ହେଉ ନାହିଁ।

ପାଠକେ, କ୍ଷମା କରିବେ। ବର୍ତ୍ତମାନ ଆଉ ଭବିଷ୍ୟତ୍ କାଳରେ କଥାବାର୍ତ୍ତା ନ କରି ବର୍ତ୍ତମାନ କାଳରେ କଥା ବାର୍ତ୍ତା କରିବା। ଆପଣମାନେ ଟିକିଏ ମନେ କରି ନିଅନ୍ତୁ ଯେ ଯେଉଁ ବର୍ଷ ଯେଉଁ ମାସ ଉପରରେ ୧୪୪ ନମ୍ବର ଶବ୍ଦଧନ୍ଦା ବାହାରିଛି ଆପଣ ସେଇ ବର୍ଷ ସେଇ ସମୟରେ ଅଛନ୍ତି। ଯଦି ପଚାରନ୍ତି, ଜୀବିତ କି ମୃତ ? ମୁଁ ଆଜି ତାର ଉତ୍ତର ଦେବାକୁ ଅନ୍ତତଃ ଭଦ୍ରତା ଖାତିର୍‌ରେ ସଙ୍କୁଚିତ ହେବି। ଯଦ୍ୟପି ମୋର ଲମ୍ବଟା ୬ ଫୁଟ ନ ଇଞ୍ଚରୁ ଟିକିଏ ବୋଲି ଖର୍ବ ହେବ ନାହିଁ। ମାତ୍ର ଆପଣ ଯଦି ପୃଥିବୀ ଉପରେ ସେଇ ସମୟଟା ଆସି ପହଞ୍ଚିଛି ବୋଲି ମନେ ଭାବି ନିଜକୁ ସେହି ୧୪୪ ଶବ୍ଦଧନ୍ଦା ସମୟରେ ମୃତ ନ ହୋଇ ଜୀବିତ ରହିଥିବାର ମନେ କରି ନିଅନ୍ତି, ମୁଁ ଆପଣଙ୍କୁ ଭରସା ଦେଇ କହିପାରେ ଯେ ଆପଣମାନଙ୍କ ସ୍ତ୍ରୀମାନେ ସେତେବେଳେ ଆପଣଙ୍କୁ ଗୋଡ଼ରେ ଯୋତା ପିନ୍ଧାଇବାକୁ କହିବେ ନାହିଁ ବା ଗୁଅଣି ଦେବାକୁ ହୁକୁମ ଦେବେ ନାହିଁ କିମ୍ବା ପୋଷ୍ଟଅଫିସକୁ ଯାଇ ଚିଠି ପକାଇବାକୁ କହିବେ ନାହିଁ ନତୁବା ଗୋଡ଼ ଘଷିବାକୁ ନୋହିଲେ ଆଉ କିଛି କରିବାକୁ ଆଜ୍ଞା ଦେବେ ନାହିଁ।

ମନେ କରନ୍ତୁ ସେଇ ସମୟର କଥା।... ୧୯...... ମସିହା,...... ମ୍ବର ମାସ, ତା ୧୫ ରିକର...ଣ ବର୍ଷ ......ସଂଖ୍ୟା ଉପରେ ଆପଣ ପଢ଼ୁଛନ୍ତି।

ସେତିକିବେଳେ, ଠିକ୍ ସେଇ ସମୟରେ ଯେମିତି ପବନ ବହିବାର କଥା ବହୁଛି। ଗଛ ପତ୍ର ହଲିବାର କଥା ହଲୁଛି, ଜହ୍ନ ଉଠିବାର କଥା ଉଠିଛି—ବୁଢ଼ା ହେବାର କଥା ହୋଇଛି। ଆପଣ ଯେମିତି ପଢ଼ୁଛନ୍ତି, ଆପଣ ଯଦି ପୁରୁଷ ହୋଇଥାନ୍ତି ତେବେ ମନେ କରନ୍ତୁ ଆପଣଙ୍କ ପରି ଆଉ ଜଣେ ପୁରୁଷ, ବା ଆପଣ ଯଦି ସ୍ତ୍ରୀ ହୋଇଥାନ୍ତି ତେବେ ଆପଣଙ୍କ ପରି ଆଉ ଜଣେ ସ୍ତ୍ରୀ ମଧ୍ୟ ସେହିପରି ପଢ଼ୁଛନ୍ତି। ଆପଣମାନେ ଯଦି ବିବାହିତ ବା ( ସ୍ତ୍ରୀ ଲିଙ୍ଗ ପକ୍ଷେ ) ବିବାହିତା ହୋଇଥାନ୍ତି ତେବେ ଶୁଣି ନିରାଶ ହେବେ ଯେ ସେମାନେ ଲିଙ୍ଗଲସ୍ତ୍ରୀନ ନୂଗୋଲ। ଆପଣମାନଙ୍କୁ ଦେଖିଲେ ହୁଏତ ସେମାନେ କହିବେ ଯେ ବିବାହ ହେବାଟା ଭାରି ଖରାପ। ଯଦି ହେବ Companionate marriage ହେବ। ଦରକାର ଯାବେ ସ୍ତ୍ରୀ ପୁରୁଷଙ୍କର ଦେଖା ସାକ୍ଷାତ ହେବ, ଅନ୍ୟ ସମୟରେ ଯେଝା ସୁଖ ଯେଝେ ମନେ ଭୋଗିବେ। ପିଲା ପିଲି ହେଲେ ସରକାର ସମ୍ଭାଳିବେ। ଅବଶ୍ୟ ସେତେବେଳେ ଏ ଦେଶରେ ମାନ୍ୟବର ବିଶ୍ୱନାଥ ଥିବେ କି ନାହିଁ କହି ପାରୁ ନାହିଁ। ଯଦି ରହନ୍ତି ତେବେ ହୁଏତ ତାଙ୍କୁ ଆଜିଠାରୁ ସାବଧାନ ହେବାକୁ ପଡ଼ିବ। ଛୁଆ ସମ୍ଭାଳିବାକୁ ଗୋଟାଏ ଟ୍ରେନିଂ ନେବା ନିତାନ୍ତ ଦରକାର ହେବ। ତା' ନହେଲେ ଭୋଟ ପାଇବେ ନାହିଁଯେ ! ମାନ୍ଦ୍ରାଜର ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜନ ସେଥିପାଇଁ ମାଇକିନିଆ ନର୍ସ ଉଠାଇ ଦେଇ ପୁରୁଷ ନର୍ସର ବ୍ୟବସ୍ଥା କରୁଛନ୍ତି। ତେବେ ଆମ ଓଡ଼ିଶାରେ ସେତେବେଳକୁ ଯଦି ସରଳାଙ୍କ ଭଳି ନାରୀ କେହି ମନ୍ତ୍ରୀ ହୋଇଥାନ୍ତି ଓଡ଼ିଆଙ୍କୁ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ।



Digitized by srujanika@gmail.com

ହଁ କଥାଟାରୁ ଟିକିଏ ଖସିଗଲି । ଗୋଟିଏ ଅବିବାହିତ ଯୁବକ ଆଉ ଗୋଟିଏ ଅବିବାହିତା ଯୁବକ ନୁହେଁ— ଯାହା ହେବାର କଥା ସେଇୟା ।

ନା—ନା— କଥାଟା ଏମିତି ଆରମ୍ଭ କରିବା ନାହିଁ । ଅନ୍ଯ ଆରମ୍ଭ କରୁଛି । ଯେମିତି ଗପ ଆରମ୍ଭ କରନ୍ତି ସେମିତି— ପାଠକେ ଶୁଣିବାକୁ ସାବଧାନ ହେଉ—

କମଳ ହଠାତ୍ ଚଉକି ଉପରୁ ଅଳ୍ପଟାଏ ଡେଇଁ ପଡ଼ିଲା । ୧୫ ହଜାର ଟଙ୍କା—୧୫ ହଜାର ଟଙ୍କା !!

ନଗରରେ ଶହେ ଚଉରାଳିଶ ନମ୍ବର ଶବ୍ଦଧନ୍ଦାର ଉତ୍ତର ବାହାରିଛି । ତାର ନିର୍ଭୁଲ୍ ଉତ୍ତର ହୋଇଛି । ସେ ପାଇବ ୧୫ ହଜାର ଟଙ୍କା । ଆଉ ସାମନ୍ତ ପୁରସ୍କାର ଗୋଟାଏ ସିଭ୍ରଲେ ଲେଟେଷ୍ଟ ମଡ଼େଲ୍ ସିଡ଼େନ ବଡ଼ ଗାଡ଼ି ।

କେତେ ଦିନର ଆଶା ତାର ପୂର୍ଣ୍ଣ ହେଇଛି । ୧୫ ହଜାର ଟଙ୍କା । ଯଦି ବେଙ୍କରେ ରହେ ତେବେ ମାସକୁ ଯେତେ ସୁଧ ହେବ ସେଥିରେ—ଅଃ—କମଳକ !

ଓଃ କେତେଦିନ ସେ ବେକାର ହୋଇ ବସିଛି । କେତେ କଷ୍ଟ ସେ ପାଇଛି । କେତେ ଅପମାନ ସହିଛି । ଆଜି ସବୁର ପ୍ରତିଶୋଧ । ଆଜି ଦୁନିଆର ସବୁ ଦୁଃଖକୁ ଦଳି ସେ ଉଠିବ—ବଡ଼ ଲୋକ ହେବ— ସ୍ୱାଧୀନ ହେବ—ଆଉ ସେ ଖବର କାଗଜର wanted ସ୍ତମ୍ଭ ଦେଖିବ ନାହିଁ—ଏଣିକି ଦେଖିବ ମେଟ୍ରିମନିଏଲ ସ୍ତମ୍ଭ ।

କିନ୍ତୁ ପୁରସ୍କାରଟା ଠିକ୍ ସେ ପାଇବ ତ? ତାର ସନ୍ଦେହ ହେଲା । ପୁଣି ଥରେ ଭଲ କରି ଦେଖିଲା । ପାଖରେ ରଖିଥିବା ତା' ଉତ୍ତରର ନକଲକୁ ମିଳେଇଲା—ଠିକ୍ ମିଳି ଯାଉଛି ।

କିନ୍ତୁ ନାମଟା ନବାହାରିବା ଯାଏଁ ତାର ମନଟା ଖାଲି କେମିତି କେମିତି ହଉଥାଏ । ୧୫ଟା ଦିନ ଯେ କିମିତି କଟିଲା ତା' ମା ଗଙ୍ଗାବାଲି ଜାଣନ୍ତି ।

କିନ୍ତୁ ଏକ'ଣ ? ପୁରସ୍କାର ଘୋଷଣାରେ ଦେଖିଲା ଯେ ତା ୧୫୦୦୦ରୁ ଆଉ ଜଣେ ଭାଗ ନେଉଛି—ଏକଦମ୍ ଅଧେ । ଅବଶୋଷ । ଅବଶୋଷ ! କିନ୍ତୁ କିଏ ଏ ? ମିସ୍ ମେନକା । କେଉଁଠି ଘର ? ପୁରୀ ।

କପାଳରେ ହାତମାରି ବସିଗଲା ଦଣ୍ଡେ । ପୁଣି ଥରେ ପୁରସ୍କାର ଘୋଷଣାଟାକୁ ପଢ଼ିଲା । ପୁରସ୍କାର ସର୍ତ୍ତରେ ଥିଲା ଯେ ଏକାବେଳେକେ ନେଲେ ୧୫୦୦୦ ଟଙ୍କା ମିଳିବ ନଚେତ ମାସକୁ ୩୦୦୦ ଟଙ୍କା କରି ଦଶମାସ ପାଇବ । ଏକା ଅଂଶୀଦାର ଥିବା ସ୍ଥଳେ ୧୫୦୦୦ ଟଙ୍କାକୁ ଏକା ବେଳେକେ ସମାନ ଭାବରେ ବାଣ୍ଟି ଦିଆଯିବ । ଆଉ ମାସିକ ହିସାବରେ ଦିଆଯିବ ନାହିଁ । ଯଦି କୌଣସି ଅଂଶୀଦାର ଏକାବେଳେକେ ଅନ୍ୟ ଅଂଶୀଦାର ମାନଙ୍କୁ ସେମାନଙ୍କର ପ୍ରାପ୍ୟ ଛାଡ଼ିଦେଇ ଟଙ୍କା ପାଇବାର ରସିଦ ଅଫିସକୁ ପଠାଇବେ ତେବେ ସେ ମାସିକ ପ୍ରାପ୍ୟର ହକ୍‌ଦାର ହେବେ । ଏକାଧିକ ଅଂଶୀଦାର ଏହିପରି କରିବାକୁ ଚାହିଁଲେ ସୁର୍ତ୍ତି ଉଠାଯାଇ ଭାଗ୍ୟ ପରୀକ୍ଷା କରାଯିବ । ପୁଣି ଏକାଧିକ ଲୋକ ପୁରସ୍କାର ପାଇବାର ଯୋଗ୍ୟ ହେଲେ ମଟର କାହାରିକୁ ମିଳିବ ନାହିଁ । ଯଦି କୌଣସି ଅଂଶୀଦାର ଅନ୍ୟ ଅଂଶୀଦାର ମାନଙ୍କୁ ତୋଷ କରି ସେମାନଙ୍କର ଆପତ୍ତି ନାହିଁ ବୋଲି ନାଦାବି ଲେଖାଇ ଦେଖାଇବେ ତେବେ ସେ ଗାଡ଼ି ପାଇବେ ।

ଏ ସବୁ ସେ ପଢ଼ିଥିଲା । କିନ୍ତୁ ପୁଣିଥରେ ପଢ଼ିଲା—ସନ୍ଦେହ ମୋଚନ ପାଇଁ । ତାର ନିରାଶର ଆଉ ସୀମା ରହିଲା ନାହିଁ । ତାପରେ ଗମ୍ଭୀର ହୋଇ ବସିଗଲା ପନ୍ଦର ମିନିଟ୍ । କିଛି କ୍ଷଣ ପରେ ହଠାତ୍ ସେ ଚମକି ପଡ଼ିଲା ପରି କହି ଉଠିଲା—the idea !

ସାଙ୍ଗେ ସାଙ୍ଗେ ଯାଇ ସେ ଟେବୁଲ ଉପରେ ବସି ଚିଠି ଲେଖିଲା,

ପ୍ରିୟା କୁମାରୀ ଦାସ,

ଆପଣ ୧୪୪ଶ ନଗର ଶବ୍ଦଧନ୍ଦାର ସୌଭାଗ୍ୟବତୀ ପୁରସ୍କାର ପ୍ରାପ୍ତା ରମଣୀ ହିସାବରେ ମୋ ଭଳି ଗୋଟିଏ କ୍ଷୁଦ୍ର ଅଂଶୀଦାରର ଅଭିବାଦନ ଗ୍ରହଣ କରିବେ । ଉତ୍ସଙ୍ଗ ମୋର ଏହି ଅନଧିକାର ଚର୍ଚ୍ଚ ନିମନ୍ତେ ମୋତେ କ୍ଷମା କରିବେ ।

ମୋର ଉଦ୍ଦେଶ୍ୟ ଆଦୌ ମନ୍ଦ ନୁହେଁ । ମୁଁ କେବଳ ଗୋଟାଏ ବ୍ୟବସାୟ ପାଇଁ ଏ ପତ୍ର ଲେଖୁଛି । ଆପଣ ଦୟା କରି କ୍ରୋଧ ପରିହାର କରିବେ ।

୧୪୪ ଶବ୍ଦଧନ୍ଦାର ସର୍ତ୍ତ ଗୁଡ଼ିକ ଆପଣ ପଢ଼ିଥିବେ । ସେଥିରୁ ଆପଣ ସ୍ପଷ୍ଟ ବୁଝି ପାରୁଥିବେ ଯେ ଆମେ ଦୁଇଜଣ ସଙ୍ଗ ହେଲେ ମଟରଟା ଓ ଅଧିକା ୫୦୦୦ ଟଙ୍କା ଘରେ ବସି ପାଇ ପାରିବା ! ସେଥିପାଇଁ ମୁଁ ପ୍ରସ୍ତାବ କରୁଛି ଯେ ଆମ୍ଭେମାନେ Engaged ବୋଲି ତୁରନ୍ତ ଖବର କାଗଜରେ ଦେଇ ଯଥା ଶୀଘ୍ର Companionate marraige ରେଜିଷ୍ଟ୍ରି କରିଦେବା । ଏ ବିବାହର କାଳ ମାତ୍ର ୧୦ ମାସ ହେବ । ଦଶମାସ ପରେ ଆମ୍ଭେମାନେ ସ୍ୱେଚ୍ଛାରେ ନିଜ ନିଜର ପ୍ରାପ୍ୟ ବଣ୍ଟନ କରି ପୃଥକ ହୋଇ ଯାଇ ପାରିବା ।

ନମସ୍କାର ଜାଣିବେ—

ଆପଣଙ୍କର

କମଳ

ଉତ୍ତର ଆସିଲା ଏହିପରି—

ପ୍ରିୟ କୁମାର ମହାପାତ୍ର,

ଆପଣଙ୍କ ପତ୍ର ପାଇ ଅତ୍ୟନ୍ତ ଆନନ୍ଦ ଲାଭ କଲି । ଆପଣ ମୋର ମଧ୍ୟ ଅଭିବାଦନ ନେବେ । ଆପଣଙ୍କ ପ୍ରସ୍ତାବରେ ମୋର କୌଣସି ଆପତ୍ତି ନାହିଁ । ଆଜିରେ ଯେପରି ଖବର କାଗଜରେ ଦିଆ ହୁଏ । ସାବଧାନ ! ଜରୁର !

କିନ୍ତୁ ଏଥି ପୂର୍ବରୁ ମଟର ବିଷୟରେ ଗୋଟାଏ କିଛି ସର୍ତ୍ତ ନ ହେଲେ ଚଳିବ ନାହିଁ । ପଛରେ ପୁଣି ସେଥିପାଇଁ ଯେପରି ମନୋମାଳିନ୍ୟ ନ ହୁଏ ।

ଆପଣଙ୍କର

ମିନ୍ ଦାସ ।

Digitized by srujanika@gmail.com



ଏତେ ବଡ଼ ଦୁନିଆଁରେ ତା'ର ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ—ସାରା ଦୁନିଆଁରେ ତା'ର ନିଜର ବୋଲି କେହି ନାହିଁ। ସେ ଗୋଟିଏ ରାସ୍ତାର ଜୀବ—ଗଛ ମୂଳର ପ୍ରାଣୀ। ଦୁନିଆରେ କେତୋଟି ଗଛ ମୂଳ ମାତ୍ର ତା'ର ଆଶ୍ରୟ ସ୍ଥଳ। ସେହି ଗଛ ମୂଳର ଧୂଳି ଉପରେ ସେ ଆଜି ଏତୁଟିଏ ହୋଇଛି।

ତା'ର ସମ୍ବଳ ମାତ୍ର ଗୋଟିଏ ଝୁଲିମୁଣି। ଜାଣେନା, ଝୁଲିମୁଣିରେ ତା'ର ଥାଏ କ'ଣ। ହାତରେ ଧରିଥାଏ ଦୁଇଖଣ୍ଡ କାଠି। ସେ ତା'ର ବାଦ୍ୟଯନ୍ତ୍ର। ଦେହରେ ତାର ବସ୍ତ୍ର ପୁରାତନ, ମଇଳା—ଜୀର୍ଣ୍ଣଚ୍ଛିନ୍ନ ଲୁଗା। ହାତରେ ଧରିଥିବା କାଠି ଦୁଇଖଣ୍ଡ ବଜାଇ ଗୀତ ଗାଇ ଗାଇ ସେ ଦୁଆରେ ଦୁଆରେ ଭିକ୍ଷା ମାଗି ବୁଲେ। କାହାର ଦୟା ହେଲେ ମୁଠିଏ ଚାଉଳ କେହି ଦିଏ। କେହିବା! ଆଖି ତଟମଟ କରି କହେ—''ପଳା, ପଳା ଏଠୁ। ଆସିଲା ଭିଖ ନେବ! ତୋ' ବୋପାର ମାଲ ଏଠି ଥୁଆ ହୋଇଛି;—ଦୌଡ଼ ଆସୁଛୁ?''

ସେ ନୀରବରେ ତାହା ସହ୍ୟ କରି ସେଠାରୁ ଫେରିଆସେ। ମନୁଷ୍ୟର ଗାଳି ଫଜିତ ତା'ର ସବୁ ଦିନିଆ ପୁରସ୍କାର। ସେ ନୀରବରେ ମନୁଷ୍ୟର ଗାଳି ହଜମ କରି ପକାଏ। ସେ କାହାର ଉପରେ ଅଭିମାନ କରେନାହିଁ। ସେ ସ୍ନେହ ମମତା କାହାର ଠାରୁ ପାଇ ନାହିଁ;—ସ୍ନେହ ମମତା କ'ଣ ସେ ବୁଝେନାହିଁ।

ଜନ୍ମହୋଇ ଭିକାରୀ ପିଲାଟିଏ ସେ। ଅତି ଶୈଶବରୁ ସେ ବାପ ମା'ଙ୍କୁ ହରେଇ ବସିଛି। ତା'ର କେହି ନାହିଁ। ଏ ଅଚ୍ଛ ଦୁନିଆ-ଆଖିରେ ଗୋଟିଏ ଭିକାରୀ ଟୋକା! ସମସ୍ତେ ତାକୁ ଦୂରଦୂର ମାରମାର କରନ୍ତି। ସେ ସବୁ ମଥା ପାତି ସହିଯାଏ।

ଦିନବେଳେ ଭିକ୍ଷା କରି ଆଣିଥିବା ଚାଉଳ ଗଣ୍ଡାକୁ ସେ ଗଛ ମୂଳେ ଫୁଟେଇ ଭୁଞ୍ଜା ଖାଇ ଦିଏ। ରାତିଟା ଗଛମୂଳେ କଟେଇ ଦିଏ। ସକାଳ ହେଲେ ସେ ପୁଣି ବାହାରେ ଝୁଲି-ମୁଣିଟି କାନ୍ଧରେ ପକାଇ, ହାତର କାଠି ଦୁଇଟି ବଜାଇ ଗୀତ ଗାଇ ଗାଇ ଭିକ୍ଷା ମାଗିବାକୁ।

\+ + +

ବୈଶାଖ ମାସରେ ଖରାର ତାତି ତଳି ତାତି। ସୂର୍ଯ୍ୟ କିରଣରେ ଦେହ ହାତ ଜଳି ଯାଉଛି। ତତଲା ପୃଥିବୀ ଉପରେ ପାଦ ପକା-ଇଲେ, ପାଦରେ ଫୋଟକା ହୋଇ ଯାଉଛି। ଦ୍ୱିପ୍ରହର। ଚାରିଆଡ଼ ନୀରବ ନିସ୍ତବ୍ଧ। କାହାର ସ୍ୱର ଶବ୍ଦ ନାହିଁ। ରାସ୍ତାରେ ଚଳେଇ କୁକୁରଟି ମଧ୍ୟ ଦେଖିବାକୁ ମିଳୁନାହିଁ। ଦୂର ଗାଁର ତାଳ ଗଛ ଉପରେ ବସି କାଉଟାଏ କା କା ରାବୁଛି।

ସହର ତଳ ଗଛ ଛାଇରେ ବସି ଭିକାରୀ ପିଲାଟି ଜୀବନକୁ ଅନାଉଛି। ତିନି ଦିନ ହେଲା ତାକୁ ମୁଠାଏ ଚାଉଳ ମିଳିନାହିଁ। ପେଟ ତଳ ତଳ କାଳ ଖାଦ୍ୟ ଉପବାସରେ କଟାଇଛି। ବୈଶାଖ ମାସର ଖରା ତେଜରେ ସେ ଝାଉଁଳି ପଡ଼ିଛି। ତା'ର ମୁହଁଟି କଳା ପଡ଼ି ଯାଇଛି। ସେ ଭାବି ବସି ଭାବୁଛି—"ମୁଁ କିଏ? ମୋର ବାପା ମା' କାହାନ୍ତି? ଭଗବାନ କ'ଣ ମୋତେ ଏ ଗଛ ମୂଳରେ ଭିକାରୀ କରି ଜନ୍ମ ଦେଇ-ଥିଲେ? ଭଗବାନ କାହିଁକି ମୋତେ ଏତେ କଷ୍ଟ ଦେଉଛନ୍ତି? କି ଦୋଷ କରିଛି ମୁଁ ତାଙ୍କର?....."

ପିଲାଟି ଆଉ ଭାବି ପାରିଲା ନାହିଁ। ତଳକରେ ଢଳି ପଡ଼ିଗଲା। ଆଖିରୁ ତା'ର ଲୁହର ଝର ବହିଗଲା। ଛିଣ୍ଡା ଲୁଗା କାନରେ ସେ ସେହି ଝର ବନ୍ଦ କଲା।

## ମୁକ୍ତି

ଲେଖକ— ଶ୍ରୀ ରସାନନ୍ଦ ସାହୁ

(ମଜାକଥା ପୂର୍ବପୃଷ୍ଠା ଉତ୍ତାରୁ)

କମଳର ଘୁଡ଼ି ନାଚି ଉଠିଲା। ଏଣିକି ପରୁଆ ନେଇ। ମଟରଟା ପାଇଁ ସେ ବିଶେଷ ଚିନ୍ତା କଲା ନାହିଁ। ମଙ୍ଗେ ସଙ୍ଗେ ମେନକା ପାଖକୁ ଲେଖିଦେଲା,—ଦ୍ୱିପ୍ରହର ହେବା ଆଗରେ ସେଠାକୁ ବାକୀ କରି ଟଙ୍କା ବାଣ୍ଟି ନେବେ।

ତାପରେ—ଯା'ହେଉ ବାର କଥା ହୋଇ-ଗଲା। ଦେଖୁ ଦେଖୁ ଦିନମାନ ପାଣି ପରି ବୋହୁ ଚାଲିଗଲା—ଦୁହେଁ ଯାଇ ସମସ୍ତ ଟଙ୍କା ହିସାବ ପତ୍ର କରି ବାଣ୍ଟି ନେଲେ। ତା'ପରେ ପରସ୍ପର ନିକଟରୁ ବିଦାୟ ନେବାର ସମୟ ଆସିଲା।

କମଳ ପଚାରିଲା—ମଟରଟା କିଏ ନେବ?

ମେନକା କହିଲା—ନା—ନା—ସେଟା ଗୋଟାଏ ସ୍ମୃତି।

କମଳ—ତେବେ ରଖିବ?

ମେନକା—ତମେ ରଖ।

କମଳ—ନାହିଁ ତମେ ରଖ।

ମେନକା—ନା, ତମକୁ ରଖିବାକୁ ହବ।

କମଳ—ଯେଉଁ ଜିନିଷଟା ଚିରସ୍ଥାୟୀ ନୁହେଁ ତାର ସ୍ମୃତିଟାକୁ ମୁଁ ଚିରସ୍ଥାୟୀ କରି ରଖିବି କାହିଁକି?

ମେନକା କମଳର ଘୁଡ଼ି ଉପରେ ଢଳି ପଡ଼ି କହିଲା—ମୁଁ କ'ଣ ଚିରସ୍ଥାୟୀ ହେବା-ନାକୁ ମନା କଲି?

କମଳ ତାକୁ ବୁକୁ ଭିତରକୁ ଟାଣି ନେଇ ତା' ଓଠ ଉପରେ ଚୁମ୍ବନର ମୋହରା ଲଗାଇ ଦେଲା। ତାର ସଂଖ୍ୟା ନାହିଁ—ନମ୍ବର ନାହିଁ। ସେ ୧୨ଟା ନୁହେଁ କି ୧୨ × ୧୨ ବି ନୁହେଁ।



Digitized by srujanika@gmail.com

ସେ ଦେଖେ—ସହରର ବଡ଼ ରାସ୍ତାରେ କେତେ ଲୋକ ଜାମା ଜୋତା ପିନ୍ଧି ହସି ହସି ଯାଉଛନ୍ତି । ମାତ୍ର ସେତ କେବେ ହସିନାହିଁ । ସେତ ପୁଣି ମଣିଷ;—ତା'ର ତ ପୁଣି ସେହି ରକ୍ତ ମାଂସର ଦେହ । ତାହା ହେଲେ ସେ କାହିଁକି ଏତେ ଦୁଃଖ କଷ୍ଟ ସହୁଛି ?—ଏହି ମଣିଷ ମାନଙ୍କ ଠାରୁ ଗାଳି ଫଜିତ ଶୁଣୁଛି ? ଖାଇବାକୁ ପାଉ ନାହିଁ ? ··ଭାବି ଭାବି ସେ ଜୀବନର କୂଳ କିନାର ପାଏନା । ତା'ର ପ୍ରଶ୍ନର ଉତ୍ତର ସେ ଖୋଜି ପାଏନା ।

ରବି ତେଜ ମଉଳ ଗଲା । ବେଳ ବୁଡ଼ି ଆସିଲା । ସହରର ରାସ୍ତା ମାନଙ୍କରେ ପୁଣି ଲୋକ ଗହଳି ଲାଗିଗଲା । ଧରଣୀ ପୁଣି ସଜୀବ ହୋଇ ଉଠିଲା । ଉପାସୀ ପିଲାଟି ଧୀରେ ଧୀରେ ଗଛ ମୂଳୁ ଉଠିଲା ତାର ଅବଶ ଶରୀରଟି ନେଇ । ଦେହରେ ତା'ର ଶକ୍ତି ନାହିଁ;—ପାଦ ତା'ର ଚଳୁ ନାହିଁ । ତଥାପି ତାକୁ ଚାଲିବାକୁ ପଡ଼ିବ—ପେଟ ପାଇଁ । ତିନିଦିନ ହେଲା ପେଟରେ ତା'ର ଦାନା ପଡ଼ିନାହିଁ ।

ରାଜ ପଥ । ଟିମ୍ଫୁଡ଼ ଫର ଯାଡ଼ ଧାଡ଼ ଲୋକର ଗହଳି । କେତେ ମଟର କେତେ ସାଇକେଲ୍ ଛୁଟିଛନ୍ତି । ସେହି ଭିଡ଼ ମଧ୍ୟରେ ଉପାସୀ ପିଲାଟି ଚାଲିଛି ।

ତାର ପାଖ ଦେଇ ଜଣେ ଯୋଡ଼ ଧାରୁଳା ବାବୁ ଜୋତା ମସ୍ ମସ୍ କରି ଚାଲିଗଲେ । ପିଲାଟି କିଛିଏ ଛିଡ଼ା ହୋଇ ତାଙ୍କୁ ଚାହିଁଲା । ତା'ପରେ ପାଖକୁ ଯାଇଁ ହାତ ପତେଇ ମାଗିଲା- "ବାବୁ, ଗୋଟିଏ ପଇସା ।"

ବାବୁଟି କିଛିଏ ମାତ୍ର ତାକୁ ବକ୍ର ଦୃଷ୍ଟିରେ ଅନାଇ ମୁହଁ ଫେରେଇ ଚାଲିଗଲେ । ଉପାସୀ ପିଲା ତାଙ୍କ ପଛେ ପଛେ ଚାଲିଲା—"ବାବୁ, ତିନିଦିନ ହେଲା କିଛି ଖାଇ ନାହିଁ । ଗୋଟିଏ ପଇସା ଦିଅନ୍ତୁ—ଭୁଜା ଖାଇବି ।"

ବାଳକର ଏହି କଥା ମଧ୍ୟରେ ତା'ର ଦୁଃଖମୟ ଜୀବନର ଅଶେଷ ବ୍ୟାକୁଳତା ଭରି ହୋଇ ଥିଲା । ମାତ୍ର ବାବୁଙ୍କ ହୃଦୟ ତରଳିଲା ନାହିଁ । ସେ ଆଗକୁ ଆଗକୁ ଚାଲିଲେ ।

ପିଲାଟି ତାଙ୍କ ଆଡ଼େ ଆଡ଼େ ହାତ ପତେଇ ଚାଲିଥାଏ । "ବାବୁ ଦୟା କରନ୍ତୁ—ଗୋଟିଏ ପଇସା ।" ବାବୁ ଗର୍ଜି ଉଠିଲେ—"ଆରେ ବଦମାସ୍ ପାଜି ! ମଣିଷ ଦେଖୁ ନାହିଁ ? ··"

ପ୍ରଚଣ୍ଡ ଏକ ଧକ୍କା ବାଜିଲା ପିଲାଟିର ବେକରେ । ଅବଶ ଶରୀର ତା'ର ପାଞ୍ଚ ହାତ ଦୂରରେ ରାସ୍ତା ମଝିରେ ଛିଟିକି ହୋଇ ପଡ଼ିଲା । "ବାପ୍ପାଲୋ, ମଲି" କହି ବାଳକଟି କରୁଣ ଚିତ୍କାର କରି ଉଠିଲା । ମଟରଟିଏ ବିଦ୍ୟୁତ୍ ବେଗରେ ଛୁଟି ଆସିଲା । ବ୍ରେକର ବିକଟ ଗର୍ଜ୍ଜନ ସାଥିରେ ବାଳକର କରୁଣ ଆର୍ତ୍ତନାଦ ମିଳେଇ ଗଲା । କେଜଣେ ଦୁଇଜଣ ଚିତ୍କାର କରି ଉଠିଲେ—"ଆହା, ମରିଗଲା···!"

ରକ୍ତର ସ୍ରୋତଟିଏ ପିଚ ଢଳା ପଥ ଉପରୁ ଗଡ଼ି ପଡ଼ିଲା ନର୍ଦ୍ଦମାକୁ । ଲୋକ ଆସି ଜମା ହୋଇଗଲେ । ଦେଖିଲେ—ପିଲାଟିଏ ଛଉ ବାମୁଡ଼ି ମଟର ଚକତଳେ । ରକ୍ତର ନଦୀଟିଏ ବହି ଯାଉଛି । ଆଉ—

ସେ ଆଜି ତା'ର ଦୁଃଖମୟ ଜୀବନ-ବନ୍ଧନରୁ ପାଇଛି ମୁକ୍ତି । ଦୂରରେ କିଏ ଜଣେ ଗାଉଥିଲା—

ତେଗ ଚଲେ ଇହାଁ ଅନା ଯାନା ରେ
ଏ ତୋ ହେ ମୁଶାଫିର ଖାନା !···

(ଇନ୍ଦ୍ରମଣି)

## ମୃତ୍ୟୁର ଡ଼ାକ ।

ଲେଖକ—କୁମାର ଲକ୍ଷ୍ମୀନାରାୟଣ ମହାନ୍ତି ।

ମାଆର ରୋଗ-ଶଯ୍ୟା ପାଖରେ ବସି ମୋର କେବଳ ମନେ ହଉଥିଲା ନବୀନର ମୃତ୍ୟୁ ପାଇଁ ଦାୟୀ କିଏ ?

ମୃତ୍ୟୁ ତାର ହେଇନାହିଁ,—କିନ୍ତୁ ବେଶି ବାକିନାହିଁ । ଯଉଁ ରକମ ସେ ଜଖମ ହେଇଚି ବଞ୍ଚିବା ତା ପକ୍ଷରେ ଅସମ୍ଭବ ।

ଭୀଷଣ ଭାବରେ ସେ ଜଖମ ହେଇଚି, କିନ୍ତୁ ଏଥିପାଇଁ ଦାୟୀ ମୁଁ । ଟ୍ରାମ ବାସ୍ ସଙ୍କୁଳ ରାସ୍ତା ଦେଇ କାହିଁକି ମୁଁ ତାକୁ ପଠେଇଲି ଡାକ୍ତର ଡାକିବାକୁ । କିନ୍ତୁ ନପଠେଇବାର ଯେ ଉପାୟ ଆଉ ନଥିଲା, ମାଆର ଅସୁସ୍ଥତା ହଠାତ୍ ବଢ଼ିଗଲା । କିନ୍ତୁ ସେ, ଶୁଭାକାଂକ୍ଷୀ, ହିତୈଷୀ ମୋର, ଅନୁରୋଧ କରିବା ମାତ୍ରେ ହିଁ ବାଇକ୍ ନେଇ ଛୁଟିଗଲା ଡାକ୍ତର ଡାକିବାକୁ । ରାସ୍ତା ଭାରି ଭିଡ଼ ଥିଲା—ତା'ପରେ ଟ୍ରାମ ବାସ୍‌ର ଯାତାୟାତ—ନବୀନ ନିଜକୁ ସଯତ୍ନ ରକ୍ଷି ପାରିଲା ନାହିଁ—ହଠାତ୍ ଗୋଟେ ବାସ୍ ଧକ୍କାରେ ତାର ଏକ୍ସିଡେଣ୍ଟ ହେଇଗଲା ।

ସେ ଏଇକ୍ଷଣି ହାସପାତାଳର ମଳିନ ବିଛଣାରେ ପଡ଼ି ହୁଏ ତ ଚିତ୍କାର କରୁଚି, ବକୁଚି ଏଣୁତେଣୁ । ମୃତ୍ୟୁର ଡ଼ାକ ଆସିବାକୁ ବୋଧହୁଏ ବାକିନାହିଁ,—କିଏ ଜାଣେ । ଉଃ ମୃତ୍ୟୁ—ମୃତ୍ୟୁ ଯଦି ତାର ସତେ ହୁଏ ତେବେ ଚିରକାଳ ପାଇଁ ବନ୍ଧୁ-ଚକ୍ଷୁରେ ମୁଁ ଅପରାଧୀ ହୋଇ ରହିବି । ଆଉ ନିଜ ନିକଟରେ—ଭାବିବାକୁ ଭୟ ହୁଏ !

ଇଚ୍ଛାଥିଲା ହାସପାତାଳକୁ ଯାଇଁ ତାକୁ ଥରେ ଦେଖି ଆସିବି ! କିନ୍ତୁ ସମୟ କାହିଁ ? ଏଆଡ଼େ ମାଆ ଯେ ଜୀବନ-ମୃତ୍ୟୁର ମଝିରେ ଆସି ଛିଡ଼ା ହେଇଚି । ଖଟ୍—ଖଟ୍—ଖଟ୍ । ଦରଜାର ଶବ୍ଦ ହେଲା ।

ମୁଁ କହିଲି—କିଏ ? ପୁଣି ସେଇ—ଖଟ୍—ଖଟ୍—ଖଟ୍—

ଅତି ଆଗ୍ରହରେ ଯାଇ ଦୁଆରଟି ଖୋଲି ଦେଲି । ଦେଖି ମୋ ନିଜ ଚକ୍ଷୁକୁ ବିଶ୍ୱାସ କରି ପାରିଲି ନାହିଁ—ଏ କିଣ, ଏ ଯେ ନବୀନ ! ମଥାରେ ଓ ହାତରେ ବ୍ୟାଣ୍ଡେଜ୍ ବନ୍ଧା ।

ମୁଁ ଅବାକ୍ ହେଇ କହିଲି—"କିରେ, ତୁ ଆଇଲୁ ?"

ନବୀନ କହିଲା—"କି, ଅବାକ୍ ହେଇଗଲୁ ଯେ । ତୁ ତ ବେଶ ମଣିଷଟିଏ—ଗୋଟେ ଲୋକ ହାସପାତାଳରେ ମରି ଯାଉଛି, ତୁ ଟିକିଏ ତାର ଖୋଜ ଖବର ନେଉନୁ ।"

ମୁଁ ଟିକିଏ ଲଜ୍ଜିତ ହେଇ କହିଲି—"ତୋର ଖୋଜ ଖବର ନେବାର ଚେଷ୍ଟା ମୁଁ କଣ କମ୍ କରିଚି ? କିନ୍ତୁ କିମିତି ନେବି କହନ ? ଏଆଡ଼େ ତ ନୂଆବଉର ଅବସ୍ଥା ଦେଖୁ ସବୁ ଜାଣିଚୁ ।"

ମାମୁଁ ସେତେବେଳେ ଶୋଇଥିଲା । ତା ଅତଲୁ ମୁହଁ ବିପିନ କହିଲା—ନୂଆବଉ ଏକଥି କିପରି ଅଛି ?"

ମୁଁ କହିଲି—"ସେମିତି ସୁବିଧା ଦେଖାଯାଉ ନାହିଁ । ତେବେ ଏକଥି ଟିକିଏ ଶୋଇଛି । ବସ ଭାଇ—ଏ ଚେୟାରଟା ଟାଣି ନେଇ ବସ । ଅସ୍ତେ ଅସ୍ତେ କଥା କହ । ତା ନିଦ ଭାଙ୍ଗିଗଲେ ବଡ଼ ହଇରାଣ ହେବ ।"

ଚେୟାରରେ ବସି ବିପିନ କହିଲା—'ମୋର କିନ୍ତୁ କେବଳ ତୋ କଥା ମନେ ପଡ଼ୁଛି । ତୋ ପାଇଁ ଭଗ୍ନୀପତିଙ୍କ ଚିନ୍ତିତ ବି ହୋଇ ପଡ଼ିଥିଲି—ବିଶେଷତଃ ନୂଆବଉର ଅସୁଖ ପାଇଁ । ସେଇ ସକାଳେ ହାସପାତାଳକୁ ଯିବା ପରଠାରୁ ପ୍ରତି ମୁହୂର୍ତ୍ତ ତୋପାଇଁ ଅଧୀର ଭାବରେ ପ୍ରତୀକ୍ଷା କରିଛି, କିନ୍ତୁ ତେବେ ବି ତୋର ଦେଖାନାହିଁ । ବେଶ୍ ମଣିଷଟିଏ ଏକା ତୁ ।"

ମୁଁ କହିଲି—"ଛାଡ଼ ସେ କଥା । କିନ୍ତୁ ହାସପାତାଳରୁ ତୁ କିପରି ଆଇଲୁ ? ତୋତେ ସେମାନେ କେମିତି ଆସିବାକୁ ଦେଲେ ?"

"ସେମାନେ କଣ ଏମିତି ଅବସ୍ଥାରେ ଆସିବାକୁ ଦିଅନ୍ତି ? ସେମାନଙ୍କ ଚକ୍ଷୁରେ ଧୂଳି ଦେଇ ପଳାଇ ଆସିଛି ।"

"ପଳାଇ ଆସିଲୁ କାହିଁକି ? ଏ ଅବସ୍ଥାରେ ଏତେ ଜରୁରି ଦରକାର କଣ ଥିଲା ?"

"ବାଃ ବେଶ ନିମକହାରାମ ଲୋକ ତ ତୁ ! ତୁ ଖୋଜ ଖବର ନେଲୁ ନା ବୋଲି କଣ ମୁଁ ବି ତୋର ନେବି ନାହିଁ ? ମୋତେ କଣ ଏତେ ସ୍ୱାର୍ଥପର ମନେ କରୁଛୁ ?"

ମୁଁ ଲଜ୍ଜିତ ହୋଇ କହିଲି—"ଏତେ ଲଜ୍ଜା ଦେଉଛୁ କାହିଁକି ଭାଇ ? ମୁଁ ତ କାଲି ସକାଳରେ ତୋ ସାଙ୍ଗରେ ଦେଖା କରିବାକୁ ଯାଇଥାନ୍ତି ।"

"କାଲି ସକାଳରେ—କଣ ମୁଁ ମରିଗଲେ ଯିବ ?"

"ଛି, ସେ କଣ୍ଠ ବାହାରେ ଧରୁଛୁ କାହିଁକି ? କିଛି ନାହିଁ, ତୁ ତ ବଞ୍ଚିଛୁ ।"

"ବଞ୍ଚିଛି କେମିତି ଜାଣିଲୁ ? ଡାକ୍ତରମାନେ କଣ କହୁଛନ୍ତି ଜାଣୁ ?"

"କଣ କହୁଛନ୍ତି ?"

"Death certificate ଦେଉଛନ୍ତି ।"

"Death certificate ମାନେ ? ସେ କଣ ମୃତ୍ୟୁ ନ ହେବା ଆଗରୁ Death certificate ?"

"ହଁ, କଣ ତୋର ବିଶ୍ୱାସ ହେଉ ନାହିଁ ?"

"ନା, ହୋଇ ପାରେ ନା ତୁ ଥଟ୍ଟା କରୁଛୁ ।"

"ଥାଉ, ମୋ ସାଙ୍ଗରେ ଯିବୁ ହାସପାତାଳକୁ, ଦେଖିବୁ । ନୂଆବଉ ତ ଏକଥି ଶୋଇଛି । ଡେରି ହେବ ନାହିଁ । ଏଇକ୍ଷଣି ଫେରି ଆସିବୁ । ଚାଲ"—ବୋଲି କହି ବିପିନ ଚେୟାର ଛାଡ଼ି ଉଠି ଛିଡ଼ା ହେଲା ।

ମୁଁ ଜାମାଟା ଆଲଣାରୁ ଆଣି ଦେହରେ ଦେଉଥିଲି । ବିପିନ କହିବାକୁ ଲାଗିଲା—"ନୂଆବଉକୁ ଭଲରୂପେ ଚିକିତ୍ସା କର ଭାଇ । ତୋର ଏ ନିଃସଙ୍ଗ ଜୀବନରେ ସେଇତ ଏକ ମାତ୍ର ସମ୍ବଳ । ବିଚିତ୍ର ବଡ଼ ଭଲ ଲୋକ । ତୋ ବିପତ୍ତିର ଜୋରରୁ ଏପରି ସ୍ତ୍ରୀ ପାଇଛୁ । ଆଚ୍ଛା ମୁଁ ଯାଉଛି—ତୁ ଜଲଦି ଜଲଦି ଆ—"କହି ସେ ଘରୁ ବାହାରିଗଲା ।

ମୁଁ ଜାମାଟା ଦେହରେ ଦେଇ ଜୋତା ଯୋଡ଼ାକ ଗୋଡ଼ରେ ଗଳାଇ ଦ୍ୱାରରେ ଆସି ଦେଖିଲି—ବିପିନ ଅନେକ ବାଟ ଆଗେଇ ଯାଇଛି ।

ମୁଁ ତାକୁ ଛିଡ଼ା ହେବାକୁ ଡାକିଲି । କିନ୍ତୁ ସେ ପଛକୁ ଫେରିପଡ଼ି କହିଲା—"ମୋର ଭାରି ଜରୁରି ଦରକାର ଅଛି । ମୁଁ ଆଗେ ଯାଉଛି, ତୁ ଆ ।"

ବିପିନ ଆଗେ ଯାଇ ହସପାତାଳର ଫାଟକ ଦେଇ ଭିତରେ ପଶିଲା । ମୁଁ ଯେତେବେଳେ ହାସପାତାଳରେ ଯାଇ ପହଞ୍ଚିଲି, ସେତେବେଳେ ଫାଟକ ପାଖରେ କିମ୍ବା ଭିତରେ ବାରଣ୍ଡାରେ କେଉଁଠି ବିପିନକୁ ନ ଦେଖି ଟିକିଏ ବିସ୍ମିତ ହେଲି । Clerk Officeକୁ ଯାଇ ବିପିନ କେଉଁ ଘରେ ଥାଏ ତାର ଅନୁସନ୍ଧାନ କଲି । କିରାଣୀ Emergency ବିଭାଗରୁ ଖବର ଜାଣି ଆସି ମୋତେ କହିଲା, "ବିପିନାନନ୍ଦ ମହାନ୍ତି ତ ? ସେ କାଲି ସକାଳରେ ବାସ୍‌ରେ ଚାପା ପଡ଼ିଥିଲା ?"

ମୁଁ ଜବାବ ଦେଲି, 'ହଁ ।'

"ସେ ଘଣ୍ଟାଏ ମିନିଟ ଆଗରୁ ମରି ଯାଇଛି । ଲାଶ ଏକଥି ଖଟରେ ଅଛି ।"

ମୁଁ ନିଶ୍ଚଳ ନିସ୍ପନ୍ଦ ଭାବରେ ସେଇଠି ଛିଡ଼ା ହେଇ ରହିଲି । ହଲଚଲ ହେବାର ଶକ୍ତି ଯେପରି ମୋ ଦେହରେ ଟିକିଏ ନ ଥାଏ ।

( ଗୋଟିଏ ସତ ବିଦେଶୀ ଘଟଣାର ଛାୟା ଅବଲମ୍ବନେ )

---


ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

## 'ବର୍ମା ଓଡ଼ିଆ ପତ୍ରିକା'

(ସାପ୍ତାହିକ) (ରୟେଲ ୧୬ ପୃଷ୍ଠା)

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ଜ୍ଞାତ ଜ୍ଞାତ ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ବାର୍ଷିକମୂଲ୍ୟ ଟ ୬୲, ଷାଣ୍ମାସିକ ଟ ୩୲, ଭାରତବର୍ଷରେ ଦେୟ ଟ ୪୲

ଠିକଣା—ନଂ ୧୮୭—୮୬ ମିଲ ଗଳି—ରେଙ୍ଗୁନ (ବର୍ମା)

# ନେତା ପରିଚୟ

**୧ । ମୋହନ ଦାସ କରମଚାନ୍ଦ ଗାନ୍ଧୀ**

ଏ ମହାଶୟ ଛେଳି ପାଳନ୍ତି, କିନ୍ତୁ ତାଙ୍କୁ ଛେଳି ଚରାଇବାର କେହି କେବେ ଦେଖି ନାହିଁ । ଏହାଙ୍କର ଛେଳି ଶୋଜ । ତେଣୁ ଅହିଂସା ବାଦୀ । ଅହିଂସା ଛଡ଼ା ଯାହା ସେ ସବୁ ଛେଳିଙ୍କି ଶାସନ କରିବାରେ ପଟୁ ଅଟନ୍ତି । ଯେ ବାଘ ଛେଳି ସମସ୍ତଙ୍କୁ ସମାନ ଆଖିରେ ଦେଖନ୍ତି । ଏହା ଓଜନ କରିବା ପାଇଁ ଯେଉଁ ବଶିଅ ତରଜୁ ରଖିଛନ୍ତି ତା ନାଁ—ସତ୍ୟାଗ୍ରହ ।

**୨ । ଲର୍ଡ଼ ଲିନ୍‌ଲିଥ ଗୋ ।**

ଏହାଙ୍କର 'ଗୋ' ବା ଷଣ୍ଢ ଗୋଜ । ଏହାଙ୍କର ଷଣ୍ଢ ଗାନ୍ଧିଙ୍କର ଛେଳିରଷାରେ କୌଣସି ସାହାଯ୍ୟ କରି ନ ପାରିବାରୁ ଦୁହିଙ୍କର ଭଲ ପଟେ ନାହିଁ । ଏ ବେଳେ ବେଳେ ଏହାଙ୍କ ବଳିତ ଷଣ୍ଢର କୁଚ କାଟି ଶିଂଘ ଷ୍ଟେଟ କରି, ନଙ୍ଗଳ ଛିଡ଼ାଇ ଗାନ୍ଧିଙ୍କ ଛେଳି ଗୋଠରେ ଛାଡ଼ି ଦେବାକୁ ମନ କରନ୍ତି । କିନ୍ତୁ ଏହାଙ୍କ ମୁନିବ ନୋଃକେଣ୍ଡ ଜବରଦସ୍ତି ଶିଙ୍ଗ କୁଚଦାର ଷଣ୍ଢକୁ ଛେଳି ଗୋଠରେ ଛାଡ଼ିଦେବାର ହୁକୁମ ଦିଅନ୍ତି ।

**୩ । ରାଷ୍ଟ୍ରପତି ସୁଭାଷ ଚନ୍ଦ୍ର ବୋଷ—**

ଏ ଜଣେ ପଖାଳଖିଆ । ଆଖିରେ ଚଷମା ନଗାନ୍ତି । କିନ୍ତୁ କୌଣସି ଚଷମା ବିହନା ସହିତ ଛ ଅଖି ବା ଚଷମାଯୁକ୍ତ'ସହ ଆଠଆଖି ହେବାର ସୁଯୋଗ ଲାଭ କରିପାରି ନାହାନ୍ତି । କିନ୍ତୁ ପତି ହେବାର ବାସନା ପ୍ରବଳ ଥିବାରୁ ଭଗବାନ ତାଙ୍କୁ ରାଷ୍ଟ୍ରପତି କରିଛନ୍ତି । ଏହାଙ୍କର ସମ୍ଭବତ ମାଖୁନା ଗୋଜ ।

**୪ । ପଣ୍ଡିତ ଜହରଲାଲ ନେହେରୁ ।**

ଏ ମହାଶୟ ବିଲାତରେ ପେଣ୍ଟ ପିନ୍ଧନ୍ତି, ଆଉ ଭାରତରେ ଧୋତ; ବିଲାତରେ କେକ୍ ଖାଆନ୍ତି । ଆଉ ଭାରତରେ ଷେଣ୍ଟ । ଏହାଙ୍କ ପାଇଁ ଦକ୍ଷୀର ଲଡ଼୍ଡୁ, ଲଖନଉର ରବଡ଼ି, ନାଗପୁରର କମଳା, କଲିକତାର ସନ୍ଦେଶ, ଆଉ ଚିଲିକାର ମାଛ ଯାଏ । କିନ୍ତୁ ପାଇଜାମା ଓ ପଞ୍ଜାବି ପ୍ରତି ଏହାଙ୍କର ଅରୁଚି ହେବାରୁ ଜିନା ସାହେବ ତାଙ୍କୁ ଦୁଶମନ୍ ମନେ କରନ୍ତି । ଏହି ସବୁ କାରଣରୁ ଏ ପଦ୍ଧତିରେ କବାଁ ତାହା ଧରିବା ବଡ଼ କଠିନ୍ ।

**୫ । ମହମ୍ମଦ ଅଲି ଜିନା—**

ମୌଲାନା କ ମିଷ୍ଟର [illegible] ଏ ବିଷୟ ନିର୍ଣ୍ଣୟ କରିବା ପାଇଁ ପ୍ରିଭି କାଉନ୍ସିଲକୁ ଅପିଲ ଯାଇଛି । ଜିନା ନମିତାରେ ଖାଇବାକୁ ଏ ଭାରି ପଟୁ । ମୁସଲମାନ ମାନେ ଯାଙ୍କୁ ନଗହିଁଲେ ବି ଏ ନିଜକୁ ଜଣେ ଭଲ ମୁସଲମାନ କହନ୍ତି । ଅଥଚ ଦେହକୁ ଅଧିକ ଭାରି କରିବା ପାଇଁ ଦାଢ଼ୀ ରଖିନାହାନ୍ତି ବା ଚୁଡ଼ିଦାର କାବୁଲି ପେଣ୍ଟ ପିନ୍ଧି ନାହାନ୍ତି । ଏ ଗିର୍ଜାରେ ବୋଧହୁଏ ନମାଜ ପଢ଼ନ୍ତି । କୁରାନ ଶରିଫର ଇଂରାଜୀ ଅନୁବାଦ ଯାଙ୍କ ପାଖରେ ଥାଏ ବାଘ ଫାଘ କିଛି ନଥିଲେ ମଧ 'ମୋତେ ବାଘ ନେଇଗଲା, ବାଘ ନେଇଗଲା' ବୋଲି ରଡ଼ି ଛାଡ଼ନ୍ତି ।

**୬ । ଶ୍ରୀ ପୁରୁଷୋତ୍ତମ ଦାସ ଟାଣ୍ଡନ—**

ଏହାଙ୍କର ଭଲ ଦାଢ଼ୀ ଅଛି । କିନ୍ତୁ ଦାଢ଼ୀ କମ୍ପିଟିସନରେ ଏ ମହାଶୟ ଓଡ଼ିଶାର ନୀଳକଣ୍ଠ ଦାସଙ୍କ ଆଗରେ ହାରି ମାନି ଗଲେ । ଆସନ୍ତା ବର୍ଷକୁ ସେ ଏହି ପ୍ରତିଯୋଗୀତାକୁ ତାଙ୍କ ଉପଗ୍ରସୀଙ୍କ ପଠାଇବାର ଆଶା ପୋଷଣ କରନ୍ତି ।

**୭ । ସରଦାର ବଲ୍ଲଭ ଭାଇ ପଟେଲ—**

ଏହାଙ୍କୁ କେହି କେହି ହିଟଲରଙ୍କ ଚଟା ବୋଲି କହୁଥାନ୍ତି କିନ୍ତୁ ଏ ନିଜ ମୁଣ୍ଡ ଉପରେ ଡାକ୍ତର ଖାରେ ନାମକ ନଡ଼ିଆକୁ ପିଟି ଭାଙ୍ଗି ଦେଇ ଜଗତକୁ ଚକିତ କରିଛନ୍ତି ଓ ନରିମେନଙ୍କ ନଙ୍ଗୁଡ଼ କାଟିଛନ୍ତି ।

**ବାବୁ ରାଜେନ୍ଦ୍ର ପ୍ରସାଦ** – କଂଗ୍ରେସ ମହଲରେ ଏହାଙ୍କ ନିଶ ସବୁଠାରୁ ବଡ଼ । ସମ୍ଭବତଃ ସ୍ୱଦେଶୀ ସେଫ୍‌ଟିରେଜର ଓ ବ୍ଲେଡ଼ ନ ମିଳିବା ଏହାର କାରଣ ।

**ଶ୍ରୀ ରାଜଗୋପାଳାଚାରୀ**— ସରାପ ଛାଡ଼ନ୍ତି କିନ୍ତୁ କାଫି ପିଅନ୍ତି । ଗାନ୍ଧି ଅହିଂସାର ବାଘହେଲେ ଏ ବଳେଇ ମାମୁଁ ।

**ଶ୍ରୀ ସତ୍ୟମୂର୍ତ୍ତି** — ମିସ୍ ଫଘଯୋଜନାଙ୍କ ରୂପରେ ମୁଗ୍ଧ । କଂଗ୍ରେସ- ସନାତନୀ ସମାଜର ମୁଖ ଲକ୍ଷ୍ମୀକୁ ପାଦରେ ଦଳି ତାଙ୍କ ପାଣି ଗ୍ରହଣ କରିବାକୁ ସେ ସର୍ବଦା ପ୍ରସ୍ତୁତ । କିନ୍ତୁ ସର୍ତ୍ତ ରହିବ, ଫଘଯୋଜନା ଯେପରି ନୋଲକ ପିନ୍ଧିବ, ଷାୟା ବଦଳରେ ଶାଢ଼ୀ ପିନ୍ଧିବ ଏବଂ ଲିପ୍‌ଷ୍ଟିକ ବଦଳରେ ପାନ ଖାଇବ ।

**ଶ୍ରୀ ଭୁଲୋଭାଇ ଦେଶାଇ**— ଏହାଙ୍କର ବାକ୍ୟଗଦା ଅର୍ଥ ଅତୀବ ସାର୍ ଜେମସ୍ ଗ୍ରୀଗଙ୍କ ଉଦ୍ଧ ବିଦାରଣ କରେ ।

**ମୌଲାନା ଅବୁଲ କଲାମ ଆଜାଦ** — ଏ ମହାଶୟ ନର୍ଥ ଅଉ ପାଣିକି ମିଶାଇ ଗୋଟାଏ ଅଦ୍ଭୁତ ରସାୟନ ତିଆରି କରନ୍ତି । ଉର୍ଦ୍ଦୁ- ହିନ୍ଦିକୁ ମିଶାଇ ହିନ୍ଦୁସ୍ତାନୀ ତିଆରି କରନ୍ତି ।

**ସେଠ୍ ଘନଶ୍ୟାମ ଦାସ ବିରଲା**— ଏ ମହାଶୟ ଯଶ କପର କିଣିବାକୁ ହୁଏ ଭଲ କରି ଜାଣନ୍ତି ଓ ନିଜେ କିଣିଛନ୍ତି ମଧ୍ୟ ।

**ଭାଇ ପରମା ନନ୍ଦ**— ଶୁଣାଯାଏ ଏ ମହାଶୟ ଜିନାଙ୍କ ନେଟେଟିଭ କପି ।

**ଆଚାର୍ଯ୍ୟ ନରେନ୍ଦ୍ର ଦେବ**— କେବେ ଘାସ କାଟି ନାହାନ୍ତି କିନ୍ତୁ 'ଦା' ନେଇ ବହନ୍ତି; କେବେ ଲିହାବ ବନ୍ଧା କରି ନଥିବେ କିନ୍ତୁ ବଡ଼ ଜଣେ ଧାଭୁଡ଼ ବାଲା ।

**ସ୍ୱାମୀ ସହଯାନନ୍ଦ ସରସ୍ୱତୀ**— ସ୍ୱାମୀଜୀ କୃଷକଙ୍କୁ ବାଲଭୋଗ ପ୍ରସାଦ ବାଣ୍ଟନ୍ତି ଆଉ ଜମିଦାରଙ୍କୁ ଚମୁଷ୍ଟା ଭୋଗ ।

**ଖାଁ ଅବଦୁଲ୍ ଗଫର ଖାଁ**—ଆଗରେ ଖାଁ ପଛରେ ଖାଁ ହେବା ସତ୍ତ୍ୱେ ଇଲାହାବାଦ ଦୂରବୀନ ଯନ୍ତ୍ରରେ ଏ କାଫେର ଭଳି ଦେଖାଯାନ୍ତି । ଗାନ୍ଧି ମୂଳ ହେଲେ ଏ ସୀମାନ୍ତ । ଗାନ୍ଧି ଦହି ହେଲେ ଏ ଘୃତାନ୍ତ ।

**ମୌଲାନା ଫଜଲୁଲ୍ ହକ**— ଏ ନିଜକୁ ସେର୍ (ସିଂହ) ବୋଲି କହନ୍ତି । କିନ୍ତୁ ଲୋକେ ଦେଖନ୍ତି ବିଲୁଅ । 'ଦୁଶମନର ରକ୍ତ ପିଇବି' ବୋଲି ଧମକାନ୍ତି କିନ୍ତୁ ପିଅନ୍ତି ଗଙ୍ଗା ଜଳ, ସମସ୍ତଙ୍କୁ 'ଡ଼ାଲ୍‌ଭାତ' ଦେବାକୁ କହନ୍ତି କିନ୍ତୁ ଦିଅନ୍ତି ଲେମ୍ବୁ ଲୁଣ ।

**ସର୍ ସିକନ୍ଦର ହୟାତ୍ ଖାଁ** — ମୁହଁ- କୁଟ୍ଟିମିତା କରିବା କଳାରେ ଯାଙ୍କୁ କେହି କଳିବେ ନାହିଁ; କିନ୍ତୁ ଜଣେ ବୀର ।

**ବିଶ୍ୱନାଥ ଦାସ**— ଉପରେ ବୈଷ୍ଣବ; ଭିତରେ ଫଜ୍ଜର୍ତ୍ତିନ ।

Digitized by srujanika@gmail.com

# ଡଗର ୧୬ଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟ୨୫ଙ୍କା ପୁରସ୍କାର ! 'ଡଗର' ପାଠକମାନେ ପାଇ ପାରିବେ । ଟ୨୫ଙ୍କା ପୁରସ୍କାର

ଦୁଇଅଣାର ପଇସିକିଆ ଡାକଟିକଟ ଦେଇ — ପ୍ରଥମଟି ସହ ଏକଅଣାର ପଇସିକିଆ ଡାକଟିକଟ ଦେଇ — ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free

| | | | | | | |
|---|---|---|---|---|---|---|
| ୧ ମ | (ଓ) | ୨ ଇ | ■ | ୩ ଚ | | ୪ ମ |
| | ■ | ୫ | ୬ କ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲ | ■ |
| ୧୨ | ବ | ■ | ୧୩ | ■ | ୧୪ | ୧୫ କା |
| | ■ | ୧୬ | ତ୍ର | ୧୭ | ■ | |
| ୧୮ ର | | ତ | ■ | ୧୯ ର | | ଣୀ |


| | | | | | | |
|---|---|---|---|---|---|---|
| ୧ ମ | (ଓ) | ୨ ଇ | ■ | ୩ ଚ | | ୪ ମ |
| | ■ | ୫ | ୬ କ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲ | ■ |
| ୧୨ | ବ | ■ | ୧୩ | ■ | ୧୪ | ୧୫ କା |
| | ■ | ୧୬ | ତ୍ର | ୧୭ | ■ | |
| ୧୮ ର | | ତ | ■ | ୧୯ ର | | ଣୀ |

| | | | | | | |
|---|---|---|---|---|---|---|
| ୧ ମ | (ଓ) | ୨ ଇ | ■ | ୩ ଚ | | ୪ ମ |
| | ■ | ୫ | ୬ କ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲ | ■ |
| ୧୨ | ବ | ■ | ୧୩ | ■ | ୧୪ | ୧୫ କା |
| | ■ | ୧୬ | ତ୍ର | ୧୭ | ■ | |
| ୧୮ ର | | ତ | ■ | ୧୯ ର | | ଣୀ |


ନାମ __________ ଠିକଣା __________ କେତୋଟି ଉତ୍ତର ______

### ସିଧା ଭାବେ

୧ । ଡଗର ଧନ୍ଦା ଭେଦ କରି ପାରିଲେ ଏହା ବହୁତ ମିଳେ ।
୩ । ଧୂଳିଆ ବାବାଜୀମାନେ ପ୍ରାୟ ଏହାର ମଧୁର ଭକ୍ତ ।
୫ । '—' ରେ ଅଚଳ ନାହିଁ ।
୭ । '—' ନାଗର କଦମ୍ବ ମୂଳେ ଠିଆ
୯ । ଏହି କଲମରେ ଲେଖିବାକୁ ଅନେକେ ପସନ୍ଦ କରନ୍ତି ।
୧୦ । ଯାହା ବଖାଣି ଜାଣିଲେ ଆଜିକାଲି ନେତା ହେବାର ସୁବିଧା ହୁଏ ।
୧୧ । ବଡ଼ଲୋକଙ୍କ ଠେଇଁ ଯାହା ମାରି କେତେ ଲୋକ ନିଜ ସ୍ୱାର୍ଥ ହାସଲ କରନ୍ତି ।
୧୨ । ଆକାଶ ନିର୍ମଳ ଥିଲେ ଯାହା ସଫା ଦେଖା ଯାଏ ।
୧୪ । ଖୁଡ଼ୁତାକୁ କେହି କେହି ଯାହା ଡାକନ୍ତି ।
୧୬ । ଏଭଳି ପୁରୁଷର ଅଙ୍ଗ ସଙ୍ଗ ଏବେ ଅଧୁନିକ ରମଣୀ ପସନ୍ଦ କରନ୍ତି ନାହିଁ ।
୧୮ । 'ଡଗର'କୁ ଓଲଟା ପଢ଼ିଲେ—
୧୯ । ପ୍ରୌଢ଼ାବସ୍ଥାରେ ଅନେକ ପୁରୁଷ ଏହାର ଅଧିକ ବଶବର୍ତ୍ତୀ ହୁଅନ୍ତି ।

### ଉପର-ତଳ ଭାବେ

୧ । ଦହି ବୁଲେଇ ଯାହା ବାହାରେ
୨ । '—' ଗହଳକୁ କେହି କେହି ସୁଖ ପାଆନ୍ତି ନାହିଁ
୩ । ଶିକାରୀ ପକ୍ଷୀ
୪ । ଜଳଜନ୍ତୁ ବିଶେଷ
୬ । ଅଯଥା ଏହା ବଢ଼ାଇଲେ ଅନେକ ଦୂରକୁ ଯାଏ ।
୮ । ଏକୁଟିଆ ଲୋକର ସାଙ୍ଗ ହେବାକୁ ବାମିକା ଲୋକ ଭଲ ପାଏ ନାହିଁ
୯ । ମୃତ ବ୍ୟକ୍ତିର ଚକ୍ଷୁରେ ଏହା ଥାଏକି ?
୧୨ । ବଇଗଣର ଯାଏ ବୋଲି ଅନେକେ ଅଧିକ ମୂଲ୍ୟ ଦେଇମଧ୍ୟ ଏହି ଲୁଗା କିଣନ୍ତି
୧୩ । ଖୋଲିଲା ବେଳେ ମାହାଦେବ ବାହାର ବାର ଦେଖାଯାଏ ।
୧୫ । କୌଣସି ସ୍ତ୍ରୀଲୋକକୁ ଏପରି ଦେଖିଲେ ପିଲାଏ ଚିଡ଼ାଇବାକୁ ବଡ଼ ସୁଖ ପାଆନ୍ତି ।
୧୬ । ଏହା ଭିତରକୁ ପଶିବା ସବୁବେଳେ ଭଲ ନୁହେଁ ।
୧୭ । ଅନ୍ୟ

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦୧୦ ଓ ଦ୍ୱିତୀୟ ପ୍ରତିଖଣ୍ଡକୁ ୦୦୬ ଲେଖାଏ **(ଶେଷ ତା ୨୫।୧।୩୯)**

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ତଳେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘରଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟେରୀଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୧ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗ୍ୟ **ସାମନ୍ତ ପୁରସ୍କାର** ୨୧ ପାଇବ
ସବୁଠାରୁ ବେଶୀ ସଠିକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୧ ଉତ୍କୃଷ୍ଟ ପୁରସ୍କାର ପାଇବେ ।

Digitized by srujanika@gmail.com

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାଣ୍ଟି ଟ୨୯ ଦିଆଯିବ। ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ। କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ। ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି। ପାର୍ଶ୍ୱରେ ତିନିଗୋଟି କୁପନ ଦିଆ ଯାଇଛି। ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ଟିକେଟ ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଲିଆ ଡାକଟିକଟ ପଠାଇବେ। ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ଟ୦୵ ଓ ୨ୟ ଟି ପାଇଁ ଟ୦୵ର ପଇସିଲିଆ ଡାକ ଟିକଟ ପଠାଇବେ। କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି। ଯେକୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅର୍ଥାତ୍ ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟେ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ। ସମସ୍ତ ଉତ୍ତର ୧୯୩୧ ମସିହା ଜାନୁଆରୀ ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର। ଲଫାପା ପଛ ପଟରେ ଗୋଟିଏ କ୍ରସ ( × ) ଚିହ୍ନ ଓ ୧୨ ଅଙ୍କ ଦିଆଯିବା ଆବଶ୍ୟକ। ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ। ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ। ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ। ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ। କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ। ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ।

---

# ୧୧ଶ ଶବ୍ଦଧନ୍ଦା ପୁରସ୍କାର

## ଧନ୍ଦାଭେଦୀମାନେ ପୁନରାୟ ପରାସ୍ତ ହେଲେ।

### ସାମନ୍ତ ପୁରସ୍କାର କାହାରିକୁ ମିଳିଲା ନାହିଁ।

**୨ଟି ଭୁଲରେ ପ୍ରଥମ ପୁରସ୍କାର ପାଇଲେ।**

ପ୍ରଥମ ପୁରସ୍କାର—ଟ୧୨୯ ଶ୍ରୀ ଶିବନାରାୟଣ ତ୍ରିପାଠୀ, ପୁରୀ ସଂସ୍କୃତ କଲେଜ ହଷ୍ଟେଲ, ପୁରୀ।

ସବଠାରୁ ଅଧିକ ସଂଖ୍ୟକ ( ୪୮ )ଟି ଉତ୍ତର ଦେଇଥିବା ଯୋଗୁ ଟ୨୯ ଅଧିକା ପାଇଲେ।

୨ୟ ପୁରସ୍କାର—୩ଟି ଭୁଲ (ପ୍ରତ୍ୟେକ ଟ୦୫ କରି)—ଟ୫୫ । ୧ । ଶ୍ରୀ ଶରତ୍‌ଚନ୍ଦ୍ର ମୁଖାର୍ଜୀ C/o ହିନ୍ଦୁ ଯୁବକ ସଙ୍ଘ ପୁରୁଣା ବଜାର ଭଦ୍ରକ ୨ । ଶ୍ରୀ ଗୋପିନାଥ ପଣ୍ଡା, ଇଞ୍ଜିନିୟରିଂ ସ୍କୁଲ, କଟକ । ୩ । ଶ୍ରୀ ଅର୍ଜୁନ ମହାନ୍ତି, ଇଞ୍ଜିନିୟରିଂ ସ୍କୁଲ, କଟକ । ୪ । ଶ୍ରୀ ଗୌରଚନ୍ଦ୍ର ପଟ୍ଟନାୟକ ନଂ ୨ ଅରୁଣ ରୋଡ଼ L. Town ଜାମସେଦପୁର । ୫ । ଶ୍ରୀ ଯୋଗେନ୍ଦ୍ରନାଥ ଦାସ, ରଘୁନାଥପୁର, ପୋ: ସୋରୋ, ଜି: ବାଲେଶ୍ୱର । ୬ । ଶ୍ରୀମତୀ ରେଣୁବାଳା ଦାସ, C/o ବାବୁ ନୀଳାମ୍ବର ଦାସ, P. W. D. Secretarat ପୋ: ଅ: ଚୂଡ଼ଙ୍ଗଚୌକ, କଟକ । ୭ । ଶ୍ରୀ ଗୋପାଳ ପ୍ରସାଦ ଶେଠରାୟ, ଡିଷ୍ଟ୍ରିକ୍ଟ ବୋର୍ଡ଼, କଟକ । ୮ । ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ମେଡ଼ିକେଲ ସ୍କୁଲ, କଟକ । ୯ । ଶ୍ରୀ ଯାଦବାନନ୍ଦ ପଟ୍ଟନାୟକ C/o ରାଜକିଶୋର ପଟ୍ଟନାୟକ, Inspector, Police, ପୋ: ବାରିପଦା । ୧୦ । ଶ୍ରୀ ପ୍ରସନ୍ନ କୁମାର କର, ବାରବାଟୀ, ବାଲେଶ୍ୱର । ୧୧ । ଶ୍ରୀ ସୁଦର୍ଶନ ମିଶ୍ର, C/o N, K. Mahanty. ବାଙ୍କାବଜାର, ଚୂଡ଼ଙ୍ଗଚୌକ, କଟକ ।

୩ୟ ପୁରସ୍କାର—୪ଟି ଭୁଲ—( ପ୍ରତ୍ୟେକ ଟ୦୵ କରି ) ଟ୨୫୵—୧ । ଶ୍ରୀ ରଘୁନାଥ ପଟ୍ଟନାୟକ, ଗୁହାଳିଆସାହି, ପୋ: ସୋରୋ । ୨ । ଶ୍ରୀ ସୀତାରାମ ମହାପାତ୍ର, ହେ: ପ: ସିହୁଡ଼ିଆ ଉ: ପ୍ରା: ସ୍କୁଲ, ପୋ: ବଡ଼ସାହି, ମୟୂରଭଞ୍ଜ । ୩ । ଶ୍ରୀ ଦାମୋଦର ମହାନ୍ତି, C/o ବାବୁ ହରମୋହନ ମହାନ୍ତି, ପୋ: ଅ: ରାଜକନିକା, କଟକ । ୪ । ପ୍ରସନ୍ନ କୁମାର ଶତପଥୀ, C/o ବସନ୍ତ କୁମାର ଶତପଥୀ, ବାରିପଦା ହାଇସ୍କୁଲ ବାରିପଦା । ୫ । ଶ୍ରୀ ରାମଚନ୍ଦ୍ର ଦାସ, 6/A ଦାମୋଦର ରୋଡ, ସାକଚି ଜାମସେଦପୁର । ୬ । ଶ୍ରୀ ମନ୍ମଥନାଥ ମହାନ୍ତି, ୫ମ ଶ୍ରେଣୀ, M. E. School. ସୋରୋ । ୭ । ଶ୍ରୀ ସରୋଜିନୀ ଦାସ, C/o Dr. J. N. Das. ତେଲଙ୍ଗା ବଜାର, କଟକ । ୮ । ଶ୍ରୀ ପ୍ରାଣକୃଷ୍ଣ ମହାନ୍ତି, ୭ମ ଶ୍ରେଣୀ ପୁରୀ ଜିଲ୍ଲାସ୍କୁଲ, ପୁରୀ । ୯ । ଶ୍ରୀ ଜୀବନକୃଷ୍ଣ ପଟ୍ଟନାୟକ ୩ୟ ଶ୍ରେଣୀ R. C. School ଚୂଡ଼ଙ୍ଗଚୌକ କଟକ । ୧୦ । ଶ୍ରୀ ସୁରେନ୍ଦ୍ରନାଥ ପଣ୍ଡା, ନୂଆ ବୋର୍ଡିଂ ବାରିପଦା । ୧୧ । ଶ୍ରୀ ଯଦୁନାଥ ଦାସ, ମୁ: ବ୍ରହ୍ମପୁର, ପୋ: ରାଜନୀଳଗିରି, ବାଲେଶ୍ୱର । ୧୨ । ଶ୍ରୀ ଅନନ୍ତପ୍ରସାଦ ମହାନ୍ତି, ପୂର୍ବ ଛାତ୍ରାବାସ, କୋଠରି ନଂ ୫୨ ରେଭେନ୍ସା କଲେଜ, ପୋ: ଚୌଲିଆଗଞ୍ଜ, କଟକ । ୧୩ । ଶ୍ରୀମତୀ ରମାସୁନ୍ଦରୀ ଦେଈ, C/o ଗୋକୁଳାନନ୍ଦ ନାଏକ, ଗେଲପୁର ଉ: ପ୍ରା: ସ୍କୁଲ, ଭଦ୍ରକ । ୧୪ । ଶ୍ରୀ ଭୁବନାନନ୍ଦ ପଟ୍ଟନାୟକ, ରେଭେନ୍ସା-କଲେଜ ୫୪ ପ୍ରାଚୀ ଛାତ୍ରାବାସ ଚୌଲିଆଗଞ୍ଜ, କଟକ । ୧୫ । ଶ୍ରୀ ନୃସିଂହ ଚରଣ ସାମନ୍ତ ସିଂହାର, ୩ୟ ବାର୍ଷିକ ଛାତ୍ର ମେଡିକାଲ କଟକ ୧୬ । ଶ୍ରୀ ଦିବାକର ନାଥ ଶର୍ମା, ସାଲେପୁର ହାଇସ୍କୁଲ, ସାଲେପୁର କଟକ । ୧୭ । ଶ୍ରୀ ରଖାଲ ମୋହନ ମହାନ୍ତି, କାଠଗଡ଼ା ସାହି, କଟକ । ୧୮ । ଶ୍ରୀ କୈଳାସ ଚନ୍ଦ୍ର ନନ୍ଦ, C/o ଶଶିଭୂଷଣ ନନ୍ଦ, ବଣିଆସାହି, ବକ୍ସିବଜାର, କଟକ । ୧୯ । ଶ୍ରୀ ମୁକ୍ତେଶ୍ୱର ନାଥ ପଣ୍ଡା, କ୍ଲର୍କ ପୁଲିସ ଅଫିସ, ବାରିପଦା । ୨୦ । ଶ୍ରୀ ଅମୂଲ୍ୟ କୁମାର ଘୋଷ, ମଙ୍ଗଳାବାଗ କଟକ । ୨୧ । ଶ୍ରୀ-ବନାୟକ ପଣ୍ଡା, କରଞ୍ଜିଆ ମୟୂରଭଞ୍ଜ ।

୩ୟ ପୁରସ୍କାର ବ୍ୟକ୍ତିଙ୍କଠାକୁ ଟ୦୵ ମନିଅର୍ଡର ଦ୍ୱାରା ପଠାଇବା ସମ୍ଭବ ନୁହେଁ। ତେଣୁ ସେମାନେ ୧୨ଶ ଶବ୍ଦଧନ୍ଦାରେ ପ୍ରବେଶିକା ଫିସରୁ ଟ୦୵ କମ କରି ଟିକଟ ପଠାଇବେ। ସେମାନଙ୍କ ନାମ ପୂର୍ବରୁ ଥିବା ଲିଖିତ ନମ୍ବର ମାନ ଯେପରି କୁପନରେ ଉଲ୍ଲେଖ କରନ୍ତି।

ସମ୍ପାଦକ—

Digitized by srujanika@gmail.com

ଜଗତ୍ ବିଖ୍ୟାତ

# ର-ଗ-ଡ ଶିକ୍ଷା ପଦ୍ଧତି

ଗୋପନୀୟ !

କେବଳ ଆବେଦନକାରୀଙ୍କ ପାଇଁ

ପ୍ରାଇଭେଟ !

## ଦ୍ୱିତୀୟ ସୋପାନ ପାଠ

୧ । ବିବାହ ——

ଯଦି ତମେ ଅବିବାହିତ, ତେବେ ବିବାହ ସମ୍ବନ୍ଧରେ ଉକ୍ତିମା ଝାଡୁଥିବ ଓ ବ୍ରହ୍ମଚର୍ଯ୍ୟ ବିଷୟ ଗଣ୍ଡେ ଶୁଣି ସେଥିରୁ କେତେ ଗୁଡ଼ାଏ ସାର କଥା ବାଛି ପକାଇ ନେବ। ଅର୍ଥନୀତି ଓ ସମାଜନୀତିର ବାହାନା ଧରି ଭାରତରେ ଜନ ବୃଦ୍ଧିର ଅପକାରିତା ଲୋକଙ୍କୁ ବୁଝାଇବ ଓ ଜନ୍ମ-ଶାସନ ବା ଜନ୍ମନିରୋଧର ଦରକାର ଓ ଯନ୍ତ୍ରପାତି ନିଜେ ବ୍ୟବହାର କରି ତାହା ବାସ୍ତବରେ ସ୍ପଷ୍ଟ ପ୍ରମାଣ କରିବ।

ଯଦି ବିବାହିତ ହୋଇଥିବ, ତେବେ ଯେ କୌଣସି ପ୍ରକାରେ ହେଉ ପତ୍ନୀଙ୍କୁ ସଙ୍ଗରେ ନେଇ ବୁଲିବ ଏବଂ ତାଙ୍କର ସ୍ୱଚ୍ଛନ୍ଦ ବିହାରରେ ନିର୍ବାଧ ହେବ। ତାଙ୍କ ସହ ବାହ କଲାବେଳେ ଭ୍ରାତା ଭଗ୍ନୀ ହିସାବରେ ରହିବ।— ଅନ୍ତତଃ ସେହିପରି ସମ୍ପର୍କଟା ଲୋକଙ୍କୁ ଜଣାଇବ। ସ୍ତ୍ରୀ ଯଦି ନିତାନ୍ତ ଅବଳା ହୋଇଥାନ୍ତି ତେବେ ସମସ୍ତ ସମୟରେ ହେଲେ ତାଙ୍କୁ ଶିଦଢ଼-ଝୋଲ-ଶାଳିନୀ କରି ପଦାକୁ ବାହାର କରାଇ ନେବ।

ଅସଲ କଥା ଯେ ପୁରୁଷ ବା ସ୍ତ୍ରୀ ଏକ-ପତିଆ ହେଲେ ତାର ଶକ୍ତି କମିଯାଏ। ଯୁଗଳ ବା ଦୁହିଁଙ୍କରେ କୌଣସି କାର୍ଯ୍ୟ କଲେ ତାର ତେଜ ଅପ୍ରତିହତ ଓ ଅସୀମ। ସ୍ତ୍ରୀର ବିନା ସହାୟତା ବା ସଙ୍ଗରେ କେବେ କେହି ବଡ଼ ନେତା ହୋଇ ପାରିନାହିଁ, ଏ କଥା ମନେ ରଖିବ। ଲୋକଙ୍କ ଆଗରେ ପତ୍ନୀର ସମ୍ମାନ ବଢ଼ାଇବାର କୌଣସି ସୁବିଧା ଛାଡ଼ିବ ନାହିଁ। କାରଣ ତାଙ୍କର ମାନ ବଢ଼ିବାର ଅର୍ଥ ତମର ମାନ ଡବଲ ବଢ଼ିବା।

୨ । ଯେ କୌଣସି ବିଷୟ ଗଭୀର ଭାବରେ ପାଠ କରିବ ନାହିଁ। ଏହା କଲେ ତୁମେ ଅପଦାର୍ଥ ହୋଇଯିବ—ଯେପରି ପଣ୍ଡିତମାନେ ହୁଅନ୍ତି। କିନ୍ତୁ 'ପଣ୍ଡିତ' ଉପାଧିଟା ଲଗାଇବାକୁ ଭୁଲିବ ନାହିଁ। ପ୍ରତିଦିନ ଦୈନିକ ଖବର-କାଗଜର ବିଷୟ ସୂଚୀ ଉପରେ ନିୟମିତ ଆଖି ବୁଲାଇ ନେଉଥିବ। ପ୍ରଥମେ ୨ ଏଃ। କଷ୍ଟକର, କିନ୍ତୁ ଅଭ୍ୟାସ ହୋଇଗଲେ ପାଣିପରି ସହଜ ହୋଇଯିବ।

କଥାବାର୍ତ୍ତାରେ ଅନ୍ୟର 'ଗବେଷଣା' ନାହିଁ, 'ଦକ୍ଷତା' ନାହିଁ ବୋଲି କହି ମୁରବ୍ବି-ଆନା ଭାବରେ ଦୁଃଖ କରିବ ଓ ସହାନୁଭୂତି ଦେଖାଇବ।

ସେ ଯାହା କହିବ, ତାର କଥାରେ 'ପ୍ରତିବାଦ' କେବେ କରିବ ନାହିଁ। ମୁରବ୍ବି ହସି ନୂଆଁଇ 'ହଁ' ମାରି ମାରି ଦେଉଥିବ। ପ୍ରତିବାଦ କରିବା ନେତା ହେବା ସାଧନାର ବିଷମ ପ୍ରତିବନ୍ଧକ।

ପୁଣି ଯେ କୌଣସି କଥା ମାଗିବ, ଦାବି କରିବ ବା ଅନୁରୋଧ କରିବ ତହିଁରେ କେବେ ହେଲେ ନାହିଁ କରିବ ନାହିଁ। କାମ ପଡ଼ିଲା ବେଳକୁ ପଛେ ସୁବିଧା ହେଲେ କରିବ ନ ହେଲେ ନ କରିବ। କିନ୍ତୁ ମୁହଁରେ ହଠାତ୍ 'ନାହିଁ' ପଦଟା ଯେପରି ମୁହଁରୁ ନ ବାହାରେ। ପରେ ହସିକରି ବା ପିଠିରେ ହାତ ମାରି ଟେକି ଦବାର ଢେର ସମୟ ଅଛି। ଏପରି ନ ହେଲେ ବଡ଼ ଦୁଃଖିତ ବା କ୍ଷମା ଶବ୍ଦର ଅସ୍ତ୍ର ନେତାରେ ସତ ନାହିଁ।

ଯାହା ପାଖରେ ଭେଟ ହେବ, କଥାରେ କଥାରେ ତାର କାହା ସହିତ ବିବାଦ ବା ସେ କେଉଁ କଥାକୁ ଚିଡ଼େ ସେଇଟା ବୁଝି ନେବ ଓ ସେ ବିବାଦୀୟ ଲୋକ ବିରୁଦ୍ଧରେ ପାଞ୍ଚ କଥା ଉପରେ ଦଶକଥା ହାଙ୍କିବ ଓ ତାର ଚିଡ଼ୁଥିବା ବିଷୟରେ ତମେ ଅଧିକ ଚିଡ଼ିବାର ଦେଖାଇବ। ଏ ସମୟରେ 'ସଂଯମ' ଦରକାର। ଅର୍ଥାତ୍ ନିଜର ମନ କଥାଟା ଯେପରି ପ୍ରକାଶ ହୋଇ ନ ପଡେ। ପୁଣି ଅନ୍ୟ ଲୋକ ପାଖରେ ବା ଅନ୍ୟ ପକ୍ଷ ଆଗରେ ପହଞ୍ଚିଲା କ୍ଷଣି ନେଉଟି ପଡ଼ିବ ଚଞ୍ଚଳ।

୪ । ଯଦି ତୁମ ଅଞ୍ଚଳରେ ପଇସା ଥାଏ, ତେବେ ଗୋଟାକେତେ ଲୋକଙ୍କୁ 'ଭଲଣ୍ଟିଅର' 'କର୍ମୀ' 'ଦେଶସେବକ' ପ୍ରଭୃତି ନାମ ଦେଇ ପାଖରେ ରଖିବ। ଏପରି ଲୋକ ବହୁତ ମିଳିବେ ଯେ ମୁଠାଏ ଖାଇ ଓ ସାମାନ୍ୟ ପାନ, ବିଡ଼ି ବା ସ୍ଥଳ ବିଶେଷରେ ଟିକିଏ ଅଫିମ ବା ଗଞ୍ଜେଇ ଖରଚ ନେଇ ତମର ହୋଇ ପଡ଼ିଥିବେ। ଏ ଲୋକ ଗୁଡ଼ାଏ ହାତରେ ରଖିବା ବଡ଼ ଦରକାର। ଶିକାରୀର କୁକୁର ଯେପରି ଦରକାର, ପୁଲିସର ଗୁପ୍ତଚର ଯେପରି ଦରକାର, ନାଗରର ଦୂତୀ ଯେପରି ଦରକାର, ନେତା ପକ୍ଷରେ ଏ ଜୀବ ଗୁଡ଼ିକର ତହିଁ ଅଧିକ ଲୋଡ଼ା।

ଯଦି ପଇସାର ଅଭାବ ଥାଏ, ଆଉ ସବୁଦିନେ ପୋଷି ନ ପାର, ମଝିରେ ମଝିରେ କିଛି କିଛି ହେଲେ ଅଧାର ପକାଉ ଥିବ, ଯଦି ତାହା ବି ନ ପାର, ତେବେ ସେମାନଙ୍କୁ ଚାନ୍ଦା ଆଦାୟରେ ଲଗାଇ ଦେବ। ସେଥିରେ ସେମାନେ ଚଳିବେ, ତମେ ବି ଚଳିବ। ଯଥା—କଂଗ୍ରେସ ଚାନ୍ଦା, ଥାନା ସମ୍ମିଳନୀ ବା ପ୍ରଜା ସମ୍ମିଳନୀ ପାଇଁ ଚାନ୍ଦା, ଇସ୍କୁଲ ଚାନ୍ଦା, ନାଟ ଚାନ୍ଦା, ପୋଖରୀ ବା କୂଅ ଖୋଳା ଚାନ୍ଦା, ହରତାଳ ଚାନ୍ଦା, ଅତ୍ୟାଚାରୀ ଜମିଦାର ବା ମହାଜନ ସାଙ୍ଗରେ ଲଢ଼ିବା ଚାନ୍ଦା, ପୁଲିସ ବିରୁଦ୍ଧରେ ଦରଖାସ୍ତ ଚାନ୍ଦା, ଘରପୋଡ଼ି ଚାନ୍ଦା, ନଈବଢ଼ି ଚାନ୍ଦା, ଗଡ଼ଜାତ ମେଳ ଚାନ୍ଦା, ମନ୍ତ୍ରୀ ଆସିବା ଚାନ୍ଦା, ବଡ଼ ନେତା ଆସିବା ଚାନ୍ଦା,—ଇତ୍ୟାଦି ଇତ୍ୟାଦି।

ଏ କର୍ମୀ ମାନଙ୍କର କାମ ହେବ ପ୍ରଧାନତଃ ପ୍ରତିପକ୍ଷ ନେତାଙ୍କର ବଦନାମ ଗାଇ ତୁମର ବଡ଼ାଇ କରିବା, ତୁମକୁ ଦେବତା, ଆଦର୍ଶ, ତ୍ୟାଗୀ, ମହାତ୍ମା ବନାଇବା, ଯେପରିକି ସେମାନେ ବାର ବାର ପ୍ରଚାର କରନ୍ତି ଯେ ତୁମେ ଦେଶପାଇଁ କେତେବଡ଼ ଗୁଡ଼ାଏ ଟଙ୍କା ଉଡ଼ାଇ ଛାଡ଼ିଛ। ଦେଶ ପାଇଁ ପ୍ରାଣ ଦେଇ ଛିଡ଼ିଛ।

Digitized by srujanika@gmail.com

(ରଗଡ଼ ଶିକ୍ଷା ପଦ୍ଧତି ପୂର୍ବପୃଷ୍ଠା ଉତ୍ତାରୁ)

ଦେଶ ପାଇଁ ଘର ଦ୍ୱାର ଛାଡ଼ିଛ । ଦେଶ ପାଇଁ ସ୍ୱଜନ ଛାଡ଼ିଛ । ଦେଶ ପାଇଁ ଅହିଂସ ଛାଡ଼ିଛ— ଏପରିକି ଜମି ବାଡ଼ି, ପୁଅ, ମାଇପ ଛାଡ଼ିଛ । ତୁମେ ଦେଶ ଦୁଃଖରେ ଉପର କାନ୍ଦ, ଉପର ମନ ପାଇଁ ଉପାସ ରହ ଇତ୍ୟାଦି । ତାପରେ ତୁମର ବୁଦ୍ଧି, ପାଠ, ଜ୍ଞାନ, ଏ ସବୁ । ଆଉ ଅସଲ କଥା, ବାହାରେ ଏଥିପାଇଁ ତୁମର କେତେ ମାନ୍ ଖାତିର । ଅର୍ଥାତ୍ କେଉଁ ସଭା ତମକୁ କେଉଁଠି ସମ୍ବର୍ଦ୍ଧନା କଲେ, କେଉଁ ମନ୍ତ୍ରୀ ତମକୁ କମିଟି ପଠିବେ ହାତ ଧରିକରି ବୁଝା ଶୁଣାଇଲେ, କେଉଁ ନେତା ଉପରେ ତମର ପରାମର୍ଶ ବା ଅନୁଗ୍ରହ ନେବାପାଇଁ ଖୋସାମତ କଲେ, ଜହରଲାଲ, ବା ଗାନ୍ଧୀ ଉପରେ କେବେ ଟେଲିଗ୍ରାମ କରି ତମକୁ ଡ଼କାଇ ନେଇଗଲେ ଓ କେଉଁ ବଡ଼ ପଦ ପାଉଥିଲେ ସୁଦ୍ଧା ତୁମେ ତ୍ୟାଗ ନାସ୍ତି କଲ ଇତ୍ୟାଦି ଇତ୍ୟାଦି ।

## କୁତୁକୁତୁ

ପିତା—(ଦୁଷ୍ଟ ପିଲାର ଲୁ ଅଭ୍ୟାସରେ ନିତାନ୍ତ ବିରକ୍ତ ହୋଇ) ହଇରେ ଲୁଚା ଏତେ ମିଛ କଥା କହୁଛୁ । ମୁଁ ଯେ କ'ଣ କରିବ ଏଥିରେ କିଛି ଭାବି ପାରୁନି । ମୁଁ ତୋ ବୟସର ହୋଇଥିଲା ବେଳେ ଆଦୌ ମିଛ କହୁ ନଥିଲି । ସବୁବେଳେ ସତ କହୁଥିଲି ।

ପୁତ୍ର—ବାପା, ତମେ କେବେ ମିଛ କହିବା ଆରମ୍ଭ କଲ ତେବେ ?

\+ + +

ସ୍ତ୍ରୀ—ଚାହିଁ ଦେଖିଲ, ମୁଁ ଆଜ ତମ ପାଇଁ ନିଜ ହାତରେ ରୋଷେଇ କରୁଛି ।

ସ୍ୱାମୀ—ଚାହିଁକି, ଆଜି କ'ଣ କାହାର ଶାଢ଼ୀ ବା ଗହଣା ଦେଖି ଆସିଛ କି ?

—ବସନ୍ତ—

× × ×

ଜଣେ ପ୍ରଫେସର ରେଳ ଗାଡ଼ିରେ ଯାଉଥିଲେ । ବାଟରେ ଟି, ଟି, ଆଇ ଆସି ଟିକେଟ୍ ମାଗିଲା । ପ୍ରଫେସର ସବୁ ପକେଟ ଅଣ୍ଡାଳିଲେ, ସୁଟକେଶ ଦରାଣ୍ଡିଲେ, ବେଡ଼ ତଳ ଖୋଜିଲେ, ମାତ୍ର ଟିକେଟ୍‌ଟା ମିଳିଲା ନାହିଁ । ଭାଗ୍ୟକୁ ଟି, ଟି, ଆଇ ତାଙ୍କର ପୂର୍ବ ଛାତ୍ର ଥିଲା । ସେ କହିଲା, "ଥାଉ ମୁଁ ପରେ ଆସି ଦେଖିଯିବି ।"

ପୁଣି ଦୁଇଘଣ୍ଟା ବାଦେ ଟି, ଟି, ଆଇ ଆସିଲା । ଏଥର ବି ଟିକେଟ ମିଳିଲା ନାହିଁ । ପ୍ରଫେସରଙ୍କର ଅସ୍ଥିରତା ଦେଖି ଟି, ଟି, ଆଇ କହିଲା, "ଆଉ ସାର୍, ଆପଣ ବ୍ୟସ୍ତ ହୁଅନ୍ତୁ ନା ଏତେ । ଟିକେଟ ନ ମିଳିଲା ତ ନାହିଁ ।"

ପ୍ରଫେସର—ଅରେ, ତମର ସିନା ନ ହେଲା ନାହିଁ, ମୋର ଯେ ଟିକେଟ୍‌ଟା ନିହାତି ଦରକାର । ମୁଁ କେଉଁଠିକି ଯାଉଚି ଆଉ କେଉଁ ଷ୍ଟେସନରେ ଓହ୍ଲେଇବି ସେଇଟା ଜାଣିବାକୁ ହବ ମୋତେ ।


ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଳୀୟ ପରି ଶକ୍ତି ଖେଳେ । ଦୀ୧୫ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

ନୟା ସଡ଼କ
ପୋ: ଅ: ବୃନ୍ଦାବନଚୌକ,
କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀ ବାଲ୍ୟକେଶ୍ୱରଆଚାର୍ଯ୍ୟ ଭିଷଗ୍‌ରତ୍ନ

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତଉଳଝାଡ଼ା, ବସନ୍ତ, ପ୍ରମେହ (କ୍ଷାଲାପୂର୍ଣ୍ଣଯୋଗ ଧାତୁପତନ) ପେଟମର, ଅଜୀର୍ଣ୍ଣ, କାଶ, ପ୍ଲୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତ ଅତିସାର, ଆମବାତ, ଅଣ୍ଟୁ ଗଣ୍ଠି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ପଣ୍ଡକାଫୁଲା, କାଉଁଚ, କାଛୁ, କୁଣ୍ଡିଆ, ଦାଉଦ, ମରଳା, ରମଦଲା, ଯାଦୁ, ଛଉ, କଣ୍ଠମାଳା, ଛେଉଁଦା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଚେଣା, କାନପୂଜ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
କବିରାଜ ଶ୍ରୀ ବିଶ୍ୱନାଥ ଦାସ
ଏ, ବି, ଏଲ୍. ଏଚ. ଏମ୍. ଏସ୍.
ଅଲିଶା ବଜାର, ପୋଃ ବୃନ୍ଦାବନଚୌକ କଟକ ।


Digitized by srujanika@gmail.com



**ଉତ୍କଳ ସାହିତ୍ୟ—କାର୍ତ୍ତିକ-ସପ୍ତମ ସଂଖ୍ୟା**

ଏ ସଂଖ୍ୟାରେ ସମାଲୋଚନା ଓ ଶୋଧ ପ୍ରସଙ୍ଗ ଗ୍ରନ୍ଥ ଅଠରଟି ବିଷୟ ମଧ୍ୟରୁ ଗୋଟିଏ "କବିତା" । ବାକି ୧୭ଟି ଗଦ୍ୟ ମଧ୍ୟରୁ ପୁଣି ଦୁଇଟିର ନାମ "କବିତା" ।

ଶ୍ରୀ କୁବେର ଦଳେଇଙ୍କର 'ତୃପ୍ତି' କିଛି କିଛି ଆନନ୍ଦ ଦେଲେ ମଧ୍ୟ ତୃପ୍ତି ଦେଇ ପାରିଲା ନାହିଁ ।

ଶ୍ରୀ ଯୋଗେଶଚନ୍ଦ୍ର ଜେନାଙ୍କର କବିତା "ଯାତ୍ରୀ" କି ଭାବ, କି ଭାଷା, କି ଛନ୍ଦ, ସବୁଥିରେ ସରସ ହୋଇଛି । ଏହି କବିତାଟି କେବଳ ଏଥର ସାହିତ୍ୟକୁ ଶ୍ରୀଯୁକ୍ତ କରିଛି କହିଲେ ଚଳେ ।

ଗଳ୍ପ ଭିତରେ 'ଦୀପଶିଖା' ଗୋଟିକ ଅତି ସାଧାରଣିଆ ।

ଶ୍ରୀ ନଟବରକିଶୋର ଦାସଙ୍କର ଜାଣିଲା (learned) ପ୍ରବନ୍ଧ 'କବିତା' ସରନାହିଁ । ଲେଖକ ମହାଶୟ କବିତାର ସଂଜ୍ଞା ଦେବାକୁ ଯାଇ ମହାକବି ସେକ୍ସପିୟର ଠାରୁ ଆରମ୍ଭ କରି ଶେଷ ପିଲୁ ପାକେ ବଡ଼ ବଡ଼ କବି, ଦାର୍ଶନିକ, ସାହିତ୍ୟିକ ମାନଙ୍କ ମତ ଉଦ୍ଧାର କରି ପକାଇ ଛନ୍ତି ପରନ୍ତୁ । ମାତ୍ର ଗୋଟାଏ କହିଲେ ତାଙ୍କ ମନକୁ ନ ପାଇବାରୁ ସେ ନିଜର ଗୋଟାଏ ନୂଆ ସଂଜ୍ଞା ଦେଇ ଅଛନ୍ତି । ଏହା ତାଙ୍କର ମୌଳିକତାର ପରିଚୟ ଅଟେ ।

**ଗୁଣଦର୍ପଣ-୨ୟ ଭାଗ, ପ୍ରଥମ ସଂଖ୍ୟା**

ଗଞ୍ଜାମର ରାଜାମାନେ ଚିରକାଳ ସାହିତ୍ୟାନୁରାଗୀ । ତାର ପରିଚୟ ବଡ଼-ଖେମୁଣ୍ଡି ଅଧିଶ୍ୱର ଶ୍ରୀରାମଚନ୍ଦ୍ର ଦେବଙ୍କ ପୃଷ୍ଠପୋଷିତ ଏହି ଗୁଣଦର୍ପଣ ।

ଦେଶ ହିତୈଷୀ କର୍ମୀପ୍ରବର ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ 'ବର୍ଷା' ନାମକ ସଙ୍ଗୀତଟିଏ ଲେଖି ଉପହାର ଦେଇ ଅଛନ୍ତି । ଗୀତ ଲେଖିବାକୁ ! ଅବକାଶ ମିଳିଲା ତାଙ୍କୁ କେବେଠୁଁ କେବେ ପୁଣି ?

ଡାଃ ରାଧାଚରଣ ପଣ୍ଡାଙ୍କର ପ୍ରବନ୍ଧ "ଓଡ଼ିଶାର କେତୋଟି ଅଦ୍ଭୁତର କଥା" ଖୁବ୍ ସୁଚିନ୍ତିତ ପ୍ରବନ୍ଧ । ପଣ୍ଡା ମହାଶୟ ଏ ବିଷୟରେ ମୁଣ୍ଡ ଖେଳାଉଛନ୍ତି ବରାବର । କିନ୍ତୁ ଏ କଳବାୟୁରେ ଖାଲି ଅରଣ୍ୟ ରୋଦନ ବିନା ।

ଶ୍ରୀ ଲକ୍ଷ୍ମୀନାରାୟଣ ଜଗଦେବ ରାଜା-ବାହାଦୁରଙ୍କ ପ୍ରବନ୍ଧ "ବିବାହ ବିଚ୍ଛେଦ" ଲେଖକ ମହୋଦୟଙ୍କ ସୂକ୍ଷ୍ମ ବିଚାର ଓ ବିଦ୍ୱତ୍ତାର ପରିଚାୟକ ।

**ଅଫିମ ଶୋକ ।**

ଲେଖକ ଶ୍ରୀ ରାଧାମାଧବ ଗିରି ।

ବାଲେଶ୍ୱର ନିଶାନିବାରଣ ପ୍ରଚାର ବିଭାଗ ଦ୍ୱାରା ପ୍ରକାଶିତ । ବହିଖଣ୍ଡି ସରଳ ଭାଷାରେ ତରୁଣ ରାଗିଣୀରେ ଓଡ଼ିଶୀ ଛନ୍ଦରେ ଲେଖା ହୋଇଛି । ସରକାରଙ୍କ ପକ୍ଷରୁ ଏହା ବିନା ମୂଲ୍ୟରେ ବିତରିତ ହେଉଛି । ଏଥିରୁ ନିଶାର ଅପକାରିତା ସମ୍ବନ୍ଧରେ ସାଧାରଣ ଲୋକ ଅନେକ ଶିକ୍ଷା ପାଇବେ । ଏଥିରେ ସାମାନ୍ୟ ଦାମ୍ଭିକତା ନାହିଁ ବହିଟିକୁ ସୁଖ ପାଠ୍ୟ କରିଛି ।

**ଗାଁ ପଞ୍ଚାୟତ—**

ଶ୍ରୀ ରାଧାକାନ୍ତ ପଣ୍ଡାଙ୍କ ରଚିତ ଓ ଅହିଅସ ଦାବିନୀ-ସାହିତ୍ୟ-ମନ୍ଦିରରୁ ପ୍ରକାଶିତ । ଛୋଟ ବହିଟି ସରଳ ପଦ୍ୟ ଓ ଗାଉଁଲି ଭାଷାରେ ଲେଖା । ଗାଁ ଚାଉଡର, ଗାଁ ମୁଖିଆ, ଗାଁ ମୁରବିମାନେ ପ୍ରଭୃତି ଗାଁର କି ଅନ୍ୟାୟ ଅତ୍ୟାଚାର କରୁଛନ୍ତି ତାହାର ଚିତ୍ର । ଏ ସବୁ ଅତ୍ୟାଚାରରୁ ନିଜକୁ ବଞ୍ଚାଇବା ପାଇଁ ଲେଖକ ଗାଁ ଚଷିବକୁ ଚେତାଇଛନ୍ତି ଓ ଚେତାଇଛନ୍ତି । ଏ ଭଳି ମୂଲ୍ୟବାନ ଗାଁ ଗାଁ ରେ ବହୁଳ ପ୍ରଚାର ହେବା ବାଞ୍ଛନୀୟ । ସୁଗର ହାକିମ ସାଙ୍ଗରେ ଖାପ ଖାଇବ ଓ ତାଙ୍କୁ ସହାୟତା ମଧ୍ୟ କରିବ ।

**କଲେଜ ଗାର୍ଲ୍—( ସମାଲୋଚନା )**

ଲେଖାର ପ୍ରଣାଳୀ ମନ୍ଦ ହୋଇ ନାହିଁ, ଯଦିଓ କଥା ବାତର ବୋଲି ସ୍ପଷ୍ଟ ଜଣା ପଡେ । ଗଳ୍ପର ଉପସଂହାର ନିତାନ୍ତ ସାଧାରଣ ଏବଂ ଗଳ୍ପଟି ଉଦ୍ଦେଶ୍ୟ ବିହୀନ ଭାବରେ ଲେଖା ହେଲା ପରି ଲାଗୁଛି । ଲେଖା ଭିତରେ ଯେତେ ଓଡ଼ିଆ ଶବ୍ଦ ତାର ଦୁଇଗୁଣ ଇଂରାଜୀ ଓ ବ୍ୟାକରଣ ଦୋଷ ମଧ୍ୟ ରହିଛି ।

ବିଷୟ ବସ୍ତୁଟି ନିର୍ବାଚନ କରିବାରେ ଲେଖକ ବୁଦ୍ଧିମତ୍ତାର ପରିଚୟ ଦେଇ ଅଛନ୍ତି । କାରଣ ଏହି ଲେଖାଟିର ଯେତେ ଦୋଷ ଥାଉନା କାହିଁକି, କେବଳ ବିଷୟ ବସ୍ତୁର ଗୁଣରୁ ଏହା ତରୁଣମାନଙ୍କ ନିକଟରେ ଆଦର ପାଇବ ; ଲେଖାଟିର ବିଷୟ ବସ୍ତୁ ତରୁଣ ଏବଂ ଯୁବକର ଚିତ୍ତକୁ ଆକର୍ଷଣ କରେ ; କାରଣ ଏଥିରେ ରୋମାନ୍ସ ଅଛି, ଚପଳ ଗୃହିଣୀ ଅଛି, ପ୍ରେମଲିପି ଅଛି, ସୁତରାଂ······ ।

ଯଦିଓ ଲେଖାଟି ଗୋଟିଏ ଗଳ୍ପ, ତଥାପି ଏହାର କେତେକ ସ୍ଥଳ ଏବଂ ଚରିତ୍ର କେତେକାଂଶରେ ସତ୍ୟ । ଏବଂ କେତେକ ଚରିତ୍ରର କଳ୍ପନା ସ୍ଥଳରେ ଲେଖକ ସ୍ଥାନେ ସ୍ଥାନେ ଭଦ୍ରତାର ସୀମା ଅତିକ୍ରମ କରି ଯାଇଥିଲେ ମଧ୍ୟ ଉଦାହରଣ ସ୍ୱରୂପ ନାବାଳକ ବୋଲି କ୍ଷମା କରାଯାଇ ପାରେ । ଦ୍ୱିତୀୟ ପୃଷ୍ଠାରେ ପାଠକଙ୍କୁ ଲେଖିଥିବା ଚିଠିରେ ଦିଆଯାଇଥିବା 'ରୁମ୍' ନମ୍ବର ୧୭ । ଏବଂ ଲେଖକଙ୍କର ରୁମ୍ ନମ୍ବର ପ୍ରକୃତରେ ୧୬ । ସୁତରାଂ ଅନୁମାନ ହୁଏ ଲେଖକ ନିଜକୁ ଏଥି ଭିତରେ କଳ୍ପନା କରି ନେଇଛନ୍ତି । ତେବେ, ଅାଉଟ୍‌ଲାଇନ୍ ଏ ନାଟକର ପ୍ରକୃତରେ ପ୍ରଥମ ଚରିତ୍ର ( କଳା ) ଛୁଆ । ଏହାପରେ ଅନ୍ୟ ଅନେକ ଅଛି । ଏ ବୁଝାଇ 'କଳା' ନା ଅନ୍ୟକିଛି ?

ଅଶାକରେଁ ଲେଖକ ଭବିଷ୍ୟତରେ ସାବଧାନ ହୋଇ ପରର ଲେଖା Bertrand Russel ଙ୍କ ଚିନ୍ତା ଉଦ୍‌ବୋଧନ କରିବେ ।

। ଇତି ।

ପଥିକ—ବନ୍ଧୁ



## ଆଣ୍ଡିଙ୍କ-ରୂପ ବର୍ଣ୍ଣନା ।

**ପ୍ରଥମ ପୁରସ୍କାର (ପଦକ) ପ୍ରାପ୍ତ ରଚନା**

**(ବିନୋଦ ବିହାରୀ ପଟ୍ଟନାୟକ । ନଂ୧୬୩ର)**

ଶୀତଦିନର ଅମେଇଷା, ରାତି—ଗୁରୁଅଡ଼ ନକ୍ଷତ୍ର—ମୁଁ ବସିଛି ଏକୁଟିଆ ମଶାଣି ପାଖ ଅଶ୍ୱତ୍ଥ ବରଗଛ ମୂଳରେ, **ଅଣ୍ଡିଙ୍କୁ** ଆମର ଦେଖିବା ପାଇଁ । ମଣିଷ ଜୀବନରୁ ଅସି କେତେ ଦିନ ବିତି ଗଲାଣି ତେବେବି ଜପ ତପର ନାମ ଏ ପର୍ଯ୍ୟନ୍ତ ନେଇ ନାହିଁ । ବ୍ରାହ୍ମଣ ପିଲା ହୋଇ-ଥିଲେ ଅବା ସେଥିରୁ ପଦେ ଅଧେ ହାସଲ କରିଥାନ୍ତି କିନ୍ତୁ କର୍ମ ଲଗା କପାଳକୁ ସବୁଦିଅ ବିଧାତା ବି ମୋ ସଙ୍ଗରେ ବାଦ ମାରିଛି । ତେବେ ଯାହାହେଉ ପ୍ରଫେସର କମାରଙ୍କ ନିର୍ଦ୍ଦେଶମତେ "will force" apply କରିବାରେ ଲାଗିଲି ।

ପ୍ରଥମେ ଦେଖିବାକୁ ପାଇଲି **ଅଣ୍ଡିଙ୍କର** ପୂର୍ବ-ଜନ୍ମର ଗୋଟିଏ ଦୃଶ୍ୟ । ସେତେବେଳେ **ଅଣ୍ଡି** ଆମର ଥିଲେ ଅର୍ଦ୍ଧାଢିଆ ପାଞ୍ଚହାତର ଗୋଟାଏ ମରଦ । ମୁହଁରେ ଗୋଛାଏ ଦାଢ଼ି । ଦିନେ ଗୋଟାଏ ମଶା ତାଙ୍କୁ ଅରମା ବଣ, ବୁଦା ଲଟା ତା ଉପରେ ପଶି ତାଙ୍କୁ ଭାରି ହଇରାଣ କଲା । ଶେଷରେ ତାଙ୍କର ଜାତ ହେଲା ଦାଢ଼ିପ୍ରତି ଭୀଷଣ ଅଭିମାନ—ଦାଢ଼ିହାର ହୋଇ ଲଗେଇ ଦେଲେ ସେଥିରେ ନିଆଁ । ହସିଲେ, 'ଧର ପଛେ ପୋଡ଼ିଯାଉ ମଶା କେଞ୍ଚେ ଯାଉ' । କିନ୍ତୁ ମୁହଁ ଗୋଟାକ ଟଳିପଡ଼ି, ଅଉ ଲଭ ଭିତରେ ହେଲା ତାଙ୍କର ପଞ୍ଚତ୍ୱ ପ୍ରାପ୍ତି ! ଈଶ୍ୱର ଦାଢ଼ି ପଦାର୍ଥର ଏପରି ଅସଦ୍‌ବ୍ୟବହାର କରି-ଥିବାରୁ ଈଶ୍ୱର ରାଗିଯାଇ ତାଙ୍କୁ ଦେଲେ ସ୍ତ୍ରୀ ଜାତିରେ ଜନ୍ମ । ନାଁ ହେଲା 'ଅଣ୍ଡି' । ଅଉ ସେ ମଶାଟି ପୁରୁଷ ଜନ୍ମ ପାଇ ଏ ଜନ୍ମରେ 'ଅଜା' ନାମ ଧାରଣ କଲା । ପୂର୍ବଜନ୍ମର ଅଭ୍ୟାସ ହେତୁ ବାକୁ ପୁଣି ଅଣ୍ଡିଙ୍କ କାଳରେ ପଡ଼ିଲେ, ଅଉ ଅଇ ତାଙ୍କ ଉପ... ନିଜର ଅଭିମାନ ମେଣ୍ଟାଇବାକୁ ଲାଗିଲେ ।

ତାପରେ ଆଖିଆଗରେ ଅସି ଦେଖାଏ ଏ ଜନ୍ମର ଦୃଶ୍ୟ । ଅଣ୍ଡି ନିଜେ ଆସି ଛିଡ଼ାହୋଇ-ଗଲେ ମୋ ଆଗରେ । ବାପ୍‌ରେ ବାପ୍ ! ସେ କଥା ମନେକଲା ବେଳକୁ ଲୋମ ଖାଲ ଠିଆ ହେଉଛି । ଦେହଟା ଧାନ ଉଷୁନା ହାଣ୍ଡି ପରି କଳା । ତା ସାଙ୍ଗକୁ ପୁଣି କାଚ-ପକେଇଛି ଖଣ୍ଡେ କଳାହିମିସି ଶାଢ଼ୀ । ଦିନ ଦ'ପହରେ ଦେଖିଲେ ବି ରାତିର ବେଳକା ହୋଇଯିବ । ଟଣୋଲ୍ଲାଦକା, ବସ୍ତ୍ରଗ୍ରାହିଣୀଙ୍କ ସଙ୍ଗେ ତୁଳନା କରିହେବ ପାରେ; କିନ୍ତୁ ସ୍ଥାନେ ସ୍ଥାନେ ଟିକିଏ ଫରକ ରହି ଯାଇଛି । ବସ୍ତ୍ରଗ୍ରାହିଣୀଙ୍କ ହାତରେ ଅଛି ପଟେ ଖଣ୍ଡା, କିନ୍ତୁ ଅଣ୍ଡିଙ୍କ ହାତରେ ଅଛି ମୁଠାଏ ଟଣ୍ଡିଆ ଛାଞ୍ଚୁଣି—ତାର କାମ ହେଉଛି ବେଳକାଳ ଉଣ୍ଡି ଅଜାଙ୍କ ପିଠିରେ ନାଚ କରିବା । ଯୌବନ ମଉଳି ଗଲାଣି । ମିଲଦିନାନ୍ଦୀ ଘନକୃଷ୍ଣ କେଶଗୁଚ୍ଛ ଏକାବେଳେକେ ତୁଷାର-ଶୁଭ୍ର ହୋଇ ଯାଇଛି । ଆଖିରେ ଆଉ ସେ ମାଦକତାର ରୁହାଣୀ ନାହିଁ । ଗୋଟାଏ, ଦୁଇଟା ଦାନ୍ତ ଇସ୍ତଫା ନେଇ ଗଲେଣି, ଅଉ କେତେକ ବି ସେଥିପାଇଁ ଯୋଗାଡ଼ ଯନ୍ତ କରୁଛନ୍ତି । ତେବେ ବି ଅଣ୍ଡିଙ୍କ ମନ ଘର ଧରୁନାହିଁ । ନାତୁଣୀମାନଙ୍କ ଠାରୁ ଆଜକାଲିକା ଫେସନରୁ କେତେକ ଅନୁକରଣ କରିବାରେ ଲାଗି ପଡ଼ି-ଛନ୍ତି । ଆଗକାର ଗହଣାପତ୍ର ସବୁ ପେନ୍‌ସନ୍ ନେଲେଣି । ଏଣିକି କଳା ମେଘରେ ବିଜୁଳି ପରି ହାତରେ ଶୋଭା ପାଉଛି ପଟେ ଲେଖାଏ ସୁନା କାଚ । ଅନେକେ ମୁହଁରେ ଅଧ ଡ଼ବାଏ ଲେଖାଁ ସ୍ନୋ ମର୍ଦ୍ଦ ହେଉଛି । କିନ୍ତୁ ହେଲେ କଣ ହେବ ସ୍ନୋ ବାଜି ମୁହଁରେ ଥିବା ଏଭ୍-ରେଷ୍ଟ, କାଞ୍ଚନଜଙ୍ଘା ପ୍ରଭୃତି କେତେକ ଅଦ୍ଭୁତ ଢିପ୍ଲ ଭିତର ହୋଇ ଯାଏ ଖଣ୍ଡେ ବାଟରୁ ଗଣି-ହୋଇ ଯାଉଛନ୍ତି । ଅଣ୍ଡି ଆମର slipper ଯାଏ ଯାଇ ନାହାନ୍ତି । ଯିବାକୁ ବା କେତେ ବାଟ ! କିନ୍ତୁ ଅଜାଙ୍କୁ ତା ପୂର୍ବରୁ ନିଜର ଗାଲ ଦୁଇଟିକୁ କଡ଼ା ତେଲ ମାରି ପ୍ରସ୍ତୁତ ରଖିବାକୁ ପଡ଼ିବ । ଯାହା ହେଉ ଅଣ୍ଡିଙ୍କୁ ଦେଖି ମୁଁ ଯାହା ମୂର୍ଚ୍ଛା ନଯାଇଛି ଏଇ ମୋର ସୌଭାଗ୍ୟ ।

ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ତୁତି କଲି,—

ନମସ୍ତେ ଅଣ୍ଡି-ମା ଗୋ
　　ଅହରହ ସମାର୍ଜ୍ଜନୀ ହସ୍ତା ।
ନମୋ ପେଚୁମୁହିଁ ଗୋ
　　ଅଜା ପିଠି କଣ୍ଡୁ ନିବାରିତା ॥

## ଅଜାଙ୍କ ଶାରଢ଼ି ।

ହରେକୃଷ୍ଣ ଓ ଜାନକୀ (୧୬୩, ୧୭୭) ଆମ ଦେଶର ପିଲାଏ ସାହସୀ ଓ ସତ୍ୟବାନ୍ ହୋଇ ପାରିଲେ ନାଗବନ୍ଧୁ ସଙ୍ଘର ସବୁଠୁଁ ବଡ଼ କାମ ହେବ । କେବଳ ସେତିକି କ୍ଷମତା ବଳରେ ନାଗବୁଅ ପୃଥିବୀକୁ ଲେଉଟାଇ ଦେଇ ପାରିବେ ବୋଲି ମୋର ଧାରଣା । ଲେଖା ସାଙ୍ଗକଠାକୁ ଗଠି ଦେବାକୁ ହେଲେ ଡଗର ଅଫିସ କରିଅରେଷ୍ଟ ଦେବା ଦରକାର ନାହିଁ ।

ଛାପାଖାନାର ନାନାଦି ଅସୁବିଧା ହେତୁ ଡଗର ଅନେକ ସମୟରେ ଡେରି ହୋଇ ଯାଏ । କିନ୍ତୁ ପ୍ରତିମାସ ୧୨ ଏବଂ ୧୬।୧୭ରେ ସମସ୍ତେ ଡଗର ପାଇବା କଥା ।

ଧ୍ରୁବ (୨୦୪) ଭବିଷ୍ୟତ ଓଡ଼ିଶାର ନୈତିକ ଉନ୍ନତି ନାଗବନ୍ଧୁ ସଙ୍ଘର ବିଶେଷ ଉଦ୍ଦେଶ୍ୟ । ତେଣୁ ନାଗବନ୍ଧୁ ସଙ୍ଘର ଏପର୍ଯ୍ୟନ୍ତ କି ଉନ୍ନତି ହୋଇଛି ତାହା ପ୍ରତ୍ୟେକ ନାଗବନ୍ଧୁ ନିଜକୁ ପ୍ରଶ୍ନକରି ବୁଝି ପାରିବେ ।

ଲକ୍ଷ୍ମୀନାରାୟଣ (୨୩)—ନାଗବନ୍ଧୁ ପାଣ୍ଠିର ଅର୍ଥ ସଂଗ୍ରହ ମୁଁ ବନ୍ଦକରି ନାହିଁ—ନାଗବନ୍ଧୁ-ମାନେ ବନ୍ଦ କରିଛନ୍ତି ।

ତୁମେ ଯାହା ଅନୁଭବ କରୁଛ ତା' ସ୍ପଷ୍ଟ ଓ ଅକପଟ ଭାବରେ ପ୍ରକାଶ କରିବା ପାଇଁ କ୍ରମାଗତ ଚେଷ୍ଟା ସଙ୍ଗେ ସେହିପରି ପୁସ୍ତକ ଅଧ୍ୟୟନରେ ନିଷ୍ଠା ଥିଲେ କ୍ରମେ ତମେ ଭଲ ଭଲ ଛୋଟ ଗପ ଲେଖି ପାରିବ ।

—※—

## ନାଗବନ୍ଧୁଙ୍କ ଖବର ।

ଶ୍ରୀ ଭୋଳାନାଥ ନାୟକ (୧୧୯) ଶ୍ରୀ ବାସୁ-ଦେବ ଦାସ (୧୪୪) ଶ୍ରୀ ଗୋବିନ୍ଦଚନ୍ଦ୍ର ଭଞ୍ଜ (୧୨) ଓ ଶ୍ରୀ ସତ୍ୟେନ୍ଦ୍ର ନାଥ ଦାସ ପ୍ରଭୃତି ନାଗବନ୍ଧୁମାନେ N. I. Type Utkal Friends Dramatic Club ସାହାଯ୍ୟରେ

Digitized by srujanika@gmail.com

ଇଷା କର ତାଳଚେର ଅତ୍ୟାଗୃହତ ସ୍ତ୍ରୀ-ମାନଙ୍କୁ ଟ ୨୯/୯ ସାହାଯ୍ୟ କରିଛନ୍ତି ।

ହାତଲେଖା 'ବାଲ୍ୟବନ୍ଧୁ' ପତ୍ରିକାର ସମ୍ପାଦକ ନ-୬୬ନମ୍ବର ନାଗବର୍ଗ ଶ୍ରୀ ବସନ୍ତକୁମାର ବେହୁରା କଟକ କଲେଜ ଛାତ୍ରାବାସର ମୁଖପତ୍ର ଦର୍ପଣର ଓଡ଼ିଆ ବିଭାଗ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି ।

୨୩ ନମ୍ବର ନାଗବର୍ଗ ଲକ୍ଷ୍ମୀନାରାୟଣଙ୍କର ବର୍ତ୍ତମାନ ସ୍ଥାୟୀ ଠିକଣା—ଜଗନ୍ନାଥ ସାହିତ୍ୟ ସମିତି, ପୋ: ଅ: ଭଦ୍ରକ । ସେ କଲିକତାରୁ ଗୃହ ଆସିଛନ୍ତି ।

### ଲେଖା ସାଙ୍ଗ

ଲକ୍ଷ୍ମୀନାରାୟଣ (୨୩) ଯେଉଁମାନେ କମର୍ସ କଲେଜ କମ୍ପା ସ୍କୁଲରେ ପଢ଼ନ୍ତି, ତାଙ୍କ ସାଙ୍ଗରେ ମିଶିବାକୁ ଇଚ୍ଛା । ଛୋଟ ଛୋଟ ଗପ ଓ ରଚନା ଲେଖିବାକୁ ଭଲପାନ୍ତି । ଓଡ଼ିଆ ସାହିତ୍ୟର ଉନ୍ନତି କରିବାକୁ ପ୍ରବଳ ବାସନା । ଯେଉଁ ନାଗଙ୍କର ଏଥିରେ ଉତ୍ସାହ ଅଛି ସେ ତାଙ୍କର ସାହାଯ୍ୟ ଲୋଡ଼ନ୍ତି ।

ଶ୍ରୀ ବସନ୍ତ କୁମାର ବେହୁରା—(୬୬) ୮୬, ୯୭, ଓ ୧୬୧ ନମ୍ବର ନାଗବର୍ଗଙ୍କ ସହିତ ଲେଖାସାଙ୍ଗ ହେବାକୁ ଚାହାନ୍ତି । ସେମାନେ ତାଙ୍କ ଠାରୁ ପ୍ରଥମେ ପତ୍ର ଦେଲେ ସେ ଖୁସି ହେବେ । ସେ ୯୧ ନମ୍ବର ନାଗବର୍ଗଙ୍କୁ ଗଳ୍ପ ଲେଖାରେ ସାହାଯ୍ୟ କରିପାରନ୍ତି, ଯଦି ସେ ତାଙ୍କୁ ଟିକଟ ସମ୍ବନ୍ଧରେ ସାହାଯ୍ୟ କରିବେ ।

ଅଜାଙ୍କ ରୂପ ବର୍ଣ୍ଣନାରେ ପୁରସ୍କାର ପାଇଥିବା ୧୭ ନମ୍ବର ନାଗବର୍ଗଙ୍କ ସହିତ ମଧ୍ୟ ବନ୍ଧୁତା ଚାହାନ୍ତି ।

ଜାନକୀ—(୧୭୭) ଖଣ୍ଡ କବିତା ଲେଖିବାକୁ ଭଲ ପାଆନ୍ତି । ଭିନ୍ନ ପ୍ରକାର ଇଂଲିସ ବଙ୍ଗଳା ପତ୍ର ପତ୍ରିକା ପଢ଼ିବାକୁ, ଓ ଭିନ୍ନ ପ୍ରକାର ଦିଆସିଲି ଖୋଲ ସିଗାରେଟ ଖୋଲ ଓ ଷ୍ଟାମ୍ପ ସଂଗ୍ରହକରିବାକୁ ଭଲ ପାଆନ୍ତି । ଗ୍ରାମୋଫୋନ ଶୁଣିବାକୁ ଓ ଗୀତ ଗାଇବାକୁ ମଧ୍ୟ ଭଲପାନ୍ତି । ଏ ଭଳି ଅଭ୍ୟାସକାରୀ ନାଗ ଭାଇ ଭଉଣୀଙ୍କ ସହିତ ଆଳାପ ଚାହାନ୍ତି ।

ହରେକୃଷ୍ଣ—୧୨୩ନମ୍ବର ନାଗବର୍ଗଙ୍କଠାରୁ ଶୀଘ୍ର ଚିଠି ପାଇବାକୁ ଆଶା କରନ୍ତି ।

—::—

### ନୂଆ ନାଗବର୍ଗ ।

୨୦୨ । ଅନଙ୍ଗ ଭୀମ ମହାପାତ୍ର C/o B. mohapatra, ଦେଓ୍ୱାନ, ଖଣ୍ଡପଡ଼ା ଷ୍ଟେଟ, ଖଣ୍ଡପଡ଼ା । ୨୦୩ । ସତ୍ୟେନ୍ଦ୍ରନାଥ ଦାସ, Friends Dramatic Club N. 1 Type, ଜାମସେଦପୁର । ୨୦୪ । ଧ୍ରୁବଜୟ ମହାପାତ୍ର C/o ହରେକୃଷ୍ଣ ମହାପାତ୍ର, ରାଧାମାଧବ ଲେନ ବ୍ରହ୍ମପୁର । ୨୦୫ । ଦାମୋଦର ତ୍ରିପାଠୀ, ସୁବର୍ଣ୍ଣରେଖା ଅନ୍ନପୂର୍ଣ୍ଣା କୁଟୀର, ନବରଙ୍ଗପୁର, କୋରାପୁଟ । ୨୦୬ ନଗେନ୍ଦ୍ର ନାଥ ଦାସ, ଭବାନୀ ପାଟଣା ହାଇ ସ୍କୁଲ, ନବମ ଶ୍ରେଣୀ, କଳାହାଣ୍ଡି ଷ୍ଟେଟ । ୨୦୭ । ନିତ୍ୟାନନ୍ଦ ପଣ୍ଡା C/o ବଳରାମ ନାୟକ, ସବ୍‌ଇନସ୍‌ପେକ୍ଟର East Soro, ସୋରୋ । ୨୦୮ । ଜଗନ୍ମୋହନ ମହାପାତ୍ର, ମିଶନ ସ୍କୁଲ, ବାଲେଶ୍ୱର ।

---

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୨୧ ବର୍ଷରୁ କମ୍ । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ $\frac{ଟ ୦/୧}{ଟ ୦୮}$ ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ____________________

ଠିକଣା ____________________

ତାରିଖ

---



ଅସଲି ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଧିଧର୍, କାନ ଟଣା ମୁଣ୍ଡବଥା କୁଣ୍ଡିଆ, କାଛୁ, ମଚଲା, ପୋକା ଘା, ଛିଡ ଦରଜ, ଅଣ୍ଡାଦଜେ ଇତ୍ୟାଦ ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ । ପତ୍ରୀଙ୍କ ପ୍ରାର୍ଥନୀୟ

ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।

---

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇ

## ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରଏ ଏବଂ ବଳ, ମାଂସ, ରକ୍ତ ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦଏ । ମୂଲ୍ୟ ୧ ଡିବିରୁ ଟ ୧୮, ସେଂ୦୪ରକୁ ୮୬ ସେଂ ୦ କୁ ଟ ୨୯ ଭି: ପି: ରେ ଔଷଧ ପଠାଯାଏ

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍, ପି,

ଦରିଦ୍ର ବନ୍ଧୁ ଔଷଧାଳୟ

ଖପର ପଦା । ପୋ : କୋଠାର । ଜି : ବାଲେଶ୍ୱର

---

## କଟକରେ

ନିମ୍ନଲିଖିତ ସ୍ଥାନମାନଙ୍କରୁ ଡଗର ପାଇ ପାରିବେ ।

୧—ଶ୍ରୀଯୁକ୍ତ ଘନଶ୍ୟାମ ନାୟକ, କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ—ଚିପ୍ ଏଟେଣ୍ଡ, କଟକ ।

୨- କଟକ ଟ୍ରେଡିଂ କୋମ୍ପାନୀ—ପୋ: ଚାନ୍ଦନୀଚୌକ—କଟକ ।

୩—ଉତ୍କଳ ବୁକ୍ ଏଜେନ୍ସି—ବେଣୀହାଟ, ପୋ: ବକ୍ସିବଜାର—କଟ

Digitized by srujanika@gmail.com




—ୟୁରୋପର [illegible] ପାଣିରେ ଅମ ଇଂରେଜ ପ୍ରଧାନ ମନ୍ତ୍ରୀ ଚେମ୍ବରଲେନ ଯେଉଁ ଏର ପକାଇ ଅସିଥିଲେ ତାହା ପାଣି ଫାଟି ଗଲାଣି ବୋଲି ଜଣା ପଡ଼ୁଛି ।

·· ପାଣିରେ [illegible]?

—ଓଡ଼ିଶା ସରକାରଙ୍କ ସେକେଣ୍ଡରି ଶିକ୍ଷା ବୋର୍ଡ କମିଟିର ରିପୋର୍ଟ ବାହାରିଛି । ହାଇ ସ୍କୁଲମାନ ସରକାର ହାତରେ ରଖି ଚଳାଇବା କଥା ହେଉଛି ।

...ଯଥା ଲାଭ ।

—ପଣ୍ଡିତ ଲକ୍ଷ୍ମୀନାରାୟଣ ଯେଉଁ ହାଇ-କମାଣ୍ଡର ବାହିନୀ ଧରି ଢେଙ୍କାନାଳ ଲଢେଇକୁ ଯାଇଥିଲେ ସେଇଠୁ ମୁଗଲବନ୍ଦିଅଙ୍କର ମୂର୍ତ୍ତି ମରିଲା ।

...ବାଙ୍କ ଅନେକ ରହିଗଲେ ଯେ !

—ରାଷ୍ଟ୍ରପତି ସୁଭାଷ ମାନ୍ଦାଜ ଓ କେରଳ ପରିଭ୍ରମଣରେ ବାହାରୁଛନ୍ତି ।

···ହରିଜନସ୍ବରୁ ବାକି ରହିଯାଇଥିଲା ଏତିକ ।

—ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ନୂଆ ନିର୍ବାଚନ ସକାଶେ ପ୍ରାର୍ଥୀ ପତ୍ର ଦାଖଲ ସରି ଯାଇଛି ।

...ଏଣିକି ଭୋଟ ଲଢେଇ ।

—ଓଡ଼ିଶାରୁ ଅନେକ ଛାତ୍ର ନିଖିଳ ଭାରତ ଛାତ୍ର ସମ୍ମିଳନୀରେ ଯୋଗ ଦେବା ପାଇଁ ଯାଇଛନ୍ତି ।

···ଅଗୁଆ ଦଳରେ ନା ପଛୁଆ ଦଳରେ ।

—ଗଡ଼ଜାତଅଙ୍କୁ ସତ୍ୟାଗ୍ରହ ସମର ଶିକ୍ଷା ଦେବା ପାଇଁ ମୋଗଲବନ୍ଦି ଇଲାକାରେ ଗୁଡ଼ିଏ ଅଖଡ଼ା ଖୋଲା ହେବ ।

···ଉସ୍ତାଦ କିଏ କିଏ ?

—ବର୍ମା ଦେଶର ରାଜଧାନୀ ରଙ୍ଗୁଣରେ ହଠାତ୍ ଉପଦ୍ରବ ଆରମ୍ଭ ହେବାରୁ ସେଠା ସରକାର ଜାଗରିଅତ ହୋଇ ଅଛନ୍ତି । ଅବସ୍ଥା ଗୁରୁତର ବୋଲି ଜଣା ଯାଉଛି ।

···ଅଟମେଟ ମାମୁଘରେ ଖାଉଁ ।

—ଇଟାଲି ଫରାସୀ ରାଜ୍ୟରେ ଆକ୍ରମଣ କରିବ ବୋଲି ରଣଭେରୀ ବଜାଇଲାଣି ।

···ଶାନ୍ତି ଆଣିବା ପାଇଁ ଚେମ୍ବରଲେନଙ୍କୁ ଖୋଜା ପଡ଼ୁଛି ।

—'ଅମ ବ୍ୟୋମ ଶକ୍ତି ସବୁଠୁଁ ବଡ଼' ବୋଲି ଜର୍ମାନ, ଇଟାଲି, ରୁଷିଆ ସମସ୍ତେ କହି ସାରିବା ପରେ, ଇଂରେଜଙ୍କ ପାଳି ପଡ଼ିଛି । ସେ ବି କହିଲେଣି ଅମରି ଏକା ସବୁଠୁଁ ବଡ଼ ।

···କାଚ କାଚ ମଣି ମଣି,

·········ଜଣା ଜଣି ।

—ହିଟଲର ମଧ୍ୟ ୟୁରୋପ ଅଧିକୃତ କରି ସାରି ମଧ୍ୟ ଏସିଆ ଦାଖଲ କରିବାର ଷଡଯନ୍ତ୍ର କରୁ ଅଛନ୍ତି ବୋଲି ଗୁପ୍ତ ଖବର ମିଳୁଛି । ସବୁଠାରୁ ଶକ୍ତିଶାଳୀ ଏହି ବିଶାଳ ଜର୍ମାନ ସାମ୍ରାଜ୍ୟ ସ୍ଥାପିତ ହୋଇଗଲେ ପୃଥିବୀର ଚିରଶାନ୍ତି ଆସିଯିବ ବୋଲି ତାଙ୍କର ମତ ।

···ଅଣା ବୈତରଣୀ ନଦୀ ।

—ଆସନ୍ତା ଜାନୁଆରି ତା ୧୩ ରିଖରେ ୱାର୍ଦ୍ଧାଠାରେ କଂଗ୍ରେସ କାର୍ଯ୍ୟକାରୀ ସମିତିର ବୈଠକ ବସିବ । ଏଥର ହିନ୍ଦୁ ମୁସଲମାନ ସମସ୍ୟା ଆଲୋଚନା ହେବ ।

···ସମୁଦ୍ରରେ ବନ୍ଧ ବନ୍ଧା ହେବ ନା ?

—ରାଜକୋଟ ରାଜ୍ୟରେ ଯେଉଁ ରଜା ପ୍ରଜା ଗୋଳ ଲାଗିଥିଲା ତାହା ସର୍ଦ୍ଦାର ପଟେଲ ପଟେଇ ନେଇଛନ୍ତି ।

···ଓଡ଼ିଶାକୁ ଆସୁ ନାହାନ୍ତି ?

—'ବନ୍ଦେ ମାତରଂ' ଗୀତ ଗାଇଲା ହେତୁ ନିଜାମ ସରକାର ସେଠୁ ହିନ୍ଦୁ ପିଲାଙ୍କୁ ତଡ଼ି ଦେଉଛନ୍ତି ।

···ବନ୍ଦେ ପିତରଂ ଗାଉ ନାହାନ୍ତି ।

# ପ୍ରାଇଭେଟ୍ !

(ଉପର ପାଠକଙ୍କ ଛଡ଼ା ଆଉ କେହି ପଢିବେ ନାହିଁ)

ଅନୁଗୁଳରେ ଯଉଁ କୋଡିଏ ହଜାର ସରକାରୀ ତାଳଚେରି ପ୍ରଜା ଜମା ହୋଇଛନ୍ତି, ତାଙ୍କୁ ନେଇ କଣ କରାଯିବ ବୋଲି ଓଡ଼ିଶା କଂଗ୍ରେସ ମହଲରେ ଭିତରି ଆଲୋଚନା ଚାଲିଛି । ସଭାପତି ଗୋପବନ୍ଧୁଙ୍କ ମତ ଯେ ସେମାନେ କୋଡ଼ିଏ ହଜାର ଅରଟ ଚଲାଇ ସୂତା କାଟନ୍ତୁ । ପ୍ରଧାନ ମନ୍ତ୍ରୀଙ୍କର ଇଚ୍ଛା ଅନୁଗୁଳର ଜଙ୍ଗଲ ସାଫ କରି ପୋଟଳ ଓ କମଳା ଚାଷ କରନ୍ତୁ । କିନ୍ତୁ କର୍ଣ୍ଣଧାର ମହତାପ କହନ୍ତି କି ନଡ଼ିଆ ତେଲ୍ କଳ ବସୁ । × × ×

ମଠ ମନ୍ଦିର ଆଇନ ପାଶ ହେଲା ଯଣି ଯେ ତତ୍ତ୍ୱାବଧାରକ ହୋଇ ରହିବେ, ସେ ନୌକରି ପାଇଁ ବହୁତ ଲୋକ ଆଜହୁଁ କେନଭାସିଂ ଲଗାଇ ଦେଲେଣି । ତା ଭିତରେ ୫୫୦୦ ଓ ୫୭୫ ଦରମା ପାଇବା ବାଲା ଅନେକ ଅଛନ୍ତି । ମାତ୍ର ସେ ସମସ୍ତେ ହିନ୍ଦୁ ଥିବାରୁ ମହାତ୍ମା ଗାନ୍ଧିଙ୍କ ମତଲବ ଯେ ସେ କାମରେ ଜଣେ ମୁସଲମାନ ରଖା ହେବ । ଏହାଦ୍ୱାରା ହିନ୍ଦୁ-ମୁସଲମାନ ମିଳନର ଅନେକ ସୁବିଧା ହେବ, ପରନ୍ତୁ ଉକ୍ତ ହିନ୍ଦୁଙ୍କଠାରୁ ମୁସଲମାନ ମହନ୍ତମାନଙ୍କୁ ଭଲ ଆଇତ କରି ପାରିବେ ।

---

## କୁଡ଼୍କୁଡ଼ି

ମା—ଗୋପାଳ, ଏ ଘରେ ଦୁଇଟା ଆମ୍ବ ରଖି ଯାଇଥିଲି; ଗୋଟାଏ ଅଛି ଯେ ?

ଗୋ—ମୁଁ ତ ଜାଣେ ନାହିଁ ମା ! ଘରଟା ଅନ୍ଧାର ହେଉଥିଲା ବୋଲି ମତେ ସେଇଟା ଦିଶି ନାହିଁ । + +

ହାକିମ—ଦେଖ୍, ତୁ ଦୁଧରେ ପାଣି ମିଶେଇଚୁ ସେଥିପାଇଁ ତୋ ଉପରେ ଦଶଟଙ୍କା ଜରିମାନା ହେଲା ।

ଗଉଡ଼—ଆଜ୍ଞା ହଜୁର, ଏ ମିଛକଥା । ମୁଁ "ପାଣିରେ ଦୁଧ ମିଶେଇଚି ।"

Digitized by srujanika@gmail.com





# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର







ବାଲୁବଜାର, ପୋ. ଚାନ୍ଦନୀଚୌକ — କଟକ।





ଟ ୨୦୯ ଙ୍କା ପୁରସ୍କାର !

ଟ ୨୦୯ ଙ୍କା ପୁରସ୍କାର !

ଗ୍ରାହକମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ ସେମାନଙ୍କର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ। ଅନ୍ୟମାନଙ୍କର ବ୍ୟବସାୟ ଅପେକ୍ଷା [illegible] କୌଣସି ଦ୍ରବ୍ୟ [illegible] ଆପଣମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି। ଆମ୍ଭେମାନେ ଏହି କାର୍ଯ୍ୟାଳୟ [illegible] ନୂତନ [illegible] କରିଥିବାରୁ ବଜାରରେ ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଆମ୍ଭେମାନେ ସେମାନଙ୍କୁ [illegible] ଦେବାକୁ [illegible] ପ୍ରତ୍ୟେକ ପଦାର୍ଥକୁ [illegible] କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ। କେହି କୌଣସି ପ୍ରକାର ଦୋଷ [illegible] ଧରିପାରିଲେ ଆମ୍ଭେମାନେ ଟ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବଶମ୍ବଦ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁ ବଜାର, ପୋ: — କଟକ।





---

ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁପଞ୍ଚ ବଟୀ**

ଏକମାସ ଚିକିତ୍ସାରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ। [illegible]

[illegible]

ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S [illegible]

ଠିକଣା:- ଶାରଦା ଔଷଧାଳୟ [illegible]

---

ପ୍ରକାଶକ- ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ — ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com

REG. NO. P 441 THE DAGARO.


# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତିରିକ୍ତ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ସ୍ନାୟବିକ ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ମୃତବତ୍ସା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗ ପ୍ରଶମନରେ ଏହା ଅଦ୍ୱିତୀୟ ।

**ମୂଲ୍ୟ**—ଶିଶିକୁ ୧୲ ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ସଦ୍ୟୋଜାତ ଶିଶୁଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଅଉ ଗୋଲ ଗୁଣ୍ଡି ( ଘୋର ଔଷଧ ) ଦେବା ଅନାବଶ୍ୟକ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ଦଗା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ ।

**ମୂଲ୍ୟ**—ଶିଶିକୁ ।୦/୬ (ଛଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

**କବିରାଜ ଶ୍ରୀଧର ଗର୍ବଡ଼୍, ଭିଷଗାଚାର୍ଯ୍ୟ**
**ଆୟୁର୍ବେଦିକ ଫାର୍ମାସି**
**ଭୁବନେଶ୍ୱର—ପୁରୀ**

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଭ ହେଡଅଫିସ—ହିନ୍ଦୁସ୍ଥାନ ବିଲଡିଂସ୍, କଲିକତା । ସୋ

ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ

ନ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ସା

ହିନ୍ଦୁସ୍ଥାନ ଦିନୁ ଦିନ ପ୍ରସାର ଲାଭ କରି ପାରିଛି ।

ସୁ ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ । ଇ

ରେ ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ସ୍ୱୟଂ ପ୍ରାପ୍ତି ବୀମାରେ ହଜାର ପ୍ରତି ୫୧୦ ଓ ଆଜୀବନ ବୀମାରେ ୫ ୨୫୲ ଲାଭ ଦିଆ ହୋଇଛି । ଟି

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ନ୍ସ ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି । ଲି

ଓଡ଼ିଶା ଅଫିସ:—ଚାଲଗଲ, କଟକ । ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ ।**




Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak.

Digitized by srujanika@gmail.com



# ଡଗର

## ବଣିଆବୃତ୍ତି (BANIA SPIRIT)




କଂଗ୍ରେସ ମନ୍ତ୍ରୀମାନେ ଯେପରି ଅଣ୍ଟିରୁ 'କଉଡ଼ି ଛାଡ଼ିବି ନାହିଁ, ଛିଅକୁ ବାଡୁଅ ରଖିବି ନାହିଁ' ନୀତିରେ ନିଶା ନିବାରଣ କାର୍ଯ୍ୟ ଚଳାଉଛନ୍ତି ଗାନ୍ଧୀଜୀ ତାକୁ ବଣିଆଗିରି (Bania spirit) ବୋଲି କହି ଘୋର ନିନ୍ଦା କରିଛନ୍ତି ।

Digitized by srujanika@gmail.com




Digitized by srujanika@gmail.com

ଡଗର
ପୌଷ ଦ୍ୱିତୀୟାର୍ଦ୍ଧ
୨ବର୍ଷ, ୧୬ଶ ସଂଖ୍ୟା
ଭଦ୍ରକ
୧୫ । ୧ । ୩୯




ଡଗର
ଖଣ୍ଡ—୫୦/
ବାର୍ଷିକ(ସଡାକ)୫୬୯
ଛାତ୍ରମାନଙ୍କପାଇଁ୫୧୯
ବିଜ୍ଞାପନ ସ୍ଥଗିତ—୫୫୯

ରଣପୁର ? ଉଲେ ବୋପାଲେ !! ଯଉଁଠି 'ରଣ' ପୁର ବହୁଛୁ ! ଏମିତ ଯାଗାରେ ଦ'ଗୁରୁଟା ମଣିଷ ଧାଉଁଛ ହବା କି ହାଣ ଖାଇବା ଇଚ୍ଛା ବିଶେଷ କଥାଟେ !

ତେବେ ଅମେ ଧର୍ମପ୍ରାଣ ଓଡ଼ିଆ ଜାତି; ଅମେ କହୁ "ଅଇଷ ପୂରିଲ ଯାହାର ସେ ମଲା ।" ଅବା "ଶଇଗୁପ୍ତ ପାଞ୍ଜି ପୋଛିଲଲୁ ମଲା ।" ସତ ଏଡ଼ା ଖାଲ ପୁର ନଥିଲେ କିଏ କେବେ ମରିପାରେ କି ? ନୋହିଲେ ନୂଅଗଡ ବେଇଁଠି, ପଲିଟିକେଲ୍ ଏଜେଣ୍ଟ କିଏ—ସେ ଭାକି ଲଜ୍ଜୁଳ ଗଡରେ ହିଉଡାଠିରେ ବେଭ ପଡେଇବାକୁ ରଣପୁର ଧାଇଁ ଅସନ୍ତେ ?

ଯାହାହେଉ ଓଡ଼ିଅଙ୍କ ବୀର ପଣିଅଟା ଖୁବ୍ ଜଣା ପଡ଼ିଲା ଏଡ଼ା । ଉଭଲଭର ଛଡ଼ାଇ ନେଇ ଗୋଟାଏ ଏକୁଟିଆ ଗୋରା ଲୋକଟାକୁ ଏକଦମ୍ ସାବାଡ଼ କରିଦେଲେ ! ଅପଣା ଜୀବନକୁ ଟିକିଏ ବୋଲି ମମତା ବି ରଖିଲେ ନାହିଁ ? ଯେତେବେଳେ ପଞ୍ଚୁ ଭୂତଥର ହୋଇ ଫଉଜ ଅସିଲେ ସେତେବେଳେ ଏଡ଼ାବେଳେ ଲଙ୍ଗୁଳ ଦେଇ ବୀରମାନେ ସବୁଦ୍ୱାର ଛାଡ଼ି ଛୁ—।

ଖବର ପାଉଛୁଁ ମୋଗଲବନ୍ଦୀରେ ନୂଆ ଭଳି ଗଢ଼ା ହୋଇଥିବା ଅହିଂସା ସମର ଶିବିରରେ ବୀରମାନେ ଅଶ୍ରୟ ନେବେ ।

\+ + +

କଟକ ସମାଜ ଅଫିସ ସାମନାରେ ଗୋଟାଏ ସାଇନବୋର୍ଡ଼ରେ ମରା ହୋଇଥିବାର ଦେଖିଲୁଁ—

ଏଠାରେ "ତୀବ୍ର ନିନ୍ଦାବାଦ" ମିଳେ ।

ଢେଙ୍କାନାଳୀ ଜାତ ପଦାର୍ଥ—
ଟଙ୍କାରେ ଚାରିଏ ।

ରଣପୁରୀ ଜାତ ପଦାର୍ଥ—
ଟଙ୍କାକୁ ଯେତେ ନେବ ।

## ନିର୍ଦ୍ଦେଶ

ମେଜର ବେଜଲଗେଟଙ୍କ ଗୁଳି ଦ୍ୱାରା ଅହତ ରଣପୁରବାସୀର ମୃତ୍ୟୁରେ ଅମ୍ଭେମାନେ ଯେପରି ଦୁଃଖ ଅନୁଭବ କରୁଛୁଁ ମେଜରଙ୍କ ମୃତ୍ୟୁରେ ମଧ୍ୟ ଅପ ଦୁଃଖର ଗଭୀରତା ତଦୂପ । ବରଂ ଅସହାୟ ଦରିଦ୍ର ମୃତ ଭଦ୍ରଲୋକର ପରିବାର ପ୍ରତି ଅମମାନଙ୍କର ସ୍ୱତଃ ଅଧିକ ସହାନୁଭୂତି ହୁଏ ।

ଅମେମାନେ ଏଭଳି ଗଣ୍ଡଗୋଳକୁ ବାଞ୍ଛନୀୟ ଏବଂ ପ୍ରଶଂସନୀୟ ମନେ ନକଲେ ମଧ୍ୟ ରଣପୁରର ପୂର୍ବ ପରିସ୍ଥିତି ତଥା ଦରବାର ଏବଂ ମେଜରଙ୍କର ଅଚରଣ ପରିପ୍ରେକ୍ଷୀରେ ଏହା ଯେ ଅତ୍ୟନ୍ତ ସ୍ୱାଭାବିକ ତାହା ସ୍ପଷ୍ଟ କଣ୍ଠରେ ସ୍ୱୀକାର କରିବୁଁ ।

ଗୋଟିଏ ଗାଲରେ ଯୋଡ଼ା ଖାଇ ଯଦି କେହି ଅନ୍ୟ ଗାଲଟିକୁ ଦେଖାଇ ଦିଏ ତେବେ ଯୀଶୁ, ଚୈତନ୍ୟ ବା ଗାନ୍ଧୀଙ୍କର ନିର୍ଦ୍ଦେଶ ଅନୁସାରେ ଅମେମାନେ ତାକୁ ପ୍ରଶଂସା କରିପାରୁଁ କିନ୍ତୁ ପରିବର୍ତ୍ତିରେ ଯଦି ଅନ୍ୟ ଜଣେ ସେହି ଯୋଡ଼ା ସାହାଯ୍ୟରେ ତାହାର ସ୍ୱାଭାବିକ ଉତ୍ତର ଦିଏ ତେବେ ଅମେମାନେ ତାକୁ ତୀବ୍ର ଭାବରେ ତ ଦୂରର କଥା ସାମାନ୍ୟ ନିନ୍ଦାବାଦ କରିବାକୁ ଗଲେ ମଧ୍ୟ ସତ୍ୟର ଅପଲାପ କରିବୁଁ ବୋଲି ବିଶ୍ୱାସ । —ସମ୍ପାଦକ

ଅମେ ଉତରେ ଜାଞ୍ଚ କରି ଏହାର କାରଣ ବୁଝିବାରୁ ଜଣାଗଲା ଯେ ଢେଙ୍କାନାଳରେ ଭଲା ଲୋକ ମରିଥିଲେ ବୋଲି ତାଙ୍କ ପାଇଁ ଯେଉଁ ନିନ୍ଦାବାଦ ସେଟାର ମୂଲ୍ୟ ବେଶୀ, ଅଉ ରଣପୁରରେ ଗୋରା ଲୋକ ମରିଥିବାରୁ ସେଠା ନିନ୍ଦାବାଦର ଦାମଟା ଶସ୍ତା । ଯେହେତୁ ଦେଶୀ ପଦାର୍ଥ ସବୁ ସମୟରେ ମହର୍ଘ ହୋଇଥାଏ ।

\+ + +

ସତ କଥା ତ । ଢେଙ୍କାନାଳରେ ଏତେ ଗୁଳି ଗୃଳିଲା, ଏତେ ଲୋକ ମଲେ ତାଙ୍କ ପାଇଁ ତ କେହି ସକାସକ କାନ୍ଦି "ତୀବ୍ର ନିନ୍ଦାବାଦ" ଝାଡ଼ି ନ ଥିଲେ । ରଣପୁରରେ ଜଣେ ଲୋକ ମୂର୍ଖ ଜନତାକୁ ଉତ୍ତ୍ୟକ୍ତ କରାଇ ନିଜର ବାହାଦୁରୀ ଦେଖାଇବାକୁ ଗଲାବେଳେ ଅହତ ହୋଇ ପ୍ରାଣ ହରାଇବାରେ ତୀବ୍ର ନିନ୍ଦାବାଦଟା ଏତେ ଶସ୍ତା ହୋଇ ପଡ଼ିଲା ଯେ ଗାନ୍ଧିଜୀଙ୍କଠାରୁ ଅରମ୍ଭ କରି ଅମ ଓଡ଼ିଶୀ ପ୍ରଧାନ ମନ୍ତ୍ରୀ ଅଉ ତାଙ୍କ ମୁନିବ ମହତାବ ନଗଏଡ୍ ସମାଜର ସମ୍ପାଦକ, ପରିଚାଳକ; କମ୍ପୋଜିଟର, ଇମ୍ପୋଜିଟର, ପ୍ରେସମ୍ୟାନ, ପେସ୍ମ୍ୟାନ ପର୍ଯ୍ୟନ୍ତ ସମସ୍ତେ ଭାଣ୍ଡି କରି ଦେଇଗଲେ । ସମାଜରେ ଯେଉଁ ଖବରଟା ବାହାରିଲା— ସେ ମଧ୍ୟ ଗାଣ୍ଡିଆ ମୁଣ୍ଡିଆ କି ଏମିତ ବାହାରିଲା ଯେ ସେଥିରୁ ସମାଜ ଅଫିସର ସବୁ 'ନିନ୍ଦାବାଦ'ର ଗନ୍ଧ ବି ମିଳିଲା ।

\+ + +

ଅମକୁ ଜଣେ ସନ୍ୟାସୀ 'ଅତ୍ମା'ର ଅର୍ଥ ବୁଝାଉଁ ବୁଝାଉଁ କହୁଥିଲେ ଯେ—ଅତ୍ମା ଶିବ—ଅତ୍ମା ସତ୍ୟ—ଅତ୍ମା ଶୁଭ୍ର ବେଶ ।

ସେତେବେଳେ ଶିବ ସତ୍ୟର କଥାଟା ବୁଝି ଥିଲୁଁ କିନ୍ତୁ ଅତ୍ମାଟା ଶୁଭ୍ର କିପରି ତା ବୁଝି ନ ଥିଲୁଁ । ରଣପୁରରେ ସହୃଦ୍ ମେଜର ବେଜଲଗେଟଙ୍କ ଅକାଳ ପରଲୋକ ଗମନ ଫଳରେ ତାହା ଅମ୍ଭମାନଙ୍କର

କଥଗୁଡ଼ିକ ହୃଦୟଙ୍ଗମ ହେଲା । ଆତ୍ମାଟା ଶୁଭ୍ର ହୋଇ ଥିବାରୁ ତାହା କୁଅଡ଼େ କେବଳ ଗୋରା (ଶୁଭ୍ର) ଲୋକଙ୍କ ଦେହରେ ବିରାଜମାନ କରନ୍ତି । କଳା ଲୋକଙ୍କ ଦେହରେ ଆତ୍ମା ନଥାଏ । ଗୋରା ଲୋକଙ୍କ ଆତ୍ମାକୁ ରକ୍ଷା କରିବା ନାମ ଆତ୍ମରକ୍ଷା । ଅଜ କଳା ଲୋକଙ୍କ ଆତ୍ମାକୁ ରକ୍ଷା କରିବା ନାମ ଛେଳି ରକ୍ଷା ବା କୁକୁଡ଼ା ରକ୍ଷା ଅର୍ଥାତ୍ ଦରକାରବେଳେ ତାକୁ ଝୋଳ କରି ପାରିପୂଣ କରିହୁଏ । କାରଣ ମେଜର ବେଜାଲଗେଟ୍ (ନାମଟାରେ ଅନୁପ୍ରାସ ଅଛି ବେଶ୍) ଆତ୍ମ ରକ୍ଷା କରିବାକୁ ଯାଇ ଯେଉଁ ଲୋକଙ୍କୁ ଗୁଳି କରି ମାରିଲେ ସେଥିପାଇଁ କେହି କାନ୍ଦିଲେ ନାହିଁ କିନ୍ତୁ ନିରସ୍ତ୍ର ଲୋକେ (ଅବଶ୍ୟ ହାତରେ ଠେଙ୍ଗା ଥିଲା) ନିଜକୁ ଗୁଳି ମୁହଁରୁ ରକ୍ଷା ପାଇବାକୁ ଯାଇ ଯାହା କଲେ ସେଉଟା କେବଳ ତୀବ୍ର ନିନ୍ଦାବାଦ ଓ 'ସ୍ତମ୍ଭିଭୂତ'! + +

ଯେପରି ଜଣ ଯାଏ ତିନୋଟି ଦୃଷ୍ଟିରୁ ଓଡ଼ିଶାର ବିଶ୍ୱନାଥ ସରକାର ରଣପୁର ପ୍ରତି ତାଙ୍କର କର୍ତ୍ତବ୍ୟ ଦେଖି ପାରିଲେ । ହେବାର କଥା, କାରଣ ବିଶ୍ୱନାଥ ତ୍ରିନେତ୍ରଧାରୀ । (କିନ୍ତୁ ନଚ ଶୂଳପାଣି ।) ପ୍ରଥମରେ ମାନବିକତା ଦୃଷ୍ଟିରୁ, ଦ୍ୱିତୀୟରେ ପଡ଼ୋଶୀ ଦୃଷ୍ଟିରୁ, ତୃତୀୟରେ ସମ୍ରାଟଙ୍କ ପ୍ରତିନିଧି ସହିତ ପ୍ରାଦେଶିକ ସରକାରଙ୍କ ସମ୍ପର୍କ ଦୃଷ୍ଟିରୁ ସେ ରଣପୁରକୁ ଫଉଜ ପଠାଇ କେବଳ ବେଜାଲଗେଟଙ୍କ ଶବ ଅଣିଲେ ଓ ରାଜାଙ୍କ ନଅର ଜଗିଲେ । ଉଚିତ କଥା । ଢେଙ୍କାନାଳରେ ଗୁଳି ଚାଲୁଥିବାବେଳେ ମଧ୍ୟ ଓଡ଼ିଶା ସରକାର ପଡ଼ୋଶୀ ଦୃଷ୍ଟିରୁ ଫଉଜ ପଠାଇ କଳା ଶବଙ୍କୁ ଡାକ୍ତରଖାନା ଅଣିଥିଲେ । ମହୀଶୂରରେ ଗୋଳମାଳବେଳେ ମଧ୍ୟ ସମ୍ରାଟ ପ୍ରତିନିଧିଙ୍କ ସହିତ ସମ୍ପର୍କ ଯୋଗୁଁ ସେଠାକୁ ସୈନ୍ୟ ପଠାଇ ଥିଲେ । ପୁଣି ଗୁଜରାଟରେ ଗଣ୍ଡଗୋଳ ହେଉଥିବାବେଳେ ମାନବିକତା ଦୃଷ୍ଟିରୁ ସେଠାକୁ ମଧ୍ୟ ଯେଉଁ ସୈନ୍ୟ ପଠାଇଛନ୍ତି ସେମାନେ ହିମାଳୟ ଉପରକୁ ଗଲେଣି । ଧନ୍ୟରେ ଯୁକ୍ତି । × ×

ଗୋଟାଏ ବଡ଼ ଐତିହାସିକ ବିଭ୍ରାଟ ଘଟିଥିବାର ସମ୍ବାଦ ଅନେକ ଦିନ ତଳେ ଆମ୍ଭେମାନେ ପାଇଥିଲୁଁ । କେତେକ ଐତିହାସିକ କେତେ ବର୍ଷ ତଳେ ବହୁ ଗବେଷଣା ଏବଂ ଅନ୍ୱେଷଣା ପରେ ଗୋଟାଏ ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଶୁଣି ଆମ୍ଭେମାନେ ସୁଖୀ ହେଲୁଁ । ସେମାନଙ୍କ ମତରେ ଶ୍ରୀକୃଷ୍ଣଙ୍କୁ ଗର୍ଗ ଯେଉଁ ସ୍କୁଲରେ ଶିକ୍ଷାଦାନ କରିଥିଲେ ସେଇ ସ୍କୁଲରେ ଆମ କଟକର ରେଭେନ୍ସା କଲେଜ ତିଆର୍ ହୋଇଛି । ସେଠାକୁ ଯିଏ ପାଠ ପଢ଼ିବାକୁ ଯିବ ସେ କୃଷ୍ଣ ଧର୍ମରେ ଅନୁପ୍ରାଣିତ ହୋଇ ପରକୀୟା ପ୍ରୀତିକୁ ଜୀବନର ବ୍ରତ କରିଦେବ ।

ଅମେ ଶୁଣିଲୁ ଏହି ତଥ୍ୟ ଆବିଷ୍କୃତ ହବା ପରଠାରୁ ରେଭେନ୍ସା କଲେଜର ବିବାହିତା ଛାତ୍ରୀମାନେ ଭୟରେ କଲେଜ ଛାଡ଼ି ପଳାଇଛନ୍ତି ।

ଏ କଥାର ସୁବକ୍ ଗାନ୍ଧିଜୀ ପଞ୍ଜାବରୁ ପାଇ ଲେଖିଲେ କି ବାଳିକାମାନେ ଯଦି ଆତ୍ମରକ୍ଷା ପାଇଁ କିଛି ସାଂଘାତିକ ଯୋଜନା (ଚନ୍ଦରେ ହେଉ ବା ଚଟିରେ ହେଉ) ଦିଅନ୍ତି ତେବେ ସେଟା ଅହିଂସା । ମହାତ୍ମା ଗାନ୍ଧିଙ୍କ ପରାମର୍ଶ ପରେ ପରେ ରେଭେନ୍ସା କଲେଜ ବାଳିକା ଛାତ୍ରମାନେ ଏଥର ଅହିଂସା ଅସ୍ତ୍ରର ବ୍ୟବହାର କରନ୍ତୁ । ସବୁ ଠିକ୍ ହୋ ଯାଏଗା । ବୀର ସାହସୀ ଓଡ଼ିଆ ଯୁବକମାନେ ପାଠ ପଢ଼ି ଯିବେ ।

× × ×

## ଜାଣିଛନ୍ତି କି ?

ପ୍ରଶ୍ନ— ତୀବ୍ର ନିନ୍ଦାବାଦ' କେଉଁଠି ହୁଏ ?
ଉତ୍ତର—କଳା ଲୋକ ଗୋରାଙ୍କୁ ମାରିଲେ ।
ପ୍ରଶ୍ନ—'କୁନ୍ତା ନିନ୍ଦାବାଦ' କେଉଁଠି ହୁଏ ?
ଉତ୍ତର—ଗୋରାଲୋକ କଳାଙ୍କୁ ମାରିଲେ ।
ପ୍ରଶ୍ନ—ଗଭୀର ଶୋକ ପ୍ରକାଶ କେଉଁଠି ହୁଏ ?
ଉତ୍ତର—କଳା ଲୋକ ହାତରେ ଗୋରା ଯେଉଁଠି ମରେ ।
ପ୍ରଶ୍ନ—ଶିଥିଳ ଶୋକ ପ୍ରକାଶ କେଉଁଠିହୁଏ ?
ଉତ୍ତର—ଗୋରା ଲୋକ ହାତରେ କଳା-ଲୋକ ଯେଉଁଠି ମରେ ।
ପ୍ରଶ୍ନ—ସହାନୁଭୂତିର ପ୍ରସ୍ରବଣ କେଉଁଠି ?
ଉତ୍ତର—କଳା ଲୋକ ଗୋରାଙ୍କୁ ଯେଉଁଠି ମାରେ ।
ପ୍ରଶ୍ନ—ସ ହା ନୁ ଭୂ ତି ର ସାହାରା କେଉଁ ସ୍ଥାନରେ ?
ଉତ୍ତର—ଗୋରା ଲୋକ କଳା ଲୋକଙ୍କୁ ଯେଉଁଠି ଗୁଳିକରେ ।
ପ୍ରଶ୍ନ—ନେତା କିଏ ?
ଉତ୍ତର—ଯେ ଏହି ତଥ୍ୟକୁ ମନରୁ 'ନେଇ' ପାରେ ।

ଜଣେ ମୁସଲମାନ ନେତା ଯୁକ୍ତିର୍ ଏବେ ଜିନା ସାହେବଙ୍କ ଟପି ଗଲେଣି । ସେ ତାର ସ୍ୱରରେ ଗର୍ଜିଛନ୍ତି କି ଭାରତର ମୁସଲମାନ ମାନେ ଭାରତୀୟ ମହାଜାତି (nation)ର ଗୋଟାଏ ଅଙ୍ଗ ବା ଅଂଶ କୌଣସି ଶ୍ରେଣୀ ସମ୍ପ୍ରଦାୟ (community) ନୁହନ୍ତି । ମୁସଲମାନ ଗୋଟାଏ ସ୍ୱତନ୍ତ୍ର ମହାଜାତି ବା ନେସନ । ଏହି ନେସନ ପୃଥିବୀର ସବୁ ଦେଶରେ ଯେପରି ବିକ୍ଷିପ୍ତ ହୋଇ ଅଛି, ଭାରତରେ ବି ସେହିପରି ଅଛନ୍ତି । ଇତ୍ୟାଦି

ଅଚ୍ଛା, ତୁରସ୍କର ମୁସଲମାନ ତ ନିଜକୁ ତୁର୍କି ମହାଜାତି ( nation ) ବୋଲି କହନ୍ତି । ଇରାନବାସୀ ମୁସଲମାନ ହେଲେ ବି ଇରାନି ବୋଲି ଗର୍ବ କରନ୍ତି । ଅଫଗାନ ମଧ୍ୟ ସେଇଆ । ଚୀନର ଅସଂଖ୍ୟ ମୁସଲମାନ ନିଜକୁ ଚୀନା ବୋଲି କହି ପ୍ରାଣ ଦେଉଛନ୍ତି । ଜାପାନର ମୁସଲମାନ ଜାପାନୀ ବୋଲି ଏଣେ ଚୀନାଙ୍କ ସାଙ୍ଗରେ ଲଢ଼ୁଛନ୍ତି । ଆବସିନିଆର ମୁସଲମାନ ତାଙ୍କ ଦେଶ ଓ ଖ୍ରୀଷ୍ଟିଆନ ରଜାପାଇଁ ସେଦିନ ଏତେ ପ୍ରାଣଦେଲେ । କେବଳ ଭାରତ ମୁସଲମାନ ଯେ ନୁହନ୍ତି ଭାରତୀୟ !

ଏଥିରୁ ଜଣାପାଏ ଏଠିକା ମୁସଲମାନଗଣ ଏଠାରେ ଜନ୍ମି ନାହାନ୍ତି । ଖାସ୍ ମକ୍କା, ମଦିନା, ବଗଦାଦ୍, ବସୋରା ବା ବୋଖାରା, ସମର ଖନ୍ଦରୁ ଆମଦାନି ! ଏଭଳି ମତ ଯାହାର ହୁଏତ ତାଙ୍କ ମା କୋଇଲି ଭଳି କୁଆ ବସାରେ ଅଣ୍ଡା ରଖି ଦେଇ ଥିଲେ । ଡିମ ଫୁଟି ପର ଲଗିଲାକୁ ସେ ପୁଣି ହେଉଗଲେ କୋଇଲି ।

Digitized by srujanika@gmail.com




ସୁଲେଖା ଓ ଅଲେଖା ଦୁଇ ଭଉଣୀ । ସୁଲେଖା ବଡ଼, ଆଉ ଅଲେଖା ସାନ । ସୁଲେଖା ବଢ଼ିଥିଲା—ଯିମିତି ସବୁ ମଫସଲି ଝିଅ ଘରେ ବଢନ୍ତି, ମାତ୍ର ଅଲେଖା ବେଳକୁ ଦେଶର ହାଓଆ 'ହୁ' କରି ବଦଳି ଯିବାରୁ ସେ ପଢ଼ିଲା ଇସ୍କୁଲ ପାଠ । ଏଣୁ ଦୁଇ ଭଉଣୀଙ୍କ ଢଙ୍ଗବଙ୍ଗ ହେଇ ପଡ଼ିଲା ଦୁ' ରକମ । ସୁଲେଖା ଘରର ସବୁ କାମ ପାଇଟି କରେ ଆଉ ଅଲେଖା କରୁଥାଏ କଳା ଚର୍ଚ୍ଚା, ସାହିତ୍ୟ ଚର୍ଚ୍ଚା ।

ଖରଚ କମ ପଡ଼ିବ ବୋଲି ବାପା ଦୁହିଙ୍କର ବାହା ଏକା ସାଙ୍ଗରେ କରିଦେଲେ । ବାହା ହେଇ ଦୁହେଁ ଯାକ ଆପଣା ୨ ଶାଶୁ ଘରକୁ ଗଲେ ।

ସୁଲେଖାର ବର ବଜସ୍ତୁ ଜଣେ ଅଧୁନିକ ରୁଚିବନ୍ତ, ଶିକ୍ଷିତ, ମାର୍ଜିତ ଭଦ୍ର ଯୁବକ; ଆଉ ଅଲେଖା ଯାହାକୁ ବାହା ହେଲା ସେ ବଡ଼ଲୋକ ଘର ପିଲା ହେଲେବି ଜଣେ ଠୋ-ଟା କୋମ୍ପାନୀର ମେମ୍ବର; ଅର୍ଥାତ୍ ସିନେମା, ଥିଏଟର, ଫୁଟ୍‌ବଲ ଏଇ ସବୁଥିରେ ତାର ସଉକ । ଦିନ ସାରା ବାହାରେ ଅଡ୍ଡା ମାରି ବୁଲେ, ସନ୍ଧି ଫାଜିଲ୍‌ମିରେ ଅବସରରେ ଦିନ ଗୁଜାରି ଦିଏ ।

ବଜସ୍ତୁ ଦେଖିଲା ଯେ ତା ସ୍ତ୍ରୀ ସୁଲେଖା ଘରକରଣା, ସବୁଥିରେ ସୁଯୋଗ୍ୟା ହେଲେବି ତାର ମନ ମୁତାବକ ହୋଇ ପାରୁନାହିଁ । ଧୀର, ସ୍ଥିର, ଶାନ୍ତ, ଶିଷ୍ଟ ସବୁ—ଯେପରି ବଦ୍‌ଳୁଏ ହବାର କଥା । ହେଲେ ନିହାତି ଭକ୍ତିଆଳିକର, କଟ୍ଟା ମଫସଲି । ତାର ଭାବୁକ ଚିତ୍ତକୁ ରସ ରୂପ ଖୋରାକ ଯୋଗାଇ ପାରୁ-ନାହିଁ । ତଥାପି ସୁଲେଖାର ସ୍ନେହ, ଶ୍ରଦ୍ଧା, ସେବା ଆଦରରେ ଆପଣା ମନଟାକୁ ସାନ୍ତ୍ୱନା ଦେଇ ରହିଲା । ବଜସ୍ତୁ ଭାବିଲା—ମନ୍ଦ କଣ ? ସତୀ, ସାଧ୍ୱୀ, ପତିବ୍ରତା ସ୍ତ୍ରୀ ପାଇବା ଭାଗ୍ୟର କଥା । ଯାଉ, ଅଧୁନିକା ବା ଶିକ୍ଷିତା ନ ହେଲେ ନାହିଁ । ସେପରି ହୋଇଥିଲେ ସଙ୍ଗିନୀ ହୋଇ ପାରିଥାନ୍ତା ସତ; ନ ହେଲେ ନାହିଁ—ଏ ଯେ ମୋର ଧର୍ମପତ୍ନୀ, ଗୃହଲକ୍ଷ୍ମୀ ! ଏହିପରି ମନକୁ ବୋଧ ଦେଇ ବଜସ୍ତୁ ସୁଖରେ ଦିନ କାଟିବାକୁ ଲାଗିଲା ।

× × ×

ବଜସ୍ତୁ ଯାଏ ଅଲେଖାର ଘରକୁ । ଶାଳୀ ଭିଣୋଇଙ୍କ ମଧ୍ୟରେ ପ୍ରଥମେ ୨ ଥିଲା, ଯାହିଁ

# କେବା କଆଟେ!

(ଇଂରାଜି ଅବଲମ୍ବନେ)

ଲେଖକ—ସଂରୁଅଲେଖୁ

ଟିକିଏ ଲଜ୍ଜା, ସଙ୍କୋଚ ତାହା ଅଲ୍ପକୁଥର କାଳକ୍ରମେ କମେ ଗଲା ଛାଡ଼ି । ତହିଁକି ଅଲେଖାର ସ୍ୱାମୀ ପୃଥ୍ୱୀ ଖୁବ୍ ଖୋଲାଦିଲିଆ ଲୋକ । ଅଲେଖା ଓ ବଜସ୍ତୁ ବସି ବସି କଥାବାର୍ତ୍ତା ହୁଅନ୍ତି, ବଡ଼ ବଡ଼ ବିଷୟରେ । କେତେବେଳେ ରାଜନୀତି, କେତେବେଳେ ଅର୍ଥନୀତି, ଶିକ୍ଷା, ସମାଜ ମନସ୍ତତ୍ତ୍ୱ କିଛି ବାଦ ଯାଏ ନାହିଁ । ତେବେ ବେଶି ଭାଗ ହୁଏ କଳା ଚର୍ଚ୍ଚା—କବିତା, ଥିଏଟର, ନାଟକ, ସଙ୍ଗୀତ, ସିନେମା, ନୃତ୍ୟ ଏପରିକି ଚିତ୍ରବିଦ୍ୟା ବି । ଅଲେଖା ବଜସ୍ତୁର କଥା ଖୁବ୍ ଭଲ ବୁଝେ—ବଜସ୍ତୁ ଅଲେଖା ପାଖରେ କଥାବାର୍ତ୍ତା କରି ସୁଖ ପାଏ । ଏହିପରି ଦୁହେଁଯାକ କ୍ରମେ ମନମୁତାବକ ଦୁହିଙ୍କୁ ପାଇଗଲେ । ପ୍ରେମଟା ବଢ଼ିଲା ! ପବିତ୍ର ପ୍ରେମ ସମ୍ପର୍କ, ଯାହା—ଦୁଇଟି ବୁଦ୍ଧିଯୁକ୍ତ ପ୍ରାଣୀର ସ୍ୱାଧ ମେଳାମିଶାର ପରିଣତି—ଆକର୍ଷଣ ।

ବଜସ୍ତୁ ଶିକ୍ଷିତ, ଶାନ୍ତ ମାର୍ଜିତରୁଚିସି । ଏଇ ଢଙ୍ଗରେ ତାର ସର୍ବଶ୍ରେଷ୍ଠ ଆନନ୍ଦ । ଘର ଭିତରେ ଯାଉ ଅଭାବ ଟିକକ ତାର, ସେଇଟା ପୂରଣ କରେ ଅଲେଖା । ଭାବୁକ ଚିତ୍ତକୁ ତାର ସରସ ଚିନ୍ତାକୁ ତାଳ ଦେଇ, ସ୍ନିଗ୍ଧ କରିଦିଏ ଅଲେଖା ।

ଦିନେ ଅଲେଖା ହଠାତ୍ କହିଲା, "ଗୃହ ଯିବା ଯବକେଶ୍ୱର ।" ବଜସ୍ତୁ ଟିକିଏ ଥବୁଡ଼ା-ଥାବୁଡ଼ ହୋଇ କହିଲା "ପୃଥ୍ୱୀ—"

ଅଲେଖା ହସି କହିଲା, "ଥାନକୁ କଣ ଏକୁଟିଆ ଗ୍ରେବ ନେଇଯିବ ?"

"ନା, ତା ନୁହେଁ ଯେ—"

"ମୁଁ ବୁଝିଲି ଯେ—ମାନେ ମୋର ଅଧିକାରୀଙ୍କ ବିନା ଅନୁମତିରେ ନେଇ ଯିବାକୁ ସଙ୍କୋଚ କରୁଛ । କିନ୍ତୁ ସେ କିଛି ନୁହେଁ ।"

କଥାଟା ଏପରି ସହଜ, ସରଳ ଓ ନିର୍ମଳ ଭାବରେ ଅଲେଖା କହିଦେଲା ଯେ ବଜସ୍ତୁର ବାଧା ଦେବାର ବି ସ୍ପୃହା ହେଲା ନାହିଁ ।

\+ + +

ମହାନଦୀ ବକ୍ଷରେ କ୍ଷୁଦ୍ର ନାଆଟି ଗୁଳୁଛି । ନାଉରିଆଙ୍କ ଛଡ଼ା ଅବଶିଷ୍ଟ ମାତ୍ର ଦୁଇଜଣ—ବଜସ୍ତୁ ଓ ଅଲେଖା । ଉପରେ ଧଳା ଧଳା ମେଘ, ତଳେ ଚକଚକିଆ ମହାନଦୀ ପାଣିର ନାଚ । ଶୁଭ୍ରପଟେ କାଶ ଫୁଲର ସମ୍ଫଳ ଲହରୀ । ଏ ସବୁ ଭାବୁକ ଦୁହିଙ୍କୁ ଚଞ୍ଚଳ କରି ଦେଉଥାଏ । ସଚେତ ଅଜଣା ପଥର ଦୁଇଟି ଯାତ୍ରୀ କେଉଁ ଅସୀମ ଆଡ଼କୁ ଛୁଟିଥିଆ ପ୍ରକୃତିର ମନୁଆଳ ଖୋଲା ଭିତରେ ଆପଣାର ସତ୍ତା ବୁଡ଼ାଇ ଦେଇ ବଜସ୍ତୁ ଓ ଅଲେଖା କେବେ କେତେ କବିତାର ଜାଲ ବୁଣି ଯିବାକୁ ଲାଗିଲେ ।

କିଛିକ୍ଷଣ ପାହାଡ଼ରେ ବୁଲି ପୁଣି ନାଆ କେଉଁଠାରେ ଗଲିଲା । ତେତେବେଳକୁ ବେଳ ରତରତ ହେଲାଣି । ପଶ୍ଚିମ ଆକାଶର



Digitized by srujanika@gmail.com

ରଙ୍ଗିଣୀ ଖଗ ଅଲେଖାର ସୁନ୍ଦର ମୁହଁକୁ ଅଧିକ ସୁନ୍ଦର କରିଦେଲେ । ସୂର୍ଯ୍ୟ ବୁଡ଼ିଲେ, କ୍ରମେ ଅନ୍ଧାର ମାଡ଼ି ଆସିଲା । ତାରକା ମଣ୍ଡିତ ଶୁଭ୍ର ଆକାଶର ଚନ୍ଦ୍ରମା ତଳେ, ଉପରୁ ଆଚ୍ଛାଦିତ ନଉକା ଉପରେ ବସି ମନ କଥା କୁହାକୁହିର ଅପୂର୍ବ ଆନନ୍ଦ ଉପଭୋଗ କରୁଥିବାବେଳେ ନାବିକ ଡାକିଲା, "ବାବୁ ଦେଖିଲେଣି, ମେଘ ଆସୁଛି ।"

ସତ ଏକା ପଶ୍ଚିମ ଦିଗରୁ ମେଘ ଖଣ୍ଡେ ମାଡ଼ି ଆସୁଥିଲା । ଦୁହେଁଯାକ ସେଇ ମେଘର ଚପଳ ଖେଳକୁ ଗୁର୍ଦ୍ଧି ଗୁହଁ ବିଭୋର ହୋଇ-ଥିଲେ । ଏଥି ଭିତରେ ଯେ ବର୍ଷା ଠୋପା ଟୋପା ହୋଇ ପଡ଼ିଲାଣି, ସେକଥା ବାହାରକୁ ଖିଆଲ ନାହିଁ । ନାଉରିଆ ପୁଣି ଡାକିଲା,— "ବାବୁ ଭିତରକୁ ଯାଅ—ଭିଜିଯିବେ । ଭାରି ଜବର ମେଘ ।"

ଧନଞ୍ଜୟ କହିଲା "ଯାଅ ଅଲେଖା ଭିତରକୁ ।" ସୁଲେଖା ଧୀରେ ଛପର ତଳକୁ ଚାଲିଗଲା । ଧନଞ୍ଜୟ ରହିଲା ବାହାରେ । ଛପରଟା ଖୁବ୍ ଛୋଟ । ତା ଭିତରେ ଦୁଇଜଣ ବସିଲେ ଦେହକୁ ଦେହ ବାଜିବ ଯେ ! କେମିତି ଯିବ ସେ !

ନାଉରିଆ ଚତୁର ଭଲ ଲୋକ । ସେ କହିଲା—ଦେଖୁଛନ୍ତି ବାବୁ ତ ତଡ଼କା ଅସରା ଆସୁଛି—ସେଥିରେ ପୁଣି ବଜ୍ର, ଘଡ଼ଘଡ଼ି— ଭୁଷୁଡ଼ାରେ ବସିବ କିଏଁ ?"

ଧନଞ୍ଜୟ ନିହାତି ଅନିଚ୍ଛାରେ ଛପର ଭିତରକୁ ଗଲା । ଘୋର ଅନ୍ଧାର ତା ଭିତରେ । କେଉଁଠି ସୁଲେଖା ପୁଣି ? ଖୁବ୍ ସାବଧାନରେ ବସିବାକୁ ଯାଇ କଉଁଥିରେ ତାର ହାତ ବାଜିଲା । ଧନଞ୍ଜୟ କହିଲା, 'ଅଲେଖା ।'

'ହଁ ।'

'ଏଟା କଣ ତମର ହାତ ?'

'ହଁ ।'

ପୁଣି କିଛିକ୍ଷଣ ନୀରବ । ବାହାରେ ସେତେ-ବେଳକୁ ଝପାଝପ୍, କଡ଼ କଡ଼ ବର୍ଷା, ବିଜୁଳି ଘଡ଼ଘଡ଼ିର ତାଣ୍ଡବନୃତ୍ୟ ଲାଗିଛି ।

ଧନଞ୍ଜୟ କହିଲା, 'ଅଲେଖା ।'

'ହଁ ।'

'ଆଉ ଟିକିଏ ଡେଣିକି ଘୁଞ୍ଚିବସ, ଦେହଟା-ରେ ଦେହ ବାଜି ଯାଉଛି ।'

ସୁଲେଖା ଘୁଞ୍ଚି ବସିଲା ।

ଧନଞ୍ଜୟ ପୁଣି କହିଲା, 'ଅଲେଖା ।'

'ହଁ ।'

'ତମ ଦେହଟା ଏତେ ନରମ !'

'ନରମ ନ ହେଲେ କଣ ଟାଣୁଆ ହୁଅନ୍ତା ?'

ଧନଞ୍ଜୟ ଚୁପ ହୋଇ ରହିଲା । କିଛିକ୍ଷଣ ପରେ ପୁଣି ଧନଞ୍ଜୟ ଡାକିଲା, 'ଅଲି ।'

'ଉଁ ।'

'ଡର ମାଡ଼ୁଛି ?'

'ହଁ ।'

ଏତିକିବେଳେ ଗୋଟାଏ ଶବ୍ଦ ହେଲା— କଡ଼ କଡ଼—କଡ଼ କଡ଼—ଚୋ—

ଅଲେଖା 'ବାପଲୋ' ବୋଲି କହି ଧନଞ୍ଜୟକୁ ଜୁଟେଇ ପକେଇଲା······

ବାହାରେ ମେଘ ବରଷିଲା ଝପାଝପ୍ ।

\+ + +

ଘରକୁ ଆସି ଧନଞ୍ଜୟ ଆଉ କିଛି ଖାଇଲା ନାହିଁ । ମୁଣ୍ଡ ବିନ୍ଧୁଛି ବୋଲି ସୁଲେଖାକୁ ଭଣ୍ଡାଇ ଦେଇ ଧୀର ହୋଇ ଶୋଇଲା । ନିଦ କିନ୍ତୁ ହେଲା ନାହିଁ ତାର । ଅନୁତାପରେ-- ବାରବାର ଅଗ୍ନି ଜ୍ୱାଳାରେ ହୃଦୟ ତାର ଫାଟି ଯାଉଥିଲା । ଖାଲି ତାର ମନେ ହେଉଥିଲା, 'କଣ କଲି !—କି ପଶୁ ମୁଁ—କି ପିଶାଚ ମୁଁ—କି ବିଶ୍ୱାସ ଘାତକ ମୁଁ— "

"ଏଥିରୁ ପାର ହେବାର ଉପାୟ କଣ ?" ଧନଞ୍ଜୟ ସ୍ଥିର କଲା ଆତ୍ମହତ୍ୟା ହିଁ ଏ ପାପର ଉପଯୁକ୍ତ ପ୍ରାୟଶ୍ଚିତ୍ତ । ସେ ଆତ୍ମହତ୍ୟା କରିବ । କିନ୍ତୁ ଆତ୍ମହତ୍ୟା କଥାଟା ମନେ ହେଲା କ୍ଷଣି ତାର ଛାତି ଥରି ଉଠିଲା । ଡରରେ ରକ୍ତ ଶୀତଳ ହୋଇଗଲା ।

ନିଦ ଆସିଲା ନାହିଁ ମୋଟେ । ବିନିଦ୍ର ଛଟ ପଟ ହୋଇ ହୋଇ ଅଧରାତି ବେଳକୁ ଡାକିଲା, 'ହଇ ହୋ ଶୁଣୁଛ ।'

ସୁଲେଖା କହିଲା, 'ଉଁ ।'

'ଶୋଇଲଣି କି ?'

'ହଁ ।'

ପୁଣି କିଛିକ୍ଷଣ ଗଲା । ଧନଞ୍ଜୟ ଡାକିଲା, 'ଶୁଣୁଛ !'

'କଣ ?'

'ଗୋଟାଏ କଥା ।'

'ରାତି ଅଧଟାରେ ଏ କଥା ମ ?'

'ମୁଁ ଆତ୍ମହତ୍ୟା କରିବ ।'

'କ'ଣ କହି ବୋଲି ଆତ୍ମହତ୍ୟା କରିବ ?'

'ନ ହେଲେ ଅନ୍ୟାୟ ହେବ ।'

'ଦଉ ରାତ ପାହୁ—କାଲି ସକାଳେ କରିବ ।'

'ନାହିଁ ଆଜି ରାତ ଭିତରେ ।'

ସୁଲେଖାର ନିଦ ଏତେବେଳକୁ ଭାଙ୍ଗି ଗଲାଣି । ସେ ଉଠି ବସିଲା । କହିଲା 'ତମର ହେଲା କଣ କି ?'

'ମୁଁ ଆଉ ସହି ପାରୁନି ନାହିଁ ।'

'କଣ ମୁଣ୍ଡ ବଥା ?'

'ନାଇଁ, ଆଉ ଗୋଟାଏ କଥା ।'

'କଣ କହୁନ ।'

'କହିବା କଥା ନୁହେଁ ।'

'ତେବେ ନ କୁହ ।'

'ନାଇଁ କହିବି—ନ କହି ରହି ପାରୁନି ।'

'ହଉ କୁହ ।'

'ତମେ ଶୁଣି ପାରିବ ତ ?'

'ମୋ କାନ କଣ ଫୁଟି ଯାଇଚି କି ?'

'ତା ନୁହେଁ ଯେ—ତମେ ଶୁଣି ସହି ପାରିବ ଟି ?'

'ଦେହ କଣ ନ ସହୁଛି ।'

'କୁହ, କ୍ଷମା କରିବ ? ତମର ଏ ଅଧମ, ନିଷ୍ଠୁର, ଅବିଶ୍ୱାସୀ ସ୍ୱାମୀକୁ କ୍ଷମା କରିବ ?'

'ଏତେ କଥା କାହିଁକି ମ—କହ ପକାଇନ !'

'ଏଇ କଣ କି—ମୁଁ ଆଜ— ମୋର ଆଜ ନରକରେ ପତନ ହେଇଚି ।'

'କି ରକମ ?'

'ଅଜାଣତରେ—ଭୁଲ ଅନ୍ୟମନସ୍କ ଭାବରେ—ହଠାତ୍—'

'କେଉଁଠି ?'

'ଅ-ଲେ-ଖା ସାଙ୍ଗରେ—ନିହାତି ଅତର୍କିତ ଭାବରେ ।'

'ସତେ ! ଉଃ—'

Digitized by srujanika@gmail.com

ଏତିକି କହି ସୁଲେଖା ଧନଞ୍ଜୟର ଛାତି ଉପରେ ମୁହଁ ମାଡ଼ି ଦେଲା । ତାର ତପ୍ତ ଅଶ୍ରୁ ବିନ୍ଦୁ ଧନଞ୍ଜୟର ବିଶାଳ ବକ୍ଷକୁ ପ୍ଲାବିତ କରିଦେଲା ।

ଧନଞ୍ଜୟ କହିଲା "ଦେବୀ ତମେ ସୁଲେଖା— ଏ ପାପିର ଅଙ୍ଗ ସ୍ପର୍ଶ କରନା" ।

ସୁଲେଖା କହିଲା "ନା, ମୋର ସ୍ୱାମୀ, ମୋର ଜୀବନ, ମୋର ପ୍ରଭୁ ତୁମେ—"

କିଛିକ୍ଷଣ ରହି ଧନଞ୍ଜୟ କହିଲା "କ୍ଷମା କରିବ ?"

"କ୍ଷମା—! ତୁମେ ନିଷ୍ପାପ, ତୁମେ ଦେବତା ।'

'ଏପରି ପତନ ମୋ ଜୀବନରେ ଏଇ ପ୍ରଥମ —ଆଉ ଏଇ ଶେଷ ।"

"ପ୍ରତିଜ୍ଞା କର ମୋ ମୁଣ୍ଡ ଛୁଇଁ—ଆଉ ଯେପରି—"

"କଲି—ଆଉ କେବେ—"

ଧନଞ୍ଜୟ କାନ୍ଦି ପକାଇଲା । ସ୍ୱାମୀ ସ୍ତ୍ରୀ ଦୁହେଁ ନିବିଡ଼ ଆଲିଙ୍ଗନରେ—

× × +

ତହିଁଆର ଦିନ ଧନଞ୍ଜୟ ଗଲା ପୁଣି ଅଲେଖ ଘରକୁ । ସେଠି ପୂର୍ଣ୍ଣ ଆଗରେ ତାର ଦୋଷ ସ୍ୱୀକାର (confession) କରି, ଅନିଚ୍ଛାକୃତ ପାପର କିଞ୍ଚିତ୍ ପ୍ରାୟଶ୍ଚିତ୍ତ କରିବ ବୋଲି । ପୂର୍ଣ୍ଣ ଠାରେ ସେ ମହା ଅପରାଧୀ । ତାର ସ୍ନେହ ଉଦାରତା, ଆତିଥ୍ୟତାର ସେ କି ଜଘନ୍ୟ ପ୍ରତିଦାନ ଦେଇଛି ! ଯାହାହେଉ ପୂର୍ଣ୍ଣ ଆଗରେ ସବୁ ଫିଟାଇ କହି ସେ ଟିକିଏ ଶାନ୍ତି ଲଭିବ ଆଜି ।

ବୈଠକ ଖାନାରେ ପୂର୍ଣ୍ଣ ବସିଛି, ଧନଞ୍ଜୟ ଯାଇଁ ପହଞ୍ଚିଲା । ପୂର୍ବଦିନେ ସେ ଯେଉଁପରି ଅବାଧରେ ଭିତରକୁ ଚାଲିଯାଏ ଆଜି ଆଉ ତାହା କଲାନାହିଁ । ଗମ୍ଭୀର ହୋଇ ବୈଠକଖାନାର ଖଣ୍ଡେ ଚେୟାର ଉପରେ ବସିଗଲା ।

ପୂର୍ଣ୍ଣ କହିଲା "କହେ ଧନଞ୍ଜୟ ଭାଇ, ଅସମୟରେ କେମିତି ?"

ଧନଞ୍ଜୟ ତଳକୁ ମୁହଁ ପୋତି ଛାଡ଼ିଲା ଗୋଟାଏ ଘର୍ଘରଅ, 'ହୁଁ' ।

ଧନଞ୍ଜୟର ଏ ଭାବ ଦେଖି ଫୂର୍ତ୍ତିବାଜ ପୂର୍ଣ୍ଣର ମନଟା ବି ଟିକିଏ ବ୍ୟସ୍ତ ହୋଇ ଉଠିଲା ।



ସେ ପୁଣି ପଚାରିଲା "ଆଜି ଏ କି ଅବତାର ଧନଞ୍ଜୟ ଭାଇ ?"

"ଏଠିକି ଆସ" ।

'କଣ ଅପାଙ୍କର ଦେହପା '—"

"ନା—"

"ଅସୁ ତମର ?"

"ଉଁ—ହୁଁ"

"ବେସ କି ଲଟେରିରେ ହାରିଯାଇଚ ?"

"ଯାଃ"

ପୂର୍ଣ୍ଣ ପାଖକୁ ଆସି ଛିଡ଼ା ହେବାରୁ ଧନଞ୍ଜୟ କହିଲା 'ବସ ।' ପୂର୍ଣ୍ଣ ଆଉ ଖଣ୍ଡେ ଚେୟାର ଟାଣିଆଣି ଆଗରେ ବସିଲା । ଧନଞ୍ଜୟ ନିଜର ଚେୟାରଟାକୁ ତାର ଅତି ନିକଟକୁ ଘୁଞ୍ଚେଇ ନେଲା ।

ଉଭୟେ ନୀରବ ।

ଧନଞ୍ଜୟ କହିଲା "ଗୋଟାଏ କଥା କହିବା ପାଇଁ ଆସିଛି ।"

'ରଜାଘର କଥା ନା ଅସୁରଣୀ ବୁଢ଼ୀଙ୍କ କଥା ?'

"ଟାହିଲି କରନା—ଗମ୍ଭୀର ହୋଇ ଶୁଣ ।"

"ଅଚ୍ଛା ବେଶ୍"

"ଅଗେ କୁହ ତୁମର ଏ ହତଭାଗ୍ୟ, ଭ୍ରାନ୍ତ, ଅନୁତପ୍ତ ଭାଇକୁ କ୍ଷମା କରିବ ।"

"ଅଗତୁଆ କ୍ଷମା ?"

"ହିଁ—ତା ନହେଲେ ମୁଁ କହିବ ନାହିଁ ।"

"ନ କହିଲ ନାହିଁ—ମୋର କଣ ହେଲା ! ତମ ଗରଜରେ ତମେ ଆସିଛ ।"

"ତା ଠିକ୍, କିନ୍ତୁ ମୁଁ ତମ ପଦପ୍ରାନ୍ତରେ କ୍ଷମାର ଭିକାରୀ ।"

"ଅରେ ଯାଃ—ଏତେ ଦୂର ! ହଉ, ହଉ, କ୍ଷମା ଦେଲି; କୁହ ।"

ଧନଞ୍ଜୟ ଦୀର୍ଘ ନିଶ୍ୱାସ ଟାଏ ଛାଡ଼ି, ଆଖି ବୁଜିଲା, ତାପରେ କହିବାକୁ ଆରମ୍ଭ କଲା—

"ପୂର୍ଣ୍ଣ, ଆଜି କ୍ଷମା ଦେଇ ନଥିଲେ ମୁଁ କଣ କରିଥାନ୍ତି ଜାଣ ?"

"ନା"

"କରିଥାନ୍ତି—ଆ-ତ୍ମ-ହ-ତ୍ୟା ।"

"ଅରେ ବାପ୍‌ରେ !" ବୋଲି କହି ପୂର୍ଣ୍ଣ ଚେୟାରରୁ ଡେଇଁ ପଡ଼ି ଡାକିଲା "ପୁଲିସ୍— ପୁଲିସ୍ ।"

ଧନଞ୍ଜୟ ବିରକ୍ତ ହୋଇ କହିଲା "ସବୁବେଳେ ଖାଲି ଠଗଲମି ! କଥାଟା କେଡ଼େ serious' ।

"suicide !—serious ନୁହେଁତ କଣ !"

"ଅଚ୍ଛା ବସ୍—କହୁଚ"

ପୂର୍ଣ୍ଣ ବସି ଗୋଟାଏ ସିଗାରେଟ୍ ଲଗାଇଲା । ତାପରେ କହିଲା "ଏବେ କୁହ ।"

ଧନଞ୍ଜୟ ମୁହଁଟାକୁ ମାଇ ହାଣ୍ଡି ପରି କରି କହିଲା "ପୂର୍ଣ୍ଣ, ମୋର ପ-ତ-ନ ହୋଇଛି ।"

"ଆ, ଏକବାରେ ପତନ ! କଣ ମୂର୍ଚ୍ଛା ଓ ପତନ, ନା ଖାଲି ଖାଲି ପତନ ?"

"ଉଁଃ—ତେବେତ ଫାଜଲାମି । ମୋର ନୈତିକ ପତନ ହୋଇଛି—ବିକଟ ଅଧୋଗମନ ।"

"ବେଶ୍ ତ,—ସେଥିରେ ହେଲା କଣ ?"

"ତମେ କ୍ଷମା ତ କରିଛ !"

"ନିଶ୍ଚୟ ।"

"ତେବେ ମୋର ଅଲେଖା ସହିତ—"

ବହେ ସିଗାରେଟ ଧୂଆଁ ଛାଡ଼ି ପୂର୍ଣ୍ଣ କହିଲା "ଓଃ—ଏଇଥି ପାଇଁ ଏତେ—"

"ହିଁ, ମୁଁ ଘୋର ବ୍ୟଭିଚାରୀ, ବିଶ୍ୱାସଘାତକ—ଆଉ ଆଉ…

"ଥାଉ ଥାଉ, ସେତିକି ଥାଉ ।"

"କିନ୍ତୁ ମୁଁ ଶପଥ କରି କହୁଛି—ଏହି ଥରକ ମାତ୍ର—ମୋ ଜୀବନରେ ଏଇ ଅନିଚ୍ଛାକୃତ ଅବସ୍ଥାର ଅଧଃପତନ ।"

"ହଉ, ନା, ଏଇ ଥରକ ତ ! ସେଥିପାଇଁ ଏତେ ବ୍ୟସ୍ତ ବା କାହିଁକି ?"

"କଣ ବ୍ୟସ୍ତ ହେବି ନାହିଁ ! କି ବିଶ୍ୱାସ ରେ ବିଷ ଦେଇଛି—କି ଅମୃତରେ ଗରଳ ମିଶାଇଛି ।

ଦେଖ ପୂର୍ଣ୍ଣ, ମୁଁ ଆସେ ଏବେ । ଏଇ ମୋର ଶେଷ । ଏଇ ପାପ ସମ୍ପର୍କ ରଖି ତମର ପବିତ୍ର ଗୃହକୁ ଆଉ କେବେ କଳୁଷିତ କରିବି ନାହିଁ ଆଜିଠାରୁ ।"

ଏହା କହି ଧନଞ୍ଜୟ ଉଠିଲା ।

ପୂର୍ଣ୍ଣ ଜଳିତ ଟୁକୁଡ଼ାଏ ମାତ୍ର ସିଗାରେଟଟା ଫିଙ୍ଗିଦେଲା ଓ ଛିଡ଼ାହୋଇ ପଡ଼ି କହିଲା ।

"ଦୁନିଆରେ ଏପରି ସ୍ୱାଏ ହୋଇଥାଏ ଧନଞ୍ଜୟ ଭାଇ । ଏଇ ସାମାନ୍ୟ କଥାଟା ପାଇଁ ଏତେଦୂର ବିଚଳିତ ହେବାଟା ଉଚିତ ନୁହେଁ ।"

"କଣ କହୁଛ, ସାମାନ୍ୟ କଥା ! ଏହାଠାରୁ ଗୁରୁତର, ଭୟଙ୍କର ଆଉ କଣ ହୋଇପାରେ ପୂର୍ଣ୍ଣି ?"

"ଜଣଙ୍କର ଜୀବନର ମାନ, ଇଜ୍ଜତ୍, ସର୍ବସ୍ୱ ଦଳିତ, ବିଧ୍ୱସ୍ତ, ନିକ୍ଷେପିତ, ଚୂର୍ଣ୍ଣ ବିଚୂର୍ଣ୍ଣ କରି ଦେବାଟା କଣ ସାମାନ୍ୟ ?"

"ନିହାତି କଣ ! ଏଇ ତମେତ କହୁଚ ମୋଟେ ତମର ଥରେ ମାତ୍ର ଭୁଲ ହୋଇ ଯାଇଛି—କିନ୍ତୁ ମୁଁ ତ ପୁଣି ଏଇ ଭୁଲ ଶତ ଶତ ବାର କରୁଛି, ନିତ ପ୍ରାୟ କରୁଚନେ ।"

"ଓଃ ସେ ସ୍ୱତନ୍ତ୍ର କଥା ପୂର୍ଣ୍ଣି ।"

ପୂର୍ଣ୍ଣି ହସି ହସି କହିଲା—"ସ୍ୱତନ୍ତ୍ର କମିତି ? ତୁମର ଯାହା ମୋର ବି ସେଇଆ ତ ! ତୁମେ ଯେପରି ଅଲେଖା ସହିତ ଭୁଲ କରି ପକାଇଛ ମୁଁ ସେହିପରି ସୁଲେଖା ଅପା ସାଙ୍ଗରେ···"

ବିଜୟ ବିସ୍ମାରିତ ନୟନରେ ପୂର୍ଣ୍ଣିର ମୁହଁକୁ ଚାହିଁ ରହିଲା—କିନ୍ତୁ ସେଥିରେ ଦୃଷ୍ଟି ନଥିଲା । ତାର ପାଟି ଅଁ ହୋଇଗଲା—କିନ୍ତୁ ସେଥିରେ ଭାଷା ନ ଥିଲା ।

କାନ ଠାରୁ ମୁଣ୍ଡ ଭିତରେ ଭାଁ—ଭାଁ ହୋଇ ତୁଫାନ ବହିଗଲା । ସେଇଠି ତାର ଭୂତଳେ ପତନ ହେବାର ଦେଖି ପୂର୍ଣ୍ଣି ତାକୁ ଧରି ପକାଇ ଟେକି ନେଇ ବସାଇ ଦେଲା ଚେୟାର ଉପରେ ।

—+—


ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ଅତୁଳ ପରି ଶକ୍ତି ଖେଳେ । ୧୫ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

ନୟା ସଡ଼କ
ପୋ: ଅ ଚାନ୍ଦନୀଚୌକ,
କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
Co/ଶ୍ରୀ ବାଲୁକେଶ୍ୱରଆଚାର୍ଯ୍ୟ ଭିଷଗ୍ରତ୍ନ

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା) ପେଟମରା, ଅଜୀର୍ଣ୍ଣ, କାଶ, ପ୍ଲୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅପରସ୍ମାର ଆମବାତ, ଅଣ୍ଡ୍ରଗଣ୍ଡିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡଝଳା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, କଉଁଶା, କାଛୁ, କୁଣ୍ଡିଆ, ଶଲ୍ଲ, ମଚକା, ଚମଦଳା, ଯାଦୁ, ଛଉ, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପଚା ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
କବିରାଜ ଶ୍ରୀ ବିଶ୍ୱନାଥ ଦାସ
ଏ, ବି, ଏଲ୍. ଏଚ. ଏମ୍. ଏସ୍.
ଅଲଣା ବଜାର, ପୋଃ ଚାନ୍ଦନୀଚୌକ କଟକ ।

# କଟକରେ

ନିମ୍ନଲିଖିତ ସ୍ଥାନମାନଙ୍କରୁ ଡଗର ପାଇ ପାରିବେ ।

୧—ଶ୍ରୀଯୁକ୍ତ ଘନଶ୍ୟାମ ନାୟକ, କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ—ଚିଫ୍ ଏଜେଣ୍ଟ, କଟକ ।
୨—କଟକ ଟ୍ରେଡ଼ିଂ କୋମ୍ପାନୀ—ପୋ: ଚାନ୍ଦନୀଚୌକ—କଟକ ।
୩—ଉତ୍କଳ ବୁକ୍ ଏଜେନ୍ସି—ରାଣୀହାଟ, ପୋ: ଗୁଡ଼ୁଲିଆଗଞ୍ଜ—କଟକ ।


Digitized by srujanika@gmail.com



## ତୁଚ୍ଛା ସତ!

ଲେଖକ—ଅସଲ ଗାଲ୍‌ଅ

(୧)

ଆମ ଗାଁରେ ଜଣେ ଲୋକ ଅଛି ଯେ ତା' ନାଁ ନବୀନ । ସେ ଭାରି ଅଇଁଷ ଭକ୍ତ । ମାଛ, ମାଉଁସ ସେ ସବୁ ଖାଏ—ମୂଷା, ଗୋଧି, ବେଙ୍ଗ କୋଉଥି ଛାଡ଼େ । କିଛି ନମିଳିଲେ କେବେ ଶୁଖୁଆ ଗଣ୍ଡାଏ ନହେଲେ ତାର ଗଣ୍ଡା ତଳେ-ନାହିଁ ।

ତା ପେଟ ଇମିତି ଖରାପ ହେଲାଯେ, ତାର କିଛି ବି ହଜମ ହେଉନାହିଁ । ଯାହା ଖାଇଲେ ଖାଲି ପେଟ ଫାମ୍ପିଲା, ଖାଇଗୁ ଝାଡ଼ା ହେଲା । ବଡ଼ ଡାକ୍ତର ଦେଖି କହିଲା କି ଅଇଁଷ ଛାଡ଼ିଲେ ଯାଇଁ ଦେହ ଭଲ ହବ । କିନ୍ତୁ ସେ ଅଇଁଷ କୌଣସି ମତେ ଛାଡ଼ି ପାରିଲା ନାହିଁ । ଶେଷକୁ ମାଟିଆ କାଳିଶ ହାସପାତାଳରେ ତାକୁ ରଖା-ଗଲା । ସେଠି ତାକୁ ନିରାମିଷ ପଥ୍ୟ ଦିଆ ଯାଉ-ଥାଏ ।

ଗୁରୁମାସ ଭାଳ ରହି ବି ତାର ରୋଗ ଛାଡ଼ିଲା ନାହିଁ । ଡାକ୍ତର ନଳ ଲଗାଇ ଦେଖିଲା ଯେ ତା ପେଟରେ ଅଇଁଷ ଅଛି । ଡସ୍ପେନ୍‌ସରୀରୁ ସେ ଅଇଁଷ ଖାଉଚି ବୋଲି ମାନିଲା ନାହିଁ । ସେଇଠୁ ତାକୁ ଜଗିଲେ । ଦେଖିଲା ବେଳକୁ ସେ ଲୁଚେଇ କରି ଦିନବେଳେ ମାଛି ମାରି ଖାଉଚି ଓ ରାତିବେଳେ ମଶାଧରି ପାଟିରେ ପକାଉଚି । ଧରା ପଡ଼ିବାରୁ ସେ ମାନିଲା କି କିଛି ରକମ ଗୋଟାଏ ଅଇଁଷ ନହେଲେ ସେ ଚଳିପାରିବ ନାହିଁ । ତା ପେଟ ଭିତରୁ ସବୁ-ବେଳେ ଖାଲି 'ଅଇଁଷ ଅଇଁଷ' ବୋଲି ଚୋବ ଉଠୁଚି । ଡାକ୍ତର ଜାଣି ପାରିଲା ଯେ ତାର ପେଟ ଭିତରର ଯନ୍ତ୍ର ଗୁଡ଼ାକରେ କି ଗୋଟାଏ ଦୋଷ ରହିଛି ଯେ, ସେ ସବୁବେଳେ ଅଇଁଷ, ଖାଇବାକୁ ଖୋଜୁଛି ।

ସେଥିପାଇଁ ଡାକ୍ତରମାନେ ସବୁ ଭାବି ଚିନ୍ତି କଲେ କି ଏ ଯନ୍ତ୍ରଗୁଡ଼ାକ ବଦଳେଇ ନ ଦେଲେ ରୋଗ ଛାଡ଼ିବ ନାହିଁ । ଏହା ଠିକ କରି ତାର ପେଟ ଅପରେସନ କରାଗଲା । ସେଥିରେ ଡାକ୍ତର ତାର ରୋଗଣା ପାକସ୍ଥଳୀଟା ବାହାର କରି ପକାଇଲା ଓ ଗୋଟାଏ ସୁସ୍ଥ ମେଣ୍ଢାକୁ ମାରି, ସେ ପାକସ୍ଥଳୀକୁ ଯୋଖି ପେଟ ସିଲେଇ କରିଦେଲା ।

ନବୀନ ଯେଉଁଠୁ ସୁସ୍ଥ ହେଲା, ଦେଖାଗଲା ଯେ ଭାତ ଡାଲି ତିଅଣ ଖାଇବାକୁ ପୁଣି ଡାକୁଛି, ମାଛ ମାଉଁସ ଦେଲେ ତାକୁ କାନ୍ଦି ନ ଛୁଇଁ । ଲୁଚେଇ କରି ଘାସ ପତର ବି ଖାଉଛି । ଯାହା-ହେଉ ଏଥିରେ ତାର ରୋଗଟା ଏକା ଛାଡ଼ିଗଲା ଓ ସେ ଖୁବ୍ ହୃଷ୍ଟ ପୁଷ୍ଟ ହୋଇ ଘରକୁ ଫେରି ଆସିଲା ।

କିଛି ଦିନ ଅନ୍ତେ କଣ ହେଲା ନା ନବୀନା ମୁଣ୍ଡରେ ଯୋଡ଼ାଏ ମୋଡ଼ ମୋଡ଼ିଆ ଶିଙ୍ଗ ବାହାରିଲା । ସମସ୍ତେ ଅଚମ୍ଭିତ ହେଲେ । ସାତ ଗାଁରୁ କେତେ ଲୋକ ଦେଖିବାକୁ ବି ଆଇଲେ । ପୁଣି ଦୁହିଁ ଦୁହିଁ ତା ଦେହ ଯାକ ଲୋମ ଗଜରିଲା । ପୁଣି ସେ ଲୋମ ଏତେ ବଢ଼ିଲା ଯେ ନବୀନା ମାସକୁ ଥରେ ଲୋକାଏ ତାକୁ କାଟୁରି ଦେଇ ବଢ଼େ । ସେ ଲୋମକୁ ବେପାରି ମାନେ ଆସି ବହୁତ ଦାମ ଦେଇ ଓଜନ ଦରରେ କିଣି ନେଇ ଯାଆନ୍ତି । ଜହିତ ଲୋକ ଠକିବା ଏଥିରୁ ଭଲ ଉପାୟ କମେଇ ଚାଲିଲା । ତା ଦେହରେ କୁଆଡ଼େ ଭଲ ମୁଦ୍ରା ହୋଇ ଖାଲି ଚନାତ ହେବ । ମୁଁ ଥରେ ପୁରାଏ ଅଣ୍ଟଥିଲି । ଆମକୁ ତ ଚୂନା କରି ଅଚିଲା ନାହିଁ—ଗୋଟାଏ ଛେଳି କଡ଼େ । ତଳଅଟା ଦୁର୍ବ ନଇମ ଅଲ୍ପ ଗରମ କି ।

ଏବେ ନବୀନା ବୁଢ଼ା ହୋଇ ଗଲାଣି । ଦେଖି-ବାକୁ ମନ ହେଉଥିବ ତ ଦେଖାଇ ଦେବି । ଇତି

——○——

(୨)

ଅମ ଦାନେଇ କଲିକତାରେ ଚାକିରି କରୁ-ଥାଏ ଗୋଟାଏ କୋମ୍ପାନୀ ଅଫିସରେ । ମାସକୁ ୪୦ଙ୍କା ଦରମା । ବଡ଼ା ତାର ଥିଲା ହାବୁଡ଼ାରେ, କଲିକତାକୁ ନିତିଯାଏ ସାଇକଲ ଚଢ଼ି ।

ଦିନେ ଉଛୁର ହୋଇ ଯିବାରୁ ସେ ସାଇ-କଲ ଜୋରରେ ଛୁଟାଇ ଦେଇଛି ହାବୁଡ଼ା ପୋଲ ଉପରେ । ଏତିକି ବେଳେ କଣ ହେଇଚି ନା ଚୀନା ମସ୍ତିଗିମାନେ ପୋଲ ମଝିରେ ପଟା ଖୋଲି ମରାମତି କରୁଛନ୍ତି । ଦାନେଇ ତ ଏକ-ମୁହାଁ ହୋଇ ଉଡ଼ି ଚାଲିଛି; ତାକୁ ଆଉ ମାଲୁମ ନାହିଁ ସେକଥା । ଏଣୁ ଗଲାକି, ସାଇକଲ ସହିତେ ସେ ଫାଙ୍କରେ ଗଳି ପଡ଼ିଲା ତଳକୁ ।

ଗଙ୍ଗା ନଈରେ ତ ହାଙ୍ଗର ଗୁଡ଼ାକ ମେଞ୍ଚା ମେଞ୍ଚା ହେଉଥାନ୍ତି । ଦନା ଆମର ପାଣିରେ ପଡ଼ିଲା କ୍ଷଣି, ସେଇଠି ଗୋଟାଏ ହାଙ୍ଗର ଥିଲା ଯେ ଠାକୁଆନା ଗିଳିଗଲା ସେ ଡ଼ଅଡ଼ୁ । ଦନା ଏବଂ ତାକ ସାଇକଲ ଗୋଟାଏ ଗୁଡ଼ା କରି ଜାବୁଡ଼ି ଧରିଲା । ହାଙ୍ଗରଟା ଯେତେ ଟାଣ ପକାଇଲା, ଯେତିକି ଗିଳିଥିଲା ସେତିକି ଛାଡ଼ିଦେଇ ଚାଲିଗଲା ।

ତାକ ଶୁଣି ଘାଟରେ ଲୋକମାନେ ଯାଇ ଦନାକୁ ଟେକିଲା ବେଳକୁ ଦେଖନ୍ତି ତ ତାର ଅଣ୍ଟା ପାଖରୁ ତଳକୁ ନାହିଁ—ହାଙ୍ଗର ନେଇ ଯାଇଚି । ସେମାନେ ତହୁଁ ତାକୁ ଡଙ୍ଗାରେ ପଟକାଇ ଉପରକୁ ଆଣିଲେ । ଦାନେଇ ସେତେବେଳକୁ ଅଚେତ ।

ଯାହେଇ ଯାହେଇ ଏମ୍ବୁଲାନ୍ସ ଗାଡ଼ିରେ ଥୋଇ ମାଟିଆ କାଳିଶ ଡାକ୍ତର ଖାନାକୁ ନିଆହେଲା । ଡାକ୍ତରମାନେ ଦେଖି କହିଲେ କି ଏ ଅଛ

ବହୁତ ବାଧି । ଏହା ଖଟେଣ ଅମଳ ଲୋକ ବଡ ଡାକ୍ତର ଥାଏ ନଯ, ସେ କହିଲେ—ଖୁବ ଭାଲ ଅଧିକ ଯତ୍ନ ଆଣି ଦେଇ ପାରନ୍ତ ନ ମୁଁ ସ୍ତ୍ରୀଙ୍କୁ ବସ୍ତ୍ର ଯୋଡ଼ କିଣି ନେଇ କହିଦେବ ।

ଏବେ ଭାଲ ଅଧିକ ନ ହୋଇବ ପେଟରେ —ନିଳୁଚ ଭାତଠୁ । ଯାହା ଧନ ଲୋକମା ଯେତେବେଳେ ମରିବାକୁ ବସିଲ, ଅଲମ ସବୁ ଦୌଡ଼ିଲ ଗଙ୍ଗା କୂଳକୁ; ଯଥା ଭାତଠୁ ଯେ ହାଙ୍ଗରଟା ମିଳେ । ଉଚିତ ହୋଇବେ ଭାତଠୁ ଯଥ ଚାଲ୍ ଭର ପଡ଼ିଲ ଥାଏ । କମାଚ, ହାଙ୍ଗର ସବୁ ଯାହା ଗଳାନ୍ତି ତାକୁ ବାନ୍ତି କରିଥିବ କୃଷ୍ଣହେ ।

ଗଙ୍ଗାକୂଳ ଯାଇ ବୁଲି ବୁଲି ଥକିଲି, ଭାତଠୁ ଭକ୍ଷ ତ୍ରେ ମିଳିଲା ନାହିଁ । ମଣିଷଟାର ଜୀବନ ନେଇ କଥା । କଣ କରିବୁ । ବଜାରକୁ ପାଖରେ ଦେଖିଲୁଁ ଗୋଟାଏ ଘୋରୁ ମଢ଼ି ପଡ଼ିଛି । ଶାସ୍ତ୍ରଣା ତାର ଅଗ ଅଧିକ ଖାଇ ପାର ତରୋଣି । ତଚ୍ଛ ଅଧିକ ଏହା ତମାମ ହେଉଛି । ଅନ୍ତଗ୍ରସ୍ତ ହୋଇ ନେଇଟା ନେଇ ଡାକ୍ତର-ଖାନରେ ପହଞ୍ଚିଲୁଁ ।

ଡାକ୍ତର ତ ମହାଖୁସ । କହିଲେ,—ଏବେ ତେଡ଼ର ଜଳ, ତମେ ଏମିତିକା ଲୋକ ହେ— ଅଛ ଟିକଏ ଯାଇଥିଲେ ଯେଗୀଟା ମରିଯାଇ ଥାଆନ୍ତା । ସେଇଠୁ ସେ ତରବରରେ ନା ସେଇ ଘୋରୁର ପଚ୍ଛ ଅଧିକ ଦନେଇ ନଦୀର ଗଣ୍ଡ ସାଙ୍ଗରେ ଯୋଡ଼, ସିଲେଇ କରି ପଟି ବାନ୍ଧି-ଦେଲେ ।

ଅଠଦିନ ବାଦେ ପଟି ଖୋଲି ଦେଖିଲେ ବେଳକୁ ଦନେଇ ଛୁଏଁ ଦନେଇ ରହିଛି — ଏହା ତାର ଅଣ୍ଟା ପାଖରୁ ତଳକୁ ଗୋଟାଏ ଗାଈର ଦେହ । ଡାକ୍ତର ବଡ଼ ମନ ଖରାପ କଲ । ହଜ ପଚ୍ଛକେ ମଣିଷଟା ବଞ୍ଚି ଗଲାତ ।

ଦନେଇ ନନା ସବାକେ ଭଲ ହୋଇ ଟା ବସାକୁ ଗଲ । ଅଫିସରେ ଢଏନ କରି କାମ ସ କଲ । ଯାହାର ତା'ଉପରେ ଦସ୍ତାକର ମନ୍ତ୍ରୀନା ବଟେତର ହେଲା । ହେଲେ କଣ ହେବ ଏଣକ ସେ ଅଳ୍ପ ସାଇକଲ ଚଢ଼ି ପାରନ-ନାହିଁ । କିନ୍ତୁ ଆଉ ଗୋଟାଏ କଥା ତାର ଲାଭ ହେଉଛି ଏବା । ସେ ଦୋ'ଲୁଟା ଗୋଟାଏ ଦୁହାଁଳ ନାଗର ଗାଈ—ଶରୀର ଏକ ଦୁଧ ତାର । ଦନା ଉଠପର ଅଫିସ କାମ କରେ, ସନ୍ଧ୍ୟାବେଳକୁ ଘରକୁ ଅସି ଏଣ ଦଶସେର ଦୁଧ!!

## ପୁରସ୍କାର ।

ଡଗର ଭାଦ୍ରାଣୀ ଉତ୍ସବରେ ଏହି ପରି 'ଭୁଛାସତ' ଗଳ୍ପ ଧାରାବାହିକ ଭାବେ ପ୍ରକାଶ କରିବାକୁ ଇଚ୍ଛା । ଅମ୍ଭେମାନେ ଉତ୍କଳର ଲେଖକ ଲେଖିକାମାନଙ୍କୁ ଏହି ଉପରେ କଲମ ଚଳାଇବାକୁ ଅନୁରୋଧ କରୁଛୁଁ । ସବୁଠାରୁ ଭଲ ଭୁଚ୍ଛା'ଗପ ଲେଖିବା ବ୍ୟକ୍ତିଙ୍କୁ ପୁରସ୍କାର ଦେବାର ବ୍ୟବସ୍ଥା ଅଛି ।

ସମ୍ପାଦକ


ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

**'ବର୍ମା ଓଡ଼ିଆ ପତ୍ରିକା'**

**(ସାପ୍ତାହିକ)** **(ରୟେଲ ୧୬ ପୃଷ୍ଠା)**

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମଜୀବୀର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତିଗତି ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ରୀତି ନୀତି ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ବାର୍ଷିକମୂଲ୍ୟ ୬॥, ଷାଣ୍ମାସିକ ୩।୰, ଭାରତବର୍ଷ ବାହାରେ ଦେୟ ୭୪୰

ଠିକଣା—ନ ୧୦୭—୩୨ ନମ୍ବର ଗଳି—ରେଙ୍ଗୁନ (ବର୍ମା)

ମୂର୍ଖ ଲୋକ କହେ —

"ମୋର ନିଶ ନାହିଁ

ମୋ ଗୋପାଳିଆ ଭାଇର ଅଛି ।"

କିନ୍ତୁ ଆପଣ କଣ କହିବେ ?

ମାଗି ନ ଆଣି ନିଜେ ଗଣ୍ଡେ

**ଡଗର**

କିଣନ୍ତୁ !



**ପଞ୍ଚମୁଖୀ ତେଲ**

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଣ୍ଟିବାତ, କାନ ଟଣା ମୁଣ୍ଡବିନ୍ଧା କୁଣ୍ଡିଆ, କାଛୁ, ମଚଲା, ପୋଡ଼ା ଘା, ଛଉ ଦଉଦ, ଅଣ୍ଡିରୋଗ ଇତ୍ୟାଦି ୫୬ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ । ପରୀକ୍ଷା ପ୍ରାର୍ଥନୀୟ ।
ଠିକଣା:—ଅସଲି ପଞ୍ଚମୁଖୀ ତେଲ ଅଫିସ୍—କଟକ ।

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

**ବୃହତ୍ କନ୍ଦର୍ପ ମୋଦକ**

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରକ୍ତଶକ୍ତି ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ସେରକୁ ୪୵, ଅଧସେରକୁ ୨।୰ ସେଂ କୁ ୧୵ ଭ: ପି:ରେ ଔଷଧ ପଠାଯାଏ
ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍, ଡି,

**ଦରିଦ୍ର ବନ୍ଧୁ ଔଷଧାଳୟ**

ଖପର ପଦା । ପୋ : ଷୋଠାର । ଜି : ବାଲେଶ୍ୱର


Digitized by srujanika@gmail.com

# ଡଗର ୧୬ଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟ୨୫ଙ୍କା ପୁରସ୍କାର ! 'ଡଗର' ପାଠକମାନେ ପାଇ ପାରବେ । ଟ୨୫ଙ୍କା ପୁରସ୍କାର

ଦୁଇଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free

| | | | | | | |
|---|---|---|---|---|---|---|
| ୧ ମ | (ଉ) | ୨ କ | ■ | ୩ ଚ | | ୪ ମ |
| | ■ | ୫ | ୬ କ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲ | ■ |
| ୧୨ | ସ | ■ | ୧୩ | ■ | ୧୪ | ୧୫ କା |
| | ■ | ୧୬ | ତ | ୧୭ | ■ | |
| ୧୮ ର | | ତ | ■ | ୧୯ ର | | ଣୀ |


| | | | | | | |
|---|---|---|---|---|---|---|
| ୧ ମ | (ଉ) | ୨ କ | ■ | ୩ ଚ | | ୪ ମ |
| | ■ | ୫ | ୬ କ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲ | ■ |
| ୧୨ | ସ | ■ | ୧୩ | ■ | ୧୪ | ୧୫ କା |
| | ■ | ୧୬ | ତ | ୧୭ | ■ | |
| ୧୮ ର | | ତ | ■ | ୧୯ ର | | ଣୀ |



| | | | | | | |
|---|---|---|---|---|---|---|
| ୧ ମ | (ଉ) | ୨ କ | ■ | ୩ ଚ | | ୪ ମ |
| | ■ | ୫ | ୬ କ | | ■ | |
| ୭ ନ | ୮ | ■ | | ■ | ୯ | ର |
| ■ | ୧୦ | ଥା | ■ | ୧୧ | ଲ | ■ |
| ୧୨ | ସ | ■ | ୧୩ | ■ | ୧୪ | ୧୫ କା |
| | ■ | ୧୬ | ତ | ୧୭ | ■ | |
| ୧୮ ର | | ତ | ■ | ୧୯ ର | | ଣୀ |


ନାମ __________________ ଠିକଣା __________________ କେତୋଟି ଉତ୍ତର ________

## ସିଧା ଭାବେ

୧ । ଡଗର ଧନ୍ଦା ଭେଦ କରି ପାରିଲେ ଏହା ବହୁତ ମିଳେ ।

୩ । ଧୂଳିଆ ବାବାଜୀମାନେ ପ୍ରାୟ ଏହାର ମଧୁର ଭକ୍ତ ।

୫ । '—' ରେ ଅକଲ ନାହିଁ ।

୭ । '—' ନାଗର କଦମ୍ବ ମୂଳେ ଠିଆ

୯ । ଏହି କଲମରେ ଲେଖିବାକୁ ଅନେକେ ପସନ୍ଦ କରନ୍ତି ।

୧୦ । ଯାହା ବଖାଣି ଜାଣିଲେ ଆଜିକାଲି ନେତା ହେବାର ସୁବିଧା ହୁଏ ।

୧୧ । ବଡ଼ଲୋକଙ୍କ ଠେଇଁ ଯାହା ମାରି କେତେ ଲୋକ ନିଜ ହାତ ଚକଣାଇ ନିଅନ୍ତି ।

୧୨ । ଆକାଶ ନିର୍ମଳ ଥିଲେ ଯାହା ସଫା ଦେଖା ଯାଏ ।

୧୪ । ଖୁଣ୍ଟୁଡ଼ାକୁ କେହି କେହି ଯାହା ଡାକନ୍ତି ।

୧୬ । ଏଭଳି ପୁରୁଷର ଅଙ୍ଗ ସଙ୍ଗ ଏବେ ଅଧିକାଂଶ ରମଣୀ ପସନ୍ଦ କରନ୍ତି ନାହିଁ ।

୧୮ । 'ଡଗର'କୁ ଓଲଟା ପଢ଼ିଲେ—

୧୯ । ପ୍ରୌଢ଼ାବସ୍ଥାରେ ଅନେକ ପୁରୁଷ ଏହାର ଅଧିକ ବଶବର୍ତ୍ତୀ ହୁଅନ୍ତି ।

## ଉପର-ତଳ ଭାବେ

୧ । ଦହି ବୁଲେଇ ଯାହା ବାହାରେ

୨ । '—' ଗହଳକୁ କେହି କେହି ସୁଖ ପାଆନ୍ତି ନାହିଁ

୩ । ଶିକାରୀ ପକ୍ଷୀ

୪ । ଜଳଜନ୍ତୁ ବିଶେଷ

୬ । ଅଯଥା ଏହା ବଢ଼ାଇଲେ ଅନେକ ଦୂରକୁ ଯାଏ ।

୮ । ଏଭଳିଆ ଲୋକର ସାଙ୍ଗ ହେବାକୁ କାମିକା ଲୋକ ଭଲ ପାଏ ନାହିଁ

୯ । ମୃତ ବ୍ୟକ୍ତିର ଚକ୍ଷୁରେ ଏହା ଥାଏକି ?

୧୨ । ବଇଲ୍ଲର ଯାଏ ବୋଲି ଅନେକେ ଅଧିକ ମୂଲ୍ୟ ଦେଇମଧ ଏହି ଲୁଗା କିଣନ୍ତି

୧୩ । ଖୋଲିଲା ବେଳେ ମାହାଦେବ ବାହାର ବାର ଦେଖାଯାଏ ।

୧୫ । କୌଣସି ସ୍ତ୍ରୀଲୋକକୁ ଏପରି ଦେଖିଲେ ପିଲାଏ ଚିଡ଼ାଇବାକୁ ବଡ଼ ସୁଖ ପାଆନ୍ତି ।

୧୬ । ଏହା ଭିତରକୁ ପଶିବା ସବୁବେଳେ ଭଲ ନୁହେଁ ।

୧୭ । ଅନ୍ୟ

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦/ ଓ ଦ୍ୱିତୀୟ ପ୍ରତିଖଣ୍ଡକୁ ୦/ ଲେଖାଏଁ **(ଶେଷ ତା ୨୫।୧୦।୩୯)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ତଳେ ଦିଆଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ୧୨ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗ୍ୟ **ସାମନ୍ତ ପୁରସ୍କାର** ଟ୧୨ ପାଇବ ସବୁଠାରୁ କମ୍ ଭୁଲ ଉତ୍ତର ଦେଇଥିବା ବ୍ୟକ୍ତି ଟ୩ ଦ୍ୱିତୀୟ ପୁରସ୍କାର ପାଇବେ ।

Digitized by srujanika@gmail.com

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାଙ୍କି ୫୦୯ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା ହବ ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଏହି ପୃଷ୍ଠାରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଇଚ୍ଛା କରିବେ ଉପର କୋଣରୁ ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ସହିତ ଗଣ୍ଡି ନଳର ଏକ ସଙ୍ଗରେ ପଠାଇ ଦେବେ ଓ ତାହା ସଙ୍ଗେ ଦୁଇଅଣାର ପଇସିଲଅ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/ ଓ ୨ୟ ଟି ପାଇଁ ୫୦/ର ପଇସିଲଅ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯେକୌଣସି ଏକ ବ୍ୟକ୍ତି ଏହିପରି ଭାବରେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଉପର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ ) ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ — ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ସେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ଜାନୁଆରୀ ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୧୨ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଯାହା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗ୍ରହଣ ହେବ ନାହିଁ ।

---

## ପ୍ରତିଯୋଗୀଙ୍କ ଆପତ୍ତି ।

୧୧ଶ ବେଧଡ଼ାର ଉତ୍ତରରେ ଅନ୍ତତଃ ମୁଁ ଭ୍ରଷ୍ଟ ନୁହେଁ । "୯ ( ଉପର ତଳ ) ପ୍ରଥମେ ଦେଖନ୍ତୁ—"ଏହା ଖାଉଥିବା 'ସତ୍ତ୍ୱେ' ବେହିଅ ଲୋକ ପୁଣି ଯାଏଁ ।" ଏଠି 'ସତ୍ତ୍ୱେ'ର ଅର୍ଥ— 'ବି', 'ମଧ୍ୟ', 'ସ୍ଥଳେ' । ତେଣୁ ଯାହାର ବ୍ୟାଖ୍ୟା ଅନୁସାରେ—"କାଳି ଖାଉ'ଥିବା ସତ୍ତ୍ୱେ'— ( ଥିବାସ୍ଥଳେ, ଥିଲେ ବି, ଥିଲେମଧ୍ୟ )— ବେହିଅ ଲୋକ ପୁଣିଯାଏଁ ।"

ସେହିପରି—"କାଳି ମିଳୁ'ଥିବା ସତ୍ତ୍ୱେ'— ( ଥିବସ୍ଥଳେ, ଥିଲେବି, ଥିଲେ ମଧ୍ୟ )— ବେହିଆ ଲୋକ ପୁଣି ଯାଏଁ ।"

ତା'ପରେ ଦେଖନ୍ତୁ—"ଅଦ୍ୟ କାଲି ମିଳୁଥିଲେ ବେହିଅ ଲୋକ ଲଜ୍ଜା ତ୍ୟାଗକରି ପୁଣି କାଳି ଖାଇବାକୁ ଯାଏ ।" ତେଣୁ ବୁଝାହୋଇଥିବା ଅନୁସାରେ—"କାଳି ଖାଇ'ଥିଲେ'— (ଥିବାରୁ, ଥିବାକାରଣରୁ, ଥିବାହେତୁ ଓ ଥିବାଯୋଗୁ) - ବେହିଅ ଲୋକ ପୁଣି ଯାଏ ।"

ସେହିପରି—"କାଳି ମିଳୁ'ଥିଲେ'— (ଥିବାରୁ, ଥିବାକାରଣରୁ, ଥିବାହେତୁ ଓ ଥିବାଯୋଗୁ) ବେହିଅ ଲୋକ ପୁଣିଯାଏ ।"

ବର୍ତ୍ତମାନ ଦେଖନ୍ତୁ—କାଳି ଖାଉ'ଥିବାରୁ' ମୁଁ ଏହା କହିନାହିଁ । ( କାମଟା କରିବାକୁ ମନା ଅଛି ) । କାଳି ଖାଉ'ଥିବା ସତ୍ତ୍ୱେ' ମୁଁ ଏହା କହିନାହିଁ । (କାମଟା କରିବାକୁ କୁହା-ହୋଇଅଛି) । ତେଣୁ ; ( ସତ୍ତ୍ୱେ, ସ୍ଥଳେ, ବି, ମଧ୍ୟ )ର ବ୍ୟବହାର; ( ଲେ, ରୁ, କାରଣରୁ, ହେତୁ, ଯୋଗୁ )ର ବ୍ୟବହାର ଠାରୁ ପୃଥକ ଅଟେ । ସୁତରାଂ ଧଡ଼ାର ବ୍ୟାଖ୍ୟାରେ "ସତ୍ତ୍ୱେ" ଶବ୍ଦଟିର ବ୍ୟବହାର ଭୁଲ ହୋଇଛି । ନହେଲେ 'ଖା' ସ୍ଥାନରେ 'ଡା'ଟି "ପୂର୍ବ ମେଳଣ" ଦ୍ୱାରା ପ୍ରୟୋଗ କରିବା ଭୁଲ ହୋଇଛି ।

ଶ୍ରୀ ବୃନ୍ଦାବନ ଅଗ୍ରୱାଲ ।
କଟକ

୧୮ ଧାଡ଼ି ଭିତରେ—ଏହା ନଥିଲେ ଅନେକ କାଳ ବନ୍ଧୁତ୍ୱ ସ୍ଥାୟୀ ହେବାର ଦେଖାଯାଏ ନାହିଁ । ଏଠାରେ ୩ଗୋଟି ଶବ୍ଦ ( କ୍ଷମତା, ମମତା, ସମତା ) ହେଉଅଛି । କ୍ଷମତା ଶବ୍ଦକୁ ଠିକ ବୋଲି କୁହାଗଲେ, ଉଭୟପକ୍ଷ ସମାନ କ୍ଷମତାଶାଳୀ ହେବା ଦରକାର । ଏକ ପକ୍ଷର କ୍ଷମତା ଥିବ, ଅପର ପକ୍ଷର କ୍ଷମତା ନଥିବ, ଏପରି ସ୍ଥଳରେ ବନ୍ଧୁତ୍ୱ ସ୍ଥାୟୀ ହେବା ଅସମ୍ଭବ ।

ମମତା ଶବ୍ଦକୁ ଠିକ ବୋଲି କୁହାଗଲେ, ପରସ୍ପର ପରସ୍ପର ପ୍ରତି ମମତା ଥିବା ଏକାନ୍ତ ଦରକାର । ଉଭୟର ମଧ୍ୟରେ ମମତା ନଥିଲେ ବନ୍ଧୁତ୍ୱ ସ୍ଥାୟୀ ହେବା ଅସମ୍ଭବ । ସୁତରାଂ ଉଭୟ ମତକୁ ଧରିଗଲେ ମଧ୍ୟ ଉକ୍ତ ସ୍ଥଳରେ "ସମତା" ହେବା ଶ୍ରେୟସ୍କର ।

୧୮ ଉପରତଳ ଭାବରେ—ଏହା ବଳବାନ ହେଲେ ସହଜରେ ଲୋପ ପାଏ ନାହିଁ । ସତ କେବେହେଁ ଲୋପ ପାଏ ନାହିଁ ।

୨ ଉପରତଳ ଭାବରେ ବୁଢ଼ିଆ ଲୋକେ ବଗିଚ ବେଳରେ ଏହାକୁ ଚତାକାଟି ଦିଅନ୍ତି— ଏଠାରେ ୩ଗୋଟି ଶବ୍ଦ (ଗାଲୁ, କାଲୁ, ଓଲୁ) ହେଉଅଛି, କିନ୍ତୁ ଗାଲୁ ଓ କାଲୁକୁ ଚତା କାଟିବା ଅପେକ୍ଷା ଓଲୁକୁ ଚତା କାଟିବା ଖୁବ ସହଜ ।

୧୪ ଉପରତଳ ଭାବରେ ଏହାର ଆରମ୍ଭ ସମୟରେ ପ୍ରେମାସକ୍ତ ଯୁବକ ଯୁବତୀ ଉନ୍ମତ୍ତ ସଦୃଶ ହୋଇଥାନ୍ତି । ଏଠାରେ ୨ଗୋଟି ଶବ୍ଦ ( ବିବାହ, ବସନ୍ତ ) ହେଉଅଛି । ବିବାହର ସେପରି ଗୋଟାଏ କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । ନିର୍ଦ୍ଦିଷ୍ଟ ସମୟ ଥିଲେ, ତାହା ଆରମ୍ଭ ସମୟରେ ପ୍ରେମାସକ୍ତ ଯୁବକ ଯୁବତୀ ଉନ୍ମତ୍ତ ସଦୃଶ ହୁଅନ୍ତେ ।

ବସନ୍ତ ଅର୍ଥାତ କାମଜ୍ୱାଳା ଆରମ୍ଭ ସମୟରେ ପ୍ରେମାସକ୍ତ ଯୁବକ ଯୁବତୀଙ୍କ ଉନ୍ମତ୍ତ ହେବା ସ୍ୱାଭାବିକ ।

ଶ୍ରୀ ଭୋଳାନାଥ ବଶା
ମୟୂରଭଞ୍ଜ ଷ୍ଟେଟ

(ଏହାର ଜବାବ ପରସଂଖ୍ୟାରେ ବାହାରିବ)

Digitized by srujanika@gmail.com

# ପୌରାଣିକ ଓ ଐତିହାସିକ

## ଗବେଷଣା ।

**ଯଦି ରାମଚନ୍ଦ୍ର ଆଜି ଥାଆନ୍ତେ—**

—ତେବେ ତାଙ୍କ ନାଁ ଆଗରେ ହିଜ୍ ହାଇନେସ୍ ଲଗି ଥାଆନ୍ତା ।

—ହୁଏତ ଚେମ୍ବାର ଅଫ ପ୍ରିନ୍ସେସ୍‌ର ପ୍ରେସିଡେଣ୍ଟ ହୋଇଥାନ୍ତେ ।

—ପୁଷ୍ପକ ପରିବର୍ତ୍ତେ ଏରୋପ୍ଲେନ ଚଢନ୍ତେ ।

—ଇଂରେଜ ସରକାରର ସାହାଯ୍ୟ ପାଇଁ ବାନର ସେନା ସଜ କରନ୍ତେ ।

—ସୀତାଙ୍କୁ ନେଇ କଲବ ଯାଆନ୍ତେ ଓ ବଲ୍ ଡାନ୍ସ କରନ୍ତେ ।

—ବିଦ୍ରୋହୀ ପ୍ରଜାଙ୍କ ଉପରେ ଗୁଳି ନ ଚଳାଇ କାଣ୍ଡ ଶର ଚଳାନ୍ତେ ।

**ଯଦି କୃଷ୍ଣଚନ୍ଦ୍ର ଆଜି ଥାଆନ୍ତେ—**

—ତେବେ ମଟର ସାଇକଲ ଚଢ଼ନ୍ତେ ।

—ସ୍କୁଲ୍ କଲେଜର ଟୋକୀଙ୍କ ପଛରେ ଗୋଡ଼ାନ୍ତେ ।

—ବଂଶୀ ସ୍ଥଳେ କ୍ଲାରିଓନେଟ ବଜାନ୍ତେ ।

—ବହୁ ବିବାହ ନିଷେଧକ ବିଲ୍‌ର ପ୍ରତିବାଦ କରନ୍ତେ ।

—ଢେଙ୍କାନାଳ, ନୀଳଗିରି, ତାଳଚେରକୁ ସନ୍ଧି ସ୍ଥାପନ ପାଇଁ ଦୌଡ଼ନ୍ତେ ।

—ସିନେମା ଷ୍ଟାର ହୁଅନ୍ତେ ।

—ସିଗାରେଟ ଖାଆନ୍ତେ ।

—ତବଲ ବଜାନ୍ତେ ।

**ଯଦି ଶିବାଜୀ ଆଜ ବଞ୍ଚି ଥାଆନ୍ତେ—**

—ତେବେ ହିନ୍ଦୁ ମହାସଭାର ପ୍ରେସିଡେଣ୍ଟ ହୋଇ ଥାଆନ୍ତେ ।

—ହିନ୍ଦୁ-ମୁସଲମାନ ଶ୍ରେଣୀ ବିରୋଧ ଘଟାଇବା ଅପରାଧରେ ତାଙ୍କ ନାଁରେ କଂଗ୍ରେସ ସରକାର ମାମଲା କରନ୍ତେ ।

—ହାଇଦ୍ରାବାଦ ବେଙ୍ଗଲ ଓ ପଞ୍ଜାବ ପ୍ରବେଶ ପାଇଁ ତାଙ୍କ ଉପରେ ୧୪୪ ଧାରା ଜାରି ହୁଅନ୍ତା ।

—ଜିନ୍ନା ସାହେବ ତାଙ୍କୁ ଜେଲରେ ପୁରାଇ ଘଣା ଟଣାନ୍ତେ ।

**ଯଦି ଔରଙ୍ଗଜେବ ଆଜ ଜୀବିତ ଥାଆନ୍ତେ—**

—ତେବେ ମୁସଲମ୍‌ଲିଗର ପ୍ରେସିଡେଣ୍ଟ ବା ପଞ୍ଜାବର ପ୍ରଧାନ ମନ୍ତ୍ରୀ ହୋଇ ଥାଆନ୍ତେ ।

—ହିନ୍ଦୁସ୍ଥାନକୁ ପାକିସ୍ଥାନ ବନାନ୍ତେ ।

—ଭାରତକୁ ସେଫ୍‌ଟିରେଜର ଆମଦାନି ବନ୍ଦ କରି ଦିଅନ୍ତେ ।

—ହିନ୍ଦି ବଦଳରେ ଫାରସିକୁ ରାଷ୍ଟ୍ର ଭାଷା କରନ୍ତେ ।

—'ବିଦ୍ୟାମନ୍ଦର' ନ କରି 'ଇଲମ୍ ମସଜିଦ୍' କରନ୍ତେ ।

**ଯଦି ଆଜ ମହାବୀର ହନୁମାନ ଥାଆନ୍ତେ—**

—ତାଙ୍କୁ ଧରି ଚିଡ଼ିଆଖାନାରେ ରଖା ହୋଇଥାନ୍ତା ।

—ସିନେମାବାଲା ତାଙ୍କର ଛବି ନେଇ "କିଂ କଂ" ଫିଲ୍ମ୍ ବନାନ୍ତେ ।

—ତାଙ୍କ ଲାଙ୍ଗୁଡ଼ରେ ବଡ଼ ସାନ ହୋଇ ପାରିବା ଓ ନିଆଁରେ ନ ପୋଡ଼ିବା ଗୁଣ ପାଇଁ ବୈଜ୍ଞାନିକ ରିସର୍ଚ୍ଚ ଲଗନ୍ତା ।

—ମାଙ୍କଡ଼ ଓ ମଣିଷ ମଧ୍ୟରେ ଶାରୀରିକ ଓ ମାନସିକ ପାର୍ଥକ୍ୟ ବା ସାମଞ୍ଜସ୍ୟ ବିଷୟରେ ଗବେଷଣାର ସୁବିଧା ହୁଅନ୍ତା ।

**ଯଦି ଆଜ ଆକବର ବାଦସା ଥାଆନ୍ତେ—**

—ତ ମୁସଲିମ୍ ଲିଗ୍ ସଭ୍ୟ ପଦରୁ ଇସ୍ତଫା ଦିଅନ୍ତେ । ମାତ୍ର କଂଗ୍ରେସରେ ମିଶନ୍ତେ କି ନା ସନ୍ଦେହ ।

—ହିନ୍ଦୁ ମୁସଲମାନ ଏକତା ବିଷୟରେ ଦୁଇଟା ଗଜଲ ଲେଖାଇ ତାହା ପ୍ରଚାର କରିବା ପାଇଁ ମିଆଁ ତାନସେନଙ୍କୁ ହୁକୁମ ଦିଅନ୍ତେ ।

**ଯଦି ଆଜି ଅଶୋକ ଜୀବିତ ଥାଆନ୍ତେ—**

—ତେବେ କଲିକତା ଠେଙ୍ଗା (ଅକ୍ଟରଲୋନି ମନୁମେଣ୍ଟ) ଓ କୁତବ ମିନାରରେ ଅହିଂସା ଲିପି ଖୋଳାଇ ଦିଅନ୍ତେ ।

—ଲିଗ୍ ଅଫ୍ ନେସନ୍ସ ଓ ଡିସଆର୍ମାମେଣ୍ଟ ସଭାର ପ୍ରେସିଡେଣ୍ଟ ହୋଇ ମ୍ୟୁନିକ ଯାଆନ୍ତେ ।

—ତାଙ୍କ ପତ୍ନୀ ଓ ପୁତ୍ରଙ୍କୁ ଧର୍ମ ପ୍ରଚାର ନିମନ୍ତେ ସିଲୋନ ନ ପଠାଇ ଶାନ୍ତି ସ୍ଥାପନ ପାଇଁ ଚୀନ ଜାପାନ ପଠାନ୍ତେ ଓ ନାଜି ବର୍ମାକୁ ବ୍ରଡ଼କାଷ୍ଟ କରନ୍ତେ ।

**ଯଦି ଆଜି ସୀତା ଥାଆନ୍ତେ—**

—ତେବେ ପରଦା ପ୍ରଥା ଉଠାଇ ଦେବା ଲାଗି ଲେକଚର ଦେଇ ବୁଲନ୍ତେ ।

—ପୁରୁଷ ଏକାଧିକ ବିବାହ କରି ନ ପାରିବ ବୋଲି ଏକ ବିଲ୍, ବ୍ୟବସ୍ଥା ସଭାରେ ପେସ୍ କରନ୍ତେ ।

—ଲବ କୁଶଙ୍କୁ ହିନ୍ଦୁ ୟୁନିଭର୍ସିଟିରେ ପଢ଼ା ଥାଆନ୍ତେ ।

—ରାମଚନ୍ଦ୍ରଙ୍କ ନାଁରେ ଡିଫାମେସନ୍ ସୁଟ୍ କରନ୍ତେ, କିମ୍ବା ଡାଇଭୋର୍ସ ଦରଖାସ୍ତ ଦିଅନ୍ତେ ।

**ଯଦି ଶକୁନ୍ତଳା ଜୀବିତ ଥାଆନ୍ତେ—**

—ତେବେ ହରିଣ ଛୁଆ ନ ପାଳି ପିକ୍‌ନିଜ୍ ଡଗ୍ ପାଳନ୍ତେ ।

—ଦୁଷ୍ମନ୍ତଙ୍କ ସାଙ୍ଗରେ ସିନେମା, ହୋଟେଲ, ବଲ ଡାନ୍ସ ବା ଜାହାଜରେ 'ଲଭ୍' କରନ୍ତେ ।

—ସଙ୍କେତ ମୁଦ୍ରା ( Wedding ring ) ଦେଖାଇ ତାହାର ପ୍ରମାଣ ବଳରେ ଦୁଷ୍ମନ୍ତଠାରୁ ଖୋରାକ ପୋଷାକ ( maintenence ) ବା ବୈବାହିକ ସଂଯୋଗ restitution of Conjugal right ଦାବି କରନ୍ତେ ।

Digitized by srujanika@gmail.com



## ଢେଙ୍କାନାଳର ଘୁଙ୍ଗୁରଦାନାଙ୍କ ଠାରୁ—

ପାଇବେ ଶ୍ରୀ ———

ଶ୍ରୀ—ରାଜାସାହେବ ଅଠମଲ୍ଲିକ:—

ଶ୍ରୀମୁଖର ପତ୍ର ପ୍ରୀତର ଦାନା ଉଦାହରଣ ଦେଖି ଘୁଙ୍ଗୁର ଦାନା ବଡ଼ ପ୍ରୀତ। ଶ୍ରୀମୁଖର ଉତ୍କଳ ପ୍ରତି ପ୍ରୀତି ଯେପରି ଜାମସେଦପୁର ବାସୀ ଓଡ଼ିଆ ମାନେ ଦେଖିଛନ୍ତି। ଶ୍ରୀମୁଖର ପ୍ରଜା ପ୍ରୀତି ଏବେ ଖୁବ୍ ବଡ଼ ବଡ଼ ହରଫରେ ଖବର କାଗଜ ମାନଙ୍କରେ ଦେଖା ଯାଉଛି। ଶ୍ରୀମୁଖର ପ୍ରଦର୍ଶନୀ ପ୍ରୀତି ମଧ୍ୟ ନାକଃରେ ଅମ୍ଭେ ଶୁଣି ପାରୁଛୁ। ଏଣୁକରି ଶ୍ରୀ ଶ୍ରୀମୁଖର ଘୁଙ୍ଗୁର-ଦାନା ପ୍ରୀତିଟା ମଧ୍ୟ ଥିବ ବୋଲି ବହୁ ଆଶା ପୋଷଣ କରି ଏ ପତ୍ର ଲେଖିଲି ତ ଶ୍ରୀ ଶ୍ରୀମୁ ଦୟାକରି ଏହି ଅଭାଜନକୁ ଅପଣାଇ କରିବେ। ଅଧିନର ଗୋଟାଏ ଖରାପ ନାମ ଅଛି। ଅଧିନକୁ ସୃଷ୍ଟିକରି ସ୍ରଷ୍ଟା କଲାବେଳେ କେତେକ ବଦ୍-ଲୋକେ ତିନି 'ମ'ର ଅଛନ୍ତି ନେଇଥାନ୍ତି—ଯଥା ମଦ, ମାଂସ, ମହିଳା। ଏ ତିନିପ୍ରତି ପ୍ରୀତିକୁ ସାବଧାନେ ଦୂରରୁ ଜୁହାର କରିବେଟି। ଅଧାବରେ ଶ୍ରୀମୁଖର ଏ ଉପୁକୁ ଭୟ ନଥିବ।

ଶ୍ରୀମୁଖର
ପ୍ରୀତ ପ୍ରାର୍ଥୀ
ଘୁଙ୍ଗୁର ଦାନା।

ମହାରାଜା ବାହାଦୁର ଜୟପୁର,

ଶ୍ରୀଶ୍ରୀମୁଖର ଛବିଟା ଯେପରି ଉନ୍ମୋଚିତ ହେବା ଦେଖି ମୋ ମନଟା କେମିତି ଗୁଡ଼େଇ ଗୁଡ଼େଇ ହେଲା। ମୁଁ ହେଲେ ଦାନ କରି ଶ୍ରୀଶ୍ରୀମୁଖ ଭଳି ନାମ ପକାଇ ପାରନ୍ତି। ଯାହାର ନାହିଁ ସେ ବା କଦାନ କରିବ? ତେବେ ଯାହାର ଅଛି ସେ କି କ'ଣ ଦାନ କରୁଛି? ଓଡ଼ିଶାରେ କେତେ ରାଜା ମହାରାଜା ନାହାନ୍ତି। କିନ୍ତୁ ଦେବାକୁ ମନ ବାଳୁ କିଏ ଖୁଣ୍ଟିପାଏ? ଶ୍ରୀଶ୍ରୀମୁଖ ଦାନପଣ ଦେଖି ଅନେକ ହରିଷ୍ଟନ୍ତି ଅସୂୟା ହେଉଥାନ୍ତି। କିନ୍ତୁ ଢେଙ୍କାନାଳର ଏତିକି ପ୍ରାର୍ଥନା ଯେ ସତ୍‌ପାତ୍ର, ସତ୍‌ସ୍ଥାନରେ ଅଭ ସତ୍‌କାଳରେ ଦାନ କରନ୍ତୁ—ଡ ଖ୍ୟା ମି ନ ଅନ୍ଧ୍ରଙ୍କ ପାଇରେ ପଡନ୍ତୁ ନାହିଁଟି!

ଶ୍ରୀଶ୍ରୀମୁଖର
ମହାଦାସ ଘୁଙ୍ଗୁରଦାନା

ମହାରାଜା ମୟୂରଭଞ୍ଜ,

ଅଞ୍ଜା, ଅଙ୍ଗୁଳି ଦେଖାଇଲେ ବାହୁ ଟେକନ୍ତା ପ୍ରଜାଗୁଡ଼ାକ ଅପଣଙ୍କର। ଓଠପରେ ଖୋଜ ଟିକିଏ ଉଠି ଉଠି ସାଗ ଖଣ୍ଡଟାକୁ ରଖିଦେବେ ଏ ଲୋକେ। ବାବା! ଯହେ ଜୁହାର ତାଙ୍କୁ। କିନ୍ତୁ ଶ୍ରୀମୁ କ'ଣ ଏକଥା ଅଗରୁ ଜାଣିନଥିଲେ? ଶ୍ରୀମୁଙ୍କୁ ମୁଁ ଢେଙ୍କାନାଳ କି ନୀଳଗିରି ରାଜାଙ୍କ ସଙ୍ଗରେ ତୁଳନା କରି ପାରିବି ନାହିଁ। ଶ୍ରୀମୁଁ ବୁଦ୍ଧିଆ ଲୋକ, ବିଚକ୍ଷଣ ରାଜା। ରସଗୋ-ଲାକୁ ଖାଇ ଜିଭ ଉପରେ ରଖି ହଲ ହାଲ କରିବାର ଅନୁମତି ଦେଲାବେଳେ ଶ୍ରୀମୁ ଅବଶ୍ୟ ଭାବିଥିବେ ଯେ ଶ୍ରୀମୁ ଅଖିପିଞ୍ଚା ପକାଉଁ ପକାଉଁ ସବୁ ଗପ୍ ହୋଇଯିବ। ସେଥିପାଇଁ ମୋର ବିଶ୍ୱାସ ଶ୍ରୀମୁ ପ୍ରଜାଙ୍କୁ ରସଗୋଲା ଖାଲି ଚାଖିବା ପାଇଁ ଦେଇ ନାହାନ୍ତି, ଠିକ୍ ସମୟ ହେଲେ ଭୋକ ଲାଗିଲେ ତାକୁ ଖାଇବା ପାଇଁ ରଖିବା ଉଦ୍ଦେଶ୍ୟରେ ଦେଇଛନ୍ତି। କିନ୍ତୁ ଏଟାକୁ କେଉଁ ବାଟରେ ଖାଇଲେ ଭଲ ହେବ ସେଟା ପ୍ରଜାଙ୍କୁ ଶିଖାଇବା ପାଇଁ ଶ୍ରୀମୁ ଗାନ୍ଧିଜୀଙ୍କୁ ପରାମର୍ଶ ମାଗିଲେ, ଅଢଙ୍କ ବା ରାଜକୋଟ ରାଜାଙ୍କ ପରି ଅପଣ ନାମ ମାରି ନଥାନ୍ତେ ଅଭ ଓଡ଼ିଶାର ଗୌରବ ବଢ଼ାଇ ଦଅନ୍ତେ।

ଶ୍ରୀମୁଖର ସଦ୍‌ଗୁଣାମୋଘ
ଘୁଙ୍ଗୁର ଦାନା

ରାଜାସାହେବ ଢେଙ୍କାନାଳ,

ଧନ୍ୟ ଧନ୍ୟ ଧନ୍ୟ। ବେଜାଲଗେଟ ପଶ୍ରୁ ଅପଣଙ୍କ ଆତ୍ମୀୟ ଠାରୁ ଅଧିକ ପ୍ରୀୟ ଥିଲେ! ଅନୁଜଙ୍କ ଠାରୁ? ଅହା, ରାମ୍ ରାମ୍ ଓଃ କେଡ଼େ କଥାଟେ କହି ପକାଇଲି ମ! ଅନୁଜ? ଶ୍ରୀମୁଖର ଅନୁଜଙ୍କ ଠାରୁ ସେ କିଣ ଅଧିକ ପ୍ରିୟ? ଅସମ୍ଭବ। ଶ୍ରୀମୁଖର ଅସଂଖ୍ୟ ପ୍ରଜା ପୁତ୍ର ମାନଙ୍କ-ଠାରୁ ସେ କେବେ ବଡ଼ ହୋଇ ନପାରନ୍ତି। ତେବେ ସମାନ ହେଲେ ହେବେ। ଅପଣଙ୍କ ପ୍ରଜାପୁତ୍ରମାନେ ଯେପରି ଗୁଳିରେ ପ୍ରାଣ ହରାଇ ଛନ୍ତି, ବେଜାଲଗେଟ ସେଇପରି କୁକୁରି ବାଡ଼ଅରେ ପ୍ରାଣହରାଇ ଛନ୍ତି। ତେଣୁ ସମାନ। ତେବେ ଶ୍ରୀମୁଖର ବଂଶଧର ଅଭାବ ସ୍ଥଳେ ବେଜାଲ-ଗେଟ ସେ ସ୍ଥାନ ପୂରଣ କରିଥାନ୍ତେ କି ନାହିଁ ସେଇଟା ଦେଖିବାର ଥିଲା। ବର୍ତ୍ତମାନ ଅଭ ସେ କଥା ଉଠାଇ କି ଲାଭ? ଅଜ୍ଞା, ଅଧିନ, କୁମାର ଶ୍ରୀ ଶ୍ରୀ ଟିକାଏତ ଢେଙ୍କାନାଳର ଘୁଙ୍ଗୁର ସେ ଅଶା ପୂରଣ କରି ପାରେ କି?

ଅପଣଙ୍କର ପୁତ୍ର ପ୍ରତିମ
ଢେଙ୍କାନାଳର

ରାଜାସାହେବ ଓଡ଼ିଶା କଂଗ୍ରେସ କମିଟି,

ନା—ନା—ସଭାପତି ପରା! ରାଜାସାହେବ ମାନଙ୍କ ଠାରୁ ଲେଖି ଲେଖି ଗୋଟାଏ ଅଭ୍ୟାସ ପଡ଼ିଯାଇଛି। ସେଥିପାଇଁ ଭୁଲରେ ସଭାପତିଙ୍କୁ ରାଜାସାହେବ କରିଦେଲି। ଯେମିତି ୧୯୩୮ ମସିହା ଶେଷ ହୋଇ ଅଭ ୧୯୩୯ ମସିହାର ଗୋଟିଏ ମାସରୁ ଅଧାଅଧି ଗଲାଣି, ତଥାପି ତାରିଖ ଲେଖିଲା ବେଳେ ୩୯ ଯାଗାରେ ୩୮ ହୋଇ ଯାଉଛି ସେମିତି। ତେବେ ସଭାପତିଙ୍କୁ ରାଜା ଲେଖିଲେ କିଛି କ୍ଷତି ନାହିଁ। କବି ବୀର-ବିଶୋରଙ୍କ ଗୀତିକାର ପ୍ରସ୍ତାବ ଅନୁସାରେ ଏପର୍ଯ୍ୟନ୍ତ ଓଡ଼ିଆ ଅଭିଧାନରୁ ରାଜା ଶବ୍ଦ ଉଠା ଯାଇନାହିଁ। ପୁଣି ଅପଣଙ୍କୁ ଉତ୍କଳର ମୁକୁଟ ହୀନ ସମ୍ରାଟ ଅଖ୍ୟା ଦିଅଯାଇଛି। ଯେମିତି ଦନ୍ତହୀନ ଯୁବକ, ଚଷମାହୀନ ବୃଦ୍ଧ, ଯେମିତି ସତ୍ୟ ହୀନ କଂଗ୍ରେସ ବାଲା, ମିଥ୍ୟାହୀନ ଟୋରି, ଯେମିତି ଲାଠି ହୀନ ସତ୍ୟାଗ୍ରହୀ ବେଠି ହୀନ ଗଡ଼ଜାତ ପ୍ରଜା, ଯେମିତି ବନ୍ଧୁକ ହୀନ ସିପାହୀ, ନିନ୍ଦୁକ ହୀନ ସରକାର ଇତ୍ୟାଦି ଇତ୍ୟାଦି। କାରଣ ଅପଣଙ୍କୁ ଓଡ଼ିଶାର ସବୁ କଂଗ୍ରେସ ବାଲା ନିରପେକ୍ଷ ଜାଣି ଭକ୍ତି କରୁଥିବାରୁ ଅପଣ ଦୁଇ ବିବଦମାନ ଦଳର ମଝିରେ ଖଣ୍ଡା ଧାରରେ ଚାଲିଲା ପରି ସଭାପତି ହେଲେ।

( ୧୫ ପୃଷ୍ଠା ଶେଷ ଦେଖନ୍ତୁ। )



ଆକାଶବାଣୀ—ଶେଖ୍ ଗୋଲାମ ରଗୀମଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ । ଏଥିରେ ସଂକ୍ଷିପ୍ତ ଭାବରେ ଓ ସରଳ ଭାଷାରେ ପଇଗମ୍ବର ମହମ୍ମଦଙ୍କ ପ୍ରକାଶିତ ପବିତ୍ର ଇସ୍‌ଲାମ୍ ଧର୍ମର ପରିଚୟ ଓ ସାର ମର୍ମ ବର୍ଣ୍ଣିତ ହୋଇଅଛି । ଏଭଳି ପୁସ୍ତକର ବହୁଳ ପ୍ରଚାର ଦ୍ୱାରା ଅପର ଧର୍ମାବଲମ୍ବୀଗଣ ଇସ୍‌ଲାମ୍‌ର ମର୍ମ ଓ ଆଦର୍ଶ ଜାଣିପାରିବେ ଓ ଏହା ଜଗତରେ ସାମ୍ୟ ମୈତ୍ରୀ ଭାବ ଜାଗରଣର ସହାୟତା କରିବ ।

ସହକାର—ଅଷ୍ଟମ ସଂଖ୍ୟା-କାର୍ତ୍ତିକ

'ନାସ୍ତି' (ଗଳ୍ପ) ଶ୍ରୀ ପ୍ରଭାତ କୁମାର ମୁଖୋପାଧ୍ୟାୟ । କ୍ଷୁଦ୍ର ଗଳ୍ପଟି ମନୋହର ଓ ସୂକ୍ଷ୍ମଭାବମୟ । କେବଳ ଭାଷା ଦିଗରୁ ଖଞ୍ଜ ହୋଇଥିଲେ ମଧ୍ୟ ଲେଖକ ବଙ୍ଗାଳି ଥିବାରୁ କ୍ଷମଣୀୟ ।

ରାଜଭୋଗ—(ଗଳ୍ପ) ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା । ଏ ଗଳ୍ପର ବିଷୟ ବସ୍ତୁ ସାଧାରଣ ହେଲେ ମଧ୍ୟ ଲେଖକ ଏଥିରେ ଯଥେଷ୍ଟ ଭାବୁକତା ଓ ଅର୍ଥର ପରିଚୟ ଦେଇ ଅଛନ୍ତି । ଭାଷା ମଧ୍ୟ ଉପଯୋଗୀ ।

ପଲକେ ଭୁଟିଲା ଭୁଲ—ଶ୍ରୀ କାଳିପ୍ରସନ୍ନ କର । ଶିରୋନାମା ଦେଖିଲେ 'କବିତା' ବୋଲି ଭୁଲ ହୁଏ—ମାତ୍ର ଏହା କବିତା ନୁହେଁ, କ୍ଷୁଦ୍ର ଗଳ୍ପ । କ୍ଷୁଦ୍ର ଗଳ୍ପ ସତ, ମାତ୍ର କ୍ଷୁଦ୍ର ଗଳ୍ପର ଟେକନିକ୍ ନାହିଁ—ଅଛି ବଡ଼ ଉପନ୍ୟାସର ମାଲ୍ ମସଲା । ଯାହାହେଉ କବି ମହାଶୟ ନାରୀ ଓ ପୁରୁଷର ମନସ୍ତତ୍ତ୍ୱ ବିଶେଷଣରେ ଯଥେଷ୍ଟ କୃତିତ୍ୱ ଦେଖାଇଛନ୍ତି ଏବଂ ମୋଟ ଉପରେ ଗଳ୍ପଟିକୁ ଶିକ୍ଷଣୀୟ ଓ ସୁଖପାଠ୍ୟ କରିବାର ଯତ୍ନ କରିଛନ୍ତି ।

କବିଙ୍କର ଭାଷାଟା ଅବଶ୍ୟ କବିତାର ଭାଷା କିନ୍ତୁ ଓଡ଼ିଆ ଅକ୍ଷରରେ ଛପା ହୋଇଥିଲେ ମଧ୍ୟ ବଙ୍ଗଳା ଇଡିଅମ୍ ନ ଜାଣିଥିବା ଓଡ଼ିଆ ପାଠକ ଏହାର ରସ ଗ୍ରହଣ କରିବା ଦୁଃସାଧ୍ୟ । ପ୍ରତି ବାକ୍ୟରେ ଯେପରି ବଙ୍ଗଳାର 'ଅପେଳ' ରହିଛି ତାହା ଦେଖାଇବା ସହଜ ନୁହେଁ—କେବଳ ଗୋଟିଏ ଯୋଡ଼ିଏ ନମୁନା ଦେଲେ ଯଥେଷ୍ଟ ହେବ ବୋଲି ମନେ କରୁଁ ।

"ପ୍ରଶାନ୍ତର ମାମୁଁ ଶ୍ୟାମସୁନ୍ଦର ବାବୁ ଏକମାତ୍ର ଭଉଣୀଟିକୁ ବଡ ସ୍ନେହ କରୁଥିଲେ । ମଧ୍ୟ-ବିତ୍ତ ଘରକୁ ଯାଇ ପଛୁଟେ ତାର କଷ୍ଟ ହୁଏ—ଏ ଦୁର୍ଭାବନାରେ କେତେବେଳେ ସେ ଶାନ୍ତି, ମୁକ୍ତି ପାଉ ନ ଥିଲେ ।"

ବଙ୍ଗଳାର 'ପାଛେ' ଶବ୍ଦକୁ ଅନୁବାଦ କରି ଯେ 'ପଛକେ' କରା ହୋଇଛି ଏଥିରେ ସନ୍ଦେହ ନାହିଁ । ପଛକେ 'ଓଡ଼ିଆ' ଶବ୍ଦ ସତ, କିନ୍ତୁ ତାର ବ୍ୟବହାର ଏ ସ୍ଥଳରେ ନୁହେଁ । ଯଥା 'ସେ କହୁ ପଛକେ, ମୁଁ ଯିବି ନାହିଁ ।' ଏ ସ୍ଥଳରେ 'ବା‌ଲେ' ଦେଇଥିଲେ ଠିକ୍ ହୋଇ ଥାଆନ୍ତା ।

ଆଉ ଦେଖନ୍ତୁ—

"ପ୍ରଶାନ୍ତର ପାଖରେ ଛିଡ଼ା ହୋଇ ଅମିତା ଫୁଲଦାନର ଫୁଲ ଗୁଡ଼ିକ ସଜିଲ କରୁଥାଏ । ପ୍ରଶାନ୍ତ ହାତ ନେଇ ତା ପିଠିରେ ଦେବା ମାତ୍ରକେ ଅମିତା ଲଟେଇ ପଡ଼ିଲା ପ୍ରଶାନ୍ତର କୋଳରେ ।"

ମୋଟାମୋଟି ଦେଖିଲେ ସମସ୍ତଟା ବଙ୍ଗଳାର ଟିଲ୍ଲା ଅନୁବାଦ ପରି ଲାଗୁଛି । ତାପରେ ବଙ୍ଗଳା "ସାଜାଇୟା ଦିତେଛିଲ" କୁ ଓଡ଼ିଆ କରା ହୋଇଛି "ସଜିଲ କରୁଥାଏ ।" ସଜାଡ଼ି ଦେଉଥାଏ ବା ସଜାଇ ରଖୁଥାଏ କରିଥିଲେ ଓଡ଼ିଆ ହୋଇଥାଆନ୍ତା । 'ସଜିଲ' ଓଡ଼ିଆ ଶବ୍ଦ, ମାତ୍ର ଏ ଅର୍ଥରେ ବ୍ୟବହୃତ ହୁଏ ନାହିଁ ।

ଆଉ ଅଧିକ ନମୁନା ଦେବାର ପ୍ରୟୋଜନ ନାହିଁ । କାଳୀବାବୁ ଜଣେ ଙ୍ଗିହସ୍ତି ଚାଷୀ ହେଲେ ତାଙ୍କୁ କ୍ଷମା କରାଯାଇ ପାରନ୍ତା, ଯଦି ସେ ଜଣେ ଜଣାଶୁଣା ସାହିତ୍ୟିକ ହୋଇ ନ ଥାନ୍ତେ । ଓଡ଼ିଆ ଲୋକ ସମ୍ପର୍କ କରିବାର ସୁବିଧା ନଥିବା ମଧ୍ୟ ସେ ନିଧା କରି ଓଡ଼ିଆ ପୁସ୍ତକମାନ ପଢ଼ିଲେ ଆପଣାର ତ୍ରୁଟି ଅପେ ବୁଝି ପାରନ୍ତେ । ତାଙ୍କ ଭଳି ପ୍ରତିଭାଶାଳୀ ଓ ରସଜ୍ଞ ଲେଖକଙ୍କଠାରେ ଏ ତ୍ରୁଟି ଆମ୍ଭେମାନେ ସହ୍ୟ କରି ନପାରି ଏତେ କଥା କହିବାକୁ ବାଧ୍ୟ ହେଲୁଁ । ଆଶା କରୁ ଏ ବିନୀତ ପରାମର୍ଶ ବନ୍ଧୁ ଭାବରେ ଗ୍ରହଣ କରିବାର ଉଦାରତା ତାଙ୍କଠାରେ ଅଭାବ ହେବ ନାହିଁ ।

ପୁଣି ସହକାର ଆମ ଦେଶର ମୁଖ୍ୟ ସାହିତ୍ୟ ପତ୍ର ବୋଲି ଜଣା । ତାହାର ଆଦର୍ଶ ଯଦି ଏହିପରି ହୁଏ ତେବେ—ହାୟ, ଉତ୍କଳ ଭାରତ ! ସହକାର ସମ୍ପାଦକ ମହାଶୟ ଏତେ ଉଦାସୀନ ବା ଶ୍ରମ କାତର ହୋଇ ସଂଶୋଧନ ରୂପ କର୍ତ୍ତବ୍ୟର ତ୍ରୁଟି କରୁ ନାହାନ୍ତି କି ?

ଶ୍ରୀମାନ୍ ଶଚୀ ରାଉତରାୟଙ୍କର ଏକମାତ୍ର କବିତା 'ଅସମାପିକା' ପାଠ କରି ଦେଇଛୁ । କଳ୍ପନାର ଖେଳ ଓ ଛନ୍ଦର ଲୀଳା, ଶବ୍ଦର ଭଙ୍ଗୀ ଏହାକୁ ଏକ ସରସ ବୋଲି କହିବାକୁ ହେବ । ଶଚୀବାବୁଙ୍କ ନିଜତ୍ୱ ଅସମାପିକାରେ ପରିସ୍ଫୁଟ ।

ଜିଜ୍ଞାସୁ--୭ମ ଭାଗ ପ୍ରଥମ ସଂଖ୍ୟା

କଟକ ଟ୍ରେନିଂ ସ୍କୁଲର ନୈମିତ୍ତିକ ମୁଖପତ୍ର । ଏଥିରେ ଥିବା ନାନାବିଧ ପ୍ରବନ୍ଧ ଗୁଡିକ ଛାତ୍ରମାନଙ୍କ ପକ୍ଷରେ ଯଥେଷ୍ଟ ପ୍ରଶଂସାର କଥା । ପରିଚାଳନା ଓ ସମ୍ପାଦନାର ଯତ୍ନ ପଦେ ପଦେ ଦୃଶ୍ୟମାନ ।

ପ୍ରବୀଣ ସାହିତ୍ୟିକ ଶଶି ବାବୁଙ୍କର ସୌଜନ୍ୟର ଶକ୍ତି ଯେପରି ଶିକ୍ଷାପ୍ରଦ ସେହିପରି ଉପଭୋଗ୍ୟ ।

ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାନ୍ତିଙ୍କର "ଘଣ୍ଟା ସମୟ ଠିକ୍ କରିବାର ଉପାୟ"ଟି ବଡ଼ ଉପାଦେୟ ।

ଶ୍ରୀ ସୁଧାଂଶୁଶେଖର ଧାସ୍ତିଙ୍କର କବିତା 'ବନ୍ଧନ ନୁହେଁ ବନ୍ଧନ' ଭାଷା, ଭାବ, ଛନ୍ଦ ସବୁଥିରେ ସରସ ।



ସ୍ନେହର ନାଗବନ୍ଧୁମାନେ,

ମୋତେ ଖାଲି 'ଅଜା ଅଜା' ବୋଲି ଡାକି ଅଧାଡାମରା କଲେଣି ମୋ ଅତ୍ମା ସରଗକୁ ଯିବ ନାହିଁ । ହସ ଖୁସି ଗେଲ ବସରକୁ ମୁଁ ଭଲ ପାଏଁ, ଯଦି ତା ସାଙ୍ଗରେ କାମ ବି ଚାଲିଥାଏ । ଖାଲି ମୁଡିଙ୍ଗରକା ଥଟ୍ଟାକୁ ଫାଙ୍କିଲମି ବୁଝାଯିବ । ମୁଁ ସେଥିରୁ ଅଦଉ ସୁଖ ପାଏ ନାହିଁ । ତମକୁ ମୁଁ ହସାଇ ଖେଳାଇ ଭଲ କଥା ଶିଖାଇବାକୁ ଚାହୁଁଛି । ତମେ ଯଦି ଭଲ କଥାଠାରୁ ବାଦ ଦେଇ ଖାଲି ହସ ଖେଳ ଶିଖିଲ ମୋ ମନରେ ଦୁଃଖ ହେବ ନାହିଁନା ?

ବର୍ତ୍ତମାନ ତମ ଆଗରେ ଦୁଇଟା କଥା କହିବି । ତମେ ମାନିବ କି ନା ଜାଣେ ନାହିଁ । ମୋ କାମ ମୁଁ କରିବି । ତମକୁ ଭଲ କଥା କହିବି । ତମେ ଶୁଣିଲେ ମୁଁ ସୁଖୀ ହେବି । ନ ଶୁଣିଲେ ଜାଣିବି ଯେ ତମେ ଖାଣ୍ଟି ନାଗ ନୁହଁ । ତମ ଦେହରେ ଉତ୍ତମ ନାଗରକ୍ତ ନାହିଁ ।

ପହିଲେ ଗୋଟିଏ କଥା ଶୁଣ । ସରସ୍ୱତୀ ପୂଜା ଆସୁଛି । ତମ ଭିତରୁ ଅନେକ ପିଲା ଚାନ୍ଦା ଉଠାଇ ମଜଲିସ କରିବ । ମୋତେ କିନ୍ତୁ ସେଥିରୁ ସୁଖ ଲାଗୁ ନାହିଁ । ଅନୁଗୁଳରେ ୨୫୦୦୦ ଲୋକ ଉପାସରେ ପଡ଼ିଛନ୍ତି, ତମେ ମଜଲିସ କରିବ କିପରି ? ମୁଁ କହୁଛି ସେହି ଚାନ୍ଦାଟାକୁ ତାଙ୍କର ସେବା ପାଇଁ ପଠାଇ ଦିଅ । କରି ପାରିବ ? ସେ ମନର ଜୋର ତମର ଅଛି?

ତାପରେ ଆଉ ଗୋଟିଏ କଥା । ଆସନ୍ତା ୨୬ ତାରିଖ ଭାରତର ସ୍ୱାଧୀନତା ଦିବସ । ସେଦିନ ଯେଉଁଠି ଜଣକରୁ ବେଶି ନାଗବନ୍ଧୁ ଥିବ ସମସ୍ତେ ଏକ ଜୁଟ ହୋଇ ଜାତୀୟ ପତାକା ଉଡ଼ାଇ ତାକୁ ନମସ୍କାର କରିବ । ସେଦିନ ଯଦି ତମ ସ୍କୁଲ କଲେଜ ବନ୍ଦ ହେଉନ ଥାଏ ତେବେ ନ୍ୟାୟସଙ୍ଗତ ଆନ୍ଦୋଳନ କରି କର୍ତ୍ତୃପକ୍ଷଙ୍କଠାରୁ ବନ୍ଦ କରାଇବାର ଅନୁମତି ଆଣ । ସେଦିନ ସମସ୍ତେ ଯିଏ ଯେଉଁଠି ଥାଅ ଭଗବାନଙ୍କଠାରେ ପ୍ରାର୍ଥନା କର ଯେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ପ୍ରତ୍ୟେକ ଯେପରି ଦୃଢ଼ ଭାବରେ ନିଜର କର୍ତ୍ତବ୍ୟ କରି ପାରିବ ସେଥିପାଇଁ ତମକୁ ସେ ଯେପରି ବଳ ଦିଅନ୍ତି । କାରଣ ସ୍ୱାଧୀନତା ପାଇଁ ପ୍ରାର୍ଥନା କରିବା ଦରକାର ନାହିଁ । ତମର ମନର ଦୃଢ଼ତାହିଁ ଭାରତର ସ୍ୱାଧୀନତା ।

ଅତି ସ୍ନେହର—ଅଜା

—❊—

## ନାଗବନ୍ଧୁଙ୍କ ନିବେଦନ ।

ଆଦରର ଭାଇଭଉଣୀମାନେ,

ଉତ୍କଳ ତଥା ଭାରତ ଅଙ୍କା ଉତ୍କଳ ଭାରତୀ ୬ କୁନ୍ତଳାକୁମାରୀଙ୍କର ଅଭାବ ତୀବ୍ର ଭାବରେ ଅନୁଭବ କରୁଥିବାବେଳେ ଆମମାନଙ୍କ ମଧ୍ୟରୁ ଅନେକେ ପ୍ରାୟ ଅଳ୍ପ ଅଧିକେ ତାଙ୍କର ମାହାତ୍ମ୍ୟ ଅନୁଭବ କରୁଥିବେ । ଜୀବିତାବସ୍ଥାରେ ସେ 'ବୀରଶ୍ରୀ' ଯୋଜନାରେ ଓଡ଼ିଆର ଗୌରବ ବିକାଶର କଥା ବୁଝାଇ ତାଙ୍କର ସାନବଡ଼ ସମସ୍ତ ଓଡିଆ ଭାଇ ଭଉଣୀମାନଙ୍କୁ ଏହା ବ୍ୟବହାର କରିବା ପାଇଁ ଅନୁରୋଧ କରି ଯାଇଛନ୍ତି । କିନ୍ତୁ ଖୁବ୍ ଅଳ୍ପ ଭାଗରେ ଏହାର ବ୍ୟବହାର ଦେଖା ଯାଉଛି । କିନ୍ତୁ ବାସ୍ତବରେ 'ବୀରଶ' ଓ 'ବୀରଶ୍ରୀ' ଯୋଜନାରେ ହୃଦୟରେ କିପରି ଗୋଟାଏ ଗୌରବର ପୁଲକ ଖେଳିଯାଏ । ଏଥିରୁ ଏହାର ଉପାଦେୟତା ସ୍ପଷ୍ଟ ପ୍ରତୀୟମାନ ହୁଏ । ତେଣୁ ଆମର ଅନୁରୋଧ ଆଜି ଠାରୁ ଆମେ ସମସ୍ତ ଭାଇ ଭଉଣୀ ମିଶି ସେହି ପୁଣ୍ୟ-ମୂର୍ତ୍ତି ନାରୀନେତ୍ରୀଙ୍କର ପୁଣ୍ୟ ବାକ୍ୟ 'ବୀରଶ' ଓ 'ବୀରଶ୍ରୀ' ଆମମାନଙ୍କର ନାମ ପୂର୍ବରେ ବ୍ୟବହାର କରି ତାଙ୍କୁ ଚିରସ୍ମରଣୀୟ କରି ରଖିବା ଓ ଯେଉଁଥିରେ ନିଜେ ଗୌରବ ବୋଧ କରି ତାଙ୍କର, ଦେଶର ଗୌରବ ବର୍ଦ୍ଧନ ନିମିତ୍ତ ଦୃଢ଼ପ୍ରତିଜ୍ଞ ହେବା । ଏଠାରେ ଆମେ ସେ ଚେଷ୍ଟା କରିବୁଁ । କେବଳ ତୁମମାନଙ୍କର ଅଶ୍ୱାସନା ଓ ସହାନୁଭୂତି ପାଇଲେ ବଡ଼ ଖୁସି ହେବୁଁ । ଇତି ।

ତୁମମାନଙ୍କର ଭାଇ

ଦୁଇ ସାଙ୍ଗ—(ନଂ୨) (ନଂ୭)

ଏ ବିଷୟରେ ମୁଁ ଅନ୍ୟ ନାଗବନ୍ଧୁ ଓ ବନ୍ଧୁମାନଙ୍କ ମତ ଜାଣିବା ପାଇଁ ଇଚ୍ଛୁକ—

—ଅଜା—

—o—

## ଲେଖାସାଙ୍ଗ

ପ୍ରିୟ ନାଗ ସାଙ୍ଗମାନେ,

ଏଣିକି ନାଗବନ୍ଧୁମାନଙ୍କ ମଧ୍ୟରେ ପରସ୍ପର ଚିଠିପତ୍ରର ଆଦାନ ପ୍ରଦାନ କେବଳ ମୋ ମଧ୍ୟ ବର୍ତ୍ତିତାରେ ହେବ । କୌଣସି ନାଗ ବା ନାଗୁଣୀ ଅନ୍ୟକୌଣସି ନାଗ ବା ନାଗୁଣୀ ସହିତ ଲେଖାସାଙ୍ଗ କରି ଚିଠି ପତ୍ର ଦେବାକୁ ଚାହିଁଲେ ପୋଷ୍ଟକାର୍ଡ଼ କିମ୍ବା ଖୋଲା ଲଫାପାରେ ଚିଠିଦେବ । ଠିକଣା ଲେଖିବା ବେଳେ ଯେଉଁ ନାଗଙ୍କଠାକୁ ଚିଠି ଦେବେ ତାଙ୍କ ନାମ ଲେଖି C/o ଅଜା ଉଗର ଅଫିସ ଭଦ୍ରକ ଠିକଣାରେ ପଠାଇବେ । ଉକ୍ତ ଚିଠିକୁ ମୁଁ ଉପଯୁକ୍ତ ବିବେଚନା କଲେ ତାହା ସେହି ନାଗନନ୍ଧୁଙ୍କ ଠାକୁ redirect କରି ଦିଆଯିବ । ବନ୍ଦଲଫାପାରେ ଚିଠି ଦେଲେ, ଚିଠି ଭିତରେ ୫୦/ର ଡାକ ଟିକଟ ଦେବାକୁ ହେବ । ତା' ନଦେଲେ ସେ ଚିଠି ଉଦ୍ଦିଷ୍ଟ ନାଗ ବା ନାଗୁଣୀଙ୍କ ଠାକୁ ପଠାଯାଇ ପାରିବ ନାହିଁ । ମନେ ରଖିବା ଉଚିତ ଯେ ଖୋଲା ଲଫାରେ ଦେଲା ବେଳେ ଉଚିତ ଡ଼ାକ ଟିକଟ ଦେବାକୁ ହେବ । Book post ମନେ କରି ଅଳ୍ପ ମୂଲ୍ୟର ଡାକ ଟିକଟ ଦେଲେ ଚିଠି ଫେରସ୍ତ ହୋଇଯିବ ।

—ସ୍ନେହର ଅଜା ।

ଶ୍ରୀ ଶ୍ରୀଧର ଦାସ:—(୧୫୫) ଚିଠି ପତ୍ରର ଅଦାନ ପ୍ରଦାନ ପାଇଁ ଲେଖାସାଙ୍ଗ ଚାହାନ୍ତି ।

ଶ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକ (୨) ଓ ଶ୍ରୀ ଚନ୍ଦ୍ର ମୋହନ ହି:( ୬ )—୧୨, ୧୭, ୨୩, ୧୯୭, ଓ ୨୦୮ କ ସହିତ ଲେଖାସାଙ୍ଗ କରିବାକୁ ଉତ୍ସୁକ । ସେମାନଙ୍କର ମତାମତ ଉଗର ମାରଫତରେ ଜାଣିବାକୁ ଚାହାନ୍ତି ।

—❊—

Digitized by srujanika@gmail.com

## ଅଜାଙ୍କ ଗାରଡ଼ି

ପ୍ରସନ୍ନ (୨୦୯)—ନାଗବଗୁ ପ୍ରବେଶିକା ଫିସ ପ୍ରତିବର୍ଷ ୫୦/ ଦେବାକୁ ପଡ଼େ । ଯେଉଁମାନେ ଏକ ସମ୍ପୂରେ ୫୦୍ ଦଅନ୍ତି ସେମାନଙ୍କୁ ପ୍ରତି-ବର୍ଷ ଦେବାକୁ ପଡ଼େ ନାହିଁ ।

ଶକୁନ (୧୫୪) ତମେ ଯେପରି ଭାବରେ ଅନୁତାପ କରି ଲେଖିଛ, ସେଥିରୁ ଜଣାଯାଏ ତମେ ଆଉ କେବେ ମିଛ କହିବ ନାହିଁ । ଚେଷ୍ଟା କର । ଭଗବାନ ସହାୟ ହେବେ । ମୁଁ ଆଶୀର୍ବାଦ କରୁଛି, ତମେ ସତ୍ୟବାନ ହୁଅ ।

ଜଗରର ଅପଖା ବଢ଼ାଇ କହିବାକୁ ଯାଇ ୨ । ୩ ଥର ମୁଁ ମିଛ କହୁଛି ।

ଚନ୍ଦ୍ରମୋହନ (୯୨)—ତମ ବୁଦ୍ଧିଟାକୁ ଧନ୍ୟ କହିବା । ତମେ ଗୋଟେ ଓକିଲ ହେଲେ ଭଲ ଯୁକ୍ତି କରି ପାରିବ । ଖାଣ୍ଟି ସୁନାରେ ଆଉ କିଛି ନମିଶିଲେ ଯେପରି ଗହଣା ହୋଇ ପାରେ ନାହିଁ, ସତ ସାଙ୍ଗରେ ମିଛ ଟିକିଏ ନ ମିଶାଇ କହିଲେ ସେହିପରି ମଣିଷ କାଳେ ମଣିଷ ହୁଏ ନାହିଁ—ଅମଣିଷ ହୁଏ । ନା, ଭାଇ ତା'ନୁହେଁ । ଖାଣ୍ଟିସୁନା ଭାଙ୍ଗୁ ଗଢ଼ୁ, ତଳାହେଉ ଫିଙ୍ଗାହେଉ ସେ ସବୁବେଳେ ଖାଣ୍ଟି ଖାଣ୍ଟି । ତମେ ସତ୍ୟ ସାଧନ କର । ନିଜର ଉପରେ ମନବଳ ବଢ଼ିବ ବଳେବଳେ ବୁଝି ପାରିବ । ସେତେବେଳେ ତମେ ନିଜକୁ ପ୍ରକୃତ ମଣିଷ ବୋଲି ମନେ କରିବ ଆଉ ମିଛ କହିବା ଲୋକଙ୍କ ଠାରେ ପ୍ରକୃତ ମନୁଷତ୍ୱର ଅଭାବ ଦେଖି ପାରିବ । ସତ୍ୟବାଦିତା ଠାରୁ ନିର୍ଭୀକତା ଓ ମନୁଷ୍ୟତା ଆଉ ନାହିଁ ।

ଅହିଂସା ବ୍ରତର ବାର ନାହିଁ, ପାଳି ନାହିଁ, ନିୟମନାହିଁ, କିଛି ନାହିଁ । ମଣିଷ ଯେତେବେଳେ ଅପଣା ହୃଦୟକୁ ପୂଜା କରି ଶିଖେ ସେତେ-ବେଳେ ସେ ବ୍ରତ ଆରମ୍ଭ କରେ । ଏ ବ୍ରତର ଶେଷ ନାହିଁ ।

ସୁରେନ୍ଦ୍ର ( ୧୦୭ )—ତମ ନାରେ ପାଣି ଛଡେଇ ଆଈ ସବୁ ଖାଇ ଦଅନ୍ତି ସେଥିପାଇଁ ଆଈଙ୍କି ତମେ ଓଲେଇ କହି ପାରିବ ନାହିଁ । ଠାକୁର ଯଦି ସତ ସତ ଖାଉ ଥାନ୍ତେ ତେବେ ଦୁନିଆରେ ଭକ୍ତ କେହି ନଥାନ୍ତା । ପାଣି ଛଡ଼ାଇଲେ ତମେ ଯଦି ସତ ସତ ଖାଉ ଥାଅନ୍ତ ତେବେ ଆଈ ତମକୁ ଆଦୌ ଭଲ ପାନ୍ତେ ନାହିଁ । ଆଈ ଓଲେଇ ନୁହନ୍ତି—ପେଟଟା ତାଙ୍କର ଟିକିଏ ବଡ଼ ।

ଅନନ୍ତ—( ୧୧୫ )—ତମେ ପ୍ରମୋଟନ ପାଇବା କଥା ଶୁଣି ସୁଖୀ ହେଲି । ଚେନାଚୁରଙ୍କ ନାମ ଅପ୍ରକାଶ୍ୟ । ସବୁ ନାତି ନାତୁଣୀଙ୍କ କବିତା ସଂଶୋଧନ କରି ଜଗରରେ ଛପାଇଲେ ଜଗର ପରି ଦୁଇଟା ପତ୍ରିକା ପୂରିଯିବ । ସେଟା ଅସମ୍ଭବ । ତମେ ଯେଉଁ ପୁରସ୍କାର ଘୋଷଣା କରିବାକୁ ଇଚ୍ଛା କରୁଛ ତାହା ଜଗର ଜରିଆ-ରେ ହୋଇ ପାରିବ ନାହିଁ । କାରଣ ଏଣିକି ପ୍ରତ୍ୟେକ ଶତି ପନ୍ଥ ମୋ ଜରିଅରେ ଦଅନ୍ତିଅ ହେବ । ଜଗରରେ କୌଣସି ପୁରସ୍କାର ଘୋଷିତ ହେଲେ ତାର ମୂଲ୍ୟ ତମେ ଦେଇ ପର । ସେପରି ହେଲେ ଜଗରରେ ତାହା ପ୍ରକାଶ କରାଯିବ ।

## ନାଗବଗୁଙ୍କ କଲମରୁ
### (ମଜାକଥା)
—ପଦ୍ୟ—

ଧନ୍ୟ ଧନ୍ୟ ତୁହି ରେ ମଜାକଥା !
ସବୁବେଳେ ତୁହି ଠେଲୁଛୁ ମଥା ।
ଜଗରରେ ଯଦି ନ ଥାନ୍ତୁ ତୁହି,
ନକରନ୍ତେ ତାକୁ ଆଦରକେହି ।
କେବେ କେବେ ହେଉଅଛୁ ପ୍ରେମିକ,
କେବେ ବା ପାଲଟି ଯାଉ ଦାମ୍ଭିକ ।
ନଭେଲ ରୂପରେ ଦେଉ ତୁ ଦେଖା,
କେବେ କେବେ ଗଳ୍ପ ଆକାରେ ଲେଖା ।
ଜନମାଉ ମନେ କି କଉତୁକ,
ତୋତେ ଦେଖି ଅଗ ପଢ଼ନ୍ତି ଲୋକ ।
କିଏ କେତେ ଶିକ୍ଷା ତହୁଁରୁ ପାଏ,
ହସି ହସି କେହୁ ଗଡ଼ଣ ଯାଏ ।
ଶେଷରେ ମୋହର ଏତିକି ଅଳି,
ଜଗରରୁ କେବେ ନ ଯା ତୁ ଗୁଲି ।

ଲେଖକ—(ନଂ୧୭୨)—ନରେନ୍ଦ୍ର

## ନୂଆ ନାଗରୁଙ୍କ ନାମ

୨୦୯ । ପ୍ରସନ୍ନ କୁମାର ଷଡ଼ଙ୍ଗୀ C/o ପଞ୍ଚାନନ ଷଡ଼ଙ୍ଗୀ, ବ୍ରହ୍ମପୁର ଗଞ୍ଜାମ । ୨୧୦ । ମାୟାଧର ମହାନ୍ତି, ବର୍ଷ୍ଟପୁର ଗ୍ରେକଷ୍ଟୋର ନଂ ୨୬—ପୋ: ଜାମସେଦ ପୁର । ୨୧୧ । ବଧୂ-ଭୂଷଣ ଗୁରୁ, ପୃଥ୍ୱୀରାଜ ହାଇସ୍କୁଲ, ପୋ: ବଲାଙ୍ଗିର, ପାଟଣା ଷ୍ଟେଟ । ୨୧୨ । ଶରତ ଚନ୍ଦ୍ର ମହାପାତ୍ର, ବାଣପୁର ହାଇ ସ୍କୁଲ, ୧୧ଶ ଶ୍ରେଣୀ, ପୋ: ବାଣପୁର । ୨୧୩ । ପୁରନ୍ଦର ନନ୍ଦ, ରାଜକୁମାର ହାଇ ସ୍କୁଲ, ହଷ୍ଟେଲ ପୋ: ଦେଓଗଡ ଭାୟା ବାମଣ୍ଡା ବି. ଏନ. ଆର । ୨୧୩ । ରବୀନ୍ଦ୍ର ନାଥ ମିଶ୍ର ରାଜକୁମାର ହାଇ ସ୍କୁଲ ହଷ୍ଟେଲ, ପୋ: ଦେଓ ଗଡ଼ ଭାୟା ବାମଣ୍ଡା ।

## ବିଶେଷ ଦ୍ରଷ୍ଟବ୍ୟ

୧ ଠାରୁ ୩୬ ନମ୍ବର ନାଗବଗୁ ମାନଙ୍କର ବାର୍ଷିକ ପ୍ରବେଶିକା ଦେୟ ୫୦/ ଜାନୁଆରୀ ମାସ ମଧ୍ୟରେ ନ ପଠାଇଲେ ସେମାନଙ୍କର ନାମ ନାଗବଗୁ ତାଲିକାରୁ କଟିଯିବ । ଏଥିପ୍ରତି ନାଗବଗୁମାନଙ୍କର ଦୃଷ୍ଟି ଆକର୍ଷଣ କରୁ—

ଜଗର ନାଗବଗୁ ବିଭାଗ ।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ; ମୋର ବୟସ ୨୧ ବର୍ଷରୁ କମ୍ । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗ-ବଗୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ୫୦/ର / ୫୦୍ ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ________________

ଠିକଣା ________________

ତାରିଖ

ଶଠାଉ ୧୨ ପୃଷ୍ଠା ଉତ୍ତାରୁ

ମାହକ ଅପଣଙ୍କ ଜଥାଟିକୁ କେଇଟା ଲୋକ ମାନୁଛନ୍ତି ।ଅପଣଙ୍କୁ ପଗ୍ଭରିବାରୁ ଅପଣ ଭହୁଲେ କି କଂଗ୍ରେସ ସଭାପତି ହେବା ଦାୟିତ୍ୱପୂର୍ଣ୍ଣ କାମ । ଯେଉଁମାନେ ଜିଲ୍ଲାବୋର୍ଡ଼ ମିଉନିସପାଲିଟି ବା କାଉନ୍ସିଲ ସବୁରେ ମେମ୍ବର ଅଛନ୍ତି ସେମାନେ ସଭାପତି ହୋଇ ଆସିବା ଉଚିତ ନୁହେଁ । କିନ୍ତୁ ଏ କଥାକୁ ମାନିବ କିଏ ? କ୍ଷମତା ଲୋଭ ବାବା ସହଜ ନୁହେଁ । ପୁଣି କ୍ଷମତାଟା ଜାହିର କରିବା ପାଇଁ ମିଛ ପ୍ରୋପାଗାଣ୍ଡା ଦଗାବାଜୀ କମ୍ ଖେଳ କି ହୋଉନାହିଁ । ଯେଉଁ ଲୋକ ବୋଗ୍ଭବର ଖଦଡ଼ ପିନ୍ଧୁଛି ତାକୁ ଅଖଦଡ଼ିଆ କହିବା, ଯିଏ ବୋଗ୍ଭବର କଂଗ୍ରେସ କାମ କରୁଛି ତାକୁ ଅକଂଗ୍ରେସିଆ କରି ଶୃଙ୍ଖଳା ଆଇନରେ ପକାଇବା ଇତ୍ୟାଦି ଇତ୍ୟାଦି କେତେ ଯେ ସତ୍ୟର ଅସମ୍ମାନ ହୋଇଯାଉଛି ସେ କଥା କହି କି ଲାଭ । ଏହା ଅପେକ୍ଷା ଅପଣ ଯେ ଢେଙ୍କାନାଳ, ରଣପୁର ତାଳଚେର ରାଜାଙ୍କ ପରି ନିଜକୁ ସବୁପତି ଆସନରେ ଥାପି ଲଜ୍ଜା ବୋଧ କରୁ ନାହାନ୍ତି ଏହାହିଁ ମୋର ଦୁଃଖର କାରଣ ।

ଗ୍ଭଗିବେ ନାହିଁଟି—ମୁଁ ପର ଅପଣଙ୍କର—ଏକାନ୍ତ ଅପଣଙ୍କର—ଚେନାଚୁର ଭୁଙ୍ଗରଦାନା

Digitized by srujanika@gmail.com




# ଖବର ଅନ୍ତର

—ମହାତ୍ମା ଗାନ୍ଧିଙ୍କ ସହ ମହାମାନ୍ୟ ଅଗା ଖାଁଙ୍କର ଭିତରେ ଭେଟ ହୋଇ ଯାଇଛି ।

...କାଣିଅ କପିଳା ଭେଟ ?

—ବିଲାତ ପ୍ରଧାନ ମନ୍ତ୍ରୀ ଚେମ୍ବାର-ଲେନ ମୁସୋଲିନିଙ୍କ ନାଁରେ ପାଣି ପକାଇବା ପାଇଁ ଇଟାଲି ଯାତ୍ରା କରିଛନ୍ତି ।

.. ବାବା—ଏ ଯେ ବାଡ଼ବାନଳ !

—ବର୍ଦ୍ଦୋଲିଠାରେ କଂଗ୍ରେସ କାର୍ଯ୍ୟ-କାରୀ କମିଟିର ବୈଠକ ଚାଲିଛି । ଭାରି ବଡ଼ ବଡ଼ କଥା ଏଥର ପଡ଼ିବ ।

...ଗର୍ଜ୍ଜି ବାଲେ ଗ୍ଳୋଟ ଥିଲେ ନା ?

—ଅମେରିକାର ଲଣ୍ଡନସ୍ଥ ସଚିବ କହନ୍ତି କି ଆସନ୍ତା ବସନ୍ତ କାଳରେ ଖୁବ୍ ସମ୍ଭବ ୟୁରୋପ ଯୁଦ୍ଧ ଲାଗିବ । ଜର୍ମାନି ୟୁକ୍ରେନ ଆକ୍ରମଣ କରୁ ବା ଇଟାଲି ଟିଉନିସ୍ ମାଡ଼ି ବସୁ ।

...ବସନ୍ତ କାଳରେ ଅନେକ ପକ୍ଷୀଙ୍କର ଗର୍ଜ୍ଜନି ବଢ଼େ ।

—ଧାନବାଦ୍ ଷ୍ଟେସନଠାରେ ହାଓଡ଼ା-ଡେରାଡୁନ ଏକ୍ସପ୍ରେସ ଲେଉଟି ପଡ଼ି ବହୁତ ଲୋକ ଖୁଣି ଜଖମ ହୋଇଛନ୍ତି ।

...ଠେଙ୍ଗା ମାଡ଼ ନୁହେଁ ତ !—ରକ୍ଷା !

—ମୀରଟରେ ଛାତ୍ର ଗୋଳମାଳ ଭୀଷଣ ଭାବରେ ଲାଗିଛି ।

...'ଛାତ୍ର' ଯେତେବେଳେ, ଅଉ କଣ କରନ୍ତେ !

—ରଣପୁରରେ ପଲିଟିକେଲ ଏଜେଣ୍ଟ ବେଜେଲଗେଟଙ୍କ ହତ୍ୟା ସମ୍ବନ୍ଧରେ ଇନ୍-କ୍ୱାଏରି କରିବା ସକାଶେ ଜଣେ ବଡ଼ ପଲିଟିକାଲ ବିଭାଗୀୟ କର୍ମଚାରୀ ଆସିବାର ଶୁଣା ଯାଉଛି । ସେ କେବଳ ଏହି ହତ୍ୟା କାଣ୍ଡ ନୁହେଁ, ଏହାର ମୂଳ, ଡାଳ ଓ ଫଳ ସବୁ ତଦନ୍ତ କରିବେ ।

...ବଡ଼ ଅଫିସର ଯେଣୁ, ବଡ଼ ବଡ଼ କଥା କରିବେ ତ !

—ଗୋ-ବିଳାସୀ ବଡ଼ଲାଟ ଲିନ୍‌ଲିଥ୍‌ଗୋ ତ୍ରାବନ୍‌କୋର ରାଜ୍ୟକୁ ଗସ୍ତ କରି ସେଠା ରଜାଙ୍କ ଗୁହାଳ ପରିଦର୍ଶନ କଲାବେଳେ ଏକ ଗ୍ଲାସ ଟଟକା ଦୁଧ ପାନ କରିଥିଲେ ।

...ଗାଈ ଦୁଧ ନା ଷଣ୍ଢ ଦୁଧ ?

—ଅଉନ୍ଧ ରାଜ୍ୟର ପ୍ରଜାମେଳ ସର୍ଦ୍ଦାର ପଟେଲ୍ ପଟେଇ ନେବାରୁ ମେଣ୍ଟମାଣ୍ଟ ହୋଇ ଯାଇଛି । ରଜା ସ୍ୱାୟତ୍ତ ଶାସନ ମଞ୍ଜୁର କଲେ ।

...ଅଉନ୍ଧ ରାଜାଙ୍କର ଦିଲ୍ ଦରିଆ ।

—ରାଜନନ୍ଦଗାଁ ରାଜ୍ୟରେ ପ୍ରଜାମେଳ ଭାରି ଜୋରରେ ଲାଗିଛି ।

...ସର୍ଦ୍ଦାର ପଟେଲ ଗଲେ କୁଆଡେ ?

—କେନ୍ଦୁଝରର ପ୍ରଜାମାନେ ଆପଣା ରାଜ୍ୟରେ ସଭା କରି ନପାରି ସୀମାନ୍ତରେ ସଭା କରିବାର ବନ୍ଦୋବସ୍ତ କରୁଥିଲେ । କଟକରୁ ଜଣେ ଡେପୁଟି ଆସି ତାହା ବନ୍ଦ କରି ୧୪୪ ଜାରି କରିଅଛନ୍ତି ।

...କାହା ହୁକୁମରେ ?—କଂଗ୍ରେସ ସଦ୍‌ଭାବ !

—ଢେଙ୍କାନାଳରେ କୁଆଡେ ଏ ଯାଏ ବି ଅତ୍ୟାଚାର ଚାଲିଛି ।

...କଣ—ବେଜଲ ଗେଟ କାଣ୍ଡ ପରେ ବି !

—ତାଳଚେର ପଳାତକ ପ୍ରଜାମାନେ ଏବେ ବି ଅନୁଗୁଳରେ ଗଛ ମୂଳେ ପଡ଼ି ରହିଛନ୍ତି ।

...ଦଣ୍ଡୀ ରାଜାକୁ ଆଶ୍ରୟ ଦେଇ ସୁଭଦ୍ରା ଯଉଁ କାର୍ଯ୍ୟ ରଖିଥିଲେ ଆମ ଓଡ଼ିଶା ସରକାର ତାହୁଁ ବଳି ରଖିଲେ ।

—ପ୍ରଫେସର ରଙ୍ଗା ଓଡ଼ିଶା ଗଡ଼ଜାତ ଅବସ୍ଥା ଦେଖିବାକୁ ଆସିଛନ୍ତି ।

...ରଙ୍ଗେଇଦେବେ ଦେଶକୁ ।

—ମାନ୍ୟବର ବିଶ୍ୱନାଥ ଖୋରଦା ରୋଡ଼ରେ ବଡ଼ଲାଟଙ୍କ ସହ ସାକ୍ଷାତ କରି-ଥିଲେ ।

...ଡେ଼ଲାଟ ପତ୍ନୀଙ୍କୁ କିଏ ସମ୍ଭାଷଣ କରିଥିବ ?

—ଶ୍ରୀଯୁକ୍ତ ଗିରିଜା ଭୂଷଣ ଦତ୍ତ ଏମ୍. ଏଲ୍. ଏ. ପରଲୋକଗମନ କରି-ଛନ୍ତି ।

...ତାଳଚେର ରାଜା ନିଶ୍ୱାସ ଛାଡ଼ିବେ ।

—ଶ୍ରୀଯୁକ୍ତ ଠକର ଓଡ଼ିଶା ହସ୍ତମୁଦ-ମାହାଲ୍ ସମ୍ବନ୍ଧରେ କଟକ ଆସିଛନ୍ତି ।

...ଇଂରାଜ ସରକାରଙ୍କ ହାତ ଖୋଲିବେ ?

—ବର୍ମା ଛାତ୍ର ଆନ୍ଦୋଳନ ହେତୁ ଜଣେ କଲେଜ ଛାତ୍ର ଗୁଳି ଆଘାତରେ ପ୍ରାଣ ହରାଇଛି ।

...ନିଶ୍ଚୟ ସେ ଓଡ଼ିଆ ବୀର ନୁହେଁ ।

—ଲାଲବାଣୀ ନାମକ ବଙ୍ଗୀୟ ଜଣେ ଦୈନିକ କାଗଜର ସମ୍ପାଦକ କଲିକତାର ବହୁଲୋକଙ୍କ ହାତ ଦେଖି କହିଛନ୍ତି ଯେ ନିକଟରେ ଗୋଟାଏ ବିପ୍ଳବ ହେବ ।

...ଓଡ଼ିଆ ଭାଇମାନେ ! ଯଃ ପଳାୟତି ସ ଜୀବତି ନୀତି ଧରି ଖସି ଆସ ।

—ହଙ୍ଗେରି ରାଜ୍ୟରେ ଇସ୍କୁଲ ମାଷ୍ଟରାଣୀ ମିସିବାବାମାନେ ସେଠା ମନ୍ତ୍ରୀଙ୍କଠାରେ ଆପତ୍ତି ଦାଖଲ କରିଛନ୍ତି କି "ଆମ୍ଭକୁ ଚାକିରି ଦିଅ ନଚେତ୍ ଗୋଟାଏ ଗୋଟାଏ ଘଇତା ଦିଅ ।"

...ଓଡ଼ିଶାରୁ ବିପତ୍ନୀକ ବା ଅପତ୍ନୀକ ଅକର୍ମା ଯୁବକଙ୍କୁ ସେଠାକୁ ପଠାଇବା ପାଇଁ ଗୋପବନ୍ଧୁ ପଟ୍ଟନାୟକ ବିଶ୍ୱନାଥ ଦାସ ଓ ସଚ୍ଚିଦାନନ୍ଦ ଦାସଙ୍କୁ ନେଇ ଗୋଟାଏ କମିଟି ଗଢ଼ାଯାଉ ।

Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର






ବାଲୁବଜାର, ପୋ. ଚାନ୍ଦନୀଚୌକ — କଟକ ।




୫ ୨୦୯ ଙ୍କା ପୁରସ୍କାର !

ବହୁ ଗ୍ରାହକମାନଙ୍କର ଫରମାସି ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ... ମାନ ସୁନ୍ଦର ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜିଯାଏ କାହାରି ମନରେ କେବେହେଲେ ସନ୍ଦେହ ଜନ୍ମାଇନାହିଁ । ଅମ୍ଭେମାନେ ଏହା କାର୍ଯ୍ୟାଳୟ ... ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଲଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ... ପ୍ରତ୍ୟେକ ପଦାର୍ଥକୁ ଟଞ୍ଚ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ ... ଧରାପଡିଲେ ଅମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ... —

ବିନୀତ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ

... — ...




---

**ଅର୍ଶ ଓ ସ୍ୱପ୍ନ ଦୋଷର**

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ — ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ —— ମଧୁପଞ୍ଚ ବଟୀ**

ଏକମାସ ବ୍ୟବହାରରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ...

ତିବ୍ବତ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଦାନ ... ।

ବୈଦ୍ୟଶିରୋମଣି, କବିରାଜ ଶ୍ରୀ ଜଗନ୍ନାଥ ମିଶ୍ର B. A. M. S. ...

ଠିକଣା :— ଶାରଦା ଔଷଧାଳୟ ଚୌଧୁରୀ ବଜାର, କଟକ ।

---

ପ୍ରକାଶକ — ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର    ସାଧାରଣ ସମ୍ପାଦକ — ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

REG. NO. P 441

THE DAGARO.


# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

[illegible] ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତ୍ୟଧିକ ରକ୍ତସ୍ରାବ, ଜଳମେହ ଓ ଅଣ୍ଟା ବେଦନା, [illegible] ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ମୂତ୍ରକୃଚ୍ଛ୍ର, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ବ୍ୟାଧି ପ୍ରଶମନରେ ଏହା ଅଦ୍ୱିତୀୟ ।

**ମୂଲ୍ୟ**—ଶିଶିକୁ ୫।୯ ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ସଦ୍ୟୋଜାତ ଶିଶୁଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଅନ୍ୟ କୌଣସି ( ଘୋର ଔଷଧ ) ଦେବା ଅନାବଶ୍ୟକ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ହଗା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ ।

**ମୂଲ୍ୟ**—ଶିଶିକୁ ୵୦।୬ (ଛଅଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

**କବିରାଜ ଶ୍ରୀଧର ରଥ ଶର୍ମା, ଭିଷଗାଚାର୍ଯ୍ୟ**

**ଆୟୁର୍ବେଦିକ ଫାର୍ମାସୀ**

**ଭୁବନେଶ୍ୱର—ପୁରୀ**

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇ ନ ସ୍ୟୁ ରେ ନ୍ସ

ସୋ ସା ଇ ଟି ଲି:

## ହେଡ୍ ଅଫିସ—ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ

ହିନ୍ଦୁସ୍ଥାନ ଦିନୁ ଦିନୁ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩'କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ସ୍ୱୟଂ ପ୍ରାପ୍ତି ବୀମାରେ ହଜାର ପ୍ରତି ୫୯୦ ଓ ଆଜୀବନ ବୀମାରେ ୫ ୭୫୯ ଲାଭ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—ଲାଲବାଗ, କଟକ । ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ ।


Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak,

Digitized by srujanika@gmail.com

ମାଘ ପ୍ରଥମାର୍ଦ୍ଧ—		ଆନନ୍ଦାତ୍ ହି ଖଲୁ ଇମାନି ଭୂତାନି ଜାୟନ୍ତେ—		ଦ୍ୱିତୀୟ ବର୍ଷ—୧୭ଶ ସଂଖ୍ୟା

# ଡଗର



## ପ୍ରଗତିଶୀଳ ମୟୂରଭଞ୍ଜ



ଓଡ଼ିଶାର କରଦରାଜ୍ୟମାନଙ୍କ ମଧ୍ୟରୁ ମୟୂରଭଞ୍ଜରେହିଁ

ସର୍ବ ପ୍ରଥମ ସ୍ୱାୟତ୍ତ ଶାସନ

ଘୋଷିତ ହୋଇଛି ।

Digitized by srujanika@gmail.com



GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
TABLETS
QUININE SULPHAT
B.P.
1000 TABLETS
5 GRAINS EACH
ଏଜେଣ୍ଟସ:-
ଗ୍ୟେଥୁରୀ ଏଣ୍ଡ କୋଂ ନ.୪ ବାଙ୍କସାଲ୍ ଷ୍ଟ୍ରୀଟ୍
ସାଓ୍ୱାଲେସ୍ ଏଣ୍ଡ କୋଂ ପୋଃ ବକ୍ସ ନ୭୦ମ୍ବର
କଲିକତା

ଡଗର
ମାଘ ପ୍ରଥମାର୍ଦ୍ଧ
୨ବର୍ଷ ୧୭ଶ ସଂଖ୍ୟା
ଭଦ୍ରକ
୧।୨।୩୯




ଡଗର
ଖଣ୍ଡ—।୦/
ବାର୍ଷିକ(ସଡାକ)।୨୯
ଛାତ୍ରମାନଙ୍କ ପାଇଁ।୧୫
ରାଜସଂସ୍କରଣ—୧୫

ଆମେ ଗୋଟାଏ ଗୁପ୍ତ ସନ୍ଦେଶ ପାଉଛୁଁ ଯେ ଟାଟା କମ୍ପାନୀ ଏଥର ତାଙ୍କ ଦେଶୀ ଓଡ଼ିଆ ଶ୍ରମିକମାନଙ୍କ ଜିଭ କାଟି ପକାଇବାର ବ୍ୟବସ୍ଥା କରୁଛନ୍ତି । ଓଡ଼ିଆ ଭାଷାଟା କୁଆଡ଼େ ଏଡ଼େ ମଧୁର ଏଡ଼େ ସୁନ୍ଦର ଆଉ ଏଡ଼େ କୋମଳ ଯେ ସେ ଆବାଜ ବାଜିଲେ ଟାଟା କମ୍ପାନୀର ଲୁହା-ଗୁଡ଼ାକର ଟାଣ କାଟିଣ ଓ ପାଣି କମି ଯାଉଛି । ବିହାର କଂଗ୍ରେସ ସରକାରଙ୍କ ଭିତରୁ ଆଦେଶ କ୍ରମେ ଭାରତୀୟ ନେତା ରାଜେନ୍ଦ୍ର ପ୍ରସାଦଙ୍କ ସଭାପତିତ୍ୱରେ ଯେଉଁ ବୈଜ୍ଞାନିକ ଅନୁସନ୍ଧାନ କମିଟି ବସିଥିଲା ସେହି ଏ ତଥ୍ୟ ଆବିଷ୍କାର କରିଥିବାର ଶୁଣାଯାଏ । ଏଥିପାଇଁ ତାଙ୍କୁ ବିହାର ବିଶ୍ୱବିଦ୍ୟାଳୟ ଏଥର ବିଜ୍ଞାନର ଡାକ୍ତର ଉପାଧି ଦେବାର ଖୁବ ସମ୍ଭାବନା ଅଛି ।......

ତଡଲେ ଛାଉକୁ ପାଖେଇ ପାଖେଇ ଖାଇବା ନୀତିଟା ଖଟାଇବାରେ ବିହାର କଂଗ୍ରେସ ସରକାର ବଡ଼ ଝାନୁ ଜାନୁଆର୍ ଅଛନ୍ତି । ସିଂହଭୂମିରୁ ଓଡ଼ିଆଭାଷା ଲୋପ କରିବାକୁ ହେଲେ ଅଳ୍ପେ ଅଳ୍ପେ କେମିତି ବାଟ ସଫା କରିବାକୁ ହବ ତା ତାଙ୍କୁ ବେଶ୍ ଜଣା । ବାବୁ ରାଜେନ୍ଦ୍ର ପ୍ରସାଦ ଜଣେ ପକ୍କା ଓସ୍ତାଦ୍ । ଏମିତି କାଇଁଶିକା ବାଣ ଚଳାଇ ଦେଉଛନ୍ତି ଯେ ତେଣେ ଜୀବର ଗର୍ଭରେ ସବୁ ଶେଷ ହେବ ଶବ୍ଦ ନାହିଁ । ଶତ୍ରୁ ମରିବ କିନ୍ତୁ ହାତରେ ରକ୍ତ ଲାଗିବ ନାହିଁ । ଟାଟା କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟରଙ୍କୁ ହାତଆର କରି ବେଶ୍ ମହାନୁଭବତା ଦେଖାଇଲେ ଭାରତୀୟ ନେତା ! ହିନ୍ଦୀକୁ ଖାଲି ରାଷ୍ଟ୍ରଭାଷା କରିବ ନାହିଁ ତ ମହାଭାରତୀୟ ଭାବରେ ସମସ୍ତ ଭାରତକୁ ଉଦ୍ବୁଦ୍ଧ କରିବା ପାଇଁ ପ୍ରତ୍ୟେକ ପ୍ରଦେଶର ମାତୃଭାଷା ମଧ୍ୟ ହିନ୍ଦୀ ହେବା ଉଚିତ । ସାଧୁ ! ସାଧୁ ! ରାଜେନ୍ଦ୍ର !......

କଥା ହେଉଛି ଜାମସେଦପୁର ଓଡ଼ିଆ ପିଲାଏ ଏଣିକି ବାପାକୁ ତ ପିତାଜୀ ବୋଲି ତ କହିବେ କିନ୍ତୁ ମାକୁ ବା ବଡ଼ବୁଙ୍କୁ କ'ଣ ବୋଲି ଡାକିବେ ? ମାତାଜୀ ? କିନ୍ତୁ ଓଡ଼ିଆ ବାପ ତ କେବେହେଲେ ଏଥିରେ ରାଜି ହେବେ ନାହିଁ । ରାଜେନ୍ଦ୍ର ବାବୁଙ୍କ ଜାତିର ଲୋକେ ତାଙ୍କ ସ୍ତ୍ରୀମାନଙ୍କୁ ମାତାଜୀ ବୋଲି କହି ପାରନ୍ତି କିନ୍ତୁ ଓଡ଼ିଆ ତ ପାରିବେ ନାହିଁ ସେକଥା । ମା ଯେ ହେଲେ ମା—ସେ ବାବାଜୀଙ୍କ ମାତାଜୀ ହେବେ କିଆଁ ?

## ନିବେଦନ

ସିଂହଭୂମି ଯଦି ବିନା ସର୍ତ୍ତରେ ଓଡ଼ିଶା କଂଗ୍ରେସ କମିଟି ସହି ନରହେ—ସିଂହଭୂମି ଓଡ଼ିଆମାନଙ୍କ ପ୍ରତି ଯଦି ବିହାର କଂଗ୍ରେସ ସରକାର ନ୍ୟାୟ ଏବଂ ଉଚିତ ବ୍ୟବହାର ନ କରନ୍ତି ତେବେ ଓଡ଼ିଶା କଂଗ୍ରେସ ନିଖିଳ ଭାରତ କଂଗ୍ରେସ କମିଟିଠାରୁ ପୃଥକ୍ ହୋଇ ସ୍ୱତନ୍ତ୍ର ଭାବରେ ନିଜର ଜୀବନ ସଂଗ୍ରାମ ନିଜେ ଚଳାଉ—ଏବଂ ଓଡ଼ିଶା ସରକାର ପାଟଣା ବିଶ୍ୱବିଦ୍ୟାଳୟ ଏବଂ ହାଇକୋର୍ଟଠାରୁ ଅବିଳମ୍ବେ ସମ୍ପର୍କ ତୁଟାଇ ଦିଅନ୍ତୁ । —ସମ୍ପାଦକ

ଆଉ କ'ଣ 'ଅମ୍ମା' ବୋଲି ଡାକିବେ ? ନାଁଃ । ସେ କଥା ବି ସହଜ ନାହିଁ । ଛେଳି ମେଣ୍ଢା ବିନା ତାଙ୍କ ମାଙ୍କୁ ଅମ୍ମା—ଅ—ମେଁ—ବୋଲି ଡାକନ୍ତି ଆମେ ତ ମଣିଷ ଛୁଆ ତା' କରିବୁଁ କିପରି ?......

ତେବେ ସିଂହଭୂମିକୁ ପୂରା ବିହାର ବନାଇ ସିଂହଭୂମି ଓଡ଼ିଆମାନଙ୍କୁ ପକ୍କା ବିହାରୀ ବନାଇ ସେମାନଙ୍କ ମାତୃଭାଷାକୁ ଯଦି ସତ ସତ ହିନ୍ଦୀ କରି ଦେବାର ପ୍ରକୃତ ଇଚ୍ଛା ଥାଏ ତେବେ ବିହାର ନେତା ରାଜେନ୍ଦ୍ର ବାବୁଙ୍କୁ ଆମ୍ଭେମାନେ ଗୋଟିଏ ସହଜ ସରଳ ଓ ଅହିଂସ ପଥ ଦେଖାଇ ଦେଇ ପାରୁଁ । ସିଂହଭୂମିର ଓଡ଼ିଆ ପିତାମାନଙ୍କ ପାଇଁ ଯଦି ଗୋଟିଏ ଗୋଟିଏ ବିହାରୀ ମାତା ବ୍ୟବସ୍ଥା କରିପାରନ୍ତି ତେବେ ନିରୁପଦ୍ରବ (passive) ଭାବରେ କିଛିଦିନ ପରେ ସବୁ ଓଡ଼ିଆଙ୍କର ମାତୃଭାଷା ହିନ୍ଦୀ ହୋଇଯିବ । ଏଥି କ'ଣ ? ଭକ୍ତମାନଙ୍କୁ ଚରିତ୍ରଭ୍ରଷ୍ଟ କରିବା ପାଇଁ ଦେବରାଜ ଇନ୍ଦ୍ର ତ ପୁଣି ଚିରଦିନ ଏହିପରି ଉପାୟ ଅବଲମ୍ବନ କରି ଆସିଛନ୍ତି ।......

+ + +

ଆମକୁ ଅନେକ ଲୋକ ପଚାରି ପଠାଉଛନ୍ତି ଯେ ସିଂହଭୂମି ଓଡ଼ିଆ ସମସ୍ୟା ସମ୍ବନ୍ଧରେ ଆମ ଓଡ଼ିଶୀ ନେତା ଓ ମନ୍ତ୍ରୀମଣ୍ଡଳ ଏପରି ନପୁଂସକ (neutral) ଭାବ ପ୍ରକାଶ କରୁଛନ୍ତି କାହିଁକି? ଏହାର ଉତ୍ତରଟା ଅତି ସହଜ । ଦୋଷ ତାଙ୍କର ନୁହେଁ । ସିଂହଭୂମିଟା ହେଲା ସିଂହଦେଶ । ଯେଉଁ ନେତାମାନେ ସିଂହ ପରି ଦଣ୍ଡାମାରି ସେ ସେଇଆଡ଼କୁ ଚଢ଼ିବେ । ଯେଉଁ ଦେଶର ନେତାମାନେ ଶିଆଳପରି ଛାରୁ କାପୁରୁଷ ସେ କାହିଁକି ଆଶା କରିବ ତାଙ୍କୁ ? ଭଗବାନ ତ ତାଙ୍କୁ ଶଶର ବୁଦ୍ଧି ଓ ଶିଆଳର ବଳ ଦେଇ ଜନ୍ମ ଦେଇଛନ୍ତି—ତାଙ୍କର ବା କି ଅପରାଧ ସେଥିରେ? ପୁଣି ଛଳର ରାଜନୀତି ତ ଇଷ୍ଟାକରିବେ । ତେଣେ ରାଜେନ୍ଦ୍ର ପ୍ରସାଦ ପଞ୍ଚାଇ ପ୍ରଭୃତି ସିଂହମାନେ ଯେ ଏକାଥରେ ଦପାଦପା କରିଦେବେ ! ଆଜି ଯେ ମନ୍ତ୍ରୀ ବା ନେତା ଅଛନ୍ତି କାଲି ସେ ପୁଣି ଫକୀର ହୋଇ ଗାଇ ବୁଲିବ—

ଇସ୍ ଦୁନିଅଁ ଭୁନର ଜାଏଗା
ଜଙ୍ଗଲ ହୋଗା ବ.ସା - ମନ୍ଦୁଆ

× × ×

'ହୁମ୍ ମେରୁ'—'ଥେତୁ ତେରୁ' ଦେଖାଯାଉ ଛଏ ଜଣେ। 'ମାରେ ଦମ୍—ଦମାଦମ' ଗ୍ଲାସିଛ କଂଗ୍ରେସସଭ୍ୟପତ୍ତି ଲଢେଇ। ଗୋଟାଏ ପାଟରେ ଚନ୍ଦ୍ରାପାଣ୍ଡ ଅଉ ଗୋଟାଏ ପାଖରେ ଗ୍ରାମନାଗି ସନ୍ଦେଶ। ଛଏ କ'ଣ ଖାଇବ ? ଯିଏ ଛୋଟାଭିଙ୍କୁ ଭୋଟ ଦେବ ସିଏ ଖାଇବ, ଗ୍ଲାସୁ—ଚଣ୍ଡା ଅଉ ଚନ୍ଦ୍ରାପାଣ୍ଡ। ଯେ ସୁଭାଷଙ୍କୁ ଭୋଟ ଦେବ, ସେ ଖାଇବ କଲିକତ ଦରବେଶ୍ ଏବଂ ଔର୍ ସଙ୍ଗେ ଏକଟୁ ପାନ୍ତାଭାତ୍ ଅର ପେଅଁଜ୍ ।···

ସର୍ଦ୍ଦାର ପଟେଲ ପ୍ରଭୃତି ସାତଭାଇଆ ଚନ୍ଦ୍ରା-ପାଣ୍ଡ ମାହାତ୍ମ୍ୟ ଗାଇ ବୁଲୁଛନ୍ତି । ତଥାପି ଲୋକେ ନାକ ଟେକା ଛାଡୁ ନାହାନ୍ତି । ଅଉ ଦରବେଶର ମାହାତ୍ମ୍ୟ ନଜାଣେ କିଏ ? ତେବେ ଲୋକଙ୍କୁ ମନରେ ନୂଆକରି ଥରେ ଥରେ ସ୍ବାଦ ଦେବାପାଇଁ 'ଗ୍ରାମନାଗେର ସନ୍ଦେଶ' ବିଜ୍ଞାପନ 'ଅମୃତ ବଜାର' ପ୍ରଭୃତି କଲିକତା କାଗଜରେ ବାହାରୁଥାଏ—ବାହାରୁଛି ମଧ ।...

ସେ ଯାହାହେଉ ସର୍ଦ୍ଦାର ସାତଭାଇଙ୍କ ମହତ ପଦାରେ ପଡିଗଲା ଏଥର । ଗାନ୍ଧିବାଲା ବା ଗାନ୍ଧିବାଦୀ ବୋଲାଇ ସତ୍ୟ ଅହିଂସାର କବାଟ ବଇଷ୍ଣମାନେ ଏବେ ଧରା ପଡ଼ିଗଲେ । ମହାଭାରତ ଯୁଦ୍ଧରେ କର୍ଣ୍ଣ ଦ୍ରୋଣ ଜୟଦ୍ରଥଙ୍କୁ ହତ୍ୟାକରି ଶ୍ରୀକୃଷ୍ଣ ଯଦି ନିଜକୁ ଭଗବାନ ଆଖ୍ୟା ଦେଇ ପାରନ୍ତି ତେବେ, ଖାରେ, ନାରିମ୍ୟାନ ଅଉ ସୁଭାଷଙ୍କୁ ହାଣ ଦେଇ ବଇଷ୍ଣଭାଇ ଗାନ୍ଧିଜୀଙ୍କ ପକ୍କା ଚେଲା ଅହିଂସାବାଦୀ ବନିଲେ ବୋଲି ଛଏ କାହିଁକି ଦୋଷ ଦେବ ?······

କିନ୍ତୁ ବାବା, ସୁଭାଷ ଯଦି ବ୍ରହ୍ମମୁଖୀ ହେଇଛି ତା' ମୁହଁରୁ ଛଏ ନିସ୍ତାର ପାଇବ ? ଗୋଟି ପୁରାଣ ସବୁ ଖୋଲି ଦେଇ ଯଉଛି । ସର୍ଦ୍ଦାର ପଟେଲ ଯେ କଂଗ୍ରେସଟାକୁ ଇସ୍ତମୁରାରୀ ପଟ୍ଟା କରି ନେଇଥିଲେ ସେଟା ଅଉ ବୁଝିବାକୁ କାହାର ବାକିନାହିଁ । କରେ ବାବା ଚମତ୍କୃତ କଂଗ୍ରେସ ସଭାପତି ମନୋନୀତ କରି ୱାର୍କିଂ କମିଟିରେ ବସିଲେ ତମେ ପୁଣି ମୁହେଁ ମୁହେଁ ଝୁମ୍ପମ ଝୁମ୍ପା ତାଳିକିରି ପଛରେ ଲାଗିଲ ? ନନ୍ଦକ-ହାରାମୀ ଅଭିନନ୍ଦ'ଣ ଟଛରୁ ଫଟଲଭ ? ·····

ହେଲା ତମର ଯଦି ସେ ଢଙ୍ଗଟାକୁ ମନ ନ ମାନିଲା ! ଲୁଚ ଛପି ଅନ୍ୟପନ୍ଥ କରି ଥାଅନ୍ତି—ପାଙ୍ଗେ ସାଙ୍ଗେ ଯାଇ ଗୋଟାଏ ଅଗଣା ଅଜଣା ଲୋକଟାକୁ ଡ଼ାକିଆଣି ସଭାପତି କରୁଛ । ଧଇତା ପଛକେ ମଧୁ ସଜନ୍ତୁଣୀ ଖଣ୍ଡ ହେଉ । ଏଇନ! କଥାଟା ? ··· ··

ସୁଭାଷଟା ବଡ଼ ଅକଳଅ ଲୋକ । ବଈଭଭାଇ କେତେବେ ନାକ ଘଷିବାକୁ କହିଲେ ଯେ ସେ ମାନିଲେ ନାହିଁ । ଯଦି ମାନିଯାଇ ଥାନ୍ତେ ଏତେ ନବରଙ୍ଗ କାହିଁକି ହେଇ ଥାନ୍ତା ? ବାବୁ ସୁଭାଷ ! ଏଣିକି ଆମ ବୋଲଟି କର । ବଈଭଙ୍କ ପଦ ଆଶ୍ରୟ କର । ତାଙ୍କ ଝୁଲି ବଠେଲଙ୍କ ଟଙ୍କାଠା ତାଙ୍କୁ ଦେଇଦିଅ । ନୋହିଲେ ତମେରେ ପଡ଼ିଥାଅ ।·········

---

**ଯଦି**

**କାମସେଦପୁରରୁ ଓଡ଼ିଆଭାଷା ଉଠିଯାଏ ତେବେ—**

ବିଶ୍ବନାଥ ଦାସ ! ମନ୍ତ୍ରୀତ୍ବ ଛାଡ଼ି କାଠା ଚଇତନ କାଟି "ରାଧେ ରାଧେ ଗୋବନ୍ଦ ବୋଲରେ" ଭଜନ୍ତୁ !

ହରେକୃଷ୍ଣ ମହତାବ ! ୱାର୍କିଂ କମିଟି ସଭ୍ୟ ପଦ ଛାଡ଼ି, ଦାଢ଼ି ବଢ଼ାଇ ବିଦ୍ୟାମନ୍ଦର ଭଜନ୍ତୁ ।

ମହାରାଜା ମୟୂରଭଞ୍ଜ ! ପ୍ରଜାଙ୍କୁ ସ୍ବାୟତ୍ତ ଶାସନ ନ ଦେଇ ଠାଠା କ୍ରମାଗତ ଶାସନ ଭାରଦେଇ ସପୁବେ ଲଣ୍ଡନଯାତ୍ରା କରନ୍ତୁ ।

ଓଡ଼ିଆ ବୀରମାନେ ! ଲଙ୍ଗଳ ଧେନ ସ୍ବସ୍ବ ବଳ ମଧ୍ୟରେ ପ୍ରବେଶ କରନ୍ତୁ !

---

ଖ୍ରୀଷ୍ଟ ଧର୍ମ ଶାସ୍ତ୍ର ବାଇବେଲ ରେ ଖୋଦ ଯୀଶୁ କହିଛନ୍ତିକି 'ଅନୁତପ୍ତକୁ' ପ୍ରଭୁ କ୍ଷମା କରନ୍ତି । ଏହା ଜାଣିପାରି ଆମ ଓଡ଼ିଶୀ ମାଲିକ-ମାନେ ଅନୁତାପ, ମନସ୍ତାପ, ପଶ୍ଚାତ୍ତାପ, ମହତାପ ପ୍ରଭୃତି ସବୁ ରକମ ତାପ ପାରୁ ପର୍ଯ୍ୟନ୍ତେ କରିଗଲେ । କିନ୍ତୁ ତେବେବି ତ କ୍ଷମା ହେଲା ନାହିଁ । ରଣପୁରର ଗୋରା ହତ୍ୟା ଫଳରେ ଅସଂଖ୍ୟ କଳା ଗୋରା ଫଉଜ ଆସି କଟକରେ ଛାଉଣୀ ପକାଇ ଦେଲେଣି ଓ ଅନ୍ଧାର ମୂଲକମାନଙ୍କୁ ମୂଲକଫେର କରିବାରେ ଲାଗିଲେଣି । ଆର ଶେ—ଷ କେତେଦୂର ?...

ଗୋଟାଏ ବୋଲ ଉଠିଲା ଯେ ଏହିକଥା ନେଇ ମନ୍ତ୍ରୀମାନଙ୍କର ଲାଟଙ୍କ ସହିତ ମତ ଭେଦ ହୋଇଛି । ମନ୍ତ୍ରୀମାନେ ଏଥର ଗାଦିରୁ ଛାଡ଼ି ଦେଇ ଚାଲିଯିବେ । କିନ୍ତୁ ବାପୁ ! ସେ ଗାଦି ମୋହ ଏଡ଼ିପାରିଲେ ତ ? ସେଥର ଗାନ୍ଧିବୁଢ଼ା ମୁହଁରୁ ପଦେ ଖସି ପାଇଥିଲା ବୋଲି ଦାଗୁର ହୋଇ ଇସ୍ତଫା ପଟେଠା ଦାଖଲ କରାଯାଇଥିଲା ସିନା କିନ୍ତୁ ଏଥର ଛାଡ଼ିଲେ—।······

ଇଂରେଜ ସରକାର ତାଙ୍କ ଶ୍ରୀଛାମୁ ଛାମୁଆ ଗଡ଼ଜାତର ଛାମୁମାନଙ୍କ ଶନ୍ତଣ ଭଷଣ କାନ୍ଦା ଦେଖାଇ ବାହୁଛାୟା ତଳେ ଆଶ୍ରୟ ଦେବାକୁ ବାଧ । ତହିଁ ଉପରେ ପୁଣି ଗୋରା ଚମଡ଼ାରେ ନଖାଘାତ ବାଜିଥିବାରୁ ସେମାନଙ୍କ ମୁଣ୍ଡ ବଗଡ଼ି ଯିବାର କଥା ବୋଲି ସ୍ବୟଂ ଗାନ୍ଧିଜୀ କହିଲେଣି । ଏଥିପାଇଁ ଓଡ଼ିଶାର କଂଗ୍ରେସୀ ସରକାରଙ୍କୁ ସେ ସାବଧାନ କରାଇ ଦେଇଛନ୍ତି—ଦମ୍ଭଧର ଛାଡ଼ିବାକୁ । ଏପାଖ ଦମ୍ଭ, ସେପାଖ ଦମ୍ଭ—ଭେଟାଭେଟି ହେଲାଣି ଯେ—ଢ଼ୋ !

ତା'ପରେ ?—ଠୋ—ଠା—ଠି ?

× × × ×

କଂଗ୍ରେସ ଭିତରେ ଦେଇକାସ୍ତ ଛାଲ୍, ଜୁଆଚୋରି, ଅସତ୍ୟ, ଦଗାବାଜି ଚାଲୁଛି ବୋଲି ମହାତ୍ମାଜୀ ଅନେକ ଦିନରୁ କହି କରୁଛନ୍ତି । ସେହି କାରଣରୁ ଓଡ଼ାପାଇ ସେ କଂଗ୍ରେସ ଛାଡ଼ିଲେ ମଧ୍ୟ । କିନ୍ତୁ ଏସବୁ ବ୍ୟଭିଚାର ଦେବେ ସୁଦ୍ଧା କଂଗ୍ରେସକୁ ନଛାଡ଼ିବାରୁ ମହାତ୍ମାଜୀ ଏଥର ଖାଲି ବିରକ୍ତ ନୁହେଁ, ବିବ୍ରତ ମଧ୍ୟ ହୋଇ ପଡ଼ିଲେଣି । ସେ ସଫା ସଫା କହି ଦେଇଛନ୍ତି ଯେ ଯଦି ଏସବୁ ପାପ ଦୂରକରା ନଯାଏ ତେବେ କଂଗ୍ରେସର ପତନ ଅନିବାର୍ଯ୍ୟ ।

କ୍ଷମତା ବା କ୍ଷମତାର ଲୋଭରୁ ପାପ, ଓ ପାପରୁ ମୃତ୍ୟୁ ହୁଏ ବୋଲି ଜଣାକଥା । କିନ୍ତୁ କଂଗ୍ରେସର ବର୍ତ୍ତମାନ ଉତ୍ଥାନ ଅବସ୍ଥାରେ ଯେ ଏତେଶୀଘ୍ର ଏପରି ଘଟିବ ଏହା କଳ୍ପନା ହେଉ-ନାହିଁ । କେବଳ ବାଙ୍ଗଙ୍ଗା ବାଛିଦେଇ ପାରିଲେ ସବୁ ରକ୍ଷା ହୋଇଯିବ । ମହାତ୍ମାଜୀ ଦୃଢ ମୁଷ୍ଟିରେ ଏତିକି କରାଇ ପାରିଲେ ଅଉ ଚିନ୍ତା ନାହିଁ । ତେବେ କଥା ହେଉଛି ବାଛିବେ କାହାକୁ ? କମଳ ଯାକ ଯଦି ବାଳ ବାହାରେ, ତେବେ ଶେଷକୁ ଏକା ରହିଯିବେ ସ୍ବୟଂ ମହାତ୍ମା !

+ + +

Digitized by srujanika@gmail.com



ବିଦ୍ୟାଧର ଝାଉଗଛର ପୁଣି ଥରେ ଫିରେଇଦ୍ଦା ମଜାଡ଼ ଦେଇ ସାଇ ବୁଲିବାକୁ ବାହାରୁଛି, ଘର ଭିତରୁ ମାମୁ ଡ଼ାକି କହିଲେ "ହଇରେ ବିଦା ଶୁଣିଲୁ !"

ବିଦ୍ୟାଧର ପୁଣି ମୁଣ୍ଡଟାରେ ହାତ ମାର-ଦେଇ, ମୁହଁ କଚ୍‌କଚ୍ କରି ମାମୁଁଙ୍କ ଆଗରେ ଯାଇ ଭୂଳ ହୋଇ ଛିଡ଼ା ହେଲା ।

ମାମୁ କହିଲେ, "ଏଇପରିକା ତାସ ପଶା ଖେଳ, ଆଖଡ଼ା କରି ଜୀବନଟା କଟେଇ ଦବୁ ଭାବୁଛୁ—ନାହିଁ ?"

ବିଦ୍ୟାଧର ଚୁପ୍ ।

"ଦେଖ୍, ପେଟ ପୋଷିବା ପାଇଁ ଗୋଟାଏ କିଛି କର, କିଛି ହେଲେ ଗୋଟାଏ ଆଶ୍ରା ଧର—ବୁଝିଲୁ ! ପିଲା ଥିଲୁ, ଭେଣ୍ଡାଟିଏ ହେଲୁ—ପୁଣି ବାହାହେବୁ ହବୁ, ଘରକରଣା ବାନ୍ଧିବୁ—ନା ଏଇପରି ଗଣ୍ଡାଏ ୨ ଖାଇ ପଡ଼ିଥିବୁ !

ଏ କଥାଟା ବିଦ୍ୟାଧରର ମୁଣ୍ଡରେ କେବେ ହେଲେ ପଶି ନ ଥିଲା । ମାମୁଁ ମାଇଁଙ୍କର ଚେଷ୍ଟା ବଳରେ ସେ ଅଜ୍ଞାନ ଅବସ୍ଥାରୁ ବଢ଼ି ଆସିଛି । ମା, ବାପ ପିଲାବେଳରୁ ମରିଥିଲେ । ଏବେ ସେ ସବୁ ବୁଝିଲଣି ସତ—ମାତ୍ର ତାକୁ ଯେ ଦିନେ ନିଜର ଘରକରଣା ବାନ୍ଧି ସଂସାର କରିବାକୁ ପଡ଼ିବ ଏ କଥାଟା କେବେ ସେ ଭାବି ନ ଥିଲା ।

ବାପ, ମା ଛେଉଣ୍ଡ ବୋଲି କେହି ତାକୁ କିଛି କହନ୍ତି ନାହିଁ କି ତାଡ଼ନା କରନ୍ତି ନାହିଁ । ସେହି ଆଦର ହେଲା ତାର କାଳ । ସେ ଇସ୍କୁଲରେ ପଢ଼ିଥିଲା ସତ, କିନ୍ତୁ ପାସଟା ତାର ହୋଇ ପାରିଲା ନାହିଁ । ସେଠୁଁ ସଗି କରି ଇସ୍କୁଲ ଦେଇଥିଲା ଛାଡ଼ ।

ବିଦ୍ୟାଧର ବଲ୍‌ବଲ୍ କରି ମାମୁଙ୍କ ମୁହଁକୁ ଚାହିଁ ରହିଲା । କଣ କହିବ ତା ମଗଜରେ ପଶୁ ନ ଥିଲା ।

ମାମୁ କହିଲେ, "ଏଠି କିଛି ହବ ନାଇଁ, ତୁ ଚାଲିଯା କଟକକୁ । ଲକ୍ଷ୍ମୀ ସହର ସେ—କିଛି ହେଲେ ଗୋଟାଏ ରୋଜଗାର ମିଳିଯିବ । କଣ କହୁଚୁ ?"

ବିଦ୍ୟାଧର ମୁଣ୍ଡ ହଲାଇ କହିଲା 'ଯିବି ।'

"ଅଛି—ମୋର ଜଣେ ପିଲାକାଳର ସାଙ୍ଗ ଅଛନ୍ତି ସେଠି—ଖୁବ୍ ବଡ ବେପାରୀ ସେ—

## ଫୁର୍ତ୍ତିବାଜ୍

ଲେଖକ—ଗୃଲକ୍‌ଟଉର ।

କାନଟଗ୍ରୀ—ତାଙ୍କର ଠେଇଁକି ଲେଖି ଦଉଚି, କଉଁଥିରେ ହେଲେ ଗୋଟାଏ ଲଗେଇ ଦେଇ ପାରିବେ ! ଯଉଁ ବିଦ୍ୟା, ସେଥିରେ…"

× × ×

ଦାସ ବ୍ରଦାର୍ସ ଏଣ୍ଡସନ୍‌ସ୍‌ଙ୍କ ଅଫିସରେ ପହଞ୍ଚି ବିଦ୍ୟାଧର ମାଲିକଙ୍କ ସଂଗରେ ଦେଖା କରି-ବାକୁ ଚାହିଁଲା । ମାଲିକ ମି. ଦାସ ବାହାରକୁ ଯାଇ ଥିବାରୁ ଦେଖା ହେଲା ମେନେଜରଙ୍କ ସାଙ୍ଗରେ । ମେନେଜର ବଳରାମ ବାବୁ ବିଦ୍ୟା-ଧରକୁ ବସିବାକୁ ଦେଇ ପଚାରିଲେ, "କାମ କଣ ?"

"ଆଜ୍ଞା, ଚାକିରି କରିବି ।"

"କି ଚାକିରି ?"

"ଏଇ…ଧରନ୍ତୁ ଫେକ୍ଟରୀରେ ବୁଲି କାମ ଦାମ ଦେଖା ଦେଖି କରିବା—ହିସାବ ପତ୍ର ଲେଖିବା—କୁଲି ଯୋଗାଡ଼ କରିବା—ଦୋରକୁ ହେଲେ ବମ୍ବେଇ, କଲିକତା, ଦିଲ୍ଲୀ··

ମୁହଁଟାକୁ ଅମୃଳା ଅମୃଳା କରି ବଳରାମ ବାବୁ କହିଲେ, "ଆଉ, ବୁଝିଲି—ଅଭି କହନ୍ତୁ ନାଇଁ—ହେଲେ ଅମର ସେତ୍ରୁଳିଆ କାମ ଏବେକ୍ଷିଣି ଖାଲି ନାହିଁ । ଆଉ ଜାଣିଚନ୍ତି, ଆଜକାଲିକା ବେକାର ଯୁବକେ ଏଭଳି କେତେ ଲୋକ. ନିତ ନିତ ଆସୁଛନ୍ତି । ସମସ୍ତଙ୍କୁ ରଖିବାକୁ ବସିଲେ—"

ଏତିକି କହି ବଳରାମ ବାବୁ ଗୋଟାଏ ବିଦ୍ରୂପର ହସ ଠୋ-ଠୋ କରି ହସିଦେଲେ ।

ବିଦ୍ୟାଧରକୁ ଏ ହସଟା ବଡ଼ ବାଧିଗଲା । ସେ କେବେ ଏ ଭଳିଆ ଖୋଷାମଦ କାମରେ ହାତ ଦେଇ ନ ଥିଲା । ଅଳ୍ପେଇରେ ଚଢ଼ି ଆସିଥିଲା ମାମୁଘରେ । ସେ ଉଠି ପଡ଼ି କହିଲା, "ହଉ ତେବେ, ନମସ୍କାର । ହଁ, ଏ ଚିଠି ଖଣ୍ଡ ମାଲିକଙ୍କୁ ଦେବେ ଦୟା କରି ।"

ଏହା କହି ମାମୁଙ୍କ ଚିଠିଟା ଟେବୁଲ ଉପରେ ଥୋଇ ଦେଲା ।

ବଳରାମ ବାବୁ ଟିକିଏ ନରମ ହୋଇପଡ଼ି କହିଲେ, "ଚିଠି କାହାର ?"

"ମୋ ମାମୁଁ ତାଙ୍କଠାରୁ ଚିଠି ଦେଇ-ଥିଲେ ।"

"ଅପଣଙ୍କ ମାମୁଁ ?"

"ହଁ, ପଣ୍ଡିତ ପଦ୍ମନାଭ ।"

"ଓଃ—ଅଛି, ଅପଣ କେତେ ହେଲେ ରହିବେ ?"

ବିଦ୍ୟାଧରର ମିଜାଜ ଗରମ ହୋଇ ଗଲଣି, ସେ କହିଲା "ପଚାଶ ଟଙ୍କା ।"

"ପଚାଶ ! ଥଇ କିଛି କମରେ…?"

"ନାହିଁ—ନମସ୍କାର ।"

ହଠାତ୍ ଲେଉଟି ପଡ଼ି କହିଲା, "ଅପଣ କହି ପାରିବେ କି କାହାର କମ୍ପାନିର ଅଫିସଟା ଏଠିକି କେତେ ବାଟ ହବ ?"

"ତେର ବାଟ । ଯାଉଚେକି ଅଛି ?"

'ଅଛି—ହେଇକି ହୋଟେଲଟା କୁଆଡ଼େ ?'

“ଏଇ ଅତ ଛୁଆଟା ପାର ହେଲେ ଯଉଁ ବାଁ ହାତ କୋଠା ।”

ବିଦ୍ୟାଧର ବାହାରି ଗଲା ।

\+ \+ \+

ମି: ଦାସ ଅଇଲା ପରେ ମେନେଜର ତାଙ୍କୁ ଚିଠିଟା ଦେଲେ । ଚିଠି ପଢ଼ି ସେ ପଚାରିଲେ,

‘ଏ ଚିଠି କିଏ ଆଣିଥିଲା ?’

‘ଗୋଟାଏ ଟୋକା ।’

‘କଣ କହୁଥିଲା ସେ ?’

‘କହିଲା, ଜରୁର ଜବାବ । ନେବ ପଚାରିଣ ଠିକା ।’

‘କଣ କହିଲ ତାକୁ ?’

‘ନାହିଁ କହିଦେଲି ସିଧା ସିଧା—ଏତେ ଟଙ୍କାରେ ଅଜଣାଲି—’

‘ବେସ୍ କରିଚ—ଅଜଣାଲି—’

କିଛିକ୍ଷଣ ଗଲା । ଏଣୁ ତେଣୁ କାମର ପର କଥାବାର୍ତ୍ତା ପରେ ହଠାତ୍ ମି: ଦାସ କହିଲେ ‘ଅଚ୍ଛା ସେ କମିତକା ଟୋକା ?’

‘ଭାରି ବୁଦ୍ଧିବାନ୍ । ହାତ ଯୋଡ଼ି କଥା କହୁଛି ।’

ପୁଣି କିଛିକ୍ଷଣ କଥାବାର୍ତ୍ତାରେ କଟିଗଲା । ପୁଣି ହଠାତ୍ ମି. ଦାସ କହିଲେ “ଅଚ୍ଛା ସେ ଟୋକାର ନାଁଟା କଣ ?’

‘ସବୁର ନାହିଁ—ଚିଠିରେ ଥିବ ଦେଖନ୍ତୁ ।’

ମି: ଦାସ ଚିଠିଟା ପୁଣି ଖୋଲିଲେ । ପଢ଼ି କହିଲେ ‘ବିଦ୍ୟାଧର ।’

ପୁଣି କିଛି ବେଳ ଗଲା । ଦାସ କହିଲେ, ‘ସେ ଗଲା କୁଆଡ଼େ ?’

‘ମୁଁ କିମିତି ଜାଣିବି ?’

‘ବାଃ, ଲୋକଟା ଆସିଲା, ଏତେ କଥା କହିଲା, ଗଲା—ଏତକ ଜାଣି ରଖି ପାରିଲ ନାହିଁ । କି ଲୋକ ତମେ !’

‘ମୋର ସେ କଥାକୁ ଖିଆଲ ନାହିଁ ସାର୍ ।’

‘କାହିଁ ଖିଆଲ ତ ! ସେ ପୁଣି ଆସିବ ?’

‘ଆଉ ଆସିବ ନାହିଁ ।’

‘କାହିଁକି ? ତୁମେ କଣ ତାକୁ ଶେଷ ବାଇଜଲ ନାସ୍ତି କରି ଦେଇଚ ?’

‘ଦରକାର ନ ଥିଲା—ତେଣୁ—’

ମି: ଦାସ ଗମ୍ଭୀର ହୋଇ କାଗଜ ପତ୍ର ଦେଖିବାକୁ ଲାଗିଲେ । ପୁଣି ହଠାତ୍ ମୁହଁ ଟେକି କହିଲେ, ‘ଅଚ୍ଛା କଣ କହୁଥିଲା ସେ ?’

‘ଆଉ କଣ କହିବ—ଏଇ ଚାକିରି କଥା । ହିଁ—ସେ ଗଲା ବେଳକୁ ପଚାରିଲା କାର୍ସନ କମ୍ପାନୀର ଅଫିସ୍ କେଉଁଠି ବୋଲି ।’

‘ଆଁ—କାର୍ସନ, କାର୍ସନ !—ଜାଣି ନ କାର୍ସନ ସାଙ୍ଗରେ ଆମର ଚାଲିଛି Competition (ଟକ୍କର)—ସେ ଗଲା କୁଆଡ଼େ ମ ! କି ଫୁଲ୍—’

ମୁଣ୍ଡ କୁଣ୍ଡେଇ ମେନେଜର କହିଲେ, ‘ମୋର ସମ୍ଭବ ସେ ଡେଜ୍ ହୋଟେଲରେ ବସା କରିଚି ।’

‘କମିତ ଜାଣିଲ ?’

‘ଡେଜ ହୋଟେଲଟା କେଉଁଠି ପଚାରୁଥିଲା ।’

ମି. ଦାସ ଟେବୁଲ୍ ଉପରେ ହାତ ବାଡ଼େଇ ଦେଇ କହିଲେ, ‘ନିଶ୍ଚୟ ସେ କାର୍ସନକୁ ଚାଲିଯିବ । କାର୍ସନ କଣ ଏ ଭଳିଆ ଲୋକ ପାଇଲେ ଛାଡ଼ିବ ! ବୁଝୁ ନ—ଭାରି କାମିକା ଟୋକା—ଚାଲାକ ଚତୁର— ବୁଦ୍ଧିବାଜ । ଏ ଭଳିଆ ଟୋକା ତ ଆମର ଲୋଡ଼ା । କନଷ୍ଟ୍ରାକ୍ଟ ବିଜିନେସ୍ ! କନ୍ଟ୍ରାକ୍ଟ ବିଜନେସ୍ ! The right man ! (ଏ ଠିକ ଲୋକ) ଓଃ, ବଡ଼ ଓଲୁ ତମେ !’

ବଳରାମ ବାବୁ ଉଠି ପଡ଼ି କହିଲେ, ‘ତେବେ ମୁଁ ଯାଏଁ ଡେଜ୍ ହୋଟେଲରେ ଦେଖି ଆସିବି ।’

‘All right—hurry up, (ଠିକ୍—ଜଲଦି କର) I do want him. (ମୁଁ ତାକୁଇ ଚାହେଁ) ଯୋଗ୍ୟତା ନ ଥିଲେ ଏତେ ଦରମା ଖୋଜନ୍ତା !’

ବଳରାମ ବାବୁ ଯୋତା ପିନ୍ଧି, ଛତା ଧରି ବାହାରିଲା ସମୟ ମି. ଦାସ କହିଲେ ‘wait (ରହ) ତୁମ ଦେଇ ଏ କାମ ହବ ନାହିଁ । ହରୁ ବିଗାଡ଼ ହବ ତମେ । ମୁଁ ନିଜେ ଯିବି । କାର୍ସନ କଣ ତାକୁ ପାଇଲେ ଛାଡ଼ିବ ।’

ଏହା କହି ମି. ଦାସ ତତ୍‌କ୍ଷଣାତ୍ ବାହାରି ପଡ଼ିଲେ । ସେତେବେଳକୁ ଆଠଟା ବାଜିଲାଣି । ଡେଜ୍ ହୋଟେଲରେ ବିଦ୍ୟାଧରର ପତ୍ତା ମିଳିଲା ନାହିଁ ।

ଚାରିଟା ବେଳକୁ ପୁଣି ଥରେ । ଏଥର ବି ଅପିଟଲେ ଫେରି । ପୁଣି ପାଞ୍ଚଟା ବେଳେ ଗଲେ । ଏଥର ମିଳିଲା ବିଦ୍ୟାଧର ।

ମି. ଦାସ ପଚାରିଲେ ‘ଆପଣଙ୍କ ନା’ ବିଦ୍ୟାଧର ?’

‘ହଁ ।’

‘ଆପଣ ପରୀକ୍ଷିତ ବାବୁଙ୍କଠୁଁ ଚିଠି ଆଣିଥିଲେ ?’

‘ହେଲା କଣ ?’

‘ମୁଁ ହରିତ ଦାସ ବ୍ରାଦାର୍ସର ପ୍ରୋପ୍ରାଇଟର । ପରୀକ୍ଷିତ ମୋର ବନ୍ଧୁ ।’

‘ଓଃ—ନମସ୍କାର !’

‘ତା—ଆପଣ ରହିବେ ?’

‘ନା—ମୋର ଅନ୍ୟ କାମ ଅଛି ।’

‘ଦେଖନ୍ତୁ, ପରୀକ୍ଷିତ ମୋର ବନ୍ଧୁ ! ମେନେଜରଟା ବଡ଼ ବୋକା ।’

‘କ୍ଷମା କରନ୍ତୁ—ମୁଁ ପାରିବି ନାହିଁ ।’

‘ବିଦ୍ୟାଧର ବାବୁ—କଥାଟା ବଡ଼ ଖରାପ ହଉଚି । ପରୀକ୍ଷିତ କଣ କହିବ—ଅଚ୍ଛା ଆପଣଙ୍କୁ ମୁଁ ଷାଠିଏ ଟଙ୍କା ଦେବି ।’

‘କିନ୍ତୁ—ମୋର ଯେ—’

‘ଅଚ୍ଛା—ଆପଣ ଆମ ଘରେ ରହିବେ । ଖାଇବା ଖରଚ—ଘର ଭଡ଼ା—ସହର ଜେଗାରେ ।’

ବିଦ୍ୟାଧର ହଠାଏ ଓଠକୁ ଫୁଲେଇ କହିଲା, ‘ହଉ ତେବେ ଆପଣ ଯେତେବେଳେ ମାମୁଙ୍କର ବନ୍ଧୁ—ମୁରବି ଲୋକ—ଆପଣଙ୍କ କଥା ଏଡ଼େଇ ନ ପାରି——’

ମି. ଦାସ ଖୁସିଟା ହୋଇ ଯାଇ ହାତ ବଢାଇ ଦେଲେ ।

[illegible]

Digitized by srujanika@gmail.com



( ୩ )

ହୁର ଅଜା କହିଲେ "ଶୁଣିଲା କଥା କହିବି ନା ଅଶୁଣା ନଭେଇବା କଥା କହିବି ?"

ମୁଁ କହିଲି—"ଅଶୁଣା ନଭେଇବା କଥା କହ ।"

ହର ଅଜା ଆରମ୍ଭ କଲେ "ହଉ ଶୁଣ ତେବେ । ଏକା କଥା ଉପରେ କଥା କହିବ ନାହିଁ କି ପ୍ରଶ୍ନ କରିବ ନାହିଁ ।"

ମୁଁ ସେତେବେଳେ ଅଳ୍ପ ବୟସରେ । ଲମାଯୋଡ଼ ଲଢ଼େଇ ଚାଲିଥାଏ । ଆମେ ରହି-ଥାଉଁ ତମ୍ବୁ ପକେଇ ଗୋଟାଏ ମରୁଭୂମି ଉପରେ ।

ହଠାତ୍ ଆମ ମୁଣ୍ଡ ଉପର ଦେଇ ଗୋଟାଏ ଉଡ଼ାଜାହାଜ ଯାଉଥାଏ ଇଣ୍ଡିଆରୁ ବିଲାତ । ଆମେ ଭାବିଲୁଁ କି ଶତ୍ରୁ ଆସି ବୋମା ପକେଇବ ପରା । ଆମେ ବି ବଗୁଲ ବଜେଇ ବନ୍ଧୁକ ସଜାଡ଼ି କଲୁଁ । ପାଇଲଟ୍ ତା ରୁମ୍ଫିଯାର ପତାକା ଦେଖାଇ ଦେଲେ ଯେ ଆମେ ଛାଡ଼ି ଦେଲୁଁ ।

ଏତିକିବେଳେ ସେଆଡ଼ୁ ଗୋଟାଏ କଳା ମେଘ ଉଠେଇ ଆସିଲା ପରି ଦେଖାଗଲା । ପାଖକୁ ଆସିଲାରୁ ଜଣାଗଲା ସେଇଟା ଇଗଲ ପକ୍ଷୀ । ଆମେ ପୁଣି ବନ୍ଧୁକ ଉଠାଇ ତାକୁ ନିଶାଣ କରୁଛୁଁ, କପ୍ତାନ ସାହେବ ବାରଣ କରି କହିଲେ 'ହାଁ, ହାଁ—ସେ କାମ କରନା । ତା ଦେହରେ ଗୁଳି ବାଜିବ ତ ଆମ ସଭିଙ୍କୁ ସେ ମାରିଦେବ ।'

ଆମେ ସିନା ଡରିଲୁଁ—ଏକା ସେ ଉଡ଼ା-ଜାହାଜରେ ଥିବା ଜଣେ ପାସେଞ୍ଜର ଗୋଟାଏ ବନ୍ଧୁକ ଫାଏର କରିଦେଲା । ଯିମିତି ଗୁଳି ତା ଦେହରେ ବାଜିଛି, ସେ ତ ଅଇଲା କ୍ଷେପି ଫଟୁକା ପରି । ଆସି ଏକାଥରକେ ସେ ଜାହାଜଟାକୁ ଲେଉଟେଇ ଦେଲା ଶୂନ୍ୟରେ । କିଏ ଜଣେ ସିଗାରେଟ୍ ଖାଉଥିଲେ ଯେ, ସିଗାରେଟ୍ ଟୁକ ପଡ଼ିଗଲା ପେଟ୍ରୋଲ ରହିବା ଥାନରେ । ଆଉ କିଏ ସମାଳେ ! ଦୁ—ଦିନା ନିଆଁ ଉଠିଗଲା ଜଳି । ଅଜାଗଟା ଯାକ ଅଲୁଅ ମୟ ହୋଇଗଲା, ଆଉ ଧୂହୁଁ ଧୂହୁଁ ଶୂନ୍ୟେ ଶୂନ୍ୟେ ଏଡ଼େ ବଡ଼ ଜାହାଜଟା ପୋଡ଼ି ପାଉଁଶ ହୋଇଗଲା ।

ମୁଁ—ଆଉ ଲୋକ ଯେ ଥିଲେ ତହିଁରେ ?

ଅଜା—ଲୋକ ଆଉ ରହିବେ । ସବୁ ମରି ଗଲେ ।

## ତୁଚ୍ଛା ସତ !

ଲେଖକ—ଅସଲ ଗାଲୁଆ

ମୁଁ—ଅଛା, ଜାହାଜଟା ଜଳିଗଲା—ଆଉ ତହିଁରେ ଯଉଁ ଟଙ୍କା ଦରବ ଥିଲା କଛି ତଳକୁ ଖସି ପଡ଼ିଲା ନାହିଁ ?

ଅଜା—ପଡ଼ିଲା ନାହିଁ କିଏ କହୁଛି ! ସବୁ ଗଲା ପଡ଼ି । ପାଚିଲା ଆମ୍ବ, ପାଚିଲା କଦଳୀ, ଯାହା ସବୁ ଯାଉଥିଲା ପାର୍ସଲ ହୋଇ । ସେଇଟା ଡ଼ାକ ଜାହାଜ ଥିଲା କନା !

ମୁଁ—ଏତେ ଉପରୁ ତଳେ ପଡ଼ିତ ସବୁ ଛନ-ଛତର ହୋଇ ଯାଇଥିବ ।

ଅଜା—ଆରେ ଓଲୁ ସେ ସବୁ କଣ ତଳେ ପଡ଼ିଲା ଯେ ଚେପା ହୋଇଯିବ ! ଆମ ତମ୍ବୁ ଉପରେ ପଡ଼ି, ସେମିତ ଗୋଟା ରହିଲା ପରି । ତାପରେ ଭୁଇଁଟା ତ ତାଲି ନରମ ବାଲି । ଆମ ଏଠା ପରି ଟାଣୁଆ ମାଟି ନୁହେଁ ତ ।

ମୁଁ—ତମେ ସବୁ ତ ପେଟେ ଲେଖା ଖାଇ-ଥିବ ?

ଅଜା—ପେଟେ କଣ କହୁଚୁ ? ଆମେ ଦଶ ହଜାର ଲୋକ ମାସେ କାଳ ଗ'ଲ ଚାକୁଇ ଖାଇଲୁଁ ଯେ । ସେ ଦେଶରେ ତ ଏ ସବୁ ମିଳେ ନା—ମହା ମଉଜ ଚାଲିଲା ଆମର ।

ମୁଁ—ଅଚ୍ଛା ଅଜା, ସବୁ ଲୋକ ତ ମଲେ, ସିଗାରେଟରୁ ନିଆଁ ଲାଗି ଯେ ଜାହାଜ ପୋଡ଼ିଲା ଏହା ଜାଣିଲ କିମିତ ଭଲା ?

ଅଜା ସେଇଠୁ ରଗିଯାଇ କହିଲେ "ମୁଁ ପରା ଆଗରୁ କହିଥିଲି, "ମୋ କଥା ଉପରେ କଥା କହିବ ନାହିଁ କି ପ୍ରଶ୍ନ କରିବ ନାହିଁ ।"

ମୁଁ—ବୁଝି ନ ପାରି ପଚାରି ଦେଲି ନା ।

ଅଜା—ଠିକ୍ ଠିକ୍, ସେ କଥାଟା କହି ନ ଥିଲି, ଏବେ ଶୁଣ । ପାସେଞ୍ଜରଯାକ ସିନା ପୋଡ଼ି ମଲେ; ପାଇଲେଟ୍ ଯେ ସେ କଣ ସହଜେ ମରିବା ଲୋକ । ରେଲଗାଡ଼ି ଲେଉଟିଲେ ଡ୍ରାଇଭର କେମିତ ଖସିଯାଏ ! ଏରୋପ୍ଲେନରେ ନିଆଁ ଲାଗିଲା ମାତ୍ରେ ପାଇଲଟ୍ କଣ କଲା ନା ଗୋଟାଏ ମସ୍ତ ଦଉଡ଼ିର ମୂଳ ପାଖ ଜାହାଜ ଡେଣାରେ ବାନ୍ଧି ଦେଇ ଦଉଡ଼ିଟାକୁ ଝୁଲେଇ ଦେଲା; ଆଉ ସେଇ ଦଉଡ଼ି ଧରି ଧରି ଭୁଇଁଯାକେ ସର୍ ସର୍ କରି ଖସି ଆସିଲା । ଓଲେ ପହଞ୍ଚିଲା ବେଳକୁ ତାର ଚେତା ନ ଥାଏ । ଆମେ ସବୁ ପାଣି ଛାଟି ହାସ୍ପାତାଳ କଲୁଁ ତାକୁ । ଆମ କେମ୍ପରେ ହପ୍ତାଏ ରହି ତାପରେ ସେ ଗଲା ।

୪

୧୯୨୫ ରୁ ୧୯୩୫ ଲମ୍ବା ୧୯୪୫ ଠିକ କରି କହି ପାରୁନାହିଁ ।

ମିଷ୍ଟର ତମ୍ବାଦ୍ଗା ବୋଲି ଜଣେ ଲୁହଗସ୍ତ ଏୟାରରେ (ବ୍ୟୋମ ବାଘ) ଉଡ଼ାଜାହାଜ ଚଳାଇବାରେ ବଡ଼ ନିପୁଣ ଥିଲେ । ବର୍ତ୍ତମାନ ଯାନରେ କଲିକତାରୁ ଲଣ୍ଡନ ଯିବାର ପ୍ରସ୍ତାବ

ହୋଇଛି କିନ୍ତୁ ପ୍ରବାଦ ଅଛି ସେ ଥରେ ୧୨ ଘଣ୍ଟାରେ କଲିକତାରୁ ଉଡ଼ି ଲଣ୍ଡନରେ ପହଞ୍ଚିଲେ । ଧନଞ୍ଜର କଥା । ସେ ଦମ୍ ଦମ୍ ଏରୋଡ୍ରମରେ ଉଡ଼ି ସକାଳ ଅନ୍ଧମୂର୍ଖରେ ଚାହାଁଇଲେ । ହଠାତ୍ ବାଟରେ ପ୍ରକାଣ୍ଡ ବାଦଲ ଖଣ୍ଡେ ପୃଥିବୀ ଓ ତାଙ୍କ ମଧ୍ୟରେ ଦେଖାଗଲା । ତାଙ୍କ ଦୃଷ୍ଟିପଥକୁ ତାହା ବାଧା ଦେବାରୁ ସେ ୬ ଘଣ୍ଟା ମଧ୍ୟରେ ଲଣ୍ଡନରେ ପହଞ୍ଚିବା ଭଳି ଦ୍ରୁତଗତିରେ ବ୍ୟୋମଯାନ ଚଳାଇଲେ । ମାତ୍ର ବାଦଲ ତାଙ୍କର ସିଧାରେ ଗୋଡ଼ାଇବାକୁ ଲାଗିଲା । ପୃଥିବୀର ଆକାର ଗୋଲ । ଏବଂ ତାର ମାଧ୍ୟାକର୍ଷଣ ଶକ୍ତି ହେତୁ କୌଣସି ଲୋକ କଲିକତାରୁ ବାହାରି ପୃଥିବୀଠାରୁ ସମାନ୍ତର ଭାବରେ ବ୍ୟୋମଯାନରେ ଚଳାଇଲେ ପଛକୁ ନଫେରି ମଧ୍ୟ ସେ ପୁଣି ଆସି କଲିକତାରେ ପହଞ୍ଚି ପାରିବ । କିନ୍ତୁ ଟମ୍ବୁରଙ୍କ ଉଡ଼ା ଜାହାଜ ଚଳାଇବା ବେଳେ ଉକ୍ତ ମେଘଖଣ୍ଡରେ ଏପରି ଏକ ବଜ୍ରଧ୍ୱନି ହେଲା ଯେ ନଭଦେଶ କମ୍ପି-ଉଠିଲା । ତାଙ୍କର ମନେ ହେଲା ଯେପରି ପୃଥିବୀର ଗତି ହଠାତ୍ ଅଚଳ ହୋଇଗଲା । କିନ୍ତୁ ପ୍ରକୃତରେ ତାହା ହୋଇ ନଥିଲା । ସେ ତାଙ୍କର ଗୋଟିଏ ସ୍ୱହସ୍ତ ଆବିଷ୍କୃତ ଯନ୍ତ୍ର ସାହାଯ୍ୟରେ ଦେଖିପାରିଲେ ଯେ ଉକ୍ତ ମେଘ ଓ ଜାହାଜ ମଧ୍ୟରେ ଥିବା ମାଧ୍ୟାକର୍ଷଣ ତନ୍ତୁ ଗୁଡ଼ିକ ହଠାତ୍ ଛିଡ଼ିଗଲା । ତେଣୁ ଉଡ଼ାଜାହାଜଟା ଆଉ ପୃଥିବୀ ଗ୍ରହପଟ ଗୋଲ ଭାବରେ ନବୁଲି ସିଧାଭାବରେ ଅନ୍ୟ କେଉଁଆଡ଼େ ଗତି କରିବାକୁ ଲାଗିଲା ।

ମେଘ ଉଡ଼ିଯିବା ପରେ ମଧ୍ୟ ସେ ଆଉ ପୃଥିବୀକୁ ଦେଖିପାରିଲେ ନାହିଁ । ଯାଉଁ ଯାଉଁ ବହୁଦିନପରେ ଗୋଟିଏ ପୃଥିବୀଠାରୁ ବଡ଼ ଆଉ ଗୋଟିଏ ପୃଥିବୀ ତାଙ୍କର ଦୃଷ୍ଟିଗୋଚର ହେଲା । ସେ ପୃଥିବୀକୁ ସେ ଦୂରବୀକ୍ଷଣ ସାହାଯ୍ୟରେ ଦେଖିବାକୁ ଲାଗିଲେ । ସେଠାରେ ସମୁଦ୍ର କିମ୍ବା ପର୍ବତ କିଛି ନଥିଲା । ପୃଥିବୀଟା ଯାକ ସମତଳ ଭୂମି । ବୃକ୍ଷ ଲତା କିମ୍ବା ତୃଣ ପ୍ରଭୃତିର କୌଣସି ଚିହ୍ନ ପାଇଲେ ନାହିଁ । କେବଳ ଛୋଟ ଛୋଟ ପୋକ ଭଳିଆ କଣ ଗୁଡ଼ାଏ ଠାଏ ଠାଏ ଦେଖା ଯାଉଥିଲେ । ସେ ସେଠାକୁ ଯିବେ କି ନାହିଁ ଯିବେ କି ନାହିଁ ଭାବୁଛନ୍ତି ଏପରି ସମୟରେ ଦେଖିଲେ ଯେ ଅନେକ ବେଳରୁ ତାଙ୍କ ଉଡ଼ାଜାହାଜରୁ ତେଲ ସରି ଯାଇଛି—ଉଡ଼ାଜାହାଜଟା କେବଳ ସେହି ନୂଆ ପୃଥିବୀଟାର ମାଧ୍ୟାକର୍ଷଣ ଦ୍ୱାରା ଟାଣି ହୋଇ ଖୁବ୍ ଜୋରରେ ତା'ଉପରେ ପଡ଼ିବାକୁ ଯାଉଛି । ଉଡ଼ାଜାହାଜଟା ପୃଥିବୀ ଉପରେ ପଡ଼ିଲେ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଟମ୍ବୁରଙ୍କର ମୃତ୍ୟୁ ହେବ ଏହି ଭୟରେ ସେ ମୂତପକାଇଲେ । ଉକ୍ତ ଆକାଶ ମଣ୍ଡଳର ଏପରି ଗୋଟାଏ ଗୋଟାଏ ବିଶିଷ୍ଟ ବାୟୁ ଥିଲା ଯେ ସେ ବାୟୁ ସେ ପରସ୍ରାରେ ବାଜିଲା କ୍ଷଣି ପେଟ୍ରୋଲ ଭଳି ଗନ୍ଧ ହେଲା । ଟମ୍ବୁରଙ୍କ ସେ ବାସନା ପାଇବାକ୍ଷଣି ମହାଖୁସି ହୋଇଗଲେ ଏବଂ ତତକ୍ଷଣାତ୍ ନିଜର ରୁମାଲ ଆଣି ତାଙ୍କ ମୂତରେ ଭିଜାଇ ଉଡ଼ାଜାହାଜର ପେଟ୍ରୋଲ ଦେବା ଯାଗାରେ ନେଇ ଚିପୁଡ଼ିଲେ ଓ ନିଜେ ଯେତେ ପାରିଲେ ସେତେ ଭରଣି କରି ଦେଲାରୁ ଉଡ଼ାଜାହାଜ ପୁଣି ଚାଲିଲା । ସେ ଆଉ ଟିକକେ ନୂଆ ପୃଥିବୀ ଉପରେ ପଡ଼ି ଛାରଖାର ହୋଇ ଯାଇଥାନ୍ତେ । ବହୁ ଯତ୍ନରେ ସେ ଜାହାଜକୁ ଧ୍ୱଂସ ମୁଖରୁ ବଞ୍ଚାଇଲେ । ଏବଂ ତତ୍ପରେ ସେହି ପୃଥିବୀକୁ ପ୍ରଦକ୍ଷିଣ କରିବାକୁ ଲାଗିଲେ । ସେ ବର୍ତ୍ତମାନ ଦେଖି ପାରିଲେ ଯେ ଯେଉଁ ସବୁ କ୍ଷୁଦ୍ର କ୍ଷୁଦ୍ର କୀଟ ଦେଖାଯାଉଥିଲା ସେ ଗୁଡ଼ିକ ଏବେ କ୍ଷୁଦ୍ର କ୍ଷୁଦ୍ର ଖଦ୍ୟୋତ ପରି ଦିଶୁଛି । ସେ ଉଡ଼ାଜାହାଜକୁ ଆହୁରି ନିକଟକୁ ନେଇ ଦେଖିଲେ ଯେ ସେ ଗୁଡ଼ିକ କ୍ରମେ ଉଜ୍ଜ୍ୱଳତର ଦେଖାଯାଉଛି ଏବଂ ସେ ଗୁଡ଼ିକ କୌଣସି ଗୋଟାଏ ସ୍ଥାନରେ ସ୍ଥାଣୁବତ୍ ନରହି ଅବିରତ ନାନାସ୍ଥାନରେ ବିଚରଣ କରୁଛନ୍ତି ଏବଂ ଯେତେଦୂର ସମ୍ଭବ ସେ ଗୁଡ଼ିକ ନିରୁପଦ୍ରବ । ତହୁଁ ଟମ୍ବୁରଙ୍କ ଧୀରେ ଧୀରେ ସେ ପୃଥିବୀ ଉପରେ ଉଡ଼ାଜାହାଜ ନେଇ ରଖିଲେ । ଉଡ଼ାଜାହାଜ ରଖିଲାକ୍ଷଣି ଅନେକ ତା ଭିତରୁ ଏଣେ ତେଣେ ପଳାଇ ଗଲେ । ଅଳ୍ପକେତେକ ମାତ୍ର ତାହା ନିକଟକୁ ଆସିଲେ । ତନ୍ମଧ୍ୟରେ ଜଣେ ଆସି ତାଙ୍କ ପଦରେ ପଡ଼ିହୋଇ ପଚାରିଲା, ବାବା, ତୋ ମା ସେଠି କେମିତି ଅଛି ? ୨୫ ବର୍ଷ ହେବ ତାକୁ ଦେଖିନାହିଁ । ତୁ ଶେଯରେ ଥିବାବେଳେ ମୋ ପାଖକୁ ଏ ପୃଥିବୀର ଡାକରା ଆସିଲା । ତା ପରଠୁଁ ମୁଁ ଆଉ ତମ ଖବର ପାଇ ନାହିଁ । ଏଟା ଆତ୍ମାରାଜ୍ୟ । ଏଠାରେ ପଶୁପକ୍ଷୀ କୀଟ ପତଙ୍ଗ ସମସ୍ତଙ୍କର ଆତ୍ମା ଆସେ । ଆଉ କେହି ଏଠାକୁ ଆସି ପାରନ୍ତି ନାହିଁ । ଟମ୍ବୁରଙ୍କ ପଚାରିଲେ—ତମେ କ'ଣ ତେବେ ପିତାଙ୍କର ଆତ୍ମା ?

ସେ ଆଲୋକ ଉତ୍ତର ଦେଲା—'ହଁ' ।

ମୁଁ ତ ଆତ୍ମା ନୁହେଁ—ମୁଁ ପୁଣି ଏଠାକୁ କିପରି ଆସିଲି ?

ସେ ଉତ୍ତର ଦେଲା—ତୁ ମଧ୍ୟ ତୋର ଆତ୍ମା ଏ ଉଡ଼ାଜାହାଜମଧ୍ୟ ତୋ ଉଡ଼ାଜାହାଜର ଆତ୍ମା । ଏଠାରୁ ୨୫୦୦୦ ମାଇଲ ଦୂରରେ ତୋର ମାନବ ଦେହ ଝୁଲୁଛି । କାରଣ ୨୫୦୦୦ ମାଇଲ ଭିତରେ ଆତ୍ମା ଛଡ଼ା ଆଉ ସ୍ଥୂଳପଦାର୍ଥ ଏଠାକୁ ଆସି ପାରିବ ନାହିଁ । ତୁ ରହି ଦେଖ, ମୋ ପରି ତୁ ମଧ୍ୟ ଗୋଟାଏ ଆଲୋକ ।

ଟମ୍ବୁରଙ୍କ ସତକୁ ସତ ରହି ଦେଖିଲେ ଲକ୍ଷ ଲକ୍ଷ ଆତ୍ମାଙ୍କ ପରି ସେ ମଧ୍ୟ କେବଳ ଆଲୋକ ମାତ୍ର । (ବାକୀ ପର ସଂଖ୍ୟାରେ ବାହାରିବ)


## ଆରୋଗ୍ୟ ମୋଦକ

ମଳବନ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ଯେପରି ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଂଛିତ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଆମ୍ଭର ଏହି ମୋଦକ ଦୈନିକ ରାତି ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନ କରି ସକାଳେ ଭଲ ଭାବରେ ଗୋଟିଏ ପୋଖତ ହୋଇଯିବ—ତରଳ ହେବ ନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ, ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ପକାଇ ଦିଏ । ପରେ ଔଷଧ ସେବନ ନ କଲେ ସୁଦ୍ଧା ନିୟମିତ ଝାଡ଼ା ହୋଇଥାଏ । **ମୂଲ୍ୟ**—୧୬ମାତ୍ରାକୁ ୫୧୯ (ଏକଟଙ୍କା) ୩୦ ମାତ୍ରାକୁ ୫ ୧।୮ ମାତ୍ର ।

ପ୍ରାପ୍ତି ଠିକଣା :—ଶ୍ରୀଧର ଗରାବଡୁ, ଭିଷଗାଚାର୍ଯ୍ୟ । ଭୁବନେଶ୍ୱର—ପୁରୀ


Digitized by srujanika@gmail.com

# ଶାନ୍ତି ଯାତ୍ରା ।

### (ଏକାଙ୍କ ନାଟକ)

## ପ୍ରଥମ ଦୃଶ୍ୟ ।

(ସ୍ଥାନ—ଫରାସୀ ରାଜଭବନ । ଉପସ୍ଥିତ ଡାଲାଡର, ଚେମ୍ବରଲେନ, ହାଲିଫାକ୍ସ)

ଡାଲାଡ଼ର—ଆପଣଙ୍କ ଇଟାଲୀ ଯାତ୍ରା ଶୁଭ ହେଉ ।

ଚେମ୍ବରଲେନ— ଶୁଭ ଶୁଭ ଅନେକଟା ଆପଣଙ୍କ ଉପରେ ନିର୍ଭର କରେ ।

ଡ଼—କିରକମ ?

ଚେମ୍ବା—ଏଇ ଯଦି ଆପଣ ଯଦି ମୋ କଥା ମାନି ଯାଇ ଚଳନ୍ତି ।

ଡ଼—ଅର୍ଥାତ୍ ଚେକୋସ୍ଲୋଭାକିଆ ପରି ? ଇଂରେଜଙ୍କ କଥା ଜଣା ପଡ଼ିଲାଣି । ଆପଣ କହୁଥିଲେ ଯଦି ଲଢେଇ ଲାଗିଲେ ଆମେ ଫ୍ରାନ୍ସକୁ ସାହାଯ୍ୟ ଦେବାକୁ ବାଧ୍ୟ ନୋହୁଁ ।

ଚେମ୍ବା—ସେଇଟା ଟୋଟାଏ ଲୋକ ଭୁଲିଇ-ବା କଥା ପୁଣି ପରେ ତ ଫ୍ରାନ୍ସ ଆମର ମିତ୍ର ଥିବାରୁ ତାଙ୍କୁ ସାହାଯ୍ୟ କରିବାକୁ ଆମେ ବାଧ୍ୟ ବୋଲି କହୁଛୁ ।

ଡ଼ାଲା—ଆପଣଙ୍କର ତେବେ ଭର୍ଷ କଥାଟା ଠିକ ?

ଚେମ୍ବା—କାମରେ ଦେଖିବେ ବଳେ ।

ଡ଼ାଲା—ମୁସୋଲିନୀଙ୍କୁ ଆମ କଥା କ'ଣ କହିବେ ତେବେ ?

ଚେମ୍ବା—ବିଶ୍ୱାସ କରନ୍ତୁ, ଯାହା କହିବି ଆପଣଙ୍କର ଭଲହିଁ କହିବି, ଆଉ ଯଉଁଥିରେ ଜଗତର ମଙ୍ଗଳ ହେବ ।

ଡାଲା—ଠିକ କହୁଛନ୍ତି ?

ଚେମ୍ବା—ସେଥିରେ ସନ୍ଦେହ ନାହିଁ ।

ଡ଼ାଲା—ହଉ ତେବେ—କିନ୍ତୁ କର୍ସିକା, ଟିଉନିସ, ଜିବୋଟି, ଆମେ କେବେ ଛାଡ଼ିବୁ ନାହିଁ ।

ଚେମ୍ବା—ଓଃ, ବ୍ୟସ୍ତ ହେଉଛନ୍ତି କାହିଁକି । ଦେଖାଯାଉ କଉଠିକା ପାଣି......

ଡାଲା—ହଁ, ଆପଣ ଖାଇଛନ୍ତି କ'ଣ ?

ଚେମ୍ବା—ଚିନ୍ତା ନାହିଁ—ଆମ ସଙ୍ଗରେ ଚୂଡ଼ା ଜଳପାନ ଅଛି ।

ଡାଲା—ଟୋପାଏ କଣ୍ଟ...........

ଚେମ୍ବା—ନାହିଁ, ଧନ୍ୟବାଦ । ଗାଡ଼ି ଟାଇମ ହୋଇଗଲା । ଗୁଡ ବାଇ ।

ଡ଼ାଲା—ଗୁଡ ବାଇ ।

## ୨ୟ ଦୃଶ୍ୟ

(ହିଟଲର ଓ ମୁସୋଲିନି ଏକାନ୍ତରେ ବସିଛନ୍ତି । )

ହିଟ—ବୁଢ଼ା ଚେମ୍ବରଲେନ ତୁମ୍ଭଠାରେ ଏତେ ଦୌଡ଼ୁଛି କାହିଁକି ?

ମୁସୋ—ସାଧେ କି—ଗୁଁ ତୋର ଗ୍ରେଟେ··· ବଲେ ।

ହିଟ—(ହସି) ଠିକ ଠିକ । ବୁଢ଼ାର ଯେ ଶାନ୍ତି ବାଇ ଧରିଛି—ସେଥିରେ ଆମର ଉପକାର ଛଡ଼ା ଅପକାର ନାହିଁ । ସେ ନଥିଲେ ଆମରତ ଲଢ଼େଇ ଲାଗିଥିଲା ।

ମୁସୋ—ତା ନୁହେଁ କଣ !

ହିଟ—ଅଚ୍ଛା ସେ ଆସିଲେ କଣ କହିବ ଭାବିଛ ?

ମୁସୋ—ସିଧା ସିଧା କହିଦେବି । ଯେପରି ଏ ପାଖରେ ଇଂରେଜମାନଙ୍କ ଟାଙ୍ଗ ନ ପଡ଼େ ।

ହିଟ—ଆଉ ଫ୍ରାନ୍ସ କଥା ?

ମୁସୋ—ହଁ, ସେ କଥା ବି, ଯଦି ବୁଢ଼ା ପଚାରେ ।

ହିଟ—ଉଁ—ହୁଁ ସେଟା ଠିକ ହବ ନାହିଁ । ଏକା ଥରକେ ଗୁଡ଼ାଏ ଗିଳିବା ଇଂରେଜ ଜାତିର ସ୍ୱଭାବ ନୁହେଁ । ଛେକି ଛେକି କରି ପଛେ ଦଶଗୁଣ ଗିଳିବେ ।

ମୁସୋ—କଣ କହୁଛ ବୁଝାଇ କରି କୁହ ନା ?

ହିଟ—ସବୁ ଦାବୀ ଗୁଡ଼ାକ ଏକାଥରେ ପକେଇ ଦେଲେ ବୁଢ଼ାକୁ ଯାଇପାରନ୍ତି ଏପରିକି ହୁଏତ କରିଣ ଯିବାର ଅସମ୍ଭବ ନୁହେଁ । ଏଥର ବୁଢ଼ାକୁ ବାଗରେ ପକେଇ ନେଇ ଗୁଣ୍ଡ ଦିଆଯାଉ । ଦେଖିଲ ନାହିଁ ମୁଁ କେମିତି ତିନିଥର ଘୋଷାରିଲି ।

ମୁସୋ—ତେବେ ବି ବୁଝିଲି ନାହିଁ ତମ କଥା ।

ହିଟ—ହାଃ—ହାଃ—ତମେ ମୋଠଉଁ କଉ ଗୁଣ ଯେ ତମକୁ ଶିଖାଇବି । ମୁଁ କହୁଛି କି ଏଥର କେବଳ ତମର 'ଆଟଲ' ଭାବଟା ଦେଖାଇ ଦିଅ—ଆଉ ତା ସାଙ୍ଗରେ ଅସ୍ତ୍ର, ଶସ୍ତ୍ର, ଜଳ ପବନର ଶକ୍ତିଟାବି । ଦେଖ, କିମିତିକା କାମ କରୁଛି ।

ମୁସୋ—ବେଶ, ବେଶ—ସେଇଆ କରିବି ।

ହିଟ—ମୁଁ ତେବେ ଆସେଁ—ଗୁଡ ବାଇ ।

ମୁସୋ—ପୁଣି ଦେଖା ହବଟି ! ଗୁଡ଼ବାଇ ।

## ତୃତୀୟ ଦୃଶ୍ୟ ।

ଇଟାଲି ରାଜପ୍ରାସାଦର କକ୍ଷ ।

(ମୁସୋଲିନୀ, କାଉଣ୍ଟସିଆନୋ, ଲର୍ଡ ହାଲିଫାକ୍ସ ଓ ଚେମ୍ବରଲେନ ଆସୀନ)

ମୁସେ—ହାଁ—ତେବେ ବାଟରେ ଆପଣଙ୍କର କିଛି କଷ୍ଟ ହୋଇନାହିଁ ତ !

ଚେମ୍ବା—ଥାଙ୍କ୍ ୟୁ—ମୋଟେ ନା ।

ମୁସେ—ଇଂଲଣ୍ଡର ସବୁ କୁଶଳ ତ ?

ଚେମ୍ବା—ଇଟାଲିର ବନ୍ଧୁ ପାଶରେ ଆବଦ୍ଧ ଥାଇ ଅକୁଶଳ ହୋଇପାରେ କି ?

ମୁସୋ—ଆପଣଙ୍କ ସୁନ୍ଦର ଦେଶ ମୁଁ ଥରେ ଯାଇ ପାରିଲି ନାହିଁ ଏକା !

ଚେମ୍ବା—ଥରେ ଗଲନ୍ତୁ ନା ।

ମୁସୋ—ଦରକାର କଣ ? ଆପଣମାନେ ତ ବରାବର ଆସୁଛନ୍ତି—ଦେଖା ହଉଛି । ତା ପରେ ମୋର କାମ ମୋତେ ବାନ୍ଧିଛି । ଏଇ ଦେଖୁଛନ୍ତି ତ ନଂ।



Digitized by srujanika@gmail.com

ସାମ୍ରାଜ୍ୟ ଅବହିଳିତର ମାପକାଠି । ତାପରେ ସ୍ପୁଟନିକ୍ ହେଉଛି, ଏ ପାଖର ଜଳଯାନ, ଉଡ଼ାଜାହାଜ ଇତ୍ୟାଦି । ସବୁଠାରୁ ବଡ଼ କଥା ସୈନ୍ୟ ବିଭାଗ । ଏହା ଦେଖନ୍ତୁ ନା, କୁମ୍ଭୀରର ମାର୍ଗ ଅମକୁ ମୁଁ ଥିବାର ସବୁଠାରୁ ବିଶାଳ ଜଳଯାନ ବିଭାଗ ଓ ସବୁଠାରୁ ବୃହତ୍ ବ୍ୟୋମଯାନ ବିଭାଗ ରଖିବାକୁ ଓ ତା ସଙ୍ଗେ ସଙ୍ଗେ ବଢ଼ାଇବାକୁ ପଡ଼ୁଛି ।

ରେମ୍ବା—ବାସ୍ତବିକ ଶାନ୍ତି ହେଲେ ଏ ସବୁର କିଛି ଦରକାର ହୁଅନ୍ତା ନାହିଁ ।

ମୃସୋ—ଠିକ୍, ସେଇ ଶାନ୍ତି ସକାଶେ ତ ଏତେ ବନ୍ଦୋବସ୍ତ । ଅପଣାର ବନ୍ଦୋବସ୍ତ ନ ରଖିଲେ ଶାନ୍ତି ହେବ କିପରି ? ସେନାବାହିନୀର ଶକ୍ତି ଯେ ଶାନ୍ତିର ଗେରେଣ୍ଟି ।

ରେମ୍ବା—ଏଇ ଅଯଥା ବ୍ୟୟରୁ ରକ୍ଷା ପାଇଲେ ଆମେ ଅଗ୍ରୋନ୍ନତ ଅନେକ କରି ପାରନ୍ତୁ ।

ମୃସୋ—ଏଟା ଆଉ କଣ କି ଭାବୁଛନ୍ତି ? ଏ ତ ଅଗ୍ରୋନ୍ନତ । ମୁଁ କାହାର ସହିତ ବିବାଦ କରିବାର ପକ୍ଷପାତି ନୁହେଁ । ତେବେ ଯଦି ଆମେ ଅଚଳ ଓ ବାଧ୍ୟ ହୋଇ ପଡ଼ୁଁ—ଇଟାଲି ଭାରି ଅପ୍ରତିହତ ସାମରିକ ଶକ୍ତିର ପରିଚୟ ଦେବାକୁ ସୁବିଧା ପାଇବ । କଣ କହୁଛନ୍ତି ?

ରେମ୍ବା—ଉଚିତ, ଉଚିତ । କିନ୍ତୁ ଆମର ଦେଖିବା ଦରକାର ଉଚିତ ଯେ ବିନା ବିକ୍ଷେପ ଭବେ ଯୁଦ୍ଧମାନେ କିପରି ଶାନ୍ତିପୂର୍ଣ୍ଣ ଉପାୟରେ ବାନ୍ଧୁଭାବରେ ରହି ପାରିବା ।

ମୃସୋ—ବିନା ଅଭ୍ରାତରେ !

ରେମ୍ବା—ତା ସତ୍ୟ ।

ମୃସୋ—ତେବେ ସେତିକି ହେଲେ ତ କଥା ସରିଲା ।

ରେମ୍ବା—ଯେତେଦୂର ସମ୍ଭବ ଅପଣା ୨ ଭିତରେ ଅପୋଷିରେ ତାହା କରି ନେଇ ହେବ ନାହିଁ କି ?

ମୃସୋ—ଅତି ଆନନ୍ଦର କଥା । ଅକାରଣ ଲୋକକ୍ଷୟ, ଅର୍ଥନାଶ କରିବାକୁ କିଏ ସୁଖ ପାଏ !

ରେମ୍ବା—ତେବେ ବ୍ରିଟେନ ଓ ଇଟାଲି ମଧ୍ୟରେ ହୋଇଥିବା ସନ୍ଧିଟା ଅଣା କରେଁ ସେହିପରି—ବରଂ ଅଧିକତର ଦୃଢ଼ ରହିବ ।

ମୃସୋ—ବର୍ତ୍ତମାନ ତ ନିଶ୍ଚୟ—ତେବେ ଭବିଷ୍ୟତ କଥା କିଏ କହିବ । ସେଟା ବ୍ରିଟେନର କାର୍ଯ୍ୟ କଳାପ ଓ ନ୍ୟାୟପରତା ଉପରେ ନିର୍ଭର କରେ ।

ରେମ୍ବା—ଅବଶ୍ୟ । ମୋ ହାତରେ କ୍ଷମତା ଥିବା ଯାକେ ତାହା ଭଙ୍ଗ ହେବ ନାହିଁ ।

ମୃସୋ—ଧନ୍ୟବାଦ ।—ମୁଁ ଆଶା କରେଁ ଅପଣ ଏଥର ନୋବେଲ-ଶାନ୍ତି-ପୁରସ୍କାର ପାଇଯିବେ ।

ରେମ୍ବା—ଥାଙ୍କ୍ ଇଉ, ଅପଣଙ୍କ ଶୁଭେଚ୍ଛା ନିମନ୍ତେ । ତେବେ ବିଦାୟ ଦିଅନ୍ତୁ । ଗୁଡ୍‌ବାଇ ।

ମୃସୋ—ଗୁଡ୍ ବାଇ ।—ମନେ ରଖିବେ କିନ୍ତୁ ଯେପରି ଶାନ୍ତି ପୁରସ୍କାରଟା ଖସିଯିବ ନ ପାଏ ।

## ଚତୁର୍ଥ ଦୃଶ୍ୟ ।

(ହିଟଲର ଓ ମୁସୋଲିନୀ)

ହିଟ୍—କଣ ହେଲା କହ ?

ମୃସୋ—ତମ କହିବା ମୁତାବକ ଦେଖେଇ ଦେଲି ଅକାଶଅ ହାଇକୋର୍ଟ ।

ହିଟ୍—ଦାବି ଗୁଡ଼ାକ କହିଲ କି ।

ମୃସୋ—ଏଡ଼େ ବେକୁବ୍ ହୋଇଛି ! ଖାଲି ଜଡ଼ିନ ଛୁ—

ହିଟ୍—ବେଶ୍ ବେଶ୍ ! ପକ୍କା ଓସ୍ତାଦ ଅଲ ତୁମେ । ବୁଢ଼ା ଏଥର ଅହୁରି ବଗରେ ଗଲା ପଡ଼ି ।

ମୃସୋ—ତା ପରେ ହଠାତ୍ ଦିନେ ଗୋଟାଏ ଦାବି ।

ହିଟ୍—ତାର କଣ—ଏକଦମ୍ ମାଡ଼ି ବସିବାକୁ ହବ—ତାପରେ ଯଙ୍ଗ କଥା ।

ମୃସୋ—ପ୍ରଥମେ ସ୍ପେନ ।

ହିଟ୍—ସେ ଯାହା ହେଉ । ଅଗ କଣ ଅଉ ପଛ କଣ ! ତୁମର ଗୋଟାଏ ସରିଲେ ମୋର ଗୋଟାଏ । ପୁଣି ତମର ପାଳି—ଏହିପରି ।

ମୃସୋ - ବହୁତ ଅଚ୍ଛା—ଗୁଡ଼ବାଇ ।

(ପଟ୍ଟ ପତନ)



ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ ପର୍ଯ୍ୟନ୍ତ ଅଖିଧରା, କାନ ଫଣା ମୁଣ୍ଡବଥା କୁଣ୍ଡିଆ, କାକୁ, ମଟଳା, ପୋଡ଼ା ଘା, ଛଉ ଦଉଦ, ଅଣ୍ଡାଦରେ ଇତ୍ୟାଦି ୫୭ ପ୍ରକାର ବ୍ୟାଧିରେ ଏକମାତ୍ର ମହୌଷଧ ଅଟେ । ପରୀକ୍ଷା ପ୍ରାର୍ଥନୀୟ

ଠିକଣା:—ଅସଲ ପଞ୍ଚଗୁଣା ତେଲ ଅଫିସ୍—କଟକ ।

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇ

**ବୃହତ୍ କନ୍ଦର୍ପ ମୋଦକ**

ଏହା ତରଳ ଧାତୁ ଗାଢ଼ କରଏ ଏବଂ ବଳ, ମାଂସ, ରକ୍ତଶକ୍ତି ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ସେରକୁ ୫୭୯, ସେ ୦ ୧ ରକୁ ୫୩ ସେ ୦ । କୁ ୫୨୯ ଭି: ପି:ରେ ଔଷଧ ପଠାଯାଏ

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍, ପି,

**ଦରିଦ୍ର ବନ୍ଧୁ ଔଷଧାଳୟ**

ଖପର ପଦା । ପୋ : କୋଠାର । ଜି : ବାଲେଶ୍ୱର

Digitized by srujanika@gmail.com

# ଡଗର ୧୩ଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟ ୨୫ଙ୍କା ପୁରସ୍କାର ! ‘ଡଗର’ ପାଠକମାନେ ପାଇ ପାରିବେ । ଟ ୨୫ଙ୍କା ପୁରସ୍କାର

ଦୁଇଅଣାର ପୋଷ୍ଟାଲଅର୍ଡର ବା ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପୋଷ୍ଟାଲଅର୍ଡର ବା ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free

| | | | | | | |
|---|---|---|---|---|---|---|
| ■ | ୧ ଖୁ | ୨ (ଷ୍ଟି) | ■ | ୩ | ର | ■ |
| ୪ | ■ | ୫ ଅ | ୬ | ଣା | ■ | ୭ ଗୁ |
| ୮ ନ | ୯ | ■ | ସ୍ୱ | ■ | ୧୦ ଗ | |
| ■ | ୧୧ ଗ | | ■ | ୧୨ | ର | ■ |
| ୧୩ ସ | | ■ | ୧୪ | ■ | ୧୫ | ୧୬ ନ |
| | ■ | ୧୭ | ର | ୧୮ କା | ■ | |
| ■ | ୧୯ | ଳ | ■ | ୨୦ | ଷା | ■ |


| | | | | | | |
|---|---|---|---|---|---|---|
| ■ | ୧ ଖୁ | ୨ (ଷ୍ଟି) | ■ | ୩ | ର | ■ |
| ୪ | ■ | ୫ ଅ | ୬ | ଣା | ■ | ୭ ଗୁ |
| ୮ ନ | ୯ | ■ | ସ୍ୱ | ■ | ୧୦ ଗ | |
| ■ | ୧୧ ଗ | | ■ | ୧୨ | ର | ■ |
| ୧୩ ସ | | ■ | ୧୪ | ■ | ୧୫ | ୧୬ ନ |
| | ■ | ୧୭ | ର | ୧୮ କା | ■ | |
| ■ | ୧୯ | ଳ | ■ | ୨୦ | ଷା | ■ |

| | | | | | | |
|---|---|---|---|---|---|---|
| ■ | ୧ ଖୁ | ୨ (ଷ୍ଟି) | ■ | ୩ | ର | ■ |
| ୪ | ■ | ୫ ଅ | ୬ | ଣା | ■ | ୭ ଗୁ |
| ୮ ନ | ୯ | ■ | ସ୍ୱ | ■ | ୧୦ ଗ | |
| ■ | ୧୧ ଗ | | ■ | ୧୨ | ର | ■ |
| ୧୩ ସ | | ■ | ୧୪ | ■ | ୧୫ | ୧୬ ନ |
| | ■ | ୧୭ | ର | ୧୮ କା | ■ | |
| ■ | ୧୯ | ଳ | ■ | ୨୦ | ଷା | ■ |


ନାମ ______________________ ଠିକଣା ______________________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । ଡଗରର ଶବ୍ଦଧନ୍ଦା ଭେଦ କରିପାରିଲେ ମନ ଯାହା ହୁଏ ।

୩ । ସ୍ଥାନେ ସ୍ଥାନେ ପଥିକ ଏହା ତଳେ ଆଶ୍ରୟ ନିଏ ।

୫ । ଲୋକେ ହଠାତ୍ ଏଭଳି ଲୋକକୁ ସମାଜରେ ସ୍ଥାନ ଦେବାକୁ କୁଣ୍ଠିତ ହୁଅନ୍ତି ।

୮ । ଯେ ନାଟ କରେ ।

୧୦ । ହସ୍ତୀର ଅନ୍ୟନାମ ।

୧୧ । କବୁଲିଥିବା ମୂର୍ଖ ପିଲାଙ୍କୁ ଅବଧାନେ ଅନେକ ସ୍ଥଳରେ ଏଭଳି ସମ୍ବୋଧନ ଦିଅନ୍ତି ।

୧୨ । କ୍ରମେ ଏହା ଅତିରିକ୍ତ ହେବାରୁ ଅନେକ ଗଡ଼ଜାତ ପ୍ରଜା ଘରଛାଡ଼ି ପଳାଇ ଯାଉଛନ୍ତି ।

୧୩ । କେହି କେହି କଥା କହି ପାଣିରେ ଏହା ପକାନ୍ତି ବୋଲି ପ୍ରବାଦ ଅଛି ।

୧୫ । ଏହାର ଜାଡ଼ି ପ୍ରବଳ ହେଲେ ମଧ୍ୟ ଶକ୍ତିଶାଳୀ ପୁରୁଷ ଏକା ଭୋଗିବାର ପାରେ ।

୧୭ । ଏହା କେଉଁଠାରେ ପଡ଼ିଲେ କିଏ ଗଣନା କରିବ ?

୧୯ । ଏହା ସବୁ କୁସୁମର ମଧୁପାନରେ ମତ୍ତ ହୁଏ ।

୨୦ । ଏହାର ସ୍ନିଗ୍ଧ ସୁଷମା କାହାକୁ ପୁଲକିତ ନକରେ ?

## ଉପର-ତଳ ଭାବରେ ।

୨ । ତଳୁ ଉପରକୁ ପଢ଼ିଲେ କାହାଙ୍କ ଅଗରେ ଏଥିରେ ବଳ ପଡ଼ି ଯିବନି !

୩ । ସଂସାରର ଦୁଃଖୀ ଦୁନିଆ ଚକରେ ପଡ଼ି କେତେକ ଆପେ ଆପେ ଏହା ହୋଇ ଯାଆନ୍ତି ।

୪ । ଏ ବଳର ଅନିଷ୍ଟପ୍ରଦ ଅବସ୍ଥାରେ କେହି କେହି ବେପାର କରି ସମ୍ପଦ କରିଥାନ୍ତି ।

୬ । କେତେକ ପ୍ରଖ୍ୟାତ ନେତା ସ୍ୱଜାତିପ୍ରୀତିକ ରଣରେ ଏମନ୍ତ ଦେଖାଇ ଏହା ପ୍ରାପ୍ତ ହୁଅନ୍ତି ।

୭ । ଓଡ଼ିଆଙ୍କ ପାନରେ ବିଶେଷତା ଯାହା ।

୯ । ଧଳା ରଙ୍ଗର ଫୁଲ ।

୧୦ । ହଠାତ୍ କିଛି କ୍ଷମତା ପାଇଲେ କାହାର କାହାର ଏହା ବଢ଼ିଯିବାର ଦେଖାଯାଏ ।

୧୩ । ଆଜିକାଲି ଏଭଳି ଖବର ଜାଣିବାକୁ ଲୋକେ ଆଗ୍ରହରେ ଚାହିଁ ରହିଥାନ୍ତି ।

୧୪ । ଯେଉଁ ଦେବତାଙ୍କ ନାମ୍ନିକାର ବିଷୟ କାଳିଦାସଙ୍କର କୁମାର ସମ୍ଭବରେ ସମ୍ଭବତଃ ଶ୍ରେଷ୍ଠସ୍ଥାନ ଅଧିକାର କରିବ ।

୧୬ । ଏଥିରେ ମେଘ ବିଚରଣ କଲେ କେତେକ ଭାବପ୍ରାଣ ଲୋକଙ୍କର ମେଘଦୂତର ବିରହି-ଯକ୍ଷ କଥା ମନେପଡ଼େ ।

୧୮ । ଗଛ ପାହାଲିଗି ବଢ଼ଇ— ।

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦।୨ ଓ ଦ୍ୱିତୀୟ ଖଣ୍ଡକୁ ୦।୧ ଲେଖାଏ **(ଶେଷ ତା ୨୭।୨।୩୯)**

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବାଧା ଅଥବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ଦେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିବାକୁ ଠିକ୍ ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ଲେଖାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୮ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୨୮ ପାଇବ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୮ ଅତିରିକ୍ତ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାଙ୍ଗା ୫୮୮ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରାଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଅପରପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତାହାଁ ସଙ୍ଗେ ଦୁଇଅଣାର ପଇସିଅଥ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/୬ ଓ ୨ୟ ଟି ପାଇଁ ୫୦/ର ପଇସିଅଥ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯେକୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୧ ମସିହା ଫେବୃୟାରୀ ୨୭ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୧୩ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

## ୧୧ଶ ଶବ୍ଦଧନ୍ଦା ଆପତ୍ତିର ଜବାବ ।

ଏଠାରେ ଆକ୍ଷେତକ ବାକ୍ୟର ଭାବଧେନ ଦେଇ ନିର୍ଣ୍ଣୟ କରାଯାଇଛି । ସ୍ୱାର୍ଥ ନଥିଲେ କେହିଅ ହେଉଥିବା ଯେ ହେଉ ଯେଉଁଠି ଗାଳି ଖାଇବାର ଭୟ ଅଛି ସେଠିକି ଯିବନାହିଁ । ସ୍ୱାର୍ଥ ନଥାଇ ଯେଉଁଠି ବିନା କାରଣରେ ଗାଳି ଗାଳି ଖାଇବାକୁ ହୁଏ ସେଠାକୁ ଯାଇ ଲୋକ କେହିଅମି କରିବ କାହିଁକି ? ଏଠାରେ କେବଳ ଗାଳି ଖାଇବା କଥା ହେଉଛି । ମାତ୍ର ଏ ଗାଳି ଯେ କାହିଁକି ଖାଇବାକୁ ହେବ ତାହା ଅର୍ଥରୁ ସୂଚିତ ହେଉନାହିଁ । ମାତ୍ର ଗାଳି ଖାଇବା କଥା ହେଲେ ତାହାର କାରଣ ଖୋଜିବାର ଆବଶ୍ୟକତା ରହୁନାହିଁ । ତେଣୁ ଏଠାରେ 'ଗାଳି' ପ୍ରଯୁଜ୍ୟ ।

୧୮ ସିଧା—ଏଠାରେ ଅଳ୍ପକାଳ ଶବ୍ଦ ଉପରେ ଜୋର ଦିଆଯାଉଛି । କ୍ଷମତା ନଥିଲେ ଅଳ୍ପକାଳ ବନ୍ଧୁତ୍ୱ ସ୍ଥାୟୀ ହେବାର ଦେଖାଯାଏ ନାହିଁର ଅର୍ଥ କ୍ଷମତା ଥିଲେ ଅଳ୍ପକାଳ ବନ୍ଧୁତ୍ୱ ସ୍ଥାୟୀ ହେବାର ଦେଖାଯାଏ । ଅଳ୍ପକାଳ ସ୍ଥାୟୀ ହେବାର ଦେଖାଯାଏର ଅର୍ଥ ଅଳ୍ପରୁ ଏହି କ୍ଷମତା ଥିଲେ ବନ୍ଧୁତ୍ୱ ସ୍ଥାୟୀ ହେଉନଥିଲା ଏବଂ ପରେ ଯେ କ୍ଷମତାଥିଲେ ସ୍ଥାୟୀ ହେବ ଏକଥା କେହି କହିପାରିବ ନାହିଁ । ତେଣୁ 'ଅଳ୍ପକାଳ' ଶବ୍ଦ ପ୍ରୟୋଗ ଦ୍ୱାରା 'ସ୍ଥାୟୀ'ର ଜୋର କମି ଯାଉଛି । ମନେ ହେଉଛି ସ୍ଥାୟୀର ଅର୍ଥ ଯେପରି କ୍ଷଣସ୍ଥାୟୀ ଅର୍ଥାତ୍ ଅଳ୍ପକାଳଲାଗି ସ୍ଥାୟୀ । ତେଣୁ ବର୍ତ୍ତମାନ ପୃଥିବୀର ରାଜନୈତିକ ଅବସ୍ଥା ତଥା ସାମାଜିକ ଅବସ୍ଥା ଦେଖିଲେ ବୁଝାଯାଏ ଯେ ଯାର କ୍ଷମତା ଥାଏ ଲୋକେ ତା'ର ସଙ୍ଗରେ ବନ୍ଧୁତ୍ୱକୁ ସ୍ଥାୟୀ କରିବାର ଚେଷ୍ଟା କରିଥାନ୍ତି ।

୧୮ ଉପରତଳ—ସତ ବଳବାନ ହେଲେ ଅଦୌ ଲୋପ ପାଏନାହିଁ ଏକଥା ସତ । ସୁତରାଂ ସହଜରେ ଲୋପପାଏ ନାହିଁ ଥିବାରୁ ଷତ ହେବ । କାରଣ ସତ ସହଜରେ ଲୋପ ପାଏ ନାହିଁ—କଷ୍ଟରେ ବା ବହୁ ଚେଷ୍ଟାରେ ମଧ୍ୟ ଲୋପ ପାଏ ନାହିଁ ।

୨—ଓଳକୁ ଯିଏ ପାରେ ସିଏ, ଯଉଠି ପାରେ ସେଇଠି ଚତା କାଟିଦିଏ । ମାତ୍ର ଯିଏ ଗାଲୁ କରେ ସେ ଠାଏ ଠାଏ ଠକିଯାଏ ।

୧୪—ଉପରତଳ—ଭିଡ଼ିରେ ଲୋକ ଜନ୍ମତ ହୁଏନାହିଁ—ହତାଶ ହୁଏ—ବିରକ୍ତ ହୁଏ । ମାତ୍ର ବିବାହ ଅବସରରେ ଯୁବକ ଯୁବତୀ ମାନେ ମିଳନ ଆଶାରେ ଉନ୍ମତ୍ତ ହୁଅନ୍ତି । ଏଠାରେ ଉନ୍ମତ୍ତ ଅର୍ଥ ପାଗଳ ନୁହେ ।

—*—

## ୧୨ଶ ଶବ୍ଦଧନ୍ଦାର ଉତ୍ତର ।

| | | | | | | |
|---|---|---|---|---|---|---|
| ୧ ମ | ୨ (ତ) | ଛ | | ୩ ଟ | ଲ | ୪ ମ |
| ଖ | | ୫ ନ | ୬ କ | ଲ | | ଛ |
| ୭ ନ | ୮ ଠ | | ଲ | | ପ | ର |
| | ୧୦ କ | ଥା | | ୧୧ ଡେ | ଲ | |
| ୧୨ ଖ | ସ | | ୧୩ ଡ | | ୧୪ କ | ୧୫ ବା |
| ଦ | | ୧୬ ଙ୍ଗା | ଡ଼ | ୧୭ ଅ | | ଦୁ |
| ୧୮ ର | ଗ | ଡ | | ୧୯ ର | ଖୁ | ଣୀ |

(ପର ସଂଖ୍ୟାରେ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ନାମ ଘୋଷିତ ହେବ)

Digitized by srujanika@gmail.com

# ବିଦାୟ ୧୯୩୮ ଓଡ଼ିଶା

କ-ରେ କଂଗ୍ରେସ କଲ ଗୁଲେ ଦମାଦମ୍,
        କଟଡ଼ା ଖାଇଣ କେତେ ହୋଇଲେ ବେଦମ୍ ।
ଖ-ରେ ଖାଇଲେ ଖଡ଼ା ଖାରେ ମନ୍ତ୍ରୀବର,
        ଖସିଣ ମଞ୍ଚାରୁ ଖଟର ଗଲେ ନିଜ ଘର ।
ଗ-ରେ ଯେ ଗାନ୍ଧିବୁଢ଼ା ଗୁଜର ଗାରଡ଼,
        ଗଡ଼େଇ ଉଠନ୍ତି ନାଗବସ୍ତୁ ଗଡ଼ବଡ଼ ।
        ଗଡ଼ଜାତ ଗଣ୍ଡଗୋଳ ଗରମା ଗରମ,
        ଗୁମ୍‌ଗାମ୍ ଗୁଳ ଗୁଲେ ନରମ ନରମ ।
ଘ-ରେ ଘନେଇ ଆସେ ଭଷ ଘମାଘୋଟ,
        ଘରେ ଘରେ ହୋଇ ଗଲା ଜିଲ୍ଲାବୋର୍ଡ଼ ଭୋଟ ।
ଙ-ରେ ଅବାଟ ଅଢ଼ ଅହଂକାର ଭିଡ଼,
        ଅଦର ହେବାରୁ ଅଢ଼ ଅଚଳ ଯେ ଅଢ଼ ।
ଚ-ରେ ଚମକଦାର ପ୍ରୀତ ଛଡ଼ାଛଡ଼,
        ଚୂଗୁଲ୍, ଚରଣ ଚୂଟି ପଣ ବଢ଼ାବଢ଼ି ।
ଛ-ରେ ଛନକା ପଶେ ଛାତରେ କାହାର,
(ଛେର) ଛେକ ଛେକ ଛକି କରେ ସିଙ୍ଗାଣି ବାହାର ।
ଜ-ରେ ଜହରଲାଲ୍ ବୁଲିଲେ ଭାରତ,
        ଜନ୍ତା ଜମାଇଲେ ଏଣେ ଜବ୍ବର ଜମାତ୍ ।
        ଜମିଦାରଙ୍କର ହେଲା ଜବ୍ବସନ୍ଧହାଲ୍,
        ଜୋକ ମୁହଁ ଲୁଣପରି ହୋଇଲେ ନକାଲ୍ ।
ଝ-ରେ ଝଗଡ଼ା ଝାମ୍ପି ଲାଗେ ଝମାଝମ,
        ଝାମ୍ ମାରି ଯାଇ ଝାଳ ବହେ ଗମାଗମ୍ ।
ଞ-ରେ ଅଫିମ କାନ୍ଦେ ଅଖି ମଳ ମଳ,
        ଅକଲରେ ପଡ଼ ମଦ, ତାଡ଼ କରେ ଅଳ ।
ଟ-ରେ ଟାଂଗୁଆମାନେ ଗଡ଼ାଇଲେ ମାଳ,
        ଠାକୁର ଉଠିଲ ଟୋକା ଟୋକାଙ୍କର ବାଳ ।
        ଟ, ଏବେ ମିଳିଲା ଯାହା ଟାଣିଲା ଟ-ପାର୍ଟି,
        ଟଙ୍କା ବୋଲି ରହିଗଲା ଭୁଚ୍ଛା ଟେକା ମାଟ ।
ଠ-ରେ ଯେ ଠାକୁରଥ ଠକଙ୍କର ଜନ୍ମ,
        ଠେଲାଠାଲି ଗଲେ ପଶି ମାରି ଶୂନଚଉ୍ ।
ଡ଼ ରେ ଛେଳିଯନ୍ତ୍ର ଡର ମନ୍ତ୍ରୀଗଣ ଶଙ୍କି,
        ଡଣ୍ଡାମାର ପଟେଲଙ୍କ ଡ଼ମା ଅଖି ଦେଖି ।
ଢ଼ ରେ ପିଟନ୍ତି ଢୋଲ ଢାଇଁ ଢାଇଁ କରି,
        ଢମର ଢେଉରେ ସବେ ପଳାବନ୍ତି ଡରି ।
        ଢେଙ୍କାନାଳେ ଲାଗିଲା ଯେ ଢେଙ୍କୀ କୁଟାକୁଟି,
        ଢିପାଳ ଗୁପୁଡ଼ା ପୁଣି ଧରାଧରି ଚୁଟି ।
ଣ-ରେ ରଣ ନିନାଦ ବାଜଇ ଝଣ ଝଣ,
        ଅହିଂସା ସମରେ ମାତି ଯାନ୍ତି ପଣ ପଣ ।

ତ-ରେ ତ୍ରିପୁରୀ ଗ୍ରାମେ ଲାଗେ ସାଜସଜ୍ଜା,
        ତହିଁ ଏକା ଉଡ଼ୁଅଛି ସ୍ୱାଧୀନତା ଧ୍ୱଜା ।
ଥ-ରେ ପକାଇ ଥୋପ ଅଣ୍ଡା ହୋଇ ବସି,
        ଥକାମାରି ଗୁହଁଛନ୍ତି ନନା ହସି ହସି ।
ଦ-ରେ ଦମକା ହାଓ୍ୱା ରୁଷଦେଶୁଁ ଛୁଟି,
        ଦାଅ ଓ ହାତୁଡ଼ି ଘାତେ ପକାଉଛି କୁଟି ।
ଧ-ରେ ଧମକ ଦେଇ ମାରୁଅଛି ଧକା,
        ଧର ଧର ମାରମାର ପଡ଼ୁଛି ଯେ ହକା ।
ନ-ରେ ନମକସଛା ନଉକର-ସଙ୍ଘ,
        ନମସ୍ତେ ନମସ୍ତେ ବୋଲି ଡ଼ାକେ ବାହୁ ଟାହୁ ।
ପ-ରେ ପଣ୍ଡିତ ଏକା ଅଖାଡ଼ର ଦାଢ଼ି,
        ପଙ୍କରେ ଖସଡ଼ି ପୁଣି ପଡ଼ିଲେ କଗୁଡ଼ ।
ଫ-ରେ ଫିକର ଫନ୍ଦା ହେଲା ଫସର ଫାଟ୍,
        ଫୁଲ୍ ବନ୍ଦ ଫାଙ୍କେ ଫାଙ୍କେ ଖାଇଗଲେ କାଟ୍ ।
ବ-ରେ ବଗୁଲ ବାଦ୍ୟ ବିଷାଣ ବଜାଇ,
        ବିଶ୍ୱନାଥ ବାଢ଼ି ଦେଲେ ବଡ଼ ବଡ଼ ବାଇ ।
        ବାସ୍ତୁଅ ବଳଦ ବୁଢ଼ା ବୋଲେ 'ବାବା ବାବା',
        ବୋବାଳି ବଳୁଆବୃନ୍ଦ ହୋଇଗଲେ ଡାବା ।
ଭ-ରେ ଭକୁଆ ହୋଇ ଭଜନା ରହିଲେ,
        ଭେପାମାନେ ଭୁସ୍କନା ଭେଟ ମାରିନେଲେ ।
ମ-ରେ ମହନ୍ତମାନେ ଗଣିଲେ ପ୍ରମାଦ,
        ମନ୍ତ୍ରୀଙ୍କ ହାତରେ ଦେଲେ ମହାପରସାଦ ।
        ମୌଲବି, ମୌଲନା ମିର୍ଜା ଅଡ ମିଅଁଗଣ,
        ମୁସ୍କିଲରେ ପଡ଼, କଲେ ମୁଫତ୍ ଗର୍ଜନ ।
        ମୁଷଲିମ୍‌ଙ୍କର ମସ୍ତ ମୁଷଳର ଘାତ,
        ମହା ମାତବ୍ବରମାନ କରିଲା ଚିତ୍‌ମାତ୍ ।
        ମଦନ ମାଲବ୍ୟ ବୁଢ଼ା ହୋଇଗଲେ ଟୋକା,
        ମହାତ୍ମା ମୋହନ ରହିଗଲେ ହୋଇ ବୋକା ।
ଯ-ରେ ଯୁଦ୍ଧକୁ କଲା ଯର୍ମାନ ଜବଦ୍,
        ଯାପାନ କରିଲା ତେଣେ ଚୀନକୁ ବଦ୍,
        ଯେକୋସ୍ଲୋଭିଅର ଯମ ହେଲେ ହିଟଲର୍,
        ଯୌବନ ଜୀବନ ଯାଚି ନନା ହେଲେ ପାର୍ ।
ର-ରେ ରାଜେନ୍ଦ୍ର ଦେଲେ ରାମ ନାମ ରକ୍ଷା,
        ରାଜ୍‌ଗୋପାଳଚାରୀ କଲେ ରାଷ୍ଟ୍ରଭାଷା ଶିକ୍ଷା ।
ଲ-ରେ ଲର୍ଡ୍ ଅଫଡେସନ ଲଭିଲ ନିର୍ବାଣ,
        ଲାଲ ଝଣ୍ଡା ଗୋଳ ହେଲା ଗୁରୁଅଡେ ଟାଣ୍ ।
ବ-ରେ ଓ୍ୱାର୍ଲ୍ଡ୍‌ ଚିମ୍ ଲଗାଇଲା ଡାକ୍,
        ବେକାର ବହିବେ ନାହିଁ ଦେଶରେ କିଛାକ୍ ।

(୧୪ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଚିଠି

'ଚେନାଚୁର୍ ଘୁଙ୍ଗୁର୍ ଦାନାଙ୍କଠାରୁ

ପାଇବେ ଶ୍ରୀ,

ରାଜା ବାହାଦୁର, ହିନ୍ଦୋଳ !

କ୍ଷନ୍ତିମାତ୍ ରାଜା ସାହେବ, କ୍ଷନ୍ତିମାତ୍ । ବାହା ବା—ବାହାବା—ବ'ହାବା ! ସାବାସ୍ ସାବାସ୍—ସାବାସ୍ ! ! ବଲିହାରି - ବଲି-ହାରି—ବଲି ହାରି । ଆଜି କଣ ଯେ କହିବି । ମୋ ପାଟିରୁ ଭାଷା ବାହାରୁ ନାହିଁ । ମୋ ପେଟଟା ଏତେ ଫୁରି ଉଠିଛି ଯେ ଗୁଡ଼ାଏ ବାନ୍ତି ନ କଲେ ସମ୍ଭାଳ ହେଉ ନାହିଁ । ଅଗ୍ରିମ ରାଜ୍ୟ ରାଜକୋଟ ରାଜ୍ୟ ସାଙ୍ଗକୁ ପଞ୍ଚ ପକାଇବାକୁ ଆପଣ ଏଡ଼ା ବଡ଼ ସାହସ କରି ବାହାରି ପଡ଼ିଛନ୍ତି । ମୟୂରଭଞ୍ଜ ମହାରାଜା ଆମ୍ଭଙ୍କ ସାଙ୍ଗରେ ଅଛନ୍ତି ମଧ୍ୟ । ଡର ନାହିଁ—ଅଗେଇ ଚାଲନ୍ତୁ । କେବଳ ଭାଇ ପରି ଚେନାଚୁର ଘୁଙ୍ଗୁରଦାନା ବି ପଛେ ପଛେ ଦଉଡ଼ିବ । ଜୟନ୍ତୁ—ଜୟନ୍ତୁ—ଟିକିଏ ଦୟା ରଖିଥିବେ ଟି । ମୋ କଥା ମାନିବେ । ଯୁଗ ବଦଳି ଯାଇଛି । ଛୋଟ ଛୋଟ କଥା ନ ମାନିଲେ ବିପଦର ସମ୍ଭାବନା । ଆମ୍ଭଙ୍କ ଘୋଷଣାରେ ଇଂରେଜ ଛୋଟ କେଁ ଟିକିକି ଅଛି ସେଇଟା ଆଜ୍ଞା ଚାହିଁକି—ଛାଡ଼ନ୍ତୁ ସେ କଥା । ଆମ୍ଭଙ୍କ ଉଦ୍ଦେଶ୍ୟ ଯେ ମହତ୍ ଏଥିରେ ସନ୍ଦେହ ନାହିଁ । ମୁଁ ଏଠୁଁ ଥାଇ ଗାଉଛି—

ସ୍ୱସ୍ତି ପ୍ରଜାଭ୍ୟୋ ପରିପାଳୟନ୍ତାଂ
ନ୍ୟାଯ୍ୟେନ ମାର୍ଗେଣ ମହୀମହୀଶା
ଗୋ ବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟଂ
ଲୋକାଃ ସମସ୍ତାଃ ସୁଖିନୋଭବନ୍ତୁ ।

ତୋଷାମୋଦୀ
ଚେନାଚୂର

ରାଜା ବାହାଦୁର ଓଡ଼ଗା

ଥୁକୁଲି, ଥୁକୁଲି, ପୁଣି ପାଟିରେ ପଶିଗଲା । ମନ୍ତ୍ରୀ ବାହାଦୁର ପରି ! ଆଜ୍ଞା, ଆଜି ଆପଣଙ୍କ ଦୁଃଖରେ ମୁଁ ବଡ଼ ଦୁଃଖିତ । ଏ କାଗଜଗୁଡ଼ା କି ବଦନାମ କଲେ ଆପଣଙ୍କୁ ! ଗାଳି ମିଛଟାରେ । ଆପଣ ଦେଶ ପଥ ଧରିଛନ୍ତି । ଚେନାଚୂରର ପରାମର୍ଶ ମାଫି କାମ । ସବୁସେ ଚୂପ୍ ଭଲ । ଯିଏ ଯାହା କହୁ ଆପଣ ଆଖି ବୁଜି ପଡ଼ିଥିବେ । ରାଜେନ୍ଦ୍ର ପ୍ରସାଦ ଆସିଲେ ଆପଣ ସିଂହ-ଭୂମିଟାକୁ ବଢ଼ାଇ ଦେବେ । ସୁଭାଷ କିଛି କହିଲେ, ମେଦିନୀପୁରକୁ ନା ଦାବୀ ଲେଖି ଦେବେ । ଆଉ ପଟ୍ଟାଭି ଯଦି କିଛି କହନ୍ତି ତେବେ ଆପଣଙ୍କ ଘର ଖଣ୍ଡିକ ଛାଡ଼ି ବାକୀ ତକ ଅନ୍ଧ୍ରକୁ ଦାନ କରି ଦେବେ । ଏ ଯୁଗର କର୍ଣ୍ଣ ବନିଯିବେ ଆପଣ । କିନ୍ତୁ ଯାହା ଦେବାର ଦିଅନ୍ତୁ ପଛେ ନିଜ ଘର ଖଣ୍ଡ ଓଡ଼ିଶାରେ ଯେପରି ରହେ । କାରଣ ଏଡ଼ା ମାଘରେ ଶୀତ ଯାଏ ନାହିଁ ଟି । ପୁଣି ବେଳକାଳ ଅଛି ।

ଥ୍ୟାଙ୍କ୍ୟୁ
ଚେନାଚୁର


ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ-ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦ୍ୟମହୀନତା, ନୈରାଶ୍ୟ, ନପୁଂସକ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା-ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବିଜୁଳି ପରି ଶକ୍ତି ଖେଳେ । ଦୀର୍ଘଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୧ ମାତ୍ର ।

ନୟା ସଡ଼କ
ପୋ: ଅ ବୃନ୍ଦାଗୌରୀ,
କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୀର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
Co/ଶ୍ରୀ ବାଲୁକେଶ୍ୱରଅଗ୍ରୀର୍ଯ୍ୟ ଭିଷଗ୍‌ରତ୍ନ

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରକଣ୍ଟାଡ଼ା, ବସନ୍ତ,ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା) ପେଟମରା, ଅଜୀର୍ଣ୍ଣ,କାଶ,ପ୍ଳିହା, ଶ୍ୱାସ,ଅର୍ଶ,ରକ୍ତପିତ୍ତ, ରକ୍ତଅପରିଷ୍କାର ଅମବାତ, ଅଣ୍ଡ ଗଣ୍ଡି ବାତ, କୋଷବୃଦ୍ଧି ଉନ୍ମାଦ ଅପସାର, ମୂର୍ଚ୍ଛା, ମୂତ୍ରବ୍ୟଥା, ମୂତ୍ରବନ୍ଦ, ମୂତ୍ରରୁଦ୍ଧ, ଦାନ୍ତମୂଳ ଫୁଲା, ଘଣ୍ଟି କାଫୁଲା, କଉଁଚି, କାଛୁ, କୁଣ୍ଡିଆ, ବଇଁଶ ,ମଚକା, ଭମଦଳା, ଯାଦୁ, ଛଉ, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପୂଜ ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
କବିରାଜ ଶ୍ରୀ ବିଶ୍ୱନାଥ ଦାସ
ଏ, ବି, ଏଲ୍, ଏଚ. ଏମ୍. ଏସ୍.
ଅଲିଶା ବଜାର, ପୋଃ ବୃନ୍ଦାଗୌରୀ କଟକ ।





ଭଞ୍ଜପ୍ରଦୀପ ଅଷ୍ଟମଭାଗ ୧ମ ସଂଖ୍ୟା

ସାହିତ୍ୟ ଓ ତାହାର ପ୍ରୟୋଜନୀୟତା—ନୂଆ କଥା କିଛି ନାହିଁ ।

କ୍ଷଣିକତା—ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ । ଭାବପୂର୍ଣ୍ଣ କବିତା !

ଜୀବନ ଓ ସନ୍ଧ୍ୟା—ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର ଦାର୍ଶନିକ କବିତା ।

ଶ୍ରୀଧର ଗୁପ୍ତଙ୍କର 'କାବ୍ୟ ବିଶ୍ଳେଷଣ' ପ୍ରବନ୍ଧର ପ୍ରଥମ ଭାଗ ତୁଳସୀ ଦୁଇ ପତ୍ରରୁ ବାହିଲା ପରି ଜଣା ଯାଉଛି । ଏପରି ଚିନ୍ତାଶୀଳ, ମୌଳିକ ଓ ଗବେଷଣା ମୂଳକ ପ୍ରବନ୍ଧ ଲେଖିବାର ଶକ୍ତି ଓଡ଼ିଶାରେ କମ ଲୋକଙ୍କର ଅଛି । ଲେଖକ 'ସ୍ଥବିର' ହେଲେ ହି ତାଙ୍କ ପ୍ରାଣ ଯେ କୌଣସି ଯୁବକଠାରୁ ହି ସରସ । ଯେ 'ଗୁପ୍ତ' ହୋଇ କେତେ ଦିନ ରହି ପାରିବେ—ଯେତେବେଳେ ତାଙ୍କର ପ୍ରତିଭା ଜଗତକୁ ମୋହିତ କରିବ ?

'କଳାକୃଷ୍ଣ ଜିହ୍ବା କଳାପ'—ଶ୍ରୀ କ୍ଷୀରୋଦ ଚନ୍ଦ୍ର ଧଳ । ଲେଖକ ମହାଶୟ 'କ' ଅକ୍ଷରର କୁଶଳ କସରତ ଦେଖାଇ ପାଠକଙ୍କୁ ଚମତ୍କୃତ କରି ଦେଇଛନ୍ତି—ମାତ୍ର ରସ ହୀନତା ଯୋଗୁଁ ପ୍ରାଣ ତୃପ୍ତି ଅସମ୍ଭବ ହୁଏ ନାହିଁ । ଅଧ ଲୋକ ତାହା ମାଟି କରି ଦେଇଛି ।

ଶ୍ରୀ ଜଗନ୍ନ ମୋହନ ସେନଙ୍କର ଚନ୍ଦ୍ର ସାଗର-ସଙ୍ଗମ ର ପରିକଳ୍ପନାରେ କି ତୂଳିକା କୌଶଳରେ ଅତି ଉଚ୍ଚ ସ୍ଥାନ ଅଧିକାର କରିବାର କଥା ।

ଚିତ୍ର ଶିଳ୍ପୀ ବିପିନ ଚୌଧୁରୀଙ୍କ 'କୌତୂହଳ' ଓ 'ଦୂର ଭଉଣୀ'ରେ ଭାବ ବେଶ୍ ପରିସ୍ଫୁଟ ।

'Dhenkanal Satyagraha'& 'Dhenkanal Unrest' By B.N. Banerjee B. A. Published by the Nationae Publicity Bureau, Cuttack.

କଟକରେ ଏପରି ଏକ ଛାପାଖାନା ପ୍ରକାଶ ହେବାର ଅଭାବ ଅମେ ପ୍ରଥମେ ଏଥିରୁ ପାଇଲୁଁ । ଏହାର ଉଦ୍ଦେଶ୍ୟରୁ କାଣ୍ଡେ ହସ୍ତଗତ ହୋଇଥିଲେ ଅମଳ ବୃନ୍ଦେ ବୃନ୍ଦେ ସମସ୍ତଙ୍କୁ ଅସିଥାନ୍ତା । ଯାହା ହେଉ, ଢେଙ୍କାନାଳ ସମ୍ବନ୍ଧରେ ଅମେ ଯାହା ଖବର କାଗଜ ଏବଂ ବ୍ୟକ୍ତିଗତ ଅନୁସନ୍ଧାନରେ ଜାଣିଥିଲୁ ଏ ବହିଦ୍ୱୟ ତାର ଓଲଟା କହୁଛନ୍ତି । ବଡ଼ ଲୋକ କେହି ମରିଗଲେ ତାଙ୍କୁ ଯେପରି 'ଅମର' ହୋଇଗଲେ ବୋଲି କହି ଲୋକେ ତାଙ୍କର ମରଣଟାକୁ ମାନି ନଅନ୍ତି ଅମର ମନେ ହୁଏ, ଢେଙ୍କାନାଳ କର୍ତ୍ତୃପକ୍ଷଙ୍କ ସପକ୍ଷରେ ଗାଇବାକୁ ଯାଇ ଏ କିତାବ ଲେଖାକାର ପ୍ରକୃତ ଅବସ୍ଥାଟାକୁ ପ୍ରକାରାନ୍ତରେ ସ୍ୱୀକାର କରି ଦେଇଛନ୍ତି ।

ନିବେଦନ—ପ୍ରଣେତା ଓ ପ୍ରକାଶକ ଶ୍ରୀ କେଶବଚନ୍ଦ୍ର ମିଶ୍ରଙ୍କର ଢେଙ୍କାନାଳବାସୀଙ୍କ ପ୍ରତି । ଲେଖକ ଜଣେ ପଣ୍ଡିତ ଏବଂ ପ୍ରସିଦ୍ଧ ଜ୍ୟୋତିଷ ବୋଲି ଅମ୍ଭେମାନେ ଜାଣିଥିଲୁଁ । ତାଙ୍କର ଏଭଳି ପୁସ୍ତିକାର ବାରମ୍ବାର ପ୍ରକାଶ ଠାରୁ ନିଜର ଜ୍ଞାନର ଦକ୍ଷ ଜରଣଶଟାକୁ ଉପଯୋଗୀ କରି ପାରିଲେ ଦେଶର ଓ ତାଙ୍କର ତଥା ଢେଙ୍କାନାଳ ରାଜା ଏବଂ ପ୍ରଜାଙ୍କର ମଙ୍ଗଳ ହୁଅନ୍ତା । ·

## ଢେଙ୍କାନାଳ ଗ୍ରେର ଗୋଳ—

'ଜଣେ ପ୍ରଜା' ଏ ପୁସ୍ତକର ଲେଖକ । ଢେଙ୍କାନାଳ 'ପରଜା ଗୋଳ'କୁ ସେ ସମ୍ଭବତଃ ଗ୍ରେର ଗୋଳ ଅଖ୍ୟା ଦେଇଛନ୍ତି । ଏହି ପଦ୍ୟ ପୁସ୍ତିକାର ଗୋଟିଏ ପଦ ଉଦ୍ଧାର କଲେ ସେ ତାର ଅପଣାର ପରିଚୟ ଦେଇ ପାରିବ ।

ଗଣ୍ଡ ଗୋଳଅଙ୍କୁ ଦେଖିଲେ କେହି,
ପୋଲିସେ ହାଜର କରିଅ ନେଇ ।
ପାଇବ ବକ୍‌ସିସ୍ ବହୁ ଯେ

ଲେଖକ କେତେ ବକସିସ୍ ପାଇଥିବେ ତାହା ଲେଖିଥିଲେ ମଧ୍ୟ ଅତ୍ୟୁର ଭଲ ହୋଇଥାନ୍ତା । ଶେଷକୁ ଲେଖିଛନ୍ତି—

ରାଜ ଦରବାରେ ଶିରପା ଉଡ଼ଦି,
ଶୁଖିଯିବ ଲୁହ ଲହୁ ।

ଲୁହ ଲହୁ ଉପର ପରିସ୍ଥିତିରେ ଶୁଖେ ତା' ମଧ୍ୟ ଲେଖକଙ୍କୁ ଜଣା ନାହିଁ ।

### ପ୍ରଜାମଙ୍ଗଳ ଗୀତ ।

ପ୍ରଜା + ଅମଙ୍ଗଳ = (ସନ୍ଧି ହୋଇ) ପ୍ରଜାମଙ୍ଗଳ ହୋଇଛି କୀପରକୃତରେ ଏହା ସନ୍ଧୀଗ୍ରନ ଷଷ୍ଠିତତ୍‌ପୁରୁଷ ସମାସ ସେ ବିଷୟ ପାଠକେ ପଢିଲେ ବୁଝିବେ । ଏ ସବୁ ପୁସ୍ତିକାର ବିଶେଷ ଅଲୋଚନା କରି କୌଣସି ଲାଭ ନାହିଁ ।


# କଟକରେ

ନିମ୍ନଲିଖିତ ସ୍ଥାନମାନଙ୍କରୁ ଡଗର ପାଇ ପାରିବେ ।

୧—ନମ୍ବର ପୁରୁଣା କଲେଜଲେନ୍ ଗ୍ରନ୍ଦନୀଗ୍ରେକ (ଅବଜରଭର ଅଫିସ) କଟକ ।

୨—କଟକ ଟ୍ରେଡ଼ିଂ କୋମ୍ପାନୀ—ପୋ: ଚାନ୍ଦନୀଚୌକ—କଟକ ।

୩—ଉତ୍କଳ ବୁକ୍ ଏଜେନ୍ସି—ରାଣୀହାଟ, ପୋ: ଗୁଉଲିଆଗଞ୍ଜ—କଟକ ।


Digitized by srujanika@gmail.com




## ନାଗବଗ୍ରଙ୍କ କଲମରୁ

### ନାଗବଗ୍ରର କର୍ତ୍ତବ୍ୟ

ଅବେ ଅନେକ ବସ୍ତୁତି କରି ଏ କେତେକ ପାଠ ଶାଠ ପଢ଼ିଲେଣି । ଆମର ଏ ପାଠ ପଢ଼ାର ଲାଭ କ'ଣ ? ଗାଁରେ ତ ବହୁ ଶହ ଲୋକ ଅଶିକ୍ଷିତ ହୋଇ ରହିଛନ୍ତି । ନିଜର ନାଁ ଲେଖିଜାଣନ୍ତି ନାହିଁ, କି ଦେଶର ହାଲ ଚାଲ କିଛି ବୁଝନ୍ତି ନାହିଁ; ଖାଲି ଗାଈ ଗୋରୁ ପରି ଦୁଇବେଳ ମୁଠାଏ ଖାଇ ଦିନକୁ ଦିନ ଶୋଷିହୋଇ କାଳ କଟାଇ ଦେଉଛନ୍ତି । ଆଜି କାଲି ଯାହା ସବୁ ଘଟୁଛି—ସେମାନେ କିଛି ଜାଣିପାରୁ ନାହାନ୍ତି । ଆମେ ବହୁବାର, ନବ ଭାରତ, ସମାଜ, ଡଗର, ଉତ୍କଳ ସାହିତ୍ୟ ପ୍ରଭୃତି କେତେକ ପତ୍ରିକା ଦେଖୁଛେଁ, କିଛି ହେଲେ ଜାଣୁଛେ । ତେମାନଙ୍କ ଭିତରୁ ଅନେକ ଶୁଣି-ଥିବ, କେତେକ ମଫସଲମାନଙ୍କରେ ଦୁର୍ଭି-ମୂଲ୍ୟ, ଦୋକାନମାନେ କାପଡ଼ ଦରବଢ଼େଲ ପତ୍ର ପତ୍ରିକା ପଢ଼ି ଦେଶ ବିଦେଶରେ କ'ଣ ଘଟୁଚି ଜାଣନ୍ତି । ଆମର ଏଠିକା କାହିଁ ? ଏଥିରୁ ଜଣା ପଡ଼ୁଛି, ଏ ଜାତି କେତେ ଉପରକୁ ଉଠି-ଲେଣି । ସେମାନେ ନିଜର ଦେଶ ଓ ଜାତିକୁ ଉନ୍ନତିକୁ ଉଠାଇବାକୁ ଖୁବ୍ ଚେଷ୍ଟା କରୁଛନ୍ତି । ସେ ଚେଷ୍ଟା ଆମର କାହିଁ ? ଆମ ଦେଶ ଲୋକେ ତ ଖାଲି ଭୁଲିବି ବୋଲି ମନେ । ଦିନ ରାତି ଖାଲି ସ୍ୱାର୍ଥକୁ ଜଗିଚଳିଲେ ! ଏ କଥା ବୁଝୁଛି କିଏ ?

ଆମ ଉପରେ ଏ ସମସ୍ତ ଭାର । ଆମକୁ ଦୃଢ଼ତା ସହକାରେ କାମ କରିବାକୁ ହେବ । ଗାଁ ରେ ଛୋଟ ବଡ଼ ଅନେଙ୍କୁ ନେଇ 'ନୈଶ ବିଦ୍ୟାଳୟ' (night school) ଖୋଲିବାକୁ ହେବ । ଚାଷୀ ମୂଲିଆ ଯିଏ—ସେମାନେ ଦିନରେ କାମ କରି ରାତିରେ ପଢ଼ିବେ । ବର୍ତ୍ତମାନତ ଆମର ପରୀକ୍ଷା ସରିଛି ଫଣ୍ଡା ନାଦକ ! ଏହି ଫୁରସତ ସମୟରେ ଏଇଟି କଲେ କେତେକ ବଡ଼କାମ ନ ହୁଅନ୍ତା !

ଗାଁର ପିଲାମାନେ ମିଶି ଗୋଟିଏ ପାଠାଗାର ଖୋଲନ୍ତୁ । ଡମେତ କେତେ ବହୁ ପୁରସ୍କାର ପାଉଥିବ—ଏସବୁ ସେଠି ରଖନ୍ତୁ । ତମ ଭିତରୁ ବୃନ୍ଦା ସଂଗ୍ରହ କରି କେତୋଟି ମଗାନ୍ତୁ । ଏସବୁକୁ ଲୋକଙ୍କ ଆଗରେ ପଢ଼ନ୍ତୁ—ନୂଆ ନୂଆ ଖବର ଜଣାନ୍ତୁ । ସେମାନେ ଆନନ୍ଦ ହୁଅନ୍ତେ—ଶିକ୍ଷାର ମୂଲ୍ୟ ଜାଣନ୍ତେ ।

ଭଗବାନ ଆମ୍ଭମାନଙ୍କ ହୃଦୟରେ ବଳ ଦିଅନ୍ତୁ—ନିଶ୍ଚୟ କୃତକାର୍ଯ୍ୟ ହେବା । ବିଦାୟ !

ନ: ୧୫୪ ନାଗବଗ୍ରୁ

ଶ୍ରୀ ଶ୍ୟାମଳ ଚରଣ ମହାନ୍ତି ।

## ଆଈଙ୍କ ରୂପ ବର୍ଣ୍ଣନା ।

ଲେଖକ ସନ୍ତାନେ ଆଈଙ୍କର ରୂପ ବର୍ଣ୍ଣନା ଲାଗି,
କହିଲେ ଅନେକ ଅଜାବୁଢ଼ା, ସବୁ ସରମ ତ୍ୟାଗି
କହୁଛନ୍ତି-ଗଲେ ଶମଶାନେ ତୁମେ ଆଈ ପାଇବ,
ମିଛକଥା କିମ୍ପା କହ ଅଜା ? ବଡ଼ ପାପ ଅର୍ଜିବ ।
ଅଜା କଥାମାନ ଚଲି ଶମଶାନେ ଆଈଙ୍କୁ ଦେଖି,
ଅମା ନିଶାର ଘନ ଅନ୍ଧକାର ଭେଦ, ବାଟ ନ ଦେଖି ।

ବିବସ୍ତ୍ର ବୃନ୍ଦାବନେ ଡାକିଲି ଆଈଙ୍କୁ ଗଳାମେଲାଇ,
ଗୋଟିଏ ସେପଟୁ ପ୍ରତିଧ୍ୱନି ଭାସି ଆସିଲା-'ଆଈ' ।
ଶ୍ମଶାନ ସେପାଖେ କିଏ ମୂଳେ ଖସ ଖସ ଶବଦ,
ଶୁଣି ମୁଁ ଡରିଲି-ଆଈ ନଷ୍ଟେ ହେମେ ହୋଇ ଗଦ୍‌ଗଦ୍,

ଆସୁଛନ୍ତି ଏହି ବାଟଟିରେ ନଜେ ଦେବେ ଦର୍ଶନ
ଡହୁଳା ଅନନ୍ଦ ଚୂଲକେ ମତାଇ ଦେଲା ମୋ ମନ ।
ମାତର ଦେଖିଲି-ଆଈ ରୂପଥାଏ ଗଲୁଅଭିଳ,
ଅନାଇ ଅନାଇ ମୋଆଖିକୁ ଧାଇଁ ଗଲୁପଳାଇ ।
ଆଈଙ୍କୁ ନପାଇ ଶମଶାନେ, ଭର ହୃଦୟ ଧରି,
ଗାଳ ଦେଉଁ ଦେଉଁ ଅଜାଙ୍କୁ, ଘରେ ମୁଁ ଆସିଲି ଫେରି ।
ଛାତ ଉପରକୁ ଯାଇ ମୁଁ ଚାହିଁଲି ଦୂର ଆକାଶେ,
ତହିଁ ପଞ୍ଚମୀଶୀ ସ୍ୱରଗ-ଉଦ୍ୟାନେ ଗରବେ ହସେ ।

ଦେଖିଲି ନରେନ୍ଦ୍ର ବସିଛନ୍ତି ଅଈ ସେହି ଉଦ୍ୟାନେ,
ଝଟକୁଛି ରୂପ, ଆଖି ମୋର ତୃଷା ପଡ଼ିଲା ଯତନେ ।
ଆଖି ମେଲାଇ ମୁଁ ଦେଖିଲି ଆଈଙ୍କ ଅମିୟ ରୂପ,
ସ୍ୱରୂପ ଭଜକ ଅପସରୀ ସଙ୍ଗେ ଖାଇବେ ଖାପ ।
ଆମ ଲୁଗାରେ—ସେ ଗଢ଼ା ହୋଇଛନ୍ତି ଗୋଟେ ଗୁଡ଼ିଲେ,
କବି-ଅଜାଙ୍କର ମନ ଲାଗି ଏକା କହିଲେ ଚଳେ ।
ବୁଢ଼ୀ ଚୁଟିକୁତ ଅଈ ଆମ, କିମ୍ପା ମିଛ କହିବ ?
କଣ୍ଠୋଶ୍ରୀ ବସ୍ତ୍ର ପିନ୍ଧିଛନ୍ତି ଧୀରେ, କହୁଛି ସବ ।
ପିନ୍ଧିଛନ୍ତି ଦେହେ ଗାଢ଼ଅରଙ୍ଗର ରେଶମୀ ଶାଢ଼ୀ,
ସାଇୟା, ସେମିଜ, ବ୍ଲାଉଜର କଥା ଗଲି ମୁଁ ଭୁଲି !
ଫୁଲା-ଫୁଲ୍ ଦାନ୍ତ ଟିକେ ଥାଇ ଧୀରେ ଧୀରେ ଦୋହଲେ,
ଗୋଡ଼ରେ ଶୋଭୁଛି ଉଞ୍ଚା ହିଲ୍‌ବାଲା ଜୋତାରୁ ହଲେ ।
ଗୋଲ ମୁହଁଟିରେ ମାଖିଥିଲେ ପୁଣି ବଡ଼ିଟି ସ୍ନୋ'
ପାଉଡ଼ର ବୋଳେ ମାଜିଥିଲେ, ମନେ ପଡ଼ୁନି ହୋ !
ସ୍ୱରଗ-ଉଦ୍ୟାନୁ ତୋଳିଆଣି କେତେ କାଉଁଳା ଫୁଲ,
ଖୋସିଥିଲେ ନିଜ ବେଣୀ ପରେ ହସି ହସି ଅତୁଳ ।
'ଅଲକାଲକାର' ତରୁଣୀଙ୍କ ପରି ଅଈଟି ମଧ,
କବିମାନେ ଯା'କୁ 'ଆଧୁନିକା' କହି ଲେଖନ୍ତି ପଦ୍ୟ ।
ଆଈଙ୍କ ଚରଣ ବନ୍ଦନା କରି ମୁଁ ହେଲି ସାର୍ଥକ,
ସେତେବେଳେ ମୋର ମନ ଥିଲା ଯାଇଁ ଆଈଙ୍କ ପାଖ ।
ଦେଖିଲି—ସେପଟୁ ଆସୁଛନ୍ତି କିଏ, ବୁଢ଼ାଟି ପରି,
ହାତରେ ରହିଛି-ନାଉରୁମ୍ପା ଆଉ ସାପ ପେଟରି ।
କାନ୍ଧେ ପୁଣି ଝୁଲେ ଝୁଲି ମୁଣ୍ଡି ଏକ, ମୁଣ୍ଡେ ପଗଡ଼ି;
ନରେଶ ଚହ୍ନିଲି ଅଜା ବୁଢ଼ା ଏତ ଅସନ୍ତି ମାଡ଼ି !
ଚାହୁଁ ଚାହୁଁ ସେତ ହୋଇଗଲେ ଗୋଟିଏ ନବ ଯୁବକ !
ଧରିଲେ ଆଈଙ୍କ ଶିଙ୍କରକୁ ମୋର ହେଲା ଚମକ ।
ବୋଉ ଆସି ପଛୁଁ ଡାକିଦେଲେ—ରସୁ ! ରାତି ଅଧରେ,
ଛାତପରେ କିମ୍ପା ବସିଛୁ ? ଯାଅ ତୁ ଶୋଇବୁ ଘରେ ।
କଳନା ରାଇଜୁ ଫେରିଲି ମୋହର, ବେଳ ନସ୍ୟନ
ତରବର ହୋଇ ଫେରି ଯାଇଁ ଘରେ କଲି ଶୟନ ।

ଶ୍ରୀ ଚୁମ୍ବାନନ୍ଦ ସାହୁ ।

## ଅଜାଙ୍କ ଗାରଡି

ଶକଳ—(୧୫୪) ବଙ୍ଗ ବଚ୍ଛେଦ ସମୟରେ ବନ୍ଦେମାତରଂ ଆନ୍ଦୋଳନ ସୃଷ୍ଟି ହୋଇଥିଲା । ଫଳରେ ବଙ୍ଗଳାକୁ ଆଉ ଦ୍ୱି'ଖଣ୍ଡ କରିବାର ସାଧ କାହାର ରହିଲା ନାହିଁ । ଏ ଆନ୍ଦୋଳନ ବଙ୍ଗଳାର ଯୁବକମାନେ କରିଥିଲେ । ତମେ ଯୁବକ ! ତମେ କାନ୍ଦିଲେ ଦେଶ ଉଦ୍ଧାର ହେବ ନାହିଁ । ତମେ ଯୁଦ୍ଧ କୌଶଳ ବାହାର ସଡ଼ । ନାଗବନ୍ଧୁମାନେ ସଭା କରି ବକ୍ତୃତା ଝାଡ଼ିଲେ କିଛି କାମ ହେବ ନାହିଁ । ଖାଲି କ୍ଷଣିକ ଉତ୍ତେଜନା ସାର ହେବ । ତମେ ଯୁଦ୍ଧ କରିବା ପାଇଁ ବାହାର ପଡ଼ । ଆଗେ ଏକତା ଲୋଡ଼ା । ଜଣେ ବାହାର ଲୋଭ ନାହିଁ । ଆଜି ଯଦି ସବୁ ଓଡ଼ିଆ ପିଲା କମ୍ପାନୀର ଇସ୍କୁଲମାନଙ୍କରୁ ବାହାର ଆସି କଲେକ୍ଟର ଆଗରେ ସତ୍ୟାଗ୍ରହ କରି କହନ୍ତି—'ଆମକୁ ଆଗ ପାଠ ପଢ଼ାଅ—ଅଲୁଅ ଦିଅ—ତାପରେ ତମେ କଳ ଚଳାଇବ' ତେବେ ଟାଟା କମ୍ପାନୀ ବାଧ୍ୟ ହୋଇ ତମ ଆଗରେ ମଥା ନୁଆଁନ୍ତା ।

ମତିସ୍ୱପ୍ନ ମୂର୍ଚ୍ଛା ନ କରି ଛିନ୍ନମସ୍ତା ପୂଜା କରିଛ ଶଣି ସୃଷ୍ଟି ହେଲା । ଆମର ଦେଶ ଛଡ଼ା ଆଉ ଦ୍ୱିତୀୟ ଠାକୁର ନାହିଁ ।

ଲକ୍ଷ୍ମୀନାରାୟଣ—( ୧୩ )

ପ୍ରଥମ ଚିଠି ମୋ ପାଖକୁ ପଠାଇ ପରେ ସିଧା ପଠାଇଲେ ମୋର ଉଦ୍ଦେଶ୍ୟ ସଫଳ ହେବ ନାହିଁ । ପ୍ରତ୍ୟେକ ଚିଠି ମୋ ଜରିଆରେ ଯିବ ।

ହଁ, ସବୁ ନାଗବନ୍ଧୁ ଅନୁକୂଳ ଶ୍ରଦ୍ଧା ମୋ ପାଖକୁ ପଠାଇବେ । ମୁଁ ଏକାଠି କରି ସେଠାକୁ ପଠାଇବି ।

### ବିଶେଷ ଜ୍ଞାତବ୍ୟ ।

୧୨, ୨୩, ୩୩ ଓ ୩୪ ନମ୍ବର ନାଗବନ୍ଧୁ ଜାନୁଆରୀ ୧୯୩୯ ଠାରୁ ଏକବର୍ଷ ପାଇଁ ନାଗବନ୍ଧୁ ରହିଲେ ।

ଉପରୋକ୍ତ ଗୃହକର୍ତ୍ତାଙ୍କୁ ଛଡ଼ା ୧ ଠାରୁ ୩୭ ନମ୍ବର ନାଗବନ୍ଧୁମାନଙ୍କ ନାମ ବାର୍ଷିକ ପ୍ରବେଶିକା ଦେଇ ନଥିବାରୁ କଟିଗଲା ।

୩୮ ନମ୍ବର ଠାରୁ ଆରମ୍ଭ କରି ୫୬ ନମ୍ବର ପର୍ଯ୍ୟନ୍ତ ନାଗବନ୍ଧୁମାନେ ଫେବୃଆରୀ ମାସ ମଧ୍ୟରେ ବାର୍ଷିକ ପ୍ରବେଶିକା ଦେଇ ନଦେଲେ ନାମ କଟିଯିବ ।

### ଲେଖା ସାଙ୍ଗ ।

ଶ୍ରୀମାନ ଲକ୍ଷ୍ମୀନାରାୟଣ ମହାନ୍ତି ହିନ୍ଦ୍ରଜ—୧ନମ୍ବର ଓ ୨ନମ୍ବର ନାଗଙ୍କଠାରୁ ପତ୍ର ଆଶା କରନ୍ତି ।

୧୨, ୧୪, ୧୭, ୨୭, ୪୧, ୧୦୭, ୧୧୫, ଓ ୧୯୭ଙ୍କ ସଙ୍ଗେ ଲେଖାସାଙ୍ଗ ହେବାକୁ ଚାହାନ୍ତି ।

### ନୂଆ ନାଗବନ୍ଧୁଙ୍କ ନାମ

୨୧୫ । ଉମ୍ବରୁଧର ଦାସ, ବହଲା ନ: ପ୍ରା ସ୍କୁଲ, ସନ୍ଧ୍ୟାଗିରି । ୨୧୬ । ଶିବ ପ୍ରସାଦ ପଣ୍ଡା, ଗାଲଗିର ମି: ଇ: ସ୍କୁଲ । ୨୧୭ । ଗୁଣାଧିପ ହୋଇ, ଭବାନୀ ପାଟଣା । ୨୧୮ । ରାଧିଶ୍ୟାମ ପଟ୍ଟନାୟକ ୧୧ଶ ଶ୍ରେଣୀ, ଭବାନୀ ପାଟଣା ହାଇସ୍କୁଲ—କଳାହାଣ୍ଡି । ୨୧୯ । ଅବଦୁଲ ରଜାକ ଖାଁ, P. M. High School. ଜାମସେଦପୁର ।

( ଶଦାପ୍ତ ୧୯୩୮ ଚଉତିଶା ୧୧ ପୃଷ୍ଠା ଉତ୍ତାରୁ )

ଶ-ରେ ଶଚରକାଳ ଶ୍ରଦ୍ଧାରେ ଶବଦ,
    ଶୁଚିବନ୍ତ ହିନ୍ଦୁ ଶୁଣି ହେଲେ ଗଦ ଗଦ
ଷ-ରେ ଯେ ଷଣ୍ମୁଖଙ୍କର ବଢ଼ିଲା ପ୍ରତାପ,
    ଯେଣୁ ସେ ସିମଲା ସ୍ୱାମୀ ଶିବଙ୍କର ସାପ ।
ସ-ରେ ସୁଭାଷଚନ୍ଦ୍ର ସେବା ସଭାପତି,
    ସତ୍ୟାଗ୍ରହ ସମରର ବଢ଼ିଲା ଶକତି ।
    ସାଦରକ୍ଷା ଅସାମରେ ପଡ଼ିଲେ କଗୁଡ଼,
    ସବୁ ସିକନ୍ଦର ତେଣେ ଘୁଞ୍ଚିଦେଲେ ରଡ଼ ।
ହ-ରେ ହାକିଲେ ହକ୍ ହକ୍‌ମତ ବେଜାୟ,
    ହିନ୍ଦୁ ବଲେ କି ହକେ ଗୋ, ହାୟ ହାୟ, ହାୟ ।
    ହରିପୁର କଗ୍ରେସର ହୁଙ୍କାର ନାଦେ,
    ହରିଜନ ଚଢ଼ିଗଲେ ସନାତନୀ କାନ୍ଧେ ।
କ୍ଷ-ରେ କ୍ଷତ୍ରିୟ ଦର୍ପେ କ୍ଷିତି ଟଳମଳ,
    କ୍ଷେପିଲେ ସକଳେ ଦେଖାଇଣ ବାହୁବଳ ।

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

**'ବର୍ମା ଓଡ଼ିଆ ପତ୍ରିକା'**

**(ସାପ୍ତାହିକ)** **(ରୟେଲ ୧୬ ପୃଷ୍ଠା)**

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ରୀତି ନୀତି ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ବାର୍ଷିକମୂଲ୍ୟ ଟ ୨୩, ଷାଣ୍ମାସିକ ଟ ୨୮, ଭାରତବର୍ଷ ଏକାଣେ ଦେୟ ଟ ୪୯

ଠିକଣା—ନ ୧୦୭—୩୨ ନମ୍ବର ଗଳି—ରେଙ୍ଗୁନ (ବର୍ମା)

ମର୍ତ୍ତ୍ୟ ଲୋକ କହେ—

"ମୋର ନିଶ ନାହିଁ

ମୋ ଗୋପାଳିଆ ଭାଇର ଅଛି ।"

କିନ୍ତୁ ଆପଣ କଣ କରିବେ ?

ମାଗି ନ ଆଣି ନିଜେ ଗଣ୍ଡେ

**ଉତ୍କଳ**

କିଣନ୍ତୁ !

Digitized by srujanika@gmail.com




—ଜର୍ମାନ ତାର ପୂର୍ବ ଅଫ୍ରିକାସ୍ଥିତ ଉପନିବେଶଦାବି କରିବା ସମ୍ବନ୍ଧରେ ଆନ୍ଦୋଳନ ଚଳାଇବାକୁ ଯଟେଲ ଅଫ୍ରିକା ଯିବେ ବୋଲି ଅଗାଖାଁ ଓ ଗାନ୍ଧିଙ୍କ ଭିତରେ ମିଶାପ୍ ହୋଇଛି ।

...ଅମର ସ୍ୱରାଜ୍ୟ ହୋଇ ଗଲାଣି ପରା ?

—ଜାପାନୀ ଖବରକାଗଜବାଲାମାନେ ଚେମ୍ବରଲେନ ( ବ୍ରିଟିଶ ପ୍ରଧାନ ମନ୍ତ୍ରୀ )ଙ୍କୁ ଜାପାନ ଯାଇଁ ବନ୍ଧୁତା ସ୍ଥାପନ କରିବାର ପ୍ରସ୍ତାବ କରିଛନ୍ତି ।

...ହାତ୍ ମିଳାଲେ ଦୋସ୍ତ ।

—ସ୍ପେନର ବିଦ୍ରୋହୀ ସେନାମାନେ ପ୍ରଜାତନ୍ତ୍ର ସରକାରଙ୍କ ମୁଖ୍ୟ କେନ୍ଦ୍ର ବର୍ସିଲୋନା ଅଧିକାର କରି ନେଇଛନ୍ତି ।

... ସରକାର କନ୍ଦୁ ନଷ୍ଟେଡ଼ବାଦ୍ଧା ।

—ହାଇଦ୍ରାବାଦର ରାଜାସାହେବ ରାଜ୍ୟରେ ପ୍ରଜାତନ୍ତ୍ର ଶାସନ ଘୋଷଣା କରିଛନ୍ତି ।

...ସେଠି ଆଉ ରାଜା ପ୍ରଜା ବଦଳ ରହିବନାହିଁ ।

—ରେଭେରେଣ୍ଡ ଅଣ୍ଡ୍ରୁଜ ଓଡ଼ିଶା ଗସ୍ତ କରି ମତ ଦେଇଛନ୍ତି ଯେ ଓଡ଼ିଶା ଗଡ଼ଜାତ ଓ ମୋଗଲବନ୍ଦୀ ଏକ ନ ହେଲେ ଓଡ଼ିଶାର ଉନ୍ନତି ଅସମ୍ଭବ ।

...ଅରେ ବାପ୍‌ରେ ବାପ୍ ! ଜଣା ଏ ଶୁଣିଲେଣିନା ଏ କଥା ?

—ରେଙ୍ଗୁନରେ ଶ୍ରମିକମାନଙ୍କର ବିରାଟ ଧର୍ମଘଟ ଚାଲିଛି ।

...ପାପ ଘଟ ନୁହେଁ ତ ?

—ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଗଡ଼ଜାତର ରେସିଡେଣ୍ଟଙ୍କ ସହିତ କଲିକତାରେ ସାକ୍ଷାତ କରିଥିଲେ ।

...ଏଟା ତ ଭେଟାଭେଟିର ଯୁଗ ।

—ରାଜକୋଟ ରାଜ୍ୟର ରାଜା ପ୍ରଜା ଗୋଳ କେତେକ ସର୍ତ୍ତରେ ମେଣ୍ଟାମେଣ୍ଟି ହୋଇ ଯାଇଥିଲା । ରାଜା ଏବେ ସେ ସର୍ତ୍ତ ଭଙ୍ଗ କରି ଅଛନ୍ତି ।

...ବିଶ୍ୱାସଃ ନୈବ କର୍ତ୍ତବ୍ୟ ସ୍ତ୍ରୀଷୁ ରାଜକୁଳେଷୁ ଚ ।

—ଇ: ଆଇ: ରେଲରେ ଦୁର୍ଘଟଣାର ସଂଖ୍ୟା ଦିନୁଦିନ ବଢ଼ିବାରେ ଲାଗିଛି ।

...କେତେ ପାପୀ ସଂସାର ଜାଲାରୁ ମୁକ୍ତ ହୋଇ ଗଲେ ତ !

—ଚିଲୀ ନାମକ ଦକ୍ଷିଣ ଅଫ୍ରିକାର ଏକ ଦେଶରେ ଭୂମିକମ୍ପ ହୋଇ ୧୫୦୦୦ ଲୋକଙ୍କର ପ୍ରାଣନାଶ ଘଟିଛି ।

...ସେଠି ବି କଣ ମୀନ ଶନି ପଡ଼ିଛି କି ?

—ଚୀନ ଜାପାନ ଯୁଦ୍ଧରେ ଚୀନା ଅଠ ଲକ୍ଷ ଓ ଜାପାନୀ ପଚିଶ ହଜାର ମରିଥିବା ପ୍ରକାଶ ।

...ଯମ ଦେବତା ସ୍ଥାନାଭାବ ହେତୁ ଅସ୍ଥାୟୀ ଗୃହ ତିଆରି କରୁଥିବେ ।

—ୟୁରୋପୀୟ ମହାଯୁଦ୍ଧର ରଣ ଭେରି ସେଠା ଭିଡ଼ା ଲାଗିଲାଣି ।

...ରାଜ୍ଜିଲ ପରା !

—ମିସ୍ ଅଗାଥା ହାରିସନ ନାମ୍ନୀ ଇଂରେଜ ମହିଳା, ଯାହାଙ୍କ ଘରେ ଗାନ୍ଧିଜୀ ଯାଇ ଅତିଥି ହୋଇଥିଲେ, ସେ ଏବେ ଭାରତକୁ ଆସିଛନ୍ତି । ସେ ଅନୁଗୁଳରେ ତାଳଚେରର କେମ୍ପ ବୁଲି ଅଗରପଡ଼ା ରାଜଭବନସ୍ଥ ଗାନ୍ଧିସେବା ସଦନ ଓ ସ୍କୁଲ ପ୍ରଭୃତି ପରିଦର୍ଶନ କରୁଛନ୍ତି ।

...ତଣ୍ଟିଲଗି ଅଗରପଡ଼ା ତଥା ଭଦ୍ରକର ଗୁରୁଅଡ଼େ ନାହିଁ ପଡ଼ୁଛି ।

—ଭାରତରେ ତଥା ଇଙ୍ଗଲଣ୍ଡରେ ସ୍ୱାଧୀନତା ଦିବସ ମହା ସମାରୋହରେ ସମ୍ପାଦିତ ହୋଇଥିଲା ।

.. ଝଣ୍ଡା ଉଞ୍ଚା ରହେ ହାମାରା ।

—ଆଲିଗଡ଼ ବିଶ୍ୱବିଦ୍ୟାଳୟ ଛାତ୍ରମାନେ କେତେ ଛବି ପ୍ରଦର୍ଶନୀରେ ନିଆଁ ଲଗାଇ ଦେଲେ ଓ ମାରପିଟ କଲେ । ତାହା ଫଳରେ ପୁଲିସ ଗୁଳି ହୋଇଛି ।

...ଯବାନିକା ଖୁନ୍ !

—ଦିଲ୍ଲୀରେ ହିନ୍ଦୁ ମୁସଲମାନ ଗୋଳ ହୋଇ ଯାଇଛି ।

...ସେଟା ଆମର ଭାତ, ଲୁଗା ।

—କଂଗ୍ରେସ ସଭାପତି ଲଢ଼ାଇରେ ଶ୍ରୀଯୁକ୍ତ ସୁଭାଷଙ୍କର ଜିତା ପଟ ହେଲା ।

...ସୀତାରାମ ରାମ୍ ନାମ୍ ଭଜିଲେ ।

—ପଣ୍ଡିତ ନୀଳକଣ୍ଠ ଓଡ଼ିଶା କଂଗ୍ରେସର ସଭାପତି ହେଲେ ।

...ନଦବାବୁ ଦାଢ଼ୀ କାଟିଲେ ବାହିଁକି ?

ଶିଶୁ ଖାଦ୍ୟ **"ଶଟୀଫୁଡ଼୍"** ରୋଗୀର ପଥ୍ୟ

ଦୁଗ୍ଧପୋଷ୍ୟ ଶିଶୁମାନଙ୍କୁ ବିଲାତି ଦୁଧ ପ୍ରଭୃତି କୃତ୍ରିମ ଖାଦ୍ୟ ଦେବା ଅପେକ୍ଷା ଏହି ଶଟୀଫୁଡ଼୍ ବ୍ୟବହାର କଲେ ବିଶେଷ ଗୁଣ ହୋଇଥାଏ । କାରଣ ବାର୍ଲି, ସାଗୁ ଅପେକ୍ଷା ଏହା ସୁସ୍ୱାଦୁ, ସହଜ ପାଚ୍ୟ ଓ ପୁଷ୍ଟିକର । ଦୁଧ ସହିତ ମିଶାଇ ସିଝିଲେ ଅତି ଉପାଦେୟ ଖାଦ୍ୟ ପ୍ରସ୍ତୁତ ହୋଇଥାଏ । ରୋଗୀମାନେ ଏହାକୁ ରୁଚିର ସହିତ ଖାଇଥାନ୍ତି । ଆଉ ମଧ୍ୟ ରୋଗୀମାନଙ୍କର ରୁଚି ବଦଳାଇବା ପାଇଁ ଏହା ଦ୍ୱାରା ନାନା ପ୍ରକାର ପିଠା ଓ ମିଷ୍ଟାନ୍ନ ତିଆରି କରି ଦିଆଯାଇ ପାରେ । ନିୟମିତ ବ୍ୟବହାର ଦ୍ୱାରା ରୋଗୀମାନଙ୍କର ଜ୍ୱର, ଗ୍ଳାନି, ଦୁର୍ବଳତା ଦୂର ହୋଇଯାଏ । ସାବଧାନ ! ବଜାରରେ ଅନେକ ପ୍ରକାର ଶଟୀଫୁଡ଼୍ ମିଳେ, ତେଣୁ ଯେଉଁମାନେ ଆମର ଏହି ଶଟୀ ନେବାକୁ ଇଚ୍ଛା କରନ୍ତି, ସେମାନେ ଆମ ନାମ ଲେଖିବାକୁ ଭୁଲିବେ ନାହିଁ ।

ମୂଲ୍ୟ—ଶିଶିକୁ ୫୦/ ( ଅଠଅଣା )          ପ୍ରାପ୍ତି ଠିକଣା:—ଶ୍ରୀଧର ରଥବନ୍ଧୁ, ଭିଷଗାଚାର୍ଯ୍ୟ । ଭୁବନେଶ୍ୱର—ପୁରୀ

Digitized by srujanika@gmail.com





# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ [illegible]







ବାଲୁବଜାର, ପୋ. ଗୁନ୍ଦନୀଚୌକ—କଟକ ।



୫୨୦୯ଙ୍କା ପୁରସ୍କାର ! ୫୨୦୯ଙ୍କା ପୁରସ୍କାର !!



ବହୁ ବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁମୂଲ୍ୟ ପଥରରେ ନାନାପ୍ରକାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରୁଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ବହୁ ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଆମ୍ଭେମାନେ କାହାରିକୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଟଞ୍ଚ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ବା ଖାଦ ମିଶା ଦେଖାଇଲେ ଆମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ
ବଜାର, ପୋ:—କଟକ ।





---

ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁପର୍ଣ୍ଣୀ ବଟୀ**

ଏକମାତ୍ର ଶିଶିରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ହିମାଳୟ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।
ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା—ଶାରଦା ଔଷଧାଳୟ, ଚୌଧୁରୀ ବଜାର, କଟକ ।

---

ପ୍ରକାଶକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

Digitized by srujanika@gmail.com

REG. NO. P-441 THE DAGARO.


# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତିରକ୍ତ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ଦୁର୍ବଳତା ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ମୃତବତ୍ସା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ବ୍ୟାଧି ପ୍ରଶମନରେ ଏହା ଅଦ୍ୱିତୀୟ । ମୂଲ୍ୟ—ଫିଃଶିଶି ୧୧୯ ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ସଦ୍ୟଜାତ ଶିଶୁଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଆଉ ବାଲ ଘୁଣ୍ଟି ( ଘୋରା ଔଷଧ ) ଦେବା ଅନାବଶ୍ୟକ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ଝାଡ଼ା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । ମୂଲ୍ୟ—ଶିଶି ୫୦।୬ (ଛଅଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଶର୍ମ୍ମା, ଭିଷଗାଚାର୍ଯ୍ୟ
ଆୟୁର୍ବେଦିକ ଫାର୍ମାସୀ
ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଓ ନ ସୁ ରେ ନ ସ — ସୋ ସା ଇ ଟି ଲି ଃ

## ହେଡ଼ଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା ।

ଉଚ୍ଚ ହାରରେ ଲଭ୍ୟ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା-ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩'କୋଟି ୮ ଲକ୍ଷରୁ ଊର୍ଦ୍ଧ୍ୱ ।

ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ମିଆଦ ପ୍ରାପ୍ତି ବୀମାରେ ହଜାର ପ୍ରତି ୫୯୦ ଓ ଆଜୀବନ ବୀମାରେ ୫ ୭୫୯ ଲଭ୍ୟ ଦିଆ ହୋଇଛି ।

ବୀମା କରିବା ପାଇଁ କମ୍ପାନୀ ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—ବାଲେଶ୍ୱର [illegible] ଅର୍ଗେନାଇଜର—ନରେନ୍ଦ୍ର ପ୍ରସାଦ ଦାସ


Printed & published at the Gopinath Press [illegible] by Editor N. Mahapatra & issued from Dagaro Office, Bhadrak.

Digitized by srujanika@gmail.com

ମାଘ କୃଷ୍ଣାର୍ଦ୍ଧ—
ଆନନ୍ଦାଦ୍ ହି ଖଲୁ ଇମାନି ଭ୍ୟନ୍ତେ—
ଦ୍ୱିତୀୟ ବର୍ଷ—୧୮ଶ ସଂଖ୍ୟା

# ଡଗର



ବଳି ଦାନ ।



ଅୟି ମାତ, ଉତ୍କଳ ଜନନି !
ନାହିଁ ମୋର ଲେଶ ସ୍ୱାର୍ଥ ଜ୍ଞାନ
କଲି ମୁହିଁ ତୋହ ବେଦୀ ପରେ
ଆଜି ମୋର ଆତ୍ମବଳି ଦାନ ।

Digitized by srujanika@gmail.com



GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
GOVERNMENT OF BENGAL
TABLETS
QUININE SULPHAT
B.P.
1000 TABLETS
5 GRAINS EACH
ଏଜେଣ୍ଟସଃ-
ଚୌଧୁରୀ ଏଣ୍ଡ କୋଂ ନ୪ ବାଙ୍କସାଲ ଷ୍ଟ୍ରୀଟ୍
ସାଓ୍ୟାଲେସ୍ ଏଣ୍ଡ କୋଂ ପୋଃ ବକ୍ସ ନ୭୦ମ୍ବର
କଲିକତା

ଡଗର
ମାଘ ଦ୍ୱିତୀୟାର୍ଦ୍ଧ
[illegible]
କଟକ
୧୫।୨।୩୯




ଡଗର
[illegible]
[illegible]
[illegible]
[illegible]

ସୁଭାଷ ବୋଷ ଏଥର କଂଗ୍ରେସ ସଭାପତି ସଂଗ୍ରାମରେ ଜୟୀ ହେଲେ । ସୁଭାଷ ନିଜକୁ ଜଣେ ଓଡ଼ିଆ କହିବା ଅପରାଧ କରିବାରୁ ଓଡ଼ିଶାବାସୀ ତାଙ୍କୁ ଭୋଟ ଦେଲେ ନାହିଁ । ପଟ୍ଟାଭି ବ୍ରହ୍ମପୁର ସ୍ତ୍ରୀକୁ ଅନ୍ଧ୍ର ଦେଶକୁ ନେବାକୁ ଧମକ ଦେଇଥିବା ଓଡ଼ିଆମାନେ ଡ଼ରେ ପଡ଼ି ତାଙ୍କ ଅଡ଼କୁ ଗଲେ । ଅଚ୍ଛା ସୁଭାଷଙ୍କ ବାପା ଜାନକୀଙ୍କ ଆତ୍ମା ଯେଉଁ ଜାନକୀ ଭବନରେ ସେଥି ସଭାପତି ଭୋଟ ହେଲା ତାକୁ ଦେଖି କ'ଣ ମନେ କରୁଥିବେ ? ଜାନକୀ ଭବନ ନାମ ସାର୍ଥକ । +

କେତେକେ ଲୋକ ଥାଆନ୍ତି ଯେଉଁ ଶୃଗାଳ ସମାନ ଭାବରେ ଅପେ ଅପେ ମନକର ଡାକୁ କଷ୍ଟ ହୋଇ ପଡ଼ ରଡ଼ି କରନ୍ତି— 'ପଡ଼ିଗଲି ହୋ, ପଡ଼ିଗଲିହୋ !' ଆମର ମନେ ହୁଏ ସଭାପତି ନିର୍ବାଚନରେ ସୁଭାଷ ବୋଷଙ୍କ ଜିତାପଟ୍ଟ ଦେଖି ପଟ୍ଟାଭିଙ୍କ ପରସ୍ତଟାକୁ ନିଜର ହାର ବୋଲି ମାନିନେବାକୁ ଯାଇ ଗାନ୍ଧିଜୀ ନିଜକୁ ସେଇଭଳି ଲୋକଙ୍କ ସାଙ୍ଗରେ ସମାନ କରିବାକୁ ଚେଷ୍ଟା କରିଛନ୍ତି । ଏ ବଡ଼ ଲୋକଙ୍କର ମତ, ଅଳପ ଜଣେ ବୁଝିପାରେ ।...

ଆମ ଦେଶରେ ଏମିତି କେତେକ ଗଣ୍ଡ ଥାଆନ୍ତି ଯେଉଁ ଘରର ସମସ୍ତଙ୍କୁ ଅଙ୍ଗୁଳି ଅଗରେ ନଚାଉଥାଆନ୍ତି । ସେ ସମସ୍ତଙ୍କୁ ଡରାଉ ଥାଆନ୍ତି ଯେ ତାଙ୍କ କଥା ନରହିଲେ ସେ ଯାଇ ଆଉ ଗୋଟାଏ ଘର କରିବେ । କୁଳକୁ କଳଙ୍କ ଲାଗିବା ଭୟରେ ସମସ୍ତେ ତାଙ୍କୁ ଡ଼ର ମର ହେଉ ଥାଆନ୍ତି । କଂଗ୍ରେସ କାର୍ଯ୍ୟକାରୀ ସମିତିର ପଟ୍ଟାଭିଙ୍କ ପଟୁଆର ସଭ୍ୟମାନେ ସୁଭାଷ ଦଳଙ୍କୁ ସେଇମିତି ଧମକାଉଛନ୍ତି । ଏତେବେଳେ ସୁଭାଷ ହୁଏ ସୁଭାଷ ଛାଡ଼ି ଅନ୍ୟ ଜଣମର ଭଷା ଝାଡ଼ ଦମ୍ଭ ଦେଖାଇଲେ ବଳେ ବଳେ ସବୁ ଥଣ୍ଡା ହୋଇଯାନ୍ତା ଯେ । + +

ସୁଭାଷ ସଭାପତି ହେବାରେ ମହାତ୍ମା ଗାନ୍ଧି ଯେଉଁ ଭାଷଣ ଦେଲେ ସେଇଟା କାହିଁକି ଆମକୁ ଅମାବାସ୍ୟା କଥା ଭଳି ଲାଗିଲା । ସୁଭାଷ ଠିକ୍ ଲୋକ । ଯଦି ବା 'କେତେବେଳେ ମୁକ୍ତିଙ୍କ କଥା ନମାନି ହୁକେ ବଗୁଲିଆ ଯାଇଛି'—ତେବେ ଏଠି ସୁପୁତ୍ରଟାଏ ହୋଇଥିଲେ ଯାଇଥାନ୍ତା । ଏତେ ଧମକ, ଡ଼ରଣ, କାନ୍ଦ ବୋବାଳି କାହିଁ ? କ'ଣ ଏଟା ମୁକ୍ତିଜଣଙ୍କ ମତିଭ୍ରମ ହେଲାକି ? +

ଇଷ୍ଟଇଣ୍ଡିଆ ରେଲକମ୍ପାନୀ ଗ୍ରବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରେଲବେରେ ଯାତ୍ରୀଙ୍କୁ ଲୋକପ୍ରିୟ କରିବାପାଇଁ ଆଜିକାଲି ନାନାଦି ସୁନ୍ଦର ସୁନ୍ଦର ବିଜ୍ଞାପନ ଦେଉଛନ୍ତି ! ସାଧାରଣତଃ ତାଙ୍କର ବିଜ୍ଞାପନରେ ଥାଏ—'ଇ. ଆଇ. ଆର: ଯୋଗେ ପ୍ରସିଦ୍ଧ ତୀର୍ଥ ଦର୍ଶନ କରନ୍ତୁ ।' କିନ୍ତୁ ଇ. ଆଇ. ଆରରେ ଯେପରି ଘନଘନ ଦୁର୍ଘଟଣା ହେଉଛି ଆମର ମନେହୁଏ ସେମାନେ 'ତୀର୍ଥ' ସ୍ଥାନରେ ସ୍ୱର୍ଗ କହିଦେଲେ ହଠାତ ଅପଲାପ ହୁଅନ୍ତା ନାହିଁ । କମ୍ପାନୀ ଏ ଉପଦେଶ ଗ୍ରହଣ କରିବେ କି ? + + +

ଓଡ଼ିଶା ଏସେମ୍ବ୍ଲିର ସଭ୍ୟମାନଙ୍କ ଭିତରୁ କେତେକଙ୍କୁ ନେଇ ଗୋଟାଏ ପବ୍ଲିକ ଏକାଉଣ୍ଟସ୍ କମିଟି ହୁଏ । ଏମାନେ ସରକାରଙ୍କ ବଜେଟ ଅନୁସାରେ ଖରଚ ପତ୍ର ଜାଞ୍ଚ କରନ୍ତି । କିନ୍ତୁ ଗଲବର୍ଷ ଏ କମିଟିକୁ କେବେ ବସି ତାଙ୍କ କାମ କରିବାକୁ ସମସ୍ତ ହୋଇ ନାହିଁ । ଏହାର କାରଣ ବୁଝିବାକୁ ଯାଇଁ ଆମ୍ଭେମାନେ ସମ୍ବାଦ ପାଇଲୁଁ ଯେ ଏ କମିଟିର ସଭ୍ୟମାନେ ଏକମତ ନ ହେବାରୁ କମିଟି ବସିପାରୁ ନାହିଁ । କାରଣ କିଏ କହୁଛି ମୁଁ P. A. C. ର ମେମ୍ବର ଅର୍ଥାତ୍ Premier's Allowance committee ର ମେମ୍ବର ତେଣୁ ମୁଁ କେବଳ ପ୍ରଧାନଙ୍କ ଖର୍ଚ୍ଚ ପାତଟା ଦେଖିନେବ ! ଆଉ କିଏ କହୁଛି—ମୁଁ Private Accounts committee ର ମେମ୍ବର ତେଣୁ ମୋର Private Accounts'ର ହିସାବ କିତାବ ପରେ ମୋର ଆଉ କିଛି କାମ ନାହିଁ । ଆଉ ଜଣେ କହୁଛନ୍ତି ସେ ଆମ୍ଭେ Plundering Association Cuttackର ମେମ୍ବର—ଆମ୍ଭର କେବଳ ଦରମା T. A. ନେବା କାମ । ମାନ୍ୟବର ପ୍ରଧାନ ମନ୍ତ୍ରୀ ଆମ୍ଭମାନଙ୍କୁ ଜଣାଇ ପାରିବେ କିଏ ସବୁ ମଧ୍ୟରୁ କେଉଁ ଅର୍ଥଟା ଠିକ ? +

ଶୁଣାଯାଏ ଜଣେ ମୁସଲମାନ ଓଡ଼ିଶାର ୪ର୍ଥ ମନ୍ତ୍ରୀ ହେବେ । ଅବଶ୍ୟ ଭଲ କଥା ଏଟା । ଅଗରୁ ଖାଲି ଜୁହାରରେ କାମ ଚଳୁଥିଲା, ଏଣିକି ଅଦାବ୍ ଜୁହାର ଦୁଇଟା ଶିଖିବାକୁ ହେବ । ଅଗରୁ ଖାଲି ଯୋଡ଼ ଉଦରରେ ଚଳି ଯାଉଥିଲା ଏଣିକି ଲୁଙ୍ଗି କରିବାକୁ ପଡ଼ିଲାଣି । ଆଉ ଖାଲି ଚୁଟିରେ ପଟିବ ନାହିଁ । ଦାଢ଼ୀ ନୂଆର ବି ଲୋଡ଼ା ହେଲାଣି । ଅଗରୁ ଖାଲି ଘରେ ମଗ୍ନ ହେଉଥିଲା । ଏଣିକି ମୌଲବୀ ବି ଦରକାର କରିବ । ସାବାସ୍ ! ବହୁତ ଅଚ୍ଛା !

+ + + +

କଲିକୋଟର ଜଣେ ରସିକ ବ୍ୟକ୍ତି ଖଣ୍ଡିଏ ହାତଲେଖା ଚିଠିର ଫଟୋ ଉଠାଇ ନେଇ ବ୍ଲକ କରାଇ ତାହା ଛପାଇ ବାଣ୍ଟୁଛନ୍ତି । ସେ ଚିଠି ଖଣ୍ଡିକ ଜଣେ ପଣ୍ଡିତ ଲେଖିଥିଲେ ବ୍ରହ୍ମପୁରର ଜଣେ ଓକିଲଙ୍କଠାକୁ, ତାଙ୍କ ଝିଅର ବାହାଘର ପାଇଁ କିଛି ଟଙ୍କା ସାହାଯ୍ୟ କରିବା ଦେବା ପାଇଁ । ପଣ୍ଡିତ ହୋଇ ଏତେ ବଡ଼ ମହାପାପ କରିଥିବାରୁ ତାଙ୍କୁ ଶ୍ୱାନ ହୋଇଯିବାର ଯୋଗାଡ଼ ହେଉଥିବାର ଶୁଣାଯାଏ । ଖାଲି ଏତିକି ନୁହେଁ, ଏହା ଫଳରେ ପଣ୍ଡିତ ଦଳଯାକ ଛିନଛତର ହୋଇଯିବାର କଥାଁ ଅପେକ୍ଷାରେ ମାତିବା



Digitized by srujanika@gmail.com

ଭୋଟାଏ କଥା; ଯେମିତି ପଂଡିତ ନୀଳକଣ୍ଠ ବନ୍ଦନ ଦେବକୁ ମଗିଥିଲେ । କିନ୍ତୁ ଚିଠିଲେଖି ମାଗିବାଟା ବଡ଼ ଅନ୍ୟାୟ । କାରଣ ଏଥିରେ ଦଲିଲ ରହିଯାଏ । ମୁହଁ କଥାରେତ ପ୍ରମାଣ ରହେ ନାହିଁ—ଯଦି ଟ୍ୟାମର ବା ଫନୋଗ୍ରାଫର ସାହାଯ୍ୟ ନିଅ ନ ଯାଏ !

ଏତ ଗଲା ଦାଢ଼ିଆ ପଂଡିତ ଦଳର କଥା । ମୁଣ୍ଡି ମାଙ୍କୁଣା ମୌଲବୀ ଦଳ ଯାହା ଯେଉଁଠି ମାଗନ୍ତି ବା ମାରନ୍ତି, ସେ ଚିଠି ପତ୍ର ଲେଖା ଲେଖି କରି ନୁହେଁତ ! ଖୋଦ୍ ଖୋଦ୍ ବରଦ ଯାହାର ଛୁଚ ଚଳି ନ ପାରିବ । ଅଜି ଏ ପଂଡିତ ବୁଢ଼ାଙ୍କ ସନ୍ଧରେ ମୂର୍ଖ ଯେ—ନେଇ ଅଣି ଦେଇ ପାରନ୍ତି ନାହିଁ । + +

ଅମ୍ଭେମାନେ ଶୁଣିଲୁଁ ଯେ ବର୍ତ୍ତମାନ ଓଡ଼ିଶା ରାଜନୀତିଜ୍ଞମାନଙ୍କ ମଧ୍ୟରେ ଭୟାନକ ଭାବରେ 'ସ୍ନାୟବିକ ଦୁର୍ବଳତା (nervous debility) ରୋଗ ଭୟଙ୍କର ଅକାର ଧାରଣ କରିଛି । ଏ ରୋଗଟା ସିଧା ସିଧା ମୁଖ୍ୟମନ୍ତ୍ରୀଙ୍କଠାରୁ କିମ୍ବା ତାଙ୍କ ବାସ ଭବନ ଜାନକୀ ନାଥ ସ୍ବରାଜ୍ୟ ଭବନରୁ ପ୍ରଥମେ ବ୍ୟାପିଲା । ସେ ବିଷୟରେ ଡାକ୍ତର ରାଜେନ୍ଦ୍ର ପ୍ରସାଦ ଅନ୍ୟାନ୍ୟ ରୋଗର ପରୀକ୍ଷା କଲା-ବେଳେ ଏହା ମଧ୍ୟ ପରୀକ୍ଷା କରନ୍ତୁ ବୋଲି ଅମ୍ଭେମାନେ ଅନୁରୋଧ କରୁ । × ×

ପ୍ରଥମେ ଏ ରୋଗ ଶ୍ରୀଯୁକ୍ତ ମହତାବଙ୍କୁ ଧରିଲା କି ଶ୍ରୀଯୁକ୍ତ ବିଶ୍ବନାଥ ଦାସଙ୍କୁ ଧରିଲା ସେ ସମ୍ବନ୍ଧରେ ଠିକ ସମ୍ବାଦ ମିଳିନାହିଁ । ତେବେ ଜାନକୀ ଭବନ ତଲାସୀ ମହତାବଙ୍କୁ ପ୍ରଥମେ ଏହା ପକଡ଼ି ଥିବାର ସମ୍ଭାବନା ଅଧିକ ଅଛି । ଶୁଣାଯାଏ ତାଙ୍କ ହାତଟା ତାଙ୍କ ଅଗୋଚରରେ ନିତାନ୍ତ ଅଲକ୍ଷିତରେ ଅଜ୍ଞାତ ଭାବରେ ଯେତେବେଳେ ପଞ୍ଚୁଭାଇଙ୍କ ନାମ ପାଖରେ କ୍ରୋଃ ଚିହ୍ନିତ କରିଦେଲା ସେତେବେଳେ ତାଙ୍କ ରୋଗର ପ୍ରଥମ ଲକ୍ଷଣ ପ୍ରକାଶ ପାଇଲା । କିନ୍ତୁ ତାଙ୍କ ଭଳି ବିଚକ୍ଷଣ ଲୋକ ତାହା ବୁଝିଁ ପାରି ବେଗେ ସଙ୍ଗେ ଚିକିତ୍ସା ଆରମ୍ଭ କରିଦେଲେ । ତହିଁ ଅରହନ ଅମୃତ ବଜାରରେ ବାହାରିଲା ଯେ ଜଣେ ବଶିଷ୍ଠ ଉତ୍କଳୀୟ ଛାତ୍ର ନେତାଙ୍କ ମତ ସେ ପଞ୍ଚୁଭାଇ ବେଶୀ ଭୋଟ ପାଇବା ପଛରେ କାହାର କାହାର ଅଦୃଷ୍ଟ ଅନ୍ୟାନ୍ୟ ହସ୍ତ କାର୍ଯ୍ୟ କରିଛି । ମୁଖ୍ୟ ଲୋକ ଏହା ପଢ଼ି କଣ ବୁଝୁଥିବେ ? କିନ୍ତୁ କଥା ହେଉଛି ମହତାବଙ୍କ ରୋଗଟା କେଉଁଠି ? ମୁଣ୍ଡରେ—ନା, ହାତରେ—ନା, ମୁଖରେ—କିମ୍ବା ବୃଦ୍ଧରେ ? × × ×

ପଣ୍ଡିତ ନୀଳକଣ୍ଠ ସଭାପତି ହେବା ସଙ୍ଗେ ସଙ୍ଗେ ମାନ୍ୟବର ଦାସଙ୍କର ଏ ରୋଗ ଅନେକ ହୋଇଛି । ରାଜେନ୍ଦ୍ର ପ୍ରସାଦଙ୍କୁ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଡାକିବା ବେଳେ ରୋଗ ବୀଜାଣୁ ଅବଶ୍ୟ ପ୍ରବେଶ କରି ସାରି ଥାଅନ୍ତି କିନ୍ତୁ ବାହାରକୁ ଜଣା ଗଲାଭଳି କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲା । ଏବେ ଶୁଣା ଯାଉଛି ଯେ ଓଡ଼ିଶା ସରକାରଙ୍କ ଉପରେ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କାର୍ଯ୍ୟକାରୀ କମିଟି ବା ସଭାପତିଙ୍କର କପର ଧାତ ରହିବ ସେ ବିଷୟରେ ସଫା ସାର କାଟି ଦେବା ପାଇଁ ଦାସଜୀ ରାଜେନ୍ଦ୍ରବାବୁଙ୍କୁ ଚିଠି ଲେଖିଥିଲେ । ଅନେ ପର୍ଯ୍ୟନ୍ତ ଏ ଦୁର୍ବଳତା କାହିଁକି ? ଭଲ ଲୋକ ହାଣ୍ଡିଅ ହୋଇ ବସିବା ଉଚିତ । ଯିଏ ଯାହା କହୁ ପଛେ ନିଜର ନ୍ୟାୟ୍ୟ ଓ ନୀତି ଧରି କାମ କରିଯାଅ ବନ୍ଧୁ । ଭଗବାନ ସାହାଯ୍ୟ କରିବେ । ଦେଶ ଜାତି ସମାଜ ସମସ୍ତେ ପଛରେ ଅଛନ୍ତି । ଭୟ କ'ଣ ?

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଅବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ-ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନପ୍ରେକ୍ଷ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା-ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ମୁଷ୍ଟି ଲୋକ ବ୍ୟବହାର କଲେ ଶରୀରରେ ଜ୍ୟୋତି ପରି ଶକ୍ତି ଖେଳେ । ଦୀ୧୫ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

ନୟା ସଡ଼କ
ପୋ: ଅ ବୃନ୍ଦାବନଚୌକ,
କଟକ ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
Co/ଶ୍ରୀ ବାଲ୍‌କେଶ୍ୱରଆଚାର୍ଯ୍ୟ ଭିଷଗ୍‌ରତ୍ନ

## ଆରୋଗ୍ୟ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ପେଟର ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଆବାଲ୍ୟରୁ କୋଷ୍ଠ କାଠିନ୍ୟ ରୋଗ ଭୋଗୁଅଛନ୍ତି, ସେମାନେ ଆମ୍ଭର ଏହି ମୋଦକ ଦୈନିକ ରାତ୍ର ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନ କରାଇ ସକାଳେ ଭଲ ଭାବରେ ଗୋଟିଏ ଯୋଗାଡ଼ି ହୋଇଯିବ—ତରଳ ହେବ ନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ, ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ପକାଇ ଦିଏ । ପରେ ଔଷଧ ସେବନ ନ କଲେ ମଧ୍ୟ ନିୟମିତ ଝାଡ଼ା ହୋଇଥାଏ ।

ମୂଲ୍ୟ—୧୬ମାତ୍ରାକୁ ୫୧୯ ( ଏକଟଙ୍କା )
୩୦ ମାତ୍ରାକୁ ୫୧୮ ମାତ୍ର ।

ଠିକଣା:—ଶ୍ରୀଧର ଗିରିଗୁରୁ, ଭିଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ

Digitized by srujanika@gmail.com



# ଧନୀ ହେବାର ସହଜ ଉପାୟ

ଲେଖକ—ଗୁଲକ୍‌ଚନ୍ଦ୍ର ।

ବିଶୁ କାମ କରୁଥିଲା କଲିକତାର ଏକ କୋମ୍ପାନୀ ଅଫିସରେ କେରାଣୀଅର ଗ୍ରେଡରେ । ଦରମା ମାସକୁ ପଚାଶଟି ଟଙ୍କା । ଉପରୁ କୋଣ ଅଧଲାଏ ନାହିଁ । ଏଥିରେ କଲିକତା ସହରର ଘରଭଡ଼ା, ମେସ୍ ଖରଚ, ଜଳଖିଆ, ଧୋବା, ଭଣ୍ଡାରୀ ଦେଇ ବାକି ଯାହା ରହେ ସେଥିରେ ଦେଶ ମାସ ଘରକୁ ଟଙ୍କା ଦେଇ ପାରେ ନା । କାରଣ, ଲୁଗାପଟା, ବେମାରିଅସମୀ ତ ଅଛି, ତା'ଉପରେ ସୁଦା, ସିନେମା, ଏଣୁ ତେଣୁ ଦଶ ରକମ ଖରଚର ଜୁଲମ ।

ଏ ଯୁଗରେ ପଚାଶ ଟଙ୍କାର ଦରମା କେତେ ଜଣଙ୍କୁ ବା ମିଳୁଛି । କିନ୍ତୁ ହୁଏ ଭଦ୍ରତାର ସହିତ ଓ ଅସମ୍ମାନର ରହିବାକୁ ହେଲେ ପଚାଶଟା ଟଙ୍କା କିଛି ନୁହେଁ ଉଡ଼ିଲେ ଚଳେ । ମଟର, ଇଲେକ୍‌ଟ୍ରିକ୍ ପଙ୍ଖା, ରେଡ଼ିଓ ବା ଭଲ ଭଲ ଡ୍ରେସିଂ ଟେବୁଲ ପ୍ରଭୃତି ବଡ଼ଲୋକ ଅଟବାବ ନହେଲେ ନହେଉ ପଛେ - ପାଞ୍ଚଜଣ ଭଦ୍ରଲୋକ ବା ବନ୍ଧୁ ବାନ୍ଧବଙ୍କ ସାଥିରେ ମିଶି ଚଳିବାକୁ ଗଲେ ପଇସା ଦରକାର ।

ସେଥିପାଇଁ ବିଶୁ ମନରେ ସବୁବେଳେ ଅଶାନ୍ତି । ଭାଗ୍ୟ ବାହା ହୋଇନାହିଁ । ହେଇଟା ଯଦି ହୋଇଯାଏ, ତେବେ ସେ କଣ କରିବ । ତହିଁ ଉପରେ ଛୁଆ ପିଲା ହେଲେ ଅକଳ ବିପଦ ।

ଅଭାବରେ ପଡ଼ିପଡ଼ି ସେ ହୋଇ ପଡ଼ିଲା ଘୋର ଅଦୃଷ୍ଟବାଦୀ । ସ୍ତ୍ରୀର କପାଳ ପଥର ତଳେ, ପୁରୁଷ କପାଳ ପତର ତଳେ । ଯଦି କପାଳ ଖୋଲିଯାଏ, ହୁଏତ ସେହି ଦିନେ ବଡ଼ଲୋକ ହୋଇ ପାରିବ । ଏଭଳି ଭାବରେ ବଡ଼ଲୋକ ତ କେତେ ଲୋକ ହେଲେ ଯେଉଁ-ଛନ୍ତି । ଗଳ୍ପ ନୁହେଁ, ସତ୍ୟ ଅତୀତରେ ଏତ କଥା ବ କେତେ ଦେଖା ଯାଉଛି । ଏଇ ଧର, ବାଟରେ କିଏ ତଡ଼ାଏ ନୋଟ ପାଇଗଲା । ଧର, ସୁଣ୍ଡିରେ ବା ଗଢଯଦାରେ କାହାକୁ ତୋଡ଼ାଏ ଟଙ୍କା ମିଳିଗଲା । କପାଳ ନୁହେଁ ତ କଣ ! ଏତେ ଲୋକଙ୍କର ହେଉଛି—ତାର ବା କାହିଁକି ନହେବ ! ହଉ, ତାର ବେଳ ଆସିଲେ ଦିନେ ଅବେ ଆସିବ ।

ତେବେ କାଳର ବ ଚେଷ୍ଟା ଥିବା ଦରକାର । ତଦ୍ଦ୍ୱାରା ଚେଷ୍ଟାରେ ଲାଗିଥିଲେ, ଯେତେବେଳେ କପାଳ ଖୋଲିଯିବ— ଏକାବେଳେ ମିଳିଯିବ ଥୋକାଏ । ଥରେ ମିଳିଗଲେ ସ୍ଥାନ ଲୁ ଦେଖିବ । ଅନ୍ତ ଅଟକାଇବ କିଏ ! ଖୋଦା ଯବ୍ ଦେତା ତୋ, ଛପର ଫାଡ଼କେ ଦେତା ।

ବିଶୁ ଏହି ଆଶାରେ ଡରବି, ଫୁଟବଲ-ପୁଲ, ଲଟେରି, ଏପରି କ ବେସ୍ କିଛି ଛାଡ଼େନା । ଅବଶ୍ୟ ତାର ସାମର୍ଥ୍ୟ ଅନୁସାରେ ।

କିନ୍ତୁ କପାଳ ତାର କେବେ ଫିଟିଲା ନାହିଁ । ବରାବର ସେଇ ପଥର ତଳେ ଚାପା ହୋଇ ରହିଲା ।

ବିଶୁ କ୍ରମେ ହତାଶ ହୋଇ ପଡ଼ିଲା । ଦୈବ ଉପରେ ଆସିଲା ଉଧୁଙ୍କର ଭାବ । କେବେ-କେବେ ମନେ ହେଲା, ସେ ଈଶ୍ୱର ବିଦ୍ରୋହୀ ହୋଇଗଲାଣି ।

ଦିନେ ଏକଦମ ଲାଟସାହେବୀ ଅଫିସରୁ ଫେରୁଛି—ତ ମନକୁ ଆସିଲା କେତେଟା—ଫୁଟପାଥରେ ଧରା ହୋଇଥିବା ପୁରୁଣା ବହି ଦୋକାନ ପାଖରେ ଛିଡ଼ାହୋଇ ଅନ୍ୟ ମନସ୍କ ଭାବରେ ଏଣିକି ସେଣିକି ଲେଉଟାଇବାକୁ ଲାଗିଲା । ବହି ଦଶଟିକ, ଯେଉଁ ଇଚ୍ଛା ନୁହେଁ—ମନଟା ଉଦାସ ହୋଇ ଯିବାରୁ ଖାଲି ଏମିତି ଘେଣ୍ଟାଏ—ହଠାତ୍ ତାର ନଜର ପଡ଼ିଗଲା ଖଣ୍ଡେ ଅତି ପୁରୁଣା ବହି ଉପରେ—"ଧନୀ ହେବାର ସହଜ ଉପାୟ ।" ବହିର କୌତୁହଳ ହେଲା । ବହିଟା ଧରି ପୃଷ୍ଠା ଓଲଟାଇବାକୁ ଆରମ୍ଭ କରିଦେଲା । ତାହା ଦେଖି ବହିବାଲା କହିଲା "ବାବୁ, ଏଟା ଲାଇବ୍ରେରୀ ନୁହେଁ ଯେ ଖାଲି ଖାଲି ବହି ପଢ଼ିଯିବ । ଦରକାର ଅଛି ତ ଦର କରି ଅଣ୍ଟିରୁ ପଇସା ବାହାର କର, ନୋହିଲେ ନା'ଟା ଦେଖି ଥୋଇଦିଅ ।"

ବିଶୁକୁ ବଡ଼ ଅପମାନ ବୋଧ ଲାଗିଲା । ଏଣେ ବହିଟା ଭିତରେ କଣ ଅଛି ଦେଖିବାକୁ ହେଲାଣି ମନ । ସେହିଠି ସେ ତେଜି ହୋଇ କହିଲା "ଜଣିବ କୋଉଟା ଦେଖୁଛ—ଦର ପଇସା ଦେଇ ଯଦି ମାଲ ନେବାକୁ ହୁଏ, ତାକୁ କଣ ଟିକିଏ ଦେଖି ନେବା ଉଚିତ ନୁହେଁ ?"

"ଠିକ ବାବୁ, ନବାଚ କଥା ଯଦି, ତେବେ ଦେଖି ନିଅନ୍ତୁ । ଇଚ୍ଛା ମୁତାବକ—ଏଇ ତ ଭଦ୍ରଲୋକର କାମ ।"

"ଅଚ୍ଛା, ଦାମ କେତେ," ବିଶୁ ପଚାରିଲା ।

"ପୁରା ଏକଟଙ୍କା, ବାବୁ । ଏ ବହିର ଗୁହିରା ଅନେକାନ୍ତ ବଜାରରେ ବହୁତ ।"

ଦର କଷାକଷି କରି ଦଶଅଣାରେ ଛିଣ୍ଡିଲା । ବିଶୁ ଅଧେ ମନ ଜିଣିବା ପାଇଁ ଓ ଅଧେ ମାନ ରଖିବା ପାଇଁ ବହିଖଣ୍ଡି କିଣି ନେବାକୁ ଆସିଲା ।

ଦାତଘୋଡ଼ ଯୋଗ, ଖଣ୍ଡାଏ ପାର୍କରେ ତେଣେଇ ବହିଖଣ୍ଡ ପଢ଼ିବା ପାଇଁ ସନ୍ଧ୍ୟାପରେ ଆଲୁଅ ପାଖରେ ଯାଇ ବସିଲା । ବହିଟା ମୋଟା କାଗଜ ବନ୍ଧା ବହି । ମଲାଟଟା ଖୋଲି ଦେଖୁଛି ଦେଖିଲା ଏଯ ତଲ ଅଧ ଯାଏ ଖୋଲି; ସେଇ ଖାଲରେ ତାହାର ପତ୍ରି ଅଲଗା ମଲାଟ ଭାରିଭରି କଣି ସେଇଟାକୁ ଧରାଉଁ ଦେବାପାଇଁ ଏଇ କେତେକୁ ଅକ୍ଷରେ ...

ପଡ଼ିଲା । ବହିର ପଛ ଓ ମଲାଟ ମଝିରେ ଘର୍ଚ୍ଚି ଫାଙ୍କ, ତାହାର ଭିତରେ ଗୁଞ୍ଜାହୋଇ ରହିଛି । ଲେଖାଟା ଅତି ପୁରୁଣା । କାଗଜଟା ବି ଛିଡ଼ି । କୌତୂହଳ ହେବାରୁ ଲଣ୍ଠନ ଟେକି ନେଇ ସେ ତାକୁ ପଢ଼ି ବସିଲା । ଯାହା ପଢ଼ିଲା, ଦେଖିବେ ଗଳ୍ପ ତାର ମୂଳ ସୂତ୍ର । ସେଥିରେ ଲେଖାଥିଲା—

"ମୁଁ ଜୀବନଯାକ ଧନ ଅର୍ଜନ କରି ଆସୁଛି—ସଞ୍ଚୟ କରି ଆସୁଛି । କିନ୍ତୁ ଏହି ଧନ ହେଲା ମୋର କାଳ, ମୋର ସବୁ ଦୁଃଖ, ସବୁ ମନସ୍ତାପର କାରଣ । ଯେଉଁମାନେ ମୋ ପ୍ରତି ସ୍ନେହବାନ, ଶ୍ରଦ୍ଧାବାନ, ମମତାବାନ ହେବାର କଥା—ସେହିମାନେହିଁ ହୋଇ ପଡ଼ିଲେ ମୋର ପ୍ରଧାନ ଶତ୍ରୁ । ସମସ୍ତେ ଖୋଜୁଛନ୍ତି ମୋର ମୃତ୍ୟୁ । ଅବଶ୍ୟ ପ୍ରକାଶ୍ୟରେ ନୁହେଁ—ତେବେ ସମସ୍ତଙ୍କର ଭିତରର ଉଦ୍ଦେଶ୍ୟ ମୁଁ ବୁଝି ପାରୁଛି । ଏଥିପାଇଁ ମୋର ଦୁଃଖ, ଘୃଣା, ଓ ରାଗ ବି ହେଉଛି । ମୁଁ ସ୍ଥିର କରିଛି ମୋ ମୃତ୍ୟୁପରେ ଯେଉଁମାନେ ମୋ ପ୍ରିୟ ଧନରାଶିର ଅଧିକାରୀ ହେବେ ବୋଲି ଆଶା କରିଛନ୍ତି, ତାଙ୍କୁ ଦେବି ଫାଙ୍କି । ଅର୍ଥାତ୍ ଏପରି ସ୍ଥାନରେ ଧନ ରଖିଯିବି, ଯେପରି ସେମାନେ ସେଥିରୁ କାଣିଚାଏ ପାଇବା ଦୂରର ଥାଉ—ତାର ତତ୍ତ୍ୱ ପାଇବେ ନାହିଁ ।

ମୁଁ ମୋର ସବୁ ଧନ ୫୦୦୦ ଅସରଫି ଗୋଟାଏ ପିତଳ ଗରାରେ ପୂରାଇ ପୋତି ରଖିଗଲି । ଯେଉଁ ଭାଗ୍ୟବାନ ଏ ଚିଠି ପାଇବ ସେ ଏ ଧନର ଅଧିକାରୀ ହେବ । ସେଥିପାଇଁ ପୋତା ସ୍ଥାନର ଠିକଣା ଦେଇ ଯାଉଛି ।—ଗଳିର ମୁଣ୍ଡରୁ ଗୋଟାଏ ମହାଦେବ ମନ୍ଦିର ଅଛି । ସେ ମନ୍ଦିରର ପଛପଟେ ଯେଉଁ ଘର ଅଛି, ତାର ପୂର୍ବପଟକୁ ଯେଉଁ ଘର, ସେହି ଘରର ଭିତର ଅଗଣାରେ ଗୋଟାଏ ତୁଳସୀ ଚଉଁରା । ସେ ଚଉଁରାଠାରୁ ତିନିହାତ ଛଡ଼ା ଦକ୍ଷିଣକୁ ଏ ଗରା ପୋତି ରଖିଲି ମାଟି ଭିତରେ । ତିନି ଚାରି ଫୁଟ ଖୋଳିଲେ ପାଇବ । ଶେଷରେ ମୋର ଏତିକି ଅନୁରୋଧ ଯେ ଏହି ମୋର ଧନ ପାଇବ ଯେ ସେ ମୋର ଶ୍ରାଦ୍ଧ ... ଓ ମୋ ନାମରେ ଯତ୍କିଞ୍ଚିତ୍ ଦାନ ଓ ... ଭୋଜନ କରାଇ ଦେବ । କାରଣ ମୋର ଓୟାରିସମାନେ ଏହା କରି ନଥିବେ ବୋଲି ମୋର ବିଶ୍ୱାସ । ଏହା ଯେ ନ କରିବ ତାକୁ ଈଶ୍ୱରଙ୍କ ଦୋହାଇ ରହିଲା । ଏ ସଙ୍କେତ ଲିପି ମୁଁ ଏ ବହି ଭିତରେ ଲୁଚାଇ ରଖିଗଲି ।

ଇତି । ଶ୍ରୀ ଦେବକୀ ନନ୍ଦନ ।

ବିଶ୍ୱର ଛାତି ଦାଉଁଦାଉଁ ହେବାକୁ ଲାଗିଲା । ସେ ଭାବିଲା ବାସ୍ତବିକ ଈଶ୍ୱର ବୋଲି, ଖୋଦା ବୋଲି, ଗଡ୍ ବୋଲି ଗୋଟାଏ କେହି ଅଛନ୍ତି । ଆଉ 'ଭାଗ୍ୟ' ବୋଲି ବି ଗୋଟାଏ ଜିନିଷ ଅଛି ।

ସେଦିନ ବିଶ୍ୱକୁ ଭାତ ରୁଚିଲା ନାହିଁ—ରାତିସାରା ନିଦ ଆସିଲା ନାହିଁ । ବିଛଣାଟାରେ ଗଡ଼ଗଡ଼, ଆକାଶ ପାତାଳ ଚିନ୍ତା, ଭାବି ଭାବି ଶେଷ ରାତିକୁ ଟିକିଏ ଆଖି ଲାଗିଗଲା ଯେ—ସେ ସ୍ୱପ୍ନ ଦେଖିଲା, ଖାଲି ଝକଝକ ମୋହର, ଅସରଫି—ଯେତେ ଗୋଟାଉଛି ସେତେ ଗଳି ପଡ଼ୁଛି । ବଡ଼ କୋଠା ଉପରେ ଚଢ଼ିବାକୁ ଯାଉଛି, କିନ୍ତୁ ପାହାଚ ସରୁନାହିଁ । ମଟରଟା ତାକୁ ନେଇ ହୁ-ହୁ ଛୁଟିଛି, ବାଗ ମାନୁନାହିଁ; ଇତ୍ୟାଦି, ଇତ୍ୟାଦି ।

ରାତି ପାହିଲାକ୍ଷଣି, ବସ ଅନ୍ୱେଷଣ ଧାଇଁଲା ସେଇ ଗଳି ଆଡ଼କୁ, ସତକୁ ସତ ମହାଦେବ ମନ୍ଦିର ଅଛି । ତା ପଛକୁ କୋଠାଟାଏ । ତା ପୂର୍ବକୁ ଗୋଟାଏ ଦରଭଙ୍ଗା ଘର । ଠିକ୍ କଲା ଏଇ ସେ ଘର । କିନ୍ତୁ ଘରଟା କେଉଁ କାଳରୁ ପଡ଼ି ରହିଛି । ଜନମାନବର ପାଦ ପଡ଼ିନାହିଁ ସେଠି କେଜାଣି କେତେ କାଳରୁ । ମନହେଲା ତାର, ଭିତରେ ପଶି ଅଗଣା, ଚଉଁରା ଦେଖନ୍ତା । କିନ୍ତୁ ଦୁଆରେ ତାଲା ପଡ଼ିଥିବାରୁ ତାହା ହୋଇ ପାରିଲା ନାହିଁ । ଦୁଆରେ ଗୋଟାଏ ସାଇନ ବୋର୍ଡ ଟଙ୍ଗା ହୋଇଛି—"ବିକ୍ରି ହେବ"—"ନ୬୧ମ୍ବର ଧୁକୁଡ଼ିଆରେ ଅନୁସନ୍ଧାନ କର ।"

ପାଖ ଲୋକଙ୍କୁ ପଚାରି ଜଣାଗଲା ଯେ, ସେଇ ଘରେ ଦଶ, ବାର କି ପନ୍ଦର ବର୍ଷ ଆଗେ ଦେବକୀ ନନ୍ଦନ ବୋଲି ଜଣେ ବାସ କରୁଥିଲା । ସେ ମରି ଯିବାରୁ ସେ ଘରେ କେହି ରହୁନାହାନ୍ତି । ଘରଟା କୁଆଡ଼େ ଭୂତ କୋଠି । ବିଶ୍ୱର ଆଉ ସନ୍ଦେହ ରହିଲା ନାହିଁ । କଥାଟା ନିଶ୍ଚୟ ସତ । ଦେବକୀର ଆତ୍ମା ନିଶ୍ଚୟ ସେଇ ସୁନାଗରାକୁ ଘେରି ରହିଥିବ । ତାପରେ ଶ୍ରାଦ୍ଧ ପିଣ୍ଡ ପାଇ ନ ଥିବାରୁ ଭୂତ ହୋଇ ରହିବା ବିଘଟନ ।

ଧାଇଁଲା ସେଇଠାରୁ ଧୁକୁଡ଼ିଆ ନ୬୧ମ୍ବର ସନ୍ଧାନରେ । ବାଟରେ ଯାଉଁ ଯାଉଁ ଭାବୁଥାଏ ଗୟା କେମିତି ଯିବ । ଛୁଟି ନେବ କି ପୂଜାଛୁଟି ଯାଏଁ ଅପେକ୍ଷା କରିବ । ଯଦି ଦେବକୀକୁ ପିଣ୍ଡ ନ ଦିଏ, ତେବେ ତା ଠାରୁ ନିମକହାରାମ, ଅଧର୍ମୀ ଆଉ କିଏ ! ନଦେଲେ ଦେବକୀର ଭୂତ କଣ ତାକୁ ଛାଡ଼ିବ କି ! କେତେ ଖରଚ ହୋଇପାରେ । ଇତ୍ୟାଦି ।

ନ୬୧ମ୍ବର ବାଡ଼ିରେ ମାଲିକ ସହିତ ଦେଖା ହେଲା । ଦର ପଚାରିଲା ସେ ୨୫୦୦୦ । ବିଶ୍ୱ ଚମକି ପଡ଼ିଲା । ପାଞ୍ଚ ଶହ, ଏମିତି ନୋହିଲେ ହଜାରେ ହବାର କଥା । ଭଙ୍ଗା ଘରଟାରେ ଅଛି କଣ ! ଏକାଠି ପଚିଶ ହଜାର ! ଅନେକ ଦରଦାମ ପରେ ସ୍ଥିର ହେଲା, କୁଡ଼ି ହଜାରରୁ ଏକ ପଇସା କମ ହେଲେ ଚଳିବ ନାହିଁ । ଇଚ୍ଛାହେଲେ ନିଅ, ନୋହିଲେ ବାଟ ଦେଖ ।

ବିଶ୍ୱ ଭାବିଲା । ଏତେ ଟଙ୍କା ସେ ପାଇବ କେଉଁଠୁ ! ପାଖରେ ଯାହା ଅଛି ତାଙ୍କା ଧାର ଉଧାର କରି, ହେଲେ ଚାରିଶ ହୋଇପାରେ । ଚାରି ହଜାର କିଏ, ସେ କିଏ ! କହିଲା, "ଆପଣ ମୋତେ ଆଠଦିନ ସମୟ ଦିଅନ୍ତୁ, ଟଙ୍କା ଦେବି । କବାଲାଟା ଆଜି ହୋଇଯାଉ; କାରଣ ପରେ ଆଉ ନ ପାଇ ମୁଁ ବଡ଼ ହଇରାଣ ହେବି; ଆଜି କାଲିରେ ସେଘରେ ରହିବାକୁ ହବ ।"

ମାଲିକ ହସି ଉତ୍ତର ଦେଲେ "ସେକଥା କ୍ଷମା କରନ୍ତୁ । ପୁରା କୋଡ଼ିଏ ହଜାର ଟଙ୍କା ହାତରେ ନ ପାଇଲେ କବାଲାରେ ଦସ୍ତଖତ କରିବା ବ୍ୟକ୍ତି ମୁଁ ନୁହେ । ବେଶ୍, ବୁଝିଲ ଆଉ; ଆଠ ଦିନ ପରେ ଟଙ୍କା ଦେଲେ, ସେଇଦିନ କବାଲା ହେବ ।"

ଆଠ ଦିନ ! ଆଠ ଘଣ୍ଟା ଅପେକ୍ଷା କରିବାର ଧୈର୍ଯ୍ୟ ଆଉ ବିଶ୍ୱର ନଥିଲା । କମ ତ ନୁହେଁ । ଗରାଏ ସୁନା ଅସରଫି ! ନୋ—ଯୋ ନାହିଁ—ଗଲା ମାଷ୍ଟରେ !

Digitized by srujanika@gmail.com

ମାଲିକ ପୁଣି କହିଲା, "ଅଚ୍ଛା ଆପଣ ଏବେ ଆସନ୍ତୁ । ଟଙ୍କା ସଜାଡ଼ି ହେଲେ, ଅଠଦିନ ପରେ ଆସି ପାଇବେ । କିନ୍ତୁ ଗୋଟାଏ କଥା । ବର୍ଷିକ ବିଜ୍ଞାପନ ଯେତେବେଳେ ବାହାର ହୋଇଛି, ଦିନ୍ କେତେ ଲୋକ ଆସୁଛନ୍ତି, ଘରଟା ଦେବା ପାଇଁ, ଏହା ଭିତରେ ଯଦି କାହାର ହାତରେ ଘର ପଡ଼ିଯାଏ, ତେବେ ହୁଏତ ଆପଣଙ୍କୁ ବଞ୍ଚି ହୋଇଯିବ । ତାର ଜବାବ ମୁଁ ଦେଇ ପାରିବି ନାହିଁ ।"

ବଶୁ ବଡ଼ ବ୍ୟସ୍ତ ହୋଇ ପଡ଼ିଲା । ହାତ ଯୋଡ଼ି ପକାଇ କହିଲା "ରକ୍ଷା କରନ୍ତୁ, ଆଉ ଗୋଟିଏ ଦିନ ସବୁର କରନ୍ତୁ । ମୁଁ କାଲି ଭିତରେ ଟଙ୍କା ସଜାଡ଼ି କରିବି ।"

ମାଲିକ ଏଥିରେ ମଙ୍ଗିବାରୁ ବଶୁ ବିଦାୟ ହେଲା ।

ବାଟରେ ଭାବିଲା,—"ଗଣ୍ଡାଏ ଅପରୂପ— ପନ୍ଦର ହଜାର୍ କି ଲକ୍ଷେ କେତେ ହବ ତାର ଠିକଣା ନାହିଁ । ତା ଆଗରେ ଗୁର ହଜାର କିଛି ନୁହେଁ । କଥା ହଉଛି, ଆଗେ ଗୁରହଜାର ପାଇବି କେଉଁଠୁ । ଯାର ଉଧାରିତ ଏତେ ଟଙ୍କା କେହି ଦବ ନାହିଁ ।"

ତା ମୁଣ୍ଡରେ ଗୋଟାଏ ବୁଦ୍ଧି ପଶିଲା । କୋମ୍ପାନିର ତହବିଲ ତାହାର ହାତରେ ଥାଏ । ତାକୁତ କେଉଁ କେହି ଗଣୁନାହିଁ । ପହିଲାରେ ଯାଇଁ ଯାଞ୍ଚ ମେଳ ହେବ । ସେତେବେଳକୁ କଣ ଟଙ୍କାଟା ଭରଣା କରି ହେବ ନାହିଁ ।

ଏହିକଥା ସାର କରି ବଶୁ ସେହିଦିନ ସାଙ୍କୁ ରେ ପୂରାପୂରି ଗୁରହଜାର ଟଙ୍କାର ନୋଟ କୋମ୍ପାନି ତହବିଲରୁ ନେଇ ଆସିଲା ।

ତହିଁ ଆରଦିନ ହୋଇଗଲା ଭଡ଼ାଲା । ସଞ୍ଜ ଆଗରୁ ବଶୁ ନିଜର ଟ୍ରଙ୍କବାକ୍ସ, ଲୁଗାପଟା ଧରି ଚନ୍ଦ୍ରଶେଖର ନୂଆ ଘରେ ।

ଘରଟା ଭିତରେ ବେଜାଣି କେଉଁ ଯୁଗର ଅଳିଆ । ମୂଷା, ଅସରପା, ବୁରୁଡ଼ା, ବୁଢ଼ିଆଣୀ ଜଗାରେ ପୂରି ରହିଛି । କାନ୍ଥରୁ ଝାଳୁଆ ହାଲୁଆ ଚୂନ ଖସି ପଡ଼ୁଛି । ଯାହାହେଉ ଗୋଟାଏ ଘରର ଜଞ୍ଜାଳ ଥୋଇ ସେ ଚଞ୍ଚଣା ପାଇ ଗଲା । ସଞ୍ଜ ପହରଟାରେ ଝୋଳବା ହେତୁହେଲେ ପଡ଼ିଶା ଲୋକେ ଜାଣି ପାରିବେ ।

ଯହିଁ ରାତି ଦଶଟା ବଜେ ହେବ, ସେ ଗୋଟାଏ କୋଦାଳ ଓ ଶାବଳ ନେଇ ଗଲା ଅଗଣାକୁ । ସଞ୍ଜ ଆଗରୁ ସେସବୁ ସେ ଠିକଣା କରି ନେଇଥିଲା । ଆଉ କଥା କିଛି ନାହିଁ । ଖାଲି ଖୋଳିବାର ଯାହା ପରିଶ୍ରମ ।

ମ ପଶ୍ଚିମ କହିଦେଇ ଠିକ ସ୍ଥାନଟା ସେ ଖୋଳିଲା । ଗୁରୁଫୁଟ୍, ପାଞ୍ଚଫୁଟ, ଛଅଫୁଟ !— ସାତଫୁଟ !—କିନ୍ତୁ କାହିଁ !—ଘଡ଼ି କାହିଁ । ଛାତି ଭିତରଟା ତାର କଣ ହୋଇଗଲା । ମୁଣ୍ଡରୁ ଗରମ ଝାଳ ବୋହିବାକୁ ଲାଗିଲା ।

ଟିକିଏ ଥକାଇନେଇ, ପଡ଼ିଏ ଅଗଣାକୁ ସେହି ପୁଣି ଖୋଳିଲା । ସେ ପାଗଳ ହେଉ ଖୋଳି-ଝୋଳି ଗୁଲିଲା । ଭୂତ ଲାଗିଲାପରି ଥାଳ ଜ୍ଞାନ ନାହିଁ ତାର । ଗୋଟା ଅଗଣାଟା ଖୋଳା ହେଇଗଲା । ତୁଳସୀ ଚଉଁରାଟା ଭାଙ୍ଗି ତା ତଳ ପାଞ୍ଚ ଫୁଟ ଯାଏ ତାଡ଼ି ପକାଇଲା ।

ଅନ୍ଧାର କେତେ ତାଡ଼ି ଥାଆନ୍ତା କେଜାଣି— ହଠାତ୍ ତାର ହୁସ୍ ହେଲା, ରାତି ଖାନ୍ତ ଆସି-ଲାଣି । ଶାବଳ ଫିଙ୍ଗି ଦେଇ ସେ ଥମ୍ କରି ବସି ପଡ଼ିଲା । ସେତେବେଳକୁ ତାର ବାହୁରେ ଆଉ ବଳ ନ ଥିଲା । ଛାତିରେ ଦମ୍ ନ ଥିଲା ।

ରାତି ପାହିଲା । ବଶୁ ଉଠେ ଉଠି ଯାଇ ଘର ଭିତରକୁ ଗଲା । ତା ମୁଣ୍ଡ ଚକ୍କର ମାରିଲା ପରି ବନ୍ ବନ୍ ଘୂରୁ ଥିଲା ।

\+ \+ \+

ନ'ଟ୍ରେ ଧୁଳିଭରା ପରି ମାଲିକ ତାଙ୍କ ସର-କାରଙ୍କୁ ଡାକି କହିଲେ "ଜାମିଟା ହାସଲ ହୋଇ ଯାଇଛି ।"

'କେତେରେ ଗଲା ?'

'ଗୁର ହଜାର ।'

'ଖୁବ୍ ଦେଇଛି ।'

'ନ ଦେଇ ଯିବ କୁଆଡ଼େ ! ଦଶ ହଜାର କହିଥିଲେ ବି ଦେଇ ଥାଆନ୍ତା ।'

ଏତିକି କହି ସେ ଭାରି ମୁଚୁ ହସଟାଏ ହସିଲେ ! ତାପରେ ଗମ୍ଭୀର ହୋଇ କହିଲେ "ଠକି ହେବାର ସହଜ ଉପାୟ" ବହିଟାର ଆଉ କେତେ ଖଣ୍ଡ ଅଛି ?"

'ପାଞ୍ଚ ସାତ ଖଣ୍ଡ ହେବ ।'

'ଖୁବ୍ ପୁରୁଣା ତ ?'

'କରେଇ ଦିଅ ହୋଇଛି ଯଥା ସମ୍ଭବ ।'

'କେଉଁ—ସେ ଦେଢି ଜାଗାକୁ ?'

'ଅଛି ମୁଣ୍ଡାଏ ।'

'ଅଣିଲ ଦେଖି—ଆଉ ଗୋଟାକେତେ ସେହିପରି ଚିରକୁଟ ଲେଖି ସେ ବହି ପୃଷ୍ଠାର ମଲାଟ ତଳେ ଗେଞ୍ଜି ଦିଅ । ଆଉ କେତେ ଖଣ୍ଡ ବାକି ଅଛି ପ୍ରତ୍ୟେକ ଚିରକୁଟରେ ଜାଗା ଜାଗା ଦେଇ ଦେଇ ଲେଖିଲ ।'

'ଜୀ ।'

'ଆଉ,—ସେ କିତାବ ଗୁଡ଼ାକ ପୁସ୍ତକ ପୁରୁଣା କିତାବ ଦୋକାନରେ ବିକି ଦେଇ ଆସ । ଯଉଁ ଦାମରେ ଯାଉ, ପରବାହି ନାହିଁ ।' \+ \+

ଦିନ ଗଡ଼ିଗଲା, କିନ୍ତୁ ସେ ଘରର କବାଟ ଖୋଲିଲା ନାହିଁ । କିଏଣେ ନୂଆ ଲୋକ ଆସିଛି ବୋଲି ସାଇ ପଡ଼ିଶା ଜାଣିଥିଲେ । କବାଟ ଖୋଲୁ ନାହିଁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଧକାଲେ ଆସି ଘରଟା ସଫା କରିବା ପାଇଁ ବଶୁ ଦୁଇଜଣ ଲୋକଙ୍କୁ ବରାଦ କରିଥିଲା । ସେମାନେ ବି ଆସି ଫେରିଗଲେ ଚାଲି-ଛନ୍ତି । ଭିତରୁ କବାଟ ବନ୍ଦ । କାହାରି ଭୁଣ୍ଡ ମୁଣ୍ଡ ବି ଶୁଭୁ ନାହିଁ । ଡକା ଡକି, କବାଟ ପେଲା ପେଲିରେ ଯେତେବେଳେ କିଛି ଫଳ ନ ହେଲା, ପୁଲିସକୁ ଖବର ଦିଆଗଲା । ପୁଲିସ ଆସି କବାଟ ଭାଙ୍ଗି ଭିତରେ ପଶି ଦେଖିଲା ବେଳକୁ—ବଶୁର ପ୍ରାଣହୀନ ଶରୀର କଡ଼ିରେ ଝୁଲୁଛି ।

---

## କୁଡ଼ିକୁଡ଼ି

ରୋଗୀର ରୋଗରେ ଶଯ୍ୟାଗତ ଥିଲାବେଳେ ତାର ସ୍ତ୍ରୀ ପ୍ରାଣ ଭରି ସେବା ଶୁଶ୍ରୂଷା କରିଥିଲା । ଯେବେ ସେ କୃତଜ୍ଞତା ପୂର୍ଣ୍ଣ ସ୍ୱରରେ ସ୍ତ୍ରୀକୁ ଡାକି କହିଲେ, "ତୁମ ଋଣ ମୁଁ ଯାତ ଜନ୍ମରେ ସୁଝି ପାରିବ ନାହିଁ । ତୁମେ ଡାକ୍ତରଙ୍କର ଏହା ଅଛି ଜଏ କରନ୍ତା ପ୍ରଭୁ ?"

ସ୍ତ୍ରୀ—ବାଃ, ମୁଁ ନର୍ସର ଆଉ ଜଏ କରନ୍ତା କହିଲ । ମୁଁ ପରା ତମ ସ୍ତ୍ରୀ । ଯଦି କେଉଁଠି ହୋଇଥାନ୍ତି, ଜଏ ପାଆନ୍ତା ପୋଷାକ କହିଲ । ଆଉ ପୁଣି ତାହା ଉପରେ ଜୁଲମ କରନ୍ତି, [illegible]

# କାବ୍ୟ-କୁସୁମ ।

## ଚସମା

ବିନୋଦ ଚନ୍ଦ୍ର ନାୟକ ।

ଅୟି ସ୍ପେକ୍ଟାକ୍ଲସ୍ ! ହେ ଚସମା ! ପ୍ରତି ଚକ୍ଷୁ, ନାସିକା ସଙ୍ଗିନୀ,
ତୁମ ସୁନ୍ଦର ସ୍ପର୍ଶେ କଳ୍ପନା ମୋ ହୋଇଛି ରଙ୍ଗିଣୀ ।
ତୁମ ରୂପ ବର୍ଣ୍ଣନାରେ ଫାଉଣ୍ଟେନ୍ ମୋ ହେଉ ଅନୁପମା
ଅୟି ମନୋରମା ।

ଜ୍ଞାନ ଗମ୍ଭୀରର ଏହୁ ସଭ୍ୟତାର ଭେଦ ଅବରଣୀ,
ନାନା ରୂପେ ନାନା ବର୍ଣ୍ଣେ ନାନା ସ୍ଥଳେ ତବ ବିଚରଣି ।
ନାନା ନାସିକାର କୁଞ୍ଜେ ସଞ୍ଚରିତ ତୁମ ଅଭିସାର
ଅତି ବାରମ୍ବାର ।

ବେକାର ଯୁବକ ଚକ୍ଷେ ପ୍ରଚ୍ଛାପଠ ନାଶର ଉପରେ,
ମୁଚକି ମୁଚକି ଯେଉଁ ହାସ୍ୟ ହସ ସଲଜ୍ଜ ଓଠରେ ।
ସେ ହାସ୍ୟର କାହିଁ ସଖି ଅଛି ଏହୁ ବିଶ୍ୱରେ ତୁଳନା,
ଅୟି ଅତୁଳନା ।

ଷୋଡ଼ଶୀ ତନ୍ୱୀର ଚକ୍ଷେ ଭ୍ରୂଲତାର ବଙ୍କା ଧନୁ ତଳେ,
କଣିଆର ଯେଉଁ ବାଣ ତରୁଣରେ ହାଣ ଫଳେ ଫଳେ ।
ସେ ବାଣ ପରଶେ ତୁମେ ମ୍ୟାଟ୍ରିକ୍ ଫେଲ୍‌ରେ କର କରପାର,
ଦୟା ଅକୂପାର ।

ସେ ବାଣ ପରଶେ ତୁମ ଅର୍ଦ୍ଧଘଣ୍ଟେ ଅଙ୍କ ଖାତା ମେଲ୍,
ଲେମ୍ କାଳ ହାତ ପାଶେ ଖୋଲ୍ ବେଙ୍ଗଲ ମ୍ୟାଗାଜିନ୍ ଅବା ଶେଲି
ଅଣ୍ଡର ଗ୍ରାଜୁଏଟ୍ ଫେଲ୍ ମାରେ ଥରେ ଥର ଚେଷ୍ଟା ପରୀକ୍ଷାରେ,
କବିତା ଚର୍ଚ୍ଚାରେ ।

ସେ ବାଣ ପରଶେ ତୁମ ପଦେ ଦେଇ ବାରମ୍ବାର ଲଫେଟା,
ବେକାର ସେ ଟୋକା ସାଜେ ଗାନ୍ଧି ଟୋପି ମୁଣ୍ଡେ ଦେଇ ନେତା,
ଧନ୍ୟ ଏ ମହିମା ତବ, ତବ ପଦ ପ୍ରାନ୍ତେ ବାରମ୍ବାର,
କରେ ନମସ୍କାର ।

ଟ୍ରିଂଗ୍ଲେନ ହକିଷ୍ଟିକ୍‌ଦ୍ୱାର, ରିମ୍‌ଲେସ୍, ଟୋରିକ୍ ବା ସଫିତା,
ଛନ୍ଦହରା ହୁଏ ମୋର ତବ ରୂପ ବର୍ଣ୍ଣନେ କବିତା ।
ନାନା ରୂପେ ନାନା ବର୍ଣ୍ଣେ ଗଢ଼ିଲ ରୂପେ କେତେ ବା ବାହାର,
ତୁମେ ଚରାଚର ।

ପୁଣି ଯୁଗ ପୂର୍ବେ କେଉଁ ପାଞ୍ଜି ବଡ଼ା ପୋଥିର ଗହଣେ,
ଅନନ୍ତ ପାଇଛ କୃତ୍ତି ପଣ୍ଡିତର ନାସିକା-ରୋହଣେ ।
ଲମ୍ବା ଦାଢ଼ି ଜଙ୍ଗଲରେ ବଣା ହୋଇ ଉର୍ଣ୍ଣନାଭ ଯଥା,
କହିଅଛ କଥା ।

ତବ ସ୍ପର୍ଶ ଲଭି ଚକ୍ଷେ ହେ ରୂପସୀ, ହେ ଚିର ଯୌବନା,
ଧନ୍ୟ ହେଉ ଏ ଜନମ, ପ୍ରାଣ ହେଉ ଉନ୍ମାଦ ଉନ୍ମନା ।
ନିତ୍ୟ ତବ ପୂଜା ହେଉ ଏ ଜନମ ଚିର ପୁରସ୍କାର,
ନିଅ ନମସ୍କାର ।

---

## --ମୋ ପରି କିଏ ?--

ଶ୍ରୀ କୁବେର ଦଲାଇ ।

ମୋ ପରି ସୁନ୍ଦର କିଏ ?
ଉଚ୍ଚତାରେ ହଟେ ତାଳଗଛ, ମୁଣ୍ଡ ଛ ସେର ନଡ଼ିଆଟିଏ ।
ଆଖି ଯୋଡ଼ା ସିନା କୋରଡ଼େ ପଶିଛି ଚେପଟା ଟିକିଏ ନାକ,
ବେକଟା ଟିକିଏ ଲମ୍ବା କହୁଥାଅ, ମୁହଁକୁ ନଠେଇ ଦେଖ ।
କହା ଯାଏ ଅସେ କଳା ବରଣରେ ଚିକ୍କଣ ଦନ୍ତ ଶୋଭା,
ନୋହୁଲେ ମିଶିଥେ ଝୁଙ୍କରେ କାହିଁକି ଯୁବତୀର କଳା ଗଭା ?
ମୋ ପରି ସାହସୀ କିଏ ?
ଅନ୍ଧାର ଘରକୁ ଡର ଡମେ ମୁହିଁ ସାହସରେ ପଶି ଯାଏ ।
ଖଡ଼ ଖଡ଼ କିଛି ଶବଦ ଶୁଭିଲେ ଘୁଞ୍ଚରେ ପକାଏ ଛେପ,
ଦମ୍ଭ ଧରି ଡାକେ, 'ଅସ ଭୂତ ପ୍ରେତ ବଳ ହେବ ଅଜା ମାପ ।'
(ଖାଲି) ଘୁଇଁଟାକୁ ଟିକେ ଘୁନିଆ ଲଗଇ, ପଡ଼ିଶ ବରଗ ଟୋକା,
ଏଣୁ ସଞ୍ଜ ହେଲେ ବସିବାକୁ ପାଖେ ମାଆଙ୍କୁ ଘୁଡ଼ଇ ଡକା ।
ମୋ ପରି କିଏ ସେ ଲେଖେ ?
ଡରି ସାରିଲେଣି ଦୁଆତ କଲମ ରହିବାକୁ ମୋର ପାଖେ ।
ଝରଣା ପରିକା କବିତା ମୋହର କଲମ ମୂନରୁ ଝରେ,
ଲେଖେଇ ପଡ଼ଇ ମନ, ସେ ସବୁକୁ ପଢ଼ିଗଲେ ଖାଲି ଥରେ ।
ମାସ ମାସ ଧରି ଗଦା ଗଦା କରି ପଠିବାକୁ ଦିଏ ଠେଲି,
ନ ପଢ଼ୁଣୁ ତାକୁ ସମ୍ପାଦକ ଦିଏ ଅଳିଆ ଗଦାକୁ ପେଲି ।
ନୁହେଁ କି ପଣ୍ଡିତ ସାର ?
'ଗୋପି ଭାଷା' ପୁଣି 'କୋଇଲି' ସୁନ୍ଦର କରି ଅଛି ମୋର ଘର
ସାତ ଥର କରି ନଠେଇ ପଢ଼ିଛି 'ସାତକାଣ୍ଡ ରାମାୟଣ ।'
'ନଷ୍ଟ୍ରେଷ୍ଟ' ଅଭି 'କପଟପାଶା'ରେ ଦ୍ରୋଣ ବୋଲି ମତେ
ଜାଣ ।
'କାଣିନାଳ' ଜଣାଅଛି 'ପଣକିଆ' ପଡ଼ଶିକ ଯାଏ ଶେଷ,
କେଉଁ ପାଠ ଅଭି ବାକି ଅଛି କାହିଁ ଲଢ଼ିବ କିଏ ସେ ଥାସ ।
ଦେଶ ସେବା କରେ କିଏ ?
ମୋ ପରି ? ଉପରି ଜଙ୍ଗଲରେ ଯେତେ ମୁହିଁ ଗାଳି କରି ଯିଏ ।
ମୋ ପେଟ ପାଇଁ ମୁଁ ନିତି ଧାଇଁ ଥାଏ କହ ପଚେ ଯାହା
ଯେତେଣେ,
ମୁଁ ଉଠିଲେ ଦେଶ ଉଠିଲା ନାହିଁ କି ପଣକରୁ ମୁଁ ତ ଜଣେ ?
ଭାଇ ବନ୍ଧୁ ଯେବେ ଲାଗି ପଡ଼ିଛନ୍ତି ସେ ମୋର ଲୁଟିବା ସବୁ,
ଭାବି ଶୁଣି ଦେଶ କଥା ଦିନ ସରେ, ଦେଶ କେ ସେବେ
ମୋ ପରି ?

---

Digitized by srujanika@gmail.com




(୪)

(ପୂର୍ବ ପ୍ରକାଶିତ ଅଂଶରୁ)

ତମ୍ବାବର୍ଣ୍ଣ ଅଶ୍ଚର୍ଯ୍ୟ ହୋଇ ପଚାରିଲେ ଯେ ସେ ତ ଉଡ଼ାଯାହାଜରେ ଆସିଲେ, ବର୍ତ୍ତମାନ ସେ ଗୋଟାଏ ଅମ୍ବା ହୋଇଗଲା କପରି ।

ତମ୍ବାବର୍ଣ୍ଣଙ୍କ ପିତା ଉତ୍ତର ଦେଲେ-ପ୍ରତ୍ୟେକ ଅମ୍ବାର ଏପରି ଶକ୍ତି ଥାଏ ଯେ ତାର ମନ ଅନୁସାରେ ସେ ନିଜର ପ୍ରକୃତ ରୂପ ଧରିପାରେ । କିନ୍ତୁ ତାହା ସ୍ଥୂଳ ନୁହେଁ ସୂକ୍ଷ୍ମ । ଏତେ ସୂକ୍ଷ୍ମ ଯେ ଝୁର୍ ବଡ଼ ରେଲ ଇଞ୍ଜିନର ଅମ୍ବା ସାମାନ୍ୟ ଗୋଟିଏ ଛୁଞ୍ଚିର ରନ୍ଧ୍ର ଭିତରେ ପ୍ରବେଶ କରିପାରେ । ତୁ ଯଦି ବର୍ତ୍ତମାନ ବୁଝିଁ ରୁ ତେବେ ଉଡ଼ାଜାହାଜରେ ଉଡ଼ି ପାରିବୁ ।

ତମ୍ବାବର୍ଣ୍ଣ ପଚାରିଲେ—ଅଚ୍ଛା ବାଘ ଭାଲୁ ଙ୍କର ଅମ୍ବା ସବୁ ଏଠି କ'ଣ କରନ୍ତି ?

ତାଙ୍କ ପିତାର ଅମ୍ବା ଉତ୍ତର ଦେଲା—ସେମାନେ ନିରୁପଦ୍ରବ ଭାବରେ ଏଠି ଥାଆନ୍ତି । ତମେ ଯେଉଁ ମୁହୂର୍ତ୍ତରେ ତାଙ୍କୁ ବାଘ ଭାଲୁ ବୋଲି ମନେ କରିବ ସେଇ ମୁହୂର୍ତ୍ତରେ ସେମାନେ ତମକୁ ବାଘ ଭାଲୁ ପରି ଦେଖାଯିବେ ।

ଏହା କହିବା ମାତ୍ରେ ଗୋଟାଏ ଅଫ୍ରିକା ଦେଶର ହିଂସ୍ର ଗର୍ଜନକରି ତମ୍ବାବର୍ଣ୍ଣଙ୍କ ଆଡ଼କୁ ଧାଇଁ ଆସିଲା । ତମ୍ବାବର୍ଣ୍ଣ ଭୟକରି ତାଙ୍କ ପିତାଙ୍କୁ କୁଣ୍ଢାଇ ପକାଇଲେ । ତାଙ୍କ ପିତା କହିଲେ—ଭୟ କର ନାହିଁ । ତାର କାମୁଡ଼ିବାର ଶକ୍ତି ନାହିଁ ।

ତମ୍ବାବର୍ଣ୍ଣ—ସେ ମୋତେ କାମୁଡ଼ିବାକୁ ଆସିଲା କାହିଁକି ତେବେ ?

ପିତାଅମ୍ବା—ଅମ୍ବା ସଙ୍ଗରେ ପ୍ରତ୍ୟେକ ପ୍ରାଣୀର ପ୍ରକୃତ ଅସିଥାଏ । ସେଥିପାଇଁ ହିଂସ୍ର ଜୀବ ପ୍ରକୃତ ଅନୁସାରେ କାମୁଡ଼ିବାକୁ ଦୌଡ଼ିଛି । ତା'ଛଡ଼ା ସେ କହେ ଯେ ତମେ ଅଫ୍ରିକାରେ ଥିବା ବେଳେ ତାକୁ ଗୁଳିରେ ମାରିଦେଇଥିଲ । ସେହି ରାଗରେ ସେ ତମର ଅନିଷ୍ଟ କରିବାକୁ ଧାଇଁ ଆସିଲା । କିନ୍ତୁ ଭଗବାନ ତୋରେ କାହାରିକୁ କଷ୍ଟ କାର୍ଯ୍ୟ କରିବାର ଶକ୍ତି ଦେଇ ନାହାନ୍ତି ।

ତମ୍ବାବର୍ଣ୍ଣ ପଚାରିଲେ—ଅଚ୍ଛା, ମୁଁ ବର୍ତ୍ତମାନ ଫେରିଯିବି କପରି ?

ପିତାଙ୍କ ଅମ୍ବା—ହିଁ, ଫେରିଯାଇ ପାର । ତେବେ ତମେ ଯାଇ ଯଦି ତମର ଶରୀରକୁ ପାଅ ତେବେ ତାହା ଦେହରେ ପ୍ରବେଶ କରି

## ଉଚ୍ଛା ସତ !

ଲେଖକ—ଅସଲ ଗାଲ୍ଅ

ଘରକୁ ଫେରିଯିବ—ନଚେତ୍ ପାରିବ ନାହିଁ । ତମର, ଅଦ୍ଭୁତ ପୁରୁନାହିଁ ବୋଲି ତମେ ଯାଇ ପାରିବ—ଅମ୍ଭେମାନେ କିନ୍ତୁ ଶରୀର ପାଇଲେ ମଧ୍ୟ ଯାଇ ପାରିବୁ ନାହିଁ ।

ତମ୍ବାବର୍ଣ୍ଣ ଅନ୍ୟାନ୍ୟ ଅନେକ ବିଷୟରେ କଥାବାର୍ତ୍ତା କରି ପିତାଙ୍କଠାରୁ ବିଦାୟ ନେଇ ମାତାଙ୍କ ନିକଟକୁ ପିତାଙ୍କର ଶୁଭେଚ୍ଛା ନେଇ ଉଡ଼ାଯାହାଜର ଅମ୍ବା ଦେହରେ ବସି ଚଳାଇବାକୁ ଆରମ୍ଭ କଲେ ମାତ୍ର ଉଡ଼ାଯାହାଜ ଚାଲିଲା ନାହିଁ । ତହୁଁ ସେ ପିତାଙ୍କୁ ଏପରି ହେବାର କାରଣ ପଚାରିଲେ । ପିତା କହିଲେ ଯେ ନିର୍ଜୀବ ପଦାର୍ଥର ଅମ୍ବାର ନିଜ ଶକ୍ତି ନଥାଏ । ତମେ ମନ ବଳରେ ତାକୁ ଶକ୍ତି ଦିଅ । ଏକାଗ୍ର ଭାବରେ ତମେ ତାକୁ ଆଦେଶ କଲେ ସେ ଚଳେ ନେଇଯିବ । ଅତଏବ ସେ ତମ୍ବାବର୍ଣ୍ଣ ଖୁବ୍ ଜୋର୍‌ରେ ଆଦେଶ କଲାରୁ ଉଡ଼ାଯାହାଜ ଉଡ଼ିବାକୁ ଲାଗିଲା । କିନ୍ତୁ ହାୟ! ଯେତେବେଳେ ଯାଇ ତାଙ୍କ ଶବ ନିକଟରେ ପହଞ୍ଚିଲେ ସେତେବେଳେ ଦେଖିଲେ ଯେ ଜଙ୍ଗଲୀ ମାଛ ଦେହରୁ ତାଙ୍କ ଶରୀରକୁ ଗୋଟାଏ ମନ୍ତ୍ରବଳ ହରଣ ନେଇ ପଳାଇ ଯାଉଛି । ସେ ଦୌଡ଼ିଯାଇଁ ଉଡ଼ାଯାହାଜରୁ ରିଭଲଭର (ବନ୍ଧୁକ) ଛାଡ଼ି ମାରିଲା ବେଳକୁ ଅଛି ପାରିଲେ ନାହିଁ । କାରଣ ଅମ୍ବାର କାହାର ଅନିଷ୍ଟ ବା ଇଷ୍ଟ କରିବାର ଶକ୍ତି ନଥାଏ କିମ୍ବା ପାର୍ଥିବ ବସ୍ତୁକୁ ବ୍ୟବହାର କରିବାର କ୍ଷମତା ନଥାଏ । ତମ୍ବାବର୍ଣ୍ଣ ବଡ଼ କାନ୍ଦିଲେ । ମନେକଲେ ଯେ ପିତାଙ୍କ ନିକଟକୁ ଫେରିଯିବେ । କିନ୍ତୁ ତାହା ମଧ୍ୟ ହୋଇ ପାରିଲା ନାହିଁ । ଉଡ଼ାଯାହାଜର ଅମ୍ବା ଯାଇ ଉଡ଼ାଯାହାଜରେ ପ୍ରବେଶ କଲା । ତାର ଅମ୍ବାକୁ ଆଉ ସେ କାଢ଼ି ଆଣି ପାରିଲେ ନାହିଁ । ସେ ଏକୁଟିଆ ଯିବାକୁ ଚେଷ୍ଟାକଲେ କିନ୍ତୁ ହଠାତ୍ ବାଟ ପାଇଲେ ନାହିଁ । ଏଣେ ଉଡ଼ାଜାହାଜର ଅମ୍ବା ତାର ଶରୀର ଭିତରେ ପ୍ରବେଶ କଲାରୁ ସେଠା ଆପେ ଚାଲିବାକୁ ଆରମ୍ଭ କଲା । ଦୁରଅତ, ତମ୍ବାବର୍ଣ୍ଣ ହଇରାଣ ହେବେ ଏହି ଭୟରେ ସେ ପୁଣି ଉଡ଼ାଯାହାଜ ଡେଣା ଉପରେ ଯାଇଁ ବସିଲେ । ଉଡ଼ାଯାହାଜଟା ଦେହରେ ଅଗନ୍ତୁ ପେଟ୍ରୋଲ ଥିଲା ସେଥିକରେ ସେ ଚାଲିଯାଇ ପୃଥିବୀ ଉପରେ ପହଞ୍ଚିବା ବେଳକୁ ସବୁ ସରିଗଲା ।

ତା ପରେ ଉଡ଼ାଯାହାଜଟା ସମୁଦ୍ର ଭିତରେ ଭାସୁଥିବା ଗୋଟାଏ ଡଙ୍ଗି ଉପରେ ଯାଇଁ ପଡ଼ିଲା । ତମ୍ବାବର୍ଣ୍ଣଙ୍କ ଅମ୍ବା ସେହି ଡଙ୍ଗି ଦେହରେ ପ୍ରବେଶ କରି ଉଡ଼ାଜାହାଜକୁ ଆଣି ଗୋଟାଏ ଜାହାଜ ନିକଟରେ ଲଗାଇ ଦେଲେ । ନିଜ ଅମ୍ବାଟାକୁ ଡଙ୍ଗି ଦେହରୁ କାଢ଼ି ନେଇ ଜାହାଜ ଉପରେ ରଖିଲେ । ଜାହାଜର କପ୍ତାନ ଡଙ୍ଗିଟାକୁ ମହୋଯାଇ ଥିବାର ଦେଖି ମହା ଖୁସି ହୋଇ ଉଡ଼ାଜାହାଜ ଓ ଡଙ୍ଗି ଉଭୟକୁ ଜାହାଜ ଦେହରେ ବାନ୍ଧି କଲିକତା ନେଇ

ଗ୍ଲୁଗଲେ । କଲିକତାରୁ ଯେ ଉଡ଼ାଜାହାଜ ପୁଣି ଉଡ଼ିଲା । ତ୍ସ୍ୟାଂଙ୍କ ଅସ୍ଥା ଜନତାଙ୍କୁ ଘାଇଁ ଗୋଟିଏ ମୁଦ୍ଦର ପୃଷ୍ଠ ସବ ଦେଶ-ରେ ପ୍ରବେଶ କରି ନୂଆ ଏକ ଉପାୟ କେଶ ଭଳି ମକଦ୍ଦମା କରିବାର ପ୍ରସ୍ତାବ କରୁଛନ୍ତି ।

( ୫ )

ଗାଲୁଆ—ଆମ ଗାଁକୁ ଜଣେ ବାଜିକର ଆସିଥିଲା ଯେ, ସେ ଗୋଟାଏ ନିଶୁଣି (ସିଡ଼ି) ନେଇ ଫାଙ୍କା ପଡ଼ିଆରେ ଛିଡ଼ା କରାଇ ଦେଲା । ତାପରେ ସେଇ ସିଡ଼ିରେ ଚଢ଼ି ଚଢ଼ି କାହାକୁ ଅଟକୁ ବୋଲି ଗଲ୍‌ଗଲା—ପୁଣି ତଳକୁ ଓହ୍ଲାଇ ଆସିଲା । ସିଡ଼ିଟା ସେଇମିତି ଖାଲି ଅଶାରେ ଛିଡ଼ା ହୋଇଥାଏ । ଟଳିବ ପଡ଼ିଲା ନାହିଁ କି ଖସି ବି ପଡ଼ିଲା ନାହିଁ ।

ବାହାଦିଆ—ଓଃ, ଏଇଟା ଗୋଟାଏ କି ଚମତ୍କାର କଥା ହେଲା । ଆମ ଗାଁକୁ ଗୋଟାଏ ବାଜିକର ଆସିଥିଲା ଯେ, ସେ ହାତ ୫୦ ତ ଲମ୍ବର ଗୋଟାଏ ଅରଣ୍ଡି ବାଉଁଶକୁ ପଦାଟାରେ ସେମିତ ଛିଡ଼ା କରାଇ ଦେଇ ତା ଉପରକୁ ଚଢ଼ି ଚଢ଼ି ଗଲା ଓ ଅଗରେ ଯାଇ ବସିଲା । ତାପରେ ସେ ବାଉଁଶଟାକୁ ଅଧାଅଧି କାଟି ଆଣିଲା । ତଥାପି ସେ ସେହିପରି ବସିଥାଏ, ପଡ଼ିଲା ନାହିଁ ତଳକୁ ।

ଗାଲୁଆ—ଆମ ବାଡ଼ରେ ଗୋଟାଏ କୂଅ ଖୋଳା ହେଉଥିଲା ଯେ ବର୍ଷ । ପଚାଶ ହାତ ଗହୀରରେ ଗୋଟାଏ ମାଗୁର ମାଛ ପାଇଲେ ଯେ, ମାପିଲା ବେଳକୁ ୨୦ ହାତ । ଗାଁ ଯାକ ଲୋକ ଭୁବଢ଼ିରେ ହାଣି ଦେଖାଏ ଦେଖାଏ ନେଲେ । ଆମ ଘର ତ ତାକୁ କଳିରେ ଉଠାଇ ଉନ୍ନାଦ ଯାଙ୍କେ ନିତ ଖାଉଥାଉଁ ।

ବାହାଦିଆ—ଶୁଖିଲା ମାଟିଟା ଭିତରେ ମାଛ କାହୁଁ ଆସିଲା ?

ଗାଲୁଆ—ସେ ଥାନରେ ଆଗ କାଳେ ଗୋଟାଏ ପୋଖରୀ ଥିଲା । ସେଇଟା ପାତାଳ ଫୁଟ । ତାହାର ଭିତରେ ସେ ମାଗୁରଟା କଲପ କରି ରହି ଯାଇ ଥିଲା ସେଇ କାଳରୁ ।

ବାହାଦିଆ—ହେଲା; କିନ୍ତୁ କୂଅଟାର ଓସାର ତ ଚାରିହାତ କି ଛଅହାତ । କୋଡ଼ିଏ ହାତର ମାଛ ବାହାରିଲା କିମିତ ?

ଗାଲୁଆ—ମାଛଟା କଣ ଅଡ଼ରେ ଥିଲା କି? ସେ ସବୁ ଉପରକୁ ଲାଞ୍ଜ, ତଳକୁ ମୁହଁ କରି ଲମ୍ବ ଭାବରେ ରହିଥିଲା !

ବାହାଦିଆ—ହଁ, ତାହା ହେଲେ ହେଇ-ପାରେ । ହେଲେ ଏଇଟା କିଛି ଆଶ୍ଚର୍ଯ୍ୟ ନୁହେ । ଆମ ପୋଖରୀରେ ବହୁତ ମାଛ ଥାଆନ୍ତି । କିନ୍ତୁ ସେଟା ଏଡ଼େ ଗଭୀର ଯେ ଧରି ହୁଏ ନାହିଁ । ଥରେ ବୈଶାଖ ମାସରେ ଭାରି ଖରା ହେଲା । ସବୁଆଡ଼େ ବଡ଼ ବଡ଼ ପୋଖରୀ, ଏପରିକି ନଈ, ସମୁଦ୍ର ବି ଶୁଖିଲା; ପୋଖରୀ କଥା ବା କିଏ ପଚାରେ । ପାଣି ତ ପାଣି ପଙ୍କ ସୁଦ୍ଧା ଶୁଖି ଫାଟିଲା । କିନ୍ତୁ ମାଛ କାହିଁ ! କେଉଁଠି, ଦଣ୍ଡିଏ ବି ଗୋଟାଏ ମିଳିଲା ନାହିଁ ।

ଆମ ଗାଁ ମାଷ୍ଟରେ ତ ବିଜ୍ଞାନ ପଢ଼ା'ନ୍ତି କି । ସେ କହିଲେ ସୂର୍ଯ୍ୟ ତାପ ପାଣିକି ଟାଣିନେଇ ଯାଏ । ସେହି ପାଣି ପୁଣି ବର୍ଷା ହୁଏ । ଏଥର ଅତି ଟାଣ ହେବାରୁ ପାଣି ସାଙ୍ଗରେ ମାଛଙ୍କୁ ବି ଶୋଷି ନେଇଛି । × ×

କିଛିଦିନ ଯାଇଛି କି ନଯାଇଛି, ହେଲା ବର୍ଷା । ଘମାଘୋଟ ଗର୍ଜିଲା ବର୍ଷା ! ମେଘ ଛାଡ଼ିଲା ପରେ ଆମ ପକ୍କା ଛାତ ଉପରକୁ ଯାଇ ଦେଖିଲା ବେଳକୁ, ଛାତରେ ଛାତେ ମାଛ । ରେହି, ଭାକୁର, ଚେଙ୍ଗ, ବାଲିଆ, ସରୁ । ବାଡ଼ରେ, ଅଗଣାରେ ସବୁଆଡ଼େ ମାଛମୟ । ମାଷ୍ଟରେ ଭୂଗୋଳ ବହି ଲେଉଟାଇ କହିଲେ କି ଆମର ପୋଖରୀ ମାଛ ସବୁ । ପାଣିଗୁଡ଼ାକ ବାଷ୍ପ ହୋଇ ଉଠେ ବୋଲି ସିନା ପବନ ତାକୁ ଅନ୍ୟ ଆଡ଼କୁ ଉଡ଼ାଇ ନେଇଯାଏ । ଆମ ଗାଁ ପାଣି ତମ ଗାଁରେ ବରଷେ, ତମ ଗାଁ ପାଣି ଆମ ଗାଁରେ ବରଷେ । କିନ୍ତୁ ଏ ମାଛ ଗୁଡ଼ାକ ତ ଭାରି ପଦାର୍ଥ—ଯଉଁ ସିଧାରେ ଉଠିଲା, ମେଘରେ ରହି ପୁଣି ସେହି ସିଧାରେ ବର୍ଷା ପାଣି ସାଙ୍ଗରେ ଖସିଲା ।

ଯେତେ ଖାଇଲୁଁ, ଯେତେ ବାଣ୍ଟିଲୁଁ—ବାଡ଼ରେ ଯାହା ରହିଗଲା ସେ ହେଲା ଖତ । ତହିଁ ଆର ବର୍ଷକୁ ଯଉଁ ଫସଲ ହେଲା ସେଥିରେ, ତହିଁରେ ସବୁ ମାଛର ସ୍ୱାଦ ଓ ମାଛର ଖୁସବ ।

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

'ବର୍ମା ଓଡ଼ିଆ ପତ୍ରିକା'

(ସାପ୍ତାହିକ) (ରୟେଲ ୧୬ ପୃଷ୍ଠା)

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତିଗତି ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀ-ମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ସ୍ୱତ ମତ ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ବାର୍ଷିକମୂଲ୍ୟ ଟ ୨।, ଛାତ୍ରବୃନ୍ଦ ଟ ୨, ଭାରତବର୍ଷ ଓ ଅନ୍ୟ ଦେଶ ଟ ୪

ଠିକଣା—ନଂ ୧୫୭—୩୧ ମୂର ଗଳି—ରେଙ୍ଗୁନ (ବର୍ମା)

ମୂର୍ଖ ଲୋକ କହେ—

"ମୋର ନିଶ ନାହିଁ

ମୋ ଗୋପାଳିଆ ଭାଇର ଅଛି ।"

କିନ୍ତୁ ଆପଣ କଣ କରିବେ ?

ମାଗି ନ ଆଣି ନିଜେ ଗଣ୍ଡେ

ଝଙ୍କାର

କିଣନ୍ତୁ !

Digitized by srujanika@gmail.com

# ସମସ୍ୟା ।

## —(ଏକାଙ୍କିକା ନାଟିକା)—

ଲେଖକ—ହିମ୍:ବନ୍ଧୁ

### ପ୍ରଥମ ଦୃଶ୍ୟ

[ଲାଟ, ସ୍ୱରାଷ୍ଟ୍ରର ଦୂତ, ସେନାପତି କୋଠିର ଭିତର ପ୍ରକୋଷ୍ଠରେ ସୁରାପାନ ରତ ।]

ସ୍ୱ-ଦୂ—କିନ୍ତୁ, ଏ ପରିସ୍ଥିତି ଯେପରି ବିପଦ-ଜନକ ସେହିପରି ଅସହ୍ୟ ।

ଲାଟ—ଠିକଣା ବୁଝାଯାଉନାହିଁ ! ତେବେ—

ସ୍ୱ-ଦୂ—'ତେବେ,' 'କିନ୍ତୁ'ର ଆଉ ସମୟ ନାହିଁ ଯେ—ଯୁଦ୍ଧ ଯୁଦ୍ଧ ଅତ କହି ଗଲେ । ଏଇ ସମୟରେ ମିଠା କଥା କହି ଚାଲିବ ନ ହେଲେ ଆମର ପ୍ରତିଭୂତ୍ୱ ଓ କୂଟନୈତିକ ଦାୟିତ୍ୱ ଆଉ ରହିଲା କେଉଁଠି ? ଆମେ କଣ ଘାସ କାଟିବାକୁ ରହିଛୁଁ ।

ଲାଟ—ସେ କଥା ଠିକ—କିନ୍ତୁ ଆମେ ଯେ ଏକେ ପ୍ରତିଶ୍ରୁତ ! ଏ ସମୟଟାରେ ଗୋଟାଏ ଗୋଳମାଳିଆ ବାତାବରଣ ସୃଷ୍ଟି କରିବା—

ସ୍ୱ-ଦୂ—ସୃଷ୍ଟି ହୋଇଗଲାଣି । ଅଉ ବାକୀ ଅଛି କଣ ! ଆପଣ ଏବେ ନିଜରୂପ ଧାରନ୍ତୁ । କେଣି ନୁହେଁ, ଗମ୍ଭୀର ହୋଇ ଟିକିଏ ଚସି ଗଲେଇ—

ସେନା—ଆମେତ ସବୁ ସାବାଡ଼ କରିଦବୁଁ । ଏପଟ ଡରୁଆ, ଭୀରୁ, କାପୁରୁଷ ଏଇ କାଳା ଆଦମଙ୍କୁ ଜବଦ କରିବାକୁ କେତେ ବେଳ ଲାଗିବ ।

ସ୍ୱ-ଦୂ—କଣ ଜେନେରାଲ ତାସ୍ୱାର ଭଳି ।

ସେନା—ନାହିଁ, ସେ ପର୍ଯ୍ୟନ୍ତ ଯିବ ନାହିଁ । ଖାଲି ଭିଡ଼ଙ୍ଗରେ ଟିକେ ଲହୁ ପାଣି ହେଇଯିବ ।

ଲାଟ—ଓଃ ହିଟଲର ଭଳି !

(ଉଚ୍ଚ ହାସ୍ୟ)

ସ୍ୱ-ଦୂ—ସତ କଥା, ହିଟଲର ଠିକ ଠିକ କରୁଛି ।

ସେନା—ଏ ହଗୁରା, ଛେରୁଆ, ଦୋନାଭୂତଥ ଦରପନ୍ତରଥ ମନୋବୃତ୍ତିର ଅନ୍ତସ୍ତର ମୂଳ ଏଥିରେ କଣ ହୁଏକ ଛୋଟ ଲୋକ-ଙ୍କର ଅଭ୍ୟାସ ବଟେ । ଲୁହା ଗାଣି ପାଣି ଦେବା ଉଚିତ ।

[ଅର୍ଦ୍ଦଳି ପ୍ରବେଶ କରି କହିଲାଯେ ମନ୍ତ୍ରୀମାନେ ଓ ପ୍ରଧାନ କରଣ ସାହେବ ମୁଲାକାତ କାମରାରେ ଅପେକ୍ଷା କରୁଛନ୍ତି । ]

ଲାଟ—ଇନ୍ତଜାର କରନେ ଦୋ ।

ସ୍ୱ-ଦୂ—ଆପଣ କିନ୍ତୁ ସେଠି ଏଥର ଉଦାସୀ ଭାବ ଧରିରେ ଚଳିବ ନାହିଁ । ଅପନ ଉଗ୍ର ବସିବେ ।

ଲାଟ—ସେଠି କଣ କରିବାକୁ ହେବ ସେ ବିଦ୍ୟା ଆମକୁ ଭଲ ଜଣା । ଆମେଇ ତ ତାଙ୍କୁ ଖେଳାଉଛୁଁ । (ହାସ୍ୟ)

ସ୍ୱ-ଦୂ—ଗୋଟାଏ ସଙ୍ଗିନ ରାଜନୈତିକ ଗୋଳ-ମାଳ ଭାଳେ ଏଇଠୁଁ ଆରମ୍ଭ ହୋଇଯିବ, ଆପଣ ବୋଧହୁଏ ସେଇଟାକୁ—

ସେନା—ଡରୁଛନ୍ତି ।

ଲାଟ—(ହସି) ରାଜନୈତିକ କାଇଦା ଭୂମଦାମ ଫଟଫାଟ କସରତ ଠାରୁ ଢେର ଗଭୀର ବନ୍ଧୁ !

ସେନା—ମୁଁ ଜାଣେ wait and see । କଉଠିକା ପାଣି କଉଠିକି ଯାଉଛି ବୋଲି ଅପେକ୍ଷା କରିବା । ମାତ୍ର ଅପେକ୍ଷା କରୁଁ କରୁଁ ତେଣେ ବନ୍ଧ ଯେ ଯିବ ଭୁସୁଡ଼ି ।

ସ୍ୱ-ଦୂ—ଅବଶ୍ୟ ଅବଶ୍ୟ,-ସବୁଆଡ଼େ କାଇଦା ଦରକାର । ହୁଡ଼ୁମ୍ବଷ୍ଟଳିଆ କାମ ତ ସବୁ ଯେଉଁଠାରେ ଲାଗେ ନାହିଁ ।

### ଦ୍ୱିତୀୟ ଦୃଶ୍ୟ

[ଆଦ୍ୟ ମନ୍ତ୍ରୀ, ମଧ୍ୟ ମନ୍ତ୍ରୀ, ଓ ଅନ୍ତଃମନ୍ତ୍ରୀ ତିନହେଁ ଲାଟଙ୍କ ମୁଲାକାତ କାମରାରେ ବସି ଅଛନ୍ତି । ]

ଅଦ୍ୟମନ୍ତ୍ରୀ—ବଡ଼ ବିରକ୍ତ ଲାଗିଲାଣି ।

ମଧ୍ୟମନ୍ତ୍ରୀ—କଣ କରିବା ଅପେକ୍ଷାତ କରିବାକୁଇ ହେବ ପୁଣି ଯେତେବେଳେ ଲେଖାଇଛେଁ

[ପ୍ରଧାନ କରଣ ସାହେବ ପ୍ରବେଶ ହେଲେ ।]

ଅଦ୍ୟ ମନ୍ତ୍ରୀ—ଆସନ୍ତୁ ଆସନ୍ତୁ—ଆପଣଙ୍କର ଏତେ ବିଳମ୍ବ ଯେ ।

ପ୍ର-କ—ମୁଁ ତ ଅଜ ଆପଣଙ୍କମାନ ଭଳି ପ୍ରତି-ନିଧି କର୍ତ୍ତା ନୁହେଁ । ସାମାନ୍ୟ ସ୍ୱଳ୍ପରଥ ଲୋକ; କାମ ବହୁତ ।

ଅଦ୍ୟ-ମନ୍ତ୍ରୀ—ଆପଣ ବଡ଼ ଭଦ୍ର ଓ ନମ୍ର । ଏଥି ପାଇଁ ଆପଣ ସମସ୍ତଙ୍କର ପ୍ରିୟ ହୋଇ ପାରିଛନ୍ତି ।

ପ୍ର-କ—ଲାଟ ମହୋଦୟ ଏପର୍ଯ୍ୟନ୍ତ ଆସି-ନାହାନ୍ତି; ଯାହାହେଉ ରକ୍ଷା ।

ଅ-ମ—ଛୋଟ ହାଜରରେ ଅଛନ୍ତି । ଏଇକ୍ଷଣି ଆସିବେ ବୋଧ ହୁଏ ।

ପ୍ର-କ—ମୁଁ ତେବେ ଦେଖେ—

[ବାହାର ଗଲେ]

ଅ-ମ—ଦେଖିଲ, ସେ କମିଟି ଏଠି ନ ବସି ଚାଲିଗଲା ।

ମ-ମ—ଯିବନାହିଁ ! ଗୋରା ଚମଡ଼ା ଯେ । ଆମ ନାଁଟା ବଡ଼ ହେଲେ କଣ ହବ—ଯେତେ ହେଲେ ସେ ଭାରସ ଭାଇ ।

ଅ-ମ—ତା ଠିକ—କିନ୍ତୁ ଆମ ପୋଜିସନ, ଅଉ ପ୍ରେଷ୍ଟିଜ—ସ୍ୱଭାବ ଏକା !

ଅନ୍ତ-ମ—ଅଲବତ୍ତ । ଏନ୍ତା କଥା କେନ୍ତା ସହମା !

ଅ-ମ—ଅଚ୍ଛା । [ଚଳନ୍ତିନ ଓଷ୍ଠଚାପୁଡ଼ିଲେ]

[ଲାଟ ଓ ପଶ୍ଚାତରେ ପ୍ର-କରଣ ପ୍ରବେଶ ହେଲେ]

[ସକଳେ ଉଠିପଡ଼ି ଅଭିବାଦନ କଲେ]

ଲାଟ—ଗୁଡ୍ ମର୍ଣିଂ—ଖୁବ୍ ଅଗ୍ରାଃ ପଡ଼ୁଛି—ନୁହେଁ ?

ଅ-ମ—ଅକ୍ଷି ପୁଣି କହିବାକୁ ଅଛି । କିନ୍ତୁ ହଜୁରଙ୍କ ଦୟାରୁ—ଏଁ-ଏ

ମ-ମ—ଆମ୍ଭେମାନେ ସହିବାକୁ ଅଭ୍ୟସ୍ତ ହେଲୁଣି ।

ଅ-ମ—ହଁ ଅଭ୍ୟସ୍ତ ହେଲୁଣି ।

[ଲାଟ—ହସି ଆସନ ଗ୍ରହଣ କଲେ ଓ ଅନ୍ୟ-ମାନେ ସ୍ୱ ସ୍ୱ ଆସନରେ ବସିଲେ]

ଲାଟ—ଆପଣମାନେ ଅନେକ ବେଳୁ ଅପେକ୍ଷା କଲେଣି, ନାହିଁ ? ମୁଁ ଟିକିଏ ବ୍ୟସ୍ତ ଥିଲି; କ୍ଷମା କରିବେ ।

ଅ-ମ—ନାହିଁ, ନାହିଁ, କଷ୍ଟ କଣ—ଆପଣ, ଆପଣ ଯେ--



Digitized by srujanika@gmail.com

ଲାଟ—ଅଚ୍ଛା—ତାରପର ?···ଜଣା ନିବାରଣ ଟା କେମିତ ଚାଲୁଛି ?

ଅ-ମ—ଅପଣଙ୍କ ଦୟାରୁ ଉତ୍ତମ ।

ଲାଟ—ବଢେଇ କାମ ?

ଅ-ମ—ଲାଗିଛି—କିନ୍ତୁ ସେ ତ ଆପଣଙ୍କ ଦୟା ଓ ସହାନୁଭୂତି ଉପରେ ନିର୍ଭର କରେ ।

ଲାଟ—ବେଶ ବେଶ—ମୋ କ୍ଷମତାରେ ଯାହା ଥିବ, କରିବ । କିନ୍ତୁ ସେ ତ ଉପରର କଥା ।

ଅ-ମ—ସେ ବି ଅପଣଙ୍କ ହାତରେ । ମୁଁ ଅଣା କରେ ଅନ୍ତ କରିଁ ଏକାକ ଦଳ ସାଙ୍ଗ୍ ସହଯୋଗରେ ଶାସନ ଚକ୍ର ନ ଥିବ ।

ନ-ମ—ଏ କେବଳ ଆପଣଙ୍କ ପ୍ରଚଣ୍ଡ ବ୍ୟକ୍ତିତ୍ୱ ଓ ଅଗଣ୍ଡ ଉଦାରତା ।

ଆ-ମ—କେବଳ ଏଇ ଗୋଟାଏ କଥାରେ ବଡ଼ ବାଧା ହେଉଚି--ଆମର ଆମନ୍···

ମ ମ—ଠିକ୍‌ତୁ, ମହତକୁ

ଲାଟ—[ହସି]ରାଜନୀତିରେ ଏତେ ଚିନ୍ତିତ ସମାଜ କାମକର କୁଏନା । ଦେଖୁ ନାହାନ୍ତି ଆମ ବ୍ରିଟିଶ ପାର୍ଲାମେଣ୍ଟ-ଡେମୋକ୍ର- ଲୋକଙ୍କ ଓଡ଼ାଦ ।

ଆ-ମ—କିନ୍ତୁ ଆମ ଅବସ୍ଥା ସ୍ୱତନ୍ତ୍ର -

ଲାଟ—ଓଃ ଚମଡ଼ା ପତଳା—ନାହିଁ । କିନ୍ତୁ ଆପଣମାନଙ୍କ ,ଲିଷ୍ଟ ଅରେ ଆମେ ରକ୍ଷା କରିଛୁଁ ମନେ ଥିବ ।

ଅ-ମ—ଖୁବ ମନେ ଅଛି । ତା ନୋହିଥିଲେ ଆମେ ଆଜ ଏଠି ବସି ନ ଥାନ୍ତୁ । ସତ କହିବାକୁ ଗଲେ, ଆମର କିଛି କଥା ନଥିଲା ଯେ—ଏହା ଓ୍ୟାର୍କାର୍ସ୍.ମାଲିକ ମାନଙ୍କର—

ନ-ମ—ରେଖା ।

ଲାଟ—ହେହଅର ଅମର ବ ଦକ୍ଷିଣ ଗୁଡ଼ା ! ମୋର ହାତ ନାହିଁ ତହିଁରେ କିଛି ।

ଅ-ମ—ସେ ଯାହାହେଉ, ଅପଣ କିଛି ରକମ ଗୋଟାଏ ମାଧ୍ୟମିକ ଉପାୟରେ ଏ ପରି- ସ୍ଥିତିଟା—ନୋହିଲେ ଅନର ଇସ୍ତଫା ।

ଲାଟ—ଦେଖନ୍ତୁ, ଅପଣମାନେ ଅଦ୍ୟାପାରେଷ୍ଟ କ୍ୟାପାର କହିବାକୁ ଯାଇ ପିଲ୍ମି କରୁ- ଛନ୍ତି । ଜାଣୁ ନାହାନ୍ତି, ଅମର ଏଣ୍ଡ ପର୍ତ୍ତିର ଜବାବ ରଖିବାକୁ ଅମେ ବାଧ୍ୟ ।

ଅ-ମ—ଅମକୁ ବି ତ ଜବାବ ଦେଇ ହବାର

ଲାଟ—ଠିକ୍, କିନ୍ତୁ ଦୈନନ୍ଦିନ କାମରେ, ଏଇଟା ତ ଅପଣଙ୍କର ଦୈନନ୍ଦିନ କାମ ନୁହେଁ । ପାପ ଗାତରେ ଅଙ୍ଗୁଳ ଦବା କମ୍ପା ଚାଦୁଆ ମନ୍ଦୁବସା ଖୁନ୍ଦିବା ଦର- କାର କଣ ? ଆପଣାର—

ଅ-ମ—ଆପଣଙ୍କ ଉପଦେଶ ବା ପରାମର୍ଶ···

ଲାଟ—ହଁ ମୋର ପରାମର୍ଶ ନେବେ ତ, କହୁଛି । ଆପଣ ଗୋଟାଏ ସଫେଇ ଇସ୍ତିହାର ବାହାର କରି ଦଅନ୍ତୁ । ସେଥିରେ ନିଜେ ଦୋଷଛଡ଼ା ହୋଇଯିବେ ଓ ମଧ୍ୟ ମାନ ବଞ୍ଚେଇ ନେଇ ପାରବେ । ଇସ୍ତଫା ଫିସ୍ତଫା ଚକ୍କର ଫିଲ୍ମିରେ ମାତନ୍ତୁ ନାହିଁ । କାନ ଓ ଚମଡ଼ା ଟିକିଏ ମୋଟା କରି ଦଅନ୍ତୁ । ଅଜ୍ ଜାତିର, ସମାଜର ଉପକାର କରନ୍ତୁ—ଯେପରି ଦେଶର ଦାରିଦ୍ର୍ୟ ନଷ୍ଟ ହେବ । ଲୋକ ଦେଖାଇବା ପାଇଁ ଜଣାନିବାରଣ, ଓ୍ୟାର୍କାଶେଷା, ତାପରେ ଆତୁ, କଦଳୀ ଦେଇ ଗରିବଙ୍କ କ୍ଷୁଧା ନିବାରଣ । ଅଭ୍ ଲଢ଼େଇ କରି- ବାକୁ ହେଲେ ଆମ ସାଙ୍ଗରେ ବା ଆମ ଆଶ୍ରିତଙ୍କ ସଙ୍ଗରେ ନ ଲଢ଼ି ଆପଣା ଘରେ ଲଢ଼େଇ କରିବାର ଢେର ଅଛି । ଯଥା—ଜମିଦାର, ମହାଜନ, ମହନ୍ତ— ଶେଷକୁ କିଷାନ ଦଳ, ପଣ୍ଡିତ ଦଳ ଇତ୍ୟାଦି । ମୋ କଥା ମାନି ଚଳିଲେ ଗୋଡ଼ରେ କଣ୍ଟା ବୋହିବ ନାହିଁ ।— ଅଚ୍ଛା ତେବେ ବିଦାୟ; ଗୁଡ଼ବାଇ ।

ସକଳେ—ଥାଙ୍କିଉ ।

(ମନ୍ତ୍ରୀଗଣ ଅଭିବାଦନ କରି ପ୍ରସ୍ଥାନ କଲେ)

ଲାଟ—ଅଚ୍ଛା ଏମାନେ କଣ ସତେ ଇସ୍ତଫା ଦେବେ ?

ପ୍ର-କରଣ—ବିଲ ନ୍ନମ୍, ଧକ୍କା ଦେଲେ ବି ନୁହେଁ । ଯଉଁ ଅଡୁଆ ଜାଲରେ ଫେଣ୍ଟିଛନ୍ତି ।

ଲାଟ—ଏମାନେ ପୁଣି ସେଥିକି—

ପ୍ର-କରଣ—ସେଥିର କଥା ନାଆନ୍ତୁ; ପାଗଟା ଭଙ୍ଗ ନ ଥିଲେ ଦସ୍ତୁର ମତେ ।

ଲାଟ—ତଥାପି ଆମର ହୁସିଆର ରହିବା ଦରକାର । ଆଛି, ସେ ସମୁଦ୍ର କୂଳଆ ·

ପ୍ର—ଓଃ, ସେ ତ ଏକଦମ୍ ରଦ୍ଦି; ଏଇକ୍ଷିଣି ପାରିବାରିକ ମଉଜରେ ମସଗୁଲ ।

ଲାଟ—ଆଉ ପିଏ !······

ପ୍ର—ହଁ, ଯାହାଙ୍କ କଥା କହୁଛନ୍ତି ବୁଝିଲି । କିନ୍ତୁ ସେ ଯଉଁ ଅପମାନଟା ପାଇଛନ୍ତି, ଅନ୍ୟ ମନ କରିବେ ନାହିଁ ଏଣିକି । ତାପରେ ତାଙ୍କର ଏହିସଣି ପୃଥ ବାହା- ଘରର ଅନେକ ମେଣ୍ଟି ନାହିଁ ।

ଲାଟ—ତେବେ ସେ ଚଲକା କୂଳର ସେଇ ମୋଟ······

ପ୍ର—ଠିକ୍ କହିଛନ୍ତି; ସେହି ଅସଲ ଲୋକ ଏକା । ସୁରଖୁରରେ ଗାଡ଼ି ଚଳେଇ ନେଇ ପାରିବ ।

ଲାଟ—ତେବେ ତାଙ୍କ ସାଙ୍ଗରେ ଭିତର ଖବର ଅନ୍ଦର ଚଳେଇବା ?

ପ୍ର—ଏଇକ୍ଷିଣି ନୁହେଁ, ବେଳ ଯିବ ପଡ଼େ ଏକ ଘଡ଼କେ ହୋଇଯିବ । ମାତ୍ର ମୋର ବିଶ୍ୱାସ ସେ ବେଳ ଅସି ନ ପାରେ ।

ଲାଟ—ଓଃ ଦିନେ ହେଲେ ତ ଅସିବ ।

ପ୍ର—ସେତେବେଳେ କଉ କଥା ଅଲଗା ରହିବ । କିନ୍ତୁ ଏମାନେ ଯେତେଦିନ ଥାଅନ୍ତି ତେତେ ମଙ୍ଗଳ । ତାଙ୍କର ଶତ୍ରୁ ସଂଖ୍ୟା ଯେତିକି ବଢ଼ୁଛନ୍ତି । ଅମ ମିତ୍ର ତେତିକି ବଢ଼ୁଛନ୍ତି ।

ଲାଟ—ଅଚ୍ଛା, ଜଜରଟା ଠିକ୍ ରଖିଥିବ— ଗୁଡ଼ବାଇ ।

ପ୍ର—ଯେ ଅଜ୍ଞା—ଗୁଡ଼ବାଇ ।

## ତୃତୀୟ ଦୃଶ୍ୟ

[ପ୍ରିମିୟର ପ୍ରକୋଷ୍ଠରେ ତିନି ମନ୍ତ୍ରୀ ଓ ପ୍ରଧାନ ଅଗରେ ବସିଛନ୍ତି ପରାମର୍ଶ ଚାଲିଛି ।]

ନ-ମ—ଅପଣ ଏମିତି ତରକା ଧରିଲେ ଚଳିବ ନାହିଁ ।

ଅ-ମ—ହ—ତମେ ତ ଅସଲ କଣ୍ଟି ପାଦ କଥା ।

( ପୃଷ୍ଠା ଦେଖନ୍ତୁ )

# ଡଗର ୧୩ଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟ ୨୫ଙ୍କା ପୁରସ୍କାର । 'ଡଗର' ପାଠକମାନେ ପାଇ ପାରିବେ । ଟ ୨୫ଙ୍କା ପୁରସ୍କାର

ଦୁଇଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free



ନାମ ______________ ଠିକଣା ______________ କେତୋଟି ଉତ୍ତର ______

## ସିଧା ଭାବରେ ।

୧ । ଡଗର ଶବ୍ଦଧନ୍ଦା ଭେଦ କରିପାରିଲେ ମନ ଯାହା ହୁଏ ।

୩ । ସ୍ଥାନେ ସ୍ଥାନେ ପଥିକ ଏହା ତଳେ ଆଶ୍ରୟ ନିଏ ।

୫ । ଲୋକେ ହଠାତ୍ ଏହିଳି ଲୋକଙ୍କୁ ସମାଜରେ ସ୍ଥାନ ଦେବାକୁ କୁଣ୍ଠିତ ହୁଅନ୍ତି ।

୮ । ଯେ ନାଟ କରେ ।

୧୦ । ହସ୍ତୀର ଅନ୍ୟନାମ ।

୧୧ । ନିର୍ବୁଦ୍ଧିଆ ମୂର୍ଖ ପିଲାଙ୍କୁ ଅବଧାନେ ଅନେକ ସ୍ଥଳରେ ଏହିଳି ବିଶେଷଣ ଦିଅନ୍ତି ।

୧୨ । କ୍ରମେ ଏହା ଅତିରିକ୍ତ ହେବାରୁ ଅନେକ ଗଡ଼ଜାତ ପ୍ରଜା ଘରଘଡ଼ି ପଳାଇ ଯାଇଛନ୍ତି ।

୧୩ । କେହି କେହି କଥା କହୁ ପାଣିରେ ଏହା ପକାନ୍ତି ବୋଲି ପ୍ରବାଦ ଅଛି ।

୧୫ । ଏହାର ଗତି ପ୍ରବଳ ହେଲେ ମଧ୍ୟ ଶକ୍ତିଶାଳୀ ପୁରୁଷ ଏକା ରୋଧକରି ପାରେ ।

୧୭ । ଏହା ବହୁତ ହୋଇ ପଡ଼ିଲେ କିଏ ଗଣନା କରିବ ?

୧୯ । ଏହା ସଙ୍ଗ କୁସୁମର ମଧୁପାନରେ ମତ୍ତ ହୁଏ ।

୨୦ । ଏହାର ସ୍ନିଗ୍ଧ ସୁଷମା କାହାକୁ ପୁଲକିତ ନକରେ ?

## ଉପର-ତଳ ଭାବରେ ।

୨ । ଏକୁ ଉପରକୁ ପଢ଼ିଲେ କାଳୀଙ୍କ ଅଙ୍ଗରେ ଏଥିରେ ବଳି ପଡ଼ି ଯିବଟି ।

୩ । ସଂସାରର ଦୁଃଖ ସୁଖ ଚକ୍ରରେ ପଡି କେତେକ ଅପେ ଅପେ ଏହା ହୋଇ ଯାଆନ୍ତି ।

୪ । ଏ ବଳର ଅନନ୍ତ ପ୍ରବୃତ୍ତି ଅବସ୍ଥାରେ କେହି କେହି ବେପାର କରି ସମ୍ପଦ କଣିଥାନ୍ତି ।

୬ । କେତେକ ପ୍ରଖ୍ୟାତ ନେତା ରାଜନୈତିକ ରଣରେ ବିକ୍ରମ ଦେଖାଇ ଏହା ପ୍ରାପ୍ତ ହୁଅନ୍ତି ।

୭ । ଓଡ଼ିଆଙ୍କ ପାନରେ ବିଶେଷତା ଯାହା ।

୯ । ଧଳା ରଙ୍ଗର ଫୁଲ ।

୧୦ । ହଠାତ୍ ବଡ଼ କ୍ଷମତା ମାଲଲେ କାହାରି କାହାରି ଏହା ବଢ଼ିଯିବାର ଦେଖାଯାଏ ।

୧୩ । ଆଜକାଲି ଏହିଳି .ଖବର ଜାଣିବାକୁ ଲୋକେ ଆଗ୍ରହରେ ଗୃହି ବସିଥାନ୍ତି ।

୧୪ । ଯେଉଁ ଦେବତାଙ୍କ କାମ୍ୟିକାର ନେଇ କାଳିଦାସଙ୍କର କୁମାର ସମ୍ଭବରେ ସମ୍ଭବତଃ ଶ୍ରେଷ୍ଠସ୍ଥାନ ଅଧିକାର କରିବ ।

୧୬ । ଏଥିରେ ମେଘ ବିଚରଣ କଲେ କେତେକ ହୃଦପ୍ରାଣ ଲୋକଙ୍କର ମେଘଦୂତର ବିରହୀ-ଯକ୍ଷ କଥା ମନେପଡ଼େ ।

୧୭ । ଆଜକାଲି ରାଜନୈତିକ ସଭାରେ ଲୋକ-ମତ ପ୍ରସ୍ତୁତ କରିବାକୁ ଏହାର ନେ ସାମାନ୍ୟ ନୁହେଁ ।

୧୮ । ଗ୍ରନ୍ଥ ସାହିତ୍ୟ ପ୍ରବନ୍ଧ— ।

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦/୦ ଓ ଦୈନିକ ପ୍ରତିଖଣ୍ଡକୁ ୦/୦ ଲେଖାଏ **(ଶେଷ ତା ୧୨।୧।୩୯)**

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି କଳା ଥିବା ଘର ଯାକେ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ସୂଚନାର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ସୂଚନାର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ପୂରଣ କରିବାକୁ ହେବ କିମ୍ବା ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ପୂରା ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରହିଛି। ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୮ ପାଇବେ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର ୫୨୮** ପାଇବେ ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୮ ବିଶିଷ୍ଟ ପୁରସ୍କାର ପାଇବେ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକି ୫୮୮ ବାଣ୍ଟି ଦିଆଯିବ। ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ। କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ। ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା ହୋଇ ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗ ଦେଇ ପାରନ୍ତି। ଏହା ପାଖରେ ତିନିଗୋଟି କୁପନ ଦିଆ ଯାଇଛି। ଯେ ଗୋଟିଏ ଉତ୍ତର ଦେବାକୁ ଇଚ୍ଛା କରିବେ ଉପର ଟିକେଟ ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ତିନି ଖଣ୍ଡ ଏକାସଙ୍ଗରେ ପଠାଇ ଦେବେ ଓ ତାହାଙ୍କ ସଙ୍ଗେ ଦୁଇଅଣାର ପୋଷ୍ଟାଲ୍ ଅର୍ଡର ଡାକଟିକଟ ପଠାଇବେ। ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦୮ ଓ ୨ୟ ଟି ପାଇଁ ୫୦/ର ପୋଷ୍ଟାଲ୍ ଡାକ ଟିକଟ ପଠାଇବେ। କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି। ଯେକୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛା କଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ଚିହ୍ନ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ। ସମସ୍ତ ଉତ୍ତର ୧୯୩୧ ମସିହା ମାର୍ଚ୍ଚ ୧୨ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର। ଲଫାପା ପଛ ପଟରେ ଗୋଟିଏ କ୍ରସ ( X ) ଚିହ୍ନ ଓ ୧୩ ଅଙ୍କ ଦିଆଯିବା ଆବଶ୍ୟକ। ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ସମ, ଗୋପାଳ, ବସନ୍ତ, ରଙ୍ଗା) ମଧ୍ୟ ଦିଆଯିବ। ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ। ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ। ଚିହ୍ନ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ। କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ। ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ।

# ୧୨ଶ ଶବ୍ଦଧନ୍ଦା ପୁରସ୍କାର

## ଧନ୍ଦାଭେଦୀମାନେ ପୁଣି ହାରିଗଲେ।

## ପାଞ୍ଚୁଟା ଭୁଲ କରିଥିବା ବ୍ୟକ୍ତିଙ୍କର ମଧ୍ୟ ଭାଗ୍ୟ ଖୋଲିଗଲା।

### ୩ଟା ଭୁଲରେ ପ୍ରଥମ ପୁରସ୍କାର।

(୩ଟି ଭୁଲ)—ପ୍ରଥମ ପୁରସ୍କାର—ପ୍ରତ୍ୟେକ ୫୬୮ କରି (୫୧୨୮)। ୧। ଶ୍ରୀ ଅମୂଲ୍ୟ କୁମାର ଘୋଷ,- ମହକିଦଗଞ୍ଜ, କଟକ। ୨। କୁମାର ଲକ୍ଷ୍ମୀନାରାୟଣ ମହାନ୍ତି, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ।

(୪ଟି ଭୁଲ) ଦ୍ୱିତୀୟ ପୁରସ୍କାର—ପ୍ରତ୍ୟେକ ୫୮୪ କରି (୫୭୪)। ୧। ଶ୍ରୀମତୀ ସରୋଜିନୀ ଦେବୀ, ମିସନ କୋଠି, ଭଦ୍ରକ। ୨। ଶ୍ରୀ ଯୁଗଳ କିଶୋର ଦାସ, C/o ବାବୁ ବ୍ରଜକିଶୋର ଦାସ ବଡ଼ଦାଣ୍ଡ ପୁରୀ। ୩। ଶ୍ରୀ ନନ୍ଦକିଶୋର ମହାନ୍ତି, ବାଙ୍କାବଜାର, ଗୃନ୍ଦନଗ୍ରେଇକ, କଟକ।

(୫ଟି ଭୁଲ) ତୃତୀୟ ପୁରସ୍କାର— ପ୍ରତ୍ୟେକ ୫୦୯/ କରି (୫୩୪)। ୧। ଶ୍ରୀ ଯୋଗେଶ ଚନ୍ଦ୍ର ଜେନା, ପ୍ରଫେସର ଫୁଲବାସ, ରେଭେନ୍ସା କଲେଜ, ଗୃଉଳଅଟଙ୍ଗ, କଟକ। ୨। ଶ୍ରୀ ନିତ୍ୟାନନ୍ଦ ପଣ୍ଡା, ଷୋର ମି: ଇ: ସ୍କୁଲ, ଧୋରେ। ୩। ଭଗବାନ ଦାସ, ପୋ: ଗୃନ୍ଦନଗ୍ରେଇକ, କଟକ। ୪। ଶ୍ରୀ କିଶୋରଚନ୍ଦ୍ର ନନ୍ଦ, ବ୍ରହ୍ମଗିରି ଟୋଲ, ମୁ: ଅଣିକୋ, ପୋ: କାଉପୁର, ଜି: ବାଲେଶ୍ୱର

ସବୁଠାରୁ ଅଧିକ ସଂଖ୍ୟକ (୫୧୫) ଉତ୍ତର ଦେଇଥିବା ଯୋଗୁଁ କୁମାର ଲକ୍ଷ୍ମୀନାରାୟଣ ମହାନ୍ତି ୫୩୮ ଅଧିକା ପାଇଲେ।

## ୧୨ଶ ଶବ୍ଦଧନ୍ଦା ସମ୍ବନ୍ଧରେ।

୬ତଳ—କଥା ଅଯଥା ହେଲେ ବଢ଼ିପାରେ ନାହିଁ ମାତ୍ର କଳ ଅଯଥା ହେଲେ ମଧ୍ୟ ବଢ଼ିବାର ଦେଖାଯାଏ।

୧୩ତଳ—ଅକ୍ଷ ଖୋଲିଲାବେଳେ କ'ଣ ପ୍ରକୃତରେ ମହାଦେବ ବାହାରିବାର ଦେଖାଯାଏ? ଏଟା ଗୋଟାଏ ପ୍ରବାଦ। ଅସଙ୍ଗତ କଥା ସମ୍ବନ୍ଧରେ କହିବାକୁ ଗଲବେଳେ ଏହି ପ୍ରବଚନର ଲୋଡ଼ା ହୁଏ। ତେଣୁ ତହିଁ ମହାଦେବ ବାହାରିବାର ଦେଖାଯାଏ କହିବା ଅସଙ୍ଗତ ହେବ ନାହିଁ। କାରଣ ପ୍ରକୃତରେ ମହାଦେବ ତଳ୍କ ଖୋଳ୍ପ ଖୋଳ୍ପ ସମୟ ସମୟରେ ବାହାରନ୍ତି।

୧୨ପିଧା—ଆକାଶ ନିର୍ମଳ ଥିଲେ ମଧ୍ୟ କଲ୍ଲ ରାତିରେ ତାରା ସଫା ଦେଖାଯାଏ ନାହିଁ। କିନ୍ତୁ ଖରା ନିର୍ମଳ ଆକାଶରେ ସବୁ ଦିନେ ସଫା ଦେଖାଯାଏ।

୧୨ତଳ—ଡସରରେ ଲୁଗା ନ ହୋଇ ସାଧାରଣ ଚଦର ବା ଥାନ ଦେଖାଯାଏ। ତେଣୁ ଏଠାରେ ଚଦର ହେବ। ପୁଣି ପିନ୍ଧିବା ଲୁଗାକୁ ଯେପରି କନ୍ଦେଇ, ମିଲ ଓ ଖଦର ବିଭାଗ କରି ଗୋଟିଏ ଭଲ ଗୋଟିଏ ଖରାପ ଧରିହେବ ଡସର ଲୁଗା (ଯଦି ଲୁଗାଟା ଏଠାରେ ଥାନ ଅର୍ଥରେ ନିଆଯାଏ)କୁ ସେପରି ବିଭାଗ କରି ହେବ ନାହିଁ।

୧୯ପିଧା—ରମଣୀର ବଶବର୍ତ୍ତୀ ଅନେକ ପୁରୁଷ ହୋଇଥାନ୍ତି କିନ୍ତୁ ଏଠାରେ ପ୍ରୌଢ଼ାବସ୍ଥାରେ ଥିବାରୁ ରକ୍ଷଣୀ ହେବ।

## ବିଜ୍ଞାପନ।

କୌଣସି ପ୍ରତିଯୋଗୀ ନିଜର ଉତ୍ତର ଦେଇଥିବା କୁପନ ଦେଖିବାକୁ ଚାହିଁଲେ ୫୦୯/ ଡାକଟିକଟ ପଠାଇଲେ ଆମ୍ଭେମାନେ ତାହା ପଠାଇ ଦେଇ ଥାଉଁ।




## ଚେନାଚୂର ଘୁଙ୍ଗୁରଦାନାଙ୍କଠାରୁ

ପାଇବେ ଶ୍ରୀ—

ମହାରାଜା ବାହାଦୂର ସୋନପୁର,

ସେଦିନ ଆପଣଙ୍କର ସ୍ୱର୍ଣ୍ଣପୁରୀ ଦେଖି ମୋର ମନେ ହେଲା ମୁଁ କି ଅଜଣା ରାଜ୍ୟରେ ଆସି ପହଞ୍ଚି ଯାଇଛି। ସେ ତ ଅଳକାପୁରୀ-ସ୍ୱର୍ଣ୍ଣପୁରୀ ଲଙ୍କା ଶୋଭୋପମା ତୀରରେ ପରିଶୋଭିତ। ଆଗରୁ ଶୁଣିଥିଲି ଯେ କେତେକ ଟୋକା ଐତିହାସିକ ପରା ଆପଣଙ୍କ ରାଜ୍ୟକୁ ପ୍ରାଚୀନ ଯୁଗର ଅସୁର-ରାଜ ରାବଣର ସ୍ୱର୍ଣ୍ଣପୁରୀ ଲଙ୍କା ବୋଲି ପ୍ରମାଣ କରିବାରେ ଲାଗି ପଡ଼ିଛନ୍ତି। ମୋତେ ମଧ୍ୟ କଥାଟା ଠିକ୍ ଏ ସମ୍ଭବ ବୋଧ ହେଲା। କାହିଁକି ନା ଥରେ ଛାମୁଙ୍କ ରାଜ୍ୟରେ ସୁନା ବୃଷ୍ଟି ହୋଇଥିଲା ବୋଲି ଲୋକ ପ୍ରବାଦ ଅଛି। ସତେ ତ ଛାମୁଙ୍କ ରାଜ୍ୟ—ସୁନାର ରାଜ୍ୟ। ତେଣୁ ଛାମୁଙ୍କ ଅସୁରରାଜ ରାବଣର ବଂଶଧର ବୋଲି କହିବା ବୋଧହୁଏ ଅଯୌକ୍ତିକ ହେବ ନାହିଁ। ଛାମୁଁଙ୍କ ସ୍ୱର୍ଗୀୟ ପିତୃଦେବ ଓଡ଼ିଶାରେ କାହିଁକି ସାରା ଭାରତରେ ସ୍ୱୀୟ ଗୌରବ କେତନ ଫରଫର ଉଡ଼ାଇ ଥିଲେ। ଛାମୁଁ ବା କାହିଁକି ପିତାଙ୍କ ପଦାଙ୍କ ଅନୁସରଣ ନ କରିବେ! କିନ୍ତୁ ଶ୍ରୀଛାମୁଙ୍କୁ ଏ କଙ୍ଗାଳ ଚେନାଚୂର ଗୋଟିଏ କଥା ନ ଜଣାଇ ରହି ପାରୁ ନାହିଁ। ଶ୍ରୀ ଛାମୁଙ୍କ ଶାସନକାଳ ବଙ୍ଗାଳୀ ପ୍ରୀତିଟା ଠିକ୍ ଏ ବଢ଼ି ଯାଇଛି। ତେଣୁ ଛାମୁଁ କଲିକତାରେ ଜୀବନର ଅଧିକାଂଶ ସମୟ କାଟୁ ଅଛନ୍ତି। ଏଣେ ପୁଣି ଛାମୁଙ୍କ ରାଜ୍ୟର ଅଧିକାଂଶ ଲୋକ କଲିକତା, ରେଙ୍ଗୁନ, ଟାଟାନଗରକୁ ଯାଇ ପେଟ ପୃରଣର ପାଇଁ ବାର ବଲେଇ ଡେର ଶୁଣି ହେଉ ଅଛନ୍ତି। ଅଜକାଲି ପୁଣି ଅଡ଼େ ଅନ୍ୟାନ୍ୟ ଅଞ୍ଚଳ ମୁଲକରୁ ଉଦ୍‌ଦ, ବେଠିଉଠିଲାବେଳେ ଛାମୁଙ୍କ ସେ ପ୍ରତି ଖିଆଲ ନାହିଁ। ନଗଦ ନାରାୟଣ ପାଇଁ ଶ୍ରୀଛାମୁ ପରା ପ୍ରଜାବାପୁଡ଼ାଙ୍କ ଉପରେ ଅନେକ ନରମ ନରମ ଗରମ ଗରମ ବଡ଼ ଟାଳ ଦେଉଅଛନ୍ତି। ଶୁଣିଲି କମେ କମେ ଛାମୁଙ୍କ ରାଜ୍ୟରୁ 'ସମାଜ' ମାଜ ହୋଇ ଯାଉଛି। ଏ ସବୁ ଦେଖି ଏ ଗରିବ ଚେନାଚୂର କଙ୍ଗାଳ ଆପଣଙ୍କର ସେଇ "ପାପଡ଼ଲ ଅଦାର" ମାତର ଭୂୟସୀ ପ୍ରଶଂସା ନ କରି ରହି ପାରୁ ନାହିଁ। କ୍ଷମା କରିବେ ଏ ଚେନାଚୂରର ପାଗଳ ପ୍ରଳାପକୁ। ଇତି। ଓଁ ଶାନ୍ତି।

ଶ୍ରୀଛାମୁଙ୍କର

ଚରଣ ମୁଗ୍ଧ ଚେନାଚୂର

## ପାଇବେ ଶ୍ରୀ—

ରାଜା ସାହେବ ରଣପୁର,

ଓଡ଼ିଶା ଗଡ଼ଜାତ ମଧ୍ୟରେ 'ରଣପୁର' ବୋଲି ନିତାନ୍ତ କଟତିଏ ରାଜ୍ୟ ଅଛି—ଏହା ମୋର ଧ୍ୟାନ ଧାରଣାର ଅଗୋଚର ଥିଲା। ସେ ଦିନ ଭାଗ୍ୟକୁ ଖଣ୍ଡେ ଦୈନିକ "ସମାଜ" ପଢ଼ିବାକୁ ମୁଁ ପାଇଥିଲି। ଭିତରେ ଦେଖେ ତ ବଡ ବଡ ଅକ୍ଷରରେ ଆପଣଙ୍କ ରାଜ୍ୟରେ ଘଟିଥିବା ଚମତ୍କାରପ୍ରଦ ଘଟନାର ବିବରଣୀ ସ୍ଥାନ ପାଇ ଅତି ରମଣୀୟ ହୋଇଛି। ଯାହା ହେଉ ଆପଣ ପରମ ଭାଗ୍ୟବାନ୍। ଆପଣଙ୍କ ରାଜ୍ୟର ପ୍ରଜାବାପୁଡ଼ା ଅହିଂସା ପଥରୁ ସ୍ଖଳିତ ହେଲେ ମଧ୍ୟ ଓଡ଼ିଶାର ଇତିହାସରେ ଗୋଟିଏ ସୁନ୍ଦର ଶବ୍ଦ ଅଙ୍କି ଦେଲେ। 'ରଣପୁର—ଯୁଦ୍ଧ ନଗର। ତେବେ ଆପଣଙ୍କ ଗଡ଼ରେ ଅନେକ ଯୋଦ୍ଧା ଅଛନ୍ତି ବୋଲି ମୋର ଧାରଣା। ଯୁଦ୍ଧରେ ହାରିବା ବା ହରାଇବା ବୀରଙ୍କ ଧର୍ମ। ଏ ଦୃଷ୍ଟିରୁ ଦୁଇଟି ବୀର ସେ ଯୁଦ୍ଧାନଳରେ ହସ ଦେଲେ ଏବଂ ଜଣେ ଖ୍ୟାତନାମା ବୀରଙ୍କ ପ୍ରାଣ ନେଇ କଳଙ୍କ ସୃଷ୍ଟି କଲେ ପରା। ଯାହା ହେଉ ଏ ଗରିବ ଚେନାଚୂର ଆପଣଙ୍କୁ ସ୍ୱର୍ଗୀୟ ବୀରଙ୍କ ଗୋଟିଏ "ମୃତ ସ୍ତମ୍ଭ" କରିବାକୁ ଅନୁରୋଧ କରେ।

ଆପଣଙ୍କର

ଜଣେ ଅଚିହ୍ନା ଚେନାଚୂର

—※—

ମହାରାଜା ଓ ରାଜ ସାହେବ ଓଗେର

ମୟୂରଭଞ୍ଜ, କେନ୍ଦୁଝର ଓ ସରାଇକଳା।

ଆଜ୍ଞା ପ୍ରଥମେ ଶ୍ରୀ ଛାମୁମଣ୍ଡଳୀଙ୍କ ସର୍ବ ପ୍ରଥମେ ଶତକୋଟି ସମ୍ମାନ ପୁରସ୍କାର ନିବେଦନ ଏହି କି ଯେ—

ଛାମୁମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ସୁବିବେକୀ, ବୁଦ୍ଧିମନ ବିଚକ୍ଷଣ ରାଜା। ଶ୍ରୀଛାମୁମାନେ ନିଜର ନିଜର ବୁଦ୍ଧି ଓ ବିଚକ୍ଷଣତାର ପରିଚୟ କେବେ କିପରି ଓ କେଉଁ ସ୍ଥଳରେ ଦେଖାଇବେ ସେଥିପାଇଁ ବିନା ଫିସ୍‌ରେ ଖାଲି ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ସମ୍ରାଟ ସ ହେବ ଚେନାଚୂର ଘୁଙ୍ଗୁରଦାନାଙ୍କୁ ଜିଜ୍ଞାସା କଲେ ଜାଣି ପାରିବେ।

ଚେନାଚୂର ନିଜକୁ ଖାଣ୍ଟି ଓଡ଼ିଆ ବୋଲି କହି ବୋଲେ। ସେଥିପାଇଁ ଓଡ଼ିଶାର ମନ୍ତ୍ରୀମାନେ ଚେନାଚୂରଙ୍କୁ ଦି ଆଖିରେ ଦେଖି ପାରନ୍ତି ନାହିଁ। କାରଣ ତାଙ୍କ ମୁନିବ କଂଗ୍ରେସ ହାଇ (ଚ୍ଛିଙ୍କ ନୁହେଁ) କମାଣ୍ଡଙ୍କ ଭିତରେ ସାହି ଜଣେ ବୀରବ ନେତା ଓଡ଼ିଆ ଅଛନ୍ତି। ତେଣୁ ଛାମୁମାନଙ୍କ ଛାମୁରେ ଏ ଓଡ଼ିଆ ଜଣା କରୁଛି କି ଛାମୁମାନେ ଯଦି ମେହେରବାନୀ କରନ୍ତି ତେବେ ଓଡ଼ିଆ ଜାତି ପ୍ରତି ଯେଉଁ ଅପମାନ ହୋଇଛି ତାର ପ୍ରତିଶୋଧ ନେଇ ହୁଅନ୍ତା। ଟାଟା କମ୍ପାନୀ ଏବେ ଓଡ଼ିଆମାନଙ୍କୁ ତାଙ୍କ ମାତୃ ଭାଷାରେ ପଢ଼ିବାକୁ ନାସ୍ତି କରି ଦେଇଛନ୍ତି। ଏକଥା ଶ୍ରୀଛାମୁମାନଙ୍କ କର୍ଣ୍ଣଗୋଚର ହୋଇଥିବ। ମୋ ମତରେ ଶ୍ରୀଛାମୁମାନେହିଁ ଇଚ୍ଛା କଲେ ଏହାର ଯୋଗ୍ୟ ଉତ୍ତର ଟାଟା କମ୍ପାନୀର ଚକ୍ଷୁଗୋଚର ଓ ବୁଦ୍ଧି ଗୋଚର କରି ଦେଇ ପାରନ୍ତି। ଶ୍ରୀଛାମୁମାନଙ୍କର ରାଜ୍ୟରେ ଦଣ୍ଡି ତାଡ଼ ଆଜି ଟାଟା କମ୍ପାନୀ ପଡ଼ୀବା କରି

ଯଦି ଉପାୟ ଖୋଜି କୁମ୍ଭୀକୁ ଅପଣ ବାଃ ଧରଇ ଦଅନ୍ତେ ତେବେ କମ୍ପାନୀ ପାଠ ପଢ଼ି ପାରନ୍ତେ । ଅପଣମାନେ ଯଦି ଚକ୍ରଭଙ୍ଗ ହେବାକୁ ନାହିଁ, ତେବେ ଘୁଙ୍ଗୁରିଦାନାର ପରାମର୍ଶ ଶୁଣନ୍ତୁ । ସାପ ପଶିବ ଅଥଚ ବାଡ଼ ଭାଙ୍ଗିବ ନାହିଁ । ଅପଣ-ମାନଙ୍କ ରାଜ୍ୟରେ ପ୍ରଜାମାନଙ୍କୁ ପୂର୍ଣ୍ଣ ଶାସନ ଛାଡ଼ି ଦେଇ ଦଅନ୍ତୁ । ପ୍ରଜାମାନେ ନୂଆ ସଭାରେ ଚହଟାଇ ଘୋଷଣା କରନ୍ତୁ ଯେ ନୂଆ ପ୍ରକାର ସହିତ ନୂଆ ରୁକ୍ କି କଲ ଯାଏଁ ଟାକା କମ୍ପାନୀ ସୂଚ୍ୟଗ୍ର ପରିମାଣ ଭୂମିରେ ପଦାର୍ପଣ କରି ପାରିବ ନାହିଁ । ଘଟୁମାନେ ସେତେବେଳେ ଗୌରବ ହୋଇ Constitutional Mo'narch ହୋଇ ବସିଯିବେ । କମ୍ପାନୀ ମାନେ ମାନେ ବୋଟମ୍ବିର ଗଣ୍ଡିର ବାନ୍ଧିବେ । ଓଡ଼ିଆଙ୍କ ଟେକ ରହିଯିବ । ଯୁଗଯୁଗକୁ ଭବିଷ୍ୟତ ଓଡ଼ିଶା ଦ୍ୱାରା ଅପଣମାନେ ଦେବତା ତୁଲ୍ୟ ପୂଜ୍ୟ ହେବେ ।

ଶ୍ରୀ ଘଟୁମାନଙ୍କର
ବଡ଼ଗୁହା ଜେନାରଲ୍

ଡଗର ସମ୍ପାଦକ ମହୋଦୟ,

ଦ୍ୱିତୀୟ ତୃତୀୟ ଢେଙ୍କାନାଳର ସ୍ୱ ସମ୍ବନ୍ଧି, ନିଅଁଖୁଣ୍ଟା ମହୋଦୟ ଏ ଲେଖାଟାର ବି ସେହି ସମ୍ବନ୍ଧି । କଥାଟା ସାଫ୍ ହୋଇ ଯାଉ । ମାନେ କଣ କି ଅପଣଙ୍କ 'ଡଗର' ଫିଟାଇଲେ ଦିଟା କଥା ମୁଁ ଦେଖିବାକୁ ପାଏଁ—ପ୍ରଥମଟା ଯିଏ ଯାହାକୁ ଅମୁକ କବିତାରେ ମତ୍ ମାର ଦେଇଛନ୍ତି—ଶଚୀ-ବାବୁଙ୍କ ଅମୁକ କବିତାରେ ବ୍ୟକ୍ତିତ୍ୱ ଫୁଟି ଉଠିଛି ଇତ୍ୟାଦି; ଦ୍ୱିତୀୟରେ ଅମୁକ ଲେଖକ ଲେଖା ବଙ୍ଗାଳିଆ ଇତ୍ୟାଦି । କିନ୍ତୁ ଅସଲ ଗୋଳ ମାଳିଆ କଥା ଏହି ପ୍ରଥମ କଥଟା-ରେ । ଗୋଳମାଳ ବାଧି ନ ଥାନ୍ତା ଯଦି ନିଅଁଖୁଣ୍ଟା ସେ ଦିନ ବିବାହ ଓ କବିତା ନାଁରେ ଲାଟ ସଭାରେ ଏକ ଅଇନ୍ ପାସ୍ ପାଇଁ ବହୁତ କରି ନ ଥାଆନ୍ତେ । କବିତାଟା ପ୍ରକୃଷ୍ଟ ଭ୍ରମାପନ୍ନ କରିବା ଦୋଷ ପଡ଼ିଲା ଲକ୍ଷ୍ମୀନାରାୟଣ ସାହୁ ( ଏମ୍. ଏ. ) ଙ୍କ ଉପରେ—ତେଣେ ହାଇଫେନ୍ ମହା-ପ୍ରଭୁଙ୍କ (?)ର ଶିଳ୍ପୀ ୫୧୦୦ଙ୍କା ଜାମିନରେ ଖଲାସ, ନିଅଁଖୁଣ୍ଟା ଜାଣି ଶୁଣି ତାଙ୍କ ଲଢ଼ାରେ ପାଣି ଦେଲେ ଏକା । ନିଅଁଖୁଣ୍ଟା ସାଫ୍ ଲେଖି ଦେଇଅଛନ୍ତି ଯେ ବାଳକ କବିମାନେ ବାଳିକା ପ୍ରିୟାଙ୍କୁ ( ମାନେ ବିବାହ ପୂର୍ବେ ଏ ଦେଶରେ ବାଲ୍ୟ ବିବାହ ଥିବା ସତ୍ତ୍ୱେ) ସ୍ମରଣ କରି କବିତା ଲେଖି ଦେଲେଣି । ଏହି ବାଳକ କବି ଭିତରେ ଅଛନ୍ତି ଶଚୀ ରାଉତରା ଓ ବିନୋଦ ନାୟକ, ତେବେ ଏମାନେ ପ୍ରେମରେ ପଡ଼ିଥିବା ବିଷୟରେ ନିଅଁଖୁଣ୍ଟା (ଡା ୧୧-୧ ୧୯୩୦ ସଂଖ୍ୟା) ଦେଖାନ୍ତି । କବି କାଳନ୍ଦୀ, ବୈକୁଣ୍ଠ, ମାନସିଂହ ବାଦ୍ ଗଲେ । ବର୍ତ୍ତ-ମାନ ଡଗର କିନ୍ତୁ ଏହି ସଖି-ପ୍ରିୟ-ଛୋକା-ଳିଆ କବି ଦଶଙ୍କୁ ଭାରି ବ୍ରାକେଟ୍ ଦେଇ ଅଛନ୍ତି । ସଖି-ପ୍ରିୟ କଥାଟା ତୁଚ୍ଛା ମିଛ ନୁହେଁ—ଉଦାହରଣ ଦେଲେ କଥାଟା ପାଣି ପରି ସାଫ୍ ବୁଝା ପଡ଼ିବ ।

ଦେଖନ୍ତୁ—

"ହେ ରମଣୀ ମୋର ଶୁଣିଅଛୁ ଡାକ
ସୁନ୍ଦର ବେଳେ" [ଶଚୀ ରାଉତରା

ପୁନଶ୍ଚ—

ବାଣୀର ଦେଉଳ ସଖି ଆଣିଅଛ
ତୁମେ ନିମନ୍ତ୍ରଣ [ବିନୋଦ ଚନ୍ଦ୍ର

ଏ ତ ଗଲା । ଶଚୀ ରାଉତରା ହାଇ-ଫେନର ପ୍ରଯୋଜକ—ପ୍ରଣୀ ନୋଣକଥା ନାମ୍ନୀ ପତ୍ରିକାର ସେ ଚଳାନ୍ତି । ତାଙ୍କ କଥା ନ କହିବା ଭଲ, କିନ୍ତୁ ନାୟକ ମହାଶୟଙ୍କ କଥା ହାଟରେ ମଣ୍ଡି ଦାଣ୍ଡରେ ଗଡ଼ି ଯାଉଛି—ନିଜର ଅଛି ।

ତୁମ ଘରେ ବାସ ଭଜ ଫୁଟି ଉଠିଲା ହସେ
ସଫା କାଚ ପିଅଲାରେ ଜଳ ମଦିରା କି ସେ
[ବିନୋଦ]

ପୁନଶ୍ଚ—

ଚମ୍ପାର ଝିଅଟି କାଖରେ କଳସୀ
ଜାଉଯାଏ ଧୀରେ ପାଣିକୁ,
କୁଚ ମୂଳ ବାସ ଉଷ୍ମାମ ଭରି
ଉଡ଼ାଇ ପଣତ କାନି କି । [ବିନୋଦ

ବେଶୀ ଦୂର ଯିବା ଅନୁଚିତ । ବିବାହ ପୂର୍ବରୁ ଏ ରକମ କବିତା ସମ୍ଭବ କି ନା ଯଦି ସମ୍ଭବ ତେବେ ଏଥିରେ ଅପଣଙ୍କ ଡଗର କଥା ଅନୁସାରେ "ବ୍ୟକ୍ତିତ୍ୱ" ଫୁଟି ଉଠିଛି କି ନା, ଯଦି ଫୁଟି ଉଠିଥାଏ ତେବେ ଏହି ବ୍ୟକ୍ତିତ୍ୱ ତଳେ ବାଳିକା ପ୍ରିୟାର ପ୍ରେମ ଅଛି କି ନା—ଏ ବିଷୟରେ ଅପଣ ଡଗର ମଧ୍ୟରେ ଗବେଷଣା କଲେ ନିଅଁଖୁଣ୍ଟା ତଥା ଅନେକ ପାଠକ ଓ ପାଠିକା (ଛାତ୍ରୀ ?) ଙ୍କର ସନ୍ଦେହ ଦୂର ହୁଅନ୍ତା । ଏହି କଥାକୁ ଲାଟ୍ ସଭାରେ ଅଇନ୍ କଲେ ଘଣ୍ଟୁଣୀ ଉପାସ ଭୋଗରେ ମରିବା ଉପକ୍ରମ ଅଛି । ଇତି ।

ବଶମ୍ବଦ
"ସୋଲଭଙ୍ଗା"



ଅସଲି
ପଞ୍ଚସୁଣା ତେଲ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଙ୍ଗଧର, କାନ ଟଣା ମୁଣ୍ଡବିନ୍ଧା କୁଣ୍ଡିଆ, କାନ୍ଥ, ମଚକା, ପୋଡ଼ା ଘା, ଛଉ ଦାଉଦ, ଅଣ୍ଡାଦରଜ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ । ପରୀକ୍ଷା ପ୍ରାର୍ଥନୀୟ
ଠିକଣା:—ଅସଲ ପଞ୍ଚସୁଣା ତେଲ ଅଫିସ୍—କଟକ ।

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ
ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରଏ ଏବଂ ବଳ, ମାଂସ, ରତିଶକ୍ତି ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ସେରକୁ ୫୬୧, ସେରେ ଏ ୬୭ ସେ ଏ କୁ ୫୭୧ ଭି: ପି:ରେ ଔଷଧ ପଠାଯାଏ
ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍, ପି,
ଦରିଦ୍ର ବନ୍ଧୁ ଔଷଧାଳୟ
ଖଡ଼ପଡ଼ା । ପୋ : କୋଠାର । ଜି : ବାଲେଶ୍ୱର

Digitized by srujanika@gmail.com




## ନବଭାରତ—ପଞ୍ଚମ, ଷଷ୍ଠ ସଂଖ୍ୟା

ପଣ୍ଡିତ ନୀଳକଣ୍ଠଙ୍କର ସ୍ତ୍ରୀଧନଦାସୀ ପ୍ରଥା ସମ୍ବନ୍ଧରେ ଗବେଷଣା ପୂର୍ଣ୍ଣ ସ୍ତ୍ରୀଧନଦାସୀ କମିଟି ଶୀର୍ଷକ ଲିଖିତ ପ୍ରବନ୍ଧଟି ସମୟୋପଯୋଗୀ ହୋଇଛି । କେତେକ ପରିବର୍ତ୍ତନ ସହ ନୂତନ ସ୍ତ୍ରୀଧନଦାସୀ ପ୍ରଥାକୁ ଜାରି ରଖିବା ଠାରୁ ପ୍ରଚଳିତ ପ୍ରଥାକୁ ଦୋଷମୁକ୍ତ କରି ପୁନ ପ୍ରତିଷ୍ଠା କରିବାର ପରାମର୍ଶ ଏ ଲେଖା ଦୃଢ଼ ଭାବରେ ଦେଇଛି । ଆମ୍ଭେମାନେ ଏ ସମ୍ବନ୍ଧରେ ପଣ୍ଡିତଙ୍କ ସହ ଏକମତ । ତେବେ ନିର୍ବାଚିତ ଗ୍ରାମ ବୋର୍ଡ ମାନଙ୍କ ସହିତ ଡିଷ୍ଟ୍ରିକ୍ଟବୋର୍ଡର ସହଯୋଗ ସରକାର ତଥା ସରକାରୀ କର୍ମଚାରୀମାନଙ୍କର ଉକ୍ତ ମଣ୍ଡଳୀ ଉପରେ ସୀମାବଦ୍ଧ ବା ଅବାଧ ହସ୍ତକ୍ଷେପ ସମ୍ବନ୍ଧରେ ପ୍ରଶସ୍ତ ଆଲୋଚନା କରିଥିଲେ ତଦନ୍ତ କମିଟିଙ୍କର ଅଧିକ ଟିକିଏ ସୁବିଧା ହୋଇ ଥାନ୍ତା ବୋଲି ମନେ ହୁଏ ।

ଗ୍ରାମ ବା ଇଉନିୟନ ପଞ୍ଚାୟତର ନିର୍ବାଚନ ସମ୍ବନ୍ଧରେ କିନ୍ତୁ ଆମ୍ଭମାନଙ୍କର ସ୍ୱତନ୍ତ୍ର ଧାରଣା । ଏ ସବୁ ଉନ୍ନତି ମୂଳକ ଅନୁଷ୍ଠାନ ରୂପେ ରହିବ । ତେଣୁ କୌଣସି ଦଳ, ବା ଗୋଷ୍ଠି ବା ଧର୍ମ ଦୃଷ୍ଟିରୁ ଯେପରି ନିର୍ବାଚନ ମାନ ନ ହୁଏ ସେ ଢଙ୍ଗରେ ମଧ୍ୟ ସରକାର ଆଇନ ପ୍ରଣୟନ ବେଳେ ତୀକ୍ଷ୍ଣ ଦୃଷ୍ଟି ଦେବା ଉଚିତ । ଆଇନ ପ୍ରଣୟନକର୍ତ୍ତା ସଭାରେ କୌଣସି ବିଶିଷ୍ଟ ନୀତି ଉପରେ ପ୍ରତିଷ୍ଠିତ ଦଳ ସଂଖ୍ୟାଧିକ ହୋଇ ଶାସନ ଭାର ନେବା ସ୍ୱାଭାବିକ କିନ୍ତୁ ସ୍ୱାସ୍ଥ୍ୟ ଶିକ୍ଷା ନଳ ନାଳ ଖଣ୍ଡି ତସ୍ତର ସମ୍ବନ୍ଧରେ ଦୃଷ୍ଟି ଦେବାରେ କଂଗ୍ରେସ ବେକଂଗ୍ରେସ ହିନ୍ଦୁ ମୁସଲମାନ କିମ୍ବା ଅସ୍ପୃଶ୍ୟ ଚଣ୍ଡାଳର ପାର୍ଥକ୍ୟ ନ ରହିବା ଉଚିତ ।

ଶ୍ରୀଯୁକ୍ତ ଜଗନ୍ନାଥ ମହାପାତ୍ରଙ୍କ ପ୍ରତିଭା ଓ ଦୁର୍ଗତି ପ୍ରବନ୍ଧ ଅଖିରେ ଜଳ ଜଳ ହୋଇ ଦିଶୁଛି । 'ଅଜି ଯାହା ନୂତନ କାଲି ତାହା ପ୍ରାଚୀନ' ତାଙ୍କର ଏ କଥାକୁ ଆମେମାନେ ନେଉଛୁଁ କିନ୍ତୁ 'ଯାହା ପ୍ରାଚୀନ ତାହା କାଳକ୍ରମ ନୂତନ ହୋଇ ଠିଆ ହୁଏ' କପରି ତାହା ବୁଝି ପାରିଲୁ ନାହିଁ । ପ୍ରବନ୍ଧରେ ଅର୍ଯ୍ୟ ସଭ୍ୟତା ଠାରୁ ଆରମ୍ଭ କରି ଅଜକାଲିର ଉଚ୍ଚ ଶିକ୍ଷା ପଦ୍ଧତି ଉପରେ ଆମ ଭବିଷ୍ୟତ୍ ମାନଙ୍କ ଶିକ୍ଷାର ସୁବିଧା ନାହିଁ ସେ ପର୍ଯ୍ୟନ୍ତ ମଧ୍ୟ ଲେଖକ ଆଲୋଚନା କରି ଯାଇଛନ୍ତି । ଅଉ ଯାହା ହେଉ ଲେଖକ ମେଟ୍ରିକୁଲେଶନକୁ ମାଟ୍ରିକୁଲ ଇଣ୍ଟ୍ରାନ୍ସ, ଇଣ୍ଟରମିଡିଏଟକୁ ଅନ୍ତର ମଧ୍ୟସ୍ଥ ଓ ବି: ଏ: କୁ ବଙ୍ଗାଳି ବିଏ (ବାହା?) ବୋଲି ଯେଉଁ ତର୍ଜମା କରିଛନ୍ତି ତାହା ବେଶ କୌତୁହଳ ପୂର୍ଣ୍ଣ ହୋଇଛି ।

ଶ୍ରୀଯୁକ୍ତ ଈଶ୍ୱର ସାହୁଙ୍କର ଓଡ଼ିଶା ପ୍ରାଦେଶିକ ଜମି ବନ୍ଧକ ବେଙ୍କ ସମ୍ବନ୍ଧରେ ଲେଖା ସମୟୋଚିତ ହୋଇଛି ।

ଏ ସଂଖ୍ୟାରେ ଛୋଟିଆ ଗଳ୍ପ ସ୍ଥାନ ପାଇଛି । ଶ୍ରୀଯୁକ୍ତ ଗଣନାଥ ମିଶ୍ରଙ୍କର 'ବୋଧହୁଏ' ଶ୍ରେଷ୍ଠ ସ୍ଥାନ ପାଇବ । ବାବାଜି ହେଲେ ମଧ୍ୟ ସେ ଦେବତା ନୁହେଁ ତେଣୁ ସାଧାରଣ ମଣିଷର ମନୋବୃତ୍ତି ନେଇ ନିଜର ବେଷ୍ଟନୀ ମଧ୍ୟରେ ତାର ସ୍ୱାଭାବିକ ଚରିତ୍ର ଚିତ୍ରଣ ସୁନ୍ଦର ହୋଇଛି । '× × ଅଉ ଅର୍ଦ୍ଧ ନିଶ୍ୱାସ ପେଟ ଭିତରୁ ଲଢ଼ାଇର ଖବର ନେଇ ବାହାରି ଆସେ ପଦାକୁ ।' ଏପରି ଅନେକ ଯାଗା ଅଛି ଯେଉଁଠି କି ପାଠକ ହୃଦୟର 'ଗୋଟାଏ ଅଜଣା ଜାଗାରେ ବେଦନା ଜଣାଯାଏ' ମଧ୍ୟ ।

ଶ୍ରାବଣ ଧାରାରେ ଲେଖକ କହୁଛନ୍ତି ପୁରୁଣା କେତେକ କଥା ବାଢ଼ି ଛନ୍ତି । ଆମ ବାହାଘରରେ କପରି 'ବେଦଧ୍ୱନିର ଉଚ୍ଚାରଣ ମଧ୍ୟରେ ଅଜଣା ଅଶୁଣା ଗୋଟାଏ ଝିଅର ହାତ ସାଥିରେ ହାତ ଗଣ୍ଠି ପଡ଼େ ।' ପୁଣି କେମିତି ନାୟିକା ଶେଷରେ 'ଭୁଲି ଯିବାକୁ ଚେଷ୍ଟାକର' କହେ ଏସବୁ କଥା ଅଉ ନୂଆ ଲାଗୁନାହିଁ ।

ଅନନ୍ତଙ୍କ 'ଦୂର ନର୍କ' ଗୋଟାଏ ଯୁକ୍ତି ଯାହାର ବିରୁଦ୍ଧାଭାବ ପୋଷଣ କରୁଥିବା ଲୋକ ମଧ୍ୟ ଅନେକ ଅଛନ୍ତି ।

କବିତା ଗୁଡ଼ିକ ମଧ୍ୟରୁ ବିନୋଦ ବାବୁଙ୍କ ହେମନ୍ତଟି ଭଲ ଲାଗିଲା । 'ଭୁଲିଯାଏଁ ଏ ମାଟିରେ ମରେ ନାହିଁ ଭେଦ ଏ ମନର ରହି ବନ୍ଦି କ୍ଷଣେ ଏଠି ଏ ସୁଯୋଗୁଁ ବଞ୍ଚିତ ନ କର ।'

ସୁଧାଂଶୁ ବାବୁଙ୍କ 'ଦେବତା ବନ୍ଧନ' 'ଛନ୍ଦ-ସ୍ୱାନ ଦକ୍ଷ ନଶୀର କୋହ (?)' ପରି ଠାଏ ଠାଏ ଛନ୍ଦସ୍ୱାନ ।

ପରିଶେଷରେ ଆଲୋଚନା ସମ୍ବନ୍ଧରେ କହିବାକୁ ଯାଇଁ ଆମ୍ଭେମାନେ ସମ୍ପାଦକ ମହାଶୟଙ୍କ ଅଭିଜ୍ଞାନ (grasp) କୁ ଧନ୍ୟବାଦ ନଦେଇ ରହିପାରୁ ନାହୁଁ । ଆଶା ପଣ୍ଡିତଜୀ ଉତ୍କଳ କଂଗ୍ରେସର ଲଗାମ ଧରି ତାଙ୍କ ନିର୍ଦ୍ଦିଷ୍ଟ ପଥରେ ଚଳାଇବେ ।

'Reason in support of the memorandum' ନାମକ ମଠ ମନ୍ଦିର ସମ୍ବନ୍ଧରେ ଗୋଟିଏ ବିବରଣାତ୍ମକ ପୁସ୍ତକ ପାଇଛୁଁ । ଏହା ଓଡ଼ିଶା ଲେଃ ସଭାରେ ସଭ୍ୟ ମାନଙ୍କୁ ବିଚାର ନିମନ୍ତେ ତତ୍ ସଙ୍କାନ୍ତରେ ବହୁ ଆବଶ୍ୟକୀୟ ବିଷୟ ଉପସ୍ଥାପିତ କରେ । ଆମର ମତ ମଠ ମନ୍ଦିର ଆଇନ ସପକ୍ଷରେ କିମ୍ବା ବିପକ୍ଷରେ ଭୋଟ ଦେବା ପୂର୍ବରୁ ମାନ୍ୟବର ସଭ୍ୟଗଣ ଏ ପୁସ୍ତକ ଭିତରେ ଟିକିଏ ସଦୟ ଆଖି ବୁଲାଇବେ ।

---

### ପହଲି

ପୃଥୁଳା ଗାଲ ଥି, ଥୋତଲ ପେଟା

ଗୋରା, ବଣ୍ଟୁଳିଆ ଦଶର ମୋଟା

ପାନଖିଆ ଓଠ 'ଚହଟ ନାଲି,

ଖୁପୁରୁ ଖୁପୁରୁ ଟମକ ଚାଲି

ମୁଲୁକର ପଢ଼ିବ ଜଣା,

ମୂନିର ପଣକୁ ଚଢ଼ିନେ ପାରିଲେ

ତୁମେଟି ଅନ୍ଧର କଣା ।

—※—

## ତୃତୀୟ ବର୍ଷରେ

# ଡଗର

# ନୂଆ କଳେବର ଧରିବ ।

### ଆପଣ କ'ଣ ତାକୁ ଆଶୀର୍ବାଦ କରିବେ ନାହିଁ ?

# ଡଗରର ପୃଷ୍ଠପୋଷକ ହୋଇ

ଡଗରର ସମ୍ମାନ ବଢ଼ାନ୍ତୁ ! ଦେଶର ସମ୍ମାନ ବଢ଼ାନ୍ତୁ !! ନିଜର ସମ୍ମାନ ବଢ଼ାନ୍ତୁ !!!

## ପ୍ରତ୍ୟେକ ପୃଷ୍ଠପୋଷକ—

୧—ଆଜୀବନ ବିନା ମୂଲ୍ୟରେ ଡଗର ପାଇବେ ।

୨—ଡଗର ଏଡ଼ଭିଜେରୀ ବୋର୍ଡର ସଭ୍ୟ ରହିବେ ।

୩—ବର୍ଷର ଗୋଟିଏ ସଂଖ୍ୟା ଲଗେଣ

ପୃଷ୍ଠପୋଷକଙ୍କ
(କ) ନାମରେ ଉତ୍ସୃଷ୍ଟ ହେବ ।
(ଖ) ଚିତ୍ରପଟ ପରିଶୋଭିତ ହେବ ।
(ଗ) ସଂକ୍ଷିପ୍ତ ଜୀବନୀ ସମ୍ବଳିତ ହେବ ।

ପ୍ରତ୍ୟେକ ପୃଷ୍ଠପୋଷକତା ପାଇଁ ଏକକାଳୀନ ଦେୟ ଟ୧୦୦୧ ମାତ୍ର ।

### ମହାରାଜା ଜଲ୍ଲୁପୁର ଲେଖିଛନ୍ତି:—

ଏକଶତ ଟଙ୍କା ପଠାଇଲି ମୋତେ ଆପଣଙ୍କ ପତ୍ରିକାର ଜଣେ ପୃଷ୍ଠପୋଷକ (Life Patron) କରିବେ ।

### ସ୍ୱାମୀ ବିଚିତ୍ରାନନ୍ଦ ଦାସ ଏମ୍, ଏଲ୍, ଏ, କଟକ ଲେଖିଛନ୍ତି—

ଯେଉଁ ପତ୍ରିକା କାନ୍ତ କବି ଲକ୍ଷ୍ମୀକାନ୍ତଙ୍କର ଅମିୟ ଲେଖାଟଳରେ ପୃଷ୍ଟ ତାର ମୂଲ୍ୟ ଏକଶତ ନୁହେଁ ଏକଲକ୍ଷ ହେବା ଉଚିତ । ମୋତେ ଡଗରର ପୃଷ୍ଠପୋଷକ କରନ୍ତୁ ।

### ରାଜା ସାହେବ ବଡ଼ ଖେମଣ୍ଡୀ—

ଆନନ୍ଦର ସହିତ ମୁଁ ଆପଣଙ୍କର ପୃଷ୍ଠପୋଷକ ହେବି ।

### ସାମନ୍ତ ରାଆପ୍ରସନ୍ନ ଦାସ, ବାଲେଶ୍ୱର—

ଡଗରର ପୃଷ୍ଠପୋଷକ ହୋଇ ନିଜକୁ ଗୌରବାନ୍ୱିତ ମନେ କରୁଛି ।

### ପଣ୍ଡିତ ଗୋଦାବରୀଶ ମିଶ୍ର ଏମ୍, ଏଲ୍, ଏ,—

ମୁଁ ଆପଣଙ୍କ ପତ୍ରିକାର ପୃଷ୍ଠପୋଷକ ହେବାକୁ ପ୍ରସ୍ତୁତ ଅଛି ।

### ମାନ୍ୟବର ନିତ୍ୟାନନ୍ଦ କାନନଗୋ—

ଆପଣଙ୍କ ଯୋଜନା (Scheme) ଫଳାନ୍ୱିତ ହେଉ ।

### ଶ୍ରୀମତୀ ସରଳା ଦେବୀ ଏମ୍, ଏଲ୍, ଏ,—

ଆପଣଙ୍କ ପତ୍ରିକାର ପୃଷ୍ଠପୋଷକତା କରିବାକୁ ମୁଁ ପ୍ରସ୍ତୁତ ।

ଆପଣ କାହିଁକି ଉତ୍କଳର ଏହି ପ୍ରସିଦ୍ଧ ସ୍ୱନାମଧନ୍ୟ ଲୋକମାନଙ୍କ ମଧ୍ୟରେ ଜଣେ ନ ହେବେ ?

Digitized by srujanika@gmail.com



## ନାଗବନ୍ଧୁଙ୍କ କଲମରୁ

### ବାଲକ ଟ୍ରଟ୍‌ସ୍କି ।

ବିଶ୍ୱବିଖ୍ୟାତ ବିଦ୍ରୋହୀ ନେତା ଟ୍ରଟ୍‌ସ୍କି ସୋଭିଏଟ୍ ରୁଷିଆର ଇଆନୁକା ସହରରେ ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମ ଗ୍ରହଣ କରିଥିଲେ । 'ତୁଳସୀ ଦୁଇ ପତ୍ରରୁ ବାସେ, ଚନ୍ଦ୍ରଅଧ ଦୁଇ ପହରୁ କୁଣ୍ଡାଇ ହୁଏ ।' ସେ ଯେ ବଡ଼ ହେଲେ ଜଣେ ଖ୍ୟାତବାନ ଲୋକ ହେବେ ଏକଥା ବାଲ୍ୟ କାଳରୁ ସ୍ପଷ୍ଟ ଜଣା ପଡ଼ିଥିଲା । ସ୍କୁଲରେ ଭଲ ପଢ଼ୁଥିଲେ କ'ଣ ହେବ ଅତି ଶିଶୁ ବୟସରୁ ସେ ଭାରି ମେଳଅ—କିନ୍ତୁ ସେ ଭାରି ଦୟାଳୁ ଥିଲେ । ପରର ଦୁଃଖ ଦେଖିଲେ ତାଙ୍କର କୋମଳ ପ୍ରାଣ ତରଳି ଯାଉଥିଲା । ତାଙ୍କର ପିଲାଦିନର ଗୋଟିଏ ଘଟଣାରୁ ତାହା ସ୍ପଷ୍ଟ ଜଣା ପଡ଼ିବ ।

ଦିନେ ଟ୍ରଟ୍‌ସ୍କିଙ୍କ କ୍ଷେତରେ ଗୋଟିଏ ଘୋଡ଼ା ପଶି ଫସଲ ଖାଇଗଲା । ତାଙ୍କ ବାପା ଏକଥା ଦେଖି ଭାରି ରାଗିଗଲେ । ସେ ଘୋଡ଼ାକୁ ବାନ୍ଧି ଆଣି ରଖିଲେ । କହିଲେ, ମୋର ଫସଲ ଯେତିକି ନଷ୍ଟ ହୋଇଛି ତା'ର ଦାମ ନ ଦେଲେ ଆଉ କେବେ ହେଲେ ଘୋଡ଼ା ଛାଡ଼ିବିନି । ଏହି ସମୟରେ ଜଣେ ଗରିବ ବୁଢ଼ୀ ତାଙ୍କ ପଛରେ ଗୋଡ଼େଇ କାନ୍ଦି କାନ୍ଦି ଆସି କହିଲା, 'ଏଇଟା ମୋ ଘୋଡ଼ା, ଏଇ ଥରକ ପାଇଁ ମୋତେ ଛାଡ଼ିଦିଅ ।' ଏହା ଦେଖି ଟ୍ରଟ୍‌ସ୍କିଙ୍କ ଶିଶୁ ପ୍ରାଣରେ ଦାରୁଣ ଆଘାତ ଲାଗିଲା । ସେ ବୁଢ଼ୀର ଦୁଃଖ ଦେଖି ସହି ପାରିଲେ ନାହିଁ । କାନ୍ଦି କାନ୍ଦି ଯାଇ ସେ ବିଛଣାରେ ମୁହଁ ମାଡ଼ି ଶୋଇଲେ । ଖାଇବା ବେଳ ହେଲା, ତାଙ୍କୁ ଡାକ ପଡ଼ିଲା । ଖୋଜି ଖୋଜି ମା ଆସି ଦେଖିଲେ ପୁଅ ତାଙ୍କର ଶୋଇ କାନ୍ଦୁଛି । ତାଙ୍କ ବାପା ଏକଥା ସବୁ ଶୁଣି କହିଲେ ଯେ ସେ ବୁଢ଼ୀକୁ ଏଥରକ ଛାଡ଼ି ଦେଇଛନ୍ତି । ତେବେ ଯାଇ ଟ୍ରଟ୍‌ସ୍କିଙ୍କ କାନ୍ଦ ବନ୍ଦ ହେଲା ।

ଯାହାର ପ୍ରାଣ ଆନ ଦୁଃଖୀ ଲୋକଙ୍କ ପାଇଁ କାନ୍ଦି ଉଠେ ସେହିଁ ପ୍ରକୃତ ମହତ୍ ଲୋକ । ସେ କେବଳ ଜୀବନରେ ଉନ୍ନତି କରିପାରେ । ପରମ ବିଦ୍ରୋହୀ ଟ୍ରଟ୍‌ସ୍କି ଆଜି ଜଗତର ଇତିହାସରେ ପ୍ରସିଦ୍ଧ । ରୁଷିଆରେ ରକ୍ତବିପ୍ଳବ ଫଳରେ ରକ୍ତ ସାଗର ବହିଗଲା, ପରେ ଆଜି ସାମ୍ୟବାଦ ଶାସନ ଚାଲିଛି । ସେଠି ଧନୀ ଗରିବର ଜଘନ୍ୟ ପାର୍ଥକ୍ୟ ଦେଖାଯାଏ ନାହିଁ । ଜଣେ ଚପ୍, କଟଲେଟ୍ ଖାଇଲା ବେଳେ ଅନ୍ୟ ଜଣେ ମୁଠାକୁ ଅନେଇ ଅଧଲାଟିଏ ପାଇଁ ଦଶ ମିନିଟ 'ବାବୁ ବାବୁ' ହୁଏ ନାହିଁ । ଦେଶ ଓ ଜାତିର ମଙ୍ଗଳ ପାଇଁ ଆମେ ନିଜେ ନିଜକୁ ଅତି ଶିଶୁ ବୟସରୁ ଗଢ଼ିବା ଦରକାର । ବନ୍ଦେ ଉତ୍କଳ ଜନନୀ ।

ଶ୍ରୀ ଶ୍ରୀ ବସନ୍ତ କୁମାର ବେହେରା—(୩୩)

### ଆଈଙ୍କ ରୂପ ବର୍ଣ୍ଣନା ।

ବହୁ ଦିନରୁ ମୋର ପ୍ରପିତାମହୀ ଆଈଙ୍କୁ ଦେଖିବାକୁ ଭାରି ଇଚ୍ଛା ଥିଲା । ଅଗ୍ରହଟି ବେଶ୍ ମଜ୍‌ବୁତ୍ କରି ରଖିଥିଲି । 'କପିଳାସ' ପାଖର ମହାଦେବ ମନ୍ଦିରରେ ସେଥିପାଇଁ ରୁଦ୍ରାକ୍ଷ ମାଳା ଧରି ଗାଧୋଇ ଓଦାକଚ ଚଢ଼େଇ ମନ୍ତେ 'ଓଁ ନମଃ ଶିବାୟ' ହଜାରେ ଥର ଲେଖାଏଁ ଜପି କେତେ ଗଡ଼େଇବାକୁ ପଡ଼ିଥିଲା । ମୋ ଭାଇ ଭଉଣୀ ଭିତରୁ ଜଣେ ଆଈଙ୍କୁ ପେଚାମୁହାଁ ଭୈରବୀ ରୂପରେ ଦେଖିଥିଲେ । ମୋର କିନ୍ତୁ ଆଶା ଥିଲା ଅନ୍ୟ ରକମ । ମୁଁ ଗୁହୁଁଥିଲି ତାଙ୍କୁ ଏକ ମନୋମୋହିନୀ ରୂପରେ ଦେଖିବା ପାଇଁ । ମୋ ଉପରେ ମହାଦେବଙ୍କ ଆସନ ଟଳିଲା । ବର ଦେଲେ । ସେ ଦିନ ବୃନ୍ଦାବନ ଗୋଠ—ତାରି ଗୁଡ଼ାକ ଜୁଳୁ ଜୁଳୁ ହୋଇ ଦିଶୁଛନ୍ତି । ଆଈ ଏକ ରତ୍ନମୟ ସିଂହାସନରେ ବସିକି ବସିଥାନ୍ତି । ତାଙ୍କର ସେ ଅପୂର୍ବ ରୂପ ଦେଖି ମୁଁ କାବା । ଭାବିଲି କେଉଁ ଉପମାଟି ଠିକ୍ ହେବ । ବଳେ ବଳେ ପାଟିକୁ ଫିଟାଇଲି । କହିଲି—

'ତରଳତାରକା ହାରମୟୀ ନାକ ନାଗଶ୍ରେଣୀକା
ସମକକ୍ଷ ହେଲେ ହେବେ ତାର ଶଚୀ-ସ୍ୱର୍ଗ
ଚନ୍ଦ୍ରିକା ।'

ଓହୋ ! କି ସୁନ୍ଦର ବେଶ ! ବାଙ୍କ ସିନ୍ଥିରେ ମଲ୍ଲିଫୁଲ ଭରି ତକା ବେଣୀଟି । ଚରଳାଗା ଏକ ଟ୍ରିମ୍ପ୍ କ୍ ଶାଢ଼ୀ—ପାଦରେ ନୂପୁର—ଛାତିରେ ଏକ ରେସିମି ବ୍ଲାଉସ୍ । ନାକରେ ଅଛି ଅଡ଼େଇ ମସିଆ ଏକ ନୋଥ । ମୁଁ ଦେଖିଲି—ମନ ପୁରାଇ ଦେଖିଲି । ଜହ୍ନ ଅଲ୍ପଅରେ ସାରା ପୃଥିବୀ ହସି ଉଠୁଥାଏ । ସେଥିରେ ଆଈ ଭାରି ଟିକାଟିକ୍ 'ଏଲିଜାବେଥ' ରାଣୀ ପରି ଦିଶୁଥାନ୍ତି ।

ମୁଁ ଭାବିଲି ଆଈ ମୋର ବନ୍ଧୁରୂପୀମାନଙ୍କ ମଧ୍ୟରୁ ଜଣେ । ଭାରି ବୁଦ୍ଧିକ ଜାଣନ୍ତି । କାହାକୁ ରାଗରେ ତାଙ୍କ ଚୁଲି ପରି କାନରେ ବଡ଼ ବଡ଼ ଦାନ୍ତ ଶିଙ୍ଗୁଡ଼ ଭୈରବୀ ରୂପରେ ଆଉ କାହାକୁ 'ଜଗତ ଯୋଷିତଙ୍କ ଶୋଭାରୂପା ସେହି ଉଷା ସୁନ୍ଦରୀ' ରୂପରେ ଦେଖା ଦିଅନ୍ତି । ତେଣୁ ମୋ ପ୍ରତି ଅଧିକର ବିରାଟ ସହାନୁଭୂତି ଓ ଦୟା ଦେଖି ନିଜକୁ ଭାରି ଭାଗ୍ୟବାନ ମନେ କଲି । ମୋର ଏ ଢଙ୍ଗଢାଙ୍ଗ ଦେଖି ଆଈ ପାଖକୁ ଟିକିଏ ଆସିଲେ । ମୁଁ ବି ତାଙ୍କ ପାଖକୁ ଆହୁରି ଟିକିଏ ଗଲି । କିନ୍ତୁ ଏ କଣ, ପାଖରେ ମୋତେ ଭୟଙ୍କର ଅଡ଼ୁଆ ଅଡ଼ୁଆ ଲାଗିଲା । ଦେଖିଲି ତାଙ୍କ ବାଙ୍କ ସିନ୍ଥିଟି ଏକ ଧଳା ନାଗ—ମୋର ଭାଇ ଭିତରୁ ଜଣେ । ତକା ବେଣୀରେ ବି ଗୋଟିଏ ଫଁ ଫଁ କରୁଛି ପାଦ ଦେଶର ନୂପୁର ବି ନାଗବନ୍ଧୁ ଛଡ଼ା ଆଉ କିଛି ନୁହେଁ । ମୁଁ ଭାବିଲି ନାଗ ଗୁଡ଼ାକ ଆଈଙ୍କ ରୂପରେ ଏପରି ମୁଗ୍ଧ ହୋଇ କିଏ ପାଦରେ, କିଏ ମୁଣ୍ଡରେ ଗୁଡ଼ାଇ ହୋଇ ହେଉଛନ୍ତି । ତେଣୁ ମୁଁ ବି ତାଙ୍କ ଅଧର ଆଡ଼କୁ ଗଲି, ସେଠାରେ ରହିବାକୁ । କିନ୍ତୁ ମୋ ଭାଇ ଭିତରୁ ଜଣେ ଫଁ କରିଦେଲା । ମୁଁ ବି ତ ନାଗଛୁଆ । 'ଶୁଦ୍ର ହେଁକର ବଡ ଉଚ୍ଚଟର ।' ମୁଁ ବି ଫଁ କଲି । ଲାଗିଲା ଆଈଙ୍କ ପାଇଁ ଭାଇ ଭାଇ ଭିତରେ ଯୁଦ୍ଧ । ତା ପରେ ଆଈ ହସି ହସି କହିଲେ 'ରହରେ ।' ମୁଁ ଜାଣିଲି ଯେ ନାଗବନ୍ଧୁ ଗୁଡ଼ାକ ଆଈଙ୍କର "ବଡ ଗାର୍ଡ୍" ରୂପେ ନିଯୁକ୍ତ ହୋଇଛନ୍ତି । ତାପରେ ଭାବିଲି ମହାଦେବଙ୍କର ମୁଣ୍ଡରେ ତ ନାଗ । ତେବେ କଣ ଇଏ ପାର୍ବତୀ କି ? ମୋ

Digitized by srujanika@gmail.com

କଷ୍ଟରେ ସନ୍ତୁଷ୍ଟ ହୋଇ ଚଳେ କରିଛନ୍ତି । ଏହି ସମ୍ବନ୍ଧରେ କୁଅଁକୁ ଏକ ମଧୁର କବିତାର ଭାବ ସ୍ଫୁରି ଆସିଲା । ମୁଁ ଡ ପ୍ରେମରେ କବିତା ରୂପ ଅନୁକୁ ଏକ ଲମ୍ବା ଚଉଡ଼ା ଦଣ୍ଡବତ ପଠାଇ ମୋ ଗାଡ଼ ଚଢ଼ିରେ ପଶି ଚଳି । ଇତି ।

ସ୍ନେହର କୁଅ ନାତି
(୨୧୧) ଶଧୁଭୂଷଣ ।

କୁଳି ପଥ ନଇଁ ନଇଁ ଗୋଡ଼ି ହଟି ଗଦନା,
ସୁଖ ଚନ୍ଦ୍ର ଅଦ୍ଭୁତ ହାତେ ଲମ୍ବ ଓଢ଼ଣା ।
ଚୁନ୍‌ଚୁ-କଥା କହୁ ହାଲ୍‌ଲ ସମାନା,
ସବୁ କୋଣ ବାସିସ୍ତ ବରଷ ବଦନା ।
ମାଙ୍କୁରି ଝିଁକ ପର ମୁଦ୍ରିତ ନେତ୍ରା,
ଚୈତ୍ରିଲ ନୀଳ ଶ୍ରୁତି ବିଲେପିତ ଗାତ୍ରା ।

ଶ୍ରୀଧର ଦାସ ( ୧୫୫ )

## ଅଜାଙ୍କ ଜବାବ୍

ସନାତନ (୨୪) ମକଦମାରେ ସାକ୍ଷି ହେବା ଓକିଲେ ତମେ ଯାହା ଜାଣି ସବୁ ସତ କଥା କହିବ । ନିଜର ସ୍ୱାର୍ଥ ହେଉ ପଛେ ଡରିବ ନାହିଁ ।

ଭଲଭା ବା ଗଦ୍ୟ ଲେଖିବା କେହି କାହାରିକୁ ଶିଖାଇ ଦେଇ ପାରେ ନାହିଁ । ତମେ ଖୁବ୍ କବିତା ଓ ଗଦ୍ୟ ପଢ଼ । ଅପେ ଆପେ ହୋଇ ପାରେ ।

ସରସ୍ୱତୀ ପୂଜାରେ କପଡ଼ ଗୋଲମାଲ ଦେଖିକି ମୁଁ କିଛି ନ ଜାଣି ପ୍ରତିକାର କହିବ କିପରି ?

ଦେବେନ୍ଦ୍ର—( ୨ ) ବେଙ୍ଗଲ ନାଗପୁର ରେଲଓ୍ୱେ ବିରୁଦ୍ଧ ଓଡ଼ିଆମାନଙ୍କୁ ଅପମାନ କରୁଛନ୍ତି । ବାସ୍ତବିକ ଏହା ବଡ଼ ଦୁଃଖର କଥା । ଷ୍ଟେସନ ପ୍ଲେଟଫର୍ମମାନଙ୍କରେ ଷ୍ଟେସନର ନାମ ଯେପରି ଅକ୍ଷରରେ ଲେଖା ହୁଏ ବାସ୍ତବିକ ପ୍ରତ୍ୟେକ ଓଡ଼ିଆକୁ ଅପମାନ ବୋଧହୁଏ । ପୁଣି ସବୁଠାରୁ ଅଧିକ ଦୁଃଖର ବିଷୟ ଯେ ଓଡ଼ିଆ ଅଞ୍ଚଳ ଷ୍ଟେସନମାନଙ୍କରେ ମଧ୍ୟ ଓଡ଼ିଆ ଅକ୍ଷରରେ ଷ୍ଟେସନ ଦେଖାଯାଏ ନାହିଁ । ମୁଁ ଏ ବିଷୟରେ ରେଲଓ୍ୱେ ଏଜେଣ୍ଟ ବୋର୍ଡର ସଭ୍ୟଙ୍କ ସହ କଥାବାର୍ତ୍ତା କରିବି ।

ନିରଞ୍ଜନ—(୩୪) ତମେ ଉତ୍ତର ଦେବ—ଅଜାଙ୍କ ନାମ 'ଅଜା' । ଦୁନିଆର ସବୁ ନାତିଙ୍କ ଅଜା ହେବା ପାଇଁ ଭଗବାନ ତାଙ୍କୁ ଡଗର ପାଖକୁ ପଠାଇଛନ୍ତି ସେଇ 'ଅଜା' ନାମ ଦେଇ । ତେବେ ନିତାନ୍ତ ଗୋଟାଏ ନାମ ଯଦି ଲୋଡ଼ା ହୁଏ ତେବେ ତମର ନିଜ ଅଜାଙ୍କ ନାମ କହିଦେବ ।

## ଲେଖା ସାଙ୍ଗ ।

ଶ୍ରୀ ବସନ୍ତ ବେହେରା—ସେ ଯେଉଁ ନାତି-ମାନଙ୍କ ଲେଖାସାଙ୍ଗ ହେବା ପାଇଁ ଡଗର ଜରିଆରେ ଜଣାଇ ଥିଲେ ସେମାନଙ୍କର ସହିତ ଅପରିଚିତ ଜାଣିବାକୁ ଚାହାନ୍ତି ।

ରମାକାନ୍ତ—( ୧୧୭ ) ସବୁ ନାତଭାଇ ଭଉଣୀଙ୍କ ସହିତ 'ଆଳାପ କରିବାକୁ ଇଚ୍ଛା । ଯେଉଁମାନେ ପତ୍ର ଦେବେ ସେମାନଙ୍କୁ ସେ ଉତ୍ତର ଦେବେ ।

## ବିଜ୍ଞାପନ ।

ନିମ୍ନଲିଖିତ ନମ୍ବରର ନାଗବନ୍ଧୁ ନାଗବଟ-ମାନେ ବାର୍ଷିକ ଦେୟ ପଠାଇବାରୁ ସେମାନଙ୍କ ନାମ ପୁଣି ବର୍ଷକ ପାଇଁ ରେଜେଷ୍ଟରି ଭୁକ୍ତ କରାଗଲା ।

୨, ୩, ୧୭, ୨୪ ।

* କୁମାରୀ ଶୈଳବାଳା, କାମସେଦପୁର ଏକକାଳୀନ ୫୦୍ ଦେବାରୁ ସ୍ଥାୟୀ ନାଗବନ୍ଧୁ ରହିଲେ । ତାଙ୍କୁ ଆଉ ବାର୍ଷିକ ଦେବାକୁ ହେବ ନାହିଁ ।

## ନୂଆ ନାଗବନ୍ଧୁଙ୍କ ନାମ

୨୨୦ । ଶମ୍ଭୁ ଚରଣ ଦାସ, ଶିବଦାସ ପୁର, ପୋ: ଜାଜପୁର । ୨୨୧ । ନୀଳକଣ୍ଠ ସିଂହ, ହାଇସ୍କୁଲ, ୯ମ ଶ୍ରେଣୀ ବାରିପଦା । ୨୨୨ । ବଳରାମ ନନ୍ଦ, ରେଭେନ୍ସା କଲେଜିଏଟ୍ ସ୍କୁଲ, ୧୧ଶ ଶ୍ରେଣୀ, କଟକ । ୨୨୩ । ରତିକାନ୍ତ ଦାସ, ନୂତନ ଛାତ୍ରାବାସ, ବାରିପଦା । ୨୨୪ । ଗୋବର୍ଦ୍ଧନ ସିଂହ, ନୂତନ ଛାତ୍ରାବାସ, ବାରି-ପଦା । (କ୍ରମାନ୍ୱୟେ ବାହାରିବ)

---

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ; ମୋର ବୟସ ୨୧ ବର୍ଷରୁ କମ୍ । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗ-ବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ $\frac{୫୦/ର}{୫୦}$ ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ________

ଠିକଣା ________

ତାରିଖ

---

ଶିଶୁ ଖାଦ୍ୟ **"ଶଟୀଫୁଡ୍"** ରୋଗୀର ପଥ୍ୟ

ଦୁଗ୍ଧପୋଷ୍ୟ ଶିଶୁମାନଙ୍କୁ ବାହାର ଦୁଧ ପ୍ରଭୃତି କୃତ୍ରିମ ଖାଦ୍ୟ ଦେବା ଅପେକ୍ଷା ଏହି ଶଟୀଫୁଡ୍ ବ୍ୟବହାର କଲେ ବିଶେଷ ଗୁଣ ହୋଇଥାଏ । କାରଣ ବାର୍ଲି, ସାଗୁ ଅପେକ୍ଷା ଏହା ସୁସ୍ୱାଦୁ, ସହଜ ପାଚ୍ୟ ଓ ପୁଷ୍ଟିକର । ଦୁଧ ସହିତ ମିଶାଇ ଖାଇଲେ ଅତି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୋଇଥାଏ । ରୋଗୀମାନେ ଏହାକୁ ଗୁଡ଼ର ସହିତ ଖାଇଥାନ୍ତି । ଅଉ ମଧ୍ୟ ରୋଗୀମାନଙ୍କର ରୁଚି ବଢ଼ାଇବା ପାଇଁ ଏହା ଦ୍ୱାରା ନାନା ପ୍ରକାର ପିଠା ଓ ମିଷ୍ଟାନ୍ନ ତିଆରି କରି ଦିଆଯାଇ ପାରେ । ନିୟମିତ ବ୍ୟବହାର ଦ୍ୱାରା ଶିଶୁମାନଙ୍କର ଜ୍ୱର, କାନ୍ତି, ଦୁର୍ବଳତା ଦୂର ହୋଇଯାଏ । ସାବଧାନ ! ବଜାରରେ ଅନେକ ପ୍ରକାର ଶଟୀଫୁଡ୍ ମିଳେ, ତେଣୁ ଯେଉଁମାନେ ଅସଲ ଏହି ଜିନିଷ ନେବାକୁ ଇଚ୍ଛା କରନ୍ତି, ସେମାନେ ଆମ୍ଭ ନାମ ଲେଖିବାକୁ ଭୁଲିବେ ନାହିଁ ।

ମୂଲ୍ୟ—ଟିଣିକୁ ୫୦ ( ଆଠଅଣା )

ପ୍ରାପ୍ତି ଠିକଣା:—ଶ୍ରୀଧର ରଥ, ଉପଚାରାଳୟ । ଭୁବନେଶ୍ୱର - ପୁରୀ

Digitized by srujanika@gmail.com

# ଗୁପ୍ ଚୁପ୍ କଥା ।

ଲେଖକ—ଜଗନ୍ନାଥ ଶଣାଦେ ।

( ଯେଉଁମାନଙ୍କ ଜଗନ୍ନାଥ ବଦହଜମ୍ ହେଉଥିବ କେବଳ ସେହିମାନଙ୍କ ପାଇଁ )

କଟକର ଅମୃତ ବଜାରର ପ୍ରତିନିଧି ଏକ ଖବର ପାଇଛନ୍ତି ବୋଲି ଯେହି କେହି ସନ୍ଦେହ କରନ୍ତୁ ଯେ ନିଃ ଭାଃ କଂଃ ସଭାପତି ନିର୍ବାଚନ ଦିନ ଶ୍ରୀଯୁକ୍ତ ମହତାବ ଏକ-ସମୟରେ ପଣ୍ଡିତ ଓ ସୁଭାଷ ଉଭୟଙ୍କୁ ତାର କରିଛନ୍ତି ଯେ 'ମୁଁ ଆପଣଙ୍କୁ ଭୋଟ ଦେଇଛି ।' ... ...

ଶ୍ରୀଯୁକ୍ତ ସୁଭାଷ ବୋଷ ସଭାପତି ହେବାରୁ ଟୋଟାଏ ଭୋଜି ଦେଇଥିବାର ପ୍ରକାଶ । ସେଥିରେ ମଧ୍ୟପ୍ରଦେଶର ଖାରେ ପାଚକ ହେବେ । ଏ ମୂଲିଆ ମଜଦୁର ମାନଙ୍କୁ ଏଥିପାଇଁ ନିମନ୍ତ୍ରଣ ହୋଇଛି । ......

ଡାକ୍ତର ପଟ୍ଟାଭିଙ୍କ ମଧ୍ୟ ତାଙ୍କ ପରା-ଜୟରେ ଉତ୍‌ଫୁଲ୍ଲ ହୋଇ ଉର୍ଦ୍ଧାଠାରେ ଏକ ଭୋଜୀ ଠିକ୍ କରୁଛନ୍ତି । ନିଅଁ ପାଖରେ ବସିଲେ ଗାନ୍ଧିଜୀଙ୍କ ରକ୍ତଗୃପ ବଢିପାରେ ଏହା ଉପରେ ସର୍ଦ୍ଦାର ପଟେଲ୍ ଏଥିର ପାଚକ ବନିବେ । ଢେଙ୍କିକୁଟା ଗୁଞ୍ଜଲର ଭାତ, ଖିନ୍ନାର ଗୁଡ଼ର ନବାତ ଓ ଗୁଦପାଳିଭ ମହୁବସାର ମହୁ ଏଥିର ପ୍ରଧାନ ବ୍ୟଞ୍ଜନ ।

ଯୁକ୍ତ ପ୍ରଦେଶର ସରକାର କଏଦୀମାନଙ୍କ କାମ ପାଇଁ ସେମାନଙ୍କୁ ମଜୁରୀ ଦେବାର ପ୍ରସ୍ତାବ ଶୁଣି ଭାରତର ବେକାର ସଂଘ ଟକ୍ସକୁ ଡେପୁଟେସନ ଯାଇଛି ଯେ ବିନା ଅପରାଧରେ ସେମାନଙ୍କୁ ଦେଶୀ ସାବ୍ୟସ୍ତ କରି କଏଦୀ କରାଯାଉ । ... ...

ସୁସ୍ଥ ଲୋକ ଭିକ ମାଗିଲେ ଜେଲ୍ ଯିବେ ଏଭଳି ଆଇନ ବିହାର ସରକାର କରୁ-ଥିବାର ଶୁଣି ଓଡ଼ିଶାର ଖବର କାଗଜ ଓ ପତ୍ରିକାର ସମ୍ପାଦକମାନେ ଆଗରୁ ସାବଧାନ ହୋଇ ମନ୍ତ୍ରୀଙ୍କଠାକୁ ଡେପୁଟେସନ ପଠାଇ-ଛନ୍ତି ଯେ ଏଭଳି ଆଇନ ଓଡ଼ିଶାରେ ଜାରି କଲାବେଳେ ସେମାନେ ଯେପରି ଅବ୍ୟାହତି ପାଇବେ ତାର ବ୍ୟବସ୍ଥା ରହିବା ଉଚିତ ।

ଶୁଣାଯାଏ ଓଡ଼ିଶା ଏସେମ୍ବ୍ଲିର ବିପକ୍ଷ ଦଳର ସଭ୍ୟମାନେ ଓଡ଼ିଶାର ରାଜଧାନୀକୁ ପୁରୀରେ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଆଣିବେ । କାରଣ କଟକରେ ଭୟଙ୍କର ଗରମ ହେତୁ କଂଗ୍ରେସ ଦଳଙ୍କର ମଥା ପିଟିଲି ଯାଉଥିବାରୁ ମନ୍ତ୍ରୀମାନେ ବିପକ୍ଷ ଦଳର ସମସ୍ତ ସଂଶୋଧନୀକୁ ନାକଚ କରି ଦେଉଛନ୍ତି । ... ...

ପଣ୍ଡିତ ନେହରୁଙ୍କୁ ଗୃହନାରୁ ନିମନ୍ତ୍ରଣ ଆସିବାରୁ ଜାଣି ଇସ୍‌ଲାମ ପ୍ରେମୀ ଜିନା ସାହେବ ଏକ ଘୋଷଣା କରୁଛନ୍ତି ଯେ ସେଠିକି ମୁସଲମାନମାନେ 'ଖଦର'ରେ ପଶିଯିବେ । ... ... ..

ମହାତ୍ମା ଗାନ୍ଧି ଭାରତୀୟ ଯୁବକ ଯୁବତୀ ମାନଙ୍କୁ ସେପ୍ଟି କୁଲ୍‌ଏଣ୍ଟ ଆଟ୍ୟା ଦେଉ-ଥିବାରୁ ଓଡ଼ିଶାର ଯୁବକ ଯୁବତୀମାନେ ଯୁବନେତା ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା କରିବେ ବୋଲି ଶୁଣାଯାଏ ।

ତ୍ରିପୁରୀ କଂଗ୍ରେସକୁ ଡେଲିଗେଟ ଯାଇ-ଥିଲା ବେଳେ ଯେଉଁମାନେ ଲମ୍ବାଲମ୍ବି ଦାଢ଼ି ମୁଣ୍ଡ ଫାଟଫାଟ ଦାଢ଼ି ଛିଡ଼ାଛିଡ଼ି ନାଶ ଉପୁଡ଼ା-ଉପୁଡ଼ି ଯୁଦ୍ଧ କରିଥିଲେ ସେମାନେ ପ୍ରକୃତ କ୍ରାନ୍ତି (revolution) ଉପାସକ ବୋଲି ତ୍ରିପୁରୀ କଂଗ୍ରେସର ବିଜେତା ଦାଉଁଅଦଳ ସେମାନଙ୍କୁ ଗୋଟେ ଗୋଟେ ସାର୍ଟିଫିକେଟ ଦେବାର ବ୍ୟବସ୍ଥା କରୁଛନ୍ତି । ......

ଚେମ୍ବରଲେନଙ୍କ ଉଦାରତାରେ ପ୍ରଭାବିତ ହୋଇ ହିଟଲର ମୁସୋଲିନୀ ତାଙ୍କ ପଛେ-ପଛେ ଗୋଡ଼ାଇଛନ୍ତି । ଚେମ୍ବରଲେନ ବିଚାର ବ୍ୟସ୍ତ ହୋଇ ତାଙ୍କ ଦାଉରୁ ବାନ୍ଧି ପାଇବା ପାଇଁ ଦେଡେ ଦେଇ ସନ୍ତୋଷ ହେବା ବେଳକୁ ସାବରୀଙ୍କ, ପର ପ୍ରଣୀ ଯମଙ୍କ ପିନ୍ଧା ଧରୁଛନ୍ତି ।

---

( ସମସ୍ୟା ନାଟକ ୧୦ପୃଷ୍ଠା ଉତ୍ତରୁ )

ମ-ମ—ହଠାତ୍ ଇସ୍ତଫା କଥାଟା କହି ପକାଇ-
ଲେ କାହିଁକି ?

ଅ-ମ—ବୁଝିଲ ନାହିଁ, ସେଟା ଧମକ ।

ଅନ୍ତ-ମ—ଆଉ ସେ ବେଳ ଅଛି ଯେ ଧମକକୁ
ସେ ଡ଼ରିବେ ଭାବିଛନ୍ତି !

ଅ-ମ—କଣ ହୋଇଗଲା କି ?

ଅ-ମ—ଏବେ ଆମ ଛାଡ଼ିବାର ଉପାୟ ବ
ଗଲାଣି କମି, ଆଉ ଟୋକର ଛଡ଼ାଇବା
ଉପାୟ ଗଲାଣି କମି ।

ଅ-ମ—କିନ୍ତୁ ଆମ ଇଜ୍ଜତ !

ମ-ମ—ଇଜ୍ଜତ, ଇଜ୍ଜତ ଆପଣଙ୍କୁ ସାଇଲା ।
କ୍ଷମତା ଆଉ ଇଜ୍ଜତ ଏକାସାଙ୍ଗରେ ରହି
ପାରେନା ।

ଅ-ମ—ତବୁ ଆପଣଙ୍କର ଭୁଲ ନୁହେ ?
ଏ ଅବସ୍ଥାଟା ଅବଶ୍ୟ କସାଇଲା କିଏ ?
ମୂଳରୁ ଟାଣୁଥି ଧରଥିଲେ···

ମ-ମ—ମୁଁ କଣ ମନା କଲି ।

ଅ-ମ—ଠିକ ମନା ନୁହେଁ—କିନ୍ତୁ ପ୍ରବେଚନା
କହୁମାନଙ୍କ ମୁଲହଜା—

ମ-ମ—ଆପଣ ତ ତାର ପ୍ରତିକାର ବ କଲେଣି ।

ଅ-ମ—ହିଁ କଥାଟା ଘୋଡ଼ାଇବା ପାଇଁ
୧୪୪ ଚଳାଇଲି, ପୁଲିସ ପଠାଇଲି,
ଇନ୍‌କୁଆର କରାଇଲି ।—ଆଉ ବାକି
ରହିଛି ଗୋଟାଏ Extra—

ମ-ମ—ଆଉ, ଆଉ, ସେଇଟାକୁ ଧରି ବସିଲାରୁ
ଯେତେ କେନ । ସେଟା ଛାଡ଼ ଦେଲେ ତ
ଅମେ ନିଶ୍ଚେଳ ରହି ଯାଅନ୍ତୁ ।

ଅ-ମ—ଏଇକ୍ଷଣି ତ ସେ କଥା କହୁଛ !
କିନ୍ତୁ ଧରି ସାରିଛୁଁ ଯେତେବେଳେ—
ନାଗ ଚୂଚୁନ୍ଦ୍ରା ଭଳି ହୋଇ ଗଲାଣିପେ !

ମ-ମ—ହଉ ଥାଉ ଲାଟ କଥାରୁ କଣ
ବୁଝିଲେ ?

ଅ-ମ—ବୁଝିଲ ଯନ୍ତ୍ର ! ଯେ ତ ଦମ୍ଭ ଧରି
ବସିଲା ପର ଜଣାଗଲା ।

ମ-ମ—ଆଉ କଣ ସାପ ନ ମରିବ, ବାଡ଼ି
ନ ଭାଙ୍ଗିବ ସବୁଦିନେ ଚାଲିଥିବ ।

ଅ-ମ—ନା—ଆଜ ଏଠି ରହିବା ସମ୍ଭବ
ନୁହେଁ । ତେଣେ ଓୟାର୍କି ଗୋଷ୍ଠୀ, ଏଣେ
ଲାଟର ଚେଷ୍ଟା ନହିଁରେ ଯା ରହି
ଥାଆନ୍ତୁ, ସେଥିରେ ଦାଢ଼ିର ବଗଡ଼ା
ଅପି ପଡ଼ିଲାଣି ।

ମ-ମ—କାହିଁକି ବ୍ୟସ୍ତ ହେଉଛନ୍ତି ଆପଣ !
ଯେପରିରେ ଦପଦ ହେଲେ ନୋଟ
ହୋଇପାରେ । ଅପଣ ଦହେଁ ନା




# ଖବରଅନ୍ତର

—ପେଡ଼ଲପନ-ଜାପା ଶ୍ରୀଯୁକ୍ତ ସତ୍ୟମୂର୍ତ୍ତି ଚାଟିଲ ନାଉ୍ଡୁ କଂଗ୍ରେସ ସଭାପତିଙ୍କୁ ଭୋଟରେ ହାରିଗଲେ ।

...ତାଙ୍କର ମିଥ୍ୟାମୂର୍ତ୍ତି ଦେଖି !

—ଶ୍ରୀଯୁକ୍ତ ନୀଳକଣ୍ଠ ଦାସ ପ୍ରସ୍ତାବ କରି-ଛନ୍ତି ଯେ ପୁରୁଣା ଚୋଗା ପଗଡ଼ି ପାଇଁ ସର-କାର ଗୋଟିଏ ପଣ୍ଡିତ ସଭା ବସାନ୍ତୁ ।

...ତାଙ୍କର ଦାଢ଼ୀ ଥିବ ନା ?

—କଟକରେ ଥିବା ପଲଟନମାନେ ଦେଶ ବାସୀଙ୍କ ସହ ମଧୁର ସମ୍ପର୍କ ରଖି ଚଳିବେ ବୋଲି ଓଡ଼ିଶା ସରକାର ଘୋଷଣା କରିଛନ୍ତି ।

...ସରକାରଙ୍କ ସହ କି ସମ୍ପର୍କ ?

---

ଅଟଟର ପଂ-ଡ଼ି-ତ ନାଟକର ଦେଲେ କଥା ସରିଲା । ଛାଇନା ଭୋଳି ମିଶି ଯିବେ ଦଣ୍ଡକେ ।

ଅ-ମ—ସହଜ ନୁହେଁ ବନ୍ଧୁ ! କେନ୍ତୁ ଯଦି ସେ ସୁବିଧା ହୁଏ, ତମକୁ କଣ ଅମେ କହି ଦେବାର ଗ୍ରହ ଦେଇ ଯିବୁଁ ନୁହଁ !
କଏ ଅଛନ୍ତି ଗୁ' ଅଣିଲ ।

( ଗୁରୁଜ ପ୍ରବେଶ ହେଲ )

ଗୁ—ଅଜ୍ଞ, ବଡ଼କ୍ରି ନ ଥିବାର ।

ଅ-ମ—ପଚୁଅ ନାହିଁ; ଯା ରଜାଙ୍କରୁ ପେଲୋଡ଼ ଧରୁ ଅଟେ ।

ମ-ମ—ଲିବ ଚେଲୟା ପଡ଼ିଛ । ଏବେ କେବଳ ଚାଲଅ ବୋଲି କହ ମାନେ ମାନେ ଚଳି ଗଲେ ସୁଅନ୍ତା ନାହିଁ ?

ଅ-ମ—ଯୋଟେଇଜ ଚତୁର ଚଡ଼ୁ । ବେଳ ପଡ଼ିଲେ ବଲେ——

ମ-ମ—ଡାହାଣିଥରୁ ବାଙ୍ଗିଆ ଦରା କା ଚାଷିଁରୁ ଡାହାଣକୁ ଯିବା କେତେ ବାଟ ଯେ !

ଅ-ମ—ଠିକ୍ ଠିକ୍—ଦେଖିବୁ ମୁଁ କହୁଥିବାର ଏହା । ଏଣିକି Wait and see ଆଉ ବୁଝିଦେବ ।

—ନିଜାମ୍ବର ରାଜ୍ୟକୁ ଅଭିଭବଙ୍କ କରିବା ପାଇଁ ଯାଇ ଶ୍ରୀଯୁକ୍ତ ବେଙ୍କଟ୍ ତଳଥର ଗଡ଼ା ଖାଇଲେଣି ।

...ଭାରବାର ଯାତଟାବ ।

—ଶ୍ରୀମତୀ କସ୍ତୁରୀ ବାଇ ରାଜକୋଟ ରାଜ୍ୟରେ ଅଭିନ ଅମାନ୍ୟ କରି ଜେଲ ଯାଇଛନ୍ତି ।

...ଗାନ୍ଧିଜୀଙ୍କୁ ଏକାଥରେ ?

—କସ୍ତୁରୀ ବାଇଙ୍କ ଠାରୁ ଅଲଗା ରହି-ଦେବାରୁ ଧର୍ମବୀର କନ୍ୟା ମନ ଚହଳ ଅନଶନ କରିଛନ୍ତି ।

...ଗୈରିକୁ ମାନ ?

—ସମ୍ରାଟ ୧୯୪୨ ବେଳକୁ ଲଢ଼େ ଅସି ଭାରତରେ ସାମ୍ରାଜ୍ୟର ପ୍ରତିଷ୍ଠା କରିବେ ।

...ସଷ୍ଟି ଚଢ଼େଇବେ ତ ?

—ମାନ୍ଦ୍ରାଜ ନମିକମା ଅଭିନ ସଂବନ୍ଧରେ ନିଜାମିଶା ପାଇଁ ମାନ୍ୟବର ଓଡ଼ିଶା ଲାଟଙ୍କ ଅଗରେ ଚେଷ୍ଟା ଗୁଲି ସଫଳ ହେବାର ଖବର ମିଳୁଛି ।

...ଯେଥିରୁ ପୁଣି ସେଫଳ ବାହାରିବକି ?

—କଲିକତାରେ ସୁଭାଷଙ୍କ ସପଷ୍ଟମ ନଳର ସଭା ହୋଇଥିଲା !

...ନୂଆ ବାଟ ଫିଟିଯିବ ।

—ଓ୍ୟାର୍ଦ୍ଧାରେ ଟଣ୍ଡନଙ୍କ ପଠସଭା କରିବେ ।

...ଗ ଜଜା ନାହିଁକର ।

—ଓଡ଼ିଶା ବ୍ୟବସ୍ଥାପକ ସଭାରେ ମଠ ମନ୍ଦିର ଅଇନ ପାସ ହୋଇଗଲା ।

...ହାସ୍ୟରେ ମହନ୍ତଙ୍କ ଚର୍ବି ପାଇଁ ବଡ଼ ଦୁଃଖ ହେଉଛି ।

—ବିଦ୍ରୋହୀମାନେ ଚମନ୍ତ୍ର ପେନ ଅଧିକାର କରି ନେଇଛନ୍ତି ।

...ଚେମ୍ବରଲେନ—ଅପେକ୍ଷଷ୍ଟ !

—ବିଦ୍ରୋହୀମାନେ ଯୋଗ୍ଯ ଶୋ ପେବଲ ଦେଲେ ଫ୍ରାନ୍ସ ବିଦ୍ରୋହୀ ଦଳଗତ ଗ୍ରାଙ୍କୋଙ୍କ ଅଧିପତ୍ୟ ସ୍ୱୀକାର କରିବେ ।

ଦେଖିଆଉ ପଚର—

ଇଜିପ୍ଟ ନେତା ନାହାସପାଶାଙ୍କୁ ତ୍ରିପୁରୀ କଂଗ୍ରେସକୁ ଯୋଗ ଦେବାପାଇଁ ଆମନ୍ତ୍ରଣ କରା ଯାଇଛି ।

...ଜନାବ ମୁଣ୍ଡି ଆସିଲା ଦେଉଥିବ ।

—ଜଲଲାବାଦାଲର ମୋଲାନା ଓଡ଼ାସୁଲ ସାହେବ ମୋସଲେମମାନଙ୍କୁ ଦଣ୍ଡଯୋଗାଇ ରଖିବା ପାଇଁ ଓ କଂଗ୍ରେସକୁ ଅଣ୍ଟିଦେବା ପାଇଁ ବୁଝାଣ ସଭାମାନଙ୍କୁ ଉପଦେଶ ଦେଉଛନ୍ତି ।

...ଭେକ୍ସି ସବରବେଶ ଧାନଲୁଟେ ।

ଲକ୍ଷ୍ମୀଦତ୍ତ ନଗରରୁ ମହାତ୍ମା ଗାନ୍ଧିଙ୍କର ବିଶାଳ ପ୍ରତିମୂର୍ତ୍ତି ଗଢ଼ିବାର ପ୍ରସ୍ତାବରେ ମହାତ୍ମାଜୀ ନାସ୍ତି କରି ଦେଇଛନ୍ତି ।

...ପ୍ରକୃତ ମୂର୍ତ୍ତି ବଞ୍ଚିଛ କରିବତ ?

—ଡାଃଠାର ଓଡ଼ିଆ ଅଧିବାସୀଙ୍କ ପ୍ରତି କମ୍ପାନୀର ଅବଗୁର ବିରୁଦ୍ଧରେ ଲାଟସଭା ଓ ବାଟ ସଭା ମାନଙ୍କରେ ତୀବ୍ର ଆନ୍ଦୋଳନ ହୋଇଛି ।

...କଂସାରୀ ଘରଯେ !

ଅଷ୍ଟ୍ରେଲିଆରୁ ଇଂରାଜ ସୈନ୍ୟ ଫେରିବା ନେବାର ଜାହାଜର କେତେକ ଅଇରିଶ୍ ଲଣ୍ଡନରେ ବୋମା ବିସ୍ଫୋରଣ କରିଛନ୍ତି ।

...ଚେ ମ୍ବ ର ଲେ ନ ମେହେନପୁରରେ ଅଛନ୍ତି ନାଁ ।

—ଶ୍ରୀମତୀ ସରଳା ଦେବୀ ତାଙ୍କର ବାଲ୍ୟ ବିବାହ ସଂଶୋଧନୀ ବିଲ୍ ଉଠାଇନେଲେ ।

...ନଚେତ ବୁଢ଼ୀ ହେଲେଣି-ପିଲାଙ୍କ ଦୁଃଖ ବୁଝିବେ କାହିଁ ।

—ଶ୍ରୀଯୁକ୍ତ ପ୍ୟାରୀ ଶଙ୍କର ରାୟ ତାଙ୍କ ମୂଲିଆ ମଜୁରୀ ଆଇନ ଉଠାଇ ନେଲେ ।

...ସେତ ଅଜ ମୂଲିଆ ନାହାନ୍ତି ।

—ଶ୍ରୀଯୁକ୍ତ ଥାଃ ଗଜାବାଦାହୁର ଓଡ଼ିଆ ଭାଷୀ ଅଞ୍ଚଳ ଏକତ୍ରିକରଣ ପ୍ରସ୍ତାବ ଓଡ଼ିଶା ଅସେମ୍ବ୍ଲିରେ ସର୍ବ ସମ୍ମତିକ୍ରମେ ଗୃହୀତ ହେଲା ।

...ବଳୁତା ଝାଡ଼ିଲେ ଯଦି ଏକତ୍ରିକରଣ ହୁଅନ୍ତା —

—ଭଦ୍ରକରେ ଗୋ ପ୍ରଦର୍ଶନୀ ହୋଇଥିଲା ।

...ଶ୍ରୀଯୁକ୍ତ ମହତାବ ତହିଁରେ ବିଶିଷ୍ଟଅଂଶ ଅଭିନୟ କରିଥିଲେ ପରା ?

Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର






ବାଲୁବଜାର, ପୋ. ଗୁଦନୀଚୌକ—କଟକ ।




୫୨୦ ଟଙ୍କା ପୁରସ୍କାର ! ୫୨୦ ଟଙ୍କା ପୁରସ୍କାର !!

ବଡ଼ବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁମୂଲ୍ୟ ପଥରରେ ନାନାପ୍ରକାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାରେ ମଫସଲରେ ଆମ୍ଭେମାନେ କାହାରିକୁ ଝୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଟଞ୍ଚ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ବା ଖାଦ ମିଶା ଦେଖାଇଲେ ଆମ୍ଭେମାନେ ୫୨୦ ଟଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ
ବଜାର, ପୋ:—କଟକ ।




---

**ଅର୍ଶ ଓ ସ୍ୱପ୍ନ ଦୋଷର**

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁପଞ୍ଚ ବଟୀ**

ଏକମାସ ସେବନରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସମ୍ବାଦପତ୍ର ମଧ୍ୟରେ ଫଳାଫଳ ଜାଣି ପାରିବେ ।
ତିବ୍ବତ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।
ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା—ଶାରଦା ଔଷଧାଳୟ, ଚୌଧୁରୀ ବଜାର, କଟକ ।

---

ପ୍ରକାଶକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

Digitized by srujanika@gmail.com

REG. NO. P-441

THE DAGARO.


# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତିରିକ୍ତ ରକ୍ତସ୍ରାବ, ଡିମ୍ବକୋଷ ... ଅସ୍ୱାଭାବିକତା, ସ୍ନାୟବିକ ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ଅନିଦ୍ରା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ବ୍ୟାଧି ପ୍ରଶମନରେ ଏହା ଅଦ୍ୱିତୀୟ ।

ମୂଲ୍ୟ—ଶିଶିକୁ ୫୧୯ ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ସଦ୍ୟୋଜାତ ଶିଶୁଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଅଲ୍ଲ ଗାଳ ଘୁଣ୍ଟି ( ଘୋର ଜିଞ୍ଜର ) ଦେବା ଅନାବଶ୍ୟକ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ଦରା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ ।

ମୂଲ୍ୟ—ଶିଶିକୁ ୫୦।୬ (ଛଅଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଶର୍ମ୍ମବନ୍ଦ୍ୟ, ଭିଷଗାଚାର୍ଯ୍ୟ

ଆୟୁର୍ବେଦିକ ଫାର୍ମାସି

ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇନସ୍ୟୁରେନ୍ସ | ସୋସାଇଟି ଲିଃ

## ହେଡ଼ ଅଫିସ—ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ପତ୍ର ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁ ଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାର କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ସ୍ୱୟଂ ପ୍ରାପ୍ତ ବୀମାରେ ହଜାର ପ୍ରତି ୫୯୦ ଓ ଆଜୀବନ ବୀମାରେ ୫ ୭୫୯ ଲାଭ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—ଲାଲବାଗ, କଟକ । ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ ।


Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ଫାଲ୍ଗୁନ ପ୍ରଥମାର୍ଦ୍ଧ—

ଆନନ୍ଦାଦ୍ ହି ଖଲୁ ଇମାନି ଭୂୟନ୍ତେ—

ଷଷ୍ଠ ବର୍ଷ—୧୧ଶ ସଂଖ୍ୟା

# ଡଗର




ଉତ୍କଳ ଜନନୀର ବେହାଲ ଅବସ୍ଥା—

ଆନ୍ଧ୍ର ଛାଟି ନିଏ ଗୋଡ଼
ହସ୍ତ ଛାଟେ ବଙ୍ଗ,
ନିଷ୍ଠୁର ବିହାର ଟେଣେ
କାଟେ ଉତ୍ତମାଙ୍ଗ ।

---

ନୂତନ ମହାକାବ୍ୟ

## ଭବିଷ୍ୟ ଭାରତ

[illegible]

ଶୀଘ୍ର ପ୍ରକାଶ ପାଇବ ।

Digitized by srujanika@gmail.com




Digitized by srujanika@gmail.com

ଡଗର
ଫାଲ୍ଗୁନ ପ୍ରଥମାର୍ଦ୍ଧ
୨ବର୍ଷ ୧୯ଶ ସଂଖ୍ୟା
ଉଦ୍ରିତ
୧।୩।୩୯



ଡଗର।
ଖଣ୍ଡ—୬୦/
ବାର୍ଷିକ (ସଡାକ) ୨।୯
ଛାତ୍ରମାନଙ୍କ ପାଇଁ ୨।୦
ଏକସଂଖ୍ୟାର—୬୦

ଫ୍ରିପ୍ରେସର ଲିଗ୍ ଅଫ୍ ନେସନ୍ସରେ ଭାରତ ଅଛି ଏକ ସଭ୍ୟ—ବ୍ରିଟେନର ଭୋଟ ବଢାଇବା ନିମନ୍ତେ, ବ୍ରିଟିଶ୍‌ଙ୍କ ବୋଝକୁ ବୁହା ହୋଇ। ଏହି ସଭ୍ୟସ୍ଥାନ ପାଇଁ ଭାରତ ଲକ୍ଷ ଲକ୍ଷ ମୁଦ୍ରା ଗୁଣା ଦେଉଛି। ପର ମୁଣ୍ଡରେ କଣ୍ଠା ଦେଇ ବ୍ରିଟେନ ଅପଣାର କାମ ହାସଲ କରି ନେଉଛି ତେଣେ। ବାହାରେ ଦେଖିଲା ଲୋକଙ୍କୁ ସ୍ୱାଧୀନ ଗୋଟାଏ ସ୍ୱତନ୍ତ୍ର ଦେଶ।

ଏହା ଭୁଲିଯାଉ ବଡ଼ଲାଟ ବ୍ୟବସ୍ଥା ସମ୍ବନ୍ଧରେ ଏକ ପ୍ରସ୍ତାବ ପାଶ୍ ହୋଇଛି ଭାରତ ଏଣିକି ଲିଗ୍ ସଭାରୁ ବାହାରି ଆସୁ। ପରାଧୀନ ଜାତିର ଏଭଳି ଇଚ୍ଛା କେତେଦୂର କାର୍ଯ୍ୟକାରୀ ହେବ ତାହା ଦେଖାଯିବ। ମାଇପେ କହନ୍ତି 'ଘରର କେହି ନୁହେ—ପିଣ୍ଡାରେ କୁଆ ତଡାଇ ଦେଉ ନାହିଁ।'

\+ +

ମହାତ୍ମାଙ୍କ ଇଚ୍ଛା ବିରୁଦ୍ଧରେ ସୁଭାଷ ଭୋଟ ବଳରେ ଅପନା ବର୍ଷ ପାଇ କଂଗ୍ରେସ ସଭାପତି ଓ ଭାରତ ରାଷ୍ଟ୍ରପତି ହୋଇ ଯିବାରୁ ମହାତ୍ମା ଟିକିଏ ବିଚଳିତ ହୋଇ ପଡ଼ିଥିଲେ। ଅନୁଗତ ବତ୍ସଳ ମହାତ୍ମାଙ୍କ ଆଶୀର୍ବାଦ ନେବା ଆଶାରେ ସୁଭାଷ ସ୍ୱୟଂ ମହାତ୍ମାଙ୍କ ଚରଣ ଦର୍ଶନ କରି ଆସିଲେ। ତଥାପି ମହାତ୍ମାଙ୍କ ଚିତ୍ତ ବିକାର ଯେ ଦୂର ହୋଇନାହିଁ ଏକଥା ବେଶ୍ ବୁଝା ପଡ଼ିଲାଣି। କାରଣ ଏକଥା ସମସ୍ତଙ୍କୁ ଅବଗତ ଯେ ଗାନ୍ଧୀବାଦୀ ଅନୁଚର ବୃନ୍ଦ ଏଥର କଂଗ୍ରେସ କମିଟିରୁ ଅଲଗା ହୋଇ ଗଲେ। ଏହାର ଉଦ୍ଦେଶ୍ୟ ଯେ ତଦ୍ୱାରା ସୁଭାଷ ଓ ତାଙ୍କ ବାମପନ୍ଥୀ ଦଳଙ୍କୁ ମୁକ୍ତ ଓ ଅବରୋଧ କର୍ମ କରିବାର ସୁବିଧା ହୋଇଯିବ ଓ ପୁରୁଣା ଲୋକଙ୍କୁ ଛାଡ଼ି ସେ କା କେଷାଏ ଖାଉଛି କି ନାହିଁ ଦେଖା ଯିବ।

× ×

କଣ୍ଠିଠି ଭଲ ଲାଗିଲେ ଉଭୟ ପକ୍ଷକୁ ମିଳାମିଶା କରିବାରେ 'ମହାତ୍ମା' ଗାନ୍ଧିଙ୍କର ଗୋଟାଏ ବିଶେଷ କୁଶଳତା ଅଛି ବୋଲି ସମସ୍ତଙ୍କୁ ଜଣା। ଏଥର କିନ୍ତୁ ବୁଢ଼ାଙ୍କୁ ଏତେ ବାଧିଛି ଯେ ସୁଭାଷ ତାଙ୍କ ଆଶୀର୍ବାଦ ନେବାକୁ ଯାଇଥିଲେ ମଧ୍ୟ ଗାନ୍ଧିଜୀ ପୂର୍ବ ପରି ମିଳାମିଶା କରୁଛନ୍ତି ନାହିଁ। ଫଳରେ ୧୩ ଜଣ ମେମ୍ବର ସୁଭାଷଙ୍କ ପ୍ରତି ଅସହଯୋଗ କରୁଛନ୍ତି। ଏହାଙ୍କ ଭିତରେ ଆମ ମାନଙ୍କର ନେତା ମହତାବଙ୍କ ନାମ ବି ଅଛି। ଏହି ସୁଭାଷଙ୍କୁ ଗତବର୍ଷ ମନୋନୟନ କରିଥିଲେ। ମନ ବଦଳା ପଡ଼ିଲେ ଅପଣା ଲୋକ ବି ପର ହୋଇ ଯାଆନ୍ତି। ମାତ୍ର ଏଥିରେ ଆମେ ମହତାବଙ୍କର ଦୋଷ କିଛି ଦେଖୁନାହୁଁ। କାରଣ ସେ ଦୁଇ ପଟକୁ ଗୋଡ଼ାଇ ଯାଇ ଅପଣାର ଉଦ୍ଦେଶ୍ୟ ରକ୍ଷା କରୁଛନ୍ତି।

## ନିର୍ଦ୍ଦେଶ

କାମଦେବପୁରରେ ଓଡ଼ିଆର ଜୀବନ ଶେଷ ହୋଇ ଯାଇଛି ବୋଲି ଓଡ଼ିଆ ପୁଏ ନିଶ୍ଚିନ୍ତ ହୋଇ ରହିବ କି? ଉତ୍କଳଜନନୀର ପ୍ରାଣ ପ୍ରତିଷ୍ଠା ପାଇଁ ବନ୍ଧୁ-ପରିବାର ଦୁଇ ।ସଂଘବଦ୍ଧ ଭାବେ କୋଟି କୋଟି ଓଡ଼ିଆ ଏଥିପାଇଁ ଆତ୍ମତ୍ୟାଗ ନ କଲେ, ଆତ୍ମବଳି ନ ଦେଲେ, ଭାରତରେ ଓଡ଼ିଆର ନାମଚିହ୍ନ ଧରାପୃଷ୍ଠରୁ ଲୋପ ହୋଇଯିବ। ତୁଏ ଓଡ଼ିଆ ଭାଷାର, ଓଡ଼ିଆ ଜାତିର, ଓଡ଼ିଆ ସଭ୍ୟତାର, ଓଡ଼ିଆ ସଂସ୍କୃତିର ବୈଶିଷ୍ଟ୍ୟ ରକ୍ଷା କର, ନହେଲେ ପଦପଦାଶ୍ରୀ ହୋଇ ମହାଭାରତୀୟ ଜାତୀୟତା ମଧ୍ୟରେ ଅପଣାକୁ ବିଲୀନ କରିଦିଅ।

ଗୋଟାଏ ଖବର ମିଳିଛି କି ତ୍ରିପୁରୀ କଂଗ୍ରେସ ସଭାକୁ ଭାଙ୍ଗିଦେବା ପାଇଁ କେତେକ ମୁସଲମାନ ସେଇଠି 'ସତ୍ୟାଗ୍ରହ' କରିବେ। କୁଆଡ଼େ ହଜାରେ ଭଲଣ୍ଟିଅର ଗୃହପଥ ରୋକିବେ ବାଟ ବନ୍ଦ କରି ରହିବେ। ଧନ୍ୟ ମହାତ୍ମା! ଭସ୍ମାସୁରଙ୍କୁ ବର ଦେଇ ସେ ଶିବଙ୍କ ଉପରେ ପରୀକ୍ଷା କଲେ! ଘରେ ଶତ୍ରୁ, ବାହାରେ ଶତ୍ରୁ, ପୁଣି ବାହାରେ ଶତ୍ରୁ। ଏ ତିନି ଶୃଙ୍ଖଳ ମଝିରେ ପଡ଼ି କଂଗ୍ରେସର କି ଦଶା ହେବ କେଜାଣି। କଷ୍ଟ ଦେଇ ନରନାରୀଙ୍କୁ ବିଷ୍ଟ ତେଜ ଦେଖାଉଛ ଦୋଷାକର ମହାତ୍ମାଜୀ; ନୋହିଲେ ସବୁ ସଫଳ ଦିନ! ଏତେ ଦିନର ତପ ସବୁ ଶୁଖୁଅ ଯୋଡ଼ାରେ ଯିବ କି!

× ×

ଓଡ଼ିଶା ବିଶ୍ୱବିଦ୍ୟାଳୟ ପାଇଁ ଯେଉଁ କମିଟି ବସିଛି, ସେ କମିଟି ତାଙ୍କ କାମ ପ୍ରାୟ ସାରିଲେଣି; ତାଙ୍କ ଗୋଟାଏ ଗୃହଧାମ ସଫର ମାଉଲ ହସ୍ତରୁ ରିପୋର୍ଟ ଦାଖଲ କରିବେ। ସଫର ମାରିବା ଓ କମିଟି ବସାଇବାରେ ଓଡ଼ିଶା ସରକାରଙ୍କୁ କେହି ଅଛି କେହି ନାହାନ୍ତି—ଦାନ ହେଉ ବା ନିଦେଉ। କାରଣ କାମ କରିବାକୁ ଗଲେ ବହୁତ ମାଲ ଏକା ଲୋଡ଼ା, ମାତ୍ର କମିଟି ଓ ସଫରରେ ହେଉ। ଦରକାର ଥୋଡ଼ା ଥୋଡ଼ା! ସ୍ତ୍ରୀ ଜୀ ନ୍ୟାଶନାଲ ପରକମି—ନା—କେଉଁର ଶୋଷଣ ଓ ଧ୍ୱଦଳ ତୋଷଣ?

× × ×

ଜଡ଼ିତ ସମସ୍ୟା ନେଇ ଓଡ଼ିଶା ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଇ ବସିବା ଭଳିବାର କଥା। କେତେ ଦିନ ହେଲା ଘଟଣା ଗରମ ଚଳିଥିବା ଦେଖିଥିଲେ ପୁଣି ସବୁ କଥା ପରସ୍ପରେ ବୁଝିଛି ବୋଲି ଶୁଣାଯାଏ। ଶେଷରେ ସମସ୍ତେ ଉପରବାଲାରେ ଚପିଥିବା କଂଗ୍ରେସ ଓର୍କିଂ କମିଟିର ନିର୍ଦ୍ଦେଶକୁ ଚାହିଁ

ବସିଥିବେ । ମାତ୍ର ଲୁଣ୍ଠନ ପ୍ରଭୃତି ଘଟଣାର ବାଧ୍ୟରେ ପଡ଼ି ପିଲାଙ୍କୁ ଚମ୍ପେଣ୍ଟ ଦେଇପାରିଲ ନାହିଁ । ଏହାଙ୍କୁ ଭାରତ ମନ୍ତ୍ରୀବୃନ୍ଦ—କହ ଘୋଷଣା ପକାଇଥିବେ । ହୋଇଥିବେ ପି— ଦଣ୍ଡେ କି । + +

କଂଗ୍ରେସ କହୁଛନ୍ତି ମୁହିଁ ସାମ୍ପ୍ରଦାୟିକତା ଦୁର୍ଗନ୍ଧ ଦୋଷରୁ ହିନ୍ଦୁ ମହାସଭା ଓ ମୁସଲମାନ୍ ଲିଗ୍ ଏ ଉଭୟଙ୍କୁ ବାହାର କରିଦେଇ ଥିଲେ । ତାଙ୍କ ଉତ୍ତରରେ ହିନ୍ଦୁ ମହାସଭା ଏବେଣି ଆଦେଶ ଦେଉଛନ୍ତି କି କୌଣସି ହିନ୍ଦୁ କଂଗ୍ରେସ ସହିତ ସମ୍ପର୍କ ନ ରଖନ୍ତୁ । ମୁସଲମାନ୍ ଲିଗ୍ ବି ସେହିପରି ଆଦେଶ ଦେଇ ସାରିଛନ୍ତି । ଏବେ ଭାରତ କଂଗ୍ରେସ କାହାର କଣ ? ହିନ୍ଦୁ ଓ ମୁସଲମାନ ଛାଡ଼ିଗଲେ ବାକି ରହିବ କିଏ—ଖ୍ରୀଷ୍ଟିଆନ ? ହରିଜନ ମିଶନ ହେଣି କୁଆଡ଼େ ? ଅମ୍ବେଦ୍କାର ସାହେବ । ଏବେ ଏଲ କୁଆଡ଼େ !

+ + +

ଯେପରି ଚଲ (Chess)ଖେଳରେ ରଜା ଥିଲେ ରଜା, ମନ୍ତ୍ରୀ କେହି ହୁଅନ୍ତି । ଏବେ ଆମ ଦେଶରେ ଠିକ୍ ସେହି ଖେଳରେ ରଜା, ମନ୍ତ୍ରୀ କେହି ହେଉଛନ୍ତି । ବିଶେଷତଃ ସାହିତ୍ୟ ଖେଳରେ ଫାଣ୍ଡିଗିରି କରିବା ବେଳରେ ସୁଦ୍ଧା ଗୋଟାଏ ରଜା କି ମନ୍ତ୍ରୀ ନ ହେଲେ ଚଳୁ ନାହିଁ ।

ଅବଶ୍ୟ ଯଦି କୌଣସି ରଜା ବା ମନ୍ତ୍ରୀର ସାହିତ୍ୟ ମହଲରେ ଦଖଲ ଥାଏ, ତେ ଭିନ୍ନ କଥା । କିନ୍ତୁ ତାଙ୍କ ନାମ ବା କୀର୍ତ୍ତି ବଳରେ ଏବେ କେହି କେହି କହିଲ ସାହିତ୍ୟ ସମାଜର ନେତୃତ୍ୱ ନେବାଟାରୁ ଜଣା ଯାଉଛି ଆସେ ଓଡ଼ିଆ ଉଚ୍ଚ ଅଭିଜାତ (aristrocratic) ଜାତ । + + +

ଚାକିରୀ ଚଳଣି କିମ୍ବା ଟଙ୍କା ବା କ୍ଷମତାଶାଳୀ ଲୋକଙ୍କଠୁଁ କିଛି ମାଲ ହାତ ପଇଠ କରିବା ନୀତିରେ ଯଦି ଏମା କର ହୋଇଥାଏ, ତେବେ ଏ ବିଷୟରେ ଉଡ଼ିଆମାନଙ୍କ ନିପୁଣତାକୁ ଅବଶ୍ୟ ଧନ୍ୟବାଦ ଦେବାର କଥା । ଏଣିକି ନକଲ ସେପରି ବ୍ୟକ୍ତିଙ୍କ 'ସାହିତ୍ୟ ସାଗର', 'କାବ୍ୟ ଭଣ୍ଡାର', 'ଉଦ୍ୟାନମେଘାଳ' ପ୍ରଭୃତି ଗୋଟାଏ ଗୋଟାଏ ଉପାଧି ଦେଲେ ବି ମନ ସ୍ୱାଗତ ନାହିଁ । ଏକଥା ଖଣ୍ଡା ହେଲା କହ- ଦେଲେ କ କିଛି ଏତ ନାହିଁ । ମହାରାଜା ମୟୂରଭଞ୍ଜ ରାମଚନ୍ଦ୍ର ଭଞ୍ଜ ଚାହିଁ ଦେଇ ଥିବାରୁ ସାହିତ୍ୟ ସମାଜ ଡାକଠାରେ ଭୂଷି ଦେବା ଉଚିତ ଏବଂ ସେ ଗୁଣ ଶୋଧ-ଥିବା ମଧ୍ୟ ମହତ୍ତ୍ୱ । ଲଣ୍ଡନ ଯେଉଁ ଭଳି ରଜାଙ୍କ ସ୍ୱରୂପତ କରିବା ନଥି ଗୌରବର କଥା । ମୟୂରଭଞ୍ଜ ହେଉ ରାଜ ବା କନିକା ରଜା- ମାନେ ଯେଉଁବେଳେ ରେଭେନ୍ସା କଲେଜକୁ ଲକ୍ଷ ଲକ୍ଷ ଟଙ୍କା ଦେଇଥିଲେ ତାଙ୍କୁ କଲେଜର ପ୍ରଫେସର ବା ପ୍ରିନ୍ସିପାଲ କେହି ହୋଇଥିଲା କି ? କିନ୍ତୁ ଆଜିକାଲି ଅମୁକ ଜଣେ "ଜୀବନ ସାହିତ୍ୟିକ" ବା "ସାହିତ୍ୟ ରସିକ" କହି କଥାଟା ଲକ୍ଷ୍ୟ କରିବାରେ କି ଦରକାର ତାହା ବୁଝାଯାଉ ନାହିଁ । + + +

ଓଡ଼ିଶା ସରକାର ୧୯୩୯—୪୦ ହିସାବରେ ଯେଉଁ ମସୁଧା କରିଛନ୍ତି ତହିଁରୁ ଜଣା ପଡ଼ୁଛି କି ଚମାଙ୍କୁ ଖରଚ ୧୮ ଲକ୍ଷ ଟଙ୍କା ପଡ଼ିବ । ଏ ଟଙ୍କାଟା ଭାରତ ସରକାରରୁ କରଜ ନ କରି ଓଡ଼ିଆଙ୍କ ଉପରେ ନୂଆ ଟିକସ ବସିବ । ତହିଁ ଭ- ନୂଆ ଯଦି ମନ୍ତ୍ରୀମାନେ ଆପଣା ଅଣ୍ଟିରୁ ଏତକ ଦେଇ ପାରନ୍ତେ ।

ନୂଆ କଥା ଭିତରେ ଗୋଟାଏ ଯାଦୁ- କୋଠି ଓ ଗୋଟିଏ ଲାଇବ୍ରେରୀ କରିବାର ପ୍ରସ୍ତାବ ହୋଇଛି । ଏ ଯାଦୁକୋଠିରେ ଜାଗାଯାଗା ମେଣ୍ଢାଙ୍କର ପ୍ରସ୍ତର ମୂର୍ତ୍ତି ଓ ମନ୍ତ୍ରୀମାନଙ୍କର ମମି (Mummy) ରଖିବାର ଯେପରି ବ୍ୟବସ୍ଥା ହୁଏ ତାହା କରିବା ଉଚିତ । ଲାଇବ୍ରେରୀରେ ଉତ୍କଳର ନେତୃତ୍ୱ ପ୍ରତ୍ୟାଶୀ ଯୁଧିଷ୍ଠିର ବୀରବୃନ୍ଦ, ରଥୀ ମହାରଥୀ, ପାତ୍ରମନ୍ତ୍ରୀ ଓ ଦାସ ସେବକମାନଙ୍କର ଜୀବନୀ ଯେପରି ରହିବ । + +

ଯାହାହେଉ ମାନ୍ୟବର ଦାସେ ଓଡ଼ିଶାର ନାନାଦ ଅଭାବ ଅସୁବିଧା ଦେଖି ବଡ଼ ଧନ ହୋଇ ପଡ଼ ଗୋଟାଏ ଅଭ ଖାଲବ ଖାଲବ ଯୋଜନା ସବୁକୁ ଦରପତ୍ରରେ ଦେଇ ପକାଇ ଦେଇ- ଛନ୍ତି । ଉଦ୍ଦେଶ୍ୟଟା ସାଧୁ—କିନ୍ତୁ ମନକୁ ଧନ ପାଉନାହିଁ । ସ୍ୱା ଟେକେଇ-ତା ମୁଣ୍ଡରେ ମାରୁ ତା ଟେକେଇ ସ୍ୱା ମୁଣ୍ଡରେ ମାରୁ ଯେଉଁ ହରିବଳ ଯେତେବେଳ ଯାଏ । ବଡ଼ ଠାକୁର ଏଥର ଚଢ଼ିବାହା ଠିକ ଖାଲି ହୁଅନ୍ତୁ ଭଲ ।

ଟିକାଏ ଖାଲି ଜାମସେଦପୁର ମୁସଲମାନଙ୍କୁ ଓଡ଼ିଆ ଭାଷା ଉପରେ ଦେଇ ଯଉଁ ଓଡ଼ିଆ କର୍ମୀଗଣ ଯାଉଥିଲେ ତହିଁରେ ଆପଣା ଗର୍ବ ଦେଇ ବସିଗଲେ, କିନ୍ତୁ ଦୁଃଖ ହୁଏ ଯେ କେତେ ଉଦାର କଂଗ୍ରେସ ଧୁରନ୍ଧର ପର ଆଖିବୁଜା ଦେଖି କହି ଯେ ଦୁଧ ପିଉଥିଲେ ଧରାର ପଡ଼ିଗଲେ । ଏଇ ବିହାର ସରକାରଙ୍କ ଉଦ୍ଦେଶ୍ୟ ଉପରେ ଭଗବାନ ତ ବୋଲନ୍ତି—

କହ ନଗଭ ଥାଏ ମୁହିଁ,
ମୋ ତନୁ ଅନ ଚାହିଁ ଦେହ ।

କିନ୍ତୁ ଆମ ଓଡ଼ିଆ କଂଗ୍ରେସ ନେତାଏ ଓ କଂଗ୍ରେସ ମନ୍ତ୍ରୀମଣ୍ଡଳୀ ବିହାର କଂଗ୍ରେସ କର୍ତ୍ତାଙ୍କ ପ୍ରେମରେ ପଡ଼ି ଗଲେ । ଖାଲି ପ୍ରେମ ଭିତରେ ବୁଡ଼ିଛନ୍ତି—ଉଠୁଛନ୍ତି ପଡ଼ୁଛନ୍ତି । ରାଧିକାମାନେ ପରକୀୟା ପ୍ରୀତିଟାକୁ ଯେମିତି ଶ୍ରେଷ୍ଠସ୍ଥାନ ଦେଉଛନ୍ତି ଆମ ନେତାଏ ସେହିପରି ପ୍ରୀତିଟାକୁ ବଡ଼ ମୂଲ୍ୟବାନ ମନେକରୁଛନ୍ତି । ଆମ ନେତାଏ ନିଜେ ବିହାର ସରକାରଙ୍କ ଏଥିରେ ହାତଦାନ୍ତି । ସେ ଯେ ଅମ ଭଲ । କିନ୍ତୁ ଆମେ କହୁଁ—ଭଲ !

ଏ ପ୍ରୀତି ପଥ ଝଙ୍କାରରେ
ଧାଇଁ ଶୁଣି ତହିଁ ପାଦ ବଢ଼ାଇଲେ
ପଦ ପଦକେ କଣ୍ଟକରେ ।

ଖାଲି ଏତିକି ନୁହେଁ—

ସାଧ ଦେଇ କାନମେଲା
ପୁଣି ହାତ ହାତକେ ଗୁପ୍ତଦ୍ୱାରେ ।

ଶୁଣାଯାଏ ଓଡ଼ିଆ ଭାଷାର ଉଦ୍ଧାର ପାଇଁ କଟକରୁ ଯେଉଁ ନେତା ଉପଦେଷ୍ଟା ପ୍ରଭୃତି ବୀରମାନେ ଜାମସେଦପୁର ଯାତ୍ରା କରିଥିଲେ ସେମାନେ ଆଠ ଦଶ ଦିନକାଳ ସୁଦେଶୀ ଭୋଗ ଖାଇ ଖାଇ ଦୋଳ ଶେଷରେ ମେଣ୍ଢା- ଘର ଜ.ଜ ଓଡ଼ିଶା ସରକାରଙ୍କ ନୂଆ ବର୍ଷର ନୂଆ ପାଞ୍ଜି ଶୁଣିବାକୁ କଟକ ଫେରିଲେଣି ।

ନେତାମାନେ ଅନୁକୂଳ ଗ୍ରହଣୀରୁ ଯଦି ଉଠି ଯାଉଥାନ୍ତି ତେବେ ଜାମସେଦପୁର- ବାସୀ ଓଡ଼ିଆ ପୁଏ ଧର୍ମ ଅର୍ଜିଥିବେ ।

Digitized by srujanika@gmail.com



# ପାର୍ସଲ

ଲେଖକ—ଶ୍ରୀ ପ୍ରେମଚନ୍ଦ୍ର ।

ସେଦିନ ଥାଏ ଶନିବାର । ଉତ୍ସବ ପାଇଁ ? ଅସି କହିଲା "କେପିଟାଲରେ ଅଜି ହେଉଛି ଷ୍ଟ୍ରିଟ୍ ସିଙ୍ଗର ( Street singer ) । ଭାରି ଚଳନ୍ତି ଫିଲମ୍ ।

ମୁଁ ଖଟ ଉପରୁ ଡେଇଁ ପଡ଼ି କହିଲି, "ସତେ ନା ! ମୁଁ ଏଇ ଫିଲମ୍‌ଟାକୁ କେଇ ଦିନରୁ wait କରୁଛି ଏଣା । ନିଶ୍ଚେ ଯିବା ଅଜି ।"

ପାଞ୍ଚ ମିନିଟ ଭିତରେ ଦଳବାନ୍ଧି ବାହାରିଲୁ । ଧୀରେନ, ଲୁଙ୍ଗସନ, ସନ୍ଧି, ବିନୋଦ, ଏ ଇ ସ ବୁ ଆ ମ ପା ର୍ଟି ହୋଇଗଲୁ ଦଶଜଣ ସବୁଙ୍କ ।

ସନ୍ଧ୍ୟା ହେଲାଣି ବାହାରି ପଡ଼ିଲୁଁ । ଅରେ ବାପରେ ବାପ୍ ! କି ଭିଡ଼ ସେଠାନ ! ଏତେ ଗଅଳ ଯାଇ ଯୁଆ ଥାନ ପୂରିଗଲାଣି । ଟିକେଟ ଅଜି ନ ମିଳେ ।

ଅଧିକିରୁ ଯେତେବେଳେ, କଣ ଛାଡ଼ିଯିବା ! ଧସ୍ତାଧସ୍ତି କରି ଡବଲ ଭଡ଼ା ଦେଇ ଟିକେଟ କଣାଗଲା । କଣା ତ !

ଭିତରେ ପଶି ଠେଲାଠେଲି କରି ଗଲୁଁ ବସି, ଯେ ଯଉଁଠି ପାଇଲୁଁ । ମୁଁ ଯଉଁଠି ବସିଲି, ତାହାର ଅଗ ଧାଡ଼ିରେ ବସିଥିଲେ ଦଳେ ଗାର୍ଲ୍ (girl) । କେବଳ ଅନୁକୂଳଟା ମନ ନୁଉଁ ଯାହାହଉ ।

ସେଣ୍ଟ, ପାଉଡ଼ର, କ୍ରିମ ବାସନାରେ ମୋ ନାକ ଅସ୍ଥିର ହୋଇ ଉଠୁଥାଏ । ମୁଁ ବି ଯେତେଦୂର ସମ୍ଭବ ଅଗଦୁଆରାରୁ ପଶୁ ମଣ୍ଡଳର ନାସିକା ନିର୍ଗତ ମଧୁର ହାଜଫଲୁ ଫଲଭର ଉପଭୋଗ କରି ନେଲି । ସେମାନଙ୍କ ଫୁସ୍‌ଫୁସ୍ ଗୁଞ୍ଜନ କାନରେ ସୁଧା ବର୍ଷଣ କରୁଥିଲା ।

ଠିକ ମୋ ଅଗ ସିଟରେ ଯେ ବସିଥିଲା—ଓଃ, କି ସୁନ୍ଦରୀ !—ଯାହାକୁ କହନ୍ତି ...... ଛୁରି—। ପଡ଼ିଗଲି ଏକଦମ୍ ତା ଲଭରେ । ସେଇ ପାଟଲା ଟୋମାଟୋ ନିନ୍ଦିତ ଗୋଲପି ଗାଲର ଶୋଭାରେ କେଉଁ ବେକୁବ୍ ପାଗଳ ହୋଇ ନଯିବ ।

ଶୋ' ଅରମ୍ଭ ହୋଇଗଲା । ସିନ୍ ପରେ ସିନ୍ ଗଲିଲା । ମୁଁ କିନ୍ତୁ ସେ ଅଡ଼କୁ ଚାହିଁଥାଏ ସତ, ଏଣା ମୋ ଅଖିଟା ଯାଇଥାଏ ଏଇଠି ଲଗି । ଏଇ ଅଚଳନ୍ତ ଜୀବନ୍ତ ଷ୍ଟାରକୁ ଅଗରେ ପାଇ କିଏ ଚାହିଁବ ସେ ନିର୍ଜୀବ ଚଳନ୍ତି ଛବିକୁ !

ହଠାତ୍ ଗୋଟାଏ ହାସ୍ୟଜନକ ଦୃଶ୍ୟ ପଡ଼ିଗଲା ନା କଣ, ଦର୍ଶକ ଯାକ ହୋ ହୋ କରି ହସି ଉଠିଲେ । ମୋ ଅଗରେ ବସିଥିବା ଅପ୍ସରବୃନ୍ଦ ବି ହସି ହସି ଗୋଟାକ ଉପରେ ଗୋଟାଏ ପଡ଼ିଗଲେ । ଏହି ଅବସରରେ 'ତା' ହାତରୁ ରୁମାଲ ଖଣ୍ଡିକ ତଳକୁ ଖସିପଡ଼ିଲା ବେମାଲୁମ୍‌ରେ । ମୁଁ ଝଟପଟ ତାକୁ ଉଠାଇ ନେଲି ।

ଖୋଲି ଦେଖିସାରି ଥରେ ଶୁଙ୍ଘିଲି, ତିନି-ଥର କିସ୍ କଲି, ତାପରେ ପକେଟରେ ଥୋଇଲି ।

ଯେତେବେଳେ 'ବିରାମ' ( recess ) ହେଲା, ଉଠିପଡ଼ି 'ତା' ପାଖକୁ ଯାଇ ଅତି ନମ୍ର ସ୍ୱରରେ କହିଲି "ଅପଣଙ୍କ ନାମ କଣ ମିସ୍ ଚାୱଲା ଦାସ ?"

ସେ ମୁହଁ ଫେରାଇ କହିଲା "ଅଜ୍ଞା ହିଁ—କାହିଁକି ପଚାରୁଛନ୍ତି ?"

'କଣକି,—ଏଇଟେ ବୋଧହୁଏ ଏ ରୁମାଲ ଖଣ୍ଡି ଅପଣଙ୍କର..."

"ଥାଙ୍କ ୟୁ"—ଏତିକି କହି 'ସେ' ସଲଜ୍ଜ ଭାବରେ ହାତ ବଢାଇ ରୁମାଲ ଖଣ୍ଡି ମୋ ହାତରୁ ନେଲା ।

କଣ କହିବି, ଏଥିରେ ତାର କୋମଳ ଅଙ୍ଗୁଳିର ମଧୁର ସ୍ପର୍ଶଟା ଗଲା ମୋତେ ମିଳି ।

ସେତିକିରେ ଗୋଟାଏ ବିଜୁଳିର ତୀବ୍ର ପ୍ରବାହ... ... ...ମୋତେ ଛିଡା ହେବାର ଦେଖି 'ସେ' କହିଲା "ଅପଣଙ୍କ ନାମଟି ମୁଁ ଜାଣି ପାରେଁ କି ?"

"ନିଶ୍ଚୟ, ମୋ ନାମ ପ୍ରେମଚନ୍ଦ୍ର ମହାନ୍ତି । ଅପଣ ବୋଧହୁଏ...କଲେଜରେ......"

"ହଁ, ମୁଁ ସେକେଣ୍ଡ ଇଅରରେ ପଢ଼େଁ । —ଅପଣ ?"

"ମୁଁ ପଢ଼େଁ ମେଡ଼ିକାଲରେ ।"

"ଅଚ୍ଛା"—ଏତିକି କହି ସେ ମୁହଁ ବୁଲାଇଲା । ନିଜ ସିଟ୍‌କୁ ଫେରି ଅସିଲି ବାଧ୍ୟ ହୋଇ ।

ତାପରେ ନମ୍ର ସରିଲା ଉପରୁ ଉଠିବା ସମୟରେ ମୁଁ ଟିକିଏ ସେଲ୍‌ଫଶା ହୋଇ ଅଗକୁ ଯାଇ କହିଲି, "ନମସ୍କାର, ମିସ୍ ମହାନ୍ତି ।"

"ନମସ୍କାର, ପୁଣି ଦେଖା ହେବାର ସୌଭାଗ୍ୟ ହୋଇ ପାରେ", କହି ସେ ଲେଡ଼ିଟି ସଙ୍ଗୀସାଥୀମାନଙ୍କ ସାଥିରେ ଚାଲିଗଲା ।

ବନ୍ଧୁମାନଙ୍କ ସାଙ୍ଗରେ ଦେଖା ହେଲାଷଣି କିଏ କହିଲା "Congratulations," କିଏ କହିଲା "good luck;" କିଏ କହିଲା "ତୋହର ସିନେମା ଦେଖା ସାର୍ଥକ" ଇତ୍ୟାଦି ଇତ୍ୟାଦି ।

ଧୀରେନ କହିଲା "ଅରେ ସେ ଟୋକୀଟା କିଏ ମ ?"

ବିନୋଦ କହିଲା "ତୁ ତାକୁ ଚିହ୍ନିଲୁ କିମିତି ମ ?"

ଲୁଙ୍ଗା କହିଲା "କଣ କହୁଥିଲୁରେ ତାକୁ ?"

ହରି କହିଲା "ତା ନା କିମିତି ଜାଣିଲୁ ନା ?"



Digitized by srujanika@gmail.com

ମୁଁ କହିଲି "ଥରେ ତମେ ସବୁ ସ୍ତ୍ରୀଙ୍କ ଇମିଟେଶନ୍ ବୋଲି ଜାଣି ନ ଥିଲି । ମୁଁ ତ ଖୋଜୁଥିଲି ଗୋଟାଏ ବାହାନା; ଝଟଲଇ କରମକୁ ସିକା ଛିଡ଼ିଲା; ତା ରୁମାଲଟା ଗଲି ପଡ଼ି । ସେଥିରେ ତା ନା'ଟା ଲେଖା ଥିଲି ପଢ଼ି ।"

ସମସ୍ତେ 'ହୋ-ହୋ' କରି ହସି ଉଠିଲେ ଓ ମୋର ସୌଭାଗ୍ୟ ଦେଖି ଖୁସିରେ ହେଉ ବା ଈର୍ଷାରେ ହେଉ, ଅନନ୍ଦ ପ୍ରକାଶ କଲେ ।

\+ + +

ରାତରେ ସେଦିନ ନିଦ ହେଲାନାହିଁ ମୋତେ, ଚଞ୍ଚଳା କଥା ଭାବି ଭାବି । କି ମୁହଁ—କି ଆଖି—କି ସ୍ୱର—କି…

ସକାଳୁ ଉଠି ଗଲି ବସନ୍ତର ରୁମ୍‌କୁ । ସବୁ କଥା କହିଲି ତାକୁ । ସେ ହସି କହିଲା 'Love lorn !'

ଚଞ୍ଚଳା କହିଥିଲା ଯିବାବେଳେ କି "ଆଉ କେବେ ଦେଖା ହବାର ସୌଭାଗ୍ୟ ମିଳିବ ।" ସେଇଟା ଖାଲି ଭଦ୍ରତାର ବୋଲି, ନା, ତା ଭିତରେ ସତରେ କିଛି ଅଛି !

ନିଶ୍ଚୟ ଅଛି, ତା ନୋହିଲେ… … …

କଥା ହେଲା, ଚଞ୍ଚଳା ସାଙ୍ଗରେ ଦୋସ୍ତିଟା ପାକଲ କରିବା ଦରକାର । ଉପାୟ ଠିକ ହେଲା ଯେ ତାକୁ କିଛି Present (ଉପହାର) ଦେବାକୁ ହେବ । ବସନ୍ତ କହିଲା "ରୁମାଲ, ସେଣ୍ଟ, ଘଡ଼ି ଏ ସବୁ ଅତି ପୁରୁଣା କାଳିଆ; ମଡ଼ର୍ଣ୍ଣ ଫେସନରେ କିଛି ବହି ଦେବା ଉଚିତ ।"

ସୁଧାନାଥ, ଫକିର ମୋହନ, ଅମ୍ବିକା, ଉପେନ୍ଦ୍ର ଭଞ୍ଜ, ଏମାନଙ୍କର କେତେ କାବ୍ୟ, ନାଟକ ନଭେଲର ନା' ପଡ଼ିଲା; ଶେଷରେ ସାର ହେଲା —ନାହିଁ, ଏ ସବୁ ନୁହେଁ; ଦଅଯିବ, ଖଣ୍ଡେ Mary Stope's Radiant Mother, ଖଣ୍ଡେ A Bride's guide; ଆଉ ଖଣ୍ଡେ କୋକଶାସ୍ତ୍ର ।

ତହିଁ ଆରଦିନ ଯାଇ ପାର୍ଶଲ କରିଦେଇ ଆସିଲି । ବହି ପାର୍ଶଲ ସାଙ୍ଗରେ ଯଉଁ ଚିଠିଟା ଦେଇଥିଲି ତାହା ଏଇ:—

ପ୍ରିୟତମା ମିସ୍ ଚଞ୍ଚଳା,

ଆପଣଙ୍କୁ ସିନେମା ହଲରେ ଦେଖିବା ଠାରୁ ଓ ଆପଣଙ୍କ ଅମୃତମୟ ବାଣୀ ଶୁଣିଲାଠାରୁ ମୁଁ ପ୍ରାୟ ପାଗଳ ହୋଇ ଯାଇଛି । ସେହି ମଧୁର ମୂର୍ତ୍ତିକୁ ହୃଦାସନରେ ବସାଇ ନିରନ୍ତର ପୂଜା କରୁଛି ।

ଶ୍ରଦ୍ଧା ଭକ୍ତି ଓ ପ୍ରୀତିର ସାମାନ୍ୟ ନିଦର୍ଶନ ସ୍ୱରୂପ ତିନି ଖଣ୍ଡ ବହି ପଠାଇଲି । ଆଶା କରେଁ ଆପଣଙ୍କୁ ତାହା ଆନନ୍ଦ ଦେବ ଓ କିଛି କାମରେ ଆସିବ ।

ଆପଣଙ୍କ ଠାରୁ କିଛି ସ୍ମାରକ ଚିହ୍ନ ପାଇବା ପାଇଁ ବ୍ୟାକୁଳ । ଖଣ୍ଡେ ଫଟୋ ପଠାଇବେ ।

ଚିର ସେବକ

ପ୍ରେମଚନ୍ଦ

× × ×

ସପ୍ତାହକ ଅନ୍ତେ ମୋ ନା'ରେ ଗୋଟାଏ ପାର୍ଶଲ ଆସିଲା । ପାର୍ଶଲଟା ପାଇ ବସନ୍ତ ରୁମ୍‌କୁ ଦୌଡ଼ିଗଲି । ସେଠି ତାସ ଅଡ୍ଡା ଲାଗିଥାଏ । ମୋ ହାତରେ ପାର୍ଶଲ ଓ ମୁହଁରେ ହସ ଦେଖି ଏକା ଥରକେ ସମସ୍ତେ କଥାଟା ବୁଝି ନେଲେ । କିଏ ପାର୍ଶଲଟା ଟାଣିନେଇ ଗଲା, କିଏ ମୋତେ କୁଣ୍ଢାଇ ପକାଇଲା, କିଏ ହାତ ଧରି ଝିଙ୍କିଲା ଇତ୍ୟାଦି ।

ସତ କହିଲା, "ପ୍ରେମା, କିଛି ଖାଇବାକୁ ଦେ ।" ମୁଁ ତତ୍‌କ୍ଷଣାତ୍ ପାଞ୍ଚଟା ଟଙ୍କା ଫୋପାଡ଼ି ଦେଲି । ଧୀରେନ ସେ ଟଙ୍କା ନେଇ ବଜାରକୁ ବାହାରି ଗଲା ।

ବସନ୍ତ ସେଣେ ପାର୍ଶଲ ଖୋଲିବାରେ ଲାଗି ଗଲାଣି । ସମସ୍ତେ ତାକୁ ଘେରି ଗଲୁ । କେଜାଣି କି ଅମୂଲ୍ୟ ପଦାର୍ଥ ଆସିଥିବ । ବିଶେଷତଃ ଫଟୋଟାତ ନିଶ୍ଚୟ । ମୋ ମନ ଆନନ୍ଦ ଓ ଆଶାରେ କୁଲୁରି ଉଠୁଥାଏ ।

ପାର୍ଶଲ ଭିତରେ ଖଣ୍ଡେ ଚିଠି । ଚିଠିଟା ବସନ୍ତ ପଢ଼ିଲା:—

ପ୍ରିୟ ପ୍ରେମଚନ୍ଦ ବାବୁ,

ଆପଣଙ୍କ ପତ୍ର ଓ ଉପହାର ପାଇ ଧନ୍ୟବାଦ ଦେଉଛି । ଆପଣ ପ୍ରକୃତରେ ଜଣେ ପକ୍କା ପ୍ରେମିକ । ମୋ ରୂପ ସ୍ନେହ-ବେଳେ ସର୍ବଦା ଆପଣଙ୍କ ହୃଦୟରେ ବସନ୍ତ କରୁଛି—ଆଉ ଫଟୋରେ ପ୍ରୟୋଜନ କଣ ? ସେଥିପାଇଁ ମୁଁ ଫଟୋ ଦେଇନାହିଁ । ସ୍ମାରକ ଚିହ୍ନ ସ୍ୱରୂପ ମୋର ଅତି ପ୍ରିୟ ଓ ବହୁଦିନର ସଙ୍ଗୀ ଏକଯୋଡ଼ା ପୁରୁଣା ଚପଲ ପଠାଇଲି । ଅଗଧ୍ୟା ଦେବୀଙ୍କ ପାଦୋଦକ ପାଇଁ ଦରକାର ଅଛି ବ ଆଉ ପ୍ରତିଦିନ ପୂଜାବେଳେ ଦୁଇ ଗଣ୍ଡରେ ଏହାର ତିଳକ ଛାପ ଗ୍ରହଣ କରି ପାରିବେ ।

ଦେଇଥିବା ବହି ଗୁଡ଼ିକ ଫେରାଇ ଦେଲି । କାରଣ ତାହା ଆପଣଙ୍କ ଭଉଣୀଙ୍କୁ ଉପହାର ଦେଲେ ଅଧିକ କାମରେ ଆସିବ । ଇତି ।

ଆପଣଙ୍କର ପ୍ରେମିକା

ଚଞ୍ଚଳା

\+ + +

ଚିଠି ଶୁଣିଲା ମାତ୍ରେ ସତ ସେ ଛିଣ୍ଡା ଚପଲ ହଳକ ପାର୍ଶଲରୁ ବାହାର କରି ପକାଇଲା । ମୁଁ ଏକା ଚାଲିଆସି ଆସି ମୋ ରୁମ୍‌ରେ କବାଟ କିଳି ଦେଲି ।

(ଏହାପରେ କଣ ହେଲା ସେ କଥା ଆମର ଅଧିନାୟକ ଓ ଅଧିନାୟିକାମାନଙ୍କୁ ବେଶ ଜଣା । ଯେ ଯାହା ଜାଣିଥିବେ ଲେଖି ପଠାଇଲେ ପ୍ରକାଶ କରିବୁ) ।

[ ସମ୍ପାଦକ ]

---

## କୁତ୍‌କୁତ୍

ପାଦ୍ରୀସାହେବ ଗିର୍ଜାରେ ବକ୍ତୃତା ଦେଲେ—"ପ୍ରଭୁ ପରମ ଦୟାଳୁ । ମୁକ୍ତି ସମସ୍ତଙ୍କୁ ପାଣିପରି ମିଳେ ।"

ଏହାପରେ ସେ ଯେତେବେଳେ ଚନ୍ଦା ମାଗିବା ପାଇଁ ବୁଲିଲେ, ଜଣେ କହିଲା "ଆପଣ ପରା ଏଇକ୍ଷଣି କହୁଥିଲେ କି ମୁକ୍ତି ପାଣି ପରିକାରେ ମିଳେ ବୋଲି । ପୁଣି ପଇସା ମାଗୁଛନ୍ତି ଯେ !"

ପାଦ୍ରୀ କହିଲେ, "ଠିକ୍ କଥା, କିନ୍ତୁ ଏବେ ସଭ୍ୟ ଯୁଗରେ ପାଣି ଯେ କଳ ପାଇପ ଦ୍ୱାରା ମିଳୁଛି । କଳର ପୁଣି ମାସୁଲ ଅଛିତ ।"

\+ + +

Digitized by srujanika@gmail.com



## ପଠାଣୀ ରକ୍ତ !

ଅ: — ଗୌରଚନ୍ଦ୍ର ।

କାଶ୍ମୀର ଦେଶର ଗୋଟିଏ କ୍ଷୁଦ୍ର ପାହାଡ଼ । ତା'ର ତଳେ କୁଡ଼ କୁଡ଼ ହୋଇ ବହି ଯାଉଛି ଗୋଟିଏ ନଦୀ । ଚାରିଆଡ଼େ ଘୋର ଜଙ୍ଗଲ । ଫଳ ଫୁଲରେ ଗଛଗୁଡ଼ିକ ଭରି ଯାଇଛି । ସେଇଠି ଗୋଟିଏ ଛୋଟ ଗାଁ । ବାହାର ଜଗତ ସାଙ୍ଗରେ ସେ ଗାଁର ସମସ୍ତ ସମ୍ପର୍କ ତୁଟାଇ ଦେଇଛି ।—କେବଳ ପାହାଡ଼ ଉପରେ ବଙ୍କା ବଙ୍କା ହୋଇ ଗୋଟିଏ ରାସ୍ତା ଲାଗି ଦୂର ଯାଇ ଅଦୃଶ୍ୟ ହୋଇ ଯାଇଛି । ସେଇବାଟେ ଲୋକେ ଅନ୍ୟ ଗାଁକୁ ଯା'ଆସ କରନ୍ତି ।

\+ \+ \+

ସେଦିନ ସେଇ ଛୋଟ ଗାଁଟି ଆନନ୍ଦରେ ହସି ଉଠିଛି । ପିଲାଠାରୁ ବୁଢ଼ାଯାଏ ସମସ୍ତେ ଉଲ୍ଲସିତ, ସେଥିରେ ପୁଣି ରୂପସୀ ରେଜିଆର ଗୀତ ଓ ନାଚ ସେଇ ମୁସଲମାନ ବନ୍ୟ ଅଧିବାସୀମାନଙ୍କୁ ମୁଗ୍ଧ କରି ଦେଇଛି । ରେଜିଆର ସ୍ୱାମୀ ଅକବର ସେ ସମସ୍ତ ଦେଖୁଥାଏ । ନିକଟରେ ଛିଡ଼ା ହୋଇଥା'ନ୍ତି ବୃଦ୍ଧ କାଶିମ ଖାଁ।— ଅକବରର ପିତା ଓ ଗ୍ରାମର ସର୍ଦ୍ଦାର । ସର୍ଦ୍ଦାର କାଶିମ ଯେପରି ବୁଦ୍ଧିମାନ ସେହିପରି ହୃଷ୍ଟ ପୁଷ୍ଟ । ତାଙ୍କର ଦୀର୍ଘକାୟ ଓ ରକ୍ତଚକ୍ଷୁ ଦେଖି ହଠାତ୍ ଜଣେ ଡରିଯିବ । ସେ ସେଇ ବରଗଛକୁ ଆଉଜେଇ ଠିଆ ହୋଇଥାନ୍ତି । ରେଜିଆ ନାଚ ସାରି ଆସି ଅକବର ନିକଟରେ ଠିଆହେଲା । ଆଜି ଗାଁ ବାଲାଙ୍କୁ ସମ୍ଭାଳେ କିଏ । କରତାଳି ସ୍ୱରରେ ମାରି ସେ ଜଙ୍ଗଲଟାକୁ କମ୍ପାଇ ଦେଲେ । 'ସାବାସ୍' ନାଦରେ ହଠାତ୍ ଆକାଶ ଫାଟିଯିବ । ନାଚରେ ରେଜିଆର ଯୋଡ଼ି ଖୁବ୍ ଅଛି ବୋଲି କେତେକ ଶୁଣିଥିଲେ କିନ୍ତୁ କେହି ପ୍ରତ୍ୟକ୍ଷରେ ତା[illegible] ନାଚ ଦେଖି ନଥିଲେ । ସମସ୍ତଙ୍କର ଇଚ୍ଛା ଆଉଥରେ ରେଜିଆ ନାଚନ୍ତା । ତେବେ ସାହସ କରି କେହି କହୁ ନାହାନ୍ତି । ନବବିବାହିତା ବାଳିକା ନାଚ ? ଥକି ଗଲାଣି । ଜଣେ ସମ୍ଭାଳି ନପାରି ପାଟିକଲା 'ଆଉ ଥରେ ।'

ସମସ୍ତଙ୍କର ଆଖି ପଡ଼ିଲା ସର୍ଦ୍ଦାର କାସୀମଙ୍କ ଉପରେ । ସେ ହୁକୁମ ଦେଲେ ନବବଧୂ ରେଜିଆ ଆଉ ଗୋଟେ ଗୀତ ଗାଇ ଆଉଥରେ ନାଚୁ । ରେଜିଆ ଆଉ ଗୋଟେ ଗୀତ ନ ଗାଇଲେ ବିବାହ ଉତ୍ସବଟା ସତେ ଯେପରି ଅସମ୍ପୂର୍ଣ୍ଣ ରହି ଯାଉଛି । କାସୀମ ବିମୁଗ୍ଧ ହୋଇ ଚାହିଁଥାନ୍ତି ରେଜିଆକୁ । ରେଜିଆ ଯନ୍ତ୍ରବତ୍ ହୋଇ ତା'ର ବର ଅକବର ନିକଟରୁ ଠିଆ ହୋଇଥାଏ । ଗୋଟା ଦେହ—ସେଥିରେ ପୁଣି ଦମେ ନାଚ ଗଲାଣି । ତା ଦେହ ଖୋଲି ଲାଲ ଟକ୍ ଟକ୍ ଦିଶୁଥାଏ । ସନ୍ଧ୍ୟା ହୋଇ ଆସୁଛି । ଅସ୍ତଗାମୀ ସୂର୍ଯ୍ୟଙ୍କର ଶେଷ କିରଣ ରେଜିଆର ମୁଖମଣ୍ଡଳର ଦୀପ୍ତିକୁ ଅଧିକ ସୁନ୍ଦର କରୁଥାଏ । ନାସା ମୂଳରୁ ଲଜ୍ଜା ରେଜିଆର ମୁଖ ତଳକୁ ନୁଆଁଇ ଦେଉଥାଏ । ତାର ଚଞ୍ଚଳ ଦୃଷ୍ଟି ପଡ଼ିଥାଏ ତା ସୁଠାମ ପାଦର ଅଙ୍ଗୁଳି ଉପରେ । ଉପସ୍ଥିତ ଗ୍ରାମବାସୀ ବୁଝିବା ଅନୁଭବ କଲେ ଯେ ରେଜିଆ ଅକବରର ଉପଯୁକ୍ତ ପତ୍ନୀ । ଭାଗ୍ୟବାନ ଅକବର ରେଜିଆର ନିକଟରେ ଲଜ୍ଜିତ ହୋଇ ଠିଆ ହୋଇଥାନ୍ତି ।

ସର୍ଦ୍ଦାର କାସୀମ ରେଜିଆ ଉପରୁ ଦୃଷ୍ଟି ଉଠାଇ ନେଲେ ଓ ଅକବରର ହସ ହସ ମୁହଁକୁ ଚାହିଁ ଅନାଇ ଦେଇ ରେଜିଆକୁ କହିଲେ, "ମା' ରେଜିଆ ଥରେ ଥରେ, ଆଉଥରେ ।"

କିନ୍ତୁ ହାୟ ରେଜିଆକୁ ଆଉଥରେ ନାଚିବାକୁ ପଡ଼ିଲା ନାହିଁ । ସେ ନାଚିବାକୁ ଗୋଡ଼ ଉଠାଉଛି ଏଇ ସମୟରେ ହଠାତ୍ ଜଙ୍ଗଲ ଆଡ଼ୁ ଗୋଟିଏ ତୀକ୍ଷ୍ଣ ତୀର ଆସି ଅକବରର ଛାତି ମଝିରେ ପଶିଗଲା । ତଣ୍ଟି କାଟିଲା ଭଳି ଅକବର ତଳେ ପଡ଼ିଗଲା— କ୍ଷଣକେ ପ୍ରାଣବାୟୁ ଉଡ଼ିଗଲା ।

'ସେଇ ଗଲା, ସେଇ ଗଲା, ଦାଲେର ଖାଁ ପଳାଇଲା" କହି ଉତ୍ତେଜିତ ଗ୍ରାମବାସୀମାନେ ଦଉଡ଼ି ଗଲେ କିନ୍ତୁ ତାହାକୁ ପାଇଲେ ନାହିଁ । ସେତେବେଳକୁ ସନ୍ଧ୍ୟା ହୋଇ ଯାଇଥାଏ ।

'ଧର ?' କହି ସର୍ଦ୍ଦାର କାସୀମ ଚିତ୍କାର କଲେ । ଦୁଃଖ ଓ କ୍ରୋଧରେ ବୃଦ୍ଧ କାସୀମ ଥରୁ ଥାନ୍ତି । ଦୁଃଖପୂର୍ଣ୍ଣ ଦୃଷ୍ଟି ପୁତ୍ର ଉପରେ ନିକ୍ଷେପ କରି ସେ ସେଠାରୁ ଚାଲିଗଲେ । ସେତେବେଳେ ରେଜିଆ କୁଆଡ଼େ ଗଲା, ଅଛି କି ନାହିଁ; ସେ କଥା ବୁଝିବାକୁ କାହାରି ସମୟ ନ ଥାଏ ।

\+ \+ \+

ରେଜିଆ ଓ ଅକବରର ବିବାହ ଉତ୍ସବ ଦାଲେର ଖାଁଙ୍କ ଆଖିରେ ଭଲ ନାହିଁ । ଦାଲେର ରେଜିଆର ଭାଇ । ହେଲେ ଦାଲେର ଓ ସର୍ଦ୍ଦାର କାସୀମଙ୍କର ଅନ୍ତରଙ୍ଗ ସମ୍ବନ୍ଧଟା ବହୁତ ପୁରୁଣା । ଅକବର ଅପରୋକ୍ଷ ବାଧାବିଘ୍ନ ଭିତରେ ରେଜିଆକୁ ବିବାହ କରିଛନ୍ତି + +

ସର୍ଦ୍ଦାର କାସୀମ ଚଳେ ମଧ୍ୟରେ ଦୋଷୀ ନିଜ ଘୋଡ଼ାକୁ ବାହାର କରି ଦାଗ୍ରୀ ପାଖ ରାସ୍ତାରେ ଠିଆ ହୋଇଛନ୍ତି । ସେତେବେଳକୁ ରାତି ଘଡ଼ିଏ ହୋଇ ଗଲାଣି । ଦେଢ଼ା ପାଖରେ ଲଗାମ ଦେଇଛନ୍ତି—ତାଙ୍କ ମନରେ କେତେ ଭାବନା ଆସୁଛି । "ହେ ଅଲ୍ଲା ସତେ ଅକବରକୁ ଅପଣ ବଞ୍ଚାଇ ପାରିବେ ?"

ଏ।

ଏଇ ସମୟରେ ଦୂରରୁ ଗୋଟାଏ ଘୋଡ଼ା ଟାପୁର ଶବ୍ଦ ଶୁଭିଲା। ଅନ୍ୟ ବେଳ ହୋଇଥିଲେ କାସିମ ବଡ଼ ଅଧୈର୍ଯ୍ୟ ହୋଇଥାନ୍ତେ। କିନ୍ତୁ ବର୍ତ୍ତମାନ ସେ ଅଡ଼କୁ ତାଙ୍କ ମନ ଗଲାନ। ଦେଖୁ ଦେଖୁ ବିଦ୍ୟୁତ ବେଗରେ ଭଏ ଜଣେ ତାଙ୍କ ପାଖ ଦେଇ ଚାଲି ଗଲା। ସେ ଅଧୈର୍ଯ୍ୟ ହୋଇ ଭାବିଲେ ଏ କଣ ରେଜିଆ?

'ଯାହାହେଉ ମୁଁ ମୋ କାମ କରେଁ?' ଏହା କହି ସେ ଘୋଡ଼ା ଉପରେ ଚଢ଼ିଲେ। ସେହି ଅନ୍ଧାର ରାତିରେ ଯାଇ ଦାଲେର ଖାଁର ଘର ସାମନାରେ ସ୍ୱହସ୍ତ ଘୋଡ଼ାକୁ ଗୋଟାଏ ଗଛରେ ବାନ୍ଧି ଦେଲେ। ସେତେବେଳେ ନିଶବଦ ରାତି। ସେ ଚୁପ୍ ଚୁପ୍ ହୋଇ ଯାଇ ଦାଲେର ଖାଁର ଘର ଭିତରେ ପଶିଗଲେ। ପ୍ରତିହିଂସାରେ ତାଙ୍କ ଛାତି ଜଳୁଥାଏ, ଦେହ କମ୍ପୁଥାଏ। ଦାଲେର ଖାଁଙ୍କ ଘରଭିତରେ ପ୍ରବେଶ କରି ସେ ଚିତ୍କାର କଲେ, "ଦାଲେର! ଆସ, ତୁମ୍‌ପର ଶଇତାନକୁ ବଞ୍ଚିବାକୁ ଦେଲେ ମୁଁ ଅଲ୍ଲାଙ୍କ ନିକଟରେ ଦୋଷୀ ହେବି। ଆସ! ବିଳମ୍ବ କରନା! ଭୀରୁ ଦାଲେର!" ଏହା କହୁଛନ୍ତି କି ନାହିଁ ରେଜିଆ ତେଣୁ ରକ୍ତାକ୍ତ ହୋଇ ଦୌଡ଼ି ଆସି ସର୍ଦ୍ଦାରଙ୍କ ଗୋଡ଼ତଳେ ପଡ଼ିଗଲା। ରେଜିଆର ଡାହାଣ ହାତରେ ଥିଲା ଗୋଟେ ତୀକ୍ଷ୍ଣଧାର ଛୁରୀ ଆଉ ବାଁ ହାତଟି ଚିପି ଧରିଥିଲା ନିଜ ବକ୍ଷ ଉପରେ। ହାତ ପାପୁଲିର ଫାଙ୍କବାଟେ ଭସ ଭସ ହୋଇ ରକ୍ତ ସ୍ରୋତ ଛୁଟି ଉଠୁଥିଲା। ସର୍ଦ୍ଦାର ହତବୁଦ୍ଧି ହୋଇ ତା'ଙ୍କୁ କୁଣ୍ଢାଇ ପକାଇ କହିଲେ, "ମା, କ'ଣ କଲୁ, କ'ଣ କଲୁ!" ରେଜିଆ କ୍ଷୀଣ କଣ୍ଠରେ କହିଲା—"ବାବା, ଦାଲେର ଖାଁ ଆଉ ନାହାନ୍ତି।

କଲ୍ୟାଣ କର ମୁଁ ସେପର ତମ···ପ୍ରିୟ···
ପ୍ର···ଣ ··ନି···କ···ଟ···"

ଏହା କହୁଁ କହୁଁ ରେଜିଆର ମୃତ ଦେହ ଶ୍ୱଶୁରଙ୍କ କୋଳରେ ଢଳି ପଡ଼ିଲା।

---

## ଆଶ୍ଚର୍ଯ୍ୟ? କିନ୍ତୁ ସତ୍ୟ!

—ଲଣ୍ଡନରେ ୨୧ ବର୍ଷର ଗୋଟାଏ ଘୋଡ଼ା ଅଛି। ସେ ପ୍ରତିଦିନ ଅଉନ୍ସେ ଲେଖାଏଁ ତମାଖୁ ଖାଏ। ତମାଖୁ ନ ଖାଇବା ଯାଏଁ ସେ କିଛି କରେ ନାହିଁ।

—ଅଷ୍ଟ୍ରେଲିଆରେ ଗୋଟାଏ ଖୁବ୍ ପୁରୁଣା ଗଛ ଅଛି। ତା'ର ଉମର ୬୦୦୦ ବର୍ଷ ହବ।

—ମସ୍କୋରେ ଗୋଟାଏ ଅଦ୍ଭୁତ ପିଲା ଅଛି। ତାର ଦିଟା ମୁଣ୍ଡ ଆଉ ଚାରିଟା ହାତ।

—ମୈକସ ହାଇଟଜେଲ ନାମକ ଜଣେ ବ୍ୟକ୍ତି ଦଶ ମିନିଟରେ ୨୫ଟି କଞ୍ଚା ଅଣ୍ଡା ଖାଇ ପାରନ୍ତି।

—ରେମନ ନୋଭରେ ନାମଧେୟ ବିଖ୍ୟାତ ଫିଲ୍ମଷ୍ଟାର ବର୍ତ୍ତମାନ ଯୋଗୀ ହୋଇ ଯାଇଛନ୍ତି।

—ଉତ୍ତର ଅମେରିକାର ଜନ୍ ଭେଗନ୍ ନରହତ୍ୟା ଦୋଷରେ ଦଣ୍ଡିତ ହୋଇ ଫାଶୀ ପାଇବା ପାଇଁ ଆଦିଷ୍ଟ ହେଲେ। ତିନିଥର ସେ ଫାଶୀ ଖୁଣ୍ଟରୁ ମୁକ୍ତି ପାଇଥିଲେ। ସେ ଇଲେକ୍ଟ୍ରିକ୍ ଚେୟାରରେ ବସିଲେ current ବନ୍ଦ ହୋଇଯାଏ। ଏହିପରି ଭାବରେ ସେ ନିଜକୁ ତିନିଥର ରକ୍ଷା କରିଥିଲେ। କିନ୍ତୁ ଚତୁର୍ଥ ଥର ସେ ପ୍ରାଣ ହରାଇଲେ।

—ଜନ୍ମ ହେଲାବେଳେ ଏଡ଼ନା ବୋଲି ଜଣେ ବାଳିକାର ଗୋଡ଼ ନ ଥିଲା। ସେ ହାତରେ ଚାଲୁଥିଲା। କିନ୍ତୁ ୧୯୩୨ରେ ଡାକ୍ତରମାନେ ତା ଦେହରେ ଗୋଡ଼ ଲଗାଇ ଦେଇଛନ୍ତି। ପ୍ରଥମେ ୨ ଘେ ଠିଆ ହେବାକୁ ଚେଷ୍ଟା କଲା, ବୁଲିଲା ଏବଂ ତାପରେ ଚାଲିବାକୁ ଅଭ୍ୟାସ କଲା। ବର୍ତ୍ତମାନ ସେ ସୁନ୍ଦର ଭାବରେ ନାଚ ପାରୁଛି। ନିଜ ପେଟଟି ପୋଷିବା ପାଇଁ ସେ କ୍ଷମ ହେଲାଣି। ଏଷଣି ସେ ଇଚ୍ଛା କରୁଛି ଜଣେ Typist ହବା ପାଇଁ।

—ଇଂଲଣ୍ଡର ୫୦ ବର୍ଷ ବୟସ୍କା ମିସେସ ଏଲିଜର ଲୁଇସା ଇଲଫା ନାମଧେୟା ଜଣେ ବିଧବା ୩୨ ବର୍ଷର ଜଣେ ଯୁବକ ଜନ୍ ଥୋମାସ୍ ମେଲରଙ୍କୁ ବିବାହ କରିଛନ୍ତି। ତାଙ୍କର ୧୮ ବର୍ଷର ଯୁବତୀ କନ୍ୟା ଇରେନ୍, ମେଲରର ୨୫ ବର୍ଷ ବୟସ୍କ ତରୁଣ ଭାଇ ଅରନୋଲ୍ଡଙ୍କୁ ବିଭା ହୋଇଛନ୍ତି। ବିଭାପରେ ଏତାଦିନେ ଫଦନ ହେଲା। ଫଳରେ ମା ଓ ଝିଅ ଶାଶୁ ଓ ବୋହୂ ହେଲେ ଏବଂ ଭାଇ ଦୁହେଁ ଶ୍ୱଶୁର ଓ ଜୋଇଁ ହେଲେ। ମିସେସ ଲୁଇସା ଅରନୋଲ୍ଡ ମେଲରର ଉଭୟ ଶାଶୁ ଓ ଦୂଅବଉ ହେଲା। ତା ଝିଅ ଥୋମାସ ମେଲରର ଝିଅ ଏବଂ ଭାଇବୋହୂ ଉଭୟ ହେଲା। ଏପରି ସମ୍ବନ୍ଧ ପୃଥିବୀରେ ଅତି ନୂଆ।

## କୁତ୍‌କୁତ୍

ପୋଲିସ ଦାରୋଗାଙ୍କ ଚାକର ରାତି ଅଧରେ ହୁରି ପକାଇ କହିଲା—ହଜୁର ଅଉ ଘରେ କଏ ଖସ ଖାସ କରୁଛି। ବୋଧହୁଏ ଚୋର ପଶିଛି।

ଦାରୋଗା—ଓଃ! ତେବେ ମୋ ପିସ୍ତଲଟା ଆଣ ଆଉ ମୋ ପୋଲିସ ପୋଷାକ (dres) ବାହାର କର।

\+ + +

ଜଣେ ଭଦ୍ରଲୋକ ବେମାର ପଡ଼ିଥିବା ସମୟରେ ତାଙ୍କ ସ୍ତ୍ରୀ ବହୁତ ସେବା କଲା। ବେମାରରୁ ଉଠି ସେ ତାଙ୍କ ସ୍ତ୍ରୀକୁ କହିଲେ—"ପ୍ରିୟେ! ତମର ସେବାରୁ ମୁଁ ଏଥର ବଞ୍ଚିଗଲି। ମୁଁ ତ ତୁମ ପ୍ରତି ଭଲ ବ୍ୟବହାର କରେ ନାହିଁ, କିନ୍ତୁ ତୁମେ ମୋର ଏତେ ଯତ୍ନ କଲ କଣ ଭାବି କହିଲ?"

ସ୍ତ୍ରୀ—ଅରେ ବାଃ! ତୁମେ ମରି ଯାଇଥିଲେ ମୋତେ ଲୋକେ ଯେ ବିଧବା ବୋଲି ଥଟ୍ଟା କରନ୍ତେ।

Digitized by srujanika@gmail.com

# ଡଗର ୧୩ଶ ଶବ୍ଦଧନ୍ଦା ପ୍ରତିଯୋଗିତା

୮୨୫ଙ୍କା ପୁରସ୍କାର ! | 'ଡଗର' ପାଠକମାନେ ପାଇ ପାରିବେ । | ୮୨୫ଙ୍କା ପୁରସ୍କାର

ଦୁଇଅଣାର ପଣ୍ଟସିକଅ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକଥ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free

| | | | | | | |
|---|---|---|---|---|---|---|
| ■ | ୧ ଖ | ୨ (ସି) | ■ | ୩ | ର | ■ |
| ୪ | ■ | ୫ ଅ | ୬ | ଣା | ■ | ୭ ଗୁ |
| ୮ ନ | ୯ | ■ | ସ୍ୱ | ■ | ୧୦ ଗ | |
| ■ | ୧୧ ଗ | | ■ | ୧୨ | ର | ■ |
| ୧୩ ସ | | ■ | ୧୪ | ■ | ୧୫ | ୧୬ ନ |
| | ■ | ୧୭ | ର | ୧୮ କା | ■ | |
| ■ | ୧୯ | ଲ | ■ | ୨୦ | ଷା | ■ |


| | | | | | | |
|---|---|---|---|---|---|---|
| ■ | ୧ ଖ | ୨ (ସି) | ■ | ୩ | ର | ■ |
| ୪ | ■ | ୫ ଅ | ୬ | ଣା | ■ | ୭ ଗୁ |
| ୮ ନ | ୯ | ■ | ସ୍ୱ | ■ | ୧୦ ଗ | |
| ■ | ୧୧ ଗ | | ■ | ୧୨ | ର | ■ |
| ୧୩ ସ | | ■ | ୧୪ | ■ | ୧୫ | ୧୬ ନ |
| | ■ | ୧୭ | ର | ୧୮ କା | ■ | |
| ■ | ୧୯ | ଲ | ■ | ୨୦ | ଷା | ■ |

| | | | | | | |
|---|---|---|---|---|---|---|
| ■ | ୧ ଖ | ୨ (ସି) | ■ | ୩ | ର | ■ |
| ୪ | ■ | ୫ ଅ | ୬ | ଣା | ■ | ୭ ଗୁ |
| ୮ ନ | ୯ | ■ | ସ୍ୱ | ■ | ୧୦ ଗ | |
| ■ | ୧୧ ଗ | | ■ | ୧୨ | ର | ■ |
| ୧୩ ସ | | ■ | ୧୪ | ■ | ୧୫ | ୧୬ ନ |
| | ■ | ୧୭ | ର | ୧୮ କା | ■ | |
| ■ | ୧୯ | ଲ | ■ | ୨୦ | ଷା | ■ |


ନାମ ____________ ଠିକଣା ____________ କେତୋଟି ଉତ୍ତର ______

## ସିଧା ଭାବରେ ।

୧ । ଡଗର ଶବ୍ଦଧନ୍ଦା ଭେଦ କରିପାରିଲେ ମନ ଯାହା ହୁଏ ।

୩ । ସ୍ଥାନେ ସ୍ଥାନେ ପଥିକ ଏହା ତଳେ ଆଶ୍ରୟ ନିଏ ।

୫ । ଲୋକେ ହଠାତ୍ ଏଭଳି ଲୋକଙ୍କୁ ସମାଜରେ ସ୍ଥାନ ଦେବାକୁ କୁଣ୍ଠିତ ହୁଅନ୍ତି ।

୮ । ଯେ ନାଚ କରେ ।

୧୦ । ହସ୍ତୀର ଅନ୍ୟ ନାମ ।

୧୧ । ନବ୍ୟ ଝିଅ ମୂର୍ତ୍ତି ମାନଙ୍କ ଅବଧାନେ ଅନେକ ସ୍ଥଳରେ ଏଭଳି ବର୍ଣ୍ଣନା କରନ୍ତି ।

୧୨ । କ୍ରମେ ଏହା ଅତ୍ୟଧିକ ହେବାରୁ ଅନେକ ଗଡ଼ଜାତ ପ୍ରଜା ଘରଛାଡ଼ ପଳାଇ ଯାଇଛନ୍ତି ।

୧୩ । କେହି କେହି କଥା କହୁ ପାଣିରେ ଏହା ପକାନ୍ତି ବୋଲି ପ୍ରବାଦ ଅଛି ।

୧୫ । ଏହାର ଗନ୍ଧ ପ୍ରବଳ ହେଲେ ମଧ୍ୟ ଶକ୍ତି-ଶାଳୀ ପୁରୁଷ ଏହା ସେବନ କରନ୍ତି ।

୧୭ । ଏହା ବିଶ୍ୱହୋଇ ପଡ଼ିଲେ କିଏ ଗଣନା କରିବ ?

୧୯ । ଏହା ସବୁ କୁସୁମର ମଧୁପାନରେ ମତ୍ତ ହୁଏ ।

୨୦ । ଏହାର ସ୍ନିଗ୍ଧ ସୁଷମା କାହାକୁ ପୁଲକିତ ନକରେ ?

## ଉପର-ତଳ ଭାବରେ ।

୨ । ଡଗ୍ର ଉପରକୁ ପଡ଼ିଲେ କାଳିଙ୍କ ଅଗରେ ଏଥିରେ ବଳି ପଡ଼ିଥିବନ୍ତି !

୩ । ସଂସାରର ଦୁଃଖ ସୁଖ ଚକରେ ପଡି କେତେକ ଅପେ ଅପେ ଏହା ହୋଇ ଯାଆନ୍ତି ।

୪ । ଏ ବଳର ଅନିଶ୍ଚିତ ଅବସ୍ଥାରେ କେହି କେହି ବେପାର କରି ସମ୍ପଦ କିଣିଥାନ୍ତି ।

୬ । କେତେକ ପ୍ରଖ୍ୟାତ ନେତା ରାଜନୈତିକ କ୍ଷେତ୍ରରେ ବିକ୍ରମ ଦେଖାଇ ଏହା ପ୍ରାପ୍ତ ହୁଅନ୍ତି ।

୭ । ଓଡ଼ିଆଙ୍କ ଘାନରେ ବିଶେଷତା ଯାହା ।

୯ । ଧଳା ରଙ୍ଗର ଫୁଲ ।

୧୦ । ହଠାତ୍ ବଡ଼ କ୍ଷମତା ପାଇଲେ କାହାର କାହାର ଏହା ବଢ଼ିଯିବାର ଦେଖାଯାଏ ।

୧୩ । ଆଜକାଲି ଏଭଳି ଖବର ଜାଣିବାକୁ ଲୋକେ ଆଗ୍ରହରେ ଗୃହେ ବସିଥାନ୍ତି ।

୧୪ । ଯେଉଁ ଦେବତାଙ୍କ ନାମ୍ବିଚାର କରିହି ବାଳଦାସଙ୍କର କୁମାର ସମ୍ଭବରେ ସମ୍ଭବତଃ ଶ୍ରେଷ୍ଠସ୍ଥାନ ଅଧିକାର କରିବ ।

୧୬ । ଏଥିରେ ମେଘ ବିଚରଣ କଲେ କେତେକ ଭାବପ୍ରାଣ ଲୋକଙ୍କର ମେଘଦୂତର ସନ୍ଦେଶ କଥା ମନେପଡ଼େ ।

୧୬ । ଆଜକାଲି ରାଜନୈତିକ ସଙ୍ଘରେ ଲୋକ-ମତ ପ୍ରଭାବିତ କରିବାକୁ ଏହାର ବେ ସାମାନ୍ୟ ତ୍ରୁଟି ନୁହେଁ ।

୧୮ । ବୃନ୍ଦ ପାଞ୍ଚାଳୀ ସ୍ୱବଳ— ।

**ନିୟମ—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦।୦ ଓ ପରବର୍ତ୍ତୀ ପ୍ରତିଖଣ୍ଡକୁ ୦।୦ ଲେଖାଏ (ଶେଷ ତା ୧୨।୩।୩୯)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ପାଏଁ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ତଳେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିମ୍ବା ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିବ ତାହା ସବୁ ଭଲ ଲାଗିବ । ମାତ୍ର ଯାହାର ଉତ୍ତରରେ ସମ୍ପୂର୍ଣ୍ଣ କରି ଯେଉଁ ଶବ୍ଦଟି ଠିକ୍ ମିଳିବ ତାହା ବାଛି କରିବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରଚ୍ଛିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୧୯ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୧୯ ପାଇବ ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୯ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକି ୫୮୯ ବାଣ୍ଟି **ଦିଆଯିବ** । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରିବେ । ଆରପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିକିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/୮ ଓ ୨ୟ ଟି ପାଇଁ ୫୦/୧ର ପଇସିକିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରିବେ । ଯାହାଙ୍କର ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ ‘୬ଷ୍ଠ) ଉତ୍ତରଟି ବିନାମୂଲ୍ୟେ — ଏହିପରି ହିସାବରେ ଯେତେ ଇଚ୍ଛା ତେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ମାର୍ଚ୍ଚ ୧୨ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ‘ଡଗର, ପୋ: ଅ: ଭଦ୍ରକ’ ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧୩ ଅଙ୍କ **ଦିଆଯିବା ଆବଶ୍ୟକ** । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---


ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ଅତୁଳ ପରି ଶକ୍ତି ଖେଳେ । ଦୀର୍ଘକାଳ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

ନୟା ସଡ଼କ<br>
ପୋ: ଅ ଗୃହଜାରୌକ,<br>
କଟକ ।

ବୈଦ୍ୟରାଜ<br>
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୁଞ୍ଜ<br>
ଆୟୁର୍ବେଦାଗ୍ରୁଞ୍ଜ<br>
C/o ଶ୍ରୀ ବାଲ୍ୟକେଶ୍ୱରଅଗ୍ରୁଞ୍ଜ ଭିଷଗ୍ରତ୍ନ



ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା) ପେଟମରା, ଅଜୀର୍ଣ୍ଣ, କାଶ, ପ୍ଳୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର ଆମବାତ, ଅଣ୍ଡଗଣ୍ଡବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡରୁଷ, ଦାନ୍ତମୂଳ ଫୁଲା, ପଣ୍ଡିକାଫୁଲା, କଉଡ଼ି, କାଛୁ, କୁଣ୍ଡିଆ, ବଳଦ ,ମଚଳା, ଭମଦଲା, ଯାଦୁ, ଛଉ, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପଚା ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ<br>
**କବିରାଜ ଶ୍ରୀ ବିଶ୍ୱନାଥ ଦାସ**<br>
ଏ, ବ, ଏଲ୍, ଏଚ. ଏମ୍. ଏସ୍.<br>
ଅଲିଶା ବଜାର, ପୋଃ ଗୃହଜାରୌକ କଟକ ।

# ପୌରାଣିକ ଓ ଐତିହାସିକ

## ଗବେଷଣା ।

ଯଦି **ଦ୍ରୌପଦୀ** ଜୀବିତ ଥାଆନ୍ତେ—

—ତେବେ କୃଷ୍ଣଙ୍କ ସହଯୋଗରେ ବସ୍ତ୍ର-ହରଣ ବିରୋଧ ଆଇନର ତୀବ୍ର ପ୍ରତିବାଦ ଓ ପ୍ରତିରୋଧ କରନ୍ତେ ।

—ଦୁର୍ଯ୍ୟୋଧନ ଓ ଦୁଃଶାସନଙ୍କ ଉପରେ outraging modesty ହେତୁ ଫୌଜଦାରୀ ଓ ଦେୱାନୀ ମକଦ୍ଦମା ଦାଏର କରିଥାନ୍ତେ ।

—ନାରୀ ସ୍ୱାଧୀନତା ଆନ୍ଦୋଳନର ନେତ୍ରୀ ହୋଇ ନିଖିଳ ମହିଳା ସମ୍ମିଳନୀର ପ୍ରେସି-ଡେଣ୍ଟ ହୁଅନ୍ତେ ।

ଯଦି ଆଜି **ପ୍ରହ୍ଲାଦ** ଜୀବିତ ଥାଆନ୍ତେ—

—ବାପଙ୍କ ସହିତ ନନ୍‌କୋଅପେରେସନ, ପାସିଭ୍ ରେଜିଷ୍ଟାନ୍ସ କରନ୍ତେ ଓ ଖବର କାଗଜରେ ଲମ୍ବା ୨ ବିବୃତି ଦିଅନ୍ତେ ।

—ସତ୍ୟ ଗ୍ରହୀ ବାଳକ ସଙ୍ଘ ଗଠନ କରନ୍ତେ ଓ ପୋଷ୍ଟର, ପ୍ଲାକାର୍ଡ, ପତାକା ଧରି 'ପଗେଇ ଚଲ' କୀର୍ତ୍ତନ ଗାଇ ପରୂଥିବ କରନ୍ତେ ।

ଯଦି ଆଜି **ଧ୍ରୁବ** ଥାଆନ୍ତେ—

—ତେବେ ଗୋଡ଼ ଖଣ୍ଡିଏ ପ୍ୟାଣ୍ଟ ଓ ହାତ ଖଣ୍ଡିଏ କମିଜ ପିନ୍ଧନ୍ତେ ।

—ଓ୍ୟାର୍ଦ୍ଧା ସ୍କିମ ଅନୁସାରେ ପାଠ ପଢୁଥାଆନ୍ତେ ଓ ସୂତା ନ କାଟି ଫିଲଜଫି ଚର୍ଚ୍ଚା କରନ୍ତେ ।

—ବଣକୁ ନ ଯାଇ World tour ରେ ବାହାରି ଯାଆନ୍ତେ ଓ ତାଙ୍କ ବାପା ଖବର କାଗଜରେ Lost ବିଜ୍ଞାପନ ଦେଇ ପୁରସ୍କାର ଘୋଷଣା କରନ୍ତେ ।

—ଧ୍ରୁବଲୋକ ନ ଯାଇ ହଲିଉଡ଼ରେ ପହଞ୍ଚି child star ବନନ୍ତେ ।

ଯଦି ଏବେ **ରାଧା** ଥାଆନ୍ତେ —

—ତେବେ ସେ କୋ-ଏଡୁକେସନ ସିଟରେ କଲେଜରେ ପଢ଼ି ଥାଆନ୍ତେ ।

—ଚନ୍ଦ୍ରସେଣାଙ୍କୁ ଡାଇଭୋର୍ସ କରି ଥାଆନ୍ତେ ।

—କୃଷ୍ଣଙ୍କଠାରୁ ଲଭ ଲେଟର ଲେଖୁ ଥାଥନ୍ତେ ।

—ମାଡ଼ିକ ପଦରେ କବିତା ଦେଉଥାନ୍ତେ ।

—ଓଭରଏଣ୍ଟେଲ ବା ଗରବା ଡାନ୍ସ କରୁଥାଆନ୍ତେ ।

—କୃଷ୍ଣ ମଥୁରା ଯାଆନ୍ତେ ଅନଶନ କରିଥାଆନ୍ତେ ।

—ସିଭିଲ କୋର୍ଟରେ ତାଙ୍କଠାରୁ ଡାମେଜ ଦାବି କରନ୍ତେ ।

—ମୁରଲୀ ବଜାଇବାଟା public nuisance ବୋଲି ଦରଖାସ୍ତ କରିଥାଆନ୍ତେ ।

ଆଜି ଯେବେ **ବୁଦ୍ଧଦେବ** ଥାଆନ୍ତେ—

—'ଅହିଂସା'ର ସତ୍ତ୍ୱ (Copy right) ପାଇଁ ଗାନ୍ଧିଙ୍କ ସାଙ୍ଗରେ ମକଦ୍ଦମା କରନ୍ତେ ।

—ଜାପାନକୁ ଏକଘରିଆ କରି ନିଆଁ ପାଣି ବାସନ୍ଦ କରନ୍ତେ ।

—ଢେଙ୍କାନାଳରେ ନିଜେ ଆସି ସତ୍ୟା-ଗ୍ରହ କରନ୍ତେ ।

ଆଜି ଯଦି **ଯୀଶୁଖ୍ରୀଷ୍ଟ** ଥାଆନ୍ତେ—

—ତାଙ୍କ ଜାତି ଭାଇ ଯିହୁଦୀଙ୍କ ଉପରେ ତାଙ୍କ ଶିଷ୍ୟଙ୍କ ଜୁଲମ ଦେଖି ପ୍ରାର୍ଥନା କରନ୍ତେ 'ହେ ପ୍ରଭୁ ଏ ଅଜ୍ଞାନ ଭ୍ରମସ୍ତଙ୍କୁ କ୍ଷମା କର ।'

—ଇଂରେଜ ଜାତିର ସନ୍ଧାଣି ଦେଖି ଅସଲ ଖ୍ରୀଷ୍ଟିଆନ୍ ବୋଲି ତାଙ୍କୁ ସ୍ୱର୍ଗରାଜ୍ୟ ପ୍ରବେଶର pass port ଦିଅନ୍ତେ ।

—ଯୁଦ୍ଧ ବୋଲି ହିଟଲର ତାଙ୍କୁ କ୍ରୁସ୍‌ରେ ଚଢ଼ାଇ ଦିଅନ୍ତେ ।

ଆଜି ଯଦି **ମହମ୍ମଦ ସାହେବ** ଥାଆନ୍ତେ—

—ଭାରତୀୟ ଶିଷ୍ୟଙ୍କ ଇସଲାମ ଭକ୍ତି ଦେଖି ଖୁସ୍ ହୁଅନ୍ତେ ।

—କେମାଲ ପାଶା ଓ ତୁର୍କୀ ଜାତି ଉପରେ ଅବଶୋଷ କରନ୍ତେ ।

—ଆଜାଦ୍‌ଙ୍କ ବିରୁଦ୍ଧରେ ଜିନ୍ନା ସାହେବ ତାଙ୍କ ଠାରେ ଅରଜି ପେସ କରିବାକୁ ମକ୍କା ଯାଆନ୍ତେ ।

ଆଜି ଯଦି **ଚୈତନ୍ୟ** ଥାଆନ୍ତେ—

—ଗମ୍ଭୀର ଘର ଜାନକୀଭବନ ବା ବମ୍ବେରେ ରହିଥାନ୍ତେ ।

—ହରିନାମ ପରିବର୍ତ୍ତେ 'ଭାରତମାତା କି ଜୟ' କୀର୍ତ୍ତନ କରି ବୁଲୁ ଥାଆନ୍ତେ ।

—ଗଫୁର ଖାଁଙ୍କୁ ଦୀକ୍ଷା ଦେଇ ହରିଦାସ ବନାନ୍ତେ ।

—ଧର୍ମଚର୍ଚ୍ଚା ନ କରି ରାଜନୀତି ଚର୍ଚ୍ଚା କରନ୍ତେ ଓ ଖବର କାଗଜ ପଢ଼ନ୍ତେ ।

ଆଜି ଯଦି **ଶଙ୍କରାଚାର୍ଯ୍ୟ** ଥାଆନ୍ତେ—

—ଏରୋପ୍ଲେନରେ ଚଢ଼ି ଦିଗ୍‌ବିଜୟ କରନ୍ତେ ।

—ସମାଜବାଦ ବିରୁଦ୍ଧରେ ପ୍ରଚାରକ ପ୍ରଚାର କରି ବୁଲନ୍ତେ ।

—ଓଡ଼ିଶା ବନ୍ୟା ପାଇଁ ବିଶ୍ୱେଶ୍ୱରଯ୍ୟାଙ୍କର ଲେଖା ପଢ଼ନ୍ତା ନାହିଁ । ବିଶ୍ୱନାଥ ତାଙ୍କୁ ଅଣାଇ ମହାନଦୀର ଗତି ନାଳ ଅଞ୍ଚଳକୁ ଅଳ୍ପ ଫିରେ ଫେରାଇ ଦେଇ ପାରନ୍ତେ ।

ଆଜି ଯଦି **କାଳିଦାସ** ଥାଆନ୍ତେ—

—ମେଘଦୂତ ନ ଲେଖି ଏରୋପ୍ଲେନ ଦୂତ ଲେଖନ୍ତେ ।

—ଯକ୍ଷ ରେଡିଓ ଦ୍ୱାରା ଯେଉଁ ସମ୍ବାଦ ଦିଅନ୍ତା ତାହା କାବ୍ୟାକାରରେ ଗ୍ରନ୍ଥନ୍ତେ ।

—ଦୋହଲଙ୍କ ଏଲବମ ଢଙ୍ଗେ କୁମାର ସମ୍ଭବର ନୂଆ ସଂଶୋଧିତ ସଂସ୍କରଣ ପ୍ରକାଶ କରନ୍ତେ ।

—ଟକି ପାଇଁ ସିନେରିଓ ଲେଖନ୍ତେ ।

— କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଚାକିରି କରନ୍ତେ ।

ଆଜି ଯଦି **ଉପେନ୍ଦ୍ର ଭଞ୍ଜ** ଥାଆନ୍ତେ—

—ସ୍ୱଦେଶୀ ଜାତୀୟ ସଙ୍ଗୀତ ରଚନା କରନ୍ତେ ।

—ଧୂମପଥରେ ଗୋଟାଏ ଶାନ୍ତ ନିକେତନ ବସାନ୍ତେ ।

—'ସବ୍‌ଦରଦ' ପାଇଁ 'ଭ୍ରମରବର ଛନ୍ଦ' ଚୁରରେ ଚୁର ଛନ୍ଦ ଲେଖନ୍ତେ ।

Digitized by srujanika@gmail.com

# ତୃତୀୟ ବର୍ଷରେ

# ନୂଆ କଳେବର ଧରିବ ।

## ଆପଣ କ'ଣ ତାକୁ ଆଶୀର୍ବାଦ କରିବେନାହିଁ ?

# ଡଗରର ପୃଷ୍ଠପୋଷକ ହୋଇ

ଡଗରର ସମ୍ମାନ ବଢାନ୍ତୁ ! ଦେଶର ସମ୍ମାନ ବଢ଼ାନ୍ତୁ !! ନିଜର ସମ୍ମାନ ବଢ଼ାନ୍ତୁ !!!

## ପ୍ରତ୍ୟେକ ପୃଷ୍ଠପୋଷକ—

୧—ଆଜୀବନ ବିନା ମୂଲ୍ୟରେ ଡଗର ପାଇବେ ।

୨—ଡଗର ଏଡ଼ଭିସେରୀ ବୋର୍ଡର ସଭ୍ୟ ରହିବେ ।

୩—ବର୍ଷର ଗୋଟିଏ ସଂଖ୍ୟା ଜଣେ

ପୃଷ୍ଠପୋଷକଙ୍କ
- (କ) ନାମରେ ଉତ୍ସୃଷ୍ଟ ହେବ ।
- (ଖ) ଚିତ୍ରପଟ ପରିଶୋଭିତ ହେବ ।
- (ଗ) ସଂକ୍ଷିପ୍ତ ଜୀବନୀ ସମ୍ବଳିତ ହେବ

ପ୍ରତ୍ୟେକ ପୃଷ୍ଠପୋଷକତା ପାଇଁ ଏକକାଳୀନ ଦେୟ ଟ୧୦୦୲ ମାତ୍ର ।

## ମହାରାଜା ଜୟପୁର ଲେଖିଛନ୍ତି:—

ଏକଶତ ଟଙ୍କା ପଠାଇଲି ମୋତେ ଆପଣଙ୍କ ପତ୍ରିକାର ଜଣେ ପୃଷ୍ଠପୋଷକ (Life Patron) କରିବେ ।

## ସ୍ୱାମୀ ବିଚିତ୍ରାନନ୍ଦ ଦାସ ଏମ୍, ଏଲ୍, ଏ, କଟକ ଲେଖିଛନ୍ତି—

ଯେଉଁ ପତ୍ରିକା କାନ୍ତ କବି ଲକ୍ଷ୍ମୀକାନ୍ତଙ୍କର ଅମିୟ ଲେଖନୀବଳରେ ପୁଷ୍ଟ ତାର ସଂଖ୍ୟା ଏକଶହ ନୁହେଁ ଏକଲକ୍ଷ ହେବା ଉଚିତ । ମୋତେ ଡଗରର ପୃଷ୍ଠପୋଷକ କରନ୍ତୁ ।

## ରାଜା ସାହେବ ବଡ ଖେମଣ୍ଡି—

ଆନନ୍ଦର ସହିତ ମୁଁ ଆପଣଙ୍କର ପୃଷ୍ଠପୋଷକ ହେବି ।

## ସାମନ୍ତ ରାଧାପ୍ରସନ୍ନ ଦାସ, ବାଲେଶ୍ୱର—

ଡଗରର ପୃଷ୍ଠପୋଷକ ହୋଇ ନିଜକୁ ଗୌରବାନ୍ୱିତ ମନେ କରୁଛି ।

## ପଣ୍ଡିତ ଗୋଦାବରୀଶ ମିଶ୍ର ଏମ୍, ଏଲ୍, ଏ,—

ମୁଁ ଆପଣଙ୍କ ପତ୍ରିକାର ପୃଷ୍ଠପୋଷକ ହେବାକୁ ପ୍ରସ୍ତୁତ ଅଛି ।

## ମାନ୍ୟବର ନିତ୍ୟାନନ୍ଦ କାନନ୍‌ଗୋ—

ଆପଣଙ୍କ ଯୋଜନା (Scheme) ସାଫଲ୍ୟ-ମଣ୍ଡିତ ହେଉ ।

## ଶ୍ରୀମତୀ ସରଳା ଦେବୀ ଏମ୍, ଏଲ୍, ଏ,—

ଆପଣଙ୍କ ପତ୍ରିକାର ପୃଷ୍ଠପୋଷକତା କରିବାକୁ ମୁଁ ପ୍ରସ୍ତୁତ ।

ଆପଣ କାହିଁକି ଉତ୍କଳର ଏହି ପ୍ରସିଦ୍ଧ ସ୍ୱନାମଧନ୍ୟ ଲୋକମାନଙ୍କ ମଧ୍ୟରେ ଜଣେ ନ ହେବେ ?

Digitized by srujanika@gmail.com



# ନାରୀ ଜାଗରଣ

## ଅ—ଜଣେ ନାଗରିକ

କେତେ ବର୍ଷ ପରେ ଅଜି ପ୍ରାଚ୍ୟ ମହିଳାମାନଙ୍କ ମଧ୍ୟରେ ଗୋଟିଏ ଚାଞ୍ଚଲ୍ୟ ଦେଖା ଦେଇଛି । ଗତାନୁଗତିକ ପଥରେ ସେ ଗୃହିଣୀ ଅଉ ଚାଲିବ ନାହିଁ । ମଧ୍ୟ ଯୁଗର ନାରୀ ବିରୋଧୀ ଆଇନ ସମୂହ ପରିବର୍ତ୍ତନ କରି ଯୁଗୋପଯୋଗୀ ଆଇନ ଦ୍ୱାରା ନାରୀମାନଙ୍କର ଶତଯୁଗ ସଞ୍ଚିତ ବ୍ୟଥା-ବେଦନା, ଅଭାବ-ଅଭିଯୋଗ ଦୂର କରିବା ପାଇଁ ସେମାନେ ବଦ୍ଧପରିକର । ନିକଟରେ ପ୍ରାଚ୍ୟର ଦେଶ ସମୂହ ଯେତେଦିନ ସ୍ୱେଚ୍ଛାଚାରୀ-ତୁର୍କୀ-ସୁଲତାନ ଅଧୀନରେ ଥିଲା, ସେତେଦିନ ଯାଏ ନାରୀମାନଙ୍କର ଦୁର୍ଦ୍ଦଶାର ସୀମା ନ ଥିଲା । ଅବଗୁଣ୍ଠନ ପ୍ରଥାର ଚାପରେ ପଡ଼ି ସେମାନଙ୍କର ସ୍ୱାଧୀନତା ବିନଷ୍ଟ ହୋଇଥିଲା । ଗୃହ-ପ୍ରାଚୀରର ଚତୁଃସୀମା ମଧ୍ୟରେ ସେମାନଙ୍କୁ ସମଗ୍ର ଜୀବନ ଅତିବାହିତ କରିବାକୁ ପଡ଼ୁଥିଲା । କି ବିବାହ ବ୍ୟାପାରରେ, କି ବ୍ୟକ୍ତିଗତ ସୁବିଧା-ଅସୁବିଧାରେ ସେମାନଙ୍କର ଟିକିଏ ହେଲେ ସ୍ୱାଧୀନତା ନ ଥିଲା । ଇସଲାମର ଦୋହାଇ ଦେଇ ଖଲିଫା ସୁଲତାନ ନାରୀମାନଙ୍କର ଏହି ଅବସ୍ଥାକୁ ସମର୍ଥନ କରୁଥିଲେ, ଏହାର ଟିକିଏ ହେଲେ ବ୍ୟତିକ୍ରମ ହେବାକୁ ଦେଉ ନ ଥିଲେ । କିନ୍ତୁ ସୁଲତାନମାନଙ୍କର କଠୋର ଶାସନ କାଳରେ ହିଁ ଭିତରେ ଭିତରେ ନାରୀ ଜାଗରଣର ଆନ୍ଦୋଳନ ହେଉଥାଏ । ତାହା କ୍ରମେ କ୍ରମେ ବିକାଶ ଲାଭ କରିଲା । ଏହି ମଧ୍ୟରେ ୟୁରୋପୀୟ ମହାସମର ( Great War ) ଆରମ୍ଭ ହେଲା । ସେତେବେଳେ ସକଳ ରାଷ୍ଟ୍ରକୁ ସ୍ୱାଭାବିକ ପନ୍ଥା ପରିତ୍ୟାଗ କରି ଅନେକ କ୍ଷେତ୍ରରେ ଅସ୍ୱାଭାବିକ ଉପାୟ ଅବଲମ୍ବନ କରିବାକୁ ପଡ଼ିଲା । ସେହି ସମୟରେ ତୁର୍କୀ ରାଜ୍ୟରେ ବି ନାରୀ ଆନ୍ଦୋଳନ ପ୍ରବଳ ଭାବରେ ଚାଲୁଥାଏ । ନଦୀର ବନ୍ଧ ଭାଙ୍ଗିଗଲେ ତାହା ଯେପରି ସହଜରେ ରୋଧ କରି ହୁଏନା, ସେହିପରି ସୁଦୀର୍ଘ କାଳରୁ ସ୍ୱାଧୀନତା ହରାଇ ଅବଗୁଣ୍ଠନଧାରିଣୀ ନାରୀମାନେ ଯେତେବେଳେ ଥରେ ସ୍ୱାଧୀନତାର ଆସ୍ୱାଦ ପାଇଲେ, ସେତେବେଳେ କେହି ଆଉ ସେମାନଙ୍କୁ ଅଟକାଇ ରଖି ପାରିଲେ ନାହିଁ । ସେମାନେ ଦଳେ ଦଳେ ବାହାରିବାକୁ ଲାଗିଲେ ଏବଂ ସ୍ୱେଚ୍ଛାସେବିକା ହୋଇ ସୈନ୍ୟ ଦଳରେ କାର୍ଯ୍ୟ ଆରମ୍ଭ କଲେ ।

ମହା ସମରର ଅବସାନ ପରେ ତୁର୍କୀରେ ଗୋଟିଏ ରକ୍ତହୀନ ବିପ୍ଲବ ହୋଇଗଲା, ଯାହା ଫଳରେ ସୁଲତାନ ବହିଷ୍କୃତ ହେଲେ ଏବଂ ଗଣତନ୍ତ୍ର ସ୍ଥାପିତ ହେଲା । କାମାଲପାଶା ହେଲେ ଏହି ନବୀନ ଗଣତନ୍ତ୍ରର ପ୍ରଥମ ସଭାପତି । ନାରୀ ଜଗତ ସମ୍ବନ୍ଧରେ କାମାଲପାଶାଙ୍କର ଗୋଟିଏ ସୁଚିନ୍ତିତ ଆଦର୍ଶ ଥିଲା । ସଭାପତି ପଦରେ ବରିତ ହୋଇ ସେ ସେହି ଆଦର୍ଶକୁ ରୂପ ଦବାକୁ ଆରମ୍ଭ କଲେ । ନାରୀ ଜାତିର ପୂର୍ଣ୍ଣ ସ୍ୱାଧୀନତା ଘରେ, ସମାଜରେ ଓ ସକଳ କ୍ଷେତ୍ରରେ ଦେବାକୁ ହେବ—ଏହା ହିଁ ଥିଲା ତାଙ୍କ ଜୀବନର ବଡ ଆକାଂକ୍ଷା । ଯେଉଁ ସବୁ ଆଇନ ନାରୀମାନଙ୍କୁ ପୁରୁଷମାନଙ୍କ ଠାରୁ ସମାନ ଅଧିକାରରୁ ବଞ୍ଚିତ କରିଥିଲା, ସେ ସେହି ସବୁ ଆଇନ ଉଠାଇ ଦେଲେ । ସମଗ୍ର ତୁରସ୍କ [ Turkey ]ରୁ ଆଜି ଅବଗୁଣ୍ଠନ-ପ୍ରଥା ରହିତ ହୋଇଛି । ଘର କୋଣରୁ ବାହାର ହୋଇ ଆଜି ତୁରସ୍କର ନାରୀ ଦେଶର ସମସ୍ତ କାର୍ଯ୍ୟରେ ଆତ୍ମନିୟୋଗ କରୁଛି । ନାରୀ ସ୍କୁଲ, କଲେଜ ଯାଉଛି, ଅଫିସର କାମ କରୁଛି, ପାର୍ଲିମେଣ୍ଟ ( Parliament )ର ସଭ୍ୟ ହେଉଛି, ସୈନ୍ୟ ବିଭାଗରେ ବି ଭର୍ତ୍ତି ହେଉଛି । ଆଜି ନାରୀମାନଙ୍କର ଚାଞ୍ଚଲ୍ୟରେ ସମଗ୍ର ତୁରସ୍କ ମୁଖରିତ । ଦୁର୍ବଳ, କ୍ଷୀଣାଙ୍ଗୀ ନାରୀ ଆଜି ଅବରୋଧକାରା ଭାଙ୍ଗି ବାହାରି କର୍ମକ୍ଷେତ୍ରରେ ପ୍ରବେଶ କରି ତୁରସ୍କର ଗଣତନ୍ତ୍ରର ପ୍ରଧାନ ସ୍ତମ୍ଭ ରୂପେ ଛିଡ଼ା ହୋଇଛି । (କ୍ରମଶଃ)




# ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅର୍ଦ୍ଧଧଇଁ,କାନ ଠଣା ମୁଣ୍ଡବଥା ବ୍ରଣ୍ଡିଆ, କାଛୁ, ମଟଲା, ପୋଡା ଘା, ଛଉ ଦଉଦ, ଅଣ୍ଡାବଢ଼ିକେ ଇତ୍ୟାଦି ୫୨ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧଅଟେ । ପରୀକ୍ଷା ପ୍ରାର୍ଥନୀୟ ।
ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇ

# ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରକ୍ତଶକ୍ତି ହଜମଶକ୍ତି ଆଦି ଶୀଘ୍ର ବଢ଼ାଇ ଦଏ । ମୂଲ୍ୟ ସେ୦ରକୁ ୫୧୦, ସେ୦୪ରକୁ ୫୩୪ ସେ୦ କୁ ୫୨୯ ଭି: ପି:ରେ ଔଷଧ ପଠାଯାଏ
ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍,, ପି,
ଭକ୍ତିଦ୍ର ବନ୍ଧୁ ଔଷଧାଳୟ
ଖପର ପଦା । ପୋ: ଭୋଗରାଇ । ଜି : ବାଲେଶ୍ୱର


Digitized by srujanika@gmail.com

# ଭିକ୍ଷା

—ଶ୍ରୀ କୃଷ୍ଣଚନ୍ଦ୍ର କର

## —ପ୍ରେମର ରାଜା—

ପ୍ରେମର ରାଜା ସେ ଭିକାରି ବେଶେ ଗୋ
ପଥେ ପଥେ ବୁଲେ ଧୀରେ,
ତନୁ-ପଲ୍ଲବେ ବାସନା-ବହ୍ନି
ଝୁରେ ତା, ବେଦନା-ନୀରେ ।

ଦୁନିଆ ମାନସ ଢଳି ପଡ଼େ ଅନ୍ଧା
ଟାଳି ତା ହରଷ ଭୂଷା,
ବିଫଳ ପରାଣେ ଜାଗିଲେ ସହସା
ବିପୁଳ ସେନେହ-ତୃଷା ।

× × × ×

ରଙ୍କା ହୋଇ ସେ ଯେ ଜଗତ-ଦ୍ୱାରେ
ଭିକ୍ଷୁକ ସାଜି ବୁଲେ,
ପର-ପରାଣର ପରଶ ପାଇଁ ସେ
ଆପଣା ପରାଣ ଭୁଲେ ।

## —ରୂପର ରାଣୀ—

ରୂପର ରାଣୀ ସେ ଅରୂପ ପରଶେ
ମରଇ ମରମ-ଦାହେ,
ମମତାର ମନ— ମନ୍ଦିରୁ ଯେବେ
ଦେବତା ତାର ନ ଗ୍ରହେଁ ।

ଚକ୍ଷୁରେ ଭରେ ଅସୀମ ତୃଷା ତା
ବକ୍ଷେ ବିରାଟ କ୍ଷୁଧା,
ଗରଳ ମଣଇ ସୋହାଗ-ସରଳା
ଆପଣାର ରୂପ-ସୁଧା ।

× × × ×

ରୂପ-ଜଗତର ରାଣୀ ହୋଇ ସେ ଯେ
ବୁଲଇ ଭିକ୍ଷା ମାଗି,—
ଭିକାରି ବେଶେ ଯେ ଖୋଜିବୁଲେ ତାକୁ,
ଭିକାରୁଣୀ ସେତ ଲାଗି ।





କଟକ
୨୪ । ୮ । ୩୮



ବୈଷ୍ଣବୀ—(୧୩-୨-୩୯)

ବହୁ ଭଲ ବଇଁଚିଆ ପୁଣି ବାହାରିଛି । ଏ ସମୟରେ ବଇଁଚିଆର ବହୁତ ପ୍ରୟୋଜନ ।

ଉପେକ୍ଷିତା ନାମକ କବିତାରେ ଉଦ୍‌ଭ୍ରାନ୍ତ ପ୍ରେମିକ କବି ମାନସିଂହଙ୍କର ହୃଦୟ-ବ୍ୟଥା ପରିସ୍ଫୁଟ ।

ଓଡ଼ିଆ ତୁ ହୁସିଆର—ସିଦ୍ଧ ହୁଅ । ଏ କବିତାଟିର ଭାବ ଯେପରି ଓଜସ୍ୱିନୀ, ଭାଷା ସେହିପରି ସରସ । ଏହା ପଢ଼ି ଓଡ଼ିଆ-ରକ୍ତ ଚେଇଁ ଉଠିବ ।

ନର୍ସ—(ଗଳ୍ପ) ଲେଖକ ବନଫୁଲ । ଏଇଟି ଗଳ୍ପ କି ଖବର ଠିକ୍ ବୁଝି ହେଲା ନାହିଁ । ଡାକ୍ତରଖାନାର ନୂଆ ଭକ୍ତ ଓ ଅରୁଣୀ ବାଇଙ୍କ ଅଟୋଗ୍ରାଫ୍ ଦାହାର ଛଡ଼ା ସେମନ୍ତନ କରିବା ଭଳି ଖୋରାକ ଏଥିରେ ନାହିଁ ।

ପ୍ରଣୟ ନଅଁ— ଶ୍ରୀ ମାୟାଧର ମାନସିଂହ । କବିଙ୍କର ପ୍ରଣୟ ନଅଁ ନିଭିଯାଇଥିଲା ବୋଲି ଜାଣିଥିଲୁ । ଏତେ କାଳ ପରେ ପୁଣି ଜଳି ଉଠିବାର ଦେଖି ବିସ୍ମିତ ହେଲୁଁ ।

---

ଇସ୍‌ଲାମ-ଗୀତିକା—ଶେଖ୍ ଖୋଦାବକ୍ସ । ଲେଖକଙ୍କଠାରୁ ଏହି ସୁନ୍ଦର ପୁସ୍ତିକା ଖଣ୍ଡି ଉପହାର ପାଇ ଧନ୍ୟବାଦ ଦେଉଛୁଁ । ନାମ ଦେଖିଲେ ହଠାତ୍ ମୁସଲମାନ ଧର୍ମପୁସ୍ତକ ବୋଲି ଜଣାଯାଏ । ମାତ୍ର ଏହା ତାହା ନୁହେଁ; ପରମ୍ପର ପରମେଶ୍ୱରଙ୍କଠାରେ ଭକ୍ତର କରୁଣ ନିବେଦନ । କବିତା ହିସାବରେ ଖୁବ୍ ସରସ ନ ହେଲେ ମଧ୍ୟ ଭାବ ଉଚ୍ଚ ।

ଭକ୍ତି ତରଙ୍ଗିଣୀ—ଶ୍ରୀ ଦାମୋଦର ତ୍ରିପାଠୀ । ଇଷ୍ଟଦେବୀ ଠାକୁରାଣୀଙ୍କ ସ୍ତବ । ମନ୍ଦ ହୋଇ-ନାହିଁ ।

ଭକ୍ତି-ଚନ୍ଦ୍ରିକା—ଶ୍ରୀ ପ୍ରହ୍ଲାଦ ଚରଣ ରଚିତ । ଏହି ପୁସ୍ତକରେ ୭୨ ଗୋଟି କବିତା ରହିଛି । ମୂଲ୍ୟ ୫ ୦ । । ଲେଖକ ଜଣେ ପ୍ରବୀଣ ସାହିତ୍ୟିକ । କବିତାର ଛନ୍ଦେ ଛନ୍ଦେ ଭକ୍ତ ହୃଦୟର କରୁଣ ବେଦନା ଫୁଟି ଉଠିଛି । ଅଳଙ୍କାରର ଉଚ୍ଛୃଙ୍ଖଳ ଯୁଗରେ ଏପରି ପୁସ୍ତକ ଆଦରଣୀୟ ହୋଇ ନ ପାରେ, ମାତ୍ର ଯେଉଁ କେତେ ଜଣ ଏହା ପଢ଼ିବେ ସେମାନେ ନିଶ୍ଚୟ ଆନନ୍ଦ ଓ ସାନ୍ତ୍ୱନା ପାଇବେ ବୋଲି ଆମର ବିଶ୍ୱାସ ।

---

ଉତ୍କଳ ସାହିତ୍ୟ—୮ମ ଓ ୯ମ ସଂଖ୍ୟା

ମାର୍ଗଶିର ଓ ପୌଷର ଯୁଗ୍ମ ସଂଖ୍ୟା ଏକାଥରେ ବାହାରି ଉତ୍କଳରେ ସାମୟିକ ସାହିତ୍ୟ ପତ୍ରର ଦୟନୀୟ ଅବସ୍ଥା ସୂଚାଇ ଦେଉଛି ।

ଶ୍ରୀଯୁକ୍ତ ଅନନ୍ତ କୁମାରଙ୍କ କବିତା ‘ଦେଶର ମୁକ୍ତି’ ସମ୍ମାନର ସ୍ଥାନ ଅଧିକାର କରି କାଳର ଭୁଙ୍ଗନ ତଳୁଁ ମୁକ୍ତ ହେବାର ଚେଷ୍ଟା କରୁଛି । କବିତା ହିସାବରେ ଦେଖିବାକୁ ଗଲେ, ଏଥିରେ ଦୋଷ ରହିଛି ଅସଂଖ୍ୟ । କବି ସେ ଦିଗରୁ ଦୃଷ୍ଟିପାତ ନକରି ତାଙ୍କର ଭାବନା ଓ ଯୁକ୍ତି ସ୍ରୋତରେ ଭାସି ଯାଇଛନ୍ତି । ମନେ ହୁଏ ଗଦ୍ୟାକାରରେ ଲେଖା ହୋଇ-ଥିଲେ, ଭାଷା ଅଧିକ ଭଲ ଫୁଟି ପାରିଥାନ୍ତା ଓ ଯୁକ୍ତିଗୁଡ଼ିକ ଅଧିକ ଶକ୍ତିଶାଳୀ ହୋଇ ପାରନ୍ତା ।

ପ୍ରବୀଣ ବୈଜ୍ଞାନିକ ଶଶିବାବୁଙ୍କ ଜ୍ଞାନପୂର୍ଣ୍ଣ ପ୍ରବନ୍ଧ ‘ବିଜ୍ଞାନ’ ବେଶ୍ ଭଲ ଲାଗି ହୋଇଛି ।

କବି ନବକିଶୋର ‘କବିତା’ର ବୈଜ୍ଞାନିକ ବିଶ୍ଲେଷଣ କରିଛନ୍ତି । ସେଥିରେ ସେ ଦେଖାଇ-ଛନ୍ତି କି ଦାର୍ଶନିକ ନ ହେଲେ କବି ହୋଇ ହେବ ନାହିଁ । ତା ସାଙ୍ଗରେ ଆମେ କହିବୁଁ— ପ୍ରେମିକ ନ ହେଲେ କବି ହୋଇ ହୁଏ ନାହିଁ ଏବଂ କବି ନ ହେଲେ ବୈଜ୍ଞାନିକ ହୋଇ ହୁଏ ନାହିଁ ।

ମହାରାଜା ବୀରମିତ୍ରଦେବଙ୍କ ‘ଲଳିତା’ ଆଖ୍ୟାୟିକାରେ ସେ ଆଦର୍ଶ ପତିବ୍ରତାର ଚିତ୍ର ଦେଖାଇଛନ୍ତି । କିନ୍ତୁ ଗଳ୍ପଟି ପ୍ରକୃତ ଗୁରୁତ୍ୱହୀନ ପୂର୍ଣ୍ଣ । କିନ୍ତୁ ଏ ଯୁଗର ନବୀନ ଉନ୍ନତ ମହିଳାମାନେ ବୃଦ୍ଧ ସାହିତ୍ୟିକଙ୍କ ‘ଗ୍ରାମ ଫୋନ’ ଶୁଣିବେ କି !

ଶ୍ରୀଯୁତ ଚନ୍ଦ୍ରଶେଖରଙ୍କ ଅମିତ୍ରାକ୍ଷର କବିତା ‘ପ୍ରତ୍ୟାବର୍ତ୍ତନ’ ଭାବମୟ ଓ ସୁଖପାଠ୍ୟ ।

ଗଙ୍ଗାଧର ବାବୁଙ୍କ ‘ଜଗଜ୍ଜନନୀ କୁନ୍ତଳା କୁମାରୀଙ୍କ ସ୍ମୃତିତର୍ପଣ’ ବଡ଼ ହୃଦୟସ୍ପର୍ଶୀ । କୁନ୍ତଳାଙ୍କ ଶୋକାଶ୍ରୁ ଦେଖିବାକୁ ଆଉ ରହିଲା ।

ଶ୍ରୀ ବଂଶୀଧର ଦାସଙ୍କ “ଧର୍ମଟିକାଟି, ଓଡ଼ିଆ ଆମେ ଉଠିବୁଁ ଯେବେ ମାତେ” ଉଚ୍ଛ୍ୱାସମୟୀ କବିତା । କ୍ଷୁଦ୍ରୋଚ୍ଛ୍ୱାସ ଭରିତ ପଢ଼ିଲେ ଛନ୍ଦାଦିର ବନ୍ଧନମାନେ ନାହିଁ ପରି ।

ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର କରଙ୍କ “ଗ୍ରୀଷ୍ମନାଥ ଜୀବନୀର ଗୋଟିଏ ଅଧ୍ୟାୟ,” ସୁଚିନ୍ତିତ ଓ ସୁଖପାଠ୍ୟ ଆଲୋଚନା ।

କବି ନବକିଶୋରଙ୍କ ‘ରାଜ୍ଞୀ-ସନ୍ନ୍ୟାସ’ ଉପାଦେୟ ହେଲେ ମଧ୍ୟ balladର ସହିତ ଓ ଯଥାର୍ଥ ଗଠନର ଅଭାବ ।

ଶ୍ରୀଯୁକ୍ତ ବୀରେନ୍ଦ୍ର ମୋହନ ପଟ୍ଟନାୟକଙ୍କ “ଚତୁର୍ଦ୍ଦଶୀ” କବିତାଟି ସୁନ୍ଦର ହୋଇଛି ସବୁ ଦିଗରୁ ।

ଶ୍ରୀଯୁକ୍ତ କୁବେର ଦାଶଙ୍କ କବିତା,

“ଦୂରେ ଯେ ବସେ ସ୍ୱଜନ ସିଏ”
ନିକଟେ ହୁଏ ସେ ଅପଣା ଶିଶୁ !

ଏ ଦାର୍ଶନିକ ସତ୍ୟଟି ଏତେ ଶୀଘ୍ର ତାଙ୍କୁ ଜଣା ଗଲାଣି କି !

ଶ୍ରୀ ନବକିଶୋର ଦାସଙ୍କ “ମଧୁସ୍ମୃତି” ସୁଲିଖିତ ପ୍ରବନ୍ଧ ।

କୁନ୍ତଳକୁମାରୀ—ଶ୍ରୀ ଶିବେନ୍ଦ୍ର ଚନ୍ଦ୍ର ପାଲ, ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡି ଉପହାର ପାଇ ପ୍ରକାଶକଙ୍କୁ ଧନ୍ୟବାଦ ଦେଉଛୁଁ । ବାରିପଦା ରାଜକୀୟ ପ୍ରେସରେ ଅତି ପରିପାଟୀ ଭାବରେ ମୁଦ୍ରିତ ଓ ରାଜକୁମାରୀଙ୍କ ଛବି ସମ୍ବଳିତ । ଆଦର୍ଶ କନ୍ୟା କୁନ୍ତଳକୁମାରୀଙ୍କ ସଂକ୍ଷିପ୍ତ ଜୀବନୀଟି ବୋଲିଲେ ସୁନ୍ଦର ଲେଖା । ଲେଖକ ମହାଶୟ ସାହିତ୍ୟ କ୍ଷେତ୍ରରେ ଜଣେ ନୂଆ ଆଗନ୍ତୁକ, ମାତ୍ର ଏଇଟି ତାଙ୍କର ପ୍ରଥମ ଉଦ୍ୟମ ଲେଖା । ତଥାପି ତାଙ୍କ ସାହିତ୍ୟ ପ୍ରତିଭା ଅନେକ ସ୍ଥଳରେ ଦେଦୀପ୍ୟମାନ । କୁମାରୀମାନେ ସାଧାରଣତଃ ଏହାକୁ ଥରେ ଏକାଗ୍ରେ ପଢ଼ିଲେ ଆନନ୍ଦ ଓ ଶିକ୍ଷା ଲାଭ କରି ପାରିବେ । ଏହିପରି ଗ୍ରନ୍ଥ ଗୋଟିଏ ଅଧେ ଥିଲେ ବି ଏଭଳି ଲେଖା ଆମ ସାହିତ୍ୟକୁ ପୁଷ୍ଟ କରିବ ସନ୍ଦେହ ନାହିଁ ।



## ନାଗବଗୁଙ୍କ କଲମରୁ

### —ଗୁହାରି—

ପ୍ରିୟ ନାଗଭାଇ ଓ ଭଉଣୀମାନେ,

ପୃଥିବୀରେ ଭାରତ ସବୁଠାରୁ ଗରିବ ଦେଶ ଏବଂ ଭାରତରେ ଆମ ପ୍ରଦେଶ (ଓଡ଼ିଶା) ସବୁଠାରୁ ଗରିବ। ଗରିବ ମାଇପି ସମସ୍ତଙ୍କର ଶାଳୀ। ସେହିପରି ଆମକୁ ଚହଁଣିଆ ଦେଖି, ଯିଏ ପାରୁଚି ସିଏ ଆମ ପ୍ରଦେଶରୁ ଖଣ୍ଡେ ୨ କାଟି ନେଇ ଯାଉଚି। ମୁଣ୍ଡ ଯାଇଚି, ଦି ହାତ ଯାଇଚି, ଗୋଡ଼ରୁ ବି ଖଣ୍ଡେ ୨ କଟା ହେଉଚି। ବର୍ତ୍ତମାନ ପଡ଼ିଚି କେବଳ ପିଣ୍ଡଟା। ତାକୁ ବି ଶାଗୁଣା ପରି ବିହାରୀ, ବଙ୍ଗାଳି ଓ ଆନ୍ଧ୍ରମାନେ ବୁରିଅକ୍ ଦେଇ ବସିଛନ୍ତି। ବେଳ ପଡ଼ିଲେ ସେ ଖଣ୍ଡିଟା ବି ଯାଇପାରେ। ଆମର ମା ବିକଳାଙ୍ଗ ହେଲେ କଣ ଆମେ ଅବା ବିକଳାଙ୍ଗ ନୋହୁଁ ?

ବର୍ତ୍ତମାନ ଗଡ଼ଜାତମାନଙ୍କରେ ଯେଉଁ ଗୋଳମାଳ ଲାଗିଛି ସେଥିରେ କାହାରିକୁ ଅବିଦିତ ନ ଥିବ। କଥାରେ କହନ୍ତି—ବିପଦ ଯେବେ ଆସେ ସେ ଏକା ଆସେ ନା, ସାଙ୍ଗରେ ତାଙ୍କ ସାଙ୍ଗସାଥୀଙ୍କୁ ଆଣେ। ସେହିପରି ଗଡ଼ଜାତ ସମସ୍ୟାର ମୀମାଂସା ହେଉଚି କି ନ ହେଉଚି, ଏଣେ ମୁଣ୍ଡରେ ଏକ ପାହାର। ଆଗରୁ ସିଂହଭୂମଟା ଆମ ଓଡ଼ିଶାରେ ଥିଲା—ବର୍ତ୍ତମାନ ବିହାର ଅଧୀନରେ। ଏବେଣି ବିହାରୀମାନେ ତାକୁ ଛାଡ଼ିବା ପାଇଁ ନାରାଜ, କାରଣ ଦେଖିବାକୁ ଗଲେ ସେଠି ଓଡ଼ିଆ ସବୁଠାରୁ ବେଶୀ ଅଛନ୍ତି। ସେଠି ଅଛି ଟାଟା କମ୍ପାନୀ, ଯାହାକୁ କି ଆମେ ଦୁଧ ଦେଇ ପୋଷିଛୁଁ। କିନ୍ତୁ ସେ ଉଲଟି ପଡ଼ି ଆମକୁ ପାହାର ଦେବା ପାଇଁ ବସିଲଣି। ଟାଟା କମ୍ପାନୀର ଯେଉଁ ସ୍କୁଲସବୁ [illegible] ଅଛି, ସେଥିରେ ଓଡ଼ିଆ ଶିକ୍ଷା ପ୍ରଚଳନ ଥିଲା। ବର୍ତ୍ତମାନ କମ୍ପାନୀ ଓଡ଼ିଆ ଉଠାଇ ଦେଇ ତା ବଦଳରେ ହିନ୍ଦୀ ଚଳେଇଲେଣି। ଆମର ଆଗରୁ ଯେଉଁ ମାଷ୍ଟର-ମାନେ ଥିଲେ, ସେମାନେ ତାଙ୍କ ପାଖରେ ବସିଛନ୍ତି। ଆଉ କିଛିଦିନ ଗଲେ ସେମାନେ ନିଜ ବାଟ ଧରିବେ। ଏଥିରେ ବିହାରୀଙ୍କର ସମ୍ପୂର୍ଣ୍ଣ ଗୁପ୍ତହସ୍ତ ଅଛି ବୋଲି ଅନେକ କହୁ-ଛନ୍ତି। ପ୍ରକୃତରେ ସେଇଆ।

ଏବେଣି ଆମମାନଙ୍କର କର୍ତ୍ତବ୍ୟ ସେଠାକୁ ସାହାଯ୍ୟ ପ୍ରେରଣ କରିବା। ସ୍କୁଲମାନେ ସମସ୍ତେ କମ୍ପାନୀକୁ ଗୃହଣ ଛାଡ଼ିବା ଉପରେ। ମାଷ୍ଟର-ମାନଙ୍କ ଅବସ୍ଥା ତ ଏପରି। ଆଉ ଲୋକଙ୍କ କଥା ଛାଡ଼। ସେମାନେ କା ହେମନ୍ତରେ ରହୁ-ଛନ୍ତି ? ଏତେବେଳେ ଯଦି ଆମେ ପାଟିଛଡ଼ା ଦେଇ ବସୁ, ତା ହେଲେ ଅକାରଣେ ଜାଣି ଶୁଣି ଆମେ ଗରଳ ପାନ କରିବା। ଉତ୍କଳର ଅବାନକ୍ଷୁ ଦବନତା ସମସ୍ତେ ଏଥିକିବେଳେ ଯଦି ପ୍ରାଣପଣେ ଲାଗି ପଡ଼ନ୍ତି, ତା ହେଲେ ଗୋଟେ ନା ଗୋଟେ କିଛି ସାର ହେଇଯିବ—ହୁଏତ ସିଂହଭୂମି ପୁଣି ଆମର ହେବ। ଓଡ଼ିଶାରୁ କେତେକ ବି ସେଠି ଆନ୍ଦୋଳନ ଚଳାଇବା ପାଇଁ ବାହାରି ଗଲେଣି। ଆମର କଣ କରିବା କର୍ତ୍ତବ୍ୟ ଏଥିଣି ? ଯେଉଁମାନେ **"ନାଗବଗୁ ପାର୍ଟି"**ର ନିର୍ବାଚନ ମଣ୍ଡଳୀ (Constituency)ର ସଭ୍ୟ ରୂପେ ଅଜାଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ, ସେମାନଙ୍କୁ ମୋର ଏକାନ୍ତ ଅନୁରୋଧ ସେମାନେ ତାଙ୍କର ନିଜ ନିର୍ବାଚନ ମଣ୍ଡଳୀରୁ ନାଗବଗୁଙ୍କଠାରୁ ଚାନ୍ଦା ଅଦାୟ କରି ୧୫ ଦିନ ଭିତରେ ଅଜାଙ୍କ ପାଖକୁ ପଠାନ୍ତୁ। ଅଜା ତାକୁ ସିଂହଭୂମରେ ପୂର୍ଣ୍ଣ ଭାବରେ ପ୍ରଚାର ଚଳାଇବା ପାଇଁ ସେଠାକାର କର୍ମୀଙ୍କ ପାଖକୁ ପଠାଇଦେବେ। ଅନ୍ୟମାନେ ମଧ୍ୟ ଯାହାର କ୍ଷମତା ଥିବ ବେଶୀ ଦେବାକୁ, ସେ ସିଧା ଅଜାଙ୍କଠାକୁ ପଠାଇ ପାରେ। ଆଶା କରେ, ନାଗଭାଇ ଓ ଭଉଣୀମାନେ ମୋର ଏ ଗୁହାରି ଶୁଣି, ଓଡ଼ିଆ ଜାତିର ପୁନଃ ଅଭ୍ୟୁତ୍ଥାନ କରାଇବେ। ଆଜି ଏତିକି। ଇତି।

ତୁମର ନାଗଭାଇ
କୁମାର ଲକ୍ଷ୍ମୀନାରାୟଣ (ଭଦ୍ରକ)

—※—

### "ଜାଗ ମୋ ଭାଇଭଉଣୀ"

ଜାଗ ଜାଗ ମୋର ଭାଇଭଉଣୀଏ
ନବୀନ ପ୍ରେରଣା ଜାଗିଅ ହୃଦେ,
ଜନମ ଆମର ସାର୍ଥକ ହୋଇବ
ଜୀବନ ନିବେଦି ମାତାର ପଦେ।

ଓଡ଼ିଶାର ଆଜି ଦେବ ମନ୍ଦିରରେ
ନ ପାଆନ୍ତି ଦେବ ଦେବୀଏଁ ପୂଜା,
ଗଢ଼ିଲା ମନ୍ଦିର ଯେ ନର ଦେବତା
ତାହାର କାରଣ ରହିଛି ସଜା !

ପ୍ରତି ଧୂଳି କଣା ଗାଏ ଏ ଦେଶର
କେତେ କେତେ ବୀର କାହାଣୀ,
ଆଗେଇ ଚାଲରେ ହସି ହସି ମୋର
ଓଡ଼ିଶା ଭୂଇଁର (ବୀର) ଭାଇ ଭଉଣୀ।

କୁମାରୀ ଶ୍ରୀମତୀ ବିନୋଦିନୀ ପଟ୍ଟନାୟକ
(ନଂ ୩୦ ନାଗବଗୁ)

—※—

### —ଆହ୍ୱାନ—

ଆସ ବୀର— ଆସ ନୂତନ ପଥର ପଥିକ। ପୁରାତନକୁ ଧ୍ୱଂସ କର। ନୂତନ ସମାଜ ଗଠନରେ ମନପ୍ରାଣ ଦିଅ। ଆସ ନବଭାବାପନ୍ନ ନବଯୁଗର ଅଗ୍ରଯାତ୍ରୀ—ହେ ଜାତିର ଭବିଷ୍ୟ କର୍ଣ୍ଣଧାର, ନବଯୁବକଗଣ ! ବଜ୍ର ନିନାଦ ସମ ପଦ ବିକ୍ଷେପରେ ସଂସ୍କାର ପଥରେ ଯାତ୍ରୀ ହୁଅ। ଗଗନ ପବନ ବିକମ୍ପନ କରି ପ୍ରଚାର କର 'ଆମେ ଚାହୁଁ ନୂତନ !' ନୂତନର ଅଭିନନ୍ଦନ କର—ନୂତନର ପୂଜା କର। ଯୁଗୋପଯୋଗୀ ସମାଜ ଗଠନ ପାଇଁ ଶିକ୍ଷା, ସଭ୍ୟତା ଓ ସଂସ୍କାରର ପଥ ପରିଷ୍କାର କରି, ଜାତିର ମୁଖ ଉଜ୍ଜ୍ୱଳ କର।

ଶ୍ରୀ ଶ୍ରୀରାମ ଚନ୍ଦ୍ର ଦାସ।
ନଂ ୧୪୧ ସ୍ଥିର ନାଗବଗୁ
ଅନାଥାଶ୍ରମ, ପୁରୀ।

—※—

Digitized by srujanika@gmail.com

## ଅଜାଙ୍କ ଜବାବ ।

ଦେବେନ୍ଦ୍ର—(୨) ସମ୍ପାଦକଙ୍କ ନିକଟରୁ ତୁମେ ପଠାଇଥିବା ଟଙ୍କା ପାଇଛୁ । ୨୩ ନମ୍ବର ନାଗଙ୍କ ନିକଟକୁ ଚିଠି ପଠାଇ ଦେଉଛୁ ।

୧୫ ନମ୍ବର ନାଗ—ନାଗବନ୍ଧୁଙ୍କ ପାଇଁ ଯଉଁ ଲେଖାଟା ପଠାଇଲ, ତାହା ଖୁବ ବଡ଼ ହୋଇ ଯିବାରୁ ପ୍ରକାଶ ହୋଇ ପାରିଲା ନାହିଁ । ତମର ସମସ୍ତ ପତ୍ର ପାଇଛୁ, କିନ୍ତୁ କାର୍ଯ୍ୟବଶତଃ ତାର ଉତ୍ତର ଦେଇ ପାରିଲୁ ନାହିଁ । ମୋତେ ନ ଜଣାଇ ଅନ୍ୟ ନାଗବନ୍ଧୁଙ୍କ ପାଖକୁ ପତ୍ର ଦେବାଟା ତୁମର ଦୋଷ ହୋଇଛି । ଏଣିକି ସମସ୍ତ ପତ୍ର ମୋ ଜରିଆରେ ପଠାଇବ । "ଦୁଃଖୀର ବେଦନା" ମନକୁ ଆସିଲା ନାହିଁ ।

ଜନ (୧୫୨)—ବାର୍ଷିକ ପ୍ରବେଶିକା ଦେୟ ପାଇଁ ୪ଟା ପଇସିକିଆ ଟିକଟ ପଠାଇବ ।

ରସାନନ୍ଦ (୧୯୭)—ଈଶ୍ୱରଙ୍କଠାରେ ପ୍ରାର୍ଥନା, ତୁମେ ଶୀଘ୍ର ରୋଗରୁ ମୁକ୍ତ ହୁଅ । ଦେହ ଭଲ ହୋଇଗଲେ ସେମାନଙ୍କ ଆଖିକୁ ଚିଠି ଦେବ, ସେଥିପାଇଁ ବ୍ୟସ୍ତ ହୁଅ ନାହିଁ ।

ଶଙ୍କର (୧୫୪)—ତୁମମାନଙ୍କର ବିଶେଷ ସହଯୋଗିତାର ପରିଚୟ ପାଇଲେ ମୁଁ ଆପେ ଆପେ ନାଗବନ୍ଧୁ ପୃଷ୍ଠା ବଢ଼ାଇ ଦେବି । ଏମିତିବେଳ ଆସିବ ଯେତେବେଳେ କି ମୋତେ ବି ସେଠି ଦେଖି ପାରିବ ।

କୁମାର ଲକ୍ଷ୍ମୀନାରାୟଣ (ଭଦ୍ରକ)—ଖଞ୍ଜନ ବୋଲି କଲମରୁ ଶୀଘ୍ର ଡାକ ଶୁଣି ପାରିବ । ଅନ୍ୟ ପ୍ରଶ୍ନମାନଙ୍କର ଜବାବ ପରେ ଦିଆଯିବ ।

ଚନ୍ଦ୍ରମଣି (୧୯୮)—ଅଙ୍କଜାଲ ଯୁକ୍ତାକ୍ଷର ଉଠାଇ ଦେବା ପାଇଁ ଅନେକ ସାହିତ୍ୟିକଙ୍କର ମତ । ଅର୍ଥ ଓ ଉଚ୍ଚାରଣ ସମାନ ଥିଲେ ବନାନ ଅନ୍ୟ ପ୍ରକାର ହେଲେ ଛାଡ଼ ଭଲ ନାହିଁ ବୋଲି ସେମାନେ କହନ୍ତି । ପଦ୍ୟଟି ଠିକ । ପ୍ରଥମରେ ଖରାପ ହେଲେ ଦୁଃଖ କରିବ ନାହିଁ ।

ରବୀନ୍ଦ୍ର (୨୧୩)—'ବନ୍ଦନା' ପାଇଁ ବିଶେଷ ଦୁଃଖ କରିବାର କିଛି କାରଣ ନାହିଁ । ଅନ୍ୟ ଲେଖା ପଠାଅ । ମନୋନୀତ ହେଲେ ସ୍ଥାନ ଦିଆଯିବ । ତୁମମାନଙ୍କ ଉପରେ ଦେଶର ଓ ଦଶର ଭବିଷ୍ୟତ ନିର୍ଭର କରେ । କଦାପି ଆତ୍ମହତ୍ୟା କରିବାର ପ୍ରୟାସୀ ହେବ ନାହିଁ ।

## ନାଗବନ୍ଧୁ ଖବର ।

ଶ୍ରୀମାନ ରସାନନ୍ଦ ସାହୁ ଜାମସେଦପୁରର '[illegible]' [illegible] ହୋଇଛନ୍ତି, ନାଗମାନଙ୍କ ପକ୍ଷରେ ଏହା ଗର୍ବର କଥା ।

## ପ୍ରାପ୍ତି ସ୍ୱୀକାର

୧, ୬୦, ୬୪ ନମ୍ବର ନାଗଙ୍କଠାରୁ ଯଥାକ୍ରମେ ୫୧୯, ୫୧୯ ଓ ୫୦। ନାଗବନ୍ଧୁ ପାଣ୍ଠି ପାଇଁ ପାଇଛୁଁ ।

## ଲେଖାସାଙ୍ଗ

୧୧୬ ନଂ ନାଗ—କୁମାର ଲକ୍ଷ୍ମୀନାରାୟଣ (ଭଦ୍ରକ)ଙ୍କ ଠାରୁ ପତ୍ର ଆଶା କରନ୍ତି ।

ରସାନନ୍ଦ (୧୯୭)—ସେ ବର୍ତ୍ତମାନ କଠିନ ରୋଗରେ ପୀଡ଼ିତ । ତେଣୁ କୁମାର ଲକ୍ଷ୍ମୀନାରାୟଣ, ଦେବେନ୍ଦ୍ର ଓ ଚନ୍ଦ୍ରମୋହନଙ୍କଠାରୁ ପତ୍ର ପାଇଲେ ରୋଗର ଉପଶମ ହେବ ବୋଲି ତାଙ୍କର ଆଶା ।

କୁମାର ଲକ୍ଷ୍ମୀନାରାୟଣ (ଭଦ୍ରକ)—ଜାମସେଦପୁରରେ ଓଡ଼ିଆ ଆନ୍ଦୋଳନର ଖବର ଜାଣିବା ପାଇଁ ୧୭ ଓ ୧୯୭ ନମ୍ବର ନାଗବନ୍ଧୁଙ୍କଠାରୁ ପତ୍ର ଆଶା କରନ୍ତି ।

## ବିଶେଷ ଜ୍ଞାତବ୍ୟ ।

୫୭ ନମ୍ବର ଠାରୁ ଆରମ୍ଭ କରି ୭୪ ନମ୍ବର ପର୍ଯ୍ୟନ୍ତ ନାଗବନ୍ଧୁମାନେ ମାର୍ଚ୍ଚ ମାସ ସୁଦ୍ଧା ବାର୍ଷିକ ପ୍ରବେଶିକା ଦେୟ ନ ଦେଲେ ନାମ କଟିଯିବ ।

୪୦ ନମ୍ବର ନାଗବନ୍ଧୁ ବାର୍ଷିକ ଦେୟ ପଠାଇବାରୁ ତାଙ୍କ ନାମ ଫେବ୍ରୁୟାରୀ ୧୯୩୯ ଠାରୁ ପୁଣି ବର୍ଷକ ପାଇଁ ରେଜେଷ୍ଟ୍ରୀଭୁକ୍ତ କରାଗଲା । ଏହାଙ୍କ ଛଡ଼ା ଅନ୍ୟମାନଙ୍କ ନାମ ବାର୍ଷିକ ପ୍ରବେଶିକା ଦେୟ ଦେଇ ନଥିବାରୁ କଟିଗଲା ।

## ନୂଆ ନାଗବନ୍ଧୁଙ୍କ ନାମ

୨୨୫ । ଭୁବନ ଚନ୍ଦ୍ର ଦାସ, National Mess, ବାରିପଦା । ୨୨୬ । କେଶବ ଚନ୍ଦ୍ର ଦାସ, ଗୁଣ୍ଠୁଣି L. P. ସ୍କୁଲ, ବଡ଼ଚଣା, କଟକ । ୨୨୭ । ରାଧାକୃଷ୍ଣ ମହାନ୍ତି, ଗୁଣ୍ଠୁଣି, ବଡ଼ଚଣା, କଟକ । ୨୨୮ । ଅନିଲ କୁମାର ରାୟ, P. M. High School, ଜାମସେଦପୁର । (କ୍ରମଶଃ)

## ଆରୋଗ୍ୟ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ଯେପରି ନିୟମିତ ନିର୍ଗତ ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅନେକ କାଳରୁ କୋଷ୍ଠ କାଠିନ୍ୟ ରୋଗ ଭୋଗୁଅଛନ୍ତି, ସେମାନେ ଅଳ୍ପ ଏହି ମୋଦକ ଦୈନିକ ରାତ୍ରି ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନ କରି ସକାଳେ ଭଲ ଭାବରେ ଗୋଟିଏ ପାଇଖାନା ହୋଇଯିବ—ତରଳ ହେବ ନାହିଁ । ଅଥଚ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି ମେଦ ବୃଦ୍ଧି, ଜ୍ୱର, ଶୂଳ, ପେଟର ଦରଜ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ଫକାଇ ଦିଏ । ପରେ ଔଷଧ ସେବନ ନ କଲେ ସୁଦ୍ଧା ନିୟମିତ ଝାଡ଼ା ହୋଇଥାଏ ।

ମୂଲ୍ୟ—୧୬ମାତ୍ରାକୁ ୫୧୯ (ଏକଟଙ୍କା)
୩୦ ମାତ୍ରାକୁ ୫୧୮ ମାତ୍ର ।

ଠିକଣା:—ଶ୍ରୀଧର ଗରାବଡ଼ୁ, ଉପଚାରାଗାର, ଭୁବନେଶ୍ୱର—ପୁରୀ

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

## 'ବର୍ମା ଓଡ଼ିଆ ପତ୍ରିକା'

(ସାପ୍ତାହିକ) (ରୟେଲ ୧୬ ପୃଷ୍ଠା)

ଏହା ଏକମାତ୍ର ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମୀ ସରକାରଙ୍କ ମତିଗତି ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବସାୟିକ ସତ ଖବର ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ବାର୍ଷିକମୂଲ୍ୟ ୫୧୨, ଷାଣ୍ମାସିକ ୫୧୯, ଭାରତବର୍ଷପାଇଁ ଡାକଯୋଗେ ଦେୟ ୫୪୯

ଠିକଣା—ନଂ ୧୫୭—୩୧ ମୁର ଗଳି—ରେଙ୍ଗୁନ (ବର୍ମା)

Digitized by srujanika@gmail.com




—ଚୀନାମାନେ ଜାପାନଙ୍କୁ ମହା-ବିକ୍ରମରେ ଆକ୍ରମଣ କରୁଛନ୍ତି ।

...ଭୋଜାଦେବ୍ ସର୍ଯ୍ୟର ତୋ ସର୍ଯ୍ୟାର ଚର୍ ସେତୁ ।

—ଝିନ୍ଦ ରାଜ୍ୟରେ ଜାଠ ଦଳ ଓ ପ୍ରଜା ଦଳଙ୍କ ଭିତରେ ଯେଉଁ ଲଢ଼େଇ ଲାଗିଥିଲା, ଜାଠଙ୍କର ପୂର୍ଣ୍ଣ ଜୟ ହୋଇଛି ।

...ଜୋର ଯାର ମୁଲକ ତାର ।

—ରଣପୁରରେ ନିହତ ପଲିଟିକାଲ ଏଜେଣ୍ଟ ବେଜଲଗେଟଙ୍କର ଗୋଟାଏ ମୂର୍ତ୍ତି ଗଡ଼ଜାତ ରାଜାମାନେ ସ୍ଥାପନ କରିବାର ସ୍ଥିର ହୋଇଛି ।

...କୃତଜ୍ଞତାର ଚରମ ନିଦର୍ଶନ ।

—୧୩ଜଣ ଗାନ୍ଧୀବାଦୀ କଂଗ୍ରେସ କାର୍ଯ୍ୟକାରୀ କମିଟିରୁ ଇସ୍ତଫା ଦେଇ ବାହାରିଗଲେ ।

...ସତରେ ନା ଅଭିମାନରେ ?

—ଭଦ୍ରକ ସବ୍‌ଡିଭିଜନ ଅଫିସରଙ୍କ ପେସ୍କାରଙ୍କ ନାମରେ ଲାଞ୍ଚ ନେବା ଅଭିଯୋଗ ହୋଇଥିବା ପ୍ରକାଶ ।

...ଚିଙ୍ଗୁଡ଼ିମାଛ ଖାଇବାକୁ ସବୁରି ମନ— ଯେ ମୁହଁରେ କହିଲା ସେ ହେଲା ଡାହାଣ ।

—ଓଡ଼ିଶା ସରକାର ଗୋଟିଏ ଯାଦୁଘର ହେବା ପାଇଁ ଟଙ୍କା ବରାଦ କରୁଛନ୍ତି ।

...କଲିକତା ଯାଦୁ କୋଠିରୁ ଓଡ଼ିଆଣୀ-ଟିକୁ ନେଇ ଆସିବେ ନା !

—ବଙ୍ଗଳା ଲାଟ ଲର୍ଡ ବ୍ରେବୋର୍ଣ୍ଣ କଲିକତାରେ ଅକସ୍ମାତ୍ ଦେହତ୍ୟାଗ କଲେ ।

...ବଡ଼ ନିଷ୍ଠୁର କାଳ ବଡ଼ ଅବିଶ୍ୱାସୀ,
ହାବୁଡ଼ି ଯିବଟି ଅଚାନକେ ଆସି ।

—ମହାତ୍ମା ଗାନ୍ଧୀଙ୍କ ପରାମର୍ଶରେ ହାଇଦ୍ରାବାଦର ସତ୍ୟାଗ୍ରହ ମୁଲତବି ରହିଲା ।

...ମହାତ୍ମାଙ୍କର ମୁସଲମାନ ପ୍ରୀତି !

—ରାଷ୍ଟ୍ରପତି ସୁଭାଷ ବୋଷ କଲିକତାରେ ଶକ୍ତ ବେମାର ଅଛନ୍ତି ।

...ଅଭିଶାପ ପଡ଼ିଲା କି ?

—ଜଣେ ଚୀନା ସେନାପତି କହୁଛନ୍ତି କି ଜାପାନ ଭାରତ ଆକ୍ରମଣ କରିବାର ମନସ୍ଥ କରିଛି ।

...ଯେ ଇନ୍ଦ୍ର ହେଉ, ଶରୀର ତ ଯାଏ ଅଟେ!

—ସାଇବେରିଆରେ ରୁଷ୍ ବାହିନୀ ଭୀଷଣ ରଣସଜ୍ଜା କରୁଛନ୍ତି ।

...ମୀନ ଶନି ପରା !

—ଗତ ପାଞ୍ଚବର୍ଷ ଭିତରେ ଭାରତରେ ୧୯ ହଜାର ରେଲବାଇ ଦୁର୍ଘଟଣା ହୋଇଛି । ତହିଁ ମଧ୍ୟରୁ ୯୦୦୦ଟି ଗୋରୁ ଗାଈ ଓ ବାକି ତକ ମଣିଷଙ୍କ ଉପରେ ମାଡ଼ ।

...ରେଲବାଇ ହେମାଶ୍ୱ ?

—ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀ ଏ ବର୍ଷ ଲୁଧିଆନାଠାରେ ହେଲା । ପଣ୍ଡିତ ଜବାହରଲାଲ ସଭାପତି ହୋଇଥିଲେ ।

...ମୋଗଲବନ୍ଦୀ ପ୍ରଜା ସମ୍ମିଳନୀ ଯାକ ଗଡ଼ଜାତରେ ହେଲେ ଭଲ ହୁଅନ୍ତା ।

—ଗୟା ରାଜନୈତିକ ସମ୍ମିଳନୀରେ ସାମ୍ୟବାଦୀ ଅଗ୍ରଣୀ ନରେନ୍ଦ୍ର ଭାରତବାସୀମାନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ ନିବେଦନ କରୁଛନ୍ତି ।

...ଦା, ହାତୁଡ଼ି ପକ୍ଷ୍ୟ ବଢ଼ାଯିବ ନା କଣ ?

—ସୁଭାଷ ବୋଷ ଗାନ୍ଧୀଙ୍କ ସଙ୍ଗେ ମେଳମେଶା ଯିବା ପାଇଁ ଓ୍ୱାର୍ଦ୍ଧାଠାରେ ଦୀର୍ଘକାଳ ଧରି ଆଲାପ କରୁଥିଲେ ।

...ଠାକୁର ବୁଢ଼ାକୁ ଝାଳସ ହୋଇ, କଣ ହେଉଛି ଦେଖା ଯାଉ ।

—କାନପୁରରେ ହିନ୍ଦୁ ମୁସଲମାନ ଦଙ୍ଗା ଫଳରେ ବହୁତ ଲୋକ ହତାହତ ହୋଇଛନ୍ତି ।

...ସେତେବେଳେ ଗାନ୍ଧି, ଆଗା ଖାଁ ଚୁକ୍ତାଉଥିଲେ ପରା !

—ବେଙ୍ଗଲ ଗୋଷ୍ଠୀଙ୍କର ହତ୍ୟା ଷଡ଼ଯନ୍ତ୍ରରେ ବନ୍ଦୀମାନଙ୍କର ବିଚାର ୨୦ ତାରିଖଠାରୁ ଆରମ୍ଭ ହେବ ।

...ଧର୍ମକୁ ଅଛି ଠାବ !

—ତାଳଚେର ରାଜା କେଉଁ ଗୋରାଙ୍କ ସହିତ ଅନୁରୋଧରେ ଆସି ତାଳଚେର ଅଧିବାସୀଙ୍କୁ ବହୁତ ସାନ୍ତୁଲେଇ ଘରକୁ ଫେରି ଯିବାକୁ କହିଥିଲେ କିନ୍ତୁ କେହି ଶୁଣିଲେ ନାହିଁ ।

...ଅଟକ ଦିଆ ପଛେ ଅଣ୍ଟା ।

—ଓଡ଼ିଆ ରଜାମାନେ କଲିକତାରେ ଗୋଟିଏ ସମ୍ମିଳନୀ କରୁଥିଲେ ।

...କଟକରେ ଡର ମାଡ଼ିଲା କି ?

---


## ଶିଶୁ ଖାଦ୍ୟ "ଶଟୀଫୁଡ୍" ରୋଗୀର ପଥ୍ୟ

ଦୁଗ୍ଧପୋଷ୍ୟ ଶିଶୁମାନଙ୍କୁ ବିଲାତି ଦୁଧ ପ୍ରଭୃତି କୃତ୍ରିମ ଖାଦ୍ୟ ଦେବା ଅପେକ୍ଷା ଏହି ଶଟୀଫୁଡ୍ ବ୍ୟବହାର କଲେ ବିଶେଷ ଗୁଣ ହୋଇଥାଏ । କାରଣ ବାର୍ଲି, ସାଗୁ ଅପେକ୍ଷା ଏହା ସୁସ୍ୱାଦୁ, ସହଜ ପାଚ୍ୟ ଓ ପୁଷ୍ଟିକର । ଦୁଧ ସହିତ ମିଶାଇ ରାନ୍ଧିଲେ ଅତି ଉପାଦେୟ ଖାଦ୍ୟ ପ୍ରସ୍ତୁତ ହୋଇଥାଏ । ରୋଗୀମାନେ ଏହାକୁ ରୁଚିର ସହିତ ଖାଇଥାନ୍ତି । ଅଳ୍ପ ମଧ୍ୟ ରୋଗୀମାନଙ୍କର ରୁଚି ବଢ଼ାଇ [illegible] ଏହା ଦ୍ୱାରା ନାନା ପ୍ରକାର ପିଠା ଓ ମିଷ୍ଟାନ୍ନ ତିଆରି କରି ଦିଆଯାଇ ପାରେ । ନିୟମିତ ବ୍ୟବହାର ଦ୍ୱାରା [illegible] ଦୁର୍ବଳତା ଦୂର ହୋଇଯାଏ । ସାବଧାନ ! ବଜାରରେ ଅନେକ ପ୍ରକାର ଶଟୀଫୁଡ୍ ମିଳେ, ତେଣୁ [illegible], ସେମାନେ ଅନ୍ୟ ନାମ ଲେଖିବାକୁ ଭୁଲନ୍ତି ନାହିଁ ।

ମୂଲ୍ୟ — (୮୦ ଅଣା) ପ୍ରାପ୍ତି ଠିକଣା:— ଶ୍ରୀଧର ଚସବଡ଼୍, ଭଣ୍ଡାରଘର । ଭୁବନେଶ୍ୱର - ପୁରୀ


Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଷ୍ଟୋର







ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।



୫୨୦ ଟଙ୍କା ପୁରସ୍କାର !                    ୫୨୦ ଟଙ୍କା ପୁରସ୍କାର !!



ଭଦ୍ରବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁମୂଲ୍ୟ ପଥରରେ ମନୋହର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ଯାହାକି ଗ୍ରାହକମାନଙ୍କରେ ଆମ୍ଭେମାନେ ତାହାଙ୍କୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଟଞ୍ଚ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ଖାଦ ମିଶା ଦେଖାଇଲେ ଆମ୍ଭେମାନେ ୫୨୦ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —



ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ
ବଜାର, ପୋ:—କଟକ ।



---


ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁପଞ୍ଚ ବଟୀ**

ଏକମାତ୍ର ଶକ୍ତିରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ତିବତ୍ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।
ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା— ଶାରଦା ଔଷଧାଳୟ, ଚୌଧୁରୀ ବଜାର, କଟକ ।


---


ପ୍ରକାଶକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**    ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**



Digitized by srujanika@gmail.com

REG. NO. P-441 THE DAGARO-1-3-39.


# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧ [illegible] ପ୍ରେତ ଭଗ୍ନ, କଷ୍ଟ ରଜଃ, ଅତିରିକ୍ତ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ସ୍ନାୟବିକ ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, [illegible] [illegible] ପ୍ରଭୃତି [illegible] ଓ ଦୁଃସାଧ୍ୟ ସ୍ତ୍ରୀ ରୋଗ ପ୍ରୟୋଗରେ ଏହା ଅଦ୍ୱିତୀୟ ।
ମୂଲ୍ୟ—ଶିଶି [illegible] ( [illegible] )

## —ଶିଶୁ ସୁହୃଦ—

ସଦ୍ୟଜାତ ଶିଶୁଠାରୁ ଅରମ୍ଭ କରି ଆଠ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । [illegible] ବ୍ୟବହାର କଲେ ବାଳ ଘୁଣ୍ଡି ( ଘୋର ଜିଗର ) ହେବା ଅସମ୍ଭବ । ଶିଶୁମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, [illegible] [illegible], କାଶ, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । ମୂଲ୍ୟ—[illegible] (ଡାକ ମାସୁଲ ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

**କବିରାଜ ଶ୍ରୀଧର ଶାସ୍ତ୍ରୀ**, ଭିଷଗାଚାର୍ଯ୍ୟ
ଆୟୁର୍ବେଦିକ ଫାର୍ମାସୀ
ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇ ହେଡ଼ଅଫିସ—ହିନ୍ଦୁସ୍ଥାନ ବିଲଡିଂସ୍, କଲିକତା । ସୋ

ଭଲ ସର୍ତ୍ତରେ ଲାଭ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଦ୍ୱାରା

ନ୍ ସୁଦୃଢ଼ ସ୍ଥିରିକଲନା ଯୋଗୁଁ ଭାରତ-ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ସା

ହିନ୍ଦୁସ୍ଥାନ ଦିନକୁ ଦିନ ପ୍ରସାର ଲାଭ କରି ପାରିଛି ।

ସ୍ୟୁ ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ । ଇ

ରେ ସରକାର କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ନୂତନ ପ୍ରାପ୍ତ ବୀମାରେ ହଜାର ପ୍ରତି ୫୯୦ [illegible] ବୀମାରେ ୫ ୭୫୯ [illegible] ହୋଇଛି । ଟି

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲୋକଙ୍କର ଅଛି ।

ନ୍ସ ଭାରତବର୍ଷ [illegible] ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—କାଳିଗଳି, କଟକ । ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ ।** ଲିଃ


Printed & published at the Gopinath Press, Bhadrak. Editor N. Mahapatra [illegible] office, Bhadrak.

Digitized by srujanika@gmail.com

ଆନନ୍ଦାତ୍ ହି ଖଲୁ ଇମାନି ଭୂତାନି ଜାୟନ୍ତେ—

ଦ୍ୱିତୀୟ ବର୍ଷ—୨୦ ସଂଖ୍ୟା

# ଡଗର



## ନୂତନ ସୃଷ୍ଟି !—ହି-ଞ୍ଚୁ !



ନୂତନ ମହାକାବ୍ୟ
**ଭବିଷ୍ୟ ଭାରତ**
ଡଗରରେ
ଶୀଘ୍ର ପ୍ରକାଶ ପାଇବ ।

ଆର୍ଯ୍ୟାବର୍ତ୍ତର ଧେନୁ ଓ ଆରବ ମରୁର ଓଟ ମିଶି ଯେଉଁ ନୂତନ ଜୀବ ସୃଷ୍ଟି ହେଉଅଛି ତାହା ଏଣିକି ଭାରତରେ ସାରସ୍ୱତ ରାଷ୍ଟ୍ର ବିସ୍ତାର କରିବ । ଏ ଜୀବ ଓଡ଼ିଶାର ମସ୍ତକ ସିଂହଭୂମିକୁ ଗ୍ରାସ କରି ସାରିଲାଣି । ଓଡ଼ିଶା ସରକାର ଏଜୀବକୁ ମଧ୍ୟ ଆଶ୍ରୟ ଦେଇଛନ୍ତି ।

Digitized by srujanika@gmail.com




Digitized by srujanika@gmail.com

ଡଗର
ଫାଲ୍ଗୁନ ଦ୍ୱିତୀୟାର୍ଦ୍ଧ
୨ବର୍ଷ ୨୦ଶ ସଂଖ୍ୟା
ଭଦ୍ରକ
୧୫ । ୩ । ୩୯





ଡଗର
ମୂଲ୍ୟ—୫୦/
ବାର୍ଷିକ (ସଡାକ) ୨॥୯
ଛାତ୍ରମାନଙ୍କ ପାଇଁ ୨॥
ବିଜ୍ଞାପନ ହାର—୫॥୯


ଆମେ ଶୁଣିଥିଲୁଁ ଯେ ମଜଲଙ୍ଗି ଢଦ୍ୟାଲୁ ବାଧା ଦେବା ପାଇଁ ଅନେକ ରାଜକୁମାରମାନେ ନୂଆ ନଣ୍ଡୀ ପଣ ପଣ ବଢ଼େଇ ଧୂଆ ଭଣ ଭଣ ଅନ୍ଧାର ଘରେ ମୁହଁମାଣ୍ଡି ଉପାସରେ ଶୋଇଥିଲେ । ଏବକୁ ଅଛ ସେ ଦୃଶ୍ୟ ବା କାହୁଁ ଦେଖିବୁଁ । ଏଡେ ବେଳେ ବେଳେ ଦେଖୁଁ ଯେ ଆମ ଆଇଦେ ସବୁ ତାଙ୍କ 'ଡାକ'ଙ୍କ ଉପରେ ରାଗି ରୁଷି ତଳିଆରେ ମୁହଁ ମାଡ଼ି ଶୋଇ ହାତକୁ ଅମୁକ, ନାକକୁ ଅମୁକ କାନକୁ, ତମୁକ, ବେକକୁ ସମୁକ୍ ଆଦି ଅଶେଷ ଫରମାସୀର ହୁକୁମନାମା ଜାହିର କରେଇ ନଅନ୍ତି । କିନ୍ତୁ ଗାନ୍ଧିଜୀ ତ ରାଜକୁମାର ନୁହନ୍ତି, ଓ କାହାର ଘରଣୀ ମଧ୍ୟ ନୁହନ୍ତି, ସେ ଉପାସ କଲେ କଏ ଶୁଣିବ ବୋଲି ଆମେ ଭାବିଥିଲୁଁ । କିନ୍ତୁ ନାହିଁରେ ବାବା, ଏ ବୁଢ଼ାଟା ଦୁନିଆକୁ ଥର ହର କରିଦେଲା—ଏକ ଗୁଡ଼ାଟାରେ । ବୃଟିଶ ସିଂହ ଗୁଳା ଗୁଳିର ଡରରେ ବାଲ୍ୟ ନୁହେଁ, ସେ ବି ଅସି ଗୋଡ଼ତଳେ ମୁଣ୍ଡ ଢେକିଲା । ଗାନ୍ଧି କି କଳଙ୍କ ? ନୋଚ୍ଚଡା କଥାକୁ କଲ ? ଯୁଗ ଓଲଟାଇଦେଲା ?

× × ×

ବଡ଼ଲାଟ ସାହେବ ବାହାରିଥିଲେ ରାଜ୍ୟଟା ଭ୍ରମଣରେ । କେତେ ରାଜା ପଦପ୍ରକ୍ଷାଳନ କରୁ-ଥାନ୍ତେ, କେତେ ହେଜା ହୋଇ ଥାନ୍ତା, କେତେ ଶିକାର କରିଥାନ୍ତେ, କେତେ ମଉଜ ମଜଲିସି ! ଅହା ହା—ପାଣିଚ ଫାଟିଗଲା । ଖବର କାଗଜରେ ଦନ୍ତଘଟା ଅଭ ଜନଲ୍ଲା । କମିତ ? ବଡ଼ଲେଇ ଦେଲା ଛକେ ଯେ ତରବର କି ପଳାଇ ଆସିଲେ ସ୍ୱଧାମ ଦିଲ୍ଲୀକୁ । ଓ ହ ନ କଲ, ଦିଲ୍ଲୀଶ୍ୱରୋବା ଜଗଦୀଶ୍ୱରଙ୍କ ଭ ଭାବେ କୁଥଳି ପଚାରି ଅଚ୍ଛୁହା ଖଟେଇଲା ?.. ......

ଶୁଣାଯାଏ ରାଜକୋଟ ଅଞ୍ଚଳରେ କେଉଁଠି ଦ୍ୱାରକା ଥିଲା । ଯଦୁବଂଶ ଧ୍ୱଂସପରେ ମଧ ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନରେ ତାଙ୍କ ମନ୍ତ୍ରି ଟିକିଏ ପଛ-ଯାଇଥିଲା ଯେ ସେ ରାଜକୋଟରୁ ଆରମ୍ଭ କରି ସାରା ଭାରତରେ ଅଛ ମାଡ଼ି ବସିଛି । ସେଥିପାଇଁ ଅଛ ଜାଗାକର ନାଗ ଦ୍ୱାରକା । ଜାଗାକର କାଗା ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣଙ୍କ ଅଷ୍ଟଶମ୍ଭ ବଂଶୀ । ପୁଣି ବମ୍ବେ କଲିକତାରେ ସେଲ୍‌ସ ରସ୍ସେପ ରଥରେ ରୁକ୍ମିଣୀ ହରଣ । କିନ୍ତୁ ଅସଲ ଦ୍ୱାରକାର ଶ୍ରୀକୃଷ୍ଣ ରାଜକୋଟର ଠାକୁର ସାହେବଙ୍କ ନାମ ଯେପରି ଭାରତ ବିଖ୍ୟାତ ହେଲା ସେପରି ନାମ କଳିଯୁଗର ଢେଙ୍କାନାଳ କରିବେ କେଉଁଠୁ ?........

## ନିର୍ଦ୍ଦେଶ ।

ଗାନ୍ଧିଜୀ ଯଦି ବଞ୍ଚିଥାନ୍ତି ତେବେ ଆମେ କେବେ ମରିବୁ ନାହିଁ ।

ଗାନ୍ଧିଜୀ ଯଦି ମରନ୍ତି, ଆମେ କେବେ ବଞ୍ଚି ରହି ପାରିବୁ ନାହିଁ ।

—ସମ୍ପାଦକ

ଗାନ୍ଧିଜୀ ଉପାସ ଭୁଷା କରି କାମ ହାସଲ କରି ନେଉଛନ୍ତି ଦେଖି କେତେଣେ ହିଟଲର ମୁସୋଲିନୀ ଟିକିଏ ଧଡ଼ପଡ଼ ହେଉ ଯିବେଣି । ଏତେ ଟଙ୍କା ଖରଚ କରି ଏତେ ସୈନ୍ୟ ସାମନ୍ତ, ଗୋଳା ବାରୁଦ ରଖି ବୃଟିଶ ସିଂହକୁ ଡରାଇ ପାରୁ ନାହାନ୍ତି—ଏ ଗୋଟାଏ ବୁଢ଼ା ପତର ସିପାହୀ ଅଙ୍ଗୁଳି ଅଗରେ ନଚାଉଛି ତାକୁ ? ଏତ ଅଜବ୍ କଥା ! ତେଣୁ ସେମାନେ ଏଣିକି ସୈନ୍ୟସଜ୍ଜା ନକରି ତାଙ୍କ ଦେଶରେ ଗୋଟେ ଗୋଟେ ଗାନ୍ଧି ପଇଦା କରନ୍ତୁ । ବେଶୀ ଖରଚ ମଧ୍ୟ ପଡ଼ିବ ନାହିଁ । ପାଏ ଛେଳି ଦୁଧ ଆଉ ଫଳ ଫୁଲୁରିକି ଖର୍ଚ୍ଚ ଛ ପଇସାର ଯଥେଷ୍ଟ । ଏ ସହଜ ବାଟଟା ଛାଡ଼ି ସେ ଏଣେ କେତେଣେ ଦଉଡ଼ି ହେଉଛନ୍ତି କାହିଁ ?.........

ଛୁଆସବୁ ରାଗିଲେ ଭାତ ଖାଆନ୍ତି ନାହିଁ । ପେଟଟା ମାଡ଼ା ହେଉ ଯାଉ ମା, ବୋପେଇଁ ମାଙ୍କ ଦୋକାନରେ ପାଉଁଳି, ଚୁଡ଼ା, ନେଉଖଣ, ଗୁହାଣି ଉଠାଇ କରେ । କିନ୍ତୁ ଯେତେବେଳେ ପେଟରେ ଭୋକ କବର ଜବର କରେ ସେତେବେଳେ ପିଲାଏ ଟାଲି ମନେ ମନେ ଠାକୁରଙ୍କୁ ସବେ ମୁଣ୍ଡିଆ ମାରି କହୁଥାନ୍ତି—ହେ ଠାକୁରେ ତମକୁ ଏତେ ପଇସାର ଭୋଗ ଲାଗି ଦେବି, ତମେ ଟିକିଏ ମା ମନରେ ଦୟା କର । ସେ ହେଲେ ଅଭଥରେ ଡାକୁ । ଏଥିରୁ ଜଣେ ଜାଣିବ ଯେ ।

ଆମ କଂଗ୍ରେସ କାର୍ଯ୍ୟକାରୀ କମିଟିର ଉପଥ ରାମୀସଭ୍ୟଙ୍କର ହାଲ ବର୍ତ୍ତମାନ ସେଇ ଛୁଆଙ୍କ ଭଳି । ବର୍ତ୍ତମାନ ବୁଝି ପାରିଲେଣି ଯେ ଏକଥା ରାଗି ରୁଷି କଂଗ୍ରେସରୁ ଗୋଡ଼ ଛାଡ଼ି ଦେଲେ ଭୋକ ଯିବ ନାହିଁ କି ଦେଶର ସ୍ୱାଧୀନତା ଲଢ଼େଇ ଆଗେଇ ପାରିବ ନାହିଁ । ତେଣୁ ତାଙ୍କ ଚେଲାମାନେ ଏବେ କଂଗ୍ରେସରେ ପାସ କରାଇ ନେଲେ ଯେ ଆମର ତାଙ୍କ ଉପରେ ଆସ୍ଥା ଅଛି । ବାବା କିଏ ତାଙ୍କୁ ଅନାସ୍ଥା କରିଥିଲା ? ଆପେ ଆପେ ତ ଅନାସ୍ଥା ହେଲେ ।.........

ଏଡ଼ା ସୁଭାଷବାବୁଙ୍କୁ ଆମେ ଏମ୍ବର ଅଭି-ମନ୍ୟୁ କହି ପାରୁନାହୁଁ ନାହିଁ । କେବଳ ଉତ୍ତରର ଅଭାବ ଯାହା; ତା ନୋହିଲେ ବୀର ପତିଆରେ ଏଡ଼ା ପଡ଼ା ଅଭିମନ୍ୟୁ । ହେଲେ କ'ଣ ହେବ ଢଟକ୍ୟୁହଟ । ଭେଦ କରିଗଲେ ଠିକା, ଅଉ ଫେରି ପାରିଲେ ନାହିଁ ତ ? ତା-

Digitized by srujanika@gmail.com

ପରେ ସପ୍ତରଥୀ ଯାହାରେ ଦ୍ୱାଦଶ ଥିଲେ ପାରନ୍ତେ କେତେବେଳେ ? ସମସ୍ତେ ମିଳିଯାଇ ଅଭିମନ୍ୟୁଙ୍କୁ ବଧ କରି ପକାଇଲେ । ପଣ୍ଡିତ ନେହେରୁ ତାଙ୍କର ପଞ୍ଚ କୁରୁକୁଳଙ୍କର ଜୟଗାନ କଲେ । କିନ୍ତୁ ଦୁଃଖ ଏତିକି ଯେ କେଶବେ ଶ୍ରୀକୃଷ୍ଣ ନିଜେ ମଧ୍ୟ ତୋହନ କୁରୁଗଣ ଅଭିଭୂତ କଲେ ।.........

ଏ ସବୁ ରଥୀଙ୍କ ଭିତରୁ ଆମ ଓଡ଼ିଶାର ଜଣେ ରୋମାଞ୍ଚକ ମୂର୍ତ୍ତିରେ ଚିତ୍ରିତ ହୋଇଥିଲେ । ସେ ହେଉଛନ୍ତି ମହାତପୀ ମହତାବ । ସେଙ୍କର ରଥୀ ହେବା ଯୋଗ୍ୟତା ଅଛି, ମହତ୍ୱ ଅଛି, କିନ୍ତୁ ବସ୍ତୁତଃ ? ଯେତେବେଳେ ଯାଇଁ ପକ୍ଷୀଙ୍କୁ ଚାଁଶୁଅ ଦେଇଛନ୍ତି ଏ ମହାତପୀ ସ୍ୱୟଂ ପଞ୍ଚ ଅସ୍ତ୍ର ଧରି ଲଢ଼ନ୍ତି ! ଅଭିମନ୍ୟୁଙ୍କ ବାହୁବଳ ଦେଖି ଏ ମହାତପୀ ତାଙ୍କ ପାଇଁ ଲଢ଼ିବାକୁ ଜବାବ ଦେଇ ଅଛିଥିଲେ । ପୁଣି ଯେତେବେଳେ ଦେଖିଲେ ଯେ ଏକାଦଶ ରଥୀ ଏ ତାଙ୍କୁ ଜେଲ ଯିବାକୁ ବସିଲେ ସେତେବେଳେ ସେ ମାତ୍ର ଏଗାରରେ ଏକ ମିଶାଇ ଦେଲେ । ଏଥିପାଇଁ ତାଙ୍କୁ ଗୋଟିଏ କଥା ଦୋଷ ଦେବ ନା ? ଯଦି କିଏ ଦିଏ ତେବେ ମହତାବଙ୍କୁ ଆମେ ବଡ଼ା ପତ୍ରପାଠର ବୁଦ୍ଧି ବତାଇ ଦେବୁ । ସେ କହି ପାରନ୍ତି—ମୁଁ ଦେଇ ନ ଥିଲେ ମଧ୍ୟ ସୁଭଦ୍ରାଙ୍କ ପରାଜୟ ହୋଇଥାନ୍ତା । ତେଣୁ ଯୋଗ ଦେବା ଦ୍ୱାରା ସୁଭଦ୍ରାଙ୍କର ଅଧିକ କିଛି କ୍ଷତି ହୋଇନାହିଁ । ଗଲା କଥା ଛାଡ଼—ଏ ଅବସ୍ଥା ପାଇଁ ହେଲେ ଓୟାର୍କିଂ କମିଟିର ନେତୃତ୍ୱ କର । ଆଉ ଏଣିକି ସେ ଦଳପତ୍ରିରଥ ନ ହୋଇ ପକା ଯୋଗସିଦ୍ଧ ହେବେ—ନିର୍ଦ୍ଧାତ ବାଜିଥ ବନିବେ । ଅଗରପଡ଼ା ରାଜ୍ୟକୁ ସତେ ପ୍ରଜାଙ୍କୁ ଛାଡ଼ି ଦେଇ ଚିର ଦିନ ଜାନକୀ ଭବନରେ ଅଧିଷ୍ଠିତ କରିବେ ।......

ଦିଲ୍ଲୀରେ ଯେଉଁ ଯୁଦ୍ଧ ହେଲା ସେଥିରେ ଆଉ ଜଣେ ସାମନ୍ତଙ୍କ କଥା ଆମେ ନକହି ରହିପାରୁ ନାହୁଁ । ସେଙ୍କ ନାମଟି ଯାହା ଗଣଟି ତାର ଉଲଟା । ଏ ରଥୀ ସେଦିନ ଭୀର ଦାନ୍ତ ଭାଙ୍ଗି ପଡ଼ି ଦଳର କହିଲେ—ଆମେ ଯଦି ଗଣ୍ଡ ହୋଇଛୁ, ତାଙ୍କୁ କ'ଣ ଆମେ ଇଚ୍ଛା-କଲେ ଖୋଲ ପାରିବୁ ନାହିଁ ? ଅର୍ଥାତ୍ ଆମେ ଯଦି ବୃକ୍ଷଙ୍କୁ ସମ୍ପର୍କ କରିଛୁ ତାଙ୍କୁ ପୁଣି ସିଂହାସନରୁ ବାହାର ଭକାଏ କରି ପାରିବୁ ନାହିଁ ? ତା ସଙ୍ଗେ ସଙ୍ଗେ ସେ ଅନ୍ତର ମଧ୍ୟ ପରିଷ୍କାର କରି କହିବା ଉଚିତ ଥିଲା— ଆମେ ଯେଉଁ ଫେଡ଼େରେସନକୁ 'ଛି'କରି ଦେଇଛୁ ଇଚ୍ଛା କଲେ ତାକୁ ଆମେ କ'ଣ ପୁଣି କୋଳ-କରି ନେଇ ପାରିବୁ ନାହିଁ ? ଅର୍ଥାତ୍ ଆମେ ଯେଉଁ ଛେପ ପକାଇଛୁ ତାକୁ କଣ ପୁଣି ଚାଟି ଦେଇ ପାରିବୁ ନାହିଁ ?

ହେ ସତ୍ୟ ମୂର୍ତ୍ତି, ତମେ ସତ୍ୟ କୁହ, ମିଥ୍ୟା କୁହ—ଏହା ଏକା ତମର ପକ୍ଷରେ ସମ୍ଭବ ହୋଇ ପାରେ—ତମର ମୁହଁରେ ଶୋଭା ପାଇ ପାରେ, କିନ୍ତୁ ସମସ୍ତଙ୍କ ପକ୍ଷରେ ନୁହେଁ ।

× × ×

ଏହି କଟେଟେଦନ ହେବ ଭାରତର ସାମ୍ପ୍ର-ଦାୟିକ ଗଗନରୁ କୋଟିଏ ଉଜ୍ଜ୍ୱଳ ନକ୍ଷତ୍ର କେଉଁ ଅନନ୍ତ ଗର୍ଭରେ ଅସ୍ତମିତ ହୋଇ ଯାଇଛନ୍ତି । ସେ ଧୂମକେତୁ ପୁଣି କେବେ ଉଦୟ ହେବେ ସେ କଥା କେହି କହି ପାରିବ ନାହିଁ । ହୁଏତ ସେ ମକ୍କା ପଥରେ କୌଣସି ଫକୀରଙ୍କ ଠାରୁ ଦୁଷ୍ଟ ସନ୍ଦେହ କରିବାରେ ଲାଗିଥିବେ । କିମ୍ବା ଗାନ୍ଧିଙ୍କ ଭଳି ଗୋଟିଏ ଛେପାଏ ତୁଷା ଦେବାର ଶିଖ ଖୋଜି ବୁଲୁଥିବେ । ତା ନୋହିଲେ ଗଲା ସେ ସବୁ । ମାନ ମହତ ସବୁ ଗଲା । ଶେଷରେ ୩୦ ବର୍ଷ ପରେ ସେ ଜବାହିତ ମୁସଲମାନ ନେତା ସ୍ୱଦେଶକୁ ପେଟ ମୁସଲିମ୍ ଲିଗକୁ ବଳି କରି ଦେଇ କଂଗ୍ରେସକୁ ଭୁଲିଯାଇ ଥାନ୍ତେ ? ଇଜନ୍ପୁର ନେତା ମାନେ ମୁସ୍‌ଲିମ୍‌ଲିଗ୍‌କୁ ନ ଆସି କଂଗ୍ରେସରେ ଯୋଗ ଦେବାକୁ ଅଣିଥାନ୍ତେ ? ତାଙ୍କ କଥା ନଶୁଣି ବ୍ରିଟିଶ ସରକାର ବୁଢ଼ା ଗାନ୍ଧିଙ୍କର ସମ୍ମୁଖ ଭଉଣୀରେ ମୁଣ୍ଡ ନଇଁଥାନ୍ତେ ? ଗଲା—ଗଲା—କିଏ ଯାଉଥିବ—ଧର ଏଥର ଠେଙ୍ଗା ଧର । ବ୍ରଜପୁର ଗଲା—ଗିରିଧାରୀ ଗୋବର୍ଦ୍ଧନ ଧାରଣ କର । ତମେ ଉଦ୍ଧାର ନକଲେ ଇସଲାମ୍ ଆମର ଉଦ୍ଧାରେ ପଡ଼ିଯିବ ଯେ ! ପଦ୍ମଗମ୍ଭୀରଙ୍କ କଥା ଝୁଟା ହୋଇଯିବ ଯେ । + +

ଭଲେଇ ମାରଫତରେ ଶୁଣୁଥିଲା ପରେ ଆମ କଂଗ୍ରେସ ସରକାରଙ୍କ ଅଫିମ ଉଠାଇବା ଭାର ହେଉଛନ୍ତି ଦାବେଗା ବଲ୍ଲଭ ହାତରେ । ଘରେ ଯେତେବେଳେ ଭାଙ୍ଗ ପୋଇବ ସେତେବେଳେ ଉଡ଼ିବ । ଏ ଯାତ୍ରା ଅମ ସରକାରଙ୍କୁ କାହିଁକି ଧରିଲା ତାହା ସହଜେ ବୁଝି ପାରୁଥିବେ । ଅନେକଙ୍କ ନିଶା ନିବାରଣୀ କାର୍ଯ୍ୟ ପାଇଁ ଯଦି ସରକାର ସ୍ୱତନ୍ତ୍ର ମନ୍ତ୍ରୀ ନିଯୁକ୍ତ କରିବାକୁ ଚାହାନ୍ତି, ତେବେ ସେଥିପାଇଁ ଗୋଟିଏ ସ୍ୱତନ୍ତ୍ର ବିଭାଗ କରନ୍ତୁ । ତା'ହେଲେ ସେମାନେ ସେମାନଙ୍କର କାର୍ଯ୍ୟ କରିବାକୁ ଯେପରି ମୁକ୍ତହସ୍ତ ହେବେ ସେହିପରି ମଧ୍ୟ ଦ୍ରୁତ ଅଗ୍ରଗତି କରିବେ ଓ ଅବକାରୀ ବିଭାଗର ଦୋଷାଦୋଷ ଧରି ପାରିବେ । × ×

ଆମ ହିନ୍ଦୁଧର୍ମର ପ୍ରଧାନ ଦେବତା ଲର୍ଡ୍ ମହାଦେବ ଓ ତାଙ୍କ ୱାଇଫ୍ ଲେଡ଼ି ଦୁର୍ଗା ବା କାଳୀ ଦୁହେଁ ଅବକାରୀ ମାଲର ପ୍ରଧାନ ପୋଷକ । ଶୁଖିଲା ମାଲ ଭାଙ୍ଗ, ଗଞ୍ଜା ମହାଦେବଙ୍କର ଓ ପ୍ରଧାନ ମ—କାର ମଦ ମା କାଳୀଙ୍କର ଅତି ପ୍ରିୟ ଭୋଗ ବା ଖୋରାକ । ଏହା ଛଡ଼ା ଆମ ବଳରାମ ଠାକୁରଙ୍କର ବାରୁଣୀ ନହେଲେ ନଚଳେ, ଓ ଇନ୍ଦ୍ରାଦି ତେତିଶ କୋଟି ଦେବତାଙ୍କର ସୋମରସ ପାନ ନକଲେ ନିଷ୍ଠାର ଠିକ ରହେ ନାହିଁ ।

ଏଥିରୁ ଜଣା ଯାଉଛି ଭାଙ୍ଗ, ଗଞ୍ଜା କେତେ ପବିତ୍ର ପଦାର୍ଥ । ମଦ କଥା ଛାଡ଼ । ସେ କାଳର ବାରୁଣୀର ଅଧୁନିକ ନାମ ଧାନ୍ୟମଦ, ସୋମ ରସର ନାମ ଖଜୁରିରସ ବା ତାଡ଼ି ବୋଲି କେ'ଜଣ ମନେ କରୁଛନ୍ତି । ଅଫିମଟାକୁ ଯେ ଅହିଫେନ ବୋଲି କୁହାଯାଏ ସେଥିରୁ ଜଣା ଯାଉଛି ତାହା ପ୍ରକୃତରେ ଅମୃତ—ସମୁଦ୍ର ମନ୍ଥନରୁ ଉତ୍ପନ୍ନ ଅମୃତ । ବାସୁକୀଙ୍କ ପାଟିରୁ ଫେଣ ବାହାରି ମିଶିଥିଲାରୁ ତାର ନାମ ଏପରି ହୋଇଛି । ଅଫିମର ଅମୃତମୟ ଗୁଣ କିଏ ବା ନଜାଣେ ? ଯେଥିରୁ ଏଦେଡ଼ା ବୁଢ଼ାଙ୍କ ମହାଦେବ ଖାଇ 'ନୀଳକଣ୍ଠ' ହୋଇଛନ୍ତି ନାହିଁ ।

ବର୍ତ୍ତମାନ ଏହିଳି ଯଉଁ ଉପକାରୀ ଓ ପବିତ୍ର ଅବକାରୀ—ତାକୁ ବାରଣ କରି ସରକାର ଧର୍ମ ଉପରେ ହସ୍ତକ୍ଷେପ କରୁ ନାହାନ୍ତି କି ? କହିବୁ କାହାକୁ ! ବାବା ବିଶ୍ୱନାଥ, ତୁମେହିଁ ରକ୍ଷାକର !

Digitized by srujanika@gmail.com



ପ୍ରିୟ ସଚ୍ଚି ବାବୁ,

ଆପଣଙ୍କ ନିର୍ଦ୍ଦେଶ ମତେ ସବୁ କାମ ହାସଲ ହେଉଛି । ନବବାବୁ ଏଥର ଖାସା ଚିତପଟାଙ୍ଗ୍ ଖାଇ ପାଇଛନ୍ତି । ଆଉ ଯେପରି କେବେ ପ୍ରେମ କରିବାକୁ ମନ କରିବେନି । ଚନ୍ଦ୍ରମଣି ଅନ୍ନପୂର୍ଣ୍ଣା Part ବଡ଼ ବଢ଼ିଆ Play କଲା । ଅନ୍ନପୂର୍ଣ୍ଣା ସାଜି ନବବାବୁଙ୍କ ସାଥିରେ "Desert Queen" ବି ଦେଖି ଆସିଲା । ସେ ତାଙ୍କୁ ପ୍ରେମର Climax କୁ ଚଢ଼େଇ ଦେଇ ତଳକୁ ଫିଙ୍ଗି ଦେଇଛି । ଆପଣ ଏ ସବୁ ନିଜେ ଶୁଣିଲେ ଚମତ୍କୃତ ହେବେ । ଶୀଘ୍ର ଆସିବେ । ଅମ ଚିଠିଟା ଟିକେ ଶୀଘ୍ର ମିଳିଲେ ହୁଏ । ଅମେ କିଛିଦିନ ତଳେ ଅନ୍ନପୂର୍ଣ୍ଣାକୁ ତା' ବାପା ସାଙ୍ଗରେ ସିନେମାରେ ଦେଖିଥିଲୁଁ । ସେ ଅଜକାଲି ଭାରି ନୀରସ ଓ ମଉନ ଥିଲା ପରି ଜଣା ଯାଉଛି । ଆପଣ ଚଞ୍ଚଳ ଅସି ତା' ସହିତ ସମ୍ବନ୍ଧ ଲଗାନ୍ତୁ । ଅଉ ସମସ୍ତ ମଙ୍ଗଳ ।

। ଇତି ।

ଆପଣଙ୍କର—ରମେଶ ।

ସଚ୍ଚିବାବୁ ସକାଳ ଅ ଠ ଟା ରେ ବିଛଣାରେ ଚିଠିଟା ପାଇ ସେଠୁ କୋର୍ଦ୍ଦି ପଡ଼ିଲେ । ଘର ଭିତରେ "କାମ ହାସଲ ହୋ ଗେୟା" କହି ନାଚିଗଲେ ବଡ଼େ । କହିବାଲାଅ ଡ୍ରେସଟା ବାହିଁ ଅ ମାନିଥିଲା ଏକା; କେବଳ କେମେରା ନ ଥିଲା ଯାହା ।

ସେ ଭାବିବାକୁ ଲାଗିଲେ, 'ମୁଁ କେଡ଼େ ... କବି ନୁହେଁ । ନବକିଶୋରକୁ ଏଥର ଦେଇଛି ପାନେ ଚଢ଼େଇ । କବି ମହଲରେ ମୋ ତୁଳନାରେ କବି କିଏ ନୁହେଁ । ମୁଁ ଓଡ଼ିଶାରେ ସବୁଠୁ ବେଶୀ ପରିଚିତ । ସୁଦୂର ଗଞ୍ଜାମର ମୁଖପତ୍ର 'ନବୀନ' ପତ୍ର ମୋ ବହି ଗୁଡ଼ିକର ବିଜ୍ଞାପନ ବିନା ପଇସାରେ ଛପାଏ । ହୁଁ, ସେ ପେର ମୋ ସାଙ୍ଗରେ ବାଦ ସାଧିବାକୁ ଯାଉଛି ।

ଅନ୍ନପୂର୍ଣ୍ଣା କଥା ଭାବି ପ୍ରେମ ତାଙ୍କର ଉଚ୍ଛୁଳି ଉଠିଲା । କିନ୍ତୁ କଳ୍ପନା ମୂନରେ ଭାଷା ଆସିଲାନି । ଭାବି ଭାବି ଥକି ଗଲେ । ଶେଷରେ ନିହାତ ବିବକ୍ତ ହୋଇ ପୂର୍ବ ଅଭ୍ୟାସ ଅବଲମ୍ବନରେ ଟେବୁଲ ଉପରୁ

## କବି

(ଚତୁର୍ଥ ସ୍ତର)

ଲେଖକ—ଦୁଇଟି ମଳୟ ବନ୍ଧୁ ।

ଖଣ୍ଡେ ପୁରୁଣା ବଙ୍ଗଳା ପତ୍ରିକା ଟାଣି ଆଣି କବିତା ଲେଖିବାକୁ ଲାଗିଲେ । କବିତା ଲେଖା ସରିଲା । ପଢ଼ି ସାରି ନିଜେ ନିଜକୁ କହିବାକୁ ଲାଗିଲେ, "ଅଃ, ସୁନ୍ଦର କବିତା । ପ୍ରେମର ଉଦ୍ରେକ ନ ହେଲେ କି ଏତେ ସୁନ୍ଦର କବିତା କେବେ ବାହାରେ । ଏଟାକୁ ଅଉ କେହି ଧରି ପାରିବେନି । ଏଥର ଶୀଘ୍ର କଲିକତାକୁ ଯାଇ ଯେପରି ହେଲେ କାମ ହାସଲ କରିବାକୁ ହେବ ।

ପୁଣି ମନରେ ପାପ ଛୁଇଁଲା, ନଟବର ସାଙ୍ଗ ମନମୋହନଟା ସେଠି ଅଛି । କିଛି ଜାଣି ପାରି ଗଣ୍ଡଗୋଳ ଲଗେଇବନି ତ । ହ, ତାକୁ ପୁଣି ଖାତିର । ତାକୁ ବି ପଟାଏ ଦେଇ ଦେବ ।

\+ + +

ନବବାବୁ କେଣେ ପାଗଳଙ୍କ ପରି ଦୌଡ଼ି ୨ ଷ୍ଟେସନରେ ଅସି ଦେଖନ୍ତି ଗାଡ଼ି ଛାଡ଼ି ଦେଇଛି । ନିହାତ ମନ କଷ୍ଟରେ କ'ଣ କରିବେ ଭାବି ଭାବି Waiting Roomକୁ ଅସୁଛନ୍ତି ହଠାତ୍ ଦେଖା ହେଲା ସୁପରିଚିତ ସାହିତ୍ୟିକ ବନ୍ଧୁ ମନମୋହନ ବାବୁଙ୍କ ସାଥିରେ । ସମ୍ଭାଷଣ ପରେ ମନମୋହନ ବାବୁ ପଚାରିଲେ, "କିଓ ତମେ ଏ ଅସମୟରେ କେଉଁଠୁ କୁଆଡ଼େ ?" ନବବାବୁ ନିଜର ମନ କଥା ଚାପି ରଖି କହିଲେ, "Change ପାଇଁ ଟିକେ ପୁରୀ ବୁଲି ଅସିଥିଲି । ଅଜି ଫେରୁଥିଲି, ଗାଡ଼ି ଫେଲ ହୋଇଗଲି ।"

ମନମୋହନ ବାବୁ—ଯାହା ହେଉ, ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ । ଦେଖା ହେବାର ଏହା ଭିତରେ ଅଉ ସୁଯୋଗ ନ ଥିଲା । ଚାଲ ଅମ ଘରକୁ ଚାଲ ।

ନବବାବୁ ଅନ୍ତ ଚିନ୍ତିତ ହଉ ତାଙ୍କ ସାଙ୍ଗରେ ଚାଲିଲେ । ବନ୍ଧୁ ଓ ତାଙ୍କ ସ୍ତ୍ରୀଙ୍କ ଅନୁରୋଧରେ ସେମାନଙ୍କ ସହିତ କିଛିଦିନ କଲିକତାରେ କଟାଇବାକୁ ହେଲା ।

ସନ୍ଧ୍ୟାବେଳ ମନମୋହନ ବାବୁ ଓ ନବବାବୁ ବୁଲି ଘରେ ପହଞ୍ଚି ଦାଣ୍ଡ ପିଣ୍ଡାରେ ଅରାମ ଚୌକିରେ ବସି ବେଶ ଗପ ଜମେଇ ଦେଇଛନ୍ତି । ନବବାବୁ ଝରକା ଭିତରୁ କୌଣସି କଣ୍ଠୋତ୍ଥିତ ହାରମୋନିଅମର ମଧୁର ରାଗିଣୀ ଶୁଣି ପାରିଲେ । ନବବାବୁ ସେଠୁ ପଚାରିଲେ, "କିଏ ଗାଉଛନ୍ତିରେ ମନୁ ?"

ମନମୋହନ ବାବୁ ହାତ ଦେଖାଇ କହିଲେ, "ସେ ପଖ ଏ ଯେଉଁ କୋଠାଟା ଦିଶୁଛି, ସେଇ କୋଠାରେ ଥାଆନ୍ତି— କୃପାସିନ୍ଧୁ ମହାନ୍ତିଙ୍କ ଝିଅ ଅନ୍ନପୂର୍ଣ୍ଣା । ସେ ଏଇ କଲିକତାରେ ପଢ଼େ । ତାଙ୍କ ଘର ଅମ ଦିଅଡ଼େ । ଅମ ଘରକୁ ସେ ଅନେକ

ସମୟରେ ଭୁଲି ଯାଆନ୍ତି । ଭାରି Forward. ସାହିତ୍ୟିକା ମଧ୍ୟ । ଅ, ମିନା ବେଶ ଶିକ୍ଷା ପରିଚୟ କରିଦେବ ତା ସାଙ୍ଗରେ । ଉମା ସାଙ୍ଗରେ ତା'ର ଭାବ ଭଲ ପଡ଼େ ।

ନବକିଶୋର ବାବୁ ପୁଣି ସିନେମା ହଲରେ ଭୁଲିଲା ପରି ଭାବିବାକୁ ଲାଗିଲେ । ସ୍ୱପ୍ନ ନା ସତ୍ୟ ତାଙ୍କର ସନ୍ଦେହ ହେଲା । ଭାବିବାକୁ ଲାଗିଲେ, "ମନମୋହନଟା ମଧ୍ୟ ତାଙ୍କ ଦଳର ନା କଣ — ନାଃ ସେ ତ ସେପରି ପିଲା ନୁହେଁ ସତେ କଣ କେହି ଜଣେ ଅନ୍ନପୂର୍ଣ୍ଣା ଅଛି ?" ପ୍ରଥମେ ପିବାକୁ ରାଜି ହେଲେନି । ମନମୋହନବାବୁ—"ତାଙ୍କୁ ଲାଜ ଗୋଟେ କ'ଣ କରୁଛୁ—ଅ···ନା···" କହି ଘର ଭିତରକୁ ଡାକି ନେଇ ଚାଲିଗଲେ ।

ମନମୋହନ ବାବୁଙ୍କ ସ୍ତ୍ରୀ ଓ ଅନ୍ନପୂର୍ଣ୍ଣା ଦୁହେଁ ବସିଥିଲେ । ଏ ଦି ଜଣ ପହଞ୍ଚିଲା ମାତ୍ରେ ସେମାନେ ହାରମୋନିଅମ ବନ୍ଦ କଲେ । ମନମୋହନ ବାବୁ କହିଲେ, "ଅନ୍ନପୂର୍ଣ୍ଣା ଏ କିଏ ଜାଣିଛୁ ? ଏ ହେଉଛନ୍ତି ଶ୍ରୀ ନବକିଶୋର ଦାସ । 'ନବଭାରତ' 'ସହକାର'ରେ ଯାହାଙ୍କର କେତେ କବିତା ଓ ପ୍ରବନ୍ଧ ପଢ଼ିଥିବୁ । ସେଦିନ 'ନବଭାରତ'ରେ 'ଅପୂର୍ଣ୍ଣତାର ବାଣୀ' ପଢ଼ି ଭାରି ଭଲ ହେଉଛି ବୋଲି କହୁ ନଥିଲୁ ? ସେଇ ଏଇ ନବବାବୁ (ଅଙ୍ଗୁଳି ଦେଖାଇ) ଲେଖିଛନ୍ତି ଯେ—"

ଅନ୍ନପୂର୍ଣ୍ଣା ଚକିତ ନୟନରେ ଅନାଇ କହିଲା, "ଓଃ ଆପଣ ନବବାବୁ, ନମସ୍କାର । ଯାହାହେଉ ଆପଣଙ୍କୁ ଏତେ ଦିନେ ଦେଖିଲି । ମୁଁ ଆଶା କରି ନଥିଲି ଏ ଜୀବନରେ ଭେଟିବି ବୋଲି । ଯାହାହେଉ ମୋର ଆଜି ବଡ଼ ସୌଭାଗ୍ୟ । ମୋର ଆଶା ଏତେଦିନେ ସଫଳ ହେଲା । ଅନେକ ଦିନ ତଳେ ମୁଁ ଆପଣଙ୍କ ପାଖକୁ ଖଣ୍ଡେ ଚିଠି ଦେଇଥିଲି ପାଇଥିଲେ ବୋଧହୁଏ ?"

ନବବାବୁ—ହଁ ପାଇଥିଲି ।

ଅନ୍ନପୂର୍ଣ୍ଣା---କାହିଁ, ଉତ୍ତର ଦେଲେନି । ବଡ଼ ଲୋକ ଆପଣ ।

ନବବାବୁ---[ ଚିନ୍ତିତ ଭାବରେ ] ମୁଁ ତ ଚିଠି ଦେଇଥିଲି ।

ଅନ୍ନପୂର୍ଣ୍ଣା---ଓଃ କିବା ଜାଣନ୍ତି ଆପଣ, ଗୋଳରେ ବୋଧେ ଡାକଘରେ ନ ପକେଇ କାହିଁ କେଉଁଠି ରଖି ଦେଇଥିଲେ ।

ନବବାବୁ ମୁହୂର୍ତ୍ତକ ମଧ୍ୟରେ କେତେ କଥା ଭାବିଗଲେ । କ'ଣ କହିବାକୁ ଯାଇ ହଠାତ୍ ବନ୍ଦ ହୋଇ ପଚାରିଲେ, "ଅଚ୍ଛା, ଆପଣ ସଚ୍ଚିଙ୍କୁ ଚିହ୍ନନ୍ତି ?" ଅନ୍ନପୂର୍ଣ୍ଣା କେଉଁ ସଚ୍ଚି ଭାବିବାକୁ ଲାଗିଲା । ମନମୋହନ ବାବୁ ତାଙ୍କ ଆଡ଼କୁ ଅନେଇ କହିଲେ, "ସେ ଯେଉଁ ସଚ୍ଚିବାବୁ ଆମ ଘରକୁ ଅନେକ ସମୟରେ ଆସନ୍ତି ।"

ଅନ୍ନପୂର୍ଣ୍ଣା—ଓ, ସେଇ ସଚ୍ଚିବାବୁ । ସେ କାହିଁକି ଅନେକ ଦିନ ହେଲା ଆଉ ମୋ ପାଖକୁ ଆସୁ ନାହାଁନ୍ତି । ବୋଧହୁଏ ଥରେ ଥରକ ମୁଁ ବିରକ୍ତ ହୋଇ ସେ ଦେଇଥିବା 'ମିତ୍ରଗୀତ' ବହିଟା ଫେରେଇ ଦେଲି ବୋଲି ତାଙ୍କର ଏତେ ରାଗ । ପଣ୍ଡିତ ଲେଖନ୍ତି । ପ୍ରକୃତରେ 'ନବଭାରତ'ରେ "ରାତ ଦିପହରେ" ଲେଖା ପଢ଼ିଲା ଦିନୁ ମୋର ତାଙ୍କ ପ୍ରତି ସ୍ୱତଃ ଗୋଟେ ଘୃଣା ଚାଲି ଆସିଛି । ମନୁଭାଇନା କେତେ ଥର ତାଙ୍କର ବଙ୍ଗଳାରୁ ଚୋରି ମୋତେ ଦେଖେଇ ଦେଇଛନ୍ତି । ଅଚ୍ଛା (ମନମୋହନ ବାବୁଙ୍କ ଆଡ଼କୁ ଅନେଇ) ସେ ଥର ଜଣକ କିଏ ? ଚୋରି ତାଙ୍କର ଧରା ପଡ଼ିଥିଲା ।

ମନମୋହନ ବାବୁ---(ନବ ବାବୁଙ୍କ ଆଡ଼କୁ ଅନେଇ ମୁରୁକି ହସି) ଓଃ ସେ ଲକ୍ଷ୍ମୀଧର ମ ।

ନବବାବୁ ଆକାଶ ପାତାଳ ଭାବିଗଲେ । ସତେ କେବେ କ'ଣ ଜଣେ ଅନ୍ନପୂର୍ଣ୍ଣା ଅଛି । କେବେ ତାଙ୍କର ଭାବନା ସ୍ୱପ୍ନ ନୁହେଁ ସତ୍ୟ । ସଚ୍ଚି ତା' ଭିତରେ ଏତେ ବଦମାସି କରୁଛି । ତା'ପରେ ମନମୋହନ ବାବୁଙ୍କ ଆଡ଼କୁ ଅନାଇ କହିଲେ—ଆରେ ମନୁ, ସଚ୍ଚିଟା ଏତେ ଜୁଆଚୋର ବୋଲି ଜାଣି ନଥିଲି—ଆମ ଭିତରେ କ'ଣ କରୁଛି ଜାଣୁ ? ବଙ୍ଗଳାରୁ ତ ଲେଖା ଚୋରି କରୁଥିଲା । ଏବେ ଚିଠି ବି ଚୋରି କଲାଣି ।

ମନମୋହନ ବାବୁ—( ଉଦ୍‌ବେଗରେ ) କ'ଣ ହେଲା କ'ଣ ହେଲା ?

ନବବାବୁ ବନ୍ଧୁଙ୍କ ଆଗରେ ସବୁ ଘଟଣା ସରଳ ଭାଷାରେ ଆଦ୍ୟୋପାନ୍ତ ବଖାଣି ଗଲେ । ମନମୋହନ ବାବୁ ଆଶ୍ଚର୍ଯ୍ୟରେ ଅବାକ୍ ବା ହେଇ କହିଲେ, "ଆରେ ଆମ ଭିତରେ ଏତେ କଥା ହେଇ ଯାଉଛି । ସଚ୍ଚି ଗୋଟେ କେବେ ପୁରା···(ଅନ୍ନପୂର୍ଣ୍ଣା ପ୍ରତି ଲକ୍ଷ୍ୟକରି) ତମେ ଏଭିତରେ ଖଣ୍ଡେ ଚିଠି ଦେଇଥିଲ କାହିଁ ଆମେ ତ ଜାଣିନୁ—

ଅନୁ ଲାଜରେ ତଳକୁ ମୁହଁ ପୋତି ଦେଲେ । ଅନ୍ନପୂର୍ଣ୍ଣା ତା'ପରେ କହିଲେ, ଅଚ୍ଛା ଆପଣଙ୍କୁ ସଚ୍ଚିବାବୁ ଏ ମିଛ ଠକେଇଲେ—ଆପଣ ତାଙ୍କୁ ଥରେ ଅଚ୍ଛା କରି ପାଠେ ଦେଇ ପାରିବେନି ? ସମସ୍ତେ ହସି ଉଠିଲେ—

+ +

ଦିନେ ଅନ୍ନପୂର୍ଣ୍ଣା କୃପାସିନ୍ଧୁ ବାବୁଙ୍କ ସାଙ୍ଗରେ ଯାଇଛି ସିନେମା ଦେଖି । ସିନେମା ହଲରୁ ବାହାରି ଆସିଲା ବେଳେ ଦେଖା ହେଲା ସଚ୍ଚିବାବୁଙ୍କ ସାଙ୍ଗରେ ।

ସଚ୍ଚିବାବୁ—ନମସ୍କାର, ଭଲ ଅଛନ୍ତି ତ?

ଅନ୍ନପୂର୍ଣ୍ଣା—ହଁ, ନମସ୍କାର, ବାପା ଅଛନ୍ତି—ଆପଣ କାଲି ସନ୍ଧ୍ୟା ସାତଟା ବେଳେ ଟିକେ ଆମ ଘରକୁ ଆସିବେ ନାଁ । ବାପା meetingକୁ ଯାଇଥିବେ ।

ତହିଁ ଆରଦିନ ସନ୍ଧ୍ୟା ପ୍ରାୟ ଛ'ଟା ବେଳେ ସଚ୍ଚିବାବୁ ତାଙ୍କ ଜହରଲାଲ୍‌ଅ ପୋଷାକଟା ପିନ୍ଧି ବେଶ ଜାକ ଜମକରେ ବାହାରି ପଡ଼ିଲେ ବଜାରରୁ ଗୋଟେ ମିଷ୍ଟ ସ୍ନୋ, ଅଜନ୍ତା ହେଅର କ୍ରିମ ଓ ଗୋଟେ

[୧୬ ପୃଷ୍ଠା ଦେଖନ୍ତୁ]

Digitized by srujanika@gmail.com



—ଚିନ୍ତା କରେ ହୁ—ହୁ—ହୁ—

ଏ ଚତାର ବିରାମ ନାହିଁ—ବିଶ୍ରାମ ନାହିଁ—ଏ ଚିତା କେତେବେଳେ ନିଭେନା—ନିଭିବ ବି ନାହିଁ—ଯେତେଦିନ ଯାଏ ଏ ଜଗତ ଅଛି । ଏ ଚିତାରେ ପ୍ରତି ମୁହୂର୍ତ୍ତରେ—ପ୍ରତି ମିନିଟ୍‌ରେ—ପ୍ରତି ନିମିଷରେ ଜୀବନଠାରୁ ଅମୂଲ୍ୟ, ଧନଠାରୁ ପ୍ରିୟଲାଗୁଥିବା କେତେ ଯେ କଣ ଭସ୍ମ ହେଉଛି—ମିଳେଇ ଯାଉଛି—ତାର ହିସାବ କିଏ ରଖି ପାରିବ ?

—ପଡ଼ୋଶୀ ଏକରକମର ଚିନ୍ତା—

ଘରର କୋଣରେ ପଡ଼ି କାନ୍ଦୁଥିଲା ଝିଅଟି—ସେ ପଡ଼ୋଶୀ ପୂଜା କରେ—କିମିତି ଜାଣନ୍ତି ? ଯେ ପୂଜାରେ ଫୁଲ ଚନ୍ଦନ ପଡ଼ି ଦରକାର ହୁଏ ନା—ଆରତି ଘଣ୍ଟା ବାଜେନା—କ୍ଷୁଧା ସଙ୍ଗେ ସମର କରିବାକୁ ପଡ଼େନା—କିମ୍ବା ମନ୍ତ୍ର ଜପ କରିବାକୁ ହୁଏନା । ଅଦ୍ଭୁତ ପୂଜା ସେ—

ହଁ—ଆଶ୍ଚର୍ଯ୍ୟ ହେବାର ଏଥିରେ ତ କିଛି ନାହିଁ । ସେ ପୂଜା କରେ—ଆଖିରୁ ଅଶ୍ରୁ ଢାଳି—ପ୍ରାଣରୁ କୋହ କାଢ଼ି—ସବାଶେଷରେ ହୋ-ହୋ କରି ଉଠେ—ଦେଖିଲା ଲୋକେ ମୁହଁରେ ହାତ ଦେଇ ହସନ୍ତି—ସେମାନଙ୍କ ଭିତରେ ଆଲୋଚନା ଚାଲେ— "ପାଗଳୀ ଟା—।" କିନ୍ତୁ ବାସ୍ତବରେ ସେ ପାଗଳୀ ନୁହେଁ—ତୁମ ମୋ ପରି ଗୋଟିଏ ନାରୀ । ସେ ଅନୁତାପ କରେ—ଗଭୀର ଅନୁତାପ—ସେହି ଅନୁତାପରେ ସେ ପାଗଳୀ ହୋଇଯାଏ—ଆପଣାକୁ ଭୁଲିଯାଏ—ଭୁଲିଯାଏ ଦୁନିଆକୁ ।

ଆଚ୍ଛାହେଲା ଦେଖିଲେ—ତୁମ ମନ ଏଇ ନାଚିଉଠିଏ—ଚନ୍ଦ୍ର ଆକାଶରେ ଏକା—କଳା ମେଘ ପଛ ତା ଚନ୍ଦ୍ରମା ମୁହଁରେ ଚଷାଦର ଗୋଟିଏ ଜଗିବ ଶ୍ରଦ୍ଧା । ଏହା ଯିବିଣ ସବୁ ସୁନ୍ଦର ଧରଣୀ ତାର ଯୋଡ଼ ଯାଉଛି—ବାସ୍ତବିକ ଯାଉଛି କି—ଅନନ୍ତ ଜନ୍ମାନ୍ତରର ହୁଣ୍ଡଅଳ ହୁ—ହୁ—ଚାରିଆଡ଼ର—ସବୁ ସୁଖ ସୋହାଗ, ସ୍ନେହ, ସରଳତା ତାର ଲୀନ ହୋଇ ଯାଉଛି—

ହଁ, ପଡ଼ୋଶୀ—ସେ ପଡ଼ୋଶୀ ଗୁଡ଼ା ଭାବୁଛ ଜାଣନ୍ତି ? ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ନୁହେଁ—କିମ୍ବା ସତୀ ସାବିତ୍ରୀ ସୀତାଙ୍କର

ଚିନ୍ତା ।

ଲେଖିକା—ଶୈଳବାଳା

ନୁହେଁ—ସେ ପଡ଼ୋଶୀ ପେଟଭିତ୍ତି ତା'ର—ନିଜର ।

ଆଶ୍ଚର୍ଯ୍ୟ ହେଉଛନ୍ତି ? କିନ୍ତୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଏଥିରେ । ଆଶ୍ଚର୍ଯ୍ୟ ହୁଏ ସେ, ଯେ ତା ପୂଜାକୁ ଭୁଲ ବୁଝେ—ଯେ ତାକୁ ଭୁଲ ବୁଝେ—କାହିଁ ଗୁଁ କାହିଁ, ଯେ ଆପଣାକୁ ବି ଭୁଲ ବୁଝେ । କାରଣ ସେ ପ୍ରକୃତରେ ନିଜ ପଡ଼ୋଶୀକୁ ପୂଜା କରେନା—ଆପଣାକୁ ପୂଜା କରେନା—କରେ ନିଜର ଅବସ୍ଥାକୁ—ନିଜର ପରିସ୍ଥିତିକୁ ।

ଆଉ ଏକ କରୁଣ ଚିତ୍ର ଘରଣୀକୁ ଦେଖ ମାତ୍ର ଭୁଟ୍ୟ ଯେ ଧିନା ଅନୁଭବ

କରୁଛି—ଲୋକଙ୍କୁ ବେଦନା ସହ୍ୟର ହୁଏ ତୋଳ ଦେଉଛି—କିନ୍ତୁ କିମିତ ପୁଣି କେନେ ଥିଲା—ମଲୟର ମଧୁର ପବନ ତା ପାଖରେ କେତେ କେତେ ସ୍ୱର୍ଗୀୟ କଳ୍ପନା ଜଗାଇ ଦେଉଥିଲା—ଚନ୍ଦ୍ର ରାଣୀ କାହିଁ କେନେ ନାଚ ପଶ୍ୱ ସ୍ୱଚ୍ଛତର କେତେ ଅମୃତ-ତୋଳା କାହାଣୀ କହି ଦେଉଥିଲା—ଯେତେବେଳେ ତାର ଚିତ୍ତପଟ ଅଙ୍କ ପର୍ବ ତମ ଧୂଡ଼୍ ଧୂଡ଼୍ କଲା ମେଲିମିଶି ମଧ ନ ଥିଲା—ଥିଲା ଠିକ୍ ଦିଶି ପଲା—ଦେବ କୃପାରୁ ପର ।

ସେ ଦିନେ ଅମୃତ ଭଳି ପବିତ୍ର ଥିଲା । ଦୁନିଆର ଦୁଃଖ ସୁଖ ସାଥିରେ ତାର ସମ୍ପର୍କ ନ ଥିଲା ହିଂସା ଅହଙ୍କାରର ଅର୍ଥ ଜାଣି ନ ଥିଲା—ଖାଉଥିଲା ଖେଳୁଥିଲା—ସମସ୍ତଙ୍କ ସାଥିରେ ଚର୍ଚ୍ଚା କରୁଥିଲା ଭଲ କଥାଟିଏ ଶୁଣିବା ପାଇଁ ମାଆ ପାଖରେ ଅଳି କରୁଥିଲା—ପଡ଼ୋଶୀକୁ ଚିହ୍ନି ନ ଥିଲା ଦେହକୁ ଅଲଗା ଆଖିରେ ଦେଖୁ ନ ଥିଲା—କୋଇଲି ବ ବସନ୍ତ-ରାଣୀ ବୋଲି ଜାଣି ନ ଥିଲା—କିନ୍ତୁ ତା ଆଖିରେ ଥିଲା ସମାନ ସ୍ୱାଦ—ଖେଳ ପଣ ସଜାଳ । ଉଷା, ବର୍ଷା, ଶୀତ । ଓ ସୁନ୍ଦର ! କି ମଧୁର !!

ସବୁ ଲୁଅରେ ଉଭେଇଯାଏ—ସବୁ ଲୁଅରେ ମିଳେଇ ଯାଏ ଠିକ୍ ଯେମିତି ଥିଲା ଅଭ୍ର କେମିତ କେଉଁ ଦେଶ କୋଉ ଆଡ଼େ ନ ହଁ—ଯେମିତି ଗୋଟିଏ ଛୁଆ ପଣ ଦିନରେ ସମସ୍ତେ ଧୀରେ ଧୀରେ ସିଝ ଯିବା ପରି ଯାଉଛି । କିନ୍ତୁ ସେ ଶାନ୍ତ, ସେ ଶୀତ, ସେ ... କରେ ଯାଏ ଥିବାର ସେହି ମନରେ ... ତୁର୍ ଲିଭିଗ ଅପେକ୍ଷା ସ୍ଥାନ ଆଉ ତ ନାହିଁ—ଖୋଲି ଦେଖିବାର ନାହିଁ ଲାଗେ—ସବୁ ଛାଇ ରୂପରେ କଥା ବଳି ଭଳି ଦେବ । ସେତେବେଳେ ସେ ଅବସ୍ଥା ବୁଝାନ୍ତୁ—ଆଖି ଧରିବ ନ ଥାଇ ଯାହା ଏହା ପଡ଼ୋଶୀ ସେ ... ଯାଏ ଥାଉଛି ମଣି ... —ଅଭିଯୋଗ ପୂଜା କରୁ ନ ଥାଏ । ତେବ ସେହି ଦୂର ... ଦୁଃଖ ... ପ୍ରକୃତ ଅଙ୍କରେଖା ଗୋଟିଏ ଲଳିତ ଅକ୍ଷର ଥାଏ, କିନ୍ତୁ ଦଳ ଦେଖୁ ଦୁଃଖ ଥାଏ ... ବୁଝାବୁ ସବୁ ଯେ ... ଆଉ ଗୋଟିଏ ଗୋଟିଏ

ଭୁଲ ଯାଉଛନ୍ତି ସେଠାକୁ ନିତ ଦେଖୁଥିବା ନଶ୍ୱର ମୋହ ହେଲେ ବି ସବୁ ହେଲେ ଯେମିତି ଜଣାଯାଏ ନାହିଁ 'ସେମିତି ସମସ୍ତେ ବୁଝନ୍ତି ଧରି ପାରିବେ ନାହିଁ—କିନ୍ତୁ ଦେବ ଧରି ପାରେ—ଦେଖିପାରି ସେ ଅଗତକୁ ପୂଜା କରେ—ଯେମେ ଯଦି ନିତାନ୍ତ କହିବ ତେବେ ଆପଣାକୁ ପୂଜା କରେ—କିନ୍ତୁ ତା କହିବା ଠିକ୍ ହେବ ନାହିଁ—ବରଂ ଅନ୍ୟାୟ ହେବ ବୋଧେ।

ଅନ୍ଧର ଦେବ—ସେ ଧନର ଦେବକୁ ପୂଜା କରେ—ସେ ଦେବକୁ ଏ ଦେବ ବଡ଼ ଭାଗ୍ୟବତୀ ମନେ କରେ। ତାର ମନପ୍ରାଣ ବାନ୍ଧି ଥାଏ—ଅଗ ଦେବ ପର ପୁଣି ହେଲେ ସେ ସ୍ୱତନ୍ତ୍ର। ଆଖିରୁ ଲୁହ ଗଡ଼ି ପଡ଼େ—

ଫଗୁଣ ଆସେ—ମଳୟ ବହେ—କୋଇଲି ଡାକେ—ବଉଳରୁ ମହୁ ଝରେ—ଅତି ନବୀନ ପ୍ରାଣରେ ବି ଆନନ୍ଦର ଝରଣାଟିଏ ବୁହାଇ ଦିଏ।

କିନ୍ତୁ ଜଣକର ତା ବୁଝେନା—ବରଂ ତା ପ୍ରାଣର ମରୁଭୂମିଟା ଉପରେ ଅଧିକ ଅନୁତାପ ଓ ହା-ହାକାରର ପ୍ରବଳ ଅଗ୍ନି ଜଳି ଉଠେ-- ସେତେବେଳେ ସେ ଥରେ ନିଜକୁ ଓ ଥରେ ସେହି ଦେବର ଛବିକୁ ଚାହେଁ। କଣ ଭାବି କହିଁ କହିଁ କରି କାନ୍ଦି ଉଠେ—ଏଇ ତ ତାର ପୂଜା। କାଳର ଅବଶ୍ୟାନ୍ତ ଧାରାରେ ଝରି ଝରି ମେଲେଇ ପଡ଼ୁଥିବା ଦେବକୁ ସେ ଶାନ୍ତି ଦିଏ—ଶ୍ରଦ୍ଧା ଅର୍ପଣ କରେ।

ସେ ଜାଣେ—ଭଲ ଭାବେ ଜାଣେ—ସେ ଅବସ୍ଥା ଆଜି ସେ କେବେ ହେଲେ ଫେରି ପାଇବନି! ସେ ଦେବ ଆଜି ସେ ଧନକୁ ପାଇଁ କି ହୋଇ ପାରିବନି—ବା ସେ ଦେବକୁ ଆଉ ଭାଗ୍ୟବତୀ—ପଶ୍ଚି ବୋଲି କହି ଅନୁତାପ କରି ଝୁରି ହେଲେ ମଧ୍ୟ ସେ ଆଉ ତା' ହୋଇ ପାରିବନି—କିନ୍ତୁ ତେବେ ବି—ତେବେ ବି ତାପାଇଁ ନ ଝୁରି ଅନୁତାପ ନକରି—ଦି ଧାର ଲୁହ ନ ଢ଼ାଳି ସେ ରହି ପାରେନା—ଗୋଟାଏ ନିଶ୍ଚୟ ଦ——।


## ଅଗ୍ନିତୁଣ୍ଡ ମୋଦକ

ମଳବେଗ ସମସ୍ତ ରୋଗର ମୂଳ। ସେହି ହେତୁ ଦୂଷିତ ମଳ ପେଟରୁ ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ। ଯେଉଁମାନେ ଅବାଲ୍ୟରୁ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଅନ୍ତତଃ ଏହି ମୋଦକ ଦୈନିକ ରାତ୍ର ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିଂବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନ କରି ସକାଳେ ଭଲ ଭାବରେ ଗୋଟିଏ ଝାଡ଼ା ହୋଇଯିବ—ତରଳ ହେବ ନାହିଁ। ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ, ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ଚଳାଇ ଦିଏ। ପରେ ଔଷଧ ସେବନ ନ କଲେ ସୁଦ୍ଧା ନିୟମିତ ଝାଡ଼ା ହୋଇଥାଏ।

ମୂଲ୍ୟ—୧୬ମାତ୍ରାକୁ ଟ୧୦ ( ଏକଟଙ୍କା )
୩୦ ମାତ୍ରାକୁ ଟ୧।୵ ମାତ୍ର।

ଠିକଣା:—ଶ୍ରୀଧର ଗର୍ଗବଟୁ, ଭିଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

## 'ବର୍ମା ଓଡ଼ିଆ ପତ୍ରିକା'

(ସାପ୍ତାହିକ) (ରୟେଲ ୧୬ ପୃଷ୍ଠା)

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର। ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଉତ୍କଳୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ। ବ୍ରହ୍ମଦେଶର ବ୍ୟବସାୟର ଗତି ନୀତି ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ। ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ।

ବାର୍ଷିକମୂଲ୍ୟ ଟ୨, ଷାଣ୍ମାସିକ ଟ୧, ଭାରତବର୍ଷବାହାରେ ଦେଶକୁ ଟ୪

ଠିକଣା—ନ ୧୪୭—୩୨ ନମ୍ବର ଗଳି—ରେଙ୍ଗୁନ (ବର୍ମା)

# ତିନୋଟି ପରୀକ୍ଷିତ ମୋଦକ।

ଏକ—ଅଫିମ ଛାଡ଼ିବାକୁ "ଶଶାଙ୍କ କିରଣ ମୋଦକ" ବ୍ୟବହାର କରନ୍ତୁ। ମୂଲ୍ୟ— ଗୋ୧୬ଟାକୁ ଏକଟଙ୍କା ମାତ୍ର।

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ।
ମୂଲ୍ୟ—ଗୋ୧୨ଟାକୁ ଏକଟଙ୍କା ମାତ୍ର।

ତିନି— ସନ୍ତାନ ପ୍ରାପ୍ତ ପାଇଁ ଋତୁର ୪ର୍ଥ ଦିବସରେ "ଦୈବ ଚୂର୍ଣ୍ଣକ" ବ୍ୟବହାର କରନ୍ତୁ।
ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର।

ପ୍ରାପ୍ତିସ୍ଥାନ କବିରାଜ—ଶ୍ରୀଧର ଗର୍ଗବଟୁ, ଭିଷଗାଚାର୍ଯ୍ୟ। ଆୟୁର୍ବେଦିକ ଫାର୍ମାସୀ ଭୁବନେଶ୍ୱର—ପୁରୀ।


Digitized by srujanika@gmail.com

# ଡଗର ଚତୁର୍ଦ୍ଦଶ ଶବ୍ଦଧନ୍ଦା ପ୍ରତିଯୋଗିତା

୨୨୫ଙ୍କା ପୁରସ୍କାର ! 'ଡଗର' ପାଠକମାନେ ପାଇ ପାରିବେ । ୮୨୫ଙ୍କା ପୁରସ୍କାର

୨ଅଣାର ପଇସିକିଅ ଡାକଟିକଟ ଦେଇ ପ୍ରଥମଟି ସହ ଏକଅଣାର ପଇସିକିଅ ଡାକଟିକଟ ଦେଇ ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free

| | | | | | | |
|---|---|---|---|---|---|---|
| ୧ ର | ୨ (ସ) | ■ | ୩ ଅ | ପ | ୪ | ୫ ର |
| ୬ ଫୁ | | ୭ ର | ■ | ୮ | ହା | ଣ |
| ■ | ୯ ମ | ସା | | ■ | ୧୦ ଳ | |
| ୧୧ | ■ | | ■ | ୧୨ | ■ | ର |
| ୧୩ | ୧୪ ସ | ■ | ୧୫ | କ | ୧୬ ର | ■ |
| ୧୭ ସ | | ୧୮ ନ | ■ | ୧୯ ଠ | | ୨୦ ସ |
| ୨୧ ନ | ର | | | ■ | ୨୨ ମ | |


| | | | | | | |
|---|---|---|---|---|---|---|
| ୧ ର | ୨ (ସ) | ■ | ୩ ଅ | ପ | ୪ | ୫ ର |
| ୬ ଫୁ | | ୭ ର | ■ | ୮ | ହା | ଣ |
| ■ | ୯ ମ | ସା | | ■ | ୧୦ ଳ | |
| ୧୧ | ■ | | ■ | ୧୨ | ■ | ର |
| ୧୩ | ୧୪ ସ | ■ | ୧୫ | କ | ୧୬ ର | ■ |
| ୧୭ ସ | | ୧୮ ନ | ■ | ୧୯ ଠ | | ୨୦ ସ |
| ୨୧ ନ | ର | | | ■ | ୨୨ ମ | |

| | | | | | | |
|---|---|---|---|---|---|---|
| ୧ ର | ୨ (ସ) | ■ | ୩ ଅ | ପ | ୪ | ୫ ର |
| ୬ ଫୁ | | ୭ ର | ■ | ୮ | ହା | ଣ |
| ■ | ୯ ମ | ସା | | ■ | ୧୦ ଳ | |
| ୧୧ | ■ | | ■ | ୧୨ | ■ | ର |
| ୧୩ | ୧୪ ସ | ■ | ୧୫ | କ | ୧୬ ର | ■ |
| ୧୭ ସ | | ୧୮ ନ | ■ | ୧୯ ଠ | | ୨୦ ସ |
| ୨୧ ନ | ର | | | ■ | ୨୨ ମ | |


ନାମ____________ ଠିକଣା____________ କେତୋଟି ଉତ୍ତର______

### ସିଧା ଭାବରେ ।

୧ । ଡ଼ଗର ଶବ୍ଦଧନ୍ଦା ଭେଦକରି ବସିଲେ ଯାହା ପ୍ରଚୁର ମିଳେ ।

୩ । ହାକିମି ଔଷଧ ଦେଇ କବିରାଜମାନେ ଅନ୍ୟଥା ପରଦ୍ଧାର୍ଯ୍ୟ ଶ୍ରେଣୀର ଅବାଞ୍ଛନୀୟ ଏହାର କାରଣ ହୋଇଥାନ୍ତି ।

୬ । ଯେଉଁ ବାଟରେ ପାଣି ବା ପବନ ଯାତାୟତ କରେ ।

୮ । ଏହା ନହେଲେ ବଢ଼େଇ କାମ କରିବ କେମିତି ?

୯ । ଦନଥିଲା, ଯେତେବେଳେ ଅନ୍ଧାରରେ ଏହା ମଧ୍ୟ ବାଟ ଦେଖାଇବାରେ ସାହାଯ୍ୟ କରୁଥିଲା ।

୧୦ । ଡ଼ାହାଣରୁ ବାଆଁକୁ ପଢ଼ିଲେ ଖାଇବାକୁ ମନ ହେବ ।

୧୩ । ଶୁକଦେବ ପରୀକ୍ଷିତଙ୍କ ଆଗେ ଯେଉଁ କ୍ରୀଡ଼ାର ବର୍ଣ୍ଣନା ଗାଇଛନ୍ତି ।

୧୫ । ଅନେକ ସମୟରେ ଏହା ପବନକୁ ଥଣ୍ଡା କରିଥାଏ ।

୧୬ । ଅଧରକୁ——ପ୍ରିୟ ଲୋକ ଅଙ୍କାଲି ସଂସାରରେ ଚଳିପାରେ ନାହିଁ ।

୧୯ । ଏଭଳି ଲୋକ ଉପରେ କୌଣସି ଭାର ଦେବା ଅନ୍ୟାୟ ।

୨୧ । ଏଦେଶରେ ଦେବତାଙ୍କ ନାମରେ ମଧ୍ୟ ଏଭଳି ନୃଶଂସ କାଣ୍ଡ ସମ୍ଭବ ହେଉଥିଲା ।

୨୨ । ଏହାକୁ ଯେ ଥରେ ଗ୍ରହଣଛି ସେ ଅଜ ନଛାଡ଼େ ।

### ଉପର ତଳ ଭାବରେ ।

୨ । —ତାପସବ୍ରତ ସୁକଠୋର ହେଲେହେଁ ଅମ୍ଭର ଶାନ୍ତି ସମ୍ପାଦନ କରି ପାରେ ନାହିଁ ।

୪ । କୌଣସି କୌଣସି ବାଳକ ଏହାକୁ ଅଧରକୁ ଭଲ ପାଇବାର ଦେଖାଯାନ୍ତି ।

୫ । ଯେଉଁ ଯୁଦ୍ଧରେ ପ୍ରଜାମାନେ ଅଧ୍ୟାତ୍ମିକ ଶ୍ରେଣୀର ଜୀବନ ନେଇ ନେଲେ ।

୭ । ଏଭଳି ବାକ୍ୟ ପ୍ରୟୋଗ ଦ୍ୱାରା କେତେକ ଲୋକ ଅନ୍ୟ କେତେକଙ୍କ ଜୀବନର ଗତି ବଦଳାଇ ଦେଇଥିବାର ଜଣାଯାଏ ।

୧୧ । କେତେକ ଯୋଗୀ ଅଧିକାଂଶ ସମୟରେ ଏଥିରେ ବସିବାର ଦେଖାଯାନ୍ତି ।

୧୨ । ସବୁବେଳେ—ରେ ରଖିଲେ ପିଲାମାନେ ସାଧାରଣତଃ ଖରାପ ହେବାପାଇଁ ସୁଯୋଗ ଖୋଜନ୍ତି ।

୧୪ । ଏ ରାସ୍ତାରେ ବେଶୀ ବଦଦର ଅଶଙ୍କା ଥାଏନାହିଁ ।

୧୬ । ପ୍ରକାର ।

୧୮ । ନୂତନକୁ ବୁଝାଏ ।

୨୦ । ଏହାଙ୍କ ଦୃଷ୍ଟିରେ ପଡ଼ିଲେ ଅଲକ୍ଷେବଙ୍କ ଭାଗ୍ୟ ଫେରିଥାଏ ।

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୫୦/୦ ଓ ଲେଖିକ ପ୍ରତ୍ୟେକ ଖଣ୍ଡକୁ ୫୦/୦ ଲେଖାଏ **(ଶେଷ ତା ୧୨-୪-୩୯)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାକେ ଗୋଟିଏ ଗୋଟିଏ ଶବ୍ଦ ଦେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଅ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କେବଳ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଶବ୍ଦଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜରଙ୍କ ପାଖରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ୧୨୦ ପାଇବେ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଲୋକେ **ସାମନ୍ତ ପୁରସ୍କାର** ଟ୨୦ ପାଇବେ

ହସ୍ତଗତରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ଟ୩୦ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକୀ ଟ୪୦ ବଣ୍ଟା ଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ପାରୁପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତଳୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତାହା ସଙ୍ଗେ ଦୁଇଅଣାର ପୋଷ୍ଟାଲ ଅର୍ଡର ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ଟ୦/୧ ଓ ୨ୟ ଟି ପାଇଁ ଟ୦/୨ ର ପୋଷ୍ଟାଲ ଅର୍ଡର ବା ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯଦି କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅର୍ଥାତ୍ ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଥବା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏଁ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ଏପ୍ରେଲ ୧୨ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୧୪ ଅଙ୍କ ଲେଖିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଲେଖିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଯିବା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

## କାହିଁକି

—ଗୋଦାବରୀଶ ବାବୁ ଆଗେ ମହତାବୀ ଦଳରେ ମିଶି ଏବେ ପୁଣି ନୀଳକଣ୍ଠୀ ଦଳରେ ମିଶିଲେ କାହିଁକି ?

…'ମିଶ୍ର' ବୋଲି ।

—ପଣ୍ଡିତ ନୀଳକଣ୍ଠ ଆଗେ ତାଳବ୍ୟ ଦାଶ ଥିଲେ, ଏବେ ଦନ୍ତ୍ୟ 'ଦାସ' ହେଲେ କାହିଁକି ?

…ତାଳୁରେ ଚାଳ ପାଚିଲା କଲୁ ଦାନ୍ତ ପଡ଼ି ନାହିଁ ଯେ ।

—ମହତାବ ବାବୁ ଇସ୍ତଫା ଦେଲେ କାହିଁକି ?

…ନୋହିଲେ ୧୩ ସଂଖ୍ୟା ପୂରନ୍ତା କିମିତି ।

—ଏତେ ରାଜ୍ୟ ଥାଉଁ ଥାଉଁ ରାଜକୋଟ ଉପରେ ଏତେ ଦାନ୍ତ କାହିଁକି ?

…ରାଜକୋଟ ହେଲାରେ ପ୍ରଜାକୋଟ ହେବ ।

—ରାଷ୍ଟ୍ରପତି ସୁଭାଷ ହାତୀ ଓଶା ରଥ ଚଢ଼ି ଚଢ଼ି ରୋଗୀ ଟାଡ଼ ଚଢ଼ିଲେ କାହିଁକି ?

…କଂଗ୍ରେସର ଭାଗ୍ୟ ସୂଚନା ।

—::—

## ଭୁଜୁଭୁଜୁ

ମାଧ—କ ଭାଇ କହ ! ଖବର କାଗଜଟା କାଟୁଛୁ କାହିଁକି ?

ନର—ଏଥିରେ ଗୋଟେ ଖବର ବାହାରିଛି କ ଜଣେ ସ୍ତ୍ରୀ ତା ସ୍ୱାମୀ ପକେଟରୁ ପଇସା କାଢ଼ି ନେଇଥିଲା ବୋଲି ସେ ତାକୁ ଛାଡ଼ପତ୍ର ଦେଇଛି ।

ମାଧ—ହଉ, ତୁ ଆଉ କଣ କରିବୁ ?

ନର—ମୁଁ ଏଇଟାକୁ କାଟି ମୋ ପକେଟରେ ରଖିବ । × ×

## ୧୩ଶ ଶବ୍ଦଧନ୍ଦାର ଉତ୍ତର

| | | | | | | |
|---|---|---|---|---|---|---|
| ■ | ୧ ଖ୍ରୁ | ୨ (ସ୍ର) | ■ | ୩ ବ | ର | ■ |
| ୪ ମ | ■ | ୫ ଅ | ୬ ଜ | ଣା! | ■ | ୭ ଗୁ |
| ୮ ନ | ୯ ଠ | ■ | ସୃ | ■ | ୧୦ ଗ | ଶ୍ରୀ |
| ■ | ୧୧ ଗ | ଧା | ■ | ୧୨ ଡ଼ | ର | ■ |
| ୧୩ ସ | ର | ■ | ୧୪ ଦ୍ୱ | ■ | ୧୫ ଜ | ୧୬ ନ |
| ଭ | ■ | ୧୭ ତା | ର | ୧୮ କା | ■ | ଗ |
| ■ | ୧୯ ଅ | କ୍ଷ | ■ | ୨୦ ଉ | ଷା | ■ |

( ପରସଂଖ୍ୟାରେ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ନାମ ଘୋଷିତ ହେବ । )

Digitized by srujanika@gmail.com

# * ପତ୍ର ଚିକିତ୍ସା।

ଲେଖକ—ଡାକ୍ତର ହାକିମ୍ ମୋହମ୍ମଦ ଭିଷଗାଚାର୍ଯ୍ୟ ଏମ୍. ବି. ଏଇଚ୍.

(ମୁଖବନ୍ଧ—କାଳକ୍ରମେ ବିଜ୍ଞାନର କ୍ରମ ବିକାଶ ସଙ୍ଗେ ସଙ୍ଗେ ମନୁଷ୍ୟ ତଥା ଗୋରୁ ଗାଈ ଛେଳି ମେଣ୍ଢା କୁକୁର ବିଲେଇ କୁକୁଡ଼ା ବତକ ପ୍ରଭୃତିଙ୍କର ଶରୀର ତତ୍ତ୍ୱ ଏବଂ ତତ୍ସମ୍ବନ୍ଧୀୟ ନାନା ରୋଗର ଅଶେଷ ତଥ୍ୟର ଉନ୍ମୋଚନ ହେବା ଫଳରେ ଆୟୁର୍ବେଦଠାରୁ ଆରମ୍ଭ କରି ଇଉନାନି, ଏଲୋପାଥି, ହୋମିଓପାଥି ପର୍ଯ୍ୟନ୍ତ କେତେ ପନ୍ଥା ଆବିଷ୍କୃତ ହୋଇ ସଲାଣି। ଏଣିକି ପୁଣି ଜଳ ଚିକିତ୍ସା, ସୂର୍ଯ୍ୟ ଚିକିତ୍ସା, ଫଳ ଚିକିତ୍ସା, କିରଣ ଚିକିତ୍ସା, ଉପବାସ ଚିକିତ୍ସା ପ୍ରଭୃତି ନାନାବିଧ ଚିକିତ୍ସା ବିଶ୍ୱରେ ଉପସ୍ଥିତ ହେବାରୁ ଆମ୍ଭେ ଧନ୍ୱନ୍ତରିଙ୍କ ସାତ ପୁରୁଷ ଏହି ସାହିତ୍ୟ ଚିକିତ୍ସା ଆବିଷ୍କୃତ କରୁଛୁଁ। ଅନ୍ୟ ଚିକିତ୍ସାମାନଙ୍କ ପରି ଏହାର ମଧ୍ୟ ମୂଳମନ୍ତ୍ର ବିଷସ୍ୟ ବିଷମୌଷଧମ୍ ବା Semilia semili Bas:— ଏହା ଅନେକାଂଶରେ ହୋମିଓପାଥିକ ନିୟମରେ ସେବନୀୟ। ଲକ୍ଷଣ ଦେଖି ଔଷଧ ବ୍ୟବହାର କରିବାକୁ ହେବ। ଅର୍ଥାତ ଔଷଧର ଲକ୍ଷଣ ଯାହା ରୋଗୀର ଲକ୍ଷଣ ତାହା ଯଦି ହୋଇଥାଏ ଉକ୍ତ ଔଷଧ ସେବନରେ ଆଶୁଫଳ ଦେଖାଯାଇଥାଏ। କିନ୍ତୁ କେତେକ ପାଠକମାନଙ୍କର ମନରେ ଅଯଥା କଷ୍ଟ ହୋଇପାରେ ଭାବି ଆମ୍ଭେ ଏ ସ୍ଥଳରେ ପ୍ରଥମେ ରୋଗୀର ଲକ୍ଷଣ ଦେଇ ଔଷଧର ବ୍ୟବସ୍ଥା କରିବୁଁ। ରୋଗର ନାମ ଖୋଜିଲେ ଆପଣମାନେ ହତାଶ ହେବେ। କେବଳ ନମ୍ବର ଦେଖି ନିର୍ଣ୍ଣୟ କରିବେ। ଇତି, ଚିକିତ୍ସକ। ବନ୍ଦେମାତରଂ। ମୁଖ ବନ୍ଧ।)

## ୧ନମ୍ବର ରୋଗ

ଉପକ୍ରମ—ଯେଉଁମାନେ ବଙ୍ଗଳାରୁ ଆସି ବହୁଦିନ ଓଡ଼ିଶାରେ ରହିଯିବା, ଓଡ଼ିଶା ମାଟିରେ ପରିପୋଷିତ ହୋଇ ସଫା ଓଡ଼ିଆ ହୋଇଯିବା, ନଘଟତ ବାଞ୍ଛିଅ ଶୁନ ସାଁ ସାଁ କରଚେ — ବାନ୍ଦର ଗୁଲୋ ଗାଛେତେ ଚଢ଼େ-ଯାଥେଚେ ଇତ୍ୟାଦି କହିବା ଓ ଓଡ଼ିଶାକୁ ନିଜର ମାତୃଭୂମି ବୋଲି କହିବା ଅପରାଧରେ ଖାଣ୍ଟି ଅନେଶା ବଙ୍ଗାଳୀମାନଙ୍କଠାରେ ଘୃଣ୍ୟ ହୋଇଥାନ୍ତି ସେହିମାନଙ୍କ ଶରୀରରେ ଏହା ସାଧାରଣତଃ ଦେଖାଯାଏ।

ଚିହ୍ନ—ହଁ ହଁ କରୁଥିବେ, ବିଶେଷତଃ ବେଳେବେଳେ ହିକିଏ ଧ୍ୱଗ ଧରିବେ।

ନିଦାନ—ଏହା ଏକ ସଂକ୍ରାମକ ରୋଗ। ଏ ରୋଗ ଆରମ୍ଭ ମାତ୍ରେ ରୋଗୀମାନେ ପରସ୍ପର ବାଡ଼ିଅପିଟା ଲଗିବେ। ଏବଂ ଶେଷରେ ହାସପାତାଲରେ ନଥି ଲଗାଇ ବା ନାଲିବାଗ ଜାଲି ପକାଇ ଅପରେ। ଏ ରୋଗୀମାନେ ବଡ଼ ସ୍ୱାର୍ଥପର ହୁଅନ୍ତି। କିଏ କେତେ ଖାଇପାରିବ ଏଥିପାଇଁ ପରସ୍ପର ପ୍ରତିଯୋଗିତା କରିବସନ୍ତି। ଶେଷରେ ଏମାନଙ୍କୁ ଭବିଷ୍ୟତ ଅନ୍ଧାର ଦେଖାଯାଏ। ଅନ୍ୟମାନେ ଆସି ସ୍କନ୍ଧଉପରେ ଘୋଡ଼ା ଚଢ଼ନ୍ତି।

ପ୍ରତିକାର—ପୁନ୍ନୁଣା ଜଳକପିକା ଫାଇଲରୁ ଖଣ୍ଡେ, କଲମେ ବା ଅଭିବସ୍ତଲେ ଲଗନ୍ତ ଏ ପାଠ।

## ୨ନମ୍ବର ରୋଗ

ଉପକ୍ରମ—ଯେଉଁମାନେ ସାଧାରଣତଃ ଘରର ଢ଼ିଙ୍କିର ବଗଲୁ ବ୍ୟବସାୟ ଉଦ୍ଦେଶ୍ୟରେ ଯାଇଥାନ୍ତି। ଯେଉଁମାନେ ନୀଚତ୍ୱ ବୋଧ (iuferiority complex) ହେତୁ ସବୁବେଳେ ଭୂତ ଭୟ କରନ୍ତି। (See ghost where there is none) ଯେଉଁମାନଙ୍କ ନାମ ଧରି ଡକାଇଲେ ରାଧାଶ୍ୟାମ ନରେନ୍ଦ୍ରଙ୍କୁ ଧ୍ୟାନ କରିବାକୁ ପଡ଼େ, ଯେଉଁମାନେ ପରର ଶ୍ରୀ ଦେଖିଲେ କାନ ଛିଣ୍ଡାଇ ମରନ୍ତି, ଯେଉଁମାନେ ପଇସା ଲୋଭରେ ନିଜର ମାନ ସମ୍ମାନ ଇଜ୍ଜତ ମହତ ଖୋଇ ଦେଇ ପାରନ୍ତି ପ୍ରାୟ ସେଇ ଭଳି ଲୋକଙ୍କୁ ଏ ରୋଗ ଧରିଥାଏ। ଏ ରୋଗ କଟକ ସହରରେ ବିଶେଷ କରି ଦେଖା ଯିବାର କାରଣ ସରକାର ଶୀଘ୍ର ଏକ ଉଚ୍ଚ ବିଶେଷଜ୍ଞ ବୋର୍ଡ ବା କମିଟି ବସାଇ ଅନୁସନ୍ଧାନ କରୁଥିବାର ପ୍ରକାଶ।

ରୂପ—କଳା ହୋଇଥିଲେ କାଣ୍ଡୁଆ ଓ ସ୍ଥୂଳ ଏବଂ ଧଳା ହୋଇଥିଲେ ଡେଙ୍ଗା ଓ ପତଳା ଲୋକ।

ସ୍ୱଭାବ—ଉପରେ ଭେକଚଟା, ଭିତରେ ହରି ହରିବୋଲ।

ଲକ୍ଷଣ:—ଏ ରୋଗ ଆକ୍ରମଣ କଲାମାତ୍ରେ ରୋଗୀ ଯେଉଁ ପିଢ଼ାରେ ଉପରକୁ ଚଢ଼ିଥାଏ ସେଇ ପିଢ଼ାକୁ ତଳକୁ ଫିଙ୍ଗିଦିଏ। ଏ ରୋଗୀର ଅନେକାଂଶରେ ସୂଚିବାଇ ଦେଖାଯାଏ। ନିଜକୁ ବ୍ରାହ୍ମଣ ବ୍ରାହ୍ମଣ କହି ବ୍ରାହ୍ମଣେତର ଜାତିମାନଙ୍କୁ ଏମାନେ ଅଛୁଆଁ ମନେ କରନ୍ତି। ବ୍ୟବସାୟର ସମୃଦ୍ଧି ବେଳରେ ଏ ରୋଗ ଧରେ। ଇନ୍‌କମ୍‌ଟେକ୍ସ ଅଫିସର ଭୟରେ ଏମାନେ କମ ଆୟ ଦେଖାନ୍ତି ଓ ବେଶୀ ଖରଚ ଦେଖାନ୍ତି। କେହି ଜାଞ୍ଚ କଲେ ତାକୁ ଘୁଷ୍ ଦିଅନ୍ତି। ବ୍ୟବସାୟୀ ସାଧାରଣଙ୍କ ଧନରୁ ବଢ଼ାଇ ଅସାଧାରଣ ଉପରେ ପଚିଶ ପଟେ ଲାଭ ନିଅନ୍ତି। ଏ ରୋଗୀ ଏକର ଦୁଇରୁ ତିନି ହେଲେ ପରସ୍ପର ବେଶ ସହାନୁଭୂତି ଦେଖାନ୍ତି ଏବଂ ପରସ୍ପରର ସ୍ୱାର୍ଥ ପାଇଁ ଦେଶର ସ୍ୱାର୍ଥକୁ ବି ପଛରେ ପକାଇ ଦେଇ ପାରନ୍ତି। ଜାମସେଦପୁରରେ ଯେଉଁ ଓଡ଼ିଆ ଆନ୍ଦୋଳନ ହେଲା ରୋଗର ଏହି ନୂଆ ଲକ୍ଷଣଟି ସେହି ସମୟରେ ଆବିଷ୍କୃତ ହେଲା।

ପ୍ରତିକାର—'ସମାଜ'ରୁ ଅକ୍ଷରେ ଯଥେଷ୍ଟ।

ପଥ୍ୟ—ନିଲମ ଇସ୍ତାହାରରୁ ଦୁଇଫର୍ଦ୍ଦ।

ଅନୁପାନ—ସରକାରୀ ବିଜ୍ଞାପନ।

(ପର ସଂଖ୍ୟାକୁ ଅପେକ୍ଷା କରନ୍ତୁ)

* ପତ୍ରର ଅର୍ଥ ଯେପରି କେହି ଗଛପତ୍ର ପ୍ରେମ ପତ୍ର ଇତ୍ୟାଦି ମନେ ନ କରନ୍ତି। ଏ ସ୍ଥଳରେ ପତ୍ରର ଅର୍ଥ ସମ୍ବାଦ ପତ୍ର ସାହିତ୍ୟିକ ପତ୍ର ଇତ୍ୟାଦି।

Digitized by srujanika@gmail.com




# ନୂପୁର

## ନାରୀ - ଜାଗରଣ ।

### ଜଣେ ନାରୀବନ୍ଧୁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିଦୁଷୀ ଖାଲେଦା ଏଦିବ ହାନମ ଆଜି ବିଶ୍ୱର ସମସ୍ତଙ୍କ ନିକଟରେ ବିଦିତ । ତୁର୍କୀ ନାରୀ-ଜଗତର ପୁନରୁତ୍ଥାନରେ ରହି ଏହି ବିଦୁଷୀ ମହିଳା ଯେଉଁସବୁ କାର୍ଯ୍ୟ କରିଛନ୍ତି, ତାହା ମଧ୍ୟଯୁଗର ( Middle Ages ) ଜୋନ ଅବ ଆର୍କର ( Joan of Arc ) ନାମ ସ୍ମରଣ କରାଇଦିଏ । ତୁର୍କୀର ସ୍ୱାଧୀନତା ସଂଗ୍ରାମ କାଳରେ ଏ କାମାଲପାଶାଙ୍କ ପାର୍ଶ୍ୱରେ ରହି ଅକ୍ଳାନ୍ତଭାବରେ ଯୁଦ୍ଧ କରିଥିଲେ । ନବୀନ ଗଣତନ୍ତ୍ରର ଇତିହାସରେ ଏହି ମହୀୟସୀ ମହିଳା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବେ । ଏଷଣି ତୁର୍କୀର ବିଦ୍ୟାଳୟରୁ ପ୍ରତିବର୍ଷ ଦଳେ ଦଳେ ଶିକ୍ଷିତ ମହିଳା ବାହାରୁଛନ୍ତି । ସେମାନେ ନାନାଭାବରେ ଦେଶର ସେବା କରୁଛନ୍ତି ଏବଂ ନାରୀ-ପ୍ରଗତିର କାର୍ଯ୍ୟକୁ ଆଗେଇ ନେଉଛନ୍ତି ।

କିନ୍ତୁ ତୁର୍କୀର ନାରୀ ଆନ୍ଦୋଳନ କେବଳ ଏକ ଦେଶରେ ସୀମାବଦ୍ଧ ରହିଲା ନାହିଁ । ନିକଟବର୍ତ୍ତୀ ଅନ୍ୟାନ୍ୟ ଅଞ୍ଚଳରେ ବି ପ୍ରସୃତ ହୋଇଗଲା । ଫଳରେ ଆଜି ପ୍ରାଚ୍ୟର ଗୃହଅଙ୍ଗେ ନାରୀ ଜାଗରଣର ରେଖାପାତ ହୋଇଛି । ଆଫଗାନିସ୍ଥାନର ରାଜା ଅମାନୁଲ୍ଲାହ ଦେଶରେ ବ୍ୟାପକ ଭାବରେ ନାରୀ ଶିକ୍ଷାର ବ୍ୟବସ୍ଥା କରୁଥିଲେ । କିନ୍ତୁ ଦେଶବାସୀ ସେତେବେଳେ ପ୍ରସ୍ତୁତ ନଥିବାରୁ, ତେଣୁ ଧର୍ମାନ୍ଧତାର ପ୍ରାବଲ୍ୟରେ ତାଙ୍କ ମହତ୍ ଉଦ୍ଦେଶ୍ୟକୁ ବଳି ଦେବାକୁ ପଡ଼ିଲା । କିନ୍ତୁ ତାଙ୍କ ପଦ ତ୍ୟାଗ ପରେ ସେଠାରେ ନାରୀ-ଆନ୍ଦୋଳନ ଏକବାରେ ବନ୍ଦ ହୋଇଗଲା ନାହିଁ । ବର୍ତ୍ତମାନ ରାଜା ନାଦିରଶାହ ନାରୀଶିକ୍ଷା ବିସ୍ତାର ପାଇଁ ବିଶେଷଭାବେ ଚେଷ୍ଟା କରୁଛନ୍ତି । କେତୋଟି ବିଦ୍ୟାଳୟ ସ୍ଥାପିତ ହୋଇଛି । ଯଦିଓ ସେଠି ଅବଗୁଣ୍ଠନ ପ୍ରଥା ଏକବାରେ ଦୂର ହୋଇନାହିଁ ତଥାପି ଆଶା କରାଯାଏ ଯେ, ନିକଟବର୍ତ୍ତୀ ଦେଶ ସମୂହର ପ୍ରଭାବ ଆଫଗାନିସ୍ଥାନ ଉପରେ ପଡ଼ିବ ହିଁ । ଏବଂ ନବଯୁଗର ବାର୍ତ୍ତା ନାରୀମାନଙ୍କୁ ନଚାଇବ ।

ପାରସ୍ୟର ରାଜା ରେଜାଶାହ ପହଲଵୀ ନାରୀମାନଙ୍କର ଶିକ୍ଷା ଓ ସ୍ୱାଧୀନତା ପାଇଁ ବିଶେଷ ବ୍ୟବସ୍ଥା କରୁଛନ୍ତି । ଆଜି ପାରସ୍ୟର ଗୃହଅଙ୍ଗେ ନାରୀ ଜାଗରଣର ଆଭାସ ମିଳୁଛି । ଅବରୋଧର କଠୋରତା ଦୂରୀଭୂତ ହୋଇଛି । ନାରୀମାନେ ଆଜି ସ୍ୱଚ୍ଛନ୍ଦରେ ବିଭିନ୍ନ କାର୍ଯ୍ୟରେ ଯୋଗଦେଇ ପାରୁଛନ୍ତି । ସେମାନଙ୍କ ପାଇଁ ସ୍କୁଲ କଲେଜ ପ୍ରତିଷ୍ଠିତ ହୋଇଛି ଏବଂ ନାରୀମାନଙ୍କଦ୍ୱାରା କେତୋଟି ପ୍ରତିଷ୍ଠାନ ଓ ସଭା-ସମିତି ସାଡମତ ପରିଚାଳିତ ହେଉଛି । ରାଜା ରେଜାଶାହ ନାନାଭାବରେ ନାରୀପ୍ରଗତି ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଛନ୍ତି ।

(କ୍ରମଶଃ)

---

[ ୧୬ପୃଷ୍ଠା ଉତ୍ତାରୁ ]

୧୯ ଦଫା---ଏ ଅବସରରେ ମଦ ପଇସା ଖର୍ଚ୍ଚ କରିପାରେ ଏବଂ ମାଇକିନିଆ ସନ୍ମାନ ।

୨୦ ଦଫା—ଅବିବାହିତ ପୁରୁଷ ଅବିବାହିତା ଯୁବତୀ ପ୍ରତି ଲୋଲୁପ ଦୃଷ୍ଟି କରିପାରେ ଏବଂ ଠାକୁରଙ୍କ ପାଖରେ ପର ବର୍ଷରେ ଅବସ୍ଥା ମୋଚନ କରିବାପାଇଁ ପ୍ରାର୍ଥନା କରିପାରେ ।

୨୧ ଦଫା---ଏ ଅବସରରେ ଠାକୁରଙ୍କୁ ମେଳଣ ପଡ଼ିଆକୁ ନେଇ ସେଠାରେ କୀର୍ତ୍ତନ ନାନା ଅଡ଼ ଆମୋଦ ପ୍ରମୋଦ କରାଯାଇ ପାରେ — ଭାଙ୍ଗ ପଣା ଏ ସ୍ଥଳରେ ଅବଶ୍ୟକ ।

୨୨ ଦଫା — ଠାକୁରଙ୍କୁ ଦୋଳରେ ଝୁଲାଇ ନୃତ୍ୟ ପାଙ୍କ୍ତି ପଢ଼ା ଯାଇପାରେ ।

୨୩ ଦଫା — ଯେ ଏହି ସବୁ ଦଫାକୁ କାହାର କାର୍ଯ୍ୟ କରିବ ଅସମ୍ମାନ୍ୟ ହୋଇବ ତାହାକୁ ବର୍ଜନ କରାଯିବ ଏବଂ ଏସବୁ କାମ ଯେ ନକରିବ ଅସନ୍ତା ବର୍ଷରେ ତାକୁ ଗଧ ସଜାଇ ତା ଉପରେ ସମସ୍ତଙ୍କୁ ଚଢ଼ାଇବାକୁ ହେବ ।

୨୪ ଦଫା — କୌଣସି ଲୋକ ହୋଲିରେ କାନ୍ଦି ପାରିବ ନାହିଁ । କେବଳ କାହାର ଆତ୍ମୀୟ ମରି ଯାଇଥିଲେ ବା କେହି ଅବିବାହିତ ଥିଲେ ନିହାତି ଦରକାର ପଡ଼ିଲେ କାନ୍ଦି ପାରନ୍ତି ।

୨୫ ଦଫା—ଅହିନ୍ଦୁ ସହିତ ହୋଲିଖେଳିଲେ ଅହିନ୍ଦୁ ଯଦି ଆପତ୍ତି କରେ ତେବେ ମୁସଲମାନ ହୋଇଥିଲେ ତାର ଯେତେ ବଡ଼ ଟୋପି ଥିବ ତହିଁରେ ସେପିଏ ରସଗୋଲା । ଖ୍ରୀଷ୍ଟାନ ହୋଇଥିଲେ ପେଣ୍ଟ ପକେଟରେ ଯେତେ ଧରିବ ସେତେ ପାନଭୁଅ ଦେବାକୁ ହେବ । ଗାନ୍ଧିବାଦୀ ହୋଇଥିଲେ ତାର ଝୁଲାରେ ଯେତେ ଧରିବ ସେତେ କୁଣ୍ଡା ଦେବାକୁ ହେବ ।

୨୬ ଦଫା - ଏ ଅବସରରେ ଦିଅର ଭାଉଜ ଛଡ଼ା ଭିନଜ ଦିଅର ଛଡ଼ା, ବର କନ୍ୟା ଛଡ଼ା କନ୍ୟା ବର ଛଡ଼ା, ଅଜା ଆଇ ନାତି ନାତୁଣି ଛଡ଼ା, ନାତି ନାତୁଣି ଅଜା ଆଇ ଛଡ଼ି ରହିବା ନାହିଁ । ଏପରି ହେଲେ ଦୁଇ ପକ୍ଷରୁ ଯେଉଁ ପକ୍ଷର ଦୋଷ ହେବ ଅପର ପକ୍ଷ ତାକୁ ସ୍ନେହ ପ୍ରେମ, ପ୍ରୀତି, ସୋହାଗ ପ୍ରଭୃତି ଯେଉଁ ସ୍ଥଳରେ ଯାହା ଖାପ ଖାଇବ ସେହି ସ୍ଥଳରେ ତହିଁରେ ବାନ୍ଧିବାକୁ ହେବ । ଜନ୍ମ ଅସନ୍ତା ହୋଲିଠାରୁ ବେଶୀଦିନ ହେବ ନାହିଁ ।

ଏତଦ୍ଦ୍ୱାରା ଜଣାଇ ଦିଆଯାଉ ଅଛି ଯେ ଏହି ବିଲ ସାଧାରଣ ମତପାଇଁ ପଠାଗଲା । ଯେ କେହି ଲୋକ ଆମାନ୍ୟ ସଂଶୋଧନୀ ଅବଧିରେ ପ୍ରସ୍ତାବମାନ ପଠାଇ ଦେଇ ପାରନ୍ତି ।

Digitized by srujanika@gmail.com

# ହୋରୀ ଆଇନ

(ହୋରି ସବୁ ଚଳନ୍ତି। ହୋରି ପରେ ଏ ଆଇନ ଅଗତ କରିବା ମୂଳରେ ଅବଶ୍ୟ ଓଡ଼ିଆଙ୍କ ପଛବୁଦ୍ଧିର ବିଶେଷତ୍ୱ ଥାଇପାରେ। ବିଶେଷତଃ ଅନ୍ୟାନ୍ୟ ପ୍ରଦେଶରେ ଯେଉଁ ଆଇନ ହୁଏ ତା ମାସେ ଛମାସ ପରେ ଆମ ଆଇନ ସଭାରେ ସେ ଭଳି ଆଇନ ଅବିର୍ଭାବ ଦେଖାଯାଏ। ତେଣୁ ଏହା ଏବେ ଅଣିବାରେ ଅପରାଧ ନାହିଁ। ଏହା ଆମର ଅଭ୍ୟାସ। ପାପ ବା ଅନ୍ୟାୟଟାକୁ ଲୁଚାଇବାକୁ ଗଲେ ଆମ ନେତାମାନଙ୍କ ଭାଷାରେ କହିବୁ, ଏହା ଗୋଟାଏ policy. ଭବିଷ୍ୟତ୍ ଏମିତି କାମ କରିବୁ ଯେ ଆଉ ବାଦ ନଥିବ ଟାଣି ଚଳିବାକୁ।)

## ବିଲ୍ ନଂ ହୋରି

### ସନ ବସନ୍ତ ୧୩୪୭

### ପ୍ରଥମ ଭାଗ

ଡଗର ମଣ୍ଡଳୀର ପ୍ରଧାନ ମନ୍ତ୍ରୀ ଡଗର ପାଠକ ହଜୁରରେ ଅଗତ କରିବେ ଯେ—

ଯେହେତୁ ହୋରି ଜନିତ ଆନନ୍ଦର ନିୟନ୍ତ୍ରଣ ନିମନ୍ତେ ଏକ ଆଇନର ଜରୁରୀ ଆବଶ୍ୟକ ତେଣୁ କରି ଏ ଆଇନ ବ୍ୟବସ୍ଥା କରି ଯାଉଛି କି—

୧ମ ଦଫା—ଏହି ଆଇନର ନାମ ହୋରି ଏକ୍ଟ ସନ ୧୩୪୭ ହେବ ଏବଂ ହିନ୍ଦୁମାନଙ୍କ ଯେ ଦସିହସାରି ରସି ରସାଇବାରେ ରସିକ ସେ ଆଇନର ବଶବର୍ତ୍ତୀ ବା ବର୍ତ୍ତୀନୀ ହେବେ। ଅନ୍ୟ ଜାତିର ଖୁସି ହେଲେ ଆଇନକୁ ବିନା ନୋଟିସରେ ନିଜ ଉପରେ ଜାରି କରି ପାରନ୍ତି।

୨ୟ ଦଫା—୧୩୦୬ ସାଲ ବର୍ଷରୁ ପ୍ରତ୍ୟେକ ହୋରି ଆରମ୍ଭ ତାରିଖରୁ ହୋରି ଶେଷ ହେବା ତାରିଖ ଯାଏଁ ଏ ଆଇନ କାର୍ଯ୍ୟକାରୀ ହେବ।

୩ୟ ଦଫା—ଏ ଆଇନ ୨ ବର୍ଷ ଉପର ୨୦ ଘଣ୍ଟାରେ ପ୍ରକାଶ ପାଇବ। ଜାଣିନାହିଁ ବୋଲି କେହି ଆପତ୍ତି କଲେ ମାନି ନାହିଁ।

୪ର୍ଥ ଦଫା—୧୩୪୭ ପୂର୍ବରୁ ହୋରି-ମାନଙ୍କରେ ପ୍ରଚଳିତ ନିୟମକୁ ବିରୋଧ କରୁ ନ ଥିଲେ ଏହି ଏକ୍ଟରେ—

(୵) ଦ୍ୱନ୍ଦ୍ୱ ଅର୍ଥ ଯେ କେହି ନିଜକୁ ଦ୍ୱନ୍ଦ୍ୱ କହିବ। ଦୃଷ୍ଟ କଣ୍ଠି ପ୍ରଭୃତିର ବିଶେଷ ଆବଶ୍ୟକତା ନାହିଁ।

(୶) ରଙ୍ଗ ଅର୍ଥ ଯେ କୌଣସି ରଙ୍ଗ, କଳା, ଧଳା, ଦଳଦଳ, ନାଲି ଯେ କୌଣସି ବୁଝାଏ। କୋଲଟାର, ବା କାନ୍ଥ ବାଡ଼ ପ୍ରଭୃତିରେ ଦିଆ ଯାଉଥିବା ପଦାର୍ଥ ଏଥି ସାମିଲ ହେବ। ଗୁପାଗାନା କାଳକୁ ଉଚିତ ବ୍ୟବହାର କରି ପାରିଲେ ରଂଗ ବୋଲି ଧରି ହୋଇ ପାରେ। ଗୁରୁଜନ ନ ଥିଲେ କେହି ଯଦି ରଂଗ ହୁଏ ତେବେ ତାକୁ ଏକ-ପ୍ରକାର ରଂଗ ବୋଲାଯିବ।

(୷) ଉଚିତ ବ୍ୟବହାର ଅର୍ଥ ଯେଉଁ ପଦାର୍ଥ ଯେଉଁ ଉଦ୍ଦେଶ୍ୟରେ ଉତ୍ପାଦିତ ହୋଇଥିବ ସେହି ଉଦ୍ଦେଶ୍ୟରେ ବ୍ୟବହାର।

(୲) ପିଚକାରି ଅର୍ଥ ପିତଳ, ଶିଶା, ଟିଣ, କାଚ, ବାଉଁଶନଳ, ସାଇକଲ ପମ୍ପ, ଫାଉଣ୍ଟେନ୍-ପେନ୍ ପ୍ରଭୃତି ଯେ କୌଣସି ପଦାର୍ଥ ଯାହା ସାହାଯ୍ୟରେ ରଙ୍ଗ ଫିଙ୍ଗା ଯାଇ ପାରିବ। ଦରକାର ହେଲେ ନୋଟା, ଗସ; ବାଲଟି, ହାଣ୍ଡି ପର୍ଯ୍ୟନ୍ତ।

(୲୵) ଅପରାଧ ଅର୍ଥ ଯେ କୌଣସି କାର୍ଯ୍ୟ ଏହି ଆକ୍ଟରେ ଦଣ୍ଡନୀୟ ହେବ।

(୲୶) ପୁରୁଷର ଅର୍ଥ ଉଭୟ ଲିଙ୍ଗକୁ ବୁଝାଇବ। କାରଣ ଆଜିକାଲି ସମାନ ଅଧିକାର ସମସ୍ୟା। ଉଦାହରଣ ସ୍ୱରୂପ:—ସମ୍ପାଦକ ସରଳା ଦେବୀ, ସଭାପତି ମାଳତୀ ଚୌଧୁରୀ।

(୲୷) ଭଉଜ ଅର୍ଥ କେବଳ ବଡ ଭାଇର ସ୍ତ୍ରୀ ନୁହେଁ, ଯେ କୌଣସି ସ୍ତ୍ରୀଲିଙ୍ଗ ବାଚକ ପ୍ରାଣୀ ବଳ ବୟସ ନିର୍ବିଶେଷରେ ନିଜକୁ ଭଉଜ କରି ପାରିବ।

(୳) ଦିଅର ଅର୍ଥ କେବଳ ସ୍ୱାମୀର ଛୋଟ ଭାଇ ନୁହେଁ ଯେ କୌଣସି ପୁଂଲିଙ୍ଗ ପୁରୁଷ ବଳ ବୟସ ନିର୍ବିଶେଷରେ ନିଜକୁ ଦିଅର କରି ପାରିବ।

[୳୵] ଅଜା ଅର୍ଥ କେବଳ ମା'ର ବାପ ବା ବାପର ବାପ ନୁହେଁ ଯେ କୌଣସି ବୁଢ଼ା ନିଜକୁ ଅଜା ବୋଲାଇ ପାରିବ। ଯେ କୌଣସି ଟୋକା ଅଜା ହେବାକୁ ଇଚ୍ଛା କଲେ ମୁସଲମାନୀ ଧରଣରେ ବା ସାହେବୀ ଧରଣରେ ଦାଢ଼ୀ ଅଣ ବାନ୍ଧା ହୋଇଥିବ ଅନ୍ତତଃ ହୋରି ସମସ୍ତଟା ପାଇଁ ସେପରି ଏକ ଅଣ ଶୋଭା ନେବ। କିନ୍ତୁ ଅଭିଧାନ ଖୋଲି ଅଜାର ଅନ୍ୟ ଅର୍ଥ କାଢ଼ିବା ନିଷିଦ୍ଧ।

[୳୶] ଅଈ ଅର୍ଥ ଯେ କୌଣସି ସ୍ତ୍ରୀ ଅଜାର ସ୍ତ୍ରୀଲିଙ୍ଗାତ୍ମକ ସ୍ୱାମୀ ହୋଇ ପାରିବ।

[୳୷] ନାତି ଅର୍ଥ ଯେ କେହି ଅଜାଙ୍କ ପାଇଁ ଖଇରକାଠ ଯୋଗାଡ଼ କରି ପାରିବ।

[୴] ନାତୁଣୀ ଅର୍ଥ ନାତିର ବିବାହିତା ନୁହେଁ—ଯେ କୌଣସି ବାଳିକାର ଅଜା ଅଈ ଥିବେ। କାରଣ ତାଙ୍କ ନାତୁଣୀ ଉତରେ ବିବାହ ନିଷିଦ୍ଧ।

[୴୵] ନାତୁଣୀ ବନ୍ଧୁ ଅର୍ଥ ନାତିର ଯଦି ଘର ଅଢ଼କୁ କେହି ଥାଏ।

[୴୶] ନାତୁଣୀ ଯୋଉଁ ଅର୍ଥ ନାତୁଣୀର ଯିଏ ହାତ ଧରିଥାଏ।

[୴୷] ହାତ ଧରିବା ଅର୍ଥ କେବଳ ବାହା ହେବା ପରେ ନୁହେଁ, ବାହା ହେବା ପୂର୍ବରୁ ମଧ୍ୟ ବୁଝାଏ।

(ଏହିଠାରେ ବିଶେଷ ପ୍ରବନ୍ଧ କରାଗଲା ଯେ ଯେଉଁଠାରେ ଅଜା ଏକାକୀ ଥିବେ ସେଠାରେ ନାତୁଣୀ ବନ୍ଧୁ ଏବଂ ଯେଉଁଠାରେ ଅଈ ଏକାକିନୀ ଥିବେ ସେଠାରେ ନାତୁଣୀ ଯୋଉଁ ଯଥାକ୍ରମେ ଅଈ ଏବଂ ଅଜାର ଅଭିନୟ କରି ପାରିବେ।)

[୧] ବରର ଅର୍ଥ କେବଳ ନବବିବାହିତ ସ୍ୱାମୀ ନୁହେଁ, ଯଦି କେହି ବୁଢ଼ା ହେବା ପରେ ବି ନୂଆ ଟୋକଟି ବିବାହ କରିଥାଏ ସେ ମଧ୍ୟ।

[୧୵] କନ୍ୟା ଅର୍ଥ କେବଳ ସାରଦା ଆଇନକୁ ମାନ୍ୟ କରି, ବିବାହ ହୋଇଥିବା

Digitized by srujanika@gmail.com

ଚତୁର୍ଦ୍ଦଶୀ ଦିନରୁ ଏପରି ସଜାହୋଇଥିବା ସ୍ତ୍ରୀଙ୍କୁ ମଧ୍ୟ ବୁଝାଇବ ନାହାନ୍ତି ପିଲାମାନେ ଅଠ ଦଶଟା ହେଲେ ମଧ୍ୟ ଏକାଠି ନାଚ ଦେଖି ପାରୁଥିବେ ।

[୧୬] ଲକ୍ଷ୍ମୀ ଅର୍ଥାତ୍ ଶିବ ଦୁର୍ଗାଙ୍କ ଶୁଭସ୍ଥାନ ଯେ ସ୍ଥାନରେ ଥାଆନ୍ତି ।

ଏଥିମାନେ ପଡ଼ିଥିବା ଲୋକମାନେ ଯେ ବନ-ସ୍ଥଳୀ ମଧ୍ୟ ବା ଜମୀଦାରୀ ରେ ଅନେକ ଜଳ ଏବଂ ଜଙ୍ଗଲମାନଙ୍କ ଅତିକ୍ରମ କରି ପାରନ୍ତି ।

[୧୭] ଅଧିକାର ଅର୍ଥ—ସ୍ୱାମୀର ସ୍ତ୍ରୀ ଉପରେ ଓ ସ୍ତ୍ରୀର ସ୍ୱାମୀ ଉପରେ ଯେଉଁ ଅଧିକାର ତାହା ଧର୍ମନିଷ୍ଠ ହୋଇ ଦେଖିଲେ ଯେପରି ଦୃଶ୍ୟ ହେବ ସେହିପରି ମାତ୍ର ଛଟା ।

[୧୮] ଅଭାବ ଅର୍ଥ ଯେ କୌଣସି ନାରୀ କୁଣ୍ଡ ଛଡ଼ା ଶାନ୍ତି ସହିତ ମୂଳ ଲଗାଏତ ।

[୧୯] ବାପା ଅର୍ଥ ଯେ କୌଣସି ନରେନ ଝିଅଙ୍କୁ ନିଜର ପୁଅ ବା ଝିଅ ବୋଲି ପ୍ରମାଣ କରି ପାରିବ ଏବଂ ଯୋଗ୍ୟତାର ଦେଖାଇ ଦେଇ ପାରିବ ।

[୨୦] ମା ଅର୍ଥ ଯେ ପୁଅ ବା ଝିଅକୁ ଜନ୍ମ ଦେଇ ପାଳନ କରିବ ଓ ତାକୁ କାନ୍ଧ ଶାସ ଦେଇ ପାରିବ ।

[୨୧] ବଡ଼ ଭାଇ, ବଡ଼ ଭଉଣୀ, ଦାଦା, ଖୁଡ଼ୀ, ବଡ଼ ବାପ, ବଡ଼ମା ଅର୍ଥ ଯାହାଙ୍କୁ ଲୋକେ ଯାହା ବୁଝନ୍ତି ।

[୨୨] ମନାର ଅର୍ଥ ମାଳପର ଲୁଚ ଖୋଲ ନୁହେଁ—ଯେ ବୁଝି ହେବ ସେ ।

[୨୩] ଶାଳୀର ଅର୍ଥ ସ୍ତ୍ରୀର ଭଉଣୀ ।

[୨୪] ଭଉଣୀର ଅର୍ଥ ବଡ଼ ଭଉଣୀକୁ ଯେ ଭଲ ପାଉଥିବ ।

[୨୫] ଭଲ ପଇସା ଅର୍ଥ ପ୍ରକାଶ୍ୟରେ ହେଉ ମନେ ମନେ ହେଉ ପ୍ରଥମ ଦର୍ଶନରେ ଯାହାର ଯାହା ଦେଇ ଟିକିଏ ଭାବ (କାବ୍ୟ ବାକ୍ୟ) ଜଣାଇ ପାରିବ ।

[୨୬] ମନ୍ଦିରର ଅର୍ଥ ଯେ ପଇସା ଦେଇବା କରେ ।

[୨୭] ମାଲିକାର ଅର୍ଥ ଯେ ଛୁଆ ପଢ଼ିବା କରେ ।

[୨୮] ଗୋବରର ଅର୍ଥ ପ୍ରାଣୀ ମାତ୍ରର ମଳ ଯାହାକୁ ଯେ ସମସ୍ତ ପାଇଁ ପବିତ୍ର ବୋଲି ମାନିବ ।

[୨୯] ବଳିଆ ଶବର ଅର୍ଥ ହେଉ କେଉଁ ପଦାର୍ଥ—ଛୁଇଁ ଦିଆ ।

[୧] ଠାକୁର ଅର୍ଥ ଯେ କୌଣସି ଅଧି-ଷ୍ଠାତ୍ରୀ ଦେବତା । ଅନେକଙ୍କର ସଞ୍ଚିତ ମଧ୍ୟ ହୋଇ ଥାଇନ୍ତି ।

[୨] ଦୁଷ୍ଟଚିତ୍ତର ଅର୍ଥ ଅସନ୍ତୋଷ ବର୍ଷର ଉଲ ଘର ଅପୂ ଦେଶ୍ଟୁ ହିସାବ—ଓଡ଼ିଶା ସରକାରଙ୍କ ନୋଟିସ ମଧ୍ୟ ଦେଖାଯାଏ ।

୫ମ ଦଫା—ହୋଗ୍ନ ଦାନମାନଙ୍କରେ ଯେ କୌଣସି ପୁରୁଷ (ଷଣ୍ଢ ଲିଙ୍ଗ)ର ଯେ କୌଣସି ସ୍ତ୍ରୀ ପୁରୁଷଙ୍କୁ ଅଭିବାଦନ କରିବେ ପିଚକାରୀ ମାରିବାକୁ ରଙ୍ଗ ପକାଇବାରେ ଅଧିକାର ଅଛି ।

ନିମ୍ନଲିଖିତ ସମ୍ପର୍କମାନେ ଏ ଅଧିକାରୁ ବାଦ କରି ଦେବେ । ପିତା, ମାତା, ବଡ଼ ଭାଇ, ବଡ଼ ଭଉଣୀ, ଦାଦା, ଖୁଡ଼ୀ, ବଡ଼ବାପା ବଡ଼ମା ।

୬ଷ୍ଠ ଦଫା—ପ୍ରତ୍ୟେକ ଲୋକର ଯେତେ ଇଚ୍ଛା ସେତେ ହସିବାର ଓ ହସାଇବାର ଅଧିକାର ଅଛି । ଏଥିପାଇଁ ଯେ କୌଣସି ଉପାୟ ଅବଲମ୍ବନ କରାଯାଇ ପାରେ । ଦରକାର ହେଲେ କୁତୁକୁତୁ ମଧ୍ୟ ।

୭ମ ଦଫା—ଯେ କୌଣସି ଲୋକ ଯେପରି ଇଚ୍ଛା ସେପରି ନାଚିପାରିବେ । ତାର ଲକ୍ଷଣ ଗନ୍ଧିବ ବୋଲିଲ ସମସ୍ତ ସ୍ୱର ସ୍ୱଦେଶୀୟ ହେବ । ସ୍ୱର ତାଳ ଉପରେ ଲକ୍ଷ ଦେବା ଆବଶ୍ୟକ ନୁହେଁ ।

୮ମ ଦଫା—ରାଧାକୃଷ୍ଣ ଠାକୁରଙ୍କ ଆଗରେ ଯେତିକି ଯେ କୌଣସି ପ୍ରେମ ସଙ୍ଗୀତ ନାମ ସଙ୍କୀର୍ତ୍ତନ ଯେ କୌଣସି ଲୋକ ଯେ କୌଣସି ଲୋକଙ୍କ ସାମନାରେ ଗାଇ ପାରେ । ବାପ ମା ଭାଇ ଭଉଣୀଙ୍କ ଉପସ୍ଥିତିରେ ମଧ୍ୟ ଆପତ୍ତି ନାହିଁ । ଠାକୁର ଯାହା କଲେ ହେଲା ।

୯ମ ଦଫା—ଉତ୍ସବ ରାଜାଙ୍କର ଶାସନ ଏ ଅବସରରେ ଦୁଇଗୁଣ ବଢ଼ିଯିବ । ଉତ୍ସବ ଛାଡ଼ିଲେ ଯା ଇଚ୍ଛା ତା କଥା ପଢ଼ିବ ଏବଂ ଲିଖିତ ଅର୍ଥଙ୍କୁ ଯୋଗାଇ ଇଚ୍ଛା ଦେଇ ଦେବ କରି ପାରିବ । ମାତ୍ର ସମସ୍ତ କାର୍ଯ୍ୟ ଶୁଦ୍ଧ ନିର୍ମଳ ମନରେ କେବଳ ଆନନ୍ଦ ବର୍ଦ୍ଧନ ଉଦ୍ଦେଶ୍ୟ-ପ୍ରଣୋଦିତ ହେବା ଉଚିତ ।

୧୦ମ ଦଫା—ନାତି ନାତୁଣୀମାନେ ଅଜାଙ୍କ କଥା ଅନୁଯାୟୀ ପଣତ ଏବ କରି ପାରନ୍ତି—ଅଜାଙ୍କ ଚୁଟିକୁ ଧରି ଝିଙ୍କି ଝୁମ୍ପା କରି ପାରନ୍ତି ।

୧୧ ଦଫା—ଛୋଟ ଭାଇ ବଡ଼ ଭଉଣୀ ଶ୍ରେଷ୍ଠ ଭାଇ ଭଉଣୀଙ୍କ ମୁହଁରେ ଗାଲ ଅବିର ଗୋଳି ପାରନ୍ତି ।

୧୨ ଦଫା—ଶ୍ରେଷ୍ଠ ଭାଇ ଶ୍ରେଷ୍ଠ ଭଉଣୀ ଭାଉଜଙ୍କ ହାତରେ ରଙ୍ଗ ଦେଇ ହାତକୁ ଚାଲାଇ ଦେଇ ଭାଇଙ୍କ ଉପରକୁ ଘଷି ପାରନ୍ତି । (ଜଣେ ଛୁଇଁବା ନିଷିଦ୍ଧ)

୧୩ ଦଫା—ନାତୁଣୀ ବନ୍ଧୁ ଅଜାଙ୍କ ଗାଲରେ ପଟେ କଳା ପଟେ ଚୂନ ଦେଇ ପାରନ୍ତି ଓ ନାତୁଣୀ ଚୋରି ଅଜାଙ୍କ ନାକରେ ନସ ଭରି ପାରନ୍ତି ।

୧୪ ଦଫା—ଶାଳୀ ବା ଶଳା ଭିଣୋଇ ଉପରେ ଗୋବର ପାଣି ପକାଇ ପାରନ୍ତି । ପାଦରେ ଲଙ୍କାମରିଚ ଦେଇ ପାରନ୍ତି ।

୧୫ ଦଫା—ଭିଣୋଇ ଭୁଲରେ ଶଳୀକୁ 'ଡଳଟ' ବୋଲି ସମ୍ବୋଧନ କରି ତାମସା କରି ପାରନ୍ତି ।

୧୬ ଦଫା—ବାଳକମାନେ ଅନ୍ୟ ଲୋକ-ମାନଙ୍କ ଜାମାତର ନାଁରେ କାନାଭ ଦାବେଦା-ରୀମାନ ଶବ ଯଥା—'ଗଧ ଟୋକା' ପ୍ରଭୃତିର ଗୀତ ମାଧ୍ୟ ଗାଇନ୍ତି ।

୧୭ ଦଫା—ବର କନ୍ୟାର ନାମ ଠିକ୍ ମାଲିକନା ପାଇ ତାକୁ ଦରଖାସ୍ତ କରିବାରେ ଏବଂ କନ୍ୟା ବରକୁ ଚର୍ଚ୍ଚର ଚନ୍ଦାଇ ଦେଇ-ପାରେ ।

୧୮ ଦଫା—ଛୋଟ ବର କନ୍ୟା ପରସ୍ପର ସାକ୍ଷାତ କରି ପାରିବେ ଠାକୁର ମେଳନ ଦେଖିବା ବାହାନାରେ । ବର ଅନ୍ୟ ଜଣକୁ ପିଚକାରୀ ମାରିବା ବାହାନାରେ କନ୍ୟାକୁ ମାରିପାରିବ ଏବଂ କନ୍ୟା ଅନ୍ୟ ଜଣକୁ ଅବିର ଫିଙ୍ଗିବା ବାହାନାରେ ବରକୁ ଫିଙ୍ଗି ପାରିବ । ଅବିର ପାଇଁ ବର ଅଗ୍ନି ପାଇ ପାରିବ ଏବଂ କନ୍ୟା ଅଳ୍ପ ହସି ଦେଇ ପାରିବ ।

(ପର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



ନବଭାରତ—ସପ୍ତମ ସଂଖ୍ୟା, ଧନୁ
ସଂକ୍ରାନ୍ତି ଓଡ଼ିଆ ସଂ । ମୁଖ-ପତ୍ରରେ ଗୋଦାବରୀଶ ପଣ୍ଡିତଙ୍କ ସିଦ୍ଧଭୂମି ଉଷତ୍ତ୍ୱ ଭଲ ଜାଣନ୍ତି । ଏଣୁ ଅଣ ମୂର୍ଖଦଳ ଅମଳରେ ଯାହା ହୋଇପାରି ନଥିଲା, ପଣ୍ଡିତ ଦଳ ଅମଳରେ ତାହା ହେବ । କିନ୍ତୁ କଥା ହେଉଛି ପଣ୍ଡିତମାନେ fear to tread କରିବେ କାହିଁକି !

କବି ଯୁଦ୍ଧିଷ୍ଠିରଙ୍କ ସ୍ମୃତି ତର୍ପଣ—ଶ୍ରୀ ନବ କିଶୋର ଦାସ । ଗୁଣୀ ଚିହ୍ନେ ଗୁଣୀକୁ—ମୁନି ଚିହ୍ନେ ମୁନିକୁ । ଆଉ କଏ ଚିହ୍ନନ୍ତି !

ଅପରବର୍ତ୍ତୀନୀୟ—କବି ନବକିଶୋର ଦାସଙ୍କ ଭାବପୂର୍ଣ୍ଣ ଦାର୍ଶନିକ ଲେଖା ।

ଚୈତନ୍ୟ ଦାସ—ପଣ୍ଡିତ ସୂର୍ଯ୍ୟନାରାୟଣଙ୍କର ଗବେଷଣାର ପରିଚୟ ।

ଭଲ ପାଇବାର ଶେଷ କଥା—ଶ୍ରୀ ଗୋପିନାଥ ମହାନ୍ତି । ଗୋପିନାଥ ବାବୁ ଭଲ ପାଇବାର 'ଶେଷ' ଖୋଜି ଖୋଜି ପାଗଳ ହୋଇ ଗଲେଣି ପରା, ପଛକୁ 'ମୃତ୍ୟୁ' ଯାଏଁ ଟାଣି ନେଉଛନ୍ତି ! ମାହାହେଉ ଗୋପୀନାଥ ବାବୁଙ୍କ ଲେଖାର ଢଙ୍ଗ ଓଡ଼ିଆ ସାହିତ୍ୟରେ ଏକ ନୂତନତା ଆଣି ଦେଇଛି । ଭାବର ସ୍ୱଚ୍ଛତା ସାଙ୍ଗରେ ଭାଷାର ଲୀଳାୟିତ ସହଜଗତି ଲେଖକଙ୍କ ନୈପୁଣ୍ୟର ପରିଚୟ ଦିଏ । ତାଙ୍କର ଏହିପରି ମୌଳିକ ଲେଖା ଗୁଡ଼ିକ ସଂଗ୍ରହ କରି ପାରିଲେ, ଗୋଟିଏ ସମ୍ପଦ ହୋଇ ରହିବ ।

ଓଡ଼ିଆ ଭାଷାର ଶବ୍ଦତତ୍ତ୍ୱ ବିଚାର—ଶ୍ରୀ କୃଷ୍ଣ ଚନ୍ଦ୍ର ତ୍ରିପାଠୀ ।

ହେଡିଂ ଦେଖିଲା କ୍ଷଣି ଯାହା ମନେ ହୁଏ ତାହା ନୁହେଁ । ହଠାତ୍ ମନକୁ ହୁଇଗ୍ରିଉଠା ଯାହା ଆସି ଯାଉଛି, ପାଠ୍ୟ ଲେଖକ ମହାଶୟ ସମ୍ପିପକାଇଛନ୍ତି ଓ'କଲମ । ଏଭଳି ଗୁରୁତର ବିଷୟକୁ ଯଦି ଏତିକିରେ ପାଠ ସାରି ହଅଯାଇ ପାରନ୍ତା, ତେବେ କୋଷାଧ୍ୟକ୍ଷ ହେବାକୁ କେତେ ଲୋପ ଳାଅ ବାହାର ପଡ଼ନ୍ତେ । ଏ ଢଙ୍ଗକୁ ଯଦି ଦରକାର ଅଛି ତେବେ ଅଭିଜ୍ଞ ଘଣ୍ଟା ଛାଡ଼ି ଶବ୍ଦ କୋଷ ଚପି ଲେଖକ ମହାଶୟ ତହିଁରୁ ରସ ବାହାର କରନ୍ତୁ ।

ସ୍ୱପନ ଅଟଇ ଯାହାର—କବିତା, ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ । ଏ ଯୁଗ୍ମବାଙ୍ଗୀ କବିତାଟି 'ଭିଦବେଗ' "ଜନ୍ମଦିନ" "ଜଳଲ୍ପସ" ଏହି ଢଙ୍ଗରେ ରଚିତ । ଶେଷକୁ—

କଳ୍ପନା ମାଝେ ବାଞ୍ଛିତ ସାଥେ
ମଧୁର ମିଳନ ଘଟେ,
ମଧୁ ମାସେ, ମଧୁ ହାସେ ମଧୁ ଭାଷେ
ମଧୁର ସ୍ୱପନ ଅଟେ ।

କବିଙ୍କର ମନୋବାଞ୍ଛା ପୂର୍ଣ୍ଣହେଉ । ନୋହିଲେ କାଳେ ପୁଣି 'ଉନ୍ମାଦ' ଲେଖି ନ ବସନ୍ତି !

ଅର୍ଥ ଓ ଆଦର୍ଶ ବାଦ—ଶ୍ରୀ ଯୋଗେନ୍ଦ୍ର ଦାସ । ଲେଖା ଯଥେଷ୍ଟ ହେଲେ ମଧ ମନ୍ଦ ହୋଇ ନାହିଁ । ଅଳ୍ପ ଟିକିଏ ଉଦ୍ଦେଶ୍ୟ ହୋଇଥିଲେ 'ଭଲ' ହୋଇଥାନ୍ତା ।

ଛଳନା—ଅନୁବାଦ କବିତା—ଶ୍ରୀ ନୀଳାମ୍ବର ମିଶ୍ର । 'ଅନୁବାଦ' ବୋଲି ମଧ ଲେଖା ହୋଇ ନଥିଲେ ମଧ ଶବ୍ଦ ବିନ୍ୟାସର ଜଟିଳତାରୁ ଜଣା ପଡ଼ି ଥାଆନ୍ତା । ମୂଳର ସୌନ୍ଦର୍ଯ୍ୟ ଏକାବେଳେ ପାଣି ଫାଟି ଯାଇଛି ।

ଓ୍ୟାର୍ଦ୍ଧାଠାରେ ଅହିଂସା ଓ ଅର୍ଥନୈତିକ—ଶ୍ରୀ ମୋହନ ଚନ୍ଦ୍ର ପଟ୍ଟନାୟକ

ପ୍ରବନ୍ଧରେ ଅହିଂସା, କର୍ମ, ଶାନ୍ତି ଆଦିର ପ୍ରଶଂସା କରି ଲେଖକ ଶେଷରେ ପଚାରିଛନ୍ତି— "ଆମର ଆଦର୍ଶ କଏ ? ହିଟଲର ନା ଗାନ୍ଧିଜୀ ? ମାତ୍ର ଏ ପ୍ରଶ୍ନର ଉତ୍ତର କଏ ଦେବ—ଆଦର୍ଶବାଦ ନା ପ୍ରତ୍ୟକ୍ଷବାଦ ?

ଗୋଟିଏ ବସନ୍ତର ସନ୍ଧ୍ୟା—ଶ୍ରୀ ବିନୋଦ ନାୟକ । ବାସନ୍ତୀ ସନ୍ଧ୍ୟାର ମଧୁର ବର୍ଣ୍ଣନା । ବୃଦ୍ଧ ଚିତ୍ତରେ ମଧ ବସନ୍ତର ମାଦକତା ଖେଳାଇ ଦିଏ ।

ସାଧନ—ଗଳ୍ପ—ଶ୍ରୀ ଅନିରୁଦ୍ଧ ମହାନ୍ତି ଗଳ୍ପଟିରେ ମୋହ ଅଛି, ମାଦକତା ଅଛି, ମଦିରା ବି ଅଛି । ନାହିଁ କେବଳ ମଧୁରତା । ଆଦର୍ଶର ଅନୁସରଣ କରି କଳାକାର ଉପରେ ତ୍ୟାଗ ଦ୍ୱାରା ସିଦ୍ଧି ଲାଭ କରି ପାରେ, ତାହାର ଇଙ୍ଗିତ ଅଛି ।

ଅସ୍ପୃଶ୍ୟ ପରିଚୟ—କବିତା—ଶ୍ରୀ ଲୋକନାଥ ମିଶ୍ର । କବିତାଟିରେ ଅଉ କିଛି ଥାଉ ନଥାଉ କବିଙ୍କର ଅସ୍ପୃଶ୍ୟ ସହୃଦୟତା ଭଲ ଭାବରେ ଅଛି ।




ଅସଲି
ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅର୍ଦ୍ଧଧର୍ଘ୍ୟ,କାନ ଟଣା ମୁଣ୍ଡକାମୁଡ଼ା ଘୁଣିଆ, କାଛୁ, ମଚଲା, ପୋଡ଼ା ଘା, ଛିଣ୍ଡ ଦରଜ, ଅଣ୍ଡାବୃଦ୍ଧି ଇତ୍ୟାଦି ୫୨ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧଅଟେ । ପରୀକ୍ଷା ପ୍ରାର୍ଥନୀୟ ଠିକଣା:—ଅସଲି ପଞ୍ଚଗୁଣା ତୈଳ ଅଫିସ୍—କଟକ ।

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ
ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରିଏ ଏବ ବଳ, ମାଂସ,ରକ୍ତଶକ୍ତି ଧାରଣଶକ୍ତି ଅଧିକ ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ସେବନକୁ ୧୬୯, ସେବ୍ୟକୁ ୪୬୧ ସେବନକୁ ୬୨୯ ଭି: ପି:ରେ ଔଷଧ ପଠାଯାଏ ଠିକଣା—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏର୍, ଏମ୍, ଟି,
ଦରିଦ୍ର ବନ୍ଧୁ ଔଷଧାଳୟ
ଖଇର ପଦା । ପୋ: ଭୋଗରାଇ । ଜି: ବାଲେଶ୍ୱର


Digitized by srujanika@gmail.com



## ନାଗବଗ୍ଭଙ୍କ କଲମରୁ

### ଟାଟାଙ୍କୁ କି ଚିହ୍ନ, କେ ?

କେତେ ଯୁଗର କଥା—କାଳ ବକ୍ଷରେ କେବେ ଲୀନ ହୋଇସିବଣି ତାହାର ଇୟତ୍ତା ନାହିଁ । କିନ୍ତୁ ସେହି ଯୁଗର କଥା ଆଜି କଲମ ଧରି ମନ ପ୍ରାଣ ଦେଇ ଲେଖୁଛୁ । ରାମ, ଶ୍ୟାମ ଭଳି କେତେ ଲୋକ ମଲେଣି, ମରୁଛନ୍ତି, ତାହା କିଏ ମନେ ରଖୁଛୁ ? ମନେ ରଖିବାକୁ ଚେଷ୍ଟା କରୁଛୁ ବା କିଏ ? କିନ୍ତୁ ଜଣେ ବଡ଼ ଲୋକ ଯାହାଙ୍କୁ କହନ୍ତି ମହାତ୍ମା, ସେ ଯଦି ମରନ୍ତି ତାଙ୍କୁ ଆମେ ଭଜୁ ଏବଂ ସ୍ମରଣ କରୁଁ । ତାହାଙ୍କ ସ୍ତବଗାନର ମାନେ ଅଛି । ସେମାନେ ଭଲ ଭଲ କାମ କରି ଥାନ୍ତି । ନିଜ କର୍ମ ଦେଇ ଦେଶକୁ ଗଢ଼ିଥାନ୍ତି ।

୧୮୩୯ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ ୩ ତାରିଖର କଥା । ବମ୍ବେର ବୋଲି ସୁଦୂର ଦେଶରେ ନବସାରୀ ନାମକ କ୍ଷୁଦ୍ର ଗ୍ରାମଟିରେ ଜଣେ ମହାତ୍ମା ଜନ୍ମ ହୋଇଥିଲେ । ତାଙ୍କୁ ବୋଧେ ସମସ୍ତେ ଜାଣିଥିବେ, ସେ 'ଯାମସେତଜୀ ଟାଟା'—ଜାତିରେ ପାରସି । ତାଙ୍କ ପିତା ବାଡ଼ ଗରିବ ଥିଲେ । ତୁଳା କେତେ ନେଇ ଗୋଟିଏ ଛୋଟିଆ ଦୋକାନଟି କରି ବସିଥିଲେ ।

ଅନେକ କହନ୍ତି ଗରିବ ଘରର ପିଲା ତାଠେଇଁ କି ବୁଦ୍ଧି ଶୁଦ୍ଧି ! କିନ୍ତୁ ଟାଟା ଅତି ବୁଦ୍ଧିମାନ ଥିଲେ । ପିଲାଦିନେ ତାଙ୍କର ପଢ଼ାରେ ଖୁବ ମନ ଥିଲା । କିନ୍ତୁ ସେ ବେଶି ପଢ଼ି ପାରି ନ ଥିଲେ ।

ସେ ଭାବିଲେ କିପରି ବଡ଼ ଲୋକ ହେବି; ବାପା ମୋର ବଡ଼ ଲୋକ ହେବେ । ପରେ ଘରୁ ବାପାଙ୍କ ସହିତ ତୁଳା ଦୋକାନରେ ଯୋଗ ଦେଲେ । ବାପ ପୁଅ ଦୁହେଁ ଲାଗି ପଡ଼ି କେତେ ଲାଭ କଲେ ।

ଟାଟା ଭାରି ସନ୍ଦବୁଦ୍ଧିଆ ଥିଲେ । ସେ ନାନା ବିଦେଶ ବୁଲିଲେ । କେତେ ଛୋଟ ଛୋଟ କାରଖାନାମାନ ତିଆରି କଲେ । ପରେ ଶେଷରେ ସେ ଆସି ପହଞ୍ଚିଲେ ଗୋଟିଏ ଜାଗାରେ ଯାହାକୁ ତୁମେ ବର୍ତ୍ତମାନ Comercial town ଯାମସେଦପୁର କହୁଛ । ସେ ସେଇଠି ସୁବିଧା ପାଇ ଗୋଟିଏ କାରଖାନା ତିଆରି କଲେ । କେତେ ପଥର ତଡ଼େଇ, କେତେ ବାଘ, ଭାଲୁ ଘୁଞ୍ଚେଇ, କେତେ ଘରମାନ ତିଆରି କଲେ । ତାଙ୍କର ଏହି କାରଖାନା ଏସିଆରେ ପ୍ରଥମ ସ୍ଥାନ ଅଧିକାର କରିଅଛି । ଯେ କି ନିଜକୁ The Tata Iron steel and company ନାମରେ ପରିଚୟ ଦେଉଛି ।

ସେ ଆଜି ନାହାନ୍ତି, କିନ୍ତୁ ତାଙ୍କର ଯଶ ରହିଛି ଏବଂ ଆକାଶ ପବନ ଉଡ଼ୁବାଯାଏ ଥିବ । ଜୟ ଟାଟାଙ୍କୁ ଜୟ, ଜୟ ଭାରତର ଜୟ । ଇତି ।

୨୧୯, ଅଖିଲ୍ ।

—:-:—

ପ୍ରିୟବର ଭାଇଭଉଣୀମାନେ,

ଅମ୍ଭେମାନେ ଆଜି ଏକ ମୁଖରେ ଦେଶର ସମାଜର, ଉନ୍ନତି ପାଇଁ ବଡ଼ ଛଡ଼ୁଛୁଁ । ଏଇଟା ଅବଶ୍ୟ ମନ୍ଦ ନୁହେଁ । କିନ୍ତୁ ଅମ୍ଭ ନିଜର ବର୍ତ୍ତମାନ ଯେ ଅବସ୍ଥା ସେଥିରେ ଏ ଢୋଲର ସ୍ୱର ଦୁଃସ୍ୱପ୍ନ । ଅମ୍ଭମାନଙ୍କର ପ୍ରଥମ ଲକ୍ଷ୍ୟ ଓ ଉଦ୍ୟମ ଅତି ମହତ୍ ସନ୍ଦେହ ନାହିଁ । ଅମ୍ଭେମାନେ ସେହି ମହତର ଅନୁସରଣ କରିବୁଁ ବୋଲି ସଂଗଠିତ ହୋଇଥାଉଁ । ଅତ୍ରର ମଧ୍ୟ ଅମ୍ଭମାନଙ୍କର ସଂଖ୍ୟା ବର୍ତ୍ତିମାନ ବଢ଼ିବା ଦରକାର । କିନ୍ତୁ ଅତି ଦୁଃଖର କଥା ବାର୍ଷିକ ଦେୟ ଅଦାୟ ହେବା ସଙ୍ଗେ ସଙ୍ଗେ ଯଥେଷ୍ଟ ପରିମାଣରେ ନାଗବଗ୍ଭ ସଂଖ୍ୟା କମି ଯାଉଛନ୍ତି । ଅମ୍ଭେମାନେ ଛିନ୍ନଙ୍କୁ ସଂଯୋଗ କରିବା ପାଇଁ ଧାଉଁଛୁଁ । କିନ୍ତୁ ଅମ୍ଭେମାନେ ନିଜେ ନିଜେ ଯେ ଆଜି କେତେ ବିଚ୍ଛିନ୍ନ ସେ କଥା ଭାବି ବସିଲେ ଲଜ୍ଜିତ ହେବାକୁ ହୁଏ । ଦୁଇ ଶତରୁ ଊର୍ଦ୍ଧ୍ୱ ନାଗବଗ୍ଭଙ୍କଠାରୁ ବର୍ତ୍ତମାନ ଛଅ ଛଅ ଆଉ କେତୋଟି ବାକି ଅଛନ୍ତି ମୋହ ଉଦାର ହୃଦୟ ଭାଇ ମାନେ ଦେଖିବେ କି ? ଅବଶିଷ୍ଟରୁ ଆଉ କ କେତେ ଛଟିବେ ଏ କଥା ଦୂରଦର୍ଶୀ ଭାଇମାନେ ବେଶ ଜାଣି ପାରିବେ । ଏଇ ଅବଶିଷ୍ଟ ଦୁଇ ଶହ ଜଣ ନାଗବଗ୍ଭଙ୍କ ନେଇ ସଂଘର ଲକ୍ଷ୍ୟ ସାର୍ଥକ ହୋଇ ପାରିବ ତ, ଉଦ୍ୟମ ସଫଳ ହେବ ତ ? ଏଣୁ ମୋର ସମସ୍ତ ସ୍ନେହର ଭାଇ ଭଉଣୀମାନଙ୍କୁ ଆନ୍ତରିକ ନିବେଦନ ଯେଉଁମାନଙ୍କର ପ୍ରାଣ ଦେଶ ଓ ଜାତି ପାଇଁ କାନ୍ଦେ, ସେମାନେ ଦୁଇଦିନ ଆଉ କାମ ଛାଡ଼ି ରଖି ସମସ୍ତେ ପୁଣି କିପରି ଏକତ୍ର ହେବେ ସେ ଉପାୟ ବା ଚିନ୍ତା କରନ୍ତୁ । ଏପରି ଛଟି ପଡ଼ିଗଲେ ଅମ୍ଭମାନଙ୍କ ଦ୍ୱାରା କୌଣସି କାମ ସାର୍ଥକ ହେବ ନାହିଁ । ଯେ ଏହି ଛୋଟିଆ ବିଚ୍ଛିନ୍ନ ସଂଘଟାକୁ ଏକତ୍ର କରି ନ ପାରିବ ସେ ବଡ଼ ବଡ଼ ଛିନ୍ନଙ୍କୁ ଏକତ୍ର କରିବା ପାଇଁ ଆନ୍ଦୋଳନ କରିବ କିପରି ? ପରେ ସଂଖ୍ୟାରେ ପୁଣି ଦେଖା ହେବ ।

ଆଜି ଏତିକି । ମନ୍ଦ ବା ଖରାପ କହିଥିଲେ ସାନକୁହା ଭାଇଟିକୁ କ୍ଷମା କରିବ ।

। ଇତି ।

ସ୍ନେହର ଭାଇ

ଚନ୍ଦ୍ରମୋହନ (ନଂ ୬ ନାଗବଗ୍ଭ)

Digitized by srujanika@gmail.com

## ଅଜାଙ୍କ ଜବାବ

୨୧୯ ଅବଦୁଲ୍—ତମେ 'ଫ' ଲେଖିପାର। କିନ୍ତୁ ସେଥି ସଙ୍ଗରେ ନୁହେଁ—ଗୋଲ ଓଟାଇବା ପାଇଁ ହେବ'।

ମାଛ ମାଂସ ଏକାଠି ଖାଇଲେ ଦେହ ଖରାପ ହୁଏ କି ନହୁଏ ଡାକ୍ତରମାନେ କହିବେ। ତେବେ ମୁଁ ମାଛ ମାଂସ ଯୋଗଟ ନ ଖାଇବାକୁ କହିବି।

୨ ଦେବେନ୍ଦ୍ର—ବିନୋଦିନୀର ବାର୍ଷିକ ଦେୟ ଠିକଠ ମିଳି ନାହିଁ।

୨୧୧ ବିଧୁଭୂଷଣ—ତମ ଚିଠିଟା ଭଲ ବୁଝି ପାରିଲି ନାହିଁ। ତମେ ଏମିତ ଏଭ ଲେଖିଲ ? ଯେ ନାଗବଂଶୀ ହୋଇଗଲ କଏ ?

୭-ଚନ୍ଦ୍ରମୋହନ---ତମକୁ ନାଗରଗ୍ମର ଅଶୀବର ସଂଖ୍ୟା ପଠାଗଲା। ବାର୍ଷିକ ଦେୟ ନଦେବା ଦୋଷରୁ ଯେଉଁ ନାଗରଗ୍ମମାନଙ୍କର ନାମ କଟି ଯାଇଛି ସେମାନେ ବର୍ତ୍ତମାନ ମଧ୍ୟ ଟଙ୍କା ଦେଇଦେଲେ ନାଗରଗ୍ମ ହୋଇ ପାରନ୍ତି। କିନ୍ତୁ ଗୋଟାଏ କଥା। ଯେଉଁମାନେ ଏତେ ଅସାବଧାନ ସେମାନେ ନାଗରଗ୍ମ ହୋଇ କେତେଦିନ ରହି ପାରିବେ କି ? ମୁଁ ଜଣେ ଖାଣ୍ଟି ନାଗରଗ୍ମ ପାଇଲେ ଖୁସି ହେବି କିନ୍ତୁ ଶହେହଜାର ନାମକା ବାସ୍ତେ ନାଗରଗ୍ମ ପାଇଲେ ବରଂ ଦୁଃଖ ହେବ ମୋର ଆନନ୍ଦ ଆଦୌ ହେବ ନାହିଁ। ଜଣେ ଖାଣ୍ଟି ନାଗରଗ୍ମ ଶହେହଜାର ଖାଣ୍ଟି ନାଗରଗ୍ମ ସୃଷ୍ଟି କରିପାରେ କିନ୍ତୁ ଶହେହଜାର ଉପର ଠେଲିଆ ନାଗରଗ୍ମ ଖାଣ୍ଟି ନାଗରଗ୍ମ କରିବା ଦୂରର କଥା ଜଣେ ବାଳେ ନାଗରଗ୍ମ ବି କରିପାରିବେ ନାହିଁ।

ଲକ୍ଷ୍ମୀନାରାୟଣ—୧। ମୋ କଲମ ବନ୍ଦ ହୋଇ ନାହିଁ। ପ୍ରତିକାଳି କଲମରେ। ଅଜାଙ୍କ ଜବାବ ପଢ଼ୁ ନାହଁ କି ?

୨। ନାଗରଗ୍ମ ପାଣ୍ଠି ଖାତାରେ ଟଙ୍କା ଯିବାକ୍ଷ ଫିହସ୍ତିମିକୁ ଯିବ ସେ ବିଷୟ ବର୍ତ୍ତମାନ ଠିକ କରିହେବ ନାହିଁ। କାରଣ ଏତେ ଅଳ୍ପ ଯେ ଶିରୋନାମ୍ବ ଶିରୋନାମା କହିବାକୁ ଲାଜ ମାଡ଼ୁଛି।

୩। ନାଗରଗ୍ମ କେହି ୫୦୦୯ ଦେଇ Life patron ହେବାକୁ ଇଚ୍ଛାକଲେ ମୋ ପାଖକୁ ଲେଖନ୍ତୁ। ମୁଁ ସେ କଥା ସମ୍ପାଦକଙ୍କୁ କହି ବିଶେଷ ବ୍ୟବସ୍ଥା କରିଦେବାର ଭରସା ରଖେଁ।

## ନାଗରଗ୍ମଙ୍କ ଖବର

୩୬୬ନମ୍ବର ନାଗରଗ୍ମ ତାଙ୍କ ବନ୍ଧୁମାନଙ୍କ ସଙ୍ଗ ପଦବ୍ରଜରେ ସାତଦିନ ଭିତରେ ୧୦୦ ମାଇଲ ଯାଇ ଭୁବନେଶ୍ୱର, ଖଣ୍ଡଗିରି, ଉଦୟଗିରି, ଧଉଳି, ହୀରାପୁର, ଗୋପ, କୋଣାର୍କ, ଓ ପୁରୀ ପ୍ରଭୃତି ଦର୍ଶନ କରିଥିଲେ।

ଏପରି ଭ୍ରମଣ ଦ୍ୱାରା ସାହସ ଏବଂ ଜ୍ଞାନ ଓ ଧାରଣାର ପରିସର ବଢ଼େ; ତେଣୁ ପ୍ରଶଂସନୀୟ।

୨ନମ୍ବର ନାଗରଗ୍ମଙ୍କର ନୂଆ ଠିକଣା:—

C/o C. N. Mohanty
Sessions Judge
P. o. Saraikala
Orissa states.

ସେ ୧ନମ୍ବର ନାଗଙ୍କ ଠାରୁ ପଦ ଆଶା କରନ୍ତି।


ଚିକିତ୍ସା ଜଗତର ଅଦ୍ଭୁତ ଆବିଷ୍କାର

**ଜଗନ୍ନାଥ ତୈଳ**

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ,) ହଇଜା, ଡବଲଖାଜା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବ ଯୋଟମସ, ଅଜୀର୍ଣ୍ଣ, କାଶ, ପ୍ଲୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର ଆମବାତ, ଅଣ୍ଡ ଗଣ୍ଡ ବାତ, କୋଷବୃଦ୍ଧି ଉନ୍ମାଦ ଅପସାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡଘୂରା, ମୁଣ୍ଡରୁକ୍ଷ, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, କଉଁଶ, କାଛୁ, କୁଷ୍ଠିଆ, ଦାଉ, ମଟକା, ଚମଦଳା, ଘାଆ, ଛାଲି, କଟାଘା, ଜେଗୁଆ, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ଦଭୁଲ ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପୂଜ ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣିଙ୍କ ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
କବିରାଜ ଶ୍ରୀ ବିଶ୍ୱନାଥ ଦାସ
ଏ, ବି, ଏଲ୍. ଏଚ. ଏମ୍. ଏସ୍.
ଅଲିଶା ବଜାର, ପୋଃ ଚୁଡ଼ଙ୍ଗଗୈଡ କଟକ।

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର
**ନୂତନ ଆବିଷ୍କାର**

ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ। ସ୍ୱପ୍ନଦୋଷ (Night Pollution)ର ଅବ୍ୟର୍ଥ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ ନାହିଁ। ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନୋଯୋଗୀତା, ଉଦ୍ୟମହୀନତା, ନୈରାଶ୍ୟ, ନିଦ୍ରାଳୁ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା କୋଷ୍ଠବଦ୍ଧତା, ଅଜୀର୍ଣ୍ଣ, ଶିରୋଘୂର୍ଣ୍ଣନ, ଏବଂ ମଳମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା ଦ୍ୱାରା ନିର୍ମୂଳେ ଆରୋଗ୍ୟ ହୁଏ। ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଳ ପଡ଼ି ଶକ୍ତି ଯୋଗେ। ଦଶଦିନ ବ୍ୟବହାର ଜନିତ ଶିଶିର ମୂଲ୍ୟ ୫୧୯ ମାତ୍ର।

ନୟା ସଡ଼କ
ପୋ: ଅ: ଚୁଡ଼ଙ୍ଗଗୈଡ,
କଟକ।

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ
C/o ଶ୍ରୀବାଞ୍ଛାନିଧିଆଚାର୍ଯ୍ୟଭିଷଗ୍‌ରତ୍ନ


Digitized by srujanika@gmail.com




# ଖବର ଅନ୍ତର

—ମହାତ୍ମା ଗାନ୍ଧି ଓ ବଡ଼ଲାଟ ଦିଲ୍ଲୀରେ ଗଡ଼ଜାତ ସମସ୍ୟା ନେଇ ଦୀର୍ଘ ଆଲୋଚନା କରିଥିଲେ ।

...ହାତୀ ନେ, ଘୋଡ଼ା ନେ, ମୋ ଫେଡ଼େରେସନ ଫେଞ୍ଚାଳି ବଞ୍ଚେଇ ଦେ ।

—ତ୍ରୀପୁରୀ କଂଗ୍ରେସରେ ମାନ୍ୟବର ପନ୍ଥଙ୍କର ପ୍ରସ୍ତାବ ପାଶ୍ ହୋଇଗଲା । ସେଥିରେ ଅଛି ଯେ ଗାନ୍ଧିଜୀଙ୍କ ମତ ଅନୁସାରେ ସଭାପତି ସୁଭାଷ ତାଙ୍କର କେବିନେଟ ଗଠନ କରନ୍ତୁ ।

...ଗଣଶାସନ ନା ଡିକ୍ଟେଟର ?

—ଏଥର କଂଗ୍ରେସରେ ମିଶର ଦେଶରୁ ମୁସଲମାନ ପ୍ରତିନିଧି ଯୋଗ ଦେଇଥିଲେ ।

.. କିହ୍ୱା ବାହାନ୍ତି ?

—ଦିଲ୍ଲୀରେ ଭାରତର ରାଜନ୍ୟ ମଣ୍ଡଳୀର ଗୋଟିଏ ସଭା ହୋଇଗଲା । ବଡ଼ଲାଟ ରାଜାମାନଙ୍କୁ ପ୍ରଜାମାନଙ୍କର ପ୍ରୀତିଭାଜନ ହେବା ପାଇଁ ଉପଦେଶ ଦେଇଛନ୍ତି ।

...ଗୋଦରା ଲୋ ଗୋଡ଼ [illegible] ଅନାଁ !

—ଜରମାନ ଡେଢ଼ାଘରେ ଚେକୋସ୍ଲୋଭାକିଆ ଉପରେ ହାତ ପକାଇଲେଣି ।

...ଶନୈଃ ପନ୍ଥା ।

—ଅମ୍ବାଲାରେ ଜଣେ ୫୦ ବର୍ଷର ବୃଦ୍ଧ ଗୋଟିଏ ୧୫ ବର୍ଷର ବାଳିକାକୁ ବିବାହ କରିଥିଲା । କିନ୍ତୁ ବାଳିକାଟି ତା'ର ଗୋସାପ ପରି ବର ସାଙ୍ଗରେ ଯିବାକୁ ମନା କଲା ।

...ହାୟ ବିଚାରା ବୁଢ଼ା !

—ଜର୍ମାନୀର ଆକ୍ରମଣ ଫଳରେ କେତେକ ଚେକୋସ୍ଲୋଭାକିଆର ଅଧିବାସୀ ଆତ୍ମହତ୍ୟା କରି ଥିବାର ପ୍ରକାଶ ।

...ସେ ତ ଭାରତବାସୀ ନୁହେଁ ?

—ଦିଲ୍ଲୀର ଗୋଟିଏ ଉର୍ଦ୍ଦୁ ପତ୍ରିକାର ସମ୍ପାଦକଙ୍କୁ ଦୁଇଜଣ ଲୋକ ହତ୍ୟା କରିଛନ୍ତି ।

...ସମ୍ପାଦକେ ହୁସିଆର !

—ଆଗାମୀ କଂଗ୍ରେସ ବିହାରରେ ହେବାର ସ୍ଥିର ହୋଇଛି ।

...ଓଡ଼ିଆଏ ଶୁଣି ରଖ ।

—ଶ୍ରୀଯୁକ୍ତ ମହତାବ ଗଡ଼ଜାତ ସମସ୍ୟା ନେଇ ଲାଟଙ୍କ ସଙ୍ଗେ ୨ ଥର ଦେଖା କଲେଣି ।

...ଠିକ୍ ନା ?

—ମୌଲବୀ ମହମ୍ମଦ ହନିଫ ବାଲେଶ୍ୱର ଜିଲ୍ଲାବୋର୍ଡ଼ର ଚେଆରମେନ ହୋଇଛନ୍ତି ।

.. ଖୁଦା ସଲାମତ୍ ।

—କଟକ ଜିଲ୍ଲାରେ ତାଳପଦା ଗାଁରେ "ଗ୍ରାମୋଦ୍ୟୋଗ ସଂଘ" ତାଳଗୁଡ଼ ତିଆରି କରୁଛନ୍ତି ।

.. ଯା ହଉ ଗାଁର ନାଁ ରଖିଲେ ।

—ବ୍ରହ୍ମପୁର 'ଓଡ଼ିଆ' ସାପ୍ତାହିକର ସମ୍ପାଦକ ଶ୍ରୀଯୁକ୍ତ ଆନନ୍ଦ ଅଗ୍ରୱାଲଙ୍କ ନାମରେ ଯେଉଁ ମାନହାନି ମୋକଦ୍ଦମା ହୋଇଥିଲା, ହାଇକୋର୍ଟ ବିଚାରରେ ଡିସ୍‌ମିସ୍ ହୋଇଛି । ଅଗ୍ରୱାଲେ ଖର୍ଚ୍ଚା ପାଇଛନ୍ତି ।

...ଓଲଟି ଖୁଣ୍ଟ ।

—ଦୁଇ ଗ୍ରୁବଦୀନ ହେବ କଟକର କବିଚନ୍ଦ୍ର କାଳୀ ପଟ୍ଟନାୟକେ ଉଦ୍ୟମରେ ଥିଏଟର ଯାତ୍ରା କରୁଛନ୍ତି ।

...ଯାତ୍ରା ଭାଲି !

—'ସମାଜ' ବିରୁଦ୍ଧରେ ଶ୍ରୀ ବୀରକିଶୋର ବେହେରା ଯେଉଁ ମାନହାନି ମୋକଦ୍ଦମା କରିଥିଲେ ତାହା ବିଚାରକ ଡେପୁଟି ସାହେବ ଡିସମିସ କରିଛନ୍ତି ।

...କଂଗ୍ରେସ ଅମଳ ......

ପଲିଟିକେଲ ଏଜେଣ୍ଟଙ୍କୁ ହତ୍ୟା କରିଥିବା ରଣପୁର ଆସାମୀମାନେ ଦୁହିଁରା ସପର୍ଦ୍ଦ ହୋଇଛନ୍ତି ।

...ତେହେଲେ କେବେ ହେବ ?

---

(୪ର୍ଥ ପୃଷ୍ଠା ଉତ୍ତାରୁ)

ଡବା ଚଢ଼ିଲେ । କଣି ପ୍ରାୟ ସନ୍ଧ୍ୟା ସାତଟା ବେଳକୁ ଯାଇ କୃପାସିନ୍ଧୁ ବାବୁଙ୍କ ଘରେ ପହଞ୍ଚିଲେ ।

ପୂର୍ବ ପରିଚିତ ଗୃହର ଠାରୁ ବୁଝିଲେ ବାବୁ ବାହାରି ଗଲେଣି । ଗୃହକର୍ତ୍ରୀ ବିନୀତ ସ୍ୱରରେ କହିଲା, "ଦେଇ ଅର ଘରେ ଅଛନ୍ତି । ଯାନ୍ତୁ ।"

ସଚ୍ଚିବାବୁ ବିକଳ୍ପ ଗର୍ବରେ ଘର ଭିତରକୁ ପଶିଗଲେ । ଦେଖିଲେ— ଅନ୍ନପୂର୍ଣ୍ଣା, ନବକିଶୋର, ମନମୋହନ ଓ ଅଶୋକ ଗୃହଜଣ 'ବ୍ରିଜ' ଖେଳରେ ବ୍ୟସ୍ତ । ବୁଝିପାରିଲେନି ସେ କେଉଁଠି । ଆଖିକୁ ତାଙ୍କର ବିଶ୍ୱାସ ହେଲାନି । ନବ ପୁଣି ଏଠି କିମିତି— ତାଙ୍କର ହୃଦୟ କମ୍ପି ଉଠିଲା । ସେ ନବ ଠକାମି କଥା କେବଳ ଭାବିବାକୁ ଲାଗିଲେ ।

ସେ କେବଳ ଛିଡ଼ା ହୋଇ ରହିଲେ । କେହି ତାଙ୍କୁ କିଛି କହୁ ନଥାନ୍ତି । ନିରୁପାୟ ହୋଇ ଶେଷରେ ଯାଇ ଚଉକିରେ ବସି ରହିଲେ । କଥା କିପରି କହିବେ ଭାବୁଥାନ୍ତି । ଅନେକ ସମୟ ବିତିଗଲା । ତାଙ୍କ ଅଡ଼କୁ କେହି ଅନେଇ ଚାହିଁଲେନି ବି । ଶେଷରେ ସଚ୍ଚି ପଚାରିଲ ପଚାରି ଚୁପ୍ କରି ଘରୁ ବାହାରି ଆସିଲେ । ନବବାବୁ ପାଛିକରି ତାଙ୍କ ପଛେ ପଛେ ଗୋଡ଼େଇ ଆସିଲେ । "ସଚ୍ଚି ବାବୁ ପଳେଇଲେ ପଳେଇଲେ ଆସନ୍ତୁ ଆସନ୍ତୁ ।"

କଲିକତାର ସେହି ବିରାଟ ଜନଗହଳରେ ସଚ୍ଚିବାବୁ କେଉଁଠି ଉଭେଇ ଗଲେ ।

(କ୍ରମଶଃ)

Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ସ୍ୱର୍ଣ୍ଣମନ୍ଦିର






ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।



୫ ୨୦୯ ଙ୍କା ପୁରସ୍କାର !        ୫ ୨୦୯ ଙ୍କା ପୁରସ୍କାର !!



ଭଦ୍ରବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ଅଳ୍ପ ମୂଲ୍ୟ ପଥରରେ ମନୋହର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଆମ୍ଭେମାନେ ତାହାଙ୍କୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଟଚ୍ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଦେଖାଇପାରିଲେ ଆମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ
ବଜାର, ପୋ:—କଟକ ।




---

ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁପଞ୍ଚ ବଟୀ**

ଏକମାତ୍ର ଶିଶିରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ତିବ୍ବତ୍ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।
ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା— ଶାରଦା ଔଷଧାଳୟ, ଚୌଧୁରୀ ବଜାର, କଟକ ।

---

ପ୍ରକାଶକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**        ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

Digitized by srujanika@gmail.com

# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତିରିକ୍ତ ରକ୍ତସ୍ରାବ, ଜରାୟୁ ଓ ଅଣ୍ଡ ବେଦନା, ସ୍ନାୟବିକ ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ମୃତବତ୍ସା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗ ନିରାମୟରେ ଏହା ଅଦ୍ୱିତୀୟ । ମୂଲ୍ୟ—ଶିଶିକୁ ୧୲୦ ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ପ୍ରତ୍ୟେକ ଶିଶୁଠାରୁ ଜନ୍ମ ଦିନ ଠାରୁ ବର୍ଷେ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଯେଉଁ ବ୍ୟବହାର କଲେ, ଅଲ୍ପ ଦିନ ମଧ୍ୟରେ ( ଘୋର ଔଷଧ ) ଦେବା ଅନାବଶ୍ୟକ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ଝାଡ଼ା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । ମୂଲ୍ୟ—ଶିଶିକୁ ୲୦ (ଚାରିଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଶର୍ମା, ଭିଷଗାଚାର୍ଯ୍ୟ

ଆୟୁର୍ବେଦିକ ଫାର୍ମାସି

ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇନ୍‌ସ୍ୟୁରେନ୍ସ ସୋସାଇଟି ଲିଃ

## ହେଡ଼ଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା ।

ଉଚ୍ଚ ହାରରେ ଲଭ୍ୟ, ସୁବିଧା ଜନକ ବୀମା ପଦ୍ଧତି ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ

ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ

ହିନ୍ଦୁସ୍ଥାନ ଦିନୁ ଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ମୃତ୍ୟୁ ପ୍ରାପ୍ତି ବୀମାରେ ହଜାର ପ୍ରତି ୨୨୦ ଓ ଆଜୀବନ ବୀମାରେ ୨ ୨୲୦ ଲାଭ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—ବାଲିଟିକି, କଟକ । ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ ।


Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ଟ୍ରେଡ୍ ମାର୍କ—

ଆନନ୍ଦାତ୍ ହି ଖଲୁ ଇମାନି ଭୂୟନ୍ତେ—

ଦ୍ୱିତୀୟ ବର୍ଷ—୨୧ଶ ସଂଖ୍ୟା



# ଡଗର

ସଞ୍ଜ୍ୟାର ବିଶ୍ୱନାଥ—



ଝପଟ୍ ରୋକି, କଦମ୍ ଚଲ !

---

## ଭବିଷ୍ୟ ଭାରତ

### କେବେ ବାହାରୁଛି ?

## ଡଗରରେ ଦେଖିବାକୁ

ଥାକିଥାନ୍ତୁ ।

Digitized by srujanika@gmail.com

ଡଗର
ଚୈତ୍ର ତୃତୀୟାର୍ଦ୍ଧ
୨ବର୍ଷ ୨୧ଶ ସଂଖ୍ୟା
ସତ୍ରଭ
୧ । ୪ । ୮




ଡଗର
ସଂ—୪୦/୯
ବାର୍ଷିକ (ଡାକ)୪୲
ଛାତ୍ରମାନଙ୍କ ପାଇଁ୩୲
ପ୍ରତିସଂଖ୍ୟା—୪୦

ସ୍ୱର୍ଗରେ ଯାଇ, ସେବା ପାଇଁ ସେତେ ଲୋକ ଟା କେତେ ... କର ନାହାନ୍ତି । କିନ୍ତୁ ମୁଲ ... ଏ ବଜାର ଏବେ କେବଳ ପିଳା ଲଗୁଛି ।

ପ୍ରଜିଲା, ଦୁଧିଲା ଘେଉଥିବି ଓ ... ଚମୋଲ ନାବ୍ରଂବଳ ମାଳିସ ... ଭେଣର ... ବଞ୍ଚିବା ପାଇଁ ଲୁଅତେ ଲୋକ ମିଳୁ ନାହାନ୍ତି ।

... ଭ୍ରାବେ ଶ୍ରୀ ବାଜ ... ଗଲ୍, ଓ ... ଏକାନ୍ତ ... କାଳ ପୂର୍ଣ୍ଣ । ସେତେବେଳକୁ ଏ ଦୁଇ ସ୍ଥାନରେ ... ଦେବ ... ଇଂରାଜ ... ଶୁଣ ଯ ଏ ।

ଭଟ୍ଟଶ, ବଙ୍ଗ ଓ ମାଡ୍ରାଜର ... ଖାଲି ... କେବଳ ... । କିନ୍ତୁ ... ଚୋଲଛ ... ଜୋକଙ୍କ ଏ ଯଦ ନେବା ପାଇଁ ... ନାହାନ୍ତି । ... ଭ୍ରଷ୍ଟ ... ଭାଗ୍ୟ ଯେ ... ଘିବ, ଏବା ... ।

ବାସ୍ତବର ବାୟୁ,—... ସ୍ତ୍ରୀର ପାଇ— ... ଯୋଡ଼ ବା ... ଆମ ... ଲୋକେ ... —! ...!

\+ + +

ଗାନ୍ଧୀ ମହାତ୍ମା ... ହେତେ ନେକେ ନୂଆ କଥା ଦେଉଛନ୍ତି, ତାହା ମଧ୍ୟରେ ... ଜଡର ଓ ... କଥା — ... । ଏ ... ଭାରତ ... ତୋମା ଠାରୁ ତ ଅଧିକ ଓ ... ଖଇଁଚ ... ଭାସ୍ୱାକ୍ଲେଶ ... । ... ଆମ ... ବଢ଼ ... ।

ଓଡ଼ିଶା ପାଇକଙ୍କ ... ଥିବ, ... ରେ ... ମହାତ୍ମା ... ନାହାନ୍ତି ... ପୁଅ ... ଧାଇଁ ... ମାଳ, ... ଦେଖାଉଛନ୍ତି । ... ଶୁଣାଯାଉଥିଲା । ଏବେ ସେ କଥା ... ।

ଏ ମହିଳାମାନେ ସ୍ୱରୂପ ... ଓ ... । ଏଥିରେ ... ମହାତ୍ମା ... । ... ଓ ... ଓ ... । ... ଓ ... ।

ମହାତ୍ମା ... ଗୁଡ଼ା ... । ... ‘...’ ଓ ... ‘ବୈଠିଓ’ ... । ... , ... ଏହା ... । ... କଥାଟା ... ଲୋଭ ... ରେ ।

ଟ୍ରେନିଂ—... ଓ ... ପାଇଁ ... । ... ଏବେ ... , ଆମ ମହିଳା ... । ... ଏ କଥା ... ବ୍ୟାପାରେ ... । ... ଏବେ କଥାଟା ... ଓ ... — “...” ... “...” ... ‘...’ ... ‘...’ ... “...” ... । ... ।

× × ×

... ଏ ... Up to date ... old fool ... , ... , ... ।

... ଓ ଏଥିରୁ ... ଓ ଏହି ...


GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିୟାର
ଧନ୍ୱନ୍ତରି ତ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
TABLETS
QUININE SULPHAT
B.P.
ଏଜେଣ୍ଟସ:
ଗୈଧୁରୀ ଏଣ୍ଡ କୋଂ ନ୪ ବାଙ୍କସାଲ ଷ୍ଟ୍ରୀଟ୍
ସାଓ୍ୱାଲେଷ୍ଟୋ ଏଣ୍ଡ କୋଂ ପୋଃ ବକ୍ସ ନ୭୦ମ୍ବର
କଲିକତା

ଭଳିଆ ପ୍ରତିବାଦ କରିବି । ଏଥର ଡାକ୍ତରଙ୍କୁ ଦଣ୍ଡ ଦେବା ସଙ୍ଗେ, କିନ୍ତୁ ଲୁଣ୍ଡ ବାପଙ୍କୁ କଣ ଦଣ୍ଡ ଦିଆଯିବ ?

ପାର୍ଲାମେଣ୍ଟରେ ବଡ ଜିଜ୍ଞାସା ବ୍ୟବସ୍ଥା ନ ହେବା ଯାଏଁ ସରକାରଙ୍କ ଉଚିତ ସେ ପୁଅ ଓ ଝିଅମାନେ ଏକାଠି ଥାଆନ୍ତୁ । ଅନେକ ଅଧିକ ଏକ୍ସପର୍ଟ ଦେଖନ୍ତୁ ସରକାର ଏଥି ନିମନ୍ତେ ଯାହିଁ ବୋଲଣାର ବ୍ୟବସ୍ଥା କରନ୍ତୁ ଓ ପୁଅ ମାନଙ୍କ temporary sterilisation କରନ୍ତୁ (ସାମୟିକ ନପୁଂସକ) ।

\+ + +

ଜଣେ ଚାକିଣ ବୋଲ ଅଛନ୍ତି, ସେ ସେଦିନ ଗାଧୋଇବ ବେଳେ ଲୁଣ୍ଡି ଦେଖାଇଥିଲେ—ଏଁ, କିଏ ମାରୁଛି କାହା, କେବେ ମାରିଛନ୍ତି ? କାହା ଜାଣନା ? ଅଟେ ଛୋଟ ବାପ ମାଉସୀ ମାଁ ? ତାଙ୍କୁ ଦେଖିବ ଭଲ ଲୋକଟି ମାଛବାଲା ଦେଇଛି ।'

ପୁଣି ଜୋତାଦେଇ ଉଠାଏ କହେ ପୁଣି କହେ—'ଏଁ, ପାଲଙ୍କ-ଜୋର ଏତେ ଗାଳିଦେ ତୁ କେତେ ମାରିଲୁ ?—ତୁ ଜାଣୁନା ମୁଁ କିଏ ? ମୁଁ କଣ ପୁଅ ତୁ ଜାଣୁ ? ମୁଁ କଣ କରିପାରେ ତୁ ଜାଣୁ ?

ପୁଣି ଯୁବତୀଏ ଜଣେ ଦେଇବାକୁଲେ ପୁଣି କହେ—'ମୁଁ କିଛି କହୁନାହିଁ । ତୁ ଦୁଇରେ ହୋଟ, ମାଛ ଯାଏଥା, ଯଦ ଉଠିବ ତ ଦେଖିବୁ ପୁଣି ମଜା ଟା ।'

ତା ଉପରେ ଅଲ୍ପର ଉଠାଏ କହେ ସେହିତକେଲ, ସେହିତେଲ ଉଠି ପଡ଼ ଭିଡ଼ ଭିଡ଼ ହୋଇ କହେ—''କ'ଣରେ ଶଳା, ମୋତେ ମାରିଲୁ ? ଦେଖିବୁ ଏଥରେ ?' ଉ ପାଦ ଘୁଞ୍ଚାଇ ପୁଣି କହେ—'ଯାଃ ଯାଃ ଭୂତ ଦାଙ୍କୁ ମନରେ ହାତ ଉଠେଇବ, ଥରେ ଦେଲ ଏଥର । ଭଲ୍ୟ ଭଲରେ ଚୋର । ଥିଲୁ ଅଲପ ଖାଇଲୁ—ନୋହିଲେ ମୋ ହାତରୁ ତୁ ଅଜ କଉଠି ଗଲୁ ଫେରି ନ ଥାନ୍ତୁରେ ଟୋକା ? କହିଦେଲି, ପୁଣି ଯଦି ମାରୁ ତ ଆଉ ତମୁଳ ଉହ ଯାଉ ନାହିଁ । ଖୁନ୍ ଖରାପ ହୋଇଯିବ । ସେତେବେଳେ ପୁଣି ମୋର ଦୋଷ ଦେବୁ ନାହିଁ ।''

ଏ କଥାକୁ ପୁଣି ଟେକାଏ ଜନେ । ପୁଣି କହେ—ହଇଓ, ଟୋକା ପିଲା ସାଙ୍ଗେ ଲଢ଼ିବାକୁ ଆସିଲି । ଅସ୍ତ୍ର ଉଦ, ମୋ ଦୋଷ ମାନଙ୍କ ହାତରେ । ଦେଖିବ ଭଲ, କେତିକ ତୁ ପୁଣି ମାରିବୁ ମୋତେ । ଯେ ମା ମାଙ୍କୁ ଦେବତା । ତୋଠାଏ ଉଠାଏ ହବ, ଗଣ୍ଡଗୋଳ ଦେଖ ଏଥି କଣ ଭଲ କଥା ? ସେଥିପାଇଁ ମୁଁ ଭଲ ନବହ ସବୁ ସହି ଯାଉଥିଲି । କିନ୍ତୁ ତୋର ନ ଗୁର୍ହ ବଢ଼ି ଚାଲିଣି ଦେଖୁଛି । ଧାଇଁ ଆଉ କହେ । ଉଦ ଟୋକେ ଦେଖି କହୁଛି—ଅରେ ବାଳୁଆ ଭାଇ—ସରକ ଉଠେଇ ଯାଅ । ଯାଇଁକି ଲୋକଙ୍କ ଏ ଲୋକଙ୍କ ଜମ୍ମୁ ନ ଖେଳେ ଉଷାଇନ୍ତି ।

ଆମ ଦେଶର ସରକାରଙ୍କ ଘଣି ଏଭଳି ଲୋକଙ୍କ ପରି ସଙ୍ଗ ସମାଧ । ନମ୍ରାଙ୍କ ଦେଶର

> **ନିବେଦନ**
>
> ଅନ୍ୟ କୌଣସି ପ୍ରୟୋଜନୀୟ କାର୍ଯ୍ୟରେ ବ୍ୟାପୃତ ଥାଇ ମୁଁ 'ଡଗର' ସମ୍ପାଦନର ଦାୟିତ୍ୱ ବହନରେ ଅକ୍ଷମ ହେବାରୁ ତହିଁରୁ ଅବସର ନେଲି ।
>
> କୌତୁକ କଳାକାର କାନ୍ତକବି ଲକ୍ଷ୍ମୀକାନ୍ତ ଡଗରର ସମ୍ପାଦକତ୍ୱ ଗ୍ରହଣ କଲେ ।
>
> **ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**
> (ସମ୍ପାଦକ)

ମାଡ଼ ଦେଉଛି—ସବୁବେଳେ ଖାଲି ହୁଁ ହାଁ କହି 'ଆଃ' କରେଇ ଦେଖା ଦେଉଛନ୍ତି କହି ପୁଣି ଚୁପ୍ ଚାପ୍ ।

\+ + +

ଆମ୍ଭେମାନେ ଏହି ୧୯୩୯ ମସିହାକୁ ଗୋଟାଏ ବେହିଆ ସମ୍ବତ୍ସର କହିବୁ । ବେହିଆ ବର ଦେଖନ୍ତି ଉଛି ଉଠିଲେ ସେ ତାଙ୍କୁ ଲୁଚ ବୋଲି କହନ୍ତି ବୋଲି ଲୋକ ମୁଖରେ ପ୍ରବାଦ ଶୁଣିଥିଲୁଁ କିନ୍ତୁ ଏ ବର୍ଷଟା ଯାଉ ଅନେ ଭାର ଏତେ ଲୁଚି ଦୃଷ୍ଟାନ୍ତ ପାଇଲୁଣି ଯେ ତଦ୍ୱାରା ଆମର ଉକ୍ତ ବର୍ଷର ସବାଦ ଏକାବେଳେ ଭାତ ପାଣ ଉଛଡ଼ ପଢ଼ିବାର ଅବସ୍ଥାକୁ ପ୍ରାପ୍ତ ହେଲା ପରି ଏକାବେଳେକେ ଭଙ୍ଗି ଚୂରମାର ହୋଇ ଯାଉଛି ।

ବେହିଆ ନମ୍ବର ୱାନ୍ (୧ନମ୍ବର) —ମିଷ୍ଟର ନେହେରୁ ଜୀ—ତାଙ୍କର ଗାନ୍ଧୀ ଗାନ୍ଧୀ ମନ୍ତ୍ର ପଢ଼ିଥିଲା 'ଧର୍ମଦେହ ଧର୍ମଦେହ' ସେବେ ଫିଟିଛି ସେ ନିଜକୁ ସେବେଠୁ ନେପୋଲିଅନ୍ ମନେ କରୁଛନ୍ତି ଓ ତାଙ୍କ ଗାନ୍ଧୀଙ୍କ ଦେହ ଅବସାନ କରୁ ନଥିଲେ ମଧ୍ୟ ପ୍ରଧାନ ମନ୍ତ୍ରୀ ଗାଦିରେ ବସିଛନ୍ତି ।......

ବେହିଆ ନମ୍ବର ଟୁ (୨ନମ୍ବର)—ଶ୍ରୀ ସୁଭାଷ ବୋଷ—କଂଗ୍ରେସର ନାକ ନଦେଖାଇ ବୁଲିବା ଭଳି ଦେଶେଇଲେ ପର ପତ୍ନୀଙ୍କ ପସ୍ତାବକୁ କଂଗ୍ରେସ ପ୍ରତିନିଧି ମାନେ ସମର୍ଥନ କରି ତାଙ୍କ ପ୍ରତି ଆସ୍ଥା ଦେଖାଇଥିଲେ ମଧ୍ୟ ସେ ତାକୁ ଅନାସ୍ଥା ମନେ କରି ପ୍ରେସିଡେଣ୍ଟ ଗାଦି ମାଡ଼ି ବସିଛନ୍ତି ।......

ବେହିଆ ନମ୍ବର ଥ୍ରି (୩ନମ୍ବର) ମୌଲାନା ଜିନା—ତାଙ୍କୁ କେହି ପଚାରୁ ନଥିଲେ ମଧ୍ୟ, ଉଚ୍ଚପଦସ୍ଥ ପଦପ୍ରାର୍ଥୀ ମାନେ ତାଙ୍କର ସାମ୍ପ୍ରଦାୟିକତା ପସନ୍ଦ ନକଲେ ମଧ୍ୟ, ସେ ନିଜକୁ ଜଣେ ଭାରି ନେତା ମନେ କରି; ମୁସ୍ଲିମ ଲିଗର ହର୍ତ୍ତା କର୍ତ୍ତା ବିଧାତା ବୋଲି ଭାବୁଛନ୍ତି ।......

ବେହିଆ ନମ୍ବର ଫୋର (୪ନମ୍ବର) — ପଣ୍ଡିତ ନୀଳକଣ୍ଠ ଦାସ । ଯିଏ କଂଗ୍ରେସ ବାଧା ପଡ଼ିଲା ପରେ, ମାନ୍ୟବର ବିଶ୍ୱନାଥ, ମାନ୍ୟବର ନବକୃଷ୍ଣ, ମୁକ୍ତିଯାତ୍ରୀ ମହତାବ, ପର୍ଯ୍ୟନ୍ତ ଙ୍କ ଅନୁକୂଳ ଅସେମ୍ବ୍ଲି ସଭ୍ୟ ନିର୍ବାଚନ ବେଳେ ତାଙ୍କୁ ମାଡ଼ ଦେଇ ଡାଡ଼ି ଟାଣି ଓଟାରି ଦେଇଥିଲେ ମଧ୍ୟ ସେ ନିଜକୁ ପଦେଶିକ କଂଗ୍ରେସ କମିଟିର ସଭାପତି ରୂପେ ଛାତି ମଡେ ମନେ ଭାବ ଏବଂ ଗୌରବ ଲାଭ କରୁଛନ୍ତି ।

ବେହିଆ ନମ୍ବର ଫାଇଭ (୫ନମ୍ବର) ମାନ୍ୟବର ବିଶ୍ୱନାଥ ଦାସ (କ)—(ପୁଣି ଖ,ଗ ମଧ୍ୟ ଅଛନ୍ତି) ନିଜର କଂଗ୍ରେସ ଅସେମ୍ବ୍ଲି ଦଳ ତାଙ୍କ କାର୍ଯ୍ୟରେ ନିତାନ୍ତ ଅସନ୍ତୋଷ ପ୍ରକାଶ କଲେ ମଧ୍ୟ ସେ ମନ୍ତ୍ରୀ ଆସନକୁ ବଡ଼ ସୁକୋମଳ ଏବଂ ଆରାମ ଦାୟକ ମନେ କରୁଛନ୍ତି ।

ବେହିଆ ନମ୍ବର ସିକ୍ସ (୬ନମ୍ବର) ସମ୍ପାଦକ ଡଗର—କାରଣ ପାଠକେ ଅନୁମାନ କରନ୍ତୁ ।

Digitized by srujanika@gmail.com



(ପୂର୍ବ ପ୍ରକାଶିତ ପରଠାରୁ)

ଘଡ଼ି ଚପଲଟି କାଢ଼ି ଦେଖିଲା, ଝୁଣ୍ଟି ପୁରୁଣା, କିନ୍ତୁ ତାର ଅସ୍ତିତ୍ୱ ଅଛି । ଚପଲଟିର ଆଡ଼ିଅର୍ଦ୍ଧ ଉପରେ କେତେ ତଗ୍ ମାଟିପଙ୍କ ପଡ଼ି ଚମକୁଛି । ଚପଳାର ପ୍ରେମ-ସଙ୍କେତ ଦେଖି ତାଙ୍କ ଭିତରେ ମେ ଟାଏ ହସର ଢେଉ ଖେଳି ଗଲା । କିନ୍ତୁ ପ୍ରେମଚାନ୍ଦଙ୍କ ଉପହାର ଟଙ୍କାରେ ଉପଭୋଗ କରିବା କେହି ଘଟିଲା ନାହିଁ !

ପ୍ରେମଚାନ୍ଦ ଏ ହସର ମାନେ ଖୁବ୍ ବୁଝିଲା । ତାର ଯୁବକ-ରକ୍ତ ଗରମ ହୋଇ ଉଠିଲା । ସେ ମନେ ମନେ ସ୍ଥିରକଲା ଚପଳାକୁ କଳେ, ବଳେ, କୌଶଳେ ନିଶ୍ଚୟ କରଗତ କରିବାକୁ ପଡ଼ିବ—ନଇଲେ ଏ ଗୁଡ଼ାକ ଅଭ ଲକ୍ଷିଦେଇ ଦେବେ ନାହିଁ । ସେ ବହୁତ ସାବ୍ଧ ଭାବିଲା । କିନ୍ତୁ କିଛି ଉପାୟ ତା ମନକୁ ଆସିଲା ନାହିଁ । ତାର ବନ୍ଧୁ ମାନେ ଘୃଣାପୋଷଣ କରି ଦୁଃଖରେ ଗୁମୁରିଲା ମନେମନେ ହେଲା । କେତେଥର ସୁନ୍ଦର ଝିପି ଦେଖେ—କିଛି ପାଏନା । ଏତେ ବଡ଼ ଅପମାନ । ଉଃ—ବାଡ଼େଇ କଚୁଡ଼ି ହୋଇ ଶୋଇଲା । ତାପରେ ସେ ସୁଖ ସ୍ୱପ୍ନ ଦେଖିଲା ।

"ଗୋଟିଏ ସୁନ୍ଦର ବଗିଚା—ଖୁବ ସୁନ୍ଦର ଭାବରେ ସାଜସଜ୍ଜା । ଯୁଇ, ମାଳତୀ, ଗୋଲାପ, ଚମ୍ପା ଇତ୍ୟାଦି କେତେ ବର୍ଣ୍ଣ ଫୁଲ ଫୁଟିଛି । ମାତ୍ର ସେ ଫୁଲ ସବୁର ବାସ ହାର ମାନିଛି ଚପଳାର Beauty snow ମଖା ମୁହଁ ପାଖରେ । ଚପଳା ତାକୁ କେତେ ଆଦର କରି କଥା କହୁଛି—ହସୁଛି, ତାର ପ୍ରେମରସ, ଯୌବନ ଭରି ମଧୁର ହସ ।

ପ୍ରେମଚାନ୍ଦର ନିଦ ଭାଙ୍ଗିଲା । ସେଦିନ ସେ କଲେଜ ଗଲାନାହିଁ । ଉଦାସ ଭାବ ଭାବ ନେଇଫଡ଼ା ମୁହଁରେ ଖଣ୍ଡେ ଚିଠି ଲେଖିଲା ।

ହୃଦୟର ଚପଳା,

ତମେ ଏପରି ଅଭିମାନିନୀ ବୋଲି ଜାଣିନଥିଲି । ତମ ଠାରୁ ଅଳ୍ପ ଆଶାକର ଆଦରଡ଼ା ପାଇଲି । ଏତେ ନିଷ୍ଠୁର କରିବ ବୋଲି ସ୍ୱପ୍ନରେ ଭାବି ନଥିଲି । ତମ କହିବା ଅନୁସାରେ, ଚପଲ ଦୁଇଟି ହୃଦୟ ସିଂହାସନରେ ବସାଇ ପୂଜା କରୁଛି । ପାଦୁକା ଦୁଇଟି ତମ ବ୍ୟତୀତ

## —(ପାର୍ସଲ୍)—

ଲେଖକ—ଶ୍ରୀ ବଜନ ଚରଣ ମହାନ୍ତି

ସିଂହାସନରେ ଶୂନ୍ୟ ହୋଇ ପଡ଼ିଛି । ତମେ ଯେତେ ନିଷ୍ଠୁର କଲେ ବି ମୁଁ ଦୂର ଯିବାର ପାତ୍ର ନୁହେଁ । ମୁଁ ତମକୁ ଚାହେଁ,—ଚାହେଁ—ସବୁଦିନ ପାଇଁ । ଉତ୍ତର ଅପେକ୍ଷାରେ ରହିଲି ।

ପ୍ରେମ ପିଆସୁ
ପ୍ରେମଚାନ୍ଦ ।

ଦୁଇଦିନ ପରେ ଚିଠି ଆସିଲା—

ସ୍ନେହର ପ୍ରେମଚାନ୍ଦ,

ପ୍ରକୃତରେ ତମର ପ୍ରେମିକ ହୃଦୟ ଛଡ଼ିବାକୁ ଏପରି ଚାହିଁଥିଲି । ରାଗ କରନା ନାହିଁ—କ୍ଷମା ଦେବ । ତମକୁ ଟିକିଏ ଭୁଲିଗଲା ପରି ମନେ ହେଉଛି । ଏଦନକର ଦେଖା ନା ! ସାଙ୍ଗରେ ପଠେଇ ସ୍ୱରୂପ ପାଦୁକା ଦୁଇଟି ଆସିବ । ତମ ଅସିବାକୁ ଅନେଇ ରହିଲି !

ତମର ଚପଳା

ପତ୍ର ପାଇ ପ୍ରେମଚାନ୍ଦର ଗୋଡ଼ ତଳେ ଲାଗୁନାହିଁ । ସୁବେଶ ଭିତରେ ଚପଲ ଦୁଇଟି ପୁରାଇ, ସୁଟ୍ ହ୍ୟାଟ୍ ଲଗାଇ ତାହାର ପଶ୍ଚିମ । ସିଧା ସିଧା ଚପଳାଙ୍କ ଘରେ ହାଜର । ଦରୁଆନ ନମସ୍ତେ କଲା । ସେ ମାଗିଲା interview Card. ପ୍ରେମ ଖଣ୍ଡେ କାଗଜ ବାହାର କରି ଲେଖିଦେଲା "Premchand with Sandle Parcel."

ଚପଳା ତା ବନ୍ଧୁବର୍ଗଙ୍କ ସଙ୍ଗରେ ଗଳ୍ପ ଗୁଜବରେ ଲାଗିଛି । ତା ଭିଜିଟିନ ଟେବୁଲରେ ରଖିଦେଲା । ଦରୁଆନ interview Card ଦେଲା । ଚପଳା ଚପଳ ମତରେ କହି ପଠାଇଲା "ମୋତେ ସମୟ ନାହିଁ—ଅନ୍ୟ କେଉଁଦିନ ଆସିବାକୁ କହ ।"

ପ୍ରେମଚାନ୍ଦ ଶୁଣିଲା କିନ୍ତୁ ତା ପକ୍ଷ ଅପମାନ ହେଲା—ଟିକିଏ ଦେଖାଦେଲେ ଭଲ ହୁଅନ୍ତା । ଦୁଇଟଙ୍କା ଦରୁଆନ ହାତରେ ଗୁଞ୍ଜିଦେଇ ପାର୍ସେଲଟି ନେଇ ଯିବାକୁ ଅନୁରୋଧ କଲା ଏବଂ ତାକୁ ସବୁକଥା କହିଲା । ଦରୁଆନ ଠୋ ଠୋ ହୋଇ ହସିଲା—ସେ କହିଲା "ଆମ ଚମ୍ପଳା ଦେଇ ତ ସ୍ୱାଧୀନତା ! ସ୍ୱାଧୀନତା ସ୍ତ୍ରୀ ପ୍ରତି ଅଯତ୍ନରେ ଏକ ବ୍ୟବହାର ଏବଂ ଏତେ ଦୂର ଅନୁଷ୍ଠାନ କାହିଁକି ? ଭଲ ଭଦ୍ର ଥିଲେ ଚାଲି ଯା'ନ୍ତୁ—ନଚେତ ଠେଲିଦେଇ ବାହାର କରିଦେବ ।

ପ୍ରେମଚାନ୍ଦ କାନରେ 'ସ୍ୱାଧୀନତା' ପଦଟି ଝାଂଜଜନ ବାଜିଲା । ତାକୁ ଶହେ ବେତରେ ମାରୁଛି ପରି ମନେ ହେଲା । ତା ପାଖରୁ ସଦାବେଳେ ବାହାର ପଡ଼ୁଥାଏ ଏଁ—ସ୍ୱାଧୀନତା !! ସେ ପାର୍ସଲଟି ଧରି ଅନେକ ଅଟକଳ ପାଗଳ ପରି ଚାଲିଲା । × ×

---

## କୁତ୍‌କୁତୁ

ସୁମତି—ତମ ସ୍ୱାମୀ ନୂଆ ପୋଷାକ ପିନ୍ଧିଛନ୍ତି କି?

ମାଳତୀ—ନାହିଁ ତ ।

ସୁମତି—କିନ୍ତୁ ମୋତେ ସେ ସେଦିନକା ଠାରୁ ଅଲଗା ଦିଶୁଛନ୍ତି ।

ମାଳତୀ—ଠିକ୍—ଏ ମୋର ନୂଆ ସ୍ୱାମୀ ।



Digitized by srujanika@gmail.com

# ମଜା କବିତା ।

## ବହୁରୂପୀ

ଶ୍ରୀ କୁବେର ଦଲାଇ ।

ବନ୍ଦମା ଛତ୍ରଚ କାହିଁ ?
ଶତ୍ରାମଖା ଯେତେ   ଦେଶ ସେବାଦଳ   ଗଲଣି କାହାର ନାହିଁ ?
ଭଲ କଥା ତଳେ   ହିନ୍ଦୁଅ ରହୁଚି   ସାତ ପରସ୍ତରେ ଢଙ୍କା
ଖୋଲି କହିବାକୁ   ସେକଥା ଏଣିକି   ବୁକୁରେ ପଶିଛି ଶଙ୍କା ।
ଗିରଫ ଏଣିକି   ଗିଲେଇ ଗଲଣି   କଳା-ଶାସନର ଦାଉ,
ସତ କଥା ମରୁ   ସାତ ଧର ପଛେ   ଡାକର ଖୁଲୁଛି ଆଉ ।
କଣ୍ଟୈଚ* ଠେକୁଆ† ଦ'ଦଳ ଭିତରେ   ଗୃହଜାତ ଯେ ବାଦା ପାଲ୍ଟି
ଝବର କାଗଜ   ଫିଟାଉଚି ସବୁ   'ଚଅଁର ଉହ'ର ଡାଲି ।
'ମୋ ଭାରତ ମାଅ'   କଥା ପଦକରେ   ଫାଟିରେ ଯାହାର ବସା
ହାଟ ପର ମୋଟା   କଥା ଝାଡ଼େ, ତେଣେ କାମ କଲାବେଳେ ମଶା
ବସୁଧା ଗୋଟାକ   କୁଟୁମ୍ବ ଯାହାର   ବଚନରେ ମହାଭବ,
ଭାଗ ବଣ୍ଟା ବେଳେ   ପର ଧନ ଗିଳି   ଖାଇବାକୁ ଛଡ଼େ ସବ ।
କଳ ମେଣ୍ଟିବାକୁ   ଦୂର ସଇଳୁ ଯେ   ଆସେ ଭଲ ଲୋକ ସାଜ
କୋଠ ଦରବକୁ   ଅଣ୍ଟି ଭର ଧର   ଆପେ ଆପେ ହୁଏ ପାଜି ।
ବୁଢ଼ା ବୁଢ଼ କଏ   ପାଣି ପିଏ ଛଳେ   ବାହାରେ ନପଡ଼ ଧରା,
ଜଗତ ଅଖିକି   ଧୂଳି ଫିଙ୍ଗି ଫିଙ୍ଗି   ଜୀବନ ଗୋଟାକ ସାରା ।
ପେଟ ତଳେ କାର   ସଇତାର କଥା   ମୁହଁରେ ବାନ୍ଧିଛି ଭଣ୍ଡି,
ଧନ ସାଉ ବସି   ଜାଗର ଜାଉଛି   ସୁଯୋଗକୁ ଉଣ୍ଡି ଉଣ୍ଡି ।
ବଡ଼ ପଦ ଝଣ୍ଡେ   ମିଳିଲେ କାହାରେ   ଲାଗଇ ଝଣ୍ଡିଅ ଭୂତ,
ପଦ ଖଣ୍ଡ ଯାଏ   ଯେ'ଦେଲା ତାକୁବେ ମାରୁଛି ପଛୁଅ ନାତ ।
ଉତ୍ତର-ପୂରୁବ   କଣରୁ ଉଠୁଚି   ଗୁରୁ ଗୁରୁ ମହା ଗୋଳ,
ଦ ଇଶ ବୋଲନ୍ତି   ଦେଶଟାକୁ ଆମେ   ଠେକିବ କୁ ମହାବଳ ।
ବୁଢ଼ାଟା କଏରେ ?   ଘର ଚଳେଇବୁ   ପାଳ ଗଲୁଣି ତ ଠୋକା,
ମରହଟ୍ଟି ଅଟା,   ମୂ ଭୁଖ ବାପୁଡ଼ା   ମାର ତାକୁ କଥା-ଠେକା ।
ଅବୁଝା ରଜାକୁ   ପାଳଚୁଣ୍ଡା ମନ୍ତ୍ରୀ   ବେଢ଼ି ଯାଇଛନ୍ତି ଦଳ,
ହାତ ଧ'ଟା ପଛେ   କାମରେ ନ ହେଲୁ   ରହିଛି ମୁହଁରେ ବଳ ।
ଜାଡ଼ ଭଉ ପାଇଁ   ନୁଗୁଇ ଗୁଡ଼ୁଇ   ଗୃଲବାରୁ ଅପମାନ,
ମଝି ଭାରତରେ   ମହା ଗୋଳ ଉଠେ   ମରି ମଠାଇଲା ମାନ ।
ମନ୍ତ୍ରିର କଟକେ   ମନ୍ତ୍ରୀର ପଣରେ   ଶିରରେ ଉଡ଼ାଏ ଛଡ଼ି,
'ଲଟେବାପ'.ତାର   ବନ୍ଧୁଙ୍କର ପୁଣି   'ପଞ୍ଚମରେ ବୃହସ୍ପତି' ।
ଅଲଘ ବଧିତ   କେଠେର କାଠର   ସବୁଆଡ଼େ ଅଛି ଜଡ଼,
କିଏ ଜାଣେ ପୁଣି   କେତେବେଳେ ମାଡ଼ ନ ଆସିବ ମହା ଝଡ଼ ।
ଦଳ ଦଳ ଖାଲି   'ଦଳନସ୍ତୁ' ଦେଖେ   ଉଠିଲେଣି ମୁଣ୍ଡ ଟେକି,
ଗାଁଅ ଗାଁଅ କର   ଘର ଘର ଧର   କାହିଁ କିଛି ନାହିଁ ବାକି ।
ଖବରକାଗଜେ   ନାଁଅଟା ଉଠିବ   ସରଗ ଆସିବ ଖସି,
ଝଲ ବନ୍ଧୁ ଦେଖି   'ବାହାବା' କରିବେ   ଛାତି ଫୁଲାଇବେ ହସି ।

×   ×   ×   ×

ନେବାକ ଜିଏ କି   ମରଣକୁ ଗଢ଼ ?   ସବବାକୁ ଡ଼ର ମାଡ଼େ,
ନ ଫିଟିବ ଫଳିବ ?   ଦଳକେ ଜଣକେ   ହେବେ ଯେବେ ବାଡ଼େ ।

---

*Right wing   †Left wing

## ଛୁଟି

ଶ୍ରୀ ଜଗତ୍ ମୋହନ ସେନ ।

ପୂରୁବ ନଭେ ସିନ୍ଦୂରା ଫାଟେ ଦଣଇ ତୋରା ଭରି
ଆସେ ଅରୁଣ ରଥ ଉଠି ।
ପାହାନ୍ତି ବାଅ କହି ଗଲାଣି ଦୁଆରେ ଧକ୍କା ମାରି,—
ଆଜି ଛୁଟିରେ, ଭାଇ ଛୁଟି ।
କବାଟ କିଳ ଅନ୍ଧାର କୋଣେ ଅଳସେ ବୁଜି ଆଖି,
ଆଜି ପଶିଚୁ କିଆଁ ଘରେ ?
ଅ' ବାହାର, ଚାହିଁକି ଦେଖ, କୁକୁଡ଼ା କହେ ଡ଼ାକି,—
ବେଳ ଯାଉଛି ବହୁ ଝରେ ।
ସମାଧିବାଗେ ବଉଳତୋଟା କରିବା ଗୁଳି ଲୁଟି,
ଆଜି ଛୁଟି—ଛୁଟି—ଛୁଟି ।
ଖେଳିବା ଆଜି ଡ଼ାଳ-ମାଙ୍କୁଡ଼ ଜାମୁ ଡାଳରେ ଚଢ଼ି,
ବସି ଖାଇବା ସୁଖେ କୋଳି ।
ସଲରା-ହାଟେ ବର ଓହଳ ଦୋହଲେ ଝୁଲି ପଡ଼ି,
ଆସ କିଏ ଟେଳିବ ଦୋଳି ।
ଉବୁରି ପଡ଼ି ବାଉଁଶ-ବୁଦା ଯହିଁ ରହିଛି ଝାଙ୍କି,
ପାଣି ପୁଚୁଟେ ଖଣ୍ଡେ ଥିବ;
କଳା-ଭଅଁରୀ ଭଉଁରୀ ତହିଁ—ସୁଅ ଯାଇଛି ବାଙ୍କି,
ଆସ କିଏସେ ପହଁରିବ ।
କଇଁଛ-ବୁଡ଼ା ଦେଇ ପାଣିରେ ମାରିବା ଭୁଟୁଭୁଟି,—
ଆଜି ଛୁଟି—ଛୁଟି—ଛୁଟି ।
ପାଠ ଆଜିକି ବନ୍ଦ ରଖ, ଅଙ୍କ-କଷା ଥାଉ'—
ପୋଥି ଯାହା ମନ ସେ ଖୋଲୁ;
ପାଠୁଆ ପିଲା ହେଉ ପଛକେ, ପ୍ରଶଂସା ସେ ପାଉ,
ଆଜି ତା ପରି କେ ଓଲୁ !
ଆମେ ଟେଳିବା ଶଗଡ଼-ଦଣ୍ଡା ଗୋହିରୀ-ହାଣ୍ଡେ ବୁଲି
ଯେତ ନ ଆସିଲା ନାହିଁ !
ଛନ୍ ବାଗୁଡ଼ି କ-ଢକଢ—ଉଡ଼ାଇ ଯିବା ଧୂଳି
ଆମ ବସିବା ବେଳ କାହିଁ ?
ଲୀଚ କାଳକି ଡାକଇ ଫୁଲ ବଣ-ଉହାଡ଼େ ଫୁଟି,—
ଆଜି ଛୁଟି—ଛୁଟି—ଛୁଟି ।
ଛୁଟି—ଛୁଟି—ଦୁନିଆ-ସାରା ପଡ଼ିଗଲାଣି ହୁରି,
ଖଗେ ତୋରା ସୁନେଲି ଦଣେ ।
ଭୋର-ପବନେ ବାଜଇ ବନେ ଆନନ୍ଦ-ମହୁରି,—
ଛୁଟି ପାଇ—ଯାଇଛି ସେ ।
ଖଞ୍ଜନ ସେ ବୁଲାଇ ନାଚ, ମଞ୍ଜରି ଅଥୟ,
ଦେଖି ପତର ମାରେ ତାଳି,
କେତକୀ ଆଜି ପାଶୋରିଛିରେ କଣ୍ଟକର ଭୟ'!
ବାସ ମହକି ଉଠେ ଖାଲି ।
ଦୁନିଆ-ସାରା ଡ଼ର-ପାସୋରା ସୁଖ ଉଠେ ଉଛୁଟି
ଆଜି ଛୁଟି—ଛୁଟି—ଛୁଟି ।

Digitized by srujanika@gmail.com



ବହୁଦନ ପରେ ଅଜ ମୁଁ କଲକତା ଅସିଛି । ସେ ଅଜକୁ ୧୦ ବର୍ଷ ତଳର କଥା ଯେତେବେଳେ ମୁଁ Madical ର final ପରୀକ୍ଷା ଦେଇ କଲକତାରୁ ବିଦାୟ ନେଲି । ସେତେବେଳେ ଅବସର ପାଏଁ କଲକତା ଅସିବା ପାଇଁ ମୋର ଭାରି ମନ ହୁଏ କିନ୍ତୁ ଅସୁବିଧା ଯୋଗୁଁ ଅସିପାରେ ନାହିଁ । ଅଜି ଏତେ ଦନ ପରେ କଲକତା ଅସି ହୃଦୟ ଅନନ୍ଦରେ ନାଚି ଉଠୁଛି ! ଜଣା ଯାଉଛି—ଅକାଶଟା ସତେ ମୋ ମୁଣ୍ଡ ଉପରକୁ ଉଠି ଦୁଇ ଅଙ୍ଗୁଳି ରହିଲା ।

ସାଇକେଲ ଚଢ଼ି ମୁଁ ମୋର ଜଣେ କଲିକତା ବାସୀ ଅନ୍ତରଙ୍ଗ ପୁରୁଣା ବନ୍ଧୁଙ୍କ ନିକଟକୁ ଯାଉଛି, ହଠାତ୍ ଗୋଟିଏ ଘରର ଝରକା ପାଖରେ ଗୋଟାଏ ଠଣ ଠଣ ଶବ୍ଦ ଶୁଭିଲା । ଅନାଇ ଦେଖିଲି ଜଣେ ରୂପସୀ ବାଳିକା ହାତରେ ଖଣ୍ଡେ କାଠ ଧରି ଝରକାର ଲୁହା ରେଲିଂରେ ଠଣ ଠଣ କରୁଛି । ସେଥିରୁ ସ୍ପଷ୍ଟ ବୁଝି ପାରିଲି ସେ ମୋତେ ଡାକୁଛି । କିନ୍ତୁ ତା'ନିକଟକୁ ଯିବାକୁ ମୋର ସାହସ ହେଲା ନାହିଁ । ମୋ ମନ ଅଉ କାର୍ଯ୍ୟରେ ଲାଗିଲା ନାହିଁ । ସବୁବେଳେ ଭାବୁଥାଏଁ ସେଇ ବାଳିକାଟିର କଥା । ସେ ମୋତେ ଠାରରେ ଡାକିଲା ନାଁ ମୋ'ର ଯୁବକ ମନର ସେଟା ଗୋଟାଏ ଭ୍ରମ ।

ବନ୍ଧୁ ସୁରେନର ଘରୁ ଫେରିଲି ବେଳେ ପୁଣି ସେଇ ବାଟେ ଫେରିଲି । ସେତେବେଳକୁ ସନ୍ଧ୍ୟା ହୋଇ ଯାଇଥାଏ । ଆଶ୍ଚର୍ଯ୍ୟର କଥା—ଦେଖିଲି ସେଇ ବାଳିକାଟି ସେହି ଝରକା ପାଖରେ ଅନାଇ ରହିଛି । ସତେ ଯେପରି ମୋତେ ଅପେକ୍ଷା କରୁ । ଅଧିକ ନିରେଖି ଦେଖିଲି ସେ ମୋତେ ହାତଠାରି ଇସାରା କରୁଛି । ମୁଁ ଝରକା ତଳେ ଫୁଟପାଥରେ ଛିଡ଼ା ହେଲି । ସେ ଉପରେ ଥାଇ ଖଣ୍ଡେ କାଗଜ ମୋଡ଼ି ଫିଙ୍ଗି ଦେଲା ଓ ବିଜୁଳି ବେଗରେ ଭିତରକୁ ଚାଲିଗଲା । ପୁଣି ଶୁଣିଲି ଗୋଟାଏ କାହା ଉପରେ ମାଡ଼ ହେଉଛି । ତା ସାଙ୍ଗେ ସାଙ୍ଗେ କାତର ଚିତ୍କାର । ଭାବିଲି ସେଇ ବାଳିକାଟିର ଅଭିଭାବକ ତା'କୁ କାଗଜ ପକାଇବାର ଦେଖି ମାରୁଛନ୍ତି । କାଗଜ ଖଣ୍ଡି ହାତରେ ଉଠାଇ ନେଇ ସେଠୁ ମାରିଲି ଚମ୍ପଟ୍ ।

## ଗାଡ଼ୀ

ଅ:—ଗୌରଚନ୍ଦ୍ର

ବତୀନେ ଯାଇ ଦେଖିଲି ସେ କାଗଜଟିରେ ଟୁଟ୍ ଫୁଟା ଅକ୍ଷରରେ ଲେଖା ହୋଇଛି, "ଦୟା କରି ଏଠାରୁ ଅସି ଗାଡ଼ୀ—କୁ ବାଛି ନଅନ୍ତୁ ।" ଅନୁମାନରେ ଜାଣିଲି ଏ ଗୋଟିଏ ବେଶ୍ୟାଳୟ । ମାତ୍ର ଏ ଯୁବତୀର ମୋ ପ୍ରତି ଏତେ ଶ୍ରଦ୍ଧା ବା କାହିଁକି ? ଅଧିକର ଆଶ୍ଚର୍ଯ୍ୟ କଥା ସେ ମୋତେ ଚିହ୍ନିଲା କେମିତି । ସେ ଯେ ଓଡ଼ିଆଣୀ, ଏହା ତାର ଓଡ଼ିଆ ଚିଠିରୁ ଜଣା ପଡୁଛି ।

ବେଶ୍ୟାଳୟ ପ୍ରତି ମୋର ଇଚ୍ଛା ଥିଲେବି କୌତୂହଳ ବଶରେ ସେଠାକୁ ଯିବାକୁ ସ୍ଥିର କଲି ।

ଗତ ୯ଟା ସମୟ ସେହି ଘର ଆଗରେ ପୁଣି ଉପସ୍ଥିତ ହେଲି । ମାତ୍ର ଯିବାକୁ ସାହସ ହେଲା ନାହିଁ । କଲିକତା'ର ବେଶ୍ୟା ମାନଙ୍କର ନୃଶଂସତା ଓ କପଟତା ପ୍ରଭୃତି ମୋତେ ବେଶ ଜଣା ଥିଲା । କେତେ ଲୋକ ବେଶ୍ୟାଘରେ ପ୍ରାଣ ହରାଇଛନ୍ତି—କେତେ ଲୋକ ସର୍ବସ୍ୱାନ୍ତ ହୋଇଛନ୍ତି । ଏ କଥା କିଏ ନ ଜାଣେ ? କିନ୍ତୁ ଥରେ ପରଖିବାର ଇଚ୍ଛାଟା ଅତି ପ୍ରବଳ ହୋଇ ଉଠିଲା । ଭାଗ୍ୟକୁ ଦେଖିଲି ନିକଟରେ ଗୋଟିଏ ଓଡ଼ିଆ ପାନ ଦୋକାନ । ମୁଁ ପାନ ଖାଏନା; ତଥାପି ଦୋକାନୀର ମନ ନେବାପାଇଁ ପାନ କିଣିଲି । ଦେଖିଲି ସେତିକିରେ ପଇସା ନାହିଁ; ତେଣୁ ଗୋଟାଏ ସିଗାରେଟ ପ୍ୟାକେଟ ଓ ଗୋଟାଏ ଡିଆସିଲି ନେଲି । ସୁବିଧା ମୁତାବକ ଦୋକାନୀକୁ ପଚାରିଲି—ସେଇ ଘରେ କିଏ ରହେ ?

ଦୋକାନୀ—କାହିଁକି ପଚାରୁଛନ୍ତି ? ଅପଣ ସେଠିକୁ ଯିବେକି ?

ମୁଁ—ଗଲେ କ୍ଷତି କଣ ?

ଦୋ—କ୍ଷତି ନା ବାବୁ, ଭଳକ୍ ଟିକଏ ଅଧିକା ପଡ଼ିବ ସେଠି ।

ମୁଁ—ଅଚ୍ଛା; ସେଠି କେତେ ସବୁ ଲୋକ ଅଛନ୍ତି ?

ଦୋ—ଅନେକ ଛ, ସାତ ହେବେ । ଜଣେ ବଙ୍ଗାଳୀ ଅଛି—ଭାରି ନବୀନ ମାଳିକାଣୀ ସେ ।

ମୁଁ—ଅଉ କିଛି ବିପଦ ନାହିଁ ତ ?

ଦୋ—ନାହିଁ, ବାବୁ । ଅପଣ ଯାହା ଭାବୁଛନ୍ତି—ସେ ସବୁ କିଛି ଏଠି ହୁଏନା ।

ଚାଲିଲି । ଘର ଭିତରେ ପଶି ଚାଲିଲି, ଜଣେ ସ୍ତ୍ରୀ ଲୋକ ବଡ ଭଦ୍ରଭାବରେ ଭିତରକୁ ନେଇ ଗୋଟାଏ ସୁସଜ୍ଜିତ କକ୍ଷରେ ବସାଇ ଦେଲା । କାନ୍ଥରେ କେତେକ ବିଳାତି ଷ୍ଟାରଙ୍କ ଫ୍ରେମ ଲଗା ଛବି । ଗୋଟିଏ ପାଖରେ ଟେବୁଲ ଉପରେ ଦୁଇଟି ଫୁଲଦାନୀ ଫୁଲ ଟାଟକା ସଜା ହୋଇଥାଏ । ଏସେନ୍ସ ଗନ୍ଧରେ ନାକ ଫାଟି ପଡୁଥାଏ । ଗୋଟାଏ ଚେୟାରରେ ବସିବାକୁ କହି ସେ ବିଜୁଳି ପଙ୍ଖା ଖୋଲି-ଦେଲା ଓ ମୋ ହାତରେ ଛୋଟିଆ ପୋଷ୍ଟ-

ତା'ର ଶୀତଳର ପଟେ ଦେଲା । ସେ କହିଲା 'ଏଥିମଧ୍ୟରୁ ପସନ୍ଦ କରନ୍ତୁ ।' ମୁଁ ମନୋନିବେଶ କରି ଦେଖିଲି କିନ୍ତୁ ସନ୍ଧ୍ୟାବେଳେ ଯେଉଁ ବାଳିକାଟିର ମୂର୍ତ୍ତି ମେଳା ପାଖରେ କ୍ଷୀଣ ଆଲୋକରେ ଦେଖିଥିଲି ତାଙ୍କୁ ଚିହ୍ନି ପାରିଲି ନାହିଁ । କେଣୁ କହିଲି, ମୁଁ ସଂପୂର୍ଣ୍ଣ ଦେଖିବାକୁ ଚାହେଁ । ତହୁଁ ସେ ଘରେ ଗୋଟେ ପାଖର ଦରଜା ଖୋଲି ହାତ ଠାରି ଦେଲା । କିଛିକ୍ଷଣ ମଧ୍ୟରେ ଛଅଟି ଯୁବତୀ ଆସି ଧାଡ଼ି ଧରି ଛିଡ଼ା ହୋଇଗଲେ । ମୁଁ ସେମାନଙ୍କୁ ନିରୀକ୍ଷଣ କରି ଚାହିଁଲି । ମୁହଁରେ ଚୋ'ଟେ ଲୋଖାଏଁ ରଙ୍ଗ ବୋଳା । ସେଥିପାଇଁ ବୋଧହୁଏ ମୋର ବାଞ୍ଛିତା ବାଳିକାଟିକୁ ଚିହ୍ନ ପାରିଲି ନାହିଁ । ତହୁଁ କହିଲି, "ତୁମମାନଙ୍କର ନାମ କହିଲ ।" ଏହା କହି ପ୍ରଥମଟି ଆଡକୁ ଅଙ୍ଗୁଳି ଠାରି କହିଲି—ତମର ନାମ ?

ସେ କହିଲା—ବେଣୁକା—

ଦ୍ୱିତୀୟ—ସୁଷମା......ଇତ୍ୟାଦି ।

ଯେତେବେଳେ ପଞ୍ଚମ ବାଳିକାଟି ଉପରେ ମୋର ପ୍ରଶ୍ନ ପଡ଼େ ସେତେବେଳେ ବାଡ଼ିବାଲି କହିଲା "ସେ ବାଳିକାଟି ହେଉଛି ଜାତ୍ରୀ । ତା'ର ନାମ ହେଉଛି ସରଳା ।"

ମୋ ଛାତି ଦମ୍ ପଡି ହୋଇଗଲା । ମୁଁ ମୋର ଆନନ୍ଦ ଓ ଆବେଗକୁ ଗୁପ୍ତରଖି କହିଲି—ଜା'ତ୍ରୀଟାକୁ କାହିଁକି ରଖିଛନ୍ତି ?

ବାଡ଼ିବାଲି—ଜା'ତ୍ରୀ ହେବାର କଣ ହେବ, ଦେଖନ୍ତୁ—ରୂପରେ ସେ ସମସ୍ତଙ୍କୁ ଟପି ଯାଇଛି ଓ ତା'ର କାହାଣୀ ଯେ କୌଣସି ଯୁବକଙ୍କୁ...

ମୁଁ—ହଁ, ଆପଣଙ୍କ କଥାରେ ମୋର ଏକ ମତ । ତାକୁଇ ମୁଁ ପସନ୍ଦ କରୁଛି ।

ସେତିକି ବେଳେ ମୁଁ ସରଳାକୁ ଚାହିଁ ଦେଖେଁ ତା'ର ମୁଖରେ ସ୍ପଷ୍ଟ ହାସ୍ୟରେଖା ।

ତା'ପରେ ବାଡ଼ିବାଲୀର ନିର୍ଦ୍ଦେଶରେ ସରଳା ବ୍ୟତୀତ ଅନ୍ୟ ବାଳିକାମାନେ ଚାଲି-ଗଲେ । ତହୁଁ ତାକୁ ପଚାରିଲି—ମୋତେ କେତେ ଦେବାକୁ ହେବ ?

ବାଡ଼ିବାଲୀ—ମହାଶୟ ଆପଣଙ୍କର ଯାହା ଇଚ୍ଛା ତାହା ଦେବେ । କିଛି ନଦେଲେ ବି ମୋର ଆପତ୍ତି ନାହିଁ ।

ମୁଁ ଅଧୈର୍ଯ୍ୟ ହୋଇ ପଚାରିଲି—"କିଛି ନଦେଲେ—!"

ସେ—"ହଁ କିଛି ନଦେଲେ ବି ଚଳେ । କାରଣ ସେ ବାଳିକାଟି ଅତି ଅଦ୍ଭୁତ ଧରଣର । ସେ ଏପର୍ଯ୍ୟନ୍ତ କୌଣସି ଭଦ୍ରବ୍ୟକ୍ତିଙ୍କୁ ଚାହିଁ ଥରେ ମେଲେ ହସିନାହିଁ । ଆପଣଙ୍କ ପରି ଅନେକ ଯୁବକ ତାକୁ ମନୋନୀତ କରନ୍ତି—କିନ୍ତୁ ସେ କାହାର ସଙ୍ଗରେ ଘନିଷ୍ଠ ହେଲେ ଆଳାପ କରିନାହିଁ । ବରଂ ସବୁବେଳେ ସେମାନଙ୍କ ଉପରେ ବିରକ୍ତ ହୁଏ । ଥରେ ଜୋର କରି ଜଣେ ଭଦ୍ରଲୋକଙ୍କ ନିକଟକୁ ତା'କୁ ପଠା-ଇଲି । ସେ ସେଥିରେ ଭଦ୍ରଲୋକଙ୍କର ଅଙ୍ଗୁଳି ଦନ୍ତରେ ଖଣ୍ଡିଆ କରି ପଳାଇଲା । ଏହିପରି ଅଦ୍ଭୁତ କେତେ ଲୋକଙ୍କୁ ଅମୃତ ମହାଇବାର ଦେଖା ଯାଇଛି । କିନ୍ତୁ ଆଜି ମୋ ଭାଗ୍ୟକୁ ଆପଣ ଆସି ତା'କୁ ମନେଇ ପାରିଛନ୍ତି । ଏଇ ମୋର ହେବ । ମୁଁ ତାକୁ ଆଜକୁ ୭ମାସ ହେବ ରଖିଛି, କିନ୍ତୁ ତା' ମୁହଁରେ ହସ ଦେଖିଲି ଏଇ ପ୍ରଥମ । ଯାହାହେଉ ଆପଣ ମନଖୁସି କରନ୍ତୁ ।" ଏହା କହି ସେ ବାହାରି ଚାଲିଗଲା । ଯିବାବେଳେ ସରଳାକୁ ଖୁବ ଗମ୍ଭୀର ସ୍ୱରରେ ହାତ ହଲାଇ କହିଲା—"ଦେଖ, ଏ ବାବୁଙ୍କୁ ଭଲ ଭାବେ ଅଭ୍ୟର୍ଥନା କର—ନୋହିଲେ ତୋ ଜୀବନ—।"

କବାଟ୍ କିଳିଦେଇ ମୁଁ ଖଟ ଉପରେ ବସିଲି । ସରଳାକୁ ଡାକିଲି ମୋ ପାଖକୁ ଆସିବାକୁ । କିନ୍ତୁ ସେ ଖଣ୍ଡେ ଦୂରରେ ଠିଆ ହୋଇ ମୁରକି ହସୁଥାଏ—ଆଉ ପାଖକୁ ଆସୁ ନଥାଏ ।

ମୁଁ—ମୋ ପ୍ରତି ଏତେ ଶ୍ରଦ୍ଧା ଦେଖାଇ ପୁଣି ଏତେ ଅଭିମାନ କାହିଁକି ସରଳା ? ଏହା କହି ଉଠିଯାଇ ତା' ହାତକୁ ଧରିବାକୁ ଯିବାରୁ ସେ ଅଳ୍ପ ଦୂରକୁ ଘୁଞ୍ଚିଗଲା । ଦୂରରେ ଠିଆ-ହୋଇ ହାତସେନ୍ଥ ସେ କାନ୍ଦିବାକୁ ଲାଗିଲା । ତହୁଁ ମୁଁ ତା'କୁ କହିଲି—"ଦେଖ ସରଳା, ମୁଁ ତୁମର ଇଚ୍ଛା ବିରୁଦ୍ଧରେ କିଛି କରିବି ନାହିଁ । ତୁମେ ଆସ, ମୋ ପାଖରେ ବସ ।" ସେ ଧୀରେ ବହୁ ତର୍କ ଭାବରେ ଆସି ଖଟର ଦେହ ତଳୁ ଖଣ୍ଡେ ଖାତା ଓ ଗୋଟେ ପେନ୍ସିଲ କାଢ଼ି ସେଥିରେ ଲେଖିଲା,

"ଆପଣ ମୋର ଅନୁରୋଧ ରକ୍ଷା କରି ଆସିଲେ ଏଥିପାଇଁ ଆପଣଙ୍କଠାରେ ଚିର ଋଣୀ ରହିବି । ଆପଣଙ୍କୁ ଦେଖିଲା କ୍ଷଣି ମୁଁ ଜାଣି-ଲେଲି ଯେ ଆପଣ ଜଣେ ଓଡ଼ିଆ ଭଦ୍ରଲୋକ ଏବଂ ଆପଣ ମୋର ଦୁଃଖ ବୁଝିଇ ପାରିବେ ।"

ମୁଁ—ମୋର ପୋଷାକରେ ତ ଓଡ଼ିଆର ଚିହ୍ନ ସୁଦ୍ଧା ନଥିଲା ? ପୁଣି ମୁଁ ତମର ଦୁଃଖ ବୁଝିବି ଏହାର ମାନେ କଣ ?

ସରଳା—ପୁଣି ଲେଖିଲା । ମୁଁ ଆପଣଙ୍କ ଚେହେରାରୁ ଅନୁମାନ କଲି ଯେ ଆପଣ ନିଶ୍ଚୟ ଓଡ଼ିଆ । କାହିଁକି କେଜାଣି, ମୋର ଧାରଣା ହେଲା ଯେ ଆପଣ ବଡ ଉଦାର ହୃଦୟର ଲୋକ ହୋଇଥିବେ । ତେଣୁ ମୁଁ——

ମୁଁ—ଅଚ୍ଛା ତମର ଦୁଃଖ କଣ ?

ସ—ଆପଣ ଜିଟାର ସତ୍ୟ କରନ୍ତୁ ଯେ ମୋର ବିଶ୍ୱାସ କଥା କା'ହାରିକୁ କହିବେ ନାହିଁ ।

ମୁଁ ସତ୍ୟ କଲି ।

ସରଳା ଲେଖିବାକୁ ଆରମ୍ଭକଲା । ମୁଁ ଉତ୍କଣ୍ଠିତହୋଇ ଚାହିଁ ଥାଏଁ ତା'ର ଖାତାକୁ । ସେ ଲେଖିଲା—"ମୋର ଘର ବାଲେଶ୍ୱର ଜିଲ୍ଲାର ଗୋଟେ ମଫସଲ ଗାଁରେ । ସେ ଗାଁଟି ଷ୍ଟେସନରୁ ୪କୋଶ ବାଟ ହେବ । ମୋତେ କେତେକ ଦୁଷ୍ଟଲୋକ ଜବରଦସ୍ତି ଅପହରଣ କରି ଏଇ ସ୍ତ୍ରୀଲୋକଟିକୁ ବିକି ଦେଇଛନ୍ତି । ଆଜକୁ ଛ'ମାସ ହେବ ମୁଁ ଏଠାରେ ଅଛି । ମୋର ଏ ଘୃଣିତ ବ୍ୟବସାୟ କରିବାକୁ ଆଦୌ ଇଚ୍ଛା ନୁହେଁ । ସେଥିପାଇଁ ମୁଁ ଅନବରତ ଏଇ ଚଣ୍ଡାଳୀ ଠାରୁ ମାଡ଼ ଖାଏଁ ।"

ଏତିକି ଲେଖିଛି ତା' ଆଖିରୁ ଟପ୍ ଟପ୍ ହୋଇ ଦୁଇଟୋପା ଲୁହ ଖାତାରେ ପଡ଼ିଗଲା । ସେ ଖାତା ଓ ଆଖିରୁ ଲୁହ ପୋଛି ପୁଣି ଲେଖିଲା—ମୋର ବାପ ମା'ଙ୍କର ମୁଁ ଏକମାତ୍ର ସନ୍ତାନ । ଅଶାନ୍ତରେ ସେମାନେ ବଞ୍ଚିଥିବେ ।

ଆପଣଙ୍କ ନିକଟରେ ଯଦି ଟ ୧୦୦୦ ପର୍ଯ୍ୟନ୍ତ ଥାଏ, ଏବଂ ଆପଣ ଯଦି ସେତକ ମୋ ପାଇଁ

Digitized by srujanika@gmail.com

ବ୍ୟୟ କରିବାକୁ ସମ୍ମତ ହୁଅନ୍ତି ତା'ହେଲେ ମୁଁ ଏ ବନ୍ଧନରୁ ମୁକ୍ତ ହୁଅନ୍ତି ।"

ଏହା କହି ସେ ମୋ ମୁହଁକୁ ଅନାଇ ରହିବାକୁ ଲାଗିଲା । ହଠାତ୍ ମୋ ମନରେ ଧାରଣା ହେଲା—ଏତେ ଟଙ୍କା ପଠାଇବାର ଯୋଗାଡ଼ ଫିକର !

କହିଲି—ଟଙ୍କା କିଏ ଦେବ ?

ସରଳା କହିଲା—ମୁଁ ଦେଖୁଛି ଆପଣ ମୋ କଥାରେ ବିଶ୍ୱାସ କରୁନାହାନ୍ତି । ଏହା ମୋ ଭାଗ୍ୟ—କିନ୍ତୁ ଏତିକି ଅନୁରୋଧ ଯେପରି ଏକଥା ଆଉ କାହାକୁ ନ କହନ୍ତି । ମୁଁ ଅନ୍ୟ କେତେ ଭଦ୍ରଲୋକଙ୍କୁ ଅନୁରୋଧ କରି ମୋର ଭାଗ୍ୟ ପରୀକ୍ଷା କରିବି । ମୋର ଜୀବନ ରକ୍ଷା କରନ୍ତୁ—

ଏହା କହି ସରଳା ମୋର ଦୁଇପାଦକୁ ଦୁଇ ହାତରେ ଧରି ଅବଶାନ୍ତ କାନ୍ଦିବାକୁ ଲାଗିଲା । ତା'ର ଏ ଦୁଃଖ ଦେଖି ମୋ ଆଖିରୁ ବାଲୁହ ଝରି ପଡ଼ିଲା । କିନ୍ତୁ ମୁଁ ସେ ଦୁର୍ବଳତା-ଟାକୁ ସରଳାକୁ ଦେଖିବାକୁ ଦେଲିନାହିଁ । ମୋ ମନରେ ଯେ କିଛିକ୍ଷଣ ପୂର୍ବ ସନ୍ଦେହ ଜାତ ହୋଇଥିଲା ସେଥିପାଇଁ ମୁଁ ଅନୁତପ୍ତ ହେଲି ଓ ନିଜକୁ ଶତ ଧିକ୍କାର କଲି ।

ମୁଁ କହିଲି—ସରଳା ମୋତେ ବିଶ୍ୱାସ କର । ମୋତେ ଏତେ ନିଷ୍ଠୁର ବୋଲି ଭାବନାହିଁ । ମୁଁ ଯଥାସାଧ୍ୟ ଚେଷ୍ଟା କରିବି ତମକୁ ଏ ବନ୍ଧନରୁ ମୁକ୍ତ କରିବା ପାଇଁ । ମୁଁ ତୁମ୍ଭ ନିକଟରେ ପ୍ରତିଜ୍ଞା କରି ଯାଉଛି—କଦାପି ଏକଥା ପ୍ରକାଶ କରିବି ନାହିଁ ।

ସରଳା ! ତୁମେ ମନୁଷ୍ୟ ନୁହଁ, ତୁମେ ଦେବୀ । ଏତେ ବାଧା ବିଘ୍ନ, ପ୍ରଲୋଭନ, ନିର୍ଯ୍ୟାତନରେ ଯେ ତୁମେ ଅଟଳ ରହିଛ, ଏ କମ୍ କଥା ନୁହେଁ ।

ଦେଖ ସରଳା ମୁଁ ବର୍ତ୍ତମାନ ପ୍ରସ୍ତୁତ ନାହିଁ । କାଲି ସନ୍ଧ୍ୟା ବେଳକୁ ମୁଁ ଟଙ୍କା ନେଇ ପୁଣି ଆସିବି । ବିଶ୍ୱାସ କର ସରଳା ।

ଏହା କହି ଯିବାକୁ ବାହିଁଛି ସରଳା ପୁଣି ମୋ ପାଦରେ ମୁଣ୍ଡ ଲଗାଇବାକୁ ଉଦ୍ୟତ ହେଲା; ମୁଁ ତା'ର ବାହୁ ଧରି ଉଠାଇ ଦେଇ କହିଲି—ମୁଁ ନିଶ୍ଚୟ କାଲି ଆସିବି; ବିଶ୍ୱାସ କର ।

ଫେରିବାବେଳେ ସରଳା ଛଳ ଛଳ ଆଖିରେ ମୋତେ ଚାହିଁ ରହିଥାଏ ।

ତହିଁ ପରଦିନ ସନ୍ଧ୍ୟାରେ ପୁଣି ସରଳା ନିକଟକୁ ଗଲି । ତା'ର ଖୁସିକୁ ଆଜି ସମ୍ଭାଳେ କିଏ ! ସେ ଖୁବ୍ ଚେଷ୍ଟା କରୁଥାଏ ତା'ର ଆନନ୍ଦଟାକୁ ଆଉ କାହାକୁ ନ ଦେଖାଇବ ବୋଲି । କିନ୍ତୁ ସେ ଆନନ୍ଦ ଆପେ ଆପେ ଫୁଟି ଉଠୁଥାଏ—ସରଳାର ସୌନ୍ଦର୍ଯ୍ୟକୁ ଶତଗୁଣ ବଢ଼ାଇ ।

ମୁଁ କବାଟ ଖୋଲି ସେଇ ପ୍ରୌଢ଼ା ନାରୀଙ୍କୁ (ସେ ହିଁ ମାଲିକାଣୀ) ଡାକିଲି । ସେ ମୋର ସାମନାରେ ଥିବା ଗୋଟାଏ ଉଲବେନ୍ ପକା ଗଦି ଉପରେ ବସିଲେ । କଥାବାର୍ତ୍ତା ଆରମ୍ଭ ହେଲା ।

ସେ କହିଲା—ମୋତେ ଡାକିଲେ କାହିଁକି ?

ମୁଁ—ଦେଖନ୍ତୁ ସରଳା କେବଳ ଜାତି ନୁହେଁ ତା'ର ମସ୍ତିଷ୍କର ଦୋଷ ବି ଅଛି । ତେବେ ସେ ମୋ ପାଖରେ ରହିବାକୁ ରାଜି ହେବ ବୋଲି ମୁଁ ଆଶା କରେ । ଆପଣଙ୍କ ପାଖରେ ଯେପରି ବ୍ୟବହାର କଲା, ତାହାତ ଦେଖିଲେ, ଏବେ ମୋତେ ଏ ବାଳିକାଟିକୁ ଆପଣଙ୍କର ଉଚିତ ପ୍ରାପ୍ୟ ନେଇ ଛାଡ଼ି ଦିଅନ୍ତୁ ।

ବାଡ଼ିବାଲି—ଆପଣ ଉଚିତ ପ୍ରାପ୍ୟ ଦେଇ ପାରିବେ ନାହିଁ, ପରନ୍ତୁ ଆମର ଭୟ ହେଉଛି ।

ମୁଁ—ଦେଖନ୍ତୁ ଆପଣଙ୍କର ଉଚିତ ପ୍ରାପ୍ୟ ଯାହା ଶୀଘ୍ର କହନ୍ତୁ । ନୋହିଲେ ମୋର ଯାହା କରିବାର ତାହା ଶୀଘ୍ର କରିଦେବି । ମୋର ରୋଗ ଘରର ଅଭାବରେ ବସ୍ତିର ସମସ୍ତ ଅପେକ୍ଷା କଲେଣି ଆଉ ଡେରି କରନ୍ତୁ ନାହିଁ ।

ଦେଖିଲି ଏଥିରେ ସେ ସ୍ତ୍ରୀ ଲୋକଟି ଟିକିଏ ଘାବରେଇ ଗଲା । ସେ ପୁଣି କହିଲା—ମୋତେ ଦିନ ଗୋଟେ ସମୟ ଦିଅନ୍ତୁ । ମୁଁ ସ୍ଥିର କରି ଆପଣଙ୍କୁ ଜବାବ ଦେବି ।

ମୁଁ—ଦିନ ଗୋଟେ କଣ କହୁଛନ୍ତି ? ଘଣ୍ଟା ଗୋଟେ ମୁଦ୍ଧା ମୁଁ ଅପେକ୍ଷା କରି ପାରିବି ନାହିଁ । ପାଞ୍ଚ ମିନିଟ ମଧ୍ୟରେ ସ୍ଥିର କରି ମୋତେ ଉଚିତ ମୂଲ୍ୟ କହନ୍ତୁ, ମୁଁ ଶୀଘ୍ର ନେଇ ଯାଏଁ ।

ଦେଖିଲି, ଅବଶେଷରେ ୫ ହଜାରରେ ମାଲିକାଣୀ ଅଙ୍ଗୀକାର କଲା । କିଛିକ୍ଷଣ ଭାବି, ମୁହଁକୁ ଶୁଖାଇ ସେ କହିଲା—ଦେଖନ୍ତୁ ମୁଁ ଏ'କୁ ୫୦୦୦ ଦେଇ କିଣିଥିଲି । ଅଧିକନ୍ତୁ ଏ'ର ଖୋରାକ ପୋଷାକରେ ମଧ୍ୟ ସେତିକି ଖରଚ କଲିଣି । ଏଥିରେ ଆପଣ— ।

ଟିକିଏ ଦର ଦାମ ଚାଲିଲା । ଶେଷରେ ୫୬୦୦ ଟଙ୍କାରେ ସରଳାକୁ ସେ ଛାଡ଼ ଦେବାକୁ ସ୍ୱୀକୃତା ହେଲା । ମୁଁ ହଠାତ୍ ମନିବ୍ୟାଗରୁ ଛଅଣ୍ଟି ନୋଟ୍ ବାହାର କରି ଦେଲି । ସେତେବେଳକୁ ହେବ ସାତ ଟା ।

ଏତେ ଦିନ ପରେ ସରଳା ଯେତେବେଳେ ମୁକ୍ତ ବାୟୁମଣ୍ଡଳର ପ୍ରଥମ ସ୍ପର୍ଶ ପାଇଲା, ସେତେବେଳେ ତାର ଶୋଭା—ମଳୟ ଦୋଳାୟିତ ନବ କିଶଳୟକୁ ଜିଣିଯାଇଥିଲା । ଯେତେବେଳେ ଫୁଟ୍‌ପାଥରେ ମୁଁ ତା'ର ହାତଧରି ନେଇ ଯାଉଥାଏଁ—ସେତେବେଳେ ମୋ ମନରେ କେତେ ଭାବନା ଖେଳି ଯାଉଥାଏ । କିନ୍ତୁ ମୋ ଭାବନାର ଧାରକୁ ଛିନ୍ନ ଭିନ୍ନ କରୁଥାଏ ସରଳା—ତାର ଗଭୀର କୃତଜ୍ଞତା ବ୍ୟଞ୍ଜକ ଦୀର୍ଘ ନିଶ୍ୱାସ ।

ମୁଁ କହିଲି—ସରଳା, ବର୍ତ୍ତମାନ ଗୋଟେ ହୋଟେଲରେ ଟିକେ ବିଶ୍ରାମ ନେଇ ଆଜି ରାତିର ପୁରୀ ପାସେଞ୍ଜରରେ ତୁମର ଗାଁକୁ ଯିବା ।

\+ + +

ସରଳାର ଅନୁରୋଧ ଅନୁଯାୟୀ ମୁଁ ବଳଦ ଗାଡ଼ିଟିକୁ ଗାଁର ଏକ ମାଇଲ ଦୂରରୁ ଫେରାଇ ଦେଲି । ସେଇଠୁ ଓହ୍ଲାଇ ଆମେ ଦୁହେଁ ଚାଲିକରି ଗଲୁଁ । ଗାଁର ଶେଷ ଗୋହିର ବାଟରେ ସରଳା ଗୋଟିଏ ଛୋଟ ମାଟିଘରକୁ ଅଙ୍ଗୁଳି ଠାରିଲା । ବୁଝିଲି ଏଇଟା ସରଳାର ଘର । ଘର ନିକଟକୁ ଗଲାରୁ ସରଳା ଇଙ୍ଗିତରେ ମୋତେ କହିଲା ଯେ ତୁମେ ଭିତରକୁ ଯାଅ ମୁଁ ଏଠି ଛିଡ଼ା ହେଉଛି । ମୁଁ ଘର ଭିତରକୁ ଯାଇ ଦେଖେ ସରଳାର ମା' ବସିଛି । ହଠାତ୍ ମୋତେ ଘର ଭିତରେ ଦେଖି ସେ ଭୟ ଓ ଆଶ୍ଚର୍ଯ୍ୟରେ ବଡ଼ ବଡ଼ ହୋଇ ଚାହିଁଥାଏ ।

ମୁଁ କହିଲି—ମା, ତୁମର ସରଳା ବୋଲି ଗୋଟିଏ ଝିଅ ଥିଲା ?

ସେ କହିଲା—ହଁ ।

ମୁଁ—ସେ କୁଆଡ଼େ ଗଲା ?

ସେ—ସେ କୁଆଡ଼େ ଗଲା ? ବୋଧହୁଏ ଯମ ଘରକୁ ଯାଇଛି । ଆଜକୁ ୬ ମାସ ହେବ ମୋତେ ଛାଡ଼ି ଦେଇ" ଏତକ କହି ବୁଢ଼ୀ କାନ୍ଦି ପକାଇଲା । ତା' ପାଟିରୁ ଆଉ କଥା ବାହାରିଲା ନାହିଁ ।

ମୁଁ କହିଲି—ମା, ଟିକିଏ ବାହାରକୁ ଆସିବକି ?

ଏହା କହି ମୁଁ ଗୃହ ଆସିଲି ଓ ମୋ ପଛେ ପଛେ ସରଳାର ମା ଆସିଲା । ସରଳା ତା'ର ମା'କୁ ଦେଖିଲା କ୍ଷଣି ଦୌଡ଼ି ଆସି କୁଣ୍ଢାଇ ପକାଇ ଭେ-ଭେ କରି କାନ୍ଦି ପକାଇଲା । ତା'ର ମା ବି "ସର, ସର" ବୋଲି କହି କାନ୍ଦୁଥାଏ । କାନ୍ଦଣା ଶୁଣି ଗାଁ ଲୋକେ ଧାଇଁ ଆସିଲେ । ମୁଁ ଯାଇ ନିମଗଛଟି ମୂଳରେ ଚୁପଚାପ ଛିଡ଼ା ହୋଇଥାଏଁ । ଏ କରୁଣ ଦୃଶ୍ୟ ଦେଖି ମୋ ଆଖିରୁ ବି ଲୋତକ ଝରି ପଡ଼ିଲା ।

କାନ୍ଦଣା ଥମି ଗଲାରୁ ସରଳାର ମା' କହିଲେ—ସର, ଠାକୁର ତୋତେ କେମିତି ରକ୍ଷା କଲେ ?

ସର—"ମୋତେ ଯେଉଁ ଠାକୁର ରକ୍ଷା କଲେ ସେ ସେଇଠି ଛିଡ଼ା ହୋଇଛନ୍ତି ।" ଏହା କହି ସେ ମୋ ପାଖକୁ ଆସି ମୋତେ ଦେଖାଇ ଦେଲା ।

ମୁଁ ଆଶ୍ଚର୍ଯ୍ୟ ହୋଇ ସରକୁ ପଚାରିଲି, ସର ତୁମେ କଥା କହିଲ କେମିତି ?

ସେ ହସି ହସି କହିଲା ମୁଁ ପ୍ରକୃତ ଜାଡ଼ ନୁହେଁ । କେବଳ ଆତ୍ମରକ୍ଷା ପାଇଁ ଛଳନାରେ ଅନାଥା ହେବା ଦିନ ଠାରୁ 'ଜାଡ଼ୀ' ହୋଇ ଥିଲି ।

ମୁଁ କହିଲି—ଧନ୍ୟ ତୁମର ଚତୁରତା ସରଳା ।

ସେ ହସି ହସି କହିଲା—ଧନ୍ୟ ଆପଣଙ୍କର ଉଦାରତା ।

ଲୋକ ଗହଳ ଧୀରେ ଧୀରେ ଭାଙ୍ଗି ଗଲାରୁ ସରର ମା କାନ୍ଦି କାନ୍ଦି ହୋଇ ମୋତେ କହିଲେ—ବାପ', ତୁମେ ମୋର ଯେ ଉପକାର କଲ ମୁଁ ସାତ ଜନ୍ମରେ ସୁଝି ପାରିବି ନାହିଁ । ତୋତେ ଛଟଦରୁ ଝିଅର ପାଇ ପୁଣି ଆଜି ତୋତେ ଛପଦରେ ତୋଳି ଦେଲିଣି । ମୋ ଘରର ଏ ରୂପ-ଏ ଗୁଣ ସବୁ କଣ ନଷ୍ଟ ଯିବନା ? ଗାଁର ସମସ୍ତେ କହନ୍ତି, ଏ ଗରିବ ଘରେ ରାଜକୁମାରୀଟିଏ ଜନ୍ମ ହୋଇଛି । ମୁଁ ତା'ର ଦୁଃଖ କେମିତି ଦେଖିବି । ଦେଖୁଣି ତ ସେ ପତିତା-ଅନାଥ ହେଲା । ମୋରତ ଅର୍ଥ ଜୋର ନାହିଁ । ସରର ବାପା ମୋତେ ଦୁଇମାସ ହେବ ଛାଡ଼ି ଚାଲି ଯାଇଛନ୍ତି । ତୁମେ ମୋର ପୁଅ—" ଏତକ କହି ବୁଢ଼ୀ ପୁଣି କାନ୍ଦି ପକାଇଲେ ଓ ସରର ହାତକୁ ନେଇ ମୋ ହାତ ମୁଠା ଭିତରେ— ସର ସେତେବେଳକୁ ଲାଜରେ ସଢ଼ ତଳକୁ ମୁହଁ ପୋତି ଦେଇଥାଏ—

—::—


ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ,) ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳା ଯନ୍ତ୍ରଣାଯୁକ୍ତ ଧାତୁପଡ଼ିବ ଟେଟମନ, ଅଜୀର୍ଣ୍ଣ, କାଶ, ମ୍ଳୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର ଆମବାତ, ଅଣ୍ଡବୃଦ୍ଧି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବିନ୍ଧା, ମୁଣ୍ଡରୁଜ, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, କଙ୍କଡ଼ା, କାଛୁ, କୁଣ୍ଡିଆ, ବାଲ, ମଚକା, ଚମଦଳା, ଯାବୁ, ଛଉ, କଟାଘା, ଛେଚାଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, ଭାନପଡ଼ି ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

କବିରାଜ ଶ୍ରୀ ...ନାଥ ଦାସ

ଏ, ବି, ଏଲ୍. ଏଚ. ଏମ୍. ଏସ୍.

[illegible] ଅଲିଶା ବଜାର, ପୋଃ ଚୁଡ଼ାମଣିଚୌକ କଟକ ।

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଜ୍ରତୁଲ୍ୟ ଶକ୍ତି ଖେଳେ । ଦାଂ୨ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

ନୟା ସଡ଼କ, ପୋ: ଅ: ଚୁଡ଼ାମଣିଚୌକ, କଟକ

ବୈଦ୍ୟରାଜ କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ C/o ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ ଉପଗୁରୁ


Digitized by srujanika@gmail.com

# ଡଗର ଚତୁର୍ଦ୍ଦଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟ ୨୫ଙ୍କା ପୁରସ୍କାର ! 'ଡଗର' ପାଠକମାନେ ପାଇ ପାରିବେ । ଟ ୨୫ଙ୍କା ପୁରସ୍କାର

ଦୁଇଅଣାର ପଇସିକିଆ ଡାକଟିକଟ ଦେଇ ପ୍ରଥମଟି ସହ ଏକଅଣାର ପଇସିକିଆ ଡାକଟିକଟ ଦେଇ ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free

| | | | | | | |
|---|---|---|---|---|---|---|
| ୧ ର | ୨ (ସ) | | ୩ ଅ | ପ | ୪ | ୫ ରି |
| ୬ ଫୁ | | ୭ ରେ | | ୮ | ହା | ଣ |
| | ୯ ମ | ସା | | | ୧୦ ଲ୍ଲ | |
| ୧୧ | | | | ୧୨ | | ର |
| ୧୩ | ୧୪ ସ | | ୧୫ | କ | ୧୬ ର | |
| ୧୭ ସ | | ୧୮ ନ | | ୧୯ ଠ | | ୨୦ ସ |
| ୨୧ ନ | ର | | | | ୨୨ ମ | |


| | | | | | | |
|---|---|---|---|---|---|---|
| ୧ ର | ୨ (ସ) | | ୩ ଅ | ପ | ୪ | ୫ ର |
| ୬ ଫୁ | | ୭ ର | | ୮ | ହା | ଣ |
| | ୯ ମ | ସା | | | ୧୦ ଲ୍ଲ | |
| ୧୧ | | | | ୧୨ | | ର |
| ୧୩ | ୧୪ ସ | | ୧୫ | କ | ୧୬ ର | |
| ୧୭ ସ | | ୧୮ ନ | | ୧୯ ଠ | | ୨୦ ସ |
| ୨୧ ନ | ର | | | | ୨୨ ମ | |

| | | | | | | |
|---|---|---|---|---|---|---|
| ୧ ର | ୨ (ସ) | | ୩ ଅ | ପ | ୪ | ୫ ର |
| ୬ ଫୁ | | ୭ ର | | ୮ | ହା | ଣ |
| | ୯ ମ | ସା | | | ୧୦ ଲ୍ଲ | |
| ୧୧ | | | | ୧୨ | | ର |
| ୧୩ | ୧୪ ସ | | ୧୫ | କ | ୧୬ ର | |
| ୧୭ ସ | | ୧୮ ନ | | ୧୯ ଠ | | ୨୦ ସ |
| ୨୧ ନ | ର | | | | ୨୨ ମ | |


ନାମ ____________ ଠିକଣା ____________ କେତୋଟି ଉତ୍ତର ______

## ସିଧା ଭାବରେ ।

୧ । ଡଗର ଶବ୍ଦଧନ୍ଦା ହେଉଥିବାର ବସିଲେ ଯାହା ପ୍ରାପ୍ତ ମିଳେ ।

୩ । ହଜମି ଔଷଧ ଦେଇ କବିରାଜମାନେ ଅନ୍ୟଥା ପରହସ୍ତେ ରୋଗୀର ଅବାଞ୍ଛନୀୟ ଏହାର କାରଣ ହୋଇଥାନ୍ତି ।

୬ । ଯେଉଁ ବାଟରେ ପାଣି ବା ପବନ ଯାତାୟାତ କରେ ।

୮ । ଏହା ନହେଲେ ବଢ଼େଇ କାମ କରିବ କେମିତି ?

୯ । ବନଥିଲି, ଯେତେବେଳେ ଅନ୍ଧାରରେ ଏହା ମଧ୍ୟ ବାଟ ଦେଖାଇବାରେ ସାହାଯ୍ୟ କରୁଥିଲି ।

୧୦ । ଡାହାଣରୁ ବାମକୁ ପଢ଼ିଲେ ଖାଇବାକୁ ମନ ହେବ ।

୧୩ । ଶୁକଦେବ ପରୀକ୍ଷିତଙ୍କ ଆଗେ ଯେଉଁ କୀର୍ତ୍ତିର ବର୍ଣ୍ଣନା ଗାଇଛନ୍ତି ।

୧୫ । ଅନେକ ସମୟରେ ଏହା ପବନକୁ ଅଣ୍ଡା କରିଥାଏ ।

୧୭ । ଅଛରିକ୍ତ—ପ୍ରିୟ ଲୋକ ଅଜାଣତେ ସଂସାରରେ ଚଳିପାରେ ନାହିଁ ।

୧୯ । ଏଭଳି ଲୋକ ଉପରେ କୌଣସି ଭାର ଦେବା ଅନ୍ୟାୟ ।

୨୧ । ଏଦେଶରେ ଦେବତାଙ୍କ ନାମରେ ମଧ୍ୟ ଏଭଳି ନୃଶଂସ କାର୍ଯ୍ୟ ସମ୍ଭବ ହେଉଥିଲା ।

୨୨ । ଏହାକୁ ଯେ ଥରେ ଗ୍ରହଣ ସେ ଆଉ ନଛାଡ଼େ ।

## ଉପର ତଳ ଭାବରେ ।

୨ । —ତାପସବ୍ରତ ସୁକଠୋର ହେଲେହେଁ ଅଧ୍ୟାର ଶାନ୍ତି ସମ୍ପାଦନ କରି ପାରେ ନାହିଁ ।

୪ । କୌଣସି କୌଣସି ବାଳକ ଏହାକୁ ଅଛକ୍ତି ଭଲ ପାଇବାର ଦେଖାଯାନ୍ତି ।

୫ । ଯେଉଁ ରାଜ୍ୟରେ ପ୍ରଜାମାନେ ଗୋରା ରାଜକର୍ମଚାରୀଙ୍କର ଜୀବନ ନେଲେ ।

୭ । ଏଭଳି ବାକ୍ୟ ପ୍ରୟୋଗ ଦ୍ୱାରା କେତେକେ ଲୋକ ଅନ୍ୟ କେତେକଙ୍କ ଜୀବନର ଗତି ବଦଳାଇ ଦେଇଥିବାର ଜଣାଯାଏ !

୧୧ । କେତେକ ଯୋଗୀ ଅଧିକାଂଶ ସମୟରେ ଏଥିରେ ବସିବାର ଦେଖାଯାନ୍ତି ।

୧୨ । ସନ୍ଧ୍ୟାବେଳେ—ରେ ରହିଲେ ପିଲାମାନେ ସାଧାରଣତଃ ଖରାପ ହେବାପାଇଁ ସୁଯୋଗ ଖୋଜନ୍ତି ।

୧୪ । ଏ ରାସ୍ତାରେ ବେଶୀ ବିପଦର ଆଶଙ୍କା ଥାଏନାହିଁ ।

୧୬ । ପ୍ରକାର ।

୧୮ । ନୂତନକୁ ବୁଝାଏ ।

୨୦ । ଏହାଙ୍କ ଦୃଷ୍ଟିରେ ପଡ଼ିଲେ ଅନେକଙ୍କ ଭାଗ୍ୟ ଫେରିଥାଏ ।

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୫୦/ ଓ ଦ୍ୱିତୀୟ ପ୍ରତିଖଣ୍ଡକୁ ୫୦/ ଲେଖାଏ **(ଶେଷ ତା ୧୨-୪-୩୯)**

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନିଟା ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

—ପ୍ରହେଳିକା

ଏହି ଧନ୍ଦାର ଠିକ ଉତ୍ତର ସିଲ କରି ହୋଇ ଭଦ୍ରକ ଷ୍ଟେସନ ବ୍ୟାଙ୍କ ସେକ୍ରେଟାରୀଙ୍କ ପାଖରେ ରଖାଯାଇଅଛି। ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ ୧୨୮ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ ସାମନ୍ତ ପୁରସ୍କାର ଟ ୨୮ ପାଇବ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ଟ ୩୮ ବିଶିଷ୍ଟ ପୁରସ୍କାର ପାଇବେ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକି ଟ ୬୮ ବାଣ୍ଟି ଦିଆଯିବ। ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ। କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ। ଏକାଧିକ ବ୍ୟକ୍ତି ସେହିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି। ଶେଷ ପୃଷ୍ଠାରେ ତିନୋଟି କୁପନ ଦିଆଯାଇଛି। ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ସହିତ ନଗଦ ଏକସଙ୍ଗରେ ପଠାଇ ଦେବେ ଓ ତାହା ସଙ୍ଗେ ଦୁଇଅଣାର ପୋଷ୍ଟାଲ ଅର୍ଡର ଡାକଟିକଟ ପଠାଇବେ। ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୦/ ଓ ୨ୟଟି ପାଇଁ ୦/ର ପୋଷ୍ଟାଲ ଅର୍ଡର ଡାକ ଟିକଟ ପଠାଇବେ। କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି। ଯେକୌଣସି ଏକ ବ୍ୟକ୍ତି ଏହିପରି ଭାବରେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛା କଲେ ଉପର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ — ଏହିପରି ଭାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ। ସମସ୍ତ ଉତ୍ତର ୧୯୩୯ ମସିହା ଏପ୍ରେଲ ୧୨ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଉତ୍ତର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର। ଲଫାପା ଉପର ପଟରେ ଗୋଟିଏ ଗୁଣନ ( ✕ ) ଚିହ୍ନ ଓ ୧୪ ଅଙ୍କ ଦିଆଯିବା ଆବଶ୍ୟକ। ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ଇତ୍ୟାଦି) ମଧ୍ୟ ଦିଆଯିବ। ଉପର ଲିଖିତ ନିୟମାନୁଯାୟୀ ଯଦି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ। ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ। ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ। କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ। ସମ୍ପାଦକଙ୍କଠାରୁ ଯଦି ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ।

---

# ୧୩ଶ ଶବ୍ଦଧନ୍ଦାର ପୁରସ୍କାର

## ସମ୍ପାଦକ ଏଥର ମଧ୍ୟ ଅଜେୟ ରହିଲେ

## ୭ଟି ଭୁଲ କରି ବୁଢ଼ା ପୁରସ୍କାର ମାରିନେଲେ।

୮ଟା ଭୁଲରେ ପ୍ରଥମ ପୁରସ୍କାର।

( ୪ଟା ଭୁଲ ) ୧ମ ପୁରସ୍କାର—ପ୍ରତ୍ୟେକ ଟ ୨୮ କରି (ଟ ୧୨୮)। ୧। ରେଣୁବାଳା ଦାସ C/o ବାବୁ ନୀଳାମ୍ବର ଦାସ। P. W. D. ସେକ୍ରେଟେରିଏଟ, କଟକ। ୨। ଶ୍ରୀ ଗୋପାଳ ଘାର ଠାକୁର C/o ବୈଷ୍ଣବ ଚରଣ ନାୟକ। ଭଦ୍ରକ ହାଇସ୍କୁଲ, ୧୦ମ ଶ୍ରେଣୀ।

ଦ୍ୱିତୀୟ ପୁରସ୍କାର—(୫ଟି ଭୁଲ) ପ୍ରତ୍ୟେକ ଟ୦॥୯/ ଅଣା କରି (ଟ ୬।)। ୧। ହରିହର ପଟ୍ଟନାୟକ C/o ଡାକ୍ତର କାଳି ଚରଣ ପଟ୍ଟନାୟକ। General Hospital Cuttack. ।୨। ଅନିଲ କୁମାର ଘୋଷ; ମସ୍ଜିଦ ଗଳି, କଟକ।୩। ଶ୍ରୀମତୀ ବାସନ୍ତୀ ଦେବୀ, C/o Dr. K. P. Kar. H. M. B. ପୁରୁଣା ବଜାର ଭଦ୍ରକ।୪। ଶ୍ରୀ ନରହରି ମହାନ୍ତି, ଗ୍ରା: ସତ୍ୟପୁର, କରଞ୍ଜିଆ-ମୟୂରଭଞ୍ଜ।୫। ଗୋପିନାଥ ପଣ୍ଡା, ଇଞ୍ଜିନିଅରିଂ ସ୍କୁଲ; କଟକ।୬। ଶ୍ରୀମତୀ ଇନ୍ଦୁପ୍ରଭା ଦେଇ, ମୁଃ ହରିପୁର, ପୋ: କରଲ୍ଲୋ ପାଟନା, କଟକ।୭। ନିତ୍ୟାନନ୍ଦ ପ୍ରଧାନ, ବୌଦ୍ଧଗଡ଼ ପୋଃ ବୌଦ୍ଧରାଜ, ( ବୌଦ୍ଧଷ୍ଟେଟ )।୮। ଶ୍ରୀ ମକର ଲେଙ୍କା, ମୁଃ ନଡ଼ାଗାଁ ପୋଃ ସୋରୋ। ଜିଃ ବାଲେଶ୍ୱର।୯ ନନ୍ଦକିଶୋର ମହାନ୍ତି, ଦାଣ୍ଡାବଜାର, ପୋଃ ଗୁଡ଼ଗୁଡ଼ିଆ, କଟକ। ୧୦। ଶ୍ରୀ ଭୁବନାନନ୍ଦ ପଟ୍ଟନାୟକ, ରେଭେନ୍ସା କଲେଜ, ୫୪ ପ୍ରାଚୀ ଛାତ୍ରାବାସ, ପୋ: ବକ୍ସିବଜାର, କଟକ।

୩ୟ ପୁରସ୍କାର—( ୬ଟି ଭୁଲ ) ପ୍ରତ୍ୟେକ ଟ୦।୮/ କରି। (ଟ ୧ ୪)। ୧। ଶ୍ରୀମତୀ ପ୍ରଫୁଲ୍ଲ କୁମାରୀ ଦେବୀ, C/o ହେଡ଼ମାଷ୍ଟର, ରାଜକନିକା ଏମ୍, ଇ, ସ୍କୁଲ, ପୋଃ ରାଜକନିକା। ୨। ଲୋକନାଥ ଦାସ, I. R. R, G. P. &. T. W. Co. Po. I. H. H. Cuttack.।୩। ଶ୍ରୀ ଉଦୟନାରାୟଣ ଦାସ, ସାହାପୁର, ଭଦ୍ରକ।୪। ଶ୍ରୀ ମନ୍ମଥ ମହାନ୍ତି, ୬ଷ୍ଠ ଶ୍ରେଣୀ, ସୋରୋ ଏମ୍. ଇ. ସ୍କୁଲ, ପୋଃ ସୋରୋ, ଜିଃ ବାଲେଶ୍ୱର।

ସବୁଠାରୁ ଅଧିକ ସଂଖ୍ୟକ (୫୧ଟି) ଉତ୍ତର ଦେଇଥିବା ଯୋଗୁଁ କୁମାର ଲକ୍ଷ୍ମୀନାରାୟଣ ମହାନ୍ତି ଟ ୩୮ ଅଧିକା ପାଇଲେ।

Digitized by srujanika@gmail.com

# ଲାଟ ସଭାରେ ଉକ୍ତି

ଲେଖକ—ଶ୍ରୀ ଚୁଟିଆ ମୁଣ୍ଡା

ବଡ଼ ଅସମୟରେ—ଅଶୁଭ ମୁହୂର୍ତ୍ତରେ ଲାଟ ସଭା ସେଦିନ ଏଥର। ବାଚସ୍ପତି (Speaker) ମହୋଦୟ ଗୋଟାଏ ଦୁର୍ଘଟଣା ଜନ୍ୟ ଅସ୍ଥିଭଙ୍ଗ ହୋଇ ଘରେ ଶୋଇଲେ। ଶ୍ରୀମାନ୍ ଉପପତି ମହୋଦୟ ତା ପରେ ଅଧିବେଶନର ଦଶ ଦିନମାନ କରୁଁ କରୁଁ ସେ ମଧ୍ୟ ତାର ବେଳାରେ ଅସୁସ୍ଥ ହୋଇଥିବା ହେତୁ ପୁଣି ଥରେ ଶୁଭ ବେଳା ଦେଖି ଅନୁକୂଳ କରିବା ପାଇଁ ପାଟଳୀପୁତ୍ର ଯାଇ ଭାଗିରଥୀରେ ପାପ ଧୌତ କରି ଆସିଲେ।

ମାନ୍ୟବର ସଭ୍ୟମାନେ ପତିମାନଙ୍କ ଉପରେ ବିରକ୍ତ ହୋଇ ଅପର ଲିଙ୍ଗବାଚକ ପ୍ରାଣୀଙ୍କୁ ଅର୍ଥାତ୍ କାହାର ଜଣକର ପତ୍ନୀଙ୍କୁ ଉକ୍ତ ଆସନରେ ବସାଇଲେ। ପ୍ରଧାନମନ୍ତ୍ରୀ ମହୋଦୟ ଏକ ଭାରତ ଇତିହାସର ନୂଆ ପୃଷ୍ଠାରେ ନୂଆ ଅକ୍ଷରରେ ନୂଆ ଫାଉଣ୍ଟେନପେନ୍‌ରେ ଏକ ନୂଆ କଥା କଲେ ବୋଲି ଗୌରବ ଅନୁଭବ କଲେ ଏବଂ ଉକ୍ତ ସ୍ତ୍ରୀଲିଙ୍ଗ ବାଚକାଙ୍କୁ ଧନ୍ୟବାଦ ଦେଇ ଧନ୍ୟ ଧନ୍ୟ କଲେ।

କିନ୍ତୁ ଚଉକୀକୁ (Chair) ସମ୍ବୋଧନ କରିବାକୁ ଗଲାବେଳେ ତାଙ୍କ ଅବଳାଅ (ଅବଳାଅ ନାହିଁ ଯାହାର ଅର୍ଥାତ୍ ଠାକୁଅ ଗାଲିଅ ?) ମୁହଁଟାରେ ଅସଲ ସମ୍ବୋଧନଟା ଅପଭ୍ରଂଶ ହେବାକୁ ହଠାତ୍ ଖସିପଡ଼ିଲା— Mr. Speaker Sir.

ଅବଶ୍ୟ Chair ବା ଚଉକୀଟା କ୍ଲୀବଲିଙ୍ଗ ବାଚକ। କିନ୍ତୁ ଶାସ୍ତ୍ର କହୁଛି ତା'କୁ ଯେଉଁ ଲିଙ୍ଗ ଯେତେବେଳେ ଅଧିକାର କରେ ତା' ଲିଙ୍ଗ ଅନୁସାରେ ଚଉକୀର ଲିଙ୍ଗ ବଦଳେ। ସୁତରାଂ ପ୍ରକୃତରେ ସେ ଉଭୟ ଲିଙ୍ଗ ନୁହେଁ ବା କ୍ଲୀବଲିଙ୍ଗ ନୁହେଁ—ସେ କୃକଲାସ (ଏଣ୍ଡୁଅ) ଲିଙ୍ଗ, ଅର୍ଥାତ୍ ଯେତେବେଳେ ଯେପରି ଇଚ୍ଛା ସେପରି ରୂପ ବା ଲିଙ୍ଗ ବଦଳାଇ ପାରେ। ତେଣୁ ପତି ବଦଳରେ ଜଣେ ପତ୍ନୀ ସେ ସ୍ଥାନ ଅଧିକାର କରିଥିବାବେଳେ ତାହା ନିଶ୍ଚୟ ହେବ ନାହିଁ ବା Sir ହେବ ନାହିଁ।

ତାପରେ ସ୍ତ୍ରୀଲିଙ୍ଗସୂଚକ ଚଉକୀକୁ କି ସମ୍ବୋଧନ କରାଯିବ ଏଥିପାଇଁ କେତେ ତର୍କର ଝଡ଼ ଉଠିଲା। କାରଣ Mrs Speaker (ମିସେସ୍ Speaker) କହିଲେ ଯଦିଓ ଚଳନ୍ତା, ତାର ଦ୍ୱିତୀୟ ଅର୍ଥ ହେବାର ଭୟ ଅଛି। ତେଣୁ Speaker ନ କହି କେବଳ Sirର ବଦଳରେ Madam କହି ସମସ୍ତେ ବାହାଦୁରିଙ୍କୁ ବଞ୍ଚାଇ ଦେଲେ।

ଇଂରେଜୀରେ କୌଣସି ମତେ ସମାଧାନ ହୋଇଗଲା ସତ କିନ୍ତୁ ଓଡ଼ିଆରେ ଯେଉଁମାନେ କହନ୍ତି ସେମାନଙ୍କୁ ବଡ ଅସୁବିଧା ପଡ଼ିଲା। ସେମାନେ ସ୍ତ୍ରୀଲିଙ୍ଗାସ୍ପଦ ଚଉକୀକୁ କ'ଣ ସମ୍ବୋଧନ କରିବେ? ସଭାପତ୍ନୀ! (?) ସମ୍ବୋଧନ ତ କରି ପାରିବେ ନାହିଁ। ତେଣୁ ବହୁ ଆଲୋଚନା ପରେ ଚଉକୀ ସ୍ତ୍ରୀ ହେବା ସତ୍ତ୍ୱେ ପୁଂଲିଙ୍ଗସୂଚକ ସମ୍ବୋଧନ ଶୁଣିବାକୁ ପ୍ରସ୍ତୁତ ଏବଂ ଅଭ୍ୟସ୍ତ ଅଛନ୍ତି ବୋଲି ଅନୁମତି ଦେବାରୁ ଓଡ଼ିଆରେ ଚଉକୀ ପୁଂଲିଙ୍ଗ ହେଲା। ଏବଂ ସଭ୍ୟମାନେ ଶ୍ରୀମତୀ ସଭାପତି ଦେବୀଙ୍କୁ ସେମାନଙ୍କର ପତି ବା ସଭାପତି ରୂପେ ସମ୍ବୋଧନ କଲେ। ନାହିଁ Sirର ଓଡ଼ିଆ ମହାଶୟଟା ଉପର ସଭାପତି ସଙ୍ଗରେ ମହାଶୟା ହେବ? ସେ ବିଷୟରେ ଆଲୋଚନା ଚାଲି ଶେଷକୁ ସ୍ତ୍ରୀ ଚଉକୀ ମଞ୍ଜୁର କଲେ ଯେ ସଭାପତି ମହାଶୟା ବୋଲି କୁହାଯାଇ ପାରିବ। କାରଣ ତାହା ଲୋକଙ୍କୁ ଦ୍ୱିଧା ଭାବରେ ଲାଗିବ। ଚଉକୀ ଯେତେବେଳେ ସ୍ତ୍ରୀଲିଙ୍ଗ ହେବେ ସେତେବେଳେ ପୁଂଲିଙ୍ଗ ମଧ୍ୟ ହେବେ। ତାପରେ ମାନ୍ୟବର ସଭାପତି ହେବ କି ମାନ୍ୟବରା ସଭାପତି ହେବ କିମ୍ବା ମାନ୍ୟବରେଣ୍ୟା ସଭାପତି ହେବ ଏ ବିଷୟରେ ମଧ୍ୟ ବ୍ୟାକରଣ ଘଣ୍ଟା ଯାଇ ଶେଷରେ ସମାଧାନ ନୋହିବାରୁ ସେଇଟାକୁ delete କରାଗଲା ବା ଲିଭାଇ ଦିଆଗଲା।

ମୁଁ ଆଗରୁ କହିଛି ଏ ସଭା ସମସ୍ତଙ୍କ ପାଇଁ ଅଶୁଭ। ଖାଦ୍ୟମନ୍ତ୍ରୀ ମଲ୍ଲୀ ବିଶ୍ୱନାଥ ଦାସଙ୍କ ଉପରେ ଏ ସଭାରେ ଯେପରି ବ୍ୟକ୍ତିଗତ ଆକ୍ରୋଶ ହୋଇଛି ଦେଖିଲେ ତାଙ୍କର ବିଳ ମଧ୍ୟରେ ପ୍ରବେଶ କରିବା ଛଡ଼ା ଅନ୍ୟ ଉପାୟ ନଥିଲା। କିନ୍ତୁ ଧନ୍ୟ କହିବା ତାଙ୍କ ସାହସକୁ, ଧନ୍ୟ ବୋଲିବା ସେ ଚର୍ମର ସହିବା ବ୍ୟକ୍ତିଙ୍କୁ।

କଂଗ୍ରେସ ସରକାରଙ୍କ ଜୀବନ କାଳରେ ଏଇଥର ପ୍ରଥମ ପରାଜୟ ହେଲା। ଏ ପରାଜୟ ଚିରଦିନ ଲେଖି ହୋଇ ରହିବ। ଆମ ଦେଶର ଯୋଗ୍ୟ ଲୋକଙ୍କ ପରିଚୟ ଏଥର ମିଳିଗଲା। କଂଗ୍ରେସ ପକ୍ଷରେ ବେଶୀ ସଭ୍ୟ ଥାଇଁ ଥାଇଁ ବି ତାଙ୍କ ବିରୁଦ୍ଧ ଦଳର ଭୋଟରେ ଜୟ ହେଲା। ଏହା ହେଲା କେବଳ କଂଗ୍ରେସ ଦଳ ନେତାମାନଙ୍କର ଅଯୋଗ୍ୟତା ଯୋଗୁଁ। ସମସ୍ତେ କହୁଛନ୍ତି ଧର୍ମ ଏଭଳି କଲା। କଂଗ୍ରେସ ସରକାର ଯେଉଁ ଟଙ୍କା ମଞ୍ଜୁର କରିଥିଲେ ତାହା ଭେଟେରିନାରି ହାଇସ୍କୁଲକୁ ଦେବା ପାଇଁ। ତା ବଦଳରେ ଜଗତ୍‌ସିଂହପୁର ହାଇସ୍କୁଲକୁ ଛଡ଼ାଯାଇଥିବାରୁ ବିରୋଧୀ ସଭ୍ୟମାନେ କହିଲେ ଏଟା ବ୍ୟକ୍ତିଗତ ଆକ୍ରୋଶ ଯୋଗୁଁ ହୋଇଛି। ବ୍ୟକ୍ତିଗତ ଆକ୍ରୋଶ କିପରି ହେଲା ମୁଁ ସେ ବିଷୟ ଟିକିଏ ଅନୁସନ୍ଧାନ କରି ଯାହା ବୁଝିଲି ତା ଯଦି ସତ ହୋଇଥାଏ ତେବେ କଂଗ୍ରେସ ସରକାର ଏ ଦେଶରେ ନରହିବା ଉଚିତ। କାରଣ ସ୍ନେହ ଯଦି ସ୍ନେହ କରେ ସେ ଗୋଟାଏ କଥା ଏବଂ ଜଣେ ନିଜକୁ ସାଧୁ ବୋଲି ବୋଲାଇ ସ୍ନେହ କରିବା ଆଉ ଗୋଟାଏ କଥା। ଦ୍ୱିତୀୟଟା ବଡ଼ ବିଷମ। ଗୁଡ଼ିଏ ସେ କଥା। ଆଗଟା କଥାକୁ ପଦାରେ ପକାଇ ଲାଭ ନାହିଁ, ତେବେ ଏଥିପାଇଁ ଶ୍ରୀ କୃଷ୍ଣ ମହାପାତ୍ରେ ଉଦ୍‌ବୋଧ କରି ପ୍ରଶ୍ନ ଦେବାକୁ ଯେ ବସିଥିଲେ ସେ ବୋଧହୁଏ ବଞ୍ଚିଗଲେ। ଆଉ କରିଥିବା ବୋଧହୁଏ (ଯଦି ତାଙ୍କ ଉପରେ ଯେଉଁ ଅଭିଯୋଗ ଅଛି, ତାହା ସତ ହୋଇଥାଏ) ଏଥର ଗୋଟାଏ କରଣୀ ମିତ୍ରଙ୍କ ଅଫିସ-କାରବାରଟାକୁ ହୃଦ୍‌ବୋଧ କରିଥିବେ। ଆରେ ବାବୁ ଦାଉ ଟିକିଏ ଜଗତ୍‌ସିଂହପୁରରେ ହିଷ୍ଟ୍ରିକ୍‌ଟାଏ କରିଛନ୍ତି? ଭାରି ଗୋଟାଏ କଥା ଏ! ତମେ ଦଣ୍ଡଟା ସ୍କୁଲ ଟେବୁଲରେ କରନା।

ସେ ଯାହା ହେଉ ହେଲା, ଆମ କଂଗ୍ରେସର ଏ ପରାଜୟ ବାଣୀ ଦେଶ ଉପରେ ଗଭୀର ଦାଗ କରିବ ସରକାର ଉଚିତ୍ ଏଥର ମେମ୍ବର ମାନଙ୍କ ଦରମା କାଟି ଏସେମ୍ବ୍ଲି ମନ୍ଦିର ପାଇଁ ଉପସ୍ଥିତ ସଭ୍ୟ ମାନଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରନ୍ତୁ। ତା ନୋହିଲେ ସଭ୍ୟ ମାନଙ୍କୁ ପେନସନ୍ ଦେଇ ଆଉ ଅସଭ୍ୟ କରନ୍ତୁ ନାହିଁ।

Digitized by srujanika@gmail.com

# ପତ୍ର ଚିକିତ୍ସା ।

**ଲେଖକ—ଡାକ୍ତର ହାକିମ୍ ମୋହମ୍ମଦ ଭିଷଗାଚାର୍ଯ୍ୟ ଏମ୍. ବି. ଏଚ୍.**

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୩ ନମ୍ବର

ଉପକ୍ରମ—ମେଲେରିଆ ପ୍ରଧାନ ସ୍ଥାନରେ ଏହି ରୋଗର ଉତ୍ପତ୍ତି ଏବଂ ଯେଉଁ ଯେଉଁ ସ୍ଥାନ ମାନଙ୍କରେ ମଶକ ବହୁଳ୍ ସେହି ସେହି ସ୍ଥାନ ମାନଙ୍କରେ ପର୍ଯ୍ୟାପ୍ତି ।

ରୂପ—ଗୌର ବର୍ଣ୍ଣ, ଦୀର୍ଘ, ସ୍ଥୂଳକାୟ, ବଳିଷ୍ଠ । ବେଳେ ବେଳେ ଜ୍ୱର ଥାଏ—ବେଳେ ବେଳେ ନଥାଏ । ବେଳେ ବେଳେ ଶୀତ ଦେଇ ବେଳେ ବେଳେ ଜ୍ୱର ଆସେ ।

ଗୁଣ—ବିଶକ୍ରିୟ ପ୍ରୟୋଗ ।

ଲକ୍ଷଣ—ଏ ରୋଗ ଆରମ୍ଭ ହେଲେ ମାତ୍ରେ ମଣିଷ ବଡ଼ ଆଶାବାଦୀ ହୁଏ । ଆକାଶରେ କୁସୁମ ତୋଳେ ଏବଂ ସମୟ ସମୟରେ ତାର ଆଶା ପୂରଣ ହୁଏ ମଧ୍ୟ । ଉଚ୍ଚାକାଂକ୍ଷାର ପୂରଣ ପାଇଁ ସେ ନିତାନ୍ତ ଜଘନ୍ୟବୃତ୍ତି ଗ୍ରହଣ କରି ପାରେ, ଧର୍ମକୁ ଜଳାଞ୍ଜଳି ଦେଇପାରେ—ଗୃହ ଦାର ତ୍ୟାଗ କରି ପାରେ—ଏପରିକି ନିଜର ସ୍ୱାର୍ଥକୁ ରାଜ୍ୟକୁ ଆପାତତଃ ତ୍ୟାଗ କରି ପାରେ । ନିଜର ସୁନାମ ଏବଂ ପ୍ରତିପତ୍ତି ପାଇଁ ବହୁ ଲୋକଙ୍କୁ ଅଯଥା ଏବଂ ମୂଲ୍ୟହୀନ ପ୍ରତିଶ୍ରୁତି ଦେଇ ପାରେ—ହାତୀ ଦେବ ଘୋଡ଼ା ଦେବ କହିପାରେ ଏବଂ ଏପରି ଭାବରେ ଲୋକଙ୍କୁ ଭୁଲାଇ ରଖି ତାଙ୍କ ତ୍ୟାଗରେ ନିଜର ସୌଧ ତୋଳାଇ ପାରେ । ପରିଣାମରେ ସେ ଆତ୍ମ ପର ଭେଦ ଭାବ ଭୁଲି ଯାଏ । ନିଜର ଅର୍ଜନକୁ ସାଧାରଣଙ୍କର ଏବଂ ସାଧାରଣଙ୍କ ଧନକୁ ନିଜର ଅର୍ଜନ ମନେ କରିପାରେ ।

ଔଷଧ—ଏଭଳି ରୋଗୀକୁ ପ୍ରନ୍ଥଣା ‘ପ୍ରଜା ତନ୍ତ୍ର’କୁ ଖଣ୍ଡିଏ ପଢ଼ିବାକୁ ଦେଲେ ସାମାନ୍ୟ ପଢ଼ି ସାରିବା ପରେ ଆରୋଗ୍ୟ ଲାଭ କରିବ ।

ପଥ୍ୟ—ଏଥିରେ ପ୍ରକାଶ ପାଉଥିବା ପଞ୍ଚାମୃତ ।

### ୪ ନମ୍ବର

ଉପକ୍ରମ—ଗୁଷ୍ଟି, ଚନ୍ଦ୍ରା, ଶନ୍ତ୍ରାପାଣ୍ଡ୍ର ପ୍ରଭୃତି ‘ଟ’ ପ୍ରବଳ ଦେଶରେ ଏ ରୋଗର ଉତ୍ପତ୍ତି ଏବଂ ସଂକ୍ରାମକତା ।

ରୂପ—ଦୀର୍ଘ, ସ୍ଥୂଳ, ଶ୍ୟାମଳ ଏବଂ ହଲ୍ଅନାଶ, ଯୁକ୍ତ ।

ଗୁଣ—ଭଲ ମନ୍ଦ ନିର୍ବିଶେଷରେ ଯୁଦ୍ଧ କରିବାର ପ୍ରବୃତ୍ତି ।

ଲକ୍ଷଣ—ଏ ରୋଗ ଆରମ୍ଭରେ ଲୋକ ବଡ଼ ଜବରଦସ୍ତ ବା ଏକନିଷ୍ଠ ହୋଇ ଯୋଗ ଆରମ୍ଭ କରେ । ତାପରେ ଯୋଗରେ କୌଣସି ଅଣଅଗ୍ରର ହେବା ଯୋଗୁ ଲୋକର ମସ୍ତିଷ୍କ ବିକାର ଘଟେ ଏବଂ ଯୋଗୀ ହେବା ପୂର୍ବରୁ ଯୋଗୀମାନେ ମିଠା ଅଳ ବସ୍ତାରେ ପେପର ତଫାତ୍ ରଖନ୍ତି ନାହିଁ ସେହିପରି ସେ ମଧ୍ୟ ଖାଦ୍ୟ ଅଖାଦ୍ୟରେ ତଫାତ୍ ନଧରି ସର୍ବଭକ୍ଷ ପାଲଟିଯାଏ ।

ତାପରେ ତା'ର ପ୍ରଳାପ ଆରମ୍ଭ ହୁଏ । ପୂର୍ବ ମୁହୂର୍ତ୍ତରେ ଯାହା କହେ ପର ମୁହୂର୍ତ୍ତରେ ତାର ଓଲଟା ଗାଏ ।

ରୋଗ ବେଶୀ ଘୋଟିଗଲେ ଲୋକ ବଡ଼ ଅପରିଷ୍କାର, ମଳିନ ଦେଖାଯାଏ । ଲୋକଙ୍କୁ କେହି ଛୁଇଁବାକୁ ମନ କରନ୍ତି ନାହିଁ । ପାଖରେ ବସିଲେ ଘୃଣା କରନ୍ତି । ଛୁଇଁବାକୁ ଇଚ୍ଛା ହୁଏନାହିଁ ।

କେତେକ ଲୋକ ଅବଶ୍ୟ ଏପରି ରୋଗୀକୁ ଦୟା ଦୃଷ୍ଟିରେ ଦେଖନ୍ତି ଏବଂ ଅଇଁଠା ପତ୍ର ଖଣ୍ଡେ ଫିଙ୍ଗି ଦେଲେ ଏ ଲୋକ ତାହା ଆହାର କରି କୃତକୃତ୍ୟ ହୋଇଯାଏ ।

ଔଷଧ—ଏ ଭଳି ରୋଗୀକୁ ଦୈନିକ ଆଶା ଏବଂ New Orissa, ଏଥିରୁ ପାଳେ ସେଥିରୁ ପାଳେ ପଢ଼ିବାକୁ ଦେଲେ ଅଚିରେ ରୋଗ ଆରୋଗ୍ୟ ହୁଏ ।

ପଥ୍ୟ—ବିଚାର ନାହିଁ ।

### ୫ ନମ୍ବର

ଉପକ୍ରମ—ଯେଉଁ ସଙ୍କୀର୍ଣ୍ଣ ଜାଗାରେ ବହୁତ ବେଶୀ ନାଳିଆ ଥାଏ ଏବଂ ନାଳିଆରେ ଅନେକ ଦିନ ପାଣି ଜମି ରହି କାହାରୁ ଥାଏ ଏବଂ ମଶା ମାଛିର ଉତ୍ପତ୍ତି-କାରକ ହୋଇଥାଏ ସେହି ସ୍ଥାନରେ ଏ ରୋଗର ଆବିର୍ଭାବ ।

ରୂପ—ଶ୍ୟାମଳ ଦୀର୍ଘ, ଅସ୍ପୃଷ୍ଟ ନୁହେଁ—ବେଶି ବୟସ ହେଲେ ଟୋକାଳିଆ ବା ପିଲ୍ଲଳିଆ ସ୍ୱଭାବ ।

ଗୁଣ—ସର୍ବଦା କ୍ରୋଧିତ ସ୍ୱଭାବ ।

ଲକ୍ଷଣ—ରୋଗୀ ବିକାର ଯୁକ୍ତ ହୁଏ । କେବଳ ଦୋଷ ଦର୍ଶନ କରିବାରେ ଥାଏ । ଲୋକର ଭଲ ପ୍ରତି ଦୃଷ୍ଟି ନ ଥାଏ । ଯେ ପାଖକୁ ଯାଏ ରୋଗୀ ତାକୁ ନିତାନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରେ ଏପରିକି ହାତରେ କଲମ ନ ଥାଇ କଲମ ଥିଲେ ମାରି ଦେବାକୁ କୁଣ୍ଠା ମଧ୍ୟ ବୋଧ କରେ ନାହିଁ ।

ରୋଗୀର ତୃତୀୟ ଅବସ୍ଥାରେ ରୋଗୀ ପେଟଭରିଲେ ଖାଇବାକୁ ନ ପାଇ ହାଇଁ ପାଇଁ ହୁଏ ସେତେବେଳେ କେତେକ ବଡ଼ ଲୋକ ଯଥା ରାଜା, ମହାରାଜା, ଜମି-ଦାର ଓ ମହନ୍ତଙ୍କର ପ୍ରକାରାନ୍ତରରେ ପ୍ରଶସ୍ତି ଗାନ କରେ ଏବଂ ସେମାନଙ୍କ ଅନୁଗ୍ରହ ପ୍ରାର୍ଥୀ ହୁଏ । ସେମାନେ ମିଠା ଚଖାଇ ପରେ ଖସିଯାନ୍ତି ଏବଂ ରୋଗୀର ମୃତ୍ୟୁ ହୁଏ ।

ଔଷଧ—ଏପରି ରୋଗ ହେଲେ ଦେଶ କଥା ସାପ୍ତାହିକ ବା ଦୈନିକରୁ ଖଣ୍ଡେ ଆଣି ପାଠ କରିବାକୁ ହେବ ।

ପଥ୍ୟ—କଟକ ମିଉନିସିପାଲିଟିର ମଶା ମରା ତେଲ; ପିଁପୁ ଯୋଗେ ସେବ୍ୟ ।

Digitized by srujanika@gmail.com




# ନୂପୁର

## ନାରୀ-ଜାଗରଣ ।

### ଜଣେ ନାଗରିକ

(ପୂର୍ବ ପ୍ରକାଶିତ ଉତ୍ତରୁ)

ମିଶରରେ [Egypt] ନାରୀପ୍ରଗତି କିଛି ଦିନରୁ ଆରମ୍ଭ ହେଲାଣି । ସେଠାକାର ନାରୀ-ଜାତି ଆଜି ଯଥେଷ୍ଟ ସ୍ୱାଧୀନତା ପାଇଛି । ଯଦିଓ ତୁର୍କି ପରି ସେଠାରେ ନାରୀମାନଙ୍କ ସୁବିଧା ପାଇଁ ବିଶେଷ ଆଇନ ରଚିତ ନହୋଇଛି ତଥାପି ଏହା ନିଃସନ୍ଦେହରେ କୁହାଯାଇ ପାରେ ଯେ, ମିଶରର ନାରୀଗଣ ଭାରତୀୟ ନାରୀ ଅପେକ୍ଷା ଅଧିକ ସ୍ୱାଧୀନତା ଭୋଗ କରନ୍ତି । ମିଶର କେଶରୀ ଜଗଲୁଲ ପାଶାଙ୍କ ସହଧର୍ମିଣୀ ସଫିୟା ଜଗଲୁଲଙ୍କ ନାମ ସମସ୍ତେ ଅବଗତ ହୋଇଥିବେ । ସେ, ଦେଶର ସ୍ୱାଧୀନତାର ପ୍ରତ୍ୟେକ ଆନ୍ଦୋଳନରେ ସାକ୍ଷାତ ଭାବରେ ଯୋଗଦାନ କରୁଥିଲେ ଏବଂ ନଗରେ ନଗରେ ସ୍ୱେଚ୍ଛାସେବକ ଗଣଙ୍କୁ ଉତ୍ସାହ ପ୍ରଦାନକରି ବକ୍ତୃତା ଦେଉଥିଲେ । ବର୍ତ୍ତମାନ ରାଜା ଫାରୁକଙ୍କ ସ୍ତ୍ରୀ କୁଇନ୍ ଫରିଦା ଜଣେ ବିଦୂଷୀ ମହିଳା । ବିବାହ ପୂର୍ବେ ଅବଗୁଣ୍ଠନର ବାହାରେ ଥିଲେ ଏବଂ ସାଧାରଣ ବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଆଜିକାଲି ମିଶରର କେତେ ସମ୍ଭ୍ରାନ୍ତ ପରିବାରର ସ୍ତ୍ରୀମାନେ ପଥରେ ଭ୍ରମଣ କରନ୍ତି, ସାଧାରଣ ବିଦ୍ୟାଳୟରେ ଲେଖାପଢ଼ା କରନ୍ତି ଏବଂ ପ୍ରକାଶ୍ୟଭାବରେ ନାନାବିଧ ଆନ୍ଦୋଳନରେ ଯୋଗ ଦିଅନ୍ତି । ତୁର୍କି ଆଦର୍ଶ ପ୍ରାଚ୍ୟର ମୁସଲମାନ ନାରୀପ୍ରଗତିକୁ ଆଗେଇ ଦେଇଛି ।

ସିରିଆ (Syria) ଓ ପାଲେଷ୍ଟାଇନ [Palestine] ଏହି ଦୁଇଟି ଦେଶ ପୂର୍ବେ ସୁଲତାନ ଅଧୀନରେ ଥିଲା । ସୁତରାଂ ତୁର୍କିର ସମସ୍ତ ଦୁର୍ବଳତା ଏମାନେ ପାଇଥିଲେ । ଏଠାରେ ନାରୀ ଜାଗରଣର କୌଣସି ଆଭାସ ମିଳୁ ନଥିଲା । କିନ୍ତୁ ମହାସମରର ପରଠାରୁ ଏଦେଶରେ ବି ଚାଞ୍ଚଲ୍ୟ ଆରମ୍ଭ ହେଲା ଏବଂ ସେଠିକାର ନାରୀମାନେ ବି ମୁକ୍ତିପାଇଁ ଆନ୍ଦୋଳନ ଆରମ୍ଭ କଲେ । ଆଜି ପ୍ରାଚ୍ୟର ସମସ୍ତ ଅଞ୍ଚଳର ନାରୀଗଣ ମୁକ୍ତିପାଇଁ ଆକୁଳ ହୋଇ ଉଠିଛନ୍ତି ଏବଂ ସର୍ବତ୍ର ଶିକ୍ଷାପ୍ରସାର ଆରମ୍ଭ ହୋଇଛି । ସିରିଆ ଏବଂ ପାଲେଷ୍ଟାଇନରେ ଯେଉଁ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଛି, ସେଥିରେ ସେଠିକାର ନାରୀଜାତି ବିଶେଷ ଅଂଶ ଗ୍ରହଣ କରୁଛନ୍ତି— ଏପରିକି ଅନେକେ ହସ୍ତରେ ଅସ୍ତ୍ର ଧାରଣ କରିବାକୁ ପଶ୍ଚାତ୍‌ପଦ ନୁହନ୍ତି ।

**ନୁର୍ ହାମଦୋ**—ଏହି ମହିଳାଙ୍କ ନାମ ୧୯୩୦ ସାଲପୂର୍ବେ କେହି ବିଶେଷଭାବରେ ଜାଣି ନଥିଲେ । କିନ୍ତୁ ତାପରେ ସେ ଅବଗୁଣ୍ଠନର ପ୍ରାଚୀର ଭାଙ୍ଗି କର୍ମକ୍ଷେତ୍ରରେ ପ୍ରବେଶ କରି ଦେଶକାମରେ ସମ୍ପୂର୍ଣ୍ଣ ଭାବରେ ଆତ୍ମା ନିୟୋଗ କଲେ । ଅବନତ ଓ ଅଜ୍ଞାନ ନାରୀ ସମାଜ-ମଧ୍ୟରେ ଜାଗରଣ ଆଣିବା ପାଇଁ ସେ ନାନାରୂପେ ଆନ୍ଦୋଳନ କରିବାକୁ ଲାଗିଲେ । ଏହି ଉଦ୍ଦେଶ୍ୟ ମନରେ ପୋଷଣ କରି ସେ ପ୍ରାଚ୍ୟର ନାନା ସ୍ଥାନରେ ସମିତିମାନ ଗଠନ କଲେ । ସିରିଆ, ଇରାନ, ମିଶର ପ୍ରଭୃତି ଦେଶ ଭ୍ରମଣ କରି ସ୍ୱଚକ୍ଷୁରେ ନାରୀ ମାନଙ୍କର ଅବସ୍ଥା ଅବଲୋକନ କଲେ, ସେମାନଙ୍କ ଦୁଃଖ-ବେଦନା ଦୂର କରିବା ପାଇଁ ନାନା ସ୍ଥାନରେ ବକ୍ତୃତା ଦେଲେ ଏବଂ ସ୍ୱଦେଶର ନାରୀମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ଆନୟନ କଲେ । ମୁସଲମାନ, ଖ୍ରୀଷ୍ଟାନ, ଓ ଇହୁଦୀ ନାରୀମାନଙ୍କୁ ନେଇ ସେ ସମ୍ମିଳିତଭାବରେ ଏକ ନାରୀ-ସମିତି ଗଠନ କଲେ ଏବଂ ସୁସ୍ପଷ୍ଟଭାବରେ ନାରୀମାନଙ୍କ ଦାବୀ ଅବଗତ କଲେ । ନାରୀମାନଙ୍କ କଥା ପ୍ରଚାର କରିବା ପାଇଁ ସେ ଏକ ସାମୟିକ ପତ୍ରିକା ପ୍ରକାଶ କଲେ । ଏହାର ଉଦ୍ଦେଶ୍ୟ ଥିଲା ନାରୀମାନଙ୍କର ଅଧିକାର ପ୍ରତିଷ୍ଠା କରିବା । ପ୍ରାଚ୍ୟରେ ଉକ୍ତ ପତ୍ରିକାର ପ୍ରଭାବ ଅସୀମ । ଆଜି ଘରେ ଘରେ ତାଙ୍କ ପତ୍ରିକା ପଠିତ ହେଉଛି । ତାହାର ସାହାଯ୍ୟରେ ଓ ପ୍ରଚାର ଫଳରେ ବାଗଦାଦରେ, ତେହେରାନରେ ଓ ଦାମାସ୍କସରେ କେତୋଟି ପ୍ରତିନିଧି ମୂଳକ ମହିଳା-କନ୍‌ଫରେନ୍ସ ହୋଇଗଲା । ଏହି ସବୁ ସମିତିରେ ନୂର ହାମଦୋ ପ୍ରଧାନ ନାୟିକାର ସ୍ଥାନ ଅଧିକାର କରିଥିଲେ । ତାଙ୍କ ପରି ପ୍ରତିପତ୍ତି-ଶାଳିନୀ ମହିଳା ପାଲେଷ୍ଟାଇନରେ ଆଉ ନାହାନ୍ତି ।

**ନାଦୁଲ ବେହାମ** ନାମ୍ନୀ ଆଉ ଜଣେ ମହିଳା ପାଲେଷ୍ଟାଇନରେ ନାରୀ-ଜାଗରଣ ପାଇଁ ଅଗାଧ ସାଧନା କରୁଛନ୍ତି । ଏ ନୂର ହାମଦୋ ଅପେକ୍ଷା କିଛି ଭିନ୍ନ ଧରଣର ଲୋକ । କିନ୍ତୁ ସେ ନାରୀ ସ୍ୱାଧୀନତା ବିଷୟରେ ଏକମତ ପୋଷଣ କରନ୍ତି । ଏକୋଇଶ ବର୍ଷ ବୟସରେ ତାଙ୍କର ରାଜନୈତିକ ଜୀବନର ଆରମ୍ଭ । ସେହି ସମୟରେ ଫରାସୀ ସରକାର ଧୀରେ ଧୀରେ ସିରିଆରେ ତାଙ୍କ ପ୍ରଭାବ ବିସ୍ତାର କରୁଥିଲେ । ଏବଂ ତୁର୍କୀଙ୍କୁ ବିତାଡ଼ନର ବ୍ୟବସ୍ଥା କରୁଥିଲେ । ନାଦୁଲ ବେହାମ ଏହି ଅବସ୍ଥା ଦେଖି ସ୍ଥିର ହୋଇ ରହି ପାରିଲେ ନାହିଁ—ସେ ସାମରିକ ପୋଷାକ ପରିଧାନ କଲେ ଏବଂ ତୁର୍କୀର ସୈନ୍ୟ ଦଳରେ ଯୋଗ ଦେଲେ । ସପ୍ତବର୍ଷ ପର୍ଯ୍ୟନ୍ତ ସୈନିକ ବେଶ ଧାରଣ କରି ସୈନ୍ୟଦଳରେ ରହି ଦେଶ ପାଇଁ ସଂଗ୍ରାମ କଲେ । ପ୍ରାୟ ପାଞ୍ଚହଜାର ସୈନ୍ୟଙ୍କର ସେ ଅଧିନାୟକତ୍ୱ କରିଥିଲେ । ସ୍ୱାଧୀନତାର ପତାକା ଉଡ଼ାଇ ସେ ଦେଶବାସୀଙ୍କ ମଧ୍ୟରେ ବିଦ୍ରୋହର ଭାବ ପ୍ରଚାର କରିବାକୁ ଲାଗିଲେ । କିନ୍ତୁ ଯୁଦ୍ଧକ୍ଷେତ୍ର ତାଙ୍କର ଏକମାତ୍ର କର୍ମକ୍ଷେତ୍ର ନୁହେଁ । ସଂଗଠନ ମୂଳକ କାର୍ଯ୍ୟରେ ବି ସେ ସୁଦକ୍ଷା । ସେ ନାରୀମାନଙ୍କ ମଧ୍ୟରେ ଶିକ୍ଷା

(୧୫ ପୃଷ୍ଠା ଦେଖନ୍ତୁ ।)

Digitized by srujanika@gmail.com



## 'ପାଷାଣ ଦେବତା'

ହେ ପାଷାଣ ମୂର୍ତ୍ତି   ତୁମେ କବା କୀର୍ତ୍ତି
ଗଢ଼ିଛ ମୋ ଦେଶ ଜାତିର ପାଇଁ ?
କପାଇଁ କରିବ   ତବ ଆରାଧନା
ଦବା କଣି ଅର୍ଘ୍ୟ ନେନ ଦେଇ ?
ଏତେ ପୂଜାପାଇ   ଏତେ ଭକ୍ତି ନେଇ
ନପାର ଯେବେ, ମୁକ୍ତି ସୌଧ ତୋଳି,
ତେବେ କମ୍ପା ତୁମେ   ଆଜ ଏ ଜଗତେ
'ଭାଗ୍ୟବିଧାତାର' ନାମଟି ଧରି ?
ଗାଁକେ ନାହିଁ ତବ   ଅନ୍ତର ମନ୍ଦିରେ
ଏ ଜାତିର ଦୁଃଖ ଡ଼ାକ,
ନଶୁଣେ କ ତେବେ   ଯାହା ଗାଏ ନିତ
ଜାତିର ଗୌରବ ସେ କୋଣାର୍କ ।
ତେବେ କି ଦେବତା ହେଲ ହେ ପାଷାଣ
ନ ଶୁଣିଲ ଦୁଃଖୀ ଦୁଃଖର କଥା,
ପାଷାଣରେ ତମେ   ପାଷାଣ ହୁଅ ହେ
ନ ହରିଲ ମୋର ହୃଦୟ ବ୍ୟଥା ।

ଶ୍ରୀର ଶ୍ରୀ ଦେବେନ୍ଦ୍ରନାଥ ପଟ୍ଟନାୟକ
(୨ନଂ ନାଗବର୍ଗ)

## 'ଅନୁରୋଧ'

ଆଦରର ଭାଇ ଭଉଣୀ ମୋର,

ଆଜି ତମମାନଙ୍କୁ ଗୋଟାଏ ଅନୁରୋଧ କରି ବସିଛି, ଜାଣେନା ମୋର ଅନୁରୋଧଟି କେତେଦୂର ରଖିବ । ତଥାପି ଆଶା ରଖି ଲେଖୁଛି ।

ଜୀବନ ଅର୍ଥର କର୍ମମୟ । କର୍ମ ସୁନ୍ଦର ହେଲେ ଜୀବନ ସୁନ୍ଦର, ତେଣୁ ସମସ୍ତଙ୍କୁ ନିଜ ନିଜର କର୍ମ ବାଛି ନେବାକୁ ହେବ । ଶୈଶବରୁ ଆଜ ବୁଲିବା ପାଇଁ, ଆମେ ଜଗତକୁ ଅସିନାହୁଁ । ଭଗବାନ ଆମକୁ ବୁଦ୍ଧି ଦେଇଛନ୍ତି, ଯାହାକୁ ନେଇ ଆମେ ଜଗତର ଉପକାର କରିବା ।

ମୋ ର ଅନୁରୋଧ, ତୁମେମାନେ ପ୍ରତି-ଦିନ ସକାଳ ଓ ସନ୍ଧ୍ୟାରେ ମନ ସ୍ଥିର କରି ଭଗବାନଙ୍କ ନିକଟରେ ନିଜ ଦେଶ ଓ ଜାତିର ମଙ୍ଗଳ ନିମନ୍ତେ ପ୍ରାର୍ଥନା କରିବ ।

କେବଳ ପ୍ରାର୍ଥନା କଲେ ହେବ ନାହିଁ । ନିଜର କର୍ମକୁ ସୁନ୍ଦର କରିବାକୁ ହେବ । ପ୍ରତ୍ୟେକ କାମ କରିବା ପୂର୍ବରୁ ନିଜର ମନକୁ ପ୍ରଶ୍ନ କରିବ, 'ମୁଁ ଏକାମ ଦେଶ ଓ ଜାତିର ଉପକାର ପାଇଁ କରୁଛି ତ ?' ଏହିପରି ପ୍ରତ୍ୟେକ କାମ ପୂର୍ବରୁ ଭାବିଚିନ୍ତି କଲେ ନିଜମନ ଭିତରେ ବଳ ଆସେ, ମନ୍ଦକାର୍ଯ୍ୟ ଛାଡ଼ି ଭଲ କାର୍ଯ୍ୟ ଆଡ଼କୁ ମନ ଯାଏ ଏବଂ ଦେଶ ଓ ଜାତିର ମଙ୍ଗଳ ହୁଏ । ଆଜି ଏତିକି ।

ସ୍ନେହର ନାଗ ଭାଇ
ଶ୍ରୀର ଶ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକ
(୨ନଂ ନାଗବର୍ଗ)

## ସ୍ୱପ୍ନର ଫଳାଫଳ ।

ବିକ୍ରମାଦିତ୍ୟଙ୍କ ସଭାରେ ବରାହମିହିର ବୋଲି ଜଣେ ବଡ଼ ଜ୍ୟୋତିଷ ଥିଲେ । ସେ ସ୍ୱପ୍ନତତ୍ତ୍ୱ ମଧ୍ୟ ଜାଣିଥିଲେ । ସେ ସ୍ୱପ୍ନକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି—
(୧) ଉତ୍ତମ ସ୍ୱପ୍ନ (୨) ମନ୍ଦ ସ୍ୱପ୍ନ ।

### ଉତ୍ତମ ସ୍ୱପ୍ନ ।

୧ । ତୁମେ ଯଦି ସ୍ୱପ୍ନରେ ଉଜ୍ଜ୍ୱଳ ସୂର୍ଯ୍ୟ ଓ ଚନ୍ଦ୍ର ଦେଖ ତାହାହେଲେ ତୁମର ଦୁଃଖ ଦୂର ହୋଇଯିବ ଓ ତୁମେ ଅନେକ ଧନ-ରତ୍ନ ପାଇବ ।

୨ । ସୂର୍ଯ୍ୟମଣ୍ଡଳକୁ ଧରିବାର ସ୍ୱପ୍ନ ଦେଖିବା ଅର୍ଥ ରାଜ୍ୟଲାଭ କରିବା ।

୩ । ଫଳନ୍ତା ଗଛ, ଜଙ୍ଗଲ ଓ ପର୍ବତ ସ୍ୱପ୍ନ ଦେଖିବା ଅର୍ଥ ଅର୍ଥଲାଭ ।

୪ । ଯଦି ତୁମେ ସ୍ୱପ୍ନ ଦେଖ ଯେ ତୁମେ ପାହାଡ଼, ପର୍ବତ, ଆମ୍ବଗଛ, ଗଧ କିମ୍ବା ନଡ଼ିଆଗଛ ଚଢ଼ୁଛ, ତାର ଅର୍ଥ ତୁମେ ଧନ ଲାଭ କରିବ । ପାଣି ଖୁଣ୍ଟ ଛଡ଼ା ଅନ୍ୟ କୌଣସିଥିରେ ଚଢ଼ିବା ଅର୍ଥ ଉନ୍ନତି କରିବା

୫ । ତୃଷା ବନ୍ଦ କରିବା ପାଇଁ ସମୁଦ୍ର କିମ୍ବା ନଦୀ ଶୋଷଣ କରିବା ଅର୍ଥ, ନିକଟ ଭବିଷ୍ୟତରେ ରାଜ୍ୟଲାଭ କରିବା ।

୬ । ନଦୀ ପାରି ହେବା ଅର୍ଥ, ତୁମେ ଅଳ୍ପଦିନ ଭିତରେ ତୁମର କଷ୍ଟ ଦୂର କରିବ

୭ । ସ୍ୱପ୍ନରେ ସମୁଦ୍ରରେ ଜୁଆର ଦେଖିବା ଅର୍ଥ, ଅର୍ଥଲାଭ ।

୮ । ଅଗ୍ନି, ବନ୍ଧୁ ଓ ଶିକ୍ଷକ ମାନଙ୍କୁ ଦେଖିବା ଅର୍ଥ, ଅର୍ଥଲାଭ ।

୯ । ଅତି ଉଚ୍ଚସ୍ଥାନୀୟ ବ୍ୟକ୍ତିଙ୍କ ସହିତ ଗାଳ ଗାଡ଼ି ପିଇବା ଅର୍ଥ ତୁମର ସୁଖଦିନ ନିକଟ ହୋଇ ଆସୁଛି ।

୧୦ । ଧାର୍ମିକ ଲୋକଙ୍କୁ ଧଳା ଶିଳ୍କ ପିନ୍ଧିବାର ଦେଖିବା ଅର୍ଥ, ଅର୍ଥଲାଭ ।

୧୧ । ଜଣେ ଧନବତୀ ଅତର ଓ ଫୁଲ ମାଳରେ ଭୂଷିତ ହେବା ଧନର ସୂଚନା ଦିଏ ।

୧୨ । ଧଳବର୍ଣ୍ଣ ପୋଷାକ ପରିହିତା ଜଣେ ଅବି-ବାହିତା କନ୍ୟା ହାତରେ ପଦ୍ମ ଧରିଥିବାର ଦେଖିଲେ, ତାହା ବହୁ ଧନଲାଭର ସୂଚନା ଦିଏ ।

୧୩ । ହାତୀ, ଘୋଡ଼ା, ଷଣ୍ଢ କିମ୍ବା ଗାଈ ଏଗୁଡ଼ିକ ବଂଶର ଉନ୍ନତି ସୂଚନା ଦିଏ ।

୧୪ । ସୁବର୍ଣ୍ଣ ପକ୍ଷୀ ସୌଭାଗ୍ୟ ଓ ଧନ-ରତ୍ନର ସୂଚନା ଦିଏ ।

୧୫ । ଉଚ୍ଚ ଦେବୀ କିମ୍ବା ତୁମ ଗୁରୁଙ୍କୁ ଦେଖିବା ଅର୍ଥ ତୁମର ଉନ୍ନତିର ଦିନ ନିକଟେଇ ଆସୁଛି ।

୧୬ । ଗୃହ ନିର୍ମାଣ, ବୃକ୍ଷରୋପଣ କିମ୍ବା କ୍ଷେତ୍ର କର୍ଷଣ—ଏଗୁଡ଼ିକ ବିସ୍ତାରିତ ସୂଚନା ଦିଏ ।

Digitized by srujanika@gmail.com

୧୭ । ପ୍ରାଣୀଶିକାର ମାରିବା ଅର୍ଥ, ସ୍ୱପ୍ନ-ଦ୍ରଷ୍ଟା କୌଣସି ଲୋକ ଦ୍ୱାରା ଅନ୍ୟ ଦ୍ୱାରା ଧନଲାଭ ସମ୍ଭବ ହୁଏ ।

୧୮ । ଘୋଡ଼ା କିମ୍ବା ଷଣ୍ଢ ଉପରେ ଚଢ଼ି ବେଢ଼ିଥିବା ରଥରେ ବସିବା ଅର୍ଥ, ଧନଲାଭ ।

୧୯ । କୌଣସି ଜୀବର କୌଣସି ଅଂଶ ଭକ୍ଷଣ କରିବା ଅର୍ଥ, ସୌଭାଗ୍ୟ ପ୍ରାପ୍ତି ।

୨୦ । ଗୋଟିଏ ଧଳା ସାପ ଉପର ଡାହାଣ ହାତ କାମୁଡ଼ିବା ଅର୍ଥ ଦଶ ଦିନ ମଧ୍ୟରେ ସହସ୍ର ମୁଦ୍ରା ଲାଭ ହେବ ।

୨୧ । ସାପଲ ଗଛରୁ ଫଳ ତୋଳିବା ଅର୍ଥ ଅଧିକ ଅର୍ଥଲାଭ । କୁକୁର କାମୁଡ଼ିବା ମଧ୍ୟ ତାହା ସୂଚନା କରେ ।

୨୨ । ତୁମେ କୁଆ ଦେଖିବା ଭଳି ସ୍ୱପ୍ନ ଦେଖିଲେ ଜାଣିବ ଯେ, ତୁମେ ଅନେକ ଦିନ କ୍ଷେତ୍ର ଓ ଦ୍ରବ୍ୟ ଉପଭୋଗ କରିବ ।

୨୩ । ତୁମ ଜାମାର କାନ୍ଦି ବାଳ କାଟିବା ପୋଡ଼ା ଦେବା ଅର୍ଥ ରାଜ-ସମ୍ମାନ ଲାଭ ।

୨୪ । ଲଡ଼ୁ, ଫେଣି, ଛେନା, ଥାଳୀ, ଜଳ, ଦୁଧ, ଦହି, ଘିଅ, ନଦୀ, ଫଳ, ଖାଇ, ମାଂସ ଏ ସବୁ ଅର୍ଥଲାଭ ସୂଚନା ଦିଏ ।

୨୫ । ପାଦକୁ ଅର୍ଥ, ସ୍ୱାଧୀନତା ଓ ସ୍ୱାସ୍ଥ୍ୟ ରକ୍ଷା ।

### ମନ୍ଦ ସ୍ୱପ୍ନ ।

୧ । ଶୃଗାଳ, ଗୃଧ୍ର, ପ୍ରେତ (ଶବସ୍ଥାନ), କିମ୍ବା ଶୁଷ୍କ କାଠ ଏମାନଙ୍କୁ ଦୁଃଖର ସୂଚନା ଦିଏ ।

୨ । ମହିଷ, କୁକୁର, ଗଧ, ଗାଈ, ଓଟ, ରଥ ଚାଳକ, ଘୁଷୁରି, ମାଙ୍କଡ଼, କୁମ୍ଭୀର, ଶୈଳ, ଘଣ୍ଟା-ଗାଡ଼ି, କଳା ସ୍ତ୍ରୀ ଲୋକ, ମର୍କଟ, ବନ୍ୟଜନ୍ତୁ ଏସବୁ ରୋଗ ଓ ଦୁଃଖର ପ୍ରବ ସୂଚନା ।

୩ । ଦେବତାମାନଙ୍କ ନୃତ୍ୟ କରିବା ଦେଖିବା ଅର୍ଥ ସେ ସ୍ଥାନର ଧ୍ୱଂସ ସାଧନ ହେବ ।

୪ । ତୁମର ଦାନ୍ତ ଖସି ପଡ଼ିବା ଅର୍ଥ ତୁମର ଜଣେ ଆତ୍ମୀୟଙ୍କର ମୃତ୍ୟୁ ହେବ ।

୫ । ତୈଳ-ସ୍ନାନ ଦେଖିବା ଅର୍ଥ ଶୋକର ପଥମାନ ସୂଚନା ପାଇବା ।

୬ । ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଉଜ୍ଜ୍ୱଳତା ଲୁପ୍ତ ଯାଉଥିବାର ଦେଖିବା ମୃତ୍ୟୁର ସୂଚନା ଦିଏ ।

୭ । ସମୁଦ୍ର, ନଦୀ ଓ ପୋଖରୀ ଶୁଖି ଯିବାର ଅର୍ଥ ଜାତିର ପତନ ଲକ୍ଷଣ ପଡ଼ିବ ।

୮ । ନାଲି ଲୁଗା ମୃତ୍ୟୁର ସୂଚନା ଦିଏ ।

୯ । ନାଲିଅଳତା ପିନ୍ଧିଥିବା କଳା ସ୍ତ୍ରୀ ଲୋକର ହାତ ଧରି ଦକ୍ଷିଣ ଦିଗକୁ ଯିବା ଅର୍ଥ, ଅଳ୍ପଦିନ ମଧ୍ୟରେ ନିଶ୍ଚୟ ମୃତ୍ୟୁ ହେବ ।

### ଅନୁବାଦକ

ଶ୍ରୀ ବୀରେନ୍ଦ୍ର ନାଥ ।

### ଅଜାଙ୍କ ଜବାବ

ବସନ୍ତ-( ୦୦ନଂ ) ତୁମର ଭାଗ୍ୟରେ ଯେଉଁ ଅନ୍ତର୍ବନ୍ଦ ବାଦାନୁଭୂତ ଅଛି । ଈଶ୍ୱର ତୁମର ଏ ପବିତ୍ର କର୍ମକୁ ଅନୁମୋଦନ କରନ୍ତୁ । ତୁମେ ସେଠାକାର କୌଣସି ବନ୍ଧୁ ଓ ଅଭିଜ୍ଞ କର୍ମୀଙ୍କର ସାହାଯ୍ୟ ତଥା ଉପଦେଶ ଗ୍ରହଣ କର ।

ବିନୋଦ-ତୁମେ ନାଗରତ୍ନ ଶ୍ରେଣୀଭୁକ୍ତ ଗ୍ରାହକ ହୋଇଛ ।

(୧୩ ପୃଷ୍ଠା ପରେ)

ଭିତ୍ତିର ପାଇଁ ଅନେକ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପନ କରିଛନ୍ତି ଏବଂ ତନ୍ମଧ୍ୟରୁ କେତେକ ତାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୁଏ । ସ୍କୁଲରେ ଅଧିକ ଦେଶୀୟଙ୍କ ସନ୍ତାନମାନଙ୍କ ଶିକ୍ଷା ପାଇଁ ଏକ ବିଦ୍ୟାଳୟ ସ୍ଥାପନ କରିଥିଲେ । ସେ ଶପଥ ମଙ୍ଗଳ କାର୍ଯ୍ୟର ଅନ୍ୟାନ୍ୟ ବିଭାଗରେ ଯଥେଷ୍ଟ କୃତିତ୍ୱ ଦେଖାଇଛନ୍ତି । ସେ ଜଣେ ଜଣେ ଉଚ୍ଚ ସ୍ତରର ସାହିତ୍ୟିକା ଏବଂ ରଚନା ଏକ ଉତ୍କୃଷ୍ଟ ପତ୍ରିକା ପରିଚାଳନା କରୁଛନ୍ତି । ସ୍ତ୍ରୀମାନଙ୍କର ଅଧିକାର-ଅଭିଯୋଗ ସମ୍ବନ୍ଧରେ ଓ ତାହାର ପ୍ରତିକାର ପାଇଁ ନାନା ପ୍ରବନ୍ଧ ଲେଖିଛନ୍ତି । କମଲ ଦେବୀ ନାମକ ଜଣେ ସାମ୍ବାଦିକଙ୍କୁ ସେ ସାହାଯ୍ୟ କରୁଛନ୍ତି ଏବଂ ସେମାନଙ୍କ ଉଦ୍ଦେଶ୍ୟ ଜୀବନ ଅନନ୍ତ ଓ ମଧୁର ।

ବମ୍ବେର ପାର୍ଶୀଙ୍କ ମଧ୍ୟରୁ ଏପରି ବହୁ ମହିଳା ଶିକ୍ଷା-ଫ୍ରେଞ୍ଚ ଅଗ୍ରସର ହୋଇଛନ୍ତି । ସେମାନେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରୁଛନ୍ତି, ସ୍କୁଲ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରୁଛନ୍ତି, ଦାୟିତ୍ୱପୂର୍ଣ୍ଣ ପଦରେ ଅଧିଷ୍ଠିତା ହୋଇଛନ୍ତି ଏବଂ ଦ୍ରୁତ ସ୍ୱରରେ ନିଜର ଦାବି ସ୍ଥାପନ କରୁଛନ୍ତି । ସମସ୍ତ ଅଧିକ ଯେତେବେଳେ ନାରୀ-ଜାଗରଣ ପକ୍ଷ-ରେ ସ୍ତ୍ରୀ ଓ ପୁରୁଷମାନଙ୍କର ବନ୍ଧୁ ଭାବନା ଦୂର ହେଉଛି ସେତେବେଳେ ଶିକ୍ଷା ପରିଷଦ ଓ ସଭା-ସମିତିରେ ନାରୀ ପୁରୁଷର ସମକକ୍ଷ ହୋଇ ପାରିବ । ଆଜି ଭାରତୀୟ ମହିଳାଙ୍କର ଅବସ୍ଥା କଣ ଅଛି ? ସେମାନେ ଆଜି କେଉଁ ପଥରେ ? ସେମାନଙ୍କର କଣ ମୁକ୍ତି ହେବନାହିଁ ? ସେମାନେ କଣ ଏପରି କୂପ-ମଣ୍ଡୁକ ହୋଇ ପଡ଼ି ରହିଥିବେ ? ଭାରତର ବର୍ତ୍ତମାନ ଦୂରରେ—ଓ ଉଦ୍ଧାର ନାରୀର ଅବସ୍ଥା କଣ ! ଅନ୍ୟଦେଶ ତୁଳନାରେ ଶିକ୍ଷା ଭାରତୀୟ ଧାରେ "ନାରୀ ଜାଗରଣ" ଦେବା ଦରକାର ତ ! ଆଶାକରେ ପ୍ରାଚ୍ୟ ମହିଳାଙ୍କ ଆଦର୍ଶରେ ଉତ୍କଳର ନାରୀ ଜାତି ଯେପରି ଅନୁପ୍ରାଣିତ ହୁଏ ।

## ତିନୋଟି ପରୀକ୍ଷିତ ମୋଦକ ।

ଏକ—ଅଗ୍ନିମାନ୍ଦ୍ୟ ଗ୍ରହଣୀରୋଗରେ "ଶଶାଙ୍କ କିରଣ ମୋଦକ" ବ୍ୟବହାର କରନ୍ତୁ । ମୂଲ୍ୟ—ଗୋଟିଏ ଶିଶିକୁ ଏକଟଙ୍କା ମାତ୍ର

ଦୁଇ—ସ୍ତ୍ରୀ-ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଶର୍ତ୍ତ ଦେଇ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ ।

ମୂଲ୍ୟ—ଗୋଟିଏ ଶିଶିକୁ ଏକଟଙ୍କା ମାତ୍ର ।

ତିନି—ସନ୍ତାନ ପ୍ରାପ୍ତି ପାଇଁ ଉତ୍ତର ଅର୍ଥ ଉପାୟରେ "ବୈଦ୍ୟ ତାରକ" ବ୍ୟବହାର କରନ୍ତୁ ।

ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଶର୍ମଙ୍କ ଭିଷଗାଚାର୍ଯ୍ୟ । ଆୟୁର୍ବେଦିକ ଫାର୍ମାସୀ ଭୁବନେଶ୍ୱର—ପୁରୀ ।




— ଜାତ୍ତ୍ୱଗତ ପ୍ରସ୍ତାବ ପ୍ରାପ୍ତ ହେଲେ ଦୋଷ ନାହିଁ । ମଣିଷର ଧର୍ମ ଗୌରବ ଅଛି ତା' ଭିତରେ ।

·· ଅଧୂଷ ନେଇଛନ୍ତି ।

— ଇଂରେଜ ଓ ଫରାସୀ ଉପନିବେଶ ଗୁଡ଼ିକ ପାଇଁ ଦେଖ ରୁଷିଆକୁ ସାହାଯ୍ୟ ଦେବା ପାଇଁ କହୁଛନ୍ତି ।

···ସେତିକିରେ ସଉଦା ବୁଝିଗ ଭୁଲିଗଲା କି ?

— ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କର ଗୋଟିଏ ନୂଆ ରାଜ୍ୟ ଖୋଲା କରିବ ବୋଲି ଲାଗିଛନ୍ତି । ମାଇନା, ମେଡ଼ଲ, ଓ ଜନଜାଗ ଏବେ ଦେଉଛନ୍ତି, କିନ୍ତୁ ଟଙ୍କାଏ ବି ଗୁଳି ଗୁଳି ନାହିଁ କରେ ଠିଏ ମଣିଷ ପର ନାହାନ୍ତି ।

···ଯାହାର ନା ଅହିଂସା ସମର । ଗାନ୍ଧିଜୀ ନୋଟ କରନ୍ତୁ ।

— ଶୁଣା ଯାଉଛି ଯେ ଓଡ଼ଶୀ ଗ୍ରେଟିଅ ଗଡ଼ଜାତ ରାଜାମାନଙ୍କୁ ମଠ ଏ ମଠାଏ ପଡ଼ ଦେଇ ଚଳିଗ ସବୁ ଖୋଦ ଶାସନ ଚଳାଉଛନ୍ତି ।

···ଅଙ୍କରେ ବାଘ ତ ପାଣିରେ କୁମ୍ଭୀର ।

— ଡାଲମିଆଙ୍କ ଧନରେ ଧନ ଏଠାରୁ ଶଦା ହୋଇ ଚନ୍ଦ୍ରକୋଣା ଗଲେ ' ଏଠାରେ ଚଳନ୍ତି ପ୍ରଣୟୀ ଓ ପ୍ରେମିକଙ୍କ ଅନେକ ଗୃହ ଏ ପରିବାର ହାସଲ କରି ନେଉଛନ୍ତି ।

···ଅଧୁଲା ମାଲ କେତେ ?

— ଭାରତରେ ୫୧୦ ଜଣ ଆଇ, ସି, ଏସ୍‌. ଓ ୪୨୭ ଆଇ, ପି, ଏସ ନୌକରି କରୁଛନ୍ତି ।

···ଆଉ କେତେ ଭଲା ଅଦମଙ୍କ ନାକ ଡେଇଁ ପ୍ରାଚୀର ହାତରେ !

— ଏଠାରେ ଶାଣମଲ ଭଲ୍ଲ ନାମକ ଜାତି ବାସୀ ବଣ୍ଟନୀ ହେଇ ଚଳାଉଛନ୍ତି । ଭାଇ ମଫସଲରୁ ପାଇପ ବୋହୁ ଅଣୁଛନ୍ତି ।

· ଗାଈ 'ମଳ' ?

— ହେଲେ ମେଡ଼ଭେଲ ସ୍କୁଲରେ ୫ ଜଣ ଛାତ୍ର କଟିକି କ୍ଷୋଭ ହେବାରୁ ସବୁ ଛାତ୍ର ଧର୍ମଘଟ କରିଛନ୍ତି ।

···ଧର୍ମଘଟ ଯୁଗ ଯେ !

— ଦେଲଭାର ମହାରାଜା କଟଣ ମୁସଲମାନ ରାଜାଙ୍କୁ ବନ୍ଦୀ କରିଛନ୍ତି ।

···ଯେମ ମ ଦେବା ନେଡ଼ା !



ଏହା ଅତ୍ୟନ୍ତ ମୁଣ୍ଡ ଥଣ୍ଡା ରଖେ ଓ ମୁଣ୍ଡରେ ଗୋଡ଼ ପଡ଼ିବା, ଅନିଦ୍ରା, କାନ ହେବା ମୁଣ୍ଡବିନ୍ଧା ଓ ଝିଣ୍ଡିଆ, କାଶ, ପଡ଼ିଲେ, ଦୋଦା ଘା, ଛାଲ ଉଠିବା, ଅନ୍ଧାର ଦେଖିବା ଉପଯୋଗୀ ଏହା କାମରେ ଆସେ । ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:—ସ୍ୱର୍ଣ୍ଣ ସଞ୍ଜୀବନୀ ତୈଳ ଅଫିସ୍—କଟକ ।

ମୂତ୍ରଚାରଲ୍ୟ ଓ ଧ୍ୱଜଭଙ୍ଗ ପାଇ

## ବୃହତ୍ କନ୍ଦର୍ପ ମୋଦକ

ଏହା ଅତଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରକ୍ତଶକ୍ତି ବଢ଼ାଇବାରେ ଅତି ଶୀଘ୍ର ଉପକାର ହୁଏ । ମୂଲ୍ୟ ପେଟିକାରୁ ୨୦, ଶେଷରକୁ ୪୦ ସେରକୁ ୬୦ ଭ: ପ:ରେ ଔଷଧ ପଠାଯାଏ

ଠିକଣା ଉଦ୍ଭାବକ ଶ୍ରୀ ରାମଚନ୍ଦ୍ର ମଣ୍ଡ ଏଲ୍, ଏସ୍, ଏମ୍, ପି,

**ଦରିଦ୍ର ବନ୍ଧୁ ଔଷଧାଳୟ**

ଖଗର ପଦା । ପୋ: ଛୋଟାର ଜି: ବାଲେଶ୍ୱର ।

## ଅଗ୍ନେୟ ମୋଦକ

ମଳବନ୍ଧତା ସମସ୍ତ ରୋଗର ମୂଳ । ସେଥି ହେତୁ ଦୂଷିତ ମଳ ସେମାନ ଦୈନିକ ପରିଷ୍କାର ହୁଏ, ସେଥିଯୋଗୁ ସ୍ୱାସ୍ଥ୍ୟର ବୃଦ୍ଧି ହେବା ଆବଶ୍ୟକ । ଯେଉଁମାନେ ଅଗ୍ନିମାନ୍ଦ୍ୟ କୋଷ୍ଠ କାଠିନ୍ୟ ରୋଗ ଭୋଗୁଅଛନ୍ତି, ସେମାନେ ଅନ୍ତତଃ ଏହି ମୋଦକ ଦୈନିକ ରାତ୍ର ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରାଇ ସକାଳେ ଭଲ ଭାବରେ ଗୋଟିଏ ଜୋରରେ ଝାଡ଼ା ହୋଇଯିବ—କେବେ ହେବ ନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଧା ବୃଦ୍ଧି, ଜ୍ୱର, ଶୂଳ, ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଅରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ଚଳାଇ ଦିଏ । ଏବେ ଔଷଧ ସେବନ କଲେ ମୁଖ ନିୟମିତ ଝାଡ଼ା ହୋଇଥାଏ । ମୂଲ୍ୟ—୧୬ ମାତ୍ରାକୁ ୫୦ ( ୧ ବଟିକା ) ୩୦ ମାତ୍ରାକୁ ୫୧୮ ମାତ୍ର ।

ଠିକଣା:—ଶ୍ରୀଧର ଉପାଧ୍ୟାୟ, ଆଚାର୍ଯ୍ୟ, ଭୁବନେଶ୍ୱର—ପୁରୀ

Digitized by srujanika@gmail.com



# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର





ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।



୫୦୦ଟଙ୍କା ପୁରସ୍କାର ! ୫୦୦ଟଙ୍କା ପୁରସ୍କାର !!



ଉଚ୍ଚବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ ମନୋହର ଅଳଙ୍କାରମାନ ମନମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଆମ୍ଭେମାନେ କାହାରିକୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଟଚ୍ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଦେଖାଇପାରିଲେ ଆମ୍ଭେମାନେ ୫୦୦ଟଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —



ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ
ବଜାର, ପୋ:—କଟକ ।



---

ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁପଞ୍ଚ ବଟୀ**

ଏକମାତ୍ର ଶିଶିରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସମ୍ବାଦପତ୍ର ମଧ୍ୟରେ ଫଳାଫଳ ଜାଣି ପଢ଼ନ୍ତୁ ।
ତିବ୍ବତ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।
ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା—ଶାରଦା ଔଷଧାଳୟ, ଚୌଧୁରୀ ବଜାର, କଟକ ।


---

ପ୍ରକାଶକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

Digitized by srujanika@gmail.com

# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଋତୁରକ୍ତ ବନ୍ଦ, ଜରାୟୁ ଓ ଅଣ୍ଡା ବେଦନା, ସୂତିକା ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ମୃତବତ୍ସା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ବ୍ୟାଧି ପ୍ରଶମନରେ ଏହା ଅଦ୍ୱିତୀୟ । ମୂଲ୍ୟ—ଶିଶିକେ ୧୲ ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ସଦ୍ୟୋଜାତ ଶିଶୁଠାରୁ ଅଠର ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଅଙ୍ଗ ... ( ଘୋର ବିପଦ ) ହେବା ଅସମ୍ଭବ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ଝାଡ଼ା, ଜ୍ୱର, କାଶ, ସର୍ଦ୍ଦି, ଦନ୍ତ ଉଠିବା ସମୟ ... ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । ମୂଲ୍ୟ—ଶିଶିକେ ।୬ (ଛଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଶର୍ମା ବୈଦ୍ୟ, ଭିଷଗାଚାର୍ଯ୍ୟ
ଆୟୁର୍ବେଦିକ ଫାର୍ମାସୀ
ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍ସ୍ୟୁରେନ୍ସ ସୋସାଇଟି ଲିଃ

ହେଡ ଅଫିସ—ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ପତ୍ର ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାର କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ମୃତ୍ୟୁ ପ୍ରାପ୍ତି ବୀମାରେ ହଜାର ପ୍ରତି ୫୯୦ ଓ ଆଜୀବନ ବୀମାରେ ୫ ୭୫୯ ଲାଭ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—କାଳିଗଳି, କଟକ । ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ ।

Printed & published at the Jagannath Press, Bhadrak by Editor N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ଚୈତ୍ର ଦ୍ୱିତୀୟାର୍ଦ୍ଧ—

ଆନନ୍ଦାଦ୍ ହି ଖଲୁ ଇମାନି ଭୂୟନ୍ତେ—

ଦ୍ୱିତୀୟ ବର୍ଷ—୨୨ଶ ସଂଖ୍ୟା

# ଡଗର



ବୋଧା—ରାମଙ୍କ ତାଡ଼କା ବଧ।



---

## ଭବିଷ୍ୟ ଭାରତ

କେବେ ବାହାରୁଛି ?

ଡଗରରେ ଦେଖିବାକୁ

ଚ.ହିଥାନ୍ତୁ ।

Digitized by srujanika@gmail.com


GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିୟାର
ଧନ୍ୱନ୍ତରି ତ ମିଳିଗଲ୍
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
GOVERNMENT OF BENGAL
TABLETS
QUININE SULPHAT
B.P.
1000 TABLETS
5 GRAINS EACH
ଏଜେଣ୍ଟସ:-
ଏଣ୍ଡ କୋଂ ନ୪ବାଙ୍କସାଲ ଷ୍ଟ୍ରୀଟ୍
ସାଓ୍ୱାଲେସ୍ ଏଣ୍ଡ କୋଂ ପୋଃ ବକ୍ସ ନ୭୦ମ୍ବର
କଲକତା

ଡଗର
ଚୈତ୍ର କୃଷ୍ଣପକ୍ଷ
୨ବର୍ଷ ୨୨ଶ ସଂଖ୍ୟା
ବୁଧବାର
୧୫ । ୪ । ୩୯




ଡଗର
ଖଣ୍ଡ — ୦/
ବାର୍ଷିକ(ସଡାକ)୧।୮
ଛାତ୍ରମାନଙ୍କ ପାଇଁ୧।୦
ରାଜସଂସ୍କରଣ — ୨।୫

ମହାଯୁଦ୍ଧ ହେବ ଲାଗିଲା, ହେବ ଲାଗିଲା ବୋଲି ବହୁକାଳରୁ ଶୁଣା ଯାଉଛି । କିନ୍ତୁ ମାଙ୍କଡ଼ସିଙ୍ଗୋ, ଫୁଲ ଧୂଆଁ ଧୂଆଁ ଯାଉଛି । ଏବେ କେତେ ନୂଆ ରାଜ୍ୟ କେତେ ଦଖଲରେ ହେଉ ଯାଉଛି, ଏ ବିଷୟରେ ଦୁଇ ଚାରି ମୁଷୋଲିନି ଓ ହିଟଲରଙ୍କ ଭିତରେ ଲାଗିଛି ଟକ୍କର । ଇଟାଲି ଅନେକ ଦିନ ଲାଗି ଅବିସିନିଆ ନେଲେ; ପୁଣି ତହିଁ ଅଧିକ ଦିନ ଲାଗି ଲାଗି ସ୍ପେନ ଗ୍ରାସିଲେ । ମାତ୍ର ସାତଗୁଣ ହିଟଲର, ଦଳା ଭକ୍ତପାତରେ, ଶାନ୍ତିପୂର୍ଣ୍ଣ ଉପାୟରେ ବଜ୍ରଳପରି ଝାମ୍ପିନେଲେ ସାର୍, ରାଇନ୍, ଅଷ୍ଟ୍ରିଆ, ଜେକୋସ୍ଲୋଭିଆ, ମେମେଲ । ଇଟାଲି ଲାଜରେ ପଡ଼ି ଆପଣାର କରାମତି ଦେଖାଇବା ପକାଇଁ ଏବେ ହିଟଲର ଶୁଳରେ ଆଲବେନିଆ ରାଜ୍ୟ ମାରିଦେଲେ । ଏବେ ତାଙ୍କର ନଜର ଅଛି ପଡ଼ି ପୋଲାଣ୍ଡ ଓ ଗ୍ରୀସ୍ ଉପରେ । କେଣିକି ଅଛି ଟ୍ୟୁନିସ୍, କର୍ସିକା, ଜିବୋଟି, ସୁଏଜ ପ୍ରଭୃତି । ହିଟଲର ତେଣେ ଡାନଜିଗ୍, ରୁମାନିଆ, ୟୁକ୍ରେନ୍ କୁ ଝାମ୍ପିବାକୁ ବସିଛନ୍ତି । ପଛକୁ ଅଛି କଲୋନି ବେଶ । ଦେଖାଯାଉ ଏହି ଦଳ ରାଜ୍ୟ ଘୋଡ଼ଦୌଡ଼ରେ ଏବେ କାହାକୁ ଜିଣୁଛି । ଆମ ମଉସା ଇଂରେଜ ଦୂରବୀକ୍ଷଣ ଲଗାଇ ନାଟ ଦେଖୁଛନ୍ତି ଓ ଧଡ଼ଧଡ଼ ହେଉଛନ୍ତି — କେବେ ତାଙ୍କର ପାଳି ଅଛି !...

ମିଛ ଯଦି କହିବାକୁ ହୁଏ ତେବେ ଦଶ-ଗଣ୍ଡା ଧରି ମିଛ କହିବା ଠିକ୍ ନୁହେଁ । ଏକଦମ ଡାହାମିଛ, ବନ୍ଦ ହେଲ ଗୁଡ଼ିକି— ଅଣ୍ଟିଏ ମହାପ୍ରସାଦ ଉପରେ ଠିଆହୋଇ ତମ୍ବା ପାଣି ତୁଳସୀ ଛୁଇଁ ଧରି ମିଛ କହିଦେଲେ ସବୁ ସତ ହୋଇଯିବ । ଏପରି କରିବାକୁ ଯଦି କେହି ଶିଖି ନଥାନ୍ତି ତେବେ ଆମ ମନ୍ତ୍ରୀମଣ୍ଡଳୀଙ୍କ ଛକଟାକୁ ଚାଲି ଆମର ଅଣା ଶିଖାଇ ଦେଇ ପାରିବେ । କାରଣ ବଡ଼ ବଡ଼ ଲୋକ ନାମ ମାରିନେବା ବେଳେ ଯଦି ମିଛ କହିବାକୁ ହୁଏ ତେବେ କପଟ କରିବା ଉଚିତ ତାହା ତାଙ୍କ ଛଡ଼ା ଅନ୍ୟ କେହି କଥାକୁ ସିଏମାନେ ଓଡ଼ିଶାରେ ଶୁଣିବେ ବି ନାହିଁ ଜାଣନ୍ତି । ଭାଷାଭେଦ ପ୍ରଭାବରେ ଓଡ଼ିଆ ଭାଷାର ପୁନଃପ୍ରତିଷ୍ଠା ହେବା ମୂଳରେ ଆମ ଓଡ଼ିଶା ସରକାର ଏବଂ ଚକ୍ରବର୍ତ୍ତୀ ବିଶ୍ୱନାଥ ଦାସଙ୍କର ଏକମାତ୍ର କର୍ତ୍ତୃତ୍ୱ ଥିଲା ବୋଲି ତାଙ୍କ ଭାଷଣରେ ସେଦିନ ମନ୍ତ୍ରୀବର ଅସେମ୍ବ୍ଲିରେ କହିଲେ । କିନ୍ତୁ ହାଃ ହାଃ କମ୍ପାନୀ ଦରବାର ସରକାରଙ୍କ ଇନସପେକ୍ଟରଙ୍କ ଠାରୁ ଯେଉଁ ଚିଠି ଲେଖିଛନ୍ତି ତହିଁରୁ ଜଣାପଡ଼େ ଯେ ଭାଷାଭେଦ ପ୍ରଭାବରେ ଓଡ଼ିଆମାନଙ୍କର ଆନ୍ଦୋଳନହିଁ ତାଙ୍କୁ ସଜାଇଲା ଢେପ ଚୋବାଇଲା । କାହା କଥା ସତ ମାନିବୁଁ ଏବେ ? ...

କାଃଲ ମେଡ଼ିକେଲ ସ୍କୁଲର ଛାତ୍ର ଧର୍ମଘଟ ପୃଥିବୀ ହିସାବରେ ରେକର୍ଡ଼ବାଃ (record beat) କରିଛି । ଏଟା ଓଡ଼ିଶାର ଗର୍ବ । ଭାରତରେ କୌଣସି ଛାତ୍ରମେଳ ଏତେଦିନ ସ୍ଥାୟୀ ହୋଇ ନଥିଲା କେବେ । ଯଦିଓ ଜନପ୍ରତିନିଧି କଂଗ୍ରେସ ସରକାର ଲମ୍ବା ଇସ୍ତାହାର ପକାଇ ଦେଲେଣି—ଅପର ଭିତରୁ ଦଳାଏ ଚେହେରା ମୁହଁ ଫିଟାଇ କହୁ ନାହାନ୍ତି । ଏଣେ ପିଲାଙ୍କ ଉପରୁ ସରକାର କହ; ଲାଗିଛି ଟଣାଓଟରା; କେହି କୋହଳ କରିବାରେ ନାହାନ୍ତି ।

କଥାଟା ଯେତେ ସାମାନ୍ୟ, ହୁଏତ ଗଭର୍ଣ୍ଣମେଣ୍ଟ ଜାଣନ୍ତି, ଯଦି ସରକାର ଓ ମାଲିକମାନେ ଟିକିଏ ସହାନୁଭୂତି ଓ ସହଣି ପଣ ଦେଖାଇ ଥାଆନ୍ତେ । କିନ୍ତୁ ମହତ (prestige) ତାହା କରିବ ଦେଉନାହିଁ । ଦେଖାଯାଉଛି, ଏହି ପ୍ରେଷ୍ଟିଜ ଭୂତ ଆଗ କୌଣସିପାଇଁ ସରକାରଙ୍କୁ ଯେପରି ଲାଗିଥିଲା, ଏବକାର କ୍ଷେତ୍ରରେ କଂଗ୍ରେସ ସରକାରଙ୍କୁ କଡ଼ ଛାଡ଼ି ଲାଗିନାହିଁ । ତେଣେ କଞ୍ଚା ମଞ୍ଜ ପିଲାଙ୍କର କାନଥିବା ଲାଗିଅଛି ! ଏ ଅବସ୍ଥାରେ ପାଣି କର୍ଣ୍ଣିକ ଗଡ଼ିବ ତାହା କିଏ କହିପାରେ !

ଅନନ୍ତକାଳ ମୁକୁଅଟେ ତ ଜୁଲମର ଫାସିଜମ୍ (Facism) ଦେଖିବ, କଳାଲାକୁଡ଼ାଙ୍କ ଠାରୁ ଅବମୂଲ୍ୟ ସତ୍ୟ, ଅହିଂସାବାଦୀ କଂଗ୍ରେସ ଗର୍ଭର୍ମେଣ୍ଟ । ଏଥିରେ ଓଡ଼ିଶାରେ ସେହି ଇତ୍ୟାଦି ଯେ ଉଦ୍ଧବ, ସେଥିରେ ବଡ଼ କଥା କଣ ?

ଶୁଣିଲୁଁ, ଡାକ୍ତର ପିଲେ କ୍ଳାସକୁ ନଯିବାରୁ ସେମାନଙ୍କ ନାମ କାଟିଦେଇ ସ୍କୁଲ ବନ୍ଦ କରି ଦିଆଯାଇଛି । ମହିଳା ଡାକ୍ତର ଜୀବନରେ ପଢ଼ି ଆସୁଥିବା ସେଗୀଙ୍କର ଭୟଙ୍କ କାମ । ଏଣେ ପିଲେଙ୍କ ଛଡ଼ ଯଦି ହୋଷ୍ଟେଲ ଛାଡ଼ିବାକୁ ନାହାନ୍ତି । ମାଲିକମାନଙ୍କ ଇଚ୍ଛା ଯେ ସେମାନେ ଦଳବଦ୍ଧ ହୋଇ ନପାରି ଛତ୍ରଭଙ୍ଗ ହୋଇ ଯେଝା ଘରକୁ ଚାଲିଗଲେ, ତାଙ୍କ ବଳ ଦଟିଯିବ ।

ପୁଲିସ ଲଗାଇ କର୍ତ୍ତୃପକ୍ଷ ବାହାର କରିବାର ହମକି ଦେଖାଇବାକୁ ସରକାର ଏକ କୌଶଳ ଲଗାଇଲେଣି । ଧମକ ଦିଆ ହୋଇଛି ଯେ ଷଷ୍ଠ ଅକ୍ଟୋବର ତାର ଓ ପରିଣତ କଥା ରହି ତିଆରି । ଏଥିରୁ ଅନୁଷ୍ଠାନ ବନ୍ଦ ହୋଇ ଯାଇଛି । ଯଦି ନେତାଙ୍କ ମନଥିବ, ପିଲାଙ୍କୁ ଉପରିଗଣର ଅଭାବ ହେବ ନାହିଁ, ଏବଂ ପାଣିର ଅଭାବ ହେଲେ ମହାନଦୀ ଡାକିବେ । ଅତଏବ ଏହାସବୁ ସତ୍ୟ, ଶାନ୍ତି ଓ ଅହିଂସାମୂଳକ ଉପାୟ ଫଳ କଣ ହେଲା ସେ ଜଣା ଯାଉନାହିଁ । ଆମ ପରାମର୍ଶ ଯଦି ନିଅନ୍ତୁ ଆମେ ଗୋଟାଏ ଉପାୟ ସହଜ, ସରଳ, ଉଭୟ ପକ୍ଷର ଉପଯୁକ୍ତ ଜଣାଇ ଦେଇ ପାରୁ । ଡେପୁଟେସନ ଷ୍ଟ୍ରାଇକରେ କଥା

Digitized by srujanika@gmail.com

ତେଲ (castor oil)ର ବା ମାଗ, ସଲଫର ଅଭାବ ନଥିବ; ଯେଉଁଥିରୁ ଦେଲେ କିଛି ପରିମାଣ ଜଳ ପାଣିରେ ମିଶାଇ ଦେଇ ପାରିଲେ ପିଲାଏ ଅଟେପ? ପଳାଇଯିବେ । ତାଙ୍କୁ ବାହାର କରିବା ପାଇଁ ମାଲିକମାନଙ୍କୁ ବେଗ ପାଇବାକୁ ଦେବନାହିଁ ।

ପୁଣି ଶୁଣୁଛୁଁ ଯେ ମେଡ଼ିକାଲ ପିଲାଏ ସେକ୍ରେଟେରିଏଟ୍ ଆଗରେ ଯାଇଁ ସତ୍ୟାଗ୍ରହ କରିବେ । ଆମ ମତରେ ଏ ସତ୍ୟାଗ୍ରହୀ ପିଲାମାନଙ୍କ ଉପରେ ଯାହା କେତେବେଳେ ଅତ୍ୟାଚାର ହେବ ସେଥିପାଇଁ ଅହିଂସାବାଦୀ କଂଗ୍ରେସ ସରକାର ତାଙ୍କ ପଛରେ ଗୋଟିଏ ପୁଲିସ ଗାର୍ଡ ପଠାନ୍ତୁ । କାହା, ସବୁପାଙ୍କ ଜୋର ଏତେ ଲୋକ କଥାରେ ଝଟେଇ କି ଲାଭ ? ଟିକିଏ ସମାଳି ନିଅ । ଯେତେବେଳେ ଇଂରେଜ ସରକାର ଗୁଳିଗୋଳା ଚଳାଇବେ ସେତେବେଳେ ଯେମା ଛାତି ପାତିଲେ ବୀର ପଣିଆ ଦେଖାଯାନ୍ତା ! ସତ୍ୟାଗ୍ରହ କରିବା ପୂର୍ବରୁ ଆଗ ନିଜବଳ କେତେ ବୁଝିନିଅ । ନୋହିଲେ ଅନଶନ କଲା ଭଳିଆ ସେମିତି ଲୋକହସା ସାର ହେବ । ସେତେବେଳେ ସିନା ଯୁକ୍ତପ୍ରଦେଶ ଝିଅମାନଙ୍କ ଲଙ୍ଗୁଳ ମିଳିଲା ଧରି ପାରି ହେବାକୁ ଏତେବେଳେ ଅଡ଼ି ବେଢ଼ି ନବାହାରିଲେ କ'ଣ କରିବ ?…

ଓଡ଼ିଶା ମନ୍ତ୍ରୀଙ୍କ ବିରୁଦ୍ଧେ କେତେ ଗୁଡ଼ାଏ ବ୍ୟକ୍ତିଗତ ଦୋଷାରୋପ ହୋଇଥିଲା । ତାର ତଦନ୍ତ ହକାଶେ ଛିଡ଼ିଲର ଭଗ୍ୟହୋରିଧର ବାବୁ ରାଜେନ୍ଦ୍ର ପ୍ରସାଦ ପୁଣି ସେଦିନ କଟକରେ ପଦାର୍ପଣ କରିଗଲେ । ଫଳ କଣ ହେଲା ପ୍ରକାଶ୍ୟରେ ଜଣା ପଡ଼ ନାହିଁ— ତେବେ ଶୁଣାଶୁଣିରେ ଯେତିକି ପିଠକି ପଡ଼ୁଛି, ସେଥିରୁ ଅନୁମାନ ହୁଏକି ମନ୍ତ୍ରୀଏ ସମ୍ମାନ ସହ ବେକସୁର ଖଲାସ । ତାର କାରଣ ଏଇ ଯେ, ଯେଉଁ ବଡ଼ବଡ଼ ଅମାନୁଷିକ ଅତ୍ୟାଚାର ଲକ୍ଷ୍ୟଭେଦୀ ବାଣ ଛୁଟୁଥିଲେ, ଶିକାର ବଞ୍ଚଗଲେ ସମସ୍ତେ—ଖଣ୍ଡା କାଢ଼ିଲେ—ପଦାରେ ପକାଇଲେ—ମାତ୍ର ଶିଖଣ୍ଡୀ ପରିଶେଷ ମାର ମାର ଭଣ୍ଡାରିଆକୁ ମାର । ଏଇଥିପାଇଁ କହନ୍ତି ପରା, "କଦଳୀ କଦଳୀ ହେଲେ ସାର— ଭଣ୍ଡା ପଡ଼ିଲା ମଝିରୁ ବାହାର" ! ମାତ୍ର ଯେ ମୁରଦଭଡ଼ ଜଣା—ତାର ଆଗ ନା ପିଛ !

ଟୋକା ଠାକୁର ଯେତେବେଳେ ନୀଳମଣି, ଉଦୁବାହୁତା ହୋଇ ବୁଲନ୍ତି—ତାଙ୍କ ମୁଣ୍ଡରେ ବୋଝ ପକାଇଦେଲେ, ସେ ଅଣ୍ଟା ବଙ୍କାଉଥାନ୍ତି । ଫଟିକମାନଙ୍କ ମୁଣ୍ଡରେ ଲୁଗା ପଡ଼ିଗଲା ଦିନଠୁଁ ଦୁନିଆ ଅଡ଼ ପ୍ରକାର ବଦଳିଗଲା ପରି ଜଣା ଯାଉଛି । ତା ଉପରେ ପୁଣି ଶିକ୍ଷା କମିଟି, ସାହିତ୍ୟ ଗବେଷଣା ସମିତି, କଲେଜରେ କେଜେଡର ପ୍ରଭୃତି, ନଜଡା ବଡ଼ା ବ ଅଛି । ଏଥିରେ ଭଲ କେମିତେ ·····! ଏଥିପାଇଁ ମନ୍ତ୍ରୀଙ୍କ "ସାମ, ଦାନ" ନୀତିର ବାହାଦୁରି ଅଛି କହିବାକୁ ହେବ । କିନ୍ତୁ ସବୁଠାରୁ ବାହାଦୁରି ତଥ୍ୟ ମନ୍ତ୍ରୀଙ୍କର ।

କଟକରେ କୌଣସି ରାଜନୀତିଜ୍ଞଙ୍କର ଘୋଡ଼ା ବଦ୍‌ହଜମ୍‌ ହେବାରୁ ଡାକ୍ତର ପରାମର୍ଶ ନେବାକୁ ଗଲେ । ବାଟରେ ଜଣେ ବନ୍ଧୁଙ୍କର ହଠାତ୍‌ ଦେଖାହେଲା । ସେ ତାଙ୍କୁ ଉପଦେଶ ଦେଲେ ଯେ ଗୋଟାଏ ଜୁଲାବ୍‌ ନିଅ । ତହୁଁ ଭଦ୍ରବ୍ୟକ୍ତି ଆଉ ଡାକ୍ତରଖାନାକୁ ନଯାଇ ଫେରି ଆସିଲେ ବାଟରେ ଆଉଜଣେ ବନ୍ଧୁ ଦେଖାହେଲେ । ଭଦ୍ରବ୍ୟକ୍ତି ତାଙ୍କୁ ପଚାରିଲେ—ଭାଇ ସବୁଠୁଁ ଶସ୍ତା ସୁଲଭ ଗୋଟାଏ ଜୁଲାବ ନାମ କହିଲ ! ସେ ଉତ୍ତରଦେଲେ—ଯେ ପୁରୀ ଅପ୍‌ ଏକ୍ସପ୍ରେସଠୁଁ ବଳି ଜୁଲାବ୍‌ ଆଉ ନାହିଁ । ରାଜନୀତିଜ୍ଞ ଆଶ୍ଚର୍ଯ୍ୟ ହୋଇ ତାର ତାତ୍ପର୍ଯ୍ୟ କଣ ପଚାରିବାରୁ ସେ କହିଲେ ଯେ କଟକ ଷ୍ଟେସନରେ ପୁରୀ ଏକ୍ସପ୍ରେସ ପହଞ୍ଚିବା ବେଳକୁ ସମସ୍ତେ ଝାଡ଼ାଫେରି ବାହାରନ୍ତି ତେଣୁ ଅନୁମାନ ହୁଏ ପୁରୀ ଏକ୍ସପ୍ରେସଟା ଗୋଟାଏ ଭଲ ଜୁଲାବ ।

ଶୁଣାଯାଏ ଆମ ମନ୍ତ୍ରୀଙ୍କ ନାମରେ ଯେଉଁ ଅଭିଯୋଗ ହୋଇଥିଲା ସେ ସେହିପରି ଅନୁମାନସିଦ୍ଧ ।

ତେବେ ନିରପେକ୍ଷ ଭାବରେ ଆମେ ଗୋଟାଏ କଥା କହିବୁଁ । ସେଠା ଓଡ଼ିଆ—ନବଜରେ ଚେଇଁଲା । ଏଯାଏ ସେପାଏ ହେବାର ଜୁନାହିଁ । କାରଣ ଆମେତ ବାବୁ ରାଜେନ୍ଦ୍ରଙ୍କ ପରି ବିବାହୀଙ୍କ ପଛେ ଯାଇ ତାଙ୍କ ଆଚାର ଓ ବ୍ୟବହାର ଅନୁକରଣ କରୁନାହୁଁ । ତାହା ପଛନେଇ କହିବୁଁ କଣ ? ଆମ ମତରେ ନାହିଁ ମାମୁଁଠାରୁ କଣା ମାମୁଁ ବେଳେ ବେଳେ ଭଲ ହୋଇଥାଏ । ସମସ୍ତ ସମୟରେ ମଣିଷର ନର୍କ ମଧ୍ୟ ଆବଶ୍ୟକ ହୁଏ । ତେଣୁ ଓଡ଼ିଶାରେ ଅଭ ଉପଯୁକ୍ତ ଲୋକର ଅଭାବ ଥିବାବେଳେ ଆମ ଉପସ୍ଥିତ ମନ୍ତ୍ରୀଙ୍କୁ ଗୋଟାଏ ଅପରିହାର୍ଯ୍ୟ ଅନିଷ୍ଟ ( necessary evil ? ) ବୋଲି ଧରି ନେବାହିଁ ଭଲ ।···

ଏଥର ଓଡ଼ିଶା ରାଜ୍ୟର ସ୍ୱାସ୍ଥ୍ୟ ପତ୍ରିକାରୁ ଜଣାଯାଏ ଯେ ଆଗବର୍ଷଠାରୁ ପ୍ରାୟ ୧୦,୦୦୦ ଲୋକ କମ ଜନ୍ମିଛନ୍ତି । ପୁଣି ପ୍ରାୟ ୧୦,୦୦୦ ଲୋକ ବେଶୀ ମରିଛନ୍ତି । ଆମେ କଂଗ୍ରେସ ସରକାରଙ୍କ ବିରୁଦ୍ଧ ଦଳପତି ମାନଧାତା ଓ ବ୍ରଜବାବୁଙ୍କ ଗବ୍ ଦୃଷ୍ଟିକୁ ଏଡ଼ ହୁଆଇ ଦେଉଅଛୁଁ ଯେ ସେ ଏହାର ତୀବ୍ର ପ୍ରତିବାଦ କରନ୍ତୁ । ଏବଂ ଭେଟ୍‌ରନସ ଡ୍ରାମାଗ୍ରରେ ତାଙ୍କ ପ୍ରସ୍ତାବ ଆଣି କହନ୍ତୁ ଯେ ଦେଶରେ ଭଲ ମଣିଷ ଓ ବେଶୀ ମଣିଷ ଜନ୍ମ ହେଉ ନଥିବା ବେଳେ ଭଲ ଗାଈ ସୃଷ୍ଟ କରିବା ପାଇଁ ଷଣ୍ଢ ଜଣି ଯୋଗାଇବା ଉଚିତ ନୁହେଁ । ମଣିଷ ଯଦି ଜନ୍ମ ନହୋଇ ଖାଲି ମରିବାରେ ଲାଗିବେ ତେବେ ଷଣ୍ଢ ପୋଷିବ କିଏ ? ସୁତରାଂ ବର୍ତ୍ତମାନ ଗାଈ ଜନ୍ମପାଇଁ ଭଲ ଷଣ୍ଢ ନଆଣି ଭଲ ମଣିଷ କିପରି ଜନ୍ମ ହେବେ ତାର ବ୍ୟବସ୍ଥା କରନ୍ତୁ । ପ୍ରଥମେ ମୃତଦାର ସଭ୍ୟମାନେ ବିବାହ କରି ଭବିଷ୍ୟତ ଓଡ଼ିଶାର ପ୍ରଧାନମନ୍ତ୍ରୀ, ଡେପୁଟି ସ୍ପିକର, ସ୍ୱାମିଜୀ, ଗୋସ୍ୱାମୀ ସୃଷ୍ଟି କରନ୍ତୁ । ତା ନହେଲେ ଏଜାତିର ଉତ୍ଥାନ ଅସମ୍ଭବ ।······

ପଣ୍ଡିତ ଜବାହାରଲାଲ ଯେ ଜଣେ ପକ୍କା ସମାଜତନ୍ତ୍ରବାଦୀ ଓ ଫେସିଷ୍ଟ ବିରୋଧୀ ଏହା ଜଣା ପାଠ । ଏଣେ ସେ ଗାନ୍ଧୀବାଦୀ ବି ।

ପ୍ର: ମନ୍ତ୍ରୀ ପଂ ପନ୍ତ ବ ଗାନ୍ଧୀବାଦୀ ।

ଅଥଚ ସେ ତ୍ରିପୁରୀ କଂଗ୍ରେସ ପଣ୍ଡାଲରେ ମୁସୋଲିନୀ, ହିଟଲରଙ୍କୁ ଅଜସ୍ର ପ୍ରଶଂସା କରି, ଭାରତକୁ ତାଙ୍କର ପଥ ଅନୁସରଣ କରିବାକୁ

୧୫ ପୃଷ୍ଠା ଦେଖନ୍ତୁ

Digitized by srujanika@gmail.com



ଗ୍ରହଙ୍କର ବୋଲି, ବେଙ୍କ ଶରଣ । ମାସିକ ଦରମା ଥିଲା ଟ୩୫, ଏବେ ୫ କଟି ରହୁଛି ଟ୩୦ ।

ଯେତେବେଳେ ବେଙ୍କ ଓ ସୋସାଇଟିର ବୋଲ୍‌ବାଲା ଦିନ ଥିଲା, ସେତେବେଳେ ମଫସଲ ମାନଙ୍କରର ବି ଥିଲା ଅଳ ଦ'ପଇସା ହାତ ପଇଠ ବି ହଉଥିଲା । ଲାଞ୍ଚ ନୁହେଁ, ହକ୍ ଖୁସ୍‌ନାମା ଭାବରେ ।

ମାସ ଭିତରେ ଦାଦନ ସବୁ କଟି-ଯାଉଥିଲା ସେକ୍ରେଟରି ବା ଶ୍ରୀପଞ୍ଚଙ୍କ ଦୁଆରେ ଭୋଜନ ପୋଲ୍ ପୋଲ୍‌ରେ—ଅଉ କେହି ନୂଆ ମେମ୍ବର ହୋଇ ଟଙ୍କା ନେବା ବେଳରେ ଅପଣା ଇଚ୍ଛାରେ ବା ସେକ୍ରେ-ଟରିଙ୍କ ଉପଦେଶରେ ଦେଇ ଯାଉଥିଲା ଟଙ୍କାଏ ମସାଏ ପାନଖିଆ । ଗୋଟାଏ ଦସ୍ତଖତ୍ ବା ଟିପ ମାରିଦେଇ ଯେ ଶହ ଶହ ଟଙ୍କା ପୋଲରେ ପାଇଗଲା, ସେ ଟଙ୍କାଏ ମସାଏ ସଲାମି ସୂତ୍ରେ ଦବାକୁ କାହିଁକି ହୁଙ୍କିବ ଯେ ! ଅମେ କଣ ତାର ବେଠିଆ ଥିଲୁଁ, ନା ସେ ଅମର ଅର ଜନମର ଧରମ—ଥିଲା ଯେ ଏତେ ଟଙ୍କା କରଜ ଦଅନ୍ତୁ !

ସେ ଗତ କଥା କହିବାରେ ବା ଲାଭ କଣ । ସେଦିନ ବାଘ ଖାଇଗଲା । ଏଇକିଣି ମଫସଲରେ ଖାଲି ଯେ ବେଙ୍କ କର୍ମଚାରୀଙ୍କୁ କେହି ପଚାରୁ ନାହାନ୍ତି, ସେତିକି ନୁହେଁ—କର୍ମଚାରୀ ବାବୁଙ୍କ ମୁହଁ ଦେଖିଲା କ୍ଷଣି ଯେଉଁ ଅମ୍ଳିଲା ମୁଖ, ଦୂରଦୂର ଖିନ୍‌ଖିନ୍ ହଉଛନ୍ତି, ସେତକଥା ଭୁକ୍ତଭୋଗୀ ଛଡ଼ା ଅଉ କେହି ବୁଝିବ ନାହିଁ ।

ଯାହାହେଉ, ଦରମା ତିରିଶଟା ଟଙ୍କା ଉପରେ ନିର୍ଭର କରି ପଡ଼ି ରହିଛୁଁ । କରମରେ ଯାହାଥାଉ । ସେଥିରେ ପୁଣି କାହାର ଦାନା କେତେବେଳେ ଉଠିବ ତାର କି ଠିକଣା ନାହିଁ । ଯେଉଁ ଟଙ୍କା କେତୁଟା ତାହାବି ଅଉ ମାସକୁ ମାସ ମିଳୁ ନାହିଁ । ହେଡ୍ ଅଫିସକୁ ମଣ୍ଡାଳି ମଣ୍ଡାଳି, ସେକ୍ରେଟରିଙ୍କ ଠେଇଁ ଗୁହାରି କରିକରି, ଯଦି କମ୍ପ ଖୋଲିଗଲା ତ ମିଳିଗଲା କିଛି । ଏଣେ ଧୋବା, ଭଣ୍ଡାରୀ, ଗୁଡ଼ଲବାଲା, ମୁଦି, ଦୁଧବାଲା ଅଦି ଘଡ଼ିଘଡ଼ି ଜୀବନ ଖାଇ ଯାଉଛନ୍ତି । ମଫସଲରେ ଯେଉଁ କେତୁଟା

# ଜର୍ଜେଟ ଶାଢ଼ୀ

ଲେଖକ—ଶ୍ରୀ ଅବଧୂତ

ଦିନ କଟିଯାଏ, ଚଳେ । ସହରରେ ଗୋଡ଼ ଦେଲାକ୍ଷଣି ମହାଜନ ମାନେ ଶାଗୁଣା ପରି ଘେରି ଯାଆନ୍ତି । କେତେ ଦେଇ ଛପାଦେଇ ରହିବ । ତାହାପରେ ଲୋକଙ୍କ ଠେଇଁ ହାତ ଉଧାର କଥା ଛାଡ଼ । 

ଅନେକ ସାଧ୍ୟ ସାଧନା, ତେଲ ମସ୍‌ମର ପରେ ସେଦିନ ମିଳିଗଲା ଏକଥୋକ ପଚିଶ ଟଙ୍କା । ଗୋଟାଏ ଏକାଡ଼ ଅଦାୟୀ ହୋଇ-ଥିଲା ସେ, ଜାଣିପାରି ହେଡ଼ବାବୁଙ୍କୁ ଧରି ବସିଲି । ଟଙ୍କା କେତୁଟା ଧାଇଁ ଅଗ ଚାନ୍ଦା ହେଲା—ଦେବି କାହାକୁ । ଭାଗି ବାଣ୍ଟିଲା ପରି ଦେଲେ ବି ଅଧେ ଲୋକଙ୍କୁ ଅଣ୍ଟିବ ନାହିଁ । ଯାହାହେଉ, ତେଡ଼ାଏ ବୁଲିଅସି

ଦଶ ଜେଗାରେ ପାଞ୍ଚ, ପାଞ୍ଚ ଜେଗାରେ ତିନି ଏଇପରି ଭାଗ ବାଣ୍ଟୁବାଣ୍ଟ, ନିବାଡ଼ । ଶେଷକୁ ରହିଲା ତିନିଟଙ୍କା ବାରଅଣା ସେ, ତାକୁ ଜପାକୁ ଫେରାଇ ଅଣିଲି ।

ମୋତେ ଦେଖିଲାକ୍ଷଣି; ଘରଣୀ କହିଲେ "ଅଜି ଦରମା ମିଳିଛି !"

"ହିଁ"

"କେତେ ଟଙ୍କା ?"

"ଜମା ପଚିଶ ।"

ଏହା ଶୁଣି ତାଙ୍କ ଶ୍ରୀମୁଖରେ ଅନନ୍ଦର ଲହରି ଖେଳିଗଲା । ସେ କହିଲେ, "ବଜା-ରକୁ ଯିବଟି ?"

"ଅସିଲିଣି"

"ଅଁ—ସାଙ୍ଗେ ସାଙ୍ଗେ ! ହଉ, ମୁଁ ଯା କହିଥିଲି ?"

"କଣ କହିଥିଲ ?"

"କଣ କହିଥିଲି ! ମିଣିପ ଗୁଣ୍ଡା—କଣ ଅଉ କହିବି—"

ଏତିକି କହି ମୁହଁ ବୁଲାଇ ଦେଲେ ସେ । ମୁଁ ବ୍ୟସ୍ତ ହୋଇପଡ଼ି କହିଲି,

"କଣ କହୁନା"

"କହିବି ଗୋଟାଏ କଣ, ନିଅଁ ପାଉଁସ—ନାହିଁତ ନାହିଁ ।"

"ହଉ କହ—ମୋ ମନେ ଯାଇ ନପଡ଼ିଲା—"

"ହେଲାଣିଆ ମନ ଅଉ କଣ ! ଅଉ କାହାର କଥା ହେଇଥିଲେ ଜପାମାଳି ହେଇ ଥାଆନ୍ତା ଯେ !"

"ନାହିଁ—ମୋ ରାଣ ମୋତେ—କିଛି ମୁଁ ଖିଅାଲ କରି ପାରୁନି ।"

ରାଣଟା ଶୁଣି ଟିକିଏ ନରମ ହୋଇପଡ଼ି ସେ କହିଲେ 'ସେଇ ନିଅଁ ଶାଢ଼ୀ ମ—ଜର୍ଜେଟ ଶାଢ଼ୀ ।"

"ଓଃ—ହଁ—ହଁ ··କିନ୍ତୁ ବୁଝିଲ—ସେଟା ··କଣ କି ଟଙ୍କା ଅଣ୍ଟିଲା କେଉଁଠି !"

"କଣ ପଚିଶ ପଚିଶ ଟଙ୍କା—ଅଣ୍ଟିଲା ନାହିଁ !"

"ତେଣେ ଯେ ଶହଶହ ଧାର, ଜାଣ ।"

"ହେତେ ବହିଲାଉଛ ମ—ମୁଁ ସବୁ ଜାଣେ, ସବୁ ଜାଣେ ।—ଇଏ ତେମଣି ମାଇପ ପାଇଁ ବାସ ତେଲ, ସାବୁନ, ପାଉଡ଼ର ଜର୍ଜେଟ ଶାଢ଼ୀ କଣ୍ଢ କଣ୍ଢ ତ ସବୁ ଯାଉ ଥିବ ।"

Digitized by srujanika@gmail.com

ଏବେ ଥିଲା ଅନ୍ତରୁ ମନ ଖରାପ, ତହିଁରେ ଏଭଳିଆ କଥା ଶୁଣି ଭାରି ରାଗ ଆସିଲା । କହିଲି "ଦେଖୁଛ ଦେଲୁ ବେଶ କଲ, ଅଚ୍ଛା କଲ—ମୋ ମନ, ମୋ ଦିଲ୍ । ଯେ ମନ ଚିହ୍ନି ପାରିଲା ସେ ପାଇବନାହିଁ, କିଣି ଯେ ଗଞ୍ଜଣା ବୋଲିଣା ଦବ ସେ ପାଇବ ।"

ଏହା କହି ଯେଉଁ ଟଙ୍କା କେତୋଟା ଥିଲା ତାକୁ ଫୋପାଡି ଦେଇ ଗଲି ବାହାରି ଏକମୁହାଁ ।

ନଈ କୂଳରେ ବୁଲି ବୁଲି ଏଇ କଥା ଭାବୁଥାଏଁ । ସ୍ତ୍ରୀ ହୋଇ ପଦେ ଦୁଃଖ ସୁଖ ନବୁଝିଲା—ତ କି ସ୍ତ୍ରୀ ! ଆମେ ଯାହାଙ୍କପାଇଁ ହାଡ଼ ମାଂସ ଗୁଣ୍ଡାକରି ଖଟିବୁଁ—ଇଏ ଘରେ ବସି ଠକିବେ—ତହିଁରେ ପୁଣି ଏତେ ସଉକ !

ଥଣ୍ଡା ପବନ ବାଜି ରାଗ ଟିକିଏ ଥଣ୍ଡା ପଡ଼ିଲାରୁ—ମନଟା ବି ନରମ ହୋଇଗଲା । ମନରେ ହେଲା—ଆହା ବିଚାରି ନିରୀହ ଜୀବ—ଅବଳା ଜାତି—ସବୁ କଥା ବୁଝିବାର ଶକ୍ତି ତ ନାହିଁ । ସେ ଜାଣନ୍ତି ବା କଣ ! ଅଛି ବା କିଏ ! ଯାହା କୋର ଜୁଲମ ସବୁ ବିଚାରି ସ୍ୱାମୀ ଉପରେ ନ କରିବେ ତ ଆଉ କରିବେ କାହା ଉପରେ ।

ଏହିପରି କେତେ କଣ ଭାବନା କରୁଁ କରୁଁ ଫେରିଲି । ଭାବିଲି ଖଣ୍ଡେ ଶାଢ଼ୀ ନେଇଯିବି କିଣି । କେତେ ଟଙ୍କା ପଡ଼ିବ ଦଶ କି ପନ୍ଦର । ଇରେ ବାବା ! ଯେଉଁ ଅବସ୍ଥା ସେଥିରେ ଏତେ ଟଙ୍କା ଦେଇ ଶାଢ଼ୀ କିଣିବି । ଯୁଝିବି କୁଆଡ଼ୁ !

ବଜାର ଭିତରେ କିଏ ପଛଆଡ଼ୁ ଡାକିଲା "ନବ—ନବ ।" ପଛକୁ ଚାହିଁ ଦେଖିଲି—ଚନ୍ଦ୍ରା । ଚନ୍ଦ୍ରା ମୋର ପିଲା କାଳର ସାଙ୍ଗ । ଏତେ କାଳ ପରେ ବାଲ୍ୟବନ୍ଧୁକୁ ଦେଖି ମନଟା ଖୁସି ହୋଇଗଲା । ସେ ବି ମୋତେ ଦେଖି କୁଣ୍ଢେଇ ପକେଇଲା ଶରଧାରେ ।

"କଟରେ ଚିହ୍ନି ପାରିଲୁ ନାହିଁକି," ସେ ପଚାରିଲା ।

ହସି ହସି କହିଲି, "ସତ ଏକା, ଯେଉଁ ଚେହେରା କରିଛୁ, ସେଥିରେ ନ ଚିହ୍ନିବାର କଥା ।"

ଚନ୍ଦ୍ରା ଖଲ ଖଲ କରି ହସିଲା । ଲମ୍ବ ଲମ୍ବ ବାଳ, କାନ୍ଧ ଉପରକୁ ଓହଳିଛି । ମୁହଁରେ ପାଚିଲା ଦାଢ଼ୀ, ନିଶ ।

ମୁଁ କହିଲି "ଧବଳେଶ୍ୱରଙ୍କ ଠେଇଁ ମାନସିକ ଅଛିକି ?"

ସେ ହସି କହିଲା "ମାନସିକ ବାଳ କଣ ଏଇପରି ରଖାଯାଏ ।"

"ଏ ବାଳର ଖିଦ୍‌ମତ୍ କରୁ କରୁ ତ ତୋର ଦିନ ସରୁଥିବ ରେ ।"

"ହଁ, ଟିକିଏ ପରିଶ୍ରମ ପଡ଼େ—ହେଲେ ସଉକ ।"

"କରୁଛ କଣ ?"

"ଉସ୍ତାଦ—ଥିଏଟର ପାର୍ଟିରେ ମାଷ୍ଟର ହୋଇଛି ।"

"ଓହୋ, ସେଇଥିପାଇଁ—..."

"ତୁ କଣ କରୁଛୁ ?" ସେ କହିଲା ।

"ମୁଁ—ମୁଁ—ହରଡ଼ ଘଣା ଟାଣୁଚି—ଏଇ କୋ:ଅ: ବେଙ୍କରେ କିରାଣିଗିରି ।"

ଆମ ଦୁହିଁଙ୍କ ଜୀବନରେ କେତେ ତଫାତ୍ । ନିରସ । ଅଙ୍କ ମିଶାଇ ମିଶାଇ ହିସାବ ଲେଖି ଲେଖି ଜଣେ ପେଟ ପୋଷି ପାରୁନାଇ—ଆଉ ଜଣେ ଫୂର୍ତ୍ତିରେ, ମଉଜରେ ଦିନ କାଟି ନେଉଛି ।

ମୁଁ କହିଲି "କେବେ ଆସିଛୁ ଏଠିକି?"

ସେ କହିଲା, "ଏଇ ଆଜି—ଏଇକ୍ଷଣି ଚାଲିଯିବି ।"

"ତେବେ ଚାଲ ଆମ ବସାକୁ । କଥା ଭାଷା ହବା—କାଲିକି ପଛେ ଯିବୁ ।"

ସେ ମାନିଲା । ସାଙ୍ଗହୋଇ ବସାକୁ ଫେରିଲୁଁ ।

ଯାହା ଭାବୁଥିଲି ସେଇଯା । ଦାଣ୍ଡଘରେ ଆଲୁଅ ଲଗିନାହିଁ । ପିଲା ଯୋଡ଼ାକ ଶୋଇ ପଡିଲେଣି । ହାଣ୍ଡିଶାଳ ବିଲକୁଲ୍ ଅନ୍ଧାର ।

ଡାକିଲି; ମୋର ଶବଦ ନାହିଁ । ଶ୍ରୀମତୀ ରାଗରେ ହେଉ, ଅଭିମାନରେ ହେଉ ବା ଅବଶୋଷରେ ହେଉ ଏ କାଳର ଅମୋଘ ଅସ୍ତ୍ର ନନ୍‌କୋଅପରେସନ କରିଛନ୍ତି ।

ବନ୍ଧୁଟା ଡାକିଆଣି, ଭଲ ବଲମଛରେ ପଡିଲି ଆସି ! କରେଁ କଣ ! ଅଗତ୍ୟା କାହାରିକୁ କିଛି ନକହି ଆଲୁଅ ଜାଳିଲି ଓ ଚନ୍ଦ୍ରାକୁ ଦାଣ୍ଡଘରେ ବସାଇଦେଇ ଧାଇଁଲି ବଜାର ଆଡ଼େ । ପୁରି, ଆଳୁଦମ ଓ କିଛି ମିଠା କିଣିଆଣି ତାକୁ ଖୁଆଇଲି ଓ ନିଜେ ଖାଇଲି ।

ଚନ୍ଦ୍ରା ପିଲାଦିନୁଁ ଧୀର ପ୍ରକୃତିର ଲୋକ, ଲାଜକୁଳା । ଦୁଷ୍ଟଲୋକେ ଯାହାକୁ କହନ୍ତି ମାଇଚିଆ । ସେ ଯଦିଓ କିଛି ନ କହିଲା, ମୁଁ ଆପଣାର ଇଜ୍ଜତ ବଞ୍ଚେଇବା ପାଇଁ ଆପେ ଆପେ କହିଲି କି ଘରଆଡ଼େ ଦେହ ଖରାପ—ସେଇଥିପାଇଁ ରନ୍ଧାବଢ଼ା ହୋଇନାହିଁ । ଆଉ କଣ ଜାଣନ୍ତି ?

ଚନ୍ଦ୍ରା ହାତରେ ଥିଲା [illegible] ଗୋଟିଏ କାଗଜ ମୋଡା ପାକେଟ । ପଚାରିଲି "ତୋ ଲୁଗା-ପଟା ନା କଣ ସେ ।"

ସେ କହିଲା 'ନାହିଁ ମ—ଶାଢ଼ୀ ଖଣ୍ଡେ ।'

"କି ଶାଢ଼ୀ ?"

"ଏଇ ଜର୍ଜିଏଟ ଶାଢ଼ୀ; ବୁଝିଲୁ, ହାଲ ଫେସନ ପରା !"

ଏହା କହି ସେ ହସିଲା । ମୁଁ ଭାବିଲି "ସେଇ ଜର୍ଜିଏଟ ଶାଢ଼ୀ, ଯାହାଲାଗି ଏତେ କଥା ?"

ସେ କହିଲା, "ସହରକୁ ଯେତେବେଳେ ଆସିଛି, ଠାକୁରାଣୀଙ୍କ ପାଇଁ ଗୋଟାଏ କିଛି ପୂଜା ସରଞ୍ଜାମ ହାତରେ ନେଇ ନଗଲେ, ଆଉ କଣ ସମ୍ଭଳା ପଡ଼ିବ ।"

ପୁଣି ସେ ହସିଲା ।

ମୋତେ ହସ ତ ମାଡ଼ିଲା ନାହିଁ—ବରଂ କଲିଜା ଭିତରେ ଛୁରୀ ଚାଲିଗଲା, ନିଜର ଅବସ୍ଥା ଭାବି । ମୁଁ କେଡ଼େ ଅଭାଗା !

ଟେବୁଲ ଉପରେ ଶାଢ଼ୀ ଖଣ୍ଡିକ ଥୋଇ ସେ ମୋ'ର ଖଟରେ ଶୋଇଲା । ଘରେ ସେଇ ଖଣ୍ଡିକ ଖଟ ଆଉ ଗୋଟିଏ ବିଛଣା, ଅତଏବ ମୁଁ ବି ଚନ୍ଦ୍ରା ପାଖରେ ଶୋଇଲି । ଏଣୁ ତେଣୁ ଚାରିପଦ କଥାଭାଷା ହେଉ ହେଉ ଦୁହେଁ ଶୋଇ ପଡ଼ିଲୁଁ ।

\+ \+

ମୋ ନିଦଟା ଭାଙ୍ଗିଗଲା ଗୋଟାଏ ପାହିବେ । ଚାହିଁ ଦେଖିଲା ବେଳକୁ ଶ୍ରୀମତୀ ଅମର ଅଗ୍ନିମୂର୍ତ୍ତିରେ ଛିଡ଼ା ହୋଇଛନ୍ତି ଟେବୁଲ ପାଖରେ, ଶାଢ଼ୀ ଖଣ୍ଡିକ ହାତରେ ଧରି ।

ଶୀତ ଦିନ । ଖଣ୍ଡିଏ ରେଜେଇକୁ ଚନ୍ଦ୍ରା ଓ ମୁଁ ଘୋଡ଼େଇ ହୋଇ ଥିଲୁ । ଚନ୍ଦ୍ରା

(୭ମ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



King George Memorial Hospitalରେ ସୁଷମା ପ୍ରକୃତରେ ସୁଷମ ନର୍ସଟିଏ । ଅନ୍ୟ ନର୍ସମାନଙ୍କ ମୋଟା ଶିଙ୍ଘ ବାହାରି ପଡ଼ିଲେ ଯେମିତି ଡାକିଣୀ, ଶଙ୍ଖୁଣୀ ଭୂତୁଣୀ ଭଳି ଦେଖାଯାନ୍ତି ସେ ସେମିତି ଦେଖାଯାଏ ନାହିଁ । ମୁହଁ ଉପରେ ଆଖି ଦି'ଟା ତା'ର ଖୁବ ସୁନ୍ଦର—ଯିମିତି ନାଚୁଛି । ସେ ମୁଣ୍ଡରେ କେବେ ଓଢ଼ଣା ଦିଏ ନାହିଁ । କିନ୍ତୁ ହେଲେ ବି ଯେମିତି ସେ ଆଖି ଦି'ଟା ପରଦା ଭିତରୁ ବି ନିଆଁ ପରି ଟକ ଟକ ଦିଶନ୍ତି । ସେ ନିଆଁରେ ହାତ ଦେଲେ ହାତ ପୋଡ଼ି ଯିବ କି ସିଗାରେଟ ଦେଖାଇଲେ ଲାଗିଯିବ ଏ କଥା କେହି ପରୀକ୍ଷା କରି ନାହାନ୍ତି କିନ୍ତୁ ଲୋକଙ୍କ କଲିଜାରେ ଚେଙ୍କା ଦେବା ପାଇଁ ସେ ଆଖିର ଗୋଟାଏ ପଲକ ଚାହାଣୀ ଯେ ଯଥେଷ୍ଟ ଏଥିରେ ସନ୍ଦେହ ନାହିଁ । ବୁଢ଼ା ହେଲେ ବୋଲି କେହି ଯେ ତ୍ରାଣ ପାଇ ଯିବେ ସେ ତାହାକୁ ଏ କଥା ବି କହି ହେବ ନାହିଁ । ବରଂ ବୁଢ଼ାଙ୍କ କଲିଜାଗୁଡ଼ା ଯେମିତି ଶୁଖିଲା, ସେଥିରେ ନିଆଁ ଧଇଲେ ସବୁ ଜଳି ପୋଡ଼ି ଛାର ଖାର ହୋଇଯିବ ।

ଗୁଣକୁ ଚତୁର ଯେମିତି, ଦେଖିବାକୁ ବି ସେମିତି । କାମ କରିବାକୁ ପୁଣି ଏମିତି ପାରିଗ ଯେ ତା' ହାତରେ ଯେମିତି ଯନ୍ତ୍ର ଲାଗିଛି । ସେ ଗୁଣେ କି ଉଡ଼େ ଏ କଥା ସହଜରେ କହି ହେବ ନାହିଁ । ସେ ଉଡ଼ିଲାବେଳେ ସେ ଏକୁଟିଆ ଉଡ଼େ ତାହା ନୁହେଁ, ଅନେକଙ୍କ ପଛରୁ ବଡ଼ ଏରୋପ୍ଲେନ ଯେତେ ମଣିଷ ନେଇ ଉଡ଼ି ପାରିବ, ତାଠାରୁ ବେଶୀ ଲୋକଙ୍କ ମନକୁ ନେଇ ସେ ଉଡ଼େ, ଏକଥା ସେ ତାଙ୍କୁ ଥରେ ଦେଖିଛି ସେ ନ ମାନି ଯିବ କିଏ କହ ? ତାଙ୍କ ସେ ଆଖି ଦି'ଟାକୁ ଦେଖି ସମସ୍ତେ କହନ୍ତି—ଯେମିତି କଥା କହୁଛି । କିନ୍ତୁ ସେ କଥା ଖୁବ ଗୁପ୍ତରୂପେ—ସେ କଥାରେ ଯେତିକି ମିଠା ସେତିକି ପିତା—ସେ କଥା ଯେତିକି ସ୍ପଷ୍ଟ ସେତିକି ସନ୍ଦେହ ।

ସାଧୁ ପରୀକ୍ଷା ଦେବାର ୬ ମାସ ଆଗରୁ ଏମିତି ପଢ଼ା ଲଗାଇ ଦେଲା ଯେ ଖୁବ ଅନିଦ୍ରା ଫଳରେ ପଡ଼ିଲା ଭୟଙ୍କର ବେମାର ହୋଇ । ବାଧ ହୋଇ ହଷ୍ଟେଲରୁ ହସପିଟାଲ ଯାଇଁ ପ୍ରମୋଶନ ନେବାକୁ ପଡ଼ିଲା । ସେଠି ସୁଷମାର ସୁଶ୍ରୂଷାରେ ସେ ଖୁବ୍ ଶୀଘ୍ର ଆରୋଗ୍ୟ ହୋଇ ଆସିଲା । କିନ୍ତୁ ସେ ବେଶ ବୁଝି

ଭଲ ପାଇବାର ଶେଷ କଥା

ଲେଖକ:—ଅରସିକ

ପାରିଲା ଯେ ଦେହଟା ଭଲ ହେବା ସଙ୍ଗେ ସଙ୍ଗେ ମନଟା ଟିକିଏ ଖରାପ କରୁଛି । ମୁଣ୍ଡ ବନ୍ଧା ଗୁଡ଼ ଟିକିଏ କମିଛି ଗୁଡ଼ ବନ୍ଧା ଆରମ୍ଭ ହେଲାଣି । ଭୁଣ୍ଡର ଶୋଷ ମରି କମିଛି କଲିଜାର ଶୋଷ ଆରମ୍ଭ ହେଲାଣି । ଉପର ଗରମ ଗୁଡ଼ ଯେମିତିକୋ ଭିତର ଗରମ ହେବାକୁ ଲାଗିଲାଣି । ସେ ଦିନେ ପରିଷ୍କାର ସୁଷମାକୁ କହିଲା—"ସୁଷମା, ତମେ ଔଷଧ ଦେଲେ ଯେମିତି ଭଲ ଲାଗେ ସେମିତି ଆଉ କେହି ଦେଲେ ଭଲ ଲାଗେ ନାହିଁ ।" କିନ୍ତୁ ସେ ଖାଇବା ଔଷଧ ଉପରେ ବଣାଇ ଥିବାରୁ ପାଇ ସେ ତାର ଗୋଟାଏ ଶବ୍ଦ ଶୋଇବା ଭାବଣି ହେଲାଣି ସେ କଥା ସେ ବୁଝି ପାରୁ ନଥିଲା ।

ଦିନେ ସୁଷମା ଆଉ ପେସେଣ୍ଟଙ୍କ ବାର ଡାକରା ଉପରେ ବସି ତାକୁ ଔଷଧ ଢାଳି ଦେଉଥିଲା ଏହି ସମୟରେ ସାଧୁ ଫିକି ଫିକି ହସି କହିଲା—'ସେ ତ ସୁସ୍ଥ ହେଲେଣି, ଏଣିକି ନିଜେ ଔଷଧ ଖାଇ ପାରିବେ । ଯେଉଁମାନଙ୍କୁ ଖୋଇଦେବା ଦରକାର ପଡ଼ୁଛି—ସେମାନଙ୍କୁ ଯାଇ ଖୋଇଦିଅ ।'

ସୁଷମା ସାଧୁକୁ ଗ୍ଲାସ ଦେଇ ଚାଲି ହୋଇଗଲା । ସେ ଥରେ ଧାଇଁକୁ ଚାହିଁ ଥାଇ ସେମିତି ମୁହଁଟା ଫେରାଇ ଚାଲି ଦେଇଗଲା । ସେ ଲାଜ ପଡ଼ିଗଲା । ରାଗରେ, ଲଜ୍ଜାରେ ସେ ନିଜର ଜ୍ଞାନ ହରାଇ ବସାଇଲା ।

'ଆପଣଙ୍କର ଉପଦେଶରେ ମୋର ଦରକାର ନାହିଁ । ମୋ କାମ ମୁଁ କରୁଛି । ଆପଣଙ୍କର ସେଥିରେ କହିବାର କିଛି ନାହିଁ ।'

'ରୋଗୀର ଦରକାରରେ ଏମିତି ଭାବରେ କହିବା ଉଚିତ ନୁହେଁ ।' ସାଧୁ ପୁଣି କହିଲା ।

'ନିଶ୍ଚୟ ଉଚିତ,' ସୁଷମା ଖୁବ ଜୋରରେ ଉତ୍ତର ଦେଲା ।

ସାଧୁ ଆଉ କିଛି ନ କହି ଶୋଇଗଲା ଚୁପ୍-ଚାପ୍ ।

ତହିଁ ପର ଦିନ ସୁଷମାକୁ ଏକୁଟିଆ ଦେଖି ସାଧୁ କହିଲା, ମିସ୍ ସୁଷମା, ମୁଁ ବଡ଼ ଦୁଃଖିତ—କାଲି ଆପଣଙ୍କୁ ସେ କଥା କହିବା ମୋର ଉଚିତ ନୁହେଁ । ଆପଣ ରାଗିବେ ନାହିଁ, କ୍ଷମା କରିବେ ।

ସୁଷମା ଥରେ ସେ କଥା ସାଧୁକୁ କହିଲା । ସାଧୁ ହସି ହସି ଗଡ଼ିଗଲା । ଦୁହେଁ ଯାକ ସାଧୁ କଥା କହି ହସିଲେ । ଏଇ ଅନେକ ପରିଚୟ ଆରମ୍ଭ ହେଲା ।

ସାଧୁର ଏଥର ମେଡ଼ିକେଲ କଲେଜର 6th year ( ଷଷ୍ଠ ବର୍ଷ ) ପାଠ ଶେଷ କରି ସେ ଯିବ । ... ଏଇ ୬ ବର୍ଷରେ ତାକୁ ଲାଗିଲାଣି ୧୦ ବର୍ଷ । ତାର ବର୍ତ୍ତମାନ ବୟସ ୩୦ ବର୍ଷ ... । ... ଦେଖିବାକୁ ବେଶ ମୋଟା ସୋଟା । ଡାକ୍ତରୀ ... ଅଛି । ... ପ୍ରଥମ ପରେ ସ୍ତ୍ରୀ

ଦୂରା । ଦ୍ୱିତୀୟ ପକ୍ଷର ସ୍ତ୍ରୀ ହେବାର ଯୋଗାଡ଼ ହେବ ପରୀକ୍ଷାଟା ପରେ । ଏଥର ସେ ବଡ଼ ଯତ୍ନ କରୁଛି ପଢ଼ା ପଢ଼ିବାରେ କାରଣ ଏଇ ଶେଷ ବର୍ଷଟା ତାର ୨ ବର୍ଷ ହୋଇ ଗଲାଣି । ଆଉ ଫେଲ ହେବାଟା ତାକୁ ଭଲ ଲାଗୁନାହିଁ ।

ବଧୂର ଏ ବର୍ଷ ବି, ଏ, ପରୀକ୍ଷା । ବୟସ କୋଡ଼ିଏ ହେବ । ସୁଷମାର ବୟସ ବେଶୀ ନୁହେଁ । ୧୬ । ୧୭ ଭିତରେ । ସେ ବର୍ଷ ପାଶ୍ କରି ଟ୍ରେ ନିକଟରେ ରହିବ ପାଉଛି ।

ବଧୂ ଭଲ ଟୋକା ହାଇସ୍କୁଲ ଛାଡ଼ିଲା— କିନ୍ତୁ ସୁଷମାର କ୍ଲାଟରେଟା ଆଉ ଛାଡ଼ ପାରୁନ ନାହିଁ ।

ଦିନେ ବଡ଼ ୯ଟା ଶୋ (Show)କୁ ବଧୂ ସୁଷମା ଦୁହେଁ ଅଲଜନ୍ସ ଦେଖିବାକୁ ଗଲେ । ଘରକୁ ଫେରିବା ବେଳକୁ ଗୋଟାଏ ବାଜିଲାଣି । ସୁଷମା କହିଲା, ଆଉ ଘରକୁ ଯାଅ ନାହିଁ, ଏଠି ରହିଯାଅ । ବଡ଼ ଭୋରରୁ କେହି ଉଠିବା ଆଗରୁ ଚାଲିଯିବ ।

ତାହାହିଁ ହେଲା । ସୁଷମା ଓ ବଧୂ ଉଭୟେ ସେଦିନ ସୁଷମାର ଘରେ ରହିଲେ । କିନ୍ତୁ ବୋଧହୁଏ କାହାରିକୁ ନିଦ ହୋଇ ନ ଥିବ । କାରଣ ଘଡ଼ିକେ ପହଡ଼ିକେ ଜଣେ ଜଣକୁ ଡାକୁଥାଏ ଶୋଇ ପଡ଼ିଲଣି କି ? ତାପରେ କିଛି ସମୟ କଥାବାର୍ତ୍ତା ଚାଲେ—ତାପରେ ପୁଣି କିଛି ସମୟ ନୀରବ । ଖୁବ ଭୋରରୁ ଯେତେବେଳେ ଖୁବ ଧୀରେ ବଧୂ ସୁଷମାର ଘରୁ ବାହାରିଲା ସେତେବେଳେ ଝରକା ପାଖରେ ଟିକିଏ ଖସ ଖସ ହେଲା । ଯେତେବେଳେ ବି ଯଥେଷ୍ଟ ଅନ୍ଧାର ଥାଏ । ମଣିଷ ଗୋଟାଏ ଛାଇ ଭଳି ଦେଖାଯିବ—ଅବଶ୍ୟ ଅଳ୍ପ ଦୂରରେ ଥିଲେ । ସୁଷମା କହିଲା—ବୋଧହୁଏ ସାଧୁ ବାବୁ ।

ବଧୂର ଛାତି ଥରି ଉଠିଲା । କିନ୍ତୁ ସୁଷମା ବେପରୁଆ । ସେ କହିଲା, କିଛି ଡର ନାହିଁ । ତମେ ଏବାଟେ ଚାଲିଯାଅ । ଆଉ ସକାଳ ଗାଡ଼ିରେ ଗାଁକୁ ପଳାଅ । କାଲି ସତରେ ଶୋ-ବେ ଚଢ଼ା ଲୋକ ତମକୁ କେହି ଦେଖି ନାହାନ୍ତି । ତେଣୁ ଯଦି କିଛି ହୁଏ, କହିବେ କହିବ ଯେ ତମେ ସେଦିନ ଏଠି ନ ଥିଲ ।

ତାହାହିଁ ହେଲା । ପାଇଖାନା ପାଖରେ ଗୋଟେ ଛୋଟ ରାସ୍ତା ଥିଲା ସେଇବାଟେ ବଧୂ ପଳାଇଲା । ଗଲାବେଳେ ସୁଷମା କାନ୍ଦ ପକାଉଛି । କହିଲା—ପୁଣି କେବେ ଦେଖାହେବ ?

'ପରୀକ୍ଷା ଦେବାକୁ ଆସିଲେ ।'

'ଭୁଲିଯିବ ନାହିଁ ତ ? ପୁରୁଷ ଜାତି—'

'ଛି ସେମିତି କହିବ ନାହିଁ ।' କହି ବଧୂ ସୁଷମାକୁ ଆଲିଙ୍ଗନ କରି ଜୀବନଠାରୁ ଅଧିକ ଗଭୀର ଓଠରେ ସୁଷମାକୁ ଚୁମ୍ବନଟିଏ ଦେଲା । ସୁଷମାର ଓଠ ଔଷଧ ପାଇଲେ ଯେ କେତେବେଳେ ଛାଡ଼ିଲା ତା' ଦୁହିଁଙ୍କ ଭିତରୁ କେହି ଜାଣନ୍ତି ନାହିଁ ।

ସୁଷମା ପୁଣି କହିଲା—'ବେଶୀ ଏଠିକା କଥା ଭାବି, ପଢ଼ା ପଢ଼ିବାରେ ହେଳା କରିବ ନାହିଁ । ପୁଣି ଫେଲ୍ ହେଲେ—'

'ସାଧୁର ଦୋଷ ଦେବ—ଆଉ ପାଶ୍ କଲେ ତମର—।' ଏତିକି ହୋଇଥିଲା ବଧୂର ସେଦିନ ଶେଷ କଥା ।

ତହିଁ ଅପରଦିନ ହସପାତାଳର ସୁପରିଣ୍ଟେଣ୍ଡେଣ୍ଟଙ୍କ ଆଗରେ ସୁଷମାକୁ ଜବାବ ଦେବାକୁ ହୋଇଥିଲା । ସୁଷମା ପ୍ରମାଣ ଦେଖାଇ ଦେଲା ଯେ ସେଦିନ ସେ ଏକୁଟିଆ ସିନେମାରୁ ଫେରିଛି ।

ଏ ସବୁ କଥାରେ ବଧୂକୁ ଚିଠିରେ ଜଣାଇଲା । ବଧୂ ଲେଖି ପଠାଇଲା—'ତମେ ଥରେ ସାଧୁକୁ ନେଇ ସିନେମାକୁ ଯାଅ । ଏଟା ଅବଶ୍ୟ ଗୋଟାଏ ମଜା କରିବା ପାଇଁ । ସାଧୁ ନିଶ୍ଚୟ ତମ ପଛରେ ଭାରି ଗୋଡ଼େଇଛି । ତମେ ନିଛକ ତାକୁ ଭଲ ପାଉଛ ବୋଲି କହିଲେ ସେ ଆଉ ତମ ବିରୁଦ୍ଧରେ କିଛି କହିବ ନାହିଁ ।

ସୁଷମା ମଜା ଦେଖିବା ପାଇଁ ଦିନେ ସତ ସତ ସାଧୁ ଆଗରେ ପ୍ରସ୍ତାବ କଲା—ଆଜି 'ସାଥୀ' ଦେଖିବାକୁ ମନ ହେଉଛି । ଆପଣ ନେଇଯିବେ ନାହିଁ ମୋତେ ସାଧୁ ବାବୁ ?

ସାଧୁ ଆଶ୍ଚର୍ଯ୍ୟ ହେଲା ଯେତିକି ତାଠୁ ଆନନ୍ଦରେ ଅସ୍ଥିର ହେଲା ଦୁଇଗୁଣ ।

ସେଦିନ ସିନେମାରୁ ଫେରି ସୁଷମା ଚିଠି ଲେଖିଲା ବଧୂଠାକୁ—କାଲି ଆମେ 'ସାଥୀ' ଦେଖିବାକୁ ଯାଇଥିଲୁ । ସାଧୁବାବୁ ନିତାନ୍ତ କ୍ଲାସଥୀ । କଥା କହି ଆସେ ନାହିଁ । ଦେହ ଯେମିତି ବୁଦ୍ଧି ସେମିତି । ମୁଁ ଜାଣିଲିନି କହି ଅନେକ ବାଟରେ ତାଙ୍କୁ ଭଲ ପାଏ ବୋଲି ଜଣାଇଲି । ସେ ଖାଲି ମୁହଁଟେ ଭଲ ଭଲ କରି ଶୁଣୁଥାନ୍ତି—ଯେମିତି ଚିଳକେ ମୋତେ । ମୋତେ ଭାରି ଧର ମନ୍ଦୁଥାଏ । ୦ । ୫ ଘଣ୍ଟା ଭିତରେ ସେ ମୁଁ ପାଞ୍ଚଟା କଥା କହିଥିବେ କି ନାହିଁ ସନ୍ଦେହ । ତମର କଥାରେ ମୁଁ ତାଙ୍କ ସାଙ୍ଗେ ଗଲି ସିନା । କିନ୍ତୁ ଝକ୍ ମାରି ହେଲି, ମରି ଗଲେ ବି ଆଉ କେବେ ତାଙ୍କ ସାଙ୍ଗରେ ଯିବ ନାହିଁ । ବୋର୍ ହେଇଗଲି କାଲି । ନିତାନ୍ତ ଅରସିକ ଲୋକଟା ।

ଚିଠି ଖଣ୍ଡକ Post ହେଲା ବେଳେ ସାଧୁ ଆଖିରେ ପଡ଼ିଲା । ସେ Post peon କୁ ଘୁସ୍ ଦେଇ ଚିଠି ଖଣ୍ଡ ଯୋଗାଡ଼ କରି ଯେତେବେଳେ ପଢ଼ିଲା ତା ଦେହ ନିଆଁରେ ଜଳିଗଲା । ସେଇ ଦିନଠୁ ସେ ଆଉ କେବେ ସୁଷମା ଆଡ଼କୁ ମୁହଁ ନାହିଁକି ତାକୁ ପଦେ କଥା କହି ନାହିଁ ।

ମାସକ ଭିତରେ ସୁଷମାର ସେଠୁ ଅନ୍ୟ ଜାଗାକୁ ବଦଳି ହେଲା ।

ତାର ଛମାସ ପରେ ଖବର ପାଇଲା, ବଧୂ ପାଶ କରିଛି ।

ଆଜି ଖବର କାଗଜରେ ଦେଖିଲା—ସାଧୁଚରଣ ଦାସ ନାମକ ଜଣେ ଡାକ୍ତର ଛାତ୍ର ପରୀକ୍ଷାରେ ଫେଲ ହୋଇ ଆତ୍ମହତ୍ୟା କରିଛି ।

---

## କୁଡ଼ୁକୁଡ଼

ଗଲା ମାସରେ ମାଣିକ ମହାନ୍ତିଙ୍କର ବିବାହ ହୋଇ ଯାଇଛି । ନବ ବଧୂ ସୁଲତା ମଧୁଯାମିନୀ କଥା ସ୍ମରଣ କରି ପତି ଦେବତାଙ୍କୁ ପଚାରିଲେ—ଅଚ୍ଛା କୁହତ ଗଲା ମାସର ସ୍ମରଣୀୟ ଘଟଣା କ'ଣ ଘଟିଥିଲା ? ସ୍ୱାମୀ ଅନେକ ଭାବି ଉତ୍ତର ଦେଲେ—ଇଂଲଣ୍ଡରେ 'ଟେଷ୍ଟ ମ୍ୟାଚ୍' ଆରମ୍ଭ ହୋଇଥିଲା । ଆଉ ସ୍କୁଲ୍ ମାଡ୍ରାସ କ୍ଲବକୁ ଗୋଟିଏ ଗୋଲରେ ହରେଇ ଅଲେକଜାଣ୍ଡ୍ରା ଶିଲ୍ଡ ପାଇଥିଲା ।

Digitized by srujanika@gmail.com

(୪ର୍ଥ ପୃଷ୍ଠା ଉତ୍ତାରୁ)

ମୁହଁ ଢାଙ୍କି ଶୋଇଛୁ,, ମୁଣ୍ଡଟା ତାର ରହିଛୁ ବେଦେଇ ବାହାରେ । ଲମ୍ବ ଲମ୍ବ ବାଳଗୁଡ଼ାକ ତକିଆରେ ବିଞ୍ଚୁଡ଼ି ହୋଇ ପଡ଼ିଛି ।

"ଓହୋ—ଏତେ କଥା—ମୁଁ ଜାଣିଛୁ ପରା !"

ଏଇ ପଦକରେ ମୋ ନିଦ ଭାଙ୍ଗିଥିଲା । ମୋତେ ଚେଇଁବାର ଦେଖି ସେ ପୁଣି କହିଲେ, "ଅଲକ୍ଷଣୀ ଢେମଣୀ, ଖାନକୀ ମାଇପକୁ ଆଣି ମୋ ଘର ଭିତରେ ନାଟ ଲଗିଛୁ !"

ମୁଁ ଆଖି ଟିପି, ଦାନ୍ତ କାମୁଡ଼ି ବାହାରି ଯିବାକୁ ସଙ୍କେତ କଲି—ଅର୍ଥାତ୍ ଜଣେ ଉମର ଅପରିଚିତ ବ୍ୟକ୍ତି ଏଠି ଅଛି—ବାହାରକୁ ଯାଅ ।

କାହିଁକି ସେ ଶୁଣିବାକୁ ଯିବ । ଝିଙ୍କାସ ତାର ବଢ଼ିଗଲା ଏତିକେ । ସେ ଝଙ୍କାର ପକେଇଦିବା ଦୂରେ ଥାଉ, ଅଧିକ ଦଣ୍ଡୁରି ଢଙ୍ଗରେ ଚିଙ୍କି ଉଠିଲା "ହଁ ବାହାର ଯିବ ନାହିଁ କଣ ! ମଇଁଷଟା ଭାଙ୍ଗି ଗଲା, ନାହିଁ ? ମାଇପ ପାଇଁ ପୁଣି ଜର୍ଜେଟ ଶାଢ଼ୀ ଆସିଛି ଦେଖ !…

ଖଟତଳେ ପଡ଼ିଥିଲା ଗୋଟାଏ ଝାଡ଼ୁଣୀ । ଧଡ଼କିନା ଉଠାଇ ନେଇ ନିଦ୍ରିତ ଚନ୍ଦ୍ରାର ଅର୍ଦ୍ଧାବୃତ ମୁଣ୍ଡରେ ଦେ ପଟାପଟ……!

ମୁଁ ଏହା ଦେଖି ଏତିକିବେଳେ ହାଉଳି ଉଠି ! ଦ'ଗୁଣ ପାହାର ଖାଇ ଚନ୍ଦ୍ରା ଝିଙ୍କିଲା ପରି ଧଡ଼ପଡ଼ ହୋଇ ଉଠି, ଏକଦମ୍ ଛୁ……। ମୁଁ ଉଠି ତା ପଛରେ କିଛିଦୂର ଗୋଡ଼ାଇ ଯାଇ ଯେତେ ଡାକିଲି, କିଏ ଶୁଣୁଛି ! ଛୁଟିଛି ସେ ହରିଣ ପରି ।

ନାଗୁର ହୋଇ ଫେରିଲି । ଲଜ୍ଜାରେ, କ୍ଷୋଭରେ, ଅପମାନରେ ଆମେ ଦୁହେଁଯାକ କେହି କାହାରିକୁ କିଛି ନକହି ମନେମନେ ରହିଗଲୁ ।

ଚନ୍ଦ୍ରାପେ କୁଆଡ଼େ ଗଲା, ଆଉ ତାର ପତ୍ତା ନାହିଁ । ଲାଭ ଭିତରେ ଜର୍ଜେଟ ଶାଢ଼ୀ ଖଣ୍ଡ ରହିଗଲା ଘରେ ।

---


ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

# ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ,) ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପତନ ପେଟମରୁ, ଅଜୀର୍ଣ୍ଣ, କାଶ, ମୁର୍ଚ୍ଛା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅପରସ୍ମାର ଆମବାତ, ଅଷ୍ଟଗଣ୍ଠିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡଦରା, ମୁଣ୍ଡଘୂରା, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, କାଉଁରି, କାଛୁ, କୁଣ୍ଡିଆ, ବଳୀ, ମରଳା, ଦମଦଳା, ଯାଦୁ, ଛଉ, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଫଟା, କାନପୂଜ ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

କବିରାଜ ଶ୍ରୀ ବିଶ୍ୱନାଥ ଦାସ

ଏ, ବି, ଏଲ୍. ଏଚ. ଏମ୍. ଏସ୍.

ଅଲଣା ବଜାର, ପୋଃ ଗୃହଦନଚୌକ କଟକ ।

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବଳୁଆ ପରି ଶକ୍ତି ଖେଳେ । ଦୀର୍ଘ ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

ନୟା ସଡ଼କ<br>
ପୋ: ଅ: ଗୃହଦନଚୌକ,<br>
କଟକ

ବୈଦ୍ୟରାଜ<br>
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଗ୍ରଫ<br>
ଆୟୁର୍ବେଦାଚାର୍ଯ୍ୟ<br>
C/o ଶ୍ରୀ ବାଲକେଶ୍ୱରଅଗ୍ରଫ ଭଣ୍ଡାର

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

(ସାପ୍ତାହିକ) **'ବର୍ମା ଓଡ଼ିଆ ପତ୍ରିକା'** (ରୟେଲ ୧୬ ପୃଷ୍ଠା)

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଉତ୍କଳୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବସାୟିକ ସତ ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ୫୨୩, ଷାଣ୍ମାସିକ ୫୨୯, ଭାରତବର୍ଷ ସହାସେ ଦେୟ ୫୪୯ । ଠିକଣା — ନଂ ୧୦୭୩୨ ମୁର ଗଳି ରେଙ୍ଗୁନ (ବର୍ମା)

# ଡଗର ପଞ୍ଚଦଶ ଶବ୍ଦଧନ୍ଦା ପ୍ରତିଯୋଗିତା

୮୨୫ଙ୍କା ପୁରସ୍କାର ! 'ଡଗର' ପାଠକମାନେ ପାଇ ପାରବେ । ୮୨୫ଙ୍କା ପୁରସ୍କାର

ଦୁଇଅଣାର ପଇସିକଅ ଡାକଟିକଟ ଦେଇ ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free



ନାମ __________ ଠିକଣା __________ କେତୋଟି ଉତ୍ତର __________

## ସିଧା ଭାବରେ ।

୧ । ଶବ୍ଦଧନ୍ଦା ଭେଦ କରିବାକୁ ଯେ ସୁଖ ନ ପାଏ ସେ ଏହା ହୋଇ ନପାରେ ।

୩ । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇବାକୁ କାହାର ଏହା ନ ଥାଏ ?

୫ । ଏହା କରିବା ପାଇଁ ନିପୁଣ ରଙ୍ଗମଞ୍ଚ, ନେତାରୂପୀ ଅଭିନେତାମାନଙ୍କୁ ବଡ ସୁଯୋଗ ଦେଇଥିଲା ।

୭ । ରମଣୀର ଯୌବନ ଏପରି ଥିବାବେଳେ ପୁରୁଷର ଚିତ୍ତ ସହଜରେ ବିଚଳିତ କରେ ।

୮ । ମାଲି ମକଦ୍ଦମାରେ ଶତ୍ରୁକୁ ଜବଦ କରିବା ପାଇଁ ଏହାର ବଳ ଅଧିକାଂଶ ସମୟରେ ଦରକାର ।

୯ । ପାଦରେ ଏହା ପଡ଼ିଲେ ବାଟ ଚାଲିବା କଷ୍ଟକର ।

୧୦ । ମନିଷ ମଲେ ଏମାନେ ସାଧାରଣତଃ ଖୁସି ହୋଇଥାନ୍ତି ।

୧୪ । ଅଜିକାଲି ଏହା ଦେଖାଇଲେ ଲୋକେ ବାହା ଗଳି ଦେବେ ।

୧୫ । ଯେଉଁମାନେ କାମରେ ଅଗୁଆ ହୋଇ ବାହାରନ୍ତି ପ୍ରାୟ ସେମାନେ ଏହା ବୋଲି ଅନେକେ ବୁଝିଥାନ୍ତି ।

## ଉପର ତଳ ଭାବରେ ।

୧ । ବାକ୍‌ଦେବୀ ପ୍ରସନ୍ନା ହେଲେ ମୂଢ଼ କବିର ଯେଉଁ ଶକ୍ତି ପ୍ରଖର ହୁଏ ।

୨ । ଏଭଳି କଥା ସହି ହୁଏ ନାହିଁ—ମଣିଷ ଦହି ହୁଏ ।

୪ । ଗୋଟାଏ — ଅନେକ ଅଳପୁଅଙ୍କ ସମୟ ସମୟରେ ଚଞ୍ଚଳ କରିବା ପାଇଁ ଯଥେଷ୍ଟ ।

୬ । ପ୍ରଭୁଙ୍କ ନିକଟରେ ଦୈନ୍ୟ ଭାବ ପ୍ରକାଶ କରିବା ପାଇଁ କେତେକ ଭକ୍ତ ଯଥାସମୟରେ ଏହାର ବ୍ୟବହାର କରିଥାନ୍ତି ।

୯ । ଆଗରୁ ଏ ଦେଶର ଭୂସ୍ୱାମୀମାନେ ପରସ୍ପର ମଧ୍ୟରେ ବିବାଦ ବେଳେ ଏମାନଙ୍କର ସାହାଯ୍ୟ ନେଉଥିଲେ ।

୧୧ । ଗୁରୁଜନମାନଙ୍କର ଏହାଦ୍ୱାରା ଅନେକ ସମୟରେ ଯୁବସୁଲଭ ଅବିବେକିତାର ବିଷମୟ ପରିଣାମରୁ ଉଦ୍ଧାର ମିଳିଥାଏ ।

୧୨ । ଗଡ଼ଜାତ ଲୋକେ ବାହାର ନେତାଙ୍କ କଥାରେ ଏହା ଧରୁଛନ୍ତି ।

୧୩ । ଅତିରିକ୍ତ କାର୍ଯ୍ୟ ବ୍ୟସ୍ତ ରହିଲେ ଅନେକ ସମୟରେ ଲୋକ ଏହା ଭୁଲିଯାଇ ଥାଏ ।

**ନିୟମ—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦୧୦ ଓ ଦୈନିକ ପ୍ରତିଖଣ୍ଡକୁ ୦୧୦ ଲେଖାଏ (ଶେଷ ତା ୨୫-୫-୩୯)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡିକର ଯେଉଁ [illegible] ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, [illegible] ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ଗଚ୍ଛିତଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୨୦ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୨୦ ପାଇବ ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୦ ଅତିରିକ୍ତ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକି ୫୪୦ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ପରପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତାହାଁ ସଙ୍ଗେ ଦୁଇଅଣାର ପଇସିକିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/୦ ଓ ୨ୟ ଟି ପାଇଁ ୫୦/୦ର ପଇସିକିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯଦି କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଉତ୍କଳ ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ— ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ମଇ ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଉତ୍କଳ, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୧୫ ଅଙ୍କ ଦିଆଯିବା ଅବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

## ୧୪ଶ ଶବ୍ଦଧନ୍ଦାର ଉତ୍ତର

| | | | | | | |
|---|---|---|---|---|---|---|
| ୧ ର | ୨ (ପ) | | ୩ ଅ | ପ | ୪ କା | ୫ ର |
| ୬ ପୁ | କା | ୭ ର | | ୮ ନ | ହା | ଣ |
| | ୯ ମ | ସା | ଲ | | ୧୦ ଲା | ପୁ |
| ୧୧ ଗ୍ରୀ | | ଣ | | ୧୨ ଅ | | ର |
| ୧୩ ଗ୍ର | ୧୪ ସ | | ୧୫ ଶୀ | କ | ୧୬ ର | |
| ୧୭ ସ | ଦ | ୧୮ ନ | | ୧୯ ଠ | କ | ୨୦ ର |
| ୨୧ ନ | ର | ଚ | ଧ | | ୨୨ ମ | ଜା |

( ପରସଂଖ୍ୟାରେ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ନାମ ଘୋଷିତ ହେବ । )

## ୧୩ଶ ଶବ୍ଦଧନ୍ଦା ସମ୍ବନ୍ଧରେ ପଦେଅଧେ ।

୫ତଳ—ଜନ, ଧନ, ମନ ମଧ୍ୟରୁ ଜନ ବଳ ସହିତ ବେପାରର ବିଶେଷ ସମ୍ପର୍କ ନାହିଁ । କେବଳ ଧନ ଓ ମନ ଭିତରେ ବାଛିବାକୁ ହେବ । ଧନ ବଳର ଅନିଶ୍ଚିତତା ଅବସ୍ଥାରେ ଅଧିକାଂଶ ଲୋକେ ବେପାର କରି ବିପଦ କଣି-ଥାନ୍ତି । ଯେଉଁମାନେ ସେପରି ଅବସ୍ଥାରେ ବେପାରରେ ଉନ୍ନତି କରନ୍ତି ସେମାନେ ଅତି ଭାଗ୍ୟବାନ । ତନ୍ତୁ ମନବଳ ନଥିଲେ ବେପାରରେ କେହି କେହି କ୍ଷତିଗ୍ରସ୍ତ ହୁଅନ୍ତି । ଯେଉଁମାନଙ୍କର ବେପାର ଠିଆ ହୋଇ ଗଲାଣି ବା ଦୃଢ଼ ହୋଇ ଗଲାଣି ସେମାନଙ୍କ କଥା ଛାଡ଼ନ୍ତୁ । ଯେଉଁ ଅଳ୍ପ କେତେକ ଲୋକ ଆଜିକାଲି ବେପାର ଆରମ୍ଭ କରିବାର ଦେଖାଯାନ୍ତି ସେମାନଙ୍କ ମଧ୍ୟରୁ ଯାର ମନର ଜୋର ନଥାଏ ସେ କିଛି କରିପାରେ ନାହିଁ । ସାଧାରଣମାନେ ବିପଦରେ ପଡ଼େ ।

୧୩ତଳ—ସତ, ସଜ, ସବୁଦିନେ ସବୁ ସମୟରେ ଲୋକେ ସତ ଖବର ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି କିନ୍ତୁ ଆଜିକାଲି ଯେତେବେଳେ କି ପ୍ରତ୍ୟେକ ଏକଛତ୍ର ଶାସନା-ଧୀନ ଦେଶରେ ସତ ସମ୍ବାଦକୁ ଚପାଇ ରଖି ନିଜର ପ୍ରଶଂସା ବାଚକ ସମ୍ବାଦ ପ୍ରଚାର କରୁ-ଛନ୍ତି ଏବଂ ଆଜିକାଲି ଦେଶ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଯେପରି ମିଥ୍ୟା ସମ୍ବାଦ ପ୍ରକାଶ ପାଇବାର ସମ୍ଭାବନା ବଢ଼ୁଛି, ସେତେବେଳେ ଲୋକେ ସତ ସମ୍ବାଦ ପାଇଁ ବ୍ୟାକୁଳ ହେବା ସ୍ୱାଭାବିକ ।

୧୬ତଳ—ଗୁଣ୍ଡି ବା ଗୁଣ୍ଡି ଏହା କଥା—ଏହା ଦେଶଜ ଶବ୍ଦ

Digitized by srujanika@gmail.com

# ମହା ମିଳନ ।

## —(ଏକାଙ୍କିକା ନାଟିକା)—

(କ୍ରମଶଃରୁ ହିନ୍ଦୁ-ମୁସଲମାନ ବିରୋଧ ଦୂର କରି ଉଭୟ ଭାଇ ମଧ୍ୟରେ ଚିର ମିଳନ କିପରି ହେବ, ମାନ୍ୟବର ଅଗା ଖାଁ ଓ ମହାତ୍ମା ଗାନ୍ଧୀ ଭେଟା ଭେଟି ହୋଇ ଉପାୟ ନିର୍ଦ୍ଧାରଣ କରୁଅଛନ୍ତି ।)

[ମହାତ୍ମାଙ୍କ ବାରଣ୍ଡାରେ ବସି ସୂତା କାଟୁଛନ୍ତି, ଅଗା ଖାଁ ପ୍ରବେଶ କଲେ ।]

ଗାନ୍ଧୀ—ଆସିବାକୁ ଆଜ୍ଞା ହେଉ, ନମସ୍ତେ ।

ଅଗା—ଅଦାବ— ନମସ୍କାର— ଆଶାକରେଁ ବଳଶ୍ରୀ ଓ ଚର୍ଖା ସହିତ ଆପଣ ସୁସ୍ଥ ଅଛନ୍ତି ।

ଗାନ୍ଧୀ—ଧନ୍ୟବାଦ—ହଁ—ବସନ୍ତୁ ।

(ଅଗାଖାଁ ଚେୟାରରେ ଉପବେଶନ କଲେ)

ଅଗା—ତା'ପର—ମିଃ ମହାତ୍ମା !

ଗାନ୍ଧୀ—( ହସି ) ଏକାଥରକେ ଅସଲ କଥା ପକାଇବା । କାରଣ, ମୋର ବହୁତ ଜରୁରି କାମ ଅଛି ।

ଅଗା—ମୋର ବି; ଆଜିରେ ଗୋଟାଏ ଘୋଡ-ଦୌଡ଼ ମିଟିଂରେ ମୋତେ ଉପସ୍ଥିତ କରିବାକୁ ପଡ଼ିବ ।

ଗାନ୍ଧୀ—ବେଶ୍; ଆପଙ୍କର ଓ ମୋର ସବୁ କଥା ମିଳି ଯାଉଛି । ଏଇଟା ଆମର ମିଳନର ସୂଚନା ।

ଅଗା—ଆପଣ ମହାତ୍ମା ଲୋକ—ଆପେ ମାଲୁମ ପଡ଼ି ଯାଉଥିବ ।

ଗାନ୍ଧୀ—ଆପଣ ବି ତ ଉଣା ନୁହନ୍ତି—ସ୍ୱୟଂ ଅ—ଗା—ଖାଁ ! ଆମେ ସବୁ ଆପଣଙ୍କ ପିଛା ଧରି ଚାଲିବୁ ନି ?

ଅଗା—ଯାହା କହନ୍ତୁ ଏଇ ମିଃ ଜିନ୍ନା ସବୁ ଗୋଳମାଳ କରି ଦେଉଛନ୍ତି—ନୋହିଲେ କେଉଁଦିନୁଁ ହିନ୍ଦୁ ମୁସଲମାନ ମିଶି ଯାଇଥାନ୍ତେଣି ।

ଗାନ୍ଧୀ—ମୁଁ କାହାରି ଦୋଷ ଦେଉ ନାହିଁ । ବରଂ ସେ ମିଳନର ଉପକାରିତା ଓ ପ୍ରୟୋଜନୀୟତା ପ୍ରକଟ ଓ ପ୍ରମାଣିତ କରି ଦେଉଛନ୍ତି ।

ଅଗା—ସେଥିରେ କଣ ଅଛି—ମୁଁ ହିଁ ତ ପ୍ରକୃତରେ ମୁସଲିମ୍ ନେତା—ଯାହା କହିବି ସବୁ ମାନିବେ । ମୁସଲିମ୍ ଲିଗ୍‌କୁ ପଚାରିବେ କିଏ ?

ଗାନ୍ଧୀ—ମୋ କଥା ଯେ ହିନ୍ଦୁ ନ ମାନିବେ ତାହା ନୁହେଁ—ଯଦିଓ ମହାସଭାଟା କେତେକ ଅଡ଼ୁଆ କରିବାକୁ ଚେଷ୍ଟା କରିପାରେ ।

ଅଗା—ଯଥାର୍ଥ, ମହାତ୍ମାଙ୍କ କଥା ନ ଶୁଣି କଣ ବାଜେ···

ଗାନ୍ଧୀ—ଖୋଦ ଇସଲାମ ପ୍ରତିନିଧିଙ୍କ କଥା ନ ଶୁଣି କଣ···

ଅଗା—ଆମେ ତେବେ କେତେ ଗୁଡ଼ାଏ ପ୍ରସ୍ତାବ ଲିପିବଦ୍ଧ କରି ପ୍ରଚାର କରିବା ବିଚାର ଓ ଆଲୋଚନା ନିମନ୍ତେ ?

ଗାନ୍ଧୀ—ସେଟା କରିବା ମସ୍ତ ଭୁଲ । ଆପଣ ବିଲାତରେ ରହି ଏଠା ଲୋକଙ୍କ ଗତିଗତି ମନୋଭାବ ଜାଣିନାହାନ୍ତି । ଭଲ କଥା ଯଦି ସେମାନଙ୍କ ଆଗରେ ପକାଇ ପରାମର୍ଶ ମାଗିବେ, ତେବେ ଜାଣିଥିବେ ସେମାନେ ନାନାପ୍ରକାର ଅନ୍ଧ ସନ୍ଧି ନିକୁଟି, ବାଛି ସବୁ ଭଙ୍ଗି ଥୋଇବେ । ଆଉ ଯଦି କିଛି ନ ପଚାରି ନ ବିଚାରି ଆଜ୍ଞା ପତ୍ରିକା ଛାଡ଼ିବେ, ତେବେ ସେମାନେ ବେଦ, କୋରାନ ପରି ତାକୁ ନିର୍ବିବାଦରେ ମାନିଯିବେ ।

ଅଗା—ଆପଣ ଜନସାଧାରଣ ମନୋଭାବ ବୁଝି-ବାରେ ପକ୍କା ଓସ୍ତାଦ ଅଛନ୍ତି ।

ଗାନ୍ଧୀ—ଏଇ କାମ କରି ଆସୁଛି ଯେ—

ଅଗା—ଠିକ୍ ଶୁଣିଥି ଏକା—ଆଚ୍ଛା ଏ ହିକ୍-ମତ ଗୁଡ଼ାକ ଶିଖିଲେ କେଉଁଠୁ ?

ଗାନ୍ଧୀ—ହିକ୍‌ମତ କିଛି ନୁହେଁ—ସାଧନା ।

ଅଗା—ଆସନ୍ତା ଥର ଘୋଡ଼ଦୌଡ଼ (Derby Sweep) ବେଳେ ମୋତେ ଟିକିଏ ସାହାଯ୍ୟ କରିବେ କି ? ଖାଲି ଜିତା ନମ୍ବରଟା (winning number)······

ଗାନ୍ଧୀ—ଏ ସବୁ ବାଜେ କଥା ଛାଡ଼ନ୍ତୁ । ଯଉ ଦରକାରି କାମ କରିଥିଲୁ ତାହା ଚାଲୁ ।

ଅଗା— ଆପଣ ଓ ମୁଁ ବସି ଯାହା ଫଇସଲା କରି ଦେବା ସେଇଟା ତ କାଏମ ହୋଇଯିବ ।

ଗାନ୍ଧୀ—ତା ହେଲେ ପଛକେ, ଆମର ତ ବସା ଏକମତରେ ଠିକ୍ କରିବା ଉଚିତ ।

ଅଗା—କିନ୍ତୁ ଧର୍ମ ଜିନିଷଟା ଯେ ବଡ଼ ଚଟାଳୁ ସେଇଟାକୁ କଣ କରିବା ?

ଗାନ୍ଧୀ—ଧର୍ମ !—ଅରେ ବାପ୍‌ରେ ! ଧର୍ମରେ ଟିପା ଛୁଇଁବା ନାହିଁ । ସେତକରେ ହାତ ଦେଲେ ତ ସବୁ ଅସମ୍ଭାଳ ହୋଇ ପଡ଼ିବ । ବରଂ ଧର୍ମର ଦୋହାଇ ଦେଇ କାମ ହାସଲ କରି ନେବା ସହଜ ।

ଅଗା—ତେବେ, ଆଚାର ବ୍ୟବହାର, ପୋଷାକ ପରିଚ୍ଛଦ ଇତ୍ୟାଦି ?

ଗାନ୍ଧୀ—ହଁ—ନାମ, ଭାଷା ଇତ୍ୟାଦି ।

ଅଗା—ଆଠପଣି ଭାଗ ମିଳିତରେ ସବୁ କଥା ହେବ ତ ?

ଗାନ୍ଧୀ—ତା ନୁହେଁ କଣ । ତେବେ ଜ୍ୟେଷ୍ଠ ଅଂଶଟା······

ଅଗା—ନାଇଁ, ସେକଥା ହେବ ନାହିଁ ।

ଗାନ୍ଧୀ—ଅଚ୍ଛା, ନାହିଁ ତ ନାହିଁ ।

ଅଗା—ପ୍ରତ୍ୟେକ ଭାରତୀୟ ନିଜର ନାମ ଭିତରେ ଅଧେ ହିନ୍ଦୁ ଓ ଅଧେ ମୁସଲ-ମାନୀ ରଖିବେ; ଯେପରି ଅଗାଖାଁ ଗାନ୍ଧୀ, ମୋହନ ଚାନ୍ଦ ଗଫୁର, କାଲମ ଆଜାଦ ପଟେଲ ।

ଗାନ୍ଧୀ—ସଇ, ଖୁବ୍ ଭଲ ପ୍ରସ୍ତାବ । ତାପରେ ପୋଷାକ ?

ଅଗା—ପୋଷାକଟା ଯଦ୍‌ଚ୍ଛେପୀସ୍ତ ହେଲେ ଭଲ ହୁଅନ୍ତା ।

( କ୍ରମଶଃ )

# ପୌରାଣିକ ଓ ଐତିହାସିକ
## ଗବେଷଣା ।

ଆଜ ଯଦି **ବ୍ୟାସଦେବ** ଥାଆନ୍ତେ—

—ଟାଇଟୀ ମହାଭାରତ ଲେଖନ୍ତେ ଓ ଗୀତାର କେତୋଟା ଅଧ୍ୟାୟ ବଦଳାଇ ଦିଅନ୍ତେ ।

—ଜନ ସଂଖ୍ୟା ବୃଦ୍ଧି କରିବା ପାଇଁ କେତେ ଦେଶରୁ Call ପାଆନ୍ତେ ।

—ହରିଜନ ଆନ୍ଦୋଳନରେ ବଡ଼ ନେତା ହୋଇ ଥାଆନ୍ତେ ।

ଆଜ ଯଦି **ଓମାରଖାଏମ୍** ଥାଆନ୍ତେ—

—ବୁଲ୍‌ବୁଲ୍ ଲଢ଼େଇ କରୁଥାନ୍ତେ ।

—ହୋଟେଲ୍ ବା ପାର୍କରେ ଅସି ଝାଇ ବସନ୍ତେ ।

—ନିତ ସିନେମା ଥିଏଟର ଦେଖନ୍ତେ ।

ଆଜ ଯଦି **ରାଧାନାଥ** ଥାଆନ୍ତେ—

—ଢେଙ୍କାନାଳ କାବ୍ୟ ଲେଖନ୍ତେ ।

—ଧବଳେଶ୍ୱର ଘାଟ ଛପିବାପରେ ରହନ୍ତେ ।

—ଓଡ଼ିଶାର D. P. I. ହୁଅନ୍ତେ ।

ଆଜ ଯଦି **ମିଷ୍ଟର ଦାସ** ଥାଆନ୍ତେ—

—ଦାସ ବଂଶର ପୂର୍ବପୁରୁଷ (patriarch) ହୁଅନ୍ତେ ।

—ଖଦଡ଼ର ନେଃ କୋଟ ପିନ୍ଧନ୍ତେ ।

—ଚୁଲି କାରଖାନା ବସାନ୍ତେ ।

ଆଜ ଯଦି **ଗୋପବନ୍ଧୁ** ଥାଆନ୍ତେ—

—ଅଗ୍ନିଶ୍ୟା ବସି ତାଳବଣରେ ନ ହୋଇ ସତ୍ୟବାଦୀ ବଉଳ ବଣରେ ହୁଅନ୍ତା ।

—ଦେଶର ଅବସ୍ଥା ଦେଖି ନିଜେ ଦାଢ଼ି କାଟି ପକାନ୍ତେ ଓ ପ୍ରିୟ ଶିଷ୍ୟଙ୍କୁ ତାହା କରାନ୍ତେ ।

ଆଜ ଯଦି **ବାଲ୍ମିକୀ** ମୁନି ଥାଆନ୍ତେ—

—ପୁରୁଣା ରାମାୟଣ ଚିରି ପକେଇ ନୂଆ ରାମାୟଣ ଲେଖନ୍ତେ ।

—ମୁନି ନ ହୋଇଥାଆନ୍ତେ, ଆଜ ତା ସଂଗେ ସାଙ୍ଗ ଉଦ୍‌ଘାଟନ ବ କରୁଥାଆନ୍ତେ ।

—ଆଧୁନିକ ସୀତାମାନଙ୍କ ପାଇଁ ନାରୀରକ୍ଷା ସମିତି ଓ ଅବଳା ଆଶ୍ରମ ଖୋଲନ୍ତେ ।

—ଏ ଫ୍ଲୋଇଡ୍ ଯୁଗରେ ତାଙ୍କୁ ଆଜ "ମା ନିଷାଦ ପ୍ରତିଷ୍ଠାଂ" ଲେଖିବାକୁ ପଡ଼ନ୍ତା ନାହିଁ ।

ଆଜ ଯଦି **ଦୁର୍ବାସା** ଥାଆନ୍ତେ—

—ଉତ୍କଳ କଂଗ୍ରେସର ପ୍ରେସିଡେଣ୍ଟ ହୋଇ ଥାଆନ୍ତେ ।

—ମହାର୍ଷି ଗାର୍ଲଗଣ ତାଙ୍କ ଦାଢ଼ୀ ଉପାଡ଼ ଦିଅନ୍ତେ ।

—ହରିଜନଙ୍କ ଜୁଲମରେ ତାଙ୍କୁ ଭସ୍ମ କରି ନ ପାରି ଆପେ ବଣକୁ ପଳାନ୍ତେ ।

—ଦଶ ହଜାର ଶିଷ୍ୟ ସହ ଗ୍ରାଣ୍ଡ ହୋଟେଲରେ ଖାନା ଖାଆନ୍ତେ ।

ଆଜ ଯଦି **ପର୍ଶୁରାମ** ଥାଆନ୍ତେ—

—ହିଟଲରଙ୍କୁ ଫୌଜରେ ଗୁରୁର ଦେଇ ଥାଆନ୍ତେ ।

—ମାଇପ ଅଙ୍କରେ ମା ମୁଣ୍ଡ କାଟନ୍ତେ ।

—ତାଙ୍କ ଦାଢ଼ୀ ଦାଉରେ ନବତାପୀ କ୍ଷତ୍ରୀ ମାନେ ଅଉ ନଟି ପାରୁ ନ ଥାନ୍ତେ ।

ଆଜ ଯଦି **ବଳରାମ** ଥାଆନ୍ତେ—

—ଦାଅ ଓ ହାଲୁଡ଼ ସଂଗରେ ଲଙ୍ଗଳଟା ବ ଯୋଗ ଦିଅନ୍ତେ ।

—ନିଶା ନିବାରଣ ହାଉଅରେ ବାରୁଣୀ ନ ଖାଇ ଗଞ୍ଜେଇ ବା ତାଳ ତାଡ଼ି ପିଅନ୍ତେ ।


# ତିନୋଟି ପରୀକ୍ଷିତ ମୋଦକ ।

ଏକ—ଅଫିମ ଛାଡ଼ିବାକୁ **"ଶଶାଙ୍କ କିରଣ ମୋଦକ"** ବ୍ୟବହାର କରନ୍ତୁ । **ମୂଲ୍ୟ**—ଗୋଟିଏ ଡବାକୁ ଏକଟଙ୍କା ମାତ୍ର

**ଦୁଇ**—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗଦତ୍ତ ପ୍ରସ୍ତୁତ **"ରତିବଲ୍ଲଭ ମୋଦକ"** ବ୍ୟବହାର କରନ୍ତୁ

**ମୂଲ୍ୟ**—ଗୋଟିଏ ଡବାକୁ ଏକଟଙ୍କା ମାତ୍ର ।

**ତିନି**—ସନ୍ତାନ ପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସରେ **"ଦୈବକରୁଣିକ"** ବ୍ୟବହାର କରନ୍ତୁ ।

**ମୂଲ୍ୟ**—ଶିଶିକୁ ଦୁଇଟଙ୍କା ମାତ୍ର

**ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗଦତ୍ତ ଭିଷଗାଚାର୍ଯ୍ୟ ।** ଆୟୁର୍ବେଦିକ ଫାର୍ମାସୀ ଭୁବନେଶ୍ୱର—ପୁରୀ ।

## ଆରୋଗ୍ୟ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ପେଟରୁ ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଲ୍ୟରୁ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଆମ୍ଭର ଏହି ମୋଦକ ଦୈନିକ ରାତ୍ର ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରି ସକାଳେ ଭଲ ଭାବରେ ଗୋଟିଏ ପୋଖତ ହୋଇଯିବ—ତରଳ ହେବ ନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୁର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ, ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରରେ ଯବାଇ ଦିଏ । ପରେ ଔଷଧ ସେବନ କଲେ ସୁଦ୍ଧା ନିୟମିତ ଝାଡ଼ା ହୋଇଥାଏ । **ମୂଲ୍ୟ**—୧୬ ମାତ୍ରାକୁ ୫୧୯ ( ଏକ ଟଙ୍କା ) ୩୦ ମାତ୍ରାକୁ ୫୧୮ ମାତ୍ର ।

ଠିକଣା:—ଶ୍ରୀଧର ଗର୍ଗଦତ୍ତ, ଭିଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ


Digitized by srujanika@gmail.com



# ଦୁଃସ୍ୱପ୍ନ

## ତୁମେ କିଏ ?

**ଲେ:-- ଶ୍ରୀମତୀ ସୁଧାମଣୀ ଦେବୀ !**

ଯେବେ ତୁମ ସହିତ ଦେଖା ହେଲା ସେତ ଅଜଣା ଭାବରେ, ତୁମେ ଅପରିଚିତ, ସେ ବି ଅପରିଚିତ ଥିଲା ତାର। ସେପରି ଅପରିଚିତ ଭାବରେ ଜୀବନ ଗଲେ ନାହିଁ କାହିଁକି? ସେ ଯେ ଅଭିଶପ୍ତା ସୁବାସିନୀର ଅଭିଶାପ। ଆଜି ତାର ମନେ ପଡ଼େ ବେଦନାରେ; ମଧୁର ମିଳନ ରାତ୍ରି—ଉଦ୍ଭ୍ରାନ୍ତ ଧରଣର ନମସ୍କାରଟା, ଆଉ ସ୍ତ୍ରୀ ଜାତି ପ୍ରତି ନିର୍ମଳ ଭକ୍ତି, ମାତୃଜାତି ପ୍ରତି ସମ୍ମାନ। ସେଥିପାଇଁ ସେ ବୁଝିଛି ତୁମେ ଲୋକଟି ବଡ଼ ସୁନ୍ଦର। ନବ ଯୁଗର ଯୁବକ ତୁମେ—କି ବନ୍ଧୁତ୍ୱ ଭରା ବ୍ୟବହାର ତୁମର, ବନ୍ଧୁ ପାଇଁ କି ଅମ୍ଳାନ ବିସର୍ଜନ ତୁମର? ଯାହେ କି କେହି ହୀନ ପତିତ ବନ୍ଧୁ, ବନ୍ଧୁ ପାଇଁ ଅପମାନ କରେ? ପାରିଛ ତୁମେ; କି ସ୍ୱର୍ଗୀୟ ଉପାଦାନରେ ଗଢ଼ା ତୁମର ମନ ପ୍ରାଣ?

ଦିନ ପରେ ଦିନ ଗଡ଼ି ଚାଲିଲା। ଦିନୁଦିନ ତୁମର ବନ୍ଧୁତ୍ୱ ବଢ଼ିଲା। ସେ ନିର୍ମଳ ପବିତ୍ର ସ୍ନେହ ସ୍ପର୍ଶରେ ପରିଶୁଦ୍ଧ ଅନ୍ତର ତାର ସଜାଗ ହୋଇ ଉଠିଲା। ସେ ଏକାକୀ ବସି ଭାବେ କିଏ ଏ ଉଦାସୀନ ଭଗବାନ ଏତା କରିଥିବେ? ଈଶ୍ୱର ମଙ୍ଗଳମୟ, ମଙ୍ଗଳ ପାଇଁ ସେ କରନ୍ତି ସୃଷ୍ଟି ସମ୍ଭାବନା, ମଙ୍ଗଳ ପାଇଁ ସେ ଜଗତର ମଙ୍ଗଳ। ସୁବାସିନୀ ମନରେ ଗର୍ବ ଆସେ, ଆନନ୍ଦ ଆସେ, ଯେ ମହତ ଆଦର୍ଶରେ ସେ ଦିନକୁ ଅନୁପ୍ରାଣିତ କରିବାକୁ ଚାହିଁଛି। ଦେବେନ୍ଦ୍ର-କୁମାର, ତାଙ୍କୁ ସ୍ୱାମୀବୋଲି ଡାକିଲେ ତାର ମନରେ ଗର୍ବ ଆସେ। କାରଣ ସେ ଭଗ୍ନୀ ପଦ ପାଇ ନଥିଲା। ଭଗିନୀର ପୁଣ୍ୟାସନ ସେ ଲାଭ କରିଛି ତମ ନିକଟରୁ। ଗର୍ବ ଆସେ ମନରେ ଯେତେବେଳେ ମନଭରି ସ୍ୱାମୀ ସମ୍ବୋଧନ କରିବସେ, ପ୍ରାଣ ତାର ଫୁଲି ଉଠେ ପବିତ୍ର ସ୍ନେହର ଆକର୍ଷଣରେ। ଅଭିଶପ୍ତ ଜୀବନ ଯେଉଁ ସୁବାସିନୀର ଜନ୍ମ। ତାର ନଷ୍ଟ ଜୀବନର ସେ ସ୍ନେହ ପ୍ରାଣରେ ଦୁଃଖ ଦେଖାଏ, ଅନୁଯୋଗର କଥା ଜଡ଼ିଥିବା ପ୍ରତି ମୁହୂର୍ତ୍ତରେ। ପ୍ରତି କ୍ଷଣରେ ସେ କର୍ତ୍ତବ୍ୟ ଭୁଲି ଭାବି ବସୁଥିଲା, ବ୍ୟର୍ଥ ଭାବନା—, ଅତୀତ ଜୀବନ, ନଷ୍ଟ ଜୀବନର ସେ ପାପ ସ୍ମୃତି। ସେ ଭାବନାର ଫଳରେ ସେ ପାଏ କଣ ଜାଣ କି? ପାଏ ବେଦନା। ଅନ୍ତରରେ ତାର ଦାରୁଣ ଆଘାତ ଲାଗେ—ହୃଦୟ ଚୂର୍ଣ୍ଣ ହୁଏ, ଚକ୍ଷୁରୁ ଦୁଇଧାର ଲୋତକ ଗଡ଼ିପଡ଼େ—କିନ୍ତୁ ଅତୀତ ଯେ ଯାଇଛି, ବହୁଦୂର ଚାଲି ଯାଇଛି, ଅତୀତକୁ ଫେରାଇ ଆଣିବାର ଶକ୍ତି କାହାର ନାହିଁ। ଅତୀତ ଭାବନାରେ—ଅସେ ଦୁଃଖ, ମସ୍ତିଷ୍କ ତାର ଘୂରି ଯାଏ-ସେ ଅଚେତନ ପ୍ରାୟ ପଡ଼ିରହେ ସେହି ଅତୀତ ସ୍ମୃତିର ଦାରୁଣ କୋଳରେ।

ଦେବେନ୍ଦ୍ର କୁମାର, ତମ ସହିତ ଦେଖା ହେଲା ଦିନୁ କାହିଁକି କେଜାଣି ତା ମନରେ ଗୋଟିଏ ସ୍ୱର୍ଗୀୟ ଭାବ ଖେଳି ଉଠୁଥିଲା। ମନେ ହେଉଥିଲା ଜଗତରେ ସମସ୍ତ ମନୁଷ୍ୟ ଏପରି ହେବା ଉଚିତ। ମାନବର ପୃଥିବୀରେ ଜନ୍ମ, ଧର୍ମ ପାଇଁ, କର୍ତ୍ତବ୍ୟ ପାଇଁ, କ୍ଷେତ୍ର ବିଳାପ ବାସନାରେ ପାଶବିକ ଲିପ୍ସାରେ ଜୀବନ ଗଢ଼ିବା ପାଇଁ ନୁହେଁ। ତେବେ କର୍ତ୍ତବ୍ୟ--ଲକ୍ଷ୍ୟ, ହଁ ଲକ୍ଷ୍ୟ ପଛରେହିଁ ମନୁଷ୍ୟ ଧାବିତ ହୁଏ। ସେଥିରେ ଶାନ୍ତି ମିଳେ। ଭାବିଛି ସେ, ଯେବେ ନୁହେଁ ଦୁଇ ଦିନ ନୁହେଁ ଦୁଇମାସ ହେଲା, କିନ୍ତୁ ଭାବନାରେହିଁ ତାର ଲକ୍ଷ୍ୟର ଅବସାନ ହୋଇଛି। ଭାବି ଭାବି ତାର ମୁଣ୍ଡ ଅସ୍ଥିର ହୋଇଛି—କିନ୍ତୁ ସେ ଖୋଜି ପାଉନାହିଁ। ସେ ଦିନ ତାରଟାରେ ତମେ ଆସିଲ, ସୁବାସିନୀ ନିଜ ଭାବନାରେ ରତ ଥିଲା। ତାର ମନରେ ଉଦାସୀନ ଏ ଭାବନାଟା ହେଲା କିଛି ଗୋଟାଏ ବଡ଼ ଆଘାତ। ତମେ ଉଚ୍ଛ୍ୱସିତ ଗୌରବରେ ଡାକି ପଚାରିଲ "କଣ ଭାବୁଛ ସୁବାସ" ସୁବାସିନୀ ଚମକି ପଡ଼ିଲା, ନିଜକୁ ସମ୍ଭାଳି କହିଲା "ଭାଇ, ଭାବୁଥିଲି ମାନବର ଗତି।"

"ଗତି ନାହିଁ କାହାର, ଜଳର ଅତୀତର।"

"ଅତୀତର ଗତି ଅଛି ଭାଇ ? ଭୁଲ ବୁଝିଛ।"

"ମୁଁ ଭୁଲ ବୁଝିଛି ସୁବାସ ! ତୁମେ, ତୁମେ ଭ୍ରାନ୍ତ, ଅତୀତ କେବେ ଫେରେ କି—ଯାହା ଯାଇଛି ସେ ଫେରେ ନା।" ଏକଥା ତମେଇ କହିଥିଲ ତାକୁ।

କିନ୍ତୁ ଅତୀତର ଦାରୁଣ କଷାଘାତ ଚିରଦିନ ମରମରେ ଯେ ଛବି ଅଙ୍କନ କରିଯାଏ—କି ବେଦନା ସେ ? ସୁବାସିନୀ ଚକ୍ଷୁରେ ଲୋତକ ଦେଖାଗଲା। ତମେ ନିର୍ବାକ ଭାବରେ ଦେଖିଲ ତାଙ୍କର ଚକ୍ଷୁ ଛଳ ଛଳ ହୋଇ ଉଠିଲା। ତମେ ସୁବାସିନୀ ଚକ୍ଷୁରୁ ଲୋତକ ପୋଛି କହିଲ "ଅ ସୁବାସ, ସମୁଦ୍ର ଅଢ଼େ ଭୁଲି ଅଛିରୁ।"—ତୁମେ କିଏ ?

---

### କୁଟିକୁଟି

ପିଲା—ମା, ମୁଁ ଯଦି କୁକୁର ବାଘ ହୁଅନ୍ତି ତେବେ ଆମ ଘରର ସବୁ ରସଗୋଲାକୁ ରସ-ଗୋଲା କରି ଦିଅନ୍ତି।

ମାଆ—( ହସି ) ଏତେ ରସଗୋଲା ଖୁଆଇବାକୁ କିଏ ?

ପିଲା—କମିଅ ବଳରେ ଧାଡ଼ି ହୋଇଯାଆନ୍ତି

+ + +

ଏକାଦଶୀ ଦିନ ସାଆନ୍ତେ ଅରୁଆ ଭାତ ଖାଉଁ ଖାଉଁ ଗହଣୀକୁ କହିଲେ—ଭାତ ଅଲଣା ଲାଗୁଛି। ତା ଆରଦିନ ସାଆନ୍ତେ ଡବୁଆ ଭିତରୁ ଗୋଟିଏ ପାଚିଲା ନେଇ ମୁହଁ ବଳକଟି କହିଲେ—ଭାତ କ'ଣ ଲୁଣିଆ ଲାଗୁଛି ? କ'ଣ ଲୁଣ ଦେଉଛୁ କି, ବାହୁଣ ଝିଅ ?

ଗହଣୀ—ହଁ, ସାଆନ୍ତେ, କାଲି ଯେ ତମକୁ ଭାତ ଅଲଣା ଲାଗିଥିଲା—ସେଇଥିପାଇଁ।

Digitized by srujanika@gmail.com




## ସହକାର—ପୌଷ—ନବମ ସଂଖ୍ୟା

ଅଦେଖାର ପ୍ରତ୍ୟୁତ୍ତର—ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ । ସଚ୍ଚି ରାଉତରାୟଙ୍କ କବିତା 'ଅସମାପିକା' ପଢ଼ି ଏହା ଲେଖା ହୋଇଅଛି । କବିତାଟି ଉଦ୍‌ବେଳ ଭାବ ଓ ଉଚ୍ଛ୍ୱସିତ ଭାଷାରେ ସୁନ୍ଦର ହୋଇଛି । ଅସମାପିକାର ସମବେଦନା ଓ କରୁଣାଧାରା ଏଥିରେ ନଥିଲେ ମଧ୍ୟ, 'ପ୍ରତ୍ୟୁତ୍ତର' ଦାର୍ଶନିକ ଗମ୍ଭୀରତା (metaphysics) ରେ ପୂର୍ଣ୍ଣ ।

ମାନସୀ—ଶ୍ରୀ ବୈକୁଣ୍ଠ ନାଥ ଦାସ । କବିତାତ୍ମକ ଗଳ୍ପ । ଲେଖକଙ୍କ ମୌଳିକ କଳ୍ପନାରେ ବାହାଦୁରି ଅଛି ।

ଶ୍ରୀଯୁକ୍ତ ଚକ୍ରଧର ମହାପାତ୍ରଙ୍କର ପଲ୍ଲୀ ଗୀତ ସମ୍ବନ୍ଧରେ ସାଧନା ଅତି ପ୍ରଶଂସନୀୟ । ତାଙ୍କ ଭଳି ଆଉ କେତେଜଣ ବାହାରିଲେ ନିଭୃତ ଓଡ଼ିଆ ଜୀବନର କେତେ ରସ ବାହାରକୁ ବାହାରି ପାରନ୍ତା । ତାଙ୍କର "ଗ୍ରାମ୍ୟଜୀବନରେ କରୁଣ ରସ" ଉପଭୋଗ୍ୟ ।

"କେଉଁଠି ଧରଣୀ ହୋଇଛି କହ ତ ନୂଆ ।" ଏହିପରି ଗୋଟାଏ ଗୋଟାଏ ନୂଆ କଥା ନୂଆ ଢଙ୍ଗରେ ଅଭିବ୍ୟକ୍ତ କରିବାରେ କାଳିନ୍ଦୀ ବାବୁ ସିଦ୍ଧ ହସ୍ତ । ଏହି ନିତି ନିତି ନବନବ' ଧାରାରେ ସେ କବି ଚକ୍ଷୁରେ ଦେଖିଛନ୍ତି ସବୁ ଭୁଲ୍ଲା ପୁରୁଣା । Old order ଟା ସେହିପରି Old ରହିଚ, ଓ ରହିଥିବ । change ନାହିଁ, New ନାହିଁ ଜାଣିଲା କ୍ଷଣି ମନଟା ଫିକା ପଡ଼ିଗଲା ଏକା !

ଭନ ଯାଏ—ଗଳ୍ପ, ଶ୍ରୀମତୀ ରାଜସଖୀ । ଏତିକି ସୁନ୍ଦର, କରୁଣ ଦରିଦ୍ର ଗ୍ରାମ୍ୟଜୀବନର ଛୋଟ ଗଳ୍ପ ଅନେକ ଦିନୁଁ ପଢ଼ି ନଥିଲୁଁ । ଲେଖିକା ନିଜର ମାତୃପ୍ରାଣର ସଜୀବ ରସ ଦେଇ ଏ ଗଳ୍ପଟି ଲେଖିଛନ୍ତି । ଗଳ୍ପଟି ପଢ଼ିଲେ ଆଖିରେ ଲୁହ ରହେ ନାହିଁ ।

ଭଲ ପାଇବାର ଶେଷ କଥା—ଶ୍ରୀ ବିଭୂତି ଭୂଷଣ ତ୍ରିପାଠୀ । ଗୋପୀନାଥ ବାବୁ ପ୍ରଥମେ ଏ ପ୍ରଶ୍ନ ଉଠାଇଲେ, ରଜୁ ବାବୁ ଉତ୍ତର ଦେଲେ; ଏବେବି ତାର ଜେର୍ ଚାଲିଛି । ପୁଣି ବିଭୂତି ବାବୁ ସେ Explorer ଦଳରେ ଯୋଗ ଦେଲେଣି ।

ଯେ ଦୁଧର ମିଠା ପାଇ ଖାଏ, ସେ ତାକୁ ବିଶ୍ଳେଷଣ କରି ବସେ ନାହିଁ ବା ତାର ଫଳ କଣ ହେବ ଭାବେ ନାହିଁ । ଯେ ଭଲ ପାଇ ସୁଖ ପାଏ, ସେ କାହିଁକି ଯେ ତାର 'ଶେଷ' ପାଇଁ ଏତେ ବ୍ୟାକୁଳ ହେବ ତାହା ବୁଝି ଯାଉ ନାହିଁ । ଏଥିରୁ ଆମ ମନେ ହେଉଛି, ଏମାନେ କୁଆ ଭଲ ପାଇ ନାହାନ୍ତି, ପାଉ ନାହାନ୍ତି ବା ପାଇ ଜାଣି ନାହାନ୍ତି । ନୋହିଲେ ତାର 'ଶେଷ କଥା'ଟାକୁ ଏତେ ଅଣ୍ଡାଳି ବୁଲନ୍ତେ କିଆଁ ?

ଆମେ କହୁଁ ଯଦି ଭଲ ପାଇ ସୁଖ ପାଇବାକୁ ଚାହୁଁଚ ଭଲ ପାଇ ଯାଅ—ଅସରନ୍ତି ଭାବରେ ।

ଲେଖକ କହନ୍ତି ଯେ ଭଲ ପାଇବାର ଶେଷ କଥା—ସର୍ବସ୍ୱ ଦାନ, ଆତ୍ମ ବିତରଣ । ନା'ହେଲେ ତ କାମ ସରିଗଲା ! ଆଉ ରହିଲା କଣ ? ଭଲପାଇବାରେ ଯେଉଁ ଅତୃପ୍ତି, ଯେଉଁ ପିପାସା, ଯେଉଁ ଅପୂର୍ଣ୍ଣତା—ତାହାରି ଭିତରେ ରହିଥାଏ ଗୋଟାଏ ଆନନ୍ଦ । ପୂର୍ଣ୍ଣ ହୋଇଗଲେ ଆଉ ସେଇଟା ଥାଏ କାହିଁ ? ଅତଏବ—

ଭାରତରେ ନାରୀ ପ୍ରଗତି—ଶ୍ରୀମତୀ ସରଳା ଦେବୀ । ଲେଖିକା ନିଜେ ଆଦର୍ଶ ନାରୀ ନେତ୍ରୀ । ସେ ନିଜେ ନାରୀପ୍ରଗତିର ଅଗ୍ରଣୀ ହୋଇ ଏ ବିଷୟ ଆଲୋଚନା କରିବାପାଇଁ ଅନ୍ୟମାନଙ୍କୁ ଆହ୍ୱାନ କରିଛନ୍ତି । କିନ୍ତୁ ଆଉ ତାର ଦରକାର ଅଛି କି ଏ ଯୁଗରେ ? ଯେତିକି ହେଲାଣି ବା ହୋଇ ଚାଲିଛି—ତା ଉପରେ ପକ୍ଷ ଦେଲେ, ଆକାଶରେ ଉଡ଼ିଯିବେ ଯେ !

ମାୟା ଓ ମୁକ୍ତି—ଶ୍ରୀ ନବକିଶୋର ଦାସ । ଦର୍ଶନ ତତ୍ତ୍ୱମୂଳକ ଜ୍ଞାନଗର୍ଭ ପ୍ରବନ୍ଧ ।

ପକ୍ଷୀକଣ—କବିତା ଶ୍ରୀ କୁବେର ଦଳାଇ । ସରଳ ପଲ୍ଲୀ କବିତା ।

ଚୈତନ୍ୟଦେବଙ୍କ ଜଗନ୍ନାଥ—ପ୍ରତାପଚନ୍ଦ୍ରରୁ ଅନେକ ପୁରୁଣା ଓଡ଼ିଆ ଓ ବଙ୍ଗଳା ଗ୍ରନ୍ଥ ଆଲୋଚନା କରିଅଛନ୍ତି ।

ବାଙ୍ଗି ରଜତ ଚୌଧୁରୀ ନଳ ସମ୍ବାଦ ବାଳକ ବାଳିକା ସ୍ମୃତିରେ ଲିଖିତ । କବି ସଚ୍ଚି ରାଉତରାୟଙ୍କ କବିତା । କବି ଗାଇଛନ୍ତି—

ନୁହେଁ ଏହା ଚିତା,
ଏ ଅଳିଭା ମୂଳନ ଶଳିତା........

ପୁଣି—ନୁହେଁ ଏହା ଚିତା,
...ମୃତ୍ୟୁଞ୍ଜୟ ଅମର କବିତା

ସାହିତ୍ୟର ମିଳନ—ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଓଡ଼ିଆ ସାହିତ୍ୟର ନିର୍ଜୀବ ଓ ସ୍ଥିର ଅବସ୍ଥାରେ ବ୍ୟଥିତ ହୋଇ ଖୁବ ଲେଖିବା ପାଇଁ ଲେଖକ ମାନଙ୍କୁ ଆହ୍ୱାନ କରିଛନ୍ତି ।

ଆଜକାଲିକା ଝଡ଼ ତୋଫାନ ଦାଉରେ ଧର୍ମ ଓ ସାହିତ୍ୟ ଉଡ଼ି ଯାଉଛି ଯେ ! କିଏ କଣ କରିବ ! ଅରଣ୍ୟ ରୋଦନ ।

ପରଶର ଉତ୍ତର—ଶ୍ରୀ କୃଷ୍ଣ ଚନ୍ଦ୍ର କର । ଭଲ ଧରଣର କବିତା ।

ପ୍ରାଚୀନ ଗୋପାଳ ରଥ—ସୂର୍ଯ୍ୟ ନାରାୟଣ ବାବୁ ପ୍ରାଚୀନ ସାହିତ୍ୟ ଗବେଷଣାରେ ଅନେକ ରତ୍ନ ଆହରଣ କରି ଉତ୍କଳର ଗୌରବ ବଢ଼ାଉଛନ୍ତି । ଶତ ଧନ୍ୟବାଦ ।

---

### କୁଟ୍ଟିକୁଟ୍ଟୁ ।

ଜଣେ ପିଲା ମେଟ୍ରିକୁଲେସନ ପରୀକ୍ଷାରେ ଚାରିବର୍ଷ ଫେଲ ହୋଇ ପୁଣି ଆଉ ବର୍ଷେ ପଢ଼ିବାରୁ, ତାର ବାପା ତାକୁ ପଚାରିଲେ ଚାରିବର୍ଷ ହେଲା ପରୀକ୍ଷାରେ ପାଶ୍ କରି ପାରୁ ନାହୁଁ କାହିଁକିରେ ?

ପୁଅ—ବାପା ! ସେଥିରେ ମୋର ଭିନେ ଉଦ୍ଦେଶ୍ୟ ଅଛି । Prof. Banerjee ଯେମିତି Matric success in two days ବହି ତିଆରି କରିଥିଲେ, କିନ୍ତୁ ମୁଁ ପାଂଚ ବର୍ଷରେ ମେଟ୍ରିକୁଲେସନ୍ ପାଶ୍ କରି ସାରିଲା ପରେ 'Matric success in five years' ବୋଲି ଗୋଟିଏ ବହି ଲେଖିବି ।

ଲୀଳ



## ନାଗବନ୍ଧୁଙ୍କ କଲମରୁ

### ବର୍ତ୍ତମାନ ଆମ୍ଭମାନଙ୍କର କର୍ତ୍ତବ୍ୟ କ'ଣ

ପ୍ରିୟ ନାଗ ଭାଇ ଓ ଭଉଣୀମାନେ,

ଆଶାକରେ ତୁମ୍ଭେମାନେ ଭଲରେ ଥିବ । ତୁମ୍ଭମାନଙ୍କ ମଧ୍ୟରୁ ଅନେକଙ୍କର ତ୍ରୈମାସିକ ପରୀକ୍ଷା ଶେଷ ହୋଇ ଯିବଣି । ତେଣୁ ତୁମ୍ଭେମାନେ ସମସ୍ତେ ଷାଣ୍ମାସିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବ । ମୁଁ ମଧ୍ୟ ତୁମ୍ଭମାନଙ୍କ ମଧ୍ୟରୁ ଜଣେ ତେଣୁ ମୁଁ ମଧ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଅଛି । ସେଥିପାଇଁ ମୁଁ ବିଶେଷ କିଛି ଲେଖିବା ପାଇଁ ସମୟ ପାଇଲି ନାହିଁ । ଯାହା ସମୟ ପାଇଲି ସେଥିରେ ମୁଁ ଗୋଟିଏ ବିଷୟ ତୁମ୍ଭକୁ କହିବି ।

ଆମ ଦେଶରେ ବିଶେଷତଃ ଆମ ଓଡ଼ିଶାରେ ଅଶିକ୍ଷିତଙ୍କ ସଂଖ୍ୟା ଖୁବ ବେଶି । ସେମାନଙ୍କର ତୁଳନାରେ ଆମ ଦେଶରେ ଶିକ୍ଷିତ ବ୍ୟକ୍ତି ନାହାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଆମ୍ଭେମାନେ ଯଦି ଆମ ଦେଶକୁ ଉନ୍ନତ କରିବାକୁ ଚାହୁଁ ତାହା ହେଲେ ଆମ୍ଭମାନେ ଲୋକଙ୍କୁ ଶିକ୍ଷିତ କରାଇବା ଉଚିତ । ଲୋକେ ଯଦି ଶିକ୍ଷିତ ନହୁଅନ୍ତି ତେବେ ଆମ ଦେଶ କେବେ ହେଲେ ଉନ୍ନତି ପଥରେ ଅଗ୍ରସର ହୋଇ ପାରିବ ନାହିଁ । ଆମ୍ଭେମାନେ ଜାଣୁ ଇଂଲଣ୍ଡ ଆଜି ସଭ୍ୟତାର ଗୌରିଶଙ୍କରରେ ଅଧିରୋହଣ କରିଅଛି । ଏହାର କାରଣ କେବଳ 'ଶିକ୍ଷା' । ଇଂଲଣ୍ଡର କୃଷକମାନେ ଦିନକୁ ଘରଅଣା ପଇସା ପାଇ ମଧ୍ୟ ସେମାନେ ଖବର କାଗଜ, ପତ୍ରିକା ଆଦି ପାଠକରି ଦେଶର ଅବସ୍ଥା ବୁଝି ପାରୁଛନ୍ତି କିନ୍ତୁ ଆମ ଦେଶ ବିଶେଷତଃ ଓଡ଼ିଶାର ଅବସ୍ଥା ଏହାର ଠିକ ବିପରୀତ । ସେମାନେ ଖବର କାଗଜ ପଢ଼ିପାରୁ ନାହାନ୍ତି । ଦେଶର ଖବର ଜାଣିପାରୁ ନାହାନ୍ତି । ଶିକ୍ଷାର ମୂଲ୍ୟ ଜାଣିପାରୁ ନାହାନ୍ତି । ସେମାନେ କେବଳ ପଖାଳ ଖାଇ ଶୋଇ ଦିନ କାଟୁଛନ୍ତି । ଏମାନେ ଯେତେବେଳେ ଦେଶର ଖବର ଜାଣି ପାରି ତାର ସ୍ୱାର୍ଥ ପାଇଁ ଅଗ୍ରସର ହେବେ, ସେତେବେଳେ ଜାଣିବ ଆମ ଦେଶ ଉନ୍ନତି ପଥରେ ଅଗ୍ରସର ହୋଇଛି ।

ଏଥିପାଇଁ ଆମ୍ଭମାନଙ୍କର କର୍ତ୍ତବ୍ୟ କ'ଣ ? ଆମ୍ଭମାନଙ୍କର ମାସକ ପରେ ଗ୍ରୀଷ୍ମ ଛୁଟି ହେବ । ଯେଉଁମାନେ ସହରରେ ରହି ପାଠ ପଢୁଛନ୍ତି, ସେମାନେ ବୋଧହୁଏ ଗ୍ରୀଷ୍ମ ଛୁଟିରେ ଗ୍ରାମକୁ ଯିବେ । ଗ୍ରାମରେ ସେମାନେ ତାସ, ପଶା ଆଦିରେ ସମୟ କଟାଇବେ । ସେହି ସମୟ ଉକ୍ତ ଯଦି ସେମାନେ ଏହିଭଳି ଅଶିକ୍ଷିତ ଲୋକଙ୍କ ପାଇଁ କଟାନ୍ତେ, ତାହାହେଲେ ଆମ ଦେଶ ତଥା ସେହି ଲୋକର କେତେ ଉପକାର ହୁଅନ୍ତା । ଲୋକ ମାନଙ୍କୁ ବୁଝାଇ ସୁଝାଇ Night school ମାନ ଖୋଲି ସେଠାକୁ ଆସିବାକୁ କହନ୍ତୁ । ସେମାନେ ଏହିଭଳି ଉପଦେଶ କେବେ ଅମାନ୍ୟ କରିବେ ନାହିଁ । ତୁମେ ଗ୍ରୀଷ୍ମଛୁଟି ସମୟ ଭିତରେ ସେମାନଙ୍କୁ 'ସ୍ୱରବର୍ଣ୍ଣ' 'ବ୍ୟଞ୍ଜନବର୍ଣ୍ଣ' ଭଳି ଶିଖାଇ ଦେଇ ପାରନ୍ତ । 'ଏ କାର୍ଯ୍ୟରେ **ଈଶ୍ୱର ସର୍ବଦା ସହାୟ**' । ତୁମର ଏହିଭଳି କାର୍ଯ୍ୟ ଦେଖି ଗ୍ରାମର ଶିକ୍ଷିତ ବ୍ୟକ୍ତିମାନେ ତୁମ ସହିତ ଯୋଗ ଦେବେ । ଏହା କଲେ ତୁମ ଗ୍ରାମର ପ୍ରାୟ ଅଧିକାଂଶ ଲୋକ ଅନ୍ତତଃ ନିଜ ନିଜ ନାମ ଲେଖି ପାରିବେ ।

ଗୁରୁ ସପ୍ତାହୀ ରାମଚନ୍ଦ୍ରଙ୍କ ସାହାଯ୍ୟ ବଳ ପାଇ ଯଦି ଆମ୍ଭେମାନେ ଚେଷ୍ଟା କରିବା ନିଶ୍ଚୟ ଆମ୍ଭମାନଙ୍କ ଦ୍ୱାରା ଏହି ଆନ୍ଦୋଳନର କିଛି ନା କିଛି ଉପକାର ହେବ ।

ତୁମର ନାଗ ଭାଇ
ଉଦୟ ନାଥ ମିଶ୍ର ।
(ଛଡ଼ ଯାମଦେବପୁର ହାଇସ୍କୁଲ).

## ଅଜାଙ୍କ ଜବାବ

୨୨୨ ବିଠୁ—ମୁଁ ଆଶୀର୍ବାଦ କରୁଛି-ତମେ ସତ୍ୟବାନ ହୁଅ ।

୨୨୭ କେଶବ—ଛବି ସବୁ ଅନୁଷ୍ଠାନ ମାନ ଯେତେ ବଢ଼ିବ ଭଲ କିନ୍ତୁ କେବଳ ନାମ ବଢ଼ା, କାମ୍ କା ବକତ ଦର୍ଶନ ଥୋଡ଼ା କଲେ ଲାଭ ନାହିଁ । କିଛି ନା କରିଦେଇ ଯଦି କେବଳ କେତେ ଜଣ ମିଶି ଗାଁର ସେବା କର ତେବେ ତମର ଉଦ୍ଦେଶ୍ୟ ସିଦ୍ଧିରେ ବ୍ୟାଘାତ ହେବ ନାହିଁ । ଅବଶ୍ୟ ନାମ ଦେବାଠାରେ ଅବଶ୍ୟକତା ଯେ ନାହିଁ, ତାହାନୁହେଁ ।

୧୫୪ ବକୁଳ—(୧) ତମେ ଛାତ୍ର ସଂଘର ସମ୍ପାଦକ ହୋଇ ସମ୍ପାଦକୀୟ ଦାୟିତ୍ୱ ବହନ କରିବାର ଯୋଗ୍ୟତା ଦେଖାଇ ପାରିଲେ ମୁଁ ବଡ଼ ଖୁସି ହେବି ।

(୨) ନାନାଦି ଅସୁବିଧାରୁ ତଗର ବାହାରିବାରେ ବେଳେ ବେଳେ ଡେରିହୁଏ । ଆଶାକରେ ନାଗମାନେ କ୍ଷମାଦେବେ ।

(୩) ସ୍ଥାନାଭାବରୁ ଲୁପନା ଦିଆଯାଉ ନାହିଁ । ସମୟ ସମୟରେ ବାହାର କରିବୁଁ ।

(୪) ତମେ ପରୀକ୍ଷାରେ ପାସ କଲେ ମୋତେ ତ୍ରାସେ ଭୋଜନ ଦବଟିକି ?

୨୩ ଲକ୍ଷ୍ମୀନାରାୟଣ—ଅନ୍ୟାନ୍ୟ ଲେଖକଙ୍କ କବିତା ଗପ ସଙ୍ଗରେ ଅଜାଙ୍କ ଜବାବକୁ ଏକ ଆସନ ଦେବା ଉଚିତ ନୁହେଁ ।

(୨) ଯେ କେହି ଏକକାଳୀନ ୫୨୫୦ ଦେବ ସେ ତଗରର ସହଯୋଗୀ ସଭ୍ୟ (Associated member) ହେବେ । ଏବଂ ସେ ଆଜୀବନ ତଗର ବିନାମୂଲ୍ୟରେ ପାଇ ପାରିବେ । ଏ ନିୟମ ନୂଆ କରା ଯାଇଛି । ତମେ କେତୋଟି ସଭ୍ୟ କରିପାରିଲେ ତଗରର ତଥା ଦେଶର ଉପକାର ହୁଅନ୍ତା ।

(୩) ତମେ ଋଷାନନ୍ଦଙ୍କୁ ପଚାରିପାର ସେ କିଆଁ ଉତ୍ତର ନଦେଲେ ।

(୪) ୧୨ ଓ ୧୧୨ ନାଗ ତମ ଚିଠିର ଉତ୍ତର ନଦେଲେ, ମୋର କି ହାତ ଅଛି ? ତମେ ପୁଣି ଲେଖ । ତମ ଉପରେ ସେ ରାଗି-ଥିବେ ।

(୫) ନାଗବନ୍ଧୁଙ୍କ ନାମ ବାହାରିବା ବେଳେ ପୁରା ଠିକଣା ନଦେବା ବିଷୟରେ ଆମ୍ଭେମାନେ ମଧ୍ୟ ଭାବୁଥିଲୁଁ । ନୂଆ ବର୍ଷରୁ ସେ ଅଭାବ ହେବ ।

୨୧୯ ଅବଦୁଲ—ମୁଁ ସମ୍ପାଦକ ହୋଇନାହିଁ । ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର ସମ୍ପାଦକ ହୋଇ ଅଛନ୍ତି ।

Digitized by srujanika@gmail.com

(୨) ନୂଆବର୍ଷ ଠାରୁ ନଗବଗ୍ଗଙ୍କ ପଣ୍ଡି ପୁର ୨ପୃଷ୍ଠା ରହିବ ।

(୩) ଖବ ଦନରେ କାଳ ପାଣି ଫାଟି ଯାଇଛି—ଶୁଣି ପାଉନାହିଁ ।

(୪) ପତ୍ରିକାକୁ ସଚଚ କଲେ ଯେଉଁ ପ୍ରାଥମିକ ଏବଂ ଆନୁସଙ୍ଗିକ ଝର୍ଣ୍ଣମାନ ହେବ ତା ବହନ କରିବାର କ୍ଷମତା ଗରବ ଉଗରର ନାହିଁ ।

(୫) ପୁରୁଣା ସଂପାଦକଙ୍କ ମାୟା ନାରୟଣ ଜାଣନ୍ତି ।

୨୧୧ ବାଧୁ—ଅଳ୍ପକାଳ ଓଡ଼ିଆ ବନ୍ଧୁଙ୍କ ବାଲଛ ଫେସନ ସମ୍ବନ୍ଧରେ ତମର ଭଉଣୀ ନାଗବଚ ଯେଉଁ ମତ ଦେଇଛନ୍ତି ତା ଠିକ । ଜଣାପଡ଼େ ନାଗବଚ ବଡ଼ ବୁଦ୍ଧିମତୀ । କିନ୍ତୁ ତମ ଅଣ୍ଣଙ୍କ ସଙ୍ଗରେ ତାଙ୍କର କି ସମ୍ବନ୍ଧ କି ? ତାଙ୍କୁ ତମ ଅଣ୍ଣ ଚିହ୍ନନ୍ତି ନାହିଁ କି ମୁଁ ଚହ୍ନେ ନାହିଁ ।

୧୪୧ ରାମଚନ୍ଦ୍ର—ଖାଲି କାଗଜରେ April fool ଲେଖିଦେଲେ ମୁଁ fool ହେବ ନା ! fool ବନାଇବା ପାଇଁ ବୁଦ୍ଧି ଲୋଡ଼ା ।

## ଲେଖା ମାଗ ।

୧୫୪—ଶଙ୍କ, ୧ ଏବଂ ୬ ନମ୍ବର ନାଗଙ୍କୁ ଲେଖା ମାଗ କରିବାକୁ ଗୃହାନ୍ତି ଓ ସେମାନଙ୍କ ଠାରୁ ପତ୍ର ଆଶା କରନ୍ତି ।

୨୩—ଶଙ୍କ, ୬, ୨ ଓ ୧୭ ନମ୍ବର ଭାଇ ଭଉଣୀଙ୍କ ଠାରୁ ପତ୍ର ଆଶା କରନ୍ତି ।

## ନୂଆ ନାଗବଗ୍ଗଙ୍କ ନାମ ।

୨୨୧ । ଶ୍ରୀ ଅମ୍ବିକା ନାରାୟଣଦାସ P. M. High School, ଜାମସେଦପୁର । ୨୩୦ । ଶ୍ରୀ ବୈଷ୍ଣବ ଚରଣ ମହାନ୍ତି P. M. High School, ଜାମସେଦପୁର । ୨୩୧ । ଶ୍ରୀ କମଳାକାନ୍ତ ମହାନ୍ତି P. M. High School, ଜାମସେଦପୁର । ୨୩୨ । ଶ୍ରୀ ମାଧବ ଚରଣ ଲେଙ୍କା P. M. High School, ଜାମସେଦପୁର । ୨୩୩ । ଶ୍ରୀ ହେମନ୍ତ କୁମାର ପାଲ C/o Mr. A. C. Pal ରାଇରଙ୍ଗପୁର, ମୟୂରଭଞ୍ଜ । ୨୩୪ । ଶ୍ରୀ ପ୍ରାଣକୃଷ୍ଣ ସାମନ୍ତ, ମାରଚେଣ୍ଟ ଜିଲ୍ଲାସ୍କୁଲ ବାଲେଶ୍ୱର । ୨୩୫ । ଶ୍ରୀ ଭରତ ସାହୁ— ବିଷ୍ଟୁପୁର ବଜାର, ଜାମସେଦପୁର । ୨୩୬ । ଶ୍ରୀ ଗୋପାଳ ପଣ୍ଡା ବିଷ୍ଟୁପୁର ବଜାର, ଜାମସେଦପୁର । ୨୩୭ । ଶ୍ରୀ ନୀଳକଣ୍ଠ ମହାନ୍ତି ରାଜହାଇସ୍କୁଲ ସରେଇକଲା । ୨୩୮ । ଶ୍ରୀ ବନମାଳୀ ଦାସ ରାଜହାଇସ୍କୁଲ, ସରେଇକଲା । ୨୩୯ । ଶ୍ରୀ ଉମେଶ ଚନ୍ଦ୍ର ସଡ଼ଙ୍ଗୀ ରାଜହାଇସ୍କୁଲ ସରେଇକଲା । ୨୪୦ । ଶ୍ରୀ ରଞ୍ଜିତ ମହାନ୍ତି, ଷ୍ଟୁଆର୍ଟସ୍କୁଲ, କଟକ ।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଗୃହେଁ; ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବଗ୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ $\frac{୦/୯}{୪୦୧}$ ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ

୨ ପୃଷ୍ଠା ପରରୁ

ଉପଦେଶ ଦେଲେ । ତାଙ୍କର ପ୍ରସ୍ତାବର ଫଳରେ ଭାରତରେ ଯେ 'ମେଉଗପ୍ପ' ଶାସନ ଲୁଚିବାର ସାର ହେଲା ଓ ଗାନ୍ଧୀଜୀ ସ୍ୱୟଂ କହିଲେ ବିଜ୍ଞେଟର ।

ଭଲ କଥା, ମାତ୍ର ଉପରେ ମୟୂର ପକ୍ଷୀ ଭିତ୍ତି ଭିତରେ ଡାମରା କାଉ ହୋଇ ବହିଲେ ତାତ୍ପର୍ଯ୍ୟଟା କଣ ? ସଦା ସଦା ଯାହା ହବାର ନ ହୋଇ ଗୋଟାଏ ଡେମୋକ୍ରେସିର ପରଦା ଟାଙ୍ଗି ରଖିବାରେ କି ଲାଭ ? ଓହୋ ! କଂଗ୍ରେସର ନୀତି ଯେ ସତ୍ୟ !...

ଅସ ମର ଟିକେଟ କଲେଜର ପିଲାଏ ଗୋଟାଏ ବ୍ୟାଜ୍ (badge) ବ୍ୟବହାର କରୁଛନ୍ତି, ଯହିଁରେ ଗୋଟାଏ ହଂସର ମୂର୍ତ୍ତି ରହିଛି । ଏଥିରେ ସେଠା ମୁସଲମାନ ପିଲାଏ ସେ ବ୍ୟାଜକୁ ବୟକଟ କଲେଣି । କାରଣ ତାହା ତାଙ୍କର ଧର୍ମ ବିରୋଧୀ । ହଂସ ପକ୍ଷୀର ଯେ ଗୋଟାଏ ଧର୍ମ ଅଛି ଏହା ଏତେଦିନଯାଏ କାହାରିକୁ ଜଣା ନ ଥିଲା । ଏବେ ଜାଣିଲୁ ହଂସଟା ହିନ୍ଦୁ ଚଢ଼େଇ । ସେଥିପାଇଁ ମୁସଲମାନ୍ ମାନେ ତା ହମ୍ମ ଖାଅନ୍ତି କି ? ଅର୍ଥାତ୍ ମୂର୍ତ୍ତି ଖାଇଲେ ....

ଆମ୍ଭେମାନେ ଶୁଣୁଥିଲୁଁ ଯେ କେବଳ ଗଡ଼ଜାତମାନଙ୍କରେ ହିଁ ରାଜାମାନେ ସବୁ ପ୍ରକାରର କର ବସାଇଥାଆନ୍ତି । ପରେ ଆଜି ନୂଆ କର ପାଇଁ ନାମ ଜଣାଇଲେ ଓଲୁକର ବୋଲି ଗୋଟାଏ କର ସୃଷ୍ଟି କରନ୍ତି । କିନ୍ତୁ ବ୍ରିଟିଶ ରାଜ୍ୟରେ ଯେ ଓଲୁକର ଆଦାୟ ହୁଏ ଏ କଥା ଆମେ ପ୍ରଥମେ ଶୁଣିଲୁ । ଏ କର ଅବଶ୍ୟ ସରକାର ଆଦାୟ କରନ୍ତି ନାହିଁ କିନ୍ତୁ ସରକାରଙ୍କ ତତ୍ତ୍ୱାବଧାନରେ ହୁଏ । ଓଡ଼ିଆରେ ଯେଉଁଠି ଯେଉଁଠି ମଠର କୁମ୍ଭାର ଘରୁ ଏକଗୁଣିଆ ମଠର ଚଳାନ୍ତି ସେଠି ଏହି ଓଲୁକର ନିଆଯାଏ ବୋଲି ଶୁଣିଲୁ । କଟକରେ ଏ କରଟାର ପ୍ରାଦୁର୍ଭାବ ଲୁଅଟେ ଭାରି ବେଶୀ । ପ୍ରଥମେ ପ୍ରଥମେ ଓଲୁ ବିଏ ବୋଲି ଗୋଟାଏ ଲକ୍ଷ୍ମୀ ସ୍ଥିର କରିବାକୁ ତତ୍କାଳୀନ ଜିଲ୍ଲା କଲେକ୍ଟରଙ୍କ ଉପରେ ଭାର ନ୍ୟସ୍ତ କରାଯାଇ ଥିଲା । ଜିଲ୍ଲା କଲେକ୍ଟର କୁଆଡ଼େ ଜଣେ ଭଲ ଓଡ଼ିଆ ଭକ୍ତ ଥିଲେ— ତେଣୁ ସେ କହିଲେ ଯେ କଲିକତାରୁ ଯିଏ ଆସିବ ସେ ଓଲୁ । ତେଣୁ କଟକର ମୋଟର କମ୍ପାନୀ ବାଲେ କଲିକତାଙ୍କ ଠାରୁ ସେହି ଦିନଠାରୁ ଓଲୁକର ଆଦାୟ କରି ଆସୁଛନ୍ତି । କଟକୀ ଲୋକେ ବାରଅଣା ଭଡ଼ା ଦେଲେ କଲିକତିଆ ଓଡ଼ିଆ ଭାଇ ପାଞ୍ଚ ସିକିକା ଦିଅନ୍ତି । କଟକର ମାନ ରକ୍ଷିଥିବାରୁ ସରକାର ସେ କଲେକ୍ଟର ଓ ମଟର କମ୍ପାନୀର କର୍ତ୍ତାମାନଙ୍କୁ ଇନାମ ଓ ଖିତାବ ବିତରଣ କରନ୍ତୁ ବୋଲି ଆମର ମତ । + +

ଶ୍ରୀମତୀ ସରଳା ଦେବୀ ବାଲ୍ୟ ବିବାହ ନିଷେଧ ଆଇନ ପାସ କରିସାରି ପୁଣି ଏକ ଯୌତୁକ ପ୍ରଥା ନିଷେଧ ଆଇନ ଆଣୁଛନ୍ତି । ଶ୍ରୀମତୀ ସରଳା ଦେବୀ ତାଙ୍କ ଜାତକଥା ଯେତେ ବୁଝୁଛନ୍ତି ଆମ୍ଭେମାନେ ଅନଭିଜ୍ଞ ଥିବାରୁ ସେତେ ବୁଝିପାରୁ ନଥିଲେ ହେଁ ଆଉ କେତୋଟି ଆଇନ ପ୍ରତି ତାଙ୍କ ଦୃଷ୍ଟି ଦେବାକୁ ଆଣୁଛୁଁ—ଯଥା:—ବିଧବା ବିବାହ ଆଇନ, ସଧବା ବିବାହ ଆଇନ, ବେଶ୍ୟା ବିବାହ ଆଇନ, ତ୍ୟକ୍ତଧବା ବିବାହ ଆଇନ, ସପୁତ୍ରଧବା ବିବାହ ଆଇନ, ବନ୍ଧ୍ୟଧବା ବିବାହ ଆଇନ, ଗର୍ଭଧବା ବିବାହ ଆଇନ, ବୃଦ୍ଧଧବା ବିବାହ ଆଇନ, ନପୁଂସକଧବା ବିବାହ ଆଇନ, ବିଦେଶଧବା ବିବାହ ଆଇନ, ରାଜନୈତିକଧବା ବିବାହ ଆଇନ, ଅର୍ଥନୈତିକଧବା ବିବାହ ଆଇନ, ସାହିତ୍ୟ ଧବା ବିବାହ ଆଇନ, ବୈଜ୍ଞାନିକ ଧବା ବିବାହ ଆଇନ, ଇତ୍ୟାଦି, ଇତ୍ୟାଦି, ଗାଂଧିକ ଇତ୍ୟାଦି ଇତ୍ୟାଦି । ଏ ସବୁର draft ପାଇଁ ଜଗର ଅଫିସକୁ ଅର୍ଡ଼ର ଦେଲେ ଆମ୍ଭେମାନେ ତାହା ଅନାଦରେ ହିଁ ତାଙ୍କ ଅଫିସ ପ୍ରସେଟ୍ରା କହି ସବୁ ଲେଖାଇ ପଠାଇ ଦେବୁ ।

Digitized by srujanika@gmail.com




# ଖବର ଅନ୍ତର

—ଭଦ୍ରକ ବରମଙ୍ଗାଠାରେ ଗାନ୍ଧି ସେବାଶ୍ରମ ତରଫରୁ ଶୋଭାଏ ପ୍ରଦର୍ଶନୀ ଓ ସମ୍ମିଳନୀ ହୋଇଗଲା । ଅଗ୍ନ୍ୟର୍ଯ୍ୟ ହରିହର ସଭାନେତା ହୋଇଥିଲେ ।

—ଅଗରପଡ଼ାଠାରେ ବାଲେଶ୍ବର ଜିଲ୍ଲା ଛାତ୍ର ସମ୍ମିଳନୀ ମହାସମାରୋହରେ ସମ୍ପାଦିତ ହେଲା । ଶ୍ରୀ ନବକୃଷ୍ଣ ସଭାପତି ।

...ଇନ୍‌କ୍ଲାବ୍ ଜିନ୍ଦାବାଦ୍ ।

—ରାଜକୋଟ ସମସ୍ୟା ଭାରତ ପ୍ରଧାନ ବିଚାରପତିଙ୍କ ଦ୍ୱାରା ନିଷ୍ପତ୍ତି ହୋଇଯିବା ସତ୍ତ୍ୱେ, ପୁଣି ଲୁଗଡ଼ ମୁଗଡ଼ ଲାଗିଲାଣି ।

...ହତେ ପ୍ରତାପେ କମ୍ପ ତୈଳଦାନଂ !

—ଇଟାଲି ଶାନ୍ତିଚୁକ୍ତି ଓ ଅହିଂସ ଭାବରେ ଅଲବାନିଆ ନାମକ କ୍ଷୁଦ୍ର ରାଜ୍ୟ ଜୟ କରି ନେଲା ।

...ତୁମ୍ଭ ନିର ଦଣ୍ଡି କହିବାର ଅଧିକାର ନାହିଁ ।

—ଅପ୍ରେଲ ନିଖିଳ ଭାରତ କଂଗ୍ରେସ କମିଟି କଲିକତାରେ ବସିବାର ଠିକ ହୋଇଛି । ନହାତ୍ମାଙ୍କ ଅସିବାର କଥା । ନଆସିବାର ବି କଥା ।

...ଛୀପୁରୀ ପଇସ ହେବ ନାହିଁତ ?

—ରାମଦୁର୍ଗ ନାମକ ଦକ୍ଷିଣ ଭାରତୀୟ ରାଜ୍ୟରେ ପ୍ରଜାମାନେ କେପି ଜେଲଖାନାରୁଗି କେତେଗୁଡ଼ାଏ ସିପାହୀଙ୍କୁ ମାରି ପକାଇଛନ୍ତି । ପୁଲିସ ଗୁଳିବି ଚାଲିଛି ।

...ଏଗୁଡ଼ା ପଟେଲଙ୍କର ନୂହେ ପଣ୍ଡିତଙ୍କ ପାଳି

—ମହାତ୍ମାଙ୍କ ପରାମର୍ଶ ଅନୁଯାୟୀ ନାନା ବଡ଼ବଡ଼ ରାଜ୍ୟ ମାନଙ୍କରେ ସତ୍ୟାଗ୍ରହ ଆନ୍ଦୋଳନ ମହକୁବ୍ କହିଛି ।

...ଫେଡ଼େରେସନ ମାନିନେବାର ସୂଚନା?

—ହାଇଦ୍ରାବାଦ ସତ୍ୟାଗ୍ରହ ଜୋର ଧୀରେ ଗୁପ୍ତେ ଚାଲିଛି । ସରକାର ଛଡ଼ା, ମୁସଲମାନ ପ୍ରଜାଏ ମଧ୍ୟ ଆର୍ଯ୍ୟସମାଜୀ ସତ୍ୟାଗ୍ରହୀଙ୍କୁ ଭୀଷଣ ମାଡ଼ ଦେଉଛନ୍ତି ।

...ହିଂସାଅର ସାତଶୁଣି ମାଫ ।

—ଇରାକ ରାଜ୍ୟର ରାଜା ଗାଜି ମଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ।

...ରାଜା ଜାତଙ୍କୁ ମୀନଶନି ପଡ଼ିଛି କି ?

—ମୋସଲର ଇଂରେଜ ରାଜଦୂତ ମି: ମାସୁନଙ୍କୁ ସେଠା ଉତ୍ତେଜିତ ଜନତା ଟେକାମାରି ମାରିପକାଇଛନ୍ତି ।

...ଗୋରା ଚମଡ଼ାରେ ହାତ ଦେବାର ଡରଟା ଏବେ ଉଡ଼ିଗଲାଣି କି !

—କଟକର ସମବାୟ ବ୍ୟାଙ୍କ ଡେପୁଟି ରେଜିଷ୍ଟ୍ରାର ଶ୍ରୀଯୁକ୍ତ ଏସ, ବସୁ କଟକ ସବଜଜଙ୍କ କୋର୍ଟରେ ସାକ୍ଷୀ ଦେଲାବେଳେ କଡ଼ା ମନ୍ତବ୍ୟ ପ୍ରକାଶ କରିବାଦ୍ୱାରା କୋର୍ଟର ଅପମାନନା କରିଥିବାରୁ ତାଙ୍କ ବିରୁଦ୍ଧେ ଦଣ୍ଡ ଦେବାର ଶୁଣା ଯାଉଛି ।

...ଯୁଗଟା ଲେଉଟି ଗଲାଣି ଯେ !

—ସେଠ ଯୁଗଲ କିଶୋର ବିରଲା ତାଳଚେର ପଳାତକଙ୍କୁ ୨୦୦୦ ଦାନ କରିଛନ୍ତି ।

...ସାତ୍ତ୍ୱିକ ପାଣ୍ଡୁନନ୍ଦନ !

—ପୁରବାଲାରେ ଶିକପୁଅ ଅକାଳର କୁଅପଥର ପଡ଼ି ହଜାର ଗୋରୁ, ଗାଇ, ପଶୁ, ପକ୍ଷୀ ମରିଛନ୍ତି, ଘରଦ୍ୱାର, ଘରଦ୍ୱାର ଭାଙ୍ଗିଛି ଓ ଜଣେ ମଣିଷ ବି ପଞ୍ଚତ୍ୱ ପାଇଛନ୍ତି ।

...ଶନି ପ୍ରକୋପ ?

—ବାଲେଶ୍ୱର ମ୍ୟୁନିସିପାଲିଟିର କଂଗ୍ରେସୀ କମିଶନରମାନେ କର ବଢ଼ାଉ ଥିବାରୁ, କରଦାତାମାନେ ଭୀଷଣ ଅନ୍ଦୋଳନ କରି ସେମାନଙ୍କୁ ତଡ଼ିବାର ସ୍ଥିର କରିଛନ୍ତି ।

...ଘର ଢେଙ୍କୀ କୁମୀର !

—ପୃଥିବୀ ଶାନ୍ତି ସ୍ଥାପନ ପାଇଁ ମାର୍କିନ ସଭାପତି ରୁଜଭେଲ୍ଟ, ଭଲଲୋକ ହୋଇ ବାହାରିଛନ୍ତି ମୁସୋଲିନୀ ଓ ହିଟଲର ଯଦି କବୁଲ କରିବେ ଯେ ସେମାନେ ୧୦ ବର୍ଷ ଲଢ଼େଇ କରିବେ ନାହିଁ ତେବେ ସେ ଭଲଲୋକୀ କରିବେ ।

...ଅଜଗରକୁ ନାରଦ ଗୁରୁ ।

—ଇଟାଲିର ରାଜା ଓ ଅବସିନିଆ ସମ୍ରାଟ ଇମାନୁଏଲ ନବବିଜିତ ରାଜ୍ୟ ଆଲବାନିଆର ରାଜାବୋଲି ଘୋଷିତ ହୋଇଛନ୍ତି ।

...ମୁକୁଟ ଗଣନାରେ ଇଂରେଜ ରଜାକୁ ବଳିଲେଣି ।




# ଅସଲି ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ ପର୍ଯ୍ୟନ୍ତ ଅଣ୍ଟିଧରା, କାନ ଟଣା ମୁଣ୍ଡବଥା ଝୁଣ୍ଟିଆ, କାଛୁ, ମଲୋ, ପୋଡ଼ା ଘା, ଛଉ ଦରଜ, ଅଣ୍ଡାବଢ଼େଇ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ । ପରୀକ୍ଷା ପ୍ରାର୍ଥନୀୟ । ଠିକଣା:—ଅସଲି ପଞ୍ଚଗୁଣା ତୈଳ ଅଫିସ୍—କଟକ ।

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇ

# ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରଏ ଏବଂ ବଳ, ମାଂସ, ତେଜଶକ୍ତି ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ସେ: ୧ରକୁ ୧୲୦, ସେ: ୪ରକୁ ୫୦ ସେ:କୁ ୫୲ ଭ: ପି:ରେ ଔଷଧ ଯାଏ । ଠିକଣା - କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏର୍, ଏମ୍, ପି,

ଦରିଦ୍ର ବନ୍ଧୁ ଔଷଧାଳୟ

ଖଟର ପଦା । ପୋ: ବୋଟାର ଜି: ବାଲେଶ୍ୱର ।


Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ସ୍ୱର୍ଣ୍ଣମନ୍ଦିର





ବାଲୁବଜାର, ପୋ. ଗୁନ୍ଦନୀଚୌକ—କଟକ ।




୫ ୨୦୯ ଙ୍କା ପୁରସ୍କାର ! ୫ ୨୦୯ ଙ୍କା ପୁରସ୍କାର !!

ସଦ୍‌ବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ କଷ୍ଟିମୂଲ୍ୟ ପଥରରେ ମନୋହର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା କିଛି ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଆମ୍ଭେମାନେ କାହାରିକୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଟଞ୍ଚ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଦେଖାଇଲେ ଆମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —



ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ
ବଜାର, ପୋ:—କଟକ ।



ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁପଞ୍ଚ ବଟୀ**

ଏକମାତ୍ର ଶିଶିରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ଉତ୍ତର ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।
ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା—ଶାରଦା ଔଷଧାଳୟ ଚୌଧୁରୀ ବଜାର, କଟକ ।


ପ୍ରକାଶକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**    ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

REG. NO. P—441 THE DAGARO—15-3-39.


# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତିରିକ୍ତ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ସ୍ନାୟବିକ ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ମୃତବତ୍ସା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ବ୍ୟାଧି ପ୍ରଶମନରେ ଏହା ଅଦ୍ୱିତୀୟ । **ମୂଲ୍ୟ—ଶିଶିକୁ ୧୲** ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ସଦ୍ୟୋଜାତ ଶିଶୁଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଅଉ ବାଲ ଘୁଣ୍ଟି ( ଘୋରା ଔଷଧ ) ଦେବା ଅନାବଶ୍ୟକ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ବାଗ, ଜ୍ୱର, କାଶ, ସର୍ଦ୍ଦି ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । **ମୂଲ୍ୟ—ଶିଶିକୁ ୦।୵** (ଛଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

**କବିରାଜ ଶ୍ରୀଧର ଗରବଡୁ, ଭିଷଗାଚାର୍ଯ୍ୟ**
ଆୟୁର୍ବେଦିକ ଫାର୍ମାସୀ
ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ହେଡଅଫିସ—ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ନିଜ ହାତରେ ଲବ୍ଧ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁ ୨ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଉର୍ଦ୍ଧ୍ୱ ।

ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ମିୟାଦି ପ୍ରାପ୍ତି ବୀମାରେ ହଜାର ପ୍ରତି ୫୦୲ ଓ ଆଜୀବନ ବୀମାରେ ୫ ୨୫୲ ଲାଭ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—କାଳିଗଳି, କଟକ । ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ ।**

ଇ ନ୍ ସ୍ ୟୁ ରେ ନ୍ସ

ସୋ ସା ଇ ଟି ଲି:


Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ବୈଶାଖ ପ୍ରଥମାର୍ଦ୍ଧ— ଆନନ୍ଦାଦ୍ ହି ଖଲୁ ଇମାନି ଭୂୟନ୍ତେ— ଦ୍ୱିତୀୟ ବର୍ଷ—୨୩ ସଂଖ୍ୟା

# ଡଗର



ଅଜାଙ୍କର ଆଉ ସେବା



ପାଇପ୍ ଧାରିଣୀ ପ୍ରିୟେ ସ୍ଥିର ହୁଅ କ୍ଷଣେ,
ମେଚିସ୍ ଲଗାଇ ଦିଏଁ ଚନ୍ଦ୍ରମା ବଦନେ !

---

ନୂଆ ବର୍ଷଠାରୁ

## ଡଗର

ଉତ୍ସାହପ୍ରଦ ନୂଆ ଆକାରରେ ବାହାରୁଛି ।

ଶୀଘ୍ର ଗ୍ରାହକ ହୁଅନ୍ତୁ ।

Digitized by srujanika@gmail.com


GOVERNMENT PRODUCTS.
ଆଉ ଚିନ୍ତା କଣ ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ ଟଟକା ସୁଲଭ
ଓଡିଶାର ସହର ମଫସଲ
ସବୁଠାରେ
ମିଳେ
GOVERNMENT OF BENGAL
TABLETS
QUININE SULPHATE
B.P.
1000 TABLETS
5 GRAINS EACH
ଏଜେଣ୍ଟସ:-
ଗୈଥ୍ରୀ ଏଣ୍ଡ କୋଂ ନ ୪ ବାଙ୍କଶାଲ ଷ୍ଟ୍ରୀଟ୍
ସାଓ୍ୟାଲେସ୍ ଏଣ୍ଡ କୋଂ ପୋଃ ବକ୍ସ ନ ୭୦ମ୍ବର
କଲିକତା

ଡଗର
ବୈଶାଖ ପ୍ରଥମାର୍ଦ୍ଧ
୨ବର୍ଷ ୨୩ଶ ସଂଖ୍ୟା
ଭଦ୍ରକ
୧ । ୫ । ୩୯




ଡଗର
ଖଣ୍ଡ—୦/
ବାର୍ଷିକ(ସଡାକ)୧।୮
ଛାତ୍ରମାନଙ୍କ ପାଇଁ୧।୧
ରାଜସଂସ୍କରଣ—୧୫୮

କବୀନ୍ଦ୍ର ରବୀନ୍ଦ୍ର ଆସିଥିଲେ ଶରଦନରେ ଟଙ୍କାଏ ପାଉଣ୍ଡ ପାଣିର ବ୍ୟବସ୍ଥା କରିବାକୁ । ତାଙ୍କପାଇଁ ଭଲ ଏକ ଜେଗାଘର ଯୋଗାଡ଼ ହୋଇଥିବ ଓ ଜେଗାସାଙ୍ଗ ଓ ବନ୍ଧୁ ବର୍ଗ ମିଳିଥିବେ ଏଥିରେ ସନ୍ଦେହ ନାହିଁ—କାରଣ ଓଡ଼ିଶାରେ କବି ଦେବତାଗୁଡ଼ା ପଣପଣ ହେ ।..

ଶ୍ରୀଯୁକ୍ତ ବିଶ୍ୱନାଥ—ଅହାହା—ଭୁଲହୋଇ ଗଲା—ମାନ୍ୟବର ବିଶ୍ୱନାଥ ମଧ୍ୟ ତାଙ୍କ ନାମ ମୂଳରେ 'ବିଶ୍ୱ' ଶବ୍ଦ ଦେଖି ତରବର ହୋଇ ବିଶ୍ୱ କବିଙ୍କୁ ସମ୍ବର୍ଦ୍ଧନା କରିବାକୁ ଗଲେ । ଓଡ଼ିଶାରେ କୌଣସି କବିଙ୍କ ସମ୍ବର୍ଦ୍ଧନା କରିବା କିମ୍ବା ମାନପତ୍ର ଦେବା ଏଇଟା ବୋଧହୁଏ ପ୍ରଥମ । ତେବେ ତପାଳୁ ଭିତରେ ଆମ ମନ୍ତ୍ରୀମଣ୍ଡଳୀ ନିଜ ନିଜର ଭାଗ୍ୟ ସୂର୍ଯ୍ୟଙ୍କୁ ଲକ୍ଷ୍ୟକରି ଏଦେଶରେ କବି ସମ୍ବର୍ଦ୍ଧନାଟାକୁ ତ ଏକାବେଳେ ଆଗରୁ ଆରମ୍ଭ କରିଛନ୍ତି । ଦେଖାଯାଉ ବିଶ୍ୱକବିଙ୍କ ସମ୍ବର୍ଦ୍ଧନାରୁ ତେବେ ପୁଣି ତଳକୁ ଖସିବେ—ବା ସେଇଠି ମନ୍ତ୍ରୀମାନେ ଦେଇ ଓଡ଼ିଶାର କବିକଳାକାର ମାନଙ୍କ ଭାଗ୍ୟରେ ଯଜ୍ଞ ସୂତ୍ର ବସାଇ ଦେବେ ।......

ଆମ ମତରେ କିନ୍ତୁ ଏଟା ବିଶ୍ୱକବି ସମ୍ବର୍ଦ୍ଧନା ନୁହେଁ—ବିଶ୍ୱନାଥ ସମ୍ବର୍ଦ୍ଧନା । ବିଶ୍ୱକବି ତାଙ୍କ ଜୀବନରେ ଏତେ ସମ୍ବର୍ଦ୍ଧନା ପାଇ ସାରିଛନ୍ତି ଯେ ଏ ସମ୍ବର୍ଦ୍ଧନାଟା ତାଙ୍କୁ ରସଗୋଲ୍ଲା ଖାଇସାରିବା ପରେ ମୁଢ଼ି ଦେବାଭଳି ପରି ଲାଗିଥିବ । କିନ୍ତୁ ପ୍ରକୃତରେ ସମ୍ମାନିତ କିଏ ହେଲେ? କବି ନା ନାଥ ? କୁସୁମ ପରଶରେ ପଟ ନଷ୍ଟ-ହେଲା ନା ପଟ ପରଶରେ କୁସୁମ ନଷ୍ଟହେଲା ?

ଏ ସମ୍ବନ୍ଧରେ ଆମେ କୋଟିଏ ଗୁପ୍ତ ସମ୍ବାଦ ପ୍ରକାଶ କରିବାରେ କ୍ଷମ ହୋଇଛୁଁ । ଯେଉଁଦିନ ରବୀନ୍ଦ୍ର ସମ୍ବର୍ଦ୍ଧିତ ହେଲେ ତାଙ୍କ ଦରଜନାବୃତ ଅସ୍ତୀଶ ବୟସରେ ଯେଉଁ ଦିନ କୁସୁମମାଳିକା ଲମ୍ବାଇ ଦିଆଯାଇ ଥିଲା, ସେଦିନ କୁସୁମ ଗନ୍ଧରେ କବି ବଡ଼ ଅସୁସ୍ଥ ବୋଧକଲେ । ସେତିକି ଯାକ କୁଆଡ଼େ ଛଟପଟ ହୋଇ ହୋଇ ଶୋଇ ପାରିଲେ ନାହିଁ । ମୁଖ ମଣ୍ଡଳରୁ ଝାଳବିନ୍ଦୁ ତରଳ ସରଳ ଭାବରେ ଗଳିବାକୁ ଅନର୍ଗଳ କଳକଳ ନାଦ କରି ଦାଢ଼ି ସଙ୍ଗରେ ପ୍ରବାହିତ ହେବାକୁ ଲାଗିଲା । ଅବଶିଷ୍ଟ ଦୁର୍ବାଦଳ ଚାମର-ଭଳି ସଦୃଶ ଚନ୍ଦ୍ରକିରଣରେ ଟକ ଟକ ମାରିବାକୁ ଲାଗିଲେ । ଫଳରେ କବିଙ୍କର ସ୍ୱାସ୍ଥ୍ୟ ହାନି ଘଟିଲା । ଏହାର କାରଣ ଅନୁସନ୍ଧାନ କରି ଡାକ୍ତରମାନେ ପରାଜୟ ସ୍ୱୀକାର କରିବାରୁ କବି ନିଜେ ତାର ତଥ୍ୟ ଆବିଷ୍କାର କରି କହିଲେ ଯେ ଯେଉଁ ଦେଶର ଲୋକେ ନିଜ ଘରେ ପ୍ରତିଭାର ପୂଜା କରି ଜାଣନ୍ତି ନାହିଁ ସେ ଦେଶର ବାହାରେ ପ୍ରତିଭାର ପୂଜା କରି ବୃଥା ଆଡ଼ମ୍ବର ଦେଖାଇବା ଦ୍ୱାରା ପ୍ରତିଭାର ବଡ଼ ଅପମାନ ହୋଇଛି; ତେଣୁ ସେ ଏପରି ଅସୁସ୍ଥ ବୋଧ କରୁଛନ୍ତି । ପୂଜା ଲୋକ ଦେଖାଣିଆ କଲେ ତା' ମୂଳରେ ଲୋକଙ୍କୁ ଭଣ୍ଡାଇବାର ପ୍ରବୃତ୍ତି ଥାଏ—ଏବଂ ତାହା ସବୁଠୁ ବେଶିମନ୍ଦ ବୁଝାଏ ।......

କବୀନ୍ଦ୍ରଙ୍କ ଲେଖାବଳୀରୁ ଯାଞ୍ଚ କଲେ ଯାହା ଆଖିରେ ପଡ଼ୁଛି ନାହିଁ ସନ୍ଦେହ କରାଯାଏ ସେ କବୀନ୍ଦ୍ରଙ୍କ ପୂଜା କଲେ ଆମ୍ଭେମାନେ ତାଙ୍କୁ କ'ଣ କହିବୁଁ ?

କିନ୍ତୁ ଆମ୍ଭେମାନେ ଶୁଣିଥିଲୁଁ ବାବାଜୀମାନଙ୍କର କୌଣସି ଖାଇବାର ଇଚ୍ଛା ହେଲେ ସେମାନେ କହନ୍ତି ସମସ୍ତ ଅଳ ପଲଉ ଖାଇ ସୁହାଉନାହିଁ ଏନିତ ବ ଦରକାର ବେଳେ ସମସ୍ତ କହିଲେହେଁ ଲୁଚିମା ବ ମାଗନ୍ତି । ଆମ ମନ୍ତ୍ରୀମାନେ ସେହିପରି ଭାବରେ କବୀନ୍ଦ୍ରଙ୍କୁ ସମ୍ମାନ ଦେଖାଇବାକୁ ଯାଇନାହାନ୍ତି ତ ? +

ଗୋଟାଏ କଥା ଅଛି—ଚେମରଟା ! ଗୋଟେ ଚଢ଼େଇ, ଆଉ ପ୍ରେସିଡେଣ୍ଟର ଗୋଟେ ହାକିମ ! ତା ସହିତରେ କାଲେଣ୍ଡର ଗୋଟେ 'ମିଉନିସିପାଲିଟି' ଏକଥାଟା ଯେତେ ଯୋଗ କରି ଦେଖିଁ ତେବେ ଅନ୍ୟାୟ ହେବନାହିଁ । ଅର୍ଥାତ୍ ଚେମରଟାକୁ ଚଢ଼େଇ ବୋଲିବା, ବା ପ୍ରେସିଡେଣ୍ଟଙ୍କୁ ହାକିମ ବୋଲିବା ଯାହା କାଲେଣ୍ଡର ମିଉନିସିପାଲିଟିକୁ ମିଉନିସିପାଲିଟି ବୋଲିବା ମଧ୍ୟ ତାହାହିଁ । ଏହାର ବଜେଟକୁ ଯାଅ । ଟଙ୍କାରୁ ୧୫ଅଣା ଖାଁ ଓ ଅଣାଏ ସଦର । ସେଥିରେ ପୁଣି ଗୋଟେ ମିନସିପାଲିଟି ତହିଁରେ ପୁଣି ଜଣେ ମେମ୍ବର—ତାଙ୍କର ପୁଣି ଗୋଟାଏ କାଉନ୍ସିଲ—ସେଥିରେ ପୁଣି ଦଳେ ଏପଟ ଦଳେ ସେପଟ—ଦଳେ ତଦ୍‌ପକ୍ଷ—ଦଳେ ନାଥ ପଟ । ଗୋଟାଏ ଭଲ ଫାର୍ସ ଏକା !...

ଏତେ ଲଢ଼ାଲଢ଼ି, ପାଗ ଭିଡ଼ାଭିଡ଼ି ଝଗଡ଼ା, ମୋଡ଼ାମୋଡ଼ି-ଦାନ୍ତ ଛଡ଼ାଛଡ଼ି, ଗଡ଼ାଗଡ଼ି ତଡ଼ାତଡ଼ି ଧଡ଼ାପଡ଼ି ଚାଲିଛି କୁଆଡ଼େ ଜଣେକିଏ ଖାଁ ଅଣକୁଳଗା ଚଉକିଦାର ଟିକସ ଜମାବନ୍ଦୀ ପାଇଁ । ଆମ କାନକୁ ଖବର ଆସିଛି ଯେ ଏ ମିନସିପାଲିଟିରେ ମନ୍ତ୍ରୀ ସୁମାର ହେଲ ଟିକିଏ ବଡ଼େ—ଘର ସୁମାର ନୁହେଁ । ମେଲେରିଆଗ୍ରସ୍ତ ଲୋକଙ୍କର ହାତଗୋଡ଼ ତୁଳନାରେ ଅବଶ୍ୟ ମୁଣ୍ଡଟା ବଡ଼ ଥିବାରୁ ଏ ନିୟମଟା ପ୍ରବର୍ତ୍ତନ ସରକାର କରିଛନ୍ତି ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆମକୁ ପଚାରିଥିଲେ ଆମେ ପେଟ ସୁମାର କରିବାକୁ କହିଥାନ୍ତୁ । କାରଣ ତଦ୍ୱାରା ମିନସିପାଲିଟିର ଆୟ ବଢ଼ିଥାନ୍ତା । କେବଳ ମେଲେରିଆ ମଲୁକର ପେଟଟା ଦେହର ସବୁ ଅଂଶଠାରୁ ବଡ଼ ଏହି କାରଣରୁ ନୁହେଁ; ଏହା ମଳରେ

ବାର୍ ଚିନ୍ତାପୂର୍ଣ୍ଣ ଗବେଷଣାମୂଳକ ତଥ୍ୟ ମଧ୍ୟ ଅଛି । ଏହା ଭଳି ବାଲେଶ୍ୱରବାସୀ ପ୍ରତ୍ୟେକ ପୁରୁଷ ୨ଜଣଙ୍କର ଓ ପ୍ରତ୍ୟେକ ସ୍ତ୍ରୀ ତେଳେଙ୍କର ଟିକସ ଦେବେ । ପୁରୁଷ ନିଜ ପାଇଁ ଓ ତା ପେଟରେ ଥିବା ପିଲେ ( ପିଳେଇ ) ପାଇଁ, ସ୍ତ୍ରୀ ତାର ନିଜପାଇଁ, ତାର ବର୍ତ୍ତମାନ ଭବିଷ୍ୟତ ଓ ଅନାଗତ ଭବିଷ୍ୟତ ଶାବକ ମାନଙ୍କ ପାଇଁ ତଥା ପେଟରେ ଥିବା ପିଳେଇ ପାଇଁ ଏପରି କୋଟି ଲୋକର ଟିକସ ଦବ ।

ଅରେ ବାବା, ମିଉନିସିପାଲିଟିର ତ ଘର ସଫାଇ ରାସ୍ତା ସଫାଇ ସାଙ୍ଗରେ ମାମଲା, ସେ ଭାଇ କେତେ ବଡ଼ କେତେ ଛୋଟ ଘର ଦେଖିବା କଥା—ତା ଉପରେ ଏ ପରସନେଲ ବା ବ୍ୟକ୍ତିଗତ ଟିକସ କାହିଁ ? କ'ଣ ବ୍ୟକ୍ତିଗତ ସଫାଇର ବ୍ୟବସ୍ଥା ଏ ମିଉନିସିପାଲିଟିରେ ଅଛି କି ? ବ୍ୟକ୍ତିଗତ ଆୟ ଦେଖି ଟିକସ କରିବା ସଙ୍ଗେ ସଙ୍ଗେ କେତେ ବାହା ଘରଣୀଙ୍କ ପଛେ ବ୍ୟକ୍ତିଗତ ବ୍ୟୟର ପରିମାଣଟା ଟିକଏ କର୍ତ୍ତୃପକ୍ଷ ଦେଖିବେ ଟି ?

ଅବଶ୍ୟ ମିଉନିସିପାଲିଟିର ଅଗ୍ରଗାମୀ କଂଗ୍ରେସ କର୍ମକର୍ତ୍ତାମାନେ ନୂଆ ଟିକସ ବନ୍ଦ କରିବା ଦ୍ୱାରା ଲୋକଙ୍କର ବଡ଼ ଅପ୍ରିୟ ଭାଜନ ହୋଇ ପଡ଼ୁଛନ୍ତି । ଅଚିନ ଯାହା କହୁଛନ୍ତି ତମେ ତ ଅଚିନ ଅମାନ୍ୟ କଲବାଲା— କଂଗ୍ରେସିଆ ଅଛ । ଭଲ ଅଚିନ ଖରାପ ଅଚିନ ଡଗରର ଗୋଟାଏ କ'ଣ—ସବୁ ଭାଙ୍ଗିଯିବ – ଲଟିମାର ଭଙ୍ଗରେ ଡାକ – ଯତ ସବ ଦେଶୀ-ଶାଗ ।

ଆମ କଥା ମାନ ଗୋଟାଏ ଉପାୟ କଲ— ଏବେ ଟିକସ ଉଠାଇ ଦିଅ – ଅଭ ଲକେ ଯାଇ ସହାନୁ ସଙ୍ଗେ ଅରେ ଥରେ ଲୋକଙ୍କ ଦରେ ଡାଇଖାନା ସଫା କର ଦେଇ ଅସ ! ନଚେତ୍ ଘର ମୁଣ୍ଡରୁ ବଳାଇବ ତେବେ ଚୈତାଳି ସାଧନା କର ବା ଅଳ ଯଦର ସ୍ୱପ୍ନ ଦେଇ ଅସ । ଅଚିର କଳମାନେ ଚାଉନଟା ଯାଇ ଡାଏ କାମ ଫଲ୍ଟା ସବେଇ ହେଇ ଯା – କହୁଲମାନେ ସଫେଇ ହୋଇ ଯିବ – ଗୁରୁଅଦ୍ଧେ ବଢ଼ ଲଗି ଯା' – ବଡ଼ ଲାଗିଯିବ । – ଗାଡ଼ିବାଜନା ଗୁଲୁ – ଗୁଲ୍‌ଲା । ବାଇନାଚ ହଉ – ହେଲା – କଣ ନହୋଇ ପାରିବ ? ଏ ସବୁ ନକଲ ଯାଏ ଭଳା ପରିଷାରେ ଲୋକଙ୍କୁ ଏ ସବୁ ଅମୋଦ ନ ଦେବା ଯାଏଁ ତମେ ଅଯୋଗ୍ୟ ଅପୁରୁଷ ବୋଲି ଗଣା ହେବଟି ? ... ...

ତେବେ ଗୋଟାଏ କଥାରେ ଆମକୁ ଏଥର କର୍ତ୍ତୃପକ୍ଷଙ୍କ କାମ ଦେଖି ବଡ଼ ଖୁସି ଲାଗିଲା । ଆମେ ସେଥିପାଇଁ ତାଙ୍କୁ ପ୍ରଶଂସା ନକରି ରହି ପାରୁ ନାହୁଁ । ଯେମିତି ମଥା – ସେମିତି ହୃଦୟ – ଯେମିତି ଛାଞ୍ଚ ସେମିତି ଉପିଜ । ଆମର ମନେହୁଏ ମିଉନିସିପାଲିଟି ଅସେ-ସର ନିଯୁକ୍ତ କାଶ ବାୟାସୁନଙ୍କ କାନଯୁକ୍ତ ପଢ଼ି ଥିଲେ । ସେଥିପାଇଁ ବାଛି ବାଛି ଟିକସ ଧାର୍ଯ୍ୟ କରିବାକୁ ନଗରଶ୍ରେଷ୍ଠ ବାଲେଶ୍ୱର ପାଇଁ ଜଣେ ତରୁଣ କର୍ମବୀର ନାଗରମୋହନଙ୍କୁ ଘେନି ଆସିଲେ । ଅଃ ରସିକତାର ଚୂଡ଼ାନ୍ତ । କିନ୍ତୁ ବା ବା, ବୁଝିଲ ନାହିଁ – ନାଗର ମୋହନଙ୍କୁ ଦେଖି ନାଗରିକମାନେ ଯେ କ୍ଷେପି ଉଠିଲେ ତେଣେ । ଗୋଳମାଳ ତ ହେଲା ସେଇଠି । ଗଡ଼ିଶୁ ବା ଅବୁଠାରୁ ଅଧିକ କେତେ କର ଜଣ ଜଣକ ଉପରେ ହେବ । ଏହି ତ ଉଗ୍ରର କର ଟିକସ ଧାର୍ଯ୍ୟ କରିବା କଥା । ଅର୍ଥାତ ପ୍ରତ୍ୟେକ ଲୋକ ଉପରେ ଏପରି ଗୋଟାଏ ପରିମାଣ ଟିକସ ଧାର୍ଯ୍ୟ ହେବ ଯାହାଠାରୁ ତାର ଅଉ ବେଶୀ ଦେଇ ପାରିବ ନାହିଁ ବରଂ ଅଡ଼ିଭି ଉଜର କଲେ କମ୍ ଛାଡ଼ି ଦେବ ଯିବ । ଏଭଳିଆ ଗହନ କାମରେ ସାଥ 'ସାତ ପୁରୁଣା ପୁରୁଣା ମିଳିବା ଉଚିତ ନା ଭେଣ୍ଡା ନେଣ୍ଡା ଯା ତା' ହାତରେ ଦେଇ ନିଶ୍ଚିନ୍ତ ହେବା ଭଲ ? ନାଗରଙ୍କ ମୋହନଙ୍କ ଉଜ୍ଜ୍ୱଳ ସାଧାରଣ ଟିକସରମାନ (Standard) ସଙ୍ଗରେ ନାଗରିକଙ୍କ ମାନ ସମାନ ହେଉ ନାହିଁ । ଆମ ମତରେ ଏହା ଦୂର କରିବା ପାଇଁ ଫେଡ଼େରେଲ କୋର୍ଟ ଚିପ ଜଷ୍ଟିସ୍ ସୁବରାୟନଙ୍କ ଠାକୁ ପଠାଯାଉ । × ×

ଆମେରିକାର ଜଣେ ବିଖ୍ୟାତ ସାମ୍ବାଦିକ ଗାନ୍ଧିଜୀଙ୍କ ସାଙ୍ଗରେ ମୁଲାକାତ କରି ତାଙ୍କୁ ପଚାରିଲେ "ବର୍ତ୍ତମାନ ପୃଥିବୀର ଯେଉଁ ଭୟଙ୍କର ଅବସ୍ଥା ଦେଖାଯାଉଛି, ତାହା ନିବାରଣର ଆପଣ କିଛି ଉପାୟ କହି ପାରିବେକି ?" ମହାତ୍ମା ଉତ୍ତର ଦେଲେ, "ଯଦି କାମୀ ଜାତିମାନେ ଅର୍ଥାତ୍ ଇଂରେଜ ଫରାସି, ଆମେରିକା, ଅଷ୍ଟ୍ରେଲିଆ ବନ୍ଦ କରି ଦିଅନ୍ତି, ଓ ପ୍ରକୃତ ନିରସ୍ତ୍ର ହୋଇ ପଡ଼ନ୍ତି, ତେବେ ସ୍ୱାର୍ଥ ହିମ୍ମତ ଦେଖି ହିଟଲର ବି ତରିଯିବେ । ପୃଥିବୀ ଆଉ ରଣ ବା ଲୋକକ୍ଷୟ ହେବନାହିଁ ।"

ଏମାନେ ନିରସ୍ତ୍ର ହୋଇ ପଡ଼ିଲେ ଲୋକକ୍ଷୟ, ଜୀବହତ୍ୟା ବନ୍ଦ ହୋଇଯିବ ଏକଥା ନିଶ୍ଚୟ । କାରଣ, ନିରସ୍ତ୍ର, ଅସହାୟ ଦେଶ ଜିଣିବାକୁ ହିଟଲର କାହିଁକି ଜୀବହତ୍ୟା କରିବାକୁ ଯିବେ ? କେହି ତାଙ୍କୁ ବାଧା ନଦେଲେ ଯୁଦ୍ଧର ବା କାହିଁକି ହେବ ? ଅତଏବ—ଶାନ୍ତି । ହିଟଲର ବିନା ରକ୍ତପାତରେ ପୃଥିବୀର ରଜା ହୋଇ ଗଲେ—ଏହା ବେନେକେ ରାମ ରାଜ୍ୟ ।

## ଆରୋଗ୍ୟ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ଯେପରି ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଞ୍ଛିତ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଅସ୍ୱର ଏହି ମୋଦକ ଦୈନିକ ଦିନ ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରି ସକାଳେ ଭଲ ଭାବରେ ଗୋଟିଏ ପୋଟଲି ହୋଇଯିବ ଦୁର୍ବଳ ହେବ ନାହିଁ । ଅଳ୍ପ ମାତ୍ରା ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୁର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ, ପେଟ ଦରଜ ଦ୍ୱାରା ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରରେ ପକାଇ ଦିଏ । ପରେ ଔଷଧ ସେବନା ନକଲେ ଦୁର୍ଗନ୍ଧଯୁକ୍ତ ଝାଡ଼ା ହୋଇଥାଏ । ମୂଲ୍ୟ ୧୨ମାତ୍ରାକୁ ୧୯ ( ଏକଟଙ୍କା ) ୩୦ ମାତ୍ରାକୁ ୨।୵ ମାତ୍ର ।

Digitized by srujanika@gmail.com




ଅପଣାର ଛନ୍ଦ ଅଟେ ପ୍ରକାଶ କରିବାର କୌଣ ବେକ୍ଟର ବା ବୋକାମି ବୋଲି କହିପାରନ୍ତି, ମାତ୍ର ମୋ ଛାତ୍ର ପାଞ୍ଚ ଜଣଙ୍କ ଆଗରେ ପକେଇ ଦେଇ ସେମାନେ ଦେଲେ କିଛି ଉପକାର ହୋଇଯାଏ, ସେଇ ଆଶାରେ ମୁଁ ଏତକ ତ୍ୟାଗ ସ୍ୱୀକାର କରୁଛି । ଗାନ୍ଧୀଯୁଗରେ ।

କାହିଁକି ଯେ ମା'ବାପ ମୋ ନାଁ'ଟା ରଖିଥିଲେ କାର୍ତ୍ତିକ ରଥ ସେ କଥା ସେଇ ଜାଣନ୍ତି । କାର୍ତ୍ତିକେୟ ଦେବତା କୁଆଡ଼େ ଭାରି ସୁନ୍ଦର । ମୋ ସୁନ୍ଦର ଚେହେରାଟା ଶୁଣିବେ ? ଲମ୍ବରେ ପାଞ୍ଚ ହାତ, ରଙ୍ଗଟା ଦେବଦାରୁଶ୍ୟାମ, ଆଖି ପଦ୍ମପଲାଶ, ଅର୍ଥାତ୍ ପଦ୍ମ ପାଖୁଡ଼ା ନୁହେଁ, ପଦ୍ମ ପତ୍ରପରି ଗୋଲ ଗୋଲ । ଓଠ, ବିମ୍ବାଧର ଅର୍ଥାତ୍ ପାନଭୁଆ ପରି ମାଂସଳ ଓଠ ଯେ ଡାକ ପାନଖାଇ ଲାଲ । ନାକଟା ଥିଲା କେବଳ ଗ୍ରେସ୍ ନାକ । ହେଲେ ବି ବୀରର ଲକ୍ଷଣ ତ ! ଗ୍ରୀର୍ଣ୍ଣ ବା ଜାପାନୀଙ୍କ ଭଳି । ସବୁଠାରୁ ସୁନ୍ଦର ବାଳ ଏକା ସରସ । ଝୋଟ୍ ଦେଖିଛନ୍ତି ? ନ ଦେଖିଥିଲେ, ଜୋତା ବୁରୁସ ଦେଖିଥିବେ ତ ? ଆଉ କହିବି ନାହିଁ ।

ଏଭଳି ଅନ୍ଧର ଚେହେରା ଯେଣୁ ମୁଁ ଯେ କାହିଁକି କାର୍ତ୍ତିକ ହେଲି ବୁଝିପାରୁ ନାହିଁ । ତେବେ ଗୋଟାଏ ବଡ଼ଗୁଣ କାର୍ତ୍ତିକଙ୍କ ସହିତ ମୋର ସମାନ ଥିଲା । ସେଟା ହେଉଛି—ଚିର କୌମାର୍ଯ୍ୟ । ବୟସ ତିରିଶ ଟପିଲା, ତଥାପି ହାତରେ କାଣି ଲାଗିଲା ନାହିଁ । ବାପମା ଚେଷ୍ଟା କରି କରି, ଶାଇ ପଡ଼ଶା ବୁଲୁଲା ମାଉ ମାଉ, ଖାଙ୍ଗଶାଖି ଟାଏସ କହି କହି, ଓ ଅଟେ ମୁଁ ଟୁକୁଅରେ ମୁହିଁମାଡ଼ ଝୁଣ ଝୁର ମଧ୍ୟ, ପ୍ରଜାପତି ନିଷ୍ଟୁର ହୋଇ ବସିଲେ ।

ବେଳେ ବେଳେ ମନ-ଦୁଃଖ, ମୁଁ ଜଣେ ସତେ ଏଡ଼େ ଅସୁନ୍ଦର, କୁତ୍ସିତ. କୁରୂପ ! ଯାଇ ଅବସରେ ମୁହଁଟା ଦେଖେଁ । ଦେଖି ମନଟା ଫିଟା ହୋଇଯାଏ । ଭାବୀ ପତ୍ନୀଙ୍କ ଉପରେ କରୁଣାର ସଞ୍ଚାର ହୁଏ । ହାୟ ଯାହାର କପାଳ ଫାଟିଥିବ ଯେ ଏ ଜନ୍ତୁ, କାହାର ହାତ ଧରିବ !

ଉପନ୍ୟାସରେ ପ୍ରେମ, ଯାତ୍ରାଡ଼ର, ସ୍ନୋ, ଲେଖକ ପ୍ରଭୃତି ଯେ ଚାଲି ନକରନ୍ତି ତାହା ନୁହେ—ତେବେ ସେସବୁ ତୁଚ୍ଛା ଠକାମି ବୋଲି ଜାଣିପାରି ଆଉ ସେଥିରେ ମନ ବଳାଇଲିନାହିଁ । ନେଚର ବା ପ୍ରକୃତି ଉପରେ ଛାଡ଼ିଦେଇ ମନ ମାରି ରହିଗଲି—ନଭେଲ ।

# ଆକର୍ଷଣ

ଲେଖକ:—ଅପ୍ରେମିକ

ହଁ, ମୁଁ ବେଶି ବାହାରି ସାଙ୍ଗେ ମିଳାମିଶା କରିବାକୁ ଯୁଖ ପାଏ ନାହିଁ । କାହିଁକି, ତାହା ବୁଝି ପାରୁଥିବେ । ମୋତେ ନ କେହି ସୁଖ ପାଆନ୍ତି ନାହିଁ । ଦେଖିଲାକ୍ଷଣି ଯେପରି ଲୋକଙ୍କ ହାସ୍ୟରସ ଉଚ୍ଛୁଳି ଉଠେ ! ହାସ୍ୟ ପରିହାସ, କୌତୁକ, ପରିହାସ କରିବା, ବିଶେଷତଃ ମୋ ଚେହେରା ନେଇ, ବାହାଘର ନେଇ, ଥିଲା ବନ୍ଧୁମାନଙ୍କର ସ୍ୱଭାବ । ସେଇଥି ପାଇଁ ମୁଁ ଛାଡ଼ି ଦେଇଛି ସେସବୁ । ମୋର ଭାରି ଆନନ୍ଦ ପଢ଼ିବାରେ । ପୋଥିପତ୍ର ସାଙ୍ଗରେ ବନ୍ଧୁତ୍ୱ କଲେ ସେମାନେ ଏଭଳି 'ନିଷ୍ଠୁରତା ବା ବିଦ୍ରୂପ କରନ୍ତି ନାହିଁ । ବରଂ ରସ ଉପଭୋଗ, ଆନନ୍ଦ ଉପଭୋଗ, ଜ୍ଞାନ ଉପଭୋଗ ଆଉ ମନ ସ୍ନେହ, ଶ୍ରଦ୍ଧା, ସହାନୁଭୂତି—ଯାହା ଲୋକଙ୍କଠୁଁ ମିଳିବ ଏବେ ନାହିଁ ଜମାରୁ ।

ନଭେଲ, ନାଟକ, କବିତା, ଗଳ୍ପ, କାବ୍ୟ ଇତ୍ୟାଦି ତ ଖୁବ ପଢ଼େଁ—କିନ୍ତୁ ସବୁଠାରୁ ଭଲଲାଗେ ମୋତେ ପଢ଼ିବାକୁ କାମଶାସ୍ତ୍ର ବା ଯୌନ ମନୋବିଜ୍ଞାନ (Sex Psycho logy) । ସେଥିରେ ମୁଁ ଖାଲି ତୃପ୍ତି ପାଏଁ, ସେପରି ଆଉ କାହିଁରୁ ପାଏଁ ନାହିଁ । ତାର କାରଣଟା ମୁଁ ଆତ୍ମ ବିଶ୍ଳେଷଣ (introspection) କରି ମଧ୍ୟ ବୁଝିଛି । କାରଣ ମୁଁ ନିଜେ ଜଣେ Psychologist (ମନୋବିଜ୍ଞାନୀ) କିନା ! କଥାଟା କହିବାକୁ ଟିକିଏ ଲାଜ ମାଡ଼ୁଛି—ସତ; କିନ୍ତୁ ନ କହିବି କାହିଁକି ? କଳିକଥା ଛପେଇଛି ଯେ !

କଥାଟା ହେଉଛି କି—ଯେ—ଯଦି ଆଶା, ଅଭିଳାଷ, ଆକାଂକ୍ଷା ଯାହାର ପରିପୂରଣ ହୋଇ ନପାରେ, ତାହା ଜମାଟବାନ୍ଧି ମନଭିତରେ ଗୋଟାଏ ତୃଷ୍ଣା ଉତ୍ପାଦନ କରେ । ଏଟା ମନୋବିଜ୍ଞାନର ତଥ୍ୟ । ତା—ମୋ ମନ ଭିତରେ ଗୋଟାଏ ଅପୂରିତ ଆକାଂକ୍ଷା ବା ଅତୃପ୍ତ ବାସନାରୁ ଜମି ଜମି ଗୋଟାଏ ବାଟ ଖୋଜିବାଟା ଆଶ୍ଚର୍ଯ୍ୟ କଣ ? ଆଉ ଖୋଲି କହିବନାହିଁ ଅଧିକ; ବୁଦ୍ଧିମାନ ପାଠକ ବୁଝିନେବେ । ଖାଲି ଏତିକି କହୁଛି ଯେ ଯୌନ ଶାସ୍ତ୍ର ପଢ଼ିବାକୁ ମୋତେ ଭାରି ଭଲ ଲାଗେ ଓ ମୁଁ ସେଥିରୁ ପାଏ ଗୋଟାଏ ଅଦ୍ଭୁତ ତୃପ୍ତି ।

ହଁ, ଏବେ କଥା କହୁଛି ହେବଲକ୍ ଏଲିସ୍ ହେବ—ପଢ଼ିଲି ଯେ ଆକର୍ଷଣର ନିୟମ ହେଉଛି ବିପରୀତକୁ ବିପରୀତ ଟାଣେ । ସମ ସହିତ ସମର ବୈରିଭାବ—ଆଉ ଅସମ ସହିତ ମିତ୍ରତା । ଯଥା, ବଡ଼ା ମଣ୍ଡାଯ ଲୋକ ସହିତ ଧୀର ସ୍ୱଭାବ ଲୋକର ମିତ୍ରତା ହୁଏ । ପଜିଟିଭ୍ ନେଗେଟିଭ୍କୁ ଖୋଜେ । କୃପଣ ଉଦାର ବଦାନ୍ୟଠାରେ ଆକୃଷ୍ଟ । ସ୍ତ୍ରୀ ପୁରୁଷକୁ ଲୋଡ଼େ । ସାହସୀ ବ୍ୟକ୍ତି ଭୀରୁ ଅବଳା ସ୍ନେହ କରେ । ଦୁର୍ବଳ ଲୋକ ବୀରଙ୍କୁ ଭକ୍ତି କରେ । ଇତ୍ୟାଦି । ଏହି ଆଇନ ମୁତାବକ

Digitized by srujanika@gmail.com

ଦେଖିଲି, ସୁନ୍ଦରୀ ସ୍ତ୍ରୀ କୁତ୍ସିତ ପୁରୁଷକୁ ଅଧିକ ଭଲପାଏ ଏବଂ ଭାଇସ୍ ଭର୍ସା (vice versa)

କଥାଟା ସ୍ମରଣ କରି ମୋ ମନକୁ ଲାଗିଗଲା । ଅବେ ଧନ ... । ନା ହୋଇଥିଲେ, ଅରବୀ ଉପନ୍ୟାସର ସତୀ ସ୍ତ୍ରୀ ଘଟିତ କରି ଥାଆନ୍ତା କି? ବହାଦୁର କାମାଣୀର ରାଣୀ, ଘୋଡ଼ା ସହିସ ସାଙ୍ଗରେ ଏଇପରି କେତେ କଥା ଯାହା ସବୁ ଉପନ୍ୟାସରେ ପଢ଼ିଥିଲି, ସବୁ ଗୋଟି ଗୋଟି ହୋଇ ମନରେ ପଡ଼ିଗଲା । ସ୍ପଷ୍ଟଙ୍କ ଆଜ ଭଲ ପ୍ରମାଣ କଣ ହୋଇପାରେ ?

ମନଟା ଏତେ ଖୁସି ହେଲାଯେ କଣ କହିବି । ବୋଧହୁଏ ଏପରି ସୁଖ ମୁଁ କେବେ ଅନୁଭବ କରି ନଥିଲି ଜୀବନରେ । ଯାହାକୁ କହନ୍ତି red letter day ମୋର ଆଜ ।

ଗର୍ବରେ, ଉତ୍ସାହରେ ଆନନ୍ଦରେ ଛାତି ଫୁଲି ଉଠିଲା । ନିଜ ପ୍ରତି ଯେଉଁ ଧିକ୍କାର ଭାବଟା ଥିଲା ଏତେ ଦିନ ଯାଏ, ଆଜ ତାହା ଜଳିଟି ପଡ଼ି ହୋଇଗଲା ଅହଂଗୌରବର । ମୋର ଏଇ ଅନିନ୍ଦ୍ୟ ଅନବଦ୍ୟ ଚେହେରାଟାକୁ କେତେ ପ୍ରଶଂସା କରି ମନେ ମନେ, ଈଶ୍ୱରଙ୍କୁ କେତେ ଧନ୍ୟବାଦ ଦେଲି ଏ ମହତ ଅନୁଗ୍ରହ ପାଇଁ ।

ତାପରେ । ସେଦିନ ପଡ଼ିଲି ବାହାରି । ଏକଦମ ସଜାଡ଼ି କେହି ନଚାହିଁବେ । ସେମାନଙ୍କ କରିବା ପାଇଁ । ଏ ଜୀବନଟା, ଏ ଦେହଟା, ଏ ରୂପଟା ବ୍ୟର୍ଥ ନୁହେଁ ତେବେ । ଖାଲି ତାହା ନୁହେଁ, ବରଂ ସାର୍ଥକ ।

ଅସି ସାଧାସିଧା, ଜାଣିଶୁଣି ଅଲଗଲା ପୋଷାକରେ ବାହାରିଲି ପୁରୀ, ସମୁଦ୍ର କୂଳକୁ । ସେଠି ନୂଆ ନୂଆ ସୁନ୍ଦରୀଙ୍କର କେତେ ଆମଦାନି । ଦେଖିବି ଅବେ—ପରୀକ୍ଷା ।

ବାଟରେ ଯାଉଁ ଯାଉଁ ଦେଖିଲି ଦୁଇଟି ନାରୀ ଦେଖିଲେ ଆଡ଼କୁ ଆସୁଛନ୍ତି । ଜଣେ ବର୍ଷିୟସୀ, ଆଉ ଜଣେ ଯୁବତୀ । ଖାଲି ଯୁବତୀ ନୁହେଁ, ସୁନ୍ଦରୀ, ଖାଲି ସୁନ୍ଦରୀ ନୁହେଁ, ସାତମତ ସୁନ୍ଦରୀ । ସେଥିରେ ପୁଣି କି ମଧୁରତା, କି ଚପଳତା!,—ଖେଳାଲେଳା ଖଞ୍ଜନାକ୍ଷୀ ଯାହାକୁ କହନ୍ତି ।

ସେ ମୋତେ ଚାହିଁଲା । ଚାହିଁ ହସିଲା । ଚାରି ଚକ୍ଷୁର ମିଳନ ହେଲା । ଅହା ! ସେ କି ଦୃଶ୍ୟ ! ଯେପରି ମୁକୁଳା ଫୁଲ ଫୁଟିଲା । ଯେପରି ବିଜୁଳି ଚମକି ଗଲା । ମୋ ଛାତି ଭିତରେ କଣ ଯେ ହୋଇଗଲା ତାହା ହମକଦାର ପାଠକେ ଏକା ବୁଝି ଥିବେ । ଭାବିଲି, କଥାଟା ଠିକ୍—ବିଲକୁଲ ଠିକ୍ । ନୋହିଲେ—

ସେଦିନ ସମୁଦ୍ରକୂଳେ ବୁଲି ବୁଲି ଆଉ କାହାରିକୁ ପାଇଲି ନାହିଁ । ଯାହାକୁ ପାଇଲି ସେମାନେ ଅତି ସୁନ୍ଦରୀ କେହି ନୁହନ୍ତି । ମୁଁ ଯେ ଅତି—ସେହିପରି ଉଲଟା ଅଡ଼ ଅତି ଠାଏ ନହେଲେ, ଆକର୍ଷଣଟା ହୋଇ ହେବ କିମିତି !

ମନ ଲାଗିଛି । ପୁଣି ତହିଁ ଆରଦିନ । ସେ ଦିନବି ତାକୁ ପାଇଲି ନାହିଁ । ଏଇପରି ଲଗାଡ଼ ଲଗାଡ଼ ତିନିଦିନ ବୁଲି ମଧ୍ୟ ମୋର ମାନସୀ ପ୍ରତିମାର ଭେଟ ମିଳିଲା ନାହିଁ । ମନଟା ଭାରି ଖରାପ । ଭାବୁଥାଏଁ, ସେ ହୁଏତ ମୋ ପାଇଁ କି ଅକୁଳ ହେଉ ଥିବ । ଅକାଶକୁ ଚାହିଁ ଚାହିଁ ହମୁଦ୍ର ଲହଡ଼ ଗଣିଗଣି ଦିନ ନେଉଥିବ । ଉଜାଗର ହୋଇ ଆଖି ଲୁହରେ କେତେ ଠକିଆ ଓଦା କରୁ ନଥିବ ! ଅହା ! ମୁଁ କି ନିଷ୍ଠୁର ! ସେ କି ଜାଣୁଥିବ ମୁଁ ବି ତାପାଇଁ କି ବ୍ୟାକୁଳ । ଯେପରି ବିରହୀ ଯକ୍ଷ !

ଚତୁର୍ଥ ଦିନ ଠିକ କଲି, ଆଜ କିମିତି ହେଲେ ତାକୁ ବାହାର କରିବି । ସେ ସମୁଦ୍ର କୂଳରେ ଯେଉଁ ଗୋଟାଏ ଘରେ ହେଲେ ଥିବ ତ । ଏମୁଣ୍ଡରୁ ସେମୁଣ୍ଡ ଦୁଇଥର ଧାଡ଼ିଦେଇ କିଛି ଠିକଣା ଯେତେ ନପାଇଲି, ମନକଲି ସବୁ ଘରେ ଥରେ ଲେଖାଏଁ ଅନ୍ୱେଷା କରିବି । ସେ ଦିନ ମୁଁ ମୋ ପାଣପଣକରି ଯାଇଥିଲି । ମନ୍ତ୍ରର ସାଧନ ଅବା ଶରୀର ପାତନ ।

କେଉଁ ଘରର ପଛପଟେ, କେଉଁ ଘରର ଆଗପଟେ, ଯେଉଁଠି ଯାହା ସୁବିଧା ମିଳିଲା, ଭଣ୍ଡି ଭଣ୍ଡି ଦେଖୁଥାଏ । ଏଇପରି ଦଶ ପନ୍ଦର ଘର ପରେ, ଗୋଟାଏ ଘର ଭିତରକୁ ନଇଁପଡ଼ି ଆଖି ପକେଇଛି କି ନାହିଁ—ଭିତରୁ କିଏ ସେଆଡ଼ୁ ବାହାରି ଆସିଲା ଗୋଟାଏ ଜୁଆଁ ମରଦ । ସେ ଆଇଲା କି ନ ଆଇଲା, କିଛି ନକହି ନପୁଛି, ଦେଲା ଥୋଇ ଗୋଟାଏ ବଜ୍ରମୁଷ୍ଟି ଚଟାସ କରି ମୋ କର୍ଣ୍ଣମୂଳରେ । ମୁଣ୍ଡଟା ଘୁରିଗଲା ସେଥିରେ 'ହୁଁ—ହୁଁ' କରି । ପିଲାଦିନେ ବହେ ଦଣ୍ଡ ବୈଠକ କରିଥିଲି ବୋଲି ବଞ୍ଚିଗଲି, ନୋହିଲେ ଯାଇଥାନ୍ତି ସେଇଠି ଯମଙ୍କର ଘର ।

ଗୁପ୍ପଡ଼ା ମାରି ସାରି ସେ ଗୋଟାଏ ଭୂଷେ ଉଠେଇଲା ବେଳକୁ, ମୋ ସାହା ଉଡ଼ିଗଲା । ଲମ୍ବଦମ୍ବ ତା ଗୋଡ଼ତଳେ ପଡ଼ିଯାଇ କହିଲି "ମାଫ କରନ୍ତୁ ବାବୁ, ଗରିବ ଲୋକ," ସେ କହିଲା, "ଗରିବ ଲୋକତ ଏଠି ଉଣ୍ଡୁଥିଲୁ କାହିଁକି ? ଚୋରି କରିବୁ ?"

ମୁଁ କିଛି କହିବା ପୂର୍ବରୁ ସେ — ଆଉ ସେଗୁଡାକ କହିବି ନାହିଁ ।

ଗୋଳ ଶୁଣି ଭିତରୁ ଦୁଇଟି ମହିଳା ବାହାରି ଆସିଲେ । ଜଣେ କହିଲା "କଣରେ କଣରେ, ଦେବକୀ ?"

ଦେବକୀ (ସେ ଅପ୍ସରାଟା) ହସି ହସି କହିଲା 'ମା, ଏଇ ବଣଭାଲୁଟା ଏଠି ଅଇଁ ଉଣ୍ଡୁଥିଲାଯେ'

ଦେଖିଲି ଅବ ମହିଳାଟି—ସେ ଟିକଯାକ--ସେଇ !

ମୁଁ—"ହଜୁର ମୁଁ ଆସିଥିଲି, ଖୋଜ ଖୋଜ—"

ଦେବକୀ—କଣ ଖୋଜୁଥିଲୁ; କାହାକୁ ?

ମୁଁ କହିଲି "ଚାକିରି, ବାବୁ, ଚାକିରି ।" ଧର୍ଯ୍ୟସେଇ ହୋଇ କହିପକାଇଲି ଏତକ । କହି ଏକା ମୋର ଉପସ୍ଥିତ ବୁଦ୍ଧିକୁ ମନେମନେ ଭାରି ପ୍ରଶଂସା କଲି । ଏ ବିପଦ ବେଳରେ କି ବୁଦ୍ଧିଟା ବାହାରି ନପଡ଼ିଲା ଟି ।

ଏତିକିରେ ସମସ୍ତେ 'ହୋ-ହୋ କରି ହସି ଉଠିଲେ । ସେ ସହିତେ ।

ଦେବକୀ କହିଲା, ଖୁଡ଼ୀ, ଦେଖୁଛ ମ୍ୟା ମୁହଁଟା ! ଗୋଟାଏ ସିମ୍ପାଞ୍ଜି ନା କଣ ?

ଖୁଡ଼ୀ କହିଲା ଅଦ୍ଭୁତ ଜାନୁଆରଟି ଭାଇ ।

ଦେବକୀ — କେଶ୍ନ ମ୍ୟାକୁ ଧରି ପିଞ୍ଜରାରେ ରଖିବା ? ଚିଡ଼ିଆଖାନାକୁ ବେଶ୍ ସାଜିବ ।

ପୁଣି ସମସ୍ତେ 'ଠୋ-ଠୋ'କରି ହସି ଉଠିଲେ ଖୁଡ଼ୀ କହିଲା "କି ଚାକିରି କରିବ ଏ ?"

ଏଥର ମୋ ପ୍ରାଣ ନାଚି ଉଠିଲା । ଭାବିଲି, ଏଇତ ଆକର୍ଷଣ । ମୋତେ ପାଖରେ ରଖିବାକୁ ବା ମୋ ପାଖରେ ରହିବାକୁ ଗୋଟାଏ ପିପାସା । କହିଲି, "ସେବେଇ କରିବି ।"

Digitized by srujanika@gmail.com



ପ୍ରାଣର —

ତମେ ସେଦିନ ଆଖି ଯେପରି ଭାବରେ ଚାହିଁଗଲ, ଯେ ଦେଖିବ ସେ ମନେ କରିବ ଯେ ତମେ ଅଉ କେବେ ହେଲେ କେବେ ଅନ୍ୟର ମୁହଁ ବି ଚାହିଁବ ନାହିଁ । କିନ୍ତୁ ଅନ୍ୟ କେବେ ତା' ବିଶ୍ୱାସ କରି ପାରିବ କି ? ଅନ୍ୟ କ'ଣ ସଚିବାବୁଙ୍କ ଚିହ୍ନେ ନା, ନା – ସଚିବାବୁ ଅନ୍ୟକୁ ଚିହ୍ନି ନାହାନ୍ତି ? ଦେବତା ହେ, ତମେ ମୋ ହୃଦୟ କଥା ସବୁ ଜାଣୁଛ । ମୁଁ ଅଧିକ କ'ଣ ଲେଖିବି ? ନବବାବୁଙ୍କୁ ଟିକିଏ ଅଣା ଦେଇ ସହରକୁ ଡୋଲି ଧରି ପୁଣି ପୁନର୍ମୂଷିକ କରିବା ଉଦ୍ଦେଶ୍ୟରେ ଏତେ କାଣ୍ଡ କରିଗଲ । ବର୍ତ୍ତମାନ ତାଙ୍କର କବିତାର ସ୍ରୋତ ଅନର୍ଗଳ ଛୁଟିଛି । ସବୁ ମୋର ପାଇଁ – ମୋତେ ଉଦ୍ଦେଶ୍ୟ କରି ଲେଖା ଯାଉଛି । କିନ୍ତୁ ଯଉଁ କବିତା ସେ, ପଢ଼ିଲେ ହସି ହସି ଗଡ଼ିଯିବ ମଣିଷ । ଏଡ଼େ ଶୃଙ୍ଖଳ ଜୀବନ ଯେ ଟେବାଇଟେଲିଭ ରେବାଇ ହେବ ନାହିଁ । ଛଡ଼ନ୍ତୁ ସେ କଥା । ଆପଣ ବୋଧହୁଏ ଜାଣି ସାରିବେଣି ଯେ ଆପଣଙ୍କ ବାପା ମୋ ବାପାଙ୍କ ଠାରୁ ସମ୍ମତି ସୂଚକ ପତ୍ର ଦେଇଛନ୍ତି ଏବଂ ଲେଖିଛନ୍ତି ଯେ କୋଷ୍ଠି ମିଳିଛି । ମୁଁ ଭଗବାନଙ୍କୁ କ'ଣ କହି ଧନ୍ୟବାଦ ଦେବି ? କିନ୍ତୁ ଆପଣ, ଆପଣ ସ୍ୱରୂପ— ଆପଣହିଁ କେବଳ ପାଇବେ ତା' । ଇଚ୍ଛା କରି ମୋ ତରଫରୁ ତାଙ୍କୁ ଅନ୍ତରର ଅକୃତ୍ରିମ ଧନ୍ୟବାଦ ଜଣାଇବେ । ମୋ ଅନ୍ତର କଥା ଆପଣଙ୍କୁ ଅଜଣା ନାହିଁ । ସେହି ଶୁଭ ରଜନୀର ପ୍ରତୀକ୍ଷାରେ ରହିଲି ।

ତୁମରି ଦାସୀ—ଅନ୍ନୁ ।

## କବି

(୫ମ ସ୍ତର)

ଲେଖକ— ଶିଶୁପାଳ

ପୁ: ବର୍ତ୍ତମାନ ବାପା ବିବାହ ଦିନ ଠିକ କଲେ ଜ୍ୟେଷ୍ଠ ବାର ଦିନ ।

ହୃଦୟ ସ୍ୱାମୀ ମୋର,

ବାବା ଆପଣଙ୍କ ସହିତ ମୋତେ ବିବାହ ଦେବା ପାଇଁ ସ୍ଥିର କରିଛନ୍ତି । ଆପଣଙ୍କର ପିତା ଏ ପ୍ରସ୍ତାବରେ କାଳେ ଅମତ ହେବେ ସେହି ଭୟରେ ବିବାହ ଶୀଘ୍ର ହୋଇଯିବା ଉଚିତ ବୋଲି ଆମ ଘରର ସମସ୍ତେ ମତ ଦେଉଛନ୍ତି । ମୋ ଇଚ୍ଛା କଥା ଆପଣଙ୍କୁ କି ଲେଖିବି । ସେ ରାଜୀବପଦଯୁଗଳକୁ ଧ୍ୟାୟୀ ଧ୍ୟାୟୀ ଜୀବନ କାଟୁଛି । ମୂର୍ତ୍ତି ମୋତେ ଯୁଗ ଯୁଗ ପରି ଲାଗୁଛି । ସେ ଦିନର ମୂର୍ତ୍ତିର ପ୍ରତ୍ୟାଶାରେ ହୃଦୟ ଅସ୍ଥିର ଧାଇଁକି ହୋଇ ପଡ଼ୁଛି । କିନ୍ତୁ, ଅଉ ଡେରି ସହ ପାରୁନି ନାହିଁ । ମରିଯିବି— ମରିଯିବି— ମୋତେ କ୍ଷମା କର । ପ୍ରାଣ ବଞ୍ଚାଅ । ଆପଣଙ୍କ ବାପା ଯଦି ଅମତ ହୁଅନ୍ତି ଏବଂ ଆପଣ [illegible] କଥା ରଖନ୍ତି ତେବେ ମୁଁ ବିଷ [illegible] ଦେବି । [illegible] ଆପଣଙ୍କ [illegible] ଏବଂ ଆପଣ [illegible] ହେବେ । [illegible] ଅନୁ[illegible] ଆପଣ କାହାରିକି କିଛି ନ କହି ଶୀଘ୍ର [illegible] ବାହାରି ଆସନ୍ତୁ । ଏହିଠାରେ [illegible] ଗହଣରେ ବିବାହ ହୋଇଯିବ । ବାପା ଆସନ୍ତା ଜ୍ୟେଷ୍ଠ ମାସ ବାରଦିନକୁ ଦିନ ଠିକ କରିଛନ୍ତି । ସେଦିନ ରାତି ଦୁଇଟାରେ ଶୁଭ ବେଳା ଅଛି । ଯେତେବେଳେ ଦୁଇଟି ଦୂର ପ୍ରାଣୀ ନିକଟତରରୁ ନିକଟତମ ହେବେ— ସେଇଠି ଯୋଡ଼ିଏ ପ୍ରାଣ କୋଟିଏ ସ୍ୱରରେ ଗୁନ୍ଥା ହେବ—ସେତେବେଳେ କୋଟିଏ ଗୀତ ତାର ପ୍ରକୃତ ପଦ୍ମ ପଦ୍ମରେ ନିଛିବର ହେବ । କିନ୍ତୁ ସେହି ଶୁଭ ମୁହୂର୍ତ୍ତି—ଜୀବନର ସେହି ଅପୂର୍ବ ବେଳାକୁ ଚକୋର ପରି ଚାହିଁ ରହିଲି । ଆପଣ ସେଦିନ ୨ଟା ବେଳେ ବର ବେଶରେ ଯାଇ ଆମ ଘରେ ପହଞ୍ଚିବେ । କିନ୍ତୁ ତା' ପୂର୍ବରୁ ଆସି କଲିକତାରେ ପହଞ୍ଚିବା ଦରକାର । ଆପଣଙ୍କ ବନ୍ଧୁମାନେ ଆପଣଙ୍କୁ ସାହାଯ୍ୟ କରିବେ । ଭୁଲିବେ ନାହିଁ । ଅଉ ମୋଟେ ୧୪ ଦିନ ବାକିଅଛି ।

ପଚିଶର ଚିଠି ଦିନୁ ଅଉ ଖବର ନାହିଁ । ବୋଧହୁଏ ଅମନୋଯୋଗୀ କଲେ । କିଛି ଖବର ଜାଣନ୍ତି କି ?

ଅନୁଗତା ସଦ୍ଗୁଣ ମୁଗ୍ଧା ସେବିକା
ଅନ୍ନପୂର୍ଣ୍ଣା ।

---

ପୂର୍ବ ପୃଷ୍ଠା ଉତ୍ତାରୁ

ଦେଖନ୍ତୁ ଉପସ୍ଥିତ ବୁଦ୍ଧିଟା (presence of mind) । ବେଷେଷ୍ଟା ପୂଜାରୀ ହେଲେ ଅନ୍ଦର ମହଲରେ ରହି, ଅନ୍ତଃପୁର ବାସିନୀମାନଙ୍କ ସମ୍ପର୍କଟା — । ଦୁନିଆରେ ଏତେ ଗୁଣର ଆଉ ଥାଉଁ ମୋର ready wit କମିଡି ଲାଗିଗଲା । ଯାହା ହଉ ଯଦି ଲଖି ଯାଏ । କିନ୍ତୁ ହାସ୍ୟରେ କପାଳ – ଫଳ ହେଲା ଓଲଟା ।

ସୁଶ୍ରୀ ଏଃ-ଏଃ-ଖଃ-ଖଃ-ଥୁ-ଥୁ-କରି କହିଲା "ପ୍ରଭାସ ! ଏଇଟା ହାତରୁ କିଏ ଖାଇବ ? — ମେହେନ୍ତର ହାତ ?"

ଦେବକୀ କହିଲା "ଠିକ କହିଛ ସୁଶ୍ରୀ — ଅରେ ମେହେନ୍ତରର କାମ ଅଛେ ?"

"ନାଇଁ ହଜୁର – ବ୍ରାହ୍ମଣ"

"ଓଃ ବ୍ରାହ୍ମଣ ! ପଇତା ଅଛି ? ଦେଖେଁ !"

ପଇତା ? ପଇତା କେଉଁଠୁ ଅସିବ ? ଏଇ କଥାଟା ତରିଛରେ କହି ପକେଇ ପଡ଼ିଗଲି ବଡ଼ ବିପଦରେ । ଦେବକୀ ଛଡ଼ିବାର ପାତ୍ର ନୁହେଁ । ମୋ ପାଖକୁ ଅଗେଇ ଆସିବା ବେଳକୁ ମୁଁ ବି ପଛେଇ ପଛେଇ ଖସିଲି । ଯେତେବେଳେ ଦେଖିଲି ଯେ ନିସ୍ତାରଛଡ଼ା — ଭୁଲି ଦେ ଦୌଡ଼ — ଏକା ନିଶ୍ୱାସରେ । ସେ ମନ କରିଥିଲେ ବାଡ଼ପର [illegible] ଦେଇଥାଆନ୍ତା — କିନ୍ତୁ ସୁଶ୍ରୀ କହିଲା — [illegible] — ଯାଉନେ ଦେ — " ମୁଁ ବି ଚଲି ବଞ୍ଚ । [illegible]ଶଟା ଥିଲା ବୋଲି ସିନା !



Digitized by srujanika@gmail.com

# ଉତ୍ତର



ଡ଼ଃ ଦତ୍ତା କର ଅମୃ ଭୁହିଁଙ୍କ ନାମରେ ଲଣ୍ଡନର ପଥ ଟ୍ରେନ୍ ନ୍ୟୁ ଫେସନରେ ନୂଆ ଢଙ୍ଗରେ ଛପାଇ କେତେକ ଲେଖକମାନଙ୍କଠାରୁ ପଠାଉଛନ୍ତି । ମୁଁ ଏଥି ସଙ୍ଗେ ଯେଉଁ ବାଳିକା ଲେଖିକା ନାମ ଦେଲି ସେମାନଙ୍କଠାରୁ ମଧ୍ୟ ପଠାଇବେ ।

ଏ ଭଳି ଭୂରିଟିଏ ଚିଠି କ୍ରମାଗତ ଅନ୍ନପୂର୍ଣ୍ଣା ଏକ ନମ୍ବରର ଲଫାଫାର ଭିତରୁ ଚତୁର୍ଣ ଲେଖକ ଉଦ୍ଦେଶ୍ୟରେ ପୋଷ୍ଟ ଅଫିସର ପାଷାଣ ନିର୍ମିତ ବାକ୍ସ ମଧ୍ୟରେ ସମର୍ପଣ କରି ଚାଲି ଆସିଲା ।

× × ×

ଆଜି ଜ୍ୟେଷ୍ଠ ମାସ ବାରତାରିଖ । ଅନ୍ନପୂର୍ଣ୍ଣାର ବାହାଘର । ବାଜା ବାଜୁଛି । ଖିଆ ପିଆର ଧୂମ ଚାଲିଛି । ଅନ୍ନପୂର୍ଣ୍ଣା ନବ ବଧୂବେଶରେ କନ୍ୟା ସାଜିଛି । ହଳଦୀ ଲଗାଇ ମଙ୍ଗଳନ ପ୍ରଥା ଓ ବେଦୀଙ୍କ ପାଖରୁ ଉଠାଇ ଦେବାରେ ସେ ଅତି ଅଗ୍ରଣୀ । ଲକ୍ସ ସୋପ ତାର ଅଙ୍ଗ ସୌନ୍ଦର୍ଯ୍ୟ ଦୁଇଗୁଣ ବଢ଼ାଇଦେଇଛି । ଆଜି ତାର ମୁଖ ଚନ୍ଦ୍ରମାକୁ ଦେଖିବାକୁ ଗ୍ରାସ କରୁନାହିଁ — ହେଜଲିନ ସ୍ନୋରେ ତାର ମୁଖକାନ୍ତି ଦେଦୀପ୍ୟମାନ । କୁଙ୍କୁମ ଲେପନରେ ଆଜି ତାର ଅଙ୍ଗ ଗନ୍ଧ ବର ଭ୍ରମରଙ୍କୁ ଆକୃଷ୍ଟ କରୁନାହିଁ — Evening Parisର ଆଜି ତାର ଅଙ୍ଗ-ଗନ୍ଧର ବାରତା ସମସ୍ତଙ୍କ ନାକରେ ଶୁଣାଇ ଦେଉଥାଏ । ହଳଦିଆ ଶାଢ଼ୀ ପରିବର୍ତ୍ତେ ପରନ୍ତୁ ତା ନ ହୋଇ ସେ ଆଜି ନାନାଙ୍ଗି ରଙ୍ଗର ଜର୍ଜେଟ ଶାଢ଼ୀ ପରିଧାନ କରିଛି । ରୂପ ତାର କୋଟି ରତିଙ୍କୁ ଜିଣି ଯିବ କି ସତେ !

ହଠାତ୍ ଜଣେ ଅପରିଚିତ ଭଦ୍ରଲୋକ ଆସି ଯେଉଁଠାରେ ପହଞ୍ଚିଗଲେ । ତାଙ୍କୁ ଦେଖି ସମସ୍ତେ ଅବାକାବା ହୋଇ ଗୁହିଁ ଥାନ୍ତି । ଝୁର୍ ପତଳା ଲୋକ, ଢିଲଢିଲା ପୋଷାକ ଲୁଗାରେ ପରିଶୋଭିତ । ଆଖି ଯୋଡ଼ାରୁ ଜ୍ୟୋତି ପର୍ଯ୍ୟବେକ୍ଷଣ ଦୃଷ୍ଟି ଯେମିତି ସମସ୍ତଙ୍କୁ ଫୋଡ଼ି ପକାଉଛି । ସେ ହଠାତ୍ ଆସି ପଚାରିଲେ— ହେଁ ହେଁ ମିଶେସ୍ ଦାସ୍ କାହିଁ ଅଛନ୍ତି ? ମିଷ୍ଟର୍ ଏନ୍ କେ ଦାସ ?

ଦରଓ୍ୱାନ ଏପରି ଅଦ୍ଭୁତ ଲୋକଙ୍କୁ କେବେ ହେଁ ଦେଖି ନଥିଲା । ସେ କହିଲା ଆପଣ କାହାକୁ ଖୋଜୁଛନ୍ତି ? ଏଠି ଦାସ ଫାସ କେହି ନାହାନ୍ତି ।

'ମୁଁ ଜାଣେ ମୁଁ ଜାଣେ, ଆଜି ସନ୍ଧ୍ୟା ୭ଟା ପରେ ଏଠି ଦାସ ଦମ୍ପତିଙ୍କ ସାକ୍ଷାତ ମିଳିବ । ବର୍ତ୍ତମାନ ନବବାବୁ କେଉଁଠି ଅଛନ୍ତି ?

'ନବବାବୁ କିଏ ?'

"ଆରେ ବାଃ, ତମେ ନବବାବୁଙ୍କୁ ଜାଣ ନାହିଁ—ତମେ ବରକୁ ଜାଣ ନାହିଁ ?—ନା ଦରମାନ ହୋଇଛ ? ଆଉ ଏ କାର୍ଡ଼ ନେଇ କନ୍ୟାଙ୍କ ଗୁରୁ ହସ୍ତରେ ଦିଅ ।"

ଦରଓ୍ୱାନ ବୋକା ପରି ହୋଇ କାର୍ଡ଼ ନେଲା — ସେଥିରେ ଲେଖା ଥିଲା —

ଜଗଦାନନ୍ଦ ମହାପାତ୍ର 'ଅବଧୂତ'

ଓରଫ ଅନନ୍ତ ମହାନ୍ତି — ଲେଖକ, କବି, ସମ୍ପାଦକ ।

କାର୍ଡ଼ ଖଣ୍ଡ ପାଇ ଅନ୍ନପୂର୍ଣ୍ଣା ହସି ହସି ଗଡ଼ିଗଲା । ଦରଓ୍ୱାନକୁ କହିଲା, "ପଚାରି ଆସ ତାଙ୍କର ଏଠି କି କାମ ?"

ଦରଓ୍ୱାନ ଯାଇ ପଚାରିବାରୁ ସେ ଖଣ୍ଡେ ନିମନ୍ତ୍ରଣ ପତ୍ର ବଢ଼ାଇ ଦେଲେ । ଅନ୍ନପୂର୍ଣ୍ଣା ସେ ନିମନ୍ତ୍ରଣ ପତ୍ର ଦେଖି ଏତେ ହସିଲା ଯେ ସେ ଘରର କାନ୍ଥ ଗୁଡ଼ାକ ବି ଯେମିତି ହସି ହସି ଗଡ଼ିଗଲେ । ସେଥିରେ ଲେଖାଥିଲା —

ଭାଇ —

ଆମ ବାହାଘର ବାହାଘର । କେବେ ଜାଣ ? ଜ୍ୟେଷ୍ଠ ୧୪ ଦିନ । କେଉଁଠି କହିପାରିବ ? ମରୁଭୂମିର ଓଏସିସ୍ କଲିକତାରେ । ଏ ମିଠା ବନ୍ଧନ ଓ ମିଠା ବେଳାକୁ ତମେ ଆହୁରି ଅଧିକ ମିଠା କରି ପାରିବ ଯଦି ସେ ଦିନ ଏହି ଠିକଣାରେ ପହଞ୍ଚି ମଧୁମୟ ନବ ଦମ୍ପତିଙ୍କୁ ଅଭିନନ୍ଦନ କରି ପାରନ୍ତ ।

ତମର

ଅନୁ ଓ ନବ

କିଛି କ୍ଷଣ ପରେ ହସ ରୋଧ କରି ଅନୁ ଦରଓ୍ୱାନ ହାତରେ କହି ପଠାଇଲା ଯେ ତାଙ୍କୁ ବାହାରେ ବସିବାକୁ କହ ।

ଅତନୁବାବୁ ବସିଲେ । ଘଣ୍ଟା ଦଶଟାରୁ ସାତ ଘଣ୍ଟା ହେଲା । ଲୋକଙ୍କୁ ହିସାବ କରୁଥିଲେ । ସବୁଠୁ ନିଜେ କରୁଥାନ୍ତି — ଏଇ ଆସିଲେ ପରି ଖାଇବାକୁ ଡାକିବା ପାଇଁ । କିନ୍ତୁ କେହି ଆଉ ଖାଇବାକୁ ଡାକିଲେ ନାହିଁ । ନିଜେ ମଧ୍ୟ ଭିତରକୁ ଯାଇ ପାରୁ ନାହାନ୍ତି । କାରଣ ତାଙ୍କ ଯିବା ପରେ ପରେ କାଳେ କେହି ଆସି ଖୋଜିବ ଓ ଖାଇବାକୁ ଡାକିବ । ଏତେ ବଡ଼ ସୁଯୋଗଟା ଛାଡ଼ି ଦେବେ ନା ? ଏବେ ବାରଟା ବାଜିଗଲା, ପେଟ ଭୋକରେ ବାଧା ଦେଇ ଆସୁଛନ୍ତି । ପଲଉ କାଳିଆ ଛାଡ଼ ଯିବ କେମିତି ? ଦେଖୁଁ ଦେଖୁଁ ରାତି ବାର ହେଲା । ପରଠାରୁ, ପୁଣ୍ୟ ଶ୍ଳୋକ ପାଠ ଶୁଭିଲା — ଯଥା ଗଜକଣ୍ଠସ୍ୟ ମନୋହରଶ୍ଚ ।

ଅତନୁବାବୁଙ୍କର ମନ ଛଟପଟ କରି ଉଠିଲା । ନିଜର ଅଣଚାଶିଆ ହାତଟାକୁ ଭଦ୍ରଲୋକ ଥରେ ଗୁହିଁ ଗୋଟାଏ ନିଶ୍ୱାସ ଛାଡ଼ିଲେ । ତାପରେ କିଛିକ୍ଷଣ ରହି, ଏଠି ମଧ୍ୟ ଘର ଭିତରକୁ ଯିବାକୁ ବସିଲେ । ଦରଓ୍ୱାନ ଗେଟ ବନ୍ଦ କରିଦେଲା । ବଡ଼ ଲଜ୍ଜିତ ହୋଇ ସେଠୁ ପଳାଇବାକୁ ଚେଷ୍ଟା କଲେ । ଏହି ସମୟରେ ଟେଣ୍ଟୁ ଗୋଟାଏ ମଟର ଅପରିଚିତ ଦେଖିଲେ । ଆଗରେ ଗୋଟାଏ ବେଣ୍ଡ ପାର୍ଟି ଚାଲି ଥାଏ । ଝୁର୍ ନିରୀକ୍ଷଣ କରି ଦେଖିଲେ ମୋଟର ଭିତରେ କେତେକ ଲୋକ ବସିଛନ୍ତି । ତାଙ୍କ ଭିତରୁ ଜଣେ ବର ବେଶରେ ବସିଛି । ସେ ମଟର ଅନ୍ନପୂର୍ଣ୍ଣାର ଘର ଅଗ୍ରଭାଗରେ ଯିବା ସମୟରେ ଟେଣ୍ଟୁ ଗୋଟାଏ ମଟର ଆସିଲା । ସେ ମଟର ଭିତରୁ ଆଧୁନିକ ବର ଗୋଟିଏ ଓ ଆଧୁନିକା କନ୍ୟା ଗୋଟିଏ ବାହାରି ଆସିଲେ । ଭୁହିଁଙ୍କ ସଙ୍ଗେ ଏ ମଟରରେ ଥିବା ବରଠାରୁ ଯାଇ କହିଲେ—ନବବାବୁ, ଆମର ଆଶା ଆମ୍ଭମାନଙ୍କ ସାହାରକ ଜୀବନଯାତ୍ରାର ଏ ପ୍ରଥମ ପଦକ୍ଷେପରେ ଆପଣ ଆପଣଙ୍କର ଶୁଭ ଇଚ୍ଛା ଦେବ ।

ଏହା ଶୁଣିବା ମାତ୍ରେ ଅତନୁଙ୍କ ବର ମୂର୍ଚ୍ଛା ହୋଇ ପଡ଼ିଗଲା । ତାପରେ ଗୋଟାଏ ଚହଳ ପଡ଼ିଗଲା ।

ଏସବୁ ଦେଖି ସେ ତରବର ହୋଇ ଭଦ୍ରଲୋକ ପଳାଇ ଆସିଲେ ।

କମ୍ଭୁଣ୍ଡ

Digitized by srujanika@gmail.com

ଚିକିତ୍ସା ଜଗତର ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ,) ହଇଜା, ତଉଳଜ୍ୱର, ବସନ୍ତ,ପ୍ଲେଗ (ଜ୍ୱାଳାଯନ୍ତ୍ରଣାଯୁକ୍ତ ଧାତୁଗତ ଜ୍ୱର ଏବଂ ମେହମରୀ, ଅଜୀର୍ଣ୍ଣ,କାଶ,ଶ୍ଲେଷ୍ମା, ଶ୍ୱାସ,ଅର୍ଶ,ରକ୍ତପିତ୍ତ, ରକ୍ତଅପସ୍ମାର, ଆମବାତ, ଅଣ୍ଡବୃଦ୍ଧି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, କାଉଁଛ, କାଛୁ, କୁଣ୍ଡିଆ, ବଇଁଚ ,ମଚଲା, ଚମଦଳା, ଘାଆ, ଛଉ, କଠାଘା, ଛେଉଁଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଚଘା, କାନପୂଜ, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

କବିରାଜ ଶ୍ରୀ ବିଶ୍ୱନାଥ ଦାସ

ଏ, ବି, ଏଲ୍. ଏଚ. ଏମ୍. ଏସ୍.

ଅଲିଶା ବଜାର, ପୋଃ ଗୁହାଳଚୌକି କଟକ ।



ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନ ଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, କଟିଦେଶ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରୁଚି-ହୀନତା କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍-ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ଅତୁଳ ପରି ଶକ୍ତି ଖେଳେ । ଦଶଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୧୲୦ ମାତ୍ର ।

| | |
|---|---|
| ନୟା ସଡ଼କ | ବୈଦ୍ୟରାଜ |
| ପୋ: ଅ: ଗୁହାଳଚୌକି, | କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ |
| | ଆୟୁର୍ବେଦାଚାର୍ଯ୍ୟ |
| କଟକ | C/o ଶ୍ରୀ ବାଳକେଶ୍ୱର ଆଚାର୍ଯ୍ୟ ଉପରେ |



ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ ) **'ବର୍ମା ଓଡ଼ିଆ ପତ୍ରିକା'** (ରୟେଲ ୧୬ ପୃଷ୍ଠା)

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମନୋଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀ-ମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ସତ୍ୟ ଜ୍ଞାନ ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ୫୲୦, ଷାଣ୍ମାସିକ ୨୲୦, ଭାରତବର୍ଷ ସଡାକ ଦେୟ ୪୲୦ । ଠିକଣା—ନ ୧୦୬୭ ମୁର ଗଳି ରେଙ୍ଗୁନ (ବର୍ମା)





## ଅସଲି ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡଠାରୁ ଗୋଡ଼ପର୍ଯ୍ୟନ୍ତ ଅର୍ଦ୍ଧଶିର,କାନ ଘା ମୁଣ୍ଡବିନ୍ଧା କୁଣ୍ଡିଆ, କାଛୁ, ମଚଲା, ପୋଡ଼ା ଘା, ଛଉ ଦାଉଦ, ଅଣ୍ଡାବୃଦ୍ଧି ଇତ୍ୟାଦି ୫୬ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ । ପରୀକ୍ଷା ପ୍ରାର୍ଥନୀୟ

ଠିକଣା:— ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।



ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ,ରତିଶକ୍ତି ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ । ମୂଲ୍ୟ ସେରକୁ ୫୲୦, ସେ ଅଧକୁ ୨୲୦ ପାଏକୁ ୧୲୦ ଭି: ପି:ରେ ଔଷଧ ପଠାଯାଏ

ଠିକଣା — କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍, ପି,

ଦରିଦ୍ର ବନ୍ଧୁ ଔଷଧାଳୟ

ଖଇରା ପଦା । ପୋ: ଲୋଚାପଡ଼ା ଜି: ବାଲେଶ୍ୱର ।


Digitized by srujanika@gmail.com

# ଡଗର ପଞ୍ଚଦଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟଙ୍କା ପୁରସ୍କାର ! — 'ଡଗର' ପାଠକମାନେ ପାଇ ପାରିବେ । — ଟ୨୫ଙ୍କା ପୁରସ୍କାର

ପ୍ରଥମ ... ପଇସିକିଆ ଡାକଟିକଟ ଦେଇ — ପ୍ରଥମଟି ସହ ଏକଅଣାର ପଇସିକିଆ ଡାକଟିକଟ ଦେଇ — ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free



ନାମ ____________________ ଠିକଣା ______________________________ କେତୋଟି ଉତ୍ତର __________

## ସିଧା ଭାବରେ ।

୧ । ... ଛେଦ କରିବାକୁ ଯେ ସୁଖ ନ ପାଏ ସେ ଏହା ହୋଇ ନପାରେ ।

୩ । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇବାକୁ କାହାର ଏହା ନ ଥାଏ ?

୫ । ଏହା ... ପାଇଁ ନିପୁଣ ରଙ୍ଗମଞ୍ଚ, ନେତାପୂର୍ବ ଅଭିନେତାମାନଙ୍କୁ ବଡ ସୁଯୋଗ ଦେଇଥିଲା ।

୬ । ... ଯୌବନ ଏଯାଏ ଥିବାବେଳେ ମୁହୂର୍ତ୍ତରେ ଚିତ୍ତ ସହଜରେ ବିଚଳିତ କରେ ।

୮ । ମାଲ ମକଦ୍ଦମାରେ ଶତ୍ରୁକୁ ଜବଦ କରିବା ପାଇଁ ଏହାର ବଳ ଅଧିକାଂଶ ସମୟରେ ଦରକାର ।

୯ । ପାଦରେ ଏହା ପଡ଼ିଲେ ବାଟ ଚାଲିବା କଷ୍ଟକର ।

୧୦ । ମଣିଷ ମଲେ ଏମାନେ ସାଧାରଣତଃ ଖୁସି ହୋଇଥାନ୍ତି ।

୧୪ । ଆଜିକାଲି ଏହା ଦେଖାଇଲେ ଲୋକେ ବାହା ଗିଲ ଦେବେ ।

୧୫ । ଯେଉଁମାନେ କାମରେ ଅଗୁଆ ହୋଇ ଯାଉଛନ୍ତି ପ୍ରାୟ ସେମାନେ ଏହା ବୋଲି ଅନେକେ ବୁଝିଥାନ୍ତି ।

୬ । ପ୍ରଭୁଙ୍କ ନିକଟରେ ଦୈନ୍ୟ ଭାବ ପ୍ରକାଶ କରିବା ପାଇଁ କେତେକ ଭକ୍ତ ଯଥାସମୟରେ ଏହାର ବ୍ୟବହାର କରିଥାନ୍ତି ।

୯ । ଅଗରୁ ଏ ଦେଶର ଭୂସ୍ୱାମୀମାନେ ପରସ୍ପର ମଧ୍ୟରେ ବିବାଦ ବେଳେ ଏମାନଙ୍କର ସାହାଯ୍ୟ ନେଉଥିଲେ

୧୧ । ଗୁରୁଜନମାନଙ୍କର ଏହାଦ୍ୱାରା ଅନେକ ସମୟରେ ଯୁବସୁଲଭ ଅବିବେକିତାର ବିଷମୟ ପରିଣାମରୁ ଉଦ୍ଧାର ମିଳିଥାଏ ।

୧୨ । ଗଡ଼ଜାତ ଲୋକେ ବାହାର ନେତାଙ୍କ କଥାରେ ଏହା ଧରୁଛନ୍ତି ।

୧୩ । ଅତିରିକ୍ତ କାର୍ଯ୍ୟ ବ୍ୟସ୍ତ ରହିଲେ ଅନେକ ସମୟରେ ଲୋକ ଏହା ଭୁଲିଯାଇ ଥାଏ ।

## ଉପରୁ ତଳ ଭାବରେ ।

୧ । ବାଗ୍‌ଦେବୀ ପ୍ରସନ୍ନା ହେଲେ ମୂକ କବିର ଯେଉଁ କ୍ଷେତ୍ର ପ୍ରଖର ହୁଏ ।

୨ । ଏହିଭଳି କଥା ସହ୍ୟ ହୁଏ ନାହିଁ—ମଣିଷ ଦହ ହୁଏ ।

୩ । ଆଜି କାଲି ଏ ଫଳ ମିଳେ ।

୪ । ଗୋଟାଏ — ଅନେକ ଅଲସୁଆଙ୍କ ସମୟ ସମୟରେ ଚଞ୍ଚଳ କରିବା ପାଇଁ ଯଥେଷ୍ଟ ।

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୫୦/ ଓ ପ୍ରତ୍ୟେକ ପରଖଣ୍ଡକୁ ୫୦/ ଲେଖାଏ **(ଶେଷ ତା ୨୫-୫-୩୯)**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ଗଚ୍ଛିତଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳି ଯିବ ସେ ପ୍ରଥମ ପୁରସ୍କାର ୫୧୨୲ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୨୲ ପାଇବ ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୲ ଅତିରିକ୍ତ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକି ୫୮୲ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଶବ୍ଦଧାଧାରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଦିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/୦ ଓ ୨ୟଟି ପାଇଁ ୫୦/୧ର ପଇସିଦିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯେକୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏଁ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ମଇ ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ଉପର ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୧୫ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ଶ୍ରୀ: ଗୋପାଳ, ବସନ୍ତ, ରଞ୍ଜନା) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅସ୍ପଷ୍ଟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

# ୧୪ଶ ଶବ୍ଦଧନ୍ଦାର ପୁରସ୍କାର

## 'ସମ୍ପାଦକ ପୁନର୍ବିଜେତା ହେଲେ

### ସାମନ୍ତ ପୁରସ୍କାର ଉଡ଼ିଗଲା

୨ଟା ଭୁଲରେ ପ୍ରଥମ ପୁରସ୍କାର ।

ପ୍ରଥମ ପୁରସ୍କାର—(୨ଟି ଭୁଲ) ୧ । ଶ୍ରୀମତୀ ପ୍ରଫୁଲ୍ଲ କୁମାରୀ ଦେବୀ C/o Headmaster Raj kanika M. E. School P. O. Raj kanika । ୨ । ଶ୍ରୀ ହରିହର ଅଗ୍ରୱାଲ, ହସ୍ପିଟାଲ ପୋ: ବାରିପଦା, ( ପ୍ରତ୍ୟେକ ୫୬୲ କରି—(୫୧୨୲)

୨ୟ ପୁରସ୍କାର—(୩ଟି ଭୁଲ) ୧ । ଶ୍ରୀ ଅନନ୍ତ ପ୍ରସାଦ ନାୟକ, ଫ୍ରେଜର ହଷ୍ଟେଲ, ବାରିପଦା ୨ । ଶ୍ରୀମତୀ ସରୋଜିନୀ ଦେବୀ, ମିସନ କୋଠି ଭଦ୍ରକ । ୩ । ଶ୍ରୀମତୀ ସାବିତ୍ରୀ ପଟ୍ଟନାୟକ, C/o ଶ୍ରୀଯୁକ୍ତ ଗଜକିଶୋର ପଟ୍ଟନାୟକ, ପୋଲିସ ଇନ୍ସପେକ୍ଟର ବାରିପଦା । ୪ । ଶ୍ରୀ ଲଳିତ ମୋହନ ପଟ୍ଟନାୟକ, ୨୬ ନମ୍ବର ଇନ୍ଦ୍ରପୁରି ଏରିଆ ବର୍ମା ମାଇନ୍ସ, ପୋ: ଟାଟାନଗର ଜିଲ୍ଲା ସିଂହଭୂମ । ୫ । ଶ୍ରୀ ବନମାଳୀ ବେହେରା ୧୧ଶ ଶ୍ରେଣୀ ଭଦ୍ରକ ହାଇସ୍କୁଲ । ୬ । ଶ୍ରୀ ଭୁବନାନନ୍ଦ ପଟ୍ଟନାୟକ C/o ଗଜକିଶୋର ପଟ୍ଟନାଏକ, ପୁଲିସ ଇନ୍ସପେକ୍ଟର ବାରିପଦା । ୭ । ଶ୍ରୀ ଭଗବାନ ପ୍ରସାଦ ଦାସ, ଟ୍ରେନିଂ ସ୍କୁଲ, ପୋ: ଚାନ୍ଦିନୀଚୌକ, କଟକ । ୮ । ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି, ପୁଲିସ ଅଫିସ, ବାଲେଶ୍ୱର (ପ୍ରତ୍ୟେକ ୫୦୲୬ (୫୫୲)

୩ୟ ପୁରସ୍କାର (୪ଟି ଭୁଲ) ୧ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ ରାଜକନିକା ମି: ସ୍କୁଲ ପୋ: ରାଜକନିକା ୨ । ଶ୍ରୀମତୀ ବାସନ୍ତୀ ଦେବୀ Mr. K. P. Kar H. M. B. ପୁରୁଣାବଜାର ଭଦ୍ରକ । ୩ । ଶ୍ରୀ ବାରାକାଧି ମହାପାତ୍ର, ରସଲକୁଣ୍ଡା, ହାଇସ୍କୁଲ ପୋ: ରସେଲକୁଣ୍ଡା । ୪ । ଶ୍ରୀ ଗୋପିନାଥ ପଣ୍ଡା, ରଞ୍ଜିନିୟରିଂ ସ୍କୁଲ କଟକ । ୫ । ବାବୁଲାଲ C/o ଗୁରଛାୟା ଲାଲ, ମୋହନଗଞ୍ଜ, ବାଲେଶ୍ୱର । ୬ । ଶ୍ରୀ ଦଇତାରି ରାଉତ, କୁଜଙ୍ଗ ଇଂରାଜୀ ବିଦ୍ୟାଳୟ, ପୋ: କୁଜଙ୍ଗ ଜି: କଟକ ୭ । ଶ୍ରୀ ...ନାଥ ଦାସ, ରାଜକାନିକଗଡ଼, M. E School ପୋ: ରାଜକାନିକଗଡ଼ । ୮ । ଶ୍ରୀ ରଘୁନାଥ ପଟ୍ଟନାୟକ, ପୁହାଳିଆ ସାହି ସୋରୋ । ୯ । ଶ୍ରୀ ଅନନ୍ତ କୁମାର ଘୋଷ, ମସଜିଦଗଳି, କଟକ । ୧୦ । ବସନ୍ତ କୁମାର ପାଲ, ଫ୍ରେଜର ଛାତ୍ରାବାସ ମୟୂରଭଞ୍ଜ ଷ୍ଟେଟ ।

—( ପ୍ରତ୍ୟେକ ୫୦।/ କରି ୫୩୲୬ )

ସବୁଠାରୁ ଅଧିକ ଉତ୍ତର ପାଇଁ ( ୬୦ଟି ) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି, ପୁଲିସ ଅଫିସ, ବାଲେଶ୍ୱର—୫୩୲ ପାଇଲେ ।

ନିମ୍ନଲିଖିତ ବିଜେତା ମାନଙ୍କର ନାମ ସମ୍ପୂର୍ଣ୍ଣ ନ ପାଇବାରୁ ପୁରସ୍କାର ଅଫିସରେ ଗଚ୍ଛିତ ଅଛି । ମନିଅର୍ଡ଼ର ଫେରିଆସି ଏପରି ଘଟିଥିବାରୁ ଆମ୍ଭମାନଙ୍କର ଅନୁରୋଧ ସେମାନେ ତାଙ୍କର ଠିକଣା ଜଣାଇଲେ ଆମ୍ଭେମାନେ ତାହା ପଠାଇବୁଁ ———

ଶ୍ରୀ ଭଗବାନ ଦାସ—୫୦... (୫୦... ରୁ ୫୦୬ ମନିଅର୍ଡ଼ର ଖର୍ଚ୍ଚ ବାଦ)

ଶ୍ରୀ ଲୋକନାଥ ଦାସ—୫୦।/ (୫୦।.../ରୁ ୫୦୬ ମନିଅର୍ଡ଼ର ଖର୍ଚ୍ଚ ବାଦ)

ପୁ:—ଶ୍ରୀମତୀ ବାସନ୍ତୀ ଦେବୀଙ୍କର ପୁରସ୍କାର ୫୦୲୬ କେହି ଦାବୀ ନକରିବାରୁ ... ।

Digitized by srujanika@gmail.com



## ନବଭାରତ-ଅଷ୍ଟମ ସଂଖ୍ୟା-ମକର

'ମୋର ଦାବୀ' ପ୍ରବନ୍ଧରେ ଅଧ୍ୟାପକ ବିପିନ ବିହାରୀ ରାୟ ମାନବ ଦାବିକୁ ବିଶ୍ଳେଷଣ କରି ଶେଷରେ ଉପଦେଶ ଦେଇଛନ୍ତି "ମୁଁ" କୁ ଦେଶରେ ଲୀନ କରିଦେଇ ପାରିଲେ "ମୁଁ" ସ୍ୱାର୍ଥ ଅଧିକ ରକ୍ଷା ହେବ । ପଢ଼ିବାଯୋଗ୍ୟ ।

କବେ ସେ ବିଶ୍ୱସ୍ରଷ୍ଟା-ଶ୍ରୀ ଲୋକନାଥ ମିଶ୍ର । କବି ବିଶ୍ୱସ୍ରଷ୍ଟାଙ୍କର ନାନା ଲୀଳାଧାମ କବିତା ଆକାରରେ ବ୍ୟାଖ୍ୟାନ କରିଛନ୍ତି । ସ୍କୁଲ ପାଠ୍ୟ ପୁସ୍ତକକୁ ଅଚ୍ଛା ମାନିବ ।

ପାଠ୍ୟ ପୁସ୍ତକ ସମାଲୋଚନା — ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ । ପଦ୍ମଶଙ୍ଖ ଆପଣେ ମୌରସି ଭାବରେ ପ୍ରଚଳିତ ଓଡ଼ିଆ ପାଠ୍ୟ-ପୁସ୍ତକାବଳୀର କାଣ୍ଡିଲତା ସମାଲୋଚନାରେ ଅଭିଯାନ ଆରମ୍ଭ କରିଛନ୍ତି । ପହିଲୁ ଚୋଟ ପଡ଼ିଛି ମଧୁବାବୁଙ୍କ ସାହିତ୍ୟ-ପ୍ରବେଶ ଉପରେ । ଛପା ଭୁଲ, ବ୍ୟାକରଣ ଭୁଲ, ଭାବ ଭୁଲ ଇତ୍ୟାଦି ଇତ୍ୟାଦି ଯେତେ ପ୍ରକାର ଭୁଲ ଦୁନିଆରେ ଥାଇପାରେ ସବୁ ଚୁନି ଚୁନି କରି ଏଥିରୁ ବାହାର କରା ହୋଇଛି । ଏ ଲେଖା ଖୁବ୍ ଦମଦୋପ ଯାଗୀ ହୋଇଛି, ବରଂ ସମସ୍ତ ଗଡ଼ ଗଳିଶି ବେଲ କହିଲେ ଚଳେ । ତେବେ ଆନ ଦେଶରେ ଗୁଣ ଗ୍ରହଣ ଠାରୁ ଦୋଷ ଗ୍ରହଣଟା ଅଧିକ ଯେ !

ଅଜନ ବଳଦ—ଗଳ୍ପ-ଶ୍ରୀ ଅନିରୁଦ୍ଧ ମହାନ୍ତି ଗଳ୍ପଟି କ୍ଷୁଦ୍ର ହେଲେ କଣ ହେବ, ପଢ଼ିସାରିଲେ ଅନେକ ଭାବନା ଆଣି ଅଣେ---ଯାହାର ମୀମାଂସା କେବଳ ଚିନ୍ତାର କୁହୁଡ଼ିରେ ବୁଡ଼ିଯାଏ । ଗଳ୍ପଟିର ପ୍ରକାଶ ଭଙ୍ଗୀ ମଧ୍ୟ ଚିତ୍ତାକର୍ଷକ ।

ବଞ୍ଚେଥାଏ, ଦନଅଛେ--ଶ୍ରୀ ନନ୍ଦକିଶୋର ଦାସ । "ବଞ୍ଚେଥାଏ, ଦନ ଅଛେ" ଏହିଟା ନିତ୍ୟ-ନିମିତ୍ତିକ କଥା । କିନ୍ତୁ ଏହି କବିତାଟି ପଢ଼ିଲେ ମନରେ ଏପରି ଗୋଟିଏ 'ଆନନ୍ଦ' ଆସେ, ଯହିଁରେ ମନେ ହୁଏ "ବଞ୍ଚେଥାଏ, ଦନଯାଏ" ।

ଓଡ଼ିଶାରେ ମୌଳିକ ସାହିତ୍ୟ ପ୍ରଚାର---ଶ୍ରୀ ରାଧା ଚରଣ ପଣ୍ଡା । ଯାହାର 'ମୂଳ' ନାହିଁ ମୂଳରୁ, ସେଠି 'ମୌଳିକ' କେଉଁଠୁଁ ଆସିବ ? କଂଗ୍ରେସ ସରକାରଙ୍କର ଲୋକ ଦେଖାଣିଆ ସାହିତ୍ୟାନୀତି ପଲିସିକୁ କାଗଜରେ ସମାଲୋଚନା ନକରି ଅସେମ୍ବ୍ଲିରେ ପକାଇଲେ ବରଂ ସୁଫଳ ହେବାର ସମ୍ଭାବନା । ମାତ୍ର ଚେଇଁ ଶୋଇବ ଯେ — ତାକୁ — ?

ସଙ୍ଗୀତ—ଶ୍ରୀ କୃଷ୍ଣ ମୋହନ ପଟ୍ଟନାୟକ । ପ୍ରବୀଣ ଗୀତିକାର କୃଷ୍ଣ ମୋହନଙ୍କ ଯଶ ଅକ୍ଷୁର୍ଣ୍ଣ ରହିଛି ।

ଗ୍ରାମ ଆନ୍ଦୋଳନ—ଗ୍ରାମରେ କଣ କଣ କଲେ ଉନ୍ନତ ହେବ, ତାର ଗୋଟିଏ ଯୋଜନା ନବ କିଶୋର ବାବୁ ଦେଇଛନ୍ତି । ଏହାର ଗୋଟିଏ କପି ଗୋପବନ୍ଧୁ ଚୌଧୁରୀଙ୍କ ଠାକୁ ପଠାଇ ଦେଲେ ଭଲ ହୁଅନ୍ତା ।

ନବ ଭାରତର ବିଶେଷତା ସମ୍ପାଦକୀୟ ଆଲୋଚନା ଏଥର ସ୍ଥାନ ପାଇନାହିଁ । ପ୍ରାଦେଶିକ ଉପପତି ହୋଇ, ରାଜେନ୍ଦ୍ରଦେବ ଚର୍ଯ୍ୟାରେ ଲାଗିବା ହେତୁ ଟିକିଏ ହାଲ ତଳ ହୋଇ ଯାଇଥିବାରୁ ସମ୍ପାଦକେ ବୋଧହୁଏ ବେଳ ପାଇ ନାହାନ୍ତି ।

### ଅପୂର୍ବ ପ୍ରେମ — ଶ୍ରୀଲକ୍ଷ୍ମୀଧର ନାୟକ ।

ପୃଷ୍ଠା ୫୪ — ମୂଲ୍ୟ ଗୁରୁଅଣା ।

ଏହା ଉପନ୍ୟାସ ନୁହେଁ, ନାତି ବୃହତ୍ ଗଳ୍ପ, ଆଧୁନିକ ଶିକ୍ଷିତ ସମାଜର ଗୋଟିଏ ନଗ୍ନ ଚିତ୍ରକୁ ଲେଖକ ବେଶ କୁଶଳତା ସହ ଫୁଟାଇ ପାରିଛନ୍ତି । ଭାଷା ସୁନ୍ଦର ଓ ସହଜ । କ୍ଷୁଦ୍ର ହେଲେ ମଧ୍ୟ ଅପୂର୍ବ ପ୍ରେମ ଲକ୍ଷ୍ମୀଧର ବାବୁଙ୍କ ଖ୍ୟାତି ଅକ୍ଷୁଣ୍ଣ ରଖିଅଛି ।

କବିତା ମଞ୍ଜରୀ— ଶ୍ରୀ ବୈକୁଣ୍ଠ ଚନ୍ଦ୍ର ପାଣି-ଗ୍ରାହୀ ପୃଷ୍ଠା. ମୂଲ୍ୟ ଦୁଇ ଅଣା ।

ଏହି କ୍ଷୁଦ୍ର ପୁସ୍ତକରେ ଆଠୋଟି କବିତା ସନ୍ନିବେଶିତ । ଭାଷା ମାର୍ଜିତ ଏବଂ ସ୍ଥାନେ ସ୍ଥାନେ ମନୋହର କବିତା ସୃଷ୍ଟିକର ଭାବ ଅଛି ଓ ଅଧିକାଂଶ ସ୍ଥଳରେ ଗାମ୍ଭୀର୍ଯ୍ୟ ସୃଷ୍ଟି । ଏହା ଏମ୍, ଇ, ସ୍କୁଲଙ୍କ ପାଠ୍ୟ ହେବାର ଉପଯୋଗୀ ।

ପ୍ରସିଦ୍ଧ ଦେଶ ସେବକ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ଠାରୁ ଆମ୍ଭେମାନେ ନିମ୍ନଲିଖିତ ପୁସ୍ତିକା ଗୁଡ଼ିକ ଉପହାର ପାଇ କୃତଜ୍ଞତା ସ୍ୱୀକାର କରୁଛୁଁ । ଲକ୍ଷ୍ମୀନାରାୟଣ ବାବୁ ଯେପରି ଅଶାନ୍ତ କର୍ମୀ, ସେହିପରି ଅନନ୍ୟ ଲେଖକ । ଏହି ପୁସ୍ତିକା ଗୁଡ଼ିକ ସେହି ଲେଖକତାର ଫଳ । ନିରଳସତା ସହିତ ପ୍ରତିଭାର ଯୋଗ ହେବା ସହଜ ନୁହେଁ — ମାତ୍ର ତାହା ଲକ୍ଷ୍ମୀନାରାୟଣଙ୍କ ଠାରେ ଘଟିଅଛି । ତହିଁ ଉପରେ ରହିଛି ବିଶୁଦ୍ଧ ନୈତିକତା । ଲକ୍ଷ୍ମୀନାରାୟଣ ବାବୁଙ୍କ ନିଷ୍ଠିତ ଯଦି ଦେଶସେବାକୁ ଟାଣିନେଇ ନଥାନ୍ତା, ସେ ଯେ ଜଣେ ଉଚ୍ଚ ଧରଣର ସାହିତ୍ୟିକ ରୂପରେ ଖ୍ୟାତି ଅର୍ଜନ କରି ଥାଆନ୍ତେ ଏହା ଆମେ ମୁକ୍ତ କଣ୍ଠରେ କହି ପାରୁଁ ।

ସ୍ୱାଭାବିକ ସରଳତା ଓ ଅକୃତ୍ରିମତା ତାଙ୍କ ଲେଖାର ବୈଶିଷ୍ଟ୍ୟ । ଅତି ବଡ଼ ବଡ଼ କଥା ସେ ଅତି ସହଜ ଭାବରେ, ଅତି ନିର୍ବାଧ ନିର୍ଦ୍ଦେଶ୍ୟତା ସହ କହିଛନ୍ତି ତାଙ୍କ କବିତା ମାନଙ୍କରେ । ଗଦ୍ୟ ମଧ୍ୟ ତଦ୍ରୂପ । ଏ ଲେଖା ଗୁଡ଼ିକ ଦେଶରେ ଅଧିକ ପ୍ରଚାରିତ ହେଉ ଏହା ଆମର ଏକାନ୍ତ କାମନା ।

| | | |
|---|---|---|
| ମଧୁରେଖା — କବିତା — | | ୧୦/୬ |
| ଆଶୀର୍ବାଦ — ,, | | ୧୦/ |
| ଦର୍ଶନ — | ,, | ୧୦ |
| ପାଦୋଦ୍ଧ — ,, | | ୧୦/ |
| ପ୍ରବାସୀ — | ,, | ୧୦/ |
| ମୋହନ — ,, | | ୧୦/ |
| ମହାତ୍ମାଗାନ୍ଧୀ — ଜୀବନୀ | | ୧୦/ |
| ଯୌନକଥା — ପ୍ରବନ୍ଧ | | ୧୦/ |
| ଶିକ୍ଷା — | ପ୍ରବନ୍ଧ | ୧୦ |
| ମୋର ଜୀବନକଥା — ଜୀବନୀ | | ୧୦/ |
| ଓଡ଼ିଶା ଗଡ଼ଜାତ — ପ୍ରବନ୍ଧ । | | |

Digitized by srujanika@gmail.com

# ମହା ମିଳନ ।

## —(ଏକାଙ୍କିକା ନାଟିକା)—

(ଦୁଇ ପରାଜିତ ଭଗ୍ନବୁ)

ଗାନ୍ଧୀ — ଗାନ୍ଧି ବିଦେଶୀ ଭଳି ଅସିଥିବ, ଅଳ ଅନେକ ଜନ ଧାଇଁଆ ଓ ଅର୍ଥ ଧରକୁ ଦେଖିବାକୁ ଗଲେ—

ଅଗା — ବ୍ରିଟିଶ, କିନ୍ତୁ ଆପଣଙ୍କ ଭଳି ଲଙ୍ଗଳା (naked fakir) ପୋଷାକ ଚଳ ଅପଛନ୍ଦ୍ୟ ।

ଗାନ୍ଧୀ — ମୁଁ କଣ କହୁଛି ? ଯାହା ଦେବ ଗୋଟାଏ ଜାତୀୟ ୟୁନିଫର୍ମ ରହୁ । ଯାହା ଦେଖିଲେ ମାତ୍ରେ ଜଣେ ଭାରତୀୟ ବୋଲି କହିବ ।

ଅଗା — ଅଚ୍ଛା ଧୋତି ନା ପାଇଜାମା ?

ଗାନ୍ଧୀ — ଧୋତି ଭଲ

ଅଗା — ପାଇଜାମା ଭଲ

ଗାନ୍ଧୀ — ଉଭୟ ଥାଉ

ଅଗା — ବେଶ୍

ଗାନ୍ଧୀ — ଟୋପିଟା କଣ ? ଅଚକନ ନା ପଞ୍ଜାବୀ ?

ଅଗା — ଅଚକନ୍

ଗାନ୍ଧୀ — ତାହା ହେଲେ ତାଉପରେ ଜହର କୋର୍ଟ ପଡ଼ୁ ।

ଅଗା — ହେଲେ ହେଉ ।

ଗାନ୍ଧୀ — ଜଣ ଦାଢ଼ୀ କଥା ?

ଅଗା — ସମସ୍ତେ ଦାଢ଼ୀ ରଖନ୍ତୁ — ଷଡ କଣ ?

ଗାନ୍ଧୀ — ସମସ୍ତେ ଷର ହୁଅନ୍ତୁ ଷଡ କଣ ? ଜଣ୍ଡାଡ ପୁଣି—

ଅଗା — ରବିନ୍ଦ୍ରନାଥ, ପି, ସି, ରାୟ, ରବି ଠାକୁର ତ ପୁଣି······

ଅଉ ମଧ୍ୟ ହିନ୍ଦୁ ଫକିର ମାନେ ଦାଢ଼ୀ ରଖନ୍ତି ତ ।

ଗାନ୍ଧୀ — ହିନ୍ଦୁ ଫକିର ବଲକୁଲ ଷର ହୁଅନ୍ତି ନାହିଁ ।

ଅଗା — ତେବେ ଏଥିରେ ଅଧା ଅଧି ଭାଗ ହେଉ ।

ଗାନ୍ଧୀ — କଣ ମୁସଲମାନ ଦାଢ଼ୀ ଅଉ ହିନ୍ଦୁ ଜଣ ରଖିବେ ?

ଅଗା — ତାହେଲେ ତ separate electorate ହେଲଗଲା । Unity

ହେବନା — ଯେପରି ଦୁଧ ଅଉ ପାଣି — କେବଳ ଯେଉଁ ଦୁଧରେ ଯେତେ ପାଣି ।

ଗାନ୍ଧୀ — ତେବେ ମୁଁ ପ୍ରସ୍ତାବ କରେଁ କି ପ୍ରତ୍ୟେକ ଭାରତୀୟ ଡାହାଣ ଓଠରେ ଜଣ ରଖି ବାଆଁଟା ଷର ହୁଅନ୍ତୁ ଓ ବାଆଁ ଗାଲରେ ଦାଢ଼ୀ ରଖି ଡାହାଣଟା ବୃଦ୍ଧି କରନ୍ତୁ ।

ଅଗା — ବହୁତ ଅଚ୍ଛା । ଏଣେ ନୋଟ କରିଯାଉ ।

[ପ୍ୟାରେଲାଲ ନୋଟ କରି ରଖିଲେ ]

ଅଗା — ଗୋଟାଏ କଥା ରହିଗଲା

ଗାନ୍ଧୀ — କଉଁ କଥା ?

ଅଗା — ପୋଷାକର ରଙ୍ଗ କଥା ।

ଗାନ୍ଧୀ — ଠିକ୍ ଠିକ୍ — ସେଟା କଣ ହେବା ଉଚିତ ?

ଅଗା — ସବୁଜ (light green) ମୁସଲମାନର ଯେ ରଙ୍ଗ ସେଇଟା ମଧ୍ୟ ଆପଣଙ୍କର ରାମଚନ୍ଦ୍ରଙ୍କ ରଙ୍ଗ ତ ।

ଗାନ୍ଧୀ — ନାହିଁ — ନୀଳ ବା ଗେରୁଆ ରଙ୍ଗ ଭଲ

ଅଗା — ଏଥିରେ ମୁଁ ନାରାଜ ।

ଗାନ୍ଧୀ — ସେଥିରେ ମୁଁ ବି ନାରାଜ ।

ଅଗା — ତେବେ half half ଅଧା ଅଧି ହେଉ ।

ଗାନ୍ଧୀ — ପୁଣି reservation of seats ତାହାହେଲେ ମୁଁ ଉପବାସ କରିବି ଯେ ।

ଅଗା — ଅଚ୍ଛା, ତେବେ ମିଶା ମିଶି କରିବ ଦେଉ — ଯେପରି ଲୁଣ ଅଉ ପାଣି ।

ଗାନ୍ଧୀ — ନା, ସେପରି ଫୁଲ ଅଉ ଗନ୍ଧ! ଅର୍ଥାତ ଗୋଲାପ ଫୁଲ ହେବ ନୀଳ ଅଉ ଉଜଣି ହେବ ଫୁଲ ।

ଅଗା — ବହୁତ ଅଚ୍ଛା! କିନ୍ତୁ ଡାହାଣ ମାଷରେ ଗୋଟାଏ ସୂର୍ଯ୍ୟ ଓ ବାଁ ପାଖେ ଜେନ୍ ହେଲେ ଭଲ ହୁଅନ୍ତା ।

ଗାନ୍ଧୀ — ଉଭୟଙ୍କେ ସୂର୍ଯ୍ୟ ହିଁ ଦରକାର ଅଛି ।

ଅଗା — ଅଚ୍ଛା ହେଉ — ଏବେ ଭାଷା କଥା

ଗାନ୍ଧୀ — ଭାଷାରେ ତ କେଉଁ ଗୋଳ ନାହିଁ — ହିନ୍ଦୀ ଓ ଉର୍ଦ୍ଦୁ କହିବାକୁ ଗଲେ ଏକ ଭାଷା । ଯାହା ଖାଲି ଅକ୍ଷରଟା ଫେରୁ ।

ଅଗା — ଅଗେ ତାର ନାମଟା କଣ ହେବ ?

ଗାନ୍ଧୀ — ସେ ତ ସହଜ — ହିନ୍ଦୁସ୍ତାନୀ ।

ଅଗା — ହିଁ-ହିଁ — ( ମୁଣ୍ଡ ହଲାଇଲେ )

ଗାନ୍ଧୀ — କିନ୍ତୁ ଏଟାର ମୁସଲମାନୀ ଶବ୍ଦ; ଯେପରି ତୁର୍କିସ୍ଥାନ, ଅଫଗାନିସ୍ତାନ ! ହିନ୍ଦୁସ୍ଥାନରୁ ହୋଇଛି ହିନ୍ଦୁସ୍ଥାନୀ ।

ଅଗା — ସେଥିପାଇଁ 'ହିନ୍ଦୁ' ଶବ୍ଦଟା ଥିବାରୁ ମୁସଲମାନମାନଙ୍କ ଆପତ୍ତିଟା ଥାଉଛି ।

ଗାନ୍ଧୀ — ଅଚ୍ଛା, ତେବେ ହିନ୍ଦୀରୁ 'ହି' ଓ ଉର୍ଦ୍ଦୁରୁ 'ଦୁ' ନେଇ, କରିଯାଉ ହିନ୍ଦୁ ହିନ୍ଦୁସ୍ଥାନ ବା ଭାରତର ଭାଷାର ନାମ ହେବ 'ହିଦୁ' ।

ଅଗା — ଭଲ କଥା; କିନ୍ତୁ ଅଗେ 'ହି' ନ ରଖି 'ଦୁ' ଅଗ ରଖିଲେ ?

ଗାନ୍ଧୀ — ଉଚ୍ଚାରଣ ଅସୁବିଧା, ତାପରେ ହିନ୍ଦୀ ଶୁଣିଲେ ଲାଗୁଛି ବଡ଼ ଭଉଣୀ ।

ଅଗା — ଅଚ୍ଛା ବେଶ୍ । କିନ୍ତୁ ଅକ୍ଷର ?

ଗାନ୍ଧୀ — ଅକ୍ଷର ଉଭୟ ଜାରି; ଯେ ଇଚ୍ଛା କରିବ ଦେବ ନାଗରୀରେ ଲେଖିବ ଓ ଯେ ଚାହିଁବ ପାରସି ଅକ୍ଷର ବ୍ୟବହାର କରିବ ।

ଅଗା — ତାହେଲେ ଅଉ ମିଳା ମିଶା ହେଲା କେଉଁଠି ? ସ୍ୱତନ୍ତ୍ର ରହିଗଲେ ?

ଗାନ୍ଧୀ — ଅଉ କିଛି ଉପାୟ ନାହିଁ ଭାଇ ।

ଅଗା — ଅଚ୍ଛା; ଅଚ୍ଛା; ରୋମାନ ଅକ୍ଷର ଉପରେ — ଯାହାଁଥିରେ ଇଂରେଜ ଲେଖା ହେଉଛି । ଅରବ ପାରସୀ ନା । ଛାଡ଼ନ୍ତି — ଶିଖିବାକୁ ସହଜ — କିନ୍ତୁ ସବୁ କହିଁ, ମାଳାରିଣୀ ହିସାବରେ ପୁଣି —

ଗାନ୍ଧୀ — କିନ୍ତୁ ବିଦେଶୀ ହେଲେ······

ଅଗା — ଛାଡ଼ନ୍ତୁ ସେ କଥା — ହିଁ, ଉଭୟ, ବିଦେଶୀ ହେଲେବି ଅମର । ଅଟକନ୍ତୁ ପାଉଣ୍ଡ ପେନ୍, ଘଡ଼ି, ଷ୍ଟିଲ······

(କ୍ରମଶଃ)

# ମଜା-କବିତା

## କଳା ରଜା -

—ଶ୍ରୀ କୁବେର ଦଲାଇ

ରାଜଟୋଟ ଦଶା ମହାଯୁଦ୍ଧରେ ଏଟ୍ୟାର୍ଡ଼ ଟାଟିଛା ଶୁଣି,
ଟେଷ୍ଟିଆ ରାଇଜ ଧଳା ରଚଣ୍ଡର ବୁକୁ ହେଉଥିଲା ହାଣି ।
ଅଲୁଚ ତାହାଙ୍କୁ, ହେବ ଶେଷ ଭାଗ ଯାଉଥିଲା ଯମପୁର,
'ମନ୍ଦ ଅଗ୍ନି' କାଳ ଅଜୀର୍ଣ୍ଣ ଯାଙ୍କ ପେଟରେ ଡୋଳିଲା ଘର ।
ଛଳଛାରେ କାଏ ଘୁନିଆ ଘୁଞ୍ଚରେ ଛ'ଥର ପଙ୍କାଇ ଛେପ,
ନାଉଟା ଭାହାର ଘରଭିତରେ ଚଳି, ବୁକୁ କଲା ଦପଦପ ।
ଚେଇଁ ଥାଇଁ ଥାଇଁ [illegible]ନ ଦେଖିଲେ 'ଗୃହଲେ ବାଜିଲା ପାଦ,
ଗୃହଅତେ ଖାଲି ଦୁଃ[illegible] ଛବ ଅଙ୍କାଇ ଦେଲେ ଛି ଖେଦ ।
ମୁକ୍ତି-ବେଗମ ଧରିଲା ତାହାଙ୍କୁ ତୁଣ୍ଡ ନଫିଟିଲା କଥା,
ଖିଲଜନତା ଖାଲି ଖୋଜ ବୁଲିଲା କେ 'କଳାରଜ' ରୋଗୀ ଯଥା
ହେୟାର ବ୍ରସ୍‌ଟା ଦୁଃଖ ଭୁଲାଇ, ହୋ ପାଉଡ଼ରେ ହାତ,
ନବାକଲା, ସବୁ ଏସେନ୍‌ସ ଶିଶି ଶୋଇଲେ ଲମ୍ବାଇ ହାତ ।
ସିଗି ଏକ୍‌ସପ୍ରେସ୍ ଟିଣ ଟିଣ ଯିଏ ଝରୁ ଦେଉଥିଲା ଧୂଆଁ,
ପ୍ୟାକେଟ୍‌କୁ ଏବେ ଖସି ଅସିଗଲା ଧରିଲା ଏଡ଼ଙ୍ଗ ନୂଆ ।

\+ \+ \+

ବିଲୁଆ ପରକେ ଗୃହକ ଚତୁର, ଟାନ୍ତାରେ ନପଡ଼ ନଇଁ,
ଜଫାସୁ ଉପରେ ଉପାୟୁ ଖଞ୍ଜିଲା ଲୋକ ଦେଖାଇବା ପାଇଁ ।
ଖୁସାମଦିଆରୁ ଦଳୁଟାଏ ବାଛି 'କାଉନ୍‌ସିଲ'ଟାଏ ଗଢ଼ି,
କହିଲା, ମଇଳା ନାହିଁ ମୋ ଶାସନେ, ବିମଳ ଏଫୁଲ କଢ଼ି ।
ଅନେକ ଖଇଣା ଛାଡ଼ିଦେଲା ବୋଲି ଘୋଷଣା ଚଳିବା କାଏ,
କି ଛାଡ଼ି? ସେସବୁ ମନ ଭୁଲା କଥା ଚଳେ ଚଳୁଥିଲା ଯିଏ ।
ପାଖିଆ ପାଖିଆ 'ସ୍ୱଂବଣ'କୁ ଡ଼ାକି ବଗୁର କୁଳା କେ ବସି,
ଡ଼ରନାହିଁ କହୁ ଭଲ କଥା ଟୋଟା ମନରେ ଅସିଛୁ ଘଟି ।
ଅଳାମ୍ଳିଲ ପାପୀ ଛରଗଲା ଯେବେ ଥରେ ଧରି ହରନାମ,
ଖସିପିବା ଅମେ ଭବଦେଇ ଏବେ ଦେଖାଣିଆ କାଚୁ କାମ ।
'ଖାଇଥିବ ଯାହା ପେଟକୁ' ଗାଢରେ ଶୋଷି ? ଖାଇ କାଏ,
'ମାରିଥିବ ଯାହା ଏତକ' ଭାବି ଭେ ମାରି ମାରି ମାରି ନାଏ ।
ମୁଲକ ହାତରୁ ଖସିଯିବ ବୋଲି ଡଲୋପରେ ଭଜାଇ ମନ,
ନିଜନାମେ ପଟ୍ଟା କରି ଦେଉଛି ଗାଁଅ କରୁଛନ୍ତି ନିଜଧନ ।
ଖବର କାଗଜ ବାଇଫଳ, ଚାକୁ, ଖାଇଲେ ବାଇଆ ଲୋକ,
ଏ ବଗୃବେ କାଏ ରଜକେ ନଦିଏ ଦେଖିବାକୁ ଛାଡ଼ା ମୁଖ ।
ଅକଟ ଝାଟେ ଡେ. କଟକ ଯିଗକୁ ଯେଠି ବହୁଛନ୍ତି ଭୂତ,
ଲୁଖିଯିବେ ଦେହେ ଜାଣିଲେ ଖାଲି 'ପ୍ୟାଙ୍କ ଘଡ଼ ଗଡ଼ଜାତ ।'
ହଜାର ଧରି କେ ହାଜର ହେଲା ବା ଖଡ଼ଖ-ଗୃହକ ଘରେ,
ଟେକି କରି ଚାକୁ ଲୋଖିବାକୁ ପଦେ କାଲୁଡ ମନଛ କରେ ।
ଏବେ ବେଳେ ଏଇ ଗାଉଁଲି ଅସିଲା ସ୍ୱରୂପ ସେ ରାଜତୋଟ,
ରାଜ୍ୟର ଅଧା ଟଙ୍କା ଭାଙ୍ଗି ଲାଲ ଫଳ ଲାଗିଛି କେତେ ଗୋଟ ।
କୁଟନୀତି ବଳେ ସଭ୍ୟ ଅଧ୍ୟାପକଙ୍କୁ ଭଙ୍ଗାଇ ବାଛୁ ସେ ରାଜା,
ପ୍ରଜାଙ୍କ ରକତ ପିଇବା ପାଇଁକି ସେଗଲେ ହୋଇ ତ ଜା ।
ହୁକମ୍ ବରାଣ୍ଡ ଫେଂପେ-ସେଠ୍ଠାଏ ହୋଇ ବସିଲେଣି କାଠା,
ଭହ ଲେଭେ ବଳ ଉଠିଛୁ ଦେଖାନା କବର ଘାମ୍ବକୁ ନାହା ।
ଦେବଗଣ ଏରେ ହସିଅଛ ହୁଅ ଗୋ-ଲୋକରେ ହେ ହରି,
ଅସୁରକୁ ଏବେ ବିନାଶ କରିବେ ଭିତର ଦେଖି ମାରି ।

\+ \+ \+

ବେପରୁଆ ଏବେ ହୁଙ୍କାପିଟା ପରି ଗୃହନ୍ତି କେ ମୋଡ଼ି ନାଟ,
'ଅମ ବାପ ଧନ ଅମେ ଯାହା କଲୁ କାଏନେ କରିବ କାସ' ।
ଅମ ବାଟେ ଅମେ ଅଟେ ପେ ଗୃହକୁ ପ୍ରଜାଙ୍କୁ ପଗୁରେ ଜାଏ,
କେତେ ଭାଟ ଯିଏ ହେଉଥାନ୍ତୁ ଯାହିଁ ମାରି ଗୃହ ଭାଙ୍କୁ ଛାଡ଼େ ।
ଯଦବା ନମାନି ମୁରୁଖ ବାଧ୍ୟଡ଼ା କରିବେ ସେ ହାରହୁର,
ଜାଣି ବଦଳରେ ଭକତ ନଡ଼ିଆରେ ଯାଅ ଏବେ ଗଙ୍ଗା ।

---

## ଚୌ-ଏଷଟା ।

ଲେଖକ:—ପ୍ରୁଛଷଣ୍ଡ

ଜହରଲାଲୀ ଜାକେଟ
ବୃନ୍ଦାମଣା ପାକେଟ
ଟ୍ରେଭଲ ଇଦୀଟ୍ ଟିକେଟ୍
ଗୋଲ୍ଡ ଫ୍ଲେକ୍ ପେକେଟ୍
ଡାକ୍‌ଧିନାଧିନ୍ ଧାକେଟ୍ । ୧

ଚେମ୍ବରଲେନର ଗାଧ
ବେହୁଅଙ୍କ ଗୃଡ
ଛଲେଜ ଗର୍ଲ୍ ଫ୍ରେଣ୍ଡ
ମାରେ ଶୁନ୍ ଗଡ । ୨ ।

ମୁସୋଲିନିର ଡଣ୍ଡା
ହିଟଲରର ଶୋଣ୍ଡା
ଜିନାସାହେବ ଖଣ୍ଡା
ସ୍ୱାଧୀନତାର ଝଣ୍ଡା । ୩ ।

ସିନେମାର ଷ୍ଟାର
ବେବି ଅଷ୍ଟିନ କାର
ଦହିଅଳା ପାର
ଦୁନିଆରେ ସାର । ୪ ।

ଡାଲଡେର ହଜରତ୍
ଅବେଳ୍ଲିର କସରତ୍
ଗୁଲ୍ଲିପାଣି ସରବତ
ଇଥରଙ୍କ ମୋହରତ
ଖୋଦାଙ୍କା କୁଦ୍‌ରତ୍ । ୫ ।

ଓ଼ର ଏଣ୍ଡେଲ୍ ଅର୍ଟ
Love lorn heart
Glad[illegible]ck ଗାର୍ଟ
[illegible]କୋଜିଆ ଘା[illegible]
ସ୍ତ୍ରୁ ଇଭରେ ଡାଟ
ଅଳକାଲିକା ଥାଟ୍ । ୬ ।

କଂଗ୍ରେସିଆ ସତ୍ୟ
କଥକାଲି ନୃତ୍ୟ
ହମାଲର କୃତ୍ୟ
ପାଗଳାମିର ପଥ୍ୟ । ୭ ।

ଅଣ୍ଡିଆ ମୁର୍ଗୀ ଅଣ୍ଡା
ଶ୍ରୀକ୍ଷେତ୍ରର ପଣ୍ଡା
କଂଗ୍ରେସର ଝଣ୍ଡା
ବୀରବାଲାର ଖଣ୍ଡା
ଗରମୀ କରେ ଥଣ୍ଡା । ୮ ।

ନୀଳକଣ୍ଠ ଦାଢ଼ୀ
ଯଦୁମଣିର ବାଡ଼ି
ଗୋପବନ୍ଧୁ ଡାଉ
ସରଲାଙ୍କ ଶାଢ଼ୀ
ବସିଛୁ ଅସନ ମାଡ଼ି । ୯ ।

Digitized by srujanika@gmail.com



## 'ଡଗର' ସମ୍ପାଦକଙ୍କୁ ଚରମପତ୍ର

ସମ୍ପାଦକ ମହାଶୟେ,

ଆପଣଙ୍କୁ ଏତଦ୍ୱାରା ଜଣାଉ ଯେ ଆପଣ ଅଛ ନଯ ଏ ମହରେ ଯେତେଦିନ ମୁଁ ବସ୍ଥବ ତା ମଧ୍ୟରେ ଆପଣ ଯେବେ ମୋ ଲେଖା ଆପଣଙ୍କ ହସ୍ତମୁଖ ମାହାଲ 'ଡଗର'ରେ ପ୍ରକାଶ ନକରନ୍ତି ତେବେ ଆପଣଙ୍କ ବିରୁଦ୍ଧରେ ନିଷ୍ଠୁର ଆନ୍ଦୋଳନ କରିବୁ । କେମିତ କରିବୁ ତାହା ପରେ ଜଣାଇଅଛି ଯେବେ ସାହସ ଥାଏ ତେବେ ଧୈର୍ଯ୍ୟଧରି ଶୁଣନ୍ତୁ ।

ଆପଣଙ୍କୁ ମାଲୁମ ନାହିଁକି ଏହା ହେଉଛି ଆନ୍ଦୋଳନ ଓ ଚରମ ପତ୍ରର ଯୁଗ । ଛାତ୍ରମାନେ ଗୁରୁଙ୍କ ବିରୁଦ୍ଧରେ; ଗୁରୁମାନେ ବୋର୍ଡକର୍ତ୍ତାଙ୍କ ବିରୁଦ୍ଧରେ; ପ୍ରଜା ଜମିଦାରଙ୍କ ବିରୁଦ୍ଧରେ; ଖାତକ ମହାଜନ ବିରୁଦ୍ଧରେ; କରଦାତା ସମିତିର କର୍ତ୍ତାମାନେ ମ୍ୟୁନିସପାଲିଟି କର୍ମକର୍ତ୍ତାଙ୍କ ବିରୁଦ୍ଧରେ କିଛିଦିନ ପରେ ଶୁଣିବେ ପୁଅମାନେ ବାପଙ୍କ ବିରୁଦ୍ଧରେ ଶେଷରେ ସ୍ତ୍ରୀମାନେ ସ୍ୱାମୀଙ୍କ ବିରୁଦ୍ଧରେ ଆନ୍ଦୋଳନ ଲଗାଇଛନ୍ତି ଏବଂ ଚରମପତ୍ର ଦେଉଛନ୍ତି ।

ନ୍ୟାୟ ହେଉ ବା ଅନ୍ୟାୟ ହେଉ ସମସ୍ତଙ୍କର ଆନ୍ଦୋଳନ କରିବାର କାରଣ ଅଛି । ଯେମିତ ଗୁରୁମାନେ ଭଲ ପଢ଼ାଇବେ ନାହିଁ ଅଥଚ ଛାତ୍ରଙ୍କୁ ବେତ ମାରିବେ; ବୋର୍ଡକର୍ତ୍ତାମାନେ ବେଶି ଦରମା ଦେବେ ନାହିଁ ଅଥଚ ମାଷ୍ଟରେ ଗାଁ ଜଳ ନଷ୍ଟ କରି ଦ'ଧଇସା ଭଲଲୋକ ନେଲେ ତାଙ୍କୁ ନାଲିଆଖି ଦେଖାଇବେ; ଜମିଦାର ଚାଙ୍କ କଚେରୀକୁ ଗଲେ ବସିବା ପାଇଁ ଖଣ୍ଡେ ଆସନ ଦେବେନାହିଁ ଅଥଚ ପ୍ରଜା ଯେବେ କେଉଁଥିଲେ ପାଉଣା ନଦିଏ ତେବେ ତାଠାରୁ ଉଚିତ ଖଜଣା ନେବେ ନାହିଁ; ମହାଜନ ଘରକୁ ଗଲେ ଖଣ୍ଡେ ପାନବି ମିଳିବନାହିଁ ତଥାପି ଖାତକ ଯେବେ ଶହେଟଙ୍କା ନେଇ ଦ'ଶହ ଟଙ୍କାର ଦଲିଲ ନଲେଖି ଦେବ ତେବେ ତାଙ୍କୁ ଟଙ୍କା ଦେବେ ନାହିଁ; କେତେକ ଭଦ୍ରାସ୍ତ ବେକାର ଓ ଚଲ କରଦାତା ଅଛ ତା'ର ନଖେଳ ଭଲ ପିଲାପରି ସମସ୍ତଙ୍କ ସନ୍ଦ୍ୟେହଭାବ କରିବା ପାଇଁ କଂଗ୍ରେସ ଦ୍ୱାରା କମିଶନର ହେବାପାଇଁ କଂଗ୍ରେସକୁ ଦରଖାସ୍ତ କଲେ ତାଙ୍କ ଦରଖାସ୍ତ ଫାଷ୍ଟଦେବେ ଅଥଚ ସେହି କଂଗ୍ରେସୱାଲା ମ୍ୟୁନିସପାଲିଟିର କର୍ମକର୍ତ୍ତାବର୍ଗ ଓକିଲଙ୍କ ଉପରେ କହା ଟିକସ ବଢ଼ାଇବେ; ତହବଲ ସୁଦ୍ଧ ପୁଅ ପାଖେ ନରହି କେବଳ ବାପା ପାଖରେ କାହିଁକି ରହିବ ଶେଷରେ ସ୍ୱାମୀମାନେ ଘରକୁ ଛାଡ଼ ପରସେବା ଏତେ କାହିଁକି କରିବେ ଇତ୍ୟାଦି, ଇତ୍ୟାଦି । ଏସମସ୍ତଙ୍କର ଉପରୋକ୍ତ ପ୍ରକାର କାରଣମାନ ଥାଇପାରେ ଅଛ ଆପଣ ଭାବୁଛନ୍ତି ଆମର କାରଣ ନାହିଁ । ଆମପରି ଲେଖକମାନେ କେତେ କାଳ କାଗଜ ହାତରୁ ସାର ଲେଖି ? କୂର୍ମ ପାଲଟୁଲଣି ଅଥଚ "ଡଗର"ର ଆପଣଙ୍କର ବୋଲି ଆମକୁ ଅନାଦର କରି ଆମ ଲେଖାକୁ ନାକଚ କରିବେ ।

ଏହି ପୁଞ୍ଜିବାଦ ଯୁଗରେ ଏ ଧରାରେ ଦୁଇ ବର୍ଗର ଲୋକ ଅଛନ୍ତି । ଦଳେ ହେଉଛନ୍ତି "Haves" (ଥିଲାବାଲା) ଅଉ ଦଳେ ହେଉଛନ୍ତି "Havenots" (ନଥିଲାବାଲା) ଏହି ଗୁରୁ, ବୋର୍ଡକର୍ତ୍ତା, ଜମିଦାର, ମହାଜନ, ମ୍ୟୁନିସପାଲିଟି କର୍ମକର୍ତ୍ତା, ବାପ, ସ୍ୱାମୀ ଓ ଆପଣଙ୍କପରି ସମ୍ପାଦକମାନେ ହେଉଛନ୍ତି ସେହି "ଥିଲାବାଲା" ଦଳର । ଅଉ ଛାତ୍ର, ଶିକ୍ଷକ, ପ୍ରଜା, ଖାତକ, କରଦାତା ସମିତିର ସଭ୍ୟପତ୍ର ଓ ସମ୍ପାଦକମାନେ, ପୁଅ, ସ୍ତ୍ରୀ ଓ ଆମପରି ଲେଖକମାନେ ସମସ୍ତେ ହେଉଛୁ 'ନଥିଲାବାଲା' ଶ୍ରେଣୀର ।

ଆମେ ଆପଣଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବୁ କିନ୍ତୁ ଜାଣିଥାନ୍ତୁ ଆମ ଆନ୍ଦୋଳନ ଗାନ୍ଧିମାର୍କା ସତ୍ୟାଗ୍ରହ ନୁହେଁ । ସତ୍ୟ ଅହିଂସାର ଧାର ଆମେ ଧାରୁ ନାହୁଁ । ଆମ ଆନ୍ଦୋଳନର ନାମ ହେଉଛି "ନିରସ୍ତ୍ର ପ୍ରତିରୋଧ" ଅର୍ଥାତ ପ୍ରତିରୋଧ ବା ପ୍ରତିବାଦ କରିବା ପାଇଁ ଆମ ହାତେ ଅସ୍ତ୍ରନାହିଁ ଅଛି ଅନ୍ୟଶକ୍ତି । ଯଥା ଆପଣଙ୍କ ନାମରେ ମିଛକଥା ପ୍ରଚାର କରି ଦୁର୍ନାମ ରଟାଇବୁ, ଉଚ୍ଚ ସ୍ୱରରେ ଅସଭ୍ୟ ଭାବରେ ଗାଳିଦେବୁ, ଆପଣଙ୍କ ଅପମାନ ଦେବୁ । ଆପଣଙ୍କ ହୃଦୟକୁ, ମନୁଷ୍ୟତ୍ୱକୁ ଅଘାତ କରି ଷଡ଼ଯନ୍ତ୍ର କରି ଆପଣଙ୍କୁ ଦାଣ୍ଡରେ ବସାଇ ଦେବୁ । ଆପଣ ଆମକୁ କଅଣ ପାଇଛନ୍ତି କି ? ଦିନେ ସାରା ଭାରତରେ ଆମରି ପନ୍ଥାର ଜୟ ଜୟକାର ହେବ ।

ଗୁଣ୍ଡା ସଙ୍ଘର ଜନୈକ ପ୍ରତାଡ଼ିତ ଲେଖକ ।

ଡଗର ସମ୍ପାଦକ ମହୋଦୟ !

ଆଜିକାଲି ଯୁଗ ସମାଲୋଚନା ଯୁଗ, ଆମର ଓଡ଼ିଆ ଲୋକେବି ଏଇ କଥାଟି ବୁଝିଲେଣି, ତା ନହେଲେ ଗରମା ଦରମ ସୋଲଭଙ୍କା ମହାଶୟ ନଖ ଛାଞ୍ଛି ମୁଠା ପାଇଁ ବ୍ୟସ୍ତହୋଇ ନଥାନ୍ତେ । ଛାଞ୍ଛି ମୁଠାଟି ପରହିଂସାର କଥା ବିଶେଷତଃ ସ୍ତ୍ରୀଲୋକ ହାତରେ କେଁଶ ସୁନ୍ଦର ଦେଖାଯାଏ ନିଷ୍ଠୁର ସୋଲଭଙ୍କାଙ୍କ ହାତରେ ମୁଁ ତାହା ଦେଖି ଭଜନା କଣ ଭାବ ପକାଇଲି-ଛାଡ଼ ସେ କଥା । କିଅଣ୍ଡା ଯା କହନ୍ତୁନା କାହିଁକି ଯୋଗିଭଜା କହିଛନ୍ତି ଅନେକ ଗୁଡ଼ାଏ ବାଜେ କଥା---ଆପଣଙ୍କ ଗନ୍ଧ ସଂଖ୍ୟା ଡଗରରେ । ବିନୋଦଙ୍କ କେତେ ଗୁଡ଼ାଏ ରଚନ ସେ ନଜର ଦେଇ ତା'ଭିତରେ ବ୍ୟକ୍ତିତ୍ୱ ଏବଂ ବାଳକା-ପ୍ରିୟାର ପ୍ରେମର ସହାୟକରେ ସେ ବ୍ୟସ୍ତ ହୋଇ ପଡ଼ିଛନ୍ତି । ଆପଣତ ଦାଗବସ୍ତ ଦଳ ନେଇ ବ୍ୟସ୍ତ-ଏବଂପାର୍ଦ୍ଦ କରିପାରିବେ ନାହିଁ ମୁଁ ଟିକିଏ ହାତ ଦେଲି ।

କବି କାଳନ୍ଦୀଙ୍କର ଯୁଗଟା ଥିଲା ପ୍ରଜାପତିଆ ଯୁଗ ଯାହେ ସ୍ୟାହେ ଖାଲି ପରପର ହେବାଟା ଯାହା ସାର । ସେହି ଫୁଲ ଗୁଡ଼ାକ ଏବେ ପୁରୁଣା ହୋଇଗଲେଣି । ବର୍ତ୍ତମାନ ଯୁଗରେ କବିତାକ୍ଷେତ୍ରରେ ବିନୋଦ ଏବଂ ସଚି ରାଉତରାୟ ଙ୍କୁ ଦେଖିବାକୁ ମିଳେ । ସଚି ଲେଖନ୍ତି ଅପୂର୍ବ କବିତା, ସେ ନଜ ମଧ୍ୟକୁ ନଦେଖି (mars) ବା ଗଣର ବାହ୍ୟ ଆବରଣକୁ ଭୂଷା ଦଅନ୍ତି । ତାଙ୍କର ଭୂଷା ଜଳ ପ୍ରପାତ ପରି ଚଞ୍ଚଳ, ଉଚ୍ଛୃଙ୍ଖଳ ବେଗବତୀ, ତେଣୁ ଅନେକଙ୍କ ସେ



## ନାଗବନ୍ଧୁଙ୍କ କଲମରୁ

### ଭକ୍ତ କିଏ ?

ଯେ ମା ସକାଶେ ଓ ଜାତି ସକାଶେ ଜୀବନ ଦିଏ ତାଠାରୁ ବଡ ଭକ୍ତ ଆଉ କିଏ ଅଛି ? ନିଜର ଦେଶ-ମା ଠାରୁ ଆଉ ବଡ଼ ଦେବୀ କିଏ ? ତେବେ ଆମେ ମା'ର ପୂଜା କରିବା ନ' ଜାଣିବୁ ? ମା ସକାଶେ ନିଜ ରକ୍ତ ଢାଳି ନ ଜାଣିବୁ ? ଭଗବାନଙ୍କର ପ୍ରିୟ ଭକ୍ତ ହେବାକୁ ହେଲେ ମା ସକାଶେ ଓ ସନ୍ତାନ, ସେବା ସକାଶେ ଆଗଭର ହେବା ଉଚିତ ।

ହଁ, ଏଇଠି ଜଣେ ବଡ଼ ଭକ୍ତର ନାମ ନ କହି ରହି ହେଉ ନାହିଁ । ସେ ଭକ୍ତର ନାମ ହୋରସିୟୁସ । ମୁଁ ଯେତେବେଳେ ଯାହା କରେଁ ଆଗେ ହୋରସିୟୁସଙ୍କୁ ମନେ ପକାଏଁ । ସେ ବୀର ଓ ପ୍ରକୃତ ଭକ୍ତ । କେତେଦିନ ତଳର କଥା, ରୋମ ବୋଲି ସହରଟିଏ । ସେହି ସହରକୁ ଟିଗୋଟିଏ ରଜା—ଓ ! ବଡ଼ ପରାକ୍ରମ-ଶାଳୀ ସେ, ଅସଂଖ୍ୟ ସୈନ୍ୟ ସହ ଆକ୍ରମଣ କଲେ । ରୋମ ବାସୀଙ୍କ ମୁହଁରେ ଏକାବାରକେ କଳା ବୋଳି ହୋଇଗଲା । ଏତେ ସୈନ୍ୟ । ତାଙ୍କ ଆଗରେ କିଏ ଲଢ଼ିବ ? ହୋରାସିଅସ ଗର୍ଜେ ହେଲେ କଣ ହେବ, ନିଜ ଦେଶ ଓ ଜାତିର ଅବସ୍ଥା ଦେଖିଁ ସହି ପାରିଲେନି । ସେ ଯୁଦ୍ଧକୁ ଗଲା । ତମେ ହସିବ, କିନ୍ତୁ କଳ୍ପନା—ଶୁଣ ! ସେ ପ୍ରାଣ ଦେଇ ଲଢ଼ିଲା । କେତେ ଲୋକ ଖଣ୍ଡିଆ ଖାବରା ହୋଇଗଲେ । ଶେଷରେ ସେ ଜିତିଲେ । ରୋମବାସୀଙ୍କର କି ହରଷ ! ଧନ୍ୟ ବୀର ହୋରାସିୟୁସ, ଧନ୍ୟ ତୁମର ସାହସକୁ !

ଆଉ ଜଣେ ବଡ଼ ବୀର ନେପୋଲିୟାନ ବୋନାପାର୍ଟ କ'ଣ କହିଛନ୍ତି ଜାଣ "The moral to the Physical has 10 to one" ସେ ଏହି ଉପଦେଶକୁ ସମ୍ମୁଖରେ ରଖି ପୃଥିବୀ ଜୟ କରିଥିଲେ । ମଣିଷ କାମ କରୁ ବା ନ କରୁ ତା ହୃଦୟରେ ଦମ୍ଭ ଓ ସାହସ ଥିବା ଦରକାର ।

ଆମ ପୂର୍ବପୁରୁଷଙ୍କ କଥା କ'ଣ ମନେ ପଡ଼ୁନାହିଁ ? ସେମାନେ କିପରି ବୀର ଥିଲେ, ଦେଶ ସକାଶେ କିପରି ଜୀବନ ଦେଉଥିଲେ । ତେବେ ଆମେ ତ ସେହି ବଂଶର । ଆମ ପ୍ରତି ଲୋମକୂପରେ ତ ସେହି ବୀର ବଂଶର ରକ୍ତ ବୋହୁଛି । ଆମେ କାହିଁକି ବୀର ହେବା ନାହିଁ କା-ପୁରୁଷ ହେବା । ଏଥିପାଇଁ ଏତେ କାତରତା କାହିଁକି ? ମନେ ପଡ଼େ ନାହିଁକି "କାତରତା ସିନା କାପୁରୁଷ ମଣ, ବୀର ମାରେ ଅବା ମରେ ଜଗ ରଣ ।" ଆଉ ମୁଁ ଆମେ ନାଗ । ତମେ କଣ ଜାଣନ "ପଦାଘାତ କଲେ କେହି ନାଗ ଚୂଳେ, ନାଗ କି ପଳାଏ ପରାଣ ଆକୁଳେ ?"

ଗ୍ରୀଷ୍ମ ଅବକାଶ ଖୁବ୍ ପାଖେଇ ଆସୁଛି । ଏ ଅବକାଶ ଯେତେ ନିକଟ ହୋଇ ଆସୁଛି— ଆମର ଯୁଦ୍ଧର ଦିନ ସେତେ ଘନେଇ ଆସୁଛି । ଆମେ କାହା ସପକ୍ଷରେ ଯୁଦ୍ଧ କରିବା ଜାଣ ? ନିରକ୍ଷରତା ଦୂରୀକରଣ । ପ୍ରତ୍ୟେକ ନାଗବନ୍ଧୁ ଓ ପ୍ରତ୍ୟେକ ବଂଶ ଶିଶୁ ପ୍ରତିଜ୍ଞା କର "ମୁଁ ଦେଶର ଯାହା କିଛି ନା କିଛି ମୋ' ଦେଶ ଭାଇ ସକାଶେ କାମ କରିବ ।" ଦ୍ଵିତୀୟ କର୍ତ୍ତବ୍ୟରେ ଏହିକି କହିପାରେ ଗାଁର ପରିଷ୍କାର ପରିଚ୍ଛନ୍ନତା କ୍ଷେତ୍ରରେ ଦୃଷ୍ଟି ଦେବେ । ତମେ ସଭି ମିଳି ମଶା ଘାସ, ବୁଦା, କାଠି, ମଇଳା ଇତ୍ୟାଦି ନିଗିଡ଼ି ଦେଇ ସଫା ରଖିବ । ଏ ଯୁଦ୍ଧ ପାଇଁ ତମର ସାମଗ୍ରୀ କଣ ଜାଣ ? ଧୈର୍ଯ୍ୟ, ସାହସ, ଏକାଗ୍ରତା ଓ ଏକତା । ତମ ଭିତରେ ଏ ଗୁଣ ଜକଷ ଥିବା ନହାତ୍ ଦରକାର । କିନ୍ତୁ ସବୁବେଳେ ଅହିଂସ ହବ । ଏପରି ଯୁଦ୍ଧ କ୍ଷେତ୍ରର ଅଗ୍ରଗାମୀ ଯୋଦ୍ଧାଠାରୁ ଆଉ ବଡ ଭକ୍ତ କିଏ ?

ଶ୍ରୀ ବଳଭଦ୍ରଚରଣ ମହାନ୍ତି ।
୧୫୪ ନାଗବନ୍ଧୁ

## ତିନୋଟି ବନ୍ଦର ସମ୍ବନ୍ଧରେ ତିନିପଦ

### ବମ୍ବେ

ବମ୍ବେ ଭାରତର ଗୋଟିଏ ବଡ଼ ବନ୍ଦର । ବନ୍ଦରଟି ଦେଖିବାକୁ ଅତି ସୁନ୍ଦର । ବମ୍ବେ ସହରଟି ଗୋଟିଏ ଛୋଟ ଦ୍ୱୀପ ଉପରେ ଅବସ୍ଥିତ । ଏହି ଦ୍ୱୀପଟି ଦେଶ ସହିତ ସଂଯୁକ୍ତ ହୋଇଅଛି । ସେଥିପାଇଁ କଲିକତା ପ୍ରଭିତି ଜନ ଗହଳ ସହରରେ ଖଣ୍ଡେ ଜମିର ଦାମ୍ ଯେତେ ବମ୍ବେ ସହରରେ ସେତିକି ଫର୍ଦ୍ଦେ ଜମିର ମୂଲ୍ୟ ତା'ଠାରୁ ଯଥେଷ୍ଟ ବେଶୀ । ବମ୍ବେ ଗୋଟିଏ ଜନ ଗହଳ ସହର । ଏଠାକାର ଲୋକସଂଖ୍ୟା ପ୍ରାୟ ୧,୨୦୦,୦୦ । ଏଠାକୁ ଅନେକ ଜାତିର ଲୋକ ବାଣିଜ୍ୟ ସକାଶେ ଆସନ୍ତି । ସାଧାରଣତଃ ପାରସୀମାନେ ଏଠାରେ ବେଶୀ ଦେଖାଯା'ନ୍ତି । ବମ୍ବେରେ ବହୁତ ଲୁଗା କଳ ଅଛି । ଇଉରୋପମୁଖୀ ଯାତ୍ରୀମାନେ ବମ୍ବେର ବାଲାର୍ଡ଼-ପିଅର ଠାରୁ ଜାହାଜ ଚଢ଼ନ୍ତି ।

### ଏଡେନ

ଏଡେନ ଇଂରେଜ ମାନଂଙ୍କ ଅଧୀନରେ । ୧୮୩୯ ମସିହାରେ ଏହା ବ୍ରିଟିଶ ସାମ୍ରାଜ୍ୟଭୁକ୍ତ ହୋଇଅଛି । ଏଡେନ ପ୍ରୋଟେକ୍‌ଟରେଟ୍‌ର ଆୟତନ ୨୦,୦୦ ବର୍ଗମାଇଲ ଓ ଲୋକସଂଖ୍ୟା ୮୦୦,୦୦୦ । ସାନ ଏଡେନ ଅର୍ଥାତ୍ ଏଡେନ ବନ୍ଦର ଓ ଆଖପାଖ ସହରର ଆୟତନ ୭୫ ବର୍ଗ ମାଇଲ ଓ ଲୋକ ସଂଖ୍ୟା ୪୬,୦୦୦ । ଏଡେନ ଗୋଟିଏ ପୁରାତନ ବାଣିଜ୍ୟ ସ୍ଥଳ । ସୁଏଜ କେନାଲ ୧୮୬୯ ମହିହାରୁ ଖୋଲା ହୋଇଅଛି । ସେହିଦିନଠାରୁ ଏଡେନ ବନ୍ଦରର ଗୁରୁତର ପ୍ରୟୋଜନ ବହୁତ ବଢ଼ି ଯାଇଅଛି । ଏହା ପୂର୍ବେ ଭାରତ ସରକାରଙ୍କ ଅଧୀନରେ ଥିଲା । ୧୯୩୭ ମସିହା ଏପ୍ରିଲ ମାସଠାରୁ ତାହା ସ୍ୱତନ୍ତ୍ର ପ୍ରଦେଶ ହୋଇଯାଇ ଅଛି । ଆରବୀୟମାନେ ଏଠାକାର ଆଦିମ ଅଧିବାସୀ । ଭାରତ ସରକାରଙ୍କ ଅଧୀନରେ ଏଡେନ ଥିଲାବେଳେ ସେଠାରେ ଭାରତୀୟ ମୁଦ୍ରା ଓ ଡାକଟିକଟ ଚଳୁଥିଲା । ଏବେ ସ୍ୱତନ୍ତ୍ର ହୋଇଯିବାରୁ ସେଠି ଭିନ୍ନ ପ୍ରକାର ମୁଦ୍ରା ଓ ଡାକ ଟିକଟ ଚଳୁଅଛି ।

### ପୋର୍ଟସେଡ୍

ଜାହାଜ ସୁଏଜ କେନାଲ ପାର ହୋଇ ପୋର୍ଟ ସେଡ ବନ୍ଦରରେ ପହଞ୍ଚେ । ଏହା ଆଫ୍ରିକା କୂଳରେ ଅବସ୍ଥିତ । ସେଠାକାର ଲୋକସଂଖ୍ୟା ୧୦୮,୫୯୨ । ସାଧାରଣତଃ

Digitized by srujanika@gmail.com

ଏଠାରେ ଏଠାକାର ଅଧିବାସୀ ମାନଙ୍କ ଛଡ଼ା ଇଟାଲି, ଗ୍ରୀସ୍, ଫ୍ରାନ୍ସ ଓ ଇଂଲଣ୍ଡ ଦେଶୀୟ ଲୋକମାନେ ଚଳୁଥିବା ଭାବରେ ପରିଦୃଷ୍ଟ ହୁଅନ୍ତି । ଏହା ଗୋଟିଏ ଅତି ରମଣୀୟ ସ୍ଥାନ । ସେଥିପାଇଁ ଜାହାଜର ଯାତ୍ରୀମାନେ ଏଠାରେ ଓହ୍ଲାଇ ସମୁଦ୍ର କୂଳରେ ବୁଲି ପ୍ରାକୃତିକ ଶୋଭା ଉପଭୋଗ କରନ୍ତି । କାଏରୋ ଏହି ବନ୍ଦରଠାରୁ ରେଳରେ ଚାରି ଘଣ୍ଟାର ବାଟ ମାତ୍ର । ଜାହାଜ ଯାତ୍ରୀମାନେ ଏଠାରୁ ପିରାମିଡ଼ ଦେଖିବାକୁ ଯାଆନ୍ତି । ମେ'ରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ପୋର୍ଟସେଡ୍‌ରେ ସମୁଦ୍ର ସ୍ନାନ ଅତି ଆମୋଦଜନକ । ଏଠାରୁ ଜେରୁଜେଲମ୍, କାଏରୋ, ହାଇଫା ପ୍ରଭୃତି ସ୍ଥାନକୁ ବ୍ୟୋମଯାନରେ ଯିବାର ସୁବିଧା ଅଛି ।

ଶ୍ରୀ ବସନ୍ତ କୁମାର ବେହେରା (୩୩)

## ଅଜାଙ୍କ ଜବାବ ।

ବସନ୍ତ (୪୦) ୧ । ମୟୂରଭଞ୍ଜର ଦେୱାନ ସାହେବ ଯେଉଁ ଉପଦେଶ ତୁମ୍ଭମାନଙ୍କୁ ଦେଲେ ତଦ୍ଵାରା ସେ ତାଙ୍କର ଦୂରଦର୍ଶିତା, ବିଦ୍ୱତ୍ତା ଓ ମହାନୁଭବତା ପ୍ରକାଶ କରିଛନ୍ତି । ପ୍ରକୃତରେ ସ୍ୱତନ୍ତ୍ର ଭାବରେ ହରିଜନ ସ୍କୁଲ୍ ନାମ ଦେଇ କୌଣସି ଅନୁଷ୍ଠାନ କରିବା ଅର୍ଥ ପରୋକ୍ଷରେ ଗୋଟାଏ ପାର୍ଥକ୍ୟ ଭାବ ପୋଷଣ କରିବା । ତେଣୁ ସେ ସ୍କୁଲର ନାମ କୌଣସି ବିଦ୍ୟାଳୟ ଦେବା ଦ୍ୱାରା ଉଚିତ କାମ କରିଛ । ତା ସଙ୍ଗରେ ମହାରାଜାଙ୍କ ନାମ ହେଉ ବା ଆଉ କାହାର ନାମ ଜଡ଼ିତ ରଖିବା ସମ୍ବନ୍ଧରେ ମୋର କିଛି କହିବାରେ ନାହିଁ ।

୨ । ଟାଟାରେ ଓଡ଼ିଆ କୁଲିଙ୍କ ଅବସ୍ଥା ମୁଁ ନିକେ ଜାଣେ । ତା ଠାରୁ ବେଶୀ ଶୋଚନୀୟ ଅବସ୍ଥା ମୋଟା ବେତନ ପାଉଥିବାଙ୍କର—ସେ କଥା ବି ସତ୍ୟ । କିନ୍ତୁ ସେ ସମ୍ବନ୍ଧରେ ଆମର କଣ କରିବା ଉଚିତ ମୁଁ ବୁଝି ପାରୁନାହିଁ । ବୋଧହୁଏ ସେଠା ଆମ କର୍ମକ୍ଷେତ୍ର ଓ କର୍ମଦକ୍ଷତାର ବାହାରେ ।

୩ । ଯେଉଁ ମୁସଲମାନବନ୍ଧୁମାନଙ୍କ କଥା କହୁଛ ତାଙ୍କୁ ଲେଖ । ନାଗବନ୍ଧୁ ଦଳରେ ମିଶିବାକୁ ଚାହିଁଲେ ସେ ନିଜେ ପ୍ରତିଜ୍ଞା ପତ୍ର ସ୍ୱାକ୍ଷର କରିବା ଉଚିତ ।

୪ । ନାଗବନ୍ଧୁ ଭାଇ ଭଉଣୀଙ୍କୁ ତାଙ୍କର ଦେୟ ଦେଇ ଦେବା ପାଇଁ, ଲେଖା ପଠାଇବା ପାଇଁ ଓ ନୂଆ ନାଗ କରାଇବା ପାଇଁ ଯେଉଁ ପତ୍ର ଲେଖିଛ ତାହା ପଢ଼ିଲି । କିନ୍ତୁ ପ୍ରକାଶ କଲି ନାହିଁ କାରଣ ସେମାନେ ଯଦି ନିଜର କର୍ତ୍ତବ୍ୟ ନ ବୁଝିବେ ଅନ୍ୟ ଲୋକ ତାଙ୍କ ଆଖିରେ ଆଙ୍ଗୁଳି ପୁରାଇ କେତେ ବୁଝାଇବେ ?

ନରେନ୍ଦ୍ର—(୨୦୬) ବହିଙ୍କ ଛବି ଗୋଳମାଳ ମେଣ୍ଟି ଯାଇଛି । ସେ ସମ୍ବନ୍ଧରେ ଆଉ କିଛି କହିବା ଉଚିତ ନୁହେଁ । ତେବେ ତମକୁ ମୋର ଉପଦେଶ ତମେ ଉଚ୍ଛୃଙ୍ଖଳ ହେବ ନାହିଁ ଏବଂ ଅନାବଶ୍ୟକ ଆଗ୍ରହ କରିବ ନାହିଁ ।

୨ । ନାଗବନ୍ଧୁ ବନ୍ଧୁଗହି ଏକପ୍ରକାର ଛବି ସଙ୍ଘ ଉଗରରେ ଭିନ୍ନ ଛବି ସଙ୍ଘ ଗଢ଼ିବାର ଦରକାର ନାହିଁ ।

ଲକ୍ଷ୍ମୀନାରାୟଣ (୨୩) ମୁଁ ସବୁ ନାଗବନ୍ଧୁଙ୍କୁ ସବୁବେଳେ କହୁଛି ଯେ ପରସ୍ପର ମଧ୍ୟରେ ଭାବ କରିବା ପାଇଁ, ସ୍ନେହ ସହାନୁଭୂତି ବଢ଼ାଇବା ପାଇଁ ଚିଠି ପତ୍ର ଦିଆନିଆ କର । କିନ୍ତୁ ପ୍ରତ୍ୟେକ ନାଗବନ୍ଧୁକୁ ସ୍ୱତନ୍ତ୍ର ଭାବରେ ଯାଇ କହିବା ସମ୍ଭବ ହେବ କି ? ଯେଉଁମାନେ ତମଠାକୁ ଚିଠି ଦେଉ ନାହାନ୍ତି ସେମାନେ ତମ ସହିତ ବନ୍ଧୁତା କରିବାକୁ ଇଚ୍ଛୁକ ନଥିବେ । ପୁଣି ଲେଖି ପକାଅ ;

ରତ୍ନାକର—(୨୧୯) ଯେଉଁ ନାଗଙ୍କ ସହିତ Penfriendship ବା ଲେଖା ସାଙ୍ଗ କରିବାକୁ ଚାହିଁବ ପ୍ରଥମେ ଉତ୍ତର କଣିଆରେ ତାଙ୍କୁ ଜଣାଇବ । ତାପରେ ସେ ତମ ପାଖକୁ ବା ତମେ ତାଙ୍କ ପାଖକୁ ମୋ ଜରିଆରେ ଚିଠି ଲେଖିବ । ଅର୍ଥାତ୍ ଠିକଣାରେ ନାଗଙ୍କ ନାମ ଲେଖି C/o ଅଜା, ନଗର ଅଫିସ ଲେଖିବ । ପୋଷ୍ଟକାର୍ଡ଼ ନ ହୋଇ ଲଫାପା ହୋଇଥିଲେ ଲଫାପା ବନ୍ଦ ନ କରି ଖୋଲା ରଖିବ ।

ତମର କେତୋଟି କୁହୁକୁହୁ ଗ୍ରହଣ କରି ଯାଇଅଛି ।

ନାଗ ସମ୍ମିଳନୀ ହେବା ହେବା ପ୍ରସ୍ତାବଟି ଭଲ । କିନ୍ତୁ ଉଗରର ନୂଆ ବର୍ଷ ହେବ । ମୁଁ ବଡ଼ ବ୍ୟସ୍ତ । ତାର ଇନ୍ତଜାମ୍ କରି ପାରିବ ନାହିଁ ।

ବିଳିନ—(୧୫୪) ଶରମରେ ଆମ୍ବ ପଣସ ପାଚି ଯାଉଛି ସତ କିନ୍ତୁ ତମେ ପାଉନାହିଁ ବୋଲି ଲୋକେ 'ଇଷ୍ଟତ ପାକା' କହିବେ ।

ଛୁଟିଦିନ ଗୁଡ଼ିକ ବାସ୍ତବିକ ତମ ପାଇଁ Golden days. ତମେ କିନ୍ତୁ ସୁନା କାଢ଼ି ଟାଣିଲେ ହେଲା ।

ମୋ ପେଟ ଦେଖିବାକୁ ବଡ଼ କିନ୍ତୁ ଧରେ ଅଳପ । ତମ ପରି ଭୋଜ ପେଟିଆ ନୁହେଁ ମୁଁ । ତେଣୁ କିଛି ରସଗୋଲା ରସ ଲଫାପାରେ ଭରି ପାର୍ସଲ୍ କରି ଦେଲେ ଯଥେଷ୍ଟ ।...

ଦେବେନ୍ଦ୍ର—(୨) ୫୦/ ଦେଇ ଚିରଦିନ ନାଗବନ୍ଧୁ ଦଳର ସଭ୍ୟ ହେବ ବୋଲି ଲେଖା ହୋଇଥିଲା କି ? ତାହା କେବଳ ପ୍ରବେଶିକା ମୂଲ୍ୟ । ସେ ଯାହା ହେଉ ଏ ପଇସା ନେଇ ଉଗରର ଛପା ଖର୍ଚ୍ଚରେ ଲଗା ହୁଏ ନାହିଁ, ବା ତମ ଅଜାଙ୍କ ଗହଣା ତିଆରିରେ ଲଗା ହୁଏ ନାହିଁ । ସେଥିରେ ତୁମ୍ଭମାନଙ୍କୁ ପୁରସ୍କାର ଦେବା ପାଇଁ ପଦକ ପ୍ରଭୃତି କିଣା ଯାଏ । ଓ ଦରକାର ପଡ଼ିଲେ ଭଲ କାମକୁ ଚାନ୍ଦା ଦିଆଯାଏ । ସବୁ ନାଗବନ୍ଧୁ ଯଦି କୁହ ଯେ ପ୍ରତିବର୍ଷ ୫୦/ ଲେଖାଏ ଦେବା ତମ ପକ୍ଷରେ କଷ୍ଟ ବା ଅଜୀବନ ସଭ୍ୟ ହେବା ପାଇଁ ୫୦୲ ଏକାଥରେ ଦେବା ଅସମ୍ଭବ ତେବେ ମୁଁ ତମର କଥା ମୁତାବକ ୫୦/ ଦେଇ ଚିରଦିନ ବୁଢ଼ା ହୋଇ ବାଳ ପାଚିଲା ଯାଏ ତୁମ୍ଭମାନଙ୍କୁ ନାଗବନ୍ଧୁ ରଖିବାର ନୂତନ ନିୟମ କରିବି ।

ସୁରେନ୍ଦ୍ର (୧୦୭) ୧୮ ସଂଖ୍ୟାରେ ପ୍ରକାଶିତ 'କୁଜପରି ନଇଁ ନଇଁ—ହରିଦ୍ରା ବିଲେପିତ ଚାନ୍ଦ' କବିତା ବ୍ୟାସକବିଙ୍କ ରଚିତ ନୁହେଁ ତାଙ୍କ ଲେଖାର ଅନୁକରଣ ।

ଟାଟା ବୁଲିବାକୁ ଯାଇଥିଲ ? ଭଲ କଥା । ଗ୍ରୀଷ୍ମଛୁଟିରେ ଜନ୍ମଭୂମିର ମଫସଲକୁ ଯାଇ ଅବସ୍ଥା ଦେଖି ଆସି ମୋତେ ଜଣାଅ ।

ଚନ୍ଦ୍ର (୭) ପରୀକ୍ଷା ଦେଇ ସାରି ତମେ ସମୟକୁ ଯେପରି ଭାବରେ ନିୟୋଜିତ କରୁଛ ତଦ୍ଵାରା ତମର ଓ ଦେଶର ଭବିଷ୍ୟତ ମଙ୍ଗଳ ହେବ । ଗ୍ରାମ ସଂଗଠନର ପ୍ରାରମ୍ଭିକ ଯେଉଁ କେତୋଟି ଉଦ୍ୟୋଗ ତହିଁରେ ତମେ ହାତ ଦେଇଛ । ବଡ଼ ଖୁସି ହେଲି ତା' ଶୁଣି । ନିରକ୍ଷରତା ଦୂରୀକରଣ, ନିଶା ନିବାରଣ ଓ ସାଙ୍ଗରେ ଅସ୍ପୃଶ୍ୟତା ଦୂର କରିବା ମଧ୍ୟ ଯୋଗ କର । ଉତ୍ସାହ ରଖି କାମ କଲେ ଫଳ ଲାଭ ହେବ । ପୁଣି ଫଳାଫଳ ନ କଲେ ମଧ୍ୟ ଦୁଃଖିତ ହେବ ନାହିଁ । କାରଣ ଅଦୌ ନ କରିବାଠୁ କିଛି କରିବା ଭଲ ଓ ଧର୍ମ ।

Digitized by srujanika@gmail.com

# ଖବର ଅନ୍ତର

ବିଶାଖାପାଟଣା ଜିଲ୍ଲାର ମଧ୍ୟ ଦେଇ ସର-କାର ଓଡ଼ିଆ ଭାଷା ଉଠାଇ ଦେଉଛନ୍ତି । ଗଞ୍ଜାମ ଜିଲ୍ଲାର ଓଡ଼ିଆ ସରକାର ତେଲୁଗୁ ଭାଷା ଉଠାଇ ନ ଥିବା ସ୍ଥଳେ ମାଡ୍ରାସ ସରକାରଙ୍କର ଏ ଅନ୍ୟାୟ ନୀତି ଗ୍ରହଣ ନ କରନ୍ତୁ ବୋଲି ବ୍ରହ୍ମପୁରର ଓଡ଼ିଆ ବନ୍ଧୁ ଲୋକମାନେ ମାଡ୍ରାସ ପ୍ରଧାନ ମନ୍ତ୍ରୀ ଗାନ୍ଧିଙ୍କ ସମ୍ବନ୍ଧୀ ରାଜଗୋପାଳାଚାରୀଙ୍କଠାରେ ଆବେଦନ କରିଥିଲେ । ରାଜାଜୀ ଓଡ଼ିଶା ମନ୍ତ୍ରୀଙ୍କୁ ଉଦାର କହି ସେ ସେଭଳି ଉଦାରତା ଦେଖାଇବାରେ ନିଜର ଅକ୍ଷମତା ଜଣାଇଥିଲେ ।

ମାଡ୍ରାଜରେ ଯେଉଁ ନୂଆ ଭାଷା ପ୍ରଚଳିତ ହେବ ତାର ପିତା ହିନ୍ଦ ଓ ମାତା ତେଲୁଗୁ ବା ତାମିଲ ହେବ ବୋଲି ରାଜାଜୀଙ୍କ ମତ ଜଣାଯାଏ । ତା ଭିତରେ ଓଡ଼ିଆ ପଶିଲେ ବର୍ଣ୍ଣଶଙ୍କରର ଭୟ ଅଛି ଯେ । + +

ତାଳଚେର ଫେଡର୍ଙ୍କରେ ଯେଉଁ ସର୍ତ୍ତ ମୀମାଂସା ହୋଇଥିଲା ତହିଁରେ ରାଜା ସାହେବ ନାରାଜ ଜଣାଇଥିଲେ । ଗାନ୍ଧିଜୀ ସେଥିପାଇଁ ରାଜାଙ୍କର ଏଭଳି କାର୍ଯ୍ୟକୁ ଫୌଜଦାରୀ ଅପରାଧ ବୋଲି ଧରି ନେଇ ଏକ ଲମ୍ବ ଲେଖା ଲେଖିଥିଲେ । ଫଳରେ ରାଜାବାହାଦୂରଙ୍କର ଅଦାଲତ ଜ୍ଞାନ ଉଦୟ ହୋଇଛି ବୋଲି ଶୁଣାଯାଏ ।

ଯେ ଥରେ ଜେଲ ଗଲଣି ତାର ଅଉ ପୋଲିସଙ୍କ କି ଡର ?

\+ + +

କଟକର ମେଡ଼ିକେଲ ସ୍କୁଲ ଛାତ୍ରମାନେ ଧର୍ମଘଟକୁ ଢେଙ୍କାନାଳରେ ଉଠାଇ ସତ୍ୟା-ଗ୍ରହୀଙ୍କୁ ଗଙ୍ଗାମନ୍ଦିର ପୋଖରୀରେ ବୁଡ଼ାଇ ଦେଲେ । ମେଡିକାଲ କମିଟି ଦେଇଥିବା ଦଣ୍ଡକୁ ସରକାର ବେଖାତିର ଧାର୍ଯ୍ୟ କଲେ ଓ ଛାତ୍ରମାନେ ଚରମ ପତ୍ର ଦେଇଥିବାର ଅପରାଧ ପାଇଁ ପଶ୍ଚାତାପ କଲେ ।

ଓଡ଼ିଆମାନଙ୍କ କ୍ଷମତାଟା ଜଣା ପଡ଼ିଗଲା ।

\+ + +

କୁଟିଡ଼ାରେ ବାଲେଶ୍ୱର ଜିଲ୍ଲା ରାଷ୍ଟ୍ରୀୟ ସମ୍ମିଳନୀ ହୋଇଯାଇଛି । ବହୁଦିନ ପରେ ତାର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିଲା । ସେଠାରେ ଅନେକ ପ୍ରସ୍ତାବ ପାଶ ହୋଇଛି ।

ବାସ ସେଇଥିରେ ଶେଷ । ଅଉ ପାଞ୍ଜି ଖୋଲିବ ନାହିଁ ।

---

(ଚତୁର୍ଥ ପୃଷ୍ଠା ଉତ୍ତାରୁ)

କହୁଥାନ୍ତି ନତାନ୍ତି ବାଙ୍କେ, ଏବଂ ସମ୍ପା କଥା । ଅପର ଭଗରେ ବଡ଼ୋଦା । ମୁଁ ଏହାଙ୍କ କଥାହିଁ ଆଲୋଚନା କରୁଛି କାରଣ ସୋଲଙ୍କିଜୀ ଏହାଙ୍କର ବ୍ୟକ୍ତିତ୍ୱ ଜାଣିବାକୁ ଇଚ୍ଛୁକ । ବଡ଼ୋଦାଙ୍କର ଭାଷା ସ୍ଥିର, ମନ୍ଥର, ପ୍ରତ୍ୟେକ ଶବ୍ଦର ମାନେ ଅଛି । ଶବ୍ଦ ଯୋଜନାରେ ଛବି ଅଙ୍କନ୍ତି

ଗ୍ରାମ ପ୍ରାନ୍ତରରେ ବାଇ ବ୍ୟାକୁଳ ବେଣୁ
ଫେରେ ଗୋପବାଳକ, ସାଥେ ଶ୍ରାନ୍ତ ଧେନୁ,
ଗତି ମନ୍ଥର, ଧୀରେ ଜ୍ୟୋତ୍ସ୍ନା ଅବେ···
[ପ୍ରବର୍ତ୍ତୀ, ବଡ଼ୋଦା ଚନ୍ଦ୍ର]

ବଡ଼ୋଦାଙ୍କର ଉପବେଶନ ଲାଇନରେ ଗ୍ରୀକ ସ-ଙ୍କର Hellenismର ସ୍ପର୍ଶ ଅଛି । ମର୍ମର ପ୍ରସ୍ତରରେ ମୂର୍ତ୍ତି ଖୋଦିତ ହେଲପରି ତାଙ୍କର କବିତା ମଧ୍ୟର ମୂର୍ତ୍ତି ପରିସ୍ଫୁଟିତ ସୁନ୍ଦର

ବାତାୟନରେ ଜୋଛନା ରାତେ
ବସିଛି ରାଜବାଳା
ବସନ ଛନ ବକ୍ଷେ ତାର
ଲମ୍ବେ ହେମମାଳା । (ପ୍ରଗତି, ବଡ଼ୋଦା)

ଏଠାରେ ପ୍ରେମର ଗନ୍ଧ ନାହିଁ, କିନ୍ତୁ ଅଛି ସୌନ୍ଦର୍ଯ୍ୟ ତୃଷ୍ଣା । ଚଷାର ଝିଅଟି ଜଳ ଆଣିବା ଦୃଶ୍ୟର ବର୍ଣ୍ଣନା ତ ପ୍ରେମ ନୁହେଁ, ଚଷାର ଝିଅଟି ପ୍ରକୃତ ଶୋଭାର ଏକ ଅଂଶ । ଉକ୍ତ ଲେଖକ ଅନ୍ୟତ୍ର ଲେଖିଛନ୍ତି —

ଚଷାର ଝିଅଟି କାଖରେ କଳସୀ
ଉଠ ଧୀରେ
ନଦୀ ପଠରୁ ଫେରୁ ଅତନୁ ଦେଖି
ବାଟୋଇକରେ + ×
ଫେରି ଫେରି ଚାହେଁ ତରୁଣ ବାଟୋଇ
ଯାଉଁ ଏକା
ପଥଧୂଳି ପରେ ଚଷା ଝିଅଟିର
ପଦଲେଖା (ନବଭାରତ, ବଡ଼ୋଦା)

ପୁନଶ୍ଚ ଏହି ପ୍ରକୃତ ବର୍ଣ୍ଣନରେ ମଧ୍ୟ —

ଲଘୁ ବତାସ ପରଶ ଲାଗେ
ଫୁଲ ପାଖୁଡ଼ା ଅନ୍ତରାଳେ
ପ୍ରିୟର ଓଷ୍ଠେ ଚୁମ୍ବନ ସମ
ପ୍ରିୟାର ଲାଜ ଲୋହିତ ଗାଲେ — (ସହକାର,

ବ) ଏଥିରେ ସାମଞ୍ଜସ୍ୟ ଅଛି । ସୌନ୍ଦର୍ଯ୍ୟ ତୃଷ୍ଣା-ରେ ବ୍ୟକ୍ତିତ୍ୱ ନିହିତ ଅଛି, କିନ୍ତୁ ଏଥିରେ ଅଧ-ଚଳ ପ୍ରଣୟର ଗନ୍ଧ ନାହିଁ । କିମ୍ବା କାଳିକା ପ୍ରିୟାର ପ୍ରେମ ନାହିଁ ଏହା ପ୍ରଜାପତିଙ୍କ ଦଳର ସ୍ୱପ୍ନ ବି ନୁହେଁ । ସୋଲଙ୍କିଜୀ ମହାଶୟଙ୍କର ଏହା ସ୍ୱପ୍ନ ମଧ୍ୟରେ ଅମୂଳକ ଭୟ ଅଛି । ବଡ଼ୋଦା ବୟସରେ ପ୍ରୌଢ଼ କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ ମହତ୍ ।

ଇତି ଆପଣଙ୍କର
ଯୋଗେନ୍ଦ୍ର ଦାସ, ଏମ୍, ଏ, ଏଡ଼, ଏଲ,

---


# ତିନୋଟି ପରୀକ୍ଷିତ ମୋଦକ ।

ଏକ ଅଫିମ ଛାଡ଼ିବାକୁ "ଶଶାଙ୍କ କିରଣ ମୋଦକ" ବ୍ୟବହାର କରନ୍ତୁ । ମୂଲ୍ୟ ଗୋ୧୬ଟାକୁ ଏକଟଙ୍କା ମାତ୍ର

ଦୁଇ ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ ।
ମୂଲ୍ୟ ଗୋ୧୨ଟାକୁ ଏକଟଙ୍କା ମାତ୍ର ।

ତିନି ସନ୍ତାନ ପ୍ରାପ୍ତ ପାଇଁ ଋତୁର ୪ର୍ଥ ଦିବସରେ "ଦୈବଚୂର୍ଣ୍ଣକ" ବ୍ୟବହାର କରନ୍ତୁ ।
ମୂଲ୍ୟ — ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ କବିରାଜ ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ । ଆୟୁର୍ବେଦିକ ଫାର୍ମେସୀ, ଭୁବନେଶ୍ୱର — ପୁରୀ ।


Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ସ୍ୱର୍ଣ୍ଣକାର






ବାଲୁବଜାର, ପୋ. ଚାନ୍ଦିନୀଚୌକ—କଟକ ।




୫୦୦ ଟଙ୍କା ପୁରସ୍କାର ! ୫୦୦ ଟଙ୍କା ପୁରସ୍କାର !!

ନବ୍ୟବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ ମନୋହର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଅମ୍ଭେମାନେ ତାହାଙ୍କୁ ଭୁଲାଇ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ତଉଲି କରି ପରୀକ୍ଷା କରିବାର ସୁବିଧା ଅମେ ଦେଇ ଥାଉଁ । କିନ୍ତୁ କୌଣସି ପ୍ରକାର ଦୋଷ ଖାଦ ମିଶା ଦେଖାଯିଲେ ଅମ୍ଭେମାନେ ୫୦୦ଟଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ
ବଜାର, ପୋ:—କଟକ ।




ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ——ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ——ମଧୁପଞ୍ଚ ବଟୀ**

ଏକମାତ୍ର ଶିଶିରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ ।
ତିବ୍ବତ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।
ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B. A. M. S. ସାହିତ୍ୟ ଉପାଧ୍ୟାୟ
ଠିକଣା—ଶାରଦା ଔଷଧାଳୟ ଚୌଧୁରୀ ବଜାର, କଟକ ।

ପ୍ରକାଶକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ସାଧାରଣ ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।**

# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତିରିକ୍ତ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ମସ୍ତକ ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଅ, ମୃତବତ୍ସା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ବ୍ୟାଧି ପ୍ରଶମନରେ ଏହା ଅଦ୍ୱିତୀୟ ।

ମୂଲ୍ୟ—ଶିଶିକୁ ୧୲୦ ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ଜନ୍ମକାଳ ଦିନଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଅଉ ତୋଳ ଘୁଣ୍ଟି ( ଘୋର ଔଷଧ ) ଦେବା ଅନାବଶ୍ୟକ । ପିଲମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଗ୍ଧ ବାନ୍ତି, ଝାଡ଼ା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ ।

ମୂଲ୍ୟ—ଶିଶିକୁ ୦୲୬ (ଛଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଶର୍ମ୍ମା, ଭିଷଗାଚାର୍ଯ୍ୟ

ଆୟୁର୍ବେଦିକ ଫାର୍ମାସୀ

ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସ୍ୟୁରେନ୍ସ ସୋସାଇଟି ଲି:

## ହେଡଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା ।

ଭଲ ହାରରେ ଲଭ୍ୟ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁ ଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩'କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାର କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ମିଆଦି ପ୍ରାପ୍ତି ବୀମାରେ ହଜାର ପ୍ରତି ୨୨୦ ଓ ଆଜୀବନ ବୀମାରେ ୨ ୭୲୦ ଲଭ୍ୟ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—କାଳିଗଳି, କଟକ । ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ ।**


Printed & published at the Gopinath Press, Bhadrak by N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ବୈଶାଖୀ ଦ୍ୱିତୀୟାର୍ଦ୍ଧ—

ଆନନ୍ଦାଦ୍ ହି ଖଲୁ ଇମାନି ଭୂଯ୍ୟନ୍ତେ—

ଦ୍ୱିତୀୟ ବର୍ଷ—୧୪ଶ ସଂଖ୍ୟା

# ଡଗର



ପରୀକ୍ଷା (Test)




ଗାନ୍ଧିଜୀ—ମୋର ଅହିଂସା ଅସ୍ତ୍ରର ବଳ ପରୀକ୍ଷା ହୋଇଗଲା।

---

ନୂଆ ବର୍ଷଠାରୁ

**ଡଗର**

ଚମକପ୍ରଦ ନୂଆ ଆକାରରେ ବାହାରୁଛି।

ଶୀଘ୍ର ଗ୍ରାହକ ହୁଅନ୍ତୁ।

Digitized by srujanika@gmail.com




Digitized by srujanika@gmail.com

ଡଗର
ବୈଶାଖ ଦ୍ୱିତୀୟାର୍ଦ୍ଧ
୨ୟ ବର୍ଷ ୨୦ଶ ସଂଖ୍ୟା
ଶୁକ୍ର
୧୫ । ୫ । ୩୯




ଡଗର
ଖଣ୍ଡ — ୬୦/
ବାର୍ଷିକ (ସଡାକ) ୬୨୯
ଛାତ୍ରମାନଙ୍କ ପାଇଁ ୬୧୫
ରାଜସଂସ୍କରଣ — ୬୫୯

ଗାନ୍ଧିଜୀ ଆଉ ସୁଭାଷ !! ଦୁହିଙ୍କ ଭିତ୍ତି ଅଲଗା — ଭୋଜି ଅଲଗା — ଗୋଷ୍ଠି ଅଲଗା — ଗୋତ୍ର ଅଲଗା ବୋଲି ଗାନ୍ଧିଜୀ କହନ୍ତି କିନ୍ତୁ ସୁଭାଷ କହନ୍ତି, 'ନାଁ — ଆମେ ଦର ଗୁଜୁଳ ଭଳି ଅଲଗା ଅଲଗା ଶଷ୍ୟ ନୁହୁଁ ଓ ବମ୍ପଲ ଶାରଦ ଘର ର ଜାତରେ ଫରକ ନାହିଁ ଆମର । ଆମେ କେବଳ ଅବୁଝା ମଧୁନା ଭଳି ଅଳପ ନାକୁ ଛଡ଼ା ଛଡ଼ା — ମିଶେଇ ଦେଲେ ମିଶିଯିବ ।

କିନ୍ତୁ ଆମେ ସାଧାରଣ ଅଳପଜ୍ଞଙ୍କୁ ଦେଖା ଯାଉଛି ଗାନ୍ଧିଜୀ ପତଳା — ମାଇ ଛେଳି ପରି ଆଉ ସୁଭାଷ ମୋଟା — ପାଠଶୀ ଗାଈ ଭଳି । ଗାନ୍ଧିଜୀ ବାଙ୍ଗର ଚଟୁ ଯୋଡ଼ୀ ଭଳି ଆଉ ସୁଭାଷ ହେଙ୍ଗା ଗୁଣ୍ଡୁଣୀ ହାଗ ପରି । ଗାନ୍ଧିଜୀଙ୍କ ନାକ ତଳେ ଶ୍ରୀମଙ୍ଗ ନଥ ( ହିନ୍ଦୀରେ ନଥଟା ସ୍ତ୍ରୀ ଲିଙ୍ଗ ) ଅଛନ୍ତି କିନ୍ତୁ ସୁଭାଷ ମାଖୁଜା । ଗାନ୍ଧିଜୀ ଚାକୁଆ ଗାଲିଆ, ସୁଭାଷଙ୍କ ଗାଲ ପୁରା । ଗାନ୍ଧିଜୀଙ୍କର ଦାନ୍ତ ନାହିଁ ସୁଭାଷଙ୍କର 'ପନ୍-ପଡନ୍' । ଗାନ୍ଧିଜୀଙ୍କର ଖାଲି ଦେହ, ସୁଭାଷଙ୍କ ଆଖଣ୍ଡଲମ୍ବିତ ପଞ୍ଜାବୀ — ଗାନ୍ଧିଜୀଙ୍କର ବାଳେ ଚଷମା — ସୁଭାଷଙ୍କର ପୁନା, ଗାନ୍ଧିଜୀ ବୁଢ଼ା, ସୁଭାଷ ଟୋକା, ଗାନ୍ଧିଜୀ ସାର୍ବଜନୀନ, ସୁଭାଷ ବାଙ୍ଗୁଆ । ଗାନ୍ଧିଜୀ ବ୍ରହ୍ମଚାରୀ, ସୁଭାଷ (?)

∴ (ଗାନ୍ଧିଜୀ + ବନ୍ଧୁସବ) = (ସୁଭାଷ + କେହି ନାହିଁ) ଟା କେତେ ତାହା ପାଠକମାନେ ସ୍ଥିର କରନ୍ତୁ ।

ତାଛଡ଼ା ଗାନ୍ଧିଜୀ ପୁନାପେକ୍ଟ ନହେଲେ ଉପାସ ରହି ମରନ୍ତି କିନ୍ତୁ ସୁଭାଷ ତାକୁ ଭଲ ପାଅନ୍ତି ନାହିଁ — ଗାନ୍ଧିଜୀ କମିଉନେଲ ଏବାର୍ଡ଼ ସମ୍ବନ୍ଧରେ ନପୁଂସକ ମତ ଦିଅନ୍ତି — ସୁଭାଷ ତାର ଭିଲଟା । ଗାନ୍ଧିଜୀ ସଭ୍ୟସମାଜ ଯୁଦ୍ଧକବନ୍ତି, ସୁଭାଷ ବୋଧ ହୁଏ ବାପିଟା — ଚରମପନ୍ଥ ବାଲା···

ଆମ୍ଭେମାନେ ସଂଯୁକ୍ତ ଗାନ୍ଧିଙ୍କଠାରୁ ଅହିଂସାର ବ୍ୟାଖ୍ୟା ବହୁ ପ୍ରକାରରେ ଶୁଣି ସାରିଲୁଣି । ଏତଦ୍ୱାରା ଯେ ଦେଶର ଆଖି ଫିଟି ଯାଉଛି ତାହା ଆମ୍ଭେମାନେ ମୁକ୍ତ ଗର୍ଦ୍ଦଭ କଣ୍ଠରେ ସ୍ୱୀକାର କରିବୁଁ । ବ ଛୁରୀକୁ କଷ୍ଟରୁ ଉଦ୍ଧାର କରିବା ପାଇଁ ହତ୍ୟା ନ କରିବାଟା ହିଂସା ବୋଲି ଶୁଣିଥିଲୁଁ ଏବେ ଶୁଣିଲୁଁ ଯେ ଜଣେ ଜଣକୁ ସନ୍ଦେହ କରିବାଟା ମଧ୍ୟ ହିଂସା । ଆମ୍ଭେମାନେ ଗାନ୍ଧିଜୀଙ୍କ ପଦାଙ୍କାନୁସରଣକାରୀ । ଗାନ୍ଧିଜୀଙ୍କର ଏ ଅହିଂସାର ବ୍ୟାଖ୍ୟାରେ ଆପତ୍ତି

## ନିର୍ଦ୍ଦେଶ

ତାଳଚେର (ଏକ୍ଷ୍ଟ୍ରାଉଜନ୍) ବନ୍ଦୀମାନଙ୍କୁ ଓଡ଼ିଶା ସରକାର ମୁକ୍ତ କରି ସମଗ୍ର ଭାରତରେ ସର୍ବ ପ୍ରଥମ ଯେଉଁ ନ୍ୟାୟ ଓ ଦେଶ ପ୍ରୀତିର ଆଦର୍ଶ ଦେଖାଇ ଦେଲେ ତାଦ୍ୱାରା ଭାରତ ଜାତୀୟ କଂଗ୍ରେସର ମହତ୍ତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି ଓ ଓଡ଼ିଆକୁ ଗର୍ବ କରିବାର ସୁବିଧା ହୋଇଛି ।

— ସମ୍ପାଦକ

ଆମେ କରିବୁ ନାହିଁ । କିନ୍ତୁ ଗାନ୍ଧିଜୀ ଯଦି କହନ୍ତି ଯେ ତାଙ୍କ ଚେଲାମାନେ ମଧ୍ୟ ଅହିଂସାର ବ୍ୟାଖ୍ୟା ଯାହା କରିବେ ତାହା ସବୁ ଠିକ୍ ତେବେ ଗାନ୍ଧିଜୀଙ୍କର ଅହିଂସା ଧର୍ମଠାରୁ ଆମ୍ଭମାନଙ୍କୁ ହୁଏତ ନାକରେ ଦଉଡ଼ି ଦେଇ ଦୂରକୁ ହଟି ଯିବାକୁ ହେବ । ଜଣେ ଗାନ୍ଧିଜୀଙ୍କର ଚେଲା କୌଣସି ଶତ୍ରୁକୁ ପ୍ରହାର କଲେ । ସେଇଟା ହିଂସା କି ଅହିଂସା ପଚାରିବାରୁ ସେ କହିଲେ ସେଟା ଅହିଂସା । କାରଣ ସେ ବାଡ଼େଇଲା ବେଳେ 'ହିଁ ହିଁ ହିଁ' କରି ହସୁଥିଲେ । ଏବଂ ମାଡ଼ ନ ଖାଇ ଥିଲେ ସେ ଭଲଟା ସ୍ୱାର୍ଥ ( ଚେଲାଙ୍କ ) ବାଡ଼େଇ ଯାନ୍ତା । ତେଣୁ ସେ ମାରିବା ଦ୍ୱାରା ଶତ୍ରୁକୁ ହିଂସ୍ର ହେବା ଦୋଷରୁ ରକ୍ଷା କରିଛନ୍ତି, ସୁତରାଂ ତାହା ଅହିଂସା ।

ସେହିଭଳି ଦେଶ କାମରେ ଲଗିଟା ଟଙ୍କାଟା ଗାନ୍ଧିଜୀଙ୍କ ଖାଣ୍ଟି ଚେଲାଙ୍କ ହାତରେ ନରହି ଅନ୍ୟ ଯେ କୌଣସି ଦେଶ ପ୍ରେମୀ ହାତରେ ରହିବାଟା ହିଂସା । ଚେଲାମାନଙ୍କ ମନା କରିବା ସତ୍ତ୍ୱେ କେହି ଯଦି ଆପଣା ଜବାନରେ ଚେଲାମାନଙ୍କୁ ହିଁ ସ୍ୱାର୍ଥଗଲା ତେବେ ତାକୁ ମଝି ଦରିଆରେ ଭସେଇ ଦେଇ ଅଲଗା ହୋଇଯିବାଟା ଅହିଂସା । ଗାନ୍ଧିଜୀ ! ଆପଣ ଥାଉଁ ଥାଉଁ ଯଦି ଆପଣଙ୍କ ଧର୍ମର ଏ ଗତି ହୋଇପାରେ ତେବେ ଆପଣଙ୍କ ପରେ ଏ ଦେଶରେ ଯେ ଅନେକ ଗତି ହେଲେ ଲେଙ୍ଗୁଟି ଫଟାଇବାବାଲା ଚୈତନଦାସ ବାହାରିବେ ସେ କଥା କ'ଣ ବୁଝୁନାହାନ୍ତି ?

\+ + +

ଯାହାହେଉ ଶେଷରେ ଗାନ୍ଧିଜୀଙ୍କର ଜୟ ହେଲା ବୋଲି ପୃଥିବୀରେ ପାଞ୍ଚଜନ୍ୟ ବାଜି ଉଠିଲା । ବେଶି ଗର୍ଜନ କଲେ ତାଙ୍କ ଚେଲାମାନେ । ବାବା, ଗାନ୍ଧିଜୀଙ୍କ ଦରଜସ୍ତି କହିବାକୁ କଏ ଯାଉଥିଲା ଆମେ ତ ଜାଣୁ ନାହିଁ । ପିଲା ଶକ୍ତିରେ ପଡ଼ ଜଣେ କହେ ମୁଁ ଅରିନ୍ଦମ, ଶତ୍ରୁଘ୍ନ ତେବେ ଗାଁ ଦାଣ୍ଡରେ ଯେଉଁ ଶୁଭ ଶ୍ରେଷ୍ଠ ବୁଝେ ସେତ ସବୁଠାରୁ ବଡ଼ ଶତ୍ରୁଜୟୀ । ଆମ ମତରେ ଗାନ୍ଧିଜୀଙ୍କ ସମ୍ମାନ ଗାନ୍ଧିଜୀଙ୍କ ଚେଲାମାନେ ଏକା ବେଳେକେ ତଳକୁ ଖସାଇ ଦେଇଛନ୍ତି ।……

ମାତ୍ର ଏତିକି ସାନ୍ତ୍ୱନା ଯେ ସୁଭାଷ ବାବୁ ରାଷ୍ଟ୍ରପତି ପଦୋଷ୍ଠାକୁ ହରାଇ ଟାଙ୍କୁ ବଡ଼

Digitized by srujanika@gmail.com

ଉପାଧିଟିଏ ପାଇଗଲେ । କଲିକତାର ପତ୍ରରେ ତାଙ୍କୁ ରାଷ୍ଟ୍ର ଗୌରବ ଉପାଧି ଦିଆ ଗଲା । ତା ସଙ୍ଗେ ସଙ୍ଗେ ସେ ଉପାଧିଟା ଆଉ ଉପାଧି ଭଳି ହେଇଚି ବାଘ ଖାଲି ନଦୀ ଏ ସେଥିପାଇଁ ତାଙ୍କ ରକ୍ଷଣା ବେକଣି ନାଗଲେ କୃଷ୍ଣକଠାରେ ତାଙ୍କୁ ୧୫୦୦ ଟଙ୍କା ନଥ ଦିଆଯାଇଛି । ଯେଉଁମୂଳରେ ତାଙ୍କୁ ରାଷ୍ଟ୍ର ଗୌରବ ଉପାଧି ଦିଆଗଲା ସେହି ସୂତ୍ରରେ ଅନେ୍ୟମାନେ ନିମ୍ନଲିଖିତବ୍ୟକ୍ତି ମାନଙ୍କୁ ତତ୍ ସନ୍ନିକଟସ୍ଥ ଉପାଧି ମାନ ଦେଲେ ଅନ୍ୟାୟ ହେବ ନାହିଁ ।

ପୂର୍ବତନ ମନ୍ତ୍ରୀ ଖାରେ—ମହାସ୍ଥାର
ଜେ, ଏଫ ନାରିମାନ—କ୍ଷେତ୍ରର
ସାର୍ଦ୍ଦୁଳ ସିଂହ—ଟପେଟ ଭର
ମହତାବ—ହାର ଗୁହାର
ନୀଳକଣ୍ଠ—ସବ୍ ଜଗାମେ ହାର ।

\+ × ×

ଭାରତୀୟ କଂଗ୍ରେସ ରଥକୁ ଟାଣିବା ପାଇଁ ଧୂଆ ଦେଉଥିଆ ସତ୍ ପୁରୁଣା ଘୋଡ଼ା ତକ (Old horse) କାର୍ଯ୍ୟକାରୀ କମିଟୀ ସଭ୍ୟ ରୂପେ ବଛା ହୋଇଛନ୍ତି । କିନ୍ତୁ 'ବୃଦ୍ଧଆ ଉପରେ ଶରୀ—ସୁଭାଷ ଶରତ (ଭଉଣୀ) ଏରସ ତରୀ ଅଭ ଭଉଣୀ (ଇନ୍ଦିରା) ତାଳ ଯୋଡ଼ଲା' ବାଦ ପଡ଼ି ଯାଇଛନ୍ତି । ବୋଧହୁଏ ଏ ତିନିଙ୍କ କାନ୍ଧ ତାଙ୍କ କାନ୍ଧ ସାଙ୍ଗରେ ପଟିଲା ନାହିଁ । ଦେଖାଯାଉ ପ୍ରଫୁଲ୍ଲ ବଧାନ ଡାକ୍ତର ଦଳଙ୍କ କେମିତି ପଟ ଚଳାଉଛନ୍ତି ।

ଡାକ୍ତର ବିଧାନ କହନ୍ତି ଯେ ସେ ସଦା କହିଛନ୍ତି—ଚନ୍ଦ୍ର'ସ ବଙ୍ଗଳାର ଇଲ୍ଲତ ରହିଛି । ସୁଭାଷ ଆଉ ଶରତ ତେବେ—— ।

× × ×

ଶୁଣାଯାଏ ଧରଟୋଇ ଗୁଳ କାଣ୍ଡ ଯୋଗୁଁ ଆସାମ କଂଗ୍ରେସ ମନ୍ତ୍ରୀ ମଣ୍ଡଳଙ୍କୁ ଇସ୍ତଫା ଦେବା ପାଇଁ ବାଧ କରାଯିବ । ଥରେ ବମ୍ବେରେ ଗୁଳ ଗୁଳିଥିଲା । ସେତେବେଳେ ପଟେଲ୍ ପଣ୍ଡା ହୋଇଢ଼ି ମନ୍ତ୍ରୀଙ୍କ ମାନ ରଖିଲେ । ଆସାମ ମନ୍ତ୍ରୀ ମଣ୍ଡଳ ଯେ ସୁଭାଷଙ୍କ ଚେଷ୍ଟାରେ ହୋଇଥିଲା । ଓ ହୋ: ସେଇଥି ପାଇଁ ଅହିଂସା ଓ ସତ୍ୟବାଦୀ କଂଗ୍ରେସ ହାଇ କମାଣ୍ଡ ସୁଭାଷଙ୍କ ନାମ ଗନ୍ଧ ପୋଛି ଦେବାକୁ ବସିଛନ୍ତି ଯଥା ?

ରାଜେନ୍ଦ୍ର ପ୍ରସାଦ ଗାଇଲେ—

ତୋର ନାମ ଅଳଠାରୁ ମୋ ଶ୍ରବଣେ
ନଶ୍ୱାଇବନ୍ତି କେହି ଗୋ ! × ×

ଗାନ୍ଧୀଜୀ ନିଜେ ଭଗିନୀଦାସମାନଙ୍କ ସମ୍ପର୍କରେ ଆସେ ହାତଛନ୍ତି ବୋଲି ଥରେ ମାନିଥିଲେ । ଏବେ ପୁଣି ରାଜକୋଟ ମାମଲାରେ ସାରଦଲଙ୍କ ଠାରେ ହାରି ଯାଇଛନ୍ତି ବୋଲି କହୁଛନ୍ତି । ଆମେ ଜାଣୁ, ଋଷି ସନ୍ନ୍ୟାସୀ ମାନେ ଦୁର୍ଦ୍ଦଶା କଥାକୁ ଉଚନ୍ତି ଓ ଦେଖା ଯାଇଛି ଯେ ସେଇ ଦୁର୍ଦ୍ଦଶା ପାଖରେ ଅନେକ ଯୋଗୀ ଋଷି ପରାସ୍ତ ହୋଇ ଯାଉଥାନ୍ତି । ସେଥିପାଇଁ କଥାରେ ଅଛି—'କାମିନୀ କାଞ୍ଚନ—ଶେଷକୁ ଛାଡ଼ନ୍ତି ଗାନ୍ଧୀ ।' ଆଚ୍ଛା, ଆମେ ପଚାରୁ—ସୁଭାଷ ଆଉ ସାରଦଲଙ୍କ ଭିତରୁ କିଏ କାଞ୍ଚନ ଓ କିଏ କାମିନୀ ?

\+ + +

ଆମେ ଶୁଣୁଛୁଁ ଓଡ଼ିଶା ସରକାର ମେଡ଼କେଲ ଧର୍ମଘଟକାରୀଙ୍କ ଭିତରୁ କେତେକଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାର ବ୍ୟବସ୍ଥା କରୁଛନ୍ତି । ଅତଏବ ଏଥିପାଇଁ ଓଡ଼ିଶା ସରକାରଙ୍କୁ ବାହାବା ନଦେଇ ରହି ପାରୁନାହିଁ । କାରଣ ଆମ ପୂର୍ବ ପୁରୁଷମାନେ ଯେଉଁ ସବୁ ସଦୁପଦେଶ ଆମ ଦରକାର ବେଳେ କର୍ମରେ ଅଦିବାକୁ ଲେଖିଦେଇ ଯାଇଛନ୍ତି ସେ ସବୁ ଠିକ ଠିକ ପାଳନ ମନ୍ତ୍ରୀଙ୍କ ଛଡ଼ା କିଏ କରୁଛି ? ଏ ସ୍ଥଳରେ ସେ 'ନଇଁ ପଡ଼ିଥିବ ଯେତେବେଳେ ବଧାଇବ ଦେବ ଯେତେବେଳେ ମାରିବୁ' ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି । ଶତ୍ରୁ ଦମନ ପାଇଁ ଏହାଠାରୁ ବଡ଼ ନୀତିକଥା ଦାସ ସରକାର ପାଇବେକି ନାହିଁ ସନ୍ଦେହ । ଛାତ୍ରେ ନାହିଁଟି ଦାସେ—ବନ୍ଧୁ କଷ୍ଟରେ ଭଲ୍ ଅଙ୍ଗୀକରେ ପଡ଼ିଛି—ଏହା ଢଙ୍ଗରେ ଅବଜାରଭର ଟା ଯେ ବଳ ବଳ କରୁଥିଲା ତା ମୁହଁରେ ବ ଚଣ୍ଡା ଦେଇହବ । କିନ୍ତୁ ଏ ବୁଦ୍ଧିଟା କାହାର ? ମହାପାତ୍ରଙ୍କର ନା ମହାତାବଙ୍କର ? ବାହ୍ମଣ ବୁଦ୍ଧିଏ ନୁହେଁ କେବେ ।

ଆମ ପିଲାଏ ଏବା ଭଲପାଠ ପଢ଼ିଗଲେ ! ମନେ ରଖି ଥିବଟି—ବାହା ସଇଲେ ବେଣ ମୁଣ୍ଡ ବଙ୍କା । ଏଣିକି ତମେ କଳ୍ପିଠି ତମ ସରକାର କଳ୍ପିଠି ଶୁହିଁ ଦେଖ ।......

ତେବେ ହିଁ ଆଉ ଗୋଟାଏ କଥା । ଆମ ସହରେ ଜଣେ ଲୋକ ଫଇଅଡ଼ ହୋଇଛି । ସେ ମେଡ଼କେଲ ସ୍କୁଲଗ୍ଧୁଙ୍କ ଧର୍ମଘଟ ବେଳେ ଜଣଙ୍କ ନିଜ ବାଙ୍କୁ ଖୋଲି ୫୧୧୦୯ ଟଙ୍କା କରି ନେଇଥିଲା । ଯଦି ପଡ଼ବାରୁ ଜମାବନ୍ଦୀ ଦେଇଛି ଯେ ମେଡ଼କେଲ ଧର୍ମଘଟକୁ ସାହାଯ୍ୟ କରିବାପାଇଁ ସେ ଟଙ୍କାର କରିଥିଲା । ତେଣୁ ମେଡ଼କେଲ ଧର୍ମଘଟକାରୀ ସତ୍ୟାଗ୍ରହୀଙ୍କୁ ଗଲ୍ପସ କରିବା ସାଙ୍ଗେ ସାଙ୍ଗେ ଏ ସତ୍ୟଗ୍ରହୀଟିକୁ ବି ସରକାର ଗଲ୍ପସ ନଦେବେ କାହିଁ ?

\+ + ×

କୌଣସି ସାଧାରଣ ଦ୍ରବ୍ୟ ଭଲ ହୋଇଥିଲେ ପ୍ରାୟ ଅଧିକାଂଶ ତାକୁ ଭଲ ବୋଲି କହୁଥାନ୍ତି ଏବଂ ଖରାପ ହୋଇଥିଲେ ଖରାପ ବୋଲି କହୁଥାନ୍ତି । ତେଣୁ ଆମେମାନେ ଅଲୋଚନା ବେଳେ ମନ୍ତ୍ରୀମାନେ ଓ କଂଗ୍ରେସ ସଭ୍ୟମାନେ ଧର୍ମାଙ୍କ ଏବଂ ଦେଶକଥା ନିଶ୍ଚୟ ଓ ତନ୍ତ୍ରାଗସ୍ଥ କାଗଜ ମାନଙ୍କୁ ଯେପରି ଚକ୍ଷୁରେ ଦେଖିଲେ ଏବଂ ସମସ୍ତେ ଯେପରି ସେ ସବୁ କାଗଜର ଭଲ ମନ୍ଦ ସମ୍ବନ୍ଧରେ ଏକ ମତ ହେଲେ ଅମ୍ଭମାନଙ୍କର ସେଥିରେ କହି କହିବାର ନାହିଁ । କିନ୍ତୁ ଡଗର ସମ୍ବନ୍ଧରେ ମତ ଦ୍ୱୈଧ ଦେଖି ଅମ୍ଭେମାନେ ଅତି ବଡ଼ ଗୌରବାନ୍ୱିତ ମନେ କରୁଛୁଁ । କାରଣ ଯେଉଁ ପଦାର୍ଥ ସାଧାରଣ ସ୍ତରର ଉପରେ, ଯେଉଁ ନଶ୍ୱର ସାଧାରଣ ଲୋକ ଚିନ୍ତାର ଉର୍ଦ୍ଧରେ ତା' ସମ୍ବନ୍ଧରେ ଦ୍ୱୈଧମତ ଦେଖାଯାଇ ଥାଏ । କେ କହେ ଭଗବାନ ସାକାର, କେ କହେ ଭଗବାନ ନିରାକାର, କେ କହେ ଅଣ୍ଡାକାର କେ କହେ ଓଁକାର କେହି କେହି କହନ୍ତି ଭଗବାନ କାହାନ୍ତି । ଚୋର ଦୃଷ୍ଟିରେ ଭଗବାନ ଚୋର ସାଧୁ ଦୃଷ୍ଟିରେ ଭଗବାନ ସାଧୁ ହୋଇ ପାରନ୍ତି । ଲମ୍ପଟ ଶ୍ରୀକୃଷ୍ଣଙ୍କୁ ଲମ୍ପଟ କହେ ଏବଂ ପ୍ରେମିକ ଚକ୍ଷୁରେ ଶ୍ରୀକୃଷ୍ଣ ପ୍ରେମିକ ତେଣୁ ମନ୍ତ୍ରୀ କାନନଗୋ ଡଗରକୁ ଅନ୍ୟ ନୀଚ ଅଶ୍ଳୀଳ ପତ୍ର ପତ୍ରିକା ସଙ୍ଗରେ ସମାନ କରିବା ଏବଂ ମନ୍ତ୍ରୀ ଦୁବେ ଡଗରକୁ ସୁରୁଚି ପୂର୍ଣ୍ଣ ହାସ୍ୟରସାତ୍ମକ ପତ୍ରିକା ରୂପେ ଦେଖିବା । ବିଚିତ୍ର କଥା ନୁହେଁ । କାରଣ

ମନେ ଦ୍ୱିଜେ ଗୁର୍ଥେ ଦେବେ
ଦୈବଜ୍ଞେ ଭେଷଜେ ଗୁରୌ
(ତଥା ଡଗରେ)
ଯାଦୃଶୀଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ

Digitized by srujanika@gmail.com



ଘରକୁ ନ ଫେରି ଅନ୍ନପୂର୍ଣ୍ଣା ସଚିବାବୁ ପୁରୀ ବାହାରିଲେ ହନିମୁନ୍ ଯାପନ କରିବା ପାଇଁ ।

ପୁରୀ ସମୁଦ୍ର କୂଳରେ ଗୋଟିଏ ସୁସଜ୍ଜିତ ହୋଟେଲରେ ନବ ଦମ୍ପତି ବାସ କରିବାକୁ ଲାଗିଲେ ।

ସମୁଦ୍ରର ପବନ ଦୁହିଙ୍କ ମୀଠ ରଜନୀରେ ନାନା ବାଦ୍ୟ ଗୀତ ଗାଇ ଶୋଇ ଦେଉଯାଏ । ପୁଣି ସକାଳର ବାଳ ରବି କରଣ ବାତାୟନ ପଥରେ ଆସି ଅନ୍ନର ଗଣ୍ଡ ସ୍ପର୍ଶ କରି ନିଦ୍ରା ଭଙ୍ଗାଇ ଦିଏ ।

ଏପରି କେତେଦିନ ଗଲା ।

ଅନୁ ଦିନେ ପଚାରିଲା—ଆଚ୍ଛା ଏଠି କ'ଣ ଖବର କାଗଜ ମିଳେ ନାହିଁ ?

ସଚି ଉତ୍ତର ଦେଲେ—ମିଳେ ।

'ତେବେ ଆଣୁନାହିଁ ?'

'ଇଂରାଜୀ ନା ଓଡ଼ିଆ ?'

'ଓଡ଼ିଆ ।'

'ଓଡ଼ିଆ ପ୍ରାୟ ମିଳେ ନାହିଁ ।'

'ଯଦି'—ଅନୁ ସାଗ୍ରହେ ପଚାରିଲା—'ଆମର ଏ ଶୁଭ ପରିଣୟ ସମ୍ବାଦ—

'ହଁ, ହଁ, ବାହାରିଥିଲା ।'

'ମୁଁ ଟିକିଏ ଦେଖନ୍ତି ।'

'ଆଉ ମିଳିବ କେଉଁଠି—ସେ ଅନେକ ଦିନ ହେଇ ଗଲାଣି ।'

'ଖବର କାଗଜ ଅଫିସରୁ—?'

'ଆଚ୍ଛା ଦେଖିବା ।'

ସେତିକିବେଳେ ଜଣେ 'ସମାଜ' 'ସମାଜ' ଡାକି ସେ ବାଟେ ଗଲା । ଅନ୍ନପୂର୍ଣ୍ଣା ତେଣିକି ଯାଇ ସେ ହକର ନିକଟରୁ ଗୋଟେ କାଗଜ କିଣି ଆଣିଲା ଓ ସଚିବାବୁଙ୍କ ତା ଆଡ଼କୁ ଫିଙ୍ଗି ଦେଲା । ବାଲିଆ ରାସ୍ତାରେ ପଇସା କେଉଁଠି ପୋତି ହୋଇଗଲା ଖୋଜି ବାହାର କରିବାକୁ ହକରକୁ କେତେ ସମୟ ଯେ ଲାଗିଲା—ଅନୁର ସେଥିପ୍ରତି ଦୃଷ୍ଟି ନାହିଁ ।

'ତମେ ମୋତେ ଏକଥା କହି ନାହିଁ—' ଅନୁ ଖବର କାଗଜ ଦେଖୁ ଦେଖୁ ଚମକି ପଡ଼ିଲା ପରି କହିଲା ।

'କଉଁ କଥା ?' ସଚି ପଚାରିଲା ।

'ତମର ସମ୍ବର୍ଦ୍ଧନା ହେବ ।'

ସଚି ବଡ଼ ଅପ୍ରସ୍ତୁତ ହୋଇ କହିଲେ—'ହଁ, ହଁ, ଭୁଲିଯାଇଥିଲି—କେଉଁଦିନଟି ।'

'କାଲି ।'

## କବି

(ଗଳ୍ପ ସ୍ତର)

ଲେଖକ—ଶିଶୁପାଳ

'କାଲି ? ମୁଁ ଏକାବେଳେକେ ଭୁଲି ଯାଇଛି । ତମେ ପାଖରେ ଥିଲେ ଅନୁ, ମୁଁ ସ୍ୱର୍ଗକୁ ବି ଭୁଲିଯାଇ ପାରେଁ ।'

'ନବାବାବୁଙ୍କର ବି ତା ସାଙ୍ଗରେ ।'

'ହଁ, ହଁ—ତାର ବି ହେବ ।'

'ଡଗରର ସମ୍ପାଦକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ମାନପତ୍ର ପଢ଼ିବେ ?'

'ହଁ, ହଁ ।'

'ଆଚ୍ଛା ସେଦିନ ସେ ଯେଉଁ ଅପମାନ ପାଇ ଯାଇଛନ୍ତି । ତା ସତ୍ତ୍ୱେ ଓ ସେ ତମକୁ ସମ୍ବର୍ଦ୍ଧନା କରିବେ ?'

'ଏ ବନ୍ଦୋବସ୍ତ ସେ ଘଟଣା ଆଗରୁ ହୋଇଥିଲା ।'

'ଯାହାହେଉ ସେ ଇଚ୍ଛା କରିଥିଲେ ଏଥିକୁ ବନ୍ଦ କରି ପାରିଥାନ୍ତେ ତ !'

'ହଁ ।'

'ଏହା ଭିତରେ କିଛି ରହସ୍ୟ ଥିଲା ପରି ଜଣା ପଡ଼ୁଛି ।'

'ରହସ୍ୟ ମସ୍ତ ସଂସାର ।'

'ତେବେ କାଲି ଆମେ ଏହି ଉଦ୍ଦେଶ୍ୟରେ କଟକ ଯିବା ।'

'ଏଁ—ହଁ ଯିବା ।'

'ତମେ ଏମିତ ଶୁଖିଲାଟା ଦିଶୁଛ କାହିଁକି ?'

'ଏହିଟା କମିତ କମିତ—'

'ଟିକିଏ ଶୋଇ ପଡ଼ ।'

ସଚି ଶୋଇଲେ—ଅନୁ ପାଖରେ ବସି ଅଉଁସି ଦେଲା । ତନ୍ଦ୍ରାରେ ଭାରି ହେଲା ମଣିଷ ଥକା ହୋଇ ଶୋଇଲା ପରି ସଚି ଗୁଡ଼ାକାତ ମେଲି ଶୋଇ ପଡ଼ିଲା । ଏହି ସମୟରେ ଡାକ-ବାଲା ଆସି ଖଣ୍ଡେ ଚିଠି ଦେଲା ।

ଚିଠିଟା ସଚି ନାଁରେ ଥିଲା । ଅନୁ ଖୋଲି ପଢ଼ିଲା—

ପ୍ରିୟ ସଚି,

Congratulations. ତୋ ଗୁଷ୍ଟିଟାକୁ ଧନ୍ୟ । କବି ସଚି ସମ୍ବର୍ଦ୍ଧନା ଉତ୍ସବରେ ଯାଇଁ ତୁ ଯେ କଲିକତାରୁ ଗୋଟେ ବଢ଼ିଆ ମାଲ ଆଣିଛୁ ସେ କଥା ମୁଁ ଶୁଣିଛି । ମୋର ଭୋଜନ କେବେ ହେବ ?

ଝୁଣ୍ଡା ନବଟା କ'ଣ ଧୂଳି ଦେଇ ଗଦ୍ୟ ଲେଖି ନିଜକୁ ତରୁଣ କବି ନବ-କବିଗୋଷ୍ଠୀର ବୋଲି ପରିଚୟ ଦେଇ ବୁଲୁଥିଲେ ଏମିତି ଅପଦସ୍ତ ହେଲା । ସେ ତୋତେ ଧରାଇ ଦେଲା ନାହିଁ କେମିତି ? ହଁ, ଦୁଇଜଣ ଯାକ ତ ଠକ, କିଏ କାହାକୁ ଧରାଇବ । ତୁ ତାକୁ ଧରାଇ ଦେଇଥିଲେ ସେ ତୋତେ ଧରାଇ ଦେଇ-ଥାନ୍ତା—ସେ ତୋତେ ଧରାଇ ଦେଇଥିଲେ ତୁ ତାକୁ ଧରାଇ ଦେଇଥାନ୍ତୁ । ବେଶ ମଜା ଉପନ୍ୟାସ ଏଟା ।

ମୁଁ ଆଉ ଗୋଟେ କଥା ଶୁଣିଲି । ସତ ନା ? ନବ ବାହାହେବାକୁ ଯିବା ଆଗରୁ ତାର ଜଣେ ବନ୍ଧୁକୁ ଡଗରର ସମ୍ପାଦକ ସଜାଇ ତା' ହାତରେ ନିମନ୍ତ୍ରଣ ପତ୍ର ଓ ଭିଜିଟିଂ କାର୍ଡ଼ ଦେଇ କାଲେ ତୋର ପ୍ରେମିକା ଘରଠାକୁ

Digitized by srujanika@gmail.com

ପଠାଇଥିଲି । ଅର୍ଥାତ୍ ତମର ସମ୍ପାଦକଙ୍କ ପରି ଲୋକ ନମସ୍କାର ରକ୍ଷା କରନ୍ତି ଶ୍ରୀ ମୋର ବର୍ତ୍ତମାନ ସ୍ତ୍ରୀ (ସେତେବେଳେ ପର କନ୍ୟା) ହୁଏଥାନ୍ତେ ଯେ ନବ ଯେ ହେବ ନବ କିଶୋର । କିନ୍ତୁ ସେ ଟୋକାକୁ କାଟିକ ତୋର ବୁଦ୍ଧିମତୀ ପ୍ରେମିକା ଜାଣି ପାରି ଅଙ୍କ ଟେ ପାଠ ପଢ଼ାଇ ଦେଲା । ଯାହାହେଉ, କଥ ମଜା ।

ତୋର ନୂଆ ଅନଦାଜାକୁ ଦେଖିବାର ବାସନା ରହିଲା । ଇତି । ତୋର

ସୁଧାଂଶୁ

ଚିଠି ଟି ଅନ୍ନପୂର୍ଣ୍ଣା ହତବାକ୍ ହୋଇ ବସି ପଡ଼ିଲା । ତାର ପ୍ରାଣ ଯେତେବେଳେ ଦେହରେ ଥିଲା କି ନାହିଁ ବୁଝି ପାରିଲା ନାହିଁ । ସେ ରାଗରେ, କ୍ଷୋଭରେ ଜଳିଗଲା । ସେ ନ କାନ୍ଦି ରହି ପାରିଲା ନାହିଁ । କାହାକୁ କିଛି ନ କହି ସେ ସମୁଦ୍ର କୂଳକୁ ଗଲା— ଉଦ୍ଦେଶ୍ୟ ଆତ୍ମହତ୍ୟା ।

କିଛିକ୍ଷଣ ପରେ ସଚି ଉଠି ଦେଖିଲା, ଅନ୍ନପୂର୍ଣ୍ଣା ନାହିଁ । ହୋଟେଲର ଚାରିଆଡ଼େ ଖୋଜିଲା । ହୋଟେଲ ମାଲିକଙ୍କୁ ଯାଇଁ ପଚାରିଲା । ସେ ଜାଣନ୍ତି ନାହିଁ ବୋଲି କହିଲେ । କିନ୍ତୁ ସେ କହିଲେ ଯେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ ନାମରେ ଖଣ୍ଡେ ଚିଠି ତାଙ୍କ C/o ରେ ଆସିଛି । ଚିଠିଖଣ୍ଡ ସଚି ନେଇ ଦେଖିଲା । ତା C/o ରେ ନ ଆସି ହୋଟେଲ ବାଲା C/o ରେ ଆସିବାର କାରଣ ନ ବୁଝି ପାରି ତାର ଟିକିଏ ସନ୍ଦେହ ହେଲା । ସେ ଚିଠି ଖଣ୍ଡ ଖୋଲି ପଢ଼ିଲା—

କଲ୍ୟାଣୀୟା ଅନ୍ନ,

ବଡ ଭରସା । ତୁ ଟିକିଏ ସାବଧାନ ରହିବୁ । ଏଠି ନବ ବୋଲି ଯଉଁ ଟୋକାଟା ତୋତେ ବାହା ହେବା ପାଇଁ ପାଗଳ ସେ କେମିତି ଜାଣି ପାରିଛି ଯେ ତୁ ମୋ ଝିଅ । ଏ କଥା ବି ସେ ଜାଣିଛି ଯେ ମୁଁ ଟଙ୍କା ବଳରେ ତୋତେ ଅନ୍ୟ ଜଣଙ୍କର ଝିଅ ବୋଲି ସମାଜରେ ପରିଚୟ ଦେଇ ଓଡ଼ିଶାର ଜଣେ ବରିଷ୍ଠ ଲେଖକ ସାଙ୍ଗରେ ବିବାହ କରାଇ ପାରିଛି । ଏ କଥା ଯେ ଯଦି ପ୍ରକାଶ କରେ ତେବେ ବଡ଼ କଳଙ୍କ ହେବ । ତୁ ବେଶ୍ୟା ଝିଅ ବୋଲି ସମସ୍ତେ ଜାଣିବେ । ତୋର ଆଉ ମୁହଁ ଦେଖାଇବାର ବାଟ ରହିବ ନାହିଁ । ମୁଁ ନବକୁ ଆଜି ଡାକି ଆଣି ବୁଝାଇ ସୁଝାଇ ତାକୁ ହଜାରେ ଟଙ୍କା ଦେଇ ପଠାଇ ଦେଇଛି । ଦରକାର ପଡ଼ିଲେ ନବ ସଙ୍ଗରେ ଟିକିଏ ହସି ଖେଳି କଥା କହିବୁ । ଖାଲି ତା' ମନଟା ନେବା ପାଇଁ । ଇତି । ତୋର — ମା

ହଠାତ୍ ପୃଥିବୀ ଅଗ୍ନେୟଗିରିରୁ ତରଳ ଧାତୁ ଉଦ୍ଗୀରଣ କଲା ପରି ତା ଆଖି ଦୁଇଟା ଜଳି ଉଠି ଯେମିତିକି ବାହାରକୁ ବାହାରି ପଡ଼ିଲା । ସେ ବେଗରେ ଅସ୍ତ ମୁଣ୍ଡ ଭୁଲି ନିରୁଦ୍ଦେଶ ଭାବରେ ବାହାରକୁ ଧାଇଁଲା । କେଉଁଠି କାହାରିକି ନ ପାଇ ସେ ଗଲା ସମୁଦ୍ର କୂଳକୁ— ଉଦ୍ଦେଶ୍ୟ ଆତ୍ମହତ୍ୟା — ବା ଆତ୍ମତ୍ୟାଗ ।

ସମୁଦ୍ର କୂଳରେ ପାଣିରେ ପଶିଯିବା ବେଳକୁ ଦେଖିଲା ଆଉ ଜଣେ ମହିଳା ଏକୁଟିଆ ତା ଆଗେ ଆଗେ ପାଣିରେ ପଶୁଛି ।

ଏତିକିବେଳେ ଗୋଟାଏ ବଡ଼ ଢେଉ ଆସିଲା । ସଚି ଆତ୍ମହତ୍ୟା କରିବ କଣ ଉକ୍ତ ମହିଳାଙ୍କ ସେ ଢେଉରେ କାଳେ ବୁଡ଼ିଯିବ ସେଇ ଭୟରେ ତାକୁ ଯାଇ କୁଣ୍ଢାଇ ପକାଇଲା । ଢେଉ ସାଙ୍ଗରେ ସେ ଦୁହେଁ ଉପରକୁ ଭାସି ଉଠିଲେ । କିଛିକ୍ଷଣ ପରେ ଢେଉ ଦୁହିଙ୍କୁ ନେଇ କୂଳରେ ଛାଡ଼ ଦେଲା । ସଚି ଆଶ୍ଚର୍ଯ୍ୟ ହୋଇ ଚାହିଁଲା — ସେ ଅନ୍ନପୂର୍ଣ୍ଣା ।

ଅନ୍ନପୂର୍ଣ୍ଣା ସଚିକୁ ଚାହିଁପାରି ପଚାରିଲା — ତମେ ମୋତେ କାହିଁକି ଧରିଲ — ମୁଁ ମରିବାକୁ ଯାଉଥିଲି—ମରିଥାନ୍ତି ।

ସଚି କହିଲା—ତମେ କାହିଁକି ମରିବ ? ମୁଁ ମରିବ । ମୋର ଆଉ ସଂସାରରେ ମୁହଁ ଦେଖାଇବାର ବାଟ ବି ରହିଲ ନାହିଁ ।

'ବଡ଼ ସାହସରେ କଥା କହୁଛ ତ ? ମୁଁ ତମର କ'ଣ କଲି କି ? ତମ ମୁହଁକୁ ଆଉର ଲାଜ ନାହିଁ । ତମେ ସଚି ଗଉତସ ସାଜି ମୋତେ ଭଣ୍ଡାଇ ବାହା ହେଇ ଆସିଲ । ହଜାରେ ଜନ୍ମ ପରେ ତମେ ହରିଶ୍ଚନ୍ଦ୍ର ହେଇ ପାରିବ ନା ?'

'କିଏ କହିଲା, ମୁଁ ସଚି ରାଉତରାୟ ନୁହେଁ ।' ସବୁ ମିଛ — କିଏ ପୁଣି ତମ ସାଙ୍ଗରେ ଦଗା-ବାଜି କରିଛି —?'

'ଏଇଠି ଦେଖ — ଏ ଚିଠି ସତ ନା ?

ଚିଠି ଖଣ୍ଡ ପଢ଼ି ସଚିର ମୁହଁ କଳା କାଠ ପଡ଼ିଗଲା । ସେ ଆଉ କିଛି ଉପାୟ ନ ଦେଖି କହିଲା, 'ଏଃ ନିକେ ତ ଭାରି ଭଲ, ପରକୁ ଠକ ବୋଲି କହୁଛନ୍ତି । ଲାଜ ମାଡ଼ୁନାହିଁ । ଦୁଇ ଗାଲରେ ଚାପୁଡ଼ା ଦେଇ ମଣୁନା — ଏ ଚିଠି କାର ?' କହି ସେ ଅନ୍ନପୂର୍ଣ୍ଣାର ଚିଠିଟା ତାକୁ ବଢ଼ାଇ ଦେଲା । ଅନ୍ନପୂର୍ଣ୍ଣା ଚିଠି ପଢ଼ି ଚେଇଁ ଧରିନେଇ ନ ଥିଲେ ତଳେ ପଡ଼ି ଯାଇଥାନ୍ତା ।

ତା ଦେଖି ସଚି କହିଲା — ଚାଲ କେହି କାହାର ଦୋଷ ନ ଦେଖି କର୍ମକୁ ଆଦର କରିବା ।

'ମୁଁ ଆଉ ଏ ଦେଶରେ ରହିବି ନାହିଁ ।'

'ହେଉ ତମ ଇଚ୍ଛା ଯେଉଁଠିକି ଚାଲ ।'

ସେଇଦିନ ପୁରୀ ଏକ୍ସପ୍ରେସରେ ସଚି ଓ ଅନ୍ନପୂର୍ଣ୍ଣା ଦୁହେଁ କୁଆଡ଼େ ଗଲେ କେହି ଜାଣନ୍ତି ନାହିଁ ।

ପରେ ଶୁଣାଗଲା କଲିକତାରେ ଗୋଟେ ଓଡ଼ିଆ ପାଗଳୀ ଅନ୍ନପୂର୍ଣ୍ଣା ଅନ୍ନପୂର୍ଣ୍ଣା ହୋଇ ବୁଲେ । ନାମ ପଚାରିଲେ କହେ — ଆମ୍ଭେ କବି ନବକିଶୋର ଦାସ । ମିଛ ମାନୁଛ ? ମୁଁ ପ୍ରମାଣ ଦେବି — କୋର୍ଟକୁ ଚାଲ ।

## କୁଳୁକୁଳୁ

'ମାଳତୀ, ମତେ ବାହା ହ ଭଲ ହବ । ମୋ ଠାରୁ ଯୋଗ୍ୟ ବର ମିଳିବେ ନାହିଁ ।'

'କିନ୍ତୁ ମୋର ଯେ ଅନ୍ୟ ବନ୍ଧୁ ଅଛନ୍ତି, କଣ ଆପଣଙ୍କ କଥା ମାନିବେ ?' + +

'ହାଏ ! ଆଜ ମୋର ସବୁ ବନ୍ଧୁ ମତେ ଛାଡ଼ ଚାଲି ଯାଇଛନ୍ତି ।'

'କାହିଁକି ?'

'ଆଜ ମୁଁ ମଟରଟା ବିକି ଦେଇଚ ।'

Digitized by srujanika@gmail.com



ସେଦିନ ନିମନ୍ତ୍ରଣ ଉପଲକ୍ଷରେ ଏକ ନାଚର ମହଲଘରକୁ ଯାଇ ଦେଖିଲି ଗୋଟିଏ ସୁବେଶୀ ସୁକେଶୀ, ତନ୍ୱୀକୁ କେନ୍ଦ୍ର କରି ସେ ଦିନର ଉତ୍ସବ ଚାଲିଛି । ତରୁଣୀ କଳା ଆଖିର ଅନ୍ଧାର ଗ୍ଲୁରଅଡ଼େ ଯେମିତି ଛିଟିକି ପଡୁଛି—ତାର ଆଖିର ତା'ର ହୃଦୟର କଥା ସମସ୍ତଙ୍କ ପାଖରେ ପ୍ରକାଶ କରି ଦେଉଛି । ଅନୁସନ୍ଧାନ ନ କରି ଜାଣି ପାରିଲି ଯେ ନିମନ୍ତ୍ରଣ କର୍ତ୍ତାଙ୍କର ପୁତ୍ର ଏହି ତରୁଣୀ ନୟନାର ନୟନର କେନ୍ଦ୍ର ।

ପ୍ରେମିକ ଯୁଗଳ ଅଡ଼କୁ ଅନାଇଁ ଦେଖିଲି ଭାବାବେଶରେ ନିଜ ନିଜ ଆସନରେ ସେମାନେ ଟଳ ମଳ ହେଉଛନ୍ତି-ପୁନାର ପାହରେ ସ୍ୱଚ୍ଛ ଫଟୋପା ଜଳରେ ଯେମିତି ବସନ୍ତର ହିଲ୍ଲୋଳ ଲାଗିଛି ।

ରାତିରେ ଘରକୁ ଫେରିଲା ବେଳରୁ ଏକାନ୍ତ ସୁପରିଚିତ ସେହି ତନ୍ୱୀଟିକୁ ପଚାରିଲି-"ବେଶ କଟିଲା ନା ?"

ଉତ୍ତରର. ଅପେକ୍ଷା ନ କରି ନିଜର ହାତରୁ ତାହାର ଦତ୍ତ ମୁଦିଟା ଖୋଲି କହିଲି—"ଏ ମୁଦିଟା ଏଇକ୍ଷଣି ତମେ ତମ ପାଖରେ ରଖିଦିଅ—ସୁବିଧା ହେଲେ ଟିକିଏ ବଡ଼ କରି ଆଉ ଗୋଟିଏ ମତେ ଦେବ ।"

ଖାଲି ହାତେ ମୁଦିଟା ନେଇ ସେ କହିଲା "ବେଶ" । ତାପର ଚାଲିଗଲା ।

ମାସେ ଖଣ୍ଡେ ପରେ ତା ସାଙ୍ଗରେ ପୁଣି ଦେଖା । ପ୍ରଥମେ ମୁଦିଟା କଥା ମନେ ହେଲା—କିନ୍ତୁ ତା ମୁହଁକୁ ଅନେଇ ଚୁପ ହୋଇଗଲି । ମାତ୍ର ଗୋଟିଏ ମାସ ସମୟ, ଅତୀତ ଦିନର ସ୍ମୃତିକୁ ଭୁଲିବାକୁ କେତେ ବା ସାହାଯ୍ୟ କରିବ ?

ସାମନାରେ ଠିଆ ହୋଇ ସେ କହିଲା—"ସେ ମୁଦିଟା ଖୁବ ଅମଙ୍ଗଳଅ-କୁଅଡ଼େ ଯେ ଗଲା ଠିକ ମନେକରି ପାରୁନି ।" ଟିକିଏ ଚୁପ ହୋଇ ରହି ମୋର ହାତଟା ତାର ହାତ ଦୁଇଟି ମଧ୍ୟକୁ ନେଇ କୋମଳସ୍ନେହ ସ୍ୱରରେ କହିଲା—"ରାଗିଲ ନା ?"

ରାଗିବାର କିଛି କାରଣ ଥିଲାନି,-କହିଲି 'ନା' ବେଶ ଆଶ୍ୱସ୍ତ ହୋଇ ସେ ଚାଲିଗଲା ।

× + ×

ବର୍ଷକ ପରର କଥା କହୁଛି । ପୁରୁଣା ଦିନର ପରିଚିତ ପଥଟାର ମାୟା ପୁଣି ମୋତେ ତା ମହଲକୁ ଟାଣି ଆଣିଲା, ତାର ପୂର୍ବର ଅବରଣରେ

## ମୁଦି

ଲେଖକ:—ଧୂର୍ଜଟୀ

( ଅନୁବାଦ)

ମୋର ବସ୍ମୃତ ଦିନର କେତେ ଅକୁହା କଥା ବନ୍ଦି ହୋଇ ମରୁଛି ।

ପରିଚିତ କେତେ ଲୋକ ସାଙ୍ଗରେ ଦେଖା । କିଏ ଦୁଇପଦ କଥା କହିଲା—କିଏ ସିଧା ଚାଲିଗଲା । ହଠାତ୍ ସେହି ତରୁଣୀଟି ସାଙ୍ଗରେ ଦେଖା— ଜୀବନରେ କେତେ ଆସିଛନ୍ତି—କେତେ ଯାଇଛନ୍ତି କିନ୍ତୁ ତଥାପି କହୁଛି ଏ ତରୁଣୀଟିକୁ ଭଲ ଲାଗେ—ବଡ଼ ଭଲ ଲାଗେ । ତାର ମୁହଁର ହସ, ଆଖିର ବିଦ୍ୟୁତ ପାହାଡ଼ର ଶୀତପରି ଛାତର ଅନ୍ତସ୍ତଳ ପର୍ଯ୍ୟନ୍ତ କମ୍ପାଇଦିଏ । ଯିମିତି କି ଗୋଟିଏ ମାଦକତା ତାର ଅଛି । ସୁନ୍ଦର ତାର ମୁହଁଟି ଅଡ଼କୁ ଅନେଇ ଦେଖିଲି କାହାର ଗୋଟିଏ ମ୍ଳାନତା ସେଠିକି ଓଟାରି

ଆଣିଛି—ଲାଜ ନରମ, ଓଠ ଯୋଡ଼ିକ ଯେମିତି ମୁହଁର ରହସ୍ୟକୁ ଢ଼ାଙ୍କି ରଖି ପାରୁନି ।

ତାର ଅନନ୍ତ ମୋନ ଚକ୍ଷୁକୁ ବ ଉନ୍ମେଷନ କରିଛି ଦେଖିଲି । ଦୌଡ଼ ପାଖକୁ ଆସି କେତେ ଯେ କଥା, ଲାଜାସ୍ମିତ ଛନ୍ଦ ! ନିଜ ହାତରୁ ମୁଦିଟା ଖୋଲି ନେଇ ମୋତେ କହିଲା—'ତମକି ଭଲ ଅଛ କେତେଦିନ ହୋଇବ ?. ଏହି ନିଅ ତୁମର ମୁଦ—ମୋର ପ୍ରାଣର କାମନା ହେଲା ଏହି ଉପର, ତମ ପାଖରେ କୌଣସି ଦିନ ଏଟା ଆଉ ଛୋଟ ହେବନି । ମୋର ଭଲ ପାଇବା ପରି ଏ ଅସୀମ, ମୋ ର ପ୍ରେମ ପରି ଏ ଶାଶ୍ୱତ ହୋଇ ରହିବ ।"

କଥାଗୁଡ଼ା ଶୁଣିବାକୁ ଭଲ ଲାଗିଲା—ତା ମୁହଁ ଅଡ଼କୁ ଅନେଇ ଦେଖିଲି—ପ୍ରଥମେ ନଜରରେ ପଡ଼ିଲା ବନ୍ଧୁ ବିଜାଯୀ ଏକ ନାରୀର କାମନା ପ୍ରଜ୍ୱଳିତ ମୁଖ ଛବି—ମ୍ଳାନ ଓଷ୍ଠର ବୁଭୁକ୍ଷା, ଲୋଲୁପ ଆଖିର ଅକୁଳ ତୃଷ୍ଣା ।

ମୁଦିଟା ତା ହାତରୁ ନେଇ ପଥର ଧୂଳିରେ ଫୋପାଡ଼ି ଦେଇ କହିଲି—'ଯା ଅସୀମ ଯା ଅନନ୍ତ ତା ସାମାନ୍ୟ ମନର ପ୍ରାନ୍ତରେ ବନ୍ଦିକରି ରଖିବାର ପାଗଳାମି ଆଉ ନାହିଁ । ଯା ଅଶେଷ, ସୀମାହୀନ ପୃଥ୍ୱୀର ଧୂଳି ମଧ୍ୟରେ ସେ ସମାପ୍ତି ଲଭୁ ।'

ଅପଲକ ନୟନରେ ସେ ଅନେଇ ରହିଲା ।

---

## କୁଢୁ କୁଢୁ

ନରେଶ—ଜାଣ ! ଆଜମୁଁ ଗୀତରେ Record break କଲି ।

ଦୟାନିଧି—କିପରି ?

ନରେଶ—ବାପା ଦିନ ବଜାରରୁ ଗୋଟିଏ ସୁନ୍ଦର ଗୀତର Record ଆଣିଥିଲେ । ତାକୁ ମୁଁ ଉପରୁ ପକାଇ Break କଲି । ତୁ ସେଦିନ କହୁଥିଲୁ ଯେ କୌଣସି ବିଷୟରେ Record Break କଲେ ପୁରସ୍କାର ପାଆନ୍ତି । କିନ୍ତୁ ବାପା ତ ମୋତେ କିଛି ଦେଲେ ନାହିଁ, ଦେଲେ ଦୁଇ ଗୋଇଠା···। +

ଗୃହିଣୀ !—ବାବୁ ! ରାତିରେ ଚୋର ଆସି ଘରେ କଳା କନା ବୁଲାଇ ଦେଇ ଚାଲି ଯାଇଛି ।

ବାବୁ !—ଯାହା'ହେଉ । ଘର ଗୁଡ଼ାକ ଅନେକ ଦିନରୁ ଚୂନ'ଦୋଳି ଯାଇ ଥିଲା । ବର୍ତ୍ତମାନ ଟିକିଏ ସଫା ହୋଇ ଯାଇ ଥିବ ତ ।

ଚିକିତ୍ସା ଜଗତର ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତେଲ

ଜଗନ୍ନାଥ ତେଲ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ,) ହଇଜା, ଡବଳନିମୋନିଆ, ବସନ୍ତ, ପ୍ରମେହ (ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା) ପେଟମରା, ଅଜୀର୍ଣ୍ଣ, କାଶ, ପ୍ଲୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅପରିଷ୍କାର ଆମବାତ, ଅଣ୍ଡୁ ଗଣ୍ଠିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୂତ୍ରବ୍ୟଥା, ମୂତ୍ରଜଳନା, ମୂତ୍ରରୁନ୍ଧ, ହାତମୂଳ ଫୁଲା, ଘଣ୍ଟିକାଫୁଲା, ଶିରଘା, କାଛୁ, କୁଣ୍ଡିଆ, ବଳଦ ,ମଟଳା, ଚମଦଳା, ଯାଦୁ, ଛଉ, କଟାଘା, ଚେଙ୍ଗୁଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପଚା ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତେଲ ଦ୍ୱାରା ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

କବିରାଜ ଶ୍ରୀ ବିଶ୍ୱନାଥ ଦାସ

ଏ, ବି, ଏଲ୍. ଏଚ. ଏମ୍. ଏସ୍.

ଅଲିଶା ବଜାର, ପୋଃ ଗୁଡ଼ଙ୍ଗଚୌକି କଟକ ।



ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ କାର୍ଯ୍ୟରେ ଅମନଯୋଗୀତା, ଉଦ୍ୟମହୀନତା, ନୈରାଶ୍ୟ, ନିଦ୍ରେଲ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହା ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବିପୁଳ ପରି ଶକ୍ତି ଖେଳେ । ଦୀର୍ଘଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୨୧୯ ମାତ୍ର ।

ନୟାସଡ଼କ, ପୋ: ଅ: ଗୁଡ଼ଙ୍ଗଚୌକି, କଟକ }

ବୈଦ୍ୟରାଜ
କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୱାଲ
ଆୟୁର୍ବେଦାଚାର୍ଯ୍ୟ
C/O ଶ୍ରୀ ବାଲକେଶ୍ୱରଆଚାର୍ଯ୍ୟ ଉପଗୁରୁ



ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ )    **'ବର୍ମା ଓଡ଼ିଆ ପତ୍ରିକା'**    (ରୟେଲ ୧୬ ପୃଷ୍ଠା)

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତଗତି ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ସବୁ ଗତି ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ୨୲୰, ଛାତ୍ରମାନଙ୍କ ପାଇଁ ୨୲, ଭାରତବର୍ଷ ସଙ୍କାଶେ ଦେୟ ୨୪୲ ।    ଠିକଣା — ନଂ ୧୬୭୨ ମୁର ଗଳି ରେଙ୍ଗୁନ (ବର୍ମା)





## ଅସଲି ପଞ୍ଚଗୁଣା ତେଲ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅର୍ଦ୍ଧଶିର, କାନଟଣା ମୁଣ୍ଡବିନ୍ଧା କୁଣ୍ଡିଆ, କାଛୁ, ମଟଳା, ପୋଡ଼ା ଘା, ଛଉ ଦରଜ, ଅଣ୍ଡିରଦରଜ ଇତ୍ୟାଦି ୫୨ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧଅଟେ । ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:— ଅସଲି ପଞ୍ଚଗୁଣା ତେଲ ଅଫିସ୍—କଟକ ।



ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରତିଶକ୍ତି ହଜମଶକ୍ତି ଆଦି ଶୀଘ୍ର ବଢାଇ ଦିଏ । ମୂଲ୍ୟ ସେରକୁ ୭୲, ଅଧସେରକୁ ୩୲୰ ପାଉକୁ ୨୲ ଭ: ପି:ରେ ଔଷଧ ପଠାଯାଏ

ଠିକଣା—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍, ଏଚ୍, ଏମ୍, ପି,

**ଦରିଦ୍ର ବନ୍ଧୁ ଔଷଧାଳୟ**

ଖପର ପଦା । ପୋ: କୋଠାର ଜି: ବାଲେଶ୍ୱର ।


Digitized by srujanika@gmail.com

# ଚିଠି

ଡଗର ସମ୍ପାଦକ ମହାଶୟ,

ଅବଧାନ, ଆପଣଙ୍କର ଲୋକପ୍ରିୟ ପତ୍ରିକାରେ ବାଲେଶ୍ୱର ସହର ବିଷୟରେ ପଦେ ଅଧେ ଲେଖିଲେ ବୋଧହୁଏ ଅବାନ୍ତର ହେବନାହିଁ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାପରେ ବାଲେଶ୍ୱର ସହରଟା ଏକପ୍ରକାର ଅନ୍ଧାରମୂଳକ ହୋଇ ଯାଇଥିଲା। କାରଣ ଏଠାରେ ଯେଉଁ ଲୋକ-ପ୍ରିୟ ନେତା ସବୁଥିଲେ ସେମାନେ ବର୍ତ୍ତମାନ ହେଲେ ନିଖିଳ-ଭାରତୀୟ ନେତା, ସୁତରାଂ ସେମାନଙ୍କର ଅବସ୍ଥାନ ବା ବାସସ୍ଥାନ କଟକରେ। ବାଲେଶ୍ୱରରେ କ୍ୱଚିତ୍ ସେମାନଙ୍କୁ ଦେଖିବାକୁ ପାଉଁ। କିନ୍ତୁ ବର୍ତ୍ତମାନ ସବୁ ଶ୍ରେଣୀର ଲୋକମାନଙ୍କ ମନରେ ରାଜନୈତିକ ଜାଗରଣ ଅଛି। ଏହାକୁ ଯୁଗ ପ୍ରଭାବ ବୋଲି କହିଲେ ଭୁଲ ହେବ ନାହିଁ। କିନ୍ତୁ ଦୁଃଖର ବିଷୟ ଆମର ଲୋକପ୍ରିୟ ସରକାର ଠିକ ଆଗର ନୌକରଶାହି ସରକାର ଭଳି ଏ ମନୋବୃତ୍ତିକୁ ଆଦୌ ପସନ୍ଦ କରୁ ନାହାନ୍ତି। ସେମାନେ କହନ୍ତି ଏହା Anti-congress spirit, ଏକଟା ଘୃଣ୍ୟ ମନୋବୃତ୍ତି। କାରଣ ଲୋକପ୍ରିୟ ସରକାର ସମାଲୋଚନାରେ ଆଦୌ ବିଚଳିତ ହେବା ଉଚିତ ନୁହେଁ। କିନ୍ତୁ ଦୁଃଖର ବିଷୟ, ବର୍ତ୍ତମାନ ବାଲେଶ୍ୱରରେ ଯେଉଁ କରଦାତା ସମିତି ଗଢ଼ାଯାଇଛି ତାହା ମିଉନିସିପାଲିଟିରେ ଥିବା କଂଗ୍ରେସ କର୍ତ୍ତାମାନେ ଆଦୌ ପସନ୍ଦ କରୁନାହାନ୍ତି। କାରଣ ଯେପରି ଜଣା-ପଡ଼ୁଛି ସେମାନେ ସମାଲୋଚନା ପାଇଁ ଆଦୌ ପ୍ରସ୍ତୁତ ନୁହନ୍ତି। ଅନ୍ୟତ୍ର ଗୋଟିଏ ଉଦାହରଣ; କଟକରେ ଯେଉଁ ଛାତ୍ରମାନଙ୍କର ସତ୍ୟାଗ୍ରହ ଚାଲିଥିଲା ତାହା କଂଗ୍ରେସ-ବିରୋଧୀ ବୋଲି ଏ ସହରର କେତେକ କଂଗ୍ରେସ-କର୍ମୀ ଗୁଜବ ପ୍ରଚାର କରୁଛନ୍ତି। ମୁଁ ଯେବେ ତୁମ ସହିତ ସବୁ କଥାରେ ଏକମତ ନହେଲି ତେବେ ମୁଁ କଂଗ୍ରେସର ଶତ୍ରୁ ହେବା ମଗଜର ଉର୍ବରତା ସୂଚକ।

## ନିଶା ନିବାରଣ—

ବାଲେଶ୍ୱର ୧୯ରେ ଲବଣ ସତ୍ୟାଗ୍ରହ ପାଇଁ ନାମ କରିଥିଲା। ତା ପୂର୍ବରୁ ଅଫିମ ଖାଇବାରେ ବାଲେଶ୍ୱରର ପ୍ରତିପତ୍ତି ସାରା ଭାରତ ବ୍ୟାପି ଥିଲା। ଆମ ଓଡ଼ିଶା ସରକାର ସେଥିପାଇଁ ସର୍ବପ୍ରଥମ ବାଲେଶ୍ୱରରେ ଅଫିମ ଛଡ଼ାଇବାର ପ୍ରଚେଷ୍ଟା କଲେ। କିନ୍ତୁ ଏ ବିଷୟରେ ବାଲେଶ୍ୱରର ଚିନ୍ତାଶୀଳ ଲୋକମାନଙ୍କ ସହିତ ଆଲୋଚନା କଲେ ଜଣାଯାଏ ଏ ଚେଷ୍ଟା କୃତକାର୍ଯ୍ୟ ହୋଇପାରିବ ନାହିଁ। କାରଣ ଲୋକଙ୍କର ଏଥିରେ ପୂର୍ଣ୍ଣ ସହାନୁଭୂତି ନାହିଁ। କେତେକ ଲୋକ ଯେତେ ଖାଆନ୍ତି ତାଠାରୁ ବେଶୀ ପରିମାଣର certificate ଆଣି ଛନ୍ତି ଓ ଅନ୍ୟ କେତେକ ଆଦୌ ନଖାଇଲେ ମଧ୍ୟ ନାମ ଲେଖାଇ ଅଫିମ ଆଣି ବିକ୍ରୀ କରୁଛନ୍ତି। ଏଥିରେ ସରକାରଙ୍କର ବର୍ଷକୁ ୧୦ଲକ୍ଷ ଟଙ୍କା ନଷ୍ଟ। ଏସବୁ ଟଙ୍କା ପାଣିରେ ପୋଡ଼ା ଦିଆ ହେଉଛି ବୋଲି ଅଧିକାଂଶ ଲୋକ କହନ୍ତି। କାରଣ ଅତି ବୁଢ଼ା ଲୋକଙ୍କୁ ଅଫିମ ଛଡ଼ାଇ ହେବ ନାହିଁ। ଯେଉଁମାନେ Malaria ବା Filaria ପାଇ ଖାଉଛନ୍ତି ସେମାନେ ଛାଡ଼ି ପାରିବେ ନାହିଁ। ନୂଆ ଲୋକେ ଖାଇବାକୁ ପାଇବେ ନାହିଁ। ଏତିକି ମାତ୍ର ଲାଭ। କିନ୍ତୁ ଏସବୁ ପାଇଁ ଯେତେ ଟଙ୍କା ଖର୍ଚ୍ଚ ହେଉଛି ତାଠାରୁ କମରେ ଏକାର୍ଯ୍ୟ ହୋଇ ପାରିବ। ଅଫିମ ବିକ୍ରୀ କରିବା ପାଇଁ ଦୁଇଜଣ ଡାକ୍ତର ଓ ଦୁଇଜଣ କିରାଣିର ଦରକାର ନାହିଁ। ଜଣେ କିରାଣି ଓ ମାଟ୍ରିକ ପାଶ କରିଥିବା ଜଣେ ଲୋକ ବିକ୍ରୀ କରିବା ପାଇଁ ରହିଲେ ହେଲା। ବର୍ତ୍ତମାନ ବାଲେଶ୍ୱରର ଅଫିମ ଦୋକାନ ସଦର ଡାକ୍ତର ଖାନାରେ ରହିଛି। ଡାକ୍ତର ମାନେ ବସି ବସି ପଇସା ନେଉଛନ୍ତି ଓ ଅନ୍ୟ ଦଳେ ଅକର୍ମା ପ୍ରଚାର କରିବା ବାହାନାରେ କାଛ ବଣ ମାରନେଇ ଅସମରେ ଅଛନ୍ତି। ଓଡ଼ିଶାରେ ଏତେ ଟଙ୍କା ନଷ୍ଟ ହେବା ନିତାନ୍ତ ଅନ୍ୟାୟ। ଏସବୁ କାର୍ଯ୍ୟ ଅନ୍ୟଏକ ଉପାୟରେ ହୋଇ ପାରନ୍ତା। ଶୁଣନ୍ତୁ।

## ସ୍ୱାସ୍ଥ୍ୟ ପ୍ରଚାର ବିଭାଗ ବା Health unit:-

ବାଲେଶ୍ୱରରେ ଅଫିମ-ନିବାରଣ ସହିତ ଗୋଟାଏ ସ୍ୱାସ୍ଥ୍ୟ ପ୍ରଚାର ବିଭାଗ ଖୋଲା ଯାଇ-ଥିଲା। ଏଥିରେ ମଧ୍ୟ ଜଣେ ଦୁଇ ଜଣ ଡାକ୍ତର ଓ ଜଣେ ଦୁଇଜଣ କର୍ମଚାରୀ ପ୍ରଚାର କରିବା ପାଇଁ ଥିଲେ। ଏଥିପାଇଁ ଆମ ସ୍ୱଦେଶୀ ସରକାର ଅକୁଣ୍ଠିତ ଚିତ୍ତରେ ବହୁ ପରିମାଣର ଟଙ୍କା ଖର୍ଚ୍ଚ କରି ଦେଉଥିଲେ। ଗୋଟାଏ Special van ବା ମଫସଲରେ ବୁଲିବା ପାଇଁ ଗାଡ଼ି ଓ ଅନେକ ଚିତ୍ର ଇତ୍ୟାଦି ଅନେକ ଜିନିଷ କିଣା ଗଲା। କିନ୍ତୁ କାର୍ଯ୍ୟ ଠିକ୍ ଆରମ୍ଭ ହେବା ପୂର୍ବରୁ ସରକାର ବାହାଦୁର ବୁଝି ପାରିଲେ ଯେ ତାଙ୍କ ରାଜ କୋଷରେ ଏତେ ଟଙ୍କା ନାହିଁ। ସୁତରାଂ ସେ କାମ ବନ୍ଦ ହେଲା। ଏଠାରେ କେତେକ ପ୍ରବୀଣ ଡାକ୍ତର କହନ୍ତି ଯେ ଏହି Health unit କୃତକାର୍ଯ୍ୟ ହୋଇପାରିଥିଲେ ଅନେକ କାମ ହୋଇପାରିଥାନ୍ତା। ଏମାନେ ସ୍ୱାସ୍ଥ୍ୟ ପ୍ରଚାର, ଔଷଧ ବଣ୍ଟନ ଓ ନିଶା ନିବାରଣ ପ୍ରଚାର କାର୍ଯ୍ୟ ସୁନ୍ଦର ଭାବରେ ଚଳାଇ ପାରିଥାନ୍ତେ। ନିଶା ନିବାରଣରେ ଯେତେ ଟଙ୍କା ନଷ୍ଟ ହେଉଛି ଏଥିରେ ତା'ର ଅଧେ ଟଙ୍କା ଖର୍ଚ୍ଚ କରିଥିଲେ ଲୋକ ମାନଙ୍କର ଅନେକ ମଙ୍ଗଳ ହୋଇ ଥାନ୍ତା। ସ୍ୱାସ୍ଥ୍ୟ ପ୍ରଚାର ବିଭାଗ ଭଳି ଗୋଟାଏ ଅନୁଷ୍ଠାନ ବାଲେଶ୍ୱରରେ ଅତି ଦରକାର। ସେଥିରୁ ପୁଣି ବାଲେଶ୍ୱରର ମିଉନିସିପାଲିଟି କଂଗ୍ରେସ୍ ହାତକୁ ଗଲାରୁ ସେମାନେ ସଦର ଡାକ୍ତର ଖାନାକୁ ଯେଉଁ ଦୁଇହଜାର ଟଙ୍କା ଦେଉଥିଲେ ତାହା ବନ୍ଦ କରି ଦେଇଛନ୍ତି। ତାର କାରଣ ସେମାନେ କହନ୍ତି ଆମେ ସରକାରଙ୍କ ସାହାଯ୍ୟ ପାଇଁ ଲେଖା ଲେଖି କରୁଛୁଁ। ସାଧୁ। କିନ୍ତୁ ତା ପୂର୍ବରୁ ବାଲେଶ୍ୱରର ଲୋକେ ଔଷଧ ନ ପାଇ ମରିଯିବେ ଓ ହାସପାତାଳ ବନ୍ଦ ହୋଇଯିବ। ଡାକ୍ତର ଖାନାର ଟଙ୍କା ବନ୍ଦ କରିବା ଅଳ୍ପ- ବୁଦ୍ଧିର ଲକ୍ଷଣ ! ଏହା ଘୋର ଅନ୍ୟାୟ।

ଡାକ୍ତର ଖାନାର grant ବନ୍ଦ ନକଲେ ଯଦି ଆମ ଲୋକପ୍ରିୟ କଂଗ୍ରେସ୍ ସରକାର ସାହାଯ୍ୟ ନ ଦେବେ ତା ହେଲେ କଂଗ୍ରେସ୍ ସରକାରଙ୍କ ଅମଳରେ ଆମର ଅବସ୍ଥା ଆଦୌ ବଦଳି ନାହିଁ। ଯଥା ପୂର୍ବଂ ତଥା ପରଂ।

(୧୧ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଡଗର ପଞ୍ଚଦଶ ଶବ୍ଦଧନ୍ଦା ପ୍ରତିଯୋଗିତ

| ୫୨୫ଙ୍କା ପୁରସ୍କାର ! | 'ଡଗର' ପାଠକମାନେ ପାଇ ପାରିବେ । | ୫୨୫ଙ୍କା ପୁରସ୍କାର |
|---|---|---|
| ଦୁଇଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free |

| | | | | | | |
|---|---|---|---|---|---|---|
| ୧ ର | (ସ୍ରି) | ୨ କ | ■ | ୩ ଅ | | ୪ ଦ |
| | ■ | | ■ | | ■ | |
| ୫ ନା | | ■ | ୬ ଗୃ | ■ | ୭ | ସ |
| ■ | ■ | ୮ କ | | ର | ■ | ■ |
| ୯ ବା | | ■ | ର | ■ | ୧୦ | ୧୧ ବା |
| | ■ | ୧୨ | ■ | ୧୩ | ■ | ର |
| ୧୪ ଥ | | ଲ | ■ | ୧୫ କ | ର | |

| | | | | | | |
|---|---|---|---|---|---|---|
| ୧ ର | (ସ୍ରି) | ୨ କ | ■ | ୩ ଅ | | ୪ ଦ |
| | ■ | | ■ | | ■ | |
| ୫ ନା | | ■ | ୬ ଗୃ | ■ | ୭ | ସ |
| ■ | ■ | ୮ କ | | ର | ■ | ■ |
| ୯ ବା | | ■ | ର | ■ | ୧୦ | ୧୧ ବା |
| | ■ | ୧୨ | ■ | ୧୩ | ■ | ର |
| ୧୪ ଥ | | ଲ | ■ | ୧୫ କ | ର | |

| | | | | | | |
|---|---|---|---|---|---|---|
| ୧ ର | (ସ୍ରି) | ୨ କ | ■ | ୩ ଅ | | ୪ ଦ |
| | ■ | | ■ | | ■ | |
| ୫ ନା | | ■ | ୬ ଗୃ | ■ | ୭ | ସ |
| ■ | ■ | ୮ କ | | ର | ■ | ■ |
| ୯ ବା | | ■ | ର | ■ | ୧୦ | ୧୧ ବା |
| | ■ | ୧୨ | ■ | ୧୩ | ■ | ର |
| ୧୪ ଥ | | ଲ | ■ | ୧୫ କ | ର | |

ନାମ ____________ ଠିକଣା ____________ କେତୋଟି ଉତ୍ତର ________

### ସିଧା ଭାବରେ ।

୧ । ଶବ୍ଦଧନ୍ଦା ଭେଦ କରିବାକୁ ଯେ ସୁଖ ନ ପାଏ ସେ ଏହା ହୋଇ ନପାରେ ।

୩ । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇବାକୁ କାହାର ଏହା ନ ଥାଏ ?

୫ । ଏହା କରିବା ପାଇଁ ନିପୁଣ ରଙ୍ଗମଞ୍ଚ, ନେତାରୂପୀ ଅଭିନେତାମାନଙ୍କୁ ବଡ ସୁଯୋଗ ଦେଇଥିଲା ।

୬ । ରମଣୀର ଯୌବନ ଏପରି ଥିବାବେଳେ ପୁରୁଷର ଚିତ୍ତ ସହଜରେ ବିଚଳିତ କରେ ।

୮ । ମାଲ ମକଦ୍ଦମାରେ ଶତ୍ରୁକୁ ଜବଦ କରିବା ପାଇଁ ଏହାର ବଳ ଅଧିକାଂଶ ସମୟରେ ଦରକାର ।

୯ । ପାଦରେ ଏହା ପଡ଼ିଲେ ବାଟ ଚାଲିବା କଷ୍ଟକର ।

୧୦ । ମଣିଷ ମଲେ ଏମାନେ ସାଧାରଣତଃ ଖୁସି ହୋଇଥାନ୍ତି ।

୧୪ । ଅଜିକାଲି ଏହା ଦେଖାଇଲେ ଲୋକେ ବାହା ଗିଲି ଦେବେ ।

୧୫ । ଯେଉଁମାନେ କାମରେ ଅଗୁଆ ହୋଇ ବାହାରନ୍ତି ପ୍ରାୟ ସେମାନେ ଏହା ବୋଲି ଅନେକେ ବୁଝିଥାନ୍ତି ।

### ଉପର ତଳ ଭାବରେ ।

୧ । ବାକ୍‌ଦେବୀ ପ୍ରସନ୍ନା ହେଲେ ମୂକ କବିର ଯେଉଁ ଶକ୍ତି ପ୍ରଖର ହୁଏ ।

୨ । ଏଭଳି କଥା ସହି ହୁଏ ନାହିଁ—ମଣିଷ ଦହି ହୁଏ ।

୩ । ଅଜି କାଲି ଏ ଫଳ ମିଳେ ।

୪ । ଗୋଟାଏ — ଅନେକ ଅଳସୁଆଙ୍କୁ ସମୟ ସମୟରେ ଚଞ୍ଚଳ କରିବା ପାଇଁ ଯଥେଷ୍ଟ ।

୬ । ପ୍ରଭୁଙ୍କ ନିକଟରେ ଦୈନ୍ୟ ଭାବ ପ୍ରକାଶ କରିବା ପାଇଁ କେତେକ ଭକ୍ତ ଯଥାସମୟରେ ଏହାର ବ୍ୟବହାର କରିଥାନ୍ତି ।

୯ । ଅଗରୁ ଏ ଦେଶର ଭୂମ୍ୟଧିକାରୀମାନେ ପରସ୍ପର ମଧ୍ୟରେ ବିବାଦ କଲେ ଏମାନଙ୍କର ସାହାଯ୍ୟ ନେଉଥିଲେ ।

୧୧ । ଗୁରୁଜନମାନଙ୍କର ଏହାଦ୍ୱାରା ଅନେକ ସମୟରେ ଯୁବସୁଲଭ ଅବିବେକିତାର ବିଷମୟ ପରିଣାମରୁ ଉଦ୍ଧାର ମିଳିଥାଏ ।

୧୨ । ଗଡ଼ଜାତ ଲୋକେ ବାହାର ନେତାଙ୍କ କଥାରେ ଏହା ଧରୁଛନ୍ତି ।

୧୩ । ଅତିରିକ୍ତ କାର୍ଯ୍ୟ ବ୍ୟସ୍ତ ରହିଲେ ଅନେକ ସମୟରେ ଲୋକ ଏହା ଭୁଲିଯାଇ ଥାଏ ।

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୦ ଓ ଦ୍ୱିତୀୟ ପ୍ରତିଖଣ୍ଡକୁ ୦/ ଲେଖାଏ **(ଶେଷ ତା ୨୫-୫-୩୯)**

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି କଳା ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆଯାଇଛି । ଏହି ଶବ୍ଦ ଗୁଡିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ଭଳି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ପୂରା ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜରଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳି ଯିବ ସେ ପ୍ରଥମ ପୁରସ୍କାର ୫୦୦୲ ଟଙ୍କା ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୦୲ ପାଇବ ସବୁଠାରୁ କମ୍ ସଂଖ୍ୟକ ଭୁଲ ଦେଇଥିବା ବ୍ୟକ୍ତି ୫୦୲ ଦ୍ୱିତୀୟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ତାଲିକାନୁସାରୀ ବାକି ୫୦୲ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗ ଦେଇ ପାରନ୍ତି । ଏହା ସାଥିରେ ତିନିଗୋଟି କୁପନ ଦିଆ ଯାଉଛି । ଯେ ଗୋଟିଏ ଉତ୍ତର ଦେବାକୁ ଇଚ୍ଛା କରିବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତାହିଁ ସଙ୍ଗେ ଦୁଇଅଣାର ପଇସିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୦୲୨ ଓ ୨ୟ ଟି ପାଇଁ ୦୲୨ର ପଇସିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯେ କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ ) ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟେ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଥବା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୧ ମସିହା ମଇ ୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୧୫ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁସାରୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ଘର ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

# ୧୪ ଶ ଶବ୍ଦଧନ୍ଦା ସମ୍ବନ୍ଧରେ ପଦେଅଧେ ।

୧୫ ସିଧା—(ଶୀକର, ଚାକର) 'ଅନେକ ସମୟରେ' ଏଠାରେ ନିର୍ଦ୍ଦେଶକ ଶବ୍ଦ ବା pointer. ଚାକର ରାତିରେ ( ଦିନରେ ନୁହେଁ ) ପୁଣି ସମସ୍ତ ସମୟରେ ପବନକୁ ଥଣ୍ଡା କରିଥାଏ; ମାତ୍ର ଶୀକର ଅନେକ ସମୟରେ ପବନକୁ ଥଣ୍ଡା କରେ ।

୨୧ ସିଧା—( ନରବଳି, ନରବଧ ) ଏଠାରେ ଭେଦୀମାନେ 'ମଧ୍ୟ' ଶବ୍ଦଟିକୁ ଲକ୍ଷ୍ୟ କରିବା ଉଚିତ । ନରବଳି ଭଳି ନୃଶଂସ କାଣ୍ଡ କେବଳ ଦେବତାଙ୍କ ନାମରେହିଁ ଏଦେଶରେ ସମ୍ଭବ ହେଉଥିଲା ମାତ୍ର ନରବଧ ଅନ୍ୟ ନାମରେ ଅନ୍ୟ ସ୍ଥାନରେ (ଯେପରି ଧର୍ମନାମରେ, ସ୍ତ୍ରୀ ବା ପ୍ରେମିକା ପାଇଁ ଦେଶପାଇଁ, ରଣକ୍ଷେତ୍ରରେ) ନରବଧ ଯେଉଁଳି ସମ୍ଭବ ହେଉଥିଲା ଦେବତାଙ୍କ ନାମରେ ମଧ୍ୟ ସେହିପରି ସମ୍ଭବ ହେଉଥିଲା ।

୨୨ ସିଧା—(ମଣ୍ଡୁ, ମଜା) ମଣ୍ଡୁକୁ ଯେ ଥରେ ଚାଖିଛି ସେ ଅନ୍ୟାନ୍ୟ ଭଲଭଲ ମିଠା ପାଇଲେ ତାକୁ ଛାଡ଼ି ଦେଇପାରେ କିନ୍ତୁ 'ମଜା' ଜିନିଷଟାର ପ୍ରକୃତରୂପରେ ଅଛି କିଛି ସେପରି ଜିନିସ ନାହିଁ ଯାହାକୁ ପାଇଲେ ଲୋକ ମଜାଟାକୁ ଛାଡ଼ିଦେବ ।

ସେହିପରି ୨୦ ଉପର ତଳରେ ରାହୁ ନହୋଇ ରାଜା ହେବ । କାରଣ ରାହୁଙ୍କ ଦୃଷ୍ଟି ପଡିଲେ ବହୁ ଲୋକଙ୍କ ଭାଗ୍ୟ ଫେରିଥାଏ ଅର୍ଥାତ୍ ସୌଭାଗ୍ୟ ଉଦୟ ହୁଏ କିନ୍ତୁ ରାଜାଙ୍କ ଦୟାରେ ବା ପ୍ରସାଦରେ କେତେଟା ଲୋକ ଭାଗ୍ୟବାନ ହୋଇଛନ୍ତି । ଧରିବାକୁ ଗଲେ ଅତି ଅଳ୍ପ ।

୨୭ ତଳ—(ରସାଳ, ରସାଣ) ରସାଳ ବା ରସାତ୍ମକ ବାକ୍ୟ ପ୍ରୟୋଗ କରି ଜୀବନର ଗତି ବଦଳାଇ ହୁଏ ନାହିଁ ରସାଣ ବା ରସାଣ ଦିଆ ଶାଣିତ ବାକ୍ୟ ଦ୍ୱାରା ତାହା ସମ୍ଭବ ହୁଏ । ତାହା ମଧ୍ୟ କେତେକ ସ୍ଥାନରେ ।

## ବିଜ୍ଞପ୍ତି

ଏତଦ୍ୱାରା ଧନ୍ଦାଭେଦୀମାନଙ୍କୁ ଜଣାଇ ଦିଆ ଯାଉଛି ଯେ ୫୦୲ରୁ ଊଣା ପୁରସ୍କାରମାନ ପଠାଇବା ଦ୍ୱାରା ଅଯଥା ଖର୍ଚ୍ଚାନ୍ତ ହେବାରୁ ଆମ୍ଭେମାନେ ସ୍ଥିର କରିଛୁ ଯେ ସେସବୁ ଅଫିସରେ ରକ୍ଷିତ ରଖିବୁ ଏବଂ ପୁରସ୍କାର ପ୍ରାପ୍ତ ଧନ୍ଦାଭେଦୀମାନେ ପୁନଶ୍ଚ ପ୍ରତିଯୋଗିତାରେ ଯୋଗ ଦେଉଥିଲେ ଶବ୍ଦଧନ୍ଦା ଉତ୍ତରରେ ସେମାନଙ୍କର କେତେ ପୁରସ୍କାର ଓ କେଉଁ ଶବ୍ଦଧନ୍ଦା ବାବଦ ପୁରସ୍କାର ତାହା ଉଲ୍ଲେଖ କଲେ ସେମାନଙ୍କର ପ୍ରବେଶିକା ଫି ବାବଦକୁ କଟି ଯାଉଥିବ । ଏହି ପୁରସ୍କାର ସମୁଦାୟ ମଜୁରି ନହେବା ପର୍ଯ୍ୟନ୍ତ ସେମାନେ ବିନା ଟିକଟରେ ଉତ୍ତର ପଠାଇ ପାରନ୍ତି । ଯଦି କୌଣସି ଭଦ୍ରବ୍ୟକ୍ତି ଏଥିରେ ରାଜି ନହୁଅନ୍ତି ତେବେ ପତ୍ରଦେଲେ ପୁରସ୍କାର ମ: ଅ: ଯୋଗେ ପଠାଇ ଦିଆଯିବ ।

Digitized by srujanika@gmail.com




**ସହକାର—ଦଶମ ସଂଖ୍ୟା—ମାଘ**

'ଓଡ଼ିଶାର ଗ୍ରାମ୍ୟ ଗୀତରେ କରୁଣ ରସ' ଶୀର୍ଷକ ପ୍ରବନ୍ଧରେ ଲେଖକ ବାବୁ କେତେ-ଗୁଡ଼ିଏ କରୁଣ ରସାତ୍ମକ ଗ୍ରାମ୍ୟ ଗୀତର ନମୁନା ଦେଇଛନ୍ତି । ଗୀତରେ କରୁଣ ରସହିଁ ମିଠା, ଏବଂ ସେ ମିଠା ଓଡ଼ିଆ ଗୀତରେ ବହୁତ ପ୍ରବଳ ।

ରବି ଓ ପ୍ରକୃତି—ଶ୍ରୀ ବଇଦନାଥ ଦାସ । କବିତାଟି ମଧୁର ଓ ସୁଖପାଠ୍ୟ ।

ଓଡ଼ିଆ ସାହିତ୍ୟରେ ଅଷ୍ଟ ନାୟିକା—ଶ୍ରୀମତୀ ସରଳା ଦେବୀ । ଏ ପ୍ରବନ୍ଧଟି ଲେଖିକାଙ୍କର ସାହିତ୍ୟରେ ଯଥେଷ୍ଟ ଅଧିକାର ଓ ପ୍ରବେଶର ପରିଚୟ ଦିଏ । ସଙ୍ଗୀତ ସହିତ ରସ ସାହିତ୍ୟର ମେଳ କିପରି ହେଲେ ମଧ୍ୟ, ଯେଉଁଠାରେ ଦେଖାଯାଏ, ତାହା ବେଶ ଉପଭୋଗ୍ୟ ।

ଶ୍ରୀଯୁକ୍ତ ବାଳକୃଷ୍ଣ କରଙ୍କର ଶିକ୍ଷା—ସମ୍ମେଳନରେ ଅଭିଭାଷଣ ପ୍ରଣିଧାନ ଯୋଗ୍ୟ ।

ଡା: ବ୍ରଜବିହାରୀଙ୍କ ଯୁଗ ପରିବର୍ତ୍ତନ ଦାର୍ଶନିକ ପ୍ରବନ୍ଧ ।

ଶ୍ରୀ କୁବେର ଦଳାଇଙ୍କ 'ବୁଢ଼ାବର' ଯେପରି ମୌଳିକ ସେହିପରି ମଜାଦାର । ଯେ ପଢ଼ିବ ସେ ଆନନ୍ଦ ପାଇବ—ଏକା ବୁଢ଼ାବର ଗପ ।

ଠେଙ୍ଗା ଲଗି—ଶ୍ରୀ ଶ୍ୟାମସୁନ୍ଦର ମହାନ୍ତି । କ୍ଷୁଦ୍ର ଗଳ୍ପଟି ବଡ଼ କରୁଣ ଓ ରସାତ୍ମକ । ଲେଖା ମଧ୍ୟ ସୁନ୍ଦର ।

ଦୃଷ୍ଟି ଭୂଭବର୍ଷ—ଶ୍ରୀ ପଦ୍ମଚରଣ ପଟ୍ଟନାୟକ । ପୁଅଟି ଜନ୍ମଦିନ ଉପଲକ୍ଷେ ଲେଖା ହୋଇଥିବ । କବିଙ୍କୁ ଅଭିନନ୍ଦନ କରୁଛୁଁ ।

ସ୍ୱପ୍ନ ଓ ବାସ୍ତବ—ଶ୍ରୀ ଅନନ୍ତ ପଟ୍ଟନାୟକ । ଗଳ୍ପଟି ଉଚ୍ଚ ଭାବ ସମ୍ବଳିତ । ଭାବିବାର କଥା ଅନେକ ଅଛି କିନ୍ତୁ ପ୍ରାଣକୁ ଲାଗେ ନା ।

ନୂଆ ?—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର କାଳନ୍ଦୀ ଚାବୁକର "ଜଗତ ଭିତରେ କିଛି ହୋଇ ନାହିଁ ନୂଆ" ଶୀର୍ଷକ କବିତାର କୌତୁକକର ଉତ୍ତର । ଖାଣ୍ଟି humour ଅଛି ।

ଗଳ୍ପ ନୁହେଁ—ଶ୍ରୀ ହରି [illegible] । ଯଦି ଗଳ୍ପ ନୁହେଁ, ତେବେ ସେ ସମ୍ବନ୍ଧରେ ଆମର ଆଉ କହିବାର କଣ ଅଛି ! ତେବେ ନଗ୍ନ ସତ୍ୟ କାହାରେ ହାତରେ ପଡ଼ି ଶ୍ରୀ ଧରି ପ୍ରତିମୂର୍ତ୍ତି ପରି ବେଶ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇଛି ବୋଲି କହିପାରୁଁ ।

ପ୍ରତିଭା ଓ ପ୍ରତିଷ୍ଠା ଭିତରେ ଶ୍ରୀଯୁକ୍ତ ଗୋପାଳ କାନଗୋଇ ମହାତ୍ମା ମାର୍କସ ଓ ଲେନିନଙ୍କ କଥା ଲେଖିଛନ୍ତି । ଓଡ଼ିଆ ସାହିତ୍ୟକୁ ଗୋଟିଏ ମୂଲ୍ୟବାନ ଅବଦାନ ।

ମୁକ୍ତ ପଥେ—ତୋରଣ ନୂଆ ତୋଳ—ଶ୍ରୀ ଅନନ୍ତ ପଟ୍ଟନାୟକ ।

ଦାଆହାଣରୁ କବିତା, ମନ୍ଦ ହୋଇନାହିଁ । ଏଥର ସହକାରରେ କେତେ ଗୁଡ଼ିଏ ୟୁରୋପୀୟ ବ୍ୟଙ୍ଗଚିତ୍ର ଦିଆ ହୋଇ ଏ ସଂଖ୍ୟାର ଉପାଦେୟତା ବଢ଼ାଇଛି ।

**ଭଞ୍ଜପ୍ରଦୀପ—ପୌଷ—୨ୟ ସଂଖ୍ୟା**

ନାରୀ ସମସ୍ୟା—ଶ୍ରୀ ଶଶିଭୂଷଣ ରାୟ । ଚିନ୍ତାଶୀଳ ପ୍ରବନ୍ଧ । ସେକାଳର ସ୍ତ୍ରୀଶିକ୍ଷା ସହିତ ଏକାଳର ଦୃଷ୍ଟିକୋଣକୁ ଖାପ ଖୁଆଇ କଣ କଲେ ଭଲ ହେବ, ତାହା ସରଳ ଭାବରେ ଆଲୋଚିତ ହୋଇ ଅଛି ।

ନିବେଦନ—ଶ୍ରୀ ନବକିଶୋର ଦାସ । କବି ନବକିଶୋରଙ୍କର କବିତା ନୁହେଁ, ପେୟ । ସୁଖ ପାଠ୍ୟ ।

ସଞ୍ଚାର—ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ । ଆଗ କାଳର କବିମାନେ ପକ୍ଷୀ ଶରୀର ଦାବି କରିଥିଲେ ଏବେ କବି ମନୋଜଙ୍କ ଏକ ବସ୍ତୁ ଶରୀର ଦାବୀ କରିଛନ୍ତି । ତାହା କୁଆଡ଼େ ତହୁଁ ଠାଣୁଅଁ ଯାଉ !

ଯାହା ଆଖିରେ ପଡ଼େନା—ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ । ଯେତ ଏକା ଅନେକ କଥା ସମସ୍ତଙ୍କ ଆଖିରେ ପଡ଼େନା; ମାତ୍ର ତୀକ୍ଷ୍ଣ ବା ତୀବ୍ର ଆଖି ଥିଲାବାଲାର ଆଖିକୁ ଏଡ଼ାଇବା ସହଜ ନୁହେଁ । ବଡ଼ାଳ ମହାଶୟ ସେହିପରି ଗୋଟିଏ ଛୋଟ ମାମୁଲି କଥାକୁ ବଡ଼ କରି ଆଖିରେ ପକାଇ ଦେଇଛନ୍ତି । ଧନ୍ୟବାଦ ।

ଓଡ଼ିଆ ପାଠ୍ୟ ପୁସ୍ତକ ସମସ୍ୟା—ଶ୍ରୀ ପଦ୍ମଚରଣ ପଟ୍ଟନାୟକ । ଓଡ଼ିଆ ପାଠ୍ୟ ପୁସ୍ତକ ଦୁର୍ଗତିରେ ବ୍ୟଥିତ ହୋଇଛନ୍ତି । ସାହିତ୍ୟରେ ଶକ୍ତିର ଅପଚୟ କରୁଛି କିଏ, ମୂର୍ଖ ବଣିକ ବା କାହାର ? ଅତଏବ ଅରଣ୍ୟେ ରୋଦନ । ତେବେ ନକହି ରହି ହୁଏନା ।

ବାତାୟନ—କବିତା—ଶ୍ରୀ ନିଶେଶ ଚନ୍ଦ୍ର ଦେ; କବି ରୂପସୀ ଯୁବତୀର ଶୋଭାକୁ ବାତାୟନ ବାଟେ ନିରୀକ୍ଷଣ କରି ମୁଗ୍ଧ ହୋଇଛନ୍ତି । ବେଶ ମଧୁର ଭାବରେ ତାଙ୍କ ପ୍ରାଣର ବେଦନା ଫୁଟି ଉଠିଛି ।


# ତିନୋଟି ପରୀକ୍ଷିତ ମୋଦକ ।

ଏକ—ଅଫିମ ଛାଡ଼ିବାକୁ "ଶଶାଙ୍କ କିରଣ ମୋଦକ" ବ୍ୟବହାର କରନ୍ତୁ । ମୂଲ୍ୟ—ଗୋ ୧୭ଟାକୁ ଏକଟଙ୍କା ମାତ୍ର

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ
ମୂଲ୍ୟ—୧୨ ଟାକୁ ଏକଟଙ୍କା ମାତ୍ର ।

ତିନି—ସନ୍ତାନ ପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସରେ "ଦୈବଚୂର୍ଣ୍ଣକ" ବ୍ୟବହାର କରନ୍ତୁ । ମୂଲ୍ୟ - ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ କବିରାଜ ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ । ଆୟୁର୍ବେଦିକ ଫାର୍ମେସୀ, ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com

# ସଦୁପଦେଶ (?)

## ପ୍ରଶ୍ନୋତ୍ତର

— ଖବର କାଗଜରେ ଭଲ କଉ କଣ ପଢ଼ିବ ?

···କର୍ମ ଖାଲି (Wanted) ପୃଷ୍ଠା ।

— ସ୍କୁଲ କଲେଜ ପିଲାଙ୍କର ଦୁହୁଁଠାରୁ ପ୍ରିୟ କଣ ହେବା ଉଚିତ ?

···ସିନେମା ଷ୍ଟାରଙ୍କ ଫଟୋ ।

— ନିଜ ପ୍ରତି ଅନ୍ୟର ଚିତ୍ତ ଆକୃଷ୍ଟ କରି-ବାର ସବୁଠାରୁ ଅମୋଘ ଉପାୟ କଣ ?

···ଧକେଇ କାନ୍ଦିବା ।

— ପୁରୁଷକୁ ଅଭିଭୂତ କରିବାର ସ୍ତ୍ରୀର ପ୍ରଧାନ ଅସ୍ତ୍ର କଣ ?

···ସକେଇ କାନ୍ଦିବା ।

— କଷାକ୍ତ ରୋଗରୁ ଅତ୍ମରକ୍ଷା ପାଇଁ ଭାରତବାସୀ କଣ କରିବେ ?

···ପାଣିରେ ବୁଡ଼ ରହିବେ ।

— ଦୁଃଖ ପଡ଼ିଲେ କଣ କରିବ ?

···କାନ୍ଦ ମାଡ଼୍ ନଥିଲେ ଅଖିରେ ଲଙ୍କା ମାରି କାନ୍ଦ ପକାଇବ ।

— ଇଂରେଜ ଜାତି ଏ ସଙ୍କଟରେ କଣ କରିବେ ?

···ଗାନ୍ଧୀ ଠାରୁ ଅହିଂସା ଶିଖିବେ ।

— ବଡ଼ ହେବାର ଉପାୟ କଣ ?

···ଲକ୍ଷେ ଯୁବତୀଙ୍କ ଚିଠି ଧରିବା ।

— ନେତା ହେବାର ଉପାୟ କଣ ?

···କଥାରେ କାମରେ ତଫାତ୍ ରଖିବା ।

— ଲେଖକ ହେବାର ଉପାୟ କଣ ?

···ନେଇ ଅନ୍ୟ ଥୋଇ ପାରିବା ।

— ଖଦି ଛଡ଼ାଇବାର ଉପାୟ କଣ ?

·· ସଭାରେ ବକ୍ତୃତା ଦେବା ।

— ଗୃହୀ ଅଦାୟର ସୁବିଧା ଉପାୟ କଣ ?

···ଜମିଦାରୀ ପ୍ରଥା ଧ୍ୱଂସ ହେଉ କହିବା ।

— ତମ ଲେଖା ସମ୍ପାଦକ ନ ଛାପିଲେ କଣ କରିବ ?

···ଅପଣା ସ୍ତ୍ରୀର ନାମ ଦେଇ ପଠାଇ ଦେବ ।

— ବେକାର ହେଲେ କଣ କରିବ ?

···ଧର୍ମଘଟ କରିବାକୁ ମତେଇବ ।

— ଶତ୍ରୁ ସାଙ୍ଗରେ ପଟ ଦେଇ ନପାରିଲେ କଣ କରିବ ?

···ପୃଷ୍ଠ ଭଙ୍ଗ ନ ଦେଇ ପଳାୟନ ।

— ନିଜକୁ ଦୁର୍ବଳ ମନେ କଲେ କଣ କରିବ ?

···ପରୋକ୍ଷରେ ଶତ୍ରୁର ନିନ୍ଦା ।

— ସ୍ତ୍ରୀ ବାଗ ନମାନିଲେ କଣ କରିବ ?

···ଦେହି ପଦ ବଲ୍ଲଭ ମୁଦାରଂ ।

— ପୁରୁଷ ଅବାଗିଆ ହେଲେ ସ୍ତ୍ରୀ କଣ କରିବ ?

···ନାକରେ ଦଉଡ଼ି ଲଗାଇ ଟାଣିବ ।

— କନିଆ ନ ମିଳିଲେ କଣ କରିବ ?

···"ମୁଁ ବାହା ହେବ ନାହିଁ" ବୋଲି ଗୁରୁଥଡ଼େ କହିହେବ ।

— ଝିଅକୁ ବର ନମିଳିଲେ କଣ କରିବ ?

···ନାଚ, ଗାନ ଶିଖାଇବାକୁ ମାଷ୍ଟର ରଖିବ ।

---

(ତିଟାଇ ୭ମ ପୃଷ୍ଠା ଉତ୍ତରୁ)

ତେବେ ବିଲାତି ଔଷଧ ସବୁ ବନ୍ଦ କରି ଦେବା ଯଦି ଉଦେଶ୍ୟ ହୋଇଥାଏ ତାହେଲେ ସ୍ୱଦେଶ — ପ୍ରୀତି ଚରମ ସୀମାରେ ପହଞ୍ଚିଛି କହିବାକୁ ହେବ । କଂଗ୍ରେସ୍ ଲୋକେ constitution ବା ଶାସନ ଖସଡ଼ା ଭାଙ୍ଗି ନପାରି ଡାକ୍ତରଖାନା ଭାଙ୍ଗିଲେ ଓ ସ୍କୁଲ କଲେଜ ବନ୍ଦ କଲେ । Let the dogs bark. His Majestys Government must be carried on ଏ ସବୁର ପରିଣତି କେଉଁଠି ଦେଖିବାକୁ ବାକି ରହିଲା ।

ତେବେ ବାଲେଶ୍ୱରରେ ଗୋଟାଏ ଲୁଣ କାରଖାନା ଓ ବନ୍ଦର ହେବାର ପ୍ରସ୍ତାବ ଚାଲିଛି । ହେଲେ ଟପଇସା ଲୋକଙ୍କ ହାତକୁ ଅସିବ । ଗୋଟାଏ ଚିରସ୍ଥାୟୀ ଚିତ୍ର-ଭବନ (permanent Talkie House) ହୋଇ ସହରଟାକୁ ବେଶ୍ ସର୍‌ଗରମ୍ କରିଛି । ଏଣିକି ବାଲେଶ୍ୱର ବାସୀ ସେମାନଙ୍କର ଦୁଃଖ ଶୋକ ସବୁ ଭୁଲିଯିବେ । ବାବୁମାନେ ଅଜସରୁ । ଅବ-ଧାନ । ଇତି ।

ବସବା,
ପୋ: ଅ:
ବାଲେଶ୍ୱର
୧-୫-୩୯ ।
} ଶ୍ରୀ ବୈଦ୍ୟନାଥ ପାଣ୍ଡ, ବି,ଏ

---

## ଆରୋଗ୍ୟ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ଯେପରି ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଲ୍ୟରୁ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଅମ୍ଳର ଏହି ମୋଦକ ଦୈନିକ ରାତ୍ରି ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରିବାର ସକାଳେ ଭଲ ଭାବରେ ଗୋଟିଏ ପୋଖରୀ ହୋଇଯିବ ତରଳ ହେବ ନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ, ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଅରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ପକାଇ ଦିଏ । ପରେ ଔଷଧ ସେବନ ନକଲେ ସ୍ୱାଭାବିକ ନିୟମିତ ଝାଡ଼ା ହୋଇଥାଏ ।     ମୂଲ୍ୟ ୧୬ମାତ୍ରାକୁ ଟ୧୯ ( ଏକଟଙ୍କା ) ୩୦ ମାତ୍ରାକୁ ଟ୧୵ ମାତ୍ର ।

Digitized by srujanika@gmail.com

# ମଜା-କବିତା

## ପାନ-ଦେବତା

—ଶ୍ରୀ କୁବେର ଦଳାଇ

—୧—

ସରଗ ପୁରୁ ଖସି
ମନ ଖୁସିରେ ବସା ବାନ୍ଧିଛୁ ଓଡ଼ିଶା ଦେଶେ ଆସି
ଓଡ଼ିଆ ସବୁ ଗ୍ରାହକ ଜଣେ
ଦେଖିଲ ନାଇ ତିନି ଭୁବନେ
ଗୁଣ ଦେହରେ ଜୋକ ପରି ଏ ଲାଗି ରହନ୍ତି ବସି
ଓଡ଼ିଶା ଦେଶବାସୀ ।

—୨—

ବହୁତ ଯୁଗ ବସି
ଯୋଗ ସାଧିଲ ଓଡ଼ିଆ, ମୋତେ ପାଇବା ଆଶା ପୋଷି ।
ଭକତ ଭାବ ଦେଖିବ କେତେ
ପଡ଼ିଲି ଖସି ତାହାର ହାତେ
ଓଡ଼ିଶା ଦେଖି ସ୍ୱରଗୁ ମୋର ମନ ଗଲାଣି ଖସି
ବହୁତ ଯୁଗ ବସି ।

—୩—

ଯିବାରୁ ବଣ ବଢ଼ି
ଉପନିବେଶ ଖୋଜିଲି ଯାଇ ମନାଷ-ଘୋଡ଼ା ଚଢ଼ି
ବଙ୍ଗଳା ଧାରେ ବୁଲାଇ ପାଦ
ବୁଲିଲି ତେଣେ ଅଲହାବାଦ
ବଳିଲା ନାହିଁ ମନ ଯିବାକୁ ଆଗକୁ ପାଦ ଝାଡ଼ି
ଯିବାରୁ ବଣ ବଢ଼ି ।

—୪—

ନାହିଁ ଯେ ମତେ ଦୁଖି
ଅଛୁଗା ଅଳ ପାଇବ କାହିଁ ମନମାଫିକା ସଖୀ ?
ଓଡ଼ିଶା-ସ୍ୱର୍ଗେ ଜନମ, ବାସ;
ତବେ କାହିଁ ଯୋଡ଼ିବ ନାଶ ?
ଦେଶରେ ଦେହୁ ଅକାମୀ ଯିନା ଜନଙ୍କ ଯିବ ଚଖି
ନାହିଁ ଯେ ମୋତେ ଦୁଖି ।

—୫—

ପାଶେ ମୁଁ ଯେବେ ଜୁଟେଁ
ରସିକ ବଳ ଶିରୁ ଶିରରେ ପୀରତି ଫୁଲ ଫୁଟେ
ପିରତି ମୋର ଦେହରୁ ଝରେ
ମୃତା ମୃତଙ୍କ ଚାଖିଲେ ଥରେ
ଅମା ଉଷାରେ ଅଭିସାରକୁ ଉଚ୍ଛନ ମନ ଛୁଟେ
ପାଶେ ମୁଁ ଯେବେ ଜୁଟେଁ ।

—୬—

ନଥିଲେ ମୁହିଁ ଘରେ
ସାଇ ପଡ଼ିଶା ଧରନ୍ତି ଆସି ଦୁଃଖରେ ମନ ମରେ ।
ଦାନ୍ତ ନୁଆଁରେ ନାଗେଇ [illegible]
ପାନେଇ ବୁଢ଼ା ବାହୁଙ୍କ ଛାହିଁ
ଏତେଙ୍କୁ ସେଠା ହୋଇ କାମରେ ମନଟା ନାହିଁ ଧରେ
ନଥିଲେ ମୁହିଁ ଘରେ ।

—୭—

ଶକତି ମୋର ଟାଣ
ଦାନ୍ତ ସାଙ୍ଗରେ ଲଢ଼େଇ କରି ମାରେ ମୁଁ ତାକୁ ବାଣ
ଦାନ୍ତ ବା ଛାର ପାରିବ କାହିଁ
ଅନୁପେ ହଟି ପଡ଼ଇ [illegible]
ଏଡ଼େ ହାତକୁ ମନାଷ କବା ସୁଝିବ ମୋର ରଣ
ଶକତ ମୋର ଟାଣ ।

—୮—

ରହଇ ଚନ୍ଦ୍ର ହଟି
ଦେଖିବ ବୋଲି ଯେ ରୂପ ଥରେ ଉପନ ନାହିଁ ଭେଟି
ସେ ନୃଅବୋଢ଼ ଛଅଁଳ କର
ଛୁଅଇଁ ମୋତେ ଥରକୁ ଥର
ପ୍ରେମ ରଙ୍ଗରେ ହାଲିଆ ନାଠ, ନିମିଷେ ନାହିଁ ଛୁଟି ।
ରହଇ ଚନ୍ଦ୍ର ହଟି ।

—୯—

ଖରାପ ଦଶା ଆସି
ଧୋଟି ଗଲାଣି ଏ ଦେଶ ନଭେ ଛାଁ ଗଲାଣି ଶଶି ।
ଉଠିଲେ ମାତ୍ର କଂଗ୍ରେସ ଦଳ
ଜଣକୁ ଜଣ ଦଳକୁ ଦଳ
ଦଳୁଛି ମୋର ସାଥିବେ, ଅଣ୍ଡା ଉଡ଼ି ଦେଲେଣି କପି ।
ଖରାପ ଦଶା ଆସି ।

—୧୦—

ଯାଉଛୁ ଏବେ ବନ୍ଧୁ
ମୋ ପାଇଁ ପଛେ ଝୁରିବ ନାହିଁ ଲୁଣି ମୋ ଗୁଣ-ସିନ୍ଧୁ
ତମ ଦୋଷକୁ ଯାଉଛି ଭୁଲି
ଦାନ୍ତକୁ ପିଠ ଚାହନ କାଲି,
ମୁହିଁ ବାସନା ହଜିବ, ଶୁଖି ବୁଝିବ ପ୍ରେମ-ବନ୍ଧୁ
ଯାଉଛୁ ଏବେ ବନ୍ଧୁ ।

Digitized by srujanika@gmail.com

# ମହା ମିଳନ ।

## (ଏକାଙ୍କିକା ନାଟିକା)

[ପୂର୍ବ ପ୍ରକାଶିତ ଅଂଶରୁ]

ଗାନ୍ଧି — ହଉ, ହିନ୍ଦୁ ମୁସଲମାନ ମିଳନ ପାଇଁ ଏହା କରାଯାଇ ପାରେ—ଆପତ୍ତି ନାହିଁ ।

**ଅଗା** — ଆପତ୍ତି ଗୋଟିଏ କଥାରେ; କଣ କି ଇଂରେଜ ଅକ୍ଷର ଗୁଡ଼ାକ ବାଆଁରୁ ଡାହାଣକୁ ଲେଖାଯାଏ — ସେପରି ଦେବନାଗରୀ । କିନ୍ତୁ ଉର୍ଦ୍ଦୁ ଲେଖାହୁଏ ଡାହାଣରୁ ବାଆଁକୁ । ଏଣୁକରି ସେମାନ ଅକ୍ଷର ଦେବନାଗରୀର ଜାତ ଭାଇ ।

ଗାନ୍ଧୀ—ସେଥିକି ଉପାୟ କଣ ?

**ଅଗା** — ମୁସଲମାନ ଆପତ୍ତି କରିବେ ଯେ । ଇଂରେଜ ଅକ୍ଷର ହେଉ, କିନ୍ତୁ ଡାହାଣରୁ ବାଆଁକୁ ଲେଖିବା କଥା ହେଉ ।

ଗାନ୍ଧୀ—ହିନ୍ଦୁ ଆପତ୍ତି କରିବେ ତହିଁରେ । ବରଂ ଏ ସମ୍ବନ୍ଧରେ ବି ଗୋଟିଏ ମଝିମଝି ପନ୍ଥା ଦେଖାଯାଉ ।

**ଅଗା**—ଆପଣ କହନ୍ତୁ ମହାତ୍ମା ।

ଗାନ୍ଧୀ — ଚୀନା ଅକ୍ଷର ଦେଖିଛନ୍ତି ତ ! ଉପରୁ ତଳକୁ ଲେଖାଯାଏ । ଇଂରେଜି ଅକ୍ଷର ହେବ, ଚୀନା ପରି ଉପରୁ ତଳକୁ ଲେଖା ହେବ — ତାହେଲେ ହିନ୍ଦୁ ବା ମୁସଲମାନ କାହାରି ଆପତ୍ତି ରହିବ ନାହିଁ ।

**ଅଗା** — ଅତି ସୁନ୍ଦର ପ୍ରସ୍ତାବ । ନୋହିଲେ କି ଆପଣ ମହାତ୍ମା ! ଏ ବୋଧହୁଏ ଆପଣଙ୍କର ଅନ୍ତର ଡ଼ାକ । (inner voice) !

ଗାନ୍ଧୀ—ଆଉ କଣ ରହିଲା, ମହାଶୟ ?

**ଅଗା**—ଆଉ କିଛି ନାହିଁ । ଏତିକି ହୋଇଗଲେତ ଆମେ ଗୋଟିଏ ଜାତି, ଗୋଟିଏ ଦେଶ, ଗୋଟିଏ ଶାସନ ହୋଇଗଲୁଁ । (one country, one people, one government)

ଗାନ୍ଧୀ—ଗୋରୁ ହାଣିବା କଥା ?

**ଅଗା**—ସେ କଥା ପକାଇଲେ ଧର୍ମରେ ହାତ ଦେବାକୁ ପଡ଼ିବ ।

ଗାନ୍ଧୀ—ନାହିଁ — ଯଦି ଆପୋଷରେ ହୋଇ-ପାରେ । କୋରବାନରେ ଗୋରୁ ବଦଳରେ ଯଦି ଅଉ କିଛି·····

**ଅଗା** — ତେବେ ଛେଳି ?

ଗାନ୍ଧୀ — ଛେଳି ଯେ ମୋର ଲହୁବଗା ଖୁଆଡ ! ସେ ଡ଼ା ହେଲେ······

**ଅଗା** — ଘୋଡ଼ାତ ମୋର ଗୋଟ ।

ଗାନ୍ଧୀ — ଏକ ବେଳେ ଉଠାଇ ହେବନାହିଁ ?

**ଅଗା** — ଖାଲି ମନ୍ଦରରୁ ବଳଦଟି ପାରିବତ ?

ଗାନ୍ଧୀ — ଅସମ୍ଭବ ।

**ଅଗା** — ତେବେ ଏଇ ଅସମ୍ଭବ ।

ଗାନ୍ଧୀ — ଓଃ ହେଲେ ଚଳନ୍ତା ।

**ଅଗା** — ବଡ଼ ଦାମିକା ଜନ୍ତୁ — ବା ଉପରେ ଦୁଷ୍ପ୍ରାପ୍ୟ । କ୍ଷମା କରାଯାଉ ।

ଗାନ୍ଧୀ — ବଡ଼ଲାଟ ମନଉଣା କରିବେ ।

**ଅଗା** — ଏ କଥାଟିରେ ଆମ ଦୁହିଙ୍କ ମତ ଯେତେବେଳେ ମିଳୁନାହିଁ — ଆଉ ଜଣେ ମଧ୍ୟସ୍ଥଙ୍କୁ ପଚାରି ହେଉ । ସୀମାନ୍ତ ଗାନ୍ଧୀ ଗଫୁରଖାଁଙ୍କୁ ଡାକନ୍ତୁ ।

ଗାନ୍ଧୀ — ଆଉ ଜଣେ ହିନ୍ଦୁଙ୍କୁ ଡକାଯାଉ । ରାଜେନ୍ଦ୍ର ପ୍ରସାଦ ।

(ଗଫୁରଖାଁ ରାଜେନ୍ଦ୍ରବାବୁ ପ୍ରବେଶ)

ଗାନ୍ଧୀ — ଆପଣ କହନ୍ତୁ ଖାଁସାହେବ — ଏପରି ଏକ ଜନ୍ତୁର ନାମ ଯେଉଁ ହିନ୍ଦୁର ବଳି କାମ ଓ ମୁସଲମାନର କୋରବାନ କାମ ଚଳାଇବ ।

**ଅଗା**-ଯଉଁଥିରେ ଧାର୍ମିକ ବାଧା ନଥିବ କୌଣସି ପକ୍ଷର ଓ ଶସ୍ତା ହୋଇଥିବ ।

ଗଫୁର---(ଚିନ୍ତାକରି)ଦୁମ୍ବା, ଦୁମ୍ବା !

ଗାନ୍ଧୀ — ମେଣ୍ଢା ! ବହୁତ ଅଚ୍ଛା, ଭଲ୍

**ଆଗା** — ଭେଡ଼ ! ବଢ଼ିଆ ଚପ୍ ମଟନ୍ !

ଗାନ୍ଧୀ — ରାଜେନ୍ଦ୍ରବାବୁ, ଗ୍ରାମୋଦ୍ୟୋଗ ସଂଘ ତରଫରୁ ମେଣ୍ଢା ଚାଷର ବରାତକର ।

ଗଫୁର — ହଁ ଶୀଘ୍ର କର; କାରଣ ଯେପରି ଦେଖାଯାଉଛି, **ଆମ** ସୀମାନ୍ତ ପ୍ରଦେଶରେ ବି ମେଣ୍ଢାର ଦୁର୍ଭିକ୍ଷ ପଡ଼ିବାର ସମ୍ଭାବନା ।

**ଅଗା** — ସତ ଏହା ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଅନ, ତିନିହେଁ ମିଳି ଯେତେବେଳେ ମେଣ୍ଢାଖିଆ **ଆରମ୍ଭ** କରିବେ, ଯେତେ ଚାଷ ହେଉ ପଛେ, ଭାରତରେ ଯେ ମେଣ୍ଢାଙ୍କ ଦୁଷ୍ପ୍ରାପ୍ୟ ଓ ବଂଶ ନିର୍ମୂଳ ହୋଇଯିବ, ଏହା ନିଶ୍ଚିତ କଥା ।

ଗାନ୍ଧୀ — ସେ ଭୟ ମୋର ବି ହେଉଛି — କିନ୍ତୁ ଉପାୟ କଣ ଖୋଜି ପାଉନାହିଁ ।

(ସମସ୍ତେ ଚିନ୍ତା କରିବାକୁ ଲାଗିଲେ)

ରାଜେନ୍ଦ୍ର — [ଚିହ୍ନିକି ଉଠି] ମହାତ୍ମାଜୀ — ଖୁବ୍ ଉପାୟ ଅଛି ।

ସକଳେ — କଣ, କଣ ?

ରାଜେନ୍ଦ୍ର — ମେଣ୍ଢାର ଅଭାବ ବା ଅନାଟନ ଆମର କେବେ ହବ ନାହିଁ ।

ସକଳେ — କିରକମ ରାଜେନ୍ଦ୍ରବାବୁ ?

ରାଜେନ୍ଦ୍ର — 'ଓଡ଼ିଆ' ନାମକ ଏକ 'ଦ୍ୱିପାଦପଶୁ' ଜନ୍ତୁ ଅଛି — ସେମାନଙ୍କର ଅନ୍ୟ ନାମ — ମେଣ୍ଢା'ଏ କଥାରେ ସନ୍ଦେହିଛ ବିଶ୍ୱକୋଷକୁ ଦେଖନ୍ତୁ, ଅବା ରବି ଠାକୁର, ପି: ସି: ରାୟଙ୍କ ଭଳି ବଡ଼ ବଙ୍ଗାଳୀଙ୍କୁ ପଚାରନ୍ତୁ ।

ଯଦି ଗୁରୁଗୋଡ଼ିଆ ମେଣ୍ଢାର ଅଭାବ ପଡ଼େ, ତେବେ ଓଡ଼ିଶା ଯେତେବେଳେ ସେତେବେଳେ ଯୋଗାଇ ପାରିବ ।

ଗାନ୍ଧୀ—ଭଲ ପଶମ ମିଳିବତ ?

ରାଜେନ୍ଦ୍ର—ହଁ, ଭଲବି ମିଳିବ । ଖୁବ୍ ଉମ୍ଦା ଉଲ୍ । ଡ଼େଲଙ୍ଗ ଠେଇଁ ଆପଣ ଅଗ୍ରଣୀ ହରିହରଙ୍କୁ ଦେଖିଥିବେ !

ଗାନ୍ଧୀ—ହଁ, ଦେଖିଥିଲି—କିନ୍ତୁ ଉଲ୍ଟା ପରୀକ୍ଷା କରିନାହିଁ ।

ରାଜେନ୍ଦ୍ର — ନମୁନା ଦରକାରତ ? ଏବେହିଁ ପଣ୍ଡିତ ନୀଳକଣ୍ଠଙ୍କୁ ଟେଲିଗ୍ରାମ କରି-ଦେଲେ ସେ ସତ୍ୱରରେ ଆସିଯିବେ ।

ଗାନ୍ଧୀ — ଓଡ଼ିଶାରେ ପ୍ରଚୁର ଷେଣ୍ଢ ଅଛି — କିନ୍ତୁ ସେମାନେ କିଛି କରୁ ନାହାନ୍ତି । ଓଡ଼ିଆଙ୍କ ଦାରିଦ୍ର୍ୟ ଘୁଞ୍ଚାଇବାର ଏ ଗୋଟିଏ ପ୍ରବଳ ପନ୍ଥା'ଏକା ।

ସରଦାରଜୀଙ୍କୁ କହିଦିଅ ସେଠା ମନ୍ତ୍ରୀମଣ୍ଡଳକୁ ଅର୍ଡ଼ର ଦିଅନ୍ତୁ ଏଇ ସେସନରେ ଗୋଟିଏ ବିଲ ଆଣିବେ କି ଓଡ଼ିଆ ମାତ୍ରେ ବାଧ୍ୟତାମୂଳକ ଉଲ୍ କଲଚର କରିବେ ।

ସକଳେ—ହଁ,ହଁ ।

( ମଳା ନରଗଳ )

Digitized by srujanika@gmail.com



## ନାଗବନ୍ଧୁଙ୍କ କଲମରୁ

### ନାରୀ-ଜାଗରଣ

ସ୍ନେହର ନାଗ ଭାଇ ଓ ଭଉଣୀ ମାନେ !

ମୁଁ ତୁମ ମାନଙ୍କର ଏକ ନୂଆ ଭଉଣୀ। ପଲ୍ଲୀ ଗାଁରେ ମୋର ଜୀବନ ପ୍ରଭାତଟି କଟିଛି। ଅମ୍ଭମାନଙ୍କ ମଧ୍ୟରେ ଏକ ବିରାଟ ସମ୍ମେଳନ ଗଠନ କରିବାର ସାଧୁ ପ୍ରୟାସ ରଖି 'ଡଗର' ସମ୍ପାଦକ ନାଗବନ୍ଧୁ ବିଭାଗ ସୃଷ୍ଟି କରି ଅଛନ୍ତି। ତାଙ୍କ ଉଦ୍ୟମ ବଡ଼ ପ୍ରଶଂସନୀୟ। ଆଜି ନାରୀ ସମାଜର, ଯେ କରୁଣ ଚିତ୍କାରର ଧ୍ୱନିଟି ଭାସି ଆସୁଛି, ଅଧିକାଂଶ କେତୋଟି ଗଢ଼ାଯାଇଥିବା ମୂଳକରେ। ସମାଜର କ୍ରୂର ଦୃଷ୍ଟିରେ ଅତି ଅବଳା ପ୍ରାଣକାତର। ସ୍ୱାର୍ଥାନ୍ୱେଷୀ ସମାଜ ପଦରେ ଉତ୍ତମସ୍ୱ ନାୟକର ତୀବ୍ର ଦୃଷ୍ଟିପାତରେ କେତୋଟି ବାଳିକା ଆଜି ସହାୟ ହୀନା ହୋଇ ଅଛନ୍ତି। ନାରୀର ସମ୍ମାନ ପ୍ରାଚୀନ କାଳରୁ ଭାରତରେ ଚିର ଅସ୍ପୃଷ୍ଟ। ଯୁଗୋଚିତ ସଭ୍ୟତାନୁସାରେ ଏବେ ମଧ୍ୟ ସେମାନଙ୍କର ସ୍ୱାଧୀନତା ଦାବୀ ଅଛି। ଅନ୍ୟାନ୍ୟ ଦେଶ ମାନଙ୍କରେ ନାରୀର ସମ୍ମାନ ଆମ ଦେଶଠାରୁ ବହୁ ଗୁଣରେ ଅଧିକ। ପୁଣି ନାରୀ ଏକ ସରଳ ଜୀବନ ଯାପନ କରି ଘୋର ଅନ୍ଧାରରେ ସଢ଼ି ତାର ଦୁର୍ଲଭ ଜୀବନକୁ ଅଜ୍ଞନତାର ମୋହ ଅବଗୁଣ୍ଠନରେ ଉତ୍ସର୍ଗ କରୁଛି। ପୁନର୍ଥରେ ଉଠି ନିଜ ଜାଣି ପାଞ୍ଚିବାକୁ ସେ ସୁଯୋଗ ପାଇ ପାରୁ ନାହିଁ। ମା'ଜାତର ମଧୁର ଝଙ୍କାର ଜୀବନରେ ଯେ ଅମିୟ ସୁଧା ଢାଳେ ତାର ମୂଳରେ କେବଳ ନାରୀର କୋମଳ ପ୍ରାଣ। ତେଣୁ ଅପରିଚିତା ଭଉଣୀ ଆଜି ତୁମ ମାନଙ୍କୁ ଅନୁରୋଧ କରେ,ଯେ ଜୀବନ ସାରା ତୁମେ ତୁମର ବନ୍ଧୁ—ଜନନୀ, ମାନଙ୍କର ମଙ୍ଗଳ କାମନାରେ ଲାଗିପଡ଼ି ନିଜ ଗାଁର ଭଉଣୀ ମାନଙ୍କୁ ଶିକ୍ଷିତା କର। ସାବିତ୍ରୀ ସୀତା ଅହଲ୍ୟା ଦମୟନ୍ତୀ ମାନଙ୍କର ଦୃଷ୍ଟାନ୍ତ ଦେଖାଇ ଦିଅ। ନଗୀଡ଼ିତା ଅବଳାର ଶୁଷ୍କ ପ୍ରାଣରେ ସାନ୍ତ୍ୱନାର ଅମୃତ ଧାରା ଢାଳିଦିଅ, ତାହାହେଲେ ନାରୀଜାତିର ଗୌରବ—ପତାକା ଉଡ଼ିବ। ବାଲ୍ୟବୈଧବ୍ୟର ତୀବ୍ର ତାଡ଼ନାରେ ପ୍ରପୀଡ଼ିତା କୌଣସି ବାଳିକାକୁ ପାଇବା ଅସମ୍ଭବ ହେବ—ଅମ୍ଭମାନଙ୍କର ଜୀବନର ଏ ଅପୂର୍ଣ୍ଣତା ଶୁଖିଯିବ—ଜଗତରେ ମାନବ ଜାତି ପୂର୍ଣ୍ଣାଙ୍ଗ ହୋଇ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତ ହେବ। ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!

ତୁମମାନଙ୍କର

ସ୍ନେହାଧୀନା—

ଶ୍ରୀମତୀ ରାଧିକା ସୁନ୍ଦରୀ ଦେବୀ

——::——

### 'ପାଷାଣ ଦେବତାର ଅଭିବ୍ୟକ୍ତି'

ହେ ନର ମାନବ !

ସୃଷ୍ଟିର ତୁମେ ଶ୍ରେଷ୍ଠ ଆସନ
କରିଅଛ ଅଧିକାର।
ଆଜି ବିଶ୍ୱ ଦୁଆରେ ନଟରାଜ ତୁମେ
ଜଗତରେ ବଳିଆର।
କାଷ୍ଠ, ପାଷାଣ କିଅବା ପବନ
ଜାଣେନା କେ ମୋର
ଜନମ ଥାନ।
କଳନା ପ୍ରିୟ ଧୂର୍ତ୍ତ ମାନବ
ଗଢ଼ିଲସେ ମୋତେ
କାମନା ଧନ
ଖୋଜେନା କେବେ ମୁଁ ପୂଜା ଆରାଧନା
ମାଗି ନାହିଁ କେବେ ଅର୍ଘ୍ୟ ଡାଲା
ଦେବତା ନାମଧେୟ ତୃପ୍ତି ପାଇଁକି
ସକଳ ଛଳନା ମାନବ ପାଲା।
ସୃଷ୍ଟିର ସେଇ ପ୍ରଥମ ଦିନରୁ
ଅଛିପାଏ ପୂଜେ ନର
କିଏସେ ପାଉଛି ଧନ ଦୌଲତ
ଅବା ସ୍ୱର୍ଗ ସାର।
ବିଶ୍ୱାସ ଆଉ କଳ୍ପନାର ମୂଳେ
ପାଇଛୁ ଯେ ଯାଇ ମୂଳ।
ତୁମର କଳ୍ପନାଶ୍ୱାସ ନେଇ
ଯୁଗେ ଯୁଗେ 'ଦେବ' ବୋଲ।
କାହିଁ ସେ ଅତୀତ କଳ୍ପନାର ଯୁଗ
ସତେକି ଆସିବ ଫେରି
ଧର୍ମର ନାମେ ହାହା ଦେଇ ଆଜି
ଦେଶେ ଦେଶେ ଦେଖ ଲୁଅ ଢେରି।
ତୁମେ କହ ମୋତେ ଦେବତା କରତା
ସୁଦେବତ୍ୱ ଶୁଭଦାତା।
'ଭାଗ୍ୟବିଧାତା' ଆଖ୍ୟାରେ ତୁମେ
ଜଣାଅ ହୃଦୟ ବ୍ୟଥା
(ହାୟ) ବିକଶିତ ତୁମ ହୃଦୟ କୁଞ୍ଜେ
ଆଜି ଯେ ଭାବନା ଜାଗେ
କାଷ୍ଠ, ପାଷାଣ ଗୌରବ ଆଜି
ଦିଅ ମୋତେ ଅନୁରାଗେ।

*

ସ୍ନେହର

ନରସ୍ତର

ଚନ୍ଦ୍ରମୋହନ

### କବି ଶେଖରଙ୍କୁ ଜଣିଚନ୍ତି କିଏ ?

କେତେ ଦିନର ପୁରୁଣା କଥା—ଓଡ଼ିଶାରେ ଥିଲେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭକ୍ତକବି ଶାରଳା ଦାସ, ଦୀନକୃଷ୍ଣ ଓ ଅଭିମନ୍ୟୁ ସାମନ୍ତ ଉତ୍କଳ ଭାରତୀ ଭଣ୍ଡାରକୁ ଏମାନେ ଗୋଟିଏ ୨ ଉଜ୍ଜ୍ୱଳ ରତ୍ନ ପ୍ରଦାନ କରିଛନ୍ତି। ତତ୍ପରେ ରାଧାନାଥ, ଗଙ୍ଗାଧର ମଧୁସୂଦନ ଓ ଫକୀର ମୋହନ ଆସିଲେ ଓଡ଼ିଆ-ଭାଷାର ଧାରା ପରିବର୍ତ୍ତିତ କରିଦେଲେ। ପୁଣି ତାଙ୍କର ପୁଷ୍ଟି-ସାଧନ ଓ ଶ୍ରୀ ବର୍ଦ୍ଧନ ପାଇଁ ଏ ରାଧାନାଥ-ଉପେନ୍ଦ୍ରଭଞ୍ଜ-ଶୂନ୍ୟ ଯୁଗରେ ମଧ୍ୟ ଭଗବାନ ଉତ୍କଳ ମାତାକୁ ବିପୁନ-ହୀନା କରି ନାହାନ୍ତି। କବିବର ଚିନ୍ତାମଣି ଭାରତୀ ନନ୍ଦନ ଓ ଉତ୍କଳର ଯୋଗ୍ୟ ନନ୍ଦନ ରୂପେ ବହୁ-ପଥ-ହରା ଉତ୍କଳୀୟ ଯୁବକଙ୍କୁ ନୀତି, ଜ୍ଞାନ ଓ ସାହିତ୍ୟର ପଥ ଦେଖାଇ ଧନ୍ୟ କରୁଅଛନ୍ତି।

ସେହି ଉତ୍କଳର ବରପୁତ୍ର କବି-ଶେଖର ଆଜି ୭୩ ବର୍ଷ ବୟସରେ ଦାରୁଣ-ବିଷାଦରେ ଦୈହିକ ଅସୁସ୍ଥତା ସତ୍ତ୍ୱେ ଯେ ଜନା ଧ୍ୟାନା ପାଠଶାଳା କନକାର କୋଳରେ ଟିକିଏ ଭଲ ପଢ଼ିବାକୁ ଥାଇଁ ଆସିଛନ୍ତି ତାହା ପାଠଶାଳା-ସନ୍ତାନ ଓ ପାଠଶାଳା ଜନନୀ ପକ୍ଷେ ଅତି ସୌଭାଗ୍ୟର କଥା। ତାଙ୍କ ପଦାମ୍ବୁଜ ସ୍ପର୍ଶରେ ପାଠଶାଳା

Digitized by srujanika@gmail.com

ଐତିହାସିକ ଓ ପ୍ରାକୃତିକ ଦର୍ଶନୀୟ ସ୍ଥାନ ସବୁ ଓ ବଲାଙ୍ଗୀର ହାଇସ୍କୁଲ—ଆର୍ଲ :ଇ: ସ୍କୁଲ, ସଂସ୍କୃତ ପାଠଶାଳା ଓ ଶିଳ୍ପ ମୂଲ୍ୟବାନ ତଥା ବଲାଙ୍ଗୀର ଓ ପାଟଣାର ସମସ୍ତ ଅନୁଷ୍ଠାନ ଧନ୍ୟ ହୋଇଛୁ । ଅଭିନନ୍ଦନ ଦେଇ "କଳିଙ୍ଗ-ସାହିତ୍ୟ-ସମିତି" ଓ ହାଇସ୍କୁଲ ଯଥାକ୍ରମେ ସାହିତ୍ୟ ସମ୍ବନ୍ଧେ ଓ ଶୃଙ୍ଖଳା-ଚରିତ୍ର ସମ୍ବନ୍ଧେ ଉପଦେଶ ପାଇ "ଯାବତ୍ ଚନ୍ଦ୍ର ଦିବାକର" ଭୁଲିବେ ନାହିଁ । ଆଜି ଏହି ସ୍ୱର୍ଗୀୟ ସନ୍ତାନ ବଯ୍ୟୋବୃଦ୍ଧ କବିଶେଖରଙ୍କ ବିଦାୟ-ଦିନ । ତାଙ୍କ ମଙ୍ଗଳ-କାମନା ଲାଗି ଆମର ସମସ୍ତ ନାଗବନ୍ଧୁ ଭାଇ-ମାନଙ୍କୁ ଅନୁରୋଧ କରୁଛୁଁ । ଇତି । ୩୦-୪-୩୯

ସ୍ୱପ୍ନାନନ୍ଦ ଓ ବୃନ୍ଦାବନ ନାଗବନ୍ଧୁ
ବଲାଙ୍ଗିର

## ଲେଖା ସାଙ୍ଗ

ଲକ୍ଷ୍ମୀ ନାରାୟଣ - ୧୧୫ନମ୍ବର ନାମ ତାଙ୍କର ବାଲେଶ୍ୱର ଠିକଣା ଜଣାଇଲେ ସେ ତାଙ୍କୁ ଦେଖା କରିବେ ।

୧୯୭ ନାଗବନ୍ଧୁ ତାଙ୍କଠାରୁ ଚିଠି ପାଇଲେ କୃତାର୍ଥ ହେବେ ବୋଲି ଲେଖିଥିଲେ, କିନ୍ତୁ ଚିଠି ପାଇ ଭଲ ହେଲେ କି ନାହିଁ କିଛି ଜଣାଇ ନାହାନ୍ତି ।

—(୨)ଚନ୍ଦ୍ର ସେ ବର୍ତ୍ତମାନ ଘରେ ନାହାନ୍ତି । ତାଙ୍କ ଠିକଣା—C/o Headmaster, kuamara M. E. schoel p o. Kuamara. Mayurbhanj state.

୨ନମ୍ବର ନାଗବନ୍ଧୁ ନୂଆ ସାଙ୍ଗ ପାଇଁ ତାଙ୍କୁ କ୍ଷମା କଲେ ବୋଲି ଅଭିଯୋଗ କରୁଛନ୍ତି ।

୧୯୭ଙ୍କ ଠାରୁ ଉତ୍ତର ନପାଇ ଦୁଃଖିତ ୩୩, ୨୩ ଓ୧୫୦ନମ୍ବର ନାଗଙ୍କୁ କାର୍ଯ୍ୟବ୍ୟସ୍ତତା ଯୋଗୁ ଉତ୍ତର ଦେଇପାରି ନାହାନ୍ତି । ଶୀଘ୍ର ଦେବେ ।

## ନୂଆ ନାଗବନ୍ଧୁଙ୍କ ନାମ ।

୨୪୧—ଶ୍ରୀ ଶରତ କୁମାର ମହାନ୍ତି । C/o J. N. mohanty, Postal clerk. Jamshedpur. ୨୪୨ — ଶ୍ରୀ କ୍ଷେତ୍ରବାସୀ ମହାନ୍ତି, ୮ମ ଶ୍ରେଣୀ ହାଇସ୍କୁଲ ଜାମସେଦପୁର ୨୪୩—ଶ୍ରୀମତୀ ଲୁସ୍ପା ମଞ୍ଜରୀ ଦେଇ 32. G.N. Type, ବିଷ୍ଟୁପୁର ବଜାର ଜାମସେଦ୍-ପୁର । ୨୪୪—ଶ୍ରୀ ବିବେକାନନ୍ଦ ପତି. ରାଜ-ହାଇସ୍କୁଲ ସରେଇକଲା । ୨୪୫—ଶ୍ରୀ ମାଗୁଣି ଚରଣ ମହାନ୍ତି, ଗୁଣୁଣି,ପୋ: ବଡ଼ଚଣା, କଟକ

## ସ୍ଥାୟୀ ନାଗବନ୍ଧୁ ।

ଶ୍ରୀ ଭରତ ସାହୁ (୨୩୫) ଜାମସେଦ ପୁର
ଶ୍ରୀ ବସନ୍ତ କୁମାର ପାଳ (୪୦) ବାରିପଦା ।

## ଶୋକ ସମ୍ବାଦ ।

ଆମ୍ଭମାନଙ୍କ ଭିତରୁ ଜଣେ ନାଗବନ୍ଧୁ ଅଳ୍ପ ଅମର ଧାମକୁ ଚାଲି ଯାଇଛନ୍ତି । ଅତି ନିକଟରେ ସେ ଆମ୍ଭମାନଙ୍କ ସହିତ ଯୋଗ ଦେଇଥିଲେ ତାଙ୍କ ନାମ ଶ୍ରୀ ହେମନ୍ତ କୁମାର ପାଳ [ବିଭରଙ୍ଗପୁର ମୟୂରଭଞ୍ଜ] । ଗୋଟିଏ ଦେବତା ସରଳ କଥାନ୍ତି ଟିକେ ଜାଇଟିଏ ହରାଇ ଅଜା ଅତି ବଡ଼ ଦୁଃଖିତ । ତାଙ୍କ ଆତ୍ମାର ସଦ୍‌ଗତି ହେଉ । ଏତିକି ପ୍ରାର୍ଥନା ।

> ପ୍ରିୟ ଅଜା,
>
> ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ; ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ ।
>
> ମୁଁ ଏଥି ସହ $\frac{\text{୦/୨}}{\text{୦୨}}$ ଡାକ ଟିକଟ ପଠାଇଲି ।
>
> ଆପଣଙ୍କ ସ୍ନେହର ନାତି/ନାତୁଣୀ
>
> ଶ୍ରୀ ______________
>
> ଠିକଣା ______________
>
> ତାରିଖ

# ନିଶ୍ଚୟ ଥରେ ଆଖି ପକାନ୍ତୁ !

# ଡଗରର ନୂଆ ଯୋଜନା

ଦେଶର ଭିତରେ ଓ ବାହାରେ ଡଗରର ପ୍ରଚାର ଓ ପ୍ରତିପତ୍ତି ଦିନକୁ ଦିନ ଯେପରି ବୃଦ୍ଧି ପାଉଛି ଏବଂ ଗ୍ରାହକ ଗ୍ରାହିକା, ପାଠକ ପାଠିକାମାନେ ଡଗରର ସର୍ବାଙ୍ଗୀନ ଉନ୍ନତି ଦେଖିବା ପାଇଁ ଯେପରି ଆଗ୍ରହ ପ୍ରକାଶ କରୁଛନ୍ତି, ସେଥିରେ ଲେଖା, କାଗଜ, ଛପା, ଛବି କଳେବର ଇତ୍ୟାଦିରେ ନୂଆ ବର୍ଷଠାରୁ ଡଗରକୁ ସବୁ ଦିଗରେ ଉନ୍ନତ କରିବାର ବ୍ୟବସ୍ଥା କରା ହେଉଛି ।

ସାହିତ୍ୟ, କୌତୁକ ଓ ସମାଲୋଚନା, ଏହି ତିନୋଟିରେ ଡଗର ଯେଉଁ ବିଶେଷତ୍ୱ ଓ ସ୍ୱତନ୍ତ୍ରତା ରଖିଛି ତାହା ସମସ୍ତେ ସ୍ୱୀକାର କରୁଛନ୍ତି ଓ ଅନେକ ଯଥାଶକ୍ତି ସାହାଯ୍ୟର ପ୍ରତିଶ୍ରୁତି ଦେଲେଣି । ଯଥା——

**ଶ୍ରୀ ଶ୍ରୀ ମହାରାଜା ଜୟପୁର, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଏମ୍: ଏଲ୍: ଏ, ରାଜା ସାହେବ ଶ୍ରୀ ଶ୍ରୀ ବଡ ଖେମଣ୍ଡି, ସାମନ୍ତ ଶ୍ରୀ ରାଧାପ୍ରସନ୍ନ ଦାସ, ବାଲେଶ୍ୱର । ପଣ୍ଡିତ ଗୋଦାବରୀଶ ମିଶ୍ର ଏମ୍: ଏଲ୍: ଏ: ପ୍ରଭୃତି ।**

ଆମ୍ଭେମାନେ ଉତ୍କଳର ସୁଧୀ ରସିକବର୍ଗଙ୍କୁ ଏହି ଆବେଦନ ଜଣାଉଛୁଁ କି ସେମାନେ ଏହି ଦେଶହିତକର ମହତ କାର୍ଯ୍ୟରେ ପଶ୍ଚାତ୍‌ପଦ ହୁଅନ୍ତୁ ନାହିଁ ।

**ଆଜୀବନ ପୃଷ୍ଠପୋଷକ** (Life Patron) ହେବେ ଏକକାଳୀନ ୫୧୦୦୍ ଦେବାକୁ ହେବ । ସେ Life Patron ହେବେ ସେ ଆଜୀବନ ବିନା ମୂଲ୍ୟରେ ଉପହାରସ୍ୱରୂପ ଡଗର ପାଉଥିବେ ଓ ପ୍ରବନ୍ଧ ସମ୍ବନ୍ଧରେ ସ୍ୱୀୟ ମତ ଦେବାର ଅଧିକାର ତାଙ୍କର ରହିବ । ସହଯୋଗୀ ସଭ୍ୟ ( Associated member ) ଯେ ହେବେ ସେ ଏକକାଳୀନ ୨୨୫୍ ଦେବେ । ସେହିପରି ସହଯୋଗୀ ସଭ୍ୟ ଆଜୀବନ ବିନାମୂଲ୍ୟେ ଡଗର ପାଉଥିବେ ।

ଆପଣ କିଏ କଣ ହେବେ ତାହା ସ୍ଥିର କରି ଆଜି ପତ୍ର ଲେଖନ୍ତୁ ଓ ବନ୍ଧୁମାନଙ୍କୁ ଉତ୍ସାହିତ କରନ୍ତୁ ।

Digitized by srujanika@gmail.com




—ତାଳଚେର ରେଛା ପ୍ରିନ୍ସଙ୍କ ଉପରେ ହାଲସ ଦେବା ପାଇଁ ମହତାବ, ଅନସୋର୍ଜ ହାଉସର ଅସିଷ୍ଟେଣ୍ଟ ପଲିଟିକେଲ ଏଜେଣ୍ଟ ଯେଉଁ ଧର୍ମ କରିଥିଲେ ରାଜା ତାଙ୍କୁ ଠିକ୍ ସେଇ ଦେଇଛନ୍ତି ।

...ଯେ ଘର ପୋଡ଼େ ସେ କି ରୁଅ ବାଛିଁ ଧରେ ?

—ପନ୍ତ ପ୍ରସ୍ତାବାନୁଯାୟୀ ମହାତ୍ମାଙ୍କ ମନ ଘେନ କାର୍ଯ୍ୟକାରୀ କମିଟି ଗଢ଼ି ନ ପାରିବାରୁ ଶ୍ରୀଯୁକ୍ତ ସୁଭାଷ ଇସ୍ତଫା ଦେଲେ ।

...ସେଇଥି କଲେ—ବନ୍ଧୁସ ଫିଙ୍ଗିଦେଇ ଦେଲେ ।

—ପଟ୍ଟାଭି ପଟେଲ ବା ମୌଲାନା ନ ହୋଇ କଂଗ୍ରେସ ସଭାପତି ରାଜେନ୍ଦ୍ର ପ୍ରସାଦ ହୋଇଛନ୍ତି ।

...ଏକା ଗଛର ଧାନ୍, କେହି କାହାକୁ ନୁହନ୍ତି ଅନ୍ ।

—ଶ୍ରୀଯୁକ୍ତ ମହତାବ ଏଥର ଥାକ ଗଲେ ।

...ଏ ଦଉଡ଼ ଛିଡ଼ିଗଲା ସେ ଦଉଡ଼ ଠାଣ ।

—ବିହାରର କୃଷି ନେତା ରାହୁଲ ସାଂକୃତ୍ୟାୟନ ଗିରଫ ହୋଇଛନ୍ତି ।

...କୃଷୀ ମୂଲ୍ୟ କି——

—ବନ୍ଧନ ଉଡ଼ିଆ ହିନ୍ଦୁଭୂମି ସ୍ଥାନ ପଦରେ ଶ୍ରୀଯୁକ୍ତ ଯଦୁମଣି ସଭାପତି ହେବେ ।

...Fire Brand.

—ଉଡ଼ିଶା ନାରୀ ସମ୍ମିଳନୀରେ ସଭାନେତ୍ରୀ ଶ୍ରୀମତୀ ସରଳା ଦେବୀ ହେବେ ।

...ସବୁ ବାହାଘରରେ ତାଙ୍କୁ ଏବେ ଡ଼ାକର ପଡ଼ିବ ।

—ଶ୍ରୀଯୁକ୍ତ ଖାରେ ଜେଟେର ଗାନ୍ଧିଜୀଙ୍କୁ ହସ୍ତ ନଦେବେ ବୋଲି ହୁଙ୍କାର ଛାଡ଼ିଛନ୍ତି ।

...ହାତ ଗେଡ଼ିକୁ ଜଣା ପଡ଼ୁଛି ।

—ଶ୍ରୀଯୁକ୍ତ ରବିଠାକୁର ଓଡ଼ିଶାକୁ ଶୁଭେଚ୍ଛା ଦେଇଛନ୍ତି ।

...ପୁରସ୍କା ଭର ହେଉଥିବ ।

—ହଡ ଠାକୁରଙ୍କ ଅଗରେ ମାହାସ୍ନାନ ହୋଇଥିଲା ।

...ଦେଉଳସ୍ଥ ନଗ୍ନ ଚହର ଜୀବନ୍ତ ନମୁନା ମଧ୍ୟ ?

—ଚେମ୍ବରଲେନ ହିଟଲରଙ୍କୁ ବରାବର ଧମକ ଦେଉଛନ୍ତି ।

...ଗର୍ଜିଲା ମେଘ !

—ଡିଗବୋଇଠାରେ ଅସାମ ସରକାର ମୂଲିଆଙ୍କ ଉପରେ ଗୁଳି କରିଛନ୍ତି ।

...ଅହିଂସା ଗୁଳି ଦୋଷ ନାହିଁ ।

—ଯୁକ୍ତ ପ୍ରଦେଶର ପର୍ଲିଅମେଣ୍ଟାରୀ ସେକ୍ରେଟେରିଙ୍କୁ ଇନଭେଟ ବୁଲିବା ବେଳେ ଛୁଟି ଅସିବାକୁ ମନା ହୋଇଛି ।

...ଲଙ୍କା ଗଲେ ଅସୁର ବନିଯିବେ ଯେ !

—ଭାଗଲପୁରଠାରେ ଗୁଳି ହୋଇ ୩୯ ଜଣ ଲୋକ ମରିଛନ୍ତି ।

...ଧନ୍ୟ ସେ ରାଜା ଧନ୍ୟ ସେ ଦେଶ,
ମହିଷ ଯେଉଁଠି ହେଲେଣି ମେଷ ।

—ଅପ୍ରେଲ ୨୯ ତାରିଖ ଦିନ ସମଗ୍ର ଭାରତରେ ରାଜବନ୍ଦୀ ଦିବସ ପାଳିତ ହେବ ।

...ବର୍ତ୍ତମାନ ରାଜବନ୍ଦୀ ରାଜୀ ଗୁଲିଛି ।

—ଏସିଆ ବାସୀଙ୍କ ବେପାରରେ ବାଧା ଦେବା ପାଇଁ ଦକ୍ଷିଣ ଆଫ୍ରିକାରେ ଯେଉଁ ନୂଆ ଆଇନ ହୋଇଛି ତାର ପ୍ରତିରୋଧ କରିବ ସେଠା ଭାରତୀୟ ମାନେ ସତ୍ୟାଗ୍ରହ କରିବାକୁ ସ୍ଥିର କରିଛନ୍ତି ।

...ଯେମନେ ଅହିଂସ ଅଛନ୍ତି କି ନାହିଁ ଗାନ୍ଧିଙ୍କ ନାଡ଼ି ଟିପି ଦେଖନ୍ତୁ ଆଗ ।

—ରୁଷିଆର ପରରାଷ୍ଟ୍ର ସଚିବ, ଲିଟଭିନଫ ଇସ୍ତଫା ଦେବାରୁ ମୋଲୋଟଭ ନିଅ ଯାଇଛନ୍ତି ।

...ଡାଲବଦଳ ।

—ତୁରସ୍କ ଇଂଲଣ୍ଡ ଓ ଫରାସୀଙ୍କ ସଙ୍ଗରେ ମେଳ ବାନ୍ଧିଲେ ଫରାସୀଙ୍କଠାରୁ ସିରିଆର ଖଣ୍ଡେ ଅଂଶ ପାଇବେ ।

...ଇଂରାଜୀ ମହିମେ ଲଭାନ୍ ।

—ଇଟାଲିର ରାଜକୁମାର ମୁସୋଲିନୀଙ୍କ ନୀତିକୁ ଗ୍ରହଣ ନ କରିବା ଅପରାଧରେ ନିର୍ବାସିତ ହେବାର ଗୁଜବ ଉଠିଛି ।

...ଏ ଯୁଗର ରାମଚନ୍ଦ୍ର ?

—ନିଜାମଙ୍କ ହାଇଦରାବାଦ ରାଜ୍ୟରେ ହିନ୍ଦୁମାନଙ୍କ ପ୍ରତି ଅନ୍ୟାୟ ବ୍ୟବହାର ଦେଖି ଯେଉଁ ସତ୍ୟାଗ୍ରହ ଚାଲିଛି—ତହିଁର ଜଣେ ପୁରୋଧା ଅନଶନ କରି ଜେଲ ଭିତରେ ପ୍ରାଣ ଦେଇଛନ୍ତି ।

...ସେହି ଅଗ୍ନିରେ ଅନ୍ୟାନ୍ୟ ରାଜାଙ୍କର ଧ୍ୱଂସ ହେବ କି ?

—ହିଟଲର ଡାନ୍‌ଜିଗ ଓ ଉପନିବେଶ ଚାହିଁଲେଣି— ମୁସୋଲିନୀ, ଜିବ୍ରାଲଟରର ଆଧିପତ୍ୟ ଚାହିଁଲେଣି— ଓ ଟିଉନିସ କର୍ସିକାକୁ ହାତ ବଢ଼ାଇଲେଣି ।

...ବ୍ରିଟେନ ଏଥର ତ୍ୟାଗୀ ସତ୍ୟାଗ୍ରହୀ ଅହିଂସ ନିରୁପଦ୍ରବ ହୋଇ ବାନପ୍ରସ୍ଥ ଅବଲମ୍ବନ କରିବାର ସମ୍ବାଦ ମିଳେ ।

---

## କୁତୁକୁତୁ

କୈଳାସ—ରବି! କହିଲୁ 'ଅନ୍ନମ'ର ସଂସ୍କୃତରେ
ପ୍ରକୃତି ପ୍ରତ୍ୟୟ କପର ହେବ ?
ରବି—ଅନ୍ନ + ଡ଼ମ ( ପ୍ରତ୍ୟୟ )
କୈ—ଅଚ୍ଛା ଏହି ଯେ ଡ଼ମ ପ୍ରତ୍ୟୟ ହେଲା
ସେଟା କି ଡ଼ମ କହିଲୁ ?
ର—ପ୍ରାୟ କୌଣସି ପକ୍ଷୀର ଡ଼ମ ହେବ ।
କୈ—ଅରେ ବୋକା; ସେଟା ପରା ସଂସ୍କୃତ
ଜନ୍ତୁର ଡ଼ମ—। —ଛନ—

Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକଙ୍କ ଜୁଏଲରି





ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।




୫୨୦୯ ଙ୍କା ପୁରସ୍କାର ! ୫୨୦୯ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମମାନଙ୍କର ବ୍ୟବସାୟ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଆମମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟ ଲୋକଙ୍କୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରରେ ଦର ଅପେକ୍ଷା ବହୁତ ଦୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କୁ ଆମ୍ଭେମାନେ ତାହାଙ୍କୁ ସନ୍ତୋଷ ଦେବାକୁ ସମର୍ଥ । ପ୍ରତ୍ୟେକ ପଦାର୍ଥକୁ ତରାଇ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇଥାଉଁ । କେହି କୌଣସି ପ୍ରକାର ଦୋଷ କାଢ଼ି ନିଶା ଧରିପାରିଲେ ଆମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବଶମ୍ବଦ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁ ବଜାର, ପୋ:—କଟକ ।






ଅର୍ଶ ଓ ସ୍ୱପ୍ନ ଦୋଷର

## ସନ୍ନ୍ୟାସୀ ଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ —— ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ —— ମଧୁସଞ୍ଜୀବନୀ**

ଏକମାସ ଭିତରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ପତ୍ରଦ୍ୱାରା ସମସ୍ତ ବିବରଣୀ ଜାଣନ୍ତୁ ।

ଭିଷକ୍ ଅଞ୍ଚଳରେ ଜଣେ ବୈଦ୍ୟ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ପ୍ରୋପ୍ରାଇଟର—, କବିରାଜ ଶ୍ରୀ ଜଗନ୍ନାଥ ମିଶ୍ର B. A. M. S. ଆୟୁର୍ବେଦାଚାର୍ଯ୍ୟ

ଠିକଣା: ଶାରଦା ଔଷଧାଳୟ—ବାଲୁ ବଜାର, କଟକ ।


ସମ୍ପାଦକ— ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

Digitized by srujanika@gmail.com

## —ଜୀରାମୃତ—

### ସର୍ବଶ୍ରେଷ୍ଠ ଜ୍ୱରଘ୍ନ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, ଋତୁ ଦୋଷ, ଅତିରିକ୍ତ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ସୂତିକା ରୋଗ ଦୌର୍ବଲ୍ୟ, ମୂର୍ଚ୍ଛା, ହାତଗୋଡ଼ ଜଳା, ମୁଣ୍ଡବିନ୍ଧା, ବନ୍ଧ୍ୟା ପ୍ରଭୃତି ନାନାପ୍ରକାର କଠିନ ଓ ଦୁଃସାଧ୍ୟ ସ୍ତ୍ରୀ ବ୍ୟାଧି ପ୍ରଶମନରେ ଏହା ଅଦ୍ୱିତୀୟ । ମୂଲ୍ୟ—ଶିଶିକୁ ୧୲୦ ( ଏକଟଙ୍କା ମାତ୍ର )

### —(ଶିଶୁ ସଞ୍ଜୀବନୀ)—

ଜନ୍ମକାଳ ଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଏହା ଖୁଆଇ ପାରିବେ । ନିୟମିତ ବ୍ୟବହାର କଲେ, ଅଭ କାଳ ବୃଷ୍ଟି ( ଘୋର [illegible] ) ହେବା ଜନିତ ଶିଶୁମାନଙ୍କର ଜ୍ୱର, ପେଟ ଫମ୍ପା, ଦୁଧ ବାନ୍ତି, ଝାଡ଼ା, ଜ୍ୱର, କାଶ, ସର୍ଦ୍ଦି, [illegible] ପ୍ରଭୃତି ରୋଗ ଦୂର ହୋଇ ଶିଶୁ ହୃଷ୍ଟପୁଷ୍ଟ ହୋଇଥାଏ । ମୂଲ୍ୟ—ଶିଶିକୁ ୲୬ (ଛଅଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଶର୍ମା [illegible] ଆୟୁର୍ବେଦାଚାର୍ଯ୍ୟ
ଆୟୁର୍ବେଦିକ ଫାର୍ମାସୀ
ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି:

### ହେଡ଼ଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା ।

ସ୍ଥାପିତ ୧୯୦୭ ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁ ଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାରୀ କାଗଜାଦିରେ ୭୦ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ମିଆଦି ଚାନ୍ଦା ବୀମାରେ ହଜାର ପ୍ରତି ୪୦ ଓ ଆଜୀବନ ବୀମାରେ ୧୨୫ ଲାଭ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ:—ବାଙ୍କାବଜାର, କଟକ । ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ ।**


---

Printed & published at the Cojinath Press, Bhadrak by N. Mahapatra & issued from Dagaro office, Bhadrak.

Digitized by srujanika@gmail.com